'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

'oaob.nitrkl.ac.in' images reprocessed



ପ୍ରଶ୍ନ ଓ ଉତ୍ତର

୧୯୫୭-୫୮

'oaob.nitrkl.ac.in' images reprocessed

ମାତୃରଚନାବଳି : ୯ମ ଖଣ୍ଡ

ଶ୍ରୀମା'ଙ୍କର "Questions and Answers – 1957-58" ଗ୍ରନ୍ଥର
ଓଡ଼ିଆ ଅନୁବାଦ

ଅନୁବାଦ : ଶ୍ରୀ ଚିତ୍ତରଂଜନ ଦାସ

ପ୍ରଥମ ମୁଦ୍ରଣ : ୨୪ ଏପ୍ରିଲ ୨୦୦୦

ସର୍ବସ୍ୱତ୍ୱ ସଂରକ୍ଷିତ :
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ – ୬୦୫ ୦୦୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

---

Printed at Navajyoti Press
Sri Aurobindo Ashram, Pondicherry - 605002

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ନିବେଦନ

୧୯୫୭ ମସିହା ଆରମ୍ଭଠାରୁ ୧୯୫୮ ମସିହା ଡିସେମ୍ବର ପର୍ଯ୍ୟନ୍ତ ପାଠଶାଳାର "ବୁଧବାର କ୍ଲାସ୍"ଗୁଡ଼ିକରେ ମାଆ ଆଶ୍ରମର ଛାତ୍ର, ଶିକ୍ଷକ ଏବଂ ସାଧକମାନଙ୍କୁ ଯେଉଁ ପ୍ରବଚନଗୁଡ଼ିକ ଦେଇଥିଲେ, ସେଗୁଡ଼ିକୁ ଏହି ଖଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରବଚନଗୁଡ଼ିକୁ ସେ ଫ୍ରାନ୍ସରେ ମାଆ ଦେଇଥିବା ସର୍ବଶେଷ ପ୍ରବଚନ ବୋଲି କୁହାଯାଇ ପାରିବ। ଶ୍ରୀଅରବିନ୍ଦଙ୍କର କିଛିକିଛି ରଚନାର ମାଆ ଯେଉଁ ଫରାସୀ ଅନୁବାଦ କରିଥିଲେ, ମାଆ ଏହିସବୁ କ୍ଲାସ୍‌ରେ ସାଧାରଣତଃ ସେଥିରୁ କୌଣସି ଗୋଟିଏକୁ ପାଠ କରୁଥିଲେ। ୧୯୫୭ ମସିହା ଜାନୁଆରିରୁ ଏପ୍ରିଲ ଭିତରେ ଏହିପରି ଭାବରେ "ଚିନ୍ତନ ଓ ଚିତ୍ରାଭାସ"କୁ, ୧୯୫୭ ମସିହା ଏପ୍ରିଲରୁ ଅକ୍ଟୋବର ଭିତରେ "ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି"କୁ ଏବଂ ୧୯୫୭ ମସିହା ଅକ୍ଟୋବରଠାରୁ ୧୯୫୮ ମସିହା ଡିସେମ୍ବର ପର୍ଯ୍ୟନ୍ତ "ଦିବ୍ୟ ଜୀବନ"ର ଶେଷ ଛଅଟି ପରିଚ୍ଛେଦକୁ ପାଠ କରାଯାଇଥିଲା। ପାଠ କରିସାରିବା ପରେ ମାଆ ପଠିତ ବିଷୟଟି ଉପରେ ନିଜର ଟିପ୍ପଣୀ ଦେଉଥିଲେ ବା ପ୍ରଶ୍ନଗୁଡ଼ିକର ଉତ୍ତର ବି ଦେଉଥିଲେ।

ଫରାସୀ ଭାଷାରେ ଦିଆ ଯାଇଥିବା ଏହି ପ୍ରବଚନଗୁଡ଼ିକୁ ଟେପ୍ ସାହାଯ୍ୟରେ ରେକର୍ଡ଼ କରି ରଖା ଯାଇଥିଲା। ତ୍ରୈମାସିକ Bulletin of Physical Education (ପରେ ଯାହାର Bulletin of Sri Aurobindos International Centre of Education ବୋଲି ନାମକରଣ ହୋଇଥିଲା)ରେ ୧୯୫୭ ମସିହା ଫେବୃଆରିଠାରୁ ୧୯୫୯ ମସିହା ଡିସେମ୍ବର ପର୍ଯ୍ୟନ୍ତ, ୧୯୬୧ ମସିହା ଅଗଷ୍ଟ ମାସରେ ଓ ୧୯୬୩ ମସିହା ଫେବୃଆରିରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ଅଧିକାଂଶ ପ୍ରବଚନର ମୂଳ ଓ ତାହାର ଅନୁବାଦଗୁଡ଼ିକ ପ୍ରକାଶିତ ହୋଇଥିଲା। ୧୯୫୭ ମସିହାରେ ପ୍ରଦତ୍ତ ପ୍ରବଚନଗୁଡ଼ିକର ଫରାସୀ ବିବରଣଗୁଡ଼ିକ ସଂପୂର୍ଣ୍ଣ ରୂପେ ପ୍ରଥମେ ୧୯୬୯ ମସିହାରେ 'Entretiens ୧୯୫୭' ନାମରେ ପ୍ରକାଶିତ ହୋଇଥିଲା। 'Entretiens ୧୯୫୮' ପ୍ରକାଶିତ ହେଲା ୧୯୭୨ ମସିହାରେ। ଏହି ପ୍ରବଚନମାନଙ୍କର ଏକ ସଂପୂର୍ଣ୍ଣ ଇଂରାଜୀ ଅନୁବାଦ ୧୯୭୩ ମସିହାରେ ପୁସ୍ତକାକାରରେ Questions and Answers 1957-58 ନାମରେ ପ୍ରକାଶିତ ହୋଇଥିଲା। ମାତୃ-ବଚନାବଳୀ (ଶତବାର୍ଷିକୀ ସଂସ୍କରଣ)ର ୯ମ ଖଣ୍ଡ ରୂପେ ପ୍ରକାଶିତ ହୋଇଥିବା ପୁସ୍ତକ ଏହି ଖଣ୍ଡଟି ସେହି ୧୯୭୩ ସଂସ୍କରଣର ଏକ ସଂଶୋଧିତ ରୂପ।

ଶ୍ରୀଅରବିନ୍ଦଙ୍କ ରଚନାବଳୀରୁ ଯେଉଁ ଉଦ୍ଧୃତାଂଶମାନ ଏହି ପୁସ୍ତକରେ ରହିଛି, ସେଗୁଡ଼ିକ ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀ ଗ୍ରନ୍ଥମାଳା ସଂସ୍କରଣରୁ ନିଆଯାଇଛି।

'oaob.nitrkl.ac.in' images reprocessed

# ବିଷୟ-ସୂଚୀ

## ୧୯୫୭


୨ ଜାନୁଆରି — ପୃଷ୍ଠା

କାଳ ଏବଂ ଦେଶର ସୀମା ମଧ୍ୟରୁ ବାହାରି ଯିବା ସମ୍ଭବ କି ? ୩

ଏକ ଦୁର୍ବଳ ଶରୀର ନୁହେଁ, ମାତ୍ର ଏକ ମହିମାନ୍ୱିତ ଶରୀରହିଁ ପୃଥିବୀର ରକ୍ଷା କରିପାରିବ ୪

ବ୍ୟକ୍ତିଗତ ଉଦ୍ୟମ ଓ ନୂତନ ଶକ୍ତି ୮

୯ ଜାନୁଆରି

ପରମେଶ୍ୱର ମୂଳତଃ ଆନନ୍ଦର ସ୍ୱରୂପ ୧୧

ପରମେଶ୍ୱର ଓ ପ୍ରକୃତି ମଧ୍ୟରେ ଲୁଚକାଳି-ଖେଳ ୧୪

ତୁମେ କେତେବେଳେ କାହିଁକି ଗମ୍ଭୀର ହୋଇପଡ଼ ? ୨୦

୧୬ ଜାନୁଆରି

ଅଜାଣତରେ କୌଣସି ବସ୍ତୁର ଅନ୍ୱେଷଣ କରିବା ୨୩

ଆମେ ଏଠାରେ କାହିଁକି ଅଛୁ ? ୨୪

୨୩ ଜାନୁଆରି

ଶୁଦ୍ଧ ଆନନ୍ଦକୁ ଆମେ କିପରି ଭାବରେ ବୁଝିବା ? ୩୧

“ମଧୁ-ବିନ୍ଦୁ” ୩୬

ପୃଥିବୀପୃଷ୍ଠରେ ଦିବ୍ୟ ପରମ ଇଚ୍ଛାର କାର୍ଯ୍ୟ ୩୮

୩୦ ଜାନୁଆରି

“ଜାଗତ ବ୍ୟକ୍ତିତ୍ୱ” ହେଉଛି କେବଳ ବିଶୁଦ୍ଧ ଧାରଣାର ସୃଷ୍ଟି କରିବା ୪୧

ଦିବ୍ୟ ମାର୍ଗଦର୍ଶନକୁ କିପରି ବୁଝିହେବ ? ୪୪

୬ ଫେବ୍ରୁଆରି

ମୁକ୍ତି; ପ୍ରଗତି ଲାଗି ପ୍ରୟୋଜନ ୫୦

ପ୍ରକୃତିର ପ୍ରଣାଳୀଗୁଡ଼ିକୁ ବଦଳାଇ ଦେବା ୫୪

୨ ଫେବ୍ରୁଆରି

ବ୍ୟକ୍ତିଗତ ଓ ସମଷ୍ଟିଗତ ଧ୍ୟାନ ୫୬


'oaob.nitrkl.ac.in' images reprocessed

୧୩ ଫେବ୍ରୁଆରି
ଦୁଃଖଭୋଗ; ଯନ୍ତ୍ରଣା ଓ ସୁଖାନୁଭବ ୬୧
ରୋଗ ଓ ଏହାର ଆରୋଗ୍ୟ ୬୪
୨୦ ଫେବ୍ରୁଆରି
ଶରୀରର ସାମାଜିକତା ଓ ବ୍ୟକ୍ତିସତ୍ତା-ଗ୍ରହଣ ୬୫
୬ ମାର୍ଚ୍ଚ
ସ୍ୱାଧୀନତା, ଦାସତା ଏବଂ ପ୍ରେମ ୭୪
୮ ମାର୍ଚ୍ଚ
ଏକ ବୌଦ୍ଧ ଗଳ୍ପ ୭୮
୧୩ ମାର୍ଚ୍ଚ
ଆମର ସର୍ବୋତ୍ତମ ବନ୍ଧୁ ୮୧
୧୫ ମାର୍ଚ୍ଚ
ହେମ୍‌ଚେନ୍‌ର ସ୍ମୃତି ୮୬
୨୦ ମାର୍ଚ୍ଚ
କଦାପି "ବସି ରହିବା ନାହିଁ" । ଯଥାର୍ଥ ବିଶ୍ରାମ ୯୬
୨୨ ମାର୍ଚ୍ଚ
ଏକ ଦୀକ୍ଷାଗଳ୍ପ : ଜ୍ଞାନ ଓ ସାଧନା— ୯୯
୨୭ ମାର୍ଚ୍ଚ
ଅଧ୍ୟାତ୍ମୀକରଣ ଲାଗି ଯଦି ମନୁଷ୍ୟଜାତି ଖାଲି ସଜାଗ ହୋଇଯାଆନ୍ତା ! ୧୧୦
୩ ଏପ୍ରିଲ
ବିଭିନ୍ନ ଈଶ୍ୱର-ଧାରଣାକୁ ଏକାଠି ମିଶାଇବା;
ଧର୍ମ ଓ ଆଧ୍ୟାତ୍ମିକତା ୧୧୪
୧୦ ଏପ୍ରିଲ
କ୍ରୀଡ଼ା କସରତ ଏବଂ ଯୋଗ ୧୧୯
ନିଜ ଜୀବନକୁ ସଂଗଠିତ କରିବା ୧୨୩
୧୭ ଏପ୍ରିଲ
ଶରୀରର ରୂପାନ୍ତର ୧୨୬
୨୪ ଏପ୍ରିଲ
ପରିପୂର୍ଣ୍ଣତା : ନିମ୍ନତର ଓ ଉଚ୍ଚତର ୧୩୪

'oaob.nitrkl.ac.in' images reprocessed

୧ ମଇ
କ୍ରୀଡ଼ା-ପ୍ରତିଯୋଗିତା : ସେଗୁଡ଼ିକର ମୂଲ୍ୟ ୧୪୪
୮ ମଇ
ପ୍ରାଣିକ ଉତ୍ତେଜନା; ପ୍ରତିବୃତ୍ତି; ସହଜାତ ପ୍ରବୃତ୍ତି ୧୪୭
୧୫ ମଇ
ସ୍ତ୍ରୀ-ପୁରୁଷ ଭେଦ ୧୫୪
ଉର୍ଦ୍ଧ୍ୱରୁ ନିମ୍ନ ଆଡ଼କୁ ରୂପାନ୍ତର ୧୫୮
୨୯ ମଇ
ଭୂଗୋଳର ରୂପାନ୍ତର ୧୬୦
୫ ଜୁନ୍
ପୁଷ୍ପ ଓ ନୀରବତା ୧୬୮
ଧ୍ୟାନର ପ୍ରଣାଳୀ ୧୭୦
୧୨ ଜୁନ୍
ଉପବାସ ଓ ଆଧ୍ୟାତ୍ମିକ ଅଗ୍ରଗତି ୧୭୪
୧୯ ଜୁନ୍
ଅସୁସ୍ଥତା : ଏହାର କାରଣ । ଭୟ ୧୭୮
ମନର କ୍ରିୟା : ବିଶ୍ୱାସ ଓ ଅସୁସ୍ଥତା ୧୮୫
୨୬ ଜୁନ୍
ପ୍ରତ୍ୟକ୍ଷ ରୂପାନ୍ତରଣ ଦ୍ୱାରା ଜନ୍ମଲାଭ କରିବା ୧୯୨
ପୁରୁଷ ଓ ସ୍ତ୍ରୀ ୧୯୬
ଅନ୍ୟମାନଙ୍କର ବିଚାର କରିବା;
ସବୁରି ଭିତରେ ଦିବ୍ୟ ପରମସତ୍ତା ରହିଛନ୍ତି ୧୯୯
ନୂତନ ଜନ୍ମ ୨୦୩
୩ ଜୁଲାଇ
ସମଷ୍ଟିଗତ ଯୋଗ ("ବୃହତ୍ ହୋଟେଲ"ଟିର ବର୍ଣ୍ଣନ) ୨୦୫
୯ ଜୁଲାଇ
ବାହାର ଅସଂଯମ ୨୧୪
୧୦ ଜୁଲାଇ
ଏକ ନୂତନ ପୃଥିବୀର ଜନ୍ମ ହେଲା ୨୧୮

'oaob.nitrkl.ac.in' images reprocessed

ଅଧିମାନସ ସୃଷ୍ଟିର ବିଘଟନ ୨୨୨
୧୭ ଜୁଲାଇ
ଜଡ଼ ଉପରେ ସଚେତନ ଇଚ୍ଛାର ଶକ୍ତି ୨୨୯
୨୪ ଜୁଲାଇ
"ସଂବୃତ ଅତିମାନସ" ୨୩୪
ନୂତନ ଜଗତ; ପ୍ରକୃତି; ଅଗ୍ରଗତି ଲାଗି ଇଚ୍ଛା ୨୩୫
୩୧ ଜୁଲାଇ
ଶରୀରସ୍ଥ ଦିବ୍ୟ ପରମସତ୍ତାଙ୍କ ଲାଗି
ଅଭୀପ୍ସାକୁ ଜାଗ୍ରତ କରି ଆଣିବା ୨୩୯
୭ ଅଗଷ୍ଟ
ବିଭିନ୍ନ ପ୍ରତିରୋଧ : ରାଜନୀତି ଓ ଅର୍ଥ ୨୪୮
ଅତିମାନସ ଜୀବନର ଉପଲବ୍ଧି ଲାଗି ଅଭୀପ୍ସା ୨୫୩
୧୪ ଅଗଷ୍ଟ
ଶ୍ରୀଅରବିନ୍ଦଙ୍କ ଉପରେ ଧ୍ୟାନ ୨୫୫
୨୧ ଅଗଷ୍ଟ
ଆଶ୍ରମ ଓ ଯଥାର୍ଥ ସଂଘଜୀବନ ୨୫୬
ଆଶ୍ରମରେ ଚେତନାର ସାଧାରଣ ସ୍ତର ୨୫୮
୨୮ ଅଗଷ୍ଟ
ସ୍ୱାଧୀନତା ଏବଂ ପରମ ଭଗବତ୍-ଇଚ୍ଛା ୨୬୧
୪ ସେପ୍ଟେମ୍ବର
ଶ୍ରୀଅରବିନ୍ଦ : "ଏକ ଶାଶ୍ୱତ ଜନ୍ମଗ୍ରହଣ" ୨୬୪
୧୧ ସେପ୍ଟେମ୍ବର
ପ୍ରାଣିକ ରସାୟନ : ଆକର୍ଷଣ ଓ ବିକର୍ଷଣ ୨୬୭
୧୮ ସେପ୍ଟେମ୍ବର
ବୃଦ୍ଧିବିଦ୍ୟା ଓ ଅତିମାନସ ଜୀବନ ୨୭୪
୨୫ ସେପ୍ଟେମ୍ବର
"ଅନ୍ତର୍ବର୍ତ୍ତୀ ସତ୍ତା"ର ପ୍ରକୃତି ୨୮୩
୨ ଅକ୍ଟୋବର
"ଆଲୋକିତ ମନ" ୨୮୭

'oaob.nitrkl.ac.in' images reprocessed

ବୃକ୍ଷର ନାନା ମୂର୍ତ୍ତି ୨୯୦
ଅତୀତର ବୋଝ ୨୯୩

୯ ଅକ୍ଟୋବର
ଯେତେ ବ୍ୟକ୍ତି, ସେତେ ବିଶ୍ୱ (ବିଭିନ୍ନ ବିଶ୍ୱ-ଦୃଷ୍ଟି) ୨୯୯
"ଉଚ୍ଚତର ମଣ୍ଡଳ"ଟିକୁ ମାର୍ଗ ୩୦୧

୧୬ ଅକ୍ଟୋବର
କ୍ରମାନୁବର୍ତ୍ତୀ ସଂବୃତ୍ତିଗୁଡ଼ିକର କାହାଣୀ ୩୦୩

୨୩ ଅକ୍ଟୋବର
ପାର୍ଥିବ ଅସ୍ତିତ୍ୱର ସର୍ବମୂଳ ଅଭିପ୍ରାୟ ୩୦୯
ବିବର୍ତ୍ତନ ୩୧୦

୩୦ ଅକ୍ଟୋବର
ବିବର୍ତ୍ତନର ଦ୍ୱୈତ ଗତି ୩୧୬
ଏକ ଜୀବଜାତି ବିଲୁପ୍ତ ହୋଇଯିବା ୩୨୦

୧୩ ନଭେମ୍ବର
ଉଚ୍ଚତରପ୍ରାଣୀ ଉପରେ ମନୁଷ୍ୟର ଶ୍ରେଷ୍ଠତରତା ୩୨୩
ଆଗ ଚେତନା, ତା'ପରେ ରୂପାୟଣ ୩୨୬

୨୭ ନଭେମ୍ବର
"ଦିବ୍ୟ-ଜୀବନ"ରେ ଶ୍ରୀଅରବିନ୍ଦଙ୍କର ପଦ୍ଧତି ୩୩୧
ବ୍ୟକ୍ତି ଓ ବିଶ୍ୱ-ବିବର୍ତ୍ତନ
(ପ୍ଲାଷ୍ଟିସିନ୍ ଭିତରେ ରହିଥିବା ମୂଲ୍ୟବାନ୍ ପ୍ରସ୍ତର) ୩୩୪

୪ ଡିସେମ୍ବର
"ଦିବ୍ୟ ଜୀବନ"ର ପଦ୍ଧତି ୩୪୧
ଏକ ନୂତନ ଜୀବଜାତି ଉଦ୍ଭୂତ ହୋଇ ଆସିବାର ସମସ୍ୟା ୩୪୨

୧୧ ଡିସେମ୍ବର
ପ୍ରଥମ ମନୁଷ୍ୟର ଆବିର୍ଭାବ ୩୪୬

୧୮ ଡିସେମ୍ବର
ବିଶ୍ୱ-ମାୟା; ଆଧୁନିକ ବିଜ୍ଞାନ ୩୫୧
ଅଭିଜ୍ଞତାର ମୂଲ୍ୟ : ତାହାର ରୂପାନ୍ତରକାରିଣୀ ଶକ୍ତି ୩୫୨
ଅତିମାନସ ଶକ୍ତି : ରୂପାନ୍ତରର ସର୍ବପ୍ରଥମ ବିଭାବ ୩୫୪


'oaob.nitrkl.ac.in' images reprocessed

## ୧୯୫୮


**୧ ଜାନୁଆରି**

ସ୍ଥୂଳ ପ୍ରକୃତିର ସହଯୋଗ ୩୫୯

ବସ୍ତୁବିଷୟରେ ରହିଥିବା ଗଭୀର ଦୃଷ୍ଟିକୁ ଅଲୌକିକ ଘଟଣାମାନ ଦୃଷ୍ଟ ହୁଏ ୩୬୦

**ପରିଶିଷ୍ଟ**

ନବବର୍ଷର ବାଣୀର ବ୍ୟାଖ୍ୟା ୩୬୨

**୮ ଜାନୁଆରି**

ଶ୍ରୀଅରବିନ୍ଦଙ୍କର ବ୍ୟାଖ୍ୟା-ପଦ୍ଧତି ୩୬୫

ଏକ "ସର୍ବସାଧାରଣ ସ୍ଥାନ" ରୂପେ ମନ ୩୬୭

ମାନସିକ ନିୟନ୍ତ୍ରଣ ୩୭୦

ଶ୍ରୀଅରବିନ୍ଦଙ୍କର "ସୂକ୍ଷ୍ମ ହସ୍ତ" ୩୭୩

**୧୫ ଜାନୁଆରି**

ଆଶ୍ରୟର ସେହି ଗୋଟିଏ ମାତ୍ର ଅବିଚଳ ବିନ୍ଦୁ ୩୭୪

**୨୨ ଜାନୁଆରି**

ବୁଦ୍ଧିପ୍ରସୂତ ସିଦ୍ଧାନ୍ତ ୩୭୬

କିଛି ବି ବାଦ୍ ରହିବ ନାହିଁ, ଯଥାର୍ଥ ପରମ ସତ୍ୟକୁ ବ୍ୟକ୍ତ କରିବା ୩୭୭

**୨୯ ଜାନୁଆରି**

ବିଶ୍ୱ-ଯୋଜନା ୩୮୦

ଆତ୍ମ-ସଂବିତ୍ ୩୮୩

**୫ ଫେବ୍ରୁଆରି**

ସର୍ବୋଚ୍ଚ ପରମସତ୍ତାଙ୍କର ମହାନ୍ ଯାତ୍ରା ୩୮୯

ସ୍ୱାଧୀନତା ଓ ନିୟନ୍ତ୍ରଣବାଦ ୩୯୧

**୧୨ ଫେବ୍ରୁଆରି**

ନାନା ଜୀବନର ମଧ୍ୟଦେଇ ଚୈତ୍ୟ ଅଗ୍ରଗତି ୩୯୩

ପୃଥିବୀହିଁ ଅଗ୍ରଗତିର ସ୍ଥାନ ୩୯୬


'oaob.nitrkl.ac.in' images reprocessed

୧୯ ଫେବୃଆରି

୧୯୫୮ ମସିହା ଫେବୃଆରି ୩ ତାରିଖର ଅନୁଭୂତି (ଅତିମାନସ ପୋତ) ୩୯୭

ପରିଶିଷ୍ଟ

"ନିୟନ୍ତ୍ରକ ବୃନ୍ଦ" ୪୦୯

କୃତ୍ରିମ ଉପାୟଗୁଡ଼ିକର ନିଷ୍ଫଳତା ୪୧୨

୨୬ ଫେବୃଆରି

ଚନ୍ଦ୍ରମା ଓ ତାରାମାନଙ୍କର ଭାଷା ୪୧୬

ଜନ୍ମପତ୍ରିକା ଏବଂ ଯୋଗ ୪୧୭

୫ ମାର୍ଚ୍ଚ

ସ୍ପନ୍ଦନ ଏବଂ ଶବ୍ଦ ୪୨୦

ଭାବନାଶକ୍ତି । "ବାସ୍ତିତା" ୪୨୪

୧୨ ମାର୍ଚ୍ଚ

ଅତୀତ ରୂପାନ୍ତରଗୁଡ଼ିକର ଚାବିକାଠି ୪୨୯

୧୯ ମାର୍ଚ୍ଚ

ସାଧାରଣ ସଂଘାତମୟତା : ଏହାର ଉପରକୁ ଉଠିଯିବାକୁ ହେବ ନଚେତ୍ ଅବମାନବିକ ସ୍ତର ଭିତରେ ଯାଇ ପଡ଼ିବାକୁ ହେବ ୪୩୩

ଶାନ୍ତି ଓ ଅଗ୍ରଗତି ୪୩୬

ବିକୃତି ଓ ରୂପାନ୍ତରର ଦୃଷ୍ଟି ୪୩୯

୨୬ ମାର୍ଚ୍ଚ

ମାନସିକ ଚିନ୍ତା ଓ ଆଧ୍ୟାତ୍ମିକ ଶକ୍ତି ଉପରେ ବିଶ୍ୱାସ ୪୪୩

୨ ଏପ୍ରିଲ

ଭୁଲର ସଂଶୋଧନ ୪୪୭

୯ ଏପ୍ରିଲ

ଆତ୍ମାର ନେତୃ ୪୪୯

ଆତ୍ମାର ବୋଧ ୪୫୧

୧୬ ଏପ୍ରିଲ

ଅତିମାନବ ୪୫୭

'oaob.nitrkl.ac.in' images reprocessed

| | |
|---|---|
| ନୂତନ ଉପଲବ୍ଧି | ୪୫୯ |
| ୨୩ ଏପ୍ରିଲ | |
| ଅଗ୍ରଗତି ଓ ସଉଦାଗିରି | ୪୬୧ |
| ୩୦ ଏପ୍ରିଲ | |
| ମାନସିକ ବିରଚନା ଓ ଅନୁଭୂତି | ୪୬୫ |
| ୭ ମଇ | |
| ପ୍ରକୃତିର ଗୁପ୍ତ ରହସ୍ୟ | ୪୬୮ |
| ୧୪ ମଇ | |
| ବୌଦ୍ଧିକ କ୍ରିୟାଶୀଳତା ଏବଂ ସୂକ୍ଷ୍ମ ଜ୍ଞାନଶକ୍ତି | ୪୭୪ |
| ଶରୀର ଦ୍ୱାରା ବୁଝିବା | ୪୭୬ |
| ୨୧ ମଇ | |
| ମାନସିକ ସାଧୁତା | ୪୭୭ |
| ୨୮ ମଇ | |
| ଅବତାର | ୪୮୩ |
| ୪ ଜୁନ୍ | |
| ନୂତନ ଜନ୍ମ | ୪୮୯ |
| ୧୧ ଜୁନ୍ | |
| ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆଧ୍ୟାତ୍ମିକ ସତ୍ତା, ଏକ ସୁରକ୍ଷା | ୪୯୩ |
| ୧୮ ଜୁନ୍ | |
| ଦର୍ଶନ, ଧର୍ମ, ଗୁପ୍ତବିଦ୍ୟା ଓ ଆଧ୍ୟାତ୍ମିକ ଅନୁଭବ | ୫୦୦ |
| ୨୫ ଜୁନ୍ | |
| ଶରୀରରେ ସାଧନା | ୫୦୫ |
| ୯ ଜୁଲାଇ | |
| ବିଶ୍ୱାସ ଏବଂ ବ୍ୟକ୍ତିଗତ ଉଦ୍ୟମ | ୫୧୦ |
| ୧୬ ଜୁଲାଇ | |
| ଧର୍ମର କୌଣସି ପ୍ରୟୋଜନ ଅଛି କି ? | ୫୧୫ |
| ୨୩ ଜୁଲାଇ | |
| ଅହଂବୋଧର ବିନାଶ କିପରି ହେବ ? | ୫୧୯ |
| ଅଭିନିବେଶ | ୫୨୪ |


'oaob.nitrkl.ac.in' images reprocessed

୩୦ ଜୁଲାଇ

ପ୍ଲାଁଶେଟ୍ । ସ୍ୱୟଂକ୍ରିୟ ଲିଖନ ୫୨୬

"ପ୍ରମାଣ" ଓ ଜ୍ଞାନ ୫୩୪

୬ ଅଗଷ୍ଟ

ସାମୂହିକ ପ୍ରାର୍ଥନା । ଆଦର୍ଶ ଗୋଷ୍ଠୀ ୫୩୬

୧୩ ଅଗଷ୍ଟ

ଆମ ଆଶ୍ରମ-ଅବସ୍ଥାନ ଦ୍ୱାରା ଆମେ ଲାଭବାନ୍ ହୋଇପାରୁ ନାହିଁ କାହିଁକି ? ୫୪୧

ଶ୍ରୀଅରବିନ୍ଦ ଆମକୁ କ'ଣ କହିବାକୁ ଆସିଛନ୍ତି ? ୫୪୫

ପରମ ଦିବ୍ୟସତ୍ତାଙ୍କର ଦର୍ଶନ ୫୪୫

୧୫ ଅଗଷ୍ଟ

ଶ୍ରୀଅରବିନ୍ଦ ଓ ଦେବତାମାନଙ୍କ ସହିତ ସମ୍ବନ୍ଧ ୫୪୮

୨୭ ଅଗଷ୍ଟ

ଧ୍ୟାନ ଓ କଳ୍ପନା ୫୫୧

ଭାବନାରୁ ଧାରଣା ଓ ଧାରଣାରୁ ତତ୍ତ୍ୱସିଦ୍ଧାନ୍ତ ୫୫୬

୩ ସେପ୍ଟେମ୍ବର

କଳ୍ପନାକୁ ଶୃଙ୍ଖଳିତ କରିବା କିପରି ? ୫୬୧

ମାନସିକ ରଚନା ୫୬୨

୧୦ ସେପ୍ଟେମ୍ବର

ଯାଦୁବିଦ୍ୟା, ଗୁପ୍ତବିଦ୍ୟା, ଜଡ଼-ବିଜ୍ଞାନ ୫୭୧

୧୭ ସେପ୍ଟେମ୍ବର

ଅନୁଭବକୁ ସୂତ୍ରବଦ୍ଧ କରିବାର ସାମର୍ଥ୍ୟ ୫୮୧

ମାନସିକ ବିକାଶର ଉପଯୋଗିତା ୫୮୩

୨୪ ସେପ୍ଟେମ୍ବର

ସତ୍ୟକୁ ବଞ୍ଚିବା ୫୯୧

ଶବ୍ଦ ଓ ଅନୁଭୂତି ୫୯୨

୧ ଅକ୍ଟୋବର

ନୈତିକ ପୂର୍ଣ୍ଣତାର ଆଦର୍ଶ ୫୯୫


'oaob.nitrkl.ac.in' images reprocessed

୮ ଅକ୍ଟୋବର
ମାନବ ଓ ଅତିମାନବର ମଝିରେ ରହିଥିବା ନାନା ସୋପାନ ୫୯୮
୨୨ ଅକ୍ଟୋବର
ଆଧ୍ୟାତ୍ମିକ ଜୀବନ; ଚେତନାର ଉତ୍କ୍ରମଣ ୬୦୩
ଅନ୍ୟମାନଙ୍କୁ ସାହାଯ୍ୟ କରିବା ୬୦୭
୨୯ ଅକ୍ଟୋବର
ମାନସିକ ସ୍ୱୟଂ-ସଂପୂର୍ଣ୍ଣତାର କ୍ଷୁଦ୍ର ଫାଟ; ପରମ-କରୁଣା ୬୧୦
୫ ନଭେମ୍ବର
ନୀରବ ହୋଇ ଜାଣିବା ୬୧୫
୧୨ ନଭେମ୍ବର
ସର୍ବୋଚ୍ଚ ପରମସତ୍ତାଙ୍କର ଲକ୍ଷ୍ୟ ୬୨୦
ପରମ-କରୁଣା ଉପରେ ବିଶ୍ୱାସ ୬୨୨
୨୬ ନଭେମ୍ବର
ଚିଦ୍‌ଗତତାର ଭୂମିକା ୬୨୫
ନୂତନ ଜନ୍ମ ୬୨୭

'oaob.nitrkl.ac.in' images reprocessed



ଶ୍ରୀମା — ୧୯୫୮

'oaob.nitrkl.ac.in' images reprocessed

# ପ୍ରଶ୍ନ ଓ ଉତ୍ତର

୧୯୪୭

'oaob.nitrkl.ac.in' images reprocessed

## ୨ ଜାନୁଆରି ୧୯୫୭

"ଯଦି ବ୍ରହ୍ମ କେବଳ ଏକ ନୈର୍ବ୍ୟକ୍ତିକ ଅମୂର୍ତ୍ତତା ହୋଇଥାନ୍ତେ ଏବଂ ସତତ ଆମର ଏହି ମୂର୍ତ୍ତ ଅସ୍ତିତ୍ୱରୂପୀ ପ୍ରାତିଭାସିକ ସତ୍ୟଟିର ବିରୋଧ ହୋଇ ଅବସ୍ଥିତ ରହିଥା'ନ୍ତେ, ତେବେ ବିରତିହିଁ ଜଡ଼ର ଯଥାର୍ଥ ନିୟତି ହୋଇ ରହିଥା'ନ୍ତା; ମାତ୍ର ଏହି କ୍ଷେତ୍ରରେ ଆମକୁ ପ୍ରେମ, ଆନନ୍ଦ ଏବଂ ଆତ୍ମ-ସଜ୍ଞାନତାର ମଧ୍ୟ ଗଣନା କରିବାକୁ ପଡ଼ିବ ।

"ସଂଖ୍ୟା ଏବଂ ସିଦ୍ଧାନ୍ତ ବୋଲି କୁହାଯାଉଥିବା କେତେଟା ନିର୍ଦ୍ଦିଷ୍ଟ ମନୋଗତ ଅମୂର୍ତ୍ତତାର ସମ୍ବନ୍ଧକୁ ନିରୂପଣ କରି ଦେଉଥିବା ଏବଂ ସର୍ବଶେଷରେ ଏକ ଶୂନ୍ୟରାଶିରେ ଆସି ପହଞ୍ଚିବା ଲାଗି ତିଆରି ହୋଇ ରହିଥିବା ଏକ ଗାଣିତିକ ସୂତ୍ରକୁହିଁ କଦାପି ବିଶ୍ୱଜଗତ ବୋଲି କୁହାଯିବ ନାହିଁ, ଏକାଧିକ କେତୋଟି ଶକ୍ତିର ଏକ ନିର୍ଦ୍ଦିଷ୍ଟ ସମୀକରଣକୁ ମୂର୍ତ୍ତରୂପ ଦେଇ ରଖିଥିବା ଏକ ଭୌତିକ କ୍ରିୟାଶୀଳତାକୁ ମଧ୍ୟ ଆମେ ବିଶ୍ୱବ୍ରହ୍ମାଣ୍ଡ ବୋଲି କହିବା ନାହିଁ । ବିଶ୍ୱବ୍ରହ୍ମାଣ୍ଡ ହେଉଛି ଆତ୍ମା ଲାଗି ଶ୍ରଦ୍ଧାମୟ ହୋଇ ରହିଥିବା ଏକ ପ୍ରେମିକର ଆନନ୍ଦ, ଏହା ହେଉଛି ଏକ ଅନନ୍ତ ଶିଶୁର କ୍ରୀଡ଼ା, ସୀମାହୀନ ସୃଜନ ଲାଗି ଆପଣା ମଧ୍ୟରେ ରହିଥିବା ତା'ର ସ୍ୱକୀୟ ସାମର୍ଥ୍ୟର ଉଲ୍ଲାସରେ ମାଦକିତ ହୋଇ ରହିଥିବା ଏକ ପରମକବିର ଅନ୍ତହୀନ ଭାବରେ ଆପଣାକୁ କେତେକେତେ ଅଭିବ୍ୟକ୍ତିରେ ପ୍ରକଟ କରି ଆଣୁଥିବା ଏକ ଲୀଳା ।

"ଆମେ ଇଚ୍ଛାକଲେ ସର୍ବୋଚ୍ଚ ପରମେଶ୍ୱରଙ୍କୁ ଏପରି ଜଣେ ପରମ ଗଣିତଜ୍ଞଙ୍କ ରୂପେ କଳ୍ପନା କରିପାରିବା ଯିଏକି ଅନେକ ସଂଖ୍ୟାକୁ ନେଇ କୌଣସି ଏକ ଗାଣିତିକ ସମସ୍ୟାର ସମାଧାନ କରୁଛନ୍ତି, ବା ଏପରି ଜଣେ ଦାର୍ଶନିକ ରୂପେ ବି କଳ୍ପନା କାରିପାରିବା ଯିଏକି ବ୍ୟାବହାରିକ ପ୍ରୟୋଗ ଦ୍ୱାରା କେତେକେତେ ଶକ୍ତିର ନାନା ସିଦ୍ଧାନ୍ତ ଏବଂ ଭାରସାମ୍ୟର ସମ୍ବନ୍ଧ ଭୂମିରେ ଏକ ସମସ୍ୟାର ସମାଧାନ କରିବାରେ ଲାଗିଛନ୍ତି : ମାତ୍ର ଆମେ ତାଙ୍କୁ ଯୁଗପତ୍ ଭାବରେ ସତେଅବା ଜଣେ ପରମ ପ୍ରେମିକରୂପେ ବି କଳ୍ପନା କରିପାରିବା, ବିଶ୍ୱଭୂମିଗତ ତଥା ଏକକ କେତେକେତେ ଐକ୍ୟତାନକୁ ବଜାଇବାରେ ଲାଗିଥିବା ଜଣେ ସଂଗୀତକାରରୂପେ କଳ୍ପନା କରିପାରିବା; ଆମେ ତାଙ୍କୁ ଜଣେ ଶିଶୁରୂପେ କଳ୍ପନା କରିପାରିବା, ଜଣେ

'oaob.nitrkl.ac.in' images reprocessed

କବିରୂପେ ବି କଳ୍ପନା କରିପାରିବା । ତେଣୁ କେବଳ ଭାବନାର ପ୍ରସ୍ଥଦେଇହିଁ ତାଙ୍କର କଳନା କଲେ ତାହା କଦାପି ଯଥେଷ୍ଟ ହେବ ନାହିଁ, ଆମକୁ ଆନନ୍ଦର ଅନ୍ୟ ପ୍ରସ୍ଥଟିକୁ ମଧ୍ୟ ସଂପୂର୍ଣ୍ଣରୂପେ ଅଧିଗମି ପାରିବାକୁ ହେବ : ଭାବନା, ଶକ୍ତି, ଅସ୍ତିତ୍ୱ ଓ ସିଦ୍ଧାନ୍ତଗୁଡ଼ିକୁ ଆମେ ପରମେଶ୍ୱରଙ୍କର ଆନନ୍ଦରୂପୀ ଶ୍ୱାସ ଦ୍ୱାରା ପରିପୂର୍ଣ୍ଣ କରି ନ ପାରିଲେ ସେଗୁଡ଼ିକ କେବଳ କେତେଗୁଡ଼ିଏ ଶୂନ୍ୟଗର୍ଭ ଛାଞ୍ଚ ହୋଇହିଁ ପଡ଼ି ରହିଥିବେ ।

"ଏଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରତିରୂପ, ମାତ୍ର ସବୁକିଛି ମଧ୍ୟ ଗୋଟିଏ ଗୋଟିଏ ପ୍ରତିରୂପ । ଯାବତୀୟ ବିଚାର ଏବଂ ଅମୂର୍ତ୍ତୀକରଣ ଆମକୁ ଭାଗବତ ସତ୍ୟଗୁଡ଼ିକର ଶୁଦ୍ଧ କଳ୍ପନାଟିକୁ ଆଣି ଦେଇଯାଆନ୍ତି, ଏବଂ ପ୍ରତିରୂପଗୁଡ଼ିକ ସେଗୁଡ଼ିକର ଜୀବନ୍ତ ପ୍ରାକୃତ୍ୟଟିକୁ ଆଣି ଦେଇଯା'ନ୍ତି ।

"ଯଦି ପରମଶକ୍ତିକୁ ଆବୋରି ରହିଥିବା ପରମ ଭାବନାରୁହିଁ ଏହି ଯାବତୀୟ ଭୁବନ ସଂଜାତ ହୋଇଛି, ତେବେ କହିବାକୁ ହେବ ଯେ ସତ୍ତାଗତ ପରମ ଆନନ୍ଦରୁହିଁ ସେହି ପରମ ଭାବନା ସଂଜାତ ହୋଇ ଆସିଛି । ପରମ ଅନନ୍ତ ଆପଣା ମଧ୍ୟରେ ଅଗଣିତ ଆନନ୍ଦର କଳ୍ପନା କରି ପାରିଛନ୍ତି ବୋଲି ଏହିସବୁ ଯାବତୀୟ ଭୁବନ ଓ ବିଶ୍ୱ ଲାଗି ଏକ ଅସ୍ତିତ୍ୱଧାରଣ ସମ୍ଭବ ହୋଇପାରିଛି ।

"ସତ୍ତାଗତ ପରମ ଚେତନା ଓ ସତ୍ତାଗତ ପରମ ଆନନ୍ଦ, — ଏହିମାନେ ହେଉଛନ୍ତି ସର୍ବବସ୍ତୁର ଆଦିଜନକ । ଏବଂ ସେହିଗୁଡ଼ିକୁହିଁ ଆମେ ସର୍ବଶେଷ ଚରମ ଉତ୍କର୍ଷ ବୋଲିହିଁ କହିବା । ପରମ ଅଚେତନକୁ ଚେତନର କେବଳ ଏକ ମଧ୍ୟବର୍ତ୍ତିକାଳୀନ ମୂର୍ଚ୍ଛାବସ୍ଥା ରୂପେ ଜାଣିବାକୁ ହେବ ଅଥବା ତାହାର ଏକ ଅସ୍ୱଚ୍ଛତାଚ୍ଛନ୍ନ ନିଦ୍ରାବସ୍ଥାରୂପେ କଳ୍ପନା କରାଯାଇପାରିବ । ଯାହାକୁ ଆମେ ଦୁଃଖ ଓ ଆତ୍ମ-ନିର୍ବାପନ ବୋଲି କହୁଛୁ, ତାହାକୁ ଅନ୍ୟ ଆଉ କେଉଁଠାରେ ଅଥବା ଅନ୍ୟ କେଉଁ ରୂପରେ ଅବତୀର୍ଣ୍ଣ ହେବା ଲାଗି ଆପଣାଠାରୁ ପଳାଇ ଯିବାରହିଁ ଆନନ୍ଦ ବୋଲି ଜାଣିବାକୁ ହେବ ।

"ସତ୍ତାଗତ ପରମ ଆନନ୍ଦକୁ କାଳର ବାଡ଼ ଭିତରେ ଘେର ଦେଇ ରଖି ହେବ ନାହିଁ; ସେହି ଆନନ୍ଦର କୌଣସି ଶେଷ ନାହିଁ, କୌଣସି ଆରମ୍ଭ ମଧ୍ୟ ନାହିଁ । କେବଳ ଆଉ ଏକ ରୂପ ମଧ୍ୟରେ ପ୍ରବିଷ୍ଟ ହେବା ଲାଗିହିଁ ପରମେଶ୍ୱର ଆପଣାକୁ ଗୋଟିଏ ରୂପରୁ ବାହାର କରି ଆଣିଥା'ନ୍ତି ।

"ପରମେଶ୍ୱର କହିଲେ ଆମେ ପ୍ରକୃତରେ କ'ଣ ବୋଲି ବୁଝିବା ?

'oaob.nitrkl.ac.in' images reprocessed

*ପରମେଶ୍ୱରଙ୍କୁ ଆମେ ଜଣେ ଶାଶ୍ୱତ ଶିଶୁ ବୋଲିହିଁ ବୁଝିବା, ଯିଏକି ଏକ ଶାଶ୍ୱତ ଉଦ୍ୟାନ ମଧ୍ୟରେ ଏକ ଶାଶ୍ୱତ କ୍ରୀଡ଼ାରେ ଅଭିନିବିଷ୍ଟ ହୋଇ ରହିଛନ୍ତି ।"*

ଶ୍ରୀଅରବିନ୍ଦ, ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ,

୧୬ଶ ଖଣ୍ଡ, ପୃ. ୩୮୦-୮୧

*ମାଆ, କାଳ ଓ ଦେଶ ମଧ୍ୟରୁ ବାହାରି ଯାଇପାରିବା ସମ୍ଭବ କି ?*

ଯଦି ଜଣେ ଏହି ଜଗତ୍-ରୂପାୟଣ ମଧ୍ୟରୁ ବାହାରି ଯାଇପାରିବ ତେବେ ଯାଇ ତାହା ସମ୍ଭବ ।

ଜଗତ୍‌ସ୍ରଷ୍ଟା ଆପଣାକୁ ବିଷୟରେ ପରିଣତ କରିଛନ୍ତି, ଆପଣାକୁ ମୂର୍ତ୍ତ ଭାବରେ ଅଭିବ୍ୟକ୍ତ କରି ଦେଇଛନ୍ତି, ଏବଂ ସେଇଥିରୁହିଁ କାଳ ଏବଂ ଦେଶର ସୃଷ୍ଟି ହୋଇଛି । ଏହାରି ମଧ୍ୟରୁ ବାହାରି ଯିବାକୁ ହେଲେ ଆମକୁ ପୁଣି ସେହି ମୂଳକୁହିଁ ଲେଉଟି ଯିବାକୁ ପଡ଼ିବ, ଅର୍ଥାତ୍, ଏହି ଅଭିବ୍ୟକ୍ତି ମଧ୍ୟରୁ ବାହାରି ଯିବାକୁ ହେବ । ତା' ନ ହେଲେ, ଏହି କଥାଟିକୁ ସ୍ମରଣ ରଖିବାକୁ ହେବ ଯେ ଯେଉଁ ଦିନଠାରୁ ଜଗତ୍‌ସ୍ରଷ୍ଟା ଆପଣାକୁ ବିଷୟରେ ପରିଣତ କଲେଣି, ସେହି ଦିନରୁହିଁ କାଳ ଓ ଦେଶର ସୃଷ୍ଟି ହେଲାଣି ।

ଏପରି ଏକ ଅନୁଭୂତି ଅଥବା ବୋଧ ରହିଛି, ଶାଶ୍ୱତତା ଏବଂ ଅନନ୍ତତାର ଏପରି ଏକ ଅନୁଭବ ରହିଛି, ଯେଉଁଥିରେ କି କାଳ ଏବଂ ଦେଶ ମଧ୍ୟରୁ ବାହାର ହୋଇ ଚାଲିଯିବା ପରି ଅନୁଭୂତି ହୋଇଥାଏ ... ହଁ, ଏହା ହେଉଛି କେବଳ ଗୋଟିଏ ଅନୁଭୂତି ।

ଏହିପରି ଭାବରେ କାଳ ଏବଂ ଦେଶ ମଧ୍ୟରୁ ଆପଣାକୁ ନିଷ୍କ୍ରାନ୍ତ କରିନେବାର ଅନୁଭୂତିକୁ ଲାଭ କରିବାକୁ ହେଲେ ଆମକୁ ସକଳ ଆକାରକୁ ଅତିକ୍ରମ କରି ଯିବାକୁ ହେବ, ଏପରିକି ଚେତନାର ସୂକ୍ଷ୍ମତମ ଆକୃତିଗୁଡ଼ିକୁ ଡେଇଁ ଚାଲିଯିବାକୁ ପଡ଼ିବ, ଭାବନାର ଓ ଚେତନାର ଯାବତୀୟ ମୂର୍ତ୍ତିକୁ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ । ଯେଉଁମାନେ ସମାଧି ମଧ୍ୟରେ, ଯଥାର୍ଥ ସମାଧି ମଧ୍ୟରେ ପ୍ରବେଶ କରନ୍ତି, ସେମାନଙ୍କ କ୍ଷେତ୍ରରେ ସାଧାରଣତଃ ତାହାହିଁ ଘଟିଥାଏ, — ଏବଂ ଯେତେବେଳେ ସେମାନେ ପୁନର୍ବାର ଆପଣାର ସାଧାରଣ ଚେତନାଟି ମଧ୍ୟକୁ ଫେରି ଆସନ୍ତି, ସେତେବେଳେ ସେମାନଙ୍କର ସେ ବିଷୟରେ ଆଉ କିଛିହେଲେ ମନେ ନ ଥାଏ, କାରଣ, ବସ୍ତୁତଃ ସେହି ଅନୁଭୂତିଟି ମଧ୍ୟରେ ମନେ ରଖିବା ଭଳି ମଧ୍ୟ କିଛି ନ ଥାଏ । ଶ୍ରୀଅରବିନ୍ଦ ଏଠାରେ ଠିକ୍ ସେହି କଥାଟିକୁ କହିଛନ୍ତି : ବ୍ରହ୍ମ କହିଲେ ଯଦି କେବଳ ଏକ ନୈର୍ବ୍ୟକ୍ତିକ ଅମୂର୍ତ୍ତତାକୁ ବୁଝାଉଥା'ନ୍ତା, ତେବେ ବିଲୁପ୍ତିକୁହିଁ

'oaob.nitrkl.ac.in' images reprocessed

ଏକମାତ୍ର ଯୁକ୍ତିଯୁକ୍ତ ଚରମଗତି ବୋଲି ନିଶ୍ଚୟ କୁହାଯାଇ ପାରନ୍ତା । କାରଣ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ କେବେ ଏହି ସମୟ ଓ କାଳ ମଧ୍ୟରୁ ବାହାରକୁ ବାହାରି ଚାଲିଯିବା, ସେତେବେଳେ ଯାବତୀୟ ସ୍ୱତନ୍ତ୍ର ଅସ୍ତିତ୍ୱ ଆପଣାଛାଏଁ ବିଲୁପ୍ତ ହୋଇଯିବ ।

ତେବେ, ବୁଝିଲ ତ, ଏହି କଥାଟିକୁ ଜଣେ ନିଶ୍ଚୟ ହାସଲ କରି ପାରିବ, ମାତ୍ର ତଦ୍ୱାରା ଖୁବ୍‌ବେଶୀ ଫଳ ପାଇବ ନାହିଁ !

ସରିଲା ? ତୁମେ କେବେ ସମୟ ଓ କାଳ ମଧ୍ୟରୁ ବାହାରକୁ ବାହାରିଯିବା ଲାଗି ଚେଷ୍ଟା କରିଛ ?

(ପିଲାଟି ଖୁବ୍ ଜୋରକରି ସମ୍ମତିସୂଚକ ଭାବରେ ତା' ମୁଣ୍ଡଟିକୁ ହଲାଇଦେଲା ।)

*ମାଆ, ନବବର୍ଷର ବାଣୀଟିକୁ ଆପଣ ବୁଝାଇ କହିଦେବେ କି ? ''ଶରୀରକୁ ବଳି ଦେବା ଦ୍ୱାରା ନୁହେଁ, ମାତ୍ର ଶରୀରକୁ ମହିମାନ୍ୱିତ କରିପାରିଲେ ଯାଇ ତାହା ଜଗତର ଉଦ୍ଧାର କରିପାରିବ,'' — ଏହି କଥାଟିର ଅର୍ଥ କ'ଣ ?**

ହଁ, ମୁଁ ବର୍ତ୍ତମାନ ତୁମମାନଙ୍କୁ ଗୋଟିଏ କଥା କହିବାକୁ ଯାଉଛି ଏବଂ ତୁମେ ସେଇଥିରୁ ଏକଥାଟିକୁ ବି ବୁଝିପାରିବ ।

ଦିନେ, ଠିକ୍ କେଉଁଦିନ ମୋର ମୋଟେ ମନେ ପଡୁ ନାହିଁ, ମୋର ହଠାତ୍ ମନେ ପଡ଼ିଗଲା ଯେ ଆସୁଥିବା ବର୍ଷଟି ଲାଗି ମୋତେ ଗୋଟିଏ ବାଣୀ ଦେବାକୁ ହେବ । ସଂପୃକ୍ତ ବର୍ଷଟିରେ କ'ଣ ଘଟିବାକୁ ଯାଉଛି, ସାଧାରଣତଃ ଏହିସବୁ ବାଣୀରୁ ତାହାରି ଏକ ସୂଚନା ମିଳିଥାଏ, ଏବଂ, କେତେକ କାରଣବଶତଃ ଏଥର ମୋର କିଛି କହିବାକୁ ନ ଥିବାରୁ, ଏବର୍ଷ ମୋତେ କ'ଣ କହିବାକୁ ହେବ, ତାହା ବିଷୟରେ ମୋତେ ଏକ ସ୍ପଷ୍ଟ ସୂଚନା ମିଳିବ କି ନାହିଁ, ମୁଁ ନିଜକୁ ସେହି କଥା ପଚାରିଥିଲି, ଅର୍ଥାତ୍ ନିଜ ପାଖରୁ ମୁଁ ସେହି କଥା ଜାଣିବାକୁ ଚାହିଁଥିଲି । ମୁଁ ପ୍ରକୃତରେ ନିଜକୁ ଏହି କଥାଟିକୁ ପଚାରିଥିଲି : ଜଗତରେ ବର୍ତ୍ତମାନ ଉତ୍ତମ ସ୍ଥିତି ବୋଲି କାହାକୁ କୁହାଯିବ, ଏବଂ, ଅସଲ ସତ୍ୟଟିର ଟିକିଏ ଅଧିକ ନିକଟବର୍ତ୍ତୀ ହୋଇପାରିବାକୁ ହେଲେ କେଉଁ କଥାଟି ଏହି ବ୍ୟକ୍ତିମାନଙ୍କୁ ବା ଚେତନାର ଏହି ସ୍ଥିତିଟିକୁ ସାହାଯ୍ୟ କରିପାରିବ ?

---

*''ପରମ ଅମଙ୍ଗଳ ଅପେକ୍ଷା ଅଧିକ ଶକ୍ତିଶାଳୀ ଏକ ଶକ୍ତି ହେଲେ ଯାଇ ଅସଲ ବିଜୟଟିକୁ ହାସଲ କରିପାରିବ । ଶରୀରକୁ ବଳି ଦେବା ଦ୍ୱାରା ନୁହେଁ, ମାତ୍ର ଶରୀରକୁ ମହିମାନ୍ୱିତ କରିପାରିଲେ ଯାଇ ତାହା ଜଗତର ଉଦ୍ଧାର କରିପାରିବ ।''

'oaob.nitrkl.ac.in' images reprocessed

ସେହି ଉତ୍ତମ ସ୍ଥିତିଟି କ'ଣ ଥିଲା ?

ତା'ର କେତେ ଘଣ୍ଟା ପରେ ମୋ' ହାତକୁ ପତ୍ରିକାଟିଏ ଆସିଥିଲା, ବହିଟି ଆମେରିକାରୁ ଆସିଥିଲା ଏବଂ 'ମନୁଷ୍ୟର ପରିବାର' ନାମରେ ଏକ ଫଟୋଚିତ୍ର-ପ୍ରଦର୍ଶନୀର ଗୋଟାଏ ପ୍ରକାର ବିବରଣୀ ରୂପେ ସେଇଟି ପ୍ରକାଶିତ ହୋଇଥିଲା । ପୁସ୍ତିକାଟି ମଧ୍ୟରେ ଉଦ୍ଧୃତ ବାକ୍ୟ କେତୋଟି ରହିଥିଲା ଏବଂ ବିଷୟାନୁକ୍ରମରେ ଶ୍ରେଣୀବିଭାଗ କରାଯାଇ ସେଥିରେ କେତୋଟି ଫଟୋଚିତ୍ର ବି ଦିଆଯାଇଥିଲା । ଏବଂ, ମନୁଷ୍ୟ-ଭ୍ରାତୃତ୍ୱର ଏକ ଯଥାର୍ଥ ବୋଧ ଜାଗ୍ରତ କରାଇବା ଲାଗି ଏହି ସବୁକିଛି କରାଯାଇଥିଲା । ସମ୍ଭାବ୍ୟ ଏକ ଯୁଦ୍ଧକୁ ନିବାରିତ କରି ରଖିବା ଲାଗି ଭାରି ଆତୁର ଏବଂ ପ୍ରବଳ ଭାବରେ ଯେ ଏକ ଉଦ୍ୟମ କରାଯାଇଛି, ପୁସ୍ତିକାଟିରୁ ତାହାରି ଆଭାସ ମିଳି ଯାଉଥିଲା । ଏକଦା ଏଠାକୁ ଆସିଥିବା ଜଣେ ନାରୀ-ସାମ୍ବାଦିକ ଉଦ୍ଧୃତ ବାକ୍ୟାଂଶଗୁଡ଼ିକୁ ବାଛିଥିଲେ । ସେହି ଭଦ୍ରମହିଳାଙ୍କୁ ମୁଁ ଏଠାରେ ଦେଖିଥିଲି । ତେଣୁ, ସାମୂହିକ ଜୀବନର ଦୃଷ୍ଟିକୋଣରୁ ବିଚାର କଲେ, ବର୍ତ୍ତମାନ ଅବସ୍ଥାରେ ମନୁଷ୍ୟର ଯେଉଁ ସର୍ବୋତ୍ତମ ଇଚ୍ଛାଟି ଜଗତରେ ଆପଣାକୁ ଅଭିବ୍ୟକ୍ତ କରିପାରିବ, ପ୍ରକୃତରେ ଏକ ମର୍ମସ୍ପର୍ଶୀ ଭାବରେ ଏହିସବୁ କଥା ମୋ' ଆଗରେ ପ୍ରକଟ ହୋଇ ଆସିଥିଲା । କେତେକ ବ୍ୟକ୍ତି ଯେ ଏହି ସ୍ତରରୁ ଆହୁରି ଅନେକ ଉପରକୁ ଉଠିଯାଇ ସାରିଛନ୍ତି ଓ ଏହାଠାରୁ ଅନେକ ଅଧିକ ଯୋଗ୍ୟ ଭାବରେ ସବୁକଥାକୁ ବୁଝି ପାରୁଛନ୍ତି, ସେକଥା ମୁଁ ମୋଟେ ଅସ୍ୱୀକାର କରୁ ନାହିଁ, ମାତ୍ର ସେମାନେ ହେଉଛନ୍ତି କେବଳ କେତେଜଣ ବ୍ୟକ୍ତି ଏବଂ ତାହାକୁ ମନୁଷ୍ୟଜାତି ଲାଗି କରା ଯାଉଥିବା ଏକ ସାମୂହିକ ପ୍ରଚେଷ୍ଟା ବୋଲି କଦାପି କୁହାଯିବ ନାହିଁ । ଏହି କଥାଟି ମୋତେ ବେଶ୍ ବିଚଳିତ କରି ପକାଇଥିଲା ।

ଏବଂ ତା'ପରେ ମୁଁ ସେମାନଙ୍କର ସେହି ପୁସ୍ତିକାଟିକୁ ପଢ଼ି ଶେଷ କରି ଦେଇଥିଲି ଏବଂ, ମନୁଷ୍ୟମାନଙ୍କୁ ପାରସ୍ପରିକ ସଂହାରରୁ ନିବୃତ୍ତ କରି ରଖିବା ଲାଗି ସେମାନେ ଆପଣାର ଅଜ୍ଞାନାଚ୍ଛନ୍ନ ସଦିଚ୍ଛା ଦ୍ୱାରା ଯେଉଁସବୁ ପ୍ରତିକାରର ପରାମର୍ଶ ଦେଇଥିଲେ, ସେଗୁଡ଼ିକ ମଧ୍ୟ ପଢ଼ି ଶେଷ କରିଥିଲି । ... ଏହି କଥାଟି ଏତେ ଦରିଦ୍ର, ଏତେ ଦୁର୍ବଳ, ଏତେ ଅଜ୍ଞାନପ୍ରେରିତ ଏବଂ ଫଳଶକ୍ତିହୀନ ହୋଇ ରହିଥିଲା ଯେ ସେକଥା ଶୁଣି ମୁଁ ପ୍ରକୃତରେ ଭାରି ବିଚଳିତ ହୋଇ ପଡ଼ିଥିଲି । ଏବଂ, ମୁଁ ସ୍ୱପ୍ନ ଦେଖିଲି ଯେ ସେହି ପ୍ରଦର୍ଶନୀଟି ଏଠାକୁ ପଣ୍ଡିଚେରୀକୁ ମଧ୍ୟ ଆସିବ, ଏଠାରେ ଆମେ ସେହି ପ୍ରଦର୍ଶନୀଟିକୁ ଦେଖାଇ ପାରିବୁ ଓ ସେମାନଙ୍କର ସେହି ପୁସ୍ତିକାଟିରେ ଏପରି ଏକ କଥାଟିଏ ଆଣି ଯୋଡ଼ିଦେଇ ପାରିବୁ, ଯେଉଁଥିରେ କି ସେମାନଙ୍କ ଲାଗି ଅସଲ ପ୍ରତିକାରଟି ପ୍ରକଟ ହୋଇଯାଇ ପାରିବ । ଏବଂ, ସେସବୁ କଥା ଅତ୍ୟନ୍ତ ବାସ୍ତବ ଭାବରେ ଆକାର ଗ୍ରହଣ

'oaob.nitrkl.ac.in' images reprocessed

କରିବାକୁ ଲାଗିଲା, – ଆମର ସଂଯୋଜନଟିରେ ଯେଉଁସବୁ ଉଦ୍ଧୃତାଂଶ ରହିବ ଓ ଯେଉଁସବୁ ଫଟୋଚିତ୍ର ଆବଶ୍ୟକ ହେବ, ସେଗୁଡ଼ିକ ସବୁ ସଜ ହୋଇଗଲା; ଏବଂ, ଚେତନାର ଗଭୀର ମଧ୍ୟରୁ ସତେଅବା ନିଃସୃତ ହୋଇ ଆସିବା ପରି ଏହି ବାକ୍ୟଟି ଆସି ଆବିର୍ଭୂତ ହୋଇଗଲା । ମୁଁ ସେଇଟିକୁ ଲିପିବଦ୍ଧ କରି ରଖିଲି ଓ ଲେଖିସାରିବା ମାତ୍ରକେ ମନେ ମନେ କହିଲି, "ହଁ, ଏଇଟି ତ ମୋର ବାଣୀର କାମ ଦେଇପାରିବ" । ସେଇଟିହିଁ ବାଣୀ ରୂପେ ଦିଆଯିବ ବୋଲି ମୀମାଂସା ହୋଇଗଲା । ଏହିପରି ଭାବରେହିଁ ତୁମେମାନେ ସେଇଟିକୁ ପାଇପାରିଲ ।

ଏହାର ଯଥାର୍ଥ ଅର୍ଥ ହେଉଛି ଯେ, ମନୁଷ୍ୟଜାତି ମଧ୍ୟରେ ରହିଥିବା ସଦିଚ୍ଛା, ଯାହାକି ଆଜି ପୃଥିବୀ ପୃଷ୍ଠରେ ସର୍ବୋତ୍ତମ ଭାବେ ନିଜକୁ ବ୍ୟକ୍ତ କରି ଆଣୁଛି, ସେଥିରେ ଏକ ଅଗ୍ରଗତି ସାଧନ କରାଇ ପାରିବା । କହିବାକୁ ହେବ ଯେ ତାହା ଏକ ବିଶେଷ ଆକାରରେ ମୂର୍ତ୍ତ ହୋଇ ଉଠିଛି, କାରଣ ଗୋଟିଏ ଖ୍ରୀଷ୍ଟିଆନ୍ ଦେଶରୁହିଁ ଏହି ସଦିଚ୍ଛାର ଆଗମନ ହୋଇଥିଲା ଏବଂ ତେଣୁ ସ୍ୱଭାବତଃ ସେଥିରେ ଏକ ଖ୍ରୀଷ୍ଟିଆନ୍ ପ୍ରଭାବ ଅନୁବ୍ୟଞ୍ଜିତ ହୋଇ ରହିଥିଲା; ମାତ୍ର ଏହି ଦୃଷ୍ଟିକୋଣଟିକୁ ଆମେ ସମଗ୍ର ପୃଥିବୀରେହିଁ ଦେଖିବାକୁ ପାଇବା, ବିଭିନ୍ନ ଦେଶ ଓ ବିଭିନ୍ନ ଧର୍ମ ଅନୁସାରେ ତାହାକୁହିଁ ବିଭିନ୍ନ ଭାବରେ ବ୍ୟକ୍ତ ହୋଇଥିବାର ଦେଖିବାକୁ ପାଇବା; ଏବଂ, ଏହି ଦୃଷ୍ଟିକୋଣଟି ମଧ୍ୟରେ ଜଡ଼ିତ ହୋଇ ରହିଥିବା ଅଜ୍ଞାନର ଏକ ପ୍ରତିକ୍ରିୟା ରୂପେହିଁ ମୁଁ ଏହି ବାଣୀଟିକୁ ଲେଖିଥିଲି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତବର୍ଷରେ ମଧ୍ୟ ଠିକ୍ ସେହି ଧାରଣାଟିହିଁ ରହିଛି, ଏଠାରେ ମଧ୍ୟ ଯାବତୀୟ ଦୈହିକ ଅସ୍ତିତ୍ୱକୁ ସମୂଳ ଭାବରେ ବର୍ଜନ କରି ଆସିବାର ଏବଂ ଜଡ଼ ଜଗତ ପ୍ରତି ଏକ ଗଭୀର ଘୃଣା ବ୍ୟକ୍ତ କରିବାର ଧାରଣାଟି ରହିଛି । ଜଡ଼ ଜଗତକୁ ଏଠାରେ ଏକ ମାୟା ଏବଂ ମିଥ୍ୟା ବୋଲି କୁହାଯାଇ ଆସିଛି; ତାହାକୁ କ୍ଷଣଭଙ୍ଗୁର ବୋଲି କୁହାଯାଇଛି; ଏବଂ, ଶ୍ରୀଅରବିନ୍ଦ ଯେପରି କହୁଥିଲେ, ଏହି କ୍ଷେତ୍ରଟିକୁ ପ୍ରତିକୂଳ ଶକ୍ତିଗୁଡ଼ିକର ନିରଙ୍କୁଶ ଶାସନଟିର ଅଧୀନ ହୋଇ ରହିବା ଲାଗି ସଂପୂର୍ଣ୍ଣ ଭାବରେ ଛାଡ଼ି ଦିଆଯାଇଛି । ଏକ ସୁଦୂରବର୍ତ୍ତୀ ଅମୂର୍ତ୍ତ ସତ୍ୟର ଅନ୍ୱେଷଣ କରି ଯଦି ତୁମେ ଏହି ମୂର୍ତ୍ତ ଜଗତ୍ ସତ୍ୟକୁ ଛାଡ଼ି ଚାଲିଯିବ, ତେବେ ମୂର୍ତ୍ତ ଉପଲବ୍ଧିର ସମଗ୍ର କ୍ଷେତ୍ରଟିକୁ ତୁମେ ପ୍ରତିକୂଳ ଶକ୍ତିଗୁଡ଼ିକର ହାତରେହିଁ ଛାଡ଼ି ଦେଇଯିବ, – ସେହି ଶକ୍ତିଗୁଡ଼ିକହିଁ ବର୍ତ୍ତମାନ ତାହାକୁ ଅଧିକାର କରି ନେଇଛନ୍ତି ଏବଂ ଅଳ୍ପେ ବହୁତେ ସେହିମାନେହିଁ ତାହାର ଶାସନ କରୁଛନ୍ତି; ଏବଂ, ଶ୍ରୀଅରବିନ୍ଦ ଏଠାରେ ଯାହାକୁ ଶୂନ୍ୟ ବା ଏକ ଶୂନ୍ୟବିନ୍ଦୁ ବୋଲି କହିଛନ୍ତି, ତୁମେ ତାହାର ଉପଲବ୍ଧି କରିବାକୁହିଁ ଏହାକୁ ଛାଡ଼ି ଚାଲିଯିବ । ଏକ ଶୂନ୍ୟମୟତା ଉପରେ ନିରଙ୍କୁଶ ଅଧିକାରୀ ହୋଇ ରହିବାକୁହିଁ ତୁମେ ତାହା କରିବ । ଏହାର ଅର୍ଥ ହେଉଛି

'oaob.nitrkl.ac.in' images reprocessed

ନିର୍ବାଣ ମଧ୍ୟକୁ ପ୍ରତ୍ୟାବର୍ତ୍ତନ । ପୃଥିବୀର ସର୍ବତ୍ର ଏହି ଧାରଣାଟି ବଳବତ୍ତର ରହିଛି, ମାତ୍ର ବିଭିନ୍ନ ଅବସରରେ ବିଭିନ୍ନ ରୂପେ ବ୍ୟକ୍ତ ହୋଇ ଆସିଛି ।

କାରଣ, ଏପର୍ଯ୍ୟନ୍ତ ଏକ ଦୁର୍ବଳତାହିଁ ମନ୍ଦର ବିରୋଧ କରିଛି, ତାହା ହେଉଛି ଏପରି ଏକ ଆଧ୍ୟାତ୍ମିକ ଶକ୍ତି ଯାହାର ଏହି ଭୌତିକ ଜଗତକୁ ରୂପାନ୍ତର କରିବାର କୌଣସି ଶକ୍ତି ନାହିଁ । ସଦିଚ୍ଛାର ଏହି ଅପାର ପ୍ରଚେଷ୍ଟାଟି କେବଳ ଏକ ଦୟନୀୟ ବିଫଳତାରେହିଁ ସମାପ୍ତିଲାଭ କରିଛି ଏବଂ ଏହି ପୃଥିବୀକୁ ଠିକ୍ ପୂର୍ବର ସେହି ଦୁଃଖ, ଦୁଷ୍କୃତି ଏବଂ ଦୁରାଚରଣର ଅବସ୍ଥା ମଧ୍ୟରେ ପକାଇ ଦେଇ ଯାଇଛି । ନାହିଁ, ପ୍ରତିକୂଳ ଶକ୍ତିଗୁଡ଼ିକ ବର୍ତ୍ତମାନ ଯେଉଁ ଭୂମିରେ ଆପଣାର ଶାସନଟିକୁ ଜାରି କରି ରଖିଛନ୍ତି, **ଠିକ୍ ସେହି** ଭୂମିରେହିଁ ଆମକୁ ସେମାନଙ୍କ ତୁଳନାରେ ଏକ ବୃହତ୍ତର ଶକ୍ତିର ଅଧିକାରୀ ହୋଇ ପାରିବାକୁ ହେବ; ଏପରି ଏକ ଶକ୍ତି ହାସଲ କରିବାକୁ ପଡ଼ିବ, ଯାହାକି ସେମାନଙ୍କୁ **ଠିକ୍ ସେହି ଭୂମିରେହିଁ** ସମଗ୍ର ଭାବରେ ଜୟ କରି ନେଇପାରିବ । ଅନ୍ୟ ଭାଷାରେ କହିବାକୁ ଗଲେ, ଆମକୁ ଏପରି ଏକ ଆଧ୍ୟାତ୍ମିକ ଶକ୍ତି ହାସଲ କରିବାକୁ ହେବ, ଯାହାକି ଚେତନା ଏବଂ ଏହି ଜଡ଼ ଜଗତ ଉଭୟଟି ଉପରେ ବିଜୟ ହାସଲ କରିବାର ସାମର୍ଥ୍ୟ ରଖିଥିବ । ଏହି ଶକ୍ତି ହେଉଛି ଅତିମାନସ ଶକ୍ତି । ତେଣୁ ଏହାହିଁ ଅତ୍ୟାବଶ୍ୟକ ଯେ ଜଡ଼ ଭୂମି ଉପରେ ସେହି ଶକ୍ତିଟିର କ୍ରିୟାଶୀଳତା ଲାଗି ଆମେ ସମୁଚିତ ଭାବରେ ଗ୍ରହଣଶୀଳ ହୋଇ ରହିବା । ତେଣୁ, ଆମେ ସୁଦୂରବର୍ତ୍ତୀ କୌଣସି ନିର୍ବାଣର ସ୍ଥିତି ମଧ୍ୟକୁ ଦଉଡ଼ି ପଳାଇ ଯିବା ନାହିଁ ଏବଂ ଆମେ ଏଠି ଯେଉଁ କ୍ଷେତ୍ରଟିକୁ ତ୍ୟାଗ କରି ଚାଲିଗଲେ, ସେଇଟି ଉପରେ ପୂର୍ଣ୍ଣ ପ୍ରତିପତ୍ତି ବିସ୍ତାର କରିବା ଲାଗି ଶତ୍ରୁକୁ କଦାପି ଛାଡ଼ିଦେଇ ଯିବା ନାହିଁ ।

ତେଣୁ, ଯଥାର୍ଥ ବିଜୟଟିକୁ ତ୍ୟାଗ ଆଣି ଦେବ ନାହିଁ, ସଂସାରବର୍ଜ୍ଜନରୁ ମଧ୍ୟ ସେହି ବିଜୟ ସମ୍ଭବ ହେବ ନାହିଁ, ଅଥବା ଦୁର୍ବଳତାରୁ ବିଜୟ ଆସିବ ନାହିଁ । ପରମ ଆନନ୍ଦରୁହିଁ ସେହି ବିଜୟ ସମ୍ଭବ ହେବ; ବଳ, ସହିଷ୍ଣୁତା ଓ ଚରମ ସାହସର ସମବାଚୀ ସେହି ଆନନ୍ଦ ଦ୍ୱାରାହିଁ ତାହା ସମ୍ଭବ ହେବ । ଅତିମାନସ ଶକ୍ତି ଦ୍ୱାରା ସଂଘଟିତ ଆନନ୍ଦ ଦ୍ୱାରା ତାହା ସମ୍ଭବ ହେବ । ସବୁକିଛି ଦେଇଦେଇ ସଂସାର ଛାଡ଼ି ପଳାଇଯିବା ଅପେକ୍ଷା ଏଇଟି ଅଧିକ କଷ୍ଟସାଧ୍ୟ, ଏହା ଆମଠାରୁ ଅନନ୍ତ ଗୁଣରେ ଅଧିକ ବୀରତ୍ୱ ଗୁଣର ଦାବି କରିବାକୁ ଆସିବ; — ମାତ୍ର ବିଜୟଟିକୁ ହାସଲ କରିବାକୁ ହେଲେ ଏଇଟି ବ୍ୟତୀତ ଦ୍ୱିତୀୟ ପନ୍ଥା ଆଉ କିଛି ନାହିଁ ।

ଆଉ କିଛି ପଚାରିବାକୁ ନାହିଁ ? ମୋ' ପାଖରେ କେତୋଟି ପ୍ରଶ୍ନ ରହିଛି, ମାତ୍ର ଆଜି ତ ଭାରି ଡେରି ହୋଇଗଲାଣି ବୋଲି ମନେ ହେଉଛି ।

'oaob.nitrkl.ac.in' images reprocessed

*ମା'ଆ, ଏହି ଯେଉଁ ନୂତନ ଶକ୍ତିଟି କାର୍ଯ୍ୟ କରିବାକୁ ଯାଉଛି, ତାହା କ'ଣ ବ୍ୟକ୍ତିର ଉଦ୍ୟମ ମଧ୍ୟଦେଇ କାର୍ଯ୍ୟ କରିବ, ନା ବ୍ୟକ୍ତିର କୌଣସି ସାହାଯ୍ୟ ନ ନେଇ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିବ ?*

ଦୁଇଟି ମଧ୍ୟରେ ଏପରି ଏକ ବିରୋଧ ରହିବ କାହିଁକି ? ଅତିମାନସ ଶକ୍ତିର କାର୍ଯ୍ୟ ଯାବତୀୟ ବ୍ୟକ୍ତିଗତ ପ୍ରୟାସଠାରୁ ସ୍ୱତନ୍ତ୍ର ଭାବରେହିଁ କାର୍ଯ୍ୟ କରିବ, ସତେ ଯେପରି ସ୍ୱତଃପ୍ରେରିତ ପରି ତାହା ପୃଥିବୀରେ କାର୍ଯ୍ୟ କରିବ । ମାତ୍ର ଏକଥା ମଧ୍ୟ ସତ ଯେ ତାହା ବ୍ୟକ୍ତିଗତ ପ୍ରଚେଷ୍ଟାକୁ **ସୃଷ୍ଟି କରିବ** ଏବଂ ତାହାକୁ **କାର୍ଯ୍ୟରେ ଲଗାଇବ** । ବ୍ୟକ୍ତିଗତ ପ୍ରଚେଷ୍ଟା ତାହାର କାର୍ଯ୍ୟ କରିବାର ଅନେକ ସାଧନରୁ ଗୋଟିଏ ହୋଇ ରହିବ, ସମ୍ଭବତଃ ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନ ହୋଇ ରହିବ । ଆମେ ଯଦି ଭାବୁଥିବା ଯେ ବ୍ୟକ୍ତିର ଯାବତୀୟ ପ୍ରଚେଷ୍ଟା କେବଳ ସେହି ବ୍ୟକ୍ତିହେତୁହିଁ ସମ୍ଭବ ହେଉଛି, ତେବେ ତଦ୍ୱାରା ଆମେ ଭାରି ଭ୍ରମରେ ପଡ଼ିଯିବା; ମାତ୍ର ଯଦି ବ୍ୟକ୍ତି ସେହି ବାହାନାରେ, ଅର୍ଥାତ୍ ତା'ଉପରେ ଆଦୌ କୌଣସି ଅପେକ୍ଷା ନ ରଖି ଏକ ବିଶ୍ୱ-କ୍ରିୟାତ୍ମକତା ରହିଛି ବୋଲି ଆଳ ଦେଖାଇ ବ୍ୟକ୍ତିଗତ ଭାବରେ କୌଣସି ପ୍ରଚେଷ୍ଟା କରିବାକୁ ଅସ୍ୱୀକାର କରେ, ତେବେ ତଦ୍ୱାରା ସେ ଆପଣାର ସହଯୋଗ ଦେବାକୁହିଁ ନାସ୍ତି କରିଥାଏ ବୋଲି କୁହାଯିବ । ଆପଣାର ଅଧୀନରେ ରହିଥିବା ସବୁଠାରୁ ଅଧିକ ଶକ୍ତିଶାଳୀ ଏକ ସାଧନ ହିସାବରେ ପରମ ଶକ୍ତି ବ୍ୟକ୍ତିର ପ୍ରଚେଷ୍ଟାକୁ ବ୍ୟବହାର କରିବାକୁ ଚାହୁଁଥାଏ, ବସ୍ତୁତଃ ତାହାକୁ ବ୍ୟବହାର ବି କରିଥାଏ । ତୁମେ ବ୍ୟକ୍ତିଗତ ପ୍ରଚେଷ୍ଟା କହିଲେ ସର୍ବଦା ସେହି ପରମ ଶକ୍ତି, ଏହି ପରମ ସାମର୍ଥ୍ୟକୁ ହିଁ ଜାଣିବ ।

ତେଣୁ, ତୁମେ ବେଶ୍ ବୁଝିପାରୁଥିବ ଯେ, ପ୍ରାଣଗତ ଆତ୍ମଗରିମାର ଗୁଣଟି ପାଖରେ ଯଦି କେହି ''ତୋ ନିଜର କୌଣସି ଅସ୍ତିତ୍ୱ ନାହିଁ'' ବୋଲି ଆସି କହେ, ତେବେ ତାହାର ସର୍ବପ୍ରଥମ ପ୍ରତିକ୍ରିୟା ରୂପେ ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଉତ୍ତର ଦେଇ କହିବାକୁ ବାହାରିବ, ''ଆଚ୍ଛା, ତେବେ ମୁଁ ଏଣିକି ଆଉ କିଛିହେଲେ କରିବି ନାହିଁ ! ଯଦି ମୁଁ ପ୍ରକୃତରେ କିଛିହେଲେ କରୁ ନାହିଁ, ତେବେ ଏଣିକି ମୁଁ ଆଉ କୌଣସି କାର୍ଯ୍ୟ କରିବି ନାହିଁ ।'' ଏବଂ ପୁଣି କହିବ, ''ଭଲ କଥା, ତେବେ ଏଣିକି ଦିବ୍ୟ ପରମସତ୍ତା ସବୁକିଛି କରିବ । ଏସବୁ ତାହାରି କାମ, ମୁଁ ଆଉ ଏଣିକି ହଲ୍ କି ଚଲ ହେବି ନାହିଁ । ଯଦି କାର୍ଯ୍ୟଟିକୁ କରିବାର କୌଣସି ପୌରୁଷ ମୋତେ ନ ମିଳିଲା,–'' ହଁ; ଶେଷକୁ ତାହା ଠିକ୍ ଏହିପରି କହି ବସିବ, – ''ତେବେ ମୁଁ ଆଉ କିଛିହେଲେ କରିବାକୁ ଯିବି ନାହିଁ ।'' ହଁ, ମାତ୍ର ବସ୍ତୁତଃ ଏପରି କଥାକୁ ଆଉ କୌଣସି ଉତ୍ତର ନାହିଁ । ଏପରି କଥା

'oaob.nitrkl.ac.in' images reprocessed

ମୋତେ ସତତ ଶୁଣିବାକୁ ମିଳିଥାଏ; ଆପଣାର ଆତ୍ମଗରିମା-ବୋଧରେ ଯେ ଆଘାତ ଲାଗିଛି, ଏହା ଦ୍ୱାରା କେବଳ ସେହି କଥାଟିକୁହିଁ ବ୍ୟକ୍ତ କରାଯାଇଥାଏ । ବାସ୍, ସେତିକି । ମାତ୍ର, ସହଯୋଗ କରିବା ଲାଗି ଏକ ଉତ୍ସାହପୂର୍ଣ୍ଣ ଆଗ୍ରହ ପ୍ରକଟ କରି, ଆପଣାର ସମସ୍ତ ଶକ୍ତି, ଆପଣା ଚେତନାର ସକଳ ଇଚ୍ଛା ସହିତ ସହଯୋଗ କରିହିଁ ଏହି କ୍ଷେତ୍ରରେ ଯଥାର୍ଥ ଓ ଶୁଦ୍ଧ ପ୍ରତିକ୍ରିୟାଟିକୁ ବ୍ୟକ୍ତ କରାଯାଇଥାଏ; ଆମେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛୁ, ସେଠାରେ ଯେ ଆପଣାଠାରୁ ଅନନ୍ତ ଗୁଣରେ ବୃହତ୍ତର ଏକ ଶକ୍ତି ଆମକୁ ଅବଲମ୍ବନ ଦେବାରେ ଲାଗିଛି ଓ ଆମକୁ ପରିଚାଳିତ କରି ନେଇଯାଉଛି; — ସେହି ବୃହତ୍ତର ଶକ୍ତି ଆଦୌ କୌଣସି ଭୁଲ୍ କରୁ ନାହିଁ, ଯାହା ଆମର ସୁରକ୍ଷା କରିବାରେ ଲାଗିଛି ଓ ଯୁଗପତ୍ ଭାବରେ ଆମକୁ ଆବଶ୍ୟକ ଯାବତୀୟ ବଳ ପ୍ରଦାନ କରୁଛି ଏବଂ ଆମକୁ ତା'ର ସର୍ବଶ୍ରେଷ୍ଠ ନିମିତ୍ତରୂପେ ବ୍ୟବହାର କରିବାରେ ଲାଗିଛି, — ଏହିପରି ଏକ ବୋଧ ଦ୍ୱାରା ସହଯୋଗ କରିହିଁ ସର୍ବୋତ୍ତମ ପ୍ରତିକ୍ରିୟାଟିକୁ ବ୍ୟକ୍ତ କରିହୁଏ । ଏବଂ ସେତେବେଳେ ଆମେ ଠିକ୍ ସେହିପରି ଅନୁଭବ କରିଥାଉ, ଆମେ ଯେ ଏକ ନିଶ୍ଚିତ ସୁରକ୍ଷା ମଧ୍ୟରେ କାର୍ଯ୍ୟ କରୁଛୁ, ଆମେ ଯେ ଆଉ କଦାପି କୌଣସି ଭୁଲ କରିବା ନାହିଁ ଏବଂ ଆମେ ଯାହାକିଛି କରିବା, ତାହାର ଯେ ସର୍ବୋତ୍ତମ ପରିଣାମଟି ଅବଶ୍ୟ ପ୍ରାପ୍ତ ହେବ, ଆମେ ଠିକ୍ ସେହିପରି ଅନୁଭବ କରିଥାଉ, ଏକ ଆନନ୍ଦ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରୁଛୁ ବୋଲି ଅନୁଭବ କରିଥାଉ । ଏହାକୁହିଁ ଯଥାର୍ଥ କ୍ରିୟାଶୀଳତା ବୋଲି କୁହାଯିବ; ସେତେବେଳେ ଆମେ ଅନୁଭବ କରୁଥିବା ଯେ ଆମର ଇଚ୍ଛା ସର୍ବୋତ୍ତମ ଭାବରେ ପ୍ରଗାଢ଼ ହୋଇ ସାରିଛି, କାରଣ ଅନନ୍ତତାର ପ୍ରସାର ମଧ୍ୟରେ ଏହି କ୍ଷେତ୍ରରେ ଯେ କେବଳ ଏକ ନଗଣ୍ୟ କ୍ଷୁଦ୍ର ବକଟେମାତ୍ର ବ୍ୟକ୍ତି କୌଣସି କାର୍ଯ୍ୟ କରୁଛି ତା' ନୁହେଁ, ମାତ୍ର ଏକ ଅନନ୍ତ ବିଶ୍ୱମୟ ମହାନ୍ ଶକ୍ତିହିଁ ଆମକୁ ଯାବତୀୟ କର୍ମ ମଧ୍ୟରେ ପ୍ରେରିତ କରି ରଖିଛି : ପରମ ସତ୍ୟର ସେହି ମହାନ୍ ଶକ୍ତିହିଁ ଆମକୁ କର୍ମପ୍ରେରିତ କରି ରଖିଛି । କେବଳ ଏହାକୁହିଁ ଆମେ ଯଥାର୍ଥ ପ୍ରତିକ୍ରିୟା ବୋଲି କହିବା ।

ଏବଂ ଅନ୍ୟ ଦୟନୀୟ ପ୍ରତିକ୍ରିୟାଟି ହେଉଛି : ''ଓଃ, ମୁଁ ପ୍ରକୃତରେ କିଛିହେଲେ କରୁ ନାହିଁ; ମୋ' ଇଚ୍ଛାଟିର ପ୍ରକୃତରେ ଆଦୌ କୌଣସି ଅଭିବ୍ୟକ୍ତି ଘଟୁ ନାହିଁ ... ମୋ'ର ସାମର୍ଥ୍ୟ ଆଦୌ କୌଣସି କାର୍ଯ୍ୟ କରୁ ନାହିଁ ... ତେଣୁ ମୁଁ ଏହିପରି ଚିତ୍ ହୋଇ ପଡ଼ିରହୁଛି, ଏକ ଜୀବନହୀନ ନିଷ୍କ୍ରିୟତା ମଧ୍ୟରେ ମୁଁ ଆପଣାକୁ ଏଇଠି ଲମ୍ୱାଇ ରଖୁଛି ଏବଂ ଆଦୌ କୌଣସି ପ୍ରକାରେ ହଲଚଲ ହେବାକୁ ଯାଉ ନାହିଁ ।'' ସେତେବେଳେ ଦିବ୍ୟ ପରମସତ୍ତାଙ୍କ ପାଖରେ ମଧ୍ୟ ଜଣେ ଏହିପରି କହୁଥାଏ : ''ତେବେ ଭାରି ଭଲ

'oaob.nitrkl.ac.in' images reprocessed

ହେଲା, ଏଥର ଆପଣହିଁ ଯାହାକିଛି କରନ୍ତୁ, ଯାହା ଇଚ୍ଛା ତାହା କରନ୍ତୁ, ଆଉ ଏଣିକି ମୋର ଆଦୌ କୌଣସି ଅସ୍ତିତ୍ୱ ନାହିଁ।'' ଏଇଟା ପ୍ରକୃତରେ ଭାରି ଦୟନୀୟ, ପ୍ରକୃତରେ ଦୟନୀୟ !

'oaob.nitrkl.ac.in' images reprocessed

## ୯ ଜାନୁଆରି ୧୯୫୭

''ଈଶ୍ୱର କଦାପି ପ୍ରକୃତି ଆଡ଼କୁ ନତ ହୋଇ ଆସିବାରୁ ବିରତ ହେବେ ନାହିଁ, ପରମେଶ୍ୱରଙ୍କ ଲାଗି ଅଭୀପ୍ସା ରଖିବାରୁ ମଣିଷ ମଧ୍ୟ କଦାପି ବିରତ ହେବ ନାହିଁ । ସାନ୍ତ ଓ ଅନନ୍ତ ମଧ୍ୟରେ ଏହାହିଁ ଶାଶ୍ୱତ ସମ୍ବନ୍ଧ ହୋଇ ରହିଥିବ । ଯେତେବେଳେ ସେମାନେ ପରସ୍ପରଠାରୁ ଦୂରଛଡ଼ା ହୋଇଗଲେ ବୋଲି ମନେ ହେବ, ସେତେବେଳେ ତାହାକୁ ଅଧିକ ଅନ୍ତରଙ୍ଗ ଭାବରେ ପରସ୍ପର ସହିତ ମିଳିତ ହେବା ଉଦ୍ଦେଶ୍ୟରେ ସେମାନେ କିଞ୍ଚିତ୍ ପରିମାଣରେ ପଛକୁ ହଟି ଯାଇଛନ୍ତି ବୋଲି କୁହାଯାଇ ପାରିବ ।

''ପରମ ରସଗ୍ରାହୀଙ୍କ ଉଦ୍ଦେଶ୍ୟରେ ଯେପରି ତାହା ଏକ ବୃହତ୍ତର ଲମ୍ଫପ୍ରଦାନ କରିପାରିବ, ସେଇଥିଲାଗିହିଁ ବିଶ୍ୱସ୍ଥ ପ୍ରକୃତି ମନୁଷ୍ୟର ସ୍ତରକୁ ଆସି ପୁନରାୟ ଆତ୍ମସଚେତନତା ଲାଭ କରିଛି । ଆପଣାର ଅଜାଣତରେ ତାହା ସେହି ପରମ ରସଗ୍ରାହୀଙ୍କୁହିଁ ବହନ କରି ରହିଛି, ସେହି ରସଗ୍ରାହୀଙ୍କୁ ଆମର ଜୀବନ ତଥା ଇନ୍ଦ୍ରିୟ-ବୋଧ ବହନ କରି ରହିଥିଲେ ମଧ୍ୟ ବର୍ଜନ କରିବାରେ ଲାଗିଛନ୍ତି ଏବଂ ବର୍ଜନ କଲେ ମଧ୍ୟ ତଥାପି ତାହାଙ୍କୁହିଁ ଖୋଜିବାରେ ଲାଗିଛନ୍ତି । ବିଶ୍ୱସ୍ଥ ପ୍ରକୃତି ଆପଣାର ପରିଚୟ ପାଇପାରି ନାହିଁ ବୋଲିହିଁ ସେ ଈଶ୍ୱରଙ୍କର ବି ପରିଚୟ ପାଇ ନାହିଁ; ଯେତେବେଳେ ସେ ଆପଣାର ପରିଚୟ ପାଇଯିବ, ସେତେବେଳେ ସେ ସତ୍ତାଗତ ବିଶୁଦ୍ଧ ଆନନ୍ଦର ବି ପରିଚୟ ପାଇଯାଇ ପାରିବ ।

''ସମଗ୍ର ରୂପଟିକୁ ହରାଇ ବସିବା ନୁହେଁ, ତାହାକୁ ସମଗ୍ର ଭାବରେ ବହନ କରିବା, — ତାହାହିଁ ଗୁପ୍ତ ଅସଲ ରହସ୍ୟ । ଈଶ୍ୱର ଏବଂ ମନୁଷ୍ୟ, ବିଶ୍ୱ ଏବଂ ବିଶ୍ୱାତୀତତା, — ଯେତେବେଳେ ଏମାନେ ପରସ୍ପରକୁ ଜାଣନ୍ତି, ସେତିକିବେଳେହିଁ ସେମାନେ ଏକରୂପ ହୋଇଯା'ନ୍ତି । ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେହିଁ ତହିଁରୁ ଅଜ୍ଞାନ ଜାତ ହୁଏ ଏବଂ ଅଜ୍ଞାନରୁ ଦୁଃଖ ଜାତ ହୋଇଥାଏ ।''

ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା-୩୮୨

ଏଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସେଇଟି ଅନୁସାରେ ପରମେଶ୍ୱର ଅର୍ଥାତ୍ ଦେବତ୍ୱ

'oaob.nitrkl.ac.in' images reprocessed

ହେଉଛି ବିଶ୍ୱର ଅସଲ ସତ୍ୟ, ମାତ୍ର ମର୍ମତଃ ଏହା ହେଉଛି ପରମ ଆନନ୍ଦ । ସେହି ଆନନ୍ଦ ମଧ୍ୟରେ ଏବଂ ଆନନ୍ଦ ପାଇଁହିଁ ବିଶ୍ୱର ସୃଷ୍ଟି ହୋଇଛି । ମାତ୍ର ସୃଷ୍ଟି ଏବଂ ତା'ର ସ୍ରଷ୍ଟା ପରିପୂର୍ଣ୍ଣ ଭାବରେ ଏକାତ୍ମକ ହୋଇ ରହିପାରିଲେ ଯାଇ ସେହି ଆନନ୍ଦ ସମ୍ଭବ ହେବ, ଏବଂ ଶ୍ରୀଅରବିନ୍ଦ ଏହି ଏକାତ୍ମକତାକୁ ପରମ ଅଧିକାରୀଙ୍କର — ସେହି ପରମ ସ୍ରଷ୍ଟାଙ୍କର, ତାଙ୍କରି ସୃଷ୍ଟି ଦ୍ୱାରା ଅଧିକୃତ ହୋଇ ରହିବା ବୋଲିହିଁ ବର୍ଣ୍ଣନା କରିଛନ୍ତି; ଏହାକୁ ଆମେ ଏକ ଦ୍ୱିପକ୍ଷୀୟ ଅଧିକାର ବୋଲି କଳ୍ପନା କରିପାରିବା ଏବଂ ତାହାକୁହିଁ ସେହି ପରମ ଏକତ୍ୱର ସାରମର୍ମ ଏବଂ ସକଳ ଆନନ୍ଦର ଉତ୍ସସ୍ଥାନ ବୋଲି କୁହାଯିବ ।

ଏବଂ ଏହି କ୍ଷେତ୍ରରେ ଏକ ବିଭାଜନ ଦ୍ୱାରାହିଁ, — କାରଣ ପରମ ଅଧିକାରୀ ତେଣିକି ଆଉ ଅଧିକାରୀ ହୋଇ ରହନ୍ତି ନାହିଁ ଏବଂ ଅଧିକୃତ ମଧ୍ୟ ଆଉ ଅଧିକାରୀଙ୍କୁ ଅଧିକାର କରି ଆଦୌ ରହେ ନାହିଁ; ଏବଂ ସେଇଥିରୁହିଁ ବିଭାଜନ ଓ ବିଚ୍ଛିନ୍ନତା ଆସି ପହଞ୍ଚେ ଓ ଯଥାର୍ଥ ପରମାନନ୍ଦ ଅଜ୍ଞାନରୂପେ ବିକୃତି ଲାଭ କରେ ଏବଂ ସେହି ଅଜ୍ଞାନରୁହିଁ ଯାବତୀୟ ଦୁଃଖର ଜନ୍ମ ହୁଏ । ଏହି "ଅଜ୍ଞାନ", — ଏଠାରେ ଅଜ୍ଞାନ କହିଲେ ଆମେ ତାହାକୁ ତାହାର ସାଧାରଣ ଅର୍ଥରେ ଆଦୌ ବୁଝିବା ନାହିଁ, କାରଣ ଶ୍ରୀଅରବିନ୍ଦ ତାହାକୁ ମହା ଅଚେତନା ବୋଲି କହିଛନ୍ତି : ସେହି ଅଜ୍ଞାନଟି ହେଉଛି ଅନ୍ୟାଟିର କାରଣ । ପ୍ରକୃତ ଅଜ୍ଞାନ ହେଉଛି — ସେହି ଏକତ୍ୱ, ସେହି ମିଳନ ଏବଂ ସେହି ଅଭିନ୍ନତା ବିଷୟରେ ଅଜ୍ଞତା । ଏବଂ ତାହାହିଁ ସକଳ ଦୁଃଖର କାରଣ ।

ଯେଉଁ ଦିନଠାରୁ ଏହି ବିଭାଜନ ଆରମ୍ଭ ହେଲାଣି ଏବଂ ସୃଷ୍ଟି ପରମ ସ୍ରଷ୍ଟାଙ୍କଠାରୁ ଆପଣାର ପ୍ରତ୍ୟକ୍ଷ ସମ୍ପର୍କଟିକୁ ହରାଇ ବସିଲାଣି, ସେହି ଦିନଠାରୁ ଅଜ୍ଞାନହିଁ ରାଜତ୍ୱ କରୁଛି ଏବଂ ତାହାର ପରିଣାମସ୍ୱରୂପହିଁ ଯାବତୀୟ ଦୁଃଖ ଜାତ ହୋଇଛି ।

ଯେଉଁମାନେ ଅନ୍ତର୍ଗତ ଅନୁଭୂତିଟିକୁ ଲାଭ କରି ପାରିଛନ୍ତି, ସେମାନଙ୍କର ସମସ୍ତଙ୍କର ନିଶ୍ଚୟ ଏହି ଅନୁଭବଟି ହୋଇଛି ଯେ ଆମେ ଯେଉଁ ମୁହୂର୍ତ୍ତରେହିଁ ଦିବ୍ୟ ପରମ ଜଣଟି ସହିତ ଆମର ସମ୍ମିଳନଟିକୁ ପୁନଃପ୍ରତିଷ୍ଠିତ କରିପାରୁ, ସେହି ମୁହୂର୍ତ୍ତରୁ ଯାବତୀୟ ଦୁଃଖ ଅନ୍ତର୍ହିତ ହୋଇଯାଏ । ମାତ୍ର, ଏହି କ୍ଷେତ୍ରରେ ଏପରି ଏକ ଦୁରାଗ୍ରହୀ ଗତିଶୀଳତା ମଧ୍ୟ ଘଟିଛି, — ମୁଁ ଗତ ସପ୍ତାହରେ ତୁମମାନଙ୍କୁ ସେହି ବିଷୟରେ କହିଥିଲି, — ଯାହାକି ସୃଷ୍ଟିର ଉତ୍ସସ୍ଥାନରେ ଏହି ଅସଲ ଦିବ୍ୟ ପରମ ଆନନ୍ଦଟିର ପରିବର୍ତ୍ତରେ ବାସନାକୁହିଁ ନେଇ ସ୍ଥାପିତ କରି ଦେଇଥାଏ । ସର୍ଜନା, ଆତ୍ମ-ରୂପାୟଣ ଏବଂ ଆତ୍ମ-ଅଭିବ୍ୟକ୍ତିର ଏହି ଆନନ୍ଦକୁ, — ସାଧକ ଏବଂ ସନ୍ନ୍ୟାସୀମାନଙ୍କର ଏକ ପୂର୍ଣ୍ଣ ପଂକ୍ତି ରହିଛି, ଯେଉଁମାନେ କି ତାହାକୁ ଏକ ଆନନ୍ଦରୂପେ ନୁହେଁ, ମାତ୍ର ଏକ ବାସନା ବୋଲିହିଁ ବିଚାର କରିଛନ୍ତି; ସମଗ୍ର ବୌଦ୍ଧଧର୍ମୀୟ କଳ୍ପନାରେ ଠିକ୍ ଏହି ପ୍ରକାରର

'oaob.nitrkl.ac.in' images reprocessed

କରାଯାଇଛି । ଏବଂ, ଆମ ଲାଗି ଅଭିବ୍ୟକ୍ତି ଏବଂ ସମ୍ଭୂତିର ଅସଲ ଆନନ୍ଦଟିର ପ୍ରତିଷ୍ଠା ଆଣି ଦେଉଥିବା ସେହି ପରମ ଏକାତ୍ମକତା ମଧ୍ୟରେ ସମାଧାନଟି ରହିଛି ବୋଲି ଦେଖିବା ପରିବର୍ତ୍ତେ ସେମାନେ ବିଚାର କରିଥା'ନ୍ତି ଯେ ଜୀବନ ଲାଗି ରହିଥିବା ଯାବତୀୟ ବାସନାକୁ ସମଗ୍ର ଭାବରେ ବର୍ଜନ କରି ଓ ବିଲୁପ୍ତି ମଧ୍ୟକୁ ବାହୁଡ଼ି ଆସିବା ହେଉଛି ପ୍ରକୃତ ଲକ୍ଷ୍ୟ ଓ ପ୍ରକୃତ ପନ୍ଥା ।

ଏହି ବିଚାରଟିର ପଛରେ ଏକ ମୌଳିକ ଭୁଲ୍‌ବୁଝାମଣା ନିହିତ ହୋଇ ରହିଛି । ଏହି କ୍ଷେତ୍ରରେ ଆତ୍ମବିମୋଚନ ଲାଗି ଯେଉଁସବୁ ଉପାୟର ପରାମର୍ଶ ଦିଆଯାଇଛି ସେଗୁଡ଼ିକ ହେଉଛି ବିନାଶଧର୍ମୀ ଉପାୟ ଏବଂ ଏଥିରୁ ଅବଶ୍ୟ ଅନେକ ଉପଯୋଗିତା ସମ୍ଭବ ହୋଇପାରେ; ମାତ୍ର ଏହି କଳ୍ପନାଟିରେ ଜଗତକୁ ମୂଳତଃ ମନ୍ଦ ବୋଲିହିଁ ଗ୍ରହଣ କରାଯାଇଛି, କାରଣ ବାସନାରୁହିଁ ତାହାର ଉତ୍ପତ୍ତି ହୋଇଛି ବୋଲି କୁହାଯାଇଛି; ଏହିପରି ଏକ ଜଗତ ମଧ୍ୟରୁ ଆମକୁ ଯେକୌଣସି ପ୍ରକାରେ ବାହାରି ଚାଲିଯିବାକୁ ହେବ, ଯେତେଶୀଘ୍ର ସମ୍ଭବ ବାହାରି ଚାଲିଯିବାକୁ ହେବ; — ଏହିପରି ଏକ ବିଚାର ଦ୍ୱାରା ମନୁଷ୍ୟଜାତିର ଇତିହାସରେ ଯାବତୀୟ ଆଧ୍ୟାତ୍ମିକ ଜୀବନକୁ ସବୁଠାରୁ ଅଧିକ ପରିମାଣରେ ଓ ସବୁଠାରୁ ଅଧିକ ଗମ୍ଭୀର ଭାବରେ ବିକୃତ କରି ଦିଆଯାଇଛି ।

ସମ୍ଭବତଃ କୌଣସି ନିର୍ଦ୍ଦିଷ୍ଟ ସମୟରେ ଏଥିରୁ ଆମର କିଛି ନା କିଛି ଲାଭ ହୋଇଛି, କାରଣ ପୃଥିବୀର ଇତିହାସରେ ପ୍ରତ୍ୟେକ କଥାରୁ ମଧ୍ୟ ଅବଶ୍ୟ କିଛି ନା କିଛି ଲାଭ ହୋଇଛି; ମାତ୍ର ବର୍ତ୍ତମାନ ସେହି ଲାଭ ସମୟଟି ଅତିବାହିତ ହୋଇଯାଇଛି, ସେଥିରେ ଜୀର୍ଣ୍ଣତା ଆସି ଯାଇଛି ଏବଂ ସେଇଟିକୁ ଅତିକ୍ରମ କରିଯିବାର ଏବଂ ଏକ ଉଚ୍ଚତର ଏବଂ ଅଧିକ ଯଥାର୍ଥ ସତ୍ୟ ମଧ୍ୟକୁ ଲେଉଟି ଆସିବାର ସମୟ ଆସି ପହଞ୍ଚିଛି; ସଭାର ସେହି ପରମ ଆନନ୍ଦ ମଧ୍ୟକୁ ବାହୁଡ଼ି ଯିବାର, ଦିବ୍ୟ ପରମସତ୍ତାଙ୍କ ସହିତ ମିଳିତ ହେବାର ଓ ତାଙ୍କରି ଅଭିବ୍ୟକ୍ତିକୁ ସମ୍ଭବ କରିବାର ସମୟ ଆସି ପହଞ୍ଚିଛି ।

ଅଧ୍ୟାତ୍ମ-କ୍ଷେତ୍ରରେ ଆଗରୁ ଯେତେ ଯାହା ଅଭିବିନ୍ୟାସ ରହି ଆସିଥିଲା, ତାହାରି ସ୍ଥାନାପନ୍ନ ଭାବରେ ବର୍ତ୍ତମାନ ଏକ ନୂତନ ଅଭିବିନ୍ୟାସର ପ୍ରବର୍ତ୍ତନ କରିବାକୁ ପଡ଼ିବ, — ତାହାର ପାର୍ଥିବ ଉପଲବ୍ଧିର କ୍ଷେତ୍ରରେହିଁ ମୁଁ ଏଠାରେ ତାହାକୁ ନୂତନ ବୋଲି କହୁଛି; — ଏବଂ, ସେହି ନୂତନ ଉପଲବ୍ଧିଟି ଲାଗି ବାଟ ଫିଟାଇ ଦେବାକୁ ପଡ଼ିବ, ଯାହାକୁ କି ଆମେ ଏକ ଅତିମାନସ ଉପଲବ୍ଧି ବୋଲି କହିପାରିବା । ସେଇଥିସକାଶେହିଁ ମୁଁ ତୁମମାନଙ୍କୁ ଗତ ସପ୍ତାହରେ କହିଥିଲି ଯେ କେବଳ ପରମ ଆନନ୍ଦ, ସେହି ଯଥାର୍ଥ ଓ ଦିବ୍ୟ ପରମ ଆନନ୍ଦହିଁ ଆମ ଲାଗି ଅସଲ ବିଜୟଟିକୁ ବହନ କରି ଆଣିପାରିବ ।

ସ୍ୱଭାବତଃ, ଏହି ଆନନ୍ଦର ସ୍ୱରୂପଟି ସମ୍ବନ୍ଧରେ ଆଦୌ କୌଣସି ପ୍ରକାରେ

'oaob.nitrkl.ac.in' images reprocessed

ଭ୍ରମ ବା ସଂଶୟ ରହିବା ଉଚିତ ନୁହେଁ । ଏବଂ, ସେହି କାରଣରୁହିଁ ଶ୍ରୀଅରବିନ୍ଦ ଆମକୁ ମୂଳରୁହିଁ ସାବଧାନ କରି ଦେଉଛନ୍ତି, ସେ ଆମକୁ କହୁଛନ୍ତି ଯେ ଯାବତୀୟ ଉପଭୋଗର ବାଡ଼ ଭିତରୁ ବାହାରି ଯାଇପାରିଲେହିଁ ଆମେ ଯଥାର୍ଥ ଆନନ୍ଦର କ୍ଷେତ୍ରରେ ପ୍ରବେଶ କରିପାରିବା । ଏହି ଆନନ୍ଦର ଅଭିବ୍ୟକ୍ତିରୁ ଯେଉଁ ଅବସ୍ଥାଟି ପ୍ରାପ୍ତ ହୁଏ, ଆମେ ତାହାକୁହିଁ ଯଥାର୍ଥ ଆନନ୍ଦର ଅବସ୍ଥା ବୋଲି କହିବା । ମାତ୍ର ଆମେ ସାଧାରଣ ଅର୍ଥରେ ଯାହାକୁ ଖୁସୀ ଏବଂ ସୁଖ ବୋଲି କହିଥାଉ, ଏହି ଆନନ୍ଦ ହେଉଛି ତାହାର ସଂପୂର୍ଣ୍ଣ ବିପରୀତ; ଏବଂ ଅସଲ ଆନନ୍ଦଟିକୁ ଲାଭ କରିବାକୁ ହେଲେ ଆମକୁ ସଂପୂର୍ଣ୍ଣ ଭାବରେ ସେଗୁଡ଼ିକର ବର୍ଜନ କରିବାକୁ ହେବ ।

(ଜଣେ ପିଲାକୁ) ତୁମେ କିଛି ପଚାରିବ କି ?

*ହଁ, ପଚାରିବି; ମାତ୍ର ଏପର୍ଯ୍ୟନ୍ତ ଆମେ ସେଯାଏ ଆସି ନାହୁଁ ।*

ତୁମେ କ'ଣ ପଚାରିବ ବୋଲି ଭାବିଛ ?

*ମୁଁ ଈଶ୍ୱର ଏବଂ ପ୍ରକୃତି ବିଷୟରେ ପଚାରିବି ।*

ଆଚ୍ଛା ?

*"ସେମାନଙ୍କ ଉପରେ ଆଖି ପଡ଼ିଯିବା ମାତ୍ରକେ"* 'ଈଶ୍ୱର' ଏବଂ 'ପ୍ରକୃତି' "ପରସ୍ପରଠାରୁ ଏପରି ଦଉଡ଼ି ପଳାଇ ଯାଆନ୍ତି କାହିଁକି ?"*

ସେମାନେ ଖେଳିବା ଲାଗି ଏପରି କରନ୍ତି । "ସେମାନେ ପରସ୍ପର ସହିତ ଖେଳୁଥାନ୍ତି" ବୋଲି ସେ କହିଛନ୍ତି । ଖେଳରେ ଏପରି ହୁଏ ।

---

*"ଈଶ୍ୱର ଓ ପ୍ରକୃତି ସତେଅବା ଗୋଟିଏ ପୁଅ ଓ ଝିଅ, ଯେଉଁମାନେ କି ପରସ୍ପର ସହିତ ଖେଳୁଥାନ୍ତି ଓ ପରସ୍ପରକୁ ଭଲ ପାଉଥାନ୍ତି । ସେମାନଙ୍କ ଉପରେ ଆଖି ପଡ଼ିଯିବା ମାତ୍ରକେ ସେମାନେ ଛୁଟି ପରସ୍ପର ପାଖରୁ ଦଉଡ଼ି ପଳାନ୍ତି, ଯେପରିକି ସେମାନଙ୍କୁ ଖୋଜି, ସେମାନଙ୍କ ପଛରେ ଦଉଡ଼ି ସେମାନଙ୍କୁ ଧରାଯାଇ ପାରିବ ।"

— ବିଚାର ଓ ଟିକାଭାସ (ଇଂ), ପୃଷ୍ଠା-୩୮୨

*(ଜଣେ ତରୁଣ ସାଧକ) ମାଆ, ଏହା ଗୋଟିଏ ଖେଳ ବୋଲି ପ୍ରକୃତି ଜାଣିଥାଏ କି ? ଈଶ୍ୱର ଜାଣିଥା'ନ୍ତି, ମାତ୍ର ପ୍ରକୃତି ଜାଣିଥାଏ କି ?*

ମୁଁ ଭାବୁଛି ପ୍ରକୃତି ବି ଜାଣିଥାଏ, କେବଳ ମଣିଷହିଁ ଜାଣି ନ ଥାଏ ।

*(ଆଉଜଣେ ପିଲା) ମାଆ, ପ୍ରକୃତି ପୁଣି ଲୁଚି ପାରିବ କେଉଁଠି ?*

ପ୍ରକୃତି କେଉଁଠି ଲୁଚି ପାରିବ ? ପ୍ରକୃତି ଅଚେତନା ଭିତରକୁ ଯାଇ ସେଇଠି ଲୁଚେ । ସେହି ଅଚେତନା ହେଉଛି ସର୍ବବୃହତ୍ ଲୁଚିବା ସ୍ଥାନ । ହଁ, ଈଶ୍ୱର ବି ସେଇ ଅଚେତନା ମଧ୍ୟରେ ଯାଇ ଲୁଚନ୍ତି ।

ଯେତେବେଳେ ଜଣେ ଏହାକୁ ଏକ ଖେଳ ବୋଲି ଜାଣେ ଏବଂ ଖୁସୀରେ ସେହି ଖେଳଟିକୁ ଖେଳେ, ତେବେ ସମ୍ଭବତଃ ସେଥିରୁ ବେଶ୍ ଆମୋଦ ମିଳିଥାଏ । ମାତ୍ର ଏଇଟା ଗୋଟାଏ ଖେଳ ବୋଲି ଯେତେବେଳେ ଜଣା ନ ଥାଏ, ସେତେବେଳେ ଆଉ ସେଥିରୁ କୌଣସି ଆମୋଦ ମିଳେ ନାହିଁ । ତୁମେ ବେଶ୍ ବୁଝିପାରୁଥିବ ଯେ ଯେତେବେଳେ ଜଣେ ଅନ୍ୟ ପାଖଟିରେ ରହିଥାଏ, ଅର୍ଥାତ୍ ଦିବ୍ୟ ପାଖଟିରେ ରହିଥାଏ, ସେତେବେଳେ ଯାଇ ଜଣେ ଏହାକୁ ଏହିପରି ଭାବରେ ପ୍ରତ୍ୟକ୍ଷ କରିପାରେ । ଅର୍ଥାତ୍, ଆମେ ଯେତେବେଳ ଯାଏ ଅଜ୍ଞାନ ମଧ୍ୟରେ ରହିଥାଉ, ସେତେବେଳେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯାହା ଆମକୁ ଆମୋଦ ଦେବା ଉଚିତ, ପ୍ରସନ୍ନ ରଖିବା ଉଚିତ, ଆମେ ଠିକ୍ ସେଇଥିରୁହିଁ ଦୁଃଖ ଭୋଗ କରିଥାଉ । ସାରତଃ ଏଥିରୁ ଏହି ସିଦ୍ଧାନ୍ତରେ ଆସି ଉପନୀତ ହୋଇ ହେବ : ଯେତେବେଳେ ଆମେ ଇଚ୍ଛାକୃତ ଭାବରେ କିଛି କରୁ, କ'ଣ କରୁଛୁ ସେହି କଥାଟିକୁ ଭଲ ଭାବରେ ଜାଣିଥାଉ, ସେତେବେଳେ ତାହା ଭାରି ଆଗ୍ରହୋଦ୍ଦୀପକ ହୁଏ, ଏପରିକି ଭାରି ଆମୋଦଦାୟକ ବି ହୋଇଥାଏ । ମାତ୍ର ଯେତେବେଳେ ଆମେ ଜାଣିଶୁଣି କିଛି ନ କରୁଥାଉ, କ'ଣ କରୁଛୁ, ସେହି ବିଷୟରେ କିଛି ବୁଝି ନ ଥାଉ, ଯେତେବେଳେ ଆମ ଉପରେ ବାହାରୁ ଆଣି କୌଣସି କଥାକୁ ଲଦି ଦିଆ ଯାଉଥାଏ ଓ ଆମକୁ ତାହା ବାଧ୍ୟ ହୋଇ ସହିବାକୁ ପଡୁଥାଏ, ସେତେବେଳେ ସେଥିରୁ ଆଦୌ କୌଣସି ଆମୋଦ ମିଳେ ନାହିଁ । ତେଣୁ ଏହି କ୍ଷେତ୍ରରେ ସର୍ବଦା ଏହି ସମାଧାନଟି ଦିଆ ଯାଇଥାଏ : ତୁମକୁ ଶିଖିବାକୁ ହେବ, ଜାଣିବାକୁ ହେବ, ଇଚ୍ଛାକୃତ ଭାବରେ କୌଣସି କାର୍ଯ୍ୟ କରିବାକୁ ହେବ । ମାତ୍ର, ଏହି ବିଷୟରେ ତୁମମାନଙ୍କୁ ମୋର ଯଥାର୍ଥ ଭାବନା କହିବାକୁ ଯାଇ ମୁଁ କହିବି ଯେ, ମୁଁ ଭାବୁଛି ଏହି କ୍ଷେତ୍ରରେ ଖେଳଟିକୁ

'oaob.nitrkl.ac.in' images reprocessed

ବଦଳାଇ ଦେଇ ପାରିଲେ ଯାଇ ତାହା ଅଧିକ ଭଲ ହେବ । ... ଯେତେବେଳେ ଜଣେ ସେହି ସ୍ଥିତିରେ ରହିଥିବ, ସେତେବେଳେ ଜଣେ ହସି ଦେଇ ପାରିବ, ବୁଝିପାରିବ ଓ ଏପରିକି ଆମୋଦ ବି ଲାଭ କରିପାରିବ; ମାତ୍ର ସିଏ ଯେତେବେଳେ ଦେଖିବାକୁ ସମର୍ଥ ହେବ, ଯେଉଁମାନେ କ'ଣ ଖେଳୁଛନ୍ତି ନ ଜାଣି ଖେଳଟିକୁ ଭାରି ଗମ୍ଭୀର ଭାବରେ ଗ୍ରହଣ କରି ନେଇଥିବେ ଓ ତାହାକୁ ଅଧିକତର ପରିମାଣରେ ହୁଏତ ଅପ୍ରୀତିକର ବୋଲି ଅନୁଭବ କରୁଥିବେ, ଯେତେବେଳେ ସିଏ ସେମାନଙ୍କ ବିଷୟରେ ସଚେତନ ହୋଇ ପାରିବ, ସେତେବେଳେ ମୁଁ ଭାବୁଛି, ସେହି ଖେଳଟି ବଦଳାଇ ଦେଲେ ଯାଇ ତାହା ହୁଏତ ଅଧିକ ଯୁକ୍ତିଯୁକ୍ତ ହେବ । ଏଇଟା ହେଉଛି ସଂପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ମତ ।

ଏହି କଥାଟିକୁ ମୁଁ ଖୁବ୍ ଭଲଭାବରେ ଜାଣିଛି : ଯେଉଁ ମୁହୂର୍ତ୍ତରେ ଜଣେ ଅନ୍ୟ ପାଖଟିକୁ ଚାଲିଯାଇ ପାରିବ, ... ଅର୍ଥାତ୍ ତଳେ ପଡ଼ିରହି ସବୁକିଛି ସହିବାକୁ ବାଧ୍ୟ ନ ହୋଇ ଯେତେବେଳେ ସେ ଉପରକୁ ଚାଲିଯିବ, ଯେତେବେଳେ ସେ କେବଳ ଅବଲୋକନ କରୁ ନ ଥିବ, ମାତ୍ର ସ୍ୱୟଂ କ୍ରିୟା କରିପାରିବ, ସେତେବେଳେ ତଦ୍ୱାରା ଏପରି ଏକ ସମଗ୍ର ଉତ୍କ୍ରାନ୍ତି ସମ୍ଭବ ହେବ ଯେ, ଯେତେବେଳେ ତାକୁ ଆପଣାର ପିଠି ଉପରେ ଏହି ଅଚେତନା ଓ ଏହି ଅଜ୍ଞାନର ସମୁଦାୟ ବୋଝଟିକୁ ବୋହିବାକୁ ପଡୁଥିଲା, ସେହି ସ୍ଥିତିଟିକୁ ମନେ ପକାଇବା ମଧ୍ୟ ତା' ଲାଗି ପ୍ରକୃତରେ ଭାରି କଷ୍ଟକର ହେବ । ସିଏ ସେଗୁଡ଼ାକୁ କାହିଁକି ସହୁଛି, କିପରି ସହୁଛି, ସିଏ ପ୍ରକୃତରେ କୁଆଡ଼େ ଯାଉଛି ଓ କାହିଁକି ସବୁକଥା ଏପରି ଭାବରେ ଘଟୁଛି, ଏବିଷୟରେ ଆଦୌ କିଛିହେଲେ ଜାଣି ନ ଥିବାର ପୂର୍ବ ସ୍ଥିତିଟିକୁ ସେ ମୋଟେ ସହଜରେ ମନେ ପକାଇ ପାରିବ ନାହିଁ । ସେସବୁ କଥା ତା'ର କୁଆଡ଼େ ଭୁଲି ହୋଇଯିବ । ଏବଂ ସେତିକିବେଳେ ଯାଇ ସିଏ ଏହାକୁ "ଏକ ଶାଶ୍ୱତ ଉଦ୍ୟାନ ମଧ୍ୟରେ ଏକ ଶାଶ୍ୱତ କ୍ରୀଡ଼ା" ବୋଲି କହିପାରିବ । ମାତ୍ର ଖେଳଟି ଯେପରି ପ୍ରକୃତରେ ଏକ ଆମୋଦଦାୟକ ଖେଳ ହୋଇପାରିବ, ସେଥିଲାଗି ଖେଳୁଥିବା ସମସ୍ତଙ୍କର ଖେଳର ନିୟମଗୁଡ଼ିକ ଜାଣି ଖେଳି ପାରୁଥିବା ଆବଶ୍ୟକ ହେବ; ଯେତେବେଳ ଯାଏ ଖେଳର ନିୟମମାନ ଜଣା ନ ଥିବ, ସେତେବେଳ ଯାଏ ଖେଳଟିରୁ କେବେହେଲେ କୌଣସି ରସ ମିଳିବ ନାହିଁ । ତେଣୁ ତୁମକୁ ଏଥର ଠିକ୍ ଏହି ସମାଧାନଟି ମିଳିବ : "ଖେଳିବାକୁ ହେଲେ ତୁମକୁ ଖେଳିବାର ନିୟମଗୁଡ଼ିକୁ ଜାଣିବାକୁ ପଡ଼ିବ" । ... ମାତ୍ର ଏହି କଥାଟି ସମସ୍ତଙ୍କ ଦ୍ୱାରା ଆଦୌ ସମ୍ଭବ ହୋଇପାରେ ନାହିଁ ।

ମୋର ଧାରଣା ହେଉଛି ଯେ, ପ୍ରକୃତରେ ଏକ ଭାରି ବଡ଼ ଧାରଣା ହେଉଛି ଯେ ଏହି କ୍ଷେତ୍ରରେ ଜଣେ ଜୋକର୍ ଆସି କୁଆଡ଼ୁ ପହଞ୍ଚିଗଲା, ସିଧା ଥଟ୍ଟା କରିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କଲା ଏବଂ ଖେଳଟିକୁ ଏକାବେଳେକେ ନଷ୍ଟ କରିଦେଲା; ତାହାକୁ ସିଏ ଏକ ନାଟକୀୟ ବ୍ୟାପାରରେ ପରିଣତ କରି ପକାଇଲା । ସେଇ ଜୋକର୍‌ଟାହିଁ ବାସ୍ତବିକ ସେହି କ୍ଷେତ୍ରରେ ଘଟିଥିବା ବିଭାଜନ ଓ ସେଥିରୁ ଉପୁଜିଥିବା ଅଜ୍ଞାନ ଏବଂ ତଜ୍ଜନିତ ଦୁଃଖର ମଧ୍ୟ କାରଣ ହେଲା । ଯାବତୀୟ ଆଧ୍ୟାତ୍ମିକ ପରମ୍ପରା ସତ୍ତ୍ୱେ ବସ୍ତୁତଃ ଏହି କଥାଟିକୁ କଳ୍ପନା କରିବା ଭାରି କଷ୍ଟକର ହେଉଛି ଯେ ସୃଷ୍ଟିର ପ୍ରାରମ୍ଭ କାଳରେ କେହି ଏହି ବିଭାଜନ, ଅଜ୍ଞାନତା ଏବଂ ଦୁଃଖ ଘଟିବ ବୋଲି ଜାଣି ପାରିଥିଲା ! ଏଗୁଡ଼ିକ ଘଟିବ ବୋଲି ଆଗରୁ କେହି ପ୍ରକୃତରେ ଦେଖି ପାରିଥିବ ବୋଲି ଭାବିବାକୁ ସବୁକିଛି ସତ୍ତ୍ୱେ ଆଦୌ ମନେହୁଏ ନାହିଁ । ବସ୍ତୁତଃ, ଏଥିରେ ବିଶ୍ୱାସ କରିବାକୁ ମୁଁ କଦାପି ସମ୍ମତ ହୋଇପାରୁ ନାହିଁ । ତାହାକୁ ମୁଁ ଆକସ୍ମିକ ବୋଲି କହୁଛି, – ତାହାକୁ ଏକ ଭୟଙ୍କର ଆକସ୍ମିକତା ବୋଲି କହୁଛି; ମାତ୍ର ତଥାପି, ମନୁଷ୍ୟର ଚେତନା ଲାଗି ତାହାକୁ ବିଶେଷ ଭାବରେ ଭୟଙ୍କର ବୋଲି କହିବାକୁ ହେବ । ବିଶ୍ୱଚେତନା ଲାଗି ତାହାକୁ ହୁଏତ କେବଳ ଏକ ପରିମାର୍ଜନୀୟ ଆକସ୍ମିକ ଦୁର୍ଘଟଣା ବୋଲି କୁହାଯାଇ ପାରିବ । ଏବଂ ତଥାପି, ଯେତେବେଳେ ସେଇଟିକୁ ପୁଣି ସଜାଡ଼ି ଦିଆଯାଇ ପାରିବ, ସେତେବେଳେ ଆମେ ତାହାକୁ ସ୍ମରଣ ମଧ୍ୟ କରିପାରିବା ଏବଂ "ଏହା ଆମକୁ ଏପରି ଏକ କଥାଟିଏ ଆଣି ଦେଇପାରିଲା, ଯାହାକୁ କି ଆମେ ଅନ୍ୟ କୌଣସି ପ୍ରକାରେ ପାଇପାରି ନ ଥାନ୍ତୁ" ବୋଲି କହିବା । କିନ୍ତୁ ଏହା ଠିକ୍ ଭାବେ ସଜଡ଼ା ହେବା ପର୍ଯ୍ୟନ୍ତ ଆମକୁ ପ୍ରଥମେ ଅପେକ୍ଷା କରିବାକୁ ହେବ ।

ଏହିସବୁ ଘଟଣା ବିଷୟରେ ଆଗରୁ ଅବଗତି ରହିଥାଏ ଓ ଏସବୁ ଅଭିପ୍ରେତ ହୋଇଥାଏ ବୋଲି କହୁଥିବା ଲୋକମାନେ ପ୍ରକୃତରେ କେଉଁଠି ଅଛନ୍ତି କି ନାହିଁ, ମୋତେ ସେକଥା ଜଣା ନାହିଁ; ମାତ୍ର ମୁଁ ତୁମମାନଙ୍କୁ କହୁଛି ଯେ ଏଗୁଡ଼ିକ କଦାପି ପୂର୍ବଜ୍ଞାତ କିମ୍ବା ଅଭିପ୍ରେତ ହୋଇ ରହି ନ ଥାଏ; ଏବଂ ଠିକ୍ ସେହି କାରଣରୁହିଁ ଏସବୁ ଯେତେବେଳେ ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ଘଟିଲା, ସେତେବେଳେ ତାହାରି ସହିତ ଆଉ ଏକ ବସ୍ତୁ ମଧ୍ୟ ପରମ ଉତ୍ସମୂଳରୁ ଉଦ୍‌ଭୂତ ହୋଇ ଆସିଲା ଏବଂ ଉକ୍ତ ଆକସ୍ମିକ ଘଟଣାଟି ଘଟି ନ ଥିଲେ ହୁଏତ ଏଇଟି ମଧ୍ୟ କଦାପି ପ୍ରକଟ ହୋଇପାରି ନ ଥା'ନ୍ତା । ଯଦି ପରମ ଆନନ୍ଦ ପରମ ଆନନ୍ଦହିଁ ହୋଇ ରହିଥା'ନ୍ତା, ଯଦି ପରମ ଆନନ୍ଦ ରୂପେହିଁ ତା'ର କଳ୍ପନା କରା ଯାଉଥାନ୍ତା ଏବଂ ଯଦି ବିଭାଜନର ପରିବର୍ତ୍ତରେ ସବୁକିଛି ସେହି ପରମ ଆନନ୍ଦ ଏବଂ ପରମ ସମ୍ମିଳନ ମଧ୍ୟରେହିଁ ସଂଘଟିତ ହେଉଥାନ୍ତା, ତେବେ ପରମ ପ୍ରେମର ରୂପ ଧାରଣ କରି ଅଚେତନା ମଧ୍ୟରେ ପ୍ରବେଶ କରିବା ଲାଗି ଦିବ୍ୟ ପରମ ଚେତନା ଲାଗି ଆଉ ଆଦୌ କୌଣସି ପ୍ରୟୋଜନହିଁ ରହି ନ ଥା'ନ୍ତା । ତେଣୁ, ଯେତେବେଳେ ଆମେ ବହୁଦୂରରୁ

'oaob.nitrkl.ac.in' images reprocessed

ଏବଂ ଅନେକ ଉପରୁ ତାହାକୁ ଅବଲୋକନ କରୁ, ଆମେ ସେତେବେଳେ "ଯାହାହେଉ, ଏଥିରୁ ମୋର ନିଶ୍ଚୟ କିଛି ଲାଭ ହୋଇଛି" ବୋଲି କହିଥାଉ । ମାତ୍ର, ସେହି କଥାଟିକୁ କହି ପାରିବାକୁ ହେଲେ ଆମକୁ ତାହାକୁ ବହୁ ଦୂରରୁ ଦେଖି ପାରିବାକୁ ହେବ, ଅନେକ ଉଚ୍ଚରୁ ମଧ୍ୟ ଦେଖି ପାରିବାକୁ ହେବ । ଅଥବା, ବରଂ ଏପରି କୁହାଯାଇ ପାରିବ ଯେ, ଯେତେବେଳେ ଏହା ଅନେକ ପଛରେ ପଡ଼ି ରହିବ, ଯେତେବେଳେ ଆମେ ଏହି ସ୍ଥିତିଟିକୁ ଅତିକ୍ରମ କରି ଆହୁରି ଅନେକ ଆଗକୁ ଚାଲିଯିବା ଓ ସେହି ପରମ ସମ୍ମେଳନ ଏବଂ ପରମ ଆନନ୍ଦ ମଧ୍ୟରେ ପ୍ରବେଶ କରିବା, ଯେତେବେଳେ ବିଭାଜନ, ଅଚେତନା ଓ ଦୁଃଖଭୋଗ ସବୁକିଛି ଅନ୍ତର୍ହିତ ହୋଇ ଯାଇଥିବ, ସେତେବେଳେ ଆମେ ଅତ୍ୟନ୍ତ ବିଜ୍ଞତାର ସହିତ ନିଶ୍ଚୟ ଏପରି କହିପାରିବା : "ହଁ, ଆମେ ପ୍ରକୃତରେ ଏପରି ଗୋଟିଏ ଅନୁଭୂତି ଲାଭ କଲୁ, ଯାହାକୁ କି ଆମେ ଅନ୍ୟ ପ୍ରକାରେ କଦାପି ଲାଭ କରିପାରି ନ ଥାନ୍ତୁ ।" ମାତ୍ର ଅଭିଜ୍ଞତାଟି ସେତେବେଳେ ପ୍ରକୃତରେ ପଛରେ ରହି ଯାଇଥିବା ଉଚିତ, ଆମେ ଠିକ୍ ସେହି ଅନୁଭୂତିଟିକୁ ଲାଭ କରିବାର ମଝିରେ ରହିଥିବା, ଏପରି ହେବା ଉଚିତ ନୁହେଁ । କାରଣ, – ମୁଁ ଏକଥାଟିକୁ ଭଲକରି ଜାଣିଛି, ଯେଉଁ ବ୍ୟକ୍ତି ଏହି ସ୍ଥିତିଟି ମଧ୍ୟରୁ ବାହାରକୁ ବାହାରି ଆସି ପାରିଛି, ଯିଏ ପରମ ଏକତ୍ୱର ଚେତନା ମଧ୍ୟରେ ବାସ କରୁଛି, ଯାହା ଲାଗି ଅଜ୍ଞାନ ଏକ ବାହ୍ୟ ବସ୍ତୁରେ ପରିଣତ ହୋଇ ସାରିଲାଣି, ସେହି ଅଜ୍ଞାନ ତା' ଭିତରେ କୌଣସି ପ୍ରକାରେ ଅନ୍ତରଙ୍ଗ ହୋଇ ରହି ନାହିଁ ଏବଂ ତାକୁ କୌଣସି ପ୍ରକାରେ କଷ୍ଟ ଦେଉ ନାହିଁ, ସେହିପରି ଜଣେ ବ୍ୟକ୍ତିର କ୍ଷେତ୍ରରେ ମଧ୍ୟ, ଯେଉଁ ଅନ୍ୟ ବ୍ୟକ୍ତିମାନେ ସେଗୁଡ଼ିକ ମଧ୍ୟରୁ ବାହାରି ଆସିପାରି ନାହାନ୍ତି, ସେମାନଙ୍କର ଦୁଃଖଭୋଗକୁ ଉପେକ୍ଷାର ଦୃଷ୍ଟିରେ ଅବଲୋକନ କରିପାରିବା ତା' ଲାଗି ଆଦୌ ସମ୍ଭବ ହୋଇପାରେ ନାହିଁ । ସେହି କଥାଟି ମୋତେ ପ୍ରକୃତରେ ଅସମ୍ଭବ ବୋଲି ଲାଗୁଛି । ସେହି କାରଣରୁ, ଏକଥାଟି ପ୍ରକୃତରେ ଆବଶ୍ୟକ ଯେ ପୃଥିବୀର ଯାବତୀୟ ବସ୍ତୁସ୍ଥିତିରେ ମଧ୍ୟ ଏକ ପରିବର୍ତ୍ତନ ସଂଘଟିତ ହେବା ଉଚିତ ଏବଂ ଅନେକ ରୁଗ୍ଣତାର ଏହି ଉତ୍କଟ ଅବସ୍ଥାଟି ମଧ୍ୟ ଅନ୍ତର୍ହିତ ହୋଇଯିବା ଉଚିତ; ଯେପରିକି ଆମେ ସେତେବେଳେ କହିପାରିବା, "ଓହୋ, ଆମେ ଏହା ଦ୍ୱାରା ପ୍ରକୃତରେ ଉପକୃତ ହୋଇପାରିଲୁ ।" ଏହି କ୍ଷେତ୍ରରେ ନିଶ୍ଚୟ ଯେ କିଛି ଲାଭ ମିଳିଛି, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ଏହାକୁ ନିଶ୍ଚୟ ଏକ ମହାର୍ଘ ଲାଭ ବୋଲିହିଁ କୁହାଯିବ ।

ଏବଂ ସେହି କାରଣରୁହିଁ, ମୁଁ ଭାବୁଛି ଯେ, ଏତେବେଶୀ ସଂଖ୍ୟକ ସାଧକ ଏବଂ ସାଧୁ ନିର୍ବାଣର ସମାଧାନଟି ଦ୍ୱାରା ଅତ୍ୟନ୍ତ ଆକୃଷ୍ଟ ହୋଇ ପଡ଼ିଛନ୍ତି, କାରଣ ସେମାନେ ନିଶ୍ଚିତ ଭାବରେ ଏହାକୁହିଁ ଏକ ଅଜ୍ଞାନମୟ ଜଗତ୍-ରୂପାୟଣର ଯାବତୀୟ

'oaob.nitrkl.ac.in' images reprocessed

ପରିଣାମ-ଭୋଗର ପାଶ ଭିତରୁ ମୁକୁଳି ଯାଇପାରିବାର ଏକ ଅତ୍ୟନ୍ତ ମୂଳଭୂତ ସିଦ୍ଧାନ୍ତରୂପେ ପ୍ରତ୍ୟକ୍ଷ କରିଛନ୍ତି ।

ଏହି ଜଗତ୍-ରୂପାୟଣକୁ ଏକ ଯଥାର୍ଥ, ଯଥାର୍ଥରେ ଦିବ୍ୟ ବାସ୍ତବସ୍ଥିତି ରୂପେ ପରିବର୍ତ୍ତନ କରିଦେବାର ଯେଉଁ କେବଳ ସମାଧାନଟି ରହିଛି, ସେଇଟି ହେଉଛି ଅନେକ ଅଧିକ ଉପାଦେୟ ଏବଂ ଉଚ୍ଚତରୀୟ ସମାଧାନ । ଏବଂ ଆମେ ବର୍ତ୍ତମାନ ସେହି ସମାଧାନଟିର ପ୍ରୟାସ କରିବା ଲାଗି ଇଚ୍ଛା କରୁଛୁ, ଆମେ ଯେ ଦିନେ ନା ଦିନେ ସଫଳତା ଲାଭ କରିବୁ, ସେହିପରି ଏକ ସୁନିଶ୍ଚୟ ଦୃଢ଼ ବିଶ୍ୱାସ ରଖି ଆମେ ପ୍ରୟାସଟିକୁ କରିବା ଲାଗି ଇଚ୍ଛା କରୁଛୁ; କାରଣ ସବୁକିଛି ସତ୍ତ୍ୱେ, ଆମେ ଯାହାକିଛି କହୁଥାଉ ପଛକେ, ଯାହା ମର୍ମତଃ ଏକ ସତ୍ୟ ହୋଇ ରହିଛି, ତାହାକୁ ଦିନେ ନା ଦିନେ ରୂପାୟଣରେ ମଧ୍ୟ ଏକ ସତ୍ୟରୂପେ ପ୍ରକଟ ହୋଇ ରହିବାକୁ ପଡ଼ିବ । ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ, ଏହି ମାର୍ଗରେ ଆମେ ପ୍ରଥମ ପଦକ୍ଷେପଟିକୁ ଗ୍ରହଣ କରିଛୁ ଏବଂ ସେହି କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବା ଲାଗି ବର୍ତ୍ତମାନ ସମୟ ଆସି ପହଞ୍ଚିଛି । ତେଣୁ ବର୍ତ୍ତମାନ କାର୍ଯ୍ୟଟିକୁ ଆରମ୍ଭହିଁ କରିଦେବାକୁ ହେବ । ବାସ୍, ସେତିକି ।

ତେବେ, ତୁମ ପ୍ରଶ୍ନର ଉତ୍ତର ପାଇଲ ତ ? (ଲୁଚକାଳି ଖେଳ ବିଷୟରେ ପ୍ରଶ୍ନ ପଚାରିଥିବା ପିଲାଟିକୁ ଉଦ୍ଦେଶ୍ୟ କରି) ତୁମେ ଏହି କଥାହିଁ ଜାଣିବାକୁ ଇଚ୍ଛା କରିଥିଲ ନା ?

*ପ୍ରକୃତରେ ତୁମେ ଜାଣିବାକୁ ଚାହୁଁଥିଲ : ଏହି ପ୍ରତିରୂପଟି ଏଠାରେ କାହିଁକି ବ୍ୟବହାର କରାଯାଇଛି ?*

*ହଁ ।*

ଆମେ କଥାଟିକୁ ଓଲଟାଇ ଦେଇ ବି ବୁଝିବାକୁ ଚେଷ୍ଟା କରିପାରିବା । ବିଶ୍ୱଜଗତ ଏହିପରି ଅବସ୍ଥାରେ ରହିଛି, ଅର୍ଥାତ୍, ଦିବ୍ୟ ପରମସତ୍ତା ଓ ମଣିଷ ଏହିପରି ହୋଇ ରହିଛନ୍ତି ଓ ଏହିପରି ଦେଖା ଯାଉଛନ୍ତି ବୋଲି କହିବା ପରିବର୍ତ୍ତେ ଆମେ ବରଂ ଏପରି କହିବା ଯେ, ଆହାରକୁ ଯାହା ଦେଖାଯାଉଛି, ବର୍ତ୍ତମାନ ଦିବ୍ୟ ପରମସତ୍ତା ଏବଂ ମନୁଷ୍ୟ ଭିତରେ ପ୍ରକୃତରେ ଯେଉଁ ସମ୍ପର୍କ ରହିଛି, ଏଇଟି ହେଉଛି ସମ୍ଭବତଃ ତାହାର ଏକ ବହିରଙ୍ଗ ଓ ଉପରିଭାଗୀୟ ପରିପ୍ରକାଶ ମାତ୍ର ।

ବସ୍ତୁତଃ, ଏଭଳି କହିବାର ପ୍ରକୃତରେ ଏହି ଅର୍ଥ ହେବ ଯେ ଖେଳୁଥିବା ସମୟରେ ଆମେ ଗମ୍ଭୀର ରହିଥିବା ସମୟଟିର ତୁଳନାରେ ଅଧିକ ଦିବ୍ୟତାଯୁକ୍ତ ହୋଇ

'oaob.nitrkl.ac.in' images reprocessed

ରହିଥାଉ । (ମାଆ ହସିକରି କହୁଥା'ନ୍ତି) ମାତ୍ର ସବୁବେଳେ ଏହିପରି କହିବା ଆଦୌ ଭଲ ନୁହେଁ । ସମ୍ଭବତଃ ଏକଥା ସତ ଯେ ପଣ୍ଡିତର ପାଣ୍ଡିତ୍ୟ ଏବଂ ବୈରାଗୀର ବୈରାଗ୍ୟ ଅପେକ୍ଷା ପିଲାମାନଙ୍କର ସ୍ୱତଃସ୍ଫୂର୍ତ୍ତ ଖେଳରେ ଅଧିକ ଦିବ୍ୟତା ଯୁକ୍ତହୋଇ ରହିଥାଏ । ମୁଁ ସବୁବେଳେ ଏହିପରି ବିଚାର କରିଆସିଛି । କେବଳ ଏତିକି ମନେ ରଖିବାକୁ ହେବ ଯେ, (ମାଆ ହସିକରି କହୁଥା'ନ୍ତି) ଏହି ଦିବ୍ୟତା ଆପଣା ବିଷୟରେ ବେଶ୍ ଅଚେତନ ହୋଇ ରହିଥାଏ ।

ମୋ ନିଜ ବିଷୟରେ କହିବାକୁ ଗଲେ, ମୋତେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଯେତେବେଳେ ମୁଁ ଖୁସୀ ଥାଏ ଓ ଯେତେବେଳେ ମୁଁ ଖେଳୁଥାଏ, ସେତେବେଳେ ମୋ ଅନୁଭବଟି ଅନୁସାରେ ମୁଁ ଅଧିକ ପରିମାଣରେ ନିଜସ୍ୱ ଓ ମୌଳିକ ହୋଇ ରହିଥାଏ; ଯେତେବେଳେ ଭାରି ଗମ୍ଭୀର ଓ ଭାରି ଚିନ୍ତାମଗ୍ନ ହୋଇ ରହିଥାଏ, ତା'ଅପେକ୍ଷା ଖୁସୀ ଥିଲାବେଳେ ଓ ଖେଳୁଥିବା ସମୟରେ ମୁଁ ଅନେକ ଅଧିକ ପରିମାଣରେ ଅଧିକ ଯଥାର୍ଥ ଭାବରେ ନିଜସ୍ୱ ଜୀବନଟିକୁ ବଞ୍ଚୁଥିବାର ଅନୁଭବ କରୁଥାଏ । ଯେତେବେଳେ ଗମ୍ଭୀର ଓ ଚିନ୍ତାମଗ୍ନ ହୋଇ ରହିଥାଏ, ସେତେବେଳେ ସର୍ବଦା ମନେ ହେଉଥାଏ, ମୁଁ ସତେ ଯେପରି ଏହି ସମୁଦାୟ ସୃଷ୍ଟିଟିର ବୋଝଟିକୁ ଆପଣା ଉପରେ ବହନ କରି ଟାଣିବାରେ ଲାଗିଛି, ସେହି ଭାରୀ ଏବଂ ବଡ଼ ଅବସ୍ଥ ବୋଝଟିକୁହିଁ ଟାଣିବାରେ ଲାଗିଛି । ମାତ୍ର ଯେତେବେଳେ ମୁଁ ଖେଳୁଥାଏ, ଯେତେବେଳେ ମୁଁ ହସିପାରେ, ଆପଣାକୁ ଉପଭୋଗ କରିପାରେ, ସେତେବେଳେ ମୁଁ ଅନୁଭବ କରୁଥାଏ, ସତେଯେପରି ଉର୍ଦ୍ଧ୍ୱରୁ କୌଣସି ଆନନ୍ଦରଙ୍ଗ ମୋ ଉପରେ ଆସି ବର୍ଷି ହୋଇ ଯାଉଛି ଓ ଏହି ସକଳ ସୃଷ୍ଟିକୁ ଆପଣାର ରଙ୍ଗରେ ରଙ୍ଗାଇଦେଇ ଯାଉଛି, ଏହି ପୃଥିବୀକୁ ତାହା ସତେଯେପରି ଏକ ଅତ୍ୟନ୍ତ ବିଶେଷ ରଙ୍ଗରେ ରଙ୍ଗାଇଦେଇ ଯାଉଛି ଏବଂ ପୃଥିବୀ ମର୍ମତଃ ଯେପରି ହୋଇ ରହିବା ଉଚିତ, ତାହାକୁ ତାହାରି ଅତ୍ୟନ୍ତ ଅଧିକ ନିକଟବର୍ତ୍ତୀ କରି ଆଣୁଛି ।

***ମାଆ, ଆପଣ ପୁଣି କେତେବେଳେ ଓ କେଉଁ କାରଣରୁ ଗମ୍ଭୀର ହୁଅନ୍ତି ?***

ହଁ, ତୁମେମାନେ ମୋତେ କେତେବେଳେ ନିଶ୍ଚୟ ଗମ୍ଭୀର ହୋଇ ରହିଥିବାର ଦେଖିଥିବ, ନୁହେଁ କି ? ଯେତେବେଳେ ମୁଁ କୌଣସି ଶିଡ଼ି ଉପରୁ ତଳକୁ ଓହ୍ଲାଇ ଆସୁଥାଏ, ମୁଁ ଠିକ୍ କହିପାରୁ ନାହିଁ, – ଯେତେବେଳେ କେହି ପାଣିରେ ବୁଡ଼ି ଯାଉଥାଏ ଅଥବା ଆଉ କିଛି ବିପଦରେ ପଡ଼ିଥାଏ, ସେତେବେଳେ କୂଳରୁ ପାଣି ଭିତରକୁ ଓହ୍ଲାଇ ଆସି ତାକୁ ଉଦ୍ଧାର କରିବାକୁ ହୁଏ । ସମ୍ଭବତଃ ମୁଁ ସେହି କାରଣରୁ ଗମ୍ଭୀର ହୋଇଯାଏ । ଯେତେବେଳେ

'oaob.nitrkl.ac.in' images reprocessed

ସୃଷ୍ଟି କୌଣସି ବିଶେଷ ଅସୁବିଧାରେ ପଡ଼ିଥାଏ, ସେତେବେଳେ ଟିକିଏ ତଳକୁ ଓହ୍ଲାଇ ଆସିବାକୁ ପଡ଼େ, ଟାଣି ନେବାକୁ ପଡ଼େ ଏବଂ ତେଣୁ ସେ ଗମ୍ଭୀର ହୋଇଯାଏ । ମାତ୍ର ଯେତେବେଳେ ସବୁକିଛି ଠିକଣାମତେ ଚାଲିଥାଏ, ସେତେବେଳେ ହସି ହୁଏ, ଆପଣାକୁ ଉପଭୋଗ କରି ହୁଏ ।

ବସ୍ତୁତଃ, ଏପରି ଅବଶ୍ୟ କୁହାଯାଇ ପାରିବ ଯେ, ଆମେ ଯାହାକିଛି ପ୍ରଚାର କରିବାରେ ଲାଗିଥାଉ, ଯାହାକିଛି ଜୋର କରି ହାସଲ କରିବାରେ ତତ୍ପର ଥାଉ, ଏପରିକି ଆମର ଯାବତୀୟ ପ୍ରାର୍ଥନା ଏବଂ ଆବାହନ ନିମ୍ନତର ବାୟୁମଣ୍ଡଳଟିରୁ ନିଃସୃତ ହୋଇଥାଏ ବୋଲି ଶ୍ରୀଅରବିନ୍ଦ କହିଛନ୍ତି; ଅର୍ଥାତ୍, ଏସବୁ କରୁଥିବାବେଳେ ଜଣେ ତଥାପି ଏହି ନିମ୍ନଭୂମିରେହିଁ ରହିଥାଏ । ହଁ, ହୁଏତ ନିମ୍ନତର ବାୟୁମଣ୍ଡଳର ଉପରିଭାଗରେ ଥାଏ, ହୁଏତ ସୀମାସ୍ଥାନରେ ରହିଥାଏ, ହୁଏତ ଏହାର ଠିକ୍ ଧାରପାଖରେ ଆସି ରହିଥାଏ, ତଥାପି ସେହି ନିମ୍ନତର ମଣ୍ଡଳଟିରେହିଁ ରହିଥାଏ । ଏବଂ, ଅନ୍ୟ ପାର୍ଶ୍ୱଟିକୁ ଅତିକ୍ରମ କରିଯିବା ମାତ୍ରକେ, ଏହି ସବୁକିଛି ସତେଅବା ଭାରି ପିଲାଳିଆ ମନେ ହେବାକୁ ଲାଗେ; — ଆମେ ଏହି ବିଷୟରେ ଅତି କମ୍‌ରେ ଏତିକି ନିଶ୍ଚୟ କହିପାରିବା, ଏସବୁ ସେତେବେଳେ ଭାରି ନିରର୍ଥକ ମନେ ହୁଏ । ସତେଅବା ତଥାପି ଅଜ୍ଞାନ ମଧ୍ୟରେ ବୁଡ଼ି ରହିଥିବା ପରି ମନେ ହୁଏ । ଏବଂ, ଏହିଭଳି ଏକ ସ୍ଥିତିରେ, ଯେତେବେଳେ କି ମଣିଷ କେବେକେବେ ଏପାଖରେ ଓ ପୁଣି କେବେକେବେ ଅନ୍ୟ ପାଖଟିର ଠିକ୍ ଧାରପାଖରେ ଅବସ୍ଥିତ ରହିଥାଏ, ଏହିପରି ଏକ ସ୍ଥିତିରେ ରହିବା ତଥାପି ଭାରି ଆଗ୍ରହୋଦ୍ଦୀପକ ଲାଗେ । ମାତ୍ର, ଅନ୍ୟ ପାଖଟିର ଏହି ଧାରଟି, ସାଧାରଣ ମନୁଷ୍ୟଚେତନା ଲାଗି ଯାହା ପ୍ରାୟ ଏକ ଅପହଞ୍ଚ ଶିଖରଦେଶ ହୋଇ ରହିଥାଏ, ଅନ୍ୟ ଉଚ୍ଚତର ମଣ୍ଡଳଟି ଭିତରେ ସଚେତନ ଏବଂ ମୁକ୍ତ ଭାବରେ ବାସ କରୁଥିବା ଆଉ ଜଣେ ବ୍ୟକ୍ତି ଲାଗି ତାହା ତଥାପି ଏକ ଅବନମନ ପରିହିଁ ବୋଧ ହେଉଥାଏ ।

ମୁଁ ଭାବୁଛି, ପରେ କୌଣସି ସମୟରେ ଆମେ ଏଠାରେ "ଦିବ୍ୟ ଜୀବନ" ଗ୍ରନ୍ଥର ଶେଷ ପରିଚ୍ଛେଦଗୁଡ଼ିକୁ ପାଠ କରିବା । ମୋର ବିଶ୍ୱାସ ତାହାକୁ ବୁଝି ପାରିବା ଲାଗି ତୁମେମାନେ କ୍ରମଶଃ ବୟସରେ ବଡ଼ ହୋଇ ଆସିଲଣି, ଯଥେଷ୍ଟ ଭାବରେ ପରିପକ୍ୱ ହୋଇ ଆସିଲଣି । ଏବଂ, ତା'ପରେ ତୁମେମାନେ ଯାବତୀୟ ନାନାବିଧ ବିଷୟକୁ ହୃଦୟଙ୍ଗମ କରିବାକୁ ସମର୍ଥ ହୋଇଯିବ ଏବଂ ସେହି ଗ୍ରନ୍ଥପାଠକୁ ଭିତ୍ତି କରି ଆମେ ଆହୁରି ଅନେକ ଅନେକ ବିଷୟର ଆଲୋଚନା ବି କରିପାରିବା; ଆମେ ତାହା ଫଳରେ ଆଉ ଗୋଟିଏ ପାଦ ଆଗକୁ ଯିବାର ସହାୟତା ପାଇପାରିବା, ଉପଲବ୍ଧି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପାଦ ଆଗକୁ ଯାଇପାରିବା । ଶ୍ରୀଅରବିନ୍ଦ ଏହି ଦୁଇ ଚେତନାସ୍ଥିତି ମଧ୍ୟରେ

'oaob.nitrkl.ac.in' images reprocessed

ରହିଥିବା ପାର୍ଥକ୍ୟଟିକୁ ଏପରି ଯଥାର୍ଥ ଓ ଅତି ସୁନ୍ଦର ଭାବରେ ବୁଝାଇ ଦେଇଛନ୍ତି ଯେ, ସେଗୁଡ଼ାକ ସାଧାରଣ ମଣିଷର କଳନାକୁ ପରିପୂର୍ଣ୍ଣତାର ପ୍ରାୟ ଚରମ ଶିଖର ବୋଲି କିପରି ମନେ ହୋଇଥା'ନ୍ତି, ଅନ୍ତତଃ ଉପଲବ୍ଧିର ଚରମ ସ୍ଥାନ ବୋଲି ମନେ ହୋଇଥା'ନ୍ତି, ମାତ୍ର ସେଗୁଡ଼ିକ ସବୁଯାକ କିପରି କେବଳ ଏହି ନିମ୍ନତର ମଣ୍ଡଳରହିଁ ଗୋଟିଏ ଗୋଟିଏ ଅବସ୍ଥା, ମଣିଷ ଦେବତାମାନଙ୍କ ସହିତ ଆପଣାର ସମ୍ବନ୍ଧଗୁଡ଼ିକ ବିଷୟରେ ଯେପରି ଭାବରେ ଅବଗତ ହୋଇପାରିଛି ଏବଂ ବର୍ତ୍ତମାନ ମଧ୍ୟ ସେ ସେଗୁଡ଼ିକୁ ଯେପରି ଭାବରେ ଯାହା ବୋଲି ଜାଣିଛି, ସେଗୁଡ଼ିକ ସବୁଯାକ କିପରି ଏହି ଅନେକ ତଳେ ଅବସ୍ଥିତ ହୋଇ ରହିଛନ୍ତି, ଯଥାର୍ଥ ସ୍ଥିତିଟି କହିଲେ ପ୍ରକୃତରେ କ'ଣ ବୁଝାଇବ, ଶ୍ରୀଅରବିନ୍ଦ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ସେସବୁ କଥା ବୁଝାଇ ଦେଇଛନ୍ତି । ଯଥାର୍ଥ ସ୍ଥିତିଟିକୁ ସେ ଅତିମାନସ ସ୍ଥିତି ବୋଲି ବର୍ଣ୍ଣନା କରିଛନ୍ତି, ସେହି ସ୍ଥିତିରେ ବ୍ୟକ୍ତି ଏହିସବୁ ଯାବତୀୟ ସୀମାକୁ ପାରହୋଇ ସେପାଖକୁ ଚାଲିଯାଏ ବୋଲି କହିଛନ୍ତି ।

ଏବଂ, ପ୍ରକୃତ କଥା ହେଉଛି, ଆମେ ସଚେତନ ଭାବରେ ଯେପର୍ଯ୍ୟନ୍ତ ଏହିସବୁ ଆୟତନକୁ ପାର ହୋଇ ନ ଯାଇଛୁ, ସେପର୍ଯ୍ୟନ୍ତ କେତେକେତେ ବିଷୟର ଏକ ସଂପୂର୍ଣ୍ଣ ଜଗତ ପଡ଼ି ରହିଥିବ, ଯାହା ବିଷୟରେ କି ଆମେ କିଛିହେଲେ ବୁଝିପାରୁ ନ ଥିବା ।

ତେଣୁ ମୁଁ ଭାବୁଛି ଆମେ ଏଥର ସେହି ଦିଗରେ ବାଟ ଫିଟାଇଦେବା ଏବଂ ଏହି ଆୟତନଟିକୁ ପାର ହୋଇ ଚାଲିଯିବା । ସମସ୍ତେ ଏକାଠି ମିଶି, ଯେତେ ଟିକିଏ ହେଲେ ବି, ସୀମାଟିକୁ ଡେଇଁ ଚାଲିଯିବା ।

ଆଜି ଏଇଠି ଥାଉ ।

'oaob.nitrkl.ac.in' images reprocessed

## ୧୬ ଜାନୁଆରି ୧୯୫୭

*"ମନୁଷ୍ୟ ପ୍ରଥମ ପର୍ଯ୍ୟାୟରେ କେବଳ ଅନ୍ଧ ଭାବରେହିଁ ତା'ର ଦିବ୍ୟ ଆତ୍ମାର ଅନ୍ୱେଷଣ କରିଥାଏ, ଏପରିକି ସିଏ ସେହି ଆତ୍ମାଟିର ଅନ୍ୱେଷଣ କରୁଛି ବୋଲି ନିଜେ ମଧ୍ୟ ଜାଣି ନ ଥାଏ । କାରଣ, ସିଏ ଜଡ଼ପ୍ରକୃତିର ଅସ୍ପଷ୍ଟତା ମଧ୍ୟରୁହିଁ ଆପଣାର ଯାତ୍ରା ଆରମ୍ଭ କରିଥାଏ ଏବଂ ଏପରିକି, ଦେଖିବାକୁ ସମର୍ଥ ହେବା ପରେ ମଧ୍ୟ, ଆପଣା ମଧ୍ୟରେ ବୃଦ୍ଧି ପାଉଥିବା ଆଲୋକଟି ଦ୍ୱାରା ମଧ୍ୟ ଅନେକ କାଳ ପର୍ଯ୍ୟନ୍ତ ତା'ର ଆଖି ଝଲସି ଯିବାରେ ଲାଗିଥାଏ । ପରମ ଦିବ୍ୟସତ୍ତା ମଧ୍ୟ ବଡ଼ ଅସ୍ପଷ୍ଟତା ମଧ୍ୟରେ ତା'ର ଏହି ଅନ୍ୱେଷଣର ଜବାବ ଦେବାକୁ ଆସନ୍ତି; ଆପଣାର ମାଆକୁ ଅଣ୍ଡାଳିବାରେ ଲାଗିଥିବା କୌଣସି ଶିଶୁର ଦୁଇହାତ ପରି ପରମେଶ୍ୱର ମନୁଷ୍ୟର ସେହି ଅନ୍ଧତାକୁ ଛୋଡ଼ି ଯାଆନ୍ତି ଓ ତାହାକୁ ଉପଭୋଗ କରନ୍ତି ।"*

ବିଚାର ଓ ଚିନ୍ତାଧାର, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ(ଙ), ପୃଷ୍ଠା-୩୮୨

*ମାଆ, ଏପରି କିପରି ଘଟେ ଯେ ଜଣେ କିଛିର ଅନ୍ୱେଷଣ କରୁଥାଏ, ତଥାପି ସିଏ ସେଇଟିକୁ ଅନ୍ୱେଷଣ କରୁଛି ବୋଲି ଜାଣି ନ ଥାଏ ?*

ତୁମେ ସର୍ବଦା ଏପରି ଅନେକ କଥା ଭାବ, ଅନୁଭବ କର, ଲାଭ କରିବାକୁ ଇଚ୍ଛା କର ଓ ଏପରିକି କରୁଥାଅ, ଯାହା ବିଷୟରେ କି ତୁମର ଆଦୌ କୌଣସି ଜ୍ଞାନ ନ ଥାଏ । ତୁମ ନିଜ ବିଷୟରେ ଓ ତୁମ ନିଜ ଭିତରେ ଯାହାକିଛି ଘଟିବାରେ ଲାଗିଛି, ସେବିଷୟରେ ତୁମେ ପ୍ରକୃତରେ ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥାଅ କି ?– ଆଦୌ ରହି ନ ଥାଅ । ଉଦାହରଣ ସ୍ୱରୂପ, ଯଦି, ତୁମେ ଏବିଷୟରେ ଆଦୌ କୌଣସି ପ୍ରତ୍ୟାଶା ରଖି ନ ଥିବ ଓ ମୁଁ ତୁମକୁ ହଠାତ୍ "ତୁମେ କେଉଁ ବିଷୟରେ ଭାବୁଛ ?" ବୋଲି ପଚାରିଦେବି, ତେବେ ଶହେରୁ ଅନେଶତଟି କ୍ଷେତ୍ରରେ ତୁମେ "ମୁଁ ଜାଣି ନାହିଁ" ବୋଲି ଉତ୍ତର ଦେବ । ଏବଂ ଠିକ୍ ସେହିପରି ଭାବରେ ମୁଁ ତୁମକୁ "ତୁମେ କ'ଣ ଚାହୁଁଛ" ବୋଲି ଆଉ ଗୋଟିଏ ପ୍ରଶ୍ନ ଯଦି ପଚାରେ, ତୁମେ ଉତ୍ତରରେ ଠିକ୍ ସେହି "ମୁଁ ଜାଣି ନାହିଁ" ବୋଲି କହିବ । ଏବଂ "ତୁମେ କ'ଣ ଅନୁଭବ କରୁଛ ?"– "ମୁଁ ଜାଣି ନାହିଁ ।" କେବଳ ଯେଉଁମାନେ ଆପଣା ଉପରେ ଅବଲୋକନ କରିବାରେ ଅଭ୍ୟସ୍ତ ରହିଆସନ୍ତି, ନିଜେ ଯେପରି ଭାବରେ

'oaob.nitrkl.ac.in' images reprocessed

ଜୀବନ ବଞ୍ଚୁଥା'ନ୍ତି, ତାହାକୁ ନିରୀକ୍ଷଣ କରି ଦେଖୁଥା'ନ୍ତି, ନିଜ ଭିତରେ କ'ଣ ସବୁ ଘଟୁଛି, ତାହାକୁ ଜାଣିବାର ଆବଶ୍ୟକତା ସମ୍ବନ୍ଧରେ ଯେଉଁମାନେ ଆପଣାକୁ ସଂକେନ୍ଦ୍ରିତ କରି ରଖିଥା'ନ୍ତି, ସେହିମାନଙ୍କୁହିଁ ଆମେ ଏପରି ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରି ପାରିବା ଏବଂ କେବଳ ସେହିମାନେହିଁ ସଙ୍ଗେ ସଙ୍ଗେ ସେହି ପ୍ରଶ୍ନଟିର ଜବାବ ଦେଇପାରିବେ । ହଁ, ଜୀବନକ୍ଷେତ୍ରରେ କେତୋଟି ଦୃଷ୍ଟାନ୍ତରେ ଆମେ ଯାହାକିଛି ଅନୁଭବ କରୁ, ଭାବୁଥାଉ ଅଥବା ଇଚ୍ଛା କରୁଥାଉ, ତାହାରି ମଧ୍ୟରେ ନିମଗ୍ନ ହୋଇ ରହିଥାଉ, ଏବଂ ସେତିକିବେଳେହିଁ "ହଁ, ମୁଁ ସେହି କଥାଟିକୁ ଇଚ୍ଛା କରୁଛି, ମୁଁ ସେହି କଥାଟିକୁ ଭାବୁଛି, ସେହି କଥାଟିକୁ ଅନୁଭବ କରୁଛି" ବୋଲି କହିବାକୁ ସମର୍ଥ ହେଉ । ମାତ୍ର, ଏଗୁଡ଼ିକୁ ଜୀବନର କେବଳ କେତୋଟି ମୁହୂର୍ତ୍ତ ବୋଲି କୁହାଯିବ, ସଂପୂର୍ଣ୍ଣ ଅବଧିଟି ବୋଲି ଆଦୌ କୁହାଯିବ ନାହିଁ ।

ତୁମେ ଏହି କଥାଟିକୁ କେବେ ଲକ୍ଷ୍ୟ କରି ଦେଖିଛ କି ? କେବେ ଦେଖି ନାହଁ ?

ହଁ, ଆମେ ଯଥାର୍ଥରେ କ'ଣ, ଆମେ କାହିଁକି ଏହି ପୃଥିବୀକୁ ଆସିଛୁ, ଏହି ଶାରୀରିକ ଅସ୍ତିତ୍ୱର ପ୍ରକୃତ ଉଦ୍ଦେଶ୍ୟ କ'ଣ, ଏହି ପୃଥିବୀରେ ଏକ ଶରୀର ଓ ଏକ ଅସ୍ତିତ୍ୱ ଧରି ରହିବାର ଉଦ୍ଦେଶ୍ୟ କ'ଣ, ଏହି ପ୍ରଶ୍ନଗୁଡ଼ାକୁ ପଚାରି ତା'ର ଉତ୍ତର ପାଇବାକୁ ଚେଷ୍ଟା କରିବା, ଅଧିକାଂଶ ମନୁଷ୍ୟ ଜୀବନରେ ଥରେହେଲେ ମଧ୍ୟ ଆପଣାକୁ ଏହି ପ୍ରଶ୍ନଗୁଡ଼ିକ ପଚାରି ନ ଥା'ନ୍ତି । କେବଳ ଅଳ୍ପ କେତେଜଣ ସଚେତନ ବ୍ୟକ୍ତିହିଁ ପ୍ରକୃତରେ କୌଣସି ଆଗ୍ରହର ସହିତ ଆପଣାକୁ ଏଗୁଡ଼ିକ ପଚାରିଥା'ନ୍ତି ଏବଂ ତା'ଠାରୁ ଆହୁରି ଅଳ୍ପସଂଖ୍ୟକ ମନୁଷ୍ୟ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ପାଇବା ଲାଗି ପ୍ରକୃତରେ କୌଣସି ଚେଷ୍ଟା କରିଥା'ନ୍ତି । କାରଣ, ସୌଭାଗ୍ୟବଶତଃ ସେହି ଉତ୍ତରଟିକୁ ଜାଣିଥିବା କୌଣସି ବ୍ୟକ୍ତି ସହିତ ଭେଟ ନ ହୋଇଥିବା ପର୍ଯ୍ୟନ୍ତ ଉତ୍ତର ଖୋଜି ପାଇବା ଆଦୌ ସହଜ ହୁଏ ନାହିଁ । ଉଦାହରଣ ସ୍ୱରୂପ, ମନେ କରାଯାଉ ଯେ ଶ୍ରୀଅରବିନ୍ଦଙ୍କର ବହି ଅଥବା ଏହିପରି ଏକ ଅନ୍ୱେଷଣ ଲାଗିହିଁ ଆପଣାର ଜୀବନକୁ ଉତ୍ସର୍ଗ କରି ରଖିଥିବା ଆଉ କୌଣସି ଲେଖକ, ଦାର୍ଶନିକ କିଂବା ଋଷିଙ୍କର କୌଣସି ବହି ତୁମ ହାତରେ କେବେହେଲେ ପଡ଼ି ନାହିଁ; ଯଦି ତୁମେ ଏହି ସାଧାରଣ ନିତ୍ୟନୈମିତ୍ତିକ ଜଗତରେ ବାସ କରୁଥାଅ, ସେହି ସାଧାରଣ ଜଗତରେ ଯେଉଁପରି ଲକ୍ଷ ଲକ୍ଷ ମଣିଷ ବାସ କରୁଛନ୍ତି ଓ କେବଳ କେତେକ ବିଶେଷ ସମୟକୁ ଛାଡ଼ିଦେଲେ ସେବିଷୟରେ ଆଦୌ କିଛିହେଲେ ଶୁଣି ନାହାନ୍ତି, ଯଦି ତୁମେ ସେହିପରି ଗୋଟିଏ ଜଗତରେ ବାସ କରୁଥାଅ, – ବର୍ତ୍ତମାନ ଯୁଗରେ ସବୁବେଳେ ଯେ ଏପରି କଥା ଶୁଣିବାକୁ ମିଳେ, ସେକଥା ମୋଟେ ନୁହେଁ, ଏପରିକି ଅତି କ୍ୱଚିତ୍ ଶୁଣିବାକୁ ମିଳେ;– ଏପରି କେତେ କେତେ ଦେବତାଙ୍କ ବିଷୟରେ ଓ ଗୋଟାଏ ପ୍ରକାରର

'oaob.nitrkl.ac.in' images reprocessed

ଧର୍ମ-ଜୀବନ ବିଷୟରେ କେଳେ କେଳେ ଶୁଣିବାକୁ ମିଳେ; — ସେହି ଧର୍ମକୁ ଗୋଟିଏ ଜୀବନମାର୍ଗ ବୋଲି କୁହା ନ ଯାଇ ବରଂ ଏକ ଅଭ୍ୟାସ ବୋଲିହିଁ କୁହାଯାଇ ପାରିବ ଏବଂ ତୁମେ ଏହି ପୃଥିବୀକୁ କାହିଁକି ଆସିଛ, ତୁମକୁ ସେବିଷୟରେ ତାହା ଅତି କ୍ୱଚିତ୍ କିଛି କହିଥାଏ ।... ପୁନଶ୍ଚ, ଏସବୁ ବିଷୟରେ କିଛି ଭାବିବା ଲାଗି ଆମେ କେବେହେଲେ ଭାବି ବି ନ ଥାଉ । ଆମେ ଦିନ ପରେ ଦିନ ଦୈନନ୍ଦିନ ଘଟୁଥିବା ଘଟଣାବଳୀରହିଁ ସମ୍ମୁଖୀନ ହେବାରେ ଲାଗିଥାଉ । ବୟସ ଅତ୍ୟନ୍ତ ଅଳ୍ପ ଥିଲାବେଳେ ଆମେ ଖେଳିବା କଥା ଭାବୁ, ଖାଇବା କଥା ଭାବୁ, ତା'ର କିଛି ବର୍ଷ ଉତ୍ତାରୁ ପାଠ ପଢ଼ିବା କଥା ଭାବୁ ଏବଂ ତା'ପରେ ଯାଇ ଆହୁରି ବଡ଼ ହୋଇ ଜୀବନର ଆଉ ଯାବତୀୟ ପରିସ୍ଥିତି ବିଷୟରେ ଭାବିବାକୁ ଆରମ୍ଭ କରୁ । ମାତ୍ର, "ଅସଲ କଥାଟି ହେଉଛି, ତୁମେ କାହିଁକି ଏହି ପୃଥିବୀକୁ ଆସିଛ ?" ଏହି ପ୍ରଶ୍ନଟିକୁ ନିଜକୁ ପଚାରି ସେହି ସମସ୍ୟାଟିର ସମ୍ମୁଖୀନ ହେବା,— ଏକଥା ପ୍ରକୃତରେ କେତେଜଣ କରିଥା'ନ୍ତି ? କୌଣସି ସଂକଟ ବା ବିପଦର ସମ୍ମୁଖୀନ ହେଲାବେଳେ ଯାଇ କେତେକ ଲୋକଙ୍କ ସମ୍ମୁଖରେ ଏହି ବିଚାରଟି ଆସି ଉପସ୍ଥିତ ହୋଇଥାଏ । ସେମାନେ ଭଲ ପାଉଥିବା କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ବା ଯେତେବେଳେ ସେମାନେ କୌଣସି ବିଶେଷ ଦୁଃଖପୂର୍ଣ୍ଣ ଓ କଷ୍ଟକର କୌଣସି ପରିସ୍ଥିତିରେ ଆସି ପଡ଼ିଯା'ନ୍ତି, ତେବେ, ଯଥେଷ୍ଟ ବୁଦ୍ଧିସମ୍ପନ୍ନ ହୋଇଥିଲେ ସେମାନେ ସେତିକିବେଳେ ଯାଇ ଆପଣା ଉପରେ ଦୃଷ୍ଟିପାତ କରନ୍ତି ଏବଂ ଆପଣାକୁ ପଚାରନ୍ତି : "ପ୍ରକୃତ କଥା ହେଉଛି, ଆମେ ସମସ୍ତେ ଏଠି କେଉଁ ଦୁଃଖଟି ଭିତରେ ପଡ଼ି ରହିଛୁ । ଏହି ଦୁଃଖର ପ୍ରକୃତରେ କି ଆବଶ୍ୟକତା ରହିଛି, ଏହା ପଛରେ କେଉଁ ଉଦ୍ଦେଶ୍ୟଟି ନିହିତ ହୋଇ ରହିଛି ?"

ଏବଂ କେବଳ ସେହିଭଳି ଏକ ମୁହୂର୍ତ୍ତରେହିଁ ଆମେ ଜ୍ଞାନର ଏହି ଅନ୍ୱେଷଣଟିକୁ ଆରମ୍ଭ କରିଥାଉ ।

ଏବଂ ଯେତେବେଳେ ଶ୍ରୀଅରବିନ୍ଦ କହିଥିବା ବସ୍ତୁଟି ସହିତ ଆମର ଭେଟ ହୁଏ, ଆମ ଭିତରେ ଗୋଟିଏ ଦିବ୍ୟ ଆତ୍ମା ରହିଛି ଓ ତେଣୁ ଆମକୁ ତାହାକୁହିଁ ଜାଣିବାର ଉଦ୍ୟମ କରିବାକୁ ହେବ ବୋଲି ଆମେ ଯେତେବେଳେ ଉପଲବ୍ଧି କରୁ, ... ହଁ, ଏହି ସମୟଟି ଅନେକ ପରେ ଆସେ; ମାତ୍ର ତଥାପି, ଏସବୁ ସତ୍ତ୍ୱେ ବି, ଆମର ଜନ୍ମ ହେବାର ମୁହୂର୍ତ୍ତରୁହିଁ ଆମର ଏହି ଶରୀର ମଧ୍ୟରେ, ଆମ ସତ୍ତାର ଗଭୀର ପ୍ରଦେଶରେ ଏହି ଚୈତ୍ୟ ଉପସ୍ଥିତିଟି ରହିଥାଏ, ଯାହାକି ସମଗ୍ର ସତ୍ତାଟିକୁ ଏହି ପରିପୂର୍ଣ୍ଣତା ଅଭିମୁଖରେ ପରିଚାଳିତ କରି ନେଉଥାଏ, ତାକୁ ଠେଲି ଆଗକୁ ନେଇ ଯାଉଥାଏ । ମାତ୍ର ଏହି ଚୈତ୍ୟ ସତ୍ତାଟିକୁ କିଏ ଜାଣିଥାଏ, ସେଇଟି ଅଛି ବୋଲି କିଏ ସ୍ୱୀକାର କରିଥାଏ ? ସେହି ଜାଣିବା ଓ ଚିହ୍ନିବାଟି ମଧ୍ୟ କେବଳ ବିଶେଷ ପରିସ୍ଥିତିମାନଙ୍କରେହିଁ ସମ୍ଭବ ହୋଇଥାଏ,

'oaob.nitrkl.ac.in' images reprocessed

ଏବଂ ଦୁର୍ଭାଗ୍ୟବଶତଃ, ଏହି ପରିସ୍ଥିତିଗୁଡ଼ିକ ଗୋଟିଏ ଗୋଟିଏ ଦୁଃଖର ପରିସ୍ଥିତି ରୂପେ ଆମ ପାଖକୁ ଆସିଥା'ନ୍ତି, କାରଣ, ତା' ନ ହେଲେ ଆମେ ବଡ଼ ବିଚାରହୀନ ଭାବରେହିଁ ଆମର ଜୀବନଟିକୁ ବଞ୍ଚିବାରେ ଲାଗିଥାଉ । ଏବଂ, ଆମ ସତ୍ତାର ଗଭୀରରେ ଏହି ଚୈତ୍ୟ ସତ୍ତା ଅବସ୍ଥିତ ହୋଇ ରହିଥାଏ, ଯିଏକି ଚେତନାକୁ ଜାଗ୍ରତ କରି ଆଣିବା ଲାଗି ବାଟ ଖୋଜୁଥାଏ ଏବଂ ସମ୍ମିଳନଟିକୁ ପୁନଃ ପ୍ରତିଷ୍ଠିତ କରିବା ଲାଗି ଇଚ୍ଛା କରୁଥାଏ । ଆମେ ଏହିଟି ବିଷୟରେ ଆଦୌ କିଛିହେଲେ ଜାଣି ନ ଥାଉ ।

ଯେତେବେଳେ ତୁମର ବୟସ ଦଶ ବର୍ଷ ହୋଇଥିଲା, ସେତେବେଳେ ତୁମେ ଏହି କଥାଟିକୁ ଜାଣିଥିଲ କି ? ନା, – ଜାଣି ନ ଥିଲ । ମାତ୍ର, ତଥାପି ତୁମ ସତ୍ତାର ଗଭୀରରେ ତୁମର ଚୈତ୍ୟ ସତ୍ତାଟି ସେତେବେଳେ ମଧ୍ୟ ସେହି ଆକାଂକ୍ଷାଟିକୁହିଁ ରଖିଥିଲା ଏବଂ ସେଥିଲାଗି ବାଟ ଖୋଜିବାରେ ଲାଗିଥିଲା । ସମ୍ଭବତଃ ତୁମର ସେହି ଚୈତ୍ୟ ସତ୍ତାହିଁ ତୁମକୁ ଏଠାରେ ଆଣି ପହଞ୍ଚାଇ ଦେଲା ।

ତୁମର ଜୀବନରେ ଏହିପରି ଅଗଣିତ କେତେ କେତେ କଥା ଘଟିବାରେ ଲାଗିଥାଏ, ମାତ୍ର ତୁମେ କେତେବେଳେ ହେଲେ ନିଜକୁ ସେଗୁଡ଼ିକର କାରଣ ପଚାରିବାକୁ ଯାଅ ନାହିଁ । ସେଗୁଡ଼ିକୁ ତୁମେ କେବଳ ଗ୍ରହଣହିଁ କରିନିଅ... ହଁ, ଏସବୁ ଠିକ୍ ସେହିପରି ହୁଏ, କାରଣ ଏସବୁ ଠିକ୍ ସେହିପରିହିଁ ହୋଇ ରହିଥାଏ । ତୁମେ ସବୁ ଏଠାକୁ ଯେ ଆସିଲ, ଏହି କଥାଟି କିପରି ଘଟିଲା ବୋଲି, ମୁଁ ଏହି ବିଷୟରେ ତୁମମାନଙ୍କୁ କିଛି କହିବା ପୂର୍ବରୁ, ତୁମମାନଙ୍କ ଭିତରୁ ସେହି ପ୍ରଶ୍ନଟିକୁ କେତେ ଜଣ ପ୍ରକୃତରେ ଆପଣାକୁ ପଚାରିଥିଲ, ତାହା ଜାଣିବା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୁଅନ୍ତା ।

ପ୍ରକୃତରେ, ଅଧିକାଂଶ ସମୟରେ, ଉତ୍ତରଟି ସମ୍ଭବତଃ ଭାରି ସରଳ ହୋଇଥାଏ : "ମୋ ବାପା ମା' ଏଠାରେ ଅଛନ୍ତି, ତେଣୁ ମୁଁ ବି ଏଠାରେ ଅଛି ।" ସେ କଥା ଯାହା ହେଉ ପଛକେ, ତୁମେମାନେ ଏଠାରେ ଜନ୍ମ ହୋଇ ନ ଥିଲ । ଏଠାରେ କେହି ଜନ୍ମ ହୋଇ ନ ଥିଲେ । ତୁମେ ବି ଏଠାରେ ଜନ୍ମ ହୋଇ ନ ଥିଲ, ହୋଇଥିଲ କି ? ତୁମେ ତ ବାଙ୍ଗାଲୋରରେ ଜନ୍ମ ହୋଇଥିଲ । ଏଠାରେ କେହି ଜନ୍ମ ହୋଇ ନ ଥିଲେ... ଏବଂ ତଥାପି, ତୁମେ ସମସ୍ତେ ଆସି ଏଠାରେ ରହିଛ । ତୁମେ କଦାପି ନିଜକୁ ଏପରି କାହିଁକି ହେଲା ବୋଲି ପଚାରି ନାହଁ— ଏପରି ହେଲା, କାରଣ ଏହିପରିହିଁ ହେଲା । ଏବଂ ତେଣୁ, ଆପଣାକୁ ପ୍ରକୃତରେ ଏହି ପ୍ରଶ୍ନଟିକୁ ପଚାରିବା ଏବଂ ବୃତ୍ତାନ୍ତ ବୋଲି ଗ୍ରହଣ କରାଯାଇ ପାରିବା ଭଳି ଯଥେଷ୍ଟ ପରିମାଣରେ ସନ୍ତୋଷଜନକ ଏକ ବାହ୍ୟ ଉତ୍ତର ଆଣି ଯୋଗାଇଦେବା, ଏବଂ "ଏହି କଥାଟି ପ୍ରକୃତରେ ନିୟତିର ଏକ ନିର୍ଦ୍ଦେଶ ରୂପେ ଘଟିଛି, ଏହା ମୋ'ର ଜୀବନର ପ୍ରକୃତ ଉଦ୍ଦେଶ୍ୟଟିକୁ ସୂଚିତ କରିଦେଉଛି" ବୋଲି ନିଜକୁ

'oaob.nitrkl.ac.in' images reprocessed

ଜହିପାରିବା ମଧ୍ୟରେ ପ୍ରକୃତରେ କେତେ ବ୍ୟବଧାନ ରହିଛି ଏବଂ ଦ୍ୱିତୀୟଟି ଯାଏ ଆସିବା ଲାଗି ଆମକୁ ପ୍ରଥମଟିଠାରୁ ପ୍ରକୃତରେ କେତେ ଦୀର୍ଘ ପଥ ଅତିକ୍ରମ କରି ଆସିବାକୁ ପଡ଼ି ନ ଥାଏ !

ଏବଂ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ସେହିପରି କୌଣସି ନା କୌଣସି ଅଦ୍ଭୁତ ବାହ୍ୟ କାରଣମାନ ଅବଶ୍ୟ ରହିଛି; ସେଗୁଡ଼ିକର ଆଦୌ ଖୁବ୍ ମୂଲ୍ୟ ନାହିଁ ଏବଂ ଅତ୍ୟନ୍ତ ନୀରସ ଭାବରେ ସେଗୁଡ଼ିକ ସବୁକିଛିର ବ୍ୟାଖ୍ୟା କରିଦେବାକୁ ତତ୍ପର ହୋଇ ଆସନ୍ତି; ମାତ୍ର ଏହି କ୍ଷେତ୍ରରେ ଏକ ଗଭୀରତର କାରଣ ମଧ୍ୟ ରହିଛି, ଯାହାକୁ କି ତୁମେ ଏବେବି ଜାଣି ନାହିଁ । ସେମାନେ ଏଠାରେ ପ୍ରକୃତରେ କାହିଁକି ଅଛନ୍ତି, ତାହା ଜାଣିବା ଲାଗି ତୁମମାନଙ୍କ ମଧ୍ୟରୁ ଅନେକେ ନିଶ୍ଚୟ ଭାରି ଆଗ୍ରହ ପ୍ରକାଶ କରିବେ କି ? "ମୁଁ ଆସି ଏଠାରେ ଯେ ଅଛି, ଏହାର ପ୍ରକୃତ କାରଣ କ'ଣ ?" – ତୁମେମାନେ କେବେ ନିଜକୁ ଏହି ପ୍ରଶ୍ନଟିକୁ ପଚାରିଛ କି ?

ତୁମେ କେବେ ନିଜକୁ ଏହି ପ୍ରଶ୍ନଟି ପଚାରିଛ କି ?

*ମାଆ, ମୁଁ ଥରେ ଆପଣଙ୍କୁ ଏହି ପ୍ରଶ୍ନଟି ପଚାରିଥିଲି ।*

ହଁ, ହଁ, ସତ କଥା । ତୁମେ ପଚାରିଛ ?... ଏବଂ ତୁମେ ?

*ମୋ'ର ମନେ ପଡୁ ନାହିଁ ।*

ମନେ ପଡୁ ନାହିଁ ! ଆଚ୍ଛା, ତୁମେ ପଚାରିଛ ?

*ଆଗରୁ କେବେ ପଚାରି ନାହିଁ ।*

ଆଗରୁ କେବେ ପଚାରି ନାହିଁ ? ବର୍ତ୍ତମାନ ଅସଲ ଉତ୍ତରଟି ଆସିବାକୁ ଆରମ୍ଭ କରୁଛି । ଆଉ ତୁମେ ?

*ନା ।*

ନାହିଁ ।... ଏବଂ ଏହି ପ୍ରଶ୍ନଟିକୁ ମୁଁ ଆହୁରି ଅନେକଙ୍କୁ ବି ପଚାରି ପାରିବି । ମୁଁ ଖୁବ୍

'oaob.nitrkl.ac.in' images reprocessed

ଭଲକରି ଜାଣିଛି । କେବଳ ଯେଉଁମାନେ ଜୀବନରେ କେତେକ ଅଭିଜ୍ଞତା ଲାଭ କରି ସାରିବା ପରେହିଁ ଏଠାକୁ ଆସି ଅଛନ୍ତି ସେମାନେ ଏଠାକୁ ଆସିବାକୁ ଇଚ୍ଛା କରିବାରୁହିଁ ଆସିଛନ୍ତି ଓ ଏଠାକୁ ଆସିବା ପଛରେ ଏକ ସଚେତନ କାରଣ ରହିଥିଲା ବୋଲି ଆସିଛନ୍ତି, ସେମାନେ "ମୁଁ ସେହି କାରଣଟି ପାଇଁ ଆସିଛି" ବୋଲି ମୋତେ ଅବଶ୍ୟ କହିପାରିବେ । ଏବଂ ତାହାକୁ ଏକ ଆଂଶିକ ବ୍ୟାଖ୍ୟା ବୋଲି ଅବଶ୍ୟ କୁହାଯାଇ ପାରିବ, ମାତ୍ର, ଏହା ପଛରେ ଯେଉଁ ସତ୍ୟତମ ଓ ଗଭୀରତମ କାରଣଟି ରହିଛି, ସେହିଟି ହୁଏତ ତଥାପି ସେମାନଙ୍କୁ ଅଗୋଚର ରହି ଯାଉଥିବ, ଅର୍ଥାତ୍ ଏଠାରେ କରାଯାଉଥିବା ଅସଲ କାର୍ଯ୍ୟଟିରେ ସେମାନଙ୍କୁ ବିଶେଷ କେଉଁ କାର୍ଯ୍ୟଟିକୁ ସାଧନ କରିବାକୁ ରହିଛି, ସେବିଷୟଟି ସେମାନଙ୍କ ପାଖରେ ହୁଏତ ଆଦୌ ଧରା ଦେଇ ନ ଥିବ । ମାର୍ଗରେ ଅନେକ ସୋପାନ ପାରହୋଇ ଆସିବା ପରେ ଯାଇ ସେହି କଥାଟି ସମ୍ଭବ ହୋଇ ପାରିବ ।

ମର୍ମତଃ, ଯେତେବେଳେ ଜଣେ ଆପଣାର ଆତ୍ମା ବିଷୟରେ ସଜ୍ଞାନତା ଲାଭ କରିବ, ଆପଣାର ଚୈତ୍ୟ ସତ୍ତା ସହିତ ଏକାତ୍ମକ ହୋଇପାରିବ, ସେତେବେଳେ ଯାଇ ଗୋଟାଏ ଅନ୍ତଃଝଲକରେହିଁ ସେ ଯୁଗ ଯୁଗ ଧରି ସଂଘଟିତ ହୋଇ ଆସୁଥିବା ଆପଣାର ବ୍ୟକ୍ତିଗତ ବିକାଶଟିର ଧାରାକୁ ପ୍ରତ୍ୟକ୍ଷ କରି ପାରିବ । ସେତେବେଳେ ଯାଇ ସେ ଜାଣିବାକୁ ଆରମ୍ଭ କରିବ... ମାତ୍ର ତା' ପୂର୍ବରୁ ନୁହେଁ । ଏବଂ ତା'ପରେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ଉଠିବ । ଏବଂ ଜୀବନ କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତିର ସ୍ଥାନଟିକୁହିଁ ବଦଳାଇ ଦେବ ।

ଜଣେ କେବଳ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ଅନୁଭବ କରୁଥିବ, କୌଣସି ଏକ ସତ୍ୟସମ୍ପଦ ରହିଛି ବୋଲି ସିଏ ଏକ କୁଣ୍ଠାଯୁକ୍ତ ଅନୁମାନହିଁ କରି ପାରୁଥିବ, ଗୋଟାଏ ଶକ୍ତି, ଗୋଟାଏ କ୍ରିୟାତ୍ମକତା, ଏକ ଆବେଗ ଓ ଆକର୍ଷଣ ରହିଛି ବୋଲି ଅନୁଭବ କରୁଥିବ, ଯାହାକି ତାକୁ ଜୀବନରେ ପରିଚାଳିତ କରି ନେଇ ଯାଉଥିବାର ମନେ ହେଉଥିବ,– ମାତ୍ର ଏହା ତଥାପି ବଡ଼ ଅସ୍ପଷ୍ଟ, ଅନିଶ୍ଚିତ ଏବଂ ଝାପ୍‌ସା ହୋଇ ରହିଥିବ;– ଏବଂ ଅନ୍ୟ ପକ୍ଷରେ ଆଉ ଜଣେ ବ୍ୟକ୍ତି ସ୍ପଷ୍ଟ ଭାବରେ ସବୁ ପ୍ରତ୍ୟକ୍ଷ କରି ପାରୁଥିବ, ତା'ର ଏକ ଯଥାର୍ଥ ବୋଧ ରହିଥିବ, ଆପଣା ଜୀବନର ତାତ୍ପର୍ଯ୍ୟଟି ବିଷୟରେ ଏକ ସମଗ୍ର ବୋଧ ତା'ର ରହିଥିବ;– ଏହି ଦୁଇଟି ଅବସ୍ଥା ମଧ୍ୟରେ ପ୍ରକୃତରେ କେତେ ବ୍ୟବଧାନ ନ ରହିଛି ! ଏବଂ କେବଳ ସେତିକିବେଳେ ଯାଇ ଜଣେ ବସ୍ତୁଗୁଡ଼ିକର ପ୍ରକୃତ ରୂପରେ ସେଗୁଡ଼ିକୁ ଦେଖିପାରିବ, ତା'ପୂର୍ବରୁ କଦାପି ନୁହେଁ । କେବଳ ସେତିକିବେଳେ ଯାଇ ଜଣେ ଆପଣା ନିୟତିର ସୂତ୍ରଟିକୁ ଅନୁସରଣ କରିପାରିବ, ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆପଣାର ଲକ୍ଷ୍ୟଟିକୁ ଓ ପଥଟିକୁ ଦେଖିବାକୁ ସମର୍ଥ ହେବ, ତା'ପୂର୍ବରୁ କଦାପି ନୁହେଁ ।

'oaob.nitrkl.ac.in' images reprocessed

ମାତ୍ର କେବଳ କ୍ରମାଗତ ଭାବରେ ଏକାଧିକ ଅନ୍ତର୍ଗତ ଜାଗରଣ ଘଟିବା ଫଳରେ ଯାଇ ତାହା ସମ୍ଭବ ହେବ, ସତେଅବା, ନାନା ନୂତନ ଦିଗ୍‌ବଳୟର ଭୂମି ଉପରେ ଏକାଧିକ ଦ୍ୱାର ଉନ୍ମୋଚିତ ହୋଇ ଯାଉଥିବା ପରି ମନେ ହେବ... ବସ୍ତୁତଃ, ଏକ ସତ୍ୟତର, ଗଭୀରତର ଅଧିକ ସ୍ଥାୟୀ ଚେତନା ମଧ୍ୟକୁ ଏକ ନୂତନ ଜନ୍ମ ସମ୍ଭବ ହୋଇଯିବ ।

ସେପର୍ଯ୍ୟନ୍ତ ତୁମେ ସତେଅବା ଗୋଟାଏ ମେଘପଟଳ ଭିତରେ ରହିଥିବ, ଅନ୍ଧାରରେ ଏଣେତେଣେ ହାତ ବୁଲାଇବାରେ ଲାଗିଥିବ, ତୁମକୁ ଭାରାକ୍ରାନ୍ତ କରି ରଖୁଥିବା ଏକ ନିୟତି ବେଳେବେଳେ ତୁମକୁ ପେଷି ଗୁଣ୍ଡା କରି ଦେଲାପରି ମନେ ହେଉଥିବ । ତୁମେ ଯେ ଏକ ନିର୍ଦ୍ଦିଷ୍ଟ ବାଗରେ ତିଆରି ହୋଇଛ ଏବଂ ସେ ବିଷୟରେ ତୁମେ ଆଉ କଦାପି କିଛି କରିପାରିବ ନାହିଁ, ସେହି ନିୟତି ତୁମକୁ ସେହିପରି ଏକ ଅନୁଭୂତି ଆଣି ଦେଉଥିବ । ସେତେବେଳେ ତୁମେ ଏପରି ଏକ ଅସ୍ତିତ୍ୱର ବୋଝତଳେ ରହିଥିବ, ଯାହାକି ତୁମକୁ ତଳକୁ ଦବାଇ ରଖୁଥିବ, ଉର୍ଦ୍ଧ୍ୱକୁ ଉଠି ସବୁଯାକ ସୂତ୍ରକୁ ପ୍ରତ୍ୟକ୍ଷ କରିପାରିବା ପରିବର୍ତ୍ତେ ତାହା ତୁମକୁ ଘୁଷୁରି ଘୁଷୁରି ଯିବା ଲାଗି ବାଧ କରୁଥିବ; ଯେଉଁ ସୂତ୍ରଗୁଡ଼ିକ ତୁମକୁ ବାଟ ଦେଖାଇ ନେବା ପାଇଁ ରହିଛନ୍ତି, ଯେଉଁ ସୂତ୍ରଗୁଡ଼ିକ ସ୍ପଷ୍ଟ ହୋଇ ଆସୁଥିବା ଏକ ଉପଲବ୍ଧି ଅଭିମୁଖରେ ଉତ୍ତରୋତ୍ତର ଗତି କରିବାର କେବଳ ଗୋଟିଏ ଗତିସ୍ପନ୍ଦନ ରୂପେ ବିଭିନ୍ନ ବସ୍ତୁକୁ ଏକତ୍ର ବାନ୍ଧି ରଖିପାରିବେ, ସେଗୁଡ଼ିକୁ ପ୍ରତ୍ୟକ୍ଷ କରିବା ପରିବର୍ତ୍ତେ ତାହା ତୁମକୁ ଘୁଷୁରି ଘୁଷୁରି ଯିବା ପାଇଁ ବାଧ କରୁଥିବ ।

ସାଧାରଣତଃ ଅତି ସ୍ୱାଭାବିକ ବୋଲି ବିଚାର କରାଯାଉଥିବା ଏହି ଅର୍ଦ୍ଧଚେତନା ମଧ୍ୟରୁ ତୁମକୁ ଡେଇଁ ବାହାରି ଯିବାକୁ ପଡ଼ିବ । ହଁ, ଏହି ଅର୍ଦ୍ଧଚେତନାକୁହିଁ ତୁମେ ନିଜ ସତ୍ତାର "ସ୍ୱାଭାବିକ" ଶୈଳୀ ବୋଲି ମାନି ନେଉଥିବ, ଏବଂ ଏହି ଅନିଶ୍ଚୟତା ଓ ଏହି ଯଥାର୍ଥତାର ଅଭାବଟିକୁ ଦେଖି ତା' ବିଷୟରେ ବିସ୍ମୟ ପ୍ରକାଶ କରିପାରିବା ଲାଗି ତୁମେ ସେଇଟିରୁ ଯଥେଷ୍ଟ ପରିମାଣରେ ଆପଣାକୁ ପ୍ରତ୍ୟାହୃତ ବି କରି ଆଣୁ ନ ଥିବ । ଏବଂ, ଅନ୍ୟ ପକ୍ଷରେ, ତୁମେ ଯେ ପ୍ରକୃତରେ କିଛି ଖୋଜୁଛ, ସେହି ବିଷୟରେ ଅବଗତ ହୋଇ ରହିବା, ସଚେତନ ଓ ସ୍ୱପ୍ରେରିତ ହୋଇ ଖୋଜିବା, ଅବିଚ୍ଛିନ୍ନ ଏବଂ ବିଧିବଦ୍ଧ ଭାବରେ ଖୋଜିବା, — ଆମେ ତାହାକୁହିଁ ଏକ ବିରଳ ଓ ପ୍ରାୟ "ଅସ୍ୱାଭାବିକ" ଅବସ୍ଥା ବୋଲି କହିଥାଉ । ମାତ୍ର, ପ୍ରକୃତ କଥା ହେଉଛି ଯେ କେବଳ ଏହି ଉପାୟରେହିଁ ଜଣେ ବ୍ୟକ୍ତି ଯଥାର୍ଥ ଭାବରେ ଜୀବନ ବଞ୍ଚିବାକୁ ଆରମ୍ଭ କରିଥାଏ ।

'oaob.nitrkl.ac.in' images reprocessed

## ୨୩ ଜାନୁଆରି ୧୯୫୭

''ମନୁଷ୍ୟ ଏବଂ ଦିବ୍ୟ ପରମସତ୍ତା ମଧ୍ୟରେ ଯେଉଁ ସମ୍ମେଳନ ଘଟିବ, ତାହା ସର୍ବଦା ଦିବ୍ୟ ପରମସତ୍ତାର ମନୁଷ୍ୟାୟତନର ସୀମାଭେଦ ଏବଂ ତାହା ମଧ୍ୟରେ ପ୍ରବେଶ କରିବାକୁ ବୁଝାଇବ ଏବଂ ଦିବ୍ୟ ପରମସତ୍ତା ମଧ୍ୟରେ ମନୁଷ୍ୟର ଏକ ଆତ୍ମ-ନିମଜ୍ଜନକୁହିଁ ବୁଝାଇବ ।

''ମାତ୍ର ସେହି ନିମଜ୍ଜନକୁ କଦାପି ଏକ ବିନାଶ ବା ବିଧ୍ୱଂସନ ଅର୍ଥରେ ବୁଝିବା ଉଚିତ ହେବ ନାହିଁ । ଏହିସବୁ ଯାବତୀୟ ଅନ୍ୱେଷଣ ଓ ଆକାଂକ୍ଷା, ଦୁଃଖସହନ ଏବଂ ହର୍ଷାନୁଭୂତି,— ଏକ ନିର୍ବାପନ ଦ୍ୱାରା ସେଗୁଡ଼ିକରେ କଦାପି କୌଣସି ପରିପୂର୍ଣ୍ଣତା ସମ୍ଭବ ହେବ ନାହିଁ । ଯଦି ନିର୍ବାପନକୁହିଁ ଅନ୍ତଃପରିଣାମ କରି ରଖା ଯାଇଥା'ନ୍ତା, ତେବେ ଏହି ଲୀଳାଟିକୁ ଆରମ୍ଭ ବା କାହିଁକି କରାଯାଇ ଥାଆନ୍ତା ?

''ଆନନ୍ଦ ହେଉଛି ଅସଲ ରହସ୍ୟ । ତୁମେ ଏହି ବିଶୁଦ୍ଧ ଆନନ୍ଦକୁ ଜାଣ, ତେବେ ତୁମେ ପରମେଶ୍ୱରଙ୍କୁ ମଧ୍ୟ ଜାଣିବ ।

''ତେବେ ସମଗ୍ର ଜଡ଼ର ସର୍ବପ୍ରଥମ ଉନ୍ମେଷରୂପେ ଆମେ କାହାକୁ ବୁଝିବା ? ତାହାକୁ ଆମେ ସେହି ଅସ୍ତିତ୍ୱ ବୋଲି ବୁଝିବା ଯାହାକି ସତ୍ତାର କେବଳ ଲୀଳା ସକାଶେହିଁ ଆପଣାକୁ ବସ୍ତୁରେ ପରିଣତ କରିଥିଲା ଏବଂ ବସ୍ତୁ ରୂପର ଅଗଣିତ ଅର୍ବୁଦ ମଧ୍ୟରେ ଆସି ପ୍ରବିଷ୍ଟ ହେଲା ଯେପରିକି ତାହା ଆପଣାକୁ ଅନେକ ଓ  ଅଗଣିତ  ଭାବରେ ଉପଲବ୍ଧି କରିପାରିବ ।

''ଏବଂ ଜଡ଼ର ମଧ୍ୟାବସ୍ଥା କହିଲେ ଆମେ କ'ଣ ବୁଝିବା ? ଏହାକୁ ଆମେ ଏପରି ଏକ ବିଭାଜନ ବୋଲି ବୁଝିବା, ଯାହାକି ଏକ ବସ୍ତୁଧାଯୁକ୍ତ ଏକତ୍ୱ ଲାଗି ଉଦ୍ୟମ କରିବାରେ ଲାଗିଛି; ଏପରି ଏକ ଅଜ୍ଞାନ ବୋଲି ବୁଝିବା, ଯାହାକି ବିଚିତ୍ର ଆଲୋକର ଏକ ବନ୍ୟା ଉଦ୍ଦେଶ୍ୟରେ ନିଜକୁ ଧାବିତ କରି ରଖିଛି, ଏପରି ଏକ ଯନ୍ତ୍ରଣା ବୋଲି ବୁଝିବା ଯାହାକି ଏକ ଅକଳ୍ପନୀୟ ଉଲ୍ଲାସ-ଅନୁଭୂତିର ସ୍ୱର୍ଣ୍ଣଲାଭ କରିବା ପାଇଁ ତତ୍ପର ହୋଇରହିଛି । କାରଣ, ଏହିସବୁ ବସ୍ତୁ କେବଳ ଗୋଟିଏ ଗୋଟିଏ କାଳିମାମୟ ମୂର୍ତ୍ତି ଏବଂ ବିକାରଗ୍ରସ୍ତ ବଦନ ବ୍ୟତୀତ ଆଉ କିଛି ନୁହନ୍ତି ।

''ଏବଂ ଏହି ସମଗ୍ର ଜଡ଼ଭୂମିର ସର୍ବଶେଷ ପରିଣତି ବୋଲି

'oaob.nitrkl.ac.in' images reprocessed

*ଆମେ ଜାହାକୁ ଜାଣିବା ? ମଧୁ ସତେ ଯେପରି ନିଜେ ନିଜର ଆସ୍ୱାଦନକୁ ଲାଭ କରିବ, ସତେଯେପରି ତାହା ଏକତ୍ର କରି ଆପଣାର ସବୁଯାକ ବିନ୍ଦୁର ଆସ୍ୱାଦନକୁ ଲାଭ କରିବ, ସତେଯେପରି ତାହାର ପ୍ରତ୍ୟେକଟି ବିନ୍ଦୁ ପରସ୍ପରର ଆସ୍ୱାଦନ ଲାଭ କରିବେ ଏବଂ ସେମାନେ ଯେପରି ସମଗ୍ର ମଧୁଚକ୍ରଟିର ଆସ୍ୱାଦନକୁ ଆପଣାଠାରୁ ଅଭିନ୍ନରୂପେ ଲାଭ କରିପାରିବେ, ଠିକ୍ ସେହିପରି ଜଡ଼ର ଶେଷ ପରିଣତି ମଧ୍ୟ ପରମ ଦିବ୍ୟସତ୍ତାହିଁ ହେବା ଉଚିତ, ମନୁଷ୍ୟର ଆତ୍ମା ହେବା ଉଚିତ, ଏହି ବିଶ୍ୱବ୍ରହ୍ମାଣ୍ଡ ବି ହେବା ଉଚିତ ।*

*"ପ୍ରେମ ହେଉଛି ଅସଲ ଚାବି, ଆନନ୍ଦ ହେଉଛି ସଂଗୀତ, ଶକ୍ତି ହେଉଛି ମୂର୍ଚ୍ଛନା ଏବଂ ଜ୍ଞାନ ହେଉଛି ସେହି ସଂଗୀତର ବାଦକ । ଅନନ୍ତ ସର୍ବମୟ ଜଣକହିଁ ସେହି ସଂଗୀତଟିକୁ ତିଆରି କରିଛନ୍ତି ଏବଂ ଶ୍ରୋତା ହୋଇ ସେଇ ସଂଗୀତଟିକୁ ଶୁଣୁଛନ୍ତି । ଆମେ ସବୁ କେବଳ ସେହି ପ୍ରଥମକାଳୀନ ଛନ୍ଦହୀନ ଝଙ୍କାରଗୁଡ଼ାକୁହିଁ ଶୁଣିବାରେ ଲାଗିଛୁ, କେବଳ ସେହିଗୁଡ଼ିକୁହିଁ ଜାଣୁଛୁ; ସର୍ବଶେଷରେ ଉପଲବ୍ଧ ହେବାକୁ ଯାଉଥିବା ଐକ୍ୟତାନଟି ଯେପରି ମହାନ ହେବାକୁ ଯାଉଛି, ଏହି ଛନ୍ଦହୀନ ଝଙ୍କାରଗୁଡ଼ାକ ବର୍ତ୍ତମାନ ଠିକ୍ ସେହିପରି ଭୟଙ୍କର ହୋଇ ରହିଛନ୍ତି । ମାତ୍ର ଆମେ ସେହି ଦିବ୍ୟ ପରମାନନ୍ଦମୟତାର ସ୍ତରରେ ଯାଇ ଅବଶ୍ୟ ଉପନୀତ ହୋଇପାରିବା ।*

**ବିଚାର ଓ ଚିନ୍ତାଧାରା, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା.୩୮୪**

ସର୍ବପ୍ରଥମ କଥାଟି ହେଉଛି ଯେ ଏକ ମନୋଯୋଗପୂର୍ଣ୍ଣ ଅବଲୋକନ ଦ୍ୱାରା ଆମକୁ ଏହି ବିଷୟରେ ସଜ୍ଞାନ ହେବାକୁ ପଡ଼ିବ ଯେ ଆମର ଯାବତୀୟ ବାସନା ଏବଂ ସେଗୁଡ଼ିକର ତର୍ପଣ ଆମ ଲାଗି କେବଳ ଏକ ଅସ୍ପଷ୍ଟ ଏବଂ ଅନିଶ୍ଚିତ ସୁଖରହିଁ ଉପଲବ୍ଧି କରାଇ ଆଣିଥାଏ; ସେହି ସୁଖ ଅତ୍ୟନ୍ତ ମିଶ୍ରିତ ହୋଇ ରହିଥାଏ, ଅତ୍ୟନ୍ତ କ୍ଷଣସ୍ଥାୟୀ ଏବଂ ସଂପୂର୍ଣ୍ଣ ଭାବରେ ଅସନ୍ତୋଷକାରକ ହୋଇ ରହିଥାଏ । ତେଣୁ ଆମେ ସାଧାରଣତଃ ଏହାକୁହିଁ ସର୍ବପ୍ରଥମ ବିନ୍ଦୁ ବୋଲି ଜାଣିବା ।

ତା'ପରେ, ଯଦି ଆମେ ଗୋଟିଏ ବିବେଚନା-କ୍ଷମ ସତ୍ତା ହୋଇଥିବା, ତେବେ ଆମେ ବାସନା କହିଲେ କ'ଣ ବୁଝାଉଛ, ତାହା ଠଉରାଇବାକୁ ନିଶ୍ଚୟ ଶିକ୍ଷା କରିବା ଏବଂ ବାସନାକୁ ଚରିତାର୍ଥ କରିବା ଲାଗି ଉଦ୍ଦିଷ୍ଟ ଥିବା ଯାବତୀୟ କାର୍ଯ୍ୟ କରିବାରୁ ଆମେ କ୍ଷାନ୍ତ ରହିପାରିବା । ବାସନାଗୁଡ଼ିକର ଚରିତାର୍ଥ କରିବା ପରିବର୍ତ୍ତରେ ଆମକୁ ସେଗୁଡ଼ିକର ପ୍ରତ୍ୟାଖ୍ୟାନହିଁ କରିବାକୁ ପଡ଼ିବ । ଏବଂ, ଏଥିରୁ ଯେଉଁ ସର୍ବପ୍ରଥମ

'oaob.nitrkl.ac.in' images reprocessed

ପରିଣାମଟି ଉପଲବ୍ଧ ହେବ, ଆପଣାର ଉପଦେଶରେ ଗୌତମବୁଦ୍ଧ ଆପଣାର ଏକ ଅନ୍ୟତମ ସର୍ବପ୍ରଥମ ଉପଦେଶରୂପେ ତାହାହିଁ କହି ଯାଇଛନ୍ତି : ଗୋଟିଏ ବାସନାକୁ ଚରିତାର୍ଥ କରିବାରେ ଯେତିକି ଆନନ୍ଦ ରହିଛି, ସେହି ବାସନାଟି ଉପରେ ବିଜୟ ହାସଲ କରିବାରେ ଓ ତାହାର ବିଲୋପ ସାଧନ କରିବାରେହିଁ ତା'ଠାରୁ ଅନନ୍ତ ଗୁଣରେ ଅଧିକ ଆନନ୍ଦ ନିହିତ ରହିଛି । ନିଷ୍ଠାର ସହିତ ଆପଣାର ପଥରେ ଅବିଚଳିତ ହୋଇ ରହିଥିବା ପ୍ରତ୍ୟେକ ସାଧକ କେତେ କାଳ ପରେ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ବେଳେବେଳେ ଅତ୍ୟନ୍ତ ଅବିଳମ୍ବ ଭାବରେ ଏହି କଥାଟିକୁ ଅବଶ୍ୟ ଉପଲବ୍ଧି କରିବ ଯେ ଏହି କଥାଟି ହେଉଛି ଏକ ଅମୋଘ ସତ୍ୟ, ସିଏ ଉପଲବ୍ଧି କରିବ ଯେ ଗୋଟିଏ ବାସନାକୁ ଅତିକ୍ରମ କରିପାରିବାରେ ଯେଉଁ ସୁଖ ଅନୁଭୂତ ହୋଇଥାଏ, ତାହା ବିଭିନ୍ନ ବାସନାକୁ ଚରିତାର୍ଥ କରିବା ଦ୍ୱାରା ପ୍ରାପ୍ତ ହେଉଥିବା ସେହି କ୍ଷଣସ୍ଥାୟୀ ଏବଂ ଅତିମିଶ୍ରିତ କ୍ଷୁଦ୍ର ସୁଖଟି ତୁଳନାରେ ଅତୁଳନୀୟ ଭାବରେ ନିଶ୍ଚୟ ଉଚ୍ଚତର ହୋଇ ରହିଥାଏ । ଏଇଟି ହେଉଛି ଦ୍ୱିତୀୟ ପଦକ୍ଷେପ ।

ସ୍ୱଭାବତଃ, ଏହିପରି ଏକ ସାଧନାକୁ ଅବିଚ୍ଛିନ୍ନ କରି ରଖିପାରିଲେ, ଅତ୍ୟନ୍ତ ଅଳ୍ପକାଳ ମଧ୍ୟରେ ତୁମର ବାସନାମାନ ତୁମଠାରୁ ଦୂରବର୍ତ୍ତୀ ହୋଇରହିବେ ଏବଂ ତୁମକୁ ଆଉ କଦାପି ବ୍ୟସ୍ତ କରିବାକୁ ଆସିବେ ନାହିଁ । ଏହା ଫଳରେ ତୁମେ ନିଜର ସତ୍ତାଟି ମଧ୍ୟରେ ଆଉ ଟିକିଏ ଅଧିକ ଗଭୀର ଭାବରେ ପ୍ରବେଶ କରିବା ଲାଗି ମୁକ୍ତ ହୋଇଯାଇପାରିବ ଏବଂ ଆପଣାକୁ ଏକ ଅଭୀପ୍ସାର ଭୂମିରେ ସେହି ପରମ ଆନନ୍ଦଦାତା, ସେହି ଦିବ୍ୟ ପରମୋପାଦାନ ଓ ଦିବ୍ୟ ପରମକରୁଣା ନିମିତ୍ତ ଉନ୍ମୋଚିତ କରି ରଖିପାରିବ । ଏବଂ, ଯଦି ଆତ୍ମଦାନର ଏକ ଭାବ ସହିତ, ଆପଣାକୁ ସମର୍ପି ଦେଉଥିବା, ଉତ୍ସର୍ଗ କରି ଦେଉଥିବା ଏବଂ ଆପଣାର ଉତ୍ସର୍ଗ ବଦଳରେ ତଥାପି କିଛିହେଲେ ଆଶା କରୁ ନ ଥିବା ଏକ ଭାବ ସହିତ ଏହି କଥାଟିକୁ କରାଯାଇପାରିବ, ତେବେ ଆମେ ଏପରି ଏକ ମଧୁର ସ୍ୱସ୍ତିଦାୟକ, ଅନ୍ତରଙ୍ଗ ଏବଂ ଜ୍ୟୋତିର୍ମୟ ଉଷ୍ଣତା ଅନୁଭବ କରିବାକୁ ଆରମ୍ଭ କରିବା, ଯାହାକି ଆମର ହୃଦୟକୁ ପରିପୂର୍ଣ୍ଣ କରି ଦେଇଯିବ ଏବଂ ଏକ ପରମ ଆନନ୍ଦକୁ ଆବାହନ କରି ଆଣିବ ।

ତା'ପରେ, ମାର୍ଗଟି ସହଜ ହୋଇଯିବ ।

*ମାଆ, ସତ୍ତାର ଯଥାର୍ଥ ପରମ ଆନନ୍ଦ କହିଲେ କାହାକୁ ବୁଝାଇବ ?*

ମୁଁ ଯେଉଁ ଆନନ୍ଦର କଥା କହୁଛି, ଠିକ୍ ତାହାକୁହିଁ ବୁଝାଇବ ।

'oaob.nitrkl.ac.in' images reprocessed

*ମାଆ, ତେବେ, ଏଠାରେ ଶ୍ରୀଅରବିନ୍ଦ ଯେତେବେଳେ "ସତ୍ତାଗତ ବିଶୁଦ୍ଧ ଆନନ୍ଦ ହେତୁହିଁ ଆପଣାକୁ ବହୁରେ ପରିଣତ କରିଥିବା" ଏକ ଅସ୍ତିତ୍ୱ ବିଷୟରେ କହୁଛନ୍ତି, ସେତେବେଳେ ସେହି ଆନନ୍ଦ କହିଲେ ପ୍ରକୃତରେ କ'ଣ ବୁଝାଇବ ?*

ସେଇଟି ହେଉଛି ଜୀବନ ବଞ୍ଚିବାର ଆନନ୍ଦ ।

ଏପରି ଗୋଟିଏ ସମୟ ଆସି ପହଞ୍ଚିଯାଏ, ଯେତେବେଳେ କି ପ୍ରାୟ ପ୍ରସ୍ତୁତ ହୋଇଯିବା ପରି ମନେ ହୁଏ, ଯେତେବେଳେ କି ପ୍ରତ୍ୟେକ କଥା ଓ ପ୍ରତ୍ୟେକ ବସ୍ତୁରେ ସେହି ଆନନ୍ଦଟିକୁ ଅନୁଭବ କରିହୁଏ; ପ୍ରତ୍ୟେକ କ୍ରିୟା ଏବଂ ପ୍ରତ୍ୟେକ ସ୍ପନ୍ଦନ ମଧ୍ୟରେ ଚାରିପାଖରେ ଅବସ୍ଥିତ ରହିଥିବା ପ୍ରତ୍ୟେକ ବସ୍ତୁରେ,– କେବଳ ମନୁଷ୍ୟ ଏବଂ ସଚେତନ ସତ୍ତାଗୁଡ଼ିକ ମଧ୍ୟରେ ନୁହେଁ, ମାତ୍ର ପ୍ରତ୍ୟେକ ବସ୍ତୁରେ ବି, କେବଳ ଗଛ, ବୃକ୍ଷ ଓ ପ୍ରାଣୀମାନଙ୍କ ମଧ୍ୟରେ ନୁହେଁ, ମାତ୍ର ଆମେ ବ୍ୟବହାର କରୁଥିବା ଯେକୌଣସି ବସ୍ତୁରେ ଓ ଆମ ଚତୁର୍ଦ୍ଦିଗରେ ରହିଥିବା ଯେକୌଣସି ବସ୍ତୁରେ ବି ଆମେ ସେହି ଆନନ୍ଦଟିକୁ, ସେହି ସତ୍ତାଗତ ଆନନ୍ଦଟିକୁ, ଆମେ ଠିକ୍ ଯାହା, ତାହାହିଁ ହୋଇ ରହିଥିବାର ଆନନ୍ଦଟିକୁ, ଏହି ଶୁଦ୍ଧ ସତ୍ତାଟିର ଆନନ୍ଦଟିକୁ ଅନୁଭବ କରିବାକୁ ଲାଗୁ । ଏବଂ ଏହି ସବୁକିଛି ପ୍ରକୃତରେ ସେହିପରି ସାଧିତ ହେବାରେ ଲାଗିଛି ବୋଲି ସେତେବେଳେ ପ୍ରତ୍ୟକ୍ଷ ହେବାକୁ ଲାଗେ । ଯେକୌଣସି ବସ୍ତୁକୁ ସ୍ପର୍ଶ କରିବା ମାତ୍ରକେହିଁ ଆମେ ଏହି ଆନନ୍ଦଟିକୁ ଅନୁଭବ କରିବାକୁ ଆରମ୍ଭ କରୁ । ମାତ୍ର, ସ୍ମରଣ ରଖିବା ଉଚିତ ଯେ, ମୁଁ ପ୍ରଥମେ ଯେଉଁ ସାଧନାଟି ବିଷୟରେ କହୁଥିଲି, ଆମେ ସ୍ୱାଭାବତଃ ସେହି ସାଧନାଟିର ଅନୁସରଣ କରି ଆସିଥିବା ଉଚିତ; ତା' ନ ହେଲେ, ଯେତେବେଳ ପର୍ଯ୍ୟନ୍ତ ଆମ ଭିତରେ କୌଣସି ନା କୌଣସି ବାସନା ରହିଥିବ, କୌଣସି ଏକ ଅଗ୍ରରୁଚି, ଆସକ୍ତି ରହିଥିବ, କୌଣସି ଆକର୍ଷଣ ଅଥବା ବିକର୍ଷଣର ଭାବ ରହିଥିବ ବା ସେହିପରି ଆହୁରି କିଛି ରହିଥିବ, ସେପର୍ଯ୍ୟନ୍ତ ତାହା କଦାପି ହୋଇପାରିବ ନାହିଁ, କଦାପି ହୋଇପାରିବ ନାହିଁ ।

ତେଣୁ ଯେପର୍ଯ୍ୟନ୍ତ କୌଣସି ଏକ ବସ୍ତୁରେ ଆମେ ସୁଖହିଁ ଲାଭ କରୁଥିବା, ହଁ, ପ୍ରାଣିକ ଅଥବା ଭୌତିକ ସୁଖ ଲାଭ କରୁଥିବା, ଆମେ ସେପର୍ଯ୍ୟନ୍ତ ଏହି ଆନନ୍ଦକୁ କଦାପି ଅନୁଭବ କରିପାରିବା ନାହିଁ । କାରଣ, ଏହି ଆନନ୍ଦ ସର୍ବତ୍ର ଅବସ୍ଥିତ ରହିଛି । ଏହି ଆନନ୍ଦ ଏକ ଅତୀବ ସୂକ୍ଷ୍ମ ବସ୍ତୁରୂପେ ଅବସ୍ଥିତ ରହିଛି । ଆମେ ବସ୍ତୁଗୁଡ଼ିକ ମଧ୍ୟରେ ବିଚରଣ କରୁଥିବା ଓ ସେହି ବସ୍ତୁଗୁଡ଼ିକ ଆପଣାର ଆନନ୍ଦଟିକୁହିଁ ଆମ ଲାଗି ଏକ ସଂଗୀତମୟତାର ମାଧ୍ୟମରେ ଅଭିବ୍ୟକ୍ତ କରିବାରେ ଲାଗିଥିବେ । ଏପରି ଏକ ସମୟ

'oaob.nitrkl.ac.in' images reprocessed

ଆସି ପହଞ୍ଚିବ ଯେତେବେଳେ କି ସେହି ଆନନ୍ଦ ତୁମର ଚତୁର୍ଦ୍ଦିଗରେ ରହିଥିବା ଜୀବନ ମଧ୍ୟରେ ଏକ ଅତ୍ୟନ୍ତ ପରିଚିତ ବସ୍ତୁରୂପେ ପ୍ରତିଭାତ ହୋଇଉଠିବ । ଅବଶ୍ୟ ମୁଁ ଏହି କଥାଟି ନିଶ୍ଚୟ ସ୍ୱୀକାର କରିବି ଯେ ମନୁଷ୍ୟମାନଙ୍କର ସଂସର୍ଗ ମଧ୍ୟରେ ତାହାକୁ ଅନୁଭବ କରିବା ଅପେକ୍ଷାକୃତ ଟିକିଏ ଅଧିକ କଷ୍ଟସାଧ୍ୟ ହେବ, କାରଣ ମନୁଷ୍ୟମାନଙ୍କର କ୍ଷେତ୍ରରେ ସେମାନଙ୍କର ଯାବତୀୟ ମନୋଗତ ଏବଂ ପ୍ରାଣିକ ବିରଚନାମାନ ଉପସ୍ଥିତ ରହିଥିବ ଓ ସେଗୁଡ଼ିକ ଆମ ବୋଧଗତ ଭୂମିରେ ପ୍ରବେଶ କରି ତାହାକୁ ବ୍ୟାହତ କରି ପକାଉଥିବେ । ଅହଂ ଦ୍ୱାରା ପ୍ରେରିତ ହୋଇ ଆସୁଥିବା ଏହିସବୁ ବାଧା ଅତିରିକ୍ତ ପରିମାଣରେ ବସ୍ତୁଗୁଡ଼ିକ ସହିତ ଆସି ମିଶ୍ରିତ ହୋଇ ଯାଉଥିବେ ଏବଂ ତେଣୁ ସେହି କ୍ଷେତ୍ରରେ ଯଥାର୍ଥ ପରମ ଆନନ୍ଦଟି ସହିତ ସଂପର୍କ ସ୍ଥାପନ କରିବା ଅପେକ୍ଷାକୃତ ଅଧିକ କଷ୍ଟସାଧ୍ୟ ହୋଇ ପଡୁଥିବ । ମାତ୍ର ଆମେ ଇତର ପ୍ରାଣୀମାନଙ୍କ ମଧ୍ୟରେ ବି ସେହି ଆନନ୍ଦଟିକୁ ଅନୁଭବ କରିପାରିବା, ମାତ୍ର ଉଦ୍ଭିଦମାନଙ୍କର ଭୂମିଟିର ତୁଳନାରେ ତାହା ନିଶ୍ଚୟ ଅପେକ୍ଷାକୃତ ଟିକିଏ ଅଧିକ କଷ୍ଟସାଧ୍ୟହିଁ ହୋଇଥିବ । ମାତ୍ର ଉଦ୍ଭିଦର ଭୂମିରେ, ଫୁଲଗୁଡ଼ିକୁ ଅନୁଭବ କଲାବେଳେ ସେହି ଆନନ୍ଦର ଅନୁଭୂତି ଭାରି ଚମତ୍କାର ହୋଇ ଆମ ପାଖରେ ଆସି ଧରା ଦେଉଥିବ । ସେମାନେ ସେମାନଙ୍କର ସବୁଯାକ ଆନନ୍ଦକୁ ବ୍ୟକ୍ତ କରିଦେଇ ପାରନ୍ତି, ସେମାନେ ତାହାକୁ ପ୍ରକାଶ କରିଦେଇପାରନ୍ତି । ଏବଂ, ମୁଁ ଯେପରି କହିଲି, ଆମର ପରିଚିତ ଯାବତୀୟ ବସ୍ତୁରେ, ଆମର ଚତୁଃପାର୍ଶ୍ୱରେ ରହିଥିବା ବସ୍ତୁଗୁଡ଼ିକରେ, ଆମେ ବ୍ୟବହାର କରୁଥିବା ସକଳ ଦ୍ରବ୍ୟରେ ଏପରି ଏକ ଚେତନାସ୍ଥିତି ଅବଶ୍ୟ ଅବସ୍ଥିତ ରହିଥାଏ, ଯେଉଁଥିରେ ଅମିଶ୍ରିତ ଭାବରେ ଅବସ୍ଥାନ କରିବା ଦ୍ୱାରା ପ୍ରକୃତରେ ଏକ ସୁଖାନୁଭବ ଉପଲବ୍ଧ ହୋଇଥାଏ । ତେଣୁ, ସେହି ମୁହୂର୍ତ୍ତରେ ଯଥାର୍ଥ ଆନନ୍ଦର ସ୍ପର୍ଶ ଲାଭ କରୁଥିବା ପରି ଜାଣି ହୁଏ । ଏବଂ, ସେହି କ୍ଷେତ୍ରରେ ଆଦୌ କୌଣସି ପ୍ରସୀମନ ନ ଥାଏ । ସେହି ଅନୁଭୂତି ବାହାରର କୌଣସି ପରିସ୍ଥିତି ଉପରେ ନିର୍ଭର କରୁ ନ ଥାଏ, ଅଳ୍ପ ବା ବହୁତ କୌଣସି ଅନୁକୂଳ ଅବସ୍ଥା ଉପରେ ନିର୍ଭର କରେ ନାହିଁ, ତାହା ପ୍ରକୃତରେ କିଛି ଉପରେ ନିର୍ଭର କରୁ ନ ଥାଏ । ଏହାକୁ ଆମେ ଏକ ସମ୍ମିଳନ ବୋଲିହିଁ ଜାଣିବା, ବିଶ୍ୱଜଗତର ଯଥାର୍ଥ ଉଦ୍ଦେଶ୍ୟଟି ସହିତ ଏକ ସଂପର୍କର ସ୍ଥାପନା ହୋଇଯିବା ବୋଲି ଜାଣିବା ।

ଏବଂ ଯେତେବେଳେ ଏହା ପ୍ରକୃତରେ ଆସେ, ସେତେବେଳେ ତାହା ଶରୀରର ସମସ୍ତ କୋଷକୁ ପୂର୍ଣ୍ଣ କରିଦିଏ । ତାହାକୁ ଆମେ ଏପରି ଏକ ବସ୍ତୁ ବୋଲି ବି କହିପାରିବା ନାହିଁ, ଯାହାକୁ କି ଭାବି ସ୍ଥିର କରିବାକୁ ହୋଇଥାଏ;– ବୁଦ୍ଧି ଦେଇ କୌଣସି ଯୁକ୍ତି କରିବାକୁ ପଡ଼େ ନାହିଁ, ବିଶ୍ଳେଷଣ କରି ଦେଖିବାକୁ ପଡ଼େ ନାହିଁ, – ସେସବୁ କିଛିହେଲେ କରିବାକୁ ପଡ଼େ ନାହିଁ । ଏହାକୁ ଆମେ କେବଳ ଏପରି ଗୋଟିଏ ସ୍ଥିତି ବୋଲି କହିପାରିବା,

'oaob.nitrkl.ac.in' images reprocessed

ଯେଉଁଥିରେ କି ଆମେ ବାସ କରୁଥାଉ । ଏବଂ, ଯେତେବେଳେ ଶରୀର ବି ସେଥିରେ ଅଂଶଗ୍ରହଣ କରିପାରେ, ସେତେବେଳେ ତାହା ଅତ୍ୟନ୍ତ ସଚେତ ହୋଇଉଠେ, ଏପରି ସଚେତ ଓ ଏପରି ସ୍ୱତଃସ୍ଫୂର୍ତ୍ତ ହୋଇଉଠେ ଯେ... ତାକୁ ଆଉ ଆପଣା ଉପରେ ଜାବୁଡ଼ି ହୋଇ ରହିବାକୁ ପଡ଼େ ନାହିଁ, ଏହି କ୍ଷେତ୍ରରେ ଆଉ ଆତ୍ମ-ଅବଲୋକନ, ଆତ୍ମ-ବିଶ୍ଳେଷଣ ଅଥବା ବସ୍ତୁ ବିଶ୍ଳେଷଣର ମଧ୍ୟ ଆଦୌ କୌଣସି ବୋଧ ନ ଥାଏ । ସବୁକିଛି କେବଳ ଆନନ୍ଦମୟ କେତେକେତେ ସ୍ପନ୍ଦନର ଏକ ସ୍ତବଗାନ ପରି ହୋଇ ରହିଥାଏ; ମାତ୍ର ସେହି ସ୍ପନ୍ଦନ ଭାରି ଶାନ୍ତ ଓ ସ୍ଥିର ହୋଇ ରହିଥାଏ, ସେଥିରେ କୌଣସିଠାରେ କୌଣସି ପ୍ରକାର ବି ତୀବ୍ରତା ଅଥବା ପ୍ରଚଣ୍ଡତା ରହି ନ ଥାଏ, କୌଣସି ଆତୁରତା ନ ଥାଏ, ସେଭଳି ଆଦୌ କୌଣସି ପଦାର୍ଥ ନ ଥାଏ । ଏହା ଏକାଧାରରେ ଭାରି ସୂକ୍ଷ୍ମ ଏବଂ ଭାରି ପ୍ରଗାଢ଼ ହୋଇ ରହିଥାଏ, ଏବଂ ଯେତେବେଳେ ତାହା ପ୍ରକୃତରେ ଆସେ, ସେତେବେଳେ ସମଗ୍ର ବିଶ୍ୱଜଗତ ସତେଅବା ଏକ ଅଦ୍ଭୁତ ଐକତାନ ପରି ଅନୁଭୂତ ହେବାକୁ ଲାଗେ । ଏପରିକି, ସାଧାରଣ ମନୁଷ୍ୟ ଚେତନାକୁ ଯାହା କୁତ୍ସିତ ହୋଇ ଦେଖା ଯାଉଥାଏ, ଅସୁଖକର ଲାଗୁଥାଏ, ସେଇଟି ମଧ୍ୟ ଅଦ୍ଭୁତ ପ୍ରକାରେ ସୁନ୍ଦର ବୋଲି ମନେ ହୁଏ ।

ମାତ୍ର, ମୁଁ ଯେପରି କହୁଥିଲି, ବଡ଼ ଦୁର୍ଭାଗ୍ୟର କଥା ଯେ, ନାନା ବ୍ୟକ୍ତି, ନାନା ପରିସ୍ଥିତି, ସେହିସବୁ ଯାବତୀୟ ମାନସିକ ତଥା ପ୍ରାଣିକ ବିରଚନା ଦ୍ୱାରା ଏହାକୁ ନିୟତ ଅତ୍ୟନ୍ତ ପରିମାଣରେ ବ୍ୟାହତ କରି ରଖିଥା'ନ୍ତି । ଏବଂ, ସେହି ପରିସ୍ଥିତିରେ, ଆମକୁ ବାଧ୍ୟ ହୋଇ ପୁନର୍ବାର ବସ୍ତୁବୋଧର ଏହି ଅଜ୍ଞାନତାମୟ ଅନ୍ଧ ସ୍ତରକୁହିଁ ଫେରି ଆସିବାକୁ ପଡ଼େ । ମାତ୍ର, ତା' ନ ହେଲେ, ଏହି ସବୁକିଛିର ଅବସାନ ଘଟିବା ମାତ୍ରକେ ଏବଂ ଆମେ ଏସବୁ ଭିତରୁ ବାହାରକୁ ବାହାରି ଆସିପାରିବା ମାତ୍ରକେ... ସେତେବେଳେ ସବୁକିଛି ବଦଳିଯାଏ । ସେହି ଉକ୍ତିଟିରେ ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ସର୍ବାଶେଷରେ ଯେପରି କହିଛନ୍ତି : ସବୁକିଛି ବଦଳିଯାଏ । ଏକ ଅଦ୍ଭୁତ ସୌଷମ୍ୟର ପ୍ରତିଷ୍ଠା ହୁଏ । ଏବଂ ତା'ପରେ ସବୁକିଛି ପରମ ଆନନ୍ଦରେ ପରିଣତ ହୁଏ, ଯଥାର୍ଥ ଏବଂ ସତ୍ୟମୟ ଆନନ୍ଦରୂପେ ପ୍ରତିଭାତ ହୋଇଉଠେ ।

ଏଥିଲାଗି କିଛିତ୍ କାର୍ଯ୍ୟ କରିବାକୁ ହୁଏ ।

ଏବଂ, ଏହି କ୍ଷେତ୍ରରେ ଆମକୁ ଯେଉଁ ସାଧନାଟିକୁ କରିବାକୁ ହେବ ବୋଲି ମୁଁ କହିଲି, ସେହି ପରମ ଆନନ୍ଦଟିର ଆବିଷ୍କାର କରିବାର ଏକ ଅଭିପ୍ରାୟ ରଖି ଯଦି ତାହାର ଅଭ୍ୟାସ କରାଯାଏ, ତେବେ ତାହାର ଫଳ ଫଳିବାରେ ବିଳମ୍ବ ହୁଏ, କାରଣ, ସେହି କ୍ଷେତ୍ରରେ ଅହଂପ୍ରେରଣାର ଏକ ଉପାଦାନ ଆସି ପ୍ରବିଷ୍ଟ ହୋଇ ଯାଇଥାଏ, ସେତେବେଳେ, ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟ ରଖି ଯାହାକିଛି କରାଯାଏ ଏବଂ ଏକ ଉତ୍ସର୍ଗ ବା ସମର୍ପଣ ରୂପେ

'oaob.nitrkl.ac.in' images reprocessed

ଆଉ କିଛିହେଲେ କରାଯାଏ ନାହିଁ । ସତେଅବା ଏକ ଦାବି ପରି କରାଯାଏ, ଏବଂ ତେଣୁ... ଏହା ଅବଶ୍ୟ ଆସେ, ଅବଶ୍ୟ ଆସିବ, ଅନେକ ଅଧିକ ସମୟ ନେଲେ ମଧ୍ୟ ତଥାପି ଆସିବ— ଯେତେବେଳେ ଆମେ କିଛିହେଲେ ମାଗିବା ନାହିଁ, କିଛିରହିଁ ପ୍ରତ୍ୟାଶା ରଖିବା ନାହିଁ, କିଛିହେଲେ ଆଶା କରିବା ନାହିଁ, ଯେତେବେଳେ ଶୁଦ୍ଧ ଭାବରେ କେବଳ କାର୍ଯ୍ୟଟିକୁହିଁ କରିଯିବା, ଯେତେବେଳେ ତାହାକୁ ଶୁଦ୍ଧ ଆତ୍ମ-ଦାନ ଏବଂ ଅଭୀପ୍ସାରୂପେ କରିପାରିବା ଏବଂ କୌଣସି ପ୍ରକାର ଦରଦାମ୍ କରିବା ଭିତରେ ନ ପଶି ତାହା ଏକ ସ୍ୱତଃସ୍ଫୂର୍ତ୍ତ ପ୍ରୟୋଜନ ରୂପେ ଆପଣାକୁ ପ୍ରକାଶ କରି ଆଣିପାରିବ, କେବଳ ଦିବ୍ୟ ହେବାର ପ୍ରୟୋଜନ ରୂପେହିଁ ଆପଣାକୁ ବ୍ୟକ୍ତ କରିଆଣିବ, ତାହା ସେତିକିବେଳେ ଆସିବ ।

*ମାଆ, ଆପଣ ଏହି "ମଧୁ-କଣିକା" ଶବ୍ଦଟିକୁ ବୁଝାଇ କହିଦେବେ କି ?*

ହଁ— ହଁ— "ମଧୁ"କୁ ସେଠାରେ ଏକ ପ୍ରତିରୂପ ପରି ବ୍ୟବହାର କରାଯାଇଛି ।

ଶ୍ରୀଅରବିନ୍ଦ କହୁଛନ୍ତି, "ଯଦି ଆମେ କଳ୍ପନା କରିପାରିବା..." କେବଳ ଏକ ବୁଦ୍ଧିପ୍ରସୂତ ଅମୂର୍ତ୍ତୀକରଣଠାରୁ କଥାଟିକୁ ଏକ ଅପେକ୍ଷାକୃତ ଅଧିକ ମୂର୍ତ୍ତିମନ୍ତ ବ୍ୟଞ୍ଜନା ଆଣି ଦେବା ଲାଗି ସେ ସେପରି କହିଛନ୍ତି । ସିଏ କହୁଛନ୍ତି : "ଯଦି, ଉଦାହରଣସ୍ୱରୂପ, ତୁମେ ଏକ ମହୁଫେଣାର କଳ୍ପନା କରିପାରିବ, ହଁ, – ଏପରି ଏକ ମହୁଫେଣାର କଳ୍ପନା କରିପାରିବ, ଯାହାରକି ଆପଣାର ସ୍ୱାଦଟିକୁ ଆପେ ଆସ୍ୱାଦନ କରିବାର ସାମର୍ଥ୍ୟ ରହିଥିବ, ଏବଂ ଯୁଗପତ୍ ଭାବରେ ସେହି ମଧୁର ପ୍ରତ୍ୟେକଟି ବିନ୍ଦୁକୁ ମଧ୍ୟ ଆସ୍ୱାଦନ କରିବାର ସାମର୍ଥ୍ୟ ରହିଥିବ, କେବଳ ନିଜକୁହିଁ ମଧୁରୂପେ ଆସ୍ୱାଦନ କରିବା ନୁହେଁ, ମାତ୍ର ପ୍ରତ୍ୟେକଟି ବିନ୍ଦୁରେ ମଧ୍ୟ ତାହା ଆପଣାକୁ ଆସ୍ୱାଦନ କରିପାରୁଥିବ, ଯୁଗପତ୍ ଭାବରେ ଫେଣାଟିରେ ରହିଥିବା ପ୍ରତ୍ୟେକ ମଧୁବିନ୍ଦୁରେ ପରିଣତ ହୋଇ ଯେତେବେଳେ ତାହା ସେହି କଥାଟିକୁ କରିପାରିବ, ଏବଂ ଯଦି ସେହି ମଧୁର ପ୍ରତ୍ୟେକଟି ବିନ୍ଦୁ ଅନ୍ୟ ସବୁ ବିନ୍ଦୁଗୁଡ଼ିକର ଆସ୍ୱାଦନ ଲାଭ କରିପାରୁଥିବେ, ଆପଣାକୁ ଏବଂ ଅନ୍ୟ ସବୁଗୁଡ଼ିକୁ ଆସ୍ୱାଦନ କରିପାରୁଥିବେ, ଏବଂ ଯଦି ପ୍ରତ୍ୟେକଟି ବିନ୍ଦୁ ସତେଅବା ସ୍ୱୟଂହିଁ ସମଗ୍ର ଫେଣାଟିରୂପେ ପରିଣତ ହୋଇ ଯାଇଥିବା ପରି ସମଗ୍ରଟିକୁ ଆସ୍ୱାଦନ କରିପାରୁଥିବ,– ଆମକୁ ସେହିପରି କଳ୍ପନା କରିବାକୁ ପଡ଼ିବ ।

ତେଣୁ, ତାହା ଏପରି ଗୋଟିଏ ମହୁଫେଣା ହୋଇଥିବ, ଯାହାକି ଆପଣାକୁ ଆସ୍ୱାଦନ କରିପାରୁଥିବ, ଏବଂ ତାହା ସଙ୍ଗେ ସଙ୍ଗେ ସେହି ମହୁଫେଣାରେ ରହିଥିବା

'oaob.nitrkl.ac.in' images reprocessed

ପ୍ରତ୍ୟେକଟି ବିନ୍ଦୁର ବି ଆସ୍ୱାଦନ କରିପାରୁଥିବ; ସେଠାରେ ପ୍ରତ୍ୟେକଟି ମଧୁବିନ୍ଦୁ ଆପଣାକୁ ଆସ୍ୱାଦନ କରୁଥିବେ ଏବଂ ଅନ୍ୟ ପ୍ରତ୍ୟେକ ବିନ୍ଦୁକୁ ଅଲଗା ଅଲଗା ଆସ୍ୱାଦନ କରୁଥିବେ ଏବଂ ସମଗ୍ର ଭାବରେ ସଂପୂର୍ଣ୍ଣ ମଧୁଚକ୍ରଟିକୁ ମଧ୍ୟ ନିଜଠାରୁ ଅଭିନ୍ନ ଭାବରେ ଆସ୍ୱାଦନ କରି ପାରୁଥିବେ । ... ଏହି କଳ୍ପନାଟି ଏକ ଅତ୍ୟନ୍ତ ଯଥାର୍ଥ କଳ୍ପନା । କେବଳ ତୁମ ଭିତରେ କିଛିତ୍ କଳ୍ପନାଶକ୍ତି ରହିଥିଲେ ହେଲା !

*ମୁଁ ସେହି କଥାଟିକୁ ବୁଝିପାରୁଛି । ମାତ୍ର ଏହାର ପ୍ରକୃତ ଅର୍ଥ କ'ଣ, ମୁଁ ସେଇକଥା ପଚାରୁଥିଲି ।*

ମହୁ ଏକ ସୁସ୍ୱାଦୁ ଦ୍ରବ୍ୟ, ନୁହେଁ କି ? ତେଣୁ ଏଠାରେ ସେକଥା କହିଲେ ଦିବ୍ୟ ପରମ ଆନନ୍ଦର ମଧୁରତାଗୁଡ଼ିକୁହିଁ ବୁଝାଉବ ।

ଏବଂ, ମୁଁ ବର୍ତ୍ତମାନ ଯେତେବେଳେ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଏହି ସ୍ୱତଃସ୍ଫୂର୍ତ୍ତ ଓ ସହଜ ଆନନ୍ଦର ଚର୍ଚ୍ଚା କରୁଥିଲି, ଯେଉଁ ଆନନ୍ଦ ପ୍ରତ୍ୟେକ ବସ୍ତୁର ହୃଦୟରେ ଅବସ୍ଥିତ ରହିଛି, ଏହି ଭୌତିକ ଶରୀରରେ ବି ଯଥାର୍ଥତଃ ସେହି ଆନନ୍ଦର କିଛି ଅଂଶ ଅବଶ୍ୟ ରହିଛି,– ଯେତେବେଳେ ମୁଁ ତାହାରି ଚର୍ଚ୍ଚା କରୁଥିଲି, ସେତେବେଳେ ଏହାକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଜାଣି ରଖିବାକୁ ହେବ ଯେ ତୁଳନାତ୍ମକ ଭାବରେ ବିଚାର କଲେ ମଧୁ-ଆସ୍ୱାଦନର ପ୍ରତିରୂପଟିକୁ ମଧ୍ୟ ଏହି କ୍ଷେତ୍ରରେ ପ୍ରକୃତରେ ଅତ୍ୟନ୍ତ ସ୍ଥୂଳ ଏବଂ ଅପକ୍ୱ ବୋଲିହିଁ କହିବାକୁ ହେବ, – ମାତ୍ର ତାହା ସେହିପରି କିଛି ବୋଲି, ସେହିପରି ଅତ୍ୟନ୍ତ ସୁସ୍ୱାଦୁ ବୋଲି କଳ୍ପନା କରିବାକୁ ପଡ଼ିବ । ଆପଣାର ସରଳତାରେ ତାହା ପ୍ରକୃତରେ ଭାରି ସରଳ ଓ ଭାରି ବିଶୁଦ୍ଧ; ଆପଣାର ସରଳତାରେ ଅତ୍ୟନ୍ତ ସଂପୂର୍ଣ୍ଣ, ଅଥଚ ତଥାପି ଅତ୍ୟନ୍ତ ସରଳ ।

ତୁମେ ବେଶ୍ ବୁଝି ପାରୁଥିବ, ଏହାକୁ କଦାପି ଭାବି ଠିକ୍ କରାଯାଇ ପାରିବ ନାହିଁ, – ଆମ ଭିତରେ ତାହାକୁ ବ୍ୟକ୍ତ କରି ଆଣିବାର ପ୍ରକୃତ ଶକ୍ତିଟି ରହିଥିବା ଆବଶ୍ୟକ, ଆମ ଭିତରେ ଅବଶ୍ୟ କିଛିତ୍ କଳ୍ପନାଶକ୍ତି ରହିଥିବା ଉଚିତ । ତେଣୁ, ଯଦି କାହାରି ସେହି ଶକ୍ତିଟି ରହିଥାଏ, ତେବେ କେବଳ ପଢ଼ିବା ଦ୍ୱାରାହିଁ ସେ ସେହି କଥାଟିକୁ ସମ୍ଭବ କରିପାରିବ, ବୁଝି ମଧ୍ୟ ପାରିବ ।... କେବଳ ଏକ ତୁଳନା ହିସାବରେ ସେହି କଥାଟି ଏଠାରେ ଦିଆଯାଇଛି, – ମାତ୍ର, ଆମେ ତାହାକୁ ଏପରି ଏକ ତୁଳନା ବୋଲି ଜାଣିବା, ଯାହା ଭିତରେ କି ବ୍ୟକ୍ତ କରି ଆଣିବାର ଯଥେଷ୍ଟ ଶକ୍ତି ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

*କିନ୍ତୁ ମାଆ, ପ୍ରତ୍ୟେକ ବ୍ୟକ୍ତି ତ ଏହି କ୍ଷେତ୍ରରେ ଅଲଗା ଅଲଗା କଳ୍ପନା କରିବେ, ନୁହେଁ କି ?*

ନିଶ୍ଚୟ କରିବେ। କିନ୍ତୁ ସେଥିରେ ଆଦୌ କୌଣସି ବାଧା ନାହିଁ। ତଦ୍ଦ୍ୱାରା ତାହାର ଉପକାରହିଁ ହେବ।

(*ମାଆ ନୀରବ ରହିଲେ*)

ସଭଲା ?

ମୋତେ ପଚରା ଯାଇଥିବା କେତୋଟି ପ୍ରଶ୍ନ ମୁଁ ସାଙ୍ଗରେ ଆଣିଥିଲି। ମାତ୍ର ମୋ'ର ମନେ ହେଉଛି, ଆଜି ଭାରି ଡେରି ହୋଇଗଲାଣି।

(*ମାଆ କେତୋଟି ପ୍ରଶ୍ନଆଡ଼କୁ ଅନାଇ ଦେଖିଲେ*)

ଗୋଟିଏ ଭାରି ବୁଦ୍ଧି ପ୍ରଣୋଦିତ ପ୍ରଶ୍ନ ରହିଛି, ଆମେ ଆଉ ଦିନେ ସେଇଟିକୁ ଆଲୋଚନା କରିବା। ହଁ, ଆଉ ଗୋଟିଏ ପ୍ରଶ୍ନ ରହିଛି ... ସେଇ ପ୍ରଶ୍ନଟିର କେବଳ ଏକ ସାଦୃଶ୍ୟ ଅଛି ବୋଲି କୁହାଯାଇପାରିବ। ଏକ ତୃତୀୟ ପ୍ରଶ୍ନ ଅଛି, ଯେଉଁଟିକୁ ମୁଁ ଆଗ୍ରହୋଦ୍ଦୀପକ ବୋଲି କହିବି, ମାତ୍ର ସେଥିଲାଗି ବିସ୍ତୃତ ଭାବରେ ଉତ୍ତର ଦେବାକୁ ହେବ, ଏବଂ ଆଜି ସନ୍ଧ୍ୟାରେ ପ୍ରକୃତରେ ଟିକିଏ ଡେରିହିଁ ହୋଇଗଲାଣି।

ତଥାପି, ଆଉ ଗୋଟିଏ ପ୍ରଶ୍ନ ଅଛି, ଯାହାର ଉତ୍ତର କି ଭାରି ସହଜରେ ଦେଇହେବ। ମୋ ଲେଖାର ଗୋଟିଏ ସ୍ଥାନରୁ ସେଇଟିକୁ ପଚରାଯାଇଛି। ସେଠାରେ ମୁଁ ଲେଖିଥିଲି :

*"ଦିବ୍ୟ ପରମ ଇଚ୍ଛା ଜଗତରେ ସର୍ବଦା ମୁକ୍ତ ଭାବରେ କାର୍ଯ୍ୟ କରୁଛି ବୋଲି ଅନୁମାନ କରିବା ହେଉଛି ଏକ ମସ୍ତବଡ଼ ଭୁଲ।"*

ଏବଂ ଶ୍ରୀଅରବିନ୍ଦଙ୍କର "ଯୋଗ-ସମନ୍ୱୟ"ରେ ଅଛି :

*"ଯଦି ଆମେ ସର୍ବତ୍ର ସେହି ଏକତ୍ୱର ପ୍ରତ୍ୟକ୍ଷ କରିପାରିବା, କେବଳ ଦିବ୍ୟ ଇଚ୍ଛାରୁହିଁ ସବୁକିଛି ନିଷ୍ପନ୍ନ ହେଉଛି ବୋଲି ଯଦି ସ୍ୱୀକାର କରିବା ..."।*

'oaob.nitrkl.ac.in' images reprocessed

ଏବଂ ତା'ପରେ "ପ୍ରାର୍ଥନା ଓ ଧ୍ୟାନମାଳା"ରୁ ମଧ୍ୟ କିଛି କଥା ରହିଛି :

> *"ସକଳ କାର୍ଯ୍ୟରେ ଏବଂ ସକଳ ଜୀବର ଭୂମିରେ, କେବଳ ତୁମେହିଁ କର୍ତ୍ତା, ଏବଂ, କୌଣସି ଗୋଟିଏ ବ୍ୟତିକ୍ରମ ବି ନ ରଖି ସକଳ କାର୍ଯ୍ୟରେ ତୁମକୁ ଦେଖିପାରିବା ଭଳି ଯିଏ ତୁମର ଯଥେଷ୍ଟ ସମୀପବର୍ତ୍ତୀ ହୋଇ ରହିଥାଏ, ଯାବତୀୟ କାର୍ଯ୍ୟକୁ କିପରି ଏକ ପୂର୍ଣ୍ଣ ଉତ୍ସର୍ଗରେ ପରିଣତ କରିଦେବାକୁ ହୁଏ, ସେକଥା କେବଳ ସେଇ ଜାଣିପାରିବ ।"*
>
> ୧୦ ଡିସେମ୍ବର ୧୯୧୨

ଅର୍ଥାତ୍, ଏହି ପରସ୍ପର-ବିରୋଧଗୁଡ଼ିକ ମଧ୍ୟରେ କିପରି ଏକ ସମଞ୍ଜସତା ବିଧାନ କରିବାକୁ ହେବ, ମୋତେ ସେହି ବିଷୟରେ ପଚରା ଯାଇଛି । କାରଣ, ପ୍ରଥମ ବାକ୍ୟଟିରେ କୁହାହୋଇଛି : "ଦିବ୍ୟ ପରମ ଇଚ୍ଛା ଜଗତରେ ସର୍ବଦା ମୁକ୍ତ ଭାବରେ କାର୍ଯ୍ୟ କରୁଛି ବୋଲି ଅନୁମାନ କରିବା ହେଉଛି ଏକ ମସ୍ତବଡ଼ ଭୁଲ ।..." ମୁଁ ବରଂ ଏପରି କହିବି : ସେହି ଇଚ୍ଛା ଯେ ମୁକ୍ତ ଭାବରେ କାର୍ଯ୍ୟ କରିବ, ତାହା ହେଉଛି ଅତ୍ୟନ୍ତ ବିରଳ । ଏବଂ ଯେତେବେଳେ ତାହା ସେହିପରି ମୁକ୍ତ ବା ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରେ, ଲୋକମାନେ ସେତେବେଳେ ତାହାକୁ "ଅଲୌକିକ ଘଟନା" ବୋଲି କହିଥାଆନ୍ତି । ଏବଂ, ଏହା ଅତ୍ୟନ୍ତ ବିରଳ ଭାବରେ ଘଟେ । ଅଧିକାଂଶ ସମୟରେ ତାହା ମୋଟେ ସେପରି ଦୃଶ୍ୟ ଓ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁ ନ ଥାଏ, ମାତ୍ର ତାହାର ଅର୍ଥ ନୁହେଁ ଯେ ତାହା ଆଦୌ କାର୍ଯ୍ୟ କରୁ ନ ଥାଏ । ମୋଟ କଥା ହେଉଛି ଯେ ତାହା ଦୃଶ୍ୟ ଭାବରେ କାର୍ଯ୍ୟ କରୁ ନ ଥାଏ । ତେଣୁ, ଏହି କ୍ଷେତ୍ରରେ ଆଦୌ କୌଣସି ପରସ୍ପର-ବିରୋଧ ରହିବା ଉଚିତ ନୁହେଁ । କଥାଟି ଦ୍ୱାରା ମୁଁ କେବଳ ସେତିକି ବୁଝିଥିଲି । ଶବ୍ଦଗୁଡ଼ିକୁ ଭୁଲ ଭାବରେ ବୁଝିବା ସକାଶେହିଁ ବାହାରକୁ ଦେଖିବାକୁ ଏହି କ୍ଷେତ୍ରରେ ଏକ ତଥାପ୍ରତୀତ ପରସ୍ପର-ବିରୋଧ ଜାତ ହେଉଛି ।

ଦିବ୍ୟ ପରମ ଇଚ୍ଛା ଅବଶ୍ୟ କାର୍ଯ୍ୟ କରୁଛି, ମାତ୍ର ତାହା ଦୃଶ୍ୟ ଓ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁ ନାହିଁ । ଯେତେବେଳେ ଦୃଶ୍ୟ ଭାବରେ କାର୍ଯ୍ୟ କରୁଛି, ଲୋକେ ତାହାକୁ ଅଲୌକିକ ଘଟଣା ବୋଲି କହୁଛନ୍ତି । ଏତିକି ହେଉଛି ପ୍ରକୃତ କଥା । ମାତ୍ର ତଦ୍ୱାରା ଯେ ତାହା କାର୍ଯ୍ୟ କରିବାରୁ ନିବୃତ୍ତ ହୋଇରହୁଛି, ସେକଥା ଆଦୌ ନୁହେଁ ।

'oaob.nitrkl.ac.in' images reprocessed

## ୩୦ ଜାନୁଆରି ୧୯୫୭

''ସମଗ୍ର ପୃଥିବୀ ମୁକ୍ତି ଲାଗି ଲାଳାୟିତ ହୋଇରହିଛି; ତଥାପି ପ୍ରତ୍ୟେକ ପ୍ରାଣୀ ତା'ର ନିଜର ବନ୍ଧନଗୁଡ଼ିକ ସହିତ ବନ୍ଧାହୋଇ ପଡ଼ିଛି, ସେହି ବନ୍ଧନଗୁଡ଼ିକୁହିଁ ସେ ଭଲ ପାଉଛି । ଆମ ପ୍ରକୃତିରେ ଏହାହିଁ ହେଲା ସର୍ବପ୍ରଥମ ବିରୋଧ, ଏହାହିଁ ଜଟିଳ ଗ୍ରନ୍ଥି ।

''ମନୁଷ୍ୟ ଜନ୍ତୁର ପାଶଗୁଡ଼ିକ ସହିତ ବନ୍ଧା ହୋଇ, ଆସକ୍ତ ହୋଇ ପଡ଼ିଛି ଏବଂ ସେହି କାରଣରୁହିଁ ସେ ମୃତ୍ୟୁର ସହବନ୍ଧନଗୁଡ଼ିକ ମଧ୍ୟରେ ବି ବାନ୍ଧିହୋଇ ରହିଛି । ଏହି ବନ୍ଧନ ମଧ୍ୟରେ ରହିହିଁ ସେ ଆପଣା ସତ୍ତାର ମୁକ୍ତି ଲାଗି ଆକାଂକ୍ଷା କରିବାରେ ଲାଗିଛି, ଆପଣାକୁ ପରିପୂର୍ଣ୍ଣ କରିବାର କ୍ଷେତ୍ରରେ ସ୍ୱାମିତ୍ୱ ଅର୍ଜନ କରିବ ବୋଲି ଧାବିତ ହେଉଛି ।

''ମନୁଷ୍ୟ କ୍ଷମତାକୁ ଭଲ ପାଉଛି; ତେଣୁ ଦୁର୍ବଳତାର ଅଧୀନ ହୋଇ ରହିଛି । କାରଣ, ଏହି ଜଗତ ଶକ୍ତିଗତ ନାନା ତରଙ୍ଗର ଏପରି ଏକ ସମୁଦ୍ରରେ ପରିଣତ ହୋଇ ରହିଛି ଯେଉଁଥିରେ କି ସେହି ତରଙ୍ଗଗୁଡ଼ିକ ଅବିରତ ପରସ୍ପର ଉପରେ ଆସି ନିପତିତ ହେବାରେ ଲାଗିଛନ୍ତି । ଯିଏ ଏଗୁଡ଼ିକରୁ ଗୋଟିଏ କୌଣସି ତରଙ୍ଗର ଚୂଡ଼ା ଉପରେ ଯାଇ ଆରୋହଣ କରିବାକୁ ମନ କରୁଛି, ତାକୁ ଆହୁରି ଶହଶହ ତରଙ୍ଗର ଆଘାତରେ ଚେତନାହତ ହୋଇ ରହିବାକୁହିଁ ପଡୁଛି ।

''ମନୁଷ୍ୟ ସୁଖକୁ ଭଲ ପାଉଛି; ତେଣୁ ତାକୁ ଦୁଃଖ ଏବଂ ଶୋକର ଯୁଆଳିଟିକୁ ବି ନିଜ କାନ୍ଧରେ ବୋହିବା ଲାଗି ବାଧ୍ୟ ହେବାକୁ ପଡୁଛି । କାରଣ ଏକ ଅବିମିଶ୍ର ଆନନ୍ଦ କେବଳ ପୂର୍ଣ୍ଣମୁକ୍ତ ଏବଂ ଆତୁରତାହୀନ ଆତ୍ମାଗୁଡ଼ିକ ଲାଗିହିଁ ସମ୍ଭବ ହୋଇଥାଏ । ମାତ୍ର, ମନୁଷ୍ୟ ମଧ୍ୟରେ ଯେଉଁ ଉପାଦାନ-ଶକ୍ତିଟି ସୁଖର ପଛରେ ଧାବିତ ହେବାରେ ଲାଗିଥାଏ, ତାହା ସବୁବେଳେ ଦୁଃଖ ଭୋଗିବାରେ ଲାଗିଥାଏ, ନାନା ସନ୍ତାପ ଦ୍ୱାରା ଜର୍ଜର ହୋଇ ରହିଥାଏ ।

''ମନୁଷ୍ୟ ଶାନ୍ତି ଲାଗି ବୁଭୁକ୍ଷିତ ହୋଇ ରହିଛି, ମାତ୍ର ତେଣେ ଯୁଗପତ୍ ଭାବରେ ସେ ଏକ ଅସ୍ଥିର ମାନସ ଏବଂ ଉଦ୍‌ବେଳିତ ହୃଦୟର ନାନା ଅଭିଜ୍ଞତା ଲାଗି ମଧ୍ୟ ଏକ ପିପାସାକୁ ବର୍ଦ୍ଧନ କରି ଚାଲିଛି । ଉପଭୋଗ

'oaob.nitrkl.ac.in' images reprocessed

*ତା'ର ମନ ଲାଗି ସଚେଅବା ଏକ କୂର ପରି ହୋଇ ରହିଛି, ଶାନ୍ତ ଅବସ୍ଥା କହିଲେ ସେ ଏକ ଜଡ଼ତାକୁ ବୁଝୁଛି, ଏକ ନୀରସ ସ୍ପନ୍ଦନହୀନତାକୁହିଁ ବୁଝୁଛି ।*

*"ଆପଣା ଶାରୀର ସତ୍ତାର ନାନା ସୀମାବଦ୍ଧତାକୁ ମଧ୍ୟ ମନୁଷ୍ୟ ଭଲ ପାଉଛି, ମାତ୍ର ତେଣେ ସିଏ ଆପଣାର ଅନନ୍ତ ମନ ଏବଂ ଅମର ଆତ୍ମାର ସ୍ୱାତନ୍ତ୍ର୍ୟ ଲାଭ କରିବାକୁ ବି ଆକାଙ୍କ୍ଷିତ ହୋଇ ରହିଛି ।*

*"ଏବଂ ଏହିସବୁ ପରସ୍ପର-ବିରୋଧିତା ମଧ୍ୟରେ ମଣିଷ ଭିତରେ ରହିଥିବା କୌଣସି ଏକ ଉପାଦାନ ବଡ଼ ବିଚିତ୍ର ଭାବରେ ଏକ ଆକର୍ଷକତା ବି ଅନୁଭବ କରିବାରେ ଲାଗିଛି : ଆପଣାର ମାନସ ସତ୍ତାରେ ସିଏ ସେଗୁଡ଼ିକୁ ଜୀବନର କଳାଗତ କୃତିତ୍ୱ ବୋଲିହିଁ ବୁଝୁଛି । କେବଳ ଅମୃତ ନୁହେଁ, ବିଷ ମଧ୍ୟ ତାହାର ରୁଚି ଏବଂ ତା'ର ଆଗ୍ରହଟିକୁ ନିତ୍ୟ ଆକର୍ଷିତ କରି ରଖୁଛି ।"*

ବିଚାର ଓ ବିଭାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା. ୩୮୫

ମାଆ, "କଳାଗତ କୃତିତ୍ୱ" କହିଲେ କ'ଣ ବୁଝାଉଛି ?

ଅଧିକାଂଶ ମଣିଷ ଯାହାକୁ "କଳାଗତ କୌଶଳ" ବୋଲି କହିଥା'ନ୍ତି, ତାହା ପ୍ରକୃତରେ ଏକ ବିରୋଧ-ବିଶିଷ୍ଟତାକୁହିଁ ବୁଝାଉଥାଏ । କଳାକାରମାନେ କହନ୍ତି ତଥା ଅନୁଭବ କରିଥା'ନ୍ତି ଯେ ଅନେକ ଛାୟା ଏକତ୍ର ମିଳିତ ହୋଇହିଁ ଆଲୋକର ସୃଜନ କରିଥା'ନ୍ତି; ଅର୍ଥାତ୍‌, ସେମାନେ ଭାବନ୍ତି ଯେ ଯଦି କୌଣସି ପ୍ରକାର ବିରୋଧକୁ ଫୁଟାଇବା ଲାଗି ଅବକାଶ ନ ରହେ, ତେବେ ସେମାନେ ଆଦୌ କୌଣସି ଚିତ୍ର ସମ୍ଭବ କରି ପାରିବେ ନାହିଁ । ସଂଗୀତ କ୍ଷେତ୍ରକୁ ମଧ୍ୟ ଠିକ୍ ସେହି କଥା : ସ୍ୱରରେ "ଉଚ୍ଚ" ଏବଂ "କୋମଳ"କୁ ଅବଲମ୍ବନ କରି ଯେଉଁ ବିରୋଧର ସୃଷ୍ଟି କରାଯାଏ, ତାହାକୁହିଁ ସଂଗୀତରେ ଗୋଟିଏ ସର୍ବୋତ୍କୃଷ୍ଟ ଆମୋଦ ବୋଲି କୁହାଯିବ ।

ମୁଁ ଏପରି କେତେଜଣ କବିଙ୍କୁ ଜାଣିଛି, ଯେଉଁମାନେ କି କହୁଥିଲେ : "ମୋ' ଶତ୍ରୁମାନେ ମୋତେ ଯେଉଁ ଘୃଣା କରନ୍ତି, ତାହାହିଁ ମୋତେ ମୋ'ର ବନ୍ଧୁମାନଙ୍କର ସ୍ନେହକୁ ଯଥାର୍ଥ ମୂଲ୍ୟ ଦେବା ଲାଗି ସହାୟତା କରିଥାଏ..." ଏବଂ, ଦୁର୍ଭାଗ୍ୟ ଆସି ପହଞ୍ଚିବ ବୋଲି ପ୍ରାୟ ନିଶ୍ଚିତ ଭାବରେ ଯେଉଁ ସମ୍ଭାବନାଟି ରହିଥାଏ, ତାହାହିଁ ସୌଭାଗ୍ୟ ମଧ୍ୟରେ ତାହାର ଯାବତୀୟ ସ୍ୱାଦଟିକୁ ଆଣି ଦେଇଥାଏ ।... ଇତ୍ୟାଦି, ଇତ୍ୟାଦି । ଦିନମାନ ଯେଉଁସବୁ ନାନା ଉତ୍ତେଜନା ଲାଗି ରହିଥାଏ, ତାହାରି ଏକ ବିପରୀତ ଅବସ୍ଥାରୂପେହିଁ ଲୋକମାନେ ବିଶ୍ରାମକୁ ଯାହା ମୂଲ୍ୟ ଦେଇଥା'ନ୍ତି । ସାଧାରଣ ଜୀବନରେ ଯେଉଁ ଶବ୍ଦକୋଳାହଳ ଲାଗି ରହିଥାଏ, ତାହାରି ଏକ ବିପରୀତ ଅନୁଭୂତି ରୂପେହିଁ ସେମାନେ

'oaob.nitrkl.ac.in' images reprocessed

ନୀରବତାକୁ ମୂଲ୍ୟ ଦେଉଥା'ନ୍ତି । ଏପରିକି, ସେମାନଙ୍କ ମଧ୍ୟରୁ କେହି କେହି ତୁମକୁ ଏକଥା ମଧ୍ୟ କହିଥା'ନ୍ତି, "ସଂସାରରେ ରୋଗ ବ୍ୟାଧି ବୋଲି ଗୋଟାଏ କଥା ରହିଛି ବୋଲି ସିନା ଉତ୍ତମ ସ୍ୱାସ୍ଥ୍ୟକୁ ସମସ୍ତେ ଏବେ ଅଧିକ ଆଗ୍ରହର ସହିତ ଆକାଙ୍‌କ୍ଷା କରୁଛନ୍ତି ।" ଏହି ପ୍ରବୃତ୍ତିଟି ବେଳେବେଳେ ଏତେ ଅଧିକ ଦୂରକୁ ପ୍ରଲମ୍ବିତ ହୋଇଯାଏ ଯେ, କୌଣସି ଏକ ପଦାର୍ଥ ହଜିଗଲେ ଯାଇ ଆମେ ସେଇଟି ଏତେ ବା ଏତେ ମୂଲ୍ୟବାନ୍ ବୋଲି ହୃଦୟଙ୍ଗମ କରିଥାଉ । ଏବଂ, ଏଠାରେ ଶ୍ରୀଅରବିନ୍ଦ ଯେପରି କହିଛନ୍ତି : ଯେତେବେଳେ ସକ୍ରିୟ ହୋଇ ରହିବାର ଏହି ସୃଜନାତ୍ମକ ଭାବନାକୁ ଉତ୍ତାପ, ସଚଳ ଓ ଉତ୍ତେଜନାମୟ କରି ରଖିବାର ଏହି ଜ୍ୱରଟି ଅନ୍ତର୍ହିତ ହୋଇଯାଏ, ସେତିକିବେଳେ ସତେଅବା ଏକ ଜଡ଼ତାବସ୍ଥା ମଧ୍ୟରେ ଯାଇ ପଡ଼ି ଯାଉଥିବାର ଅନୁଭୂତିଟି ଆସି ପହଞ୍ଚିଯାଏ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ନୀରବତାକୁ ଭୟ କରନ୍ତି, ଶାନ୍ତ ଓ ସ୍ଥିର ହୋଇ ରହିବାକୁ ଭୟ କରନ୍ତି । କୌଣସି ପ୍ରକାରେ ଉତ୍ତେଜିତ ହୋଇ ନ ରହିଥିଲେ ସେମାନେ ଆପଣାକୁ ଆଦୌ ଜୀବନ୍ତ ବୋଲି ଅନୁଭବ କରନ୍ତି ନାହିଁ ।

ମୁଁ ଏପରି ଅନେକ ଦୃଷ୍ଟାନ୍ତ ଦେଖିଛି, ଯେଉଁଠାରେ କି ଶ୍ରୀଅରବିନ୍ଦ କୌଣସି ଜଣେ ବ୍ୟକ୍ତିକୁ ନୀରବତା ଆଣି ଦେଇଛନ୍ତି, ସେ ତାହାର ମନକୁ ନୀରବ କରି ଆଣିଛନ୍ତି; ମାତ୍ର ସେହି ବ୍ୟକ୍ତି ଗୋଟାଏ ପ୍ରକାରର ନୈରାଶ୍ୟ ଅନୁଭବ କରି ତାଙ୍କ ପାଖକୁ ବାହୁଡ଼ି ଆସିଛି ଓ କହିଛି : "କିନ୍ତୁ ଏପରି ହୋଇ ମୁଁ କ୍ରମେ ନିର୍ବୋଧ ବି ହୋଇଯାଉଛି ।" କାରଣ, ତା'ପରେ ସେ ନିଜର ଭାବନାରେ ଆଉ କୌଣସି ଉତ୍ତେଜନା ଅନୁଭବ କରି ନାହିଁ ।

ବ୍ୟକ୍ତିଜଣକ ଏଠାରେ ଯାହା କହିଛି, ତାହା ଯେତେ ଭୟଙ୍କର ହେଲେ ମଧ୍ୟ ସତ୍ୟ । ମନୁଷ୍ୟମାନେ ସ୍ୱାଧୀନ ହେବାକୁ ଇଚ୍ଛା କରନ୍ତି ସତ, ମାତ୍ର ସେମାନେ ଆପଣାର ବେଡ଼ିଗୁଡ଼ାକୁ ବି ଭାରି ଭଲ ପାଉଥା'ନ୍ତି; ଏବଂ ଯେତେବେଳେ କେହି ସେହି ବେଡ଼ିଗୁଡ଼ିକ ପିଟାଇ ନେଇଯିବାକୁ ଇଚ୍ଛା କରେ, ଯେତେବେଳେ ସେମାନଙ୍କୁ କେହି ଯଥାର୍ଥ ପାଶମୁକ୍ତ ହେବାର ବାଟଟିକୁ ଦେଖାଇ ଦେବାକୁ ବାହାରେ, ସେତେବେଳେ ସେମାନେ ଭୟ କରିବାକୁ ଆରମ୍ଭ କରନ୍ତି ଏବଂ ଅନେକ ସମୟରେ ପ୍ରତିବାଦ ବି କରନ୍ତି ।

ସାହିତ୍ୟ, କାବ୍ୟ ଓ କଳା,— ଏହିସବୁ କ୍ଷେତ୍ରରେ ମନୁଷ୍ୟ ଯାହାକିଛି କଳାତ୍ମକ ସୃଷ୍ଟି ଯେତେବେଳେ କରିଛି, ସେଗୁଡ଼ିକ ପ୍ରାୟ ସବୁଗୁଡ଼ିକ ଜୀବନସ୍ଥ ଏହି ବିରୋଧଗୁଡ଼ିକର ତୀବ୍ରତାକୁହିଁ ଭିତ୍ତି କରି ରହିଛି; ଯେତେବେଳେ କେହି ସେଗୁଡ଼ିକୁ ସେଗୁଡ଼ିକର ଦୈନନ୍ଦିନ ନାଟକୀୟ ଆବେଶଟି ମଧ୍ୟରୁ ବାହାର କରି ଆଣିବାକୁ ଚେଷ୍ଟା କରୁଛି, ସେତେବେଳେ ତାହାର କଳାତ୍ମକତାଟି ନଷ୍ଟ ହୋଇଗଲା ବୋଲି ସେମାନେ ଅନୁଭବ କରିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରୁଛନ୍ତି । ଯଦି ସେମାନେ ଏପରି ବହିଟିଏ ଲେଖିବାକୁ ଅଥବା ନାଟକଟିଏ ରଚନା କରିବାକୁ ଇଚ୍ଛା କରୁଛନ୍ତି, ଯେଉଁଥିରେ କି କୌଣସି ବିରୋଧିତାର ପ୍ରଦର୍ଶନ ହୋଇ ନ ଥିବ, ଛବିଟି ମଧ୍ୟରେ ଆଦୌ କୌଣସି ପ୍ରକାର ଛାୟାର ସାହାଯ୍ୟ ନିଆଯାଇ ନ ଥିବ, ତେବେ ଖୁବ୍ ସମ୍ଭବ ତାହା ଗୋଟାଏ ଭାରି ନୀରସ ବସ୍ତୁ ବୋଲି ଲାଗୁଛି, ଭାରି ବୈଚିତ୍ର୍ୟଶୂନ୍ୟ ଏବଂ ଜୀବନହୀନ ପରି ଲାଗୁଛି; କାରଣ, ଏହିସବୁ କ୍ଷେତ୍ରରେ "ଜୀବନ" ବୋଲି କହିଲେ ମଣିଷ ଜୀବନର ନାଟକଟିକୁ, ଜୀବନର ବ୍ୟଗ୍ର ସନ୍ତପ୍ତତାଟିକୁହିଁ ବୁଝୁଛି, ନାନା ବିରୋଧିତାକୁ ଏକାଠି କରି ଗଢ଼ି ଉଠିଥିବା ତୀବ୍ରତାକୁହିଁ ବୁଝୁଛି । ଏବଂ ଏପରି ବି ମନେ ହେଉଛି ଯେ, ଯଦି ମୃତ୍ୟୁ ବୋଲି ଗୋଟାଏ ଘଟଣା ଘଟୁ ନ ଥା'ନ୍ତା, ତେବେ ସେହି ଲୋକମାନେ ଜୀବନକୁ ବଞ୍ଚିବାରେ ପ୍ରକୃତରେ ଭାରି ଅବସନ୍ନ ଅନୁଭବ କରୁଥା'ନ୍ତେ ।

*(ମାଆ ଅନେକ ସମୟ ନୀରବ ରହିଲେ)*

ପୂର୍ବତନ ଗୋଟିଏ କ୍ଲାସ୍‌ରେ ଥରେ ମୁଁ ଯାହା କହିଥିଲି, ମୋତେ ସେହି ବିଷୟରେ ଏକ ପ୍ରଶ୍ନ ପଚରା ଯାଇଛି :

*"କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାକୁ ହେଲେ ଜଣେ ମଣିଷକୁ ମାର୍ଗରେ ଯେଉଁସବୁ ବାଧା ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥାଏ, ସେଥିରୁ କ'ଣ ଅନେକ ସମୟରେ ଆମକୁ ଏହିପରି ଏକ ଇଙ୍ଗିତ ମିଳି ଯାଉଥିବା ଉଚିତ ଯେ ଆମର ଏହି ନିଷ୍ପତ୍ତି, ଏହି ଯୋଜନା ଅଥବା ଏହି କଳ୍ପନାଟି ମୂଳରୁହିଁ ଦୋଷଯୁକ୍ତ ହୋଇ ରହିଥିଲା ଓ ତେଣୁ ଆମର ସେହି ଉଦ୍ୟମଟିକୁ ଛାଡ଼ିଦେବାହିଁ ଯଥାର୍ଥ କର୍ତ୍ତବ୍ୟ ହେବ,— ଅଥବା, ଅନ୍ୟ ପକ୍ଷରେ ଏପରି ହେବା ଉଚିତ ଯେ, ଯେଉଁ ବିଜୟଟିକୁ ହାସଲ କରିବାର ଥାଏ ଓ ଯେଉଁ ରୂପାନ୍ତରଟିକୁ ସମ୍ଭବ କରିବାର ଥାଏ, ଏହି ଯାବତୀୟ ପ୍ରତିବନ୍ଧକ ଆମକୁ ସେଇଟି ବିଷୟରେହିଁ ସତତ ସୂଚାଇ ଦେଇ ଯାଉଥିବେ ? ଆମକୁ ଯେ ବାରବାର ଉଦ୍ୟମ କରିବାକୁ ହେବ ଏବଂ ଆପଣାର ଯାତ୍ରାରେ ଅତୁଟ ରହିବାକୁ ହେବ, ପ୍ରତିବନ୍ଧକଗୁଡ଼ିକୁ ଆମେ ତାହାରିହିଁ ଏକ ସଙ୍କେତରୂପେ ଗ୍ରହଣ କରିବା କି ? ଏଠାରେ ମୁଁ ଯୋଗ-ମାର୍ଗର ଅନୁସରଣ କରିବା ଲାଗି ନିଆ ଯାଉଥିବା ନିଷ୍ପତ୍ତି ବିଷୟରେ ଆଦୌ କିଛି କହୁ ନାହିଁ, ମାତ୍ର କାର୍ଯ୍ୟ, ଖେଳ ବା ସେହିପରି ଅନ୍ୟାନ୍ୟ କ୍ରିୟାକଳାପ ସହିତ ସମ୍ପର୍କିତ ହୋଇ ରହିଥିବା*

'oaob.nitrkl.ac.in' images reprocessed

*ସାନସାନ ବିଷୟଗୁଡ଼ିକର କଥାହିଁ କହୁଛି । ଅନ୍ୟ ଭାଷାରେ କହିଲେ, ପରିସ୍ଥିତିଗୁଡ଼ିକର ମଧ୍ୟ ଦେଇ, ଅନ୍ୟମାନଙ୍କ ସହିତ ସ୍ଥାପିତ ହେଉଥିବା ସଂପର୍କଗୁଡ଼ିକର ମଧ୍ୟଦେଇ ଅଥବା ଅଭିଜ୍ଞତାଗୁଡ଼ିକର ମଧ୍ୟଦେଇ ଆମକୁ ଯେଉଁ ପରମ ମାର୍ଗ ଦର୍ଶନଟି ଉପଲବ୍ଧ ହୋଇଥାଏ, ଆମେ ସେଇଟିକୁ ଚିହ୍ନିନେଇପାରିବା କିପରି, ସେଇଟିରେ ଉଚିତ ବ୍ୟାଖ୍ୟା କରିପାରିବା ବି କିପରି ?''*

ଏହି ପ୍ରଶ୍ନଟିରେ କେବଳ ଏକ ଆପାତ ବିରୋଧ ରହିଛି ବୋଲିହିଁ ମୁଁ ଭାବୁଛି ।

ଯଦି କେହି ଯୋଗର କୌଣସି ଏକ ମାର୍ଗର ଅନୁସରଣ କରିବା ଲାଗି ଇଚ୍ଛା କରୁଥାଏ, ତେବେ ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ପ୍ରକୃତରେ କୌଣସି ମାର୍ଗକୁ ଗ୍ରହଣ କରିବା ପୂର୍ବରୁ ସିଏ ବିବେକର ସହିତ ଟିକିଏ ଚିନ୍ତା କରିବାକୁ ଚେଷ୍ଟା କରିବ, ଏବଂ, ସିଏ ଯେଉଁ ପ୍ରେରଣାଟିକୁ ଲାଭ କରିଛି, ତାହା ଏକ ପ୍ରକୃତ ପ୍ରେରଣା, ଅର୍ଥାତ୍ ତାହା ପ୍ରକୃତରେ ଦିବ୍ୟ ପରମ ପୁରୁଷଙ୍କଠାରୁ ଆସିଛି ଅଥବା କେବଳ ବାହ୍ୟ ପରିସ୍ଥିତିର ଏକ ପ୍ରତିକ୍ରିୟାରୂପେ ମାନସିକ କିଂବା ପ୍ରାଣିକ ଏକ କ୍ଷଣିକ ଆବେଗରୂପେହିଁ ପ୍ରକାଶ ପାଇଛି, ସିଏ ସେହି କଥାଟିକୁ ଭଲ କରି ଜାଣିବ । ବିବେକର ସହିତ ଚିନ୍ତା କରିବା, ଅସଲ ଉତ୍ପ୍ରେରକଟି ବିଷୟରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା,— ଏହି କ୍ଷେତ୍ରରେ ଏଇଟି ହେଉଛି ବେଶ୍ ମହତ୍ତ୍ୱପୂର୍ଣ୍ଣ, ଏପରିକି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମାତ୍ର, ଏପରି ଅନେକ କଥା ରହିଛି, ଯାହାକୁ କି ଆମେ କରିଥାଉ ସତ, ମାତ୍ର ଯେଉଁ ବିଷୟରେ ପୂର୍ବରୁ ଚିନ୍ତା କରିବା ଲାଗି ଆମର ଆଦୌ କୌଣସି ଅବକାଶ ନ ଥାଏ । ଏହି କ୍ଷେତ୍ରରେ ଏପରି ମଧ୍ୟ କୁହାଯାଇପାରିବ ଯେ, ଯେତେବେଳେ ଯେଉଁଭଳି ପରିସ୍ଥିତି ଆସି ପହଞ୍ଚେ, ସେତେବେଳେ ଆମେ ସେହି ଅନୁସାରେହିଁ ଯାବତୀୟ ଯାହାକିଛି କରିଥାଉ । ଏବଂ, ଜୀବନରେ ଆମେ କରୁଥିବା ପ୍ରାୟ ପ୍ରତ୍ୟେକ କାର୍ଯ୍ୟ ପରି, ଏଗୁଡ଼ିକର ମଧ୍ୟ ସ୍ୱତଃ ଆଦୌ କୌଣସି ମହତ୍ତ୍ୱ ନ ଥାଏ । ଯେଉଁ ମନୋବୃତ୍ତିଟି ସହିତ ସେହି କାର୍ଯ୍ୟଗୁଡ଼ିକୁ କରାଯାଇଥାଏ, କେବଳ ସେଇଟିହିଁ ମହତ୍ତ୍ୱପୂର୍ଣ୍ଣ । ହଁ, କୌଣସି ନା କୌଣସି କାରଣବଶତଃ ଗୋଟିଏ କାର୍ଯ୍ୟ ତୁମ ସମ୍ମୁଖରେ ଆସି ଉପସ୍ଥିତ ହୋଇଛି ବୋଲି ଯେ ତୁମେ ତାହା କରୁଛ, ବାହ୍ୟ ଜୀବନଟି ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ତୁମେ ଯେ ପ୍ରାୟ ସର୍ବଦାହିଁ କାର୍ଯ୍ୟଗୁଡ଼ିକୁ କରିବାକୁ ବାଧ୍ୟ ହେଉଛ, ଯଦି ଏହି କାର୍ଯ୍ୟଗୁଡ଼ିକର ଜୀବନ ଉପରେ କୌଣସି ସୁଦୂରଗାମୀ ପରିଣାମ ରହିଥାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଗୁଡ଼ିକର କିଛି ନା କିଛି ମହତ୍ତ୍ୱ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଉଦାହରଣସ୍ୱରୂପ, ଏଠାରେ ବିବାହ

'oaob.nitrkl.ac.in' images reprocessed

କରିବା, ଏଠାରେ ବା ସେଠାରେ ଯାଇ ବାସ କରିବା ବା ଏହି ଧନ୍ଦା ଅଥବା ସେହି ଧନ୍ଦାଟିକୁ ଗ୍ରହଣ କରିବା କାର୍ଯ୍ୟଗୁଡ଼ିକର ଉଲ୍ଲେଖ କରାଯାଇପାରେ; ଏହି କାର୍ଯ୍ୟଗୁଡ଼ିକୁ ସାଧାରଣତଃ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ, ଏବଂ ସେଗୁଡ଼ିକ ଯେ କେତେକ ପରିମାଣରେ ନିଶ୍ଚୟ ମହତ୍ତ୍ୱପୂର୍ଣ୍ଣ, ଏଥିରେ ଆଦୌ ସନ୍ଦେହ ନାହିଁ । ମାତ୍ର ଯୋଗର ଦୃଷ୍ଟିକୋଣରୁ ବିଚାର କଲେ, ସେଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେହି କାର୍ଯ୍ୟଟି ଅପେକ୍ଷା ସେଇ କାର୍ଯ୍ୟଟିରେ ଆମର ରହିଥିବା ମନୋବୃତ୍ତି ଉପରେହିଁ ସବୁକିଛି ଅଧିକତର ପରିମାଣରେ ନିର୍ଭର କରିଥାଏ । ଏବଂ ସେହି କାରଣରୁହିଁ, ସର୍ବୋପରି, ଦୈନନ୍ଦିନ ଜୀବନର ଯାବତୀୟ ସାନ ସାନ କାର୍ଯ୍ୟଗୁଡ଼ିକର କ୍ଷେତ୍ରରେ ମହତ୍ତ୍ୱଟି ପ୍ରକୃତରେ ସର୍ବନିମ୍ନ ସ୍ତରକୁହିଁ ହ୍ରାସ ହୋଇ ଆସିଥାଏ ।

ଏପରି ଭାରି କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି କେହି କେହି ଅଛନ୍ତି, ଯେଉଁମାନେ କି ଆପଣା ଲାଗି କେତେକେତେ ସମସ୍ୟାର ଅବତାରଣ କରିଥା'ନ୍ତି ସତ, ମାତ୍ର ଆଦୌ ସହଜରେ ସେଗୁଡ଼ିକର ସମାଧାନ କରିପାରନ୍ତି ନାହିଁ, କାରଣ ସେମାନେ ଭୁଲ୍ ଭାବରେହିଁ ସମସ୍ୟାଟିର ସଂଜ୍ଞା କରିଥା'ନ୍ତି । ମୁଁ ଏପରି ଜଣେ ତରୁଣୀଙ୍କୁ ଜାଣିଥିଲି, ଯିଏକି ଆପଣାକୁ ଥିଓସଫି ସମ୍ପ୍ରଦାୟର ଅନ୍ତର୍ଭୁକ୍ତ କରିଥିଲେ ଏବଂ ସେହି ଅନୁସାରେ ଜୀବନଯାପନ କରିବାକୁ ଚେଷ୍ଟା କରୁଥିଲେ । ଥରେ ସିଏ ମୋତେ କହିଲେ, "ଆମକୁ ଏହି ଶିକ୍ଷା ଦିଆଯାଇଥାଏ ଯେ, ଆମେ ଯାହାକିଛି କାର୍ଯ୍ୟ କରୁ, ସେଥିରେ ଦିବ୍ୟ ପରମ ଇଚ୍ଛାର ଇଚ୍ଛାହିଁ ପୂରଣ ହେବାରେ ଲାଗିଥାଏ; ମାତ୍ର ସବୁଦିନ ସକାଳେ ମୁଁ ଯେତେବେଳେ ମୋର ଆହାର ଗ୍ରହଣ କରିବାକୁ ଯାଏ, ମୋ' କଫିରେ ମୁଁ ଦୁଇ ମୁଣ୍ଡା ଚିନି ପକାଇବି ବା କେବଳ ଗୋଟିଏ ମୁଣ୍ଡା ପକାଇବି, ଏ ବିଷୟରେ ଭଗବାନଙ୍କର ପ୍ରକୃତରେ କ'ଣ ଇଚ୍ଛା, ସେକଥା ମୁଁ ଜାଣିପାରିବି କିପରି..." ? ତାଙ୍କର ଏହି କଥାଟି ପ୍ରକୃତରେ ଭାରି ହୃଦୟସ୍ପର୍ଶୀ ହୋଇଥିଲା, ଏବଂ, ତାଙ୍କୁ ଏହି କଥାଟିକୁ ବୁଝାଇ କହିବା ମୋ' ପକ୍ଷରେ ଭାରି କଷ୍ଟକର ହୋଇଥିଲା ଯେ, ସିଏ ଯେଉଁଭଳି ଏକ ମନୋଭାବ ରଖି ତାଙ୍କର କଫି ସେବନ କରୁଥିଲେ, ଆପଣାର ଆହାର ପ୍ରତି ତାଙ୍କର ପ୍ରକୃତରେ ଯେଉଁଭଳି ଦୃଷ୍ଟିକୋଣ ରହିଥିଲା, ତାହାହିଁ, ସିଏ କଫିରେ କେତେ ମୁଣ୍ଡା ଚିନି ପକାଉଥିଲେ, ତାହାଠାରୁ ନିଶ୍ଚୟ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା ।*

* ଏହି ଗପଟି ବିଷୟରେ ମାଆ ଜଣେ ସାଧକଙ୍କୁ ଏହିପରି କିଛି କହିଥିବାର ସେ (ସାଧକ) ମନେ ପକାନ୍ତି : "ବର୍ତ୍ତମାନ ବିଚାରା ସେହି ତରୁଣୀଙ୍କ କଥାରେ ହସିବା ମୋ ପକ୍ଷରେ ମୋଟେ ଉଚିତ ହେବ ନାହିଁ । ଆମେ ଆମ କଫିରେ ପ୍ରକୃତରେ କେତେ ମୁଣ୍ଡା ଚିନି ପକାଉଛୁ, ଭଗବାନଙ୍କ ଆଖିରେ ସେକଥାଟି ଯେ ସତକୁ ସତ ପଡ଼େ ନାହିଁ, ମୁଁ ସେ ବିଷୟରେ ଆଦୌ ନିଶ୍ଚିତ ନୁହେଁ !"

'oaob.nitrkl.ac.in' images reprocessed

ପ୍ରତ୍ୟେକ ମୁହୂର୍ତ୍ତରେ ଆମେ କରୁଥିବା ଯାବତୀୟ ସାନସାନ କଥାର କ୍ଷେତ୍ରରେ ମଧ ଠିକ୍ ସେଇଆ । ଦିବ୍ୟ ପରମ ଚେତନା କଦାପି ମନୁଷ୍ୟର ରୀତିରେ କାର୍ଯ୍ୟ କରେ ନାହିଁ । ତୁମେ ତୁମ କଫି ସାଙ୍ଗରେ କେତେ ମୁଣ୍ଡା ଚିନି ପକାଇବ, ଦିବ୍ୟ ଚେତନା ଆଦୌ ତାହାର ନିଷ୍ପତ୍ତି କରେ ନାହିଁ । ବିଭିନ୍ନ କାର୍ଯ୍ୟ ଓ ବିଭିନ୍ନ ବସ୍ତୁ ପ୍ରତି ତୁମର ଯେପରି ଏକ ଯଥାର୍ଥ ଦୃଷ୍ଟିକୋଣ ରହିବ, ତାହା ତୁମକୁ କ୍ରମଶଃ ସେହି ଆଡ଼କୁ ଅଗ୍ରସର କରାଇ ନେଉଥାଏ । ତାହା ତୁମକୁ ଉତ୍ସର୍ଗର, ସ୍ଥିତିସ୍ଥାପକତାର, ସମ୍ମତିର, ଅଭୀପ୍ସାର, ସଦିଚ୍ଛାର, ନମନୀୟତାର ଏବଂ ଅଗ୍ରଗତି କରିବା ଲାଗି ଏକ ଉଦ୍ୟମର ଏକ ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର କରାଇ ନେଉଥାଏ । ଏବଂ ପ୍ରକୃତରେ ସେଇଟିରହିଁ ଏକ ମହତ୍ତ୍ୱ ରହିଥାଏ, ତୁମେ ପ୍ରତ୍ୟେକ ସେକେଣ୍ଡରେ ଯେଉଁସବୁ କ୍ଷୁଦ୍ର କ୍ଷୁଦ୍ର ନିଷ୍ପତ୍ତି ଗ୍ରହଣ କର, ସେଗୁଡ଼ିକଠାରୁ ଏହାରହିଁ ଅନେକ ଅଧିକ ମହତ୍ତ୍ୱ ରହିଥାଏ । ସବୁଠାରୁ ଯଥାର୍ଥ କର୍ତ୍ତବ୍ୟଟି କ'ଣ, ତାହା ଭାବିଚିନ୍ତି ସ୍ଥିର କରିବା ଲାଗି ଆମେ ହୁଏତ ଏକ ଉଦ୍ୟମ କରିପାରୁ ସତ, ମାତ୍ର ମନର କ୍ଷେତ୍ରରେ କୌଣସି ପ୍ରକାର ଆଲୋଚନା ଦ୍ୱାରା ବା ସମସ୍ୟାର ଉପସ୍ଥାପନା ଦ୍ୱାରା ଆମେ କଦାପି ଏଗୁଡ଼ିକର ସମାଧାନ କରିପାରିବା ନାହିଁ । ବସ୍ତୁତଃ ଏକ ଅନ୍ତର୍ଗତ ଦୃଷ୍ଟିକୋଣହିଁ ସୌଷମ୍ୟର,– ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହେଉଥିବା ଏକ ସୌଷମ୍ୟର ବାତାବରଣଟିଏ ସୃଷ୍ଟି କରିପାରେ ଯେଉଁଥିରେ କି, ଆମେ ଯାହାକିଛି କରୁ ତାହା ସୁନିଶ୍ଚିତ ଭାବରେ ସେହି ବିଶେଷ ପରିସ୍ଥିତିରେ କରାଯାଇ ପାରୁଥିବା ସର୍ବୋତ୍ତମ କାର୍ଯ୍ୟରେହିଁ ପରିଣତ ହୋଇଥାଏ । ଏବଂ ଏହି କ୍ଷେତ୍ରରେ ଏହାହିଁ ଆଦର୍ଶ ସ୍ଥାନୀୟ କଥା ହେବ ଯେ, ଆମେ ସବୁବେଳେ ଏପରି ଏକ ମନୋବୃତ୍ତି ରଖିବାରେ ସମର୍ଥ ହେଉଥିବା, ଯାହାକି ଆମର କାର୍ଯ୍ୟକୁ ସ୍ୱତଃସ୍ଫୂର୍ତ୍ତ କରିବାରେ ଏକ ପରିପୂର୍ଣ୍ଣ ମନୋବୃତ୍ତି ରୂପେ କାର୍ଯ୍ୟ କରୁଥିବ,– ଆମର କାର୍ଯ୍ୟଟି ଏକ ବାହ୍ୟ ବୁଦ୍ଧିତତ୍ପରତା ବ୍ୟତୀତ ଭିନ୍ନ ଆଉକିଛି ଦ୍ୱାରା ପ୍ରେରିତ ଏବଂ ନିର୍ଦ୍ଦେଶିତ ହୋଇ ପାରୁଥିବ । ମାତ୍ର ସେଇଟି ହେଉଛି ଏକ ଆଦର୍ଶ ସ୍ଥିତି,– ଆମର ସୁନିଶ୍ଚିତ ଭାବରେ ଏଥିଲାଗି ଅଭୀପ୍ସା ରହିଥିବ ଏବଂ ଆମେ କିଛି କାଳ ପରେ ସେହି ସ୍ଥିତିଟିକୁ ଉପଲବ୍ଧି ବି କରିପାରିବା । ମାତ୍ର, ସେହି ସ୍ଥିତିଟି ସମ୍ଭବ ହେବା ପର୍ଯ୍ୟନ୍ତ, ଆମେ ଯଥାର୍ଥ ମନୋବୃତ୍ତି ଏବଂ ଯଥାର୍ଥ ଅଭୀପ୍ସାଟି ଦ୍ୱାରା ପରିଚାଳିତ ହେବା ଲାଗିହିଁ ଯତ୍ନଶୀଳ ରହିଥିବା; ଏବଂ, ଜିମ୍‌ନାଷ୍ଟିକ୍ ଓ ମାର୍ଚ୍ଚିଂରେ ଯୋଗ ଦେବା କି ନାହିଁ, କୌଣସି ଏକ ନିର୍ଦ୍ଦିଷ୍ଟ କ୍ଲାସ୍‌କୁ ଯିବା କି ନାହିଁ, ଏସବୁ ବିଷୟରେ ନିଷ୍ପତ୍ତି କରିବା ଅପେକ୍ଷା ସେଇଟିହିଁ ସର୍ବଦା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିବ । କାରଣ ଏସବୁ ବିଷୟର ସ୍ୱତନ୍ତ୍ରତଃ ଆଦୌ କୌଣସି ଯଥାର୍ଥ ମହତ୍ତ୍ୱ ନାହିଁ, ସେଗୁଡ଼ିକର ଯାହାକିଛି ମହତ୍ତ୍ୱ ରହିଛି, ତାହା କେବଳ ଏକ ଆପେକ୍ଷିକ ମହତ୍ତ୍ୱ । ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ଆପଣାର ଅଭୀପ୍ସାରେ

'oaob.nitrkl.ac.in' images reprocessed

ଆମର ଉଚିତ ମନୋଦୃଷ୍ଟିଟି ରହିଥିବ ଏବଂ ଆଗକୁ ଆଗକୁ ଯିବା ଲାଗି ଆମ ଭିତରେ ଏକ ଜୀବନ୍ତ ଇଚ୍ଛା ବି ରହିଥିବ ।

ଏକ ସାଧାରଣ ନିୟମ ହିସାବରେ, ଏବଂ ଆମର କୌଣସି ଅଭିଜ୍ଞତାରୁ ଆମକୁ ଯେପରି ପୂର୍ଣ୍ଣ ଫଳଟି ଉପଲବ୍ଧ ହେବ, ସେଥିଲାଗି ଆମର ସ୍ମରଣ ରଖିବା ଉଚିତ ଯେ, ଗୋଟିଏ କାର୍ଯ୍ୟ ଆରମ୍ଭ କରିବା ପରେ ଆମେ ପୂର୍ଣ୍ଣ ଅଧ୍ୟବସାୟ ସହିତ ନିଶ୍ଚୟ ସେଇଟିକୁ କରିବା, ବାଧା ଓ ପ୍ରମାଦ ବିଷୟରେ ଆଦୌ କୌଣସି ଭାବନା ରଖିବା ନାହିଁ; ଏହିପରି ଭାବରେ ପରିଶେଷରେ ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କୌଣସି ଗୋଟିଏ ଅକାଟ୍ୟ ଘଟନା ଘଟି ଏହି ନିଦର୍ଶନଟି ଦେଇଯିବ ଯେ ଆମକୁ ଏଣିକି ଆଉ ସେସବୁ ଆଦୌ କରିବାକୁ ପଡ଼ିବ ନାହିଁ । ଏଭଳି ଘଟନା ଖୁବ୍ କ୍ୱଚିତ୍ ଘଟିଥାଏ । ସାଧାରଣତଃ, ସବୁକିଛି ସେଗୁଡ଼ିକର ସ୍ୱକୀୟ ବକ୍ରଗୁଡ଼ିକୁ ଅନୁସରଣ କରି ଯିବାରେ ଲାଗିଥା'ନ୍ତି, ଏବଂ ଯେତେବେଳେ ସେଗୁଡ଼ିକ କୌଣସି ସମସ୍ୟା ପାଖରେ ଆସି ହାବୁଡ଼ି ଯାଆନ୍ତି,— ସେତେବେଳେ ସେମାନେ ଆପଣାର ଶେଷ ସୀମାରେ ଆସି ପହଞ୍ଚିଥା'ନ୍ତି ଅଥବା ଆପଣାର ଇପ୍ସିତ ପରିଣାମଟିକୁ ଘଟାଇ ସାରିଥା'ନ୍ତି,— ସେତେବେଳେ ଯାଇ ଆମେ ସେଗୁଡ଼ିକୁ କରିବାର କାରଣଟି ବିଷୟରେ ସଜ୍ଞାନ ହୋଇଥାଉ । ମାତ୍ର ସବୁ କ୍ଷେତ୍ରରେ ଯେ ପ୍ରତିବନ୍ଧକ, ବିରୋଧ ବା ପ୍ରୋତ୍ସାହନମାନ ଅବଶ୍ୟ ଆସିବ, ସେଗୁଡ଼ିକର ନିଦର୍ଶନ ଯେ ନିଶ୍ଚୟ ମିଳିବ, ସେପରି ଭାବିବା ମୋଟେ ଉଚିତ ନୁହେଁ, କାରଣ, ଭିନ୍ନ ଭିନ୍ନ କ୍ଷେତ୍ରରେ ଏହିସବୁ କଥାର ହୁଏତ ଅତ୍ୟନ୍ତ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ରହିଥିବ; ଏବଂ ଏହିସବୁ ବାହ୍ୟ ଘଟନାର ଭିତ୍ତିରେ ଆମେ କଦାପି ଆମ କାର୍ଯ୍ୟଟିର ଯଥାର୍ଥତାକୁ ବିଚାର କରିବାକୁ ଯିବା ନାହିଁ ।

ଯେତେବେଳେ ଆମେ ଖୁବ୍ ମନୋଯୋଗୀ ରହିଥିବା ଓ ଅତ୍ୟନ୍ତ ନିଷ୍ଠାଯୁକ୍ତ ଥିବା, ସେତେବେଳେ ଆମେ ଏକ ନିଦର୍ଶନ ପାଇବାଲାଗି ବେଶ୍ ସମର୍ଥ ହେବା,— ଏହି ନିଦର୍ଶନ ଏକ ଅନ୍ତର୍ଗତ ନିଦର୍ଶନ ସତ, ମାତ୍ର ତଥାପି ତାହା ସ୍ପଷ୍ଟ ଭାବରେ ଗୋଚର ହୋଇପାରୁଥିବ; ଆମେ ଯାହା କରିବାକୁ ଆରମ୍ଭ କରିଛୁ ବା ଯେଉଁ କାର୍ଯ୍ୟଟିକୁ କରୁଛୁ, ତାହାରି ମୂଲ୍ୟ ବିଷୟରେ ଆମେ ଅବଶ୍ୟ ଏକ ନିଦର୍ଶନ ପାଇଯିବା । ପ୍ରକୃତରେ କହିବାକୁ ଗଲେ, ଯାହା ଭିତରେ ଏକ ସଂପୂର୍ଣ୍ଣ ସଦିଚ୍ଛା ରହିଛି, ଅର୍ଥାତ୍, ପରିପୂର୍ଣ୍ଣ ନିଷ୍ଠା ସହକାରେ ଏବଂ ଆପଣା ସତ୍ତାର ସମୁଦାୟ ଚେତନ ଅଂଶଟିର ବିନିଯୋଗ କରି ଯିଏ ଉଚିତ ପ୍ରକାରେ ଉଚିତ କାର୍ଯ୍ୟଟିକୁ କରିବା ଲାଗି ପ୍ରକୃତରେ ଇଚ୍ଛା କରୁଛି, ତା' ଲାଗି ଅନୁକ୍ଷଣହିଁ ଏକ ନିଦର୍ଶନ ବା ସଙ୍କେତ ନିଶ୍ଚୟ ମହଜୁଦ ରହିଥିବ । ଯଦି, କୌଣସି ନା କୌଣସି କାରଣରୁ ଜଣେ ବ୍ୟକ୍ତି ଅଳ୍ପ ବା ବହୁତ ପରିମାଣରେ ଅନିଷ୍ଟକାରୀ ହୋଇ ରହିଥିବା କୌଣସି

'oaob.nitrkl.ac.in' images reprocessed

କାର୍ଯ୍ୟରେ ହାତ ଦେବାକୁ ବାହାରିବ, ତେବେ ଆପଣାର ସୌରଚକ୍ରର ଅଞ୍ଚଳରେ ସେ ସର୍ବଦା ଏକ ଅସ୍ୱସ୍ତତା ଅନୁଭବ କରିବାକୁ ଲାଗିବ; ସେହି ଅସ୍ୱସ୍ତିକରତା କଦାପି ତୀବ୍ର ଭାବରେ ଅନୁଭୂତ ହେଉ ନ ଥିବ ସତ, କୌଣସି ପ୍ରକାର ନାଟକୀୟ ଢଙ୍ଗରେ ତାହା ଆମର ଦୃଷ୍ଟି ଓ ବୋଧକୁ ଆପଣା ଆଡ଼କୁ ବଳପୂର୍ବକ ଆକର୍ଷିତ କରି ନେଉ ନ ଥିବ ସତ, ମାତ୍ର ମନୋଯୋଗୀ ରହିପାରିଥିବା ପ୍ରତ୍ୟେକ ବ୍ୟକ୍ତିକୁ ତାହା ତଥାପି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଗୋଚର ହୋଇ ପାରୁଥିବ,— ସତେଅବା ଗୋଟାଏ ପ୍ରକାରର ଅନୁଶୋଚନା ପରି ବୋଧ ହେଉଥିବ, ତାହା ପ୍ରତି ସତେଅବା ଆଦୌ କୌଣସି ସ୍ୱୀକୃତି ନ ଥିବାପରି ଲାଗୁଥିବ । ଏପରିକି ତାହା ସହଯୋଗ କରିବାରେ ଏକ ଅସ୍ୱୀକୃତି ପ୍ରକାଶ କରିବା ଯାଏ ବି ଅଗ୍ରସର ହୋଇପାରିବ । ମାତ୍ର ମୁଁ ଜୋର ଦେଇ ଅବଶ୍ୟ କହିବି ଯେ ଏଥିରେ କୌଣସି ବଳ ପ୍ରୟୋଗକାରୀ ତୀବ୍ରତା ନ ଥିବ, ତାହା ଆଦୌ ନୃଶଂସ ଭାବରେ ଆପଣାକୁ ପ୍ରତିଷ୍ଠିତ କରିବା ଲାଗି ବାହାରି ଆସୁ ନ ଥିବ : ତାହା କୌଣସି କୋଳାହଳ କରିବ ନାହିଁ, କେବଳ ଏକ ସାମାନ୍ୟ ଅସ୍ୱସ୍ତିରୂପେ ଆପଣାକୁ ଅଭିବ୍ୟକ୍ତ କରୁଥିବ ଏବଂ, ଯଦି ତୁମେ ତା' ପ୍ରତି କୌଣସି ଧ୍ୟାନ ନ ଦେବ, ତାକୁ ଉପେକ୍ଷା କରିବ, ତା' ଉପରେ ଆଦୌ କୌଣସି ଗୁରୁତ୍ୱ ନ ଦେବ, ତେବେ ଅଳ୍ପ ସମୟ ପରେ ତାହା ସଂପୂର୍ଣ୍ଣ ଭାବରେ ପୁଣି ଅନ୍ତର୍ହିତ ହୋଇଯିବ ଏବଂ ତା'ପରେ ଆଉ ତାହାର ଆଦୌ କୌଣସି ଅବଶେଷହିଁ ରହିବ ନାହିଁ ।

ଏକଥା ମଧ୍ୟ ସତ୍ୟ ନୁହେଁ ଯେ ଆମେ ଅଧିକରୁ ଅଧିକ ଭୁଲ କରିବା ସଙ୍ଗେ ସଙ୍ଗେ ସେହି ଅସ୍ୱସ୍ତି ଅନୁଭବ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଉଥିବ । ବରଂ ତାହାର ଓଲଟାଟାହିଁ ଘଟିବ, ତାହା ଏକାବେଳେକେ ଅନ୍ତର୍ହିତ ହୋଇଯିବ ଓ ଆମର ଚେତନା ସତେଅବା ଆବୃତ ହୋଇ ପଡ଼ିବ ।

ତେଣୁ, ଏହାକୁ ଆମେ ଏକ ନିଶ୍ଚିତ ନିଦର୍ଶନ ବୋଲି କଦାପି କହିପାରିବା ନାହିଁ; କାରଣ ଏହି କ୍ଷୁଦ୍ର ଇଙ୍ଗିତଟିକୁ ତୁମେ ବେଶ୍ କେତେଥର ଉପେକ୍ଷା କରିଦେବା ପରେ ତାହା ଆଉ ମୋଟେ ଫେରି ଆସିବ ନାହିଁ । ମାତ୍ର ମୁଁ ତୁମମାନଙ୍କୁ କହି ରଖୁଛି ଯେ ଯଦି ତୁମେ ପୂର୍ଣ୍ଣ ନିଷ୍ଠା ସହିତ ସେଥିପ୍ରତି ଅତ୍ୟନ୍ତ ମନୋଯୋଗୀ ରହିପାରିବ, ତେବେ ତାହା ଅତ୍ୟନ୍ତ ନିଶ୍ଚିତ ଓ ମୂଲ୍ୟବାନ୍ ଭାବରେ ତୁମର ମାର୍ଗଦର୍ଶନ କରାଇପାରିବ ।

ମାତ୍ର, ଏହି ଅସ୍ୱସ୍ତିକରତା ଆସିଲେ ପ୍ରଥମ ଅବସ୍ଥାରେହିଁ ଆସିଥାଏ, ପ୍ରାୟ ଅବ୍ୟବହିତ ଭାବରେହିଁ ଆସିଥାଏ, ଏବଂ ଯଦି ତାହା ଆପଣାକୁ ପ୍ରକୃତରେ ଚିହ୍ନା ନ ଦିଏ, ତେବେ, ଆମେ ଯାହା ଆରମ୍ଭ କରିଥିବା ପଛକେ, ସେଇଟିକୁ ସେହିପରି ଶେଷ ପର୍ଯ୍ୟନ୍ତ କରିଯିବାହିଁ ଅଧିକ ଉଚିତ ହେବ, ଯେପରିକି ସେ ବିଷୟରେ ଆମର ଏକ

'oaob.nitrkl.ac.in' images reprocessed

ସଂପୂର୍ଣ୍ଣ ଅଭିଜ୍ଞତା ଉପଲବ୍ଧ ହୋଇପାରିବ । ଅବଶ୍ୟ ମୁଁ ଯେପରି କହିଲି, ଯଦି ଆମେ ସେହି ବିଷୟରେ ଏକ ସଂପୂର୍ଣ୍ଣ ଓ ନିର୍ଭୁଲ ଇଙ୍ଗିତ ପାଇପାରୁଥିବା, ସେହି କାର୍ଯ୍ୟଟିକୁ କରିବା ଉଚିତ ନୁହେଁ ବୋଲି ଏକ ସ୍ପଷ୍ଟ ନିଦର୍ଶନ ଆମକୁ ମିଳି ଯାଉଥିବ, ତେବେ ତାହା ନିଶ୍ଚୟ ଭିନ୍ନ କଥା ହେବ ।

'oaob.nitrkl.ac.in' images reprocessed

## ୬ ଫେବ୍ରୁଆରି ୧୯୫୭

*"ମୃତ୍ୟୁ ହେଉଛି ସେହି ପ୍ରଶ୍ନ, ଯାହାକୁ କି ପ୍ରକୃତି ଅନବରତ ଜୀବନକୁ ପଚାରିବାରେ ଲାଗିଛି; ସେହି ପ୍ରଶ୍ନଟି ଦ୍ୱାରା ପ୍ରକୃତି ଜୀବନକୁ ବାରବାର ସ୍ମରଣ କରାଇ ଦେଉଛି ଯେ ଜୀବନ ଏବେ ମଧ୍ୟ ଆପଣାକୁ ଯଥାର୍ଥ ଭାବେ ଆବିଷ୍କାର କରିପାରି ନାହିଁ । ଯଦି ଜୀବନ ଉପରେ ମୃତ୍ୟୁର ଏହି ଅବରୋଧଟି ନ ଥା'ନ୍ତା, ତେବେ ଜୀବନଧାରୀ ପ୍ରାଣୀ ଚିରକାଳ ଲାଗି ଏକ ଅପୂର୍ଣ୍ଣ ଜୀବନଯାପନର ବନ୍ଧନ ଭିତରେ ବାନ୍ଧି ହୋଇ ପଡ଼ିଥା'ନ୍ତା । ମାତ୍ର ସେପରି ନ ହୋଇ ମୃତ୍ୟୁ ତା'ର ଅନୁଧାବନ କରିବାରେ ଲାଗିଛି ବୋଲିହିଁ ତାହା ପରିପୂର୍ଣ୍ଣ ଜୀବନର ଏକ ଧାରଣା କରିବା ଲାଗି ସଚେତନ ହୋଇପାରୁଛି ତଥା ସେହି ଜୀବନର ସାଧନ ଓ ସମ୍ଭାବନାଟିକୁ ଖୋଜି ବାହାର କରିବାକୁ ପ୍ରୟାସ କରୁଛି ।"*

– ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା.୩୮୬

ମୋର ମନେ ହେଉଛି, ଏହି ଉକ୍ତିଟିରେ ଆମ ଲାଗି ଏତେ ଯଥେଷ୍ଟ ସାମଗ୍ରୀ ରହିଛି ଯେ ଆଉ ଆଗକୁ ଯିବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ । ପ୍ରତ୍ୟେକ ବ୍ୟକ୍ତି, କିଞ୍ଚିତ୍ ପରିମାଣରେ ମଧ୍ୟ ଯାହାର ଚେତନାରେ ଏକ ଜାଗୃତି ଘଟି ପାରିଥିବ, ସିଏ ନିଶ୍ଚୟ ଅନ୍ତତଃ ଥରକ ଲାଗି ଏହି ପ୍ରଶ୍ନଟିକୁ ପଚାରି ସାରିଥିବ । ସଭାର ଗଭୀର ମର୍ମରେ ଜୀବନକୁ ବିକଶିତ କରିନେବା ସକାଶେ, ତାହାକୁ ଚିରନ୍ତନ ଓ ଦୀର୍ଘତର କରିବା ସକାଶେ ଏପରି ଏକ ଆବଶ୍ୟକତା ରହିଛି ଯେ, ମୃତ୍ୟୁ ସହିତ ଏକ ପ୍ରଥମ ସଂସ୍ପର୍ଶ ଘଟିବା ମୁହୂର୍ତ୍ତରେହିଁ, ସତ୍ତା ମଧ୍ୟରେ ତାହାକୁ ଅସ୍ୱୀକାର କରି ରଖିବା ଲାଗି ଗୋଟାଏ ପ୍ରକାର ପ୍ରତିକ୍ରିୟା ଅନୁଭୂତ ହେଉଛି; ଏହି ସଂସ୍ପର୍ଶ ହୁଏତ ଏକ ଆକସ୍ମିକ ଭାବରେ ଘଟୁଛି, ମାତ୍ର ତଥାପି ଏହା ଏକ ଅପରିହାର୍ଯ୍ୟ ପ୍ରତିକ୍ରିୟା ।

ଅତ୍ୟନ୍ତ ସହଜରେ ବିଚଳିତ ହୋଇ ପଡୁଥିବା ବ୍ୟକ୍ତିମାନେ ଏଥିରେ ଭୟଭୀତ ହୋଇ ପଡ଼ିଥା'ନ୍ତି, ଏବଂ ଅନ୍ୟମାନଙ୍କ ମଧ୍ୟରେ ସେହି ସଂସ୍ପର୍ଶ ଏକ ରୁଷ୍ଟ ଭାବ ମଧ୍ୟ ଉତ୍ପନ୍ନ କରିଥାଏ । ଏହି କ୍ଷେତ୍ରରେ ଆପଣାକୁ ଏପରି ଏକ ପ୍ରଶ୍ନ ପଚାରିବାର ପ୍ରବୃତ୍ତି ବି ରହିଥାଏ : ଏହି ଭୟଙ୍କର ପ୍ରହସନଟାର ପ୍ରକୃତରେ ଯଥାର୍ଥ ଅର୍ଥ କ'ଣ, ଯେଉଁଥିରେ କି ଆପେ ଇଚ୍ଛା ନ କରୁଥିଲେ ମଧ୍ୟ ଆମକୁ ଅଂଶ ଗ୍ରହଣ କରିବାକୁ ହେଉଛି, ସେ ବିଷୟରେ

'oaob.nitrkl.ac.in' images reprocessed

କିଛି ବୁଝି ନ ପାରୁଥିଲେ ମଧ୍ୟ ସେଥି ମଧ୍ୟରେ ବନ୍ଦି ହୋଇଯିବାକୁ ପଡୁଛି ? ଯଦି ମରିବାହିଁ ଅନ୍ତିମ ନିୟତି ହୋଇ ରହିଥାଏ, ତେବେ ଆମର ଜନ୍ମ ବା ହେଉଛି କାହିଁକି ? ଯଦି କ୍ଷୟ ଲଭିବା ଓ ଶେଷରେ ବିଲୁପ୍ତ ଓ ଅସ୍ତମିତ ହୋଇଯିବାହିଁ ନିୟତି ହୋଇ ରହିଛି, ତେବେ ବିକାଶ, ଅଗ୍ରଗତି, ଆମର ବିଭିନ୍ନ ସାମର୍ଥ୍ୟକୁ କୁସୁମିତ କରାଇ ଆଣିବା, ଏସବୁର ପ୍ରକୃତରେ ଆଉ କି ଅର୍ଥ ରହିଲା ?...'' ଅନେକେ ସେମାନଙ୍କ ମଧ୍ୟରେ ଏହି ବିଷୟରେ ଏକ ବିଦ୍ରୋହ ଅନୁଭବ କରିଥା'ନ୍ତି; ଯେଉଁମାନେ ଅପେକ୍ଷାକୃତ କମ୍ ସବଳ, ସେମାନେ ଏହି କ୍ଷେତ୍ରରେ ଭାରି ନିରାଶା ଅନୁଭବ କରିଥା'ନ୍ତି ଏବଂ ସେମାନଙ୍କ ମନରେ ସର୍ବଦା ଏହିଭଳି ଗୋଟିଏ ପ୍ରଶ୍ନ ଉତ୍‌ଥାପିତ ହୋଇଥାଏ : ''ଯଦି ସେହି ସବୁର ପଛରେ ଏକ ସଚେତନ ପରମ ଇଚ୍ଛା କାର୍ଯ୍ୟକାରୀ ହୋଇ ରହିଥାଏ, ତେବେ ତାହା ଯେ ଏକ ବିକରାଳ ଇଚ୍ଛା ହୋଇଥିବ, ସେହିପରି ବୋଧ ହେଉଛି ।''

ମାତ୍ର ଏଠାରେ ଶ୍ରୀଅରବିନ୍ଦ ଆମକୁ କହୁଛନ୍ତି ଯେ ବସ୍ତୁ ଜଗତର ଚେତନା ମଧ୍ୟରେ ପରିପୂର୍ଣ୍ଣତାର ଆବଶ୍ୟକତା ଓ ପ୍ରଗତିର ଆବଶ୍ୟକତା ଜାଗ୍ରତ କରି ଆଣିବାର ଏକ ସାଧନରୂପେ ଏହା ପ୍ରକୃତରେ ଅପରିହାର୍ଯ୍ୟ ହୋଇ ରହିଥିଲା; ଯଦି ଏହି ଦୁର୍ବିପାକଟି ନ ଥା'ନ୍ତା, ତେବେ ପ୍ରାଣୀମାନେ ଯିଏ ଯେପରି ସ୍ଥିତିରେ ଅଛନ୍ତି, ସେହିଥିରେହିଁ ହୁଏତ ସନ୍ତୁଷ୍ଟ ହୋଇ ରହିଯାଇଥା'ନ୍ତେ— ସମ୍ଭବତଃ... । ଏହା ନିଶ୍ଚିତ ନୁହେଁ ।

ମାତ୍ର, ଏପରି ଅବସ୍ଥାରେ, ବସ୍ତୁସ୍ଥିତି ଯେଉଁଭଳି ରହିଛି, ଆମକୁ ତାହାକୁ ସେହିପରି ଭାବରେହିଁ ଗ୍ରହଣ କରିବାକୁ ହେବ ଏବଂ ଆପଣା ପାଖରେ କହିବାକୁ ପଡ଼ିବ ଯେ ଆମକୁ ଏସବୁ ଭିତରୁ ବାହାରି ଆସିବାର ବାଟଟିକୁ ଅବଶ୍ୟ ବାହାର କରିବାକୁ ପଡ଼ିବ ।

ପ୍ରକୃତ କଥା ହେଉଛି ଯେ ପ୍ରତ୍ୟେକ ବସ୍ତୁ ଚିରନ୍ତନ ଭାବରେ ଉତ୍ତରୋତ୍ତର ବିକଶିତ ହେବାରେ ଲାଗିଛି, ଅର୍ଥାତ୍, ସମୁଦାୟ ସୃଷ୍ଟି, ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଏପରି ଏକ ପରିପୂର୍ଣ୍ଣତା ଅଭିମୁଖରେ ଅଗ୍ରଗତି କରିବାରେ ଲାଗିଛି, ଯାହାକି ଆମେ ତାହାରି ଆଡ଼କୁ କ୍ରମଶଃ ଆଗେଇଯିବା ସଙ୍ଗେ ସଙ୍ଗେ ସତେଅବା ଆହୁରି ପଛକୁ ପଛକୁ ଘୁଞ୍ଚିଯିବା ପରି ମନେହେଉଛି । କାରଣ, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଯାହା ଏକ ପରିପୂର୍ଣ୍ଣତା ପରି ବୋଧ ହେଉଥିଲା, କେତେକ ସମୟ ପରେ ତାହା ଆଉ ମୋଟେ ପରିପୂର୍ଣ୍ଣତା ବୋଲି ମନେ ହେଉ ନାହିଁ । ଚେତନାତ୍ମ ସତ୍ତାର ସୂକ୍ଷ୍ମରୁ ସୂକ୍ଷ୍ମତମ ସ୍ଥିତିଗୁଡ଼ିକ ମଧ୍ୟ ଏହି ଉତ୍ତରୋତ୍ତର ସୋପାନମାର୍ଗଟିର ଅନୁସରଣ କରୁଛନ୍ତି, ଏବଂ ଏହି ମାର୍ଗଟିରେ ଆଗକୁ ଯାଉଥିବା ସଙ୍ଗେସଙ୍ଗେ, କ୍ରମଟି ମଧ୍ୟରେ ଆମେ ଉଚ୍ଚକୁ ଉଚ୍ଚକୁ ଯାଉଥିବା ସଙ୍ଗେ ସଙ୍ଗେ ସେହି ଅଗ୍ରଗତି କରିବାର ଛନ୍ଦଟି ଅଧିକ ଅନ୍ତରଙ୍ଗ ଭାବରେ ବିଶ୍ୱ-ବିକାଶର ଛନ୍ଦଟିର ସଦୃଶ

'oaob.nitrkl.ac.in' images reprocessed

ବୋଲି ମନେ ହେବାରେ ଲାଗିଛି । ମାତ୍ର ଏହି ଜଡ଼ମୟ ଜଗତ ସ୍ୱଭାବତଃ କଠିନ ହୋଇ ରହିଥିବାରୁ ରୂପାନ୍ତରର ପ୍ରକ୍ରିୟାଟି ମନ୍ଥର ଭାବରେ ଚାଲିଛି, ଅତ୍ୟନ୍ତ ମନ୍ଥର ଭାବରେ ଚାଲିଛି; ମନୁଷ୍ୟର ଚେତନା କାଳର ପରିମାପଟିକୁ ସାଧାରଣତଃ ଯେପରି ଭାବରେ ଗୋଚର କରିଥାଏ, ସେହି ପ୍ରଗତି ସେଇଟି ପାଖରେ ପ୍ରାୟ ଅଗୋଚର ହୋଇ ରହିଛି । ... ଏବଂ ସେହି କାରଣରୁହିଁ ଅନ୍ତର୍ଗତି ଏବଂ ବହିର୍ଗତି ମଧ୍ୟରେ ନିରନ୍ତର ଏକ ଅସମତାବସ୍ଥାର ସୃଷ୍ଟି ହୋଇ ରହିଛି ଓ ଏହି ଭାରସାମ୍ୟର ଅଭାବ, ଅନ୍ତର୍ଗତ ଅଗ୍ରଗତିର ସ୍ପନ୍ଦନଟିକୁ ଅନୁସରଣ କରିପାରିବା ଲାଗି ଏହି ଅସମର୍ଥତାରୁହିଁ ଆକାର ବା ବାହ୍ୟଶରୀରଗୁଡ଼ିକରେ ଏକ ଅପଘଟନ ଏବଂ ପରିବର୍ତ୍ତନ ଆବଶ୍ୟକ ହୋଇପଡ଼ୁଛି । ମାତ୍ର ଆମେ ଯଦି ଏହି ଜଡ଼ ମଧ୍ୟକୁ ସେହି ଛନ୍ଦଟିକୁ ଲାଭ କରି ପାରିବା ଭଳି ଯଥେଷ୍ଟ ଚେତନା ଅନୁପ୍ରେରିତ କରି ଆଣିପାରନ୍ତେ, ଯଦି ଜଡ଼ଶରୀର ଯଥେଷ୍ଟ ପରିମାଣରେ ଗ୍ରହଣସମର୍ଥ ଓ ନମନୀୟ ହୋଇ ଅନ୍ତର୍ଗତ ଉତ୍ତରୋତ୍ତର ଗତିଟିକୁ ଅନୁସରଣ କରିପାରନ୍ତା, ତେବେ ଭାରସାମ୍ୟଟିରେ ମଧ୍ୟ ଆଉ କୌଣସି ବ୍ୟୁତି ଘଟନ୍ତା ନାହିଁ ଏବଂ ତା'ପରେ ମୃତ୍ୟୁଲାଗି ମଧ୍ୟ ଆଉ କୌଣସି ଆବଶ୍ୟକତା ନ ଥାନ୍ତା ।

ତେଣୁ ଶ୍ରୀଅରବିନ୍ଦ ଏଠାରେ ଆମକୁ କହିଥିବା କଥାଟି ଅନୁସାରେ, ଜଡ଼ଭୂତ ଚେତନା ମଧ୍ୟରେ ଆବଶ୍ୟକ ଅଭୀପ୍ସା ଏବଂ ଆବଶ୍ୟକ ନମନୀୟତାଟିକୁ ଜାଗ୍ରତ କରାଇବା ସକାଶେହିଁ ପ୍ରକୃତିକୁ ଏପରି ଏକ ଉଗ୍ର ସାଧନର ଆଶ୍ରୟ ନେବାକୁ ହୋଇଛି ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଜାଡ୍ୟ ହେଉଛି ଜଡ଼ର ସବୁଠାରୁ ଅଧିକ ପ୍ରଭାବସମ୍ପନ୍ନ ପ୍ରକୃତି; ଏବଂ ଏକଥା ମଧ୍ୟ ସ୍ପଷ୍ଟ ଯେ ଯଦି ଏହି କ୍ଷେତ୍ରରେ ସେହି ଉଗ୍ର ସାଧନଟି ଉପସ୍ଥିତ ନ ଥା'ନ୍ତା, ତେବେ ବ୍ୟକ୍ତିର ଚେତନା ସମ୍ଭବତଃ ଏତେ ଅଧିକ ପରିମାଣରେ ଅସଚଳ ହୋଇ ରହିଥାନ୍ତା ଯେ ଅପରିପୂର୍ଣ୍ଣତାରେ କୌଣସି ପରିବର୍ତ୍ତନ ସମ୍ଭବ କରିବା ପରିବର୍ତ୍ତେ ତାହାରି ମଧ୍ୟରେ ହିଁ ସବୁକାଳ ସକାଶେ ପଡ଼ିରହିବାକୁ ହିଁ ତାହା ନିୟତିରୂପେ ଗ୍ରହଣ କରି ନିଅନ୍ତା । ...ହଁ । ଏପରି ହେବା ନିଶ୍ଚୟ ସମ୍ଭବ । ସେକଥା ଯାହା ହୋଇଥାଉ ପଛକେ, ବସ୍ତୁଗୁଡ଼ିକ ପ୍ରକୃତରେ ଏହିପରି ଭାବରେ ହିଁ ତିଆରି ହୋଇଛନ୍ତି, ଏବଂ ଆମେ ଯେଉଁମାନେ ଅପେକ୍ଷାକୃତ କିଛିଟା ଅଧିକ ଜାଣିଛୁ, ସେମାନଙ୍କ ଲାଗି କେବଳ ଗୋଟିଏ କଥାହିଁ କରିବାକୁ ରହିଛି, ତାହା ହେଉଛି ଯେ ଆମେ ଏସବୁକୁ ବଦଳାଇ ଦେବାକୁ ସମର୍ଥ ହେବା; ଆମପାଖରେ ସେଥିଲାଗି ଯେତିକି ସାଧନ ରହିଛି, ସେହି ପରମା ଶକ୍ତି ବା ପରମଚେତନାର ଆବାହନ କରି, ଯେଉଁ ସ୍ପନ୍ଦନ ପ୍ରକୃତରେ ଜଡ଼ୋପାଦାନରେ ରୂପାନ୍ତର ସମ୍ଭବ କରିପାରିବ, ତାହାକୁ ନମନୀୟ କରିଦେବ, ପରିବର୍ତ୍ତନ-ଅନୁକୂଳ ଏବଂ ପ୍ରଗତିଧର୍ମୀ କରିପାରିବ, ସେହି ସ୍ପନ୍ଦନକୁ ଜଡ଼ୋପାଦାନ

'oaob.nitrkl.ac.in' images reprocessed

ମଧ୍ୟକୁ ଅନୁପ୍ରେରିତ କରି ଆଣିବାକୁ ସମର୍ଥ ହେଉଥିବା ସେହି ନୂତନ ପରମ ଶକ୍ତିଟିକୁ ଆବାହନ କରିବା ଦ୍ୱାରା ହିଁ ଆମେ ସେଗୁଡ଼ିକରେ ପରିବର୍ତ୍ତନ ଘଟାଇ ପାରିବା ।

ବସ୍ତୁଗୁଡ଼ିକ ଯେପରି ସ୍ଥିତିରେ ରହିଛନ୍ତି, ସେଗୁଡ଼ିକୁ ନେଇ ସେହିପରି ଭାବରେ ଲିପ୍ତ ହୋଇ ରହିବା ଯେ ଏହି ପଥରେ ହେଉଛି ସବୁଠାରୁ ବଡ଼ ବାଧା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର ଏକ ସମଗ୍ର ସତ୍ତା ହିସାବରେ ପ୍ରକୃତି ମଧ୍ୟ ଏକଥା ବେଶ୍ ଦେଖିବାକୁ ପାଉଛି ଯେ ଯେଉଁମାନଙ୍କ ମଧ୍ୟରେ ଜ୍ଞାନ ଅପେକ୍ଷାକୃତ ଅଧିକ ଗଭୀର ହୋଇ ରହିଛି, ସେମାନେ ଅତ୍ୟନ୍ତ ସତ୍ୱର ଗତିରେ ଆଗକୁ ଯିବାକୁ ଇଚ୍ଛା କରୁଛନ୍ତି । ପ୍ରକୃତିକୁ ତା'ଆପଣାର ବକ୍ର ସର୍ପିଳ ପଥଟି ବେଶ୍ ଆରାମଦାୟକ ବୋଧ ହୋଇଥାଏ, ବାର ବାର ଚେଷ୍ଟା କରି ବାର ବାର ବିଫଳ ହୋଇ ବାର ବାର ନୂଆ କରି ଆରମ୍ଭ କରିବାକୁ ପ୍ରକୃତିକୁ ଭାରି ଭଲ ଲାଗୁଥାଏ । ବାର ବାର ନୂଆ ଉଦ୍ଭାବନ ତାକୁ ଭଲ ଲାଗୁଥାଏ । ପଥ ଚାରଣାର ସ୍ୱପ୍ନାବିଷ୍ଟତା ଏବଂ ଅନୁଭୂତିଗତ ଯାବତୀୟ ଅପ୍ରତ୍ୟାଶିତତା ତାକୁ ଭାରି ଭଲଲାଗେ । ଆମେ ତ ହୁଏତ ଏପରି ବି କହିପାରିବା ଯେ, ତା'ର ପଥଟି ଯେତିକି ଦୀର୍ଘ ଓ ଅଧିକ ସମୟସାପେକ୍ଷ ହୁଏ, ପ୍ରକୃତି ଲାଗି ତାହା ସେତେବେଶୀ ଆନନ୍ଦଦାୟକ ଓ ଉପଭୋଗ୍ୟ ହୋଇଥାଏ ।

ମାତ୍ର ଖେଳଟି ଯେତେ ବଢ଼ିଆରୁ ବଢ଼ିଆ ହୋଇଥିଲେ ମଧ୍ୟ ସେଥିରେ ପରିଶେଷରେ ଏକ ଅବସାଦ ମଧ୍ୟ ଆସିଥାଏ । ଏପରି ଏକ ସମୟ ଆସି ପହଞ୍ଚେ ଯେତେବେଳେକି ପୁରୁଣା ଖେଳଗୁଡ଼ାକୁ ବଦଳାଇ ନୂଆ କିଛି କରିବାକୁ ମନ ହୁଏ ଏବଂ ସେତେବେଳେ ଏପରି ଏକ ଖେଳର ସ୍ୱପ୍ନ ଦେଖିବାକୁ ମନ ହୁଏ, ଯେଉଁଥିରେ କି ଅଗ୍ରଗତି କରିବା ଲାଗି ବିନଷ୍ଟ କରିଦେବାର ଆଉ ଆଦୌ କୌଣସି ଆବଶ୍ୟକତା ନ ଥିବ, ଯେଉଁଠାରେ କି ପ୍ରଗତି ଲାଗି ଆମଭିତରେ ରହିଥିବା ଉତ୍ସାହହିଁ ନୂତନ ନାନା ସାଧନ ଓ ନୂତନ ଅଭିବ୍ୟକ୍ତି ଖୋଜି ବାହାର କରିବା ଲାଗି ଯଥେଷ୍ଟ ହେବ, ଯେଉଁଠାରେ କି ଜୀବନକୁ ପରିଚାଳିତ କରି ନେଉଥିବା ପ୍ରାଣୋତ୍ସାହହିଁ ଯାବତୀୟ ଜଡ଼ତା, ଶ୍ଳଥତା, ବୋଧଶକ୍ତିର ଅଭାବ, କ୍ଳାନ୍ତି ଏବଂ ଉଦାସୀନତାକୁ ଅତିକ୍ରମ କରିଯିବା ଲାଗି ଯଥେଷ୍ଟ ପରିମାଣରେ ବଳଯୁକ୍ତ ହୋଇ ପାରୁଥିବ ।

କେତେକ ପରିମାଣରେ ଏକ ଅଗ୍ରଗତି ହାସଲ ହୋଇସାରିବା ପରେ ଏହି ଶରୀର ପ୍ରକୃତରେ କାହିଁକି ଟିକିଏ ବସି ପଡ଼ିବାର ଏକ ଆବଶ୍ୟକତା ଅନୁଭବ କରିଥାଏ ? ଶରୀର ଭାରି କ୍ଳାନ୍ତ ହୋଇ ପଡ଼ିଥାଏ । ଶରୀର କହିବାକୁ ଲାଗେ, "ନାଇଁ, ତୁମେ ଟିକିଏ ଅପେକ୍ଷା କର, ମୋତେ ଟିକିଏ ବିଶ୍ରାମ କରିବାର ସମୟ ଦିଅ ।" ଏଇଥିରୁହିଁ ଶରୀର ଲାଗି ମୃତ୍ୟୁର ଅବକାଶ ବି ଆସି ପହଞ୍ଚିଥାଏ । ସର୍ବଦା ଅଧିକରୁ ଅଧିକ ଭଲ

'oaob.nitrkl.ac.in' images reprocessed

କରିବାକୁ, ଅଧିକ ସ୍ୱଚ୍ଛ, ଅଧିକ ସୁନ୍ଦର ଏବଂ ଅଧିକ ଜ୍ୟୋତିର୍ମୟ ହେବାକୁ ଏବଂ ଶାଶ୍ୱତ ଭାବରେ ତାରୁଣ୍ୟଯୁକ୍ତ ହୋଇ ରହିବାକୁ ଯଦି ଆମର ଶରୀର ଆପଣା ଭିତରେ ଆବଶ୍ୟକ ଉତ୍ସାହଟିକୁ ଅନୁଭବ କରି ପାରୁଥାଏ, ତେବେ ଆମେ ପ୍ରକୃତିର ଏହି ଭୀତିପ୍ରଦ ବ୍ୟଙ୍ଗଟିର କବଳରୁ ନିଶ୍ଚୟ ନିଷ୍କୃତି ଲାଭ କରି ବାହାରିଆସି ପାରିବା ।

ପ୍ରକୃତି ଲାଗି ଏହାର ଆଦୌ କୌଣସି ମହତ୍ତ୍ୱ ନ ଥାଏ । ପ୍ରକୃତି ସମୁଦାୟଟିକୁ ଦେଖେ, ସମଗ୍ରତାର ପ୍ରତ୍ୟକ୍ଷ କରୁଥାଏ; ସିଏ ଦେଖୁଥାଏ ଯେ କେଉଁଠିହେଲେ କିଛି ନଷ୍ଟ ହୋଇଯାଉ ନାହିଁ, କେବଳ ନାନାବିଧ ପରିମାଣ ଅଲଗା ହୋଇ ପୁନରାୟ ମିଳିତ ହୋଇଯିବାରେ ଲାଗିଛନ୍ତି, ଅଗଣିତ କ୍ଷୁଦ୍ର କ୍ଷୁଦ୍ର ଉପାଦାନ ପରସ୍ପରଠାରୁ ଅଲଗା ହୋଇ ପୁଣି ସମ୍ମିଳିତ ହୋଇ ଯାଉଛନ୍ତି, — ସେହି ପ୍ରକ୍ରିୟାରେ ଆଦୌ କୌଣସି ମହତ୍ତ୍ୱ ଦେଖିବାକୁ ମିଳୁ ନାହିଁ, ସେହି ଉପାଦାନଗୁଡ଼ିକୁ ପୁଣି ଗୋଟିଏ ପାତ୍ରରେ ଆଣି ରଖି ଦିଆଯାଉଛି ଏବଂ ଭଲକରି ଏକାଠି ଘାଣ୍ଟି ଦିଆଯାଉଛି, — ଏବଂ ସେଥିରୁ ନୂତନ ଗୋଟାଏ କିଛି ନିଷ୍ପନ୍ନ ହୋଇ ଆସୁଛି । ମାତ୍ର ସେହି ଖେଳଟା ଯେ ପ୍ରତ୍ୟେକଙ୍କ ଲାଗି ପ୍ରକୃତରେ ବିନୋଦକ ବୋଲି ମନେହେଉଛି, ସେକଥା ଆଦୌ ନୁହେଁ । ଏବଂ, ଆମ ଚେତନାର କ୍ଷେତ୍ରରେ ଯଦି ଆମେ ପ୍ରକୃତି ପରି ବ୍ୟାପକ ହୋଇପାରିବା, ଯଦି ଆମେ ପ୍ରକୃତିଠାରୁ ଅଧିକ ଶକ୍ତିଶାଳୀ ହୋଇ ପାରିବା, ତେବେ ସେହି କାର୍ଯ୍ୟଟିକୁ ମଧ୍ୟ ଆମେ ପ୍ରକୃତିଠାରୁ ଆହୁରି ଅଧିକ ଭଲ ଭାବରେ କାହିଁକି ସମ୍ପାଦନ କରି ନ ପାରିବା ?

ଆମକୁ ବର୍ତ୍ତମାନ ଏହି ସମସ୍ୟାଟିର ସମ୍ମୁଖୀନ ହେବାକୁ ପଡୁଛି । ଏବଂ, ତା'ସହିତ, ଅବତରଣ କରି ଆସିଥିବା ଏହି ନୂତନ ଶକ୍ତିଟିର ସାହାଯ୍ୟରେ, ବର୍ତ୍ତମାନ ଆପଣାକୁ ଅଭିବ୍ୟକ୍ତ କରି ଆଣୁଥିବା ଓ ସକ୍ରିୟ ହୋଇ ରହିଥିବା ସେହି ଶକ୍ତିଟିର ଅଧିକ ସାହାଯ୍ୟଟିକୁ ଗ୍ରହଣ କରି ଆମେ ଏହି ବିଶାଳ ଖେଳଟିକୁ କାହିଁକି ହାତକୁ ନ ନେବା ଏବଂ ଏହାକୁ କାହିଁକି ଅଧିକ ସୁନ୍ଦର, ଅଧିକ ସମତାଯୁକ୍ତ ଏବଂ ଅଧିକ ସତ୍ୟଯୁକ୍ତ କରି ନ ପାରିବା ?

ଯେଉଁସବୁ ମସ୍ତିଷ୍କ ସେହି ଶକ୍ତିଟିକୁ ଗ୍ରହଣ କରିବା ଲାଗି ଓ ସମ୍ଭାବ୍ୟ କର୍ମପଥଟିକୁ ଏକ ନିର୍ଦ୍ଦିଷ୍ଟ ସୂତ୍ର ଦେଇ ପାରିବା ଲାଗି ଯଥେଷ୍ଟ ପରିମାଣରେ ଶକ୍ତିଯୁକ୍ତ ହୋଇଥିବେ, ବର୍ତ୍ତମାନ କେବଳ ସେହିପରି ମସ୍ତିଷ୍କର ଆବଶ୍ୟକତା ରହିଛି । ଏପରି ଚେତନାଯୁକ୍ତ ସତ୍ତାମାନଙ୍କର ଏକାନ୍ତ ଆବଶ୍ୟକତା ରହିଛି, ଯେଉଁମାନେ କି ପ୍ରକୃତିର ପ୍ରଣାଳୀଗୁଡ଼ିକ ତୁଳନାରେ ଆହୁରି ଅଧିକ ଫଳପ୍ରଦ ଅନ୍ୟ ପ୍ରଣାଳୀ ରହିଛି ବୋଲି ପ୍ରକୃତିର ହୃଦ୍‌ବୋଧ କରାଇ ପାରିବାଭଳି ଯଥେଷ୍ଟ ଶକ୍ତିଶାଳୀ ହୋଇଥିବେ । ... ଏଇଟା ହୁଏତ ପାଗଳାମି ପରି ମନେ ହେଉଥିବ, ମାତ୍ର ଏକଥା ମଧ୍ୟ ସତ ଯେ ବାସ୍ତବତାରେ ପରିଣତ ହେବା

'oaob.nitrkl.ac.in' images reprocessed

ପୂର୍ବରୁ ଯାବତୀୟ ନୂତନ ବସ୍ତୁ କାଳେକାଳେ ଏହିପରି ଗୋଟାଏ ଗୋଟାଏ ପାଗଳାମି ପରି ହିଁ ପ୍ରତୀତ ହୋଇଛନ୍ତି ।

ସେହି ପାଗଳାମିକୁ ବାସ୍ତବରେ ପରିଣତ କରିବାର ବେଳଟି ଏବେ ଆସି ଉପସ୍ଥିତ ହୋଇଛି । ଏବଂ ଆମେମାନେ କାହିଁକି ଏଠାରେ ଆସି ମିଳିତ ହୋଇଛୁ, ତାହାର କାରଣଗୁଡ଼ିକ ତୁମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଅବିଦିତ ରହିଥିବାରୁ, – ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ଅତ୍ୟନ୍ତ ସଚେତନ କାରଣ;– ଆମେ ବର୍ତ୍ତମାନ ହୁଏତ ସେହି ପାଗଳାମିଟିକୁ ବାସ୍ତବରେ ପରିଣତ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇ ପାରିବା,– ଅନ୍ତତଃ ଏତିକି କୁହାଯାଇ ପାରିବ ଯେ ସେହି ପାଗଳାମିକୁ ଜୀବନରୂପେ ବଞ୍ଚିବା ହିଁ ହେଉଛି ଏକ ଯଥାର୍ଥ ଜୀବନ ।

'oaob.nitrkl.ac.in' images reprocessed

# ୭ ଫେବ୍ରୁଆରି ୧୯୫୭

ଏକ ବ୍ୟତିକ୍ରମରୂପେ ମାଆ ଶୁକ୍ରବାର ସନ୍ଧ୍ୟାରେ ସାମୂହିକ
ଧ୍ୟାନ ପୂର୍ବରୁ ଏହି ପ୍ରବଚନଟି ଦେଇଥିଲେ ।

ଆଜି ସନ୍ଧ୍ୟାବେଳର ଧ୍ୟାନ ପୂର୍ବରୁ ମୁଁ ତୁମମାନଙ୍କୁ ଅଳ୍ପ କେତୋଟି କଥା କହିବାକୁ ଇଚ୍ଛା କରୁଛି, କାରଣ, ଏକ ସାମୂହିକ ଧ୍ୟାନ ଏବଂ ଏକ ବ୍ୟକ୍ତିଗତ ଧ୍ୟାନ, – ଏହି ଦୁଇଟି ମଧ୍ୟରେ ପ୍ରକୃତରେ କ'ଣ ପାର୍ଥକ୍ୟ ରହିଛି, ଅନେକ ଲୋକ ମୋ'ଠାରୁ ସେହି କଥାଟି ଜାଣିବାକୁ ଚାହିଁଛନ୍ତି ।

ବ୍ୟକ୍ତିଗତ ଧ୍ୟାନ, – କେତେ ପ୍ରକାର ଧ୍ୟାନ କରା ଯାଇପାରେ, ସେହି ବିଭିନ୍ନ ପ୍ରକାର ବିଷୟରେ ମୁଁ ତୁମମାନଙ୍କୁ ଆଗରୁ ଅନେକଥର ବୁଝାଇ କହିସାରିଛି ଏବଂ ତେଣୁ ଆଜି ପୁଣି ସେହି ବିଷୟରେ ତୁମମାନଙ୍କୁ ମୁଁ ଆଦୌ କିଛିହେଲେ କହିବାକୁ ଯାଉ ନାହିଁ ।

ମାତ୍ର, ଯୁଗେ ଯୁଗେ ନାନା କାରଣ ପାଇଁ ସାମୂହିକ ଧ୍ୟାନର ବି ରୀତି ରହିଆସିଛି, ବିଭିନ୍ନ ପ୍ରକାରର ଓ ବିଭିନ୍ନ ଅଭିପ୍ରାୟ ସହିତ କରାଯାଉଥିବା ସାମୂହିକ ଧ୍ୟାନର ରୀତି ଚଳିଆସିଛି । ସାମୂହିକ ଧ୍ୟାନ କହିଲେ ଆମେ ଏପରି ଏକ ଗୋଷ୍ଠୀରେ ସମବେତ ହୋଇଥିବା କେତେକ ଲୋକଙ୍କୁ କହିପାରିବା, ଯେଉଁମାନେ କି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଏକତ୍ର ହୋଇଥାନ୍ତି; ଉଦାହରଣ ସ୍ୱରୂପ, ଯୁଗେ ଯୁଗେ ପ୍ରାର୍ଥନା କରିବାଲାଗି ଅନେକ ଲୋକ ଏକତ୍ର ସମବେତ ହେବାର ରୀତି ରହିଆସିଛି । ଗିର୍ଜାମାନଙ୍କରେ ମଧ୍ୟ ଯେଉଁ ପ୍ରାର୍ଥନା ହୋଇଥାଏ, ସ୍ୱାଭାବିକ ଭାବରେ ତାକୁ ମଧ୍ୟ ଗୋଟାଏ ପ୍ରକାରର ସାମୂହିକ ଧ୍ୟାନ ବୋଲି କୁହାଯାଇ ପାରିବ । ମାତ୍ର ଗିର୍ଜା ବାହାରେ ବି ଏହିପରି ପ୍ରାର୍ଥନାମାନ ଅନୁଷ୍ଠିତ ହୋଇଥାଏ, ଏକ ଗୋଷ୍ଠୀରେ ସମ୍ମିଳିତ ହୋଇ ପ୍ରାର୍ଥନା କରିବାଲାଗି କେତେକ ବ୍ୟକ୍ତି ବେଳେବେଳେ ସାମୂହିକ ଧ୍ୟାନର ଆୟୋଜନ କରିଥାନ୍ତି । ଏସବୁ ପ୍ରାର୍ଥନା ଦୁଇ ପ୍ରକାରର ।

ମାନବ-ଇତିହାସର ଆରମ୍ଭରୁ ଆମକୁ ଜାଣିବାକୁ ମିଳିଛି ଯେ ଆଧ୍ୟାତ୍ମକ୍ଷେତ୍ରୀୟ ଏକ ନିର୍ଦ୍ଦିଷ୍ଟ ସାଧାରଣ ଅବସ୍ଥାର ଅଭିବ୍ୟକ୍ତି ସକାଶେ କେତେକ ବ୍ୟକ୍ତି ଗୋଟିଏ ଗୋଷ୍ଠୀ ଆକାରରେ ଏକତ୍ର ହୋଇ ଆସିଛନ୍ତି : ଏକାଠି ହୋଇ ଈଶ୍ୱରଙ୍କର ସ୍ତୁତିଗାନ କରିବାକୁ, ସ୍ତବ ବୋଲିବାକୁ, ତାଙ୍କୁ ଆପଣାର କୃତଜ୍ଞତା ଜଣାଇବାକୁ, ତାଙ୍କୁ ଆରାଧନା କରିବାକୁ,

'oaob.nitrkl.ac.in' images reprocessed

ତାଙ୍କଠାରେ କୃତଜ୍ଞ ରହିବାକୁ ଏବଂ ତାଙ୍କର ପ୍ରଶଂସାଗାନ କରିବାକୁ ସେମାନେ ଏକତ୍ର ହୋଇଛନ୍ତି । ଆହୁରି ଅନ୍ୟମାନେ,– ଏବଂ ଏହାର ଐତିହାସିକ ଦୃଷ୍ଟାନ୍ତମାନ ରହିଛି,– ଏକ ସାର୍ବଜନୀନ ଆବାହନ ଲାଗି କେତେ ସଂଖ୍ୟକ ବ୍ୟକ୍ତି ଏକତ୍ର ସମବେତ ହୋଇଛନ୍ତି; ଉଦାହରଣ ସ୍ୱରୂପ, ଭଗବାନଙ୍କୁ କିଛି ମାଗିବା ଲାଗି ସମବେତ ହୋଇଛନ୍ତି । ଏବଂ ଏହିସବୁ ପ୍ରାର୍ଥନା ସେମାନେ ଏକତ୍ର ହୋଇ କରିଛନ୍ତି, ଏହିପରି ଏକତାବଦ୍ଧ ହୋଇ ଈଶ୍ୱରଙ୍କର ଆବାହନ କଲେ, ତାଙ୍କୁ ପ୍ରାର୍ଥନା କଲେ ବା ତାଙ୍କୁ କିଛି ମାଗିଲେ ତାହାର ଅଧିକ ଗୁରୁତ୍ୱ ରହିବ ବୋଲି ଆଶା କରି ଏକଥା କରାଯାଇଛି । ଏହିଭଳି ପ୍ରାର୍ଥନାର କେତେକ ଅତି ବିଖ୍ୟାତ ଦୃଷ୍ଟାନ୍ତ ଇତିହାସରେ ରହିଛି । ଅନେକ ବର୍ଷ ପୂର୍ବେ ୧୦୦୦ ଖ୍ରୀଷ୍ଟାବ୍ଦରେ ଏପରି ଏକ ପ୍ରାର୍ଥନା କରାଯାଇଥିଲା; ସେତେବେଳେ ଯୁଗର ଶେଷ ଓ ପୃଥିବୀର ଅନ୍ତ ହେବାକୁ ଯାଉଛି ବୋଲି ଧର୍ମଗୁରୁମାନେ ଘୋଷଣା କରିଥିଲେ, ଏବଂ ତେଣୁ ଲୋକମାନେ ସବୁଠାରେ ସାମୂହିକ ପ୍ରାର୍ଥନାମାନ କରିବା ଲାଗି ଏକତ୍ର ସମବେତ ହୋଇଥିଲେ, ପୃଥିବୀର ଯେପରି ଅନ୍ତ ହୋଇ ନ ଯାଏ(!) ବା ଅନ୍ତତଃ, ପୃଥିବୀର ଯେପରି ରକ୍ଷା ହୁଏ, ଭଗବାନଙ୍କ ପାଖରେ ସେହି ପ୍ରାର୍ଥନା କରିବାକୁ ସେମାନେ ସମବେତ ହୋଇଥିଲେ । ତାହାର ଅନେକ ବର୍ଷ ପରେ, ଏହି ଆଧୁନିକ କାଳରେ ଯେତେବେଳେ ଇଂଲଣ୍ଡର ରାଜା ଜର୍ଜ୍ ନିମୋନିଆ ରୋଗରେ ମୃତ୍ୟୁ ମୁଖରେ ପଡ଼ିବାକୁ ଯାଉଥିଲେ, ସେତେବେଳେ ମଧ୍ୟ ଲୋକମାନେ ଏହିପରି ଏକତ୍ର ସମବେତ ହୋଇଥିଲେ । କେବଳ ଗିର୍ଜାମାନଙ୍କରେ ନୁହେଁ, ରାଜାଙ୍କର ପ୍ରାସାଦ ସମ୍ମୁଖରେ ଥିବା ରାସ୍ତାମାନଙ୍କରେ ମଧ୍ୟ ସେମାନେ ସମବେତ ହୋଇଥିଲେ । ଭଗବାନ ରାଜାଙ୍କୁ ଆରୋଗ୍ୟ କରିଦିଅନ୍ତୁ ବୋଲି ସେମାନେ ତାଙ୍କୁ ପ୍ରାର୍ଥନା କରିଥିଲେ । ଘଟଣାକ୍ରମେ ରାଜା ମଧ୍ୟ ଆରୋଗ୍ୟଲାଭ କଲେ ଏବଂ ସେମାନଙ୍କର ପ୍ରାର୍ଥନା ହେତୁ ତାହା ହେଲା ବୋଲି ଲୋକମାନେ ବିଶ୍ୱାସ କଲେ ।... ଏହିପରି ପ୍ରାର୍ଥନାକୁ ଅବଶ୍ୟ ଏକ ବାହ୍ୟତମ ଆକାରର ପ୍ରାର୍ଥନା ବୋଲି କୁହାଯିବ । ମୁଁ ଭାବୁଛି, ଏହାକୁ ସାମୂହିକ ଧ୍ୟାନର ସବୁଠାରୁ ଅଧିକ ଇହଜାତୀୟ ପ୍ରକାର ବୋଲି କୁହାଯାଇ ପାରିବ ।

ପ୍ରାଚୀନ କାଳର ଯାବତୀୟ ଦୀକ୍ଷା- ସମ୍ପ୍ରଦାୟରେ, ଅଧ୍ୟାତ୍ମ ସାଧନାର ସକଳ କେନ୍ଦ୍ର ଗୁଡ଼ିକରେ ବି ସାମୂହିକ ଧ୍ୟାନର ସର୍ବଦା ଏକ ରୀତି ରହିଥିଲା ଏବଂ ସେହି ସ୍ଥଳରେ ସମ୍ପୂର୍ଣ୍ଣ ଏକ ଭିନ୍ନ ଅଭିପ୍ରାୟରେ ତାହା କରା ଯାଉଥିଲା । ସେଠାରେ ସେମାନେ ଏକ ସାମୂହିକ ଅଗ୍ରଗତି ଉଦ୍ଦେଶ୍ୟରେ ଏକତ୍ର ସମବେତ ହେଉଥିଲେ, ଏକ ଶକ୍ତି, ଏକ ଆଲୋକ ଓ ଏକ ପ୍ରଭାବ ସମ୍ମୁଖରେ ଆପଣାକୁ ଉନ୍ମୋଚିତ କରି ଧରିବାକୁ ସେମାନେ ଠୁଳ ହେଉଥିଲେ, ଏବଂ ... ଆମେ ମଧ୍ୟ ଅଳ୍ପବହୁତ ତାହାହିଁ କରିବାକୁ ଚେଷ୍ଟା କରୁଛୁ ।

'oaob.nitrkl.ac.in' images reprocessed

ଅବଶ୍ୟ ଏହି କ୍ଷେତ୍ରରେ ମଧ୍ୟ ଦୁଇପ୍ରକାର ପ୍ରଣାଳୀ ରହିଛି, ଏବଂ ଆଜି ମୁଁ ତୁମମାନଙ୍କୁ ଠିକ୍ ସେହି କଥାଟିହିଁ ବୁଝାଇ କହିବାକୁ ଇଚ୍ଛା କରୁଛି । ଉଭୟ ପ୍ରଣାଳୀରେ ଧ୍ୟାନର ରୀତି ହେଉଛି ବ୍ୟକ୍ତିଗତ ଧ୍ୟାନର ରୀତି ପରି । ଅର୍ଥାତ୍, ଏପରି ଏକ ଆସନରେ ବସିବାକୁ ହେବ, ଯେପରିକି ଅନେକ ସମୟ ସେହିପରି ବସି ପାରିବାଲାଗି ତାହା ଆରାମଦାୟକ ହୋଇଥିବ, ତଥାପି ଏତେବେଶୀ ଆରାମଦାୟକ ବି ହୋଇ ନ ଥିବ, କାରଣ ସେଭଳି ବସିବାକୁ ଗଲେ ଜଣକୁ ନିଦ ମାଡ଼ିବାକୁ ଆରମ୍ଭ କରିବ । ଏବଂ ତା'ପରେ, ସେଠାକୁ* ମୁଁ ଚୀନାବାଦାମ ବାଣ୍ଟିବାକୁ ଗଲାବେଳେ ତୁମମାନଙ୍କୁ ଯାହା କରିବାଲାଗି କହିଥିଲି, ସେହିପରି କରିବାକୁ ହେବ । ଅର୍ଥାତ୍, ତୁମେମାନେ ଧ୍ୟାନଲାଗି ଆପଣାକୁ ପ୍ରସ୍ତୁତ କରି ଆଣିବ, ଶାନ୍ତ ଓ ସ୍ଥିର ହୋଇ ଆସିବାଲାଗି ଚେଷ୍ଟା କରିବ; କେବଳ ବାହ୍ୟ ଭାବରେ ଯେ ଚୁପ୍ ହୋଇ ରହିବାକୁ ଉଦ୍ୟମ କରିବ ତା' ନୁହେଁ, ମାତ୍ର ଆପଣାର ମନକୁ ସ୍ଥିର କରି ଆଣିବାକୁ ଚେଷ୍ଟା କରିବ, ତୁମର ଭାବନାରେ ନାନା ଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଥିବା ଓ ତୁମର ଯାବତୀୟ ନାନା ଅନ୍ୟ କାର୍ଯ୍ୟରେ ଇତସ୍ତତଃ ହୋଇ ରହିଥିବା ତୁମର ଚେତନାକୁ ଏକତ୍ର ଠୁଳ କରି ଆଣିବ; ସେହି ଚେତନାକୁ ଠୁଳ କରି ଆଣିବ, ଯଥାସମ୍ଭବ ଅଧିକ ସମ୍ପୂର୍ଣ୍ଣ ଭାବରେ ତାହାକୁ ଆପଣା ଭିତରକୁହିଁ ନେଇଆସିବ, ତାହାକୁ ଏହି ହୃଦୟସ୍ଥଳରେ ସଂକେନ୍ଦ୍ରିତ କରି ରଖିବ, ତାହାକୁ ସୌର-ଚକ୍ର ମଧ୍ୟକୁ ସଂକେନ୍ଦ୍ରିତ କରି ଆଣିବ, ଯେପରିକି ମସ୍ତିଷ୍କସ୍ଥ ସମସ୍ତ ସକ୍ରିୟ ଶକ୍ତି ଓ ମସ୍ତିଷ୍କକୁ ସଚଳ କରି ରଖିଥିବା ଯାବତୀୟ ଉପାଦାନକୁ ଫେରାଇ ଅଣାଯାଇ ପାରିବ ଓ ଏହିଠାରେ ସଂକେନ୍ଦ୍ରିତ କରି ରଖାଯାଇ ପାରିବ । ଏପରି କରି ପାରିବାକୁ ହୁଏତ କେତେ ସେକେଣ୍ଡ୍ ଲାଗିପାରେ, ଅଳ୍ପକେତେ ମିନିଟ୍ ମଧ୍ୟ ଲାଗିପାରେ : ତାହା ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରିବ । ହଁ, ଏହାକୁ ଏକ ପ୍ରସ୍ତୁତିମୂଳକ ମନଃପର୍ଯ୍ୟାୟ ବୋଲି କୁହାଯିବ । ଏବଂ ତା'ପରେ, ସେହି କଥାଟି ସାଧ୍ୟ ହୋଇଯିବା ପରେ,– ବା ତୁମେ ତାହାକୁ ଯେତିକି ନିପୁଣ ଭାବରେ କରିପାରୁଛ, ତାହାକୁ ସେତିକି ନିପୁଣ ଭାବରେ କରିସାରିବା ପରେ, – ତୁମେ ଦୁଇଟି ଦୃଷ୍ଟିକୋଣ ମଧ୍ୟରୁ ଗୋଟିକୁ ଅବଲମ୍ବନ କରିପାରିବ, ଅର୍ଥାତ୍, ଏକ ସକ୍ରିୟ ଦୃଷ୍ଟିକୋଣ ଅବଲମ୍ବନ କରିପାରିବ । ଅଥବା ନିଷ୍କ୍ରିୟ ଦୃଷ୍ଟିକୋଣ ବି ଅବଲମ୍ବନ କରିପାରିବ ।

ଏଠାରେ ମୁଁ ଯାହାକୁ ଏକ ସକ୍ରିୟ ଦୃଷ୍ଟିକୋଣ ବୋଲି କହୁଛି, ତାହା ହେଉଛି ଯେ,– ମୁଁ ସାଧାରଣ ଭାଷାରେ ସେହି କଥାଟିକୁ କହିବି,– ଯେଉଁ ବ୍ୟକ୍ତି ଆମ ଧ୍ୟାନର

---

*ଧ୍ୟାନ ବା ପ୍ରବଚନ ପୂର୍ବରୁ ମାଆ "ଗ୍ରୀନ୍ ଗ୍ରୁପ୍"ର ପିଲାମାନଙ୍କୁ ଚୀନାବାଦାମ ବାଣ୍ଟୁଥିଲେ; ପାଖକୁ ଲାଗିକରି ରହିଥିବା କ୍ରୀଡ଼ା ପ୍ରାଙ୍ଗଣରେ ସେ ଏହି କାର୍ଯ୍ୟଟି କରୁଥିଲେ ।

'oaob.nitrkl.ac.in' images reprocessed

ପ୍ରେରଣାସ୍ଥଳ ହୋଇ ଧ୍ୟାନଟିର ପରିଚାଳନା କରୁଛନ୍ତି, ଆମେ ସେହି ବ୍ୟକ୍ତିଙ୍କ ଠାରେ ଆପଣାକୁ ନେଇ ସଂକେନ୍ଦ୍ରିତ କରି ରଖିବା, ତାଙ୍କଠାରେ ଆପଣାକୁ ଉନ୍ମୋଚିତ କରିଦେବା ଲାଗି ଇଚ୍ଛୁକ ହେବା ଏବଂ ସିଏ ଆମକୁ ଯାହା ଦେବାଲାଗି ଇଚ୍ଛା କରୁଛନ୍ତି, ତାହାକୁ ଗ୍ରହଣ କରିବାଲାଗି ଇଚ୍ଛା କରିବା, ଅଥବା, ଯେଉଁ ଶକ୍ତିଟି ସହିତ ସିଏ ଆମର ସଂସ୍ପର୍ଶ ସ୍ଥାପନ କରାଇବାକୁ ଚାହୁଁଛନ୍ତି, ସେହି ଶକ୍ତିକୁ ଗ୍ରହଣ କରିବା ସକାଶେ ଇଚ୍ଛୁକ ହୋଇ ରହିବା । ଏହାକୁ ମୁଁ ସକ୍ରିୟ ଦୃଷ୍ଟିକୋଣ ବୋଲି କହୁଛି, କାରଣ ଏଠାରେ ସକ୍ରିୟ ହୋଇ କିଛି କରିବାର ଏକ ଇଚ୍ଛା ମହଜୁଦ ରହିଥିବ, ଆଉ ଜଣେ କାହାଙ୍କ ପାଖରେ ଆପଣାକୁ ଉନ୍ମୋଚିତ କରି ଦେବାଲାଗି ଏଠାରେ ଏକ ସକ୍ରିୟ ସଂକେନ୍ଦ୍ରଣ ରହିଥିବ, ଆଉ ଜଣଙ୍କ ପାଖରେ ଆପଣାକୁ ସଂକେନ୍ଦ୍ରିତ କରିବାର ଇଚ୍ଛା ସକ୍ରିୟ ହୋଇ ରହିଥିବ ।

ଅନ୍ୟ ନିଷ୍କ୍ରିୟ ଦୃଷ୍ଟିକୋଣଟି କହିଲେ କେବଳ ଏତିକି କଥାକୁ ବୁଝାଇବ : ମୁଁ ଯେପରି କହିଲି, ତୁମେ ନିଜକୁ ସେହିପରି ଭାବରେ ସଂକେନ୍ଦ୍ରିତ କରି ଆଣିବ, ତା'ପରେ ତୁମେ ସତେଅବା କୌଣସି ଦୁଆରକୁ ଖୋଲିଦେବା ପରି ଆପଣାକୁ ଖୋଲିଦେବ; ତୁମେ ଜାଣିଥିବ, ତୁମର ଏଠାରେ (ମାଆ ହୃଦ୍‌ଦେଶକୁ ଦେଖାଇ କହିଲେ) ଗୋଟିଏ ଦ୍ୱାର ରହିଛି । ଏବଂ ଆପଣାକୁ ସଂକେନ୍ଦ୍ରିତ କରିଆଣିବା ପରେ ତୁମେ ଦୁଆରଟିକୁ ଖୋଲିଦେବ ଏବଂ ସେଠାରେ ଏହିପରି ହୋଇ ରହିବ (ମାଆ ଅଙ୍ଗଭଙ୍ଗୀ ଦ୍ୱାରା ଅଚଳ ସ୍ଥିର ହୋଇ ରହିବାକୁ ସୂଚିତ କରିଦେଲେ) । ଅଥବା, ତା' ନ ହେଲେ, ତୁମେ ଆଉ ଗୋଟିଏ ପ୍ରତିରୂପର ବି ସାହାଯ୍ୟ ନେଇପାରିବ, ନିଜକୁ ସତେଅବା ଗୋଟିଏ ବହି ପରି କଳ୍ପନା କରିବ ଓ ତୁମେ ସେହି ବହିଟିକୁ ପ୍ରଶସ୍ତ କରି ଖୋଲିଦେବ; ସେହି ବହିର ପୃଷ୍ଠାଗୁଡ଼ିକ ସଂପୂର୍ଣ୍ଣ ଅଲିଖିତ ଭାବରେ ରହିଥିବ ଅର୍ଥାତ୍ ତୁମେ ସମ୍ପୂର୍ଣ୍ଣ ନୀରବ ହୋଇ ରହିଥିବ, ତୁମେ ସେହି ଅବସ୍ଥାରେ ନିଜକୁ ଅବସ୍ଥିତ କରି ରଖିବ, ଏହାପରେ କ'ଣ ହେବାକୁ ଯାଉଛି, ତାହାରି ଲାଗି ଅପେକ୍ଷା କରି ରହିବ ।

ଏହିପରି ଦୁଇଟି ଦୃଷ୍ଟିକୋଣ ରହିଛି । ତୁମେ ଦୁଇଟି ମଧ୍ୟରୁ ଯେକୌଣସି ଗୋଟିଏକୁ ଗ୍ରହଣ କରିପାରିବ, ଦିନଟି ଓ ଉପଲକ୍ଷ୍ୟଟି ଅନୁସାରେ ତୁମେ ଏଇଟିକୁ ନଚେତ୍ ସେଇଟିକୁ ଗ୍ରହଣ କରିପାରିବ, ବା, ଯଦି ସେପରି କରିବା ଦ୍ୱାରା ତୁମକୁ ଅଧିକ ସହାୟତା ମିଳୁଥାଏ, ତେବେ ଗୋଟିକ ଉପରେ ଆଉ ଗୋଟିକୁ ଅଗ୍ରାଧିକାର ଦେଇ ତୁମେ ସେଇଟିକୁ ଗ୍ରହଣ କରିପାରିବ । ଦୁଇଟିଯାକ ସମାନ ଭାବରେ ଫଳପ୍ରଦ ହୋଇପାରିବେ ଏବଂ ସମାନ ଭାବରେ ଉତ୍ତମ ଫଳ ଦେଇପାରିବେ ।

'oaob.nitrkl.ac.in' images reprocessed

ଏବଂ, ବର୍ତ୍ତମାନ ଆମେ ଏଠାରେ ଯାହା କରିବା ଲାଗି ଚେଷ୍ଟା କରୁଛୁ, ମୁଁ ତୁମମାନଙ୍କୁ ସେହି ବିଷୟରେ କହିବି ।... ପ୍ରାୟ ଗୋଟାଏ ବର୍ଷ ହୋଇଯିବଣି, ଥରେ ଗୋଟିଏ ବୁଧବାର ଦିନ, ଅତିମାନସ ଶକ୍ତି ଆପଣାକୁ ଏହି ପୃଥିବୀରେ ଅଭିବ୍ୟକ୍ତ କରିଥିଲା । ସେହି ଦିନଠାରୁ ସେହି ଶକ୍ତି ଅତ୍ୟନ୍ତ ସକ୍ରିୟ ଭାବରେ କାର୍ଯ୍ୟ କରିବାରେ ଲାଗିଛି, ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତି ସେହି ବିଷୟରେ ସଜ୍ଞାନ ହୋଇ ରହିଥିଲେ ମଧ୍ୟ ତାହା କାର୍ଯ୍ୟ କରିବାରେ ଲାଗିଛି ! ମାତ୍ର ମୁଁ ତଥାପି ଭାବିଲି ଯେ ବର୍ତ୍ତମାନ ଏପରି ଏକ ସମୟ ଆସିଛି,– ଏହି କଥାଟିକୁ ମୁଁ ପ୍ରକୃତରେ କିପରି ଭାଷା ଦେଇ କହିପାରିବି ? – ଯେତେବେଳେ କି ଗ୍ରହଣଶୀଳତାର ଏକ ବିଶେଷ ପ୍ରୟାସ କରିବା ଦ୍ୱାରା ଆମେ ସେହି ଶକ୍ତିର କାର୍ଯ୍ୟରେ ଯତ୍‌କିଞ୍ଚିତ୍ ସାହାଯ୍ୟ କରିପାରିବା ।

ଏକଥା ଅବଶ୍ୟ ସତ ଯେ ସେହି ଶକ୍ତି କେବଳ ଆଶ୍ରମରେହିଁ କାର୍ଯ୍ୟ କରୁ ନାହିଁ, ତାହା ସମଗ୍ର ଜଗତରେ କାର୍ଯ୍ୟ କରିବାରେ ଲାଗିଛି; ଯେଉଁସ୍ଥାନରେ କିଛି ନା କିଛି ଗ୍ରହଣଶୀଳତା ରହିଛି, ସେଠାରେ ଏହି ଶକ୍ତି ନିଶ୍ଚୟ କାର୍ଯ୍ୟ କରୁଛି । ଏବଂ ମୋତେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ପୃଥିବୀଯାକର ଅନ୍ୟ ସକଳ ସ୍ଥାନର ତୁଳନାରେ ଆଶ୍ରମର ଯେ ଏକୁଟିଆ କୌଣସି ବିଶେଷ ଗ୍ରହଣଶୀଳତା ରହିଛି, ଗ୍ରହଣଶୀଳତାର କ୍ଷେତ୍ରରେ ସେପରି କୌଣସି ଏକଚାଟିଆ ରହିଛି, ସେକଥା ଆଦୌ ନୁହେଁ । ମାତ୍ର, ଏଠାରେ ରହିଥିବା ଆମେ ସମସ୍ତେ ପ୍ରକୃତରେ କେଉଁ ଘଟଣାଟି ଘଟିଛି, ସେହି ବିଷୟରେ ଅଳ୍ପବହୁତ ଅବଗତ ରହିଥିବାରୁହିଁ ମୁଁ ଆଶା କରୁଛି ଯେ ଏଠାରେ ପ୍ରତ୍ୟେକ ମନୁଷ୍ୟ ବ୍ୟକ୍ତିଗତ ଭାବରେ ଏହି ଅବସରଟି ଦ୍ୱାରା ଉପକୃତ ହୋଇ ପାରିବାକୁ ଆପଣାର ଯଥାସାଧ୍ୟ ଉଦ୍ୟମ କରୁଛି । ମାତ୍ର, ଆମେ ସାମୂହିକ ଭାବରେ ମଧ୍ୟ ଏହି କ୍ଷେତ୍ରରେ ନିଶ୍ଚୟ କିଛି କରିପାରିବା, ଅର୍ଥାତ୍ ଏକ ଭୂମିକୁ ଠୁଳ କରି ଆଣିବାକୁ ଚେଷ୍ଟା କରିପାରିବା, ସାମୂହିକ ଭାବରେ ସର୍ବାଧିକ ପରିମାଣର ଗ୍ରହଣଶୀଳତା ସମ୍ଭବ କରି ପାରିବାକୁ ଆମେ ଏଠି ବିଶେଷ ଭାବରେ ଉର୍ବର ଏକ ଭୂମିର ସୃଷ୍ଟି କରିପାରିବା; ଏବଂ, ସମୟ ଓ ଶକ୍ତିର ଯେପରି ଯଥାସମ୍ଭବ କମ୍ ଅପଚୟ ହେବ, ସେଥିଲାଗି ମଧ୍ୟ ଉଦ୍ୟମ କରିପାରିବା ।

ତେଣୁ, ଏଠାରେ ଆମେ ପ୍ରକୃତରେ କ'ଣ କରିବାକୁ ଚେଷ୍ଟା କରୁଛୁ, ବର୍ତ୍ତମାନ ମୁଁ ତାହାକୁ ସାଧାରଣ ଭାବରେ ତୁମମାନଙ୍କୁ କହିଲି ଏବଂ ଏହି କାର୍ଯ୍ୟଟିକୁ ପ୍ରକୃତରେ କରିବା ହେଉଛି ତୁମମାନଙ୍କର କର୍ତ୍ତବ୍ୟ ।

'oaob.nitrkl.ac.in' images reprocessed

## ୧୩ ଫେବ୍ରୁଆରି, ୧୯୫୭

*"ଦୁଃଖ ଓ ଯନ୍ତ୍ରଣା ଦେଇ ପ୍ରକୃତି ଆମର ଆତ୍ମାକୁ ଏହି କଥା ସ୍ମରଣ କରାଇ ଦେବାକୁ ଚାହୁଁଥାଏ ଯେ ତାହା ଯେଉଁ ଆନନ୍ଦଟିର ଉପଭୋଗ କରୁଛି, ତାହା ହେଉଛି ଅସ୍ତିତ୍ୱଗତ ପ୍ରକୃତ ଆନନ୍ଦର କେବଳ ଏକ କ୍ଷୀଣ ଆଭାସମାତ୍ର । ଆମ ସଭିଏଁ ଅନୁଭବ କରୁଥିବା ପ୍ରତ୍ୟେକ ଦୁଃଖ ଓ ଯନ୍ତ୍ରଣାଭୋଗରେ ଏକ ହର୍ଷାନୁଭୂତିର ଶିଖା ସଂଗୁପ୍ତ ହୋଇ ରହିଥାଏ, ଯାହାର ତୁଳନାରେ କି ଆମର ବୃହତ୍ତମ ସୁଖାନୁଭବଗୁଡ଼ିକୁ କେବଳ ଏକ ଅତିକ୍ଷୀଣ ଆଲୁଅର ଧପଧପ ହେବା ବୋଲି କୁହାଯାଇ ପାରିବ । ଜୀବନର ମହାନ୍ ନାନା ପରୀକ୍ଷା, ଦୁଃଖଭୋଗ ଏବଂ ଭୟଙ୍କର ଅନୁଭୂତିଗୁଡ଼ିକ ପ୍ରତି ଆତ୍ମାର ଯେଉଁ ଆକର୍ଷଣ ରହିଥାଏ, ତାହା ପଛରେ ଏହି ସତ୍ୟଟିହିଁ ପ୍ରଚ୍ଛନ୍ନ ହୋଇ ରହିଛି । ଆମ ଭିତରର ଭୟକାତର ମନଟି ଏହିସବୁ ପରୀକ୍ଷାକୁ ବର୍ଜନ କରିବାରେ ଲାଗିଥାଏ, ଏଗୁଡ଼ିକୁ ଘୃଣା କରୁଥାଏ ।"*

– ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା – ୩୮୬

ଆମର ଦୁଃଖ ଆମକୁ ଏହି ଯେଉଁ ଅସଲ ସତ୍ୟଟି ଆଡ଼କୁ ପରିଚାଳିତ କରି ନେଇଯାଏ, ସେହି ସତ୍ୟଟି ଯେ ପ୍ରକୃତରେ କ'ଣ, ଆମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେହି କଥାଟିକୁ ଆପଣାକୁ ପଚାରିବା ଲାଗି ମନ କରିବା । ଏକ ଉପରଠାଉରିଆ ଏବଂ ଅପୂର୍ଣ୍ଣ ଭାବରେ କଥାଟିକୁ ବୁଝି ଆମେ ହୁଏତ ବିଶ୍ୱାସ କରିବା ଯେ ଆମର ଆତ୍ମା ଏହି ଦୁଃଖକୁହିଁ ଲୋଡ଼ିବାରେ ଲାଗିଥାଏ । ସେକଥା ମୋଟେ ଠିକ୍ ନୁହେଁ । ଦିବ୍ୟ ପରମ ଆନନ୍ଦ ହେଉଛି ଆତ୍ମାର ଅସଲ ପ୍ରକୃତି,– ଏହି ଆନନ୍ଦ ଏକ ସତତ ଆନନ୍ଦ, ଏଥିରେ ପରିବର୍ତ୍ତନ ନାହିଁ, ଏହା କୌଣସି ସର୍ତ୍ତଲାଗି ଅପେକ୍ଷା ରଖେ ନାହିଁ,– ଏହା ଆମକୁ ଏକ ମହୋଲ୍ଲାସ ମଧ୍ୟକୁ ଉତ୍ତୋଳିତ କରିନିଏ । ମାତ୍ର ଏକଥା ମଧ୍ୟ ସତ ଯେ, ଯଦି ଆମେ ସାହସ, ସହିଷ୍ଣୁତା ଏବଂ ଦିବ୍ୟ ପରମକରୁଣା ଉପରେ ଆମର ରହିଥିବା ଏକ ଅବିଚଳ ବିଶ୍ୱାସ ଦ୍ୱାରା ଦୁଃଖର ସମ୍ମୁଖୀନ ହୋଇପାରିବା, ଦୁଃଖ ଆସି ଉପସ୍ଥିତ ହେଲାବେଳେ ତାହାକୁ ବର୍ଜନ ନ କରି ଯଦି ଆମେ ଏହିପରି ଏକ ଇଚ୍ଛା ଓ ଅଭୀପ୍ସା ସହିତ ସେହି ଦୁଃଖ ମଧ୍ୟରେ ପ୍ରବେଶ କରି ପାରିବା, ତାହାରି ମଧ୍ୟକୁ ଯାଇ ଜ୍ୟୋତିର୍ମୟ ସତ୍ୟଟିର ଆବିଷ୍କାର କରିବା ଲାଗି ଯଦି ଆମର ଏକ ଅନ୍ତର୍ଗତ ଆକାଂକ୍ଷା ରହିଥିବ, ସକଳ ବସ୍ତୁର ହୃଦୟସ୍ୱରୂପ

'oaob.nitrkl.ac.in' images reprocessed

ହୋଇ ରହିଥିବା ସେହି ଅପରିବର୍ତ୍ତିତ ଆନନ୍ଦଟିକୁ ଖୋଜି ବାହାର କରିବା ଲାଗି ଯଦି ଆମର ଅଭୀପ୍ସା ରହିଥିବ, ତେବେ ସନ୍ତୋଷ ଏବଂ ତର୍ପଣର ଦ୍ୱାରଟି ତୁଳନାରେ ଦୁଃଖର ଦ୍ୱାରଟିହିଁ ଆମ ଜୀବନରେ ଅଧିକ ପ୍ରତ୍ୟକ୍ଷ ଓ ଅଧିକ ଅବାରିତ ଭାବରେ କାର୍ଯ୍ୟ କରିପାରିବ ।

ଏଠାରେ ମୁଁ ସୁଖ ଅନୁଭବ କରିବା ବିଷୟରେ ଆଦୌ କିଛି କହୁ ନାହିଁ, କାରଣ ଏହି ସୁଖ ସେହି ଆଲୋଚିତ ଗଭୀର ଦିବ୍ୟ ପରମ ଆନନ୍ଦଟି ଲାଗି ସର୍ବଦା ଏବଂ ପ୍ରାୟ ଗୋଟାସୁଦ୍ଧା ପରାଙ୍‌ମୁଖହିଁ ହୋଇ ରହିଥାଏ ।

ସୁଖ ଛଦ୍ମବେଶ ପିନ୍ଧି ଆମକୁ ପ୍ରତାରଣା କରେ, ସବୁକିଛିକୁ ବିକୃତ କରିପକାଏ । ତାହା ଆମକୁ ଆମର ଲକ୍ଷ୍ୟ ପାଖରୁ ହୁଡ଼ାଇ ନେଇଯାଏ; ଏବଂ ଯଦି ଆମେ ପ୍ରକୃତରେ ସତ୍ୟରହିଁ ଅନ୍ୱେଷଣ କରୁଥାଉ, ତେବେ ଏକଥା ନିଶ୍ଚିତ ଯେ ଆମେ କଦାପି ତାହାର ଅନୁଧାବନ କରିବାକୁ ଯିବା ନାହିଁ । ସୁଖ ଆମକୁ ବାଷ୍ପରେ ପରିଣତ କରିଦିଏ; ଆମକୁ ପ୍ରତାରଣା କରେ, ଆମକୁ ପଥ ହୁଡ଼ାଇନିଏ । ଦୁଃଖ ଆମକୁ ଏକ ଗଭୀରତର ସତ୍ୟକୁ ବାହୁଡ଼ାଇ ନେଇଆସେ; ସେହି ଦୁଃଖକୁ ଆମେ ଯେପରି ସହ୍ୟ କରିପାରିବା, ସେଥିଲାଗି ତାହା ଆମକୁ ସଂକେନ୍ଦ୍ରଣ ଲାଗି ବାଧ କରେ । ଆମକୁ ଦଳିଦେବାକୁ ଆସୁଥିବା ଏହି ବସ୍ତୁଟିର ଆମେ ଯେପରି ସମ୍ମୁଖୀନ ହୋଇପାରିବା, ଦୁଃଖ ସେଥିଲାଗି ଆମକୁ ସଂକେନ୍ଦ୍ରଣ ଲାଗି ବାଧ କରେ । ଦୁଃଖରେହିଁ ଆମେ ସବୁଠାରୁ ଅଧିକ ସହଜରେ ଆମର ଯଥାର୍ଥ ବଳକୁ ଫେରି ପାଉ, ଆମେ ପ୍ରକୃତରେ ବଳବାନ୍ ପରି କାର୍ଯ୍ୟ କରୁ । ଏହି ଦୁଃଖରେହିଁ ଆମେ ସବୁଠାରୁ ଅଧିକ ସହଜରେ ପ୍ରକୃତ ବିଶ୍ୱାସଟିକୁ ଫେରିପାଉ; ଯେଉଁ ବସ୍ତୁଟି ଯାବତୀୟ ଦୁଃଖର ଊର୍ଦ୍ଧ୍ୱରେ ତାହାର ସୀମାତିକ୍ରମ କରି ରହିଛି, ସେହିପରି ଏକ ବସ୍ତୁରେ ବିଶ୍ୱାସ ସ୍ଥାପନ କରିପାରୁ ।

ଯେତେବେଳେ ଆମେ ନାନା ଉପଭୋଗରେ ବିସ୍ମୃତପ୍ରାୟ ହୋଇ ରହିଥାଉ, ଯାହା ଯେପରି ଭାବରେ ଆସି ହାବୁଡ଼ି ଯାଉଥାଏ, ଆମେ ତାହାକୁ ସେହିପରି ଭାବରେ ଗ୍ରହଣ କରି ନେଉଥାଉ, ଗମ୍ଭୀର ହୋଇ ସିଧା ଜୀବନର ସମ୍ମୁଖୀନ ହେବାର ଅବସରଗୁଡ଼ିକୁ ଯେତେବେଳେ ଏଡ଼ିଦେବାରେ ଲାଗିଥାଉ, ଗୋଟିଏ କଥାରେ କହିଲେ, ଯେତେବେଳେ ଆମେ ଭୁଲିଯିବାକୁହିଁ ଇଚ୍ଛା କରୁଥାଉ, ସମାଧାନ କରିବା ଲାଗି ସମସ୍ୟାଟିଏ ରହିଛି ବୋଲି, କିଛି ଖୋଜି ବାହାର କରିବା ଲାଗି ରହିଛି ବୋଲି, ଜୀବନଧାରଣ କରି ରହିବା ପଛରେ ଗୋଟାଏ କିଛି କାରଣ ରହିଛି ବୋଲି, ଆମେ ଯେ ଏଠାରେ କେବଳ ସମୟଗୁଡ଼ାକୁ କଟାଇଦେବାକୁ, କିଛି ନ ଶିଖି ବା ନ କରି ଏଠାରୁ ବିଦାୟ ନେଇ ଚାଲିଯିବାକୁ ଏଠାକୁ କଦାପି ଆସି ନାହୁଁ ବୋଲି ଭୁଲିଯିବାକୁ ଇଚ୍ଛା କରୁଥାଉ, ସେତେବେଳେ ଆମେ

'oaob.nitrkl.ac.in' images reprocessed

ଆମର ସମୟକୁ କେବଳ ନଷ୍ଟ କରିବାରେହିଁ ଲାଗିଥାଉ, ଆମକୁ ପ୍ରଦତ୍ତ ହୋଇଥିବା ସୁଯୋଗଟିକୁ ଆମେ ହରାଇବାରେହିଁ ଲାଗିଥାଉ; ଯେଉଁ ଜୀବନକୁ ପ୍ରଗତିର ଏକ କ୍ଷେତ୍ର ବୋଲି କୁହାଯାଇ ପାରିବ, ଶାଶ୍ୱତ କାଳସ୍ଥ ଏହି ଯେଉଁ ମୁହୂର୍ତ୍ତଟିରେ ଆମେ ଜୀବନର ଅସଲ ସତ୍ୟଟିକୁ ଆବିଷ୍କାର କରି ପାରନ୍ତେ, ସେହି,– ଏହାକୁ ମୁଁ ଅସାଧାରଣ ବୋଲି କହିବି ନାହିଁ, – ମାତ୍ର ଅଦ୍ଭୁତ ମୁହୂର୍ତ୍ତ ଓ ସୁଯୋଗଟିକୁହିଁ ଆମେ କେବଳ ହରାଇବାରେହିଁ ଲାଗିଥାଉ । କାରଣ ଏହି ଜଡ଼ସ୍ଥ ଭୌତିକ ଜନ୍ମକୁ ପ୍ରକୃତରେ ଏକ ଅଦ୍ଭୁତ ସୁଯୋଗ ବୋଲିହିଁ କୁହାଯିବ, ଜୀବନର ଉଦ୍ଦେଶ୍ୟ ଖୋଜି ବାହାର କରିବା ଲାଗି, ଗଭୀରତର ସତ୍ୟଟିର ଅଭିମୁଖରେ ଆଉ ଗୋଟିଏ ପାଦ ଅଗ୍ରସର କରିବାକୁ ସମର୍ଥ ହେବାଲାଗି, ଦିବ୍ୟ ଜୀବନର ସେହି ଚିରନ୍ତନ ଉଲ୍ଲାସଟି ସହିତ ଆମକୁ ଗଢ଼ିଁଠାଇ ଦେଇ ପାରୁଥିବା ଏହି ଅସଲ ଗୁପ୍ତସତ୍ୟଟିକୁ ଆବିଷ୍କାର କରିବାଲାଗି ଏହି ଜୀବନକୁ ଏକ ସମ୍ଭାବନା ବୋଲିହିଁ କୁହାଯିବ ।

(*ମାଆ ନୀରବ ରହିଲେ*)

ମୁଁ ତୁମକୁ ଆଗରୁ ଅନେକଥର କହିସାରିଛି ଯେ ଜାଣି ଜାଣି ଦୁଃଖ ଓ କଷ୍ଟର ଅନ୍ୱେଷଣ କରିବାର ଦୃଷ୍ଟିକୋଣଟି ହେଉଛି ଏକ ବ୍ୟାଧିତ ଦୃଷ୍ଟିକୋଣ ଏବଂ ଆମକୁ ଏହି ଦୃଷ୍ଟିକୋଣଟିକୁ ଏଡ଼ିକରି ରହିବାକୁ ପଡ଼ିବ । ମାତ୍ର ବିସ୍ମୃତ ଭାବରେ, କିଛି ଗୋଟାଏ ଉପରଠାଉରିଆ ଓ ବାହାରିଆ ଭାବରେ ଆଚରଣ କରି, ଅନ୍ୟ ବାଟରେ ହୁଡ଼ିଯାଇ ଦୁଃଖଠାରୁ ପଳାୟନ କରିବାକୁ କେବଳ ଭୀରୁତା ବୋଲିହିଁ କୁହାଯିବ । ଦୁଃଖ ଯେତେବେଳେ ଆସେ, ସେତେବେଳେ ତାହା ଆମକୁ କିଛି ନା କିଛି ଶିକ୍ଷା ଦେବାକୁହିଁ ଆସିଥାଏ । ଆମେ ଯେତେଶୀଘ୍ର ସେହି ଶିକ୍ଷାଟିକୁ ଲାଭ କରିପାରିବା, ଦୁଃଖଭୋଗର ଆବଶ୍ୟକତା ଆମଲାଗି ସେତିକି ହ୍ରାସ ହୋଇ ଯିବାରେ ଲାଗିଥିବ; ଏବଂ ଯେତେବେଳେ ଆମେ ଅସଲ ଗୁପ୍ତସତ୍ୟଟିକୁ ଜାଣିବାକୁ ପାଇବା, ସେତେବେଳେ ଦୁଃଖଭୋଗ କରିବାଲାଗି ମଧ୍ୟ ଆଉ କୌଣସି ସମ୍ଭାବନା ନ ଥିବ, କାରଣ ଆବିଷ୍କୃତ ସେହି ସତ୍ୟହିଁ ଆମକୁ ଦୁଃଖଭୋଗର କାରଣ, ହେତୁ ଏବଂ ମୂଳଟିକୁ ବତାଇଦେଇ ଯାଇପାରିବ, ସେହି ଦୁଃଖକୁ ଅତିକ୍ରମ କରିଯିବାର ଉପାୟଟିକୁ ବି ବତାଇ ଦେଇଯିବ ।

ଅହଂର କାରାଗାର ଭିତରୁ ବାହାରି ଆସିବା, ଆପଣାକୁ ପରମ ଦିବ୍ୟସତ୍ୟଟି ସହିତ ସଂଯୁକ୍ତ କରି ରଖିବା, ତାଙ୍କରି ମଧ୍ୟରେ ଲୀନ ହୋଇଯିବା, ତାଙ୍କଠାରୁ ପୁନର୍ବାର ବିଚ୍ଛିନ୍ନ ହୋଇ ପଡ଼ିବାଲାଗି ଆମକୁ ଉତ୍ସାହିତ କରୁଥିବା କୌଣସି ପଦାର୍ଥକୁ କୌଣସି ପ୍ରଶ୍ରୟ ନ ଦେବା, – ଏହାହିଁ ଅସଲ ଉପାୟ । ତେବେ, ଥରେ ଏହି ଗୁପ୍ତସତ୍ୟଟିର

'oaob.nitrkl.ac.in' images reprocessed

ଆବିଷ୍କାର କରିପାରିଲେ ଏବଂ ଆପଣାର ସତ୍ତା ମଧ୍ୟରେ ତାହାକୁ ଉପଲବ୍ଧି କରି ପାରିଲେ ତା'ପରେ ଦୁଃଖ ରହିବାର ଆଉ ଆଦୌ କୌଣସି କାରଣ ରହିବ ନାହିଁ ଓ ସକଳ ଯନ୍ତ୍ରଣା ଅନ୍ତର୍ହିତ ହୋଇଯିବ । ଏହି ଉପାୟଟି ଏକ ସର୍ବଶକ୍ତିଶାଳୀ ଉପାୟ; କେବଳ ଆମ ସତ୍ତାର ଅପେକ୍ଷାକୃତ ଅଧିକ ଗଭୀର ଅଂଶଗୁଡ଼ିକରେ ନୁହେଁ, କେବଳ ଆତ୍ମାରେ ବା ଆମର ଆଧ୍ୟାତ୍ମିକ ଚେତନାର ସ୍ତରରେ ନୁହେଁ, ଆମର ଏହି ଜୀବନର କ୍ଷେତ୍ରରେ ଓ ଆମ ଶରୀରରେ ମଧ୍ୟ ଏହା ଏକ ସର୍ବଶକ୍ତିଶାଳୀ ଉପାୟ ରୂପେ କାର୍ଯ୍ୟ କରିବ ।

ଏପରି କୌଣସି ଅସୁସ୍ଥତା ବା ଏପରି କୌଣସି ବିଶୃଙ୍ଖଳା ନାହିଁ ଯାହାକି ଆମ ଜୀବନରେ ଏହି ଗୁପ୍ତ ସତ୍ୟର ଆବିଷ୍କାରଟିର ଗତିରୋଧ କରି ରଖିପାରିବ, ତାହାକୁ ଆମ ଜୀବନରେ ଅନୁଶୀଳନ କରିବାରେ,— ସତ୍ତାର କେବଳ ଉଚ୍ଚତର ଅଂଶଗୁଡ଼ିକରେ ନୁହେଁ, ମାତ୍ର ଶରୀରର କୋଷଗୁଡ଼ିକରେ ମଧ୍ୟ ସେହି ସତ୍ୟର ଅନୁଶୀଳନ କରିବାରେ ଆମର ଗତିରୋଧ କରିପାରିବ ।

କୋଷ ଭିତରେ ଯେଉଁ ଐଶ୍ୱର୍ଯ୍ୟସୌନ୍ଦର୍ଯ୍ୟର ମହିମା ନିହିତ ହୋଇ ରହିଛି, ଯଦି ସେମାନଙ୍କୁ ସେହି କଥାଟି ଶିଖାଇବାର ଉପାୟ ଆମକୁ ମିଳିଯାଇ ପାରିବ, ଯେଉଁ ସତ୍ୟର ନିର୍ଦ୍ଦେଶରେ କୋଷଗୁଡ଼ିକ ଜୀବନ୍ତ ହୋଇ ରହିଛନ୍ତି, କୋଷଗୁଡ଼ିକୁ ସେହି ସତ୍ୟଟିକୁ ବୁଝାଇ ଦେବାର ଉପାୟଟି ଯଦି ଆମକୁ ମିଳିଯିବ, ତେବେ ସେଗୁଡ଼ିକ ମଧ୍ୟ ସେହି ସମଗ୍ର ସୌଷମ୍ୟଟି ମଧ୍ୟରେ ପ୍ରବେଶ କରିବାର ବାଟ ପାଇଯାଇ ପାରିବେ; ଏବଂ ଶରୀରସ୍ଥ ଯେଉଁ ବିଷମତାଟି ବର୍ତ୍ତମାନ ଯାବତୀୟ ରୋଗର କାରଣ ହୋଇ ରହିଛି, ସତ୍ତାର ଅନ୍ୟାନ୍ୟ ଯାବତୀୟ ବିଷମତା ପରି ସେଇଟି ମଧ୍ୟ ଅନ୍ତର୍ହିତ ହୋଇଯିବ ।

ମାତ୍ର ସେଥିଲାଗି ଭୀରୁତା ଛାଡ଼ିବାକୁ ପଡ଼ିବ, ଭୟକୁ ବି ଛାଡ଼ିବାକୁ ପଡ଼ିବ । ଶରୀରଗତ କୌଣସି ବିଷମତା ଆସି ପହଞ୍ଚିଲେ ସେଥିଲାଗି କୌଣସି ଭୟ କରିବାକୁ ପଡ଼ିବ ନାହିଁ; ସେଇଟି ପାଖରୁ ଦଉଡ଼ି ପଳାଇବାକୁ ହେବ ନାହିଁ, ସାହସର ସହିତ ତାହାର ସମ୍ମୁଖୀନ ହେବାକୁ ପଡ଼ିବ । ସ୍ଥିର ଭାବରେ ବିଶ୍ୱାସର ସହିତ, ଅସୁସ୍ଥତା କହିଲେ କେବଳ ଯେ ଏକ ମିଥ୍ୟାକୁହିଁ ବୁଝାଏ, ଏହିପରି ଏକ ଦୃଢ଼ନିଶ୍ଚୟ ସହିତ ତାହାର ସମ୍ମୁଖୀନ ହେବାକୁ ପଡ଼ିବ । ଏବଂ, ସମ୍ପୂର୍ଣ୍ଣ ଭାବରେ ଓ ପୂର୍ଣ୍ଣ ବିଶ୍ୱାସର ସହିତ ଯଦି ସମ୍ପୂର୍ଣ୍ଣ ସ୍ଥିର ହୋଇ ଆପଣାକୁ ଦିବ୍ୟ ପରମକରୁଣାର ଆଶ୍ରୟ ମଧ୍ୟରେ ନେଇ ଉପସ୍ଥାପିତ କରିପାରିବ, ତେବେ ସେହି କରୁଣା ସତ୍ତାର ଗଭୀରରେ ଯେପରି ପ୍ରତିଷ୍ଠିତ ହୋଇ ରହିଛି, ଏହିସବୁ କୋଷମଧ୍ୟରେ ବି ସେହିପରି ପ୍ରତିଷ୍ଠିତ ହେବାକୁ ଆରମ୍ଭ କରିବ, ଏବଂ ସେହି କୋଷଗୁଡ଼ିକ ମଧ୍ୟ ଶାଶ୍ୱତ ପରମସତ୍ୟ ଏବଂ ପରମ ଆନନ୍ଦ ମଧ୍ୟରେ ଅଂଶଗ୍ରହଣ କରିବାକୁ ଆରମ୍ଭ କରିବେ ।

'oaob.nitrkl.ac.in' images reprocessed

## ୨୦ ଫେବ୍ରୁଆରି, ୧୯୫୭

*"ଶରୀରର ଏହି ଯେଉଁ ସୀମାଟି, ତାହା ହେଉଛି ଏକ ଛାଞ୍ଚ; ଆତ୍ମା ଓ ମନ ଆପଣାକୁ ସେହି ସୀମାଗୁଡ଼ିକ ଭିତରେ ନେଇ ଢାଳିଦେବେ, ସେଗୁଡ଼ିକୁ ଭାଙ୍ଗି ପକାଉଥିବେ ଏବଂ ଅଧିକରୁ ଅଧିକ ପ୍ରଶସ୍ତ ସୀମା ଦ୍ୱାରା ସେଗୁଡ଼ିକୁ ନୂଆ ନୂଆ ଛାଞ୍ଚରେ ପକାଇବାରେ ଲାଗିଥିବେ, ଯେପରିକି ପରିଶେଷରେ ଏହି ସସୀମ ଓ ସେଗୁଡ଼ିକର ସ୍ୱକୀୟ ଅସୀମତା ମଧ୍ୟରେ ସଙ୍ଗତି ଓ ସଦୃଶତାର ସୂତ୍ରଟି ମିଳିଯାଇ ପାରିବ ।"*

ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଙ), ପୃଷ୍ଠା-୩୮୬

*ମାଆ, "ଶରୀରର ସୀମାଗୁଡ଼ିକ ଗୋଟିଏ ଛାଞ୍ଚ" ବୋଲି ଆମେ କିପରି ବୁଝିପାରିବୁ ?*

ଯଦି ତୁମର ଏକ ନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ଭାବରେ ଅଲଗା ହୋଇ କୌଣସି ଶରୀର ନ ଥିବ, ଜଣେ ଅଲଗା ବ୍ୟକ୍ତି ହିସାବରେ ତୁମର ବ୍ୟକ୍ତିତ୍ୱ ଯଦି ଅଲଗା ହୋଇ ଗଢ଼ିହୋଇ ଯାଇ ନ ଥିବ, ଯଦି ତୁମର ଶରୀର ସେହି ସ୍ୱତନ୍ତ୍ରତା ବିଷୟରେ ପୂର୍ଣ୍ଣ ସଚେତନ ନ ଥିବ ଓ ଆପଣାର ଅଲଗା ଗୁଣଗୁଡ଼ିକୁ ଧାରଣ କରି ନ ଥିବ, ତେବେ ତୁମେସବୁ ପ୍ରକୃତରେ ପରସ୍ପର ସହିତ ନାନାଭାବେ ସମ୍ମିଳିତ ହୋଇ ପଡ଼ିବ ଏବଂ ତା'ପରେ ଆଉ ତୁମକୁ ଅଲଗା କରି ଏକ ବ୍ୟକ୍ତିତ୍ୱ ବୋଲି ଚିହ୍ନିବା ମୋଟେ ସହଜ ହେବ ନାହିଁ । ଏପରିକି, ଯଦି ଆମେସବୁ କିଞ୍ଚିତ୍ ପରିମାଣରେ ମଧ୍ୟ ଅନ୍ତରାଭିମୁଖୀ ହୋଇ ଅଗ୍ରସର ହୋଇ ପାରିବା, ଯଦି ଆମେ ସବୁଠାରୁ ଅଧିକ ଜଡ଼ସ୍ୱଭାବର ହୋଇ ରହିଥିବା ପ୍ରାଣିକ ସତ୍ତାଟି ମଧ୍ୟରେ ପ୍ରବେଶ କରିପାରିବା, ତେବେ ସେହି କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତିଙ୍କର ସ୍ପନ୍ଦନଗୁଡ଼ିକ ମଧ୍ୟରେ ଏପରି ଏକ ଗୋଳିଆମିଶା ଦେଖିବାକୁ ମିଳିବ ଯେ, ତେବେ ତୁମମାନଙ୍କୁ ତା'ପରେ ପରସ୍ପରଠାରୁ ଅଲଗା ଅଲଗା ବୋଲି ଚିହ୍ନି ପାରିବା ପ୍ରକୃତରେ ବଡ଼ କଷ୍ଟକର ହୋଇପଡ଼ିବ । ଏବଂ, ଯଦି ତୁମର ଏପରି ଅଲଗା ହୋଇ କୌଣସି ଶରୀର ନ ଥା'ନ୍ତା, ତେବେ ତାହା ଗୋଟାଏ ପ୍ରକାରର ଜଟିଳ କାଦୁଅମେଞ୍ଚାଟି ପରି ହୋଇ ରହିଥାନ୍ତା । ତେଣୁ, ଶରୀରର ଏହି ଆକାରଟିରହିଁ ପ୍ରଶ୍ନ ଉଠୁଛି, ବାହାରକୁ ଏପରି ଜଟିଳ ଓ ଅନମନୀୟ ହୋଇ ଦେଖା ଯାଉଥିବା ଠିକ୍ ଏହି ଆକାରଟିରହିଁ ପ୍ରଶ୍ନ ଉଠୁଛି; ଏହି ଆକାରଟିହିଁ ତୁମମାନଙ୍କୁ ଜଣକୁ ଆଉଜଣକଠାରୁ ଅଲଗାକରି ଚିହ୍ନାଇ

'oaob.nitrkl.ac.in' images reprocessed

ଦେଉଛି । ତେଣୁ ଏହି ଆକାରଟିହିଁ ଗୋଟିଏ ଛାଞ୍ଚପରି କାର୍ଯ୍ୟ କରୁଛି । (ସେହି ପିଲାଟି ଉଦ୍ଦେଶ୍ୟରେ) ଛାଞ୍ଚ କହିଲେ କ'ଣ ବୁଝାଏ, ତୁମେ ସେକଥା ଜାଣିଛ କି ? — ହଁ, ଆମେ କୌଣସି ପାତ୍ରଟି ମଧ୍ୟରେ ତରଳ ଅଥବା ଅର୍ଦ୍ଧତରଳ ଗୋଟିଏ ପଦାର୍ଥକୁ ଆଣି ଢାଳିଦେଉ ଏବଂ ଯେତେବେଳେ ସେହି ପଦାର୍ଥଟି ଶୀତଳ ହୋଇଯାଏ, ସେତେବେଳେ ଛାଞ୍ଚଟିକୁ ଭାଙ୍ଗିଦେଇ ପାରିଲେ ଆମକୁ ସେହି ପଦାର୍ଥର ଏକ ନିର୍ଦ୍ଦିଷ୍ଟ ଆକାର ଉପଲବ୍ଧ ହୋଇଯାଏ । ହଁ, ଶରୀରରୂପୀ ଆକାରଟି ପ୍ରକୃତରେ ଏହିପରି ଗୋଟିଏ ଛାଞ୍ଚ ପରି କାର୍ଯ୍ୟ କରିଥାଏ, ଯେଉଁଟି ଭିତରେ ପଡ଼ିଲେ କି ପ୍ରାଣିକ ତଥା ମାନସିକ ସାମର୍ଥ୍ୟଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ଆକାର ଧାରଣ କରିପାରନ୍ତି, ଯାହାଫଳରେ ଆମେ ଏକ ବ୍ୟକ୍ତି-ସତ୍ତାରେ ପରିଣତ ହୋଇଯାଉ, ଏବଂ ଅନ୍ୟମାନଙ୍କ ଠାରୁ ଅଲଗା ହୋଇ ଦିଶୁ ।

କେବଳ ଅତ୍ୟନ୍ତ ଧୀର ଏବଂ ମନ୍ଥର ଭାବରେ, ଜୀବନର ନାନା କ୍ରିୟାତ୍ମକତା ମଧ୍ୟଦେଇ ଓ ଅଚ୍ଛବହୃତ ଭାବରେ ସଯତ୍ନ ଏବଂ ସମ୍ପୂର୍ଣ୍ଣ ଭାବରେ ଦିଆ ଯାଉଥିବା ଶିକ୍ଷାର ପ୍ରକ୍ରିୟା ଦ୍ୱାରାହିଁ ଆମର ଏପରି ସବୁ ଇନ୍ଦ୍ରିୟବୋଧ ହେବାକୁ ଆରମ୍ଭ କରେ, ଯେଉଁଗୁଡ଼ିକୁ କି ଆମେ ଆପଣା ଇନ୍ଦ୍ରିୟବୋଧ ବୋଲି କହିପାରିବା, ଏପରି ଯାବତୀୟ ନାନା ଅନୁଭୂତି ଏବଂ ଭାବନା ସମ୍ଭବ ହେବାକୁ ଆରମ୍ଭ କରେ, ଯାହାକୁ କି ଆମେ ନିଜର ବ୍ୟକ୍ତିଗତ ବୋଲି କହିପାରିବା । ଏପରି ଏକ ମନ ଆମକୁ ଖୁବ୍ କ୍ୱଚିତ୍‌ହିଁ ଦେଖିବାକୁ ମିଳିବ, ଯାହାକୁ କି ଗୋଟାସୁଦ୍ଧା ବ୍ୟକ୍ତିଗତ ଓ ବ୍ୟକ୍ତିଠୁଳ ବୋଲି କୁହାଯାଇପାରିବ,— କେବଳ ଏକ ଦୀର୍ଘକାଳର ଶିକ୍ଷାବଳରେହିଁ ସେପରି ହୋଇଥାଏ । ତା' ନ ହେଲେ ଏହା ଭାବନାର ଏପରି ଗୋଟିଏ ପ୍ରକାରର ସ୍ରୋତ ହୋଇ ରହିଥାଏ, ଯାହାକି ତୁମର ମସ୍ତିଷ୍କ ଭିତର ଦେଇ ଅତିକ୍ରମ କରି ଯାଉଥାଏ, ତା'ପରେ ଆଉ ଜଣକର ଓ ତା'ପରେ ଆହୁରି ଅନେକଙ୍କର ମସ୍ତିଷ୍କ ମଧ୍ୟଦେଇ ଅତିକ୍ରମ କରିବାରେ ଲାଗିଥାଏ; ଏହି ସବୁକିଛି ନିରନ୍ତର ଗତିଶୀଳ ହୋଇ ରହିଥା'ନ୍ତି ଏବଂ ସେଗୁଡ଼ିକର ସେତେବେଳେ ଆଉ କୌଣସି ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ନ ଥାଏ । ଅନ୍ୟମାନେ ଭାବୁଛନ୍ତି ବୋଲି ଜଣେ ଭାବିବାରେ ଲାଗିଥାଏ, ଆହୁରି ଅନ୍ୟମାନେ ବି ଭାବୁଛନ୍ତି ବୋଲି ସେହି ଅନ୍ୟମାନେ ଭାବିବାରେ ଲାଗିଥା'ନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ସେହିପରି ଭାବରେ ଭାରି ଗୋଳିଆମିଶା ଭାବରେ ସେହିପରି ଭାବିବାରେ ଲାଗିଥାଏ । କାରଣ ଏଗୁଡ଼ିକ ଭାବନାର ଗୋଟିଏ ଗୋଟିଏ ସ୍ରୋତ ଏବଂ ସ୍ପନ୍ଦନହିଁ ହୋଇ ରହିଥା'ନ୍ତି । ଯଦି ତୁମେ ମନୋଯୋଗ ସହକାରେ ଆପଣା ଆଡ଼କୁ ଅନାଇ ଦେଖିପାରିବ, ତେବେ ତୁମେ ଅଚିରେ ଏହି ବିଷୟଟିକୁ ଜାଣିବାକୁ ପାଇବ ଯେ ତୁମ ଭିତରଦେଇ ଅତିକ୍ରମ କରୁଥିବା ଅତ୍ୟନ୍ତ କମ୍‌ସଂଖ୍ୟକ ଭାବନାକୁହିଁ ପ୍ରକୃତରେ ତୁମର ବ୍ୟକ୍ତିଗତ ଭାବନା ବୋଲି କୁହାଯାଇ ପାରିବ । ତେବେ ସେଗୁଡ଼ିକ ପ୍ରକୃତରେ କେଉଁଠାରୁ ତୁମ ଭିତରକୁ ଆସନ୍ତି ?— ତୁମେ ଯାହାସବୁ

'oaob.nitrkl.ac.in' images reprocessed

ଶୁଣିଥାଅ, ଯେଉଁସବୁ କଥା ପଢ଼ିଥାଅ, ଯାହାସବୁ ତୁମକୁ ଶିଖାଇ ଦିଆଯାଇଥାଏ, ସେଗୁଡ଼ିକ ସେଇଠୁ ହିଁ ଆସିଥାଏ; ଏବଂ, ତୁମ ଭିତରେ ତୁମର ହୋଇ ରହିଥିବା ଏହି ଭାବନାଗୁଡ଼ିକରୁ ପ୍ରକୃତରେ କେତୋଟି ତୁମ ନିଜ ଅନୁଭୂତିରୁହିଁ ଜାତ ହୋଇଥା'ନ୍ତି, ତୁମର ନିଜ ଚିନ୍ତନରୁ ଓ ସମ୍ପୂର୍ଣ୍ଣ ଭାବରେ ତୁମର ବ୍ୟକ୍ତିଗତ ଅବଲୋକନରୁହିଁ ସମ୍ଭବ ହୋଇଥାଏ ? –ଆଦୌ ଖୁବ୍‌ବେଶୀ ନୁହେଁ ।

କେବଳ ଯେଉଁମାନେ ସଘନ ଭାବରେ ଏକ ବୌଦ୍ଧିକ ଜୀବନ ଯାପନ କରନ୍ତି, ଯେଉଁମାନଙ୍କର ଚିନ୍ତନ ଓ ଅବଲୋକନର ଅଭ୍ୟାସ ରହିଥାଏ, ଯେଉଁମାନେ ଅଭ୍ୟସ୍ତ ଭାବରେ ଆପଣାର ଧାରଣାଗୁଡ଼ିକୁ ଏକାଠି ଗୁନ୍ଥି ରଖିବା ଜାଣିଥା'ନ୍ତି, ସେହିମାନେହିଁ କ୍ରମଶଃ ଆପଣାଲାଗି ଏକ ସ୍ୱତନ୍ତ୍ର ମାନସିକ ବ୍ୟକ୍ତିତ୍ୱର ବିକାଶ କରାଇ ଆଣି ପାରିଥା'ନ୍ତି ।

ଅଧିକାଂଶ ମଣିଷ,– କେବଳ ଅଶିକ୍ଷିତ ଲୋକମାନେ ନୁହନ୍ତି, ମାତ୍ର ଅନେକ କିଛି ପଢ଼ିଥିବା ଲୋକମାନେ ମଧ୍ୟ,– ସେମାନଙ୍କର ମୁଣ୍ଡରେ ହୁଏତ ଅତ୍ୟନ୍ତ ପରସ୍ପର-ବିରୋଧୀ ଓ ପରସ୍ପରର ବିପରୀତ ନାନା ଧାରଣାର ଆବିର୍ଭାବ ହେବାରେ ଲାଗିଥାଏ, ମାତ୍ର ସେମାନେ ସେହି ବିରୋଧଗୁଡ଼ିକ ବିଷୟରେ ଆଦୌ ସଚେତନ ବି ନ ଥା'ନ୍ତି । ମୁଁ ଏପରି କେତେକେତେ ଦୃଷ୍ଟାନ୍ତ ଦେଖିଛି, ଏପରି ଅନେକ ଲୋକଙ୍କୁ ଦେଖିଛି, ଯେଉଁମାନେ କି ଆପଣା ମଧ୍ୟରେ କେତେ କ'ଣ ଧାରଣା ରଖିଥିଲେ, ଏପରିକି ମନୁଷ୍ୟବୁଦ୍ଧିର ଯାବତୀୟ ତଥାକଥିତ ଉଚ୍ଚତର କ୍ଷେତ୍ରଗୁଡ଼ିକ ବିଷୟରେ ଆପଣାର ନାନା ରାଜନୀତିକ, ସାମାଜିକ ଏବଂ ଧର୍ମସମ୍ବନ୍ଧୀୟ ମତ ପୋଷଣ ବି କରୁଥିଲେ; ଗୋଟିଏ ବିଷୟରେ ବି ସେମାନଙ୍କର ଅତ୍ୟନ୍ତ ପରସ୍ପର ବିରୋଧୀ ମତମାନ ରହିଥିଲା ଏବଂ ସେମାନେ ସେବିଷୟରେ ମୋଟେ ସଜ୍ଞାନ ନ ଥିଲେ । ଏବଂ ଯଦି ତୁମେମାନେ ନିଜକୁ ମଧ୍ୟ ଅବଲୋକନ କରି ଦେଖିବ, ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ ତୁମଭିତରେ ଏପରି ଅନେକ ଧାରଣା ରହିଛି, ଯେଉଁଗୁଡ଼ିକୁ କି ଏପରି ଆହୁରି ଏକାଧିକ ମଧ୍ୟବର୍ତ୍ତୀ ଧାରଣାର କ୍ରମଶୃଙ୍ଖଳା ଦ୍ୱାରା ଏକତ୍ର ଗଅଁଠାଇ ରଖିବାକୁ ପଡ଼ିବ, ଯେଉଁଗୁଡ଼ିକ କି ଭାବନାକୁ ପ୍ରଭୂତ ଭାବରେ ପ୍ରଶସ୍ତ କରିଦେବାରୁହିଁ ଜାତ ହୋଇଥିବ । ସେପରି କରି ନ ପାରିଲେ ତୁମର ଧାରଣାଗୁଡ଼ିକ କେବଳ ଏକ ଅସମ୍ଭବ ରୀତିରେ ହିଁ ତୁମଭିତରେ ଅବସ୍ଥିତ ରହିଥିବେ ।

ତେଣୁ, ଏକ ବ୍ୟକ୍ତିତ୍ୱ ପ୍ରକୃତରେ ବ୍ୟକ୍ତିସ୍ୱଭାବବିଶିଷ୍ଟ ହୋଇ ଆପଣାର ସ୍ୱତନ୍ତ୍ର ଗୁଣଗୁଡ଼ିକୁ ବହନ କରିବା ପୂର୍ବରୁ ସେହି ବ୍ୟକ୍ତିତ୍ୱଟିକୁ ଗୋଟିଏ ପାତ୍ରରେ ଆଣି ରଖିବାକୁ ହେବ; ତା' ନ ହେଲେ ତାହା ପାଣି ପରି ଏଣେତେଣେ ବୋହି ଚାଲିଯିବ ଏବଂ ତା'ପରେ ତା'ର ଆଉ କୌଣସି ଆକାର ସମ୍ଭବ ହେବ ନାହିଁ । ସାଧାରଣତଃ ପ୍ରାୟ ଏକ ନିମ୍ନତର ସ୍ତରରେ ରହିଥିବା କେତେକ ବ୍ୟକ୍ତି ସେମାନେ ବହନ କରି ରହିଥିବା ନାମଟି ଦ୍ୱାରାହିଁ,

'oaob.nitrkl.ac.in' images reprocessed

ଯାହା ଆପଣାକୁ ଜାଣିଥା'ନ୍ତି । କେବଳ ନାମଟିକୁ ଛାଡ଼ି ଆଉ କୌଣସି ପ୍ରକାରେହିଁ ସେମାନେ ଆପଣାକୁ ସେମାନଙ୍କର ପ୍ରତିବେଶୀମାନଙ୍କଠାରୁ ଅଲଗା କରି ମୋଟେ ଠଉରାଇ ନେଇ ପାରନ୍ତି ନାହିଁ । "ତୁମେ କିଏ ?" ବୋଲି ସେମାନଙ୍କୁ ପଚରାଗଲେ ସେମାନେ "ମୋ ନାମ ଅମୁକ" ବୋଲି କହିଥା'ନ୍ତି । ତା'ର ଅଳ୍ପ ସମୟ ପରେ ତୁମ ଆଗରେ ସେମାନେ କି କାମ କରୁଛନ୍ତି, ସେକଥାଟିକୁ କହିଥା'ନ୍ତି, ଅଥବା ଆପଣାର ପ୍ରଧାନ ପ୍ରଧାନ ବିଶେଷ ଲକ୍ଷଣଗୁଡ଼ିକୁ ବଖାଣିବାରେ ଲାଗନ୍ତି । "ତୁମେ କିଏ" ? ବୋଲି ସେମାନଙ୍କୁ ପଚରାଗଲେ ସେମାନେ "ମୁଁ ଜଣେ ଚିତ୍ରକର" ବୋଲି ଉତ୍ତର ଦିଅନ୍ତି ।

ମାତ୍ର ଏକ ନିର୍ଦ୍ଦିଷ୍ଟ ସ୍ତରରେ କେବଳ ନାମଟିହିଁ ଯାବତୀୟ ପରିଚୟ ରୂପେ ପ୍ରକାଶ ପାଇଥାଏ ।

ଏବଂ ଗୋଟାଏ ନାଆଁ କହିଲେ ପ୍ରକୃତରେ କ'ଣ ବୁଝାଏ ? ଗୋଟାଏ ଶବ୍ଦ ବ୍ୟତୀତ ଏହା କିଛି ନୁହେଁ, ନୁହେଁ କି ? ଏବଂ ସେହି ଶବ୍ଦଟା ପଛରେ ବି କ'ଣ ରହିଥାଏ ? କିଛି ନ ଥାଏ । ତା' ଭିତରେ ନାନା ଅସ୍ପଷ୍ଟ ବସ୍ତୁର ଏକ ସମୁଦାୟ ରହିଥାଏ ଯାହାକି ଜଣେ ବ୍ୟକ୍ତିକୁ ତା'ର ପ୍ରତିବେଶୀଠାରୁ ଅଲଗା କରି ଚିହ୍ନାଇ ଦେବାଲାଗି କୌଣସି ସହାୟତା କରୁ ନ ଥା'ନ୍ତି । ତା'ର ଗୋଟାଏ ଅନ୍ୟ ନାଆଁ ରହିଥାଏ ବୋଲି ଯାହା ସମସ୍ତେ ତାକୁ ଜଣେ ଅଲଗା ମଣିଷ ବୋଲି ଜାଣନ୍ତି । ଯଦି ସମସ୍ତଙ୍କର ସେହି ଗୋଟିଏ ନାମହିଁ ରହିଥା'ନ୍ତା, ତେବେ ଜଣେ ମଣିଷକୁ ଆଉ ଜଣେ ମଣିଷଠାରୁ ଅଲଗା କରି ଚିହ୍ନିବା ଭାରି କଷ୍ଟକର ହୋଇପଡ଼ନ୍ତା ।

ଉଡ଼ାଜାହାଜ ଚାଳନାର ବିଷୟରେ ବର୍ଣ୍ଣନା କରା ଯାଇଥିବା ସେହି ବହିଟିରୁ* ମୁଁ ତୁମମାନଙ୍କୁ ସେଦିନ ପଢ଼ି ଶୁଣାଇଥିଲି । ସେହି ବହିରେ ଏପରି ଜଣେ ଦାସର କାହାଣୀ ରହିଥିଲା, ଯାହାକୁ କି ଯେ କୌଣସି ପ୍ରଶ୍ନ ପଚରା ଗଲା ବେଳେ ମଧ୍ୟ ସିଏ କେବଳ ନିଜର ନାଆଁଟି ଦ୍ୱାରାହିଁ ତାହାର ଉତ୍ତର ଦେଉଥିଲା । ମାତ୍ର ଯେଉଁମାନଙ୍କୁ ଦାସର ସଂଜ୍ଞାଟି ଦିଆ ଯାଇଥିଲା ଏବଂ ଯେଉଁମାନେ ଆପଣାଲାଗି ସେହି ଗୋଟିଏ ନାମକୁହିଁ ଗ୍ରହଣ କରି ନେଇଥିଲେ,– ସମସ୍ତଙ୍କୁ ପ୍ରକୃତରେ ସେହି ଗୋଟିଏ ନାଆଁ ଦିଆ ଯାଇଥିଲା,– ଓ ଯେଉଁମାନେ ସତେଅବା ସେହି ଗୋଟିଏ ବ୍ୟକ୍ତି ହୋଇ ରହିଥିଲେ, ସେମାନଙ୍କ ତୁଳନାରେ ଉକ୍ତ ଦାସଟିକୁ ନିଶ୍ଚୟ ଏକ ପ୍ରଗତି ହାସଲ କରିଥିବା ବ୍ୟକ୍ତି ବୋଲି କୁହାଯାଇ ପାରିବ । କାରଣ, ସେହି ଦାସମାନଙ୍କର ଆଦୌ କୌଣସି ବ୍ୟକ୍ତିତ୍ୱ ନ ଥିଲା, କେବଳ ବେଉସାଟିଏହିଁ ରହିଥିଲା । ଏବଂ, କ୍ରମାଗତ ଅନେକ ଦାସଙ୍କର କ୍ଷେତ୍ରରେ ସେହି ଗୋଟିଏ ବେଉସାହିଁ

---

*Saint-exupéryଙ୍କର Terre des Homme ପୁସ୍ତକ ।

'oaob.nitrkl.ac.in' images reprocessed

ଏକମାତ୍ର ବେଉସା ହୋଇ ରହିଥିବାରୁ, ସେମାନଙ୍କର ସମସ୍ତଙ୍କର ସେହି ଗୋଟିଏ ନାମହିଁ ରହିଥିଲା ।

ସାଧାରଣତଃ ମଣିଷ ଗୋଟାଏ ପ୍ରକାରର ଅଭ୍ୟାସର ଅନୁଗତ ହୋଇ ବାସ କରୁଥାଏ, ସେହି ଅଭ୍ୟାସଟି ବିଷୟରେ ସିଏ ମାତ୍ର ଅର୍ଦ୍ଧଚେତନ ହୋଇ ରହିଥାଏ । ମଣିଷଟି ସେହି ଅଭ୍ୟାସର ଗତରେହିଁ ବହି ଯାଉଥାଏ; ସିଏ କ'ଣ କରେ ଓ କାହିଁକି ତାକୁ କରେ, ତାହାକୁ ସେ ଆଦୌ କୌଣସି ବସ୍ତୁଗତ ମୂର୍ତ୍ତତା ଦେଇପାରୁ ନ ଥାଏ । ସିଏ କେବଳ ଅଭ୍ୟାସରେ ପଡ଼ି ସବୁ କରୁଥାଏ । ଯେତେସବୁ ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ବାତାବରଣ ଭିତରେ ଜନ୍ମ ହୋଇଥାନ୍ତି, ବା ଏକ ନିର୍ଦ୍ଦିଷ୍ଟ ଦେଶରେ ଜନ୍ମିଥା'ନ୍ତି, ସେମାନେ ସମସ୍ତେ ପ୍ରାୟ ଯନ୍ତ୍ରପରିହିଁ ସେହି ବାତାବରଣଟିର ଅଭ୍ୟସ୍ତତାଟିକୁ ଗ୍ରହଣ କରି ନେଇଥାନ୍ତି; କେବଳ ବାହ୍ୟ ଅଭ୍ୟସ୍ତତାଗୁଡ଼ିକୁ ନୁହେଁ, ମାତ୍ର ଅନୁଭବ କରିବାର ଓ କାର୍ଯ୍ୟ କରିବାର ଅଭ୍ୟସ୍ତତାଗୁଡ଼ିକୁ ବି ଗ୍ରହଣ କରି ନେଇଥା'ନ୍ତି । ସେଗୁଡ଼ିକର ଆଚରଣ କଲାବେଳେ ସେମାନେ ସେଗୁଡ଼ିକ କରୁଛନ୍ତି ବୋଲି ବି କୌଣସି ନିଘା ରଖିପାରନ୍ତି ନାହିଁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସବୁ କରି ଯାଉଥାନ୍ତି; ଏବଂ କେହି ଏବିଷୟରେ ସେମାନଙ୍କର ଦୃଷ୍ଟି ଆକର୍ଷଣ କଲେ ସେମାନେ ଭାରି ଆଶ୍ଚର୍ଯ୍ୟ ହେବାକୁ ଲାଗନ୍ତି ।

ବସ୍ତୁତଃ, ମଣିଷମାନଙ୍କର ଶୋଇବାର ଅଭ୍ୟାସ ରହିଥାଏ, କଥା କହିବାର, ଖାଇବାର, ଗତିଶୀଳ ହେବାର ଅଭ୍ୟାସମାନ ବି ରହିଥାଏ ଏବଂ ସେମାନେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏସବୁ କାର୍ଯ୍ୟ କରୁଥାନ୍ତି, କାହିଁକି ବା କିପରି ସେଭଳି କରୁଛନ୍ତି ବୋଲି ସେମାନେ ଆଦୌ କୌଣସି ବିସ୍ମୟ ପ୍ରକାଶ କରନ୍ତି ନାହିଁ ।... ଏବଂ ଏହିପରି ଅନେକ ଅନ୍ୟ କଥା ବି ଘଟିଥାଏ । ମଣିଷ ସର୍ବଦା ଯନ୍ତ୍ରପରି ସବୁକିଛି କରୁଥାଏ, କେବଳ ଅଭ୍ୟାସରେ ପଡ଼ି କରୁଥାଏ, ନିଜକୁ ଅନାଇ ଦେଖିବାର କୌଣସି ବେଳ ନ ଥାଏ । ଏବଂ, ସେହି କାରଣରୁ, ଯେତେବେଳେ ସିଏ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସମାଜରେ ବାସ କରୁଥାଏ, ସେତେବେଳେ ସିଏ ସେହି ସମାଜରେ ସାଧାରଣତଃ ଯାହା କରା ଯାଉଥାଏ, ସେହିଗୁଡ଼ିକୁହିଁ କରିବାରେ ଲାଗିଥାଏ । ଏବଂ ସେହି କ୍ଷେତ୍ରରେ ଯଦି କେହି ଆପଣାର କାର୍ଯ୍ୟଗୁଡ଼ିକ ଆଡ଼କୁ ଅନାଇ ଦେଖିବାକୁ ଆରମ୍ଭ କରେ, ଆପଣାର ଅନୁଭୂତି ଏବଂ ଭାବନାଗୁଡ଼ିକୁ ଅବଲୋକନ କରେ, ତେବେ ସିଏ ବାସ କରୁଥିବା ବାତାବରଣର ତୁଳନାରେ ସିଏ ବାସ୍ତବିକ ଏକ ଭୟାନକ ଜନ୍ତୁ ବୋଲି ଦେଖାଯିବାକୁ ଆରମ୍ଭ କରେ ।

ତେଣୁ, ସମସ୍ତେ ଯେ ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ପରି ବିକଶିତ ହୁଅନ୍ତି, ସେକଥା ଆଦୌ ନୁହେଁ; ସ୍ୱତନ୍ତ୍ର ବ୍ୟକ୍ତି ରୂପେ ବିକଶିତ ହେବା କ୍ୱଚିତ୍ ଘଟିଥାଏ । ଏବଂ ଯଦି ତୁମପାଖରେ ସେହିଭଳି ଗୋଟିଏ ମୁଣ୍ଡ ପରି ଆଦୌ କିଛି ନ ଥାଏ, ତୁମର ଶରୀର ଓ

'oaob.nitrkl.ac.in' images reprocessed

ତୁମର ଚେହେରା ପରି ତୁମ ପାଖରେ ଏକ ନିର୍ଦ୍ଦିଷ୍ଟ ଆକାର ନ ଥାଏ, ତେବେ ତୁମ ମାନଙ୍କୁ ବଡ଼ କ୍ୱଚିତ୍‌ହିଁ ପରସ୍ପର ଅନ୍ୟ ମାନଙ୍କ ମଧ୍ୟରୁ ଅଲଗା କରି ଠଉରାଇ ପାରିବା ସମ୍ଭବ ହୁଏ ।

ବ୍ୟକ୍ତିତ୍ୱ ଲାଭକୁ ପ୍ରକୃତରେ ଏକ ବିଜୟ-ହାସଲ ବୋଲିହିଁ କୁହାଯିବ । ଏବଂ, ଶ୍ରୀଅରବିନ୍ଦ ଏଠାରେ ଯେପରି କହିଛନ୍ତି, ଏହି ପ୍ରଥମ ବିଜୟଟିକୁ କେବଳ ଏକ ପ୍ରଥମ ସୋପାନ ବୋଲି ମଧ୍ୟ କୁହାଯିବ, ଏବଂ ଥରେ ତୁମେ ଆପଣା ଭିତରେ ଏକ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟଯୁକ୍ତ ତଥା ସଚେତନ ସତ୍ତାର ଉପଲବ୍ଧି କରି ସାରିବା ପରେ ତୁମକୁ ସେହି ଆକାରଟିକୁ ଭାଙ୍ଗିଦେବାକୁ ପଡ଼ିବ ଏବଂ ଆଗକୁ ବାହାରି ଯିବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ଯଦି ତୁମେ ମାନସିକ କ୍ଷେତ୍ରରେ ଆଗକୁ ଯିବାଲାଗି ଇଚ୍ଛା କରୁଥାଅ, ତେବେ ତୁମକୁ ମାନସିକ ଯାବତୀୟ ଆକାରଗୁଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ, ନୂତନ ମାନସିକ ବିରଚନାଗୁଡ଼ିକ ଲାଗି ସମର୍ଥ ହେବା ଲାଗି ତୁମର ଯାବତୀୟ ମନୋବିରଚନାଗୁଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ । ତେଣୁ, ଏହି ମାର୍ଗରେ ଯାତ୍ରା ଆରମ୍ଭ କରିବାକୁ ହେଲେ, ଆପଣାକୁ ଜଣେ ବ୍ୟକ୍ତିରୂପେ ଗଢ଼ି ଆଣି ପାରିବା ଲାଗି ତୁମକୁ ଅଦ୍ଭୁତ ଭାବରେ ଅନେକ ଉଦ୍ୟମ କରିବାକୁ ହେବ, ଏବଂ ତା'ପରେ, ଆହୁରି ଆଗକୁ ଯାଇ ପାରିବାଲାଗି, ଯାହାକିଛି ହାସଲ ହୋଇ ସାରିଥିବ, ସେଗୁଡ଼ିକୁ ଭାଙ୍ଗି ଚୂନା କରି ଦେବାକୁ ପଡ଼ିବ । ମାତ୍ର, ଯଦି ଆପଣାର କାର୍ଯ୍ୟକୁ ତୁମେ ମୋଟେ ଅବଲୋକନ କରୁ ନ ଥିବ, ଏବଂ ରୀତିଟି ସାଧାରଣତଃ ଯେଉଁପରି ହୋଇ ରହିଛି,— ଅବଶ୍ୟ ସବୁ ଜାଗାରେ ଯେ ସେହିପରି ରହିଛି ତା' ନୁହେଁ, ମାତ୍ର ଆମେ ଧରିନେବା ଯେ ଏଠାରେ ରୀତିଟି ସେହିପରି ହୋଇ ରହିଛି,— କାମ କରିବାର, ଅଧ୍ୟୟନ କରିବାର, ଆପଣାର ବିକାଶସାଧନ କରିବାର, କିଛି କରିବା ଲାଗି ପ୍ରୟାସ କରିବାର ଯେପରି ରୀତି ରହିଛି, ତୁମେ ବଡ଼ ସ୍ୱାଭାବିକ ଭାବରେ ସବୁ କରି ଯାଉଥିବ, ଏବଂ, ମୁଁ ଯେପରି କହୁଥିଲି, ନିଜ ଉପରେ ଆଦୌ କୌଣସି ଦୃଷ୍ଟିପାତ ନ କରି ସବୁ କରି ଯାଉଥିବ ।

ଏବଂ, ଯେତେବେଳେ ଏହିସବୁ ବାହ୍ୟ ରୂପ ପରସ୍ପର-ସଂଘାତର ଏକ ସ୍ଥିତିରେ ଆସି ପହଞ୍ଚିଯିବେ, କେବଳ ସେତିକିବେଳେ ଯାଇ ତୁମେ ଅନୁଭବ କରିବାକୁ ଆରମ୍ଭ କରିବ ଯେ ତୁମେ ପ୍ରକୃତରେ ଅନ୍ୟମାନଙ୍କ ଠାରୁ ଜଣେ ଭିନ୍ନ ବ୍ୟକ୍ତି । ତା' ନ ହେଲେ ତୁମେ କେବଳ ଅମୁକ ବା ସମୁକ ହୋଇ ରହିଥିବ, ତୁମେ ବହନ କରୁଥିବା ନାଆଁଟି ଅନୁସାରେ ଅମୁକ ବା ସମୁକ ହୋଇ ରହିଥିବ । କେବଳ ଯେତେବେଳେ ସଂଘାତ ଉପସ୍ଥିତ ହେବ, ଯେତେବେଳେ କେଉଁଠି କ'ଣ ଅଡୁଆ ଆସି ପହଞ୍ଚିଯିବ, ସେତେବେଳେ ଯାଇ ତୁମେ ଏକ ଭିନ୍ନତା ରହିଥିବାର ଅନୁଭବ କରିବ । ସେତେବେଳେ ତୁମେ ନିଜକୁ ଅନ୍ୟମାନଙ୍କ ଠାରୁ ଭିନ୍ନ ବୋଲି ଜାଣିବ । ନଚେତ୍, ତୁମର ଏ ବିଷୟରେ ଆଦୌ କୌଣସି ସଜ୍ଞାନତା ନ ଥିବ ଓ ପାର୍ଥକ୍ୟ ବିଷୟରେ ମଧ୍ୟ ଆଦୌ କୌଣସି ଜ୍ଞାନ ନ ଥିବ । ବସ୍ତୁତଃ,

'oaob.nitrkl.ac.in' images reprocessed

ତୁମେମାନେ ଅତ୍ୟନ୍ତ ପରିମାଣରେ ପରସ୍ପର ଠାରୁ କମ୍ ପୃଥକ୍ ଓ ଭିନ୍ନ ହୋଇ ରହିଥିବ ।

ତୁମ ଜୀବନରେ ତୁମେ ପ୍ରକୃତରେ କେତେ କେତେ କାର୍ଯ୍ୟ ନ କର, ଯେଉଁଗୁଡ଼ିକୁ କି ମୌଳିକତଃ ତୁମେ ଠିକ୍ ଅନ୍ୟମାନଙ୍କ ପରିହିଁ କରିବାରେ ଲାଗିଥାଅ ! ଏଠାରେ ଶୋଇବାର, ଗତିଶୀଳ ହେବାର ଓ ଆହାର କରିବାର ଦୃଷ୍ଟାନ୍ତମାନ ନିଆ ଯାଇପାରେ, ସେହିଭଳି ଆହୁରି ଯାବତୀୟ କଥାର ଦୃଷ୍ଟାନ୍ତ ନିଆ ଯାଇପାରେ । ତୁମେ ଯେକୌଣସି କାର୍ଯ୍ୟକୁ କାହିଁକି ଏହିପରି ଏକ ରୀତିରେ କରୁଛ ଓ ଅନ୍ୟକୌଣସି ରୀତିରେ କରୁ ନାହଁ, ସେ ବିଷୟରେ ତୁମେ କେବେହେଲେ ନିଜକୁ କୌଣସି ପ୍ରଶ୍ନ ପଚାରି ନାହଁ । ଏହି ପ୍ରଶ୍ନଟିର ତୁମେ ଆଦୌ କୌଣସି ଉତ୍ତର ଦେଇ ପାରିବ ନାହିଁ । "ତୁମେ କାହିଁକି ଆଉ କୌଣସି ପ୍ରକାରେ ଗୋଟିଏ କାର୍ଯ୍ୟକୁ ନ କରି ଠିକ୍ ଏହିପରି ଭାବରେ କରୁଛ,"– ମୁଁ ଯଦି ତୁମକୁ ଏହି ପ୍ରଶ୍ନଟିକୁ ପଚାରିବସେ, ତେବେ ତୁମେ ଯେ ତାହାର କି ଉତ୍ତର ଦେବ, ସେ ବିଷୟରେ ତୁମକୁ ଆଦୌ କିଛି ଜଣା ନ ଥିବ । ମାତ୍ର ଏହାର ଉତ୍ତରରେ ଅତ୍ୟନ୍ତ ସହଜରେ ଏହିକଥା କୁହାଯାଇ ପାରିବ ଯେ ତୁମେ କେତେକ ନିର୍ଦ୍ଦିଷ୍ଟ ପାରିପାର୍ଶ୍ୱିକ ସ୍ଥିତିରେ ଜନ୍ମଗ୍ରହଣ କରିଥିଲ, ଏବଂ ତେଣୁ ଅଭ୍ୟସ୍ତ ଭାବରେ ତୁମେ ଏହିସବୁ ଅବସ୍ଥାରେ ଠିକ୍ ଏହିପରିହିଁ ଆଚରଣ କରୁଛ । ନଚେତ୍, ଯଦି ତୁମେ ଆଉ କୌଣସି ଯୁଗରେ ଓ ଅନ୍ୟ ପ୍ରକାର ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଜନ୍ମଗ୍ରହଣ କରିଥା'ନ୍ତ, ତେବେ ତୁମେ ଏକାବେଳେକେ ଅନ୍ୟ ପ୍ରକାର ଆଚରଣହିଁ କରୁଥାନ୍ତ ଏବଂ ଏହି ପାର୍ଥକ୍ୟଟି ବିଷୟରେ ତୁମକୁ ଆଦୌ କିଛିହେଲେ ଜଣା ନ ଥାନ୍ତା; ସେହିପରି କରିବା ତୁମକୁ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକହିଁ ବୋଧ ହେଉଥାନ୍ତା... । ଉଦାହରଣ ସ୍ୱରୂପ, ଏଠାରେ ମୁଁ ଗୋଟିଏ ଅତି ଅତି ସାନ ଉଦାହରଣଟିଏ ଦେବି,– ଅଧିକାଂଶ ପାଶ୍ଚାତ୍ୟ ଦେଶରେ ଓ ଏପରିକି ପ୍ରାଚ୍ୟର କେତେକ ଦେଶରେ ମଧ୍ୟ ଲୋକେ ଏହିପରି ଭାବରେ ଡାହାଣରୁ ବାଆଁକୁ ସିଲାଇ କରନ୍ତି, ନୁହେଁ କି ? ଏବଂ, ଏହିପରି ଡାହାଣରୁ ବାଆଁକୁ ସିଲାଇ କରିବାଟାହିଁ ତୁମକୁ ଭାରି ସ୍ୱାଭାବିକ ବୋଲି ମନେହୁଏ, ନୁହେଁ କି ? ଏହିପରି ସିଲାଇ କରିବାକୁହିଁ ତୁମକୁ ଆରମ୍ଭରୁ ଶିଖାହୋଇଛି ଏବଂ ତୁମେ ସେ ବିଷୟରେ ଆଦୌ କୌଣସି କଥା ନ ଭାବି ସେହିପରି ଡାହାଣରୁ ବାଆଁକୁହିଁ ସିଲାଇ କରିଥାଅ । ଯଦି ତୁମେ କେବେ ଜାପାନ ଦେଶକୁ ଯାଅ ଓ ସେମାନେ କେବେ ତୁମକୁ ଏହିପରି ସିଲାଇ କରୁଥିବାର ଦେଖନ୍ତି, ତେବେ ତାହା ଦେଖି ସେମାନଙ୍କୁ ନିଶ୍ଚୟ ହସ ମାଡ଼ିବ, କାରଣ ସେମାନେ ଏକ ଅନ୍ୟପ୍ରକାରେ ସିଲାଇ କରିବାରେ ଅଭ୍ୟସ୍ତ ହୋଇ ଆସିଛନ୍ତି । ଲେଖିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ତୁମେସବୁ ଏହିପରି ଭାବରେ ବାଆଁରୁ ଡାହାଣକୁ ଲେଖୁଛ; ମାତ୍ର ଆହୁରି ଏପରି ଅନ୍ୟ ଲୋକେ ଅଛନ୍ତି ଯେଉଁମାନେ କି ଉପରୁ ତଳଆଡ଼କୁ ଲେଖନ୍ତି ଏବଂ ଆହୁରି ଅନ୍ୟମାନେ

'oaob.nitrkl.ac.in' images reprocessed

ତାହାଣରୁ ବାଆଁ ଆଡ଼କୁ ବି ଲେଖନ୍ତି । ଏମାନେ ସମସ୍ତେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା କରିଥାନ୍ତି । ବିଭିନ୍ନ ପ୍ରକାରର ଲିଖନ-ଶୈଳୀ ବିଷୟରେ ଯେଉଁମାନେ ଅଧ୍ୟୟନ କରିଛନ୍ତି, ଚିନ୍ତା କରିଛନ୍ତି ଓ ଗୋଟିଏ ଶୈଳୀକୁ ଆଉ ଗୋଟିଏ ଶୈଳୀ ସହିତ ତୁଳନା କରିଛନ୍ତି, ଏଠାରେ ମୁଁ ସେମାନଙ୍କ କଥା କହୁ ନାହିଁ । ମୁଁ ଅଳ୍ପ ବା ବହୁତ ପରିମାଣରେ ପାଣ୍ଡିତ୍ୟ ହାସଲ କରିଥିବା ଲୋକଙ୍କ ବିଷୟରେ କହୁ ନାହିଁ । ନା,— ମୁଁ ବିଲକୁଲ ସାଧାରଣ ଲୋକମାନଙ୍କ କଥା କହୁଛି, ଏବଂ ସର୍ବୋପରି ସାନ ପିଲାମାନଙ୍କ କଥା କହୁଛି, ଯେଉଁମାନେ କି, ସେମାନଙ୍କ ଚାରିପାଖରେ ଯାହାକିଛି କରା ଯାଉଥାଏ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆଦୌ କୌଣସି ସଂଶୟ ପ୍ରକାଶ ନ କରି ଠିକ୍ ସେହିସବୁ କାର୍ଯ୍ୟକୁ କରିଥା'ନ୍ତି । ମାତ୍ର ତା'ପରେ, ଯେତେବେଳେ ଦୈବାତ୍ ସେମାନେ ଆଉଏକ ପରିସ୍ଥିତିରେ ଏକ ପୃଥକ୍ ରୀତିର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନଙ୍କର ଭ୍ରମଭଙ୍ଗ କରି ଏହି ବିରାଟ ସତ୍ୟଟି ଆବିଷ୍କୃତ ହେବାକୁ ଲାଗେ ଯେ ସେମାନେ କୌଣସି କାର୍ଯ୍ୟକୁ ଯେପରି ଭାବରେ କରି ଆସିଛନ୍ତି, ତାହାଠାରୁ ଭିନ୍ନ ଆଉ ଗୋଟିଏ ପ୍ରକାରେ ମଧ୍ୟ ସେହି କାର୍ଯ୍ୟଟିକୁ କରାଯାଇ ପାରିବ ।

ଏଗୁଡ଼ାକ ଅତି ସାଧାରଣ କଥା ଓ ତୁମେମାନେ ସର୍ବଦା ଏହିସବୁ ଦୃଷ୍ଟାନ୍ତର ସମ୍ମୁଖୀନ ହୋଇଥାଅ; ମାତ୍ର କ୍ଷୁଦ୍ରତମ ଟିକିନିଖିର ସ୍ତର ପର୍ଯ୍ୟନ୍ତ ବି ଏହାକୁହିଁ ସତ୍ୟକଥା ବୋଲି କୁହାଯିବ । ତୁମେ ଏହି ପ୍ରକାରେହିଁ ଯାବତୀୟ କାର୍ଯ୍ୟକୁ କରୁଛ, କାରଣ ତୁମେମାନେ ଯେଉଁ ସ୍ଥାନରେ ଓ ଯେଉଁ ପରିବେଷ୍ଟନୀ ମଧ୍ୟରେ ବାସ କରୁଛ, ସେହିସବୁ କାର୍ଯ୍ୟ ଠିକ୍ ସେହିପ୍ରକାରେହିଁ କରାଯାଉଛି । ଏବଂ, ସେହିସବୁ କାର୍ଯ୍ୟକୁ କରୁଥିବା ବେଳେ ତୁମେମାନେ ନିଜ ଉପରେ କୌଣସି ଦୃଷ୍ଟିପାତ କରୁ ନାହଁ ।

ବସ୍ତୁତଃ, ତୁମେମାନେ ନିଶ୍ଚୟ ବୁଝିପାରିବ, ଅସଲ ପରମ ମୂଳଟି ହେଉଛି ସେହି ଗୋଟିଏ, ମାତ୍ର ଏହି ସୃଷ୍ଟି ହିଁ ଅନେକ ଓ ବହୁବିଧ ହେବ ବୋଲି ଅଭିପ୍ରେତ ହୋଇ ରହିଥିଲା । ଏବଂ ଏହି ବହୁବିଧତା ଯେ ପ୍ରକୃତରେ ବହୁବିଧ, ତାହାକୁ ସେହି ବିଷୟରେ ସଚେତନ କରାଇପାରିବା ଲାଗି ନିଶ୍ଚୟ ପ୍ରଭୂତ ପ୍ରୟାସର ଆବଶ୍ୟକତା ହୋଇ ଆସିଥିବ ।

ଏବଂ, ଯଦି ଆମେ ମନୋଯୋଗ ସହିତ ଦୃଷ୍ଟିପାତ କରିପାରିବା, ତେବେ ଉପଲବ୍ଧି କରିପାରିବା ଯେ, ଯଦି ସୃଷ୍ଟି ଆପଣାର ଅସଲ ମୂଳଟିକୁ ମନେ ରଖି ପାରିଥାନ୍ତା, ତେବେ ତାହା ସମ୍ଭବତଃ କଦାପି ଏକ ନାନା ପାର୍ଥକ୍ୟଯୁକ୍ତ ବହୁବିଧତାରେ ପରିଣତ ହୋଇ ନ ଥା'ନ୍ତା । ତେବେ ପ୍ରତ୍ୟେକ ସତ୍ତାର କେନ୍ଦ୍ରସ୍ଥଳରେ ପରିପୂର୍ଣ୍ଣ ଏକତ୍ୱର ବୋଧଟି ଅବଶ୍ୟ ରହିଥା'ନ୍ତା ଏବଂ,— ସମ୍ଭବତଃ,— ଏହି ପାର୍ଥକ୍ୟଟି ମଧ୍ୟ କଦାପି ପ୍ରକଟ ହେଉ ନ ଥା'ନ୍ତା ।

ଏକତ୍ୱ ବିଷୟରେ ଏହି ସ୍ମରଣଟି ହଜିଯିବାରୁହିଁ ପାର୍ଥକ୍ୟ ବିଷୟରେ ସଚେତନ ହେବାର ସମ୍ଭାବନାଟି ଜନ୍ମଲାଭ କଲା; ଏବଂ ଯେତେବେଳେ ତୁମେ ଅନ୍ୟ ପ୍ରାନ୍ତରେ ଅବସ୍ଥିତ

'oaob.nitrkl.ac.in' images reprocessed

ଅଚେତନ ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବ, ସେତେବେଳେ ତୁମେ ପୁନର୍ବାର ଏପରି ଏକ ପ୍ରକାରର ଏକତ୍ୱ ମଧ୍ୟକୁ ଫେରିଆସି ପାରିବ, ଯାହାକି ଆପଣା ବିଷୟରେ ଅଚେତନ ହୋଇ ରହିଛି, ଯେଉଁ ଏକତ୍ୱଟି କି ଆପଣା ମୂଳରେ ଯେମିତି ଅନଭିବ୍ୟକ୍ତ ହୋଇ ରହିଥାଏ, ଏହି ପାର୍ଥକ୍ୟ ମଧ୍ୟରେ ବି ଠିକ୍ ସେହିପରି ଅନଭିବ୍ୟକ୍ତ ହୋଇ ରହିଛି ।

ଉଭୟ ପ୍ରାନ୍ତରେହିଁ ସେହି ପାର୍ଥକ୍ୟର ଅନୁପସ୍ଥିତି ରହିଛି । ଗୋଟିଏ କ୍ଷେତ୍ରରେ ଏକତ୍ୱ ବିଷୟରେ ରହିଥିବା ଏକ ପରମ ଚେତନା ହେତୁ ତାହା ସମ୍ଭବ ହେଉଛି ଏବଂ ଅନ୍ୟ କ୍ଷେତ୍ରଟିରେ ଏକତ୍ୱ ବିଷୟରେ ଏକ ପରିପୂର୍ଣ୍ଣ ଅଚେତନତା ହେତୁହିଁ ତାହା ହୋଇପାରୁଛି ।

ଆକାରର କ୍ଷେତ୍ରରେ ଯେଉଁ ଅପରିବର୍ତ୍ତନୀୟତା ରହିଛି, ତାହାକୁହିଁ ସାଧନରୂପେ ବ୍ୟବହାର କରି ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଆପଣାକୁ ଆକାର ଦେଇ ପାରୁଛି ।

ଏ ବିଷୟରେ ତେବେ ଏତିକି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

## ୬ ମାର୍ଚ୍ଚ ୧୯୫୭

ମୋ'ର ଆଖି ଭଲ ନ ଥିବାରୁ* ମୁଁ ଆଜି ନିଜେ କିଛି ପଢ଼ି ପାରିବି ନାହିଁ । ମାତ୍ର, ଗତ ସପ୍ତାହରେ ମୁଁ ଯାହା ଏଠାରେ ପଢ଼ିଥିଲି, ମୋତେ ସେହି ବିଷୟରେ ଗୋଟିଏ ପ୍ରଶ୍ନ ପଚରା ଯାଇଛି । ଆଜି ସନ୍ଧ୍ୟାରେ ମୁଁ ସେହି ପ୍ରଶ୍ନଟିର ଉତ୍ତର ଦେବି । ପବିତ୍ର, ତୁମେ ଅନୁଗ୍ରହ କରି ପ୍ରଶ୍ନଟି ପଢ଼ିବ କି ?

> *(ପବିତ୍ର ପଢ଼ିଲେ) ଏହି ବାକ୍ୟଗୁଡ଼ିକର ଅର୍ଥ କ'ଣ : "ସତ୍ତା ମଧ୍ୟରେ ଯେଉଁ ଅନନ୍ତ ଏକତ୍ୱ ରହିଛି, ସ୍ୱତନ୍ତ୍ରତା ହେଉଛି ତାହାରି ବିଧାନ, ତାହାହିଁ ହେଉଛି ସମଗ୍ର ପ୍ରକୃତିର ପ୍ରଚ୍ଛନ୍ନ ଅନୁମନ୍ତା ଓ ସ୍ୱାମୀ : ଅନେକତ୍ୱ ମଧ୍ୟରେ ରହିଥିବା ଆପଣାର ଅନ୍ୟ ଆତ୍ମରୂପ ଗୁଡ଼ିକର କ୍ରୀଡ଼ାରେ କାମରେ ଲାଗି ପାରିବାକୁ ସତ୍ତା ମଧ୍ୟରେ ରହିଥିବା ପ୍ରେମ ଆପଣାକୁ ଯେଉଁ ସ୍ୱତଃପ୍ରବୃତ୍ତ ଭାବରେ ଦେବାରେ ଲାଗିଛି, ତାହାରି ବିଧାନକୁ ଦାସତ୍ୱ ବୋଲି କୁହାଯିବ ।"*
>
> ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା– ୩୮୬

ହଠାତ୍ ଉପରୁ ଦେଖିଲା ବେଳକୁ ଏହି ଦୁଇଟିଯାକ କଥା ସମ୍ପୂର୍ଣ୍ଣ ଭାବରେ ପରସ୍ପରବିରୋଧୀ ପରି ମନେ ହେଉଛି, ଦୁଇଟି ମଧ୍ୟରେ ଆଦୌ କୌଣସି ସଂଗତି ନ ଥିଲା ପରି ଲାଗୁଛି । ଜଣେ ବ୍ୟକ୍ତି କିପରି ଏକାବେଳେକେ ସ୍ୱତନ୍ତ୍ର ରହିପାରିବ ଏବଂ ତଥାପି ଦାସତ୍ୱକୁ ବରଣ କରି ନେଇପାରିବ, ବାହାରୁ ସେକଥାଟି କଳ୍ପନା ବି କରାଯାଇ ପାରିବ ନାହିଁ । ମାତ୍ର ଏପରି ଏକ ମନୋଦୃଷ୍ଟି ଅବଶ୍ୟ ରହିଛି, ଯେଉଁଥିରେକି ଦୁଇଟିଯାକର ସମାବେଶ ଓ ସମାଧାନ ସମ୍ଭବ ହୋଇପରିବ, ଯାହା ଦ୍ୱାରା ସେହି ଦୁଇଟି ଯାକକୁ ପାର୍ଥିବ ଜୀବନର ଏକ ମହତ୍ତମ ସୁଖ ସ୍ଥିତିରେ ପରିଣତ କରାଯାଇ ପାରିବ ।

ସ୍ୱତନ୍ତ୍ରତାକୁ ଗୋଟାଏ ପ୍ରକାରର ସହଜାତ ପ୍ରବୃତ୍ତିଗତ ଆବଶ୍ୟକତା ବୋଲି କୁହାଯିବ, ସତ୍ତାର ସର୍ବାଙ୍ଗୀଣ ବିକାଶ ଲାଗି ତାହାକୁ ଏକ ଆବଶ୍ୟକତା ବୋଲି କୁହାଯିବ । ମୂଳତଃ ସ୍ୱତନ୍ତ୍ରତା ହେଉଛି ଉଚ୍ଚତମ ଚେତନାର ଏକ ପରିପୂର୍ଣ୍ଣ ଉପଲବ୍ଧି, ପରମ ଏକତ୍ୱର

---

*ଏହା ପୂର୍ବରୁ ଫେବ୍ରୁଆରି ୨୭ ତାରିଖ ଦିନ ପ୍ରଥମେ କିଛି ପାଠ କରାଯାଇଥିଲା ଓ ତା'ପରେ ଧ୍ୟାନ ହୋଇଥିଲା । ସେଦିନ ଆଉ କୌଣସି ପ୍ରବଚନ ହୋଇ ନ ଥିଲା । ନଭେମ୍ବର ୨୪ ତାରିଖର ଦର୍ଶନ ଦିନଠାରୁ ମାଆଙ୍କର ବାମ ଚକ୍ଷୁରେ ଈଷତ୍ ରକ୍ତସ୍ରାବ ହେଉଥିଲା ।

'oaob.nitrkl.ac.in' images reprocessed

ଏବଂ ପରମେଶ୍ୱରଙ୍କର ସହିତ ସମ୍ମିଳିତ ହେବାର ଏକ ଅଭିବ୍ୟକ୍ତି । ସ୍ୱତନ୍ତ୍ରତା ହେଉଛି ଯଥାର୍ଥରେ ସେହି ପରମ ଉତ୍ସରହିଁ ବୋଧ, ତାହାହିଁ ତାହାର ପରିପୂର୍ଣ୍ଣତା । ମାତ୍ର, ସେହି ପରମ ଏକତ୍ୱ ଏହି ଅନେକ— ଏହି ବହୁବିଧତା— ମଧ୍ୟରେ ଆପଣାକୁ ପ୍ରକଟକରି ରଖିଥିବାରୁ, ମଝିରେ ଏପରି କିଛି ରହିଥିବା ଦରକାର, ଯାହାକି ସେହି ପରମ ଉତ୍ସ ଏବଂ ତାହାର ଅଭିବ୍ୟକ୍ତି ମଧ୍ୟରେ ଏକ ସଂଯୋଜକ ପରି କାର୍ଯ୍ୟ କରିପାରିବ; ଏବଂ ସବୁଠାରୁ ଅଧିକ ପରିପୂର୍ଣ୍ଣତା ଦେଇ ଯେଉଁ ସଂଯୋଜକ ଉପାଦାନଟିର କଳ୍ପନା କରାଯାଇ ପାରିବ, ତାହା ହେଉଛି ପ୍ରେମ । ଏବଂ, ସେହି ପ୍ରେମର ସର୍ବପ୍ରଥମ ସଙ୍କେତଟି କ'ଣ କହିଲ ? ତାହା ହେଉଛି ଆପଣାକୁ ଦେଇଦେବା, ସେବାନୁଗତ ହୋଇ ରହିବା; ଏହାର ସ୍ୱତଃସ୍ଫୂର୍ତ୍ତ, ତତ୍କାଳୀନ ଏବଂ ଅନିବାର୍ଯ୍ୟ ଗତିଶୀଳତା ରୂପେ ଆମେ ପ୍ରକୃତରେ କାହାକୁ ଜାଣିବା ? ଆମେ ତାହାକୁ ସେବା ବୋଲିହିଁ ଜାଣିବା; ତାହାକୁ ଆମେ ଏକ ଆନନ୍ଦ ଦ୍ୱାରା ପ୍ରେରିତ ହେଉଥିବା ପରିପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଆତ୍ମଦାନ ସହିତ ସେବାରତ ହୋଇ ରହିବା ବୋଲି ଜାଣିବା ।

ତେଣୁ ସେଗୁଡ଼ିକର ବିଶୁଦ୍ଧ ରୂପ ଓ ସତ୍ୟ-ରୂପର କ୍ଷେତ୍ରରେ ଏହି ଦୁଇଟି ଜିନିଷ,— ସ୍ୱତନ୍ତ୍ରତା ଏବଂ ସେବା— ଆଦୌ ପରସ୍ପରର ବିରୋଧୀ ନୁହନ୍ତି, ସେମାନେ ପରସ୍ପରର ପରିପୂରକ । ସର୍ବୋଚ୍ଚ ପରମ ସତ୍ୟଟି ସହିତ ସମ୍ପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ପାରିବାରେହିଁ ପରିପୂର୍ଣ୍ଣ ସ୍ୱତନ୍ତ୍ରତା ନିହିତ ହୋଇ ରହିଛି; କାରଣ, ଯାବତୀୟ ଅଜ୍ଞାନ ଓ ଯାବତୀୟ ଅଚେତନାକୁ କେବଳ ଏକ ଦାସତ୍ୱ ବା ବନ୍ଧନ ବୋଲି କୁହାଯିବ ଯାହାକି ତୁମର ସାମର୍ଥ୍ୟକୁ ବ୍ୟାହତ କରି ଦେଉଥାଏ, ତୁମକୁ ନାନା ସୀମା ମଧ୍ୟରେ ଆବଦ୍ଧ କରିରଖେ ଓ ଶକ୍ତିହୀନ କରିପକାଏ । ତୁମ ଭିତରେ ରହିଥିବା ଏତେ ଟିକିଏ ଅଜ୍ଞାନକୁ ମଧ୍ୟ ଏକ ସୀମାବଦ୍ଧତା ବୋଲି କୁହାଯିବ, ସେହି ଅଜ୍ଞାନଟି ରହିଥିବା ପର୍ଯ୍ୟନ୍ତ ତୁମେ କଦାପି ସ୍ୱତନ୍ତ୍ର ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ସତ୍ତାମଧ୍ୟରେ ଅଚେତନାର ଏକ ଉପାଦାନ ମହଜୁଦ ରହିଥିବ, ସେପର୍ଯ୍ୟନ୍ତ, ତାହା କେବଳ ଏକ ସୀମାବଦ୍ଧତା ଓ ଏକ ବନ୍ଧନ ପରିହିଁ କାର୍ଯ୍ୟ କରୁଥିବ । କେବଳ ସର୍ବୋଚ୍ଚ ସତ୍ୟ ସହିତ ପରିପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ପାରିଲେହିଁ ମରିପୂର୍ଣ୍ଣ ସ୍ୱତନ୍ତ୍ରତା ସମ୍ଭବ ହୋଇପାରିବ । ଏବଂ, କେବଳ ଏକ ସ୍ୱତଃସ୍ଫୂର୍ତ୍ତ ଅନ୍ତଃପ୍ରେରିତ ଆତ୍ମଦାନ ବ୍ୟତୀତ ଏହି ସମ୍ମିଳନ ଆଉ କିପରି ସମ୍ଭବ ହେବ ? ପ୍ରେମପୂର୍ବକ ଦାନ ବ୍ୟତୀତ ତାହା କିପରି ସମ୍ଭବ ହେବ ? ଏବଂ, ମୁଁ ଯେପରି କହୁଥିଲି, ପ୍ରେମର ସର୍ବପ୍ରଥମ ସଙ୍କେତ ଓ ସର୍ବପ୍ରଥମ ଅଭିବ୍ୟକ୍ତି ହେଉଛି ସେବା ।

ଏହିପରି ଭାବରେ ପରମସତ୍ୟର ଭୂମିରେ ଦୁଇଟିଯାକ ଏକତ୍ୱବଦ୍ଧ ହୋଇ ରହିଛନ୍ତି । ମାତ୍ର ଏହି ପୃଥିବୀରେ, ଅଜ୍ଞାନ ଏବଂ ଅଚେତନାର ଏହି ଜଗତରେ, ଯେଉଁ

'oaob.nitrkl.ac.in' images reprocessed

ସେବାନୁରକ୍ତି ସ୍ୱତଃସ୍ଫୂର୍ତ୍ତ ହୋଇଥା'ନ୍ତା, ପ୍ରେମମୟ ହୋଇଥା'ନ୍ତା, ପ୍ରେମରହିଁ ଏକ ଅଭିବ୍ୟକ୍ତି ହୋଇ ରହିଥା'ନ୍ତା, ତାହା ସଚେଅବା ଉପରୁ ଲଦାହୋଇ ରହିବା ପରି ରହିଛି, କୌଣସି ପ୍ରକାରେ ଏଡ଼ି ଦିଆଯାଇ ପାରୁ ନ ଥିବା ଏକ ଆବଶ୍ୟକତା ହୋଇ ରହିଛି, ଜୀବନର କେବଳ ରକ୍ଷଣ ଲାଗିହିଁ ସେହି ସେବା କରାଯାଉଛି, ଜୀବନକୁ ଚାଲୁ ରଖିବା ନିମିତ୍ତହିଁ କରାଯାଉଛି । ଏବଂ ଏହିପରି ଭାବରେ ତାହା ଏକ କୁତ୍ସିତ ଓ ଶୋଚନୀୟ ବସ୍ତୁରେ ପରିଣତ ହୋଇ ରହିଛି,– ଏକ ହାସ୍ୟାସ୍ପଦ ବସ୍ତୁ ହୋଇ ରହିଛି । ଯାହା ଏକ କୁସୁମାୟନ ଓ ଆନନ୍ଦର କାରଣ ହୋଇ ରହିଥା'ନ୍ତା, ତାହା ଏକ କୁତ୍ସିତତାରେ ପରିଣତ ହୋଇଛି, ଏକ ଦୁଃଚିନ୍ତାରେ ପରିଣତ ହୋଇଛି, ଏକ ଘୃଣ୍ୟ ବାଧ୍ୟବାଧକତାରେ ପରିଣତ ହୋଇଛି । ଏବଂ, ଏହି ଅନ୍ୟ ବୋଧଟି ଅର୍ଥାତ୍ ସ୍ୱତନ୍ତ୍ରତାର ପ୍ରୟୋଜନଟି ମଧ୍ୟ ଭାରି ବିକୃତ ହୋଇ ପଡ଼ିଛି ଏବଂ ବନ୍ଧନ କାଟି ମୁକ୍ତ ହୋଇଯିବାର ସେହି ପ୍ରକାରର ଏକ ପିପାସାରେ ମଧ୍ୟ ପରିଣତ ହୋଇଛି, ଯାହାକି ଆମକୁ ସିଧା ଏକ ବିଦ୍ରୋହର ସ୍ଥିତିରେ ଆଣି ପହଞ୍ଚାଇ ଦେଉଛି, ବିଚ୍ଛିନ୍ନ ଓ ବିଲଗ ହୋଇ ଯିବାର ଏକ ସ୍ଥିତିରେ ଆଣି ପକାଇ ଦେଉଛି; ଅର୍ଥାତ୍ ଅସଲ ସ୍ୱତନ୍ତ୍ରତାର ଠିକ୍ ବିପରୀତ ଏକ ସ୍ଥିତିରେ ଆଣି ପହଞ୍ଚାଇଛି ।

ଆଉ ସର୍ବପ୍ରକାର ବନ୍ଧନରୁ ମୁକ୍ତ ହେବା !... "ମୁଁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନ ହେବାକୁ ଚାହେଁ, ମୁଁ ହେଉଛି ଏକ ସ୍ୱାଧୀନ ସତ୍ତା ! କେବଳ ସ୍ୱାଧୀନ ହୋଇ ରହିଥିବା ବେଳେହିଁ ମୁଁ ପ୍ରକୃତରେ ବଞ୍ଚିଛି ବୋଲି କୁହାଯାଇ ପାରିବ !" ବୋଲି କହୁଥିବା ଜଣେ ବ୍ୟକ୍ତିଙ୍କୁ ଜଣେ ଗୂଢ଼ବିଦ୍ୟାବାଦୀ ମୁନି ଯେଉଁ ସୁନ୍ଦର ଉତ୍ତରଟି ଦେଇଥିଲେ, ସେଇଟିକୁ ଶୁଣିଥିବାର ମୋର ସବୁବେଳେ ମନେ ରହିବ । ସେ ଉତ୍ତର ଦେଇ କହିଥିଲେ, "ତେବେ ତାହାର ଅର୍ଥ ହେବ ଯେ ତୁମକୁ ଆଉ କେହି ଭଲ ପାଇବେ ନାହିଁ; କାରଣ ଯଦି ତୁମକୁ କେହି ଭଲ ପାଇବ, ତେବେ ତୁମେ ତତ୍‌କ୍ଷଣାତ୍ ତାହାର ଏହି ପ୍ରେମ ଉପରେ ନିର୍ଭର କରିବାକୁ ମଧ୍ୟ ଆରମ୍ଭ କରିବ ।"

ଏଇଟି ଭାରି ସୁନ୍ଦର ଉତ୍ତର; କାରଣ, ଏହି ପ୍ରେମହିଁ ଆମକୁ ସେହି ପରମ ଏକତ୍ୱ ଆଡ଼କୁ ପରିଚାଳିତ କରି ନେଇଯାଏ ଏବଂ ସେହି ଏକତ୍ୱ ହେଉଛି ସ୍ୱାଧୀନତାର ଯଥାର୍ଥ ଅଭିବ୍ୟକ୍ତି । ଏବଂ, ସେହି କାରଣରୁ, ଯେଉଁମାନେ ସ୍ୱାଧୀନ ଓ ସ୍ୱତନ୍ତ୍ର ହୋଇ ରହିବାଲାଗି ସେମାନଙ୍କର ଯେଉଁ ଅଧିକାର ରହିଛି, ତାହାରି ବଳରେ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିବାକୁ ଦାବି କରିବସନ୍ତି, ସେମାନେ ପ୍ରକୃତରେ ଏହି ଅସଲ ସ୍ୱାଧୀନତାକୁ ପ୍ରତ୍ୟାଖ୍ୟାନ କରି ଚାଲି ଯାଇଥା'ନ୍ତି । କାରଣ ସେମାନେ ପ୍ରେମକୁ ବି ପ୍ରତ୍ୟାଖ୍ୟାନ କରି ଚାଲିଯାଆନ୍ତି ।

ଏହି ନିରୋଧ ଓ ସଙ୍କୁଚନରୁହିଁ ବିକୃତି ଜାତ ହୋଇଥାଏ ।

'oaob.nitrkl.ac.in' images reprocessed

ଆମେ କେହିହେଲେ ବାଧ ହୋଇ ଭଲ ପାଇ ପାରିବା ନାହିଁ, ଭଲ ପାଇବା ଲାଗି ଆମକୁ କେହି କଦାପି ବାଧ କରିପାରିବ ନାହିଁ, କାରଣ ସେପରି ହେଲେ ତାହା ଆଉ ପ୍ରେମ ହୋଇ ରହିବ ନାହିଁ । ତେଣୁ, କୌଣସି ବାଧବାଧକତା ଯେମିତି ଆସି ପହଞ୍ଚିଯାଏ, ସେମିତି ସକଳ ପ୍ରେମ ଏକ ମିଥ୍ୟାରେ ପରିଣତ ହୋଇଯାଏ । ଅନ୍ତଃସତ୍ତାର ସକଳ ଗତିଶୀଳତା କେବଳ ସ୍ୱତଃସ୍ଫୂର୍ତ୍ତ ଗତିଶୀଳତା ହୋଇ ରହିଥିବା ଉଚିତ; ଯେଉଁ ସ୍ୱତଃସ୍ଫୂର୍ତ୍ତତା ଏକ ଅନ୍ତର୍ଗତ ସମତାବସ୍ଥାରୁ ସମ୍ଭବ ହୋଇଥାଏ, ଏକ ପୂର୍ଣ୍ଣ ବୋଧରୁ ସମ୍ଭବ ହୁଏ,— ଏକ ସ୍ୱେଚ୍ଛାକୃତ ଆତ୍ମନିବେଦନ ଯାହାକୁ ପ୍ରେରିତ କରି ନେଇଆସେ, ଯେଉଁ ସ୍ୱତଃସ୍ଫୂର୍ତ୍ତତା ଆମକୁ ଗଭୀରତର ସତ୍ୟଟି ପାଖକୁ ବାହୁଡ଼ାଇ ଆଣେ, ସତ୍ତାର ଯଥାର୍ଥ ସତ୍ୟ ପାଖକୁ, ପରମ ଉତ୍ସ ଏବଂ ପରମ ଲକ୍ଷ୍ୟଟି ପାଖକୁ ବାହୁଡ଼ାଇ ନେଇଆସେ, ଅନ୍ତଃସତ୍ତାର ଯାବତୀୟ ଗତିସ୍ପନ୍ଦନ ତାହାରି ଦ୍ୱାରାହିଁ ସନ୍ଦିତ ହୋଇପାରିବା ଉଚିତ ।

'oaob.nitrkl.ac.in' images reprocessed

## ୮ ମାର୍ଚ୍ଚ ୧୯୫୭

ଶୁକ୍ରବାରର କ୍ଲାସ୍‌ଗୁଡ଼ିକରେ ସାଧାରଣତଃ ପିଲାମାନଙ୍କୁ କିଛି ପଢ଼ାଇ ଶୁଣାଇ ଦିଆଯାଏ; ମାତ୍ର ଏଥର ସେହିପରି ଏକ କ୍ଲାସରେ ମାଆ ସମସ୍ତଙ୍କ ଆଗରେ ଏହି ଗପଟିକୁ କହିଥିଲେ ।

### *ବୌଦ୍ଧଧର୍ମରୁ ଗୋଟିଏ ଗପ*

ଆଜି ସନ୍ଧ୍ୟାରେ ମଧ୍ୟ ମୁଁ ତୁମମାନଙ୍କୁ କିଛି ପଢ଼ି ଶୁଣାଇପାରିବି ନାହିଁ । ଆଜି ଗୋଟିଏ ଗପ କହିବି । ଗପଟି ବୌଦ୍ଧଧର୍ମରୁ ଆସିଛି ଓ ତୁମେମାନେ ବୋଧହୁଏ ସେଇଟିକୁ ଆଗରୁ ଶୁଣିଛ । ଏହି ଗପଟି ଏକ ଆଧୁନିକ ଗପ, ତଥାପି ତାହା ପ୍ରାମାଣିକ । ତୁମେମାନେ ସମ୍ଭବତଃ ଜାଣିଛ ଯେ ଶ୍ରୀମତୀ ଜ. ହେଉଛନ୍ତି ଜଣେ ଜଣାଶୁଣା ବୌଦ୍ଧଧର୍ମାବଲମ୍ବୀ; ବିଶେଷତଃ ଏଇଥିଲାଗି ଜଣାଶୁଣା ଯେ ଇଉରୋପୀୟ ନାରୀମାନଙ୍କ ମଧ୍ୟରୁ ସିଏ ସର୍ବପ୍ରଥମେ ଲାସାରେ ପ୍ରବେଶ କରିଥିଲେ । ତାଙ୍କର ତିବ୍‌ବତ ଯାତ୍ରାର ପଥରେ ତାଙ୍କୁ ଯେଉଁ ଅନେକ ବିପଦ ଅତିକ୍ରମ କରିବାକୁ ପଡ଼ିଥିଲା, ସେହି ଯାତ୍ରା ଅତ୍ୟନ୍ତ ଦୁଃସାହସପୂର୍ଣ୍ଣ ବି ଥିଲା । ତାଙ୍କର ସେହି ଯାତ୍ରାର ଅନେକ ଘଟଣା ମଧ୍ୟରୁ ମୋତେ ସେ ଗୋଟିଏ କହିଛନ୍ତି ଏବଂ ଆଜି ସନ୍ଧ୍ୟାରେ ମୁଁ ସେଇଟିକୁହିଁ ତୁମମାନଙ୍କ ଆଗରେ କହିବାକୁ ଯାଉଛି ।

ଏକ କାରାଭାନ୍‌ରେ ଯାଉଥିଲା ପରି ଶ୍ରୀମତୀ ଜ. କେତେଜଣ ସହଯାତ୍ରୀଙ୍କର ଗୋଟିଏ ଦଳ ଭିତରେ ଯାଉଥିଲେ ଏବଂ ଇଣ୍ଡୋଚୀନ୍ ମଧ୍ୟଦେଇ ତିବ୍‌ବତରେ ପ୍ରବେଶ କରିବା ଅପେକ୍ଷାକୃତ ଅଧିକ ସହଜ ହୋଇଥିବାରୁ, ସେମାନେ ସେହି ବାଟଦେଇ ଆସୁଥିଲେ । ଇଣ୍ଡୋଚୀନ୍‌ରେ ବୃହତ୍ ଜଙ୍ଗଲମାନ ଭର୍ତ୍ତି ହୋଇ ରହିଛି । ଏହି ଜଙ୍ଗଲଗୁଡ଼ିକ ଭିତରେ ବାଘ ଅଛନ୍ତି, ଏବଂ ସେମାନଙ୍କ ମଧ୍ୟରୁ କେତେକ ବାଘ ମଣିଷଖିଆ ବି ହୋଇ ଯାଆନ୍ତି । ବାଘ ମଣିଷଖିଆ ହୋଇଗଲେ ସେତେବେଳେ ତାଙ୍କୁ "ଶ୍ରୀଯୁକ୍ତ ବ୍ୟାଘ୍ର" ବୋଲି କୁହା ଯାଉଥିଲା ।

ଦିନେ ଅନେକବେଳୁ ସନ୍ଧ୍ୟା ହୋଇଗଲାଣି, ସେମାନେ ସମସ୍ତେ ଏକ ଘୋର ଜଙ୍ଗଲ ଅତିକ୍ରମ କରି ଯାଉଥା'ନ୍ତି । ନିରାପଦ ଭାବରେ ରାତିରେ ଡେରା ପକାଇ ରହିବାକୁ ହେଲେ ସେମାନଙ୍କୁ ଜଙ୍ଗଲଟିକୁ ପାର ହୋଇ ଯିବାକୁହିଁ ପଡ଼ିବ । ଏହି ସମୟରେ ତାଙ୍କର ଧ୍ୟାନର ସମୟ ଆସି ହୋଇଗଲାଣି ବୋଲି ଶ୍ରୀମତୀ – ଙ୍କର ମନେ ପଡ଼ିଗଲା । ସେ

'oaob.nitrkl.ac.in' images reprocessed

ଭାରି ନିୟମିତ ଭାବରେ ଧ୍ୟାନର ନିର୍ଦ୍ଦିଷ୍ଟ ସମୟଗୁଡ଼ିକରେ ଧ୍ୟାନ କରି ବସୁଥିଲେ; ଏଥିରେ ସେ କେବେହେଲେ ବ୍ୟତିକ୍ରମ କରୁ ନ ଥିଲେ । ଏବଂ ବର୍ତ୍ତମାନ ଧ୍ୟାନର ସମୟ ହୋଇଯିବାରୁ ସିଏ ସାଥୀମାନଙ୍କୁ କହିଲେ, "ଆପଣମାନେ ଆଗେଆଗେ ଯାଉଥା'ନ୍ତୁ, ମୁଁ ଏଇଠି ବସି ଧ୍ୟାନ କରିନେବି, ଏବଂ ଧ୍ୟାନ ସାରି ପୁଣି ଆପଣମାନଙ୍କ ସହିତ ଯାଇ ମିଶିବି । ଏହା ମଧ୍ୟରେ ଆପଣମାନେ ପରବର୍ତ୍ତୀ ସ୍ଥାନଟିରେ ପହଞ୍ଚି ଡେରା ପକାଇବା ଅରମ୍ଭ କରି ଦିଅନ୍ତୁ ।" ଦଳର ଜଣେ କୁଲି ସେକଥା ଶୁଣି କହିଲା, "ନାଇଁ ଆଜ୍ଞା, ସେକଥା ମୋଟେ ହୋଇପାରିବ ନାହିଁ, ମୋଟେ, ମୋଟେ ହୋଇ ପାରିବ ନାହିଁ;" – ସେହି ଲୋକଟି ସ୍ୱଭାବତଃ ତା'ର ନିଜ ଭାଷାରେହିଁ କହିଲା, ମାତ୍ର ଠିକ୍ ଜଣେ ତିବ୍ବତୀ ଲୋକ ପରି ଶ୍ରୀମତୀ–ଙ୍କର ତିବ୍ବତୀ ଭାଷାରେ ପାରଦର୍ଶିତା ରହିଥିଲା, – "ସେକଥା କଦାପି ହେବ ନାହିଁ । ଏହି ଜଙ୍ଗଲରେ ଗୋଟିଏ ମଣିଷଖିଆ ବ୍ୟାଘ୍ର ରହିଛି । ଠିକ୍ ବର୍ତ୍ତମାନହିଁ ତା'ର ବାହାରକୁ ବାହାରି ଶିକାର ଧରିବାର ବେଳ ହୋଇଗଲାଣି ।" ଶ୍ରୀମତୀ – ଉତ୍ତର ଦେଲେ ଯେ ସିଏ ଏହି ବିଷୟରେ ଆଦୌ କିଛିହେଲେ ଚିନ୍ତା କରୁ ନାହାନ୍ତି, କାରଣ ତାଙ୍କଲାଗି ନିରାପଦରେ ଯିବା ଅପେକ୍ଷା ଧ୍ୟାନର ମୂଲ୍ୟ ଅନେକ ଅଧିକ ଥିଲା । ତେଣୁ ସେମାନେ ସମସ୍ତେ ଚାଲିଯାଆନ୍ତୁ ଓ ସିଏ ସେଠାରେ ଏକୁଟିଆ ରହିବେ ବୋଲି ଇଚ୍ଛା କରୁଛନ୍ତି ।

ଆଦୌ ଇଚ୍ଛା ନ ଥିଲେ ମଧ୍ୟ ସେମାନେ ସମସ୍ତେ ଆଗକୁ ବାହାରିଗଲେ, କାରଣ ଶ୍ରୀମତୀ – ଙ୍କ ସହିତ ଯୁକ୍ତି କରିବା ଆଦୌ ସମ୍ଭବ ନ ଥିଲା । ସିଏ ଯାହା କରିବେ ବୋଲି ଥରେ ସ୍ଥିର କରି ନେଉଥିଲେ, କୌଣସି କଥା ତାଙ୍କୁ ତାହା କରିବାରୁ କଦାପି ନିବୃତ୍ତ କରି ପାରୁ ନ ଥିଲା । ତେଣୁ ଅନ୍ୟମାନେ ଚାଲିଗଲେ ଓ ସେ ଶାନ୍ତ ହୋଇ ଗୋଟିଏ ଗଛମୂଳରେ ବସି ଧ୍ୟାନସ୍ଥ ହେଲେ । କିଛି ସମୟ ପରେ ସେ ସତେଯେପରି ଏକ ଅପ୍ରୀତିକର ଉପସ୍ଥିତି ଅନୁଭବ କରିବାକୁ ଲାଗିଲେ । କ'ଣ ବୋଲି ଦେଖିବାଲାଗି ଥରେ ଆଖି ପିଟାଇଲେ, ଏବଂ ତାଙ୍କର ଠିକ୍ ସମ୍ମୁଖରେ ପ୍ରାୟ ତିନିଚାରି ଖୋଜ ଦୂରରେ ଶ୍ରୀଯୁକ୍ତ ବ୍ୟାଘ୍ର ଉପବିଷ୍ଟ ହୋଇ ରହିଥିଲା । ତୀବ୍ର ଲୋଲୁପ ଦୃଷ୍ଟିରେ ସିଏ ତାଙ୍କ ଆଡ଼କୁ ଅନାଇ ରହିଥିଲା । ଜଣେ ନିଷ୍ଠାବାନ୍ ବୌଦ୍ଧ ପରି ସେ କହିଲେ, "ଭଲ କଥା, ଯଦି ଏହିପରି ଭାବରେହିଁ ମୋର ନିର୍ବାଣ ଲାଭ କରିବା କଥା, ତେବେ ତାହାହିଁ ହେବ । ଏବଂ ବର୍ତ୍ତମାନ ମୋତେ କେବଳ ଉପଯୁକ୍ତ ଭାବରେ ଓ ଯଥାର୍ଥ ମନୋଭାବ ସହିତ ଶରୀର ତ୍ୟାଗ କରି ଯିବାଲାଗି ପ୍ରସ୍ତୁତ ହେବାକୁ ପଡ଼ିବ ।" ତେଣୁ ମୋଟେ ନ ଘୁଞ୍ଚି, ଏପରିକି ଏତେ ଟିକିଏ ବି ହଲଚଲ ନ ହୋଇ ସେ ପୁଣି ଆଖି ବୁଜିନେଲେ ଓ ପୁନର୍ବାର ଧ୍ୟାନମଗ୍ନ ହୋଇଗଲେ । ସେ ଏଥର ଅଧିକ ଗଭୀର ଓ ଏକ ନିବିଷ୍ଟତର ଧ୍ୟାନରେ ମଗ୍ନ ହୋଇଗଲେ,

'oaob.nitrkl.ac.in' images reprocessed

ଜଗତ୍-ସଂସାରର ମାୟାରୁ ଆପଣାକୁ ସମ୍ପୂର୍ଣ୍ଣରୂପେ ବିଲଗ କରିନେଲେ, ନିର୍ବାଣ ମଧ୍ୟକୁ ପ୍ରବେଶ କରିବାଲାଗି ପ୍ରସ୍ତୁତ ହୋଇ ରହିଲେ । ପାଞ୍ଚ ମିନିଟ୍ ଗଲା, ଦଶ ମିନିଟ୍ ଗଲା, ଅଧଘଣ୍ଟାଏ ଚାଲିଗଲା, – ମାତ୍ର କୌଣସି ଘଟଣା ଘଟିଲା ନାହିଁ । ତା'ପରେ ଧ୍ୟାନ ସମାପ୍ତ ହେବାର ସମୟ ଉପସ୍ଥିତ ହେବାରୁ ସିଏ ଆଖି ମେଲା କଲେ... ଏବଂ ସେତେବେଳେ ଆଉ ସେଠାରେ କୌଣସି ବ୍ୟାଘ୍ର ନ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏପରି ଗୋଟିଏ ଅଚଳ ଶରୀରକୁ ଦେଖି ବାଘ ତାହାକୁ ନିଶ୍ଚୟ ଖାଇବାର ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ମନେ କରିଥିବ । କାରଣ, କେବଳ ହେଟାକୁ ଛାଡ଼ିଦେଲେ, ସବୁ ହିଂସ୍ର ଜନ୍ତୁଙ୍କ ପରି ବାଘମାନେ କେବେହେଲେ କୌଣସି ମଲା ଦେହକୁ ଆକ୍ରମଣ କରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ସମ୍ଭବତଃ ଏହିପରି ଗୋଟିଏ ଅଚଳପ୍ରାୟ ଶରୀର ଦେଖି ବାଘ ସେଠାରୁ ପଳାଇ ଯାଇଥିଲା ଏବଂ ଶ୍ରୀମତୀ – ଆପଣାକୁ ସମ୍ପୂର୍ଣ୍ଣ ଏକାକୀ ଓ ବିପଦମୁକ୍ତ ଦେଖିବାକୁ ପାଇଲେ । ମୁଁ କଦାପି କହିବି ନାହିଁ ଯେ ଧ୍ୟାନର ପୂର୍ଣ୍ଣ ନିବିଷ୍ଟତା ଦେଖି ବାଘଟି ପ୍ରଭାବିତ ହୋଇ ପଡ଼ିଥିଲା, କାରଣ ବାଘମାନେ ପ୍ରକୃତରେ ଧ୍ୟାନ ବିଷୟରେ ଏତେ ଗ୍ରହଣଶୀଳ ହୋଇଥିବେ ବୋଲି ମୁଁ ମୋଟେ ଭାବୁ ନାହିଁ । ଶ୍ରୀମତୀ – ଶାନ୍ତ ହୋଇ ଆପଣାର ବାଟ ଧରିଲେ ଓ ଡେରା ପାଖରେ ପହଞ୍ଚି "ମୁଁ ଆସିଲିଣି" ବୋଲି କହିଲେ ।

ଏଇଠି ଗପଟି ସରିଲା । ବର୍ତ୍ତମାନ ଆମେ ଶ୍ରୀମତୀ – ଙ୍କ ପରି ଧ୍ୟାନରେ ବସିବା; ଅବଶ୍ୟ ଆପଣାକୁ ନିର୍ବାଣଲାଗି ପ୍ରସ୍ତୁତ କରିବାକୁ ନୁହେଁ (ସମସ୍ତେ ହସିଲେ), ମାତ୍ର ଆମର ଚେତନାକୁ ଉତ୍ତୋଳିତ କରି ନେବାଲାଗି ଆମେ ଧ୍ୟାନରେ ବସିବା ।

'oaob.nitrkl.ac.in' images reprocessed

## ୧୩ ମାର୍ଚ୍ଚ ୧୯୫୭

ଆଜି ସନ୍ଧ୍ୟାରେ ମଧ୍ୟ ମୋର କିଛି ପଢ଼ିବାକୁ ନାହିଁ । ମାତ୍ର, ମୁଁ ଲେଖିଥିବା ଗୋଟିଏ ବିଷୟରେ କେହି ଜଣେ ମୋତେ ଗୋଟିଏ ପ୍ରଶ୍ନ ପଚାରିଛନ୍ତି । ପବିତ୍ର, ତୁମ ପାଖରେ ସେହି ପ୍ରଶ୍ନଟି ଅଛି ତ ? ପଢ଼ିଲ ।

*(ପବିତ୍ର ପଢ଼ିଲେ) "ଆମ ଜୀବନର ସର୍ବୋତ୍ତମ ଭାଗଟିରେ ଯିଏ ଆମକୁ ଭଲ ପାଏ, ଏବଂ ତଥାପି ଆମେ ଯଥାର୍ଥରେ ଯାହା, ତାହାଠାରୁ ଅଲଗା ପ୍ରକାରର ହେବା ଲାଗି ଆମକୁ କେବେହେଲେ କହେ ନାହିଁ, ସେଇ ହେଉଛି ଆମର ସର୍ବୋତ୍ତମ ବନ୍ଧୁ ।"*

ମାତୃ-ବାଣୀ, ତୃତୀୟ ଭ୍ରମ, ୧୯୬୬ ରେ ସମ୍ପାଦିତ (ଇଂ), ପୃଷ୍ଠା-୬୬

ଏହି କଥାଟିର ଅର୍ଥଟିକୁ ଭଲ କରି ବୁଝାଇ ଦେବା ପାଇଁ ମୋତେ କୁହାଯାଇଛି । ତୁମମାନଙ୍କୁ ଯାବତୀୟ ପ୍ରକାରର ବିରୋଧାଭାସଯୁକ୍ତ କଥା ଶୁଣାଇବା ଲାଗି ମୋ ମନର ଏକ ପ୍ରବଳ ବିଚକ୍ଷଣତା ରହିଛି ! ମାତ୍ର ତଥାପି...

କିନ୍ତୁ ସେକଥା ଯାହା ହୋଇଥାଉ ପଛକେ, ଏହି କଥାଟି ଲେଖିବା ସମୟରେ ମୋ' ମୁଣ୍ଡ ଭିତରେ ଏପରି ଗୋଟିଏ କଥା ରହିଥିଲା, ଯାହାକୁ କି ମଣିଷ ସାଧାରଣତଃ ଭୁଲି ଯାଇଥାଏ : ଆମର ବନ୍ଧୁମାନଙ୍କୁ ଓ ଚତୁଃପାର୍ଶ୍ୱରେ ଥିବା ଲୋକଙ୍କୁ ଆମେ ସେମାନେ ଯଥାର୍ଥରେ ଯାହା, ତାହା ହେବାକୁ ନୁହେଁ, ମାତ୍ର ଆମେ ସେମାନେ ଯାହା ହୁଅନ୍ତୁ ବୋଲି ଇଚ୍ଛା କରୁ, ତାହାହିଁ ହେବା ଲାଗି ସର୍ବଦା କହିଥାଉ । ଜଣେ ଇଚ୍ଛା କଲେ ଆପଣା ଲାଗି ବେଶ୍ ଗୋଟିଏ ଆଦର୍ଶ ତିଆରି କରିନିଏ ଏବଂ ତାହାକୁ ସମସ୍ତଙ୍କ ଉପରେ ପ୍ରୟୋଗ କରିବା ପାଇଁ ଇଚ୍ଛା କରୁଥାଏ; କିନ୍ତୁ ... ଏକଥା କହିଲାବେଳେ ମୋ'ର ଟଲ୍‌ଷ୍ଟୟ୍‌ଙ୍କ ପୁଅଙ୍କ କଥା ମନେ ପଡ଼ିଯାଉଛି । ମୁଁ ତାଙ୍କୁ ଜାପାନରେ ଭେଟିଥିଲି । ସେ ସେତେବେଳେ ମନୁଷ୍ୟ-ସମାଜରେ ଏକତା ପ୍ରତିଷ୍ଠା କରିବା ଲାଗି ପୃଥିବୀ ପର୍ଯ୍ୟଟନ କରି ବୁଲୁଥିଲେ । ତାଙ୍କର ଅଭିପ୍ରାୟଗୁଡ଼ିକ ଭାରି ଚମତ୍କାର ଥିଲା; ମାତ୍ର ତାହାକୁ କାର୍ଯ୍ୟକାରୀ କରିବାର ଉପାୟଟି ଆଦୌ ସେତେ ଉତ୍ସାହଜନକ ନ ଥିଲା । ଏକ ଅବିଚଳ ଗାମ୍ଭୀର୍ଯ୍ୟ ସହକାରେ ସେ କହୁଥିଲେ ଯେ ଯଦି ପୃଥିବୀରେ ସମସ୍ତେ ଗୋଟିଏ ଭାଷା କହନ୍ତେ, ଗୋଟିଏ ପ୍ରକାରର ପରିଚ୍ଛଦ ପିନ୍ଧନ୍ତେ, ଗୋଟିଏ ପ୍ରଣାଳୀରେ ଖାଆନ୍ତେ ଓ ଗୋଟିଏ ଢଙ୍ଗରେ

'oaob.nitrkl.ac.in' images reprocessed

କାର୍ଯ୍ୟ କରନ୍ତେ, ତେବେ ତାହା ଫଳରେ ମନୁଷ୍ୟ ଜାତିର ଏକତା ଅବଶ୍ୟ ସମ୍ଭବ ହୋଇଯାଆନ୍ତା । ଏହି ଅଭିପ୍ରାୟଟିକୁ ସେ କିପରି ପୂର୍ଣ୍ଣ କରିବେ ବୋଲି ଭାବୁଛନ୍ତି ବୋଲି ତାଙ୍କୁ ପଚରାଗଲେ ସେ କହୁଥିଲେ ଯେ ଏକ ନୂତନ ଅଥଚ ବିଶ୍ୱଜନୀନ ଭାଷା, ଏକ ନୂତନ ଅଥଚ ବିଶ୍ୱଜନୀନ ପରିଚ୍ଛଦ ଓ ନୂତନ ଅଥଚ ବିଶ୍ୱଜନୀନ ଅଭ୍ୟାସ ଓ ଆଚରଣମାନ ପ୍ରଚାର କରି ଦେଶ ଦେଶ ବୁଲିପାରିଲେହିଁ ତାହା ସେଥିଲାଗି ନିଶ୍ଚୟ ଯଥେଷ୍ଟ ହେବ । ବାସ୍ ସେତିକି... ଏବଂ ସେ ପ୍ରକୃତରେ ତାହାହିଁ କରିବେ ବୋଲି ଅଭିପ୍ରାୟ ରଖିଥିଲେ ।

(ଈଷତ୍ ହସି) ଆଚ୍ଛା, ପ୍ରତ୍ୟେକ ବ୍ୟକ୍ତି ତା' ନିଜର ସାନ କ୍ଷେତ୍ରଟିରେ, ଠିକ୍ ସେହିପରି ଆଚରଣ କରେ । ତା'ର ଗୋଟିଏ ଆଦର୍ଶ ରହିଥାଏ, କ'ଣ ସତ୍ୟ, କ'ଣ ସୁନ୍ଦର ଓ କ'ଣ ଭବ୍ୟ, ସେବିଷୟରେ ଗୋଟିଏ କଳ୍ପନା ଥାଏ; ଏପରିକି କ'ଣ ଦିବ୍ୟ, ତା' ବିଷୟରେ ମଧ୍ୟ ଏକ କଳ୍ପନା ରହିଥାଏ । ଏବଂ ତା'ର ଏହି କଳ୍ପନାଟିକୁ ସେ ଅନ୍ୟମାନଙ୍କ ଉପରେ ନେଇ ଲଦି ଦେବାକୁ ଇଚ୍ଛା କରେ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ପରମ-ଦେବତ୍ୱ ବିଷୟରେ ମଧ୍ୟ ଏକ କଳ୍ପନା ରହିଥାଏ ଏବଂ ଯେଉଁମାନେ କି ସେମାନଙ୍କର ସମସ୍ତ ଶକ୍ତି ଲଗାଇ ସେମାନଙ୍କର ଏହି କଳ୍ପନାଟିକୁ ସ୍ୱୟଂ ପରମ-ଦେବତ୍ୱ ଉପରେ ମଧ୍ୟ ଲଦି ଦେବାକୁ ଚେଷ୍ଟା କରୁଥା'ନ୍ତି ... ଏବଂ ଆପଣା ଜୀବନଟିର ଅନ୍ତ ହେବା ପର୍ଯ୍ୟନ୍ତ ସେମାନେ ଏ ବିଷୟରେ କଦାପି ନିରାଶ ହୁଅନ୍ତି ନାହିଁ । କିଂବା ସେହି ଚେଷ୍ଟାରୁ କଦାପି ନିରସ୍ତ ହୋଇ ପଡ଼ନ୍ତି ନାହିଁ ।

ମୋ'ର ମନ ଭିତରେ ମୁଁ ଏହି ସ୍ୱତଃପ୍ରେରିତ ଓ ପ୍ରାୟ ଅଚେତନ ଅଭିବୃତ୍ତିଟିର କଥା ଭାବୁଥିଲି; କାରଣ ଯଦି ମୁଁ ତୁମମାନଙ୍କ ମଧ୍ୟରୁ କାହାରିକୁ "ହେଇ, ତୁମେ ପ୍ରକୃତରେ ତାହାହିଁ ହେବାକୁ ଇଚ୍ଛା କରୁଛ" ବୋଲି କହେ, ତେବେ ସେ ବେଶ୍ ପ୍ରଚଣ୍ଡ ଭାବରେ ତା'ର ପ୍ରତିବାଦ କରିବ ଏବଂ କହିବ, "କ'ଣ ହେଲା ! ନା, ମୋଟେ ନୁହେଁ, କେବେହେଲେ ନୁହେଁ !" ମାତ୍ର ଯେତେବେଳେ କେହି ଅନ୍ୟମାନଙ୍କ ସମ୍ବନ୍ଧରେ ଏହିଭଳି ମତଗୁଡ଼ିକୁ ପୋଷଣ କରୁଥାଏ ଏବଂ ସେମାନଙ୍କର ଜୀବନରୀତି ବିଷୟରେ ପ୍ରତିକ୍ରିୟାମାନ ଦେଖାଉଥାଏ, ସେତେବେଳେ ସେ ସେହିପରି କରେ, କାରଣ ସେମାନେ ଯେଉଁପରି ହେବା ଉଚିତ ବୋଲି ସେ ଭାବୁଥାଏ, ସେମାନେ ସେପରି ହେଉ ନାହାନ୍ତି ବୋଲି ସେ ସେମାନଙ୍କୁ ଭର୍ତ୍ସନା ହିଁ କରୁଥାଏ । ଏହି ଜଗତରେ କୌଣସି ଦୁଇଟି ଜିନିଷ କଦାପି ସଂପୂର୍ଣ୍ଣ ଭାବରେ ଏକାପରି ହୋଇପାରିବେ ନାହିଁ ଓ ଏକାପରି ହେବା ଉଚିତ ମଧ୍ୟ ନୁହେଁ ବୋଲି ଯଦି ଆମେ କେବେହେଲେ ଭୁଲି ନ ଯାଉ, — ତା'ହେଲେ ସେହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଦ୍ୱିତୀୟଟିର ଆଉ କୌଣସି ଆବଶ୍ୟକତା ନ ଥିବ, କାରଣ ସେହି କିସମର ଅବିକଳ ଆଉ ଗୋଟିଏ ପୂର୍ବରୁହିଁ ରହିଥିବ, ଏବଂ ଏହି ବିଶ୍ୱ ଏପରି ଏକ ଅନନ୍ତ ଅନେକତାର ସମଞ୍ଜସତା ଲାଗି ତିଆରି ହୋଇଛି, ଯେଉଁଥିରେ କି ଦୁଇଟି ଜୀବନ, ଏବଂ ଦୁଇରୁ ଅନେକ ଅଧିକ, ଦୁଇଟି ଚେତନା, କେବେହେଲେ ଏକାବେଳେକେ ସମାନ ନୁହନ୍ତି,– ତେବେ କେଉଁ ଅଧିକାରରେ ଆମେ ଏଥିରେ ବାଧା ଦେବାକୁ ବାହାରିବା ଏବଂ ଆଉ ଜଣେ ଠିକ୍ ଆମରି ଭାବନା ମୁତାବକ ତିଆରି ହେବ ବୋଲି ଇଚ୍ଛା ପ୍ରକାଶ କରିବା ?... କାରଣ, ଯଦି ଜଣେ ଏକ ନିର୍ଦ୍ଦିଷ୍ଟ ରୀତିରେ ଚିନ୍ତା କରୁଛି, ତେବେ ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆଉ ଅନ୍ୟ ଜଣେ ଅବିକଳ ସେହିପରି କଦାପି ଚିନ୍ତା କରିପାରିବ ନାହିଁ । ଏବଂ ଜଣେ ଯଦି ଏକ ନିର୍ଦ୍ଦିଷ୍ଟ ପ୍ରକାରର ବ୍ୟକ୍ତି ହୋଇଥିବ, ତେବେ ଏଥିରେ ଆଦୌ କୌଣସି ପ୍ରକାରର ସଂଶୟ ନାହିଁ ଯେ ଆଉ ଜଣେ କଦାପି ଠିକ୍ ସେହିଭଳି ଜଣେ ବ୍ୟକ୍ତି ହୋଇପାରିବ ନାହିଁ । ଏବଂ, ବିଶ୍ୱରେ ରହିଥିବା ଏହି ଭିନ୍ନ ଭିନ୍ନ ବସ୍ତୁଗୁଡ଼ିକୁ ପ୍ରତ୍ୟେକକୁ ତା'ର ଉପଯୁକ୍ତ ସ୍ଥାନରେ ପ୍ରତିଷ୍ଠିତ କରାଇ ସେଗୁଡ଼ିକ ମଧ୍ୟରେ ଏକ ସୌଷମ୍ୟ ଓ ସମନ୍ୱୟ ଆଣି ଶିଖିପାରିବା ଉଚିତ, ସେଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କରିପାରିବାକୁ ଶିଖିବା ଉଚିତ । ପରିପୂର୍ଣ୍ଣ ସୁକ୍ଷମତା କହିଲେ ଏକ ଏକରୂପତାକୁ କଦାପି ବୁଝାଇବ ନାହିଁ ଏବଂ ସୁଷମୀକରଣ ଦ୍ୱାରାହିଁ ସୌଷମ୍ୟସ୍ଥାପନ ସମ୍ଭବ ହେବ ଓ ପ୍ରତ୍ୟେକ ବସ୍ତୁକୁ କେବଳ ତାହାର ଯଥୋପଯୁକ୍ତ ସ୍ଥାନରେ ନେଇ ରଖିପାରିଲେ ଯାଇ ଏହି ସୁଷମୀକରଣ ସମ୍ଭବ ହେବ ।

ଏବଂ, ଜଣେ ପ୍ରକୃତ ବନ୍ଧୁଠାରୁ ଯେଉଁଭଳି ପ୍ରତିକ୍ରିୟାର ପ୍ରତ୍ୟାଶା ରଖିବା ଲାଗି ଜଣେ ମନୁଷ୍ୟର ଯେଉଁ ଅଧିକାର ରହିଛି, ତାହାର ମୂଳରେ ସର୍ବଦା ଏହି କଥାଟିହିଁ ଅବଶ୍ୟ ରହିଥିବା ଉଚିତ । ତା'ର ବନ୍ଧୁ କେବଳ ଯେ ତାହାରି ସଦୃଶ ହୋଇ ତିଆରି ହେଉ, ଯଥାର୍ଥ ବନ୍ଧୁ ଏକଥା କେବେହେଲେ ଇଚ୍ଛା କରେ ନାହିଁ; ସିଏ ଯଥାର୍ଥରେ ଯାହା, ତାହାହିଁ ହେଉ ବୋଲି ସେ ଇଚ୍ଛା କରୁଥାଏ ।

ପୁଣି, ବାକ୍ୟଟିର ଆରମ୍ଭରେ ମୁଁ "ଆମ ଜୀବନର ସର୍ବୋତ୍ତମ ଭାଗଟିରେ ଯିଏ ଆମକୁ ଭଲ ପାଏ" ବୋଲି କହିଛି । ଏହି କଥାଟିକୁ ଆଉ ଟିକିଏ ଅଧିକ ଭାବାତ୍ମକ କରି କହିବାକୁ ଗଲେ : ତୁମର ନିମ୍ନତମ ସ୍ତରକୁ ତୁମେ ଖସି ଆସିବା ଲାଗି ଯିଏ ତୁମକୁ ଉତ୍ସାହ ଦିଏ, ତାହା ସହିତ ଏକତ୍ର ମିଶି ତୁମେ କୌଣସି ମୂର୍ଖତା ଅଥବା ପାପର ଆଚରଣ କରିବ ବୋଲି ଯିଏ ତୁମକୁ ଉତ୍ସାହିତ କରୁଥାଏ, ବା, ତୁମେ କରୁଥିବା ଯାବତୀୟ କୁତ୍ସିତ କାର୍ଯ୍ୟଲାଗି ଯିଏ ତୁମର ପ୍ରଶଂସା କରିବାରେ ଲାଗିଥାଏ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସିଏ ତୁମର ବନ୍ଧୁ ନୁହେଁ । ଏବଂ ତଥାପି ସାଧାରଣତଃ ଅନେକ, ଅନେକ,

'oaob.nitrkl.ac.in' images reprocessed

ଅନେକ ସମୟରେ, ଅତିରିକ୍ତ ଭାବରେ ଅନେକ ସମୟରେ ଜଣେ ଏପରି ଜଣେ ବ୍ୟକ୍ତି ସହିତ ବନ୍ଧୁତା କରିବା ଲାଗି ଯାଏ, ତଳକୁ ସ୍ଖଳିତ ହୋଇ ରହିଥିବା ସମୟରେ ଯାହାକୁ କି ଆଦୌ କୌଣସି ଅସ୍ୱସ୍ତି ଲାଗେ ନାହିଁ । ଆପଣାର ଭୁଲଗୁଡ଼ାକରେ ଯିଏ ଆସି ଉତ୍ସାହ ଦିଏ, ଜଣେ ତାହାକୁହିଁ ଆପଣାର ବନ୍ଧୁ ବୋଲି ବିଚାରେ : ସ୍କୁଲକୁ ଯିବା ପରିବର୍ତ୍ତେ ଏଣେତେଣେ ବୁଲିଯିବାକୁ ଜଣେ ଅନ୍ୟମାନଙ୍କ ସହିତ ସାଙ୍ଗ ହୁଏ, କେଉଁଠି ବଗିଚାରେ ଫଳ ଚୋରିକରି ଯିବାକୁ, ଶିକ୍ଷକଙ୍କୁ ବିଦ୍ରୂପ କରିବାକୁ ଏବଂ ସେହିପରି ଆହୁରି ଅନେକ କିଛି ସକାଶେ ଅନ୍ୟମାନଙ୍କ ସହିତ ଯାଇ ସାଙ୍ଗ ହୁଏ । ମୁଁ ବ୍ୟକ୍ତିଗତ ଭାବରେ କାହାରି ଉଦ୍ଦେଶ୍ୟରେ କୌଣସି ଟୀକା କରୁ ନାହିଁ, ମାତ୍ର ଏକଥା ସତ ଯେ ଏହି ବିଷୟରେ ମୁଁ ଅନେକ ଉଦାହରଣ ଦେଇପାରିବି; ମୋତେ ଦୁଃଖର ସହିତ  କହିବାକୁ ପଡୁଛି ଯେ କେତେ ନା କେତେ ଉଦାହରଣ ଦେଇପାରିବି । ଏବଂ ସମ୍ଭବତଃ ଏହି କାରଣ ସକାଶେହିଁ ମୁଁ କହିଥିବି, ‘‘ଏମାନେ ତୁମର ପ୍ରକୃତ ବନ୍ଧୁ ନୁହନ୍ତି ।’’ ମାତ୍ର ତଥାପି, ସେହିମାନେହିଁ ହେଉଛନ୍ତି ସବୁଠାରୁ ଅଧିକ ସୁବିଧାଜନକ ବନ୍ଧୁ; କାରଣ ତୁମେ କେଉଁଠି କୌଣସି ଭୁଲ ପଥରେ ଯାଉଛ ବୋଲି ସେମାନେ ତୁମକୁ କେବେହେଲେ ଅନୁଭବ କରିବାକୁ ଦିଅନ୍ତି ନାହିଁ । ମାତ୍ର ଯଦି ଅନ୍ୟପକ୍ଷରେ ଆଉ ଜଣେ ବନ୍ଧୁ ଆସି ତୁମକୁ କହୁଥାଏ, ‘‘ବର୍ତ୍ତମାନ ଏଣେତେଣେ ବୁଲିବାକୁ ନ ଯାଇ, କିଛି ନ କରିବା ଅଥବା ଗୁଡ଼ାଏ ମୂର୍ଖତା କରି ବସିବା ପରିବର୍ତ୍ତେ ଯଦି ତୁମେ କ୍ଲାସ୍‌କୁ ଆସନ୍ତ, ତା’ହେଲେ ନିଶ୍ଚୟ ଅଧିକ ଭଲ ହୁଅନ୍ତା ବୋଲି କ’ଣ ତୁମେ ମନେ କରୁ ନାହଁ ?’’, ସେହିପରି ଜଣେ ବନ୍ଧୁକୁ ସାଧାରଣତଃ ଜବାବ ମିଳିଥାଏ, ‘‘ମୋତେ କୌଣସି କଥା କହିବା ଦରକାର ନାହିଁ । ତୁମେ ମୋର ପ୍ରକୃତ ବନ୍ଧୁ ନୁହଁ !’’ ସମ୍ଭବତଃ ଏହି କଥାଟି ସକାଶେହିଁ ମୁଁ ସେହି ବାକ୍ୟଟିକୁ ଲେଖିଥିଲି । ତା’ହେଲେ, ତୁମେ ଯାହା ପଚାରିଥିଲ, ତୁମକୁ ତା’ର ଉତ୍ତରଟି ମିଳିଗଲା । ମୁଁ ପୁଣିଥରେ କହୁଛି ଯେ ମୁଁ ବ୍ୟକ୍ତିଗତ ଭାବରେ କାହାରି ବିଷୟରେ କିଛି କହୁ ନାହିଁ, ମାତ୍ର ଦୁର୍ଭାଗ୍ୟବଶତଃ ଯେଉଁ କଥାଟି ଅନେକ ସମୟରେ ଘଟିଥାଏ, ସେହି ବିଷୟରେ କିଛି କହିବା ଲାଗି ମୋତେ ଗୋଟିଏ ଅବସର ମିଳି ଯାଇଥାଏ ।

ଏଠାରେ ଏପରି କେତେକ ପିଲା ଅଛନ୍ତି, ଯେଉଁମାନେ କି ଦିନେ କେତେ ନା କେତେ ପ୍ରତିଶ୍ରୁତି ଓ ସମ୍ଭାବନାରେ ପୂର୍ଣ୍ଣ ହୋଇ ରହିଥିଲେ, ଯେଉଁମାନେ କି କ୍ଲାସ୍‌ରେ ସର୍ବାଗ୍ରରେ ଥିଲେ ଓ କେଡ଼େ ମନ ଲଗାଇ ଅଧ୍ୟୟନ କରୁଥିଲେ ଓ ଯେଉଁମାନଙ୍କଠାରୁ ମୁଁ ଅନେକ ଆଶା କରିଥିଲି; ମାତ୍ର ଯେଉଁମାନେ ଏହି ପ୍ରକାରର ବନ୍ଧୁତା ଫଳରେ ଗୋଟାସୁଦ୍ଧା ନଷ୍ଟ ହୋଇ ଯାଇଛନ୍ତି । ଆଜି ଏହି କଥାଟି ଉପରେ ଚର୍ଚ୍ଚା ହେଉଥିବାରୁ ସେମାନଙ୍କୁ ମୁଁ କହିଦେବାକୁ ଇଚ୍ଛା କରୁଛି ଯେ ଏସବୁ କଥା ପାଇଁ ମୁଁ ପ୍ରକୃତରେ ଅତିଶୟ ଦୁଃଖିତ । ମୁଁ

'oaob.nitrkl.ac.in' images reprocessed

ଏଭଳି ଲୋକଙ୍କୁ ଆଦୌ ବନ୍ଧୁ ବୋଲି କହିବି ନାହିଁ, ସେମାନଙ୍କୁ ମୁଁ ସାଂଘାତିକ ଶତ୍ରୁ ବୋଲି କହିବି । କୌଣସି ସଂକ୍ରାମକ ବେମାରିଠାରୁ ଦୂରରେ ରହିଲା ପରି ଏମାନଙ୍କଠାରୁ ବି ଦୂରରେ ରହିବାକୁ ପଡ଼ିବ ।

ଯାହାଠାରେ କୌଣସି ସଂକ୍ରାମକ ବେମାରି ରହିଛି, ତା' ସହିତ ଏକାଠି ରହିବାକୁ ଆମେ କଦାପି ଇଚ୍ଛା କରୁ ନାହିଁ, ଅତ୍ୟନ୍ତ ସାବଧାନତାର ସହିତ ଆମେ ତା' ପାଖରୁ ଦୂରରେ ରହୁ । ବେମାରିଟି ଯେପରି ଆଉ ଅଧିକ ବ୍ୟାପି ନ ଯିବ, ସେଥିଲାଗି ତାକୁ ଅନ୍ୟମାନଙ୍କଠାରୁ ସାଧାରଣତଃ ଅଲଗା କରି ରଖାଯାଏ । ମାତ୍ର ପାପ ଓ ମନ୍ଦ ଆଚରଣର ସଂକ୍ରାମକତା, ନୀତିହୀନତା, ମିଥ୍ୟା ଓ ଯାବତୀୟ ଅଶୁଦ୍ଧତାର ସଂକ୍ରାମକତା ହେଉଛି ଯେକୌଣସି ରୋଗର ସଂକ୍ରାମକତା ଅପେକ୍ଷା ଅଧିକ ବିପଜ୍ଜନକ; ଏବଂ ଅତ୍ୟନ୍ତ ସାବଧାନତା ସହିତ ଏଇଟିଠାରୁ ଦୂରରେ ରହିବାକୁ ହେବ । କୌଣସି ପ୍ରକାର ମନ୍ଦ ବା ଅସୁନ୍ଦର କାର୍ଯ୍ୟରେ ତୁମେ କଦାପି ସହଯୋଗ କରିପାରିବ ନାହିଁ ବୋଲି ତୁମକୁ ଯିଏ କହିପାରୁଛି, ନିମ୍ନସ୍ତରର ନାନା ପ୍ରଲୋଭନର ପ୍ରତିରୋଧ କରିବା ଲାଗି ଯିଏ ତୁମକୁ ସାହସ ଦେଉଛି, ସେହିପରି ବ୍ୟକ୍ତିକୁହିଁ ତୁମେ ସର୍ବୋତ୍ତମ ବନ୍ଧୁ ବୋଲି ବିଚାର କରିବ, କାରଣ ସେଇ ହେଉଛି ପ୍ରକୃତ ବନ୍ଧୁ । ତୁମେ ତାହାରି ସହିତହିଁ ସାହଚର୍ଯ୍ୟ ଲୋଡ଼ିବ; ଯିଏ ତୁମ ସହିତ ଟିକିଏ କୌତୁକ ଖେଳି ନେବାକୁ ଆସୁଛି ଓ ତୁମର ମନ୍ଦ ପ୍ରବୃତ୍ତିଗୁଡ଼ିକର ମୂଳକୁ ଯିଏ ଟାଣ କରିବାକୁ ଆସୁଛି, ତୁମେ ତା' ସହିତ କେବେହେଲେ ସଂସର୍ଗ ଲୋଡ଼ିବ ନାହିଁ । ଏହି ବିଷୟରେ ମୋର ଏତିକି କହିବାକୁ ଥିଲା ।

ଆମେ ବର୍ତ୍ତମାନ ଏ ବିଷୟରେ ଆଉ ଅଧିକ କିଛି ଆଲୋଚନା କରିବା ନାହିଁ; ଏବଂ ମୁଁ ଯେଉଁମାନଙ୍କୁ ମନରେ ରଖି ଏସବୁ କଥା କହିଲି, ସେମାନେ ମୁଁ କହିଥିବା କଥାଗୁଡ଼ିକୁ ନିଶ୍ଚୟ ବୁଝିବେ ବୋଲି ମୁଁ ଆଶା କରୁଛି ।

ଯେଉଁମାନେ ତୁମଠାରୁ ଅଧିକ ବିଜ୍ଞ ଓ ବିବେକ ସମ୍ପନ୍ନ, ଯେଉଁମାନଙ୍କର ସଙ୍ଗ ତୁମମାନଙ୍କୁ ନୀତିନିଷ୍ଠ କରାଏ, ନିଜକୁ ନିଜର ନିୟନ୍ତ୍ରଣରେ ରଖିବାକୁ, ଅଗ୍ରଗତି କରିବାକୁ, ଅଧିକ ଭଲ କର୍ମ କରିବାକୁ ଓ ଅଧିକ ସ୍ୱଚ୍ଛ ଭାବରେ ଦେଖିପାରିବାକୁ ସାହାଯ୍ୟ କରେ, ତୁମେ କେବଳ ସେହିମାନଙ୍କୁହିଁ ମୂଳତଃ ଆପଣାର ବନ୍ଧୁ ବୋଲି ଭାବିବ । ଏବଂ ପରିଶେଷରେ, ଆମେ ଯାହାଙ୍କୁ ପ୍ରକୃତରେ ଆମର ସର୍ବୋତ୍ତମ ବନ୍ଧୁରୂପେ ଲାଭ କରିପାରିବା, ସିଏ କ'ଣ ଆମର ସେହି ପରମ ଦିବ୍ୟପୁରୁଷ ନୁହନ୍ତି କି ? – ଯାହାପାଖରେ ଯାଇ ସବୁକଥା କହିଦେଇହେବ, ଆଉ କିଛିହେଲେ ଗୋପନ ରଖିବାକୁ ପଡ଼ିବ ନାହିଁ ? କାରଣ ବସ୍ତୁତଃ ସେହିଠାରେହିଁ ସକଳ କରୁଣାର ଉତ୍ସ ରହିଛି, ଭୁଲର ପୁନରାବୃତ୍ତି ବନ୍ଦ ହୋଇଯିବା ପରେ ସକଳ ଭୁଲକୁ ବିଲୁପ୍ତ କରିଦେବାର

'oaob.nitrkl.ac.in' images reprocessed

ଶକ୍ତି ସେହିଠାରେ ରହିଛି,* ଯଥାର୍ଥ ଉପଲବ୍ଧିର ମାର୍ଗଟିକୁ ଫିଟାଇ ଦେବାର କ୍ଷମତା ତାହାରି ରହିଛି । ସେଇ ସବୁକିଛି ବୁଝିପାରିବ, ସବୁକିଛିର ଉପଶମ କରିପାରିବ; ମାର୍ଗରେ ସେଇ ସହାୟତା କରିବ, ବିଫଳ ନ ହେବାରେ ସାହାଯ୍ୟ କରିବ, ପଥଭ୍ରଷ୍ଟ ଅଥବା ପତିତ ନ ହୋଇ ସିଧା ଲକ୍ଷ୍ୟପଥରେ ଅଗ୍ରସର ହେବା ଲାଗି ସେଇ ସହାୟତା କରିବ । ସେଇ ଯଥାର୍ଥ ବନ୍ଧୁ, ସୁଦିନର ବନ୍ଧୁ ଓ ଦୁର୍ଦ୍ଦିନର ବନ୍ଧୁ । ସେଇ ବୁଝିପାରନ୍ତି, ସେଇ ସକଳ ବ୍ୟାଧି ହରଣ କରି ନିଅନ୍ତି, କେହି ତାଙ୍କୁ ଚାହିଁଲା ମାତ୍ରକେ ସିଏ ସର୍ବଦା ଆସି ଉପସ୍ଥିତ ହୋଇପାରନ୍ତି । ନିଷ୍ଠାର ସହିତ ଡାକିପାରିଲେ, ସିଏ ସବୁବେଳେ ବାଟ ଦେଖାଉଥା'ନ୍ତି, ସବୁବେଳେ ଉତ୍ତୋଳିତ କରି ଧରିଥା'ନ୍ତି,– ଏବଂ ସବୁଠାରୁ ଅଧିକ ଯଥାର୍ଥ ଭାବରେହିଁ ଆମକୁ ଭଲ ପାଉଥା'ନ୍ତି ।

---

*ଯେତେବେଳେ ୧୯୬୧ରେ ଏହି ପ୍ରବଚନଟି ପ୍ରଥମେ ପ୍ରକାଶିତ ହେଲା, ମାଆ ସେତେବେଳେ ଏଇଟି ବିଷୟରେ ଏହିପରି ମତ ଦେଇଥିଲେ : ''ଜଣେ ବ୍ୟକ୍ତି ଯେପର୍ଯ୍ୟନ୍ତ ତା' ଭୁଲ୍‌ଗୁଡ଼ିକର ପୁନରାବୃତ୍ତି କରିବାରେ ଲାଗିଥିବ, ସେପର୍ଯ୍ୟନ୍ତ କିଛି ବିଲୁପ୍ତ ହୋଇପାରିବ ନାହିଁ, କାରଣ ସେହି ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତରେହିଁ ସେହିଗୁଡ଼ିକୁ ପୁନର୍ବାର ସୃଷ୍ଟି କରିବାରେ ଲାଗିଥିବ । ଗୁରୁତର ହେଉ ବା ନ ହେଉ, ଯେତେବେଳେ କେହି ଭୁଲ୍‌ଟିଏ କରୁଛି, ସେତେବେଳେ ତା'ର ଜୀବନରେ ସେହି ଭୁଲ୍‌ଟିର ନିଶ୍ଚୟ ଏକ ପରିଣାମ ଘଟୁଛି, ତଦ୍ଦ୍ୱାରା ସିଏ ଏକ 'କର୍ମ'ର ବନ୍ଧନ କରୁଛି, ଯାହାକୁ କି ଭୋଗି ଖଣ୍ଡନ କରିବାକୁହିଁ ପଡ଼ିବ । ମାତ୍ର ଯଦି ସିଏ ସେତିକିବେଳେ ଦିବ୍ୟ ପରମ କରୁଣାର ଆଶ୍ରୟ ନେବ, ସେତେବେଳେ ସେହି କରୁଣା ଆପଣାର ଶକ୍ତି ବଳରେହିଁ ସେହି ପରିଣାମଗୁଡ଼ିକୁ କାଟି ପକାଇବ; ମାତ୍ର ଏହା ଏକାନ୍ତ ଆବଶ୍ୟକ ଯେ ଦୋଷଟିର ଆଉ କଦାପି କୌଣସି ପୁନରାବୃତ୍ତି ହେବ ନାହିଁ । ଏପରି ଆଦୌ ଭାବିବା ଉଚିତ ନୁହେଁ ଯେ ଜଣେ ଅନନ୍ତ କାଳ ସକାଶେହିଁ ସର୍ବଦା ସେହି ମୂର୍ଖତାଗୁଡ଼ିକର ଆଚରଣ କରିବାରେ ଲାଗିଥିବ ଏବଂ ପରମ କରୁଣା ଅନନ୍ତ କାଳ ଲାଗି ସେଗୁଡ଼ିକର ଖଣ୍ଡନ କରିବାରେ ଲାଗିଥିବ । ଏପରି ଆଦୌ ଘଟେ ନାହିଁ । ଅତୀତଟାକୁ ସଂପୂର୍ଣ୍ଣ ଭାବରେ ଶୁଦ୍ଧ କରାଯାଇପାରେ, ଏପରି ନିର୍ମଳ କରି ଦିଆଯାଇ ପାରେ ଯେ ତାହାର ଭବିଷ୍ୟତ ଉପରେ ହୁଏତ ଆଉ ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ । ମାତ୍ର ସେଥିଲାଗି ଏହି ଗୋଟିଏ ସର୍ତ୍ତ ଅବଶ୍ୟ ରହିବ ଯେ ତାହାକୁ ପୁନର୍ବାର ଏକ ଅପରିବର୍ତ୍ତନୀୟ ବର୍ତ୍ତମାନରେ ବଦଳାଇ ଦେବା ଲାଗି ଯେପରି ଆଉ କୌଣସି ଉଦ୍ୟମ ନ ହୁଏ । ତୁମକୁ ଆପଣା ମଧ୍ୟରେ ରହିଥିବା ମନ୍ଦ ସ୍ପନ୍ଦନଟିକୁ ସ୍ୱୟଂ ବନ୍ଦ କରିବାକୁ ହେବ, ନଚେତ୍ ଅନନ୍ତକାଳ ଲାଗି ସେହି ଗୋଟିଏ ସ୍ପନ୍ଦନକୁ ବାରବାର ସୃଷ୍ଟି କରିବାରେ ଲାଗିଥିଲେ ଆଦୌ କାମ ଚଳିବ ନାହିଁ ।''

'oaob.nitrkl.ac.in' images reprocessed

## ୧୫ ମାର୍ଚ୍ଚ ୧୯୫୭

ଶୁକ୍ରବାରକୁ ଶୁକ୍ରବାର ମାଆ ସାଧାରଣତଃ ପିଲାଙ୍କ ପାଇଁ କିଛି ପାଠ କରନ୍ତି । କିନ୍ତୁ ଆଜି ସେ ଏହି ପ୍ରବଚନଟି ଦେଇଥିଲେ ।

### ଟ୍ଲେମ୍ ସେନ୍‌ର ସ୍ମୃତି

ଆଜି ସଂଧ୍ୟାରେ ମଧ୍ୟ ମୁଁ ବହିରୁ କିଛି ପଢ଼ିବି ନାହିଁ, ମାତ୍ର ଆଜି କୌଣସି କାହାଣୀ ବି କହିବି ନାହିଁ । ଆଜି ମାଦାମ୍ – ଙ୍କ ବିଷୟରେ ତୁମମାନଙ୍କୁ କିଛି କହିବି ।

ମାଦାମ୍ – ଙ୍କ ଜନ୍ମ ଓ୍ୱାଏଟ୍ ଦ୍ୱୀପରେ ହୋଇଥିଲା ଓ ସେ ଟ୍ଲେମ୍‌ସେନ୍‌ଠାରେ ତାଙ୍କ ସ୍ୱାମୀଙ୍କ ସହିତ ବାସ କରୁଥିଲେ । ତାଙ୍କର ସ୍ୱାମୀ ଜଣେ ଗୁହ୍ୟବିଦ୍ୟାବିଦ୍ ରୂପେ ପ୍ରଖ୍ୟାତ ଥିଲେ । ଗୁହ୍ୟବିଦ୍ୟାବିଦ୍ ହିସାବରେ ସ୍ୱୟଂ ମାଦାମ୍ – ଙ୍କର ମଧ୍ୟ ଅନେକ ଶକ୍ତି ରହିଥିଲା, ଅତୀନ୍ଦ୍ରିୟ ଦୃଷ୍ଟିର କ୍ଷେତ୍ରରେ ସେ ଅତ୍ୟନ୍ତ ବିଚକ୍ଷଣ ଥିଲେ, ମିଡ଼ିଅମ୍ ରୂପେ କାର୍ଯ୍ୟ କରିବାରେ ତାଙ୍କର ଅତୀବ କୁଶଳତା ରହିଥିଲା । ତାଙ୍କର ଶକ୍ତିଗୁଡ଼ିକୁ ପ୍ରକୃତରେ ଅସାଧାରଣ ବୋଲି କୁହାଯାଇପାରିବ; ଏହି କ୍ଷେତ୍ରରେ ସିଏ ଅତ୍ୟନ୍ତ ପରିପୂର୍ଣ୍ଣ ଓ କଠିନ ତାଲିମ୍ ପ୍ରାପ୍ତ କରିଥିଲେ । ସିଏ ଆପଣା ଶରୀର ଭିତରୁ ବାହାରିଯାଇ ଆପଣାକୁ ଦେଖିପାରୁଥିଲେ, ଅର୍ଥାତ୍, ଆପଣାର ଜଡ଼ଶରୀରଟି ମଧ୍ୟରୁ ଏକ ସୂକ୍ଷ୍ମ ଶରୀର ବାହାର କରି ଆଣି ପାରୁଥିଲେ, ସଂପୂର୍ଣ୍ଣ ସଚେତନ ଭାବରେ ତାହା କରିପାରୁଥିଲେ ଏବଂ ଲାଗ୍ ଲାଗ୍ ବାରଥର ପର୍ଯ୍ୟନ୍ତ ସେପରି କରିପାରୁଥିଲେ । ଅର୍ଥାତ୍, ସିଏ ସଚେତନ ଭାବରେ ସତ୍ତାର ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥାକୁ ଚାଲିଯାଇ ପାରୁଥିଲେ, ନିଜର ଭୌତିକ ଶରୀରରେ ବାସ କଲାପରି ସେ ସମାନ ଭାବରେ ସଚେତନ ହୋଇ ସେଠାରେ ବାସ କରିପାରୁ ଥିଲେ । ଏବଂ ତା'ପରେ ସେହି ସୂକ୍ଷ୍ମତର ଶରୀରଟିକୁ ସମାଧିସ୍ଥ କରି ଆଣିପାରୁଥିଲେ, ନିଜକୁ ତା' ମଧ୍ୟରୁ ବାହାରକୁ ନେଇ ଆସି ପାରୁଥିଲେ ଏବଂ ଏହିପରି ଭାବରେ ଲାଗ୍ ଲାଗ୍ ବାରଥର ପାଇଁ ସେହି କଥାଟିକୁ କରିପାରୁଥିଲେ । ମୂର୍ତ୍ତ ଜଗତର ସର୍ବଶେଷ ସୀମା ପର୍ଯ୍ୟନ୍ତ ସେ ଏପରି କରିପାରୁଥିଲେ ।... ସେହି ବିଷୟରେ ତୁମମାନଙ୍କୁ ମୁଁ ପରେ କହିବି; ମୁଁ ଯେଉଁ କଥା ବର୍ତ୍ତମାନ କହୁଛି, ସେ ବିଷୟରେ ସବୁକଥା ବୁଝିବା ଲାଗି ତୁମର ଆଉ କିଛି ଅଧିକ ସାମର୍ଥ୍ୟ ହୋଇଗଲେ ମୁଁ ତୁମମାନଙ୍କୁ ସେକଥା କହିବି । ମାତ୍ର ଆଜି କେତୋଟି ସାନସାନ ଘଟଣା ବିଷୟରେ କହିବି; ମୁଁ ନିଜେ ୧୯୦୭ ମସିହାରେ

'oaob.nitrkl.ac.in' images reprocessed

ସେହି ଟ୍ଲେମ୍‌ସେନ୍‌ରେ ବାସ କରୁଥିବାବେଳେ ଦେଖିଥିବା କେତୋଟି ଘଟନାର କଥା କହିବି, ଏବଂ ସିଏ ମୋତେ କହିଥିବା ଗୋଟିଏ ଗପ ମଧ୍ୟ ତୁମମାନଙ୍କୁ କହିବି ।

ଘଟଣାଗୁଡ଼ିକ ଅଧିକତର ପରିମାଣରେ ଏକ ବାହ୍ୟ ପ୍ରକାରର ଘଟଣା, ମାତ୍ର ଅତ୍ୟନ୍ତ ବିନୋଦଦାୟକ ।

ମାଦାମ୍ – ପ୍ରାୟ ସର୍ବଦା ଏକ ଅର୍ଦ୍ଧବିସ୍ମୃତ ମଗ୍ନ ଅବସ୍ଥାରେ ରହୁଥିଲେ । ଏବଂ ଆପଣାର ଶରୀରକୁ ସିଏ ଏତେ ଭଲ ଭାବରେ ତାଲିମ କରାଇ ନେଇଥିଲେ ଯେ,– ଏହି ମଗ୍ନ ଅବସ୍ଥାରେ ମଧ୍ୟ ତାଙ୍କ ଶରୀର ସେହିପରି ସୁପ୍ରଶିକ୍ଷିତ ହୋଇ ରହିଥିଲା,– ଯେତେବେଳେ ସିଏ ସ୍ୱସତ୍ତାର ଏକ ବା ଏକାଧିକ ଅଂଶକୁ ନିଜ ଭିତରୁ ବାହାରକୁ ନେଇ ଆସି ପାରୁଥିଲେ, ସେତେବେଳେ ତାଙ୍କ ଶରୀର ସତେଅବା ତା'ର ଏକ ସ୍ୱକୀୟ ଜୀବନ ଯାପନ କରୁଥିଲା ଏବଂ ସିଏ ଏଣେତେଣେ ବେଶ୍ ବିଚରଣ କରି ପାରୁଥିଲେ ଏବଂ ଏପରିକି ସେ ଭୌତିକ ଜଗତର ସାନସାନ କାର୍ଯ୍ୟକୁ ସଂପନ୍ନ ବି କରିପାରୁଥିଲେ ।... ସିଏ ପ୍ରକୃତରେ କେତେ କ'ଣ କାର୍ଯ୍ୟ କରିପାରୁଥିଲେ; କାରଣ ମଗ୍ନ ହୋଇ ରହିଥିବା ଅବସ୍ଥାଟି ସମୟରେ ସେ ଅବାଧ ଭାବରେ କଥା କହିପାରୁଥିଲେ ଓ ଯାହାସବୁ ଦେଖୁଥିଲେ, ତାହାକୁ ବର୍ଣ୍ଣନା କରି କହିପାରୁଥିଲେ । ସେତେବେଳେ ସେହିସବୁ କଥାକୁ ଟିପି ନିଆ ଯାଉଥିଲା ଏବଂ ପରେ ଏକ ଶିକ୍ଷାସାମଗ୍ରୀ ରୂପେ ବ୍ୟବହୃତ ହେଉଥିଲା । ସେଗୁଡ଼ିକ ଏହା ଭିତରେ ପ୍ରକାଶିତ ବି ହୋଇସାରିଛି । ଏବଂ, ଏହି ଯାବତୀୟ କାର୍ଯ୍ୟକଳାପର କାରଣରୁ ଓ ତାଙ୍କର ଗୂଢ଼ବିଦ୍ୟା ସମ୍ବନ୍ଧୀୟ କାର୍ଯ୍ୟଟିର କାରଣରୁ ମାଦାମ୍ – ଅଧିକାଂଶ ସମୟରେ ଭାରି ଶ୍ରାନ୍ତ ହୋଇ ପଡୁଥିଲେ, ଅର୍ଥାତ୍ ତାଙ୍କର ଶରୀର ଅଧିକାଂଶ ସମୟରେ ଭାରି ଅବସନ୍ନ ହୋଇ ପଡୁଥିଲା ଓ ସେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଉପାୟରେ ଶରୀର ମଧ୍ୟକୁ ତା'ର ପ୍ରାଣିକ ଶକ୍ତିକୁ ଫେରାଇ ଆଣିବାର ଆବଶ୍ୟକତା ରହୁଥିଲା ।

ଦିନେ ସେ ବିଶେଷ ଭାବରେ କ୍ଲାନ୍ତ ହୋଇ ପଡ଼ିଥିଲେ,– ସେଦିନ ସିଏ ମୋତେ ଆସି କହିଲେ, "ମୋର ଶକ୍ତିକୁ ମୁଁ କିପରି ପୁଣି ଫେରିପାଇବି, ବର୍ତ୍ତମାନ ତୁମେ ସେହିକଥା ଦେଖିବାକୁ ପାଇବ ।" ସିଏ ତାଙ୍କ ବଗିଚାରୁ,– ଏହାକୁ କେବଳ ଗୋଟିଏ ବଗିଚା କହିଲେ ଠିକ୍ ହେବ ନାହିଁ,– ଏହାକୁ ଏକ ବୃହତ୍ ଭୂସମ୍ପତ୍ତି ବୋଲିହିଁ କୁହାଯାଇପାରିବ, ସେଥିରେ କେଉଁ କାଳର ଅଲିଭ୍ ଗଛମାନ ଥିଲା, ଏଡ଼େ ବଡ଼ ବଡ଼ ଡିମିରିଗଛ ଥିଲା, ଯାହାକୁ କି ମୁଁ ଆଉ କୌଣସିଠାରେ ଦେଖି ନାହିଁ,– ଏହା ପ୍ରକୃତରେ ଏକ ଅଦ୍ଭୁତ ଉଦ୍ୟାନ ଥିଲା । ଗୋଟିଏ ପାହାଡ଼ର କାନ୍ଧକୁ ଉଦ୍ୟାନଟି ଥିଲା, ସମତଳ ଭୂଇଁରୁ ଆରମ୍ଭ ହୋଇ ପାହାଡ଼ର ଅଧାଯାଏ ବିସ୍ତାରି ରହିଥିଲା । ସେହି ବଗିଚାରେ ଅନେକ ଲେମ୍ବୁ ଓ କମଳାଲେମ୍ବୁ ଗଛ ବି ଥିଲା... ହଁ, ଗ୍ରେପ୍‌ଫ୍ରୁଟ୍ ଗଛ ମଧ୍ୟ ରହିଥିଲା । ଗ୍ରେପ୍‌ଫ୍ରୁଟ୍ ଗଛରେ

'oaob.nitrkl.ac.in' images reprocessed

ଯେଉଁ ଫୁଲ ଫୁଟେ, କମଳାଲେମ୍ବୁ ଗଛର ଫୁଲ ଅପେକ୍ଷା ସେଥିରୁ ବୋଧହୁଏ ଆହୁରି ଅଧିକ ବଢ଼ିଆ ବାସନା ହୁଏ— ଫୁଲଗୁଡ଼ାକ ବି ବଡ଼ ବଡ଼ ହୁଏ । ମାଦାମ୍ — ସେହି ଫୁଲରୁ ସ୍ୱୟଂ ଏକ ଅତର ପ୍ରସ୍ତୁତ କରି ଜାଣିଥିଲେ ଏବଂ ସେଥିରୁ ସିଏ ମୋତେ ବି ଶିଶିଟିଏ ଦେଇଥିଲେ । — ହଁ, ସେହି ବଗିଚାରୁ ସିଏ ଥରେ ଗୋଟିଏ ବଡ଼ ଗ୍ରେପ୍‌ଫ୍ରୁଟ୍ ତୋଳି ଆଣିଲେ,— ଠିକ୍ ଏଡ଼େ ବଡ଼ ଗ୍ରେପ୍‌ଫ୍ରୁଟ୍‌ଟିଏ (ମାଆ ହାତରେ ଦେଖାଇଲେ)— ଭାରି ବଡ଼ ଫଳଟିଏ, ପାଚିକରି ଟହଟହ ହେଉଥିଲା । ତା'ପରେ ସିଏ ନିଜ ବିଛଣାରେ ଯାଇ ଲମ୍ବ ହୋଇ ଶୋଇ ରହିଲେ, ଫଳଟିକୁ ନିଜର ସୌରଚକ୍ର ଉପରେ ରଖିଲେ, (ହାତରେ ଦେଖାଇ) ଏଇଠି ଏହିପରି ଭାବରେ ସେଇଟିକୁ ରଖିଲେ । ଫଳଟିକୁ ସେ ଦୁଇଟିଯାକ ହାତରେ ଧରିଥା'ନ୍ତି । ସେହିପରି ଭାବରେ ଶୋଇରହି ସେ ବିଶ୍ରାମ କରିବାକୁ ଲାଗିଲେ । ନିଦରେ ଶୋଇ ନ ଥା'ନ୍ତି, କେବଳ ବିଶ୍ରାମ କରୁଥା'ନ୍ତି । ତା'ପରେ ମୋତେ କହିଲେ, ''ଆପଣ ପୁଣି ଘଣ୍ଟାକ ପରେ ଏଠାକୁ ଆସିବେ ।'' ମୁଁ ଠିକ୍ ଘଣ୍ଟାକ ପରେ ସେଠାକୁ ଫେରିଆସିଲି ।... ଆସି ଦେଖିଲି ଯେ ସେତେବେଳକୁ ଗ୍ରେପ୍‌ଫ୍ରୁଟ୍‌ଟି ସତେଅବା ଗୋଟିଏ ଚକୁଳିପିଠା ପରି ଚେପ୍‌ଟା ଓ ଚଟକା ହୋଇ ଯାଇଥିଲା । ତାହାର ଅର୍ଥ ହେଉଛି ଯେ, ମାଦାମ — ଙ୍କ ଭିତରେ ପ୍ରାଣିକ ଶକ୍ତିକୁ ନିଜ ମଧ୍ୟକୁ ଗ୍ରହଣ କରି ନେବା ଲାଗି ଏପରି ଅଦ୍ଭୁତ କ୍ଷମତା ରହିଥିଲା ଯେ ସିଏ ଇତିମଧ୍ୟରେ ଫଳଟି ଭିତରୁ ସମସ୍ତ ପ୍ରାଣଶକ୍ତିକୁ ନିଜ ଭିତରକୁ ଆକର୍ଷଣ କରି ନେଇଥିଲେ ଏବଂ ତେଣୁ ଫଳଟି କ୍ରମେ ଏଡ଼େ ନରମା ଓ ଚେପ୍‌ଟା ହୋଇ ଯାଇଥିଲା । ଏବଂ ମୁଁ ସେହି ଘଟଣାଟିକୁ ନିଜେ ଦେଖିବାକୁ ପାଇଥିଲି । ତୁମେମାନେ ହୁଏତ ତାହା କରିବାକୁ ଚେଷ୍ଟା କରିପାରିବ, ମାତ୍ର କଦାପି ସଫଳ ହୋଇପାରିବ ନାହିଁ । (ସମସ୍ତେ ହସିଲେ)

ଆଉଥରେ,— ଏବଂ ଏଥରକ ଅଧିକ କୌତୁକପ୍ରଦ ଭାବରେ ସବୁକଥା ଘଟିଥିଲା,— ମାତ୍ର ମୁଁ ଆଗ ତୁମମାନଙ୍କୁ ଟ୍ଲେମ୍‌ସେନ୍ ବିଷୟରେ ଗୋଟାଏ ଦୁଇଟା କଥା କହିବି । ତୁମେ ହୁଏତ ସେହି କଥାଗୁଡ଼ିକୁ ଆଗରୁ ଜାଣି ନ ଥିବ । ଦକ୍ଷିଣ ଆଲ୍‌ଜିରିଆରେ ଟ୍ଲେମ୍‌ସେନ୍ ହେଉଛି ଗୋଟିଏ ଛୋଟ ସହର, ପ୍ରାୟ ସାହାରା ମରୁଭୂମିର ସୀମାପାଖରେ ଅବସ୍ଥିତ । ସହରଟି ଗୋଟିଏ ଉପତ୍ୟକା ଭିତରେ ଗଢ଼ିଉଠିଛି । ଉପତ୍ୟକାର ଚାରିପାଖରେ ପର୍ବତ ଘେରି ରହିଛି, ଖୁବ୍ ଉଚ୍ଚ ନ ହେଲେ ମଧ୍ୟ ସେଗୁଡ଼ିକ ପାହାଡ଼ଠାରୁ ଅଧିକ ଉଚ୍ଚ । ଉପତ୍ୟକାଟି ଭାରି ଉର୍ବର, ଚାରିଆଡ଼ ସବୁଜ ରଙ୍ଗରେ ଭରି ରହିଛି, ଭାରି ସୁନ୍ଦର ଦେଖାଯାଉଛି । ଅଧିବାସୀମାନଙ୍କ ମଧ୍ୟରେ ଅଧିକାଂଶ ଆରବ ଜାତିର ଏବଂ ସେମାନେ ହେଉଛନ୍ତି ଜଣେ ଜଣେ ଧନୀ ବଣିକ । ସହରଟିକୁ ପ୍ରକୃତରେ ଏକ ସମ୍ପଦଶାଳୀ ସହର ବୋଲି କହିବାକୁ ହେବ । ଅନ୍ତତଃ ସେତେବେଳେ ତାହା ଭାରି ସମ୍ପଦଶାଳୀ ଥିଲା, ବର୍ତ୍ତମାନ

'oaob.nitrkl.ac.in' images reprocessed

କିପରି ଅଛି ମୁଁ ସେକଥା କହିପାରିବି ନାହିଁ । ମୁଁ ତୁମମାନଙ୍କୁ ଯେଉଁ ସମୟର ଘଟନାମାନ କହୁଛି, ତାହା ହେଉଛି ଏହି ଶତାବ୍ଦୀର ଆରମ୍ଭବେଳ । ସେହି ସହରରେ ଅନେକ ସମ୍ପଦଶାଳୀ ବଣିକ ବାସ କରୁଥିଲେ ଏବଂ ଆରବଜାତିର ଏହି ଲୋକମାନେ ମାଦାମ୍‌ଙ୍କ ସ୍ୱାମୀଙ୍କ ସହିତ ମଝିରେ ମଝିରେ ଦେଖା କରିବାକୁ ଆସୁଥିଲେ । ସେମାନେ କିଛି ଜାଣି ନ ଥିଲେ, କିଛି ବୁଝି ବି ପାରୁ ନ ଥିଲେ, ତଥାପି ବଡ଼ ଆଗ୍ରହର ସହିତ ଆସୁଥିଲେ ।

ଦିନେ ସନ୍ଧ୍ୟା ବୁଡ଼ି ଆସୁଥିବା ସମୟରେ ଏହିପରି ଜଣେ ବ୍ୟକ୍ତି ଆସି ପହଞ୍ଚିଲେ ଓ ନାନା ପ୍ରଶ୍ନ ପଚାରିବାକୁ ଆରମ୍ଭ କଲେ । ସେଥିମଧ୍ୟରୁ ଅନେକ ପ୍ରଶ୍ନ ବେଶ୍ ହାସ୍ୟକର ବି ଥିଲା । ସେତିକିବେଳେ ମାଦାମ୍ – ମୋତେ କହିଲେ, ‘‘ବର୍ତ୍ତମାନ ଆମର ବେଶ୍ ଟିକିଏ ମଜା ହେବ, ଆପଣ ଦେଖିବେ ।’’ ସେହି ଘରର ବାରଣ୍ଡାରେ ଗୋଟିଏ ବଡ଼ ଖାଇବା ଟେବୁଲ ପଡ଼ିଥାଏ,– ଭାରି ବଡ଼ ଟେବୁଲଟିଏ, ଭାରି ଚଉଡ଼ା, ସେଥିରେ ଆଠଟା ଗୋଡ଼ ଲାଗିଥାଏ– ପ୍ରତ୍ୟେକ ପାଖରେ ଚାରିଟା ଲେଖାଏଁ ଗୋଡ଼ । ତାହାକୁ ପ୍ରକୃତରେ ଏକ ମସ୍ତବଡ଼ ଟେବୁଲ ବୋଲି କହିବାକୁ ହେବ, ଭାରି ଓଜନଦାର । ଏହି ବ୍ୟକ୍ତି ଜଣଙ୍କର ଅଭ୍ୟର୍ଥନା କରିବା ଲାଗି ଆଗରୁ ଚଉକିମାନ ସଜାହୋଇ ପଡ଼ିଥାଏ, ଟେବୁଲଟିଠାରୁ ଅଳ୍ପଦୂରରେ ସେଗୁଡ଼ିକ ପକା ହୋଇଥାଏ । ତା’ପରେ ସେଇଠି ସେହି ବ୍ୟକ୍ତି ପ୍ରଶ୍ନମାନ ପଚାରୁ ଥାଆନ୍ତି; ମୁଁ ଯେପରି କହିଲି, ବେଶ୍ ହାସ୍ୟକର ପ୍ରଶ୍ନମାନ ପଚାରୁ ଥାଆନ୍ତି । ଜଣେ ପ୍ରକୃତରେ କି କି ଶକ୍ତି ହାସଲ କରିପାରିବ ଓ ସିଏ ଯାହାକୁ ‘‘ଯାଦୁ’’ ବୋଲି କହୁଥିଲେ, ତାହା ଦ୍ୱାରା କ’ଣସବୁ କରାଯାଇପାରିବ, ସିଏ ସେହିସବୁ ପ୍ରଶ୍ନ ପଚାରୁଥିଲେ ।... ମାଦାମ୍ – ମୋ’ ଆଡ଼କୁ ଅନାଇଲେ, ମାତ୍ର କିଛି କହିଲେ ନାହିଁ ଓ ଭାରି ସ୍ଥିର ହୋଇ ବସିଥିଲେ । ହଠାତ୍ ମୁଁ ଗୋଟାଏ ଚିତ୍କାର ଶୁଣିବାକୁ ପାଇଲି, ସତେଅବା ଆତଙ୍କ ସହିତ କିଏ ଚିତ୍କାର କରୁଥିବାର ଶୁଣିବାକୁ ପାଇଲି । ଟେବୁଲଟି ମଧ୍ୟ ଘୁରି ଘୁରି ଯିବାକୁ ଆରମ୍ଭ କଲା ଏବଂ ପ୍ରାୟ ଏକ ବୀରତ୍ୱପୂର୍ଣ୍ଣ ଆବେଶ ସୃଷ୍ଟି କରି ଅନ୍ୟପାଖରେ ବସିଥିବା ବିଚରା ସେହି ବ୍ୟକ୍ତିଟିକୁ ଆକ୍ରମଣ କରି ବାହାରିଲା । ତାଙ୍କ ପାଖକୁ ଯାଇ ତାଙ୍କୁ ଜୋର୍‌ରେ ଧକ୍କାଟିଏ ଦେଲା ।... ମାଦାମ୍ – ସେହି ଟେବୁଲକୁ ମୋଟେ ଛୁଇଁ ନ ଥିଲେ, ଟେବୁଲଟିକୁ କେହି ଛୁଇଁ ନ ଥିଲେ । ସିଏ କେବଳ ଟେବୁଲଟି ଉପରେ ଆପଣାର ଧ୍ୟାନକୁ ସଂକେନ୍ଦ୍ରିତ କରି ରଖିଥିଲେ ଏବଂ ନିଜର ପ୍ରାଣିକ ଶକ୍ତି ଦ୍ୱାରା ତାକୁ ଚଳାଇବାକୁ ଆରମ୍ଭ କରିଥିଲେ । ଟେବୁଲଟି ପ୍ରଥମେ ହଲଚଲ ହେବାକୁ ଆରମ୍ଭ କଲା, ତା’ପରେ ଧୀରେ ଧୀରେ ଘୁରିବାକୁ ଲାଗିଲା ଏବଂ ତା’ପରେ ହଠାତ୍, ଗୋଟାଏ କୁଦାରେ ସେହି ବ୍ୟକ୍ତିଙ୍କର ଉପରେ ଯାଇ ପଡ଼ିଲା । ବ୍ୟକ୍ତିଜଣକ ସେଠାରୁ ଉଠି ପଳାଇଗଲେ, ଆଉ ମୋଟେ ଫେରି ନ ଥିଲେ ।

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକର ବସ୍ତୁତ୍ୱ ଅପହରଣ କରିନେବା ଓ ଅପହୃତ ବସ୍ତୁତ୍ୱକୁ ପୁନର୍ବାର ସେମାନଙ୍କ ପାଖକୁ ଫେରାଇ ଆଣିବାର ଶକ୍ତି ମଧ୍ୟ ତାଙ୍କଠାରେ ଥିଲା । ଏବଂ ଏସବୁ ବିଷୟରେ ସେ କିଛିହେଲେ କହୁ ନ ଥିଲେ, କୌଣସି ବାହାଦୁରି କରୁ ନ ଥିଲେ, "ଦେଖ, ମୁଁ ବର୍ତ୍ତମାନ ଗୋଟାଏ କଥା କରିବାକୁ ଯାଉଛି" ବୋଲି ସେ କେବେହେଲେ କହୁ ନ ଥିଲେ । କେବେହେଲେ କୌଣସି ବିଷୟରେ କହୁ ନ ଥିଲେ । କେବଳ ଭାରି ସ୍ଥିର ଭାବରେ ଯାହା କରିବାର କରିଯାଉଥିଲେ । ଏସବୁ କଥାରେ ସେ କେବେ କୌଣସି ମହତ୍ତ୍ୱ ବି ଦେଉ ନ ଥିଲେ, ତୁଚ୍ଛା ଜଡ଼ ଭୌତିକ ଶକ୍ତି ବ୍ୟତୀତ ଆହୁରି ଅନ୍ୟାନ୍ୟ ଶକ୍ତି ରହିଛି ବୋଲି ପ୍ରମାଣ କରିଦେବା ଲାଗି ଯେ ସେହିସବୁ କାର୍ଯ୍ୟ ଉଦ୍ଦିଷ୍ଟ ଥିଲା, ସେ ସେହି କଥା ଜାଣିଥିଲେ ।

ଯେତେବେଳେ ମୁଁ ସନ୍ଧ୍ୟା ସମୟରେ ବାହାରକୁ ବୁଲି ଯାଉଥିଲି,— ଛାଉ ଲେଉଟି ଆସିଲାବେଳକୁ ମୁଁ ମାଦାମ୍ — ଙ୍କ ସ୍ୱାମୀଙ୍କ ସାଙ୍ଗରେ ସହର ବାହାରେ ଅବସ୍ଥିତ ଗ୍ରାମାଞ୍ଚଳ ଆଡ଼େ ଚାଲି ଚାଲି ବୁଲି ଯାଉଥିଲି, ପର୍ବତ-ଅଞ୍ଚଳଗୁଡ଼ିକରେ ଓ ପାଖ ଗାଆଁମାନଙ୍କରେ ପାଦରେ ଚାଲି ଚାଲି ବୁଲି ଯାଉଥିଲି,— ସେତେବେଳେ ମୁଁ ମୋ ଘର କବାଟରେ କୋଇପ ପକାଇ ଯାଉଥିଲି; ଏଇଟା ମୋର ଏକ ଅଭ୍ୟାସ ହୋଇ ଯାଇଥିଲା, ମୁଁ ସର୍ବଦା କୋଇପ ପକାଇହିଁ ଯାଉଥିଲି । ମାଦାମ୍ — କ୍ୱଚିତ୍ ବାହାରକୁ ଯାଉଥିଲେ, କାହିଁକି ଯାଉ ନ ଥିଲେ, ତାହାର କାରଣ ମୁଁ ଆଗରୁ ଉଲ୍ଲେଖ କରିଛି । କାରଣ ଅଧିକାଂଶ ସମୟରେ ସିଏ ପ୍ରାୟ ଏକ ସମାଧିସ୍ଥ ମଗ୍ନ ଅବସ୍ଥାରେ ରହୁଥିଲେ ଏବଂ ଘରେ ରହିବାକୁହିଁ ପସନ୍ଦ କରୁଥିଲେ । ମାତ୍ର ମୁଁ ଯେତେବେଳେ ଫେରିଆସି ମୋ ଘରର କବାଟ ଫିଟାଉଥିଲି,— ମୁଁ ଗଲାବେଳେ ସେଥିରେ କୋଇପ ପକାଇ ଯାଉଥିଲି, ତେଣୁ ତା'ଭିତରେ ଆଉ କାହାରି ପ୍ରବେଶ କରିବାର କୌଣସି ସମ୍ଭାବନା ନ ଥିଲା,— ସର୍ବଦା ମୁଁ ମୋ ତକିଆ ଉପରେ ଏକ ପ୍ରକାରର ସାନ ଫୁଲମାଳଟିଏ ଦେଖିବାକୁ ପାଉଥିଲି । ସେହି ଫୁଲଗୁଡ଼ିକ ବଗିଚାରେହିଁ ଫୁଟୁଥିଲା, ସେଗୁଡ଼ିକର ନାମ ହେଉଛି ରଜଣୀ ଫୁଲ (Belles de Nuit)*ସେହି ଫୁଲଗୁଡ଼ିକ ଆମର ଏଠି ମଧ୍ୟ ଅଛି । ସେଗୁଡ଼ିକ ସନ୍ଧ୍ୟାବେଳେ ଫୁଟନ୍ତି ଏବଂ ସେଗୁଡ଼ିକର ଏକ ଅଦ୍ଭୁତ ବାସନା ଅଛି । ସେଠି ଗୋଟାଏ ପୂରା ଧାଡ଼ି ସେହି ଫୁଲଗୁଡ଼ିକ ଫୁଟିଥାଏ, ଗଛଗୁଡ଼ିକ ବେଶ୍ ବଡ଼ ବଡ଼ ବୁଦାପରି ଏତେ ଏତେ ଉଚ୍ଚ ହୋଇଥା'ନ୍ତି । ସେହି ଫୁଲଗୁଡ଼ିକ ପ୍ରକୃତରେ ଅଦ୍ଭୁତ ଫୁଲ — ମୁଁ ଭାବୁଛି, ଏଠାରେ ମଧ୍ୟ ସେଗୁଡ଼ିକ ଠିକ୍ ସେହିପରି ଅଦ୍ଭୁତ

---

*mirabilis ପେରୁଦେଶର ଆଶ୍ଚର୍ଯ୍ୟ— ମାଆ ତାକୁ ପ୍ରତୀକାତ୍ମକ ଭାବରେ Solace ବା ସାନ୍ତ୍ୱନା ବୋଲି ନାମ ଦେଇଛନ୍ତି ।

'oaob.nitrkl.ac.in' images reprocessed

ଭାବରେ ଫୁଟନ୍ତି; — ଗୋଟିଏ ଗଛରେ ଏକାବେଳେକେ ନାନାରଙ୍ଗର ଫୁଲମାନ ଫୁଟିଥାଏ : ନାଲି, ହଳଦିଆ, ଛାପିଛାପିକିଆ, ବାଇଗଣି, ନାନା ରଙ୍ଗର ଫୁଲ ଫୁଟିଥାଏ । ଅତି ଛୋଟ ଛୋଟ ଫୁଲ, ଠିକ୍ ବ୍ଲୁ ବେଲ୍ ଫୁଲ ପରି । ନାଇଁ — Convolvulus ଫୁଲ ପରି, ମାତ୍ର ଏଗୁଡ଼ିକ ବୁଦା ପରି ଗଛରେ ଫୁଟନ୍ତି । Convolvulus ତ ଲତାରେ ଫୁଟେ, ଏଗୁଡ଼ିକ ବୁଦାପରି ସାନସାନ ଗଛରେ ଫୁଟନ୍ତି । ଆମ ବଗିଚାରେ ମଧ୍ୟ ଏଠି ସେହି ଫୁଲର କେତୋଟି ବୁଦା ରହିଛି । ମାଦାମ୍ — ସର୍ବଦା ସେହି ଫୁଲରୁ କେତେକ ନେଇ ତାଙ୍କ କାନ ପଛରେ ଖୋସୁଥିଲେ, କାରଣ ସେଗୁଡ଼ିକରେ ଏକ ଅଦ୍ଭୁତ ବାସନା ରହିଥିଲା, ବଡ଼ ଆନନ୍ଦଦାୟକ ମଧୁର ବାସନା ରହିଥିଲା । ହଁ, ଏହିସବୁ ବଡ଼ ବଡ଼ ବୁଦା ଭିତରେ ଯେଉଁ ସାନ ରାସ୍ତାଟି ଯାଇଥିଲା, ସେ ସେହି ରାସ୍ତାରେ ବୁଲି ବାହାରୁଥିଲେ; ବୁଦାଗୁଡ଼ିକ ବେଶ୍ ବଡ଼ ବଡ଼ ହୋଇଥାଏ ଓ ସେଗୁଡ଼ିକରୁ ସେ ଫୁଲ ତୋଳି ଆଣୁଥିଲେ । ଏବଂ, ମୁଁ ଯେତେବେଳେ ଘରକୁ ଫେରି ଆସୁଥିଲି, ସେତେବେଳେ ଏହି ଫୁଲଗୁଡ଼ିକୁ ମୁଁ ମୋ' କୋଠରିଟି ଭିତରେ ରହିଥିବାର ଦେଖୁଥିଲି !... ସିଏ କିପରି ଏକଥା କରୁଥିଲେ, ମାଦାମ୍— ମୋତେ କେବେହେଲେ ସେକଥା କହୁ ନ ଥିଲେ । ମାତ୍ର ଏକଥାରେ କୌଣସି ସନ୍ଦେହ ନାହିଁ ଯେ ସିଏ କୋଠରିଟି ମଧ୍ୟରେ କଦାପି ପ୍ରବେଶ କରୁ ନ ଥିଲେ । ମୋତେ ସିଏ ଥରେ ଆସି କହିଲେ, "ତୁମ କୋଠରିରେ କୌଣସି ଫୁଲ ନ ଥିଲା ?" ମୁଁ ଉତ୍ତର ଦେଲି, "ହଁ, ଥିଲା ।" ବାସ୍ ସେତିକି । ତା'ପରେ ମୁଁ ଜାଣିବାକୁ ପାଇଲି ଯେ ଫୁଲଗୁଡ଼ିକୁ ସେଇ ନେଇ ମୋ କୋଠରି ଭିତରେ ରଖାଇ ଦେଉଥିଲେ ।

ମୁଁ ତୁମମାନଙ୍କୁ ଏହିପରି ଅନେକ କାହାଣୀ କହିପାରିବି । ମାତ୍ର ଆଜି ସିଏ ମୋତେ କହିଥିବା ଏହି କାହାଣୀଟି କହି ମୁଁ ଶେଷ କରିବି । ସେହି କଥାଟି ଘଟିବାର ମୁଁ ନିଜେ ଦେଖି ନାହିଁ ।

ମୁଁ ଆଗରୁ ତୁମମାନଙ୍କୁ ଯେପରି କହୁଥିଲି, ଟ୍ଲେମ୍‌ସେନ୍ ସହରଟି ସାହାରା ମରୁଭୂମିର ଭାରି ଅଦୂରବର୍ତ୍ତୀ ହୋଇ ଅବସ୍ଥିତ ରହିଛି ଏବଂ ସେହି ଜାଗାଟିର ଜଳବାୟୁ ଠିକ୍ ମରୁଭୂମି ଅଞ୍ଚଳର ଜଳବାୟୁ ପରି । କେବଳ ଏତିକି ପାର୍ଥକ୍ୟ ରହିଛି ଯେ, ଉପତ୍ୟକାଟି ମଧ୍ୟଦେଇ ଗୋଟିଏ ନଈ ବହିଯାଉଛି । ନଈରେ ବର୍ଷଙ୍କ ବାରମାସ ପାଣି ରହେ ଏବଂ ତେଣୁ ତାହା ସମସ୍ତ ଅଞ୍ଚଳଟିକୁ ଭାରି ଉର୍ବର କରି ରଖିଥାଏ । ମାତ୍ର ସହରକୁ ଘେରି ରହିଥିବା ପର୍ବତଗୁଡ଼ିକ ଭାରି ଶୁଷ୍କ ହୋଇ ରହିଥା'ନ୍ତି । କେବଳ ଯେଉଁସବୁ ସ୍ଥାନରେ କୃଷକମାନେ ବସବାସ କରି ରହିଥା'ନ୍ତି, ସେହିଠାରେହିଁ ଯାହାକିଛି ଗଛଲତା ଥାଏ । ହଁ, ମୁଁ କହୁଥିଲି ଯେ ମାଦାମ୍ —ଙ୍କର ସ୍ୱାମୀଙ୍କର ପାର୍କଟି, ଏହି ବୃହତ୍ ଭୂସମ୍ପତ୍ତିଟି ପ୍ରକୃତରେ ଏକ ଅଦ୍ଭୁତ ସ୍ଥାନ ଥିଲା । ସେଠାରେ ସବୁପ୍ରକାର ଗଛପତ୍ର ରହିଥିଲା; ତୁମେ ଯାହାକିଛିର

'oaob.nitrkl.ac.in' images reprocessed

କଳ୍ପନା କରିପାରିବ, ସବୁଜିଛି ଥିଲା ଏବଂ ସୁଦୃଶ୍ୟ କେଡ଼େକେଡ଼େ ହୋଇ ବଢ଼ିଥିଲା । ମାଦାମ୍– ମୋତେ ଦିନେ କହିଲେ ଯେ,– ସେମାନେ ସେଠାରେ ଅନେକ ଦିନରୁ ବାସ କରି ଆସୁଥିଲେ,– ପ୍ରାୟ ପାଞ୍ଚ ଛଅବର୍ଷ ପୂର୍ବରୁ ସେମାନେ ଅନୁଭବ କରିବାକୁ ଲାଗିଲେ ଯେ ଏହିସବୁ ଜଳଶୂନ୍ୟ ପାହାଡ଼ ଫଳରେ ହୁଏତ ନଈଟା ମଧ୍ୟ ଦିନେ ଶୁଖିଲା ପଡ଼ିବାକୁ ଆରମ୍ଭ କରିବ । ତେଣୁ ତାହାର ପ୍ରତିକାର ସ୍ୱରୂପ ଏଇଦିନୁଁ ସେହି ପାହାଡ଼ ଉପରେ କିଛି ଗଛ ଲଗାଯିବା ଉଚିତ । ତା'ପରେ ଡ୍ଲେମ୍‌ଚେନ୍ ପାଖରେ ରହିଥିବା ସବୁ ପର୍ବତ ଉପରେ ଗଛ ଲଗାଯିବ ବୋଲି ସେଠାକାର ପୌରସଭାର ଶାସକ ଆଦେଶ ଦେଲେ । ଯେପରିକି ଚାରିପାଖ ଯାକ ଏକ ସୁପ୍ରଶସ୍ତ ରଙ୍ଗଭୂମି ପରି ଦେଖାଯିବ । ସବୁଆଡ଼େ ପାଇନ୍ ଗଛମାନ ଲାଗିବ ବୋଲି ସେ ଆଦେଶ ଦେଇଥିଲେ, କାରଣ ଆଲ୍‌ଜେରିଆ ଦେଶରେ ଏହି ସମୁଦ୍ରଜାତୀୟ ପାଇନ୍‌ଗଛହିଁ ଖୁବ୍ ଭଲ ଭାବରେ ବଢ଼େ । ଏବଂ ଏଠାରେ ମଧ୍ୟ ସେମାନେ ଏହି ଗଛଟିକୁ ଲଗାଇ ପରୀକ୍ଷା କରି ଦେଖିବାକୁ ମନସ୍ଥ କଲେ । ମାତ୍ର, କେଉଁ କାରଣବଶତଃ କେଜାଣି, ଭୁଲି ଗଲେ ବୋଲି ବା ଗୋଟାଏ ଅଦ୍ଭୁତ କଳ୍ପନାର ବଶବର୍ତ୍ତୀ ହୋଇ ସେମାନେ ଏପରି କଲେ, ସେକଥା ଭଗବାନ ଜାଣନ୍ତି,– ପାହାଡ଼ ଉପରେ ଲଗାଇବା ପାଇଁ ପାଇନ୍ ଗଛ ମଗାଇବା ପରିବର୍ତ୍ତେ ସେମାନେ ଫର୍ ଗଛହିଁ ମଗାଇଲେ । ଫର୍‌ଗଛ ସାଧାରଣତଃ ସ୍କାଣ୍ଡିନେଭିଆର ଦେଶମାନଙ୍କରେ ହୋଇଥାଏ, ମରୁଭୂମି ଅଞ୍ଚଳରେ ଦେଖିବାକୁହିଁ ମିଳେ ନାହିଁ । ହଁ, ପୂର୍ଣ୍ଣ ବିବେକର ସହିତ ସେହି ପର୍ବତଗୁଡ଼ିକ ଉପରେ ଫର୍‌ଗଛ ଲଗାହେଲା । ମାଦାମ୍– ଏହି କଥାଟି ଦେଖିବାକୁ ପାଇଲେ ଏବଂ ମୁଁ ଭାବୁଛି ସିଏ ଏହି କ୍ଷେତ୍ରରେ ତାଙ୍କ ବିଦ୍ୟାର ଏକ ପରୀକ୍ଷା କରିବେ ବୋଲି ଅନୁଭବ କଲେ । ତେଣୁ ଘଟଣା ଏପରି ଘଟିଲା ଯେ ଗଛ ଲଗାହେବାର ଚାରି ପାଞ୍ଚବର୍ଷ ପରେ ସେଗୁଡ଼ିକ ଯେ କେବଳ ବଞ୍ଚିକରି ବଡ଼ ହେଲେ ତା' ନୁହେଁ, ମାତ୍ର ପ୍ରକୃତରେ ଭାରି ଚମତ୍କାର ଓ ସୁଦୃଶ୍ୟ ହୋଇ ବଢ଼ିଥିଲେ । ଏବଂ ଯେତେବେଳେ ମୁଁ ଡ୍ଲେମ୍‌ଚେନ୍‌ରେ ଯାଇ ପହଞ୍ଚିଲି, ସେତେବେଳେ ଚତୁର୍ଦ୍ଦିଗର ପର୍ବତମାନ ଗୋଟାସୁଦ୍ଧା ସବୁଜ ହୋଇ ରହିଥିଲେ, ସେଗୁଡ଼ିକ ଉପରେ ଫର୍ ଗଛଗୁଡ଼ିକ କେଡ଼େ ସୁଦୃଶ୍ୟ ହୋଇ ଠିଆ ହୋଇଥିଲେ । ମାଦାମ୍ – ମୋତେ କହିଲେ, "ତୁମେ ଦେଖି ପାରୁଥିବ, ଏଗୁଡ଼ିକ ପାଇନ୍ ଗଛ ନୁହନ୍ତି, ଏଗୁଡ଼ିକ ଫର୍ ଗଛ ।" ସେଗୁଡ଼ିକ ପ୍ରକୃତରେ ଫର୍‌ଗଛହିଁ ଥିଲେ, – ଏହି ଫର୍ ଗଛକୁ ବଡ଼ଦିନ ପର୍ବର ଗଛରୂପେ ବ୍ୟବହାର କରାଯାଏ ବୋଲି ତୁମେ ସମସ୍ତେ ଜାଣିଛ, ନୁହେଁ ? – ସେଗୁଡ଼ିକ ସବୁଯାକ ଫର୍‌ଗଛହିଁ ଥିଲେ । ତା'ପରେ ସେ ମୋତେ କହିଲେ, ଗଛଗୁଡ଼ିକ ବଡ଼ ହୋଇ ତିନିବର୍ଷର ହୋଇଯିବା ପରେ କିପରି ଥରେ ଡିସେମ୍ବର ମାସର ଏକ ରାତିରେ, ସିଏ ଆଲୁଅ ଲିଭାଇ ବିଛଣା ଉପରକୁ ଯାଇଛନ୍ତି କି ନାହିଁ କେଉଁଠୁ

'oaob.nitrkl.ac.in' images reprocessed

ଗୋଟିଏ ଖୁଡ୍ କରି ଶବ୍ଦ ହେଲା ଓ ସେଥିରେ ତାଙ୍କର ନିଦ ଭାଙ୍ଗିଗଲା । ଏତେ ଟିକିଏ ଶବ୍ଦରେ ମଧ୍ୟ ସବୁବେଳେ ତାଙ୍କର ନିଦ ଭାଙ୍ଗି ଯାଉଥିଲା; ସିଏ ଆଖି ଖୋଲି ଚାରିଆଡ଼କୁ ଅନାଇଲେ ଏବଂ ଚନ୍ଦ୍ରକିରଣ ପରି ଏକ ପଦାର୍ଥ ଦେଖିବାକୁ ପାଇଲେ । ସେଦିନ ରାତିରେ ଆକାଶରେ କୌଣସି ଜହ୍ନ ନ ଥିଲା । କିନ୍ତୁ ଜହ୍ନଆଲୁଅ ପରି ଏକ ପଦାର୍ଥ ଦ୍ୱାରା ଘରର ଗୋଟିଏ କୋଣ ଆଲୋକିତ ହୋଇ ଯାଇଥିଲା । ସେହି ଆଡ଼କୁ ଅନାଇ ସିଏ ଗୋଟିଏ ସାନ ମୂର୍ତ୍ତି ଦେଖିବାକୁ ପାଇଲେ; ନରୱେ, ସୁଇଡେନ୍ ପ୍ରଭୃତି ସ୍କାଣ୍ଡିନେଭୀୟ ଦେଶର ପରୀଗଳ୍ପମାନଙ୍କରେ ଆମେ ଯେଉଁଭଳି ମୂର୍ତ୍ତିର ପରିଚୟ ପାଇଥାଉ, ଠିକ୍ ସେହିଭଳି ଗୋଟିଏ ମୂର୍ତ୍ତି । ସେହି ସାନ ମୂର୍ତ୍ତିଟିର ବେଶ୍ ବଡ଼ ହୋଇ ମୁଣ୍ଡଟିଏ ଥିଲା, ତା' ମୁଣ୍ଡରେ ଗୋଜିଆ ହୋଇ ଟୋପିଟିଏ । ଗାଢ଼ ସବୁଜ ରଙ୍ଗର ଗୋଜିଆ ଗୋଜିଆ ଜୋତା ଗୋଡ଼ରେ ମାଡ଼ିଥିଲା । ଏଡ଼େ ଲମ୍ବର ଗୋଟାଏ ଧଳା ଦାଢ଼ି,— ଏବଂ ତା' ଦେହର ଏହି ସବୁକିଛି ତୁଷାରାବୃତ ହୋଇ ରହିଥିଲା ।

ମାଦାମ୍ — ସେହି ମୂର୍ତ୍ତିଟି ଆଡ଼କୁ ଅନାଇଲେ, — ଆଖି ମେଲାକରି ସିଏ ତାକୁ ଦେଖିବାରେ ଲାଗିଥା'ନ୍ତି, — ତା' ଆଡ଼କୁ ଅନାଇ ସେ ଶେଷରେ କହିଲେ, "ହେ,— ତୁ ପୁଣି ଏଠି କ'ଣ କରୁଛୁ ?" ସିଏ ଇତି ମଧ୍ୟରେ ଟିକିଏ ବିବ୍ରତ ହୋଇ ପଡ଼ିଥିଲେ, କାରଣ ଘରଟିର ଉଷ୍ଣତା ଦ୍ୱାରା ବରଫଗୁଡ଼ାକ ତରଳିଯାଇ ତାଙ୍କ ଘର ଚଟାଣଯାକ ଏଣେତେଣେ ବେଶ୍ ପାଣି ଜମି ଯାଇଥିଲା । "ତୁ ଏଠାରେ କ'ଣ କରୁଛୁ, କହିଲୁ ?"

ମୂର୍ତ୍ତିଟି ମାଦାମ୍‌ଙ୍କ ଆଡ଼କୁ ଚାହିଁ ମୁରୁକି ହସିଲା, ଆପଣାର ମିଷ୍ଟତମ ଦରହାସ୍ୟଟିକୁ ହସି କହିଲା, "ମାତ୍ର ଏହି ଫର୍‌ଗଛଗୁଡ଼ିକହିଁ ଆମକୁ ଏଠାକୁ ଡାକି ଆଣିଥିଲେ ! ଫର୍‌ଗଛମାନେ ବରଫକୁ ଡାକି ଆଣନ୍ତି । ସେଗୁଡ଼ିକ ହେଉଛନ୍ତି ବରଫ-ମୁଲକରେ ବଢ଼ୁଥିବା ଗଛ । ମୁଁ ହେଉଛି ବରଫ-ଦେବତା, ତେଣୁ ମୁଁ ତୁମ ଆଗରେ ଏହି କଥାଟିକୁ ଘୋଷଣା କରିବା ଲାଗି ଆସିଛି ଯେ... ଆମେ ଆସି ପହଞ୍ଚିଗଲୁଣି । ଆମକୁ ଆସିବା ଲାଗି ଡକାଯାଇଛି, ଆମେ ଆସି ପହଞ୍ଚି ଗଲୁଣି ।"

"ବରଫ ?... କିନ୍ତୁ ଆମେ ତ ଆସି ଏଠି ସାହାରା ମରୁଭୂମି ପାଖରେ !"

"ହଁ, ମାତ୍ର ତେବେ ଆପଣମାନେ ଏଠାରେ ଫର୍‌ଗଛ ଲଗାଇଲେ କାହିଁକି ?"

ମାଦାମ୍ — ସର୍ବଶେଷରେ ସେହି ମୂର୍ତ୍ତିଟିକୁ କହିଲେ, "ତୁ ମୋତେ ଯାହାସବୁ କହୁଛୁ, ତାହା ସତ କି ମିଛ ମୁଁ ଜାଣି ନାହିଁ । କିନ୍ତୁ ତୁ ମୋ' ଘରର ଚଟାଣଟାକୁ ଭାରି ଅସନା କରିଦେଲୁଣି । ପଳା ଏଠୁ !"

ଏକଥା ଶୁଣି ମୂର୍ତ୍ତିଟି ସେଠାରୁ ଚାଲିଗଲା । ତା' ସହିତ ଜହ୍ନ ଆଲୁଅଟି ମଧ୍ୟ ଅପସରି ଗଲା । ମାଦାମ୍— ତା'ପରେ ବତିଟିଏ ଲଗାଇଲେ । ଏବଂ ଦେଖିଲେ ... ସେହି

'oaob.nitrkl.ac.in' images reprocessed

ମୂର୍ତ୍ତିଟି ଯେଉଁଠାରେ ଠିଆ ହୋଇଥିଲା, ସେଠି ବେଶ୍ ଖାଲ ପରି ପାଣି ଜମା ହୋଇ ରହିଛି । ତେଣୁ ସେ ପ୍ରକୃତରେ କୌଣସି ସ୍ୱପ୍ନ ଦେଖୁ ନ ଥିଲେ । ସେଠାରେ ପ୍ରକୃତରେ ସାନ ମୂର୍ତ୍ତି ସରାଟିଏ ଠିଆ ହୋଇଥିଲା, ଯାହା ଦେହର ବରଫ ତରଳି ତାଙ୍କ ଘରର ଚଟାଣଟିକୁ ପାଣି କରିଦେଇ ଗଲା । ଏବଂ, ତା'ପରଦିନ ଯେତେବେଳେ ସୂର୍ଯ୍ୟୋଦୟ ହେଲା, ସେତେବେଳେ ଦେଖାଗଲା ଯେ ପର୍ବତଗୁଡ଼ାକ ବରଫ ଦ୍ୱାରା ଆବୃତ ହୋଇ ରହିଛି । ସେହି ପ୍ରଥମଥର ସକାଶେ ସେଠାରେ ବରଫ ପଡ଼ିଲା, ସେହି ଅଞ୍ଚଳରେ ତା' ଆଗରୁ କେହି କେବେ ବରଫ ପଡ଼ିବାର ଦେଖି ନ ଥିଲେ ।

ସେହି ଦିନଠାରୁ, ପ୍ରତ୍ୟେକ ବର୍ଷ – ଖୁବ୍ ବେଶୀଦିନ ପାଇଁ ମୋଟେ ନୁହେଁ, ମାତ୍ର ଅଳ୍ପ କେତେଦିନ ପାଇଁ – ସେଠି ସବୁଯାକ ପର୍ବତ ବରଫ ପଡ଼ି ଢାଙ୍କି ହୋଇଯାଆନ୍ତି ।

ମୁଁ ଏହି କାହାଣୀଟି ତୁମ୍ଭମାନଙ୍କୁ କହିବି ବୋଲି ଭାବିଥିଲି ।

'oaob.nitrkl.ac.in' images reprocessed

## ୨୦ ମାର୍ଚ୍ଚ ୧୯୫୭

''ସଂଗ୍ରାମ ଏବଂ ଦୁଃଖଭୋଗରେ ଯେଉଁ ଆକର୍ଷଣ ରହିଥାଏ, ବିଜୟଜନିତ ଆନନ୍ଦ ଅନେକ ସମୟରେ ତା'ଠାରୁ କମ୍ ବୋଲି ଅନୁଭୂତ ହୋଇଥାଏ; ତଥାପି, ମୃତ୍ୟୁ ବରଣ କରିବା ନୁହେଁ, ମାତ୍ର ବିଜୟର ମାଳାହିଁ ବିଜୟ ଲାଗି ବାହାରିଥିବା ମନୁଷ୍ୟମାତ୍ରର ଲକ୍ଷ୍ୟ ହୋଇ ରହିବା ଉଚିତ ।

''ଯେଉଁସବୁ ଆତ୍ମାର କୌଣସି ଅଭୀପ୍ସା ନ ଥାଏ, ସେଗୁଡ଼ିକୁ ଭଗବାନଙ୍କର ବିଫଳତା ବୋଲିହିଁ କୁହାଯିବ; ମାତ୍ର ସେହିଭଳି ଆତ୍ମାଗୁଡ଼ିକର ସଂଖ୍ୟାକୁ ଆହୁରି ଅଧିକ କରିବାରେ ପ୍ରକୃତି ଭାରି ଆନନ୍ଦ ପାଉଥାଏ ଓ ସେଇଥିଲାଗି ଆଗ୍ରହ ରଖିଥାଏ, କାରଣ ସେହି ଆତ୍ମାଗୁଡ଼ିକ ପ୍ରକୃତିକୁ ଅପରିବର୍ତ୍ତନୀୟତା ବିଷୟରେ ଦୃଢ଼ ପ୍ରତିଶ୍ରୁତି ଦେବାରେ ଲାଗିଥା'ନ୍ତି ଓ ପ୍ରକୃତିର ସାମ୍ରାଜ୍ୟକୁ ଦୀର୍ଘସ୍ଥାୟୀ କରିବାରେ ସାହାଯ୍ୟ କରନ୍ତି ।

''ଯେଉଁମାନେ ଦରିଦ୍ର, ଯେଉଁମାନେ ଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି, ନୀଚ କୁଳରେ ଜନ୍ମ ଲଭିଛନ୍ତି ଅଥବା ଯେଉଁମାନଙ୍କର ଲାଳନପାଳନ ଭଲ ଭାବରେ ହୋଇପାରି ନାହିଁ, ସେମାନଙ୍କୁ ପ୍ରକୃତରେ ଏକ ନିମ୍ନ ସ୍ତରରେ ରହିଥିବା ମନୁଷ୍ୟସମୂହ ବୋଲି କୁହାଯିବ ନାହିଁ । ଯେଉଁମାନେ ଅଳପରେ ସନ୍ତୁଷ୍ଟ ହୋଇ ରହିଛନ୍ତି, ଅଳପ ଇଚ୍ଛା କରୁଛନ୍ତି, ମନୁଷ୍ୟ ହିସାବରେ କେବଳ ଏକ ମାମୁଲି ସ୍ତରଯାଏ ଯେଉଁମାନଙ୍କର ବିକାଶ ହୋଇଛି, ସେହିମାନଙ୍କୁହିଁ ଯଥାର୍ଥରେ ନିମ୍ନସ୍ତରର ସାଧାରଣ ମନୁଷ୍ୟ ବୋଲି କୁହାଯିବ ।

''ମନୁଷ୍ୟମାନଙ୍କର ସହାୟତା କର, ମାତ୍ର ସେମାନଙ୍କର ଶକ୍ତିକୁ ଅପହରଣ କରି ସେମାନଙ୍କୁ ଦରିଦ୍ର କରି ପକାଅ ନାହିଁ; ମନୁଷ୍ୟମାନଙ୍କୁ ବାଟ ଦେଖାଅ, ଶିକ୍ଷା ଦିଅ; ମାତ୍ର ଏହି କଥାଟି ପ୍ରତି ବି ଲକ୍ଷ୍ୟ ରଖିଥାଅ ଯେ ତଦ୍ଦ୍ୱାରା ସେମାନଙ୍କର ସ୍ୱକୀୟ ଉଦ୍ୟମଶୀଳତା ଏବଂ ମୌଳିକତା ଯେପରି କୌଣସି ପ୍ରକାରେ କ୍ଷୁଣ୍ଣ ହୋଇ ନ ଯାଏ; ଅନ୍ୟମାନଙ୍କୁ ଆପଣା ଉପରକୁ ଆଦରିନିଅ ସତ, ମାତ୍ର ତାହାର ପ୍ରତିବଦଳରେ ସେମାନଙ୍କୁ ସେମାନଙ୍କ ପ୍ରକୃତିରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରିପୂର୍ଣ୍ଣ ଦିବ୍ୟତାଟିକୁ ଆଣିଦେବାକୁ ସର୍ବଦା ସ୍ମରଣ ରଖିଥାଅ । ଯିଏ ଏହି କଥାଟିକୁ କରିପାରିବ, ସେଇ ହେଉଛି ପ୍ରକୃତ ନେତା, ସେଇ ପ୍ରକୃତ ଗୁରୁ ।

'oaob.nitrkl.ac.in' images reprocessed

*"ଭଗବାନ ଜଗତକୁ ଏକ ରଣକ୍ଷେତ୍ରରେ ପରିଣତ କରି ରଖିଛନ୍ତି ଏବଂ ଏହାକୁ ଯୋଦ୍ଧାମାନଙ୍କର ପଦାଘାତ ଶବ୍ଦ ଏବଂ ଏକ ବୃହଦ୍ ଦ୍ୱନ୍ଦ୍ୱ ଓ ସଂଘର୍ଷଗତ ଚିତ୍କାରରବରେ ପୂର୍ଣ୍ଣ କରି ରଖିଛନ୍ତି । ସେ ଏଥିପାଇଁ ଯେତିକି ମୂଲ୍ୟ ଧାର୍ଯ୍ୟ କରି ରଖିଛନ୍ତି, ସେତକ ତାଙ୍କୁ ନ ଦେଇ ତୁମେ ତାଙ୍କର ଶାନ୍ତିକୁ ଅପହରଣ କରି ନେବ ବୋଲି କେବେ ମନେ କରିଛ କି ?*

*"ଯେଉଁ ସଫଳତା ତୁମକୁ ଗୋଟାସୁଦ୍ଧା ସଂପୂର୍ଣ୍ଣ ବୋଲି ମନେ ହେଉଛି, ତୁମେ ତାକୁ କଦାପି ବିଶ୍ୱାସ କର ନାହିଁ; ମାତ୍ର ଯେତେବେଳେ ଏକ ସଫଳତା ହାସଲ କରି ତା'ଉପରେ ତୁମର ଆହୁରି ଅନେକ କିଛି କରିବାକୁ ରହିଛି ବୋଲି ଦେଖିବାକୁ ପାଉଛ, ସେତେବେଳେ ତୁମେ ସେଥିଲାଗି ଉଲ୍ଲାସ ପ୍ରକାଶ କର ଓ ଅଗ୍ରସର ହୋଇଯାଅ; କାରଣ ଯଥାର୍ଥ ପରିପୂର୍ଣ୍ଣତା ଉପଲବ୍ଧ ହେବା ପୂର୍ବରୁ ତୁମ ଲାଗି ଏକ ଦୀର୍ଘ ପଥର ଉଦ୍ୟମ ତଥାପି ବାକି ରହିଛି ।*

*"ଗୋଟାଏ ମଧ୍ୟବର୍ତ୍ତୀ ପର୍ଯ୍ୟାୟକୁ ଯେତେବେଳେ ଲକ୍ଷ୍ୟ ବୋଲିହିଁ ଧରି ନିଆଯାଏ ଅଥବା ସାମୟିକ ବିଶ୍ରାମର ଏକ ସ୍ଥଳରେ ଅତିରିକ୍ତ ସମୟ ଲାଗି ଅଟକି ରହିବାକୁ ଇଚ୍ଛା ହୁଏ, ତୁମକୁ ଶକ୍ତିହୀନ କରି ପକାଇବା ଲାଗି ତା'ଠାରୁ ବଳି ଅଧିକ ବଡ଼ ଭ୍ରମ ଆଉ କ'ଣ ଅଛି ?"*

ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା. ୩୯୧-୯୨

ମନୁଷ୍ୟର ପ୍ରକୃତି ଭିତରେ ଯେଉଁ ଜଡ଼ତା ରହିଛି, ଯେଉଁ ନୀରସତା ଓ ଆଳସ୍ୟପରାୟଣତା ରହିଛି, ଏହା ମଧ୍ୟରେ ଯେଉଁସବୁ ସହଜ ସନ୍ତୋଷର ଭ୍ରମ ରହିଛି ଓ ଯାବତୀୟ ଉଦ୍ୟମ ପ୍ରତି ଯେଉଁ ବୈମନସ୍ୟ ରହିଛି, ସେହିସବୁ ସମେତ ସେହି ପ୍ରକୃତି ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଦେବା ଲାଗିହିଁ ଶ୍ରୀଅରବିନ୍ଦ ଏହି କଥାଗୁଡ଼ିକୁ କହିଛନ୍ତି । ଜୀବନରେ ଆମେ କେତେ ନା କେତେ ବାର ଏପରି ମଣିଷଙ୍କୁ ନ ଦେଖୁ, ଯେଉଁମାନେ କି ଯୁଦ୍ଧ କରିବାକୁ ଭୟ କରନ୍ତି ବୋଲି ଶାନ୍ତିବାଦୀ ବନିଥାନ୍ତି, ବିଶ୍ରାମର ଭାଜନ ହେବା ପୂର୍ବରୁ ବିଶ୍ରାମ ଲାଗି ବ୍ୟାକୁଳ ହୋଇ ପଡୁଥିବାରୁ, ମାତ୍ର ଅଳ୍ପକିଛିତ୍ ଅଗ୍ରଗତିରେ ଗୋଟାସୁଦ୍ଧା ତୃପ୍ତ ହୋଇ ଯାଉଥିବାରୁ ଆପଣାର କ୍ଳେଶ ଦ୍ୱାରା ବିଭ୍ରାନ୍ତ ହୋଇ ଓ କଳ୍ପନାରେ ଭାସିଯାଇ ସେହି ଅଳ୍ପଟାକୁହିଁ ଏକ ଅଦ୍ଭୁତ ଉପଲବ୍ଧି ବୋଲି ଚିତ୍ର କରି ଦେଖାଉଥାନ୍ତି ଓ ଆପେ ଅଧାବାଟରେ ଅଟକି ଯିବାର ପ୍ରମାଦଟିକୁ ଉଚିତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଥାନ୍ତି ?

ହଁ, ଆମ ସାଧାରଣ ଜୀବନରେ ଏପରି ଅଧିକାଂଶ ସମୟରେ ଘଟିଥାଏ । ବସ୍ତୁତଃ ଏହାକୁହିଁ ଏକ ବୁର୍ଜୁଆ ଆଦର୍ଶ ବୋଲି କୁହାଯିବ, ଯାହାକି ମନୁଷ୍ୟଜାତିକୁ ମୃତବତ୍

'oaob.nitrkl.ac.in' images reprocessed

କରି ରଖିଛି ଏବଂ ମଣିଷକୁ ତା'ର ବର୍ତ୍ତମାନ ଦଶାରେ ଆଣି ପହଞ୍ଚାଇଛି : "ବୟସ ଥିବାତକ କାମ କର, ଧନ ସଂଗ୍ରହ କର, ସମ୍ମାନ ଓ ଆସନ ଲାଭ କର; ଟିକିଏ ଦୂରଦର୍ଶୀ ହୁଅ, ଆଗକୁ ଆଖି ରଖ, କିଛି କିଛି ସଞ୍ଚୟ କରୁଥାଅ, ନିଜ ଲାଗି ଗୋଟିଏ ପୁଞ୍ଜି ତିଆରି କର, ହାକିମ ହୁଅ, ଚାକିରି କର,— ଯେପରିକି, ଯେତେବେଳେ ତୁମର ବୟସ ଚାଳିଶ ହୋଇଯିବ, ସେତେବେଳେ ତୁମେ 'ବିଶ୍ରାମ ଗ୍ରହଣ କରି ପାରିବ' । ନିଜର ଅର୍ଜିତ ଆୟକୁ ଉପଭୋଗ କରିପାରିବ, ପରେ ଅବସରକାଳୀନ ଭତ୍ତାକୁ ମଧ୍ୟ ଭୋଗ କରିବ, ଏବଂ ଲୋକମାନେ ଯେପରି କହିଥା'ନ୍ତି, ଏକ ସୁ-ଉପାର୍ଜିତ ବିଶ୍ରାମର ଯଥାର୍ଥ ଉପଭୋଗ କରିପାରିବ ।" — ହଁ, ବସିଯିବ, ଅଧବାଟରେ ଅଟକିଯିବ, ମୋଟେ ଆଗକୁ ଯିବ ନାହିଁ, ଆରାମରେ ଶୋଇବାକୁ ବାହାରିଯିବ, ସମୟ ଆସିବା ପୂର୍ବରୁ କ୍ରମେ ଖସି ଖସି ମରଣ ଆଡ଼କୁ ଚାଲିଯାଉଥିବ, କୌଣସି ପ୍ରକାର ଉଦ୍ଦେଶ୍ୟକୁ ଜୀବନରେ ବଞ୍ଚିବାର ଶ୍ରମ କରିବ ନାହିଁ,— ଏକାବେଳେକେ ବସିଯିବ ।

ଯେଉଁ ମୁହୂର୍ତ୍ତରେ ଆମର ଆଗକୁ ଯିବା ବନ୍ଦ ହୋଇଯିବ, ଆମେ ସେହିଠାରୁହିଁ ପଛକୁ ପଛକୁ ଖସିଯିବାକୁ ଆରମ୍ଭ କରିବା । ଯେଉଁ ମୁହୂର୍ତ୍ତରେ ଆମେ ଗୋଟାସୁଦ୍ଧା ସନ୍ତୁଷ୍ଟ ହୋଇଯିବା ଓ ଆଦୌ କୌଣସି ଅଭୀପ୍ସା ନ ରଖିବା, ସେହିଠାରୁହିଁ ଆମର ମୃତ୍ୟୁ ଆରମ୍ଭ ହୋଇଯିବ । ଜୀବନ କହିଲେ ଗତିକୁ ବୁଝାଏ, ଉଦ୍ୟମକୁ ବୁଝାଏ, ଆଗକୁ ଆଗକୁ ଯିବାକୁହିଁ ବୁଝାଏ । ତାହା ଏକ ପର୍ବତାରୋହଣକୁ ବୁଝାଏ । ଏହି ଆରୋହଣ ହେଉଛି ନୂତନ ନୂତନ ସତ୍ୟୋଦ୍‌ଘାଟନ ଆଡ଼କୁ ଆରୋହଣ, ଭବିଷ୍ୟତର ନୂତନ ଉପଲବ୍ଧିଗୁଡ଼ିକ ଅଭିମୁଖରେ ଆରୋହଣ । ବିଶ୍ରାମ ନେଇ ବସି ଯିବାକୁ ଇଚ୍ଛା କରିବାଠାରୁ ବଳି ଆଉ ଅଧିକ ବିପଜ୍ଜନକ ଆଦୌ କିଛି ନାହିଁ । ନା,— ଆମକୁ କର୍ମରେ ଓ ଉଦ୍ୟମରେହିଁ ବିଶ୍ରାମ ଲୋଡ଼ିବାକୁ ହେବ । ସତତ ଆଗକୁ ଯିବାରେହିଁ ବିଶ୍ରାମ ଲୋଡ଼ିବାକୁ ହେବ; ସେହି ଯଥାର୍ଥ ବିଶ୍ରାମକୁ ଭଗବତ୍-କରୁଣା ଉପରେ ପରିପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରି ରହିବା ବୋଲିହିଁ କୁହାଯିବ । ଯାବତୀୟ କାମନାରୁ ମୁକ୍ତିଲାଭ କରିବା ଓ ଆପଣାର ଅହଂଟା ଉପରେ ବିଜୟଲାଭ କରିବାକୁହିଁ ଯଥାର୍ଥ ବିଶ୍ରାମ ବୋଲି ଗ୍ରହଣ କରିବାକୁ ହେବ ।

ଚେତନାର ସଂପ୍ରସାରଣ ଏବଂ ଚେତନାର ବିଶ୍ୱଜନୀକରଣରୁହିଁ ଯଥାର୍ଥ ବିଶ୍ରାମ ଉପଲବ୍ଧ ହୋଇଥାଏ । ପୃଥିବୀ ଯେତିକି ପରିବ୍ୟାପ୍ତ ହୋଇ ରହିଛି, ତୁମେ ସେତିକି ପରିବ୍ୟାପ୍ତ ହୋଇଯାଅ, ତେବେ ତୁମେ ନିରନ୍ତରହିଁ ବିଶ୍ରାମର ସ୍ଥିତିରେ ଅବସ୍ଥାନ କରି ପାରିବ । ନାନା କର୍ମର ବହୁଳତା ମଧ୍ୟରେ, ରଣ କ୍ଷେତ୍ରରେ ଓ ଯାବତୀୟ ଉଦ୍ୟମର ମଝିରେହିଁ ତୁମେ ଅନନ୍ତତା ତଥା ଶାଶ୍ୱତତାର ବିଶ୍ରାମ ସ୍ଥିତିକୁ ଯଥାର୍ଥରେ ଆସ୍ୱାଦନ କରିପାରିବ ।

'oaob.nitrkl.ac.in' images reprocessed

## ୨୨ ମାର୍ଚ୍ଚ ୧୯୫୭

ଶୁକ୍ରବାରର ଗୋଟିଏ କ୍ଲାସ୍‌ରେ
ମାଆ ଏହି ଗଳ୍ପଟିକୁ କହିଥିଲେ ।

ଆଜି ସନ୍ଧ୍ୟାରେ ମୁଁ ତୁମମାନଙ୍କୁ ଗୋଟିଏ ସାନ ଗଳ୍ପ ପଢ଼ି ଶୁଣାଇବି ବୋଲି ଠିକ୍ କରିଛି । ଏହି ଗଳ୍ପ ଆମକୁ ଅନେକକିଛି ଶିକ୍ଷା ଦେଇ ପାରିବ ବୋଲି ମୋର ମନେହେଉଛି । ଏହି ଗଳ୍ପଟି ପ୍ରାଚୀନ କାଳର ଗଳ୍ପ । ଯେତେବେଳେ ଛାପାଖାନା ବାହାରି ନ ଥିଲା, ବହି ନ ଥିଲା, ଏଇଟି ସେହି କାଳର ଏକ ଘଟନା । ସେହି କାଳରେ ଯାବତୀୟ ଜ୍ଞାନ କେବଳ ଗୁରୁ ଏବଂ ଦୀକ୍ଷାଧାରୀ ଶିଷ୍ୟ ପାଖରେହିଁ ରହିଥିଲା ଏବଂ ସେମାନେ ଯାହାକୁ ଯୋଗ୍ୟ ବୋଲି ବିଚାର କରୁଥିଲେ, କେବଳ ସେହିମାନଙ୍କୁହିଁ ଜ୍ଞାନ ଦାନ କରୁଥିଲେ । ଅଧୀତ ଜ୍ଞାନଟିକୁ ଜୀବନର ବାସ୍ତବ କ୍ଷେତ୍ରରେ ଯିଏ ଅଭ୍ୟାସ କରିପାରିବ ବୋଲି ସେହି ଗୁରୁ ବିଚାରୁଥିଲେ, ସିଏ ସାଧାରଣତଃ କେବଳ ତାହାକୁହିଁ ଯୋଗ୍ୟ ବୋଲି ବାଛୁଥିଲେ । ସିଏ ତୁମକୁ ଏକ ସତ୍ୟ ଦେଉଥିଲେ ଏବଂ ତୁମେ ତାକୁ ନିଜ ଜୀବନରେ ପ୍ରକୃତରେ କାର୍ଯ୍ୟକାରୀ କରିବ ବୋଲି ତୁମଠାରୁ ଏକ ପ୍ରତ୍ୟାଶା ମଧ୍ୟ ରଖୁଥିଲେ । ଏବଂ ଯେତେବେଳେ ତୁମେ ସେହି ସତ୍ୟଟିକୁ ଜୀବନରେ ଅଭ୍ୟାସ କରି ପାରୁଥିଲ, ସେତେବେଳେ ସେ ତୁମକୁ ଆଉଗୋଟିଏ ସତ୍ୟ ଆଣି ଦେଉଥିଲେ ।

ବର୍ତ୍ତମାନ ତ ସବୁକିଛି ଅନ୍ୟ ପ୍ରକାରେ ଘଟୁଛି । ବର୍ତ୍ତମାନ ତ ଯିଏ ଇଚ୍ଛା କରୁଛି, ସିଏ ବହି ଆଣି ପଢ଼ିପାରୁଛି, ତାକୁ ଏପାଖରୁ ସେପାଖ ଯାଏ ପଢ଼ି ସାରିବା ପରେ ବା ଇଚ୍ଛା ହେଲେ ତାକୁ କାମରେ ଲଗାଉଛି, ଇଚ୍ଛା ନ ହେଲେ ଲଗାଉ ନାହିଁ । ଏହା ଅବଶ୍ୟ ଭାରି ଭଲ କଥା, ମାତ୍ର ତଦ୍ଦ୍ୱାରା ଅନେକଙ୍କର ମସ୍ତିଷ୍କରେ ଗୋଟାଏ ପ୍ରକାରର ଗୋଳମାଳ ମଧ୍ୟ ସୃଷ୍ଟି ହୋଇଯାଉଛି, ଏବଂ ଯେଉଁସବୁ ଲୋକେ ଅନେକଗୁଡ଼ାଏ ବହି ପଢ଼ିଛନ୍ତି, ସେମାନେ ସେତିକିକୁହିଁ ଯଥେଷ୍ଟ ବୋଲି ଭାବୁଛନ୍ତି । ସେମାନେ ଭାବୁଛନ୍ତି ଯେ, ଯେହେତୁ ସେମାନେ ଏତେ ନା ଏତେ ବହି ପଢ଼ି ସାରିଛନ୍ତି, ସେମାନଙ୍କ ଜୀବନରେ ଏଥର ଯାବତୀୟ ପ୍ରକାରର ଅଲୌକିକ ଘଟନା ଆସି ଅବଶ୍ୟ ଘଟିବା ଉଚିତ, ଏବଂ ତେଣୁ କୌଣସି କଥାକୁ ଜୀବନରେ କାର୍ଯ୍ୟକାରୀ କରିବାଲାଗି ଆଉ କୌଣସି ଆବଶ୍ୟକତା ନାହିଁ । ଏହିପରି ଭାବରେ ସେମାନେ ଭାରି ଅଧୈର୍ଯ୍ୟ ହୋଇ କହୁଛନ୍ତି, ‘‘ଏପରି କିପରି ହେଉଛି ଯେ ଏହି ସବୁଯାକ ବହି ପଢ଼ିସାରିବା ପରେ ମଧ୍ୟ ମୁଁ ଆଗରୁ ଯେପରି ଥିଲି

'oaob.nitrkl.ac.in' images reprocessed

ବର୍ତ୍ତମାନ ବି ଠିକ୍ ସେହିପରି ଜଣେ ବ୍ୟକ୍ତି ହୋଇ ରହୁଛି, ଆଗପରି ମୋଠାରେ ସେହିସବୁ ଅଡୁଆ ଓ ଅସୁବିଧାମାନ ରହିଛି ଏବଂ ଆଦୌ କୌଣସି ଉପଲବ୍ଧି ହାସଲ କରି ପାରି ନାହିଁ ?'' ମୁଁ ଅନେକ ସମୟରେ ଏହିପରି ମନ୍ତବ୍ୟମାନ ଶୁଣିବାକୁ ପାଇଥାଏ ।

ସେମାନେ କେବଳ ଗୋଟିଏ କଥା ଭୁଲିଯାଆନ୍ତି ଯେ ସେମାନେ ଯାହା ପାଇଛନ୍ତି, ତାହା ହେଉଛି ମସ୍ତିଷ୍କଗତ ଜ୍ଞାନ, କେବଳ ଏକ ମାନସିକ ଜ୍ଞାନ, ଏବଂ ସେମାନେ ସେହି ଜ୍ଞାନକୁ ଅବଲୋକନ କରିବା ପୂର୍ବରୁ ଅର୍ଥାତ୍ ସେମାନେ ଯାହା ପଢ଼ିଲେ, ତାହାକୁ ଜୀବନରେ ଆଣି ଅଭ୍ୟାସ କରିବା ପୂର୍ବରୁ ସେମାନେ ତାହାକୁ ଗ୍ରହଣ କରି ନେଇଛନ୍ତି । ଏବଂ ତେଣୁ, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ସେମାନଙ୍କର ଚେତନାର ସ୍ଥିତି ଏବଂ ଯେଉଁ ଜ୍ଞାନଟି ବିଷୟରେ ସେମାନେ ଦୀର୍ଘକାଳ ବକ୍ତୃତା ଦେଇ ପାରିବେ ଅଥଚ ଯାହାକୁ ସେମାନେ ଜୀବନରେ ଆଣି ଲଗାଇ ପାରି ନାହାନ୍ତି,– ଦୁଇଟି ଭିତରେ ଏକ ବଡ଼ ଅନ୍ତର ରହିଯାଇଛି ।

ତେଣୁ ସେହିଭଳି ଅଧୈର୍ଯ୍ୟ ବ୍ୟକ୍ତିମାନଙ୍କ ଲାଗିହିଁ ମୁଁ ଆଜି ଏହି ଗଳ୍ପଟି ପଢ଼ି ଶୁଣାଇବାକୁ ଯାଉଛି । ସେତେବେଳେ, ଯେଉଁ କାଳରେ କେହି ଇଚ୍ଛା କରିବା ମାତ୍ରକେ ବହିଟିଏ ଆଣି ପଢ଼ିଦେଇ ପାରୁ ନ ଥିଲା, ଯେତେବେଳେ କେବଳ ଗୁରୁଙ୍କ ପାଖରେହିଁ ଜ୍ଞାନ ଥିଲା ଓ ତେଣୁ ଯାବତୀୟ ଜ୍ଞାନଲାଭ ସକାଶେ ସମସ୍ତଙ୍କୁ କେବଳ ସେହି ଗୁରୁ ବା ଦୀକ୍ଷାଧାରୀଙ୍କ ଉପରେ ନିର୍ଭର କରିବାକୁ ହେଉଥିଲା, ମୁଁ ତୁମମାନଙ୍କୁ ସେହି ପ୍ରାଚୀନ କାଳରେ ଘଟୁଥିବା ଗୋଟିଏ ବିଷୟ କହିବି । ସେହି ଗୁରୁ ବା ଦୀକ୍ଷିତ ବ୍ୟକ୍ତି ପୁଣି ଆଉଜଣେ ଗୁରୁ ବା ଦୀକ୍ଷିତଙ୍କଠାରୁ ସିଏ ଦେଉଥିବା ଜ୍ଞାନଟିକୁ ଲାଭ କରିଥିଲେ ଏବଂ ତାଙ୍କର ପ୍ରସନ୍ନତା ଅନୁସାରେହିଁ ସେ ଆଉ କାହାକୁ ସେହି ଜ୍ଞାନକୁ ଦେବା ଲାଗି ମନ କରୁଥିଲେ, ଅର୍ଥାତ୍ କାହାକୁ ଜ୍ଞାନ ଲାଭ କରିବାର ଯୋଗ୍ୟ ବୋଲି ବିବେଚନା କଲେ ଯାଇ ସିଏ ତାକୁ ସେହି ଜ୍ଞାନଟିକୁ ପ୍ରଦାନ କରୁଥିଲେ ।

ବର୍ତ୍ତମାନ ମୁଁ ଗଳ୍ପଟିକୁ ପଢ଼ି ଶୁଣାଇବି (*ମାଆ ପଢ଼ିଲେ*) :

## ଦୀକ୍ଷାଗ୍ରହଣର ଗୋଟିଏ ଗଳ୍ପ

(*ମୂଳ ଗୁଜରାଟୀ ଭାଷାରୁ ଅନୂଦିତ*)

ଏକଦା ଜଣେ ମହାତ୍ମା ଥିଲେ, ଯିଏ କି ଜଣେ କଠୋର ବୈରାଗୀ ଥିଲେ ଓ ଭାରି ପଣ୍ଡିତ ମଧ୍ୟ ଥିଲେ । ତାଙ୍କୁ ସମସ୍ତେ ସମ୍ମାନ କରୁଥିଲେ,– ତାଙ୍କର ପ୍ରଜ୍ଞା ପରି ତାଙ୍କର ବୟସ ମଧ୍ୟ ଅନେକ ହୋଇ ରହିଥିଲା । ତାଙ୍କର ନାମ ଜୁନୁ । ଦୀକ୍ଷା ନେବା ଲାଗି ତାଙ୍କ ପାଖକୁ ଅନେକ ବାଳକ ଓ ଅନେକ ଯୁବକ ଆସୁଥିଲେ । ସେମାନେ ତାଙ୍କ

'oaob.nitrkl.ac.in' images reprocessed

ଆଶ୍ରମରେ ଆସି ରହୁଥିଲେ, ନିଜେ ଜ୍ଞାନ ଅର୍ଜନ କରି ପଣ୍ଡିତ ହେଉଥିଲେ ଏବଂ ସେଠାରେ ଦୀର୍ଘକାଳ ଅଧ୍ୟୟନବାସ ପରେ ନିଜନିଜ ଘରକୁ ଫେରି ଯାଉଥିଲେ ।

ଦିନେ ଜଣେ ଯୁବକ ଆସି ତାଙ୍କ ପାଖରେ ପହଞ୍ଚିଲା । ତାଙ୍କ ନାମ ୟୁସୁଫ୍ ହୁସେନ୍ । ସିଏ କିଏ, କି ଜାତି, କିଛି ପଚାରିବା ପୂର୍ବରୁ ବି ମହାତ୍ମା ତାଙ୍କୁ ତାଙ୍କ ଆଶ୍ରମରେ ରହିବା ଲାଗି ଅନୁମତି ପ୍ରଦାନ କଲେ । ତା'ପରେ ଚାରି ବର୍ଷ ଚାଲିଗଲା, ଦିନକର ଜୁନୁ ୟୁସୁଫ୍‌କୁ ଡକାଇ ପଠାଇଲେ ଏବଂ ପ୍ରଥମ ଥର ପାଇଁ ତାଙ୍କୁ ପଚାରିଲେ : "ତୁମେ ଏଠାକୁ କେଉଁ କାରଣରୁ ଆସିଛ ?" ୟୁସୁଫ୍ କିଛି ନ ଭାବି ସଙ୍ଗେସଙ୍ଗେ ଉତ୍ତର ଦେଲେ, "ମୁଁ ଏଠାକୁ ଧର୍ମଦୀକ୍ଷା ନେବାକୁ ଆସିଛି ।" ଜୁନୁ ତା'ପରେ ଆଉ କିଛି କହିଲେ ନାହିଁ । ସିଏ ତାଙ୍କର ଜଣେ ଭୃତ୍ୟକୁ ଡାକି ପଚାରିଲେ, "ମୁଁ ତୋତେ ଯେପରି କହିଥିଲି, ତୁ ସେହିପରି ବାକ୍ସଟିଏ ତିଆରି କରି ଦେଇଛୁ ତ ?"

"ଆଜ୍ଞା ହଁ, ଠିକ୍ ସେହିପରି ବାକ୍ସଟିଏ ତିଆରି ହୋଇ ରହିଛି" ।

"ତେବେ ସଙ୍ଗେ ସଙ୍ଗେ ଏଠାକୁ ନେଇ ଆ,"– ଜୁନୁ ଆଦେଶ ଦେଲେ ।

ଅତ୍ୟନ୍ତ ସାବଧାନତାର ସହିତ ଭୃତ୍ୟ ବାକ୍ସଟିକୁ ଆଣି ମହାତ୍ମାଙ୍କ ସମ୍ମୁଖରେ ରଖିଲା । ମହାତ୍ମା ବାକ୍ସଟିକୁ ନେଇ ୟୁସୁଫ୍‌କୁ ଦେଲେ ଓ କହିଲେ : "ମୋ'ର ଜଣେ ବନ୍ଧୁ ନୀଳା ନଦୀର ତଟରେ ବାସ କରନ୍ତି । ତୁମେ ଏହି ବାକ୍ସଟିକୁ ମୋ'ଠାରୁ ତାଙ୍କ ପାଖକୁ ନେଇଯିବ । ମାତ୍ର ଅତ୍ୟନ୍ତ ସାବଧାନତା ସହିତ ଯିବ ଓ ବାଟରେ ଆଦୌ କୌଣସି ଭୁଲ କରିବ ନାହିଁ । ବାକ୍ସଟିକୁ ସାବଧାନ ହୋଇ ନିଜ ପାଖରେ ରଖିବ ଏବଂ ଯାହା ଉଦ୍ଦେଶ୍ୟରେ ଏଇଟି ଯାଉଛି, ତାକୁ କେବଳ ତାହାରି ହାତରେ ଦେବ । ତୁମେ କାମଟି ସାରି ସେଠାରୁ ଫେରିଆସିଲେ ମୁଁ ତୁମକୁ ଦୀକ୍ଷା ପ୍ରଦାନ କରିବି ।" ମହାତ୍ମା ତାଙ୍କର ପରାମର୍ଶଟିକୁ ପୁନରାବୃତ୍ତି କରି କହିଲେ, ଏବଂ ନୀଳାନଦୀ ପାଖରେ ପହଞ୍ଚିବା ସକାଶେ ୟୁସୁଫକୁ ଯେଉଁ ବାଟରେ ଯିବାକୁ ହେବ, ତାକୁ ସେକଥା ବର୍ଣ୍ଣନା କରି କହିଦେଲେ । ୟୁସୁଫ୍ ଗୁରୁଙ୍କ ଚରଣରେ ପ୍ରଣାମ କଲା, ବାକ୍ସଟିକୁ ଧରିଲା ଓ ତା'ବାଟରେ ବାହାରିଗଲା ।

ମହାତ୍ମାଙ୍କର ବନ୍ଧୁ ଯେଉଁ ଆଶ୍ରମରେ ରହୁଥିଲେ, ତାହା ବେଶ୍ ଦୂରରେ ଅବସ୍ଥିତ ଥିଲା, ଏବଂ ସେକାଳରେ ଏତେ ଦୂର ବାଟ ଯିବା ଲାଗି କୌଣସି ମୋଟରଗାଡ଼ି ନ ଥିଲା, ରେଳରାସ୍ତା ନ ଥିଲା । ତେଣୁ ୟୁସୁଫ୍‌କୁ ଚାଲି କରି ଯିବାକୁ ହୋଇଥିଲା । ସିଏ ସକାଳବେଳା ଗୋଟାଏ ବାଟ ଚାଲିଲା ଏବଂ କ୍ରମେ ସକାଳବେଳା ଯାଇ ଉପରବେଳା ହେଲା । ସେତେବେଳେ ସୂର୍ଯ୍ୟକିରଣ ଭାରି ପ୍ରଖର ହୋଇଗଲା ଓ ଚାରିଆଡ଼ ଉତ୍ତପ୍ତ ହୋଇଉଠିଲା । ୟୁସୁଫ୍‌କୁ ଭାରି କ୍ଲାନ୍ତି ଲାଗିଲା । ତେଣୁ, ଟିକିଏ ବିଶ୍ରାମ ନେବ ବୋଲି ସେ ରାସ୍ତାକଡ଼ରେ ଥିବା ଗୋଟିଏ ପୁରୁଣା ଗଛର ଛାଇରେ ଯାଇ ବସି ପଡ଼ିଲା । ବାକ୍ସଟା ତ

'oaob.nitrkl.ac.in' images reprocessed

ଭାରି ଛୋଟ ହୋଇ ଗଢ଼ା ହୋଇଥିଲା, ସେଥିରେ ତାଲା ବି ପଡ଼ି ନ ଥିଲା । ଏବଂ, ତା'ଉପରେ ୟୁସୁଫ୍ କୌଣସି ଦୃଷ୍ଟି ବି ଦେଇ ନ ଥିଲା । ତା' ଗୁରୁ ତାକୁ ବାକ୍ସଟିଏ ନେଇ ଯିବାକୁ କହିଥିଲେ ଓ ପଦେହେଲେ କିଛି ନ କହି ସେ ଆଦେଶ ଅନୁସାରେ ବାହାରି ଆସିଥିଲା ।

ମାତ୍ର ବର୍ତ୍ତମାନ, ଉପରବେଳା ସେଠାରେ ବିଶ୍ରାମ ନେଉଥିବା ସମୟରେ, ୟୁସୁଫ୍ ଭାବିବାକୁ ଆରମ୍ଭ କଲା । ନିର୍ଦ୍ଦିଷ୍ଟ କୌଣସି କଥା ବିଷୟରେ ନ ଭାବି ସିଏ କେବଳ ଗୋଟାସୁଦ୍ଧା ମୁକ୍ତ ଭାବରେ ଭାବିଯିବାକୁ ଲାଗିଲା । ଏପରି ଗୋଟିଏ ଅବସରରେ ଏକ ନିର୍ବୋଧ ଭାବନା ମୁଣ୍ଡ ଭିତରେ ଆସି ପ୍ରବେଶ ନ କରିବା ପ୍ରକୃତରେ ଏକ କ୍ୱଚିତ୍ ଘଟନା ହୁଅନ୍ତା ।... ଏହିପରି ଭାବରେ ତା'ର ଦୃଷ୍ଟି ସେହି ବାକ୍ସଟି ଉପରେ ଯାଇ ପଡ଼ିଲା । ସିଏ ସେହି ବାକ୍ସଟି ଉପରେ ଦୃଷ୍ଟିପାତ କରିବାକୁ ଲାଗିଲା । "ଭାରି ସୁନ୍ଦର ସାନ ବାକ୍ସଟିଏ ତ !... ଆରେ, ବାକ୍ସରେ ଚାବି ପଡ଼ି ନାହିଁ ତ !... ବାକ୍ସଟି ସତେ କେଡ଼େ ହାଲୁକା ଲାଗୁଛି !... ଏଇଟା କ'ଣ ଗୋଟାଏ ଖାଲି ବାକ୍ସ କି ?" ସତେଅବା ବାକ୍ସଟିକୁ ଖୋଲିବ ବୋଲି ୟୁସୁଫ୍ ହାତ ବଢ଼ାଇଲା । ହଠାତ୍ ତା'ର ମନ ଭିତରେ ଅନ୍ୟ ଅଧିକ ଉଚିତ ଚିନ୍ତାଟିର ଉଦୟ ହେଲା : "ନାଇଁ ନାଇଁ, ବାକ୍ସଟିରେ କିଛି ଥାଉ ଅଥବା ତାହା ଏକ ଖାଲି ବାକ୍ସ ହୋଇଥାଉ, ସେଥିରେ ମୋର ଆଦୌ କିଛି ଯାଏଆସେ ନାହିଁ । ଏହି ବାକ୍ସଟିକୁ ନେଇ ତାଙ୍କ ବନ୍ଧୁଙ୍କ ପାଖରେ ପହଞ୍ଚାଇ ଦେବାକୁ ମୋର ଗୁରୁ ମୋତେ ଆଦେଶ ଦେଇଛନ୍ତି,– ଆଉ କୌଣସି କଥା କରିବା ଲାଗି ତାଙ୍କର ଆଦେଶ ନାହିଁ । ତେଣୁ ଆଉ କିଛି ଲାଗି ମୋ'ର ବି କୌଣସି ଅଧିକାର ନାହିଁ । ଆଉ କୌଣସି ବିଷୟକୁ ନେଇ ମୁଁ ତେବେ ମଥା ଘୂରାଇବି କାହିଁକି ?"

ୟୁସୁଫ୍ କିଛିସମୟ ପାଇଁ ସ୍ଥିର ହୋଇ ବସିଲା । କିନ୍ତୁ ତା'ର ମନ ମୋଟେ ସ୍ଥିର ହୋଇପାରିଲା ନାହିଁ । ବାକ୍ସଟି ତଥାପି ତା'ର ଆଖି ଆଗରେ ଥୁଆ ହୋଇଥାଏ । କେଡ଼େ ସୁନ୍ଦର କୁନି ବାକ୍ସଟିଏ ! ସିଏ ଭାବିବାକୁ ଲାଗିଲା, "ବାକ୍ସଟି ଭିତରେ ଆଦୌ କିଛି ନ ଥିଲା ପରି ମନେ ହେଉଛି, ତେବେ ଗୋଟାଏ ଖାଲି ବାକ୍ସକୁ ଫିଟାଇଲେ ତଦ୍ୱାରା କୌଣସି କ୍ଷତି ବା ହେବ କାହିଁକି ? ... ହଁ, ଯଦି ବାକ୍ସରେ ଚାବି ପଡ଼ିଥାନ୍ତା, ତେବେ ତାକୁ ଫିଟାଇବା ଏକାନ୍ତ ଅନୁଚିତ ଯେ ହୁଅନ୍ତା, ମୁଁ ସେକଥା ବୁଝି ପାରୁଛି । ଯେଉଁ ବାକ୍ସରେ ଚାବି ବି ପଡ଼ି ନାହିଁ, ତାହା ମୋଟେ ସେପରି କୌଣସି ଗୁରୁତର ସାମଗ୍ରୀ ନୁହେଁ । ତେଣୁ ମୁଁ କ୍ଷଣକ ପାଇଁ ବାକ୍ସଟିକୁ ଖୋଲିବି ଓ ତା'ପରେ ପୁଣି ବନ୍ଦ କରିଦେବି ।"

ସେହି ବାକ୍ସଟାକୁ କେନ୍ଦ୍ର କରି ୟୁସୁଫ୍‌ର ଭାବରେ ଏହିପରି ବୃତ୍ତ ବୁଲିବାରେ ଲାଗିଲା । ସେଇଟି ବିଷୟରେ ଉଦାସୀନ ରହିବା ତା' ପକ୍ଷରେ ଏକାନ୍ତ ଅସମ୍ଭବ

'oaob.nitrkl.ac.in' images reprocessed

ହୋଇପଡ଼ିଲା, ତା' ମୁଣ୍ଡ ଭିତରେ ଆସି ପ୍ରବେଶ କରିଥିବା ଭାବନାଟିକୁ ସମ୍ଭାଳି ରଖିବା ମଧ୍ୟ ଅସମ୍ଭବ ହୋଇ ପଡ଼ିଲା । "ନାଇଁ– ଯାଉଚି ମୁଁ ବାକ୍ସଟିକୁ ଥରେମାତ୍ର ଖୋଲି ଦେଖିବି,– ଥରେ ମାତ୍ର,– ଏବଂ ତା'ପରେ ବନ୍ଦ କରିଦେବି ।" ସିଏ ଆଉ ଥରକ ପାଇଁ ନିଜର ହାତ ବଢ଼ାଇଲା, ଆଉଥରେ ହାତଟାକୁ ପୁଣି ପଛକୁ ନେଇଆସିଲା, ଏବଂ ତା'ପରେ ପୁଣି ସ୍ଥିର ହୋଇ ବସିଲା । କିନ୍ତୁ ତଥାପି କିଛି ଫଳ ହେଲା ନାହିଁ । ଶେଷରେ ୟୁସୁଫ୍ ମନରେ ବଳ ସଂଗ୍ରହ କରି ନିଷ୍ପତ୍ତିଟିକୁ କରିନେଲା ଏବଂ ତା'ପରେ ଧୀରେ ଧୀରେ, ଅତ୍ୟନ୍ତ ଧୀରେ ଧୀରେ ସିଏ ବାକ୍ସଟିକୁ ଫିଟାଇଲା । ଯେମିତି ବାକ୍ସଟିକୁ ଫିଟାଇଛି, ସେମିତି ତା'ଭିତରେ ଗୋଟିଏ ମୂଷା ଥିଲା, ଫକ୍କରି ବାହାରକୁ ଡେଇଁ କୁଆଡ଼େ ପଳାଇଲା । ବାକ୍ସଭିତରେ ଅମୁହାଁ ହୋଇ ବିଚାରା ମୂଷାଟି ସେଠାରେ ଅନେକବେଳରୁ ରହିଥିଲା, ଏବଂ ତେଣୁ ମୁକ୍ତିଲାଭ କରି ଅନ୍ତର୍ହିତ ହୋଇଯିବାକୁ ତାକୁ ଗୋଟିଏ ମୁହୂର୍ତ୍ତ ମଧ୍ୟ ଲାଗିଲା ନାହିଁ ।

ୟୁସୁଫ୍‌ର ଅକଲ ଗୁଡ଼ୁମ୍ ହୋଇଗଲା । ଆଖିଟାକୁ ଏଡ଼େ ବଡ଼ କରି ସିଏ ଖାଲି ଅନାଇ ରହିଥାଏ, ଅନାଇ ରହିଥାଏ । ବାକ୍ସଟା ଖାଲି ହୋଇ ପଡ଼ି ରହିଥାଏ । ତା'ପରେ ମର୍ମନ୍ତୁଦ ଦୁଃଖରେ ତା'ର ହୃଦୟ ସ୍ପନ୍ଦିତ ହେବାକୁ ଆରମ୍ଭ କଲା : "ତା'ହେଲେ ମହାତ୍ମା ଖାଲି ଏହି ମୂଷାଟାକୁହିଁ ବାକ୍ସଭିତରେ ପଠାଇଥିଲେ, ଏଇ ସାନ ମୂଷାଟାକୁ ପଠାଇଥିଲେ... । ଏବଂ, ମୁଁ ଏଡ଼େ ଅଯୋଗ୍ୟ ଯେ ଏହି ସାମାନ୍ୟ ଜିନିଷଟାକୁ ଶେଷ ପର୍ଯ୍ୟନ୍ତ ନିରାପଦ ଭାବରେ ନେଇ ପାରିଲି ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି କରି ମୁଁ ଏକ ଗୁରୁତର ଅପରାଧ କରିଛି । ତେବେ ବର୍ତ୍ତମାନ ପୁଣି କ'ଣ କରିବି ?"

ୟୁସୁଫର ମନରେ ଅନୁଶୋଚନାର ସୀମା ରହିଲା ନାହିଁ । ମାତ୍ର ବର୍ତ୍ତମାନ ତ ଆଉ କିଛିହେଲେ କରିବାର ଚାରା ନ ଥିଲା ! ସିଏ ବୃଥା ଗଛଟିର ଚାରିପାଖରେ ଥରେ ବୁଲିଆସିଲା, ବୃଥା ରାସ୍ତାଟିର ଉପର ଆଡ଼କୁ ଓ ତଳ ଆଡ଼କୁ ଆଖି ପକାଇବାକୁ ଲାଗିଲା । ମୂଷାଟି ପ୍ରକୃତରେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲା... ପ୍ରକମ୍ପିତ ହସ୍ତଟିକୁ ବଢ଼ାଇ ୟୁସୁଫ୍ ବାକ୍ସଟିର ଢାଙ୍କୁଣୀ ବନ୍ଦ କରିଦେଲା ଏବଂ ବଡ଼ ସନ୍ତପ୍ତ ମନରେ ତା' ବାଟରେ ଅଗ୍ରସର ହୋଇଗଲା ।

ଶେଷକୁ ସେ ନୀଳାନଦୀ ତଟରେ ଅବସ୍ଥିତ ତା' ଗୁରୁଙ୍କର ବନ୍ଧୁଙ୍କ ନିବାସରେ ଯାଇ ପହଞ୍ଚିଲା । ସେଠାରେ ପହଞ୍ଚି ଗୁରୁ ପଠାଇଥିବା ଦ୍ରବ୍ୟଟିକୁ ତାଙ୍କ ଆଡ଼କୁ ବଢ଼ାଇଦେଲା ଏବଂ ନିଜେ ଯେଉଁ ଦୋଷଟିକୁ କରି ପକାଇଛି, ସେଇଥିଲାଗି ଗୋଟିଏ କୋଣକୁ ଅପସରି ଯାଇ ଅପେକ୍ଷା କରି ରହିଲା । ଏହି ବ୍ୟକ୍ତି ଜଣେ ମହାନ୍ ସନ୍ଥପୁରୁଷ ଥିଲେ । ସିଏ ବାକ୍ସଟିକୁ ଖୋଲି ଦେଖିଲେ ଓ ତତ୍କ୍ଷଣାତ୍ ସମସ୍ତ ଘଟନା ସମ୍ବନ୍ଧରେ

'oaob.nitrkl.ac.in' images reprocessed

ଅବହିତ ହୋଇଗଲେ । କହିଲେ, "ୟୁସୁପ୍, ତେବେ ତୁମେ ବାଟରେ ମୂଷାଟିକୁ ହରାଇ କରି ଆସିଛ... ମୋ'ର ଆଶଙ୍କା ହେଉଛି ଯେ ମହାତ୍ମା ଜୁନୁ ତୁମକୁ ବର୍ତ୍ତମାନ ଆଉ କୌଣସି ଦୀକ୍ଷା ଦେବେ ନାହିଁ । କାରଣ ପରମ ଜ୍ଞାନ ଲାଭ କରିବାକୁ ଯୋଗ୍ୟ ହେବା ଲାଗି ଜଣେ ବ୍ୟକ୍ତିର ତା' ନିଜ ମନ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବା ଆବଶ୍ୟକ । ତୁମର ଇଚ୍ଛାଶକ୍ତି ବିଷୟରେ ତୁମ ଗୁରୁଙ୍କର ନିଶ୍ଚୟ କିଛି ସଂଶୟ ରହିଥିଲା ଏବଂ ସେହି କାରଣରୁହିଁ ସେ ଏହି କୌଶଳଟି ପ୍ରୟୋଗ କରି ଦେଖିବାକୁ ନିଷ୍ପତ୍ତି କରିଥିଲେ, ତୁମକୁ ପରୀକ୍ଷା କରୁଥିଲେ । ଗୋଟାଏ ସାନ ମୂଷାକୁ ବାକ୍ସଭିତରେ ରଖିବା ଭଳି ଏକ ଅତି ସାନ କଥା ଯେତେବେଳେ ତୁମ ଦ୍ୱାରା ସାଧ ହୋଇ ନ ପାରିଲା, ତେବେ ତୁମେ କିପରି ପ୍ରତ୍ୟାଶା କରି ପାରୁଛ ଯେ ତୁମେ ପୂର୍ଣ୍ଣ ସମର୍ଥତା ସହିତ ଅତ୍ୟୁଚ୍ଚ ମହାନ୍ ଭାବନାଗୁଡ଼ିକୁ ନିଜର ମନ ଭିତରେ ଧାରଣ କରି ରଖିପାରିବ, ଯଥାର୍ଥ ପରମଜ୍ଞାନକୁ ହୃଦୟରେ ଧାରଣ କରି ପାରିବ ? ୟୁସୁପ୍ କୌଣସି କଥାକୁ ତୁମେ କଦାପି ସାନ ବା ମହତ୍ତ୍ୱହୀନ ବୋଲି ଭାବିବ ନାହିଁ । ବର୍ତ୍ତମାନ ତୁମେ ଗୁରୁଙ୍କ ପାଖକୁ ଲେଉଟିଯାଅ, ଚରିତ୍ରକୁ ଦୃଢ଼ କରି ଗଢ଼ି ଶିଖ,– ଏବଂ ଅଧ୍ୟବସାୟ ଶିକ୍ଷା କର । ନିଜକୁ ବିଶ୍ୱାସଭାଜନ କର, ଯେପରିକି ତୁମେ ଦିନେ ସେହି ବିରାଟ ବ୍ୟକ୍ତିଙ୍କର ଜଣେ ଯଥାର୍ଥ ଶିଷ୍ୟ ହୋଇପାରିବ ।"

ୟୁସୁପ୍ ଅତ୍ୟନ୍ତ ନିରାଶ ହୋଇପଡ଼ିଲା, ମହାତ୍ମାଙ୍କ ପାଖକୁ ଫେରି ଆସିଲା ଏବଂ ଆପଣାର କୃତ ଅପରାଧଟିକୁ ସ୍ୱୀକାର କଲା । ମହାତ୍ମା ୟୁସୁପ୍‌କୁ କହିଲେ, "ୟୁସୁପ୍, ତୁମେ ପ୍ରକୃତରେ ଏକ ଅଦ୍ଭୁତ ସୁଯୋଗରୁ ଆପଣାକୁ ବଞ୍ଚିତ କରିଛ । ମୁଁ ତୁମକୁ କେବଳ ଏକ ସାମାନ୍ୟ ମୂଷାଟାର ଦାୟିତ୍ୱ ଦେଇଥିଲି ଓ ତୁମେ ସେତିକିକୁ ମଧ୍ୟ ତୁଲାଇ ପାରିଲ ନାହିଁ । ତେବେ, ଯେଉଁ ଦିବ୍ୟ ସତ୍ୟକୁ ସବୁଠାରୁ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ, ତାହାକୁ ଧାରଣ କରିବା ଲାଗି ତୁମେ ପ୍ରକୃତରେ ଆଉ କିପରି ସମର୍ଥ ହେବ ? ସେଥିଲାଗି ତୁମକୁ ଆତ୍ମସଂଯମ ଅବଲମ୍ବନ କରିବାକୁ ହେବ । ଯାଅ, ତାହାକୁହିଁ ଶିକ୍ଷା କର । ଆପେ ଆପଣା ମନର ନିୟନ୍ତ୍ରଣକର୍ତ୍ତା ହୋଇ ଶିଖ, କାରଣ, ତଦ୍‌ବ୍ୟତୀତ ମନୁଷ୍ୟ ଆଉ କୌଣସି ବୃହତ୍ ବସ୍ତୁର ଅଧିକାରୀ ହୋଇ ପାରିବ ନାହିଁ ।"

ୟୁସୁପ୍ ଲଜ୍ଜିତ ଓ ନତମସ୍ତକ ହୋଇ ଫେରିଗଲା ଏବଂ ସେହି ଦିନଠାରୁ ତା'ର କେବଳ ଗୋଟିଏ ଭାବନା ରହିଲା : ସିଏ କିପରି ନିଜର ନିୟନ୍ତ୍ରଣରେ ନିଜକୁ ରଖିପାରିବ... ବର୍ଷ ବର୍ଷ ଧରି ସେ ଏଥିଲାଗି ଅକ୍ଳାନ୍ତ ଚେଷ୍ଟା କଲା, ଆପଣାକୁ ଏକ ଅତ୍ୟନ୍ତ କଠୋର ଏବଂ କଷ୍ଟସାଧ ତପସ୍ୟା ମଧ୍ୟଦେଇ ଅଗ୍ରସର କରାଇନେଲା । ଏବଂ ପରିଶେଷରେ ଆପଣାର ପ୍ରକୃତି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବାରେ ସେ ସଫଳକାମ ବି ହେଲା । ତା'ପରେ, ପୂର୍ଣ୍ଣ ବିଶ୍ୱାସର ସହିତ ୟୁସୁପ୍ ତା' ଗୁରୁଙ୍କ ପାଖରେ ଯାଇ ଉପସ୍ଥିତ

'oaob.nitrkl.ac.in' images reprocessed

ହେଲା । ତାକୁ ପୁନର୍ବାର ଦେଖି ମହାତ୍ମାଙ୍କର ମଧ୍ୟ ଆନନ୍ଦର ସୀମା ରହିଲା ନାହିଁ; ସିଏ ଯଥାର୍ଥରୂପେ ପ୍ରସ୍ତୁତ ହୋଇ ଆସିଛି ଜାଣି ସେ ଅତ୍ୟନ୍ତ ପ୍ରୀତ ହୋଇଗଲେ । ଏବଂ ୟୁସୁଫ୍ ଏହିପରି ଭାବରେହିଁ ମହାତ୍ମା ଜୁନୁଙ୍କଠାରୁ ମହାନ୍ ଦୀକ୍ଷାଟିକୁ ଲାଭ କରି ପାରିଲା ।

ତା'ପରେ ଆହୁରି ଅନେକ ବର୍ଷ ଅତିବାହିତ ହୋଇଗଲା । ଯଥାର୍ଥ ଜ୍ଞାନ ଏବଂ ଆତ୍ମ-ସ୍ୱାମିତ୍ୱର ଶକ୍ତିରେ ୟୁସୁଫ୍ ଆହୁରି ଅଧିକ ପ୍ରବୀଣ ହୋଇ ଉଠିଲା । ଶେଷରେ ସିଏ ଇସ୍‌ଲାମ ଧର୍ମର ଜଣେ ଅତ୍ୟନ୍ତ ମହାନ୍ ଓ ପ୍ରବୀଣ ସନ୍ଥରୂପେ ପ୍ରଖ୍ୟାତ ହେଲା ।

(ମାଆ ପିଲାମାନଙ୍କୁ ଉଦ୍ଦେଶ୍ୟ କରି କହିଲେ) ତେଣୁ, ମୋର କହିବାର ଉଦ୍ଦେଶ୍ୟ ହେଉଛି ଯେ ତୁମେମାନେ କଦାପି ଧୈର୍ଯ୍ୟ ହରାଇ ପକାଇବ ନାହିଁ । ତୁମକୁ ବୁଝିବାକୁ ହେବ ଯେ ଯଥାର୍ଥ ଜ୍ଞାନ ଅର୍ଜନ କରିବାକୁ ହେଲେ, ସେହି ଜ୍ଞାନ ଯେଉଁ ବିଷୟରେ ବା ଯେଉଁ କ୍ଷେତ୍ରର ଜ୍ଞାନ ହୋଇଥାଉ ପଛକେ, ତୁମକୁ ସେହି ଜ୍ଞାନକୁ ଜୀବନରେ ଅଭ୍ୟାସ କରିବାକୁ ପଡ଼ିବ; ଅର୍ଥାତ୍, କର୍ମ ମଧ୍ୟ ଦେଇ ଏହି ଜ୍ଞାନକୁ ଅଭିବ୍ୟକ୍ତ କରିବା ଲାଗି ଆପଣାର ପ୍ରକୃତି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଅର୍ଜନ କରିବାକୁ ହେବ ।

ତୁମେ ସମସ୍ତେ ଯେଉଁମାନେ ଏଠାକୁ ଆସିଛ, ତୁମମାନଙ୍କୁ ଅନେକ ଅନେକ କଥା କୁହାଯାଇଛି, ସତ୍ୟର ଏକ ଜଗତ ସହିତ ତୁମର ସମ୍ପର୍କ ସ୍ଥାପନ କରାଇ ଦିଆଯାଇଛି । ତୁମେ ଏଠାରେ ସେହି ସତ୍ୟର ପରିମଣ୍ଡଳଟି ମଧ୍ୟରେ ବାସ କରୁଛ; ତୁମେ ଯେଉଁ ବାୟୁକୁ ନିଃଶ୍ୱାସରୂପେ ଗ୍ରହଣ କରୁଛ, ସେଥିରେ ସେହି ସତ୍ୟ ପୂର୍ଣ୍ଣ ହୋଇ ରହିଛି । ମାତ୍ର ତଥାପି, ତୁମମାନଙ୍କ ଭିତରୁ କେତେ କମ୍ ଜଣ ଏହି କଥାଟିକୁ ଜାଣିଛ ଯେ ଏହି ସତ୍ୟଗୁଡ଼ିକୁ ଜୀବନର କ୍ଷେତ୍ରରେ ଆଣି ଲଗାଇଲେ ଯାଇ ସେଗୁଡ଼ିକର ପ୍ରକୃତରେ କୌଣସି ମୂଲ୍ୟ ରହିଛି । ତୁମ ଭିତରୁ କେତେ କମ୍ ଜଣ ଏକଥା ଜାଣିଛ ଯେ ଯଦି ତୁମେ ସେହିସବୁ ବସ୍ତୁକୁ ନିଜେ ଆପଣାର ଜୀବନରେ ବଞ୍ଚିବା ଲାଗି କୌଣସି ଉଦ୍ୟମ ନ କର ଏବଂ ସେଗୁଡ଼ିକୁ ଆପଣା ଭିତରେ ମୂର୍ତ୍ତରୂପେ ଅନୁଭବ କରି ନ ପାର, ତେବେ ଚେତନା, ଜ୍ଞାନ, ଆତ୍ମାର ସମତା, ବିଶ୍ୱଜନୀନତା, ଅନନ୍ତତା, ଶାଶ୍ୱତତା, ସର୍ବୋଚ୍ଚ ପରମସତ୍ୟ, ଭଗବଦ୍-ଉପସ୍ଥିତି... ଏବଂ ସେହିପରି ଆଉ ଯାବତୀୟ ବସ୍ତୁ ବିଷୟରେ କେବଳ କଥା କହିବାରେ ପ୍ରକୃତରେ ଆଦୌ କୌଣସି ଲାଭ ନାହିଁ । ଏବଂ ତୁମେ କେବେ ହେଲେ ନିଜ ପାଖରେ ଏପରି କୁହ ନାହିଁ : "ମୁଁ ତ ଏଠାରେ କେତେ ନା କେତେ ବର୍ଷ ରହିଲିଣି, ଏଥର ମୋ' ଉଦ୍ୟମଗୁଡ଼ିକର ଫଳଗୁଡ଼ିକୁ ମୁଁ ଆଖିରେ ଦେଖିପାରିବା ଉଚିତ !" ତୁମକୁ ଏହି କଥାଟି ଅବଶ୍ୟ ଜାଣି ରଖିବାକୁ ହେବ ଯେ, ନିଜ ପ୍ରକୃତି ଭିତରେ ରହିଥିବା ଏଡ଼େ ଟିକିଏ ଦୁର୍ବଳତା, ଏଡ଼େ ଟିକିଏ କ୍ଷୁଦ୍ରତା ଏବଂ ଏଡ଼େ ଟିକିଏ ନୀଚତା ଉପରେ ମଧ୍ୟ ବିଜୟ ହାସଲ କରିବାକୁ ହେଲେ ଅତ୍ୟନ୍ତ ଦୃଢ଼ ଓ ଅବିଚଳ ଭାବରେ ବାରବାର ଉଦ୍ୟମ

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ, ଅତ୍ୟନ୍ତ ଅବିଚଳ ଭାବରେ ସହିଷ୍ଣୁ ହେବାକୁ ପଡ଼ିବ । ଯଦି ଆମେ ଆପଣାର ଅହଂକାରଗୁଡ଼ାକୁ ତ୍ୟାଗ କରି ଭଲ ପାଇ ନ ପାରିଲେ, ତେବେ ଦିବ୍ୟ ପ୍ରେମ ବିଷୟରେ କଥା କହି ଆମକୁ ପୁଣି କି ଲାଭ ମିଳିବ ? ଯଦି ଆମେ ବଡ଼ ଅନମନୀୟ ଭାବରେ ସେହି ଅତୀତ ଓ ବର୍ତ୍ତମାନଟା ସହିତ ଆସକ୍ତ ଓ ଜଡ଼ିତ ହୋଇ ରହିଥିବା ଏବଂ କିଛି ପାଇବା ଲାଗି ଯଦି ଆମେ ଆଦୌ କିଛି ହେଲେ ଦେବାକୁ ଇଚ୍ଛା ନ କରୁଥିବା, ତେବେ ଅମର ଜୀବନ ବିଷୟରେ ବି କଥା କହି କି ଲାଭ ମିଳିବ ?

ତୁମେସବୁ ବର୍ତ୍ତମାନ ବି ପିଲା ଅଛ, ମାତ୍ର ତୁମମାନଙ୍କୁ ଏହି ବର୍ତ୍ତମାନ ମଧ୍ୟ ଶିକ୍ଷା କରିବାକୁ ହେବ ଯେ ଅସଲ ଲକ୍ଷ୍ୟଟିରେ ଯାଇ ପହଞ୍ଚି ପାରିବାକୁ ହେଲେ ତୁମମାନଙ୍କୁ ତା'ର ମୂଲ୍ୟ ଦେଇ ଜାଣିବାକୁ ହେବ; ଏବଂ, ସର୍ବୋଚ୍ଚ ସତ୍ୟଗୁଡ଼ିକୁ ଯଥାର୍ଥ ଭାବରେ ବୁଝି ପାରିବାକୁ ହେଲେ, ତୁମକୁ ସେଗୁଡ଼ିକୁ ଆପଣାର ଦୈନନ୍ଦିନ ଜୀବନରେ ଅବଶ୍ୟ ଅଭ୍ୟାସ କରି ପାରିବାକୁ ହେବ ।

ଆଜି ମୁଁ ସେତିକି କହିବି ।

'oaob.nitrkl.ac.in' images reprocessed

## ୨୭ ମାର୍ଚ୍ଚ ୧୯୫୭

"ଯେକୌଣସି ସ୍ଥାନରେ ତୁମେ ଏକ ବୃହତ୍ ଅନ୍ତ ଦେଖିବାକୁ ପାଉଛ, ତୁମେ ନିଶ୍ଚିତ ଭାବରେ ଜାଣିରଖ ଯେ ସେଠାରେ ଏକ ମହାନ୍ ଆରମ୍ଭ ମଧ୍ୟ ହେବାକୁ ଯାଉଛି । ଯେଉଁଠାରେ ଏକ ଭୀଷଣ ଓ ଦୁଃଖଦାୟକ ଧ୍ୱଂସଲୀଳା ତୁମକୁ ଭୟଭୀତ କରି ପକାଉଛି, ସେଠାରେ ଏହି କଥା କହି ଆପଣାର ମନକୁ ସାନ୍ତ୍ୱନା ଦିଅ ଯେ ଏହାପରେ ଏକ ବୃହତ୍ ଏବଂ ମହାନ୍ ସୃଜନପର୍ବ ସୁନିଶ୍ଚିତ ଭାବରେ ଆସୁଛି । ପରମେଶ୍ୱର ଯେ କେବଳ ତଥାପି ଅତି କ୍ଷୀଣ ଓ କ୍ଷୁଦ୍ର ହୋଇ ରହିଥିବା ବାଣୀଟି ମଧ୍ୟରେ ଅଛନ୍ତି ତା' ନୁହେଁ, ସିଏ ଅଗ୍ନି ଭିତରେ ଓ ଘୂର୍ଣ୍ଣିବାୟୁ ଭିତରେ ମଧ୍ୟ ଉପସ୍ଥିତ ଅଛନ୍ତି ।

"ଧ୍ୱଂସ ଯେତିକି ଅଧିକ ହେବ, ସୃଷ୍ଟିର ସମ୍ଭାବନାଟି ମଧ୍ୟ ଠିକ୍ ସେତିକି ମୁକ୍ତ ହେବାରେ ଲାଗିଥିବ । ମାତ୍ର ଅନେକ ସମୟରେ ଧ୍ୱଂସର ପ୍ରକ୍ରିୟାଟି ଅତି ଦୀର୍ଘ ହୋଇଥାଏ, ଧୀର ହୋଇଥାଏ, ବଡ଼ ଦମନାତ୍ମକ ବି ହୋଇଥାଏ; ଏବଂ ତେଣୁ ପରବର୍ତ୍ତୀ ସୃଜନଟି ମଧ୍ୟ ଆପଣାର ଗତିରେ ଭାରି ମନ୍ଥର ହୋଇ ଆସେ ଅବା ଆପଣାର ବିଜୟପଥରେ ତାହାକୁ ଅନେକ ବାଧାର ସମ୍ମୁଖୀନ ହେବାକୁ ହୁଏ । ରାତ୍ରି ବାରବାର ଆସିବାରେ ଲାଗିଥାଏ ଏବଂ ଦିନ ଆସିବ ଆସିବ ବୋଲି ତଥାପି ସତେଅବା କୁଣ୍ଠିତ ହୋଇ ରହିଥାଏ ବା ଏପରିକି ସତେଅବା ଏକ ମିଥ୍ୟା-ପ୍ରଭାତର ଆଗମନ ହୋଇଛି ବୋଲି ପ୍ରତୀତ ହୁଏ । ତେଣୁ ତୁମେ ନିରାଶ ହୋଇ ପଡ଼ ନାହିଁ, ଦେଖ ଏବଂ କାର୍ଯ୍ୟ କର । ଯେଉଁମାନେ ଅତ୍ୟନ୍ତ ପ୍ରବଳ ଭାବରେ ଆଶା କରିବାରେ ଲାଗିଥାନ୍ତି, ସେମାନେ ଅତି ଶୀଘ୍ର ନିରାଶ ହୋଇପଡ଼ନ୍ତି; ତେଣୁ ତୁମେ ଗୁଡ଼ାଏ ଆଶା କରି ପକାଅ ନାହିଁ ଅଥବା ଭୟଭୀତ ହୁଅ ନାହିଁ, ମାତ୍ର ଭଗବାନଙ୍କର ଉଦ୍ଦେଶ୍ୟ ବିଷୟରେ ସୁନିଶ୍ଚିତ ହୋଇ ରହ, ସେଗୁଡ଼ିକୁ ବାସ୍ତବରେ ପରିଣତ କରିବାଲାଗି ତୁମ ନିଜର ଇଚ୍ଛା ବିଷୟରେ ମଧ୍ୟ ଦୃଢ଼ନିଶ୍ଚିତ ହୋଇ ରହ ।

"ସେହି ପରମ ଭଗବତ୍-କଳାକାରର ହାତ ଅନେକ ସମୟରେ ଏପରି କାର୍ଯ୍ୟ କରୁଥାଏ, ସତେଯେପରି ତାହା ତଥାପି ଆପଣାର ପ୍ରତିଭାସାମର୍ଥ୍ୟ ଏବଂ ଆପଣାର ସାମଗ୍ରୀଟି ବିଷୟରେ ଆଦୌ ପୂର୍ଣ୍ଣନିଶ୍ଚିତ

'oaob.nitrkl.ac.in' images reprocessed

ହୋଇପାରି ନାହିଁ । ମନେ ହେଉଥାଏ, ସତେ ଯେପରି ସେହି ହାତ ବାରବାର ଆସି ସ୍ପର୍ଶ କରୁଛି, ପରୀକ୍ଷା କରୁଛି ଓ ପୁଣି ଛାଡ଼ି ଚାଲିଯାଉଛି, ଧରି ହାତକୁ ନେଉଛି, ପୋପାଡ଼ି ଦେଉଛି ଓ ପୁନର୍ବାର ହାତକୁ ନେଉଛି,– ମିହନ୍ତ କରୁଛି, ସଫଳ ହୋଇପାରୁ ନାହିଁ, ତା' କାମରେ କୌଣସି ଅପୂର୍ଣ୍ଣତା ରହିଯାଉଛି ଓ ତେଣୁ ସିଏ ଯାହା କରିଥିଲା, ତାହାକୁ ଭାଙ୍ଗିଦେଇ ପୁଣି ଗଢ଼ିବ ବୋଲି ଏକାଠି କରିଆଣୁଛି । ଯାବତୀୟ ବସ୍ତୁ ସମୁଚିତ ଭାବରେ ପ୍ରସ୍ତୁତ ହୋଇ ପାରିବା ପର୍ଯ୍ୟନ୍ତ ତା'ର କାର୍ଯ୍ୟରେ ସତେଅବା ସ୍ୱାଭାବିକ ଭାବରେହିଁ ଅନେକ ବିସ୍ମୟ ଆସି ପହଞ୍ଚୁଛି, ଅନେକ ନୈରାଶ୍ୟ ମଧ୍ୟ ଆସି ପହଞ୍ଚୁଛି । ଯାହା ନିର୍ବାଚିତ ହୋଇଥିଲା, ତାହାକୁ ଅସ୍ୱୀକୃତିର ଗର୍ଭମଧ୍ୟକୁ ନିକ୍ଷିପ୍ତ କରିଦେବାକୁ ପଡୁଛି; ଯାହା ଏକଦା ପରିତ୍ୟକ୍ତ ହୋଇଥିଲା, ତାହା ଏକ ସୁଶକ୍ତି ଅଟ୍ଟାଳିକାର ଆଧାରଶିଳା ରୂପେ ବ୍ୟବହୃତ ହେଉଛି । ମାତ୍ର, ଏହି ସବୁକିଛିର ପଶ୍ଚାତରେ ଏପରି ଏକ ଜ୍ଞାନର ସୁନିଶ୍ଚିତ ଚକ୍ଷୁ ବିଦ୍ୟମାନ ରହିଛି, ଯାହାକି ଆମର ବୁଦ୍ଧିକୁ କୁଆଡ଼େ କେତେଦୂରକୁ ଅତିକ୍ରମ କରିନେଇ ଯାଇଛି; ସବୁକିଛିର ପଶ୍ଚାତରେ ଏକ ଅନନ୍ତ ମହାସାମର୍ଥ୍ୟର ଧୀର ଦରହାସ୍ୟ ମଧ୍ୟ ବିଦ୍ୟମାନ ରହିଛି ।

"ପରମେଶ୍ୱରଙ୍କ ସମ୍ମୁଖରେ ସମଗ୍ର ସମୟର ଅବଧିଟି ପଡ଼ିରହିଛି ଏବଂ ତେଣୁ ସିଏ ଯେ ସବୁବେଳେ ଭାରି ତରତର ହୋଇ ସବୁ କରୁଥିବେ, ତାହାର ଆଦୌ କୌଣସି କାରଣ ନାହିଁ । ଆପଣାର ଲକ୍ଷ୍ୟ ଏବଂ ସେହି ଲକ୍ଷ୍ୟ ସାଧନର ସଫଳତାରେ ତାଙ୍କର ଆଦୌ କୌଣସି ସନ୍ଦେହ ନ ଥାଏ ଏବଂ ଏକ ଅଧିକ ପରିପୂର୍ଣ୍ଣତା ହାସଲ କରିବା ଲାଗି ଯଦି ଆପଣାର କାର୍ଯ୍ୟଟିକୁ ତାଙ୍କୁ ଶହେଥର ବି ଭାଙ୍ଗିଦେବାକୁ ପଡ଼େ, ସେଥିଲାଗି ସିଏ ଆଦୌ କୌଣସି ଶୋଚନା କରନ୍ତି ନାହିଁ । ଏହି ଧୈର୍ଯ୍ୟ ହେଉଛି ଆମର ମହାନ ସର୍ବପ୍ରଥମ ଶିକ୍ଷା, ଆମର ଅତ୍ୟାବଶ୍ୟକ ଶିକ୍ଷା; ମାତ୍ର କାତର, ସଂଶୟକ୍ଷୁବ୍ଧ, ପରିଶ୍ରାନ୍ତ, ଆଳସ୍ୟପରାୟଣ, ଅଭୀପ୍ସାହୀନ ଏବଂ ଦୁର୍ବଳଚିତ୍ତ ବ୍ୟକ୍ତି ଯେଉଁ ନୀରସ ଅତିମନ୍ଥରତାକୁ ଧୈର୍ଯ୍ୟ ବୋଲି କହେ, ଏଠାରେ ସେହି ଧୈର୍ଯ୍ୟର କଥା କୁହାଯାଉ ନାହିଁ । ଯେଉଁ ଧୈର୍ଯ୍ୟ ପରିପୂର୍ଣ୍ଣ ଭାବରେ ସ୍ଥିର ରହିଥାଏ, ଆପଣାର ବଳ ସଂଗ୍ରହ କରି ଯିଏ ଅପେକ୍ଷା କରି ଦେଖୁଥାଏ ଏବଂ ତ୍ୱରିତ ବୃହତ୍ ଆଘାତମାନ ଦେବାଲାଗି ଯାହା ଆପଣାକୁ ପ୍ରସ୍ତୁତ କରିବାରେ ଲାଗିଥାଏ,– ସଂଖ୍ୟାରେ କମ୍ ହୋଇଥିଲେ ମଧ୍ୟ ନିୟତିକୁ

'oaob.nitrkl.ac.in' images reprocessed

ବଦଳାଇ ଦେଇ ପାରିବା ଲାଗି ଯଥେଷ୍ଟ ହେଉଥିବା ଆଘାତଗୁଡ଼ିକୁ ଦେବାଲାଗି ଯାହା ପ୍ରସ୍ତୁତ ହେଉଥାଏ, ଏଠାରେ ଆମେ ସେହି ଧୈର୍ଯ୍ୟକୁହିଁ ବୁଝିବା ।

"ଭଗବାନ କ'ଣ ପାଇଁ ତାଙ୍କର ଏହି ଜଗତ ଉପରେ ଏଡ଼େ ଭୟଙ୍କର ଭାବରେ ଆଘାତ କରନ୍ତି ? ସତେଅବା ପିଠୋଉ ବାଟିଲା ଓ ଫେଣ୍ଟିଲା ପରି ଏହାକୁ ବାଟିବାରେ ଓ ଫେଣ୍ଟିବାରେ ଲାଗିଥାନ୍ତି, ତାହାକୁ ଏକ ରକ୍ତସ୍ନାନ ମଧ୍ୟରେ ଆଣି ନିକ୍ଷେପ କରୁଥାନ୍ତି ଓ ଏକ ଅଗ୍ନିମୟ ଗର୍ଭର ରକ୍ତବର୍ଣ୍ଣ ରୌରବ ଉତ୍ତପ୍ତତା ମଧ୍ୟରେ ଆଣି ପକାଇ ଦେଉଥାନ୍ତି ? କାରଣ ଏକ ସମଗ୍ର ପିଣ୍ଡ ହିସାବରେ ମନୁଷ୍ୟସମାଜ ଏପର୍ଯ୍ୟନ୍ତ ମଧ୍ୟ ସତେଅବା ଏକ କଠିନ, ଅଶୋଧିତ ଏବଂ ତୁଚ୍ଛ ଧାତୁପରି ହୋଇ ରହିଛି, ଯାହାକି ଏପରି ଏକ ପ୍ରକ୍ରିୟା ମଧ୍ୟଦେଇ ଗତି ନ କଲେ କଦାପି ତରଳିବ ନାହିଁ ଓ ତାହାକୁ କୌଣସି ପ୍ରକାର ଆକାର ଦେବା ମୋଟେ ସମ୍ଭବ ହେବ ନାହିଁ । ତେଣୁ, ତାଙ୍କର ଏହି ଧାତୁଟି ଯେପରି, ତାଙ୍କର ପ୍ରଣାଳୀଟି ମଧ୍ୟ ଠିକ୍ ସେହିପରି । ସେହି ଧାତୁ ଆପଣାକୁ ଶୁଦ୍ଧତର ଏବଂ ଯୋଗ୍ୟତର ଏକ ଧାତୁରେ ପରିଣତ କରାଇବାରେ ସହାୟତାହିଁ କରୁ, ତେବେଯାଇ ଏହାକୁ ପ୍ରସ୍ତୁତ କରିବାଲାଗି ତାଙ୍କର ପ୍ରଣାଳୀଟି କମ୍ କର୍କଶ ଓ ଅଧିକ ସାବଲୀଳ ହୋଇ ପାରିବ, ତା'ର ଉପଯୋଗିତା ମଧ୍ୟ ଉଚ୍ଚତର ଏବଂ ଯଥାର୍ଥତର ହେବ ।

"ଅଧିକରୁ ଅଧିକ ଭଲ ଏକ ଉପାଦାନ ବାଛି ନେବା ପାଇଁ ତାଙ୍କ ସମ୍ମୁଖରେ ଏକ ଅନନ୍ତ ସମ୍ଭାବନା ରହିଥିବା ବେଳେ ସିଏ ଏପରି ଏକ ଉପାଦାନକୁ କାହିଁକି ବା ବାଛିଲେ, କାହିଁକି ବା ତିଆରି କଲେ ? ଆପଣାର ଦିବ୍ୟ ପରମକଳ୍ପନାଟି ହେତୁହିଁ ସିଏ ଏପରି କଲେ, ଯାହାକି ଆପଣା ସମ୍ମୁଖରେ କେବଳ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଅଥବା ଶୁଦ୍ଧତାକୁହିଁ ପ୍ରତ୍ୟକ୍ଷ କରି ନ ଥିଲା, ମାତ୍ର ଶକ୍ତି, ଇଚ୍ଛା ଏବଂ ମହତ୍ତାକୁ ମଧ୍ୟ ପ୍ରତ୍ୟକ୍ଷ କରି ପାରିଥିଲା । ତୁମେ ସେହି ଶକ୍ତିପ୍ରତି କୌଣସି ବିତୃଷ୍ଣଭାବ ପୋଷଣ କରିବ ନାହିଁ ଅଥବା, ତା' ମଧ୍ୟରେ କେତେକ ସାମର୍ଥ୍ୟ ମଧ୍ୟରେ ରହିଥିବା କୁତ୍ସିତତାକୁ ମଧ୍ୟ ତୁମେ ଘୃଣା କରିବ ନାହିଁ; ଅଥବା, ପରମେଶ୍ୱର କେବଳ ସେହି ପରମ ପ୍ରେମ ବୋଲି କଦାପି ଭାବିବ ନାହିଁ । ଯାବତୀୟ ପରିପୂର୍ଣ୍ଣ ପୂର୍ଣ୍ଣତା ମଧ୍ୟରେ ବୀରର ଏବଂ ଏପରିକି ଦୈତ୍ୟର ମଧ୍ୟ କିଛି ନା କିଛି ଉପାଦାନ ଅବଶ୍ୟ ରହିଥିବ ।

'oaob.nitrkl.ac.in' images reprocessed

*ମାତ୍ର ଯାହାକୁ ଆମେ ସର୍ବବୃହତ୍ ଶକ୍ତି ବୋଲି କହିବା, ତାହା ନିଶ୍ଚୟ ସବୁଠାରୁ ଅଧିକ ପ୍ରବଳ ବାଧା ଓ ଅସୁବିଧା ମଧ୍ୟରୁହିଁ ଜନ୍ମଗ୍ରହଣ କରୁଥିବ ।''*

ବିଚାର ଓ ଚିନ୍ତାରାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା. ୩୯୨-୯୩

ମନୁଷ୍ୟସମାଜ ଶୁଦ୍ଧ ସୁବର୍ଣ୍ଣ ହୋଇ ପାରିବାର ଅବସ୍ଥାରେ ଆସି ପହଞ୍ଚି ସାରିଲାଣି ବା ଏପର୍ଯ୍ୟନ୍ତ ବି ତା'ର ଘଣାଭିତରେ ପଡ଼ି ପରୀକ୍ଷିତ ହେବା ଲାଗି ଏକ ଆବଶ୍ୟକତା ରହିଛି, ସମଗ୍ର ସମସ୍ୟାଟି କହିଲେ ବସ୍ତୁତଃ ତାହାହିଁ ବୁଝାଇବା ଉଚିତ ।

ଗୋଟିଏ କଥାରେ ଆଦୌ କୌଣସି ସନ୍ଦେହ ନାହିଁ : ତାହା ହେଉଛି ଯେ ମନୁଷ୍ୟଜାତି ଏବେ ମଧ୍ୟ ଖାଣ୍ଟି ସୁବର୍ଣ୍ଣରେ ପରିଣତ ହୋଇପାରି ନାହିଁ । ଏକଥାଟା ତ ଆଖିରେ ବି ଦେଖିହେଉଛି ଏବଂ ନିଶ୍ଚିତ ବୋଲି ପ୍ରମାଣିତ ହୋଇ ଯାଉଛି ।

ମାତ୍ର ଏହି ପୃଥିବୀର ଇତିହାସରେ ଏପରି ଗୋଟିଏ ଘଟଣା ଘଟିଛି, ଯାହାକି ଆମକୁ ଏପରି ଏକ ଆଶା ଦ୍ୱାରା ପରିଚାଳିତ ହେବାର ଅବକାଶ ଦେଇ ଯାଉଛି ଯେ ସମଗ୍ର ମନୁଷ୍ୟଜାତି ମଧ୍ୟରେ ନିର୍ବାଚିତ ଅଳ୍ପ କେତେଜଣ, ଅତ୍ୟନ୍ତ ଅଳ୍ପ ସଂଖ୍ୟାର କେଇଜଣ ବ୍ୟକ୍ତି ସମ୍ଭବତଃ ଖାଣ୍ଟି ସୁନାରେ ରୂପାନ୍ତରିତ ହେବା ଲାଗି ବର୍ତ୍ତମାନ ପ୍ରସ୍ତୁତ ହୋଇ ରହିଛନ୍ତି ଏବଂ ସେହିମାନେହିଁ କୌଣସି ପ୍ରକାର ହିଂସାଚରଣ ନ କରି ତଥାପି ବଳର ପ୍ରକଟ କରାଇବା ଲାଗି ସମର୍ଥ ହେବେ, କୌଣସି ଧ୍ୱଂସସାଧନ ନ କରି ବୀରତ୍ୱର ପ୍ରକଟ କରିପାରିବେ ଏବଂ ପୃଥିବୀପୃଷ୍ଠକୁ କୌଣସି ପ୍ରକାର ବିପର୍ଯ୍ୟୟକୁ ଡାକି ନ ଆଣି ତଥାପି ସାହସ ପ୍ରକଟ କରି ପାରିବେ ।

ମାତ୍ର, ଠିକ୍ ତାହାର ପରବର୍ତ୍ତୀ ପାରାରେ ଶ୍ରୀଅରବିନ୍ଦ ସ୍ୱୟଂ ପ୍ରଶ୍ନଟିର ଉତ୍ତର ବି ଦେଇଛନ୍ତି : ''ଆଧ୍ୟାତ୍ମିକ ଭୂମିକୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ଯଦି ମନୁଷ୍ୟ ଥରେ ଆପଣାର ସମ୍ମତି ପ୍ରଦାନ କରିପାରନ୍ତା !'' ଯଦି ମନୁଷ୍ୟ ବ୍ୟକ୍ତି ଆଧ୍ୟାତ୍ମିକତାର ମାର୍ଗ ଗ୍ରହଣ କରିବା ଲାଗି ସମ୍ମତ ହୋଇ ପାରନ୍ତା... ଯଦି ସେ ସମ୍ମତ ହୋଇ ପାରନ୍ତା !*

ତା'ଭିତରେ ଏପରି ଏକ ଉପାଦାନ ରହିଛି, ଯାହାକି ସେଥିଲାଗି ପ୍ରକୃତରେ ପ୍ରାର୍ଥନା କରୁଛି, ସେଥିପାଇଁ ଅଭୀପ୍ସା ରଖିଛି; ମାତ୍ର ତା'ର ଅବଶିଷ୍ଟ ସବୁଟି ନାସ୍ତି କରିବାରେହିଁ ଲାଗିଛି, ତାହା ବର୍ତ୍ତମାନ ଯେପରି ଅଛି, ଠିକ୍ ସେହିପରି ହୋଇହିଁ ରହିବାକୁ

*''ଆଧ୍ୟାତ୍ମିକ ଭୂମିକୁ ଉତ୍ତୀର୍ଣ୍ଣ ହୋଇ ଯିବାଲାଗି ଯଦି ମଣିଷ ଥରେ ଆପଣାର ସମ୍ମତି ପ୍ରଦାନ କରିପାରନ୍ତା, ତେବେ ସବୁକିଛି ବଦଳି ଯାଇ ପାରନ୍ତା; ମାତ୍ର ତା'ର ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତି ସେହି ଉଚ୍ଚତର ବିଧାନଟି ବିଷୟରେ ସଂପୂର୍ଣ୍ଣ ବିରୋଧୀ ହୋଇ ରହିଛି । ମନୁଷ୍ୟ ତା'ର ଅପୂର୍ଣ୍ଣତାକୁ ପ୍ରକୃତରେ ଭାରି ଭଲ ପାଉଛି ।''

'oaob.nitrkl.ac.in' images reprocessed

ଇଚ୍ଛା କରୁଛି : ଅଗ୍ନିଦାହ ଦ୍ୱାରା ଦଗ୍ଧ ହେବା ସକାଶେ କୁଣ୍ଡକୁ ନିକ୍ଷିପ୍ତ ହେବାର ସେହି ମିଶ୍ର ଅଶୋଧିତ ଧାତୁଟି ହୋଇ ରହିବା ଲାଗି ସେ ଭାରି ଇଚ୍ଛା କରୁଛି ।

ବର୍ତ୍ତମାନ ବିଶ୍ୱ-ଇତିହାସର ଏହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତଟିରେ ଆମେ ସମସ୍ତେ ଏକ ମୀମାଂସାତ୍ମକ ମୋଡ଼ଜାଗାରେ ଆସି ପହଞ୍ଚିଛୁ; ହଁ, ଆମେ ପୁନର୍ବାର ଆସି ସେହିପରି ଏକ ଜାଗାରେ ପହଞ୍ଚିଛୁ । "ବର୍ତ୍ତମାନ କ'ଣ ଘଟିବାକୁ ଯାଉଛି ?" ବୋଲି ମୋତେ ସବୁଆଡୁ ନାନା ପ୍ରଶ୍ନ ହେଉଛି । ସର୍ବତ୍ର ଏକ ବେଦନା ପ୍ରତୀତ ହେବାରେ ଲାଗିଛି, ଏକ ପ୍ରତ୍ୟାଶା ଓ ଏକ ଆଶଙ୍କା ବି ଉଙ୍କୁଟି ଆସିବାପରି ମନେ ହେଉଛି । "ବର୍ତ୍ତମାନ କ'ଣ ଘଟିବାକୁ ଯାଉଛି ?..." ଏହି ପ୍ରଶ୍ନର କେବଳ ଗୋଟିଏ ମାତ୍ର ଉତ୍ତର ରହିଛି : "ଆଧ୍ୟାତ୍ମିକତା ଦ୍ୱାରା ପରିଚାଳିତ ହେବାଲାଗି ଯଦି ମନୁଷ୍ୟ ଆପଣାର ସମ୍ମତି ଦେଇ ପାରନ୍ତା !"

ଏବଂ, ଯଦି କେତେଜଣ ବ୍ୟକ୍ତି ବି ଖାଣ୍ଟି ସୁନାରେ ପରିଣତ ହୋଇପାରନ୍ତେ, ସମ୍ଭବତଃ ତାହା ତେବେ ମଧ୍ୟ ଯଥେଷ୍ଟ ହୁଅନ୍ତା, କାରଣ ଜାଗତିକ ଘଟନାବଳୀର ଗତିଦିଗଟିକୁ ବଦଳାଇ ଦେବା ପାଇଁ ତାହାହିଁ ଯଥେଷ୍ଟ ହୁଅନ୍ତା... ବଡ଼ ଜରୁରୀ ଭାବରେ ବର୍ତ୍ତମାନ ଏହି କଥାଟିର ଆବଶ୍ୟକତା ରହିଛି ।

ପରମ ଦିବ୍ୟସତ୍ତା ଆମଠାରୁ ଯେଉଁ ସାହସ ଏବଂ ବୀରତ୍ୱ ଆଶା କରୁଛନ୍ତି, ସେହି ସାହସ ଏବଂ ବୀରତ୍ୱକୁ ଆମେ ଆମ ନିଜର ପ୍ରତିକୂଳତାଗୁଡ଼ିକ ବିରୋଧରେ, ଅପୂର୍ଣ୍ଣତାଗୁଡ଼ିକର ଏବଂ ଅସ୍ୱଚ୍ଛତାଗୁଡ଼ିକର ବିରୋଧରେ କାହିଁକି ପ୍ରୟୋଗ କରି ନ ପାରିବା ? ଆମେ କାହିଁକି ଅନ୍ତର୍ଗତ ଶୁଦ୍ଧୀକରଣର ସେହି ଅଗ୍ନିପାତ୍ରଟିର ବୀରପରି ସମ୍ମୁଖୀନ ହୋଇ ନ ପାରିବା, ଯେପରିକି ଆମକୁ ଆଉଥରେ ସମସ୍ତ ସଭ୍ୟତାକୁ ଆଣି ଘୋର ଅନ୍ଧାରର ଗର୍ଭରେ ପକାଇ ଦେଉଥିବା ସେହି ମହାଭୟଙ୍କର କରାଳ ଧ୍ୱଂସଲୀଳାଗୁଡ଼ିକ ମଧ୍ୟରୁ ଏକ ଅନ୍ୟତମ ପର୍ଯ୍ୟାୟ ମଧ୍ୟଦେଇ ଆଦୌ ଗତି କରିବାକୁ ନ ପଡ଼ିବ ?

ଆମ ସମ୍ମୁଖରେ ଏହାହିଁ ଅସଲ ସମସ୍ୟା । ଆମେ ପ୍ରତ୍ୟେକେ ଆପଣାର ମାର୍ଗରେହିଁ ସେହି ସମସ୍ୟାଟିର ସମାଧାନ କରିବା ।

ମୋତେ ଯେଉଁସବୁ ପ୍ରଶ୍ନ ପଚରା ଯାଇଛି, ଆଜି ସନ୍ଧ୍ୟାରେ ମୁଁ ସେହିସବୁ ପ୍ରଶ୍ନରହିଁ ଉତ୍ତର ଦେଉଛି; ଏବଂ ଶ୍ରୀଅରବିନ୍ଦଙ୍କର ଭାଷାରେହିଁ ମୁଁ ଏହାର ଉତ୍ତର ଦେଉଛି : ଆଧ୍ୟାତ୍ମିକତା ଦ୍ୱାରା ପରିଚାଳିତ ହେବା ଲାଗି ଯଦି ମନୁଷ୍ୟ ଥରେ ସମ୍ମତ ହୋଇଯାଆନ୍ତା !...

ଏବଂ ସେହି କଥାଟି ସହିତ ମୁଁ କେବଳ ଏତିକିମାତ୍ର ଯୋଡ଼ିଦେବାକୁ ଇଚ୍ଛା କରିବି : ତେଣେ କାଳ ବି ଚାପ ଦେବାରେ ଲାଗିଲାଣି... ମନୁଷ୍ୟର ଦୃଷ୍ଟିକୋଣରୁ ବିଚାର କଲେ, କାଳ ବି ଆମଠାରୁ ଏହି ସମ୍ମତିଟିକୁ ଦାବି କରିବାକୁ ଆସିଲାଣି ।

'oaob.nitrkl.ac.in' images reprocessed

## ୩ ଏପ୍ରିଲ ୧୯୫୭

*"ଆଧ୍ୟାତ୍ମିକ ଭୂମିକୁ ଉତ୍ତୀର୍ଣ୍ଣ ହୋଇ ଯିବାଲାଗି ଯଦି ମଣିଷ ଥରେ ଆପଣାର ସମ୍ମତି ପ୍ରଦାନ କରିପାରନ୍ତା, ତେବେ ସବୁକିଛି ବଦଳି ଯାଇପାରନ୍ତା; ମାତ୍ର ମନୁଷ୍ୟର ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତି ସେହି ଉଚ୍ଚତର ବିଧାନଟି ବିଷୟରେ ସଂପୂର୍ଣ୍ଣ ବିରୋଧୀ ହୋଇ ରହିଛି । ମନୁଷ୍ୟ ତା'ର ଅପୂର୍ଣ୍ଣତାକୁ ପ୍ରକୃତରେ ଭାରି ଭଲ ପାଉଛି ।*

*"ପରମ ଦିବ୍ୟ ଆତ୍ମା ହେଉଛି ଆମ ସତ୍ତାର ପ୍ରକୃତ ସତ୍ୟ; ଆପଣାର ଯାବତୀୟ ଅପୂର୍ଣ୍ଣତା ସହିତ ମନ, ପ୍ରାଣ ଓ ଦେହ ହେଉଛନ୍ତି ତା'ର ଗୋଟିଏ ଗୋଟିଏ ମୁଖା; ମାତ୍ର ଆପଣାର ପୂର୍ଣ୍ଣତାପ୍ରାପ୍ତ ଅବସ୍ଥାରେ ସେଗୁଡ଼ିକ ତାହାର ଏକ ଆଧାର ବା ଛାଞ୍ଚ ହୋଇ ମଧ୍ୟ ରହିପାରନ୍ତେ । ହଁ, ଆଧ୍ୟାତ୍ମିକ ଭୂମିକୁ ଉତ୍ତୀର୍ଣ୍ଣ ହୋଇଯିବାହିଁ କଦାପି ଯଥେଷ୍ଟ ନୁହେଁ; ତଦ୍ଦ୍ୱାରା କେତେକ ଆତ୍ମାଙ୍କୁ ସ୍ୱର୍ଗ ଲାଗି ପ୍ରସ୍ତୁତ କରାଇଦେବା ବେଶ୍ ସମ୍ଭବ ହୁଏ ସତ, ମାତ୍ର ପୃଥିବୀ ଯେଉଁଠାରେ ଥିଲା, ତାହା ମୁଖ୍ୟତଃ ସେହିଠାରେହିଁ ପଡ଼ି ରହିଥାଏ । ଏବଂ, ମଝିମଝିଆ କୌଣସି ସାଲିସ୍ କରି ତଦ୍ଦ୍ୱାରା ମୁକ୍ତି ମଧ୍ୟ ପ୍ରାପ୍ତ ହୁଏ ନାହିଁ ।*

*"ପୃଥିବୀ ତିନୋଟି ପ୍ରକାରର ବିପ୍ଳବ ସହିତ ପରିଚିତ ଅଛି । ଭୌତିକ ବିପ୍ଳବରୁ ଅନେକ ଶକ୍ତିଶାଳୀ ପରିଣାମ ଉପଲବ୍ଧ ହୋଇଥାଏ, ନୈତିକ ଏବଂ ବୌଦ୍ଧିକ ବିପ୍ଳବର ପରିସର ପୂର୍ବଟି ତୁଳନାରେ ଅପେକ୍ଷାକୃତ ଅନେକାନେକ ଗୁଣ ଅଧିକ ପ୍ରଶସ୍ତ ଏବଂ ଆପଣା ଫଳଲାଭର ଭୂମିରେ ଅପେକ୍ଷାକୃତ ଅନେକ ଅଧିକ ସଂପନ୍ନ; ମାତ୍ର କେବଳ ଆଧ୍ୟାତ୍ମିକ ବିପ୍ଳବ ଦ୍ୱାରାହିଁ ଯାବତୀୟ ମହାନ୍ ବପନ ସମ୍ଭବ ହୋଇଥାଏ ।*

*"ଯଦି ଏକ ପୂର୍ଣ୍ଣତାଯୁକ୍ତ ଅନୁରୂପତା ସହିତ ଏହି ତ୍ରିବିଧ ପରିବର୍ତ୍ତନ ପରସ୍ପରର ସମବର୍ତ୍ତୀ ହୋଇ ଗତି କରିପାରିବ, ତେବେ ତଦ୍ଦ୍ୱାରା ଏକ ପ୍ରମାଦମୁକ୍ତ କାର୍ଯ୍ୟ ସମ୍ପାଦିତ ହୋଇପାରିବ । ମାତ୍ର ମନୁଷ୍ୟସମାଜର ମନ ଏବଂ ଶରୀର ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ସ୍ରୋତପ୍ଲାବନକୁ କଦାପି ପରିପୂର୍ଣ୍ଣ ଭାବରେ ଧାରଣ କରିପାରିବେ ନାହିଁ । କାରଣ ସେହି ଉଭୟ କ୍ଷେତ୍ରରେ ଅଧିକାଂଶହିଁ ବର୍ତ୍ତମାନ ବିରକ୍ତ ହୋଇ ରହିଛି ଏବଂ ଅବଶିଷ୍ଟାଂଶର ଅନେକାଂଶ*

'oaob.nitrkl.ac.in' images reprocessed

ଦୂଷିତ ହୋଇ ପଡ଼ିଛି । ଏକ ବୃହତ୍ ଆଧ୍ୟାତ୍ମିକ ବୀଜବପନରୁ ଗୋଟିଏ କ୍ଷୁଦ୍ର ପରିଣାମ ମଧ୍ୟ କାର୍ଯ୍ୟକାରୀ କରିପାରିବା ଲାଗି ଆମର ଏହି ଭୂମିରେ କେତେ ନା କେତେ ବୁଦ୍ଧିଗତ ଏବଂ ଭୌତିକ ଓଲଟପାଲଟର ଆବଶ୍ୟକତା ରହିଛି ।

"ପୃଥିବୀର ପ୍ରତ୍ୟେକ ଧର୍ମ ମନୁଷ୍ୟସମାଜର କିଛି ନା କିଛି ସହାୟତା କରିଛନ୍ତି । ଖ୍ରୀଷ୍ଟିଆନ୍-ପୂର୍ବ ପାଗାନ୍‌ଧର୍ମ ବା ମୂର୍ତ୍ତିପୂଜାର ଧର୍ମ ମନୁଷ୍ୟ ମଧ୍ୟରେ ସୌନ୍ଦର୍ଯ୍ୟର ଆଲୋକବୃଦ୍ଧି କରିପାରିଛି, ତା' ଜୀବନକୁ ଅଧିକ ବୃହତ୍ତା ଏବଂ ଉଚ୍ଚତା ଆଣି ଦେଇଛି, ଅନେକବିଧ ପରିପୂର୍ଣ୍ଣତା ହାସଲ କରିବା ଲାଗି ରହିଥିବା ତା'ର ଲକ୍ଷ୍ୟରେ ମଧ୍ୟ ଅଧିକ ବେଗ ସଞ୍ଚାର କରାଇ ପାରିଛି । ଖ୍ରୀଷ୍ଟିଆନ୍ ଧର୍ମ ମନୁଷ୍ୟକୁ ଦିବ୍ୟ ପ୍ରେମ ଏବଂ ହିତୈଷିତାର କେତେକ ଅନ୍ତଃଦୃଷ୍ଟି ଆଣିଦେଇଛି । ଅଧିକ ଜ୍ଞାନବିବେକସମ୍ପନ୍ନ, ଅଧିକ ବିନୟଶୀଳ ଏବଂ ଅଧିକ ଶୁଦ୍ଧ ହୋଇ ପାରିବା ଲାଗି ବୌଦ୍ଧଧର୍ମ ମନୁଷ୍ୟକୁ ଏକ ଉଦାର ମାର୍ଗ ଦେଖାଇ ଦେଇପାରିଛି । କର୍ମର ଭୂମିରେ କିପରି ଧର୍ମାନୁରକ୍ତି ସହିତ ବିଶ୍ୱାସଯୁକ୍ତ ହେବାକୁ ହୁଏ ଏବଂ ଭଗବାନଙ୍କ ଲାଗି କିପରି ପୂର୍ଣ୍ଣୋତ୍ସାହ ସହିତ ଶ୍ରଦ୍ଧାଶୀଳ ହୋଇ ରହିବାକୁ ହୁଏ, ଇହୁଦୀଧର୍ମ ଏବଂ ଇସ୍‌ଲାମ୍ ମନୁଷ୍ୟକୁ ସେହି ବାଟଟିକୁ ଦେଖାଇ ଦେଇଛନ୍ତି । ହିନ୍ଦୁଧର୍ମ ତା'ଆଗରେ ବୃହତ୍ତମ ଏବଂ ଗଭୀରତମ ସମ୍ଭାବନାଗୁଡ଼ିକୁ ଆଣି ଉନ୍ମୋଚିତ କରିଦେଇଛି । ଏହି ଯାବତୀୟ ଖଣ୍ଡ-ଦୃଷ୍ଟି ଯଦି ପରସ୍ପରକୁ ପରସ୍ପରର ଅନ୍ତର୍ଗତ କରି ନେଇପାରିବେ ଓ ପରସ୍ପର ମଧ୍ୟରେ ଆପଣାକୁ ନେଇ ପ୍ରବିଷ୍ଟ କରାଇ ପାରିବେ, ତେବେ ତାହା ନିଶ୍ଚୟ ଏକ ମହାନ୍ ଘଟଣାହିଁ ହେବ; ମାତ୍ର ଏପରି ଏକ ସମ୍ଭାବନାର ପଥରେ ବୌଦ୍ଧିକ ଅଦମନୀୟତା ଏବଂ ସାମ୍ପ୍ରଦାୟିକ ନାନା ଅହଙ୍କାର ଗୋଟିଏ ଗୋଟିଏ ଅନ୍ତରାୟ ହୋଇ ଠିଆ ହୋଇଛନ୍ତି ।

"ପ୍ରତ୍ୟେକ ଧର୍ମ କେତେକେତେ ଆତ୍ମାର ପରିତ୍ରାଣ ବିଧାନ କରିପାରିଛି, ମାତ୍ର କୌଣସି ଗୋଟିଏ ହେଲେ ଧର୍ମ ମନୁଷ୍ୟସମାଜକୁ ଅଧ୍ୟାତ୍ମର ଭୂମି ଉପରେ ଆଣି ପ୍ରତିଷ୍ଠିତ କରାଇ ଦେବାରେ ଏବେସୁଦ୍ଧା ସମର୍ଥ ହୋଇ ନାହାନ୍ତି । ମାତ୍ର ସେଥିଲାଗି ସମ୍ପ୍ରଦାୟର ଆବଶ୍ୟକତା ନାହିଁ, ଧର୍ମମତର ମଧ୍ୟ ଆବଶ୍ୟକତା ନାହିଁ, ସେଥିଲାଗି ଆଧ୍ୟାତ୍ମିକ ଆତ୍ମ-ବିବର୍ତ୍ତନ ନିମିତ୍ତ ଏକ ନିରବଚ୍ଛିନ୍ନ ଏବଂ ସମଗ୍ର ପ୍ରୟାସରହିଁ ଆବଶ୍ୟକତା ରହିଛି ।

'oaob.nitrkl.ac.in' images reprocessed

*"ବର୍ତ୍ତମାନ ଏହି ପୃଥିବୀରେ ଯେତେଯାହା ପରିବର୍ତ୍ତନ ହେଉଥିବାର ଦୃଷ୍ଟିଗୋଚର ହେଉଛି, ଆପଣାର ଆଦର୍ଶ ତଥା ଅଭିପ୍ରାୟର କ୍ଷେତ୍ରରେ ସେଗୁଡ଼ିକ ହେଉଛନ୍ତି; କେବଳ ବୁଦ୍ଧି ଦ୍ୱାରା ପ୍ରେରିତ, ନୈତିକତା ଦ୍ୱାରା ଅନୁପ୍ରାଣିତ, ଏବଂ କେବଳ ଭୌତିକ କ୍ଷେତ୍ରରେହିଁ ସେହି ପରିବର୍ତ୍ତନମାନ ହେବାରେ ଲାଗିଛି । ଅସଲ ଆଧ୍ୟାତ୍ମିକ ବିପ୍ଳବଟି ଆପଣାର ମୁହୂର୍ତ୍ତଟି ଆସିବାଲାଗି ତଥାପି ଅପେକ୍ଷା କରି ରହିଛି ଏବଂ ବର୍ତ୍ତମାନ କେବଳ ଅତ୍ରତତ୍ର ଆପଣାର ତରଙ୍ଗଗୁଡ଼ିକୁହିଁ ନିକ୍ଷିପ୍ତ କରିଦେଉଛି । ସେହି ବିପ୍ଳବଟି ନ ଆସିବା ପର୍ଯ୍ୟନ୍ତ ଅନ୍ୟ ବିପ୍ଳବଗୁଡ଼ିକର ପରିପୂର୍ଣ୍ଣ ତାତ୍ପର୍ଯ୍ୟଟିକୁ ମଧ୍ୟ କଦାପି ହୃଦୟଙ୍ଗମ କରି ହେବ ନାହିଁ ଏବଂ ସେପର୍ଯ୍ୟନ୍ତ ବର୍ତ୍ତମାନ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ଯାବତୀୟ ଭାଷ୍ୟ ଏବଂ ମନୁଷ୍ୟର ଭବିଷ୍ୟତ ସମ୍ବନ୍ଧରେ ଯାବତୀୟ ପୂର୍ବକଥନକୁ କେବଳ ବୃଥା ବୋଲିହିଁ କହିବାକୁ ପଡ଼ିବ । କାରଣ, କେବଳ ସେହି ବିପ୍ଳବର ପ୍ରକୃତି, ଶକ୍ତି ଏବଂ ସଂଘଟନହିଁ ଆମ ମନୁଷ୍ୟସମାଜର ପରବର୍ତ୍ତୀ କଳ୍ପଟିକୁ ନିର୍ଦ୍ଧାରିତ କରିଦେବ ।*

ବିଚାର ଓ ଚିନ୍ତାଭାସ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ (ଙ), ପୃଷ୍ଠା ୩୯୩-୯୪

*ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ଏହି ଯାବତୀୟ ଲକ୍ଷ-ଦୃଷ୍ଟି ଯଦି ପରସ୍ପରକୁ ପରସ୍ପରର ଅନ୍ତର୍ଗତ କରିନେଇ ପାରିବେ ଓ ପରସ୍ପର ମଧ୍ୟରେ ଆପଣାକୁ ନେଇ ପ୍ରବିଷ୍ଟ କରାଇ ପାରିବେ, ତେବେ ତାହା ନିଶ୍ଚୟ ଏକ ମହାନ୍ ଘଟଣାହିଁ ହେବ; ମାତ୍ର ଏପରି ଏକ ସମ୍ଭାବନାର ପଥରେ ବୌଦ୍ଧିକ ଅନମନୀୟତା ଏବଂ ସାମ୍ପ୍ରଦାୟିକ ନାନା ଅହଙ୍କାର ଗୋଟିଏ ଗୋଟିଏ ଅନ୍ତରାୟ ହୋଇ ଠିଆ ହୋଇଛନ୍ତି ।"*

*ଏହିସବୁ ବିଭିନ୍ନ ମତକୁ ଗୋଟିଏ ମତରେ ସମ୍ମିଳିତ କରିପାରିବା କିପରି ସମ୍ଭବ ହେବ ?*

ମାନସିକ ଚେତନାର ଭୂମିରେ ଏହି ଯାବତୀୟ ମତକୁ କଦାପି ପରସ୍ପରର ସମଞ୍ଜସ ଓ ସମନ୍ୱିତ କରି ରଖିବା ସମ୍ଭବ ହେବ ନାହିଁ । କାରଣ, ସେକଥା କରି ପାରିବା ଲାଗି ଆହୁରି ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ ଏବଂ ବିଚାରଟି ପଛରେ ଯେଉଁ ସାର ଭାବଟି ରହିଛି, ତାହାକୁ ଆବିଷ୍କାର କରିବାକୁ ହେବ । ଉଦାହରଣ ସ୍ୱରୂପ, ମାନବୀୟ ପ୍ରୟାସ, ଅଭୀପ୍ସା ଏବଂ ଉପଲବ୍ଧିର ଭୂମିରେ ଏହିସବୁ ଧର୍ମ ପ୍ରତ୍ୟେକେ କେଉଁସବୁର ପ୍ରତିନିଧିତ୍ୱ କରୁଛନ୍ତି,

'oaob.nitrkl.ac.in' images reprocessed

ଏଠାରେ ଶ୍ରୀଅରବିନ୍ଦ ସେହି କଥା ଦେଖାଇ ଦେଇଛନ୍ତି । ଆପଣାର ବାହ୍ୟ ଆକାରମାନଙ୍କରେ ସେହିସବୁ ଧର୍ମ କେବଳ କେତେଟା ବଦ୍ଧ ବିଶ୍ୱାସ ଏବଂ ବୁଦ୍ଧିନିର୍ଦ୍ଧାରିତ ଭାବନାରେହିଁ ପର୍ଯ୍ୟବସିତ ହୋଇ ରହିଛି; ତେଣୁ ସେଗୁଡ଼ିକୁ ସେଗୁଡ଼ିକର ସେହି ବାହ୍ୟ ଆକାରରେ ଗ୍ରହଣ ନ କରି ଯଦି ଆମେ ସେଗୁଡ଼ିକର ଅନ୍ତର୍ଗତ ଭାବର ଭୂମିରେ ସେଗୁଡ଼ିକୁ ଗ୍ରହଣ କରିପାରିବା, ସେଗୁଡ଼ିକ ପ୍ରତିନିଧିତ୍ୱ କରୁଥିବା ମୂଳ ସତ୍ୟଗୁଡ଼ିକର ଭୂମିରେ ସେଗୁଡ଼ିକୁ ଆମେ ଗ୍ରହଣ କରି ପାରିବା, ତେବେ ସେଗୁଡ଼ିକ ମଧ୍ୟରେ ଏକ ଏକତ୍ୱବିଧାନ ଆଦୌ କଷ୍ଟକର ହେବ ନାହିଁ । ବିଭିନ୍ନ ଧର୍ମକୁ ଆମେ ମାନବପ୍ରଗତିର କେବଳ ଭିନ୍ନ ଭିନ୍ନ ବିଭାବ ବୋଲିହିଁ କହିପାରିବା; ସେଗୁଡ଼ିକ ପୂର୍ଣ୍ଣ ଔଚିତ୍ୟ ସହିତ ପରସ୍ପରକୁ କେବଳ ଅଧିକ ପରିପୂର୍ଣ୍ଣହିଁ କରି ଦେଉଛନ୍ତି ଏବଂ ଏକ ଆହୁରି ଅଧିକ ସଂପୂର୍ଣ୍ଣ ତଥା ସମଗ୍ର ପ୍ରଗତିକୁ ସମ୍ଭବ କରିବାରେ, ଜୀବନକୁ ଆହୁରି ଅଧିକ ପରିପୂର୍ଣ୍ଣ ଭାବରେ ବୁଝିବା ଲାଗି ଏବଂ ଅଧିକ ସମଗ୍ର ଭାବରେ ପରମ ଦିବ୍ୟସତ୍ୟର ସମୀପବର୍ତ୍ତୀ ବି ହେବାରେ ସେଗୁଡ଼ିକୁ ତଥାପି ଅନ୍ୟଗୁଡ଼ିକ ସହିତ ଏକତ୍ର ସମ୍ମିଳିତ ହେବାକୁ ପଡ଼ିବ । ଏବଂ, ଏହି ଯେଉଁ ଏକତ୍ୱୀକରଣ ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ପରମ ଭାବ ସତ୍ୟଟିର ଭୂମିକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଦାବି କରୁଛି, ସେଇଟି ହାସଲ ହୋଇଗଲେ ମଧ୍ୟ ତାହା କଦାପି ଯଥେଷ୍ଟ ହେବ ନାହିଁ । ଏଇଟି ସହିତ ଏକ ଭବିଷ୍ୟ ଦୃଷ୍ଟି ବି ସଂଯୁକ୍ତ ହୋଇ ପାରିବା ଉଚିତ; ଯେଉଁ ଲକ୍ଷ୍ୟଟିର ଅଭିମୁଖରେ ମନୁଷ୍ୟସମାଜ ଅଗ୍ରସର ହେବାରେ ଲାଗିଛି, ଯାହା ଏହି ପୃଥିବୀର ଭବିଷ୍ୟତ ଉପଲବ୍ଧି ରୂପେ ପ୍ରକଟ ହେବାକୁ ଯାଉଛି ଏବଂ ଶ୍ରୀଅରବିନ୍ଦ ଯେଉଁ ସର୍ବଶେଷ "ଆଧ୍ୟାତ୍ମିକ ବିପ୍ଳବ"ଟି ବିଷୟରେ କହିଛନ୍ତି, ଯାହାକି ଏକ ନୂତନ ଯୁଗର ଉନ୍ମୋଚନ କରାଇବ, ଅର୍ଥାତ୍ ସେହି ଅତିମାନସ ବିପ୍ଳବଟିକୁ ସଂଘଟିତ କରି ଆଣିବ, ସେହି ବିପ୍ଳବର ଲକ୍ଷ୍ୟଟି ମଧ୍ୟ ଏଇଟି ସହିତ ସଂଯୁକ୍ତ ହୋଇ ରହିବା ଉଚିତ ।

ଅତିମାନସ ଚେତନାର ଭୂମି ଉପରେ ଦେଖିଲେ ଏହିସବୁ ବସ୍ତୁ ଆଉ କଦାପି ପରସ୍ପର-ବିରୋଧୀ ବା ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଦେଖାଯିବେ ନାହିଁ । ସେତେବେଳେ ସେଗୁଡ଼ିକ ପରସ୍ପରର ଅନୁପୂରକ ହୋଇହିଁ ଅବତୀର୍ଣ୍ଣ ହେବେ । ମନଭିତରେ ସେଗୁଡ଼ିକର ଯେଉଁ ଆକାରଟି ରହିଛି, କେବଳ ତାହାହିଁ ସବୁକିଛିକୁ ଭାଗଭାଗ କରିଦେଉଛି । ଏହି ମାନସିକ ଆକାରଟି ଯାହାକିଛିର ପ୍ରତିନିଧିତ୍ୱ କରୁଛି, ତାହାକୁ ଅନ୍ୟ ମାନସିକ ଆକାରଗୁଡ଼ିକ ପ୍ରତିନିଧିତ୍ୱ କରୁଥିବା ବସ୍ତୁଗୁଡ଼ିକ ସହିତ ନେଇ ସଂଯୁକ୍ତ କରାଇ ଦେବାକୁ ପଡ଼ିବ, ଯେପରିକି ସମସ୍ତଙ୍କୁ ମିଶାଇ ଏକ ସମଞ୍ଜସତାଯୁକ୍ତ ସମଗ୍ରର ଗଠନ ସମ୍ଭବ ହୋଇପାରିବ । ଏବଂ, ଏକ ଧର୍ମ ଏବଂ ଯଥାର୍ଥ ଆଧ୍ୟାତ୍ମିକତା ମଧ୍ୟରେ ଆମେ ତାହାକୁହିଁ ମୌଳିକ ପ୍ରଭେଦରୂପେ ଜାଣିବା ।

'oaob.nitrkl.ac.in' images reprocessed

ଧର୍ମଗୁଡ଼ିକ ପ୍ରାୟ ଗୋଟାସୁଦ୍ଧା ଆପଣା ଆପଣାର ବାହ୍ୟ ଆକାରଗୁଡ଼ାକ ମଧ୍ୟରେ ରହିଥାନ୍ତି, ଆପଣା ଆପଣାର ସମ୍ପ୍ରଦାୟସୀମା ଏବଂ କେତେକ ନିର୍ଦ୍ଦିଷ୍ଟ ବିଚାରସମୂହର ବେଡ଼ାଭିତରେ ରହିଥାନ୍ତି । ଏବଂ, କେବଳ ଅଳ୍ପସଂଖ୍ୟକ କେତେଜଣ ଅସାଧାରଣ ବ୍ୟକ୍ତିମାନଙ୍କର ଆଧ୍ୟାତ୍ମିକ ଉପଲବ୍ଧିର ମାଧ୍ୟମରେହିଁ ସେଗୁଡ଼ିକ ମହାନ୍ ହୋଇ ପାରନ୍ତି । ମାତ୍ର ଅନ୍ୟପକ୍ଷରେ ଯଥାର୍ଥ ଆଧ୍ୟାତ୍ମିକ ଜୀବନ, ଏବଂ ସର୍ବୋପରି ଆଧ୍ୟାତ୍ମିକ ଉପଲବ୍ଧିଟି ଯେପରି ହେବାକୁ ଯାଉଛି, ତାହା ହେଉଛି ନିର୍ଦ୍ଦିଷ୍ଟ କରି ନିର୍ଦ୍ଧାରିତ କରିଦିଆ ଯାଇଥିବା ଯେକୌଣସି ବୁଦ୍ଧିପ୍ରସୂତ ବାହ୍ୟାକାରଠାରୁ ସଂପୂର୍ଣ୍ଣ ଭିନ୍ନ, ସଂପୂର୍ଣ୍ଣ ସ୍ୱତନ୍ତ୍ର, ସୀମା ଦ୍ୱାରା ଆବଦ୍ଧ ଜୀବନର ଯେକୌଣସି ଛାଞ୍ଚଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର । ସେହି ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଯାବତୀୟ ସମ୍ଭାବନା ଓ ଯାବତୀୟ ରୂପପ୍ରକାଶ ଅନ୍ତର୍ଗତ ହୋଇ ରହିଛି ଏବଂ ସେହି ସମ୍ଭାବନା ତଥା ରୂପପ୍ରକାଶଗୁଡ଼ିକୁ ତାହା ଏକ ଉଚ୍ଚତର ଓ ଅଧିକ ବିଶ୍ୱଜନୀନ ସତ୍ୟର ଅଭିବ୍ୟକ୍ତି ବା ବାହନରୂପେ ବ୍ୟବହାର କରିବାରେ ଲାଗିଛି ।

ଏସବୁ ବଦଳରେ ଆହୁରି ଗୋଟାଏ ନୂତନ ଧର୍ମକୁ ଆଣି ଥୋଇଦେଲେ ତାହା ଯେ ଆଦୌ କୌଣସି କାର୍ଯ୍ୟସାଧନ କରି ପାରିବ ନାହିଁ, କେବଳ ତାହାହିଁ ନୁହେଁ, ମାତ୍ର ତଦ୍ଦ୍ୱାରା ଅନେକ କ୍ଷତି ମଧ୍ୟ ଘଟିବ । ପ୍ରକୃତ ଆବଶ୍ୟକତା ହେଉଛି ଯେ ଏକ ନୂତନ ଜୀବନର ସୃଷ୍ଟି କରିବାକୁ ହେବ, ଏକ ନୂତନ ଚେତନାରହିଁ ଅଭିବ୍ୟକ୍ତି ଘଟାଇବାକୁ ପଡ଼ିବ । ଏହା ଏପରି ଗୋଟିଏ ବସ୍ତୁ ଯାହାକି ବୁଦ୍ଧିର ଯାବତୀୟ ସୀମା ଏବଂ ମନର ଯାବତୀୟ ସୂତ୍ରର ସଂପୂର୍ଣ୍ଣ ବାହାରେ । ଏକ ଜୀବନ୍ତ ସତ୍ୟରହିଁ ପ୍ରକାଶ ଘଟାଇବାକୁ ପଡ଼ିବ ।

ଏହି ଉପଲବ୍ଧିଟି ମଧ୍ୟରେ ସବୁକିଛିର ମୌଳିକ ସାର ଏବଂ ତାହାର ସତ୍ୟଟିକୁ ଅନ୍ତର୍ଗତ କରି ରଖିବାକୁ ପଡ଼ିବ । ଏହି ଉପଲବ୍ଧି ଦିବ୍ୟ ସତ୍ୟକୁହିଁ ଯଥାସମ୍ଭବ ଅଧିକ ସମଗ୍ର, ସଂପୂର୍ଣ୍ଣ ଏବଂ ବିଶ୍ୱଗତ କରି ପ୍ରକାଶ କରି ପାରୁଥିବ । କେବଳ ତାହାରି ଦ୍ୱାରାହିଁ ମନୁଷ୍ୟସମାଜର ରକ୍ଷା ହେବ, ପୃଥିବୀର ରକ୍ଷା ହେବ । ଶ୍ରୀଅରବିନ୍ଦ ଠିକ୍ ଏହି ବୃହତ୍ ଆଧ୍ୟାତ୍ମିକ ବିପ୍ଳବଟି ବିଷୟରେ କହୁଛନ୍ତି । ଏବଂ ଆମେ ସେହି ବିପ୍ଳବଟିକୁ ଉପଲବ୍ଧି କରିପାରୁ, ସିଏ ଏକଥା ଇଚ୍ଛା କରିଥିଲେ ।

ଆର ବୁଧବାରଠାରୁ ଆମେ ତାଙ୍କର ଯେଉଁ "ଅତିମାନସ ଅଭିବ୍ୟକ୍ତି' ପୁସ୍ତକଟିର ପାଠ ଆରମ୍ଭ କରିବା, ସେଥିରେ ଶ୍ରୀଅରବିନ୍ଦ ଉକ୍ତ ବିପ୍ଳବଟିର ପ୍ରଧାନ ପ୍ରକୃତିଟିକୁ ସୂଚାଇ ଦେଇଛନ୍ତି ।

ଏବଂ, ମୁଁ ଆଜି ଯେଉଁ ପ୍ରଥମ ବାକ୍ୟଟି ପଢ଼ିଲି, ତାହା, କେବଳ ବ୍ୟକ୍ତି ସକାଶେ ନୁହେଁ, ମନୁଷ୍ୟର ସାମୂହିକ ଜୀବନ ସକାଶେ ମଧ୍ୟ ସମଗ୍ର ସମସ୍ୟାଟିର ଚାବିକାଠି ପରି ହୋଇ ରହିଛି :

'oaob.nitrkl.ac.in' images reprocessed

*"ଆପଣାକୁ ଆଧ୍ୟାତ୍ମିକତାର ସ୍ତରକୁ ଉତ୍ତୋଳିତ କରି ନେବା ଲାଗି ଯଦି ମନୁଷ୍ୟ ଥରେ ବି ସମ୍ମତି ଦେଇପାରନ୍ତା, ତେବେ ସବୁକିଛି ବଦଳିଯାଇ ପାରନ୍ତା । ମାତ୍ର ତା'ର ମାନସିକ, ପ୍ରାଣିକ ଏବଂ ଭୌତିକ ସ୍ତରର ପ୍ରକୃତି ସେହି ଉଚ୍ଚତର ବିଧାନଟିର ବିରୋଧରେ ସତେଅବା ଏକ ବିଦ୍ରୋହ ଘୋଷଣା କରିଛି । ମନୁଷ୍ୟ ତା'ର ଅପୂର୍ଣ୍ଣତାକୁହିଁ ଭଲ ପାଇବାରେ ଲାଗିଛି ।"*

ଆଜି ଏହାହିଁ ଆମ ଧ୍ୟାନର ବିଷୟ ହୋଇ ରହୁ ।

*(ସମସ୍ତେ ଧ୍ୟାନରେ ବସିଲେ)*

'oaob.nitrkl.ac.in' images reprocessed

## ୧୦ ଏପ୍ରିଲ ୧୯୫୭

''ଏହିସବୁ କାର୍ଯ୍ୟକଳାପ (ଖେଳ କସରତ୍ ପ୍ରଭୃତି)ରୁ ଆଉଗୋଟିଏ ବହୁମୂଲ୍ୟ ଲାଭ ହେଉଛି ଏପରି ଏକ ଗୁଣର ଅଭିବୃଦ୍ଧି, ଯାହାକୁ କି ଖେଳାଳି ମନୋଭାବ ବୋଲି କୁହାଯାଇ ଆସିଛି । ଏହି ମନୋଭାବଟି ଭିତରେ ଏକ ସହଜ-ପ୍ରସନ୍ନତାର ଭାବ, ସହିଷ୍ଣୁତା ଓ ସମସ୍ତଙ୍କ ପ୍ରତି ଏକ ଯଥାର୍ଥ ବୋଧର ସାମର୍ଥ୍ୟ ଅନ୍ତର୍ଗତ ହୋଇ ରହିଛି, ପ୍ରତିଦ୍ୱନ୍ଦ୍ୱୀ ଏବଂ ପ୍ରତିଯୋଗୀମାନଙ୍କ ପ୍ରତି ଯଥାର୍ଥ ମନୋଦୃଷ୍ଟି ଏବଂ ସଖ୍ୟଭାବ ଏଥିରେ ରହିଛି, ଆତ୍ମସଂଯମ ରହିଛି, ଖେଳର ନିୟମଗୁଡ଼ିକ ମାନିବାର ଏକ ବିଚାର-ପ୍ରେରିତ ଇଚ୍ଛା ମଧ୍ୟ ରହିଛି, ସାଧୁତାର ସହିତ ଖେଳିବା ଓ ଅସାଧୁ ଯାବତୀୟ ଉପାୟକୁ ବର୍ଜନ କରିବା ରହିଛି, କୌଣସି ପ୍ରକାରର ନୈରାଶ୍ୟ ଅଥବା ରୁକ୍ଷତା ପ୍ରକାଶ ନ କରି ଜୟ ତଥା ପରାଜୟ ଉଭୟକୁ ସ୍ୱୀକାର କରିନେବାର ଏକ ଇଚ୍ଛୁକତା ରହିଛି; ଯେଉଁମାନେ ପ୍ରତିଯୋଗିତାରେ ସଫଳତା ଲାଭ କଲେ, ସେମାନଙ୍କ ପ୍ରତି କୌଣସି ପ୍ରକାରର ଈର୍ଷା ଅଥବା ବିଦ୍ୱେଷ ନ ରଖି ଖେଳର ପରିଣାମଟିକୁ ମାନିନେବାଲାଗି ଏକ ସ୍ୱାଭାବିକ ମନୋଭାବ ରହିଛି, ଖେଳର ବିଚାର, ମୀମାଂସା ଅଥବା ଫଇସଲା କରିବା ଲାଗି ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ନିଷ୍ପତ୍ତିଗୁଡ଼ିକୁ ସମ୍ମତି ସହିତ ଗ୍ରହଣ କରିନେବାର ଏକ ମନୋଭାବ ବି ଅନ୍ତର୍ଗତ ହୋଇ ରହିଛି । କେବଳ ଖେଳ କସରତର କ୍ଷେତ୍ରରେ ଯେ ଏହିସବୁ ଗୁଣର ମୂଲ୍ୟ ରହିଛି, ତାହା ନୁହେଁ, ଜୀବନ ଲାଗି ମଧ୍ୟ ସେସବୁର ମୂଲ୍ୟ ଅବଶ୍ୟ ରହିଛି । ଅବଶ୍ୟ ଏକଥା ନିଶ୍ଚୟ ସତ ଯେ ଏହିସବୁ ଗୁଣର ବିକାଶ ଲାଗି ଖେଳ ଓ କସରତରୁ ପ୍ରତ୍ୟକ୍ଷ ଏବଂ ବହୁମୂଲ୍ୟ ସାହାଯ୍ୟ ଉପଲବ୍ଧ ହୋଇଥାଏ । କେବଳ ବ୍ୟକ୍ତିର ଜୀବନରେ ନୁହେଁ, ମାତ୍ର ଜାତୀୟ ଏବଂ ଆନ୍ତର୍ଜାତୀୟ ଜୀବନରେ, ଯେଉଁଠାରେ କି ନାନା ବିରୋଧୀ ପ୍ରବୃତ୍ତି କ୍ରମେ ସତେଅବା ଅତିରିକ୍ତ ହୋଇ ଉଠିଲେଣି, ଯଦି ଖେଳକସରତ ପ୍ରଭୃତିକୁ ଅଧିକ ସାର୍ବଜନୀନ କରାଯାଇ ପାରନ୍ତା, ତେବେ ଆମର ଏହି ସନ୍ତାପିତ ପୃଥିବୀରେ ଜୀବନ ଧାରଣ କରିବା ଅପେକ୍ଷାକୃତ ଅଧିକ ପ୍ରମାଦମୁକ୍ତ ହୋଇପାରନ୍ତା, ବର୍ତ୍ତମାନ ଅତ୍ୟାବଶ୍ୟକ ହୋଇ ରହିଥିବା ପାରସ୍ପରିକ ସହମତି ଏବଂ ସଦ୍‌ଭାବର ସମ୍ଭାବନାକୁ ତାହା ହୁଏତ ବୃହତ୍ତର କରିଦେଇ ପାରନ୍ତା । ...ଆମ

'oaob.nitrkl.ac.in' images reprocessed

*ଶରୀରକୁ ଯଦି ଆଦୌ କୌଣସି ଶିକ୍ଷା ନ ମିଳିଥାଏ, ତେବେ ମନକୁ ଉଚ୍ଚତମ ଓ ସଂପୂର୍ଣ୍ଣତମ ଯାହାକିଛି ଶିକ୍ଷା ଦେଲେ ମଧ୍ୟ ତାହା କଦାପି ଯଥେଷ୍ଟ ହେବ ନାହିଁ । ଯେଉଁ ଜାତି ଏହିସବୁ ଗୁଣକୁ ଉଚ୍ଚତମ ମାତ୍ରାରେ ଅର୍ଜନ କରିପାରିଛି, ବିଜୟ, ସଫଳତା ଏବଂ ମହାନତା ଲାଭ କରିବାର କ୍ଷେତ୍ରରେ ହୁଏତ ତାହାହିଁ ଆପଣାକୁ ସମସ୍ତଙ୍କଠାରୁ ଅଧିକ ଶକ୍ତିଶାଳୀ ବୋଲି ପ୍ରମାଣିତ କରିପାରିବ; ଅଧିକନ୍ତୁ, ମନୁଷ୍ୟସମାଜର ଭବିଷ୍ୟଲାଗି ଆମେ ଯାହାକୁ ଆମର ଆଶାର ସ୍ଥଳ ବୋଲି ବିଚାର କରୁଛୁ, ସେହି ଏକତା ଏବଂ ଅଧିକ ସୌଷମ୍ୟଯୁକ୍ତ ଏକ ବିଶ୍ୱବ୍ୟବସ୍ଥା ସମ୍ଭବ କରିବା ଦିଗରେ ମଧ୍ୟ ତାହା ଅନେକ ଅବଦାନ କରିପାରିବ ।"*

ଶ୍ରୀଅରବିନ୍ଦ, ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୨-୪*

*ମାଆ, ଆମ ଖେଳ-ପ୍ରତିଯୋଗିତା ମାନଙ୍କରେ ଅନେକେ ଏକ ଅତ୍ୟନ୍ତ ଖରାପ ମନୋଭାବ ସହିତ ଖେଳନ୍ତି । ଖେଳରେ ଜିତିବେ ବୋଲି ସେମାନେ ଅନ୍ୟମାନଙ୍କୁ ଆଘାତ ବି କରନ୍ତି । ଏବଂ ଦେଖାଯାଉଛି ଯେ, ସାନ ପିଲାଏ ମଧ୍ୟ କ୍ରମେ ଏହିସବୁ କରିବାକୁ ଶିକ୍ଷାଲାଭ କଲେଣି । ଏସବୁ ନ ହେବ କିପରି କହିଲେ ?*

ପ୍ରଧାନତଃ ଅଜ୍ଞାନବଶତଃ ଏବଂ ମନ୍ଦ ଦୃଷ୍ଟାନ୍ତ ଦ୍ୱାରା ପ୍ରଭାବିତ ହୋଇ ପିଲାମାନେ ତାହା କରୁଛନ୍ତି । ମନ୍ଦ ଦୃଷ୍ଟାନ୍ତହିଁ ପ୍ରକୃତ ଅନିଷ୍ଟଟି କରୁଛି । ତେଣୁ, ଭାରି ଭଲ କଥା ହୁଅନ୍ତା, ପିଲାମାନେ ଖେଳ ଆରମ୍ଭ କରିବା ପୂର୍ବରୁ ଯଦି ଗୋଷ୍ଠୀର ନାୟକ ଓ ଖେଳର ଅଧିନାୟକମାନେ ସେମାନଙ୍କର ଦାୟିତ୍ୱରେ ରହିଥିବା ପିଲାମାନଙ୍କୁ ଏକାଠି ଡାକି, ଏଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସେଗୁଡ଼ିକୁ ଟିକିନିଖି କରି ବୁଝାଇ କହିଦେଇ ପାରନ୍ତେ । The Code of Sportsmanship ଏବଂ The Ideal Child (ବା, What a Child should Always Remember),– ଏହି ସାନସାନ ଦୁଇଟି ବହିରେ ଆମେ

---

*୧୯୪୮ ମସିହା ଡିସେମ୍ବର ୩୦ ର ଏହି "ସନ୍ଦେଶ"ଟି ଆଶ୍ରମରୁ ପ୍ରକାଶିତ Bulletin of Physical Education (ଫେବ୍ରୁଆରି, ୧୯୪୯) ପାଇଁ ଦିଆ ଯାଇଥିଲା । ସେହି ସନ୍ଦେଶ "ଧରାପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି" ପୁସ୍ତକର ମୁଖବନ୍ଧ ରୂପେ ସ୍ଥାନ ପାଇଛି । ପୁସ୍ତକଟିରେ ଆଠଗୋଟି ପ୍ରବନ୍ଧ ଅଛି ଓ ଶ୍ରୀଅରବିନ୍ଦ ଏହି ପ୍ରବନ୍ଧଗୁଡ଼ିକୁ ପ୍ରଥମେ Bulletin ସକାଶେହିଁ ଲେଖିଥିଲେ ।

'oaob.nitrkl.ac.in' images reprocessed

ଯେପରି ଭାବରେ ବ୍ୟାଖ୍ୟାମାନ ଦେଇଛନ୍ତୁ, ସେହିପରି ପ୍ରାଞ୍ଜଳ ଭାବରେ ସବୁକଥା ବୁଝାଇ କହିଦିଅନ୍ତେ । ଏହିସବୁ କଥାକୁ ପିଲାମାନଙ୍କ ଆଗରେ ବାରବାର କୁହାଯିବା ଉଚିତ । ଏବଂ, ତା'ଛଡ଼ା, କୁସଙ୍ଗ କରିବା, ମନ୍ଦ ସଂସର୍ଗ ରଖିବା ବିଷୟରେ ମଧ୍ୟ ସେମାନଙ୍କୁ ସତର୍କ କରି ଦିଆଯିବା ଉଚିତ । ମୁଁ ଏସବୁ କଥା ତୁମମାନଙ୍କୁ ଆଉଗୋଟିଏ କ୍ଲାସ୍‌ରେ କହିଥିଲି ।

ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ ତୁମେମାନେ ସେମାନଙ୍କ ଲାଗି ଉଚିତ ଦୃଷ୍ଟାନ୍ତ ଦେଖାଇବା ଲାଗି ସମର୍ଥ ହେଉଥିବ ।... ସେମାନେ ଯେପରି ହୁଅନ୍ତୁ ବୋଲି ତୁମେ ଇଚ୍ଛା କରୁଛ, ତୁମେ ନିଜେ ମଧ୍ୟ ସେହିପରି ହେବ । ସେମାନଙ୍କ ଲାଗି ତୁମେ ଆସକ୍ତିମୁକ୍ତ, ଧୀର, ସଂଯତ ଓ ସଦାପ୍ରସନ୍ନ ହେବାର ଉଦାହରଣ ହୋଇ ରହିବ । ଆପଣାର ବ୍ୟକ୍ତିଗତ ଅଶ୍ରଦ୍ଧାଗୁଡ଼ିକ ଉପରେ ବିଜୟ ହାସଲ କରିବାର, ଅବିଚ୍ଛିନ୍ନ ଭାବରେ ସଦିଚ୍ଛାସଂପନ୍ନ ହୋଇ ରହିବାର ଏବଂ ଅନ୍ୟମାନଙ୍କର ଅସୁବିଧାଗୁଡ଼ିକୁ ବୁଝି ପାରିବାର କ୍ଷେତ୍ରରେ ତୁମେ ସେମାନଙ୍କ ଲାଗି ଦୃଷ୍ଟାନ୍ତ ପରି ହୋଇ ରହିବ । ଏବଂ, ସଂବେଗର କ୍ଷେତ୍ରରେ ଯେଉଁ ସମତା ରହିଥିଲେ ପିଲାମାନେ ଭୟଶୂନ୍ୟ ହୋଇ ରହିପାରନ୍ତି, ତୁମେ ତାହାର ମଧ୍ୟ ଏକ ଦୃଷ୍ଟାନ୍ତ ହୋଇ ରହିଥିବ । କାରଣ ଦଣ୍ଡ ପାଇବାର ଭୟ ରହିଥିବାରୁହିଁ ପିଲାମାନେ ଠକିବାକୁ ଚେଷ୍ଟା କରନ୍ତି, ମିଥ୍ୟାର ଆଶ୍ରୟ ନିଅନ୍ତି, ଏପରିକି ଚତୁର ବି ହୁଅନ୍ତି । ଯଦି ସେମାନେ ନିଃଶଙ୍କ ଅନୁଭବ କରି ପାରନ୍ତି, ତେବେ ସେମାନେ ଆଦୌ କିଛିହେଲେ ଲୁଚାଇବାକୁ ଚେଷ୍ଟା କରନ୍ତି ନାହିଁ, ଏବଂ ତେବେ ତୁମେମାନେ ମଧ୍ୟ ସେମାନଙ୍କୁ ଅନୁରକ୍ତ ଏବଂ ସତ୍ୟପରାୟଣ ହେବାରେ ଅନେକ ସାହାଯ୍ୟ କରିପାରିବ । ସବୁଠାରୁ ବଡ଼ କଥା ହେଉଛି ସେମାନଙ୍କ ଲାଗି ଗୋଟିଏ ଉତ୍ତମ ଉଦାହରଣ ହୋଇ ରହିବା । ଶ୍ରୀଅରବିନ୍ଦ ଠିକ୍ ସେହିକଥା କହିଛନ୍ତି, ଯାବତୀୟ ପରିସ୍ଥିତିରେ ମଧ୍ୟ ଆମଠାରେ ଯେଉଁ ପ୍ରସନ୍ନ ମନୋଭାବ ରହିବା ଉଚିତ, ସେ ତାହାରି କଥା କହିଛନ୍ତି, ସେ ଏହି ଆତ୍ମବିସ୍ମରଣର କଥା କହିଛନ୍ତି । ସେ କହିଛନ୍ତି ଯେ ଆମେ ନିଜର ସାନସାନ ଅଡୁଆ ଓ ସମସ୍ୟାଗୁଡ଼ିକର ବୋଝକୁ ନେଇ ଅନ୍ୟ ଉପରେ ପକାଇବାର କୌଣସି ଚେଷ୍ଟା କରିବା ନାହିଁ; ଯେତେବେଳେ ଆମେ କ୍ଳାନ୍ତ ହୋଇ ପଡ଼ିଥିବା କିଂବା ଆମକୁ କୌଣସି କାରଣରୁ ଅସ୍ୱସ୍ତି ଲାଗୁଥିବ, ସେତେବେଳେ ଆମେ ଅନ୍ୟମାନଙ୍କ ଲାଗି ଅସୁଖକର ହୋଇ ଉଠିବା ନାହିଁ, କୌଣସି ପ୍ରକାର ଅଧୈର୍ଯ୍ୟ ପ୍ରକାଶ କରିବା ନାହିଁ । ଏଥିଲାଗି ବେଶ୍ କିଞ୍ଚିତ୍ ପରିମାଣରେ ଏକ ପରିପୂର୍ଣ୍ଣତା ରହିଥିବା ଆବଶ୍ୟକ, ଏପରି ଏକ ଆତ୍ମ-ନିୟନ୍ତ୍ରଣ-ଶକ୍ତି ରହିଥିବା ଦରକାର ଯାହାକୁ କି ଉପଲବ୍ଧିର ମାର୍ଗରେ ଏକ ବୃହତ୍ ପଦକ୍ଷେପ ବୋଲି କୁହାଯାଇ ପାରିବ । ଦଳେ ସାନ ପିଲାଙ୍କର ନେତା ହୋଇଥିଲେ ମଧ୍ୟ, ଯଥାର୍ଥ

'oaob.nitrkl.ac.in' images reprocessed

ନେତୃତ୍ୱ ଦେଇପାରିବା ଲାଗି ଆବଶ୍ୟକ ହେଉଥିବା ସାମର୍ଥ୍ୟ ଯଦି ଜଣକ ପାଖରେ ରହିଥିବ, ତେବେ ଯୋଗକୁ ଯଥାର୍ଥରୂପେ ଗ୍ରହଣ କରି ପାରିବା ଲାଗି ଯେଉଁ ଶୃଙ୍ଖଳା ଦରକାର, ସେଥିରେ ସିଏ ଅନେକ ଦୂର ଆଗେଇ ପାରିଛି ବୋଲି ନିଶ୍ଚୟ କୁହାଯାଇ ପାରିବ ।

ତେଣୁ, ସମସ୍ୟାଟି ଉପରେ ଏହି ଦିଗରୁହିଁ ଦୃଷ୍ଟିପାତ କରି ପାରିବାକୁ ହେବ, ଏହି ଆତ୍ମ-ସ୍ୱାମିତ୍ୱ ଓ ନିୟନ୍ତ୍ରଣର ଦିଗରୁ ବିଚାର କରିବାକୁ ହେବ; ଯେଉଁ ସହିଷ୍ଣୁତାର ସାମର୍ଥ୍ୟ ରହିଥିଲେ ତୁମେ ଆପଣାର ବ୍ୟକ୍ତିଗତ ଅବସ୍ଥାଟିକୁ ତୁମର ଗୋଷ୍ଠୀଗତ କାର୍ଯ୍ୟ କଳାପ ବା ସାମୂହିକ କାର୍ଯ୍ୟରେ ଆଦୌ ହସ୍ତକ୍ଷେପ କରିବାକୁ ଦେବ ନାହିଁ, ତାହାରି ଦିଗରୁହିଁ ସମସ୍ୟାଟି ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ । ଯଥାର୍ଥରେ ଜଣେ ନେତା ହୋଇପାରିବା ସକାଶେ ଆପଣାକୁ ସଂପୂର୍ଣ୍ଣରୂପେ ଭୁଲିଯିବାକୁହିଁ ଏକ ଅତ୍ୟନ୍ତ ଆଧାରଭୂତ ସର୍ତ୍ତ ବୋଲି କହିବାକୁ ହେବ : ତୁମର କୌଣସି ଆତ୍ମସ୍ୱାର୍ଥ ନ ଥିବ, ତୁମେ ଆପଣା ଲାଗି କିଛି ଲୋଡୁ ନ ଥିବ, ତୁମେ କେବଳ ସମସ୍ତଙ୍କର ମଙ୍ଗଳ କାମନା କରୁଥିବ, ସଂପୂର୍ଣ୍ଣ ଗୋଷ୍ଠୀଟିର ହିତ ଦେଖୁଥିବ, ଯେଉଁ ସମଗ୍ରଟି ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭରଶୀଳ ହୋଇ ରହିଛି, ତୁମେ ତାହାରି ହିତ ଦେଖୁଥିବ । ମନରେ କେବଳ ସେହି ଲକ୍ଷ୍ୟଟିକୁ ରଖି ତୁମେ କାର୍ଯ୍ୟ କରୁଥିବ, ନିଜର କାର୍ଯ୍ୟରୁ ତୁମେ ଆଦୌ କୌଣସି ବ୍ୟକ୍ତିଗତ ଲାଭପ୍ରାପ୍ତିର ଆଶା ରଖି ନ ଥିବ ।

ଏହିପରି ଭାବରେ, ଯେକୌଣସି ସାନ ଗୋଷ୍ଠୀର ଜଣେ ନେତା ମଧ୍ୟ କୌଣସି ଏକ ବୃହତ୍ ଗୋଷ୍ଠୀ ଲାଗି ଜଣେ ସୁଦକ୍ଷ ନେତା ହୋଇ ପାରିବ, ଗୋଟିଏ ସଂପୂର୍ଣ୍ଣ ଜାତିର ବି ନେତା ହୋଇପାରିବ ଏବଂ ଏକ ସାମୂହିକ ଭୂମିକା ଗ୍ରହଣ କରିବା ଲାଗି ନିଜକୁ ପ୍ରସ୍ତୁତ ବି କରି ପାରିବ । ଏହାକୁ ତାଲିମପ୍ରାପ୍ତ ହେବା ଲାଗି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମି ବୋଲି କୁହାଯିବ ଏବଂ ଯଥାର୍ଥତଃ ଆମେ ଏଠାରେ ତାହାହିଁ କରିବାକୁ ପ୍ରୟାସ କରିଛୁ ଓ ଏବେ ମଧ୍ୟ ଅବିଚ୍ଛିନ୍ନ ଭାବରେ ପ୍ରୟାସ କରୁଛୁ : ଏଠାରେ ଆମେ ପ୍ରତ୍ୟେକ ବ୍ୟକ୍ତିକୁ, ଛୋଟ ହେଉ ବା ବଡ଼ ହେଉ, ଯଥାସମ୍ଭବ ଶୀଘ୍ର ଏକ ଦାୟିତ୍ୱ ଦେବା ପାଇଁ ଚେଷ୍ଟା କରୁଛୁ, ଯେପରିକି ସେ ତଦ୍ୱାରା ଜଣେ ଯଥାର୍ଥ ନେତା ହେବାର ବାଟଟିକୁ ଶିଖି ନେଇପାରିବ ।

ଜଣେ ଯଥାର୍ଥ ନେତା ହେବା ଲାଗି ଆମକୁ ସଂପୂର୍ଣ୍ଣଭାବେ ଆସକ୍ତିମୁକ୍ତ ହୋଇ ରହିବାକୁ ହେବ, ଆପଣାଠାରୁ ଆପଣାର ସ୍ୱାର୍ଥ ଛାଡ଼ିବାର ଏବଂ ସ୍ୱାର୍ଥପ୍ରଣୋଦିତ ହୋଇ ଆଦୌ କିଛି କରିବାର ଯାବତୀୟ ପ୍ରବୃତ୍ତିକୁ ଯଥାସମ୍ଭବ ଦୂର କରିଦେବାକୁ ପଡ଼ିବ । ଜଣେ ନେତା ହେବାକୁ ହେଲେ ନିଜର ଅହଂ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ ଏବଂ

'oaob.nitrkl.ac.in' images reprocessed

ଆପଣାର ଅହଂ ଉପରେ ନିୟନ୍ତ୍ରଣ ରଖିବାକୁହିଁ ଆମେ ଯୋଗସାଧନାର ସର୍ବପ୍ରଥମ ଅପରିହାର୍ଯ୍ୟ ସୋପାନ ବୋଲି କହିପାରିବା । ଏବଂ ଏହାହିଁ ଆମର ଖେଳ କସରତକୁ ମଧ୍ୟ ଭଗବତ୍ ଉପଲବ୍ଧିର ମାର୍ଗରେ ଏକ ଶକ୍ତିଶାଳୀ ସହାୟକରେ ପରିଣତ କରିଦେଇ ପାରିବ ।

ଏହି କଥାଟିକୁ ଖୁବ୍ କମ୍ ଲୋକ ବୁଝିଥାନ୍ତି; ଏବଂ ଯେଉଁମାନେ କ୍ରୀଡ଼ା କସରତ୍‌ର ଏହି ବାହ୍ୟ ଶୃଙ୍ଖଳାଟିର ବିରୋଧ କରନ୍ତି, ସାଧାରଣତଃ ସେହିମାନେ ଏହି କଥାଟିକୁ ମୋଟେ ବୁଝି ନ ଥାନ୍ତି । ବାହ୍ୟ ଉପଲବ୍ଧିଟି ଉପରେ ଯେଉଁମାନେ ମନୋନିବେଶ କରି ନ ପାରୁଥାନ୍ତି, ସେହି ଲୋକମାନଙ୍କଠାରେହିଁ ଆପଣାର ଦୈହିକ ସତ୍ତାଟି ଉପରେ ନିୟନ୍ତ୍ରଣ ରଖିବା ବିଷୟରେ ଏକ ସଂପୂର୍ଣ୍ଣ ଅଭାବ ପରିଲକ୍ଷିତ ହୋଇଥାଏ । ଏବଂ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗର ଉପଲବ୍ଧି କରିବାକୁ ହେଲେ ଆପଣାର ଶରୀର ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁହିଁ ଏକ ସର୍ବପ୍ରଥମ ଅପରିହାର୍ଯ୍ୟ ପଦକ୍ଷେପ ବୋଲି କହିବାକୁ ହେବ । ଶାରୀରିକ କାର୍ଯ୍ୟଗୁଡ଼ିକୁ ଯେଉଁମାନେ ଘୃଣା କରିବାରେ ଲାଗିଥାନ୍ତି, ସେମାନେ ପୂର୍ଣ୍ଣ ଯୋଗର ପ୍ରକୃତ ମାର୍ଗରେ ହୁଏତ ଗୋଟିଏ ପହୁଣ୍ଡ ଆଗେଇବାକୁ ବି ସମର୍ଥ ହେବେ ନାହିଁ । କାରଣ ସେଥିଲାଗି ସେମାନଙ୍କୁ ସର୍ବପ୍ରଥମେ ଏହି ଘୃଣାକୁହିଁ ବର୍ଜନ କରି ଆସିବାକୁ ପଡ଼ିବ । ସର୍ବତୋଭାବେ ଶରୀର ଉପରେ ନିୟନ୍ତ୍ରଣ,– ଏହାହିଁ ହେଉଛି ଏକ ଅପରିହାର୍ଯ୍ୟ ଭିତ୍ତି । ଯେଉଁ ଶରୀର ତୁମକୁ ତା'ର ଅଧୀନ କରି ରଖିଛି, ସିଏ ତୁମର ଏକ ଶତ୍ରୁ, ଏହି ବିଶୃଙ୍ଖଳାଟିକୁ ତୁମେ କଦାପି ସ୍ୱୀକାର କରିନେଇ ପାରିବ ନାହିଁ । ମନ ଭିତରେ ଯେଉଁ ସନ୍ଦୀପିତ ଇଚ୍ଛାଶକ୍ତି ରହିଛି, ତାହାରହିଁ ଶରୀରକୁ ଶାସନ କରିବା ଉଚିତ, ଶରୀରର କଦାପି ମନ ଉପରେ ଆପଣାର ବିଧାନଟିକୁ ନେଇ ଲଦିଦେବା ଉଚିତ ନୁହେଁ । ଆମେ ଯେତେବେଳେ କୌଣସି କଥାକୁ ଖରାପ ବୋଲି ଜାଣୁଛୁ, ସେତେବେଳେ ସେଇଟିକୁ ନ କରିବାର ସାମର୍ଥ୍ୟ ମଧ୍ୟ ଆମପାଖରେ ରହିଥିବା ଉଚିତ । ଆମେ ଯେତେବେଳେ କୌଣସି ବିଷୟକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଥିବା, ସେତେବେଳେ ଆମର ସେଇଟିକୁ କରିବା ଲାଗି ସମର୍ଥ ବି ହେବା ଉଚିତ ଏବଂ ଶରୀର ଅସମର୍ଥ ହୋଇ ରହିଛି ବୋଲି, ଶରୀର ଭିତରେ ଏକ ଅସଦ୍‌ଭାବ ରହିଛି ବୋଲି ଅଥବା ଶରୀର ସହଯୋଗ କରି ପାରୁ ନାହିଁ ବୋଲି ଆମର ପ୍ରତ୍ୟେକ ସୋପାନରେ ଅଟକି ଯାଉଥିବା ଆଦୌ ଉଚିତ ନୁହେଁ । ଏବଂ, ସେପରି କରି ପାରିବାକୁ ହେଲେ ଆମର ଏକ ଶାରୀରିକ ଶୃଙ୍ଖଳାର ଅନୁସରଣ କରିବା ଉଚିତ ଏବଂ ଆପଣା ଘରେ ଆପେ ମାଲିକ ହୋଇ ପାରିବା ଉଚିତ ।

ଧ୍ୟାନ ଭିତରକୁ ଖସି ପଳାଇଯାଇ ଆପଣାର ସେହି ତଥାକଥିତ ମହିମମୟତାରୁ ନିମ୍ନକୁ ଅନାଇ ଭୌତିକ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବା ଭାରି ସହଜ; ମାତ୍ର

'oaob.nitrkl.ac.in' images reprocessed

ଆପଣା ଘରେ ଯିଏ ନିଜେ ନିଜର ନିୟନ୍ତ୍ରଣକର୍ତ୍ତା ହୋଇପାରି ନାହିଁ, ତାକୁ କେବଳ ଜଣେ ଦାସ ବୋଲିହିଁ କୁହାଯାଇ ପାରିବ ।

(*ମାଆ ନୀରବ ରହିଲେ*)

ସିଆଡୁ ଆଉ କୌଣସି ପ୍ରଶ୍ନ ଅଛି କି ? କୌଣସି ପ୍ରଶ୍ନ ନାହିଁ ?

> *ମାଆ, ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମରୁ ଏପରି ଗୋଟିଏ ସମସ୍ୟା ଆସି ଉତ୍ଥାପିତ ହୋଇଥାଏ ଯେ, କୌଣସି ଗୋଟିଏ ବିଶେଷ ଖେଳ କିଂବା ନିର୍ଦ୍ଦିଷ୍ଟ ଗୋଟିଏ କାର୍ଯ୍ୟକ୍ରମରେ ପୂର୍ଣ୍ଣ ନୈପୁଣ୍ୟ ଲାଭ କରିବା ସକାଶେ ଆମକୁ କେବଳ ସେହି ଖେଳ ବା କାର୍ଯ୍ୟକ୍ରମଟି ଉପରେ ଅଭିନିବେଶିତ ହୋଇ ରହିବାକୁ ପଡ଼ିଥାଏ ।*

ସେପରି କରିବା ମୋଟେ ଠିକ୍ ନୁହେଁ । ବୁଲେଟିନ୍‌ର ସର୍ବପ୍ରଥମ ସଂଖ୍ୟାରେ ("ଅଭିନିବେଶ ଓ ପ୍ରକୀର୍ଣ୍ଣନ, ବୁଲେଟିନ୍, ଏପ୍ରିଲ ୧୯୪୯) ମୁଁ ସଂପୂର୍ଣ୍ଣ ବିଶଦ ଭାବରେ ସେହି କଥାଟିକୁ ବୁଝାଇ ଦେଇଥିଲି । ସେପରି କରିବା ସଂପୂର୍ଣ୍ଣ ଭୁଲ । ବସ୍ତୁତଃ, ଯିଏ ଆପଣା ଉପରେ ନିୟନ୍ତ୍ରଣ ଅର୍ଜନ କରିପାରିଛି ଏବଂ ଆପଣାକୁ ଅଭିନିବେଶିତ କରି ରଖିବାର ସାମର୍ଥ୍ୟଟିର ବିକାଶ କରିଛି, ସିଏ ବାହାରକୁ ସଂପୂର୍ଣ୍ଣ ଭିନ୍ନ ଭିନ୍ନ ଦେଖା ଯାଉଥିବା ନାନା ବିଷୟ ଲାଗି ଏହି ଅଭିନିବେଶ-ଶକ୍ତିଟିକୁ ନେଇ ପ୍ରୟୋଗ କରିପାରିବ । ଏପରିକି, ପରସ୍ପରର ବିପରୀତ ହୋଇ ରହିଥିବା ବିଷୟଲାଗି ମଧ୍ୟ ତାହାର ପ୍ରୟୋଗ କରିପାରିବ । ଏବଂ ଗୋଟିକୁ ଆରଟି ଉପରେ ଆଦୌ କୌଣସି ହସ୍ତକ୍ଷେପ କରିବାକୁ ନ ଦେଇ ସେ ସେଗୁଡ଼ିକୁ କରିପାରିବ ।

ଏହି କ୍ଷେତ୍ରରେ କେବଳ ସମୟର ପ୍ରଶ୍ନଟିହିଁ ବିଚାର କରିବାକୁ ରହିଛି, ମାତ୍ର ଦୁଇଟି ଉପାୟରେ ସେହି ପ୍ରଶ୍ନଟିର ସମାଧାନ କରାଯାଇ ପାରିବ : ପ୍ରଥମତଃ ଆପଣା ଜୀବନରେ ଏକ ସନ୍ଦୀପିତ ଏବଂ ପ୍ରଣାଳୀବଦ୍ଧ ସଂଗଠନ ସମ୍ଭବ କରି ତାହା କରାଯାଇ ପାରିବ; ଏବଂ ତା'ପରେ, ଅଧିକାଂଶ ବ୍ୟକ୍ତି ଯେପରି ଆଦୌ କୌଣସି ଉପଯୋଗିତା ରହି ନ ଥିବା ନାନା କାର୍ଯ୍ୟରେ ଆପଣାର ସମୟ ଅତିବାହିତ କରିଥାନ୍ତି, ସମୟ ନଷ୍ଟ କରିବାର ସେହିସବୁ ଧନ୍ଦାକୁ ଏକାବେଳେକେ ଛାଡ଼ିଦେବାକୁ ପଡ଼ିବ । – ଏହି ନିରର୍ଥକ ସମୟ ନଷ୍ଟ କରିବା ଯଦି ଏକାବେଳେକେ ଅନ୍ତର୍ହିତ ହୋଇ ଯାଆନ୍ତା, ତେବେ ତାହା

'oaob.nitrkl.ac.in' images reprocessed

ପ୍ରକୃତରେ ସମସ୍ତଙ୍କ ଲାଗି ଏକ ଆଶୀର୍ବାଦ ପରିହିଁ ହୁଅନ୍ତା;— ଏବଂ ଏସବୁ ଧନ୍ଦା ମଧ୍ୟରେ ମୁଁ ବକର ବକର ହେବାକୁହିଁ ସର୍ବପ୍ରଥମ ସ୍ଥାନ ଦେବି; ବକର ବକର ହେବା ଅର୍ଥାତ୍ ମିଛଟାରେ କଥାଗୁଡ଼ାଏ କହିବାରେ ଲାଗିଥିବା, ବନ୍ଧୁମେଳରେ, ସହକର୍ମୀମାନଙ୍କ ଭିତରେ... ଯାବତୀୟ କାର୍ଯ୍ୟ କରୁଥିବା ବେଳେ କଥାକହିବାରେ ଲାଗିଥିବା । କଥାଗୁଡ଼ାଏ କହି ଜଣେ ମଣିଷ ପ୍ରକୃତରେ କେତେ ଦୀର୍ଘ ସମୟ ନଷ୍ଟ କରିଦେଇ ନ ପାରୁଛି ! ଯେତେବେଳେ ଗୋଟିଏ ଶବ୍ଦହିଁ ଯଥେଷ୍ଟ ହୁଅନ୍ତା, ଆମେ ସେତେବେଳେ ପଚାଶଟା ଶବ୍ଦ କହୁଛୁ । ଏବଂ, କେବଳ ସେହି ଗୋଟିଏ ପ୍ରକାରେ ଯେ ଆମର ସମୟ ନଷ୍ଟ ହେଉଛି, ସେକଥା ଆଦୌ ନୁହେଁ ।... ପ୍ରକୃତରେ, ଜଣେ ଯେତେବେଳେ ତାକୁ ଯଥେଷ୍ଟ ସମୟ ମିଳୁ ନାହିଁ ବୋଲି କହୁଛି, ସେତେବେଳେ ତା'ର ପ୍ରକୃତ ଅର୍ଥ ହେଉଛି ଯେ ସିଏ ଆପଣାର ଜୀବନକୁ ଯଥାର୍ଥ ପ୍ରକାରେ ସଂଗଠନ କରି ଜାଣି ନାହିଁ । ଅବଶ୍ୟ ଏପରି ଅନେକ ଲୋକ ବି ଅଛନ୍ତି, ଯେଉଁମାନେ କି ଏକାବେଳେକେ ଅନେକ କାମରେ ହାତ ଦେଇଥାନ୍ତି, ମାତ୍ର ସେଥିରୁ ମଧ୍ୟ ଜୀବନରେ ସଂଗଠନର ଏକ ଅଭାବ ରହିଛି ବୋଲି ପ୍ରମାଣ ମିଳୁଥାଏ ।

ଯେଉଁଠି ଯଥାର୍ଥ ସଂଗଠନ ରହିଥାଏ, ସେଠାରେ ଯେଉଁଟି ଲାଗି ଯେତେ ସମୟ ଦରକାର, ସେଇଟି ଲାଗି ସେତିକି ସମୟ ନିର୍ଦ୍ଧାରିତ ଥାଏ । ତୁମେ ସମସ୍ତେ ଜାଣିଛ ଯେ ଦଶ ବା ପନ୍ଦର ମିନିଟ ସୁସଂଯୋଜିତ ବ୍ୟାୟାମ କରିପାରିଲେ ତୁମେ ନିଜର ଶରୀରକୁ ଆବଶ୍ୟକ ଯାବତୀୟ ତାଲିମ ଅବଶ୍ୟ ଦେଇ ପାରିବ । ଏଠାରେ ତୁମକୁ ସେହି କଥାଟିକୁ ଶିଖାଇ ଦିଆଯାଇଛି, ଏବଂ ଏହି କଥାଟିକୁ ତୁମମାନଙ୍କ ଲାଗି ପ୍ରମାଣ କରି ଦେଖାଇ ବି ଦିଆଯାଇଛି । ଶରୀରର ଭାରସାମ୍ୟ ସକାଶେ ଏତିକି ଯଥେଷ୍ଟ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଖେଳ ଆମକୁ ଆହୁରି ଅନେକ ଗୁଣର ବି ଅଧିକାରୀ କରାଇଥାଏ । ମାତ୍ର ମୋ ଜାଣିବାରେ ତୁମେମାନେ ଖୁବ୍ ବେଶୀ ହେଲେ ବି ଦିନକୁ କଦାପି ଏକ ଘଣ୍ଟାରୁ ଅଧିକ ସମୟ ଖେଳ ପାଇଁ ଦିଅ ନାହିଁ ଏବଂ ତଦ୍ଦ୍ୱାରା ଦିନମାନର ଗୁଡ଼ାଏ ସମୟ ଅତିବାହିତ ହୋଇଗଲା ବୋଲି ମୋଟେ କୁହାଯାଇ ପାରିବ ନାହିଁ ।

ତେଣୁ ତାହା ହେଉଛି ଏକ ଛଳନା । ତୁମେ ନିଜର ଜୀବନକୁ ସଂଗଠିତ କର, ତେବେ ଦେଖିବ ଯେ ତୁମର ପ୍ରତ୍ୟେକ କଥାଲାଗି ବି ସମୟ ରହିଛି,— ଏପରିକି ଜଣେ ଭଲ ଛାତ୍ର ହେବା ଲାଗି ମଧ୍ୟ ସମୟ ରହିଛି ।

'oaob.nitrkl.ac.in' images reprocessed

## ୧୭ ଏପ୍ରିଲ ୧୯୫୭

*"ପରିପୂର୍ଣ୍ଣତା ଲାଭ କରିବା ହେଉଛି ଯାବତୀୟ ସଂସ୍କୃତିର ଯଥାର୍ଥ ଲକ୍ଷ୍ୟ; ଆଧ୍ୟାତ୍ମିକ ଏବଂ ଚୈତ୍ୟ ସଂସ୍କୃତିର ତାହାହିଁ ଲକ୍ଷ୍ୟ, ତାହାହିଁ ମାନସିକ ତଥା ପ୍ରାଣିକ ସଂସ୍କୃତିର ଲକ୍ଷ୍ୟ, ଏବଂ ଆମ ଦୈହିକ ସଂସ୍କୃତି ପାଇଁ ମଧ୍ୟ ତାହାହିଁ ଅବଶ୍ୟ ଲକ୍ଷ୍ୟ ହୋଇ ରହିବା ଉଚିତ । ସତ୍ତାର ଏକ ପୂର୍ଣ୍ଣ ପରିପୂର୍ଣ୍ଣତା ଲାଭ କରିବାକୁ ଯଦି ଆମେ ପ୍ରକୃତରେ ଉପାୟ ଖୋଜି ବାହାରିଥାଉଁ, ତେବେ ତାହାର ଭୌତିକ ଅଙ୍ଗଟିକୁ କଦାପି ବାଦ୍ ଦେଇ ଛାଡ଼ିଯାଇ ହେବ ନାହିଁ । କାରଣ ଶରୀର ହେଉଛି ଜଡ଼ସ୍ତରରେ ସେହି ସତ୍ତାର ଭିତ୍ତି; ଶରୀର ହେଉଛି ସେହି ସାଧନ, ଯାହାକୁ ଆମକୁ ବ୍ୟବହାର କରିବାକୁ ହେବ । 'ଶରୀରଂ ଖଲୁ ଧର୍ମସାଧନମ୍' ବୋଲି ଏକ ସଂସ୍କୃତ କିଂବଦନ୍ତୀରେ କୁହାଯାଇଛି । ଧର୍ମରେ ପୂର୍ଣ୍ଣ ସାର୍ଥକତା ଲାଭ କରିବା ଲାଗି ଶରୀର ହେଉଛି ଏକ ସାଧନ; ଏବଂ ଧର୍ମ କହିଲେ ସେହିସବୁ ପ୍ରତ୍ୟେକ ଆଦର୍ଶକୁ ବୁଝାଇବ, ଯାହାକୁ କି ଆମେ ଆମ ଜୀବନରେ ଅନୁଶୀଳନ କରିପାରିବା; ସେହି ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ଏବଂ ତାହାର ଯାବତୀୟ କ୍ରିୟାତ୍ମକତାକୁ ମଧ୍ୟ ଧର୍ମର ଅନ୍ତର୍ଗତ କରିବାକୁ ହେବ । ଏକ ସମଗ୍ର ପରିପୂର୍ଣ୍ଣତା ହେଉଛି ଆମର ସର୍ବଶେଷ ଲକ୍ଷ୍ୟ ଏବଂ ଆମେ ସେହି ଲକ୍ଷ୍ୟଟିକୁ ଆମ ସମ୍ମୁଖରେ ରଖୁଛୁ । କାରଣ ଆମର ଆଦର୍ଶ ହେଉଛି ସେହି ଦିବ୍ୟ ପରମ ଜୀବନର ଉପଲବ୍ଧି ଏବଂ ଏହି ଇହଭୂମିରେହିଁ ଆମେ ତାହାର ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ସେହି ପରମ ଆତ୍ମା ଦ୍ୱାରା ଅନୁପ୍ରେରିତ ଜୀବନକୁ ଏହି ପୃଥିବୀ ଉପରେ ଫଳବତୀ ରୂପେ ଦେଖିବା ଲାଗି ବାସନା ରଖୁଛୁ । ଆମେ ବାସନା ରଖୁଛୁ ଯେ ଏହି ଭୌତିକ ପୃଥିବୀର ପରିବେଶ ସମୂହ ମଧ୍ୟରେ ଏହି ଇହଭୂମିରେ ମଧ୍ୟ ପ୍ରାଣ ତା'ର ଆଧ୍ୟାତ୍ମିକ ରୂପାନ୍ତରକୁ ଏକ ବାସ୍ତବ ସତ୍ୟରେ ପରିଣତ କରିଦେବ । ଆମ ଶରୀରର ଭୂମିଟି ମଧ୍ୟ ଏକ ରୂପାନ୍ତର ମଧ୍ୟଦେଇ ଗତି ନ କଲେ ସେହି ବାସନା କଦାପି ସଫଳ ହୋଇ ପାରିବ ନାହିଁ; ଏହି ଦେହର ଯାବତୀୟ କ୍ରିୟା ଓ କ୍ରିୟାଶୀଳତା ଏକ ସର୍ବୋଚ୍ଚ ସମର୍ଥତାର ସ୍ତରକୁ ଉନ୍ନୀତ ହୋଇ ନ ପାରିଲେ ଏବଂ ତାହାଦ୍ୱାରା ସମ୍ଭବ ହୋଇ ପାରୁଥିବା ଏକ ପରିପୂର୍ଣ୍ଣତାକୁ ହାସଲ କରି ନ ପାରିଲେ, ଅଥବା, ଯାହା ସମ୍ଭବ କରାଯାଇ*

'oaob.nitrkl.ac.in' images reprocessed

*ପାରିବ, ସେହିପରି ଏକ ପରିପୂର୍ଣ୍ଣତା ହାସଲ କରି ନ ପାରିଲେ, ସେହି ବାସନା କଦାପି ସଫଳ ହେବ ନାହିଁ।"*

– ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୫

*ମାଆ, ଆମ ଶରୀରସ୍ତରର କ୍ରିୟାଗୁଡ଼ିକ ଏକ "ସର୍ବୋଚ୍ଚ ସମର୍ଥତାର ସ୍ତରକୁ ଉନ୍ନୀତ ହୋଇପାରିବେ" କିପରି ?*

କେବଳ ରୂପାନ୍ତର ଦ୍ୱାରାହିଁ ତାହା ଘଟିବ । ଏହାର ଅର୍ଥ ହେଉଛି, ଆମକୁ ଏକ ସମଗ୍ର ରୂପାନ୍ତର ଘଟାଇବାକୁ ହେବ । ଶ୍ରୀଅରବିନ୍ଦ ଏହାର ଅବ୍ୟବହିତ ପରେ ଠିକ୍ ସେହି କଥା କହିଛନ୍ତି ।

ବର୍ତ୍ତମାନ ଅବସ୍ଥାରେ ଆମର ଶରୀର ଯେଉଁ ଭଳି ହୋଇ ରହିଛି, ତାହାକୁ ଇତରଜନ୍ତୁର ଶରୀରର ତୁଳନାରେ ଅପେକ୍ଷାକୃତ କିଞ୍ଚିତ୍‌ମାତ୍ର ଊର୍ଦ୍ଧ୍ୱତନ ଏକ ସ୍ତର ବୋଲି ହୁଏତ କୁହାଯାଇ ପାରିବ । କାରଣ, କେତେକ ଦୃଷ୍ଟିରୁ ସେହି ସୋପାନଟିର ତୁଳନାରେ ଆମେ ନିଶ୍ଚୟ ଏକ ଅଗ୍ରଗତି ହାସଲ କରିଥିଲେ ମଧ୍ୟ, ଆଉ ଏକ ଦୃଷ୍ଟିରୁ ଆମେ ଇତରଜନ୍ତୁ ସ୍ତରର କେତେକ ସାମର୍ଥ୍ୟକୁ ହରାଇ ବି ପକାଇଛୁ । ଏହା ନିଃସନ୍ଦେହ ଭାବରେ କୁହାଯିବ ଯେ ବିଶୁଦ୍ଧ ଭାବରେ ଦେହଗତ ସାମର୍ଥ୍ୟ ଓ ବଳର ଦୃଷ୍ଟିରୁ ବିଚାର କରି ଦେଖିଲେ ଅନେକ ଇତରପ୍ରାଣୀ ଆମଠାରୁ ଅବଶ୍ୟ ସମର୍ଥତର ହୋଇ ଅଛନ୍ତି । ଏବଂ, ଏକ ବିଶେଷ କୃଷ୍ଟି ଏବଂ ରୂପାନ୍ତର ବଳରେ ଆପଣାର ସାମର୍ଥ୍ୟ ଗୁଡ଼ିକରେ ପ୍ରକୃତରେ ଏକ ରୂପାନ୍ତର ସାଧନ କରିବାରେ ସଫଳ ନ ହେଲେ, ହୁଏତ ଏହି କଥାଟି ନିର୍ବିବାଦରେ କୁହାଯାଇ ପାରିବ ଯେ ଦେହ ଓ ମାଂସପେଶୀର ବଳର କ୍ଷେତ୍ରରେ ଗୋଟାଏ ବାଘ ବା ଗୋଟାଏ ସିଂହ ଆମଠାରୁ ନିଶ୍ଚୟ ଅନେକ ଅଧିକ ପରିମାଣରେ ଶକ୍ତିଶାଳୀ ହୋଇ ରହିଥିବ । ଦୈହିକ ସ୍ଫୂର୍ତ୍ତିର କ୍ଷେତ୍ରରେ ଗୋଟାଏ ମାଙ୍କଡ଼ ଆମଠାରୁ ପ୍ରକୃତରେ ଅନେକ ଅଧିକ ଉଚ୍ଚରେ ରହିବ; କାରଣ, ଉଦାହରଣ ସ୍ୱରୂପ, ବାହ୍ୟ କୌଣସି ପ୍ରକାର ଯନ୍ତ୍ରପାତି ଅଥବା ବାୟୁଯାନର ସାହାଯ୍ୟ ନ ନେଇ ଗୋଟାଏ ଚଢ଼େଇ ଉଡ଼ିଯାଇ ପାରିବ ସତ, ମାତ୍ର ଆମ ଲାଗି ତାହା ଏବେ ମଧ୍ୟ ସମ୍ଭବ ହୋଇ ନାହିଁ।... ଏହିପରି ଭାବରେ ମୁଁ କେତେକେତେ ଉଦାହରଣ ଦେଇପାରିବି । ଏବଂ, ଆମ ଦେହାଙ୍ଗ ଗୁଡ଼ିକର ଯାବତୀୟ କ୍ରିୟାର କ୍ଷେତ୍ରରେ ପ୍ରାଣୀସ୍ତରୀୟ ଯେଉଁ ଆବଶ୍ୟକତାମାନ ରହିଛି, ଆମେ ସେହିଗୁଡ଼ିକ ଦ୍ୱାରା ଭାରି ବାନ୍ଧି ହୋଇ ରହିଛୁ । ଉଦାହରଣ ସ୍ୱରୂପ, ଯେତେଦିନ ଯାଏ ଆମେ ଭୌତିକ ଖାଦ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛୁ, ଜଡ଼ ପଦାର୍ଥକୁ ଏକ ଅଶୋଧିତ ରୂପରେହିଁ ଆହାରରୂପେ

'oaob.nitrkl.ac.in' images reprocessed

ଗ୍ରହଣ କରୁଛୁ, ସେତେଦିନ ଯାଏ ଆମେ ନିଶ୍ଚୟ ଗୋଟିଏ ଗୋଟିଏ ନିମ୍ନସ୍ତରୀୟ ପ୍ରାଣୀ ହୋଇ ରହିଥିବୁ ।

ତେଣୁ, ଆମେ ଯାହା ପଢ଼ିବାକୁ ଯାଉଛୁ, ମୁଁ ସେବିଷୟରେ ଆଦୌ କୌଣସି ପୂର୍ବାନୁମାନ କରିବାକୁ ଯାଉ ନାହିଁ ସତ, ମାତ୍ର, ଆମ ଶରୀରର ଏହିସବୁ ଯାବତୀୟ ପ୍ରାଣୀସ୍ତରୀୟ କ୍ରିୟାଗୁଡ଼ିକ, ଠିକ୍ ଅନ୍ୟ ପ୍ରାଣୀଜୀବନର ସଂପୂର୍ଣ୍ଣ ସଦୃଶ ହୋଇ ରହିଥିବା ଆମ ଜୀବନର ଯାବତୀୟ କ୍ରିୟାଙ୍ଗ,— ଅର୍ଥାତ୍, ଜୀବନଧାରଣ ସକାଶେ ଆମେ ଯେପରି ରକ୍ତସଞ୍ଚାଳନ ଉପରେ ନିର୍ଭର କରୁଛୁ ଏବଂ ରକ୍ତ ନିମିତ୍ତ ଆମକୁ ଯେପରି ଆହାର ଗ୍ରହଣ କରିବାକୁ ପଡ଼ୁଛି, ଏହିସବୁ ନାନା ଆବଶ୍ୟକତାର ଯେଉଁସବୁ ନିହିତାର୍ଥ ମଧ୍ୟରେ ଆମକୁ ବାଧ୍ୟ ହୋଇ ରହିବାକୁ ପଡୁଛି,— ଏଗୁଡ଼ାକୁ ମୁଁ ଗୋଟିଏ ଗୋଟିଏ ଅତି ସାଂଘାତିକ ସୀମାବଦ୍ଧତା ଏବଂ ଦାସତା ବୋଲି କହିବି ! ଆମର ଜଡ଼ସ୍ଥ ଜୀବନ ଯେପର୍ଯ୍ୟନ୍ତ ତାହାରି ଉପରେ ନିର୍ଭରଶୀଳ ହୋଇ ରହିଥିବ, ସେତେବେଳ ପର୍ଯ୍ୟନ୍ତ ଆମେ ନିଜର ଜୀବନକୁ କଦାପି ଯେ ଏକ ଦିବ୍ୟ ସୋପାନକୁ ଉତ୍ତୋଳିତ କରି ନେଇ ପାରିବା ନାହିଁ, ସେଥିରେ ଏତେ ଟିକିଏ ହେଲେ ସନ୍ଦେହ ନାହିଁ ।

ତେଣୁ ଆମକୁ ସ୍ୱୀକାର କରି ନେବାକୁ ହେବ ଯେ ମନୁଷ୍ୟ ମଧ୍ୟରେ ବର୍ତ୍ତମାନ ଯେଉଁ ପ୍ରାଣୀଧର୍ମ ବିଦ୍ୟମାନ ରହିଛି, ତାହାର ସ୍ଥାନାପନ୍ନ ଭାବରେ ଆମକୁ ଜୀବନର ଆଉ କୌଣସି ଉତ୍ସର ଅନ୍ୱେଷଣ କରିବାକୁ ପଡ଼ିବ, ଭାରି ସହଜରେ ଏହି କଥାଟିକୁ କଳ୍ପନା କରାଯାଇ ପାରିବ,— କେବଳ ଯେ କଳ୍ପନା କରାଯାଇ ପାରିବ ତା' ନୁହେଁ, ମାତ୍ର ଆଂଶିକ ଭାବରେ ତାହାର ଉପଲବ୍ଧି ବି କରାଯାଇ ପାରିବ; ଏବଂ, ଯଦି ଆମେ ଜଡ଼ରେ ଏକ ରୂପାନ୍ତର ସଂଘଟିତ କରିବା ଲାଗି ଏବଂ ଦିବ୍ୟ ନାନା ଗୁଣର ପ୍ରକଟ କରିବା ପାଇଁ ତାହାକୁ ସମର୍ଥ କରିବା ଲାଗି ପ୍ରକୃତରେ ଇଚ୍ଛା କରୁଥାଉ, ତେବେ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମକୁ ଏହି ଲକ୍ଷ୍ୟଟିକୁହିଁ ସମ୍ମୁଖରେ ରଖି ବାଟ ଚାଲିବାକୁ ହେବ ।

ଅତି, ଅତି ପ୍ରାଚୀନ ସଂସ୍କୃତି ଗୁଡ଼ିକରେ,— ବୈଦିକ ତଥା ଖାଲ୍‌ଦୀୟ ସଂସ୍କୃତିଠାରୁ ପ୍ରାଚୀନତର ଆହୁରି ଗୋଟିଏ ସଂସ୍କୃତି ମଧ୍ୟ ରହିଥିଲା ଏବଂ ଖୁବ୍‌ସମ୍ଭବ ସେଇଟିରୁହିଁ ଏହି ଦୁଇଟିଯାକ ସଂସ୍କୃତିର ବିକାଶ ଘଟିଛି,— ସେହି ଅତ୍ୟନ୍ତ ପ୍ରାଚୀନ ସଂସ୍କୃତିରେ ମଧ୍ୟ ଏକ "ଦୀପ୍ତ ଉଜ୍ଜ୍ୱଳ ଶରୀର" ବିଷୟରେ ଉଲ୍ଲେଖ ରହିଛି, ସେହି ଶରୀର ପ୍ରକୃତରେ ଏତେ ଅଧିକ ପରିମାଣରେ ନମନୀୟ ହୋଇଥିବ ଯେ ଆମ ଗଭୀରତର ଚେତନା ଯେକୌଣସି ମୁହୂର୍ତ୍ତରେ ସେଥିରେ ନାନା ରୂପାନ୍ତର ଘଟାଇ ପାରିବ : ସେହି ଶରୀର ଉକ୍ତ ଚେତନାଟିକୁହିଁ ପ୍ରକଟ କରୁଥିବ, ସେହି ଶରୀରର ଆଦୌ କୌଣସି ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ଆକୃତି ନ ଥିବ । ସେଥିରେ ଜ୍ୟୋତିର୍ମୟତାର କଥା କୁହାଯାଇଛି : ଗଠନକାରୀ ଜଡ଼ୋପାଦାନ ଇଚ୍ଛାନୁସାରେହିଁ ଜ୍ୟୋତିର୍ମୟ ହୋଇପାରିବ । ସେଥିରେ ଯାବତୀୟ ଓଜନ ଅନ୍ତର୍ହିତ ହୋଇଯିବାର ଏକ ସମ୍ଭାବନାର ମଧ୍ୟ ଉଲ୍ଲେଖ ରହିଛି, ଯାହାଫଳରେ କି କେବଳ ଇଚ୍ଛାଶକ୍ତିର କ୍ରିୟା ଦ୍ୱାରା ଏବଂ ଅନ୍ତର୍ଗତ ଶକ୍ତିର ନିୟନ୍ତ୍ରଣଗତ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦ୍ୱାରା ବାୟୁରେ ଗମନ କରି ପାରିବାର ଏକ ସାମର୍ଥ୍ୟ ମଧ୍ୟ ସେହି ଶରୀରର ହୋଇଯିବ । ଏହିପରି କେତେ କ'ଣ ଲେଖା ହୋଇଛି ଏବଂ ଏହିସବୁ ବିଷୟରେ ଅନେକ କଥା କୁହାଯାଇଛି ।

ପୃଥିବୀ-ପୃଷ୍ଠକୁ ଆସିଥିବା କୌଣସି ସତ୍ତା କେବେ ଏହିସବୁ ସାମର୍ଥ୍ୟର ଉପଲବ୍ଧି କରିଥିଲେ କି ନାହିଁ, ମୁଁ ସେକଥା ଜାଣି ନାହିଁ; ମାତ୍ର ଏକ ଅତି କ୍ଷୁଦ୍ର ସ୍ତରରେ ଏଇଟା ବା ସେଇଟାରେ ନିଶ୍ଚୟ ନାନା ଆଂଶିକ ଉଦାହରଣ ରହିଛି ଏବଂ ସେସବୁ ସମ୍ଭବ ବୋଲି ଏହି ଉଦାହରଣଗୁଡ଼ିକରୁ ପ୍ରମାଣିତ ହୋଇଯାଉଛି । ଏବଂ, ଏହି ବିଚାରଟିର ଅନୁସରଣ କରି ଆମେ ହୁଏତ ଆହୁରି ଆଗକୁ ଯାଇ ନିଶ୍ଚୟ କଳ୍ପନା କରି ପାରିବା ଯେ ବର୍ତ୍ତମାନ ଆମର ଯେଉଁ ଦେହସତ୍ତାଟି ରହିଛି ଓ ତାହା ଯେପରି ଭାବରେ କାର୍ଯ୍ୟ କରୁଛି, ତାହାର ସ୍ଥାନରେ ଶକ୍ତିସଂକେନ୍ଦ୍ରଣର ଏପରି ଗୋଟିଏ ଗୋଟିଏ କେନ୍ଦ୍ର ସମ୍ଭବ ହୋଇପାରିବ, ଯେଉଁମାନେ କି ଉଚ୍ଚତର ଶକ୍ତିଗୁଡ଼ିକ ଲାଗି ସଂପୂର୍ଣ୍ଣ ଗ୍ରହଣଶୀଳ ହୋଇ ରହିପାରିବେ ଏବଂ ଯେଉଁଗୁଡ଼ିକ କି ଗୋଟିଏ ପ୍ରକାରର ଯାଦୁପ୍ରକ୍ରିୟା ବଳରେ ପ୍ରାଣ ଏବଂ ଶରୀରର ଆବଶ୍ୟକତାଗୁଡ଼ିକ ସକାଶେ ସେହି ଶକ୍ତିଗୁଡ଼ିକୁ କାମରେ ଲଗାଇ ପାରିବେ । ଆମେ ଏବେ ଶରୀରସ୍ଥ ବିଭିନ୍ନ "ଚକ୍ର" ଗୁଡ଼ିକର କଥା କହିବାକୁ ଆରମ୍ଭ କଲୁଣି,— ଯୋଗର ସାଧନା କରିଥିବା ବ୍ୟକ୍ତିମାନେ ଏହିସବୁ କଥା ସହିତ ଅତ୍ୟନ୍ତ ସୁପରିଚିତ ରହିଛନ୍ତି;— ମାତ୍ର ଏହି କେନ୍ଦ୍ର ବା ଚକ୍ରଗୁଡ଼ିକୁ ଏତେ ଅଧିକ ପରିମାଣରେ ବି ସୁସମର୍ଥ କରାଯାଇ ପାରିବ ଯେ ସେତେବେଳେ ବିଭିନ୍ନ ଦେହାଙ୍ଗଗୁଡ଼ିକର ଆଉ କୌଣସି ଆବଶ୍ୟକତା ରହିବ ନାହିଁ ଓ ସେଗୁଡ଼ିକର ସ୍ଥାନରେ ସେହି ଉଚ୍ଚତର ଶକ୍ତି ଏବଂ ସ୍ପନ୍ଦନଗୁଡ଼ିକ ଜଡ଼ ଉପରେ ପ୍ରତ୍ୟକ୍ଷରୂପେ କାର୍ଯ୍ୟକାରୀ ହୋଇପାରିବ । ଯେଉଁମାନେ ଯଥେଷ୍ଟ ପରିମାଣରେ କୁଶଳତା ସହିତ ଗୁହ୍ୟବିଦ୍ୟାର ଅଭ୍ୟାସ କରିଛନ୍ତି, ଯେଉଁମାନେ ସେହି ବିଦ୍ୟାର ସମଗ୍ରତମ କ୍ଷେତ୍ରରେ ତାହାର ଅଭ୍ୟାସ କରିଛନ୍ତି, ସେମାନଙ୍କ ବିଷୟରେ ଏକଥା କୁହାଯାଇ ପାରିବ ଯେ ସେମାନେ ସୂକ୍ଷ୍ମ ନାନା ଶକ୍ତିର ଜଡ଼ୀକରଣର ପ୍ରକ୍ରିୟାଟିକୁ ଜାଣିଛନ୍ତି ଏବଂ ସେଗୁଡ଼ିକୁ ସେମାନେ ଜଡ଼ସ୍ତରୀୟ ନାନା ସ୍ପନ୍ଦନ ସହିତ ସଂସ୍ପର୍ଶରେ ମଧ୍ୟ ଆଣି ପାରନ୍ତି । ଏହା କରିବା ଯେ କେବଳ ସମ୍ଭବ ତା' ନୁହେଁ, ମାତ୍ର ଏହା ଏପରି ଏକ ଘଟନା ଯାହାକୁ ବାସ୍ତବିକ କାର୍ଯ୍ୟକାରୀ କରାଯାଉଛି । ଏବଂ ସେହିସବୁ ବ୍ୟାପାରକୁ ଆମେ ଏକ ବିଜ୍ଞାନ

'oaob.nitrkl.ac.in' images reprocessed

ବୋଲି ସ୍ୱୀକାର କରିବା; ଏହି ବିଜ୍ଞାନର ପରିପୂର୍ଣ୍ଣ ବିକାଶ କରାଇବାକୁ ପଡ଼ିବ, ତାହାକୁ ଏକ ସଂପୂର୍ଣ୍ଣ ବିଜ୍ଞାନରେ ପରିଣତ କରିବାକୁ ପଡ଼ିବ, ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ନାନା ନୂତନ ଦେହର ସୃଷ୍ଟି କରି ସେଗୁଡ଼ିକୁ ସକ୍ରିୟ କରାଇବାରେ ସେତେବେଳେ ସେହି ବିଜ୍ଞାନକୁ କାର୍ଯ୍ୟରେ ଲଗାଯାଇ ପାରିବ ଏବଂ ସେହିସବୁ ନୂତନ ଦେହ ଏହି ଜଡ଼ଜଗତରେ ଅତିମାନସ ଜୀବନକୁ ପ୍ରକଟ କରି ଆଣିବାରେ ସମର୍ଥ ହେବେ ।

ମାତ୍ର, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଏହିସବୁ କଥା ସମ୍ଭବ ହେବା ପୂର୍ବରୁ, ଆମ ପାଖରେ ବର୍ତ୍ତମାନ ଯାହାକିଛି ରହିଛି, ତାହାକୁ ଯଥାର୍ଥ ଭାବରେ କାର୍ଯ୍ୟରେ ଲଗାଇ ଆମର ଶାରୀରିକ କାର୍ଯ୍ୟଗୁଡ଼ିକୁ ଅଧିକ ଦୋଷମୁକ୍ତ ଭାବରେ ଆପଣାର ନିୟନ୍ତ୍ରଣରେ ଆଣିବା ନିଶ୍ଚୟ ଉଚିତ ହେବ । ଏକଥା ନିଃସନ୍ଦେହ ଭାବରେ କୁହାଯାଇ ପାରିବ ଯେ ଯେଉଁମାନେ ଏକ ବୈଜ୍ଞାନିକ ପଦ୍ଧତିରେ ଏବଂ ପରସ୍ପର-ସହଯୋଜିତ ଭାବରେ ଶାରୀରିକ କର୍ଷଣର ଅଭ୍ୟାସ କରିବେ, ସେମାନେ ନିଜ ଶରୀର ଉପରେ ଏପରି ପ୍ରଭୂତ ନିୟନ୍ତ୍ରଣଶକ୍ତି ହାସଲ କରିପାରିବେ, ସାଧାରଣ ଲୋକେ ଯାହାର କି କୌଣସି କଳ୍ପନା ବି କରିପାରିବେ ନାହିଁ । ଯେତେବେଳେ ରୁଷଦେଶର ଖେଳାଳିମାନେ ଏଠାକୁ ଆସିଥିଲେ, ସେତେବେଳେ ଆମେ ଦେଖିଛୁ, ସେମାନେ କେଡ଼େ ସହଜ ଭାବରେ ସେମାନଙ୍କର କ୍ରୀଡ଼ାକୌଶଳଗୁଡ଼ିକୁ କରି ପାରୁଥିଲେ ଏବଂ ଜଣେ ସାଧାରଣ ବ୍ୟକ୍ତିଲାଗି ସେଗୁଡ଼ିକ କରିପାରିବା ପ୍ରକୃତରେ କେଡ଼େ ଅସମ୍ଭବହିଁ ହୋଇଥାନ୍ତା । ସେମାନେ ସେଗୁଡ଼ିକୁ ଏତେବେଶୀ ସହଜ ଭାବରେ କରି ପାରୁଥିଲେ, ସତେଯେପରି ତାହା କରିବା ସେମାନଙ୍କ ଲାଗି ପୃଥିବୀରେ ଥିବା ସବୁଠାରୁ ଅଧିକ ସହଜ କାମ ହୋଇ ରହିଥିଲା; ସେମାନେ ପ୍ରକୃତରେ ଆୟାସ ବା ଚେଷ୍ଟା କରି ଆଦୌ କିଛି କରୁଥିଲେ ବୋଲି ଏତେ ଟିକିଏ ସୂଚନା ବି ମିଳୁ ନ ଥିଲା ! ହଁ, ଶରୀରର ରୂପାନ୍ତର-ସାଧନ ଦିଗରେ ସେହି ନିୟନ୍ତ୍ରଣ ଲାଭ କରିବାକୁହିଁ ଏକ ବୃହତ୍ ପଦକ୍ଷେପ ବୋଲି ନିଶ୍ଚୟ କୁହାଯିବ । ଏବଂ, ମୁଁ ହୁଏତ ଏପରି କହିପାରିବି ଯେ, ସେହିସବୁ କୌଶଳକୁ ଏଡ଼େ ସହଜରେ ଦେଖାଇଥିବା ବ୍ୟକ୍ତିମାନେ ଆପଣା ଜୀବନଭୂମିର କ୍ଷେତ୍ରରେ ବସ୍ତୁବାଦୀହିଁ ଥିଲେ, ଆପଣାର ଶିକ୍ଷାରେ ସେମାନେ ଆଦୌ କୌଣସି ଆଧ୍ୟାତ୍ମିକ ପଦ୍ଧତିର ସାହାଯ୍ୟ ନେଇ ନ ଥିଲେ । ସଂପୂର୍ଣ୍ଣତଃ ଭୌତିକ କେତୋଟି ପ୍ରଣାଳୀକୁ ବ୍ୟବହାର କରି ଏବଂ ସନ୍ଦୀପିତ ଭାବରେ ଆପଣାର ଇଚ୍ଛାଶକ୍ତିକୁ କାମରେ ଲଗାଇ ସେମାନେ ଏହିପରି ଏକ ଫଳ ପାଇ ପାରିଥିଲେ । ଯଦି ସେଇଟି ସହିତ ସେମାନେ ଏକ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତିକୁ ସଂଯୁକ୍ତ କରି ପାରିଥାନ୍ତେ, ତେବେ ସେମାନେ ପ୍ରାୟ ଏକ ଅଲୌକିକ ଦକ୍ଷତା ହାସଲ କରି ପାରିଥାନ୍ତେ... । ଆମ ପୃଥିବୀରେ ଯେଉଁସବୁ ମିଥ୍ୟା ଧାରଣା ଲୋକମାନଙ୍କର ମନକୁ ଅଧିକାର କରି ରହିଛି, ସେହିଗୁଡ଼ିକ ହେତୁହିଁ ଆମେ ଦୁଇଟିଯାକ କଥାକୁ ଏକତ୍ର

'oaob.nitrkl.ac.in' images reprocessed

କରି ଦେଖିବା ଲାଗି ମୋତେ ସମର୍ଥ ହୋଇପାରୁ ନାହୁଁ, ଆଧ୍ୟାତ୍ମିକ ନିୟନ୍ତ୍ରଣସାମର୍ଥ୍ୟକୁ ଦୈହିକ ନିୟନ୍ତ୍ରଣସାମର୍ଥ୍ୟ ସହିତ ଆଦୌ ଏକାଠି ଆଣି ମିଶାଇ ପାରୁ ନାହୁଁ; ଏବଂ ତେଣୁ ସେଥିମଧ୍ୟରୁ ଗୋଟିଏ ଆରଟିର ଅଭାବରୁ ଅସଂପୂର୍ଣ୍ଣ ହୋଇ ରହିଯାଉଛି । ମାତ୍ର ଆମେ ଏଠାରେ ଠିକ୍ ସେହି କଥାଟିହିଁ କରିବାକୁ ଇଚ୍ଛା କରୁଛୁ ଏବଂ ଶ୍ରୀଅରବିନ୍ଦ ଠିକ୍ ସେହି କଥାଟିକୁହିଁ ଆମକୁ ବୁଝାଇ କହିଛନ୍ତି । ଯଦି ଦୁଇଟିଯାକ ସାମର୍ଥ୍ୟକୁ ଏକତ୍ର ସଂଯୁକ୍ତ କରାଯାଇ ପାରିବ, ତେବେ ତାହାର ଏପରି ଏକ ପରିପୂର୍ଣ୍ଣ ପରିଣାମ ସମ୍ଭବ ହେବ, ଯାହାକୁ କି ସାଧାରଣ ମନୁଷ୍ୟ ମନ ହୁଏତ ଭାବି ବି ପାରିବ ନାହିଁ; ଆମେ ଠିକ୍ ତାହାହିଁ ହାସଲ କରିବାଲାଗି ପ୍ରୟାସ କରୁଛୁ ।

ଶ୍ରୀଅରବିନ୍ଦ ତା'ପରେ ଯାହା କହିବାକୁ ଯାଉଛନ୍ତି,– ହୁଏତ ପରବର୍ତ୍ତୀ ବୈଠକଟିରେ ଆମେ ତାହା ପଢ଼ିବା,– ଜଡ଼ସ୍ତରୀୟ ଜୀବନ ଏବଂ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଏକ ଅସମାଧେୟ ବିରୋଧକୁ ସୃଷ୍ଟି କରି ରଖିଥିବା ନାନା ନିର୍ବୋଧ ମାନସିକ ପୂର୍ବାଗ୍ରହଗୁଡ଼ିକ ବିରୋଧରେ ଆମକୁ ଅପ୍ରତିହତ ଭାବରେ ସଂଗ୍ରାମ କରିବାକୁ ପଡ଼ିବ । ଏବଂ ତାହା ମନୁଷ୍ୟର ଚେତନା ଭିତରେ ଏପରି ବଦ୍ଧମୂଳ ଭାବରେ ରହିଯାଇଛି ଯେ ତାହାକୁ ବିଲୁପ୍ତ କରିପାରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇ ରହିଛି; ଏପରିକି, ଯେଉଁମାନେ ଶ୍ରୀଅରବିନ୍ଦଙ୍କର କଥାକୁ ବୁଝିଛନ୍ତି ବୋଲି ଭାବୁଛନ୍ତି, ସେମାନଙ୍କ ଲାଗି ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇ ରହିଛି । ଏବଂ, ଯେତେବେଳେ ସ୍ୱତନ୍ତ୍ର ଅନ୍ୟ ନାନାଦି କାରଣରୁ ମୁଁ ପୁନର୍ବାର ଧ୍ୟାନର କାର୍ଯ୍ୟକ୍ରମଟିକୁ ଆରମ୍ଭ କରାଇଲି, ସେତେବେଳେ ଅନେକ ଲୋକ କହିଲେ, "ହଁ, ଏତେଦିନକେ ଯାଇ ଆମକୁ ଆଧ୍ୟାତ୍ମିକ ଜୀବନକୁ ଫେରି ଆସିବାର ସୁଯୋଗ ମିଳିଲା !"... ଠିକ୍ ସେହି କାରଣଟି ପକାଶେହିଁ ମୁଁ ଦୀର୍ଘ ଅନେକ ଦିନ ହେଲା ସେହି କାର୍ଯ୍ୟକ୍ରମଟିକୁ ବନ୍ଦ ରଖିଥିଲି । ଏହି ନିର୍ବୋଧତାକୁ ଆଦୌ କୌଣସି ପ୍ରୋତ୍ସାହନ ନ ଦେବା ଲାଗିହିଁ ମୁଁ ସେପରି କରିଥିଲି । ମାତ୍ର, ଅନ୍ୟାନ୍ୟ କେତେକ କାରଣରୁ ତାହାକୁ ପୁନର୍ବାର ଆରମ୍ଭ କରିବା ଆବଶ୍ୟକ ପଡ଼ିଲା ଏବଂ ତେଣୁ ମୁଁ ପୁନର୍ବାର ତାହା ଆରମ୍ଭ କଲି । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ଚେତନାରୁ ଏହି ନିର୍ବୋଧତାଟି ଅପସାରିତ ହୋଇ ନ ପାରିଛି, ସେପର୍ଯ୍ୟନ୍ତ ଅତିମାନସ ଶକ୍ତି ପକ୍ଷରେ ଆଦୌ କିଛିହେଲେ ବୁଝୁ ନ ଥିବା ମଣିଷଭାବନାର ଅସ୍ୱଚ୍ଛତା ମଧ୍ୟରେ ବାନ୍ଧିହୋଇ ନ ପଡ଼ିବା ପ୍ରକୃତରେ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ରହିଥିବ । ଏହି ବିଷୟରେ ଆମେ ଏତିକି କଥା ମନେ ରଖିବା । ଏବଂ, ଏସବୁ ସତ୍ତ୍ୱେ ଆମେ ତଥାପି ସଫଳତା ଲାଭ କରିବା ।

ମୁଁ ଏହି "ଅତିମାନସ ଅଭିବ୍ୟକ୍ତି" ପୁସ୍ତକଟିକୁ ପଢ଼ିବା ଲାଗି ବାଛିଛି; ପ୍ରାୟ ଏକ ଯୁଦ୍ଧୋନ୍ମୁଖ ଆକାର ଗ୍ରହଣ କରି ରହିଥିବା ଏକ ସତ୍ୟ ସହିତ ତୁମମାନଙ୍କର ଖିଅ

'oaob.nitrkl.ac.in' images reprocessed

ଯୋଡ଼ିଦେବା ଲାଗି ଏକ ସୁଯୋଗ ପାଇବା ଲାଗି ମୁଁ ଏହି ବହିଟିକୁ ବାଛିଛି,– ଯେପରିକି ତୁମେମାନେ ଏହି ପୁରାତନ ବିଭାଜନଟି ବିରୋଧରେ ସଂଗ୍ରାମ କରି ପାରିବ, ଶାଶ୍ୱତ ପରମସତ୍ୟକୁ ବୁଝିବାର କ୍ଷେତ୍ରରେ ରହିଥିବା ଏହି ସମଗ୍ର ଅଭାବଟି ବିରୋଧରେ ସଂଗ୍ରାମ କରିପାରିବ ।

ଏବଂ, ସମ୍ଭବତଃ ଆମେ ଯେତେବେଳେ ଏହି ବହିଟିକୁ ପଢ଼ି ଶେଷ କରିବା, ଆମେ ପୁନର୍ବାର ଧ୍ୟାନର କାର୍ଯ୍ୟକ୍ରମଟିକୁ କାହିଁକି ଆରମ୍ଭ କଲେ, ସେତେବେଳେ ଯାଇ ମୁଁ ତୁମମାନଙ୍କୁ ସେକଥାଟି କହିଦେଇ ପାରିବି;– ମାତ୍ର, ଏକଥା ଆଦୌ ସତ ନୁହେଁ ଯେ "ଆଧ୍ୟାତ୍ମିକ ଜୀବନକୁ ପୁଣି ଫେରିଆସିବା ଲାଗି" ଏହି କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇଛି ।

ଏବଂ, ଏଇଟିର ମୂଳ ଏତେ ଅଧିକ ଗଭୀରରେ ଯାଇ ରହିଛି,– ଏପରିକି, ଯେଉଁମାନେ ସବୁ ବୁଝନ୍ତି ବୋଲି କହିଥାନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ, ସେମାନେ ଯେତେବେଳେ ଆଧ୍ୟାତ୍ମିକ ଜୀବନ ବିଷୟରେ ଭାବନ୍ତି, ସେମାନେ ବି ସଙ୍ଗେସଙ୍ଗେ ଧ୍ୟାନ କଥା ଭାବିବାକୁ ଆରମ୍ଭ କରନ୍ତି ।

ଏଇଠି ବନ୍ଦ ଥାଉ । ବର୍ତ୍ତମାନ ଆମେ ତଥାପି ଧ୍ୟାନରେ ବସିବାକୁ ଯିବା,– କିନ୍ତୁ ଆଉ ଏକ କାରଣରୁ !

*(ସମସ୍ତେ ଧ୍ୟାନରେ ବସିଲେ)*

'oaob.nitrkl.ac.in' images reprocessed

## ୨୪ ଏପ୍ରିଲ ୧୯୫୭

*"ଏକ ଜଡ଼ର ଜଗତରେ ଦିବ୍ୟ ଜୀବନର ସ୍ଥାପନା କରିବାକୁ ହେଲେ ସେଥିରେ ଅସ୍ତିତ୍ୱର ଏହି ଦୁଇଟିଯାକ ପ୍ରାନ୍ତ,— ଗୋଟିଏ ପାଖରେ ଆଧ୍ୟାତ୍ମିକ ଶିଖରଦେଶ ଓ ଅନ୍ୟପାଖରେ ଜଡ଼ ନିର୍ମିତ ଭୂମିଟିକୁ ଏକତ୍ର ସଂଯୁକ୍ତ କରିବାର ଏକ ଆବଶ୍ୟକତା ନିହିତ ହୋଇ ରହିଛି । ଆତ୍ମାର ଜୀବନଭୂମିଟି ଏଠି ଜଡ଼ର ମଧ୍ୟରେହିଁ ପ୍ରତିଷ୍ଠିତ ହୋଇ ରହିଛି; ତାହା ପରମ ଚିନ୍ମୟତାର ଶିଖରଯାଏ ଆରୋହଣ କରି ଯାଉଛି ସତ, ମାତ୍ର ସେଥିଲାଗି ତାକୁ ଭୂମିଟିକୁ କୌଣସି ପ୍ରକାରେ ବର୍ଜନ କରିବାକୁ ପଡୁ ନାହିଁ; ତାହା ସେହି ଉଚ୍ଚତା ଏବଂ ଗଭୀରତାଗୁଡ଼ିକୁ ଏକତ୍ର ଆଣି ସଂଯୁକ୍ତ କରିଦେଉଛି । ପରମ ଚିନ୍ମୟତା ଜଡ଼ର ଉପାଦାନଟି ମଧ୍ୟକୁ ଅବତରଣ କରି ଆସୁଛି, ଆପଣାର ସମସ୍ତ ଆଲୋକ, ମହିମା ତଥା ସାମର୍ଥ୍ୟ ସହିତ ତାହା ଏହି ଜଡ଼ର ପୃଥିବୀ ଉପରକୁ ଅବତୀର୍ଣ୍ଣ ହୋଇ ଆସୁଛି ଏବଂ ସେଗୁଡ଼ିକ ଦ୍ୱାରା ଜଡ଼ଜଗତସ୍ଥ ଜୀବନକୁ ପୂର୍ଣ୍ଣ କରିଦେଉଛି, ସେଥିରେ ଏକ ରୂପାନ୍ତର ଘଟାଉଛି, ଯେପରିକି ତାହା ଅଧିକରୁ ଅଧିକ ପରିମାଣରେ ଦିବ୍ୟ ହେବାରେ ଲାଗିଛି । ଏହି ରୂପାନ୍ତର କହିଲେ ଏପରି ଏକ ବସ୍ତୁକୁ ପରିବର୍ତ୍ତିତ ହୋଇଯିବାକୁ ମୋଟେ ବୁଝାଉ ନାହିଁ ଯାହାକି ସଂପୂର୍ଣ୍ଣ ଭାବରେ ସୂକ୍ଷ୍ମ ଓ ଆଧ୍ୟାତ୍ମିକ ହୋଇ ରହିଛି, ଯାହାଲାଗି କି ଜଡ଼ ସ୍ୱଭାବତଃ ଅନିଚ୍ଛୁକ ଓ ପ୍ରତିକୂଳ ହୋଇ ରହିଛି, ଯାହାଦ୍ୱାରା କି ତାହା ପ୍ରକୃତରେ ଏକ ବାଧାରୂପେ ଅନୁଭୂତ ହେଉଛି ବା ପରମ ଚିଦ୍‌ଗତତାକୁ ବାନ୍ଧି ପକାଇବାକୁ ଯାଉଥିବା ଗୋଟିଏ ବନ୍ଧନ ପରି ଅନୁଭୂତ ହେଉଛି; ତାହା ଜଡ଼କୁ ସେହି ଚିଦ୍‌ଗତତାରହିଁ ଏକ ମୂର୍ତ୍ତ ଆକାର ରୂପେ ଗ୍ରହଣ କରିନେଉଛି । ଅବଶ୍ୟ ଏକଥା ସତ ଯେ ସେହି ମୂର୍ତ୍ତ ଆକାରଟି ବର୍ତ୍ତମାନ ତାହାକୁ ଗୁପ୍ତ କରି ରଖିବାରେହିଁ ନିମିତ୍ତ ପରି କାର୍ଯ୍ୟ କରୁଛି । ଜଡ଼କୁ ଗ୍ରହଣ କରି ତାହା ତାକୁ ଏକ ଉନ୍ମୋଚନକାରୀ ସାଧନରୂପେ ବ୍ୟବହାର କରୁଛି; ଜଡ଼ର ଶକ୍ତିମତ୍ତାଗୁଡ଼ିକୁ ତାହା ଆଦୌ ପୋପାଡ଼ି ଦେଉ ନାହିଁ, ତାହାର ସାମର୍ଥ୍ୟ କିଂବା ପ୍ରଣାଳୀଗୁଡ଼ିକୁ ମୋଟେ ପୋପାଡ଼ି ଦେଉ ନାହିଁ; ସଂଗୁପ୍ତ ହୋଇ ରହିଥିବା ତାହାର ସମ୍ଭାବନାଗୁଡ଼ିକୁ ତାହା ବାହାରକୁ ବାହାର କରି ଆଣୁଛି, ସେଗୁଡ଼ିକୁ ଉତ୍ତୋଳିତ କରି ଆଣୁଛି, ଉଦାତ୍ତ କରୁଛି ଏବଂ*

'oaob.nitrkl.ac.in' images reprocessed

*ସେଗୁଡ଼ିକର ଅନ୍ତର୍ନିହିତ ଦିବ୍ୟତାଟିକୁ ଉଦ୍‌ଘାଟିତ କରିଦେଉଛି । ଦିବ୍ୟଭୂମିକୁ ଉତ୍ତୋଳିତ ହୋଇ ପାରିବା ଲାଗି ଯାହାମଧ୍ୟରେ ଏକ ସାମର୍ଥ୍ୟ ରହିଥିବ, ଦିବ୍ୟ ଜୀବନ ତାହାକୁ କଦାପି ବର୍ଜନ କରିବ ନାହିଁ; ତାହା ସବୁକିଛିକୁ ହାତକୁ ନେବ, ସବୁକିଛିରେ ଉତ୍ତୋଳନ ଘଟାଇବ, ସବୁକିଛିକୁ ସଂପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ କରି ଗଢ଼ିବ ।...*

*ପରିପୂର୍ଣ୍ଣତା ଅର୍ଜନ କରିବାର ଏହି ଅନୁଧାବନରେ ଆମେ ଆମ ସତ୍ତାପରିସରର ଦୁଇଟିରୁ ଯେକୌଣସି ଗୋଟିଏ ପ୍ରାନ୍ତରୁହିଁ ବେଶ୍ ଆରମ୍ଭ କରିପାରିବା, ଏବଂ ଆମେ ତା'ପରେ, ଅନ୍ତତଃ ସର୍ବପ୍ରଥମ ପର୍ଯ୍ୟାୟଟିରେ, ଆମ ନିର୍ବାଚନଟିର ଯଥାନୁରୂପ ମାଧ୍ୟମ ଏବଂ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟରେ ଆଣି ଲାଗାଇବା । ଯୋଗରେ ଏହି ପ୍ରକ୍ରିୟାଟି ଆଧ୍ୟାତ୍ମିକ ହେବ, ଏକ ଚୈତ୍ୟ ପ୍ରକ୍ରିୟାରୂପେ କାର୍ଯ୍ୟ କରିବ; ଏପରିକି ଏହାର ପ୍ରାଣିକ ଓ ଭୌତିକ ପ୍ରକ୍ରିୟାଗୁଡ଼ିକୁ ମଧ୍ୟ ଏକ ଆଧ୍ୟାତ୍ମିକ ଅଥବା ଚୈତ୍ୟ ମୋଡ଼ ଆଣି ଦେବାକୁ ପଡ଼ିବ; ଏବଂ, ସାଧାରଣ ଜୀବନ ଓ ଜଡ଼ର ସ୍ତରରେ ସେଗୁଡ଼ିକର ସଚରାଚର ଯେଉଁ ବେଗାତ୍ମକତା ରହିଛି, ସେଗୁଡ଼ିକୁ ତାହାଠାରୁ ଏକ ଅଧିକ ଉଚ୍ଚ ବେଗାତ୍ମକତାର ସ୍ତରକୁ ଉତ୍ତୋଳିତ କରି ନେବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ଯେଉଁ ଶ୍ୱାସପ୍ରକ୍ରିୟାକୁ ଅଥବା ଆସନକୁ ହଠଯୋଗରେ ତଥା ରାଜଯୋଗରେ ବ୍ୟବହାର କରା ଯାଇଥାଏ, ତାହାକୁ ଏକ ଅଧିକ ଉଚ୍ଚ ବେଗାତ୍ମକତାର ସ୍ତରକୁ ଉଠାଇ ନେବାକୁ ପଡ଼ିବ ।... ଅନ୍ୟ ପକ୍ଷରେ, ଯଦି ଯେକୌଣସି କ୍ଷେତ୍ରରେ ଆମେ ନିମ୍ନତର ପ୍ରାନ୍ତଟିରୁହିଁ ଯାତ୍ରା ଆରମ୍ଭ କରିବା, ତେବେ ପ୍ରାଣ ତଥା ଜଡ଼ ଯେଉଁ ସାଧନ ଓ ପ୍ରକ୍ରିୟାଗୁଡ଼ିକୁ ଆମକୁ ଆଣି ଦେଇଛନ୍ତି, ଆମକୁ ସେହି ସାଧନ ଏବଂ ପ୍ରକ୍ରିୟାଗୁଡ଼ିକୁହିଁ କାର୍ଯ୍ୟରେ ଲଗାଇବାକୁ ପଡ଼ିବ, ଏବଂ ପ୍ରାଣିକ ତଥା ଭୌତିକ ଶକ୍ତି ଆମ ଉପରେ ଯେଉଁ ପରିବେଶ ଏବଂ ପଦ୍ଧତିଟିକୁ ଆଣି ଲଦି ଦେଇଛନ୍ତି, ସେହି ପରିବେଶଗୁଡ଼ିକୁ ଓ ପଦ୍ଧତିକୁ ଉଚିତ ସମ୍ମାନ ଦେବାକୁହିଁ ପଡ଼ିବ । ହଁ, ଏକଥା ଅବଶ୍ୟ ସତ ଯେ ଆମେ ହୁଏତ କ୍ରିୟାଶୀଳତା, ପରିଣାମ ବା ପରିପୂର୍ଣ୍ଣତାଟିକୁ ପ୍ରାରମ୍ଭିକ ଅବସ୍ଥାଟିର ତୁଳନାରେ ଆହୁରି ଅଧିକ ସଂପ୍ରସାରିତ କରିଦେଇ ପାରିବା, ବା ଏପରିକି ସାଧାରଣ ସମ୍ଭାବନାଗୁଡ଼ିକର ପରିସରକୁ ମଧ୍ୟ ବଢ଼ାଇଦେଇ ପାରିବା; ମାତ୍ର ଆମକୁ ତଥାପି କେବଳ ସେହି ଭୂମିଟିରେହିଁ ଦଣ୍ଡାୟମାନ ରହିବାକୁ ପଡ଼ିବ; ଆମେ ଯେଉଁ ଭୂମିରୁ ଯାତ୍ରା ଆରମ୍ଭ କରିଥିଲୁ,*

'oaob.nitrkl.ac.in' images reprocessed

*ସେଇଟି ଉପରେହିଁ ରହିବାକୁ ପଡ଼ିବ ଏବଂ ତାହା ଆମକୁ ଯୋଗାଇ ଦେଉଥିବା ସୀମାଗୁଡ଼ିକ ମଧ୍ୟରେହିଁ ରହିବାକୁ ପଡ଼ିବ । ଏକଥା କହିବା ଅବଶ୍ୟ ଠିକ୍ ନୁହେଁ ଯେ ଦୁଇଟିଯାକ ପ୍ରାନ୍ତ କଦାପି ପରସ୍ପରକୁ ଭେଟି ପାରିବେ ନାହିଁ ଅଥବା ଉଚ୍ଚତର ପ୍ରାନ୍ତଟି ନିମ୍ନତର ପ୍ରାନ୍ତଟିକୁ ଆପଣା ମଧ୍ୟକୁ ନେଇ ତାହାକୁ ଆଦୌ ଉତ୍ତୋଳିତ କରି ପାରିବ ନାହିଁ । ମାତ୍ର, କେବଳ ନିମ୍ନତର ମନୋଦୃଷ୍ଟି, ନିମ୍ନତର ଅଭୀପ୍ସା ଏବଂ ନିମ୍ନତର ଅଭିପ୍ରାୟର ସ୍ତରରୁ ଉପରକୁ ଉଠି ଏକ ଉଚ୍ଚତର ମନୋଦୃଷ୍ଟି, ଉଚ୍ଚତର ଅଭୀପ୍ସା ଏବଂ ଉଚ୍ଚତର ଅଭିପ୍ରାୟର ସ୍ତରକୁ ଯାଇପାରିଲେ ଯାଇ ସେହି କଥାଟି ସାଧାରଣତଃ ସମ୍ଭବ ହୋଇ ପାରିବ । ଏହି ମନୁଷ୍ୟ ଜୀବନକୁ ଏକ ଦିବ୍ୟ ଜୀବନରେ ପରିଣତ କରିବାହିଁ ଯଦି ଆମର ଲକ୍ଷ୍ୟ ହୋଇ ରହିଥିବ, ତେବେଯାଇ ଆମେ ପ୍ରକୃତରେ ତାହା କରିପାରିବା । ମାତ୍ର ଏହି କ୍ଷେତ୍ରରେ ମନୁଷ୍ୟ-ଜୀବନର ଯାବତୀୟ କ୍ରିୟାଶୀଳତାକୁ ନେଇ ସେଗୁଡ଼ିକୁ ଚିନ୍ମୟ ଶକ୍ତି ଦ୍ୱାରା ଏକ ଉଦାତ୍ତ ଭାବମୟତା ଆଣିଦେବାର ଏକ ଆବଶ୍ୟକତା ଅବଶ୍ୟ ରହିଛି । ଏହି କ୍ଷେତ୍ରରେ ନିମ୍ନତର କ୍ଷେତ୍ରର ପରିପୂର୍ଣ୍ଣତାଟି ଆଦୌ ଅନ୍ତର୍ହିତ ହୋଇଯିବ ନାହିଁ; ଏହା ନିଶ୍ଚୟ ରହିବ, ମାତ୍ର ଉଚ୍ଚତର ପରିପୂର୍ଣ୍ଣତା ଦ୍ୱାରା ତାହା ପ୍ରସାରିତ ହୋଇଯିବ, ରୂପାନ୍ତରିତ ବି ହେବ । ଏବଂ ଚିନ୍ମୟତାର ଶକ୍ତିହିଁ ସେହି ପ୍ରସାରଣ ଓ ରୂପାନ୍ତରକୁ ସମ୍ଭବ କରିପାରିବ ।*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୫-୮

*ମାଆ, ଏଠାରେ ଶ୍ରୀଅରବିନ୍ଦ "ଉଚ୍ଚତର ପରିପୂର୍ଣ୍ଣତା" ଏବଂ "ନିମ୍ନତର ପରିପୂର୍ଣ୍ଣତା" କଥା କହିଛନ୍ତି ।*

ଉଚ୍ଚତର ପରିପୂର୍ଣ୍ଣତାଟି ହେଉଛି ଆଧ୍ୟାତ୍ମିକ ପରିପୂର୍ଣ୍ଣତା, ଆମେ ଏହାଦ୍ୱାରା ପରମ ଦିବ୍ୟସତ୍ତାଙ୍କ ସହିତ ଏକ ସମଗ୍ର ଏକତ୍ୱଲାଭକୁ ବୁଝିବା, ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବାକୁ ବୁଝିବା । ଏହାଦ୍ୱାରା ନିମ୍ନତର ପୃଥିବୀର ଯାବତୀୟ ସୀମାବନ୍ଧନରୁ ଆମକୁ ମୁକ୍ତି ମିଳିଯିବ । ତାହା ହେଉଛି ଆଧ୍ୟାତ୍ମିକ ପରିପୂର୍ଣ୍ଣତା, ଯୋଗ ଦ୍ୱାରାହିଁ ସେହି ପରିପୂର୍ଣ୍ଣତା ଉପଲବ୍ଧ ହୋଇଥାଏ,— ଦେହ ଏବଂ ଜଡ଼ଗତ ପୃଥିବୀ ସହିତ ଆଦୌ କୌଣସି ପ୍ରକାରେ ନିର୍ଭରଶୀଳ ନ ରହି ତାହା ଉପଲବ୍ଧ ହୁଏ । ପୂର୍ବ କାଳରେ ସେହି ପରିପୂର୍ଣ୍ଣତାର ଉପଲବ୍ଧି କରିବାକୁ ହେଲେ ଦେହ ଏବଂ ଭୌତିକ ଜୀବନକୁ ବର୍ଜନ କରିବାକୁ ହେବ ବୋଲି କୁହା

'oaob.nitrkl.ac.in' images reprocessed

ଯାଉଥିଲା । ଏକ ଉଚ୍ଚତର ପୃଥିବୀ ଏବଂ ସର୍ବଶେଷରେ ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ବନ୍ଧସ୍ଥାପନ କରିବା ଲାଗି ସେହି ବର୍ଜନକୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଉଥିଲା । ସେଇଟି ହେଉଛି ଉଚ୍ଚତର ପରିପୂର୍ଣ୍ଣତା ।

ଏବଂ ଯାହାକୁ ଆମେ ନିମ୍ନତର ପରିପୂର୍ଣ୍ଣତା ବୋଲି କହିବା, ତାହା ମନୁଷ୍ୟସତ୍ତାକୁ ତାହାର ଏହି ବର୍ତ୍ତମାନର ଆକାରରେ ଓ ତାହାର ଏହି ଶରୀର ମଧ୍ୟରେ, ପୃଥିବୀସ୍ଥ ଯାବତୀୟ ବସ୍ତୁ ସହିତ ତାହାର ସମ୍ବନ୍ଧର କ୍ଷେତ୍ରରେ ଯଥାସାଧ୍ୟ ଅଧିକ ସାଧ କରିପାରିବାକୁହିଁ ଏକ ସମର୍ଥତା ଆଣିଦେବା ଉଚିତ । ପ୍ରତିଭାସଂପନ୍ନ ସବୁ ମହାନ୍ ବ୍ୟକ୍ତି ଠିକ୍ ଏହାହିଁ କରନ୍ତି : କଳାତ୍ମକ ପ୍ରତିଭା, ସାହିତ୍ୟିକ ପ୍ରତିଭା, ସଂଗଠନ କ୍ଷେତ୍ରରେ ଆପଣାର ପ୍ରମାଣ ଦେଉଥିବା ପ୍ରତିଭା, ବଡ଼ବଡ଼ ଶାସକମାନେ, ଯେଉଁମାନେ ଆପଣାର ଭୌତିକ ସାମର୍ଥ୍ୟଗୁଡ଼ିକୁ ସେଗୁଡ଼ିକର ଯଥାସମ୍ଭବ ଅଧିକ ପରିପୂର୍ଣ୍ଣତା ଯାଏ ବିକଶିତ କରି ନେଇଥାନ୍ତି, ମାନବୀୟ ବିକାଶଟିକୁ ତାହାର ସର୍ବୋତ୍ତମ ସମ୍ଭାବନାଗୁଡ଼ିକର ସୀମାଯାଏ ନେଇ ପାରିଥାନ୍ତି, ସେମାନେ ତାହାହିଁ କରିଥାନ୍ତି । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତିମାନଙ୍କର ଆପଣାର ଶରୀର ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ ଏବଂ ଯେଉଁମାନେ ନାନା ଅସାଧାରଣ ଓ ଅଲୌକିକ କାର୍ଯ୍ୟ ସାଧନ କରିବାରେ ସଫଳତା ଲାଭ କରିଥାନ୍ତି, ଉଦାହରଣ ସ୍ୱରୂପ, ଯୁଦ୍ଧ ସମୟରେ ବାୟୁଯାନର ଚାଳକମାନଙ୍କ କ୍ଷେତ୍ରରେ ଆମେ ଯାହା ଦେଖିବାକୁ ପାଇଲୁ : ଆରମ୍ଭରେ ଯାହା ଅସାଧ୍ୟ ଏବଂ ଅସମ୍ଭବ ବୋଲି ଲାଗୁଥିଲା, ସେମାନେ ଆପଣାର ଶରୀର ଦେଇ ସେହିସବୁ କଥା କରିପାରିଲେ; ଆପଣାର ଶରୀର ଦ୍ୱାରା ସେମାନେ ଏପରି ଏକ ସହିଷ୍ଣୁତାଶକ୍ତି, କର୍ମକୁଶଳତା ଏବଂ ସାମର୍ଥ୍ୟର ନିଦର୍ଶନ ଦେଖାଇ ପାରିଲେ, ଯାହାକି ଆଗରୁ ପ୍ରାୟ ଅଭାବନୀୟ ହୋଇ ରହିଥିଲା । ଏବଂ, ପ୍ରତ୍ୟେକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଦୈହିକ ବଳ, ବୁଦ୍ଧିକ୍ଷେତ୍ରର ପାରଦର୍ଶିତା, ଶକ୍ତି ତଥା ସାହସର ଭୌତିକ ନାନା ଗୁଣ ଓ ନୈପୁଣ୍ୟ, ଅନାସକ୍ତତା, ସଜ୍ଜନତା ଓ ଉଦାରତା,– ପ୍ରତ୍ୟେକ କ୍ଷେତ୍ରରେ ମନୁଷ୍ୟର ଯାବତୀୟ ଗୁଣକୁ ସେଗୁଡ଼ିକର ସମ୍ଭାବ୍ୟ ସର୍ବାଧିକ ସୀମାକୁ ନେଇଯାଇ ପାରିବାର ନିଦର୍ଶନ ମିଳିଗଲା । ଏଇଟି ନିମ୍ନତର ପରିପୂର୍ଣ୍ଣତା ।

ଉଚ୍ଚତର ପରିପୂର୍ଣ୍ଣତା ହେଉଛି ଆଧ୍ୟାତ୍ମିକ ପରିପୂର୍ଣ୍ଣତା, ତାହା ଅତିମାନବୀୟ ପରିପୂର୍ଣ୍ଣତା । ନିମ୍ନତର ପରିପୂର୍ଣ୍ଣତା ହେଉଛି ମନୁଷ୍ୟସ୍ତରୀୟ ଶକ୍ତିକୁ ତାହାର ସର୍ବୋତ୍ତମ ସୀମାକୁ ଉନ୍ନୀତ କରିନେବାର ପରିପୂର୍ଣ୍ଣତା । ଏହି ପରିପୂର୍ଣ୍ଣତାର ଯାବତୀୟ ଆଧ୍ୟାତ୍ମିକ ଜୀବନ ବା ଆଧ୍ୟାତ୍ମିକ ଅଭୀପ୍ସା ସହିତ ଯେ ନିଶ୍ଚୟ ଏକ ସମ୍ବନ୍ଧ ରହିବ, ତାହାର ଆଦୌ କୌଣସି କାରଣ ନାହିଁ । ଆଦୌ କୌଣସି ଆଧ୍ୟାତ୍ମିକ ଅଭୀପ୍ସା ନ ଥାଇ ମଧ୍ୟ ଜଣେ ବ୍ୟକ୍ତି ଅସାଧାରଣ ପ୍ରତିଭାର ପରିଚୟ ନିଶ୍ଚୟ ଦେଇପାରିବ । ଆଦୌ କୌଣସି ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ଜୀବନ ବ୍ୟତୀତ ନ କରି ମଧ୍ୟ ଜଣେବ୍ୟକ୍ତି ଅତ୍ୟନ୍ତ ଅସାଧାରଣ ନାନା ନୈତିକ ଗୁଣ ଦ୍ୱାରା ସଂପନ୍ନ ହୋଇ ରହିପାରିବ । ଏବଂ ଏପରିକି, ସାଧାରଣତଃ ଏପରିହିଁ ଦେଖିବାକୁ ମିଳିଥାଏ ଯେ, ମାନବୀୟ ଉପଲବ୍ଧିର କ୍ଷେତ୍ରରେ ଯେଉଁମାନେ ଏକ ଅତ୍ୟନ୍ତ ପ୍ରଭୂତ ଶକ୍ତିର ଅଧିକାରୀ ହୋଇ ରହିଥାନ୍ତି, ସେମାନେ ଆପଣାର ସ୍ଥିତିଟି ବିଷୟରେ ଅଳ୍ପବହୁତ ବେଶ୍ ସନ୍ତୁଷ୍ଟ ବି ହୋଇ ରହିଥାନ୍ତି । ସେମାନେ ଆପଣାକୁ ସ୍ୱୟଂସଂପୂର୍ଣ୍ଣ ବୋଲି ଅନୁଭବ କରୁଥାନ୍ତି, ସେମାନଙ୍କର ଯାବତୀୟ ଉପଲବ୍ଧି ଓ ତଜ୍ଜନିତ ଆନନ୍ଦର ଉତ୍ସଟିକୁ ସେମାନେ ନିଜଭିତରେହିଁ ବହନ କରି ରହିଥିବାର ଅନୁଭବ କରୁଥାନ୍ତି । ଏବଂ, ସେମାନଙ୍କର ସୃଷ୍ଟି ଯାହା ହୋଇଥାଉ ନା କାହିଁକି, ସେମାନେ ନିଜେ ଯେ ଆଦୌ ସେଗୁଡ଼ିକର ସ୍ରଷ୍ଟା ନୁହନ୍ତି, ସେହି କଥାଟିକୁ ସେମାନଙ୍କର ହୃଦୟଙ୍ଗମ କରାଇବା ଓ ଅନୁଭୂତିକୁ ଆଣିପାରିବା ପ୍ରକୃତରେ ଭାରି କଷ୍ଟକର ହୋଇଥାଏ । କେବଳ ଅଳ୍ପସଂଖ୍ୟକ କେତେଜଣଙ୍କୁ ଛାଡ଼ିଦେଲେ, ଯଦି ସେମାନଙ୍କୁ ଆସି "ଆପଣ କରୁଥିବା ଏହି କାର୍ଯ୍ୟଟିର ସ୍ରଷ୍ଟା ପ୍ରକୃତରେ ଆପଣ ନୁହନ୍ତି, ଆପଣଙ୍କଠାରୁ ଉଚ୍ଚତର ଏକ ଶକ୍ତି ହେଉଛି ଏହାର ସ୍ରଷ୍ଟା ଏବଂ ଆପଣ ହେଉଛନ୍ତି କେବଳ ଗୋଟିଏ ନିମିତ୍ତ" ବୋଲି କେବେ କୁହାଯାଏ, ତେବେ ସେଭଳି ଏକ କଥା ସେମାନଙ୍କୁ ମୋଟେ ଭଲ ଲାଗିବ ନାହିଁ । ଏବଂ ସେକଥା ଶୁଣି ସେମାନେ ତୁମକୁ ତୁମର ବାଟେ ବାଟେ ଚାଲିଯିବାକୁହିଁ କହିବେ ! ତେଣୁ ସାଧାରଣ ଜୀବନରେ ଏହି ଦୁଇଟିଯାକ ଅଭିରୁଚି ପ୍ରକୃତରେ ଭାରି ଅଲଗା ଅଲଗା ହୋଇ ରହିଥାନ୍ତି । ପୁରାତନ ପରମ୍ପରାର ଯୋଗରେ କୁହାଯାଇଥିଲା ଯେ ଜୀବନପ୍ରତି ଏକ ବୈରାଗ୍ୟଭାବ ପୋଷଣ କରିବା ହେଉଛି ଯୋଗସାଧନା କରିବାର ସର୍ବପ୍ରଥମ ଆବଶ୍ୟକତା । ମାତ୍ର ଯେଉଁ ବ୍ୟକ୍ତିମାନେ ଏହି ନିମ୍ନତର ପରିପୂର୍ଣ୍ଣତା ଅର୍ଥାତ୍ ମାନବୀୟ ପରିପୂର୍ଣ୍ଣତାଟିକୁ ଉପଲବ୍ଧି କରିଛନ୍ତି, ସେମାନଙ୍କର ଜୀବନ ବିଷୟରେ କ୍ୱଚିତ୍ କୌଣସି ବୈରାଗ୍ୟ ଭାବ ରହିଥାଏ । ହଁ, ଯେତେବେଳେ ବ୍ୟକ୍ତିଗତ ଜୀବନରେ ସେମାନେ କୌଣସି ଅଡୁଆ ବା ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଅର୍ଥାତ୍ ସେମାନଙ୍କର ଚତୁର୍ଦ୍ଦିଗରେ ରହିଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରତି କୃତଘ୍ନତା ପ୍ରଦର୍ଶନ କରନ୍ତି ଅଥବା ସେମାନଙ୍କର ପ୍ରତିଭାକୁ କେହି ସମୁଚିତ ଭାବରେ ବୁଝନ୍ତି ନାହିଁ କିମ୍ବା ତାହାର ଯଥେଷ୍ଟ ସମାଦର ନ କରନ୍ତି, ସେତିକିବେଳେ ଯାହା ସେମାନଙ୍କର ଏକ ବୈରାଗ୍ୟଭାବ ଜାତ ହୋଇଥାଏ । ଏହିସବୁ ଘଟଣାହିଁ ସେମାନଙ୍କର ମନରେ ବିରକ୍ତି ଆଣି ଦେଇଥାଏ; ମାତ୍ର ତା' ନ ହେଲେ, ଯେପର୍ଯ୍ୟନ୍ତ ସେମାନେ ସଫଳତା ଓ ନୂତନ ଅର୍ଜନର ମଧ୍ୟ ଦେଇ ଗତି କରୁଥାନ୍ତି, ସେପର୍ଯ୍ୟନ୍ତ ସେମାନେ ସଂପୂର୍ଣ୍ଣ ସନ୍ତୁଷ୍ଟ ଥାଆନ୍ତି । ତେଣୁ, ସେମାନେ ସନ୍ତୁଷ୍ଟ ହୋଇ ରହିଥିବାରୁ,– ସର୍ବୋପରି ଆତ୍ମସନ୍ତୁଷ୍ଟ ଥିବାରୁ, ସେମାନଙ୍କ ଲାଗି ଆଉକିଛିର ଅନ୍ୱେଷଣ କରିବାର କୌଣସି ଆବଶ୍ୟକତା ନ ଥାଏ ।

'oaob.nitrkl.ac.in' images reprocessed

ମୂଳତଃ ଯେ ଏହିପରି ହେବା ଉଚିତ, ସେକଥା ଆଦୌ ନୁହେଁ, ମାତ୍ର ସାଧାରଣତଃ ସବୁକଥା ଏହିପରି ଭାବରେ ଘଟିଥାଏ । ଏବଂ, ଯଦି ଏହି ପ୍ରତିଭାସମ୍ପନ୍ନ ବ୍ୟକ୍ତିଜଣଙ୍କ ମଧ୍ୟରେ ପରିପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିବା ଏକ ଆତ୍ମା ରହି ନ ଥାଏ ଓ ତାହା ପୃଥିବୀ ଉପରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଲାଗି ଏଠାକୁ ଆସି ନ ଥାଏ, ତେବେ ଏପରି ବେଶ୍ ହୋଇପାରିବ ଯେ ସେହି ପ୍ରତିଭାସମ୍ପନ୍ନ ବ୍ୟକ୍ତି ଏହି ସଂସାରରେ ଜନ୍ମଗ୍ରହଣ କରିବେ, ଏହି ସଂସାରରେ ବଢ଼ି ହେବେ ଏବଂ, ଏହି ପାର୍ଥିବ ଜୀବନ ବ୍ୟତୀତ ଆଉ କୌଣସିଠାରେ କୌଣସି ଅନ୍ୟ ସମ୍ପଦ ରହିଛି ବୋଲି ଅନୁଭବ ନ କରି ମଧ୍ୟ ସିଏ ହୁଏତ ସଂସାରରୁ ବିଦାୟ ନେଇ ଯିବେ । ଏବଂ ସର୍ବୋପରି, ମୋ'ର ଏଠାରେ ସର୍ବୋଚ୍ଚ ଭାବରେ ଯାହା ଉପଲବ୍ଧି କରିବାର ଥିଲା, ମୁଁ ଏଠାରେ ତାହା ଉପଲବ୍ଧି ଯେ କରି ସାରିଛି, ଏହିପରି ଏକ ଅନୁଭୂତି ଆମକୁ ଏପରି ଗୋଟାଏ ପ୍ରକାର ସନ୍ତୋଷ ଆଣି ଦେଇଥାଏ, ଯାହାକି ଆମକୁ ଆଉକିଛିର ଅଭାବ ଅନୁଭବ କରିବାରୁହିଁ ନିବୃତ୍ତ କରି ରଖିଥାଏ... ଯଦି ସେମାନଙ୍କ ଭିତରେ ଏକ ଆତ୍ମା ରହିଥାଏ ଯାହାକି ପାର୍ଥିବ ଜଗତ ମଧ୍ୟରେ ଆପଣାର ଲକ୍ଷ୍ୟଟି ସମ୍ବନ୍ଧରେ ପୂର୍ଣ୍ଣସଚେତନ ହୋଇ ରହିଥାଏ, ତେବେ ଭିତରୁ ନିଶ୍ଚୟ ଏଭଳି ଏକ ଅସ୍ପଷ୍ଟ ଅନୁଭବ ମିଳୁଥାଏ ଯେ ଏହି ଯାବତୀୟ ସବୁକିଛି ହେଉଛି ଏକ ଚମତ୍କାର ଫମ୍ପା ଜିନିଷ, ଏହି ଯେତେଯାହା କୃତି, ତାହାସବୁ ହେଉଛି ଟିକିଏ ଅତିରିକ୍ତ ପରିମାଣରେ ବାହ୍ୟ, ଅତିରିକ୍ତ ପରିମାଣରେ ଉପରଠାଉରିଆ,– ଏବଂ ଏହି ଯାବତୀୟ ସବୁକିଛି ମଧ୍ୟରେ ତଥାପି କୌଣସି ଏକ କଥାର ଅଭାବ ରହିଛି । ମାତ୍ର ଯେଉଁମାନେ ଏହିପରି ଅନୁଭବ କରିବା ଲାଗି ଆଗରୁ ଅଭିପ୍ରେତ ହୋଇ ଆସିଥାନ୍ତି, କେବଳ ସେହିମାନଙ୍କ କ୍ଷେତ୍ରରେହିଁ ଏହିଭଳି ଅନୁଭୂତି ଆସିଥାଏ; ଏବଂ ଅସଲ କଥା ହେଉଛି ଯେ ସମୁଦାୟ ମନୁଷ୍ୟସମୂହଟି ମଧ୍ୟରେ ଏଭଳି ମନୁଷ୍ୟ ଆଦୌ ଖୁବ୍ ବେଶୀ ସଂଖ୍ୟାରେ ନ ଥାନ୍ତି ।

କେବଳ ଯେଉଁମାନେ ନିୟତିନିର୍ଦ୍ଦିଷ୍ଟ ହୋଇ ସଂସାରକୁ ଆସିଥାନ୍ତି, ସେହିମାନେହିଁ ଆପଣାର ଜୀବନରେ ଦୁଇଟିଯାକ ପରିପୂର୍ଣ୍ଣତାର ଏକ ସମ୍ମିଳନ ଘଟାଇ ପାରନ୍ତି ଏବଂ ସମଗ୍ର କରି କିଛି ଉପଲବ୍ଧି କରିବା ଲାଗି ସମର୍ଥ ହୁଅନ୍ତି ।... ଖୁବ୍ କ୍ୱଚିତ୍ ଏହା ଘଟିଥାଏ । ଆଧ୍ୟାତ୍ମିକ ଉପଲବ୍ଧିର କ୍ଷେତ୍ରରେ ଯେଉଁମାନେ ମହାନ୍ ଉତ୍କର୍ଷ ଅର୍ଜନ କରିଥାନ୍ତି, ସେମାନେ ପାର୍ଥିବ ଜଗତରେ କ୍ୱଚିତ୍ ସେହିପରି ମହାନତା ଓ ଉତ୍କର୍ଷର ଅଧିକାରୀ ହୋଇଥାନ୍ତି । ହଁ, ଏପରି ଘଟିଥାଏ ସତ, ମାତ୍ର ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ଯେଉଁମାନେ ପରମ ଦିବ୍ୟସତ୍ତାଙ୍କର ସଚେତନ ଅବତାର ହୋଇ ସଂସାରକୁ ଆସିଥାନ୍ତି, ସ୍ୱଭାବତଃ ସେହିମାନେହିଁ ଏହି ଦୁଇଟିଯାକ ସମ୍ଭାବନାକୁ ଆପଣା ମଧ୍ୟରେ ବହନ କରୁଥାନ୍ତି । ମାତ୍ର

'oaob.nitrkl.ac.in' images reprocessed

କେବଳ ବ୍ୟତିକ୍ରମ ଭାବରେହିଁ ତାହା ଘଟିଥାଏ । ଯେଉଁ ବ୍ୟକ୍ତିମାନେ ଏକ ଆଧ୍ୟାତ୍ମିକ ଜୀବନର ଅଧିକାରୀ ହୋଇଛନ୍ତି, ଯେଉଁମାନଙ୍କ ଜୀବନରେ କୌଣସି ଏକ ବୃହତ୍ ଆଧ୍ୟାତ୍ମିକ ଉପଲବ୍ଧି ସମ୍ଭବ ହୋଇଛି, ସେମାନଙ୍କ ଜୀବନର କେବଳ କେତେକ ବିଶେଷ ମୁହୂର୍ତ୍ତରେହିଁ ସେମାନେ ଏକ ବାହ୍ୟ ଉପଲବ୍ଧି ନିମିତ୍ତ ବି ସମର୍ଥତା ହାସଲ କରି ପାରିଛନ୍ତି । ଏହି କଥାଟି ମଧ୍ୟ କେବଳ ଏକ ବ୍ୟତିକ୍ରମ ରୂପେ ଘଟିଛି, ମାତ୍ର ସେକଥା ସେମାନଙ୍କ ଜୀବନରେ କେବଳ ସମୟ ସମୟରେ ଘଟିଛି; ଏବଂ, ଯେଉଁମାନେ ପାର୍ଥିବ ଉପଲବ୍ଧି ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖିଛନ୍ତି, ସେମାନଙ୍କ ତୁଳନାରେ ଏମାନଙ୍କର ଉପଲବ୍ଧି ଆଦୌ ସେତେଦୂର ସମଗ୍ର, ସଂପୂର୍ଣ୍ଣ ଏବଂ ପରିପୂର୍ଣ୍ଣତାଯୁକ୍ତ ହୋଇ ପାରି ନାହିଁ । ଏବଂ, ଏହି କାରଣରୁହିଁ, ଯେଉଁମାନେ କେବଳ ବାହ୍ୟ ଚେତନାଟି ମଧ୍ୟରେ ବାସ କରୁଥାନ୍ତି, ଯେଉଁମାନେ ଅସ୍ତିତ୍ୱ କହିଲେ କେବଳ ଏହି ପାର୍ଥିବ ଭୌତିକ ଜୀବନଟିକୁହିଁ ବୁଝୁଥାନ୍ତି, ସେହି ଜୀବନଟିକୁହିଁ ଏକମାତ୍ର ମୂର୍ତ୍ତ ଏବଂ ଆସ୍ୱାଦ୍ୟ ବୋଲି ଅନୁଭବ କରୁଥାନ୍ତି, ସେମାନେ ଆଧ୍ୟାତ୍ମିକ ଜୀବନକୁ ସର୍ବଦା ଏକ ଅସ୍ପଷ୍ଟ ଏବଂ ପାର୍ଥିବ ଦୃଷ୍ଟିରୁ ବିଚାର କରି ଦେଖିଲେ ସତେଅବା ଏକ ମଧ୍ୟମ ଧରଣର ଜୀବନ ବୋଲି ମନେ କରୁଥାନ୍ତି ।

ମୁଁ ଅନେକ ମଣିଷଙ୍କୁ ଭେଟିଛି,– "ଅନେକ", ହଁ, ବେଶ୍ ଅନେକ ସଂଖ୍ୟାର ମଣିଷଙ୍କୁ ଭେଟିଛି, ଯେଉଁମାନେ ଏକଥା ପ୍ରମାଣ କରି ଦେଖାଇ ଦେବାକୁ ଇଚ୍ଛା କରୁଥିଲେ ଯେ ଆଧ୍ୟାତ୍ମିକ ଶକ୍ତି ହାସଲ କରିବା ଦ୍ୱାରା ବାହ୍ୟ ଉପଲବ୍ଧି ଲାଗି ମଧ୍ୟ ପ୍ରଭୂତ ସାମର୍ଥ୍ୟ ହାସଲ ହୋଇଥାଏ । ଏବଂ ସେମାନେ, ନିର୍ଦ୍ଦିଷ୍ଟ ବିଶେଷ ଅଧ୍ୟାତ୍ମସ୍ଥିତି ଅର୍ଥାତ୍ ଆଧ୍ୟାତ୍ମିକ ଅବସ୍ଥାରେ ରହିଥିବା ସମୟରେ ଚିତ୍ର ଆଙ୍କିବାକୁ, କବିତା ଲେଖିବାକୁ ଅଥବା ସଂଗୀତ ରଚନା କରିବାକୁ ବି ଚେଷ୍ଟା କରିଛନ୍ତି । ହଁ, ମାତ୍ର ଏପରି ଭାବରେ ସେମାନେ ଯାହାକିଛି ସୃଷ୍ଟି କରିଛନ୍ତି, ତାହା ପ୍ରାୟ ଗୋଟାସୁଦ୍ଧା ମଧ୍ୟମ ସ୍ତରରହିଁ ହୋଇ ରହିଛି ଏବଂ ପାର୍ଥିବ ପ୍ରକୃତିର କ୍ଷେତ୍ରରେ ପୂର୍ଣ୍ଣ କୁଶଳତା ହାସଲ କରିଥିବା ମହାନ୍ ପ୍ରତିଭାମାନଙ୍କର କୃତିଗୁଡ଼ିକ ସହିତ ଏମାନଙ୍କ କୃତିର ଆଦୌ କୌଣସି ତୁଳନା କରାଯାଇ ପାରିବ ନାହିଁ । ଏବଂ ଭାରି ସ୍ୱାଭାବିକ ଭାବରେ ବସ୍ତୁବାଦୀ ପକ୍ଷଟିକୁ ଏପରି ମନ୍ତବ୍ୟ କରିବା ଲାଗି ବେଶ୍ ଗୋଟିଏ ଅବସର ମିଳିଯାଇଛି : "ଦେଖିଲ ତ, ତୁମେ ହାସଲ କରିଥିବା ତଥାକଥିତ ଶକ୍ତି ଦ୍ୱାରା ଆଦୌ କିଛିହେଲେ ସମ୍ଭବ ହୋଇ ପାରିବ ନାହିଁ ।" ମାତ୍ର ଏପରି ହେଲା, କାରଣ ସେମାନଙ୍କର ବାହ୍ୟ ଜୀବନରେ ସେମାନେ କେବଳ ଜଣେ ଜଣେ ସାଧାରଣ ମଣିଷ ହୋଇ ରହିଥିଲେ; କାରଣ ଯଦି ବୃହତ୍ତମ ଆଧ୍ୟାତ୍ମିକ ଶକ୍ତିଶାଳିତା ପ୍ରଶିକ୍ଷିତ ନ ହୋଇଥିବା ଏକ ଉପାଦାନ ମଧ୍ୟରେ ପ୍ରବେଶ କରିପାରେ, ତେବେ, ଆପଣାର ସାଧାରଣ ଅବସ୍ଥାରେ ରହି ସେହି ବ୍ୟକ୍ତି ଯାହା ହାସଲ କରି ପାରିଥାନ୍ତା, ତଦ୍ଦ୍ୱାରା ସେ ତାହାଠାରୁ ଅନେକ

'oaob.nitrkl.ac.in' images reprocessed

ଉଚ୍ଚତର ସ୍ତରର ଫଳ ହାସଲ କରିପାରିବ ସତ, ମାତ୍ର ବସ୍ତୁର ସ୍ତରରେ ପୂର୍ଣ୍ଣ କୁଶଳତା ହାସଲ କରିଥିବା ଏକ ପ୍ରତିଭା ତୁଳନାରେ ତାହାର କୃତିକୁ କେବଳ ଏକ ନିକୃଷ୍ଟ କୃତି ବୋଲିହିଁ କୁହାଯିବ । "ଆତ୍ମା ବଜାଇ ପାରିଲେ"ହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ ଯେଉଁ ଯନ୍ତ୍ରଟି ମଧ୍ୟ ଦେଇ ତାହା ବାଜିବା କଥା, ସେଇଟି ମଧ୍ୟ ଅଭିବ୍ୟକ୍ତ କରିବା ଲାଗି ସାମର୍ଥ୍ୟ ରଖିଥିବା ଉଚିତ ।

ମୁଁ ଭାବୁଛି, ଶ୍ରୀଅରବିନ୍ଦ ଏହି କଥାଟିକୁ ବୁଝାଇ କହିବାକୁ ଯାଉଛନ୍ତି : ଆମର ଦୈହିକ ବାହ୍ୟ ସତ୍ତାଟିକୁ କାହିଁକି ତା'ର ପୂର୍ଣ୍ଣ ବିକାଶ ଲାଗି ପରିସର ଯୋଗାଇ ଦେବା ଦରକାର, ଜଡ଼ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ-ଶକ୍ତି ହାସଲ କରିବା ଲାଗି କାହିଁକି ତାକୁ ପୂର୍ଣ୍ଣ ସାମର୍ଥ୍ୟ ଯୋଗାଇ ଦେବା ଦରକାର, ସିଏ ସେହିକଥା ବୁଝାଇ ଦେବାକୁ ଯାଉଛନ୍ତି । ତୁମେ ଆଗ ଏହି ସାମର୍ଥ୍ୟଟିକୁ ହାସଲ କରିବ, ଏବଂ ତା'ପରେ ପରମ ଆତ୍ମାଟି ପାଖରେ ତାହାକୁ ପ୍ରକାଶ କରି ପାରିବାଭଳି ଗୋଟିଏ ନିମିତ୍ତ ନେଇ ଯୋଗାଇଦେବ; ତା' ନ ହେଲେ ... ହଁ, ମୁଁ ଏପରି ଏକାଧିକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଆପଣାର ସାଧାରଣ ଜୀବନରେ ତିନିଟା ଧାଡ଼ି ବି ଶୁଦ୍ଧ କରି ଲେଖିପାରୁ ନ ଥିଲେ, କେବଳ ବନାନ୍‌ରେ ଯେ ଭୁଲ କରୁଥିଲେ ତା' ନୁହେଁ, ମାତ୍ର ଭାଷାରେ ବି ଭୁଲ କରୁଥିଲେ, ଅର୍ଥାତ୍ କୌଣସି ଏକ ଭାବନାକୁ ସେମାନେ ଆଦୌ ସ୍ପଷ୍ଟ ଭାବରେ ଉଚ୍ଚାରଣ କରିପାରୁ ନ ଥିଲେ,– ହଁ, ସେହି ଲୋକମାନେହିଁ ଆଧ୍ୟାତ୍ମିକ ଭାବରେ ଅନୁପ୍ରେରିତ ହୋଇଥିବାର ମୂହୂର୍ତ୍ତଗୁଡ଼ିକରେହିଁ କେଡ଼େ ସୁନ୍ଦର କଥାମାନ ଲେଖି ପାରୁଥିଲେ । ତଥାପି, ଏହିସବୁ ସୁନ୍ଦର ଲେଖାଗୁଡ଼ିକୁ ବୃହତ୍ତମ ପ୍ରକୃତ ଲେଖକମାନଙ୍କର ଲେଖା ସହିତ ଆଦୌ ତୁଳନା କରାଯାଇ ପାରିବ ନାହିଁ । ସେମାନେ ସେମାନଙ୍କର ସାଧାରଣ ଅବସ୍ଥାରେ ଯାହା ସମ୍ଭବ କରି ପାରିଥାନ୍ତେ, ତାହା ତୁଳନାରେହିଁ ଏଗୁଡ଼ିକ ନିଶ୍ଚୟ ଭାରି ଚମତ୍କାର ବୋଲି ମନେ ହେଉଥିଲା । ଏକଥାରେ କୌଣସି ସନ୍ଦେହ ନାହିଁ ଯେ ସେମାନଙ୍କର ବର୍ତ୍ତମାନ ସମ୍ଭାବନାମାନ ସର୍ବାଧିକ ପରିମାଣରେ ଆସି କାର୍ଯ୍ୟରେ ଲାଗୁଥିଲା ଏବଂ ସେଇଥିଲାଗି ସେଥିରେ ଯେଉଁସବୁ ମୂଲ୍ୟ ସମ୍ଭବ ହେଉଥିଲା, ତାହା ଅନ୍ୟ ଅବସ୍ଥାରେ ମୋଟେ ସମ୍ଭବ ହେଉ ନ ଥାନ୍ତା । ମାତ୍ର ଯଦି ତୁମେ ଜଣେ ପ୍ରକୃତରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କର କଥାକୁ ବିଚାର କରି ଦେଖିବ,– ଜଣେ ପ୍ରତିଭାସମ୍ପନ୍ନ ସଙ୍ଗୀତକାର, କଳାକାର ଅଥବା ଲେଖକ,– ଏପରି ଜଣେ ପ୍ରତିଭାଶୀଳ ବ୍ୟକ୍ତିଙ୍କ କଥା ବିଚାର କରିବ ଯିଏକି ତାଙ୍କର ଯନ୍ତ୍ରଟି ଉପରେ ପୂର୍ଣ୍ଣ ନିୟନ୍ତ୍ରଣଶକ୍ତି ହାସଲ କରିପାରିଛନ୍ତି, ମନୁଷ୍ୟସମ୍ଭାବନାର ସର୍ବୋତ୍ତମ ଅଭିବ୍ୟକ୍ତି ଆଣି ଦେଉଥିବା ନାନା କୃତିକୁ ଯିଏ ନିଜର ଯନ୍ତ୍ରଟି ସାହାଯ୍ୟରେ ସମ୍ଭବ କରି ପାରୁଛନ୍ତି, ଯଦି ତାଙ୍କର ସେହି ନୈପୁଣ୍ୟ ସହିତ ତୁମେ ଏକ ଆଧ୍ୟାତ୍ମିକ ଚେତନାକୁ ଆଣି ମିଶାଇ

'oaob.nitrkl.ac.in' images reprocessed

ପାରିବ, ଅତିମାନସ ଶକ୍ତିକୁ ଆଣି ଜୁଟାଇଦେଇ ପାରିବ, ତେବେ ତଦ୍ୱାରା ଯଥାର୍ଥରେ ଦିବ୍ୟ ବୋଲି କୁହାଯାଇ ପାରୁଥିବା ଏକ ସମ୍ପନ୍ନତାର ସୃଷ୍ଟି ହୋଇପାରିବ ।

ଏବଂ ଆମେ ପ୍ରକୃତରେ ଯେଉଁ ପ୍ରୟାସଟିକୁ କରିବା ବୋଲି ଶ୍ରୀଅରବିନ୍ଦ ଇଚ୍ଛା କରିଥିଲେ, ଏହାହିଁ ହେଉଛି ସେହି ପ୍ରୟାସର ଅସଲ ଚାବିକାଠି ।

ଏବଂ, ଯଦି ତୁମେ ତୁମ ଶରୀର ମଧ୍ୟରେ ରହିଥିବା ଯାବତୀୟ ସମ୍ଭାବନାକୁ କାମରେ ଲଗାଇ ପାରିବ, ଯଦି ତୁମେ ସ୍ୱାଭାବିକ, ସୁବିଦିତ ଏବଂ ବୈଜ୍ଞାନିକ ପ୍ରଣାଳୀଗୁଡ଼ିକୁ ଗ୍ରହଣ କରି ତାହାକୁ ଯଥାର୍ଥ ଭାବରେ ପ୍ରଶିକ୍ଷିତ କରିପାରିବ, ଏହି ନିମିତ୍ତଟିକୁ ଯଦି ତୁମେ ଯଥାସମ୍ଭବ ଅଧିକ ପରିମାଣରେ ଏକ ପରିପୂର୍ଣ୍ଣ ବସ୍ତୁରୂପେ ତିଆରି କରିଆଣି ପାରିବ, ତେବେ, ଯେତେବେଳେ ସେହି ଶରୀରରେ ଅତିମାନସ ସତ୍ୟର ପ୍ରକାଶ ଘଟିବ, ସେତେବେଳେ, ବହୁ ଶତାବ୍ଦୀ ଲାଗୁଥିବା ଆବଶ୍ୟକ ସେହି ପ୍ରସ୍ତୁତି ନ ଥିଲେ ମଧ୍ୟ ତୁମର ଶରୀର ସଙ୍ଗେସଙ୍ଗେ ଆତ୍ମାର ଅଭିବ୍ୟକ୍ତି ସକାଶେ ଏକ ଚମତ୍କାର ଯନ୍ତ୍ରରୂପେ ଆପଣାକୁ ବ୍ୟବହାର କରିବାକୁ ସମର୍ଥ ହୋଇଯିବ ।

ସେଇଥିଲାଗିହିଁ ଶ୍ରୀଅରବିନ୍ଦ ବାରବାର ସେହିକଥା କହୁଥିଲେ ଓ ସର୍ବଦା ସେହି କଥା କହି ଆସିଛନ୍ତି : ତୁମକୁ ଉଭୟ ପ୍ରାନ୍ତରୁହିଁ କାର୍ଯ୍ୟ କରିବାକୁ ହେବ, ଗୋଟାକ ପାଇଁ ଆରଟିକୁ ଅବହେଳା କଲେ ମୋଟେ କାର୍ଯ୍ୟ ଚଳିବ ନାହିଁ । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ଏକ ଦିବ୍ୟ ଚେତନାର ଅଧିକାରୀ ହେବାଲାଗି ଇଚ୍ଛା କରୁଥାଅ, ତେବେ ତୁମକୁ ଆଧ୍ୟାତ୍ମିକ ଅଭୀପ୍ସାଟିକୁ କଦାପି ଛାଡ଼ିବାକୁ ହେବ ନାହିଁ; ମାତ୍ର ପୃଥିବୀ ଉପରେ ଯଦି ତୁମେ ଏକ ସମଗ୍ର ଅଧ୍ୟାତ୍ମ ସତ୍ତା ହେବା ଲାଗି ଇଚ୍ଛା କରୁଥାଅ, ତେବେ ଅନ୍ୟଟି ଯେପରି କୌଣସି ପ୍ରକାରେ ଅବହେଳିତ ହୋଇ ନ ରହେ, ତୁମକୁ ସେଥିଲାଗି ସର୍ବଦା ଯତ୍ନବାନ୍ ରହିବାକୁ ପଡ଼ିବ ଏବଂ ଆପଣାର ଶରୀରକୁ ସର୍ବୋତ୍ତମ ନିମିତ୍ତରୂପେ ଗଢ଼ି ଆଣିବାକୁ ପଡ଼ିବ ।

ସାଧାରଣ ମନୁଷ୍ୟ ବୁଦ୍ଧିର ଏହାକୁ ଗୋଟିଏ ରୋଗ ବୋଲି କୁହାଯିବ ଯେ,– ଏବଂ ଏହି ରୋଗ ବିଚ୍ଛିନ୍ନତା ଓ ବିଭାଜନରୁହିଁ ଆସି ଗ୍ରାସ କରିଥାଏ,– ତାହା କୌଣସି ବସ୍ତୁର କ୍ଷେତ୍ରରେ ହୁଏତ ଏଇଟା କିମ୍ବା ସେଇଟା ବୋଲି ବିଚାର କରୁଥାଏ । ଯଦି ତୁମେ ଏଇଟାକୁ ବାଛ, ତେବେ ସେଇଟାକୁ ଛାଡ଼ିଆସ; ଯଦି ସେଇଟାକୁ ବାଛ, ତେବେ ଏଇଟାକୁ ବାଦ୍ ଦେବ ବୋଲି ବିଚାର କରୁଥାଅ ।

ଏହାକୁ ଏକ ଦାରିଦ୍ର୍ୟ ବୋଲି କହିବାକୁ ହେବ । କିପରି ପ୍ରତ୍ୟେକ ବିଷୟକୁ ଗ୍ରହଣ କରାଯାଇ ପାରେ, ପ୍ରତ୍ୟେକ ବସ୍ତୁକୁ ଏକତ୍ର ସମ୍ମିଳିତ କରି ରଖା ଯାଇପାରେ, ପ୍ରତ୍ୟେକଟି ମଧ୍ୟରେ ସମନ୍ୱୟ ସ୍ଥାପନ କରା ଯାଇପାରେ, ଆମକୁ ସେହି କଥାଟିକୁ

'oaob.nitrkl.ac.in' images reprocessed

ଅବଶ୍ୟ ଶିଖିବାକୁ ପଡ଼ିବ । ଏବଂ ସେତିକିବେଳେ ଯାଇ ଆମର ଉପଲବ୍ଧି ଏକ ସମଗ୍ର ଉପଲବ୍ଧିରେ ପରିଣତ ହୋଇପାରିଲା ବୋଲି କୁହାଯିବ ।

(*ପିଲାମାନଙ୍କୁ ଉଦ୍ଦେଶ୍ୟ କରି*) ତୁମମାନଙ୍କର ଆଉ କିଛି କହିବାକୁ ଅଛି କି ?

କହିବା ଅପେକ୍ଷା କାର୍ଯ୍ୟରେ କରିବା ହେଉଛି ଅଧିକ ଭଲ । ବର୍ତ୍ତମାନ ମୁଁ ତୁମକୁ ସେଥିଲାଗି ନିଶ୍ଚୟ କିଛି ଉତ୍ସାହ ଦେଇପାରିଛି ।

'oaob.nitrkl.ac.in' images reprocessed

## ୧ ମଇ ୧୯୫୭

''ଆଶ୍ରମଜୀବନ ଭିତରେ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମ ଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଥିବା ବିଷୟରେ ବିଚାର କଲେ ଏକଥା ସ୍ପଷ୍ଟ ଭାବରେ ବୁଝିହେବ ଯେ ଏହି କ୍ଷେତ୍ରରେ ଅନୁସୃତ ଯାବତୀୟ ପଦ୍ଧତି ଏବଂ ଆମ ସମ୍ମୁଖରେ ରହିଥିବା ଯାବତୀୟ ପ୍ରଥମଲକ୍ଷ୍ୟ ନିଶ୍ଚୟ ଆମେ ଯାହାକୁ ଆମ ସତ୍ତାର ନିମ୍ନତର ପ୍ରାନ୍ତ ବୋଲି କହିଛୁ, ତାହାରି ଅନ୍ତର୍ଗତ ହୋଇ ରହିବ । ଆଶ୍ରମ-ବିଦ୍ୟାଳୟର ପିଲାମାନଙ୍କର ଶାରୀରିକ ଶିକ୍ଷା ଏବଂ ଶରୀର-ବିକାଶ ଲାଗିହିଁ ଏଠାରେ କ୍ରୀଡ଼ା ଓ ବ୍ୟାୟାମର ପ୍ରବର୍ତ୍ତନ କରାଯାଇଛି, ଏବଂ ସେମାନଙ୍କର ନାନା କାର୍ଯ୍ୟଭିତରେ ଯେ ଖାସ୍ କୌଣସି ଆଧ୍ୟାତ୍ମିକ ଲକ୍ଷ୍ୟ ଅଥବା ସାଧନାକୁ ଆଣି ଭର୍ତ୍ତି କରାଯାଇ ପାରିବ, ଏହି ପିଲାମାନଙ୍କର ସେହି ବୟସ ବର୍ତ୍ତମାନ ହୋଇ ନାହିଁ।... ତଥାପି ମାନବୀୟ ଜୀବନର ସୀମା ଭିତରେ ମଧ୍ୟ ଯେତିକି ହାସଲ କରାଯାଇ ପାରିବ, ତାହା ମଧ୍ୟ ଆଦୌ କମ୍ ନୁହେଁ, ଏବଂ ବେଳେବେଳେ ଏହି ଲାଭ ଏକ ବିପୁଳ ଲାଭରେ ବି ପରିଣତ ହୋଇ ପାରିବ : ଆମେ ପ୍ରତିଭା ବୋଲି ଯାହା କହିଥାଉ, ତାହା ମନୁଷ୍ୟ-ସତ୍ତା ଏବଂ ତା'ର ଯାବତୀୟ କୃତିଗୁଡ଼ିକର ସୀମା ମଧ୍ୟରେ ଉପଲବ୍ଧ ବିକାଶର ଅଂଶକୁହିଁ ବୁଝାଇଥାଏ; ବିଶେଷତଃ ମନ ଏବଂ ଇଚ୍ଛାଶକ୍ତିର କ୍ଷେତ୍ରରେ ସମ୍ଭବ ହୋଇ ପାରୁଥିବା ବିକାଶକୁ ବୁଝାଉଥାଏ ଏବଂ ସେଗୁଡ଼ିକ ଦିବ୍ୟତାର ଉପଲବ୍ଧି ଦିଗରେ ଆମକୁ ନିଶ୍ଚୟ ବେଶ୍ କେତେଦୂର ଅଗ୍ରସର କରାଇ ନେଇପାରେ । ଏପରିକି ଶରୀର ଏବଂ ଶାରୀରିକ ଜୀବନର କ୍ଷେତ୍ରରେ ଶରୀରକୁ କାମରେ ଲଗାଇ ମନ ଓ ଇଚ୍ଛାଶକ୍ତି ଦ୍ୱାରା ଯାହା ସମ୍ଭବ ହୋଇ ପାରିବ, ଶାରୀରିକ କୃତିର କ୍ଷେତ୍ରରେ ଯାହାକିଛି ସମ୍ଭବ ହେବ,– ଏହି ପ୍ରସଙ୍ଗରେ ଆମେ ଶାରୀରିକ ସହନଶକ୍ତି ଓ ଯାବତୀୟ ପ୍ରକାରର ପରାକ୍ରମ ଓ ବୀରତା ପ୍ରଦର୍ଶନର ଉଲ୍ଲେଖ କରିପାରିବା, କୌଣସି ପ୍ରକାରେ କ୍ଲାନ୍ତି ବା ଅବସନ୍ନତା ଅନୁଭବ ନ କରି ଅନବଚ୍ଛିନ୍ନ କାର୍ଯ୍ୟ କରିଯିବାର ଶକ୍ତିର ଉଲ୍ଲେଖ କରି ପାରିବା; ପ୍ରଥମ ପର୍ଯ୍ୟାୟରେ ଯେତିକି ସମ୍ଭବ ବୋଲି ମନେ ହେଉଥିଲା, ତାହାଠାରୁ ଅନେକ ଅଧିକ ସମ୍ଭବ କରିବାର ସାମର୍ଥ୍ୟକୁ ଅନ୍ତର୍ଗତ କରିପାରିବା,– ଆମେ ଏହାଦ୍ୱାରା ସାହସକୁ ବୁଝିବା, ଆଦୌ କୌଣସି

'oaob.nitrkl.ac.in' images reprocessed

ସୀମା ନ ଥିବା ପ୍ରାୟ ପ୍ରାଣଘାତକ ଏକ ଦୈହିକ କଷ୍ଟସହନ ସମ୍ମୁଖରେ ତଥାପି ପରାଜୟ ସ୍ୱୀକାର ନ କରିବାକୁ ବି ବୁଝିବା । ମନୁଷ୍ୟର ଜୀବନକ୍ଷେତ୍ରରେ ଏହିଭଳି ନାନା ପ୍ରକାରର ଦକ୍ଷତା ଦେଖିବାକୁ ମିଳିଥାଏ ଏବଂ ପ୍ରାୟ ଅଲୌକିକ ବୋଲି ବୋଧ ହେଉଥାଏ । ଏବଂ, ଏକ ସମଗ୍ର ପରିପୂର୍ଣ୍ଣତା କହିଲେ ଆମର ଯେଉଁ କଳ୍ପନା ରହିଛି, ଆମେ ଏଗୁଡ଼ିକୁ ମଧ୍ୟ ସେହି ପରିପୂର୍ଣ୍ଣତାର ଏକ ଅଂଶ ବୋଲି ଜାଣିରଖିବା ।...

"ଏହି ଶରୀର ପରମ ଅଚେତନର ଏକ ସୃଜନ ବୋଲି ଆମେ ଆଗରୁ କହିଛୁ; ଏହି ଶରୀର ସ୍ୱୟଂ ଅଚେତନ ହୋଇ ରହିଥାଏ, ଅନ୍ତତଃ ଆପଣାର କେତେକ ଅଂଶରେ ତଥା ଆପଣାର ପ୍ରଚ୍ଛନ୍ନ କ୍ରିୟାତ୍ମକତାର ଅଧିକତର ଅଂଶରେ ତାହା ଅବଚେତନ ହୋଇ ରହିଥାଏ; ମାତ୍ର ଯାହାକୁ ଆମେ ପରମ ଅଚେତନ ବୋଲି କହୁ, ତାହା କେବଳ ବାହାରକୁହିଁ ସେପରି ଦେଖା ଯାଉଥାଏ, ତାହା ଏକ ପ୍ରଚ୍ଛନ୍ନ ପରମଚେତନା ବା ଅତିଚେତନାର ନିବାସ ହୋଇ ରହିଥାଏ । ଏହି ବିଶ୍ୱରୂପୀ ଅଦ୍ଭୁତ ସୃଜନକୁ ସମ୍ଭବ କରିଥିବା ସେହି ପରମ ଚେତନସତ୍ତାର ଏକ ନିମିତ୍ତ ହୋଇ ରହିଥାଏ । ଜଡ଼ ହେଉଛି ସେହି ପରମ ଅଚେତନର ଭୂମି, ତାହାରି ସୃଜନ । ଅଚେତନ ଜଡ଼ର ଯାବତୀୟ କ୍ରିୟାଶୀଳତା ଆପଣାକୁ ଜଡ଼ ମଧ୍ୟରେହିଁ ପରିପୂର୍ଣ୍ଣତାର ବ୍ୟଞ୍ଜନା ଦେଇ ରଖିଛି, ଏକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଲାଗି ସାଧନର କ୍ଷେତ୍ରରେ ସେହି କ୍ରିୟାଶୀଳତାଗୁଡ଼ିକ ଆପଣାକୁ ଜଡ଼ରୂପେହିଁ ପରିପୂର୍ଣ୍ଣ ଭାବରେ ଅନୁକୂଳିତ କରି ରଖିଛନ୍ତି । ସେଗୁଡ଼ିକ ଯେଉଁ ଅଲୌକିକ ସାଧନମାନ କରୁଛନ୍ତି, ଯେଉଁ ଅଦ୍ଭୁତ ସୌନ୍ଦର୍ଯ୍ୟର ସୃଷ୍ଟି କରି ପାରୁଛନ୍ତି, ତାହା ଆମ ବିରୋଧର ଯାବତୀୟ ଅଜ୍ଞାନ ପ୍ରେରିତ ଅବିଶ୍ୱାସ ସତ୍ତ୍ୱେ ଜଡ଼ଜଗତର ଯାବତୀୟ ଅଂଶ ଏବଂ ଗତିଶୀଳତା ମଧ୍ୟରେ ବିଦ୍ୟମାନ ରହିଥିବା ଏହି ପରମ ଅତିଚେତନର ଚିଦ୍‌ଶକ୍ତିକୁହିଁ ସୂଚାଇ ଦେବାରେ ଲାଗିଛି । ସେହି ଚେତନା ଶରୀର ମଧ୍ୟରେ ରହିଛି, ସେହି ଚେତନାହିଁ ଶରୀରକୁ ସୃଷ୍ଟି କରିଛି ଏବଂ ଆମର ଚେତନା ମଧ୍ୟରେ ଏହାର ଆବିର୍ଭୂତ ହେବାହିଁ ବିବର୍ତ୍ତନର ସଂଗୁପ୍ତ ଲକ୍ଷ୍ୟ ହୋଇ ରହିଛି, ଆମ ଜୀବନ ଓ ଅସ୍ତିତ୍ୱର ରହସ୍ୟକୁ ଜାଣିବାଲାଗି ଚାବିକାଠି ହୋଇ ରହିଛି ।"

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୯–୧୧

'oaob.nitrkl.ac.in' images reprocessed

*ମାଆ, ଆମର ଅଗ୍ରଗତି ଲାଗି କ୍ରୀଡ଼ା-ପ୍ରତିଯୋଗିତା ଗୁଡ଼ିକର ଏକ ଅତ୍ୟାବଶ୍ୟକତା ରହିଛି କି ?*

ନୈତିକତା ଶିକ୍ଷା କରିବାର ଦୃଷ୍ଟିକୋଣରୁ ସେଗୁଡ଼ିକୁ ଏକାନ୍ତ ଆବଶ୍ୟକ ବୋଲି କହିବାକୁ ପଡ଼ିବ, କାରଣ ଯଦି ଆମେ ଉଚିତ ମନୋଭାବ ନେଇ ସେଗୁଡ଼ିକରେ ଅଂଶଗ୍ରହଣ କରିପାରୁ, ତେବେ ତଦ୍ୱାରା ଆମକୁ ନିଜର ଅହଂ ଉପରେ ନିୟନ୍ତ୍ରଣ ଶକ୍ତି ଅର୍ଜନ କରିବାଲାଗି ଏକ ଉତ୍ତମ ସୁଯୋଗ ମିଳିଯିବ । ଆପଣାର ଦୁର୍ବଳତା ଏବଂ ନିମ୍ନତର ଗତିଶୀଳତା ଗୁଡ଼ିକୁ ଜୟ କରିବାର କୌଣସି ଚେଷ୍ଟା ନ କରି ଯଦି ଆମେ ତାହା କରିବାକୁ ଯିବା, ତେବେ ସେଗୁଡ଼ିକରୁ ଲାଭବାନ୍ ହୋଇ ପାରିବାର ଉପାୟଗୁଡ଼ିକ ବିଷୟରେ ଆମେ ଗୋଟାସୁଦ୍ଧା ଅଜ୍ଞ ରହିଯିବା ଏବଂ ସେତେବେଳେ ତାହା ଆମର ମୋଟେ କୌଣସି ଉପକାର କରି ପାରିବ ନାହିଁ । ମାତ୍ର, ଯଦି ଉଚିତ ମନୋଭାବ ସହିତ ଖେଳିବା ସକାଶେ ଆମଭିତରେ ପ୍ରକୃତରେ ଏକ ଇଚ୍ଛା ରହିଥାଏ, ନିମ୍ନତର ସ୍ତରର କୌଣସି ଗତିସ୍ପନ୍ଦନକୁ ପ୍ରଶ୍ରୟ ନ ଦେଇ, କୌଣସି ପ୍ରକାର ଈର୍ଷା ଅଥବା ମହତ୍ତ୍ୱ-ଆକାଂକ୍ଷା ନ ରଖି ଏବଂ "ଖେଳରେ ସାଧୁତା" ଅବଲମ୍ବନ କରିବାର ଏକ ମନୋଭାବ ରକ୍ଷା କରି, ଅର୍ଥାତ୍, ଆପଣାର ଯଥାସମ୍ଭବ ସର୍ବୋତ୍ତମ ପ୍ରୟାସଟିକୁ କାମରେ ଲଗାଇ ଏବଂ ଫଳ କ'ଣ ହେବ ସେହି ବିଷୟରେ ଆଦୌ କୌଣସି ଚିନ୍ତା ନ ରଖି, ସଫଳତା ମିଳିଲା ନାହିଁ ବା ପରିଣାମଗୁଡ଼ାକ ଆମ ପକ୍ଷରେ ଗଲା ନାହିଁ ବୋଲି କୌଣସି ପ୍ରକାରେ ଭାଙ୍ଗି ନ ପଡ଼ି ଯଦି ଅମେ ଆମର ସର୍ବୋତ୍ତମ ପ୍ରୟାସଟିକୁ ସମ୍ଭବ କରିପାରୁ, ତେବେ ସେଥିରୁ ନିଶ୍ଚୟ ଅନେକ ଲାଭ ମିଳିବ । ତେବେ, ଏହିସବୁ ଯାବତୀୟ ପ୍ରତିଯୋଗିତା ମଧ୍ୟରୁ ଆମେ ପୂର୍ବାପେକ୍ଷା ଅଧିକ ଆତ୍ମ-ନିୟନ୍ତ୍ରଣ ଶକ୍ତି ଏବଂ ପରିଣାମ ବିଷୟରେ ଏକ ଅନୁଦ୍‌ବିଗ୍ନତାର ଭାବ ନେଇ ବାହାରି ଆସି ପାରିବା ଏବଂ ସେଗୁଡ଼ିକ ଏକ ବିଶେଷ ଭାବରେ ଯଥାର୍ଥ ଚରିତ୍ରଗଠନ ଦିଗରେ ଆମକୁ ଅନେକ ପରିମାଣରେ ସାହାଯ୍ୟ କରିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ସେହି ସାଧାରଣ ମାର୍ଗରେହିଁ ସେଗୁଡ଼ିକରେ ଯୋଗ ଦେବ, ଯଦି ତୁମଭିତରେ ସେହି ସାଧାରଣ ପ୍ରତିକ୍ରିୟା ଏବଂ ଅସୁନ୍ଦର ଗତିସ୍ପନ୍ଦନମାନ ହେବାରେ ଲାଗିଥିବ, ତେବେ ସେଗୁଡ଼ିକ ଦ୍ୱାରା ପ୍ରକୃତରେ କୌଣସି ସାହାଯ୍ୟ ମିଳିବ ନାହିଁ । ମାତ୍ର, ଆମେ ଯାହାକିଛି କରୁ ବା କରୁଛୁ, ସେହି ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟ ଏହି ନିୟମଟିକୁ ଲାଗୁ କରାଯାଇ ପାରିବ; ଖେଳର କ୍ଷେତ୍ରରେ ହେଉ ଅଥବା ବୁଦ୍ଧି ପ୍ରୟୋଗର କୌଣସି କ୍ଷେତ୍ରରେ ହେଉ, ଯେକୌଣସି ସ୍ଥାନରେ ଯଦି ଆମେ ସେହି ସାଧାରଣ ରୀତିରେ କାର୍ଯ୍ୟ କରୁଥିବା, ତେବେ ତଦ୍ୱାରା ଆମେ ଆମର ସମୟକୁ

'oaob.nitrkl.ac.in' images reprocessed

କେବଳ ନଷ୍ଟ କରିବାରେହିଁ ଲାଗିଥିବ। ମାତ୍ର, ଖେଳିବା ସମୟରେ କିଂବା କ୍ରୀଡ଼ା-ପ୍ରତିଯୋଗିତାମାନଙ୍କରେ ଭାଗ ନେଉଥିବା ସମୟରେ ତୁମେ ଯଦି ଉଚିତ ମନୋଭାବଟିକୁ ରଖିପାରିବ, ତେବେ ତାହା ତୁମଲାଗି ଏକ ଉତ୍ତମ ଶିକ୍ଷାର କାମ ଦେବ, କାରଣ ତାହା ତୁମକୁ ଏକ ବିଶେଷ ପ୍ରୟାସ କରିବାଲାଗି ବାଧ୍ୟ କରିବ ଏବଂ ଯେତେ କିଞ୍ଚିତ୍ ପରିମାଣରେ ହେଲେ ମଧ୍ୟ ତୁମର ସାଧାରଣ ସୀମାଟିକୁ ଅତିକ୍ରମ କରିଯିବା ଲାଗି ତୁମକୁ ନିଶ୍ଚିତ ଭାବରେ ପ୍ରେରଣା ଦେବ। ତୁମର ଏପରି ଅନେକ ଗତିସ୍ପନ୍ଦନ, ଯାହାକି ହୁଏତ ସର୍ବଦା ଗୋଟିଏ ଗୋଟିଏ ଅଚେତନ ଗତିସ୍ପନ୍ଦନ ହୋଇ ରହିଥା'ନ୍ତା, ସେଗୁଡ଼ିକୁ ସଚେତନ ଗତିସ୍ପନ୍ଦନରେ ପରିଣତ କରିବାରେ ତାହା ତୁମକୁ ନିଶ୍ଚିତ ଭାବରେ ଏକ ସୁଯୋଗ ଯୋଗାଇ ଦେଇଯିବ।

ମାତ୍ର ଅତି ସ୍ୱାଭାବିକ କଥା ଯେ, ଏହା ଯେ ତୁମ ପାଇଁ ଏକ ସୁଯୋଗରୂପେ ଅବଶ୍ୟ ବ୍ୟବହୃତ ହେବ ଏବଂ ତୁମ ଅଗ୍ରଗତି ଲାଗି ଏକ ଅବସରରୂପେ କାର୍ଯ୍ୟ କରିବ, ତୁମେ ସେକଥାଟି କେବେହେଲେ ଭୁଲି ଯିବ ନାହିଁ। ଯଦି ତୁମେ ସେହି ସାଧାରଣ ଭାବରେ ଖେଳପଡ଼ିଆକୁ ଯାଇ ସେହି ସାଧାରଣ ଭାବରେହିଁ ଖେଳ ଖେଳୁଥିବ, ତେବେ ତୁମର ସମୟ କେବଳ ନଷ୍ଟ ହେବାରେହିଁ ଲାଗିଥିବ; ମାତ୍ର କେବଳ ଏହି ଖେଳର କ୍ଷେତ୍ରରେ ନୁହେଁ, ସକଳ କ୍ଷେତ୍ରରେହିଁ ଠିକ୍ ଏହି କଥା ଘଟିଥାଏ। ଅଧ୍ୟୟନର କ୍ଷେତ୍ରରେ ଘଟେ ଓ ଆଉ ଯାବତୀୟ କ୍ଷେତ୍ରରେ ବି ଘଟିଥାଏ। ଆମେ ଯେଉଁ ମାର୍ଗରେ କୌଣସି କାର୍ଯ୍ୟଟିକୁ କରୁ, ତାହାରି ଉପରେ ହିଁ ସବୁକଥା ସର୍ବଦା ନିର୍ଭର କରୁଥାଏ। ଆମେ ପ୍ରକୃତରେ କ'ଣ କରୁ ବା ନ କରୁ, ତା'ଉପରେ ନୁହେଁ, ମାତ୍ର କେଉଁ ମନୋଭାବ ସହିତ ଆମେ ତାହା କରୁ, ତାହାରି ଉପରେ ନିର୍ଭର କରୁଥାଏ।

ଯଦି ତୁମେମାନେ ସମସ୍ତେ ଯୋଗାଭ୍ୟାସ କରୁଥା'ନ୍ତ ଏବଂ ଆପଣାର ଯାବତୀୟ କାର୍ଯ୍ୟରେ ତୁମର ସର୍ବାଧିକ ଉଦ୍ୟମ ତଥା ସର୍ବାଧିକ ସମ୍ଭାବନାକୁ ଖଟାଇ କରୁଥା'ନ୍ତ, ଯଦି ଯଥାସମ୍ଭବ ଅଧିକ ଉତ୍ତମ ଭାବରେ ସେସବୁକୁ କରୁଥା'ନ୍ତ ଏବଂ ଉତ୍ତରୋତ୍ତର ତଥାପି ଅଧିକରୁ ଅଧିକ ଭଲ କରି ସେଗୁଡ଼ିକ କରିବାଲାଗି ତୁମଭିତରେ ସର୍ବଦା ଏକ ମନୋଭାବ ରହିଥା'ନ୍ତା, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରତିଯୋଗିତା, ପୁରସ୍କାର ଓ ଜୟସନ୍ତକ ପ୍ରଭୃତି ଲାଗି ଆଉ କୌଣସି ଆବଶ୍ୟକତାହିଁ ନ ଥାନ୍ତା। ମାତ୍ର, ଶ୍ରୀଅରବିନ୍ଦ ଯେପରି ଲେଖିଛନ୍ତି, ସାନ ପିଲାଏ ଜଣେ ଜଣେ ଯୋଗୀ ହେବେ ବୋଲି କଦାପି ଆଶା କରାଯିବ ନାହିଁ ଏବଂ ପ୍ରସ୍ତୁତିର ଅବଧିଟିରେ ଅଧିକାଂଶ ଭୌତିକ ଚେତନାଲାଗି ଅଗ୍ରଗତି ସକାଶେ ଏକ ସମୁଚିତ ପ୍ରୟାସ କରିପାରିବା ପାଇଁ ଏକ ଉତ୍ପ୍ରେରକ ଯୋଗାଇ ଦେବାର ଆବଶ୍ୟକତା ନିଶ୍ଚୟ ରହିଥିବ।.... ଏବଂ ଏହି

'oaob.nitrkl.ac.in' images reprocessed

ବାଲ୍ୟକାଳ ହୁଏତ ଦୀର୍ଘ ଅନେକବର୍ଷ କାଳ ରହିଥିବ ବୋଲି ଅନୁମାନ କରାଯାଇ ପାରେ ।

ଗତ ସଂଖ୍ୟାର ବୁଲେଟିନ୍‌ରେ (ଏପ୍ରିଲ, ୧୯୫୭) ମୁଁ ଯାହା ଲେଖିଛି, ଆମର ଆଦର୍ଶ ଠିକ୍ ତାହାହିଁ ହେବା ଉଚିତ । ତୁମେମାନେ ସେଇଟିକୁ ପଢ଼ିଛ କି ନାହିଁ କେଜାଣି, ମାତ୍ର ସେଠାରେ ମୁଁ ଏହିପରି କେତୋଟି କଥା ଲେଖିଛି :

କୌଣସି ମହତ୍ତ୍ୱ-ଆକାଙ୍କ୍ଷା ରଖ ନାହିଁ,
ସର୍ବୋପରି କୌଣସି ପ୍ରକାର ଛଳନା କର ନାହିଁ,
ମାତ୍ର ପ୍ରତ୍ୟେକଟି ମୁହୂର୍ତ୍ତରେ
ତୁମେ ଯଥାସାଧ୍ୟ ଯାହା ହୋଇ ପାରିବ, ତାହାହିଁ ହୁଅ ।

ଜଣେ ବ୍ୟକ୍ତି ଯାହାକିଛି କରୁଥାଉ ପଛକେ, ପୂର୍ଣ୍ଣ ଜୀବନର ଯୋଜନାଟି ଅନୁସାରେ ତାହାହିଁ ହେଉଛି ଆଦର୍ଶ ଅବସ୍ଥା । ଏବଂ, ଯଦି କେହି ତାହାକୁ ହୃଦୟଙ୍ଗମ କରିପାରିବ, ତେବେ ନିଶ୍ଚିତ ଭାବରେ ତାହାକୁ ପରିପୂର୍ଣ୍ଣତାର ମାର୍ଗରେ ଏକ ଅନେକ ବଡ଼ ପଦକ୍ଷେପ ବୋଲି କୁହାଯାଇ ପାରିବ... ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରିପୂର୍ଣ୍ଣ ଆନ୍ତରିକତା ସହିତ ଏହି କଥାଟି କରି ପାରିବାକୁ ହେଲେ ଆମ ଭିତରେ ନିର୍ଦ୍ଦିଷ୍ଟ ପରିମାଣର ଏକ ପରିପକ୍ୱତା ସର୍ବଦା ରହିଥିବା ଦରକାର । ତୁମେ ଏହି କଥାଟିକୁ ଆପଣାଲାଗି ଏକ କାର୍ଯ୍ୟକ୍ରମ ହିସାବରେ ଗ୍ରହଣ କରିପାରିବ ।

ଯଦି ତୁମେମାନେ ସେହିପରି ଇଚ୍ଛା କରୁଥିବ, ତେବେ ଆମେ ତାହାକୁହିଁ ଆଜି ଆମ ଧ୍ୟାନର ବିଷୟରୂପେ ଗ୍ରହଣ କରିବା ।

*(ସମସ୍ତେ ଧ୍ୟାନରେ ବସିଲେ)*

'oaob.nitrkl.ac.in' images reprocessed

## ୮ ମଇ ୧୯୫୭

*ମାଆ, ଆମେ ସାଧାରଣତଃ ଏପରି ଦେଖିବାକୁ ପାଉଥାଉ ଯେ ଯେଉଁସବୁ କ୍ରୀଡ଼ା ଏବଂ କାର୍ଯ୍ୟକ୍ରମରେ କିଞ୍ଚିତ୍ ପରିମାଣରେ ଏକ ଉତ୍ତେଜନାର ସ୍ଥାନ ରହିଥାଏ, ଆମ ଭିତରୁ ଅନେକେ ସେହିସବୁ କ୍ରୀଡ଼ା ଓ କାର୍ଯ୍ୟରେ ଏକ ଆଗ୍ରହ ପ୍ରକାଶ କରିଥା'ନ୍ତି । ମାତ୍ର ପ୍ରକୃତରେ ଗମ୍ଭୀର ପ୍ରକାରର କୌଣସି କାର୍ଯ୍ୟକ୍ରମ ଓ କୌଣସି ବ୍ୟାୟାମରେ ପ୍ରାୟ କେହି ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଏପରି କାହିଁକି ହୁଏ ?*

କାରଣ, ଅଧିକାଂଶଙ୍କର କ୍ଷେତ୍ରରେ ପ୍ରାଣିକ ସନ୍ତୋଷର ଏକ ଭାବହିଁ ଯାବତୀୟ ଆଗ୍ରହର ଉତ୍ସରୂପେ କାର୍ଯ୍ୟ କରିଥାଏ । ଯେଉଁସବୁ ବ୍ୟାୟାମ ଭିତରେ ସାଧାରଣ କ୍ରୀଡ଼ାର କୌଣସି ଉତ୍ପ୍ରେରକ ଉପଲବ୍ଧ ହୁଏ ନାହିଁ, ସେଥିରେ ଆପଣାକୁ ତାଲିମ କରିବାର କ୍ଷେତ୍ରରେ ତୁମ ନିଜ ଭିତରେ ଏକ ଆଗ୍ରହ ସୃଷ୍ଟି କରିବାକୁ ହେଲେ, ବିବେକହିଁ ତୁମ ସତ୍ତାର ମାର୍ଗଦର୍ଶକ ଓ ପରିଚାଳକ ହୋଇ ରହିବା ଦରକାର । ସାଧାରଣ ମଣିଷଙ୍କ ଜୀବନରେ ବିବେକହିଁ ମନୁଷ୍ୟ-ଚେତନାର ସର୍ବୋଚ୍ଚ ଶିଖରରେ ରହିଥାଏ ଏବଂ ଏହି ବିବେକକୁହିଁ ଜୀବନର ଆଉ ଯାବତୀୟ ଅଂଶର ନିୟନ୍ତ୍ରଣକାରୀ ଶାସକରୂପେ ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ । କାରଣ ସତ୍ତାର ଏହି ବିବେକରୂପୀ ଅଂଶଟିହିଁ ଶୃଙ୍ଖଳା ସଂପନ୍ନ ହୋଇ ରହିଥାଏ, ବିବେକର ବୋଲ ମାନୁଥାଏ, ଅର୍ଥାତ୍ ଶୃଙ୍ଖଳା, ସଜ୍ଜନତା ଓ ଉପଯୋଗିତା ପ୍ରତି ଆଗ୍ରହ ରଖି ତାହା ସବୁକିଛି କାର୍ଯ୍ୟ କରୁଥାଏ; ଏକ ଯୋଜନା, ଏକ ନିର୍ଦ୍ଦିଷ୍ଟ ଯୋଜନା, ସମସ୍ତଙ୍କ ଦ୍ବାରା ସ୍ୱୀକୃତ ଏବଂ ବ୍ୟବହୃତ ଏକ ଯୋଜନା ଦ୍ବାରା ତାହା ସବୁକିଛି କରୁଥାଏ । ମାତ୍ର, ଅନ୍ୟ ପକ୍ଷରେ, ସତ୍ତାର ପ୍ରାଣପ୍ରଧାନ ଅଂଶଟି ଉତ୍ତେଜନାକୁ ଭଲ ପାଏ, ଅପ୍ରତ୍ୟାଶିତକୁ ଭଲ ପାଉଥାଏ, ଶୃଙ୍ଖଳା, ଦୁଃସାହସିକକୁ ଭଲ ପାଉଥାଏ;— ଏଗୁଡ଼ାକ ମିଶି ତା'ଲାଗି କ୍ରୀଡ଼ାଟିକୁ ଭାରି ଆକର୍ଷଣୀୟ କରି ରଖିଥା'ନ୍ତି । ସର୍ବୋପରି, ତାହା ପ୍ରତିଯୋଗିତାକୁ ଭଲ ପାଏ, ଜୟଲାଭ କରିବାର ଚେଷ୍ଟାକୁ ଭଲ ପାଏ, ବିପକ୍ଷ ଉପରେ ବିଜୟକୁ ଭଲପାଏ, ଏହିସବୁ କଥାକୁ ଭାରି ଭଲ ପାଉଥାଏ । ପ୍ରାଣିକ ଆବେଗଟି ଏସବୁକୁ ଭଲ ପାଉଥାଏ । ଏବଂ ମଣିଷ ଭିତରେ ଥିବା ଏହି ପ୍ରାଣିକ ସତ୍ତାହିଁ ଉତ୍ସାହ, ପ୍ରବଳ ଆଗ୍ରହ ଏବଂ ସାଧାରଣ ଶକ୍ତିର ଆସ୍ଥାନ ହୋଇ ରହିଥିବାରୁ, ଯେତେବେଳେ ଅପ୍ରତ୍ୟାଶିତର, ଜୟଲାଭ କରିବାର ଓ ସଂଘର୍ଷ କରିବାର ଆକର୍ଷଣୀୟତା ମିଳିପାରେ ନାହିଁ, ସେତେବେଳେ ସେହି ପ୍ରାଣିକ

'oaob.nitrkl.ac.in' images reprocessed

ଶୋଇବାକୁ ଚାଲିଯାଏ । ହଁ, କାହାର ବୋଲମାନି କିଛି କରୁଥିଲା ବେଳେ ବା ଅଭ୍ୟାସରେ ପଡ଼ି କିଂବା ସ୍ୱତଃସ୍ଫୂର୍ତ୍ତ ଭାବରେ କିଛି କରୁଥିବା ସମୟରେ ବା ବିବେକର ଇଚ୍ଛାକୁ ଅନୁସରଣ କରି କାର୍ଯ୍ୟ କରୁଥିବା ବେଳେ ଅବଶ୍ୟ ତାହା ଅନ୍ୟପ୍ରକାର ହୋଇଥାଏ । ଏବଂ ଏଇଟି ହେଉଛି ଗୋଟିଏ ସର୍ବପ୍ରଥମ କଥା, ଯାହାଲାଗି କି ଶାରୀରିକ ଶିକ୍ଷଣକୁ ଉପଯୋଗୀ ବୋଲି କୁହାଯାଇ ପାରିବ : ଏହି କଥାଟି ହେଉଛି ଯେ ପ୍ରାଣିକ ଆବେଗଟିକୁ ମାନିବା ବଦଳରେ ଶରୀର ବିବେକର ବୋଲଟିକୁ ମାନିବାରେ ଅଭ୍ୟସ୍ତ ହୋଇ ନ ଥିଲେ କୌଣସି ଶାରୀରିକ ଶିକ୍ଷାକୁ ସୁଚାରୁ ରୂପେ ସମ୍ପନ୍ନ କରାଯାଇ ପାରିବ ନାହିଁ । ଉଦାହରଣ ସ୍ୱରୂପ, ଶରୀରର ପରିପୂର୍ଣ୍ଣ କର୍ଷଣ ଓ ବିକାଶ, ଡମ୍-ବେଲ୍ ସହିତ ବ୍ୟାୟାମ କରିବା ଏବଂ ଯେଉଁସବୁ ବ୍ୟାୟାମରେ ବିଶେଷତଃ ଉତ୍ତେଜନା ଆଣି ଦେଲାଭଳି ସେପରି କିଛି ନ ଥାଏ ଏବଂ ଯାହାସବୁ ଆମଠାରୁ ଏକ ଶୃଙ୍ଖଳାର ଦାବି କରିଥା'ନ୍ତି, ଯେଉଁସବୁ ଅଭ୍ୟାସକୁ ନିୟମିତ କରି ରଖିବାକୁ ପଡ଼େ, ବିବେକ ଦ୍ୱାରା ପରିଚାଳିତ କରିବାକୁ ପଡ଼େ, ଯେଉଁସବୁଥିରେ ଆବେଗ, ବାସନା ଏବଂ ଅତ୍ୟାଗ୍ରହ ଲାଗି ଆଦୌ କୌଣସି ସ୍ଥାନ ନ ଥାଏ,– ସେହିସବୁ କ୍ଷେତ୍ରରେ ଏକ କଠୋର ତଥା ସୁନିୟମିତ ଶୃଙ୍ଖଳା ଅନୁସାରେ ଆପଣାର ଜୀବନକୁ ଶୃଙ୍ଖଳାବଦ୍ଧ କରି ରଖିବାକୁ ପଡ଼ିଥାଏ । ହଁ, ସେସବୁକୁ ଉତ୍ତମରୂପେ କରି ପାରିବାକୁ ହେଲେ ଆପଣାର ଜୀବନକୁ ବିବେକ ଦ୍ୱାରା ପରିଚାଳିତ କରିନେବାରେ ଅଭ୍ୟସ୍ତ ହେବାକୁ ପଡ଼ିଥାଏ ।

ମାତ୍ର ସାଧାରଣତଃ ସେକଥା ଖୁବ୍‌ବେଶୀ ଦେଖିବାକୁ ମିଳେ ନାହିଁ । ସାଧାରଣତଃ ଏହିପରି ହୋଇଥାଏ ଯେ, ଅତ୍ୟନ୍ତ ଯତ୍ନଶୀଳ ଭାବରେ ବିଷୟଗୁଡ଼ିକୁ ଅନ୍ୟପ୍ରକାର କରିବାକୁ ଚେଷ୍ଟା ନ କରିଥିଲେ, ସେହି ଆବେଗ ଗୁଡ଼ିକ,– ବାସନାପ୍ରେରିତ ଆବେଗଗୁଡ଼ିକ– ସେହି ଯାବତୀୟ ଅତ୍ୟୁତ୍ସାହ ଏବଂ ଅତ୍ୟାବେଗମାନ ଆପଣାର ଯାବତୀୟ ପ୍ରତିକ୍ରିୟାକୁ ସାଥିରେ ଧରି ମନୁଷ୍ୟର ଜୀବନକ୍ଷେତ୍ରରେ ପ୍ରଭୁତ୍ୱ ହାସଲ କରି ବସିଥା'ନ୍ତି । ଶରୀରକ୍ଷେତ୍ରର କଠୋର ଶୃଙ୍ଖଳା ଦେଇ ଗତି କରିପାରିବା ଲାଗି ଏବଂ ସେହି ଶୃଙ୍ଖଳା ମଧ୍ୟରୁ ଶରୀରକୁ ପୂର୍ଣ୍ଣସମର୍ଥ କରି ଗଢ଼ିବାଲାଗି ଆବଶ୍ୟକ ସୁନିୟନ୍ତ୍ରିତ ଓ ସୁନିୟମିତ ପ୍ରୟାସଟିକୁ ସମ୍ଭବ କରିବାଲାଗି ନିଜକୁ ପ୍ରକୃତରେ ପ୍ରାୟ ଜଣେ ବ୍ରତଚାରୀ ଋଷି ପରି ଗଢ଼ିବାକୁ ହୋଇଥାଏ । ସେହି କ୍ଷେତ୍ରରେ ବାସନାର ଯାବତୀୟ ଅଜବ ଉଦାକଳ୍ପନାଗୁଡ଼ିକ ଲାଗି ଆଉ କୌଣସି ଅବକାଶ ରହେ ନାହିଁ । ତୁମେମାନେ ବେଶ୍ ବୁଝି ପାରୁଥିବ ଯେ ଆମେ ଯେମିତି ନାନା ଅତିରିକ୍ତତା ପାଖରେ ମୁଣ୍ଡ ନୁଆଁଇବାକୁ ଆରମ୍ଭ କରୁ, କୌଣସି ପ୍ରକାର ସଂଯମହୀନତା ଏବଂ ବିଶୃଙ୍ଖଳ ଜୀବନ ଲାଗି ବାଟ ଛାଡ଼ିଦେଉ, ତା'ପରେ ନିଜର ଶରୀରକୁ ସଂଯମ ମଧ୍ୟରେ ରଖି ତାହାର ସ୍ୱାଭାବିକ ବିକାଶ କରାଇବା ରୀତିମତ

'oaob.nitrkl.ac.in' images reprocessed

ଅସମ୍ଭବ ହୋଇପଡ଼େ । ଏବଂ ଏହା କହିବା କେବଳ ଅତ୍ୟୁକ୍ତି ମାତ୍ର ହେବ ଯେ ତା'ପରେ ବଡ଼, ସ୍ୱାଭାବିକ ଭାବରେ ସ୍ୱାସ୍ଥ୍ୟ ନଷ୍ଟ ହେବାକୁ ଲାଗେ ଏବଂ ତା'ର ଫଳସ୍ୱରୂପ, ପୂର୍ଣ୍ଣକ୍ଷମ ଶରୀରଟିଏ ଗଠନ କରିବାର ସେହି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଆଦର୍ଶଟି କ୍ରମେ ଅନ୍ତର୍ହିତ ହୋଇଯାଏ । କାରଣ, ସ୍ୱାସ୍ଥ୍ୟ ଖରାପ ଏବଂ ପ୍ରମାଦଗ୍ରସ୍ତ ହୋଇଯିବା ଫଳରେ ତା'ପରେ ମଣିଷ ଆଉ କୌଣସି ଲାଗି ସମର୍ଥ ହୋଇ ରହିପାରେ ନାହିଁ । ଏବଂ ଅତ୍ୟନ୍ତ ସ୍ପଷ୍ଟତଃ, ପ୍ରାଣିକ କ୍ଷେତ୍ରର ନାନା ବାସନା ଏବଂ ଆବେଗର ପରିତର୍ପଣ ବା କେତେକ ମହତ୍ତ୍ୱ-ଆକାଙ୍‌କ୍ଷାର ଅଯୌକ୍ତିକ ନାନା ଦାବିହିଁ ଶରୀରକୁ ଏହି ପ୍ରମାଦ ମଧ୍ୟକୁ ଟାଣିଆଣେ ଏବଂ ତାକୁ ଅସୁସ୍ଥତାର ଶିକାର କରିପକାଏ ।

ସ୍ୱଭାବତଃ, ଏହି କ୍ଷେତ୍ରରେ ସେହି ବ୍ୟକ୍ତିମାନଙ୍କର ଯାବତୀୟ ଅଜ୍ଞାନ କାରଣ ପରି କାର୍ଯ୍ୟ କରୁଥା'ନ୍ତି, ଯେଉଁମାନଙ୍କୁ କି ଜୀବନର ଏକାନ୍ତ ମୌଳିକ ପ୍ରାଥମିକ ନିୟମଗୁଡ଼ିକ ମଧ୍ୟ ଜଣା ନ ଥାଏ । ମାତ୍ର ପ୍ରତ୍ୟେକ ବ୍ୟକ୍ତି ଏକଥା ଅବଶ୍ୟ ଜାଣିଥାନ୍ତି ଯେ ଆମକୁ ବଞ୍ଚିବାର ମାର୍ଗଟି ଅବଶ୍ୟ ଶିକ୍ଷା କରିବାକୁ ପଡ଼ିବ; ଏବଂ, ଉଦାହରଣ ସ୍ୱରୂପ, ନିଆଁରେ ପଡ଼ିଲେ ଦେହ ପୋଡ଼ିଯିବ ଏବଂ ପାଣିରେ ପଡ଼ିଗଲେ ବୁଡ଼ି ମରିବ ବୋଲି ସମସ୍ତେ ଜାଣିଥା'ନ୍ତି ! ଏସବୁ କଥା ଲୋକମାନଙ୍କ ଆଗରେ ଯାଇ କହିବା ଲାଗି ପ୍ରକୃତରେ ମୋଟେ କୌଣସି ଆବଶ୍ୟକତା ନ ଥାଏ, କାରଣ ବୟସରେ ବଡ଼ ହେବା ସଙ୍ଗେ ସଙ୍ଗେ ସେମାନେ ତାକୁ ଅଚିରେ ବେଶ୍ ଶିଖିନିଅନ୍ତି । ମାତ୍ର, ଉତ୍ତମ ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ମଧ୍ୟ ଜୀବନ ଉପରେ ବିବେକର ନିୟନ୍ତ୍ରଣ ଏକାନ୍ତ ଅପରିହାର୍ଯ୍ୟ, ଏହି କଥାଟିକୁ ନିମ୍ନ ଚେତନାରେ ରହିଥିବା ଲୋକମାନେ ସର୍ବଦା ସ୍ୱୀକାର କରିନେଇ ପାରନ୍ତି ନାହିଁ । କାରଣ, ଜୀବନରେ ଆପଣାର ଅତ୍ୟାବେଗଗୁଡ଼ିକୁ ପୂର୍ଣ୍ଣ ପ୍ରଶ୍ରୟ ଦେଇ ନ ବଞ୍ଚିଲେ ଏହି ଲୋକମାନେ ଜୀବନରୁ ପ୍ରାୟ ଆଦୌ କୌଣସି ସ୍ୱାଦ ପାଆନ୍ତି ନାହିଁ ।

ଏପରି ଜଣେ ବ୍ୟକ୍ତିଙ୍କର କଥା ମୋର ମନେଅଛି, ଯିଏକି ଦୀର୍ଘ ଅନେକ ବର୍ଷ ତଳେ ଏଠାକୁ ଆସିଥିଲେ, ଶାସନ ବିଭାଗ ଲାଗି ଜଣେ ପ୍ରାର୍ଥୀ ହୋଇ ଠିଆ ହେବାକୁ ଏଠାକୁ ଆସିଥିଲେ । ଘଟଣା କ୍ରମେ ତାଙ୍କୁ ମୋ'ସହିତ ପରିଚୟ କରାଇ ଦିଆଗଲା, କାରଣ ସରକାରୀ ମହଲ ତାଙ୍କ ବିଷୟରେ ମୋ'ର ମତ ବି ଲୋଡ଼ୁଥିଲେ । ଏହିପରି ଭାବରେ ସେ ମୋତେ ଆଶ୍ରମ ବିଷୟରେ ଓ ଆମେ ଏଠାରେ ବଞ୍ଚୁଥିବା ଜୀବନଟି ବିଷୟରେ କେତେକ ପ୍ରଶ୍ନ ପଚାରିଲେ । ଏବଂ, ମୋ'ମତରେ ମୁଁ କାହାକୁ ଜୀବନଲାଗି ଏକ ଅପରିହାର୍ଯ୍ୟ ଶୃଙ୍ଖଳା ବୋଲି ବିଚାର କରୁଛି, ସିଏ ମୋତେ ସେହି ପ୍ରଶ୍ନଟି ମଧ୍ୟ ପଚାରିଥିଲେ । ସେହି ବ୍ୟକ୍ତି ଦିନଯାକ ଅନବରତ ଧୂମପାନ କରୁଥିଲେ ଏବଂ ଆବଶ୍ୟକରୁ ଅଧିକ ମଦ୍ୟ ସେବନ ବି କରୁଥିଲେ । ଏବଂ ତେଣୁ ସେ ଦୁଃଖ କରି କହୁଥିଲେ ଯେ ସିଏ

'oaob.nitrkl.ac.in' images reprocessed

ଅଧିକାଂଶ ସମୟରେ କ୍ଳାନ୍ତି ଅନୁଭବ କରୁଥିଲେ ଏବଂ ବେଳେବେଳେ ଆପଣା ଉପରୁ ସମସ୍ତ ନିୟନ୍ତ୍ରଣ ଶକ୍ତିକୁ ମଧ୍ୟ ହରାଇ ବସୁଥିଲେ । ମୁଁ ତାଙ୍କୁ କହିଥିଲି, "ସର୍ବପ୍ରଥମ କଥା ହେଉଛି ଯେ ଆପଣଙ୍କୁ ଏହି ଧୂମପାନ ବନ୍ଦ କରିଦେବାକୁ ପଡ଼ିବ, ମଦ୍ୟସେବନ ବି ଛାଡ଼ିଦେବାକୁ ପଡ଼ିବ । ଏକ ଅବିଶ୍ୱାସ୍ୟ ବିସ୍ମୟ ସହିତ ସେ ମୋ'ଆଡ଼କୁ ଅନାଇଲେ ଏବଂ କହିଲେ, "ମାତ୍ର ତା'ହେଲେ, ଯଦି ଜଣେ ଧୂମପାନ ନ କରିବ ଓ ମଦ ଛାଡ଼ିଦେବ, ତେବେ ବଞ୍ଚିବାର ବି ତା'ର ଆଉ କି ସାର୍ଥକତା ରହିବ ?" ମୁଁ କହିଲି, "ଯଦି ଆପଣ ପ୍ରକୃତରେ ସେହି ସ୍ତରରେ ଯାଇ ଅଛନ୍ତି, ତେବେ ଆପଣଙ୍କୁ ଆଉ ଅଧିକ କିଛି କହିବାର କୌଣସି ପ୍ରୟୋଜନ ନାହିଁ ।"

ଆମେ ଏହିସବୁ ବିଷୟରେ ସାଧାରଣତଃ ଯେପରି ଭାବି ଥାଉ, ଏସବୁ ତା'ଠାରୁ ଅଧିକତର ସମୟରେହିଁ ଘଟିଥାଏ । ଏସବୁ ଆମକୁ ଅସମ୍ଭବ ବୋଲି ମନେହୁଏ, କାରଣ ଆମପାଖରେ ଏପରି ଏକ ବସ୍ତୁ ରହିଛି, ଯାହାକି ଆମକୁ ଧୂମପାନ ଏବଂ ସୁରାର ସେବନ ଅପେକ୍ଷା ଅଧିକ ଆଗ୍ରହ-ଉଦ୍ଦୀପକ ବୋଲି ଲାଗୁଛି । ମାତ୍ର ସାଧାରଣ ମନୁଷ୍ୟମାନଙ୍କ କ୍ଷେତ୍ରରେ ସେମାନଙ୍କର ବାସନାଗୁଡ଼ାକର ପରିତର୍ପଣହିଁ ସେମାନଙ୍କ ଜୀବନର ଏକମାତ୍ର କାରଣ ହୋଇ ରହିଛି । ଏସବୁ କରିବା ସେମାନଙ୍କର ସ୍ୱତନ୍ତ୍ରତାକୁ ପ୍ରତିଷ୍ଠିତ କରି ରଖିବାକୁ ବୁଝାଉଛି, ସେମାନଙ୍କ ଜୀବନ ବଞ୍ଚିବା ପଛରେ ରହିଥିବା ଉଦ୍ଦେଶ୍ୟଟିକୁ ପ୍ରତିଷ୍ଠିତ କରି ରଖିବାକୁ ମଧ୍ୟ ବୁଝାଉଛି । ଏବଂ, ଏଇଟାକୁ କେବଳ ଏକ ବିକୃତି ବୋଲିହିଁ କୁହାଯାଇ ପାରିବ, ଏପରି ଏକ ବିକୃତି କୁହାଯିବ, ଯାହାକି ଜୀବନର ଅସଲ ପ୍ରବୃତ୍ତିଟିକୁ ଅସ୍ୱୀକୃତ କରି ରଖିଛି, ଏହାଦ୍ୱାରା ଆମ ଶାରୀରିକ ଜୀବନରେ ଭାବନା ଏବଂ ପ୍ରାଣିକ ପ୍ରବଳାକାଙ୍କ୍ଷାଗୁଡ଼ିକୁ ବଡ଼ ଅସ୍ୱାସ୍ଥ୍ୟକର ଭାବରେ ହସ୍ତକ୍ଷେପ କରିବାକୁ ଦିଆଯାଉଛି । ଏହି ଅସ୍ୱାସ୍ଥ୍ୟକର ଅନ୍ତଃପ୍ରବୃତ୍ତିଟି ଇତରପ୍ରାଣୀମାନଙ୍କ ଭିତରେ ମଧ୍ୟ ଦେଖିବାକୁ ମିଳିବ ନାହିଁ । ଏହି କ୍ଷେତ୍ରରେ ଇତରପ୍ରାଣୀମାନଙ୍କ ମଧ୍ୟରେ ଯେଉଁ ପ୍ରବୃତ୍ତିଟି ଦେଖା ଯାଇଥାଏ, ତାହା ମନୁଷ୍ୟମାନଙ୍କ ମଧ୍ୟରେ ପ୍ରକାଶ ପାଉଥିବା ପ୍ରବୃତ୍ତିଟି ଅପେକ୍ଷା ଅନନ୍ତ ଗୁଣରେ ଅଧିକ ପରିମାଣରେ ଏକ ଅନ୍ତଃବିବେକ ଦ୍ୱାରା ପରିଚାଳିତ ହେଉଥାଏ; ମନୁଷ୍ୟ ମଧ୍ୟରେ ତ ଏହି ପ୍ରବୃତ୍ତିଟିର କୌଣସି ଅସ୍ତିତ୍ୱ ନ ଥାଏ, କାରଣ ତା'ର ସ୍ଥାନାପନ୍ନ ଭାବରେ ଏକ ଅତ୍ୟନ୍ତ ବିକୃତ ପ୍ରବଳାକାଙ୍କ୍ଷା ତାହାକୁ ସ୍ଥାନଚ୍ୟୁତ କରିଦେଇ ସାରିଥାଏ ।

ତେଣୁ ବିକୃତି ହେଉଛି ମଣିଷର ଏକ ରୋଗ, ଇତରପ୍ରାଣୀମାନଙ୍କ ଜୀବନରେ ଏହା ଅତି କ୍ୱଚିତ୍ ଦେଖିବାକୁ ମିଳିଥାଏ; ଏବଂ, କେବଳ ସେହିଭଳି ଇତରପ୍ରାଣୀମାନଙ୍କ ମଧ୍ୟରେ ଦୃଷ୍ଟିଗୋଚର ହୁଏ, ଯେଉଁମାନେ କି ମନୁଷ୍ୟର ନିକଟ ସଂସର୍ଗରେ ଆସିଥା'ନ୍ତି ଏବଂ ତେଣୁ ମନୁଷ୍ୟର ବିକୃତିଟି ଦ୍ୱାରା ସଂକ୍ରାମିତ ହୋଇ ପଡ଼ିଥା'ନ୍ତି ।

'oaob.nitrkl.ac.in' images reprocessed

ଉତ୍ତର ଆଫ୍ରିକା,– ଆଲଜିରିଆର କେତେକ ଅଫିସରମାନଙ୍କ ସମ୍ବନ୍ଧରେ ଗୋଟିଏ ଗଳ୍ପ ଅଛି । ସେମାନେ ଗୋଟିଏ ମାଙ୍କଡ଼ ପାଳିଥିଲେ । ମଙ୍କଡ଼ଟି ସେମାନଙ୍କ ସହିତ ଏକାଠି ବାସ କରୁଥିଲା, ଓ ଦିନେ ଭୋଜନ କରିବା ସମୟରେ ଅଫିସରମାନଙ୍କ ମନରେ ଏକ ଅଦ୍ଭୁତ ଧାରଣା ଆସି ପହଞ୍ଚିଲା ଏବଂ ସେମାନେ ମାଙ୍କଡ଼ଟିକୁ କିଛି ମଦ ପିଇବାକୁ ଦେଇଥିଲେ । ସେମାନେ ତାକୁ ନିଶା କରାଇ ପାରୁଥିବା ଏକ ପାନୀୟ ଦେଲେ । ମାଙ୍କଡ଼ ପ୍ରଥମେ ଅନ୍ୟମାନଙ୍କୁ ମଦ ପିଇଥିବାର ଦେଖିଲା, ଏଇଟା ତାକୁ ବେଶ୍ ଆଗ୍ରହୋଦ୍ଦୀପକ ବୋଲି ମନେହେଲା । ତା'ପରେ ନିଜେ ମଧ୍ୟ ଗୋଟିଏ ଗ୍ଲାସ୍ ପିଇଲା, ପୂରା ଗିଲାସଟିଏ ପିଇଦେଲା । ତା'ପରେ ସିଏ ଭାରି ଅସୁସ୍ଥ ହୋଇ ପଡ଼ିଲା, ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଲା, ଯାବତୀୟ ପ୍ରକାରର ଯନ୍ତ୍ରଣାରେ ଟେବୁଲ୍‌ତଳେ ଖାଲି ଗଡ଼ିବାକୁ ଲାଗିଲା ଏବଂ ପ୍ରକୃତରେ ବଡ଼ ଶୋଚନୀୟ ଭାବରେ ଛଟପଟ ହୋଇ ଗଡ଼ିଲା । ଶରୀରର ସ୍ୱଭାବଟି ଆଗରୁ ବିକୃତ ହୋଇ ନ ଥିଲେ ସୁରାପାନ କଲେ ସ୍ୱଭାବତଃ କିପରି ଯନ୍ତ୍ରଣା ଭୋଗିବାକୁ ପଡ଼େ, ମାଙ୍କଡ଼ଟି ତଦ୍ଦ୍ୱାରା ମଣିଷମାନଙ୍କୁ ତାହାର ଏକ ଦୃଷ୍ଟାନ୍ତ ଦେଖାଇ ପାରିଥିଲା । ସେହି ବିଷପାନ ଦ୍ୱାରା ସିଏ ପ୍ରାୟ ମୃତ୍ୟୁମୁଖରେ ଆସି ପଡ଼ିଥିଲା । ତଥାପି ଭଲ ହୋଇଗଲା ଏବଂ ତା'ର କେତେଦିନ ପରେ ଭୋଜନ ସମୟକୁ ମଣିଷମାନଙ୍କ ସହିତ ବସିବାଲାଗି ତାକୁ ଆଉଥରେ ଏକ ସୁଯୋଗ ଦିଆ ଯାଇଥିଲା । ଭୋଜନକୁ ଆସିଲାବେଳେ ମାଙ୍କଡ଼ ପୂର୍ଣ୍ଣ ସୁସ୍ଥ ଥିଲା । ଏବଂ ଏଥର ମଧ୍ୟ କେହି ସରାଗ କରି ତା'ଆଗରେ ଗୋଟିଏ ଗିଲାସରେ ମଦ ଭର୍ତ୍ତି କରି ରଖିଦେଲା । ମାଙ୍କଡ଼ଟି ଭାରି ରାଗରେ ମଦଗିଲାସଟିକୁ ହାତରେ ଧରିଲା ଏବଂ ସେଇଟି ତାକୁ ଦେଇଥିବା ଲୋକଟିର ମୁଣ୍ଡ ଉପରକୁ ଖୁବ୍ ଜୋରରେ ଫୋପାଡ଼ିଲା । ସିଏ ଯେ ମଣିଷମାନଙ୍କ ଅପେକ୍ଷା ଅଧିକ ବିବେକଶାଳୀ ଥିଲା, ସେ ଏହାଦ୍ୱାରା ପ୍ରମାଣ କରି ଦେଖାଇଦେଲା ।

ପିଲାଦିନରୁ ଏହି କଥାଟିକୁ ଶିକ୍ଷା କରି ପାରିବା ଏକାନ୍ତ ଭଲ ଯେ ଏକ ସୁସମର୍ଥ ଜୀବନ ଯାପନ କରିବାକୁ ହେଲେ ଏବଂ ଶରୀର ଆମକୁ ସର୍ବାଧିକ ଯାହା ଦେଇପାରିବ, ତାହାଠାରୁ ତାହାକୁ ପାଇବାକୁ ହେଲେ, ବିବେକକୁହିଁ ଆମ ଘରେ ମାଲିକ କରି ବସାଇବାକୁ ପଡ଼ିବ । ଏବଂ, ଏଠାରେ ଯୋଗ ସାଧନା ବା କୌଣସି ଉଚ୍ଚତର ଉପଲବ୍ଧିର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଏହା ଏପରି ଗୋଟିଏ କଥା, ଯାହାକୁକି ସର୍ବତ୍ର ଶିକ୍ଷା ଦିଆଯିବା ଉଚିତ, ପ୍ରତ୍ୟେକ ସ୍କୁଲରେ, ପ୍ରତ୍ୟେକ ପରିବାରରେ ଓ ପ୍ରତ୍ୟେକ ଘରେ ଶିକ୍ଷା ଦିଆଯିବା ଉଚିତ : ମନୁଷ୍ୟକୁ ଏକ ମାନସିକ ସତ୍ତାରୂପେ ତିଆରି କରା ଯାଇଥିଲା,– କେବଳ ଏକ ମନୁଷ୍ୟ ହେବାକୁ ତିଆରି କରାଯାଇ ଥିଲା । ଏଠାରେ ଆମେ ଆଉ କୌଣସି କଥାର ଆଲୋଚନା କରିବାକୁ ଯାଉ ନାହୁଁ, କେବଳ ଜଣେ ମଣିଷ ହେବାର କଥାଟିର

'oaob.nitrkl.ac.in' images reprocessed

ହିଁ ଆଲୋଚନା କରୁଛୁ;— ମଣିଷର ଜୀବନରେ ବିବେକର ନିୟନ୍ତ୍ରଣ ରହିବା ଉଚିତ, ପ୍ରାଣସ୍ତରର ପ୍ରବଳାବେଗଗୁଡ଼ାକ ଆସି ତା'ର ଜୀବନକୁ ଅଧିକାର କରିନେବା ଆଦୌ ଉଚିତ ନୁହେଁ । ଏହି କଥାଟିକୁ ପ୍ରତ୍ୟେକ ପିଲାକୁ ତା'ର ଶୈଶବରୁହିଁ ଶିକ୍ଷା ଦିଆଯିବା ଉଚିତ । ଯଦି ଜଣେ ବ୍ୟକ୍ତି ବିବେକ ଦ୍ୱାରାହିଁ ନିୟନ୍ତ୍ରିତ ନ ହୋଇ ପାରୁଥାଏ, ତେବେ ତାହାକୁ ଏକ ଇତରପ୍ରାଣୀଠାରୁ ମଧ୍ୟ ଆହୁରି ଅଧିକ ନିମ୍ନ ସ୍ତରର ଏକ ପଶୁ ବୋଲି କୁହାଯାଇ ପାରିବ । କାରଣ, ଇତରପ୍ରାଣୀ ପାଖରେ ମନ ବୋଲି କିଛି ନ ଥାଏ, ସେମାନଙ୍କୁ ଶାସନ କରିବା ଲାଗି କୌଣସି ବୁଦ୍ଧିଶକ୍ତି ନ ଥାଏ, ମାତ୍ର ସେମାନେ ଆପଣା ପ୍ରାଣୀ ଜାତିଟିର ସହଜାତ ପ୍ରବୃତ୍ତିଗୁଡ଼ିକୁହିଁ ମାନି ଚଳୁଥା'ନ୍ତି । ପ୍ରତ୍ୟେକ ପ୍ରାଣୀଜାତିର ଗୋଟିଏ ଗୋଟିଏ ସହଜାତ ପ୍ରବୃତ୍ତି ରହିଛି, ଯାହାକି ଅତ୍ୟନ୍ତ ମାତ୍ରାରେ ବୁଦ୍ଧିସମ୍ପନ୍ନ ଭାବରେ ନିଜକୁ କାର୍ଯ୍ୟକାରୀ କରିବାରେ ଲାଗିଥାଏ, ସେହି ପ୍ରବୃତ୍ତି ପ୍ରାଣୀମାନଙ୍କର ନିଜର ହିତଦୃଷ୍ଟିରୁ ସେମାନଙ୍କର ଯାବତୀୟ କାର୍ଯ୍ୟକୁ ନିୟନ୍ତ୍ରିତ କରି ରଖେ; ଏବଂ ଅତ୍ୟନ୍ତ ସ୍ୱୟଂଚାଳିତ ଭାବରେ, ସେମାନଙ୍କର ସମ୍ପୂର୍ଣ୍ଣ ଅଗୋଚରରେ ସେହି ଇତରପ୍ରାଣୀମାନେ ଆପଣା ସହଜାତ ପ୍ରବୃତ୍ତିଟିର ଅଧୀନ ହୋଇ ରହିଥା'ନ୍ତି । ସେହି ପ୍ରାଣୀ ଜାତିଟିର ଦୃଷ୍ଟିରୁ ତା'ର ପ୍ରବୃତ୍ତିଟି ମଧ୍ୟ ପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇ ରହିଥାଏ, ପ୍ରତ୍ୟେକ ପ୍ରାଣୀଜାତିର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହୁଏ । ଏବଂ, ଯେଉଁ ପ୍ରାଣୀମାନେ କୌଣସି ନା କୌଣସି କାରଣରୁ ଏହି ପ୍ରବୃତ୍ତିଟିର ନିୟନ୍ତ୍ରଣରୁ ବାହାର ହୋଇ ଯାଆନ୍ତି,— ଅତି ଅଳ୍ପ ସମୟ ପୂର୍ବରୁ ମୁଁ ତୁମମାନଙ୍କୁ ଯେପରି କହୁଥିଲି, ଯେଉଁ ପ୍ରାଣୀମାନେ ମନୁଷ୍ୟର ନିକଟ ସଂସର୍ଗରେ ବାସ କରୁଥା'ନ୍ତି, ଏବଂ, ଆପଣା ପ୍ରାଣିଜାତିର ଆଦେଶ ନ ମାନି ସେମାନେ ମଣିଷର ଆଦେଶ ମାନିବାକୁ ଆରମ୍ଭ କରନ୍ତି,— ସେହି ପ୍ରାଣୀମାନେ ବିକୃତିର କବଳରେ ପଡ଼ନ୍ତି, ସେମାନେ ଆପଣା ପ୍ରାଣୀ ଜାତିଟିର ଗୁଣଗୁଡ଼ିକୁ ହରାଇ ବସନ୍ତି । ମାତ୍ର କୌଣସି ପ୍ରାଣୀକୁ ଯଦି ତା'ର ପ୍ରାଣୀ-ଜୀବନର ସ୍ୱାଧୀନତା ସହିତ ବାସ କରିବାକୁ ଛାଡ଼ି ଦିଆଯାଏ ଏବଂ ତା'ଉପରେ ମନୁଷ୍ୟର କୌଣସି କୁପ୍ରଭାବକୁ ପଡ଼ିବାକୁ ଦିଆ ନ ଯାଏ, ତେବେ ସେହି ପ୍ରାଣୀ ଆପଣା ଦୃଷ୍ଟିରୁ ଅନେକ ପରିମାଣରେ ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥାଏ । କାରଣ ସେତେବେଳ ପର୍ଯ୍ୟନ୍ତ ତାହା କେବଳ ସେହିସବୁ କାର୍ଯ୍ୟ କରୁଥାଏ, ଯାହାକି ତା'ର ସ୍ୱଭାବ ତଥା ତା'ର ହିତର ଅନୁକୂଳ ହୋଇ ରହିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାକୁ ସେଥିଯୋଗୁଁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥାଏ, କାରଣ ଅନ୍ୟାନ୍ୟ ପ୍ରାଣିଜାତିଙ୍କ ସହିତ ତାହାକୁ ସଦା ସଂଘର୍ଷରତ ହୋଇ ରହିବାକୁ ପଡ଼େ । ମାତ୍ର ଆପଣାଆଡୁ ତାହା କଦାପି ନିର୍ବୋଧଙ୍କ ପରି କାର୍ଯ୍ୟ କରେ ନାହିଁ । ସଚେତନ ମନରୁ, ଅର୍ଥାତ୍ ମନୁଷ୍ୟଠାରୁହିଁ ନିର୍ବୋଧତା ଗୁଡ଼ିକର ଆରମ୍ଭ ହୁଏ, ବିକୃତି ଆରମ୍ଭ ହୁଏ । ମଣିଷ ଆପଣାର ମନୋଗତ

'oaob.nitrkl.ac.in' images reprocessed

ସାମର୍ଥ୍ୟଟିକୁ ଅନୁଚିତ ଭାବରେ କାମରେ ଲଗାଇବାକୁ ବସିଲେ ବିକୃତି ଆରମ୍ଭ ହୁଏ । ତେଣୁ ଏହି ମନୁଷ୍ୟଠାରୁହିଁ ବିକୃତିର ଆରମ୍ଭ ହୁଏ । ଏହାଦ୍ୱାରା ପ୍ରକୃତିର ସ୍ୱାଭାବିକ ପ୍ରଗତି ମଧ୍ୟରେ ମଧ୍ୟ ଏକ ବିକୃତି ଆସି ପହଞ୍ଚେ, ଏବଂ ମନୁଷ୍ୟର ମାନସିକ ଚେତନାହିଁ ସେହି ବିକୃତିର ପ୍ରତିନିଧିତ୍ୱ କରୁଥାଏ । ତେଣୁ, ମଣିଷର ଭାବନାଶକ୍ତି ଆସିବା ସଙ୍ଗେ ସଙ୍ଗେ ତାକୁ ଏହି କଥାଟି ଶିକ୍ଷା ଦିଆଯିବା ଉଚିତ ଯେ ତାକୁ ବିବେକବୁଦ୍ଧିର ନିର୍ଦ୍ଦେଶକୁହିଁ ମାନିବାକୁ ପଡ଼ିବ, କାରଣ ତା'ର ନିଜର ପ୍ରାଣିଜାତିର କ୍ଷେତ୍ରରେ ସେହି ବିବେକବୁଦ୍ଧିହିଁ ଏକ ଉଚ୍ଚତର ସହଜାତ ପ୍ରବୃତ୍ତିରୂପେ ଅବସ୍ଥିତ ରହିଛି । ବିବେକବୁଦ୍ଧିକୁ ମନୁଷ୍ୟସ୍ୱଭାବର ଅସଲ ନିୟନ୍ତ୍ରଣକର୍ତ୍ତା ବୋଲି କୁହାଯିବ । ତେଣୁ ମଣିଷ ହିସାବରେ ଆମକୁ କେବଳ ତାହାରି ବୋଲ ମାନିବାକୁ ହେବ, ଏବଂ ଅନ୍ଧପ୍ରବୃତ୍ତିଗୁଡ଼ିକର ଦାସ ହୋଇ ରହିବାକୁ ନାସ୍ତି କରିଦେବାକୁ ପଡ଼ିବ । ଏବଂ ଏ କଥା କହିବାବେଳେ ମୁଁ ତୁମମାନଙ୍କୁ ଯୋଗ ବିଷୟରେ ଆଦୌ କିଛି କହୁ ନାହିଁ, ଆଧ୍ୟାତ୍ମିକ ଜୀବନ ବିଷୟରେ ବି କିଛି କହୁ ନାହିଁ, ଆଦୌ କିଛି କହୁ ନାହିଁ । ଏସବୁ କଥାର ସେହି ବିଷୟ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ମୁଁ ତୁମମାନଙ୍କୁ ମନୁଷ୍ୟ ଜୀବନର ସେହି ମୌଳିକ ପ୍ରଶ୍ନଟି ବିଷୟରେ କହୁଛି, କେବଳ ମାନବୀୟ ଜୀବନସ୍ତରର ସେହି ସର୍ବମୂଳ ପ୍ରଶ୍ନଟି ବିଷୟରେ କହୁଛି । ଯେଉଁ ମନୁଷ୍ୟ ତା'ର ବିବେକବୁଦ୍ଧିକୁ ଛାଡ଼ି ଆଉ କାହାରି ବୋଲ ମାନୁଛି, ତାକୁ ଇତର ପ୍ରାଣୀଠାରୁ ଆହୁରି ନିମ୍ନରେ ରହିଥିବା ଏକ ପଶୁ ବୋଲିହିଁ କୁହାଯିବ । ବାସ୍, ଏତିକି କଥା । ଏବଂ ଏହି କଥାଟିକୁ ସର୍ବତ୍ର ଶିକ୍ଷା ଦିଅଯିବା ଉଚିତ; ଏକ ମୌଳିକ ଶିକ୍ଷାରୂପେ ପିଲାମାନଙ୍କୁ ଦିଆଯିବା ଉଚିତ ।

ଦିବ୍ୟ ଯଥାର୍ଥ ଇଚ୍ଛାଟିକୁ ପ୍ରକଟ କରି ଦେଉଥିବା ଚୈତ୍ୟ ବିଧାନଟିର ଆଗମନ ଘଟିଲେ ଯାଇ ବୁଦ୍ଧିର ଏହି ରାଜତ୍ୱକାଳଟି ଶେଷ ହୋଇଯାଇ ପାରିବ ।

'oaob.nitrkl.ac.in' images reprocessed

## ୧୫ ମଇ ୧୯୫୭

*ମାଆ, ସୃଷ୍ଟିର ଆରମ୍ଭରୁ ନାରୀ ଓ ପୁରୁଷ ମଧ୍ୟରେ ଏହି ପାର୍ଥକ୍ୟଟି ରହିଛି କାହିଁକି ?*

କେଉଁ ସୃଷ୍ଟିର ଆରମ୍ଭରୁ ? ତୁମେ କେଉଁ ସୃଷ୍ଟିଟିର କଥା କହୁଛ ?... ଏହି ପୃଥିବୀର ?

*ହଁ ।*

ପ୍ରଥମ କଥା ହେଉଛି, ଏପରି କହିବା ଆଦୌ ଠିକ୍ ନୁହେଁ । ଏହି ପୃଥିବୀରେ ମଧ୍ୟ ଏପରି କେତେକ ପ୍ରାଣିଜାତି ଅଛନ୍ତି, ଯେଉଁମାନଙ୍କ ଭିତରେ କି କୌଣସି ପାର୍ଥକ୍ୟ ନାହିଁ । ଏବଂ ଆରମ୍ଭରେ କୌଣସି ପ୍ରାଣୀଜାତି ମଧ୍ୟରେ ଏହି ପାର୍ଥକ୍ୟଟି ନ ଥିଲା । ଏଇଟା ହେଲା ପ୍ରଥମ କଥା । ଦ୍ୱିତୀୟ କଥା ହେଉଛି, ଏହି ପୃଥିବୀର ସୃଷ୍ଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭୌତିକ ସୃଷ୍ଟି ଏବଂ ଏହାକୁ ବିଶ୍ୱସୃଷ୍ଟିର ଗୋଟିଏ ପ୍ରକାରର ଜଡ଼ୀକରଣ ବା ମୂର୍ତ୍ତୀକରଣ ବୋଲି କୁହାଯାଇ ପାରିବ । ମାତ୍ର ବିଶ୍ୱସୃଷ୍ଟି ମଧ୍ୟରେ ଯେ ଏହି ପାର୍ଥକ୍ୟଟି ଅବଶ୍ୟ ରହିବ, ତାହାର ଆଦୌ କୌଣସି କାରଣ ନାହିଁ । ସେହି କ୍ଷେତ୍ରରେ ଯାବତୀୟ ସମ୍ଭାବନା ନିହିତ ହୋଇ ରହିଛି ଏବଂ ସମ୍ଭାବ୍ୟ ଯାବତୀୟ ବସ୍ତୁ ଏଠାରେ ରହି ଆସିଛନ୍ତି, ବର୍ତ୍ତମାନ ମଧ୍ୟ ଅଛନ୍ତି; ଏବଂ ଏହି ପାର୍ଥକ୍ୟ-ଭେଦକୁ ସୃଷ୍ଟିର ମୂଳଭିତ୍ତି ବୋଲି ପଦାପି କୁହାଯାଇ ପାରିବ ନାହିଁ ।

ତେଣୁ ତୁମର ପ୍ରଶ୍ନଟି ପ୍ରାସଙ୍ଗିକ ହେଉ ନାହିଁ, କାରଣ ଏହା ହେଉଛି ଏକ ଭୁଲ ପ୍ରଶ୍ନ ।

*କିନ୍ତୁ ଜଡ଼ସୃଷ୍ଟି ମଧ୍ୟରେ ବି ସେହି ପାର୍ଥକ୍ୟଟି କାହିଁକି ରହିଛି ?*

ମୁଁ ତ ତୁମକୁ କହୁଛି ଯେ ସୃଷ୍ଟିର ଆରମ୍ଭରୁ ମୋଟେ ସେପରି ହୋଇ ଆସି ନାହିଁ । ଜଣେ ପ୍ରାଣିତତ୍ତ୍ୱବିତ୍ ତୁମକୁ ବେଶ୍ କହିଦେଇ ପାରିବେ ଯେ ଏପରି ପ୍ରାଣିଜାତି ଏହି ପୃଥିବୀରେ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ କି ଏହି ପାର୍ଥକ୍ୟଟି ଆଦୌ ପରିଦୃଷ୍ଟ ହୁଏ ନାହିଁ । ପ୍ରକୃତି ଏହି ପ୍ରଣାଳୀଟିକୁ ପରୀକ୍ଷା କରି ଦେଖିଛି,— ପ୍ରକୃତି ତ କେତେକେତେ କଥାର ପରୀକ୍ଷା କରିବାରେ ଲାଗିଥାଏ,

'oaob.nitrkl.ac.in' images reprocessed

ଏହା ଯାବତୀୟ ପ୍ରାଣୀଜାତିର ସୃଷ୍ଟି କରିଛି, ନାରୀ ଓ ପୁରୁଷ ଉଭୟକୁ ଗୋଟିକ ଭିତରେ ବି ଗଢ଼ିଛି, ସମ୍ଭାବ୍ୟ ଯାବତୀୟ ବସ୍ତୁର ସୃଷ୍ଟି କରିଛି... ପ୍ରକୃତି ଏହିପରି ଭାବରେ ପରୀକ୍ଷା କରିବାରେ ଲାଗିଛି, କାରଣ ସମ୍ଭବତଃ ଏହାହିଁ ପ୍ରକୃତିକୁ ଅପେକ୍ଷାକୃତ ଅଧିକ ବ୍ୟାବହାରିକ ବୋଲି ମନେହେଉଛି । ମୁଁ ଠିକ୍‌କରି କହିପାରିବି ନାହିଁ । ମାତ୍ର କଥାଟି କେବଳ ଏତିକି ବୁଝାଉଛି ।

ମାତ୍ର ଅନ୍ୟାନ୍ୟ ଭୂମିରେ, ଏହି ପାର୍ଥିବ ଜଗତ ଭିତରେ ମଧ୍ୟ, ପାର୍ଥିବ ଜଗତର ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଭୂମି ଗୁଡ଼ିକରେ, ଏପରିକି, ସୂକ୍ଷ୍ମଭୌତିକ, ପ୍ରାଣିକ ଏବଂ ମାନସିକ ଭୂମିମାନଙ୍କରେ, ଅନେକ ସତ୍ତା ଏହିପରି ଭାବରେ ଦୁଇ ପ୍ରକାରରେ ବିଭକ୍ତ ହୋଇ ରହିଛନ୍ତି; ମାତ୍ର ସେମାନଙ୍କ ବ୍ୟତୀତ ଏପରି ଅନ୍ୟ ସତ୍ତାମାନେ ବି ଅଛନ୍ତି ଯେଉଁମାନଙ୍କୁ କି ନାରୀ ଅଥବା ପୁରୁଷ କିଛିହେଲେ କୁହାଯାଇ ପାରିବ ନାହିଁ । ସେମାନେ ବି ଜୀବରୂପେ ଏଠି ରହିଛନ୍ତି । ଉଦାହରଣ ସ୍ୱରୂପ, ପ୍ରାଣିକ ଜଗତ ମଧ୍ୟରେ ଆମେ ଖୁବ୍ କ୍ୱଚିତହିଁ ଲିଙ୍ଗଗତ ପାର୍ଥକ୍ୟ ଦେଖିବାକୁ ପାଇବା, ସେଠି ସତ୍ତାଗୁଡ଼ିକ ସାଧାରଣତଃ ଲିଙ୍ଗହୀନ । ଏବଂ, ମୋ'ର ଭାରି ସନ୍ଦେହ ହେଉଛି ଯେ ମନୁଷ୍ୟମାନେ ଦେବତାମାନଙ୍କର ଜଗତକୁ ଆମଲାଗି ଯେପରି ବର୍ଣ୍ଣନା କରି କହିଛନ୍ତି, ତାହା ଫଳରେ ସେହି ଜଗତଟି ମନୁଷ୍ୟର ଚିନ୍ତା ଦ୍ୱାରା ପ୍ରକୃତରେ ଅତିମାତ୍ରାରେ ପ୍ରଭାବିତ ହୋଇଛି । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏପରି ଅନେକ ଦେବତା କଳ୍ପନା ରହିଛି, ଯେଉଁମାନଙ୍କର କି ଆଦୌ କୌଣସି ଲିଙ୍ଗ ନାହିଁ । ବିଭିନ୍ନ ଦେଶର ଦେବଦେବୀଙ୍କ ବିଷୟରେ ଉକ୍ତ ଯାବତୀୟ କାହାଣୀରେ ଏପରି ଅନେକ ପରିମାଣର ଅନେକ କଥା ରହିଛି, ଯାହାକି ମନୁଷ୍ୟର ଚିନ୍ତା ଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହୋଇଛି । ତେଣୁ, ଏହି ପାର୍ଥକ୍ୟଟିକୁ ଆମେ କେବଳ ଗୋଟିଏ ସାଧନ ବୋଲି କହିବା, ଯାହାକୁ କି ପ୍ରକୃତି ଆପଣାର ଉଦ୍ଦେଶ୍ୟ ସାଧନ ନିମନ୍ତେ ବ୍ୟବହାର କରି ଆସିଛି । ଏହି ବିଷୟରେ କେବଳ ଏତିକି ସତ, ଅଧିକ କିଛି ସତ୍ୟ ନୁହେଁ । ଏହି କଥାଟିକୁ ଆମକୁ ଠିକ୍ ଏହିପରି ଭାବରେହିଁ ଗ୍ରହଣ କରିବାକୁ ହେବ । ଏହା ଆଦୌ ଏକ ଶାଶ୍ୱତ ପ୍ରତୀକ ନୁହେଁ, ଆଦୌ ନୁହେଁ ।

ହଁ, ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏହି ପାର୍ଥକ୍ୟଟି ଉପରେ ଅତିରିକ୍ତ ଗୁରୁତ୍ୱ ଦେଇଥା'ନ୍ତି । ସେମାନେ ଇଚ୍ଛାକଲେ ଏହି ପାର୍ଥକ୍ୟ ଦୃଷ୍ଟିଟିକୁ ଅବଶ୍ୟ ସ୍ଥାୟୀଭାବରେ ପୋଷଣ କରିପାରିବେ । ମାତ୍ର ଏହି ପାର୍ଥକ୍ୟଟି ଯେ ଗୋଟିଏ ଚୂଡ଼ାନ୍ତ ବା ଶାଶ୍ୱତ, ତା ନିଜ ଭିତରେ ଏକ ପରିପୂର୍ଣ୍ଣ ପାର୍ଥକ୍ୟ, ସେକଥା ଆଦୌ ନୁହେଁ । ସମ୍ଭବତଃ, ଏହା ଅଧିମାନସ ସୃଷ୍ଟିର ଏକ ଆଦର୍ଶ ହୋଇ ରହିଥିଲା, ସେକଥା ବେଶ୍ ସମ୍ଭବ ।... ଏବଂ ତଥାପି, ତାହା ଆଦୌ ସମ୍ପୂର୍ଣ୍ଣତଃ ନୁହେଁ, କେବଳ ଆଂଶିକ ଭାବରେହିଁ ଏକ ଆଦର୍ଶ ହୋଇ ରହିଥିଲା । ମାତ୍ର ତଥାପି, ଯେଉଁମାନେ ଏହି ପାର୍ଥକ୍ୟଟିକୁ ଏତେ ଭଲ ପାଉଛନ୍ତି,

'oaob.nitrkl.ac.in' images reprocessed

ସେମାନେ ଇଚ୍ଛାକଲେ ଏଇଟିକୁ ବେଶ୍ କାବୁଡ଼ି ଧରି ରହିପାରନ୍ତି । ଯଦି ତାହା ସେମାନଙ୍କୁ ଏତେ ଆନନ୍ଦ ଆଣି ଦେଉଥାଏ... ଏହାର ଲାଭ ବି ରହିଛି, କ୍ଷତି ବି ରହିଛି,– ଅନେକ କ୍ଷତି ରହିଛି ।

*ମାଆ, ତେବେ ପ୍ରାଣିକ ଜଗତର ଶକ୍ତିଗୁଡ଼ିକ ଏହି ଅବସ୍ଥାଟିକୁ ଏଡ଼ିଦେଇ ଚାଲିଯାଇ ପାରୁଛନ୍ତି କାହିଁକି ?*

ତୁମେ କ'ଣ କହିଲ ?

*ଆପଣ କହୁଛନ୍ତି ଯେ ପ୍ରାଣିକ ଜଗତରେ ଏହି ପାର୍ଥକ୍ୟଟି ଆଦୌ ଦେଖିବାକୁ ମିଳେ ନାହିଁ ।*

ଦେଖିବାକୁ ମିଳେ ନାହିଁ ବୋଲି ମୁଁ କହୁ ନାହିଁ । ମୁଁ କହୁଛି ଯେ ସେଠାରେ ଏହା ଏକ ସାଧାରଣ ନିୟମ ହୋଇ ରହି ନାହିଁ, ଏବଂ ଅନ୍ୟପକ୍ଷରେ, ସେଠାରେ ଆମେ ଏପରି ନାନା ସତ୍ତାର ଦୃଷ୍ଟାନ୍ତ ରହିଥିବାର ଦେଖିବାକୁ ପାଉ, ଯେଉଁମାନଙ୍କର କି କୌଣସି ଲିଙ୍ଗ ନାହିଁ । ଲିଙ୍ଗ ବିଶିଷ୍ଟ ସତ୍ତା ତୁଳନାରେ ଲିଙ୍ଗହୀନ ସତ୍ତା ଅଧିକ ସଂଖ୍ୟାରେ ରହିଛନ୍ତି । ଏବଂ, ଏକଥା ମଧ୍ୟ ସମ୍ଭବ ଯେ, ପ୍ରଧାନତଃ ପୃଥିବୀର ପ୍ରଭାବ ପଡ଼ିହିଁ ପ୍ରାଣିକ ଜଗତରେ ଏହି ପାର୍ଥକ୍ୟଟି ଆସି ପ୍ରବେଶ କରିଛି ।

ସେଇଠୁ କ'ଣ ହେଲା ? ଏସବୁ ପ୍ରଶ୍ନ କାହିଁକି ପଚରା ଯାଉଛି ଏବଂ ଏସବୁ ପଚରାଯିବା ପଛରେ ପୁଣି କି ଉଦ୍ଦେଶ୍ୟ ରହିଛି ? ମୁଁ ପ୍ରକୃତରେ ସେହିକଥା ଜାଣିବାକୁ ଇଚ୍ଛା କରୁଛି । ତୁମକୁ କିଏ କହିଲା ଯେ ବିଶ୍ୱସୃଷ୍ଟିର ଆରମ୍ଭରୁହିଁ ଏକଥା ଏହିପରି ଭାବରେ ରହିଆସିଛି ? ଏହି ପାର୍ଥକ୍ୟଟି ଠିକ୍ ଏହିପରି ହୋଇ ରହିଥାଉ ବୋଲି ଯେଉଁମାନେ ଭାରି ଉତ୍ସାହର ସହିତ ମନ କରିବାରେ ଲାଗିଥାନ୍ତି, ସେହି ଲୋକମାନେ ତୁମମାନଙ୍କୁ ତାହା କହିଛନ୍ତି ବି ? ମୁଁ କହିଲି ନା, ଯଦି ସେମାନେ ଇଚ୍ଛା କରୁଛନ୍ତି, ସେମାନେ ସେହି ପାର୍ଥକ୍ୟଟିକୁ ଚିରସ୍ଥାୟୀ କରି ରଖିଥାନ୍ତୁ, କେହି ସେମାନଙ୍କୁ ସେଥିରେ ବାଧା ଦେବାକୁ ଯାଉ ନାହିଁ । ଯଦି ସେଇଥିରେ ସେମାନେ ସୁଖୀ ହୋଇ ପାରୁଛନ୍ତି !

*''ମନର ଯେଉଁସବୁ ସୋପାନ ବିଷୟରେ ଆମେ ବର୍ତ୍ତମାନ କଳ୍ପନା କରିପାରୁଛୁ, ମନର କ୍ଷେତ୍ରରେ ତା'ଠାରୁ ଆହୁରି ଉଚ୍ଚ ସୋପାନମାନ ରହିଛି*

'oaob.nitrkl.ac.in' images reprocessed

ଏବଂ ଦିନେ ନା ଦିନେ ଆମକୁ ସେହିସବୁ ସୋପାନରେ ଯାଇ ପହଞ୍ଚିବାକୁ ପଡ଼ିବ । ଏବଂ, ତା'ଠାରୁ ମଧ୍ୟ ଆହୁରି ଉଚ୍ଚ ଓ ଆହୁରି ସେପାଖକୁ ଯାଇ ଏକ ମହତ୍ତର ଓ ଆଧ୍ୟାତ୍ମିକ ଜୀବନକୁ ଉନ୍ନୀତ ହୋଇଯିବାକୁ ପଡ଼ିବ । ଏହିପରି ଉତ୍ତୋଳିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଆମକୁ ଆମର ଏହି ନିମ୍ନତର ଜୀବନଭାଗଗୁଡ଼ିକୁ ସେହି ସୋପାନଗୁଡ଼ିକ ମଧ୍ୟକୁ ଉନ୍ମୋଚିତ କରିଦେବାକୁ ପଡ଼ିବ ଏବଂ ସେହି ଊର୍ଦ୍ଧ୍ୱତର ତଥା ସର୍ବୋଚ୍ଚ ଆଲୋକ ତଥା ସାମର୍ଥ୍ୟର ଗତିଶୀଳତାଗୁଡ଼ିକ ଦ୍ୱାରା ଏହି ଭାଗଗୁଡ଼ିକୁ ପୂର୍ଣ୍ଣ କରିନେବାକୁ ପଡ଼ିବ । ଏହି ଶରୀରକୁ ଅଧିକରୁ ଅଧିକ ପରିମାଣରେ ଏପରିକି ସମ୍ପୂର୍ଣ୍ଣ ଭାବରେ ମଧ୍ୟ ସେହି ଚିଦ୍‌ଗତତାର ଏକ ସଚେତନ ପ୍ରତୀକ, ବାର୍ତ୍ତାବହ ଏବଂ ସାମର୍ଥ୍ୟରେ ବି ପରିଣତ କରିବାକୁ ପଡ଼ିବ । ଶରୀର ଏହି ପରିପୂର୍ଣ୍ଣତା ଦିଗରେ ଅଧିକରୁ ଅଧିକ ଅଭିବୃଦ୍ଧି ଲାଭ କରୁଥିବା ସଙ୍ଗେ ସଙ୍ଗେ ତାହାର ଗତିଶୀଳ ସକ୍ରିୟତା ଶକ୍ତି ଓ ପରିବ୍ୟାପ୍ତି ଏବଂ ସେହି ଚିଦ୍‌ଗତତା ଉଦ୍ଦେଶ୍ୟରେ ତାହାର ଅନୁସ୍ପନ୍ଦନ ଏବଂ ପରିକରତ୍ୱ ମଧ୍ୟ ବୃଦ୍ଧିଲାଭ କରିବାରେ ଲାଗିଥିବ, ତାହା ଉପରେ ଚିଦ୍‌ଗତତାର ଅଧିକରୁ ଅଧିକ ନିୟନ୍ତ୍ରଣ ସମ୍ଭବ ହେଉଥିବ । ଏହି ଶରୀରର ବିକଶିତ ତଥା ଅର୍ଜିତ ଉଭୟ ସାମର୍ଥ୍ୟକ୍ଷେତ୍ରରେ ଏବଂ ଯେଉଁସବୁ ସ୍ୱୟଂକ୍ରିୟ ଅନୁସ୍ପନ୍ଦନ ବର୍ତ୍ତମାନ ସମ୍ପୂର୍ଣ୍ଣ ଆବୟବିକ ବୋଲି ମନେ ହେଉଛି ଏବଂ କେବଳ ଏକ ଯାନ୍ତ୍ରିକ ଅଚେତନାର ନାନା ଗତିସ୍ପନ୍ଦନ ବୋଲି ମନେହେଉଛି, ସେହି କ୍ଷେତ୍ରର ଯାବତୀୟ କ୍ରିୟାରେ ମଧ୍ୟ ଏକ ସ୍ଥିତିସ୍ଥାପକତା ବୃଦ୍ଧି ପାଇବାରେ ଲାଗିଥିବ । ଯଥାର୍ଥରେ ଏକ ରୂପାନ୍ତର ନ ଘଟିଲେ ଏକଥା ମୋଟେ ସମ୍ଭବ ହେବ ନାହିଁ; ଏବଂ ଆମ ବିବର୍ତ୍ତନର ଧାରାଟି ମଧ୍ୟ ଅତ୍ୟନ୍ତ ପ୍ରଚ୍ଛନ୍ନ ଭାବରେ ବସ୍ତୁତଃ ସେହି ମନ, ପ୍ରାଣ ଓ ଶରୀରର ରୂପାନ୍ତର ଆଡ଼କୁ ଗତି କରିବାରେ ଲାଗିଛି । ଏହି ରୂପାନ୍ତରଟି ନ ଘଟିଲେ ପୃଥିବୀପୃଷ୍ଠରେ ଏକ ଦିବ୍ୟ ଜୀବନର ସେହି ସମଗ୍ର ପରିପୂର୍ଣ୍ଣତା ମଧ୍ୟ କଦାପି ଉପଲବ୍ଧ ହୋଇପାରିବ ନାହିଁ । ରୂପାନ୍ତରର ଏହି ପ୍ରକ୍ରିୟାରେ ସ୍ୱୟଂ ଶରୀରହିଁ ଏକ ନିମିତ୍ତ ହୋଇ ପାରିବ, ଏକ ସହଯୋଗୀ ମଧ୍ୟ ହୋଇପାରିବ । ଆପଣାର୍କ୍ କଗତ୍-କାର୍ଯ୍ୟର ସର୍ବଶେଷ ଓ ସର୍ବନିମ୍ନ ସାଧନରୂପେହିଁ ଏକ ନିଷ୍କ୍ରିୟ ଏବଂ ଅପୂର୍ଣ୍ଣ ଭାବରେ ଚେତନାଶୀଳ ହୋଇପାରିଥିବା ଏକ ଶରୀରର କ୍ଷେତ୍ରରେ ଚିଦ୍‌ଗତତା ପ୍ରକୃତରେ ପ୍ରଭୂତ ପରିମାଣର ଏକ ଅଭିବ୍ୟକ୍ତି ହାସଲ କରିପାରିବ । ମାତ୍ର ସେହି ଅଭିବ୍ୟକ୍ତି କଦାପି ପରିପୂର୍ଣ୍ଣ ହେବ ନାହିଁ, ସର୍ବାଙ୍ଗ

'oaob.nitrkl.ac.in' images reprocessed

*ବି ହୋଇପାରିବ ନାହିଁ । ଏପରିକି, ଶରୀର ପୂର୍ଣ୍ଣସଚେତନ ହୋଇପାରିଲେ ଯାଇ ତାହା ଏକ ଜଡ଼ସ୍ତରୀୟ ରୂପାନ୍ତରର ଉଚିତ ଭୌତିକ ପଦ୍ଧତି ଓ ପ୍ରକ୍ରିୟାଟିକୁ ଆବିଷ୍କାର କରିପାରିବ ଓ କାର୍ଯ୍ୟକାରୀ ମଧ୍ୟ କରିପାରିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେଥିଲାଗି ଚିଦ୍‌ଗତତାର ସେହି ସର୍ବୋଚ୍ଚ ଆଲୋକ, ସାମର୍ଥ୍ୟ ଏବଂ ସୃଷ୍ଟିଶୀଳ ଆନନ୍ଦ ବ୍ୟକ୍ତି ଚେତନାର ଶିଖର ଉପରେ ଅଭିବ୍ୟକ୍ତ ହୋଇପାରିଥିବା ଏକାନ୍ତ ଆବଶ୍ୟକ ହେବ ଏବଂ ସେଗୁଡ଼ିକର ନିର୍ଦ୍ଦେଶକୁ ଶରୀର ମଧ୍ୟକୁ ପ୍ରେରିତ କରି ସାରିଥିବା ମଧ୍ୟ ଆବଶ୍ୟକ ହେବ ।...''*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୧୫-୧୬

*ମାଆ, ଶରୀରର ରୂପାନ୍ତର କ'ଣ ମନ ଓ ପ୍ରାଣର ରୂପାନ୍ତର ପରେ ଯାଇ ଆସିବ ନା ତାହା ଆପଣାର ସ୍ୱାଭାବିକ ପ୍ରକ୍ରିୟାରେ ଆସିବ ?*

ସାଧାରଣତଃ, ଏହି ପ୍ରକାରର ରୂପାନ୍ତର ଊର୍ଦ୍ଧ୍ୱରୁ ନିମ୍ନଆଡ଼କୁ ଗତି କରିଥାଏ, ନିମ୍ନରୁ ଊର୍ଦ୍ଧ୍ୱଆଡ଼କୁ ଗତି କରି ନ ଥାଏ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ତୁମେ ଗୋଟାସୁଦ୍ଧା ଜଣେ ବସ୍ତୁବାଦୀ ହୋଇଥିବ, ତେବେ ତୁମେ କହିବ ଯେ ବାହ୍ୟ ରୂପଟିର କ୍ରମବିକାଶହିଁ ନୂତନ ନୂତନ ସାମର୍ଥ୍ୟକୁ ସମ୍ଭବ କରାଇ ଆଣିଥାଏ । ମାତ୍ର ତଥାପି ଏହି କଥାଟିକୁ ସଂପୂର୍ଣ୍ଣ ଠିକ୍ ବୋଲି କୁହାଯିବ ନାହିଁ; କୌଣସି କଥା ସାଧାରଣତଃ କଦାପି ଠିକ୍ ଏହି ରୀତିଟିର ଅନୁସରଣ କରି ଘଟେ ନାହିଁ ଏବଂ, ତୁମର ମନରେ ରୂପାନ୍ତର ଘଟିବା ପୂର୍ବରୁ ତୁମର ଶରୀରର ରୂପାନ୍ତର କଦାପି ଘଟିବ ନାହିଁ ବୋଲି ମୁଁ ତୁମମାନଙ୍କ ସହିତ ବାଜି ରଖିପାରିବି । ତୁମେ ଚେଷ୍ଟା କରି ଦେଖ, ଦେଖିବା କ'ଣ ହେଉଛି !

ମନ ଏକ ଭୂମିକା ଗ୍ରହଣ ନ କଲେ ତୁମେ ଆଙ୍ଗୁଠିଟିଏ ବି ହଲାଇ ପାରିବ ନାହିଁ, ପଦେହେଲେ କଥା କହି ପାରିବ ନାହିଁ ଏବଂ ଗୋଟିଏ ପାଦ ବି ଯାଇ ପାରିବ ନାହିଁ । ତେବେ, ତୁମର ମନଟି ଯଦି ଆଗରୁ ରୂପାନ୍ତରିତ ନ ହୋଇ ପାରିଛି, ତୁମେ କେଉଁ ସାଧନଟି ଦ୍ୱାରା ତୁମ ଶରୀରର ରୂପାନ୍ତର ସଂଘଟିତ କରିବାକୁ ଯିବ କହିଲ ?

ଯଦି ତୁମେ ଅଜ୍ଞାନର— ହୁଏତ ସଂପୂର୍ଣ୍ଣ ଅଜ୍ଞାନର— ସ୍ଥିତିରେ ରହିଥାଅ,— ବର୍ତ୍ତମାନ ତୁମର ମନ ଠିକ୍ ସେହି ଅବସ୍ଥାଟିରେହିଁ ରହିଛି, ତେବେ ତୁମର ଶରୀରକ୍ଷେତ୍ରରେ ଏକ ରୂପାନ୍ତର ଘଟିବ ବୋଲି ତୁମେ କିପରି ଆଶା କରି ପାରୁଛ ?

'oaob.nitrkl.ac.in' images reprocessed

*କେତେବେଳେ ଶରୀରରେ ଏକ ପ୍ରବଳ ପ୍ରତିରୋଧ ଅନୁଭୂତ ହୁଏ । ତାହାର କାରଣ କ'ଣ ? ମନ କୌଣସି ହସ୍ତକ୍ଷେପ କରୁ ନ ଥାଏ ସତ, ମାତ୍ର ତଥାପି ପ୍ରତିରୋଧ ଅନୁଭୂତ ହୁଏ । ଭୌତିକଟାରୁହିଁ ସବୁଠାରୁ ଅଧିକ ବଳଶାଳୀ ପ୍ରତିରୋଧ ଆସେ, ଏକ ବିଶେଷ ପ୍ରତିରୋଧ ଆସି ଅନୁଭୂତ ହେଉଥାଏ ।*

ସବୁଠାରୁ ଅଧିକ ବଳଶାଳୀ ପ୍ରତିରୋଧଟି କେଉଁଠୁ ଅନୁଭୂତ ହେଉଥାଏ ?... ତୁମର ମୁଣ୍ଡରେ । (*ସମସ୍ତେ ହସିଉଠିଲେ*) ଏହା ଯେ ଏକ ବିଶେଷ ଘଟଣା ସେକଥା ଆଦୌ ନୁହେଁ । ଅଧିକାଂଶ ସମୟରେ ଭୌତିକ ମନହିଁ ପରିବର୍ତ୍ତନ ଲାଗି ସବୁଠାରୁ ଅଧିକ ଅନିଚ୍ଛା ପ୍ରକାଶ କରିଥାଏ । ଭାରି ଅନମନୀୟ ହୋଇ ରହିଥାଏ,– ନୁହେଁ ?–ଏବଂ ଆପଣାର ପାରଙ୍ଗମତାରେ ଗୋଟାସୁଦ୍ଧା ବିଶ୍ୱାସ କରି ତାହା ଏପରି ଅନମନୀୟ ହୋଇ ରହିଥାଏ ... ଓଃ ! ଆପଣାର ଅଜ୍ଞାନଟି ବିଷୟରେ ତାହାର ଯେଉଁ ମୋହ ରହିଥାଏ, ଆପଣାର ନିଜ ଭାବନାରୀତି, ଦେଖିବାରୀତି ଓ ଜାଣିବାରୀତି ପ୍ରତି ତାହାର ଯେଉଁ ମୋହ ରହିଥାଏ, ସେଇଥିଲାଗି ତାହା ଏପରି ଅନମନୀୟ ହୋଇଥାଏ ।

ବାସ୍ ଏତିକି ନା ? ... ବେଶ୍, ତେବେ ଆଜି ଆଲୋଚନା ଏତିକିରେ ରହୁ ।

*ମୁଁ ତାହାର ପ୍ରତିକାର ବିଷୟରେ ପଚାରୁଛି ।*

ଓ ... ହୋ ... ! (*ଅନେକ ସମୟ ନୀରବ ରହିବା ପରେ*) ... ହଁ ... ତାହାହିଁ ପ୍ରତିକାର ।

'oaob.nitrkl.ac.in' images reprocessed

## ୨୯ ମଇ ୧୯୫୭

''ଏକ ଦିବ୍ୟ ଶରୀରରେ ଏକ ଦିବ୍ୟ ଜୀବନର ପ୍ରତିଷ୍ଠା,– ଏକ ଆଦର୍ଶ ହିସାବରେ ଏହି ସୂତ୍ରଟିକୁ ଆମେ ଦୃଷ୍ଟି ଆଗରେ ଉପସ୍ଥାପିତ କରି ରଖିଛୁ । ... ପୃଥିବୀ-ପୃଷ୍ଠରେ ବିବର୍ତ୍ତନର ପ୍ରକ୍ରିୟାଟି ପ୍ରକୃତରେ ବଡ଼ ମନ୍ଥର ଏବଂ ମନ୍ଦଗତି ହୋଇ ରହିଆସିଛି ।– ଯଦି ଏହି କ୍ଷେତ୍ରରେ ଏକ ରୂପାନ୍ତର ସମ୍ଭବ କରିବାକୁ ହୁଏ, ଯଦି ଉତ୍ତରୋତ୍ତର ଭାବରେ ବୃଦ୍ଧି ପାଉଥିବା ଅଥବା ଅତ୍ୟନ୍ତ ତ୍ୱରାନ୍ୱିତ ଭାବରେ ହଠାତ୍ ଏକ ପରିବର୍ତ୍ତନ ସମ୍ଭବ କରିବାକୁ ହୁଏ, ତେବେ ଆମକୁ କିପରି ଏକ ନୀତି ଅବଲମ୍ବନ କରିବାକୁ ପଡ଼ିବ ?

''ବସ୍ତୁତଃ ଆମ ବିବର୍ତ୍ତନର ପରିଣାମ ସ୍ୱରୂପହିଁ ଆମେ ଏହି ରୂପାନ୍ତରର ସମ୍ଭାବନାଟିରେ ଆସି ଉପନୀତ ହୋଇଛୁ । ପ୍ରକୃତି ଯେପରି ଜଡ଼ର ବାଡ଼କୁ ଅତିକ୍ରମ କରି ଆହୁରି ଆଗକୁ ବିବର୍ତ୍ତିତ ହୋଇ ଆସିଛି ଏବଂ ପ୍ରାଣର ଅଭିବ୍ୟକ୍ତି ଘଟାଇଛି, ପ୍ରାଣର ବାଡ଼କୁ ଅତିକ୍ରମ କରି ମନର ଅଭିବ୍ୟକ୍ତି ଘଟାଇଛି, ଠିକ୍ ସେହିପରି ତାହା ମନର ସୀମାକୁ ମଧ୍ୟ ଅତିକ୍ରମ କରି ଆହୁରି ଆଗକୁ ବିବର୍ତ୍ତିତ ହୋଇ ଆସିବ ଏବଂ ଆମ ଜୀବନର କ୍ଷେତ୍ରରେ ଏପରି ଏକ ଚେତନା ଏବଂ ସାମର୍ଥ୍ୟକୁ ଅଭିବ୍ୟକ୍ତ କରି ଆଣିବ, ଯାହାକି ଆମ ମନୋମୟ ସୋପାନର ସକଳ ଅପୂର୍ଣ୍ଣତା ଏବଂ ସୀମାବଦ୍ଧତାରୁ ମୁକ୍ତ ହୋଇ ପାରିବ; ତାହା ଏକ ଅତିମାନସ ଅର୍ଥାତ୍ ଋତ-ଚେତନାକୁ ଅଭିବ୍ୟକ୍ତ କରିଆଣିବ ଏବଂ ତାହା ଆମ ଭିତରେ ଚିଦ୍‌ଗତତାର ସାମର୍ଥ୍ୟ ତଥା ପୂର୍ଣ୍ଣତାକୁ ବିକଶିତ କରି ନେଇ ଆସିବ । ଏହି କ୍ଷେତ୍ରରେ ଯେ ଏକ ମନ୍ଥର ଏବଂ ମନ୍ଦଗତି ପରିବର୍ତ୍ତନ ଚିରକାଳ ଲାଗି ନିୟମ ହୋଇ ରହିଥିବ, ତାହା ଆଦୌ ଅନିବାର୍ଯ୍ୟ ନୁହେଁ, ତାହାହିଁ ଯେ ଆମ ବିବର୍ତ୍ତନର ସ୍ୱଭାବ ହୋଇ ରହିଥିବ, ତାହା ମଧ୍ୟ ଅନିବାର୍ଯ୍ୟ ନୁହେଁ । ହଁ, ଯେପର୍ଯ୍ୟନ୍ତ ଏକ ମନଃସ୍ତରୀୟ ଅଜ୍ଞାନ ଆମକୁ ଜାବୁଡ଼ି କରି ଧରିଥିବ ଏବଂ ଆମର ଆରୋହଣଟିକୁ ବାଧାପ୍ରାପ୍ତ କରି ରଖିଥିବ, ସେପର୍ଯ୍ୟନ୍ତ ଅଧିକ ଅଥବା ଅଳ୍ପ ପରିମାଣରେ ତାହା ସେହିପରିହିଁ ହୋଇ ରହିବ । ମାତ୍ର ଆମେ ଥରେ ସେହି ଋତଚିତ୍ ମଧ୍ୟକୁ ବିକଶିତ ହୋଇଯାଇ ପାରିଲେ ସତ୍ତାଗତ ଅଧ୍ୟାତ୍ମସତ୍ୟ ରୂପକ ତାହାର ସେହି ଶକ୍ତି ସବୁକିଛି ନିୟନ୍ତ୍ରଣ କରିବାକୁ ଆରମ୍ଭ କରିବ ।...

'oaob.nitrkl.ac.in' images reprocessed

''ଏହା ଏପରି ମଧ୍ୟ ହୋଇପାରେ ଯେ ଈପ୍ସିତ ରୂପାନ୍ତରଟି ପର୍ଯ୍ୟାୟ ପର୍ଯ୍ୟାୟ ହୋଇ ଘଟିବ; ଏହି ମନର ସୋପାନରେ ମଧ୍ୟ ତଥାପି ପ୍ରକୃତିର ଏପରି କେତେ ଶକ୍ତି ରହିଛନ୍ତି ଯେଉଁମାନେ କି ଏକ କ୍ରମବର୍ଦ୍ଧମାନ ବିଜ୍ଞାନମୟତାର ପ୍ରଚ୍ଛନ୍ନ ଶକ୍ତିରୂପେ ଅବସ୍ଥାନ କରୁଛନ୍ତି, ସେହି ଶକ୍ତିଗୁଡ଼ିକ ଆମର ଏହି ମାନବୀୟ ମନଃସୋପାନକୁ ଅତିକ୍ରମ କରି ଆହୁରି ଆଗକୁ ପ୍ରସାରିତ ହୋଇ ରହିଛନ୍ତି ଏବଂ ପରମ ଦିବ୍ୟସତ୍ତାଙ୍କର ଆଲୋକ ତଥା ସାମର୍ଥ୍ୟରେହିଁ ଅଂଶଗ୍ରହଣ କରୁଛନ୍ତି । ଏହିସବୁ ସୋପାନ ମଧ୍ୟଦେଇ ଯେଉଁ ଆରୋହଣଟି ଘଟିବ, ଅର୍ଥାତ୍ ସେହି ଆଲୋକ ଏବଂ ସାମର୍ଥ୍ୟ ଯେ ମନଃସତ୍ତାର ଏହି ଭୂମିଟିକୁ ଅବତରଣ କରିଆସିବେ, ତାହା ହୁଏତ ଆମ ବିବର୍ତ୍ତନର ଗତିପଥ ମଧ୍ୟରେ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲିହିଁ ବୋଧ ହୋଇପାରେ । ମାତ୍ର କାର୍ଯ୍ୟକ୍ଷେତ୍ରରେ ହୁଏତ ଏପରି ଦେଖିବାକୁ ମିଳିବ ଯେ ସମଗ୍ର ରୂପାନ୍ତରଟି ଲାଗି ଏହି ମଧ୍ୟବର୍ତ୍ତୀ ସୋପାନଗୁଡ଼ିକ ହୁଏତ ଆଦୌ ଯଥେଷ୍ଟ ହେବେ ନାହିଁ, କାରଣ, ସେଗୁଡ଼ିକ ସ୍ୱୟଂ ସଂପୂର୍ଣ୍ଣ ଅର୍ଥରେ ଏପର୍ଯ୍ୟନ୍ତ ଅତିମାନସ ଭୂମିରେ ପରିଣତ ହୋଇ ନ ଥିବା ମାନସ ସତ୍ତାରହିଁ କେବଳ ଗୋଟିଏ ଗୋଟିଏ ସନ୍ନିହିତ ସମ୍ଭାବନା ହୋଇ ରହିଥିବାରୁ, ସେମାନେ ହୁଏତ ମନର ଏହି ସୋପାନଟିକୁ କେବଳ ଏକ ଆଂଶିକ ଦିବ୍ୟତା ଆନୟନ କରିବାରେ ସମର୍ଥ ହୋଇପାରିବେ, ବା ମନକୁ ସେହି ଅଭିମୁଖରେ ଉନ୍ନୀତ କରିଦେଇ ପାରିବେ ସତ, ମାତ୍ର ସେହି ଉତ୍ତୋଳନଟିକୁ କଦାପି ଉତ୍ତରିତ୍ୱର ଏକ ସଂପୂର୍ଣ୍ଣ ଅତିମାନସତ୍ୱରେ ପରିଣତ କରି ପାରିବେ ନାହିଁ । ଏହି ସୋପାନଗୁଡ଼ିକ ତଥାପି ଆରୋହଣର ଗୋଟିଏ ଗୋଟିଏ ସ୍ତର ହୋଇ ନିଶ୍ଚୟ ରହିପାରିବେ, କେତେକ ବ୍ୟକ୍ତି ହୁଏତ ସେହିସବୁ ସ୍ତରରେ ଯାଇ ଉପନୀତ ହୋଇପାରିବେ ଏବଂ ସେହିଠାରେ ଅଟକି ରହିବେ; ସେତେବେଳେ ହୁଏତ ଅନ୍ୟମାନେ ଆହୁରି ଉପରକୁ ଯାଇ ପାରୁଥିବେ, ଏକ ଅର୍ଦ୍ଧଦିବ୍ୟ ଜୀବନର ଉଚ୍ଚତର ସ୍ତରରେ ପହୁଞ୍ଚି ପାରୁଥିବେ ଓ ଜୀବନ ବଞ୍ଚି ପାରୁଥିବେ । ଏକଥା କଦାପି ଅନୁମାନ କରାଯାଇ ପାରିବ ନାହିଁ ଯେ ସମଗ୍ର ମାନବଜାତି ଏକାବେଳେକେ ଅତିମାନସର ସୋପାନକୁ ଉତ୍ତୋଳିତ ହୋଇଯାଇ ପାରିବ... ।''

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୨୦-୨୨

'oaob.nitrkl.ac.in' images reprocessed

ଉତ୍ତରୋତ୍ତର ଅଗ୍ରଗତି କରୁଥିବା ଏହି ରୂପାନ୍ତରଟି ବିଷୟରେହିଁ ମୁଁ ଆଜି ସନ୍ଧ୍ୟାରେ ତୁମମାନଙ୍କୁ କହିବି । ... ଅନେକ ସମୟରେ ମୋତେ ଏହିପରି ଗୋଟିଏ ପ୍ରଶ୍ନ ପଚରା ଯାଇଛି : "ଆମକୁ ଏକ ଆଦର୍ଶ ସିଦ୍ଧାନ୍ତରୂପେ ଏହି କଥାଟି କୁହାହୋଇ ଆସିଛି ଯେ, ଯେତେବେଳେ ଆମେ ଆମର ଶରୀର ସମ୍ବନ୍ଧରେ ଭାବିବା ଅଥବା ଶରୀରକୁ ନେଇ କିଛି କରିବା, ସେତେବେଳେ ତାହାକୁ ଆମେ ଏହିପରି ଏକ ସଜ୍ଞାନତା ସହିତ ଭାବିବା ଯେ ଏହି ଶରୀର ହେଉଛି କେବଳ ବିଶ୍ୱମୟ ସେହି ସର୍ବୋଚ୍ଚ ପରମସତ୍ତାଙ୍କରହିଁ ଏକ ପରିଣାମ ଏବଂ ଏକ ନିମିତ୍ତ, ତାହା ହେଉଛି ଆମ ସତ୍ତାଗତ ଯଥାର୍ଥ ସତ୍ୟର ଏକ ପରିଣାମ ଏବଂ ଏକ ନିମିତ୍ତ ।– ତେବେ, ଆମକୁ ଏହି ଶିକ୍ଷାଟି ଦିଆଯାଇ ସାରିବା ପରେ ଏବଂ ଏହାକୁହିଁ ସତ୍ୟ ବୋଲି ଦର୍ଶାଇ ଦିଆଯାଇ ସାରିବା ପରେ କାହିଁକି ଏପରି ହେବ ଯେ ଆମର ଆଶ୍ରମର ସଂଗଠନଟି ମଧ୍ୟରେ କାହିଁକି ଏଠି ଡାକ୍ତର ରହିବେ, ଡାକ୍ତରଖାନା ରହିବ ଏବଂ ସର୍ବତ୍ର ସ୍ୱୀକୃତ ହେଉଥିବା ଆଧୁନିକ ନାନା ସିଦ୍ଧାନ୍ତ ଉପରେ ଭିତ୍ତି କରି ଶରୀରଲାଗି ଏକ ବିଶେଷ ଶିକ୍ଷାର ଏକ ଯୋଜନା ମଧ୍ୟ ରହିବ ?" ଏବଂ, ଯେତେବେଳେ ତୁମମାନଙ୍କ ମଧ୍ୟରୁ କେତେଜଣ ମିଶି ବଣଭୋଜି କରି ଯାଉଥିବେ, ସେତେବେଳେ ମୁଁ ତୁମମାନଙ୍କୁ ଯେକୌଣସି ଜାଗାରୁ ପାଣି ନ ପିଇବାକୁ ବାରଣ କରି କହିବି, ସାଙ୍ଗରେ ଫିଲ୍‌ଟର୍ କରା ଯାଉଥିବା ପାଣି ନେଇ କରି ଯିବାଲାଗି କହୁଥିବି ? ତୁମେ ଯେଉଁସବୁ ଫଳ ଖାଉଥିବ, ମୁଁ କାହିଁକି ସେଗୁଡ଼ିକ ପ୍ରଥମେ ଜୀବାଣୁମୁକ୍ତ କରି ତା'ପରେ ଯାଇ ଖାଇବା ଉଚିତ ବୋଲି ପରାମର୍ଶ ଦେଉଥିବି ? ଇତ୍ୟାଦି, ଇତ୍ୟାଦି ।

ଏହି ସବୁଯାକ କଥା ପ୍ରକୃତରେ ଭାରି ପରସ୍ପର ବିରୋଧାତ୍ମକ ବୋଲି ମନେ ହେଉଥିବ; ମାତ୍ର ଆଜି ସନ୍ଧ୍ୟାରେ ତୁମମାନଙ୍କୁ ମୁଁ ଏପରି ଏକ କଥା ବୁଝାଇ କହିଦେବାକୁ ଇଚ୍ଛା କରୁଛି, ଯାହାକି ତୁମ ଭିତରେ ଜାଗ୍ରତ ହେଉଥିବା ପରସ୍ପର-ବିରୋଧିତାର ଏହି ଭାବଟିକୁ ଦୂର କରିଦେଇ ପାରିବ ବୋଲି ମୁଁ ଆଶା କରୁଛି । ମୁଁ ବସ୍ତୁତଃ ଅନେକଥର ତୁମମାନଙ୍କୁ କହିଛି ଯେ ଯେତେବେଳେ ଦୁଇଟି ବିଚାର ବା ସିଦ୍ଧାନ୍ତ ପରସ୍ପର ବିରୋଧ କରୁଥିବା ପରି ବୋଧ ହେଉଥିବେ, ସେତେବେଳେ ତୁମକୁ ଆପଣାର ଭାବନାରେ ଆଉଟିକିଏ ଉଚ୍ଚକୁ ଉଠିଯିବାକୁ ପଡ଼ିବ, ଏବଂ ଯେଉଁ ବିନ୍ଦୁଟିରେ ଏହି ବିରୋଧଗୁଡ଼ିକ ଏକ ସମଗ୍ର ସମନ୍ୱୟ ମଧ୍ୟରେ ପରସ୍ପର ସହିତ ମିଳିତ ହୋଇ ରହିଥିବେ, ସେପରି ଏକ ବିନ୍ଦୁରେ ଯାଇ ପହଞ୍ଚିବାକୁ ପଡ଼ିବ ।

ଏହି କ୍ଷେତ୍ରରେ, ଯଦି ଆମେ ଗୋଟାଏ କଥା ଜାଣିବା, ତେବେ ସବୁକଥା ଭାରି ସହଜ ହୋଇଯିବ । ସେହି କଥାଟି ହେଉଛି, ଆମ ଶରୀରର ସମ୍ମୁଖୀନ ହେବାଲାଗି, ତାହାକୁ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ କରି ରଖିବାଲାଗି, ତାହାର ଅବସ୍ଥାରେ ଆହୁରି ଉନ୍ନତି ଘଟାଇବା ଲାଗି ଏବଂ ତାହାର ସ୍ୱାସ୍ଥ୍ୟବିଧାନ ଲାଗି ଆମେ କେଉଁ ପଦ୍ଧତିଟିକୁ

'oaob.nitrkl.ac.in' images reprocessed

କାମରେ ଲଗାଇବା, ତାହା ସଂପୂର୍ଣ୍ଣ ଭାବରେ ଆମେ ଯେଉଁ ଚେତନାଟିରେ ଅବସ୍ଥାନ କରୁଛୁ, କେବଳ ତାହାରି ଉପରେହିଁ ନିର୍ଭର କରିବ । କାରଣ ଆମ ଶରୀର ହେଉଛି ଆମ ଚେତନାର ଏକ ନିମିତ୍ତ ମାତ୍ର; ଏହି ଚେତନା ଆମ ଶରୀର ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରିବ ଏବଂ ଏଥିରୁ ତାହାର ଯାହାକିଛି ପାଇବା କଥା, ତାହା ଲାଭ କରି ପାରିବ ।

ତେଣୁ, ତୁମର ଭୌତିକ ଚେତନାଟି ଯଦି ଏକ ସାଧାରଣ ସ୍ତରରେ ରହିଥାଏ, ଯଦି ସେହି ସାଧାରଣ ଭୌତିକ ଚେତନାର ଆଖିରେହିଁ ତୁମେ ସବୁକଥାକୁ ଦେଖୁଥାଅ, ସେହି ସାଧାରଣ ଭୌତିକ ଚେତନାରେହିଁ ଯଦି ତୁମର ଭାବନାଗୁଡ଼ିକ ରହିଥାଏ, ତେବେ ଶରୀର ଉପରେ କ୍ରିୟା କରିବାଲାଗି ମଧ୍ୟ ତୁମକୁ କେବଳ ସାଧାରଣ ଭୌତିକ ସାଧନଗୁଡ଼ିକୁହିଁ କାର୍ଯ୍ୟରେ ଲଗାଇବାକୁ ପଡ଼ିବ । ଏହି ସାଧାରଣ ଭୌତିକ ସାଧନଗୁଡ଼ିକହିଁ ମନୁଷ୍ୟ-ଜୀବନର ସହସ୍ର ସହସ୍ର ବର୍ଷ ଧରି ସମଗ୍ର ବିଜ୍ଞାନରୂପେ ସଞ୍ଚିତ ହୋଇ ଆସିଛି । ଏହି ବିଜ୍ଞାନ ଏକ ଅତି ଜଟିଳ ବିଜ୍ଞାନ, ଏହାର ପ୍ରକ୍ରିୟାଗୁଡ଼ିକ ଅସଂଖ୍ୟ, ବହୁଛନ୍ଦିତ, ବଡ଼ ଅନିଶ୍ଚିତ, ଅନେକ ସମୟରେ ପରସ୍ପର-ବିରୋଧୀ, ସର୍ବଦା ଉତ୍ତରୋତ୍ତର ଭାବରେ ବର୍ଦ୍ଧନଶୀଳ ଏବଂ ପ୍ରାୟ ସଂପୂର୍ଣ୍ଣ ଭାବରେ ଏକ ଆପେକ୍ଷିକ ବିଜ୍ଞାନ । ତଥାପି, ଏହି କ୍ଷେତ୍ରରେ ଅନେକ ନିର୍ଭୁଲ ଫଳ ହାସଲ କରିବା ସମ୍ଭବ ହୋଇପାରିଛି; ଶରୀରର କର୍ଷଣ କ୍ରମେ ଏକ ଗମ୍ଭୀର ଅନୁଶୀଳନରେ ପରିଣତ ହୋଇଛି, ଏଥିରେ ନାନା ପ୍ରୟୋଗ, ଅଧ୍ୟୟନ ତଥା ପର୍ଯ୍ୟବେକ୍ଷଣର ଅବଦାନ ଆସି ଏକତ୍ର ହୋଇଛି ଯାହାର ସାହାଯ୍ୟରେ କି ଆମେ ଆମର ଖାଦ୍ୟ ଗ୍ରହଣକୁ ଏକ ନିୟମନ ମଧ୍ୟରେ ଆଣି ପକାଇ ପାରୁଛୁ, ଆମର କାର୍ଯ୍ୟଗୁଡ଼ିକୁ ଓ ଆମ ବ୍ୟାୟାମକୁ ମଧ୍ୟ ଏକ ନିୟମ ଭିତରେ ଆଣି ପକାଇ ପାରୁଛୁ, ଜୀବନର ସମଗ୍ର ବାହ୍ୟ ସଂଗଠନଟିକୁ ନିୟମ ଭିତରେ ପକାଇ ପାରୁଛୁ । ଏଗୁଡ଼ିକ ଆମକୁ ଯଥେଷ୍ଟ ପରିମାଣରେ ଏପରି ଏକ ଭିତ୍ତି ଆଣି ଯୋଗାଇଦେଇ ଯାଉଛି, ଯେପରିକି, ଯେଉଁମାନେ ଏଗୁଡ଼ିକ ସମ୍ବନ୍ଧରେ ଅଧ୍ୟୟନ କରୁଛନ୍ତି ଓ ନିଷ୍ଠାର ସହିତ ସେଗୁଡ଼ିକର ପାଳନ କରୁଛନ୍ତି, ସେମାନେ ନିଜର ଶରୀରକୁ ଉତ୍ତମ ସ୍ୱାସ୍ଥ୍ୟର ଅବସ୍ଥାରେ ରଖିବା ଲାଗି ସମର୍ଥ ହୋଇପାରୁଛନ୍ତି, ଶରୀରର ଦୋଷଗୁଡ଼ିକୁ ନିରାକୃତ କରି ପାରୁଛନ୍ତି ଏବଂ ଶରୀରର ସାଧାରଣ ସ୍ଥିତିରେ ଉନ୍ନତିବିଧାନ ବି କରି ପାରୁଛନ୍ତି । ଏପରିକି, ସେମାନେ ଏପରି ଫଳମାନ ହାସଲ ମଧ୍ୟ କରୁଛନ୍ତି, ଯେଉଁଗୁଡ଼ିକୁ କି ଅନେକ ସନ୍ଦର୍ଭରେ ଚମତ୍କାର ଓ ଉଲ୍ଲେଖଯୋଗ୍ୟ ବୋଲି କୁହାଯାଇ ପାରିବ ।

ମୁଁ ଏଠାରେ ଆହୁରି ଗୋଟିଏ କଥା ବି କହିପାରିବି ଯେ ବୁଦ୍ଧି ଉପରେ ଆଧାରିତ ହୋଇ ମନୁଷ୍ୟର ଏହି ବିଜ୍ଞାନଟି ବର୍ତ୍ତମାନ ଯେଉଁପରି ହୋଇ ରହିଛି, ସତ୍ୟର ଅନୁସନ୍ଧାନ କରିବା ଲାଗି ତାହା ଯେପରି ନିଷ୍ଠାର ସହିତ ପ୍ରୟାସ କରିବାରେ ଲାଗିଛି, ଭାରି

'oaob.nitrkl.ac.in' images reprocessed

ଆଶ୍ଚର୍ଯ୍ୟଜନକ ଭାବରେ ସେହି ବିଜ୍ଞାନ ପରମ ଚିଦ୍‌ଗତତାର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସିବାରେ ଲାଗିଛି । ସେହିପରି ଏକ ମୁହୂର୍ତ୍ତର ଭବିଷ୍ୟକଳ୍ପନା କରିବା ବର୍ତ୍ତମାନ ଆଦୌ ଅସମ୍ଭବ ହୋଇ ରହି ନାହିଁ, ଯେଉଁଠାରେ କି ଉଭୟେ ଅସଲ ସତ୍ୟର ଏକ ଅତ୍ୟନ୍ତ ଗଭୀର ଏବଂ ଅତ୍ୟନ୍ତ ଘନିଷ୍ଠ ପାରସ୍ପରିକ ବୋଧ ସହିତ ପରସ୍ପର ସହିତ ସମ୍ମିଳିତ ହୋଇ ଆସିବେ ।

ତେଣୁ, ଯେଉଁମାନେ ଜଡ଼ର ଭୂମିଟିରେ ବାସ କରୁଛନ୍ତି, ସେହି ଭୌତିକ ଚେତନାରେ ବାସ କରୁଛନ୍ତି, ସେମାନଙ୍କ ସ୍ଥଳରେ ଶରୀରର କ୍ଷେତ୍ରରେ ସେହି ଭୌତିକ ସାଧନ ତଥା ପ୍ରକ୍ରିୟାଗୁଡ଼ିକରହିଁ ବ୍ୟବହାର କରିବାକୁ ପଡ଼ିବ । ଏବଂ, ଅତିରିକ୍ତ ପରିମାଣରେ ଅଧିକସଂଖ୍ୟକ ମଣିଷ,– ଆଶ୍ରମରେ ଯେଉଁମାନେ ବାସ କରୁଛନ୍ତି, ସେମାନଙ୍କର ସମେତ ବି,– ଯେଉଁ ଚେତନାରେ ବାସ କରୁଛନ୍ତି, ତାହାକୁ ସଂପୂର୍ଣ୍ଣ ଭାବରେ ଏକ ଭୌତିକ ଚେତନା ବୋଲି କୁହା ନ ଗଲେ ମଧ, ଅନ୍ତତଃ ପ୍ରଧାନତଃ ଏକ ଜଡ଼ ବା ଭୌତିକ ଚେତନା ମଧ୍ୟରେ ସେମାନେ ବାସ କରୁଥିବାରୁ, ଶରୀରର ସ୍ୱାସ୍ଥ୍ୟବିଧାନ ପାଇଁ ଜଡ଼ବିଜ୍ଞାନ ଯେଉଁସବୁ ସିଦ୍ଧାନ୍ତକୁ ନିରୂପିତ କରିଦେଇଛି, ସେମାନଙ୍କ ପକ୍ଷରେ ସେହିଗୁଡ଼ିକର ଅନୁସରଣ କରିବାହିଁ ସ୍ୱାଭାବିକ କଥା ବୋଲି କୁହାଯିବ ।

ମାତ୍ର, ଶ୍ରୀଅରବିନ୍ଦ ଆମକୁ ଯେପରି ଶିକ୍ଷା ଦେଇଛନ୍ତି, ସେଇଟି ଅନୁସାରେ ଏହାକୁ କଦାପି ସର୍ବଶେଷ ଉପଲବ୍ଧି ବୋଲି ଆଦୌ କୁହାଯିବ ନାହିଁ, ଏହାକୁ ଆମର ଅଭିଳଷିତ ସର୍ବୋଚ୍ଚ ଆଦର୍ଶ ବୋଲି ମଧ କଦାପି କୁହାଯିବ ନାହିଁ । ଏହାଠାରୁ ମଧ ଅଧିକ ଉଚ୍ଚ ଆହୁରି ଏକ ସ୍ଥିତି ରହିଛି, ଯେଉଁଠାରେ କି ଆମର ଚେତନା ଆପଣାର କାର୍ଯ୍ୟ ବିଧିରେ ମୁଖ୍ୟତଃ ମନୋମୟ ଅଥବା ଆଂଶିକ ଭାବରେ ମନୋମୟ ହୋଇ ରହିଲେ ମଧ, ତଥାପି ଆଧ୍ୟାତ୍ମିକ ଜୀବନଟି ଲାଗି ଆପଣାର ଏକ ଆକାଙ୍‌କ୍ଷାରେ ଉଚ୍ଚତର ଆହୁରି ଅନେକ ଭୂମିଲାଗି ଉନ୍ମୋଚିତ ହୋଇ ରହିଛି । ସେଠାରେ ତାହା ଅତିମାନସ ପ୍ରଭାବଟି ଲାଗି ଆପଣାକୁ ଉନ୍ମୁକ୍ତ କରି ରଖିଛି ।

ଏହି ଉନ୍ମୋଚନଟି ଘଟିବା ସଙ୍ଗେ ସଙ୍ଗେ ଆମେ ଜୀବନର ତୁଚ୍ଛା ଏହି ଭୌତିକ ସୋପାନଟିର ଆବରଣଟିକୁ ପାର ହୋଇ ଆହୁରି ଆଗକୁ ଚାଲିଯାଇ ପାରିବା;– ଏଠାରେ ମୁଁ ଯେତେବେଳେ "ଭୌତିକ" ବୋଲି କହୁଛି, ସେତେବେଳେ ମୁଁ ତାହାମଧ୍ୟରେ ସମଗ୍ର ମନୋମୟ ଏବଂ ବୁଦ୍ଧି ଦ୍ୱାରା ପ୍ରେରିତ ଜୀବନଟିକୁ ମଧ ଅନ୍ତର୍ଗତ କରୁଛି, ମନୁଷ୍ୟର ଯାବତୀୟ କୃତି, ଏପରିକି ସବୁଠାରୁ ଅଧିକ ଚମତ୍କାର କୃତିଗୁଡ଼ିକୁ ମୁଁ ସେଥିରେ ଅନ୍ତର୍ଗତ କରି ରଖୁଛି; ମୁଁ ଏପରି ଏକ ଭୌତିକ ସୋପାନର କଥା କହୁଛି, ଯାହାକୁ କି ମନୁଷ୍ୟ-ସାମର୍ଥ୍ୟର ସର୍ବୋଚ୍ଚ ଶିଖର ବୋଲି କୁହାଯାଇ ପାରିବ, ଏପରି ଏକ ପାର୍ଥିବ ଏବଂ

'oaob.nitrkl.ac.in' images reprocessed

ଜାଗତିକ ଜୀବନର ସର୍ବୋଚ୍ଚ ଶିଖର ବୋଲି କୁହାଯାଇ ପାରିବ, ଯେଉଁଥି ମଧ୍ୟରେ କି ମନୁଷ୍ୟ ମାନସିକ ଏବଂ ବୁଦ୍ଧିଗତ ଦୃଷ୍ଟିରୁ ବିଚାର କଲେ ଏକ ଅଧିକ ଉଚ୍ଚ ସ୍ତରର ନାନା ମୂଲ୍ୟର ଅଭିବ୍ୟକ୍ତି ସମ୍ଭବ କରିପାରିବ । ଜଣେ ସେହି ସୋପାନଟିଠାରୁ ଆହୁରି ଅଧିକ ବି ଅଗ୍ରସର ହୋଇ ପାରିବ, ଆପଣାକୁ ସେହି ଅତିମାନସ ଶକ୍ତି ପାଖରେ ଉନ୍ମୋଚିତ କରି ଦେଇପାରିବ, ଯାହାକି ବର୍ତ୍ତମାନ ପୃଥିବୀ ଉପରେ କାର୍ଯ୍ୟ କରିବାରେ ଲାଗିଛି, ଏବଂ ଏପରି ମଧ୍ୟବର୍ତ୍ତୀ ଏକ କ୍ଷେତ୍ରରେ ଯାଇ ପହଞ୍ଚିବ, ଯେଉଁଠାରେ କି ଦୁଇଟିଯାକ ପ୍ରଭାବ ପରସ୍ପରକୁ ଭେଟି ପରସ୍ପରକୁ ଭେଦ କରି ରହିଛନ୍ତି, ଯେଉଁଠାରେ ଚେତନା ଆପଣା କର୍ମ ରୀତିରେ ତଥାପି ସେହି ମନୋମୟ ଏବଂ ବୁଦ୍ଧିପ୍ରସୂତ ସ୍ତରର ହୋଇ ରହିଛି ସତ, ମାତ୍ର ଅତିମାନସ ଶକ୍ତି ଏବଂ ବଳ ଦ୍ୱାରା ଏପରି ଭାବରେ ଅନୁପ୍ରାଣିତ ହୋଇ ରହିଛି, ଯାହାଦ୍ୱାରା କି ତାହା ଏକ ଉଚ୍ଚତର ସତ୍ୟର ନିମିତ୍ତରୂପେ କାର୍ଯ୍ୟ କରି ପାରିବ ।

ଯେଉଁ ବ୍ୟକ୍ତିମାନେ ଆପଣାକୁ ଅଭିବ୍ୟକ୍ତ କରି ଆଣୁଥିବା ଅତିମାନସ ଶକ୍ତିଟିକୁ ଗ୍ରହଣ କରିପାରିବା ଲାଗି ଆପଣାକୁ ପ୍ରସ୍ତୁତ କରି ପାରିଛନ୍ତି, ବର୍ତ୍ତମାନ ଏହି ପୃଥିବୀରେ ସେହିମାନେହିଁ ଏହି ସ୍ଥିତିଟିର ଉପଲବ୍ଧି କରିପାରିବେ । ଏବଂ ସେହି ସ୍ଥିତିରେ, ଚେତନାର ସେହି ସ୍ଥିତିଟିରେ ଆମର ଶରୀର ତା'ର ପୂର୍ବାବସ୍ଥାଟି ତୁଳନାରେ ଏକ ଅଧିକ ଉତ୍ତମ ଅବସ୍ଥା ଦ୍ୱାରା ଆପଣାକୁ ଉପକୃତ କରିପାରିବ । ଆପଣା ସତ୍ତାର ଯଥାର୍ଥ ସତ୍ୟଟି ସହିତ ତାହା ଆପଣାକୁ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆଣିପାରିବ, ଏପରି ଅଧିକ ଭାବରେ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆଣିପାରିବ ଯେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ପ୍ରତ୍ୟେକ ମୁହୂର୍ତ୍ତରେ ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଅଥବା ଏକ ସଂବୋଧି ବଳରେ ଯାହା ତା'ର କର୍ତ୍ତବ୍ୟ ଏବଂ ସିଏ ଯେ ସେହି କର୍ତ୍ତବ୍ୟଟିକୁ ଜାଣିପାରିବ, ସେହି କଥାଟିକୁ ଜାଣି ପାରୁଥିବ ।

ମୁଁ ଯେପରି କହିଲି, ଅତିମାନସ ଶକ୍ତିକୁ ଗ୍ରହଣ କରିବା ଲାଗି, ତାହାକୁ ଆପଣା ମଧ୍ୟରେ ଧାରଣ କରିବା ଲାଗି ଓ ତାହାରି ନିର୍ଦ୍ଦେଶକୁ ମାନିବା ଲାଗି ଯେଉଁମାନେ ଆପଣାକୁ ଯଥୋଚିତ ଭାବରେ ପ୍ରସ୍ତୁତ କରିବାର ଶ୍ରମଟିକୁ କରିପାରିବେ, ସେମାନେ ସମସ୍ତେ ବର୍ତ୍ତମାନ ମଧ୍ୟ ଏହି ସ୍ଥିତିଟିର ଉପଲବ୍ଧି କରିପାରିବେ ।

ଏହି ସ୍ଥିତିଟି ଉପରେ ଅବଶ୍ୟ ଆଉଗୋଟିଏ ଉଚ୍ଚତର ସ୍ଥିତି ମଧ୍ୟ ରହିଛି; ଶ୍ରୀଅରବିନ୍ଦ ସେହି ସ୍ଥିତିଟିକୁ 'ପରିପୂର୍ଣ୍ଣ କରିବା ଲାଗି ଅପେକ୍ଷା କରି ରହିଥିବା ଆଦର୍ଶ' ବୋଲି କହିଛନ୍ତି । ସେହି ସ୍ଥିତିଟି ହେଉଛି ଏକ ଦିବ୍ୟ ଶରୀରରେ ଏକ ଦିବ୍ୟ ଜୀବନକୁ ବଞ୍ଚିବା । ମାତ୍ର ସିଏ ସ୍ୱୟଂ ଆମକୁ କହୁଛନ୍ତି ଯେ ଏଥିପାଇଁ ଆହୁରି ସମୟ ଲାଗିବ; ଏହା ହେଉଛି ଏକ ସମଗ୍ର ରୂପାନ୍ତର, ଏବଂ ଏହାକୁ କଦାପି ଗୋଟିଏ ମୁହୂର୍ତ୍ତରେ ଉପଲବ୍ଧି

'oaob.nitrkl.ac.in' images reprocessed

କରାଯାଇ ପାରିବ ନାହିଁ । ଏପରିକି ଏହା ହୁଏତ ବେଶ୍ ଏକ ଦୀର୍ଘ ସମୟ ବି ନେବ । ମାତ୍ର, ଯେତେବେଳେ ତାହା ଉପଲବ୍ଧ ହୋଇଯିବ, ଯେତେବେଳେ ଚେତନା ଏକ ଅତିମାନସ ଚେତନାରେ ପରିଣତ ହେବ, ତେବେ ଆମର କାର୍ଯ୍ୟଗୁଡ଼ିକ ଆଉ ଏକ ମାନସିକ ନିର୍ବାଚନର ପ୍ରକ୍ରିୟା ଦ୍ୱାରା ମୁହୂର୍ତ୍ତକୁ ମୁହୂର୍ତ୍ତ ଆଦୌ ନିରୂପିତ ହେବ ନାହିଁ ବା ତାହା ଆମର ଦୈହିକ ସାମର୍ଥ୍ୟ ଉପରେ ଆଉ ମୋଟେ ନିର୍ଭରଶୀଳ ହୋଇ ରହିବ ନାହିଁ : ସେତେବେଳେ ଆମର ଶରୀର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏବଂ ସମଗ୍ର ଭାବରେ ସେହି ଅନ୍ତର୍ଗତ ସତ୍ୟଟିର ପରିପୂର୍ଣ୍ଣ ପ୍ରକାଶରୂପେ ଉଦ୍‌ଭାସିତ ହୋଇ ଉଠିବ ।

ଆମେ ଏହି ଆଦର୍ଶଟିକୁହିଁ ଆମ ସମ୍ମୁଖରେ ଧରି ରଖିବା, ତାହାରି ଉପଲବ୍ଧି ସକାଶେ ଆମର ସକଳ ପ୍ରୟାସ ଉଦ୍ଦିଷ୍ଟ ହୋଇ ରହିବ; ମାତ୍ର ଆମେ କଦାପି ଆପଣାକୁ ଭ୍ରମଭିତରେ ପକାଇ ଏକଥା ଭାବି ବସିବା ନାହିଁ ଯେ ଏହି ରୂପାନ୍ତରଟି ତ୍ୱରାର ସହିତ ଘଟିବ, ହଠାତ୍ ସତେଅବା କୌଣସି କୁହୁକ ଦ୍ୱାରା କିଛି ଘଟି ଅବାକ୍ କରିଦେଲା ପରି ଘଟିବ, ଏବଂ ସେଥିଲାଗି ଆମକୁ କୌଣସି ପ୍ରୟାସ କରିବାକୁ ପଡ଼ିବ ନାହିଁ, କୌଣସି ଶ୍ରମ କରିବାକୁ ବି ପଡ଼ିବ ନାହିଁ ।

ଅବଶ୍ୟ ଏକଥା ସଂପୂର୍ଣ୍ଣ ସତ୍ୟ ଯେ ତାହା ବର୍ତ୍ତମାନ କେବଳ ଏକ ସମ୍ଭାବନାମାତ୍ର ହୋଇ ରହି ନାହିଁ, ଅତ୍ୟନ୍ତ ଦୂରବର୍ତ୍ତୀ ହୋଇ ରହିଥିବା ଏକ ପ୍ରତିଶ୍ରୁତି ମାତ୍ର ହୋଇ କଦାପି ରହି ନାହିଁ : ତାହା ଏକ ନିର୍ମାୟମାଣ ଅବସ୍ଥାକୁ ଆସି ଗଲାଣି । ଏବଂ, ଅନ୍ତର୍ଗତ ଚିଦ୍‌ଗତତାର କ୍ଷେତ୍ରରେ ଯାହା ସମ୍ଭବ ହୋଇ ସାରିଛି, ଆମର ଶରୀର ଯେ ଆମ ସତ୍ତାର ସେହି ଯଥାର୍ଥତମ ଆଧ୍ୟାତ୍ମିକ ଅଂଶର ଅନୁଭୂତିକୁ ପୂର୍ଣ୍ଣରୂପେ ପୁନର୍ବାର ପ୍ରକାଶିତ କରି ଆଣିବାକୁ ସମର୍ଥ ହେବ ଏବଂ ଆପଣାର ଶାରୀର ଚେତନାରେହିଁ ସର୍ବୋଚ୍ଚ ପରମସତ୍ୟଟି ସମକ୍ଷରେ ଦଣ୍ଡାୟମାନ ହୋଇପାରିବ, ପୂର୍ଣ୍ଣଭାବରେ ସେହି ସତ୍ୟ ଆଡ଼କୁ ଅଭିନିବେଶିତ ହୋଇ ରହିପାରିବ ଏବଂ ଆପଣାର ସକଳ କୋଷରୁ ମଧ୍ୟ ଏକ ପୂର୍ଣ୍ଣ ଆତ୍ମ-ସମର୍ପଣ ସହିତ "ତୁମେ ଯାହା, ମୁଁ ତାହାହିଁ ହେବି– ସଂପୂର୍ଣ୍ଣ ଓ ପରିପୂର୍ଣ୍ଣ ଭାବରେ ଠିକ୍ ତାହାହିଁ ହେବି, ଅନନ୍ତ ଓ ଶାଶ୍ୱତ ଭାବରେ... ଅତ୍ୟନ୍ତ ସହଜ ଭାବରେ ମୁଁ ତାହାହିଁ ହେବି" ବୋଲି ପ୍ରକୃତରେ କହିପାରିବ, ସେହି ମୁହୂର୍ତ୍ତଟି ବର୍ତ୍ତମାନ କେବଳ ଯେ ଦୂରରୁ ଥାଇ ଅନୁମାନ କରିହେଉଛି, ସେକଥା ମୋଟେ ନୁହେଁ, ସେହି ମୁହୂର୍ତ୍ତଟି ସମାଗତ ହେବାକୁ ବସିଲାଣି ବୋଲି ଅନୁଭବ ବି କରିହେଉଛି ।

'oaob.nitrkl.ac.in' images reprocessed

## ୫ ଜୁନ୍ ୧୯୫୭

ତୁମମାନଙ୍କର କୌଣସି ପ୍ରଶ୍ନ ପଚାରିବାକୁ ଅଛି କି ? କୌଣସି ପ୍ରଶ୍ନ ନାହିଁ ?

*ମାଆ, ଯେଉଁ ପ୍ରଶ୍ନଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମ ଭିତରୁ ନ ଆସୁଛି, ସେପରି ପ୍ରଶ୍ନ ପଚାରିବା ବି କ'ଣ ଉଚିତ ହେବ କି ?*

ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମ ଭିତରୁ ନ ଆସୁଥିବା ପ୍ରଶ୍ନ କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ ?

*କାରଣ, ସାଧାରଣତଃ ଏହି କ୍ଲାସ୍‌ରେ ଏପରି ହୋଇଥାଏ ଯେ, ଆମେ ଭାବୁ ଆମେ ପ୍ରଶ୍ନ ନ ପଚାରିଲେ ଆପଣ ଆମକୁ ମୋଟେ କିଛିହେଲେ କହିବେ ନାହିଁ। ତେଣୁ ଆମେ ଭାବି ଭାବି ପ୍ରଶ୍ନଟିଏ ପଚାରିବାକୁ ଚେଷ୍ଟା କରୁ,– କାରଣ ପ୍ରଶ୍ନ ପଚାରିବା ନିହାତି ଦରକାର ବୋଲି ଭାବୁଥାଉ ।*

ଏପରି ଚେଷ୍ଟା କରି ତୁମେ କ'ଣ ପାଅ, ସବୁକିଛି ତାହାରି ଉପରେ ନିର୍ଭର କରିବ । ଯଦି ପ୍ରଶ୍ନଟି ପ୍ରକୃତରେ ଆଗ୍ରହୋଦ୍ଦୀପକ ହୋଇଥାଏ ... ପ୍ରଶ୍ନଟି ପାଇବା ଲାଗି ତୁମକୁ ଏକ ପ୍ରୟାସ କରିବାକୁ ପଡୁଛି ବୋଲି ପ୍ରଶ୍ନଟି ଯେ ନିଶ୍ଚୟ ଏକ ଖରାପ ପ୍ରଶ୍ନ ହେବ, ତାହାର କୌଣସି କାରଣ ନାହିଁ।

ଆଜି ତୁମର ସେହିପରି ଗୋଟିଏ ପ୍ରଶ୍ନ ପଚାରିବାକୁ ଅଛି କି ?

*ନାଇଁ।*

ତା'ହେଲେ ...

*(ମାଆ ଦୀର୍ଘକାଳ ନୀରବ ରହିଲେ)*

ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, ଯଦି ବସ୍ତୁତଃ ମନୋଯୋଗ ସହକାରେ ଆମେ ତାହାକୁ ପଢ଼ିବା, ସିଏ ଯାହାକିଛି ଲେଖିଛନ୍ତି, ଯଦି ମନଦେଇ ସେସବୁକୁ ଅଧ୍ୟୟନ କରିବା, ତେବେ ସେଇଥିରୁହିଁ ଆମକୁ ଯାବତୀୟ ପ୍ରଶ୍ନର ଉତ୍ତର ମିଳିଯାଇ ପାରିବ । ମାତ୍ର,

'oaob.nitrkl.ac.in' images reprocessed

ବିଚାରଗୁଡ଼ିକ ଉପସ୍ଥାପିତ କରିବାର କେତେକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଏବଂ କେତେକ ନିର୍ଦ୍ଦିଷ୍ଟ ମାର୍ଗ ରହିଛି ଯେଉଁଗୁଡ଼ିକର କି ଆମ ଚେତନା ଉପରେ ଏକ ସମ୍ୟକ୍‌ଗତିଶୀଳ ପ୍ରଭାବ ଆସି ପଡ଼ିଥାଏ ଏବଂ ଆମକୁ ଏକ ଆଧ୍ୟାତ୍ମିକ ଅଗ୍ରଗତି କରିବାରେ ସହାୟକ ହୋଇଥାଏ । ତେଣୁ, ଉପସ୍ଥାପନଟିକୁ ସେହିପରି ଫଳପ୍ରଦ କରିବାକୁ ହେଲେ ତାହା ଏକ ପ୍ରତ୍ୟକ୍ଷ ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ରୂପେ ଅବଶ୍ୟ ପ୍ରକାଶିତ ହୋଇ ଆସି ପାରିଥିବା ଉଚିତ । ଯେଉଁ କଥାଗୁଡ଼ିକ ଆଗରୁ କୁହାଯାଇ ସାରିଛି, ଯଦି ଠିକ୍ ସେହିପରି ଭାବରେହିଁ ସେଗୁଡ଼ିକର ପୁନରାବୃତ୍ତିହିଁ କରାଯାଉଥାଏ, କେବଳ ପୁରାତନ ଅନୁଭୂତିର କଥାଗୁଡ଼ିକୁହିଁ କୁହାଯାଉଥାଏ, ତେବେ ତାହା ସତେଅବା ଗୋଟାଏ ପ୍ରକାରର ଉପଦେଶ ଦେଉଥିବା ପରି ଏକ କାର୍ଯ୍ୟରେ ପର୍ଯ୍ୟବସିତ ହେବାରେ ଲାଗେ,– ସତେଅବା କେହି ତୁମକୁ କ'ଣ ଶିକ୍ଷା ଦେବା ଉଦ୍ଦେଶ୍ୟରେ କିଛି କହୁଥିଲା ପରି ମନେହୁଏ; ତାହା ଆମର ମସ୍ତିଷ୍କ ଭିତରେ କେତୋଟି କୋଷକୁ ବେଶ୍ ସଚଳ କରି ଦେଇଥାଏ, ସତ, ମାତ୍ର ତାହା ବସ୍ତୁତଃ ଖୁବ୍‌ବେଶୀ କାମରେ ଆସେ ନାହିଁ ।

ମୋ' ଲାଗି, ମୁଁ ଯାହା କରିବାକୁ ଚେଷ୍ଟା କରୁଛି, ସେଇଟି ସକାଶେ, ନୀରବ ହୋଇ କାର୍ଯ୍ୟ କରିବା ହେଉଛି ସର୍ବଦା ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ।... ଯେଉଁ ଶକ୍ତିଟି ସକ୍ରିୟ ହୋଇ ରହିଛି, ତାହା କଦାପି ଶବ୍ଦଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୋଇ ରହି ନାହିଁ, ଏବଂ ତାହାଦ୍ୱାରାହିଁ ଏହି ଶକ୍ତିକୁ ଅନନ୍ତ ଗୁଣରେ ଏକ ବୃହତ୍ତର ବଳ ମିଳିଥାଏ, ଏବଂ ପ୍ରତ୍ୟେକ ବ୍ୟକ୍ତିର ଚେତନାରେ ତାହା ସେହି ଚେତନାର ସ୍ୱକୀୟ ସ୍ୱତନ୍ତ୍ର ରୀତିଟି ଅନୁସାରେହିଁ ଆପଣାକୁ ଅଭିବ୍ୟକ୍ତ କରିଥାଏ ଏବଂ ତଦ୍ୱାରା ତାହା ଆପଣାକୁ ଅଧିକ ଫଳପ୍ରଦ କରିବାରେ ସମର୍ଥ ହୁଏ । ନୀରବତା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନର ସଂଚାର ଘଟେ, ଏକ ନର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେହିଁ ଏହି ସଂଚାର ଘଟେ, ଏକ ନିର୍ଦ୍ଦିଷ୍ଟ ଫଳ ଲାଭ କରିବା ଲାଗି ତାହା ଘଟିଥାଏ; ମାତ୍ର ପ୍ରତ୍ୟେକ ବ୍ୟକ୍ତିର ମାନସିକ ଗ୍ରହଣଶୀଳତା ଅନୁସାରେହିଁ ତାହା ପ୍ରତ୍ୟେକ ବ୍ୟକ୍ତିର ଚେତନା ମଧ୍ୟରେ ଅଭିବ୍ୟକ୍ତି ଲାଭ କରିଥାଏ; ଯେଉଁ ଆକାରରେ ଅଭିବ୍ୟକ୍ତ ହେଲେ ତାହା ସବୁଠାରୁ ଅଧିକ ଫଳପ୍ରଦ ହୋଇପାରିବ, ସବୁଠାରୁ ଅଧିକ ସକ୍ରିୟ ହୋଇପାରିବ, ଏବଂ ପ୍ରତ୍ୟେକ ବ୍ୟକ୍ତିଲାଗି ସବୁଠାରୁ ଅଧିକ ସତ୍ୱର ଭାବରେ ଉପଯୋଗୀ ହୋଇପାରିବ, ଠିକ୍ ସେହି ଆକାରରେହିଁ ତାହା ଅଭିବ୍ୟକ୍ତି ଲାଭ କରେ । ମାତ୍ର, ଅନ୍ୟ ପକ୍ଷରେ, ଯଦି ତାହାକୁ ଶବ୍ଦ ଦ୍ୱାରା ସୂତ୍ରବଦ୍ଧ କରି ରଖାଯାଏ, ତେବେ ପ୍ରତ୍ୟେକ ବ୍ୟକ୍ତିକୁ ସେହି ସୂତ୍ରଟିକୁ ଅପରିବର୍ତ୍ତନୀୟ ଭାବରେ ଗ୍ରହଣ କରିବାକୁ ପଡ଼େ, ଶବ୍ଦଗୁଡ଼ିକ ଯେଉଁ ଅପରିବର୍ତ୍ତନୀୟତା ଆଣି ଦିଅନ୍ତି, ତାହାକୁହିଁ ଗ୍ରହଣ କରିବାକୁ ପଡ଼େ,– ଏବଂ ସେହି ପ୍ରକ୍ରିୟାଟି ଦ୍ୱାରା ତାହାର ଅନେକ ବଳ ଓ କର୍ମ-ପରିପୂର୍ଣ୍ଣତା ସତେଅବା ହୃତ

'oaob.nitrkl.ac.in' images reprocessed

ହୋଇ ରହିଯାଏ, କାରଣ, ପ୍ରଥମତଃ, ଶବ୍ଦଗୁଡ଼ିକ ସାଧାରଣତଃ ଯେପରି ଭାବରେ ଉକ୍ତ ହୋଇଥାନ୍ତି, ସେଗୁଡ଼ିକ ଆଦୌ ସେପରି ଭାବରେ ବୋଧଗମ୍ୟ ହୋଇ ନ ଥାନ୍ତି ଏବଂ ଦ୍ୱିତୀୟତଃ, ପ୍ରତ୍ୟେକ ବ୍ୟକ୍ତିର ବୋଧଶକ୍ତି ଅନୁସାରେ ସେହି ଶବ୍ଦଗୁଡ଼ିକ ମଧ୍ୟରେ ଆଦୌ କୌଣସି ଅନୁକୂଳନ ହୋଇ ନ ଥାଏ ।

ତେଣୁ, ଯଦି ଏକ ପ୍ରଶ୍ନ ସଙ୍ଗେ ସଙ୍ଗେ ଏପରି ଏକ ଅନୁଭୂତିର ଉନ୍ମେଷ କରାଇ ଆଣୁ ନ ଥାଏ ଯାହାକୁ କି ଏକ ନୂତନ ସୂତ୍ରରୂପେ ଅଭିବ୍ୟକ୍ତ କରାଯାଇ ପାରିବ, ତେବେ ମୋ'ମତରେ ସେହି କ୍ଷେତ୍ରରେ କିଛି ନ ପଚାରି ନୀରବ ରହିବାହିଁ ଅଧିକ ଭଲ ହେବ । କେବଳ ଯେତେବେଳେ ପ୍ରଶ୍ନଟି ଏକ ଜୀବନ୍ତ ପ୍ରଶ୍ନ ହୋଇଥିବ, ସେତିକିବେଳେ ଯାଇ ତାହା ଏପରି ଏକ ଅନୁଭୂତିକୁ ଉନ୍ମେଷିତ କରାଇ ଆଣିବ, ଯାହାକି ଆମଲାଗି ଏକ ଜୀବନ୍ତ ଶିକ୍ଷାର ଅବସରରୂପେ ବ୍ୟବହୃତ ହୋଇପାରିବ । ଏବଂ କୌଣସି ପ୍ରଶ୍ନକୁ ଏକ ଜୀବନ୍ତ ପ୍ରଶ୍ନ ହେବାକୁ ହେଲେ, ତାହା ପ୍ରଗତିର ଏକ ଅନ୍ତର୍ଗତ ଆବଶ୍ୟକତା ଲାଗି ଏକ ଅନୁସ୍ପନ୍ଦନ ଜଣାଇ ପାରୁଥିବା ଉଚିତ, କୌଣସି ନା କୌଣସି ଭୂମିରେ ଅଗ୍ରଗତି କରିବା ଲାଗି ଏକ ସ୍ୱତଃପ୍ରେରିତ ଆବଶ୍ୟକତାକୁ ଅନୁସ୍ପନ୍ଦନ ଜଣାଇ ପାରୁଥିବା ଉଚିତ;— ସାଧାରଣତଃ ମାନସିକ ଭୂମିରେ ତାହା ଏକ ଅନୁସ୍ପନ୍ଦନ ଜଣାଇଥାଏ, ମାତ୍ର ଯଦି ଦୈବାତ୍ ତାହା ଏକ ଅନ୍ତର୍ଗତ ଅଭୀପ୍ସାକୁ ଅନୁସ୍ପନ୍ଦନ ଜଣାଉଥାଏ, ଆମେ ସମ୍ମୁଖୀନ ହେଉଥିବା ଓ ସମାଧାନ କରିବା ଲାଗି ଚେଷ୍ଟା କରୁଥିବା ଏକ ସମସ୍ୟା ଲାଗି ଅନୁସ୍ପନ୍ଦନ ଜଣାଉଥାଏ, ତେବେ ସେହି ପ୍ରଶ୍ନଟି ତଦ୍ୱାରା ଭାରି ଆଗ୍ରହୋଦ୍ଦୀପକ ହୋଇଥାଏ, ତାହା ଏକ ଜୀବନ୍ତ ଏବଂ ଯଥାର୍ଥ ଉପଯୋଗୀ ଏକ ପ୍ରଶ୍ନରେ ପରିଣତ ହୋଇଥାଏ; ଏବଂ ତାହାମଧ୍ୟରେ ଏକ ନୂତନ ଦୃଷ୍ଟିକୁ ଉନ୍ମେଷିତ କରି ଆଣିବାର ସାମର୍ଥ୍ୟ ରହିଥାଏ, ତାହା ଏକ ଉଚ୍ଚତର ଭୂମିର ଏକ ବୋଧକୁ ଉନ୍ମେଷିତ କରାଇ ଆଣିପାରେ, ଚେତନାର କ୍ଷେତ୍ରରେ ଏପରି ଏକ ଅନୁଭୂତିର ଉନ୍ମେଷ କରାଇ ଆଣିପାରେ, ଯାହାକି ସୃଷ୍ଟି ମଧ୍ୟରେ ଏକ ନୂତନତାର ବ୍ୟଞ୍ଜନା ଆଣିଦିଏ, ଯେପରିକି ତାହା ଉପଲବ୍ଧି ଲାଗି ଏକ ନୂତନ ସାମର୍ଥ୍ୟକୁ ବି ବହନ କରି ରହିଥାଏ ।

ଏହିସବୁ ଅବସରକୁ ଛାଡ଼ିଦେଲେ ମୁଁ ସର୍ବଦା ଏହି କଥା ଅନୁଭବ କରିଥାଏ ଯେ, କିଛି ନ କହିବାହିଁ ପ୍ରକୃତରେ ଅଧିକ ଭଲ ଏବଂ ସେହି କ୍ଷେତ୍ରରେ କେତୋଟି କ୍ଷଣ ଧ୍ୟାନସ୍ଥ ହୋଇ ବସିବା ଦ୍ୱାରା ପ୍ରକୃତରେ ଅଧିକ ଲାଭ ମିଳିଥାଏ ।

ଆରମ୍ଭରେ ମୁଁ ଯେଉଁ ପଂକ୍ତିଗୁଡ଼ିକ ପାଠ କରେ, ତାହାହିଁ ଆମର ଭାବନାରେ ଏକ ଗତିସଞ୍ଚରଣ କରି ପାରୁଥିବା ଉଚିତ, ପଠିତ ବିଷୟଟିକୁ ଏକ ନିର୍ଦ୍ଦିଷ୍ଟ ସମସ୍ୟା ଆଡ଼କୁ ପରିଚାଳିତ କରି ନେଇ ପାରୁଥିବା ଉଚିତ ଏବଂ ସେଇଟି ଉପରେ ତାହା ଏକ ଆଲୋକପାତ କରୁଥିବା ଉଚିତ । ବା, ଏପରି ଏକ ବିଚାରସମୂହ କିଂବା ବୋଧସାମର୍ଥ୍ୟର

'oaob.nitrkl.ac.in' images reprocessed

ଏପରି ଏକ ନୂତନ ସମ୍ଭାବନା ଆଡ଼କୁ ତାହା ଆମକୁ ନିର୍ଦ୍ଦେଶନା ଦେଇ ନେଇଯାଇ ପାରୁଥିବା ଉଚିତ, ଯାହାକି ଆମକୁ ସେହି ପଠିତ ପଂକ୍ତିଗୁଡ଼ିକରୁ ଉପଲବ୍ଧ ହୋଇ ଯାଉଥିବ । ଏବଂ ବସ୍ତୁତଃ, ସେହି ପଂକ୍ତିଗୁଡ଼ିକୁ ପ୍ରାୟ ଧ୍ୟାନସ୍ଥ ହେବାରହିଁ ଏକ ବିଷୟ ବୋଲି କୁହାଯାଇ ପାରିବ ଯାହାକୁ କି ପଂକ୍ତିଗୁଡ଼ିକୁ ପାଠ କରିସାରିବା ପରେ ଆମକୁ ନୀରବ ହୋଇଯିବା ଲାଗି ଏକ ଉତ୍‌ପ୍ରେରଣା ଯୋଗାଇଦେଇ ପାରୁଥିବ ।

ଖାଲି କହିବା ସକାଶେହିଁ କିଛି କହିବା,— ସେଇଟାରେ ଆଦୌ କୌଣସି ପ୍ରକାର ଆଗ୍ରହୋଦ୍ଦୀପକତା ନ ଥାଏ;— ସେସବୁ ଲାଗି ତ ଆହୁରି ଅନ୍ୟ କେତେ ବିଦ୍ୟାଳୟ ରହିଛି । ସେକଥା ଏଠି କାହିଁକି ହେବ ?

*ମାତ୍ର ମାଆ, ଯେତେବେଳେ ଆପଣ କହୁଥାନ୍ତି, ସେତେବେଳେ ତାହା ହେଉଛି ଏକ ସ୍ୱତନ୍ତ୍ର କଥା ।*

(*ମାଆ ନୀରବ ରହିଲେ*)

*(ଆଉଜଣେ ପିଲା) ମାଆ, ଆପଣ କିଛି କହିବା ସମୟରେ ଆମେ ମସ୍ତିଷ୍କ ଦେଇ ତାହାକୁ ବୁଝିବା ଲାଗି ଚେଷ୍ଟା କରୁଥାଉ, ମାତ୍ର ଯେତେବେଳେ ନୀରବତା ମଧ୍ୟରେ ଆପଣ ଆମ ଭିତରକୁ କିଛି ନା କିଛି ସଞ୍ଚାରିତ କରାଇ ଆଣୁଥାନ୍ତି, ସେତେବେଳେ ଆମେ ଆମ ସତ୍ତାର ଠିକ୍ କେଉଁ ଅଂଶଟିରେ ଆପଣାକୁ ସକେନ୍ଦ୍ରିତ କରି ରଖିବୁ ?*

ଧ୍ୟାନ ଲାଗି ଏହା ସର୍ବଦା ଅଧିକ ଭଲ,— ଏଠାରେ ମନେ ରଖିବା ଉଚିତ ଯେ ଆମେ ଏଠି "ଧ୍ୟାନ" ଶବ୍ଦଟିକୁ ବ୍ୟବହାର କରୁଛୁ, ମାତ୍ର ତାହାର ଅର୍ଥ କଦାପି ଏହା ନୁହେଁ ଯେ ଆମେ "ଆମର ମୁଣ୍ଡ ଭିତରେ କେତେ ନା କେତେ ଭାବନାକୁ ପୂରାଇ ବୁଲାଇବାରେ" ଲାଗିଥିବା । ଏହା ବରଂ ତାହାର ଠିକ୍ ଓଲଟା କଥାକୁହିଁ ବୁଝାଇବ,— ସର୍ବଦା ଏପରି ଏକ କେନ୍ଦ୍ରରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବା ଅଧିକ ଭଲ ହେବ,— ସେହି କେନ୍ଦ୍ରଟିକୁ ଆମେ ହୁଏତ ଅଭୀପ୍ସାର କେନ୍ଦ୍ର ବୋଲି କହିପାରିବା,— ଯେଉଁ ସ୍ଥାନରେ ଅଭୀପ୍ସାର ଶିଖାଟି ପ୍ରଜ୍ୱଳିତ ହୋଇ ରହିଥାଏ,— ସେହିଠାରେ ଆମର ସକଳ ଶକ୍ତିକୁ ନେଇ ଏକତ୍ର କରି ରଖିବାକୁ ହେବ, ସେହି ସୌର କେନ୍ଦ୍ରରେ ନେଇ ଏକତ୍ର କରି ରଖିବାକୁ ହେବ, ଏବଂ, ସମ୍ଭବ ହେଲେ, ଏପରି ଏକ ଅବିଚଳିତ ନୀରବତା ଲାଭ କରିବାକୁ ହେବ ସତେଯେପରି ଆମେ ଅତ୍ୟନ୍ତ ସୂକ୍ଷ୍ମ କୌଣସି ଏକ ବିଷୟକୁ 'ଶୁଣିବା ଲାଗି ଇଚ୍ଛା କରୁଛୁ,

'oaob.nitrkl.ac.in' images reprocessed

ଏପରି ଏକ କଥା ଯାହାକି ଆମଠାରୁ ଏକ ସଂପୂର୍ଣ୍ଣ ମନୋଯୋଗର ଦାବି କରୁଛି, ଏକ ସଂପୂର୍ଣ୍ଣ ସଂକେନ୍ଦ୍ରଣ ଏବଂ ସମଗ୍ର ନୀରବତା ଦାବି କରୁଛି । ଏବଂ ତା'ପରେ, ଆମେ ଆଦୌ ହଲଚଲ ହେବା ନାହିଁ । କିଛିହେଲେ ଭାବିବା ନାହିଁ, ଟିକିଏ ହେଲେ ଚହଲି ଯାଉ ନ ଥିବା ଏବଂ ସେହି ଉନ୍ମୋଚନଟି ଲାଗି ଆଗଭର ହୋଇଯିବା, ଯେପରିକି, ଯାହାକିଛି ଗ୍ରହଣ କରାଯାଇ ପାରିବ, ଆମେ ତାହାକୁ ଗ୍ରହଣ କରି ନେଇ ପାରୁଥିବା । ମାତ୍ର ସର୍ବଦା ଭାରି ସାବଧାନ ହୋଇ ରହିଥିବା, ଯେପରିକି ଘଟଣାଟି ଘଟୁଥିବା ସମୟରେ କ'ଣ ସବୁ ଘଟୁଛି ବୋଲି ଜାଣିବା ଲାଗି ଆମେ ଆଦୌ କୌଣସି ଚେଷ୍ଟା ବି କରିବା ନାହିଁ । କାରଣ, ଯଦି ବୁଝିବାକୁ ଚେଷ୍ଟା କରିବାରେ ବା ଏପରିକି କ୍ରିୟାତ୍ମକ ଭାବରେ ପର୍ଯ୍ୟବେକ୍ଷଣ କରିବାକୁ ଆରମ୍ଭ କରିଦେବା, ତେବେ ତଦ୍ୱାରା ଆମର ମସ୍ତିଷ୍କ ଭିତରେ ବେଶ୍ ଏପରି ଏକ ଧନ୍ଦା ଆରମ୍ଭ ହୋଇଯିବ, ଯାହାକି ପୂର୍ଣ୍ଣରୂପେ ଗ୍ରହଣଶୀଳ ହେବାର ପଥରେ ଆମ ଲାଗି ବଡ଼ ଅନନୁକୂଳ ହୋଇ ରହିବ । ତେଣୁ ଆମେ ନୀରବ ହୋଇଯିବା, ଯେତେ ଅଧିକ ସମ୍ଭବ ସେତେ ଅଧିକ ନୀରବ ହୋଇଯିବା, ଏକ ପୂର୍ଣ୍ଣ ମନୋଯୋଗମୟ ସଂକେନ୍ଦ୍ରଣ ମଧ୍ୟରେ ପ୍ରବେଶ କରିବା,— ଏବଂ ତା'ପରେ ନିଶ୍ଚଳ ହୋଇ ରହିବା ।

ଯଦି ଏଇଟି କରିବାରେ ଆମେ ସଫଳ ହୋଇଯିବା, ତେବେ, ଯେତେବେଳେ ସବୁ ସରିଯିବ, ଯେତେବେଳେ କିଛି ସମୟ ପରେ ଆମେ ଧ୍ୟାନ ଭିତରୁ ବାହାରି ଆସିବା,— ସାଧାରଣତଃ ଧ୍ୟାନ ସରିବାର ଠିକ୍ ପରେ ପରେ ନୁହେଁ, ତେବେ ସତ୍ତାର ଅନ୍ତଃଗଭୀରରୁ ଚେତନାର କ୍ଷେତ୍ରରେ ଏକ ନୂତନ ଅନୁଭୂତିର ଉନ୍ମେଷ ହୋଇଆସିବ : ଏକ ନୂତନ ବୋଧ, ଯାବତୀୟ ବସ୍ତୁବିଷୟରେ ଏକ ନୂତନ ପରିବୋଧ, ଜୀବନରେ ଏକ ନୂତନ ଦୃଷ୍ଟିକୋଣ,— ସଂକ୍ଷେପରେ କହିଲେ, ସତ୍ତାର ଏକ ନୂତନ ରୀତିର ଉନ୍ମେଷ ହୋଇଆସିବ । ଏହା ହୁଏତ ମାତ୍ର କିଛି ସମୟ ଲାଗି ଆସିବ, ମାତ୍ର ଯଦି ଆମେ ଯଥାର୍ଥ ଭାବରେ ଅବଲୋକନ କରି ପାରୁଥିବା, ତେବେ ଠିକ୍ ସେହି ମୁହୂର୍ତ୍ତରେ ଆମେ ଏକଥା ଦେଖିବାକୁ ପାଇବା ଯେ ଆମର ବୋଧଶକ୍ତି ଅଥବା ରୂପାନ୍ତରର ମାର୍ଗରେ କେହି ସତେଯେପରି ଗୋଟିଏ ପହଞ୍ଚ ଆହୁରି ଆଗକୁ ଚାଲିଯାଇ ପାରିଛି । ଏହା ଏକ ସନ୍ଦୀପନ ରୂପେ ଆମ ପାଖକୁ ଆସିପାରେ, ଅଧିକ ସତ୍ୟମୟ ଅଥବା ସତ୍ୟର ଅଧିକ ନିକଟବର୍ତ୍ତୀ ଏକ ବୋଧରୂପେ ଆସିପାରେ, ବା ରୂପାନ୍ତରିତ ହେବାର ଏକ ସାମର୍ଥ୍ୟ ରୂପେ ବି ଆସିପାରେ, ଯାହାକି ଏକ ମନୋଭୂମିଗତ ଅଗ୍ରଗତି କରିବାରେ ଆମର ଅନେକ ସହାୟତା କରେ, ଚେତନାର ସଂପ୍ରସାରଣ ଦିଗରେ ବା ଆମର କ୍ରିୟାଶୀଳତାଗୁଡ଼ିକ ଉପରେ ଅଧିକ ନିୟନ୍ତ୍ରଣଶକ୍ତି ଅର୍ଜନ କରିବାରେ, ଆମ ସତ୍ତାର ଯାବତୀୟ ସକ୍ରିୟତା ଉପରେ ଅଧିକ ନିୟନ୍ତ୍ରଣ ହାସଲ କରିବାରେ ତାହା ଆମର ସହାୟତା କରିଥାଏ ।

'oaob.nitrkl.ac.in' images reprocessed

ଏବଂ ଏହିସବୁ ପରିଣାମ କଦାପି ସଙ୍ଗେ ସଙ୍ଗେ ଆସି ପହଞ୍ଚିଯାଏ ନାହିଁ । କାରଣ, ଯଦି ଆମେ ସେସବୁକୁ ସଙ୍ଗେ ସଙ୍ଗେ ପାଇବା ଲାଗି ଚେଷ୍ଟା କରିବା, ତେବେ ଆମେ ହୁଏତ ଏପରି ଏକ ସଘନ କ୍ରିୟାଶୀଳତାର ସ୍ଥିତିରେ ରହିବା, ଯାହାକି ଏକ ଯଥାର୍ଥ ଗ୍ରହଣଶୀଳତାର ବିପରୀତ ହୋଇ କାର୍ଯ୍ୟ କରିବ । ତେଣୁ, ଆମକୁ ଯଥାସମ୍ଭବ ଅଧିକ ନିରପେକ୍ଷ, ଅଧିକ ନିଶ୍ଚଳ ଏବଂ ଅଧିକ ନିଷ୍କ୍ରିୟ ହେବାକୁ ପଡ଼ିବ ଏବଂ ଏହି ସବୁଟିର ପୃଷ୍ଠଭୂମିରେ ଏପରି ଏକ ନୀରବ ଅଭୀପ୍ସା ରହିଥିବ, ଯାହାକୁ କି ଶବ୍ଦ, ବିଚାର କିମ୍ବା ଏପରିକି ଅନୁଭୂତି ଦ୍ୱାରା ମଧ୍ୟ ସୂତ୍ରବଦ୍ଧ କରି ରଖିବା ଲାଗି କୌଣସି ପ୍ରୟାସ କରାଯାଇ ନ ଥିବ । ଏପରି ଏକ ଅଭୀପ୍ସା ଯାହାକି ଏହିପରି ଏକ କାର୍ଯ୍ୟ କରୁଥିବ (ମାଆ ଅଙ୍ଗଭଙ୍ଗୀ କରି ଏକ ଆରୋହଣକାରୀ ଅଗ୍ନିର ଧାରଣା ଦେଲେ), ଏକ ଉତ୍ସାହମୟ ସ୍ପନ୍ଦନ ରୂପେ କାର୍ଯ୍ୟ କରୁଥିବ,— ମାତ୍ର କୌଣସି ପ୍ରକାର ସୂତ୍ରରେ ଆବଦ୍ଧ ହେବାକୁ ଚାହୁଁ ନ ଥିବ, ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ ତାହା କିଛି ହେଲେ ବୁଝିବାକୁ ବି ଇଚ୍ଛା କରୁ ନ ଥିବ ।

କିଛିଦ୍ ଅଭ୍ୟାସ ଦ୍ୱାରା ଆମେ ଏପରି ଏକ ସ୍ଥିତିରେ ଆସି ପହଞ୍ଚିବା, ଯାହାକୁ କି ଆମେ ଇଚ୍ଛା କରିବା ମାତ୍ରକେ ମାତ୍ର କେତୋଟି ସେକେଣ୍ଡରେ ମଧ୍ୟ ଲାଭ କରି ପାରୁଥିବା, ଅର୍ଥାତ୍ ସେତେବେଳେ ଆଉ ଧ୍ୟାନ-ସମୟରେ ଗୋଟିଏ ହେଲେ ମୁହୂର୍ତ୍ତ ମଧ୍ୟ ନିରର୍ଥକ ଭାବରେ କଟିଯିବ ନାହିଁ । ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଆରମ୍ଭ ସମୟରେ ଆମକୁ ଆମର ମନକୁ ଆସ୍ତେ ଆସ୍ତେ ନିଶ୍ଚଳ କରି ଆଣିବାକୁ ପଡ଼ିବ, ଆପଣାର ଚେତନାକୁ ଏକତ୍ର କରି ଆଣିବାକୁ ପଡ଼ିବ ଏବଂ ନିଜକୁ ସଂକେନ୍ଦ୍ରିତ କରି ରଖିବାକୁ ହେବ । ସେତେବେଳେ ମୋଟ ସମୟର ତିନିଚଉଠ ଭାଗହିଁ ନିଜକୁ ପ୍ରସ୍ତୁତ କରିବାରେ ଚାଲିଯିବ । ମାତ୍ର ଏହି କଥାଟି ବେଶ୍ ଅଭ୍ୟାସରେ ପଡ଼ିଗଲେ ତା'ପରେ ଦୁଇ ତିନି ସେକେଣ୍ଡ ମଧ୍ୟରେ ଏହି ସ୍ଥିତିଟିକୁ ନିଶ୍ଚୟ ଅର୍ଜନ କରିହେବ ଏବଂ ତାହାଫଳରେ ଗ୍ରହଣଶୀଳତାର ସମସ୍ତ ଅବଧିଟି ଦ୍ୱାରା ଉପକୃତ ହେବା ସମ୍ଭବ ହେବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସ୍ଥିତିଟିଠାରୁ ମଧ୍ୟ ଆହୁରି ଆଗକୁ ଅଧିକ ପରିପୂର୍ଣ୍ଣ ଅନେକ ସ୍ଥିତି ରହିଛି, ମାତ୍ର ସେଗୁଡ଼ିକ ଅନେକ ପରେ ଉପଲବ୍ଧ ହୋଇଥାଏ । ମାତ୍ର, ଯଦି ଆମେ ସେହି ସ୍ଥିତିରେ ମଧ୍ୟ ପହଞ୍ଚିଯାଇ ପାରିବା, ତେବେ ଆମ ଧ୍ୟାନରୁ ଆମେ ପୂର୍ଣ୍ଣମାତ୍ରାରେ ଉପକୃତ ହୋଇପାରିବା ।

ବର୍ତ୍ତମାନ ଚେଷ୍ଟା କରି ଦେଖାଯାଉ ।

*(ସମସ୍ତେ ଧ୍ୟାନରେ ବସିଲେ)*

'oaob.nitrkl.ac.in' images reprocessed

## ୧୨ ଜୁନ୍ ୧୯୫୭

"ଦୀର୍ଘ ଅନେକ ସମୟ ଧରି ଉପବାସ କରୁଥିବା ସମୟରେ ମଧ୍ୟ ଆମର ଆତ୍ମା, ମନ, ପ୍ରାଣ ଓ ଏପରିକି ଆମ ଶରୀରର ପୂର୍ଣ୍ଣ ଶକ୍ତି ତଥା କ୍ରିୟାଶୀଳତାକୁ ବଜାୟ ରଖିବା ପ୍ରକୃତରେ ସମ୍ଭବ ହୋଇପାରିବ, ସବୁ ସମୟରେ ଏକ ଯୋଗସ୍ଥ ସ୍ଥିତି ମଧ୍ୟରେ ଜାଗ୍ରତ ଅଥଚ ସଂକେନ୍ଦ୍ରିତ ହୋଇ ରହିବା ମଧ୍ୟ ସମ୍ଭବ ହେବ । ଅଥବା, ସେତେବେଳେ ଆମେ ରାତିଦିନ ଗଭୀର ଭାବରେ ଚିନ୍ତା ବି କରିପାରିବା, ରାତିଦିନ ପଢ଼ି ପାରୁଥିବା ଓ ଲେଖି ପାରୁଥିବା । ସେତେବେଳେ ନ ଶୋଇଲେ ମଧ୍ୟ ଚଳୁଥିବ, ଆମେ ଦୈନିକ ଆଠଘଣ୍ଟା ପର୍ଯ୍ୟନ୍ତ ଚାଲି ପାରୁଥିବା, ଏହି ଯାବତୀୟ କାର୍ଯ୍ୟକଳାପକୁ ଅଲଗା ଅଲଗା କରି ଅଥବା ଏକତ୍ର ଭାବରେ ବେଶ୍ ବଜାୟ ରଖି ପାରୁଥିବା ଏବଂ ତଥାପି କୌଣସି ପ୍ରକାରେ ବଳହାନି ହେଉଥିବାର ଅନୁଭବ କରୁ ନ ଥିବା; ଆମେ କୌଣସି କ୍ଲାନ୍ତି ଅନୁଭବ କରୁ ନ ଥିବା, କୌଣସି ପ୍ରକାର ବିଫଳତା କିଂବା ଅବନତି ଅନୁଭବ କରୁ ନ ଥିବା । ଉପବାସ-ସମୟଟି ସରିଗଲେ ଆମେ ସଙ୍ଗେ ସଙ୍ଗେ ଆମର ସାଧାରଣ ଏବଂ ଏପରିକି ସାଧାରଣ ଅପେକ୍ଷା ଅଧିକ ପରିମାଣର ଖାଦ୍ୟ ଗ୍ରହଣ କରିବା ଆରମ୍ଭ ମଧ୍ୟ କରିପାରିବା; ଚିକିତ୍ସାବିଜ୍ଞାନ ଏହି କ୍ଷେତ୍ରରେ ଯେଉଁସବୁ ପରିବର୍ତ୍ତନକାଳୀନ ସତର୍କତା ଅବଲମ୍ବନ କରିବାର ପରାମର୍ଶ ଦେଇଥାଏ, ସେଗୁଡ଼ିକର ଆଦୌ କୌଣସି ଅନୁସରଣ କରିବାକୁ ପଡ଼ିବ ନାହିଁ । ପୂର୍ଣ୍ଣ ଉପବାସ ଏବଂ ପୂର୍ଣ୍ଣ ଖାଦ୍ୟଗ୍ରହଣ ସତେଅବା ସ୍ୱାଭାବିକ ଦୁଇଟି ଅବସ୍ଥା ପରି ସେତେବେଳେ ମନେ ହେବ, ଆମେ ଭାରି ସହଜରେ ଗୋଟିଏ ଅବସ୍ଥାରୁ ସଙ୍ଗେ ସଙ୍ଗେ ଆର ଅବସ୍ଥାଟିକୁ ଯାଇ ପାରୁଥିବା । ଏକପ୍ରକାର ପ୍ରାରମ୍ଭିକ ରୂପାନ୍ତର ଦ୍ୱାରା ଆମର ଶରୀର ମଧ୍ୟ ଏପରି ତାଲିମ ହୋଇ ଯାଇଥିବ ଯେ ତାହା ଯୋଗାଭ୍ୟାସର ଯାବତୀୟ ଶକ୍ତି ଏବଂ ଯାବତୀୟ କର୍ମ ଲାଗି ପ୍ରାୟ ଏକ ନିମିତ୍ତରେ ପରିଣତ ହୋଇ ସାରିଥିବ । ମାତ୍ର ଗୋଟିଏ କଥାକୁ କଦାପି ଏଡ଼ି ଦିଆଯାଇ ପାରିବ ନାହିଁ, ଅର୍ଥାତ୍ ଉପବାସର ଅବସ୍ଥାରେ ଶରୀରର ଭୌତିକ ଗ୍ରନ୍ଥି, ମାଂସ ଏବଂ ଉପାଦାନଗୁଡ଼ିକରେ ନିଶ୍ଚୟ ଏକ କ୍ଷୟ ଘଟିବ । ମାତ୍ର, ଏକଥା ମଧ୍ୟ କଳ୍ପନା କରି ହେଉଛି ଯେ ଯଦି ଅଭ୍ୟାସ କରି ପାରିବା

'oaob.nitrkl.ac.in' images reprocessed

*ଭଳି ଏକ ମାର୍ଗ ଓ ଏକ ସାଧନ ମିଳିଯିବ, ତେବେ ଏହି ଶେଷୋକ୍ତ ଅଜେୟ ବାଧାଟିକୁ ମଧ୍ୟ ଅତିକ୍ରମ କରିବା ବେଶ୍ ସମ୍ଭବ ହୋଇପାରିବ ଏବଂ ଶରୀରର ଶକ୍ତି ତଥା ପ୍ରକୃତିର ଶକ୍ତି ମଧ୍ୟରେ ଏକ ପାରସ୍ପରିକ ଆଦାନପ୍ରଦାନ ଘଟାଇ ଶରୀରର ଯାବତୀୟ କ୍ଷୟକୁ ଅଟକାଇ ତାହାକୁ ତା'ର ସ୍ୱାଭାବିକ ଅବସ୍ଥାରେ ବେଶ୍ ରଖାଯାଇ ପାରିବ । ପ୍ରକୃତି ବ୍ୟକ୍ତିଠାରୁ ଯେଉଁ ଆବଶ୍ୟକତା ପୂରଣର ଅପେକ୍ଷା ରଖିଥାଏ, ତାହା ବ୍ୟକ୍ତିଠାରୁ ତାହାକୁ ଗ୍ରହଣ କରିପାରିବ ଏବଂ ବ୍ୟକ୍ତି ମଧ୍ୟ ପ୍ରତ୍ୟକ୍ଷ ଭାବରେ ପ୍ରକୃତିର ବିଶ୍ୱଗତ ସ୍ଥିତିଟି ମଧ୍ୟରୁ ଆପଣାର ପ୍ରାଣଧାରଣ ଲାଗି ଆବଶ୍ୟକ ଶକ୍ତିଗୁଡ଼ିକୁ ଆହରଣ କରିପାରିବ । ଏକଥା ମଧ୍ୟ ଆଦୌ କଳ୍ପନାର ବହିର୍ଭୂତ ନୁହେଁ ଯେ, ଜୀବନ ବିବର୍ତ୍ତନର ଶିଖରଦେଶରେ ପହଞ୍ଚି ଆମେ ବିବର୍ତ୍ତନ-କ୍ରମର ସର୍ବନିମ୍ନ ଭୂମିରେ ରହିଥିବା ଉପାଦାନଟିର ପୁନରାବିଷ୍କାର ଏବଂ ପୁନଃପ୍ରତିଷ୍ଠା ବି କରିପାରିବା, ଅର୍ଥାତ୍ ଆପଣାର ପରିବେଷ୍ଟନୀ ମଧ୍ୟରୁ ଜୀବନଧାରଣ ଏବଂ କ୍ଳାନ୍ତି-ଅପନୋଦନର ସାଧନଗୁଡ଼ିକୁ ଆହରଣ କରି ପାରିବାର ଶକ୍ତିକୁ ହାସଲ କରିପାରିବା । ଅଥବା, ଏପରି ବି ହୋଇପାରିବ ଯେ ବିବର୍ତ୍ତିତ ସତ୍ତା ଚତୁର୍ଦ୍ଦିଗସ୍ଥ ପରିବେଶଟି ମଧ୍ୟରୁ ଆପଣାର ପରିମଣ୍ଡଳ ଏବଂ ତଳୁ ଭୂଗର୍ଭରୁ ବର୍ତ୍ତମାନ ସେହିସବୁ ସାଧନକୁ ଯେପରି ଆହରଣ କରୁଛି, ତାହା ନ କରି ସେ ଊର୍ଦ୍ଧ୍ୱରୁହିଁ ତାହାକୁ ଆହରଣ କରିବାର ବୃହତ୍ତର ଶକ୍ତିଟିକୁ ଅର୍ଜନ କରିପାରିବ ।"*

ଅଭିମାନସ ଅଭିବ୍ୟକ୍ତି (ଙ), ପୃଷ୍ଠା ୨୮-୨୯

ଆମେ ଦୀର୍ଘ ଅନେକ ଦିନ ଯାଏ ଉପବାସ କରିପାରିବା ଅଥଚ ଶରୀରର ଯାବତୀୟ କାର୍ଯ୍ୟ ତା'ର ପୂର୍ବ ଶକ୍ତିରେ ଚାଲି ପାରୁଥିବ, ଏହି ସମ୍ଭାବନାଟି ବିଷୟରେ ଶ୍ରୀଅରବିନ୍ଦ ଏଠାରେ ଆମକୁ ଯେଉଁ ବର୍ଣ୍ଣନାଟି ଦେଇଛନ୍ତି, ତାହା ମାଧ୍ୟମରେ ସିଏ ଆପଣା ଅଭିଜ୍ଞତାରହିଁ ବର୍ଣ୍ଣନା ଦେଇଛନ୍ତି ।

ସିଏ ପ୍ରକୃତରେ ଏକ ସମ୍ଭାବନା ବିଷୟରେ କହୁ ନାହାନ୍ତି; ନିଜେ ଯାହା କରିଛନ୍ତି, ସେହି ବିଷୟରେ କହୁଛନ୍ତି । ମାତ୍ର ଏପରି ବିଶ୍ୱାସ କରିବସିଲେ ଏକ ଭାରି ବଡ଼ ଭୁଲ ହେବ ଯେ, ଏହି ଅନୁଭୂତିଟିକୁ ବାହ୍ୟ ଆକାରରେ ପ୍ରକୃତରେ ଅନୁକରଣ କରାଯାଇ ପାରିବ । ଏବଂ, ଆପଣାର ଇଚ୍ଛାଶକ୍ତି ଦ୍ୱାରା ଜଣେ ଏହି କଥାଟିକୁ କରିବା ଲାଗି ସମର୍ଥ ହେଲେ ମଧ୍ୟ, ଅନୁଭୂତିଟି ପୂର୍ବରୁ ଯଦି ଚେତନାରେ କୌଣସି ପରିବର୍ତ୍ତନ ସଂଘଟିତ ନ ହୋଇଛି, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତାହାକୁ ସଂପୂର୍ଣ୍ଣ ବୃଥା ବୋଲିହିଁ କହିବାକୁ

'oaob.nitrkl.ac.in' images reprocessed

ପଡ଼ିବ । ଏହି କ୍ଷେତ୍ରରେ ଚେତନାର ପରିବର୍ତ୍ତନକୁ ହିଁ ଏକ ସର୍ବପ୍ରାଥମିକ ମୁକ୍ତି ବୋଲି କୁହାଯିବ ।

ଆହାର ଛାଡ଼ିଦେଲେ ଯେ ତୁମେ ଏକ ଆଧ୍ୟାତ୍ମିକ ଅଗ୍ରଗତି ସମ୍ଭବ କରିଦେବ, ସେକଥା ଆଦୌ ନୁହେଁ । କେବଳ ସ୍ୱୟଂ ମୁକ୍ତ ହୋଇ ପାରିଲେ, କେବଳ ଆହାର ପ୍ରତି ସକଳ ଆସକ୍ତି, ସକଳ ବାସନା ଓ ଆହାର ବିଷୟରେ ଅତିରିକ୍ତ ଜଡ଼ିତ ହୋଇ ରହିବାର ପ୍ରବୃତ୍ତିଟିରୁ ମୁକ୍ତ ହୋଇ ପାରିଲେ ନୁହେଁ, ମାତ୍ର ଏପରିକି ଆହାରର ଆବଶ୍ୟକତାରୁ ମୁକ୍ତ ହୋଇ ପାରିଲେ, ଏପରି ଏକ ସ୍ଥିତିରେ ଅବସ୍ଥିତ ରହିପାରିଲେ, ଯେଉଁଥିରେ କି ଯାବତୀୟ ବସ୍ତୁ ତୁମର ଚେତନା ଲାଗି ଏତେ ବିସଦୃଶ ହୋଇ ପଡ଼ିବ, ଯେପରିକି ସେଠାରେ ସେଗୁଡ଼ିକ ଲାଗି ଆଉ କୌଣସି ସ୍ଥାନହିଁ ରହିବ ନାହିଁ । କେବଳ ସେତିକିବେଳେ, ଅର୍ଥାତ୍, ତାହାର ଏକ ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ପରିଣାମ ରୂପେ ଜଣେ ଆହାର ଗ୍ରହଣ କରିବା ବନ୍ଦ କରି ତଦ୍ଦ୍ୱାରା ଉପକୃତ ହୋଇପାରିବ । ହୁଏତ ଏପରି ମଧ୍ୟ କୁହାଯାଇ ପାରିବ ଯେ ଏଥିପାଇଁ ଅସଲ ଆବଶ୍ୟକ ଅବସ୍ଥାଟି ହେଉଛି ଯେ ଖାଇବା ନ ଖାଇବା ବିଷୟରେ ଆମର ଆଉ କିଛି ମନେହିଁ ରହିବ ନାହିଁ,— ହଁ, କିଛିହିଁ ମନେ ରହିବ ନାହିଁ, କାରଣ ସତ୍ତାର ସକଳ ଶକ୍ତି ଏବଂ ତାହାର ସକଳ ସଂକେନ୍ଦ୍ରଣ ଏକ ସମଗ୍ରତର ଏବଂ ସତ୍ୟତର ଅନ୍ତର୍ଗତ ଉପଲବ୍ଧି ଆଡ଼କୁ ଅଭିମୁଖୀ ହୋଇରହିବ, ଶରୀରସ୍ଥ କୋଷଗୁଡ଼ିକ ସମେତ ସମଗ୍ର ସତ୍ତାର ଦିବ୍ୟ ଶକ୍ତିଚୟର ସ୍ପନ୍ଦନ ସହିତ, ଆପଣାକୁ ପ୍ରକଟ କରି ଆଣୁଥିବା ଅତିମାନସ ଶକ୍ତି ସହିତ ସମ୍ମିଳିତ ହେବାର ସେହି ଅବଶ୍ୟମ୍ଭାବୀ ଲକ୍ଷ୍ୟଟି ଉପରେ ଆପଣାକୁ ସତତ ଅଭିନିବେଶିତ କରି ରଖିବ, ଯେପରିକି ତାହାହିଁ ତା'ର ଯଥାର୍ଥ ଜୀବନରେ ପରିଣତ ହୋଇପାରିବ, କେବଳ ଜୀବନର ଉଦ୍ଦେଶ୍ୟରେହିଁ ନୁହେଁ, ମାତ୍ର ଜୀବନର ସତ୍ୟସାରରେ ପରିଣତ ହୋଇପାରିବ; ଜୀବନର କେବଳ ଏକ ଅବଶ୍ୟ-ପ୍ରୟୋଜନୀୟ ଆବଶ୍ୟକତାରେ ନୁହେଁ, ମାତ୍ର ଜୀବନରେ ସମୁଦାୟ ଆନନ୍ଦ ଏବଂ ସମୁଦାୟ ଔଚିତ୍ୟରେ ମଧ୍ୟ ପରିଣତ ହୋଇପାରିବ ।

ଯେତେବେଳେ ସେହି କଥାଟି ସମ୍ଭବ ହୋଇଯିବ, ଯେତେବେଳେ ଏହି ଉପଲବ୍ଧିଟି ହାସଲ ହୋଇଯିବ, ସେତେବେଳେ ଖାଇବା ଓ ନ ଖାଇବା, ଶୋଇବା ଓ ନ ଶୋଇବା, ଏସବୁ କଥାର ଆଉ ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ । ସେତେବେଳେ ତାହା ଏକ ବାହ୍ୟ କ୍ରମରୂପେ ବିଶ୍ୱଗତ ଶକ୍ତିଚୟ ଲୀଳାର ଏକ ଅଂଶ ହୋଇରହିବ, ତୁମ ଚତୁର୍ଦ୍ଦିଗର ପରିସ୍ଥିତି ଓ ବ୍ୟକ୍ତିମାନଙ୍କ ମାଧ୍ୟମରେ ତାହା ଅଭିବ୍ୟକ୍ତ ହେବାରେ ଲାଗିବ; ଏବଂ ସେତେବେଳେ, ଅନ୍ତର୍ଗତ ସତ୍ୟଟି ସହିତ ସମଗ୍ର ଭାବରେ ସମ୍ମିଳିତ ହୋଇ ତୁମର ଶରୀର ଏକ ସ୍ଥିତିସ୍ଥାପକତା, ଏକ ସତତ ନମନୀୟତାର ଅଧିକାରୀ

'oaob.nitrkl.ac.in' images reprocessed

ହେବାକୁ ଆରମ୍ଭ କରିବ : ସେତେବେଳେ ଖାଦ୍ୟ ମିଳିଲେ ସେ ତାହାକୁ ଗ୍ରହଣ କରିବ, ଏବଂ ଖାଦ୍ୟ ନ ମିଳିଲେ ତା'ର ଖାଦ୍ୟର କଥା ମୋଟେ ମନେହିଁ ପଡ଼ିବ ନାହିଁ । ଏବଂ ଅନ୍ୟ ଯାବତୀୟ ବସ୍ତୁର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ହେବ ।... ଏଇଟା ଆମର ପ୍ରକୃତ ଜୀବନ ନୁହେଁ । ସେଗୁଡ଼ାକ ହେଉଛି ଜୀବନ ଧାରଣ କରିବାର ବିଭିନ୍ନ ପ୍ରଣାଳୀ, ଯାହା ସହିତ କି କୌଣସି ବ୍ୟକ୍ତି ଆଦୌ କୌଣସି ଚିନ୍ତା ନ କରି ଆପଣାକୁ ଅନୁକୂଳିତ କରି ନେଇଥାଏ । ଏହା ତୁମକୁ ସତେଅବା ଗୋଟିଏ ଫୁଲ ଫୁଟି ଆସୁଥିବା ପରି ଏକପ୍ରକାର ଅନୁଭୂତି ଆଣିଦିଏ, ସତେଅବା କୌଣସି ଗଛରେ ଫୁଲଟିଏ ଫୁଟୁଥିବାର ଅନୁଭୂତି ଆଣିଦିଏ; ଏହା ଏପରି ଏକ କ୍ରିୟା, ଯାହାକି ସଂକେନ୍ଦ୍ରିତ ଇଚ୍ଛାରୁ ସମ୍ଭୂତ ହୁଏ ନାହିଁ, ମାତ୍ର ତୁମର ଚତୁର୍ଦ୍ଦିଗରେ ରହିଥିବା ଯାବତୀୟ ଶକ୍ତି ସହିତ ସୌଷମ୍ୟ ସ୍ଥାପନ କରି ରହିଥାଏ, ଜୀବନର ସେହି ଧାରାଟି ତୁମ ଜୀବନର ଏପରି ପରିସ୍ଥିତିଗୁଡ଼ିକ ସହିତ ଅନୁକୂଳିତ ହୋଇ ରହିଥାଏ, ଯେଉଁଗୁଡ଼ିକର କି ସ୍ୱକୀୟ ଆଦୌ କୌଣସି ମହତ୍ତ୍ୱ ନ ଥାଏ ।

ବେଳେ ବେଳେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଯାବତୀୟ ବିଷୟରୁ ମୁକ୍ତ ହୋଇଯିବା ଫଳରେ ଆମର ଆଉ ବସ୍ତୁତଃ କୌଣସି କଥା ଲାଗି ଆବଶ୍ୟକତା ରହେ ନାହିଁ । ସେତେବେଳେ ଆମେ ଯାହାକିଛି ବ୍ୟବହାର କରିପାରୁ ଓ ଯାହାକିଛି କର୍ମ ବି କରିପାରୁ ଏବଂ ଆମେ ଅବସ୍ଥାନ କରୁଥିବା ଚେତନାର ସ୍ଥିତିଟି ଉପରେ ତା'ର ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ । ଏହାହିଁ ହେଉଛି ପ୍ରକୃତ ମହତ୍ତ୍ୱର ବିଷୟ । ଏକ ଉଚ୍ଚତର ଜୀବନର ଅଭୀପ୍ସା ରଖିଥିବା ଏକ ମାନସ ଚେତନାରୁ ଉଦ୍ଭୂତ ବାହ୍ୟ ଇଙ୍ଗିତ ଏବଂ ଯାଦୃଚ୍ଛିକ ନାନା ନିଷ୍ପତ୍ତିର ମାଧ୍ୟମରେ ଉଦ୍ୟମ କରିବାକୁ ଏକ ସାଧନ ବୋଲି କୁହାଯାଇପାରେ,— ଏହି ସାଧନ ଖୁବ୍ ବେଶୀ ଫଳପ୍ରଦ ନ ହୋଇପାରେ ସତ, ମାତ୍ର ତଥାପି ତାହା ସତ୍ତାକୁ ଏହି କଥାଟିକୁ ସ୍ମରଣ କରାଇ ଦେବାର ଏକ ନିମିତ୍ତ ରୂପେ କାର୍ଯ୍ୟ କରିପାରେ ଯେ ସତ୍ତା ତା'ର ପ୍ରାଣିତ୍ୱର ସୋପାନରେ ଯେତିକି ହୋଇରହିଛି, ତାହାର ତାହାଠାରୁ ଭିନ୍ନ ଆଉକିଛି ହୋଇପାରିବା ଉଚିତ । ମାତ୍ର ସତ୍ତା ପ୍ରକୃତରେ ତାହା ନୁହେଁ, ମୋଟେ ତାହା ନୁହେଁ ! ଯେଉଁ ବ୍ୟକ୍ତି ଏତେ ସଂପୂର୍ଣ୍ଣ ଭାବରେ ଆପଣାର ଅନ୍ତର୍ଗତ ଅଭୀପ୍ସା ମଧ୍ୟରେ ନିମଗ୍ନ ହୋଇ ରହିପାରିବ, ଯେପରିକି ତାକୁ ଆଉ ଏହିସବୁ ବାହ୍ୟ ବସ୍ତୁ ବିଷୟରେ କିଛିହେଲେ ଭାବିବାକୁ ପଡୁ ନ ଥିବ ଅଥବା ବିବ୍ରତ ହେବାକୁ ମଧ୍ୟ ପଡୁ ନ ଥିବ; ଯିଏକି ଯାହାକିଛି ଆସି ପହଞ୍ଚିଲା, ତାହାକୁ ଗ୍ରହଣ କରି ପାରୁଥିବ ଏବଂ ତାହାସବୁ ଆସି ନ ପହଞ୍ଚୁଥିଲେ ମଧ୍ୟ ମୋଟେ କିଛିହେଲେ ଚିନ୍ତାକରୁ ନ ଥିବ, ସେହି ବ୍ୟକ୍ତିକୁ ପ୍ରକୃତ ମାର୍ଗରେ ଅନେକ ଦୂର ଅଗ୍ରସର ହୋଇଯାଇଛି ବୋଲି କହିବାକୁ ହେବ; ଯେଉଁ ବ୍ୟକ୍ତି ବୈରାଗ୍ୟ-ସାଧନା ଦ୍ୱାରା ଉପଲବ୍ଧି ପ୍ରାପ୍ତ ହେବ ବୋଲି ବିଚାର ରଖି ସେହି

'oaob.nitrkl.ac.in' images reprocessed

ସାଧନାଟିର ଅନୁଶୀଳନ କରୁଛି, ତାହା ତୁଳନାରେ ସେହି ବ୍ୟକ୍ତି ଅନେକ ଦୂର ଅଗ୍ରସର ହୋଇଯାଇଛି ବୋଲି କୁହାଯାଇ ପାରିବ ।

ଚେତନାରେ ପରିବର୍ତ୍ତନ ହେଉଛି ଗୋଟିଏମାତ୍ର କଥା ଯାହାକି ପ୍ରକୃତରେ ଫଳପ୍ରଦ ରୂପେ କାର୍ଯ୍ୟ କରିଥାଏ । ଏହାକୁ ଆମେ ଅନ୍ତର୍ଗତ ଅଭୀପ୍ସା ବୋଲି କହିବା, ଯାହାକି ଏକ ଅନ୍ତରଙ୍ଗ ଓ ସତତ ସମ୍ମେଳନ ଦ୍ୱାରା ପ୍ରାପ୍ତ ହୋଇଥାଏ, ଅତିମାନସ ଶକ୍ତିଗୁଡ଼ିକର ସ୍ପନ୍ଦନ ସହିତ ସଂପୂର୍ଣ୍ଣ ଏବଂ ଅନିବାର୍ଯ୍ୟ ରୂପେ ପ୍ରାପ୍ତ ହୋଇଥାଏ । ଅତିମାନସ ଶକ୍ତିଚୟ ଅର୍ଥାତ୍ ଦିବ୍ୟ ଶକ୍ତିଚୟ ସହିତ ସମ୍ମିଳନ ଘଟିବା କହିଲେ, ଶରୀରର ସକଳ କୋଷଗୁଡ଼ିକ ସହିତ ସମସ୍ତ ସତ୍ତାର ଅଭୀପ୍ସାକୁ ବୁଝାଇଥାଏ, ପ୍ରତ୍ୟେକ ମୁହୂର୍ତ୍ତରେ ସତ୍ତାର ଯାବତୀୟ ଉପାଦାନଗୁଡ଼ିକର ଇଚ୍ଛା ସହିତ ତାହାରି ମଧ୍ୟରେ ନିମଗ୍ନ ହୋଇ ରହିବାକୁହିଁ ବୁଝାଇଥାଏ । ଏବଂ, ଫଳ ବା ପରିଣାମମାନ କ'ଣ ହେବାକୁ ଯାଉଛି, ସେସବୁ ବିଷୟରେ ବିବ୍ରତ ହେବା ଲାଗି ଆଉ ଆଦୌ କୌଣସି ଆବଶ୍ୟକତାହିଁ ନ ଥାଏ । ବିଶ୍ୱଗତ ଶକ୍ତିଗୁଡ଼ିକର ଲୀଳା ରୂପେ ଯାହାକିଛି ଘଟିବା କଥା ଓ ଯାହାକିଛି ପ୍ରକଟ ହେବା କଥା, ତାହା ନିଶ୍ଚୟ ଘଟିବ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ଘଟିବ, ସ୍ୱତଃପ୍ରେରିତ ଭାବରେ ଓ ଆପଣାଛାଏଁ ଘଟିବ, ସେତେବେଳେ ଏହିପରି ହୁଏ । ତେଣୁ ସେସବୁକୁ ନେଇ କୌଣସି ପ୍ରକାରେ ବିବ୍ରତ ହେବାର ଆଉ ଆବଶ୍ୟକତା ନ ଥାଏ । କେବଳ ସତତ, ସମଗ୍ର ଏବଂ ପରିପୂର୍ଣ୍ଣ ସଂପର୍କସ୍ଥାପନହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ବୋଲି ଅନୁଭୂତ ହୁଏ,— ହଁ, ସତତ ସଂପର୍କସ୍ଥାପନ, ଏକାବେଳେକେ ସତତ ସଂପର୍କସ୍ଥାପନ,— ସେହି ପରମ ଶକ୍ତି, ପରମ ଆଲୋକ, ପରମ ସତ୍ୟ ଓ ପରମ ସାମର୍ଥ୍ୟ ସହିତ ଏବଂ ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତହିଁ ସତତ ସଂପର୍କସ୍ଥାପନହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ବୋଲି ଅନୁଭୂତ ହୋଇଥାଏ ।

ନିଷ୍ଠା କହିଲେ ତାହାକୁହିଁ ବୁଝାଏ । ଏହାବ୍ୟତୀତ ଆଉ ଯାହାକିଛି ରହିଲା, ତାହା ହେଉଛି ଅନୁକରଣ,— ଆପଣା ଲାଗି ଅଭିନୟ କରାଯାଉଥିବା ଏକ ଭୂମିକା ମାତ୍ର ।

ଏକ ଆତ୍ମ-ପରିପୂର୍ଣ୍ଣକାରୀ ସମ୍ମତି ମଧ୍ୟଦେଇ ଜୀବନଟିକୁ ବଞ୍ଚିବା ସତତ ଅଧିକରୁ ଅଧିକ ହେବାରେ ଲାଗିଥିବା,— ତାହାହିଁ ହେଉଛି ପୂର୍ଣ୍ଣ ପବିତ୍ରତା । ମୁଁ ଯେ ମୋ' ଜୀବନଟିକୁ ପ୍ରକୃତରେ ବଞ୍ଚୁଛି, ଏବିଷୟରେ ଆଦୌ କୌଣସି ଛଳନା ରହିବା ଉଚିତ ନୁହେଁ । ଆମକୁ ଆମ ଜୀବନଟିକୁ ବଞ୍ଚିବାକୁହିଁ ପଡ଼ିବ, ସ୍ୱତଃସ୍ଫୂର୍ତ୍ତ ଭାବରେ ବଞ୍ଚିବାକୁ ପଡ଼ିବ ।

ତାହାହିଁ ନିଷ୍ଠା ।

'oaob.nitrkl.ac.in' images reprocessed

## ୧୯ ଜୁନ୍ ୧୯୫୭

*ମାଆ, ଯଦି ଜଣେ ସାଂଘାତିକ ଭାବରେ ଅସୁସ୍ଥ ହୋଇପଡ଼ିବ, ତେବେ ତାକୁ ସଂପୂର୍ଣ୍ଣ ଭାବରେ ଏକ ଶାରୀରିକ ପରିସ୍ଥିତି ବୋଲି କୁହାଯିବ ନା ତା'ର ଆଧ୍ୟାତ୍ମିକ ଜୀବନରେ ତାହାକୁ ଏକ ଅସୁବିଧା ବୋଲି ବୁଝିବାକୁ ହେବ ?*

ସେହି କଥାଟି ସେହି ବ୍ୟକ୍ତି ଉପରେ ନିର୍ଭର କରିବ । ଯଦି ସେହି ବ୍ୟକ୍ତି ଯୋଗର ଅଭ୍ୟାସ କରୁଥିବ, ତେବେ ସୁନିଶ୍ଚିତ ଭାବରେ ତାହାକୁ ତା'ର ଆଧ୍ୟାତ୍ମିକ ଜୀବନରେ ଏକ ଅସୁବିଧା ବୋଲି କୁହାଯିବ । ଯଦି ସେହି ବ୍ୟକ୍ତି ଯୋଗର କ୍ଷେତ୍ରରେ ଆଦୌ କିଛିହେଲେ କରୁ ନ ଥିବ, ଅତ୍ୟନ୍ତ ସାଧାରଣ ଭାବରେ ଆପଣାର ସାଧାରଣ ଜୀବନଟାକୁହିଁ ସିଏ ବଞ୍ଚୁଥିବ, ତା' ଅସୁସ୍ଥତାକୁ କେବଳ ଏକ ସାଧାରଣ ଆକସ୍ମିକତା ଓ ଦୁର୍ଘଟଣା ବୋଲି କୁହାଯାଇ ପାରିବ । ତେଣୁ, ସେହି ବ୍ୟକ୍ତିଟି ଉପରେହିଁ ସବୁକିଛି ସଂପୂର୍ଣ୍ଣ ଭାବରେ ନିର୍ଭର କରିବ । ବାହାରର ଲକ୍ଷଣ ଓ ଘଟଣାମାନ ହୁଏତ ସେହି ଏକାଭଳି ରହିଥିବ, ମାତ୍ର ଅନ୍ତର୍ଗତ କାରଣଗୁଡ଼ିକ ଏକାନ୍ତ ଭିନ୍ନ ହୋଇଥିବ । କୌଣସି ଦୁଇଟି ଅସୁସ୍ଥତାକୁ ଆମେ ଅବିକଳ ଏକାଭଳି ବୋଲି କହିପାରିବା ନାହିଁ; ଅବଶ୍ୟ ଏକଥା ସତ୍ୟ ଯେ ଅସୁସ୍ଥତାଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ନାଆଁ ଦେଇ ଚିହ୍ନିବାକୁ ଚେଷ୍ଟା କରିଥାଉ, ସେଗୁଡ଼ିକୁ କେତେପ୍ରକାର ଶ୍ରେଣୀରେ ଅନ୍ତର୍ଗତ କରି ବି ରଖୁଥାଉ । ମାତ୍ର ପ୍ରକୃତ କଥା ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା ଧାରାରେହିଁ ଅସୁସ୍ଥତା ଭୋଗ କରେ; ଏବଂ ସିଏ ପ୍ରକୃତରେ ଯାହା, ତା'ର ଚେତନାଟି ଯେଉଁ ସ୍ତରରେ ରହିଥାଏ ଓ ସେ ଯେଉଁ ପ୍ରକାରର ଜୀବନ-ଯାପନ କରୁଥାଏ, ତା'ର ଧାରାଟି ଏହିସବୁ କଥା ଉପରେହିଁ ନିର୍ଭର କରିଥାଏ ।

ଆମେ ଅନେକ ସମୟରେ କହିଛୁ ଯେ ସମତାବସ୍ଥାରେ ଏକ ବ୍ୟାଘାତ ଆସି ପହଞ୍ଚିଲେ ତାହାହିଁ ଅସୁସ୍ଥତାର କାରଣ ହୋଇଥାଏ, ମାତ୍ର ଏହି ବ୍ୟାଘାତଟି ସଭାର ପରସ୍ପରଠାରୁ ଏକାବେଳେକେ ଭିନ୍ନ ଭିନ୍ନ ଅବସ୍ଥାରେ ମଧ୍ୟ ଘଟିପାରେ । ଜଣେ ସାଧାରଣ ମନୁଷ୍ୟ, ଯାହାର ଚେତନା ଏହି ବାହ୍ୟ ଜଡ଼ ଜୀବନର ଭୂମିରେ ସୀମାବଦ୍ଧ ହୋଇରହିଛି, ତା' କ୍ଷେତ୍ରରେ ସମତାବସ୍ଥାରେ କେବଳ ଏକ ଭୌତିକ ବ୍ୟାଘାତହିଁ ଉପସ୍ଥିତ ହୋଇଥାଏ, ତା' ଶରୀରର ବିଭିନ୍ନ ଇନ୍ଦ୍ରିୟର କ୍ରିୟାତ୍ମକତାରେ ଯାହା ଏକ ବ୍ୟାଘାତ ଉପସ୍ଥିତ

'oaob.nitrkl.ac.in' images reprocessed

ହୋଇଥାଏ । ମାତ୍ର, ଯେତେବେଳେ ସଂପୂର୍ଣ୍ଣ ଉପରିଭାଗସ୍ଥ ଏହି ଜୀବନଟିର ପଶ୍ଚାତରେ ଏକ ଅନ୍ତର୍ଗତ ଜୀବନ ଆପଣାକୁ ନିର୍ମାଣ କରି ଆଣିବାରେ ଲାଗିଥାଏ, ସେତେବେଳେ ଅସୁସ୍ଥତାର କାରଣମାନ ବଦଳିଯାଇଥାଏ; ସେତେବେଳେ ସେହି କାରଣଗୁଡ଼ିକ ସତ୍ତାର ବିଭିନ୍ନ ଅଂଶ ମଧ୍ୟରେ ରହିଥିବା ଏକ ଅସମତାବସ୍ଥାର ଅଭିବ୍ୟକ୍ତି ରୂପେହିଁ ଦେଖା ଦେଇଥାଏ : ଭିତରେ ଯେତିକି ଅଗ୍ରଗତି ହେଉଥାଏ ଏବଂ ଯେତିକି ଉଦ୍ୟମ କରାଯାଉଥାଏ ଏବଂ ନିଜର ଜୀବନ ତଥା ନିଜର ଶରୀର ପକ୍ଷରୁ ଯେଉଁ ବାହ୍ୟ ପ୍ରତିରୋଧମାନ ହେଉଥାଏ ବା ସେହି ଜୀବନ ଓ ଶରୀର ଯେଉଁସବୁ ଅବସ୍ଥାରେ ରହିଥାନ୍ତି, ତାହାରି ମଧ୍ୟରେ ଏକ ଅସମତାବସ୍ଥାର ସୃଷ୍ଟି ହେଲେ ସେଇଥିରୁ ଅସୁସ୍ଥତା ଜନ୍ମିଥାଏ ।

ସାଧାରଣ ବାହ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ ଏହା ଦୀର୍ଘ ଦିନ ହେଲା ସ୍ୱୀକୃତ ହୋଇଆସିଛି ଯେ ତାତ୍କାଳିକ ନାନା ନୈତିକ କାରଣରୁ ପ୍ରାଣିକ ଶକ୍ତିର ପ୍ରତିରୋଧରେ ଯେଉଁ ସ୍ଖଳନ ପରିଦୃଷ୍ଟ ହୋଇଥାଏ, ତାହାହିଁ ସର୍ବଦା ଯେକୌଣସି ଅସୁସ୍ଥତାର କାରଣ ହୋଇ ରହିଥାଏ । ଜଣେ ବ୍ୟକ୍ତି ତା'ର ସାଧାରଣ ସମତାବସ୍ଥାଟି ମଧ୍ୟରେ ବାସ କରୁଥାଏ ଏବଂ ଏକ ସ୍ୱାଭାବିକ ଶାରୀରିକ ସୌଷମ୍ୟ ମଧ୍ୟରେ ରହିଥାଏ, ସେତେବେଳେ ଶରୀର ଭିତରେ ମଧ୍ୟ ଏକ ପ୍ରତିରୋଧର ଶକ୍ତି ବିଦ୍ୟମାନ ଥାଏ, ଏହା ମଧ୍ୟରେ ଏପରି ଏକ ବାତାବରଣ ରହିଥାଏ ଯାହାକି ଅସୁସ୍ଥତାଗୁଡ଼ିକର ପ୍ରତିରୋଧ କରିପାରିବା ଲାଗି ଯଥେଷ୍ଟ ସାମର୍ଥ୍ୟଯୁକ୍ତ ହୋଇ ରହିଥାଏ : ଶରୀରର ସ୍ଥୂଳତମ ଉପାଦାନଟି ଆପଣା ମଧ୍ୟରୁ ଏପରି ନାନା ସୂକ୍ଷ୍ମ ସ୍ପନ୍ଦନମାନ ପ୍ରକଟ କରି ଆଣୁଥାଏ, ଯାହାରକି ଅସୁସ୍ଥତାଗୁଡ଼ିକର ପ୍ରତିରୋଧ କରିବା ଲାଗି ଯଥେଷ୍ଟ ଶକ୍ତି ରହିଥାଏ । ଏପରିକି ସଂକ୍ରାମକ ବୋଲି କୁହାଯାଉଥିବା ରୋଗଗୁଡ଼ିକର ପ୍ରତିରୋଧ କରିବାକୁ ବି ଶକ୍ତି ରହିଥାଏ,— ବସ୍ତୁତଃ, ଯାବତୀୟ ସ୍ପନ୍ଦନକୁହିଁ ଆମେ ସଂକ୍ରମଣକ୍ଷମ ବୋଲି କହିପାରିବା, ମାତ୍ର କେତେକ ନିର୍ଦ୍ଦିଷ୍ଟ ରୋଗକୁ ସାଧାରଣତଃ ବିଶେଷ ଭାବରେ ସଂକ୍ରାମକ ବୋଲି ବିଚାର କରାଯାଇଥାଏ । ହଁ, ସଂପୂର୍ଣ୍ଣ ଭାବରେ ବାହ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ, ଯେଉଁ ବ୍ୟକ୍ତି ଏପରି ଏକ ସ୍ଥିତିରେ ରହିଥାଏ ଯେଉଁଥିରେ କି ତା'ର ଶରୀରେନ୍ଦ୍ରିୟଗୁଡ଼ିକ ସୌଷମ୍ୟଯୁକ୍ତ ହୋଇ କାର୍ଯ୍ୟ କରୁଥାନ୍ତି ଏବଂ ତା'ଭିତରେ ଯଥେଷ୍ଟ ପରିମାଣରେ ଏକ ଭାରସାମ୍ୟ ମହଜୁଦ ରହିଥାଏ, ସେତେବେଳେ ସେହି ବ୍ୟକ୍ତିର ଯୁଗପତ୍ ଭାବରେ ଯଥେଷ୍ଟ ପରିମାଣରେ ଏପରି ଏକ ପ୍ରତିରୋଧଶକ୍ତି ମଧ୍ୟ ରହିଥାଏ, ଯାହାଫଳରେ କି ରୋଗର ସଂକ୍ରମଣ ତାକୁ ମୋଟେ ଆକ୍ରାନ୍ତ କରି ଦେଇପାରେ ନାହିଁ । ମାତ୍ର, ଯଦି, କୌଣସି ନା କୌଣସି କାରଣରୁ ସିଏ ଆପଣାର ଏହି ସମତାବସ୍ଥାଟିକୁ ହରାଇବସେ କିଂବା ନୈରାଶ୍ୟ, ଅସନ୍ତୋଷ, କେତେକେତେ ନୈତିକ ଅସ୍ୱସ୍ତତା ଅଥବା ଅତିରିକ୍ତ

'oaob.nitrkl.ac.in' images reprocessed

ଅବସନ୍ନତା ଦ୍ୱାରା ଦୁର୍ବଳ ହୋଇପଡ଼େ, ଏହାଦ୍ୱାରା ତା' ଶରୀରର ସାଧାରଣ ପ୍ରତିରୋଧ ଶକ୍ତି ହ୍ରାସ ହୋଇଯାଏ ଏବଂ ସିଏ ରୋଗ ଲାଗି ଏକ ସହଜ ଶିକାର ହୋଇରହେ । ମାତ୍ର ଯଦି ଏହି କ୍ଷେତ୍ରରେ ଆମେ ଯୋଗର ଅଭ୍ୟାସ କରୁଥିବା କୌଣସି ବ୍ୟକ୍ତିର ବିଚାର କରି ବସିବା, ତେବେ ଘଟନା ସଂପୂର୍ଣ୍ଣ ଭାବରେ ଭିନ୍ନ ହେବାକୁ ବାଧ ହେବ, ଅର୍ଥାତ୍, ତା' ଭିତରେ ଘଟୁଥିବା ଅସମତାବସ୍ଥାର କାରଣଗୁଡ଼ିକ ଅନ୍ୟ ପ୍ରକାରର ହେବାକୁ ବାଧ ହେବ ଏବଂ ତେଣୁ, ତା'ର ଅସୁସ୍ଥତାଟି ମଧ୍ୟ ସାଧାରଣତଃ ପାର ହୋଇଯିବାକୁ ରହିଥିବା ଏକ ଅନ୍ତର୍ଗତ ଅସୁବିଧାର ଅଭିବ୍ୟକ୍ତି ରୂପେହିଁ ପରିଦୃଷ୍ଟ ହେବ ।

ତେଣୁ ଆମେ କାହିଁକି ଅସୁସ୍ଥ ହୋଇପଡୁଛୁ, ପ୍ରତ୍ୟେକ ବ୍ୟକ୍ତିକୁ ତା'ର କାରଣ ଖୋଜି ବାହାର କରିବାକୁ ହେବ ।

ସାଧାରଣ ଦୃଷ୍ଟିରୁ ବିଚାର କରି ଦେଖିଲେ, ଅଧିକାଂଶ ସ୍ଥଳରେ ଭୟହିଁ ଯାବତୀୟ ସଂକ୍ରମଣ ଲାଗି ଆମର ଦ୍ୱାରଟିକୁ ଖୋଲିଦେଇ ଯାଇଥାଏ । ଏହି ଭୟ ମାନସିକ ଭୟ ହୋଇପାରେ, ପ୍ରାଣିକ ଭୟ ହୋଇପାରେ, ମାତ୍ର ପ୍ରାୟ ସବୁଯାକ କ୍ଷେତ୍ରରେ ତାହା ଶରୀରସ୍ତରର ଏକ ଭୟ ହୋଇ ରହିଥାଏ, ଶରୀରସ୍ଥ କୋଷଗୁଡ଼ିକରେ ରହିଥିବା ଏକ ଭୟ ହୋଇ ରହିଥାଏ । ଯେଉଁମାନଙ୍କର ନିଜ ଉପରେ କିଛିତ୍ ନିୟନ୍ତ୍ରଣଶକ୍ତି ରହିଛି ବା ଜଣେ ମନୁଷ୍ୟ ହିସାବରେ କିଛିତ୍ ସମ୍ମାନବୋଧ ବି ରହିଛି, ସେମାନେ ମାନସିକ ଭୟଟିକୁ ବେଶ୍ ଦୂର କରିଦେଇପାରିବେ । ପ୍ରାଣିକ ଭୟ ହେଉଛି ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଓ ତେଣୁ ସେଥିଲାଗି ଟିକିଏ ଅଧିକ ନିୟନ୍ତ୍ରଣଶକ୍ତି ମଧ୍ୟ ଦରକାର । ଏବଂ, ଶରୀରସ୍ତରର ଭୟକୁ ଦୂର କରିବାକୁ ହେଲେ ସେଥିଲାଗି ନିଶ୍ଚିତ ଭାବରେ ଯୋଗାଭ୍ୟାସର ପ୍ରୟୋଜନ ରହିଥାଏ । କାରଣ, ଦେହର କୋଷଗୁଡ଼ିକ ଲାଗି ଯାହାକିଛି ଅପ୍ରୀତିକର ଓ ପ୍ରତିକୂଳ ବା ଯନ୍ତ୍ରଣାଦାୟକ ଲାଗେ, ସେଗୁଡ଼ିକ ତାହାକୁ ଭୟହିଁ କରିଥାନ୍ତି; ଏବଂ, ଏତେ ଟିକିଏ ପରିମାଣରେ ହେଉ ପଛକେ, କୌଣସି ପ୍ରକାର ଅସ୍ୱସ୍ତିକରତା ଆସି ଉପସ୍ଥିତ ହେବା ମାତ୍ରକେ, ଶରୀରର କୋଷଗୁଡ଼ିକ ସତେଅବା ଭାରି ବିବ୍ରତ ଓ ଆଶଙ୍କିତ ହୋଇପଡ଼ନ୍ତି, କୌଣସି ପ୍ରକାର ଅଶାନ୍ତତା ମଧ୍ୟରେ ଗତି କରିବାକୁ ସେମାନେ ମୋଟେ ଇଚ୍ଛା କରନ୍ତି ନାହିଁ । ଏବଂ, ତେଣୁ, ସେହି ଅଶାନ୍ତତାକୁ ଜୟ କରିବା ଲାଗି ଏକ ସଚେତନ ଇଚ୍ଛାର ନିୟନ୍ତ୍ରଣ ଆବଶ୍ୟକ ହୋଇଥାଏ । ସାଧାରଣତଃ ଏହିପରି ଏକ ଭୟାବେଗହିଁ ଅସୁସ୍ଥତା ଲାଗି ଆମ ଦ୍ୱାରଗୁଡ଼ିକୁ ଖୋଲିଦେଇ ଯାଇଥାଏ । ଏବଂ, ବର୍ତ୍ତମାନ ମୁଁ ପ୍ରଥମ ଦୁଇ କିସମର ଭୟ ବିଷୟରେ ମୋଟେ କହୁ ନାହିଁ; କାରଣ, ମୁଁ ଯେପରି କହିଲି, ଯେକୌଣସି ମନୁଷ୍ୟ, ଶବ୍ଦଟିର ଉଦାରତମ ଅର୍ଥରେ ଯଦି ସେ ଏକ ମନୁଷ୍ୟୋଚିତ ସ୍ଥିତିରେ ରହିବାକୁ ଇଚ୍ଛା କରୁଥିବ, ତାହାକୁ ସେଇଟିକୁ ଅବଶ୍ୟ ଜୟ କରିବାକୁ ପଡ଼ିବ । କାରଣ ସେହି ଭୟ

'oaob.nitrkl.ac.in' images reprocessed

ହେଉଛି ଏକ ଭୀରୁତା । ମାତ୍ର ଶାରୀରିକ ଭୟ ଉପରେ ବିଜୟଲାଭ କରିବା ଅପେକ୍ଷାକୃତ ଅଧିକ କଷ୍ଟକର; ଯଦି ଆମ ଭିତରେ କୌଣସି ଶାରୀରିକ ଭୟ ନ ଥିବ, ତେବେ ଆମ ଉପରେ ହେଉଥିବା ତୀବ୍ରତମ ଆକ୍ରମଣକୁ ମଧ୍ୟ ଆମେ ପ୍ରତିହତ କରିଦେଇ ପାରିବା । ଯଦି ଆମର ଆମ ଶରୀର ଉପରେ ସର୍ବନିମ୍ନ ପରିମାଣର ମଧ୍ୟ ଏକ ନିୟନ୍ତ୍ରଣ ରହିଥାଏ, ତେବେ ସେହି ଆକ୍ରମଣର ଆଘାତକୁ ଆମେ ବେଶ୍ ହ୍ରାସ କରିଦେଇ ପାରିବା ସତ, ମାତ୍ର ତାହାକୁ ପୂର୍ଣ୍ଣ ନିରାପଦ ହୋଇଯିବା ବୋଲି କୁହାଯାଇ ପାରିବ ନାହିଁ । ଶରୀରସ୍ଥ କୋଷଗୁଡ଼ିକ ମଧ୍ୟରେ ଏହି ଯେଉଁ ଭୌତିକ ଓ ଶାରୀରିକ ଭୟର କମ୍ପନଟି ଜାତ ହୋଇଥାଏ, ତାହାହିଁ ଯାବତୀୟ ଅସୁସ୍ଥତାର ପ୍ରକୋପକୁ ବୃଦ୍ଧି କରେ ।

ଅନେକ ଲୋକ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜ ଶରୀର ଭିତରେ ମଧ୍ୟ ଭୟମୁକ୍ତ ହୋଇ ରହିଥାନ୍ତି । ସେମାନଙ୍କ ଭିତରେ ଆଦୌ ଭୟାକୁଳ ନ ହେବା ଲାଗି ଏକ ଯଥେଷ୍ଟ ପରିମାଣରେ ପ୍ରାଣିକ ସମତାବସ୍ଥା ମହଜୁଦ ହୋଇ ରହିଥାଏ ଏବଂ ସେମାନଙ୍କର ଦୈହିକ ଜୀବନର ଛନ୍ଦଟି ମଧ୍ୟରେ ଏକ ସ୍ୱାଭାବିକ ସୌଷମ୍ୟ ମଧ୍ୟ ରହିଥାଏ, ଯାହାବଳରେ କି ସେମାନେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଅସୁସ୍ଥତାକୁ ଏକ ସର୍ବନିମ୍ନ ପରିମାଣକୁ ହ୍ରାସ କରି ଆଣିପାରନ୍ତି । ଏବଂ ଅନ୍ୟ ପାଖରେ ଅନ୍ୟମାନେ ବି ଥାଆନ୍ତି, ଯେଉଁମାନଙ୍କ କ୍ଷେତ୍ରରେ କି ଯାବତୀୟ କଥା ଯେତେ ବେଶୀ ଖରାପ ହେବା କଥା, ସେତିକି ଖରାପହିଁ ହୋଇଥାଏ, ଏପରିକି ଅନେକ ସମୟରେ ତାହା ଏକ ବିପର୍ଯ୍ୟୟରେ ଯାଇ ପରିଣତ ହୋଇଥାଏ । ଏହିପରି ଭାବରେ ଅନେକ ପ୍ରକାରର ଅନେକ ଲୋକ ଥାଆନ୍ତି ଓ ଏହି କଥାଟି ବେଶ୍ ସହଜରେ ପରିଦୃଷ୍ଟ ବି ହୋଇପାରିବ । ଏବଂ, ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଜୀବନସ୍ଥ ଗତିସ୍ପନ୍ଦନର ଗୋଟାଏ ପ୍ରକାର ସୁଖ-ଛନ୍ଦୋମୟତା ଉପରେହିଁ ତାହା ନିର୍ଭର କରିଥାଏ, ସେହି ଛନ୍ଦ ଅସୁସ୍ଥତାର ବାହ୍ୟ ଆକ୍ରମଣଗୁଡ଼ିକର ପ୍ରତିକାର କରିବା ଲାଗି ହୁଏତ ଯଥେଷ୍ଟ ପରିମାଣରେ ସୌଷମ୍ୟଯୁକ୍ତ ହୋଇ ରହିଥାଏ ବା ତାହା ଆଦୌ ଉପସ୍ଥିତ ନ ଥାଏ କିଂବା ତାହା ମଧ୍ୟରେ ଯଥେଷ୍ଟ ଶକ୍ତିଶାଳିତା ମହଜୁଦ ନ ଥାଏ । ସେତେବେଳେ, ଏକ ଭୟଜନିତ କମ୍ପନ ଆସି ତାହାର ସ୍ଥାନ ଅଧିକାର କରେ, ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଏକ ଭୟାକୁଳତା ଆସି ଉପସ୍ଥିତ ହୁଏ, ଯାହାକି ଏତେଟିକିଏ ପରିମାଣର ଅପ୍ରୀତିକର ସଂସ୍ପର୍ଶକୁ ମଧ୍ୟ ଏକ ଯନ୍ତ୍ରଣାଦାୟକ ତଥା କ୍ଷତିକାରକ ବିଷୟରେ ରୂପାନ୍ତରିତ କରି ଦେଇଥାଏ । ତେଣୁ, ଏହି କ୍ଷେତ୍ରରେ ଏକ ସମଗ୍ର ବିଭିନ୍ନତାର ମାତ୍ରା ମହଜୁଦ ରହିଥାଏ; ଗୋଟିଏ ପାଖରେ ଏପରି ବ୍ୟକ୍ତିମାନେ ରହିଥାନ୍ତି, ଯେଉଁମାନେ କି କୌଣସି ପ୍ରକାର ରୋଗର ଶିକାର ନ ହୋଇ ଭୀଷଣତମ ସଂକ୍ରମଣ ଏବଂ ଅସୁସ୍ଥତାକୁ ପାରହୋଇ ଚାଲିଯାଇ ପାରନ୍ତି, ଏବଂ ଅନ୍ୟପକ୍ଷରେ ଏଭଳି ଅନ୍ୟ ବ୍ୟକ୍ତିମାନେ ମଧ୍ୟ

'oaob.nitrkl.ac.in' images reprocessed

ରହିଥାନ୍ତି, ଯେଉଁମାନେ ସାମାନ୍ୟ ସଂସ୍ପର୍ଶରେ ମଧ୍ୟ ଅସୁସ୍ଥ ହୋଇ ପଡ଼ିଥାନ୍ତି । ତେଣୁ, ଏହା ସ୍ୱଭାବତଃ ପ୍ରତ୍ୟେକ ବ୍ୟକ୍ତିର ଦେହଗତ ଗଠନସ୍ୱଭାବଟି ଉପରେ ନିର୍ଭର କରିଥାଏ; ଏବଂ ଏହି କ୍ଷେତ୍ରରେ ଅଗ୍ରଗତି କରିବା ଲାଗି ଏକ ଉଦ୍ୟମ କରିବାକୁ ଇଚ୍ଛା ପ୍ରକାଶ କରିବା ମାତ୍ରକେ, ଜଣେ ବ୍ୟକ୍ତିର ନିଜ ଉପରେ କେତେ ପରିମାଣରେ ନିୟନ୍ତ୍ରଣର ଶକ୍ତି ରହିଛି, ତାହା ସେହି କଥାଟି ଉପରେହିଁ ନିର୍ଭର କରିଥାଏ । ଏହିପରି ଭାବରେ ଅଗ୍ରଗତି କରୁ କରୁ ଶରୀର କ୍ରମେ ଏକ ଉଚ୍ଚତର ପରମ ଇଚ୍ଛାର ଏକ ଅନୁଗତ ନିମିତ୍ତରୂପେ ପରିଣତ ହୋଇଆସେ ଏବଂ ସେତେବେଳେ ଯାବତୀୟ ଆକ୍ରମଣ ଲାଗି ଏକ ସାଧାରଣ ପ୍ରତିରୋଧଶକ୍ତି ପ୍ରାପ୍ତ କରିବା ତାହା ପକ୍ଷରେ ବେଶ୍ ସମ୍ଭବ ହୋଇଯାଏ ।

ମାତ୍ର, ଯେତେବେଳେ ଆମେ ଭୟର ନିରାକରଣ କରିଦେଇ ପାରିବା, ସେତେବେଳେ ଆମେ ପ୍ରାୟ ଆପଦଶୂନ୍ୟ ହୋଇଯାଇ ପାରିବା । ଉଦାହରଣ ସ୍ୱରୂପ, ଏହି ତଥାକଥିତ ସଂକ୍ରାମକ ରୋଗ, ବର୍ତ୍ତମାନ ଯାହାର ପ୍ରକୋପ ଚାରିଆଡ଼େ ଦେଖିବାକୁ ମିଳୁଛି, ସେହିସବୁ ସଂକ୍ରାମକ ରୋଗ, ଶହେରେ ଅନେଶତ କ୍ଷେତ୍ରରେ ତାହା ଭୟରୁହିଁ ଜାତ ହୋଇଥାଏ; ସେହି ଭୟ ଆପଣାର ସାଂଘାତିକତମ ଆକାରରେ ଏକ ମାନସିକ ଭୟରେ ମଧ୍ୟ ପରିଣତ ହୋଇଥାଏ;— ଖବର କାଗଜରେ ବାହାରୁଥିବା ଲେଖାମାନ, ନିରର୍ଥକ ନାନା କଥାବାର୍ତ୍ତା ଓ ସେହିପରି ଅନେକ କାରଣରୁ ସେହି ଭୟ ସର୍ବଦା ପ୍ରୋତ୍ସାହନ ଲାଭ କରିଥାଏ ।

*ମାଆ, ଯେଉଁ ଶରୀରକୁ ସଂପୂର୍ଣ୍ଣ ଭାବରେ ଅଚେତନ ବୋଲି କୁହାଯାଇପାରିବ ନାହିଁ, ସେହିପରି ଏକ ଶରୀର ଲାଗି ଔଷଧର ପ୍ରୟୋଗ କରାଯାଇ ପାରିବ କିପରି ? କାରଣ, ସେତେବେଳେ ଆମେ ଭଗବତ୍-କରୁଣାର ସାହାଯ୍ୟ ବି ନେଇଥାଉ, ସେତେବେଳେ ମଧ୍ୟ ଆମେ ଦେଖିବାକୁ ପାଉ ଯେ ଆମ ଲାଗି ତଥାପି କିଛିତ୍ ଔଷଧର ଆବଶ୍ୟକତା ରହିଛି । ଏବଂ ସେତେବେଳେ କିଛିତ୍ ଔଷଧ ସେବନ କଲେ ତଦ୍ୱାରା ଉପକାର ବି ହୋଇଥାଏ । ଏଥିରୁ କ'ଣ ଏହିପରି ବୁଝିବାକୁ ହେବ ଯେ କେବଳ ଶରୀର ଲାଗିହିଁ ଔଷଧର ଆବଶ୍ୟକତା ରହିଥାଏ; ବା, ତେଣେ ମନ ଓ ପ୍ରାଣିକ କ୍ଷେତ୍ରରେ ମଧ୍ୟ କେଉଁଠି କ'ଣ ବିଗିଡ଼ି ବି ଯାଇଥାଏ ?*

ଅଧିକାଂଶ କ୍ଷେତ୍ରରେ ଔଷଧର ଯେଉଁ ବ୍ୟବହାର କରାଯାଇଥାଏ,— ଏଠାରେ ମୁଁ ଏକ ସଂଗତ ସୀମା ଭିତରେ ଔଷଧର ବ୍ୟବହାର ବିଷୟରେ କହୁଛି, ଅର୍ଥାତ୍ ଯେତେବେଳେ ଔଷଧ ବ୍ୟବହାର କରି ଜଣେ ଆପଣାର ଶରୀରରେ ବିଷାକ୍ତତା ଭରି ଦେବା ଲାଗି

'oaob.nitrkl.ac.in' images reprocessed

ମୋଟେ ଇଚ୍ଛା କରେ ନାହିଁ, ମୁଁ ସେତିକିବେଳର କଥା କହୁଛି,— ତାହା କେବଳ ଶରୀରକୁ ବିଶ୍ୱାସ ରଖିବା ଲାଗି ସାହାଯ୍ୟ କରିବା ସକାଶେହିଁ କରାଯାଇଥାଏ । ପ୍ରକୃତ କ୍ଷେତ୍ରରେ ଶରୀରହିଁ ଆପେ ଆପଣାର ଆରୋଗ୍ୟ ବିଧାନ କରାଇଥାଏ । ଶରୀର ଯେତେବେଳେ ଆରୋଗ୍ୟ ଲାଭ କରିବାକୁ ଇଚ୍ଛା କରେ, କେବଳ ସେତିକିବେଳେହିଁ ତାହା ଆରୋଗ୍ୟଲାଭ କରେ । ଏବଂ ବର୍ତ୍ତମାନ ଏହି କଥାଟିକୁ ପ୍ରାୟ ସମସ୍ତେ ସ୍ୱୀକାର କରିବାକୁ ଆରମ୍ଭ ବି କଲେଣି; ଏବେ ଅତ୍ୟନ୍ତ ଗତାନୁଗତିକ ଧାରାର ଡାକ୍ତରମାନେ ବି ତୁମକୁ କହିଲେଣି, "ହଁ, ଆମ ଔଷଧ ତୁମର ରୋଗ ଭଲ ହେବାରେ ସାହାଯ୍ୟ କରୁଛି ସତ, ମାତ୍ର ଏହି ଔଷଧଗୁଡ଼ିକ ଦ୍ୱାରା ରୋଗର ଆରୋଗ୍ୟ ମୋଟେ ହେଉ ନାହିଁ, ତୁମର ଶରୀରହିଁ ସ୍ୱୟଂ ରୋଗମୁକ୍ତ ହେବା ଲାଗି ଏକ ନିଷ୍ପତ୍ତି ଗ୍ରହଣ କରୁଛି ।" ହଁ, "ଏହି ଔଷଧଟିକୁ ତୁ ଖାଆ" ବୋଲି ଯେତେବେଳେ ଶରୀରକୁ କୁହାଯାଉଛି, ସେତେବେଳେ ଶରୀର ଆପଣାକୁ "ମୁଁ ବର୍ତ୍ତମାନ ଟିକିଏ ସୁସ୍ଥ ହେବାକୁ ଯାଉଛି" ବୋଲି କହିବାକୁ ଆରମ୍ଭ କରୁଛି । "ଏଥର ମୁଁ ଟିକିଏ ସୁସ୍ଥ ହେବାକୁ ଯାଉଛି" ବୋଲି ଆପଣାକୁ କହୁଥିବାରୁହିଁ ଶରୀର ରୋଗମୁକ୍ତ ହେଉଛି ।

ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏହିପରି ସହାୟକ ଏକାଧିକ କଥା ରହିଛି,— ସେଗୁଡ଼ିକ କିଛିତ୍ ପରିମାଣରେ ନିଶ୍ଚୟ ସହାୟକ ହେଉଛନ୍ତି,— ମାତ୍ର, କେବଳ ଏକ ସଙ୍ଗତ ସୀମା ଭିତରେହିଁ ସେଗୁଡ଼ିକର ଆଚରଣ କରାଗଲେ ଯାଇ ସେକଥା ହୋଇପାରୁଛି । ଯଦି ସଂଗତ ସୀମା ଭିତରେ ସେଗୁଡ଼ିକୁ ଆଉ କରାଯାଇପାରୁ ନାହିଁ, ତେବେ ତୁମର ଶରୀରଟି ଏଣିକି ଯେ ଏକାବେଳେକେ ଅଚଳ ହୋଇପଡ଼ିବ, ଆଉ ସେ ବିଷୟରେ ଆଦୌ କୌଣସି ସନ୍ଦେହ ରହୁ ନାହିଁ । ତୁମେ ଗୋଟିଏ ରୋଗକୁ ହୁଏତ ଭଲ କରିଦେଇପାରୁଛ, ମାତ୍ର ତା' ଜାଗାରେ ଆଉ ଗୋଟିକୁ ଡାକିଆଣୁଛ, ଯାହାକି ପୂର୍ବଟି ତୁଳନାରେ ଅଧିକ ମାରାତ୍ମକ ବୋଲି ପ୍ରମାଣିତ ହେଉଛି । ମାତ୍ର ତଥାପି, କିଛିତ୍ ପରିମାଣରେ ଏକ ସହାୟକ,— ଗୋଟାଏ ଦୃଷ୍ଟିରୁ ଦେଖିଲେ କିଛିତ୍ ପରିମାଣରେ ଏକ ସହାୟକ ଯାହାକି ତୁମର ଶରୀରକୁ ବିଶ୍ୱାସ ଆଣି ଦେଉଯାଉଛି : "ଏଥର ଏଇଟା ନିଶ୍ଚୟ ଭଲ ହୋଇଯିବ, ମୁଁ ଏଥର ଏହି ଔଷଧଟିକୁ ଖାଇଲିଣି, ଏଥର ଏହା ନିଶ୍ଚୟ ଭଲ ହୋଇଯିବ"; — ଏହି କଥାଟି ଶରୀର ଲାଗି ଅନେକ ପରିମାଣରେ ହିତକାରୀକ ହୋଇଥାଏ, ଶରୀର ତା'ପରେ ଅଧିକ ସୁସ୍ଥ ହେବ ବୋଲି ଏକ ନିଷ୍ପତ୍ତି ଗ୍ରହଣ କରେ ଏବଂ ତା'ପରେ ତାହା ଭଲ ହୋଇଯାଏ ।

ଏହି କ୍ଷେତ୍ରରେ ମଧ୍ୟ ନାନା ସମ୍ଭାବନାର ଏକ ବୃହତ୍ ପରିସର ସର୍ବଦା ରହିଥାଏ । ଯୋଗର ଅଭ୍ୟାସ କରୁଥିବା ଜଣେ ବ୍ୟକ୍ତି, ଯିଏ କି ଅନ୍ତର୍ଗତ ନିୟନ୍ତ୍ରଣର ଏପରି ଏକ

'oaob.nitrkl.ac.in' images reprocessed

ପରିପୂର୍ଣ୍ଣ ଅବସ୍ଥାରେ ଆସି ପହଞ୍ଚି ଯାଇଥାଏ ଯେ, ସିଏ ବିଷ ଗ୍ରହଣ କଲେ ମଧ୍ୟ ତା'ର ଶରୀର କଦାପି ସେହି ବିଷ ଦ୍ୱାରା ପ୍ରଭାବିତ ହୁଏ ନାହିଁ,— ସେହି ଯୋଗୀଠାରୁ ଆରମ୍ଭ କରି ଏହିପରି କ୍ଷେତ୍ରରେ ଏପରି ଜଣେ ଜଣେ ଲୋକ ବି ଅଛନ୍ତି, ଯିଏକି ଟିକିଏ କେଉଁଠି ଆଞ୍ଚୁଡ଼ି ହୋଇଗଲେ ମଧ୍ୟ ଡାକ୍ତର ପାଖକୁ ଧାଇଁଯିବାକୁ ଇଚ୍ଛା କରନ୍ତି, ଶରୀର ଯେପରି ଆରୋଗ୍ୟଲାଭ କରିପାରିବ, ସେଥିଲାଗି ଯାବତୀୟ ପ୍ରକାରର ବିଶେଷ ବିଶେଷ ଔଷଧ ସେବନ କରିବା ଲାଗି ଅସ୍ଥିର ହୋଇପଡ଼ନ୍ତି । ଏହି ଭାବରେ ନାନା ସମ୍ଭାବନାର ଏକ ବୃହତ୍ ପରିସର ରହିଛି,— ଗୋଟାଏ ପାଖରେ ସମଗ୍ର ଓ ସଂପୂର୍ଣ୍ଣ ଆତ୍ମକର୍ତ୍ତୃତ୍ୱଠାରୁ ଆରମ୍ଭ କରି ଅନ୍ୟ ପକ୍ଷରେ ଯାବତୀୟ ବାହ୍ୟ ସହାୟକ ପାଖରେ ଓ ବାହାରୁ ସେବନ କରିବାକୁ ରହିଥିବା ଯାବତୀୟ ଦ୍ରବ୍ୟ ପାଖରେ ସଂପୂର୍ଣ୍ଣ ଭାବରେ ଦାସ ହୋଇ ରହିବାର ସମ୍ଭାବନାର ଏକ ଦୀର୍ଘ ପରିସର ରହିଛି । ଗୋଟାଏ ପାଖରେ ପୂର୍ଣ୍ଣ ନିର୍ଭରଶୀଳତା ରହିଛି, ଅନ୍ୟ ପାଖରେ ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ରହିଛି । ଏହିପରି ସଂପୂର୍ଣ୍ଣ ପରିସରଟି ସବୁବେଳେ ରହିଛି । ତେଣୁ, ଏହି କ୍ଷେତ୍ରରେ ସବୁ କଥା ବେଶ୍ ସମ୍ଭବ ହୋଇପାରେ । ଏହାକୁ ଏକ ଅତିବଡ଼ ଫଳକ ସହିତ ତୁଳନା କରାଯାଇ ପାରିବ, ଯାହା ଉପରେ କି ଅନେକସଂଖ୍ୟକ ଚାବି ଟଙ୍ଗାହୋଇ ରହିଛି,— ଏହି ଫଳକଟି ଅତ୍ୟନ୍ତ ଅନେକସମ୍ଭାବନାମୟ ଏବଂ ଅନେକ ପରିମାଣରେ ଏକ ସଂପୂର୍ଣ୍ଣ ଫଳକ ହୋଇ ରହିଛି । ଆମେ ଏହି ଅନେକ ସମ୍ଭାବନା ମଧ୍ୟରୁ ଯେକୌଣସିଟିକୁ କାମରେ ଲଗାଇ ପାରିବା ଏବଂ ଶରୀରଟି ଏହି କ୍ଷେତ୍ରରେ ଯନ୍ତ୍ରଟିର ଭୂମିକା ଗ୍ରହଣ କରୁଥିବ ।

*ମାଆ, ଏକ ମାନସିକ ପ୍ରୟାସ ଦ୍ୱାରା,— ଉଦାହରଣ ସ୍ୱରୂପ, ଦେହ ଖରାପ ହୋଇଥିବା ବେଳେ କୌଣସି ଔଷଧ ଗ୍ରହଣ ନ କରିବା ଲାଗି ଏକ ସଂକଳ୍ପ ଗ୍ରହଣ କରି ଆମେ ଶରୀରକୁ ଯଥାର୍ଥ ବୋଧସମର୍ଥ କରିବାରେ ସଫଳ ହୋଇପାରିବା କି ?*

ନା,— ସେତିକି ହେଲେ ଆଦୌ ଯଥେଷ୍ଟ ହେବ ନାହିଁ । କେବଳ ମନ ଭିତରେ ଗୋଟାଏ ସଂକଳ୍ପ କରିନେଲେ ହେବ ନାହିଁ । ତୁମର ଶରୀର ମଧ୍ୟରେ ନିରନ୍ତର ଏପରି ନାନା ସୂକ୍ଷ୍ମ ପ୍ରତିକ୍ରିୟା ହେବାରେ ଲାଗିଛି, ଯେଉଁଗୁଡ଼ିକ କି କୌଣସି ପ୍ରକାର ମାନସିକ ସଂକଳ୍ପ ଗ୍ରହଣକୁ କେବେହେଲେ ମାନନ୍ତି ନାହିଁ । ତେଣୁ କେବଳ ମନ ଭିତରେ ସଂକଳ୍ପଟିଏ କରିନେଲେ ଆଦୌ ଯଥେଷ୍ଟ ହେବ ନାହିଁ । ଏହି କ୍ଷେତ୍ରରେ ଆହୁରି ଅଧିକ କିଛିର ଆବଶ୍ୟକତା ରହିଛି ।

'oaob.nitrkl.ac.in' images reprocessed

ତେଣୁ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ସହିତ ସଂପର୍କ ସ୍ଥାପନ କରିବାକୁ ପଡ଼ିବ । ମନର ସାମର୍ଥ୍ୟଠାରୁ ଅଧିକ ଉଚ୍ଚରେ ରହିଥିବା ଏକ ସାମର୍ଥ୍ୟର ଆବଶ୍ୟକତା ଅବଶ୍ୟ ରହିବ ।

ଏବଂ, ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଆମର ମନ ଭିତରେ ଯାହାକିଛି ରହିଛି, ତାହା ସର୍ବଦା ଏକ ଅନ୍ତର୍ଗତ ସଂଶୟର ଅଧୀନ ହୋଇ ରହିଛି । ତୁମେ ହୁଏତ କୌଣସି ଏକ ସଂକଳ୍ପ ଗ୍ରହଣ କରିବ, ମାତ୍ର ତଥାପି ତୁମକୁ ପ୍ରାୟ ସୁନିଶ୍ଚିତ ଭାବରେ ଜାଣି ରଖିବାକୁ ହେବ ଯେ ତା'ପରେ ସର୍ବଦା ଏପରି କିଛି ଆସି ପହଞ୍ଚିଯିବ, ଯାହାଫଳରେ କି ତୁମେ ସମ୍ଭବତଃ ଏହି ସଂକଳ୍ପ ସହିତ ଖୋଲାଖୋଲି ଯୁଦ୍ଧ କରିବାକୁ ଯିବ ନାହିଁ ସତ, ମାତ୍ର ତା'ର ଫଳପ୍ରଦତାରେ ସନ୍ଦେହ କରିବାକୁ ଆରମ୍ଭ କରିବ । ଏବଂ, ତୁମେ ବେଶ୍ ବୁଝିପାରୁଥିବ ଯେ, ସଂକଳ୍ପଟି ବିଷୟରେ ଏତେଟିକିଏ ସନ୍ଦେହର ବଶବର୍ତ୍ତୀ ହୋଇଯିବା ମାତ୍ରକେହିଁ ସେହି ସଂକଳ୍ପ ଆପଣାର ଅଧେ ପ୍ରଭାବକୁ ହରାଇ ବସିବ । ଯଦି ତୁମେ "ମୁଁ ଏହି କଥାଟିକୁ ଚାହୁଁଛି" ବୋଲି କହିବା ବେଳେ ତେଣେ ତୁମରି ଭିତରେ ନୀରବ ହୋଇ ଲୁଚି ରହିଥିବା, କେଉଁଠି ଗହ୍ଵରେ ଅନ୍ତରାଳରେ ରହିଥିବା କୌଣସି ଉପାଦାନ "ଏସବୁର ଫଳ କ'ଣ ହେବ" ବୋଲି ପଚାରିବାକୁ ଆରମ୍ଭ କରିଦିଏ, ତେବେ ସବୁକିଛିକୁ ନଷ୍ଟ କରିଦେବା ଲାଗି ତାହାହିଁ ଯଥେଷ୍ଟ ହେବ ।

ମାନସିକ କ୍ରିୟାର ଏହି କ୍ରୀଡ଼ାଟି ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଆପଣାକୁ ପ୍ରେରିତ କରି ରଖିଥାଏ, ଏବଂ ମନୁଷ୍ୟର ଆୟତ୍ତ ମଧ୍ୟରେ ରହିଥିବା କୌଣସି ସାଧାରଣ ସାଧନ ଦ୍ୱାରା ଏହାକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣାଧୀନ କରିବାରେ ଆମେ କଦାପି ସଫଳ ହେବା ନାହିଁ । ଉଦାହରଣ ସ୍ୱରୂପ, ଯେଉଁମାନେ ଯୋଗ ଅଭ୍ୟାସ କରନ୍ତି ଏବଂ ଆପଣାର ଶରୀରକୁ ନିଜର ନିୟନ୍ତ୍ରଣରେ ରଖିବାକୁ ଇଚ୍ଛା କରୁଥାନ୍ତି, ସେମାନେ ଏହି କଥାଟିକୁ ଖୁବ୍ ଭଲକରି ଜାଣନ୍ତି; ଯଦି ଏକ କଠିନ ଯୋଗର ଉଦ୍ୟମ ଦ୍ୱାରା ସେମାନେ ଆପଣା ମଧ୍ୟରେ କୌଣସି ନା କୌଣସି ଉପରେ ଏକ ନିୟନ୍ତ୍ରଣ ହାସଲ କରିଥିବେ,– ଶରୀରର କୌଣସି ଏକ ନିର୍ଦ୍ଦିଷ୍ଟ ଦୁର୍ବଳତା ଉପରେ ଅଥବା ଆପଣାର କୌଣସି ଏକ ଅସମତାବସ୍ଥା ଆଡ଼କୁ ରହିଯାଇଥିବା ଏକ ଛିଦ୍ର ଉପରେ ନିୟନ୍ତ୍ରଣ ହାସଲ କରିଥିବେ, ଯଦି ସେମାନେ ଏହି କଥାଟିକୁ କରିପାରିଥିବେ ଏବଂ କିଛି ଫଳ ହାସଲ କରିପାରିଥିବେ, ଉଦାହରଣ ସ୍ୱରୂପ, ଯଦି ଦୀର୍ଘ ସମୟ ଲାଗି ଅର୍ଥାତ୍ ଅନେକ ବର୍ଷ ଲାଗି ସେମାନଙ୍କର ଏହି ଅସମତାବସ୍ଥାଟି ଅନ୍ତର୍ହିତ ହୋଇଯାଇ ପାରିଥିବ, ଏବଂ, ଏପରି ଅବସ୍ଥାରେ, ଯଦି ଦିନେ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ହଠାତ୍ ସେମାନେ ମନ ଭିତରେ "ହଁ, ଏଇଟି ମୋର ସାଧ୍ୟ ହୋଇଗଲା" ବୋଲି ଚିନ୍ତା କରିବାକୁ ଆରମ୍ଭ କରିବେ, ତେବେ ପରବର୍ତ୍ତୀ

'oaob.nitrkl.ac.in' images reprocessed

ମୁହୂର୍ତ୍ତରେହିଁ ତାହା ସେମାନଙ୍କ ପାଖକୁ ପୁଣି ଲେଉଟି ଆସିବ । ଏବଂ, ତାହାହିଁ ସବୁ ଭଣ୍ଡୁର କରିଦେବା ଲାଗି ଯଥେଷ୍ଟ ହେବ । କାରଣ, ତଦ୍ଵାରା ପ୍ରମାଣିତ ହୋଇଯିବ ଯେ, ସେମାନେ ଯେଉଁ ବସ୍ତୁଟିକୁ ପ୍ରତ୍ୟାଖ୍ୟାନ କରି ସାରିଥିଲେ, ସେମାନେ ପୁନର୍ବାର ସେହି ବସ୍ତୁଟିର ସ୍ପନ୍ଦନ ଦ୍ଵାରାହିଁ ଅନୁସ୍ପନ୍ଦିତ ହେବାକୁ ଆରମ୍ଭ କରିଛନ୍ତି; ଯେଉଁ ଭୂମିଟି ଉପରେ ସେମାନେ ତଥାପି ଅଜେୟ ହୋଇପାରି ନାହାନ୍ତି, ସେହି ଭାବନାର ଭୂମିରେହିଁ ସେମାନେ ସେହି ସ୍ପନ୍ଦନଟିର ପୁନର୍ବାର ସଂସ୍ପର୍ଶରେ ଆସିଛନ୍ତି । ତଦ୍ଵାରା ପ୍ରମାଣିତ ହୋଇଯିବ ଯେ, ଶକ୍ତିଚୟର ପାରସ୍ପରିକ କ୍ରିୟାବିକ୍ରିୟାର କ୍ଷେତ୍ରରେ କୌଣସି ନା କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଏକ ଛିଦ୍ର ହୋଇଯାଇଛି, ଓ ସେହି ଛିଦ୍ରଟିର ବାଟ ଦେଇ ସେହି ବସ୍ତୁଟି ସେମାନଙ୍କ ପାଖକୁ ପୁନର୍ବାର ଲେଉଟି ଆସିଛି ।

ଯୋଗର ଭୂମିରେ ଏହି କଥାଟି ସହିତ ସମସ୍ତେ ଅତ୍ୟନ୍ତ ପରିଚିତ ରହିଥିବେ । ଜଣେ ବ୍ୟକ୍ତି ଯେଉଁ ବିଜୟଟିକୁ ହାସଲ କରିପାରିଛି, ସେହି ବିଜୟଟିକୁ କେବଳ ଅବଲୋକନ କରିବା ଦ୍ଵାରାହିଁ,– ଏହାକୁ ମନ ଦ୍ଵାରା ଅବଲୋକନ କରିବା ଦ୍ଵାରା, ସେଇଟି ବିଷୟରେ ଭାବିବା ଦ୍ଵାରା,– ହୁଏତ କେବଳ ସେତିକି ଦ୍ଵାରାହିଁ ବର୍ଷ ବର୍ଷ ଧରି ଉପଲବ୍ଧ ହୋଇଥିବା ଯୋଗସାଧନାର ପରିଣାମଟିକୁ ନଷ୍ଟ କରିଦେବାଲାଗି ତାହାହିଁ ଯଥେଷ୍ଟ ହେବ । ତେଣୁ, ଅନ୍ୟାନ୍ୟ କୌଣସି ପ୍ରକାର ବାହ୍ୟ ସ୍ପନ୍ଦନ ଯେପରି ଭିତରକୁ ପ୍ରବେଶ କରି ନ ପାରିବ, ଅପରିହାର୍ଯ୍ୟ ଭାବରେ ଆମଠାରେ ସେହିପରି ଏକ ଶକ୍ତିଶାଳୀ ମାନସିକ ନୀରବତା ରହିଥିବା ଏକାନ୍ତ ଆବଶ୍ୟକ । ମାତ୍ର, ସେହି ସାମର୍ଥ୍ୟଟିକୁ ହାସଲ କରିବା ପ୍ରକୃତରେ ଏକ ଏପରି କଠିନ କାର୍ଯ୍ୟ ଯେ ସେଥିଲାଗି ଜଣେ ବ୍ୟକ୍ତି ଶ୍ରୀଅରବିନ୍ଦ ଯାହାକୁ "ନିମ୍ନତର ମଣ୍ଡଳ" ବୋଲି କହିଛନ୍ତି, ସେଇଟିକୁ ପାର ହୋଇ ଉଚ୍ଚତର ମଣ୍ଡଳଟି ମଧ୍ୟରେ ପ୍ରବେଶ କରିଥିବା ନିତାନ୍ତ ଆବଶ୍ୟକ ହେବ । ଯେପରି ଉକ୍ତ କଥାଟି ଆମ ଜୀବନରେ ଆଦୌ କେବେ ଘଟିବ ନାହିଁ, ସେଥିଲାଗି ଏକ ସଂପୂର୍ଣ୍ଣ ଅଧ୍ୟାତ୍ମ-ମଣ୍ଡଳ ମଧ୍ୟରେ ପ୍ରବେଶ କରିଥିବା ଆବଶ୍ୟକ ହେବ ।

ନା– ମନର ଭୂମିସୀମା ମଧ୍ୟରେ ଏହିସବୁ ବିଜୟକୁ କଦାପି ହାସଲ କରିହେବ ନାହିଁ । ତାହା ଏକାବେଳେକେ ଅସମ୍ଭବ । କାରଣ ମନର ଭୂମିଟି ସବୁ ପ୍ରକାରର ପ୍ରଭାବ ଲାଗି ଉନ୍ମୁକ୍ତ ହୋଇ ରହିଥାଏ, ପରସ୍ପର ବିରୋଧୀ ଯାବତୀୟ ପ୍ରବାହ ଲାଗି ଉନ୍ମୁକ୍ତ ହୋଇ ରହିଥାଏ । ଆମେ ଆମର ମନଟି ସାହାଯ୍ୟରେ ଯାହାକିଛି ରଚନା ଓ ବିରଚନାମାନ କରିବାରେ ଲାଗିଥାଉ, ସେଗୁଡ଼ିକ ଆପଣାର ମଧ୍ୟରେହିଁ ଆପଣାର ବିରୋଧଗୁଡ଼ିକୁ ବହନ କରିବାରେ ଲାଗିଥା'ନ୍ତି । ହଁ, ଆମେ ଇଚ୍ଛା କଲେ ସେହି ବିରଚନାଟିକୁ ଦବାଇ କରି ରଖିଦେଇ ପାରିବା ଅଥବା ତାହାକୁ ଯଥାସମ୍ଭବ ଅଧିକ ପରିମାଣରେ ଅହାନିକର କରି

'oaob.nitrkl.ac.in' images reprocessed

ମଧ୍ୟ ରଖିପାରିବା । ମାତ୍ର ତାହା ତଥାପି ରହିଥିବ, ସେହିଠାରେହିଁ ରହିଥିବ, ଏବଂ ଏତେଟିକିଏ ଦୁର୍ବଳତାର ସୁଯୋଗ ପାଇଲେ ଅଥବା ଆମର ସତର୍କତାରେ ଏତେଟିକିଏ ଊଣା ହେଲେ ବା ଟିକିଏ ଅସାବଧାନତା ଘଟିଲେ ତାହା ପୁଣି ଆସି ପ୍ରବିଷ୍ଟ ହୋଇଯିବ ଏବଂ ଯାବତୀୟ କାର୍ଯ୍ୟକୁ ପଣ୍ଡ ଓ ନଷ୍ଟ କରିଦେବ । ମାନସିକ ଉଦ୍ୟମଗୁଡ଼ିକ ଦ୍ବାରା ଆମେ ପ୍ରକୃତରେ ପ୍ରାୟ କୌଣସି ପ୍ରକାର ଯଥାର୍ଥ ଫଳ ହାସଲ କରିପାରୁ ନାହିଁ, ଏବଂ ସେହି ଫଳଗୁଡ଼ିକ ସବୁବେଳେ ଭାରି ବିମିଶ୍ରିତ ହୋଇ ରହିଥା'ନ୍ତି । ତେଣୁ ଏହି କ୍ଷେତ୍ରରେ ଆଉ ଏକ ଅନ୍ୟ ସାମଗ୍ରୀର ଆବଶ୍ୟକତା ରହିଥାଏ । ଏଥିଲାଗି ମନର କ୍ଷେତ୍ରକୁ ଅତିକ୍ରମ କରି ବିଶ୍ବାସର କ୍ଷେତ୍ରରେ ପ୍ରବେଶ କରିବାକୁ ହୁଏ, ନିରାପଦ ଭାବରେ କାର୍ଯ୍ୟ କରିପାରିବା ଲାଗି ଏକ ଉଚ୍ଚତର ଚେତନା ମଧ୍ୟରେ ପ୍ରବିଷ୍ଟ ହେବାକୁ ହୁଏ ।

ଏହି କଥାଟି ବେଶ୍ ସ୍ପଷ୍ଟ ହୋଇଯିବା ଉଚିତ ଯେ ଆମ ଶରୀର ଉପରେ ସକ୍ରିୟ ପ୍ରଭାବ ପକାଇବା ଲାଗି ଏକ ଅତ୍ୟନ୍ତ ଶକ୍ତିଶାଳୀ ସାଧନ ହେଉଛି ଆମର ବିଶ୍ବାସ । ଯେଉଁସବୁ ମଣିଷଙ୍କର ସରଳ ହୃଦୟ ରହିଛି, ଯେଉଁମାନଙ୍କର ମନକୁ ଖୁବ୍ ଜଟିଳ ବୋଲି ଆଦୌ କୁହାଯିବ ନାହିଁ, ଯେଉଁସବୁ ସରଳ ମଣିଷଙ୍କର ଆଦୌ ଖୁବ୍ ବେଶୀ, ଏକ ଅତ୍ୟନ୍ତ ଜଟିଳ ମାନସିକ ବିକାଶ ହୋଇ ନାହିଁ, ମାତ୍ର ଯେଉଁମାନଙ୍କର ଅଗାଧ ବିଶ୍ବାସ ରହିଛି, ସେମାନଙ୍କର ନିଜ ଶରୀର ଉପରେ କାର୍ଯ୍ୟ କରିପାରିବା ଲାଗି ମଧ୍ୟ ଅତ୍ୟନ୍ତ ଅଧିକ ଶକ୍ତି ରହିଛି, ଅନେକ ଶକ୍ତି ରହିଛି । ସେଥିଲାଗି ଆମକୁ ଏହିପରି ଭାବରେ ବେଳେବେଳେ ବେଶ୍ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ : "ଗୋଟିଏ ପାଖରେ ଜଣେ ମନୁଷ୍ୟ ରହିଛି, ଯାହାର ଏକ ମହାନ୍ ଉପଲବ୍ଧି ରହିଛି, ଯାହାକୁ ଆମେ ଜଣେ ଅସାଧାରଣ ବ୍ୟକ୍ତି ବୋଲି କହିପାରିବା ମାତ୍ର ସିଏ କ୍ଷୁଦ୍ରରୁ କ୍ଷୁଦ୍ରତମ ଯାବତୀୟ ଭୌତିକ ବସ୍ତୁର ଏକ ଗୋଲାମ ପରି ବି ହୋଇ ରହିଛି; ଅନ୍ୟ ପକ୍ଷରେ ଏଣେ ଆଉଜଣେ ଲୋକ ଅଛି, ଯାହାକୁ କି ଭାରି ସରଳ ବୋଲି କୁହାଯିବ ଓ ଯିଏ ଦେଖିଲା ବେଳକୁ ଭାରି ଅମାର୍ଜିତ ପରି ଦେଖାଯାଉଛି, ମାତ୍ର ତା'ପାଖରେ ଏକ ବୃହତ୍ ବିଶ୍ବାସ ରହିଛି ଏବଂ ସିଏ ସତେଅବା ଜଣେ ବିଜୟୀ ପରି ତା' ଜୀବନର ଯାବତୀୟ ବାଧା ଏବଂ ପ୍ରତିବନ୍ଧକ ମଧ୍ୟଦେଇ ଅତିକ୍ରମ କରିଯାଇ ପାରୁଛି ।"

ମୁଁ କଦାପି ଏପରି କହୁ ନାହିଁ ଯେ ଯିଏ ସଂସ୍କୃତିର କ୍ଷେତ୍ରରେ ଅନେକ ସମ୍ପନ୍ନତା ହାସଲ କରିଥିବ, ସିଏ କଦାପି ବିଶ୍ବାସର ମଧ୍ୟ ଅଧିକାରୀ ହୋଇପାରିବ ନାହିଁ, ମାତ୍ର ତାହାକୁ ଅର୍ଜନ କରିବା ତା' ପକ୍ଷରେ ନିଶ୍ଚୟ ଅପେକ୍ଷାକୃତ ଅଧିକ କଷ୍ଟକର ହେବ, କାରଣ ତା' ଭିତରେ ସର୍ବଦା ଏହି ମାନସିକ ଉପାଦାନଟି ରହିଥିବ, ଯାହାକି ବିରୋଧଗୁଡ଼ିକର ସୃଷ୍ଟି କରୁଥିବ, ତର୍କ କରୁଥିବ, ବୁଝିବା ଲାଗି ଚେଷ୍ଟା କରୁଥିବ, ଯାହାର

'oaob.nitrkl.ac.in' images reprocessed

ହୃଦ୍‌ବୋଧ କରାଇବା ପ୍ରକୃତରେ ଭାରି କଷ୍ଟକର ହୋଇ ରହିଥିବ, ଯାହାକି କେତେ ନା କେତେ ପ୍ରମାଣ ଲାଗି ଅପେକ୍ଷା କରି ରହିଥିବ । ତାହାର ବିଶ୍ୱାସ ଅପେକ୍ଷାକୃତ କମ୍ ବିଶୁଦ୍ଧ ହୋଇଥିବ । ତେଣୁ ବିବର୍ତ୍ତନର କୁଣ୍ଡଳୀଟି ମଧ୍ୟରେ ଏକ ଉଚ୍ଚତର ପର୍ଯ୍ୟାୟକୁ ଅଗ୍ରସର ହୋଇଯିବାର ଏକ ଆବଶ୍ୟକତା ରହିଛି, ମନର ସ୍ତରରୁ ଆଧ୍ୟାତ୍ମିକ ସ୍ତରକୁ ଅତିକ୍ରମ କରିଯିବାର ଆବଶ୍ୟକତା ରହିଛି । ସେହି କାରଣରୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ବିଶ୍ୱାସ ଉପରେହିଁ ଏକ ଅତ୍ୟନ୍ତ ଉଚ୍ଚ ମାତ୍ରାର ମହତ୍ତ୍ୱ ନ୍ୟସ୍ତ କରାଯାଉଛି । ମାତ୍ର ମୁଁ ଏହାଦ୍ୱାରା ଏହି କଥାଟିକୁ କହିବାକୁ ଇଚ୍ଛା କରୁଛି ଯେ ଦୈନନ୍ଦିନ ଜୀବନର କ୍ଷେତ୍ରରେ ଅର୍ଥାତ୍ ସାଧାରଣ ଜୀବନରେ ଏକ ଅତ୍ୟନ୍ତ ଅବିଚଳ ବିଶ୍ୱାସ ରହିଥିବା ଜଣେ ଅତ୍ୟନ୍ତ ସରଳ ବ୍ୟକ୍ତି ଆପଣାର ଶରୀର ଉପରେ ନିଶ୍ଚୟ ଏକ ପ୍ରଭୁତ୍ୱ ଅର୍ଜ୍ଜନ କରିପାରିବ, ଏହା ଯଥାର୍ଥରେ ଏକ "ପ୍ରଭୁତ୍ୱ" ନ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିବ । ଏହାକୁ କେବଳ ଏକ ସ୍ୱତଃସ୍ଫୂର୍ତ୍ତ ଗତିସ୍ପନ୍ଦନ ବୋଲି କୁହାଯାଇପାରିବ, ଶରୀର ଉପରେ ଏକ ନିୟନ୍ତ୍ରଣ ବୋଲିହିଁ କୁହାଯିବ; ଅତ୍ୟନ୍ତ ଅଧିକ ପରିମାଣର ଏକ ବିକାଶ ହାସଲ କରିଥିବା ଆଉ ଜଣେ ବ୍ୟକ୍ତିର ତୁଳନାରେ ସିଏ ଅନେକ ଅଧିକ ନିୟନ୍ତ୍ରଣ ହାସଲ କରିପାରିବ ।

*ମାଆ, ମୋର ଆପଣଙ୍କୁ ଗୋଟିଏ ସାନ ବ୍ୟକ୍ତିଗତ ପ୍ରଶ୍ନଟିଏ ପଚାରିବାର ଅଛି । ଯେଉଁ ଅସୁସ୍ଥତାର କଦାପି ଉପଶମ ହେବ ନାହିଁ ବୋଲି ମନେ ହେଉଥିଲା, ସେହିପରି ଗୋଟିଏ କାୟିକ ରୋଗ ଆପଣଙ୍କର କରୁଣାରୁ ଭଲ ହୋଇଯାଇଛି; ମାତ୍ର ଆଉ ଗୋଟିଏ ଅସୁସ୍ଥତା, ଯାହାକୁକି ସଂପୂର୍ଣ୍ଣ ଭାବରେ ଏକ କ୍ରିୟାସ୍ତରୀୟ ରୋଗ ବୋଲି କୁହାଯିବ, ତାହା ଏପର୍ଯ୍ୟନ୍ତ ଭଲ ହୋଇପାରି ନାହିଁ । ଏପରି କିପରି ଘଟିପାରୁଛି ? ପୁଣି ସେହି ଗୋଟିଏ ଶରୀରରେ । ଗ୍ରହଣଶୀଳତାର କୌଣସି ଅଭାବକୁ ଏହାର କାରଣବୋଲି କୁହାଯିବ କି, କିଂବା ?*

ତୁମର ଏହି ପ୍ରଶ୍ନଟି ଏତେ ବ୍ୟକ୍ତିଗତ ଓ ଏତେ ଏକାନ୍ତ ଭାବରେ ଜଣକୁ ନେଇ ସଂପୃକ୍ତ ଯେ ତାହାର ଉତ୍ତର ଦେବା ଆଦୌ ସମ୍ଭବ ନୁହେଁ । ମୁଁ ଯେପରି କହୁଥିଲି, ଏହି କ୍ଷେତ୍ରରେ ପ୍ରତ୍ୟେକ ଘଟଣାର ଏକ ସ୍ୱାତନ୍ତ୍ର୍ୟ ରହିଛି, ବ୍ୟକ୍ତି ବ୍ୟକ୍ତି ଅନୁସାରେ ଏକ ସ୍ୱାତନ୍ତ୍ର୍ୟ ରହିଛି, ଏବଂ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ କ'ଣ କିପରି ଘଟୁଛି, ଟିକିନିଖି ଭାବରେ ତା' ଭିତରକୁ ନ ଯାଇ ଏହିସବୁ କଥାର କୌଣସି ବ୍ୟାଖ୍ୟା କରିହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏଠାରେ ସର୍ବଦା ଏକ ପାର୍ଥକ୍ୟ ରହିଥିବ ।

'oaob.nitrkl.ac.in' images reprocessed

ଏବଂ, ଚେତନାର ଯେପରି ଅନେକ ସ୍ତର ରହିଛି, ପ୍ରତ୍ୟେକ ବିଷୟ ଓ ପ୍ରତ୍ୟେକ ଘଟଣା ପାଇଁ ଠିକ୍ ସେହିପରି ଏକାଧିକ ଅନେକ ବ୍ୟାଖ୍ୟା ମଧ୍ୟ ରହିଛି । ଗୋଟିଏ ଦୃଷ୍ଟିରୁ ବିଚାର କଲେ, ହଁ, ଏକ ଅତ୍ୟନ୍ତ ସରଳ ଭାବରେ ବିଚାର କଲେ ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ, ଏହି କ୍ଷେତ୍ରରେ ଏକ ଜଡ଼ସ୍ତରୀୟ ବ୍ୟାଖ୍ୟା ଦିଆଯାଇପାରିବ, ଏକ ପ୍ରାଣିକ ବ୍ୟାଖ୍ୟା ଦିଆଯାଇପାରିବ, ମନଃସ୍ତରୀୟ ଆଉ ଗୋଟିଏ ବ୍ୟାଖ୍ୟା ଦିଆଯାଇପାରିବ ଏବଂ ଏକ ଆଧ୍ୟାତ୍ମିକ ସ୍ତରର ବ୍ୟାଖ୍ୟା ମଧ୍ୟ ଦିଆଯାଇପାରିବ । ସେହି ଗୋଟିଏ ବିଷୟର ଅଗଣିତ ବ୍ୟାଖ୍ୟାର ଏକ ସମଗ୍ର କ୍ରମର ଉପସ୍ଥାପନା ନିଶ୍ଚୟ କରାଯାଇପାରିବ । କୌଣସିଟିକୁ ସଂପୂର୍ଣ୍ଣ ବୋଲି କୁହାଯାଇପାରିବ ନାହିଁ, ଗୋଟାସୁଦ୍ଧା ସତ ବୋଲି କଦାପି କୁହାଯିବ ନାହିଁ । ତଥାପି, ଏକଥା ସତ ଯେ ସେହି ପ୍ରତ୍ୟେକଟି ବ୍ୟାଖ୍ୟା ମଧ୍ୟରେ ସତ୍ୟର କୌଣସି ନା କୌଣସି ଉପାଦାନ ନିଶ୍ଚୟ ରହିଥିବ । ଏବଂ, ପରିଶେଷରେ, ଯଦି ତୁମେ ସେହିସବୁ ବ୍ୟାଖ୍ୟାର ରାଜ୍ୟ ଭିତରେ ଯାଇ ପ୍ରବେଶ କରିବାକୁ ଇଚ୍ଛା କରୁଥିବ, ଯଦି ତୁମେ କୌଣସି ଗୋଟିଏ ବ୍ୟାଖ୍ୟାକୁ ଅନୁସରଣ କରି ଆଗକୁ ଯିବାକୁ ବାହାରିବ, ତେବେ ତୁମକୁ ତାହାକୁ ଆଉଗୋଟିଏ ବ୍ୟାଖ୍ୟାର ସାହାଯ୍ୟରେହିଁ ବ୍ୟାଖ୍ୟା କରିବାକୁ ପଡ଼ିବ । ଏହିପରି ଭାବରେ ତୁମକୁ ହୁଏତ ପ୍ରାୟ ଅସରନ୍ତି ଭାବରେ ସାରା ପୃଥିବୀଯାକ ଘେରାଏ ବୁଲି ଆସିବାକୁ ପଡ଼ିବ, ଗୋଟାଏ ବିଷୟକୁ ଆଉ ଗୋଟାଏ ବିଷୟର ସାହାଯ୍ୟରେ ବୁଝାଇ କହିବାକୁ ପଡୁଥିବ, ତଥାପି ତୁମେ ତୁମ ବ୍ୟାଖ୍ୟାର କୌଣସି ଅନ୍ତ ପାଇ ନ ଥିବ ।

ବସ୍ତୁତଃ, ଆମେ ଯେତେବେଳେ ଏହି ବିଷୟଟିକୁ ତାହାର ସମଗ୍ରତା ଓ ତାହାର ସାରମର୍ମ ଦେଇ ଦେଖିବାକୁ ଆରମ୍ଭ କରିବା, ତେବେ ହୁଏତ ଏହିପରି କହିବାହିଁ ସବୁଠାରୁ ଅଧିକ ବିଜ୍ଞତାର କଥା ହେବ : "ବିଷୟଟି ପ୍ରକୃତରେ ସେହିପରି ହୋଇଥିବା ହେତୁହିଁ ସେହିପରି ହୋଇ ରହିଛି ।"

'oaob.nitrkl.ac.in' images reprocessed

## ୨୬ ଜୁନ୍ ୧୯୫୭

*''ପ୍ରଜନନର ସାଧାରଣ ସାଧନ ଏବଂ ଭୌତିକ ପ୍ରକୃତିର ସ୍ଥୂଳ ପଦ୍ଧତିଟିକୁ ଅନୁସରଣ କରିବା ଲାଗି ଏଠାରେ ତଥାପି ପ୍ରୟୋଜନ ରହିଛି । ଯଦି ଆମେ ଏହି ପ୍ରୟୋଜନଟିକୁ ଏଡ଼ି ପାରିବାକୁ ଇଚ୍ଛା କରୁଥିବା, ତେବେ ଏକ ଭୌତିକ ପରିଣାମକୁ ସମ୍ଭବ କରିବା ଲାଗି ଅତିଭୌତିକ ସାଧନଗୁଡ଼ିକ ଦ୍ୱାରା କାର୍ଯ୍ୟ କରିପାରୁଥିବା । ଏକ ଗୂଢ଼ବିଦ୍ୟାଗତ ଶୁଦ୍ଧ ପଦ୍ଧତି ଏବଂ ଅତିଭୌତିକ ନାନା ପ୍ରକ୍ରିୟାର ଅନୁସରଣକୁ ମଧ୍ୟ ସମ୍ଭବ କରିପାରିବାକୁ ହେବ । ତା' ନ ହେଲେ, ବର୍ତ୍ତମାନ ଯେପରି ଯୌନ-ଆବେଗ ଓ ତାହାର ପ୍ରାଣୀସ୍ତରୀୟ ପ୍ରକ୍ରିୟାଟିର ଅନୁସରଣ କରିବାକୁ ପଡ଼ୁଛି, ସେହିଟିକୁ ଅତିକ୍ରମ କରି ଆମେ କଦାପି ଆହୁରି ଆଗକୁ ଯାଇପାରିବା ନାହିଁ । ମୂର୍ତ୍ତୀକରଣ ଏବଂ ଅମୂର୍ତ୍ତୀକରଣର ପ୍ରସଙ୍ଗଗୁଡ଼ିକ ସମ୍ଭବ ହେବା ବିଷୟରେ ଗୂଢ଼ବିଦ୍ୟାବିତ୍‌ମାନେ ଯେଉଁସବୁ ଦାବି କରୁଛନ୍ତି ଏବଂ ଆମ ଭିତରୁ ଅନେକେ ପ୍ରତ୍ୟକ୍ଷ କରିଥିବା ଘଟଣାଗୁଡ଼ିକରୁ* ଯେଉଁ ପ୍ରମାଣ ମିଳୁଛି, ଯଦି ସେସବୁରେ ଆଦୌ କୌଣସି ବାସ୍ତବତା ରହିଥାଏ, ତେବେ ଏହି ପ୍ରକାରର ଗୋଟିଏ ପଦ୍ଧତିକୁ ବାହାର କରିବାକୁ ସମ୍ଭାବନାର ଆୟତନ ବାହାରେ ବୋଲି କଦାପି କୁହାଯାଇପାରିବ ନାହିଁ । କାରଣ, ଗୂଢ଼ବିଦ୍ୟାବିତ୍‌ମାନଙ୍କର ଯେଉଁ ତତ୍ତ୍ୱଟି ରହିଛି ଏବଂ ଯୋଗମାର୍ଗୀୟ ଜ୍ଞାନ ଆମ ଲାଗି ଆମ ସତ୍ତାର ଯେଉଁସବୁ ଆୟତନ ଏବଂ*

---

*ଶ୍ରୀଅରବିନ୍ଦ ଏଠାରେ ଅନ୍ୟାନ୍ୟ କଥାଗୁଡ଼ିକ ମଧ୍ୟରୁ ହୁଏତ ଖାସ୍ ଯେଉଁ କଥାଟିର ସନ୍ଦର୍ଭରେ ଏହା କହିଛନ୍ତି, ସେଇଟି ହେଉଛି ୧୯୨୧ ଖ୍ରୀଷ୍ଟାବ୍ଦରେ ପଣ୍ଡିଚେରୀଠାରେ ଥିବା ''ଅତିଥି ଭବନ''ରେ ଘଟିଥିବା ଗୋଟିଏ ଘଟଣା । ସେତେବେଳେ ସେ ସେହି ଅତିଥି ଭବନରେ ବାସ କରୁଥିଲେ । କାମରୁ ବାହାର କରି ଦିଆ ଯାଇଥିବା ଜଣେ ପୂଝାରୀ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସ୍ଥାନୀୟ କୌଣସି ଗୁଣିଆର ସାହାଯ୍ୟ ନେଲା ଏବଂ ତା'ପରେ ''ଅତିଥି ଭବନ''ର ଦୁଆରେ ଟେକା ପଡ଼ିବାକୁ ଲାଗିଲା । ବେଶ୍ କେତେଦିନ ପର୍ଯ୍ୟନ୍ତ ନିୟମିତ ଭାବରେ ଏପରି ଘଟିଥିଲା । ପ୍ରଥମ ମହଲାରେ ବାସ କରୁଥିବା ଲୋକମାନେ ଟେକାଗୁଡ଼ିକ ହଠାତ୍ ଆବିର୍ଭୂତ ହୋଇ ତା'ପରେ ଦୁଆର ଭିତରକୁ ପଡ଼ିବାର ବେଶ୍ ଦେଖି ପାରୁଥିଲେ । ଏହି ଟେକାମାନ ସତକୁ ସତ ଟେକାରୂପେ ପଡ଼ୁଥିଲା, ସେହିସବୁ ଟେକା ବାଜି ଜଣେ ଚାକରପିଲା ଆହତ ବି ହୋଇଥିଲା ଓ ତା'ପରେ ସେହି ଟେକାର ସନ୍ଧାନ ବି ମିଳିଥିଲା । ଭାରି ଆଶ୍ଚର୍ଯ୍ୟର କଥା ଯେ ସେହିସବୁ ଟେକା ଓ ପଥର ଚାରିପାଖରେ ଶିଉଳି ଲାଗି ରହିଥିଲା । ଶେଷକୁ

'oaob.nitrkl.ac.in' images reprocessed

ସୋପାନ ରହିଛି ବୋଲି ସୂଚାଇ ଦେଇଛି, ସେଥିରେ ଯେ କେବଳ ଏକ ସୂକ୍ଷ୍ମ ଭୌତିକ ଶକ୍ତି ଅବସ୍ଥିତ ରହିଛି ତା' ନୁହେଁ, ସେଥିରେ ଏପରି ଏକ ସୂକ୍ଷ୍ମ ଭୌତିକ ଜଡ଼ର ବି ଅବସ୍ଥିତି ରହିଛି, ଯାହାକି ପ୍ରାଣ ଏବଂ ସ୍ଥୂଳ ଜଡ଼ର ମଧ୍ୟବର୍ତ୍ତୀ ହୋଇ ରହିଛି, ଏବଂ ତେଣୁ, ଏହି ସୂକ୍ଷ୍ମ ଭୌତିକ ଉପାଦାନଟି ମଧ୍ୟରେ କିଛି ସୃଷ୍ଟି କରି ପାରିବାର ଏବଂ ଏହିପରି ଭାବରେ ସୃଷ୍ଟ ହେଉଥିବା ଆକାରଗୁଡ଼ିକୁ ଆମ ସ୍ଥୂଳତର ଜଡ଼ସ୍ତରୀୟତା ମଧ୍ୟକୁ ପ୍ରେରିତ କରିବାର ମଧ୍ୟ ଏକ ସମ୍ଭାବନା ଅବଶ୍ୟ ରହିଛି । କୌଣସି ସ୍ଥୂଳ ଜଡ଼ଗତ ପଦ୍ଧତିର ସାହାଯ୍ୟ କିଂବା ହସ୍ତକ୍ଷେପ ଦ୍ୱାରା ଅଥବା ସେସବୁର କୌଣସି ସାହାଯ୍ୟ ନ ନେଇ ମଧ୍ୟ ପ୍ରତ୍ୟକ୍ଷ ଭାବରେ କୌଣସି ଏକ ଗୂଢ଼ବିଦ୍ୟାଗତ ଶକ୍ତି ଅଥବା ପ୍ରକ୍ରିୟା ବଳରେ ଏହି ସୂକ୍ଷ୍ମ ଭୌତିକ ଉପାଦାନଟିର ସୋପାନରେ ସୃଷ୍ଟ ହେଉଥିବା କୌଣସି ବସ୍ତୁକୁ ତାହାର ସୂକ୍ଷ୍ମତାର ଅବସ୍ଥାଟିରୁ ନେଇ ସ୍ଥୂଳ ଜଡ଼ର ଅବସ୍ଥାରେ ପ୍ରବିଷ୍ଟ କରାଇବା ଅବଶ୍ୟ ସମ୍ଭବ ହୋଇପାରିବା ଉଚିତ ଓ ତାହାକୁ ସମ୍ଭବ ବୋଲି ବିଶ୍ୱାସ ବି କରାଯାଇଥାଏ । ଯଦି କୌଣସି ଆତ୍ମା କୌଣସି ଏକ ଶରୀର ମଧ୍ୟରେ ପ୍ରବେଶ କରିବାକୁ ଇଚ୍ଛା କରୁଥାଏ, ଆପଣାଲାଗି ଏକ ଶରୀରର ନିର୍ମାଣ କରିବାକୁ ଚାହୁଁଥାଏ ବା ପୃଥିବୀ-ପୃଷ୍ଠରେ କୌଣସି ଏକ ଦିବ୍ୟଜୀବନରେ ଅଂଶଗ୍ରହଣ କରିବାକୁ ବି ଇଚ୍ଛା ପ୍ରକାଶ କରୁଥାଏ, ତେବେ, ଯୌନ-ପ୍ରକ୍ରିୟାଟି ଦ୍ୱାରା ଜନ୍ମଗ୍ରହଣ କରିବା ଲାଗି ବାଧ୍ୟ ନ ହୋଇ, କିଂବା, ଆମ ଅସ୍ତିତ୍ୱର ବର୍ତ୍ତମାନ ଅବସ୍ଥାରେ ଯାହା ଅନିବାର୍ଯ୍ୟ ହୋଇ ରହିଛି, ସେଭଳି କୌଣସି ଅବକ୍ରମଣ ମଧ୍ୟଦେଇ ଗତି ନ

---

ଯେତେବେଳେ ଅଧିକ ବଡ଼ ବଡ଼ ଢେଲାମାନ ବନ୍ଦ ହୋଇ ରହିଥିବା ଘର ଭିତରେ ବି ପଡ଼ିବାକୁ ଲାଗିଲା, ଏବଂ କେହି ଗୂଢ଼ବିଦ୍ୟା ପ୍ରୟୋଗ କରି ସେସବୁ କରୁଛି ବୋଲି ଯେତେବେଳେ ଆଉ କୌଣସି ସନ୍ଦେହ ନାହିଁ, ସେତେବେଳେ ତାହାର ପ୍ରତିକାର ଲାଗି ମାଆ ତାଙ୍କର ଅନ୍ତଃଶକ୍ତି ପ୍ରୟୋଗ କଲେ ଓ ତାହା ବନ୍ଦ ହୋଇ ଯାଇଥିଲା । ତା'ର ଅଳ୍ପ କେତେଦିନ ପରେ ସେହି ରାନ୍ଧୁଣିଆ ଚାକରଟିର ସ୍ତ୍ରୀ ଶ୍ରୀଅରବିନ୍ଦଙ୍କଠାରୁ କ୍ଷମା ଭିକ୍ଷା କରିବାକୁ ଦଉଡ଼ିଆସି ପହଞ୍ଚିଥିଲା । ରାନ୍ଧୁଣିଆ ସେତେବେଳେ ଡାକ୍ତରଖାନାରେ ମୃତ୍ୟୁଶଯ୍ୟାରେ ପଡ଼ିଥିଲା, କାରଣ ପଥର ବୃଷ୍ଟିର ଅପଫଳ "ଓଲଟି" ତା' ନିଜ ଉପରେ ଯାଇ କାର୍ଯ୍ୟକାରୀ ହୋଇଥିଲା । ଶ୍ରୀଅରବିନ୍ଦ ଉତ୍ତର ଦେଲେ, "ଏଥିଲାଗି ତା'ର ପ୍ରାଣହାନି ଘଟିବାର କୌଣସି ଆବଶ୍ୟକତା ନାହିଁ ।" ତା'ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରି ଆସିଥିଲା । A. B. Puraniଙ୍କର The Life of Sri Aurobindo ପୁସ୍ତକ (୧୯୬୪ ସଂସ୍କରଣ, ପୃଷ୍ଠା ୨୮୨-୮୩)ରେ ଏହି ଘଟଣାଟିର ବିସ୍ତୃତ ଭାବରେ ଉଲ୍ଲେଖ ରହିଛି ।

'oaob.nitrkl.ac.in' images reprocessed

*କରି ଓ ଆପଣା ମନର ଅଭିବୃଦ୍ଧି ଏବଂ ବିକାଶର କ୍ଷେତ୍ରରେ କୌଣସି ପ୍ରକାର କଠିନ ସୀମାବଦ୍ଧତାକୁ ଗ୍ରହଣ କରିନେବାକୁ ବାଧ୍ୟ ନ ହୋଇ ତାହା ସେଥିଲାଗି ପ୍ରତ୍ୟକ୍ଷ ପରିବର୍ତ୍ତନର ପଦ୍ଧତିଟିର ସାହାଯ୍ୟଟିକୁ ଅବଶ୍ୟ ଗ୍ରହଣ କରିପାରେ ବା ଏହି ପଦ୍ଧତିଟି ଦ୍ୱାରା ତାକୁ ସେହିପରି ଏକ ଆକାର ପ୍ରାପ୍ତ ମଧ୍ୟ ହୋଇଯାଇପାରେ । ଉତ୍ତରୋତ୍ତର ଅଗ୍ରଗତି କରୁଥିବା ଏକ ବିବର୍ତ୍ତନ ଫଳରେ ଦିବ୍ୟତା ଦ୍ୱାରା ପ୍ରେରିତ ଏକ ପୃଥ୍ୱୀ-ପ୍ରକୃତିରେ ପ୍ରାଣ ତଥା ଶରୀର ଉଭୟ ସୋପାନରେ ସମଗ୍ର ରୂପାନ୍ତର ଘଟିବା ଦ୍ୱାରା ଯେଉଁ ଯଥାର୍ଥ ଦିବ୍ୟ ସ୍ଥୂଳ ଶରୀରର ଦିନେ ଉଦ୍ଭବ ହୋଇ ଆସିବ, ସେହି କ୍ଷେତ୍ରରେ ତାହା ହୁଏତ ତତ୍‌କ୍ଷଣାତ୍, ସେହିପରି ଏକ ଶରୀରର ଗଠନ, ବୃହତ୍ତର ସାମର୍ଥ୍ୟ ଏବଂ କ୍ରିୟାତ୍ମକତାକୁ ମଧ୍ୟ ବେଶ୍ ଅର୍ଜନ କରିପାରିବ ।''*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା. ୩୨-୩୩

*ମା, ଜନ୍ମନେବାର ପ୍ରକ୍ରିୟାଟି ମଧ୍ୟଦେଇ ଗତି ନ କରି ଏଇ ପ୍ରତ୍ୟକ୍ଷ ପରିବର୍ତ୍ତନର ପଦ୍ଧତିଟି ବର୍ତ୍ତମାନ, ଅତିମାନସ ପୃଥିବୀପୃଷ୍ଠରେ ଅବତରଣ କରିବା ପରେ, ପ୍ରକୃତରେ ସମ୍ଭବ ବୋଲି କୁହାଯାଇପାରିବ କି ?*

ତାହାକୁ ସମ୍ଭବ ବୋଲି କୁହାଯାଇ ପାରିବ କି ? ଏହା ପ୍ରକୃତରେ ସମ୍ଭବ କି ନୁହେଁ, ତୁମେ କ'ଣ ସେଇ କଥା ପଚାରୁଛ ? ତୁମେ ପ୍ରକୃତରେ କ'ଣ ଜାଣିବାକୁ ଚାହୁଁଛ ? ଏହି କଥା ପ୍ରକୃତରେ ଘଟିଲାଣି କି ନାହିଁ, ତାହାହିଁ ଜାଣିବାକୁ ଚାହୁଁଛ ?

*ହଁ ।*

ନା— ସବୁଠାରୁ ଅଧିକ ଜଡ଼ସ୍ତରୀୟ ସୋପାନଟି ପର୍ଯ୍ୟନ୍ତ ଏହା ଏପର୍ଯ୍ୟନ୍ତ ଘଟି ନାହିଁ; ବୋଧଗମ୍ୟ ହୋଇ ପାରୁଥିବା ସୂକ୍ଷ୍ମ ଭୌତିକ ସ୍ତରଟି ପର୍ଯ୍ୟନ୍ତ,— ମଧ୍ୟବର୍ତ୍ତୀ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଯାହା ବୋଧଗମ୍ୟ ହୋଇଥାଏ, ସ୍ଥୂଳ ଇନ୍ଦ୍ରିୟ ଏବଂ ସୂକ୍ଷ୍ମ ଭୌତିକର ମଧ୍ୟବର୍ତ୍ତୀ ହୋଇ ରହିଥିବା ସୋପାନଟିରେ ଏହା ଏ ପର୍ଯ୍ୟନ୍ତ ଘଟିପାରି ନାହିଁ । ଉଦାହରଣସ୍ୱରୂପ, ଧୀର ବାୟୁ ପରି ଅନୁଭୂତ ହେଉଥିବା ଆମର ଗୋଟିଏ ନିଃଶ୍ୱାସ ପରି, ସୂକ୍ଷ୍ମ କୌଣସି ସୁଗନ୍ଧିଦ୍ରବ୍ୟର ଘ୍ରାଣଟି ଅନୁଭୂତ ହେଲା ପରି ତାହା ଏ ପର୍ଯ୍ୟନ୍ତ ଅନୁଭୂତ ହୋଇପାରି ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନଙ୍କଠାରେ ଅନ୍ତର୍ଗତ

'oaob.nitrkl.ac.in' images reprocessed

ଦୃଷ୍ଟିସାମର୍ଥ୍ୟ ରହିଛି, ସେମାନେ ତାହାକୁ ନିଶ୍ଚୟ ଦେଖିପାରିବେ; ମାତ୍ର, ଜଡ଼ର ସ୍ତରରେ ଗୋଟିଏ ଭୌତିକ ଶରୀରକୁ ଯେପରି ଭାବରେ ଆମେ ସ୍ଥାୟୀ ବୋଲି ଜାଣିପାରୁଛୁ, ସର୍ବାଧିକ ମାତ୍ରାରେ ଜଡ଼ସ୍ଥ ହୋଇ ରହିଥିବା ଇନ୍ଦ୍ରିୟବୋଧର କ୍ଷେତ୍ରରେ ଆମେ ତାହାକୁ କଦାପି ସେପରି ସ୍ଥାୟୀରୂପେ ଅନୁଭବ କରିପାରି ନାହୁଁ । ହଁ, ଏହି କ୍ଷେତ୍ରରେ ଏପରି କେତେକ ବ୍ୟାପାର ରହିଛି, ଯାହାକୁ କି ଆମେ ଆଖିରେ ଦେଖିପାରିବା, ମାତ୍ର ଆମର ସେହି ଦେଖିବା ମୋଟେ ସ୍ଥାୟୀ ହୋଇ ରହିପାରି ନାହିଁ । ଜଡ଼ର ସ୍ତରରେ ସେହି ସ୍ଥାୟିତ୍ୱଟି ସମ୍ଭବ ହୋଇ ନାହିଁ, ସେହି ସ୍ଥିରତାଟି ହାସଲ ହୋଇପାରି ନାହିଁ । ଅର୍ଥାତ୍, ଏକ ସଂସ୍ପର୍ଶ ଅବଶ୍ୟ ଘଟୁଛି, ଏପରି କି ତାହା ସହିତ ଆମର ଏକ ସ୍ପର୍ଶ ଘଟିବା ପରି ଅନୁଭୂତ ହେଉଛି, ଏକ ବୋଧ ଅବଶ୍ୟ ସମ୍ଭବ ହେଉଛି, ମାତ୍ର କୌଣସି ଜଡ଼ବସ୍ତୁର ସ୍ତରରେ ଯେଉଁ ସ୍ଥାୟିତ୍ୱର ବୋଧଟି ଆସିଥାଏ, ତାହା ସମ୍ଭବ ହୋଇପାରି ନାହିଁ । ଏଗୁଡ଼ିକୁ ଆମେ ଅଳ୍ପ ସମୟ ଲାଗି ଆସି ପୁନର୍ବାର ଚାଲି ଯାଉଥିବା ଏକ ବ୍ୟାପାର ବୋଲି କହିବା ଏବଂ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ସେଥିରୁ ଆମକୁ ସଂପୂର୍ଣ୍ଣ ଇନ୍ଦ୍ରିୟବୋଧ କୌଣସି ଏକ ବସ୍ତୁର ବୋଧ ଆଦୌ ପ୍ରାପ୍ତ ହେଉ ନାହିଁ । ତଥାପି, ସେହି ପ୍ରଭାବଟି ସତତ ବର୍ତ୍ତମାନ ରହିଛି, ମାତ୍ର ତାହା କୌଣସି ଜଡ଼ବସ୍ତୁ ପରି ଆମକୁ ତାହା ବିଷୟରେ ଏକ ସ୍ଥୂଳ ବୋଧ ଆଦୌ ଦେଇପାରୁ ନାହିଁ । ଯେକୌଣସି ଜଡ଼ବସ୍ତୁକୁ ତୁମେ ଯେତେବେଳେ ଘର ଭିତରୁ ବାହାରକୁ ନେଇଯାଉଛ ଓ ପୁନର୍ବାର ଘର ଭିତରକୁ ଆଣୁଛ, ତାହା ଗଲାବେଳେ ଯେଉଁପରି ଥିଲା, ଫେରି ଆସିଲାବେଳେ ମଧ୍ୟ ଠିକ୍ ସେହିପରି ହୋଇ ରହିଛି । ବା, ତୁମେ ଯେତେବେଳେ କୌଣସି ଏକ ସ୍ଥାନରେ ଯାଇ ବସୁଛ, ସେତେବେଳେ ତୁମେ ଅତ୍ୟନ୍ତ ମୂର୍ତ୍ତ ଭାବରେହିଁ ସେହି ସ୍ଥାନକୁ ଅଧିକାର କରି ବସୁଛ । ମାତ୍ର, ଅନ୍ୟ କ୍ଷେତ୍ରଟିରେ ଆମର ବୋଧଟି ସେତେଦୂର ହାସଲ ହୋଇପାରି ନାହିଁ । ବୁଝିଲ ?

ମୁଁ ପ୍ରକୃତରେ କିଛି କହିପାରୁ ନାହିଁ, କାରଣ ଏହି କ୍ଷେତ୍ରରେ ପୃଥିବୀରେ ଯାହାସବୁ ଘଟିଛି ବା ଘଟୁଛି, ମୁଁ ସେଗୁଡ଼ିକୁ ପୂରାପୂରି ଜାଣି ନାହିଁ । ମାତ୍ର ଏବିଷୟରେ ମୋର ଯେତେଦୂର ଜ୍ଞାନ ରହିଛି, ଏହି କ୍ଷେତ୍ରରେ ସେହି ମୂର୍ତ୍ତ ସ୍ଥାୟିତ୍ୱଟିକୁ ଏପର୍ଯ୍ୟନ୍ତ ହାସଲ କରାଯାଇପାରି ନାହିଁ ।

ତଥାପି, ଏହାକୁ ବସ୍ତୁସ୍ତରୀୟ ବୋଲିହିଁ କୁହାଯିବ, କାରଣ ତାହାକୁ ଦେଖି ହେଉଥିଲା, ସ୍ପର୍ଶ କରି ହେଉଥିଲା, ଶୁଣି ବି ହେଉଥିଲା । ମାତ୍ର, କୌଣସି କଥାକୁ ଶୁଣିପାରିଲେ ଯେ ତାହାକୁ ଅତ୍ୟନ୍ତ ବସ୍ତୁସ୍ତରୀୟ ହେବାକୁ ପଡ଼ିବ, ତାହାର ଆଦୌ କୌଣସି କାରଣ ନାହିଁ । ସୂକ୍ଷ୍ମ ଭୌତିକ ସ୍ତରର ଧ୍ୱନିଗୁଡ଼ିକୁ, ତାହାର ସ୍ପନ୍ଦନଗୁଡ଼ିକୁ ବେଶ୍ ଭଲ ଭାବରେ ଶୁଣିହେବ; ଏବଂ, ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଯେ, ଭୌତିକ ଜଗତର

'oaob.nitrkl.ac.in' images reprocessed

ସ୍ତରରେ, କୌଣସି ଆକାରତ୍ୱର ବୋଧ ତୁଳନାରେ ତାହାର ଶ୍ରବଣ ଏବଂ ଘ୍ରାଣହିଁ ସବୁଠାରୁ ଅଧିକ ସ୍ଥାୟୀ ବୋଲି ପ୍ରତୀତ ହୋଇଥା'ନ୍ତି ଏବଂ ତାହାକୁ ସ୍ପର୍ଶ କରିବାର ଏକ ନିର୍ଦ୍ଦିଷ୍ଟ ବୋଧ ଏହି କ୍ଷେତ୍ରରେ ଅତ୍ୟନ୍ତ, ଅତ୍ୟନ୍ତ ମୂର୍ତ୍ତ ବୋଲି ମନେ ହୋଇଥାଏ । କେବଳ, ଏକ ଭୌତିକ ଓ ସ୍ଥୂଳ ଶରୀରର ଏହି ସାକାର ସ୍ଥୂଳ ଉପସ୍ଥିତିଟି, ଯାହାକି ଏକ ସଂପୂର୍ଣ୍ଣ ନିର୍ଦ୍ଦିଷ୍ଟ ଏବଂ ମୂର୍ତ୍ତ ସ୍ଥାନଟିଏ ଅଧିକାର କରି ରହିଥାଏ ଏବଂ ଅନ୍ୟ କୌଣସି ବସ୍ତୁକୁ ସେହି ସ୍ଥାନଟିକୁ ଅଧିକାର କରିବାରୁ ନିବୃତ୍ତ କରି ରଖିଥାଏ, ତାହାର ବୋଧଟି ଏପର୍ଯ୍ୟନ୍ତ ସମ୍ଭବ ହୋଇ ପାରିଥିବା ପରି ବୋଧ ହୋଇ ନାହିଁ । ତେଣୁ, ଏପର୍ଯ୍ୟନ୍ତ ଯାହାକିଛି ସମ୍ଭବ ହୋଇପାରିଛି, ସ୍ଥୂଳତମ ସ୍ତରର ଜଡ଼ର ତୁଳନାରେ ଆମେ ତାହାକୁ ଅପେକ୍ଷାକୃତ ଟିକିଏ ଅଧିକ ତରଳ ଅବସ୍ଥାରେ ରହିଛି ବୋଲି କଳ୍ପନା କରିପାରିବା ।

*ଏହି ଅଗ୍ରଗତିଟି ପ୍ରକୃତରେ ମନୁଷ୍ୟର ଚେତନା ଉପରେ ନିର୍ଭର କରୁ ନାହିଁ କି ?*

ଅପେକ୍ଷାକୃତ ଏକ ଅଧିକ ପରିମାଣର ମୂର୍ତ୍ତୀକରଣ ମନୁଷ୍ୟର ଚେତନା ଉପରେ ନିର୍ଭର କରୁଛି ବୋଲି ତୁମେ କହୁଛ ନା ?... ଜଡ଼ସ୍ତରୀୟ ସ୍ପନ୍ଦନଟିକୁ ଆମେ କେତେ ଅଧିକ ସାମର୍ଥ୍ୟ ସହିତ କାମରେ ଲଗାଇ ପାରିବା, ସେକଥାଟି ତାହାରି ଉପରେ ନିର୍ଭର କରୁଛି । କାମରେ ଲଗାଇ ପାରିବାର ଏହି ସାମର୍ଥ୍ୟଟିକୁ ଆମେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଚେତନାବସ୍ଥାର ପରିଣାମ ବୋଲି ନିଶ୍ଚୟ କହିପାରିବା । ଏବଂ, ଆମେ କିପରି ଏକ ଦୃଷ୍ଟିକୋଣ ଅବଲମ୍ବନ କରିଛୁ, ସବୁକିଛି ସେଇଟି ଉପରେ ମଧ୍ୟ ନିର୍ଭର କରୁଛି; କାରଣ, ଦିବ୍ୟ ପରମ ଇଚ୍ଛାର "ଅନୁମୋଦନ" ବ୍ୟତୀତ ବ୍ୟକ୍ତିର ଜୀବନ କ୍ଷେତ୍ରରେ ଆଦୌ କୌଣସି ଅଗ୍ରଗତି ସମ୍ଭବ ହୋଇପାରିବ ନାହିଁ । ଏବଂ, ଏହି ସୃଷ୍ଟିରେ ଯାହାକିଛି ସମ୍ଭବ ହେଉଛି, ସର୍ବଶେଷ ମୀମାଂସକ ରୂପେ ସେହି ଦିବ୍ୟ ପରମ ଇଚ୍ଛାର ଅନୁମୋଦନ ବ୍ୟତୀତ ତାହା କେବେହେଲେ ଘଟିବ ନାହିଁ ।

*ମାଆ, ସର୍ବପ୍ରଥମେ ଯେଉଁ ଅତିମାନସ ଶରୀର ସମ୍ଭବ ହେବ, ତାହା କ'ଣ ଏହିପରି ହେବ ?*

କିପରି ହେବ ?

'oaob.nitrkl.ac.in' images reprocessed

*ଏପରି ଏକ ରୂପାନ୍ତର ଘଟିବ, ଯାହାକୁ କି ପୃଥିବୀପୃଷ୍ଠରେ ଜନ୍ମ ହେବାର ପ୍ରକ୍ରିୟାଟି ମଧ୍ୟଦେଇ ଯିବାକୁ ପଡ଼ିବ ନାହିଁ ?*

ମୋର ଅନୁରୋଧ, ତୁମେ କଥାଗୁଡ଼ିକୁ ଏକାଠି ଗୋଳିଆମିଶା କରି ଦିଅ ନାହିଁ । ଏଠାରେ ବର୍ତ୍ତମାନ ଦୁଇଟି ଭିନ୍ନ ଭିନ୍ନ କଥାର ପ୍ରସଙ୍ଗ ଉଠିଲାଣି । ଗୋଟିଏ ପକ୍ଷରେ, ସଂପୂର୍ଣ୍ଣ ଭାବରେ ଏକ ଅତିମାନସ ସୃଷ୍ଟିର ସମ୍ଭାବନା ବିଷୟରେ ଏକ ପ୍ରଶ୍ନ ରହିଛି, ଏବଂ ଅନ୍ୟ ପକ୍ଷରେ, ଏକ ସ୍ଥୂଳ ଶରୀର କ୍ରମୋତ୍ତର ଭାବରେ ରୂପାନ୍ତରିତ ହୋଇ ଏକ ଅତିମାନସ ଶରୀରରେ ପରିଣତ ହୋଇଯିବାର, ବା, ବରଂ ଏପରି କୁହାଯାଇପାରିବ, ଏକ ମନୁଷ୍ୟ-ଶରୀର ଏକ ଅତିମାନସ ଶରୀରକୁ ରୂପାନ୍ତରିତ ହୋଇଯିବାର ସମ୍ଭାବନା ବିଷୟରେ ମଧ୍ୟ ଏକ ପ୍ରଶ୍ନ ରହିଛି । ସେହି କ୍ଷେତ୍ରରେ ଏହାକୁ ଏକ କ୍ରମୋତ୍ତର ଭାବରେ ଘଟିବାରେ ଲାଗିଥିବା ରୂପାନ୍ତର ବୋଲି କୁହାଯିବ, ଯେଉଁଥି ସକାଶେ କି ନିର୍ଦ୍ଦିଷ୍ଟ କେତୋଟି ବର୍ଷ ସମୟ ଲାଗିବ, ହୁଏତ ଦୀର୍ଘ ଅନେକ ବର୍ଷ ସମୟ ଲାଗିବ ଏବଂ ତାହାର ପରିଣାମ ସ୍ୱରୂପ ଏପରି ଗୋଟିଏ ସତ୍ତା ଉଦ୍ଭୂତ ହୋଇ ଆସିବ, ଯାହାକୁ କି ପ୍ରାଣୀ ଅର୍ଥରେ ଆଉ ଆଦୌ ଗୋଟିଏ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ, ତଥାପି ଯାବତୀୟ ପ୍ରାଣିତ୍ୱରୁ ବାହାରକୁ ବାହାରିଯାଇ ତାହା ଏକ ଅତିମାନସ ସତ୍ତାରେ ମଧ୍ୟ ପରିଣତ ହୋଇ ନ ଥିବ । କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାର ବର୍ତ୍ତମାନ ଉଦ୍ଭବଟି କେବଳ ସେହି ପ୍ରାଣୀ-ସ୍ତରରୁହିଁ ସମ୍ଭବ ହୋଇଛି । ତେଣୁ, ହୁଏତ ଏକ ରୂପାନ୍ତର ବେଶ୍ ଘଟିପାରିବ ଏବଂ ସତ୍ତାକୁ ତା'ର ପ୍ରାଣୀଗତ ମୂଳଟିରୁ ମୁକ୍ତ କରି ଦେବା ଲାଗି ତାହା ଯଥେଷ୍ଟ ବି ହେବ, ମାତ୍ର ତେବେସୁଦ୍ଧା ତାହାକୁ ଶୁଦ୍ଧ ଏବଂ ସଂପୂର୍ଣ୍ଣ ଭାବରେ ଏକ ଅତିମାନସ ସୃଜନ ବୋଲି କୁହାଯାଇ ପାରିବ ନାହିଁ । ଏହି କ୍ଷେତ୍ରରେ ଏକ ମଧ୍ୟବର୍ତ୍ତୀ ଜନଜାତିର ଆବିର୍ଭାବ ହେବ ବୋଲି ଶ୍ରୀଅରବିନ୍ଦ କହିଛନ୍ତି,– ହୁଏତ ଏକ ସଂପୂର୍ଣ୍ଣ ଜାତିର ଆବିର୍ଭାବ ହେବ ବା କେତେକ ବ୍ୟକ୍ତିଙ୍କର ଆବିର୍ଭାବ ହେବ,– ସେକଥା ଆମେ ଜାଣି ନାହୁଁ– ଏପରି ଏକ ମଧ୍ୟବର୍ତ୍ତୀ ସୋପାନର ଆବିର୍ଭାବ ହେବ, ଯାହାକି ହୁଏତ ଏକ ମଧ୍ୟବର୍ତ୍ତୀ ମାର୍ଗରୂପେ କାର୍ଯ୍ୟ ଦେବ କିଂବା ସୃଜନର ଆବଶ୍ୟକତା ଓ ପ୍ରୟୋଜନ ଅନୁସାରେ ହୁଏତ ତାହାହିଁ ସ୍ଥାୟୀ ହୋଇରହିବ । ମାତ୍ର, ମନୁଷ୍ୟର ଶରୀର ବର୍ତ୍ତମାନ ଯେପରି ଭାବରେ ତିଆରି ହୋଇଛି, ଯଦି ଆମେ ସେହିଭଳି ଗୋଟିଏ ଶରୀରରୁ ଏହି ପ୍ରକ୍ରିୟାଟିକୁ ଆରମ୍ଭ କରିବା, ତେବେ ତଦ୍ୱାରା ଯାହା ସମ୍ଭବ ହେବ, ସଂପୂର୍ଣ୍ଣ ଭାବରେ ଅତିମାନସ ପ୍ରକ୍ରିୟା ଓ ପଦ୍ଧତି ଦ୍ୱାରା ନିର୍ମିତ ଏକ ଶରୀରଠାରୁ ତାହା ନିଶ୍ଚୟ ଭିନ୍ନ ପ୍ରକାରର ହେବ । ହୁଏତ ତାହା ଏହି ଅର୍ଥରେହିଁ ଅତିମାନସ ପାର୍ଶ୍ୱଟିର ଅଧିକ ନିକଟବର୍ତ୍ତୀ ହୋଇ ରହିବ ଯେ ସେଥିରୁ

'oaob.nitrkl.ac.in' images reprocessed

ପ୍ରାଣୀଧର୍ମୀୟ ଯାବତୀୟ ଅଭିବ୍ୟକ୍ତି ହୁଏତ ଅନ୍ତର୍ହିତ ହୋଇ ଯାଇଥିବ; ମାତ୍ର ସେଥିରେ ତଥାପି ଆପଣା ନିର୍ମାଣରେ ସଂପୂର୍ଣ୍ଣ ଭାବରେ ଅତିମାନସ ହୋଇ ରହିଥିବା ଶରୀରର ପରିପୂର୍ଣ୍ଣତା ମୋଟେ ବିଦ୍ୟମାନ ନ ଥିବ ।

*ଏବଂ, ଏହି ରୂପାନ୍ତରିତ ମନୁଷ୍ୟ-ଶରୀରର କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ କୌଣସି ଭେଦ ରହିବ କି ?*

କ'ଣ କହିଲ ?

*ଯଦି ଅତିମାନସ ରୂପାନ୍ତରିତ ଶରୀରଟିକୁ ଗ୍ରହଣ କରନ୍ତି ...*

ଗ୍ରହଣ କରନ୍ତି ? "ଗ୍ରହଣ କରନ୍ତି"ର ଅର୍ଥ ?

*ଅର୍ଥାତ୍, ଯଦି ସେ ଏହି ଅର୍ଦ୍ଧ-ମନୁଷ୍ୟସ୍ତରୀୟ ଶରୀରଟି ମଧ୍ୟକୁ ଅବତରଣ କରନ୍ତି,– ତେବେ ସେହି କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ଆଉ କୌଣସି ଭେଦ ରହିବ କି ?*

ମାତ୍ର କଥାଟି ମୋଟେ ସେପରି ନୁହେଁ; ଗୋଟିଏ ବୋତଲ ଭିତରକୁ ଜଣେ କିଛି ତରଳ ପଦାର୍ଥ ଅଜାଡ଼ି ଦେଲା,– କଥାଟି ଆଦୌ ସେପରି ନୁହେଁ । ସେପରି ମୋଟେ ନୁହେଁ ।

ସେତେବେଳେ ଶରୀର ତା'ର ପୁଂ– ଅଥବା ସ୍ତ୍ରୀ-ଆକାରଟିକୁ ରଖିବ କି ନାହିଁ, ତୁମେ କ'ଣ ସେଇ କଥା ପଚାରୁଛ ? ସେକଥା ହୁଏତ ଆଧାରଟି ଭିତରକୁ ପ୍ରବେଶ କରୁଥିବା ସତ୍ତାଟି ଉପରେ, ସେହି ଗୃହବାସୀ କ'ଣ ଇଚ୍ଛା କରୁଛି, ତାହାରି ଉପରେ ନିର୍ଭର କରିବ ।... ଏହି ଭେଦ ରହିବ କି ନାହିଁ, ସେହି କଥାଟିକୁ ଜାଣିବା ଲାଗି କ'ଣ ତୁମର ଭାରି ଆଗ୍ରହ ?

(*ସମସ୍ତେ ହସିଲେ*)

*ସେପରି କୌଣସି ଭେଦ ରହିବ ନାହିଁ ବୋଲି ଆପଣ ଆମକୁ କହୁଛନ୍ତି । ମାତ୍ର ଏପର୍ଯ୍ୟନ୍ତ ସେହି କ୍ଷେତ୍ରରେ ଅନେକ ଭେଦ ରହିଛି ।*

'oaob.nitrkl.ac.in' images reprocessed

କେଉଁ ଦୃଷ୍ଟିରୁ ଭେଦ ରହିଛି ? ଯଦି ବାହାରୁ ଦେଖାଯାଉଥିବା ଚେହେରାଟିରହିଁ ପ୍ରଶ୍ନ ଉଠେ, ତେବେ ହଁ, ମୁଁ ସେଥିରେ ନିଶ୍ଚୟ ଏକମତ ହେବି । ଏବଂ ତଥାପି,– ସେତେବେଶୀ ଭେଦ ଆଦୌ ନୁହେଁ, ମାତ୍ର ତଥାପି– ତୁମେ କେଉଁ ଦୃଷ୍ଟିରୁ ପ୍ରଶ୍ନଟି ପଚାରୁଛ ?

*ଲିଙ୍ଗଭେଦର ଧାରଣାଟିର ଦୃଷ୍ଟିରୁ; ସ୍ତ୍ରୀ ଓ ପୁରୁଷ ଦୁଇଟି ଲିଙ୍ଗ ରହିଛି, ସେହି ଦୃଷ୍ଟିରୁ । ସେହି ଭେଦ ତ ତଥାପି ରହିଛି ।*

ଧାରଣାଟିର ଦୃଷ୍ଟିରୁ ! ମାତ୍ର, ଯେଉଁ ମଣିଷ ସେପରି ଭାବୁଛି, ସେଇଟାତ ତା'ର ଭୁଲ୍ ! ଆମେ ଏହି ଭାବନାଟିରୁ ଇଚ୍ଛା କଲେ ମୁକ୍ତ ବି ରହିପାରିବା । ତୁମର ମନେ ରଖିବା ଉଚିତ ଯେ, ଆପଣା ଶରୀରଟିରେ କୌଣସି ରୂପାନ୍ତର ଲାଗି ପ୍ରୟାସ କରିବା ପୂର୍ବରୁହିଁ ଭାବନାଗତ ଏହିସବୁ ସୀମା ଓ ସଂକୀର୍ଣ୍ଣତାକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ । ଏହି ଧାରଣାଗୁଡ଼ାକ ହେଉଛି ସଂପୂର୍ଣ୍ଣତଃ ପ୍ରାଣୀସ୍ତରୀୟ ଧାରଣା, ଏବଂ ତୁମ ଭିତରେ ଯଦି ଏହିସବୁ କ୍ଷୁଦ୍ର ଧାରଣା ରହିଥାଏ, ତେବେ ଆଦୌ ଖୁବ୍‌ବେଶୀ ଆଶା କରାଯାଇ ପାରିବ ନାହିଁ ଯେ ତୁମେ ନିଜ ଶରୀରର ରୂପାନ୍ତର ସାଧନ କରିବା ଲାଗି ହୁଏତ ସର୍ବନିମ୍ନ ପ୍ରକ୍ରିୟାଟିକୁ ବି ଆରମ୍ଭ କରିପାରିବ । ତୁମକୁ ପ୍ରଥମେ ନିଜର ଭାବନାରେ ରୂପାନ୍ତର ଘଟାଇବାକୁ ପଡ଼ିବ ... କାରଣ ହୁଏତ ସେହି କଥାଟିହିଁ ତୁମ ଭିତରେ ଅନେକ ତଳେ ଏବେ ମଧ୍ୟ ଘୁଷୁରି ଘୁଷୁରି ଯିବାରେ ଲାଗିଛି । ଏକ ସଚେତନ ଏବଂ ଜୀବନ୍ତ ସତ୍ତା ଯୌନ ଯାବତୀୟ ଅନୁଭୂତିରୁ ମୁକ୍ତ ହୋଇପାରିବ ବୋଲି, ଏପରିକି କେତେକ ପରିମାଣରେ ଏକ ନିର୍ଦ୍ଦିଷ୍ଟ ଆକାରରେ ମୁକ୍ତ ହୋଇପାରିବ ବୋଲି ଅନୁଭବ କରିବାକୁ ଯଦି ତୁମେ ପ୍ରକୃତରେ ଅନୁଭବ କରୁ ନ ଥାଅ, ତେବେ ... ତେବେ ତାହାର ଅର୍ଥ ହେଉଛି ଯେ ତୁମେ ଏବେ ମଧ୍ୟ ତୁମର ସେହି ଆଧାରଗତ ପ୍ରାଣୀସ୍ତରୀୟତାରେହିଁ ବେଶ ପର୍ଯ୍ୟନ୍ତ ବୁଡ଼ି କରି ରହିଛ ।

*ହଁ, ଅନ୍ତର୍ଗତ ଭାବନାରେ ଏହି କଥାଟିକୁ ବେଶ୍ ଅନୁଭବ କରି ହେଉଛି, ମାତ୍ର ସ୍ଥୂଳ ଜୀବନର ବାସ୍ତବ କ୍ଷେତ୍ରଟିରେ ...*

ବାସ୍ତବ କ୍ଷେତ୍ରଟିରେ ପୁଣି କ'ଣ ହେଉଛି ?

*ବାହ୍ୟ ଜୀବନରେ ମୁଁ ଏବେ ମଧ୍ୟ ତାହାକୁ ଉପଲବ୍ଧି କରି ନାହିଁ । ଅନ୍ତର୍ଗତ ଜୀବନରେ ...*

'oaob.nitrkl.ac.in' images reprocessed

ଏହି କଥାଟିକୁ ଭାବିବାରେ ତୁମେ ସମୟ ଅତିବାହିତ କରୁଛ ? ମାତ୍ର ଏପରି ମଧ୍ୟ ହୋଇପାରିବ ଯେ ଜଣେ ବ୍ୟକ୍ତି ତା' ଜୀବନର ଚବିଶି ଘଣ୍ଟା ମଧ୍ୟରୁ ଚବିଶି ଘଣ୍ଟା ସମୟ ଅତିବାହିତ କରିବ, ମାତ୍ର ଏହି ଭେଦର ଚିନ୍ତା ତା'ର ଭାବନା ଭିତରକୁ ହୁଏତ ଥରେହେଲେ ବି ଆସିବ ନାହିଁ । ତୁମେ ଏହି ପ୍ରସଙ୍ଗଟିକୁ ନେଇ ନିଶ୍ଚୟ ଏକ ସମ୍ମୋହିତ ଅବସ୍ଥାରେହିଁ ରହିଛ । ତୁମେ କ'ଣ ଏପରି ଭାବୁଛ ଯେ ଯେତେବେଳେ ମୁଁ ତୁମ ସହିତ କଥାବାର୍ତ୍ତା କରୁଛି, ସେତେବେଳେ ତୁମେ ଜଣେ ପୁରୁଷ ବୋଲି ମୁଁ ଭାବିବାରେ ଲାଗିଛି, ଏବଂ ଯେତେବେଳେ ତାରା ସହିତ କଥାବାର୍ତ୍ତା କରୁଛି, ସେତେବେଳେ ସେ ଜଣେ ସ୍ତ୍ରୀଲୋକ ବୋଲି ଭାବିବାରେ ଲାଗିଛି ?

*ଏକ ଭେଦ ତଥାପି ରହିଛି !*

ରହିଥିବ । ମାତ୍ର ତାହା ଆଦୌ ଆବଶ୍ୟକ ନୁହେଁ ।

*ଏକ ସିଦ୍ଧାନ୍ତ ହିସାବରେ ମୁଁ ଏହି କଥାଟିକୁ ବେଶ୍ ବୁଝିପାରୁଛି ।*

ସିଦ୍ଧାନ୍ତ ହିସାବରେ ! କେଉଁ ସିଦ୍ଧାନ୍ତ ହିସାବରେ ?

*ନାରୀ ଓ ପୁରୁଷ ମଧ୍ୟରେ ଯେ ଆଦୌ କୌଣସି ଭେଦ ନାହିଁ, ଏହିପରି ଏକ ସିଦ୍ଧାନ୍ତ ହିସାବରେ । ମାତ୍ର ମୁଁ ଯେତେବେଳେ କାହାରି ସଂସ୍ପର୍ଶରେ ଆସୁଛି, ସେତେବେଳେ ମୁଁ ସିଏ ନାରୀ କି ପୁରୁଷ, ସେ ବିଷୟରେ ସଚେତନ ହୋଇଯାଉଛି ।*

ଆଚ୍ଛା ? ତା'ହେଲେ ତାହା ତୁମ ପକ୍ଷରେ ତଥା ଅନ୍ୟ ଲୋକଟି ପକ୍ଷରେ ପ୍ରକୃତରେ ଭାରି ଦୁଃଖଦାୟକ କଥା ।

ନା– ଏପରି ଯାହା ହେଉଛି, ତାହାର ଠିକ୍ ବିପରୀତ କଥାଟିହିଁ ଘଟିପାରିବା ଉଚିତ । ଯେତେବେଳେ କୌଣସି ବ୍ୟକ୍ତି ସହିତ ତୁମେ ସଂପର୍କରେ ଆସୁଛ ଓ ତା' ସହିତ କଥାବାର୍ତ୍ତା କରୁଛ, ସେତେବେଳେ ତୁମ ଭିତରେ ତୁମେ ପ୍ରାଣୀସ୍ତରୀୟତାର ସବୁକିଛି ଉପାଦାନକୁ ଅତିକ୍ରମ କରି ଯାଇଥିବା ଉଚିତ । ସମ୍ପୃକ୍ତ ବ୍ୟକ୍ତିର ଆତ୍ମାଟି ସହିତହିଁ ତୁମର କଥୋପକଥନ ହୋଇପାରିବା ଉଚିତ, ତା' ଶରୀର ସହିତ କଥୋପକଥନ ହେବା ଆଦୌ

'oaob.nitrkl.ac.in' images reprocessed

ଉଚିତ ନୁହେଁ । ସେତେବେଳେ ତୁମଠାରୁ ତା' ଅପେକ୍ଷା ଆହୁରି ଅଧିକ ବି ପ୍ରତ୍ୟାଶା କରାଯିବ, ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ କଥୋପକଥନ କରୁଛ ବୋଲି ତୁମଠାରୁ ପ୍ରତ୍ୟାଶା କରାଯିବ; କେବଳ ଆତ୍ମା ସହିତ ନୁହେଁ,– ଯେଉଁ ପରମ ଦିବ୍ୟସତ୍ତାହିଁ ସବୁରି ଭିତରେ ରହିଛନ୍ତି, ତୁମେ ତାଙ୍କରି ସହିତ କଥାବାର୍ତ୍ତା କରୁଛ ବୋଲି ପ୍ରତ୍ୟାଶା କରାଯିବ; ଏବଂ ତୁମେ ସେହି ବିଷୟରେ ସଚେତନ ମଧ୍ୟ ରହିଥିବ ।

*ମାତ୍ର, କଥୋପକଥନ କରୁଥିବା ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସଚେତନ ରହିଥିବ, ମାତ୍ର ଆରଜଣକ ପ୍ରାଣୀସ୍ତରରେ ରହିଥିବ, ତେବେ ?*

ଯଦି ତୁମେ ଏକୁଟିଆ ସଚେତନ ରହିଥିବ ? ଏବଂ ଏହି ବିଷୟରେ ତୁମେ ପ୍ରକୃତରେ କ'ଣ ଜାଣିଛ ? ଏବଂ, ଅନ୍ୟ ଜଣକ ପ୍ରକୃତରେ ସଚେତନ ନାହିଁ ବୋଲି ତୁମେ କିପରି ଏବଂ କେଉଁ ଭୂମିରେ ରହି ଜାଣୁଛ ?

*ସିଏ ଯେଉଁ ଢଙ୍ଗରେ ଉତ୍ତରମାନ ଦେଉଛି !*

ମାତ୍ର, ଯଦି ମନେ କରାଯାଏ ଯେ ସିଏ ମଧ୍ୟ ତୁମ ବିଷୟରେ ଠିକ୍ ସେହିପରି ଭାବୁଛି !

ମୋଟ ଉପରେ ମୁଁ ତୁମକୁ ଏତିକି କହି ରଖିବାକୁ ଇଚ୍ଛା କରୁଛି ଯେ, ତୁମେ ଯେତେବେଳେ କାହାରି ସହିତ କଥାବାର୍ତ୍ତା କରୁଛ, ସେତେବେଳେ ତୁମେ ଯେପର୍ଯ୍ୟନ୍ତ ଦିବ୍ୟ ପରମ ଉପସ୍ଥିତିଟି ସହିତ କଥୋପକଥନ କରୁଛ ବୋଲି ଅନୁଭବ ନ କରୁଛ, ସେପର୍ଯ୍ୟନ୍ତ ତାହାର ଏହାହିଁ ଅର୍ଥ ହେବ ଯେ ତୁମେ ଏହି ବିଷୟରେ ନିଜ ଭିତରେ ମଧ୍ୟ ସଚେତନ ହୋଇପାରି ନାହିଁ । ଏବଂ ସେହି କ୍ଷେତ୍ରରେ, ଅନ୍ୟ ବ୍ୟକ୍ତିଟି କେଉଁ ଅବସ୍ଥାରେ ରହିଛି, ସେ ବିଷୟରେ କିଛି ବିଚାର କରି ବସିବାକୁ ପ୍ରକୃତରେ ଭାରି ସାଂଘାତିକ ଭାବରେ ଏକ ଧୃଷ୍ଟତାହିଁ ହୋଇ ରହିବ । ତୁମେ ସେ ବିଷୟରେ କ'ଣ ଜାଣିଛ ? ତୁମେ ନିଜେ ଯଦି ଅନ୍ୟ ବ୍ୟକ୍ତିଟି ମଧ୍ୟରେ ବିଦ୍ୟମାନ ରହିଥିବା ଭଗବଦ୍-ପରମସତ୍ତା ବିଷୟରେ ସଚେତନ ହୋଇପାରି ନାହଁ, ତେବେ ସେହି ଅନ୍ୟ ବ୍ୟକ୍ତିଟି ସେ ବିଷୟରେ ସଚେତନ ରହିଛି କି ନାହିଁ, ସେକଥା କହିବାକୁ ମଧ୍ୟ ତୁମର ପୁଣି କି ଅଧିକାର ରହିବ ? କେଉଁ କଥାକୁ ଆଧାର କରି ତୁମେ ତାହା କହିପାରିବ ? ତୁମର ଏହି ଯେଉଁ କ୍ଷୁଦ୍ର ବାହ୍ୟ ବୁଦ୍ଧିଟି ରହିଛି, ତାହାରି ଉପରେ ? କିନ୍ତୁ ସେହି ବୁଦ୍ଧି ତ ପ୍ରକୃତରେ କିଛିହେଲେ ଜାଣି ନାହିଁ । କୌଣସି ଯଥାର୍ଥ ବୋଧ ଲାଭ କରିବା ସକାଶେ ତାହାର ଆଦୌ କୌଣସି ସମର୍ଥତାହିଁ ନାହିଁ ।

'oaob.nitrkl.ac.in' images reprocessed

ଯେପର୍ଯ୍ୟନ୍ତ ଆପଣାର ଦୃଷ୍ଟିରେ ତୁମେ ଯାବତୀୟ ବସ୍ତୁରେ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ଦେଖିବାକୁ ସମର୍ଥ ନ ହୋଇଛ, ସେତେବେଳ ପର୍ଯ୍ୟନ୍ତ, ଅନ୍ୟମାନେ ଯେ କେଉଁ ଅବସ୍ଥାରେ ଅଛନ୍ତି, ସେ ବିଷୟରେ କୌଣସି ବିଚାର କରିବା ଲାଗି ତୁମର କେବଳ ଯେ କୌଣସି ଅଧିକାର ନାହିଁ ତା' ନୁହେଁ, ସେଥିଲାଗି ତୁମର କୌଣସି ସାମର୍ଥ୍ୟ ନାହିଁ ବୋଲି ବି କହିବାକୁ ପଡ଼ିବ । ଏବଂ, ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରୟାସହୀନ ଭାବରେ ଏହି ଦୃଷ୍ଟିଟିକୁ ଲାଭ ନ କରିଥିବା ପର୍ଯ୍ୟନ୍ତ ଯଦି ଆମେ ଆଉ କାହା ସମ୍ବନ୍ଧରେ ଏକ ଅଭିମତ ବ୍ୟକ୍ତ କରି ବାହାରିବା, ତେବେ ତାହା ସ୍ପଷ୍ଟତଃ ଏକ ମାନସିକ ଧୃଷ୍ଟତାରହିଁ ଉଦାହରଣ ହୋଇ ରହିବ । ଶ୍ରୀଅରବିନ୍ଦ ସର୍ବଦା ସେହି ବିଷୟରେ କହୁଥିଲେ ... । ଏବଂ ପ୍ରକୃତରେ ଏହିପରି ଘଟିଥାଏ ଯେ, ଯେଉଁ ବ୍ୟକ୍ତିର ଯଥାର୍ଥ ଦୃଷ୍ଟି ଏବଂ ଚେତନାଟି ରହିଥାଏ, ଯାବତୀୟ ବସ୍ତୁରେ ନିହିତ ହୋଇ ରହିଥିବା ସତ୍ୟଟିକୁ ଦେଖିବା ଲାଗି ଯାହାର ସାମର୍ଥ୍ୟ ଥାଏ, ସିଏ କଦାପି କାହା ଉପରେ କିଂବା କୌଣସି ବସ୍ତୁ ଉପରେ ବିଚାର କରି ବସିବାର କୌଣସି ପ୍ରୟୋଜନ ଅନୁଭବ କରେ ନାହିଁ । କାରଣ, ସିଏ ସବୁକିଛି ବୁଝିପାରେ, ସବୁକିଛି ଜାଣେ । ତେଣୁ, ବୃତ୍ତାନ୍ତ କଥାଟି ହେଉଛି, ତୁମେ ନିଜ ପାଖରେ ଏହି କଥାଟିକୁ କହି ରଖିଥିବ ଯେ, ଯେଉଁ ମୁହୂର୍ତ୍ତରେ ତୁମେ ବସ୍ତୁ, ବ୍ୟକ୍ତି ଏବଂ ଘଟଣାଗୁଡ଼ିକ ଉପରେ ବିଚାର କରିବାକୁ ଆରମ୍ଭ କରିବ, ସେତେବେଳେ ତୁମେ ଘନତମ ମାନବୀୟ ଅଜ୍ଞାନ ମଧ୍ୟରେ ଘାରିହୋଇ ରହିଛ ବୋଲି କହିବାକୁ ହେବ ।

ସଂକ୍ଷେପରେ କଥାଟିକୁ ଏହିପରି ଭାବରେ କୁହାଯାଇ ପାରିବ : ଯେତେବେଳେ ଯଥାର୍ଥରେ ବୁଝିବାର ଶକ୍ତି ଆସିଯାଏ, ସେତେବେଳେ ଆଉ ଅନ୍ୟ କାହାରି ବିଷୟରେ ବିଚାର କରିବାର ଅବକାଶ ନ ଥାଏ; ଏବଂ ଯେତେବେଳ ଯାଏ ତୁମେ ଅନ୍ୟମାନଙ୍କର ବିଚାର କରିବାରେ ଲାଗିଥାଅ, ସେପର୍ଯ୍ୟନ୍ତ ତାହାର କେବଳ ଏହି ଅର୍ଥ ନିଷ୍ପନ୍ନ ହେଉଥାଏ ଯେ ତୁମେ ପ୍ରକୃତରେ ଆଦୌ କିଛି ଜାଣି ନାହଁ ।

ଅତିମାନସର ମାର୍ଗରେ ଏପରିକି ସର୍ବପ୍ରଥମ ଖୋଜଟି ଆଗକୁ ପକାଇବା ପୂର୍ବରୁ ଏକ ପ୍ରଥମ ଆବଶ୍ୟକତା ରୂପେ ତୁମକୁ ଅନ୍ୟମାନଙ୍କ ଉପରେ ବିଚାର କରିବାର ବୃତ୍ତିଟିକୁ ଆପଣାର ଚେତନା ମଧ୍ୟରୁ ପୋଛି ବାହାର କରିଦେବାକୁ ପଡ଼ିବ । କାରଣ ଅତିମାନସ ମାର୍ଗରେ ଅଗ୍ରସର ହେବାକୁ ଆଦୌ କୌଣସି ଭୌତିକ କିଂବା ଶାରୀରିକ ଅଗ୍ରଗତି ବୋଲି କୁହାଯାଇ ପାରିବ ନାହିଁ । ଭାବନାର ଅଗ୍ରଗତି ଅଥବା ମାନସିକ ଅଗ୍ରଗତିର ମଧ୍ୟ ଏଇଟି ଭିତରେ ଅତ୍ୟନ୍ତ କମ୍ ସ୍ଥାନହିଁ ରହିଛି । ଏବଂ ତେଣୁ, ତୁମେ ଆପଣାର ମନକୁ ତା'ର ଯାବତୀୟ ଅଜ୍ଞାନରୁ ଯେପର୍ଯ୍ୟନ୍ତ ନିର୍ମଳ କରିଦେଇ ନ ପାରିଛ, ସେପର୍ଯ୍ୟନ୍ତ ଅତିମାନସର ମାର୍ଗରେ ଗୋଟିଏ ପଦକ୍ଷେପ ଆଗକୁ ଯିବା ଲାଗି ମଧ୍ୟ ତୁମେ କଦାପି ଆଶା କରିପାରିବ ନାହିଁ ।

'oaob.nitrkl.ac.in' images reprocessed

ବସ୍ତୁତଃ, ତୁମେ ଯାହା କହିଛ, ତାହା ଏକ ଅତ୍ୟନ୍ତ ସାଂଘାତିକ କଥା । "ଯଦି ସିଏ ପ୍ରାଣୀସ୍ତରୀୟ ହୋଇଥିବ, ତେବେ ମୁଁ ତା'ର ଆତ୍ମା ସହିତ କୌଣସି କଥୋପକଥନ କରିପାରିବି ନାହିଁ" ବୋଲି ତୁମେ ଯେତେବେଳେ କହିଲ, ସେତେବେଳେ ତୁମେ ପ୍ରକୃତରେ ଆପଣାକୁହିଁ ପଦାରେ ପକାଇଦେଲ ।... ତୁମ ନିଜ ଉପରେ ମାର୍କାଟିଏ ଆଣି ମାରିଦେଲ । ତୁମେ ଧରା ପଡ଼ିଗଲ ।

ଯେଉଁ ବ୍ୟକ୍ତିମାନଙ୍କର ଯଥାର୍ଥ ଏବଂ ଆନ୍ତରିକ ଭାବରେ ଭଗବଦ୍-ପରମ ଉପସ୍ଥିତିର ଅଭିଜ୍ଞତା ରହିଛି, ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ସହିତ ଯଥାର୍ଥ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ସମସ୍ତେ ସର୍ବଦା ସେହି ଗୋଟିଏ କଥା କହିଛନ୍ତି : ମଣିଷମାନେ ଯାହାର ସବୁଠାରୁ ଅଧିକ ନିନ୍ଦା କରନ୍ତି, ସେମାନେ ଯାହାକୁ ସବୁଠାରୁ ଅଧିକ ଘୃଣା କରନ୍ତି, ମନୁଷ୍ୟର "ବିବେକ" ଯାହାକୁ ସବୁଠାରୁ ଅଧିକ ନିନ୍ଦନୀୟ ବୋଲି ଘୋଷଣା କରୁଥାଏ, ଅନେକ ସମୟରେ, ଏପରିକି ଅଧିକାଂଶ ସମୟରେ ତାହାରି ଭିତରେହିଁ ଦିବ୍ୟ ଆଲୋକ ପ୍ରତିଭାତ ହୋଇ ରହିଥିବାର ଦୃଷ୍ଟିଗୋଚର ହୋଇଥାଏ ।

ସେସବୁ କେବଳ କଥାହିଁ କଥା ନୁହେଁ, ସେସବୁ ହେଉଛି ଜୀବନ୍ତ ଅଭିଜ୍ଞତା ।

ଏହିସବୁ ଇଷ୍ଟ ଓ ଅନିଷ୍ଟ, ଭଲ ଓ ମନ୍ଦ, ଉଚ୍ଚତର ଓ ନିମ୍ନତର ବିଷୟରେ ଯାହାକିଛି ଧାରଣା ରହିଛି, ଏହିସବୁ ଧାରଣା ହେଉଛି ମନୁଷ୍ୟ ମନରେ ରହିଥିବା ଅଜ୍ଞାନରହିଁ ଗୋଟିଏ ଗୋଟିଏ ସମ୍ପଦ । ଏବଂ, ଜଣେ ବ୍ୟକ୍ତି ଯଦି ପ୍ରକୃତରେ ଦିବ୍ୟ ଜୀବନର ସଂସ୍ପର୍ଶରେ ଆସିବା ଲାଗି ଇଚ୍ଛା କରୁଥିବ, ତେବେ ତାକୁ ଆପଣାକୁ ଏହି ଅଜ୍ଞାନ ଭିତରୁ ସଂପୂର୍ଣ୍ଣ ରୂପେ ମୁକ୍ତ କରି ଆଣିବାକୁ ପଡ଼ିବ, ତାକୁ ଚେତନାର ଏପରି ଏକ କ୍ଷେତ୍ରକୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ, ଯେଉଁଠାରେ କି ଏସବୁ ଧାରଣାର ଆଦୌ କୌଣସି ବାସ୍ତବତାହିଁ ନ ଥିବ । ସେତେବେଳେ ଅନ୍ୟମାନଙ୍କଠାରୁ ନିଜକୁ ଉଚ୍ଚତର କିଂବା ହୀନତର ମନେ କରିବାର ଯାବତୀୟ ବୃତ୍ତି ଅନ୍ତର୍ହିତ ହୋଇଯିବ ଏବଂ ତାହା ସ୍ଥାନରେ ଏପରି ଆଉ ଗୋଟିଏ ବସ୍ତୁ ଉପଲବ୍ଧ ହେବ, ଯାହାକି ଏକାବେଳେକେ ଏକ ଭିନ୍ନ ପ୍ରକୃତିର ହୋଇଥିବ । ସେହି ବସ୍ତୁକୁ ଆମେ ଏପରି ଏକ ସାମର୍ଥ୍ୟ ବୋଲି କହିପାରିବା ଯାହାକି ଯାବତୀୟ ପ୍ରତିଭାସକୁ ଭେଦି ଭିତରକୁ ଦେଖି ପାରୁଥିବ, ଉପରର ଆବରଣଗୁଡ଼ାକୁ ଭେଦକରି ଅନ୍ତଃପ୍ରବେଶ କରି ପାରୁଥିବ, ଦୃଷ୍ଟିକୋଣରେ ଏକ ପରିବର୍ତ୍ତନ ଘଟାଇ ପାରୁଥିବ ।

ଏବଂ ଏଗୁଡ଼ିକୁ ତୁମେ କଦାପି କେବଳ କେତେଗୁଡ଼ାଏ କଥା ବୋଲି ଆଦୌ ଗ୍ରହଣ କରିବ ନାହିଁ । ଏକଥାଟି ସଂପୂର୍ଣ୍ଣ ଭାବରେ ସତ୍ୟ ଯେ ସବୁକିଛିର ବାହ୍ୟ ରୂପଟି କେବଳ ବଦଳି ବଦଳିହିଁ ଯାଉଥାଏ, ତାହା ସମଗ୍ର ଭାବରେହିଁ ବଦଳି ଯିବାରେ ଲାଗିଥାଏ;

'oaob.nitrkl.ac.in' images reprocessed

ଏବଂ, ଜୀବନ ଏବଂ ବସ୍ତୁଚୟ ଆମକୁ ବାହାରୁ ଯେପରି ବୋଲି ପ୍ରତୀତ ହେଉଥା'ନ୍ତି, ସେଗୁଡ଼ିକ ପ୍ରକୃତ କ୍ଷେତ୍ରରେ ତାହାଠାରୁ ଏକାନ୍ତ ଭିନ୍ନ ହୋଇ ରହିଥାନ୍ତି ।

ଏହିସବୁ ସଂସ୍ପର୍ଶର, ପୃଥିବୀର ଏହିସବୁ ସାଧାରଣ ବୋଧର ଯାବତୀୟ ବାସ୍ତବତା ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯାଏ । ଏହାହିଁ ଅବାସ୍ତବ ବୋଲି ଦେଖାଯାଏ, ତୁଚ୍ଛା କଳ୍ପନାପ୍ରସୂତ ବୋଲି ଦେଖାଯାଏ, ମାୟାମୟ ପରି ଦେଖାଯାଏ, ଏଗୁଡ଼ାକର ଆଦୌ କୌଣସି ଅସଲ ଅସ୍ତିତ୍ୱ ନ ଥିବା ପରି ଦେଖାଯାଉଥାଏ । ଆଉ ଏକ ଏପରି କଥା ଦୃଷ୍ଟିଗୋଚର ହେବାକୁ ଲାଗେ,– ତାହା ପ୍ରକୃତରେ ଅତ୍ୟନ୍ତ ସାକାର, ମୂର୍ତ୍ତ ଏବଂ ଶାରୀର ଏକ ବସ୍ତୁ ବୋଲି ଦୃଷ୍ଟିଗୋଚର ହୁଏ,– ଯାହାକି ସତ୍ତାର ଅସଲ ସତ୍ୟରୂପେ ପ୍ରତିଭାତ ହୋଇଉଠେ ଏବଂ ସାଧାରଣ ଏହି ନିତ୍ୟନୈମିତ୍ତିକ ଗୋଚର ବସ୍ତୁଗୁଡ଼ିକ ସହିତ ତାହାର ଆଦୌ କୌଣସି ସାଦୃଶ୍ୟ ନ ଥାଏ । ଯେତେବେଳେ ଏହି ବୋଧଟି ହାସଲ ହୋଇଯାଏ, ଦିବ୍ୟ ଶକ୍ତି ଯେ ସବୁକିଛି କାର୍ଯ୍ୟ କରୁଛି ଏବଂ ସକଳ ପ୍ରତିଭାସ ପଛରେ, ପ୍ରତିଭାସ ମଧ୍ୟରେ ଓ ପ୍ରତିଭାସ ମଧ୍ୟଦେଇ ଯେଉଁ ଗତ୍ୟାତ୍ମକତାଟି କାର୍ଯ୍ୟକାରୀ ହେଉଛି, ଯେତେବେଳେ ତାହାରି ବୋଧଟି ଉପଲବ୍ଧ ହୋଇଯାଏ, ସେତେବେଳେ ଯାଇ ସାଧାରଣ ମିଥ୍ୟାସ୍ତରୀୟ ଜୀବନଟି କଟିଯାଏ ଏବଂ ତାହାଠାରୁ ଅଧିକ ଯଥାର୍ଥ ଓ ସତ୍ୟମୟ ଆଉ ଏକ ଜୀବନ ବଞ୍ଚିବାଲାଗି ଆମେ ପ୍ରସ୍ତୁତ ହୋଇଯାଉ । ମାତ୍ର ତା' ପୂର୍ବରୁ ତାହା କେବେହେଲେ ସମ୍ଭବ ହୁଏ ନାହିଁ ।

ତୁମେ ମନେ ରଖିଥାଅ, ଏହି କ୍ଷେତ୍ରରେ ସାଲିସ୍‌ର ଆଦୌ କୌଣସି ସ୍ଥାନ ନାହିଁ । ଏହାକୁ କୌଣସି ଅସୁସ୍ଥତା ଭୋଗ କରିବା ପରେ ସୁସ୍ଥ ହୋଇ ଆସିବାର ଅବସ୍ଥାଟି ସହିତ ମୋଟେ ତୁଳନା କରାଯାଇ ପାରିବ ନାହିଁ : ତୁମକୁ ଏହି ପୃଥିବୀଗୁଡ଼ିକରେ ଏକ ପରିବର୍ତ୍ତନ ଆଣିବାକୁ ହେବ । ଯେପର୍ଯ୍ୟନ୍ତ ତୁମର ମନହିଁ ତୁମ ଲାଗି ସତ୍ୟ ହୋଇ ରହିଥିବ, ତୁମ ଭାବିବାର ରୀତିଟି ତୁମ ଲାଗି ସତ୍ୟ ଓ ମୂର୍ତ୍ତ ହୋଇ ରହିଥିବ, ସେଥିରୁ କେବଳ ଏହି ପ୍ରମାଣଟି ମିଳିବ ଯେ ତୁମେ ଏପର୍ଯ୍ୟନ୍ତ ସେଠାରେ ଯାଇ ପହଞ୍ଚିପାରି ନାହଁ । ତେଣୁ ତୁମକୁ ସର୍ବପ୍ରଥମେ ଏଇଟିକୁ ଡେଇଁ ସେପାଖକୁ ଯିବାକୁ ପଡ଼ିବ । ଏବଂ ତା'ପରେ ଯାଇ ତୁମେ ମୁଁ ବର୍ତ୍ତମାନ ତୁମକୁ କହୁଥିବା କଥାଗୁଡ଼ିକୁ ବୁଝିବାକୁ ଆରମ୍ଭ କରିବ ।

ତେଣୁ ତୁମେ ଏପାଖରୁ ପାରି ହୋଇଯାଅ, ଅନ୍ୟ ପାଖଟିକୁ ଅତିକ୍ରମ କରିଯାଅ ।

ଆମେ ଯେ ଅଳ୍ପ ଅଳ୍ପ କରି ସବୁକଥାର ଯଥାର୍ଥ ପରିଚୟ ପାଇବା, ସେକଥା ଆଦୌ ସତ୍ୟ ନୁହେଁ । ପ୍ରକୃତ କ୍ଷେତ୍ରରେ ଆଦୌ ସେପରି ହୁଏ ନାହିଁ । ଏହି ଯେଉଁ ପ୍ରକାରର ଅଗ୍ରଗତିଟି ବିଷୟରେ ମୁଁ ତୁମମାନଙ୍କୁ କହୁଛି, ତାହା ଅନ୍ୟପ୍ରକାରେହିଁ

'oaob.nitrkl.ac.in' images reprocessed

ହୋଇଥାଏ । ଏବଂ ଏହାଠାରୁ ଆହୁରି ଅଧିକ ସତ୍ୟ ପ୍ରକୃତ କଥାଟି ହେଉଛି ଯେ, ତୁମେ ଗୋଟିଏ ଖୋଳ ଭିତରେ ବନ୍ଦ ହୋଇ ରହିଛ ଏବଂ ସେହି ଖୋଳଟି ଭିତରେ ଏକ ଘଟନା ଘଟିବାରେ ଲାଗିଛି; ଅଣ୍ଡା ଭିତରେ ଛୁଆଟି ଯେପରି ତିଆରି ହେଉଥାଏ, ଠିକ୍ ସେହିପରି । ସେଇଟି ତାହାରି ଭିତରେ ପ୍ରସ୍ତୁତ ହେବାରେ ଲାଗିଥାଏ । ସେକଥା କେହି ଦେଖିପାରନ୍ତି ନାହିଁ । ସେଇଟି ତାହାରି ଭିତରେ ଥାଏ । ଖୋଳ ଭିତରେ ଗୋଟିଏ ଘଟନା ଘଟିବାରେ ଲାଗିଥାଏ, ମାତ୍ର ବାହାରକୁ କିଛି ଦେଖାଯାଏ ନାହିଁ । ଏବଂ, ସବୁକିଛି ପ୍ରସ୍ତୁତ ହୋଇସାରିଲେ ଯାଇ ଖୋଳଟିକୁ ଫୁଟାଇ ଭାଙ୍ଗିଦେବାର ସାମର୍ଥ୍ୟ ଆସେ, ଦିବାଲୋକ ମଧ୍ୟକୁ ଜନ୍ମଗ୍ରହଣ କରିବାର ମୁହୂର୍ତ୍ତଟି ଆସି ପହଞ୍ଚିଯାଏ ।

ଏପରି କଦାପି ହୁଏ ନାହିଁ ଯେ ଆମେ ଏହି କ୍ଷେତ୍ରରେ ଅଳ୍ପ ଅଳ୍ପ କରି ଅଧିକରୁ ଅଧିକ ବୋଧ୍ୟ ଅଥବା ଦୃଶ୍ୟମାନ ହେବାରେ ଲାଗିଥାଉ । ଆମେ ପ୍ରକୃତରେ ଭିତରେ ବନ୍ଦ ହୋଇ ରହିଥାଉ,– ହଁ, ବନ୍ଦ ହୋଇ ରହିଥାଉ;– ଯେଉଁମାନେ ଟିକିଏ ଅଧିକ ଗ୍ରହଣଶୀଳ, ସେମାନେ ତ ସତେଅବା ଭିତରେ ଚାପିହୋଇ ରହିଥିବା ପରି ଏକ ଭୟଙ୍କର ଅଭିଜ୍ଞତାକୁ ଅନୁଭବ କରିବାରେ ଲାଗିଥା'ନ୍ତି, ସେମାନେ ବାହାରକୁ ବାହାରି ଆସିବା ଲାଗି ଚେଷ୍ଟା କରୁଥିବା ପରି ଓ ଶେଷରେ ଗୋଟାଏ ପାଚେରି ଦେହରେ ଆସି ଧକ୍କା ଖାଉଥିବା ପରି ଅନୁଭବ କରୁଥାନ୍ତି । ତା'ପରେ ସେହି ପାଚେରି ଉପରେ ଆଘାତ କରିବାକୁ ପଡ଼େ, ବାରବାର ଆଘାତ କରିବାକୁ ପଡ଼େ । ତଥାପି ସେପାଖକୁ ଯାଇହେଉ ନ ଥାଏ ।

ଏବଂ, ସେହି ଭିତରେ ରହିଥିବା ପର୍ଯ୍ୟନ୍ତ ଆମେ ମିଥ୍ୟା ଭିତରେହିଁ ରହିଥାଉ । ଏବଂ ଯେଉଁଦିନ ଭଗବତ୍-କରୁଣାର ବଳରେ ଆମେ ଖୋଳଟିକୁ ଭାଙ୍ଗି ଆଲୋକଟି ଭିତରକୁ ବାହାରି ଆସିବାକୁ ସମର୍ଥ ହେଉ, ସେତେବେଳେ ଯାଇ ଆମେ ଯଥାର୍ଥରେ ମୁକ୍ତି ଲାଭକରୁ ।

ଏହି ଘଟଣାଟି ହଠାତ୍ ଘଟିପାରେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଘଟିପାରେ, ଅପ୍ରତ୍ୟାଶିତ ଭାବରେ ଘଟିପାରେ ।

ତେଣୁ, ଏହି କ୍ଷେତ୍ରରେ ଅଳ୍ପ ଅଳ୍ପ କରି ଆଗକୁ ଯାଇ ଖୋଳରୁ ବାହାରିହେବ ବୋଲି ମୁଁ ଆଦୌ ଭାବିପାରୁ ନାହିଁ । ମୁଁ ଏହାକୁ ଆଦୌ ଏପରି ଗୋଟିଏ ଜିନିଷ ବୋଲି ଭାବୁ ନାହିଁ, ଯାହାରକି ଆସ୍ତେ ଆସ୍ତେ କ୍ଷୟ ଘଟିବ ଓ ଶେଷକୁ ତା' ଭିତର ଦେଇ ଆମେ ଆରପାଖକୁ ଦେଖିବା ଲାଗି ସମର୍ଥ ହେବା । ଏପର୍ଯ୍ୟନ୍ତ ମୁଁ ଏପରି ଘଟିବାର ଗୋଟିଏ ଦୃଷ୍ଟାନ୍ତ ବି ପାଇ ନାହିଁ । ବରଂ, ଏହି କ୍ଷେତ୍ରରେ, ଖୋଳଟି ଭିତରେ ଅଧିକରୁ ଅଧିକ ଶକ୍ତି ସଂଗୃହୀତ ହେବାରେ ଲାଗିଥାଏ, ଆବଶ୍ୟକତାଟି ଅଧିକରୁ ଅଧିକ ପ୍ରଗାଢ଼ ହେବାରେ ଲାଗିଥାଏ, ସକଳ ଗଣନା, ଶଙ୍କା ଓ ସକଳ ଭୟରୁ ମୁକ୍ତ ହୋଇଯାଉଥିବା ପ୍ରୟାସଟି କ୍ରମଶଃ ଅଧିକ ସ୍ଥାୟୀ ହେବାରେ ଲାଗିଥାଏ । ପ୍ରୟୋଜନଟି

'oaob.nitrkl.ac.in' images reprocessed

କ୍ରମେ ଏପରି ଅନିବାର୍ଯ୍ୟ ହୋଇଉଠୁଥାଏ ଯେ, ପରିଣାମ କ'ଣ ହେବ ବା ନ ହେବ, ସେବିଷୟରେ ଆଉ ଆଦୌ କୌଣସି ଚିନ୍ତା ରହେ ନାହିଁ ।

ସେତେବେଳେ ବ୍ୟକ୍ତି ଏକ ବିସ୍ଫୋରକ ପରି ତିଆରି ହୋଇ ରହିଥାଏ, ଯାହାର କି ଆଉ କୌଣସି ପ୍ରତିରୋଧ ସମ୍ଭବ ହୁଏ ନାହିଁ; ଏବଂ ତା'ପରେ ଆଲୋକର ଗୋଟିଏ ଉଦ୍ଭାସରେ ସେ ଆପଣାର କାରାଗାରଟି ମଧ୍ୟରୁ ଫୁଟି ବାହାରକୁ ବାହାରିଆସେ ।

ତା'ପରେ ଆଉ ପଛକୁ ଯିବାର କୌଣସି ଶଙ୍କା ନ ଥାଏ ।

ଏହା ଦ୍ୱାରା ଯଥାର୍ଥରେ ଏକ ନବଜନ୍ମହିଁ ସଂଘଟିତ ହୋଇଥାଏ ।

'oaob.nitrkl.ac.in' images reprocessed

## ୩ ଜୁଲାଇ ୧୯୫୭

ଆମେ ଏକ ସାମୂହିକ ଯୋଗର ସାଧନା କରୁଛୁ କି ନାହିଁ ଏବଂ ଏହି ସାମୂହିକ ଯୋଗ ଲାଗି କେଉଁସବୁ କଥାର ପ୍ରୟୋଜନ ରହିଛି, ମୋତେ ସେହି ବିଷୟରେ ପଚରାଯାଇଛି ।

ଏହି ବିଷୟରେ ମୁଁ ତୁମମାନଙ୍କୁ ସର୍ବପ୍ରଥମେ ହୁଏତ ଏହି କଥାଟି କହିପାରିବି ଯେ ଏକ ସାମୂହିକ ଯୋଗର ସାଧନା କରିପାରିବା ଲାଗି ଆମର ଆଗ ଗୋଟିଏ ସମୂହ (!) ହୋଇ ପାରିଥିବା ଉଚିତ । ଗୋଟିଏ ସମୂହ ହୋଇ ପାରିବାଲାଗି ବିବିଧ କ'ଣ ପ୍ରୟୋଜନମାନ ରହିଛି, ତୁମମାନଙ୍କୁ ମୁଁ ତା'ପରେ ସେହି କଥା କହିବି । ମାତ୍ର କାଲି ରାତିରେ (ମାଆ ଈଷତ୍ ହସିଲେ) ମୁଁ ମୋ' ଦୃଷ୍ଟିରେ ଆମ ସମୂହଟିର ଏକ ପ୍ରତୀକାତ୍ମକ ପରିଚୟ ଲାଭ କରିଥିଲି ।

ରାତ୍ରିର ପ୍ରଥମ ପ୍ରହରରେ ମୁଁ ଏହି କଥାଟିକୁ ଦେଖିଥିଲି ଏବଂ ସେଇଟିକୁ ଦେଖିବାପରେ ମୋ'ର ନିଦ ହଠାତ୍ ଭାଙ୍ଗିଗଲା ଓ ମନ ଉପରେ ତାହାର ଯେପରି ଏକ ଅପ୍ରୀତିକର ପ୍ରଭାବ ରହିଯାଇଥିବା ପରି ମନେ ହେଲା । ତା'ପରେ ମୁଁ ପୁଣି ଶୋଇ ପଡ଼ିଲି ଓ ସବୁକିଛି ଭୁଲି ଯାଇଥିଲି; ଏବଂ ବର୍ତ୍ତମାନ, ମୋତେ ପଚରା ଯାଇଥିବା ଏହି ପ୍ରଶ୍ନଟି ବିଷୟରେ ଭାବୁଥିବା ସମୟରେ ଦେଖିଥିବା ସେହି କଥାଟି ହଠାତ୍ ପୁଣି ମୋ'ପାଖକୁ ଫେରି ଆସିଲା । ତାହା ଏତେ ଅଧିକ ପ୍ରଗାଢ଼ତା ସହିତ ସତେଅବା ଏକ ଅନିବାର୍ଯ୍ୟତା ରୂପେ ଫେରି ଆସିଲା ଯେ, ମୁଁ ତୁମମାନଙ୍କୁ ପ୍ରଶ୍ନଟିର ଉତ୍ତର ଦେଇ ଯାହା କହିବାକୁ ଯାଉଥିଲି, ଦୃଷ୍ଟ ଏହି କଥାଟିର ସ୍ମୃତି ଅତ୍ୟନ୍ତ ବଳଶାଳୀ ହୋଇ ମୋତେ ସେହି କଥାଟିକୁ ମୋଟେ କୁହାଇ ଦେଲା ନାହିଁ । "ଦିବ୍ୟ ଜୀବନ" ଗ୍ରନ୍ଥର ଶେଷ ଖଣ୍ଡଟିରେ ଶ୍ରୀଅରବିନ୍ଦ ଯେଉଁ ଆଦର୍ଶର ବର୍ଣ୍ଣନା ଦେଇଛନ୍ତି, ତାହାରି ଅନୁସାରେ ଯେଉଁ ନିର୍ଦ୍ଦିଷ୍ଟ ପ୍ରକାରର ସମୂହଟିକୁ ଆମେ ଉପଲବ୍ଧି କରିବା ପାଇଁ ଇଚ୍ଛା କରୁଛୁ, ଆମେ ଯେଉଁ ଅତିମାନସ ବିଜ୍ଞାନସ୍ତରୀୟ ସମୂହଟିର ଉପଲବ୍ଧି ଇଚ୍ଛା କରୁଛୁ, ମୁଁ ଠିକ୍ ତାହାରି ବିଷୟରେ ତୁମମାନଙ୍କୁ କହିବାକୁ ଯାଉଥିଲି । କେବଳ ଯେଉଁ ସମୂହଟି ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦର୍ଶିତ ପୂର୍ଣ୍ଣ ଯୋଗର ସାଧନା କରିପାରିବ ଏବଂ ଅଧିକରୁ ଅଧିକ ଦିବ୍ୟତା ଅର୍ଜ୍ଜନ କରି ଅଗ୍ରସର ହୋଇ ଯାଉଥିବା ଯେଉଁ କ୍ରମବର୍ଦ୍ଧନଶୀଳ ସମୂହ ମଧ୍ୟରେହିଁ ସେହି ଯୋଗର ବାସ୍ତବ ଓ ମୂର୍ତ୍ତ ଉପଲବ୍ଧି ସମ୍ଭବ ହୋଇପାରିବ, ମୁଁ ତୁମମାନଙ୍କୁ ପ୍ରକୃତରେ ତାହାରି ବିଷୟରେ କହିବାକୁ ଯାଉଥିଲି ।

'oaob.nitrkl.ac.in' images reprocessed

ବେଶ୍ ଏକ ପରିଚିତ କିସମର ହୋଇଥିଲେ ମଧ୍ୟ ତଥାପି କହିବାକୁ ହେବ ଯେ ପ୍ରତୀକଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥିଲା । ଆପଣାର ଘନିଷ୍ଠତାରେ ତାହା ଅତ୍ୟନ୍ତ ନିର୍ଭୁଲ ଭାବରେହିଁ ବାସ୍ତବଧର୍ମୀ ହୋଇ ରହିଥିଲା ।... ଯଦି ମୋ'ର ଦେଖିଥିବା କଥାଗୁଡ଼ିକୁ ମୋତେ ତୁମମାନଙ୍କ ଆଗରେ ବିସ୍ତୃତ ଭାବରେ ବର୍ଣ୍ଣନା କରି କହିବାକୁ ପଡ଼ିବ, ତେବେ ତୁମେମାନେ ସମ୍ଭବତଃ ତାହାର ଅର୍ଥଟିକୁହିଁ ବୁଝିପାରିବ ନାହିଁ । ତାହା ପ୍ରକୃତରେ ଏକ ଅତି ଜଟିଳ କଥାରୂପେ ଦୃଷ୍ଟିଗୋଚର ହୋଇଥିଲା । ମୁଁ,— ପ୍ରକୃତରେ କିପରି କହିଲେ ଠିକ୍ ଭାବରେ କହିହେବ କେଜାଣି ?— ଗୋଟିଏ ବିରାଟ ହୋଟେଲର ଛବି ଦେଖିବାକୁ ପାଇଲି, ଯେଉଁଠାରେ କି ବିଭିନ୍ନ କୋଠରିରେ ପାର୍ଥିବ ଯାବତୀୟ ସମ୍ଭାବନା ମହଜୁଦ ହୋଇ ରହିଥିଲା, ଏବଂ ସେଗୁଡ଼ାକ ମୁହୂର୍ମୁହୁଃ ବଦଳି ଯିବାରେ ଲାଗିଥିଲା । ଅଟ୍ଟାଳିକାର କୌଣସି ଏକ ଅଂଶ ବା ଏପରିକି ଗୋଟିଏ ଗୋଟିଏ ସମଗ୍ର ପାର୍ଶ୍ୱ ମଧ୍ୟ ହଠାତ୍ ଭାଙ୍ଗି ପଡୁଥିଲା ଏବଂ ହଠାତ୍ ପୁନର୍ବାର ତିଆରି ହୋଇ ଯାଉଥିଲା । ଏସବୁ ଚାଲୁଥିଲେ ମଧ୍ୟ ଲୋକେ ସର୍ବଦା ତା'ଭିତରେ ରହିଥିଲେ; ଅବସ୍ଥା ଏପରି ହୋଇ ରହିଥିଲା ଯେ ଯଦି କୌଣସି ବ୍ୟକ୍ତି ସେହି ହୋଟେଲ ଭିତରେ ମଧ୍ୟ ଆଉଗୋଟିଏ ଜାଗାକୁ ଯାଉଥିଲା, ଫେରିଆସିବା ସମୟରେ ନିଜର କୋଠରିଟିକୁ ପୁଣି ଖୋଜି ନ ପାଇବାର ଭୟ ମଧ୍ୟ ତା'ଲାଗି ପୂର୍ଣ୍ଣମାତ୍ରାରେ ରହିଥିଲା । ହୁଏତ ସେତେବେଳକୁ ସେ ରହୁଥିବା କୋଠରିଟି ଭାଙ୍ଗି ପଡ଼ିଥିଲା ଏବଂ ଏକ ଅନ୍ୟ ଯୋଜନା ଅନୁସାରେ ପୁନର୍ବାର ତିଆରି ବି ହେଉଥିଲା । ଶୃଙ୍ଖଳା ଥିଲା, ସଂଗଠନ ଥିଲା; ଏବଂ ମୁଁ ଯେଉଁ ଅକଳ୍ପନୀୟ ଅରାଜକତାର ବର୍ଣ୍ଣନା ଦେଲି, ସେଇଟି ମଧ୍ୟ ମହଜୁଦ ହୋଇ ରହିଥିଲା । ଏବଂ ଏଇଟି ମଧ୍ୟରେ ଏକ ପ୍ରତୀକ ନିହିତ ହୋଇ ରହିଥିଲା । ଏଠାରେ (ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୩୩-୩୬) ଶ୍ରୀଅରବିନ୍ଦ ଶରୀର-ଭୂମିରେ ମଧ୍ୟ ଏକ ରୂପାନ୍ତର ସମ୍ଭବ କରିବାର ଆବଶ୍ୟକତା ବିଷୟରେ ଯାହା ଲେଖିଛନ୍ତି, ଏହି ପ୍ରତୀକଟି ସେହି କ୍ଷେତ୍ରରେ ନିଶ୍ଚୟ ପ୍ରଯୁଜ୍ୟ ହୋଇପାରିବ । ଜୀବନକୁ ଏକ ଦିବ୍ୟ ଜୀବନରେ ପରିଣତ କରିବାକୁ ହେଲେ ଯେଉଁ ରୂପାନ୍ତରଟି ଅବଶ୍ୟ ଘଟିବା ଉଚିତ ବୋଲି ସେ କହିଛନ୍ତି, ଏହି ପ୍ରତୀକଟି ତାହାରି କ୍ଷେତ୍ରରେ ଅବଶ୍ୟ ପ୍ରଯୁଜ୍ୟ ହୋଇପାରିବ ।

ମୁଁ ଯାହା ଦେଖିଲି, ତାହା ହେଉଛି କେତେକ ପରିମାଣରେ ଏହିପରି : ସେହି ବିରାଟ ଅଟ୍ଟାଳିକା ମଧ୍ୟରେ କୌଣସି ଏକ ସ୍ଥାନରେ ଗୋଟିଏ କୋଠରି ଜଣେ ମାଆ ଓ ତାଙ୍କର ଝିଅ ଲାଗି ରିଜର୍ଭ ହୋଇ ରହିଥିଲା । ଗପଟି ଭିତରେ ମୋତେ ତାହା ଠିକ୍ ସେହିପରିହିଁ ବୋଧ ହେଲା । ମାଆ ଅତି ବୃଦ୍ଧା ହୋଇଯାଇଥିଲେ; ଜଣେ ମାଟ୍ରନ୍ ହିସାବରେ ସେ ଆପଣାକୁ ଜଣେ ଭାରି ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି ମନେ କରୁଥିଲେ, ସମସ୍ତ ସଂଗଠନଟି

'oaob.nitrkl.ac.in' images reprocessed

ଉପରେ ତାଙ୍କର ଅନେକ କର୍ତ୍ତୃତ୍ୱ ରହିଥିଲା ଓ ଯାବତୀୟ ବିଷୟରେ ନିଜସ୍ୱ ମତମାନ ବି ଥିଲା । ବିଚରଣ ଏବଂ କ୍ରିୟାତ୍ମକତାର କ୍ଷେତ୍ରରେ ଝିଅଟିର ମଧ୍ୟ ଏପରି ଗୋଟିଏ ପ୍ରକାରର କ୍ଷମତା ରହିଥିଲା, ଯାହାଦ୍ୱାରା କି ସେ ଯୁଗପତ୍‌ଭାବରେ ସବୁସ୍ଥାନରେ ଉପସ୍ଥିତ ରହି ପାରୁଥିଲେ, ସେହି ଗୋଟିଏ କୋଠରିରେ ରହି ମଧ୍ୟ ସେ ତାହା କରି ପାରୁଥିଲେ । ହଁ, ସେହି କୋଠରିଟିକୁ ମଧ୍ୟ କେବଳ ଗୋଟିଏ କୋଠରିଠାରୁ ଆମେ ଅଧିକ ଅନେକକିଛି ବୋଲି କହିପାରିବା । ସେଇଟି ସତେଅବା ଗୋଟିଏ ଖଞ୍ଜା ପରି ଦିଶୁଥିଲା ଏବଂ ଅସଲ କଥା ହେଉଛି ଯେ ତାହା ସମଗ୍ର ଅଟ୍ଟାଳିକାଟିର ଠିକ୍ କେନ୍ଦ୍ରରେ ଅବସ୍ଥିତ ରହିଥିଲା । ମାତ୍ର ଝିଅଟି ମାଆଙ୍କ ସହିତ ସଦାସର୍ବଦା କେବଳ ଯୁକ୍ତି କରିବାରେ ଲାଗିଥିଲେ । ଜିନିଷଗୁଡ଼ିକ ଯେଉଁଠି ଯେଉଁପରି ରୀତିର ଅନୁସରଣ କରି ରହିଥିଲା, ମା' ସେଗୁଡ଼ିକ ସେହିପରି ରହିଥାନ୍ତୁ ବୋଲି ଇଚ୍ଛା କରୁଥିଲେ; ଅର୍ଥାତ୍, ସେ ଚାହୁଁଥିଲେ ଯେ ସର୍ବଦାହିଁ ଗୋଟିକୁ ଭାଙ୍ଗି ଦିଆଯାଇ ତା' ଜାଗାରେ ଆଉଗୋଟିକୁ ତିଆରି କରାଯାଉଥାଉ ଏବଂ ତା'ପରେ ଆଉଗୋଟିକୁ ଭାଙ୍ଗିଦେଇ ତା' ଜାଗାରେ ଆଉଗୋଟିଏ ନୂଆ କରି ତିଆରି ହେଉଥାଉ । ଏପରି ହେଉଥିବା ଫଳରେ ଅଟ୍ଟାଳିକାଟି ଏକ ଭୟଙ୍କର ଅସ୍ତବ୍ୟସ୍ତତା ମଧ୍ୟରେ ରହିଥିବା ପରି ମନେ ହେଉଥିଲା । ଝିଅ ଏହି କଥାଟିକୁ ମୋଟେ ପସନ୍ଦ କରିପାରୁ ନ ଥିଲେ ଏବଂ ତାଙ୍କର ଏକ ଅନ୍ୟ ଯୋଜନା ରହିଥିଲା । ସିଏ ସର୍ବୋପରି ସଂଗଠନଟି ମଧ୍ୟରେ ସଂପୂର୍ଣ୍ଣ ନୂତନ କିଛିର ପ୍ରବେଶ କରାଇବା ଲାଗି ଇଚ୍ଛା କରୁଥିଲେ, ଏପରି ଗୋଟିଏ ପ୍ରକାରର ଅଧିସଂଗଠନ ସମ୍ଭବ କରିବାକୁ ଚାହୁଁଥିଲେ ଯାହାଫଳରେ କି ଏହିସବୁ ଅସ୍ତବ୍ୟସ୍ତତା ଲାଗି ଆଉ ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ । ମାତ୍ର, ମାଆଙ୍କ ସହିତ କୌଣସି ବୁଝାମଣା ସମ୍ଭବ ହୋଇ ନ ପାରିବାରୁ ସେ ପରିଶେଷରେ କୋଠରିରୁ ବାହାରି ଅଟ୍ଟାଳିକାଟିକୁ ତଦାରଖ କରି ଦେଖିବା ଲାଗି ଚାଲି ଯାଇଥିଲେ । ସିଏ ସବୁଆଡ଼ ବୁଲି ଦେଖିଲେ, ଏବଂ ତା'ପରେ ନିଜର କୋଠରିକୁ ଫେରି ଆସିବାକୁ ଇଚ୍ଛା କଲେ, କାରଣ ସେହି କୋଠରିଟିରେ ସିଏ ମଧ୍ୟ ବାସ କରୁଥିଲେ । ନିଷ୍ପତ୍ତିମୂଳକ ଭାବେ କିଛି କରିବା ଲାଗି ସେ ନିଜ କୋଠରିଟିକୁ ଫେରି ଆସିବାକୁ ଇଚ୍ଛା କଲେ । ଏବଂ, ଠିକ୍ ସେତିକିବେଳେ ଏକ ବିଚିତ୍ର ଘଟଣା ଘଟିଲା । ତାଙ୍କ କୋଠରିଟି ଯେ କେଉଁଠି, ସେକଥା ତାଙ୍କର ଭଲକରି ମନେ ଥିଲା, ମାତ୍ର, କୌଣସି ଏକ ବାଟ ଧରି ସେ ସେଠାକୁ ଯିବାଲାଗି ବାହାରିବା ମାତ୍ରକେ ପ୍ରତ୍ୟେକ ଥର ହୁଏତ ଶିଡ଼ିଗୁଡ଼ାକ ଅଦୃଶ୍ୟ ହୋଇ ଯାଉଥିଲା ବା ସବୁକିଛି ଏପରି ଭାବରେ ବଦଳି ଯାଉଥିଲା ଯେ ସିଏ ଆଉ ଆପଣାର ବାଟଟିକୁ ମୋଟେ ଚିହ୍ନିପାରୁ ନ ଥିଲେ । ତେଣୁ ସେ ଏଣେତେଣେ ହୋଇ ବାଟ ଖୋଜିବାରେ ଲାଗୁଥିଲେ, ଉପରୁ ତଳକୁ ଆସୁଥିଲେ ଓ ତଳୁ ଉପରକୁ ଯାଉଥିଲେ, ବାଟ ଖୋଜୁଥିଲେ, ଭିତରେ

'oaob.nitrkl.ac.in' images reprocessed

ପଶି ଯାଉଥିଲେ ଓ ପୁଣି ବାହାରକୁ ବାହାରି ଆସୁଥିଲେ । ତଥାପି ନିଜ କୋଠରିଟିକୁ ବାଟ ପାଇବା ଆଦୌ ସମ୍ଭବ ହେଉ ନ ଥିଲା । ଏହି ସବୁକିଛି ଏକ ସ୍ଥୂଳ ରୂପ ଧାରଣ କରୁଥିବା ସଙ୍ଗେ ସଙ୍ଗେ,– ମୁଁ ତ ଆଗରୁ କହିଛି ଯେ ଏସବୁ ଅତ୍ୟନ୍ତ ପରିଚିତ ଏବଂ ଅତି ସାଧାରଣ ହୋଇ ଦେଖାଯାଉଥିଲା, ପ୍ରତୀକାତ୍ମକ ଏହିସବୁ ଦୃଶ୍ୟରେ ସର୍ବଦା ଯାହା ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ ତାହାହିଁ ହେଉଥିଲା । ଠିକ୍ ସେହି ସମୟରେ କୌଣସି ସ୍ଥାନରେ,– ଏହି କଥାଟିକୁ ପ୍ରକୃତରେ କିପରି ଶବ୍ଦ ଦେଇ ବ୍ୟକ୍ତ କରାଯାଇ ପାରିବ ?,– ହୋଟେଲର ପରିଚାଳନା-ବିଭାଗଟି ମଧ୍ୟ ଦୃଷ୍ଟିଗୋଚର ହେଉଥିଲା । ସେଠାରେ ତତ୍ତ୍ୱାବଧାରିକା ରୂପେ ଜଣେ ଭଦ୍ରମହିଳା ଥିଲେ, ତାଙ୍କ ପାଖରେ ସବୁଯାକ ଚାବି ରହିଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି କେଉଁଠାରେ ରହୁଥିଲେ, ତାଙ୍କୁ ସେହି କଥାଟି ଜଣା ଥିଲା । ଝିଅ ଜଣକ ତାଙ୍କରି ପାଖକୁ ଯାଇ ପଚାରିଲେ, "ମୋ' କୋଠରିଟିକୁ ଯିବାର ବାଟ ଆପଣ ମୋତେ କହିଦେଇ ପାରିବେ କି ?" ଉତ୍ତର ଆସିଲା, "ନିଶ୍ଚୟ କହିଦେଇ ପାରିବି, ବାଟ ପାଇବା ପ୍ରକୃତରେ ଭାରି ସହଜ ।" ଏକଥା ଶୁଣି ଚାରିପାଖରେ ରହିଥିବା ଲୋକମାନେ ତାଙ୍କ ଆଡ଼କୁ ଅନାଇ ରହିଲେ; ସେମାନେ ତାଙ୍କୁ ସତେଯେପରି ଏହି କଥା କହିବାକୁ ଚାହୁଁଥିଲେ, "ଆପଣ ଏପରି କଥା କିପରି କହିପାରୁଛନ୍ତି ?" ମାତ୍ର ଭଦ୍ରମହିଳା ଉଠି ଠିଆହେଲେ ଓ ସବୁକିଛି ଉପରେ ତାଙ୍କର ଯଥେଷ୍ଟ କର୍ତ୍ତୃତ୍ୱ ରହିଥିବା ପରି ଗୋଟିଏ ଚାବି ଆଣି ଦେବାକୁ କହିଲେ, ସେହି କୋଠରିଟିର ଚାବି ଆଣି ଦେବାକୁ କହିଲେ । ତା'ପରେ କହିଲେ, "ମୁଁ ନିଜେ ଆପଣଙ୍କୁ ସେଠାକୁ ନେଇଯିବି ।" ତା'ପରେ ସେ ନାନା ବାଟରେ ଯିବାକୁ ଲାଗିଲେ, ମାତ୍ର ସବୁବାଟ ସତେଅବା ଭାରି ଗୋଳମାଳିଆ ହୋଇ ରହିଥିଲା, ଭାରି ଅଡୁଆତଡୁଆ ହୋଇ ରହିଥିଲା । ଝିଅ ସେହି ଭଦ୍ରମହିଳାଙ୍କ ପଛେ ପଛେ ଯିବାକୁ ଲାଗିଲେ; କାଳେ ତାଙ୍କୁ କେତେବେଳେ ଦେଖି ନ ପାରିବେ, ସେଥିଲାଗି ସେ ଭାରି ଏକନିଘା ହୋଇ ଆଗକୁ ଯାଉଥା'ନ୍ତି । ଏବଂ, ଯେଉଁଠି ତାଙ୍କ କୋଠରିଟି ପ୍ରକୃତରେ ଅବସ୍ଥିତ ଥିଲା, ଠିକ୍ ସେଠାରେ ଯାଇ ପହଞ୍ଚିବା ବେଳକୁହିଁ ସେହି ଭଦ୍ରମହିଳା,– ତାଙ୍କୁ ଆମେ ହୋଟେଲ୍‌ର ପରିଚାଳିକା ବୋଲି କହିବା– ହଠାତ୍ ଚାବି ସହିତ କୁଆଡ଼େ ଅନ୍ତର୍ହିତ ହୋଇଗଲେ । ଏବଂ ଅନ୍ତର୍ହିତ ହୋଇଯିବାର ଏହି ଅନୁଭୂତିଟି ଏତେବେଶୀ ଉତ୍କଟ ଓ ତୀକ୍ଷ୍ଣ ଭାବରେ ଅନୁଭୂତ ହେଲା ଯେ... ତାହାରି ସହିତ ସବୁକିଛିହିଁ ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇ ଯାଇଥିଲା ।

ଯଦି... ତୁମେମାନେ ଯେପରି ଏହି ପ୍ରହେଳିକାଟିକୁ ବୁଝିପାରିବ, ସେଥିଲାଗି ତୁମମାନଙ୍କୁ ସାହାଯ୍ୟ କରିବାକୁ ଯାଇ ମୁଁ କହିବି ଯେ, ସ୍ଥୂଳ ପ୍ରକୃତି ବର୍ତ୍ତମାନ ଯେପରି ସ୍ଥିତିରେ ରହିଛି, ଏଠାରେ ମାଆ ହେଉଛନ୍ତି ତାହାରି ପ୍ରତୀକ । ଝିଅ ନୂତନ ସୃଷ୍ଟିର

'oaob.nitrkl.ac.in' images reprocessed

ପ୍ରତୀକ । ପରିଚାଳିକା ସେହି ଭଦ୍ରମହିଳା ହେଉଛନ୍ତି ମାନସିକ ଚେତନା; ପ୍ରକୃତି ଏହି ଜଗତକୁ ବର୍ତ୍ତମାନ ପର୍ଯ୍ୟନ୍ତ ଯେପରି ତିଆରି କରି ଆସିଛି, ସିଏ ସେହି ଜଗତର ସଂଗଠନକାରୀ । ଅର୍ଥାତ୍, ବର୍ତ୍ତମାନ ବିଦ୍ୟମାନ ରହିଥିବା ଜଡ଼ ପ୍ରକୃତିରେ ରୂପାୟିତ ହୋଇ ପାରିଥିବା ସର୍ବୋଚ୍ଚ ସଂଗଠନ-ବୋଧର ପ୍ରତୀକ ହେଉଛନ୍ତି ସେହି ଭଦ୍ରମହିଳା । ଏତିକି ଜାଣିଲେ ଦୃଷ୍ଟ ବ୍ୟାପାରଟିକୁ ବେଶ୍ ବୁଝିହେବ । ମୁଁ ଯେତେବେଳେ ନିଦରୁ ଉଠିଲି, ସେତେବେଳେ ମୁଁ ସଙ୍ଗେ ସଙ୍ଗେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣିପାରିଲି, କୌଣସି ସମାଧାନ ହୋଇ ପାରୁ ନ ଥିବା ଏହି ସମସ୍ୟାଟିର ପ୍ରକୃତରେ କିପରି ସମାଧାନ ହୋଇପାରିବ । ପରିଚାଳିକା ଓ ତାଙ୍କ ହାତରେ ଥିବା ଚାବି ଯେ ଅନ୍ତର୍ହିତ ହୋଇଗଲେ, ସେଥିରୁ ପରିଷ୍କାର ଭାବରେ ଏହି ସୂଚନାଟି ମିଳିଲା ଯେ, ଆମେ ଯାହାକୁ ନୂତନ ପୃଥିବୀର ସୃଜନକ୍ଷମ ଚେତନା ବୋଲି କହିପାରିବା, ତାହାର ଯଥାର୍ଥ ସ୍ଥାନଟିକୁ ଆମକୁ ପରିଚାଳିତ କରି ନେଇଯିବାରେ ସିଏ କଦାପି ସମର୍ଥ ହେବେ ନାହିଁ ।

ମୁଁ ଏକଥା ଜାଣିଥିଲି ସତ, ମାତ୍ର ସମସ୍ୟାଟିର ସମାଧାନ ବିଷୟରେ କାହାଣୀଟିରେ କିଛି ଦୃଷ୍ଟିଗୋଚର ହୋଇ ନ ଥିଲା । ତାହାର ଅର୍ଥ ହେଉଛି ଯେ, ଯାହା ଦ୍ୱାରା ଏହି ସମାଧାନଟି ହୋଇପାରିବ, ଏପର୍ଯ୍ୟନ୍ତ ତାହାର ଆବିର୍ଭାବ ଘଟି ନାହିଁ । ସେହି ବିରାଟ ବିଶାଳ ଅଟ୍ଟାଳିକାଟିରେ ତାହାର ସେପର୍ଯ୍ୟନ୍ତ କୌଣସି ରୂପାୟଣ ଘଟି ନ ଥିଲା । ଏବଂ, ସେହି ଯେଉଁ ଚେତନାଟିର ଆବିର୍ଭାବ ଘଟିବା ଏବେ ମଧ୍ୟ ବାକି ରହିଛି, କେବଳ ତାହାହିଁ ଏହି ବହୁ ଅସଂଗତିପୂର୍ଣ୍ଣ ସୃଷ୍ଟିକୁ ଏକ ପ୍ରକୃତ, ଯଥାର୍ଥ-କଳ୍ପିତ, ଯଥାର୍ଥ ଭାବରେ ଅଭିପ୍ରେତ ଏବଂ କାର୍ଯ୍ୟାନ୍ୱିତ ଏକ ଅନ୍ୟ ସୃଷ୍ଟିରେ ରୂପାନ୍ତରିତ କରି ଦେଇପାରିବ; ତାହାର ଏପରି ଏକ କେନ୍ଦ୍ର ରହିବ, ଯାହାକି ନିଜର ଯଥାର୍ଥ ସ୍ଥାନଟିରେ ଅବସ୍ଥିତ ରହିଥିବ, ଆପଣାର ସ୍ୱୀକୃତ ସ୍ଥାନଟିରେ ଅବସ୍ଥିତ ରହିଥିବ, ଏବଂ ତାହାର ଯଥାର୍ଥତଃ ଏକ ଫଳସମର୍ଥ ଶକ୍ତି ମଧ୍ୟ ରହିଥିବ ।

*(ମାଆ ନୀରବ ରହିଲେ)*

ଆପଣାର ପ୍ରତୀକାତ୍ମକ ଅର୍ଥ ଦ୍ୱାରା କାହାଣୀଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ତାତ୍ପର୍ଯ୍ୟ ହେଉଛି ଯେ, ଯାବତୀୟ ସମ୍ଭାବନା ମହଜୁଦ ରହିଛି, ସବୁପ୍ରକାରର କ୍ରିୟାତ୍ମକତା ବି ମହଜୁଦ ରହିଛି; ମାତ୍ର ଯାହାକିଛି ରହିଛି, ତାହା ଅତ୍ୟନ୍ତ ବିଶୃଙ୍ଖଳ ଏବଂ ଅସ୍ତବ୍ୟସ୍ତ ହୋଇ ରହିଛି । ସେଗୁଡ଼ିକର ପରସ୍ପର ସହିତ ଆଦୌ କୌଣସି ସମ୍ବନ୍ଧ ବା ସଙ୍ଗତି ନାହିଁ, କେନ୍ଦ୍ରସ୍ଥ ସତ୍ୟଟି ସହିତ ସେଗୁଡ଼ିକର କୌଣସି ଏକତ୍ୱ ସ୍ଥାପିତ ହୋଇ ନାହିଁ, ସେଗୁଡ଼ିକୁ

'oaob.nitrkl.ac.in' images reprocessed

କୌଣସି କେନ୍ଦ୍ର ଧାରଣ କରି ରଖି ନାହିଁ । କେନ୍ଦ୍ରସ୍ଥ ଚେତନା ଏବଂ ଇଚ୍ଛାଟି ସହିତ ସେଗୁଡ଼ିକର କୌଣସି ଏକତ୍ୱ ସ୍ଥାପିତ ହୋଇ ନାହିଁ । ବର୍ତ୍ତମାନ ଆମେ ଆମର ସେହି ମୂଳ ପ୍ରଶ୍ନଟିକୁ, ସାମୂହିକ ଯୋଗ ଏବଂ ତାହାର ଉପଲବ୍ଧି କରିବା ଲାଗି ସମର୍ଥ ହୋଇ ପାରୁଥିବା ସାମୂହିକତା ସମ୍ବନ୍ଧରେ ଏହି ପ୍ରଶ୍ନଟି ପାଖକୁ ଫେରି ଆସିବା । ଏବଂ ଏହି ସାମୂହିକତାଟି ପ୍ରକୃତରେ କିପରି ହୋଇଥିବା ଉଚିତ ?

ମଣିଷମାନେ ଯାଦୃଚ୍ଛିକ ଭାବରେ ଯେଉଁସବୁ ଗଠନର ନିର୍ମାଣ କରିଥା'ନ୍ତି, ଆମେ ଏହାକୁ କଦାପି ସେଭଳି ଗୋଟିଏ ଗଠନ ବୋଲି କହିପାରିବା ନାହିଁ । ମଣିଷମାନଙ୍କର ଏହିସବୁ ଗଠନରେ ସବୁକିଛିକୁ ଗୋଳିଆମୋଳିଆ କରି ଏକାଠି ମାଡ଼ି ଦିଆଯାଇଥାଏ, ସେଥିରେ କୌଣସି ଶୃଙ୍ଖଳା ନ ଥାଏ, କୌଣସି ବାସ୍ତବତା ମଧ୍ୟ ନ ଥାଏ । କେବଳ କେତେଟା ଭ୍ରାନ୍ତିମୂଳକ ସୂତ୍ର ଦ୍ୱାରାହିଁ ସମଗ୍ର ଜିନିଷଟିକୁ ଏକାଠି ବାନ୍ଧି ରଖାଯାଇଥାଏ । ସେହିଗୁଡ଼ିକର ପ୍ରତୀକରୂପେ ଆମେ ଏହି କାହାଣୀରେ ହୋଟେଲର ପାଚେରିଗୁଡ଼ିକୁ ଦେଖିବାକୁ ପାଇଲୁ । ଏବଂ ସାଧାରଣ ମନୁଷ୍ୟକୃତ ଗଠନଗୁଡ଼ିକର କ୍ଷେତ୍ରରେ– ଯଦି ଧର୍ମ ଦ୍ୱାରା ଅନୁପ୍ରେରିତ ହେଉଥିବା ଗୋଟିଏ ଗୋଷ୍ଠୀକୁ ଉଦାହରଣ ରୂପେ ନିଆଯାଏ,– ଏହାର ପ୍ରତୀକରୂପେ ଆମେ ମଠର କୋଠାବାଡ଼ି, ସମସ୍ତଙ୍କର ଏକାଭଳି ପରିଧାନ, ସମସ୍ତେ ପାଳନ କରୁଥିବା ଗୋଟିଏ ପ୍ରକାରର କର୍ମବିଧି ଏବଂ ଏପରିକି ସମସ୍ତେ ଅନୁସରଣ କରୁଥିବା ସେହି ଗୋଟିଏ ପ୍ରକାରର ଗତ୍ୟାତ୍ମକତା ଦେଖିବାକୁ ପାଇପାରିବା । ବର୍ତ୍ତମାନ ଏହି କଥାଟିକୁ ମୁଁ ଆଉଟିକିଏ ଅଧିକ ସ୍ପଷ୍ଟ କରି କହିଦେବି : ସମସ୍ତେ ସେହି ଗୋଟିଏ ପ୍ରକାରର ବସ୍ତ୍ର ପରିଧାନ କରୁଥିବେ, ସମସ୍ତେ ଏକାସମୟରେ ଉଠୁଥିବେ, ଏକା ଜିନିଷ ଖାଉଥିବେ ଏବଂ ଏକାଠି ବସି ସେହି ଏକା ପ୍ରାର୍ଥନାମାନ କରୁଥିବେ, ଇତ୍ୟାଦି, ଇତ୍ୟାଦି । ସେମାନଙ୍କର ସବୁ କଥାରେ ଏକ ସାଧାରଣ ଏକରୂପତା ରହିଥିବ । ଏବଂ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଭିତରେ ନାନା ପରିସ୍ଥିତିର ଏକ ଅରାଜକତାର ସୃଷ୍ଟି ହୋଇ ରହିଥିବ, ପ୍ରତ୍ୟେକ ବ୍ୟକ୍ତି ଆପଣା ରୀତିରେହିଁ ଯିବାରେ ଲାଗିଥିବେ; କାରଣ, ଏହି ଯେଉଁ ଏକରୂପତା ବିଶ୍ୱାସ ଏବଂ ଧର୍ମସୂତ୍ରଗୁଡ଼ିକୁ ବି ଏକରୂପ କରି ରଖିବାର ଅତିରିକ୍ତତା ଯାଏ ଗ୍ରାସ କରି ରହିଥିବ, ତାହାକୁ ଗୋଟାସୁଦ୍ଧା କେବଳ ଏକ ଭ୍ରାନ୍ତ ଏକରୂପତା ବୋଲିହିଁ କୁହାଯାଇ ପାରିବ ।

ମନୁଷ୍ୟମାନଙ୍କର କ୍ଷେତ୍ରରେ ସାମୂହିକତା କହିଲେ ଆମେ ସଚରାଚର ତାହାର ଏହିଭଳି ଏକ ପ୍ରକାର ଦେଖିବାକୁ ପାଉଥାଉ : ସେମାନେ ଗୋଷ୍ଠୀ ବାନ୍ଧି ରହିଥିବେ, ଏକ ସାଧାରଣ ଲକ୍ଷ୍ୟର ଚାରିପାଖରେ ଆବଦ୍ଧ ଓ ଏକତ୍ର ହୋଇ ରହିଥିବେ, ସେମାନଙ୍କର ଗୋଟିଏ ସାଧାରଣ କାର୍ଯ୍ୟକ୍ରମ ଥିବ, ଏକ ସାଧାରଣ ଉପଲବ୍ଧି ରହିଥିବ;– ମାତ୍ର ସବୁକିଛି

'oaob.nitrkl.ac.in' images reprocessed

ସଂପୂର୍ଣ୍ଣ ଭାବରେ ବଡ଼ କୃତ୍ରିମ ହୋଇ ରହିଥିବ । ଏହାରି ଠିକ୍ ବିପରୀତ ସାମୂହିକତାର ସୂଚନା ଦେବାକୁ ଯାଇ ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଏକ ପ୍ରକୃତ ଗୋଷ୍ଠୀ,– ତାହାକୁ ସେ ବିଜ୍ଞାନ ଦ୍ୱାରା ପ୍ରେରିତ ଏକ ଗୋଷ୍ଠୀ ବା ଏକ ଅତିମାନସ ଗୋଷ୍ଠୀ ବୋଲି କହିଛନ୍ତି,– କେବଳ ସେଥିରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅନ୍ତର୍ଗତ ଉପଲବ୍ଧିକୁ ଭିତ୍ତି କରିହିଁ ତିଷ୍ଠି ରହିପାରିବ । ସେହି ଗୋଷ୍ଠୀରେ ଥିବା ପ୍ରତ୍ୟେକ ବ୍ୟକ୍ତି ଗୋଷ୍ଠୀର ଅନ୍ୟ ସମସ୍ତ ସଦସ୍ୟମାନଙ୍କ ସହିତ ଆପଣାର ଯଥାର୍ଥ ଓ ମୂର୍ତ୍ତ ଏକତା ତଥା ଏକାତ୍ମକତାଟିକୁ ଉପଲବ୍ଧି କରିବାରେ ଲାଗିଥିବ; ଅର୍ଥାତ୍ ସେଠି ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କ ସହିତ ଯେକୌଣସି ପ୍ରକାରେ ଏକାଠି ଗଣ୍ଠା ହୋଇ ରହିଥିବା କେବଳ ଜଣେ ସଦସ୍ୟ ବୋଲି ଆପଣାକୁ ଭାବିବ ନାହିଁ; ମାତ୍ର ସେ ସମସ୍ତଙ୍କୁ ପ୍ରକୃତରେ ଗୋଟିଏ ବୋଲି ଭାବିବ, ତା' ନିଜ ଭିତରେହିଁ ସମସ୍ତେ ଏକାଠି ହୋଇ ରହିଛନ୍ତି ବୋଲି ଅନୁଭବ କରିବ । ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ପାଇଁ ଅନ୍ୟମାନେ ତା' ନିଜ ଶରୀର ପରିହିଁ ନିଜର ହୋଇ ରହିଥିବେ, ତା'ଠାରୁ ଅଭିନ୍ନ ହୋଇ ରହିଥିବେ । କେବଳ ମାନସିକ ସ୍ତରରେ ନୁହେଁ ବା କୌଣସି ପ୍ରକାର କୃତ୍ରିମ ଭାବରେ ନୁହେଁ, ମାତ୍ର ଚେତନାର ସତ୍ୟଭୂମିରେ ଏବଂ ଏକ ଅନ୍ତର୍ଗତ ଉପଲବ୍ଧି ଦ୍ୱାରାହିଁ ସେମାନେ ତା'ଠାରୁ ଅଭିନ୍ନ ହୋଇ ରହିଥିବେ ।

(*ମାଆ ନୀରବ ରହିଲେ*)

ତାହାର ଅର୍ଥ ହେଉଛି ଯେ, ଏହି ବିଜ୍ଞାନମୟ ସ୍ତରର ସାମୂହିକତାକୁ ଅର୍ଜନ କରିବା ଲାଗି ଆଶା କରିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିକୁ ଏକ ବିଜ୍ଞାନମୟ ସତ୍ତାରେ ପରିଣତ ହେବାକୁ ହେବ, ଅନ୍ତତଃ ତାହାହିଁ ହେବାଲାଗି ଆରମ୍ଭ କରିବାକୁ ପଡ଼ିବ । ଏଥିରେ ଆଦୌ କୌଣସି ସନ୍ଦେହ ରହିବା ଉଚିତ ନୁହେଁ; ବ୍ୟକ୍ତିର ଉପଲବ୍ଧି-କାର୍ଯ୍ୟଟି ଆଗେ ଆଗେ ଯିବ ଏବଂ ସମୂହର କାର୍ଯ୍ୟଟି ତାହାର ଅନୁସରଣ କରିବ । ମାତ୍ର ପ୍ରକୃତ କ୍ଷେତ୍ରରେ ଏହିପରି ଘଟିଥାଏ ଯେ,– ଏବଂ ଏହା ସତେଅବା ଭାରି ସ୍ୱାଭାବିକ ଭାବରେ, ଇଚ୍ଛାଶକ୍ତିର କ୍ଷେତ୍ରରେ କୌଣସି ପ୍ରକାର ଯାଦୃଚ୍ଛିକ ହସ୍ତକ୍ଷେପ ନ ହୋଇ ମଧ୍ୟ ଘଟିଥାଏ,– ବ୍ୟକ୍ତିଗତ ଅଗ୍ରଗତିକୁ ସାମୂହିକ ସ୍ଥିତି ସବୁବେଳେ ଆପଣାର ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଥାଏ, ଏପରି କୁହାଯାଇ ପାରିବ ଯେ, ତାହାକୁ ପଛକୁ ଟାଣି ରଖିବା ଲାଗିହିଁ ଉଦ୍ୟମ କରୁଥାଏ । ବ୍ୟକ୍ତି ଏବଂ ସମୂହ ମଧ୍ୟରେ ଏପରି ଏକ ପରସ୍ପର-ନିର୍ଭରଶୀଳତା ଅବଶ୍ୟ ରହିଛି, ଯେଉଁଥିରୁ କି କେହି ଆପଣାକୁ କଦାପି ସଂପୂର୍ଣ୍ଣ ଭାବରେ ମୁକ୍ତ କରିପାରିବ ନାହିଁ, ଚେଷ୍ଟା କଲେ ମଧ୍ୟ ପାରିବ ନାହିଁ । ଏପରିକି, ଯେଉଁ ବ୍ୟକ୍ତି ଏହି ଯୋଗର ମାର୍ଗରେ ରହି ଆପଣାକୁ

'oaob.nitrkl.ac.in' images reprocessed

ଏହି ପାର୍ଥିବ ଓ ମନୁଷ୍ୟସ୍ତରୀୟ ଚେତନା ମଧ୍ୟରୁ ମୁକ୍ତ କରିବା ଲାଗି ଚେଷ୍ଟା କରିଥିବ, ସିଏ ବି ଅନ୍ତତଃ ତା'ର ଅବଚେତନର ଭୂମିରେ ମଧ୍ୟ ତଥାପି ସେଇଟି ସହିତ ବାନ୍ଧି ହୋଇ ପଡ଼ିଥିବ, ମନୁଷ୍ୟ-ସମୂହ ସହିତ ବାନ୍ଧିହୋଇ ରହିଥିବ । ସମୂହ ତା' ଲାଗି ଗୋଟିଏ ବ୍ରେକ୍ ପରି କାମ କରୁଥିବ ଓ ତାକୁ ପ୍ରକୃତରେ ପଛଆଡ଼କୁ ଟାଣିବାରେ ଲାଗିଥିବ । ଜଣେ ଇଚ୍ଛା କଲେ ହୁଏତ ଅପେକ୍ଷାକୃତ ଅଧିକ ବେଗରେ ଯିବା ଲାଗି ଚେଷ୍ଟା କରୁଥିବ, ସକଳ ବନ୍ଧନ ଏବଂ ଦାୟିତ୍ୱର ଭାରକୁ ପକାଇ ଦେଇ ଚାଲିଯିବାକୁ ଚେଷ୍ଟା କରୁଥିବ; ମାତ୍ର ସବୁକିଛି କରିବା ସତ୍ତ୍ୱେ ବି ତାହାର ଉପଲବ୍ଧି ସମଗ୍ରଟିର ଉପଲବ୍ଧି ଉପରେହିଁ ନିର୍ଭରଶୀଳ ହୋଇ ରହିଥିବ, ଏହି ପୃଥିବୀର ସାମୂହିକ ସ୍ଥିତି ଉପରେହିଁ ନିର୍ଭରଶୀଳ ହୋଇ ରହିଥିବ; ଏପରିକି, ଯିଏ ଏକାବେଳେକେ ଶିଖରଦେଶରେ ମଧ୍ୟ ପହଞ୍ଚିଯାଇ ପାରିଥିବ ଓ ବିବର୍ତ୍ତନତାତ୍ମକ ଅଗ୍ରଗତିରେ ଯିଏ ଏକାବେଳେକେ ସର୍ବପ୍ରଥମ ସ୍ଥାନରେ ଯାଇ ରହିଥିବ, ତାହାର ଉପଲବ୍ଧି ମଧ୍ୟ ଠିକ୍ ସେହିପରି ନିର୍ଭରଶୀଳ ହୋଇ ରହିଥିବ । ଏବଂ ବସ୍ତୁତଃ ତାହାହିଁ ପଛକୁ ଟାଣି ଆଣୁଥିବ; ଏତେ ପଛକୁ ଟାଣି ଆଣୁଥିବ ଯେ, ବେଳେବେଳେ ସମସ୍ତ ପୃଥିବୀ ପ୍ରସ୍ତୁତ ହୋଇପାରିବା ପର୍ଯ୍ୟନ୍ତ ତାକୁ ହୁଏତ ଶତାବ୍ଦୀ ଶତାବ୍ଦୀ ଅପେକ୍ଷା କରିବାକୁ ପଡ଼ିବ, ଏବଂ ତେବେଯାଇ, ଯାହା ଉପଲବ୍ଧି କରିବାର କଥା, ସିଏ ତାହାର ଉପଲବ୍ଧି କରିପାରିବ ।

ଏବଂ ସେହି କାରଣରୁହିଁ ଶ୍ରୀଅରବିନ୍ଦ ଆଉଗୋଟିଏ ଜାଗାରେ କହିଛନ୍ତି ଯେ, ଏହି କ୍ଷେତ୍ରରେ ଦୁଇଆଡ଼ୁହିଁ ଏକ ଅଗ୍ରଗତିର ଆବଶ୍ୟକତା ରହିଛି; ବ୍ୟକ୍ତିଗତ ଅଗ୍ରଗତି ଏବଂ ଉପଲବ୍ଧି ଲାଗି ପ୍ରୟାସଟି ସମଗ୍ର ମାନବସମୂହକୁ ଉପରକୁ ଉଠାଇବା ଏବଂ ବ୍ୟକ୍ତିର ବୃହତ୍ତର ଅଗ୍ରଗତିଟି ଲାଗି ତା'ର ଯେଉଁ ଅଗ୍ରଗତି-ସାଧନ ଏକାନ୍ତ ଅପରିହାର୍ଯ୍ୟ, ତାକୁ ସେଇଟିକୁ କରିପାରିବାର ସମର୍ଥ କରାଇବାର ଅନ୍ୟ ପ୍ରୟାସଟି ସହିତ ସଂଯୁକ୍ତ ହୋଇ ରହିବାର ଆବଶ୍ୟକତା ରହିଛି । ଏହାକୁ ଆମେ ଏକ ସାମୂହିକ ଅଗ୍ରଗତି ବୋଲି ବେଶ୍ କହିପାରିବା ଏବଂ ସେହି ଅଗ୍ରଗତିହିଁ ବ୍ୟକ୍ତିକୁ ଆଉଗୋଟିଏ ପହଣ୍ଡ ଆଗକୁ ପକାଇବା ଲାଗି ପ୍ରକୃତରେ ବାଟ ଛାଡ଼ିଦେବ ।

ଏବଂ ବର୍ତ୍ତମାନ ତୁମକୁ ମୁଁ ଏହି କଥାଟି କହିବି ଯେ, ଠିକ୍ ସେହି କାରଣରୁହିଁ କିଛି ସାମୂହିକ ଧ୍ୟାନର କାର୍ଯ୍ୟକ୍ରମ ରଖିବା ଦ୍ୱାରା ତାହା ଉପଯୋଗୀ ହେବ ବୋଲି ମୁଁ ଭାବିବାକୁ ଲାଗିଲି । ଗତ ରାତ୍ରିରେ ମୁଁ ଯେଉଁ ପ୍ରକାଣ୍ଡ ହୋଟେଲଟିକୁ ଦେଖିଥିଲି, ତା'ଠାରୁ ଟିକିଏ ଅଧିକ ବ୍ୟବସ୍ଥିତ ହୋଇ ରହିଥିବା ଏକ ସାଧାରଣ ବାତାବରଣ ଯେପରି ସୃଷ୍ଟି ହୋଇପାରିବ, ମୁଁ ସେଇଥିଲାଗି ସାମୂହିକ ଧ୍ୟାନର ଏକ ଆବଶ୍ୟକତା ରହିଛି ବୋଲି ଭାବିଲି ।

'oaob.nitrkl.ac.in' images reprocessed

ତେଣୁ, ଏହିସବୁ ଧ୍ୟାନ ଦ୍ୱାରା ସର୍ବୋତ୍ତମ ଭାବରେ ଉପକୃତ ହୋଇ ପାରିବାକୁ ହେଲେ,– ଏଗୁଡ଼ିକ ଏଣିକି ଆହୁରି ଅଧିକଥର କରାଯାଇ ପାରିବ, କାରଣ ଆମେ ଏଥର "ବିତରଣ" ର କାର୍ଯ୍ୟକ୍ରମଟି ସ୍ଥାନରେ କିଛି ସମୟ ଧ୍ୟାନ କରିବାର ଏକ କାର୍ଯ୍ୟକ୍ରମ ବି ଆରମ୍ଭ କରିବାକୁ ଯାଉଛୁ,– ଆମକୁ ଭିତରକୁ ଯିବାକୁ ପଡ଼ିବ, ନିଜ ସତ୍ତାର ଗଭୀରତାଗୁଡ଼ିକ ମଧ୍ୟରେ ଯାଇ ପ୍ରବେଶ କରିବାକୁ ପଡ଼ିବ, ଯେତେଦୂର ସମ୍ଭବ, ସେତେ ଅଧିକ ଗଭୀରକୁ ଯାଇପାରିବାକୁ ହେବ ଏବଂ ସେଠାରେ ଏପରି ଏକ ସ୍ଥାନ ଆବିଷ୍କାର କରିବାକୁ ହେବ ଯେଉଁଠାରେ କି ଆମେ ଏକତ୍ୱର ଏକ ବାତାବରଣକୁ ଅନୁଭବ କରିପାରିବା, ସେହି ବିଷୟରେ ସଜ୍ଞାନ ହୋଇପାରିବା ଓ ଏପରିକି ସେହିପରି ଏକ ବାତାବରଣର ସୃଷ୍ଟି ମଧ୍ୟ କରିପାରିବା । ଏକତ୍ୱର ସେହି ବାତାବରଣଟି ମଧ୍ୟରେ ଶୃଙ୍ଖଳା ତଥା ସଂଗଠନ ଲାଗି ରହିଥିବା ଏକ ଶକ୍ତି ପ୍ରତ୍ୟେକ ଉପାଦାନକୁ ତାହାର ଯଥାର୍ଥ ସ୍ଥାନରେ ନେଇ ରଖିବା ଲାଗି ସମର୍ଥ ହେଉଥିବ ଏବଂ ବର୍ତ୍ତମାନର ଏହି ଅରାଜକତା ମଧ୍ୟରୁ ଏକ ପରସ୍ପର-ସମ୍ବନ୍ଧିତ ନୂତନ ପୃଥିବୀ ସମୁତ୍ଥିତ ହୋଇ ଆସିବାରେ ସହାୟକ ହୋଇପାରିବ । ବାସ୍, ଆଜି ସେତିକି ଥାଉ ।

'oaob.nitrkl.ac.in' images reprocessed

## ୯ ଜୁଲାଇ ୧୯୫୭

ଏକ ବ୍ୟତିକ୍ରମ ରୂପେ ମଙ୍ଗଳବାର ଦିନ ଧ୍ୟାନ ପୂର୍ବରୁ ପିଲାମାନଙ୍କ ଲାଗି ଏହି ପ୍ରବଚନଟି ଦିଆଯାଇଥିଲା ।

ଆମ ସାଧନା ଲାଗି ଆମେ ବିଧିବଦ୍ଧ ଭାବରେ ନିଜକୁ ପ୍ରସ୍ତୁତ କରିବାକୁ ଯାଉଛୁ ବୋଲି ଥରେ ମୁଁ କହିଥିଲି ।... ଏଥିମଧ୍ୟରୁ ଗୋଟିଏ କଥା ବିଷୟରେ ମୁଁ ଆଗରୁ ବି ଅନେକ ଜୋର୍ ଦେଇ କହିଛି, ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ତୁମମାନଙ୍କ ଭିତରେ ତାହାର ଖୁବ୍‌ବେଶୀ ଫଳ ଆଦୌ ଦେଖିବାକୁ ମିଳି ନାହିଁ । ତେଣୁ ମୁଁ ଭାବିଲି ଯେ ଆଜି ସେହି ବିଷୟଟିରୁହିଁ କଥା ଆରମ୍ଭ କଲେ ପ୍ରକୃତରେ ଭାରି ଭଲ ହେବ, କାରଣ ତାହା ତୁମମାନଙ୍କୁ ଏକ ଭବିଷ୍ୟତ ସାଧନା ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବ ।

"ବାକ୍ୟରେ ସଂଯମ ରଖି ନ ପାରିବା ଦ୍ୱାରା ଯେଉଁ କ୍ଷତି ହୁଏ",– ତେଣୁ ଆଜି ସନ୍ଧ୍ୟାରେ ଏହି କଥାଟି ଆମ ଧ୍ୟାନର ବିଷୟ ହୋଇ ରହିବ ।

ମୁଁ ତୁମକୁ ଅନେକ ସମୟରେ କହିଛି ଯେ କୌଣସି ଉପଯୋଗିତା ନ ଥାଇ ଯେଉଁ କଥା କୁହାଯାଏ, ତାହାର ପ୍ରତ୍ୟେକଟି ଶବ୍ଦକୁ ଆମେ କେବଳ ବିପଜ୍ଜନକ ବକରବକର ହେବା ବୋଲିହିଁ କହିବା । ମାତ୍ର ଏଠାରେ ତ ଅବସ୍ଥାଟି ତା'ର ଶେଷ ସୀମାରେ ଆସି ପହଞ୍ଚି ଗଲାଣି;– ଏପରି ଅନେକ କଥା ରହିଛି, ଯାହାକୁ କି ଏଠାରେ କୁହାଯାଇଛି, ଥରଥର କରି କେତେଥର କୁହାଯାଇଛି, ମନୁଷ୍ୟସମାଜକୁ ନିର୍ଦ୍ଦୋଷ କରି ଗଢ଼ିବାକୁ ଉଦ୍ୟମ କରିଥିବା ବ୍ୟକ୍ତିମାନେ ସେହି କଥାଟିରହିଁ ପୁନରାବୃତ୍ତି କରିଛନ୍ତି; ମାତ୍ର ଦୁର୍ଭାଗ୍ୟବଶତଃ ତାହାର ବେଶୀ କିଛି ଫଳ ହୋଇ ନାହିଁ । ଏଠାରେ ମୁଁ ବିଦ୍ୱେଷମୂଳକ କଥାବାର୍ତ୍ତା କରିବା ବିଷୟରେ କହୁଛି, ନିନ୍ଦାତ୍ମକ ଅପବାଦ ରଟନା କରିବା ବିଷୟରେହିଁ କହୁଛି । ଅନ୍ୟମାନଙ୍କ ବିଷୟରେ କୁତ୍ସାପ୍ରଚାର କରି ଯେଉଁ ଆନନ୍ଦ ମିଳେ, ମୁଁ ତାହାରି ବିଷୟରେ କହୁଛି । ଯିଏ ଏହି ଜାତୀୟ ସଂଯମହୀନତା ଲାଗି ଆପଣାକୁ ପ୍ରଶ୍ରୟ ଦିଏ, ସିଏ ଆପଣାର ଚେତନାଟିକୁହିଁ ଦୂଷିତ କରିପକାଏ; ଏବଂ, ଯେତେବେଳେ ଏହି ସଂଯମହୀନତା ସହିତ ଅଶିଷ୍ଟ ଭାବରେ କଳହ କରିବା ଆସି ମିଶିଯାଏ ଏବଂ ନାନା କର୍କଶ ଭାଷାର ପ୍ରୟୋଗ ହେବାକୁ ଲାଗେ, ସେତେବେଳେ ତାହାକୁ ପ୍ରକୃତରେ ଆତ୍ମଘାତିତା ବୋଲିହିଁ କହିବାକୁ ହେବ, ନିଜ ଭିତରେ ସଂଘଟିତ ହେଉଥିବା ଏକ ଆଧ୍ୟାତ୍ମିକ ଆତ୍ମଘାତିତା ବୋଲି କହିବାକୁ ହେବ ।

'oaob.nitrkl.ac.in' images reprocessed

ମୁଁ ଏହି କଥାଟି ଉପରେ ପୁନର୍ବାର ଜୋର୍ ଦେଇ କହୁଛି ଏବଂ ଦୃଢ଼ ଭାବରେ ନିବେଦନ କରୁଛି ଯେ ତୁମେମାନେ ଏହି କଥାଟିକୁ ଅତ୍ୟନ୍ତ ଗମ୍ଭୀର ଭାବରେ ଗ୍ରହଣ କରିବ ।

(*ସମସ୍ତେ ଧ୍ୟାନରେ ବସିଲେ*)

'oaob.nitrkl.ac.in' images reprocessed

## ୧୦ ଜୁଲାଇ ୧୯୫୭

"ହୁଏତ ଏପରି ହୋଇପାରେ ଯେ ବିବର୍ତ୍ତନାତ୍ମକ ପ୍ରବଳ ଆକାଙ୍‌କ୍ଷାଟି ସ୍ଥୂଳ ଇନ୍ଦ୍ରିୟଗୁଡ଼ିକରେ ଏକ ପରିବର୍ତ୍ତନ ସମ୍ଭବ କରିବା ଦିଗରେ ମଧ୍ୟ ଅଗ୍ରସର ହୋଇପାରେ । ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର କ୍ରିୟାଶୀଳତା ଏବଂ ବ୍ୟବହାରର କ୍ଷେତ୍ରରେ ତାହା ଏକ ପରିବର୍ତ୍ତନ ଆଣିପାରେ ଏବଂ ସେଗୁଡ଼ିକ କାର୍ଯ୍ୟକାରୀ ହେବାର ଆବଶ୍ୟକତାଟିକୁ ବି ଅନେକ ପରିମାଣରେ ଊଣା କରି ଆଣିପାରେ ଅଥବା ସେଗୁଡ଼ିକର ଅସ୍ତିତ୍ୱ ଲାଗି ବର୍ତ୍ତମାନ ଯେଉଁ ଆବଶ୍ୟକତା ରହିଛି, ସେଇଟିକୁ ମଧ୍ୟ ଊଣା କରିଦେଇପାରେ । ସେତେବେଳେ ସୂକ୍ଷ୍ମ ଶରୀରର କେନ୍ଦ୍ରଗୁଡ଼ିକ ବିଷୟରେ ମଧ୍ୟ ଏକ ସଚେତନତା ଏବଂ ସଜ୍ଞାନତା ସମ୍ଭବ ହୋଇ ଆସିବ, ଭିତରେ କାର୍ଯ୍ୟ କରୁଥିବା ସେଗୁଡ଼ିକ ଆପଣାର ଶକ୍ତିଗୁଡ଼ିକୁ ସ୍ଥୂଳ ସ୍ନାୟୁମଣ୍ଡଳ, ଚକ୍ର ଏବଂ ତନ୍ତୁ ମଧ୍ୟକୁ ଅଜାଡ଼ି ଦେବାକୁ ଆରମ୍ଭ କରିବେ ଏବଂ ସମଗ୍ର ସ୍ଥୂଳ ଶରୀରଟି ମଧ୍ୟଦେଇ ସେଗୁଡ଼ିକୁ ବିକୀର୍ଣ୍ଣ କରିଦେଉଥିବେ । ଏହି ନୂତନ ଅସ୍ତିତ୍ୱର ସମ୍ଭାବନାଟି ଉନ୍ମୋଚିତ ହୋଇଗଲେ ଭୌତିକ ଜୀବନଧାରଣର ସମୁଦାୟ କ୍ଷେତ୍ରଟି ଏବଂ ତାହାର ଆବଶ୍ୟକ କ୍ରିୟାଚୟ ଏହି ଉଚ୍ଚତର ଉଦ୍‌ପ୍ରେରକଗୁଡ଼ିକ ଦ୍ୱାରା ପରିପାଳିତ ହେବେ, ସେହିଗୁଡ଼ିକ ଦ୍ୱାରାହିଁ କାର୍ଯ୍ୟକାରୀ ହେବେ; ଅପେକ୍ଷାକୃତ ଅଧିକ ମୁକ୍ତ ଭାବରେ ଏବଂ ଅଧିକ ବୈପୁଲ୍ୟ ସହିତ ଏବଂ ଅପେକ୍ଷାକୃତ ଅଧିକ କମ୍ ଭାରାକ୍ରାନ୍ତ ଏବଂ ନିଷେଧଧର୍ମୀ ଏକ ପ୍ରଣାଳୀ ଦ୍ୱାରା ସେଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଲାଗିବେ । ଏହି ପ୍ରକ୍ରିୟାଟି କ୍ରମେ ହୁଏତ ଏତେ ଅଧିକ ଦୂର ଅଗ୍ରସର ହୋଇଯାଇ ପାରିବ ଯେ ସେତେବେଳେ ଏହି ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଆଉ କଦାପି ଅପରିହାର୍ଯ୍ୟ ହୋଇ ରହିବେ ନାହିଁ ଏବଂ ହୁଏତ ଅତିରିକ୍ତ ପରିମାଣରେ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରୁଥିବା ପରି ଅନୁଭୂତ ବି ହେବେ । କେନ୍ଦ୍ରସ୍ଥ ଶକ୍ତି ସେଗୁଡ଼ିକୁ ହୁଏତ ଅଧିକରୁ ଅଧିକ କମ୍ ବ୍ୟବହାର କରିବାକୁ ବାଧ୍ୟ ହେବ ଏବଂ ଶେଷକୁ ସେଗୁଡ଼ିକର ଯାବତୀୟ ନିୟୋଗରୁ ଆପଣାକୁ ପୂର୍ଣ୍ଣତୟା ମୁକ୍ତ କରି ଆଣିବ । ଯଦି ଏହିପରିହିଁ ଘଟେ, ତେବେ ସେହି ଇନ୍ଦ୍ରିୟଗୁଡ଼ିକ କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଶେଷରେ କ୍ଷୟପ୍ରାପ୍ତ ହୋଇଯିବେ । କ୍ରମଶଃ ଏକ ତାତ୍ପର୍ଯ୍ୟହୀନ ସର୍ବନିମ୍ନ ସ୍ତରକୁ କ୍ଷୟପ୍ରାପ୍ତ ହୋଇ

'oaob.nitrkl.ac.in' images reprocessed

ଆସିବେ ବା ଏପରିକି ଅନ୍ତର୍ହିତ ବି ହୋଇଯାଇ ପାରିବେ । ସେଗୁଡ଼ିକର ବିକଳ୍ପରୂପେ କେନ୍ଦ୍ରସ୍ଥ ଶକ୍ତି ଏକାନ୍ତ ଭିନ୍ନ ପ୍ରକୃତିର ଅନ୍ୟ ସୂକ୍ଷ୍ମ ଇନ୍ଦ୍ରିୟଗୁଡ଼ିକୁ କାମରେ ଲଗାଇବ, ବା ଜଡ଼ସ୍ତରୀୟ କୌଣସି ବସ୍ତୁର ପ୍ରୟୋଜନ ହେଲେ, ଏପରି ଅନେକ ସାଧନକୁ ବ୍ୟବହାର କରିବ, ଯାହାକି, ବର୍ତ୍ତମାନ ଇନ୍ଦ୍ରିୟ କହିଲେ ଆମେ ଯାହାକିଛି ବୁଝୁଛୁ, ସେପରି କଦାପି ହୋଇ ରହିବେ ନାହିଁ ଓ ଅଧିକତର ପରିମାଣରେ ଗତିଶୀଳତାର ଗୋଟିଏ ଗୋଟିଏ ରୂପ ହୋଇ ରହିବେ ଅଥବା ଅତ୍ୟନ୍ତ ନମନୀୟ ଗୋଟିଏ ଗୋଟିଏ ସଂଚାରଣକାରୀ ଯନ୍ତ୍ର ହୋଇ ରହିବେ । ଏଇଟି ହୁଏତ ଏକ ସର୍ବୋଚ୍ଚସ୍ତରୀୟ ସମଗ୍ର ଶାରୀରିକ ରୂପାନ୍ତରର ଅଂଶ ହୋଇ ରହିଥିବ; ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଏହାକୁହିଁ କଦାପି ସର୍ବଶେଷ ବିବର୍ତ୍ତିତ ଅବସ୍ଥା ବୋଲି କହି ହେବ ନାହିଁ । ଏହିସବୁ ପରିବର୍ତ୍ତନ ହେବ ବୋଲି ଆପଣାର ଦୃଷ୍ଟି ସମକ୍ଷରେ ଅନୁଭବ କରି ପାରିବାକୁ ହେଲେ ଆମକୁ ଅନେକ ଓ ସୁଦୀର୍ଘ ଏକ ପୁରୋଦୃଷ୍ଟିର ସାମର୍ଥ୍ୟ ଅର୍ଜନ କରିବାକୁ ପଡ଼ିବ; ଏବଂ ଯେଉଁସବୁ ମନ ବସ୍ତୁଗୁଡ଼ିକର ବର୍ତ୍ତମାନ ସ୍ଥିତିଟି ସହିତ ଜଡ଼ିତ ହୋଇ ରହିଛନ୍ତି, ସେଗୁଡ଼ିକ ହୁଏତ ସେଗୁଡ଼ିକର ସମ୍ଭାବନା ବିଷୟରେ ବିଶ୍ୱାସହିଁ କରିପାରିବେ ନାହିଁ । ବିବର୍ତ୍ତନ ଲାଗି ରହିଥିବା ପ୍ରବଳ ଆକାଙ୍‌କ୍ଷାଟି ଉପରେ କୌଣସି ପ୍ରୟୋଜନସିଦ୍ଧ ପରିବର୍ତ୍ତନର ଏପରି ଆଦୌ କୌଣସି ସୀମା ବା ଅସମ୍ଭବତାକୁ ଆଣି ଲଦି ଦିଆଯାଇପାରିବ ନାହିଁ ।... ଯାହାକୁ ଅତିକ୍ରମ କରି ଚାଲିଯିବାକୁହିଁ ପଡ଼ିବ, ଯାହାର ଆଉ କୌଣସି ପ୍ରୟୋଜନ ନାହିଁ ବା ଯାହା ନିମ୍ନକୁ ସ୍ଖଳିତ ହୋଇ ଆସିଛି, ଯାହା ଆଉ କୌଣସି ସହାୟତା କରୁ ନାହିଁ ବା ଅଗ୍ରଗତିରେ ବାଧା ସୃଷ୍ଟି କରୁଛି, ତାହାକୁ ଅବଶ୍ୟ ବର୍ଜନ କରାଯାଇ ପାରିବ ବା ରାସ୍ତାରେ ପଛରେ ଛାଡ଼ି ଦେଇ ଆସି ହେବ । ଅତି ପ୍ରାଥମିକ ସ୍ତରରୁ ତାହାର ସର୍ବାଧିକ ବିକଶିତ ପ୍ରକାରଟି ପର୍ଯ୍ୟନ୍ତ ଅର୍ଥାତ୍ ମନୁଷ୍ୟସ୍ତର ପର୍ଯ୍ୟନ୍ତ ଶରୀରର ବିବର୍ତ୍ତନଗତ ଇତିହାସରେ ଆମକୁ କେବଳ ତାହାରହିଁ ପ୍ରମାଣ ମିଳିଛି । ଏବଂ, ମନୁଷ୍ୟର ଶରୀରସ୍ତରରୁ ଦିବ୍ୟ ଶରୀରକୁ ଏହି ପରିବର୍ତ୍ତନ ଘଟୁଥିବାର ପ୍ରକ୍ରିୟାଟିରେ ମଧ୍ୟ କାହିଁକି ଠିକ୍ ସେହି ନିୟମଟି ଆପଣାକୁ କାର୍ଯ୍ୟକାରୀ ନ କରିବ, ତାହାର ଆଦୌ କୌଣସି କାରଣ ନାହିଁ । ଏହି ପୃଥିବୀରେ ଏକ ଦିବ୍ୟ ଶରୀରର ରୂପାୟଣ ବା ନିର୍ମାଣ ସକାଶେ, ପ୍ରାଥମିକ ସୋପାନରେ ଆଗ ଏକ ରୂପାନ୍ତରକୁ ସମ୍ଭବ ହେବାକୁ ପଡ଼ିବ; ଏକ ନୂତନ, ବୃହତ୍ତର ଏବଂ ଅପେକ୍ଷାକୃତ ଅଧିକ ବିକଶିତ ପ୍ରକାରର

'oaob.nitrkl.ac.in' images reprocessed

*ଆବିର୍ଭାବ ହେବ । ବର୍ତ୍ତମାନର ଏହି ଦେହର ଆକାରରେ ଏଠିସେଠି କେତେଟା ପରିବର୍ତ୍ତନ ସହିତ ସେହି ପୁରୁଣାଟାହିଁ କଦାପି ବିଦ୍ୟମାନ ରହିବ ନାହିଁ, ଆପଣାର ଅତିସୀମିତ ସମ୍ଭାବନାଗୁଡ଼ିକ ସହିତ ସେଇଟା ଆଉ କଦାପି ତିଷ୍ଠି ରହିପାରିବ ନାହିଁ ।"*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା. ୩୮-୩୯

ଜୀବନର ପୁରାତନ ଅଭ୍ୟାସଗୁଡ଼ିକରୁ ମୁକ୍ତ ହେବା ଓ ସଂପୂର୍ଣ୍ଣ ମୁକ୍ତ ଭାବରେ ଏକ ନୂତନ ଜୀବନ ଓ ନୂତନ ପୃଥିବୀର କଳ୍ପନା କରିପାରିବା ପ୍ରକୃତରେ ବଡ଼ କଷ୍ଟକର । ଏବଂ, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଚେତନାର ସର୍ବୋଚ୍ଚ ସୋପାନଗୁଡ଼ିକରେହିଁ ଏହି ବନ୍ଧନମୋଚନର କାର୍ଯ୍ୟଟି ଆରମ୍ଭ ହୋଇଥାଏ : ପ୍ରାଣିକ ସତ୍ତାଟିର ତୁଳନାରେ ମନ ବା ଉଚ୍ଚତର ବୁଦ୍ଧି ପକ୍ଷରେ ନୂତନ ବସ୍ତୁଗୁଡ଼ିକର କଳ୍ପନା କରିପାରିବା, ଉଦାହରଣ ସ୍ୱରୂପ, ବସ୍ତୁଗୁଡ଼ିକୁ ଏକ ନୂତନ ପ୍ରକାରରେ ଅନୁଭବ କରିବା ପ୍ରକୃତରେ ଅପେକ୍ଷାକୃତ ଅଧିକ ସହଜ । ଏବଂ ଏକ ନୂତନ ପୃଥିବୀ କିପରି କ'ଣ ହେବ, ସଂପୂର୍ଣ୍ଣ ସ୍ଥୂଳ ଓ ମୂର୍ତ୍ତ ଭାବରେ ତାହାର କଳ୍ପନା କରିପାରିବା ଶରୀର ପକ୍ଷରେ ନିଶ୍ଚୟ ଆହୁରି ଅଧିକ କଷ୍ଟସାଧ୍ୟ । ମାତ୍ର ଏକଥା ନିଃସନ୍ଦେହ ଯେ, ଭୌତିକ କ୍ଷେତ୍ରରେ ଯାବତୀୟ ରୂପାନ୍ତର ଘଟିବା ପୂର୍ବରୁହିଁ ଏହିପରି ବୋଧ ଏବଂ କଳ୍ପନାକୁ ସମ୍ଭବ ହେବାକୁ ପଡ଼ିବ । ପୁରାତନ ବସ୍ତୁଗୁଡ଼ିକ ଯେ ପ୍ରକୃତରେ ବଡ଼ ବିଚିତ୍ର ହୋଇ ରହିଛନ୍ତି, ବା, ଏପରି ବି କୁହାଯାଇପାରେ, ସେଗୁଡ଼ିକର ଯେ ଆଉ ଯଥେଷ୍ଟ ସଂଗତି ନାହିଁ, ଆମକୁ ଅତ୍ୟନ୍ତ ମୂର୍ତ୍ତ ଭାବରେହିଁ ସେହି କଥାଟିକୁ ଅନୁଭବ କରିପାରିବାକୁ ହେବ । ସେଗୁଡ଼ିକର ଯେ ଦିନ ଚାଲିଗଲାଣି, ସେମାନେ ଯେ ବର୍ତ୍ତମାନ ଏପରି ଏକ ଅତୀତର ସମ୍ପତ୍ତି ହୋଇ ରହିଛନ୍ତି, ଯାହାର କି ଆଉ କୌଣସି ଉଦ୍ଦେଶ୍ୟହିଁ ନାହିଁ, ଆମକୁ ଏହି କଥାଟିକୁ ଅବଶ୍ୟ ଅନୁଭବ କରିବାକୁ ହେବ, ଏପରିକି ଅତ୍ୟନ୍ତ ମୂର୍ତ୍ତ ଓ ସାକାର ଭାବରେ ତାହାର ଆଭାସ ପାଇବାକୁ ପଡ଼ିବ । କାରଣ, ଇତିହାସରେ ପରିଣତ ହୋଇ ଯାଇଥିବା ପୁରାତନ ବସ୍ତୁଗୁଡ଼ିକ ବିଷୟରେ ଆମର ଯେଉଁ ପୁରାତନ ଧାରଣାମାନ ରହି ଆସିଥିଲା,– ସେହି ଦୃଷ୍ଟିକୋଣରୁ ଆମର ସେଗୁଡ଼ିକ ବିଷୟରେ ନିଶ୍ଚୟ ଏକ ଆଗ୍ରହ ରହିବା ଉଚିତ ଏବଂ ସେଗୁଡ଼ିକ ମଧ୍ୟ ବର୍ତ୍ତମାନ ଏବଂ ଭବିଷ୍ୟତର ଅଗ୍ରଗତିକୁ ପୁଷ୍ଟ କରି ରଖିଛନ୍ତି,– ତଥାପି, ଏହାକୁ ଆମେ ଏପରି ଏକ କ୍ରିୟାତ୍ମକତା ବୋଲି ଗ୍ରହଣ କରିବା, ଯାହାକି ସେହି ପୁରାତନ ପୃଥିବୀର ଏକ ସମ୍ପଦରୂପେ ବିଦ୍ୟମାନ ରହିଛି; ଆପଣାର ଏକ ଅତୀତ, ଏକ ବର୍ତ୍ତମାନ ଏବଂ ଏକ ଭବିଷ୍ୟତକୁ ବହନ କରି ସେଗୁଡ଼ିକ ମଧ୍ୟରେ ସେହି ପୁରାତନ ପୃଥିବୀହିଁ ଆପଣାକୁ ଅନାବୃତ

'oaob.nitrkl.ac.in' images reprocessed

କରିଦେଉଛି । ମାତ୍ର, ଏକ ନୂତନ ପୃଥିବୀର ସୃଷ୍ଟି କରିବାକୁ ହେଲେ, ଆମେ ଏଠାରେ ଏପରି କହିପାରିବା ଯେ ସେହି କ୍ଷେତ୍ରରେ ପରିବର୍ତ୍ତନରହିଁ ଏକ ଅବିଚ୍ଛିନ୍ନତା ବିଦ୍ୟମାନ ରହିଛି, ଯାହାକି ଆମକୁ ଦୁଇଟି କଥାର ଏକ ପ୍ରତିଭାସ ଦେଇଯାଉଛି; ହୁଏତ ଅଧିକ ଯଥାର୍ଥ ଭାବରେ କୁହାଯାଇ ପାରିବ ଯେ ତାହା ଆମକୁ ଦୁଇଟି ବସ୍ତୁର ଧାରଣା ଆଣି ଦେଇଯାଉଛି; ସେହି ଦୁଇଟିଯାକ ପରସ୍ପର ସହିତ ମିଶ୍ରିତ ହୋଇ ରହିଛନ୍ତି, ମାତ୍ର ତଥାପି ପ୍ରାୟ ଅସଂଲଗ୍ନ ହୋଇ ରହିଛନ୍ତି । ଅତୀତର ବସ୍ତୁଗୁଡ଼ିକର ଆଉ ସ୍ଥାୟୀ ହୋଇ ରହିବା ଲାଗି କୌଣସି ବଳ ବା ଶକ୍ତି ନାହିଁ; ଯେତେ ଯାହା ଏପାଖ ସେପାଖ ନିଜ ଭିତରେ ବଦଳାବଦଳି କଲେ ମଧ୍ୟ ନୂତନ ବସ୍ତୁଗୁଡ଼ିକ ମଧ୍ୟରେ ସ୍ଥାୟୀ ହୋଇ ରହିବା ଲାଗି ସେଗୁଡ଼ିକର ଆଉ କୌଣସି ବଳ ନାହିଁ। ସେହି ଅନ୍ୟ ପୃଥିବୀଟି ଯେ ଆମ ଲାଗି ସଂପୂର୍ଣ୍ଣତଃ ଏକ ନୂତନ ଅଭିଜ୍ଞତା ହେବାକୁ ଯାଉଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏହିପରି ଆଉ ଏକ ତୁଳନୀୟ ପର୍ଯ୍ୟାୟ ଲାଗି ଆମକୁ ପଛକୁ ଫେରିଯାଇ ପ୍ରାଣୀସୃଷ୍ଟି ମନୁଷ୍ୟର ସୃଷ୍ଟିକୁ ପରିବର୍ତ୍ତିତ ହୋଇଯାଇଥିବାର ପର୍ଯ୍ୟାୟଟିର କଳ୍ପନା କରିବାକୁ ପଡ଼ିବ । ଏବଂ, ସେତେବେଳେ ଚେତନା ଆଦୌ ତେତେ ଯଥେଷ୍ଟ ପରିମାଣରେ ମାନସ ହୋଇପାରି ନ ଥିଲା, ଯେପରିକି ତାହା ଦୃଷ୍ଟିପାତ କରିପାରିବ, ବୁଝିପାରିବ ଏବଂ ବୁଦ୍ଧିର ସହିତ ଅନୁଭବ ବି କରିପାରିବ । ତେଣୁ ସେହି ପରିବର୍ତ୍ତନଟି ପ୍ରକୃତରେ ଏକ ସଂପୂର୍ଣ୍ଣ ଅସ୍ୱଷ୍ଟତା ମଧ୍ୟରେହିଁ ସଂଘଟିତ ହୋଇଥିବ । ତେଣୁ, ମୁଁ ବର୍ତ୍ତମାନ ଯେଉଁଟି ବିଷୟରେ କହୁଛି, ତାହା ହେଉଛି ସଂପୂର୍ଣ୍ଣ ନୂତନ, ପାର୍ଥିବ ସୃଜନ କ୍ଷେତ୍ରରେ ତାହା ପ୍ରକୃତରେ ଅନନ୍ୟ, ଏହା ଅଭୂତପୂର୍ବ; ଏହାକୁ ଯଥାର୍ଥରେ ଏକ ବୋଧ, ଏକ ଅନୁଭବ ଏବଂ ଏକ ଧାରଣା ବୋଲି କୁହାଯାଇ ପାରିବ । ଏହା ପ୍ରକୃତରେ ଭାରି ଅଦ୍ଭୁତ ଏବଂ ନୂତନ । (କିଛି ସମୟ ନୀରବ ରହିବା ପରେ) ହଁ, ଏକ ଅସଂଲଗ୍ନତା : ଏପରି ଗୋଟିଏ ବସ୍ତୁ ଯାହାକି ତାହାର ସମୟ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ତଥାପି ନ ଯାଇ ରହିଛି, ଅସ୍ତିତ୍ୱର କ୍ଷେତ୍ରରେ ଯାହା କେବଳ ଏକ ଅପ୍ରଧାନ ଶକ୍ତି ହୋଇହିଁ ରହିଛି । ଏବଂ ଅନ୍ୟଟି ହେଉଛି ସଂପୂର୍ଣ୍ଣ ନୂତନ, ତଥାପି ଭାରି ଅଳ୍ପବୟସ୍କ, ଭାରି ଅବୋଧ, କହିବାକୁ ହେବ ଯେ ପ୍ରାୟ ଅତି ଦୁର୍ବଳ । ଆପଣାକୁ ଆଣି ପ୍ରତିଷ୍ଠିତ କରିଦେବାର ଶକ୍ତି ତାହାର ଏପର୍ଯ୍ୟନ୍ତ ହୋଇ ନାହିଁ, ଆପଣାକୁ ସବୁରିଠାରୁ ଅଧିକ ପରାକ୍ରମଶାଳୀ ରୂପେ ପ୍ରତିଷ୍ଠିତ କରିବାର ଶକ୍ତି ତା'ର ଏପର୍ଯ୍ୟନ୍ତ ହୋଇ ନାହିଁ, ଅନ୍ୟଟିର ସ୍ଥାନରେ ନିଜକୁ ନେଇ ବସାଇବାର ଶକ୍ତି ହୋଇ ନାହିଁ । ତେଣୁ, ଏହି କ୍ଷେତ୍ରରେ ଏକ ସହବର୍ତ୍ତିତା ଅବଶ୍ୟ ରହିଛି ସତ, ମାତ୍ର, ମୁଁ ଯେପରି କହୁଥିଲି, ତଥାପି ଏକ ଅସଂଲଗ୍ନତା ରହିଛି; ଅର୍ଥାତ୍, ଦୁହିଙ୍କ ମଧ୍ୟରେ ଯେଉଁ ସଂଯୋଗଟି ରହିଥା'ନ୍ତା, ସେଇଟିର ଅଭାବ ରହିଛି ।

'oaob.nitrkl.ac.in' images reprocessed

ତାହାକୁ ବର୍ଣ୍ଣନା କରିବା ଭାରି କଷ୍ଟ, ତଥାପି ମୁଁ ସେ ବିଷୟରେ ତୁମମାନଙ୍କୁ କହୁଛି କାରଣ ଗତକାଲି ସଂଧ୍ୟାରେ ଅନୁଭବ କଲି ମୁଁ ତାହା କହେ ବୋଲି । ମୁଁ ତାହା ଏତେ ତୀବ୍ରଭାବେ ଅନୁଭବ କଲି... ଯେ କେତେକ ବସ୍ତୁ ଦେଖିବାକୁ ଏହା ମୋତେ ବାଧ କଲା, ଏବଂ ଥରେ ଯେତେବେଳେ ମୁଁ ତାହା ଦେଖିନେଲି, ମୁଁ ଅନୁଭବ କଲି ସେବିଷୟରେ କହିଲେ ତୁମମାନଙ୍କ ପାଇଁ ଆଗ୍ରହଦାୟକ ହେବ ।

(*ମାଆ ନୀରବ ରହିଲେ*)

ଏକଥାଟି ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଲାଗୁଛି ଯେ ଗୋଟିଏ ଫିଲ୍ମ ଦେଖୁଥିଲାବେଳେ ମଧ ଏପରି ଗୋଟିଏ ନୂତନ, ଏତେ ବିଶେଷ ଏବଂ, ହୁଏତ ମୁଁ କହିପାରିବି, ଏତେ ଅପ୍ରତ୍ୟାଶିତ ଏକ କଥା ପ୍ରକୃତରେ ଘଟିପାରିବ !* କାରଣ, ଏପରି ଲୋକ ଅଛନ୍ତି, ଯେଉଁମାନେ କି କେତେକ ବିଷୟକୁ ମହତ୍ତ୍ୱପୂର୍ଣ୍ଣ ବୋଲି କହନ୍ତି ଓ ଆଉ କେତେକ ବିଷୟର ଆଦୌ କୌଣସି ମହତ୍ତ୍ୱ ନାହିଁ ବୋଲି କହିଥା'ନ୍ତି; ସେମାନେ କେତେକ କାର୍ଯ୍ୟକୁ ଯୋଗର ସାଧନାମାର୍ଗରେ ସହାୟକ ବୋଲି କହିଥା'ନ୍ତି ଓ ଆଉ କେତେକ କାର୍ଯ୍ୟ ଆଦୌ ସହାୟକ ନୁହେଁ ବୋଲି ବି କହନ୍ତି । ସେମାନେ ଯେ ଆଦୌ ଠିକ୍ କଥା କହନ୍ତି ନାହିଁ, ସେହି କଥାଟିକୁ ଦେଖାଇ ଦେବା ଲାଗି ଏହା ଆମକୁ ଆଉ ଗୋଟିଏ ଅବସର ଯୋଗାଇ ଦେଉଛି । ମୁଁ ତ ସବୁବେଳେ ଏପରି ଦେଖିଆସିଛି ଯେ, ଅପ୍ରତ୍ୟାଶିତ କଥାଗୁଡ଼ିକହିଁ ଆମ ଜୀବନରେ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ଅନୁଭୂତିଗୁଡ଼ିକୁ ଆଣି ଉପଲବ୍ଧ କରାଇ ଯାଇଥା'ନ୍ତି ।

କାଲି ସନ୍ଧ୍ୟାବେଳେ ହଠାତ୍ ଏପରି ଗୋଟିଏ କଥା ଘଟିଲା, ଯାହାକୁ ବର୍ଣ୍ଣନା କରି କହିବାକୁ ମୁଁ ଏଠାରେ ଯଥାସାଧ ଚେଷ୍ଟା କରିଛି;— ମୋ ମନର କଥାଟିକୁ ତୁମମାନଙ୍କୁ ବୁଝାଇବାରେ ମୁଁ ସଫଳ ହୋଇପାରିଛି କି ନାହିଁ କେଜାଣି ?— ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଘଟଣାଟି ପ୍ରକୃତରେ ଏକ ନୂତନ ଘଟଣାରୂପେ ଘଟିଥିଲା ଏବଂ ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେହିଁ ଘଟିଥିଲା । ବେଶ୍ ଅଦକ୍ଷ ଭାବରେ ବୋଲି କହିବାକୁ ହେବ; ସେହି ଫିଲ୍ମରେ ଆମେ ଗଙ୍ଗାନଦୀର କୂଳରେ ଥିବା ମନ୍ଦିର ଓ କାଳୀମୂର୍ତ୍ତିର ଛବି ଦେଖିବାକୁ ପାଇଲୁ । କାରଣ ମୁଁ ଭାବୁଛି, ସେଥିରେ ମୂର୍ତ୍ତିଟିର କେବଳ ଏକ

*ଏଠାରେ ଏକ ବଙ୍ଗଳା ଫିଲ୍ମ, 'ରାଣୀ ରାସମଣି'ର କଥା କୁହାଯାଇଛି । ସେହି ଫିଲ୍ମରେ ଶ୍ରୀ ରାମକୃଷ୍ଣ ଏବଂ ରାଣୀ ରାସମଣିଙ୍କର ଚରିତର ବର୍ଣ୍ଣନା ହୋଇଛି । ରାସମଣି ଧନାଢ୍ୟା ଥିଲେ, ବୁଦ୍ଧିମତୀ ଥିଲେ, ଜଣେ ଧର୍ମପରାୟଣା ବିଧବା ଥିଲେ । ୧୮୪୭ ମସିହାରେ ସେ ଦକ୍ଷିଣେଶ୍ୱରଠାରେ ଗୋଟିଏ କାଳୀମନ୍ଦିରର ନିର୍ମାଣ କରାଇଥିଲେ । ଶ୍ରୀ ରାମକୃଷ୍ଣ ସେହିଠାରେ ରହି କାଳୀଙ୍କର ପୂଜା କରୁଥିଲେ ।

'oaob.nitrkl.ac.in' images reprocessed

ଛାୟାଚିତ୍ରହିଁ ଗ୍ରହଣ କରାଯାଇଥିଲା; ପ୍ରକୃତ ସମ୍ବାଦଟି ମୋତେ କେହି ଦେଇପାରିଲେ ନାହିଁ । ଏବଂ ଯେତେବେଳେ ମୁଁ ସେହି ଚିତ୍ରଟିକୁ ଦେଖୁଥିଲି, ବାହାରୁ ତାହା ଗୋଟାସୁଦ୍ଧା ଭାରି ଉପରଠାଉରିଆ ପରି ମନେ ହେଉଥିଲା ଏବଂ ମୁଁ ଆଗରୁ ଯେପରି କହିଛି, ଭାରି ଅଦକ୍ଷ ଭାବରେ ସେଇଟିକୁ ପ୍ରଦର୍ଶିତ କରାଯାଇଥିଲା । ମାତ୍ର, ଚିତ୍ରଟି ପ୍ରକୃତରେ ଯାହା ଦେଖିବାକୁ ଅଭିପ୍ରେତ ହୋଇ ରହିଥିଲା, ଯାହା ପଶ୍ଚାତରେ ରହିଥିଲା, ମୁଁ କିନ୍ତୁ ସେଥିରୁ ସେଇଟିକୁ ମଧ୍ୟ ଦେଖୁଥିଲି, ଏବଂ, ତାହା ମୋର ଖିଅଟିକୁ ଧର୍ମ ଏବଂ ଉପାସନା, ଅଭୀପ୍ସା, ଦେବତାମାନଙ୍କ ସହିତ ମଣିଷର ସମଗ୍ର ସମ୍ବନ୍ଧର ସେହି ସମୁଦାୟ ଜଗତଟି ସହିତ ନେଇ ଲଗାଇଦେଲା, ଯାହାକି ମନୁଷ୍ୟଠାରୁ ଅଧିକ ଦିବ୍ୟ ଏକ ସମ୍ପଦର ଉପଲବ୍ଧି ଲାଗି ମନୁଷ୍ୟର ଯାବତୀୟ ଆଧ୍ୟାତ୍ମିକ ପ୍ରୟାସର ଫଳସ୍ୱରୂପ ବିକଶିତ ହୋଇପାରିଥିଲା,– ମୁଁ ଏଠାରେ କଥାଟିକୁ ଅତୀତ କାଳରେହିଁ କହି ପକାଇଲି,– ତା'ଠାରୁ ଅଧିକ ଉଚ୍ଚ ଏକ ସମ୍ପଦର ଉପଲବ୍ଧି ଲାଗି ତା'ର ପ୍ରୟାସର ସର୍ବୋଚ୍ଚ ଓ ପ୍ରାୟ ଶୁଦ୍ଧତମ ଅଭିବ୍ୟକ୍ତି ରୂପେ ଯାହା ଫୁଟିଉଠି ପାରିଥିଲା । ଏବଂ ସହସା, ଅତ୍ୟନ୍ତ ମୂର୍ତ୍ତ ଏବଂ ସାକାର ଭାବରେ ମୋର ଏହିପରି ଏକ ଧାରଣା ହୋଇଥିଲା ଯେ ଇଏ ହେଉଛି ପ୍ରକୃତରେ ଆଉ ଗୋଟିଏ ପୃଥିବୀ, ଏହି ପୃଥିବୀର ଆଉ କୌଣସି ବାସ୍ତବିକତା ନାହିଁ, କୌଣସି ସତ୍ୟତା ନାହିଁ; ଏହି ପୃଥିବୀ ଅତିକ୍ରାନ୍ତ ହୋଇଗଲାଣି,– ଏପରି ଆଉ ଗୋଟିଏ ବସ୍ତୁ ଦ୍ୱାରା ତାହା ଅତିକ୍ରାନ୍ତ ହୋଇଯାଇଛି, ଯାହାକି ଜନ୍ମଗ୍ରହଣ କଲାଣି ଏବଂ ଆପଣାକୁ ଅଭିବ୍ୟକ୍ତ କରି ଆଣିବା ଲାଗି ଆରମ୍ଭ ମାତ୍ରହିଁ କରୁଛି; ମାତ୍ର, ସେହି ନୂତନ ପୃଥିବୀଟିର ଜୀବନ ପ୍ରକୃତରେ ଏତେ ପ୍ରଗାଢ଼, ଏତେ ସତ୍ୟ, ଏତେ ଉଦାର ଯେ ତା' ଆଗରେ ବର୍ତ୍ତମାନ ପୃଥିବୀଟିର ସବୁକିଛି କେବଳ ମିଥ୍ୟା, ଅବାସ୍ତବ ଏବଂ ନିରର୍ଥକ ବୋଲିହିଁ ପ୍ରତିପାଦିତ ହୋଇଯାଉଛି ।

ମୁଁ ସେତେବେଳେ ଯଥାର୍ଥ ଭାବରେ ବୁଝିପାରିଲି,– କାରଣ ମୁଁ ମସ୍ତିଷ୍କ ବା ବୁଦ୍ଧି ଦେଇ ବୁଝୁ ନ ଥିଲି, ମାତ୍ର ଶରୀର ଦେଇହିଁ ବୁଝୁଥିଲି; ମୋ କହିବାର ତାତ୍ପର୍ଯ୍ୟଟିକୁ ତୁମେମାନେ ଅବଶ୍ୟ ବୁଝିପାରୁଥିବ,– ଶରୀରର କୋଷଗୁଡ଼ିକ ମଧ୍ୟରେହିଁ ମୁଁ ସେହି କଥାଟିକୁ ବୁଝୁଥିଲି,– ମୁଁ ବୁଝୁଥିଲି ଯେ ଏକ ନୂତନ ପୃଥିବୀ ଜନ୍ମଗ୍ରହଣ କରିଛି ଏବଂ ଅଭିବୃଦ୍ଧି ଲାଭ କରିବାକୁ ଆରମ୍ଭ କରୁଛି ।

ଏବଂ ତେଣୁ, ଯେତେବେଳେ ମୁଁ ଏହି ଦୃଶ୍ୟଟିକୁ ଦେଖିଲି, ଆଗରୁ ଘଟିଥିବା ଗୋଟିଏ କଥା ମୋର ତତ୍‌କ୍ଷଣାତ୍ ମନେ ପଡ଼ି ଯାଇଥିଲା;... ମୁଁ ଠିକ୍ ମନେ ରଖିଛି ବୋଲି ଭାବୁଛି, ସେହି ଘଟନାଟି ୧୯୨୬ ମସିହାରେ ଘଟିଥିଲା ।*

*୧୯୨୬ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀଅରବିନ୍ଦ ନିଜକୁ ଅନ୍ତରାଳକୁ ପ୍ରତ୍ୟାହୃତ କରି ନେଇଥିଲେ ଏବଂ ମାଆ ଆଶ୍ରମର ଯାବତୀୟ କାର୍ଯ୍ୟନିର୍ବାହର ଦାୟିତ୍ୱ ଗ୍ରହଣ କଲେ ।

'oaob.nitrkl.ac.in' images reprocessed

ଅତିମାନସ ଅଭିବ୍ୟକ୍ତିକୁ ତ୍ୱରାନ୍ୱିତ କରାଇବା ଉଦ୍ଦେଶ୍ୟରେ ନିଜକୁ ଅଭିନିବିଷ୍ଟ କରି ରଖିବା ଲାଗି ଶ୍ରୀଅରବିନ୍ଦ ଆପଣାକୁ ପ୍ରତ୍ୟାହୃତ କରି ନେବା ପାଇଁ ଇଚ୍ଛା କରିଥିଲେ ଏବଂ ତେଣୁ ମୋ ଉପରେ ବାହ୍ୟ କାର୍ଯ୍ୟଟିର ଦାୟିତ୍ୱଟିକୁ ଅର୍ପଣ କରିଥିଲେ । ଉପସ୍ଥିତ କେତେଜଣଙ୍କ ଆଗରେ ସେ ଘୋଷଣା କରି ଦେଇଥିଲେ ଯେ ସେମାନଙ୍କୁ ସାହାଯ୍ୟ ଏବଂ ମାର୍ଗଦର୍ଶନ କରିବାର ଦାୟିତ୍ୱଟିକୁ ସେ ମୋ ଉପରେ ନ୍ୟସ୍ତ କରି ଯାଉଛନ୍ତି । ତେଣିକି ମୁଁ ତାଙ୍କ ସହିତ ସଂପର୍କ ରଖିବି ଏବଂ ତେଣୁ ସ୍ୱଭାବତଃ, ସିଏ ମୋ'ରି ମାଧ୍ୟମରେ ସେହି କାର୍ଯ୍ୟଟିକୁ କରିବେ । ଏହା ସଙ୍ଗେ ସଙ୍ଗେ ସହସା ସବୁ କଥା ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିବାକୁ ଲାଗିଲା, ଅସାଧାରଣ ଯାବତୀୟ ଟିକିନିଖି ସହିତ ଏକ ଚମତ୍କାର ସୃଷ୍ଟି କାର୍ଯ୍ୟକାରୀ ହେଲା; ସେଥିରୁ କେତେ ବିସ୍ମୟକାରୀ ଅନୁଭୂତିମାନ ମିଳିଲା, ଦିବ୍ୟ କେତେକେତେ ସତ୍ତାଙ୍କ ସହିତ ସଂପର୍କ ସ୍ଥାପିତ ହେଲା, ଅଲୌକିକ ବୋଲି ବିଚାର କରାଯାଉଥିବା ଯାବତୀୟ ପ୍ରକାରର ରୂପାୟଣ ସଂଘଟିତ ହେବାକୁ ଲାଗିଲା । ଅନୁଭୂତି ପରେ ଅନୁଭୂତି ଉପଲବ୍ଧ ହେଲା, ଏବଂ ଯାବତୀୟ ବିଷୟ ଅତ୍ୟନ୍ତ ଚମତ୍କାର ଭାବରେ ଉଦ୍‌ଘାଟିତ ହୋଇ ଯାଉଥିଲା,... ଏବଂ ମୁଁ ଅବଶ୍ୟ କହିବି ଯେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଭାବରେ ବିକଶିତ ହୋଇ ଉଠୁଥିଲା ।

ଯାହାସବୁ ଘଟୁଥିଲା, ସବୁଦିନ ପରି ମୁଁ ସେଗୁଡ଼ିକୁ କହିବା ଲାଗି ଦିନେ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲି । ସେତେବେଳେ ଭାରି କୌତୂହଳୋଦ୍ଦୀପକ କୌଣସି କଥା ପ୍ରକୃତରେ ଘଟିଥିଲା ଏବଂ ଯାହା ଘଟିଥିଲା, ତାହାକୁ ବର୍ଣ୍ଣନା କରି କହିବାରେ ମୁଁ ସମ୍ଭବତଃ ବେଶ୍ ଟିକିଏ ଉତ୍ସାହ ବି ଦେଖାଇଥିଲି । ସେତିକିବେଳେ ଶ୍ରୀଅରବିନ୍ଦ ମୋ' ଆଡ଼କୁ ଚାହିଁ ଦେଖିଲେ ଏବଂ କହିଲେ, "ହଁ, ଏଇଟା ହେଉଛି ଅଧିମାନସର ଏକ ସୃଷ୍ଟି । ଏହା ପ୍ରକୃତରେ ଭାରି କୌତୂହଳୋଦ୍ଦୀପକ ଏବଂ ଭାରି ବଢ଼ିଆ ଭାବରେ ତାହା କରାଯାଇଛି । ତୁମେ ପ୍ରକୃତରେ ଅନେକ ଅସାଧ୍ୟକୁ ସାଧ୍ୟ କରି ଦେଖାଇଦେଇ ପାରିବ ଯାହାକି ତୁମକୁ ପୃଥିବୀସାରା ନିଶ୍ଚୟ ବିଖ୍ୟାତ କରିଦେବ । ତୁମେ ପ୍ରକୃତରେ ପୃଥିବୀସାରା ସବୁଯାକ ଘଟନାକୁ ଇତସ୍ତତଃ କରି ପକାଇବ...", ଏବଂ ତା'ପରେ ସେ ଈଷତ୍ ହସି କହିଲେ, "ଏହାକୁ ପ୍ରକୃତରେ ଏକ ବିରାଟ ସଫଳତା ବୋଲି ନିଶ୍ଚୟ କୁହାଯିବ । କିନ୍ତୁ ଏହା ହେଉଛି ଅଧିମାନସରହିଁ ଏକ ସୃଷ୍ଟି । ଆମେ ସଫଳତା ଚାହୁଁ ନାହୁଁ, ଆମେ ଏହି ପୃଥିବୀରେ ଅତିମାନସର ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛୁ । ନୂତନ ପୃଥିବୀଟିକୁ, ଅର୍ଥାତ୍ ତାହାର ସମସ୍ତ ସମଗ୍ରତା ସହିତ ଅତିମାନସ ପୃଥିବୀକୁ ସମ୍ଭବ କରିବାକୁ ହେଲେ, ତାତ୍କାଳିକ ହଠାତ୍ ସଫଳତାକୁ କିପରି ବର୍ଜନ କରି ଯିବାକୁ ହୁଏ, ଆମକୁ ସେହି କଥାଟିକୁ ମଧ୍ୟ ଶିକ୍ଷା କରିବାକୁ ହେବ ।"

'oaob.nitrkl.ac.in' images reprocessed

ତାଙ୍କର ଏହି କଥାଟିକୁ ମୁଁ ମୋର ଅନ୍ତଃଚେତନା ମଧ୍ୟରେ ସଙ୍ଗେ ସଙ୍ଗେ ବୁଝିପାରିଲି : ଏବଂ, ମାତ୍ର ଅଳ୍ପ କେତେଘଣ୍ଟା ପରେ ସେହି ସୃଷ୍ଟିଟି ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା । ...ଏବଂ ସେହି ମୁହୂର୍ତ୍ତଟିଠାରୁ ଆମେ ଅନ୍ୟାନ୍ୟ ଭିତ୍ତି ଉପରେ ନୂଆ କରି ପୁଣି ସବୁକିଛି ଆରମ୍ଭ କଲୁ ।

ହଁ, ଏହି ନୂତନ ପୃଥିବୀଟି ଯେ ଜନ୍ମଗ୍ରହଣ କଲା, ମୁଁ ସେହି କଥାଟିକୁ ତୁମମାନଙ୍କୁ ସମସ୍ତଙ୍କୁ ଘୋଷଣା କରି କହି ଦେଇଥିଲି । ମାତ୍ର ତାହା ଏହି ପୁରାତନ ପୃଥିବୀଟି ମଧ୍ୟରେ ସତେଯେପରି ଏମିତି ଘେରରେ ପଡ଼ି ଯାଇଥିଲା ଯେ ଏପର୍ଯ୍ୟନ୍ତ ଅନେକ ବ୍ୟକ୍ତିଙ୍କ ଲାଗି ଦୁଇ ପୃଥିବୀ ମଧ୍ୟରେ ରହିଥିବା ପ୍ରଭେଦଟି ଖୁବ୍‌ବେଶୀ ସ୍ପଷ୍ଟ ହୋଇପାରି ନ ଥିଲା । ତଥାପି, ନୂତନ ଶକ୍ତିଗୁଡ଼ିକର କ୍ରିୟାଟି ଅତ୍ୟନ୍ତ ନିୟମିତ, ଅବିଶ୍ରାନ୍ତ ଏବଂ ଅବିଚ୍ଛିନ୍ନ ଭାବରେ ଚଳବନ୍ତର ରହିଛି, ଏବଂ କେତେକ ପରିମାଣରେ, ତାହା ଅତ୍ୟନ୍ତ ଫଳଦାୟକ ଭାବରେ ମଧ୍ୟ ଚାଲିଛି । ଏବଂ କାଲି ସନ୍ଧ୍ୟାରେ ହୋଇଥିବା ମୋର ଅନୁଭୂତିଟିକୁ ମଧ୍ୟ ଏହି କ୍ରିୟାରହିଁ ଗୋଟିଏ ରୂପାୟଣ ବୋଲି କୁହାଯିବ । ପ୍ରକୃତରେ ସେହି ଅନୁଭୂତିଟିକୁ ଏକ କେଡ଼େ ନୂତନ ଅନୁଭୂତି ବୋଲି କୁହା ନ ଯିବ । ଏବଂ ପ୍ରାୟ ମୋର ଦୈନନ୍ଦିନ ଅନୁଭୂତିରେହିଁ ମୁଁ ପାଦ ପାଦ କରି ଏହି ସବୁକିଛିର ପରିଣାମକୁ ଉଲ୍ଲେଖ କରି ରଖିଛି । ବେଶ୍ ଏକ ଅନୁରେଖ ପ୍ରଣାଳୀରେ ସେଇଟିକୁ ସଂକ୍ଷିପ୍ତ ଭାବରେ ଏହିପରି ବ୍ୟକ୍ତ କରାଯାଇ ପାରିବ :

ପ୍ରଥମତଃ, ଏହାକୁ ଆଧ୍ୟାତ୍ମିକ ଜୀବନ ଏବଂ ଦିବ୍ୟ ପରମସତ୍ୟ ବିଷୟରେ କେବଳ ଏକ "ନୂତନ କଳ୍ପନା" ବୋଲି କଦାପି କୁହାଯିବ ନାହିଁ । ଏହି କଥାଟି ଶ୍ରୀଅରବିନ୍ଦ ନିଜେ କହିଛନ୍ତି, ମୁଁ ମଧ୍ୟ ସେହି କଥାଟିକୁ ଏକାଧିକ ବାର କହିଛି ଏବଂ ସେଇଟିକୁ ପ୍ରାୟ ଏହିପରି ଭାବରେ ପ୍ରକାଶ କରାଯାଇ ପାରିବ : ପୁରାତନ ଆଧ୍ୟାତ୍ମିକତା ଜୀବନକୁ ଛାଡ଼ି ଦିବ୍ୟ ପରମସତ୍ୟ ମଧ୍ୟକୁ ପଳାଇ ଯିବାକୁ ଚାହୁଁଥିଲା; ଏହି ପୃଥିବୀ ଯେପରି ରହିଛି, ତାହାକୁ ସେହି ଅବସ୍ଥାରେ ଛାଡ଼ିଦେଇ ପଳାଇଯିବାକୁ ଚାହୁଁଥିଲା । ମାତ୍ର, ଅନ୍ୟ ପକ୍ଷରେ, ଆମର ଏହି ନୂତନ ଅଧ୍ୟାତ୍ମଦୃଷ୍ଟିଟି ଏହି ଜୀବନକୁହିଁ ଏକ ଦିବ୍ୟ ଜୀବନରେ ପରିଣତ କରି ପାରିବାର ଆକାଂକ୍ଷା ରଖିଛି, ଏହି ଜଡ଼ସ୍ଥ ଜଗତକୁ ଏକ ଦିବ୍ୟ ଜଗତରୂପେ ରୂପାନ୍ତରିତ କରିଦେବାର ଆକାଂକ୍ଷା ରଖିଛି । ଏହି କଥାଟିକୁ ଆଗରୁ କୁହାଯାଇଛି, ବାରବାର କୁହାଯାଇଛି, ଏହି କଥାଟିକୁ ସମସ୍ତେ ଅଳ୍ପବହୁତ ବୁଝିଛନ୍ତି; ଆମେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛୁ, ବସ୍ତୁତଃ ଏହାହିଁ ହେଉଛି ତାହାର ଅସଲ ଏବଂ ଆଧାରଭୂତ କଥା । ମାତ୍ର ଏଇଟିକୁ ଆମେ ହୁଏତ କେବଳ ଏକ ଉନ୍ନତିବିଧାନ ବୋଲି ବି ବୁଝିପାରିବା, ଯେଉଁଥିରେ କି ପୁରୁଣାଟି ଅବିଚ୍ଛିନ୍ନ ଭାବରେ ରହିଥିବ; ପୁରୁଣା ପୃଥିବୀଟି ଯେପରି ଥିଲା, କେବଳ ତାହାକୁହିଁ କିଞ୍ଚିତ୍ ପରିମାଣରେ ଅଧିକ ପ୍ରଶସ୍ତ କରି ଦିଆଯିବ । ଏବଂ,

'oaob.nitrkl.ac.in' images reprocessed

ବିଚାରର କ୍ଷେତ୍ରରେ ଏପର୍ଯ୍ୟନ୍ତ ଏହିପରି ଏକ କଳ୍ପନାହିଁ ରହିଥିବ,– ବସ୍ତୁତଃ ଆମେ ଅତ୍ୟନ୍ତ କ୍ୱଚିତ୍‌ହିଁ ଏହାଠାରୁ ଅଧିକ କିଛି କଳ୍ପନା କରିଥାଉ । ମାତ୍ର, ଯେଉଁ ନୂତନ ଘଟଣାଟି ଘଟିଛି, ସେଇଟି ହେଉଛି ଯେ, ଏକ ନୂତନ ପୃଥିବୀ **ଜନ୍ମଗ୍ରହଣ କରିଛି, ଜନ୍ମଗ୍ରହଣ କରିଛି, ଜନ୍ମଗ୍ରହଣ କରିଛି** । ପୁରୁଣା ପୃଥିବୀଟା ଯେ ଏକ ନୂଆ ରୂପ ଧାରଣ କରୁଛି, ସେକଥା ଆଦୌ ନୁହେଁ; ଏକ **ନୂତନ** ପୃଥିବୀହିଁ **ଜନ୍ମଗ୍ରହଣ କରୁଛି** । ଏବଂ, ଆମେ ବର୍ତ୍ତମାନ ଏପରି ଏକ ସନ୍ଧିକ୍ଷଣ ମଧ୍ୟରେ ରହିଛୁ, ଯେଉଁଠାରେ କି ଦୁଇଟିଯାକ ପରସ୍ପର ସହିତ ଛନ୍ଦି ହୋଇ ରହିଛନ୍ତି । ଯେଉଁଠାରେ ପୁରୁଣା ଅନ୍ୟ ପୃଥିବୀଟି ତଥାପି ସର୍ବଶକ୍ତିଶାଳୀ ହୋଇ ରହିଛି ଏବଂ ସାଧାରଣ ଚେତନାଟିକୁ ସଂପୂର୍ଣ୍ଣରୂପେ ନିଜର ଅଧୀନ କରି ରଖିଛି । ମାତ୍ର ସେଠି ନୂଆ ପୃଥିବୀଟି ମଧ୍ୟ ଚୁପ୍ କରି ଅନୁପ୍ରବିଷ୍ଟ ହେବାରେ ଲାଗିଛି, ତଥାପି ଭାରି ସଂକୋଚଯୁକ୍ତ ହୋଇ ରହିଛି, ଏବେ ବି ଆପଣାକୁ ଦୃଶ୍ୟମାନ କରାଇ ନାହିଁ । ତାହାକୁ ଏହି ଦୃଷ୍ଟିରୁ ଦୃଶ୍ୟମାନ ହୋଇ ନାହିଁ ବୋଲି କୁହାଯାଇପାରିବ ଯେ ବାହାରେ ତାହା କୌଣସିଠାରେ ବି ଖୁବ୍‌ବେଶୀ ବ୍ୟାଘାତ ସୃଷ୍ଟି କରୁ ନାହିଁ, ଅନ୍ତତଃ ବର୍ତ୍ତମାନ ପାଇଁ ତାହା କରୁ ନାହିଁ । ଏବଂ, ଅଧିକାଂଶ ବ୍ୟକ୍ତିଙ୍କର ଚେତନାରେ ତାହା ସଂପୂର୍ଣ୍ଣ ଭାବରେ ଅନନୁଭୂତହିଁ ରହିଛି । ତଥାପି ତାହା ଆପଣାର କ୍ରିୟା କରିବାରେ ଲାଗିଛି, ବୃଦ୍ଧିପ୍ରାପ୍ତ ହୋଇ ଚାଲିଛି । ଆପଣାକୁ ଦୃଶ୍ୟମାନ ଭାବରେ ପ୍ରତିଷ୍ଠିତ କରାଇବା ଭଳି ଶକ୍ତିଶାଳୀ ହେବାଯାଏ ତାହା ସେହିପରି କାର୍ଯ୍ୟ କରୁଥିବ ଓ ବୃଦ୍ଧିଲାଭ ବି କରୁଥିବ ।

ସେକଥା ଯାହା ହୋଇଥାଉ ପଛକେ, ସରଳ ଭାବରେ ଏତିକି କୁହାଯାଇପାରିବ ଯେ ପୁରାତନ ପୃଥିବୀଟି,– ଶ୍ରୀଅରବିନ୍ଦ ତାହାକୁ ଅଧିମାନସର ସୃଷ୍ଟି ବୋଲି କହିଛନ୍ତି,– ଲକ୍ଷଣତଃ ଦେବତାମାନଙ୍କର ଯୁଗଟିରହିଁ ପ୍ରତିନିଧିତ୍ୱ କରୁଥିଲା ଏବଂ ତେଣୁ ବିଭିନ୍ନ ଧର୍ମରହିଁ ଏକ ଯୁଗ ହୋଇ ରହିଥିଲା । ମୁଁ ବର୍ତ୍ତମାନ ଯେପରି କହୁଥିଲି, ଆପଣାର ଉର୍ଦ୍ଧ୍ୱରେ ରହିଥିବା ଏକ ସମ୍ପଦର ଉପଲବ୍ଧି ପାଇଁ ମନୁଷ୍ୟର ପ୍ରୟାସ ବିକଶିତ ହେଉଥିବା ସଙ୍ଗେ ସଙ୍ଗେ ଧର୍ମକ୍ଷେତ୍ରର ଅଗଣିତ ଯାବତୀୟ ମୂର୍ତ୍ତ ଉପଚାରର ମଧ୍ୟ ଉଦ୍‌ଭବ ଘଟିଥିଲା, ଅଦୃଶ୍ୟ ପୃଥିବୀଟି ସହିତ ସର୍ବୋତ୍ତମ ଆତ୍ମାଗୁଡ଼ିକର ଏକ ଧର୍ମାନୁପ୍ରେରିତ ସମ୍ବନ୍ଧ ମଧ୍ୟ ଗଢ଼ି ଉଠିଥିଲା । ଏବଂ, ସେହି ସବୁକିଛିର ସର୍ବୋଚ୍ଚ ଶିଖରରେ ଏକ ଉଚ୍ଚତର ଉପଲବ୍ଧି ଲାଗି କରାଯାଇଥିବା ପ୍ରୟାସଟି ରୂପେ ସବୁଧର୍ମ ମଧ୍ୟରେ ରହିଥିବା ଏକତ୍ୱର ବିଚାରଟି ମଧ୍ୟ ଜନ୍ମଲାଭ କରିଥିଲା, ଏହିସବୁ ଯାବତୀୟ ରୂପାୟଣର ପଛରେ ରହିଥିବା "ସେହି ଗୋଟିଏ ମାତ୍ର ବସ୍ତୁ"ର ବିଚାରଟି ଜନ୍ମଲାଭ କରିଥିଲା । ଏବଂ ବେଶ୍ କୁହାଯାଇପାରିବ ଯେ, ଏହି ବିଚାରଟି ଯଥାର୍ଥରେ ମାନବ-ଅଭୀପ୍ସାର ଅନ୍ତିମ ସୀମାରୂପେହିଁ ଆପଣାକୁ ପ୍ରତିଷ୍ଠିତ କରିଥିଲା । ହଁ, ସେଇଟି ଠିକ୍ ସୀମା ଉପରେ ରହିଛି, ସେଇଟି ସଂପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ଅଧିମାନସର ଅନ୍ତର୍ଗତ ଏକ ଇଷ୍ଟ ସମ୍ପଦ ହୋଇରହିଛି । ଅଧିମାନସଗତ ସେହି ସୃଷ୍ଟିଟି ଆପଣା ସ୍ଥାନରେ ଥାଇ ବର୍ତ୍ତମାନ ଆହୁରି ଊର୍ଦ୍ଧ୍ୱକୁ ଆଖି ପକାଉଥିଲା ପରି ବୋଧ ହେଉଛି, ତାହା ସେହି "ଅନ୍ୟବସ୍ତୁ"ଟି ଆଡ଼କୁ ଅନାଉଛି, ମାତ୍ର ସେହି ନୂତନ ସୃଷ୍ଟିଟି ତା'ର ଆଦୌ ବୋଧଗମ୍ୟ ହୋଇପାରୁ ନାହିଁ । ତାହାକୁ ଧରିପାରିବା ପାଇଁ ସିଏ ଚେଷ୍ଟା କରୁଛି, ସେଇଟି ପ୍ରକୃତରେ ଆସୁଛି ବୋଲି ଅନୁଭବ କରିପାରୁଛି, ମାତ୍ର ତଥାପି ସେଇଟି ତା'ର ବୋଧଗମ୍ୟ ହୋଇପାରୁ ନାହିଁ । ସେଇଟିର ବୋଧ ଲାଭ କରିବାକୁ ହେଲେ ଏକ ଉତ୍‌କ୍ରମଣର ଆବଶ୍ୟକତା ରହିଛି । ଅଧିମାନସ ସୃଷ୍ଟିର ଆୟତନଟିକୁ ଛାଡ଼ି ଚାଲିଯିବାର ଆବଶ୍ୟକତା ରହିଛି । ସେହି ନୂତନ, ଅତିମାନସ ସୃଷ୍ଟି ଯେ ସଂଘଟିତ ହେବ, ତାହା ପ୍ରକୃତରେ ଅଭିପ୍ରେତ ହୋଇ ରହିଥିଲା ।

ଏବଂ ବର୍ତ୍ତମାନ, ଏହିସବୁ ପୁରାତନ ବସ୍ତୁ ଏତେ ପୁରୁଣା, ଏତେ ଅନାବଶ୍ୟକ ଓ ଏତେ ଉଦ୍ଦେଶ୍ୟହୀନ ବୋଲି ମନେ ହେଉଛନ୍ତି,– ପ୍ରକୃତ ସତ୍ୟର ଏକ ବିଡ଼ମ୍ବନା ପରିହିଁ ବୋଧ ହେଉଛନ୍ତି ।

ଅତିମାନସ ସୃଷ୍ଟିରେ ଆଉ କୌଣସି ଧର୍ମ ରହିବ ନାହିଁ । ଯେଉଁ ଦିବ୍ୟ ପରମଏକତା ଏହି ପୃଥିବୀରେ ଆପଣାକୁ ଅଭିବ୍ୟକ୍ତ କରି ରଖିଛି, ସମସ୍ତ ଜୀବନ କେବଳ ତାହାରି ବିଭିନ୍ନ ରୂପ ହୋଇ ବିକଶିତ ହୋଇ ଉଠିବ । ଏବଂ ଲୋକମାନେ ବର୍ତ୍ତମାନ ଦେବତା କହିଲେ ଯାହା ବୁଝୁଛନ୍ତି, ସେତେବେଳେ ସେମାନେ ମୋଟେ ରହିବେ ନାହିଁ ।

ଏହି ବୃହଦ୍ ଦିବ୍ୟ ସତ୍ତାଗୁଡ଼ିକ ସ୍ୱୟଂ ନୂତନ ସୃଷ୍ଟିର କ୍ରିୟାଟିରେ ଅଂଶଗ୍ରହଣ କରିପାରିବେ । ମାତ୍ର ତାହା କରିପାରିବା ଲାଗି, ଆମେ ଯାହାକୁ ହୁଏତ "ଅତିମାନସ ଉପାଦାନ" ବୋଲି କହିପାରିବା, ସେମାନଙ୍କୁ ପୃଥିବୀରେ ସେହି ଉପାଦାନଟିକୁ ଧାରଣ କରିବାକୁ ପଡ଼ିବ । ଏବଂ ଯଦି ସେମାନଙ୍କ ମଧ୍ୟରୁ କେତେକ ବର୍ତ୍ତମାନ ସେମାନଙ୍କର ଯେଉଁ ପୃଥିବୀରେ ଅଛନ୍ତି, ସେହିଠାରେହିଁ ରହିବାକୁ ଚାହିଁବେ, ଯଦି ସେମାନେ ଏକ ସ୍ଥୂଳ ଅଭିବ୍ୟକ୍ତି ଇଚ୍ଛା ନ କରିବେ, ତେବେ ଏକ ଅତିମାନସ ଜଗତର ସତ୍ତାମାନଙ୍କ ସହିତ ସେମାନଙ୍କର ସମ୍ବନ୍ଧ ବନ୍ଧୁ ବନ୍ଧୁ ଭିତରେ ରହିଥିବା ସମ୍ବନ୍ଧ ହୋଇ ରହିବ, ସହଯୋଗୀ ଓ ସମାସ୍କନ୍ଧମାନଙ୍କ ଭିତରେ ରହିଥିବା ସମ୍ବନ୍ଧ ହୋଇ ରହିବ । କାରଣ, ନୂତନ ଅତିମାନସ ଜଗତର ସେହି ସତ୍ତାମାନଙ୍କ ମଧ୍ୟରେ ଧରାପୃଷ୍ଠରେ ସେତେବେଳେ ସର୍ବୋଚ୍ଚ ଦିବ୍ୟ ସତ୍ୟଟିରହିଁ ପରିପ୍ରକାଶ ଘଟିଥିବ ।

ଯେତେବେଳେ ସ୍ଥୂଳ ଉପାଦାନଟି ଦିବ୍ୟ ଉପାଦାନରେ ରୂପାନ୍ତରିତ ହୋଇଯିବ, ସେତେବେଳେ ଏହି ପୃଥିବୀରେ ଦେହ ଧରି ଜନ୍ମ ହେବାକୁ ଆଉ କଦାପି ଏକ ହୀନଦଶାର କାରଣ ବୋଲି ବିଚାର କରାଯିବ ନାହିଁ, ତାହାର ଠିକ୍ ବିପରୀତ ବୋଲି ବିଚାର କରାଯିବ ।

'oaob.nitrkl.ac.in' images reprocessed

ଏହା ଦ୍ୱାରା ସେତେବେଳେ ଏପରି ଏକ ପୂର୍ଣ୍ଣତାର ଉପଲବ୍ଧି ହେବ, ଯାହାକି ଏହି ପୃଥିବୀରେ ଅବତୀର୍ଣ୍ଣ ନ ହେଲେ ଆଦୌ ପ୍ରାପ୍ତ ହୋଇପାରିବ ନାହିଁ ।

ମାତ୍ର ଏସବୁ ଭବିଷ୍ୟତରେ ଯାଇ ସମ୍ଭବ ହେବ । ଏସବୁ କଥା ହେଉଛି ଏକ ଭବିଷ୍ୟତର କଥା । ସେହି ଭବିଷ୍ୟତଟି ଆରମ୍ଭ ହୋଇ ଗଲାଣି ଏବଂ ଏଣେ ଆମେ ଏକ ବିଶେଷ ଅବସ୍ଥା, ଏକ ଅତ୍ୟନ୍ତ ବିଶେଷ ଅବସ୍ଥା ମଧ୍ୟଦେଇ ଗତି କରୁଛୁ । ଏପରି ଏକ ଅବସ୍ଥା ପୃଥିବୀରେ ଆଗରୁ କେବେ ଆସି ନ ଥିଲା । ବର୍ତ୍ତମାନ ଆମେ ଏକ ନୂତନ ପୃଥିବୀର ଜନ୍ମକୁ ପ୍ରତ୍ୟକ୍ଷ କରୁଛୁ; ସେହି ଜଗତ ଅତ୍ୟନ୍ତ ଶିଶୁ ଅବସ୍ଥାରେ ରହିଛି, ଭାରି ଦୁର୍ବଳ ହୋଇ ରହିଛି । ଆପଣାର ସାରସତ୍ୟର କ୍ଷେତ୍ରରେ ଆଦୌ ନୁହେଁ, ମାତ୍ର ବାହ୍ୟ ରୂପାୟଣର କ୍ଷେତ୍ରରେ ଦୁର୍ବଳ ହୋଇ ରହିଛି । ଏପର୍ଯ୍ୟନ୍ତ ତାହା ସ୍ପଷ୍ଟ ରୂପେ ବାରି ହୋଇ ନାହିଁ, ଏପରିକି ଅନୁଭୂତ ବି ହୋଇ ନାହିଁ ଏବଂ ଅଧିକାଂଶଙ୍କ ଦ୍ୱାରା ତାହା ଅସ୍ୱୀକୃତହିଁ ହୋଇ ରହିଛି । ମାତ୍ର ତଥାପି ତାହା ଏହିଠାରେ ଅଛି । ଏହିଠାରେହିଁ ଅଛି । ଅଭିବୃଦ୍ଧି ଲାଭ କରିବା ପାଇଁ ଉଦ୍ୟମ କରୁଛି, ଏବଂ ପରିଣାମଟି ବିଷୟରେ ସଂପୂର୍ଣ୍ଣ ନିଶ୍ଚିତ ହୋଇ ରହିଛି । ମାତ୍ର ସେହି ନୂତନ ପୃଥିବୀକୁ ପଡ଼ିଥିବା ମାର୍ଗଟି ହେଉଛି ସଂପୂର୍ଣ୍ଣ ଭାବରେ ଏକ ନୂତନ ମାର୍ଗ, ଆଗରୁ ସେହି ମାର୍ଗଟିକୁ କେହିହେଲେ ଆବିଷ୍କାର କରି ନାହାନ୍ତି, ସେହି ମାର୍ଗଟିରେ କେହିହେଲେ ଯାଇ ନାହାନ୍ତି, କେହି ସେଇଟିକୁ ସାଧ କରି ନାହାନ୍ତି । ଏହା ହେଉଛି ଏକ ଆରମ୍ଭ, ଏକ ବିଶ୍ୱବ୍ୟାପୀ ଆରମ୍ଭ । ତେଣୁ ଏହି ଯାତ୍ରାଟିକୁ ସଂପୂର୍ଣ୍ଣ ଭାବରେ ଏକ ଅପ୍ରତ୍ୟାଶିତ ଯାତ୍ରା ବୋଲି କୁହାଯିବ, ଏଇଟି ବିଷୟରେ ଭବିଷ୍ୟବାଣୀ କରି କେହି ଆଗରୁ କିଛିହେଲେ କହିପାରିବ ନାହିଁ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଦୁଃସାହସ କରିବାକୁ ଭାରି ଭଲ ପାଆନ୍ତି । ମୁଁ ସେହିମାନଙ୍କୁହିଁ ଆହ୍ୱାନ କରୁଛି, ମୁଁ ସେମାନଙ୍କୁ କହୁଛି । "ଏହି ମହାନ୍ ଦୁଃସାହସଟି ଲାଗି ଆପଣମାନଙ୍କୁ ମୁଁ ନିମନ୍ତ୍ରଣ କରୁଛି ।"

ଆମ ଆଗରୁ ଅନ୍ୟମାନେ ଯାହା କରି ଯାଇଛନ୍ତି, ଅଧ୍ୟାତ୍ମର କ୍ଷେତ୍ରରେ ଏଠାରେ ତାହାରହିଁ ଏକ ପୁନରାବୃତ୍ତି କରିବାର ଆଦୌ କୌଣସି ପ୍ରଶ୍ନ ନାହିଁ । କାରଣ ସେଗୁଡ଼ିକର ସେପାଖରୁହିଁ ଆମର ଏହି ଦୁଃସାହସିକ ଯାତ୍ରାଟିର ଆରମ୍ଭ ହେଉଛି । ଏଠାରେ ଏକ ନୂତନ ସୃଷ୍ଟିର, ଏକ ସଂପୂର୍ଣ୍ଣ ନୂତନ ସୃଷ୍ଟିର ପ୍ରଶ୍ନହିଁ ରହିଛି, ଏହା ମଧ୍ୟରେ ଯାବତୀୟ ପ୍ରକାରର ଅଦୃଷ୍ଟପୂର୍ବ ଘଟଣା, ଆନୁଷଙ୍ଗିକ ଯାବତୀୟ ଆଶଙ୍କା ଓ ବିପଦ ନିହିତ ହୋଇ ରହିଛି । ଏହାକୁ ପ୍ରକୃତରେ ଏକ ଯଥାର୍ଥ ଦୁଃସାହସିକ ଯାତ୍ରା ବୋଲିହିଁ କୁହାଯିବ । ସୁନିଶ୍ଚିତ ବିଜୟ ହେଉଛି ଏହାର ଲକ୍ଷ୍ୟ । ମାତ୍ର ସେଠାରେ ଯାଇ ପହଞ୍ଚିବାର ପଥଟି ଆଗରୁ କାହାକୁ ଜଣା ନାହିଁ । ଅନାବିଷ୍କୃତ ପଥ ଅତିକ୍ରମ କରି ତାହାକୁ ପାହାଚ ପାହାଚ

'oaob.nitrkl.ac.in' images reprocessed

କରି ଆବିଷ୍କାର କରିବାକୁ ପଡ଼ିବ । ଏହା ଏପରି ଏକ କାର୍ଯ୍ୟ, ଯାହାକି ଏହି ବିଶ୍ୱର ଇତିହାସରେ କେବେହେଲେ ସମ୍ପାଦିତ ହୋଇ ନାହିଁ; ଏବଂ, ଆଉ ଯେତେବେଳେ ଏହି କାର୍ଯ୍ୟଟି ସମ୍ପାଦିତ ହେବ, ତାହା ସେତେବେଳେ ଠିକ୍ ଏହିପରି ଭାବରେ କଦାପି ସମ୍ପାଦିତ ହେବ ନାହିଁ । ଯଦି ତୁମର ଏଥିଲାଗି ଆଗ୍ରହ ରହିଥାଏ, ... ତେବେ ଚାଲ, ଆମେସବୁ ସେହି ପଥରେ ଅଗ୍ରସର ହୋଇଯିବା । ଏବଂ ସେହି ଯାତ୍ରାରେ ତୁମର କାଲି କ'ଣ ହେବ,— ମୁଁ ସେହି ବିଷୟରେ କିଛି କହିପାରିବି ନାହିଁ ।

ଆଗରୁ ଯାହାକିଛି ଦୃଷ୍ଟ ହୋଇଛି, ଯାହାକିଛି ଆବିଷ୍କୃତ ହୋଇଛି ଏବଂ ଯାହାକିଛି ଗଠିତ ହୋଇସାରିଛି, ସେସବୁକୁ ପଛରେ ପକାଇ ବାହାରି ଯିବାକୁ ହେବ... ହଁ, ସେହି ଅଜ୍ଞାତ ମଧ୍ୟକୁ ପାଦ ପକାଇ ଅଗ୍ରସର ହୋଇଯିବାକୁ ପଡ଼ିବ । ଏବଂ,— ଯାହା ଘଟିବାର ଥିବ ଘଟିବ । ହଁ, ଠିକ୍ ସେହିକଥା !

'oaob.nitrkl.ac.in' images reprocessed

## ୧୭ ଜୁଲାଇ ୧୯୫୭

ବହିରୁ ଆଜି ଯାହା ପଢ଼ାହେଲା ତାହା ବିଷୟରେ କ'ଣ କାହାର କିଛି ପଚାରିବାର ନାହିଁ ?... ଆଜି ସନ୍ଧ୍ୟାରେ ମୁଁ ମଧ୍ୟ ତୁମମାନଙ୍କୁ ଖାସ୍ କିଛି କହିବି ନାହିଁ । ଏବଂ, ଶରୀରର କ୍ଷେତ୍ରରେ ଉପଲବ୍ଧ ହେବାକୁ ଯାଉଥିବା ସେହି ନୂତନ ପରିପୂର୍ଣ୍ଣତାମାନ ଯେ କ'ଣ ହେବ, ସେକଥା ଜାଣିବା ଲାଗି ତୁମମାନଙ୍କର ଯଦି କୌଣସି ଆଗ୍ରହ ନ ଥାଏ...

*ମାଆ, ଆମେ ଏଠାରେ ଯେଉଁ ଶାରୀରିକ ଶିକ୍ଷାର ଅଭ୍ୟାସ କରୁଛୁ, ଶରୀର ଉପରେ ଅଧିକରୁ ଅଧିକ ନିୟନ୍ତ୍ରଣ ଶକ୍ତି ହାସଲ କରିବାହିଁ ସେହି ଶିକ୍ଷାର ଲକ୍ଷ୍ୟ ହୋଇ ରହିଛି, ନୁହେଁ କି ? ତେଣୁ, ଶ୍ରୀଅରବିନ୍ଦ ଲେଖିଥିବା ଯେଉଁ କଥାଟିକୁ ଆମେ ଗତଥର ପଢ଼ିଥିଲୁ, ଯଦି ହଠଯୋଗ ଏବଂ ତାନ୍ତ୍ରିକ ପ୍ରଣାଳୀଗୁଡ଼ିକ ଦ୍ୱାରା ଶରୀର ଉପରେ ପ୍ରକୃତ ନିୟନ୍ତ୍ରଣ-ଶକ୍ତି ହାସଲ ହୋଇପାରିଲା,* ତେବେ ଆମେ ଆମ ଶିକ୍ଷାକ୍ରମଟି ଭିତରେ ମଧ୍ୟ କାହିଁକି ସେହିସବୁ ପ୍ରଣାଳୀକୁ ଅନ୍ତର୍ଭୁକ୍ତ ନ କରିବା ?*

---

*"ଆମ ଭିତରେ କେତେକ ବସ୍ତୁ ରହିଛି ଓ ଆହୁରି କେତେକକୁ ଆମ ଭିତରେ ବିକଶିତ କରି ଆଣିବାକୁ ପଡ଼ିବ; ସମ୍ଭବତଃ କେନ୍ଦ୍ରସ୍ଥ ଏବଂ ଆମର ସତ୍ତା ମଧ୍ୟରେ ତଥାପି ଗୁପ୍ତ ହୋଇ ରହିଥିବା ଏପରି ଏକ ଅଂଶକୁ ବିକଶିତ କରାଇ ଆଣିବାକୁ ପଡ଼ିବ, ଯାହାର ଶକ୍ତିଗୁଡ଼ିକ କି ଆମର ଏହି ବର୍ତ୍ତମାନ ବାସ୍ତବ ଗଠନଟିରେ ଯାହା ସମ୍ଭାବ୍ୟ ହୋଇଥା'ନ୍ତା, ତାହାର କେବଳ ଏକ କ୍ଷୁଦ୍ର ଭଗ୍ନାଂଶରେହିଁ ବିକଶିତ ହୋଇପାରିଛନ୍ତି । ମାତ୍ର ସେଗୁଡ଼ିକର ଯଦି ସଂପୂର୍ଣ୍ଣ ବିକାଶ ହୋଇପାରିବ ଓ ଯଦି ସେହିଗୁଡ଼ିକହିଁ ଆମ ଭିତରେ ପ୍ରଧାନ ଶକ୍ତିରୂପେ କାର୍ଯ୍ୟ କରିପାରିବେ, ତେବେ, ଆତ୍ମା ତଥା ଅତିମାନସ ଋତ-ଚିତ୍‌ର ଆଲୋକ ଏବଂ ଶକ୍ତିମତ୍ତାର ସାହାଯ୍ୟରେ ସେହିଗୁଡ଼ିକହିଁ ଯଥାର୍ଥ ଭାବରେ ଆବଶ୍ୟକ ଶରୀରଗତ ରୂପାନ୍ତର ଓ ସେଥିରୁ ଲବ୍ଧ ଫଳଗୁଡ଼ିକୁ ସମ୍ଭବ କରି ଆଣିପାରିବେ । ତନ୍ତ୍ରମାର୍ଗୀୟ ଜ୍ଞାନରେ ଯେଉଁ ଚକ୍ରସାଧନାର ପରିଚୟ ଦିଆଯାଇଛି ଏବଂ ଯୋଗର ମାର୍ଗ ମଧ୍ୟ ଯାହାକୁ ଗ୍ରହଣ କରି ନେଇଛି, ସେଠାରେ ମଧ୍ୟ ଆମେ ଇଚ୍ଛା କଲେ ସେହି କଥାଟିକୁ ଜାଣିବାକୁ ପାଇବା । ଏହି ଚକ୍ରଗୁଡ଼ିକୁ ଆମେ ଏପରି ଗୋଟିଏ ଗୋଟିଏ ସଚେତନ କେନ୍ଦ୍ର ବୋଲି ଜାଣିବା ଏବଂ ଆମ ସତ୍ତାର ଯାବତୀୟ ଗତିଶୀଳ ଶକ୍ତିର ଉତ୍ସ ବୋଲି ଜାଣିବା, ଯାହାକି ନିମ୍ନତମ ଶାରୀରିକ ଭୂମିରୁ ଉଚ୍ଚତମ ମାନସିକ ଭୂମି ତଥା ସହସ୍ରାର-ପଦ୍ମରୂପେ ଅଭିହିତ ସେହି ଆଧ୍ୟାତ୍ମିକ କେନ୍ଦ୍ରଟି ପର୍ଯ୍ୟନ୍ତ ଏକ ଆରୋହଧର୍ମୀ କ୍ରମରେ କେତୋଟି ଚକ୍ରର ମଧ୍ୟଦେଇ ସଂଗଠିତ ହୋଇ ରହିଛି । ସେହି ସହସ୍ର ଦଳକୁ ଆରୋହଣ କରିଯାଇପାରିଲେ ପ୍ରକୃତି-ଶକ୍ତି ବା

'oaob.nitrkl.ac.in' images reprocessed

ଆମେ ଏଗୁଡ଼ିକ କେତୋଟି ଗୂଢ଼ ପ୍ରକ୍ରିୟା ବୋଲି ଜାଣିବା ଯେଉଁଗୁଡ଼ିକ କି ଶରୀର ଉପରେ କାର୍ଯ୍ୟ କରିଥା'ନ୍ତି । ଅନ୍ତତଃ ତାନ୍ତ୍ରିକ ସାଧନଗୁଡ଼ିକୁ ଆମେ ଠିକ୍ ତାହାହିଁ ବୋଲି ଜାଣିବା । ମାତ୍ର, ଶରୀର ତାହାର ବର୍ତ୍ତମାନ ଅବସ୍ଥାରେ ଯେଉଁସବୁ ପରିପୂର୍ଣ୍ଣତା ହାସଲ କରିବା ଲାଗି ସମର୍ଥ ହୋଇପାରିବ, ତାହାକୁ ସେଗୁଡ଼ିକ ଆଣିଦେବା ଲାଗି ଆଧୁନିକ ପ୍ରଣାଳୀଗୁଡ଼ିକ ସାଧାରଣ ଶାରୀରିକ ପ୍ରକ୍ରିୟାଟିରହିଁ ଅନୁସରଣ କରିଥା'ନ୍ତି ।... ତୁମର ପ୍ରଶ୍ନଟିକୁ ମୁଁ ଠିକ୍ ଭାବରେ ବୁଝିପାରିଲି ନାହିଁ । ଏହି ପ୍ରକ୍ରିୟାଗୁଡ଼ିକ ହେଉଛି ନାନା ରକମର ଭିନ୍ନ ଭିନ୍ନ ପ୍ରକ୍ରିୟା ।

ଜଡ଼ ଉପରେ ସଚେତନ ଇଚ୍ଛାଶକ୍ତି ଯେଉଁ ଶକ୍ତିଟିକୁ କାର୍ଯ୍ୟକାରୀ କରିଥାଏ, ତାହାହିଁ ଏହି ଯାବତୀୟ ପ୍ରଣାଳୀର କ୍ଷେତ୍ରରେ ଭୂମି ହୋଇ ରହିଛି । ସାଧାରଣତଃ, ଏହାକୁ ଏପରି ଏକ ପ୍ରଣାଳୀ ବୋଲି କୁହାଯାଇପାରିବ, ଯାହାକୁ କି ଜଣେ କେହି ହୁଏତ ସଫଳତାର ସହିତ କାମରେ ଲଗାଇ ପାରିଛି ଓ ତା'ପରେ ତାକୁ ଏକ କାର୍ଯ୍ୟକାରୀ ସିଦ୍ଧାନ୍ତରୂପେ ଆଣି ରଖିଦେଇଛି । ସିଏ ଅନ୍ୟମାନଙ୍କୁ ମଧ୍ୟ ସେହି ପ୍ରଣାଳୀଟିକୁ ଶିକ୍ଷା ଦେଇଛି ଏବଂ ସେମାନେ ବି ତା'ପରେ ସେଇଟିର ଅଭ୍ୟାସ କରିଛନ୍ତି, ସେଇଟିକୁ ଆହୁରି ଅଧିକ ପରିପୂର୍ଣ୍ଣ କରିବାକୁ ବି ଚେଷ୍ଟା କରିଛନ୍ତି ଏବଂ ଏହିପରି ପରିଶେଷରେ ତାହା ଅମୁକ ବା ସମୁକ ଏକ ସାଧନାମାର୍ଗରୂପେ କ୍ରମେ ପ୍ରାୟ ନିର୍ଦ୍ଦିଷ୍ଟ ଆକାରଟିଏ ଧାରଣ

---

ତନ୍ତ୍ରମାର୍ଗୀମାନଙ୍କ ଦ୍ୱାରା ବର୍ଣ୍ଣିତ ସେହି କୁଣ୍ଡଳିନୀ ଶକ୍ତି ବ୍ରହ୍ମ ସାକ୍ଷାତ୍କାର ଲାଭ କରିଥାଏ ଏବଂ ଦିବ୍ୟ ପରମସତ୍ତା ମଧ୍ୟକୁ ମୁକ୍ତିଲାଭ କରିଥାଏ । ଏହି କେନ୍ଦ୍ରଗୁଡ଼ିକ ଆମ ଭିତରେ ଅବରୁଦ୍ଧ ବା ଅର୍ଦ୍ଧ-ଅବରୁଦ୍ଧ ଅବସ୍ଥାରେ ରହିଥା'ନ୍ତି ଏବଂ ଆମ ଶରୀର-ଭୂମିର ପ୍ରକୃତିରେ ସେଗୁଡ଼ିକରେ ନିହିତ ହୋଇ ରହିଥିବା ସଂପୂର୍ଣ୍ଣ ଶକ୍ତିକୁ ରୂପାୟିତ ଓ ପ୍ରକଟ କରି ଆଣିବାକୁ ହେଲେ ଆମକୁ ପ୍ରଥମେ ସେହି କେନ୍ଦ୍ରଗୁଡ଼ିକୁ ଉନ୍ମୋଚିତ କରିଦେବାକୁହିଁ ପଡ଼ିବ । ମାତ୍ର ଥରେ ସେଗୁଡ଼ିକ ଉନ୍ମୋଚିତ ହୋଇ ପୂର୍ଣ୍ଣସକ୍ରିୟ ହେବାକୁ ଆରମ୍ଭ କଲେ ସେଗୁଡ଼ିକର ଅନ୍ତର୍ନିହିତ ସମ୍ଭାବ୍ୟ ଶକ୍ତି ଏବଂ ପୂର୍ଣ୍ଣ ରୂପାନ୍ତରର ପ୍ରକ୍ରିୟାଟିରେ ସହଜରେ ଆଦୌ କୌଣସି ସୀମା ଧାର୍ଯ୍ୟ କରିଦେଇ ହେବ ନାହିଁ... ମାତ୍ର, ଏତେସବୁ ପରିବର୍ତ୍ତନ ସତ୍ତ୍ୱେ ବି ସ୍ଥୂଳ ପ୍ରକ୍ରିୟାଗୁଡ଼ିକର ତଥାପି ଏକ ଅବଶେଷ ରହିଯିବ, ଯାହାକି ପୁରାତନ ଜୀବନ ପ୍ରଣାଳୀଟିକୁ ଜାବୁଡ଼ି ଧରିଥିବ ଓ ଉଚ୍ଚତର ନିୟନ୍ତ୍ରଣଟି ପାଖରେ ଆଦୌ ଧରା ଦେଉ ନ ଥିବ । ଏବଂ, ଏଇଟିରେ ମଧ୍ୟ ଏକ ଉପଯୁକ୍ତ ପରିବର୍ତ୍ତନ ଆଣି ନ ପାରିଲେ ଅବଶିଷ୍ଟ ଯାବତୀୟ ରୂପାନ୍ତର ମଧ୍ୟ ବାଧାପ୍ରାପ୍ତ ଏବଂ ଅସଂପୂର୍ଣ୍ଣ ହୋଇ ରହିଯିବାର ପୂର୍ଣ୍ଣ ଆଶଙ୍କା ନିଶ୍ଚୟ ରହିଥିବ । ଶରୀରର କ୍ଷେତ୍ରରେ ଏକ ସମଗ୍ର ରୂପାନ୍ତର ସାଧନ କରିବାକୁ ହେଲେ ତାହା ଆମ ଦେହର ସୂକ୍ଷ୍ମତମ ଭାଗଟିର ବି ଯଥେଷ୍ଟ ପରିବର୍ତ୍ତନ ଦାବି କରୁଥିବ, ତାହାର ଗଠନ, ଯାବତୀୟ ପ୍ରକ୍ରିୟା ଏବଂ ପ୍ରକୃତିଗତ ସ୍ଥିତିର କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଦାବି କରୁଥିବ ।''

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୩୪-୩୫

'oaob.nitrkl.ac.in' images reprocessed

କରି ନେଇଛି । କିନ୍ତୁ, ଶରୀର ଉପରେ ସଚେତନ ଇଚ୍ଛାଶକ୍ତି ଯେଉଁ କ୍ରିୟା କରିଥାଏ, ତାହାହିଁ ଏହି କ୍ଷେତ୍ରରେ ସର୍ବଦା ଭୂମି ହୋଇ ରହିଛି । ତେଣୁ, ପ୍ରଣାଳୀଟି ବାସ୍ତବ କ୍ଷେତ୍ରରେ କେଉଁପରି ଆକାର ଗ୍ରହଣ କରିଛି, ତାହା କଦାପି ସର୍ବମୂଳ ମହତ୍ତ୍ୱପୂର୍ଣ୍ଣ ବିଷୟ ନୁହେଁ । ବିଭିନ୍ନ ଦେଶରେ ଓ ବିଭିନ୍ନ କାଳରେ ଏହିପରି ଗୋଟିଏ ନା ଗୋଟିଏ ପ୍ରଣାଳୀକୁ କାମରେ ଲଗାଯାଇଛି, ମାତ୍ର ସର୍ବଦା ସେହି ପ୍ରଣାଳୀଟି ପଛରେ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ନିରୂପିତ ଏକ ମାନସିକ ଶକ୍ତି ରହିଛି, ଯାହାକି ବିଧିବଦ୍ଧ ଭାବରେ ଆପଣାର କାର୍ଯ୍ୟଟିକୁ କରିଛି । ଅବଶ୍ୟ ଏକଥା ସତ ଯେ, କେତେକ ପ୍ରଣାଳୀ ଏପରି ଏକ ଉଚ୍ଚତର ଶକ୍ତିକୁ ମଧ୍ୟ କାମରେ ଲଗାଇବାକୁ ଚେଷ୍ଟା କରିଛନ୍ତି, ଏବଂ ସେହି ଉଚ୍ଚତର ଶକ୍ତି ଆପଣାର ସାମର୍ଥ୍ୟକୁ ମାନସିକ ଶକ୍ତିଟି ମଧ୍ୟକୁ ସଞ୍ଚାରିତ କରି ଆଣିଛି : ମାନସିକ ପ୍ରଣାଳୀଟିକୁ ଯଦି ଏକ ଉଚ୍ଚତର ସୋପାନର ଶକ୍ତି ସଂଚରଣ ଦ୍ୱାରା ପୁଷ୍ଟ କରି ଦିଆଯାଇଛି, ତେବେ ସେହି ପ୍ରଣାଳୀଟି ସ୍ୱଭାବତଃ ଅଧିକ ଫଳଦାୟକ ଓ ଅଧିକ ଶକ୍ତିଶାଳୀ ମଧ୍ୟ ହୋଇପାରିଛି । ମାତ୍ର, ସବୁଠାରୁ ବଡ଼ କଥା ହେଉଛି ଯେ, ଏହି ସବୁଯାକ ସାଧନା ମୂଳତଃ ସେଇଟିକୁ ଅଭ୍ୟାସ କରୁଥିବା ବ୍ୟକ୍ତିଟି ଉପରେହିଁ ନିର୍ଭର କରୁଥାଏ; ସିଏ ଯେଉଁପରି ଭାବରେ ସେଗୁଡ଼ିକୁ କାମରେ ଲଗାଏ, ତାହାରି ଉପରେହିଁ ନିର୍ଭର କରୁଥାଏ । ଏପରିକି ସ୍ଥୂଳତମ, ସାଧାରଣ ପ୍ରକ୍ରିୟାଗୁଡ଼ିକରେ ମଧ୍ୟ ସେଗୁଡ଼ିକ ମଧ୍ୟରେ ଏକ ଉଚ୍ଚତର ଶୃଙ୍ଖଳାକୁ ସଞ୍ଚାରିତ କରି ଆଣିବା ଲାଗି ଜଣେ ବ୍ୟକ୍ତି ଏହି ସଂପୂର୍ଣ୍ଣତଃ ବହିରଙ୍ଗ ଭୂମିଟିକୁ ବେଶ୍ କାମରେ ଲଗାଇପାରେ । ଏବଂ, ସେହି ପ୍ରଣାଳୀଗୁଡ଼ିକ ଯାହା ହୋଇଥାଉ ନା କାହିଁକି, ସେଗୁଡ଼ିକ ସବୁଯାକହିଁ ସେଗୁଡ଼ିକୁ କାମରେ ଲଗାଉଥିବା ବ୍ୟକ୍ତିଟି ଉପରେ ଏବଂ ସେଗୁଡ଼ିକ ମଧ୍ୟରେ ସିଏ କେଉଁ ମୂଲ୍ୟଗୁଡ଼ିକର ଆରୋପଣ କରିପାରିଛି, ତାହାରି ଉପରେ ନିର୍ଭର କରୁଥାଏ ।

ଏଠାରେ ଆଉ ଗୋଟିଏ କଥା ବି ସ୍ମରଣ ରଖିବା ଉଚିତ । ଯଦି ଆମେ ବିଷୟଟିକୁ ତାହାର ଆଧୁନିକତମ ଏବଂ ବାହ୍ୟତମ ଆକାରରେ ବିଚାର କରିବାକୁ ଯିବା, ତେବେ ଏପରି କିପରି ହୋଇପାରୁଛି ଯେ ଆମର ଦୈନନ୍ଦିନ ଜୀବନରେ ପ୍ରାୟ ସତତ ଭାବରେ ଆମ ଅଙ୍ଗର ଯେଉଁସବୁ ସଞ୍ଚାଳନ ହେଉଛି, ବା, ଆମେ କରୁଥିବା ଯେକୌଣସି ଶାରୀରିକ କାର୍ଯ୍ୟରେ ଆମ ଅଙ୍ଗଗୁଡ଼ିକର ଯେଉଁସବୁ ଚାଳନ ଓ ପ୍ରଚାଳନ ପ୍ରାୟ ସବୁବେଳେ ହେଉଛି, ଆମ ମାଂସପେଶୀଗୁଡ଼ିକର ବିକାଶ ସାଧନରେ ଓ ଶରୀରରେ ଏକ ସୁସମଞ୍ଜସତା ସୃଷ୍ଟି କରିବାରେ ସେଗୁଡ଼ାକ ଆଦୌ କୌଣସି ସାହାଯ୍ୟ କରୁ ନାହିଁ, ବା କଲେ ଅତ୍ୟନ୍ତ ନଗଣ୍ୟ ପରିମାଣରେହିଁ ସାହାଯ୍ୟ କରୁଛି ? ମାତ୍ର, ଅନ୍ୟ ପକ୍ଷରେ, ଯଦି ଠିକ୍ ସେହିଗୁଡ଼ିକୁ ସଚେତନ ଭାବରେ, ଇଚ୍ଛାକୃତ ଭାବରେ ଏକ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି କରାଯାଉଛି, ତେବେ ମାଂସପେଶୀକୁ ବଳିଷ୍ଠ କରିବାରେ ଏବଂ ଶରୀରର ସୁସ୍ଥ ଗଠନ ଦିଗରେ ତାହା

'oaob.nitrkl.ac.in' images reprocessed

ତୁମକୁ ତତ୍‌କ୍ଷଣାତ୍ ସାହାଯ୍ୟ କରିବାକୁହିଁ ଆରମ୍ଭ କରୁଛି । ଉଦାହରଣ ସ୍ୱରୂପ, ଏପରି ଅନେକ କାର୍ଯ୍ୟ ରହିଛି, ଯେଉଁଥିରେ କି ଲୋକମାନଙ୍କୁ କେଡ଼େ ଭାରି ଭାରି ଜିନିଷ ବୋହିବାକୁ ପଡୁଛି, ସିମେଣ୍ଟ ବସ୍ତା, ଶସ୍ୟ ଭର୍ତ୍ତି ହୋଇଥିବା ବସ୍ତା ବା କୋଇଲା ବସ୍ତା ବୋହିବାକୁ ପଡୁଛି ଏବଂ ସେଥିଲାଗି ସେମାନଙ୍କୁ କଠିନ ପରିଶ୍ରମ ମଧ୍ୟ କରିବାକୁ ପଡୁଛି; ଏବଂ କେତେକ ପରିମାଣରେ ଏକ ଅର୍ଜିତ ସହଜତା ସହିତ ସେମାନେ ତାହା ବେଶ୍ କରିପାରୁଛନ୍ତି । ମାତ୍ର ତଦ୍ୱାରା ସେମାନଙ୍କର ଦେହ ଲାଗି ଏକ ସୁସମଞ୍ଜସତା ଅର୍ଜନ କରିବା ଦିଗରେ ସେମାନଙ୍କୁ କିଛି ମିଳୁ ନାହିଁ । କାରଣ, ଆପଣାର ମାଂସପେଶୀଗୁଡ଼ିକର ବିକାଶସାଧନ କରିବାର ବିଚାର ରଖି ସେମାନେ ଏହି କାର୍ଯ୍ୟଟିକୁ ଆଦୌ କରୁ ନାହାନ୍ତି । ସେମାନେ ସେହି କାର୍ଯ୍ୟକୁ କେବଳ "ସେମିତି"ହିଁ କରୁଛନ୍ତି । ମାତ୍ର ଯିଏ କୌଣସି ଏକ ପ୍ରଣାଳୀର ଅନୁସରଣ କରୁଛି,– ସେଇଟିକୁ ସେ କାହାରିଠାରୁ ଶିଖିଥାଉ ଅଥବା ନିଜେ ସେଇଟିକୁ ଉଦ୍‌ଭାସିତ କରି ଆଣିଥାଉ,– ଯିଏ ମାଂସପେଶୀଗୁଡ଼ିକର ବିକାଶସାଧନ କରିବା ଓ ଆପଣାର ଶରୀର ଲାଗି ଏକ ସାଧାରଣ ସୁସମଞ୍ଜସତା ହାସଲ କରିବାର ଏକ ନିର୍ଦ୍ଦିଷ୍ଟ ଇଚ୍ଛା ରଖି ଠିକ୍ ସେହି ଅଙ୍ଗଚାଳନାଗୁଡ଼ିକୁ କରୁଛି, ସିଏ ସଫଳତା ଲାଭ କରିପାରୁଛି । ତେଣୁ, ଆମର ସଚେତନ ଇଚ୍ଛାଟି ମଧ୍ୟରେ ଏପରି ଏକ ବସ୍ତୁ ରହିଛି, ଯାହାକି ଖାସ୍ ଅଙ୍ଗଚାଳନାଟି ସହିତ ପ୍ରଭୂତ ଭାବରେ ଆହୁରି କେତେ କ'ଣ ଲାଭକୁ ଆଣି ସଂଯୁକ୍ତ କରିଦେଉଛି । ଶାରୀରିକ କର୍ଷଣ କହିଲେ ବର୍ତ୍ତମାନ ତଦ୍ୱାରା ଯାହା ବୁଝାଯାଉଛି, ଯେଉଁମାନେ ସେଇଟିର ଅଭ୍ୟାସ କରିବାକୁ ଇଚ୍ଛା କରନ୍ତି, ସେମାନେ ଯାହାକିଛି କରନ୍ତି, ତାହାକୁ ସଚେତନ ଭାବରେହିଁ କରନ୍ତି । ଶିଡ଼ି ଦେଇ ତଳକୁ ଓହ୍ଲାଇ ଗଲାବେଳେ ସଚେତନ ହୋଇ ଓହ୍ଲାଇ ଯାଆନ୍ତି, ସାଧାରଣ ଜୀବନରେ କରୁଥିବା ଯାବତୀୟ ଅଙ୍ଗଚାଳନାକୁ ସେମାନେ ସଚେତନ ଭାବରେ କରନ୍ତି, ଯାନ୍ତ୍ରିକ ଭାବରେ କେବେହେଲେ କରନ୍ତି ନାହିଁ । ଯେତେ ନିରୀକ୍ଷଣ କରି ଦେଖିଲେ ମଧ୍ୟ ଆମେ ହୁଏତ ଏହି କ୍ଷେତ୍ରରେ ପ୍ରାୟ କୌଣସି ଫରକ ଦେଖିବାକୁ ପାଇବା ନାହିଁ; ମାତ୍ର ଆପଣାର ସେହି କାର୍ଯ୍ୟଟିକୁ ସେମାନେ ଯେଉଁ ଇଚ୍ଛାଶକ୍ତି ସହିତ ବା ଯେପରି ଚେତନାଯୁକ୍ତ ଭାବରେ କରନ୍ତି, ସବୁଠାରୁ ବଡ଼ ଫରକଟି ସେହିଠାରେହିଁ ନିହିତ ହୋଇ ରହିଥାଏ । କୌଣସି ସ୍ଥାନକୁ ଯିବାବେଳେ ଆମେ ଯେଉଁ ବାଟ ଚାଲୁ ଏବଂ ଏକ ବ୍ୟାୟାମ ହିସାବରେ ଯେଉଁ ବାଟତକ ଚାଲୁ,– ଏହି ଦୁଇଟିକୁ ଆମେ କଦାପି ଏକା କଥା ବୋଲି କହିପାରିବା ନାହିଁ । ଏହିସବୁ ଭିତରେ ଯେଉଁ ସଚେତନ ଇଚ୍ଛାଟି ନିହିତ ହୋଇ ରହିଥାଏ, ତାହାକୁହିଁ ଆମେ ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ କଥାଟି ବୋଲି ଜାଣିବା; ତାହାହିଁ ଆମ ଅଗ୍ରଗତିର ବିଧାନ କରିଥାଏ ଏବଂ ଈପ୍‌ସିତ ଫଳଟିକୁ ଲାଭ କରିଥାଏ । ତେଣୁ, ମୋ କହିବାର ତାତ୍ପର୍ଯ୍ୟ ହେଉଛି,

'oaob.nitrkl.ac.in' images reprocessed

ଆମେ ଯେଉଁ ପ୍ରଣାଳୀଟିକୁ ବ୍ୟବହାର କରୁ, ଖାସ୍ ସେଇଟିର କେବଳ ଏକ ଆପେକ୍ଷିକ ମହତ୍ତ୍ୱହିଁ ରହିଛି; ଏକ ନିର୍ଦ୍ଦିଷ୍ଟ ଫଳ ଲାଭ କରିବା ସକାଶେ ଆମ ଭିତରେ ଯେଉଁ ଇଚ୍ଛାଶକ୍ତି ରହିଥାଏ, ତାହାହିଁ ମହତ୍ତ୍ୱପୂର୍ଣ୍ଣ ।

ଜଣେ ଯୋଗୀ ଅଥବା ଯୋଗୀ ହେବା ଲାଗି ଆକାଙ୍କ୍ଷା ରଖିଥିବା ଜଣେ ବ୍ୟକ୍ତି ଏକ ଆଧ୍ୟାତ୍ମିକ ଫଳଲାଭ ସକାଶେ ବା ନିଜର ଶରୀର ଉପରେ କେବଳ ଏକ ନିୟନ୍ତ୍ରଣ ହାସଲ କରିବା ସକାଶେ ଯେଉଁ ଆସନଗୁଡ଼ିକର ଅଭ୍ୟାସ କରେ, ସେ ତଦ୍ଦ୍ୱାରା ପ୍ରକୃତରେ ସେହିସବୁ ଫଳ ଲାଭ କରେ, କାରଣ ସେ ଏହି ଲକ୍ଷ୍ୟଟିକୁ ଆଗରେ ରଖି ସେଗୁଡ଼ିକ କରୁଥାଏ । ଅନ୍ୟ ପକ୍ଷରେ, ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଠିକ୍ ଅଭ୍ୟାସଟି କରୁଥା'ନ୍ତି ସତ, ମାତ୍ର ତାହା ପଛରେ ରହିଥିବା କାରଣଗୁଡ଼ିକର ଆଧ୍ୟାତ୍ମିକ ଉନ୍ନତି ସହିତ ଆଦୌ କୌଣସି ସମ୍ବନ୍ଧ ନ ଥାଏ, ଏବଂ ତଦ୍ଦ୍ୱାରା ସେମାନେ ଟିକିଏ ଉତ୍ତମ ସ୍ୱାସ୍ଥ୍ୟ ବି ଲାଭ କରିପାରନ୍ତି ନାହିଁ । ଏବଂ ତଥାପି ସେମାନେ ଠିକ୍ ସେହିଗୁଡ଼ିକରହିଁ ଅଭ୍ୟାସ କରୁଥା'ନ୍ତି, ଅନେକ ସମୟରେ ଜଣେ ଯୋଗୀଠାରୁ ଅଧିକ ଭଲ ଭାବରେ ହୁଏତ ସେଗୁଡ଼ିକୁ କରୁଥା'ନ୍ତି, ମାତ୍ର ତଥାପି ତଦ୍ଦ୍ୱାରା ଏକ ସ୍ଥାୟୀ ସୁସ୍ୱାସ୍ଥ୍ୟ ବି ଲାଭ କରି ପାରନ୍ତି ନାହିଁ । କାରଣ, ଏହି ବିଷୟରେ ସେମାନେ କିଛି ଭାବି ନ ଥା'ନ୍ତି, ମନରେ ଏହିପରି ଏକ ଉଦ୍ଦେଶ୍ୟ ରଖି ସେମାନେ ତାହା କରି ନ ଥା'ନ୍ତି । ମୁଁ ନିଜେ ସେମାନଙ୍କୁ ଯାଇ ପଚାରିଛି, କହିଛି, "କିନ୍ତୁ ଏତେସବୁ କରିବା ସତ୍ତ୍ୱେ ତୁମେ ଅସୁସ୍ଥ ହୋଇପାରୁଛ କିପରି ?" "ଆରେ, ମୁଁ ଏ ବିଷୟରେ ଆଦୌ କୌଣସି ଚିନ୍ତାହିଁ କରି ନ ଥିଲି, ମୁଁ ସେଥିଲାଗି ଏସବୁ କରୁ ନ ଥିଲି ।" ଏସବୁ କଥାର ତାତ୍ପର୍ଯ୍ୟ ହେଉଛି ଯେ ସଚେତନ ଇଚ୍ଛାହିଁ ଜଡ଼ ଉପରେ ଆପଣାକୁ କ୍ରିୟାଶୀଳ କରାଇଥାଏ, ସ୍ଥୂଳ କାର୍ଯ୍ୟଟି ତାହା କଦାପି କରେ ନାହିଁ ।

ମାତ୍ର, ଯଦି ତୁମେ ବି ଚେଷ୍ଟା କରି ଦେଖିବ, ତୁମେ ମଧ୍ୟ ମୋ କହୁଥିବା କଥାର ଅର୍ଥଟିକୁ ଉତ୍ତମ ରୂପେ ବୁଝିପାରିବ । ଉଦାହରଣ ସ୍ୱରୂପ, ଲୁଗା ପିନ୍ଧିବା ସମୟରେ, ଗାଧୋଇବା ସମୟରେ ବା ଘର ସଫା କରିବା ସମୟରେ,— ଯାହାକିଛି କରିବା ସମୟରେ ବି,— ତୁମକୁ ଯେଉଁସବୁ ଅଙ୍ଗଚାଳନା କରିବାକୁ ପଡ଼ିଥାଏ,ସେଗୁଡ଼ିକୁ ତୁମେ ସଚେତନ ଭାବରେ କରିବ, ତଦ୍ଦ୍ୱାରା ଏହି ମାଂସପେଶୀ ବା ସେହି ମାଂସପେଶୀଟି ସଂଚାଳିତ ହେବ ବୋଲି ଇଚ୍ଛା କରିହିଁ ତୁମେ ତାହା କରିବ । ତେବେ ଦେଖିବ, ତୁମେ ତଦ୍ଦ୍ୱାରା ଆଶ୍ଚର୍ଯ୍ୟଜନକ ଫଳ ଲାଭ କରିବ ।

ଶିଡ଼ି ଦେଇ ଉପରକୁ ଯିବା ଓ ଶିଡ଼ି ଦେଇ ତଳକୁ ଓହ୍ଲାଇ ଆସିବା,— ଯଦି ତୁମେ ଏହାର ଉଚିତ ଅନୁଶୀଳନ କରି ଜାଣିଥିବ, ତେବେ ଶାରୀରିକ କୃଷ୍ଟି ଦୃଷ୍ଟିରୁ ତାହା ତୁମର ଯେ କେତେ ଉପକାର କରିବ, ତୁମେ ସେକଥା ଆଦୌ କଳ୍ପନା କରିପାରିବ

'oaob.nitrkl.ac.in' images reprocessed

ନାହିଁ । ସାଧାରଣ ଲୋକମାନେ ଯେପରି କରିଥା'ନ୍ତି, ଖାଲି ଉପରକୁ ଯିବାର ଅଛି ବୋଲି ଉପରକୁ ନ ଯାଇ କିଂବା ତଳକୁ ଓହ୍ଲାଇବାକୁ ଅଛି ବୋଲି ତଳକୁ ନ ଓହ୍ଲାଇ, ଏହି କାର୍ଯ୍ୟଗୁଡ଼ିକୁ କଲାବେଳେ କାର୍ଯ୍ୟକାରୀ ହେଉଥିବା ସବୁଯାକ ମାଂସପେଶୀ ବିଷୟରେ ସଚେତନ ହୋଇ ଓ ସେଗୁଡ଼ିକୁ ସୁସମଞ୍ଜସ ଭାବରେ ସକ୍ରିୟ କରିବା ବିଷୟରେ ମଧ୍ୟ ସଚେତନ ହୋଇ ତୁମେ ଶିଢ଼ି ଦେଇ ଉପରକୁ ଯାଅ । ତେବେ ତା'ର ଫଳ କ'ଣ ହେବ, ସେକଥା ତୁମେ ନିଜେ ଦେଖିବ । କିଞ୍ଚିତ୍ ଚେଷ୍ଟା କର, ଦେଖିବ । ଏହାର ଅର୍ଥ ହେଉଛି ଯେ ନିଜ ଜୀବନର ଯାବତୀୟ ଅଙ୍ଗଚାଳନାକୁ ତୁମେ ଆପଣା ଶରୀରର ସୁସମଞ୍ଜସ ବିକାଶ ଲାଗି ଅବଶ୍ୟ କାମରେ ଲଗାଇପାରିବ ।

ତଳୁ କୌଣସି ଏକ ପଦାର୍ଥ ଉଠାଇ ନେବାକୁ ତୁମେ ତଳକୁ ନଇଁ ପଡୁଛ, ଆଲମାରି ଉପରେ ଥୁଆ ହୋଇଥିବା କୌଣସି ଜିନିଷ ଯାଏ ହାତ ପାଇବ ବୋଲି ତୁମେ ସେହି ଆଡ଼କୁ ହାତ ବଢ଼ାଉଛ, କବାଟ ଖୋଲୁଛ, ବନ୍ଦ କରୁଛ, ବାଟରେ କ'ଣ ଗୋଟାଏ ବାଧା ରହିଥିବାର ଦେଖି ତୁମେ ବାଟ ଭାଙ୍ଗି ବୁଲିଯାଉଛ,– ଏହିପରି ଶହେଟା କାମ ତୁମେ ସତତ କରିବାରେ ଲାଗିଛ । ଏବଂ ଏହି ଯାବତୀୟ କାମକୁ ତୁମେ ନିଜର ଶାରୀରିକ କୃଷ୍ଟି ଲାଗି ମଧ୍ୟ କାମରେ ଲଗାଇପାରିବ, ଏବଂ ତାହାହିଁ ତୁମକୁ ଦେଖାଇଦେବ ଯେ ପ୍ରକୃତରେ ଯେଉଁ ସଚେତନତା ସହିତ ତୁମେ କାର୍ଯ୍ୟଟିକୁ କରୁଛ, ତାହାହିଁ ତାହାର ଫଳଟିକୁ ଆଣିଦେଉଛି; ତୁମେ ସେହି କାର୍ଯ୍ୟଟିକୁ ଯେ କରୁଛ, ସେହି ସ୍ଥୂଳ ଘଟଣାଟି ତୁଳନାରେ ଶହେଗୁଣ ଅଧିକ ଫଳ ଆଣି ଦେଉଛି । ତେଣୁ, ତୁମେ ଯାହାକୁ ସର୍ବୋତ୍ତମ ପ୍ରଣାଳୀ ବୋଲି ଭାବୁଛ, ତୁମେ ସେଇଟିକୁ ବାଛିନିଅ, ସେଥିରେ କିଛି ଯାଏ ଆସେ ନାହିଁ । ମାତ୍ର ନିଜ ଦୈନନ୍ଦିନ ଜୀବନର ସମୁଦାୟ ଅବସରଟିକୁହିଁ ଏହିପରି ଭାବରେ କାମରେ ଲଗାଇ ପାରିବ । ... ଶରୀରର ସୁସମଞ୍ଜସତା ବିଷୟରେହିଁ ସତତ ଭାବନା ରହିଥିବ, ଅଙ୍ଗଚାଳନାଗୁଡ଼ିକରେ ନିହିତ ରହିଥିବା ସୌନ୍ଦର୍ଯ୍ୟ ବିଷୟରେ ଭାବନା ରହିଥିବ, ଯାହା ଅସୁନ୍ଦର ଏବଂ ଯାହା ଅକୁଶଳ, ତାହା କେବେହେଲେ ନ କରିବା ବିଷୟରେ ମଧ୍ୟ ଭାବନା ରହିଥିବ । ତେବେ ତଦ୍ୱାରା ତୁମେ ନିଜ ଅଙ୍ଗଚାଳନାର କ୍ଷେତ୍ରରେ ଓ ଆପଣା କର୍ମର କ୍ଷେତ୍ରରେ ଏକ ଅସାଧାରଣ ଛନ୍ଦୋମୟତାର ଉପଲବ୍ଧି କରିପାରିବ ।

ଆମେ ବର୍ତ୍ତମାନ ଏହିସବୁ ବିଷୟରେ ଧ୍ୟାନରେ ବସିବା ।

'oaob.nitrkl.ac.in' images reprocessed

## ୨୪ ଜୁଲାଇ ୧୯୫୭

*"ବସ୍ତୁତଃ, ଏକ ଅତିମାନସ ଏଠାରେ ଅବଶ୍ୟ ବିଦ୍ୟମାନ ରହିଛି, ମାତ୍ର ତାହା ସଂବୃତ ଅବସ୍ଥାରେ ରହିଛି । ରୂପାୟିତ ମନ, ପ୍ରାଣ ଏବଂ ଜଡ଼ର ପଛରେ ତାହା ପ୍ରଚ୍ଛନ୍ନ ହୋଇ ରହିଛି । ଏପର୍ଯ୍ୟନ୍ତ ମଧ୍ୟ ତାହା ପ୍ରକାଶ୍ୟ ଭାବରେ କାର୍ଯ୍ୟ କରି ନାହିଁ, ସ୍ୱଶକ୍ତିରେ କାର୍ଯ୍ୟ କରି ନାହିଁ । ଯଦି ତାହା ବର୍ତ୍ତମାନ କୌଣସି କାର୍ଯ୍ୟ କରୁଥାଏ, ତେବେ ତାହା ସେହିସବୁ ନିମ୍ନତର ସାମର୍ଥ୍ୟଗୁଡ଼ିକର ମାଧ୍ୟମରେ କାର୍ଯ୍ୟ କରୁଛି, ସେଗୁଡ଼ିକର ସ୍ୱଭାବ ଦ୍ୱାରା ତାହାର ସେହି କାର୍ଯ୍ୟର ପ୍ରକୃତିଟିରେ କିଛିତ୍ ପରିବର୍ତ୍ତନ ମଧ୍ୟ ଘଟିଯାଉଛି, ଏବଂ ତେଣୁ ତାହାକୁ ଏପର୍ଯ୍ୟନ୍ତ ଅଲଗା କରି ବାରି ହେଉ ନାହିଁ । ଅବତରଣ କରି ଆସୁଥିବା ଅତିମାନସ ଯେତେବେଳେ ସନ୍ନିକଟ ହୋଇ ଆସିବ ଓ ଏଠାରେ ଆସି ପହଞ୍ଚିଯିବ, କେବଳ ସେତିକିବେଳେ ଯାଇ ତାହା ପୃଥିବୀ-ପୃଷ୍ଠରେ ଆପଣାକୁ ବିମୋଚିତ କରିଦେଇ ପାରିବ ଏବଂ ଆମର ଭୌତିକ, ପ୍ରାଣିକ ଏବଂ ମାନସିକ ଭାଗଗୁଡ଼ିକରେ ଆପଣାର କାର୍ଯ୍ୟ କରି ଆପଣାକୁ ଏପରି ଭାବରେ ଉଦ୍‌ଘାଟିତ କରିଦେଇ ପାରିବ, ଯେପରିକି ଏହିସବୁ ନିମ୍ନତର ସାମର୍ଥ୍ୟ ଆମ ସମୁଦାୟ ସତ୍ତାଟିର ଦିବ୍ୟ ପ୍ରେରଣା ଦ୍ୱାରା ପ୍ରେରିତ ସମଗ୍ର କ୍ରିୟାତ୍ମକତାର ଗୋଟିଏ ଗୋଟିଏ ଅଂଶରେ ମଧ୍ୟ ପରିଣତ ହୋଇପାରିବେ । କେବଳ ତାହାହିଁ ଆମ ଲାଗି ଏକ ପୂର୍ଣ୍ଣୋପଲବ୍ଧ ଦିବ୍ୟତାକୁ ବହନ କରିଆଣିବ, ଅର୍ଥାତ୍ ଦିବ୍ୟ ଜୀବନକୁହିଁ ବହନ କରିଆଣିବ । ଏକଥା ବସ୍ତୁତଃ ସତ ଯେ, ଜଡ଼ ମଧ୍ୟରେ ସଂବୃତ ହୋଇ ରହିଥିବା ପ୍ରାଣ ଓ ମନ ଏଠାରେ ଆପଣାର ଉପଲବ୍ଧି କରି ସାରିଛନ୍ତି; କାରଣ, ଯାହା ସଂବୃତ ହୋଇ ରହିଛି, କେବଳ ତାହାହିଁ ବିବୃତ ହୋଇପାରିବ, ତା' ନ ହେଲେ କୌଣସି ଆବିର୍ଭାବ କେବେହେଲେ ସମ୍ଭବ ହେବ ନାହିଁ ।"*

— ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୪୩

*ମାଆ, ସଂବୃତ ଅତିମାନସ କହିଲେ ଏଠାରେ କ'ଣ ବୁଝାଉଛି ?*

ଅସଂବୃତ ଅତିମାନସ ଯାହା, ସଂବୃତ ଅତିମାନସ ମଧ୍ୟ ସେଇଆ ।

'oaob.nitrkl.ac.in' images reprocessed

ପରମ ଦିବ୍ୟସତ୍ତା ଯଦି ସକଳ ବସ୍ତୁର କେନ୍ଦ୍ରରୂପେ ବିଦ୍ୟମାନ ନ ଥା'ନ୍ତେ, ତେବେ ସେ ପୃଥିବୀରେ କଦାପି ପ୍ରକାଶିତ ହୋଇପାରୁ ନ ଥା'ନ୍ତେ ବୋଲି ଶ୍ରୀଅରବିନ୍ଦ ଯାହା କହିଛନ୍ତି, ତାହାର ଅର୍ଥ ମଧ୍ୟ ସେଇଆ । ମର୍ମତଃ ଆପଣାର ଉପରେ ଏବଂ ଗଭୀରତମ ସଂଗଠନରେ ଏହି ସୃଷ୍ଟି ହେଉଛି ଏକ ଦିବ୍ୟ ସୃଷ୍ଟି, ଏହି ପୃଥିବୀ ଏକ ଦିବ୍ୟ ପୃଥିବୀ; ଏବଂ ସେହି କାରଣରୁହିଁ, ବର୍ତ୍ତମାନ ଦିବ୍ୟ ପରମସତ୍ତାଙ୍କୁ ଯାହା ଆବୃତ ଏବଂ ବିକୃତ କରି ରଖିଛି, ତାହାରି ସ୍ଥାନରେହିଁ ଦିନେ ଏଠାରେ ସେହି ପରମସତ୍ତାଙ୍କର ପରିପ୍ରକାଶ ଘଟିବ, ସେ ସାକାର ହୋଇପାରିବେ ଏବଂ ଆପଣାକୁ ସଂପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିଦେଇ ପାରିବେ ବୋଲି ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସେହି କଥାଟି ମଧ୍ୟ ପ୍ରକୃତରେ ସେଇଆ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦିବ୍ୟତାର ଯାହାକିଛି ଅଭିବ୍ୟକ୍ତି ହୋଇପାରିଛି, ତାହାକୁହିଁ ଆମେ ଜାଣିଥିବା ବର୍ତ୍ତମାନର ଏହି ପୃଥିବୀରୂପେ ପ୍ରତ୍ୟକ୍ଷ କରୁଛୁ । ମାତ୍ର ସେହି ଅଭିବ୍ୟକ୍ତିର ପ୍ରକୃତରେ କୌଣସି ସୀମା ନାହିଁ, ଏବଂ ଆମର ଜ୍ଞାତ ଏହି ମାନସିକ ପୃଥିବୀଟି ଅଚେ, ମନୁଷ୍ୟହିଁ ଯାହାର ସର୍ବୋଚ୍ଚ ଶିଖର ଏବଂ ଆଦର୍ଶରୂପେ ଆବିର୍ଭୂତ ହୋଇଛି, ଏହାପରେ ଆହୁରି ଏକ ସତ୍ୟର ଅଭିବ୍ୟକ୍ତି ହେବ । ସେହି ସତ୍ୟଟିକୁ ଶ୍ରୀଅରବିନ୍ଦ ଅତିମାନସ ବୋଲି କହିଛନ୍ତି; କାରଣ ଏଇଟି ହେଉଛି ମନ ପଛକୁ ରହିଥିବା ଠିକ୍ ପରବର୍ତ୍ତୀ ସୋପାନ । ତେଣୁ, ବର୍ତ୍ତମାନ ପୃଥିବୀଟିର ପରିପ୍ରେକ୍ଷୀରେ ଦେଖିଲେ ତାହା ସ୍ୱଭାବତଃ "ଅତିମାନସ"ହିଁ ହେବ । ଅର୍ଥାତ୍ ତାହା ଏହି ମନଃସ୍ତରଠାରୁ ଊର୍ଦ୍ଧ୍ୱ ଆଉ ଏକ ସ୍ତରରୂପେ ଆବିର୍ଭୂତ ହେବ । ଏବଂ ଶ୍ରୀଅରବିନ୍ଦ ଏକଥା ମଧ୍ୟ କହିଛନ୍ତି ଯେ, ସେତେବେଳେ ଗୋଟିଏ ପୃଥିବୀ ପ୍ରକୃତରେ ଆଉ ଏକ ପୃଥିବୀକୁ ପରିବର୍ତ୍ତିତ ହୋଇଯିବ । କାରଣ, ସେ ଯାହାକୁ "ନିମ୍ନତର ମଣ୍ଡଳ" ବୋଲି କହିଛନ୍ତି, ଏପର୍ଯ୍ୟନ୍ତ ଆମର ଜ୍ଞାତ ଏହି ସମୁଦାୟ ସୃଷ୍ଟିଟି ତାହାର ଏକ ଅଂଶ ହୋଇ ରହିଥିଲା । ଏହି ମଣ୍ଡଳଟି ଅଜ୍ଞାନ ଦ୍ୱାରାହିଁ ପରିଚାଳିତ ହେଉଛି ଏବଂ ତାହା ଅଚେତନାକୁ ଭିତ୍ତି କରି ରହିଛି । ମାତ୍ର, ଏହାପରେ ସେହି ଯେଉଁ ଅନ୍ୟ ପୃଥିବୀଟି ଆସୁଛି, ତାହା ଏକ ସଂପୂର୍ଣ୍ଣ ଉତ୍‌କ୍ରମଣ ରୂପେହିଁ ଆବିର୍ଭୂତ ହେବାକୁ ଯାଉଛି; ତଦ୍ୱାରା ଏପରି ଏକ ବସ୍ତୁର ହଠାତ୍ ଆବିର୍ଭାବ ହେବାକୁ ଯାଉଛି, ଯାହାକୁ କି ସଂପୂର୍ଣ୍ଣ ଭିନ୍ନ ଆଉ ଏକ ଜଗତର ବସ୍ତୁ ବୋଲିହିଁ କୁହାଯାଇପାରିବ ଏବଂ ଯାହାକି ଅଜ୍ଞାନ ଉପରେ ଆଧାରିତ ହୋଇ ନ ରହି ପରମ ସତ୍ୟ ଉପରେହିଁ ଆଧାରିତ ହୋଇରହିବ । ସେହି କାରଣରୁହିଁ ତାହା ଯଥାର୍ଥତଃ ଏକ ନୂତନ ପୃଥିବୀ ହୋଇ ରହିବ । ମାତ୍ର ଏହି ଜଗତର ସାରସତ୍ୟଟି, ତା'ର ମୂଳତତ୍ତ୍ୱଟି ଯଦି ଆମେ ଜାଣିଥିବା ଏହି ଅନ୍ୟ ଜଗତଟି ମଧ୍ୟରେ ଅନ୍ତର୍ଗତ ହୋଇ ରହି ନ ଥା'ନ୍ତା, ତେବେ ଏଇଟି ଆରଟିରେ ରୂପାନ୍ତରିତ ହୋଇପାରିବା ଲାଗି ପ୍ରକୃତରେ ଆଉ କୌଣସି ଆଶାହିଁ ନ ଥା'ନ୍ତା । ସେହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଦୁଇଟି ଜଗତହିଁ ରହିଥା'ନ୍ତେ ଏବଂ ସେମାନେ ପରସ୍ପରଠାରୁ ଏତେ ସଂପୂର୍ଣ୍ଣ ଭାବରେ ଭିନ୍ନ ଓ ପରସ୍ପରର ଏପରି ବିରୋଧୀ ହୋଇ ରହିଥା'ନ୍ତେ ଯେ ସେମାନଙ୍କ ମଧ୍ୟରେ ଆଉ ଆଦୌ କୌଣସି ଯୋଗସୂତ୍ର ନ ଥା'ନ୍ତା, ଏବଂ ଏହି କଥାଟି ବି ଅବଶ୍ୟ ଘଟୁଥା'ନ୍ତା ଯେ ଜଣେ ବ୍ୟକ୍ତି ଏହି ଜଗତଟି ମଧ୍ୟରୁ ଯେମିତି ବାହାରିଆସି ପରମ ସତ୍ୟ, ଆଲୋକ ଏବଂ ଜ୍ଞାନର ଜଗତ ମଧ୍ୟକୁ ପ୍ରବେଶ କରୁଥା'ନ୍ତା, ସେତେବେଳେ ସଂପୂର୍ଣ୍ଣ ଭାବରେ ଅଜ୍ଞାନ ଏବଂ ଅଚେତନାର ଅଧୀନ ହୋଇ ରହିଥିବା ଏହି ଜଗତଟି ପାଇଁ ସେ ଅତୀନ୍ଦ୍ରିୟ ଓ ଅଗୋଚର ହୋଇ ରହି ଯାଉଥା'ନ୍ତା, ତାହାର ଆଉ ଆଦୌ କୌଣସି ଅସ୍ତିତ୍ୱହିଁ ରହୁ ନ ଥା'ନ୍ତା ।

ଏପରି କିପରି ସମ୍ଭବ ହେବ ଯେ, ଯେତେବେଳେ ଏହି ପରିବର୍ତ୍ତନଟି ଘଟିବ, ସେତେବେଳେ ଏକ ସଂଯୋଗ ଅବଶ୍ୟ ରହିବ ଏବଂ ଏହି ନୂତନ ପୃଥିବୀଟି ପୁରାତନ ଉପରେ କ୍ରିୟା କରିବାକୁ ମଧ୍ୟ ସମର୍ଥ ହେବ ? ଏପରି ହେବ, ଏବଂ ତାହାର କାରଣ ହେଉଛି ଯେ ମର୍ମତଃ ଏବଂ ତତ୍ତ୍ୱତଃ ନୂତନ ପୃଥିବୀଟି ଆଗରୁହିଁ ପୁରାତନ ପୃଥିବୀଟି ମଧ୍ୟରେ ସଂଲଗ୍ନ ଓ ସଂବୃତ ହୋଇରହିଛି । ତେଣୁ, ବସ୍ତୁତଃ, ଏହା ସେହିଠାରେହିଁ ରହିଛି, ତାହାରି ମଧ୍ୟରେ ଗଭୀର ତଳରେ ଲୁକ୍କାୟିତ, ଅଦୃଶ୍ୟ, ଅଗୋଚର ଏବଂ ଅନଭିବ୍ୟକ୍ତ ହୋଇ ରହିଛି, ମାତ୍ର ମର୍ମତଃ ଏହା ତଥାପି ସେଠାରେ ରହିଛି । ତଥାପି, ଦେଢ଼ବର୍ଷ ପୂର୍ବେ ଯେପରି ଘଟିଲା, ଆପଣାର ସର୍ବୋଚ୍ଚ ଆସ୍ଥାନଟିରୁ ଆସି ଯଦି ଅତିମାନସ ଚେତନା, ଶକ୍ତି ଏବଂ ଆଲୋକ ପ୍ରତ୍ୟକ୍ଷରୂପେ ଅଭିବ୍ୟକ୍ତ ନ ହୁଏ, ତେବେ, ବର୍ତ୍ତମାନର ଏହି ସ୍ଥୂଳ ପୃଥିବୀର ଆଧାରଶିଳା ରୂପେ ମର୍ମତଃ ଯେଉଁ ପରମ ଅତିମାନସ ଏଠାରେ ଅବସ୍ଥିତ ରହିଛି, ଆପଣାକୁ ଅଭିବ୍ୟକ୍ତ କରିବା ନିମନ୍ତେ ତା'ର ଆଉ ଆଦୌ କୌଣସି ସମ୍ଭାବନା ରହିବ ନାହିଁ । ଊର୍ଦ୍ଧ୍ୱରୁ ଏକ ସ୍ପର୍ଶର ଅନୁସ୍ପନ୍ଦନ ରୂପେହିଁ ତାହାର ଏହି ନିମ୍ନଭୂମିରେ ଏକ ଜାଗରଣ ଏବଂ ଆବିର୍ଭାବ ଘଟିବ, ଊର୍ଦ୍ଧ୍ୱର ସେହି ସ୍ପର୍ଶଟି ବର୍ତ୍ତମାନର ଏହି ଜଡ଼ର ଗର୍ଭରେ ଲୁକ୍କାୟିତ ହୋଇ ରହିଥିବା ଆପଣାର ଅନୁରୂପ ଉପାଦାନଟିକୁ ଉଦ୍‌ଭୂତ କରିଆଣିବ ।... ଏବଂ ବର୍ତ୍ତମାନ ଠିକ୍ ଏହି କଥାଟିହିଁ ଘଟିବାରେ ଲାଗିଛି । ମାତ୍ର, ଦୁଇ ସପ୍ତାହ ପୂର୍ବେ ମୁଁ ତୁମମାନଙ୍କୁ ଯେପରି କହିଥିଲି, ସ୍ଥୂଳ ଏହି ପୃଥିବୀଟି ବର୍ତ୍ତମାନ ଦେଖିବାକୁ ପ୍ରକୃତରେ ଯେପରି ହୋଇ ରହିଛି, ତାହା ସାଧାରଣ ଚେତନା ଲାଗି ଏତେବେଶୀ ଶକ୍ତିଶାଳୀ ଏବଂ ଏତେ ସଂପୂର୍ଣ୍ଣ ଭାବରେ ସତ୍ୟ ହୋଇରହିଛି ଯେ ଏହି ଅତିମାନସ ଶକ୍ତି ଓ ଚେତନା ଅଭିବ୍ୟକ୍ତ ହେବା ସମୟରେ ତାହା ତାହାକୁ ସତେଯେପରି ଆପଣା ଭିତରକୁ ପରିଗୃହୀତ କରିନେଇଛି; ଏବଂ ତାହା ଯେ ଏଠାରେ ଉପସ୍ଥିତ ରହିଛି, ସେହି କଥାଟିର ଏତେଟିକିଏ ଆଭାସ ବି ପାଇବାକୁ ହେଲେ, କୌଣସି ନା କୌଣସି ପ୍ରକାରେ ତାହାକୁ ଅନୁଭବ ବା

'oaob.nitrkl.ac.in' images reprocessed

ପ୍ରତ୍ୟକ୍ଷ କରିବାକୁ ହେଲେ ତା' ପୂର୍ବରୁ ଏକ ଦୀର୍ଘ ପ୍ରସ୍ତୁତିର ନିଶ୍ଚୟ ଆବଶ୍ୟକତା ରହିଛି । ଏବଂ ବର୍ତ୍ତମାନ ଏହା ସେହି କାର୍ଯ୍ୟଟିକୁହିଁ କରୁଛି ।

ଏଥିଲାଗି କେତେ ସମୟ ଦରକାର ହେବ, ସେକଥା ଆଗରୁ ଜାଣି କହିପାରିବା ଭାରି କଷ୍ଟକର । ଏଇ କଥାଟି ଅନେକ ପରିମାଣରେ ଏକ ନର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତିଙ୍କର ସଦିଚ୍ଛା ଏବଂ ଗ୍ରହଣଶୀଳତା ଉପରେହିଁ ନିର୍ଭର କରିବ । କାରଣ କୌଣସି ସମୂହ ଯେଉଁ ବେଗରେ ଆଗକୁ ଯାଏ, ଜଣେ ବ୍ୟକ୍ତି ସର୍ବଦା ତା'ଠାରୁ ଅଧିକ ବେଗରେହିଁ ଆଗକୁ ଯାଇଥାଏ । ଏବଂ ଆପଣାର ପ୍ରକୃତି ଦ୍ୱାରା ପ୍ରେରିତ ହୋଇହିଁ ଅବଶିଷ୍ଟ ପୃଥିବୀଟିର ସମକ୍ଷରେ ଏହି ମନୁଷ୍ୟଜାତିହିଁ ଅତିମାନସର ପରିପ୍ରକାଶ ଘଟାଇବା ଲାଗି ଅଭିପ୍ରେତ ହୋଇ ରହିଛି ।

ଏହି ସହଯୋଗିତାର ମୂଳସ୍ୱରୂପ ବଦଳିଯିବା ଲାଗି ଏକ ଇଚ୍ଛା ଅବଶ୍ୟ ରହିଥିବ; ମୁଁ ଯାହା ଅଛି, ଆଉ କଦାପି ତାହାହିଁ ହୋଇ ରହିବି ନାହିଁ ବୋଲି ଏକ ଇଚ୍ଛା ରହିଥିବ; ବସ୍ତୁଗୁଡ଼ିକ ଯେପରି ହୋଇ ରହିଛନ୍ତି, ସେଗୁଡ଼ିକ ଆଉ କଦାପି ସେପରି ହୋଇ ରହିବେ ନାହିଁ ବୋଲି ଏକ ଦୃଢ଼ ଇଚ୍ଛା ବଳବତ୍ତର ରହିଥିବ । ଏହାକୁ ସମ୍ଭବ କରିବା ଲାଗି ପଥ ଏକାଧିକ ରହିଛି, ଏବଂ ସଫଳ ହୋଇପାରିଲେ ସବୁ ପଥକୁହିଁ ଆମେ ସମାନ ଭାବରେ ଉପାଦେୟ ବୋଲି କହିପାରିବା ! ଯାହାକିଛି ଯେପରି ଅଛି, ସେଥିରେ ଜଣେ ହୁଏତ ଅତ୍ୟନ୍ତ ଗଭୀର ଭାବରେ ଏକ ବିରକ୍ତି ଅନୁଭବ କରିପାରେ; ଏହିସବୁ ମଧ୍ୟରୁ ବାହାରକୁ ବାହାରି ଆସିବା ଲାଗି ଏବଂ ଆଉ ଅନ୍ୟ କିଛିର ଉପଲବ୍ଧି କରିବା ଲାଗି ସେ ଅତି ପ୍ରବଳ ଭାବରେ ଇଚ୍ଛା କରିପାରେ । ଜଣେ ହୁଏତ,— ଏବଂ ଏଇଟିକୁ ଏକ ଅପେକ୍ଷାକୃତ ଅଧିକ ଭାବାତ୍ମକ ମାର୍ଗ ବୋଲି କୁହାଯିବ, — ଆପଣା ଭିତରେ ପ୍ରକୃତରେ ସୁନ୍ଦର ଓ ପ୍ରକୃତରେ ସତ୍ୟ କୌଣସି ଏକ ସମ୍ପଦର ସ୍ପର୍ଶ ଓ ସାନ୍ନିଧ ଅନୁଭବ କରିପାରେ; ଏବଂ, ଏହି ନୂତନ ସୌନ୍ଦର୍ଯ୍ୟ ଏବଂ ସତ୍ୟଟି ପାଖରେ ଯାଇ ପହଞ୍ଚିବାର ତା'ର ଯାତ୍ରାଟିରେ ଯେପରି କିଛିହେଲେ ଏକ ବୋଝ ପରି ହୋଇ କଦାପି ନ ରହେ, ସେଥିଲାଗି ସେ ସ୍ୱେଚ୍ଛାରେ ଆଉ ସବୁକିଛିକୁ ପୋପାଡ଼ିଦେଇ ବାହାରି ଆସିପାରେ ।

ଅଗ୍ରଗତି ଲାଗି ଏକ ପ୍ରଦୀପ୍ତ ଇଚ୍ଛା, ଅଗ୍ରଗତିରେ ବାଧା ସୃଷ୍ଟି କରୁଥିବା ଯାବତୀୟ ବସ୍ତୁକୁ ସ୍ୱେଚ୍ଛାରେ ଏବଂ ପ୍ରସନ୍ନ ଭାବରେ ଛାଡ଼ିଦେଇ ଚାଲି ଆସିବାର ସାମର୍ଥ୍ୟ : ଆଗକୁ ଯିବାରୁ ନିବୃତ୍ତ କରୁଥିବା ସକଳ କିଛିକୁ ଦୂରକୁ ଫିଙ୍ଗିଦେଇ ପାରିବାର ସାମର୍ଥ୍ୟ,— ଏହାହିଁ ପ୍ରତ୍ୟେକ କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ । ଏହି ସତ୍ୟଟି ହେଉଛି ଆଗାମୀ କାଲିର ସତ୍ୟ, ଏହା ଅନିବାର୍ଯ୍ୟ, ଏହା ଅବଶ୍ୟ ଆସିବ, ଏବଂ ଏହାକୁ ଏକ ବାସ୍ତବ ଘଟନାରେ ପରିଣତ ହେବାରୁ କୌଣସି ବସ୍ତୁ, କୌଣସି ବ୍ୟକ୍ତି, କୌଣସି ଅସତ୍-ଇଚ୍ଛା

'oaob.nitrkl.ac.in' images reprocessed

ଓ ଏପରିକି ପ୍ରକୃତିର ବି କୌଣସି ଅସତ୍-ଇଚ୍ଛା ଆଦୌ ବାଧା ଦେଇ ରଖିପାରିବ ନାହିଁ,— ଏହିପରି ଏକ ଅବିଚଳ ପ୍ରଗାଢ଼ ବିଶ୍ୱାସର ସହିତ ଅଜ୍ଞାତ ମଧ୍ୟକୁ ଅଗ୍ରସର ହୋଇଯିବା ହେଉଛି ଏକାନ୍ତ ଅପରିହାର୍ଯ୍ୟ । ଏହି ସତ୍ୟଟି ହେଉଛି ଏକ ଅଦୂର ଭବିଷ୍ୟତର ସତ୍ୟ, ଏହି ସତ୍ୟଟିକୁ ବର୍ତ୍ତମାନହିଁ କାର୍ଯ୍ୟକାରୀ କରାଯାଉଛି; ଏବଂ ଯେଉଁମାନେ ଆପଣାର ପରିବର୍ତ୍ତନ ଘଟାଇ ଜାଣିଛନ୍ତି, ପୁରାତନ ଯାବତୀୟ ଅଭ୍ୟସ୍ତତାର ବନ୍ଧନରୁ ମୁକ୍ତ ହୋଇ ଜାଣିଛନ୍ତି, ସେମାନେ ସୁନିଶ୍ଚିତ ଭାବରେ ତାହାକୁ କେବଳ ଦେଖିବାର ନୁହେଁ, ତାହାକୁ ଉପଲବ୍ଧି କରିବାର ସୌଭାଗ୍ୟଟିକୁ ମଧ୍ୟ ଲାଭ କରିବେ ।

ଲୋକମାନେ ଶୋଇ ରହିଥା'ନ୍ତି, ସେମାନେ ଭୁଲି ଯାଆନ୍ତି, ସେମାନେ ଜୀବନକୁ ଭାରି ଆରାମଦାୟକ ଭାବରେ ଜନ୍ମଗ୍ରହଣ କରନ୍ତି,— ସେମାନେ ପାସୋରି ପକାନ୍ତି, ସବୁବେଳେ ଖାଲି ପାସୋରି ପକାଇବାରେ ଲାଗିଥା'ନ୍ତି ।... ମାତ୍ର ଯଦି ଆମେ ଏହି କଥାଟିକୁ ସ୍ମରଣ ରଖିପାରନ୍ତେ... ଯେ ଆମେ ବର୍ତ୍ତମାନ ଏକ ଅସାଧାରଣ ମୁହୂର୍ତ୍ତରେ ଆସି ପହଞ୍ଚିଛୁ, ଏକ ଅଭୂତପୂର୍ବ କ୍ଷଣଦେଇ ଆମେ ଗତି କରୁଛୁ, ଏକ ନୂତନ ପୃଥିବୀ ଜନ୍ମଲାଭ କରୁଥିବା ସମୟରେ ଉପସ୍ଥିତ ରହିଥିବାର ଅମୂଲ୍ୟ ସୁଯୋଗଟିକୁ ଆମେ ଲାଭ କରିଛୁ, ତେବେ, ଆଜି ଯାହାକିଛି ଆମର ଅଗ୍ରଗତିରେ ବାଧା ସୃଷ୍ଟି କରୁଛି ଓ ପ୍ରତିବନ୍ଧକ ହୋଇ ଠିଆ ହୋଇଛି, ଆମେ ହୁଏତ ଭାରି ସହଜରେ ସେହି ସବୁକିଛିରୁ ମୁକ୍ତ ହୋଇଯାଇ ପାରନ୍ତେ ।

ତେଣୁ ଏହି ନିଶ୍ଚିତ କଥାଟିକୁ ମନେ ରଖିବାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବୋଧ ହେଉଛି; ଏପରିକି, ଯେତେବେଳେ ଏହି ବିଷୟରେ ଆମର ଆଦୌ କୌଣସି ମୂର୍ତ୍ତ ଅନୁଭୂତି ନାହିଁ, ସେତେବେଳେ ମଧ୍ୟ ଆମେ ତାହାକୁ ଏକ ସୁନିଶ୍ଚିତତା ବୋଲି ଗ୍ରହଣ କରିବା ଓ ତାହାରି ଉପରେ ବିଶ୍ୱାସ ସ୍ଥାପନ କରିବା; ତାହାକୁହିଁ ଅନୁକ୍ଷଣ ସ୍ମରଣ କରିବା, ବାରବାର ମନେ ପକାଇବା, ସେହି ବିଚାରଟି ସହିତ ଶୋଇବାକୁ ଯିବା ଏବଂ ସେଇଟି ସହିତହିଁ ଶଯ୍ୟାତ୍ୟାଗ କରିବା; ଏହି ମହାନ୍ ସତ୍ୟଟିକୁ ପୃଷ୍ଠଭୂମିରେ ରଖି, ସତତ ଅବଲମ୍ବନ ରୂପେ ଧାରଣ କରି, ଆମେ ଯେ ଏକ ନୂତନ ପୃଥିବୀ ଜନ୍ମଗ୍ରହଣ କରୁଥିବାର ମହାନ୍ ଘଟନାଟିକୁ ପ୍ରତ୍ୟକ୍ଷ କରୁଛୁ, ଏହି ପ୍ରତ୍ୟୟଟି ଦ୍ୱାରା ପ୍ରେରିତ ହୋଇ ଆମର ଯାହାକିଛି କର୍ତ୍ତବ୍ୟ, ଆମେ ସବୁକିଛି କରି ଯାଉଥିବା ।

ଆମେ ଏହି ମହାନ୍ ସଂଘଟନଟିରେ ଅଂଶଗ୍ରହଣ କରିପାରିବା, ଆମେ ସ୍ୱୟଂ ଏହି ନୂତନ ପୃଥିବୀ ହୋଇ ପାରିବା । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଆମ ଲାଗି ଏହିପରି ଏକ ଅଦ୍ଭୁତ ସୁଯୋଗ ଆସି ପହଞ୍ଚିଛି, ସେତେବେଳେ ତାହାରି ଲାଗି ସବୁକିଛି ଛାଡ଼ିଆସି ପାରିବାକୁ ଆମକୁ ପ୍ରସ୍ତୁତହିଁ ରହିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ୩୧ ଜୁଲାଇ ୧୯୫୭

*ମାଆ, ''ଆମ ଶରୀର ମଧ୍ୟରେ କିପରି ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ଅଭୀପ୍ସା ଜାଗ୍ରତ କରାଇବାକୁ ହେବ, ''ଗତ ଶୁକ୍ରବାର ଦିନ ଆପଣ ଆମକୁ ଧ୍ୟାନ ଲାଗି ଏହି ବିଷୟଟିକୁ ଦେଇଥିଲେ ।*

ହଁ ।

*ମାଆ, ଏଇଟିକୁ କିପରି କରାଯାଇପାରିବ ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା କରିବା ଲାଗି ଏକାଧିକ ମାର୍ଗ ରହିଛି ଏବଂ ପ୍ରତ୍ୟେକଙ୍କୁହିଁ ଆପଣାର ମାର୍ଗଟିକୁ ଖୋଜି ଠିକ୍ କରିନେବାକୁ ହେବ । ମାତ୍ର କେଉଁଠାରୁ ଆରମ୍ଭ କରିବାକୁ ହେବ, ସେଇଟି ହୁଏତ ପରସ୍ପରଠାରୁ ଭାରି ଭିନ୍ନ ଭିନ୍ନ ହୋଇପାରେ, ଏପରିକି ଦେଖିବାକୁ ଅନେକ ସମୟରେ ପରସ୍ପରର ବିପରୀତ ବି ମନେ ହୋଇପାରେ ।

ପୂର୍ବକାଳରେ, ଯେତେବେଳେ ଯୋଗକୁ ଜୀବନରୁ ଏକ ପଳାୟନ ବୋଲି ବିଚାର କରାଯାଉଥିଲା, ସେତେବେଳେ ବୃଦ୍ଧାବସ୍ଥା ଆସି ପହଞ୍ଚିବା ପୂର୍ବରୁ ପ୍ରାୟ କେହି,— ଏଠାରେ ମାତ୍ର ଅଳ୍ପସଂଖ୍ୟକ ପୂର୍ବାଭିପ୍ରେତ ବ୍ୟକ୍ତିଙ୍କୁ ଏକ ବ୍ୟତିକ୍ରମ ବୋଲିହିଁ କୁହାଯିବ,— ଯୋଗ ବିଷୟରେ ଚିନ୍ତା କରୁ ନ ଥିଲେ । ସେମାନେ ଯେତେବେଳେ ଜୀବନର ଅନେକକିଛି ଅନୁଭବ କରି ସାରୁଥିଲେ, ଜୀବନର ଯାବତୀୟ ଉତ୍ଥାନପତନ ବିଷୟରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ହୋଇ ଯାଉଥିଲା, ଜୀବନର ସନ୍ତୋଗ, ଶୋକ, ଆନନ୍ଦ ଏବଂ କଷଣ, ଜୀବନର ନାନା ଦାୟିତ୍ୱ ଓ ନାନା ମୋହଭଙ୍ଗ, ବସ୍ତୁତଃ ଜୀବନ ମଣିଷମାନଙ୍କର ଜୀବନରେ ଯାହାକିଛି ଆଣି ଦେଉଥାଏ, ଯେତେବେଳେ ସେମାନଙ୍କର ସେସବୁ ବିଷୟରେ ଯଥେଷ୍ଟ ଜ୍ଞାନ ହୋଇ ଯାଉଥିଲା, ସେତିକିବେଳେହିଁ ସେମାନେ ଯୋଗର ଚିନ୍ତା କରୁଥିଲେ । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏହିସବୁ ଅନୁଭୂତି ଫଳରେ ଜୀବନ ବଞ୍ଚିବାର ଆନନ୍ଦ ବିଷୟରେ ସେମାନଙ୍କର ରହିଥିବା କେତେକ ଭ୍ରମ ମଧ୍ୟ ଦୂର ହୋଇଯାଉଥିଲା ଏବଂ ସେତେବେଳେ ଯାଇ ସେମାନେ ଆଉକିଛି ଭାବିବା ଲାଗି ପ୍ରସ୍ତୁତ ହୋଇପାରୁଥିଲେ । ଏବଂ ସେମାନଙ୍କର ଶରୀର ଯୌବନୋଚିତ ଉତ୍ସାହ ଦ୍ୱାରା (!) ଭରାହୋଇ ରହି ନ ଥିଲେ ମଧ୍ୟ ବର୍ତ୍ତମାନ ଅନ୍ତତଃ ଏକ ବାଧାରୂପେ ଆଦୌ ଦଣ୍ଡାୟମାନ ହେଉ ନ ଥିଲା; କାରଣ ଅନେକ ତୃପ୍ତି

'oaob.nitrkl.ac.in' images reprocessed

ଲାଭ କରି ସାରିବା ପରେ ତାହା ଆଉ ବର୍ତ୍ତମାନ ଆଦୌ ବେଶୀକିଛି ଦାବି ବି କରୁ ନ ଥିଲା ।... ଯେତେବେଳେ ଜଣେ ବ୍ୟକ୍ତି ଏକ ଆଧ୍ୟାତ୍ମିକ ଦୃଷ୍ଟିକୁ ବହନ କରି ଜୀବନକୁ ପଛରେ ପକାଇ ଚାଲିଯିବାକୁ ଇଚ୍ଛା କରୁଥାଏ ଏବଂ ରୂପାନ୍ତରର ପ୍ରକ୍ରିୟାଟିରେ ତାହାଠାରୁ ଆଦୌ କୌଣସି ସହଯୋଗିତାର ଅପେକ୍ଷା ରଖି ନ ଥାଏ, ସେତେବେଳେ ଏହିପରି ଏକ ପ୍ରାନ୍ତକୁ ଆସି ଯୋଗ ଆରମ୍ଭ କରିବାରେ ପ୍ରକୃତରେ ଆଦୌ କୌଣସି ବାଧା ରହିବ ନାହିଁ । ଏହା ଯେ ସବୁଠାରୁ ଅଧିକ ସହଜ ବାଟ, ସେଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଏକଥା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ଆମର ଏହି ଜଡ଼ସ୍ଥ ଜୀବନ ମଧ୍ୟ ଦିବ୍ୟ ଜୀବନରେ ଏକ **ଅଂଶଗ୍ରହଣ କରୁ** ବୋଲି ଯଦି ଆମେ ଇଚ୍ଛା କରୁଥିବା, ଏହି ଜୀବନହିଁ ତାହାର କ୍ରିୟାଶୀଳତା ଏବଂ ଉପଲବ୍ଧି ଲାଗି କ୍ଷେତ୍ରରୂପେ ବ୍ୟବହୃତ ହେଉ ବୋଲି ଇଚ୍ଛା କରୁଥିବା, ତେବେ ଯାବତୀୟ କ୍ଷୟ ଓ ହ୍ରାସ ଘଟି ଶରୀର ଯୋଗର ଯାତ୍ରାରେ କୌଣସି ବାଧା ସୃଷ୍ଟି କଲାଭଳି ଯଥେଷ୍ଟ ପରିମାଣରେ ଶାନ୍ତ ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା ନ କରିବାକୁହିଁ ଅଧିକ ପ୍ରଶସ୍ତ ବୋଲି କହିବାକୁ ହେବ । ଅନ୍ୟ ପକ୍ଷରେ, ଯେତେବେଳେ ଏହି ଶରୀର ଆପଣାର ସକଳ ଶକ୍ତିରେ ପୂର୍ଣ୍ଣ ହୋଇ ରହିଥିବ ଏବଂ ଆପଣାର ଅଭୀପ୍ସା ମଧ୍ୟରେ ଯଥେଷ୍ଟ ପରିମାଣରେ ଉତ୍ସାହ ଏବଂ ପ୍ରଗାଢ଼ତା ସଞ୍ଚାରିତ କରିଦେଇ ପାରୁଥିବ, ସେହି ଅଳ୍ପ ବୟସର ଅବସ୍ଥାରେ ଶରୀରକୁ ସାଙ୍ଗରେ ନେଇପାରିଲେ ତାହା ନିଶ୍ଚୟ ଅଧିକ ଫଳଦାୟକ ହେବ । କାରଣ ଏହି କ୍ଷେତ୍ରରେ, ଆଉ କିଛିହେଲେ ଦାବି କରୁ ନ ଥିବା ଏକ ପରିଶ୍ରାନ୍ତତା ଉପରେ ନିର୍ଭର ନ କରି ଆମେ ଅଜ୍ଞାତ ଏବଂ ନୂତନ ଲାଗି, ପରିପୂର୍ଣ୍ଣତା ଲାଗି ଆମ ଭିତରେ ରହିଥିବା ଏକ ପ୍ରକାରର ଅନ୍ତଃପ୍ରେରଣା ଉପରେହିଁ ନିର୍ଭର କରିପାରିବା । ଏବଂ, ଯଦି ସୌଭଗ୍ୟବଶତଃ ଶୈଶବରୁହିଁ ଉପଯୁକ୍ତ ସାହାଯ୍ୟ ଏବଂ ମାର୍ଗଦର୍ଶନ ପାଇବାର ଏକ ପରିବେଶ ମଧ୍ୟରେ ତୁମେ ରହିଥିବ, ତେବେ ତୁମେ ଅତ୍ୟନ୍ତ ଅଳ୍ପ ବୟସରୁହିଁ ଜୀବନରୁ ପ୍ରାପ୍ତ ହେଉଥିବା କ୍ଷଣିକ ଆନନ୍ଦ ଏବଂ ଅଳୀକ ସୁଖ ତଥା ପରିପୂର୍ଣ୍ଣତା ଏବଂ ସତ୍ୟର ଏକ ପୃଥିବୀରେ ଜୀବନ, କର୍ମ ଏବଂ ଅଭିବୃଦ୍ଧି ଯେଉଁ ଚମତ୍କାର ଉତ୍କର୍ଷ ଲାଭ କରିବ, ଦୁହିଁଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବିବେକର ସହିତ ବିଚାର କରିବାକୁ ସମର୍ଥ ହେବ । ପରିପୂର୍ଣ୍ଣତା ଏବଂ ସତ୍ୟର ସେହି ଜଗତରେ ଆମର ଏହି ସାଧାରଣ ଜୀବନର ଯାବତୀୟ ଅପରିପୂର୍ଣ୍ଣତା ଏବଂ ସାମର୍ଥ୍ୟହୀନତାର ସଂପୂର୍ଣ୍ଣ ବିଲୁପ୍ତି ଘଟିବ ।

ଜଣେ ଯେତେବେଳେ ଅତି ଅଳ୍ପ ବୟସର ହୋଇଥିବ ଓ ସିଏ ମୋ ଭାଷାରେ "ସୁସମ୍ଭୂତ" ହୋଇଥିବ, ଅର୍ଥାତ୍ ଆପଣା ଭିତରେ ଏକ ସଚେତନ ଚୈତ୍ୟ ସତ୍ତା ନେଇ ଜନ୍ମଗ୍ରହଣ କରିଥିବ, ସେହି ପିଲାଟିର ସ୍ୱପ୍ନ ଭିତରେ ଯଦି ସର୍ବଦା ଏକ ଅଭୀପ୍ସା ରହିଥିବ,

'oaob.nitrkl.ac.in' images reprocessed

ତାହାର ଚେତନା ମଧ୍ୟରେ ଯାହା ଏକ ଉଚ୍ଚ-ଆକାଙ୍‌କ୍ଷା ରୂପେ ଅନୁଭୂତ ହେଉଥିବ, ଏପରି ଏକ ସୌନ୍ଦର୍ଯ୍ୟ ଲାଗି ତା'ର ଉଚ୍ଚ-ଆକାଙ୍‌କ୍ଷା ରହିଥିବ ଯେଉଁଥିରେ କି କୁତ୍ସିତତା ଲାଗି ଆଦୌ କୌଣସି ସ୍ଥାନ ନ ଥିବ, ଏପରି ଏକ ନ୍ୟାୟ ଲାଗି ଆକାଙ୍‌କ୍ଷା ରହିଥିବ ଯେଉଁଥିରେ କି ଅନ୍ୟାୟର କୌଣସି ସ୍ଥାନ ନ ଥିବ, ଆଦୌ କୌଣସି ସୀମା ଭିତରେ ବାନ୍ଧିହୋଇ ନ ରହିବାକୁ ଇଚ୍ଛା କରୁଥିବା ଏକ ସଜ୍ଜନତା ଲାଗି ଉଚ୍ଚ-ଆକାଙ୍‌କ୍ଷା ରହିଥିବ, ଏବଂ ଏକ ସଚେତନ, ସତତ ସଫଳତା ଲାଗି, ଏକ ଚିରନ୍ତନ ଅନନ୍ୟତା ଲାଗି ଉଚ୍ଚ-ଆକାଙ୍‌କ୍ଷା ରହିଥିବ । ପିଲା ବୟସରେହିଁ ଠିକ୍ ଏହିପରି ଅନନ୍ୟତା ଏବଂ ଅଲୌକିକତାର ସ୍ୱପ୍ନ ଦେଖିହୁଏ, ସବୁ ଦୁଷ୍ଟତା ଏକାବେଳେକେ ଅନ୍ତର୍ହିତ ହୋଇଯାଉ ବୋଲି ଇଚ୍ଛା ହେଉଥାଏ, ସକଳ ବସ୍ତୁ ସର୍ବଦାହିଁ ସନ୍ଦୀପିତ, ସୁନ୍ଦର ଓ ସୁଖପୂର୍ଣ୍ଣ ହୋଇ ରହିଥାଉ ବୋଲି ଇଚ୍ଛା ହେଉଥାଏ । ସୁଖାନ୍ତକ କାହାଣୀଗୁଡ଼ିକୁ ଶୁଣିବା ଲାଗି ସେତେବେଳେ ଭାରି ଇଚ୍ଛା ହୁଏ । ହଁ, ଏଇଟି ଉପରେହିଁ ପ୍ରକୃତରେ ଆସ୍ଥା ସ୍ଥାପନ କରାଯାଇପାରିବ । ଯେତେବେଳେ ଶରୀର ଆପଣାର ଯନ୍ତ୍ରଣାଗୁଡ଼ାକୁହିଁ ଅନୁଭବ କରିବାରେ ଲାଗିଥିବ, ଆପଣାର ନାନା ଅସାମର୍ଥ୍ୟକୁ ନେଇ ସନ୍ତପ୍ତ ହେଉଥିବ, ସେତେବେଳେ ତା' ଭିତରେ ଠିକ୍ ଏହି ସ୍ୱପ୍ନଟିରହିଁ ପ୍ରତିଷ୍ଠା କରିବାକୁ ପଡ଼ିବ;— ଏପରି ଏକ ବଳଶାଳିତାର ପ୍ରତିଷ୍ଠା କରିବାକୁ ପଡ଼ିବ, ଯାହାର କି ଆଦୌ କୌଣସି ସୀମା ନ ଥିବ, ଏପରି ଏକ ସୌନ୍ଦର୍ଯ୍ୟର ପ୍ରତିଷ୍ଠା କରିବାକୁ ପଡ଼ିବ, ଯାହା ମଧ୍ୟରେ କି ଆଦୌ କୌଣସି କୁତ୍ସିତତା ନ ଥିବ, ଏବଂ ସେହି ଅଦ୍ଭୁତ ନାନା ସାମର୍ଥ୍ୟଗୁଡ଼ିକର ପ୍ରତିଷ୍ଠା କରିବାକୁ ପଡ଼ିବ । ସେତେବେଳେ ତୁମେ ବାୟୁମାର୍ଗରେ କେତେ ଉର୍ଦ୍ଧ୍ୱକୁ ଉଠିଯାଉଥିବାର ସ୍ୱପ୍ନ ଦେଖୁଥିବ, ଯାହାସବୁ ହେବା ଆବଶ୍ୟକ, ସେହିସବୁହିଁ ହୋଇପାରୁ ଥିବାର ସ୍ୱପ୍ନ ଦେଖୁଥିବ, କୌଣସିଠାରେ କିଛି ବିଗିଡ଼ିଗଲେ ତାକୁ ପୁନର୍ବାର ବାଟକୁ ଆଣିପାରିବାର ସ୍ୱପ୍ନ ଦେଖୁଥିବ, ପୀଡ଼ିତର ପୀଡ଼ାକୁ ହରଣ କରି ଦେଉଥିବାର ସ୍ୱପ୍ନ ଦେଖୁଥିବ । ହଁ, ପିଲାବେଳେ ବସ୍ତୁତଃ ଏହିସବୁ ଯାବତୀୟ ପ୍ରକାରର ସ୍ୱପ୍ନ ଦେଖିହୁଏ ।... ବାପମାଆ ବା ଶିକ୍ଷକମାନେ ସାଧାରଣତଃ ଏହି ସ୍ୱପ୍ନପ୍ରବଣତାକୁ ଚାପି ଦେବା ପାଇଁ ଚେଷ୍ଟା କରି ଆପଣାର ସମୟ ଅତିବାହିତ କରୁଥା'ନ୍ତି । ସେମାନେ ତୁମକୁ କହିବାରେ ଲାଗିଥା'ନ୍ତି, "ଛି ! ଏଇଟା ତ ଗୋଟାଏ ତୁଚ୍ଛା ସ୍ୱପ୍ନ, ଏଇଟାକୁ ତୁ ବାସ୍ତବ ବୋଲି ଭାବୁଛୁ ?" ସେମାନଙ୍କର ଠିକ୍ ବିପରୀତ କଥାଟାକୁହିଁ କରିପାରିବା ଉଚିତ ହେଉଥା'ନ୍ତା । ପିଲାମାନଙ୍କୁ ବରଂ ଏହିପରି ଭାବରେ ଶିକ୍ଷା ଦେଇପାରିବା ଉଚିତ, "ହଁ, ତୋତେ ଏହାକୁହିଁ ଉପଲବ୍ଧି କରିବା ଲାଗି ଚେଷ୍ଟା କରିବାକୁ ହେବ । ଏବଂ, ତୋ ଭିତରେ ଥିବା ଯେଉଁ ଅଂଶଟିର ଏଇଟିକୁ କରିବା ଲାଗି ସାମର୍ଥ୍ୟ ରହିଛି, ଯଦି ତୁ ସେଇଟି ସହିତ ସଂସ୍ପର୍ଶରେ ଆସିପାରିବୁ, ତେବେ ଏଇଟିକୁ ସାଧ

'oaob.nitrkl.ac.in' images reprocessed

କରିବା ତୋ ପକ୍ଷରେ କେବଳ ଯେ ସମ୍ଭବ ହେବ ତା' ନୁହେଁ, ତୁ ଏଇଟିକୁ ସୁନିର୍ଣ୍ଣିତ ଭାବରେ କରିପାରିବୁ । ପ୍ରକୃତରେ ତାହାହିଁ ତୋ ଜୀବନକୁ ପରିଚାଳିତ କରିନେବା ଉଚିତ, ତୋ ଜୀବନକୁ ସଂଗଠିତ କରିବା ଉଚିତ; ସାଧାରଣ ଜଗତ ଯାହାକୁ ଭ୍ରମ ବୋଲି କହୁଛି, ସେହି ଯଥାର୍ଥ ସତ୍ୟଟି ଆଡ଼କୁହିଁ ତୋତେ ବିକଶିତ କରାଇ ନେଇପାରିବା ଉଚିତ ।"

ହଁ, ଏହିପରିହିଁ ହୋଇପାରିବା ଉଚିତ । ପିଲାମାନଙ୍କୁ ଅତି ସାଧାରଣ ସ୍ତରରେ ରହିବା ଲାଗି ଶିକ୍ଷା ନ ଦେଇ, ଶେଷକୁ ଏକ ଅପରିବର୍ତ୍ତନୀୟ ଅଭ୍ୟାସରେ ପରିଣତ ହୋଇ ଯାଉଥିବା ସେହି ନୀରସ ଓ ରୁଚିବର୍ଜ୍ଜିତ ସାଧାରଣ ବୁଦ୍ଧିର ସ୍ତର ଭିତରେ ସେମାନଙ୍କୁ ବାନ୍ଧି ନ ରଖି, ସେମାନଙ୍କୁ ଠିକ୍ ସେହିପରିହିଁ ଶିକ୍ଷା ଦେଇପାରିବା ଉଚିତ । ଯେତେବେଳେ କୌଣସି କଥା ବେଶ୍ ଭଲ ଭାବରେ ଚାଲିଛି, ସେତେବେଳେ ସଙ୍ଗେ ସଙ୍ଗେ ମନ ଭିତରେ "ନା– ଏହା କଦାପି ଚିରସ୍ଥାୟୀ ହୋଇ ରହିବ ନାହିଁ" ବୋଲି ଏକ ବିଚାର ଆଣିବା, ଯେତେବେଳେ କେହି ଦୟାଶୀଳ ହେଉଛି, ସେତେବେଳେ "କିନ୍ତୁ ସିଏ ନିଶ୍ଚୟ ବଦଳିଯିବ" ବୋଲି ଏକ ଧାରଣା ପୋଷଣ କରିବା, ଯେତେବେଳେ କୌଣସି କଥା କରିବାକୁ ତୁମେ କ୍ଷମ ହୋଇପାରୁଛ, ସେତେବେଳେ "କାଲି ମୁଁ କଦାପି ଏହି କାର୍ଯ୍ୟଟିକୁ ଏତେ ଭଲ ଭାବରେ କରିପାରିବି ନାହିଁ" ବୋଲି ମନ ଭିତରେ ବିଚାର ଆଣିବା,– ଏପରି ହେବା ଆଦୌ ଉଚିତ ନୁହେଁ । କାରଣ, ଏହା ହେଉଛି ଗୋଟିଏ ଅମ୍ଳ, ସବୁଲାଗି ଏହା ଏକ ଅନିଷ୍ଟକାରୀ ଅମ୍ଳରୂପେ କାର୍ଯ୍ୟ କରିଥାଏ; ତାହା ସବୁକିଛି ଆଶାକୁ ହରଣ କରିନିଏ, ସବୁ ନିଶ୍ଚିତତା ଏବଂ ଭବିଷ୍ୟର ଯାବତୀୟ ସମ୍ଭାବନା ଉପରେ ରହିଥିବା ବିଶ୍ୱାସକୁ ତାହା କୁଆଡ଼େ ଉଡ଼ାଇ ନେଇଯାଏ ।

ଯେତେବେଳେ ସାନପିଲାଟି ଭିତରେ ଉତ୍ସାହ ପୂର୍ଣ୍ଣ ହୋଇ ରହିଛି, ସେତେବେଳେ ତୁମେ ତା'ର ଉତ୍ସାହକୁ କଦାପି ଶୀତଳ କରିପକାଇବ ନାହିଁ । "ତୁ ସିନା ଏପରି ହେଉଛୁ, କିନ୍ତୁ ବାସ୍ତବ ଜୀବନ କଦାପି ତାହା ନୁହେଁ" ବୋଲି ତୁମେ ତାକୁ କଦାପି କହିବ ନାହିଁ । ତୁମେ ତାକୁ ସବୁବେଳେ ଉତ୍ସାହ ଦେଉଥିବ, ତାକୁ କହୁଥିବ, "ହଁ, ବର୍ତ୍ତମାନ ଘଟଣାଗୁଡ଼ାକ ସର୍ବଦା ଆଦୌ ଏପରି ଘଟନ୍ତି ନାହିଁ, ବର୍ତ୍ତମାନ ସେଗୁଡ଼ିକ ଭାରି କୁତ୍ସିତ ଦେଖା ଯାଉଛନ୍ତି, ମାତ୍ର ଏଇଟି ପଛରେ ଏକ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି, ଯାହାକି ଆପଣାର ଉପଲବ୍ଧି ଲାଗି ପ୍ରୟାସ କରିବାରେ ଲାଗିଛି । ତୁମେ ସେହି ସୌନ୍ଦର୍ଯ୍ୟକୁହିଁ ଭଲ ପାଅ, ତାହାକୁହିଁ ଆପଣା ପାଖକୁ ଆକର୍ଷିତ କରିଆଣ । ତାହାହିଁ ତୁମର ଯାବତୀୟ ସ୍ୱପ୍ନରେ ଏବଂ ଯାବତୀୟ ଉଚ୍ଚାଭିଳାଷରେ ତୁମର ଲକ୍ଷ୍ୟ ହୋଇ ରହିଥାଉ ।"

ଅତ୍ୟନ୍ତ ଅଳ୍ପ ବୟସ ହୋଇଥିବା ସମୟରେ ଯଦି ତୁମେ ଏହି କଥାଟିକୁ କରିପାରିବ, ତେବେ ତୁମକୁ ଅନେକ କମ୍ ଆୟାସର ସମ୍ମୁଖୀନ ହେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମର ପରବର୍ତ୍ତୀ ଅବସ୍ଥାରେ ଏକ ଅନିଷ୍ଟକାରୀ ଶିକ୍ଷାର ଅନିଷ୍ଟକାରୀ ଯାବତୀୟ ପ୍ରଭାବଗୁଡ଼ିକରୁ ବିମୋଚିତ ହୋଇ ଆସିବାକୁ ପଡୁଥିବ, ତୁମକୁ ଜୀବନରୁ ଆଦୌ କୌଣସି ଭଲର ପ୍ରତ୍ୟାଶା ରଖିବାକୁ ଦେଉ ନ ଥିବା ସେହି ବୈଚିତ୍ର୍ୟହୀନ ଓ ରୁଚିବର୍ଜିତ ଯାବତୀୟ ସାଧାରଣ ବୁଦ୍ଧିର ବଶ୍ୟତା ମଧ୍ୟରୁ ବାହାରି ଆସିବାକୁ ପଡୁଥିବ, ଜୀବନକୁ ଏକାନ୍ତ ସ୍ୱାଦହୀନ ଓ ନୀରସ କରି ପକାଉଥିବା ଏବଂ ଯାବତୀୟ ଆଶା ତଥା ସୌନ୍ଦର୍ଯ୍ୟର ତଥାକଥିତ ଯାବତୀୟ ଭ୍ରମର ବିରୋଧୀ ହୋଇ ସେହି ବଶ୍ୟତା ମଧ୍ୟରୁ ବାହାରି ଆସିବାକୁ ପଡୁଥିବ, ସେତେବେଳେ ତାହା ପ୍ରକୃତରେ ଅନେକ ଅଧିକ ଆୟାସସାଧ୍ୟ ହୋଇଉଠିବ । ତେଣୁ ତୁମେ ଜଣେ ପିଲାକୁ ଏହିପରିହିଁ କହିବ,– ବା, ଯଦି ତୁମେ ଏକାବେଳେକେ ଶିଶୁ ହୋଇ ରହି ନାହଁ, ତେବେ ନିଜକୁ ମଧ୍ୟ ଏହିପରି କହିବ, "ମୋ' ଭିତରେ ଯାହାକିଛି ଏତେ ଅବାସ୍ତବ, ଅସମ୍ଭବ ଓ ଭ୍ରାନ୍ତ ବୋଲି ବୋଧ ହେଉଛି, ତାହାହିଁ ପ୍ରକୃତରେ ସତ୍ୟ, ଏବଂ ମୋତେ ତାହାରହିଁ ଅନୁଶୀଳନ କରିବାକୁ ହେବ ।" "ନା, ମୁଁ କେବେହେଲେ କୌଣସି ନା କୌଣସି ଅସମର୍ଥତା ଦ୍ୱାରା ଉଗାଳି ହୋଇ ରହିବି ନାହିଁ, କୌଣସି ନା କୌଣସି ଅନର୍ଥକାରୀ ଇଚ୍ଛା ଦ୍ୱାରା ମୁଁ କଦାପି ପଛକୁ ଟାଣିହୋଇ ରହିବି ନାହିଁ," – ତୁମର ଅଭୀପ୍ସାଗୁଡ଼ିକ ଯେତେବେଳେ ଏହିପରି ହୋଇପାରିବ, ସେତେବେଳେ ଆପଣା ଭିତରେ ଏହିପରି ଏକ ସୁନିଶ୍ଚିତତାର ଅନୁଶୀଳନ କରିବାକୁ ପଡ଼ିବ ଯେ ମର୍ମତଃ ତାହାହିଁ ସତ୍ୟ ଏବଂ ତୁମକୁ ତାହାରହିଁ ଉପଲବ୍ଧି କରିବାକୁ ହେବ ।

ସେତେବେଳେ ତୁମ ଶରୀରର କୋଷଗୁଡ଼ିକରେ ବି ବିଶ୍ୱାସ ଜାଗ୍ରତ ହୋଇଆସିବ । ଏବଂ ତୁମେ ଦେଖିବ ଯେ ତୁମର ଶରୀର ଭିତରୁ ମଧ୍ୟ ତୁମକୁ ନିଶ୍ଚିତ ଭାବରେ ଏକ ଅନୁସ୍ପନ୍ଦନ ମିଳିବାରେ ଲାଗିଲାଣି । ସ୍ୱୟଂ ସେହି ଶରୀରଟି ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରିବ ଯେ, ଯଦି ତାହାର ଅନ୍ତର୍ଗତ ଇଚ୍ଛାଟି ସହାୟକ ହେବ, ତାହାକୁ ବଳବାନ୍ କରିବ, ବାଟ ଦେଖାଇବ ଓ ନେତୃତ୍ୱ ଦେବ, ତେବେ ତାହାର ଯାବତୀୟ ଅପୂର୍ଣ୍ଣତା କ୍ରମଶଃ ଅନ୍ତର୍ହିତହିଁ ହୋଇ ଯାଉଥିବ ।

ଏହିପରି ଭାବରେ ଯେତେବେଳେ ପ୍ରଥମ ଅଭିଜ୍ଞତାଟି ଆସିଯିବ,– ତାହା ହୁଏତ ତୁମର ଅତି ଅଳ୍ପ ବୟସରେ ଆରମ୍ଭ ହେବ, ସେହି ଅନ୍ତର୍ଗତ ଆନନ୍ଦ, ଅନ୍ତର୍ଗତ ସୌନ୍ଦର୍ଯ୍ୟ ଓ ଅନ୍ତର୍ଗତ ଆଲୋକଟି ସହିତ ତୁମର ପ୍ରଥମ ସଂସ୍ପର୍ଶଟି ଘଟିବ, ସେଇ ତାହାରି ସହିତ ସର୍ବପ୍ରଥମ ସଂସ୍ପର୍ଶ ଘଟିବ, ସେହି ସଂସ୍ପର୍ଶଟି ପାଇ ତୁମେ ଏହିପରି ଅନୁଭବ କରୁଥିବ, "ହଁ, ହଁ, ମୁଁ ଏହାହିଁ ପାଇବାକୁ ଇଚ୍ଛା କରୁଛି," ତେବେ ସେତେବେଳେ ତୁମକୁ ତାହାର ଅନୁଶୀଳନ କରିବାକୁ ହେବ, ତାକୁ ପାସୋରିଦେଲେ ମୋଟେ ଚଳିବ ନାହିଁ, ଆପଣା ସମକ୍ଷରେ ତାହାକୁ ଅନୁକ୍ଷଣ ଧରି ରଖିବାକୁ ପଡ଼ିବ, ନିଜକୁ ସବୁବେଳେ

'oaob.nitrkl.ac.in' images reprocessed

ଏହିପରି କହିବାକୁ ପଡ଼ିବ, "ଥରେ ଯେତେବେଳେ ମୁଁ ତାହାକୁ ଅନୁଭବ କରିପାରିଛି, ସେତେବେଳେ ବି ତାକୁ ଆଉଥରେ ଅନୁଭବ କରିପାରିବି; ଗୋଟିଏ ସେକେଣ୍ଡ୍ ପାଇଁ ହେଲେ ମଧ୍ୟ ତାକୁ ମୁଁ ଏକ ବାସ୍ତବତା ରୂପେ ଅନୁଭବ କରିଛି ଏବଂ ବର୍ତ୍ତମାନ ମୁଁ ତାହାକୁହିଁ ମୋ ଭିତରେ ପୁନଃ ଜାଗ୍ରତ କରାଇବାକୁ ଚେଷ୍ଟା କରିବି ।" ... ଏବଂ ତାହାକୁହିଁ ଲୋଡ଼ିବା ପାଇଁ ତୁମେ ଶରୀରକୁ ମଧ୍ୟ ପ୍ରୋତ୍ସାହିତ କରିବ; ତାହାରି ମଧ୍ୟରେ ଯେ ସେହି ସମ୍ଭାବନାଟି ନିହିତ ହୋଇରହିଛି ଏବଂ ଯଦି ସେ ତାହାର ଆବାହନ କରିପାରିବ, ତେବେ ତାହା ପୁନର୍ବାର ଆସିବ ଏବଂ ପୁନର୍ବାର ଉପଲବ୍ଧ ହେବ, ଏହିପରି ଏକ ଦୃଢ଼ ବିଶ୍ୱାସର ସହିତ ଶରୀର ଯେପରି ତାହାକୁ ଲୋଡ଼ି ପାରିବ, ତୁମେ ସେଥିଲାଗି ତାହାକୁ ପ୍ରୋତ୍ସାହିତ କରିବ ।

ବୟସ ଅଳ୍ପଥିବା ବେଳେହିଁ ତୁମେ ଏହି କଥା କରିବ । ଆପଣାକୁ ଅଭିନିବେଶିତ କରି ଆଣିବା ସମୟରେ, ଆପଣା ସହିତ ଖିଅ ଲଗାଇ ଥିଲାବେଳେ ଏବଂ ଆପଣାକୁ ଖୋଜି ବାହାରିବା ବେଳେ ତୁମକୁ ଏହାହିଁ କରିବାକୁ ହେବ ।

ଏବଂ ତା'ପରେ ତୁମେ ନିଜେ ସବୁ ଦେଖିବାକୁ ପାଇବ । ଯଦି ତୁମେ ସ୍ୱାଭାବିକ ଭାବରେ ନିଜସ୍ୱ ହୋଇ ରହିଥିବ, ଅର୍ଥାତ୍ ଯଦି ଖରାପ ଶିକ୍ଷା ଏବଂ ଖରାପ ମଣିଷଙ୍କର କୌଣସି କୁପ୍ରଭାବରେ ପଡ଼ି ନ ଥିବ, ଯଦି ସୁସ୍ଥ ଏବଂ ଅପେକ୍ଷାକୃତ ଭାବରେ ବିଚାର କଲେ ଏକ ଭାରସାମ୍ୟଯୁକ୍ତ ଏବଂ ସ୍ୱାଭାବିକ ବାତାବରଣରେ ଜନ୍ମ ହୋଇଥିବ ଏବଂ ବାସ କରୁଥିବ, ତେବେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ କୌଣସି ବ୍ୟକ୍ତିର ମାନସିକ ବା ଏପରିକି ପ୍ରାଣିକ ହସ୍ତକ୍ଷେପ ଲାଗି ଆଦୌ କୌଣସି ଅପେକ୍ଷା ନ ରଖି ତୁମର ଶରୀର ମଧ୍ୟରେ ଏପରି ଏକ ନିଶ୍ଚିତ ପ୍ରତ୍ୟୟ ଅବଶ୍ୟ ରହିଥିବ ଯେ ଯଦି କେଉଁଠାରେ ହୁଏତ କିଛି ବିଗିଡ଼ି ଯିବ, ତେବେ ଅଚିରେ ତାହାର ଆରୋଗ୍ୟବିଧାନ ହୋଇପାରିବ । ସକଳ ଆରୋଗ୍ୟ ବିଧାନର ନିଶ୍ଚିତତାଟିକୁ ଏହି ଶରୀର ଆପଣା ମଧ୍ୟରେହିଁ ବହନ କରି ରହିଛି, କୌଣସି ଅସୁସ୍ଥତା ବା ଅସମତାବସ୍ଥା ଯେ ଅବଶ୍ୟ ଅନ୍ତର୍ହିତ ହୋଇଯିବ, ସେହି ଦୃଢ଼ ବିଶ୍ୱାସଟିକୁ ଶରୀର ସ୍ୱୟଂ ବହନ କରିବାରେ ଲାଗିଛି । ବାତାବରଣରୁ ଆମକୁ ଯେଉଁ ଭୁଲ୍ ଶିକ୍ଷା ମିଳିଥାଏ, କେବଳ ତାହାରି କାରଣରୁହିଁ ଶରୀରକୁ କ୍ରମଶଃ ଏପରି ବିଶ୍ୱାସ କରିବାକୁ ଶିକ୍ଷା ଦିଆଯାଏ ଯେ ଏପରି ଅନେକ ରୋଗ ରହିଛି ଯେଉଁଗୁଡ଼ିକର କି ଆରୋଗ୍ୟ ସମ୍ଭବ ହେବ ନାହିଁ, ଏପରି ଆକସ୍ମିକ ଦୁର୍ଘଟଣାମାନ ରହିଛି, ଯେଉଁଗୁଡ଼ିକରୁ କି କଦାପି ରକ୍ଷା ପାଇହେବ ନାହିଁ, ତାକୁ ଏକଥା ମଧ୍ୟ ବିଶ୍ୱାସ କରିବାକୁ ଶିଖାଇ ଦିଆଯାଏ ଯେ ସିଏ ଦିନେ ନା ଦିନେ ବୁଢ଼ା ହୋଇଯିବ । ଏହିସବୁ ମନଗଢ଼ା କଥା ଶୁଣିଶୁଣିହିଁ ଶରୀରର ବିଶ୍ୱାସ ନଷ୍ଟ ହୋଇଯାଏ, ସିଏ ତା'ର ଆସ୍ଥାଟିକୁ ହରାଇବସେ । ମାତ୍ର ସାଧାରଣତଃ,

'oaob.nitrkl.ac.in' images reprocessed

ଗୋଟିଏ ସୁସ୍ଥ ପିଲାର ଶରୀର,– ମୁଁ ଏଠାରେ ଭାବନାର କଥା କହୁ ନାହିଁ, ଶରୀରର କଥାହିଁ କହୁଛି,– ଯେତେବେଳେ କେଉଁଠି କିଛି ଖରାପ ହୋଇଯାଏ, ସେତେବେଳେ ତା'ର ଶରୀରଟିହିଁ ଅନୁଭବ କରିଥାଏ ଯେ ତା ପୁନର୍ବାର ନିଶ୍ଚୟ ଭଲ ହୋଇଯିବ । ଏବଂ, ଯଦି ସେପରି ପ୍ରକୃତରେ ହେଉ ନ ଥାଏ, ତେବେ ବୁଝିବାକୁ ହେବ ଯେ ତା'ଭିତରେ ଆଗରୁ ନିଶ୍ଚୟ ବିକାର ପ୍ରବେଶ କରି ରହିଛି । ସୁସ୍ଥ ହୋଇ ରହିବାଟାହିଁ ସୁସ୍ଥ ଶରୀର ଲାଗି ସ୍ୱାଭାବିକ ମନେ ହେଉଥାଏ; ଏବଂ, ଯଦି କେଉଁଠି କିଛି ଗୋଳମାଳ ହୋଇଯାଏ ଓ ତାହା ଅସୁସ୍ଥ ହୋଇପଡ଼େ, ତେବେ ତାହା ତାକୁ ବେଶ୍ ଅସ୍ୱାଭାବିକ ବୋଲିହିଁ ମନେହୁଏ । ଏବଂ, ଆପଣାର ସହଜାତ ଓ ସ୍ୱତଃପ୍ରେରିତ ପ୍ରବୃତ୍ତିଟି ଦ୍ୱାରା ଚାଳିତ ହୋଇ ତାହା ସୁନିଶ୍ଚିତ ହୋଇ ରହିଥାଏ ଯେ ସବୁକିଛି ଅଚିରେ ପୁଣି ଠିକ୍ ହୋଇଯିବ । ଭାବନା କ୍ଷେତ୍ରରେ ବିକୃତି ଘଟିହିଁ ତାହାର ସେହି ବିଶ୍ୱାସଟି ବିନଷ୍ଟ ହୋଇଯାଏ; ବୟସବୃଦ୍ଧି ସଙ୍ଗେସଙ୍ଗେ ଭାବନା ଅଧିକରୁ ଅଧିକ ବିକୃତ ହେବାରେ ଲାଗିଥାଏ; ସାମୂହିକ ସବୁଯାକ ପ୍ରବର୍ତ୍ତନା ଓ ଇଙ୍ଗିତମାନେ ଆସି ଭାବନାକୁ ଅଧିକାର କରିନିଅନ୍ତି ଏବଂ ତା'ପରେ ଅଳ୍ପ ଅଳ୍ପ କରି ଶରୀର ଆପଣା ଉପରେ ରଖି ଆସିଥିବା ବିଶ୍ୱାସଟିକୁ ହରାଇ ବସେ ଏବଂ ସେହି ଆତ୍ମ-ବିଶ୍ୱାସଟିକୁ ହରାଇ ପକାଇବା ଫଳରେ ସିଏ ତା'ର ସମତାବସ୍ଥାରେ କୌଣସି ପ୍ରକାର ବ୍ୟାଘାତ ଆସି ପହଞ୍ଚିବା ସମୟରେ ସେଇଟିକୁ ପୁଣି ଫେରାଇ ଆଣିବାର ସେହି ସ୍ୱତଃସ୍ଫୂର୍ତ୍ତ ସାମର୍ଥ୍ୟଟିକୁ ମଧ୍ୟ ହରାଇ ବସେ ।

ମାତ୍ର ତୁମର ପିଲାଦିନରୁ, ଏକାବେଳେକେ ପିଲା ହୋଇଥିବା ବୟସରୁ ଯଦି ତୁମକୁ ଯାବତୀୟ ପ୍ରକାରର ନୈରାଶ୍ୟପୂର୍ଣ୍ଣ ଓ ହତୋତ୍ସାହିତ କରି ଦେଉଥିବା ଭଳି କଥାଗୁଡ଼ାକୁ ଶିଖାଇ ଦିଆ ଯାଇଥାଏ, ତୁମଭିତରେ ସବୁକିଛିକୁ ଶଙ୍କାଇ ପଚାଇ ଦେଉଥିବା ଭଳି ଏବଂ ଏକ ବିଘଟଣ ସୃଷ୍ଟି କରୁଥିବା ଭଳି କଥାଗୁଡ଼ାକୁ ଶିଖାଇ ଦିଆଯାଇଥାଏ, ତେବେ ବିଚାରା ଏହି ଶରୀର ତା'ର ପାରୁପର୍ଯ୍ୟନ୍ତେ ଯାହାକିଛି କରିବାର କରୁଥାଏ ସତ, ମାତ୍ର ତା'ଭିତରେ କେତେ ବିକୃତି ପଶି ଯାଇଥାଏ, ତାହା ଆପଣାର ଶୃଙ୍ଖଳାଟିକୁ ହରାଇ ପକାଇଥାଏ, ଆପଣାର ଅନ୍ତର୍ଗତ ବଳଟି ବିଷୟରେ ତାହାର ଆଉ କୌଣସି ବୋଧ ନ ଥାଏ, ଆପଣାର ଅନ୍ତର୍ଗତ ଶକ୍ତି ଓ ପ୍ରତିକ୍ରିୟା ବ୍ୟକ୍ତ କରିବାର ଶକ୍ତିଟି ବିଷୟରେ ତାହା ସକଳ ବୋଧ ହରାଇ ବସିଥାଏ ।

ଶରୀର ଯେପରି ଆଦୌ ବିକୃତ ହୋଇ ନ ଯିବ, ସେବିଷୟରେ ଯଦି ଆମେ ଉଚିତ ଯତ୍ନ ନେଇ ପାରୁଥିବା, ତେବେ ଶରୀର ମଧ୍ୟ ତା' ଆପଣା ମଧ୍ୟରେ ବିଜୟ ଲାଭ କରିବାର ସୁନିଶ୍ଚିତତାଟିକୁ ଅବଶ୍ୟ ବହନ କରି ରହିଥିବ । ଆମେ ଆମ ଭାବନାର ଯେଉଁ ଅସଦୁପଯୋଗ କରୁ ଏବଂ ଶରୀର ଉପରେ ତାହାର ଯେଉଁ କୁପ୍ରଭାବ ପଡ଼େ, କେବଳ

'oaob.nitrkl.ac.in' images reprocessed

ତାହାହିଁ ବିଜୟ ଲାଭ କରିବାର ସୁନିଶ୍ଚିତତାଟିକୁ ତା'ଠାରୁ ଅପହରଣ କରି ନେଇଯାଏ । ତେଣୁ ଆମର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ ଆମେ ସେହି ସୁନିଶ୍ଚିତତାର ଅନୁଶୀଳନ କରିବା, ତାହାକୁ କଦାପି ନଷ୍ଟ କରି ଦେବା ନାହିଁ । ଏବଂ ସେଇଟି ବିଦ୍ୟମାନ ରହିଥିବା ପର୍ଯ୍ୟନ୍ତ ଅଭୀପ୍ସା ଲାଗି ମଧ୍ୟ ଆଉ କୌଣସି ପ୍ରୟାସ କରିବାକୁ ପଡ଼ୁ ନ ଥିବ; ବିଜୟଲାଭ ବିଷୟରେ ସେହି ଅନ୍ତର୍ଗତ ସୁନିଶ୍ଚିତତାହିଁ କେବଳ ବିକଶିତ ହୋଇ ଯାଉଥିବ, କେବଳ ଉନ୍ମୋଚିତ ହେବାରେ ଲାଗିଥିବ ।

ଶରୀର ତା'ର ଆପଣା ଭିତରେହିଁ ଆପଣା ଦିବ୍ୟତାବୋଧଟିକୁ ବହନ କରିରହିଛି । ସେଇଠି ଆପଣା ଭିତରେହିଁ ସେ ତାହା ବହନ କରୁଛି । ଯଦି ତୁମେ ସେଇଟି ବିଷୟରେ ଦୃଷ୍ଟିଚ୍ୟୁତ ହୋଇ ଯାଇଥାଅ, ତେବେ ତୁମକୁ ନିଜ ଭିତରେ ସେହି ବୋଧଟିକୁ ପୁନର୍ବାର ଲାଭ କରିବାକୁ ପଡ଼ିବ ।

ଯଦି କୌଣସି ପିଲା ତୁମ ଆଗରେ ସେ ଦେଖିଥିବା ଏପରି ଗୋଟିଏ ସୁନ୍ଦର ସ୍ୱପ୍ନର କଥା ଆସି କହେ, – ଯେଉଁଥିରେ କି ସିଏ କେତେ କ'ଣ ଶକ୍ତିର ଅଧିକାରୀ ହୋଇ ରହିଥିଲା, ଏବଂ ସବୁକିଛି ଭାରି ସୁନ୍ଦର ହୋଇ ରହିଥିଲା, ତେବେ ମନେ ରଖିଥାଅ, ସେସବୁ ଶୁଣି ତୁମେ ତାକୁ କଦାପି "ହଁ ଯେ, କିନ୍ତୁ ପ୍ରକୃତ ଜୀବନରେ ତାହା କଦାପି ହୁଏ ନାହିଁ" ବୋଲି କହିବ ନାହିଁ, କାରଣ ସେପରି କହିଲେ ତୁମେ ଏକ ଭୁଲ୍ କାର୍ଯ୍ୟ କରିବ । ଓଲଟି ତୁମେ ତାକୁ ଏପରି କହିବ, "ଜୀବନ ବାସ୍ତବିକ ଠିକ୍ ସେହିପରି ହେବା ଉଚିତ ଏବଂ ତାହା ନିଶ୍ଚୟ ସେହିପରି ହେବ ।"

'oaob.nitrkl.ac.in' images reprocessed

## ୭ ଅଗଷ୍ଟ ୧୯୫୭

*ଶ୍ରୀଅରବିନ୍ଦ ଲେଖିଛନ୍ତି, "ଯିଏ ଅତିମାନସକୁ ଗ୍ରହଣ କରିପାରିବ ଏବଂ ସେହି ଋତ-ଚିତ୍ ଦ୍ୱାରା ଆପଣାକୁ ପୂର୍ଣ୍ଣ କରିଦେଇ ପାରିବ, ଅତିମାନସ ତା'ଲାଗି ଦିବ୍ୟ ଜୀବନର ସକଳ ସମ୍ଭାବନାକୁ ବହନ କରି ଆଣିବ । ବର୍ତ୍ତମାନ ଆମେ ଯେଉଁସବୁ ଅଭିଜ୍ଞତାକୁ ଆଧ୍ୟାତ୍ମିକ ବୋଲି ଜାଣୁଛୁ, ତାହା କେବଳ ସେହିଗୁଡ଼ିକୁ ନେଇ କାର୍ଯ୍ୟ କରିବ ନାହିଁ, ଆମେ ଯେଉଁଗୁଡ଼ିକୁ ବର୍ତ୍ତମାନ ସେହି ଶ୍ରେଣୀର ଅନ୍ତର୍ଭୁକ୍ତ କରୁ ନାହୁଁ, ଅତିମାନସ ସେଗୁଡ଼ିକୁ ଗ୍ରହଣ କରି ମଧ୍ୟ କାର୍ଯ୍ୟ କରିବ । ... "*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୪୭

ହଁ, କିନ୍ତୁ ତୁମେ କ'ଣ ପଚାରିବାକୁ ଚାହଁ ? କ'ଣ ସବୁ ଅନ୍ତର୍ଭୁକ୍ତ ହୋଇରହି ନାହିଁ ?

ଆମେ କ'ଣ ସବୁ ଅନ୍ତର୍ଭୁକ୍ତ କରି ରଖି ନ ଥାଉ ? ... ତାହା ସେହି ବ୍ୟକ୍ତିଟି ଉପରେହିଁ ନିର୍ଭର କରୁଥାଏ ।

କିନ୍ତୁ ତୁମେ ପ୍ରକୃତରେ କ'ଣ ପଚାରୁଛ ?

*ଆମେ କେଉଁସବୁ କଥାକୁ ଅନ୍ତର୍ଭୁକ୍ତ କରି ରଖି ନ ଥାଉ, ମୁଁ ସେପରି କିଛି ଦେଖିପାରୁ ନାହିଁ ।*

ବୁଝିଲି । ସେଇଟି ପ୍ରକୃତରେ ଗୋଟିଏ ଉଚିତ ପ୍ରଶ୍ନ । ଆମେ ଏଠି କିଛିହେଲେ ବହିର୍ଭୂତ କରି ରଖି ନାହୁଁ ବୋଲି କହିଥାଉ । ପ୍ରକୃତରେ ସେଇଥିପାଇଁ ଏପରି କୁହାଯାଇଛି । ଆମେ ଏଠାରେ ମନୁଷ୍ୟଜୀବନର ଯାବତୀୟ କାର୍ଯ୍ୟକୁ ଗ୍ରହଣ କରିଛୁ– ତାହା ଯାହା ହୋଇଥାଉ ପଛକେ । ବାହାରେ ଯେଉଁସବୁ କଥାକୁ ସର୍ବାପେକ୍ଷା କମ୍ ଆଧ୍ୟାତ୍ମିକ ବୋଲି ବିଚାର କରାଯାଇଥାଏ, ଆମେ ସେଗୁଡ଼ିକୁ ମଧ୍ୟ ଗ୍ରହଣ କରିଛୁ । ମାତ୍ର ସେଗୁଡ଼ିକର ସ୍ୱଭାବକୁ ପରିବର୍ତ୍ତନ କରିବା ଯେ ପ୍ରକୃତରେ କଷ୍ଟକର, ମୁଁ ତାହା ଅବଶ୍ୟ ସ୍ୱୀକାର କରିବି । ମାତ୍ର ଆମେ ତଥାପି ଚେଷ୍ଟା କରୁଛୁ, ଏହିସବୁ କ୍ଷେତ୍ରରେ ଆମେ ଯଥାସମ୍ଭବ ଅଧିକ ସଦିଚ୍ଛାକୁ ସମ୍ଭବ କରିବାକୁ ଚେଷ୍ଟା କରୁଛୁ ।

'oaob.nitrkl.ac.in' images reprocessed

*ଏକଥା ବି କୁହାଯାଇଛି ଯେ ଯେଉଁ ଅବତରଣଟି ଘଟିବ, ତାହା ପରିବର୍ତ୍ତନର କାର୍ଯ୍ୟଟିକୁ ଅପେକ୍ଷାକୃତ ଅଧିକ ସହଜ କରିଦେବ ।**

ଦୁଇଟି କଥା ଏହି ପ୍ରକ୍ରିୟାଟିରେ କଠିନ ପ୍ରତିରୋଧ କରିଥାନ୍ତି : ରାଜନୀତି ସହିତ ସମ୍ବନ୍ଧିତ ହୋଇ ରହିଥିବା ଯାବତୀୟ ବିଷୟ, ଏବଂ ଅର୍ଥ ସହିତ ସମ୍ପୃକ୍ତ ହୋଇ ରହିଥିବା ଯାବତୀୟ ବିଷୟ । ଏହି ଦୁଇଟି କ୍ଷେତ୍ରରେହିଁ ମନୁଷ୍ୟର ଦୃଷ୍ଟିକୋଣକୁ ବଦଳାଇବା ସବୁଠାରୁ ଅଧିକ କଷ୍ଟକର ହୋଇଥାଏ ।

ଏକ ସିଦ୍ଧାନ୍ତ ହିସାବରେ ଆମେ କେତେଥର କହିଛୁ ଯେ ଆମର ରାଜନୀତି ସହିତ ଆଦୌ କୌଣସି ସମ୍ପର୍କ ନାହିଁ । ଅର୍ଥାତ୍, ବର୍ତ୍ତମାନ ରାଜନୀତି ଯେପରି ଭାବରେ ଚାଲିଛି, ତାହା ସହିତ ଆମର କିଛି ସମ୍ପର୍କ ନାହିଁ । ମାତ୍ର ଏକଥା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ

---

* "ପୃଥିବୀ-ପୃଷ୍ଠରେ ଯେଉଁ ଦିବ୍ୟ ଜୀବନର ପ୍ରତିଷ୍ଠା ହେବ, ତାହା ଯେ ଏକ ସଂପୂର୍ଣ୍ଣ ଅଲଗା ଏବଂ ବାହ୍ୟ ଅସଂଲଗ୍ନ ଘଟଣା ପରି ଘଟିବ, ସେପରି ଭାବିବାର ଆଦୌ କୌଣସି କାରଣ ନାହିଁ । ଆମର ଏହି ସାଧାରଣ ପାର୍ଥିବ ଜୀବନ ଉପରେ ଯେ ତାହାର କୌଣସି କ୍ରିୟା ହେବ ନାହିଁ, ସେପରି ମଧ୍ୟ ଆଦୌ ଭାବିବା ଉଚିତ ନୁହେଁ । ନା– ତାହା ମନୁଷ୍ୟ ଏବଂ ତାହାର ଜୀବନକୁ ଆପଣା ହାତରେ ନେବ, ଯାହାର ରୂପାନ୍ତର ହେବା ସମ୍ଭବ, ସେଥିରେ ରୂପାନ୍ତର ଘଟାଇବ, ଯାହାକୁ ଆଧ୍ୟାତ୍ମିକ କରିହେବ, ତାହାକୁ ଆଧ୍ୟାତ୍ମିକ କରିଦେବ । ଅବଶିଷ୍ଟଟି ଉପରେ ମଧ୍ୟ ତାହା ଆପଣାର ପ୍ରଭାବଟିକୁ ନେଇ ପକାଇବ ଏବଂ ସେଗୁଡ଼ିକରେ ଏକ ମୌଳିକ ଓ କ୍ରମୋନ୍ନୟନକାରୀ ପରିବର୍ତ୍ତନ ସଂଘଟିତ କରିବ, ବିଶ୍ୱଗତ ଏବଂ ବ୍ୟକ୍ତିଗତ ମଧ୍ୟରେ ଏକ ଜୀବନ୍ତ ଯୋଗସୂତ୍ର ସ୍ଥାପନ କରିବ, ଆଧ୍ୟାତ୍ମିକ ସତ୍ୟଟିକୁ ନେଇ ତାହାର ଏକ ସନ୍ଦୀପିତ ପ୍ରତିଫଳନ ହୋଇ ରହିଥିବା ଆଦର୍ଶଟି ଉପରେ ଯାଇ ଆକ୍ରମଣ କରିବ, ଏବଂ ତାହାକୁ ଏକ ବୃହତ୍ତର ଓ ଉଚ୍ଚତର ଜୀବନ ମଧ୍ୟକୁ ବା ଜୀବନ ଆଡ଼କୁ ଉତ୍ତୋଳିତ କରିନେବାରେ ସହାୟକ ହେବ ।... ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ଅତିମାନସ ପ୍ରକୃତରେ ଉପସ୍ଥିତ ରହିଥିବ ଏବଂ ଏକ ବିଧାୟକ ତତ୍ତ୍ୱରୂପେ ପୃଥିବୀପୃଷ୍ଠରେ ଅତିମାନସ ସତ୍ତାର ଏକ ଶାସନର ପ୍ରତିଷ୍ଠା ହୋଇଯିବ, — ବର୍ତ୍ତମାନ ଅବସ୍ଥାରେ ମନ ଯେପରି ବିଧାୟକ ତତ୍ତ୍ୱରୂପେ ଅବସ୍ଥାପିତ ହୋଇ ରହିଛି, ସେହିପରି, — ମାତ୍ର ତା'ଠାରୁ ଅଧିକ ନିଶ୍ଚିତତା ସହିତ ଯଦି ତାହା ଏହି ପାର୍ଥିବ ଜୀବନକୁ ସଂପୂର୍ଣ୍ଣ ଭାବରେ ଶାସନ କରିପାରୁଥିବ, ତେବେ ସେଗୁଡ଼ିକର ସ୍ତରରେ ଓ ସ୍ୱାଭାବିକ ସୀମାଭିତରେ ଯେଉଁ ଯାବତୀୟ ବସ୍ତୁକୁ ଅପୂର୍ଣ୍ଣତାଗ୍ରସ୍ତ ମନ ରୂପାନ୍ତରିତ କରିପାରିବାରେ ଆଦୌ ସମର୍ଥ ହେଉ ନାହିଁ, ସେଗୁଡ଼ିକୁ ରୂପାନ୍ତରିତ କରିବା ଲାଗି ନିଜକୁ ଅନୁରୂପ ଭାବରେ ପ୍ରସାରିତ କରି ନ ଦେଲେ ମଧ୍ୟ ତାହା ସେଗୁଡ଼ିକରେ ଅନିବାର୍ଯ୍ୟତଃ ଏକ ବିପୁଳ ପରିବର୍ତ୍ତନ ସମ୍ଭବ କରିବାକୁ ସମର୍ଥ ହେବ ।"

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୪୭-୪୯

'oaob.nitrkl.ac.in' images reprocessed

ହୋଇଯାଉଥିବା ଉଚିତ ଯେ ଯଦି ରାଜନୀତିକୁ ତାହାର ଉଚିତ ନିହିତାର୍ଥରେ ଗ୍ରହଣ କରାଯାଏ, ଅର୍ଥାତ୍ ରାଜନୀତି କହିଲେ ଯଦି ମନୁଷ୍ୟସମୂହର ସଂଗଠିତ ହୋଇ ରହିବା, ତା' ସାମୂହିକ ଜୀବନର ଚିଜିନିଷି ଯାବତୀୟ ପରିଶାସନ ଏବଂ ନିୟମନ ଏବଂ ଅନ୍ୟାନ୍ୟ ସମୂହଗୁଡ଼ିକ ସହିତ ଯାବତୀୟ ସମ୍ବନ୍ଧକୁହିଁ ବୁଝାଯାଏ, ଅର୍ଥାତ୍ ଗୋଟିଏ ଜାତିର ବା ଦେଶର ଅନ୍ୟାନ୍ୟ ଜାତି ବା ଦେଶଗୁଡ଼ିକ ସହିତ ରହୁଥିବା ସମ୍ବନ୍ଧଗୁଡ଼ିକୁ ବୁଝାଏ, ତେବେ ରାଜନୀତିକୁ ମଧ୍ୟ ଅବଶ୍ୟ ଅତିମାନସ ରୂପାନ୍ତରର ଆୟତନଟି ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ । କାରଣ, ଜାତୀୟ ଜୀବନ ଏବଂ ଜାତି ଜାତି ମଧ୍ୟରେ ସମ୍ବନ୍ଧ ବର୍ତ୍ତମାନ ଯେଉଁଭଳି ରହିଛି, ଯେପର୍ଯ୍ୟନ୍ତ ସେଗୁଡ଼ିକ ଠିକ୍ ସେହିଭଳି ରହିଥିବ, ସେପର୍ଯ୍ୟନ୍ତ ପୃଥିବୀରେ ଏକ ଅତିମାନସ ଜୀବନଯାପନ କଦାପି ସମ୍ଭବ ହେବ ନାହିଁ । ତେଣୁ, ଏଇଟିକୁ ମଧ୍ୟ ଅବଶ୍ୟ ବଦଳି ଯିବାକୁ ପଡ଼ିବ; ଆମକୁ ରାଜନୀତିର କ୍ଷେତ୍ରରେ ମଧ୍ୟ ଅବଶ୍ୟ କିଛି କରିବାକୁ ପଡ଼ିବ ।

ପୁନଶ୍ଚ, ଆର୍ଥିକ ବ୍ୟାପାରଗୁଡ଼ିକର ସଂକ୍ରାନ୍ତରେ କହିବାକୁ ଗଲେ, ଅର୍ଥାତ୍ ବିନିମୟ ତଥା ଉତ୍ପାଦନର ଏପରି ଏକ ପ୍ରଣାଳୀର ଅବିଷ୍କାର ଯାହାକି ଅତ୍ୟନ୍ତ ସରଳ ହୋଇଥିବ; ହଁ, ''ସରଳ'' ହୋଇଥିବ, ଅତ୍ୟନ୍ତ ସରଳ ହୋଇଥିବ; ଆଦିମ ମନୁଷ୍ୟମାନଙ୍କର ଯେଉଁ ସମାଜରେ ଗୋଟିଏ ଜିନିଷ ପାଇବାକୁ ହେଲେ ତା' ବଦଳରେ ଆଉ ଗୋଟିଏ ଜିନିଷ ଦେବାକୁ ପଡୁଥିଲା, ସେହି ସମାଜର ଅର୍ଥବ୍ୟବସ୍ଥାଠାରୁ ମଧ୍ୟ ତାହା ଅଧିକ ସରଳ ହୋଇଥିବ; — ଏପରି ଏକ ବ୍ୟବସ୍ଥା, ଯାହା ସିଦ୍ଧାନ୍ତତଃ ବିଶ୍ୱଜନୀନ ହୋଇଥିବ, ସାରା ବିଶ୍ୱ ଲାଗି ବି ଲାଗୁ ହୋଇପାରୁଥିବ । ଜୀବନକୁ ଏକ ସରଳ ସୋପାନକୁ ଆଣିବାକୁ ହେଲେ ତାହା ଏକାନ୍ତ ଅପରିହାର୍ଯ୍ୟ । ମାତ୍ର ବର୍ତ୍ତମାନ ମନୁଷ୍ୟ-ପ୍ରକୃତିର କ୍ଷେତ୍ରରେ ଏହାର ଠିକ୍ ବିପରୀତ କଥାଟିହିଁ ଘଟିବାରେ ଲାଗିଛି । ସ୍ଥିତି ତ ଏପରି ହୋଇଛି ଯେ ତାହାକୁ ସହ୍ୟ କରିବା ମଧ୍ୟ ପ୍ରାୟ କଷ୍ଟକର ହେଲାଣି । ଅନ୍ୟ କୌଣସି ଦେଶ ସହିତ ସର୍ବନିମ୍ନ ଏକ ଯଥାର୍ଥ ସମ୍ବନ୍ଧ ସ୍ଥାପନ କରିବା ମଧ୍ୟ ଏବେ ପ୍ରାୟ ଅସମ୍ଭବ ହୋଇ ପଡ଼ିଲାଣି, ଏବଂ, ଯାହାକୁ ଅନ୍ତଃବିନିମୟର ମାଧ୍ୟମ ବୋଲି କହି ଏପରି ଅତିପ୍ରଦର୍ଶିତ କରାଯାଉଛି, ଯାହା କି ଏକ ଅତ୍ୟନ୍ତ ସରଳ ବିଷୟ ହୋଇରହିବା ଉଚିତ ଥିଲା, ତାହା ବର୍ତ୍ତମାନ ଏପରି ଏକ ବିଷମ ଜଟିଳତାରେ ପରିଣତ ହୋଇରହିଛି ଯେ ଆମେ ସେହି କ୍ଷେତ୍ରରେ ପ୍ରକୃତରେ ଏକ ଅଚଳ ଅବସ୍ଥାରେ ଯାଇ ପହଞ୍ଚିବାକୁ ଯାଉଛୁ; ଯେଉଁଠି ପହଞ୍ଚିଲେ ଆଉ କିଛି, କିଛି, କିଛି ହେଲେ କରାଯାଇ ପାରିବ ନାହିଁ; ଆମେ ସେହିପରି ଏକ ଅବସ୍ଥାର ଅତି ନିକଟ, ନିକଟ, ନିକଟ ହେବାରେ ଲାଗିଛୁ । ଆମେ ଯେପରି ଅଚିରେ ସବୁକିଛି ଭିତରେ ବାନ୍ଧିହୋଇ ପଡ଼ିବାରେହିଁ ଲାଗିଛୁ । ଅନ୍ୟ ଏକ ଦେଶରୁ ହୁଏତ ଏଡ଼େଟିକିଏ କୌଣସି ଏକ ଜିନିଷ ଆଣିବାକୁ ହେଲେ ଆମକୁ ଏତେଗୁଡ଼ାଏ କେତେକ'ଣ ବଡ଼ ଜଟିଳ

'oaob.nitrkl.ac.in' images reprocessed

ଏବଂ ଶ୍ରମସାପେକ୍ଷ ନାନା ପ୍ରକ୍ରିୟା ମଧ୍ୟଦେଇ ଯିବାକୁ ପଡୁଛି ଯେ, ଶେଷକୁ ଅବସ୍ଥା ହୁଏତ ଏପରି ହେବ, ଯେତେବେଳେ କି ବାଧ୍ୟ ହୋଇ ଆପଣାର କ୍ଷୁଦ୍ର କୋଣଟିରେହିଁ ବାସ କରିବାକୁ ପଡ଼ିବ ଏବଂ ଆପଣାର ବଗିଚାରୁ ଯେତିକି ଆଳୁ ଫଳୁଛି, କେବଳ ସେତିକି ମଧ୍ୟରେହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ । ଆଉ ଅନ୍ୟସବୁ ସ୍ଥାନରେ କ'ଣସବୁ ଘଟୁଛି ବା କି ଅବସ୍ଥା ରହିଛି, ସେବିଷୟରେ କିଛି ଜାଣିବା ଲାଗି ଆଶା ବି କରାଯାଇ ପାରିବ ନାହିଁ ।

ହଁ, ଏହି ଦୁଇଟିଯାକ କଥା ପ୍ରକୃତରେ ଭାରି ପ୍ରତିରୋଧ କରୁଛନ୍ତି । ମନୁଷ୍ୟର ଚେତନା ମଧ୍ୟରେ ଏହାହିଁ ସବୁଠାରୁ ଅଧିକ ପରିମାଣରେ ଅଜ୍ଞାନ ଓ ଅଚେତନାର ଅଧୀନ ହୋଇରହିଛି; ଏବଂ, ମୁଁ ଏକଥା ମଧ୍ୟ ଅବଶ୍ୟ କହିବି ଯେ, – ଏବଂ ଏହା ବେଶ୍ ଏକ ସାଧାରଣ ବ୍ୟାପାରରୂପେ ପରିଦୃଷ୍ଟ ହେଉଛି, ଦ୍ୱେଷର ମଧ୍ୟ ଅଧୀନ ହୋଇରହିଛି । ଏହାହିଁ ସବୁକିଛିଠାରୁ ଅଧିକତର ଭାବରେ ଅଗ୍ରଗତିକୁ ଅସ୍ୱୀକାର କରିବାରେ ଲାଗିଥାଏ, ସତ୍ୟ ଆଡ଼କୁ କୌଣସି ପ୍ରକାରେହିଁ ଅଗ୍ରସର ହେବାକୁ ଅସ୍ୱୀକାର କରୁଥାଏ । ଏବଂ, ଦୁର୍ଭାଗ୍ୟବଶତଃ, ପ୍ରତ୍ୟେକ ବ୍ୟକ୍ତି ଭିତରେ ମଧ୍ୟ ଠିକ୍ ଏଇଟିହିଁ ପ୍ରତିରୋଧର ଏକ ଟାଣୁଆ ବିନ୍ଦୁ ହୋଇରହିଥାଏ, ଅତ୍ୟନ୍ତ ସଂକୀର୍ଣ୍ଣ ଭାବରେ ବୁଦ୍ଧିଭ୍ରଷ୍ଟ ହୋଇ ରହିଥାଏ; ଏବଂ, ଯେଉଁଗୁଡ଼ିକ ସହିତ ତାହା ପୂର୍ବରୁ ଅଭ୍ୟସ୍ତ ନ ଥାଏ, ସେଗୁଡ଼ିକୁ ବୁଝିବ ନାହିଁ ବୋଲି ଜିଦ୍ ଧରି ବସିଥାଏ । ସେହି କ୍ଷେତ୍ରରେ, ଏହି ବିଷୟଗୁଡ଼ିକୁ ହାତକୁ ନେଇ ସେଗୁଡ଼ିକରେ ଏକ ରୂପାନ୍ତର ସମ୍ଭବ କରିବା ଲାଗି ଇଚ୍ଛା କରିବାକୁହିଁ ଏକ ବୀରର କାର୍ଯ୍ୟ ବୋଲି କୁହାଯାଇ ପାରିବ । ଏବଂ, ଆମେ ମଧ୍ୟ ଠିକ୍ ତାହାହିଁ କରିବାକୁ ଇଚ୍ଛା କରୁଛୁ; –ଏବଂ, ଏଇଟିକୁ କରାଯାଇ ନ ପାରିଥିବା ପର୍ଯ୍ୟନ୍ତ ପୃଥିବୀର ଅବସ୍ଥାଗୁଡ଼ିକୁ ବଦଳାଇ ପାରିବା ଆଦୌ ସମ୍ଭବ ହେବ ନାହିଁ ।

ରାଜନୀତିକ ଏବଂ ଅର୍ଥଗତ ଅବସ୍ଥାଗୁଡ଼ିକୁ ବଦଳାଇବା ତୁଳନାରେ ଆର୍ଥିକ ଏବଂ ସାମାଜିକ ଅବସ୍ଥାଗୁଡ଼ିକୁ ବଦଳାଇବା ଅପେକ୍ଷାକୃତ, ଅତ୍ୟନ୍ତ ଆପେକ୍ଷିକ ଦୃଷ୍ଟିରୁ ବିଚାର କଲେ, ଅନେକ ଅଧିକ ସହଜ । ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ଏପରି କେତେକ ସାଧାରଣ ବିଶ୍ୱଜନୀନ ବିଚାରମାନ ରହିଛି, ଯେଉଁଗୁଡ଼ିକ କି ମନୁଷ୍ୟର ଭାବନା ଲାଗି ସହଜଗ୍ରାହ୍ୟ ହୋଇରହିଛନ୍ତି : ମୁକ୍ତିର କେତେଗୁଡ଼ିଏ ମାର୍ଗ, ଏକ ନିର୍ଦ୍ଦିଷ୍ଟ ପ୍ରଶସ୍ତୀକରଣ, ଏକ ସାମୂହିକ ନିର୍ଦ୍ଦିଷ୍ଟ ସଂଗଠନ, – ଏଗୁଡ଼ିକ ଗୋଟାସୁଦ୍ଧା ନିର୍ବୋଧ ଏବଂ ଅନୁପଲଭ୍ୟ ବୋଲି ଆଦୌ ମନେ ହୋଇ ନ ଥାନ୍ତି; ମାତ୍ର ଆମେ ଯେମିତି ସେହି ଅନ୍ୟ ସମସ୍ୟା ଦୁଇଟିର ସମ୍ମୁଖୀନ ହେବାକୁ ଆରମ୍ଭ କରୁ, ସେମିତି ସେଗୁଡ଼ିକ ସଂପୂର୍ଣ୍ଣ ଅନ୍ୟପ୍ରକାରେ ପ୍ରତୀତ ହେବାକୁ ଲାଗନ୍ତି । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଦୁଇଟି ସମସ୍ୟାର ଅତ୍ୟନ୍ତ ଅଧିକ ଗୁରୁତ୍ୱ ରହିଛି, ବିଶେଷ କରି ରାଜନୀତିକ ସମସ୍ୟାଟିର

'oaob.nitrkl.ac.in' images reprocessed

ଅତୀବ ଗୁରୁତ୍ୱ ସର୍ବଦା ରହିଛି ।... କାରଣ, ଆମେ ହୁଏତ ଏପରି ଏକ ଜୀବନର କଳ୍ପନା କରିପାରିବା, ଯେଉଁଥିରେ କି ଆଦୌ କୌଣସି ଅର୍ଥଗତ ଜଟିଳତା ନ ଥିବ— ଅବଶ୍ୟ, ଆଦୌ କୌଣସି ବାକ୍ୟକୌଶଳ ନ କରି ଏକଥାଟି ଅବଶ୍ୟ କୁହାଯାଇ ପାରିବ ଯେ ଏପରି ଏକ ଜୀବନକୁ ଏକ ସମନ୍ନତାହୀନ ଦରିଦ୍ର ଜୀବନ ହୋଇ ଅବଶ୍ୟ ରହିବାକୁ ପଡ଼ିବ । ଅର୍ଥଗତ ନାନା ସମ୍ଭାବନା ଏବଂ ପ୍ରକ୍ରିୟାଗୁଡ଼ିକ ଆମ ଲାଗି କେତେକେତେ ସମ୍ଭାବ୍ୟତାର ବିପୁଳ ସମ୍ପଦକୁ ବହନ କରିଆଣିଥାନ୍ତି; କାରଣ, ସେଗୁଡ଼ିକୁ ଯଦି ଯଥାର୍ଥ ପ୍ରକାରେ ଓ ଯଥାର୍ଥ ଦୃଷ୍ଟିଟି ସହିତ କାମରେ ଲଗାଇ ହେଉଥାନ୍ତା, ତାହାହେଲେ ତଦ୍ୱାରା ମନୁଷ୍ୟ ମନୁଷ୍ୟ ଭିତରେ ରହିଥିବା ଯାବତୀୟ ସମ୍ପର୍କ ଏବଂ କ୍ରିୟାଶୀଳତା ଅନେକ ପରିମାଣରେ ଭାରି ସରଳ ହୋଇ ଯାଉଥାନ୍ତା ଏବଂ ଏକ ପ୍ରକାର ଅନେକମୁଖୀ ଜୀବନକୁ ତାହା ସମ୍ଭବ ମଧ୍ୟ କରି ଦେଉଥାନ୍ତା, ଯାହାକି ଅନ୍ୟ ପ୍ରକାର ସ୍ଥିତିମାନଙ୍କରେ ପ୍ରକୃତରେ ଭାରି କଷ୍ଟକର ହୋଇପଡ଼ନ୍ତା । ମାତ୍ର ଜୀବନକୁ ସରଳରୁ ଅଧିକ ସରଳ କରିଦେଇ ପାରୁଥିବା ବାଟଟିକୁ ଗ୍ରହଣ ନ କରି ଲୋକେ କାହିଁକି ଜଟିଳତାର ମାର୍ଗରେ ଯାଇଛନ୍ତି, ତାହାର କାରଣ ମୋତେ ପ୍ରକୃତରେ ଜଣା ନାହିଁ । ଅବଶ୍ୟ ଏଥିରେ ଗୋଟିଏ ସତ୍ୟ ଅବଶ୍ୟ ରହିଛି ଯେ ସବୁଠାରୁ ଖରାପ ଅବସ୍ଥାଟିହିଁ ସବୁଠାରୁ ଏକ ଭଲ ଅବସ୍ଥାର ଜନ୍ମଗ୍ରହଣ କରିବା ଲାଗି ବାଟ ଦେଖାଇ ଦେଇଥାଏ । ସେମାନେ ଜଟିଳତାର ମାର୍ଗଟିକୁ ଏତେବେଶୀ ଅନୁସରଣ କରିଛନ୍ତି ଯେ, ତୁମକୁ ଦୁଇଟା ଦିନରେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ବହନ କରିନେଇ ଯାଉଥିବା ବ୍ୟୋମଯାନ, ଆମେ ଯେପରି ଆଉ ଅଶୀ ଦିନରେ ନୁହେଁ, ମାତ୍ର ତା'ଠାରୁ ଅନେକ କମ୍ ମାତ୍ର କେତୋଟି ଦିନରେ ପୃଥିବୀର ଚାରିପାଖରେ ବୁଲି ଆସିପାରିବୁ, ତାହାକୁ ସମ୍ଭବ କରିଦେବା ଭଳି ଜୀବନକୁ ଏଡ଼େ "କ୍ଷୁଦ୍ର" ଏବଂ ଏଡ଼େ "ନିକଟବର୍ତ୍ତୀ" କରିବା ପାଇଁ ଚେଷ୍ଟା କରୁଥିବା ଏହି ଯାବତୀୟ ଆଧୁନିକ ଉଦ୍‌ଭାବନ, ଏସବୁ ସମ୍ଭବ ହୋଇ ପାରିଥିଲେ ମଧ୍ୟ, ବିନିମୟ-ସମ୍ବନ୍ଧୀ ଜଟିଳତାମାନ,— ଏଠାରେ ଆମେ ତାକୁ ଏକ ଉଦାହରଣ ରୂପେ ଗ୍ରହଣ କରିବା,— ପ୍ରକୃତରେ ଏତେବେଶୀ ଜଟିଳ ହୋଇ ଯାଇଛି ଯେ ଅନେକ ଲୋକ ନିଜ ଘରୁ ବାହାରକୁହିଁ ବାହାରିପାରୁ ନାହାନ୍ତି, ଅର୍ଥାତ୍ ସେମାନେ ଆପଣା ଦେଶରୁ ବାହାରକୁ ବାହାରିପାରୁ ନାହାନ୍ତି । କାରଣ ଆଉଗୋଟିଏ ଦେଶକୁ ଯାଇ ପାରିବାର ସମ୍ବଳହିଁ ସେମାନଙ୍କ ପାଖରେ ନାହିଁ ଏବଂ, ଅନ୍ୟ ଏକ ଦେଶରେ ବାସ କରିବା ଲାଗି ଆବଶ୍ୟକ ହେଉଥିବା ଅର୍ଥକୁ ସେମାନେ ମାଗିବାକୁ ଗଲେ ସେମାନଙ୍କୁ କୁହାଯାଉଛି, "ଆପଣଙ୍କ ଲାଗି ବାହାରକୁ ଯିବା କ'ଣ ପ୍ରକୃତରେ ଏତେ ଜରୁରୀ ? ଆପଣ ଆଉ କିଛିଦିନ ଅପେକ୍ଷା କରନ୍ତୁ, କାରଣ ବର୍ତ୍ତମାନ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।"...ମୁଁ ଥରେ

'oaob.nitrkl.ac.in' images reprocessed

କରି ଏକଥା କହୁ ନାହିଁ । ଏହା ଏକ ପ୍ରକୃତ ସମସ୍ୟା, ଏବେ ଠିକ୍ ଏହିପରି ଘଟୁଛି । ତାହାର ଅର୍ଥ ହେଉଛି ଯେ, ଆମେସବୁ ଯେଉଁ ସ୍ଥାନରେ ଜନ୍ମ ହୋଇଛୁ, ଆମେ ଅଧିକରୁ ଅଧିକ ପରିମାଣରେ କ୍ରମେ ସେହି ସେହି ସ୍ଥାନରେ ବନ୍ଦୀ ପରି ହୋଇ ରହିଯାଉଛୁ । ତେଣେ ବୈଜ୍ଞାନିକ ଯାବତୀୟ ପ୍ରବୃତ୍ତି ଦେଶ ଦେଶ ଭିତରେ ଦୂରତାଟିକୁ ଏତେ ସନ୍ନିକଟ କରି ଆଣିବାରେ ଲାଗିଛି ଯେ ଆମେ ଏହି ଅବସ୍ଥାରେ ହୁଏତ ଜଣେଜଣେ ବିଶ୍ୱବାସୀ ହୋଇ ନିଶ୍ଚୟ ବାସ କରିପାରନ୍ତେ, ଅନ୍ତତଃ ଏହି ସାରା ପୃଥିବୀଟିର ଅଧିବାସୀ ହୋଇ ରହିପାରନ୍ତେ ।

ହଁ, ଏହାହିଁ ପରିସ୍ଥିତି । ଗତ ଯୁଦ୍ଧ ପରେ ଏହି ପରିସ୍ଥିତି ଆହୁରି ଅଧିକ ଖରାପ ହୋଇଯାଇଛି । ପ୍ରତ୍ୟେକ ବର୍ଷହିଁ ତାହା ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି, ଏବଂ ନିଜକୁ ପ୍ରକୃତରେ ଏପରି ଏକ ହାସ୍ୟାସ୍ପଦ ପରିସ୍ଥିତିରେ ଆସି ପଡ଼ିଥିବା ପରି ମନେହେଉଛି ଯେ, ଦୁର୍ଭାଗ୍ୟବଶତଃ, ଯଦି କେହି ଆସି ପ୍ରାୟ ଏକ ସଂବଳହୀନ ଅବସ୍ଥାରେ ପହଞ୍ଚିଯାଉଛି, ତା'ଲାଗି ଏହି ପୃଥ୍ୱୀ-ପରିବେଶରେ ଏପରି ଏକ ବିଚାର ଦୃଷ୍ଟ ହେବାକୁ ଆରମ୍ଭ କରୁଛି ଯେ, – ଏହି ବିଚାରକୁ ହୁଏତ ଏକ ଅଦ୍ଭୁତ ଅସଙ୍ଗତିପୂର୍ଣ୍ଣ ବିଚାର ବୋଲି କୁହାଯାଇପାରିବ, ମାତ୍ର ଅଧିକ ଦୁର୍ଭାଗ୍ୟର ବିଷୟ ଯେ ଏହାକୁ ଅଦ୍ଭୁତଠାରୁ ଆହୁରି ଅଧିକ ଖରାପ ବୋଲିହିଁ କୁହାଯିବ, ଏହାକୁ ପ୍ରକୃତରେ ଅତ୍ୟନ୍ତ ଅନିଷ୍ଟକାରୀ ଓ ଭୟଙ୍କର ଏକ ବିଚାର ବୋଲି କୁହାଯିବ, – ଏହି ବିଚାରଟି ହେଉଛି ଯେ, ଯଦି ଗୋଟାଏ ବଡ଼ ଧରଣର ବିପ୍ଳବ ହୋଇପାରିବ, ତେବେ ସମ୍ଭବତଃ ପରେ ତଦ୍ୱାରା ଅବସ୍ଥାରେ ଉନ୍ନତି ସମ୍ଭବ ହୋଇପାରିବ ।... ମଣିଷ ପ୍ରକୃତରେ କେତେ ନା କେତେ ପ୍ରକାରର ନିଷେଧ, ଅସମ୍ଭବତା, ପ୍ରତ୍ୟାଖ୍ୟାନ, ନିୟମ ଓ ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତର ନାନାବିଧ ଜଟିଳତାଗୁଡ଼ାକ ଦ୍ୱାରା ଏତେଦୂର ଅବରୁଦ୍ଧ ହୋଇରହିଛି ଯେ ସେ ସର୍ବଦା ସେଗୁଡ଼ାକ ମଧ୍ୟରେ ଅଣନିଃଶ୍ୱାସୀ ହୋଇଗଲା ପରି ଅନୁଭବ କରୁଛି ଏବଂ ସବୁକିଛିକୁ ଭାଙ୍ଗି ଧ୍ୱଂସ କରି ପକାଇଲେ ପରେ ସମ୍ଭବତଃ ଏକ ଅଧିକ ଭଲ ଅବସ୍ଥା ସମ୍ଭବ ହୋଇପାରେ ବୋଲି ତାକୁ ଆସି କହୁଥିବା ବିଚାରଟି ତାକୁ ଭାରି ଚମତ୍କାର ବିଚାରଟିଏ ପରି ବୋଧ ହେଉଛି ।... ଏହି ବିଚାରଟି ବର୍ତ୍ତମାନ ଚାରିଆଡ଼ୁ ହାଓ୍ୱାରେ ମିଶି କରିରହିଛି । ଏବଂ, ସବୁ ଦେଶରେ ସରକାରମାନେ ଆପଣାକୁ ଏହିପରି ଏକ ଅସମ୍ଭବ ସ୍ଥିତିରେ ଆଣି ରଖିଛନ୍ତି; ସେମାନେ ଆପଣାକୁ ନାନା ରଜ୍ଜୁରେ ଏପରି ଭାବରେ ବାନ୍ଧି ରଖିଛନ୍ତି ଯେ ସେମାନେ ମନେ କରୁଛନ୍ତି, ଗୋଟାଏ ପାଦ ବି ଅଗ୍ରସର ହୋଇପାରିବାକୁ ହେଲେ ସେମାନଙ୍କୁ ହୁଏତ ସବୁକିଛି ଭାଙ୍ଗିଦେବାକୁହିଁ ପଡ଼ିବ ।... (*ମାଆ ନୀରବ ରହିଲେ*) ଦୁର୍ଭାଗ୍ୟବଶତଃ ଏହାକୁ କେବଳ ଏକ ସମ୍ଭାବନା ଅପେକ୍ଷା ଟିକିଏ ଅଧିକ ବୋଲି କହିବାକୁ ହେବ, ଏକ ଅତିଗମ୍ଭୀର ଆଶଙ୍କା ବୋଲି କୁହାଯାଇ ପାରିବ । ଏବଂ, ଏହି ଘୋର ଅରାଜକତା ମଧ୍ୟରୁ ବାହାରି ପାରିବାକୁ ଆମେ

'oaob.nitrkl.ac.in' images reprocessed

ନିଜକୁ ଅସମର୍ଥ ମନେ କରୁଛୁ ବୋଲି ଜୀବନ ଯେ ବର୍ତ୍ତମାନ ତୁଳନାରେ ଆହୁରି ଅସମ୍ଭବ ହୋଇପଡ଼ିବ, ତାହାକୁ ମଧ୍ୟ ଅବଶ୍ୟମ୍ଭାବୀ ବୋଲି ଆଦୌ କୁହାଯିବ ନାହିଁ । ନାନା ଜଟିଳତାର ଏହି ଯେଉଁ ଅରାଜକତା ମଧ୍ୟରେ ମନୁଷ୍ୟସମାଜ ନିଜକୁ ଆଣି ଉପନୀତ କରାଇଛି, ଏଠାରେ ମୁଁ ସେହି ଅରାଜକତାଟିର କଥା କହୁଛି । ଏହା ପ୍ରକୃତରେ ଏକ ଛାୟା ପରି,– ମାତ୍ର ଏହି ଛାୟାରେ ଅତ୍ୟନ୍ତ ସକ୍ରିୟତା ବି ରହିଛି,– ଏହି ଛାୟାଟି ହେଉଛି ଏକ ନୂତନ ଆଶାର ଛାୟା, ଯାହାକି ଏବେ ମନୁଷ୍ୟର ଚେତନାରେ ଆବିର୍ଭୂତ ହେବାକୁ ଲାଗିଛି,– ଏହି ଆଶାଟି ହେଉଛି ଅଧିକ ସମଞ୍ଜସତା ରହିଥିବା ଆଉ କିଛି ଲାଗି ଆଶା ଓ ଆଉ କିଛିର ଆବଶ୍ୟକତା । ଆମ ଜୀବନ ବର୍ତ୍ତମାନ ଯେପରି ଭାବରେ ସଂଗଠିତ ହୋଇରହିଛି, ତାହା ସେହି ଆଶାଟିର ଯେତିକି ଅଧିକରୁ ଅଧିକ ବିରୋଧୀ ହେବାରେ ଲାଗିଛି, ସେହି ଆବଶ୍ୟକତାଟି ବି ସେତିକି ଅଧିକ ଉତ୍କଟ ହୋଇଯାଉଛି । ବିରୋଧୀ ଦୁଇଟିଯାକ ତତ୍ତ୍ୱ ଏପରି ପ୍ରଗାଢ଼ତାର ସହିତ ପରସ୍ପରର ସମ୍ମୁଖୀନ ହୋଇରହିଛନ୍ତି ଯେ ହୁଏତ ଏହାଫଳରେ ସତେଅବା ଏକ ବିସ୍ଫୋରଣହିଁ ଘଟିବାକୁ ଯାଉଛି ବୋଲି ମଧ୍ୟ ଆମେ ପ୍ରତ୍ୟାଶା କରୁଛୁ ।...

*(ମାଆ ନୀରବ ରହିଲେ)*

ଏହା ହେଉଛି ପୃଥିବୀର ସ୍ଥିତି, ଏବଂ ଏହାକୁ ଆଦୌ ଏକ ଅତ୍ୟନ୍ତ ଆଶାଜନକ ସ୍ଥିତି ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ଆମ ଲାଗି ଗୋଟିଏ ସମ୍ଭାବନା ଅବଶ୍ୟ ରହିଛି,– ମୁଁ ଏକାଧିକ ବାର ତୁମମାନଙ୍କୁ ଆଗରୁ ଏଇଟି ବିଷୟରେ କହିଛି,– ବାହାରେ ଯାବତୀୟ ବସ୍ତୁର କ୍ଷେତ୍ରରେ ପୂର୍ଣ୍ଣ ଅବନତି ଘଟିଥିଲେ ମଧ୍ୟ ଏବଂ ଆସନ୍ନ ସଙ୍କଟଟିକୁ ଏଡ଼ିପାରିବା ଲାଗି ହୁଏତ କୌଣସି ବାଟ ଦିଶୁ ନ ଥିଲେ ମଧ୍ୟ, ଆମେ ଯେଉଁମାନେ ଅତିମାନସ ଜୀବନକୁ ତୁଚ୍ଛା ଏକ ବୃଥା ସ୍ୱପ୍ନାବିଷ୍ଟତା ବୋଲି କଦାପି ଭାବୁ ନାହୁଁ, ଏହା ଦିନେ ବାସ୍ତବରେ ପରିଣତ ହେବ ବୋଲି ଯେଉଁମାନଙ୍କର ବିଶ୍ୱାସ ରହିଛି ଏବଂ ଏହାର ଉପଲବ୍ଧି ନିମିତ୍ତ ଯେଉଁମାନେ ଅଭୀପ୍ସା ରଖିଛନ୍ତି,– ଏଠାରେ ମୁଁ କେବଳ ଏଠି ପଣ୍ଡିଚେରୀରେ ଏହି ଆଶ୍ରମରେ ରହିଥିବା ବ୍ୟକ୍ତିମାନଙ୍କର କଥା କହୁ ନାହିଁ, ମାତ୍ର ଯେଉଁମାନେ ଶ୍ରୀଅରବିନ୍ଦ ସେମାନଙ୍କୁ ପ୍ରଦାନ କରିଥିବା ଜ୍ଞାନ ଏବଂ ତାହାକୁ ଉପଲବ୍ଧି କରିବା ନିମନ୍ତେ ଏକ ଅଭୀପ୍ସା, ଏହି ଦୁଇଟି ମଧ୍ୟରେ ଏକ ସଂଯୋଗସୂତ୍ର ସମ୍ଭବ କରି ପାରିଛନ୍ତି, ସେମାନଙ୍କ ଲାଗି ସେମାନେ ଆପଣାର ଅଭୀପ୍ସାଟିକୁ ଆହୁରି ପ୍ରଗାଢ଼ କରିପାରିବାର ଏକ ସମ୍ଭାବନା ଅବଶ୍ୟ ରହିଛି, ଆପଣାର ଇଚ୍ଛା ଓ ଉଦ୍ୟମକୁ ଅଧିକ

'oaob.nitrkl.ac.in' images reprocessed

ପ୍ରଗାଢ଼ କରିବାର ଏକ ସମ୍ଭାବନା ରହିଛି, ନିଜର ସମସ୍ତ ଶକ୍ତିକୁ ଏକତ୍ର କରି ଉପଲବ୍ଧିର ସମୟଟିରେ ଏକ ହ୍ରାସ ଘଟାଇ ପାରିବାର ଏକ ସମ୍ଭାବନା ରହିଛି । ବ୍ୟକ୍ତିଗତ ଭାବରେ ତଥା ଅଳ୍ପ କେତେକ ପରିମାଣରେ ସାମୂହିକ ଭାବରେ, ଦେଶ, କାଳ ଓ ଏହି ଉପଲବ୍ଧିଟି ଲାଗି ଆବଶ୍ୟକ ହୋଇଥିବା ସମୟଟି ଉପରେ ବିଜୟ ହାସଲ କରିବାର ସେହି ଅଲୌକିକ ଘଟଣାଟିକୁ କାର୍ଯ୍ୟକାରୀ କରିବାର ସମ୍ଭାବନାଟି ସେମାନଙ୍କ ସକାଶେ ରହିଛି । ନିଜର ଉଦ୍ୟମଟିକୁ ଅତ୍ୟନ୍ତ ପ୍ରଗାଢ଼ କରି, ପୃଥିବୀର ବର୍ତ୍ତମାନ ସ୍ଥିତିଟିର ପରିଣାମଗୁଡ଼ିକ ମଧ୍ୟରୁ ଆପଣାକୁ ମୁକ୍ତ କରି ଆଣିବା ଲାଗି ଉପଲବ୍ଧିର ପଥରେ ଯଥେଷ୍ଟ ଦ୍ରୁତ ଗତିରେ ଏବଂ ଯଥେଷ୍ଟ ଦୂରଯାଏ ଯିବା ଲାଗି କାଳକୁ ପ୍ରତିସ୍ଥାପିତ କରିଦେବାର ଏକ ସମ୍ଭାବନା ସେମାନଙ୍କ ପାଇଁ ରହିଛି । ଶକ୍ତି, ବଳ, ଆଲୋକ ଏବଂ ସତ୍ୟର ଏପରି ଏକ ସଂକେନ୍ଦ୍ରଣ, ଯାହାକୁ ସମ୍ଭବ କରିହିଁ ସେମାନେ ଏହିସବୁ ପରିଣାମର ଊର୍ଦ୍ଧ୍ୱରେ ରହିପାରିବେ ଏବଂ ସେଗୁଡ଼ିକରୁ ଆପଣାକୁ ନିରାପଦ ରଖିପାରିବେ, ସେମାନଙ୍କ ଲାଗି ତାହାର ସମ୍ଭାବନା ରହିଛି । ତଦ୍ୱାରା ସେମାନେ ପରମ ଆଲୋକ, ସତ୍ୟ ଏବଂ ଶୁଦ୍ଧତା, – ଅନ୍ତର୍ଗତ ରୂପାନ୍ତର ଦ୍ୱାରା ଲବ୍ଧ ସେହି ଦିବ୍ୟ ଶୁଦ୍ଧତା,– ପ୍ରଦାନ କରୁଥିବା ସୁରକ୍ଷାଟିର ଅଧିକାରୀ ହୋଇପାରିବେ; ଏବଂ ଆସନ୍ନ ଭବିଷ୍ୟ ସମ୍ବନ୍ଧରେ ରହିଥିବା ଏହି ମହାନ୍ ଆଶାକୁ ବିନଷ୍ଟ କରିବାକୁ ଆଦୌ ସମର୍ଥ ନ ହୋଇ ବର୍ତ୍ତମାନର ଝଡ଼ଟି ପୃଥିବୀ ଉପରୁ ଅତିକ୍ରାନ୍ତ ହୋଇ ଚାଲିଯାଇ ପାରିବ, ଉପଲବ୍ଧିର ଏହି ପ୍ରଥମ ପର୍ବଟିକୁହିଁ ଯେପରି ସେହି ବାତ୍ୟା କଦାପି ଉଡ଼ାଇ ନେଇଯାଇ ପାରିବ ନାହିଁ ।

ଏକ ଆରାମଦାୟୀ ନିଶ୍ଚଳତା ମଧ୍ୟରେ ନିଦ୍ରାମଗ୍ନ ହୋଇ ନ ରହି ଏବଂ ଯାବତୀୟ ଘଟଣାକୁ ସେଗୁଡ଼ିକର ଆପଣା ଛନ୍ଦ ଓ ଆପଣା ରୀତିରେହିଁ ଘଟିବା ଲାଗି ଛାଡ଼ି ନ ଦେଇ ଯଦି ଆମେ ନିଜର ଇଚ୍ଛା, ଉତ୍ସାହ ଓ ଅଭୀପ୍ସାକୁ ଯଥାସାଧ୍ୟ ଅଧିକ ପ୍ରଦୀପ୍ତିର ସହିତ କ୍ରିୟାଶୀଳ କରିଦେଇ ପାରିବା ଏବଂ ଆଲୋକ ମଧ୍ୟକୁହିଁ ଲମ୍ଫ ଦେଇ ପାରିବା, ତେବେଯାଇ ଆମେ ନିଜର ମସ୍ତକଟିକୁ ଉଚ୍ଚତର କରି ଧରିରଖି ପାରିବା, ଚେତନାର ଏକ ଉଚ୍ଚତର ଭୂମିରେ ଆମେ ଜୀବନ ବଞ୍ଚିବା ଲାଗି ଯଥେଷ୍ଟ ପ୍ରସାର ପାଇପାରିବା, ନିଃଶ୍ୱାସ ନେବା ଲାଗି, ଅଭିବୃଦ୍ଧି ଲାଗି ଏବଂ ବହି ଯାଉଥିବା ଏହି ବାତ୍ୟାଟି ଉପରେ ରହି ବିକଶିତ ହୋଇପାରିବା ଲାଗି ଆମେ ଯଥେଷ୍ଟ ସ୍ଥାନ ନିଶ୍ଚୟ ପାଇପାରିବା ।

ଏହା ନିଶ୍ଚୟ ସମ୍ଭବ ହୋଇପାରିବ । ଗତ ଯୁଦ୍ଧ ସମୟରେ, ଯେତେବେଳେ ଶ୍ରୀଅରବିନ୍ଦ ଏଠାରେ ଉପସ୍ଥିତ ଥିଲେ, ସେତେବେଳେ ଏକ ଅତ୍ୟନ୍ତ କ୍ଷୁଦ୍ର ରୀତିରେ ତାହା କାର୍ଯ୍ୟକାରୀ ହୋଇପାରିଥିଲା । ଏହାକୁ ପୁନର୍ବାର ବି କରିହେବ । ମାତ୍ର ଏଥିଲାଗି ଇଚ୍ଛା କରିବାକୁ ହେବ ଏବଂ ନିଜର ସାଧ୍ୟମତେ ଯଥେଷ୍ଟ ଆନ୍ତରିକ ଏବଂ ସଂପୂର୍ଣ୍ଣ ଭାବରେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର କାର୍ଯ୍ୟଟିକୁ ମଧ୍ୟ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ୧୪ ଅଗଷ୍ଟ ୧୯୫୭

ଆଜି ମୁଁ କୌଣସି ପ୍ରଶ୍ନର ଉତ୍ତର ଦେବି ନାହିଁ । ମୁଁ ଆଜି ଏହିପରି ଚାହୁଁଛି ଯେ ଆମେ ସମସ୍ତେ ଶ୍ରୀଅରବିନ୍ଦଙ୍କୁ ସ୍ମରଣ କରି ଧ୍ୟାନରେ ବସିବା, – ଯେପରିକି ସେହି ସ୍ମରଣଟିକୁ ଆମେ ନିଜ ଭିତରେ ଜୀବନ୍ତ ରଖିପାରିବା । ତାଙ୍କର ଚିରସନ୍ଦୀପ୍ତ, ଜୀବନ୍ତ ଏବଂ କ୍ରିୟାଶୀଳ ଚେତନାଟି ଦ୍ୱାରା ସେହି ମହାନ୍ ଉପଲବ୍ଧିଟି ଲାଗି ସିଏ ଯାହାକିଛି କରି ଯାଇଛନ୍ତି ଓ ବର୍ତ୍ତମାନ ମଧ୍ୟ କରୁଛନ୍ତି, ସେହି ସବୁଟି ଲାଗି ଗଭୀର କୃତଜ୍ଞତା ପ୍ରକାଶ କରି ଆମେ ଆଜି ଧ୍ୟାନରେ ବସିବା । ସେହି ଉପଲବ୍ଧିଟିର କେବଳ ଘୋଷଣା କରିବା ପାଇଁହିଁ ସେ ପୃଥିବୀକୁ ଆସି ନ ଥିଲେ, ସିଏ ନିଜେ ସେଇଟିକୁ ଉପଲବ୍ଧି କରିବା ଲାଗି ମଧ୍ୟ ଆସିଥିଲେ, ଏବଂ ବର୍ତ୍ତମାନ ମଧ୍ୟ ସେ ସେଇଟିକୁହିଁ ଉପଲବ୍ଧି କରିବାରେ ଲାଗିଛନ୍ତି ।

କାଲି ତାଙ୍କର ଜନ୍ମ-ବାର୍ଷିକୀ, ବିଶ୍ୱଭୁବନର ଇତିହାସରେ ସଂଘଟିତ ହୋଇଯାଇଥିବା ଏକ ଶାଶ୍ୱତ ଜନ୍ମର ବାର୍ଷିକୀ ।

'oaob.nitrkl.ac.in' images reprocessed

## ୨୧ ଅଗଷ୍ଟ ୧୯୫୭

*ମାଆ, ବେଶ୍ କେତେଦିନ ହେଲା ଏଠାରେ ଏପରି ଅନୁଭବ କରାଯାଉଛି ଯେ ଆମ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ରହିଥିବା ସାଧାରଣ ଚେତନାଟି ଟିକିଏ ତଳକୁ ଖସିପଡ଼ିଛି । ବିଶେଷ କରି, ଆଶ୍ରମ ଏଡ଼େ ବଡ଼ ଆକାର ଧାରଣ କଲା ପରେ ଏପରି ହୋଇଛି ବୋଲି ସମସ୍ତେ ଭାବୁଛନ୍ତି । ଏହାର ପ୍ରକୃତ କାରଣ କ'ଣ ଏବଂ ଏହାକୁ ସୁଧାରି ହେବ କିପରି ?*

ତୁମେ ଆଶ୍ରମର ସବୁ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଏକଥା କହୁଛ ନା ଏଠିକାର କ୍ରୀଡ଼ା-କାର୍ଯ୍ୟକ୍ରମ ବିଷୟରେ ଏପରି କହୁଛ ?... ଆଶ୍ରମର ସବୁ କାର୍ଯ୍ୟକ୍ରମ ବିଷୟରେ ?

*ଏଠାକାର କେତେ କେତେ କାର୍ଯ୍ୟକ୍ରମ ବିଷୟରେ ମୁଁ କିଛି ଜାଣି ନାହିଁ । ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମୋ' ଆଖିରେ ପଡୁଛି, ସେହିଗୁଡ଼ିକ ବିଷୟରେ ।*

(*ଅନେକ ସମୟ ନୀରବ ରହିବା ପରେ*) ଏହି କଥାଟି ପ୍ରକୃତରେ ଏକ ଜଟିଳ କଥା । ମୁଁ ବୁଝାଇ କହିବାକୁ ଯଥାସାଧ୍ୟ ଚେଷ୍ଟା କରିବି ।

ଅନେକ କାଳ ପର୍ଯ୍ୟନ୍ତ ଆଶ୍ରମ କେବଳ ବ୍ୟକ୍ତିମାନଙ୍କରହିଁ ଏକ ସମାବେଶ ହୋଇ ରହିଥିଲା; ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି କଥାର ପ୍ରତିନିଧିତ୍ୱ କରୁଥିଲେ, ମାତ୍ର କେବଳ ଜଣେ ଜଣେ ବ୍ୟକ୍ତି ହିସାବରେହିଁ ସେମାନେ ତାହା କରୁଥିଲେ ଏବଂ ସେତେବେଳେ କୌଣସି ସାମୂହିକ ସଂଗଠନ ନ ଥିଲା । ସେମାନେ ସତେଅବା ଗୋଟିଏ ଚେସ୍-ପଟା ଉପରେ ଗୋଟିଏ ଗୋଟିଏ ଗୋଟି ପରି ହୋଇ ରହିଥିଲେ । ବାହାରୁ ପରସ୍ପର ସହିତ ଏକତାବଦ୍ଧ ହୋଇ ରହିଥିଲେ, ଅର୍ଥାତ୍, ସେମାନେ ଯେ ଗୋଟିଏ ଜାଗାରେ ରହୁଥିଲେ ଏବଂ ସମ୍ମିଳିତ ଭାବରେ ଅଳ୍ପ କେତେକ ଅଭ୍ୟାସର ଅନୁଶୀଳନ କରୁଥିଲେ, ହୁଏତ ସେହିପରି ଏକ ବାହ୍ୟ ବସ୍ତୁସ୍ଥିତି ଦ୍ୱାରାହିଁ ସେମାନେ ଏକତାବଦ୍ଧ ହୋଇ ରହିଥିଲେ । ସେହି ଅଭ୍ୟାସଗୁଡ଼ିକର ସଂଖ୍ୟା ଯେ ଖୁବ୍ ବେଶୀ ଥିଲା, ସେକଥା ମଧ୍ୟ ନୁହେଁ । ସେମାନେ ପ୍ରତ୍ୟେକେ ଅଗ୍ରଗତି କରୁଥିଲେ, ହୁଏତ ଅଗ୍ରଗତି କରୁ ବି ନ ଥିଲେ; ପ୍ରତ୍ୟେକର ନିଜ ସାମର୍ଥ୍ୟଟି ଅନୁସାରେ ସେମାନେ ଯାହା କରିବାର କରୁଥିଲେ ଏବଂ ଅନ୍ୟମାନଙ୍କ ସହିତ ସେମାନଙ୍କର ଯଥାସମ୍ଭବ କମ୍ ସଂପର୍କ ରହିଥିଲା । ତେଣୁ, ଏହି ପୁରାତନ ଗୋଷ୍ଠୀ ମଧ୍ୟରେ

'oaob.nitrkl.ac.in' images reprocessed

ରହିଥିବା ବ୍ୟକ୍ତିଙ୍କର ଆପଣା ଆପଣାର ମୂଲ୍ୟ ଅନୁସାରେହିଁ ସେହି କ୍ଷେତ୍ରରେ ଏକ ସାଧାରଣ ମୂଲ୍ୟସ୍ତର ରହିଛି ବୋଲି କୁହାଯାଇ ପାରୁଥିଲା; ମାତ୍ର ତାହା ଭାରି ଅସ୍ପଷ୍ଟ ଭାବରେ ରହିଥିଲା, ଏବଂ ତାହାର କୌଣସି ଗୋଷ୍ଠୀଗତ ବାସ୍ତବତା ମଧ୍ୟ ନ ଥିଲା । ଏହିପରି ଅନେକ ଦିନ ପର୍ଯ୍ୟନ୍ତ ରହିଲା, ପ୍ରକୃତରେ ଅନେକ ଦିନ ପର୍ଯ୍ୟନ୍ତ ରହିଲା । ମାତ୍ର ଏବେ ଏଇ ଅଳ୍ପ ଦିନ ପୂର୍ବେହିଁ ଏକ ଗୋଷ୍ଠୀଗତ ବାସ୍ତବତାର ଆବଶ୍ୟକତା ଅନୁଭୂତ ହେବାକୁ ଲାଗିଲା । ଏହା କେବଳ ଯେ ଆଶ୍ରମ ଭିତରେ ସୀମାବଦ୍ଧ ହୋଇ ରହିଲା ତା' ନୁହେଁ, ମାତ୍ର ଯେଉଁମାନେ ଆପଣାକୁ ଶ୍ରୀଅରବିନ୍ଦଙ୍କର ଅନୁଗାମୀ ବୋଲି ଘୋଷଣା କରିଛନ୍ତି ଏବଂ ତାଙ୍କରି ଶିକ୍ଷା ଅନୁସାରେ ଜୀବନ ବଞ୍ଚିବାକୁ ଚେଷ୍ଟା କରିଛନ୍ତି,– ସେମାନଙ୍କ କଥା କହିଲାବେଳେ ମୁଁ ଏକଥାଟିର ସ୍ଥୂଳ ଅର୍ଥରେ ତାହା କହୁ ନାହିଁ,– ସେମାନଙ୍କର ଚେତନାରେହିଁ ସେମାନେ ସେପରି ଭାବୁଛନ୍ତି, ସେହି ଅନ୍ୟମାନେ ମଧ୍ୟ ତା' ଭିତରେ ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ସେମାନଙ୍କ ସମସ୍ତଙ୍କ ମଧ୍ୟରେ, ଏବଂ ଅତିମାନସ ଚେତନା ଏବଂ ଶକ୍ତିର ଅଭିବ୍ୟକ୍ତି ପରେ ତାହା ଅଧିକ ଶକ୍ତିଶାଳୀ ଭାବରେ ଯେପରି ଘଟିଲା, ଏକ ଯଥାର୍ଥ ଗୋଷ୍ଠୀଗତ ଜୀବନ ଲାଗି ଗୋଟିଏ ପ୍ରୟୋଜନବୋଧ ଜାଗ୍ରତ ହୋଇଛି । ଏହି ଜୀବନଟି କେବଳ ତୁଚ୍ଛା ଏକ ସ୍ଥୂଳ ପରିସ୍ଥିତି ଉପରେ ଆଧାରିତ ହୋଇ ରହିବ ନାହିଁ, ମାତ୍ର ତାହା ଏକ ଅଧିକ ଗଭୀର ସତ୍ୟର ପ୍ରତିନିଧିତ୍ୱ କରିବ; ଏବଂ ଶ୍ରୀଅରବିନ୍ଦ ଯାହାକୁ ଏକ ଅତିମାନସ ବା ବିଜ୍ଞାନଚେତନାର ସ୍ତରରେ ରହିଥିବା ଏକ ଗୋଷ୍ଠୀ ବୋଲି କହିଛନ୍ତି, ଏହା ତାହାରି ଏକ ପ୍ରାରମ୍ଭିକ ଗଠନ ଦିଗରେ ପଦକ୍ଷେପ ନେଲାପରି ହେବ । ଶ୍ରୀଅରବିନ୍ଦ ଅବଶ୍ୟ ଏକଥା ମଧ୍ୟ କହିଛନ୍ତି ଯେ ଏଥିପାଇଁ, ଗୋଷ୍ଠୀଟି ଯେଉଁ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ, ସେମାନେ ସ୍ୱୟଂ ଏହି ଅତିମାନସ ଚେତନାର ଉପଲବ୍ଧି ଅବଶ୍ୟ କରିଥିବେ । ମାତ୍ର, ବ୍ୟକ୍ତିଗତ ସ୍ତରରେ ଏହି ପରିପୂର୍ଣ୍ଣତାଟିକୁ ହାସଲ ନ କରି ମଧ୍ୟ, ଏପରିକି ସେହି ଉପଲବ୍ଧିଠାରୁ ଅନେକ ଦୂରରେ ରହି ମଧ୍ୟ, ଏହି "ଗୋଷ୍ଠୀଧର୍ମୀ ବ୍ୟକ୍ତିତ୍ୱ"ଟିର ସୃଷ୍ଟି ଲାଗି ଯୁଗପଦ୍ ଭାବରେ ଏକ ଅନ୍ତର୍ଗତ ପ୍ରଚେଷ୍ଟା ଆରମ୍ଭ ହୋଇଗଲା । ଏକ ପ୍ରକୃତ ଏକତା ଏବଂ ଗଭୀରତର ବନ୍ଧନର ସୂତ୍ରର ପ୍ରୟୋଜନ ଅନୁଭୂତ ହୋଇଥିଲା ଏବଂ ତାହାର ଉପଲବ୍ଧି ଲାଗି ଅନୁରୂପ ପ୍ରଚେଷ୍ଟା ମଧ୍ୟ କରାହେଲା ।

ଏହା ଦ୍ୱାରା କିଛିତ୍... ବ୍ୟାଘାତର ସୃଷ୍ଟି ହେଲା, କାରଣ ଆଗରୁ ପ୍ରବୃତ୍ତିଟି ଏତେବେଶୀ ବ୍ୟକ୍ତି-ଅଭିମୁଖୀ ହୋଇ ରହିଥିଲା ଯେ, ଏହା ଫଳରେ କେତୋଟି ଅଭ୍ୟାସ ପ୍ରାୟ ଓଲଟପାଲଟ ହୋଇଗଲା । ସ୍ଥୂଳ ଦୃଷ୍ଟିରୁ କୌଣସି ଓଲଟପାଲଟ ହୋଇଥିବା ଦୃଷ୍ଟିରୁ ମୁଁ ଏକଥା କହୁ ନାହିଁ, କାରଣ ସ୍ଥୂଳ କ୍ଷେତ୍ରରେ ଆଗେ ଯାହାସବୁ ଥିଲା, ତା'ଠାରୁ ବର୍ତ୍ତମାନ ସେଗୁଡ଼ିକ ଯେ ଅତ୍ୟନ୍ତ ଭିନ୍ନ ହୋଇଯାଇଛି, ସେକଥା ଆଦୌ ନୁହେଁ, ମାତ୍ର ପ୍ରାୟ ଏକ

'oaob.nitrkl.ac.in' images reprocessed

ଗଭୀରତର ଚେତନାର ସ୍ତରରେ ସେହିପରି ଘଟିଥିଲା । ଏବଂ ସର୍ବୋପରି, ମୁଁ ସେହି କଥାଟି ଉପରେ ଗୁରୁତ୍ୱ ଦେଇ କହିବାକୁ ଇଚ୍ଛା କରୁଛି,– ଏହା ଫଳରେ ଏକ ପ୍ରକାରର ଅନ୍ତର୍ଗତ ପରସ୍ପର ନିର୍ଭରତାର ସୃଷ୍ଟି ହୋଇପାରିଛି, ଯାହାକି ସ୍ପଷ୍ଟତଃ ବ୍ୟକ୍ତିର ସୋପାନଟିକୁ ଟିକିଏ ତଳକୁ ନେଇଆସିଛି–, ହଁ, ଟିକିଏ ତଳକୁ ନେଇ ଆସିଛି; ଅବଶ୍ୟ ଯେଉଁମାନେ ଆଗରୁ ଏକ ଅନ୍ତର୍ଗତ ଉପଲବ୍ଧି ପ୍ରାପ୍ତ କରି ସାରିଥିଲେ ଏବଂ ମୁଁ ଯାହାକୁ ହୁଏତ ଏକ "ସମସ୍ତରୀକରଣ" ବୋଲି କହିପାରିବି, ତାହାର ପ୍ରତିରୋଧ କରିବା ଲାଗି ଯେଉଁମାନଙ୍କର ଉପଲବ୍ଧି ଯଥେଷ୍ଟ ବଳଯୁକ୍ତ ହୋଇପାରିଥିଲା, ସେମାନେ ଏହି କ୍ଷେତ୍ରରେ ନିଶ୍ଚୟ ବ୍ୟତିକ୍ରମ ହୋଇ ରହିଲେ । ଏବଂ, ଏହି କାରଣରୁହିଁ ସାଧାରଣ ସ୍ତରଟି ତଳକୁ ଖସିଯାଇଛି ବୋଲି ହୁଏତ ଏକ ଧାରଣା ହେଉଥିବ । ମାତ୍ର ପ୍ରକୃତ କଥା ଆଦୌ ସେପରି ନୁହେଁ । ପୂର୍ବାପେକ୍ଷା ସାଧାରଣ ସ୍ତରଟି ବର୍ତ୍ତମାନ ଏକ ଉଚ୍ଚତର ଭୂମିରେ ରହିଛି, ମାତ୍ର ଅନେକ କ୍ଷେତ୍ରରେ ବ୍ୟକ୍ତିଗତ ସ୍ତରଟି ପ୍ରକୃତରେ ତଳକୁ ଖସିପଡ଼ିଛି । ଏବଂ ଏପରି ଅନେକ ବ୍ୟକ୍ତି, ଯେଉଁମାନେ କି କୌଣସି ନା କୌଣସି ଉପଲବ୍ଧି ଲାଗି ସମର୍ଥ ହୋଇ ରହିଥିଲେ, ସେମାନଙ୍କୁ ଆଗରୁ ଯେଉଁ ବୋଧଟିକୁ ବହନ କରିବାକୁ ପଡୁ ନ ଥିଲା, ବର୍ତ୍ତମାନର ଏହି ପରସ୍ପର ନିର୍ଭରତା ଫଳରେ ତାହାକୁ ବୋହିବାକୁ ପଡୁଥିବାରୁ ତାହାରି ଓଜନରେ ସତେଅବା ନଇଁଗଲା ପରି ଅନୁଭବ କରୁଛନ୍ତି । ଏହି ପରିଣାମଟି ଅତ୍ୟନ୍ତ ସାମୟିକ, ଏବଂ ଏହା ଦ୍ୱାରା ସ୍ତର କଦାପି ତଳକୁ ଖସି ଯିବ ନାହିଁ, ବରଂ ଏହା ଏକ ବୃହତ୍ତର ଉନ୍ନୟନ ଆଡ଼କୁ, ଏକ ଅତ୍ୟନ୍ତ ମୂର୍ତ୍ତ ସାଧାରଣ ଅଗ୍ରଗତି ଆଡ଼କୁ ପରିଚାଳିତ କରି ନେଇଯିବ ।

ଅବଶ୍ୟ ଏକଥା ନିଶ୍ଚୟ ସତ ଯେ, ଯଦି ପ୍ରତ୍ୟେକ ବ୍ୟକ୍ତି ସଚେତନ ରହନ୍ତେ, ସମସ୍ତଙ୍କର ସ୍ତରକୁ ଖସି ପଡ଼ିବାର ଏହି ପ୍ରକାରର ପ୍ରଭାବଟିକୁ ଯଦି ମାନି ନ ନେଇ ପ୍ରତ୍ୟେକ ବ୍ୟକ୍ତି ଗୋଷ୍ଠୀଠାରୁ ଗ୍ରହଣ କରୁଥିବା ଯାବତୀୟ ଉପାଦାନ, ପ୍ରଭାବ ଏବଂ ପ୍ରବାହଗୁଡ଼ିକୁ ରୂପାନ୍ତରିତ, ପରିବର୍ତ୍ତିତ ଏବଂ ଉତ୍ତୋଳିତ କରିନେଇ ପାରିବା ଲାଗି ଉପଯୁକ୍ତ ପ୍ରତିରୋଧ କରି ପାରୁଥା'ନ୍ତେ, ତେବେ, ସମଗ୍ର ବା ଗୋଷ୍ଠୀ ଆଗରୁ ଯେଉଁ ସ୍ତରରେ ଥିଲା, ବର୍ତ୍ତମାନ ତାହା ତା'ଠାରୁ ଆହୁରି ଅନେକ ଆଗରେ ଥିବା ଏକ ଉଚ୍ଚତର ଚେତନା ମଧ୍ୟକୁ ଉତ୍ତୋଳିତ ହୋଇଯାଇ ପାରନ୍ତା ।

ଏକ ପ୍ରୟାସ କରିବା ଲାଗି ଏକ ଅଧିକରୁ ଅଧିକ ଜରୁରୀ ପ୍ରୟୋଜନ ରହିଛି ବୋଲି ମୁଁ ଯେତେବେଳେ ତୁମମାନଙ୍କୁ କୁହୁଥିଲି, ସେତେବେଳେ ମୋ ସମ୍ମୁଖରେ ଏହି କଥାଟିହିଁ ରହିଥିଲା । ଅବଶ୍ୟ ସେହି କଥାଟିକୁ ମୁଁ ତୁମମାନଙ୍କୁ ବିସ୍ତୃତ ଭାବରେ ଆଦୌ ବୁଝାଇ ନ ଥିଲି । ଏବଂ, ବସ୍ତୁତଃ ଆଉ ଦିନେ ତୁମମାନଙ୍କୁ ଏହି କଥାଟିକୁ ବୁଝାଇ କହିଦେବା ଲାଗି ମୋର ଇଚ୍ଛା ଥିଲା ଯେ, ତୁମେ ଜଣେ ବ୍ୟକ୍ତି ହିସାବରେ ଯେଉଁ ଉଦ୍ୟମଟି କରିବ,

'oaob.nitrkl.ac.in' images reprocessed

ତାହା କେବଳ ଏକ ବ୍ୟକ୍ତିଗତ ଅଗ୍ରଗତି ଲାଗିହିଁ ସହାୟକ ନ ହୋଇ ଆପଣାକୁ ନିଶ୍ଚୟ ବ୍ୟାପ୍ତ କରିଦେବ, ଅର୍ଥାତ୍, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅନେକ ସାମୂହିକ ଫଳକୁ ମଧ୍ୟ ସମ୍ଭବ କରାଇପାରିବ । ମାତ୍ର ଏ ବିଷୟରେ ମୁଁ କିଛି କହୁ ନ ଥିଲି, କାରଣ ଅନେକ ମାସ ଧରି ମୁଁ ବ୍ୟକ୍ତିଗତ ଚେତନାକୁ ଆଗ ପ୍ରସ୍ତୁତ କରିବା ଲାଗି ଇଚ୍ଛା କରୁଥିଲି, ଯେପରିକି ତାହା ଏକ ସାମୂହିକ ବ୍ୟକ୍ତିତ୍ୱର ପ୍ରୟୋଜନକୁ ସ୍ୱୀକାର କରିନେଇ ପାରିବ, ତାହା ଏକ ପ୍ରୟୋଜନ ବୋଲି ହୃଦୟଙ୍ଗମ ବି କରିବ । ବର୍ତ୍ତମାନ ଏହି କଥାଟିକୁହିଁ ବୁଝାଇ କହିଦେବାକୁ ପଡ଼ିବ । ଏକ ପତନ ଘଟିଛି ବୋଲି ବାହାରକୁ ଯାହା ପ୍ରତୀତ ହେଉଛି, ତାହାର ଅନ୍ୟ କୌଣସି କାରଣ ନାହିଁ । ଏହା ପ୍ରକୃତରେ ଏକ ପତନହିଁ ନୁହେଁ । ଅଗ୍ରଗତିର କୁଣ୍ଡଳୀ-ମାର୍ଗରେ ଅନେକ ସମୟରେ ଏକ ନିର୍ଦ୍ଦିଷ୍ଟ ଉପଲବ୍ଧିରୁ ଟିକିଏ ଦୂରକୁ ଚାଲିଯିବା ଆବଶ୍ୟକ ହୋଇଥାଏ, କାରଣ ତଦ୍ୱାରା ସେହି ଉପଲବ୍ଧିଟି କେବଳ ଯେ ଅଧିକ ବ୍ୟାପକ ହୁଏ ତା' ନୁହେଁ, ତାହା ଉଚ୍ଚତର ବି ହୋଇଥାଏ । ଯଦି ପ୍ରତ୍ୟେକ ବ୍ୟକ୍ତି ସଚେତନ ଭାବରେ ସହଯୋଗିତା କରନ୍ତି ଏବଂ ସଦିଚ୍ଛା ସହିତ ସହଯୋଗିତା କରନ୍ତି, ତେବେ ତାହା ଆହୁରି ଦ୍ରୁତ ଗତି କରିପାରିବ ।

ଏହି ଆଶ୍ରମ ଜୀବନକ୍ଷମ ହୋଇ ତିଷ୍ଠି ରହିବାକୁ ଯଦି ଆମେ ଇଚ୍ଛା କରୁଥିବା, ତେବେ ଏହାର ଏକ ଏକାନ୍ତ ପ୍ରୟୋଜନ ରହିଥିଲା ବୋଲି ନିଶ୍ଚୟ ବୁଝିପାରିବା । ଯାହାକିଛିର ଅଗ୍ରଗତି ବନ୍ଦ ହୋଇଯାଏ, ତାହାର ଅବଶ୍ୟ କ୍ରମକ୍ଷୟ ଘଟେ ଓ ତାହା ବିନଷ୍ଟ ହୋଇଯାଏ । ଏବଂ ଆଶ୍ରମ ଯେପରି ଦୀର୍ଘସ୍ଥାୟୀ ହୋଇରହିବ, ସେଥିଲାଗି ତା'ପାଇଁ ଆପଣାର ଚେତନାକ୍ଷେତ୍ରରେ ମଧ୍ୟ ଅଗ୍ରଗତି କରିବାର ଆବଶ୍ୟକତା ରହିଥିଲା ଏବଂ ଏକ ଜୀବନ୍ତ ବସ୍ତୁ ହେବାର ଆବଶ୍ୟକତା ରହିଥିଲା । ହଁ, ଠିକ୍ ସେଇଆ ।

କେତେ ବର୍ଷ ପୂର୍ବେ ଆମେ ଉପଲବ୍ଧିର ଯେଉଁ ରେଖା ପାଖରେ ଥିଲୁ, ବର୍ତ୍ତମାନ କୁଣ୍ଡଳୀଟି ଉପରେ ଆମେ ତା'ଠାରୁ ଅନେକ ଦୂର ଅଗ୍ରସର ହୋଇ ଗଲୁଣି । ମାତ୍ର ଏକ ଉଚ୍ଚତର ସ୍ତରରେ ଆମେ ସେଠାକୁ ପୁନର୍ବାର ବି ଫେରି ଆସିବା ।

ତେଣୁ ତାହାହିଁ ହେଉଛି ତୁମ ପ୍ରଶ୍ନର ଉତ୍ତର ।

ମୁଁ ବର୍ତ୍ତମାନ ତୁମମାନଙ୍କୁ ଯାହା କହିଲି, ତାହାର ବିରୋଧୀ ବୋଲି ବୋଧ ହେଉଥିବା କେତେକ କଥା ଘଟିବାର ବି କେବେ ପ୍ରତୀତ ହୋଇପାରେ । ମାତ୍ର, ସେପରି ସବୁବେଳେହିଁ ଘଟିଥାଏ, କିଛି ଉପଲବ୍ଧି କରିବା ଲାଗି ଇଚ୍ଛା କରୁଥିବାବେଳେହିଁ ତାହା ଘଟିଥାଏ । ଆଗରୁ ଯାହାକିଛି ନିଷ୍କ୍ରିୟ ହୋଇ ରହିଥିଲେ, ଏହି କ୍ଷେତ୍ରରେ ସର୍ବପ୍ରଥମ ବାଧାରୂପେ ସେମାନେ ସମସ୍ତେ ପ୍ରତିରୋଧ କରିବାକୁ ମସ୍ତକ ଉତ୍ତୋଳନ କରନ୍ତି ଓ ତୁମର ସମ୍ମୁଖୀନ ହୁଅନ୍ତି । ତୁମ ଭିତରେ ଯାହାକିଛି ଏହି ପରିବର୍ତ୍ତନଟିକୁ ଗ୍ରହଣ କରିବାକୁ ଇଚ୍ଛା କରୁ ନ ଥାଏ, ତାହା ସ୍ୱଭାବତଃ ନିଦ ଭାଙ୍ଗି ଉଠେ ଏବଂ ବିଦ୍ରୋହ କରିବାକୁ ବାହାରେ ।

'oaob.nitrkl.ac.in' images reprocessed

ମାତ୍ର ତାହାର ଆଦୌ କୌଣସି ମହତ୍ତ୍ୱ ନ ଥାଏ । ବ୍ୟକ୍ତିର ଜୀବନରେ ଯାହା ଘଟିଥାଏ, ଏଠାରେ ମଧ୍ୟ ଠିକ୍ ତାହାହିଁ ଘଟେ : ଯେତେବେଳେ ତୁମେ ଆଗକୁ ଯିବା ପାଇଁ ଇଚ୍ଛା କରୁଛ, ସେତେବେଳେ ତୁମେ ଯେଉଁ ବାଧାଟିକୁ ଜୟ କରିବାକୁ ଚାହୁଁଛ, ତୁମର ଚେତନା ମଧ୍ୟରେ ସଙ୍ଗେ ସଙ୍ଗେ ସେହି ବାଧାଟିର ମହତ୍ତ୍ୱ ଏବଂ ସଘନତା ଦଶଗୁଣ ବଢ଼ି ଯାଇଥାଏ । ସେହି କ୍ଷେତ୍ରରେ ନିରସ୍ତ ହୋଇ ନ ପଡ଼ି ତଥାପି ଉଦ୍ୟମ କରିଯିବାକୁ ହେବ । ବାସ୍ ସେତିକି । ତେବେ ବାଧାଟି ଅତିକ୍ରାନ୍ତ ହୋଇଯିବ ।

'oaob.nitrkl.ac.in' images reprocessed

## ୨୮ ଅଗଷ୍ଟ ୧୯୫୬

*ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : "ଅତିମାନସ ପ୍ରଭାବ ସମଗ୍ର ମାନବଜାତିକୁ ସ୍ପର୍ଶ କରିବ ବା ପରିବର୍ତ୍ତନ ଲାଗି ପ୍ରସ୍ତୁତ ରହିଥିବା କେବଳ ତାହାର ଏକ ଅଂଶହିଁ ସେହି ସ୍ପର୍ଶଟିକୁ ଲାଭ କରିବ, ସେକଥା, ଯାହା ଆଗରୁ ଅଭିପ୍ରେତ ହୋଇ ରହିଛି ବା ଏହି ବିଶ୍ୱର ଅବିଚ୍ଛିନ୍ନ ଶୃଙ୍ଖଳାଟି ମଧ୍ୟରେ ଯାହା ସମ୍ଭବ, ତାହାରି ଉପରେହିଁ ନିର୍ଭର କରିବ ।"*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୫୬

*"ଯାହା ଅଭିପ୍ରେତ ହୋଇ ରହିଥିଲା ବା ଯାହା ସମ୍ଭବ,"– ଏହାର ଅର୍ଥ କ'ଣ ? ଦୁଇଟିଯାକ ତ ପରସ୍ପରଠାରୁ ଭିନ୍ନ ଭିନ୍ନ କଥା । ଆପଣ ଏପର୍ଯ୍ୟନ୍ତ କହି ଆସିଛନ୍ତି ଯେ, ଯଦି ମନୁଷ୍ୟଜାତି ବଦଳିଯାଇ ପାରିବ, ଯଦି ନୂତନ ଜନ୍ମଟି ମଧ୍ୟରେ ଅଂଶଗ୍ରହଣ କରିବାକୁ ତାହା ପ୍ରକୃତରେ ଇଚ୍ଛା କରିବ...*

ଦୁଇଟିଯାକ ହେଉଛନ୍ତି ସେହି ଗୋଟିଏ କଥା । ମାତ୍ର, ତୁମେ ଯେତେବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଭୂମିରେ ଥାଇ କୌଣସି ବସ୍ତୁ ଆଡ଼କୁ ଦୃଷ୍ଟିପାତ କରୁଥିବ, ତେବେ ତୁମେ ସେଇଟିକୁ ଅନୁପ୍ରସ୍ଥ ଭାବରେ ଦେଖିବ; ଏବଂ ଯେତେବେଳେ ଆଉ ଗୋଟିଏ ଭୂମିରୁ ସେହି ବସ୍ତୁଟି ଉପରେ ଦୃଷ୍ଟିପାତ କରିବ, ସେତେବେଳେ ତୁମେ ତାହାକୁ ଅନୁଲମ୍ବ ଭାବରେହିଁ ଦେଖିବାକୁ ପାଇବ । (*ମାଆ ତାଙ୍କ ବହିର ମଲାଟ ଓ ପଛପଟଟିକୁ ଦେଖାଇ ତାହା ବୁଝାଇଦେଲେ ।*) ତେଣୁ, ଯଦି ତୁମେ ଊର୍ଦ୍ଧ୍ୱରୁ ଦୃଷ୍ଟିପାତ କରିବ, ତେବେ ତୁମେ ତାହାକୁ "ଅଭିପ୍ରେତ" ବୋଲି କହିବ; ଏବଂ ଯଦି ନିମ୍ନରୁ ଦୃଷ୍ଟିପାତ କରିବ, ତେବେ ତୁମେ "ସମ୍ଭବ" ବୋଲି କହିବ... ମାତ୍ର ଦୁଇଟିଯାକ ସଂପୂର୍ଣ୍ଣ ଭାବରେ ସେହି ଏକା କଥା, କେବଳ ଦୃଷ୍ଟିକୋଣଟି ଅଲଗା ଅଲଗା ।

*ତେବେ, ଆମର ଅସମର୍ଥତା ବା ପରିବର୍ତ୍ତନ ଲାଗି ଇଚ୍ଛାର ଅଭାବ ଦ୍ୱାରା କୌଣସି ପାର୍ଥକ୍ୟର ସୃଷ୍ଟି ହେଉଛି ବୋଲି କାହିଁକି କୁହାଯିବ ?*

ଆମେ ଆଗରୁ ଏହି କଥାଟିକୁ କେତେଥର କହିଛୁ । ତୁମେ ଯଦି ଏପରି ଗୋଟିଏ ଚେତନାରେ ଅବସ୍ଥିତ ରହିଛ ଯାହାକି ମନୋଗତ ଭୂମିରେ କାର୍ଯ୍ୟ କରୁଛି,– ସେହି ଭୂମି ମନଃସ୍ତରର

'oaob.nitrkl.ac.in' images reprocessed

ଉଚ୍ଚତମ ଭୂମି ବି ହୋଇଥିଲେ ମଧ୍ୟ,– ତେବେ ତୁମ ଭିତରେ କାର୍ଯ୍ୟ ଆଉ କାରଣଗତ ଏକ ନିୟନ୍ତ୍ରଣବାଦର ଏକ ଧାରଣା ତୁମକୁ ଗୋଟାସୁଦ୍ଧା ଅଧିକାର କରି ରହିଥିବ; ଏବଂ ତୁମେ ଅନୁଭବ କରୁଥିବ ଯେ, ବସ୍ତୁଗୁଡ଼ିକ ଯେ ଏହି ସ୍ଥିତିରେ ଅଛନ୍ତି, ତାହାର କାରଣ ହେଉଛି ଯେ ସେଗୁଡ଼ିକ ସେହି ସ୍ଥିତିରେହିଁ ଅଛନ୍ତି ଏବଂ କଦାପି ଅନ୍ୟ ପ୍ରକାରେ ହୋଇପାରିବେ ନାହିଁ ।

ଯେତେବେଳେ ତୁମେ ସଂପୂର୍ଣ୍ଣ ଭାବରେ ସେହି ମନଃସ୍ତରୀୟ ଚେତନାଟି ମଧ୍ୟରୁ ବାହାରକୁ ବାହାରି ଆସିବ ଏବଂ ବସ୍ତୁବୋଧର ଏକ ଉଚ୍ଚତର କ୍ଷେତ୍ରରେ ପ୍ରବେଶ କରିପାରିବ,– ଏହି ସ୍ତରଟିକୁ ତୁମେ ଆଧ୍ୟାତ୍ମିକ ବୋଲି କହିପାର, ଦିବ୍ୟ ବୋଲି ବି କହିପାର,– କେବଳ ସେତିକିବେଳେ ଯାଇ ତୁମେ ପରିପୂର୍ଣ୍ଣ ସ୍ୱାଧୀନତାର ଏକ ଅବସ୍ଥାରେ ରହିଥିବାର ଅନୁଭବ କରିପାରିବ ଏବଂ ସେଠାରେ ସବୁକିଛି ନିଶ୍ଚୟ ସମ୍ଭବ ହୋଇପାରିବ ।

(*ମାଆ ନୀରବ ରହିଲେ*)

ଯେଉଁମାନେ ସେହିପରି ଏକ ସ୍ଥିତିର ସଂସ୍ପର୍ଶ ପାଇଛନ୍ତି ଅଥବା ସେଥିରେ ବାସ କରିଛନ୍ତି, ସେମାନେ ମାତ୍ର ମୁହୂର୍ତ୍ତକ ସକାଶେହିଁ ସେଥିଲାଗି ସମର୍ଥ ହୋଇଥିଲେ ମଧ୍ୟ,– ସେମାନେ ତାହାକୁ ସଂପୂର୍ଣ୍ଣ କ୍ରିୟାଶୀଳ ହୋଇ ରହିଥିବା ଏକ ପରମ ଇଚ୍ଛାର ଅନୁଭୂତି ବୋଲି ବର୍ଣ୍ଣନା କରିବାକୁ ଚେଷ୍ଟା କରିଛନ୍ତି, ଯାହାକି ମନୁଷ୍ୟର ମାନସିକ ସ୍ତରର ବୋଧଲାଗି ସତେଅବା ଏକ କୌଣସି ପଦ୍ଧତି ଓ ପ୍ରଣାଳୀକୁ ମାନୁ ନ ଥିବା ଇଚ୍ଛା ବୋଲି ଏକ ଅନୁଭୂତି ଦେଇ ଯାଇଥାଏ । ଏବଂ, ବୋଧସ୍ତରୀୟ ଏହି ବିକୃତିଟି ଫଳରେ,– ଏହାକୁ ମୁଁ ହୁଏତ ଏକ ପାରମ୍ପରିକ ପ୍ରକ୍ରିୟା ବୋଲି କହିପାରିବି,– ଏହି କ୍ଷେତ୍ରରେ ଜଣେ ସର୍ବୋଚ୍ଚ ଓ ସ୍ୱେଚ୍ଛା ଦ୍ୱାରା ଚାଳିତ ଭଗବାନଙ୍କର ଧାରଣା ଜାଗ୍ରତ ହୋଇ ଆସିଥାଏ, ଯାହାକୁ କି କୌଣସି ସନ୍ଦୀପିତ ମନ ଆଦୌ ଠିକ୍ ବୋଲି ଗ୍ରହଣ କରିନେଇପାରେ ନାହିଁ । ମୁଁ ଅନୁମାନ କରୁଛି ଯେ ବଡ଼ ଅବିନ୍ୟସ୍ତ ଭାବରେ ଆପଣାକୁ ବ୍ୟକ୍ତ କରୁଥିବା ଏହି ଅଭିଜ୍ଞତାଟିହିଁ ଏପରି ଏକ ଧାରଣାର ମୂଳରେ ରହିଥାଏ । ଏବଂ ବସ୍ତୁତଃ, ତାହାକୁ ଏକପରମ ଇଚ୍ଛା ବୋଲି ବର୍ଣ୍ଣନା କରି କହିବା ମଧ୍ୟ ଆଦୌ ଠିକ୍ ନୁହେଁ । ଏହା ଏକ ଅତ୍ୟନ୍ତ, ଅତ୍ୟନ୍ତ, ଅତ୍ୟନ୍ତ ଭିନ୍ନ ବସ୍ତୁ । ଏହା ଏକାବେଳେକେ ଏକ ଅନ୍ୟ ବସ୍ତୁ । କାରଣ, "ଇଚ୍ଛା" କହିଲେ ମନୁଷ୍ୟ ଗ୍ରହଣ କରାଯାଉଥିବା ଓ କାର୍ଯ୍ୟରେ ପରିଣତ କରାଯାଉଥିବା ଏକ ନିଷ୍ପତ୍ତିକୁହିଁ ବୁଝିଥାଏ । ଏହି କ୍ଷେତ୍ରରେ ଆମେ "ଇଚ୍ଛା" ଶବ୍ଦଟିକୁ ବ୍ୟବହାର କରିବାକୁ ବାଧ୍ୟ ହୋଇଥାଉ, ମାତ୍ର, ପ୍ରକୃତ କ୍ଷେତ୍ରରେ, ଏହି ବିଶ୍ୱରେ ଯେଉଁ ପରମ ଇଚ୍ଛା ଆପଣାକୁ କାର୍ଯ୍ୟକାରୀ କରି ରଖିଛି, ତାହା

'oaob.nitrkl.ac.in' images reprocessed

ଆଦୌ ଏକ ନିର୍ବାଚନ ନୁହେଁ ଅଥବା ଗ୍ରହଣ କରାଯାଉଥିବା କୌଣସି ନିଷ୍ପତ୍ତି ମଧ୍ୟ ନୁହେଁ । ମୁଁ ଭାବୁଛି, ତାହାକୁ ଏକ "ଦୃଷ୍ଟି" ବୋଲି କହିଲେ ହୁଏତ ତାହାର ନିକଟତମ ପ୍ରକୃତ ଅର୍ଥଟିକୁ ବ୍ୟକ୍ତ କରାଯାଇପାରିବ । ବସ୍ତୁଗୁଡ଼ିକ ଅଛନ୍ତି, କାରଣ ସେଗୁଡ଼ିକ ଦୃଷ୍ଟ ହେଉଛନ୍ତି; ହଁ, ପ୍ରକୃତରେହିଁ ଦୃଷ୍ଟ ହେଉଛନ୍ତି, ମାତ୍ର (*ମାଆ ନିଜ ଆଖିକୁ ଦେଖାଇ କହିଲେ*) ଏହି ଆଖିଗୁଡ଼ିକ ଦ୍ୱାରା ଆମକୁ ଯେପରି ଦୃଷ୍ଟିଗୋଚର ହେଉଛନ୍ତି, ଏଠାରେ କଥାଟିକୁ ଆମେ ସେହି ଅର୍ଥରେ କଦାପି ବୁଝିବା ନାହିଁ । ତଥାପି, ନିକଟତମ ଭାବରେ କେବଳ ଏହିପରି ଭାବରେହିଁ ତାହାକୁ ବ୍ୟକ୍ତ କରାଯାଇପାରିବ । ଏହା ହେଉଛି ଏକ ଦୃଷ୍ଟି,— ଯେଉଁ ଦୃଷ୍ଟି ଆପେ ଆପଣାକୁ ଉନ୍ମୋଚିତ କରିଦେବାରେ ଲାଗିଛି ।

ବିଶ୍ୱ ଉପରେ ଅଧିକରୁ ଅଧିକ ଯଥାର୍ଥ ଭାବରେ ଦୃଷ୍ଟିପାତ କରୁ କରୁହିଁ ତାହା ଏକ ବସ୍ତୁରୂପେ ଦୃଷ୍ଟିଗୋଚର ହୋଇଥାଏ ।

ଏବଂ, ଏହି କାରଣରୁହିଁ ଶ୍ରୀଅରବିନ୍ଦ "ଅଭିପ୍ରେତ ବା ସମ୍ଭବ" ବୋଲି କହିଛନ୍ତି । ଏହା ପ୍ରକୃତରେ ଏଇଟି ନୁହେଁ କିଂବା ସେଇଟି ବି ନୁହେଁ । ଏହାକୁ ଶବ୍ଦ ଦ୍ୱାରା ଯେତେ ଯାହା ବୋଲି କୁହାଯାଇ ପାରୁଥିଲେ ମଧ୍ୟ ତାହା ତଥାପି ଏକ ଅର୍ଥ ବିକୃତି ହୋଇ ରହିଥିବ ।

(*ମାଆ ନୀରବ ରହିଲେ*)

ବାସ୍ତବୀକରଣ,— ବିଶ୍ୱର ବାସ୍ତବୀକରଣ,— ଏହାକୁ ଆମେ ଦେଶ ଓ କାଳ ଉପରେ ଏକ ଆରୋପଣ ବୋଲି ବୁଝିବା; ଯାହା ଶାଶ୍ୱତ କାଳରୁ ଅବସ୍ଥିତ ରହିଛି, ତାହାରି ଏକ ଜୀବନ୍ତ ପ୍ରତିରୂପ ସଦୃଶ ବୁଝିବା । ଏବଂ, କାଳ ଓ ଦେଶର ପରଦାଟି ଉପରେ ପ୍ରତିରୂପଟିକୁ ଯେମିତି କ୍ରମଶଃ ଆରୋପିତ କରାଯାଉଥାଏ, ସେମିତି ତାହାର ବାସ୍ତବୀକରଣ ଘଟିଥାଏ :

ସର୍ବୋଚ୍ଚ ପରମସତ୍ତା ତାଙ୍କର ନିଜ ପ୍ରତିରୂପଟିକୁହିଁ ଅବଲୋକନ କରନ୍ତି ।

'oaob.nitrkl.ac.in' images reprocessed

## ୪ ସେପ୍ଟେମ୍ବର ୧୯୫୭

ଶ୍ରୀଅରବିନ୍ଦଙ୍କ ଜନ୍ମଦିନର ପ୍ରାକ୍କାଳରେ ଅଗଷ୍ଟ ୧୪ ତାରିଖ ଦିନ ମୁଁ ବ୍ୟବହାର କରିଥିବା ଗୋଟିଏ ବାକ୍ୟାଂଶ ବିଷୟରେ ମୋ ପାଖରେ ଗୋଟିଏ ପ୍ରଶ୍ନ ଆସି ପହଞ୍ଚିଛି । ପ୍ରଶ୍ନଟି ମୋତେ ଭାରି ଆଗ୍ରହୋଦ୍ଦୀପକ ମନେ ହେଲା, କାରଣ, ଏଇଟି ଏପରି ଗୋଟିଏ ରହସ୍ୟମୟ ବାକ୍ୟାଂଶ ବିଷୟରେ ପଚରା ଯାଇଥିଲା, ଯାହାକି ଅତ୍ୟନ୍ତ ସରଳ ଭାବରେ କୁହାଯାଇଥାଏ ବୋଲି ତାହାର ଅର୍ଥଟିକୁ ଆଦୌ ସ୍ପଷ୍ଟ ଭାବରେ ବୁଝି ହୁଏ ନାହିଁ । ହୁଏତ ସେହିପରି ଏକ ଅସ୍ପଷ୍ଟତାର ସୃଷ୍ଟି ହେବା ସେହି କ୍ଷେତ୍ରରେ ଉଦ୍ଦିଷ୍ଟ ହୋଇ ରହିଥାଏ, ଯେପରିକି ପ୍ରତ୍ୟେକ ବ୍ୟକ୍ତି ତା' ନିଜର ଚେତନାସ୍ତରଟି ଅନୁସାରେ ତାକୁ ଅଲଗା ଅଲଗା ପ୍ରକାରେ ବୁଝିବ । ସେହି ଏକା ଶବ୍ଦଗୁଡ଼ିକୁ ବିଭିନ୍ନ ଭୂମିରେ କିପରି ବିଭିନ୍ନ ପ୍ରକାରେ ବୁଝିହେବ, ଏକଥା ମୁଁ ତୁମମାନଙ୍କୁ ଆଗରୁ ଏକାଧିକ ବାର କହିଛି । ଏବଂ, ପ୍ରାୟ ଇଚ୍ଛାକୃତ ଭାବରେହିଁ ଏହି ଶବ୍ଦଗୁଡ଼ିକୁ ଅତ୍ୟନ୍ତ ସରଳ କରି ବ୍ୟକ୍ତ କରିଦିଆ ଯାଇଥାଏ, ଜାଣି ଜାଣି ସେଥିରେ ଏକ ଅସ୍ପଷ୍ଟତା ରଖି ଦିଆଯାଇଥାଏ, ଯେପରିକି, ସେହି ଶବ୍ଦଗୁଡ଼ିକର ମାଧ୍ୟମରେ ଯେଉଁ ନାନା ଅର୍ଥର ପ୍ରକାଶ ଇଚ୍ଛା କରାଯାଉଛି, ସେଗୁଡ଼ିକ ସେଥିଲାଗି ଏକ ଉପଯୁକ୍ତ ବାହନରୂପେ କାର୍ଯ୍ୟ କରିପାରିବେ ।

ବିଭିନ୍ନ ଭୂମିରେ ଏହି ଅର୍ଥ ଟିକିଏ ଭିନ୍ନ ହେବ ସତ, ମାତ୍ର ସେଗୁଡ଼ିକ ହେଉଛନ୍ତି ପରସ୍ପରର ଅନୁପୂରକ । ଏବଂ ଆମ୍ଭେ ଯେତେବେଳେ ତାହାକୁ ଏକାବେଳେକେ ସବୁଯାକ ଭୂମିରେ ବୁଝିବା ଲାଗି ସମର୍ଥ ହୋଇପାରିବା, ସେତେବେଳେ ଯାଇ ତାହାକୁ ସଂପୂର୍ଣ୍ଣ ଭାବରେ ବୁଝିହେଲା ବୋଲି କୁହାଯାଇପାରିବ । ଯଥାର୍ଥ ବୁଝିବା ହେଉଛି ଯୁଗପତ୍ ଭାବରେ ବୁଝିବା, ଯେଉଁଥିରେ କି ସବୁଯାକ ଅର୍ଥର ବୋଧ ଏକାବେଳେକେ ସମ୍ଭବ ହେଉଥିବ, ସବୁଯାକ ଅର୍ଥକୁ ଧରି ହେଉଥିବ ଏବଂ ବୁଝି ହେଉଥିବ । ମାତ୍ର ସେଗୁଡ଼ିକୁ ଆମ ପାଖରେ ରହିଥିବା ଏହି ଅଳ୍ପବୈଭବ ଭାଷାଟିର ମାଧ୍ୟମରେ ବ୍ୟକ୍ତ କରିବାକୁ ଗଲାବେଳେ, ଆମକୁ ସେଗୁଡ଼ିକୁ କେବଳ ଗୋଟିଏ ପରେ ଗୋଟିଏ କରି କହିବାକୁହିଁ ବାଧ୍ୟ ହେବାକୁ ପଡ଼ିଥାଏ ଏବଂ ସେଥିଲାଗି ଅନେକ ଶବ୍ଦ ଏବଂ ଅନେକ ବ୍ୟାଖ୍ୟା ବ୍ୟବହାର କରିବାକୁ ହୋଇଥାଏ । ... ମୁଁ ବି ବର୍ତ୍ତମାନ ଠିକ୍ ସେଇଆ କରିବାକୁ ଯାଉଛି ।

ମୁଁ ଯେଉଁ ବାକ୍ୟାଂଶଟିକୁ ବ୍ୟବହାର କରି, ଶ୍ରୀଅରବିନ୍ଦଙ୍କ ଜନ୍ମ ବିଷୟରେ କହିଥିଲି, ତାହାରି ବିଷୟରେହିଁ ଏହି ପ୍ରଶ୍ନଟି ପଚରାଯାଇଛି । ତାଙ୍କର ଜନ୍ମଦିନର ପ୍ରାକ୍କାଳରେ ମୁଁ ସେକଥା କହିଥିଲି; ଏବଂ ସେହି ଜନ୍ମଟିକୁ ମୁଁ ଏକ "ଶାଶ୍ୱତ ଜନ୍ମ" ବୋଲି କହିଥିଲି ।

'oaob.nitrkl.ac.in' images reprocessed

"ଶାଶ୍ୱତ" ବୋଲି କହି ଏଠାରେ ମୁଁ ପ୍ରକୃତରେ କ'ଣ ବୁଝୁଛି, ମୋତେ ସେହି କଥା ପଚରା ଯାଇଛି ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ସେହି ଶବ୍ଦଗୁଡ଼ିକୁ ଆମେ ସେଗୁଡ଼ିକର ଆକ୍ଷରିକ ଅର୍ଥରେ ବୁଝିବାକୁ ଯିବା, ତେବେ ଏକ "ଶାଶ୍ୱତ ଜନ୍ମ" କହିଲେ ତାହାର ଗୂଢ଼ାଏ ତାତ୍ପର୍ଯ୍ୟ ରହିଛି ବୋଲି ଆଦୌ ମନେ ହେବ ନାହିଁ । ମାତ୍ର, ଏହି କ୍ଷେତ୍ରରେ ଆମେ କଥାଟିକୁ କିପରି ସ୍ଥୂଳ ଭାବରେ ବୁଝିପାରିବା, ମାନସିକ ସ୍ତରରେ ବୁଝିପାରିବା, ଚୈତ୍ୟ ସ୍ତରରେ ବୁଝିପାରିବା ଏବଂ ଏକ ଆଧ୍ୟାତ୍ମିକ ସ୍ତରରେ ମଧ୍ୟ ବୁଝିପାରିବା, ଏବଂ ବସ୍ତୁତଃ କଥାଟିର କିପରି ଏତେଗୁଡ଼ିଏ ଅର୍ଥ ହୋଇପାରିବ, ମୁଁ ତୁମମାନଙ୍କୁ ସେହି କଥାଟି ବୁଝାଇ କହୁଛି ।

ସ୍ଥୂଳ ଭାବରେ ବୁଝିଲେ କଥାଟିର ଅର୍ଥ ହେଉଛି ଯେ ଏହି ଜନ୍ମଟିର ପରିଣାମ ପୃଥିବୀ ରହିଥିବା ପର୍ଯ୍ୟନ୍ତ ବର୍ତ୍ତମାନ ରହିଥିବ । ପୃଥିବୀ ଯେତେ ଦିନଯାଏ ରହିଥିବ, ଶ୍ରୀଅରବିନ୍ଦ ଏଠାରେ ଜନ୍ମଗ୍ରହଣ କରିଥିବାର ପରିଣାମଗୁଡ଼ିକ ସେତେଦିନଯାଏହିଁ ଅନୁଭୂତ ହେଉଥିବ । ତେଣୁ, ଟିକିଏ କବିତ୍ୱର ପ୍ରୟୋଗ କରି ମୁଁ ତାହାକୁ "ଶାଶ୍ୱତ" ବୋଲି କହିଥିଲି ।

ମାନସିକ ସ୍ତରରେ ଏହାକୁ ଏପରି ଏକ ଜନ୍ମ ବୋଲି ବୁଝାଯିବ, ଯାହାର ସ୍ମୃତି ଚିରଦିନ ଲାଗି ସ୍ଥାୟୀ ହୋଇ ରହିବ । ଯୁଗ ଯୁଗ ଧରି ଶ୍ରୀଅରବିନ୍ଦଙ୍କର ଜନ୍ମକୁ ଓ ତାହା ଘଟାଇଥିବା ପରିଣାମଗୁଡ଼ିକୁ ସମସ୍ତେ ମନେ ରଖିଥିବେ ।

ଚୈତ୍ୟ ସ୍ତରରେ ବିଚାରି ଦେଖିଲେ ଏହି ଜନ୍ମ ଶାଶ୍ୱତ କାଳଲାଗି ପୁନଃପୁନଃ ଘଟିବାରେ ଲାଗିଥିବ, ବିଶ୍ୱଭୁବନର ଇତିହାସରେ ଏହି ଜନ୍ମ ଯୁଗ ଯୁଗ ଧରି ସମ୍ଭବ ହେଉଥିବ । ଏହି ଜନ୍ମକୁ ଆମେ ଏପରି ଏକ ଆବିର୍ଭାବ ବୋଲି ଜାଣିବା, ଯାହାକି ଏହି ପୃଥିବୀର ଇତିହାସରେ ଯୁଗ ଯୁଗ ଯାବତ୍ ମଧ୍ୟେ ମଧ୍ୟେ ହେବାରେ ଲାଗିଥିବ । ଅର୍ଥାତ୍, ସ୍ୱୟଂ ସେହି ଜନ୍ମଟିହିଁ ନୂତନ ହୋଇ ଚାଲିଥିବ, ତାହାର ପୁନରାବୃତ୍ତି ହେଉଥିବ, ପୁନରୁଦ୍ଭବ ହେଉଥିବ, ପ୍ରତ୍ୟେକ ଥର ହୁଏତ କିଛି ନୂତନ ଉପାଦାନକୁ ବହନ କରି ତାହାର ଆବିର୍ଭାବ ହେଉଥିବ, କିଛି ଅଧିକ ସଂପୂର୍ଣ୍ଣ ଓ ଅଧିକ ପରିପୂର୍ଣ୍ଣ ସମ୍ପଦକୁ ବହନ କରି ତାହାର ଆବିର୍ଭାବ ହେଉଥିବ । ମାତ୍ର, ସେହି ଗୋଟିଏ ଅବତରଣହିଁ ଆପଣାକୁ କାର୍ଯ୍ୟକାରୀ କରୁଥିବ, ସେହି ଗୋଟିଏ ଆବିର୍ଭାବ ଏବଂ ଏକ ପାର୍ଥିବ ଶରୀରରେ ସେହି ଗୋଟିଏ ଜନ୍ମହିଁ ଆପଣାକୁ ସଂଘଟିତ କରାଇବାରେ ଲାଗିଥିବ ।

ଏବଂ ପରିଶେଷରେ, ସଂପୂର୍ଣ୍ଣ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ, ଏହି କ୍ଷେତ୍ରରେ ହୁଏତ ଏପରି କୁହାଯାଇ ପାରିବ ଯେ ଏହା ହେଉଛି ପୃଥିବୀପୃଷ୍ଠରେ ସେହି ପରମ ଶାଶ୍ୱତଙ୍କରହିଁ ଏକ ଜନ୍ମଗ୍ରହଣ । କାରଣ ପରମ ଅବତାର-ଯେତେଥର ଏକ ସ୍ଥୂଳ ଶରୀର

'oaob.nitrkl.ac.in' images reprocessed

ଧାରଣ କରନ୍ତି, ତାହାକୁ ଆମେ ପ୍ରତ୍ୟେକ ଥର ସେହି ପରମ ଶାଶ୍ୱତଙ୍କି ପୃଥିବୀରେ ଜନ୍ମ ନେଉଛନ୍ତି ବୋଲି କହିପାରିବା ।

ଏହି ସବୁଯାକ କଥାକୁ ଆମେ ଏହି ଦୁଇଟି ଶବ୍ଦ "ଶାଶ୍ୱତ ଜନ୍ମ" ଭିତରେ ଅନ୍ତର୍ଗତ ହୋଇ ରହିଥିବାର ଜାଣିବା ।

ଉପସଂହାର କରିବାକୁ ଯାଇ ମୁଁ ସେଥିପାଇଁ ତୁମମାନଙ୍କୁ ଏତିକି ପରାମର୍ଶ ଦେବି ଯେ, "ଏକଥା କିପରି ହେବ ? ଏହାର ଅର୍ଥ କ'ଣ ? ମୁଁ ଏହି କଥାଟିକୁ ମୋଟେ ବୁଝିପାରୁ ନାହିଁ, ବୋଧହୁଏ ଏହାର ଅର୍ଥଟିକୁ ଉପଯୁକ୍ତ ଭାବରେ ବ୍ୟକ୍ତ କରାଯାଇପାରି ନାହିଁ ।" ନିଜ ପାଖରେ ଯାଇ ଏସବୁ କଥା ନ କହି ତୁମେମାନେ ହୁଏତ ଏପରି କହିବ : "ଯେଉଁ ଭୂମିରୁ କଥାଟିକୁ ବୁଝିଲେ କଥାଟି ପ୍ରକୃତରେ ବୁଝି ହୁଅନ୍ତା, ମୁଁ ସମ୍ଭବତଃ ସେହି ଭୂମିରେ ପହଞ୍ଚି ପାରି ନାହିଁ ।" ଏବଂ ତା'ପରେ ତୁମେମାନେ ଶବ୍ଦଗୁଡ଼ିକର ପଛରୁ କେବଳ ଶବ୍ଦଗୁଡ଼ିକଠାରୁ ଆହୁରି ଅଧିକ କିଛି ଆବିଷ୍କାର କରିବାକୁ ସମର୍ଥ ହୁଅନ୍ତ । ହଁ, ଠିକ୍ ସେହି କଥା ।

ମୁଁ ଭାବୁଛି ଆଜିର ଧ୍ୟାନ ପାଇଁ ଏହା ଏକ ଉତ୍ତମ ବିଷୟ ରୂପେ କାର୍ଯ୍ୟ କରିବ ।

(ଧ୍ୟାନ)

'oaob.nitrkl.ac.in' images reprocessed

## ୧୧ ସେପ୍ଟେମ୍ବର ୧୯୫୭

*ମାଆ, କେତେକ ଲୋକଙ୍କୁ ପ୍ରଥମ ଥର ପାଇଁ ବି ଦେଖିବା ମାତ୍ରକେ କାହିଁକି ସେମାନଙ୍କ ଆଡ଼କୁ ଆକର୍ଷିତ ହୋଇଗଲା ପରି ଲାଗେ, ଓ ଆଉ କେତେକ ଲୋକଙ୍କୁ ଦେଖିବା କ୍ଷଣି ସେମାନଙ୍କ ପାଖରୁ ଛାଡ଼ି ପଳାଇବା ଲାଗି ଇଚ୍ଛା ହୁଏ ?*

ଏସବୁ ସାଧାରଣତଃ ପ୍ରାଣିକ ସଦୃଶତା ଉପରେ ଆଧାରିତ ହୋଇ ରହିଥାଏ । ଏପରି ହେବା ପଛରେ ଆଉ ଅନ୍ୟ କିଛି କାରଣ ନାହିଁ । ପ୍ରାଣିକ ସ୍ତରର ଏପରି ସ୍ପନ୍ଦନମାନ ଅଛି, ଯାହା ଏକ ସମତାବସ୍ଥାର ଅନୁଭୂତି ଆଣିଦିଏ ଏବଂ ଆହୁରି କେତେକ ସ୍ପନ୍ଦନ ରହିଛି, ଯାହା ସେହି ଅନୁଭୂତିଟିକୁ ଆଣି ଦେଇ ନ ଥାଏ । ସାଧାରଣତଃ ଏହି କାରଣରୁ ସେପରି ହୁଏ, ଅନ୍ୟ କୌଣସି କାରଣରୁ ନୁହେଁ । ଏହାକୁ ପ୍ରାଣିକ ସ୍ତରର ଏକ ରସାୟନ ବୋଲି କୁହାଯାଇପାରିବ ।

ଏହା ଅନ୍ୟପ୍ରକାର ହେଉ ବୋଲି ତୁମେ ଯଦି ଇଚ୍ଛା କରୁଥାଅ, ତେବେ ତୁମକୁ ଏକ ଅନେକ ଅଧିକ ଗଭୀର ସ୍ୱଚ୍ଛ ଚେତନାର ଭୂମିରେ ଅବସ୍ଥିତ ରହିବାକୁ ପଡ଼ିବ । ଚୈତ୍ୟ ଚେତନାକୁ ଭିତ୍ତି କରି ରହିଥିବା ଏକ ଅନ୍ତରସ୍ଥ ବୋଧ ରହିଛି, ଯାହାକି ତୁମକୁ, କେଉଁ ବ୍ୟକ୍ତିମାନଙ୍କର ତୁମ ଅଭୀପ୍ସାର ଅନୁରୂପ ଅଭୀପ୍ସା ରହିଛି, ତାହାର ଏକ ଅନୁଭୂତି ଆଣି ଦେଇଥାଏ । କେଉଁ ବ୍ୟକ୍ତିମାନଙ୍କର ତୁମରି ଲକ୍ଷ୍ୟ ପରି ଏକ ଲକ୍ଷ୍ୟ ରହିଛି, କେଉଁମାନେ ମାର୍ଗରେ ତୁମର ସହଯାତ୍ରୀ ହୋଇ ଯାଇପାରିବେ, ତାହାର ଏକ ଅନୁଭୂତି ଆଣି ଦେଇଥାଏ । ଏବଂ, ଅନ୍ୟ ପକ୍ଷରେ, ଯେଉଁମାନେ ତୁମର ମାର୍ଗଠାରୁ ଅନେକ ଭିନ୍ନ ଆଉ ଏକ ମାର୍ଗରେ ଯାଉଥା'ନ୍ତି ବା ତୁମଲାଗି ପ୍ରତିକୂଳ ହେଲାଭଳି ବା ତୁମର ବିକାଶ କ୍ରମରେ ତୁମର ଅନିଷ୍ଟ କଲାଭଳି ନାନା ଶକ୍ତିକୁ ଯେଉଁମାନେ ବହନ କରୁଥା'ନ୍ତି, ଏହି ବୋଧ ସେମାନଙ୍କ ବିଷୟରେ ମଧ୍ୟ ଏକ ସ୍ୱଚ୍ଛ ଦୃଷ୍ଟି ଆଣି ଦେଇଯାଏ । ମାତ୍ର ଏପରି ଗୋଟିଏ ବୋଧ ହାସଲ କରିବାକୁ ହେଲେ ବ୍ୟକ୍ତିକୁ ସ୍ୱୟଂ ବି ଅତ୍ୟନ୍ତ ଐକାନ୍ତିକ ଭାବରେ ଆପଣାର ଆଧ୍ୟାତ୍ମିକ ଅଗ୍ରଗତି ଏବଂ ପୂର୍ଣ୍ଣ ଉପଲବ୍ଧିକୁ ନେଇ ତତ୍ପର ରହିବାକୁ ପଡ଼ିବ । ମାତ୍ର, ସେକଥାଟି ଅଧିକାଂଶ ସମୟରେ ସମ୍ଭବ ହୁଏ ନାହିଁ । ଏବଂ, ସାଧାରଣତଃ ଏପରି ମଧ୍ୟ ହୁଏ ଯେ ଏହି ଅନ୍ତଃଦୃଷ୍ଟିଗତ ସ୍ୱଚ୍ଛତାଟି ହାସଲ ହୋଇଯିବା ପରେ ତାହା ଆକର୍ଷଣ ଏବଂ ବିକର୍ଷଣର ମାଧ୍ୟମରେ ଆପଣାକୁ କଦାପି ବ୍ୟକ୍ତ କରେ ନାହିଁ, ତାହା ଏକ ଅତ୍ୟନ୍ତ ''ବସ୍ତୁନିଷ୍ଠ'' ଜ୍ଞାନ ଦ୍ୱାରାହିଁ ଆପଣାକୁ ବ୍ୟକ୍ତ କରେ ବୋଲି କୁହାଯାଇ ପାରିବ; ଏପରି ଗୋଟିଏ ପ୍ରକାରର ଅନ୍ତର୍ଗତ ସୁନିଶ୍ଚୟତାର

'oaob.nitrkl.ac.in' images reprocessed

ମାଧ୍ୟମରେ ଆପଣାକୁ ବ୍ୟକ୍ତ କରେ, ଯାହାକି ତୁମକୁ ସ୍ଥିର ଏବଂ ବିବେକପୂର୍ଣ୍ଣ ଭାବରେ ଯାବତୀୟ କାର୍ଯ୍ୟ କରିବାରେ ସାହାଯ୍ୟ କରେ, କୌଣସି ପ୍ରକାର ଆକର୍ଷଣ ଏବଂ ବିକର୍ଷଣ ଦ୍ୱାରା ପ୍ରତିକ୍ରିୟା ବ୍ୟକ୍ତ ନ କରି କାର୍ଯ୍ୟ କରିବାରେ ସାହାଯ୍ୟ କରେ ।

ତେଣୁ, ସାଧାରଣ ଓ ସଂପୂର୍ଣ୍ଣ ଭାବରେ ହୁଏତ ଏପରି କୁହାଯାଇ ପାରିବ ଯେ, ଯେଉଁମାନଙ୍କର ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଆବେଗଶୀଳ ରୁଚି ତଥା ଅରୁଚିମାନ ରହିଥାଏ, ସେମାନେ ଏକ ପ୍ରାଣିକ ଚେତନା ମଧ୍ୟରେହିଁ ବାସ କରୁଥା'ନ୍ତି । ଏହି କ୍ଷେତ୍ରରେ ଏଇଟି ସହିତ ମିଶି କରି ମାନସିକ ସ୍ତରର ବି କେତେକ ସାଦୃଶ୍ୟ ଓ ସମ୍ବନ୍ଧ ବେଶ୍ ଥାଇପାରେ; ଅର୍ଥାତ୍, କେତେକ ମନ ସାଧାରଣ କ୍ରିୟାତ୍ମକତାର କ୍ଷେତ୍ରରେ ନାନା ସମ୍ବନ୍ଧ ସ୍ଥାପନ କରିବା ଲାଗି ହୁଏତ ଇଚ୍ଛା କରୁଥା'ନ୍ତି, ମାତ୍ର ସେଠାରେ ମଧ୍ୟ ଅନେକ ବ୍ୟକ୍ତି ବୁଦ୍ଧିଗତ ସକ୍ରିୟତା ଦୃଷ୍ଟିରୁ ଦେଖିଲେ ଏକ ଅନେକ ଅଧିକ ଉଚ୍ଚ ସ୍ତରରେ ବାସ କରୁଥା'ନ୍ତି । ଏବଂ ଏଇଟି ମଧ୍ୟ ଆହୁରି ଅଧିକ ପରିମାଣରେ ସମ୍ବନ୍ଧଗତ କ୍ଷେତ୍ରରେ ଏକ ଅପେକ୍ଷାକୃତ ଅଧିକ ସହଜତା ଦ୍ୱାରା ଏବଂ ଅଧିକ ସ୍ଥିରତାଯୁକ୍ତ ଏବଂ ଅଧିକ ନିର୍ଲିପ୍ତ ଏକ ସ୍ଥିତି ଦ୍ୱାରା ଆପଣାକୁ ବ୍ୟକ୍ତ କରୁଥାଏ । ଜଣେ ବ୍ୟକ୍ତିକୁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବାକୁ ହୁଏତ ଭାରି ଭଲ ଲାଗେ, ଅନ୍ୟ ବ୍ୟକ୍ତିମାନଙ୍କ ଲାଗି ଏହାର ହୁଏତ ଆଦୌ କୌଣସି ଆକର୍ଷଣ ନ ଥାଏ । ସେଥିରୁ ହୁଏତ କୌଣସି ଲାଭ ମିଳେ ନାହିଁ । ଏହା ଅପେକ୍ଷାକୃତ ଟିକିଏ ଅଧିକ ଦୂରରେ ଥାଏ, ବେଶ୍ ସ୍ଥିର ହୋଇ ରହିଥାଏ । ଅଧିକତର ଭାବରେ ତାହା ଆପଣାକୁ ବିବେକଯୁକ୍ତ କରି ରଖିଥାଏ । ମାତ୍ର ରୁଚି ଓ ଅରୁଚି ସ୍ପଷ୍ଟତଃ ପ୍ରାଣିକ ପୃଥିବୀରହିଁ ଗୋଟିଏ ଗୋଟିଏ ସମ୍ପଦ । ହଁ, ସ୍ଥୂଳ କ୍ଷେତ୍ରରେ ଯେପରି ଏକ ରସାୟନ ରହିଛି, ପ୍ରାଣର କ୍ଷେତ୍ରରେ ମଧ୍ୟ ସେହିପରି ଗୋଟିଏ ରସାୟନ ରହିଛି । ଏପରି ଶରୀରମାନ ଅଛନ୍ତି, ଯେଉଁଗୁଡ଼ିକ କି ପରସ୍ପର ବିଷୟରେ ଏକ ବିକର୍ଷଣ ଅନୁଭବ କରୁଥା'ନ୍ତି; ଆଉ ଅନେକ ଶରୀର ଅଛନ୍ତି, ଯେଉଁମାନେ ପରସ୍ପର ଆଡ଼କୁ ଆକୃଷ୍ଟ ହୋଇ ଆସନ୍ତି । କେତେକ ଉପାଦାନ ପରସ୍ପର ସହିତ ବେଶ୍ ସଂଯୁକ୍ତ ହୋଇ ରହନ୍ତି ଓ ଆଉ କେତେକ ଉପାଦାନ ପରସ୍ପରର ପାଖକୁ ଆସିଲେ ଏକ ବିସ୍ଫୋରଣ ଘଟାଇଥା'ନ୍ତି । ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହୋଇଥାଏ । ଏପରି କେତେକ ପ୍ରାଣିକ ସ୍ତରର ସ୍ପନ୍ଦନ ପରସ୍ପର ସହିତ ଏକ ସମତାବସ୍ଥାର ସୃଷ୍ଟି କରି ରହିଥା'ନ୍ତି, ଏତେବେଶୀ ପରିମାଣରେ ସେହିଭଳି ରହିଥା'ନ୍ତି ଯେ ଶହେରୁ ଅନେଶତ କ୍ଷେତ୍ରରେ ଏହିସବୁ ସହାନୁଭୂତିକୁ ମଣିଷମାନେ ଭଲ ପାଇବା ବୋଲି କହିଥା'ନ୍ତି ଏବଂ ଲୋକେ ହଠାତ୍ ଏପରି ମଧ୍ୟ ଅନୁଭବ କରନ୍ତି, "ମୁଁ ଯେଉଁପରି ଜଣେ ବ୍ୟକ୍ତିଙ୍କ ଲାଗି ଅପେକ୍ଷା କରି ରହିଥିଲି, ସିଏ ଠିକ୍ ସେହିପରି ଜଣେ ବ୍ୟକ୍ତି," "ହଁ, ମୁଁ ଠିକ୍ ସେହିପରି ଗୋଟିଏ ଝିଅକୁ ଖୋଜୁଥିଲି !" (*ସମସ୍ତେ ହସିଲେ*) ସେମାନେ ପରସ୍ପର ଆଡ଼କୁ ଧାଇଁ

'oaob.nitrkl.ac.in' images reprocessed

ଆସନ୍ତି, ଏଥିରେ ଯେ ଅତ୍ୟନ୍ତ ଉପରଠାଉରିଆ ଏକ ଉପାଦାନ ରହିଥିଲା ଓ ଏସବୁ କଥା ଯେ କଦାପି ସ୍ଥାୟୀ ହୋଇ ରହିବ ନାହିଁ, ସେମାନେ ସେହି ସତ୍ୟଟିକୁ ଆବିଷ୍କାର କଲାପର୍ଯ୍ୟନ୍ତ ସେହିପରି ଧାଇଁବାରେ ଲାଗିଥା'ନ୍ତି । ହଁ, ଠିକ୍ ସେହିପରି ହୁଏ । ତେଣୁ ଯେଉଁମାନେ ଯୋଗସାଧନା କରିବାକୁ ଚାହୁଁଛନ୍ତି, ସେମାନଙ୍କ ଲାଗି ପ୍ରଥମ ପରାମର୍ଶଟି ହେଉଛି, "ତୁମେ ଯାବତୀୟ ରୁଚି ଏବଂ ଅରୁଚିରୁ ଊର୍ଦ୍ଧ୍ୱକୁ ଉଠିଯାଅ ।" କାରଣ ଏଗୁଡ଼ିକ ଭିତରେ ଆଦୌ କୌଣସି ଗଭୀରତର ସତ୍ୟତା ନାହିଁ ଏବଂ ଆଉ ଅଧିକ କିଛି ନ କଲେ ମଧ୍ୟ ତାହା ତୁମକୁ ଅନ୍ତତଃ ଏପରି ଅନେକ ଅସୁବିଧା ଭିତରକୁ ନେଇଯିବ, ଯେଉଁଗୁଡ଼ିକୁ ଅତିକ୍ରମ କରିପାରିବା ଅନେକ ସମୟରେ ବଡ଼ କଠିନ ହୋଇ ପଡ଼ିବ । ଏହିସବୁ ବ୍ୟାପାରକୁ ନେଇ ତୁମେ ହୁଏତ ନିଜ ଜୀବନର ସର୍ବନାଶ ବି କରିପାରିବ । ଏବଂ, ସବୁଠାରୁ ଭଲ କଥା ହେଉଛି ଯେ ତୁମେ ଏସବୁ ଉପରେ ଆଦୌ କୌଣସି ନଜର ଦେବ ନାହିଁ । ତୁମେ ଆପଣାକୁ ନିଜ ଭିତରକୁ ଟିକିଏ ଅପସରାଇ ଆଣିବ ଏବଂ, ତୁମେ କାହିଁକି ଏହି ଲୋକଟିକୁ ଭେଟିବାକୁ ଇଚ୍ଛା କରୁଛ, ମାତ୍ର ସେହି ଲୋକଟିକୁ ଭେଟିବାକୁ ମୋଟେ ଇଚ୍ଛା କରୁ ନାହଁ, ଆପଣାକୁ ତୁମେ ସେହି ପ୍ରଶ୍ନଟିକୁ ପଚାରିବ । ଏହି ପ୍ରଶ୍ନଟି ମଧ୍ୟରେ ଏପରି କୌଣସି ରହସ୍ୟମୟତା ନାହିଁ ଯେ ତୁମେ ତାହାର ଆଦୌ କୌଣସି ଉତ୍ତର ପାଇପାରିବ ନାହିଁ ।

ମାତ୍ର, ମୁଁ ଯେପରି କହିଥାଏ, ଜୀବନରେ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ବ୍ୟକ୍ତି ଐକାନ୍ତିକ ଭାବରେ ଆପଣାର ସାଧନାକୁ ନେଇହିଁ ବ୍ୟସ୍ତ ରହିଥାଏ, ଗୋଟିଏ ସଂପର୍କ ସ୍ଥାପନ ସାଧନା ଲାଗି ଅନୁକୂଳ ହେବ ଏବଂ ଆଉ ଗୋଟିଏ ଅନିଷ୍ଟକାରୀ ହେବ ବୋଲି ସେ ବେଶ୍ ଅନୁଭବ କରିପାରେ । ମାତ୍ର ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଓ ଅଧିକ ସ୍ଥିର ଭାବରେ ସେ ତାହାକୁ ଅନୁଭବ କରିପାରେ । ମାତ୍ର ତାହା ସର୍ବଦା ଏକ ଅତ୍ୟନ୍ତ ଅଧିକ "ଆସକ୍ତିହୀନ" ରୂପହିଁ ଗ୍ରହଣ କରିଥାଏ, ଏବଂ ଅନେକ ସମୟରେ ପ୍ରାଣିକ ସ୍ତରର ତଥାକଥିତ ଆକର୍ଷଣ ଏବଂ ବିକର୍ଷଣଗୁଡ଼ିକର ତାହା ବିରୁଦ୍ଧାଚରଣ ବି କରିଥାଏ, ଅନେକ ସମୟରେ ସେଗୁଡ଼ିକ ସହିତ ତାହାର ଆଦୌ କିଛି କରିବାର ନ ଥାଏ ।

ତେଣୁ, ସର୍ବୋତ୍ତମ କଥା ହେଉଛି, ଆମେ ସର୍ବଦା ଟିକିଏ ଦୂରରେହିଁ ରହି ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିବା ଏବଂ ଏହିସବୁ ବିଷୟର ମୂଲ୍ୟହୀନତା ସମ୍ବନ୍ଧରେ ଆପଣାକୁ ଟିକିଏ ଟିକିଏ ପ୍ରବର୍ତ୍ତାଇ କରି କହୁଥିବା ।

ସ୍ପଷ୍ଟତଃ, ଏପରି କେତୋଟି ପ୍ରକୃତି ଥାଏ, ଯାହାକୁ କି ପ୍ରାୟ ମୂଳତଃ ମନ୍ଦ ପ୍ରକୃତି ବୋଲିହିଁ କୁହାଯିବ; ଏପରି ଅନେକ ସତ୍ତା ଅଛନ୍ତି, ଯେଉଁମାନେ ଦୁଷ୍ଟ ହୋଇ ଜନ୍ମଗ୍ରହଣ କରିଥା'ନ୍ତି ଏବଂ ଅନିଷ୍ଟ କରିବାକୁହିଁ ଭଲ ପାଆନ୍ତି । ଏବଂ, ଅତ୍ୟନ୍ତ ନ୍ୟାୟସଙ୍ଗତ ଭାବରେ ଯଦି ଜଣେ ବ୍ୟକ୍ତି ବେଶ୍ ଅବିକୃତ ହୋଇ ରହିଥାଏ, ଠିକ୍ ଇତରପ୍ରାଣୀମାନଙ୍କ ପରି ଅବିକୃତ

'oaob.nitrkl.ac.in' images reprocessed

ହୋଇ ରହିଥାଏ– କାରଣ, ଏହି ଦୃଷ୍ଟିରୁ ବିଚାର କଲେ ସେମାନଙ୍କୁ ମଣିଷମାନଙ୍କଠାରୁ ଅନେକ ଉଚ୍ଚତର ସ୍ତରର ବୋଲି କୁହାଯିବ; ବିକୃତିଗୁଡ଼ାକ ମନୁଷ୍ୟଠାରୁହିଁ ଆରମ୍ଭ ହୋଇଥାଏ,– ତେବେ ସେ ପ୍ରକୃତରେ ସମସ୍ତଙ୍କଠାରୁ ନିଜକୁ ଦୂରରେ ରଖିଥାଏ । ମୂଳତଃ ଅନିଷ୍ଟକାରକ କୌଣସି ବିଷୟଠାରୁ ଆମେ ଏପରି ନିଶ୍ଚୟ ଦୂରଛଡ଼ା ହୋଇ ରହିବାକୁ ଇଚ୍ଛା କରିଥାଉ, ଠିକ୍ ସେହିପରି । ମାତ୍ର ଅତ୍ୟନ୍ତ ସୁଖର କଥା ଯେ ଆମକୁ ନିରନ୍ତର ଏଭଳି ଏକ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ି ନ ଥାଏ । ଜୀବନରେ ଆମେ ଯେଉଁଗୁଡ଼ିକର ସମ୍ମୁଖୀନ ହେଉ, ସେଗୁଡ଼ିକ ସାଧାରଣତଃ ଅତ୍ୟନ୍ତ ମିଶ୍ର ପ୍ରକୃତିର ହୋଇ ରହିଥା'ନ୍ତି ଏବଂ ସେଗୁଡ଼ିକରେ ଭଲ ଓ ମନ୍ଦ ଭିତରେ ସତେଅବା ଏକ ଭାରସାମ୍ୟ ସ୍ଥାପିତ ହୋଇ ରହିଥାଏ । ଏବଂ ତେଣୁ ସେହି କ୍ଷେତ୍ରରେ ଭଲ ଓ ମନ୍ଦ ଉଭୟ ପ୍ରକାର ସମ୍ପର୍କର ସମ୍ଭାବନା ରହିଥାଏ । କୌଣସି ପ୍ରକାର ଗଭୀର ଅରୁଚି ବା ଅଶ୍ରଦ୍ଧା ଅନୁଭବ କରିବା ଲାଗି ପ୍ରକୃତରେ ଆଦୌ କୌଣସି କାରଣ ନାହିଁ; କାରଣ, ଆମେ ନିଜେ ଯେପରି ପ୍ରାୟ ମିଶ୍ର ହୋଇ ରହିଥାଉ, (*ସମସ୍ତେ ହସିଲେ*), ଆମେ ଠିକ୍ ଆପଣା ସଦୃଶ ବ୍ୟକ୍ତିମାନଙ୍କରହିଁ ସମ୍ପର୍କରେ ଆସିଥାଉ ।

ଏପରି ବି କୁହାଯାଇ ଥାଏ ଯେ ଅନେକ ବ୍ୟକ୍ତି ଠିକ୍ ପିଶାଚ ପରି ହୋଇ ରହିଥା'ନ୍ତି ଏବଂ ଯେତେବେଳେ ସେମାନେ ଅନ୍ୟ କୌଣସି ବ୍ୟକ୍ତିର ନିକଟବର୍ତ୍ତୀ ହୁଅନ୍ତି, ସେତେବେଳେ ସେମାନେ ସ୍ୱତଃପ୍ରେରିତ ଭାବରେହିଁ ତା'ର ପ୍ରାଣବତ୍ତା ଏବଂ ବଳକୁ ଶୋଷି ନେଇଯା'ନ୍ତି । ତେଣୁ ସେମାନଙ୍କୁ ଘୋର ଆପଦ ବୋଲି ଜାଣି ସେମାନଙ୍କଠାରୁ ସର୍ବଦା ସତର୍କ ହୋଇ ରହିବା ଉଚିତ । ମାତ୍ର ସେଇଟି ମଧ୍ୟ... ହଁ, ଏପରି ଘଟନା ଘଟେ ସତ, ମାତ୍ର ତାହା କଦାପି ସବୁବେଳେ ଘଟେ ନାହିଁ; ଏବଂ ତାହା ଆଦୌ ଗୋଟାସୁଦ୍ଧା ସେହିପରି ଭାବରେ ଘଟେ ନାହିଁ, ଯେଉଁଥିପ୍ରକାଶେ କି ଏପରି କୌଣସି ବ୍ୟକ୍ତିକୁ ଭେଟିବା ମାତ୍ରକେହିଁ ଆମକୁ ସେଠାରୁ ଏକାବେଳେକେ ଦଉଡ଼ି ପଳାଇଯିବାକୁହିଁ ପଡ଼ିବ ।

ତେଣୁ, ମର୍ମତଃ, ଯଦି କୌଣସି ବ୍ୟକ୍ତି ଆଧ୍ୟାତ୍ମିକ ଜୀବନରେ ବିକାଶ ଲାଭ କରିବାକୁ ଇଚ୍ଛା କରୁଥାଏ, ତେବେ ତାକୁ ସର୍ବପ୍ରଥମେ ନିଜର ଅରୁଚିଗୁଡ଼ିକୁ ଜୟ କରିବାକୁ ପଡ଼ିବ ।... ନିଜର ବିଶେଷ ରୁଚିଗୁଡ଼ିକ ମଧ୍ୟ ଜୟ କରିବାକୁ ପଡ଼ିବ । ସେହି ସବୁକିଛି ଉପରେ ସହଜ ଭାବରେ ଦୃଷ୍ଟିପାତ କରି ଶିଖିବାକୁ ପଡ଼ିବ ।

(*ମାଆ ନୀରବ ରହିଲେ*)

*"ଯେଉଁ ନୂତନ ମାନବଜାତିର ସୃଷ୍ଟି ହେବ, ତାହା ପୃଥିବୀ-ପୃଷ୍ଠରେ ମାନସିକ ସତ୍ତାମାନଙ୍କର ଗୋଟିଏ ଜାତି ହୋଇରହିବ ସତ ଏବଂ ଏହି ପାର୍ଥିବ ଶରୀରରେ ବି ରହିଥିବ ସତ, ମାତ୍ର ତାହା ବିଶ୍ୱମୟ ପରମ ଅଜ୍ଞାନ ମଧ୍ୟରେ*

'oaob.nitrkl.ac.in' images reprocessed

*ରହିଥିବା ତାହାର ଏହି ବର୍ତ୍ତମାନ ସ୍ଥିତିଗୁଡ଼ିକ ମଧ୍ୟରୁ ଏତେ ଅଧିକ ପରିମାଣରେ ମୁକ୍ତ ହୋଇଆସିବ ଯେ, ସେତେବେଳେ ସିଏ ଏକ ପୂର୍ଣ୍ଣଶକ୍ତିମନ୍ତ ମନର ଅଧିକାରୀ ହେବ, ଏପରି ଏକ ଆଲୋକମୟ ମନର ଅଧିକାରୀ ହେବ, ଯାହାକି ଅତିମାନସ ବା ସେହି ପରମ ଋତ-ଚିତ୍‌ର ଏକ ଅଧସ୍ତନ କ୍ରିୟାଶୀଳତା ରୂପେ ମଧ୍ୟ ବିଦ୍ୟମାନ ରହିପାରିବ । ଯେକୌଣସି ପରିସ୍ଥିତିରେ ମଧ୍ୟ ତାହା ମାନସିକ ପୂର୍ଣ୍ଣତମ ସମ୍ଭାବନାର ଅବଶ୍ୟ ସମର୍ଥ ହେବ, ଯଥାର୍ଥ ସତ୍ୟଟିର ଏକ ଗ୍ରହଣପାତ୍ର ରୂପେ କାର୍ଯ୍ୟ କରିବ ଏବଂ ଭାବନା ତଥା ଜୀବନର କ୍ଷେତ୍ରରେ ତାହାର ଅନ୍ତତଃ ଏକ ଉପକ୍ରିୟା ହୋଇ ରହିପାରିବ । ଯେଉଁ ଜୀବନକୁ ଆମେ ପୃଥିବୀପୃଷ୍ଠରେ ଏକ ଦିବ୍ୟ ଜୀବନ ବୋଲି ବର୍ଣ୍ଣନା କରିପାରିବା, ଏହା ହୁଏତ ତାହାରି ଏକ ଅଂଶ ହୋଇ ରହିପାରିବ ଏବଂ ଅନ୍ତତଃ ପରମ ଜ୍ଞାନର କ୍ଷେତ୍ରରେ ଏକ ବିବର୍ତ୍ତନର ଆଦ୍ୟ ସୋପାନ ହୋଇରହିବ; ପରମ ଅଜ୍ଞାନ ଭିତରେ ଆଉ ସଂପୂର୍ଣ୍ଣ ଓ ପ୍ରଧାନ ଭାବରେ କଦାପି ରହିବ ନାହିଁ । ଏହି ବିକାଶଟି ପ୍ରକୃତରେ କେତେ ଦୂରଯାଏ ଗତିକରିବ, ପରିଶେଷରେ ତାହା ନିଜକୁ ମନୁଷ୍ୟଜାତିର ସଂପୂର୍ଣ୍ଣ ଆୟତନଟି ମଧ୍ୟକୁ ସମ୍ପ୍ରସାରିତ କରିଦେବ ଅଥବା କେବଳ ତାହାର ଏକ ପୁରୋଃଗ୍ରସର ଭାଗକୁ ନେଇହିଁ କାର୍ଯ୍ୟ କରିବ, ତାହା ବିବର୍ତ୍ତନର ଅଭିପ୍ରାୟଟି ଉପରେହିଁ ନିର୍ଭର କରିବ; ଯେଉଁ ବିଶ୍ୱଗତ ବା ବିଶ୍ୱାତୀତ ପରମ ଇଚ୍ଛା ବିଶ୍ୱର ଗତିକ୍ରିୟାଟିକୁ ଚାଳିତ କରି ନେଇଯାଉଛି, ତାହାରି ମଧ୍ୟରେ ରହିଥିବା ଅଭିପ୍ରାୟଟି ଉପରେ ନିର୍ଭର କରିବ ।''*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୬୦

*ଏହି ଅଭିପ୍ରାୟଟି କ'ଣ ପ୍ରକୃତରେ ଅଜ୍ଞାତ ?*

ତୁମେ ସେହି ଅଭିପ୍ରାୟଟିକୁ ଜାଣିଛ କି ? ତୁମେ ଜାଣିଛ ?

*ଏହି କଥାଟି ସ୍ୱତଃ ସ୍ପଷ୍ଟ ହୋଇଯାଉଛି ଯେ ବିବର୍ତ୍ତନର ଅବଶ୍ୟ ଏକ ଲକ୍ଷ୍ୟ ରହିଛି ଓ ତାହା ବର୍ତ୍ତମାନ କଦାପି ଅଧବାଟରେ ବନ୍ଦ ହୋଇଯିବ ନାହିଁ ।*

ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥଗୁଡ଼ିକୁ ତୁମେ ପଢ଼ିଛ ବୋଲି ସେହି କଥାଟିକୁ ଜାଣିଛ । ମାତ୍ର ରାସ୍ତାରେ

'oaob.nitrkl.ac.in' images reprocessed

ଚାଲି ଯାଉଥିବା ଜଣେ ବ୍ୟକ୍ତିକୁ ଯଦି ତୁମେ ଏହି ବିଶ୍ୱଭୁବନ ଏବଂ ତା'ର ବିବର୍ତ୍ତନର ଲକ୍ଷ୍ୟ କ'ଣ ବୋଲି ପଚାରିବ, ତେବେ ସେ ସେହି ପ୍ରଶ୍ନର କି ଉତ୍ତର ଦେବ ଦେଖିବ । ସିଏ କହିବ ଯେ ସେ ବିଷୟରେ ସେ ମୋଟେ କିଛି ଜାଣି ନାହିଁ । ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥମାନ ପାଠ କରିଛନ୍ତି, ସେଗୁଡ଼ିକୁ ଅଧ୍ୟୟନ କରିଛନ୍ତି, ସେମାନେ ଏବିଷୟରେ କିଛି ଜାଣିଛନ୍ତି ବୋଲି ଅନ୍ତତଃ ଚିନ୍ତା କରି ପାରୁଛନ୍ତି । ଶ୍ରୀଅରବିନ୍ଦ ଯେତେବେଳେ ଏହି କଥାଟିକୁ ଲେଖିଥିଲେ, ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଯୋଗସାଧନାରେ କୌଣସି ଆଗ୍ରହ ରଖି ନ ଥିବା ଓ ତାଙ୍କର ବହିସବୁ ପଢ଼ି ନ ଥିବା ଲୋକମାନଙ୍କ ପାଇଁ ସିଏ ତାହା ଲେଖିଥିଲେ । ଶାରୀରିକ ଶିକ୍ଷା ସହିତ ସଂପୃକ୍ତ ରହିଥିବା ଲୋକମାନଙ୍କ ଲାଗି ସେ ଏକଥା ଲେଖିଥିଲେ, ତେଣୁ ସେ ଆପଣାକୁ ସେହିମାନଙ୍କ ସ୍ଥାନରେ ଆଣି ଅବସ୍ଥାପିତ କରିଥିଲେ, ସେମାନଙ୍କର ବିଚାରଗୁଡ଼ିକୁହିଁ ପ୍ରକାଶ କରିଦେଲେ ଏବଂ ସେମାନଙ୍କୁ ଆଉଟିକିଏ ଆଗକୁ ନେଇଯିବା ଲାଗି ଚେଷ୍ଟା କରିଥିଲେ । ଯେଉଁମାନେ କେବେହେଲେ ତାଙ୍କର ରଚନାଗୁଡ଼ିକୁ ପଢ଼ି ନ ଥିଲେ, ଶ୍ରୀଅରବିନ୍ଦ ସେହିମାନଙ୍କର ଦୃଷ୍ଟିକୋଣଟିକୁହିଁ ଗ୍ରହଣ କରିଥିଲେ ।

ମାତ୍ର, ତୁମେ "ଏକଥାଟି ସ୍ୱତଃ ସ୍ପଷ୍ଟ ହୋଇଯାଉଛି" ବୋଲି କହିଲ । ଏଠାରେ ତ ବର୍ତ୍ତମାନ ବହୁସଂଖ୍ୟକ ଲୋକ ଅଛନ୍ତି,– ସେମାନଙ୍କର ସଂଖ୍ୟା ନିଶ୍ଚୟ ବେଶ୍ କେତେଶହ ହେବ,– ଯଦି ତୁମେ ସେମାନଙ୍କୁ ଜଣଜଣ କରି ସେହି ପ୍ରଶ୍ନଟିକୁ ଯାଇ ପଚାରିବ,– ତୁମେ ସେମାନଙ୍କୁ କହିବ ଯେ ସେମାନେ ବହିରୁ ଯାହାସବୁ ପଢ଼ିଛନ୍ତି, କେବଳ ସେହିଗୁଡ଼ିକରହିଁ ଆଦୌ ପୁନରାବୃତ୍ତି କରିବେ ନାହିଁ, ମାତ୍ର ଏହି ବିଶ୍ୱ-ବିବର୍ତ୍ତନ ପଛରେ ରହିଥିବା ଅଭିପ୍ରାୟଟି ସମ୍ବନ୍ଧରେ ସେମାନେ କ'ଣ ଅନୁଭବ କରୁଛନ୍ତି ବା ଭାବୁଛନ୍ତି, ବିଶ୍ୱଗତ ଏହି ବିବର୍ତ୍ତନ ମଧ୍ୟରେ ଆଦୌ କୌଣସି ଅଭିପ୍ରାୟ ରହିଛି କି ନାହିଁ, ସେମାନେ ସେବିଷୟରେ ନିଜନିଜର ଭାବନାଟିକୁହିଁ ତୁମମାନଙ୍କୁ କହିବେ... ମୁଁ ଆଦୌ ଭାବୁ ନାହିଁ ଯେ, ଏପରି ଅନେକସଂଖ୍ୟକ ଲୋକ ବାହାରିବେ ଯେଉଁମାନେ ପୂର୍ଣ୍ଣ ନିଷ୍ଠାର ସହିତ ଏହି କଥାଟିକୁ କହିପାରିବେ, "ଏଇଟି ଏପରି ହେଉଛି, ଏଇଟି ସେପରି ହେଉଛି, ଏହାହିଁ ପ୍ରକୃତ କଥା, ଏହା ହେଉଛି ସ୍ପଷ୍ଟତଃ ଏହିପରି ।" ହଁ, ସେମାନଙ୍କ ମଧ୍ୟରୁ କେତେଜଣ ହୁଏତ ଶ୍ରୀଅରବିନ୍ଦଙ୍କର ବାକ୍ୟମାନ ଉଦ୍ଧାରକରି କହିଦେଇ ପାରିବେ, ମାତ୍ର ତା' ନ ହେଲେ...

ଯଦି ତୁମ ନିଜ ଭାବିବାଟିହିଁ ବନ୍ଦ ହୋଇଯାଏ, ତୁମେ ଯାହାକିଛି ପଢ଼ିଲ, ଶିଖିଲ ବା ଆଉ ଯାହା କଲ, ସେଗୁଡ଼ିକର ସାହାଯ୍ୟ ନେଇ ଯଦି ତୁମେ ଭାବିବା ବନ୍ଦ କରିଦିଅ, ଯଦି ତୁମେ କେବଳ ବ୍ୟକ୍ତିଗତ ଅଭିଜ୍ଞତାରୁହିଁ ଯାହାକିଛି କହିବାକୁ ଇଚ୍ଛା କରିବ, ତେବେ ତୁମର ଆଦୌ କିଛିହେଲେ ନିଶ୍ଚିତ ଭାବରେ କହିବାକୁ ଥିବ କି ?

'oaob.nitrkl.ac.in' images reprocessed

ତୁମେ ଯାହାସବୁ ପଢ଼ିଛ, ଶିଖିଛ ବା ଆଉ କ'ଣ କରିଛ, ମୁଁ ତାହାର ଫଳ ବିଷୟରେ ବର୍ତ୍ତମାନ ଆଦୌ କିଛି ପଚାରୁ ନାହିଁ, ମୁଁ ତୁମର ବ୍ୟକ୍ତିଗତ ଅଭିଜ୍ଞତାର ଫଳଟି ବିଷୟରେ ପଚାରୁଛି, ତୁମ ନିଜର ଅଭିଜ୍ଞତାଟି ବିଷୟରେ, ଏପରି କିଛି, ଯାହାକୁ କି ତୁମେ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଛ, କାରଣ ତାହାକୁ ତୁମେ ନିଜ ଜୀବନରେ ଅଙ୍ଗେ ନିଭାଇଛ, ନିଜର ଅଭିଜ୍ଞତା ରୂପେ ତୁମେ ତାହାକୁ ଲାଭ କରିଛ । ତୁମେ ସେଇଟିକୁ ପ୍ରକୃତରେ ବର୍ଣ୍ଣନା କରି କହିପାରିବ କି ?

*ହଁ ।*

ଆଚ୍ଛା, ତେବେ ତୁମକୁ ମୁଁ ଅଭିନନ୍ଦନ ଜଣାଉଛି ।

*ମୁଁ ଏହି ପ୍ରକ୍ରିୟାଟିରେ ନିଜେ ହୁଏତ କିଛି କରେ ନାହିଁ, ମାତ୍ର ତାହା ତଥାପି ଘଟେ ।*

ବାଃ, ଭାରି ଭଲ କଥା । ତୁମ ପରି ଆହୁରି ଅନେକ ଅଧିକ ବ୍ୟକ୍ତି ଅଛନ୍ତି ବୋଲି ମୁଁ ଆଶା କରୁଛି । ବାସ୍ ଏତିକି ।

*ମୋ' ଭିତରେ ପରସ୍ପର ସହିତ ଦ୍ୱନ୍ଦ୍ୱ ଲଗାଇ ରହିଥିବା ଅନେକ ଉପାଦାନ ରହିଛି । ତଥାପି ସେସବୁ ସତ୍ତ୍ୱେ ଯଥାର୍ଥ ବି କିଛି ରହିଛି...*

ହଁ, ତାହା ଭଲ କଥା, ଭାରି ଭଲ କଥା– ପ୍ରକୃତରେ ଭାରି ଭଲ କଥା ।

ତେବେ ମୁଁ ତୁମକୁ ଏତିକି କହିପାରିବି ଯେ ଏଠାରେ ରହିବା ଦିନଠାରୁ ତୁମେ ନିଜର ସମୟଟିକୁ ପ୍ରକୃତରେ ନଷ୍ଟ କରି ନାହଁ ! (*ସମସ୍ତେ ହସିଲେ*)

ହଉ, ବର୍ତ୍ତମାନ ଆମେ ଏହି କଥାଟିକୁ ନିଜ ଭିତରକୁ ଅନାଇ ଦେଖିବାକୁ ଚେଷ୍ଟା କରିବା ।

(*ଧ୍ୟାନ*)

'oaob.nitrkl.ac.in' images reprocessed

## ୧୮ ସେପ୍ଟେମ୍ବର ୧୯୫୭

*ମାଆ, ଅତିମାନସ ଜୀବନରେ ଗୂଢ଼-ବିଦ୍ୟାର କି ସ୍ଥାନ ରହିବ ?*

ତୁମେ ଖାସ୍ ଗୂଢ଼-ବିଦ୍ୟାର ସ୍ଥାନଟି ବିଷୟରେ ପଚାରୁଛ କାହିଁକି ?

*କାରଣ, ସେତେବେଳେ ସବୁକିଛି ବିଷୟ ଜ୍ଞାତ ହୋଇଯିବ, ନୁହେଁ କି ?*

କିନ୍ତୁ ଖାସ୍ ଗୂଢ଼-ବିଦ୍ୟାର କଥାଟିକୁ ତୁମେ କାହିଁକି ପଚାରୁଛ ? ଅତିମାନସ ଜୀବନରେ ପ୍ରତ୍ୟେକ ବସ୍ତୁ ଲାଗିହିଁ ଏକ ସ୍ଥାନ ରହିଛି ।

ଏବିଷୟରେ ତୁମର ବିଶେଷ ଆଗ୍ରହ ରହିଛି କି ?

*ଗୂଢ଼ ବିଦ୍ୟା ବିଷୟରେ ଆମେ ଯେତିକି ଜାଣିଛୁ, ସେହି ଅନୁସାରେ ତାହା ଏପରି ଏକ ବିଜ୍ଞାନ, ଯାହାକି ଆମ ଲାଗି ଅଦୃଶ୍ୟ ବସ୍ତୁଗୁଡ଼ିକୁ ଆଣି ଦେଖାଇ ଦେଇପାରେ, ତାହା ଅଦୃଶ୍ୟ ପୃଥିବୀଟିକୁ ଏବଂ ଅଦୃଶ୍ୟ ଶକ୍ତିଗୁଡ଼ିକୁ ଆଣି ଦେଖାଇଦିଏ ।... ମାତ୍ର ଅତିମାନସ ଜଗତରେ ତ ଏସବୁ ଦୃଷ୍ଟିଗୋଚରହିଁ ହୋଇଯିବ ।*

ଗୂଢ଼-ବିଦ୍ୟା କହିଲେ ତୁମେ ପ୍ରକୃତରେ କ'ଣ ବୁଝ ?

*ଗୂଢ଼-ବିଦ୍ୟା ହେଉଛି ଅଦୃଶ୍ୟ ଜଗତ ଏବଂ ଅଦୃଶ୍ୟ ଶକ୍ତିଗୁଡ଼ିକ ବିଷୟରେ ଜ୍ଞାନ ।*

ସେଇଠୁ କ'ଣ ହେଲା— ମୁଁ ଠିକ୍ କରି ବୁଝିପାରିଲି ନାହିଁ । ଅତିମାନସର ସ୍ତରରେ ଆମର ଆଉ କୌଣସି ଜ୍ଞାନଲାଭ ହେବ ନାହିଁ ? ନା ତୁମେ ଆଉ କ'ଣ କହୁଛ ?

*ଜଣେ ଆଗରୁ ସେହିସବୁ ଜ୍ଞାନକୁ ଲାଭ କରି ସାରିଥିବ, ତେଣୁ...*

'oaob.nitrkl.ac.in' images reprocessed

ଆଗରୁ ଲାଭ କରି ସାରିଥିବ... ମାତ୍ର ତେବେ ବି ତ ତାହାକୁ ଗୁହ୍ୟବିଦ୍ୟାର ଅନ୍ତର୍ଗତ ଏକ ଜ୍ଞାନ ବୋଲିହିଁ କୁହାଯିବ । ମୁଁ ତୁମର କଥାଟିକୁ ଆଦୌ ଠିକ୍ କରି ବୁଝିପାରୁ ନାହିଁ । ଗୁହ୍ୟବିଦ୍ୟା କହିଲେ ବସ୍ତୁଗୁଡ଼ିକର ଏକ ବିଶେଷ ଭାବରେ ସମ୍ମୁଖୀନ ହେବାକୁ ବୁଝାଏ । ଆପଣାର "ଦିବ୍ୟ ଜୀବନ" ଗ୍ରନ୍ଥରେ ଶ୍ରୀଅରବିନ୍ଦ ଏହି କଥାଟିକୁ ବିସ୍ତୃତ ଭାବରେ ବୁଝାଇ ଦେଇଛନ୍ତି । ଜ୍ଞାନ ଏବଂ କ୍ରିୟାର କ୍ଷେତ୍ରରେ ଅଗ୍ରସର ହେବା ଲାଗି ଗୁହ୍ୟବିଦ୍ୟା ହେଉଛି ଗୋଟିଏ ବିଶେଷ ପଥ,– ଏବଂ ଏଇଟି ଯେ କାହିଁକି ଅନ୍ତର୍ହିତ ହୋଇଯିବ, ତାହାର ଆଦୌ କୌଣସି କାରଣ ନାହିଁ; କାହିଁକି ଯେ...

> *ସେତେବେଳେ ତାହା ସ୍ୱାଭାବିକ ଚେତନାରେ ପରିଣତ ହେବ । ସେତେବେଳେ ସମ୍ଭବତଃ ଗୁହ୍ୟବିଦ୍ୟା ଶିକ୍ଷା କରିବା ଲାଗି ଆଉ ପ୍ରୟୋଜନ ରହିବ ନାହିଁ ।*

ଓ ହୋ, ତୁମେ ଭାବୁଛ ଯେ ଠିକ୍ ପିଆନୋ ବଜାଇ ଶିଖିଲା ପରି ଗୁହ୍ୟବିଦ୍ୟାକୁ ବି ଶିଖିବାକୁ ପଡ଼ିଥାଏ ! (*ସମସ୍ତେ ହସିଲେ*) କିନ୍ତୁ ଏହା ପୂରା ସେପରି ନୁହେଁ, ଯାହାବି ହେଉ, ସେସବୁ ହୋଇଥାଏ । ପ୍ରକୃତ କଥା ହେଲା, ଯେଉଁମାନଙ୍କର ବିଶେଷ ଗୁଣ ନ ଥିବ ସେମାନେ ପୃଥିବୀଯାକର ସବୁ ଗୁହ୍ୟବିଦ୍ୟାବିଷୟକ ପୁସ୍ତକ ପଢ଼ି ପାରନ୍ତି କିନ୍ତୁ କିପରି ଅଭ୍ୟାସ କରିବାକୁ ହେବ ତାହା ସେମାନେ କଦାପି ଜାଣିପାରିବେ ନାହିଁ । ଏଥିପାଇଁ ଏକ ବିଶେଷ ସାମର୍ଥ୍ୟ ଆବଶ୍ୟକ ହୋଇଥାଏ ।

ଏକଥା ସତ୍ୟ ଯେ, ପିଆନୋ କିପରି ବଜାଇବାକୁ ହେବ ସେବିଷୟରେ ପୃଥିବୀଯାକର ସବୁ ବହି ତୁମେ ପଢ଼ିପାର– ଯଦି ପିଆନୋଟିକୁ ନ ବଜାଇବ, ତେବେ ପିଆନୋ ବଜାଇବା କଦାପି ଶିଖିପାରିବ ନାହିଁ । ମାତ୍ର ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ବି ସଂଗୀତ ଓ କଳା ଜନ୍ମଜାତ ହୋଇ ରହିଥାଏ । ଏବଂ ଆହୁରି ଅନ୍ୟ ବ୍ୟକ୍ତିମାନେ ବି ଅଛନ୍ତି, ଯେଉଁମାନେ କି ହୁଏତ ସାରା ଜୀବନ ସେଗୁଡ଼ିକୁ ନେଇ ବ୍ୟସ୍ତ ରହନ୍ତି ଏବଂ ତଥାପି କିଛିହେଲେ ହାସଲ କରିପାରନ୍ତି ନାହିଁ । ଗୁହ୍ୟବିଦ୍ୟାର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା । ତୁମେ ଯଦି ଭାବୁଥିବ ଯେ ଏକ ଅତିମାନସ ସତ୍ତାରେ ପରିଣତ ହୋଇଗଲେ ସିଏ ସବୁକିଛି କରିବାର ସାମର୍ଥ୍ୟଟିକୁ ହାସଲ କରିପାରିବ, ହଁ, ହୁଏତ ତାହା ଠିକ୍ କଥା ବି ହୋଇପାରେ, ମାତ୍ର ତାହାର ଅର୍ଥ ନୁହେଁ ଯେ ସେହି ସାମର୍ଥ୍ୟଗୁଡ଼ିକ ତା'ଭିତରକୁ ଆପଣାଛାଏଁ ଆସିଯିବ । ଏକଥା ବି ସମ୍ଭବ ଯେ ତୁମକୁ କୌଣସି ଏକ ବିଷୟ ଉପରେ ଅଭିନିବେଶିତ ହୋଇ ରହିବାକୁ ପଡ଼ିବ ଏବଂ ତା'ପରେ ତୁମେ କାର୍ଯ୍ୟଟିକୁ

'oaob.nitrkl.ac.in' images reprocessed

ଶିଖି ପାରିବ । ଏବଂ, ଏକଥା ମଧ୍ୟ ସମ୍ଭବ ଯେ, ସବୁକିଛି କରିବା ଲାଗି ହୁଏତ ଜଣକ ଭିତରେ ଅନ୍ତର୍ନିହିତ ଶକ୍ତି ମହଜୁଦ ରହିଥିବ, ମାତ୍ର ତଥାପି ତା'ଲାଗି ସବୁକିଛି କରିବାର ଆବଶ୍ୟକତା ଅବଶ୍ୟ ରହିଥିବ ! ସେତେବେଳେ ମଧ୍ୟ ପାର୍ଥକ୍ୟମାନ ରହିବ, ନାନା ଶ୍ରେଣୀବିଭାଗ ବି ରହିବ । ବିଭିନ୍ନ ବ୍ୟକ୍ତି ଏବଂ ସେମାନଙ୍କର ନାନା ରୁଚି ଅନୁସାରେ ବିଶେଷ ବିଶେଷ କାର୍ଯ୍ୟ ବି ରହିଥିବ । ତୁମେ କାହିଁକି ଯେ ଖାସ୍ ଏହି ଅତିମାନସ ଜଗତଟିକୁ ଅନ୍ୟ ଯେକୌଣସି ଜଗତ ଅପେକ୍ଷା ଅଧିକ ପରିମାଣରେ ଗୁହ୍ୟବିଦ୍ୟାଗତ କ୍ରିୟାଶୀଳତାରୁ ବଞ୍ଚିତ କରି ରଖିବ, ମୁଁ ତାହାର ଆଦୌ କୌଣସି କାରଣ ଖୋଜିପାଉ ନାହିଁ ।

ଅତିମାନସ ଜୀବନ ବିଷୟରେ ମଧ୍ୟ ତୁମେ ଠିକ୍ କେଉଁଭଳି କଳ୍ପନା କରୁଛ ? ତୁମେ କ'ଣ ତାହାକୁ ଏକ ସ୍ୱର୍ଗଧାମ ପରି କଳ୍ପନା କରୁଛ, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ସେହି ଗୋଟିଏ କାର୍ଯ୍ୟକୁ ସେହି ଗୋଟିଏ ପ୍ରକାରେହିଁ କରୁଥିବ ?... ସ୍ୱର୍ଗଲୋକ ବିଷୟରେ ପୂର୍ବର ସେହି କଳ୍ପନା ପରି, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ଦେବଦୂତର ରୂପ ଧାରଣ କରି ବୀଣାବାଦନହିଁ କରୁଥିଲା ? ଏହା ମୋଟେ ସେଭଳି ନୁହେଁ । ଅତିମାନସ ଜଗତରେ ମଧ୍ୟ ଯାବତୀୟ ପାର୍ଥକ୍ୟ ରହିବ, ଯାବତୀୟ ବିଭେଦ ରହିବ, ଭିନ୍ନ ଭିନ୍ନ ଯାବାତୀୟ କ୍ରିୟାଶୀଳତା ମଧ୍ୟ ରହିବ । ମାତ୍ର, ମନୁଷ୍ୟସୁଲଭ ଏହି ସାଧାରଣ ଅଜ୍ଞାନମୟତା ମଧ୍ୟରେ କାର୍ଯ୍ୟ ନ କରି ସେତେବେଳେ ସମସ୍ତେ ଜ୍ଞାନର ଭୂମିରେ ପ୍ରେରିତ ହୋଇହିଁ କାର୍ଯ୍ୟ କରିବେ । ବାସ୍, ଏତିକି ପାର୍ଥକ୍ୟ । ତାହାହିଁ ଆଉ ଅନ୍ୟ ଯାବତୀୟ ପାର୍ଥକ୍ୟର କାରଣ ହୋଇରହିବ ।

*ଏବଂ ସାମର୍ଥ୍ୟଗୁଡ଼ିକରେ ମଧ୍ୟ ଅଭିବୃଦ୍ଧି ଘଟିବ, ନୁହେଁ କି ?*

ସାମର୍ଥ୍ୟଗୁଡ଼ିକରେ ?... ତୁମେ ଗୁହ୍ୟବିଦ୍ୟାକୁ ଯେଉଁ ଅର୍ଥରେ ବୁଝୁଛ, ସେଇଟି ହେଉଛି ଯେ ତଦ୍ୱାରା ଜୀବନକ୍ଷେତ୍ରରେ ଏବଂ ବସ୍ତୁଗୁଡ଼ିକ ଉପରେ କାର୍ଯ୍ୟକରିବା ଲାଗି ଏକ କ୍ଷମତା ପ୍ରାପ୍ତ ହୋଇଯିବ । ମାତ୍ର ତାହା ଗୁହ୍ୟବିଦ୍ୟା ନୁହେଁ, ତାହା ହେଉଛି ଯାଦୁବିଦ୍ୟା ।

ଗୁହ୍ୟବିଦ୍ୟା କହିଲେ ଚେତନାକୁ ଏକ ବିଶେଷ ଭାବରେ କାମରେ ଲଗାଇବାକୁ ବୁଝାଏ । ବାସ୍ ସେତିକି । ଅର୍ଥାତ୍, ବର୍ତ୍ତମାନ ମନୁଷ୍ୟମାନେ ଏହି ବିଦ୍ୟାଟିର ଯେପରି ଭାବରେ ଅଭ୍ୟାସ କରୁଛନ୍ତି, ସେହି ଅନୁସାରେ ତାହା ପ୍ରତିଭାସଗୁଡ଼ିକର ଓ ନାନା ଶକ୍ତିର ଲୀଳାଟିର ପଶ୍ଚାତରେ ରହିଥିବା ସେହି ଶକ୍ତିଗୁଡ଼ିକର ପ୍ରତ୍ୟକ୍ଷ ଏବଂ ସଚେତନ ବୋଧକୁହିଁ ବୁଝାଇବ, ଏବଂ ଆମେ ଯେହେତୁ ସେଗୁଡ଼ିକର ପ୍ରତ୍ୟକ୍ଷ ବୋଧ ଲାଭ କରିପାରୁଥିବା,

'oaob.nitrkl.ac.in' images reprocessed

ତେଣୁ ସେଗୁଡ଼ିକ ଉପରେ କାର୍ଯ୍ୟ କରିବାର ଶକ୍ତିଟି ମଧ୍ୟ ଆମ ପାଖରେ ଅବଶ୍ୟ ରହିଥିବ । ଏବଂ, ଏକ ଇପ୍ସିତ ଫଳ ଲାଭ କରିବା ସକାଶେ ଆମେ ଶକ୍ତିଗୁଡ଼ିକର ସେହି କ୍ରିୟାବିକ୍ରିୟାର କ୍ଷେତ୍ରରେ କୌଣସି ଉଚ୍ଚତର ଇଚ୍ଛାର ହସ୍ତକ୍ଷେପକୁ ମଧ୍ୟ ଆବାହନ କରି ଆଣିପାରିବା ।

*ଅତିମାନସ ଜଗତରେ ସେହିସବୁ କ୍ଷମତା ଆପଣାଛାଏଁ ଉପଲବ୍ଧ ହୋଇଯିବ ।*

ଆପଣାଛାଏଁ !... ମାତ୍ର ଯେଉଁମାନେ ଗୁଢ଼ବିଦ୍ୟାର ଅଭ୍ୟାସ କରନ୍ତି, ସେମାନେ ଗୁଢ଼ବିଦ୍ୟାର ଅଭ୍ୟାସ କରୁଛନ୍ତି ବୋଲି ଆଦୌ ନ ଜାଣିହିଁ ତାହାର ଅଭ୍ୟାସ କରୁଥାନ୍ତି । ସେମାନଙ୍କ ପାଖରେ ଏହି ସାମର୍ଥ୍ୟଟି ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ରହିଥାଏ ସତ, ମାତ୍ର ସେଇଟି ସେମାନଙ୍କ ପାଖରେ ରହିଛି ବୋଲି ସେମାନେ ମୋଟେ ଜାଣି ନ ଥାନ୍ତି । ହୁଏତ ଜଣାଏ ସୋରିଷ ପରି ସେମାନଙ୍କ ପାଖରେ ଏହି ଶକ୍ତିଟି ରହିଥାଏ, ବା ଏହି ସମସ୍ତ ପୃଥିବୀ ବା ବିଶ୍ୱଭୁବନ ପରି ବ୍ୟାପକ ହୋଇ ବି ରହିଥାଏ । ମାତ୍ର ଗୁଢ଼ବିଦ୍ୟାକୁ କାମରେ ନ ଲଗାଇ ତୁମେ କଦାପି ଜୀବନଧାରଣ କରିପାରିବ ନାହିଁ; କେବଳ ଏତିକି କଥା ଯେ, ତୁମେ ସେଇଟିକୁ କାମରେ ଲଗାଉଛ ବୋଲି ନିଜେ ଜାଣି ନ ଥିବ । ତେଣୁ, ଏହି କ୍ଷେତ୍ରରେ ତୁମେ କେବଳ ଏହି ଗୋଟିଏ ପାର୍ଥକ୍ୟ ନିରୂପଣ କରିପାରିବ ଯେ, ଅତିମାନସ ଚେତନାର ଅଧିକାରୀ ହୋଇପାରିଲେ ତୁମେ ସେହି କଥାଟିକୁ ଜାଣିପାରିବ । ବାସ୍, ଏ ବିଷୟରେ ସେତିକିହିଁ କଥା । ତେଣୁ ତୁମର ପ୍ରଶ୍ନଟି ଆପଣାଛାଏଁହିଁ ଅନ୍ତର୍ହିତ ହୋଇଯାଉଛି ।

ଯେତେବେଳେ ତୁମେ କିଛି ଭାବୁଛ,— ଏହି କଥାଟିକୁ ତୁମମାନଙ୍କୁ ମୁଁ କେଜାଣି କେତେଥର କହିଥିବି,— ତୁମେ ଯେତେବେଳେ କିଛି ଭାବୁଛ, ସେତେବେଳେ ମଧ୍ୟ ତୁମେ ଗୁଢ଼ବିଦ୍ୟାକୁ କାମରେ ଲଗାଉଛ । କେବଳ ଏତିକି କଥା ଯେ ତୁମେ ସେବିଷୟରେ ଜାଣିପାରୁ ନାହଁ । ଯେତେବେଳେ ତୁମେ କୌଣସି ବ୍ୟକ୍ତି ବିଷୟରେ କିଛି ଭାବୁଛ, ଏବଂ, ସେହି ବ୍ୟକ୍ତିଜଣକ ହୁଏତ ଏପରି ହୋଇଥିବ ବା ସେପରି ହୋଇଥିବ, ସିଏ ଏକଥାଟି କରିବ ବା ସେକଥାଟି କରିବ, ଏହି କଥାଟି ବୁଝିବ ବା ସେହି କଥାଟି ବୁଝିବ ବୋଲି ଯଦି ତୁମର ଭାବନା ସହିତ ଏକ ଇଚ୍ଛା ସଂଯୁକ୍ତ ହୋଇରହିଥିବ, ତେବେ ତୁମ ବ୍ୟକ୍ତିତ୍ୱର କିଛି ଅଂଶ ନିଶ୍ଚୟ ଆପଣାଛାଏଁ ସେହି ବ୍ୟକ୍ତିଟି ସହିତ ଯୋଡ଼ିହୋଇ ରହିଥିବ ଏବଂ ତୁମେ ଏହି କ୍ଷେତ୍ରରେ ଗୁଢ଼ବିଦ୍ୟାର ଅଭ୍ୟାସ କରୁଛ ବୋଲିହିଁ କୁହାଯିବ । କେବଳ ଏତିକି କଥା ଯେ ତୁମେ ସେପରି କରୁଛ ବୋଲି ମୋଟେ ଜାଣି ନ ଥିବ । ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ବେଶ୍ ଏକ ଶକ୍ତିମତ୍ତା ସହିତ ତାହା କରନ୍ତି ଏବଂ ସେମାନଙ୍କ ଭିତରେ

'oaob.nitrkl.ac.in' images reprocessed

ଯଦି ଏକ ଶକ୍ତିଶାଳୀ ଭାବନା ରହିଥାଏ, ତେବେ ତାହା ଆପଣାକୁ ପ୍ରକାଶିତ କରେ, ଉପଲବ୍ଧ ବି କରାଏ । ଅନେକ ବ୍ୟକ୍ତିଙ୍କ ମଧ୍ୟରେ ତାହା ଅତ୍ୟନ୍ତ କ୍ଷୀଣ ମାତ୍ରାରେ ଥାଏ, ଏବଂ ତେଣୁ ସେମାନଙ୍କୁ ଏଇଟି ଦ୍ୱାରା ଆଦୌ ଖୁବ୍ ବେଶୀ ଫଳ ମିଳିପାରେ ନାହିଁ । ସେହି କଥାଟି ତୁମ ଭାବନାର ଶକ୍ତିଶାଳିତା ଉପରେହିଁ ନିର୍ଭର କରୁଥାଏ ଏବଂ ତୁମର ଅଭିନିବେଶିତ ହୋଇ ରହିପାରିବାର ଶକ୍ତି ଉପରେହିଁ ନିର୍ଭର କରୁଥାଏ । ମାତ୍ର ଏବିଷୟରେ ଆଦୌ କିଛି ନ ଜାଣିହିଁ ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରକାରର ଗୁହ୍ୟବିଦ୍ୟାଟିକୁ କାମରେ ଲଗାଉଥାଏ । ତେଣୁ, ପ୍ରକୃତରେ ଗୁହ୍ୟବିଦ୍ୟାର ଅନୁଶୀଳନ କରୁଥିବା ଆଉ ଜଣେ ବ୍ୟକ୍ତିଠାରୁ ଏମାନଙ୍କର ଏହି ପାର୍ଥକ୍ୟଟି ରହିଛି ଯେ, ପ୍ରଥମ ବ୍ୟକ୍ତିଟି ସେହି ବିଦ୍ୟାଟିର ଅନୁଶୀଳନ କରୁଛି ବୋଲି ଭଲ କରି ଜାଣିଥାଏ, ଏବଂ ସେହିଟିର ସେ କିପରି ଅନୁଶୀଳନ କରୁଛି, ସମ୍ଭବତଃ ସେକଥାଟିକୁ ମଧ୍ୟ ଜାଣିଥାଏ ।

*ମାତ୍ର ଜଣେ ବିଖ୍ୟାତ ଗୁହ୍ୟବିଦ୍ୟାବିଦ୍ ଶ୍ରୀ—ଙ୍କର ବିଷୟରେ ଆପଣ ଆମକୁ ଯେପରି କହିଛନ୍ତି, ସେଥିରୁ ମୁଁ ଏହିପରି ଭାବିଥିଲି ଯେ ଅତିମାନସ ଜଗତରେ ଏହା ଅତ୍ୟନ୍ତ ସ୍ୱାଭାବିକ ଏକ ବସ୍ତୁରେ ପରିଣତ ହୋଇଯିବ । ସେତେବେଳେ ସମସ୍ତେହିଁ ଶ୍ରୀ—ଙ୍କ ପରି ଏଥିରେ ପାରଙ୍ଗମ ହୋଇଯିବେ ।*

ମାତ୍ର ଖାସ୍ ଏହି ବିଷୟଟିକୁ ନେଇ ତୁମେ ଏପରି ଭାବୁଛ କାହିଁକି ? ମୁଁ ତୁମର ଏଇ କଥାଟିକୁହିଁ ମୋତେ ବୁଝିପାରୁ ନାହିଁ । ଖାସ୍ ଗୁହ୍ୟବିଦ୍ୟା ବିଷୟରେ ତୁମେ କାହିଁକି ଏପରି ଭାବୁଛ ?

*କାରଣ ମୁଁ ଭାବିଥିଲି ଯେ, ଅଦୃଶ୍ୟ ଜଗତର ଯାବତୀୟ ଜ୍ଞାନକୁହିଁ ଗୁହ୍ୟବିଦ୍ୟାର ପରିସର ମଧ୍ୟରେ ଅନ୍ତର୍ଗତ କରାଯାଇଥାଏ ।*

ହଁ ।

*ତେଣୁ, ବର୍ତ୍ତମାନ ଏହି ସାଧାରଣ ଜୀବନରେ ମନୁଷ୍ୟ ଅଚେତନ ହୋଇରହିଛି; ମାତ୍ର ସେ ଯେତେବେଳେ ପୂର୍ଣ୍ଣଚେତନା ଲାଭ କରିବ, ସେତେବେଳେ ସେ ଗୁହ୍ୟବିଦ୍ୟା ବିଷୟରେ ମଧ୍ୟ ପୂର୍ଣ୍ଣସଜ୍ଞାନତା ଲାଭ କରିବ ।*

'oaob.nitrkl.ac.in' images reprocessed

ନାହିଁ, ଏ ସବୁକିଛି ଭାରି ଭଲ କଥା ସତ, ମାତ୍ର ତୁମେ କ'ଣ ପ୍ରକୃତରେ ବିଶ୍ୱାସ କରୁଛ ଯେ ଅତିମାନସ ଜୀବନର କ୍ଷେତ୍ରରେ ବିଭିନ୍ନ କ୍ରିୟାତ୍ମକତା ଭିତରେ ଆଉ ଆଦୌ କୌଣସି ଶ୍ରେଣୀବିଭାଗ କରିବାର ଆବଶ୍ୟକତା ରହିବ ନାହିଁ, ନା କ'ଣ ଭାବୁଛ ? ନା ତୁମେ ଭାବୁଛ ଯେ ଏକ ସାଧାରଣ ସ୍ୱତଃପ୍ରେରିତ ସାମର୍ଥ୍ୟ ମଧ୍ୟରେ ସବୁକିଛି ବିମିଶ୍ରିତ ହୋଇଯିବ ?

*ନା— ଏକ ସୋପାନକ୍ରମ ଅବଶ୍ୟ ରହିବ ।*

ବସ୍ତୁଗୁଡ଼ିକର ସମ୍ମୁଖୀନ ହେବାର ବିଭିନ୍ନ ପ୍ରଣାଳୀ ସର୍ବଦା ଅବଶ୍ୟ ରହିବ । ସମ୍ଭବତଃ ଗୁହ୍ୟବିଦ୍ୟାଗତ ସାମର୍ଥ୍ୟଟି ଅପେକ୍ଷାକୃତ ଅଧିକ ସାଧାରଣ ହେବ; ମାତ୍ର ତା'ବୋଲି ଯଦି ତୁମେ ଏପରି ଏକ ପୃଥିବୀର କଳ୍ପନା କରିବ, ଯେଉଁଠିକି ସମସ୍ତଙ୍କର ସମାନ ପରିମାଣରେ ଗୁହ୍ୟବିଦ୍ୟାଗତ ସାମର୍ଥ୍ୟ ରହିଥିବ, ତେବେ ସେହି କ୍ଷେତ୍ରରେ ପ୍ରକୃତରେ ଆଉ କୌଣସି ପାର୍ଥକ୍ୟହିଁ ରହିବ ନାହିଁ । ବୁଝିପାରୁଛ ? ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ଭିତରେ ଗୁହ୍ୟ-ବିଦ୍ୟା ଲାଗି ସାମର୍ଥ୍ୟ ରହିଛି ଏବଂ ଯେଉଁମାନଙ୍କର ସେହି ସାମର୍ଥ୍ୟଟି ନାହିଁ, ସେମାନେ ସେହିମାନଙ୍କ ଉପରେହିଁ ତାହାକୁ ପ୍ରୟୋଗ କରିଥାନ୍ତି । ମାତ୍ର ଯଦି ସମସ୍ତଙ୍କ ଭିତରେ ସମାନ ଭାବରେ ସେହି ସାମର୍ଥ୍ୟଟି ଆସିଯାଏ, ତେବେ ତାହାକୁ ଆଉ କଦାପି ଗୁହ୍ୟବିଦ୍ୟା ବୋଲି କୁହାଯିବ ନାହିଁ !... ତୁମେ କ'ଣ ଏହି ଅର୍ଥରେ ପ୍ରଶ୍ନଟି ପଚାରିଥିଲ ?

*ହଁ ।*

ବୁଝିଲି । ମୋ'ର ଏହି କଥାଟିରେ ଦୃଢ଼ ବିଶ୍ୱାସ ରହିଛି ଯେ, ସବୁଠାରୁ ଅଧିକ ପରିପୂର୍ଣ୍ଣ ଅତିମାନସ ଉପଲବ୍ଧିର କ୍ଷେତ୍ରରେ ମଧ୍ୟ ବିଭିନ୍ନ ବ୍ୟକ୍ତିଙ୍କର ସାମର୍ଥ୍ୟ ଏବଂ କ୍ରିୟାଶୀଳତାଗୁଡ଼ିକ ମଧ୍ୟରେ ସବୁବେଳେ ଏକ ଭେଦ ଓ ଅନ୍ତର ନିଶ୍ଚୟ ରହିଥିବ । ମାତ୍ର, ସଂପୂର୍ଣ୍ଣ ଅଚେତନ ଭାବରେ ନିଜର ଯଥାର୍ଥ ସ୍ଥାନଟିରେ ରହିବା ବା ନ ରହିବା ପରିବର୍ତ୍ତରେ ଓ ଆପଣାର ଯାହା କରିବା ଉଚିତ, ସେଇଟିକୁ କରିବା କିଂବା ନ କରିବାର ପରିବର୍ତ୍ତରେ ଜଣେ ତା'ର ଯଥାର୍ଥ ସ୍ଥାନଟିରେ ରହିଥିବ,— ମୁଁ ଆଶା କରୁଛି, ସିଏ ସର୍ବଦାହିଁ ଆପଣା ସ୍ଥାନଟିରେ ରହିଥିବ, ଏବଂ ତା'ର ଯାହା କରିବା ଉଚିତ, ସେ ତାହାକୁ ସଚେତନ ଭାବରେ ସର୍ବଦା କରୁଥିବ । ଅର୍ଥାତ୍, ଅନୁକ୍ଷଣ ଜାଣିବାକୁ ଚେଷ୍ଟା ନ କରି ଏବଂ ଅନ୍ଧାର ଭିତରେ

'oaob.nitrkl.ac.in' images reprocessed

ଅଣାଳି ନ ହୋଇ, ପ୍ରତ୍ୟେକ ବ୍ୟକ୍ତି ତା'ର ଯାହା କରିବା ଉଚିତ, ସେକଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣିବ ଏବଂ ସେଇଟିକୁ ଉତ୍ତମ ଭାବରେ କରିବ । ମାତ୍ର ଏହାହିଁ ଏହି କ୍ଷେତ୍ରରେ ସମୁଦାୟ ପାର୍ଥକ୍ୟ । ସେତେବେଳେ ପାର୍ଥକ୍ୟମାନ ଅବଶ୍ୟ ରହିବ, ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା ଭୂମିକାଟିକୁହିଁ ଗ୍ରହଣ କରୁଥିବ, ତା'ର ଆପଣା ସ୍ଥାନଟିରେ ରହିଥିବ, ପ୍ରତ୍ୟେକ ବ୍ୟକ୍ତିର ତା'ର ଆପଣା କ୍ରିୟାଶୀଳତାଟି ରହିଥିବ । ତୁମେ ଏପରି କଦାପି ଭାବ ନାହିଁ ଯେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ଠିକ୍ ଏକାଭଳିଆ ଦେଖାଯିବାକୁ ଆରମ୍ଭ କରିବେ ଏବଂ ସେହି ଗୋଟିଏ କାର୍ଯ୍ୟକୁ ଏକାଭଳିହିଁ କରୁଥିବେ । ସେପରି ହେଲେ ତାହା ପ୍ରକୃତରେ ଏକ ଭୟଙ୍କର ପୃଥିବୀରେ ପରିଣତ ହୋଇଯିବ ।

ଅତିମାନସ ଜଗତ ଏବଂ ଆମର ଏହି ଜଗତଟି ମଧ୍ୟରେ ଏହିସବୁ ପାର୍ଥକ୍ୟ ରହିବ ବୋଲି ବେଶ୍ କୁହାଯାଇ ପାରିବ : ତୁମେ ବର୍ତ୍ତମାନ ଯାହା ଜାଣି ନାହଁ, ସେତେବେଳେ ତାହାକୁ ଜାଣିବାକୁ ସମର୍ଥ ହେବ; ତୁମେ ବର୍ତ୍ତମାନ ଯାହା କରିପାରୁ ନାହଁ, ସେତେବେଳେ ତାହା କରିପାରିବ ଏବଂ ବର୍ତ୍ତମାନ ଯାହା ବୁଝିପାରୁ ନାହଁ, ତାହାକୁ ବୁଝିପାରିବ । ଏବଂ ଯାହା ବିଷୟରେ ତୁମେ ବର୍ତ୍ତମାନ ଅଚେତନ ହୋଇରହିଛ, ତୁମେ ତାହା ବିଷୟରେ ସଚେତନ ହୋଇଯିବ । ମାତ୍ର ମର୍ମତଃ ଏହାକୁହିଁ ସେହି ନୂତନ ସୃଷ୍ଟିଟିର ପ୍ରକୃତ ଭିତ୍ତି ବୋଲି କୁହାଯିବ : ତାହା ଅଜ୍ଞାନର ସ୍ଥାନରେ ଜ୍ଞାନର ସ୍ଥାପନା କରିବ, ଅଚେତନାର ସ୍ଥାନରେ ଚେତନାର ସ୍ଥାପନା କରିବ ଏବଂ ଦୁର୍ବଳତାର ଅପସାରଣ ଘଟାଇ ବଳର ସଞ୍ଚାର କରିଦେବ । ମାତ୍ର ତାହାର ଏପରି ଅର୍ଥ କଦାପି ହେବା ଉଚିତ ନୁହେଁ ଯେ ସେତେବେଳେ ସବୁକିଛି ଏପରି ଭାବରେ ମିଶ୍ରିତ ହୋଇପଡ଼ିବ ଯେ ଆଉ କୌଣସି ଗୋଟିଏକୁ ବି ସ୍ୱତନ୍ତ୍ର କରି ଚିହ୍ନି ହେବ ନାହିଁ ।

*(ମାଆ ଅନେକ ସମୟ ନୀରବ ରହିଲେ)*

ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଅତିମାନସ ମଧ୍ୟରେ ବି ଉପଲବ୍ଧିର ବିଭିନ୍ନ ସୋପାନ ଅବସ୍ଥିତ ରହିଛି ଏବଂ ଏହି ସୋପାନଗୁଡ଼ିକର ପରିପ୍ରକାଶ କ୍ରମାନ୍ୱୟରେହିଁ ଘଟିବ; ବିଶ୍ୱଭୂମିସ୍ଥ ଏହି ବିବର୍ତ୍ତନ ଯେପରି କ୍ରମୋତ୍ତର ଭାବରେ ଆପଣାକୁ କ୍ରିୟାଶୀଳ କରି ଅଗ୍ରସର ହୋଇଛି, ଅତିମାନସର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଘଟିବ । ଏବଂ ଯେହେତୁ ଆମର ବର୍ତ୍ତମାନ ଜଗତଟି ଯେପରି ମନୁଷ୍ୟସମାଜର ବୃହତ୍ତର ଅଂଶଟି ଲାଗି ବନ୍ଦ ହୋଇ ରହିଛି ବା କେତେକଙ୍କ ଲାଗି ତାହା ଯେପରି କ୍ୱଚିତ୍ ଅଧେ ବି ଖୋଲାହୋଇ ରହିଛି, କେବଳ ସେହି କାରଣରୁହିଁ ଅତିମାନସ ଜୀବନର କ୍ଷେତ୍ରରେ ହେବାକୁ ଯାଉଥିବା

'oaob.nitrkl.ac.in' images reprocessed

ଏହି ଅଗ୍ରଗତିଟିର କଳ୍ପନା କରିପାରିବା ମଧ୍ୟ ପ୍ରକୃତରେ ଭାରି କଷ୍ଟକର ହୋଇପଡୁଛି । ମାତ୍ର ଏହି ଅଗ୍ରଗତି ତଥାପି ହେବ । ଏବଂ ଅଗ୍ରଗତି ହେବା ମାତ୍ରକେ ଆରୋହଣ ବି ଘଟିବ ଏବଂ ଆପଣାର ସ୍ୱତନ୍ତ୍ର ବିଧାନଟିର ଅନୁସରଣ କରି ଏକ ପରିପୂର୍ଣ୍ଣତା ବି ବିକଶିତ ହୋଇଆସିବ, ଯାହାକି ଆପଣାକୁ ଚେତନାର କ୍ଷେତ୍ରରେ କ୍ରମଶଃ ଅନାବୃତ କରି ଦେଉଥିବ, ଏପରିକି ଏକ ପୂର୍ଣ୍ଣସନ୍ଦୀପିତ ଚେତନାର କ୍ଷେତ୍ରରେ ମଧ୍ୟ ଆପଣାକୁ ଅନାବୃତ କରି ଦେଉଥିବ ଏବଂ ଅଜ୍ଞାନ ପରିବର୍ତ୍ତେ ସତ୍ୟରେହିଁ କ୍ରିୟାଶୀଳ ହୋଇ ରହିଥିବ ।... ଏହି ବସ୍ତୁଟି* ଅଭିବ୍ୟକ୍ତି ମଧ୍ୟରେ କଦାପି ସଂପୂର୍ଣ୍ଣ ଭାବରେ ନ ଥିବ, ଗୋଟାସୁଦ୍ଧା ଓ ଏକାବେଳେକେ କଦାପି ନ ଥିବ, ହୁଏତ ଏପରି ବି କୁହାଯାଇ ପାରିବ ଯେ ତାହାର ସମଗ୍ର ପିଣ୍ଡରୂପରେ ତାହା ଆଦୌ ସେଥିରେ ନ ଥିବ; ମାତ୍ର ତାହା କ୍ରମୋତ୍ତର ଭାବରେ ବ୍ୟକ୍ତ ହୋଇ ଆସୁଥିବ; ଆମେ ବର୍ତ୍ତମାନ ଯେଉଁ ପୃଥିବୀଟିରେ ବାସ କରୁଛୁ, ତାହା ତାହାରି ବିକାଶର ବିଧାନଟିକୁ ଅନୁସରଣ କରୁଥିବ । ମାତ୍ର, ଆମେ ଯେ କୁଆଡ଼େ ଯାଉଛୁ, ଆମେ ବର୍ତ୍ତମାନ ଯେପରି ସେହି କଥାଟିକୁ ଆଦୌ ଜାଣି ନାହୁଁ, ସେପରି ହେବା ପରିବର୍ତ୍ତରେ ସେତେବେଳେ ଆମେ ମାର୍ଗଟି ବିଷୟରେ ସଜ୍ଞାନ ହୋଇପାରିବା ଏବଂ ସଚେତନ ଭାବରେ ସେହି ମାର୍ଗରେ ଯିବା ଲାଗି ସମର୍ଥ ବି ହେବା । ପ୍ରକୃତରେ କ'ଣ ହେବା ଉଚିତ, ସେଠାରେ କେବଳ ଠିଆ ହୋଇ ଏହି କଥାଟିକୁ କଳ୍ପନା କରିବା, ଅନୁମାନ କରିବା ବା ସେହି ବିଷୟରେ ନାନା ଜଳ୍ପନା କରିବା ପରିବର୍ତ୍ତେ ଆମେ ସେତେବେଳେ ଆମେ କୁଆଡ଼େ ଯାଉଛୁ, ସେହି କଥାଟିକୁ ଭଲ କରି ଜାଣିପାରିବା ଏବଂ ସେଠାକୁ କିପରି ଯିବାକୁ ହେବ, ସେହି କଥାଟିକୁ ମଧ୍ୟ ଜାଣିପାରିବା । ଏହାହିଁ ସେହି କ୍ଷେତ୍ରରେ ଅସଲ ପାର୍ଥକ୍ୟଟି ହୋଇରହିବ । ଏହା ଅତ୍ୟନ୍ତ ନିଶ୍ଚିତ କଥା ଯେ, ତାହା ଆଦୌ ଏପରି ଏକ ନୀରସ ଓ ବୈଚିତ୍ର୍ୟହୀନ ପୃଥିବୀ ହୋଇରହିବ ନାହିଁ, ଯେଉଁଥିରେ କି ସବୁକିଛି କୌଣସି ପ୍ରକାରେ ପରିବର୍ତ୍ତିତ ନ ହୋଇ କେବଳ ଅନନ୍ତହୀନ ଭାବରେ ସେହିପରି ହୋଇ ରହିଥିବ ।

ମୁଁ ବିଶ୍ୱାସ କରୁଛି ଯେ ମନୁଷ୍ୟର ଚେତନା ମଧ୍ୟରେ କୌଣସି ଏକ ସ୍ଥାନରେ ଯାଇ ପହଞ୍ଚିବାକୁ ଇଚ୍ଛା କରିବା ଲାଗି ସର୍ବଦା ଏକ ପ୍ରବୃତ୍ତି ରହିଛି, କେଉଁଠି ବସିଯାଇ ବାଟ ଚାଲିବାର ପର୍ଯ୍ୟାୟଟି ସମାପ୍ତ ହୋଇଗଲା ବୋଲି ଅନୁଭବ କରିବାର ଇଚ୍ଛା ବିଷୟରେ

---

* ଏହି ପ୍ରବଚନଟି ଯେତେବେଳେ ପ୍ରଥମେ ଛାପା ହେବାକୁ ଗଲା, ମାଆ ସେତେବେଳେ "ଏହି ବସ୍ତୁଟି"ର ସଂଜ୍ଞା ଏହିପରି ଦେଇଥିଲେ : "ଅନଭିବ୍ୟକ୍ତ, ଯେକି ଅତିମାନସ ଅଭିବ୍ୟକ୍ତି ପାଇଁ ଅତିମାନସ-ଜଗତକୁ କାମରେ ଲଗାଇବ ।"

'oaob.nitrkl.ac.in' images reprocessed

ଏକ ପ୍ରବୃତ୍ତି ରହିଛି : "ଆମେ ଆସି ଲକ୍ଷ୍ୟରେ ପହଞ୍ଚି ଗଲୁଣି । ଆମେ ଏହିଠାରେହିଁ ସ୍ଥାୟୀ ହୋଇ ରହିଯାଇ ପାରିବା ଓ ଆମକୁ ଆଉ ବାଟ ଚାଲିବାକୁ ପଡ଼ିବ ନାହିଁ ।" ତାହାକୁ ଅତିମାନସର ଏକ ଅତି ଦରିଦ୍ର ପ୍ରକାର ବୋଲି କହିବାକୁ ପଡ଼ିବ ।

ମାତ୍ର ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକ ପରିପୂର୍ଣ୍ଣତା ଆଡ଼କୁ ଏହି ଆରୋହଣଧର୍ମୀ କ୍ରମୋତ୍ତର ଗତିଶୀଳତାଟି ପ୍ରକୃତରେ ଆହୁରି ଅଧିକ ସୁପ୍ରକଟ ହୋଇପାରିବ, ଏବଂ ଏପରି ଏକ ଅନ୍ଧକାର ମଧ୍ୟରେ, ଯେଉଁଠାରେ କି ସମସ୍ତେ ଅନ୍ଧହୋଇ ରହିଥିବେ ଏବଂ ଖାଲି ଅଣ୍ଡାଳି ହେବାରେ ଲାଗିଥିବେ, ଆପଣାକୁ ଉନ୍ମୋଚିତ କରିଦେବା ପରିବର୍ତ୍ତରେ ତାହା ଆଲୋକ ମଧ୍ୟରେହିଁ ଆପଣାକୁ ଉନ୍ମୋଚିତ କରିଦେବ ଏବଂ ପ୍ରତ୍ୟେକ ବ୍ୟକ୍ତି ପ୍ରକୃତରେ କୁଆଡ଼େ ଯାଉଛି ଏବଂ କ'ଣ କରୁଛି, ସିଏ ସେହି କଥାଟିକୁ ଜାଣିବାର ଆନନ୍ଦଟିକୁ ମଧ୍ୟ ପ୍ରାପ୍ତ ହୋଇପାରିବ । ବାସ୍, ଏତିକି କଥା ।

ତେଣୁ ତୁମେ ଆସି ଏପରି କଦାପି ପଚାରି ବସିବ ନାହିଁ, "ସେଠାରେ ଏକଥାଟି ରହିବ କି ?" ବା "ଏକଥାଟି କ'ଣ ସେଠାରେ ପ୍ରକୃତରେ ନ ଥିବ ?" ବର୍ତ୍ତମାନ ଆମେ ଯେତିକି ପଦାର୍ଥର ଅଧିକାରୀ ହୋଇରହିଛୁ, ସେତେବେଳେ ତା'ଠାରୁ ତଥାପି ଆହୁରି ଅଧିକ ପଦାର୍ଥ ଉପଲବ୍ଧ ହେବ । ସମ୍ଭାବ୍ୟ ସବୁକିଛି ସେଠାରେ ଉପଲବ୍ଧ ହୋଇପାରିବ ।

'oaob.nitrkl.ac.in' images reprocessed

## ୨୫ ସେପ୍ଟେମ୍ବର ୧୯୫୭

*"ଏକ ନୂତନ ମାନବଜାତି କହିଲେ ଆମେ ମନୋମୟ ସତ୍ତାସମୂହର ଏପରି ଏକ ପ୍ରକାର ବା ଗୋଷ୍ଠୀର ଆବିର୍ଭାବ ଓ ବିକାଶକୁ ବୁଝୁ, ଯାହାର ମନଃସ୍ତରୀୟ ତତ୍ତ୍ୱଟି ଆଉ ଜ୍ଞାନର ଅନ୍ୱେଷଣ କରୁଥିବା ଏକ ଅଜ୍ଞାନମୟ ମନ ହୋଇ ରହି ନ ଥିବ; ମାତ୍ର, ଅଜ୍ଞାନ ଭିତରେ ଛନ୍ଦି ହୋଇ ରହିଥିବା ଆପଣାର ଜ୍ଞାନକ୍ଷେତ୍ରରେ ମଧ୍ୟ ତାହା ସେହି ପରମ ଆଲୋକର ଅନ୍ୱେଷଣ କରୁଥିବ, କିନ୍ତୁ ସ୍ୱାଭାବିକ ଭାବରେ ସେହି ଆଲୋକର ଅଧିକାରୀ ହୋଇ ନ ଥିବ; ତାହା ଆଲୋକ ଆଡ଼କୁ ଉନ୍ମୁକ୍ତ ହୋଇ ରହିଥିବ ମାତ୍ର ସେହି ଆଲୋକରେହିଁ ତଥାପି ବାସ କରୁ ନ ଥିବ, ଏବେ ମଧ୍ୟ ଏକ ପରିପୂର୍ଣ୍ଣ ସାଧନ ରୂପେ ତିଆରି ହୋଇ ନ ଥିବ, ସତ୍ୟଚେତନ ହୋଇ ତଥାପି ଅଜ୍ଞାନ ମଧ୍ୟରୁ ବିମୁକ୍ତ ହୋଇ ବାହାରି ଆସି ନ ଥିବ । ବରଂ, ଆମେ ଯାହାକୁ ହୁଏତ ଏକ ଆଲୋକମୟ ମନ ବୋଲି କହିପାରିବା, ତାହା ସେଇଟିର ଅଧିକାରୀ ହୋଇ ସାରିଥିବ; ସେହି ମନଟି ସତ୍ୟ ମଧ୍ୟରେ ଜୀବନ ବଞ୍ଚି ପାରୁଥିବ, ସତ୍ୟଚେତନ ହୋଇପାରିଥିବ ଏବଂ ଆପଣାର ଜୀବନରେ, ଏକ ପରୋକ୍ଷ ଜ୍ଞାନର ପରିବର୍ତ୍ତରେ ଏକ ପ୍ରତ୍ୟକ୍ଷ ଜ୍ଞାନକୁ ଆଣି ପ୍ରକଟ କରି ପାରୁଥିବ । ଏହାର ମନୋମୟତା ସେତେବେଳେ ଆଉ ଅଜ୍ଞାନର ସାଧନ ନ ହୋଇ ସେହି ପରମ ଆଲୋକରହିଁ ସାଧନ ହୋଇଥିବ । ଆପଣା ବିକାଶର ସର୍ବୋଚ୍ଚ ବିନ୍ଦୁଟିରେ ପହଞ୍ଚି ତାହା ଅତିମାନସ ଭିତରକୁ ଅତିକ୍ରମ କରିଯିବା ଲାଗି ବି ସମର୍ଥ ହୋଇପାରିବ । ଏବଂ, ସେହି ନୂତନ ମାନବଗୋଷ୍ଠୀରୁହିଁ ସେହି ଅତିମାନସ ସତ୍ତାମାନଙ୍କର ଚୟନ ହୋଇପାରିବ, ଯେଉଁମାନେ କି ପୃଥ୍ୱୀ-ପ୍ରକୃତି ମଧ୍ୟରେ ହେଉଥିବା ବିବର୍ତ୍ତନଟିର ଅଗ୍ରଗାମୀ ନେତାରୂପେ ଆବିର୍ଭୂତ ହୋଇ ଆସିବେ ।"*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା-୬୭

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶ୍ରୀଅରବିନ୍ଦ ଆମଠାରୁ ଏହି କଥାଟିରହିଁ ପ୍ରତ୍ୟାଶା ରଖିଥିଲେ; ସେ ଏହିପରି ଭାବରେହିଁ ଏକ ଅତିମାନବର କଳ୍ପନା କରିଥିଲେ, ଯିଏକି ବର୍ତ୍ତମାନ ବିଦ୍ୟମାନ ଥିବା ମନୁଷ୍ୟସମାଜ ଏବଂ ଅତିମାନସ ପଦ୍ଧତିରେ ସୃଷ୍ଟ

'oaob.nitrkl.ac.in' images reprocessed

ହେଉଥିବା ଅତିମାନସ ସତ୍ତା ମଧ୍ୟରେ ଏକ ଅନ୍ତଃବର୍ତ୍ତୀ ସତ୍ତାରୂପେ ଅବସ୍ଥିତ ହୋଇ ରହିବ । ଅର୍ଥାତ୍, ସେହି ମନୁଷ୍ୟ ଆଉ କୌଣସି ପ୍ରକାରେ ପ୍ରାଣୀସ୍ତରୀୟ ହୋଇ ରହିବ ନାହିଁ ଏବଂ ପ୍ରାଣିତ୍ୱର ଯାବତୀୟ ଆବଶ୍ୟକତାରୁ ସେ ବିମୁକ୍ତ ହୋଇଆସିବ ।

ଆମେସବୁ ବର୍ତ୍ତମାନ ଯେପରି ହୋଇରହିଛୁ, ଆମେ ଏଠାରେ ଗୋଟିଏ ଗୋଟିଏ ସାଧାରଣ ପ୍ରାଣୀ ଭାବରେହିଁ ତିଆରି ହୋଇଛୁ, ଏବଂ ତେଣୁ, ଆପଣା ଜୀବନରେ ଏକ ରୂପାନ୍ତର ସମ୍ଭବ କରିପାରିଲେ ମଧ୍ୟ, ଆମ ଭିତରେ ଏହି ପ୍ରାଣୀଧର୍ମୀ ମୂଳଟିର କିଛି ନା କିଛି ଅଂଶ ଅବଶ୍ୟ ଅବଶିଷ୍ଟ ରହିଯିବ । ଶ୍ରୀଅରବିନ୍ଦ ଯେଉଁ ଅତିମାନସ ସତ୍ତାର କଳ୍ପନା କରିଥିଲେ, ତାହା ଏହି ସାଧାରଣ ପ୍ରାଣୀଧର୍ମୀ ପଦ୍ଧତିରେ ଆଦୌ ତିଆରି ହେବ ବୋଲି ସେ ମୋଟେ କଳ୍ପନା କରି ନ ଥିଲେ; ଅପରୋକ୍ଷ ଭାବରେ, ବର୍ତ୍ତମାନ ଆମ ଲାଗି ତଥାପି ଗୂଢ଼ ହୋଇ ରହିଥିବା ଏକ ପ୍ରକ୍ରିୟା ଦ୍ୱାରା ତାହାର ନିର୍ମାଣ ହେବ ବୋଲି ସେ କଳ୍ପନା କରିଥିଲେ । ସେହି ନିର୍ମାଣର ପ୍ରକ୍ରିୟାଟିରେ ଶକ୍ତିଗୁଡ଼ିକୁ ଏବଂ ଉପାଦାନଟିକୁ ନେଇ ଏପରି ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକାରୀ କରାଯିବ ଯେ ସେତେବେଳେ ଶରୀର କେବଳ ଏକ "ମୂର୍ତ୍ତୀକରଣ"ହିଁ ହୋଇରହିବ, ସାଧାରଣ ପ୍ରାଣୀଧର୍ମ ନିୟମଟି ଅନୁସାରେ ତାହା ବର୍ତ୍ତମାନ ଯେପରି ଏକ ବିରଚନା ହୋଇରହିଛି, ସେପରି କଦାପି ହୋଇରହିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ମଧ୍ୟବର୍ତ୍ତୀ ଏକାଧିକ ସତ୍ତାଙ୍କର ବି ଆବଶ୍ୟକତା ରହିଛି, ଏବଂ ଏହି ମଧ୍ୟବର୍ତ୍ତୀ ସତ୍ତାମାନେହିଁ ଅତିମାନସ ସ୍ତରର ସତ୍ତାମାନଙ୍କୁ ସୃଷ୍ଟି କରିବାର ଉପାୟଟିକୁ ଖୋଜି ବାହାରକରିବେ । ଏବଂ, ଏକଥା ମଧ୍ୟ ସଂପୂର୍ଣ୍ଣ ନିଃସନ୍ଦେହ ଯେ, ଯେତେବେଳେ ଶ୍ରୀଅରବିନ୍ଦ ଏସବୁ ଲେଖିଥିଲେ, ଆମେସବୁ ଅବଶ୍ୟ ଏହି କାର୍ଯ୍ୟଟିକୁ କରିବୁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା ।

ମୁଁ ଭାବୁଛି,— ମୁଁ ଜାଣିଛି,— ଯେ, ସିଏ ଆମଠାରୁ ଯେଉଁ କଥାଟିର ପ୍ରତ୍ୟାଶା ରଖିଥିଲେ, ଆମେ ଯେ ଅବଶ୍ୟ ତାହାର ଉପଲବ୍ଧି କରିବା, ଏହି କଥାଟି ବର୍ତ୍ତମାନ ସୁନିଶ୍ଚିତ ହୋଇଗଲାଣି । ଏକଥାଟି ବର୍ତ୍ତମାନ କେବଳ ଏକ ଆଶା ହୋଇ ରହି ନାହିଁ, ତାହା ଏକ ନିଶ୍ଚୟତାରେ ପରିଣତ ହୋଇ ସାରିଲାଣି । କେବଳ ଏହି କ୍ଷେତ୍ରରେ ଏତିକିମାତ୍ର କଥା ରହିଛି ଯେ, ଆମର ବ୍ୟକ୍ତିଗତ ପ୍ରଚେଷ୍ଟା, ଆମର ଏକାଗ୍ରତା ଏବଂ ଆମର ସଦିଚ୍ଛା ଅନୁସାରେ ଏହି ଉପଲବ୍ଧି ହୁଏତ ଟିକିଏ ଅଧିକ ଦୀର୍ଘ ଅଥବା ଅଧିକ ଦ୍ରୁତ ହୋଇଯିବ ।... ଆମେ ଏହି ସତ୍ୟଟି ଉପରେ ଯେଉଁଭଳି ମହତ୍ତ୍ୱ ଦେବା, ଉପଲବ୍ଧିଟି ମଧ୍ୟ ସେହି ଅନୁସାରେ ଦ୍ରୁତ ବା ବିଳମ୍ବିତ ହୋଇଯିବ । ଜଣେ ଅନ୍ୟମନସ୍କ ଅବଲୋକନକାରୀ ପାଇଁ ହୁଏତ ବସ୍ତୁଗୁଡ଼ିକ ଆଗରୁ ଯେପରି ଥିଲେ ବର୍ତ୍ତମାନ ମଧ୍ୟ ସେଗୁଡ଼ିକ ପ୍ରାୟ ସେହିପରି ହୋଇ

'oaob.nitrkl.ac.in' images reprocessed

ରହିଛନ୍ତି ବୋଲି ଦେଖାଯିବାରେ ଲାଗିଥିବ, ମାତ୍ର ଯିଏ ଯଥାର୍ଥ ଭାବରେ ଦେଖିଜାଣିଛି ଓ ଯିଏ ପ୍ରତିଭାସଗୁଡ଼ିକ ଦ୍ୱାରା ଆଦୌ ପ୍ରତାରିତ ହୋଇ ରହୁ ନାହିଁ, ତା'ପାଇଁ ବସ୍ତୁଗୁଡ଼ିକ ଉଚିତ ରୂପେ ଅଗ୍ରଗତି କରୁଛନ୍ତି ବୋଲି ନିଶ୍ଚୟ ମନେ ହେବ ।

ତେଣୁ ଆମେ ପ୍ରତ୍ୟେକେ ଏଥିଲାଗି ଆମର ଯଥାଶକ୍ତି କାର୍ଯ୍ୟକରିବା ଏବଂ ତେବେ, ସମ୍ଭବତଃ ପ୍ରଥମ ଦୃଶ୍ୟମାନ ପରିଣାମଗୁଡ଼ିକ ସମସ୍ତଙ୍କ ଆଖିକୁ ସ୍ପଷ୍ଟ ହୋଇଯିବା ଲାଗି ଆଦୌ ଅନେକାନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ପୃଥିବୀର ଯାବତୀୟ ଅନ୍ୟ ସକଳ ବସ୍ତୁ ଅପେକ୍ଷା ଏଇଟି ପ୍ରତି ତୁମର ଅଧିକ ଆଗ୍ରହ ରହିଛି କି ନାହିଁ, ସେକଥା ନିଜ ବିଷୟରେ ତୁମେ ନିଜେ ଜାଣିବ ।... ଏପରି ଏକ ବେଳ ଆସି ପହଞ୍ଚେ, ଯେତେବେଳେ କି ସ୍ୱୟଂ ଶରୀର ମଧ୍ୟ ଦେଖିବାକୁ ଆରମ୍ଭ କରେ ଯେ ଜୀବନ ବଞ୍ଚିବାର ଏକ ଅଭୀଷ୍ଟ ରୂପେ ଏହି ରୂପାନ୍ତର ଭଳି ପୃଥିବୀରେ ଆଉ ଅନ୍ୟ କିଛିହେଲେହିଁ ନାହିଁ । ଶରୀର ଅନୁଭବ କରେ ଯେ ରୂପାନ୍ତର ସକାଶେ ରହିଥିବା ଏହି ପ୍ରବଳ ବାସନାଟି ପରି ଏଡ଼େ ବଡ଼ ଆଗ୍ରହ ଆଉ କେଉଁଠି ହେଲେ କଦାପି ମିଳିବ ନାହିଁ । ସେତେବେଳେ ଶରୀରର ପ୍ରତ୍ୟେକଟି କୋଷ ସତେଅବା ଅଭିବ୍ୟକ୍ତ ହେବା ଲାଗି ଅପେକ୍ଷା କରି ରହିଥିବା ସେହି ପରମ ଆଲୋକଟିର ଉଦ୍ଦେଶ୍ୟରେହିଁ ପିପାସିତ ହୋଇଉଠନ୍ତି । ସେମାନେ ତାହାରି ଲାଗି ବ୍ୟାକୁଳ ହୋଇ ଚିତ୍କାର କରନ୍ତି, ସେଥିରେ ଏକ ବିପୁଳ ଆନନ୍ଦର ସ୍ପର୍ଶ ଲାଭ କରନ୍ତି ଏବଂ ଅସଲ ବିଜୟଟି ବିଷୟରେ ସୁନିଶ୍ଚିତ ହୋଇଯାନ୍ତି ।

ଠିକ୍ ଏହି ଅଭୀପ୍ସାଟିକୁହିଁ ମୁଁ ତୁମମାନଙ୍କ ମଧ୍ୟରେ ସଂଚାରିତ କରି ଦେବାଲାଗି ଚେଷ୍ଟା କରୁଛି; ଏବଂ, ସେହି ପରମ ଆଲୋକ ମଧ୍ୟରେ ନିଜକୁ ରୂପାନ୍ତରିତ କରିଦେବାର ତୁଳନାରେ ଯେ ଜୀବନରେ ଆଉ ସବୁକିଛି ଭାରି ନୀରସ, ଭାରି ସ୍ୱାଦହୀନ, ବ୍ୟର୍ଥ ଏବଂ ନିରର୍ଥକ, ତୁମେ ଏହି କଥାଟିକୁ ବୁଝିବ ବୋଲି ମୁଁ ଆଶା କରୁଛି ।

'oaob.nitrkl.ac.in' images reprocessed

## ୨ ଅକ୍ଟୋବର ୧୯୫୭

''ଏପରି ଏକ ପରମ ଋତ-ଚିତ୍‌କୁହିଁ ଆମେ ଅତିମାନସର ସର୍ବମୂଳ ଲକ୍ଷଣ ବୋଲି ଜାଣିବା, ଯାହାକି ଆପଣା ସ୍ୱଭାବର ଅନ୍ତର୍ନିହିତ ଅଧିକାର ଦ୍ୱାରାହିଁ ସବୁକିଛି ଜାଣିବାକୁ ସମର୍ଥ ହୁଏ, ଆପଣାର ଆଲୋକ ଦ୍ୱାରାହିଁ ତାହା ସବୁକିଛି ଜାଣେ : ତାହାକୁ କୌଣସି ଜ୍ଞାନ ଲାଭ କରିବାକୁ ପଡ଼େ ନାହିଁ, ତାହା ସେହି ଜ୍ଞାନର ଅଧିକାରୀ ହୋଇ ରହିଥାଏ । ହଁ, ଅବଶ୍ୟ ଏପରି ହୋଇପାରେ ଯେ, ବିଶେଷକରି ଆପଣାର ବିବର୍ତ୍ତନଗତ କ୍ରିୟାଟିର କ୍ଷେତ୍ରରେ, ତାହା ହୁଏତ ଜ୍ଞାନକୁ ଆପଣା ଆପାତ ଚେତନାଟିର ପଶ୍ଚାଦ୍‌ଭାଗରେ ରଖିଥାଇପାରେ ଏବଂ ସତେଅବା କୌଣସି ପରଦାର ପଛରୁ ବାହାରକୁ ନେଇ ଆସିବା ପରି ସେଇଟିକୁ ପୁରୋଭାଗକୁ ଆଣିପାରେ; ମାତ୍ର ତଥାପି ସେହି ପରଦାଟି ମଧ୍ୟ କେବଳ ଏକ ପ୍ରତିଭାସମାତ୍ର ହୋଇ ରହିଥାଏ ଏବଂ ତାହାର ଆଦୌ କୌଣସି ପ୍ରକୃତ ଅସ୍ତିତ୍ୱ ନ ଥାଏ : ଅସଲ ଜ୍ଞାନଟି ସେଠାରେ ସର୍ବଦାହିଁ ରହିଥିଲା; ଚେତନା ସେହି ଜ୍ଞାନର ଅଧିକାରୀ ହୋଇ ରହିଥିଲା ଏବଂ ବର୍ତ୍ତମାନ ସେହି ଚେତନାହିଁ ତାହାକୁ ପ୍ରକାଶିତ କରିଦେଲା । ଆଲୋକମୟ ମନର କ୍ଷେତ୍ରକୁ ଆସି ଯେତେବେଳେ ତାହା ପୂର୍ଣ୍ଣବୃତ୍ତ ହୋଇଯାଉଛି, ସେତେବେଳେ ପରମସତ୍ୟର ଏହି ସ୍ୱଭାବଟି ଏକ ପରିଚ୍ଛଦ ମଧ୍ୟରେ ରହିଥିଲେ ମଧ୍ୟ ଆପଣାକୁ ଆଣି ଉଦ୍‌ଘାଟିତ କରି ଦେଉଛି । ଆବୃତ କରି ରଖିଥିବା ପରି ମନେ ହେଉଥିଲେ ମଧ୍ୟ ସେହି ପରିଚ୍ଛଦ ସର୍ବଦା ସୁଭେଦ୍ୟ ହୋଇରହିଛି । କାରଣ ସେଇଟି ମଧ୍ୟ ଏକ ଋତ-ଚିତ୍ ଏବଂ ଜ୍ଞାନର ଏକ ସ୍ୱୟମ୍ଭୂ-ଶକ୍ତି ହୋଇରହିଛି । ସେଇଟି ମଧ୍ୟ ସେହି ଅତିମାନସରୁହିଁ ଉଦ୍‌ଭୂତ ହୋଇଆସୁଛି ଏବଂ ସ୍ୱୟଂ ସୀମାବଦ୍ଧ ଏବଂ ଅଧସ୍ତନ ହୋଇ ରହିଥିଲେ ମଧ୍ୟ ସର୍ବଦା ତାହାରି ଉପରେହିଁ ନିର୍ଭରଶୀଳ ହୋଇରହିଛି । ଯାହାକୁ ଆମେ ସ୍ୱତନ୍ତ୍ର ଭାବରେ ଆଲୋକମୟ ମନ ବୋଲି ଅଭିହିତ କରିଛୁ, ତାହା ହେଉଛି ପ୍ରକୃତରେ ଅବତରଣ କରି ଆସୁଥିବା ଚେତନାର ଏକ ସୋପାନକ୍ରମରେ ସେହି ଅନ୍ତିମ ସୋପାନ, ଯାହାମଧ୍ୟରେ କି ଅତିମାନସ ଆପଣାକୁ ପ୍ରକଟ କରି ଆଣୁଥିବା ତା'ର କ୍ରିୟାଶୀଳତାଗୁଡ଼ିକୁ ଆପଣା ଇଚ୍ଛା ଦ୍ୱାରା ପ୍ରବୃତ୍ତ ହୋଇହିଁ କିଞ୍ଚିତ୍ ସୀମାବଦ୍ଧ ବା ଅନ୍ୟରୂପ ହୋଇ ରହିବାର ଏକ ପ୍ରକ୍ରିୟା

'oaob.nitrkl.ac.in' images reprocessed

*ମଧ୍ୟରେ ନିଜକୁ ସଂଗୁପ୍ତ କରି ରଖିଦେଇଥାଏ । ମାତ୍ର, ତାହାର ମୂଳ ଅସଲ ସ୍ୱଭାବଟି ଅପରିବର୍ତ୍ତିତ ହୋଇ ରହିଥାଏ : ତାହା ମଧ୍ୟରେ ଆଲୋକ, ସତ୍ୟ ଏବଂ ଜ୍ଞାନର ଏକ କ୍ରିୟା ଅବ୍ୟାହତ ରହିଥାଏ, ଯେଉଁଠାରେ କି ଅଚେତନା, ଅଜ୍ଞାନ ଏବଂ ଭ୍ରମ ଲାଗି ଆଦୌ କୌଣସି ସ୍ଥାନ ନ ଥାଏ । ତାହା ଜ୍ଞାନରୁ ଜ୍ଞାନକୁହିଁ ଗତି କରିଯାଉଥାଏ; ଆମେ ଉତ-ଚିହ୍ନର ସୀମାଗୁଡ଼ିକୁ ଅତିକ୍ରମ କରି ତଥାପି ଅଜ୍ଞାନ ମଧ୍ୟରେ ପ୍ରବେଶ କରି ନ ଥାଉ ।''*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୭୦-୭୧

*ମାଆ, ମୁଁ ଏହି ବାକ୍ୟଗୁଡ଼ିକୁ ବୁଝିପାରିଲି ନାହିଁ : ''ଆଲୋକମୟ ମନର କ୍ଷେତ୍ରକୁ ଆସି ଯେତେବେଳେ ତାହା ପୂର୍ଣ୍ଣବୃତ୍ତ ହୋଇଯାଉଛି, ସେତେବେଳେ ପରମ ସତ୍ୟର ଏହି ସ୍ୱଭାବଟି ଏକ ପରିଚ୍ଛଦ ମଧ୍ୟରେ ରହିଥିଲେ ମଧ୍ୟ ଆପଣାକୁ ଆଣି ଉଦ୍‌ଘାଟିତ କରିଦେଉଛି । ଆବୃତ କରି ରଖିଥିବା ପରି ମନେ ହେଉଥିଲେ ମଧ୍ୟ ସେହି ପରିଚ୍ଛଦ ସର୍ବଦା ସୁଭେଦ୍ୟ ହୋଇରହିଛି ।...''*

ବୁଝିଲି । କିନ୍ତୁ ଏଥିରେ ତୁମେ କେଉଁ କଥାଟିକୁ ବୁଝିପାରୁ ନାହଁ ?

*ସୁଭେଦ୍ୟ ହୋଇ ରହିଥିବା ଏହି ପରିଚ୍ଛଦ ଏବଂ,...*

ଏହା ହେଉଛି ଏକ ଉପମା ।

ଉପମାଟି ଅଳ୍ପବହୁତ ଏହିପରି । ଅତିମାନସ ଦୃଷ୍ଟି ଉପଲବ୍ଧ ହୋଇଗଲେ ତଦ୍ୱାରା ବସ୍ତୁଗୁଡ଼ିକର ଏକ ଅପରୋକ୍ଷ, ସମଗ୍ର ଏବଂ ପ୍ରତ୍ୟକ୍ଷ ଜ୍ଞାନର ଉପଲବ୍ଧି ହେବ । ଅର୍ଥାତ୍, ସେତେବେଳେ ସବୁକିଛି ଏକାବେଳେକେ ପରିପୂର୍ଣ୍ଣ ଓ ସମଗ୍ର ଭାବରେ ଦୃଷ୍ଟିଗୋଚର ହୋଇପାରିବ । ଗୋଟିଏ ବସ୍ତୁର ବିଭିନ୍ନ ବିଭାବରୁ ତାହାର ସମଗ୍ର ସତ୍ୟଟି ଏକାବେଳେକେ ଦୃଷ୍ଟିଗୋଚର ହୋଇପାରିବ... ଯୁଗପତ୍ ଭାବରେ ଦୃଷ୍ଟିଗୋଚର ହେବ । ଏବଂ, ଆମେ ଯେମିତି ତାହାକୁ ବୁଝାଇ କହିବାକୁ ବା ତାହାର ବର୍ଣ୍ଣନା କରିବାକୁ ଚେଷ୍ଟା କରିବା, ତେବେ ଆମକୁ ଅଗତ୍ୟା ତଳକୁ ଓହ୍ଲାଇ ଆସିବାକୁ ପଡ଼ିବ, ଅର୍ଥାତ୍ ଏପରି ଏକ ଭୂମିକୁ ଖସି ଆସିବାକୁ ପଡ଼ିବ ଯାହାକୁ କି ଶ୍ରୀଅରବିନ୍ଦ ''ଆଲୋକମୟ ମନ''ର ଭୂମି ବୋଲି କହିଛନ୍ତି । ସେଠାରେ ବିଷୟଗୁଡ଼ିକୁ ଗୋଟିକ ପରେ ଗୋଟିଏ ଭାବରେ କହିବାକୁ ପଡ଼ିବ, ଏପରିକି ଭାବିବାକୁ ପଡ଼ିବ ବା ବ୍ୟକ୍ତ ବି କରିବାକୁ ପଡ଼ିବ । ଏକ ନିର୍ଦ୍ଦିଷ୍ଟ କ୍ରମରେ ଓ ଏକ

'oaob.nitrkl.ac.in' images reprocessed

ନିର୍ଦ୍ଦିଷ୍ଟ ପାରସ୍ପରିକ ସମ୍ବନ୍ଧ ରଖି ତାହାକୁ ବ୍ୟକ୍ତ କରିବାକୁ ପଡ଼ିବ । ସେତେବେଳେ ଯାବତୀୟ ସମକାଳିକତା ଅନ୍ତର୍ହିତ ହୋଇଯିବ, କାରଣ ଭାବଟିକୁ ବ୍ୟକ୍ତ କରୁଥିବାର ଆମର ବର୍ତ୍ତମାନ ସ୍ଥିତିଟିରେ ସବୁ କଥାକୁ ଏକାବେଳେକେ ଏକାଥରକେ କହିପାରିବା ଆଦୌ ସମ୍ଭବ ହେବ ନାହିଁ, ଏବଂ, ଆମେ ଯାହାକିଛି ଦେଖୁଥିବା ବା ଜାଣିଥିବା, ଆମକୁ ତାହାର ଗୋଟିଏ ଅଂଶକୁ ଆବୃତ କରି ରଖିବା ଲାଗି ବାଧ ହେବାକୁହିଁ ପଡ଼ିବ ଏବଂ ତେବେ ଯାଇ ଆମେ ବିଷୟଟିକୁ ଗୋଟିକ ପରେ ଗୋଟିଏ କରି ପ୍ରକାଶ କରିପାରିବା । ଏହି କଥାଟିକୁହିଁ ଶ୍ରୀଅରବିନ୍ଦ ଗୋଟିଏ "ପରଦା" ବୋଲି କହିଛନ୍ତି; ପରଦାଟି ସୁଭେଦ୍ୟ ହୋଇରହିଛି, କାରଣ ପରଦାଟି ରହିଥିଲେ ମଧ୍ୟ ସବୁକିଛିକୁ ଏକାବେଳେକେ ଦେଖିହେଉଛି ଏବଂ ଜାଣିହେଉଛି । ବିଷୟଟିର ଏକ ସମଗ୍ର ଜ୍ଞାନ ରହିଛି ସତ, ମାତ୍ର ସେଇଟିକୁ ଏକାଥରକେ ସଂପୂର୍ଣ୍ଣ କରି ଆଦୌ ବ୍ୟକ୍ତ କରିହେଉ ନାହିଁ । ଆମେ ଯେପରି ଅଛୁ, ସେହିପରି ହୋଇ ରହିଥିବା ପର୍ଯ୍ୟନ୍ତ ସେପରି ସଂପୂର୍ଣ୍ଣ ଭାବରେ ପ୍ରକାଶ କରିବାର କୌଣସି ସମ୍ଭାବନା ନାହିଁ, ସେଥିଲାଗି କୌଣସି ଶବ୍ଦ ବି ନାହିଁ । ତେଣୁ ଆପଣାକୁ ବ୍ୟକ୍ତ କରିବାକୁ ଯାଇ ଏକ ନିମ୍ନତର ପ୍ରକ୍ରିୟାକୁ କାମରେ ଲଗାଇବାକୁହିଁ ପଡ଼ିବ; ମାତ୍ର ତଥାପି ତେଣେ ଆମର ପୂର୍ଣ୍ଣ ଜ୍ଞାନଟି ବି ରହିଥିବ; ଏହି ଜ୍ଞାନଟିକୁ କେବଳ ବ୍ୟକ୍ତ କରିବା ସମୟରେହିଁ ଆମେ ଆମର ସେହି ଜ୍ଞାନର ଗୋଟିଏ ଅଂଶକୁ ଆବୃତ କରି ରଖିବାକୁ ବାଧ ହେଉଥିବା ଏବଂ ଯାହା କହୁଥିବା ତାକୁ କ୍ରମାନୁବର୍ତ୍ତୀ ଭାବରେ କହୁଥିବା । ମାତ୍ର ଏଇଟି ହେଉଛି ଏକ ସୁଭେଦ୍ୟ ପରଦା, କାରଣ ଆମେ ବସ୍ତୁଟିକୁ ସଂପୂର୍ଣ୍ଣ ଭାବରେ ଜାଣିଥିବା, ସେଇଟିକୁ ସମଗ୍ର ଭାବରେ ଜାଣିଥିବା, ଦେଖୁଥିବା ଏବଂ ବୁଝିପାରୁଥିବା । ମାତ୍ର ସମସ୍ତ ବିଷୟଟିକୁ ଏକାବେଳେକେ ଆଦୌ ବ୍ୟକ୍ତ କରିପାରୁ ନ ଥିବା । ଆମକୁ ଗୋଟିକ ପରେ ଗୋଟିଏ କରି, କ୍ରମାନୁବର୍ତ୍ତୀ ଭାବରେହିଁ କହିବାକୁ ପଡୁଥିବ । ଆମର କହିବାର ଏବଂ ବୁଝିବାର ଆବଶ୍ୟକତାଟି ଅନୁସାରେ ଆମର ଅଭିବ୍ୟକ୍ତିକୁ ଯେପରି ଅନୁକୂଳିତ ହୋଇ ରହିବାକୁ ପଡ଼େ, ତାହାହିଁ ପରଦା ପରି ହୋଇରହିଥାଏ । ଜ୍ଞାନ ରହିଥାଏ, ଜ୍ଞାନ ପ୍ରକୃତରେ ରହିଥାଏ,– ଆମେ ଯେ ସେହି ଜ୍ଞାନର ଅନ୍ୱେଷଣ କରୁଥାଉ ଅଥବା ତାହାକୁ କ୍ରମଶଃ ଆବିଷ୍କାର କରୁଥିବା ଅନୁସାରେ ତାକୁ ବ୍ୟକ୍ତ କରିବାରେ ଲାଗିଥାଉ, ସେକଥା ଆଦୌ ନୁହେଁ । ତାହା ଆପଣାର ସମଗ୍ରତାଟି ସହିତ ବିଦ୍ୟମାନ ଥାଏ, ମାତ୍ର ତାହାକୁ ବ୍ୟକ୍ତ କରିବାର ପ୍ରୟୋଜନର ବଶବର୍ତ୍ତୀ ହୋଇ ଆମେ ତାକୁ ଗୋଟିକ ପରେ ଗୋଟିଏ କରି ବ୍ୟକ୍ତ କରିଥାଉ । ତେଣୁ ଏହାଦ୍ୱାରା, ସିଏ ଯାହା କହୁଥାଏ, ତାହାର ସଂପୂର୍ଣ୍ଣ ଶକ୍ତିମତ୍ତାର କ୍ଷେତ୍ରରେ ସ୍ୱଭାବତଃ ଏକ ହ୍ରାସ ଘଟେ; କାରଣ, କୌଣସି ବିଷୟର ସମଗ୍ର ଦୃଷ୍ଟିଟିକୁ ଯେତେବେଳେ ତାହାର ସମଗ୍ରତା ସହିତ ବ୍ୟକ୍ତ କରାଯାଏ, ସେତେବେଳେ ଆମେ

'oaob.nitrkl.ac.in' images reprocessed

ତାହାକୁହିଁ ତା'ର ପୂର୍ଣ୍ଣ ଶକ୍ତିମତ୍ତା ବୋଲି କହିବା । ସିଦ୍ଧାନ୍ତତଃ ସେହି ଶକ୍ତିମତ୍ତାଟି ବର୍ତ୍ତମାନ ଥାଏ, ବେଶ୍ ବୋଧ ହୋଇରହିଥାଏ, କାରଣ ସର୍ବଜ୍ଞାନବତ୍ତାର ସେହି ଶକ୍ତିଟି ତଥାପି ସକ୍ରିୟ ହୋଇପାରେ ନାହିଁ, କାରଣ ଆପଣାକୁ ବ୍ୟକ୍ତ କରିପାରିବା ଲାଗି ତାହାକୁ ଗୋଟିଏ ସୋପାନ ତଳକୁ ଖସି ଆସିବାକୁ ପଡ଼େ ।

ମୁଁ ଯାହା କହୁଛି, ତୁମେ ବୁଝୁଛ ତ ? ବୁଝୁଛ ନା ନାହିଁ ?

ଅତିମାନସ ଜ୍ଞାନଭୂମିରେ ସଂପୂର୍ଣ୍ଣ ଭାବରେ ବାସ କରିପାରିବାକୁ ହେଲେ, ବର୍ତ୍ତମାନ ଅଭିବ୍ୟକ୍ତିର ଯେଉଁ ମାଧ୍ୟମ ଆମପାଖରେ ରହିଛି, ତାହାଠାରୁ ଭିନ୍ନ ଅନ୍ୟ ଏକ ମାଧ୍ୟମର ପ୍ରୟୋଜନ ହେବ । ଅତିମାନସ ଜ୍ଞାନକୁ ଅତିମାନସ ପ୍ରଣାଳୀରେ ବ୍ୟକ୍ତ କରିପାରିବାକୁ ହେଲେ ଆପଣାର ଭାବକୁ ବ୍ୟକ୍ତ କରିବାର ନୂତନ ମାଧ୍ୟମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେବ ।... ବର୍ତ୍ତମାନ ଆମେ ଆମର କେବଳ ଏହି ମାନସିକ ସାମର୍ଥ୍ୟଟିକୁ ତା'ର ସର୍ବୋଚ୍ଚ ଗାରଟି ପର୍ଯ୍ୟନ୍ତ ଉଠାଇ ନେବାକୁ ବାଧ ହେଉଛୁ, ଯାହାଦ୍ୱାରା କି ଆମେ ଏକ କ୍ୱଚିତ୍ ବୋଧ ସୀମାରେଖା ପାଖରେ ଯାଇ ପହଞ୍ଚିପାରୁଛୁ; ମାତ୍ର ସେଇଟିର ମଧ୍ୟ ଏହାରି ଭିତରେହିଁ ଏକ ଅସ୍ତିତ୍ୱ ରହିଛି; କାରଣ ଆମର ଯାବତୀୟ ଅଭିବ୍ୟକ୍ତି-ମାଧ୍ୟମ ତଥାପି ଏହି ମନୋମୟ ଜଗତଟିରହିଁ ଅନ୍ତର୍ଗତ ହୋଇରହିଛି ଏବଂ ଅତିମାନସ ସାମର୍ଥ୍ୟଟି ଆଦୌ ତା'ଭିତରେ ନାହିଁ । ସେଥିପାଇଁ ଯେଉଁ ଇନ୍ଦ୍ରିୟଦ୍ୱାରଗୁଡ଼ିକର ଆବଶ୍ୟକତା ରହିଛି, ସେଗୁଡ଼ିକ ଆମ ପାଖରେ ନାହିଁ । ଅତିମାନସ ଜ୍ଞାନକୁ ଅତିମାନସ ପଦ୍ଧତିରେ ବ୍ୟକ୍ତ କରିପାରିବାକୁ ହେଲେ ଆମକୁ ଅତିମାନସ କ୍ଷେତ୍ରରେ ଗୋଟିଏ ଗୋଟିଏ ସତ୍ତାରେ ପରିଣତ ହେବାକୁ ପଡ଼ିବ, ଏକ ଅତିମାନସ ଉପାଦାନର ହେବାକୁ ପଡ଼ିବ ଏବଂ ଆମଠାରେ ଏକ ଅତିମାନସ ଅନ୍ତର୍ଗତ ସଂଗଠନ ରହିଥିବା ଆବଶ୍ୟକ ହେବ । କିନ୍ତୁ ଏପର୍ଯ୍ୟନ୍ତ ଆମେ... କେବଳ ଅଧବାଟ ଯାଏ ଆସିଛୁ; ଆମ ଚେତନାର କୌଣସି ଏକ ସ୍ଥାନରେ ଆମେ ହୁଏତ ସଂପୂର୍ଣ୍ଣ ଭାବରେ ସେହି ଅତିମାନସ ଦୃଷ୍ଟି ଏବଂ ଜ୍ଞାନ ମଧ୍ୟକୁ ଉଠିଯାଇପାରୁଛୁ, ମାତ୍ର ସେଇଟିକୁ ଆମେ ମୋଟେ ଅଭିବ୍ୟକ୍ତ କରିପାରୁ ନାହୁଁ । ଆପଣାକୁ ବ୍ୟକ୍ତ କରିପାରିବା ଲାଗି ଆମକୁ ଗୋଟିଏ ପାହାଚ ତଳକୁ ଖସି ଆସିବାକୁହିଁ ପଡୁଛି ।

ତେଣୁ, ଏହି ଯେଉଁ ପରଦାଟି ଆବୃତ କରି ରଖିଥିବା ପରି ବୋଧ ହେଉଥିଲେ ମଧ୍ୟ ତଥାପି ସୁଭେଦ୍ୟ ହୋଇରହିଛି, ତାହା ପ୍ରକୃତରେ ଚେତନା ଲାଗିହିଁ ସ୍ୱଚ୍ଛ ଓ ସୁଭେଦ୍ୟ ହୋଇରହିଛି; କାରଣ ସେହି ଚେତନାହିଁ ଅତିମାନସ ରୀତିରେ ବସ୍ତୁଗୁଡ଼ିକୁ ଦେଖୁଛି ଏବଂ ଜାଣୁଛି । ମାତ୍ର ତାହାର ଗୋଟିଏ ଅଂଶ ଆବୃତ ହୋଇରହିଛି ଏବଂ ତାହା କେବଳ ଏକ କ୍ରମୋଭର ପର୍ଯ୍ୟାୟରେହିଁ ପ୍ରକାଶିତ ହେଉଛି । କାରଣ ସେଥିଲାଗି ଆଉ ଅନ୍ୟ କୌଣସି

'oaob.nitrkl.ac.in' images reprocessed

ବାଟହିଁ ନାହିଁ । ମାତ୍ର, ତାହା ଚେତନା ଲାଗି ସୁଭେଦ୍ୟ ହୋଇରହିଛି, ଅବଶ୍ୟ ବାହାରୁ ତାହା ସତେଯେପରି ତାକୁ ଢାଙ୍କି ରଖିଥିଲା ପରି ମନେ ହେଉଛି । ଏତିକି କଥା ।

*(ମାଆ ନୀରବ ରହିଲେ)*

କାଲି ଆମେ ଯେଉଁ ଫିଲ୍‌ମ୍‌ଟି (*'ଗୌତମ ବୁଦ୍ଧ'* ବୋଲି ଏକ ଇଂରାଜୀ ବୃତ୍ତ-ଚିତ୍ର) ଦେଖିଲୁ, ସେହି ବିଷୟରେ ମୋତେ କେତୋଟି ପ୍ରଶ୍ନ ପଚରା ଯାଇଛି । ଯେଉଁ ପ୍ରଶ୍ନଟିରେ ସବୁଠାରୁ କମ୍ ଅସଂଗତି ରହିଛି, ମୁଁ ସେଇଟିର ସବା ଆଗ ଆଲୋଚନା କରିବି । ପ୍ରଶ୍ନଟି ଯେଉଁଭଳି ପଚରାଯାଇଛି, ସେଇଟିକୁ ତୁମମାନଙ୍କ ଆଗରେ ମୁଁ ଠିକ୍ ସେହିପରି ପଢ଼ିଦେଉଛି । ମୋତେ ପଚରା ଯାଇଛି :

> *"ଆପଣ ଯେଉଁ ପ୍ରକୃତ ବୁଦ୍ଧଙ୍କୁ ଜାଣିଛନ୍ତି, ଆପଣଙ୍କର 'ପ୍ରାର୍ଥନା ଓ ଧ୍ୟାନମାଳା' ପୁସ୍ତକରେ (୨୦ ଏବଂ ୨୧ ଡିସେମ୍ବର ୧୯୧୬) ଆପଣ ଯେଉଁ ବୁଦ୍ଧଙ୍କ ବିଷୟରେ କହିଛନ୍ତି ଏବଂ ମୂର୍ତ୍ତି ଭିତରେ ଯେଉଁ ବୁଦ୍ଧଙ୍କର ପୂଜା କରାଯାଉଛି, ଦୁହେଁ କ'ଣ ସେହି ଏକା ବୁଦ୍ଧ ?*

ମୂର୍ତ୍ତି... ବୁଦ୍ଧଙ୍କର ତ ହଜାର ହଜାର ମୂର୍ତ୍ତି ରହିଛି । ଭାରତବର୍ଷରେ ବୁଦ୍ଧଙ୍କର ଏକ ପରିଚୟ ରହିଛି, ସିଂହଳରେ ଏକ ପରିଚୟ ରହିଛି, ତିବ୍ବତରେ ଏକ ପରିଚୟ ରହିଛି, ଚୀନରେ, କାମ୍ବୋଡ଼ିଆରେ, ଥାଇଲାଣ୍ଡରେ, ଜାପାନରେ ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଗୋଟିଏ ଗୋଟିଏ ପରିଚୟ ରହିଛି । ଯଦି ତୁମେ ଏଠାରେ ବୁଦ୍ଧଙ୍କ ବିଷୟରେ ରହିଥିବା ଐତିହାସିକ ଘଟଣାଟିର କଥା କହୁଛ, ତେବେ ସେମାନେ ସମସ୍ତେ ତୁମକୁ ଅବଶ୍ୟ କହିବେ ଯେ ସେମାନେ ଭାରତବର୍ଷର ବୁଦ୍ଧଦେବଙ୍କ ଉଦ୍ଦେଶ୍ୟରେହିଁ ପ୍ରାର୍ଥନା କରିଥାନ୍ତି । ମାତ୍ର ପ୍ରକୃତ କଥା ହେଉଛି ଯେ, ବୌଦ୍ଧଧର୍ମର ଏହି ପ୍ରତ୍ୟେକଟି ଶାଖା ଏବଂ ଆହୁରି ଅନେକ ଶାଖାରେ ବୁଦ୍ଧଦେବଙ୍କ ବିଷୟରେ ଆପଣା ଆପଣାର ସ୍ୱତନ୍ତ୍ର କଳ୍ପନାମାନ ରହିଛି । ଏବଂ ବୁଦ୍ଧଦେବଙ୍କର ଏହି ଦେବତ୍ୱ-କଳ୍ପନାଟିକୁହିଁ ମୂର୍ତ୍ତି ଆକାରରେ ପୂଜା କରାଯାଉଛି । ଏକ ଦିବ୍ୟ ସତ୍ତା ଅପେକ୍ଷା ଅଧିକତର ପରିମାଣରେ ଏକ ଦେବତାରୂପେହିଁ ତାଙ୍କର ପୂଜା କରାଯାଉଛି ।... ଯଦି ତୁମେ ଗୋଟିଏ ମୂର୍ତ୍ତି ଆଣି ଦେଖାଇବ ଏବଂ "ଆପଣ ଯେଉଁ ବୁଦ୍ଧଙ୍କୁ ଜାଣିଛନ୍ତି, ତାଙ୍କର ପ୍ରଭାବ ବା ଉପସ୍ଥିତି ଏହି ମୂର୍ତ୍ତି ଭିତରେ ଅଛି କି ?" ବୋଲି ଯଦି ମୋତେ ପଚାରିବ, ତେବେ ମୁଁ ତାହାର ଉତ୍ତରରେ ହୁଏତ ହଁ କିମ୍ବା ନାହିଁ ବୋଲି

'oaob.nitrkl.ac.in' images reprocessed

କହିପାରିବି; ମାତ୍ର ତୁମେ ଯେତେବେଳେ "ପ୍ରକୃତରେ କାହାର ମୂର୍ତ୍ତିସବୁର ପୂଜା କରାଯାଉଛି ?" ବୋଲି ମୋତେ ପଚାରିବ, ସେତେବେଳେ ମୁଁ ପ୍ରକୃତରେ କୌଣସି ଉତ୍ତର ଦେଇପାରିବି ନାହିଁ; କାରଣ, ସେମାନେ ଯେଉଁ ମୂର୍ତ୍ତିଟିର ପୂଜା କରୁଛନ୍ତି, ସେଇଟି ଭିତରକୁ ସେମାନେ କ'ଣ ସବୁ ପ୍ରବିଷ୍ଟ କରାଇ ପାରିଛନ୍ତି, ସେକଥାଟି ତାହାରି ଉପରେହିଁ ନିର୍ଭର କରିବ । ଐତିହାସିକ ଦୃଷ୍ଟିରୁ ଦେଖିଲେ ନାମଟି ସେହି ଗୋଟିଏ ହୋଇରହିଥିବ ସତ, ମାତ୍ର ତାହା ଯେ ସର୍ବଦା ସେହି ଗୋଟିଏ ଆଧ୍ୟାତ୍ମିକ ପୁରୁଷଙ୍କୁ ନିର୍ଦ୍ଦେଶ କରି ଦେଉଥିବ, ମୁଁ ସେକଥା କିପରି କହିପାରିବି ? ତେଣୁ ମୁଁ କୌଣସି ଉତ୍ତର ଦେଇପାରିବି ନାହିଁ ।

ଆମେ କାଲି ଯେଉଁ ମୂର୍ତ୍ତିଗୁଡ଼ିକୁ ଦେଖିଲୁ, ଯଦି ତୁମେ ମୋତେ ସେଗୁଡ଼ିକ ବିଷୟରେ ପଚାରୁଥିବ... ଆମେ କେତୋଟି ମୂର୍ତ୍ତି ଦେଖିଲୁ, ସେକଥା ତୁମେ ନିଜେ ବି ଦେଖିଥିବ, ଏବଂ ସେଗୁଡ଼ିକ ମଧ୍ୟରୁ କେତୋଟି ମୂର୍ତ୍ତି ଭାରି, ଭାରି ଅନ୍ୟ ପ୍ରକାରର ଥିଲେ । ସେଠାରେ ଆମେ ଏକାବେଳେକେ ଏକ ଅନ୍ୟ ବୁଦ୍ଧଙ୍କୁ ଦେଖିଲୁ । ଗୋଟିଏ ମୂର୍ତ୍ତିକୁ ଆମେ ଅନେକ ସମୟରେ ଦେଖିବାକୁ ପାଉଥିଲୁ, ସେଇଟିକୁ ବେଶ୍ ଏକ ପ୍ରାମାଣିକ ମୂର୍ତ୍ତି ବୋଲି କୁହାଯାଇପାରିବ; ମାତ୍ର, ସେଇଟି ବ୍ୟତୀତ ଆହୁରି ଅନେକ ବୁଦ୍ଧମୂର୍ତ୍ତି ବି ରହିଥିଲେ ଯେଉଁଗୁଡ଼ିକ କି ବୁଦ୍ଧଙ୍କର ଅନ୍ୟ ବ୍ୟକ୍ତିତ୍ୱଗୁଡ଼ିକରହିଁ ଅତି କମ୍ ପରିମାଣରେ ପ୍ରତିନିଧିତ୍ୱ କରୁଥିଲେ । ତୁମେ ପ୍ରକୃତରେ କି ଅର୍ଥରେ କଥାଟିକୁ ଜାଣିବାକୁ ଚାହୁଁଛ, ସବୁକଥା ତାହାରି ଉପରେହିଁ ନିର୍ଭର କରୁଛି । ଯଦି ତୁମେ ତାହାକୁ ଐତିହାସିକ ଅର୍ଥରେହିଁ ଗ୍ରହଣ କରିବାକୁ ଚାହୁଁଛ, ତେବେ ଯେକୌଣସି ମୂର୍ତ୍ତିକୁ ବି ସେମାନେ ବୁଦ୍ଧ ବୋଲି କହିଥାନ୍ତି । ମାତ୍ର ମୂର୍ତ୍ତିଗୁଡ଼ିକ ପ୍ରତ୍ୟେକେ ପ୍ରତ୍ୟେକଟିଠାରୁ ଭାରି ଭିନ୍ନ ହୋଇରହିଥାନ୍ତି ।

ତେଣୁ, ସେଇଟି ହେଉଛି ଗୋଟିଏ ପ୍ରଶ୍ନ । ବର୍ତ୍ତମାନ ଆମେ ସଂପୂର୍ଣ୍ଣ ଭିନ୍ନ ଆଉ ଏକ କଥା ପକାଇବା :

> *"ଅତିମାନସୀକରଣର ମାର୍ଗରେ ବୁଦ୍ଧଙ୍କର ଶିକ୍ଷାବଳୀ ବର୍ତ୍ତମାନ ମନୁଷ୍ୟସମାଜ ଲାଗି କେତେଦୂର ଏକ ପ୍ରତିବନ୍ଧକ ଅଥବା ସହାୟକ ରୂପେ କାର୍ଯ୍ୟ କରିପାରିବ ?"*

ଅଗ୍ରଗତି କରିବା ଲାଗି ଯାହାକିଛି ମନୁଷ୍ୟସମାଜକୁ ସାହାଯ୍ୟ କରିବ, ତାହା ଏକ ସହାୟକ; ଏବଂ ଯାହାକିଛି ତା'ର ଏହି ଅଗ୍ରଗତି ପଥରେ ବାଧା ହୋଇ ଠିଆହେବ, ତାହା ହେଉଛି ଏକ ପ୍ରତିବନ୍ଧକ ।

'oaob.nitrkl.ac.in' images reprocessed

ବସ୍ତୁତଃ, ଆମେ ଧମ୍ମପଦ ପୁସ୍ତକଟିକୁ* ପାଠ କରୁଛୁ ଏବଂ ତାହାରି ଉପରେ ଧ୍ୟାନ କରୁଛୁ ବୋଲି ତୁମେ ଏହି ପ୍ରଶ୍ନଟିକୁ ପଚାରିଛ । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ବିକାଶର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଏହି ଅଧ୍ୟୟନ ଭାରି ଉପଯୋଗୀ ହୋଇପାରିବ ବୋଲି ବିଚାର କରିହିଁ ମୁଁ ପୁସ୍ତକଟିକୁ ପାଠ କରିବା ଆରମ୍ଭ କରିଥିଲି । ସେହି ପୁସ୍ତକଟିରେ ଏକ ସାଧନାକୁ କେତୋଟି ସୂତ୍ରରେ ସୂତ୍ରବଦ୍ଧ କରି ଦେଖାଇ ଦିଆଯାଇଛି ଏବଂ ଯଦି କୌଣସି ବ୍ୟକ୍ତି ଲାଭଦାୟକ ଭାବରେ ସେହି ସୂତ୍ରଗୁଡ଼ିକୁ ବ୍ୟବହାର କରିପାରିବ, ତେବେ ତଦ୍ଦ୍ୱାରା ତାକୁ ଅନେକ ସାହାଯ୍ୟ ମିଳିବ । ତା' ନ ହୋଇଥିଲେ ସେହି ପାଠଟିକୁ ମୁଁ କେବେହେଲେ ଆରମ୍ଭ କରି ନ ଥାନ୍ତି । ତାହା ପ୍ରକୃତରେ କାହାର କେତେଦୂର ସହାୟକ ହେବ, ସେକଥାଟି ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରୁଛି । ଏଥିରୁ ଲାଭବାନ୍ ହେବାର ଉପାୟଟି ଆମକୁ ଜଣାଅଛି ନା ନାହିଁ, ଏକଥା ତାହାରି ଉପରେହିଁ ନିର୍ଭର କରୁଛି ।

ତା'ପରେ, ସବା ଶେଷ ପ୍ରଶ୍ନଟି ।

*"ବୁଦ୍ଧ ଏକ ଅବତାର ଥିଲେ ବୋଲି ଶ୍ରୀଅରବିନ୍ଦ କହିଛନ୍ତି ।..."*

ଆମେ ବି ଏକଥାଟିକୁ ଆଗରୁ କେତେଥର କହିଛୁ ।

ଏବଂ ତା'ପରେ, ଏଠାରେ ପ୍ରଶ୍ନଟି ଭାରି ଅସ୍ପଷ୍ଟ ହୋଇଯାଇଛି :

*"ବୁଦ୍ଧଙ୍କର ବ୍ୟକ୍ତିତ୍ୱଟିକୁ ତାଙ୍କ ଶିକ୍ଷାରୁ ଯଦି ଅଲଗା କରିନେଇ ବିଚାର କରାଯାଏ, ତେବେ ପୃଥିବୀରେ ତାଙ୍କ ବ୍ୟକ୍ତିତ୍ୱଟିର ପ୍ରକୃତରେ ଆଉ କ'ଣ ବାକୀ ରହିବ ?"*

(*ଯେଉଁ ସାଧକ ପ୍ରଶ୍ନଟିକୁ ପଚାରିଥିଲେ, ତାଙ୍କୁ*) ତୁମେ ଏପରି ଏକ ପାର୍ଥକ୍ୟ କାହିଁକି ବାହାର କରୁଛ ?

*ବୁଦ୍ଧ ଯେତେବେଳେ ନିର୍ବାଣ ମଧ୍ୟରେ ପ୍ରବେଶ କଲେ, ସେତେବେଳେ ତାଙ୍କର ଶିକ୍ଷା ମଧ୍ୟ ଏଣିକି ସ୍ମୃତିଚିହ୍ନ ଭିତରେ ରହିବ ବୋଲି କୁହାଯାଇଥିଲା ।*

---

* ବେଶ୍ କେତେମାସ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ସାନପିଲାଙ୍କର କ୍ଲାସରେ ମାଆ ବୌଦ୍ଧଧର୍ମର ପବିତ୍ରତମ ପୁସ୍ତକ ଧମ୍ମପଦରୁ କେତୋଟି ପଦ ପାଠ କରୁଥିଲେ ।

'oaob.nitrkl.ac.in' images reprocessed

ସ୍ମୃତିଚିହ୍ନ ଭିତରେ । ତେବେ ତାହାର ଅର୍ଥ ହେଉଛି ଯେ ଦୁଇଟିଯାକ କଥା ସର୍ବଦା ଏକତ୍ର ହୋଇ ରହିବେ । ତୁମେ ଯେ ସେଗୁଡ଼ିକୁ କାହିଁକି ଅଲଗା ଅଲଗା କରି ଦେଖୁଛ, ମୁଁ ସେହି କଥାଟିକୁ ଆଦୌ ବୁଝିପାରୁ ନାହିଁ । ତାଙ୍କ ଶିକ୍ଷା ମଧ୍ୟରେ ବି ସ୍ୱଭାବତଃ ତାଙ୍କ ପ୍ରଭାବର କିଛି ଅଂଶ ଅବଶ୍ୟ ରହିଛି । ଏବଂ, ମାନସିକ କ୍ଷେତ୍ରରେ ତାଙ୍କର ଶିକ୍ଷାହିଁ ତାଙ୍କର ପ୍ରଭାବକୁ ପ୍ରସାରିତ କରିଦେଉଛି ।

ତାଙ୍କ ଶିକ୍ଷାକୁ ଛାଡ଼ିଦେଲେ, ସେ ପ୍ରତ୍ୟକ୍ଷ ଭାବରେ ଯେଉଁ କ୍ରିୟା କରିଥିଲେ, ତାହା ଅତି ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଥିଲା । ସେହି ବ୍ୟକ୍ତିମାନେ ସେହି ଧର୍ମଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ରଖିଥିଲେ ଏବଂ ସେଗୁଡ଼ିକୁ ଆହ୍ୱାନ କରି ଆଣିବାର ଶକ୍ତି ମଧ୍ୟ ସେମାନଙ୍କର ରହିଥିଲା । ମାତ୍ର, ତାଙ୍କର କ୍ରିୟାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶଟି, ହୁଏତ ପ୍ରାୟ ସମସ୍ତ ଅଂଶଟି ତାଙ୍କର ଶିକ୍ଷାଟି ସହିତହିଁ ସଂଯୁକ୍ତ, ସମ୍ମିଳିତ ଓ ଏକଲୀନ ହୋଇରହିଛି । ତେଣୁ, ଏହି କ୍ଷେତ୍ରରେ ଏକ ପାର୍ଥକ୍ୟ ବାହାର କରିବା ପ୍ରକୃତରେ ଭାରି କଷ୍ଟକର ।

(*କିଛି ସମୟ ନୀରବ ରହି*) ବିଭିନ୍ନ ସତ୍ତାଙ୍କ ମଧ୍ୟରେ ଅବତାର ଗ୍ରହଣ କରିଥିବା ଦିବ୍ୟ ପରମଶକ୍ତିର ସେହି ନାନାବିଧ ରୂପ ପ୍ରତ୍ୟେକ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅବତାର ଗ୍ରହଣ କରିଛି, ଏକ ନିର୍ଦ୍ଦିଷ୍ଟ କ୍ରିୟାର ସାଧନ ଲାଗି ବିଶ୍ୱବିକାଶର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେହିଁ ତାହା ଅବତାର ଗ୍ରହଣ କରିଛି । ମାତ୍ର ମର୍ମତଃ ବିଚାର କଲେ ସେଗୁଡ଼ିକୁ କେବଳ ସେହି ଏକ ପରମସତ୍ତାଙ୍କରହିଁ ବିଭିନ୍ନ ବିଭାବ ବୋଲି କହିବାକୁ ହେବ । ତେଣୁ କ୍ରିୟାଟି ମଧ୍ୟରେ ପ୍ରକୃତରେ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଟି ନିହିତ ହୋଇରହିଛି, ପାର୍ଥକ୍ୟଟି ମଧ୍ୟ ସେହିଠାରେ ରହିଛି । ତା' ନ ହେଲେ ସର୍ବଦା କେବଳ ସେହି ଗୋଟିଏ ପରମସତ୍ୟ, ସେହି ଗୋଟିଏ ପରମ-ସାମର୍ଥ୍ୟ ଏବଂ ସେହି ଏକ ଶାଶ୍ୱତ ମହାଜୀବନ ଏହିସବୁ ରୂପର ମଧ୍ୟଦେଇ ଆପଣାକୁ ପ୍ରକଟ କରିଦେଉଛି, ଏବଂ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, ଏକ ନିର୍ଦ୍ଦିଷ୍ଟ କାରଣ ଦ୍ୱାରା ପ୍ରେରିତ ହୋଇ ଏବଂ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସାଧନ ସକାଶେ ଏହିସବୁ ରୂପର ସୃଷ୍ଟି କରୁଛି । ତାହାହିଁ ଇତିହାସରେ ସଂରକ୍ଷିତ ହୋଇରହୁଛି; ମାତ୍ର ଶାଶ୍ୱତ ଧାରାଟି ମଧ୍ୟରେ ଏହିଭଳି ନାନା ନୂତନ ରୂପ ନୂତନ ଅଗ୍ରଗତି ସକାଶେ ନିମିତ୍ତରୂପେ ବ୍ୟବହୃତ ହେଉଛନ୍ତି । ଏକ ସ୍ପନ୍ଦନ କିଛି ସମୟ ସ୍ଥାୟୀ ହୋଇ ରହିଲା ପରି ହୁଏତ ପୁରାତନ ରୂପଗୁଡ଼ିକ ସ୍ଥାୟୀ ହୋଇ ରହିପାରୁଛନ୍ତି, ମାତ୍ର ଇତିହାସରେ ସେମାନଙ୍କ ଦ୍ୱାରା ସାଧିତ ହେଉଥିବା ଉଦ୍ଦେଶ୍ୟଟିକୁ କେବଳ ତାତ୍କାଳିକ ବୋଲିହିଁ କୁହାଯିବ, ଏବଂ, ଯେପରି ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇ ପାରିବ, ସେଥିଲାଗି ଗୋଟିଏ ରୂପର ସ୍ଥାନାପନ୍ନ ଭାବରେ ଆଉଗୋଟିଏ ରୂପର ସୃଷ୍ଟି ହେବାରେ ଲାଗିଛି । ଏହି କ୍ଷେତ୍ରରେ ମନୁଷ୍ୟସମାଜ

'oaob.nitrkl.ac.in' images reprocessed

ଯେଉଁ ଭୁଲଟିକୁ କରି ପକାଉଛି, ସେଇଟି ହେଉଛି ଯେ, ଯାହା ପଛରେ ପଡ଼ିରହୁଛି, ସିଏ ତାହାରି ସହିତ ଲଟକି ରହିଯାଉଛି, ସେଇଟିକୁ ମୋଟେ ଛାଡ଼ିପାରୁ ନାହିଁ ଏବଂ ଅତୀତଟାକୁହିଁ ଅନନ୍ତକାଳ ଲାଗି ସ୍ଥାୟୀ କରି ରଖିବା ପାଇଁ ଇଚ୍ଛା କରୁଛି । ଯେଉଁ ସମୟରେ ଏଗୁଡ଼ିକର ଉପଯୋଗିତା ରହିଛି, ଏଗୁଡ଼ିକୁ ଠିକ୍ ସେହି ସମୟରେହିଁ କାମରେ ଲଗାଇବା ଉଚିତ । କାରଣ ପ୍ରତ୍ୟେକ ବ୍ୟକ୍ତିକ୍ଷେତ୍ରୀୟ ବିକାଶର ସର୍ବଦା ଏକ ଇତିହାସ ରହିଛି; ତୁମେ ଆପଣାର ସାଧନାମାର୍ଗରେ ସମ୍ଭବତଃ ଏପରି ଅନେକ ପର୍ଯ୍ୟାୟ ମଧ୍ୟଦେଇ ଗତି କରି ଯାଉଥିବ, ଯେଉଁଥିରେ କି ଏହିସବୁ ସାଧନାର ମଧ୍ୟ ସାମୟିକ ଭାବରେ ଏକ ପ୍ରୟୋଜନ ରହିଥିବ । ମାତ୍ର, ସେହି ମୁହୂର୍ତ୍ତଟିକୁ ଅତିକ୍ରମ କରି ଗଲାପରେ ତୁମକୁ ଅନ୍ୟକିଛି ଭିତରେ ଯାଇ ପ୍ରବେଶ କରିବାକୁ ପଡ଼ିବ । ପୂର୍ବ ସାଧନାଟିର ଏକ ଐତିହାସିକ ଦୃଷ୍ଟିରୁ ଯେ ଏକ ପ୍ରୟୋଜନ ରହିଥିଲା, ତୁମେ ସେଇଟିକୁ ନିଶ୍ଚୟ ହୃଦୟଙ୍ଗମ କରିବ ସତ, ମାତ୍ର ସେଇଟି ତୁମର ବର୍ତ୍ତମାନ ସାଧନାରେ କୌଣସି ପ୍ରକାରେ ଉପଯୋଗୀ ହୋଇପାରୁ ନ ଥିବ । ଉଦାହରଣ ସ୍ୱରୂପ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନେ ବିକାଶ ଏବଂ ମାନସିକ ନିୟନ୍ତ୍ରଣର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଯାଇ ପହଞ୍ଚି ପାରିଛନ୍ତି, ମୁଁ ସେମାନଙ୍କୁ କଦାପି କହିବି ନାହିଁ, "ତୁମେ ଧମ୍ମପଦ ପୁସ୍ତକଟିକୁ ପଢ଼ ଓ ତାହାରି ଉପରେ ଧ୍ୟାନସ୍ଥ ହୁଅ ।" କାରଣ, ତଦ୍ୱାରା ସେମାନଙ୍କର ସମୟ କେବଳ ନଷ୍ଟହିଁ ହେବ । ଯେଉଁଠାରେ ଏହାର ପ୍ରୟୋଜନ ରହିଛି, ଯେଉଁମାନେ ସେହି ଅବସ୍ଥାଟିକୁ ଅତିକ୍ରମ କରି ନାହାନ୍ତି, ସେହିମାନଙ୍କୁହିଁ ମୁଁ ତାହା କରିବା ଲାଗି କହିବି । ମାତ୍ର ମଣିଷ ସବୁବେଳେ ନିଜ କାନ୍ଧ ଉପରେ ଏକ ଅଶେଷ ବୋଝକୁ ଲଦିହିଁ ଗତି କରୁଥାଏ । ଅତୀତର ଏତେଟିକିଏ ବିଷୟକୁ ବି ସେ ପିଠି ଉପରୁ ଖସାଇ ପକାଇ ଦେବାକୁ ଓ ଛାଡ଼ି ଚାଲିଯିବାକୁ ଇଚ୍ଛାକରେ ନାହିଁ ଏବଂ ତାହାରି ଫଳରେ ଏକ ଅନୁପଯୋଗୀ ବୃହଦାକାର ସଂଗ୍ରହର ଓଜନ ଦ୍ୱାରା ଚାପି ହୋଇ ତାକୁ ଅଧିକରୁ ଅଧିକ ପରିମାଣରେ ନଇଁ ନଇଁ ଯିବାକୁହିଁ ପଡୁଥାଏ ।

ତୁମ ଯାତ୍ରାର ଗୋଟିଏ ଅଂଶରେ ତୁମ ଲାଗି ଏକ ମାର୍ଗଦର୍ଶକ ଅବଶ୍ୟ ରହିବ; ମାତ୍ର, ତୁମେ ସେହି ଅଂଶଟିକୁ ଶେଷ କରିଦେବା ପରେ ତୁମକୁ ସେହି ମାର୍ଗ ଏବଂ ସେହି ମାର୍ଗଦର୍ଶକଙ୍କୁ ଛାଡ଼ିକରି ଚାଲିଯିବାକୁହିଁ ପଡ଼ିବ । ତୁମକୁ ଆହୁରି ଆଗକୁ ବାହାରି ଯିବାକୁ ପଡ଼ିବ । ମନୁଷ୍ୟମାନେ ଏହି କଥାଟିକୁ ସହଜରେ କରିପାରନ୍ତି ନାହିଁ । ଯେତେବେଳେ ସେମାନେ ସେମାନଙ୍କୁ ସାହାଯ୍ୟ କରିବା ଭଳି କିଛି ପାଇଥାନ୍ତି, ସେତେବେଳେ ସେମାନେ ସେହିଗୁଡ଼ିକ ସହିତହିଁ ଲାଖି ରହନ୍ତି, ଆଉ ମୋଟେ ଆଗକୁ ଯିବାକୁ ଇଚ୍ଛା କରନ୍ତି ନାହିଁ । ଖ୍ରୀଷ୍ଟିଆନ୍ ଧର୍ମର ସାହାଯ୍ୟ ନେଇ ଯେଉଁମାନେ ଅଗ୍ରଗତି ହାସଲ କରିଛନ୍ତି, ସେମାନେ ତାହାକୁ ଛାଡ଼ି ଆଦୌ ବାହାରି ଆସିବାକୁ ମନ କରନ୍ତି ନାହିଁ ଓ ତାହାକୁ କାନ୍ଧ ଉପରେ

'oaob.nitrkl.ac.in' images reprocessed

ଧରି ବାଟ ଚାଲୁଥାନ୍ତି । ବୌଦ୍ଧଧର୍ମର ସାହାଯ୍ୟ ନେଇ ଯେଉଁମାନେ ଅଗ୍ରଗତି କରିଥାନ୍ତି, ସେମାନେ ବି ସେଇଟିକୁ ଛାଡ଼ିବା ଲାଗି ମୋଟେ ମନ କରନ୍ତି ନାହିଁ ଏବଂ ତାହାକୁ କାନ୍ଧରେ ବୋହି ରହିଥାନ୍ତି । ଏହାଦ୍ୱାରା ଅଗ୍ରଗତିଟି ବାଧାପ୍ରାପ୍ତ ହୋଇଥାଏ ଏବଂ ତୁମର ଯାତ୍ରା ଅନିର୍ଦ୍ଦିଷ୍ଟ ଭାବରେ ବିଳମ୍ବିତ ହୋଇରହେ ।

ତୁମେ ଯେତେବେଳେ ଗୋଟିଏ ପର୍ଯ୍ୟାୟକୁ ଅତିକ୍ରମ କରି ସାରିଲଣି, ସେତେବେଳେ ତାହାକୁ ଛାଡ଼ିଦେଇ ଚାଲିଆସ । ସେଇଟି ଯେଉଁଠି ଥିଲା, ସେଇଠି ରହୁ । ତୁମେ ଆଗକୁ ବାହାରିଯାଅ !

*ମାଆ, ବୌଦ୍ଧଧର୍ମର ପୁନରୁତ୍ଥାନ ଲାଗି ଏବେ ଯେଉଁ ଧାର୍ମିକ-ରାଜନୈତିକ ଆନ୍ଦୋଳନଟି ଚାଲିଛି...*

କ'ଣ କହିଲ ? ଆଚ୍ଛା, ବୁଝିଲି । ରାଜନୀତିରେ ମୁଁ କଦାପି ଭାଗ ନିଏ ନାହିଁ । ସେଥିରେ ଆଦୌ କୌଣସି ଲାଭ ନାହିଁ । କେବଳ ରାଜନୀତିକ ଅଭିପ୍ରାୟମାନ ଚରିତାର୍ଥ କରିବା ଲାଗି ଅନେକ ଲୋକ ନାନା ବିଷୟକୁ ଆଣି କାମରେ ଲଗାନ୍ତି, ମାତ୍ର ସେଥିରେ ଯଥାର୍ଥ ଆଗ୍ରହ ଦେଇ ପାରିଲାଭଳି ପ୍ରକୃତରେ ଆଦୌ କିଛି ନ ଥାଏ ।

'oaob.nitrkl.ac.in' images reprocessed

## ୯ ଅକ୍ଟୋବର ୧୯୫୭

ମାଆ "ଅତିମାନସ ଅଭିବ୍ୟକ୍ତି" ପୁସ୍ତକର
ଶେଷ କେତୋଟି ପୃଷ୍ଠା ପାଠ କଲେ ।

*"ଏହି ଯେଉଁ ସ୍ଥୂଳ ଜଗତଟି ଆମକୁ ଅଜ୍ଞାନରହିଁ ଏକ ଜଗତ ବୋଲି ବୋଧ ହେଉଛି, ଏକ ଅନ୍ଧ ଏବଂ ଅଚେତନ ଶକ୍ତି ଅଚେତନାରୁ ବାହାରି ଅଜ୍ଞାନର ମଧ୍ୟଦେଇ ଅତି କଷ୍ଟରେ ଏକ ଅପୂର୍ଣ୍ଣତାଯୁକ୍ତ ଆଲୋକ ଏବଂ ଜ୍ଞାନ ଆଡ଼କୁ ଧାବିତ କରିରଖିଛି, ଯେଉଁ ସ୍ଥୂଳ ଜଗତଟି ଆମକୁ ତାହାରି କାର୍ଯ୍ୟର ଏକ ପରିଣାମ ବୋଲି ବୋଧ ହେଉଛି, ଏଠାରେ ସକଳ ବସ୍ତୁରେ ତଥାପି ଏକ ପ୍ରଚ୍ଛନ୍ନ ପରମ ସତ୍ୟ ବିଦ୍ୟମାନ ରହିଛି, ଯାହାକି ସବୁକିଛିକୁ ଗଢାଇ ରଖୁଛି, ସତ୍ତାର ନାନା ପରସ୍ପର ବିରୋଧୀ ଶକ୍ତିକୁ ସେହି ଯଥାର୍ଥ ଆତ୍ମକେନ୍ଦ୍ରଟି ଆଡ଼କୁ ପଥପ୍ରଦର୍ଶନ କରି ନେଇଯାଉଛି ଏବଂ ଆପଣାର ଏପରି ଏକ ଉଚ୍ଚତାକୁ ଆରୋହଣ କରିବାରେ ଲାଗିଛି, ଯେଉଁଠାରେ କି ତାହା ଆପଣାର ଉଚ୍ଚତମ ସତ୍ୟଟିକୁ ପ୍ରକାଶିତ କରିଦେଇ ପାରିବ ଏବଂ ଏହି ବିଶ୍ୱସର୍ଜନାର ଗୁପ୍ତ ଉଦ୍ଦେଶ୍ୟଟିକୁ ପୂର୍ଣ୍ଣ କରିପାରିବ । ଜୀବନର ନିବାସ ଏହି ସ୍ଥୂଳ ପୃଥିବୀଟି ମଧ୍ୟ ବସ୍ତୁଗୁଡ଼ିକରେ ନିହିତ ହୋଇ ରହିଥିବା ସତ୍ୟର ଏପରି ଗୋଟିଏ ଛାଞ୍ଚ ଅନୁସାରେ ତିଆରି ହୋଇଛି, ଯାହାକୁ କି ଆମେ ପ୍ରକୃତିର ବିଧାନ ବୋଲି କହୁଛୁ, ସେହି ସତ୍ୟରୁହିଁ ଆମେ ଆହୁରି ଉପରକୁ ଆରୋହଣ କରି ଏକ ବୃହତ୍ତର ସତ୍ୟ ଆଡ଼କୁ ଗତି କରୁଛୁ ଏବଂ ଶେଷରେ ସର୍ବୋଚ୍ଚ ପରମସତ୍ତାଙ୍କର ଆଲୋକଟି ମଧ୍ୟରେ ଯାଇ ଉପନୀତ ହୋଇପାରୁଛୁ । ଏହି ପୃଥିବୀ ପ୍ରକୃତରେ ପ୍ରକୃତି ମଧ୍ୟରେ ରହିଥିବା କୌଣସି ଅନ୍ଧ ଶକ୍ତି ଦ୍ୱାରା ଆଦୌ ତିଆରି ହୋଇ ନାହିଁ । ଏପରିକି ଅଚେତନା ମଧ୍ୟରେ ବି ସେହି ସର୍ବୋଚ୍ଚ ପରମସତ୍ୟର ଉପସ୍ଥିତି କ୍ରିୟାଶୀଳ ହୋଇରହିଛି । ଏହି ପୃଥିବୀର ପଶ୍ଚାତରେ ଏପରି ଏକ ଦର୍ଶନସମର୍ଥ ପରମଶକ୍ତି ଅବସ୍ଥିତ ରହିଛି ଯାହାକି ଭ୍ରମାତୀତ ଭାବରେ କାର୍ଯ୍ୟ କରିବାରେ ଲାଗିଛି ଏବଂ ସ୍ୱୟଂ ଅଜ୍ଞାନର ସୋପାନଗୁଡ଼ିକ ମଧ୍ୟ ତାହାରି ଦ୍ୱାରା ପରିଚାଳିତ ହେଉଛନ୍ତି; ଏପରିକି, ବାହାରୁ ଝୁଣ୍ଟିପଡ଼ିବା ପରି ମନେ ହେଉଥିବା ସମୟରେ ମଧ୍ୟ ସେମାନେ ତାହାରି ଦ୍ୱାରା ପରିଚାଳିତ ହେଉଛନ୍ତି ।*

'oaob.nitrkl.ac.in' images reprocessed

ଯାହାକୁ ଆମେ ଅଜ୍ଞାନ ବୋଲି କହୁଛୁ, ତାହା ହେଉଛି ପ୍ରକୃତରେ ଏକ ଆଚ୍ଛାଦିତ ହୋଇ ରହିଥିବା ଜ୍ଞାନ; ସେହି ଜ୍ଞାନ ଏପରି ଗୋଟିଏ ଶରୀରରେ କ୍ରିୟା କରୁଛି, ଯାହାକି ତାହାର ନିଜର ଶରୀର ନୁହେଁ, ମାତ୍ର ସେହି ଶରୀର ତା' ନିଜର ସେହି ସର୍ବୋଚ୍ଚ ଆତ୍ମ-ଆବିଷ୍କାର ଆଡ଼କୁହିଁ କ୍ରମାଗ୍ରସର ହୋଇ ଚାଲିଛି । ଏହି ଜ୍ଞାନକୁ ଆମେ ଯଥାର୍ଥରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଅତିମାନସ ବୋଲିହିଁ କହିବା, ଯାହାକି ସମୁଦାୟ ସୃଷ୍ଟିର ଅବଲମ୍ବନ ହୋଇରହିଛି, ଯାହା ସମସ୍ତଙ୍କୁ ତା' ଆପଣା ଆଡ଼କୁ ପରିଚାଳିତ କରାଇ ନେଉଛି ଏବଂ ସ୍ୱତନ୍ତ୍ର ଓ ଅଲଗା ଭାବରେ ଆପଣା ଆପଣାର ପ୍ରକୃତିଗତ ବିଧାନଟିରହିଁ ଅନୁସରଣ କରୁଥିବା ପରି ମନେ ହେଉଥିବା ଏହି ଯାବତୀୟ ଅନେକାନେକ ମନ, ଜୀବନ ଏବଂ ବସ୍ତୁଗୁଡ଼ିକୁ ତାହାହିଁ ପରିଚାଳିତ କରି ନେଇଯାଉଛି । ଏହି ବିରାଟ ଏବଂ ଆପାତ ଭାବରେ ବିଭ୍ରାନ୍ତ ହୋଇରହିଥିବା ଜୀବନମଣ୍ଡଳ ଭିତରେ ଏକ ବିଧାନ ଅବଶ୍ୟ କାର୍ଯ୍ୟ କରୁଛି, ସତ୍ତାର ଏକ ଏକକ ସତ୍ୟ କାର୍ଯ୍ୟ କରୁଛି, ବିଶ୍ୱ-ଅସ୍ତିତ୍ୱ ମଧ୍ୟରେ ରହିଥିବା ଏକ ଉଦ୍ଦେଶ୍ୟହିଁ ସବୁକିଛିକୁ ପରିଚାଳିତ କରିନେଉଛି, ସବୁକିଛିକୁ ପରିପୂର୍ଣ୍ଣ କରୁଛି । ଏଠାରେ ଅତିମାନସ ଆବରଣ ତଳେ ରହିଛି ଓ ସତ୍ତା ତଥା ଆତ୍ମଜ୍ଞାନର ସ୍ୱବୈଶିଷ୍ଟ୍ୟଯୁକ୍ତ ବିଧାନ ଅନୁସାରେ ତାହା ଏଠାରେ କାର୍ଯ୍ୟ କରୁ ନାହିଁ । ମାତ୍ର ସେଇଟି ବ୍ୟତୀତ କେହି କଦାପି ଆପଣାର ଲକ୍ଷ୍ୟରେ ଯାଇ ପହଞ୍ଚିପାରୁ ନ ଥାନ୍ତେ । ଏକ ଅଜ୍ଞାନଗ୍ରସ୍ତ ମନ ଦ୍ୱାରା ପରିଶାସିତ ଏକ ପୃଥିବୀ ଅଚିରେ ଅରାଜକତା ମଧ୍ୟକୁହିଁ ଭ୍ରଷ୍ଟ ହୋଇ ଯାଉଥାନ୍ତା । ବସ୍ତୁତଃ, ତାହାର ହୁଏତ କୌଣସି ଅସ୍ତିତ୍ୱହିଁ ସମ୍ଭବ ହୋଇ ନ ଥାନ୍ତା; ଯେଉଁ ପ୍ରଚ୍ଛନ୍ନ ପରମ ସର୍ବଜ୍ଞାନର ତାହା ଏକ ଆବରଣ ରୂପେ କାର୍ଯ୍ୟ କରୁଛି, ତାହାକୁହିଁ ଅବଲମ୍ବନ କରି ରହି ନ ଥିଲେ ଏହି ପୃଥିବୀର କୌଣସି ସ୍ଥିତିହିଁ ନ ଥାନ୍ତା । ଯଦି ଏକ ଅନ୍ଧ ଓ ଅଚେତନ ଶକ୍ତି ଦ୍ୱାରା ଏହି ପୃଥିବୀ ଶାସିତ ହେଉଥାନ୍ତା, ତେବେ ଏହି କ୍ଷେତ୍ରରେ ସେହି ଗୋଟିଏ ପ୍ରକାରର ଏକ ଯନ୍ତ୍ରବତ୍ କ୍ରିୟାତ୍ମକତାରହିଁ ଏଠି ପୁନରାବୃତ୍ତି ହୋଇ ଚାଲିଥାନ୍ତା, ଏବଂ, ତାହାର ଆଦୌ କୌଣସି ଅର୍ଥ ନ ଥାନ୍ତା ବା ତାହା କୌଣସି ପ୍ରକାର ଗନ୍ତବ୍ୟସ୍ଥାନରେ ଯାଇ ପହଞ୍ଚି ବି ପାରୁ ନ ଥାନ୍ତା । ଯେଉଁ ବିବର୍ତ୍ତନ ଦ୍ୱାରା ଜଡ଼ରୁ ପ୍ରାଣର ସୃଷ୍ଟି ହୋଇଛି, ପ୍ରାଣରୁ ମନର ସୃଷ୍ଟି ହୋଇଛି, ଏବଂ, ଜଡ଼, ପ୍ରାଣ ଏବଂ ମନର ସେହି ସୋପାନକ୍ରମଟି ଅତିମାନସର ଆବିର୍ଭାବ ମଧ୍ୟରେ ଯାଇ ପରିପୂର୍ଣ୍ଣତା ଲାଭ

'oaob.nitrkl.ac.in' images reprocessed

*କରୁଛନ୍ତି, ଏକ ଅଚେତନ ଶକ୍ତିକୁ କଦାପି ସେହି ବିବର୍ତ୍ତନର କାରଣ ବୋଲି କୁହାଯାଇ ପାରିବ ନାହିଁ । ଅତିମାନସ ସୋପାନକୁ ଆସି ଯେଉଁ ସଂଗୁପ୍ତ ହୋଇ ରହିଥିବା ସତ୍ୟଟିର ପ୍ରକାଶ ଘଟୁଛି, ତାହା ସେହି ପୃଥିବୀରେ ଆବହମାନ କାଳରୁହିଁ ଅବସ୍ଥିତ ରହିଛି; ମାତ୍ର ବର୍ତ୍ତମାନ ତାହା ଅଭିବ୍ୟକ୍ତି ଲାଭ କରିବାକୁ ଯାଉଛି, ତଥା, ବସ୍ତୁଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟଟିକୁ ଏବଂ ଆମ ଜୀବନର ଯଥାର୍ଥ ତାତ୍ପର୍ଯ୍ୟଟିକୁ ବି ତାହା ଉଦ୍‌ଘାଟିତ କରିଦେବାକୁ ଯାଉଛି ।''*

ଅତିମାନସ ଅଭିବ୍ୟକ୍ତି (ଇଂ), ପୃଷ୍ଠା ୭୩-୭୪

ପ୍ରକୃତରେ ଏହା ଏହିଠାରେ ଶେଷ ହେବାର ନ ଥିଲା । ତାହା ସେହି ପର୍ଯ୍ୟନ୍ତ ଆସିହିଁ ବନ୍ଦ ହୋଇଗଲା । ଏହାପରେ ଆହୁରି ଅନେକ କଥା ଲେଖା ହୋଇଥାନ୍ତା...

(*ମାଆ ନୀରବ ରହିଲେ*)

ତେବେ ଆଜି କୌଣସି ପ୍ରଶ୍ନୋତ୍ତର ବିନା ଏଇଠି କ'ଣ ସମାପ୍ତ କରିବା ?

*ମାଆ, ଏହି ଶେଷ ପାରାଟିରେ ଯାହାସବୁ କୁହାଯାଇଛି, ସେହି ବିଷୟରେ ମୋ'ର ପ୍ରଶ୍ନଟିଏ ରହିଛି । ଯଦି ଅତିମାନସ ସକଳ ବସ୍ତୁର ପଶ୍ଚାତରେ ଗୁପ୍ତ ହୋଇରହିଛି, ତେବେ ତାହାର ସନ୍ଧାନ ପାଇବା ଏତେ କଷ୍ଟକର ହେଉଛି କାହିଁକି ?*

କାରଣ ତାହା ଗୁପ୍ତ ହୋଇ ରହିଛି ! (*ସମସ୍ତେ ହସିଲେ*)

*ଏହା ତ ଅଜ୍ଞାନ ଭିତରେ ମଧ୍ୟ କାର୍ଯ୍ୟ କରୁଛି । ତାହା ପରମସତ୍ୟ ଆଡ଼କୁ ପରିଚାଳିତ କରି ନେଉଛି ।...*

ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି ଯେ ଯଦି ଅତିମାନସ ସତ୍ୟ ବସ୍ତୁଗୁଡ଼ିକ ପଛରେ ଅବସ୍ଥିତ ନ ଥାନ୍ତା, ତେବେ ପୃଥିବୀର ସଂଗଠନହିଁ ସମ୍ଭବ ହୋଇ ନ ଥାନ୍ତା; ବର୍ତ୍ତମାନ ଏଥିରେ ଯେତିକି ସଂଗଠନ ରହିଛି, ସେତିକି ମଧ୍ୟ ସମ୍ଭବ ହୋଇ ନ ଥାନ୍ତା । ଆମେ ଏଠାରେ

'oaob.nitrkl.ac.in' images reprocessed

ଏପରି ଏକ ଚେତନା ରହିଥିବାର ଅନୁଭବ କରୁଛୁ, ଯାହାକି ଏକ ସନ୍ଦୀପିତ ଇଚ୍ଛା ସହିତ ସମ୍ମିଳିତ ହୋଇରହିଛି ଏବଂ ତାହାହିଁ ଏକ ସୁନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ସବୁକିଛିକୁ ସଂଗଠିତ କରିରଖିଛି । ଏହି ସଂଗଠନ କଦାପି କୌଣସି ଅଜ୍ଞାନ କିଂବା କୌଣସି ଅଚେତନତା ଦ୍ୱାରା ସମ୍ଭବ ହୋଇ ନ ଥାନ୍ତା । ବସ୍ତୁତଃ, ଅତିମାନସ ବା ସେହି ପରମ ଋତ-ଚିତ୍ ଯେ ସକଳ ବସ୍ତୁର ପଶ୍ଚାତରେ ଅବସ୍ଥିତ ରହିଛି, ତାହା ଅନୁଭବ କରିବା ଯେ ତୁମ ପକ୍ଷରେ କଷ୍ଟକର ହେଉଛି, ତାହାହିଁ ତୁମର ବ୍ୟକ୍ତିସ୍ତରୀୟ ଅଜ୍ଞାନ ଏବଂ ଅଚେତନାର ପ୍ରକୃତ ମାତ୍ରାଟିର ସଙ୍କେତ ଆଣି ଦେଇଯାଉଛି । ମାତ୍ର ଯେଉଁମାନେ ସେହି ଅଜ୍ଞାନ ଏବଂ ଅଚେତନାରୁ ବାହାରି ଆସିପାରିଛନ୍ତି, ସେମାନେ ଏହାକୁ ପରିଷ୍କାର ଭାବରେ ଦେଖିପାରୁଛନ୍ତି । ଆମେ ପ୍ରତ୍ୟେକେ ଚେତନାର କେଉଁ ସ୍ଥିତିଟିରେ ଅବସ୍ଥିତ ରହିଛୁ, କଷ୍ଟକର ହେବାଟି ତାହାରି ଉପରେହିଁ ନିର୍ଭର କରୁଛି । ମାତ୍ର ଯିଏ ଅଚେତନତାର ଏହି ଅବସ୍ଥାଟିକୁ ପାର ହୋଇଯାଇଛି, ଅତିମାନସର ସନ୍ଧାନ ଲାଭ କରିବା ତାହା ପକ୍ଷରେ ଆଦୌ କଷ୍ଟକର ହେବ ନାହିଁ । ସେହି ବ୍ୟକ୍ତି ପାଖରେ ତାହା ଅତ୍ୟନ୍ତ ସ୍ପଷ୍ଟବୋଧ ହୋଇ ରହିଥିବ ।

*(ମାଆ ନୀରବ ରହିଲେ)*

ଯଦି କୌଣସି ବ୍ୟକ୍ତି ଆପଣାକୁ ନେଇ କେତେକ ପରିମାଣରେ ଏକ ଦାର୍ଶନିକ, ମନସ୍ତାତ୍ତ୍ୱିକ ଏବଂ ଆଶୟଗତ ଚେତନା ମଧ୍ୟରେ ପ୍ରବିଷ୍ଟ କରାଇପାରିବ, ତେବେ ସେ ଖୁବ୍ ସହଜରେ ବସ୍ତୁଗୁଡ଼ିକର ଗୋଟାଏ ପ୍ରକାରର "ବସ୍ତୁସ୍ୱଭାବୀୟ ଅସତ୍ୟତା" ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରିବ । ଏବଂ, ସାଧାରଣ ଚେତନାରେ ଯାହା ଏକମାତ୍ର ପ୍ରକୃତ, ସାକାର, ମୂର୍ତ୍ତ ଏବଂ ପରିମେୟ ବସ୍ତୁ ବୋଲି ପରିଦୃଷ୍ଟ ହୋଇଥାଏ, ତାହା ଅନ୍ୟ କ୍ଷେତ୍ରଟିରେ ସତେଅବା ଅତ୍ୟନ୍ତ ତରଳ ଓ ପ୍ରାୟ ଉପାଦାନହୀନ ଭଳି ଦେଖା ଯାଉଥାଏ । ଯେଉଁ ଚେତନା ତାହାକୁ ସତ୍ୟ ବୋଲି ଦେଖେ, କେବଳ ସେହି ଚେତନା ଲାଗିହିଁ ତାହାର ଏକ ସତ୍ୟତା ରହିଥାଏ । ଚେତନାର ବୋଧସମର୍ଥତା ଅନୁସାରେ ବସ୍ତୁର ସତ୍ୟଟି ମଧ୍ୟ ସଂପୂର୍ଣ୍ଣ ଭାବରେ ବଦଳି ଯାଉଥାଏ ଏବଂ ଅନେକ ସମୟରେ ବେଶ୍ ପରସ୍ପର ବିରୋଧୀ ପରି ମଧ୍ୟ ମନେହୁଏ । ପୃଥିବୀ ସମ୍ବନ୍ଧରେ ପ୍ରଦତ୍ତ ବିଭିନ୍ନ ବ୍ୟାଖ୍ୟାକୁ ଯଦି ଆମେ ଆମ ସମ୍ମୁଖରେ ରଖି ବିଚାର କରିବାକୁ ଯିବା, ଏହି ବ୍ୟାଖ୍ୟାଗୁଡ଼ିକୁ ଯେପରି ବିଭିନ୍ନ ପ୍ରକାରେ ବ୍ୟକ୍ତ କରାଯାଇଛି, ଯଦି ଆମେ ସେଗୁଡ଼ିକର ବିଚାର କରିବା, ତେବେ ତାହାର ଫଳସ୍ୱରୂପ ଆମର ଯେଉଁ ବିଭିନ୍ନ ଧାରଣା ହେବ, ତାହା ଅନେକ ସମୟରେ ପରସ୍ପରର ସଂପୂର୍ଣ୍ଣ

'oaob.nitrkl.ac.in' images reprocessed

ବିପରୀତ ବୋଲି ମନେ ହେବେ, ମାତ୍ର ଆମେ ସେଗୁଡ଼ିକୁ ପ୍ରକୃତରେ ସେହି ଗୋଟିଏ ବସ୍ତୁ ବିଷୟରେ ବିଭିନ୍ନ ଚେତନାର ଭିନ୍ନ ଭିନ୍ନ ପ୍ରତୀତି ବୋଲିହିଁ ଜାଣିବା । ବସ୍ତୁତଃ, ଏହି ଶେଷ ପାରାଟିରେ ଆମ ଆଗରେ ଏକ ଚୂଡ଼ାନ୍ତ ସତ୍ୟର ଉପସ୍ଥାପନା କରି କୁହାଯାଇଛି ଯେ, ଏହି ପୃଥିବୀ ବୋଲି ଏଠାରେ ଯାହାକିଛି ଅଛି, ଆମେ ସେଗୁଡ଼ିକୁ କେବଳ ସେହି ଦିବ୍ୟ ପରମ ଇଚ୍ଛାଙ୍କରହିଁ ସମଗ୍ର ଏବଂ ସଂପୂର୍ଣ୍ଣ ଅଭିବ୍ୟକ୍ତି ବୋଲିହିଁ ଜାଣିବା । ଏପରି ଏକ ଦାର୍ଶନିକ ମତବାଦ ରହିଛି, ଯାହାକି ଆପଣାର ବ୍ୟକ୍ତିଗତ ଅନୁଭବକୁ ଭିତ୍ତି କରି ସକଳ ବସ୍ତୁକୁ ସେହି ଦିବ୍ୟ ପରମ ଇଚ୍ଛାଙ୍କରହିଁ ଏକ ପରିପୂର୍ଣ୍ଣ ଅଭିବ୍ୟକ୍ତି ବୋଲି ମଧ୍ୟ ଘୋଷଣା କରିଛି । ଅନ୍ୟ ପକ୍ଷରେ ଅନ୍ୟମାନେ ଏହି ଜଗତକୁ ଏପରି ଗୋଟାଏ ପ୍ରକାରର ଅରାଜକତା ବୋଲି ଘୋଷଣା କରିଛନ୍ତି, ଯେଉଁଥିରେ କି ଆଦୌ କୌଣସି କାରଣ ବା ବିବେକ କାର୍ଯ୍ୟକରୁ ନାହିଁ,— ସେହି ଜଗତଟିର ନିଷ୍ପନ୍ନ ହେବା ବିଷୟରେ କୌଣସି କାହିଁକି ବା କିପରି କାହାରିକୁ ହେଲେ ଜଣା ନାହିଁ । ସେହି ଜଗତ କୁଆଡ଼କୁ ଯେ ଗତି କରୁଛି, ସେକଥା ମଧ୍ୟ କେହି ଜାଣି ନାହାନ୍ତି । ସେହି ଜଗତ ପଛରେ କୌଣସି ନ୍ୟାୟ ନାହିଁ କୌଣସି ଯୁକ୍ତି ନାହିଁ, କୌଣସି ସମନ୍ୱିତତା ମଧ୍ୟ ନାହିଁ । କେବଳ ଏକ ଆକସ୍ମିକତାହିଁ ରହିଛି । ଆକସ୍ମିକ ଭାବରେହିଁ ଏହି ପୃଥିବୀ ଏହିପରି ହୋଇରହିଛି, କାହିଁକି ଏପରି ରହିଛି ସେକଥା କେହି ଜାଣି ନାହାନ୍ତି । ଏବଂ, ଯଦି ତୁମେ ଏହି ଉଭୟ ପ୍ରାନ୍ତୀୟ ମତକୁ ସମ୍ମୁଖରେ ରଖି ଗୋଟିଏ ପଟରୁ ଆଉଗୋଟିଏ ପଟଯାଏ ଏହି ପୃଥିବୀ ସମ୍ବନ୍ଧରେ କୁହା ଓ ଲେଖାଯାଇଥିବା, ଶିକ୍ଷା ଦିଆଯାଇଥିବା ଓ ଚିନ୍ତା କରାଯାଇଥିବା ସକଳ ସାମଗ୍ରୀ ଉପରେ ବିଚାର କରିବାକୁ ଆରମ୍ଭ କରିବ, ଏବଂ ଯଦି ତୁମେ ସବୁଗୁଡ଼ିକ ଉପରେ ଏକତ୍ର ଦୃଷ୍ଟିପାତ କରିପାରିବ, ତେବେ ତୁମେ ନିଶ୍ଚୟ ହୃଦୟଙ୍ଗମ କରିବ ଯେ ଏହି ସବୁକିଛି ବ୍ୟାଖ୍ୟା ସେହି ଗୋଟିଏ ପୃଥିବୀ ବିଷୟରେ ହୋଇଥିବାରୁ ଏବଂ ତଥାପି ଏଗୁଡ଼ିକ ପରସ୍ପରଠାରୁ ଏତେ ସଂପୂର୍ଣ୍ଣ ଭାବରେ ଭିନ୍ନ ହୋଇଥିବାରୁ, ଏକଥାଟି ଅବଶ୍ୟ ସତ୍ୟ ଯେ ଏହାକୁ ଯିଏ ଯେପରି ଦେଖୁଛି, କେବଳ ତାହାରି ଚେତନା ମଧ୍ୟରେହିଁ ଏହି ପୃଥିବୀ ଅବସ୍ଥିତ ରହିଛି । ... ସେହି କ୍ଷେତ୍ରରେ ପ୍ରକୃତ ପୃଥିବୀ ବୋଲି ଅବଶ୍ୟ "କିଛି" ରହିଥିବ, ମାତ୍ର ତାହା ନିଃସନ୍ଦେହ ଭାବରେ ମନୁଷ୍ୟର ପୃଥିବୀସମ୍ବନ୍ଧୀ ଯାବତୀୟ ଭାବନାର ଅତୀତ ହୋଇ ଅବସ୍ଥିତ ରହିଛି । ତାହା ଏସବୁର ଅନେକ ସେପାଖରେ ରହିଛି, ଅତ୍ୟନ୍ତ ଅନ୍ୟ ପ୍ରକାରର ହୋଇରହିଛି । ତେଣୁ ସବୁକିଛି ସତେଅବା ହାତରୁ ଛାଡ଼ି ଛାଡ଼ି ଯାଉଥିବା ଏକ ଅସତ୍ୟ ପରି ପ୍ରତୀତ ହେବାକୁ ଲାଗିବ ।

ବସ୍ତୁତଃ, ପୃଥିବୀ ବିଷୟରେ ଯାବତୀୟ ସତ୍ୟ ସଂପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିନିର୍ଭର ସତ୍ୟ, ବ୍ୟକ୍ତିର ଚେତନା ଉପରେ ନିର୍ଭର କରୁଥିବା ଏକ ସତ୍ୟ । ପୃଥିବୀର ଆଦୌ କୌଣସି

'oaob.nitrkl.ac.in' images reprocessed

ବସ୍ତୁନିଷ୍ଠ ସତ୍ୟତା ନାହିଁ; କାରଣ, ଗୋଟିଏ କ୍ଷେତ୍ରରେ ତାହାକୁ ସେହି ସର୍ବୋଚ୍ଚ ଚେତନ ସର୍ବୋଚ୍ଚ ପରମ ଇଚ୍ଛାରହିଁ ଏକ ପରିଣାମ ବୋଲି କୁହାଯାଇ ପାରିବ, ସବୁକିଛି ସେହି ଇଚ୍ଛାଟି ଦ୍ୱାରାହିଁ ଶାସିତ ହେଉଛି ବୋଲି କୁହାଯିବ । ଏବଂ, ଅନ୍ୟ କ୍ଷେତ୍ରଟିରେ, ଏପରି ବି କୁହାଯାଇପାରିବ ଯେ ପୃଥିବୀର ଅସ୍ତିତ୍ୱ ପଛରେ ପ୍ରକୃତରେ ଆଦୌ କୌଣସି କାରଣ ନାହିଁ, କେବଳ ଏକ ଦୁର୍ବୋଧ ଆକସ୍ମିକତାକୁହିଁ ତାହାର କାରଣ ବୋଲି କୁହାଯାଇ ପାରିବ । ଏବଂ ତଥାପି, ଏହି ଦୁଇଟିଯାକ ଧାରଣା ଆମର ସେହି ଗୋଟିଏ ପୃଥିବୀ ବିଷୟରେହିଁ ଦିଆ ଯାଇଥାଏ ।

ସେ ବିଷୟରେ ତୁମେ କ'ଣ କେବେ ଚିନ୍ତା କରି ନାହଁ ?

ଏବିଷୟରେ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଏକ ଧାରଣା ରହିଛି, ସେହି ଧାରଣାଟିରେ ଅଦ୍ଭୁତ ଏକ ସ୍ୱଷ୍ଟତା ରହିଛି, ଏକ ସଂଗଠିତତା ମଧ୍ୟ ରହିଛି, ଏକ ନିର୍ଦ୍ଦିଷ୍ଟତା ରହିଛି; ଏବଂ ସେହି ଧାରଣାଟିକୁ ସେ ପୃଥିବୀ ବୋଲି କହୁଛି । ପ୍ରତ୍ୟେକ ମନୁଷ୍ୟର ଦେଖିବାର ଏବଂ ଅନୁଭବ କରିବାର ଆପଣା ରୀତି ରହିଛି, ଅନ୍ୟ ସବୁଟି ସହିତ ତା'ର ଏକ ନିଜସ୍ୱ ସମ୍ବନ୍ଧ ରହିଛି ଏବଂ ସେ ତାହାକୁହିଁ ପୃଥିବୀ ବୋଲି କହୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସିଏ ଆପଣାକୁହିଁ କେନ୍ଦ୍ରରେ ସ୍ଥାପିତ କରି ରଖିଛି ଏବଂ ଆପଣାର ଚାରି ପାଖରେ ସମସ୍ତଙ୍କୁ ଆଣି ଗୁନ୍ଥି ଦେଇଛି; ସିଏ ଯେଉଁ ପ୍ରକାରେ ଦେଖୁଛି, ଅନୁଭବ କରୁଛି, ବୁଝୁଛି ଏବଂ ମନ କରୁଛି, ସେମାନଙ୍କୁ ସେହି ପ୍ରକାରେହିଁ ସଜାଇ ରଖୁଛି, ତା' ଆପଣା ପ୍ରତିକ୍ରିୟା ଅନୁସାରେହିଁ ସେଗୁଡ଼ିକୁ ସଜାଇ ରଖୁଛି । ମାତ୍ର, ପ୍ରତ୍ୟେକ ବ୍ୟକ୍ତିର ଚେତନା ଲାଗି ଏହି ଧାରଣାଟି ଭିନ୍ନ ହୋଇ ରହିଥିବାରୁ, ଏହାର ଅର୍ଥ ହେଉଛି ଯେ ଆମେ ଯାହାକୁ ପୃଥିବୀ ବୋଲି କହୁଛୁ, ଆମେ ଯାହାକୁ ପ୍ରକୃତ ପୃଥିବୀ ବୋଲି ଭାବୁଛୁ, ତାହା ଆମର ବୋଧଟି ମଧ୍ୟରୁ ସଂପୂର୍ଣ୍ଣ ବାରିତ ହୋଇ ରହିଯାଉଛି । ପୃଥିବୀଟି ପ୍ରକୃତରେ ଯେ କ'ଣ, ତାହା ଜାଣିବାକୁ ହେଲେ ଆମକୁ ଆମ ବ୍ୟକ୍ତି ସୀମା- ନିରୂପିତ ଚେତନାଟି ମଧ୍ୟରୁ ବାହାରକୁ ବାହାରି ଆସିବାକୁ ପଡ଼ିବ; ଏବଂ ଶ୍ରୀଅରବିନ୍ଦ ଏହାକୁହିଁ ନିମ୍ନତର ମଣ୍ଡଳଟିରୁ ଉଚ୍ଚତର ମଣ୍ଡଳଟି ମଧ୍ୟକୁ ଅତିକ୍ରମ କରିଯିବା ବୋଲି କହିଛନ୍ତି । ନିମ୍ନତର ମଣ୍ଡଳଟିରେ ବ୍ୟକ୍ତିମାନଙ୍କର ସଂଖ୍ୟା ଯେତିକି, ବିଶ୍ୱ ଭୁବନର ସଂଖ୍ୟା ମଧ୍ୟ ସେତିକି । ଏବଂ ଉଚ୍ଚତର ମଣ୍ଡଳଟିରେ ଏପରି ଏକ "ବସ୍ତୁ" ରହିଛି,— ତାହାହିଁ ପ୍ରକୃତ ବସ୍ତୁ,— ଯେଉଁଥିରେ କି ଭିନ୍ନ ଭିନ୍ନ ସକଳ ଚେତନାକୁ ଆସି ସମ୍ମିଳିତ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଏହାକୁ "ଋତ-ଚିତ୍" ବୋଲି କହିଛନ୍ତି ।

ମନୁଷ୍ୟ-ଚେତନାରେ ଅଗ୍ରଗତି ହେଉଥିବା ସଙ୍ଗେ ସଙ୍ଗେ ତାହା ଅଧିକରୁ ଅଧିକ ପରିମାଣରେ ଏହି ଆପେକ୍ଷିକତାର ବୋଧଟିକୁ ଲାଭ କରିପାରୁଥିବ; ଏବଂ ଏପରି ବି କୁହାଯାଇ ପାରିବ ଯେ, ତାହାର ଏପରି ଏକ ଅନୁଭୂତି, ଏକ ଅସ୍ୱଷ୍ଟ ଧାରଣା ମଧ୍ୟ ହେବାକୁ

'oaob.nitrkl.ac.in' images reprocessed

ଲାଗିଥିବ ଯେ ପ୍ରକୃତରେ ଏକ ପରମ ସତ୍ୟ ରହିଛି, ଯାହାକି ସାଧାରଣ ସାଧନଗୁଡ଼ିକ ଦ୍ୱାରା ଆଦୌ ବୋଧଗମ୍ୟ ହେବ ନାହିଁ, ମାତ୍ର ତଥାପି କୌଣସି ନା କୌଣସି ଉପାୟରେ ତାହାକୁ ଅନୁଭବ କରିପାରିବାକୁ ପଡ଼ିବ ।

ଏ ବିଷୟରେ ଏତିକି । ମୁଁ ଆଶା କରୁଛି ଯେ ପରବର୍ତ୍ତୀ ପୁସ୍ତକ ହିସାବରେ ଆମେ "ଦିବ୍ୟଜୀବନ"କୁ ଯେତେବେଳେ ପାଠ କରିବା, ଆମକୁ ସେତେବେଳେ ଏହି ସମସ୍ୟାଟିର ଚାବିକାଠି ମିଳିଯାଇ ପାରିବ ।

'oaob.nitrkl.ac.in' images reprocessed

## ୧୬ ଅକ୍ଟୋବର ୧୯୫୭

ମୁଁ ଚାରୋଟି ପ୍ରଶ୍ନ ପାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବର୍ତ୍ତମାନ ତୁମମାନଙ୍କ ଆଗରେ ମୁଁ ଯେଉଁ ଅଂଶଟି ପଢ଼ିଲି, ପ୍ରଶ୍ନଗୁଡ଼ିକ ସେଇଟି ବିଷୟରେ ପଚରା ଯାଇ ନାହିଁ । ସେଗୁଡ଼ିକ ତିନୋଟି ଭିନ୍ନ ଭିନ୍ନ ବିଷୟରେ ପଚରା ଯାଇଛି । ଏବଂ ପ୍ରତ୍ୟେକଟି ପ୍ରଶ୍ନ ଲାଗି ଗୋଟିଏ ଗୋଟିଏ ଦୀର୍ଘ ଉତ୍ତରର ଆବଶ୍ୟକତା ରହିଛି । ମାତ୍ର ତଥାପି ମୁଁ ଆଗ ପ୍ରଥମ ଦୁଇଟି ପ୍ରଶ୍ନ ବିଷୟରେ ଆଲୋଚନା କରିବାକୁ ଯାଉଛି । ସେହି ଦୁଇଟିଯାକକୁ ବେଶ୍ ଏକାଠି ଆଲୋଚନା କରାଯାଇପାରିବ । ସେଗୁଡ଼ିକ ପରମ ଚିଦାତ୍ମାଙ୍କର ସଂବୃତି ବିଷୟରେ ପଚରାଯାଇଛି ।*

ପ୍ରଥମ ପ୍ରଶ୍ନଟି ହେଉଛି :

*''ଯାହାକିଛି ପ୍ରକଟିତ ହେଉଛି, ଯଦି ସେସବୁ ପୂର୍ବରୁହିଁ ସଂବୃତ ହୋଇରହିଛି, ତେବେ ସେହି କ୍ଷେତ୍ରରେ ଅତିମାନସ ବ୍ୟତୀତ ଏପରି ଆଉ ଅନ୍ୟ ତତ୍ତ୍ୱମାନ ପ୍ରଚ୍ଛନ୍ନ ହୋଇ ରହିଛି କି ଯାହାକି ଅତିମାନସ ପୂର୍ଣ୍ଣରୂପେ ପ୍ରକଟ ହୋଇସାରିବା ପରେ ଉଦ୍‌ଘାଟିତ ହୋଇପାରିବ ?''*

ନ୍ୟାୟସଂଗତି ଦୃଷ୍ଟିରୁ କହିଲେ ''ହଁ'' ବୋଲି କହିବାକୁ ହେବ, କାରଣ ଜଡ଼ ଏବଂ ସର୍ବୋଚ୍ଚ ପରମସତ୍ତା ମଧ୍ୟରେ ଏକ ଏକରୂପତା ଅବଶ୍ୟ ରହିଛି । ମାତ୍ର ତଥାପି,—ଏବଂ ସେଇଟିରୁହିଁ ଆମେ ଦ୍ୱିତୀୟ ପ୍ରଶ୍ନଟିକୁ ଚାଲି ଆସିବା ।

*''କାଳର ଭୂମି ଉପରେହିଁ କ'ଣ ସଂବୃତିର ପ୍ରକ୍ରିୟାଟି ସଂଘଟିତ ହେଉଛି ଏବଂ ବିବର୍ତ୍ତନ ପରି ସଂବୃତିର ବି କ'ଣ ଏକ ଇତିହାସ ରହିଛି କି ?''*

---

*ଶ୍ରୀଅରବିନ୍ଦଙ୍କର କହିବା ଅନୁସାରେ ଏକ ସଂବୃତିର ଫଳସ୍ୱରୂପହିଁ ବିବର୍ତ୍ତନ ସମ୍ଭବ ହୋଇଥାଏ । ଏହିପରି ଭାବରେ, ପ୍ରାଣ ଜଡ଼ ମଧ୍ୟରେ ସଂବୃତ ହୋଇରହିଛି, ମନ ପ୍ରାଣ ମଧ୍ୟରେ ସଂବୃତ ରହିଛି ଏବଂ ଅତିମାନସ ମନ ଭିତରେ ସଂବୃତ ଅଛି । ଅସଂବୃତିରୁ ଆଦୌ କୌଣସି ବିବର୍ତ୍ତନ ସମ୍ଭବ ନୁହେଁ । ସର୍ବୋଚ୍ଚ ପରମସତ୍ତା ଜଡ଼ ମଧ୍ୟରେ ସଂବୃତ ହୋଇ ରହିଛନ୍ତି ବୋଲିହିଁ ସେ ତାହାରି ମଧ୍ୟରୁ ଉଦ୍‌ଭୂତ ହୋଇ ଆସିପାରିବେ ।

—ସମ୍ପାଦକ

'oaob.nitrkl.ac.in' images reprocessed

ଏହାର ଉତ୍ତରରେ ପ୍ରାୟ ଏପରି କୁହାଯାଇ ପାରିବ ଯେ ଯେଉଁ ବ୍ୟକ୍ତି ଏହି ପ୍ରଶ୍ନଟିକୁ କରୁଛି, ତାହାରି ମନୋଦୃଷ୍ଟି ଉପରେହିଁ ପ୍ରଶ୍ନଟିର ଉତ୍ତର ନିର୍ଭର କରିବ ।... ପଣ୍ଡିତମାନେ ଏହାର ଉତ୍ତର ଦେଇ ତୁମକୁ କହିବେ ଯେ ବିଭିନ୍ନ ଦାର୍ଶନିକ ମତବାଦୀମାନେ ଏହିସବୁ ବିଷୟରେ ଭିନ୍ନ ଭିନ୍ନ ମତ ଦେଇ ଯାଇଛନ୍ତି । ତତ୍ତ୍ୱବାଦୀମାନେ ଏହି କ୍ଷେତ୍ରରେ କୌଣସି ଇତିହାସ ରହିଛି ବୋଲି ସ୍ୱୀକାର କରି ନାହାନ୍ତି; ଏହି ତତ୍ତ୍ୱବାଦୀମାନଙ୍କର ମନ ମୂଳତଃ ସର୍ବଦା ତତ୍ତ୍ୱମୀମାଂସାରେ ବ୍ୟସ୍ତ ହୋଇ ରହିଥାଏ, ସର୍ବଦା ଦର୍ଶନରହିଁ ଚର୍ଚ୍ଚା କରୁଥାଏ । ମୁଁ ଯେପରି କହିଲି, ସେହି ତତ୍ତ୍ୱବାଦୀମାନେ କେବଳ ଅମୂର୍ତ୍ତ ସମସ୍ୟାଗୁଡ଼ିକର ଆଲୋଚନା କରିଥା'ନ୍ତି ଓ ଯାବତୀୟ ଇତିହାସକୁ କେବଳ ପିଲାଙ୍କ ବିଷୟ ବୋଲି ବିଚାର କରନ୍ତି । ତା'ପରେ ମନସ୍ତତ୍ତ୍ୱବିତ୍‌ମାନେ ଅଛନ୍ତି, ଯେଉଁମାନେ କି ସବୁକିଛି କଥାକୁ ଚେତନାର ନାନା କ୍ରିୟାତ୍ମକତା ରୂପେହିଁ କହିଥା'ନ୍ତି । ଏବଂ ପରିଶେଷରେ, ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ସବୁକିଛିର ପ୍ରତିରୂପମାନ ଗଢ଼ି ଥୋଇଦେବାକୁ ଭାରି ଭଲ ପାଆନ୍ତି ଏବଂ ବିଶ୍ୱର ଇତିହାସକୁ ସେମାନେ ଏପରି ଏକ ବିରାଟ ବିକାଶର ଇତିହାସ ବୋଲି ବିଚାର କରନ୍ତି, ଯାହାକୁ କି ସତେଅବା ଏକ ''ଚଳଚ୍ଚିତ୍ର'' ପରି ବର୍ଣ୍ଣନା କରାଯାଇପାରିବ । ଚିତ୍ର ଦ୍ୱାରା ଏହି ବିକାଶର ବର୍ଣ୍ଣନାକୁ ସେମାନେ ଅପେକ୍ଷାକୃତ ଅଧିକ ଜୀବନ୍ତ ଏବଂ ସାକାର ବୋଲି ବିଚାର କରିଥା'ନ୍ତି, କାରଣ, ସେହି ଚିତ୍ରଟି କେବଳ ଏକ ପ୍ରତୀକାତ୍ମକ ଚିତ୍ର ହୋଇଥିଲେ ମଧ୍ୟ ଏହିପରି ବର୍ଣ୍ଣନା ଦ୍ୱାରାହିଁ ସେମାନେ ଯାବତୀୟ ବିଷୟକୁ ଏକ ଅପେକ୍ଷାକୃତ ଅଧିକ ନିବିଡ଼ ଏବଂ ବାସ୍ତବରୂପେ ବୁଝିବାକୁ ସମର୍ଥ ହୋଇଥା'ନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ତିନୋଟିଯାକ ବ୍ୟାଖ୍ୟାକୁ ସମାନ ଭାବରେ ସତ୍ୟ ବୋଲି କହିପାରିବା ଏବଂ ଆପଣାର ଭାବନା ମଧ୍ୟରେ ସେଗୁଡ଼ିକୁ ସମନ୍ୱିତ ଏବଂ ସମଞ୍ଜସ କରି ଦେଖିପାରିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ମାତ୍ର, ବର୍ତ୍ତମାନ ଆମେ ତତ୍ତ୍ୱଶାସ୍ତ୍ରର ସେହି ଶୁଷ୍କ ବ୍ୟାଖ୍ୟାଗୁଡ଼ିକ ବିଷୟରେ କିଛି ଆଲୋଚନା କରିବା ନାହିଁ, କାରଣ ବିଦ୍ୱାନ୍ ପଣ୍ଡିତମାନେ ଲେଖିଥିବା ଗ୍ରନ୍ଥଗୁଡ଼ିକରୁ ସେଗୁଡ଼ିକୁ ଅଧ୍ୟୟନ କରିହିଁ ଆମେ ସେହି କ୍ଷେତ୍ରରେ ଅଧିକ ଲାଭବାନ୍ ହୋଇପାରିବା, କାରଣ ସେମାନେ ସବୁକିଛି ବିଷୟକୁ ଭାରି ନିର୍ଭୁଲ, ଭାରି ଯଥାର୍ଥ ଏବଂ ଭାରି ଶୁଷ୍କ ଭାବରେ ବଖାଣି କହିଦେଇପାରିବେ । ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣଟି,... ସେ ବିଷୟରେ କିଛି କହିବା ଅପେକ୍ଷା ସେଇଟିକୁ ବଞ୍ଚିବା ହେଉଛି ଅନେକ ଅଧିକ ଭଲ । ତେଣୁ ବର୍ତ୍ତମାନ ଆମ ଆଗରେ ପିଲାଙ୍କ ଲାଗି କୁହାଯାଇ ପାରୁଥିବା ଗପଟିହିଁ ବାକୀ ରହିଲା । ସର୍ବଦା ଏକ ପିଲାର ମନ ରଖି ଜୀବନ ବଞ୍ଚିବା ପ୍ରକୃତରେ ଭଲ । ଅବଶ୍ୟ ଏକଥା ସତ ଯେ ଆମେ ଏଇଟିକୁ କଦାପି ଏପରି ଏକ ଅପରିବର୍ତ୍ତନୀୟ ସୂତ୍ର ପରି ବିଶ୍ୱାସ କରିବା ନାହିଁ, ଯେଉଁଥିରେ କି ଟିକିଏ କେଉଁଠି କ'ଣ ପରିବର୍ତ୍ତନ

'oaob.nitrkl.ac.in' images reprocessed

ହୋଇଗଲେ ତାହା ଏକ ଧର୍ମଦ୍ରୋହ ଅଥବା ଅପରାଧ ହୋଇଯାଉଥିବ । ଏକ ତତ୍ତ୍ୱ ହିସାବରେ ଯାହା ହୁଏତ ଆମଠାରୁ ବହୁଦୂର ହୋଇ ରହିଥା'ନ୍ତା, ତାହାକୁ ଆମର ଶିଶୁସୁଲଭ ଚେତନା ଲାଗି ଅନ୍ତତଃ ଜୀବନ୍ତ କରିପାରିବାର ଏକ ଉପାୟ ସ୍ୱରୂପ ଆମେ ଏହି ଗପଗୁଡ଼ିକୁ ଗ୍ରହଣ କରିପାରିବା ।

ଯେଉଁସବୁ ଯାବତୀୟ ଗପ କୁହାହୋଇଛି, ସେଗୁଡ଼ିକ ମଧ୍ୟରୁ ଆମେ ଏପରି ଗପଗୁଡ଼ିକୁ ବାଛିନେଇପାରିବା, ଯେଉଁଗୁଡ଼ିକ କି ଅଳ୍ପବହୁତ ସତ, ଅଳ୍ପବହୁତ ସଂପୂର୍ଣ୍ଣ ଏବଂ ଅଳ୍ପବହୁତ ଅଭିବ୍ୟକ୍ତି-ସମର୍ଥ । ମାତ୍ର, ଯଦି ଆପଣାକୁ ବାହାରକୁ ନେଇଆସି କିଂବା ଭିତରକୁ ନେଇଯାଇ,— ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଦୁଇଟିଯାକକୁ ଆମେ ମୂଳତଃ ସେହି ଗୋଟିଏ ପ୍ରକ୍ରିୟା ବୋଲିହିଁ କହିପାରିବା,— ଯଦି ଆମେ ଏହି ଗପଟିକୁ ପୁନର୍ବାର ବଞ୍ଚିପାରିବା, ଅନ୍ତତଃ ଆଂଶିକ ଭାବରେ ଏବଂ ମୋଟାମୋଟି ଭାବରେ ବଞ୍ଚିପାରିବା, ତେବେ ଯାବତୀୟ ବସ୍ତୁର କିପରି ଓ କାହିଁକିକୁ ବୁଝିପାରିବା ଲାଗି ଏବଂ ତେଣୁ ସେଗୁଡ଼ିକୁ ନିୟନ୍ତ୍ରଣ ମଧ୍ୟକୁ ଆଣିବା ଲାଗି ଏହା ଆମକୁ ନିଶ୍ଚୟ ସାହାଯ୍ୟ କରିପାରିବ । କେତେକ ବ୍ୟକ୍ତି ସେକଥା କରିଛନ୍ତି, ଏବଂ ସେମାନଙ୍କୁ ସାଧାରଣତଃ ଏକାଧାରରେ ମନ୍ତ୍ରଦୀକ୍ଷିତ, ଗୁପ୍ତବିଦ୍ୟାବିତ୍ ଏବଂ ପୟଗମ୍ବର ବୋଲି ମଧ୍ୟ କୁହାଯାଇଛି । ଏବଂ ପ୍ରକୃତରେ ଭାରି ସୁନ୍ଦର ଗପମାନ ଆମକୁ କୁହାଯାଇଛି ।

ଅତି ସଂକ୍ଷେପରେ ମୁଁ ବର୍ତ୍ତମାନ ତୁମମାନଙ୍କୁ ଗପଟିଏ କହିବି । ଏହାକୁ ତୁମେମାନେ କଦାପି ଏକ ଧର୍ମସନ୍ଦେଶ ବୋଲି ଗ୍ରହଣ କରିବ ନାହିଁ । ବରଂ ଏକ ଗପ ବୋଲି ଗ୍ରହଣ କରିବ ।

ଆପଣା ଉପରେ ଦୃଷ୍ଟିପାତ କରିପାରିବା ଲାଗି ଯେତେବେଳେ ସର୍ବୋଚ୍ଚ ପରମସତ୍ତା ଆପଣାକୁ ଏକ ବାହ୍ୟ ରୂପ ଦେବା ଲାଗି ନିଷ୍ପତ୍ତି କଲେ, ସେ ଆପଣା ମଧ୍ୟରେ ରହିଥିବା ଯେଉଁ ବସ୍ତୁଟିକୁ ସର୍ବପ୍ରଥମେ ବାହ୍ୟରୂପ ଦେଲେ, ସେଇଟି ହେଉଛି ତାଙ୍କର ବିଶ୍ୱ-ଜ୍ଞାନ ଏବଂ ଏହି ବିଶ୍ୱକୁ ସୃଷ୍ଟି କରିବାର ସାମର୍ଥ୍ୟ । ଏହି ପରମ ଜ୍ଞାନ-ଚେତନା ଏବଂ ଶକ୍ତି କାର୍ଯ୍ୟକାରୀ ହେବାକୁ ଆରମ୍ଭ କଲା । ପରମ ଭଗବଦ୍-ଇଚ୍ଛାଟି ମଧ୍ୟରେ ଏକ ଯୋଜନା ରହିଥିଲା ଏବଂ ଆଧାରଭୂତ ଆନନ୍ଦ ଏବଂ ଆଧାରଭୂତ ସ୍ୱାତନ୍ତ୍ର୍ୟକୁ ପ୍ରକାଶିତ କରିଦେବାହିଁ ଏହି ଯୋଜନାଟିର ସର୍ବପ୍ରଥମ ତତ୍ତ୍ୱ ହୋଇ ରହିଥିଲା ଏବଂ ସେହି ଆନନ୍ଦ ଓ ସେହି ସ୍ୱାତନ୍ତ୍ର୍ୟ ଏହି ସୃଷ୍ଟିର ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ବିଷୟ ବୋଲି ବୋଧ ହୋଇଥିଲା ।

ଏହି ଆନନ୍ଦ ଏବଂ ସ୍ୱାତନ୍ତ୍ର୍ୟକୁ ମୂର୍ତ୍ତ ରୂପ ଦେଇପାରିବା ଲାଗି କେତେକ ମଧ୍ୟବର୍ତ୍ତୀ ତତ୍ତ୍ୱର ଆବଶ୍ୟକତା ପଡ଼ିଲା । ଏହି ବିଶ୍ୱଗତ ରୂପାୟଣଟିକୁ ଆରମ୍ଭ କରିବା ଲାଗି ସର୍ବପ୍ରଥମେ ଚାରୋଟି ସତ୍ତାଙ୍କୁ ନିଷ୍ପନ୍ନ କରି ଅଣାଗଲା; ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ

'oaob.nitrkl.ac.in' images reprocessed

ଯାହାକିଛି ଅନ୍ତର୍ନିହିତ ହୋଇ ରହିଛି, ଉତ୍ତରୋତ୍ତର ଭାବରେ ସେହି ସମ୍ଭାବନାଗୁଡ଼ିକୁ ମୂର୍ତ୍ତ କରି ଆଣିବାହିଁ ସେହି ରୂପାୟଣର ଯୋଜନା ହୋଇ ରହିଥିଲା । ଆପଣା ଆପଣା ଅସ୍ତିତ୍ୱର ତତ୍ତ୍ୱଭୂମିରେ ଏହି ଚାରି ସତ୍ତା ହେଲେ : ଚେତନା ଓ ଆଲୋକ, ଜୀବନ, ଆନନ୍ଦ ଓ ପ୍ରେମ ଏବଂ ସତ୍ୟ ।

ତୁମେ ଏହି କଥାଟିକୁ ଅତ୍ୟନ୍ତ ସହଜରେ କଳ୍ପନା କରିପାରିବ ଯେ ସେଗୁଡ଼ିକ ମଧ୍ୟରେ ଅତୁଳ ଏବଂ ବିଶାଳ ବଳ ଏବଂ ଶକ୍ତିର ବୋଧ ସନ୍ନିବିଷ୍ଟ ହୋଇ ରହିଥିଲା, କାରଣ ସେମାନେ ମୂଳତଃ ଏହିସବୁ ବସ୍ତୁର ଆଧାରତତ୍ତ୍ୱ ହୋଇହିଁ ରହିଥିଲେ । ପୁନଶ୍ଚ, ସେମାନଙ୍କର ନିର୍ବାଚନ କରିବା ଲାଗି ମଧ୍ୟ ପୂର୍ଣ୍ଣ ସ୍ୱତନ୍ତ୍ରତା ରହିଥିଲା, କାରଣ ଏହି ସୃଷ୍ଟି ସେହି ପରମ ସ୍ୱାତନ୍ତ୍ର୍ୟରହିଁ ଏକ ପରିପ୍ରକାଶ ହେବାକୁ ଯାଉଥିଲା ।... ସେମାନେ ଯେମିତି କ୍ରିୟାଶୀଳ ହେବାକୁ ଆରମ୍ଭ କଲେ,– କାର୍ଯ୍ୟଟିକୁ କିପରି କରିବାକୁ ହେବ, ସେବିଷୟରେ ସେମାନଙ୍କର ନିଜସ୍ୱ ଧାରଣାମାନ ବି ରହିଥିଲା,– ସଂପୂର୍ଣ୍ଣ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବାରୁ ସେମାନେ ସଂପୂର୍ଣ୍ଣ ସ୍ୱାଧୀନ ହୋଇହିଁ କାର୍ଯ୍ୟଟିକୁ କଲେ । ଏକ ଭୃତ୍ୟ ବା ଯନ୍ତ୍ରର ଦୃଷ୍ଟିକୋଣ ଗ୍ରହଣ ନ କରି,– ବର୍ତ୍ତମାନ ମୁଁ ପଢ଼ିଥିବା ଅଂଶଟିରେ ଶ୍ରୀଅରବିନ୍ଦ ଯେପରି କହିଛନ୍ତି,* – ସେମାନେ ସ୍ୱଭାବତଃ ସ୍ୱୟଂ ତାହାର ଅନୁମନ୍ତା ହୋଇ ରହିଲେ, ଏବଂ ଏହି ଭୁଲଟିହିଁ– ଏହାକୁ ମୁଁ ହୁଏତ ଏକ ଭୁଲ୍ ବୋଲି କହିପାରିବି,– ବିଶ୍ୱର ଯାବତୀୟ ବିଶୃଙ୍ଖଳା ଲାଗି ସର୍ବପ୍ରଥମ କାର୍ଯ୍ୟରୂପେ କାର୍ଯ୍ୟ କଲା । ବିଲଗ ହୋଇଯିବାର ଏହି ଘଟଣାଟି ଯେମିତି ଘଟିଲା,– ଏହି ବିଲଗ ହୋଇଯିବାହିଁ ଏହି କ୍ଷେତ୍ରରେ ମର୍ମକାରଣ ହୋଇ ରହିଥିଲା,– ସର୍ବୋଚ୍ଚ ପରମସତ୍ତା ଏବଂ ନିଷ୍ପନ୍ନ ହୋଇ ଆସିଥିବା ଏହି ସୃଜନଟି ମଧ୍ୟରେ ଯେମିତି ଏହି ବିଲଗ ହୋଇଯିବାର ଘଟଣାଟି ଘଟିଲା, ସେମିତି ଚେତନା ଅଚେତନାରେ ପରିଣତ ହେଲା, ଆଲୋକ ଅନ୍ଧକାରରେ ପରିଣତ ହେଲା, ପ୍ରେମ ଘୃଣାରେ ପରିଣତ ହେଲା, ଜୀବନ ମୃତ୍ୟୁରେ ପରିଣତ ହେଲା, ଆନନ୍ଦ ଦୁଃଖରେ ପରିଣତ ହେଲା ଏବଂ ସତ୍ୟ ମିଥ୍ୟାରେ ପରିଣତ ହୋଇଗଲା ।

---

"ରଣକ୍ରୀଡ଼ାରେ ତରବାରି ଏକ ଆନନ୍ଦଲାଭ କରିଥାଏ, ସୁ' ସୁ' ଶବ୍ଦ କରି ଛୁଟି ଯାଉଥିବା ସମୟରେ ତୀର ମଧ୍ୟ ଏକ ଆନନ୍ଦ ଅନୁଭବ କରେ, ଅନ୍ତରୀକ୍ଷ ମଧ୍ୟରେ ଆକୁଳ ବୃତ୍ତଭ୍ରମଣଟିକୁ ସମ୍ପାଦନ କଲାବେଳେ ପୃଥିବୀ ମଧ୍ୟ ଏକ ଆନନ୍ଦ ପାଇଥାଏ, ଆପଣାର ଦୀପ୍ତିପ୍ରଖର ମହିମା ଏବଂ ଚିରନ୍ତନ ଗତିଶୀଳତାରୁ ସୂର୍ଯ୍ୟ ମଧ୍ୟ ଏକ ରାଜକୀୟ ଉଲ୍ଲାସ ଆହରଣ କରୁଥାଏ । ତେଣୁ ହେ ଆତ୍ମସଚେତନ ନିମିତ୍ତ ! ତୁମେ ମଧ୍ୟ ଯେଉଁ କର୍ମରେ ନିଯୁକ୍ତ ହୋଇରହିଛ, ତୁମେ ସେଥିରୁ ଆନନ୍ଦ ଆହରଣ କରିବାର ସମର୍ଥ ହୁଅ ।"

–The Delight of works, "The Superman" ରୁ ଉଦ୍ଧୃତ,
ଶତବାର୍ଷିକୀ, ସଂସ୍କରଣ, ୧୬ଶ ଖଣ୍ଡ (ଇଂ), ପୃଷ୍ଠା ୨୮

'oaob.nitrkl.ac.in' images reprocessed

ଏବଂ ସେମାନେ ସମସ୍ତେ ସ୍ୱାଧୀନ ଭାବରେ ଆପଣା ଆପଣାର ପଥରେ ଅଗ୍ରସର ହେବାକୁ ଲାଗିଲେ, ଏହିପରି ବିଲଗ ଏବଂ ବିଶୃଙ୍ଖଳ ଭାବରେହିଁ ଅଗ୍ରସର ହେଲେ ।

ତାହାରି ପରିଣାମରୂପେ, ଆମେ ପୃଥିବୀଟିକୁ ଯେପରି ଭାବରେ ଅବସ୍ଥିତ ରହିଥିବାର ଦେଖୁଛୁ, ସେହି ପୃଥିବୀଟି ନିଷ୍ପନ୍ନ ହୋଇ ଆସିଲା । ଏହି କ୍ରିୟାଟି ପର୍ଯ୍ୟାୟକ୍ରମେ ଓ କ୍ରମୋତ୍ତର ଭାବରେ ଘଟିଲା । ଏହି ସବୁକଥା ତୁମମାନଙ୍କ ଆଗରେ ବର୍ଣ୍ଣନା କରି କହିବାକୁ ପ୍ରକୃତରେ ଦୀର୍ଘ ସମୟ ଲାଗିବ, ମାତ୍ର, ସର୍ବଶେଷ ପର୍ଯ୍ୟାୟକୁ ଆସି ଜଡ଼ର ସୃଷ୍ଟି ହେଲା; ଅସ୍ପଷ୍ଟ, ଅଚେତନ ଏବଂ ଦୁଃଖମୟ ଜଡ଼ର ସୃଷ୍ଟି ହେଲା । ମୂଳତଃ ବିଶ୍ୱର ସୃଜନ ଲାଗି ଯେଉଁ ପରମା କ୍ରିୟାଶୀଳା ଶକ୍ତି ଏହି ଚାରୋଟିଯାକ ସତ୍ତାଙ୍କର ଉଦ୍ଭବ ଘଟାଇଥିଲା, ସିଏ ଏହି ଘଟଣାଗୁଡ଼ିକୁ ଅବଶ୍ୟ ଦେଖିଲେ ଏବଂ ସର୍ବୋଚ୍ଚ ପରମସତ୍ତାଙ୍କୁ ପ୍ରାର୍ଥନା କରି ସିଏ ତାହାର ଏକ ପ୍ରତିକାର ଭିକ୍ଷା କଲେ, ଘଟି ଯାଇଥିବା ଅନର୍ଥଟିର ଏକ ପ୍ରତିବିଧାନ ଭିକ୍ଷା କଲେ ।

ଏହି ଅଚେତନା ମଧ୍ୟକୁ ଆପଣାର ଚେତନାକୁ ଆରୋପିତ କରି ଆଣିବା ଲାଗି ତାଙ୍କୁ ଆଦେଶ ହେଲା, ଏହି ଦୁଃଖ ମଧ୍ୟକୁ ଆପଣାର ପ୍ରେମକୁ ଏବଂ ଏହି ମିଥ୍ୟା ମଧ୍ୟକୁ ତାଙ୍କର ସତ୍ୟକୁ ଅଭିମୁଖୀ କରି ଆଣିବାକୁ ତାଙ୍କୁ ଆଦେଶ ହେଲା । ଏବଂ, ପ୍ରଥମେ ଯେଉଁ ଚେତନା, ପ୍ରେମ ଓ ସତ୍ୟର ଉଦ୍ଭବ ଘଟିଥିଲା, ତା'ଠାରୁ ଏକ ଅଧିକ ବୃହତ୍ ଚେତନା, ଏକ ଅଧିକ ସଂପୂର୍ଣ୍ଣ ପ୍ରେମ ଏବଂ ଏକ ପରିପୂର୍ଣ୍ଣତର ସତ୍ୟକୁ ନିଷ୍ପନ୍ନ କରି ଆଣିବା ଲାଗି ତାଙ୍କୁ ଆଦେଶ ହେଲା ଏବଂ ତାହାହିଁ ଜଡ଼ ମଧ୍ୟରେ ଚେତନା, ପ୍ରେମ ଏବଂ ସତ୍ୟକୁ ଜାଗ୍ରତ କରି ଆଣିବା ଲାଗି ସେହି ଜଡ଼ର ଭୟାବହତା ମଧ୍ୟରେ ପ୍ରବିଷ୍ଟ ହେଲା । ଯେଉଁ ପରିତ୍ରାଣଟି ବଳରେ ଜଡ଼ସ୍ଥ ପୃଥିବୀ ପୁନର୍ବାର ଆପଣାର ସର୍ବୋଚ୍ଚ ଉତ୍ସମୂଳଟିକୁ ଫେରିଆସି ପାରିବ, ସେହି ପରିତ୍ରାଣର କ୍ରିୟାଟିକୁ ଆରମ୍ଭ କରିବା ଲାଗି ତାଙ୍କୁ ଆଦେଶ ହେଲା ।

ତେଣୁ, କୁହାଯାଇ ପାରିବ ଯେ ଜଡ଼ର ଭୂମିରେ ପ୍ରକୃତରେ ''ପରସ୍ପରର ଅନୁବର୍ତ୍ତୀ ଭାବରେ କେତେକେତେ ସଂବୃତି'' ଘଟିଛି ଏବଂ ଏହିପରି ଭାବରେ ସଂବୃତିଗୁଡ଼ିକର ଏକ ଇତିହାସ ବି ଅଛି । ଅଚେତନା ମଧ୍ୟରୁ ଜନ୍ମଗ୍ରହଣ କରୁଥିବା ଅତିମାନସର ଆବିର୍ଭାବକୁ ଆମେ ଏହିସବୁ ସଂବୃତିର ଉପସ୍ଥିତ ପରିଣାମଟି ବୋଲି ନିଶ୍ଚୟ କହିପାରିବା । ମାତ୍ର, ଏହାପରେ ଯେ ଆଉ ଆଦୌ କୌଣସି ଆବିର୍ଭାବ ଘଟିବ ନାହିଁ, ସେପରି କହିବା ଲାଗି ପ୍ରକୃତରେ କୌଣସି କାରଣ ସୂଚିତ ହେଉ ନାହିଁ ।... କାରଣ ସର୍ବୋଚ୍ଚ ପରମସତ୍ତାଙ୍କର ଭଣ୍ଡାର ସର୍ବଦା ପରିପୂର୍ଣ୍ଣ ରହିଛି ଏବଂ ସିଏ ନିରନ୍ତରହିଁ ନୂତନ ନୂତନ ପୃଥିବୀର ସୃଷ୍ଟି କରିଦେଇ ପାରୁଥିବେ ।

ସେଇଟି ହେଲା ମୋର ଗପ ।

'oaob.nitrkl.ac.in' images reprocessed

## ୨୩ ଅକ୍ଟୋବର ୧୯୫୭

ମାଆ ''ଦିବ୍ୟ-ଜୀବନ'' ଗ୍ରନ୍ଥର
ଶେଷ ଛଅଟି ଅଧ୍ୟାୟ ପଢ଼ିବାକୁ ଆରମ୍ଭ କଲେ ।

*''ଏକ ଆଧ୍ୟାତ୍ମିକ ବିବର୍ତ୍ତନ, ଜଡ଼ର ଭୂମି ଉପରେ ଆପଣାକୁ ସତତ ପରିଣତ କରିବାରେ ଲାଗିଥିବା ଏକ ଆତ୍ମ-ରୂପାୟଣର ମଧ୍ୟଦେଇ ଚେତନାର ଏକ ବିବର୍ତ୍ତନ, ଏହାହିଁ ହେଲା ଆମ ପାର୍ଥିବ ଜୀବନର ମୂଳକଥା, ଏହାର ସର୍ବପ୍ରଧାନ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ । ଅନ୍ତର ଭିତରେ ଅଧିଷ୍ଠିତ ରହିଥିବା ଆତ୍ମାକୁ ସେହି ରୂପଟିକୁ ଅଭିବ୍ୟକ୍ତ କରିଦେବା ଲାଗି ସମର୍ଥ ହେବା ପର୍ଯ୍ୟନ୍ତ ଏହି ବିବର୍ତ୍ତନ ଲାଗି ରହିଥିବ । ପ୍ରଥମ ଅବସ୍ଥାରେ ପରମ ଚିତ୍‌ସତ୍ତା ବା ପରମ ଦିବ୍ୟ ସତ୍ୟ ଏକ ଅତିଘନ ଜଡ଼ମୟ ନିଶ୍ଚେତନ ମଧ୍ୟରେ ଆପଣାକୁ ସଂବୃତ କରି ରଖିବା ଦ୍ୱାରା ସେହି ତାତ୍ପର୍ଯ୍ୟଟିକୁ ମଧ୍ୟ ଲୁକ୍କାୟିତ ହୋଇ ରହିଥାଏ । ସେତେବେଳେ ନିଶ୍ଚେତନତା ବା ଜଡ଼ଗତ ଜୀବନହୀନତାର ଏକ ଆବରଣ ତାହାରି ଭିତରେ କାର୍ଯ୍ୟ କରୁଥିବା ବିଶ୍ୱଗତ ଚୈତନ୍ୟଶକ୍ତିକୁ ଲୁକ୍କାୟିତ କରି ରଖିଥାଏ, ଯାହା ଫଳରେ କି ସୃଷ୍ଟିର ବୀର୍ଯ୍ୟ ଜଡ଼ ବିଶ୍ୱରେ ପ୍ରଥମେ ଯେଉଁ ଶକ୍ତିର ରୂପରେ ଆବିର୍ଭୂତ ହୁଏ, ସେଇଟି ମଧ୍ୟ ସ୍ୱୟଂ ନିଶ୍ଚେତନ ପରି ବୋଧ ହୋଇଥାଏ, ମାତ୍ର ତଥାପି ସେହି ଭିତରେ ଥାଇ ତାହା ଏକ ବିଶାଳ ସଂଗୁପ୍ତ ବୁଦ୍ଧିର ଯାବତୀୟ କାର୍ଯ୍ୟ କରିବାରେ ଲାଗିଥାଏ ।''*

ଶ୍ରୀଅରବିନ୍ଦ, ଦିବ୍ୟଜୀବନ (ଇଂ), ପୃଷ୍ଠା-୮୨୪

*ମାଆ, ଏହି ଚୈତନ୍ୟ-ଶକ୍ତି କ'ଣ, ମୁଁ ସେଇଟିକୁ ବୁଝିପାରିଲି ନାହିଁ; ତେଣୁ ମୁଁ କିଛି ବି ବୁଝିପାରିଲି ନାହିଁ ।*

ଠିକ୍ ସେହି ପ୍ରଥମ ବାକ୍ୟଟିକୁହିଁ ବୁଝିପାରିବା ହେଉଛି ସର୍ବପ୍ରଥମ କଥା, କାରଣ ସେଥିରେ ବିଶ୍ୱଗତ ଅସ୍ତିତ୍ୱର ଅସଲ ତଥ୍ୟ, ଅସଲ କାରଣ ଏବଂ ପ୍ରକୃତ ତତ୍ତ୍ୱଟିକୁ କହି ଦିଆଯାଇଛି । ତୁମେ ତ ଜାଣିଛ, ଆମେ ଏଠାରେ ଗ୍ରନ୍ଥଟିର ଶେଷ ଆଡ଼ୁ ପାଠ କରିବା ଆରମ୍ଭ କରିଛୁ,— ଏଗୁଡ଼ିକ ହେଉଛି ଗ୍ରନ୍ଥର ଶେଷ ଛଅଟି ଅଧ୍ୟାୟ । ପୁସ୍ତକର ପ୍ରଥମ ଅଧ୍ୟାୟଗୁଡ଼ିକରେ

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଗୋଟିକ ପରେ ଗୋଟିଏ କରି ସବୁଯାକ ତତ୍ତ୍ୱର ଆଲୋଚନା କରିଛନ୍ତି ଏବଂ ସେଥିରେ ବିଶ୍ୱର ତଥା ବିଶ୍ୱଗତ ଜୀବନର କିପରି ଏବଂ କାହିଁକିଟିର ବିଶ୍ଳେଷଣ କରି ଦେଇଛନ୍ତି । ସେଗୁଡ଼ିକର ଅର୍ଥକୁ ସଂପୂର୍ଣ୍ଣ ଭାବରେ ବୁଝାଇ ଦେବାକୁ ଯାଇ ସେ ସେହି ସିଦ୍ଧାନ୍ତଗୁଡ଼ିକୁ ସେଗୁଡ଼ିକର ଚୂଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି; ସେହି ସିଦ୍ଧାନ୍ତଗୁଡ଼ିକ କିପରି ଅସଂପୂର୍ଣ୍ଣ ଓ ଅପୂର୍ଣ୍ଣତାଯୁକ୍ତ ହୋଇ ରହିଥିଲେ, ଶେଷକୁ ସେ ସେହି କଥା ଦର୍ଶାଇ ଦେଇଛନ୍ତି ଏବଂ ଯଥାର୍ଥ ସମାଧାନଟିକୁ ମଧ୍ୟ ଆଣି ଦେଇଛନ୍ତି । ତେଣୁ ସେଗୁଡ଼ିକ ଆଗରୁ ସରିଯାଇଛି; ଆମେ ବର୍ତ୍ତମାନ ଯାହା ପାଠ କରୁଛୁ, ତାହାର ପଛରେ ରହିଯାଇଛି । ସେହି ସବୁଗୁଡ଼ିକୁ ପଢ଼ିଥିଲେ ଓ ଆଲୋଚନା କରିଥିଲେ ଆମକୁ ହୁଏତ ଦଶ ବର୍ଷ ସମୟ ଲାଗିଥା'ନ୍ତା । ଏବଂ ଲାଭଜନକ ଭାବରେ ସେଗୁଡ଼ିକୁ ବୁଝିବା ଲାଗି ବି ତୁମମାନଙ୍କୁ ଯାବତୀୟ ପ୍ରକାରର ଜ୍ଞାନ ହାସଲ କରିବାକୁ ପଡ଼ିଥା'ନ୍ତା ଏବଂ ଏକ ବୃହତ୍ ବୁଦ୍ଧିଗତ ବିକାଶ ସାଧନ କରିବାକୁ ବି ପଡ଼ିଥା'ନ୍ତା । ମାତ୍ର ଆମେ ଗ୍ରନ୍ଥଟିର ଯେଉଁଠାରୁ ପାଠ ଆରମ୍ଭ କରୁଛୁ, ସେଠାରୁ ଶ୍ରୀଅରବିନ୍ଦ ସଂପୂର୍ଣ୍ଣ ଏକ ବୌଦ୍ଧିକ ଦୃଷ୍ଟିକୋଣରୁ ଏହି ଅସ୍ତିତ୍ୱର ପଛରେ ନିହିତ ହୋଇ ରହିଥିବା ଉଦ୍ଦେଶ୍ୟଟିକୁ ଦର୍ଶାଇ ଦେଇଛନ୍ତି ଏବଂ ତାହାକୁ ସେ ଏହିପରି ଭାବରେ ସୂତ୍ରବଦ୍ଧ କରି ଦେଇଛନ୍ତି : ତାହାକୁ ସେ "ଏହି ପାର୍ଥିବ ଅସ୍ତିତ୍ୱର କେନ୍ଦ୍ରସ୍ଥ ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ" ବୋଲି କହିଛନ୍ତି । କାରଣ ସେ ଏଠାରେ ସମୁଦାୟ ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଆଲୋଚନା କରି ନାହାନ୍ତି । ସିଏ କେବଳ ପାର୍ଥିବ ଜୀବନ ଅର୍ଥାତ୍ ଏହି ପୃଥିବୀପୃଷ୍ଠର ଅସ୍ତିତ୍ୱକୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପଛରେ ରହିଥିବା ଉଦ୍ଦେଶ୍ୟଟିର ଏକ ପ୍ରତୀକାତ୍ମକ ଏବଂ ସଂକେନ୍ଦ୍ରିତ ଚିତ୍ରଣ ବୋଲି ଗ୍ରହଣ କରିଛନ୍ତି । ବସ୍ତୁତଃ, ବହୁପ୍ରାଚୀନ ପରମ୍ପରାଗୁଡ଼ିକ ଅନୁସାରେ, ଗଭୀରତର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାରକରି ଦେଖିଲେ, ଏହି ପୃଥିବୀର ବିଶ୍ୱଜୀବନର ଏକ ପ୍ରତୀକମୟ ସଂକେନ୍ଦ୍ରଣ ରୂପେହିଁ ସର୍ଜନା ହୋଇଛି, ଯେପରିକି ରୂପାନ୍ତରର କାର୍ଯ୍ୟଟିକୁ ଅପେକ୍ଷାକୃତ ଅଧିକ ସହଜରେ କରାଯାଇପାରିବ, ଅର୍ଥାତ୍, ତାହାକୁ ଏପରି ଏକ ନିର୍ଦ୍ଦିଷ୍ଟ ଆୟତନଯୁକ୍ତ ଓ ସଂକେନ୍ଦ୍ରିତ କ୍ଷେତ୍ରରେ କରାଯାଇପାରିବ, ଯେଉଁଠାରେ କି ସମସ୍ୟାର ଯାବତୀୟ ଉପାଦାନ ଏକତ୍ର ଠୁଳ ହୋଇ ରହିଛନ୍ତି,— କାରଣ ତଦ୍ଦ୍ୱାରା କ୍ରିୟାଟି ଅଧିକ ସମଗ୍ର ଏବଂ ଅଧିକ ଫଳସଂଯୁକ୍ତ ହୋଇପାରିବ । ତେଣୁ ଏଠାରେ ସେ କେବଳ ଏହି ପୃଥିବୀ ଉପରର ଅସ୍ତିତ୍ୱଟି ବିଷୟରେ ଆଲୋଚନା କରୁଛନ୍ତି, ମାତ୍ର ଆମେ ଏହାକୁ ନିଶ୍ଚୟ ଏକ ପ୍ରତୀକବାଚୀ ଅସ୍ତିତ୍ୱରୂପେ ଗ୍ରହଣ କରିପାରିବା, ଅର୍ଥାତ୍, ତାହା ଯେ ଏକ ବିଶ୍ୱଗତ କ୍ରିୟାର ପ୍ରତିନିଧିତ୍ୱ କରୁଛି, ଆମେ ତାହାକୁ ସେହିପରି ଭାବରେ ଗ୍ରହଣ କରିପାରିବା । ଏବଂ ସେ କହୁଛନ୍ତି ଯେ, ଯେଉଁ ପରମ ଚିଦାତ୍ମା ଜଡ଼ର କେନ୍ଦ୍ରରେ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ସେହି ଭିତରେ ଥାଇ ଭିତରୁ କାର୍ଯ୍ୟ କରୁଥିବା ସେହି

'oaob.nitrkl.ac.in' images reprocessed

ଚିଦାତ୍ମାକୁ ବିମୋଚିତ କରି ଆଣିବା ଭଳି ଏକ କ୍ରମୋତ୍ତର ବିକାଶ ଲାଗି ଜଡ଼କୁ ପ୍ରେରିତ କରି ଆଣିବାରେ ଲାଗିଛି, ଏକ ପୂର୍ଣ୍ଣ ରୂପାୟଣରେ ତାହାକୁହିଁ ଜାଗ୍ରତ କରିଆଣିବା, ବିକଶିତ କରାଇବା ଏବଂ ପରିଶେଷରେ ତାହାରି ଉଦ୍‌ଘାଟନ ସଂଘଟିତ କରାଇବା, ତାହାହିଁ ହେଉଛି "କେନ୍ଦ୍ରସ୍ଥ ଉଦ୍ଦେଶ୍ୟ," ଅର୍ଥାତ୍ ପାର୍ଥିବ ଅସ୍ତିତ୍ୱଟି ପଛରେ ସେହି ଉଦ୍ଦେଶ୍ୟଟି କାର୍ଯ୍ୟ କରିବାରେ ଲାଗିଛି ।

ତେଣୁ, ବାହ୍ୟ ପ୍ରତିଭାସଗୁଡ଼ିକର କ୍ଷେତ୍ରରେ ସେଗୁଡ଼ିକୁ ତୁମେ ଯେପରି ଭାବରେ ଦେଖିବାକୁ ପାଉଛ, ସର୍ବପ୍ରଥମେ ତୁମକୁ ଧାତୁର ଜଗତଟି ଦୃଷ୍ଟିଗୋଚର ହେବ । ସେହି ଜଗତରେ ତୁମେ ଯେଉଁ ପ୍ରସ୍ତର, ମୃତ୍ତିକା ଏବଂ ନାନାବିଧ ଧାତୁ ଦେଖିବାକୁ ପାଇବ, ତାହା ଆମର ବାହ୍ୟ ଚେତନାରେ ଆମକୁ ଗୋଟାସୁଦ୍ଧା ଅଚେତନ ବୋଲିହିଁ ପ୍ରତୀତ ହେବେ । ମାତ୍ର, ଏହି ଅଚେତନାର ପଶ୍ଚାତରେ ପରମ ଚିଦାତ୍ମାର ପ୍ରାଣୋଜ୍ଜ୍ୱଳତା ଏବଂ ଚେତନା ବିଦ୍ୟମାନ ରହିଛି, ତାହା ସଂପୂର୍ଣ୍ଣ ଭାବରେ ପ୍ରଚ୍ଛନ୍ନ ହୋଇ ରହିଛି, ସତେଅବା ନିଦ୍ରାମଗ୍ନ ହୋଇ ରହିଛି । ଅବଶ୍ୟ ଏକଥା ସତ ଯେ ତାହା ସେହିପରି ଭାବରେହିଁ ପ୍ରତୀତ ହେଉଛି । ମାତ୍ର ତାହା ଭିତରୁ ଆପଣାକୁ କ୍ରିୟାଶୀଳ କରି ରଖିଛି, ବାହ୍ୟ ରୂପରେ ଗୋଟାସୁଦ୍ଧା ଜୀବନହୀନ ହୋଇ ରହିଥିବା ଜଡ଼କୁ କ୍ରମଶଃ ରୂପାନ୍ତରିତ କରି ଆଣିବା ଲାଗି ତାହା କାର୍ଯ୍ୟ କରୁଛି, ଯେପରିକି ଜଡ଼ସ୍ଥ ସଂଗଠନଟି ଚେତନାର ଅଭିବ୍ୟକ୍ତି ଲାଗି ଆପଣାକୁ କ୍ରମଶଃ ଉନ୍ମୋଚିତ ତଥା ଅନୁକୂଳିତ କରିଦେବାକୁ ସମର୍ଥ ହେବ । ଏବଂ ଶ୍ରୀଅରବିନ୍ଦ କହୁଛନ୍ତି, ଜୀବନହୀନ ଜଡ଼ୋପାଦାନର ଏହି ଆବରଣଟି ପ୍ରଥମ ଅବସ୍ଥାରେ ଏପରି ସମଗ୍ର ହୋଇ ରହିଛି ଯେ ବାହାରୁ ଅବଲୋକନ କରିବା ସମୟରେ ତାହା ଜୀବନ ଏବଂ ଚେତନା ନ ଥିବା ସତେଅବା କୌଣସି ପଦାର୍ଥ ପରି ମନେ ହେବାରେ ଲାଗିଛି । ଯଦି ତୁମେ ଖଣ୍ଡେ ପଥରକୁ ଉଠାଇ ଆଣି ତାହାକୁ ନିଜର ଏହି ସାଧାରଣ ଚକ୍ଷୁ ଏବଂ ସାଧାରଣ ଚେତନା ଦ୍ୱାରା ଦେଖିବାକୁ ଆରମ୍ଭ କରିବ, ତେବେ ତୁମେ "ଏହାର କୌଣସି ଜୀବନ ନାହିଁ, କୌଣସି ଚେତନା ନାହିଁ" ବୋଲି ନିଶ୍ଚୟ କହିବ । ମାତ୍ର ଯିଏ ପ୍ରତିଭାସଟିକୁ ଭେଦ କରି ଆହୁରି ଭିତରକୁ ମଧ ଦୃଷ୍ଟିପାତ କରି ଜାଣିଛି, ତେବେ ତା' ଲାଗି ଏହି ଜଡ଼ର କେନ୍ଦ୍ରରେ,— ଏହି ଜଡ଼ର ଗଠନ କରିଥିବା ପ୍ରତ୍ୟେକଟି ଅଣୁର କେନ୍ଦ୍ରରେ ସେହି ଭିତରୁ ଆପଣାକୁ କ୍ରିୟାଶୀଳ କରି ରଖିଥିବା ସର୍ବୋଚ୍ଚ ଦିବ୍ୟ ସତ୍ୟଟିହିଁ ପ୍ରଚ୍ଛନ୍ନ ହୋଇ ରହିଛି ବୋଲି ପ୍ରତିଭାତ ହୋଇଉଠିବ । ତାହା ସେଠାରେ ଆବହମାନ କାଳରୁ କ୍ରିୟାଶୀଳ ହୋଇ ରହିଛି, ଜୀବନହୀନ ଜଡ଼କୁ ଅନ୍ତରସ୍ଥ ପରମ ଚିଦ୍‌ସତ୍ତାଟିକୁ ପ୍ରକାଶିତ କରି ଦେବା ଲାଗି ସମର୍ଥ ହେବା ଭଳି ଯଥେଷ୍ଟ ଅଭିବ୍ୟକ୍ତିଶୀଳ ଆଉ ଏକ ସମ୍ପଦରେ କ୍ରମଶଃ ରୂପାନ୍ତରିତ କରି ଆଣିବାରେ ଲାଗିଛି । ଏଇଥିରୁହିଁ ତୁମକୁ ଜୀବନ କ୍ଷେତ୍ରରେ ସଂଘଟିତ ହୋଇଥିବା କ୍ରମୋତ୍ତର ଅଗ୍ରଗତିର ଏକ ଇତିହାସ ଉପଲବ୍ଧ

'oaob.nitrkl.ac.in' images reprocessed

ହୋଇଯିବ : ପଥରରୁ କିପରି ସହସା ଏକ ପ୍ରଥମ ସ୍ତରୀୟ ପ୍ରାଣର ଉନ୍ମେଷ ହୋଇ ଆସିଛି ଏବଂ ପରବର୍ତ୍ତୀ ଏକାଧିକ ଜୀବସ୍ତରକୁ ଅତିକ୍ରମ କରି ସେହି କ୍ଷେତ୍ରରେ କିପରି ଗୋଟାଏ ପ୍ରକାରର ସଂଗଠନ ବି ସମ୍ଭବ ହୋଇ ଆସିଛି, ଅର୍ଥାତ୍ ଜୀବନର ଉଦ୍‌ଘାଟନ କରାଇ ପାରୁଥିବା ଏକ ଜୈବ ଉପାଦାନ ସମ୍ଭବ ହୋଇପାରିଛି, ତୁମକୁ ତାହାରି ଇତିହାସଟି ମିଳିଯାଇପାରିବ । ମାତ୍ର ଧାତୁ ଜଗତ ଏବଂ ଉଦ୍ଭିଦ-ଜଗତ, ଏହି ଦୁଇଟି ମଧ୍ୟରେ ମଧ୍ୟବର୍ତ୍ତୀ ଆହୁରି କେତେ ଉପାଦାନ ରହିଛି, ସେଗୁଡ଼ିକୁ ପ୍ରକୃତରେ ଧାତୁ-ସ୍ତରର ଅନ୍ତର୍ଗତ କରାଯିବ ଅଥବା ଉଦ୍ଭିଦ-ସ୍ତରର ଅନ୍ତର୍ଗତ କରାଯିବ, ସେହି କଥାଟି ମୋଟେ ଜାଣିହେଉ ନାହିଁ । ଏଗୁଡ଼ିକୁ ବିସ୍ତୃତ ଭାବରେ ଅଧ୍ୟୟନ କଲେ ଏପରି କେତେକ ବିଚିତ୍ର ଜୀବପ୍ରରୂପ ଦୃଷ୍ଟିଗୋଚର ହୋଇଥା'ନ୍ତି, ଯେଉଁଗୁଡ଼ିକ କି ଏହି ଶ୍ରେଣୀଟିର ଅନ୍ତର୍ଭୁକ୍ତ ନୁହନ୍ତି କିଂବା ସେହି ଶ୍ରେଣୀଟିର ବି ଅନ୍ତର୍ଭୁକ୍ତ ନୁହନ୍ତି, ଯେଉଁଗୁଡ଼ିକୁ କି ସ୍ପଷ୍ଟ ଭାବରେ ଏହି ସ୍ତରର କୁହାଯାଇ ପାରିବ ନାହିଁ ଅଥବା ସ୍ପଷ୍ଟ ଭାବରେ ସେହି ସ୍ତରର ବି କୁହାଯାଇପାରିବ ନାହିଁ । ତା'ପରେ ଆସୁଛି ଉଦ୍ଭିଦ-ଜଗତର ବିକାଶ, ଯେଉଁଠାରେ କି ସ୍ୱଭାବତଃହିଁ ପ୍ରାଣର ବିକାଶ ହୋଇଯାଉଛି, କାରଣ ସେହି ସ୍ତରରେ ଅଭିବୃଦ୍ଧି ରହିଛି, ପରିବର୍ତ୍ତନ ମଧ୍ୟ ରହିଛି । ଗଛଟି ଆଗ ଗଜା ହୋଇ ଦେଖାଦେଉଛି, ବଢ଼ୁଛି ଓ ବଡ଼ ବି ହେଉଛି; ଏବଂ, ଜୀବନର ପ୍ରଥମ ଲକ୍ଷଣଗୁଡ଼ିକର ଆବିର୍ଭାବ ସଙ୍ଗେ ସଙ୍ଗେ ବିପଚନ ଏବଂ ବିଘଟନର ଲକ୍ଷଣଗୁଡ଼ିକ ମଧ୍ୟ ଦେଖିବାକୁ ମିଳୁଛି; ପ୍ରସ୍ତର ସ୍ତରଟିର ତୁଳନାରେ ଏହି ସ୍ତରରେ ଏସବୁ ଲକ୍ଷଣ ଅପେକ୍ଷାକୃତ ଅଧିକ ଦ୍ରୁତ ଭାବରେ କ୍ରିୟାଶୀଳ ହୋଇରହିଛି । ଅନ୍ୟାନ୍ୟ ଶକ୍ତିଗୁଡ଼ିକର ପ୍ରଭାବରୁ ସୁରକ୍ଷିତ ହୋଇ ରହିପାରିଲେ ଖଣ୍ଡେ ପ୍ରସ୍ତର ହୁଏତ ପ୍ରାୟ ଅନନ୍ତ କାଳ ପର୍ଯ୍ୟନ୍ତ ଠିକ୍ ସେହିପରି ରହିଯାଇପାରୁଛି; ମାତ୍ର ଏକ ଉଦ୍ଭିଦର ଜୀବନରେ ବୃଦ୍ଧି ରହିଛି, ଆରୋହଣ ରହିଛି, ଅବକ୍ଷୟ ଏବଂ ବିପଚନ ମଧ୍ୟ ରହିଛି । ମାତ୍ର ଏସବୁ ହେଉଥିଲେ ମଧ୍ୟ ସେହି କ୍ଷେତ୍ରରେ ଏକ ଅତ୍ୟନ୍ତ ସୀମାବଦ୍ଧ ଚେତନା ମଧ୍ୟ ଅବସ୍ଥିତ ରହିଛି । ଯେଉଁମାନେ ଉଦ୍ଭିଦ-ଜଗତର ବିଶଦ ଅଧ୍ୟୟନ କରିଛନ୍ତି, ସେହି ଜଗତରେ ଯେ ଏକ ଚେତନା ବିଦ୍ୟମାନ ରହିଛି, ସେମାନେ ସେହି କଥାଟିକୁ ଭଲ କରି ଜାଣିଛନ୍ତି । ଉଦାହରଣ ସ୍ୱରୂପ, ଉଦ୍ଭିଦମାନେ ଜୀବନଧାରଣ ସକାଶେ ସୂର୍ଯ୍ୟାଲୋକ ଆବଶ୍ୟକ କରୁଛନ୍ତି,– ସୂର୍ଯ୍ୟରୁ ସକ୍ରିୟ ଶକ୍ତିଟିକୁ ଗ୍ରହଣ କରି ସେମାନେ ବୃଦ୍ଧିଲାଭ କରିପାରୁଛନ୍ତି,– ତେଣୁ ଯଦି ତୁମେ କୌଣସି ଉଦ୍ଭିଦକୁ ଏପରି ଗୋଟିଏ ସ୍ଥାନରେ ନେଇ ରଖିଦେବ ଯେଉଁଠାରେ କି ଆଦୌ କୌଣସି ସୂର୍ଯ୍ୟକିରଣ ନ ଥିବ, ତେବେ ତୁମେ ଦେଖିବାକୁ ପାଇବ ଯେ ସେହି ଉଦ୍ଭିଦଟି ସେଠାରେ କ୍ରମଶଃ ବୃଦ୍ଧିଲାଭ କରି ସୂର୍ଯ୍ୟାଲୋକ ଲାଭ କରିବା ଲାଗି ଏକ ଉଦ୍ୟମ କରିବାରେହିଁ ଲାଗିଛି । ଉଦାହରଣସ୍ୱରୂପ, କୌଣସି ଗହନ ଅରଣ୍ୟ ମଧ୍ୟରେ, ଯେଉଁଠାରେ ମନୁଷ୍ୟ ଯାଇ କୌଣସି ହସ୍ତକ୍ଷେପ କରିପାରୁ ନାହିଁ, ସେଠାରେ

'oaob.nitrkl.ac.in' images reprocessed

ଉଦ୍ଭିଦଗୁଡ଼ିକ ଭିତରେ ସର୍ବଦା ଏହିଭଳି ଗୋଟିଏ ସଂଘର୍ଷ ଲାଗି ରହିଛି, ସୂର୍ଯ୍ୟାଲୋକ ଲାଭ କରିପାରିବାର ଉଦ୍ୟମରେ ଉଦ୍ଭିଦଗୁଡ଼ିକ ଯେକୌଣସି ବାଟରେ ସିଧା ଉପରକୁ ବଢ଼ିଯିବା ଲାଗି ଉଦ୍ୟମ କରିବାରେହିଁ ଲାଗିଛନ୍ତି । ଏହା ପ୍ରକୃତରେ ଏକ ଭାରି ଆଗ୍ରହୋଦ୍ଦୀପକ କଥା । ମାତ୍ର, ପାଚେରି ଦ୍ୱାରା ଘେରା ହୋଇଥିବା ଗୋଟିଏ ବେଶ୍ ସାନ ଅଗଣାରେ ମଧ୍ୟ ଯଦି ତୁମେ ଫୁଲକୁଣ୍ଡଟିଏ ନେଇ ରଖିଦେବ, ଯେଉଁଠାକୁ କି ସୂର୍ଯ୍ୟାଲୋକ ଆସିପାରୁ ନ ଥିବ, ତେବେ, ଯେଉଁ ଗଛ ସାଧାରଣତଃ ଏତେଯାଏ (*ମାଆ ହାତରେ ଦେଖାଇଦେଲେ*) ଉଚ୍ଚ ହେଉ ନ ଥିବ, ତାହା ସେଠାରେ ହୁଏତ ସେତିକି ଉଚ୍ଚଯାଏ ବଢ଼ିଯିବ । ଆପଣାକୁ ପ୍ରସାରିତ କରିଦେଇ ତାହା ଆଲୋକ ଲାଭ କରିବା ପାଇଁ ଉଦ୍ୟମ କରୁଥିବ । ତେଣୁ, ସେହି କ୍ଷେତ୍ରରେ ଏକ ଚେତନା କାର୍ଯ୍ୟ କରୁଛି ବୋଲି ଜାଣିବାକୁ ହେବ, ଜୀବନଧାରଣ କରି ରହିବାର ଏକ ଇଚ୍ଛା ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି ବୋଲି ଜାଣିବାକୁହିଁ ହେବ । ଏହିପରି ଅଳ୍ପ ଅଳ୍ପ କରି ଅଧିକ ବିକଶିତ ଜୀବଜାତିମାନଙ୍କର କ୍ଷେତ୍ରକୁ ଆସି ତୁମେ ପୁନର୍ବାର ଏପରି ଏକ ମଧ୍ୟବର୍ତ୍ତୀ ସୋପାନରେ ଆସି ପହଞ୍ଚିବ, ଯେଉଁଠାରେ କି ଜୀବଜାତିଟିକୁ ସଂପୂର୍ଣ୍ଣ ଭାବରେ ଏକ ଉଦ୍ଭିଦ ବୋଲି କହିହେବ ନାହିଁ ବା ସଂପୂର୍ଣ୍ଣ ଭାବରେ ଏକ ପ୍ରାଣୀ ବୋଲି ବି କହି ହେବ ନାହିଁ । ଏପରି ଅନେକ ଜୀବଜାତି ରହିଛନ୍ତି ଏବଂ ଏଗୁଡ଼ିକ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ମାଂସାଶୀ ଉଦ୍ଭିଦମାନେ ରହିଛନ୍ତି, ଆଁ ହୋଇ ରହିଥିବା ପାଟି ପରି ଦିଶୁଥିବା ଉଦ୍‌ଭିଦମାନେ ରହିଛନ୍ତି, ଯେଉଁଥିରେ କି ଗୋଟାଏ ମାଛି ଧରିଆଣି ପକାଇଦେବା ମାତ୍ରକେ ସେମାନେ ତାହାକୁ ଟକ୍‌କରି ଗିଳି ପକାଇବେ । ସେହି ସ୍ତରରେ ତାହାକୁ ସଂପୂର୍ଣ୍ଣ ଭାବରେ ଏକ ଉଦ୍ଭିଦ ବୋଲି କଦାପି କୁହାଯିବ ନାହିଁ, ତଥାପି ଏକ ପ୍ରାଣୀ ବୋଲି ବି କହି ହେବ ନାହିଁ । ଏହିପରି ଉଦ୍ଭିଦ ଅନେକ ପ୍ରକାରର ଅଛନ୍ତି ।

ତା'ପରେ ଆମେ ପ୍ରାଣୀମାନଙ୍କ ସ୍ତରକୁ ଆସିବା । ପ୍ରଥମ ପର୍ଯ୍ୟାୟର ପ୍ରାଣୀମାନଙ୍କୁ ଉଦ୍ଭିଦମାନଙ୍କଠାରୁ ଅଲଗା କରି ବାରିପାରିବାର ପ୍ରକୃତରେ ଭାରି କଷ୍ଟକର ହେବ,— ସେମାନଙ୍କ ମଧ୍ୟରେ ଆମେ ପ୍ରାୟ ଆଦୌ କୌଣସି ଚେତନା ଦେଖିବାକୁ ପାଇବା ନାହିଁ । ମାତ୍ର ସେହି କ୍ଷେତ୍ରରେ ମଧ୍ୟ ତୁମେ ଯାବତୀୟ ପ୍ରକାରର ପ୍ରାଣୀକୁ ଦେଖିବାକୁ ପାଇବ,— ତୁମେ ସେଗୁଡ଼ିକୁ ନିଶ୍ଚୟ ଜାଣିଛ, ନୁହେଁ ?— ଏହିପରି ଭାବରେ ତୁମେ ଉଚ୍ଚତର ପ୍ରାଣୀମାନଙ୍କର ସ୍ତରକୁ ଆସିବ, ଯେଉଁମାନେ କି ବସ୍ତୁତଃ ଅତ୍ୟନ୍ତ ସଚେତନ । ସେମାନଙ୍କର ଏକ ସଂପୂର୍ଣ୍ଣ ସ୍ୱାଧୀନ ଇଚ୍ଛା ରହିଛି । ସେମାନେ ଅତ୍ୟନ୍ତ ସଚେତନ, ଅଦ୍ଭୁତ ଭାବରେ ବୁଦ୍ଧିସଂପନ୍ନ । ଏଠାରେ ଆମେ ଉଦାହରଣସ୍ୱରୂପ ହାତୀର କଥା ବିଚାର କରିପାରିବା । ହାତୀ ଏବଂ ସେମାନଙ୍କର ଅଦ୍ଭୁତ ବୁଦ୍ଧି ବିଷୟରେ ତୁମେମାନେ ତ କେତେ ଗପ ଶୁଣିଥିବ । ତେଣୁ, ହାତୀର ସ୍ତରକୁ ଆସି ଆମେ ମନର ଏକ ଅତ୍ୟନ୍ତ ପରିମାଣରେ ଗୋଚର

'oaob.nitrkl.ac.in' images reprocessed

ହୋଇପାରୁଥିବା ଉପସ୍ଥିତି ଦେଖିବାକୁ ପାଇବା । ଏବଂ, ବିକାଶର ଏହି କ୍ରମୋଉର ମାର୍ଗରେ ଆମେ ଶେଷରେ ହାଠାତ୍ ଏପରି ଏକ ଜୀବ ପାଖରେ ଆସି ପହଞ୍ଚିଯିବା,– ଯାହାକି ହୁଏତ ଅନ୍ତର୍ହିତ ହୋଇଯାଇଛି ଏବଂ ଯାହାର ଅବଶେଷମାନ ଆବିଷ୍କୃତ ବି ହୋଇ ସାରିଲାଣି,– ଆମେ ବାନର ବା ତଦ୍ରୂପ ଜାତିର ଏକ ମଧ୍ୟବର୍ତ୍ତୀ ପ୍ରାଣୀର ପର୍ଯ୍ୟାୟରେ ଆସି ପହଞ୍ଚିବା । ବର୍ତ୍ତମାନ ବାନର ବୋଲି ଆମେ ଯେଉଁମାନଙ୍କୁ ଦେଖୁଛୁ, ଏଇଟି ଅବିକଳ ସେହିପରି ନ ହୋଇଥିଲେ ମଧ୍ୟ ତାହାର ଅତ୍ୟନ୍ତ ନିକଟବର୍ତ୍ତୀ । ମାତ୍ର ଆମେ ଦେଖିବା ଯେ ଏହି ପ୍ରାଣୀଟି ଦୁଇଗୋଡ଼ରେ ଚାଲିବାକୁ ବି ଆରମ୍ଭ କରିଛି । ତା'ପରେ ଆମେ ମନୁଷ୍ୟର ସୋପାନକୁ ଆସିବା । ସେଠାରେ ପହଞ୍ଚି ଆମେ ମନୁଷ୍ୟ ବିବର୍ତ୍ତନର ଏକ ସଂପୂର୍ଣ୍ଣ ଚଳନ୍ତିଚିତ୍ର ଦେଖିବାକୁ ପାଇବା । ସିଏ ଯେ ଏକ ବିଚକ୍ଷଣ ବୁଦ୍ଧିର ବାହକ ହୋଇ ରହିଛି, ଆମେ ଅବଶ୍ୟ ସେକଥା କହିପାରିବା ନାହିଁ, ମାତ୍ର ଏକ ସକ୍ରିୟ ମନର ପରିଚୟ ପାଇବା, ସ୍ୱତନ୍ତ୍ରତାବୋଧର ଏକ ଆରମ୍ଭ ହୋଇଥିବାର ଦେଖିବାକୁ ପାଇବା, ପରିବେଶ ତଥା ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରତି ଏକ ସ୍ୱତନ୍ତ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଉ ଥିବାର ଦେଖିବାକୁ ବି ପାଇବା । ତେଣୁ, ମନୁଷ୍ୟର ପର୍ଯ୍ୟାୟକୁ ଆସି ଆଧ୍ୟାତ୍ମିକ ଜୀବନର ସାମର୍ଥ୍ୟଟିକୁ ବହନ କରୁଥିବା ଏକ ଉଚ୍ଚତର ଜୀବ ପର୍ଯ୍ୟନ୍ତ ଆମେ ସମୁଦାୟ ଆୟତନକୁହିଁ ଦେଖିବାକୁ ପାଇବା ।

ଏହି ପୃଷ୍ଠାରେ ଶ୍ରୀଅରବିନ୍ଦ ଆମକୁ ସେହି କଥାଟିକୁ କହିଛନ୍ତି ।

ବାସ୍, ଏତିକି । ବର୍ତ୍ତମାନ ତୁମ ଭିତରୁ ଆଉ କାହାରି କିଛି ପଚାରିବାକୁ ଅଛି କି ?

*ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : ''ଏହି ଚେତନା... ବୁଦ୍ଧିର ଶିଖରସୀମାରେ ଆସି ପହଞ୍ଚିଛି ଏବଂ ମନୁଷ୍ୟର ସ୍ତରରେ ଆପଣାର ସୀମାଟିକୁ ପାର ହୋଇଯାଉଛି ।''...*

ହଁ, ବର୍ତ୍ତମାନ ମୁଁ ତୁମକୁ ଠିକ୍ ସେହି କଥାଟି କହୁଥିଲି । ଆପଣାର ଉଚ୍ଚତମ ସୋପାନକୁ ଆସି ମନୁଷ୍ୟ ପ୍ରକୃତିଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ହୋଇଯିବାକୁ ଆରମ୍ଭ କରୁଛି । ''ସଂପୂର୍ଣ୍ଣ ଭାବରେ'' କହିଲେ ତାହା ଏକ ଅତିରଞ୍ଜନ ହୋଇଯାଉଛି ସତ, ମାତ୍ର ବସ୍ତୁତଃ ସଂପୂର୍ଣ୍ଣ ସ୍ୱତନ୍ତ୍ର ହୋଇପାରିବାର ସାମର୍ଥ୍ୟ ମନୁଷ୍ୟ ଭିତରେ ଅବଶ୍ୟ ରହିଛି । ଯେଉଁ ବ୍ୟକ୍ତି ଆପଣା ଭିତରେ ଆଧ୍ୟାତ୍ମିକ ଚେତନାର ଉପଲବ୍ଧି କରିପାରିଛି, ଦିବ୍ୟ ପରମ ଉତ୍ସଟି ସହିତ ଯାହାର ଏକ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ହୋଇପାରିଛି, ସିଏ ଆକ୍ଷରିକ ଅର୍ଥରେ ମଧ୍ୟ ପ୍ରକୃତିଠାରୁ ସ୍ୱତନ୍ତ୍ର ହୋଇପାରିଛି । ପ୍ରାକୃତିକ ଶକ୍ତିଗୁଡ଼ିକଠାରୁ ସ୍ୱତନ୍ତ୍ର ହୋଇପାରିଛି ।

'oaob.nitrkl.ac.in' images reprocessed

(*ବର୍ଷା ପଡ଼ିବାକୁ ଆରମ୍ଭ କଲା*) ହଁ, ଆମର ମନଗୁଡ଼ିକୁ ଶୀତଳ କରିଦେବାକୁ ବର୍ଷା ହେଲାଣି । (*ସମସ୍ତେ ହସିଲେ*)

"ଆପଣାକୁ ପାର ହୋଇଯାଉଛି" ବୋଲି କହି ଶ୍ରୀଅରବିନ୍ଦ ତାହାହିଁ କହିବାକୁ ଚାହୁଁଛନ୍ତି । ଅର୍ଥାତ୍, ସେହି ଯଥାର୍ଥ ସତ୍ତା, ଅନ୍ତର୍ଗତ ସେହି ଦିବ୍ୟ ଚେତନା, ସେହି ସର୍ବୋଚ୍ଚ ଅଧ୍ୟାତ୍ମ ସତ୍ୟଟି ବିକଶିତ ହେବା ଲାଗି ପ୍ରୟାସ କରିବାରେ ଲାଗିଛି । (*ଭାରି ଜୋରରେ ବର୍ଷା ହେଲା*) । ଆମକୁ ବର୍ତ୍ତମାନ କଥା ବନ୍ଦ କରିବାକୁହିଁ ପଡ଼ିବ... ଆପଣାକୁ ବ୍ୟକ୍ତ କରିପାରିବାର ଏକ ସଚେତନ ସାଧନକୁ ବିକଶିତ କରାଇ ଆଣି ପାରିବାର ଉଦ୍ୟମରେ ତାହା ସତ୍ତାର ଏପରି ଏକ ସ୍ତରରେ ଆସି ପହଞ୍ଚି ପାରୁଛି, ଯେଉଁଠାରେ କି ସେହି ପରମ ତତ୍ ସହିତ ତାହାର ଏକ ପ୍ରତ୍ୟକ୍ଷ ସଂପର୍କ ସ୍ଥାପିତ ହୋଇପାରୁଛି ଏବଂ ସେହି ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ଲାଗି ତାହାକୁ ପ୍ରକୃତିର ସମୁଦାୟ ପ୍ରକ୍ରିୟାଟି ମଧ୍ୟଦେଇ ମୋଟେ ଗତି କରିବାକୁ ପଡୁ ନାହିଁ ।

ନାଇଁ, ଆମକୁ ବର୍ତ୍ତମାନ ବନ୍ଦ କରିବାକୁ ହେବ । ଆଜି ଧ୍ୟାନର କୌଣସି କାର୍ଯ୍ୟକ୍ରମ ନାହିଁ, କାରଣ...

'oaob.nitrkl.ac.in' images reprocessed

## ୩୦ ଅକ୍ଟୋବର ୧୯୫୭

"ଏହି ପୃଥିବୀପୃଷ୍ଠରେ ଜଡ଼ରୁ ମନଯାଏ ଏବଂ ତାହାକୁ ଅତିକ୍ରମ କରି ପ୍ରକୃତିର ଯେଉଁ କ୍ରିୟାତ୍ମକ ବିବର୍ତ୍ତନଟି ଲାଗି ରହିଛି, ତାହାର ପ୍ରକ୍ରିୟାଟି ଦୁଇଟି ଧାରାରେ କାର୍ଯ୍ୟ କରୁଛି : ଭୌତିକ ବିବର୍ତ୍ତନର ଏକ ବାହ୍ୟ ଓ ଦୃଶ୍ୟମାନ ପ୍ରକ୍ରିୟା ରହିଛି, ଯାହାକି ଜନ୍ମକୁ ଆପଣାର ସାଧନଯନ୍ତ୍ରରୂପେ ବ୍ୟବହାର କରୁଛି, କାରଣ ଶରୀରରୂପେ ବିବର୍ତ୍ତିତ ହେଉଥିବା ପ୍ରତ୍ୟେକ ରୂପ ଚେତନାରୂପେ ବିବର୍ତ୍ତିତ ହେଉଥିବା ଆପଣାର ନିଜ ଶକ୍ତିଟିକୁ ଧାରଣ କରି ରହିଛି ଏବଂ ବଂଶାନୁକ୍ରମିକତାର ନିୟମଟିକୁ ଆଶ୍ରୟ କରି ଅବିଚ୍ଛିନ୍ନ ଭାବରେ ତିଷ୍ଠି ରହିପାରୁଛି । ଦ୍ୱିତୀୟତଃ, ଏହି କ୍ଷେତ୍ରରେ ଆତ୍ମସତ୍ତାଗତ ବିବର୍ତ୍ତନର ଏକ ଅଦୃଶ୍ୟ ପ୍ରକ୍ରିୟା ମଧ୍ୟ କାର୍ଯ୍ୟ କରୁଛି ଏବଂ ରୂପାୟଣ ତଥା ଚୈତନ୍ୟର କ୍ରମାରୋହୀ ସୋପାନଗୁଡ଼ିକରେ ବାରବାର ଜନ୍ମଗ୍ରହଣ କରିବାର ଏକ ରୀତି ଏଠାରେ ସାଧନଯନ୍ତ୍ର ହୋଇ ରହିଛି । କେବଳ ପ୍ରଥମ ପ୍ରକ୍ରିୟାଟିକୁ ବିଚ୍ଛିନ୍ନ କରି ଦେଖିଲେ ତାହା ଏକ ବିଶ୍ୱବିବର୍ତ୍ତନକୁ ବୁଝାଇବ; କାରଣ ସେଥିରେ ବ୍ୟକ୍ତି କେବଳ ଏକ ନିମିତ୍ତ ହୋଇ ରହିଥିବ; ଅବତୀର୍ଣ୍ଣ ହେବା ମାତ୍ରକେ କେବଳ ପୁଣି ବିଲୁପ୍ତ ହୋଇଯାଉଥିବ; ଏବଂ ତେଣୁ ଗୋଷ୍ଠୀହିଁ ଏକ ଅଧିକ ସ୍ଥାୟୀ ସାମୂହିକ ରୂପାୟଣ ହିସାବରେ ବିଶ୍ୱର ସେହି ପରମ ଅଧିବାସୀ ଅର୍ଥାତ୍ ବିଶ୍ୱମୟ ପରମ ଚିଦ୍‌ଗତତାର ଅଭିବ୍ୟକ୍ତିକ୍ରମରେ ଏକ ଯଥାର୍ଥ ପଦକ୍ଷେପରୂପେ ପରିଗଣିତ ହେଉଥିବ । ମାତ୍ର ପ୍ରକୃତ ପକ୍ଷରେ ଦେଖିବସିଲେ ଏହି ମର୍ତ୍ତ୍ୟ ଅସ୍ତିତ୍ୱରେ ବ୍ୟକ୍ତିସତ୍ତାର ବିବର୍ତ୍ତନ ଓ ସ୍ଥାୟୀ ଅବସ୍ଥାନ ସକାଶେ ପୁନର୍ଜନ୍ମକୁ ଏକ ଅପରିହାର୍ଯ୍ୟ ସର୍ତ୍ତରୂପେ ମାନିବାକୁ ପଡ଼ିବ । ବିଶ୍ୱଗତ ଅଭିବ୍ୟକ୍ତିର ପ୍ରତ୍ୟେକ ସୋପାନ ଅନ୍ତର୍ବାସୀ ଚିନ୍ମୟସତ୍ତାର ବାସସ୍ଥାନରୂପେ ବ୍ୟବହୃତ ହୋଇପାରୁଥିବା ପ୍ରତ୍ୟେକ ଜାତିରୂପକୁ ଆଶ୍ରୟ କରି ପୁନର୍ଜନ୍ମ ଦ୍ୱାରା ବ୍ୟକ୍ତି-ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତାର ଏକ ସାଧନରୂପେ ରୂପାନ୍ତରିତ ହୋଇଯାଏ ଏବଂ ଆପଣାର ଅନ୍ତଃଗୁଢ଼ ଚେତନାଟିର କ୍ରମଶଃ ଅଧିକରୁ ଅଧିକତର ପ୍ରକାଶ ଘଟାଇଥାଏ । ଏହାଦ୍ୱାରା ଆପଣା ମଧ୍ୟରେ ଚେତନାର ଏକ ବୃହତ୍ତର କ୍ରମବିକାଶ ଘଟାଇ ପ୍ରତ୍ୟେକ ଜୀବ ଜଡ଼ ଉପରେ ବିଜୟ ହାସଲ କରିବାର ଏକ ସୋପାନରେ ପରିଣତ ହୁଏ ଏବଂ ସେହି

'oaob.nitrkl.ac.in' images reprocessed

*କ୍ରମବିବର୍ତ୍ତନ ବା ବିକାଶ ଫଳରେ ଅବଶେଷରେ ସ୍ୱୟଂ ଜଡ଼ ମଧ୍ୟ ପରମ ଚିନ୍ମୟତାର ପରିପୂର୍ଣ୍ଣ ଅଭିବ୍ୟକ୍ତି ଲାଗି ଏକ ସାଧନରୂପେ ବ୍ୟବହୃତ ହେବାକୁ ଅବଶ୍ୟ ସମର୍ଥ ହୋଇପାରିବ ।''*

ଦିବ୍ୟ-ଜୀବନ(ଇଂ), ପୃଷ୍ଠା ୮୨୫-୨୬

*ମାଆ, ଏସବୁ ବୁଝିବା ଭାରି କଷ୍ଟକର ।*

ଆଚ୍ଛା !...

ଯଦି ତୁମେ ଏହି ପୃଥିବୀର ଇତିହାସଟିକୁ ବିଚାର କରି ଦେଖିବ, ତେବେ ଜାଣିବାକୁ ପାଇବ ଯେ ଏଠାରେ ଜୀବନର ଯାବତୀୟ ରୂପ ଏକ ସାଧାରଣ ଯୋଜନା ଓ ସାଧାରଣ କାର୍ଯ୍ୟକ୍ରମର ଅନ୍ତର୍ଗତ ହୋଇ ଗୋଟିକ ପରେ ଗୋଟିଏ ଆବିର୍ଭୂତ ହୋଇଆସିଛି । ଏଠାରେ ପ୍ରତ୍ୟେକ ସ୍ତରରେ ସର୍ବଦା ଏକ ନୂତନ ପରିପୂର୍ଣ୍ଣତା ଏବଂ ଏକ ବୃହତ୍ତର ଚେତନା ଆସି ସମଗ୍ର ଧାରାଟି ସହିତ ଯୁକ୍ତ ହୋଇଯାଇଛି । ଏଠାରେ ଆମେ କେବଳ ପ୍ରାଣୀମାନଙ୍କରହିଁ ରୂପାୟଣ-ସ୍ତରଟି ଉପରେ ବିଚାର କରି ଦେଖିବା,– କାରଣ ସେଇଟିକୁ ବୁଝିବା ଅପେକ୍ଷାକୃତ ଅଧିକ ସହଜ ଏବଂ ଠିକ୍ ମଣିଷର ପୂର୍ବରୁହିଁ ସେମାନଙ୍କର ଆବିର୍ଭାବ ଘଟିଥିଲା । ଆବିର୍ଭୂତ ହୋଇଥିବା ପ୍ରତ୍ୟେକ ପ୍ରାଣୀର ସାଧାରଣ ପ୍ରକୃତିରେ ଆମେ ଏକ ଅଧିକ ପରିପୂର୍ଣ୍ଣତା ଉପଲବ୍ଧ ହୋଇଥିବାର ଦେଖିବାକୁ ପାଇବା,– ଏଠାରେ ଯାବତୀୟ ଚିଜିନିଷଗୁଡ଼ିକୁ ଆଖିଆଗରେ ରଖି ମୁଁ ଆଦୌ ଏକଥା କହୁ ନାହିଁ,– ମାତ୍ର ପୂର୍ବବର୍ତ୍ତୀ ପ୍ରକାରଗୁଡ଼ିକର ତୁଳନାରେ ଏକ ଅଧିକ ପରିପୂର୍ଣ୍ଣତା ଉପଲବ୍ଧ ହୋଇଥିବାର ଦେଖିବାକୁ ପାଇବା । ଆରୋହଣଧର୍ମୀ ଏହି ଅଗ୍ରଗତିର ସର୍ବୋଚ୍ଚ ବିନ୍ଦୁରେ ମନୁଷ୍ୟର ଆବିର୍ଭାବ ହେଲା, ଯାହାକୁ କି ଆମେ ଚେତନାର ଦୃଷ୍ଟିକୋଣଟିରୁ ବିଚାର କରି ବର୍ତ୍ତମାନ ଚେତନାର ଅଭିବ୍ୟକ୍ତି ଘଟାଇ ପାରୁଥିବା ସମର୍ଥତମ ରୂପ ବୋଲି କହିପାରିବା । ଅର୍ଥାତ୍ ଆମେ ଏପରି କହିପାରିବା ଯେ, ଆପଣାର ସର୍ବୋଚ୍ଚ ସ୍ଥାନଟିରେ ପହଞ୍ଚି, ଆପଣା ସମ୍ଭାବନାଗୁଡ଼ିକର ସର୍ବୋଚ୍ଚ ବିନ୍ଦୁକୁ ଆସି ମନୁଷ୍ୟରୂପୀ ଏହି ପ୍ରାଣୀ ଯେଉଁ ଚେତନାର ଅଧିକାରୀ ହୋଇପାରିବ, ପୂର୍ବଗାମୀ କୌଣସି ଅନ୍ୟ ପ୍ରାଣୀ କଦାପି ସେହି ଚେତନାର ଅଧିକାରୀ ହୋଇପାରି ନାହିଁ ।

ପ୍ରକୃତି ଯେତେ ଉପାୟରେ ବିବର୍ତ୍ତିତ ହେବାରେ ଲାଗିଛି, ଏଇଟି ହେଉଛି ସେଥିମଧ୍ୟରୁ ଗୋଟିଏ ।

ଶ୍ରୀଅରବିନ୍ଦ ଆମକୁ ଗତ ସପ୍ତାହରେ କହିଥିଲେ ଯେ ଏହି ପ୍ରକୃତି କ୍ରମୋତ୍ତର

'oaob.nitrkl.ac.in' images reprocessed

ଭାବରେ ଏକ ଆରୋହୀ ମାର୍ଗର ଅନୁସରଣ କରିବାରେ ଲାଗିଛି, ଯେପରିକି ଯାବତୀୟ ରୂପାୟଣ ମଧ୍ୟରେ ବିଦ୍ୟମାନ ରହିଥିବା ଦିବ୍ୟ ଚେତନାଟିକୁ ତାହା ଅଧିକରୁ ଅଧିକ ପରିମାଣରେ ବ୍ୟକ୍ତ କରିଦେଇ ପାରିବ । ତେଣୁ, ନିଜର ସୃଷ୍ଟ ପ୍ରତ୍ୟେକଟି ରୂପରେ ପ୍ରକୃତି ଏପରି ଏକ ରୂପକୁ ସମ୍ଭବ କରି ଆଣୁଛି, ଯାହାକି ସେହି ରୂପଟି ମଧ୍ୟରେ ରହିଥିବା ଚିଦାତ୍ମାଟିକୁ ଅଧିକ ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିଦେଇ ପାରୁଛି । ମାତ୍ର ଏପରି ନ ହୋଇ ଯଦି ଗୋଟିଏ ନିର୍ଦ୍ଦିଷ୍ଟ ରୂପର ଆବିର୍ଭାବ ହେଉଥାନ୍ତା, ତାହା ବିକାଶ ଲାଭ କରୁଥାନ୍ତା ଏବଂ ଆପଣାର ଉଚ୍ଚତମ ବିନ୍ଦୁଟିରେ ପହଞ୍ଚିବା ପରେ ତା'ର ସ୍ଥାନାପନ୍ନ ଭାବରେ ଆଉ ଗୋଟିଏ ରୂପର ଆସି ଆବିର୍ଭାବ ହେଉଥାନ୍ତା, ତେବେ ଅନ୍ୟଗୁଡ଼ିକ ଅନ୍ତର୍ହିତ ହୋଇଯାଉ ନ ଥାନ୍ତେ ସତ, ମାତ୍ର ତଦ୍ଦ୍ୱାରା ବ୍ୟକ୍ତିର ଆଦୌ କୌଣସି ଅଗ୍ରଗତି ହେଉ ନ ଥାନ୍ତା । ଉଦାହରଣ ସ୍ୱରୂପ, ଗୋଟିଏ କୁକୁର ବା ଗୋଟିଏ ମାଙ୍କଡ଼କୁ ଆମେ ସର୍ବଦା ଏପରି ଗୋଟିଏ ଗୋଟିଏ ଜୀବଜାତିର ଅନ୍ତର୍ଗତ କରି ଦେଖିପାରିବା, ଯାହାର କି ସ୍ୱକୀୟ ବିଶିଷ୍ଟ ଲକ୍ଷଣମାନ ରହିଛି; ଯେତେବେଳେ ମର୍କଟ ବା ମନୁଷ୍ୟ ଆପଣା ସମ୍ଭାବନାର ସର୍ବୋଚ୍ଚ ବିନ୍ଦୁରେ ଆସି ପହଞ୍ଚିଯିବ ଅର୍ଥାତ୍, ଜଣେ ମନୁଷ୍ୟ ବ୍ୟକ୍ତି ଯେତେବେଳେ ମନୁଷ୍ୟତ୍ୱର ସର୍ବୋତ୍ତମ ପ୍ରରୂପଟିକୁ ହାସଲ କରିବ, ସେତେବେଳେ ତାହାର ବିଲୁପ୍ତି ଘଟିବ । ତା'ପରେ ସେହି ବ୍ୟକ୍ତି ଆଉ ଅଧିକ ଅଗ୍ରଗତି କରିବା ଲାଗି ଆଦୌ ସମର୍ଥ ହେବ ନାହିଁ । ସିଏ ମନୁଷ୍ୟରୂପୀ ଜୀବଜାତିର ଅନ୍ତର୍ଗତ ହୋଇ ରହିଛି ଏବଂ ସବୁଦିନେ କେବଳ ତାହାରି ଅନ୍ତର୍ଗତ ହୋଇହିଁ ରହିଥିବ । ତେଣୁ, ପୃଥିବୀ-ଇତିହାସର ଦୃଷ୍ଟିରୁ ବିଚାର କରି ଦେଖିଲେ ଏକ ଅଗ୍ରଗତି ନିଶ୍ଚୟ ହେଉଛି, କାରଣ, ପୂର୍ବବର୍ତ୍ତୀ ଜୀବଜାତିଟିର ତୁଳନାରେ ପ୍ରତ୍ୟେକ ଜୀବଜାତି ନିଶ୍ଚୟ ଏକ ଅଗ୍ରଗତିରହିଁ ପ୍ରତିନିଧିତ୍ୱ କରିପାରୁଛି; ମାତ୍ର, ବ୍ୟକ୍ତିଜୀବଟିର ଦୃଷ୍ଟିକୋଣରୁ ପ୍ରକୃତରେ ଆଦୌ କୌଣସି ଅଗ୍ରଗତି ଘଟୁ ନାହିଁ । ସିଏ ଜନ୍ମଗ୍ରହଣ କରୁଛି, ଆପଣା ବିକାଶର ଧାରାଟିକୁ ଅନୁସରଣ କରୁଛି, ତା'ପରେ ମରିଯାଉଛି ଏବଂ ଅନ୍ତର୍ହିତ ହୋଇଯାଉଛି । ତେଣୁ, ବ୍ୟକ୍ତିର ଅଗ୍ରଗତିଟିକୁ ମଧ୍ୟ ସୁନିଶ୍ଚିତ କରି ରଖିବା ଲାଗି, ବିବର୍ତ୍ତନର ଅନ୍ୟ କୌଣସି ଉପାୟଟିଏ ଖୋଜି ବାହାର କରିବାର ପ୍ରୟୋଜନ ଆସି ପହଞ୍ଚିଲା; ଏହି ଉପାୟଟି ଆଦୌ ଯଥେଷ୍ଟ ହେଲା ନାହିଁ । ମାତ୍ର ପ୍ରତ୍ୟେକ ରୂପଟି ମଧ୍ୟରେ ରହିଥିବା ବ୍ୟକ୍ତି ଭିତରେ ଚେତନାର ଏପରି ଏକ ସଂଗଠନ ରହିଛି ଯାହାକି ସେହି ଦିବ୍ୟ ପରମ-ଉପସ୍ଥିତିର ଅଧିକ ନିକଟବର୍ତ୍ତୀ ହୋଇ ରହିଛି ଏବଂ ଅଧିକ ପ୍ରତ୍ୟକ୍ଷ ଭାବରେ ତାହାଦ୍ୱାରା ପ୍ରଭାବିତ ହୋଇପାରୁଛି; ଏବଂ ଯେଉଁ ରୂପଟି ଏହିପରି ପ୍ରଭାବିତ ହୋଇପାରୁଛି,— ଏହି ପ୍ରକାରର ଏକ ଅନ୍ତର୍ଗତ ଶକ୍ତି-ସଂକେନ୍ଦ୍ରଣ ଦ୍ୱାରା ପ୍ରଭାବିତ ହୋଇପାରୁଛି, ତାହାର ସ୍ଥୂଳ ରୂପଟିଠାରୁ ସ୍ୱତନ୍ତ୍ର ହୋଇ ରହିଥିବା ଏକ ସ୍ୱତନ୍ତ୍ର ଜୀବନ

'oaob.nitrkl.ac.in' images reprocessed

ମଧ୍ୟ ରହିଛି,— ସେଇଟିକୁହିଁ ଆମେ ସାଧାରଣତଃ "ଆତ୍ମା" ବା "ଚୈତ୍ୟ ସତ୍ତା" ବୋଲି କହୁ,— ଏବଂ, ଦିବ୍ୟ କେନ୍ଦ୍ରଟିର ଚାରିପାଖରେ ସଂଗଠିତ ହୋଇରହିଥିବାରୁ ତାହା ସେହି ଅବିନାଶୀ ଓ ଚିରନ୍ତନ ଦିବ୍ୟ ପ୍ରକୃତିଟି ମଧ୍ୟରେ ଅଂଶଗ୍ରହଣ ବି କରିପାରୁଛି । ବାହ୍ୟ ଶରୀରଟି ତଳକୁ ଖସି ପଡୁଛି, ଏବଂ ଏଇଟି ପ୍ରତ୍ୟେକ ଜୀବନରେ ଆପଣାର ପ୍ରତ୍ୟେକଟି ଅଭିଜ୍ଞତାର ମଧ୍ୟଦେଇ ଅବିଚ୍ଛିନ୍ନ ହୋଇ ରହିପାରୁଛି । ଏବଂ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଏକ ଅଗ୍ରଗତି ବି ସମ୍ଭବ ହେଉଛି, ଏବଂ ସେହି ସମାନ ବ୍ୟକ୍ତିଟିହିଁ ଏହି ଅଗ୍ରଗତି କରିବାରେ ଲାଗିଛି । ଏବଂ ଏହି ଗତିଶୀଳତାଟି ଅନ୍ୟ ଗତିଶୀଳତାର ଅନୁପୂରକ ହୋଇ କାର୍ଯ୍ୟ କରୁଛି, ଅର୍ଥାତ୍, ଗୋଟିଏ ଜୀବଜାତି ଅନ୍ୟ ଜୀବଜାତିଗୁଡ଼ିକ ଅପେକ୍ଷା ତୁଳନାତ୍ମକ ଭାବରେ ଅଧିକ ଅଗ୍ରଗତି କରିବା ପରିବର୍ତ୍ତେ ଜଣେ ବ୍ୟକ୍ତିହିଁ ଏହିସବୁ ଜୀବଜାତିର ଯାବତୀୟ ଅଗ୍ରଗତିସ୍ତର ଦେଇ ଅତିକ୍ରମ କରିଯାଉଛି ଏବଂ ଜୀବଜାତିଗୁଡ଼ିକ ଆପଣା ସମ୍ଭାବନାର ଶେଷ ପ୍ରାନ୍ତଟିରେ ଆସି ପହଞ୍ଚିବା ପରେ ମଧ୍ୟ ବ୍ୟକ୍ତି ତଥାପି ଅଖଣ୍ଡ ଭାବରେ ଅଗ୍ରଗତି କରିବାକୁ ସମର୍ଥ ହେଉଛି । ଜୀବଜାତିଗୁଡ଼ିକ ସେହି ଚରମ ସୀମାରେ ପହଞ୍ଚି ସେଇଠି ପଡ଼ିରହିଲେ ଅଥବା ବିଲୁପ୍ତ ହୋଇଗଲେ ମଧ୍ୟ,— ସେଇଟି ପ୍ରତ୍ୟେକ କ୍ଷେତ୍ରରେ ସେହି ଜୀବଜାତି ଉପରେ ନିର୍ଭର କରିବ,— ମାତ୍ର ସେମାନେ ଆଉ କଦାପି ଆଗକୁ ଯାଇପାରିବେ ନାହିଁ, ମାତ୍ର ଅପର ପକ୍ଷରେ କେବଳ ତା'ର ସ୍ଥୂଳ ରୂପଠାରୁ ସ୍ୱତନ୍ତ୍ର ଭାବରେ ଏକ ଜୀବନ ଯାପନ କରୁଥିବା ବ୍ୟକ୍ତି ଗୋଟିଏ ରୂପରୁ ଆଉଗୋଟିଏ ରୂପକୁ ବେଶ୍ ଅତିକ୍ରମ କରିଯାଇ ପାରୁଛି, ଏବଂ ଅନିର୍ଦ୍ଦିଷ୍ଟ ଭାବରେ ଆପଣାର ଅଗ୍ରଗତିଟିକୁ ବଜାୟ ରଖିପାରୁଛି । ଏହାଦ୍ୱାରା ଏକ ଦ୍ୱୈତ ଗତିଶୀଳତା ଆପଣାକୁ ସଂପୂର୍ଣ୍ଣ କରିଦେଇ ପାରୁଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସର୍ବୋଚ୍ଚ ଉପଲବ୍ଧିର ସୋପାନରେ ଯାଇ ପହଞ୍ଚିବାର ଏକ ସମ୍ଭାବନା ସର୍ବଦା ରହିଛି; ସିଏ ସାମୟିକ ଭାବରେ ଯେଉଁ ଶରୀରଟି ମଧ୍ୟରେ ରହିଛି, ତା'ର ଅଗ୍ରଗତି ତା' ଉପରେ ଆଦୌ ନିର୍ଭର କରୁ ନାହିଁ ।

ଏପରି ଅନେକ ଲୋକ ଅଛନ୍ତି,— ଆଗେ ଥିଲେ ଏବଂ ମୁଁ ଭାବୁଛି ଏବେ ମଧ୍ୟ ରହିଛନ୍ତି,— ଯେଉଁମାନେ କି ସେମାନଙ୍କର ପୂର୍ବତନ ଜନ୍ମଗୁଡ଼ିକର କଥା ସ୍ମରଣ ରଖିଛନ୍ତି ବୋଲି କହିଥାନ୍ତି ଏବଂ ସେମାନେ ଯେତେବେଳେ କୁକୁର, ହାତୀ ବା ବାନର ହୋଇ ଜନ୍ମ ହୋଇଥିଲେ, ସେତେବେଳେ ଘଟିଯାଇଥିବା ଯାବତୀୟ କଥାକୁ ଗୋଟିଗୋଟି କରି କହିଯାଆନ୍ତି ।— ଏସବୁ କଥା ସ୍ମରଣ ରଖିବାର ଶକ୍ତି ହୁଏତ ମଣିଷ ପାଖରେ ନ ଥାଏ, ମାତ୍ର ତାହା ହେଉଛି ଏକ ଭିନ୍ନ କଥା,— ମୁଁ ସେମାନଙ୍କ ସହିତ ଯୁକ୍ତି କରିବାକୁ ଯାଉ ନାହିଁ, ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏଥିରୁ ଏହି କଥାଟିର ଦୃଷ୍ଟାନ୍ତ ନିଶ୍ଚୟ

'oaob.nitrkl.ac.in' images reprocessed

ମିଳିଯାଉଛି ଯେ ମଣିଷ ହୋଇ ଜନ୍ମ ହେବା ପୂର୍ବରୁ ଜଣେ ବ୍ୟକ୍ତି ହୁଏତ ଏକ ବାନର ହୋଇ ବି ଜନ୍ମଗ୍ରହଣ କରିଥିଲା । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆପଣା ବିଷୟରେ ଅଧିକରୁ ଅଧିକ ଚେତନାଶୀଳ ହୋଇପାରିବା ଲାଗି ଏହି ଅନ୍ତର୍ଗତ ଦିବ୍ୟ ଅଗ୍ନିକଣାଟି ଗୋଟିଗୋଟି କରି କେତେ ଶରୀର ମଧଦେଇ ଅଗ୍ରସର ହୋଇଆସିଛି । ଏବଂ, ମନୁଷ୍ୟଶରୀର ମଧ୍ୟରେ ଚୈତ୍ୟସତ୍ତା ଯେପରି ଅବସ୍ଥାରେ ରହିଛି, ସେହି ଅବସ୍ଥାରେ ଆସି ପହଞ୍ଚିବା ପୂର୍ବରୁ ଜଣେ ବ୍ୟକ୍ତି ଯେଉଁ ଦେହଟିକୁ ଧାରଣ କରି ରହିଥିଲା, ଯଦି ସେ ସେହି ଶରୀରଟିର କଥା ମନେ ରଖିପାରିଛି ବୋଲି ପ୍ରମାଣିତ ହୋଇଯାଏ, ତେବେ ଜଣେ ହୁଏତ ଗଛ ଉପରେ ଚଢ଼ି ନଡ଼ିଆ ଖାଇବାର ଏବଂ ଏପରିକି ତଳେ ଯାଉଥିବା ପଥିକମାନଙ୍କ ଉପରେ ଯାବତୀୟ କୌଶଳ ଖେଳିଥିବାର କଥାଗୁଡ଼ିକୁ ମଧ ବେଶ୍ ସ୍ମରଣ କରିପାରିବ ।

ସେକଥା ଯାହା ହୋଇଥାଉ ପଛକେ, ଆମ ଆଗରେ ତଥ୍ୟଟି ଅବଶ୍ୟ ରହିଛି । ସମ୍ଭବତଃ ପରେ ଆମେ ଏହି କଥାଟିକୁ ମଧ ଜାଣିବାକୁ ପାଇବା ଯେ, ମାନସିକ ସତ୍ତା ଯେପରି ନାନା ସ୍ମୃତିକୁ ଧାରଣ କରିପାରୁଛି, ଚୈତ୍ୟସତ୍ତାଟି ମଧ ସେହିପରି ସ୍ମୃତିଗୁଡ଼ିକୁ ଧାରଣ କରିବା ଲାଗି ସମର୍ଥ ହେବା ପାଇଁ ଅନ୍ତର୍ଗତ ସଂଗଠନର ଏକ ନିର୍ଦ୍ଦିଷ୍ଟ ସ୍ଥିତିର ପ୍ରୟୋଜନ ରହିଛି । ଏବିଷୟରେ ଆମେ ପରେ କଥାବାର୍ତ୍ତା କରିବା; ବହିରେ ସେହି ପ୍ରସଙ୍ଗଟି ଯେତେବେଳେ ଆସିବ, ସେତେବେଳେ କଥାବାର୍ତ୍ତା କରିବା । ମାତ୍ର ସେକଥା ଯାହା ହେଉ ପଛକେ, ଆମେ ଏହି କଥାଟିକୁ ଏକ ପ୍ରତିଷ୍ଠିତ ସତ୍ୟ ବୋଲିହିଁ ଜାଣିବା । ଆପଣାର ପ୍ରତିଚ୍ଛେଦ କରୁଥିବା ଏବଂ ଆପଣାର ଅନୁପୂରକ ରୂପେ କାର୍ଯ୍ୟ କରୁଥିବା ବିବର୍ତ୍ତନର ଏହି ଦ୍ୱୈତ ଗତିଶୀଳତାହିଁ ପ୍ରତ୍ୟେକ ସତ୍ତା ମଧ୍ୟରେ ରହିଥିବା ଦିବ୍ୟ ଆଲୋକଟିକୁ ଉପଲବ୍ଧି କରିବା ଲାଗି ସବୁଠାରୁ ଅଧିକ ସମ୍ଭାବନାମାନ ଆଣି ଯୋଗାଇ ଦେଇଥାଏ । ଶ୍ରୀଅରବିନ୍ଦ ଏହି କଥାଟିକୁହିଁ ବ୍ୟାଖ୍ୟା କରିଛନ୍ତି । (ପିଲାଟିକୁ ଉଦ୍ଦେଶ୍ୟ କରି) ଏହାର ଅର୍ଥ ହେଉଛି ଯେ ତୁମର ବାହ୍ୟ ଶରୀରରେ ତୁମେ ଯେଉଁ ପ୍ରାଣୀଜାତିର ପ୍ରତିନିଧିତ୍ୱ କରୁଛ, ତାହା ଏକ ଅତିମାନସ ପ୍ରାଣୀଜାତିରେ ପରିଣତ ହେବା ଲାଗି ଅଗ୍ରସର ହୋଇଯାଉଛି । ତୁମେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହଁ । ମାତ୍ର, ତୁମ ଭିତରେ ଏକ ଚୈତ୍ୟସତ୍ତା ରହିଛି, ଯାହାକି ଏହା ପୂର୍ବରୁ ଅନେକ, ଅନେକ, ଅଗଣିତ ଶରୀରରେ ବାସ କରିଆସିଛି ଏବଂ ତୁମର ଭିତରେ ହଜାର ହଜାର ବର୍ଷର ଅଭିଜ୍ଞତାକୁ ବହନ କରି ବର୍ତ୍ତମାନ ରହିଛି; ତୁମର ଏହି ମନୁଷ୍ୟ ଶରୀରଟି ଏହିପରି ଏକ ମନୁଷ୍ୟଶରୀର ହୋଇ ରହିଥିବ ଏବଂ ଶେଷରେ ଏହାର କ୍ଷୟ ଘଟିବ ସତ, ମାତ୍ର ସେହି ଚୈତ୍ୟ ସତ୍ତାର ଆଦୌ କୌଣସି କ୍ଷୟ ଘଟିବ ନାହିଁ ।

'oaob.nitrkl.ac.in' images reprocessed

ଆପଣାର ଶରୀରରେ ଏକ ରୂପାନ୍ତର ଘଟାଇବାକୁ ଏବଂ ପ୍ରାଣୀ-ମାନବ ଏବଂ ଅତିମାନବର ମଧ୍ୟବର୍ତ୍ତୀ ଜୀବଜାତି ସ୍ୱୟଂ ସୃଷ୍ଟି କରିପାରିବାକୁ ଚୈତ୍ୟ-ସତ୍ତା ମଧ୍ୟରେ ଉପଯୁକ୍ତ ସମ୍ଭାବନାଟି ରହିଛି କି ନାହିଁ, ଆମେ ସେକଥା ପରେ ଜାଣିବାକୁ ପାଇବା । ଏଇଟିକୁ ଆମେ ପରେ ଖୋଜି ବାହାର କରିବା । ମାତ୍ର, ବର୍ତ୍ତମାନ ପାଇଁ ଆମେ ଏହାକୁ ଏକ ଅବିନାଶୀ ଆତ୍ମା ବୋଲି ଜାଣିବା ଯାହାକି ମନୁଷ୍ୟର ଶରୀର ମଧ୍ୟରେ ଆପଣା ବିଷୟରେ ଅଧିକରୁ ଅଧିକ ସଚେତନ ହେବାରେ ଲାଗିଛି । ଆଚ୍ଛା, ବର୍ତ୍ତମାନ ତୁମେ ବୁଝିପାରିଲ ?

*(ଆଉ ଗୋଟିଏ ପିଲା) ମାଆ, ପ୍ରକୃତିର କ୍ଷେତ୍ରରେ ଅନେକ ସମୟରେ ଗୋଟିଏ ଜୀବଜାତି ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯାଏ । ସେପରି ହେବାର କାରଣ କ'ଣ ?*

ସେଇଟା ଯେ କୌଣସି ସଫଳତା ଲାଭ କଲା ନାହିଁ, ପ୍ରକୃତି ବୋଧହୁଏ ସେହିପରି ଭାବିବାକୁ ଆରମ୍ଭ କରେ । ତୁମେ ଜାଣି ରଖିଥାଅ ଯେ ପ୍ରକୃତି ପ୍ରାଚୁର୍ଯ୍ୟର ସହିତ ଆପଣାକୁ କ୍ରିୟାଶୀଳ କରି ରଖିଥାଏ ଏବଂ କୌଣସି ପ୍ରକାର ମିତବ୍ୟୟିତା ଲାଗି ପ୍ରକୃତି ମଧ୍ୟରେ ଏକ ସଂପୂର୍ଣ୍ଣ ଅଭାବ ରହିଥାଏ । ଏକଥା ଆମେ ନିଜେ ବି ଦେଖିବାକୁ ପାଇବା । ପ୍ରକୃତି ଯାହାକିଛି ପାରେ, ସେହି ସବୁକିଛି ଲାଗି ପ୍ରୟାସ କରୁଥାଏ, ଯାବତୀୟ ପ୍ରକାରେ ପ୍ରୟାସ କରୁଥାଏ, ନିଃସନ୍ଦେହ ଭାବରେ ଚମତ୍କାର କେତେକେତେ ଉଦ୍ଭାବନ କରିବାରେ ଲାଗିଥାଏ । ମାତ୍ର ବେଳେ ବେଳେ... ସତେଯେପରି ସେ କୌଣସି ଅନ୍ଧଗଳି ଭିତରେ ଆସି ପଶିଯାଏ । ସେହି ଦିଗକୁ ମୁହାଁଇ ଚାଲିଲେ, କୌଣସି ଅଗ୍ରଗତି କରିବା ପରିବର୍ତ୍ତେ ଆମେ ହୁଏତ ଏପରି ନାନା ବସ୍ତୁପାଖରେ ଆସି ପହଞ୍ଚୁ, ଯାହାକି ଆଦୌ ଗ୍ରହଣୀୟ ହୋଇପାରେ ନାହିଁ । କୌଣସି ପ୍ରକାର ପୂର୍ବହିସାବ ନ କରି ପ୍ରକୃତି ପୂର୍ଣ୍ଣ ପ୍ରାଚୁର୍ଯ୍ୟର ସହିତ ଆପଣାର ସୃଜନାତ୍ମକ ଭାବଟିକୁ କାର୍ଯ୍ୟରେ ଲଗାଇ ଦେଇଥାଏ, ଏବଂ ସଂଯୋଜନଟି ଖୁବ୍‌ବେଶୀ ସଫଳ ହୋଇ ନ ପାରିଲେ ପ୍ରକୃତି ସେତେବେଳେ ଏହିପରି କରିଦିଏ (*ମାଆ ହାତ ଦ୍ୱାରା ଦେଖାଇଦେଲେ*), ତା'ପରେ ସେଇଟିକୁ ପ୍ରତ୍ୟାଖ୍ୟାନ କରେ; ସେଥିଲାଗି ତା'ର ଆଦୌ କୌଣସି ଚିନ୍ତା ନ ଥାଏ । କାରଣ, ପ୍ରକୃତି ଲାଗି ଏକ ସୀମାହୀନ ପ୍ରାଚୁର୍ଯ୍ୟ ମହଜୁଦ ହୋଇ ରହିଥାଏ । ମୁଁ ଭାବୁଛି, କୌଣସି ପ୍ରକାର ପ୍ରୟୋଗ କରି ଦେଖିବାକୁ ସେ କେବେହେଲେ କୁଣ୍ଠିତ ହୁଏ ନାହିଁ । ଯେତେବେଳେ କୌଣସି ପ୍ରୟୋଗ ଏକ ସଫଳ ପରିଣାମରେ ଆସି ପରିଣତ ହେବାର ସମ୍ଭାବନା ରହିଥାଏ, ସେତେବେଳେ

'oaob.nitrkl.ac.in' images reprocessed

ସେହି ପ୍ରୟୋଗଟି ବନ୍ଦ ନ ହୋଇ ଚାଲିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାନର ଏବଂ ମନୁଷ୍ୟ ମଧ୍ୟରେ ଏକାଧିକ ମଧ୍ୟବର୍ତ୍ତୀ ସ୍ତର ବା ସମାନ୍ତର ରୂପାୟଣମାନ ରହିଛି । ସେଗୁଡ଼ିକର କେତେକ ସୂଚନା ମଧ୍ୟ ମିଳିଛି । ଅନେକେ ଏହି ବିଷୟରେ ହୁଏତ କେତେ କ'ଣ କଳ୍ପନା କରି ପକାଇଛନ୍ତି । ମାତ୍ର ସେକଥା ଯାହାହେଉ ପଛକେ ସେଗୁଡ଼ିକର ନାନା ଅବଶେଷ ପ୍ରାପ୍ତ ହୋଇଛି,– ଏବଂ ସେହିସବୁ ଜୀବଜାତି ଅନ୍ତର୍ହିତ ହୋଇଯାଇଛନ୍ତି । ତେଣୁ, ଯଦି ଆମେ ସେହିପରି କଳ୍ପନାମାନ କରିବାକୁ ଭଲ ପାଉଥିବା, ତେବେ, ଏହାପରେ ଯେଉଁ ଜୀବଜାତିର ଆବିର୍ଭାବ ହେବ ଏବଂ ଯାହାକୁ ପ୍ରାଣୀମାନବ ଏବଂ ଅତିମାନବର ଏକ ମଧ୍ୟବର୍ତ୍ତୀ ସ୍ତର ବୋଲି କୁହାଯାଇ ପାରିବ, ସେଇଟି ପ୍ରକୃତରେ ସ୍ଥାୟୀ ହୋଇରହିବ ଅଥବା ନୀରସ ବୋଲି ବିବେଚିତ ହୋଇ ପ୍ରତ୍ୟାଖ୍ୟାତ ହେବ, ଆମେ ସେବିଷୟରେ ମଧ୍ୟ ନାନା କଳ୍ପନାଜଳ୍ପନା କରିପାରିବା ।... ଏକଥାଟିକୁ ଆମେ ପରେ ଆଲୋଚନା କରିବା । ପରବର୍ତ୍ତୀ ଥର ଏହି ଅବସରରେ ଆମେ ପୁନର୍ବାର ସେହି କଥାଟିକୁ ପକାଇବା ।

ସରଳ ଭାବରେ ଆମେ ଏହାକୁ ଏକ ସୀମାହୀନ ପ୍ରାଚୁର୍ଯ୍ୟରହିଁ କ୍ରିୟାତ୍ମକତା ବୋଲି ଜାଣିବା । ଅଗଣିତ ଅନେକ ଉପାଦାନର ଅଧିକାରୀ ହୋଇ ରହିଥିବା ଜଣେ ବ୍ୟକ୍ତି ପରି କାର୍ଯ୍ୟ କରିବାକୁ ପ୍ରକୃତି ପାଖରେ ଯଥେଷ୍ଟ ଜ୍ଞାନ ଓ ଯଥେଷ୍ଟ ଚେତନା ମହଜୁଦ ରହିଛି । ସେହିସବୁ ଉପାଦାନକୁ ମିଶାଇ ଦିଆଯାଇ ପାରୁଛି, ପୁଣି ଅଲଗା କରି ଦିଆଯାଇ ପାରୁଛି, ତାହାର ଗୋଟିଏ ଆକାରକୁ ଭାଙ୍ଗି ଆଉ ଗୋଟିଏ ଆକାରକୁ ଗଢ଼ି ଥୋଇ ଦିଆଯାଇ ପାରୁଛି ଏବଂ ପୁନର୍ବାର ଭାଙ୍ଗି ଦିଆଯାଇ ପାରୁଛି ଏବଂ...। ଏହାକୁ ଆମେ ଗୋଟାଏ ବିରାଟ କଡ଼ାଇ ପରି କଳ୍ପନା କରିପାରିବା : ତୁମେ ସେଇଟିକୁ ଯେତେ ମନ୍ଥିବାରେ ଲାଗିଥିବ, ସେଥିରୁ ସେତିକି ସେତିକି କୌଣସି ନା କୌଣସି ବସ୍ତୁ ବାହାରି ଆସିବାରେ ଲାଗିଥିବ । ଯେଉଁଟା ତୁମର ମନକୁ ପାଉ ନ ଥିବ, ତୁମେ ସେଇଟିକୁ ପୁଣି ସେହି କଡ଼େଇ ଭିତରକୁ ପକାଇ ଦେଉଥିବ, ପୁଣି ଆଉଗୋଟାଏ କିଛି ସାଉଁଟି ନେଉଥିବ । ଏହାର ପ୍ରସ୍ତଟିକୁ ଅନୁମାନ କର,... ଏକ ଦୃଷ୍ଟାନ୍ତରୂପେ ଏହି ପୃଥିବୀଟିକୁହିଁ ନିଅ । ଗୋଟିଏ ରୂପ, ଦୁଇଟି ରୂପ ବା ଶହେ ପ୍ରକାରର ରୂପ,– ପୃଥିବୀ ଲାଗି ଏହି ସଂଖ୍ୟାଟିର ଆଦୌ କୌଣସି ମହତ୍ତ୍ୱ ନାହିଁ,– ଏପରି ହଜାର, ହଜାର ଓ ହଜାର ପ୍ରକାର ରୂପ ଏହି ପୃଥିବୀରେ ରହିଛି, ଏବଂ କେତୋଟି ବର୍ଷ ଅତିବାହିତ ହୋଇଯିବା ପରେ, ଶହେ, ହଜାରେ କିଂବା ଗୋଟିଏ ନିୟୁତ ବର୍ଷ ଅତିବାହିତ ହୋଇଯିବା ପରେ ତାହାର ହୁଏତ ଆଦୌ କୌଣସି ମହତ୍ତ୍ୱ ରହୁ ନାହିଁ । ତୁମ ସମ୍ମୁଖରେ ପ୍ରକୃତରେ ଶାଶ୍ୱତ କାଳହିଁ ପଡ଼ିରହିଛି !

ମନୁଷ୍ୟର ମାନଦଣ୍ଡରେ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବା ସମୟରେ, ଏହି ଦେଶ ଓ କାଳର ଅନ୍ତର୍ଗତ ହୋଇରହି ସେଗୁଡ଼ିକୁ ଅବଲୋକନ କରିବା ସମୟରେ

'oaob.nitrkl.ac.in' images reprocessed

ତାହା ସତେଅବା କେତେ ଅପର୍ଯ୍ୟାପ୍ତ କ'ଣ ପରି ମନେହେଉଛି । ମାତ୍ର ପ୍ରକୃତି ଲାଗି ଏହାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଏହା ସତେଅବା ଗୋଟାଏ ଖେଳ ପରି । ଆମକୁ ଏହି ଖେଳ ଭଲ ଲାଗିପାରେ, ଭଲ ଲାଗି ବି ନ ପାରେ, ମାତ୍ର ତଥାପି ଏଇଟି ହେଉଛି ଗୋଟିଏ ଖେଳ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରକୃତି ଏହି ଖେଳଟିକୁ ବେଶ୍ ଅନୁଭବ କରିଥାଏ ଓ କେବେହେଲେ ତରତର ହୁଏ ନାହିଁ । ଯଦି ପ୍ରକୃତିକୁ ଆଦୌ କେଉଁଠାରେ ବି ଅଟକି ନ ଯାଇ ଚାଲିଯିବା ଲାଗି କିଂବା ତା' କାର୍ଯ୍ୟର ଏହି ଅଂଶଟିକୁ ଅଥବା ସେହି ଅଂଶଟିକୁ ଶୀଘ୍ର ଶେଷ କରିଦେବା ଲାଗି କେହି ଆଦେଶ ଦିଏ, ପ୍ରକୃତି ସବୁବେଳେ ତାହାର ସେହି ଗୋଟିଏ ଉତ୍ତରହିଁ ଦେଇଥାଏ : "କିନ୍ତୁ କାହିଁକି ? ମୁଁ କାହିଁକି ତରତର ହେବି ? କାହିଁକି ଶୀଘ୍ର ଶେଷ କରିବି ? ତୁମକୁ କ'ଣ ଏସବୁ ବେଶ୍ ମଜା ଲାଗୁ ନାହିଁ ?"

'oaob.nitrkl.ac.in' images reprocessed

## ୧୩ ନଭେମ୍ବର ୧୯୫୭

*ପ୍ରଥମ ପୃଷ୍ଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ସେହି ବିଷୟରେ ମୋ' ପାଖକୁ ପ୍ରଶ୍ନଟିଏ ଆସିଛି : ''ଏକ ଆଧ୍ୟାତ୍ମିକ ବିବର୍ତ୍ତନ, ଜଡ଼ର ଭୂମି ଉପରେ ଆପଣାକୁ ସତତ ପରିଣତ କରିବାରେ ଲାଗିଥିବା ଏକ ଆତ୍ମରୂପାୟଣର ମଧ୍ୟଦେଇ ଚେତନାର ଏକ ବିବର୍ତ୍ତନ, ଏହାହିଁ ହେଲା ଆମର ଏହି ପାର୍ଥିବ ଜୀବନର ମୂଳ କଥା, ଏହାର ସର୍ବପ୍ରଧାନ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ । ଅନ୍ତର ଭିତରେ ଅଧିଷ୍ଠିତ ରହିଥିବା ଆତ୍ମାକୁ ସେହି ରୂପଟି ଅଭିବ୍ୟକ୍ତ କରିଦେବା ଲାଗି ସମର୍ଥ ହେବା ପର୍ଯ୍ୟନ୍ତ ଏହି ବିବର୍ତ୍ତନ ଲାଗି ରହିଥିବ ।''*

ଦିବ୍ୟ-ଜୀବନ (ଇଂ), ପୃଷ୍ଠା-୮୨୪

*ତେଣୁ, ଏହି ଶରୀର ବା ରୂପର ଦୃଷ୍ଟିରୁ ବିଚାର କରି ଦେଖିଲେ ମଣିଷକୁ ଇତର ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ କାହିଁକି ଅଧିକ ଉଚ୍ଚ ସ୍ତରର ବୋଲି କୁହାଯିବ ?*

ମୁଁ ଭାବୁଛି, ଏହାର ଉତ୍ତର ଭାରି ସହଜରେ ମିଳିଯିବ ।

ଶ୍ରୀଅରବିନ୍ଦ ଏଠାରେ ଅନ୍ତର୍ଗତ ଚିଦାତ୍ମାକୁ ଅଭିବ୍ୟକ୍ତ କରିଦେବା ଲାଗି ସମର୍ଥ ହେଉଥିବା ଶରୀରର କଥା କହିଛନ୍ତି । ଚେତନା, ଯଥାର୍ଥ ବୋଧ ଏବଂ ପରିଶେଷରେ ପ୍ରଭୁତ୍ୱ-ଅର୍ଜନ,– ଏହି ସ୍ୱଭାବଗୁଡ଼ିକ ମଧ୍ୟଦେଇହିଁ ଅନ୍ତର୍ଗତ ଚିଦାତ୍ମାର ପ୍ରକାଶ ସମ୍ଭବ ହୋଇପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୌନ୍ଦର୍ଯ୍ୟ-ଧାରଣା ଏବଂ ତୁଳ୍ପା ଶାରୀରିକ ଚେହେରା ଦୃଷ୍ଟିରୁ କେତେକ ପ୍ରାଣୀଙ୍କର ରୂପକୁ ଅବଶ୍ୟ ସୁନ୍ଦର ବୋଲି କୁହାଯାଇ ପାରିବ, ଏପରିକି, ମଣିଷର ବର୍ତ୍ତମାନ ଯେଉଁ ରୂପଟି ଅବକ୍ଷୟର ଏକ ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଛି, ତାହାଠାରୁ ହୁଏତ ଅଧିକ ସୁନ୍ଦର ବୋଲି କୁହାଯାଇ ପାରିବ । ଅତୀତରେ ଏପରି କେତେକ ପର୍ଯ୍ୟାୟ ଅବଶ୍ୟ ଥିଲା, ଯେତେବେଳେ କି ମନୁଷ୍ୟଜାତି ହୁଏତ ଅନେକ ଅଧିକ ସୁନ୍ଦର ଓ ସମଞ୍ଜସତାଯୁକ୍ତ ହୋଇ ରହିଥିଲା; ମାତ୍ର ପରମ ଚିଦାତ୍ମାକୁ ପ୍ରକାଶିତ କରି ଆଣିବାର ଏକ ମାଧ୍ୟମରୂପେ ମନୁଷ୍ୟର ଶରୀର ଯେ ଏକ ଉଚ୍ଚତର ସ୍ଥାନରେ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମଣିଷ ଯେ ସିଧା ହୋଇ ଠିଆହୋଇ ପାରୁଛି, ଏହି ଗୋଟିଏ କଥାହିଁ ଊର୍ଦ୍ଧ୍ୱରୁ ଯାବତୀୟ ବସ୍ତୁ ଉପରେ ଦୃଷ୍ଟିପାତ କରିବା ଲାଗି

'oaob.nitrkl.ac.in' images reprocessed

ରହିଥିବା ତା'ର ସାମର୍ଥ୍ୟ ବିଷୟରେ ଏକ ପ୍ରତୀକ ପରି କାର୍ଯ୍ୟ କରୁଛି । ନାକଟାକୁ ସର୍ବଦା ଭୂଇଁ ଆଡ଼କୁ ପୋତିରଖିବା ବଦଳରେ ମନୁଷ୍ୟ ଯାହାକିଛି ଦେଖେ, ତାହା ଉପରେ ସ୍ୱୟଂ ପ୍ରମୁଖ ଭାବରେ ପ୍ରତିଷ୍ଠିତ ହୋଇ ରହିଥାଏ । ଅବଶ୍ୟ ଚଢ଼େଇମାନେ ବି ଆକାଶରେ ଉଡ଼ି ପାରୁଛନ୍ତି ବୋଲି କୁହାଯାଇ ପାରିବ, ମାତ୍ର ଦେଶାଧାରୀ ପ୍ରାଣୀ ହିସାବରେ ବୁଦ୍ଧିଗତ ଆତ୍ମ-ଅଭିବ୍ୟକ୍ତିର ଏକ ସାଧନ ଲାଭ କରିବା ସେମାନଙ୍କ ପକ୍ଷରେ ପ୍ରକୃତରେ କଷ୍ଟକର ହୋଇରହିଛି ।

ସିଧା ଠିଆହୋଇ ପାରିବାର ଏକ ଅତ୍ୟନ୍ତ ପ୍ରତୀକାତ୍ମକ ଅର୍ଥ ରହିଛି । ତୁମେ ଯଦି କେବେ ହାତଗୋଡ଼ ଉଭୟର ସାହାଯ୍ୟ ନେଇ ଗୁରୁଣ୍ଡି ଚାଲିବାକୁ ଚେଷ୍ଟା କରିବ, ତେବେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ତଦ୍ଦ୍ୱାରା ତୁମର ଆଖି ଏବଂ ନାକ ପ୍ରୟୋଜନତଃ ତଳମୁହାଁ ହୋଇ ରହୁଛନ୍ତି, ଏବଂ ତୁମେ ଯେ ଅନ୍ୟ ଏକ ଭୂମିରୁ ବା ଊର୍ଦ୍ଧ୍ୱରୁ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରୁଛ, ତୁମେ ସେତେବେଳେ ତାହା ଆଦୌ ଅନୁଭବ କରିପାରିବ ନାହିଁ । ମନୁଷ୍ୟର ଶାରୀରିକ ଗଠନକୁ ଲକ୍ଷ୍ୟ କଲେ ସ୍ପଷ୍ଟତଃ ମନେ ହୋଇଥାଏ ଯେ ଏକ ମନୋମୟ ଜୀବନର ଅଭିବ୍ୟକ୍ତି ଲାଗି ଅନୁରୂପ ହୋଇହିଁ ତାହାର ଗଠନ କରାଯାଇଛି । ଉଦାହରଣ ସ୍ୱରୂପ, ମସ୍ତିଷ୍କରେ ରହିଥିବା ନାନା ଆନୁପାତିକତା, ମନୁଷ୍ୟ-ମସ୍ତକର ଗଠନ, ବାହୁ ଏବଂ ହାତଗୁଡ଼ିକର ଗଠନ,— ପରମ ଚିଦାତ୍ମାକୁ ଅଭିବ୍ୟକ୍ତ କରି ଆଣିବାର ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି ସବୁଯାକ କଥାକୁ ନିଃସନ୍ଦେହ ଭାବରେ ସଂପୂର୍ଣ୍ଣ ଉଚ୍ଚତର ସ୍ତରର ବୋଲି କୁହାଯାଇ ପାରିବ । ବରଂ ଏପରି ବୋଧ ହୋଇଥାଏ ଯେ ବୁଦ୍ଧିମତ୍ତାର ଅଭିବ୍ୟକ୍ତିକୁ ସମ୍ଭବ କରିପାରିବା ଉଦ୍ଦେଶ୍ୟରେହିଁ ସେହିଗୁଡ଼ିକର ସ୍ୱତନ୍ତ୍ର କଳ୍ପନା ଏବଂ ରଚନା କରାଯାଇଛି ।

ଏକଥା ନିଶ୍ଚୟ ସତ ଯେ ବଳ, ନମନୀୟତା ଏବଂ ଦକ୍ଷତା ଦୃଷ୍ଟିରୁ ବିଚାର କରି ଦେଖିଲେ ମଣିଷକୁ କଦାପି ସବୁଠାରୁ ଅଧିକ କୁଶଳତାଯୁକ୍ତ ପ୍ରାଣୀ ବୋଲି କୁହାଯାଇ ପାରିବ ନାହିଁ; ମାତ୍ର ପରମ ଚିଦାତ୍ମାର ପ୍ରକାଶ ଘଟାଇପାରିବା ଦୃଷ୍ଟିରୁ ବିଚାର କଲେ ଅନ୍ୟ କୌଣସି ପ୍ରାଣୀ ମଣିଷର କଦାପି ସମତୁଲ ହେବେ ନାହିଁ । ଠିକ୍ ଏହି କଥାଟିକୁ ନଜରରେ ରଖିହିଁ ମଣିଷର ସବୁକିଛିକୁ ତିଆରି କରାଯାଇଛି । ଏକ ମାନସିକ ଜୀବନର ଆବଶ୍ୟକତା ଦୃଷ୍ଟିରୁ ମନୁଷ୍ୟକୁ ଯେଉଁସବୁ ସାମର୍ଥ୍ୟକୁ ଛାଡ଼ି ଆସିବାକୁ ହୋଇଛି, ଏହି ସମ୍ଭାବନାଟି ସହିତ ଆମେ ଅଧିକା ଭାବରେ ସେଗୁଡ଼ିକୁ ମଧ ହୁଏତ ଲାଭ କରିବାକୁ ବି ଇଚ୍ଛା କରିବା । ମାତ୍ର, ଅନ୍ୟ ପକ୍ଷରେ ଏକଥା ମଧ ସତ ଯେ, ଏକ ମନୋମୟ ଜୀବନର ପ୍ରକାଶ କରିବା ଲାଗି ରହିଥିବା ତା'ର ଏହି ସାମର୍ଥ୍ୟଟି ସକାଶେହିଁ ମନୁଷ୍ୟ ଏପରି ଅନେକ ଶକ୍ତିକୁ ନିଜଭିତରେ ବିକଶିତ କରାଇଆଣି ପାରିଛି, ଯାହାକି ଅନ୍ୟ ପ୍ରାଣୀମାନଙ୍କ

'oaob.nitrkl.ac.in' images reprocessed

ମଧ୍ୟରେ କେବଳ ଅନ୍ତର୍ନିହିତ ହୋଇହିଁ ରହିଥିଲା । ମନୁଷ୍ୟ ମଧ୍ୟରେ ଶିକ୍ଷା କରିବାର ସାମର୍ଥ୍ୟ ରହିଛି : ସିଏ ତା'ର ଶରୀରର ବିକାଶସାଧନ କରିପାରୁଛି, ଶରୀରକୁ ଶିକ୍ଷା ଦେଇ ପାରୁଛି । କେତେକ ସାମର୍ଥ୍ୟରେ ଅଭିବୃଦ୍ଧି ଘଟାଇ ପାରୁଛି । ତୁମେ କେବେହେଲେ ଏପରି କୌଣସି ଅନ୍ୟ ଜୀବର କଳ୍ପନା ବି କରିପାରିବ ନାହିଁ,– ଆମେ ଯେଉଁ ଜୀବମାନଙ୍କୁ ଅନେକ ଉଚ୍ଚ ସ୍ଥାନ ଦେଇଥାଉ ଓ ଯେଉଁମାନଙ୍କର ପ୍ରଶଂସା ବି କରୁ, ସେମାନଙ୍କର ବି କଳ୍ପନା କରିପାରିବା ନାହିଁ, ଯିଏକି ନିଜ ଶରୀରକୁ କୌଣସି ପ୍ରକାରର ଶିକ୍ଷା ଦେଇପାରିବ । ଏଠାରେ ମୁଁ କେବଳ ଶାରୀରିକ ସ୍ତରରେହିଁ ଆପଣାକୁ କୌଣସି ଶିକ୍ଷା ଦେବା ବିଷୟରେହିଁ କହୁଛି । ମୁଁ ଏଠାରେ ସ୍କୁଲକୁ ଯାଇ ପାଠ ପଢ଼ିବା ବିଷୟରେ କହୁ ନାହିଁ, କେବଳ ଶରୀରକୁହିଁ କୌଣସି ପ୍ରକାର ଶିକ୍ଷା ଦେଇପାରିବା ବିଷୟରେ କହୁଛି, ମାଂସପେଶୀଗୁଡ଼ିକର ଏକ ବିଧିବଦ୍ଧ ବିକାଶ ବିଷୟରେ କହୁଛି । ଅନ୍ୟ ପ୍ରତ୍ୟେକ ଜୀବ ଜନ୍ମଲାଭ କରନ୍ତି, ଜନ୍ମରୁ ଯାହା ପାଇଥାନ୍ତି, ସେହିଗୁଡ଼ିକୁହିଁ ଉତ୍ତମରୂପେ କାମରେ ଲଗାନ୍ତି ଏବଂ ଆପଣାର ବିଧାନଟି ଅନୁସାରେହିଁ ବଢ଼ିବାରେ ଲାଗିଥାନ୍ତି । ମାତ୍ର ସେମାନେ ଆପଣାକୁ ଆଦୌ କୌଣସି ଶିକ୍ଷା ଦେଇପାରନ୍ତି ନାହିଁ; ଅଥବା, ଯଦି କିଛି ପାରନ୍ତି, ତାହା ଏକ ଅତ୍ୟନ୍ତ ଅଳ୍ପବିକଶିତ ଭାବରେ ଏବଂ ଏକ ଅତ୍ୟନ୍ତ ସୀମିତ କ୍ଷେତ୍ରରେହିଁ କରିଥାନ୍ତି । ମାତ୍ର ଏକ ସାଧାରଣ ଏବଂ ବିଧିବଦ୍ଧ ବିକାଶ ଦ୍ୱାରା ଜଣେ ମନୁଷ୍ୟ ଆପଣାର ଦୋଷ ଏବଂ ଅଭାବଗୁଡ଼ିକର ପ୍ରତିକାର କରିବା ଲାଗି ସର୍ବଦା ଏକ ସାମର୍ଥ୍ୟ ରଖିଥାଏ । କେବଳ ମନୁଷ୍ୟହିଁ ଏକମାତ୍ର ଜୀବ, ଯିଏକି ସଂଗଠିତ ଭାବରେ ନିଜର କ୍ରମୋନ୍ନତର ବିକାଶ ସାଧନ କରିପାରେ, ଆପଣାର ସାମର୍ଥ୍ୟଗୁଡ଼ିକରେ ଅଭିବୃଦ୍ଧି ସମ୍ଭବ କରେ, ଆପଣାର ସମ୍ଭାବନା ଏବଂ ଦକ୍ଷତାଗୁଡ଼ିକୁ ବଢ଼ାଇପାରେ ଏବଂ ଏପରି ଅନେକ କଥା ଅର୍ଜନ କରିପାରେ, ଯାହାକୁ କି ସେ ଆପଣାଛାଏଁ ଲାଭ କରି ନ ଥିଲା । କୌଣସି ଗୋଟିଏ ଅନ୍ୟ ଜୀବ ଏକଥା କଦାପି କରିପାରିବ ନାହିଁ ।

ହଁ, ମନୁଷ୍ୟର ପ୍ରଭାବରେ ରହି କେତେକ ଅନ୍ୟ ଜୀବ ମଧ୍ୟ ଏପରି ଅନେକ କଥା ଶିଖି ପାରିଛନ୍ତି, ଯାହାକି ସେମାନେ ଆପଣାଛାଏଁ ଶିଖିପାରି ନ ଥିଲେ । ମାତ୍ର ସେଗୁଡ଼ିକ ତଥାପି ସେହି ମନୁଷ୍ୟରହିଁ ପ୍ରଭାବାଧୀନ ହୋଇରହିଛି । ମନୁଷ୍ୟର ସମ୍ପର୍କରେ ଆସି କୁକୁର ଓ ଘୋଡ଼ା ଏବେ ଯାହାସବୁ କରି ଶିଖିପାରିଛନ୍ତି, ମନୁଷ୍ୟ ନ ଥିଲେ ସେମାନେ ତାହା କଦାପି ଶିଖିପାରି ନ ଥାନ୍ତେ । ତେଣୁ, ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ସେହି ପରମ ଚିଦାତ୍ମାର ଅଭିବ୍ୟକ୍ତି ଘଟାଇ ପାରିବା ଲାଗି ମନୁଷ୍ୟର ଶରୀର ପ୍ରକୃତରେ ସବୁଠାରୁ ଅଧିକ ଉପଯୁକ୍ତ ଭାବରେ ତିଆରି ହୋଇଛି । ଏଇଟି ଆମକୁ ହୁଏତ ଅତ୍ୟନ୍ତ ଅଯଥେଷ୍ଟ ବୋଲି ବୋଧ ହୋଇପାରେ; ମାତ୍ର ଆମେ ଅତ୍ୟନ୍ତ ନିର୍ଭୁଲ ଭାବରେ ଏହି କଥାଟିକୁ

'oaob.nitrkl.ac.in' images reprocessed

ଅନୁଭବ କରିପାରୁଛୁ ଯେ, ଆପଣାକୁ ଶିକ୍ଷା ଦେଇ ପାରିବାର ଏକ ଇଚ୍ଛା ବ୍ୟତୀତ ଆମ ଶାରୀରଗୁଡ଼ିକରୁ ଆପଣା ଛାଏଁ ଆମେ ଯେତିକି ଲାଭ କରିପାରୁଥାନ୍ତୁ, ବର୍ତ୍ତମାନ ତା'ଠାରୁ ଅନେକ ଅଧିକ କିଛି ଆହରଣ କରିପାରିବାର ସାମର୍ଥ୍ୟ ଆମଭିତରେ ରହିଛି । ଏବଂ, ବୁଦ୍ଧିମତ୍ତା, ପର୍ଯ୍ୟବେକ୍ଷଣର ଶକ୍ତି, ବୋଧଶକ୍ତି ଏବଂ ସତ୍ୟାନୁମିତି ପ୍ରଭୃତି ଯାବତୀୟ ମାନସିକ ସାମର୍ଥ୍ୟକୁ ପ୍ରକାଶିତ କରି ଆଣିବାର ଏହି ସମ୍ଭାବନାଟି ଦ୍ୱାରା ମଣିଷ ଧୀରେ ଧୀରେ ପ୍ରକୃତିର ଯାବତୀୟ ବିଧାନକୁ ମଧ୍ୟ ବୁଝିବାକୁ ସମର୍ଥ ହୋଇଛି । ସିଏ ଯେ ସେଗୁଡ଼ିକୁ କେବଳ ବୁଝିପାରିଛି ତା' ନୁହେଁ, ସେଗୁଡ଼ିକ ଉପରେ ପ୍ରଭୁତ୍ୱ ବି ଅର୍ଜନ କରିପାରିଛି ।

ପରମ ସତ୍ୟଟି ମଧ୍ୟରେ ଜୀବନ ବଞ୍ଚୁଥିବା ଯେଉଁ ଉଚ୍ଚତର ସତ୍ତାରେ ପରିଣତ ହେବାକୁ ଆମେ ଇଚ୍ଛା କରୁଛୁ, ସେଇଟି ସହିତ ମନୁଷ୍ୟର ଏହି ବର୍ତ୍ତମାନ ସ୍ଥିତିଟିର ତୁଳନା କରିବାକୁ ଯାଇ ଆମେ ହୁଏତ ମନୁଷ୍ୟକୁ ଏକ ଅତ୍ୟନ୍ତ ହେୟ ଓ ଅଳ୍ପସମର୍ଥ ସତ୍ତା ବୋଲି କହିବା ଏବଂ ତା'ଭିତରେ ରହିଥିବା ଅପୂର୍ଣ୍ଣତା ବିଷୟରେ ଅଭିଯୋଗ କରିବାକୁ ଇଚ୍ଛା କରିବା । ମାତ୍ର, ଆମ ବିବର୍ତ୍ତନର ଧାରାରେ ଠିକ୍ ମନୁଷ୍ୟ ପୂର୍ବରୁ ଆସିଥିବା ଅନ୍ୟ ଜୀବମାନଙ୍କ ସ୍ଥାନରେ ଆମେ ଆପଣାକୁ ରଖି ଯଦି ବିଚାର କରିବା, ତେବେ ଏକଥା ଅବଶ୍ୟ ଦେଖିବାକୁ ପାଇବା ଯେ, ମଣିଷ ଭିତରେ ଏପରି ଅନେକ ସମ୍ଭାବନା ଏବଂ ସାମର୍ଥ୍ୟ ପ୍ରଦତ୍ତ ହୋଇରହିଛି, ଯାହାକୁ ପ୍ରକାଶିତ କରି ଆଣିବା ଲାଗି ଅନ୍ୟ ଜୀବଗୁଡ଼ିକ ଏକାନ୍ତ ଅସମର୍ଥ ହୋଇ ରହିଛନ୍ତି । ପ୍ରକୃତିର ନିୟମଗୁଡ଼ିକୁ ଜାଣିବା ଲାଗି ଏବଂ ଆପଣାର ଆବଶ୍ୟକତା ଅନୁଯାୟୀ ସେଗୁଡ଼ିକୁ ଅନୁକୂଳିତ କରି ରଖିବା ସକାଶେ ଓ କେତେକ ପରିମାଣରେ ସେଗୁଡ଼ିକୁ ବଦଳାଇ ଦେଇପାରିବା ସକାଶେ ମନୁଷ୍ୟ ମଧ୍ୟରେ ଯେଉଁ ଆକାଙ୍‌କ୍ଷା, ଆଗ୍ରହ ଏବଂ ଇଚ୍ଛା ନିହିତ ହୋଇରହିଛି, ସେହି ଗୋଟିଏ ମାତ୍ର କଥାକୁହିଁ ଅନ୍ୟ ଯେକୌଣସି ଜୀବନର କ୍ଷେତ୍ରରେ ଅସମ୍ଭବ ଏବଂ ଅଭାବନୀୟ ବୋଲି କୁହାଯାଇ ପାରିବ ।

ତୁମେସବୁ ହୁଏତ ମୋତେ କହିବ ଯେ ମୁଁ ମନୁଷ୍ୟ ବିଷୟରେ ଖୁବ୍‌ବେଶୀ ସଦୟ ହୋଇ ପ୍ରାୟ ଆଦୌ କୌଣସି କଥା କହେ ନାହିଁ (*ସମସ୍ତେ ହସିଲେ*), ମାତ୍ର ତାହାର କାରଣ ହେଉଛି ଯେ, ନିଜ ବିଷୟରେ କିଛି ଭାବିଲାବେଳେ ମନୁଷ୍ୟ ନିଜପ୍ରତି ବଡ଼ ଅତିରିକ୍ତ ଭାବରେହିଁ ସଦୟ ହୋଇପଡ଼େ ।

ପ୍ରକୃତିର ଅନ୍ୟାନ୍ୟ ଜୀବସୃଷ୍ଟି ସହିତ ଆମେ ଯଦି ମନୁଷ୍ୟର ତୁଳନା କରିବାକୁ ଯିବା, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ମଣିଷର ସ୍ଥାନ ଶିଢ଼ିର ସବାଉପରେ ଯାଇ ରହିବ ।

'oaob.nitrkl.ac.in' images reprocessed

*ମାଆ, ତେବେ ସେଥିରୁ ଏହି ପ୍ରଶ୍ନଟି ଉଠିବ : ଚେତନାର ଅବତରଣ କ'ଣ ଶରୀରର ବିକାଶ କରାଇଆଣେ ନା ଶରୀରର ବିକାଶସାଧନ ହେଲେ ତାହା ଏକ ଉଚ୍ଚତର ଚେତନାକୁ ଅବତରଣ ଲାଗି ବାଧ କରିଥାଏ ?*

ଚେତନାର ଅବତରଣ ବ୍ୟତୀତ ଆଦୌ କୌଣସି ବିଶ୍ୱ ସମ୍ଭବହିଁ ହେବ ନାହିଁ । ତେବେ ତୁମର ଏହି ବିଶ୍ୱ ଆରମ୍ଭ ହେବ ବା କେଉଁଠି, ଏବଂ କାହାକୁ ନେଇ ଆରମ୍ଭ ହେବ ?

*ମନୁଷ୍ୟର କ୍ଷେତ୍ରରେ, ପ୍ରାଣୀ-ମାନବ ମନର ଅବତରଣ ଘଟାଇଲା ନା ମନର ଅବତରଣହିଁ... ?*

ଆଚ୍ଛା ! ତେବେ ତୁମେ ପଚାରୁଛ ଯେ ମଧ୍ୟବର୍ତ୍ତୀ ସତ୍ତା ଅର୍ଥାତ୍ ଉଚ୍ଚତର ସୋପାନର ବାନରଟି ମଧ୍ୟରେ ରହିଥିବା କୌଣସି ସାମର୍ଥ୍ୟ ଆପଣାର ଅଭୀପ୍ସା ଦ୍ୱାରାହିଁ ମନର ଆବାହନ କରି ଆଣିଲା କି ? ମାତ୍ର, ସେହି ଅଭୀପ୍ସାକୁ ମଧ୍ୟ ଏକ ପୂର୍ବବର୍ତ୍ତୀ ଅବତରଣରହିଁ ପରିଣାମ ବୋଲି କୁହାଯିବ ।

ଯାହା ବର୍ତ୍ତମାନ ମଧ୍ୟରେ ସଂବୃତ ହୋଇ ନ ରହିଛି, ସ୍ପଷ୍ଟତଃ ତାହାର ଆଦୌ କୌଣସି ଅଭିବ୍ୟକ୍ତି ସମ୍ଭବ ହେବ ନାହିଁ । ଯେଉଁଠି କିଛି ନାହିଁ, ତା'ଭିତରୁ କିଛିହେଲେ ପ୍ରକାଶିତ ବା ଅଭିବ୍ୟକ୍ତ ହୋଇ ପାରିବ ନାହିଁ । ଯାହା ଆଗରୁ ରହିଛି, ଆମେ କେବଳ ତାହାକୁହିଁ ବାହାରକୁ ନେଇଆସି ପାରିବା, କେବଳ ତାହାହିଁ ଆପଣାକୁ ବ୍ୟକ୍ତ ଓ ପ୍ରକଟ କରିଦେଇ ପାରିବ । ତାହାହିଁ ବିକଶିତ ହୋଇ ଆସିପାରିବ । ମାତ୍ର ଯଦି କିଛିହେଲେ ନ ଥିବ, ତେବେ ସେଥିରୁ କିଛିହେଲେ ଉଦ୍‌ଭୂତ ହୋଇପାରିବ ନାହିଁ ! "ଯାହା" ଭିତରେ ରହିଛି ଏବଂ ପ୍ରକଟ ହୋଇଆସିବା ଲାଗି ବାଟ ଖୋଜୁଛି, ତାହାର ଅନ୍ତର୍ଗତ ପ୍ରୟାସ ଦ୍ୱାରାହିଁ ଯାବତୀୟ ଅଗ୍ରଗତି ଏବଂ ଯାବତୀୟ ପୂର୍ଣ୍ଣତା ଲାଭ ସମ୍ଭବ ହେବ । ଅର୍ଥାତ୍, ଏକଥାଟି ଅକାଟ୍ୟ ଭାବରେ ସତ୍ୟ ଯେ, ଆଗ ତତ୍ତ୍ୱଟି ରହିଥିବ ଓ ତା'ପରେ ଯାଇ ପ୍ରକଟଣ ଘଟିବ । ଆମେ 'ଦିବ୍ୟ-ଜୀବନ' ଗ୍ରନ୍ଥଟିକୁ ଯେତିକି ଆଗକୁ ଆଗକୁ ପଢ଼ି ପଢ଼ି ଯାଉଥିବା, ଶ୍ରୀଅରବିନ୍ଦ ସମ୍ଭାବ୍ୟ ସକଳ ଉପାୟରେ ଆମ ଲାଗି ସେହି କଥାଟିକୁ ପ୍ରମାଣିତ କରି ଦେଉଥିବେ । ଯଦି ଆଦୌ କୌଣସି ଶାଶ୍ୱତ ତତ୍ତ୍ୱ ରହି ନ ଥାନ୍ତା, ଯଦି,— ଆମେ ଏଇଟିକୁ ଯେପରି ଖୁସୀ ସେହିପରି ଏକ ନାମରେ ଅଭିହିତ କରିପାରିବା, ନୁହେଁ କି ?— ସେହି ସର୍ବୋଚ୍ଚ ସତ୍ୟ ଯଦି ରହି ନ ଥାନ୍ତେ, ତେବେ ଆଦୌ କୌଣସି ବିଶ୍ୱହିଁ ସମ୍ଭବ ହୋଇ ନ ଥାନ୍ତା । କାରଣ ଯେଉଁଠି କିଛି ନାହିଁ, ସେଠାରେ କିଛିରହିଁ ଉଦ୍ଭବ ହୁଅନ୍ତା ନାହିଁ ।

'oaob.nitrkl.ac.in' images reprocessed

ଆଗକୁ ଆଗକୁ ପଢ଼ୁ ପଢ଼ୁ ଆମେ ସେହି କଥାଟିକୁ ଜାଣିବା । ସେତେବେଳେ ଆମକୁ ଦର୍ଶନର ବିଚାରଗୁଡ଼ିକୁ ନେଇ ବେଶ୍ କିଛି କସରତ କରିବାକୁ ପଡ଼ିବ । ମାତ୍ର ସେକଥା ଯାହା ହେଉ ପଛକେ, ଦର୍ଶନ ଏବଂ ମାନସିକ କସରତ ନ କରି ମଧ୍ୟ ଆମ ଆଗରେ ଏହି କଥାଟି ନିଶ୍ଚୟ ଭାରି ସ୍ପଷ୍ଟ ହୋଇଯିବା ଉଚିତ ଯେ କୌଣସି କିଛି ସମ୍ଭବ କରିପାରିବାକୁ ହେଲେ, ତୁମ ପାଖରେ ଏପରି ଆଉକିଛି ଅବଶ୍ୟ ରହିଥିବା ଦରକାର, ଯେଉଁଥିରୁ କି ତୁମେ ସେଇଟିକୁ ତିଆରି କରି ପାରୁଥିବ ।

ମନୁଷ୍ୟ ମନର ବିକାଶକ୍ରମରେ ଏପରି ଏକ ସମଗ୍ର ପର୍ଯ୍ୟାୟ ରହିଛି ବା ରହିଥିଲା, ଯେତେବେଳେ କି ମନୁଷ୍ୟ ଏହି କଥାଟିକୁ ପ୍ରମାଣ କରିବା ଲାଗି ଭାରି ଗମ୍ଭୀର ଭାବରେ ଚେଷ୍ଟା କରିଥିଲା ଯେ ଜଡ଼ ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣତା ଯୁକ୍ତ କରିହିଁ ପରମ ଚିଦାତ୍ମାର ଉନ୍ମେଷ ଘଟାଇଥିଲା । ମାତ୍ର ସେଇଟା ଏକ ନିରର୍ଥକ କଥା । (*ମାଆ ହସିଲେ*) ତୁମେମାନେ ଯାହାକିଛି କରୁଛ, ତାହା ଏତେ୍ଟିକିଏ କାର୍ଯ୍ୟ ହୋଇଥିଲେ ମଧ୍ୟ, ସେଥିରୁ ସ୍ପଷ୍ଟ ଭାବରେ ଏକ ପ୍ରମାଣ ମିଳିଯାଉଛି ଯେ, ତୁମେ ଯାହାକିଛି କରୁଛ, ତାହାକୁ ଯେତେ୍ କ୍ଷୁଦ୍ର ଆୟତନରେ କରୁଥିଲେ ମଧ୍ୟ ତୁମେ ପ୍ରଥମେ ତାହାର କଳ୍ପନା କରୁଛ ଓ ତା'ପରେ ଯାଇ କାର୍ଯ୍ୟଟିକୁ କରୁଛ । ଯେଉଁ ଜୀବନର ପଛରେ ଏକ ସଚେତନ ଇଚ୍ଛାଶକ୍ତି ଆଧାରସ୍ୱରୂପ ହୋଇ ନ ରହିଛି, ସେହି ଜୀବନ ନିଶ୍ଚିତ ଭାବରେ ସଂପୂର୍ଣ୍ଣ ଅସଙ୍ଗତିପୂର୍ଣ୍ଣ ହୋଇହିଁ ରହିବ । ମୋ' କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଯଦି ଏକ ସଚେତନ ଶକ୍ତିରୂପେ ପ୍ରକୃତି କାର୍ଯ୍ୟ କରୁ ନ ଥାନ୍ତା, ଯଦି ସେହି କ୍ଷେତ୍ରରେ ଏକ ସଚେତନ ଲକ୍ଷ୍ୟ ସହିତ ଏକ ସଚେତନ ଇଚ୍ଛା କାର୍ଯ୍ୟ କରୁ ନ ଥାନ୍ତା, ତେବେ ଏଠାରେ ଆଦୌ କୌଣସି ସଂଗଠନ ସମ୍ଭବ ହୋଇ ନ ଥାନ୍ତା । ଏହି ସତ୍ୟଟି ବିଷୟରେ ସୁନିଶ୍ଚିତ ହେବା ଲାଗି ଆମକୁ କେବଳ ଏତେ ଟିକିଏମାତ୍ର ନିରୀକ୍ଷଣ କରି ପାରିବାକୁ ପଡ଼ିବ, ଆମ ବ୍ୟକ୍ତିଗତ ଜୀବନରେ ନିରୀକ୍ଷଣ କରିବାର ଯେଉଁ କ୍ଷୁଦ୍ର ପରିସରଟି ରହିଛି, ଆମକୁ ସେହିଠାରେହିଁ କିଞ୍ଚିତ୍ ନିରୀକ୍ଷଣ କରିପାରିବାକୁ ହେବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ... ଏଇଟି ବି ଠିକ୍ ସେହିପରି ଗୋଟିଏ ବିଷୟ, ଯାହା ଉପରେ କି ଶ୍ରୀଅରବିନ୍ଦ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି । ତେଣୁ ଆମେ ବି ପୁନର୍ବାର ସେହି ବିଷୟଟିର ଆଲୋଚନା କରିବା ।

(*ମାଆ ନୀରବ ରହିଲେ*)

ମନୁଷ୍ୟ ଅଗ୍ନି ଉପରେ ଯେଉଁ ପ୍ରଭୁତ୍ୱ ଅର୍ଜନ କରିଛି, ଆମେ ତାହାକୁ ମଧ୍ୟ ମନୁଷ୍ୟର ଶ୍ରେଷ୍ଠତରତା ବିଷୟରେ ଏକ ପ୍ରତୀକାତ୍ମକ ସଙ୍କେତ ବୋଲି ଗ୍ରହଣ କରିପାରିବା ।

'oaob.nitrkl.ac.in' images reprocessed

ମଣିଷ ଯେଉଁ ଯେଉଁ ସ୍ଥାନରେ ରହିଛି, ସେସବୁ ସ୍ଥାନରେହିଁ ଅଗ୍ନିର ଜ୍ୱଳନ ସମ୍ଭବ ହୋଇପାରୁଛି ।

ଅନ୍ୟ ଜୀବଙ୍କର ଯାବତୀୟ କାର୍ଯ୍ୟଠାରୁ ମଣିଷର ଯେଉଁ ଦୁଇଟି କାର୍ଯ୍ୟକୁ ସ୍ପଷ୍ଟତଃ ଏକ ଉଚ୍ଚତର ସ୍ତରର ବୋଲି କୁହାଯାଇ ପାରିବ, ସେଗୁଡ଼ିକ ହେଉଛି ମନୁଷ୍ୟର ଲେଖିବାର ସାମର୍ଥ୍ୟ ଏବଂ ସୁସ୍ପଷ୍ଟ ଭାବରେ କଥା କହିବାର ସମ୍ଭାବନା । ଏହି ଦ୍ୱିତୀୟ ସାମର୍ଥ୍ୟଟି ଅନ୍ୟ ଜୀବମାନଙ୍କ ତୁଳନାରେ ପ୍ରକୃତରେ ଏତେ ଉଚ୍ଚତର ସ୍ତରରେ ରହିଛି ଯେ, ଯଥେଷ୍ଟ ଭାବରେ ବିକଶିତ ହୋଇଥିବା ଅନ୍ୟ ପ୍ରାଣୀମାନେ ସ୍ପଷ୍ଟ କଥା କହିବାର ବ୍ୟାପାରଟି ବିଷୟରେ ସର୍ବଦା ଭାରି ଗ୍ରହଣଶୀଳ ହୋଇ ରହିଥାନ୍ତି, ତାହା ସେମାନଙ୍କୁ ଏକାବେଳେକେ ମୁଗ୍ଧ କରି ଦେଇଥାଏ । କୌଣସି ଏକ ବନ୍ୟ ଜନ୍ତୁ ଆଗରେ ଯଦି ତୁମେ ପରିଷ୍କାର, ସ୍ୱରସମଞ୍ଜସ ଏବଂ ସ୍ପଷ୍ଟ ଭାବରେ କେବେ କୌଣସି କଥା କହିବ, ତେବେ ତୁମର ସେହି କଥା ତାହାକୁ ଭାରି ଆକୃଷ୍ଟ କରି ପକାଇବ, ପ୍ରକୃତରେ ମୁଗ୍ଧ କରିଦେବ । ଯେଉଁ ବନ୍ୟଜନ୍ତୁମାନେ ମଣିଷର ଅତି ନିକଟରେ ବାସ କରି ଆସିଛନ୍ତି, ଏଠାରେ ମୁଁ ସେମାନଙ୍କ କଥା କହୁ ନାହିଁ; ମାତ୍ର ଯେଉଁ ଜନ୍ତୁମାନେ ମଣିଷକୁ ଆଗରୁ କେବେହେଲେ ଭେଟି ନ ଥିବେ, ମୁଁ ବିଶେଷକରି ସେହିମାନଙ୍କ କଥା କହୁଛି । ସେମାନେ ମଣିଷର କଥାକୁ ସଙ୍ଗେସଙ୍ଗେ କାନ ଡେରି ଶୁଣନ୍ତି; ଯେଉଁ ଉଚ୍ଚତର ସ୍ତରର ସାମର୍ଥ୍ୟଟି ଆପଣାକୁ ପ୍ରକାଶିତ କରିବାରେ ଲାଗିଥାଏ, ସେମାନେ ସେହି ସାମର୍ଥ୍ୟଟିକୁହିଁ ଅନୁଭବ କରୁଥାନ୍ତି ।

'oaob.nitrkl.ac.in' images reprocessed

## ୨୭ ନଭେମ୍ବର ୧୯୫୭

*"ବିବର୍ତ୍ତନର ଧାରାଟି ବର୍ତ୍ତମାନ ଯେଉଁଠାରେ ଆସି ପହଞ୍ଚିଲାଣି, ତାହା ସେତିକିରେ ଶେଷ ହୋଇଯିବ କିଂବା ତାହାଠାରୁ ଆହୁରି ଆଗକୁ ଯିବ, ଏବଂ ଅତିମାନସର ବିବର୍ତ୍ତନ ଅର୍ଥାତ୍ ଏକ ପରିପୂର୍ଣ୍ଣ ଋତଚିତ୍ ବା ପରମ ଜ୍ଞାନମୟ ସତ୍ତାର ଆବିର୍ଭାବ ପାର୍ଥିବ ପ୍ରକୃତିର ଏହି ସ୍ୱଭାବ-ଅଜ୍ଞାନ ଭୂମିଟି ଉପରେ ପ୍ରକୃତରେ କେତେଦୂର ସମ୍ଭବ ହୋଇପାରିବ, ସେ ବିଷୟରେ ମଧ୍ୟ ସନ୍ଦେହର ଅବକାଶ ରହିଛି ।...*

*ଆମର ଏହି ସୃଷ୍ଟି ହେଉଛି ଶାଶ୍ୱତ କାଳାନ୍ତର୍ଗତତା ମଧ୍ୟରେ ଶାଶ୍ୱତ କାଳାତୀତତାର ଏକ ଅଭିବ୍ୟକ୍ତି, ଏହି ସୃଷ୍ଟିରେ ଚେତନାର ସାତୋଟି ସୋପାନଭୂମି ରହିଛି ଏବଂ ପରମ ଚିଦ୍‌ଗତତାର ପୁନରାରୋହଣ ଲାଗି ଜଡ଼ଗତ ନିଶ୍ଚେତନାକୁ ଏକ ଭିତ୍ତିରୂପେ ସ୍ଥାପିତ କରି ରଖାଯାଇଛି; ପୁନର୍ଜନ୍ମ ବା ଜନ୍ମାନ୍ତରଗ୍ରହଣ ହେଉଛି ଏହି ପୃଥିବୀ-ବ୍ୟବସ୍ଥାର ଏକ ସତ୍ୟ, ଏହାର ଏକ ଅପରିହାର୍ଯ୍ୟ ଅଂଶ : ଏଗୁଡ଼ିକୁ ଗୋଟିଏ ଗୋଟିଏ ସିଦ୍ଧାନ୍ତ ବୋଲି ସ୍ୱୀକାର କରିନେଲେ ମଧ୍ୟ ଏହା ଭିତରୁ କୌଣସି ଗୋଟିକୁ କିଂବା ଏପରିକି ଏକାଠି ସବୁଗୁଡ଼ିକୁ ସ୍ୱୀକାର କରି ନିଆଯାଉଛି ବୋଲି ତଥାପି ତାହାର ଅପରିହାର୍ଯ୍ୟ ପରିଣାମରୂପେ ଆମେ ବ୍ୟକ୍ତି ସତ୍ତାର ଆଧ୍ୟାତ୍ମିକ ବିବର୍ତ୍ତନଟିକୁ ମାନିନେବାକୁ ଆଦୌ ବାଧ୍ୟ ହେବା ନାହିଁ । ପାର୍ଥିବ ଅସ୍ତିତ୍ୱର ଅନ୍ତର୍ଗତ ପ୍ରକ୍ରିୟା ଓ ତାହାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟଟିକୁ ଆଉ ଏକ ଦୃଷ୍ଟିରେ ଦେଖିବାର ସମ୍ଭାବନା ମଧ୍ୟ ସର୍ବଦା ରହିଛି । ସୃଷ୍ଟ ହେଉଥିବା ପ୍ରତ୍ୟେକ ବସ୍ତୁ ଯଦି ଅଭିବ୍ୟକ୍ତ ପରମ ଦିବ୍ୟସତ୍ତାଙ୍କର ଗୋଟିଏ ରୂପ ହୋଇଥାଏ, ତେବେ ଆପଣା ଭିତରେ ସେହି ଦିବ୍ୟ ସାନ୍ନିଧ୍ୟଟି ସକାଶେ ଆମେ ପ୍ରତ୍ୟେକ ବସ୍ତୁକୁ ମଧ୍ୟ ଦିବ୍ୟ ବୋଲି କହିପାରିବା; ପ୍ରକୃତି ଭିତରେ ତାହା ଯେଉଁଭଳି ଆବିର୍ଭୂତ ହୋଇଥାଉ, ତାହାର ଆକାର ବା ସ୍ୱଭାବ ଯେଉଁଭଳି ହୋଇଥାଉ ପଛକେ, ଏଥିରେ ଆଦୌ କୌଣସି ବ୍ୟତିକ୍ରମ ହେବ ନାହିଁ । ଅଭିବ୍ୟକ୍ତିର ପ୍ରତ୍ୟେକଟି ରୂପରେ ଦିବ୍ୟପୁରୁଷ ଅବଶ୍ୟ ଆପଣାର ଅସ୍ତିତ୍ୱଗତ ଆନନ୍ଦଟିକୁ ଉପଲବ୍ଧି କରୁଥିବ ଓ ତେଣୁ ତାହା ମଧ୍ୟରେ ପରିବର୍ତ୍ତନ କିଂବା ପ୍ରଗତି ଲାଗି ଆଦୌ କୌଣସି ଆବଶ୍ୟକତା ନ ଥିବ । ଆପଣାର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ପରମ ଅନନ୍ତ ସତ୍ତା ଅଭିବ୍ୟକ୍ତ ସମ୍ଭାବନାଗୁଡ଼ିକୁ*

'oaob.nitrkl.ac.in' images reprocessed

*ଯେତେ ଯାହା ସଂଗଠିତ ରୂପ ବା ସୋପାନକ୍ରମ ଦେଇ ପ୍ରକାଶିତ କରିବାକୁ ଇଚ୍ଛା କରୁଥିବେ, ଆମେ ଆମର ଚାରିପାଖରେ ସନ୍ଦର୍ଶନ କରୁଥିବା ଅଗଣିତ ବୈଚିତ୍ର୍ୟ, ସଂଖ୍ୟାତୀତ ରୂପ ଓ ଚେତନାର ଅସଂଖ୍ୟ ଧାରାରେ ଯଥେଷ୍ଟ ପରିମାଣରେ ତାହାର ପରିପୂରଣ ସଂଘଟିତ ହୋଇସାରିଛି । ତେଣୁ ସୃଷ୍ଟି ସମକ୍ଷରେ ଆଉ କୌଣସି ଲକ୍ଷ୍ୟ ନାହିଁ, ଯେଉଁଠାରେ କି ଯାଇ ପହଞ୍ଚିବାକୁ ପଡ଼ିବ; ଏପରି ଏକ ଅନୁପଲବ୍ଧ ଲକ୍ଷ୍ୟ ରହିବାର ପ୍ରଶ୍ନହିଁ ଉଠୁ ନାହିଁ, କାରଣ ପରମ ଅନନ୍ତଙ୍କ ମଧ୍ୟରେ ସବୁ ମହଜୁଦ ହୋଇ ରହିଛି । ପରମ ଦିବ୍ୟପୁରୁଷଙ୍କ ଲାଗି କିଛି ଉପଲବ୍ଧି କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଏପରି କୌଣସି ପଦାର୍ଥ ନାହିଁ, ଯାହାକି ତାଙ୍କର ପ୍ରାପ୍ତିର ବହିର୍ଭୂତ ହୋଇ ରହିଛି । ତଥାପି ସୃଷ୍ଟି ଚାଲିଛି, ଅଭିବ୍ୟକ୍ତି ଲାଗି ରହିଛି; ତାହା କେବଳ ସୃଷ୍ଟି ତଥା ଅଭିବ୍ୟକ୍ତିଜନିତ ଆନନ୍ଦ ଲାଗି ହେଉଛି; ଏହାର ଆଉ କୌଣସି ଉଦ୍ଦେଶ୍ୟ ନାହିଁ । ତେଣୁ ବିବର୍ତ୍ତନଧର୍ମୀ ଗତି ଲାଗି କୌଣସି କାରଣ ନାହିଁ, ପରିପୂର୍ଣ୍ଣତାର କୌଣସି ଚରମ ଲକ୍ଷ୍ୟରେ ପହଞ୍ଚିବାର ବି ନାହିଁ; କୌଣସି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାର, ଫଳାଇବାର କିଂବା କୌଣସି ଚରମ ପରିପୂର୍ଣ୍ଣତା ଆଡ଼କୁ ଆପଣାକୁ ଧାବିତ କରିନେବାର ମଧ୍ୟ କୌଣସି ପ୍ରଶ୍ନ ନାହିଁ ।''*

ଦିବ୍ୟ-ଜୀବନ (ଇଂ), ପୃଷ୍ଠା. ୮୨୬-୨୭

ଶ୍ରୀଅରବିନ୍ଦ ଏକ ଯୁକ୍ତିରୂପେ ଏହି କଥାଟିର ଉପସ୍ଥାପନା କରିଛନ୍ତି । ସିଏ ଯେପରି କହିଛନ୍ତି, ସମସ୍ୟାଟି ଉପରେ ଦୃଷ୍ଟିପାତ କରିବାର ଏବଂ ତାହାର ସମାଧାନ କରିବାର ଏଇଟି ହେଉଛି ଗୋଟିଏ ବାଟ । ମାତ୍ର ତାହାର ଅର୍ଥ ନୁହେଁ ଯେ ସେ ନିଜେ ସେହି କଥାଟିକୁ ଠିକ୍ ସେହିପରି ଭାବରେହିଁ ବିଚାର କରୁଛନ୍ତି । ଏବଂ ଗ୍ରନ୍ଥଟିଯାକ ସବୁଠାରେ ସବୁବେଳେ ସେ ପ୍ରକୃତରେ ଠିକ୍ ସେହି କଥା କହିଛନ୍ତି; ସେ ଭିନ୍ନ ଭିନ୍ନ ଯୁକ୍ତିକୁ ବାଢ଼ି ଦେଇଛନ୍ତି, ବିଭିନ୍ନ ଦୃଷ୍ଟିକୋଣ ଓ ବିଭିନ୍ନ କଳ୍ପନାର ଉପସ୍ଥାପନା କରିଛନ୍ତି; ଏବଂ ଆମ ଆଗରେ ଏହି ଯାବତୀୟ ସମସ୍ୟାକୁ ଆଣି ଉପସ୍ଥାପିତ କରିସାରିବା ପରେ ସିଏ ନିଜେ ଆସି ସମାଧାନଟିକୁ କାଢ଼ି ଦେଇଛନ୍ତି । ଏବଂ ସେହି କାରଣରୁହିଁ ଆମ ପଢ଼ିବା ପଦ୍ଧତିରେ ଗୋଟିଏ ଅସୁବିଧା ମଧ୍ୟ ରହିଛି । କାରଣ ମୁଁ ତୁମମାନଙ୍କୁ ଗୋଟିଏ ଲେଖାଏଁ ପାରା ପଢ଼ିକରି ଶୁଣାଉଛି, ଏବଂ ଯଦି ଆମେ ସେହିଠାରେ ଅଟକି ଯାଉଛୁ, ତେବେ ଏପରି ମନେ ହେବାକୁ ଲାଗୁଛି ଯେ ଶ୍ରୀଅରବିନ୍ଦ ସତେ ଯେପରି ନିଜର ଦୃଷ୍ଟିକୋଣଟିକୁହିଁ ପ୍ରମାଣିତ କରିଦେଇଛନ୍ତି । ଏବଂ ଯଦି ଦୈବାତ୍ କେହି କଥାଗୁଡ଼ିକୁ ଭଲ କରି ମନେ ରଖିପାରୁ ନାହିଁ ଏବଂ ପରବର୍ତ୍ତୀ ଥରକୁ ମୁଁ ଆଉ ଗୋଟିଏ ଏପରି ପାରା

'oaob.nitrkl.ac.in' images reprocessed

ପଢୁଛି, ଯେଉଁଥିରେ କି ସେ ଆଉ ଗୋଟିଏ ଦୃଷ୍ଟିକୋଣର ବ୍ୟାଖ୍ୟା କରିଛନ୍ତି,– ଅନେକ ସମୟରେ ହୁଏତ ଏକାବେଳେକେ ଅଲଗା, ଏପରିକି ଏକ ବିପରୀତ ଦୃଷ୍ଟିକୋଣର ବ୍ୟାଖ୍ୟା ବି କରିଛନ୍ତି,– ଏବଂ ଆମେ ସେତିକି ପଢ଼ି ପୁଣି ଅଟକି ଯାଉଛୁ, ତେବେ ଆମେ ଏପରି ଏକ ଉପସଂହାର କରି ପକାଉଛୁ ଯେ, ଏଇଟି ମଧ୍ୟ ସେଇ ତାଙ୍କରି ଦୃଷ୍ଟିକୋଣ । ତେଣୁ, ଏହିପରି ଭାବରେ ଏକ ପରସ୍ପର ବିରୋଧିତା ସୃଷ୍ଟି ହୋଇଯାଉଛି । ଏବଂ ଏହିପରି ଆହୁରି ଆଗକୁ ଯିବାରେ ଲାଗିଥିଲେ ଦୁଇଟି ବା ତିନୋଟି ବିରୋଧାଭାସର ସୃଷ୍ଟି ହୋଇଯାଉଛି । ମୁଁ ଏକଥା ତୁମକୁ କହୁଛି, କାରଣ ମୁଁ ଅନେକ ଲୋକଙ୍କୁ ଏପରି କହିବାର ଶୁଣିଛି,– ଯେଉଁମାନେ ଭାରି ଉପରଠାଉରିଆ ଭାବରେ ଗ୍ରନ୍ଥଗୁଡ଼ିକୁ ପାଠ କରନ୍ତି ବା ସମ୍ଭବତଃ ଏକାବେଳେକେ ଯଥେଷ୍ଟ ପରିମାଣରେ ପାଠ କରିବାରେ ମନ ଦିଅନ୍ତି ନାହିଁ, ଯେଉଁମାନେ ନିଜକୁ ଭାରି ବୁଦ୍ଧିମାନ୍ ଏବଂ ଭାରି ବିଦ୍ୱାନ୍ ବୋଲି ବିଚାର କରୁଥା'ନ୍ତି,– ସେମାନେ ମୋ' ପାଖକୁ ଆସି କହିଛନ୍ତି, ‘‘ଶ୍ରୀଅରବିନ୍ଦ ଏହି ଗ୍ରନ୍ଥଟିରେ ସେହି ଗୋଟିଏ କଥାକୁହିଁ ବାରବାର କହିଛନ୍ତି । ପ୍ରାୟ ପ୍ରତ୍ୟେକ ପାରାରେ ସେ ସେହି ଗୋଟିଏ କଥାକୁ ଆମକୁ ପୁନଃପୁନଃ କହିବାରେ ଲାଗିଛନ୍ତି ।’’ (*ମାଆ ହସିଲେ*) କାରଣ ସେ ଯାବତୀୟ ଅନ୍ୟ ଦୃଷ୍ଟିକୋଣଗୁଡ଼ିକୁ ଆଣି ଉପସ୍ଥାପିତ କରିଛନ୍ତି, ତା'ପରେ ଯାଇ ନିଜର ମତଟିକୁ ଅର୍ଥାତ୍ ଉପସଂହାରଟିକୁ ଦେଇଛନ୍ତି । ତା'ପରେ ପୁଣି ପ୍ରତ୍ୟେକଟି ଦୃଷ୍ଟିକୋଣକୁ ଆଣି ଉପସ୍ଥାପିତ କରିଛନ୍ତି, ସବୁଯାକ ସମସ୍ୟାର ଉପସ୍ଥାପନା କରିଛନ୍ତି ଓ ସବାଶେଷରେ, ସିଏ ଆମକୁ ଯେଉଁଟିକୁ ଶିକ୍ଷା ଦେବା ଲାଗି ଇଚ୍ଛା କରୁଛନ୍ତି, ଆମ ଆଗରେ ତାହାରି ସତ୍ୟଟିକୁହିଁ ପ୍ରମାଣ କରିଦେଇଛନ୍ତି । ଏହିପରି ଭାବରେହିଁ ସେ ସେହି ଗୋଟିଏ କଥାର ‘‘ପୁନରାବୃତ୍ତି କରି କହିଛନ୍ତି ।’’

ଏହି ଜାଲରେ ପଶି ନ ଯିବାର ଏକମାତ୍ର ବାଟ ହେଉଛି ଯେ ଆମେ ଯାହା ପଢ଼ିବା, ତାହାକୁ ମନୋଯୋଗ ଦେଇ ପଢ଼ିବା । ଆମେ ଭାରି ସାବଧାନ ରହିଥିବା ଏବଂ ଗୋଟାଏ ବିଷୟର ଅଧାରେ ହଠାତ୍ ଏକ ମତ ପ୍ରକାଶ କରି ‘‘ଦେଖ, ଶ୍ରୀଅରବିନ୍ଦ ସେହିପରି କହୁଛନ୍ତି’’ ବୋଲି କଦାପି କହି ବସିବା ନାହିଁ । ବିଷୟଟି ‘‘ସେହିପରି’’ ବୋଲି ସିଏ କହୁ ନାହାନ୍ତି, କେତେକ ବ୍ୟକ୍ତିଙ୍କ ମତରେ ସମସ୍ୟାଟି ସେହିପରି ବୋଲି ସିଏ ତୁମକୁ କହୁଛନ୍ତି । ଏବଂ ଏକାଧିକ ବ୍ୟକ୍ତି ସମସ୍ୟାଟିର ଯେପରି ଉପସ୍ଥାପନା କରିଛନ୍ତି, ସିଏ ତୁମକୁ ସମସ୍ୟାଟିକୁ ସେହିପରି ଭାବରେ ଦେଖାଇ ଦେଉଛନ୍ତି । ଏବଂ, ଆହୁରି ଅନ୍ୟମାନେ ସେହି ଏକା ସମସ୍ୟାଟିର ଯେପରି ବ୍ୟାଖ୍ୟା କରିଛନ୍ତି, ତା'ପରେ ସେ ସେଇଟିକୁ ମଧ୍ୟ ଦେଖାଇ ଦେଉଛନ୍ତି । ଏବଂ ଉପସ୍ଥାପିତ ସବୁଯାକ ଦୃଷ୍ଟିକୋଣକୁ ବୁଝାଇ ଦେଇ ସାରିଲା ପରେ ଯାଇ ସେ ଆପଣାର ଉପସଂହାରଟିକୁ ତୁମକୁ କହି ଦେଉଛନ୍ତି । ଏବଂ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ କଥା ହେଉଛି ଯେ ସର୍ବଦା ଏକ ସମନ୍ୱୟ ଦ୍ୱାରାହିଁ ଶ୍ରୀଅରବିନ୍ଦ ଆପଣାର

'oaob.nitrkl.ac.in' images reprocessed

ଉପସଂହାରଟିକୁ କରୁଛନ୍ତି : ଯଥାର୍ଥ ଭାବରେ ସଜ୍ଜିତ ହୋଇ ରହିଥିବା ସବୁଯାକ ଦୃଷ୍ଟିକୋଣ ଲାଗି ସେହି ସମନ୍ୱୟରେ ଅବଶ୍ୟ ଏକ ସ୍ଥାନ ରହିପାରୁଛି । ଏଥିରୁ କିଛିହେଲେ ବହିର୍ଭୂତ ହୋଇ ରହୁ ନାହିଁ, ତାହା ସବୁଗୁଡ଼ିକୁ ଏକାଠି ଗୁନ୍ଥିଦେଇ ପାରୁଛି ଏବଂ ସବୁଯାକ ଦୃଷ୍ଟିକୋଣକୁ ଏକତ୍ର ସମନ୍ୱିତ କରିଦେଇ ପାରୁଛି ।

ମାତ୍ର ଆମେ ତ ପ୍ରତ୍ୟେକ ତିନି ସପ୍ତାହରେ ଥରେ ଥରେ ଏଥିରୁ ପାଠ କରୁଛୁ, ଏବଂ ତେଣୁ (*ମାଆ ହସି କରି କହିଲେ*) ପୂର୍ବଥର ପଢ଼ିଥିବା ସବୁକିଛିକୁ ଭୁଲିଯିବା ପାଇଁ ଆମକୁ ଯଥେଷ୍ଟ ସମୟ ମିଳିଯାଉଛି । ପୂର୍ବଥର ଯେଉଁ ସମସ୍ୟାଗୁଡ଼ିକର ଉପସ୍ଥାପନା ହୋଇଥିଲା, ତୁମର ସେସବୁ ମନେ ଅଛି କି ନାହିଁ କେଜାଣି ? ମନେ ନାହିଁ, ନା— ?

ବ୍ୟକ୍ତି-ଜୀବନରେ ମଧ୍ୟ ଏକ ବିବର୍ତ୍ତନ ହେଉଛି ନା ହେଉ ନାହିଁ ? ବିଶ୍ୱାୟତନର କ୍ଷେତ୍ରରେ ଏକ ବିବର୍ତ୍ତନ ହେବାରେ ଲାଗିଛି,— ଶ୍ରୀଅରବିନ୍ଦ ଆମକୁ ସେହି କଥାଟିକୁ ଦେଖାଇ ଦେଇଛନ୍ତି,— ମାତ୍ର ଏହି ବିଶ୍ୱଗତ ବିବର୍ତ୍ତନ ମଧ୍ୟରେ ଏକ ବ୍ୟକ୍ତିଗତ ବିବର୍ତ୍ତନ ବି ହେଉଛି ନା ନାହିଁ ?... ଶ୍ରୀଅରବିନ୍ଦ ଏହି ବିଷୟରେ ଆମକୁ ଏକ ସିଦ୍ଧାନ୍ତ ଦେଇଛନ୍ତି,— ଯେଉଁଥିରେ କି ପରିପୂର୍ଣ୍ଣ ସଂଗତି ରହିଛି ଏବଂ ଯାହା ପଛରେ ନ୍ୟାୟଯୁକ୍ତିର ଅନୁମୋଦନ ମଧ୍ୟ ରହିଛି,— ମାତ୍ର ଯେଉଁଥିରେ କି ଏକ ବ୍ୟକ୍ତିଗତ ବିବର୍ତ୍ତନକୁ ଏକ ସତ୍ୟାନୁମାନ ବୋଲି ମାନି ନେବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ । ସମସ୍ତ ବିଶ୍ୱରେ ଯେଉଁ ଯୋଜନାଟି ଚାଲିଛି, ତାହା ପଛରେ ନ୍ୟାୟଯୁକ୍ତି ରହିଛି, ତାହାକୁ ନ୍ୟାୟଯୁକ୍ତିର ସାହାଯ୍ୟରେ ପ୍ରମାଣ ବି କରିହେବ, ଏକ ବ୍ୟକ୍ତିଗତ ବିବର୍ତ୍ତନର ପ୍ରୟୋଜନୀୟତାକୁ ପ୍ରବିଷ୍ଟ ନ କରାଇ ତାହା ବେଶ୍ କରାଯାଇପାରିବ ।

ମାତ୍ର ଯଦି ଆମେ ଧୈର୍ଯ୍ୟର ସହିତ ଆହୁରି ଆଗକୁ ପଢ଼ିବା, ତେବେ, ନିର୍ବାଚିତ ବ୍ୟାଖ୍ୟାରୀତିଟି ମଧ୍ୟରେ ଆମକୁ କାହିଁକି ବ୍ୟକ୍ତିଗତ ବିବର୍ତ୍ତନର ବିଚାରଟିକୁ ମଧ୍ୟ ଅବଶ୍ୟ ଆଣି ପ୍ରବେଶ କରାଇବାକୁ ପଡ଼ିବ, ଅଳ୍ପ କିଛି ବାଟ ଗଲେ ସେ ଆମମାନଙ୍କୁ ସେହି କଥାଟିକୁ ମଧ୍ୟ ପ୍ରମାଣ କରି ଦେଖାଇଦେବେ । ମାତ୍ର, ଏହି ସମସ୍ୟାଟିର ତୁମମାନଙ୍କ ଲାଗି ପ୍ରକୃତରେ ଏକ ବାସ୍ତବତା ଅଛି କି ନାହିଁ, ମୁଁ ଆଗ ସେହି କଥାଟିକୁ ଜାଣିବା ଲାଗି ଇଚ୍ଛା କରୁଛି । ତୁମେ ବୁଝୁଥିବା କୌଣସି ଏକ ସମସ୍ୟା ସହିତ ଏହାର ତଲୁଲ୍ୟତା ଅଛି କି ନାହିଁ, ମୁଁ ସେହି କଥାଟି ଜାଣିବାକୁ ଚାହୁଁଛି । ଯଦି ତୁମେ ସେହି କଥାଟିକୁ ପ୍ରକୃତରେ ବୁଝିପାରିଛ, ତେବେ ତୁମମାନଙ୍କ ପକ୍ଷରେ ଏପରି ଏକ ଅଗ୍ରଗତିଶୀଳ ଏବଂ ବିବର୍ତ୍ତନରତ ବିଶ୍ୱର କଳ୍ପନା କରିବା ଅବଶ୍ୟ ସମ୍ଭବ ହେବ, ଯେଉଁଥିରେ କି ବ୍ୟକ୍ତି କେବଳ ଜଣେ ବ୍ୟକ୍ତି ହିସାବରେ ବିବର୍ତ୍ତିତ ହେବାକୁ ଆଦୌ ବାଧ୍ୟ ହେଉ ନ ଥିବ ।

ବିଶ୍ୱଗତ ଏବଂ ବ୍ୟକ୍ତିଗତ ବିବର୍ତ୍ତନ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ତୁମେମାନେ

'oaob.nitrkl.ac.in' images reprocessed

ପ୍ରକୃତରେ ବୁଝିଛ କି ନାହିଁ ଏବଂ ଦୁଇଟିଯାକ ବିବର୍ତ୍ତନ କିପରି କ୍ରିୟାଶୀଳ ହୋଇପାରିବେ, ସେ କଥାଟିକୁ ବି ତୁମେମାନେ ଜାଣିଛ କି ନାହିଁ, ସେଇଟି ଜାଣିବା ଲାଗି ମୁଁ ତୁମମାନଙ୍କୁ ପ୍ରଥମେ କେତୋଟି ପ୍ରଶ୍ନ ପଚାରିବି ।

ଆପଣାର ବିଶ୍ୱଗତ ବିବର୍ତ୍ତନର କ୍ଷେତ୍ରରେ ପ୍ରକୃତି କିପରି ଗତି କରିବାରେ ଲାଗିଛି ? ମୁଁ ଭାବୁଛି, ତୁମେମାନେ ଏହି କଥାଟିକୁ ବୁଝିଛ, ନୁହେଁ କି ?

*ଜଣେ ମରିଯାଉଛି ଓ ପୁନର୍ବାର ଜନ୍ମଗ୍ରହଣ କରୁଛି । ଅର୍ଥାତ୍ ତା'ର ଶରୀର ମରିଯାଉଛି ଓ ସେ ଏକ ନୂଆ ଶରୀର ଧରି ଜନ୍ମ ହେଉଛି । ନୁହେଁ କି ?*

ହଁ, ମୁଁ ବର୍ତ୍ତମାନ ସେହି ବାହ୍ୟ ଜଗତଟି ବିଷୟରେ କହୁଛି । ଆମେ ଯେଉଁ ବାହ୍ୟ ଜଗତଟିକୁ ଦେଖୁଛୁ, ତାହାରି ବିଷୟରେ କହୁଛି ।

*ଜଣେ ମରିଯାଉଛି ଓ ଜନ୍ମଗ୍ରହଣ କରୁଛି...*

ନାଇଁ, ସେଇଟି ହେଉଛି ଏକ ଅନ୍ୟ କଥା । ତୁମେ ଯାହା କହୁଛ,— ମରିଯିବା ଏବଂ ପୁନର୍ବାର ଜନ୍ମଗ୍ରହଣ କରିବା, ମୃତ୍ୟୁ ଏବଂ ପୁନର୍ଜନ୍ମ-ଗ୍ରହଣ,— ସେଇଟି ହେଉଛି ବ୍ୟକ୍ତିଗତ ବିବର୍ତ୍ତନର ପ୍ରକ୍ରିୟା । ଅବଶ୍ୟ ଏହି କ୍ଷେତ୍ରରେ ଗୋଟିଏ ସର୍ତ୍ତ ଅବଶ୍ୟ ରହିବ ଯେ, ବ୍ୟକ୍ତି ଜୀବନର କିଛି ଉପାଦାନ ଜୀବନ ଓ ମୃତ୍ୟୁ ଦେଇଗଲାବେଳେ ତଥାପି ବିଲୁପ୍ତ ନ ହୋଇ ରହିଯାଉଛି, କାରଣ, ଯଦି ସେ ସଂପୂର୍ଣ୍ଣ ଭାବରେ ମରି ଯାଉଥା'ନ୍ତା ଏବଂ ତାହାର ଯଦି ସଂପୂର୍ଣ୍ଣ ବିଲୁପ୍ତି ଘଟୁଥା'ନ୍ତା, ତେବେ ପୁନର୍ବାର ଜନ୍ମଗ୍ରହଣ କରିବା ଲାଗି ପୁଣି କ'ଣ ବାକି ରହୁଥା'ନ୍ତା ? ତେଣୁ କୌଣସି ନା କୌଣସି ଉପାଦାନକୁ କ୍ଷୟପ୍ରାପ୍ତ ନ ହୋଇ ଅବଶ୍ୟ ରହିବାକୁ ପଡ଼ିବ,— କ୍ରମବର୍ତ୍ତୀ ଜନ୍ମଗୁଡ଼ିକର ମଧ୍ୟଦେଇ ତଥାପି କ୍ଷୟପ୍ରାପ୍ତ ନ ହୋଇ ରହିବାକୁ ପଡ଼ିବ,— ତା' ନ ହେଲେ ସେହି ଜଣେ ବ୍ୟକ୍ତି ପୁନର୍ବାର ଜନ୍ମଗ୍ରହଣ କଲା ବୋଲି ଆଦୌ କହି ହେବ ନାହିଁ । ଯଦି ସବୁଯାକ କ୍ଷୟପ୍ରାପ୍ତ ହୋଇଯାଏ ଓ କିଛିହେଲେ ବାକି ନ ରହେ, ତେବେ ବ୍ୟକ୍ତି କୌଣସି ଅଗ୍ରଗତି କରୁଛି ବୋଲି ଆଦୌ କୁହାଯାଇପାରିବ ନାହିଁ, ସେହି କ୍ଷେତ୍ରରେ କେବଳ ପ୍ରକୃତିରହିଁ ଅଗ୍ରଗତି ହେଉଥିବ । ପ୍ରକୃତି ଜଡ଼କୁ କାମରେ ଲଗାଉଥିବ, ଜଡ଼ରୁ ନାନା ରୂପର ନିର୍ମାଣ କରୁଥିବ,— ଏହି କଥାଟିକୁ ତୁମମାନଙ୍କୁ ମୁଁ ଅତ୍ୟନ୍ତ ସରଳ କରିଦେଇ କହୁଛି,— ମାତ୍ର ତଥାପି— ପ୍ରକୃତିର ହାତରେ ସର୍ବଦା ଜଡ଼ର ଏକ ପୁଞ୍ଜୀଭୂତ ପିଣ୍ଡ ରହିଛି ଏବଂ ସେଇଥିରୁ ପ୍ରକୃତି ନାନାବିଧ ସଂଯୋଜନ କରିବାରେ ଲାଗିଛି । ପ୍ରକୃତି ଗୋଟିଏ

'oaob.nitrkl.ac.in' images reprocessed

ରୂପ ତିଆରି କରିଦେଉଛି, ସେହି ରୂପଟିର ବିକାଶ ହେଉଛି, ମାତ୍ର ଶେଷକୁ ବିଘଟନ ମଧ୍ୟ ହୋଇଯାଉଛି । ଏକ ବ୍ୟକ୍ତିଗତ ଉପାଦାନ ରୂପେ ତାହା ମୋଟେ ସ୍ଥାୟୀ ହୋଇ ରହୁ ନାହିଁ । ସ୍ଥାୟୀ ହୋଇ ରହୁ ନାହିଁ କାହିଁକି ? କାରଣ, ଆହୁରି ଅନେକ ରୂପକୁ ଗଢ଼ିବା ଲାଗି ପ୍ରକୃତିର ଜଡ଼ ବା ବସ୍ତୁର ପ୍ରୟୋଜନ ହେଉଛି । ତେଣୁ ପ୍ରକୃତି ଯାହାକୁ ତିଆରି କରିଛି, ତାକୁ ସେ ଭାଙ୍ଗି ମଧ୍ୟ ଦେଉଛି ଏବଂ ସେଥିରୁ ସେ ପୁଣି ଆଉ କିଛି ତିଆରି କରୁଛି । ଏହିପରି ଭାବରେହିଁ ପ୍ରକୃତିର କାର୍ଯ୍ୟ ଚାଲିଛି; ଏହି ପ୍ରକ୍ରିୟାଟି ହୁଏତ ଅସରନ୍ତି ଭାବରେ ବେଶ୍ ଚାଲିପାରିବ, ଅଥଚ ବ୍ୟକ୍ତିର ଆଦୌ କୌଣସି ଅଗ୍ରଗତି ହେଉ ନ ଥିବ : କେବଳ ସମୁଦାୟରହିଁ ଅଗ୍ରଗତି ହେଉଥିବ ।

ମନେ କର, ତୁମ ପାଖରେ କିଛି ପ୍ଲାଷ୍ଟିସିନ୍ ରହିଛି,— ମଡ଼େଲ୍ ତିଆରି କଲାବେଳେ ଯେଉଁ ପ୍ଲାଷ୍ଟିସିନ୍ କାମରେ ଲାଗେ, ତୁମେ ତାହାକୁ ଜାଣିଛ, ନୁହେଁ ? ତେବେ ଭଲ କଥା । ସେହି ପ୍ଲାଷ୍ଟିସିନ୍ ଦେଇ ତୁମେ କୌଣସି ଏକ ଆକାର ତିଆରି କଲ, ଏବଂ ଗଢ଼ା ଶେଷ ହେବା ପରେ ସେଇଟି ତୁମକୁ ଭଲ ଲାଗିଲା ନାହିଁ । ତେଣୁ ତୁମେ ସେହି ଆକାରଟିକୁ ଭାଙ୍ଗିଦେଲ, ପ୍ଲାଷ୍ଟିସିନ୍‌କୁ ଏକାଠି ମିଶାଇଦେଲ ଓ ସେଥିରୁ ଆଉ ଗୋଟିଏ ଆକାର ଗଢ଼ିଲ । ଏହିପରି ଭାବରେ ତୁମେ କିଞ୍ଚିତ୍ ଅଗ୍ରଗତି ମଧ୍ୟ କରିପାରିଲ, ତୁମେ ଚେଷ୍ଟା କଲ, ସଜାଡ଼ି କରି ରଖିଲ; "ଏଇଟା ହେଲା ନାହିଁ, ଏଥର ମୁଁ ଏମିତି ଚେଷ୍ଟା କରି ଦେଖିବି" ବୋଲି କହିଲ । ଏଥର ତୁମେ ଅପେକ୍ଷାକୃତ ଅଧିକ ଭଲ ଆକାରଟିଏ ତିଆରି କରିପାରିଲ, ମାତ୍ର ତଥାପି ତାହା ତୁମର ଠିକ୍ ଇଚ୍ଛାନୁରୂପ ହୋଇପାରିଲା ନାହିଁ । ତେଣୁ ତୁମେ ସେଇଟିକୁ ପୁଣି ଭାଙ୍ଗିଦେଲ, ଆଉ ଟିକିଏ ପାଣି ପକାଇଲ, ପୁଣି କାଦୁଆ କରି ଆଉ ଏକ ଆକାର ଗଢ଼ିଲ । ଏହିପରି ଭାବରେ ତୁମେ ଅଶେଷ ଥର ପାଇଁ ଏପରି କରିପାରିବ । ଉପାଦାନଟି ସେହି ଗୋଟିଏ ହୋଇ ରହିଥିବ, ମାତ୍ର ଯାହା ତୁମେ ଗଢୁଥିବ, ସେଇଟି କଦାପି ସେହି ଏକା ହୋଇ ରହିବ ନାହିଁ । କାରଣ, ତୁମେ ଯେତେଗୋଟି ଆକାର ଗଢୁଥିବ, ସବୁଟିର ଏକ ଆକାର ହିସାବରେ ସ୍ୱକୀୟ ଅସ୍ତିତ୍ୱଟିଏ ମଧ୍ୟ ରହିଥିବ ଏବଂ ସେଇଟିକୁ ତୁମେ ଭାଙ୍ଗିଦେବା ପରେ ଆଉ କିଛି ଅବଶେଷ ରହୁ ନ ଥିବ ।

ତୁମେ ଇଚ୍ଛା କଲେ ସେହି ଗୋଟିଏ ଆକାରକୁହିଁ ଅଧିକରୁ ଅଧିକ ନିଖୁଣ କରି ଗଢ଼ିବାକୁ ଚେଷ୍ଟା କରୁଥିବ ଅଥବା ଅନ୍ୟାନ୍ୟ ନାନା ଆକାର ବି ଗଢ଼ିବାକୁ ମନ କରିବ । ଉଦାହରଣସ୍ୱରୂପ, କୁକୁରଟିଏ ବା ଘୋଡ଼ାଟିଏ କରିବାକୁ ଚେଷ୍ଟା କରିବ, ଏବଂ ଯେବେ ସେଥିରେ ତୁମକୁ ସଫଳତା ନ ମିଳିଲା, ତେବେ ତୁମେ ହୁଏତ ଆଉ ଥରେ ଆରମ୍ଭ କରି ପୁଣି କୁକୁରଟିଏ ବା ଘୋଡ଼ାଟିଏ କରିବାକୁ ବସିବ, ବା ଇଚ୍ଛା କଲେ ଅନ୍ୟ କିଛି ବି ଗଢ଼ିବାକୁ ମନ କରିପାରିବ । ଯଦି ତୁମେ ଘରଟିଏ ତିଆରି କଲ ଓ ସେହି ଘରଟି ତୁମକୁ ଭଲ ଲାଗିଲା

'oaob.nitrkl.ac.in' images reprocessed

ନାହିଁ, ତେବେ ତୁମେ ସେଇଟିକୁ ଭାଙ୍ଗିଦେଇ ପାରିବ ଓ ତାହା ସ୍ଥାନରେ ଆଉ ଗୋଟିଏ ଘର ବା ଆଉ ଏକ ନୂଆ ମଡ଼େଲର ଘର ହୁଏତ ତିଆରି କରି ବସିବ । ମାତ୍ର କେବଳ ସେହି ପ୍ରଥମ ଘରର ସ୍ମୃତିଟି ଯାହା ବାକି ରହିବ ସିନା, ମାତ୍ର ଆଉ କିଛିହେଲେ ନ ଥିବ । ଏବଂ ତାହାକୁ ମନେ ରଖିବାକୁ ଇଚ୍ଛା କଲେ ଯାଇ ସ୍ମୃତିଟି ମଧ୍ୟ ଅବଶେଷ ରହିଥିବ । ଠିକ୍ ସେହିପରି ଭାବରେ, ପ୍ରକୃତି ମଧ୍ୟ ସଂପୂର୍ଣ୍ଣ ଅଚେତନ ଏବଂ ଆକାରହୀନ ଜଡ଼କୁ ନେଇ ନିଜର କାର୍ଯ୍ୟ ଆରମ୍ଭ କରୁଛି, ତା'ପରେ ସେଥିରୁ ଏହି ବା ସେହି ଆକାରଟିକୁ ଗଢ଼ିବାକୁ ଚେଷ୍ଟା କରୁଛି । ଅବଶ୍ୟ ଏତିକି ପାର୍ଥକ୍ୟ ରହିଛି ଯେ ଆମେ ଯେପରି ଗୋଟିଏ ସମୟରେ କେବଳ ଗୋଟିଏ କିଛି ଗଢୁଛୁ, ପ୍ରକୃତି ସେପରି କରୁ ନାହିଁ, ପ୍ରକୃତି ଏକାବେଳେକେ ଲକ୍ଷ ଲକ୍ଷ ଆକାର ଗଢ଼ି ଥୋଇଦେଉଛି । ମାତ୍ର ଏଇଟା ହେଉଛି କେବଳ ମାତ୍ରାର ବିଷୟ । ତାହାର ଏକମାତ୍ର କାରଣ ହେଉଛି ଯେ ପ୍ରକୃତି ହାତରେ ଅନେକ ଗୁଣ ଅଧିକ ସାଧନ ରହିଛି । ମାତ୍ର ତାହାର ଏପରି କୌଣସି ଅର୍ଥ ହେବା ଉଚିତ ନୁହେଁ ଯେ ଆକାରଟି ଭିତରେ କୌଣସି ଜୀବନତତ୍ତ୍ୱ କିଂବା ଚେତନାତତ୍ତ୍ୱ ଭଳି କୌଣସି ସ୍ଥାୟୀ ବସ୍ତୁର ପ୍ରବେଶ ଘଟୁଛି,– ସେଥିରେ ଏପରି କୌଣସି ସ୍ଥାୟୀ ତତ୍ତ୍ୱ ପ୍ରବେଶ କରୁ ନାହିଁ ଯାହାକି ଏହି ଆକାରଟି ଭାଙ୍ଗିଗଲାବେଳେ ଆଉ ଗୋଟିଏ ଆକାର ମଧ୍ୟଦେଇ ଯାଇ ପ୍ରବେଶ କରୁଛି । ତୁମ ପ୍ଲାଷ୍ଟିସିନ୍ ଖେଳକୁ ଯେଉଁ କଥା, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା : ତୁମେ କିଛି ତିଆରି କରୁଛ, ସେଇଟିକୁ ଭାଙ୍ଗି ଦେଉଛ, ପୁଣି ତିଆରି କରୁଛ, ପୁଣି ଭାଙ୍ଗିଦେଉଛ । ଏହିପରି ଅଶେଷ ଥର ପାଇଁ କରୁଛ, ଏବଂ ମୁଁ ଯେପରି କହିଲି, ଯେଉଁଟି ତିଆରି ହୋଇଥିଲା, କେବଳ ତାହାର ସ୍ମୃତିଟି ବ୍ୟତୀତ ଆଉ କିଛିହେଲେ ଅବଶେଷ ରହୁ ନାହିଁ । ମାତ୍ର ଯଦି ଆମେ ଏଥିରେ ବ୍ୟକ୍ତିଗତ ବିବର୍ତ୍ତନ ଲାଗି ଆଦୌ କୌଣସି ସ୍ଥାନ ରଖିବା, ତେବେ ଏହି କ୍ଷେତ୍ରରେ ନିଶ୍ଚୟ ଏକ ସ୍ଥାୟୀ ଉପାଦାନ ରହିବ, ଯାହାକି ଗୋଟିଏ ଆକାର ମଧ୍ୟରୁ ଆଉ ଗୋଟିଏ ଆକାରକୁ ଗତି କରୁଥିବ ଏବଂ ପ୍ରତ୍ୟେକଟି ନୂତନ ଆକାରରେ ଏକ ନୂତନ ଅଗ୍ରଗତି ସମ୍ଭବ କରୁଥିବ ଏବଂ ଅପେକ୍ଷାକୃତ ଅଧିକ ଏବଂ ଆହୁରି ଅଧିକ ଆକାର ମଧ୍ୟରେ ପ୍ରବେଶ କରିବା ଲାଗି ସମର୍ଥ ହେବାରେ ଲାଗିଥିବ । ପରିଶେଷରେ ଏହି ''ସ୍ଥାୟୀ ଉପାଦାନ''ଟି ବିବର୍ତ୍ତନର ଚୂଡ଼ାନ୍ତ ସୋପାନକୁ ଆସି ଏକ ପରିପୂର୍ଣ୍ଣ ସଚେତନ ସତ୍ତାରେ ପରିଣତ ହୋଇଯିବ । ତା'ପରେ ଏହି ସତ୍ତାଟିର ଏକ ବିବର୍ତ୍ତନ-କ୍ରମ ଆରମ୍ଭ ହେବ ଯାହାକି ପ୍ରକୃତିର ବିବର୍ତ୍ତନକୁ ଦ୍ୱିଗୁଣିତ କରିଦେବ ଅଥବା ତାହାର ଅନୁପୂରକ ହୋଇ କାର୍ଯ୍ୟ କରିବ,– ଏହି କାର୍ଯ୍ୟଟି ସ୍ୱାଧୀନ ଅଥଚ ଯୁଗପତ୍ ଭାବରେ ଚାଲିବ,– ବା ହୁଏତ ତାହା ବରଂ ଆପଣାର ବ୍ୟକ୍ତିଗତ ବିବର୍ତ୍ତନର ଏକ କ୍ଷେତ୍ରରୂପେ ପ୍ରକୃତିର ବିବର୍ତ୍ତନକୁ କାମରେ ବି ଲଗାଇ ପାରିବ । ଏଥର ବୁଝିଲ ? ଭାରି ଭଲ କଥା ।

ଏପରି ଏକ ଉପସ୍ଥାପନା ଦ୍ୱାରା ଶ୍ରୀଅରବିନ୍ଦ ଏପରି ଏକ ପୃଥିବୀର ବ୍ୟାଖ୍ୟା

'oaob.nitrkl.ac.in' images reprocessed

କରି ଦେଇଛନ୍ତି, ଯାହାକି ବେଶ୍ ନ୍ୟାୟସଙ୍ଗତ ଏବଂ ବୋଧଗମ୍ୟ ଭାବରେ କାର୍ଯ୍ୟ କରୁଥିବ ସତ, ମାତ୍ର ସେଥିରେ କୌଣସି ବ୍ୟକ୍ତି ଲାଗି ଗୋଟିଏ ଆକାରରୁ ଆଉ ଗୋଟିଏ ଆକାରକୁ ଗତି କରିଯିବା ସକାଶେ ଆଦୌ କୌଣସି ପ୍ରୟୋଜନ ନ ଥିବ,– ସେହି କ୍ଷେତ୍ରରେ ସ୍ଥାୟୀ ବୋଲି ଏପରି କୌଣସି ବସ୍ତୁ ନ ଥିବ, ଯାହାକି ସକଳ ବିନାଶ ଓ ମୃତ୍ୟୁରୁ ମୁକ୍ତ ହୋଇ ରହିଥିବ, ଯାହାକି ଆପଣାର ଯାବତୀୟ ଆକାର ମଧ୍ୟଦେଇ ଗତି କରୁଥିଲେ ସୁଦ୍ଧା ତଥାପି ତିଷ୍ଠି ରହିଥିବ ଏବଂ ପ୍ରକୃତିର ବିବର୍ତ୍ତନର ସମାନ୍ତର ଭାବରେ ତା' ନିଜର ମଧ୍ୟ ଏକ ବ୍ୟକ୍ତିଗତ ଓ ସ୍ୱକୀୟ ଅଗ୍ରଗତି ଅବଶ୍ୟ ରହିଥିବ ।... ତୁମେ ଯେଉଁ ଆକାରଟି ତିଆରି କରିଥିଲ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଘଟିବ । ସେହି ଆକାରଟିର ଠିକ୍ ମଝିରେ ତୁମେ ଏକ ବହୁମୂଲ୍ୟ ପଥର ବସାଇ କରି ରଖିଥିଲ ଏବଂ ତାହାକୁ ପରବର୍ତ୍ତୀ ଅନେକ ଆକାର ଦ୍ୱାରା ଘୋଡ଼ାଇ ରଖିବାକୁ ଇଚ୍ଛା କରିଥିଲ । ସେହି ମୂଲ୍ୟବାନ୍ ପଥରଟିକୁ ତୁମେ ଗୋଟିଏ ଆକାରରୁ ଆଉ ଗୋଟିଏ ଆକାରକୁ ସ୍ଥାନାନ୍ତରିତ କରି ଆଣିଲ । ତଥାପି ତୁଳନାଟି ଅପୂର୍ଣ୍ଣ ହୋଇ ରହିଯାଉଛି, କାରଣ ଗୋଟିଏ ବସ୍ତୁରୁ ଆଉ ଗୋଟିଏ ବସ୍ତୁକୁ ଗତି କରି ଯାଉଥିବା ସମୟରେ ସେହି ମୂଲ୍ୟବାନ୍ ପଥରଟି ଅଧିକରୁ ଅଧିକ ମୂଲ୍ୟବାନ୍ ହେବାରେ ବି ଲାଗିଥିବ । ଏବଂ, ଏପରି ବି ଘଟିବ ଯେ, ଗୋଟିଏ ଆକାରରୁ ଆଉ ଗୋଟିଏ ଆକାର ମଧ୍ୟକୁ ଗତି କରିବାର ପ୍ରକ୍ରିୟାରେ ତାହା ସତେଯେପରି ଅଧିକରୁ ଅଧିକ ପ୍ରଭାଯୁକ୍ତ ଏବଂ ଶୁଦ୍ଧ ହେବାରେ ବି ଲାଗିଥିବ, ତାହାର ଆକାରଟି ମଧ୍ୟ ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ଏବଂ ସୁଚିହ୍ନିତ ହୋଇ ଯାଉଥିବ ।

ବାସ୍ ଏତିକି କଥା । ତୁମେମାନେ ବୁଝିଲ ନା ନାହିଁ ?

*ଟିକିଏ ଟିକିଏ ବୁଝିଲୁ ।*

ଟିକିଏ ଟିକିଏ । ବେଶ୍ ଭଲ କଥା । ସେତିକି ବି କିଛି କମ୍ ନୁହେଁ ।

ତେଣୁ, ବର୍ତ୍ତମାନ ଏକ ଉପସଂହାର କରିବାକୁ ଯାଇ ମୁଁ ତୁମକୁ ଏହି ପ୍ରଶ୍ନଟି ପଚାରିବି, ବ୍ୟକ୍ତିର ବିବର୍ତ୍ତନ ବୋଲି କିଛି ଅଛି ନା ନାହିଁ ?... ତୁମର ଏହି ବିଷୟରେ କୌଣସି ଅନୁଭୂତି ଅଛି ନା ନାହିଁ ?... ଏବଂ ସେହି ଅନୁଭୂତିଟିକୁ ତୁମେ ପ୍ରକୃତରେ କିପରି ଲାଭ କରିଥିଲ ? ତାହା ଶୁଣିବା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇପାରନ୍ତା । ପ୍ରକୃତିର କ୍ଷେତ୍ରରେ ଯେଉଁ ସାମୂହିକ ବିବର୍ତ୍ତନଟି ଚାଲିଛି, ତା'ଠାରୁ ସ୍ୱତନ୍ତ୍ର କରି ବ୍ୟକ୍ତିର ବିବର୍ତ୍ତନକୁ କିପରି ଅନୁଭବ କରାଯାଇପାରିବ ?

ତୁମ ଭିତରୁ କେହି ଉତ୍ତର ଦେଇପାରିବ ?

'oaob.nitrkl.ac.in' images reprocessed

*ନିଜ ଭିତରେ ଯେଉଁ ଶାଶ୍ୱତ ତତ୍ତ୍ୱଟି ରହିଛି, ସେଇଟି ବିଷୟରେ ସଚେତନ ନ ହେବା ପର୍ଯ୍ୟନ୍ତ ଆମେ କିପରି ଜାଣିପାରିବା ଯେ...*

ବାଃ, ଭଲ କଥା, ଭାରି ଭଲ କଥା । ଠିକ୍ ଉତ୍ତରଟି ଦେଇଛ । ମାତ୍ର, ଏଥର ତେବେ ତୁମକୁ ଏହି ପ୍ରଶ୍ନଟି ପଚରାଯାଇପାରିବ : ତୁମର ସତ୍ତା ମଧ୍ୟରେ ଅବସ୍ଥିତ ରହିଥିବା ଏହି ଶାଶ୍ୱତ ତତ୍ତ୍ୱଟି ବିଷୟରେ ତୁମେ ସଚେତନ ରହିଛ କି ?

(*ମାଆ ନୀରବ ରହିଲେ*)

ଏହା ତୁମରି ଭିତରେ ଅଛି କି ନାହିଁ, ତୁମେ ବର୍ତ୍ତମାନ ସେଇଟିକୁ ଖୋଜି ବାହାର କରିବ କି ?

*ଏହା ଏପରି ଲୁକ୍କାୟିତ ହୋଇ ରହିଛି କାହିଁକି ?*

ଆମେ ସେଇଟି ବିଷୟରେ ଯଥେଷ୍ଟ ମନୋଯୋଗୀ ହୋଇପାରୁ ନାହୁଁ ବୋଲି ସମ୍ଭବତଃ ଏପରି ହେଉଛି ! ଯଦି ଆମେ ଚେଷ୍ଟା କରି ଦୁଆରଗୁଡ଼ିକୁ ଖୋଲିଦେଇ ପାରନ୍ତେ, ତେବେ ହୁଏତ ତାହାକୁ ଦେଖିବାକୁ ସମର୍ଥ ହୁଅନ୍ତେ... ଏହା ହେଉଛନ୍ତି ଏପରି ଜଣେ ଭଦ୍ରଲୋକ,– ଜଣେ ଭଦ୍ରଲୋକ, ଜଣେ ଭଦ୍ରମହିଳା, ବା କୌଣସି ବସ୍ତୁ ଅଥବା ଯେକୌଣସି ବସ୍ତୁ,– ଯିଏକି କେବେହେଲେ କୌଣସି ପ୍ରକାରେ କିଛି ଦେଖାଇ ହେବାକୁ ଭଲ ପାଆନ୍ତି ନାହିଁ, ଯିଏକି ଆପଣାକୁ ତୁମର ମନୋଯୋଗ ଉପରେ ଆଣି କଦାପି ଜବରଦସ୍ତି ଲଦି ଦେବାକୁ ଇଚ୍ଛା କରନ୍ତି ନାହିଁ । ମାତ୍ର, ତୁମେ ତାଙ୍କର ସନ୍ଧାନରେ ବାହାରିବ ବୋଲି ସିଏ ସମ୍ଭବତଃ ଅପେକ୍ଷା କରି ରହିଛନ୍ତି, ନୁହେଁ ? ସମ୍ଭବତଃ ସେ ଚୁପ୍ ହୋଇ ବସିଛନ୍ତି, ଠିକ୍ କବାଟ ସେପାଖରେ ତୁମ ଘରଟି ପଛରେ ବସିଛନ୍ତି, ଏବଂ ତୁମକୁ ଗୋଟିଗୋଟି କରି ଆପଣାର ଦୁଆରଗୁଡ଼ିକୁ କେବଳ ଖୋଲିଦେବାକୁହିଁ ପଡ଼ିବ ।

ସିଏ ପ୍ରକୃତରେ ଲୁକ୍କାୟିତ ହୋଇ ରହିଛନ୍ତି ବୋଲି ମୁଁ ମୋଟେ ଦେଖିପାରୁ ନାହିଁ । ମୁଁ ତାଙ୍କୁ ସର୍ବତ୍ର ଦୃଶ୍ୟମାନ ହୋଇ ରହିଥିବାର ଦେଖିପାରୁଛି; ସବୁବେଳେ, ସକଳ ମୁହୂର୍ତ୍ତରେ ଓ ସମସ୍ତ ବସ୍ତୁରେହିଁ ଦେଖିବାକୁ ପାଉଛି ।

ଆମେ ପ୍ରକୃତରେ ଖୋଜି ବାହାର କରିବାକୁ ମନ କରିବା କି ? ଆମେ ବର୍ତ୍ତମାନ ଯାଇ ଅନାଇ ଦେଖିବା କି ?

(*ସମସ୍ତେ ଧ୍ୟାନରେ ବସିଲେ*)

'oaob.nitrkl.ac.in' images reprocessed

## ୪ ଡିସେମ୍ବର ୧୯୫୭

''ସୃଷ୍ଟିର ସକଳ ତତ୍ତ୍ୱ ଯେ ଚିରନ୍ତନ ଓ ଏଥିରେ ପରିବର୍ତ୍ତନର କୌଣସି ସ୍ଥାନ ନାହିଁ, ଆମେ ବସ୍ତୁତଃ ସେକଥା ବେଶ୍ ଦେଖିବାକୁ ପାଉଛୁ । ଜୀବସତ୍ତାର ପ୍ରତ୍ୟେକ ପ୍ରକାରଟି ଠିକ୍ ତାହାହିଁ ହୋଇ ରହିଛି । ଆପଣାର ପ୍ରକାରଟି ବ୍ୟତୀତ ଆଉ କୌଣସି ପ୍ରକାରର ଆକାର ଧାରଣ କରିବାକୁ ତାହା କୌଣସି ଚେଷ୍ଟା କରୁ ନାହିଁ ବା ସେପରି ହେବା ଲାଗି ତାହାର ଆଦୌ କୌଣସି ଆବଶ୍ୟକତା ନାହିଁ । ହଁ, ଏକଥା ସତ ଯେ, ଗୋଟିଏ ଗୋଟିଏ ପ୍ରକାରର ଜୀବ ଏହି ଜଗତରୁ ଅନ୍ତର୍ହିତ ହୋଇ ଯାଉଛନ୍ତି ଓ ଅନ୍ୟ ପ୍ରକାରମାନ ଆସି ସେଗୁଡ଼ିକର ସ୍ଥାନ ପୂରଣ କରୁଛନ୍ତି; ଏପରି ହେଉଛି, କାରଣ ବିଲୁପ୍ତ ହୋଇ ଯାଉଥିବା ସତ୍ତାଗୁଡ଼ିକ ମଧ୍ୟରୁ ବିଶ୍ୱରେ କାର୍ଯ୍ୟ କରୁଥିବା ପରମ ଚୈତନ୍ୟଶକ୍ତି ଆପଣାର ପ୍ରାଣଗତ ଆନନ୍ଦଟିକୁ ପ୍ରତ୍ୟାହାର କରି ନେଉଛନ୍ତି ଓ ଆପଣାର ଖୁସୀ ଲାଗି ଅନ୍ୟଗୁଡ଼ିକୁ ଗଢ଼ିବା ଲାଗି ମନ କରୁଛନ୍ତି । ତଥାପି ଅସ୍ତିତ୍ୱରେ ରହିଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକାରର ପ୍ରାଣୀ କେବଳ ଆପଣାର ସ୍ୱକୀୟ ଛାଞ୍ଚଟିରେହିଁ ଅବସ୍ଥିତ ରହିଛନ୍ତି ଏବଂ ସେଥିରେ କେବଳ କେତୋଟି ସାମାନ୍ୟ ପରିବର୍ତ୍ତନ ବ୍ୟତୀତ ମୂଳ ଛାଞ୍ଚଟିକୁହିଁ ସର୍ବଦା ବଜାୟ ରଖିଛନ୍ତି । ପ୍ରତ୍ୟେକ ପ୍ରାଣୀ ଆପଣାର ଚେତନା ସହିତ ମଧ୍ୟ ବନ୍ଧାହୋଇ ରହିଛି, ଏବଂ ସେଇଟିକୁ ଛାଡ଼ିଦେଇ କୌଣସି ଅନ୍ୟ-ଚେତନା ଭିତରକୁ ଯିବା ଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ । ସେ ଆପଣା ପ୍ରକୃତିର ସୀମାଗୁଡ଼ିକ ମଧ୍ୟରେହିଁ ଆବଦ୍ଧ ହୋଇ ରହିଛି, ଏବଂ ଏହି ସୀମାଗୁଡ଼ିକୁ ଲଂଘନ କରି ଅନ୍ୟ-ପ୍ରକୃତି ଭିତରକୁ ପ୍ରବେଶ କରିବା ଲାଗି ତାହାର କିଛି ସାମର୍ଥ୍ୟ ନାହିଁ । ପରମ ଅନନ୍ତ ସତ୍ତାର ଚୈତନ୍ୟଶକ୍ତି ଯଦି ଜଡ଼ର ଅଭିବ୍ୟକ୍ତି ଘଟାଇ ସାରିବା ପରେ ପ୍ରାଣର ଅଭିବ୍ୟକ୍ତି ଘଟାଇଛି ଓ ପ୍ରାଣ ପରେ ମନର ଅଭିବ୍ୟକ୍ତି ଘଟାଇଛି, ତେବେ ସେଥିରୁ ଆମେ କଦାପି ଗ୍ରହଣ କରିନେଇ ପାରିବା ନାହିଁ ଯେ ଏହି ପୃଥିବୀ ଉପର ଆପଣାର ପରବର୍ତ୍ତୀ ବିସୃଷ୍ଟି ରୂପେ ତାହା ଅତିମାନସର ବି ଅଭିବ୍ୟକ୍ତି ଘଟାଇବ । କାରଣ ମନ ଓ ଅତିମାନସ ହେଉଛନ୍ତି ସଂପୂର୍ଣ୍ଣ ଭିନ୍ନ ଭିନ୍ନ ପର୍ଯ୍ୟାୟ ବା ମଣ୍ଡଳର ଦୁଇଟି ପୃଥକ୍‌ଧର୍ମୀ ତତ୍ତ୍ୱ । ମନର ସ୍ଥାନ ଏଠି ଅବିଦ୍ୟାର ଏହି ନିମ୍ନତର ସ୍ତରରେ ଓ ଅତିମାନସର ସ୍ଥାନ ହେଉଛି ଦିବ୍ୟ ପରମଜ୍ଞାନର ସେହି ଉଚ୍ଚତର ସ୍ତରରେ ।

'oaob.nitrkl.ac.in' images reprocessed

*ଏହି ପୃଥିବୀହେଉଛି ଅବିଦ୍ୟାର ପୃଥିବୀ ଓ କେବଳ ତାହାହିଁ ହେବା ଲାଗି ତାହା ଅଭିପ୍ରେତ ହୋଇରହିଛି; ତେଣୁ ପରାର୍ଦ୍ଧ ଅର୍ଥାତ୍ ସେହି ଉଚ୍ଚତର ମଣ୍ଡଳର ସାମର୍ଥ୍ୟଗୁଡ଼ିକୁ ଇହଲୋକର ଏହି ନିମ୍ନତର ଅର୍ଦ୍ଧକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି ଅଥବା ସେଗୁଡ଼ିକର ନିଗୂଢ଼ ସାମର୍ଥ୍ୟଗୁଡ଼ିକୁ ଏଠାରେ ଅଭିବ୍ୟକ୍ତ କରିଦେବା ଲାଗି ବିଧାତାଙ୍କର କୌଣସି ଅଭିପ୍ରାୟ ରହିଛି ବୋଲି କହିବାକୁ ଆଉ କୌଣସି କାରଣ ନାହିଁ । କାରଣ ଯଦି ସେଗୁଡ଼ିକର ଏଠାରେ ଆଦୌ କୌଣସି ଅସ୍ତିତ୍ୱ ରହିଥାଏ, ତେବେ ତାହା ଅତି ସଂଗୁପ୍ତ ଓ ଅନ୍ତର୍ନିହିତ ହୋଇ ରହିଛି ଓ ତାହା ସହିତ କୌଣସି ସଂଯୋଗସଂସ୍ଥାନ କରିବାର ଆଦୌ କୌଣସି ସମ୍ଭାବନା ନାହିଁ । ସୃଷ୍ଟି ରକ୍ଷା କରିବା ହେଉଛି ତାହାର ଏକମାତ୍ର ଉଦ୍ଦେଶ୍ୟ, ସୃଷ୍ଟିକୁ ପରିପୂର୍ଣ୍ଣତା ଆଣିଦେବା ନୁହେଁ । ଏହି ଅବିଦ୍ୟାଗତ ବିସୃଷ୍ଟିର ଉଚ୍ଚତମ ସ୍ତରରେ ମନୁଷ୍ୟର ଆବିର୍ଭାବ ହୋଇଛି; ଯେତିକି ଚେତନା ଓ ଯେତିକି ଜ୍ଞାନ ହାସଲ କରିପାରିବା ଲାଗି ତାହାର ସାମର୍ଥ୍ୟ ରହିଥିଲା, ସେ ତାହା ହାସଲ କରି ସାରିଛି । ଯେଉଁଯାଏ ଯିବାର ଥିଲା, ସେଠାରେ ଯାଇ ପହଞ୍ଚି ସାରିଛି । ଯଦି ସେ ଏହି ସୀମାଟିକୁ ଡେଇଁ ଆହୁରି ଆଗକୁ ଯିବା ଲାଗି ଚେଷ୍ଟା କରେ, ତେବେ କେବଳ ଆପଣାର ମନୋମୟତାର ଅଧିକ ବୃହତ୍ ଚକ୍ରଟି ମଧ୍ୟରେ ପଡ଼ି ଆବର୍ତ୍ତିତ ହେବା ବ୍ୟତୀତ ସେ ଆଉ କିଛିହେଲେ କରିପାରିବ ନାହିଁ । କାରଣ, ମନର ଚକ୍ରଟିରେ ଆବର୍ତ୍ତିତ ହେବାହିଁ ମନୁଷ୍ୟସାମର୍ଥ୍ୟର ଶେଷ ସୀମା; ଏହି ଚକ୍ରଟିରେ ଆବର୍ତ୍ତିତ ହୋଇ ସେ ଯେଉଁଠାରୁ ଅପଣାର ଯାତ୍ରାରମ୍ଭ କରିଛି, ତାକୁ ବାରବାର ଠିକ୍ ସେହିଠାକୁହିଁ ଫେରି ଆସିବାକୁ ପଡ଼ିବ; ଏହି ଭଉଁରି ଭିତରୁ ବାହାରି ଆଉ କେଉଁଆଡ଼େ ଯାଇପାରିବା ଲାଗି ମନର ଆଦୌ କୌଣସି ଅଧିକାର ନାହିଁ । ତେଣୁ ଏକ ସରଳ ରେଖାରେ ଗତି କରିବା କିମ୍ବା ଉପରକୁ ଉଠି ବା ପାର୍ଶ୍ୱଦେଶରେ ବିସ୍ତାର ଲାଭ କରି ପରମ ଅନନ୍ତ ସତ୍ତାରେ ପ୍ରବେଶ କରିବାର ଯାବତୀୟ ଧାରଣାକୁ କେବଳ ଏକ ଦୁରାଶା ବୋଲି କହିବାକୁ ପଡ଼ିବ । ଯଦି ମନୁଷ୍ୟର ଆତ୍ମାକୁ ମନୁଷ୍ୟସୀମା ପାର ହୋଇ ଆହୁରି ଆଗକୁ ଯିବାକୁ ହୁଏ, ଯଦି ତାକୁ ଏକ ଅତିମାନସ କିମ୍ବା ତା'ଠାରୁ ଆହୁରି କୌଣସି ଉଚ୍ଚ ସ୍ଥାନରେ ଯାଇ ପହଞ୍ଚିବାକୁ ହୁଏ, ତେବେ ତାକୁ ଏହି ଜାଗତିକ ଅସ୍ତିତ୍ୱଟିକୁ ଛାଡ଼ିବାହାରି ଯିବାକୁ ପଡ଼ିବ; ହୁଏତ ଆନନ୍ଦ ଓ ଜ୍ଞାନର କୌଣସି ଭୂମିରେ ବା ଲୋକ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ଅଥବା ସେହିଅବ୍ୟକ୍ତ ଓ ଅନନ୍ତ ଶାଶ୍ୱତ ସତ୍ତାରେ ଲୀନ ହୋଇଯିବାକୁ ପଡ଼ିବ ।''*

ଦିବ୍ୟଜୀବନ (ଙ), ପୃଷ୍ଠା. ୮୨୭-୨୮

'oaob.nitrkl.ac.in' images reprocessed

ବସ୍ତୁତଃ, ପ୍ରସ୍ତୁତି ରୂପେ ତୁମକୁ ନିଶ୍ଚୟ କିଛି କାର୍ଯ୍ୟ କରିବାକୁ ପଡ଼ିବ, ପ୍ରତ୍ୟେକଟି ନୂତନ ପାରାରେ ରହିଥିବା ନୂତନ ବିଚାରଗୁଡ଼ିକୁ ଟିପି ରଖିବାକୁ ପଡ଼ିବ, ପୂର୍ବବର୍ତ୍ତୀ ବିଚାରଗୁଡ଼ିକ ସହିତ ସେଇଟିକୁ ଏକତ୍ର କରି ରଖିବାକୁ ପଡ଼ିବ, ଯେପରିକି, ପରିଚ୍ଛେଦଟି ଶେଷ ହେବାବେଳକୁ ତୁମ ସମ୍ମୁଖରେ ସଂପୂର୍ଣ୍ଣ ଚିତ୍ରଟି ପ୍ରସ୍ତୁତ ହୋଇ ରହିଥିବ । କାରଣ, ବର୍ତ୍ତମାନ ମୁଁ ଯାହା ପଢୁଥିଲି, ଯଦି ତୁମେ ମୋତେ ତାହାରି ବିଷୟରେ କୌଣସି ଏକ ପ୍ରଶ୍ନ ପଚାରିବ, ତେବେ ତାହାର ଉତ୍ତର ଦେବାକୁ ଯାଇ ଏପରି କିଛି କହିବା ଆବଶ୍ୟକ ହେବ, ଯାହାକି ବେଳେବେଳେ ଆମେ ପୂର୍ବବର୍ତ୍ତୀ ପାରାଟିରେ ଯାହା ଦେଖିଥିଲୁ, ତାହାର ପ୍ରାୟ ବିରୋଧ କରୁଥିବା ପରି ମନେ ହେବ । ଶ୍ରୀଅରବିନ୍ଦ ଯେଉଁ ପଦ୍ଧତିଟି ଅନୁସରଣ କରି ବସ୍ତୁଗୁଡ଼ିକର ପ୍ରତିପାଦନ କରିଥା'ନ୍ତି, ସେହି ପଦ୍ଧତିଟି ସବାଶେଷିଁ ଏପରି ହୋଇଥାଏ । ସିଏ ସତେଯେପରି ଆପଣାକୁ ଗୋଟାଏ ପ୍ରକାର ବ୍ୟୂହ ବା ମଣ୍ଡଳର କେନ୍ଦ୍ରରେ ନେଇ ସ୍ଥାପନ କରନ୍ତି, ଆପଣାକୁ ଏପରି ଗୋଟିଏ ଚକର ମଧ୍ୟ ସ୍ଥଳରେ ନେଇ ରଖନ୍ତି, ଯାହାର କାଠିଗୁଡ଼ିକ ଏକ ପରିଧି ମଧ୍ୟରେ ରହିଥା'ନ୍ତି । ଏବଂ ସିଏ ସର୍ବଦା ନିଜର ମୂଳ ବିନ୍ଦୁଟି ପର୍ଯ୍ୟନ୍ତ ଲେଉଟି ଯାଆନ୍ତି ଓ ତା'ପରେ ସମସ୍ତ ପଥ ଅତିକ୍ରମ କରି ଉପରିଭାଗ ଯାଏ ବି ଆସନ୍ତି ଏବଂ ଏହିପରି କରିବାରେ ଲାଗିଥା'ନ୍ତି । ଏଥିରୁ ଏଭଳି ଏକ ଧାରଣା ହୋଇଥାଏ ଯେ ସିଏ ଯେପରି ସେହି ଗୋଟିଏ କଥାକୁ ବାରବାର ପୁନରାବୃତ୍ତି କରି କହୁଥା'ନ୍ତି । ମାତ୍ର ଆମେ ଯେପରି ତାଙ୍କର କଥାଟିକୁ ଯଥାର୍ଥ ଭାବରେ ବୁଝିପାରିବା, ସେଥିଲାଗି ବିଚାରଟିକୁ ସଂପୂର୍ଣ୍ଣ ରୂପେ ବୁଝାଇ ଦେବା ଲାଗିହିଁ ସେ ସେପରି କରୁଥା'ନ୍ତି । ସିଏ ଯାହା କହୁଛନ୍ତି, ତାହାକୁ ପ୍ରକୃତରେ ବୁଝିପାରିବାକୁ ହେଲେ ଆମକୁ ଆମର ସ୍ମରଣ-ଶକ୍ତିଟିକୁ ଭାରି ପରିଚ୍ଛନ୍ନ କରି ରଖିବାକୁ ପଡ଼ିବ ।

ଏହି କଥାଟି ଉପରେ ମୁଁ ଏତେ ଜୋର୍ ଦେଇ କହୁଛି, ତାହାର କାରଣ ହେଉଛି ଯେ, ଏହି କ୍ଷେତ୍ରରେ ବିଧିବଦ୍ଧ ଭାବରେ ଗତି କରି ନ ପାରିଲେ ତୁମେ ଏହି ଗ୍ରନ୍ଥପାଠ ଦ୍ୱାରା ଆଦୌ ଖୁବ୍ ବେଶୀ ଉପକୃତ ହୋଇପାରିବ ନାହିଁ । ତେବେ ଏଇଟି ତୁମମାନଙ୍କୁ ଠିକ୍ ଗୋଟିଏ ଜାଲ ପରିହିଁ ଲାଗିବ, ଯେଉଁଥିରେ କି ଆପଣାର ବାଟଟିକୁ ଖୋଜି ପାଇବା ପ୍ରକୃତରେ ଭାରି କଷ୍ଟକର ହେବ ।... ଏଠି ସବୁଯାକ ବିଚାର କେନ୍ଦ୍ରରେ ଆସି ପରସ୍ପର ସହିତ ଯୋଡ଼ି ହୋଇ ରହିଛନ୍ତି, ଏବଂ ପରିଧି ପାଖରେ ସେଗୁଡ଼ିକ ସଂପୂର୍ଣ୍ଣ ବିଭିନ୍ନ ନାନାବିଧ ଦିଗରେ ଗତି କରିବାରେ ଲାଗିଛନ୍ତି ।

ବର୍ତ୍ତମାନ କୌଣସି ପ୍ରଶ୍ନ ପଚାରିବାକୁ ଅଛି କି ?... କିଛି ନାହିଁ ?

ଭାରି କଷ୍ଟ ହେଉଛି, ନୁହେଁ ? ମୁଁ ପଢୁଛି ଏବଂ ମୁଁ ଭଲ କରି ଦେଖିପାରୁଛି ଯେ ଏହି କ୍ଷେତ୍ରରେ ଏକ ପ୍ରଶ୍ନ ପଚାରିବା ପ୍ରକୃତରେ କଷ୍ଟକର, କାରଣ ପ୍ରମାଣଟିର ଶେଷଯାଏ ନ ଆସିଥିବା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପ୍ରକୃତରେ କୁଆଡ଼େ ଯାଉଛନ୍ତି ଓ ଆମକୁ କ'ଣ କହିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରୁଛନ୍ତି, ଆମକୁ ସେହି କଥାଟି ମୋଟେ ଜଣାପଡୁ ନାହିଁ । ଏବଂ, ଯୁଗପତ୍ ଭାବରେ, ଯଦି ଆମକୁ ସମୁଦାୟ ବ୍ୟାଖ୍ୟାଟିକୁ ପାଠ କରିବାକୁ ହୁଏ, ତେବେ ସବୁ କଥାଗୁଡ଼ିକୁ ସ୍ମରଣ କରିବା ପ୍ରାୟ ଅସମ୍ଭବ ହୋଇପଡ଼ିବ । ଅବଶ୍ୟ କାହାର ଯଦି ବିଶେଷ ଭାବରେ ଏକ ଏକାଗ୍ର ସ୍ମରଣଶକ୍ତି ରହିଥାଏ, ତେବେ ତାହା ଭିନ୍ନ କଥା ହେବ । ଶେଷଯାଏ ଆସିବା ପୂର୍ବରୁ ମଧ୍ୟ, ମୂଳରେ ଯାହା କୁହାଯାଇଥିଲା, ସେକଥାଟି ଭୁଲିହୋଇ ଯାଇଥିବ । ଏବଂ, ନିଜର ଟିପ୍‌ପଣୀମାନ ଲେଖିବା,– ସଂକ୍ଷିପ୍ତ ଟିପ୍ପଣୀମାନ,– ପ୍ରକୃତରେ ଭାରି କୌତୂହଳୋଦ୍ଦୀପକ ହେବ, ଗୋଟିଏ ବା ଦୁଇଟି ମୂଳ ବିଚାରର ମାଧ୍ୟମରେ ପ୍ରତ୍ୟେକ ପାରାର ସାରାଂଶଟିଏ ଟିପି ରଖିବା,– ଯେପରିକି ପରେ ସେଗୁଡ଼ିକୁ ତୁଳନା କରି ଦେଖିହେବ,– ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇପାରିବ ।

(*ମାଆ ନୀରବ ରହିଲେ*)

ଶ୍ରୀଅରବିନ୍ଦ ଏଠାରେ କହୁଛନ୍ତି ଯେ ପ୍ରତ୍ୟେକ ଜୀବଜାତି ସେହି ଜୀବଜାତିର ବିଶେଷ ଜୀବଲକ୍ଷଣଗୁଡ଼ିକୁ ନେଇ ବେଶ୍ ସନ୍ତୁଷ୍ଟ ହୋଇ ରହିଥାଏ, ତା' ଗଠନର ବିଶେଷ ତତ୍ତ୍ୱଗୁଡ଼ିକୁ ନେଇ ସନ୍ତୁଷ୍ଟ ହୋଇ ରହିଥାଏ ଏବଂ ଆପଣାକୁ ଏକ ନୂତନ ଜୀବଜାତିରେ ପରିଣତ କିଂବା ରୂପାନ୍ତରିତ କରିଦେବା ପାଇଁ ତାହା ଆଦୌ କୌଣସି ଚେଷ୍ଟା କରେ ନାହିଁ । କୁକୁର କୁକୁର ହେବାରେ ସନ୍ତୁଷ୍ଟ ହୋଇ ରହିଥାଏ, ଘୋଡ଼ା ଘୋଡ଼ା ହୋଇ ସନ୍ତୁଷ୍ଟ ଥାଏ ଏବଂ ଉଦାହରଣ ସ୍ୱରୂପ, ସେ ହାତୀଟିଏ ହେବା ପାଇଁ କେବେ କୌଣସି ଚେଷ୍ଟା କରେ ନାହିଁ । ଏହି କଥାଟିକୁ ଆଲୋଚନା ଆରମ୍ଭ କରି ଶ୍ରୀଅରବିନ୍ଦ ପଚାରୁଛନ୍ତି, ''ସେହିପରି ମନୁଷ୍ୟ ବି କ'ଣ ଏହି ମନୁଷ୍ୟ ହୋଇ ରହିବାରେହିଁ ସନ୍ତୁଷ୍ଟ ହୋଇ ରହିବ ବା ମନୁଷ୍ୟଠାରୁ ଭିନ୍ନ ଆଉକିଛି ହେବା ଲାଗି, ଅର୍ଥାତ୍ ଏକ ଅତିମାନବରେ ପରିଣତ ହେବାର ଆବଶ୍ୟକତାଟି ମଧ୍ୟକୁ ସେ ଆପଣାକୁ ଜାଗ୍ରତ କରି ନେଇଯିବ ?

ଏହାହିଁ ସମସ୍ତ ପାରାଟିର ସାରାଂଶ ।

ମାତ୍ର ଆମେ ଯେତେବେଳେ ଏହିଭଳି ବ୍ୟାଖ୍ୟାଗୁଡ଼ିକ ସହିତ ବେଶ୍ ପରିଚିତ ହୋଇ ରହିଥାଉ, ଏକ ଆଲୋଚନାଶୀଳ ମନ ନେଇ ଆମେ ଯେତେବେଳେ ଏଇଟିକୁ ପଢ଼ିବାକୁ ଯାଉ, ସେତେବେଳେ ଆମ ସତ୍ତା ଭିତରେ ରହିଥିବା କୌଣସି ଏକ ଉପାଦାନ ଏଥିରେ ମୋଟେ ସନ୍ତୁଷ୍ଟ ଅନୁଭବ କରିପାରେ ନାହିଁ । ଅର୍ଥାତ୍ ଏଠାରେ ଯାହା କୁହାଯାଇଛି, ତାହା କେବଳ ବାହ୍ୟତମ ଆକାରଟି ବିଷୟରେହିଁ କୁହାହୋଇଛି, ସତ୍ତାର ସେହି ଉପର ଖୋଳଟି ବିଷୟରେ କୁହାହୋଇଛି; ମାତ୍ର ନିଜ ଭିତରେ ଆମେ ଭିନ୍ନ ହୋଇ ରହିଥିବା

'oaob.nitrkl.ac.in' images reprocessed

ଏପରି 'କିଛି'କୁ ଅନୁଭବ କରିଥାଉ, ଯାହାର କି ସେହି ଆକାରଟିର ସୀମାତିକ୍ରମ କରି ଚାଲିଯିବା ପାଇଁ ଓଲଟି ଏକ ଅପ୍ରତିରୋଧୀ ପ୍ରବୃତ୍ତି ରହିଥାଏ । ଏବଂ ଶ୍ରୀଅରବିନ୍ଦ ଆମକୁ ପ୍ରକୃତରେ ସେହି ପ୍ରବୃତ୍ତିଟି ସହିତ ପରିଚିତ କରାଇ ଦେବା ଲାଗି ଇଚ୍ଛା କରୁଛନ୍ତି ।

ମୁଁ ଏପରି ଅନେକ ଗୃହପାଳିତ ଜୀବ ଦେଖିଛି ଯେଉଁମାନେ କି ସେମାନେ ଯାହା ହୋଇ ରହିଛନ୍ତି ତାହାଠାରୁ ଭିନ୍ନ ଆଉ କିଛି ହେବା ଲାଗି ପ୍ରକୃତରେ ଏକ ଅନ୍ତର୍ଗତ ପ୍ରୟୋଜନହିଁ ସର୍ବଦା ଅନୁଭବ କରୁଥିଲେ । ସେପରି ଅନେକ କୁକୁର, ବିଲେଇ, ଘୋଡ଼ା ଏବଂ ଏପରିକି ଚଢ଼େଇଙ୍କୁ ମଧ୍ୟ ମୁଁ ଜାଣିଛି । ବାହ୍ୟ ରୂପଟିରେ ଅବଶ୍ୟ ସେମାନେ ଯାହା, ତାହାହିଁ ହୋଇ ରହିଥିଲେ, ମାତ୍ର ଭିତରେ ବେଶ୍ ବୋଧ ହେଉଥିବା ଜୀବନ୍ତ ଏପରି କିଛି ସୁନିଶ୍ଚିତ ଭାବରେ ରହିଥିଲା, ଯାହାକି ଆଉ ଏକ ଅନ୍ୟ ଅଭିବ୍ୟକ୍ତି ଏବଂ ଅନ୍ୟ ରୂପର ଉପଲବ୍ଧି କରିବା ସକାଶେ ସ୍ପଷ୍ଟତଃ ପ୍ରୟାସ କରିବାରେ ଲାଗିଥିଲା । ଏବଂ, ଯେଉଁ ବ୍ୟକ୍ତି ତାହାର ଏହି ପ୍ରାଣୀ-ମନୁଷ୍ୟର ସ୍ତରଟିକୁ ଅତିକ୍ରମ କରି ଯଥାର୍ଥ ଭାବରେ ଏକ ମନୁଷ୍ୟୋଚିତ ମନୁଷ୍ୟ ହୋଇପାରିଛି, ତାହା ମଧ୍ୟରେ ଏହି ସଂପୂର୍ଣ୍ଣ ଅସନ୍ତୋଷଜନକ ଅର୍ଦ୍ଧପ୍ରାଣୀସ୍ତରୀୟ,– ଆପଣାର ଅଭିବ୍ୟକ୍ତି-କ୍ଷେତ୍ରରେ ଅସନ୍ତୋଷଜନକ, ଅଭିବ୍ୟକ୍ତିର ସାଧନଗୁଡ଼ିକର କ୍ଷେତ୍ରରେ ତଥା ଜୀବନର ଯାବତୀୟ ସାଧନ କ୍ଷେତ୍ରରେ ମଧ୍ୟ ଅସନ୍ତୋଷଜନକ,– ଜୀବନଠାରୁ ଭିନ୍ନ ଆଉକିଛି ହେବା ଲାଗି ପ୍ରକୃତରେ ଏକ "ଅସଂଶୋଧନୀୟ" ଆବଶ୍ୟକତା ସବୁବେଳେ ରହିଛି । ତେଣୁ, ପ୍ରକୃତ ସମସ୍ୟାଟି ହେଉଛି : ଖାସ୍ ରୂପଟି ଲାଗି ଉପସ୍ଥିତ ଜୀବଜାତିର ରହିଥିବା ଏହି ପ୍ରବଳ ଅଭୀପ୍ସାଟି ଯଥେଷ୍ଟ ପରିମାଣରେ ଫଳପ୍ରସୂ ହୋଇ ଆପଣାକୁ ବିକଶିତ ଓ ରୂପାନ୍ତରିତ କରିଦେଇ ପାରିବ ନା ଏହା କେବଳ ଏହିପରି ହୋଇହିଁ ରହିଥିବ, ସତ୍ତାରେ ଥିବା ଅବିନାଶୀ ଚେତନା ରୂପଟିର ବିନାଶ ଘଟିଲେ ଏହାକୁ ଛାଡ଼ିଦେଇ ଚାଲିଯିବ ଏବଂ ଏପରି ଏକ ଉଚ୍ଚତର ସ୍ତରର ରୂପରେ ଯାଇ ପ୍ରବେଶ କରିବ, ଯାହାକି ଆମ ଜାଣିବାରେ ଏପର୍ଯ୍ୟନ୍ତ ବି ଆବିର୍ଭୂତ ହୋଇ ନାହିଁ ?

ତେଣୁ, ଆମ ଆଗରେ ବର୍ତ୍ତମାନ ଏହି ସମସ୍ୟାଟି ରହିଛି : ଏହି ଉଚ୍ଚତର ରୂପଟିର ସୃଷ୍ଟି ହୋଇପାରିବ କିପରି ? ଏହି ସମସ୍ୟାଟି ଉପରେ ବିଚାର କଲେ ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇଉଠିବ । ଆମେ କଳ୍ପନା ଦ୍ୱାରା ବାହାର କରି ପାରୁଥିବା ଏକ ପ୍ରକ୍ରିୟା ଦ୍ୱାରା କ'ଣ ତାହା ହେବ, ଅର୍ଥାତ୍, ଏକ ନୂତନ ରୂପର ସୃଷ୍ଟି କରିବା ସକାଶେ ବର୍ତ୍ତମାନର ଏହି ରୂପଟି କ'ଣ ଆପଣାକୁ ଧୀରେ ଧୀରେ ଅନୁରୂପ ଭାବରେ ରୂପାନ୍ତରିତ କରି ନେଇଯିବ, ବା ଏହା ଅନ୍ୟ କୌଣସି ଉପାୟ ଦ୍ୱାରା ହେବ,– ଯେଉଁ ଉପାୟଟି କି ଆମକୁ ବର୍ତ୍ତମାନ ମଧ୍ୟ ଜଣା ନାହିଁ ଏବଂ ଏହି ପୃଥିବୀରେହିଁ ସେହି ନୂତନ ରୂପଟିର ଆବିର୍ଭାବ ଘଟିବ ?

'oaob.nitrkl.ac.in' images reprocessed

ଅର୍ଥାତ୍, ଏହି କ୍ଷେତ୍ରରେ ଏକ ଅବିଚ୍ଛିନ୍ନତା ବିଦ୍ୟମାନ ରହିଥିବ ନା କୌଣସି ଏକ ନୂତନ ତତ୍ତ୍ୱର ସହସା ଆବିର୍ଭାବ ଘଟିବ ? ଆମେ ବର୍ତ୍ତମାନ ଯାହା ହୋଇ ରହିଛୁ ଓ ଆମର ଅନ୍ତର୍ଗତ ଚିଦାତ୍ମା ଯାହା ହେବା ଲାଗି ଅଭୀପ୍ସା ରଖିଛି,– ଏହି ଦୁଇଟି ମଧ୍ୟରେ ଏଇଟିରୁ ସେଇଟିକୁ ଏକ କ୍ରମୋତ୍ତର ପରିବର୍ତ୍ତନ ଘଟିବ, ଅଥବା ମଝିରେ ଏକ ବିଚ୍ଛିନ୍ନତା ରହିଯିବ, ଅର୍ଥାତ୍, ଆମେ ବର୍ତ୍ତମାନର ଏହି ମନୁଷ୍ୟଶରୀରଟିକୁ ଛାଡ଼ି ଆସିବା ପାଇଁ ବାଧ୍ୟ ହେବା ଏବଂ ଏକ ନୂତନ ରୂପ ବା ଶରୀରର ଆବିର୍ଭାବ ସକାଶେ ଅପେକ୍ଷା କରି ରହିବା ? ସେଇ ନୂତନ ଆବିର୍ଭାବର ପ୍ରକ୍ରିୟାଟି ବିଷୟରେ ଆମେ ଆଗରୁ ହୁଏତ କିଛିହେଲେ ଜାଣି ନ ଥିବା ଏବଂ ଆମର ବର୍ତ୍ତମାନ ସ୍ଥିତିଟି ସହିତ ତାହାର ହୁଏତ ଆଦୌ କୌଣସି ସମ୍ବନ୍ଧହିଁ ନ ଥିବ ? ଆମେ କ'ଣ ଏପରି ବି ଆଶା କରି ପାରିବା ଯେ, ଏହି ଯେଉଁ ଶରୀରଟି ଆମରଏହି ବର୍ତ୍ତମାନର ପାର୍ଥିବ ରୂପାୟଣଟିରେ ସାଧନ ହୋଇ ରହିଛି, ତାହା କ୍ରମୋତ୍ତର ଭାବରେ ଆପଣାକୁ ଏପରି କୌଣସି ଏକ ରୂପକୁ ରୂପାନ୍ତରିତ କରିଦେବାର ସମ୍ଭାବନାଟିକୁ ଲାଭ କରିବ, ଯାହାକି ଏକ ଉଚ୍ଚତର ଜୀବନକୁ ଅଭିବ୍ୟକ୍ତ କରି ଆଣିପାରିବ, ନା, ଅନ୍ୟ ପକ୍ଷରେ, ଏହି ଶରୀରଟିକୁ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରିବାକୁ ପଡ଼ିବ, ଯେପରିକି ଆମେ ଏପର୍ଯ୍ୟନ୍ତ ପୃଥିବୀରେ କେଉଁଠିହେଲେ ସମ୍ଭବ ହୋଇ ନ ଥିବା ଆଉ ଏକ ଶରୀର ମଧ୍ୟରେ ଯାଇ ପ୍ରବେଶ କରିପାରିବା ?

ତାହାହିଁ ସମସ୍ୟା । ଏହା ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ସମସ୍ୟା ।

ଯଦି ତୁମେ ସେହି ସମସ୍ୟାଟି ଉପରେ ଚିନ୍ତା କରିବ, ତେବେ ତାହା ତୁମକୁ କିଞ୍ଚିତ୍ ଅଧିକ ଆଲୋକ ମଧ୍ୟକୁ ପରିଚାଳିତ କରି ନେଇଯାଇପାରିବ ।

ଆମେ ସେ ବିଷୟରେ ବର୍ତ୍ତମାନ ବି ଚିନ୍ତା କରିପାରିବା ।

*(ସମସ୍ତେ ଧ୍ୟାନରେ ବସିଲେ)*

ପ୍ରବଚନଟି ପ୍ରଥମଥର ପାଇଁ ଛାପାହେବାକୁ ଗଲାବେଳେ ମାଆ
ସେଥିରେ ଏହି ମନ୍ତବ୍ୟଗୁଡ଼ିକୁ ଯୋଡ଼ି ଦେଇଥିଲେ :

*ଦୁଇଟିଯାକ କାହିଁକି ସମ୍ଭବ ହେବ ନାହିଁ ?*

ଦୁଇଟିଯାକ ଯୁଗପତ୍ ଭାବରେହିଁ ଅବସ୍ଥିତ ରହିଥିବେ । ଗୋଟିଏ ରହିଲେ ଅନ୍ୟଟି ଅବଶ୍ୟ ବହିର୍ଭୂତ ହୋଇ ରହିବ, ସେପରି ଭାବିବାର ଆଦୌ କୌଣସି କାରଣ ନାହିଁ ।

'oaob.nitrkl.ac.in' images reprocessed

*ହଁ, ମାତ୍ର ଗୋଟିଏ ଆଉ ଗୋଟିକୁ ରୂପାନ୍ତରିତ ହୋଇଯାଇପାରିବ କି ?*

ହଁ, ଗୋଟିଏ ଆଉ ଗୋଟିକୁ ରୂପାନ୍ତରିତ ହେବ ଏବଂ ଅନ୍ୟଟିର ଏକ ସ୍ଥୂଳ ରେଖାଚିତ୍ର ଭାବରେହିଁ କାର୍ଯ୍ୟ କରୁଥିବ । ଏବଂ ଏଇଟିର ଆବିର୍ଭାବ ଘଟିବା ସଙ୍ଗେ ସଙ୍ଗେ ପରିପୂର୍ଣ୍ଣ ସେହି ଅନ୍ୟଟିର ମଧ୍ୟ ଆବିର୍ଭାବ ହେବ । କାରଣ ଦୁଇଟିଯାକରହିଁ ସ୍ୱକୀୟ ସୌନ୍ଦର୍ଯ୍ୟ ରହିଛି, ସ୍ୱକୀୟ ଉଦ୍ଦେଶ୍ୟଟି ମଧ୍ୟ ରହିଛି । ତେଣୁ ସେହି କ୍ଷେତ୍ରରେ ଦୁଇଟିଯାକ ଉପସ୍ଥିତ ରହିଥିବେ ।

ଆମର ମନ ସବୁବେଳେ ବାଛିବାକୁହିଁ ଚେଷ୍ଟା କରୁଥାଏ,— ମାତ୍ର ଏହି କ୍ଷେତ୍ରରେ ପ୍ରକୃତରେ ସେପରି ଘଟେ ନାହିଁ । ଏପରିକି, ଯାହା ପ୍ରକୃତରେ ଘଟିବ, ଆମର ସକଳ କଳ୍ପନାଶକ୍ତିକୁ କାମରେ ଲଗାଇ ମଧ୍ୟ ଆମେ କଦାପି ତାହାର ପୂର୍ଣ୍ଣ କଳ୍ପନା କରିପାରିବା ନାହିଁ । ପ୍ରକୃତରେ କହିବାକୁ ଗଲେ, ଯାହା ଭିତରେ ପ୍ରଗାଢ଼ ଅଭୀପ୍ସା ରହିଛି ଏବଂ ଭିତରେ ଏକ ସୁନିଶ୍ଚୟତାର ବୋଧ ବି ରହିଛି, ଏହାକୁ ଉପଲବ୍ଧି କରିବା ସକାଶେ ତାହାରି ଲାଗିହିଁ ଆହ୍ୱାନ ଆସି ପହଞ୍ଚିବ ।

ସର୍ବତ୍ର, ସବୁ କ୍ଷେତ୍ରରେ, ସର୍ବଦା, ଚିରନ୍ତନ ଭାବରେ, ସବୁକିଛି ସମ୍ଭବ ହୋଇପାରିବ । ଏବଂ ଯାହାକିଛି ହେବ ବୋଲି ସମ୍ଭାବନା ରହିଛି, ତାହା ନିଶ୍ଚୟ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଆବିର୍ଭୂତ ହୋଇ ଆସିବ । ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତଟି ହୁଏତ ଅଳ୍ପବହୁତ ବିଳମ୍ବରେ ଆସିପାରେ, ମାତ୍ର ସବୁକିଛି ସମ୍ଭବ ହେବହିଁ ହେବ ।

ଇତର ଜୀବ ଏବଂ ମନୁଷ୍ୟ ଭିତରେ ଯେପରି ଯାବତୀୟ ସମ୍ଭାବନାର ଆବିଷ୍କାର କରାଯାଇପାରିଛି,— ସେହି ସମ୍ଭାବନାଗୁଡ଼ିକ ହୁଏତ ସ୍ଥାୟୀ ହୋଇ ରହିପାରି ନାହିଁ,— ଠିକ୍ ସେହିପରି ଏଠାରେ ମଧ୍ୟ ଯାବତୀୟ ପ୍ରକାରର ସମ୍ଭାବନା ବିଦ୍ୟମାନ ରହିଥିବ : ପ୍ରତ୍ୟେକ ବ୍ୟକ୍ତି ତା' ନିଜ ବାଟରେ ପ୍ରୟାସ କରିବାରେ ଲାଗିଥିବ । ଏବଂ ଏହି ସବୁଯାକ ଏକତ୍ର ଭବିଷ୍ୟତର ଉପଲବ୍ଧିଟିକୁ ପ୍ରସ୍ତୁତ କରି ଆଣୁଥିବେ ।

ଏଠାରେ ଏହି ପ୍ରଶ୍ନଟି ହୁଏତ ପଚରାଯାଇପାରିବ : ପୃଥିବୀପୃଷ୍ଠରୁ ପୂର୍ବରୁ ଯେଉଁସବୁ ଜୀବଜାତି ଅନ୍ତର୍ହିତ ହୋଇଯାଇଛନ୍ତି, ମଣିଷରୂପୀ ଜୀବଜାତିଟି କ'ଣ ଠିକ୍ ସେହିପରି ହେବ ?... ପୃଥିବୀପୃଷ୍ଠରୁ କେତେକ ଜୀବଜାତିଙ୍କର ବିଲୟ ଘଟିଛି । ମାତ୍ର ମନୁଷ୍ୟର ଆବିର୍ଭାବ ହେବା ପର୍ଯ୍ୟନ୍ତ ଯେଉଁମାନେ ଏଠାରେ ତିଷ୍ଠି ରହିଥିଲେ, ସେମାନେ ମୋଟେ ଅନ୍ତର୍ହିତ ହୋଇଯାଇ ନାହାନ୍ତି । ସେପରି ଘଟିଛି ବୋଲି ମୋର ମନେ ହେଉ ନାହିଁ; ଏବଂ, ଯେଉଁ ଜୀବଜାତିଗୁଡ଼ିକ ମଧ୍ୟରେ ଅଗ୍ରଗତି କରିବାର ବୀଜ ନିହିତ ହୋଇ ରହିଥିଲା, ଏହି ଅଗ୍ରଗତିର ସମ୍ଭାବନା ଯେଉଁମାନଙ୍କର ଥିଲା, ସେମାନେ କଦାପି ନିଶ୍ଚିହ୍ନ ହୋଇ ଯାଇ ନାହାନ୍ତି । ବରଂ ଏପରି ମନେ ହେଉଛି ଯେ ଏହି ବିବର୍ତ୍ତନ ଏପରି ଗୋଟିଏ ବକ୍ର ଦେଇ ଗତି

'oaob.nitrkl.ac.in' images reprocessed

କରିବାକୁ ଯାଉଛି, ଯାହାକି ଏକ ଉଚ୍ଚତର ଜୀବଜାତିର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସିବ, ଏବଂ ହୁଏତ ଏପରି ବି ଘଟିବ ଯେ, ଯାହାକିଛି ନିମ୍ନତର ଜୀବଜାତିଟିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଛି, ସମ୍ଭବତଃ ସେଇଟି ପୂର୍ବର ଅନେକ ଜୀବଜାତିଙ୍କ ପରି ବିସ୍ମୃତ ହୋଇ ରହିବ, ନିଶ୍ଚିହ୍ନ ହୋଇଯିବ ।

ଆମେ ସବୁବେଳେ ଏହି କଥାଟିକୁ ପାସୋରି ପକାଉ ଯେ, ସବୁକିଛି ଯେ ସମ୍ଭବ, ହଁ, ସବୁକିଛି, ଏପରିକି ପରସ୍ପରର ଏକାନ୍ତ ବିରୋଧାତ୍ମକ ହୋଇ ରହିଥିବା ବସ୍ତୁଗୁଡ଼ିକ ଯେ ସମ୍ଭବ, କେବଳ ସେତିକି ନୁହେଁ; ମାତ୍ର ଏକଥା ମଧ୍ୟ ସତ ଯେ ସମ୍ଭାବନା ବୋଲି ଯାହାକିଛି ରହିଛି, ତାହା ବାସ୍ତବରେ ପରିଣତ ହେବା ଲାଗି ଅନ୍ତତଃ ଗୋଟିଏ ମୁହୂର୍ତ୍ତ ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

## ୧୧ ଡିସେମ୍ବର ୧୯୫୭

*"ରାସାୟନିକ ଅଥବା ଅନ୍ୟ କୌଣସି ବିଶେଷ ପରିବେଶରେହିଁ ଜୈବ ପଦାର୍ଥ ଓ ଜୀବନ ଆବିର୍ଭୂତ ହେଉଛି ବୋଲି ଯଦି ପରେ କେବେ ଆବିଷ୍କୃତ ହୋଇପାରେ, ତେବେ ସେହି ସଂଯୋଗଟିରୁ କେବଳ ଏତିକି ସତ୍ୟ ପ୍ରମାଣିତ ହେବ ଯେ କେତେକ ବିଶେଷ ଭୌତିକ ପରିସ୍ଥିତିରେହିଁ ଜୀବନର ଅଭିବ୍ୟକ୍ତି ସମ୍ଭବ ହୁଏ । ମାତ୍ର କେତେକ ରାସାୟନିକ ପରିବେଶହିଁ ଯେ ପ୍ରାଣରୂପେ ଅଭିବ୍ୟକ୍ତି ଲାଭ କରେ, ପ୍ରାଣର ଉପାଦାନରୂପେ କାର୍ଯ୍ୟ କରେ ଅଥବା ଅଜୈବକୁ ଜୈବରେ ରୂପାନ୍ତରିତ କରିଦେବାରେ ବିବର୍ତ୍ତନଗତ କାରଣ ହୋଇ ରହିଥାଏ, ସେଥିରୁ ଏକଥାଟି କଦାପି ପ୍ରତିଷ୍ଠିତ ହୁଏ ନାହିଁ । ଅନ୍ୟସବୁ କ୍ଷେତ୍ର ପରି ଏଠାରେ ମଧ୍ୟ ସତ୍ତାର ପ୍ରତ୍ୟେକ ସୋପାନ କେବଳ ଆପଣାର ଆୟତନଟି ଭିତରେ ଅବସ୍ଥାନ କରୁଥାଏ, କେବଳ ଆପଣା ସକାଶେହିଁ ରହିଥାଏ, ଆପଣାର ସ୍ବକୀୟ ସ୍ବଭାବଟି ଅନୁସାରେ ଆପଣାର ଯଥୋପଯୁକ୍ତ ଶକ୍ତିବଳରେହିଁ ଅଭିବ୍ୟକ୍ତ ହେଉଥାଏ; ଏବଂ ଏହି ସୋପାନର ଉପରେ ବା ତଳେ ଅବସ୍ଥିତ ସୋପାନଗୁଡ଼ିକୁ ତାହାର କାରଣ କିଂବା ପରବର୍ତ୍ତୀ ପରିଣାମ ବୋଲି ଆଦୌ କୁହାଯାଇ ପାରିବ ନାହିଁ, ସେଗୁଡ଼ିକୁ ପାର୍ଥିବ ପ୍ରକୃତିର ଅବିଚ୍ଛିନ୍ନ ଭାବରେ ଅବସ୍ଥିତ ରହିଥିବା ସୋପାନକ୍ରମରେ କେବଳ ଗୋଟିଏ ଗୋଟିଏ ସୋପାନ ବୋଲିହିଁ କୁହାଯିବ ।"*

ଦିବ୍ୟ-ଜୀବନ (ଇଂ), ପୃଷ୍ଠା-୮୨୯

*ମାଆ, ସର୍ବପ୍ରଥମ ମନୁଷ୍ୟର ଆବିର୍ଭାବ କିପରି ହେଲା ?*

ଏଠାରେ* ଶ୍ରୀଅରବିନ୍ଦ ଯଥାର୍ଥ ଭାବରେ କହିଛନ୍ତି ଯେ, ଯଦି ଆମେ ବିଜ୍ଞାନର ଦୃଷ୍ଟିକୋଣଟି

---

*"ବିଜ୍ଞାନ ଯେଉଁସବୁ ତଥ୍ୟ ନେଇ କାରବାର କରୁଛି, ତାହା ବିଶ୍ବାସଯୋଗ୍ୟ ହୋଇଥିଲେ ମଧ୍ୟ, ତାହା ଯେଉଁସବୁ ସାଧାରଣ ସିଦ୍ଧାନ୍ତରେ ଉପନୀତ ହୋଇଥାଏ, ସେଗୁଡ଼ିକ ସାଧାରଣତଃ ଦୀର୍ଘକାଳ ସ୍ଥାୟୀ ହୋଇ ରହିପାରେ ନାହିଁ । ଗୋଟିଏ ଗୋଟିଏ ସିଦ୍ଧାନ୍ତକୁ ବିଜ୍ଞାନ କେବଳ କେତୋଟି ଦଶନ୍ଧି କିଂବା କେତୋଟି ଶତାବ୍ଦୀ ପର୍ଯ୍ୟନ୍ତ ସତ୍ୟ ବୋଲି ଗ୍ରହଣ କରେ; ତା'ପରେ ଆଉ ଏକ ସାଧାରଣ ନିଷ୍କର୍ଷରେ ଆସି ପହଞ୍ଚେ ଓ ଆଉ ଏକ ନୂତନ ସିଦ୍ଧାନ୍ତ ବାହାର କରେ । ଏପରିକି, ଯେଉଁ ଭୌତିକ ବିଜ୍ଞାନରେ

'oaob.nitrkl.ac.in' images reprocessed

ଉପରେ ବିଚାର କରିବାକୁ ଯିବା, ତେବେ ଆମେ ଦେଖିବାକୁ ପାଇବା ଯେ କୌଣସି ଦୃଢ଼ପ୍ରତିଷ୍ଠା ନ ଥାଇ ସେହି କ୍ଷେତ୍ରରେ ତତ୍ତ୍ୱ ପଛକୁ ତତ୍ତ୍ୱ ଆସି ପହଞ୍ଚିଯାଉଛନ୍ତି ଏବଂ ପ୍ରତିପାଦିତ କରି ଦିଆଯାଇ ପାରୁଥିବା ବସ୍ତୁଗୁଡ଼ିକ ଅପେକ୍ଷା ବରଂ କ୍ରମବଦ୍ଧ କେତୋଟି କଳ୍ପନା ପରିହିଁ ବୋଧ ହେଉଛନ୍ତି । ସଂପୂର୍ଣ୍ଣ ବସ୍ତୁବାଦୀ ଦୃଷ୍ଟିକୋଣରୁ ବିଚାର କଲେ ସେଗୁଡ଼ିକ ପ୍ରକୃତରେ ଠିକ୍ ସେହିପରିହିଁ ମନେହେବ । ଲୋକମାନେ ସେଥିରେ ବିଶ୍ୱାସ କରନ୍ତି, କାରଣ ତାହାକୁ ଏକ ବସ୍ତୁବାଦୀ ଦୃଷ୍ଟିକୋଣ ବୋଲି କୁହାଯାଏ; ଏଇଟିକୁ ପ୍ରମାଣ କରିଦେବା ସବୁଠାରୁ ଅଧିକ ସହଜ; ମାତ୍ର ସ୍ପଷ୍ଟତଃ ତାହା ହେଉଛି ସବୁଠାରୁ ଅଧିକ କଷ୍ଟକର । ଯଦି ଆମେ ଏଠାରେ ଗୁହ୍ୟବିଦ୍ୟାର ଦୃଷ୍ଟିକୋଣ ଉପରେ ବିଚାର କରିବା, ତେବେ ଆମେ ଦେଖିବାକୁ ପାଇବା ଯେ ସେଥିରେ ସମ୍ଭବତଃ କେତୋଟି ନିର୍ଦ୍ଦିଷ୍ଟ ସ୍ମୃତିକୁ ଆଧାର କରି ରହିଥିବା କେତେଗୁଡ଼ିଏ ପରମ୍ପରା ରହିଛି, ମାତ୍ର ସେଗୁଡ଼ିକ ପଛରେ ଆଦୌ କୌଣସି ଭୌତିକ ପ୍ରମାଣ ନ ଥିବାରୁ ଏହି ଜ୍ଞାନକୁ ବୈଜ୍ଞାନିକ କଳ୍ପନା ଏବଂ ସୂତ୍ରଗୁଡ଼ିକ ଅପେକ୍ଷା ଆହୁରି ଅଧିକ ସଂଶୟାତ୍ମକ ବୋଲି କୁହାଯାଇଥାଏ । ଯେକୌଣସି ଅନ୍ତର୍ମୁଖୀ ନ୍ୟାୟଯୁକ୍ତି ଲାଗି ତାହାକୁ ବୁଝିବା ଓ ସ୍ୱୀକାର କରିବା ଅଧିକ ସହଜ ହୋଇ ରହିଥାଏ ସତ, ମାତ୍ର ଏଥିପାଇଁ ଆମ ପାଖରେ କୌଣସି ଭୌତିକ ପ୍ରମାଣ ନ ଥାଏ । ପ୍ରଥମେ ଜଣେମାତ୍ର ମନୁଷ୍ୟ ବାସ କରୁଥିଲା, ତା'ପରେ ଏକାଧିକ ପ୍ରଥମ ମନୁଷ୍ୟ ଆସିଲେ ଏବଂ ଏପରି ଆଉ ଗୋଟିଏ ଜୀବ ବି ଥିଲା, ଯାହାକି ତଥାପି ଏକ ମନୁଷ୍ୟରେ ପରିଣତ ହୋଇ ନ ଥିଲା, ମାତ୍ର ପ୍ରାୟ ଏକ ମଣିଷ ପରି ଦିଶୁଥିଲା,— ଏହିସବୁ କଳ୍ପନାଗୁଡ଼ିକ ପଛରେ ଯେତିକି ଭୌତିକ ପ୍ରମାଣ ରହିଛି, ଗୁହ୍ୟବିଦ୍ୟାର ତଥ୍ୟଗୁଡ଼ିକ ତା'ଠାରୁ କଦାପି ଅଧିକ ପ୍ରମାଣ ଦେଇ ଆପଣାର ପ୍ରତିଷ୍ଠା କରିପାରିବେ ନାହିଁ ।

ଏପରି ଅନେକ ପରମ୍ପରା,— ଯେଉଁଗୁଡ଼ିକ କି ଆମେ କେବଳ ଲୋକମୁଖରେ ରହି ଆସିଥିବା ପରମ୍ପରା ବୋଲି କହିପାରିବା ଓ ବିଜ୍ଞାନର ଦୃଷ୍ଟିକୋଣରୁ ଯାହାର ପ୍ରାମାଣିକତା ଉପରେ ନିଶ୍ଚୟ ସଂଶୟ ପ୍ରକାଶ କରାଯିବ; ମାତ୍ର ଏହି ପରମ୍ପରାଗୁଡ଼ିକ ବ୍ୟକ୍ତିମାନଙ୍କର ସ୍ମୃତିକୁ ଆଧାର କରି ରହିଛି,— ଏପରି ଅନେକ ପରମ୍ପରାରୁ ଆମେ ଜାଣିବାକୁ ପାଉ ଯେ ଏକ ଗୁହ୍ୟବିଦ୍ୟାଗତ ପ୍ରଣାଳୀର ପ୍ରୟୋଗ ଦ୍ୱାରାହିଁ ପ୍ରଥମ ମନୁଷ୍ୟ, ପ୍ରଥମ ମନୁଷ୍ୟଯୁଗଳ ବା ପ୍ରଥମ ମନୁଷ୍ୟ ବ୍ୟକ୍ତିମାନଙ୍କର ସ୍ଥୂଳଶରୀର ଧାରଣ କରିବା ସମ୍ଭବ ହୋଇଥିଲା । ଭବିଷ୍ୟତର ଅତିମାନସ ପ୍ରକ୍ରିୟାଟି ଲାଗି ଶ୍ରୀଅରବିନ୍ଦ ଯେଉଁ

---

ତଥ୍ୟଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଜାଣିହୁଏ, ପରୀକ୍ଷା ଓ ପ୍ରୟୋଗ ଦ୍ୱାରା ସେଗୁଡ଼ିକୁ କଳିହୁଏ ବା ଚଳାଇ ହୁଏ, ସେଥିରେ ମଧ୍ୟ ତାହାହିଁ ଘଟିଥାଏ ।

'oaob.nitrkl.ac.in' images reprocessed

ପ୍ରଣାଳୀଟିର ପୂର୍ବସୂଚନା ଦେଉଛନ୍ତି, ଏଇଟି ଠିକ୍ ତାହାରି ଭଳି । ଅର୍ଥାତ୍, ଉଚ୍ଚତର ଜଗତଗୁଡ଼ିକରେ ବାସ କରୁଥିବା ସତ୍ତାମାନେ ଏକ ସଂକେନ୍ଦ୍ରଣ ଏବଂ ମୂର୍ତ୍ତୀକରଣର ପ୍ରକ୍ରିୟା ଦ୍ୱାରା ଆପଣା ଲାଗି ଭୌତିକ ଜଡ଼ବସ୍ତୁର ଶରୀରମାନ ନିର୍ମାଣ କରିଛନ୍ତି । ସମ୍ଭବତଃ ଏପରିମୋଟେ ଘଟି ନାହିଁ, ଅର୍ଥାତ୍ ନିମ୍ନତର ଜୀବଜାତିମାନେ କ୍ରମୋତ୍ତର ବିବର୍ତ୍ତନ ଦ୍ୱାରା ଆଦୌ ଏକ ଶରୀରକୁ ସମ୍ଭବ କରି ନାହାନ୍ତି ଯାହାକି ଶେଷରେ ମନୁଷ୍ୟର ଶରୀରରୂପେ ଆବିର୍ଭୂତ ହୋଇଛି ।

ଅଧ୍ୟାତ୍ମଜ୍ଞାନ ଏବଂ ଗୂଢ଼ବିଦ୍ୟାର ଜ୍ଞାନ ଅନୁସାରେ ପ୍ରଥମେ ଚେତନା, ତା'ପରେ ଶରୀର । ଚେତନାହିଁ ଆପଣାକୁ ସଂକେନ୍ଦ୍ରିତ କରିଆଣି ନିଜ ଶରୀରର ନିର୍ମାଣ କରୁଛି । ମାତ୍ର, ବସ୍ତୁବାଦୀ ବିଚାରଟି ଅନୁସାରେ ଆଗ ଶରୀର ଓ ତା'ପରେ ଯାଇ ଚେତନା । ଶରୀରହିଁ ଚେତନାଲାଗି ଆଦୌ କୌଣସି ଅଭିବ୍ୟକ୍ତିକୁ ସମ୍ଭବ କରୁଛି । ଅଦୃଶ୍ୟ ଜଗତଗୁଡ଼ିକ ସମ୍ବନ୍ଧରେ ଯେଉଁମାନଙ୍କର କିଛି ଜ୍ଞାନ ରହିଛି ଏବଂ ଶକ୍ତିଗୁଡ଼ିକର କ୍ରିୟା-ବିକ୍ରିୟାକୁ ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ଦେଖିପାରୁଛନ୍ତି, ସେମାନଙ୍କ ଲାଗି ଏହି କ୍ଷେତ୍ରରେ ଆଦୌ କୌଣସି ସନ୍ଦେହ ନାହିଁ । ସେମାନେ ଏହାକୁ ଯଥାର୍ଥ ସତ୍ୟ ବୋଲି ଜାଣୁଛନ୍ତି ଯେ ଅଭିବ୍ୟକ୍ତି ଉଦ୍ଦେଶ୍ୟରେହିଁ ଚେତନା ଆପଣା ଲାଗି ଏକ ଶରୀରକୁ ନିର୍ମାଣ କରୁଛି । ଏବଂ, ବର୍ତ୍ତମାନ ଏହି ପୃଥିବୀରେ ବସ୍ତୁଗୁଡ଼ିକର ଯେପରି ବିନ୍ୟାସ ହୋଇ ରହିଛି, ସେଥିରୁ ବେଶ୍ ସୁନିଶ୍ଚିତ ଭାବରେ ଜଣା ପଡ଼ିଯାଉଛି ଯେ ଏକ ଉଚ୍ଚତର ଭୂମିର ଚେତନାହିଁ କୌଣସି ଶରୀର ମଧ୍ୟରେ ଆସି ପ୍ରବିଷ୍ଟ ହେଉଛି ଓ ତାହାର ରୂପାନ୍ତରରେ ସହାୟତା କରୁଛି, ଯେପରିକି ଏହି ଶରୀରଟି,— ସଙ୍ଗେ ସଙ୍ଗେ ହେଉ ବା ପରମ୍ପରାନୁବର୍ତ୍ତୀ କେତୋଟି ପର୍ଯ୍ୟାୟ ମଧ୍ୟଦେଇ ହେଉ,— ସେହି ଚେତନାକୁ ଅଭିବ୍ୟକ୍ତ କରିଦେବା ଲାଗି ସମର୍ଥ ହୋଇପାରିବ । ଯେଉଁମାନଙ୍କର ଅନ୍ତର୍ଗତ ଦୃଷ୍ଟି ଓ ଅନ୍ତର୍ଗତ ଜ୍ଞାନ ରହିଛି, ସେମାନେ ଏହି ପ୍ରକ୍ରିୟାଟିରେ ଆଦୌ କୌଣସି ସଂଶୟ ପ୍ରକାଶ କରିବେ ନାହିଁ । ଏହା ଅନ୍ୟ କୌଣସି ପ୍ରକ୍ରିୟା ଦ୍ୱାରା ଯେ ହେଉଥିବ, ସେମାନେ ତାହାକୁ ଅସମ୍ଭବ ବୋଲିହିଁ କହିବେ । ମାତ୍ର ଯେଉଁମାନେ ଅନ୍ୟ ପାଖରୁ, ନିମ୍ନରୁ, ଆରମ୍ଭ କରନ୍ତି, ସେମାନେ ଏକଥାକୁ କଦାପି ସ୍ୱୀକାର କରିବେ ନାହିଁ । ମାତ୍ର, ସେକଥା ଯାହାହେଉ ପଛକେ, ଅଜ୍ଞାନ କଦାପି ପ୍ରଜ୍ଞାକୁ ଜ୍ଞାନ କ'ଣ ବୋଲି ବୁଝାଇ କହିବାକୁ ଆସିପାରିବ ନାହିଁ ! ମାତ୍ର ତଥାପି ତାହା ବର୍ତ୍ତମାନ ସେହି କଥାହିଁ କରୁଛି । ଜାଣିବା ଅପେକ୍ଷା ସନ୍ଦେହ କରିବାହିଁ ଅପେକ୍ଷାକୃତ ଅଧିକ ସହଜ ହୋଇଥିବାରୁ, ମନୁଷ୍ୟର ମନ ସବୁକିଛିରେ ସନ୍ଦେହ ପ୍ରକାଶ କରିବାରେହିଁ ବେଶ୍ ଅଭ୍ୟସ୍ତ ହୋଇଯାଇଛି । ତାହାକୁହିଁ ସେ ସର୍ବପ୍ରଥମ କ୍ରିୟା ଓ ସର୍ବପ୍ରଥମ ଗତିପଥ ରୂପେ ଗ୍ରହଣ କରିଛି ଏବଂ ତେଣୁ ସେ ଆଦୌ କିଛି ଜାଣିପାରୁ ନାହିଁ ।

ରୂପାୟଣ ଏବଂ ଅଭିବ୍ୟକ୍ତି ପରେ, ଆଗ କଳ୍ପନା । ଏହା ନିଶ୍ଚିତ କଥା । ଏବଂ,

'oaob.nitrkl.ac.in' images reprocessed

ଯେଉଁମାନେ ଅତୀତ ସହିତ ଏକ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିପାରିଛନ୍ତି, ସେମାନଙ୍କର ସ୍ମୃତିକୁହିଁ ଆଦର୍ଶ ମାନବର ସ୍ମୃତି ବୋଲି କୁହାଯାଇପାରିବ; ମନୁଷ୍ୟଜାତି ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେହି ଆଦର୍ଶ ମାନବ ତା'ଠାରୁ ଅନେକ ଅନେକ ଉଚ୍ଚତର ସ୍ତରର । ସେହି ଆଦର୍ଶ ମାନବ ଏକ ଦୃଷ୍ଟାନ୍ତରୂପେହିଁ ପୃଥିବୀକୁ ଆସିଛି; ଆପଣାର ସର୍ବୋଚ୍ଚ ସୀମାରେ ପହଞ୍ଚି ମନୁଷ୍ୟ ଜାତି ପ୍ରକୃତରେ ଯେ କ'ଣ ହୋଇପାରିବ, ସେ ତାହାରି ଏକ ପ୍ରତିଶ୍ରୁତି ରୂପେ ଆବିର୍ଭୂତ ହୋଇଛି ।

(*ମାଆ ନୀରବ ରହିଲେ*)

ଅନୁକରଣ କରିବା ଲାଗି, ''କାହାର'' ନକଲ କରିବା ଉଦ୍ଦେଶ୍ୟରେ ଏକ ପ୍ରକାରର ପ୍ରୟାସ କରିବା ଲାଗି ଜୀବନରେ ଏକ ନିଶ୍ଚିତ ପ୍ରବୃତ୍ତି ରହିଛି । ଅନ୍ୟ ଜୀବମାନଙ୍କର ଜୀବନରେ ଆମେ ଏହାର ଅତ୍ୟନ୍ତ ସ୍ପଷ୍ଟ ନାନା ଉଦାହରଣ ଦେଖିବାକୁ ପାଇପାରିବା; ଉଦ୍ଭିଦ-ଜଗତରେହିଁ ସେହି ପ୍ରବୃତ୍ତିଟିର ଉନ୍ମେଷ ହୋଇ ସାରିଥାଏ, ମାତ୍ର ଇତର ପ୍ରାଣୀମାନଙ୍କର ସ୍ତରକୁ ଆସି ତାହା ଅତ୍ୟନ୍ତ ଦୃଶ୍ୟମାନ ହେବାକୁ ଲାଗେ । ଏହାର ଅଗଣିତ ଦୃଷ୍ଟାନ୍ତ ଦିଆଯାଇପାରିବ । ଏବଂ, ସେହି କାରଣରୁ, ଆମେ ଇତର ପ୍ରାଣୀମାନଙ୍କର ଜୀବନରେ ଏପରି ଏକ ପ୍ରଚେଷ୍ଟା ରହିଛି ବୋଲି ବେଶ୍ କଳ୍ପନା କରିପାରିବା ଯାହାକି ନକଲ କରିବାକୁ, ଅନୁକରଣ କରିବାକୁ ଏବଂ ଏହି ଆଦର୍ଶ ପ୍ରରୂପଟିର କେତେକ ପରିମାଣରେ ଏକ ସାଦୃଶ୍ୟର ସୃଷ୍ଟି କରିବାରେ ତତ୍ପର ହୋଇ ରହିଥାଏ । ଗୂଢ଼ ବିଦ୍ୟାର ପ୍ରଣାଳୀରେ ପୃଥିବୀରେ ଯେଉଁ ଆଦର୍ଶ ପ୍ରରୂପଟିର ପ୍ରକାଶ ଘଟିବାକୁ ଯାଉଛି, ତାହାରି ନକଲ କରିବାକୁ ଚେଷ୍ଟା କରୁଥାଏ । ଏବଂ ତେଣୁ ଆମେ ସମ୍ଭବତଃ ଏପରି କହିପାରିବା ଯେ, ବାରବାର ଏହିପରି ଅନେକ ପ୍ରୟାସ କରି ଏବଂ ଆପଣାର ସେହି ପ୍ରୟାସରେ କ୍ରମେ ଅଧିକରୁ ଅଧିକ ସଫଳତା ଲାଭ କରିହିଁ ଏଠାରେ ସର୍ବପ୍ରଥମ ମନୁଷ୍ୟ-ପ୍ରରୂପଗୁଡ଼ିକର ଆବିର୍ଭାବ ଘଟିଥିଲା ।

'oaob.nitrkl.ac.in' images reprocessed

# ୧୮ ଡିସେମ୍ବର ୧୯୫୭

ଦିବ୍ୟଜୀବନ (ଇଂ) ଗ୍ରନ୍ଥର ୮୨୯ ପୃଷ୍ଠାରୁ
ମାଆ ଗୋଟିଏ ଅନୁଚ୍ଛେଦ ପାଠ କଲେ ।

ଆଧୁନିକ ବିଜ୍ଞାନ ଯେଉଁ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବସ୍ତୁର ଆବିଷ୍କାର କରିଛି ସେଇଟି ହେଉଛି ଯେ, ସଂପୂର୍ଣ୍ଣ ବାହ୍ୟ ଏବଂ ଭୌତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଯାବତୀୟ ବସ୍ତୁ ଆମକୁ ଯେପରି ବୋଲି ବୋଧ ହୁଅନ୍ତି, ସେଗୁଡ଼ିକ ପ୍ରକୃତରେ ସେପରି ନୁହନ୍ତି । ଯେତେବେଳେ ତୁମେ କୌଣସି ଶରୀର, ଜଣେ ମନୁଷ୍ୟ, କୌଣସି ଏକ ବସ୍ତୁ ବା ଏକ ଭୂଦୃଶ୍ୟକୁ ଅନାଇ ଦେଖୁଛ, ସେତେବେଳେ ତୁମେ ନିଜର ଆଖିଗୁଡ଼ିକ ଦ୍ୱାରାହିଁ ସେଗୁଡ଼ିକୁ ଦେଖୁଛ, ତୁମର ସ୍ପର୍ଶଶକ୍ତି ଓ ଶ୍ରବଣ ଶକ୍ତି ଦ୍ୱାରା ସେଗୁଡ଼ିକୁ ଜାଣୁଛ, ଏବଂ ଆହୁରି ଟିକିନିଖି କରି ସେଗୁଡ଼ିକୁ ଜାଣିବା ଲାଗି ନିଜର ଘ୍ରାଣ ଏବଂ ସ୍ୱାଦଶକ୍ତିକୁ ମଧ୍ୟ ବ୍ୟବହାର କରୁଛ । ଏହି ବିଷୟରେ ବିଜ୍ଞାନ ତୁମକୁ କହୁଛି : "ତୁମର ଏହି ସବୁଯାକ ଜାଣିବା କେବଳ ଭ୍ରମପୂର୍ଣ୍ଣ; ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ତୁମେ କଦାପି ସେପରି ଦେଖୁ ନାହିଁ; ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ତୁମେ ସେଗୁଡ଼ିକୁ ଠିକ୍ ସେହିପରି ଭାବରେ କଦାପି ସ୍ପର୍ଶ କରୁ ନାହିଁ; ସେଗୁଡ଼ିକ ପ୍ରକୃତରେ ଯେପରି, ଆପଣାର ଘ୍ରାଣ ଦ୍ୱାରା ସେଗୁଡ଼ିକୁ ତୁମେ ଆଦୌ ସେପରି ଜାଣୁ ନାହିଁ । ତୁମ ଇନ୍ଦ୍ରିୟଗୁଡ଼ିକ ଯେପରି ଭାବରେ ସଂଗଠିତ ହୋଇ ରହିଛନ୍ତି, ତୁମେ ତଦନୁସାରେ ଏକ ନିର୍ଦ୍ଦିଷ୍ଟ ଭାବରେହିଁ ଏହିସବୁ ବସ୍ତୁର ସଂପର୍କରେ ଆସୁଛ । ମାତ୍ର ସେହି ଯେଉଁ ନିର୍ଦ୍ଦିଷ୍ଟ ଭାବରେ ଦେଖୁଛ ଓ ଜାଣୁଛ, ତାହା ହେଉଛି ସଂପୂର୍ଣ୍ଣ ଭାବରେ ଖାଲି ଉପରସ୍ତରଟାକୁହିଁ ଦେଖିବା ଓ ଜାଣିବା, ତାହା କେବଳ ଏକ ବାହ୍ୟ ଜାଣିବା ଓ ଦେଖିବା । ତେଣୁ ତାହା ଭ୍ରମମୟ ଓ ଅସତ୍ୟ ।"

ବିଜ୍ଞାନର ଦୃଷ୍ଟିକୋଣରୁ ତୁମକୁ— ଏପରିକି ଅଣୁଗୁଡ଼ିକର ନୁହେଁ,— ମାତ୍ର ଏକ ଅଣୁଠାରୁ ମଧ୍ୟ ଅନନ୍ତ ଗୁଣରେ ଅଧିକ ଅଦୃଶ୍ୟ ଏପରି ଏକ ପଦାର୍ଥ ଦ୍ୱାରା ଗଠିତ ହୋଇଥିବା ଏକ ପିଣ୍ଡ ବୋଲି କୁହାଯାଉଛି ଏବଂ ସେହି ପଦାର୍ଥଟି ମଧ୍ୟ ସର୍ବଦା ଗତିଶୀଳ ହୋଇ ରହିଛି । ଏପରି ଆଦୌ କୌଣସି ବସ୍ତୁ ନାହିଁ ଯାହାକୁ କି ପ୍ରକୃତରେ ଏକ ମୁଖ, ଏକ ନାସିକା, ଚକ୍ଷୁ ବା ଗୋଟିଏ ପାଟି ବୋଲି କୁହାଯାଇପାରିବ । ଏଗୁଡ଼ାକ କେବଳ ଗୋଟିଏ ଗୋଟିଏ ପ୍ରତିଭାସ । ଏବଂ ଏଥିରୁ ବୈଜ୍ଞାନିକମାନେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚୁଛନ୍ତି ଯେ,— ପୂର୍ବକାଳର ସେହି ଏକାନ୍ତ ଅନମନୀୟ ଅଧ୍ୟାତ୍ମବାଦୀମାନଙ୍କ ପରି,— ପୃଥିବୀ ହେଉଛି କେବଳ

'oaob.nitrkl.ac.in' images reprocessed

ଏକ ଭ୍ରମାତ୍ମକ ଅନୁଭୂତି । ଏଇଟା ପ୍ରକୃତରେ ଏକ ଭାରି ବଡ଼ ଆବିଷ୍କାର, ପ୍ରକୃତରେ ଭାରି ବଡ଼ ଆବିଷ୍କାର । ସତେଯେପରି ଆଉ ଗୋଟାଏ ପହୁଣ୍ଡ ଆଗକୁ ପକାଇଲେହିଁ ସେମାନେ ପରମ ସତ୍ୟର ପରିଚୟ ପାଇଯିବେ । ତେଣୁ ଯେତେବେଳେ କୌଣସି ବ୍ୟକ୍ତି ଆସି "ମୁଁ ଏଇଟିକୁ ଦେଖୁଛି ଏଇଟିକୁ ସ୍ପର୍ଶ କରୁଛି, ଏଇଟିକୁ ମୁଁ ଅନୁଭବ କରୁଛି, ଏ ବିଷୟରେ ମୋର ଆଦୌ କୌଣସି ସନ୍ଦେହ ନାହିଁ" ବୋଲି କହିବ, ବିଜ୍ଞାନର ଦୃଷ୍ଟିକୋଣରୁ ତାହାକୁ କେବଳ ଅର୍ଥହୀନ ବୋଲିହିଁ କୁହାଯାଇପାରିବ । ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ବୈଜ୍ଞାନିକ ପ୍ରଣାଳୀରେ ସେଗୁଡ଼ିକର ଅଧ୍ୟୟନ ନ କରିଥିବା ଜଣେ ବ୍ୟକ୍ତି ହୁଏତ ସେପରି କହିବ । ତେଣୁ ସଂପୂର୍ଣ୍ଣ ବିପରୀତ ପଥରେ ଗତି କରି ମଧ୍ୟ ସେମାନେ ସେହି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି ଓ ପୃଥିବୀଟିକୁ ତୁମେମାନେ ଯେପରି ଦେଖୁଛ, ସେମାନେ ତାହାକୁ ଭ୍ରମପୂର୍ଣ୍ଣ ବୋଲି କହୁଛନ୍ତି ।

ତେବେ ଏହା ପଛରେ ରହିଥିବା ପ୍ରକୃତ ସତ୍ୟଟି ପୁଣି କ'ଣ ? ଅଧ୍ୟାତ୍ମଜ୍ଞାନର ଅନ୍ୱେଷଣ କରିଥିବା ବ୍ୟକ୍ତିମାନେ ତୁମକୁ କହିବେ, "ଆମେ ଏହି ସତ୍ୟକୁ ଅନୁଭବ କରିଛୁ,"– ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହେଉଛି ସଂପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିସାପେକ୍ଷ ଅନୁଭୂତି । ବର୍ତ୍ତମାନ ପର୍ଯ୍ୟନ୍ତ ଏପରି କୌଣସି ପ୍ରମାଣର ପ୍ରତିଷ୍ଠା ହୋଇ ନାହିଁ, ଯାହାକୁ ଭିତ୍ତି କରି ଜଣେ ବ୍ୟକ୍ତି ଏହି ଅନୁଭୂତିଟିକୁ ସମସ୍ତଙ୍କ ଲାଗି ମଧ୍ୟ ସଂପୂର୍ଣ୍ଣ ଭାବରେ ବିବାଦାତୀତ ବୋଲି କହିପାରିବ । ପ୍ରତ୍ୟେକ ବ୍ୟକ୍ତିର ଅନୁଭୂତି ମଧ୍ୟ ତା' ଲାଗି ବିବାଦାତୀତ ହୋଇପାରିବ । ଏବଂ ଏହି ବିଚାରଟିକୁ ଆଉ ଟିକିଏ ଅଧିକ ଆଗକୁ ନେଇପାରିଲେ...

କୌଣସି ଅନୁଭବ ଅଥବା କୌଣସି ଆବିଷ୍କାର ପ୍ରକୃତରେ ଯେଉଁ ସାମର୍ଥ୍ୟଟିକୁ ଆଣି ଦେଇଥାଏ, ଏହିସବୁ ପ୍ରତିଭାସକୁ ବଦଳାଇ ଦେବା ଲାଗି ଏବଂ ଯାବତୀୟ ବସ୍ତୁ, ପରିସ୍ଥିତି ଏବଂ ଏହି ପୃଥିବୀ ସମସ୍ତେ ଆମକୁ ବର୍ତ୍ତମାନ ଯେପରି ଦେଖା ଯାଉଛନ୍ତି, ସେଗୁଡ଼ିକରେ ଏକ ରୂପାନ୍ତର ଘଟାଇବା ଲାଗି ଯେଉଁ ସାମର୍ଥ୍ୟ ଆଣି ଦେଇଥାଏ, ସେହି ଅନୁଭବଟିର ମଧ୍ୟ ଦେଇ ପ୍ରକଟ ହୋଇ ପାରୁଥିବା ଇଚ୍ଛାଶକ୍ତିଟି ଅନୁସାରେ ଉକ୍ତ ପରିବର୍ତ୍ତନ ଏବଂ ରୂପାନ୍ତର ଘଟାଇବା ଲାଗି ତାହା ଯେଉଁ ସାମର୍ଥ୍ୟ ଆଣିଦିଏ, ତାହାର ପ୍ରକୃତ ମୂଲ୍ୟଟିକୁ ହୁଏତ ସେହି ସାମର୍ଥ୍ୟ ଦ୍ୱାରାହିଁ ପ୍ରମାଣ କରି ଦିଆଯାଇପାରିବ । ମୁଁ ଭାବୁଛି ଯେ କୌଣସି ବ୍ୟକ୍ତିଗତ ବା ସାମୂହିକ ଅନୁଭୂତି ଭିତରେ ବସ୍ତୁଗୁଡ଼ିକୁ ଭିନ୍ନରୂପେ ତିଆରି କରିପାରିବାର ଯେଉଁ ସାମର୍ଥ୍ୟଟି ରହିଥିବ, ସେଇଥିରୁହିଁ ତା' ମୂଲ୍ୟର ସଂପୂର୍ଣ୍ଣତମ ପ୍ରମାଣଟି ମିଳିଯାଇପାରିବ । ଯେଉଁ ପ୍ରତିଭାସଗୁଡ଼ିକୁ ଆମେ ପୃଥିବୀ ବୋଲି କହୁଛୁ, ସେଗୁଡ଼ିକୁ ବଦଳାଇ ଦେଇପାରିବାର ସାମର୍ଥ୍ୟରୁ ତାହାର ମୂଲ୍ୟଟି ପ୍ରତିପାଦିତ ହୋଇପାରିବ । ଏକ

'oaob.nitrkl.ac.in' images reprocessed

ବ୍ୟକ୍ତିନିଷ୍ଠ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ବ୍ୟକ୍ତିର ଚେତନା ଉପରେ କୌଣସି ଅନୁଭବର ଯେଉଁ ପ୍ରଭାବଟି ପଡ଼ିଥାଏ, ତାହାକୁହିଁ ତାହାର ଅନସ୍ୱୀକାର୍ଯ୍ୟ ପ୍ରମାଣ ବୋଲି ଅବଶ୍ୟ କୁହାଯିବ । ଯିଏ ଏକ ଅନୁଭୂତି ଫଳରେ ଆନନ୍ଦ, ପରମ ଶାନ୍ତି, ସ୍ଥାୟୀ ପ୍ରସନ୍ନତା ଓ ବସ୍ତୁଗୁଡ଼ିକ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇପାରୁଥିବ, ତା' ଲାଗି ଏହାହିଁ ଯଥେଷ୍ଟରୁ ଅଧିକ ପ୍ରମାଣ ହୋଇଯିବ । ମାତ୍ର ବାହ୍ୟ ରୂପାୟଣଗୁଡ଼ିକରେ ତାହାର କ'ଣ କିପରି ପ୍ରଭାବ ପଡ଼ିବ ବା ନ ପଡ଼ିବ, ସେହି କଥାଟି କେବଳ ଅନୁଭୂତିଟି ବ୍ୟତୀତ ଆହୁରି ଅନେକ ବସ୍ତୁ ଉପରେ ନିର୍ଭର କରୁଥିବ,— ତାହା ସମ୍ଭବତଃ ଅନୁଭୂତିଗୁଡ଼ିକର ସର୍ବପ୍ରଥମ କାରଣଟି ଉପରେହିଁ ନିର୍ଭର କରିବ; ମାତ୍ର ଏହି ସବୁକିଛି ମଧ୍ୟରୁ ଆମେ ଅନ୍ତତଃ ଗୋଟିଏ କଥାର ନିରୂପଣ କରିପାରିବା, ଯାହାକି ଅନୁଭୂତିଟିକୁ ଲାଭ କରିଥିବା ବ୍ୟକ୍ତି ଏବଂ ଅନ୍ୟମାନଙ୍କର ବି ବୋଧଗମ୍ୟ ହେଲାଭଳି ଏକ ପ୍ରମାଣରୂପେ କାର୍ଯ୍ୟ କରିପାରିଲା ପରି ବୋଧ ହେଉଛି । ଅନୁଭୂତିଟି ଦ୍ୱାରା ଅନ୍ୟମାନଙ୍କ ଉପରେ ଓ ବସ୍ତୁଗୁଡ଼ିକ ଉପରେ ଯେଉଁ କ୍ଷମତାଟିକୁ ଅର୍ଜନ କରାଯାଏ, ଏଠାରେ ତାହାରି କଥାହିଁ କୁହାଯାଉଛି । ସାଧାରଣ ଚେତନା ଲାଗି ତାହାକୁ ନିଶ୍ଚୟ "ବସ୍ତୁନିଷ୍ଠ" ବୋଲି କୁହାଯାଇପାରିବ । ଉଦାହରଣସ୍ୱରୂପ, ମୁଁ ବର୍ତ୍ତମାନ ଯେଉଁ ଚେତନାଟି ବିଷୟରେ କହୁଛି, ଯଦି ଜଣେ ବ୍ୟକ୍ତି ତାହାର ଅଧିକାରୀ ହୋଇପାରିବ, ଯଦି ସେହି ଚେତନାଟିକୁ ସେ ଅନ୍ୟମାନଙ୍କ ପାଖକୁ ମଧ୍ୟ ସଞ୍ଚାରିତ କରିଦେଇପାରୁଥିବ, ତେବେ ତାହାର ଅନୁଭୂତିଟି ଯେ ପ୍ରକୃତରେ ଏକ ବାସ୍ତବ ଅନୁଭୂତି, ତଦ୍ଦ୍ୱାରା ତାହାରି ଏକ ଆଂଶିକ,— କେବଳ ଆଂଶିକ,— ପ୍ରମାଣ ମିଳିଯାଇପାରିବ । ମାତ୍ର, ଆହୁରି ଟିକିଏ ଅଧିକ ଆଗକୁ ଯାଇ, ସେହି ବ୍ୟକ୍ତି ଯେଉଁ ଚେତନାରେ ଅବସ୍ଥିତ ରହିଥିବ, ଉଦାହରଣସ୍ୱରୂପ, ଯଦି ସେ ପରିପୂର୍ଣ୍ଣ ସମଞ୍ଜସତାର ଏକ ସ୍ଥିତିରେ ଅବସ୍ଥିତ ରହିଥିବ, ଯଦି ସେ ଆପାତତଃ ଆଦୌ ସମଞ୍ଜସତାଯୁକ୍ତ ହୋଇ ରହି ନ ଥିବା ବାହ୍ୟ ଜଗତଟି ମଧ୍ୟରେ ବି ସେହି ସମଞ୍ଜସତାର ସୃଷ୍ଟି କରିପାରିବ, ମୁଁ ଭାବୁଛି ତାହାହିଁ ସେହି ଅନୁଭୂତିଟିକୁ ଦୃଢ଼ ଭାବରେ ପ୍ରତିପାଦିତ କରିପାରିବ ଏବଂ ନିତାନ୍ତ ଜଡ଼ବାଦୀ ବୈଜ୍ଞାନିକ ମନ ମଧ୍ୟ ତାହାକୁ ସ୍ୱୀକାର କରିବା ଲାଗି କଦାପି ଅନିଚ୍ଛୁକ ହେବ ନାହିଁ । ଏହି ଭ୍ରମମୟ ପ୍ରତିଭାସଗୁଡ଼ିକୁ ଯଦି ଆମେ ବାସ କରୁଥିବା ଏହି ପୃଥିବୀଟିର ତୁଳନାରେ ଆହୁରି ଅଧିକ ସୁନ୍ଦର, ଅଧିକ ସମଞ୍ଜସତାଯୁକ୍ତ ଏବଂ ଅଧିକ ସୁଖକାରୀ କୌଣସି ଏକ ସମ୍ପଦରୂପେ ବଦଳାଇ ଦିଆଯାଇପାରନ୍ତା, ତେବେ ସେହି ପ୍ରମାଣଟିକୁ କେହି କଦାପି ଅସ୍ୱୀକାର କରି ପାରନ୍ତେ ନାହିଁ । ଏବଂ, ଯଦି ଏହି ବିଚାରଟିକୁ ଆମେ ଆହୁରି ଅଧିକ ଆଗକୁ ନେଇଯାଇ କହିବା, ଯଦି, ଶ୍ରୀଅରବିନ୍ଦ ଆମକୁ ଯେପରି ପ୍ରତିଶ୍ରୁତି ଦେଇ ଯାଇଛନ୍ତି, ସେହି ଅତିମାନସ ଶକ୍ତି, ଚେତନା ଏବଂ ଆଲୋକ ଏହି ଜଗତରେ ଏକ ରୂପାନ୍ତର ଘଟାଇଦେବ ଏବଂ ଏକ ନୂତନ

'oaob.nitrkl.ac.in' images reprocessed

ଜାତିର ନିର୍ମାଣକୁ ସମ୍ଭବ କରିଆଣିବ, ତେବେ, କଥା କହିବାର ଶକ୍ତି ଥିଲେ ଯେପରି ବାନର ଏବଂ ଅନ୍ୟ ଜୀବମାନେ ମନୁଷ୍ୟର ଅସ୍ତିତ୍ୱକୁ କଦାପି ଅସ୍ୱୀକାର କରିପାରି ନ ଥା'ନ୍ତେ, ସେହିପରି ମନୁଷ୍ୟ ମଧ୍ୟ ଏହି ନୂତନ ସତ୍ତାଗୁଡ଼ିକର ଅସ୍ତିତ୍ୱକୁ କଦାପି ଅସ୍ୱୀକାର କରିପାରନ୍ତା ନାହିଁ । ଅବଶ୍ୟ ଏକଥା ସତ ଯେ, ସେମାନେ ବର୍ତ୍ତମାନର ମନୁଷ୍ୟଠାରୁ ଏତେବେଶୀ ଅନ୍ୟ ପ୍ରକାରର ହୋଇଥା'ନ୍ତେ ଯେ ଯଦି ସେହି ପାର୍ଥକ୍ୟଟି ମନୁଷ୍ୟର ବିଭ୍ରାନ୍ତକାରୀ ଇନ୍ଦ୍ରିୟଗୁଡ଼ିକର ବି ବୋଧଗମ୍ୟ ହୋଇପାରନ୍ତା, ତେବେ ଯାଇ ତାହା ହୁଅନ୍ତା ।

ଏହିସବୁ ନିର୍ଣ୍ଣୟରୁ ହୁଏତ ଏପରି ମନେ ହୋଇପାରେ ଯେ, କ୍ଷମତାର ଦିଗଟିକୁହିଁ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ମୀମାଂସାତ୍ମକ ତଥା ସ୍ପଷ୍ଟ ବିଭାବ ବୋଲି ଗ୍ରହଣ କରିବାକୁ ହେବ, ସମ୍ଭବତଃ ଏହି ବିଭାବଟିହିଁ ସବୁଠାରୁ ପ୍ରଥମେ ପ୍ରକଟିତ ହୋଇ ଆସିବ, ଏପରିକି ଆନନ୍ଦ ବା ସତ୍ୟଟିର ଦିଗଠାରୁ ମଧ୍ୟ ଏହା ଅପେକ୍ଷାକୃତ ଅଧିକ ମୀମାଂସାତ୍ମକ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପୃଥିବୀପୃଷ୍ଠରେ ଏକ ନୂତନ ଜାତିର ପ୍ରତିଷ୍ଠା ହେବାକୁ ହେଲେ, ତାହା ଯେପରି ଲୁପ୍ତ ହୋଇ ନ ଯାଇ ପ୍ରକୃତରେ ତିଷ୍ଠି ରହିବ, ସେଥିଲାଗି ପାର୍ଥିବ ଅନ୍ୟାନ୍ୟ ଉପାଦାନଗୁଡ଼ିକ ହାତରୁ ତାହାକୁ ଅବଶ୍ୟ ସୁରକ୍ଷିତ କରି ରଖିବାକୁ ପଡ଼ିବ; ଏବଂ କ୍ଷମତାକୁହିଁ ଅସଲ ସୁରକ୍ଷା ବୋଲି କୁହାଯିବ,– କୌଣସି କୃତ୍ରିମ, ବାହ୍ୟ ଓ ମିଥ୍ୟା କ୍ଷମତା ନୁହେଁ, ମାତ୍ର ଯଥାର୍ଥ ଶକ୍ତିମତ୍ତା ଏବଂ ସେହି ବିଜୟକାରୀ ମହାନ୍ ଇଚ୍ଛାହିଁ ସେହି ସୁରକ୍ଷା ଦେଇପାରିବ । ତେଣୁ ଏପରି ଗୋଟିଏ କଥା ଭାବନାକୁ ଆଣିବା ଆଦୌ ଅସମ୍ଭବ ନୁହେଁ ଯେ ଅତିମାନସ କ୍ରିୟା; ଏପରିକି ତାହା ସମଞ୍ଜସତା, ସନ୍ଦୀପନ, ଆନନ୍ଦ ଏବଂ ସୌନ୍ଦର୍ଯ୍ୟର ଏକ କ୍ରିୟା ରୂପେ ଆପଣାକୁ ଅନୁଭୂତ କରାଇବା ପୂର୍ବରୁ ମଧ୍ୟ ଏକ ସୁରକ୍ଷା ହୋଇ ଅବସ୍ଥିତ ରହିପାରିବା ଲାଗି ହୁଏତ ଏକ ଶକ୍ତିରହିଁ କାର୍ଯ୍ୟରୂପେ ପ୍ରକଟିତ ହୋଇ ଆସିବ । ଏବଂ ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଶକ୍ତି ବା କ୍ଷମତାର ଏହି କାର୍ଯ୍ୟଟି ଯଥାର୍ଥରେ ଫଳଦାୟକ ହୋଇପାରିବା ଲାଗି ତାହା ଆପଣାକୁ ଅବଶ୍ୟ ଜ୍ଞାନ, ସତ୍ୟ, ପ୍ରେମ ଓ ସମଞ୍ଜସତା ଉପରେ ପ୍ରତିଷ୍ଠିତ କରି ରଖିଥିବ । ମାତ୍ର, ଏକ ସର୍ବୋଚ୍ଚ ଇଚ୍ଛା ଏବଂ ଶକ୍ତିମତ୍ତାର କ୍ରିୟାଶୀଳ ହେବା ଦ୍ୱାରା ପ୍ରକୃତରେ ଭୂମିଟି ପ୍ରସ୍ତୁତ ହୋଇ ସାରିବାପରେ ଯାଇ ଏହି ଅନ୍ୟ ବସ୍ତୁଗୁଡ଼ିକର ଧୀରେ ଧୀରେ, ଦୃଶ୍ୟମାନ ଭାବରେ କୌଣସି ପ୍ରକାଶ ଘଟିପାରିବ ।

ମାତ୍ର ଏହିସବୁ ବସ୍ତୁ ସର୍ବନିମ୍ନ ଭାବରେ ସମ୍ଭବ ହେବା ଲାଗି ମଧ୍ୟ ସର୍ବପ୍ରଥମେ ପରିପୂର୍ଣ୍ଣ ଭାରସାମ୍ୟର ଏକ ମୂଳଭିତ୍ତି ରହିଥିବା ଏକାନ୍ତ ପ୍ରୟୋଜନୀୟ ହେବ । ଏବଂ, ଯାବତୀୟ ଅହଂଭାବନାର ପୂର୍ଣ୍ଣ ବିଲୁପ୍ତି, ସର୍ବୋଚ୍ଚ ପରମସତ୍ତାଙ୍କ ପାଖରେ ଏକ ପୂର୍ଣ୍ଣ ସମର୍ପଣ, ଯଥାର୍ଥ ଶୁଦ୍ଧତା ଅର୍ଥାତ୍ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଅର୍ଜନ କରାଯାଇଥିବା ଏକାତ୍ମକତା,– ଏହିଗୁଡ଼ିକ ଦ୍ୱାରାହିଁ ସେହି ଭାରସାମ୍ୟଟି ସମ୍ଭବ ହୋଇପାରିବ । ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାରସାମ୍ୟର ଏହି ମୂଳବିନ୍ଦୁଆଟି ପଡ଼ି ନ ଥିଲେ ଅତିମାନସ ଶକ୍ତି ପ୍ରକୃତରେ ଏକ ବିପଜ୍ଜନକ ଉପାଦାନରୂପେ କାର୍ଯ୍ୟ କରିବ, ଏବଂ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଯେପରି ଆଦୌ ତାହାକୁ ଲୋଡ଼ିବାକୁ ଯିବ ନାହିଁ ବା ତାହାକୁ ଟାଣିକରି ନେଇ ଆସିବା ଲାଗି କୌଣସି ଇଚ୍ଛା ବି ପ୍ରକାଶ କରିବ ନାହିଁ । କାରଣ, କ୍ଷୁଦ୍ରାତିକ୍ଷୁଦ୍ର ଏତେଟିକିଏ ପରିମାଣରେ ହେଲେ ମଧ ତାହା ପ୍ରକୃତରେ ଏତେ ଅଧିକ ଶକ୍ତିଶାଳୀ ଓ ଭୟାନକ ହୋଇ ରହିଥିବ ଯେ ତାହା ହୁଏତ ସମଗ୍ର ଆଧାରଟିର ବ୍ୟବସ୍ଥାଟିକୁହିଁ ବିଗାଡ଼ିଦେଇପାରିବ ।

ଏହିସବୁ ବିଷୟରେ ମୁଁ ତୁମକୁ ଏତେକଥା କହୁଛି, ଏବଂ ସେହି କାରଣରୁହିଁ ତୁମମାନଙ୍କୁ ଏକ ପରାମର୍ଶ ଦେବାକୁ ମଧ ଇଚ୍ଛା କରୁଛି । ଅଗ୍ରଗତି କରିବା ଲାଗି ତୁମର ଯେଉଁ ଅଭିଳାଷ ରହିଛି ଏବଂ ଉପଲବ୍ଧି ଲାଗି ତୁମର ଯେଉଁ ଅଭୀପ୍ସା ରହିଛି, ସେଥିଲାଗି ଶକ୍ତିଗୁଡ଼ିକୁ ଆପଣା ଆଡ଼କୁ ଟାଣି ଆଣିବା ଲାଗି ଯେପରି କୌଣସି ଚେଷ୍ଟା କରିବ ନାହିଁ, ସେହି ବିଷୟରେ ଅତ୍ୟନ୍ତ ସାବଧାନ ହୋଇ ରହିଥିବ । ତୁମେ ନିଜକୁ ସମର୍ପଣ କରିଦେବ, ଏକ ସତତ ଆତ୍ମବିସ୍ମରଣ ଦ୍ୱାରା ଉପଲବ୍ଧ ହୋଇଥିବା ତୁମର ଯଥାଶକ୍ତି ଆସକ୍ତିଶୂନ୍ୟତା ସହିତ ତୁମେ ଆପଣାକୁ ଉନ୍ମୋଚିତ କରିଦେବ, ନିଜର ଗ୍ରହଣଶୀଳତାକୁ ଯଥାସମ୍ଭବ ଅଧିକ କରିବାରେ ଲାଗିଥିବ; ମାତ୍ର ସେହି ଅମିତ ଶକ୍ତିଟିକୁ କଦାପି ଆପଣା ଆଡ଼କୁ ଟାଣି ଆଣିବା ଲାଗି ଚେଷ୍ଟା କରିବ ନାହିଁ । କାରଣ, ତାହାକୁ ଟାଣି ଆଣିବା ଲାଗି ଏକ ଇଚ୍ଛା ପୋଷଣ କରିବାକୁହିଁ ଏକ ବିପଜ୍ଜନକ ଅହଙ୍କାରିତା ବୋଲି କୁହାଯାଇପାରିବ । ହଁ, ତୁମେ ଅଭୀପ୍ସା ରଖିପାରିବ, ନିଜକୁ ଉନ୍ମୋଚିତ କରିଦେଇପାରିବ, ଆପଣାକୁ ସମର୍ପଣ ବି କରିଦେଇପାରିବ, ମାତ୍ର ତାହାକୁ ନିଜ ପାଖକୁ ଟାଣି ଆଣିବା ଲାଗି କଦାପି କୌଣସି ଉଦ୍ୟମ କରିବ ନାହିଁ । କେଉଁଠି କିଛି ବିଗିଡ଼ିଗଲେ ଲୋକେ ସେହି ଶକ୍ତିଟିକୁହିଁ ଦୋଷ ଦେଇଥା'ନ୍ତି, ମାତ୍ର ସେଥିଲାଗି ସେହି ଶକ୍ତି କଦାପି ଦାୟୀ ହେବ ନାହିଁ । ଦାୟୀ ହେଉଛି ଆଧାରର ମହତ୍ତ୍ୱାକାଙ୍କ୍ଷା, ତା'ର ଅହଂକାର, ତା'ର ଅଜ୍ଞାନ ଓ ତା'ର ଦୁର୍ବଳତା ।

ନିଜକୁ ଅକୃପଣ ଭାବରେ ଦେଇଦିଅ, କୌଣସି ପ୍ରକାର ସ୍ୱାର୍ଥଭାବନା ନ ରଖି ଦେଇଦିଅ; ଏବଂ ତେବେ, ଗଭୀରତର ଦୃଷ୍ଟିକୋଣଟିରୁ ବିଚାର କଲେ ତୁମକୁ କଦାପି କୌଣସି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ମାତ୍ର ଯଦି ସେହି ଶକ୍ତିଟିକୁ ନିଜ ଆଡ଼କୁ ଜୋର କରି ଟାଣି ଆଣିବାକୁ ଚେଷ୍ଟା କରିବ, ତେବେ ତୁମକୁ ଅଚିରେ ପତନ ଓ ଗର୍ତ୍ତର ଧାରାରେ ଯାଇହିଁ ଠିଆ ହେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ପ୍ରଶ୍ନ ଓ ଉତ୍ତର

୧୯୫୮

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ୧ ଜାନୁଆରି ୧୯୫୮

*ହେ ପ୍ରକୃତି, ସ୍ଥୂଳଶରୀରା ଜନନୀ, ତୁମେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଛ ଏବଂ ଏହି ସହଯୋଗର ମହିମାରେ ପ୍ରକୃତରେ କୌଣସି ଅନ୍ତ ହିଁ ନାହିଁ ।*

ନବବର୍ଷ ବାଣୀ, ଜାନୁଆରି ୧, ୧୯୫୮

*ମାଆ, ଏହି ବର୍ଷର ଏହି ବାଣୀଟିକୁ ଆପଣ ଆଉଟିକିଏ ବୁଝାଇ କହିଦେବେ କି ?*

ଏଇଟିକୁ ମୁଁ ଲେଖିକରି ଦେଇସାରିଛି । ବ୍ୟାଖ୍ୟାଟିକୁ ମୁଁ ଲେଖିକରି ଦେଇସାରିଛି । ଫେବ୍ରୁଆରି ୨୧ର ବୁଲେଟିନ୍ ଲାଗି ଏଇଟି ଦିଆହୋଇ ସାରିଛି ।

ଏଠାରେ ବୁଝାଇ କହିବାର ଆଉ କ'ଣ ଅଛି ? ଏଇଟି ହେଉଛି ଗୋଟିଏ ଅନୁଭୂତି, ଘଟିଥିବା ଗୋଟିଏ ଘଟଣା । ଏବଂ ଯେତେବେଳେ ଘଟଣାଟି ଘଟିଲା, ସେତେବେଳେ ମୁଁ ସେଇଟିକୁ ଟିପି ରଖିଥିଲି । ଏବଂ ସଂଯୋଗବଶତଃ, ନୂତନ ବର୍ଷଟି ସକାଶେ ମୋତେ କିଛି ଲେଖିବାକୁ ହେବ ବୋଲି ଯେଉଁ ସମୟରେ ମୋ'ର ସ୍ମରଣ ହୋଇଗଲା, ଘଟଣାଟି ଠିକ୍ ସେହି ସମୟରେହିଁ ଘଟିଲା । ସେତେବେଳେ ସେଇଟି ପରବର୍ତ୍ତୀ ବର୍ଷ ହୋଇ ରହିଥିଲା, ଯେଉଁ ବର୍ଷଟି ଆଜିଠାରୁ ଆରମ୍ଭ ହେଲା । ମୋତେ କିଛି ଲେଖିବାକୁ ହେବ ବୋଲି ମୁଁ ଯେମିତି ସ୍ମରଣ କରିଛି,– ଠିକ୍ ସେଇଥି ସକାଶେ ନୁହେଁ, ମାତ୍ର ଯୁଗପଦ୍ ଭାବରେ,– ମୋର ଏହି ଅନୁଭୂତିଟି ହେଲା । ଏବଂ ମୁଁ ଯେତେବେଳେ ସେଇଟିକୁ ଟିପିକରି ରଖିଲି, ସେତେବେଳେ ମୁଁ ବୁଝିଗଲି ଯେ ଏହାହିଁ ... ଏହାହିଁ ହେଉଛି ଏ ବର୍ଷର ବାଣୀ ।

(*ମାଆ ନୀରବ ରହିଲେ*)

ତୁମମାନଙ୍କୁ ମୁଁ କେବଳ ଗୋଟିଏ କଥା କହିବି : ଏହି ଅନୁଭୂତିଟିର ଭୁଲ ଅର୍ଥ କରି ତୁମେମାନେ କଦାପି ଏପରି କଳ୍ପନା କରିବ ନାହିଁ ଯେ ବର୍ତ୍ତମାନଠାରୁ ଯାହାକିଛି ଘଟିବ, ତାହା ଲାଗି ଆମକୁ ଆଉ କୌଣସି କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ଏବଂ ଆମର ବ୍ୟକ୍ତିଗତ ବାସନାଗୁଡ଼ିକର ଅନୁକୂଳ ହୋଇହିଁ ସବୁକିଛି ଘଟିବ । ଘଟଣାଟିକୁ ଏହି ଭୂମିରେ ଆଦୌ ବିଚାର କରାଯିବା ଉଚିତ ନୁହେଁ । ଏହାର ଅର୍ଥ ନୁହେଁ ଯେ, ବର୍ଷା ହେଉ ବୋଲି

'oaob.nitrkl.ac.in' images reprocessed

ଆମେ ଯେତେବେଳେ ଇଚ୍ଛା ନ କରୁନ୍ତୁ, ସେତେବେଳେ ପ୍ରକୃତରେ କଦାପି ବର୍ଷା ହେବ ନାହିଁ । ଏବଂ ଯେତେବେଳେ ପୃଥିବୀରେ କୌଣସି ଘଟଣା ଘଟୁ ବୋଲି ଆମେ ଇଚ୍ଛା କରୁଛୁ, ସେତେବେଳେ ସେହି ଘଟଣାଟି ତତ୍‌କ୍ଷଣାତ୍ ଘଟିବହିଁ ଘଟିବ । ହଁ, ପୁଣି ଯାବତୀୟ ଅସୁବିଧା ଓ ବାଧା ମଧ୍ୟ ଦୂର ହୋଇଯିବ ଓ ପରୀଗପମାନଙ୍କରେ ସବୁକଥା ଯେଉଁପରି ଘଟିଥାଏ, ଏଠାରେ ମଧ୍ୟ ଠିକ୍ ସେହିପରି ସବୁ ଘଟିଯିବ ।

କଥାଟି ଆଦୌ ସେପରି ନୁହେଁ । ଏହାର ଅର୍ଥ ଆହୁରି ଅନେକ ଅଧିକ ଗଭୀରରେ ଯାଇ ରହିଛି । ଆପଣାର ଶକ୍ତିକ୍ରିୟାର ଭୂମିରେ ପ୍ରକୃତି ଆପଣାକୁ ଅଭିବ୍ୟକ୍ତ କରି ଦେଇଥିବା ନୂତନ ଶକ୍ତିଟିକୁ ମଧ୍ୟ ଗ୍ରହଣ କରି ନେଇଛି ଏବଂ ତାହାକୁ ଆପଣାର କ୍ରିୟାତ୍ମକତାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିଛି । ଏବଂ ସର୍ବଦା ଠିକ୍ ଯେଉଁପରି ଘଟିଥାଏ, ପ୍ରକୃତିର ଯାବତୀୟ କ୍ରିୟାତ୍ମକତା ଆପଣାକୁ ଏପରି ଏକ ସୀମାକଳନାର କ୍ଷେତ୍ରରେ କାର୍ଯ୍ୟକାରୀ କରି ରଖିଥାଏ, ଯାହାକି ଯାବତୀୟ ମାନୁଷୀ କଳନାର ଅନନ୍ତଗୁଣ ଅତୀତ ହୋଇ ରହିଥାଏ ଏବଂ ସାଧାରଣ ମନୁଷ୍ୟ-ଚେତନା ଲାଗି ତାହା ଆଦୌ ପରିଦୃଶ୍ୟ ହୁଏ ନାହିଁ । ଏହାକୁ ଆମେ ଏକ ଅନ୍ତଃକ୍ଷେତ୍ରୀୟ ମାନସିକ ଭୂମିଗତ ସମ୍ଭାବନା ବୋଲି ଜାଣିବା ଯାହାର କି ଏହି ପୃଥିବୀକୁ ଆଗମନ ଘଟିଛି । ଏହାକୁ ଆମେ ଆଖିଦୃଶିଆ ହେଲାଭଳି କୌଣସି ପାର୍ଥିବ ଘଟଣା ଏବଂ ପରିବର୍ତ୍ତନ ବୋଲି ଆଦୌ ବୁଝିବା ନାହିଁ ।

ତୁମେମାନେ ହୁଏତ ଏପରି ବିଶ୍ୱାସ କରିବାକୁ ପ୍ରଲୁବ୍ଧ ହୋଇ ପଡ଼ିବ ଯେ ବର୍ତ୍ତମାନ ପୃଥିବୀରେ ପରୀଗପ ଗୁଡ଼ାକହିଁ ସମ୍ଭବ ହେବାକୁ ଯାଉଛି,— ଏବଂ ସେହି କାରଣରୁହିଁ ମୁଁ ତୁମମାନଙ୍କୁ ଏହି କଥାଟି କହୁଛି । ସେପରି ଘଟିବାର ସମୟ ଆହୁରି ବାକିଅଛି ।

*(ମାଆ ନୀରବ ରହିଲେ)*

ଏଇଥିପାଇଁ ଅନେକ ଧୈର୍ଯ୍ୟ ଦରକାର; ଏବଂ, ଘଟଣାଗୁଡ଼ିକ ପ୍ରକୃତରେ କିପରି ଘଟିଥାଏ, ତାହାକୁ ବୁଝି ପାରିବା ସକାଶେ ଏକ ଅତ୍ୟନ୍ତ ପ୍ରଶସ୍ତ ଓ ଅତ୍ୟନ୍ତ ଅନେକମୁଖୀ ଦୃଷ୍ଟି ମଧ୍ୟ ରହିଥିବା ଆବଶ୍ୟକ ।

*(ମାଆ ନୀରବ ରହିଲେ)*

ଯେତେବେଳେ ଯେଉଁସବୁ ଅଲୌକିକ ଘଟଣା ଘଟିଥାଏ, ସେଗୁଡ଼ିକୁ କଦାପି ଗପବହିର ଅଲୌକିକ ଘଟଣାଗୁଡ଼ିକ ପରି ବୁଝିବା ଉଚିତ ନୁହେଁ । କାରଣ ସେଗୁଡ଼ିକ ଗପରେ

'oaob.nitrkl.ac.in' images reprocessed

ଘଟିଲା ପରି କଦାପି ଘଟେ ନାହିଁ । ବସ୍ତୁଗୁଡ଼ିକ ବିଷୟରେ ରହିଥିବା ଏକ ଅତ୍ୟନ୍ତ ଗଭୀର, ଅତ୍ୟନ୍ତ ଗଭୀର, ଅତ୍ୟନ୍ତ ସମଗ୍ର ଏବଂ ଅତ୍ୟନ୍ତ ବ୍ୟାପକ ଦୃଷ୍ଟିଲାଗିହିଁ ତାହା ଗୋଚର ହୋଇ ପାରିଥାଏ ।

*(ମାଆ ନୀରବ ରହିଲେ)*

ପରମ କରୁଣାର କାର୍ଯ୍ୟଟିକୁ ଚିହ୍ନି ନେଇ ପାରିବାକୁ ହେଲେ ଆମର ତା'ର ପଦ୍ଧତି ତଥା ପ୍ରଣାଳୀଗୁଡ଼ିକୁ ମଧ୍ୟ ଅନୁସରଣ କରିବାର ଏବଂ ବୁଝି ପାରିବାର ସାମର୍ଥ୍ୟ ରହିଥିବା ଏକାନ୍ତ ଆବଶ୍ୟକ । ସେଥିଲାଗି, ଆମେ ଯେପରି ବାହ୍ୟ ପ୍ରତିଭାସଗୁଡ଼ିକ ଦ୍ୱାରା ଅନ୍ଧ ହୋଇ ନ ଯିବା ଏବଂ ବସ୍ତୁଗୁଡ଼ିକର ଗଭୀରତର ସତ୍ୟଟିକୁ ଦେଖି ପାରିବା, ଆମ ଭିତରେ ସେହି ସାମର୍ଥ୍ୟଟି ମଧ୍ୟ ଉପଲବ୍ଧ ହୋଇ ପାରିଥିବା ଆବଶ୍ୟକ ।

ଆମେ ଆଜି ସନ୍ଧ୍ୟାରେ ଯଦି ଏହି ସଂକଳ୍ପଟିକୁ ଗ୍ରହଣ କରିବା, ତେବେ ତଦ୍ୱାରା ଆମର ଭାରି ଉପକାର ହେବ : ଆମେ ଏହି ବର୍ଷଟିସାରା ଆମର ଯଥାସାଧ୍ୟ ଚେଷ୍ଟା କରିବା, ଯେପରିକି ଏହି ସମୟଟି ଆଦୌ ବୃଥା ଅତିବାହିତ ହୋଇଯିବ ନାହିଁ ।

'oaob.nitrkl.ac.in' images reprocessed

# ପରିଶିଷ୍ଟ

## ଜାନୁଆରି ୧, ୧୯୫୮ର ନବବର୍ଷର ବାଣୀଲାଗି ମାଆଙ୍କର ବ୍ୟାଖ୍ୟା

ଆମର ଗୋଟିଏ କ୍ଲାସ୍‌ରେ (୩୦ ଅକ୍ଟୋବର, ୧୯୫୭) ମୁଁ ତୁମମାନଙ୍କୁ ପ୍ରକୃତିର ସୀମାହୀନ ପ୍ରାଚୁର୍ଯ୍ୟ ବିଷୟରେ କହିଥିଲି; ଆଦୌ କେବେହେଲେ ନିଃଶେଷିତ ନ ହୋଇ ପ୍ରକୃତି କେତେକେତେ ଆକାରକୁ ହାତକୁ ନେଇ ଏକାଠି ମିଶାଇ ଦେଉଛି, ସେଗୁଡ଼ିକୁ ପୁନର୍ବାର ଅଲଗା କରିଦେଉଛି ଓ ପୁଣି ଏକ ନୂଆ ଛାଞ୍ଚରେ ଗଢ଼ିବାକୁ ଲାଗୁଛି, ସେଗୁଡ଼ିକୁ ଭାଙ୍ଗି ପକାଉଛି ଓ ନଷ୍ଟ କରି ଦେଉଛି ଏବଂ ତା'ପରେ ସର୍ବଦା ନୂତନ ନୂତନ ସଂଯୋଜନ ଦ୍ୱାରା ନୂତନ କିଛି ଗଢ଼ିବାଲାଗି ଅଗ୍ରସର ହୋଇଯାଉଛି । ମୁଁ ଏହାକୁ ଗୋଟିଏ ବିଶାଳ କଡ଼େଇ ବୋଲି କହିଥିଲି, ସିଏ ସେହି କଡ଼େଇ ଭିତରେ ସବୁକିଛିକୁ ଏକାଠି ପକାଇ ଘାଣ୍ଟୁଛି ଏବଂ ସେଥିରୁ କିଛିଗୋଟାଏ ତିଆରି କରି ଦେଉଛି । ସେଇଟା ତା'ର ମନକୁ ଆସୁ ନାହିଁ, ତେଣୁ ସିଏ ସେଇଟିକୁ ପୁଣି ସେହି କଡ଼େଇ ଭିତରେ ନେଇ ପକାଇ ଦେଉଛି ଏବଂ ତା'ପରେ ଆଉକିଛି ହାତକୁ ନେଉଛି ... । ଏହିପରି ଗୋଟାଏ, ଦୁଇଟା କିଂବା ଶହେଟା ରୂପର ପ୍ରକୃତି ପାଖରେ ଆଦୌ କୌଣସି ମୂଲ୍ୟ ନାହିଁ । ହଜାର ହଜାର ରୂପ ଏହିପରି ରହିଛି ଏବଂ ତେଣେ ବର୍ଷ ଦୃଷ୍ଟିରୁ ବିଚାର କଲେ, ଶହେ, ହଜାରେ ବା ଲକ୍ଷଲକ୍ଷ ବର୍ଷ ପଡ଼ିରହିଛି । ସେଗୁଡ଼ାକର ଆଦୌ କିଛି ମହତ୍ତ୍ୱ ନାହିଁ, କାରଣ ସମ୍ମୁଖରେ ଶାଶ୍ୱତ କାଳହିଁ ପଡ଼ି ରହିଛି । ତେଣୁ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ପ୍ରକୃତି ଏସବୁକୁ ବେଶ୍ ଉପଭୋଗ କରିବାରେ ଲାଗିଛି ଏବଂ ତା'ଲାଗି ତରତର ହେବା ପାଇଁ ଆଦୌ କୌଣସି କାରଣ ନାହିଁ । ତାକୁ ଶୀଘ୍ର ପ୍ରକ୍ରିୟାଟିକୁ ସାରିଦେଇ ତା' କାର୍ଯ୍ୟରେ ଏହି ଅଂଶଟିକୁ ବା ସେହି ଅଂଶଟିକୁ ଟିକିଏ ଶୀଘ୍ର ଶେଷ କରିଦେବାକୁ ଯଦି କେହି ତାକୁ ଆସି କହିବ, ତେବେ ପ୍ରକୃତି ତାକୁ ସବୁବେଳେ ସେହି ଗୋଟିଏ ଉତ୍ତର ଦେବ : "କିନ୍ତୁ ମୁଁ ସେପରି କାହିଁକି କରିବି ? ପ୍ରକୃତରେ କାହିଁକି କରିବି ? ତୁମକୁ କ'ଣ ଆଦୌ କିଛି ଆମୋଦଦାୟକ ଲାଗୁ ନାହିଁ ?"

ସେହି ସନ୍ଧ୍ୟାବେଳେ ମୁଁ ଯେଉଁଦିନ ତୁମକୁ ଏହିସବୁ କଥା ବିଷୟରେ କହିଥିଲି, ସେଦିନ ମୁଁ ପ୍ରକୃତି ସହିତ ଗୋଟାସୁଦ୍ଧା ଏକାତ୍ମକ ହୋଇ ଯାଇଥିଲି, ମୁଁ ତାହାରି ଖେଳରେ ଅଂଶଗ୍ରହଣ କରିଥିଲି । ଏବଂ ସେହି ଏକାତ୍ମକତା ଅର୍ଜନ କରିବା ଫଳରେ ଏକ ଅନୁସନ୍ଧାନ ମଧ୍ୟ ସମ୍ଭବ ହୋଇଗଲା ଏବଂ ପ୍ରକୃତି ଓ ମୋ' ଭିତରେ ଗୋଟାଏ ପ୍ରକାର ନୂତନ ଘନିଷ୍ଠତା

'oaob.nitrkl.ac.in' images reprocessed

ସ୍ଥାପିତ ହୋଇଗଲା । ଏପରି ଗୋଟିଏ କ୍ରମୋତ୍ତର ଭାବରେ ବୃଦ୍ଧି ପାଉଥିବା ଅନ୍ତରଙ୍ଗତାର ଦୀର୍ଘ କ୍ରିୟାତ୍ମକତା ସମ୍ଭବ ହେଲା, ଯାହାକି ପରିଶେଷରେ ଏକ ଅନୁଭୂତି ରୂପେ ଜନ୍ମଗ୍ରହଣ କଲା । ଏକଥା ନଭେମ୍ବର ଆଠ ତାରିଖରେ ଘଟିଥିଲା ।

ହଠାତ୍ ପ୍ରକୃତି ବି ସେକଥା ବୁଝିପାରିଲା । ସିଏ ବୁଝିପାରିଲା ଯେ, ସଦ୍ୟ ଜନ୍ମଲାଭ କରିଥିବା ଏହି ନୂତନ ବିପୁଳ ଚେତନାଟି ତାହାକୁ ଆଦୌ କୌଣସି ପ୍ରକାରେ ପ୍ରତ୍ୟାଖ୍ୟାନ କରିବାକୁ ଇଚ୍ଛା କରୁ ନାହିଁ; ସେହି ଚେତନା ତାହାକୁ ସମ୍ପୂର୍ଣ୍ଣ ଭାବରେ ଆବୋରି ଧରିବାକୁ ଚାହୁଁଛି । ପ୍ରକୃତି ବୁଝିପାରିଲା ଯେ ଏହି ନୂତନ ଆଧ୍ୟାତ୍ମିକତା ଜୀବନ ପ୍ରତି ମୋଟେ ବିମୁଖ ହୋଇ ଚାଲିଯିବାକୁ ଇଚ୍ଛା କରୁ ନାହିଁ । ପ୍ରକୃତିର ଯାବତୀୟ ଗତିବୈପୁଲ୍ୟ ସମ୍ମୁଖରେ ତାହା ମୋଟେ ଭୟତ୍ରସ୍ତ ବା ସଙ୍କୁଚିତ ହୋଇ ପଡ଼ିବାକୁ ଚାହୁଁ ନାହିଁ, ମାତ୍ର ଅପର ପକ୍ଷରେ ତାହା ସେହି ପ୍ରକୃତିର ସବୁଯାକ ଦିଗ ଓ ସବୁଯାକ ବିଭାବକୁ ସମଗ୍ର ଓ ସମନ୍ୱିତ ରୂପେ ଗ୍ରହଣ କରିବାକୁ ଇଚ୍ଛା କରୁଛି । ତାହାକୁ କୌଣସି ପ୍ରକାରେ ହ୍ରାସ ବା ନ୍ୟୂନ କରିଦେବାକୁ ନୁହେଁ, ମାତ୍ର ତାହାକୁ ପରିପୂର୍ଣ୍ଣ କରିବାକୁହିଁ ଯେ ଅତିମାନସ ଚେତନାର ଏଠାରେ ଆବିର୍ଭାବ ହୋଇଛି, ପ୍ରକୃତି ସେହି କଥାଟିକୁ ବୁଝିପାରିଲା ।

ତା'ପରେ ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଏହି ନିର୍ଦ୍ଦେଶଟି ଆସି ପହଞ୍ଚିଲା, "ହେ ପ୍ରକୃତି, ତୁମେ ଜାଗୃତ ହୋଇଉଠ, ସହଯୋଗିତାର ଆନନ୍ଦ ମଧ୍ୟକୁ ଜାଗୃତ ହୋଇଉଠ ।" ଏବଂ ସମଗ୍ର ପ୍ରକୃତି ଆନନ୍ଦର ଏକ ବୃହତ୍ ବନ୍ୟାପ୍ଲାବନରେ ଆଗକୁ ଧାବିତ ହେବାକୁ ଲାଗିଲା ଏବଂ କହିଲା, "ଏହି ନିର୍ଦ୍ଦେଶଟିକୁ ମୁଁ ସ୍ୱୀକାର କରି ନେଉଛି । ମୁଁ ସହଯୋଗ କରିବାଲାଗି ପ୍ରସ୍ତୁତ ଅଛି ।" ଏବଂ ଠିକ୍ ସେହି ସମୟରେ ଏପରି ଏକ ସ୍ଥିରତା ଓ ପୂର୍ଣ୍ଣ ପ୍ରଶାନ୍ତତା ଆସି ବିରାଜମାନ ହୋଇଗଲା ଯାହାଫଳରେ କି ଶରୀରରୂପୀ ଆଧାରଟି ଗ୍ରହଣ କରିପାରିଲା, ଧାରଣ ବି କରିପାରିଲା; ଏବଂ ତଥାପି ଭାଙ୍ଗି ଗଲା ନାହିଁ, କିଛିହେଲେ ହରାଇଲା ନାହିଁ । ସତେଅବା କୃତଜ୍ଞତାର ଏକ ସ୍ରୋତରୂପେ ଆଗକୁ ଧାଇଁ ଆସୁଥିବା ପ୍ରକୃତିର ଏହି ଶକ୍ତିମନ୍ତ ଆନନ୍ଦ ବନ୍ୟାରୁ କେଉଁଠି କିଛିହେଲେ ବାଦ୍ ରହିଗଲା ନାହିଁ । ପ୍ରକୃତି ଗ୍ରହଣ କରିନେଲା, ସକଳ ଶାଶ୍ୱତତା ସହିତ ତାହା ଦେଖିବାକୁ ଲାଗିଲା ଯେ ଏହି ଅତିମାନସ ଚେତନା ତାହାକୁ ଆହୁରି ଅଧିକ ସମ୍ପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ କରିଦେବାଲାଗି ଯାଉଛି, ତାହାର ଗତିଶୀଳତାରେ ତଥାପି ଆହୁରି ବୃହତ୍ ଏକ ବଳର ସଞ୍ଚାର କରିଦେବାକୁ ଯାଉଛି, ତାହାର ଲୀଳାରେ ଆହୁରି ଅନେକ ଅଧିକ ସମ୍ଭାବନା ଆଣି ଭରିଦେବାକୁ ଯାଉଛି ।

ଏବଂ, ମୁଁ ତତ୍କ୍ଷଣାତ୍ ଶୁଣିବାକୁ ପାଇଲି,– ସତେଯେପରି ତାହା ପୃଥିବୀର ସକଳ କୋଣରୁହିଁ ମୋ ପାଖକୁ ସଞ୍ଚାରିତ ହୋଇ ଆସୁଥିଲା,– ବେଳେବେଳେ ସୂକ୍ଷ୍ମ ଭୌତିକର ଭୂମିରେ ଶୁଣା ଯାଉଥିବା ସେହି ମହାନ୍ ସଙ୍ଗୀତଗୁଡ଼ିକ ପରି ମୁଁ ଏକ ସଂଗୀତର

'oaob.nitrkl.ac.in' images reprocessed

ଝଙ୍କାର ଶୁଣିବାକୁ ପାଇଲି, ତାହା ଅଳ୍ପ କେତେକାଂଶରେ ବିଥୋଫେନ୍‌ଙ୍କର ଡି-ମେଜର୍ କନ୍‌ସେର୍ଟୋ ପରି ଶୁଣା ଯାଉଥିଲା । ମହାନ୍ ଅଗ୍ରଗତିର ମୁହୂର୍ତ୍ତଗୁଡ଼ିକରେହିଁ ପ୍ରକୃତରେ ସେହି ସଙ୍ଗୀତ ଶୁଣା ଯାଇଥାଏ, ସତେଯେପରି ପଚାଶ ପଚାଶଟା ବାଦ୍ୟବୃନ୍ଦ ଏକାଠି ଗୋଟିଏ ସ୍ୱରଝଙ୍କାରରେ ନିନାଦିତ ହୋଇଉଠେ, କୌଣସି ସ୍ଥାନରେ ଗୋଟିଏ ସ୍ୱର ବି କୌଣସି ତାଳଭଙ୍ଗ ଘଟାଏ ନାହିଁ । ପ୍ରକୃତି ଏବଂ ପରମ ଚିତ୍‌ସତ୍ତା ମଧ୍ୟରେ ଏହି ନୂତନ ସମ୍ମିଳନ-ଜନିତ ଆନନ୍ଦଟିକୁ ପ୍ରକାଶ କରିବାକୁହିଁ ସେହି ସଂଗୀତ ଧ୍ୱନିତ ହୋଇଉଠେ । ସତେଯେପରି ଦୀର୍ଘକାଳ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିବା ପରେ ଦୁଇ ପୁରାତନ ବନ୍ଧୁ ପୁନର୍ବାର ଆସି ପରସ୍ପର ସହିତ ମିଳିତ ହୁଅନ୍ତି, ସେହିପରି ଏକ ଆନନ୍ଦକୁ ପ୍ରକାଶ କରିବାଲାଗି ତାହା ଧ୍ୱନିତ ହୋଇ ଉଠିଥାଏ ।

ତା'ପରେ ଏହିସବୁ ଶବ୍ଦ ଆପଣାକୁ ଅଭିବ୍ୟକ୍ତି କରି ଆଣିଲେ :

''ହେ ପ୍ରକୃତି, ହେ ସ୍ଥୂଳଶରୀରା ଜନନୀ, ସହଯୋଗ କରିବ ବୋଲି ତୁମେ ପ୍ରତିଶ୍ରୁତି ଦେଇଛ । ଏହି ସହଯୋଗର ମହିମାରେ ପ୍ରକୃତରେ କୌଣସି ଅନ୍ତହିଁ ନାହିଁ ।''

ଏବଂ ଏକ ପରିପୂର୍ଣ୍ଣ ପ୍ରଶାନ୍ତି ମଧ୍ୟରେହିଁ ଏହି ମହିମାର ଉଜ୍ଜ୍ୱଳ ଆନନ୍ଦଟି ଅନୁଭୂତ ହେବାରେ ଲାଗିଥିଲା ।

ଏହିପରି ଭାବରେହିଁ ନବବର୍ଷର ବାଣୀଟି ଜନ୍ମଲାଭ କରିଥିଲା ।

'oaob.nitrkl.ac.in' images reprocessed

## ୮ ଜାନୁଆରି ୧୯୫୮

ଦିବ୍ୟ ଜୀବନ ପୁସ୍ତକରୁ ମାଆ
ଗୋଟିଏ ପାରା ପଢ଼ିଲେ ।

ଆମେ ଗୋଟିଏ ପାରା ପରେ ଆଉଗୋଟିଏ ପାରା କରି ପଢ଼ିବା ବୋଲି ଠିକ୍ କରିଛୁ, ଯେପରିକି ଆମେ କେତେକ ବିଶଦ ବ୍ୟାଖ୍ୟାକୁ ଭଲ କରି ବୁଝିପାରିବା । ମାତ୍ର ଏହି ପ୍ରଣାଳୀଟିରେ ଗୋଟିଏ ଦୋଷ ମଧ୍ୟ ରହିଛି । ମୁଁ ଆଗରୁ ତୁମମାନଙ୍କୁ ଯେପରି କହିଛି, ଶ୍ରୀଅରବିନ୍ଦ ଆଗ ସବୁଯାକ ସିଦ୍ଧାନ୍ତର ଚର୍ଚ୍ଚା କରନ୍ତି, ବିଶଦ ଭାବରେ ସେଗୁଡ଼ିକର ବ୍ୟାଖ୍ୟା କରି ଦିଅନ୍ତି ଏବଂ ସବୁ ଯୁକ୍ତିଗୁଡ଼ିକୁ ଆଣି ଉପସ୍ଥାପିତ କରିଦିଅନ୍ତି । ସେଗୁଡ଼ିକ ମଧ୍ୟରେ କ'ଣସବୁ ଦୋଷ ବା ଅଭାବ ରହିଛି, ଏବଂ ସେଗୁଡ଼ିକ କିପରି ସମସ୍ୟାଟିର ଯଥାର୍ଥ ସମାଧାନ କରିପାରିବେ ନାହିଁ, ପରେ ସେହି କଥାଟିକୁ ଦର୍ଶାଇ ଦେଇ ପାରିବାକୁହିଁ ସେ ପ୍ରଥମେ ସେହିକଥା କରନ୍ତି । ତା'ପରେ ଯାଇ ସେ ନିଜ ସମାଧାନଟିକୁ କହନ୍ତି । ମାତ୍ର, (*ମାଆ ହସିକରି କହିଲେ*) ଯଦି ଆମେ କୌଣସି ଏକ ଯୁକ୍ତିର ମଝିରେ ଅଟକିବାକୁ ଇଚ୍ଛା କରିବା ଏବଂ ଗୋଟିଏ ମାତ୍ର ପାରା ପାଠ କରିବା, ଏକାବେଳେକେ ଶେଷ ପର୍ଯ୍ୟନ୍ତ ନ ଯାଇ ଯଦି ଆମେ ଏହି ପାରାଟିକୁ ପଢ଼ିବା, ତେବେ ଆମେ ଖୁବ୍‌ସମ୍ଭବ କଳ୍ପନା କି ବିଶ୍ୱାସ କରି ବସିବା ଯେ ଶ୍ରୀଅରବିନ୍ଦ ଏଠାରେ ଆମ ଆଗରେ ନିଜ ମତଟିକୁହିଁ ଉପସ୍ଥାପିତ କରି ଦେଉଛନ୍ତି ।

ବସ୍ତୁତଃ ଅନେକ ବିବେକହୀନ ବ୍ୟକ୍ତି ଠିକ୍ ସେହିପରି କରିଛନ୍ତି । ଏବଂ ଯେତେବେଳେ ସେମାନେ ନିଜ ସିଦ୍ଧାନ୍ତଗୁଡ଼ିକୁ ଠିକ୍ ବୋଲି ପ୍ରମାଣ କରିଦେବାକୁ ଇଚ୍ଛା କରିଛନ୍ତି, ସେତେବେଳେ ସେମାନେ ନିଜର ମତକୁ ସମର୍ଥନ କରିବା ପାଇଁ ଶ୍ରୀଅରବିନ୍ଦଙ୍କ ଲେଖାରୁ ଅନୁଚ୍ଛେଦମାନ ଉଦ୍ଧାର କରି ଆଣିଛନ୍ତି; ମାତ୍ର ତା'ପୂର୍ବରୁ କିଂବା ତା'ପରେ ଶ୍ରୀଅରବିନ୍ଦ କ'ଣ ଲେଖିଛନ୍ତି, ସେହି କଥାଟିକୁ ସେମାନେ ଆଦୌ କହିନାହାନ୍ତି । ସେମାନେ ଏପରି କହିଛନ୍ତି, ''ଦେଖିଲ, ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟ ଜୀବନ ଗ୍ରନ୍ଥରେ ଏହି କଥାଟିକୁ ଲେଖିଛନ୍ତି । ହଁ, ସେ ଅବଶ୍ୟ ସେହି କଥାଟିକୁ ଲେଖିଛନ୍ତି, ମାତ୍ର ତା'ବୋଲି ତାହାର ଅର୍ଥ ନୁହେଁ ଯେ ସିଏ ତାଦ୍ୱାରା ତାଙ୍କର ନିଜର ମତଟିକୁ ବ୍ୟକ୍ତ କରିଛନ୍ତି । ଏବଂ ଏଠାରେ ମଧ୍ୟ ଆମକୁ ଠିକ୍ ସେହି ଅସୁବିଧାଟିର ସମ୍ମୁଖୀନ ହେବାକୁ ପଡୁଛି । ମୋର ମନେ ହେଉଛି, ଗତ ଦୁଇଥର ଯାକ ମୁଁ ଯାହା ପଢ଼ିଛି, ସେଥିରେ ଆଧୁନିକ ଏକ ଜୀବନତତ୍ତ୍ୱ ଅନୁସାରେ

'oaob.nitrkl.ac.in' images reprocessed

ବିବର୍ତ୍ତନ ଏବଂ ଜୀବନର ଅନ୍ତିମ ଉଦ୍ଦେଶ୍ୟଟି ବିଷୟରେ ବିଶଦ ଭାବରେ ପ୍ରତିପାଦିତ କରି ଦିଆ ଯାଇଥିବା ଯୁକ୍ତିଗୁଡ଼ିକ ବିଷୟରେ ମୁଁ ତୁମମାନଙ୍କୁ ପଢ଼ି ଶୁଣାଇଛି; ହୁଏତ ଏପରି କୁହାଯାଇ ପାରିବ ଯେ ଏହି ଜୀବନ ପଛରେ ଯେ ଆଦୌ କୌଣସି ଉଦ୍ଦେଶ୍ୟ ନାହିଁ, ତାହାହିଁ ଦର୍ଶାଇ ଦେଇଥିବା ଗୋଟିଏ ସିଦ୍ଧାନ୍ତ ବିଷୟରେ ମୁଁ ପଢ଼ି ଶୁଣାଇଛି । ଏବଂ, ସତେ ଯେପରି ଏଇଟି ତାଙ୍କର ନିଜର ସିଦ୍ଧାନ୍ତ ଓ ସମସ୍ୟାଟିକୁ ସେ ନିଜେ ଠିକ୍ ଏହିପରି ଭାବରେ ଦେଖୁଛନ୍ତି, ଶ୍ରୀଅରବିନ୍ଦ ଏକ ମୀମାଂସାତ୍ମକ ପଦ୍ଧତିରେ ତାହାର ବ୍ୟାଖ୍ୟା କରି ଦେଇଛନ୍ତି । ଆମେ ଅଧଯାଏ ପଢ଼ି ସେଇଠି ଅଟକି ରହୁଛୁ ଏବଂ ଆମ ମନରେ ଏକ ଅସ୍ୱସ୍ତିକର ଅନୁଭୂତି ଆସି ଦେଖାଦେଉଛି, ''କିନ୍ତୁ ଶ୍ରୀଅରବିନ୍ଦ ତ ଆମକୁ ଏକଥା କହି ନାହାନ୍ତି ! ତେବେ ସେ ବର୍ତ୍ତମାନ ଆମକୁ ସେଗୁଡ଼ିକୁ ବୁଝାଇ କହି ଦେଉଛନ୍ତି କିପରି ?'' ହଁ, ଏଇଟି ବେଶ୍ ଏକ ବଡ଼ ଅସୁବିଧା । ମାତ୍ର ଯଦି ମୁଁ ତୁମମାନଙ୍କ ଲାଗି ସମୁଦାୟ ଯୁକ୍ତିଟିକୁ ପଢ଼ିବାକୁ ଯିବି, ତେବେ ପାଠାଂଶଟିର ଶେଷପାଖକୁ ଆସିବା ବେଳକୁ ତୁମେ ହୁଏତ ଆରମ୍ଭଟିକୁ ଭୁଲି ଯାଇଥିବ ଏବଂ ତେଣୁ ହୁଏତ କିଛି ବୁଝି ପାରିବ ନାହିଁ । ତେଣୁ, ସର୍ବୋତ୍ତମ ଉପାୟଟି ହେଉଛି ଯେ ଆମେ ଆଦୌ ବିଚଳିତ ନ ହୋଇ ଗୋଟିଏ ପାରା ପରେ ଆଉ ଗୋଟିଏ ପାରା ପାଠ କରିବା । ଶ୍ରୀଅରବିନ୍ଦ କ'ଣ କହୁଛନ୍ତି ସେକଥା ବୁଝିବାକୁ ଚେଷ୍ଟା କରିବା, ମାତ୍ର ଶ୍ରୀଅରବିନ୍ଦ ସେହି ସିଦ୍ଧାନ୍ତଟି ସତ ବୋଲି ପ୍ରମାଣ କରି ଦେଖାଇବାକୁ ଚେଷ୍ଟା କରୁଛନ୍ତି ବୋଲି କଦାପି ଭାବିବା ନାହିଁ । ସିଏ ଆମକୁ ସେହି ସିଦ୍ଧାନ୍ତଟିକୁ କେବଳ ବୁଝାଇ ଦେବାକୁହିଁ ଚାହୁଁଛନ୍ତି, ଏବଂ ସେଇଟି ପକ୍ଷରେ ଯେତେ ଯୁକ୍ତି ରହିଛି, ସେଗୁଡ଼ିକୁ ମଧ୍ୟ ବାଢ଼ିଦେବାକୁ ଇଚ୍ଛା କରିଛନ୍ତି । କିନ୍ତୁ ସେଇଟି ଯେ ବସ୍ତୁଗୁଡ଼ିକୁ ବିଚାର କରିବାଲାଗି ସର୍ବୋତ୍ତମ୍ ସିଦ୍ଧାନ୍ତ, ସେକଥା ସେ ଆମକୁ ମୋଟେ କହୁନାହାନ୍ତି ।

ବସ୍ତୁତଃ, ଆମେ ଏଠାରେ ଯାହାସବୁ ପଢ଼ୁଛୁ, ତୁମେ ତାହାକୁ ନିଜ ଭିତରେ ଦାର୍ଶନିକ ମନନ ଶକ୍ତିର ବିକାଶ କରିବାଲାଗି ଏକ ସୁଯୋଗ ବୋଲି ଗ୍ରହଣ କରିବ, ଏକ ନ୍ୟାୟାନୁମୋଦିତ ପ୍ରଣାଳୀରେ କିପରି ବିଚାରଗୁଡ଼ିକୁ ସଜାଇ ରଖିବାକୁ ହୁଏ ଏବଂ ଯେକୌଣସି ଯୁକ୍ତିକୁ କିପରି ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରି ରଖିବାକୁ ହୁଏ, ସେହି ସାମର୍ଥ୍ୟଟିକୁ ଅର୍ଜନ କରିବାଲାଗି ଏହାକୁ ଏକ ସୁଯୋଗରୂପେ ଗ୍ରହଣ କରିବ । ନିଜ ମାଂସପେଶୀର ବିକାଶ ଲାଗି ଯେପରି ଡମ୍ବେଲ-ବ୍ୟାୟାମ କରାଯାଏ, ତୁମେମାନେ ତାହାକୁ ସେହିପରି ଗ୍ରହଣ କରିବ । ନିଜ ମସ୍ତିଷ୍କର ବିକାଶ ଲାଗି ତୁମର ମନ ପାଇଁ ଏହା ଠିକ୍ ଡମ୍ବେଲ୍-ବ୍ୟାୟାମ ପରି କାମ ଦେବ । ମାତ୍ର ତୁମେମାନେ କେବେହେଲେ ତରତର ହୋଇ ଆଦୌ କୌଣସି ସିଦ୍ଧାନ୍ତରେ ଆସି ପହଞ୍ଚି ଯିବ ନାହିଁ । ଯଦି ଆମେ ଧୈର୍ଯ୍ୟ ସହକାରେ ଅପେକ୍ଷା କରିପାରିବା, ତେବେ ଅଧ୍ୟାୟଟି ଶେଷ ହେଲାବେଳକୁ ଶ୍ରୀଅରବିନ୍ଦ ଆମକୁ

'oaob.nitrkl.ac.in' images reprocessed

କହିବେ— ଏକ ଅକାଟ୍ୟ ଯୁକ୍ତି ଉପରେ ଭିତ୍ତି କରି ଆମକୁ କହିବେ— ଯେ ତାଙ୍କର ପ୍ରଦର୍ଶିତ କାରଣଗୁଡ଼ିକ ଦ୍ୱାରା ପରିଚାଳିତ ହୋଇହିଁ ସେ ତାଙ୍କର ସିଦ୍ଧାନ୍ତଟିରେ ଆସି ପହଞ୍ଚନ୍ତି ।

ଯଦି, କୌଣସି ପଚାରିବା ଭଳି କିଛି ଥାଏ ...

*ମାଆ, ପାଠାଂଶଟି ଭିତରେ କିଛି ନାହିଁ ।*

ଆଉ ଅନ୍ୟ କିଛି ଅଛି ? ପଚାର ।

*ମାଆ, ହଠାତ୍ ଗୋଟାଏ ଗୋଟାଏ ଧାରଣା ମନ ଭିତରକୁ ଆସିଥାଏ । ସେଗୁଡ଼ାକ ପ୍ରକୃତରେ କେଉଁଠାରୁ ଆସେ ଏବଂ ମୁଣ୍ଡ ଭିତରେ ସେମାନେ କିପରି କ୍ରିୟା କରୁଥା'ନ୍ତି ?*

ସେଗୁଡ଼ିକ କେଉଁଠାରୁ ଆସନ୍ତି ?— ସେଗୁଡ଼ିକ ମାନସିକ ବାୟୁମଣ୍ଡଳରୁହିଁ ଆସିଥା'ନ୍ତି ।

କାହିଁକି ଆସନ୍ତି ? ... କୌଣସି ଛକଜାଗାରେ ଜଣେ ବାଟୋଇ ସହିତ ହଠାତ୍ ଦେଖାହୋଇଗଲା ପରି ତୁମେ ବାଟରେ ଯାଉଯାଉ ସେଗୁଡ଼ିକୁ ଭେଟିଥାଅ । ଅଧିକାଂଶ ସମୟରେ ତାହାହିଁ ହୁଏ; ତୁମେ ଏପରି ଗୋଟିଏ ବାଟ ଉପରଦେଇ ଯାଉଥାଅ, ଯେଉଁଠାରେ କି ନାନାପ୍ରକାର ଧାରଣା ଏଣେତେଣେ ହେଉଥାନ୍ତି; ଏବଂ ହୁଏତ ଏପରି ହୁଏ ଯେ ଏହି ନିର୍ଦ୍ଦିଷ୍ଟ ଧାରଣାଟି ସହିତ ତୁମର ସାକ୍ଷାତ ହୋଇଯାଏ ଏବଂ ତାହା ତୁମର ମୁଣ୍ଡ ଭିତର ଦେଇ ଚାଲିଯାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନଙ୍କର ଧ୍ୟାନ କରିବାର ଅଭ୍ୟାସ ଥାଏ, ଆପଣାକୁ ଅଭିନିବେଶିତ କରି ରଖିବାର ଅଭ୍ୟାସ ରହିଥାଏ ଏବଂ ଯେଉଁମାନଙ୍କ ଲାଗି ବୁଦ୍ଧିଗତ ସମସ୍ୟାଗୁଡ଼ିକର ଏକ ଅତ୍ୟନ୍ତ ମୂର୍ତ୍ତ ଏବଂ ସାକାର ବାସ୍ତବତା ରହିଥାଏ, ଆପଣାର ମନକୁ ସଂକେନ୍ଦ୍ରିତ କରି ରଖି ସେମାନେ ସମ୍ବନ୍ଧିତ କେତେ କେତେ ବିଚାରକୁ ଆକର୍ଷିତ କରି ଆଣିଥା'ନ୍ତି, ଏବଂ ଏହିପରି ଭାବରେ ଏକ "ବିଚାର-ଗୁଚ୍ଛ" ସେମାନଙ୍କ ଭିତରେ ସୃଷ୍ଟ ହୁଏ, ଯାହାକୁ କି ସେମାନେ କୌଣସି ସମସ୍ୟାର ସମାଧାନ କରିବାଲାଗି ବା ବିଚାର କରୁଥିବା କୌଣସି ଏକ ପ୍ରଶ୍ନକୁ ଅଧିକ ସ୍ପଷ୍ଟ କରିପାରିବା ଲାଗି ସଂଗଠିତ କରି ଆଣନ୍ତି । ମାତ୍ର ଏଥିଲାଗି ବ୍ୟକ୍ତି ମଧ୍ୟରେ ମାନସିକ ସଂକେନ୍ଦ୍ରଣର ଅଭ୍ୟାସ ରହିଥିବା ଦରକାର, ଏବଂ ମୁଁ ଯେଉଁ ଦାର୍ଶନିକ ମନଟି ବିଷୟରେ କହୁଥିଲି, ସେଇଟି ମଧ୍ୟ ଅବଶ୍ୟ ରହିଥିବା ଦରକାର । ଯେଉଁ ଦାର୍ଶନିକ ମନ ବିଚାରଗୁଡ଼ିକୁ ଗୋଟିଏ ଗୋଟିଏ ଜୀବନ୍ତ ବସ୍ତୁପରି ଦେଖେ, ସେଗୁଡ଼ିକର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜୀବନ ରହିଥିବା ପରି ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଦେଖେ, ଚେସ୍ ଖେଳରେ ସାର ସବୁ ସଜାହୋଇ ରହିଥିବା ପରି ମନରୂପୀ ଚେସ୍-ପାଲି ଉପରେ ଯାହାର ବିଚାରଗୁଡ଼ିକ ସଜା ହୋଇ ରହିଥା'ନ୍ତି, ତୁମ ପାଖରେ ସେହି ମନଟି ରହିଥିବା ଏକାନ୍ତ ଆବଶ୍ୟକ । ସେହି ବିଚାରଗୁଡ଼ିକୁ ତୁମେ ନିଜ ଭିତରକୁ ଗ୍ରହଣ କରିନେଇ ପାରୁଥିବ, ସେଗୁଡ଼ିକୁ ସଞ୍ଚାଳିତ କରି ପାରୁଥିବ, ସେଗୁଡ଼ିକୁ ଯଥାସ୍ଥାନରେ ସଂଗଠିତ କରି ରଖି ପାରୁଥିବ, ଏହିସବୁ ବିଚାରକୁ ନେଇ ଏକ ସଂଗତ ସମଗ୍ରର ଗଠନ କରି ପାରୁଥିବ । ସେହି ବିଚାରଗୁଡ଼ିକ ସ୍ୱତନ୍ତ୍ର ଓ ସ୍ୱାଧୀନ ହୋଇ ରହିଥିବେ, ମାତ୍ର ସେଗୁଡ଼ିକ ମଧ୍ୟରେ ଏକ ସମ୍ବନ୍ଧ ବି ରହିଥିବ ଏବଂ ଏକ ଅନ୍ତର୍ଗତ ବିଧାନ ଅନୁସାରେ ଆପଣାକୁ ସଂଗଠିତ କରି ରଖି ପାରୁଥିବେ । ମାତ୍ର ଏଥିଲାଗି ଆମ ପାଖରେ ଧ୍ୟାନ, ମନନ, ବିଶ୍ଳେଷଣ, ନିଷ୍କର୍ଷ ନିର୍ଣ୍ଣୟ ଏବଂ ମାନସିକ ସଂଗଠନର ଅଭ୍ୟାସଟି ବି ଅବଶ୍ୟ ରହିଥିବା ଉଚିତ । ମାତ୍ର ଯଦି ଆମେ "କେବଳ ସେହିପରି" ହୋଇ ରହିଥିବା, ଯଦି ଆମେ ଆମର ଜୀବନଟିକୁ କେବଳ ମାମୁଲି ଭାବରେ ବଞ୍ଚିବାରେ ଲାଗିଥିବା, ତେବେ ଆମର ମୁଣ୍ଡ ଠିକ୍ ସେହି ସାଧାରଣ ଛକଜାଗାଟି ପରି ହୋଇ ରହିଥିବ । ସେଠି କେତେ କେତେ ରାସ୍ତା କେତେଆଡ଼କୁ ପଡ଼ିଥିବ, ସେହିସବୁ ରାସ୍ତାରେ କେତେ ମଣିଷଙ୍କର ଯିବା ଆସିବା ବି ଲାଗିଥିବ । ସେତେବେଳେ ତୁମେ ସତେଅବା କୌଣସି ଛକଜାଗାରେ ଅସହାୟ ହୋଇ ଠିଆ ହୋଇଥିବ ଏବଂ ସବୁକିଛି ତୁମର ମୁଣ୍ଡ ଦେଇ ଅତିକ୍ରମ କରି ଯାଉଥିବ । ଅନେକ ସମୟରେ ଏପରି କେତେକେତେ କଥା ଆସି ପ୍ରବେଶ କରୁଥିବ, ଯେଉଁଗୁଡ଼ିକ ଭିତରେ କି ଆଦୌ କୌଣସି ପାରସ୍ପରିକ ସମ୍ବନ୍ଧ ବି ନ ଥିବ । ଅବସ୍ଥା ହୁଏତ ଏପରି ହୋଇଥିବ ଯେ, ତୁମ ମୁଣ୍ଡଭିତର ଦେଇ କ'ଣ ସବୁ ଅତିକ୍ରମ କରି ଯାଉଛି, ଯଦି ତୁମେ ତାକୁ ଏକାଠି ଲେଖି ରଖିବାକୁ ଚେଷ୍ଟା କରିବ, ତେବେ ଅତିଚମତ୍କାର ନାନା ଅର୍ଥହୀନତାରେ ଗୁନ୍ଥା ହୋଇ ରହିଥିବା ବଢ଼ିଆ ମାଳଟିଏ ତୁମର ଉପଲବ୍ଧ ହୋଇ ପାରିବ ।

ଗୋଟିଏ ସାନ ଏପରି ଖେଳ ରହିଛି, ଯାହାକୁ ଖେଳିଲେ ଆମର ଅନେକ ଉପକାର ହେବ ବୋଲି ଆମେ ଥରେ କହିଥିଲୁ । ଖେଳଟି ହେଉଛି : ତୁମେ ହଠାତ୍ ଯାଇ ଆଉଜଣକୁ ପଚାରିବ, "ତୁମେ ବର୍ତ୍ତମାନ କ'ଣ ଭାବୁଛ କହିଲ ?" ସବୁ ସମୟରେ ଯେ ସେହି ବ୍ୟକ୍ତିଜଣକ ତୁମ ପ୍ରଶ୍ନର ସ୍ପଷ୍ଟ ଉତ୍ତରଟିଏ ଦେଇପାରିବ, ସେକଥା ଆଦୌ ନୁହେଁ, "ହଁ, ହଁ, ମୁଁ ବର୍ତ୍ତମାନ ଅମୁକଟି ବିଷୟରେ ଭାବୁଥିଲି ।" ଯଦି ତା'ଠାରୁ ଏହି ଉତ୍ତରଟି ମିଳିବ, ତେବେ ସିଏ ଜଣେ ବିଚାରଶୀଳ ବ୍ୟକ୍ତି ବୋଲି ତୁମେ ନିଶ୍ଚୟ ଅନୁମାନ କରିପାରିବ । ତା' ନ ହେଲେ, ସାଧାରଣତଃ ଯେଉଁ ଉତ୍ତରଟି ବେଶ୍ ସ୍ୱାଭାବିକ ଭାବରେ ବାହାରି ଆସିଥାଏ, ସେଇଟି ହେଉଛି, "କେଜାଣି, କେଉଁ ବିଷୟରେ ଭାବୁଥିଲି ?"

ଉଦାହରଣ ସ୍ୱରୂପ, ତୁମେମାନେ ଜାଣିଛ ଯେ ଯେଉଁମାନେ ଶୃଙ୍ଖଳିତ ଓ ସଂଗଠିତ ଭାବରେ ଶାରୀରିକ ବ୍ୟାୟାମ କରିଛନ୍ତି, ଏକ ନିର୍ଦ୍ଦିଷ୍ଟ ସଞ୍ଚାଳନ ସମ୍ଭବ କରିବାକୁ

'oaob.nitrkl.ac.in' images reprocessed

ହେଲେ କେଉଁସବୁ ମାଂସପେଶୀର ଚାଳନା କରିବାକୁ ପଡ଼େ, ସେମାନେ ଏହି କଥାଟିକୁ ଭଲ ଭାବରେ ଜାଣିଛନ୍ତି । ସେମାନେ ସେହି ସଞ୍ଚାଳନର ସର୍ବୋତ୍ତମ ଉପାୟଟିକୁ ଜାଣିଛନ୍ତି ଏବଂ ସର୍ବନିମ୍ନ ଶକ୍ତିବ୍ୟୟ କରି କିପରି ସର୍ବାଧିକ ଫଳ ପ୍ରାପ୍ତ ହୋଇପାରେ, ସେକଥାଟିକୁ ମଧ୍ୟ ଜାଣିଛନ୍ତି । ଏବଂ ଭାବନାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟିଥାଏ । ଯେତେବେଳେ ତୁମେ ନିଜକୁ ବିଧିବଦ୍ଧ ପ୍ରଶିକ୍ଷଣଟି ଦେଇପାରିବ, ସେତେବେଳେ ତୁମେ ଏପରି ଏକ ଅବସ୍ଥାରେ ଆସି ପହଞ୍ଚିଯିବ, ଯେତେବେଳେ କି ବେଶ୍ ବସ୍ତୁନିଷ୍ଠ ହୋଇ ତୁମେ ବିଚାରଗୁଡ଼ିକର ଏକ ସଂଯୋଜିତ ମେଖଳାର ଅନୁଧାବନ କରିପାରିବ, ପର୍ଦା ଉପରେ କୌଣସି ଛବିର ପ୍ରକ୍ଷେପଣ କଲାପରି ତୁମେ ସେହି କଥାଟିକୁ କରିପାରିବ । ଗୋଟିଏ ବିଚାରରୁ କିପରି ଆଉ ଗୋଟିଏ ବିଚାର ନିଷ୍ପନ୍ନ ହୋଇ ଆସୁଛି, ତୁମେ ସେହି କଥାଟିକୁ ବୁଝିବାଲାଗି ସମର୍ଥ ହେବ । କୌଣସି ଗୋଟିଏ ପ୍ରମେୟକୁ ତା'ର ସାଧାରଣ, ନ୍ୟାୟଯୁକ୍ତ ଏବଂ ସଂଗଠିତ ମାର୍ଗରେ ପରିଚାଳିତ କରି ଯଥାସମ୍ଭବ ଅଳ୍ପ ସମୟରେ କିପରି ଉପଯୁକ୍ତ ସିଦ୍ଧାନ୍ତରେ ଯାଇ ପହଞ୍ଚିବାକୁ ହୁଏ, ତୁମେ ସେକଥାଟିକୁ ମଧ୍ୟ ଜାଣିପାରିବ ଏବଂ ଅଭ୍ୟାସ କରି ପାରିବ । ଥରେ ସେହି ଅଭ୍ୟାସଟି ସମ୍ଭବ ହୋଇଗଲେ,— ଏକ ନିର୍ଦ୍ଦିଷ୍ଟ ଉପକାର ପାଇବାକୁ ହେଲେ ଯେପରି ଆବଶ୍ୟକ ମାଂସପେଶୀଗୁଡ଼ିକୁ ଯଥାବିଧି ସଂଚାଳିତ କରିବାର ଅଭ୍ୟାସଟିରେ ମଣ ହେବାକୁ ହୁଏ, ଠିକ୍ ସେହିପରି,— ତୁମର ଭାବନା କ୍ରମେ ପରିଷ୍କାର ହୋଇ ଆସିବାରେ ଲାଗିବ । ତା' ନ ହୋଇ ପାରିଲେ ଭାବନାର ଯାବତୀୟ ସଞ୍ଚାଳନ ଏବଂ ବୌଦ୍ଧିକ ସକଳ କ୍ରିୟାତ୍ମକତା କେବଳ ଅସ୍ପଷ୍ଟ, ଅନିର୍ଦ୍ଦିଷ୍ଟ ଏବଂ ଦୁର୍ଗ୍ରାହ୍ୟ ହୋଇହିଁ ରହିଥିବ । ଥିବ ଥିବ ହଠାତ୍ ତୁମ ମୁଣ୍ଡ ଭିତରେ ଗୋଟାଏ ଭାବନା ଉଦୟ ହୋଇ ଆସିବ, ତାହାର କାରଣ ବିଷୟରେ ତୁମେ ଆଦୌ କୌଣସି ପ୍ରକାରେ ଅବହିତ ନ ଥିବ; ଏବଂ ତା'ପରେ ପ୍ରଥମ ଭାବନାଟିର ଖଣ୍ଡନ ଏବଂ ବିରୋଧ କରି ପୁଣି ଆଉ ଗୋଟିଏ ଭାବନା ଆସି ହାବୁଡ଼ିଯିବ ଏବଂ ତାହାର କାରଣଟି ମଧ୍ୟ ତୁମ ପାଖରେ ଠିକ୍ ସେହିପରି ଅଜ୍ଞାତ ହୋଇ ରହିଥିବ । ବିଚାରଗୁଡ଼ିକ ମଧ୍ୟରେ ପ୍ରକୃତରେ କି ସମ୍ବନ୍ଧ ରହିଛି, ସେଇଟିକୁ ଜାଣିବା ସକାଶେ ଯଦି ତୁମେ ଏଇଟିକୁ ସ୍ପଷ୍ଟ ଭାବରେ କିଞ୍ଚିତ୍ ସଂଗଠିତ କରି ରଖିବାଲାଗି ଚେଷ୍ଟା କରିବ, ପ୍ରଥମେ କେତେଥର ସେହି ଚେଷ୍ଟାଟିକୁ କରିବାକୁ ଗଲେ ତୁମର ମୁଣ୍ଡ ବେଶ୍ ବଥାଇବାକୁହିଁ ଆରମ୍ଭ କରିବ । ସତେ ଯେପରି ତୁମେ କୌଣସି ଗହନ ଅରଣ୍ୟ ଭିତରେ ଆପଣାର ବାଟଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରୁଛ, ତୁମେ ଠିକ୍ ସେହିପରି ଅନୁଭବ କରୁଥିବ ।

ଚିନ୍ତନଶୀଳ ମନର ବିକାଶଲାଗି ଏକ ଶୃଙ୍ଖଳାର ଆବଶ୍ୟକତା ରହିଛି । ଆମର ମନଟିକୁ ଯଦି ବିଧିବଦ୍ଧ ଭାବରେ ଶୃଙ୍ଖଳିତ କରା ନ ଯାଏ, ତେବେ ଆମକୁ ସତେଅବା

'oaob.nitrkl.ac.in' images reprocessed

ସବୁବେଳେ ଏକ ମେଘଖଣ୍ଡ ମଧ୍ୟରେହିଁ ରହିବାକୁ ପଡୁଥିବ । ଅଧିକାଂଶ ମଣିଷଙ୍କର ମୁଣ୍ଡରେ ହୁଏତ କେତେକେତେ ପୂର୍ଣ୍ଣବିରୋଧୀ ବିଚାରଗୁଡ଼ାକର ଭିଡ଼ ଲାଗି ରହିଥିବ, ମାତ୍ର ସେଗୁଡ଼ିକ ଦ୍ୱାରା ସେମାନେ ଆଦୌ ଏତେ ଟିକିଏହେଲେ ବି ଅସ୍ୱସ୍ତି ଅନୁଭବ କରୁ ନ ଥିବେ ।

ତେଣୁ, ନିଜର ମନଟିକୁ ସମୁଚିତ ପ୍ରକାରେ ସଂଗଠିତ କରି ରଖିବାକୁ ଚେଷ୍ଟା ନ କରିଥିବା ପର୍ଯ୍ୟନ୍ତ, ଅତି କମ୍‌ରେ ଏତିକିର ଆଶଙ୍କା ନିଶ୍ଚୟ ରହିଥିବ ଯେ ତୁମେ କ'ଣସବୁ ଭାବୁଛ, ତାହା ଉପରେ ତୁମର ଆଦୌ କୌଣସି ନିୟନ୍ତ୍ରଣହିଁ ନ ଥିବ । ଏବଂ, ଅଧିକାଂଶ ସମୟରେ, ତୁମେ ଯେ ପ୍ରକୃତରେ କ'ଣ ଭାବୁଛ, ତାହାର ମୂଲ୍ୟଟିକୁ ଅବଧାରଣ କରିବା ପୂର୍ବରୁହିଁ ତୁମେ ସେଇଟିକୁ କାର୍ଯ୍ୟାନ୍ୱିତ କରିବାଲାଗି ବାହାରି ପଡ଼ିବ । ଅଥବା, କାର୍ଯ୍ୟାନ୍ୱିତ କରିବା ପର୍ଯ୍ୟନ୍ତ ନ ଗଲେ ମଧ୍ୟ ଅନ୍ତତଃ ତତ୍ତୁଲ୍ୟ ସଂବେଗମାନ ଅନୁଭବ କରିବାକୁ ଲାଗିଥିବ : ହଠାତ୍ ତୁମେ ଆବିଷ୍କାର କରିବ ଯେ ତୁମ ଭିତରେ ଏପରି ସଂବେଗମାନ ରହିଛି ଯାହାକୁ କି ଆଦୌ କାମ୍ୟ ଓ ସ୍ପୃହଣୀୟ ବୋଲି କୁହାଯିବ ନାହିଁ । ତୁମର ଭାବନା ଉପରେ ତୁମର ଯେ ଆଦୌ କୌଣସି ନିୟନ୍ତ୍ରଣ ନାହିଁ, ତା'ପରେ ତୁମେ ସେହି କଥାଟିକୁ ହୃଦୟଙ୍ଗମ କରିବ ।

*ମାଆ, ନିଜ ଭାବନା ଉପରେ କୌଣସି ନିୟନ୍ତ୍ରଣ ନ ଥାଏ ବୋଲି କ'ଣ ଆମ ଭିତରେ ମନ୍ଦ ଭାବନାମାନ ପ୍ରବେଶ କରିଥାଏ ?*

ମନ୍ଦ ଭାବନାମାନ ? ... ତାହା ପଛରେ ଏକାଧିକ କାରଣ ଥାଇପାରେ । ପ୍ରକୃତରେ ତାହାର ଏକାଧିକ କାରଣ ରହିଛି । ଏକ ମନ୍ଦ ପ୍ରକୃତି ହେତୁ ସେପରି ହୋଇପାରେ,— ଯଦି ତୁମ ଭିତରେ କୁତ୍ସିତ ସଂବେଗମାନ ରହିଥାଏ, ଏହି କୁତ୍ସିତ ସଂବେଗମାନେହିଁ ତୁମର କୁତ୍ସିତ ଭାବନାଗୁଡ଼ିକର କାରଣ ହୋଇପାରନ୍ତି । ବା, ଠିକ୍ ଏହାର ବିପରୀତ କଥା ବି ଘଟିପାରେ । ସେଗୁଡ଼ିକ ସମ୍ଭବତଃ ବାହାରୁ ଆସୁଥିବା ନାନା ପ୍ରବର୍ତ୍ତନା ଦ୍ୱାରା ପ୍ରଭାବିତ ହେବାଲାଗି ସମ୍ପୂର୍ଣ୍ଣ ଭାବରେ ଉନ୍ମୁକ୍ତ ହୋଇ ରହିଥାଏ, ଏବଂ, ମୁଁ ଯେପରି କହିଲି, ଏହି ପ୍ରବର୍ତ୍ତନାଗୁଡ଼ିକ ସେସବୁ ଭିତରେ ପଶି ଧୀରେ ଧୀରେ ନାନା କୁତ୍ସିତ ସଂବେଗକୁ ଜନ୍ମ ଦେଇଥା'ନ୍ତି । ବା, ନାନା ଅବଚେତନ ପ୍ରଭାବରୁହିଁ ସେସବୁ ସମ୍ଭବ ହୋଇପାରେ, କାରଣ, ସେଗୁଡ଼ିକ ଉପରେ ଆମର ଆଦୌ କୌଣସି ନିୟନ୍ତ୍ରଣ ନ ଥିବାରୁହିଁ ସେଗୁଡ଼ିକ ଆମ ଭିତରେ ନାନା ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରିବାରେ ଲାଗିଥା'ନ୍ତି । ଯେତେବେଳେ ଏହିସବୁ ପ୍ରଭାବ ଉପରିଭାଗକୁ ଉଠି ଆସିବେ, ନିୟନ୍ତ୍ରିତ ହୋଇ ନ ପାରୁଥିବାରୁ ଯେତେବେଳେ ସେଗୁଡ଼ିକ ବାହାରକୁ ମୁଣ୍ଡ ଟେକିବାକୁ ଆରମ୍ଭ କରିବେ, ସେତେବେଳେ ସେଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଅକାମ୍ୟ ଏବଂ

'oaob.nitrkl.ac.in' images reprocessed

ଅସ୍ୱୀକୃତ ହୋଇ ରହିଥିବେ, ସେଗୁଡ଼ିକ ସତେଅବା ମନଇଚ୍ଛା ଆସି ପ୍ରବେଶ କରିବାକୁ ଲାଗିବେ, କାରଣ କବାଟଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଖୋଲା ହୋଇ ରହିଥିବ ।

ତୁମେମାନେ ଯାବତୀୟ ପ୍ରକାରର ବସ୍ତୁଗୁଡ଼ିକରେ ବୁଡ଼ିକରି ରହିଛ,– ଭଲ, ମନ୍ଦ, ନିରପେକ୍ଷ, ସନ୍ଦୀପିତ ଏବଂ ଅନ୍ଧକାରଗ୍ରସ୍ତ ନାନା ବସ୍ତୁରେ ବୁଡ଼ିକରି ରହିଛ । ଏଗୁଡ଼ିକ ସବୁ ତୁମ ଭିତରେ ଅବସ୍ଥିତ ରହିଛନ୍ତି ଏବଂ ଆମ ପ୍ରତ୍ୟେକଙ୍କର ଚେତନା ସେଗୁଡ଼ିକଲାଗି ପ୍ରକୃତରେ ଏକ ଫିଲ୍‌ଟର୍ ପରି କାର୍ଯ୍ୟ କରିବା ଉଚିତ । ତୁମେ ସବୁଗୁଡ଼ିକ ମଧ୍ୟରୁ ଯେତିକି ଗ୍ରହଣ କରିବାକୁ ଇଚ୍ଛା କରୁଛ, ତୁମର କେବଳ ସେତିକି ଗ୍ରହଣ କରି ପାରୁଥିବା ଉଚିତ, ତୁମେ ଯେତିକି ଭାବିବାକୁ ଇଚ୍ଛା କରୁଛ, କେବଳ ସେତିକି ଭାବିପାରିବା ଉଚିତ; ତୁମଠାରୁ ବିଧିବଦ୍ଧ କୌଣସି ସମର୍ଥନ ବା ଅନୁମତି ନ ପାଇ ଏହିସବୁ ଭାବନା ଯେପରି କୌଣସି ପ୍ରକାରେ କୌଣସି ସଂବେଗ କିଂବା କାର୍ଯ୍ୟକାରିତାରେ ପରିଣତ ହୋଇ ନ ଯାଏ, ସେ ବିଷୟରେ ତୁମେ ସର୍ବଦା ସାବଧାନ ହୋଇ ରହିଥିବ ।

ବସ୍ତୁତଃ, ଭୌତିକ ଜୀବନର ଉଦ୍ଦେଶ୍ୟ କହିଲେ କେବଳ ଏହାକୁହିଁ ବୁଝାଇବ । କୌଣସି ବ୍ୟକ୍ତିର ନିର୍ଦ୍ଦିଷ୍ଟ କର୍ମକ୍ଷେତ୍ରଟିର ପ୍ରତିନିଧିତ୍ୱ କରୁଥିବା ଅନୁରୂପ ସ୍ପନ୍ଦନଗୁଚ୍ଛଗୁଡ଼ିକୁ ନିୟନ୍ତ୍ରଣ କରି ରଖିବାଲାଗି ତାହାର ଏକ ସାଧନ ହୋଇ ରହିପାରିବା ଆବଶ୍ୟକ । କେବଳ ଯେଉଁ ସ୍ପନ୍ଦନଗୁଡ଼ିକ ଦିବ୍ୟ ଯୋଜନାଟି ସହିତ ସଂଗତି ରଖିଥିବ, କେବଳ ସେହିଗୁଡ଼ିକୁ ସେ ନିଜ ମଧ୍ୟକୁ ସ୍ୱୀକାର କରିନେବ ଏବଂ ଅବଶିଷ୍ଟ ଅନ୍ୟଗୁଡ଼ିକୁ ଆସିବାଲାଗି ଆଦୌ ଅନୁମତି ଦେବ ନାହିଁ ।

ମାତ୍ର, ହଜାରକରେ ଜଣେ ମଣିଷ ବି ଏହି କଥାଟିକୁ କରେ ନାହିଁ । ପରିସ୍ଥିତି ଓ ପରିବେଷ୍ଟନୀଗୁଡ଼ିକର ସଂଘାତରେ ପଡ଼ି ତୁମେ କିଛି ପରିମାଣରେ ଓ ହୁଏତ ଅର୍ଦ୍ଧଚେତନ ଭାବରେ ସେହି ଦିଗରେ କିଛି କରୁଥାଅ, ମାତ୍ର ଏକ ସୁନିର୍ଦ୍ଦିଷ୍ଟ ଇଚ୍ଛାକୃତ ଭାବରେ ସେହି କଥାଟିକୁ କରିବାର ବିଷୟଟିକୁ ଯଦି ବିଚାର କରାଯାଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଅତ୍ୟନ୍ତ କମ୍‌ସଂଖ୍ୟକ ବ୍ୟକ୍ତିହିଁ ତାହାକୁ ସୁନିର୍ଦ୍ଦିଷ୍ଟ ଇଚ୍ଛାର ସହିତ କରିଥା'ନ୍ତି । ଏବଂ, ଇଚ୍ଛାର ସହିତ ବି ଯେତେବେଳେ ସେହି କଥାଟିକୁ କରା ଯାଉଥାଏ, ତାହାକୁ ଯଥାର୍ଥ ପ୍ରଣାଳୀରେ କରିବା ଏବଂ ଯଥାର୍ଥ ଜ୍ଞାନର ସହିତ କରିବା, ସେଇଟି ବସ୍ତୁତଃ ଆହୁରି ଅଧିକ ପରିମାଣରେହିଁ କ୍ୱଚିତ୍ ହୋଇ ରହିଥାଏ ।

ଭାବନାର ନିୟନ୍ତ୍ରଣ ! ନିଜର ଭାବନାକୁ ପୁଣି କିଏ ନିୟନ୍ତ୍ରଣ କରିପାରିବ ? କେବଳ ଯେଉଁମାନେ ନିଜକୁ ଏଥିପାଇଁ ଉପଯୁକ୍ତ ତାଲିମ ଦେଇଥିବେ, ଯେଉଁମାନେ ଶୈଶବକାଳରୁହିଁ ଏଥିଲାଗି ଦୃଢ଼ ପ୍ରୟାସ କରିଥିବେ, ସେହିମାନେହିଁ କରିପାରିବେ ।

ତେଣୁ ଏହି ସମଗ୍ର କ୍ଷେତ୍ରଟିରେ ସବୁ ପ୍ରକାରର ବ୍ୟକ୍ତି ରହିଛନ୍ତି । ଅନେକଙ୍କର

'oaob.nitrkl.ac.in' images reprocessed

ଏହି କ୍ଷେତ୍ରରେ ଆଦୌ କୌଣସି ନିୟନ୍ତ୍ରଣ ନାହିଁ, ଏବଂ ସେହିପରି ଅଧିକାଂଶ ବ୍ୟକ୍ତିଙ୍କର ଜୀବନରେ ଏହିପରି ହେଉଛି : ସେମାନଙ୍କର ଭାବନାଗୁଡ଼ାକହିଁ ସେମାନଙ୍କୁ ନିୟନ୍ତ୍ରଣ କରି ରଖିଛନ୍ତି, ଆପଣା ଭାବନାଗୁଡ଼ାକ ଉପରେ ସେମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ନାହିଁ । ଅଧିକସଂଖ୍ୟକ ବ୍ୟକ୍ତିହିଁ ଏପରି ଅନେକ ଭାବନା ଦ୍ୱାରା ବ୍ୟାକୁଳ ଓ ସନ୍ତାପଗ୍ରସ୍ତ ହୋଇ ରହିଛନ୍ତି, ଯେଉଁଗୁଡ଼ିକର କବଳରୁ କି ସେମାନେ କେବେହେଲେ ନିସ୍ତାର ପାଇ ପାରୁନାହାନ୍ତି, ଯେଉଁଗୁଡ଼ିକ ସେମାନଙ୍କୁ ପ୍ରକୃତରେ କାବୁ କରି ରଖିଥା'ନ୍ତି ଏବଂ ଏହିସବୁ ଭାବନା ଯେପରି ସେମାନଙ୍କ ଭିତରକୁ ପ୍ରବେଶ କରି ନ ପାରିବେ, ସେଥିଲାଗି ନିଜ ସକ୍ରିୟ ଚେତନାର ଦ୍ୱାରଗୁଡ଼ିକୁ ବନ୍ଦ କରି ରଖିବାଲାଗି ମଧ ସେମାନଙ୍କର ଆଦୌ କୌଣସି ସମର୍ଥତା ନ ଥାଏ । ସେମାନଙ୍କର ଭାବନାଗୁଡ଼ାକହିଁ ସେମାନଙ୍କୁ ଶାସନ କରୁଥା'ନ୍ତି, ସେମାନଙ୍କୁ ପରିଚାଳିତ କରୁଥା'ନ୍ତି । ଲୋକେ ପ୍ରାୟ ସବୁଦିନ ଏହିପରି କହୁଥିବାର ତୁମେ ଶୁଣିବାକୁ ପାଉଥିବ : ''ଓଃ, ସେହି ଭାବନାଟି ବାରବାର ମୋ ପାଖକୁ ଲେଉଟି ଆସିବାରେ ଲାଗିଛି, ମୁଁ ଯେତେ ଚେଷ୍ଟା କଲେ ମଧ ତା' କବଳରୁ ମୁକ୍ତ ହୋଇ ପାରୁ ନାହିଁ ।'' ଏହିପରି ଭାବରେ ସେମାନେ ଯାବତୀୟ ପ୍ରକାରର ବସ୍ତୁ ଦ୍ୱାରା ଆକ୍ରାନ୍ତ ହେବାରେ ଲାଗିଥା'ନ୍ତି, କେତେକେତେ ଶଙ୍କା, ଅସତ୍-ଇଚ୍ଛା ଏବଂ ଭୟ ଦ୍ୱାରା ଆକ୍ରାନ୍ତ ହୋଇ ରହିଥା'ନ୍ତି । ତ୍ରାସଭାବର ପ୍ରକଟ କରୁଥିବା ଭାବନାଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ବେଶୀ ଅନିଷ୍ଟକାରୀ ହୋଇଥା'ନ୍ତି । ସେହି ଭାବନାଗୁଡ଼ାକୁ ନିକାଳି ଦେବା ସକାଶେ ତୁମେ କେତେ ଚେଷ୍ଟା କରିବାରେ ଲାଗିଥାଅ, ମାତ୍ର ରବରର ପଟିଟିଏ ପରି ସେଗୁଡ଼ିକ ବାରବାର ତୁମ ପାଖକୁ ଲେଉଟି କରି ଚାଲି ଆସୁଥା'ନ୍ତି ଏବଂ ବାରବାର ତୁମ ଉପରେ ଆସି ପଡ଼ିବାରେ ଲାଗିଥା'ନ୍ତି । କାହାର ପ୍ରକୃତରେ ନିୟନ୍ତ୍ରଣ ଅଛି କହିଲ ? କାରଣ ଏଥିଲାଗି ଅନେକ ବର୍ଷର ସଂଯମ ଦରକାର, ଦୀର୍ଘ କାଳର ଅଭ୍ୟାସ ଦରକାର । ଏବଂ ତେଣୁ, ଆଦୌ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନୁହେଁ, ମାତ୍ର ଯାହାକୁ କେତେକ ମାତ୍ରାରେ ଏକ ନିୟନ୍ତ୍ରଣ ବୋଲି କୁହାଯାଇ ପାରିବ, ସେହିପରି ଗୋଟିଏ ସୋପାନକୁ ଆସି ପାରିବାକୁ ହେଲେ : ତୁମର ମସ୍ତିଷ୍କ ଭିତରେ ଏହିପରି ଏକ କଥା ସମ୍ଭବ କରିବାକୁ ହେବ (*ମାଆ ତାଙ୍କ ଆଖିର ଭ୍ରୂଲତା ସାମନାରେ ହସ୍ତ ସଞ୍ଚାଳନ କରି ନେଇଗଲେ*), ଯାବତୀୟ କ୍ରିୟାଶୀଳତାକୁ ବନ୍ଦ କରିଦେବାକୁ ହେବ ଓ ସ୍ପନ୍ଦନଗୁଡ଼ିକୁ ବି ବନ୍ଦ କରିଦେବାକୁ ହେବ । ଏବଂ ମନର ଉପରିଭାଗଟିରେ ଆଉ କୌଣସି ବନ୍ଧୁରତା ରହିବ ନାହିଁ । ସବୁକିଛି ବନ୍ଦ ହୋଇଯିବ,— କୌଣସି ବହିର ଖାଲି ପୃଷ୍ଠାଟିଏ ଖୋଲିଲେ ଯେମିତି ହୋଇଥାଏ, ଠିକ୍ ସେମିତି; ମାତ୍ର ମନେ ରଖ, ଏକାବେଳେକେ ପ୍ରକୃତରେ ଖାଲି ପୃଷ୍ଠାଟିଏ ।

ଘରେ ଏହି ଦିଗରେ ଚେଷ୍ଟା କରିବ, ଦେଖିବ, ଏହି କାର୍ଯ୍ୟଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହୋଇ ଉଠିବ ।

'oaob.nitrkl.ac.in' images reprocessed

ଏବଂ ଏହିପରି ଭାବରେ, ଯେଉଁଠି ନିଜ ମୁଣ୍ଡ ଭିତରେ ସେହି କ୍ଷୁଦ୍ର ବିନ୍ଦୁଟି ନାଚିବାରେ ଲାଗିଥିବ, ତୁମେ ସେହି ସ୍ଥାନଟିର ଅନୁଧାବନ କରୁଥିବ । ଭାବନାଗୁଡ଼ାକ ଦ୍ୱାରା ଅତ୍ୟନ୍ତ ସନ୍ତପ୍ତ ହୋଇ ପଡୁଛନ୍ତି ବୋଲି ଅଭିଯୋଗ କରୁଥିବା ଜଣେ ବ୍ୟକ୍ତିଙ୍କର ମୁଣ୍ଡରେ ଶ୍ରୀଅରବିନ୍ଦ ଠିକ୍ ଏହି କଥାଟିକୁ କରିଥିବାର ମୁଁ ଦେଖିଛି । ମନେ ହେଲା, ସତେଯେପରି ସେ ହାତ ବଢ଼ାଇ ସେହି ସ୍ଥାନଟିର ସନ୍ଧାନ ପାଇଗଲେ, ସେଠି ନାଚୁଥିବା ସେହି ସାନ କଳା ବିନ୍ଦୁଟିକୁ ନିଜ ହାତରେ ଧରିଲେ ଏବଂ ତା'ପରେ ଏହିପରି କରିଦେଲେ (*ମାଆ ଆଙ୍ଗୁଠିଟିପରେ କିଛି ଦଳିଦେଲା ପରି ଇଙ୍ଗିତ କଲେ*) । ଜେଉଁଠି ଗୋଟାଏ ପୋକକୁ ଧରିଲାପରି ସେ ସେଇଟିକୁ ଧରିଲେ ଏବଂ ବହୁଦୂରକୁ ଫିଙ୍ଗିଦେଲେ । ବାସ୍, ସେତିକିରେ ସମାଧାନ ହୋଇଗଲା । ତା'ପରେ ସବୁ ସ୍ଥିର ହୋଇ ଆସିଲା, ସବୁ ଚଞ୍ଚଳତା ଦୂର ହୋଇଗଲା, ସବୁକିଛି ସନ୍ଦୀପିତ ହୋଇ ପାରିଲା ।... ଏସବୁ ପ୍ରକୃତରେ ସ୍ପଷ୍ଟ ଭାବରେ ଦୃଶ୍ୟ ହୋଇ ଯାଉଥିଲା, କୌଣସି କଥା ନ କହି ସିଏ ସେଇଟିକୁ ବାହାର କରିନେଲେ । ଏବଂ ସେତିକିରେ ସବୁ ସମାଧାନ ହୋଇଗଲା ।

ଏବଂ ଯାବତୀୟ ବସ୍ତୁ ଅତ୍ୟନ୍ତ ଘନିଷ୍ଠ ଭାବରେ ପରସ୍ପର ଉପରେ ନିର୍ଭରଶୀଳ ହୋଇ ରହିଥା'ନ୍ତି । ମୁଁ ଆଉଥରେ ତାଙ୍କ ପାଖରେ ଗୋଟିଏ କଥା ଦେଖିଥିଲି : ଦିନେ ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ, ତାଙ୍କ ଶରୀରରେ କୌଣସି ସ୍ଥାନରେ ଦାରୁଣ ଯନ୍ତ୍ରଣା ହେଉଥିଲା । ''ଓଃ, ଏଠି ଭାରି କାଟୁଛି, ଭାରି ଦରଜ ହୋଇଛି, ଓଃ !'' ବୋଲି କହିବାରେ ଲାଗିଥିଲେ । ଶ୍ରୀଅରବିନ୍ଦ କିଛି କହିଲେ ନାହିଁ, ସ୍ଥିର ହୋଇ ରହିଲେ, ସେହି ବ୍ୟକ୍ତିଙ୍କ ଆଡ଼କୁ ଅନାଇଲେ; ମୁଁ ଅନାଇ ରହିଥାଏ,— ମୁଁ ଦେଖିଲି ଏକ ସୂକ୍ଷ୍ମ ଭୌତିକ ହାତ ପରି ଗୋଟାଏ କିଛି ବାହାରକୁ ବାହାରି ଆସିଲା ଏବଂ ନାନା ଅଶାନ୍ତି ଓ ଅସ୍ତବ୍ୟସ୍ତତା ସୃଷ୍ଟି କରି ନାଚି ବୁଲିବାରେ ଲାଗିଥିବା କ୍ଷୁଦ୍ର ବିନ୍ଦୁଟିକୁ ହାତରେ ଧରି ପକାଇଲା, ଠିକ୍ ଏହିପରି ଧରି ପକାଇଲା (*ମାଆ ହସ୍ତଭଙ୍ଗୀ ଦ୍ୱାରା ଦେଖାଇଦେଲେ*) ଏବଂ ତା'ପରେ ସବୁଯାକ ଯନ୍ତ୍ରଣା କୁଆଡ଼େ ଦୂର ହୋଇଗଲା ।

''ଦେଖନ୍ତୁ, ଦେଖନ୍ତୁ, ଆଉ କେଉଁଠିହେଲେ କୌଣସି ଯନ୍ତ୍ରଣା ନାହିଁ !''

ବାସ୍, ବୁଝିଲ ତ ?

'oaob.nitrkl.ac.in' images reprocessed

## ୧୫ ଜାନୁଆରି ୧୯୫୮

ମାଆ ଦିବ୍ୟ-ଜୀବନ ଗ୍ରନ୍ଥର ଯେଉଁ ପାରାଟିକୁ ପଢ଼ିଲେ ସେଥିରେ ଏହି ଦୃଷ୍ଟିରେ ଆରଥରର ଯୁକ୍ତିଗୁଡ଼ିକୁ ଉପସ୍ଥାପିତ କରାଯାଇଥିଲା ଯେ, ମନୁଷ୍ୟ ସମେତ ପ୍ରତ୍ୟେକ ପ୍ରକାରର ସତ୍ତା ଆପଣାର ପ୍ରରୂପଗତ ଆୟତନଟି ମଧ୍ୟରେହିଁ ସତେଅବା ଲାଖି ରହିଯାଇଛି ଓ ତେଣୁ ଅଗ୍ରଗତି କରିପାରୁ ନାହିଁ। ଏବଂ, ଯଦି ଏକ ନୂତନ ସୃଷ୍ଟିହିଁ ଅଭିପ୍ରେତ ହୋଇ ରହିଥାଏ, ତେବେ ବର୍ତ୍ତମାନର ମଣିଷ ଭିତରୁ କଦାପି ତାହାର ସୃଷ୍ଟି ହୋଇପାରିବ ନାହିଁ।

(ପୃଷ୍ଠା-୮୩୨)

ଯଦି ଏହି ଯୁକ୍ତିଗୁଡ଼ିକ ସତ ହୋଇଥାନ୍ତା ଏବଂ ଏକ ଉଚ୍ଚତର ଉପଲବ୍ଧି ବୋଲି ଆଉ କିଛିହେଲେ ନ ଥାନ୍ତା... ତେବେ ଆଉ କରିବା ଲାଗି ବି ଆମ ପାଇଁ କିଛି ରହନ୍ତା ନାହିଁ। ମାତ୍ର ସୌଭାଗ୍ୟର କଥା ଯେ କଥାଟି ପ୍ରକୃତରେ ଏପରି ନୁହେଁ।

ଶ୍ରୀଅରବିନ୍ଦ ଏକାଧିକ ବାର କେବଳ ଏତିକି କହିଛନ୍ତି ଯେ, ସିଏ ଯେଉଁ ସତ୍ୟଟି ବିଷୟରେ କହିଛନ୍ତି ଓ ଭବିଷ୍ୟବାଣୀ କରିଯାଇଛନ୍ତି, ତାହା ପ୍ରକୃତରେ ଉପଲବ୍ଧ ହୋଇପାରି ନ ଥିବା ପର୍ଯ୍ୟନ୍ତ ତା'ର ସମର୍ଥନରେ ଆଦୌ କୌଣସି ଅକାଟ୍ୟ ପ୍ରମାଣ ଦିଆଯାଇପାରିବ ନାହିଁ। ଯେତେବେଳେ ସବୁକିଛି ପ୍ରକୃତରେ ଉପଲବ୍ଧ ହୋଇପାରିବ, କେବଳ ସେତିକିବେଳେ ଯାଇ ବିଶ୍ୱାସ କରିବା ପାଇଁ ନାସ୍ତି କରିବାରେ ଲାଗିଥିବା ବ୍ୟକ୍ତିମାନେ ନିଜର ଭୁଲଟିକୁ ହୃଦୟଙ୍ଗମ କରିପାରିବେ;– ମାତ୍ର ଏକଥା ମଧ୍ୟ ସମ୍ଭବ ଯେ ତାହା କରିବା ଲାଗି ସେମାନେ ସେଠାରେ ଉପସ୍ଥିତହିଁ ନ ଥିବେ।

ତେଣୁ କେବଳ ଗୋଟିଏ କଥାହିଁ କରିବାକୁ ରହିଛି : ଆମେ ଆପଣା ବାଟଟିକୁ ଅନୁସରଣ କରି ଅଗ୍ରସର ହେଉଥିବା, ନିଜର ବିଶ୍ୱାସ ଏବଂ ସୁନିଶ୍ଚିତତାଟିକୁ ଅବିଚଳ ରଖିଥିବା, ଏବଂ ଯାବତୀୟ ବିରୋଧ କିଂବା ଅସ୍ୱୀକାର ଆଡ଼କୁ କର୍ଣ୍ଣପାତ କରୁ ନ ଥିବା।

ଆଶ୍ୱସ୍ତ ଏବଂ ଶାନ୍ତ ଅନୁଭବ କରିପାରିବା ଲାଗି ଅନେକ ଲୋକ ଅନ୍ୟମାନଙ୍କର ସମର୍ଥନ, ଆସ୍ଥା ଏବଂ ଭରସା ଉପରେ ନିର୍ଭର କରି ରହିଥାନ୍ତି। ସେମାନେ ସବୁବେଳେ ଅସୁଖୀ ହୋଇ ରହିଥାନ୍ତି, କାରଣ ସେମାନେ ସର୍ବଦା ଏପରି ଅନେକ ମଣିଷଙ୍କୁ ବି ଦେଖିବାକୁ ପାଆନ୍ତି, ଯେଉଁମାନଙ୍କ ଭିତରେ କି ସେହି ବିଶ୍ୱାସଟି ନ ଥାଏ। ତେଣୁ ସେମାନେ

'oaob.nitrkl.ac.in' images reprocessed

ଭାରି ହତୋତ୍ସାହିତ ହୋଇପଡ଼ନ୍ତି ଏବଂ ସେହି ବିଷୟଟିକୁ ନେଇ ଭାରି ସନ୍ତପ୍ତ ହୋଇ ରହିଥାନ୍ତି । ତେଣୁ ଆପଣାର ନିଶ୍ଚିତ ଭରସାଟିକୁ ଆପଣାର ଭିତରେହିଁ ଖୋଜି ପାଇବାକୁ ହେବ, ପ୍ରତିକୂଳ ଯାବତୀୟ ବ୍ୟାପାର ସତ୍ତ୍ୱେ ବି ସେଇଟିକୁ ଧରି ରଖିବାକୁ ହେବ ଏବଂ ଯାହାକିଛି ହେଲେ ବା ଘଟିଲେ ମଧ୍ୟ ଆପଣାର ବାଟଟିରେ ଯିବାକୁ ହେବ, ଶେଷ ପର୍ଯ୍ୟନ୍ତହିଁ ଯିବାକୁ ପଡ଼ିବ । ଯିଏ ସବୁଠାରୁ ଅଧିକ ଅବିଚଳ ରହିପାରିବ, ଯଥାର୍ଥ ବିଜୟ ତାହାରି ହେବ ।

ଯାବତୀୟ ବିରୋଧ ସତ୍ତ୍ୱେ ଏହିପରି ଅବିଚଳ ହୋଇ ରହିପାରିବାକୁ ହେଲେ ଆମର ଅବଲମ୍ବନଟି ମଧ୍ୟ ସେହିପରି ଦୃଢ଼ ଓ ଅବିଚଳ ହୋଇ ରହିବା ଦରକାର । ଏପରି କେବଳ ଗୋଟିଏ ମାତ୍ର ଅବଲମ୍ବନ ରହିଛି, ଯାହାକି ଯଥାର୍ଥରେ ଅବିଚଳ, ତାହା ହେଉଛି ସେହି ପରମ ସତ୍ତା ଓ ସର୍ବୋଚ୍ଚ ପରମସତ୍ୟ ଉପରେ ଅବଲମ୍ବନ ।

ଆଉ କୌଣସି ଅନ୍ୟ ଅବଲମ୍ବନର ଅନ୍ୱେଷଣ କରିବାରେ ଆଦୌ କୌଣସି କାର୍ଯ୍ୟ ନାହିଁ । କେବଳ ଏହି ଅବଲମ୍ବନଟି ଉପରେହିଁ ସର୍ବଦା ନିର୍ଭର କରାଯାଇ ପାରିବ ।

'oaob.nitrkl.ac.in' images reprocessed

## ୨୨ ଜାନୁଆରି ୧୯୫୮

**ଦିବ୍ୟ ଜୀବନ ଗ୍ରନ୍ଥରୁ ମାଆ ଯେଉଁ ଅଂଶଟି ପଢ଼ିଲେ, ସେଥିରେ ଏକ ଉଚ୍ଚତର ଜୀବଜାତିର ଆବିର୍ଭାବ ବିରୋଧରେ କରାଯାଇଥିବା ବୌଦ୍ଧିକ ଯୁକ୍ତିଗୁଡ଼ିକର ଉପସଂହାର କରାଯାଇଥିଲା ।**

ଆମେ ଆରଥରକୁ ଏହି ଯୁକ୍ତିଟିକୁ ଆରମ୍ଭ କରିବା । ଏସବୁ ଯୁକ୍ତି ଏପରି ଏକ କ୍ଷେତ୍ରରେ ଉପସ୍ଥାପିତ କରାଯାଇଥାଏ, ଯେଉଁଠାକୁ କି ତୁମର ସାଧାରଣତଃ କୌଣସି ପ୍ରବେଶ ନ ଥାଏ, ନୁହେଁ କି ? ଏହି କ୍ଷେତ୍ରଟି ସହିତ ତୁମେ ମୋଟେ ପରିଚିତ ନ ଥାଅ ।

ବସ୍ତୁତଃ ଏଇଟି ହେଉଛି ଏକ ଅତ୍ୟନ୍ତ ବିଶେଷ କ୍ଷେତ୍ର, କୌଣସି ପ୍ରକାର କାର୍ଯ୍ୟାନ୍ୱିତତା ଓ ବାସ୍ତବ କ୍ଷେତ୍ରର କୌଣସି ଉପଲବ୍ଧିଠାରୁ ସେହି କ୍ଷେତ୍ରଟି ବହୁଦୂରବର୍ତ୍ତୀ ହୋଇ ରହିଥାଏ । ମୁଁ ତ ସବୁବେଳେ ଏପରି ମନେକରି ଆସିଛି ଯେ ଆମେ ଇଚ୍ଛା କଲେ ଯେକୌଣସି ବିଚାରକୁ ଏକ ଯୁକ୍ତି ଲାଗି ଏକ ଆରମ୍ଭ ବିନ୍ଦୁ ରୂପେ ହାତକୁ ନେଇପାରିବା ଏବଂ ବୌଦ୍ଧିକ ନ୍ୟାୟର ଶିଡ଼ି ଚଢ଼ି ଅବଶ୍ୟ ଏହି କଥାଟିକୁ ପ୍ରମାଣ କରିଦେଇ ପାରିବା ଯେ ବିଚାରଟି ସଂପୂର୍ଣ୍ଣ ଭାବରେ ଏକ ନିର୍ଭୁଲ ବିଚାର; କେବଳ ଯୁକ୍ତିବଳରେହିଁ ଆମେ ସେହି କଥାଟିକୁ ପ୍ରମାଣ କରିଦେଇ ପାରିବା ।

ଉଲ୍ଲେଖ କରି ରଖିବାର କଥା ଯେ ମାନବୀୟ କ୍ରିୟାତ୍ମକତାର ଭିନ୍ନ ଭିନ୍ନ ଦୁଇଟି କ୍ଷେତ୍ର ରହିଛି; ଗୋଟାଏ କର୍ମର କ୍ଷେତ୍ର ଏବଂ ଆଉ ଗୋଟିଏ ଚିନ୍ତନର କ୍ଷେତ୍ର । ଚେତନାର ଭୂମିରେ ସେହି ଦୁଇଟିକୁ ଏକତ୍ର ସଂଯୁକ୍ତ କରି ରଖିବା ସାଧାରଣତଃ ଭାରି କଷ୍ଟକର ହୋଇଥାଏ । ଏବଂ ଏକଥାଟି ମଧ୍ୟ କ୍ୱଚିତ୍ ଦେଖାଯାଏ ଯେ ଚିନ୍ତନଶକ୍ତିର କ୍ଷେତ୍ରରେ ଅନେକ ଉଚ୍ଚକୁ ବିକାଶ ଲାଭ କରି ପାରିଥିବା ଜଣେ ବ୍ୟକ୍ତି ଏକାଧାରରେ କର୍ମସାଧନର କ୍ଷେତ୍ରରେ ମଧ୍ୟ ନିପୁଣତା ଅର୍ଜନ କରିଥାଏ । ଏବଂ ଅନ୍ୟପକ୍ଷରେ, ପ୍ରଧାନତଃ କର୍ମକ୍ଷେତ୍ରରେ ରହିଥିବା ଆଉଜଣେ ବ୍ୟକ୍ତି ଚିନ୍ତନଧର୍ମୀ ବୁଦ୍ଧିର କ୍ଷେତ୍ରରେ ଆପଣାକୁ କ୍ୱଚିତ୍ ସହଜ ଏବଂ ସଂପନ୍ନ ବୋଲି ଅନୁଭବ କରିଥାଏ ।

କାର୍ଯ୍ୟସାଧନ କରି ଦେଖାଇଦେବା ଲାଗି ଯେତେବେଳେ କୌଣସି ବ୍ୟକ୍ତିର ମୂଳତଃ ଏକ ବ୍ୟବହାରିକ ପ୍ରବୃତ୍ତି ଓ କୁଶଳତା ରହିଥାଏ, ସେତେବେଳେ ସେ ସବୁବେଳେ ଅନୁଭବ କରୁଥାଏ ଯେ ଏହିସବୁ ଯେଉଁ ଚିନ୍ତନ କରିବାର, ଯୁକ୍ତି କରିବାର ଓ ବିଭିନ୍ନ ସତ୍ୟ ମଧ୍ୟରୁ ଏକ ସିଦ୍ଧାନ୍ତ ନିଷ୍ପନ୍ନ କରି ଆଣିବାର ଧନ୍ଦାଟି ଜଗତରେ ରହିଛି, ସେଗୁଡ଼ିକୁ

'oaob.nitrkl.ac.in' images reprocessed

ପ୍ରକୃତରେ ଅଳ୍ପବହୁତ ପରିମାଣରେ କେବଳ ଅଳସୁଆ ଲୋକମାନଙ୍କର ଧନ୍ଦା ବୋଲିହିଁ କୁହାଯାଇ ପାରିବ । ମାତ୍ର... ମୁଁ ଏହି କଥାଟିକୁ ବଡ଼ ପାଟିକରି କହିବାକୁ ମୋଟେ ସାହସ କରୁ ନାହିଁ, କାରଣ ବୁଦ୍ଧିବାଦୀ ଲୋକେ କଦାପି ଏଇଟିକୁ ଭଲ କଥା ବୋଲି କହିବେ ନାହିଁ;— ମୋତେ ମଧ୍ୟ ସେହି ଧନ୍ଦାଟି ସବୁବେଳେ ସତେଅବା ଏକ କସରତ ପରି ମନେହୋଇଛି, ଯାହାକୁ କି ମାନସିକ ବିକାଶର ଦୃଷ୍ଟିରୁ ନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ବୋଲି କୁହାଯାଇପାରିବ, ମାତ୍ର ବ୍ୟବହାରିକ କ୍ଷେତ୍ରରେ ଯେଉଁଥିରୁ କି ଆଦୌ ଖୁବ୍‌ବେଶୀ ଫଳ ମିଳି ନ ଥାଏ । ପ୍ରଧାନତଃ ଏକ ଚିନ୍ତନପ୍ରଧାନ ମନ ରହିଥିବା ଲୋକମାନଙ୍କର କଥାକୁ ତୁମେ ଯଦି କେବେ ଶୁଣିବାକୁ ଯିବ, ସେମାନେ ତୁମକୁ ଏହି କଥାଟିକୁ କହିବେ ଯେ ଶାରୀରିକ ବ୍ୟାୟାମ ଓ କସରତରେ ଆଦୌ କୌଣସି ବ୍ୟବହାରିକ ଫଳ ମିଳେ ନାହିଁ ଓ ସେହି ଧନ୍ଦାଟି ହେଉଛି ପ୍ରକୃତରେ ଏକ ବ୍ୟର୍ଥ ଧନ୍ଦା । "ବ୍ୟାୟାମ ଓ କସରତ କରିବାରେ ପ୍ରକୃତରେ କ'ଣ ଲାଭ ହୁଏ କହିଲ ? ତଦ୍ଦ୍ୱାରା ମାଂସପେଶୀଗୁଡ଼ାକରହିଁ ଯାହା ସଂଚାଳନ ହୋଇଥାଏ । ଏବଂ, ତୁମେ ଯେପରି ଶରୀରର ମାଂସପେଶୀଗୁଡ଼ିକୁ ସଂଚାଳିତ କରୁଛ, ସେହିପରି ଆମେ ବି ଆମର ମାନସିକ ମାଂସପେଶୀଗୁଡ଼ିକୁ କାହିଁକି ସଞ୍ଚାଳିତ ନ କରିବା ?" ଏବଂ ଏହି ଦୁଇଟିଯାକ ଯୁକ୍ତିର ନିଶ୍ଚୟ ସମାନ ମୂଲ୍ୟ ରହିଛି ।

ମୁଁ ଭାବୁଛି, ଏହାର ଅସଲ ସମାଧାନଟି ଯାଇ ଆଉ କେଉଁଠି ରହିଛି ।

(*ମାଆ ବହୁସମୟ ନୀରବ ରହିଲେ*)

ଏପରି ଏକ ଜୀବନ୍ତ ଓ ବାସ୍ତବ ପରମସତ୍ୟ ରହିଛି, ଯାହାକି ଏହି ବସ୍ତୁମୟ ବିଶ୍ୱଭୁବନରେ ଆପଣାକୁ ପ୍ରକଟ କରିବା ଲାଗି ବାଟ ଖୋଜୁଛି, ଏହି ବିଷୟରେ ଆମ ଭିତରେ ଏକ ଦୃଢ଼ ବିଶ୍ୱାସ ଆସିଗଲେ, ତା'ପରେ ଆମ ଲାଗି କେବଳ ଏହି ଗୋଟିଏ କଥା କୌଣସି ମହତ୍ତ୍ୱ ଅଥବା ମୂଲ୍ୟର ବୋଲି ବୋଧ ହେବାକୁ ଲାଗେ ଯେ ଆମକୁ ସେହି ପରମସତ୍ୟର ସଂପର୍କ ଲାଭ କରିବାକୁ ହେବ, ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ ଆପଣାକୁ ସେଇଟି ସହିତ ଏକାତ୍ମକ କରିବାକୁ ହେବ । ତାହାକୁହିଁ ଅଭିବ୍ୟକ୍ତ କରିବାର ଏକ ସାଧନ ରୂପେ ଆପଣାକୁ ପ୍ରସ୍ତୁତ କରିବା ବ୍ୟତୀତ ସେତେବେଳେ ନିଜର ହେବା ଲାଗି ଆଉ କିଛିହେଲେ ନ ଥିବ । ଆମେ ସେହି ସତ୍ୟଟିକୁହିଁ ଅଧିକରୁ ଅଧିକ ଜୀବନମୟ ଏବଂ ମୂର୍ତ୍ତ କରିବା ଲାଗି ଚେଷ୍ଟା କରିବା, ଯେପରିକି ତାହା ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ଆପଣାକୁ ପ୍ରକାଶିତ କରି ଆଣିପାରିବ । ସେହି ପରମସତ୍ୟକୁହିଁ ପ୍ରକାଶିତ କରି ଆଣିବା ଲାଗି ଯାହାର ଯେତିକି ସାମର୍ଥ୍ୟ ରହିଥିବ, ସେହି ଅନୁସାରେହିଁ

'oaob.nitrkl.ac.in' images reprocessed

ଆମ ପାଖରେ ଯାବତୀୟ ତତ୍ତ୍ୱ, ସିଦ୍ଧାନ୍ତ ଅଥବା ମାର୍ଗର କୌଣସି ମୂଲ୍ୟ ରହିଥିବ । ଏବଂ, ଏହି ପଥଟିରେ ଆମେ ଯେତିକି ଯେତିକି ଅଗ୍ରସର ହୋଇ ଯାଉଥିବା, ଯଦି ଆମେ ଅଜ୍ଞାନର ସୀମାଗୁଡ଼ିକୁ ପାରି ହୋଇ ଆହୁରି ସେପାଖକୁ ଚାଲିଯାଇ ପାରିବା, ତେବେ ଆମେ ଏହିପରି ଏକ ସଜ୍ଞାନତା ଲାଭ କରିପାରିବା ଯେ, ସେହି ପରମସତ୍ୟର ପ୍ରକାଶ ଲାଗି ଅଭିବ୍ୟକ୍ତିର କ୍ଷେତ୍ରରେ ଅବଶ୍ୟ ଏକ ସମଗ୍ରତା, ଏକ ସକଳାଙ୍ଗତା ଓ ଏକ ପୂର୍ଣ୍ଣତାର ଆବଶ୍ୟକତା ରହିଛି । ସେହି ଅଭିବ୍ୟକ୍ତିଟି ମଧ୍ୟରୁ ପ୍ରକୃତରେ କିଛିହେଲେ ବାଦ୍ ଦିଆଯାଇ ପାରିବ ନାହିଁ ଏବଂ ତେଣୁ ସେହି କ୍ଷେତ୍ରରେ ଆମେ ସମ୍ଭବତଃ କୌଣସି କଥାକୁ ଅପେକ୍ଷାକୃତ ଅଧିକ ବା କମ୍ ମହତ୍ତ୍ୱପୂର୍ଣ୍ଣ ବୋଲି ବି କଦାପି କହିପାରିବା ନାହିଁ । ଏଥିପାଇଁ ଯେଉଁ କେବଳ ଗୋଟିଏ କଥାର ଆବଶ୍ୟକତା ରହିଛି, ସେଇଟି ହେଉଛି ଯେ ସକଳ ବସ୍ତୁର କ୍ଷେତ୍ରରେ ଏପରି ଏକ ସମଞ୍ଜସୀକରଣର ପ୍ରତିଷ୍ଠା ହେବ ଯାହାକି ପ୍ରତ୍ୟେକ ବସ୍ତୁକୁ ତାହାର ଯଥାର୍ଥ ସ୍ଥାନଟିରେ ଆଣି ରଖିଦେଇ ପାରିଥିବ, ସବୁକିଛିକୁ ଅବଶିଷ୍ଟ ସବୁକିଛି ସହିତ ଯଥାର୍ଥ ଭାବରେ ସମ୍ବନ୍ଧିତ କରି ରଖିଥିବ, ଯେପରିକି ସମଗ୍ର ପରମ ଏକତ୍ୱଟି ପୂର୍ଣ୍ଣ ସମଞ୍ଜସତା ସହିତ ଆପଣାକୁ ଅଭିବ୍ୟକ୍ତ କରି ଆଣିପାରିବ ।

ମାତ୍ର, ଯଦି ସେ ଏହି ସୋପାନଟିରୁ ତଳକୁ ଖସି ଆସିବ, ତେବେ ମୁଁ ଭାବୁଛି ଯେ ତା'ପରେ ତା'ର ଆଉ କୌଣସି କଥାକୁ ଯଥାର୍ଥ ଭାବରେ ବୁଝିବାର କୌଣସି ସାମର୍ଥ୍ୟହିଁ ରହିବ ନାହିଁ ଏବଂ ଏକ ସଂକୀର୍ଣ୍ଣତା ଏବଂ ସୀମାବଦ୍ଧତାର ଭୂମିରେ ଯେତେବେଳେ ତା' ଲାଗି ଯାବତୀୟ ଯୁକ୍ତିରହିଁ ସମାନ ମୂଲ୍ୟ ରହିଥିବ । ସେହି ସଂକୀର୍ଣ୍ଣତା ଏବଂ ସୀମାବଦ୍ଧତା ସେଗୁଡ଼ିକର ଯାବତୀୟ ଯଥାର୍ଥ ମୂଲ୍ୟକୁ ଅପହରଣ କରି ନେଇଥିବେ ।

ପ୍ରତ୍ୟେକ ବସ୍ତୁ ତାହାର ଯଥାର୍ଥ ସ୍ଥାନରେ ରହିଥିବ, ଅବଶିଷ୍ଟ ସବୁକିଛି ସହିତ ସମଞ୍ଜସତା ସ୍ଥାପନ କରି ରହିଥିବ, ଏବଂ ତେବେଯାଇ ଆମେ ଯଥାର୍ଥରେ ସବୁକଥା ବୁଝିବା ଲାଗି ସମର୍ଥ ହେବା, ଯଥାର୍ଥରେ ବଞ୍ଚିବା ଲାଗି ମଧ୍ୟ ସମର୍ଥ ହେବା ।

(*ମାଆ ନୀରବ ରହିଲେ*)

ସେତେବେଳେ ଆମେ ଅନୁଭବ କରିବାକୁ ଆରମ୍ଭ କରିବା ଯେ, କୌଣସି ଗୋଟିଏ ବି କ୍ରିୟାତ୍ମକତା, ତାହା ଯେତେ କ୍ଷୁଦ୍ର ବା ଯେତେ ତାତ୍ପର୍ଯ୍ୟହୀନ ବୋଲି ବୋଧ ହେଉଥାଉ ପଛକେ, ଯଦି ତାହା ସେହି ପରମ ସତ୍ୟଟି ସହିତ ସମଞ୍ଜସତା ସ୍ଥାପନ କରି ରହିଥାଏ, ତେବେ ବିସ୍ମୟକାରୀ ଅତିଚମତ୍କାର ଯାବତୀୟ ଯୁକ୍ତି ଅପେକ୍ଷା ତାହାକୁହିଁ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ତେଣୁ ତୁମ ଭିତରେ ଆଲୋକର କେବଳ ଗୋଟିଏ ବିନ୍ଦୁ ପ୍ରକାଶିତ ହୋଇଉଠୁ; ଏବଂ ତେବେ, ଆଲୋକ କହିଲେ କ'ଣ ବୁଝାଏ ଓ ସେହି ଆଲୋକ ଆମର କ'ଣ କରିପାରିବ, ଏବିଷୟରେ ସଂସାରର ସବୁଠାରୁ ଅଧିକ ସୁନ୍ଦର ଏବଂ ଚମତ୍କାର ବକ୍ତୃତାଗୁଡ଼ିକ ଅପେକ୍ଷା ତାହାହିଁ ଅନ୍ଧକାରକୁ ଦୂରୀଭୂତ କରିଦେବାରେ ଅଧିକ ଫଳପ୍ରଦ ଭାବରେ କାର୍ଯ୍ୟ କରିପାରିବ ।

'oaob.nitrkl.ac.in' images reprocessed

## ୨୯ ଜାନୁଆରି ୧୯୫୮

*"ନିଶ୍ଚେତନ ମଧ୍ୟରେ ବି ଅନ୍ତତଃ ଏପରି ଏକ ଅନ୍ତର୍ନିହିତ ପ୍ରୟୋଜନୀୟତାର ଆବେଗ ରହିଛି, ଯାହାଫଳରେ କି ରୂପଗୁଡ଼ିକର ବିବର୍ତ୍ତନ ସମ୍ଭବ ହେଉଛି ଏବଂ ସେହି ରୂପଗୁଡ଼ିକରେ ଏକ ବିକଶମାନ ଚେତନା ମଧ୍ୟ ଉନ୍ମେଷ ଲାଭ କରୁଛି । ଏହି ଆକୂତି ବା ଆବେଗକୁ ସଂଗୁପ୍ତ ସଚେତନ ସତ୍ତାର ବିବର୍ତ୍ତନଧର୍ମୀ ଇଚ୍ଛା ବୋଲି ବେଶ୍ କୁହାଯାଇ ପାରିବ ଏବଂ ସେହି ଆବେଗଟି ଭିତରେ ପ୍ରଗତିଶୀଳ ଅଭିବ୍ୟକ୍ତିର ଯେଉଁ ଉଦ୍‌ପ୍ରେରଣାଟି ରହିଛି, ସେଇଥିରୁହିଁ ବିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ରହିଥିବା ଏକ ସ୍ୱଭାବଗତ ଅଭିପ୍ରାୟର ପ୍ରମାଣ ମିଳିଯାଉଛି ।... ସତ୍ତାଗତ ସତ୍ୟ ଆପଣାକୁ ଅନିବାର୍ଯ୍ୟ ଭାବରେ ଯେ ପରିପୂର୍ଣ୍ଣ କରିବାରେ ଲାଗିଛି, ସେତେବେଳେ ଏହାହିଁ ବିବର୍ତ୍ତନର ମୂଳସତ୍ୟରୂପେ ସ୍ୱୀକୃତ ହେବ; ମାତ୍ର ସଂକଳ୍ପ ଓ ଏହାର ଉଦ୍ଦେଶ୍ୟ ସେହି କ୍ଷେତ୍ରରେ ସାଧନ ଯନ୍ତ୍ରର ଅଂଶ ହୋଇ ରହିବେ, କ୍ରିୟାଶୀଳ ତତ୍ତ୍ୱଟି ମଧ୍ୟରେ ଏକ ଉପାଦାନରୂପେ ଅବସ୍ଥିତ ରହିବେ ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା-୮୩୪

*ମାଆ, ମୁଁ ବାକ୍ୟର ଶେଷ ଅଂଶଟିକୁ ବୁଝିପାରିଲି ନାହିଁ ।*

ତୁମେ ପ୍ରକୃତରେ କେଉଁ କଥାଟିକୁ ବୁଝିପାରୁ ନାହଁ ? ଶ୍ରୀଅରବିନ୍ଦ କହୁଛନ୍ତି ଯେ ବିବର୍ତ୍ତନ କହିଲେ ଆମେ ସତ୍ତାଗତ ପରମସତ୍ୟର ଅନିବାର୍ଯ୍ୟ ପରିପୂର୍ଣ୍ଣତା-ପ୍ରାପ୍ତିର ପରିଣାମ ବୋଲି ବୁଝିବା, ଯାହାକି ଏହି ବିଶ୍ୱଭୁବନର ମୂଳଭୂତ ସତ୍ୟରୂପେ ବିରାଜମାନ ହୋଇରହିଛି । ପରମସତ୍ୟର ଏହିପରି ଆପଣାକୁ ପରିପୂର୍ଣ୍ଣ କରିବା, ସତ୍ତାଗତ ପରମସତ୍ୟର ଏହିପରି ଆପଣାକୁ ପରିପୂର୍ଣ୍ଣ କରିବା, ତାହାହିଁ ହେଉଛି ବିବର୍ତ୍ତନର ଅସଲ କଥା, ଅର୍ଥାତ୍ ତାହାହିଁ ହେଉଛି ବିବର୍ତ୍ତନର କାରଣ ଏବଂ ବିବର୍ତ୍ତନର ସିଦ୍ଧାନ୍ତ । ମାତ୍ର, ଏକଥା ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ସେହି ସତ୍ତାଗତ ପରମସତ୍ୟର ଅନିବାର୍ଯ୍ୟ ଭାବରେ ପରିପୂର୍ଣ୍ଣତା-ପ୍ରାପ୍ତି ଘଟିବ, ତେବେ ତାହା ପଛରେ ସାଧନରୂପେ ଏକ ଇଚ୍ଛା ଏବଂ ଏକ ଉଦ୍ଦେଶ୍ୟ ମଧ୍ୟ ଅବଶ୍ୟ ରହିଥିବା ଉଚିତ । ଏକ ଲକ୍ଷ୍ୟ ଅବଶ୍ୟ ରହିବା ଉଚିତ ଏବଂ ସେହି ଲକ୍ଷ୍ୟଟିକୁ ପୂର୍ଣ୍ଣ କରିବା ଲାଗି ଆବଶ୍ୟକ ଇଚ୍ଛାଟି ମଧ୍ୟ ରହିଥିବା ଉଚିତ ।

'oaob.nitrkl.ac.in' images reprocessed

ଆପଣାକୁ ପରିପୂର୍ଣ୍ଣ କରିପାରିବା ଲାଗି ଏହି ସତ୍ୟଟି ମଧ୍ୟରେ ପରିପୂର୍ଣ୍ଣ ହେବା ଲାଗି ଏକ ଇଚ୍ଛାଶକ୍ତି ରହିଥିବା ଉଚିତ, ଏବଂ ଏପରି ଏକ ଲକ୍ଷ୍ୟ, ଏକ ଉଦ୍ଦେଶ୍ୟ ଏବଂ ଏକ ପ୍ରକଳ୍ପ ବି ରହିଥିବା ଉଚିତ, ଯାହାକୁ କି ପରିପୂର୍ଣ୍ଣ କରିବା ଲାଗି ତାହା ଇଚ୍ଛା ପ୍ରକାଶ କରୁଥିବ । ଯେକୌଣସି କାର୍ଯ୍ୟର ସାଧନ କରିବାକୁ ଗଲେ ତାହା ପଛରେ ସେଇଟିକୁ କରିବା ଲାଗି ଏକ ଇଚ୍ଛା ଅବଶ୍ୟ ରହିଥିବ, ଏବଂ ସେଇଟିକୁ କରିବା ଲାଗି ଇଚ୍ଛା ରହିବାକୁ ହେଲେ, ଆମେ ପ୍ରକୃତରେ କ'ଣ କରିବାକୁ ଯାଉଛୁ, ଆମର ସେହି ବିଷୟରେ ଏକ ଜ୍ଞାନ ମଧ୍ୟ ଅବଶ୍ୟ ରହିଥିବ । ଆମେ କ'ଣ କରିବାକୁ ଯାଉଛୁ, ଆମକୁ ଯଦି ସେଇଟି ଜଣା ନ ଥାଏ, ତେବେ ଆମେ କଦାପି ସେହି କାର୍ଯ୍ୟଟିକୁ କରିପାରିବା ନାହିଁ । ତେଣୁ ସର୍ବପ୍ରଥମେ ଆମକୁ ଜାଣିବାକୁ ହେବ, ସେହି ବିଷୟରେ ଆମର ଏକ ଯୋଜନା ରହିବ, ଏକ ଉଦ୍ଦେଶ୍ୟ ରହିଥିବ ଏବଂ ଦରକାର ପଡ଼ିଲେ ଏକ କାର୍ଯ୍ୟକ୍ରମ ମଧ୍ୟ ରହିଥିବ । ଆମେ କ'ଣ କରିବାକୁ ଇଚ୍ଛା କରୁଛୁ, ସେହି କଥାଟିକୁ ମଧ୍ୟ ଆମେ ଭଲ କରି ଜାଣିଥିବା । ଏବଂ ତାପରେ ସେହି କାର୍ଯ୍ୟଟିକୁ କରିବା ଲାଗି ଆମ ଭିତରେ ଏକ ଇଚ୍ଛା ରହିବ ଏବଂ ତେବେଯାଇ ଆମେ ତାହାକୁ କରିପାରିବା ।

ତୁମେ ଜାଣିଛ, ସିଏ କହିଛନ୍ତି ଯେ, ବିଶ୍ୱମୟ ପରମସତ୍ତାଙ୍କ ମଧ୍ୟରେ ଯେଉଁ ସତ୍ୟଟି ନିହିତ ହୋଇରହିଛି, ଏକ ବିବର୍ତ୍ତନ ମଧ୍ୟଦେଇ ତାହାର ପରିପୂର୍ଣ୍ଣତା-ପ୍ରାପ୍ତିହିଁ ବିଶ୍ୱରୂପେ ପ୍ରକାଶିତ ହୋଇଉଠୁଛି । ବିଶ୍ୱମୟ ପରମସତ୍ତାଙ୍କର ସତ୍ୟଟି ବିବର୍ତ୍ତନର ମାଧ୍ୟମରେ ଆପଣାକୁ ପରିପୂର୍ଣ୍ଣ କରିଦେଉ ଥିବାରୁ ଏହି ବିଶ୍ୱବ୍ୟାପୀ କ୍ରିୟାତ୍ମକତା ସମ୍ଭବ ହେଉଛି । ମାତ୍ର ଏହି ସତ୍ୟଟି ପରିପୂର୍ଣ୍ଣ ହେବାକୁ ହେଲେ ଏଥିରେ ଅବଶ୍ୟ ଏକ ଯୋଜନା ରହିଥିବା ଆବଶ୍ୟକ, ଅର୍ଥାତ୍, ଏହା ଯେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛି, ଏହା ସେହି କଥାଟିକୁ ଭଲ କରି ଜାଣିବ ଏବଂ ସେହି କାର୍ଯ୍ୟଟିକୁ ପ୍ରକୃତରେ କରିବା ଲାଗି ତା' ଭିତରେ ଆବଶ୍ୟକ ଇଚ୍ଛାଟି ମଧ୍ୟ ରହିଥିବ ।

ଯେତେବେଳେ ତୁମେ କୌଣସି କାର୍ଯ୍ୟ କରିବାକୁ ଯାଅ, ତୁମେ ଯେ କ'ଣ କରିବାକୁ ଇଚ୍ଛା କରୁଛ, ସେତେବେଳେ ସେହି କଥାଟିକୁ ପ୍ରକୃତରେ ଜାଣିଥାଅ, ନୁହେଁ ? ଏବଂ, ସେତେବେଳେ ଯାଇ ତୁମେ ସେହି କାର୍ଯ୍ୟଟିକୁ କରିପାରିବ, ନଚେତ୍ କଦାପି କରିପାରିବ ନାହିଁ । ମାତ୍ର ଏଇଟି ମଧ୍ୟ ସେହି ଏକା କଥା, ଶ୍ରୀଅରବିନ୍ଦ ସେହି କଥାଟିକୁ କହିଛନ୍ତି ।

ଏହି କଥାଟିକୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ବିଶ୍ୱରେ ନିଶ୍ଚୟ ଏକ ଯୋଜନା କାର୍ଯ୍ୟକାରୀ ହୋଇରହିଛି, ଅର୍ଥାତ୍ ଏହି ବିଶ୍ୱ କଦାପି ଦୈବାତ୍ ଆସି ଏଠାରେ ପ୍ରକଟ ହୋଇଯାଇ ନାହିଁ । ଏବଂ, ଏହି ବିଶ୍ୱର ଯୋଜନାଟିକୁ ପରିପୂର୍ଣ୍ଣ କରିବା

'oaob.nitrkl.ac.in' images reprocessed

ଲାଗି ଏହା ପଶ୍ଚାତରେ ଏକ ପରମ ଇଚ୍ଛା କାର୍ଯ୍ୟ କରୁଛି; ତା' ନ ହେଲେ ପ୍ରକୃତରେ ଆଦୌ କିଛିହିଁ ସମ୍ଭବ ହୋଇ ନ ଥାନ୍ତା । ତୁମେ ବେଶ୍ ବୁଝି ପାରୁଥିବ ଯେ, ଏହି ଜଗତ ପଛରେ ଆଦୌ କୌଣସି ଯୋଜନା କିଂବା ଇଚ୍ଛା ନାହିଁ ବୋଲି ଯେଉଁମାନେ କହୁଛନ୍ତି, ଶ୍ରୀଅରବିନ୍ଦ ସେମାନଙ୍କର ମତକୁ ଖଣ୍ଡନ କରୁଛନ୍ତି । ମାତ୍ର, ଯେଉଁ ମୁହୂର୍ତ୍ତରେ ଆମେ ଏହି ବିଶ୍ୱ ପଛରେ ଚେତନା ନାମକ ଏକ ବସ୍ତୁ ରହିଛି ବୋଲି ସ୍ୱୀକାର କରିନେବା, ଏକ ସଚେତନ ଅସ୍ତିତ୍ୱ ବିଦ୍ୟମାନ ରହିଛି ବୋଲି ସ୍ୱୀକାର କରିନେବା, ସେତେବେଳେ ତାହା ସହିତ ଆମେ ସ୍ୱତଃ ଏକଥାଟିକୁ ମଧ୍ୟ ସ୍ୱୀକାର କରିନେବା ଯେ ଏହି ବିଶ୍ୱଭୁବନ ପଛରେ ଏକ ଯୋଜନା ମଧ୍ୟ ରହିଛି ଏବଂ ସେହି ଯୋଜନାଟିକୁ ପରିପୂର୍ଣ୍ଣ କରିବା ଲାଗି ଏକ ଇଚ୍ଛା ମଧ୍ୟ କାର୍ଯ୍ୟ କରୁଛି । ଶ୍ରୀଅରବିନ୍ଦ ଏଠାରେ ଏତିକି କହିଛନ୍ତି । ଏଇଟା ଭାରି ସରଳ କଥା, ନୁହେଁ ?

ଏହି ସତ୍ୟଟିକୁ ତୁମେ କେବଳ ବ୍ୟକ୍ତିର ସୋପାନରେ ମଧ୍ୟ ପ୍ରୟୋଗ କରିବାକୁ ସମର୍ଥ ହେବ । ଯେତେବେଳେ କୌଣସି ବ୍ୟକ୍ତି ସଚେତନ ରହିଛି ଓ ସଚେତନ ଭାବରେ କୌଣସି କାର୍ଯ୍ୟ କରୁଛି, ସେ ପ୍ରକୃତରେ କ'ଣ କରିବାକୁ ଯାଉଛି, ସେତେବେଳେ ସେକଥା ଅବଶ୍ୟ ଜାଣିକରିହିଁ ସେ ସେହି କାର୍ଯ୍ୟଟିକୁ କରୁଛି ଏବଂ ଏକ ଯୋଜନା ଅନୁସାରେ ଯାହା କରିବାର କରୁଛି । ଉଦାହରଣ ସ୍ୱରୂପ, ଯେତେବେଳେ ତୁମେମାନେ ତୁମ ଛାତ୍ରାବାସର ବାର୍ଷିକ ଉତ୍ସବ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛ, ସେତେବେଳେ ତୁମମାନଙ୍କର ଏସବୁ ପଛରେ ଏକ ଉଦ୍ଦେଶ୍ୟ ରହିଛି, ନୁହେଁ ? ବାର୍ଷିକ ଉତ୍ସବ ପାଇଁ ତୁମେମାନେ ଗୋଟିଏ କାର୍ଯ୍ୟକ୍ରମ ତିଆରି କରିବାକୁ ଇଚ୍ଛା କରୁଛ ଏବଂ ତେଣୁ ତୁମମାନଙ୍କର ଏକ ଯୋଜନା ରହିଛି, ଏଥିଲାଗି ତୁମେ ଅଭିନୟଟିଏ ବାଛୁଛ ଏବଂ କିପରି ଅଭିନୟଟି ହେବ ସେକଥା ମଧ୍ୟ ଠିକ୍ କରୁଛ; ଏବଂ ତହିଁ ସଙ୍ଗେ ସଙ୍ଗେ ତୁମେ ସେଇଟି କରିବା ଲାଗି ଇଚ୍ଛା ମଧ୍ୟ କରୁଛ । ତା' ନ ହେଲେ ତୁମେ ସେଇଟିକୁ କଦାପି କରିପାରନ୍ତ ନାହିଁ । ତେଣୁ ଶ୍ରୀଅରବିନ୍ଦ ଠିକ୍ ସେହି କଥାଟିକୁ କହିଛନ୍ତି । ଅର୍ଥାତ୍, ଯଦି ଏହି ବିଶ୍ୱ ଏକ ସଚେତନ ବସ୍ତୁ ହୋଇଥାଏ, ଯଦି ଆପଣାକୁ ଅଭିବ୍ୟକ୍ତ କରୁଥିବା ଏକ ପରମ ଚେତନା ପ୍ରକୃତରେ ବିଦ୍ୟମାନ ରହିଥାଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାହା ଏକ ଯୋଜନା ଅନୁସାରେହିଁ ନିଜକୁ ଅଭିବ୍ୟକ୍ତ କରୁଛି ଏବଂ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ତାହା ମଧ୍ୟରେ ଏକ ଇଚ୍ଛା ମଧ୍ୟ ରହିଛି । ଏହି କଥାଟି ନିଶ୍ଚୟ ଭାରି ସହଜରେ ବୁଝି ହେଉଥିବ ।

ତୁମେ ବୁଝିଲ ତ ? ଅଳ୍ପ ଟିକିଏ, ନୁହେଁ ?

କୌଣସି କଥା କରିବାକୁ ହେଲେ, ଆମେ ଯେ କ'ଣ କରିବାକୁ ଇଚ୍ଛା କରୁଛୁ,

'oaob.nitrkl.ac.in' images reprocessed

ଆଗ ଆମକୁ ସେହି କଥାଟିକୁ ଜାଣିବାକୁ ହେବ ଏବଂ ତା'ପରେ ଯାଇ ସେହି କାର୍ଯ୍ୟଟିକୁ କରିବାକୁ ହେବ, ଏବଂ ସେହି କାର୍ଯ୍ୟଟିକୁ କରିବା ଲାଗି ତୁମର ଆବଶ୍ୟକ ଇଚ୍ଛାଟି ମଧ୍ୟ ଯେ ରହିଥିବ, ଏକଥାଟି କ'ଣ ତୁମକୁ ଜଣା ନାହିଁ ? ଏପରିକି, ଯଦି ତୁମେ ଏଠୁ ସେଠାକୁ ଚାଲିଯିବାକୁ ମଧ୍ୟ ସ୍ଥିର କରିବ, ତେବେ ତୁମେ ଯେ ଏଠୁ ସେଠାକୁ ଚାଲିକରି ଯିବା ପାଇଁ ପ୍ରକୃତରେ ଇଚ୍ଛା କରୁଛ, ତୁମକୁ ଏହି କଥାଟି ବିଷୟରେ ସ୍ପଷ୍ଟ ହୋଇଯିବାକୁ ପଡ଼ିବ ଏବଂ ତା'ପରେ ଚାଲିକରି ଯିବା ଲାଗି ତୁମ ଭିତରେ ଆବଶ୍ୟକ ଇଚ୍ଛାଟି ମଧ୍ୟ ରହିଥିବ । ତା' ନ ହେଲେ ତୁମେ ଖୋଜେ ମଧ୍ୟ ଆଗକୁ ଯାଇପାରିବ ନାହିଁ । ନୁହେଁ ?

*ହଁ ।*

ହଁ, ଏଇ କଥାଟି ମଧ୍ୟ ଠିକ୍ ସେହିପରି । ଆଉ କିଛି ନୁହେଁ, କେବଳ ଠିକ୍ ସେହିପରି ।

*(ମାଆ ନୀରବ ରହିଲେ)*

ଲୋକେ ସାଧାରଣତଃ ଏପରି ଯନ୍ତ୍ରଚାଳିତ ଓ ସ୍ୱତଃପ୍ରଣୋଦିତ ହୋଇ ବିଭିନ୍ନ କାର୍ଯ୍ୟ କରିଥାନ୍ତି ଓ ଆପେ କାର୍ଯ୍ୟଟିକୁ କରୁଛନ୍ତି ବୋଲି ଏପରି ଅସଂଜ୍ଞାନ ହୋଇ ରହିଥାନ୍ତି ଯେ, ଯଦି ଏପରି କିପରି ଘଟୁଛି ବୋଲି ସେମାନେ କେବେ ନିଜକୁ ପଚାରି ବସନ୍ତେ, ତେବେ ପ୍ରକ୍ରିୟାଟି ବିଷୟରେ ସଚେତନ ହେବା ଲାଗି ସେମାନଙ୍କୁ ବେଶ୍ କିଛି ସମୟ ନିଶ୍ଚୟ ଲାଗିଯାନ୍ତା । ଜୀବନର ଯାବତୀୟ କର୍ମ ଓ କାର୍ଯ୍ୟ ଏହିପରି ସ୍ୱତଃପ୍ରଣୋଦିତ ଓ ଯନ୍ତ୍ରଚାଳିତ ଭାବରେହିଁ କରାଯାଇଥାଏ, ପ୍ରାୟ ଅଚେତନ ଭାବରେ ଏକ ଅର୍ଦ୍ଧଚେତନ ସ୍ଥିତିରେ ରହି କାରାଯାଇଥାଏ; ଏବଂ ଆମେ ଏହି ସହଜ କଥାଟିକୁ ମଧ୍ୟ କେବେ ଉପଲବ୍ଧି କରି ନ ଥାଉ ଯେ, କୌଣସି କିଛି କରିବାକୁ ହେଲେ ଆମେ ଯେ କ'ଣ କରିବାକୁ ଯାଉଛୁ, ଆମକୁ ସେହି କଥାଟିକୁ ଜାଣିବାକୁ ହେବ ଏବଂ ସେହି କାର୍ଯ୍ୟଟିକୁ କରିବା ଲାଗି ଇଚ୍ଛା ମଧ୍ୟ କରିବାକୁ ହେବ । କେବଳ ଯେତେବେଳେ ଏହି ଉପାଦାନଗୁଡ଼ିକ ମଧ୍ୟରୁ ଗୋଟିଏ କୌଣସି ପ୍ରକାରେ ବିଗିଡ଼ିଯାଏ, ଉଦାହରଣ ସ୍ୱରୂପ, ଏକ ଯୋଜନା ପ୍ରସ୍ତୁତ କରିବା ଲାଗି ଆମ ମନର ଯେଉଁ ସାମର୍ଥ୍ୟ ରହିଛି ଏବଂ ସେହି ଯୋଜନାଟିକୁ କାର୍ଯ୍ୟକାରୀ କରିବା ଲାଗି ମଧ୍ୟ ଆମର ଯେଉଁ ସାମର୍ଥ୍ୟ ରହିଛି,— ଯେତେବେଳେ ଏହି ଦୁଇଟିଯାକ କଥା ବିଗିଡ଼ି ଯିବାକୁ ଆରମ୍ଭ କରେ, ସେତେବେଳେ ଯାଇ ଆମର ସବୁକଥା ଠିକ୍ ରହିଛି କି ନାହିଁ, ଆମେ ସେହି କଥା ଚିନ୍ତା କରିବାକୁ ଆରମ୍ଭ କରୁ । ଉଦାହରଣ ସ୍ୱରୂପ, ଯଦି

'oaob.nitrkl.ac.in' images reprocessed

ସକାଳେ ବିଛଣାରୁ ଉଠିବା ସମୟରେ, ତୁମେ ଏହି କଥାଟିକୁ ଜାଣି ପାରିବ ନାହିଁ ବା ମନେ କରିପାରିବ ନାହିଁ ଯେ ତୁମକୁ ପ୍ରକୃତରେ ଉଠିବାକୁ ହେବ, ଗାଧୋଇ ଲୁଗା ପିନ୍ଧିବାକୁ ହେବ, ଜଳଖିଆ ଖାଇ ଏଇଟା ବା ସେଇଟା କରିବାକୁ ହେବ, ତେବେ ହୁଏତ ତୁମେ ନିଜକୁ ପଚାରିବାକୁ ଆରମ୍ଭ କରିବ, ''ଆଜି ମୋ'ର କ'ଣ ହେଲା ? ନିଶ୍ଚୟ କେଉଁଠି କିଛି ବିଗିଡ଼ି ଯାଇଛି । ମୋତେ କ'ଣ କରିବାକୁ ହେବ, ମୋ'ର ଆଉ ସେକଥା ମନେ ପଡୁ ନାହିଁ । ନିଶ୍ଚୟ କେଉଁଠି କ'ଣ ଗୋଳମାଳ ହୋଇଯାଇଛି ।''

ଏବଂ ଯଦି ଟିକିଏ ପରେ, ତୁମକୁ ପ୍ରକୃତରେ କ'ଣ କରିବାକୁ ହେବ ସେକଥା ଜାଣିପାରି,– ଅର୍ଥାତ୍ ତୁମକୁ ଉଠିବାକୁ ହେବ, ଗାଧୋଇ ଯିବାକୁ ହେବ, ଲୁଗା ପିନ୍ଧିବାକୁ ପଡ଼ିବ,– ଏଗୁଡ଼ିକ ତୁମର କରିବାକୁ ରହିଛି ବୋଲି ତୁମେ ଜାଣିବ ସତ, ମାତ୍ର ଆଉ ସେଗୁଡ଼ିକୁ କରିପାରୁ ନ ଥିବ : ତୁମ ଭିତରେ କେଉଁଠି କ'ଣ, ହୁଏତ ତୁମ ଇଚ୍ଛାର ଉତ୍‌ପ୍ରେରଣାଟି ଆଉ କାମ କରୁ ନ ଥିବ, ଶରୀର ଉପରେ ତାହାର ଆଉ କୌଣସି ପ୍ରଭାବ ପଡୁ ନ ଥିବ; ସେତେବେଳେ ତୁମେ ପୁଣିଥରେ ଚିନ୍ତିତ ଅନୁଭବ କରିବାକୁ ଆରମ୍ଭ କରିବ ଏବଂ ନିଜକୁ କହୁଥିବ, ''ଆଉ କ'ଣ ମୋ ଦେହ ଖରାପ ହୋଇଗଲା କି ?''

ତା' ନ ହେଲେ ତୁମେ ଏବିଷୟରେ ଆଦୌ ସଜ୍ଞାନ ହୋଇ ବି ପାରିବ ନାହିଁ ଯେ ସମସ୍ତ ଜୀବନ କହିଲେହିଁ ଠିକ୍ ସେହି କଥାଟିକୁ ବୁଝାଏ । ଜୀବନଟା ସବୁବେଳେ ତୁମକୁ ଭାରି ସ୍ୱାଭାବିକ ଓ ସହଜ ବୋଲି ମନେ ହେଉଥାଏ, ଏଥିରେ ସବୁକିଛି ''ସେମିତି ଚାଲିଛି'' ବୋଲି ମନେ ହେଉଥାଏ । ଅର୍ଥାତ୍, ତୁମେ ଏପରି ଏକ ରୀତିରେ ଯାବତୀୟ କାର୍ଯ୍ୟ କରୁଥାଅ, ଯାହାକୁକି କେବଳ ଏକ ଅର୍ଦ୍ଧଚେତନା ରୀତି ବୋଲିହିଁ କୁହାଯାଇ ପାରିବ । ତୁମର ସବୁକିଛି ଯନ୍ତ୍ରଚାଳିତ ପରି ହେବାରେ ଲାଗିଥିବ; ସଂପୂର୍ଣ୍ଣ ଭାବରେ ଅଭ୍ୟାସରେ ପଡ଼ି ଯାଇଥିବା ପରି ତୁମେ ସବୁକିଛି କରୁଥିବ ଏବଂ ତୁମେ ଯେ କ'ଣ ସବୁ କରୁଛ, ସେବିଷୟରେ ତୁମର ଆଉ କୌଣସି ନିଘା ବି ନ ଥିବ । ଏବଂ ତେଣୁ, ଆପଣାର ଯାବତୀୟ କରଣି ଉପରେ ତୁମ ନିଜର ଆଦୌ କିଛି ନିୟନ୍ତ୍ରଣ ରହୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ପ୍ରକୃତରେ କେଉଁଠି କ'ଣ ଘଟୁଛି, ସେବିଷୟରେ ତୁମକୁ ସର୍ବପ୍ରଥମେ ଜାଗ୍ରତ ଓ ସଜ୍ଞାନ ହୋଇ ରହିବାକୁ ପଡ଼ିବ ।

ଏବଂ, ଠିକ୍ ଏହି କାରଣଟି ସକାଶେହିଁ ସବୁକଥା ସବୁବେଳେ ଖାଲି ବିଗିଡ଼ି ଯିବାରେ ଲାଗିଥାଏ । କାରଣ ଯଦି ଯାବତୀୟ ବିଷୟ ପ୍ରକୃତରେ ଏକ ସ୍ୱାଭାବିକ ଓ ସାଧାରଣ ଛନ୍ଦରେ ଗତି କରୁଥାନ୍ତା, ତେବେ ତୁମେ ଯେ କ'ଣ କରୁଛ, ସେବିଷୟରେ ତୁମେ ଆଦୌ ସଚେତନ ହୋଇପାରନ୍ତ ନାହିଁ; ତୁମେ କେବଳ ଅଭ୍ୟାସବଶ ହୋଇ ତାହା

'oaob.nitrkl.ac.in' images reprocessed

କରୁଥାନ୍ତ, ଯନ୍ତ୍ରଚାଳିତ ସ୍ୱୟଂପ୍ରଣୋଦିତ ହୋଇ କୌଣସି କିଛି ନ ଭାବି ତୁମେ ତାହା କରୁଥା'ନ୍ତ । ତୁମେ ଯାହାକିଛି କରୁଛ, ତାହା ଉପରେ ତୁମର ଆଦୌ କୌଣସି ନିଘା ନ ଥାନ୍ତା ଏବଂ ତା'ହେଲେ ତୁମର ନିଜ ଉପରେ ବି ଆଦୌ କୌଣସି ନିୟନ୍ତ୍ରଣ ସମ୍ଭବ ହୋଇପାରନ୍ତା ନାହିଁ । ହଁ, ଏହିପରି ଜୀବନକୁ ତୁମେ ନିଶ୍ଚୟ "ଏକ ଜୀବନ" ବୋଲି କହୁଥାନ୍ତ, ଏକ ଅସ୍ପଷ୍ଟ ଚେତନା ତୁମ ପଶ୍ଚାଦ୍‌ଭାଗରେ ରହି ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଥାନ୍ତା, ମାତ୍ର ତୁମେ ଯାହାସବୁ କରୁଛ, ସେଗୁଡ଼ିକ ଉପରେ ତୁମେ କୌଣସି ଦୃଷ୍ଟିପାତ ବି କରୁ ନ ଥାନ୍ତ । ଏବଂ ସେହିପରି ଭାବରେ ପରିଚାଳିତ ହୋଇହିଁ ତୁମେ ସବୁ କାର୍ଯ୍ୟ କରିଯାଉଥାନ୍ତ; ଏବଂ ତା'ପରେ ଏହିପରି ଭାବରେ ଯଦି କୌଣସି ଅଦ୍ଭୁତ ଓ ଅଜ୍ଞାତ ଶକ୍ତିସ୍ରୋତ ଆସି ତୁମ ବାଟରେ ହାବୁଡ଼ି ଯାଆନ୍ତା, ତେବେ ତାହା ତୁମକୁ ଯନ୍ତ୍ରରୂପେ ବ୍ୟବହାର କରି ହୁଏତ ଯାହାକିଛି ବି କରାଇ ନେଇପାରନ୍ତା, ଏବଂ ଯେଉଁ ପ୍ରକ୍ରିୟାଟି ଦ୍ୱାରା ତାହା ତୁମକୁ ବ୍ୟବହାର କରି ସେହି କାମଟିକୁ କରାଇ ନେଉଛି, ସେହି ପ୍ରକ୍ରିୟାଟି ଉପରେ ମଧ୍ୟ ତୁମର ଆଦୌ କୌଣସି ଦୃଷ୍ଟି ପଡ଼ନ୍ତା ନାହିଁ । ଏବଂ ବସ୍ତୁତଃ ସେହିପରିହିଁ ସବୁକିଛି ଘଟିଥାଏ ।

ଆମେ ଯେତେବେଳେ ପ୍ରକ୍ରିୟାଟି ବିଷୟରେ ସଂପୂର୍ଣ୍ଣ ଭାବେ ସଚେତନ ହୋଇ ରହିଥାଉ, ଜୀବନରେ ଯାବତୀୟ କ୍ରିୟା କିପରି ଘଟେ, ଯେତେବେଳେ ଆମେ ସବୁକିଛି ଭଲ କରି ଜାଣିଥାଉ, ଜୀବନର ଯାବତୀୟ କ୍ରିୟାତ୍ମକତା ଓ ପ୍ରକ୍ରିୟା ବିଷୟରେ ଆମର ଯେତେବେଳେ ପୂର୍ଣ୍ଣ ସଜ୍ଞାନତା ରହିଥାଏ, ସେତେବେଳେ ଯାଇ ଆମର ନିଜ ଉପରେ ନିୟନ୍ତ୍ରଣ ରହିବା ଆରମ୍ଭ ହୋଇଥାଏ । ତା' ନ ହେଲେ କୌଣସି କିଛି ଉପରେ ଆମର ନିୟନ୍ତ୍ରଣ ରହିବା ଉଚିତ ବୋଲି ଆମ ପକ୍ଷରେ ଭାବିବା ମଧ୍ୟ ସମ୍ଭବ ହୁଏ ନାହିଁ । ମାତ୍ର, ଯଦି କୌଣସି ଅପ୍ରୀତିକର ଘଟଣା ଘଟେ, ଉଦାହରଣ ସ୍ୱରୂପ, ଯଦି ଏପରି କିଛି ଘଟେ ଯାହାର ପିରଣାମଗୁଡ଼ିକ ଦୁର୍ଭାଗ୍ୟଜନକ ହୋଇଥାଏ, ସେତେବେଳେ ଯାଇ ତୁମେ ନିଜ ପାଖରେ ଏହି କଥାଟି କହିବାକୁ ମନ କର, "ନାଇଁ, ମୋ'ର ଏପରି କାର୍ଯ୍ୟ ଆଉ କେବେହେଲେ କରିବା ଉଚିତ ନୁହେଁ ।" ଏବଂ, ସେହି ମୁହୂର୍ତ୍ତରେ ଯାଇ ତୁମେ ହୃଦୟଙ୍ଗମ କରିବାକୁ ଆରମ୍ଭ କର ଯେ, "ଜୀବନକୁ ଯେ କିପରି ବଞ୍ଚିବାକୁ ହୁଏ," ତାହାର ଏକ ସମଗ୍ର ପ୍ରଣାଳୀ ପ୍ରକୃତରେ ରହିଛି ଏବଂ ଆପଣାର ଜୀବନ ଉପରେ ଏକ ନିୟନ୍ତ୍ରଣ ସମ୍ଭବ କରିବାକୁ ହେଲେ ସେହି ପ୍ରଣାଳୀଟିର ଏକାନ୍ତ ଆବଶ୍ୟକତା ରହିଛି । ତା' ନ ହେଲେ ତୁମର ଜୀବନଟା ଅଳ୍ପବହୁତ ପରିମାଣରେ ପରସ୍ପର-ସମ୍ବନ୍ଧିତ କେବଳ କେତେଟା କ୍ରିୟା ଓ ପ୍ରତିକ୍ରିୟାର, କେତେଟା ଗତିସ୍ପନ୍ଦନ ଓ କେତେଟା ଆବେଗର ପ୍ରାୟ ଏକ ଗହନ ହୋଇହିଁ ରହିଥିବ, ଏବଂ ଘଟଣାଗୁଡ଼ିକ ଯେ କିପରି ଘଟୁଛି, ସେ ବିଷୟରେ ତୁମର

'oaob.nitrkl.ac.in' images reprocessed

ଆଦୌ କୌଣସି ଜ୍ଞାନ ନ ଥିବ । ଏହିପରି, ହଠାତ୍ ଆଘାତ, ସଂଘର୍ଷ ଏବଂ ଜୀବନରେ ଘଟୁଥିବା ଆପାତ ସକଳ ବିଶୃଙ୍ଖଳା ଦ୍ୱାରା ସତ୍ତା ଭିତରେ ଏହିଗୁଡ଼ିକହିଁ ଉତ୍ପନ୍ନ ହୋଇ ଆସିଥାଏ ଏବଂ ସାନ ପିଲାମାନଙ୍କର ଚେତନା ଏହାରି ଦ୍ୱାରାହିଁ ଗଠିତ ହୋଇଥାଏ । ସାନ ପିଲାଟିଏ ପ୍ରାୟ ଗୋଟାସୁଦ୍ଧା ଅଚେତନ ହୋଇ ରହିଥାଏ, ଏବଂ କେବଳ ଧୀରେ ଧୀରେ, ଅତ୍ୟନ୍ତ ଧୀରେ ଧୀରେ, ସେ ବିଭିନ୍ନ ବସ୍ତୁଗୁଡ଼ିକ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରିଥାଏ । ମାତ୍ର, ସେମାନେ ବିଶେଷ ଭାବରେ ଯତ୍ନବାନ୍ ନ ହେଲେ, ଲୋକଙ୍କର ହୁଏତ ସମସ୍ତ ଜୀବନଟି ବି ଅତିବାହିତ ହୋଇଯାଏ, ଅଥଚ, ସେମାନେ ସେହି କାର୍ଯ୍ୟଟିକୁ କିପରି କରୁଛନ୍ତି, ସେମାନେ ସେକଥାଟିକୁ ଜାଣି ବି ପାରନ୍ତି ନାହିଁ ।

ତେଣୁ ଜୀବନରେ ଯାହାକିଛି ବି ଘଟିପାରେ ।

ମାତ୍ର ଏହି ଭୌତିକ ଜଗତରେ ତୁମେ ନିଜ ବିଷୟରେ କିପରି ସଚେତନ ହୋଇପାରିବ, ସେହି ଦିଗରେ ଏଇଟି ହେଉଛି ସର୍ବପ୍ରଥମ ଅତିକ୍ଷୁଦ୍ର ପଦକ୍ଷେପ ।

ତୁମ ଭିତରେ ଅନେକ ଅସ୍ପଷ୍ଟ ଭାବନା ଓ ଅନୁଭବମାନ ରହିଛି, ନୁହେଁ କି ?– ସତ୍ତା ଭିତରେ ଅଳ୍ପବହୁତ ବେଶ୍ ନ୍ୟାୟାନୁମୋଦିତ ଭାବରେ ସେଗୁଡ଼ିକର ବିକାଶ ଘଟିଥାଏ,– ଏଠାରେ ବହୁତ ତୁଳନାରେ ଅଳ୍ପକୁହିଁ ଅଧିକ ବୋଲି ଗ୍ରହଣ କରିବାକୁ ହେବ,– ଏବଂ ତା'ପରେ ତୁମର ସେଇଟି ବିଷୟରେ ଏକ କ୍ଷୀଣ ଧାରଣା ମଧ୍ୟ ରହିଥାଏ; ଏବଂ, ପୁନଶ୍ଚ, ଯେତେବେଳେ ତୁମର କୌଣସି ଅଙ୍ଗ ପୋଡ଼ିଯାଏ, କେଉଁଠି କିଛି ବିଗିଡ଼ିଗଲା ବୋଲି ତୁମେ ନିଶ୍ଚୟ ହୃଦୟଙ୍ଗମ କର; ପଡ଼ିଯାଇ ଆଘାତ ପାଇଲେ ବି କେଉଁଠି କିଛି ଅନିଷ୍ଟ ଘଟିଲା ବୋଲି ତୁମେ ନିଶ୍ଚୟ ଜାଣିପାର; ତୁମର ଯେ ଏଇଟି ବା ସେଇଟି ବିଷୟରେ ଅବଶ୍ୟ ଦୃଷ୍ଟି ରଖିବା ଉଚିତ, ସେତେବେଳେ ତୁମେ ସେହି ବିଷୟରେ ଭାବିବାକୁ ଆରମ୍ଭ କର; ଯେପରିକି ଆଉଥରେ ପଡ଼ି ଆହତ ହେବ ନାହିଁ, ଆଉ କେବେହେଲେ ପୋଡ଼ି ଯିବ ନାହିଁ, କେଉଁଠି ଯେପରି କାଟିହୋଇ ଯିବ ନାହିଁ, ଏହିସବୁ ବିଷୟରେ ତୁମେ ଭାବିବାକୁ ଆରମ୍ଭ କରିଥାଅ । ବାହାରର ନାନା ଅନୁଭବ ଓ ନାନା ସଂସ୍ପର୍ଶ ଦ୍ୱାରା ତୁମେ ଧୀରେ ଧୀରେ ସଜାଗ ଓ ସଚେତନ ହେବାକୁ ଆରମ୍ଭ କର । ମାତ୍ର ତା' ନ ହେଲେ ତୁମେ ସତେଅବା ଗୋଟାଏ ଅର୍ଦ୍ଧଚେତନ ପିଣ୍ଡ ପରି ହୋଇ ରହିଥାଅ, ଯିଏକି ଏଣେତେଣେ ବେଶ୍ ବିଚରଣ କରୁଥାଏ ସତ, ମାତ୍ର କାହିଁକି ବା କିପରି ବିଚରଣ କରୁଛି, ସେବିଷୟରେ ମୋଟେ କିଛିହେଲେ ଜାଣି ନ ଥାଏ ।

ଅଚେତନାରୂପୀ ସେହି ପ୍ରଥମ ଅବସ୍ଥାଟିରୁ ବାହାରି ଆସିବାର ଏକ ଅତ୍ୟନ୍ତ କ୍ଷୁଦ୍ର ଆରମ୍ଭ ରୂପେ ଆମେ ଏହାକୁହିଁ ଜାଣିରଖିବା ।

'oaob.nitrkl.ac.in' images reprocessed

## ୫ ଫେବ୍ରୁଆରି ୧୯୫୮

*''ତତ୍ତ୍ୱଦର୍ଶନର ଆପତ୍ତିଟିକୁ (ଏକ ସୋଦ୍ଦେଶ୍ୟବାଦୀ ବିଶ୍ୱ ବିଷୟରେ) ଅଧିକ ଗମ୍ଭୀରତା ସହିତ ବିଚାର କରିବା ଦରକାର, କାରଣ ଏକଥା ସଂପୂର୍ଣ୍ଣ ସତ୍ୟ ବୋଲି ମନେ ହେଉଛି ଯେ, କେବଳ ଅଭିବ୍ୟକ୍ତିଜନିତ ଆନନ୍ଦଟି ବ୍ୟତୀତ ପରମ ନିର୍ବିଶେଷ ସତ୍ତାଙ୍କର ଆପଣାକୁ ଅଭିବ୍ୟକ୍ତ କରିବାରେ ଆଦୌ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ସେହି ଅଭିବ୍ୟକ୍ତିର ଏକ ଅଂଶସ୍ୱରୂପ ଜଡ଼ ମଧ୍ୟରେ ତାଙ୍କ ଲୀଳାର ଯେଉଁ ବିବର୍ତ୍ତନଗତ ଗତିସ୍ଫୁରଣଟି ଘଟୁଛି, ତାହାକୁ ମଧ୍ୟ ଆମେ ଏହି ବିବୃତିଟିର ଅନ୍ତର୍ଗତ ବୋଲି ଜାଣିବା । ଏହି କ୍ରମବିକାଶଶୀଳ କ୍ରିୟାଟି, ସଂପୂର୍ଣ୍ଣ ଉଦ୍ଦେଶ୍ୟହୀନ ଆତ୍ମ-ବିମୋଚନର ଏହି କ୍ରମଟି କେବଳ ଉନ୍ମୋଚିତ ହେବାର ଆନନ୍ଦ ଲାଭ କରିବା ସକାଶେହିଁ ଘଟୁଛି । କୌଣସି ବିଶ୍ୱମୟ ସମଗ୍ରତାକୁ ମଧ୍ୟ ଆପଣା ଭିତରେ ସ୍ୱୟଂସଂପୂର୍ଣ୍ଣ ହୋଇ ରହିଥିବା ଏକ ତତ୍ତ୍ୱ ବୋଲି ବିଚାର କରାଯାଇ ପାରିବ; ଏକ ସମଗ୍ରତା ଓ ସଂପୂର୍ଣ୍ଣତା ହିସାବରେ ଏହାର ଆଉ କିଛିହେଲେ ଅଭାବ ନାହିଁ କିଂବା ଆପଣାର ପରିପୂର୍ଣ୍ଣ ସତ୍ତା ସହିତ ବାହାରୁ କିଛି ଆଣି ଯୋଡ଼ିବାକୁ ମଧ୍ୟ ନାହିଁ । ମାତ୍ର ଏହି ଜଗତସ୍ଥ ଜଡ଼ ପୃଥିବୀଟି ଆଦୌ ଏକ ସମଗ୍ରତା ବା ସଂପୂର୍ଣ୍ଣତା ନୁହେଁ, ଏହା ହେଉଛି ଏକ ସମଗ୍ରତାର ଗୋଟିଏ ଅଂଶ, ଏକ ସୋପାନଶ୍ରେଣୀରେ ଗୋଟିଏ ସୋପାନ; ତେଣୁ ଏହା ଯେ ଆପଣା ମଧ୍ୟରେ ସେହି ସମଗ୍ର ମଧ୍ୟରେ ରହିଥିବା ଓ ଏଠାରେ ସଂବୃତ ଥିବା କେବଳ ଅବିକଶିତ ଅଜଡ଼ ନାନା ତତ୍ତ୍ୱ ଓ ସାମର୍ଥ୍ୟକୁ ସ୍ୱୀକାର କରିନେବ ତା' ନୁହେଁ, ମାତ୍ର ସମଗ୍ର ବ୍ୟବସ୍ଥାଟିର ଉଚ୍ଚତର ସୋପାନଗୁଡ଼ିକରୁ ସେହି ସାମର୍ଥ୍ୟସବୁର ଅବତରଣ ଲାଗି ମଧ୍ୟ ତା'ଭିତରେ ଏକ ସମ୍ଭାବନା ରହିଥିବ, ଯେପରିକି ସେଗୁଡ଼ିକ ଏଠାକୁ ଓହ୍ଲାଇ ଆସି ଜଡ଼ଗତ ଏହି ସୀମାବଦ୍ଧତାର ବନ୍ଧନ ଭିତରୁ ଆପଣାର ସମସ୍ୱଭାବ ଗତିସ୍ପନ୍ଦନଗୁଡ଼ିକୁ ମୁକ୍ତ କରିଦେଇ ପାରିବେ । ଏକ ଉଚ୍ଚତର ଓ ଆଧ୍ୟାତ୍ମିକ ସୃଷ୍ଟିର ବିଭାବରୂପେ ଏହି ଜଡ଼ଜଗତର ଭୂମି ଉପରେ ସ୍ୱୟଂ ପରମସତ୍ତା ଆପଣାକୁ ପୂର୍ଣ୍ଣ ଅଭିବ୍ୟକ୍ତ କରିଦେବା ପର୍ଯ୍ୟନ୍ତ ସେହି ସତ୍ତାର ଉଚ୍ଚତର ସାମର୍ଥ୍ୟଗୁଡ଼ିକ ଏଠାରେ ଅଭିବ୍ୟକ୍ତ ହେବାରେ ଲାଗିଥିବ; ଆମେ ଏହାକୁହିଁ ଜଗତ୍ ବିବର୍ତ୍ତନରେ ନିହିତ ହୋଇ ରହିଥିବା ଉଦ୍ଦେଶ୍ୟ ବୋଲି ବିଚାର*

'oaob.nitrkl.ac.in' images reprocessed

କରିପାରିବା । ଏଭଳି ଏକ ଉଦ୍ଦେଶ୍ୟକୁ ସଂଯୁକ୍ତ କରି ରଖିବା ଦ୍ୱାରା ତାହା ସହିତ ଏପରି କୌଣସି ତତ୍ତ୍ୱ ଆସି ଏହି କ୍ଷେତ୍ରରେ ପଶିଯାଏ ନାହିଁ, ଯାହାକି ସେହି ସମଗ୍ରତା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହି ନ ଥାଏ । ସମଗ୍ରତାର ଅଂଶଗୁଡ଼ିକର ମଧ୍ୟଦେଇ ସେହି ସମଗ୍ରତାରହିଁ ଉପଲବ୍ଧି,— ତାହା କେବଳ ଏହି ଅଭିଳାଷଟିକୁ ରଖିଥାଏ । ସମଗ୍ର ଗତିସ୍ପନ୍ଦନଟିରେ ଅନ୍ତର୍ନିହିତ ସକଳ ସମ୍ଭାବନାର ଉପଲବ୍ଧି ଯଦି ଏହି କ୍ଷେତ୍ରରେ ପ୍ରକୃତ ଉଦ୍ଦେଶ୍ୟ ହୋଇରହେ, ତେବେ ବିଶ୍ୱଗତ ସେହି ସମଗ୍ରତାର ଏକ ଆଂଶିକ ପର୍ଯ୍ୟାୟର ଗତିସ୍ପନ୍ଦନ ମଧ୍ୟରେ ଏକ ଉଦ୍ଦେଶ୍ୟ ଅବଶ୍ୟ ରହିଛି ବୋଲି ସ୍ୱୀକାର କରିନେଲେ ଆଦୌ କୌଣସି ଆପତ୍ତି ରହିବା ଉଚିତ ନୁହେଁ । ଏଠାରେ ଉଦ୍ଦେଶ୍ୟ ବୋଲି କହିଲାବେଳେ ମନୁଷ୍ୟସ୍ତରର କୌଣସି ଅର୍ଥରେ କୌଣସି ଉଦ୍ଦେଶ୍ୟକୁ ବୁଝାଉ ନାହିଁ; ସତ୍ୟସ୍ୱରୂପଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇ ଯେଉଁ ମୂଳ ନିୟତି ବା ଆବଶ୍ୟକତା ଅନ୍ତଃବାସୀ ଚିତ୍‌ସତ୍ତାର ସଚେତନ ଇଚ୍ଛାଟି ମଧ୍ୟରେ ଅବସ୍ଥିତ ରହିଛି, ତାହା କେବଳ ତାହାରି ଏକ ପ୍ରବେଗ ବା ପ୍ରେରଣାକୁହିଁ ବୁଝାଉଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଠି ଯାବତୀୟ ବସ୍ତୁ କେବଳ ସତ୍ତାର ଆନନ୍ଦ ଲାଗିହିଁ ରହିଛି, ସବୁ ହେଉଛି କେବଳ ତାଙ୍କରି ଲୀଳା ବା ଖେଳ । କିନ୍ତୁ ଖେଳ ଭିତରେ ମଧ୍ୟ ଏକ ଉଦ୍ଦେଶ୍ୟ ରହିଥାଏ ଓ ସେହି ଉଦ୍ଦେଶ୍ୟଟିକୁ ହାସଲ କରିବାକୁ ପଡ଼େ; ଏବଂ ସେଇଟି ହାସଲ ନ ହେବା ପର୍ଯ୍ୟନ୍ତ ଖେଳର ସଂପୂର୍ଣ୍ଣ ଅର୍ଥଟି କଦାପି ଉପଲବ୍ଧ ହୁଏ ନାହିଁ । କୌଣସି ରହସ୍ୟର ଉଦ୍‌ଘାଟନ ନ କରି କିଂବା କୌଣସି ଶେଷ ପରିଣତିରେ ନ ପହଞ୍ଚି ମଧ୍ୟ କଳା ଦୃଷ୍ଟିରୁ ଏକ ନାଟକର ରଚନା ବେଶ୍ ସମ୍ଭବ ହୋଇପାରେ; କେବଳ ଭୂମିକାଗୁଡ଼ିକର ଅଭିନୟ ଦେଖିବା, କୌଣସି ସମାଧାନ ଲୋଡୁ ନ ଥିବା ସମସ୍ୟାଗୁଡ଼ିକୁ ନେଇ କଳ୍ପନାଜଳ୍ପନା କରିବା ଅଥବା ଏକ ଅଜ୍ଞାତ ସମ୍ଭାବ୍ୟ ସମାଧାନର ଦୋଦୁଲ୍ୟମାନତା ମଧ୍ୟରେ ଅବିରତ ଆନ୍ଦୋଳିତ ହୋଇ ରହିବାରୁ ଯେଉଁ ସୁଖ ଓ ରସାସ୍ୱାଦ ମିଳେ, କେବଳ ତାହାରି ଲାଗି ମଧ୍ୟ କୌଣସି ନାଟକ ଆପଣାକୁ ଏକ ନାଟକ ବୋଲି ଦାବି କରି ଅବସ୍ଥିତ ରହିପାରେ । ପାର୍ଥିବ ବିବର୍ତ୍ତନର ଭୂମି ଉପରେ ଏହି ଯେଉଁ ନାଟକଟି ଅଭିନୀତ ହେଉଛି, ହୁଏତ ସେଇଟି ମଧ୍ୟ ଠିକ୍ ସେହିଭଳି ଗୋଟିଏ ନାଟକ ହୋଇଥିବ ବୋଲି ବେଶ୍ କଳ୍ପନା କରାଯାଇପାରେ; ମାତ୍ର ଏହା ଭିତରେ ଯେ ଏକ ଚରମ ପରିଣତି ଓ ଏକ ରହସ୍ୟର ଉଦ୍‌ଘାଟନ ଅନ୍ତର୍ନିହିତ ଭାବରେ

'oaob.nitrkl.ac.in' images reprocessed

*ପୂର୍ବନିରୂପିତ ହୋଇରହିଛି, ସେଇଟି ମଧ୍ୟ ନିଶ୍ଚୟ ସମ୍ଭବ ହୋଇପାରିବ ଓ ଏଇଟିହିଁ ଅଧିକ ସମ୍ଭବ ବୋଲି ହୃଦ୍‌ବୋଧ ହେଲା ପରି ଲାଗିବ । ଆନନ୍ଦହିଁ ସକଳ ସତ୍ତାର ସଂଗୁପ୍ତ ତତ୍ତ୍ୱ ହୋଇରହିଛି ଏବଂ ସତ୍ତାଗତ ଯାବତୀୟ କ୍ରିୟାର ଆଶ୍ରୟରୂପେ କାର୍ଯ୍ୟ କରୁଛି; ମାତ୍ର ସତ୍ତା ମଧ୍ୟରେ ଅନ୍ତଃଗୂଢ଼ ହୋଇ ରହିଥିବା ଏକ ସତ୍ୟକୁ କାର୍ଯ୍ୟକାରୀ କରିବାର ଆନନ୍ଦଟି ମଧ୍ୟ ସେହି ଆନନ୍ଦରୁ କାହିଁକି ବହିର୍ଭୂତ ହୋଇରହିବ ? ସତ୍ତାର ଶକ୍ତି ତଥା ସଂକଳ୍ପ ମଧ୍ୟରେ ଯେଉଁ ସତ୍ୟଟି ଅନ୍ତର୍ନିହିତ ରହିଛି, ଚିଦ୍‌ଶକ୍ତିର ସଂଗୁପ୍ତ ଆତ୍ମଚେତନା ମଧ୍ୟରେ ଯାହା ବିଧୃତ ହୋଇରହିଛି, ସେହି ସତ୍ୟକୁ ପ୍ରକଟ କରିବାର ଆନନ୍ଦଟି ମଧ୍ୟ ସେହି ମର୍ମଗତ ଆନନ୍ଦର ଅନ୍ତର୍ଗତ ବୋଲି ଜାଣିବାକୁ ହେବ । ଏଠାରେ ଯେଉଁ ଚିଦ୍‌ଶକ୍ତିର କଥା କୁହାଯାଇଛି, ତାହା ହେଉଛି ଆମ ସତ୍ତାର ଯାବତୀୟ କ୍ରିୟାର ସକ୍ରିୟ ଓ ଗତିଶୀଳ ପରିଚାଳକ ଏବଂ ସେଗୁଡ଼ିକର ତାତ୍ପର୍ଯ୍ୟର ଜ୍ଞାତା ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୩୪-୩୫

ସାଧାରଣ ବ୍ୟବହାରିକ ଭାବନା ଲାଗି ଅଧିକ ସହଜରେ ବୋଧଗମ୍ୟ ହୋଇ ପାରିଲାଭଳି ଏକ ପ୍ରଣାଳୀରେ ଯଦି ଆମେ ଏହି ସମସ୍ୟାଟିର ବୟାନ କରିଦେବାକୁ ଇଚ୍ଛା କରିବା, ତେବେ ଆମେ ଏପରି କଳ୍ପନା କରିପାରିବା ଯେ ସବୁକିଛି ଶାଶ୍ୱତ କାଳରୁହିଁ ଏଠାରେ ରହିଛି; ଏବଂ ତେଣୁ, ଯୁଗପତ୍ ଭାବରେହିଁ ସବୁ ଏଠାରେ ରହିଛି; ମାତ୍ର ଆମେ ଏକଥାଟି ମଧ୍ୟ କଳ୍ପନା କରିବା ଯେ ଏହି ସମୁଦାୟ, ଯୁଗପତ୍ ଏବଂ ଶାଶ୍ୱତ ଅସ୍ତିତ୍ୱ ସତେଅବା ଏକ ମହାନ୍ ଚେତନାରହିଁ ସମ୍ପତ୍ତି ବା ଧନ ହୋଇରହିଛି । ସେହି ଚେତନା ଆପଣାର ସାମ୍ରାଜ୍ୟ ମଧ୍ୟରେ ବିଚରଣ କରିବାରେ ବେଶ୍ ସୁଖ ଅନୁଭବ କରୁଛି, ଆପଣାର ସମୁଦାୟ ସାମ୍ରାଜ୍ୟଟି ମଧ୍ୟରେ ପ୍ରାୟ ଅନ୍ତହୀନ ଭାବରେ ଅଥବା ଅନ୍ତତଃ ଅନିର୍ଦ୍ଦେଶ୍ୟ ଭାବରେ ଯାତ୍ରା କରିବାରେ ପ୍ରକୃତରେ ଏକ ସୁଖ ଅନୁଭବ କରୁଛି । ଏବଂ ଯେଉଁ ବସ୍ତୁଗୁଡ଼ିକ ଆଗରୁ ରହିଛି ଏବଂ ସବୁବେଳେ ରହିଆସିଛି, ମାତ୍ର ସର୍ବୋଚ୍ଚ ପରମସତ୍ତା ଯେଉଁଗୁଡ଼ିକର କେବେ ପରିଦର୍ଶନ କରି ନାହାନ୍ତି, ଏହି ଚେତନା ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ କରି ଏହିପରି ଆବିଷ୍କାର କରିବାରେ ଲାଗିଛି । ଏବଂ, ଆପଣାର ଏହି ଆବିଷ୍କାରରେ ସେ ଯେଉଁ ମାର୍ଗଟି ଦେଇ ଯାଉଛି, ତାହା ହୁଏତ ଏକ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ, ଅପ୍ରତ୍ୟାଶିତ ଓ ଅପୂର୍ବଦୃଷ୍ଟ ମାର୍ଗ ବି ହୋଇପାରିବ, ସଂପୃକ୍ତ ମୁହୂର୍ତ୍ତଟିର ନିଷ୍ପତ୍ତି ଅନୁସାରେ ସେହି ମାର୍ଗଟିର ନିର୍ଣ୍ଣୟ ହେଉଥିବ । ଯେପରିକି, ତାହାର ସମୁଦାୟ ସାମ୍ରାଜ୍ୟଟି ଶାଶ୍ୱତ କାଳରୁ ଚିରନ୍ତନ ଭାବରେ ରହି ଆସିଥିଲେ ମଧ୍ୟ, ସେ ଏହାକୁ ହୁଏତ ସଂପୂର୍ଣ୍ଣ ଅପ୍ରତ୍ୟାଶିତ

'oaob.nitrkl.ac.in' images reprocessed

ଏବଂ ଅନନୁମେୟ ରୀତିରେ ପରିଦର୍ଶନ କରିବାକୁ ଆସି ପାରିବ ଏବଂ ଏହିପରି ଭାବରେ ଯାବତୀୟ ସମ୍ବନ୍ଧ ତଥା ସମ୍ଭାବନା ଲାଗି ଦ୍ୱାର ଉନ୍ମୋଚନ କରି ଯାଇପାରିବ ।

ଏବଂ ଏହାଦ୍ୱାରା ସିଏ ଆପଣାକୁ ମଧ୍ୟ ଆବିଷ୍କାର କରିବ, କାରଣ ତାହାର ଏହି ସାମ୍ରାଜ୍ୟ କହିଲେ ବି ତ କେବଳ ସ୍ୱୟଂ ତାହାକୁହିଁ ବୁଝାଇବ । ଏବଂ, ହଠାତ୍ ଏକ ନିଷ୍ପତ୍ତି ଗ୍ରହଣ କରି, ମନ ଦ୍ୱାରା ଚିନ୍ତା କରାଯାଇଥିବା କୌଣସି ପୂର୍ବକଳ୍ପିତ ଯୋଜନା ନ କରି ପୂର୍ଣ୍ଣ ସ୍ୱାଧୀନତା ଏବଂ ପ୍ରତ୍ୟେକଟି ମୁହୂର୍ତ୍ତର ଅପ୍ରତ୍ୟାଶିତତା ସହିତ ଯେଉଁ ଆବିଷ୍କାରଟି କରାଯାଇ ପାରିଥିବ, ତାହାକୁ ତା'ର ଆପଣା ସତ୍ତାଟି ମଧ୍ୟରେ ବି ଏକ ଶାଶ୍ୱତ ଯାତ୍ରା ବୋଲି କୁହାଯାଇ ପାରିବ ।

ପ୍ରତ୍ୟେକ ବସ୍ତୁ ସଂପୂର୍ଣ୍ଣ ଭାବରେହିଁ ପୂର୍ବନିରୂପିତ ହୋଇରହିଛି, କାରଣ ପ୍ରତ୍ୟେକ ବସ୍ତୁ ଶାଶ୍ୱତ କାଳରୁହିଁ ଅବସ୍ଥିତ ରହିଛି । ତଥାପି, ଯେଉଁ ପଥଟି ଉପରେ ଯାତ୍ରା ଚାଲିଛି, ସେଥିରେ ଏକ ସ୍ୱାଧୀନତା ରହିଛି, ଏକ ସଂପୂର୍ଣ୍ଣ ଅନନୁମେୟତା ମଧ୍ୟ ରହିଛି ।

ଏବଂ, ଏହିପରି ଭାବରେ, ଯୁଗପତ୍ ହୋଇ ଏପରି ଏକାଧିକ ଜଗତ ବିଦ୍ୟମାନ ରହିବାର ଅବଶ୍ୟ ସମ୍ଭାବନା ରହିଛି, ଯେଉଁଗୁଡ଼ିକରକି ଆପାତତଃ ପରସ୍ପର ସହିତ କୌଣସି ସମ୍ବନ୍ଧ ନ ଥିବ, ମାତ୍ର ଯେଉଁଗୁଡ଼ିକ ତଥାପି ସହାବସ୍ଥିତ ହୋଇ ରହିଥିବେ । ମାତ୍ର କେବଳ କ୍ରମଶଃହିଁ ସେଗୁଡ଼ିକର ଆବିଷ୍କାର ହେଉଥିବ ଏବଂ ତେଣୁ ସତେଅବା ଏକ ନୂତନ ସୃଷ୍ଟିର ସୃଜନ ହେଲାଭଳି ଧାରଣା ଆଣି ଦେଉଥିବ ।... ବସ୍ତୁଗୁଡ଼ିକୁ ଏହିପରି ଭାବରେ ଦେଖିଲେ ଆମେ ଭାରି ସହଜରେ ଏହି କଥାଟିକୁ ବୁଝିପାରିବା ଯେ ଆମର ପରିଚିତ ଏହି ଯାବତୀୟ ଅପରିପୂର୍ଣ୍ଣତା, ସୀମିତତା ଏବଂ ଅଜ୍ଞାନ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଭୌତିକ ଜଗତଟି ସହିତ ହୁଏତ ଆଉ ଗୋଟିଏ ବା ଏକାଧିକ ଜଗତ ଅବସ୍ଥିତ ରହିଛି, ଯେଉଁଗୁଡ଼ିକକି ନିଜ ନିଜର ମଣ୍ଡଳରେ ଅବସ୍ଥିତ ରହିଛନ୍ତି, ଏବଂ ଆମର ଏହି ଜଗତଟିଠାରୁ ପ୍ରକୃତିରେ ଏତେବେଶୀ ଭିନ୍ନ ହୋଇ ରହିଛନ୍ତି ଯେ ଆମକୁ ସେଗୁଡ଼ିକ ସତେଅବା ଆଦୌ ଅବସ୍ଥିତ ନ ଥିବା ପରି ମନେ ହେଉଛି, କାରଣ ସେଗୁଡ଼ିକ ସହିତ ଆମର ଆଦୌ କୌଣସି ସମ୍ବନ୍ଧ ନାହିଁ । ମାତ୍ର, ଯେଉଁ ମୁହୂର୍ତ୍ତରେ ସେହି ମହାନ ଶାଶ୍ୱତ ପରମ ଯାତ୍ରାଟି ଏହି ଜଗତରୁ ସେହି ଜଗତଟି ମଧ୍ୟକୁ ଅତିକ୍ରମ କରିଯିବ, ଶାଶ୍ୱତ ଚେତନାର ଖାସ୍ ଏହି ଅତିକ୍ରାନ୍ତିଟି ଦ୍ୱାରାହିଁ ତାହା ସହିତ ରହିଥିବା ସଂଯୋଗଟି ମଧ୍ୟ ଆମକୁ ଅବଶ୍ୟ ମିଳିଯାଇ ପାରିବ ଏବଂ ଉଭୟ ପୃଥିବୀ କ୍ରମଶଃ ପରସ୍ପର ସହିତ ସମ୍ବନ୍ଧବଦ୍ଧ ବି ହୋଇଆସିବେ ।

ପ୍ରକୃତରେ କହିବାକୁ ଗଲେ ବର୍ତ୍ତମାନ ଏହାହିଁ ଘଟୁଛି ଏବଂ ଆମେ ସୁନିଶ୍ଚିତ ଭାବରେ କହିପାରିବା ଯେ ଏଠାରେ ଅତିମାନସ ଜଗତଟି ଆଗରୁ ଅବସ୍ଥିତ ରହିଛି ସତ,

'oaob.nitrkl.ac.in' images reprocessed

ମାତ୍ର ଏହା ଯେ ସେହି ସର୍ବୋଚ୍ଚ ପରମ ଚେତନାର ଯାତ୍ରାରେ ପ୍ରକୃତ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଗଲାଣି, ସେହି ସମୟଟି ପ୍ରକୃତରେ ବର୍ତ୍ତମାନ ଆସି ପହଞ୍ଚିଛି । ଏହାପରେ, ଏହି ଜଗତ ଏବଂ ସେହି ଜଗତ ମଧ୍ୟରେ କ୍ରମଶଃ ଏକ ସଚେତନ ସଂଯୋଜକ ମଧ୍ୟ ନିର୍ମିତ ହୋଇଯିବ, ଏବଂ ଯାତ୍ରାର ଏହି ନୂତନ ଆଭିମୁଖ୍ୟ-ଗ୍ରହଣ ଯୋଗୁଁ ସେହି ଦୁଇ ଜଗତ ମଧ୍ୟରେ ଏକ ନୂତନ ସମ୍ବନ୍ଧ ସ୍ଥାପିତ ହେବ ।

ଏହି ବ୍ୟାଖ୍ୟାଟିକୁ ଆମେ ଯେକୌଣସି ଅନ୍ୟ ବ୍ୟାଖ୍ୟା ପରି ନିଶ୍ଚୟ ଏକ ଉତ୍ତମ ବ୍ୟାଖ୍ୟା ବୋଲି କରିପାରିବା, ଏବଂ, ଯେଉଁ ବ୍ୟକ୍ତିମାନେ ବିଶେଷ ଭାବରେ ତତ୍ତ୍ୱଦର୍ଶନର ଚର୍ଚ୍ଚା ଭିତରେ ରହି ନ ଥାନ୍ତି, ସେମାନଙ୍କ ଲାଗି ଏହି ବ୍ୟାଖ୍ୟାଟିକୁ ବୁଝିବା ହୁଏତ ଅପେକ୍ଷାକୃତ ଅଧିକ ସହଜ ବି ହୋଇପାରିବ ।... ଅନ୍ତତଃ ମୋତେ ଏହି ବ୍ୟାଖ୍ୟାଟି ବେଶ୍ ଭଲ ଲାଗୁଛି ।

*ମାଆ, ଆପଣ କହିଲେ ଯେ ସବୁକିଛି ସଂପୂର୍ଣ୍ଣ ଭାବରେ ପୂର୍ବନିରୂପିତ ହୋଇରହିଛି । ତେବେ ବ୍ୟକ୍ତି ଯେଉଁ ଚେଷ୍ଟା କରୁଛି, ସେଇଟି ପୁଣି କୁଆଡୁ ଆସୁଛି ?*

ମୁଁ କ୍ଷଣକ ପୂର୍ବରୁ ତୁମମାନଙ୍କୁ କହୁଥିଲି ଯେ ସେହି ମହାନ୍ ପରମଯାତ୍ରୀ ପ୍ରତ୍ୟେକ ମୁହୂର୍ତ୍ତରେହିଁ ଆପଣାର ଗତିପଥଟିକୁ ସ୍ଥିର କରି ନେଉଛନ୍ତି । ତେଣୁ ଏହି କ୍ଷେତ୍ରରେ ନିର୍ବାଚନର ସଂପୂର୍ଣ୍ଣ ସ୍ୱାଧୀନତା ରହିଛି ଏବଂ ତାହାହିଁ ଏହି ବିଶ୍ୱଗତ ଉଦ୍‌ଘାଟନକୁ ପ୍ରକୃତରେ ସେହି ଅନନୁମେୟ ପ୍ରକୃତି ଏବଂ ପରିବର୍ତ୍ତନର ସମ୍ଭାବନାଟିକୁ ଆଣି ପ୍ରଦାନ କରୁଛି । କାରଣ, ପରମ ସର୍ବୋଚ୍ଚ ସତ୍ତା ତାଙ୍କର ଗତିପଥଟିକୁ ଯଦି ବଦଳାଇବାକୁ ଇଚ୍ଛା କରନ୍ତି, ତେବେ ସେପରି କରିବା ଲାଗି ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି । ଅନ୍ୟ ପକ୍ଷରେ, ଏହି ସ୍ୱାଧୀନତା ହେଉଛି ଏକ ନିର୍ବିଶେଷ ସ୍ୱାଧୀନତା । ମାତ୍ର ସେଠାରେ ସବୁକିଛି ରହିଛି ଏବଂ ସବୁକିଛି ରହିଥିବାରୁହିଁ ସବୁକିଛି ସଂପୂର୍ଣ୍ଣ ଭାବରେ ପୂର୍ବନିରୂପିତ ହୋଇରହିଛି । ଏହା ସର୍ବଦାହିଁ ବିଦ୍ୟମାନ ରହି ଆସିଛି, ମାତ୍ର ଏକ ସଂପୂର୍ଣ୍ଣ ଅପୂର୍ବଦୃଷ୍ଟ ରୀତିରେହିଁ ତାହାର ଆବିଷ୍କାର ହେଉଛି । ଏବଂ ଏହି ଆବିଷ୍କାର ମଧ୍ୟରେହିଁ ସେହି ସ୍ୱାଧୀନତାଟି ନିହିତ ହୋଇରହିଛି ।

ମନେକର ତୁମେ ପଦବ୍ରଜରେ ବାହାରିଛ ଏବଂ ହଠାତ୍ ତୁମେ ଏବାଟରେ ନ ଯାଇ ସେବାଟରେ ଯିବ ବୋଲି ଅନୁଭବ କରୁଛ ଏବଂ ତେଣୁ ତୁମର ଗତିପଥଟି ଏକ ସଂପୂର୍ଣ୍ଣ ନୂତନ ପଥରେ ପରିଣତ ହୋଇଯାଉଛି । ମାତ୍ର ତୁମେ ଯେଉଁସବୁ ସ୍ଥାନକୁ ଯିବାକୁ

'oaob.nitrkl.ac.in' images reprocessed

ବାହାରିଥିଲ, ସେଗୁଡ଼ିକରେ ସବୁକିଛି ଆଗରୁହିଁ ବିଦ୍ୟମାନ ରହିଥିଲେ । ସେଗୁଡ଼ିକ ରହିଥିଲେ ଏବଂ ତେଣୁ ପୂର୍ବ ନିରୂପିତ ହୋଇ ରହିଥିଲେ । ମାତ୍ର ତୁମର ଆବିଷ୍କାରଟିକୁ କଦାପି ପୂର୍ବନିରୂପିତ ବୋଲି କୁହାଯିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ କେବଳ ସେହି ସର୍ବୋଚ୍ଚ ପରମଚେତନା ସହିତ ଏକାତ୍ମକତା ଅର୍ଜନ କରିଥିବା ଏକ ଚେତନାହିଁ ଏହି ପରିପୂର୍ଣ୍ଣ ସ୍ୱାଧୀନତାର ବୋଧଟିକୁ ଲାଭ କରିପାରିବ । ଯେପର୍ଯ୍ୟନ୍ତ ପରମଚେତନା ସହିତ ତୁମର ଏକାତ୍ମକତା ସମ୍ଭବ ହୋଇ ନାହିଁ, ସେତେବେଳ ଯାଏ ତୁମ ଭିତରେ ଏହି ଧାରଣା, ଅନୁଭୂତି ବା ଅନୁମାନଟି ଅବଶ୍ୟ ରହିଥିବ ଯେ ତୁମେ ଏକ ଉଚ୍ଚତର ପରମ ଇଚ୍ଛାର ବିଧାନରହିଁ ଅଧୀନ ହୋଇରହିଛ; ମାତ୍ର ଯେଉଁ ମୁହୂର୍ତ୍ତରେ ତୁମେ ଏହି ଇଚ୍ଛାଟି ସହିତ ଏକାତ୍ମକ ହୋଇଯିବ, ସେତେବେଳେ ତୁମେ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ବି ହୋଇଯାଇପାରିବ ।

ଶ୍ରୀଅରବିନ୍ଦ ସବୁବେଳେ ଯାହା କହି ଆସିଛନ୍ତି, ଏହାଦ୍ୱାରା ଠିକ୍ ସେହିକଥା କୁହାଯାଉଛି  ପରମ ସର୍ବୋଚ୍ଚ ସତ୍ତାଙ୍କ ସହିତ ସମ୍ମିଳନ ଘଟିପାରିଲେହିଁ ଯଥାର୍ଥ ସ୍ୱାଧୀନତାର ଉପଲବ୍ଧି ହୁଏ ।

'oaob.nitrkl.ac.in' images reprocessed

## ୧୨ ଫେବ୍ରୁଆରି ୧୯୫୮

*ମାଆ, ପ୍ରତ୍ୟେକ ଥର ନୂତନ କରି ଜନ୍ମ ନେଉଥିବା ବେଳେ ମନ, ପ୍ରାଣ ଓ ଶରୀର ବି ତ ନୂଆ ହେଉଥିବ; ତେବେ ପୂର୍ବତନ ଜନ୍ମଗୁଡ଼ିକର ଅନୁଭୂତି ସେଗୁଡ଼ିକର ଆଉ କି କାମରେ ଲାଗିବ ? ଆମକୁ କ'ଣ ପୁନର୍ବାର ଯାବତୀୟ ଅନୁଭୂତିଗୁଡ଼ିକର ମଧ୍ୟଦେଇ ଯିବାକୁ ପଡ଼ିବ ?*

ଏକଥାଟି ସେହି ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରିବ ।

ମନ ଆଉ ପ୍ରାଣ କଦାପି ଜନ୍ମଗୁଡ଼ିକ ମଧ୍ୟରେ ବିକାଶ ଲାଭ କରନ୍ତି ନାହିଁ । ଅତ୍ୟନ୍ତ ବିଶେଷ କ୍ଷେତ୍ରରେ କେବଳ ବ୍ୟତିକ୍ରମ ଭାବରେହିଁ ତାହା ହୋଇଥାଏ ଏବଂ ବିବର୍ତ୍ତନର ଏକ ଅତ୍ୟନ୍ତ ପରିପକ୍ୱ ସୋପାନରେ ହୋଇଥାଏ । ଜନ୍ମଗୁଡ଼ିକର ମଧ୍ୟଦେଇ ଚୈତ୍ୟରହିଁ ବିକାଶ ହୋଇ ଯାଉଥାଏ । ତେଣୁ ପ୍ରକୃତ କ୍ଷେତ୍ରରେ ଏହି କଥା ଘଟେ; ଚୈତ୍ୟସତ୍ତାର ପରସ୍ପରର ଅନୁବର୍ତ୍ତୀ ଭାବରେ ଗୋଟିଏ ସକ୍ରିୟ ହେବାର ପର୍ଯ୍ୟାୟ ରହିଥାଏ ତ ଆଉଗୋଟିଏ ବିଶ୍ରାମ ଗ୍ରହଣ କରିବାର ପର୍ଯ୍ୟାୟ ରହିଥାଏ । ସ୍ଥୂଳ ଜୀବନର ଯାବତୀୟ ଅନୁଭୂତି ଫଳରେ ତାହା କ୍ରମଶଃ ଅଗ୍ରଗତି କରୁଥାଏ; ଏକ ସ୍ଥୂଳ ଶରୀରରେ ରହି ଏକ ସକ୍ରିୟ ଜୀବନ ଯାପନ କରି ଶରୀର, ପ୍ରାଣ ତଥା ମନର ସ୍ତରରେ ହେଉଥିବା ତାହାର ଯାବତୀୟ ଅଭିଜ୍ଞତା ଫଳରେ ଚୈତ୍ୟସତ୍ତା ଅଗ୍ରଗତି କରିବାରେ ଲାଗିଥାଏ । ଏବଂ ତା'ପରେ, ଚୈତ୍ୟସତ୍ତା ସାଧାରଣତଃ ବିଶ୍ରାମ ନେବାକୁ ଚାଲିଯାଏ; ଏକ ପରିପାଚନ ଲାଗିହିଁ ତାହା ବିଶ୍ରାମ ନେବାକୁ ଯାଏ, ସକ୍ରିୟ ଜୀବନ ଅତିବାହିତ କରିଥିବା ସମୟରେ ସିଏ ଯେଉଁସବୁ ଅଗ୍ରଗତି ହାସଲ କରିଥାଏ, ବିଶ୍ରାମ ସମୟରେ ସେ ତାହାରି ଲବ୍ଧ ଫଳଗୁଡ଼ିକୁହିଁ ପରିପକ୍ୱ କରେ । ଏବଂ ପରିପାଚନର ପର୍ଯ୍ୟାୟଟି ଶେଷ ହୋଇଯିବା ପରେ, ପୃଥିବୀସ୍ଥ ସକ୍ରିୟ ଜୀବନ କାଳରେ ସମ୍ଭବ କରିଥିବା ଅଗ୍ରଗତିଟିକୁ ନିଜସ୍ୱ କରି ସାରିବା ପରେ ତାହା ପୁଣି ଏକ ନୂତନ ଶରୀର ଗ୍ରହଣ କରି ଅବତରଣ କରେ । ଆପଣା ସହିତ ତାହା ପୂର୍ବାର୍ଜିତ ଯାବତୀୟ ପ୍ରଗତିର ଫଳକୁ ବହନ କରି ଆସିଥାଏ । ଏବଂ, ଏକ ସୁପରିପକ୍ୱ ଅବସ୍ଥାକୁ ପ୍ରାପ୍ତ ହୋଇଯିବା ପରେ ତାହା ଆପଣାର ପରିବେଶଟିକୁ ମଧ୍ୟ ନିଜେ ବାଛିନିଏ, କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଆପଣାର ଅନୁଭବଟିକୁ ସଂପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ତାହା ଏଥର ଯେଉଁ ପ୍ରକାରର ଶରୀର ଏବଂ ଯେଉଁ ପ୍ରକାର ଜୀବନଟିକୁ ବଞ୍ଚିବ, ତାହା ସେଗୁଡ଼ିକୁ ମଧ୍ୟ ସ୍ୱୟଂ ବାଛି ନେଇଥାଏ । କେତେକେ ଅତ୍ୟନ୍ତ ସୁପରିପକ୍ୱ

'oaob.nitrkl.ac.in' images reprocessed

ଏବଂ ବିକଶିତ ଅବସ୍ଥାରେ ଶରୀର ଛାଡ଼ିବା ପୂର୍ବରୁ ମଧ୍ୟ ଚୈତ୍ୟସତ୍ତା ତା'ର ପରବର୍ତ୍ତୀ ରୂପଗ୍ରହଣ ସମୟରେ କିପରି ଜୀବନଟିଏ ପାଇବ, ସେହି କଥାଟିକୁ ସ୍ୱୟଂ ବାଛି ନେଇଥାଏ ।

ପ୍ରାୟ ସଂପୂର୍ଣ୍ଣ ଭାବରେ ସୁଗଠିତ ହୋଇସାରିବା ପରେ ଏବଂ ଏକ ଅତ୍ୟନ୍ତ ସଚେତନ ସତ୍ତାରେ ପରିଣତ ହୋଇଯିବା ପରେ ସେହି ଚୈତ୍ୟସତ୍ତା ଆପଣାକୁ ଏକ ନୂତନ ଶରୀର ନିର୍ମାଣର ପ୍ରକ୍ରିୟା ମଧ୍ୟରେ ଆଣି ଅଧିଷ୍ଠିତ କରି ରଖେ ଏବଂ ସାଧାରଣତଃ ଏକ ଅନ୍ତର୍ଗତ ପ୍ରଭାବ ଦ୍ୱାରା ତା ଆପଣାର ଭାବୀ ଶରୀରଟି ଲାଗି ବିଭିନ୍ନ ଉପାଦାନକୁ ଏବଂ ମର୍ମସତ୍ତ୍ୱଟିକୁ ମଧ୍ୟ ସ୍ୱୟଂ ନିର୍ବାଚନ କରି ନେଇଥାଏ । ନୂତନ ଶରୀରଟି ଯେପରି ତା'ର ନୂତନ ଅନୁଭୂତିଲାଭର ଆବଶ୍ୟକତାଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରି ରଖିପାରିବ, ତାହା ସେହି ଅନୁସାରେ ଉପାଦାନଗୁଡ଼ିକୁ ବାଛି ନେଇଥାଏ । ମାତ୍ର ଏକ ଅତ୍ୟନ୍ତ ବିକଶିତ ଅବସ୍ଥାରେ ଯାଇ ସେକଥା ଘଟିଥାଏ । ଏବଂ ପରେ ଯେତେବେଳେ ପୂର୍ଣ୍ଣଗଠିତ ହୋଇ ତାହା ସେବା, ସାମୂହିକ ସହାୟଦାନ ଏବଂ ଦିବ୍ୟ କର୍ମରେ ଅଂଶ ଗ୍ରହଣ କରିବାର ବିଚାର ନେଇ ପୃଥିବୀକୁ ଆସେ, ସେତେବେଳେ ଗଠିତ ହୋଇଥିବା ଆପଣାର ଶରୀରଟି ମଧ୍ୟକୁ ତାହା ପୂର୍ବ ଜୀବନଗୁଡ଼ିକର କେତେକ ନିର୍ଦ୍ଦିଷ୍ଟ ଉପାଦାନ ଆଣି ଆସିଥାଏ; ପୂର୍ବ ଜୀବନଗୁଡ଼ିକର ଏପରି କେତେକ ମାନସିକ ଏବଂ ପ୍ରାଣିକ ଉପାଦାନ ନେଇ ଆସିଥାଏ, ଯେଉଁଗୁଡ଼ିକକି ପୂର୍ବତନ ଜୀବନଗୁଡ଼ିକରେ ସଂଗଠିତ ହୋଇ ସାରିଥାନ୍ତି ଏବଂ ଚୈତ୍ୟ ସୋପାନର ନାନାବିଧ ଶକ୍ତି ଦ୍ୱାରା ସଂସିକ୍ତ ହୋଇ ରହିଥାନ୍ତି ଏବଂ ପରବର୍ତ୍ତୀ ଜନ୍ମଟି ଲାଗି ସଂରକ୍ଷିତ ହୋଇ ରହିଥାନ୍ତି ଏବଂ ତେଣୁ, ସାଧାରଣ ପ୍ରଗତିଟି ମଧ୍ୟରେ ଅଂଶ ଗ୍ରହଣ କରିବା ଲାଗି ସମର୍ଥ ବି ହୋଇ ରହିଥାନ୍ତି । ମାତ୍ର ଏକ ଅତ୍ୟନ୍ତ, ଅତ୍ୟନ୍ତ ବିକଶିତ ଅବସ୍ଥାରେ ଯାଇ ସେକଥା ଘଟିଥାଏ ।

ଯେତେବେଳେ ଚୈତ୍ୟ ସତ୍ତା ପୂର୍ଣ୍ଣରୂପେ ବିକଶିତ ହୋଇଯାଏ ଓ ଅତ୍ୟନ୍ତ ସଚେତନ ହୋଇପାରେ, ଯେତେବେଳେ ତାହା ଭଗବତ୍ ପରମ ଇଚ୍ଛାର ଏକ ସଚେତନ ଯନ୍ତ୍ରରେ ପରିଣତ ହୋଇଯାଏ, ସେତେବେଳେ ତାହା ପ୍ରାଣିକ ତଥା ମାନସିକ ଉପାଦାନଗୁଡ଼ିକୁ ମଧ୍ୟ ଏପରି ଏକ ପଦ୍ଧତିର ସଂଗଠିତ କରିନିଏ ଯେ ସେଗୁଡ଼ିକ ମଧ୍ୟ ସାଧାରଣ ସମଞ୍ଜସତାର କ୍ଷେତ୍ରରେ ଅଂଶଗ୍ରହଣ କରନ୍ତି ଏବଂ ସଂରକ୍ଷିତ ହୋଇ ରହିପାରନ୍ତି ।

ଏକ ଅତ୍ୟୁଚ୍ଚ ମାତ୍ରାରେ ବିକାଶସାଧନ ସମ୍ଭବ ହୋଇଥିବାରୁ, ଶରୀରର ବିଲୁପ୍ତି ଘଟିଲେ ମଧ୍ୟ ମାନସିକ ଏବଂ ପ୍ରାଣିକ ସତ୍ତାର ଅନ୍ତତଃ କେତେକାଂଶ ସଂରକ୍ଷିତ ହୋଇ ରହିବାକୁ ସମର୍ଥ ହୁଅନ୍ତି । ଯଦି, ଉଦାହରଣ ସ୍ୱରୂପ, କେତେକ ଅଂଶ, ତାହା ମାନସିକ

'oaob.nitrkl.ac.in' images reprocessed

ହେଉ ବା ପ୍ରାଣିକ ହୋଇଥାଉ, ମନୁଷ୍ୟ କରିଥିବା କର୍ମର କେତେକ ଅଂଶ ବିଶେଷ ଭାବରେ ବିକଶିତ ହୋଇ ପାରିଥାନ୍ତି, ତେବେ ମନ ଏବଂ ପ୍ରାଣର ଏହି ଉପାଦାନଗୁଡ଼ିକ "ସ୍ୱ-ଆକାରରେ" ମଧ୍ୟ ସଂରକ୍ଷିତ ହୋଇ ରହିପାରନ୍ତି— ସଂଗଠିତ ହୋଇଥିବା ସେହି କ୍ରିୟାଶୀଳତାର ଆକାରରେ ସଂରକ୍ଷିତ ହୋଇ ରହିପାରନ୍ତି । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତିମାନଙ୍କର ବୁଦ୍ଧିଶକ୍ତିର ବିଶେଷ ବିକାଶ ଘଟିଥାଏ, ଯେଉଁମାନେ ଆପଣା ମସ୍ତିଷ୍କର ବିଶେଷ ବିକାଶ ଘଟାଇ ପାରିଥାନ୍ତି, ସେମାନଙ୍କ ସତ୍ତାର ମାନସିକ ଅଂଶଟି ଏହି ଗଠନଟିକୁ ସଂରକ୍ଷିତ କରି ରଖିପାରେ ଏବଂ ତାହା ଏପରି ଏକ ସଂଗଠିତ ମସ୍ତିଷ୍କ ରୂପେ ସଂରକ୍ଷିତ ହୋଇ ରହିଯାଏ, ଯାହାରକି ଏକ ନିଜସ୍ୱ ଜୀବନ ରହିଥାଏ । ତାହା ଏକ ଭବିଷ୍ୟତ ଜୀବନ ଲାଗି ଆପଣାକୁ ଅପରିବର୍ତ୍ତିତ ଭାବରେ ସଂରକ୍ଷିତ କରି ରଖିଥାଏ ଏବଂ ସେତେବେଳେ ଯାଇ ଆପଣାର ସକଳ ଉପାର୍ଜିତ ସମ୍ପଦ ସହିତ ସେଥିରେ ଅଂଶଗ୍ରହଣ କରେ ।

କଳାକାରମାନଙ୍କ ଜୀବନରେ, ଉଦାହରଣ ସ୍ୱରୂପ ଏପରି କେତେକ ସଂଗୀତକାରଙ୍କ ଜୀବନରେ, ଯେଉଁମାନେ କି ସେମାନଙ୍କର ହାତଗୁଡ଼ିକୁ ଏକ ବିଶେଷ ସେଚେତନ ଭାବରେ ବ୍ୟବହାର କରିଥାନ୍ତି, ସେମାନଙ୍କର ପ୍ରାଣିକ ଓ ମାନସିକ ଉପାଦାନଟି ସେହି ହାତଗୁଡ଼ିକର ଆକାରରେହିଁ ସଂରକ୍ଷିତ ହୋଇ ରହିଥାଏ । ଏହି ହାତଗୁଡ଼ିକ ସଂପୂର୍ଣ୍ଣ ସଚେତନ ହୋଇ ରହିଥାନ୍ତି ଏବଂ ଏକ ବିଶେଷ ସାଦୃଶ୍ୟ ରହିଥିଲେ ସେମାନେ ଜୀବନ ଧାରଣ କରିଥିବା ମଣିଷଙ୍କର ଶରୀରକୁ ମଧ୍ୟ ବେଶ୍ ବ୍ୟବହାର କରିପାରନ୍ତି । ଏହିପରି ଏକାଧିକ ଉଦାହରଣ ଦିଆଯାଇ ପାରିବ ।

ତା' ନ ହେଲେ, ଯେଉଁ ସାଧାରଣ ବ୍ୟକ୍ତିମାନଙ୍କ ଭିତରେ ଚୈତ୍ୟ ଆକାରଟିର ପୂର୍ଣ୍ଣ ବିକାଶ ଏବଂ ସଂଗଠନ ସମ୍ଭବ ହୋଇ ନ ଥାଏ, ସେମାନଙ୍କ କ୍ଷେତ୍ରରେ, ଯେତେବେଳେ ଚୈତ୍ୟସତ୍ତା ଶରୀରକୁ ଛାଡ଼ି ଚାଲିଯାଏ, ସେତେବେଳେ ମାନସିକ ତଥା ପ୍ରାଣିକ ଆକାରଗୁଡ଼ିକ ହୁଏତ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସେହିପରି ବିଦ୍ୟମାନ ରହିଥାନ୍ତି । ଯଦି ମରଣଟି ବିଶେଷ ଭାବରେ ଶାନ୍ତିପୂର୍ଣ୍ଣ ଏବଂ ସଂକେନ୍ଦ୍ରିତ ହୋଇ ଘଟିଥାଏ, ତେବେ ସେପରି ହୋଇପାରେ । ମାତ୍ର, ଯଦି ଜଣେ ବ୍ୟକ୍ତିର ହଠାତ୍ ମୃତ୍ୟୁ ଘଟେ, ଏକ ଅତ୍ୟନ୍ତ ବ୍ୟାକୁଳତା ଓ ପ୍ରବଳାବେଗ ମଧ୍ୟରେ ଯଦି ତାହାର ମୃତ୍ୟୁ ଘଟେ, ଯଦି ମଲାବେଳେ ତାହାର ଅଗଣିତ କେତେ ଜାଗାରେ ଆସକ୍ତି ଲାଗି ରହିଥାଏ, ତେବେ ତା' ସତ୍ତାର ବିଭିନ୍ନ ଅଂଶ କେବଳ ଏଣେତେଣେ ବିକ୍ଷିପ୍ତ ହୋଇ ଯାଆନ୍ତି, ନିଜ ନିଜର କ୍ଷେତ୍ରରେ ଅଳ୍ପ ବା ବହୁତ ସମୟ ଲାଗି ସେମାନେ ନିଜନିଜର ଜୀବନଟିକୁ ବଞ୍ଚନ୍ତି ଏବଂ ତା'ପରେ ଅନ୍ତର୍ହିତ ହୋଇଯାନ୍ତି ।

'oaob.nitrkl.ac.in' images reprocessed

ତେଣୁ, ଆମ ଶରୀର ଭିତରେ ଆମର ଚୈତ୍ୟ ସତ୍ତାଟିହିଁ ସର୍ବଦା ସଂଗଠନ ଏବଂ ରୂପାନ୍ତରର କେନ୍ଦ୍ରରୂପେ କାର୍ଯ୍ୟ କରୁଥାଏ । ତେଣୁ ଏପରି ଏକ ବିଶ୍ୱାସ କରି ଆମେ ପ୍ରକୃତରେ ଭାରି ଭୁଲ କରିପକାଉ ଯେ ଜନ୍ମଗୁଡ଼ିକର ଅନୁସରଣ କରି ଅଗ୍ରଗତି ବି ଲାଗି ରହିଥାଏ । ଏପରିକି କେତେକ ଲୋକ ବିଶ୍ୱାସ କରିଥାନ୍ତି ଯେ, ସ୍ଥୂଳ ଜଗତରେ ଦୁଇଟି ଜନ୍ମଗ୍ରହଣ ମଧ୍ୟରେ ଯେଉଁ ମଧ୍ୟବର୍ତ୍ତୀ ପର୍ଯ୍ୟାୟଟି ରହିଥାଏ, ସେତେବେଳେ ଅଗ୍ରଗତି ଅଧିକ ସଂପୂର୍ଣ୍ଣ ଏବଂ ଅଧିକ ଦ୍ରୁତ ଭାବରେ ହୋଇଥାଏ । ସାଧାରଣତଃ,- ପ୍ରକୃତରେ କୌଣସି ଅଗ୍ରଗତି ହୁଏ ନାହିଁ, କାରଣ ସେତେବେଳେ ଚୈତ୍ୟସତ୍ତା ବିଶ୍ରାମର ଏକ ସ୍ଥିତିମଧ୍ୟକୁ ଚାଲିଯାଏ, ଏବଂ ଅନ୍ୟ ଅଂଶଗୁଡ଼ିକ, ଆପଣା ଆପଣାର ରାଜ୍ୟରେ ଅଳ୍ପବହୁତ ଏକ କ୍ଷଣକାଳସ୍ଥାୟୀ ଜୀବନ ଅତିବାହିତ କରିସାରିବା ପରେ, ପ୍ରକୃତରେ ବିଲୁପ୍ତ ହୋଇ ଯାଇଥା'ନ୍ତି ।

ଏହି ପାର୍ଥିବ ଜୀବନ ହେଉଛି ଅଗ୍ରଗତିର ସ୍ଥାନ । ଏହି ପୃଥିବୀ ଉପରେହିଁ ଅଗ୍ରଗତି କରିବା ସମ୍ଭବ ହୋଇଥାଏ । ଯେତେବେଳେ ଆମେ ଏହି ପୃଥିବୀରେ ଦେହ ଧରି ରହିଥାଉ, ସେତିକିବେଳେହିଁ ଯାହା ଅଗ୍ରଗତି ସମ୍ଭବ ହୁଏ । ଏବଂ କେବଳ ଚୈତ୍ୟ ସତ୍ତାହିଁ ସେହି ଅଗ୍ରଗତିକୁ ଜନ୍ମରୁ ଜନ୍ମାନ୍ତରକୁ ବହନ କରି ନେଇଯାଏ, ଆପଣାର ବିବର୍ତ୍ତନ ଏବଂ ବିକାଶକୁ ସ୍ୱୟଂ ସଂଗଠିତ କରି ଚୈତ୍ୟସତ୍ତା ତାହା କରିଥାଏ ।

'oaob.nitrkl.ac.in' images reprocessed

## ୧୯ ଫେବ୍ରୁଆରି ୧୯୫୮

ଫେବ୍ରୁଆରି ୩ ତାରିଖ ଦିନ ମାଆଙ୍କର ହୋଇଥିବା ଏକ ଅନୁଭୂତି ବିଷୟରେ ମାଆ ତାଙ୍କର ମନ୍ତବ୍ୟଟିକୁ ପଢ଼ିଲେ :

ମନୁଷ୍ୟ ଏବଂ ଇତର ଜୀବମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ଅତିମାନସ ଜଗତର ସତ୍ତା ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରାୟ ଠିକ୍ ସେହି ପାର୍ଥକ୍ୟଟି ରହିଛି । କିଛିଦିନ ପୂର୍ବରୁ ଇତର-ପ୍ରାଣୀର ଜୀବନ ସହିତ ଏକାତ୍ମକ ହେବାର ମୋର ଏକ ଅନୁଭୂତି ହୋଇଥିଲା ଏବଂ ଏହା ଏକ ସତ କଥା ଯେ ଇତର ଜୀବମାନେ ଆମକୁ ଆଦୌ ବୁଝିପାରନ୍ତି ନାହିଁ । ସେମାନଙ୍କର ଚେତନାଟି ଏପରି ଭାବରେ ତିଆରି ହୋଇରହିଛି ଯେ ଆମେ ସେଇଟି ମଧ୍ୟରେ ପ୍ରାୟ ଆଦୌ ଟିକିଏ ହେଲେ ଧରାପଡୁ ନାହିଁ । ତଥାପି ମୁଁ ଏକାଧିକ ଗୃହପାଳିତ ଜୀବଙ୍କୁ ଜାଣିବାକୁ ସମର୍ଥ ହୋଇଛି, ବିଲେଇଙ୍କୁ ଜାଣିଛି, କୁକୁରଙ୍କୁ ଜାଣିଛି, ମାତ୍ର ବିଶେଷ ଭାବରେ ବିଲେଇମାନଙ୍କୁ ଜାଣିଛି, ଯେଉଁମାନେ କି ଆମ ଆୟତନଟି ଭିତରେ ପ୍ରବେଶ କରି ପାରିବାକୁ ଚେତନାର ଭୂମିରେ ପ୍ରାୟ ଯୋଗସାଧନା ପରି ଏକ ପ୍ରଚେଷ୍ଟା କରିବାରେ ଲାଗିଥିଲେ ! ମାତ୍ର, ସାଧାରଣତଃ ଏପରି ହୋଇଥାଏ ଯେ, ସେମାନେ ଆମ ଜୀବନ ଓ କର୍ମରେ ଆମକୁ ଯେପରି ଭାବରେ ଦେଖନ୍ତି, ସେମାନେ ପ୍ରକୃତରେ କିଛି ବୁଝିପାରନ୍ତି ନାହିଁ । ଆମେ ପ୍ରକୃତରେ ଯେମିତି, ସେମାନେ ଆମକୁ ଆଦୌ ସେପରି ଭାବରେ ଦେଖିପାରନ୍ତି ନାହିଁ ଏବଂ ଆମ ସକାଶେ ସେମାନଙ୍କୁ ଅନେକ କଷ୍ଟ ଭୋଗ କରିବାକୁ ହୋଇଥାଏ । ଆମେ ସେମାନଙ୍କ ଲାଗି ସର୍ବଦା ଏକ ପ୍ରହେଳିକା ପରି ହୋଇ ରହିଥାଉ । ସେମାନଙ୍କ ଚେତନାର ମାତ୍ର ଏକ ଅତ୍ୟଳ୍ପ ଅଂଶରହିଁ ଆମ ସହିତ ହୁଏତ କୌଣସି ଯୋଗସୂତ୍ର ରହିଥାଏ । ଏବଂ ଆମେ ଯେତେବେଳେ ଅତିମାନସ ଜଗତଟି ଆଡ଼କୁ ଅନାଇ ଦେଖିବାକୁ ବାହାରୁ, ଆମର ଦଶାଟି ମଧ୍ୟ ଠିକ୍ ସେହିପରି ହୋଇଥାଏ । ଯେତେବେଳେ ଚେତନାର ଭୂମିରେ ଏକ ଯୋଗସୂତ୍ରର ସ୍ଥାପନ ହୋଇପାରିବ, କେବଳ ସେତିକିବେଳେ ଯାଇ ଆମେ ତାହା ଉପରେ ଯଥାର୍ଥ ଭାବରେ ଦୃଷ୍ଟିପାତ କରିପାରିବା । ଏବଂ ସେତେବେଳେ ମଧ୍ୟ, ଆମ ସତ୍ତାର ଯେଉଁ ଅଂଶଟିରେ ଏହିପରି ଭାବରେ ଏକ ରୂପାନ୍ତର ସମ୍ଭବ ହୋଇଥିବ, କେବଳ ସେହି ଅଂଶଟିହିଁ ତାହାକୁ ଯଥାର୍ଥ ଭାବରେ ଦେଖିବା ଲାଗି ସମର୍ଥ ହୋଇପାରିବ । ତା' ନ ହେଲେ, ବର୍ତ୍ତମାନ ଇତର ଜୀବଙ୍କର ସଂସାର ଓ ମନୁଷ୍ୟର ସଂସାର ଯେପରି ପରସ୍ପରଠାରୁ ଅଲଗା ହୋଇ

'oaob.nitrkl.ac.in' images reprocessed

ରହିଛନ୍ତି, ସେହି ଦୁଇଟିଯାକ ଜଗତ ମଧ୍ୟ ପରସ୍ପରଠାରୁ ଠିକ୍ ସେହିପରି ଭାବରେ ଅଲଗା ହୋଇ ରହିଥିବେ ।

ଫେବ୍ରୁଆରି ତିନି ତାରିଖ ଦିନ ମୋ'ର ଯେଉଁ ଅନୁଭୂତିଟି ହୋଇଥିଲା, ସେଥିରୁ ମଧ୍ୟ ତାହାର ପ୍ରମାଣ ମିଳିଯାଉଛି । ତା' ପୂର୍ବରୁ ଅତିମାନସ ଜଗତ ସହିତ ମୋ'ର ଏକ ବ୍ୟକ୍ତିଗତ ଆଶୟପ୍ରଧାନ ସଂପର୍କ ସ୍ଥାପିତ ହୋଇଥିଲା । ମାତ୍ର ଫେବ୍ରୁଆରି ୩ ତାରିଖ ଦିନ ମୁଁ ସେହି ଜଗତ ମଧ୍ୟରେ ମୂର୍ତ୍ତ ଭାବରେ ବିଚରଣ କରି ପାରିଲି; ଏକଦା ପାରିସ୍ ସହରରେ ଯେପରି ସାକାର ଓ ବାସ୍ତବ ହୋଇ ବିଚରଣ କରିଥିଲି, ଠିକ୍ ସେହିପରି ସାକାର ଭାବରେ ବିଚରଣ କରିପାରିଲି । ଯାବତୀୟ ଆଶୟଗତତାର ବାହାରେ ଏକ ସ୍ୱୟଂ-ବର୍ତ୍ତମାନ ଜଗତରେ ମୁଁ ବିଚରଣ କରିପାରିଲି ।

ସତେ ଯେପରି ଦୁଇ ପୃଥିବୀ ମଧ୍ୟରେ ଗୋଟିଏ ସେତୁ ସ୍ଥାପିତ ହୋଇ ଯାଇଥିଲା । ଅନୁଭୂତିଟିର ଅବ୍ୟବହିତ ପରେ ମୁଁ ସେଇଟିକୁ ଯେପରି ଭାବରେ ଡାକି କହି ଦେଇଥିଲି, ଏଠାରେ ସେହିପରି ଏକ ବିବରଣ ଦେଉଛି :

(*ମାଆ ନୀରବ ରହିଲେ*)

ଅତିମାନସ ଜଗତ ସ୍ଥାୟୀ ଭାବରେ ବିଦ୍ୟମାନ ରହିଛି ଏବଂ ଏକ ଅତିମାନସ ଶରୀର ବହନ କରି ତାହାରି ମଧ୍ୟରେ ସ୍ଥାୟୀ ଭାବରେ ବାସ କରୁଛି । ଯେତେବେଳେ ମୋ'ର ପୃଥ୍ୱୀ-ଚେତନା ସେଠାକୁ ଯାଇ ଅପରାହ୍ଣ ଦୁଇଟାରୁ ତିନିଟା ମଧ୍ୟରେ ସଚେତନ ଭାବରେ ଅବସ୍ଥାନ କରିବାକୁ ଲାଗିଲା, ଆଜି ମଧ୍ୟ ମୋ ପାଖରେ ସେହି ସମୟଟିର ପ୍ରମାଣ ରହିଛି । ଦୁଇଟିଯାକ ପୃଥିବୀ ଯେ ଏକ ସତତ ଏବଂ ସଚେତନ ସମ୍ବନ୍ଧ ସ୍ଥାପନ କରି ଏକତ୍ରବଦ୍ଧ ହୋଇ ରହିପାରୁ ନାହାନ୍ତି, ତାହାର କାରଣରୂପେ ମୁଁ ବର୍ତ୍ତମାନ ଜାଣିପାରୁଛି ଯେ, ବର୍ତ୍ତମାନର ଏହି ଭୌତିକ ଜଗତ ଏବଂ ଯଥାର୍ଥ ଅତିମାନସ ଜଗତ ମଧ୍ୟରେ ପ୍ରକୃତରେ ଏକ ମଧ୍ୟବର୍ତ୍ତୀ ମଣ୍ଡଳ ମଧ୍ୟ ରହିଛି । ସେହି ମଣ୍ଡଳଟିକୁ ବ୍ୟକ୍ତିର ଚେତନା ମଧ୍ୟରେ ଯେପରି ତିଆରି କରି ରଖିବାକୁ ହେବ, ଏହି ବାହ୍ୟ ପୃଥିବୀରେ ମଧ୍ୟ ଠିକ୍ ସେହିପରି ତା'ର ନିର୍ମାଣ କରିବାକୁ ପଡ଼ିବ । ଏବଂ ବର୍ତ୍ତମାନ ସେଇଟିରହିଁ ନିର୍ମାଣ ହେଉଛି । ସୃଷ୍ଟ ହୋଇ ଆସୁଥିବା ନୂତନ ପୃଥିବୀଟି ବିଷୟରେ ମୁଁ ଯେତେବେଳେ ବି କହୁଥିଲି, ସେତେବେଳେ ମୁଁ କେବଳ ଏହି ମଧ୍ୟବର୍ତ୍ତୀ ମଣ୍ଡଳଟି ବିଷୟରେହିଁ କହୁଥିଲି । ଏବଂ ଠିକ୍ ସେହିପରି ଭାବରେ, ଯେତେବେଳେ ମୁଁ ଏପାଖଟିରେ ରହିଛି, ଅର୍ଥାତ୍ ସ୍ଥୂଳ ଚେତନାର କ୍ଷେତ୍ରରେ ଅବସ୍ଥିତ ରହିଛି, ଏବଂ ଏହିଠାରୁ ଅତିମାନସ ଶକ୍ତି ଆଡ଼କୁ ଅନାଇ ଦେଖୁଛି,

'oaob.nitrkl.ac.in' images reprocessed

ଅତିମାନସ ଆଲୋକ ଏବଂ ଉପାଦାନଟି ସତତ ଏହି ଜଡ଼ ମଧ୍ୟରେ ଆସି ପ୍ରବେଶ କରୁଥିବାର ଦେଖି ପାରୁଛି, ସେତେବେଳେ ମୁଁ ପ୍ରକୃତରେ ସେହି ମଣ୍ଡଳଟିର ନିର୍ମାଣକୁହିଁ ଦେଖିପାରୁଛି ଏବଂ ସେହି ନିର୍ମାଣରେ ମୁଁ ଅଂଶଗ୍ରହଣ କରୁଛି ।

ମୁଁ ଏପରି ଗୋଟିଏ ବିରାଟ ନୌକାରେ ବସିଥିଲି, ଯାହାକୁ କି, ଯେଉଁଠାରେ ସେହି ନିର୍ମାଣ କାର୍ଯ୍ୟଟି ହେଉଛି, ସେହି ସ୍ଥାନର ଏକ ପ୍ରତୀକାତ୍ମକ ଉପସ୍ଥାପନ ବୋଲି କୁହାଯାଇ ପାରିବ । ଏହି ନୌକାଟି ପ୍ରାୟ ଏକ ସହର ସଦୃଶ ବଡ଼ ହୋଇ ଦିଶୁଥିଲା ଏବଂ ତାହା ପୂର୍ଣ୍ଣରୂପେ ସଂଗଠିତ ହୋଇ ରହିଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ବେଶ୍ କିଛି କାଳ ଧରି ଆପଣାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ଆରମ୍ଭ କରି ଦେଇଥିଲା । କାରଣ ତାହାର ଯାବତୀୟ ସଂଗଠନ ପ୍ରକୃତରେ ସଂପୂର୍ଣ୍ଣ ହୋଇ ସାରିଥିଲା । ଅତିମାନସ ଜଗତ ଲାଗି ଅଭିପ୍ରେତ ବ୍ୟକ୍ତିମାନଙ୍କୁ ସେଠାରେ ପ୍ରଶିକ୍ଷଣ ଦିଆ ଯାଉଥିଲା । ଏହି ଲୋକମାନେ,— ବା ସେମାନଙ୍କ ସତ୍ତାର ଅନ୍ତତଃ କେତେକ ଅଂଶ,— ସେତେବେଳକୁ ଆପଣା ଭିତରେ ଏକ ଅତିମାନସ ରୂପାନ୍ତର ସମ୍ଭବ କରି ସାରିଥିଲେ, କାରଣ ସ୍ୱୟଂ ନୌକାଟି ଓ ନୌକା ଭିତରେ ଯାହାକିଛି ରହିଥିଲା, ସେଗୁଡ଼ିକ ଆଦୌ ଭୌତିକ, ସୂକ୍ଷ୍ମଭୌତିକ, ପ୍ରାଣିକ କିଂବା ମାନସିକ ସୋପାନରେ ମୋଟେ ରହି ନ ଥିଲା,— ତାହା ଏକ ଅତିମାନସ ଉପାଦାନରେ ପରିଣତ ହୋଇ ସାରିଥିଲା । ଏହି ଉପାଦାନଟି ସର୍ବାଧିକ ପରିମାଣରେ ଭୌତିକ ହୋଇ ରହିଥିବା ଏକ ଅତିମାନସ ଉପାଦାନ ହୋଇ ରହିଥିଲା, ଯାହାକି ସ୍ଥୂଳ ପୃଥିବୀଟିର ନିକଟତମ ହୋଇ ରହିଥିଲା, ଯାହାକି ସର୍ବପ୍ରଥମେ ପ୍ରକଟ ହେବ ବୋଲି ଉଦ୍ଦିଷ୍ଟ ହୋଇ ରହିଥିଲା । ସେଠି ସୁନେଲି ଏବଂ ଲାଲ ରଙ୍ଗ ମିଶି ଏକାଠି ଏକ ରଙ୍ଗ ବିସ୍ତାର କରି ରହିଥିଲେ, ଦୁହେଁ ମିଶି ଉଜ୍ଜ୍ୱଳ କେଶରୀ ରଙ୍ଗର ଏକ ଉପାଦାନଟିକୁ ସୁଗଠିତ କରି ରଖିଥିଲେ । ସବୁକିଛି ଠିକ୍ ସେହିପରି ହୋଇ ରହିଥିଲା; ଆଲୁଅଟି ତଥା ସେଠାରେ ଥିବା ଲୋକମାନେ ମଧ୍ୟ ସେହିପରି ହୋଇ ରହିଥିଲେ । ସବୁକିଛିର ରଙ୍ଗ ସେହିପରି ଥିଲା; ଅବଶ୍ୟ ତାହାର ପ୍ରଗାଢ଼ତା ଭିନ୍ନ ଭିନ୍ନ ଜାଗାରେ ଭିନ୍ନ ଭିନ୍ନ ହୋଇ ରହିଥିଲା, ଯାହାଫଳରେ କି ବସ୍ତୁଗୁଡ଼ିକୁ ପରସ୍ପରଠାରୁ ଅଲଗା କରି ଚିହ୍ନିନେଇ ପାରିବା ବେଶ୍ ସମ୍ଭବ ହେଉଥିଲା । ସାଧାରଣ ଭାବରେ ଦୃଷ୍ଟି ପକାଇ ଦେଲା ବେଳକୁ ହଠାତ୍ ମନେ ହେଉଥିଲା; ସେହି ଜଗତରେ ସତେଯେପରି କେଉଁଠିହେଲେ କୌଣସି ଛାଇ ନାହିଁ । ପ୍ରତିବିମ୍ବମାନ ପଡ଼ିଥିଲା, ମାତ୍ର କେଉଁଠି କୌଣସି ଛାଇ ନ ଥିଲା । ବାତାବରଣଟିରେ ଆନନ୍ଦ, ସ୍ଥିରତା ଏବଂ ଶୃଙ୍ଖଳା ପୂର୍ଣ୍ଣ ହୋଇ ରହିଥିଲା । ସବୁକିଛି ନିୟମିତ ଭାବରେ ଚାଲିଥିଲା, ସଂପୂର୍ଣ୍ଣ ନୀରବତା ସହିତ ଚାଲିଥିଲା । ଏବଂ, ଯୁଗପତ୍ ଭାବରେ ଏକ ପ୍ରଶିକ୍ଷଣର ଯାବତୀୟ ଟିକିନିଖି ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇ ଯାଉଥିଲା । ଯାବତୀୟ

'oaob.nitrkl.ac.in' images reprocessed

କ୍ଷେତ୍ରରେହିଁ ପ୍ରଶିକ୍ଷଣ ଲାଗି ରହିଥିଲା ଏବଂ ନୌକା ଉପରେ ରହିଥିବା ବ୍ୟକ୍ତିମାନେ ସେହି ପ୍ରଶିକ୍ଷଣଟିକୁ ଲାଭ କରୁଥିଲେ ।

ଏହି ବିରାଟ ନାବଟି ଠିକ୍ ସେତିକିବେଳେ ଯାଇ ଅତିମାନସ ଜଗତର ଉପକୂଳରେ ପହଞ୍ଚିଥିଲା, ଏବଂ ଏହି ଅତିମାନସ ଜଗତର ସର୍ବପ୍ରଥମ ଅଧିବାସୀ ହେବା ଲାଗି ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥିବା ବ୍ୟକ୍ତିମାନଙ୍କର ପ୍ରଥମ ଦଳଟିର ସେଠାରେ ଅବତରଣ କରିବାର ଥିଲା । ଏହି ପ୍ରଥମ ଅବତରଣ ସକାଶେ ସବୁପ୍ରକାର ପ୍ରସ୍ତୁତି ହୋଇ ସାରିଥିଲା । ଘାଟରେ କେତେକ ଦୀର୍ଘକାୟ ବ୍ୟକ୍ତି ନିଯୁକ୍ତ ହୋଇ ରହିଥିଲେ । ସେମାନେ ମନୁଷ୍ୟ ଭଳି ଦିଶୁ ନ ଥିଲେ, ସେମାନେ ଆଗରୁ ବି କେବେହେଲେ ମନୁଷ୍ୟ ନ ଥିଲେ । ସେମାନେ ଅତିମାନସ ଜଗତର ସ୍ଥାୟୀ ବାସିନ୍ଦା ହୋଇ ମଧ୍ୟ ରହି ନ ଥିଲେ । ସେମାନେ ଊର୍ଦ୍ଧ୍ୱରୁ ଭାରପ୍ରାପ୍ତ ହୋଇ ଆସିଥିଲେ ଏବଂ ଅବତରଣଟିର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନ କରିବା ଲାଗି ସେଠାକୁ ଆସିଥିଲେ । ମୁଁ ସମୁଦାୟ ଅନୁଷ୍ଠାନଟିର ଦାୟିତ୍ୱରେ ରହିଥିଲି ଏବଂ ସବୁ ସମୟରେ ସେହି ଦାୟିତ୍ୱରେ ରହିଥିଲି । ସକଳ ଦଳଗୁଡ଼ିକୁ ମୁଁ ନିଜେ ପ୍ରସ୍ତୁତ କରି ରଖିଥିଲି । ବାହାରକୁ ଯିବାର ଠିକ୍ ଦ୍ୱାରଦେଶରେହିଁ ମୁଁ ଉପସ୍ଥିତ ଥିଲି, ଦଳଗୁଡ଼ିକୁ ଗୋଟି ଗୋଟି କରି ଡାକୁଥିଲି ଏବଂ ଉପକୂଳ ଉପରକୁ ସେମାନଙ୍କୁ ଓହ୍ଲାଇ ଦେଉଥିଲି । ଯେଉଁମାନେ ଅବତରଣ କରୁଥିଲେ, ସେଠାରେ ମୁତୟନ ହୋଇ ରହିଥିବା ଦୀର୍ଘକାୟ ବ୍ୟକ୍ତିମାନେ ସେମାନଙ୍କର ଯାବତୀୟ ବିଷୟକୁ ତନଖି ଦେଖୁଥିଲେ; ଯେଉଁମାନେ ପ୍ରସ୍ତୁତ ହୋଇ ସାରିଥିଲେ, ସେମାନଙ୍କୁ ଅବତରଣ କରିବାର ଅଧିକାର ପ୍ରଦାନ କରୁଥିଲେ ଏବଂ ଯେଉଁମାନଙ୍କର ପ୍ରସ୍ତୁତି ପୂର୍ଣ୍ଣ ହୋଇ ନ ଥିଲା, ସେମାନେ ସେମାନଙ୍କୁ ପୁଣି ଜାହାଜଟି ମଧ୍ୟକୁ ଫେରାଇ ଦେଉଥିଲେ । ଜାହାଜ ଉପରକୁ ଯାଇ ପୁନର୍ବାର ପ୍ରଶିକ୍ଷଣ ନେବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା । ସେଠାରେ ଅବସ୍ଥିତ ରହି ସମସ୍ତଙ୍କୁ ଦେଖୁଥିବା ସମୟରେ, ମୋ' ଚେତନାର ଯେଉଁ ଅଂଶଟି ଏଠାରୁ ନିଷ୍ପନ୍ନ ହୋଇ ଆସିଥିଲା, ତାହା ହଠାତ୍ ଭାରି ଆଗ୍ରହାନ୍ୱିତ ହୋଇ ଉଠିଲା, ତାହା ସବୁ ବ୍ୟକ୍ତିଙ୍କୁ ଦେଖିବା ଲାଗି ଏବଂ ଚିହ୍ନିବା ଲାଗି ଆଗ୍ରହ ପ୍ରକାଶ କଲା । ସେମାନେ ପ୍ରକୃତରେ କିପରି ବଦଳି ଯାଇଥିଲେ, କେଉଁମାନଙ୍କୁ ସଙ୍ଗେ ସଙ୍ଗେ ଗ୍ରହଣ କରାଯାଉଥିଲା ଓ କେଉଁମାନଙ୍କୁ ଆହୁରି ଅଧିକ ପ୍ରଶିକ୍ଷଣ ଲାଗି ଫେରାଇ ଦିଆ ଯାଉଥିଲା, ସେକଥାଟିକୁ ତନଖି ଦେଖିବା ଲାଗି ଭାରି ଆଗ୍ରହୀ ହୋଇଉଠିଲା । କିଛି ସମୟ ପରେ,— ସେତେବେଳେ ମୁଁ ସେଠାରେ ଠିଆ ହୋଇ ସବୁ ଦେଖୁଥାଏ,— ମୁଁ ଏପରି ଅନୁଭବ କରିବାକୁ ଆରମ୍ଭ କଲି, ସତେଯେପରି ମୋତେ କିଏ ପଛକୁ ଟାଣି ଟାଣି ନେଇଯାଉଛି, ଯେପରିକି ମୋ'ର ଦେହ ଜାଗ୍ରତ ହୋଇଉଠି ପାରିବ । ଏଠାରେ ମୋ ଦେହକୁ ମୁଁ ଏକଚେତନା ବା ଜଣେ ବ୍ୟକ୍ତି ପରି

'oaob.nitrkl.ac.in' images reprocessed

ପ୍ରତ୍ୟକ୍ଷ କରୁଥିଲି । ଏବଂ ମୋ' ଚେତନା ମଧ୍ୟରେ ଥାଇ ମୁଁ ପ୍ରତିବାଦ କରିବାକୁ ଲାଗିଲି, "ନାଇଁ, ନାଇଁ, ବର୍ତ୍ତମାନ ନୁହେଁ । ମୁଁ ଏହି ବ୍ୟକ୍ତିମାନଙ୍କୁ ଦେଖିବାକୁ ଚାହୁଁଛି !" ପ୍ରଗାଢ଼ ଆଗ୍ରହର ସହିତ ମୁଁ ସବୁକିଛି ଦେଖୁଥିଲି ଓ ସବୁକିଛିକୁ ଉଲ୍ଲେଖ କରି ରଖୁଥିଲି ।... ଏହିପରି ସବୁକିଛି ଘଟିବାରେ ଲାଗିଥିଲା । ତା'ପରେ ଏଠାରେ ହଠାତ୍ ଠଂ ଠଂ କରି ତିନିଟା ବାଜିଲା ଏବଂ ତାହା ମୋତେ ସତେଅବା ଏହି ଜଗତ ମଧ୍ୟକୁ ଫେରାଇ ନେଇଆସିଲା । ମୁଁ ଯେପରି ଦୁଲ୍ କରି ମୋ' ଶରୀର ଭିତରେ ଆସି ପଡ଼ିଲି, ଠିକ୍ ସେହିପରି ଏକ ଅନୁଭୂତି ହେଲା । ମୋତେ ଏତେ ହଠାତ୍ ଭାବରେ ଡାକି ପଛକୁ ନେଇ ଅଣାଗଲା ବୋଲି ମୁଁ ପ୍ରକୃତରେ ଏକ ଆଘାତ ପାଇଲା ପରି ଅନୁଭବ କରିଥିଲି ସତ, ମାତ୍ର ସେତେବେଳେ ଯାହାକିଛି ଦେଖିଥିଲି, ସେହି ସବୁକିଛି ସଂପୂର୍ଣ୍ଣ ଭାବରେ ମୋର ମନେ ରହିଗଲା । ମୁଁ ନିଶ୍ଚଳ ହୋଇ ରହିଲି, ଏତେଟିକିଏ ବି ହଲଚଲ ହେଲି ନାହିଁ ଏବଂ ପରିଶେଷରେ ମୁଁ ସବୁକିଛି ସ୍ମରଣ କରିପାରିଲି ଏବଂ ସେଇଟିକୁ ଧାରଣ କରି ରଖିଲି ।

ଏହି ପୃଥିବୀରେ ଯାବତୀୟ ବସ୍ତୁକୁ ଆମେ ଯେଉଁ ପ୍ରକୃତିରେ ରହିଥିବାର ଦେଖିଥାଉ, ତରଣୀଟି ଉପରେ ସେଗୁଡ଼ିକ ଆଦୌ ସେପରି ହୋଇ ରହି ନ ଥିଲେ । ଉଦାହରଣ ସ୍ୱରୂପ, ପରିଧାନଗୁଡ଼ିକ ଆଦୌ ସାଧାରଣ ପରିଚ୍ଛଦ ନ ଥିଲା, ଏବଂ ଯାହା ପରିଚ୍ଛଦ ପରି ଦେଖା ଯାଉଥିଲା, ସେଗୁଡ଼ିକ ପ୍ରକୃତରେ କେଉଁଠି ହେଲେ ବୁଣା ହୋଇ ନ ଥିଲା । ସେଗୁଡ଼ିକ ଯେଉଁ ଉପାଦାନରେ ତିଆରି ହୋଇଥିଲା, ତାହା ଏକାବେଳେକେ ନାନାଭଳି ଆକାର ଗ୍ରହଣ କରିବାରେ ଲାଗିଥିଲା । ସେଗୁଡ଼ିକ ମଧ୍ୟରେ ଏକ ପ୍ରକାରର ନମନୀୟତା ରହିଥିଲା । ଯେତେବେଳେ ସେଥିରେ କୌଣସି ପରିବର୍ତ୍ତନ ଘଟାଇବାକୁ ପଡୁଥିଲା, ସେତେବେଳେ ଆଦୌ କୌଣସି କୃତ୍ରିମ ଓ ବାହ୍ୟ ଉପାୟରେ ନୁହେଁ, ମାତ୍ର ଏକ ଅନ୍ତର୍ଗତ କ୍ରିୟାଶୀଳତା ଦ୍ୱାରା ଅର୍ଥାତ୍ ଉପାଦାନଟିକୁ ଇପ୍ସିତ ରୂପ ବା ଆକାରଟି ଆଣି ଦେଉଥିବା ଚେତନାଗତ ଏକ କ୍ରିୟାଶୀଳତା ଦ୍ୱାରା ତାହାକୁ ସମ୍ଭବ କରାଯାଇ ପାରୁଥିଲା । ସେଠାରେ ଜୀବନ ଆପଣାର ଆକାରଗୁଡ଼ିକୁ ତିଆରି କରି ପାରୁଥିଲା, ପ୍ରତ୍ୟେକ ବସ୍ତୁଟି ସେହି ଗୋଟିଏ ଉପାଦାନ ଦ୍ୱାରା ତିଆରି ହୋଇଥିଲା ଏବଂ ପ୍ରୟୋଜନ ଏବଂ ଉପଯୋଗିତା ଅନୁସାରେ ତାହା ଆପଣାର ସ୍ପନ୍ଦନଟିର ଗୁଣାତ୍ମକତାକୁ ବଦଳାଇ ଦେଇ ପାରୁଥିଲା ।

ଯେଉଁମାନଙ୍କୁ ଅଧିକ ପ୍ରଶିକ୍ଷଣ ଲାଗି ଫେରାଇ ଦିଆ ଯାଉଥିଲା, ସେଗୁଡ଼ିକ ଆଦୌ ଗୋଟିଏ ରଙ୍ଗର ନ ଥିଲା; ମନେ ହେଉଥିଲା, ସତେଯେପରି ସେମାନଙ୍କର ଶରୀରରେ କୌଣସି ଏକ ଉପାଦାନର ଧୂସରାଭ ଓ ପ୍ରଭାହୀନ ଏପରି ଅନେକ ଦାଗସବୁ

'oaob.nitrkl.ac.in' images reprocessed

ରହିଥିଲା, ଯାହାକି ଏହି ପୃଥିବୀର କୌଣସି ଉପାଦାନ ପରି ଦେଖା ଯାଉଥିଲା । ସେଗୁଡ଼ିକ ଭାରି ନିଷ୍ପ୍ରଭ ଦିଶୁଥିଲେ, ସତେଯେପରି ଆଲୋକ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଆଦୌ ଭେଦ କରି ପାରି ନ ଥିଲା, ସେଗୁଡ଼ିକରେ କୌଣସି ରୂପାନ୍ତର ଘଟାଇ ପାରି ନ ଥିଲା । ସବୁଠାରେ ଯେ ସେଗୁଡ଼ିକ ସେପରି ଦେଖା ଯାଉଥିଲେ ତା' ନୁହେଁ, କେବଳ ସ୍ଥାନେ ସ୍ଥାନେ ସେପରି ଦିଶୁଥିଲେ ।

ଉପକୂଳରେ ଅବସ୍ଥିତ ଥିବା ଦୀର୍ଘକାୟ ସତ୍ତାଗୁଡ଼ିକ ମଧ୍ୟ ଆଦୌ ଗୋଟିଏ ରଙ୍ଗର ନ ଥିଲେ । ଅନ୍ତତଃ ସେମାନଙ୍କ ଭିତରେ ସେହି କେଶରୀ ରଙ୍ଗର ଛିଟାଟିଏ ମୋଟେ ନ ଥିଲା । ସେମାନେ ଟିକିଏ ଅଧିକ ବିବର୍ଣ୍ଣ ଦେଖା ଯାଉଥିଲେ ଏବଂ ଅଧିକ ସ୍ୱଚ୍ଛ ବି ଦିଶୁଥିଲେ । ସେମାନଙ୍କ ଶରୀରର ଗୋଟିଏ ଅଂଶକୁ ଛାଡ଼ିଦେଲେ, ସେମାନଙ୍କ ଦେହାକୃତିର କେବଳ ବାହ୍ୟ ରେଖାଗୁଡ଼ିକହିଁ ଦୃଷ୍ଟିଗୋଚର ହେଉଥିଲା । ସେମାନେ ଭାରି ଢେଙ୍ଗା ଦେଖା ଯାଉଥିଲେ, ସେମାନଙ୍କ ଶରୀରରେ ଯେପରି ଆଦୌ କୌଣସି ହାଡ଼ ନ ଥିଲା, ଏବଂ ପ୍ରୟୋଜନ ଅନୁସାରେ ସେମାନେ ଯେପରି ଯେକୌଣସି ଆକାର ବି ଧାରଣ କରି ପାରୁଥିଲେ । କେବଳ ଅଣ୍ଟାଠାରୁ ତଳଭାଗକୁ ସେମାନଙ୍କ ଦେହରେ ଏକ ସ୍ଥାୟୀ ପ୍ରଗାଢ଼ତା ରହିଥିଲା, ମାତ୍ର ଶରୀରର ଅନ୍ୟ ଭାଗଗୁଡ଼ିକରେ ତାହା ମୋଟେ ଦୃଷ୍ଟିଗୋଚର ହେଉ ନ ଥିଲା । ସେମାନଙ୍କର ରଙ୍ଗ ଅପେକ୍ଷାକୃତ ଅଧିକ ହାଲୁକା ହୋଇ ରହିଥିଲା, ସେଥିରେ ନାଲିରଙ୍ଗର ଅଂଶଟି ଭାରି କମ୍ ମାତ୍ରାରେ ଥିଲା, ଅପେକ୍ଷାକୃତ ଅଧିକ ସୁନେଲି ଥିଲା, ବରଂ ଅଧିକ ଶ୍ୱେତ ବର୍ଣ୍ଣ ବି ଥିଲା । ଶୁଭ୍ରାଭ ଆଲୋକର ଅଂଶଗୁଡ଼ିକ ଭିତରୁ ପ୍ରଭାସ୍ୱର ହୋଇ ଦିଶୁଥିଲା । ସେଗୁଡ଼ିକ ଯେ ଏକାବେଳେକେ ସ୍ୱଚ୍ଛ ଥିଲା ତା'ନୁହେଁ, ମାତ୍ର ଅପେକ୍ଷାକୃତ କମ୍ ପ୍ରଗାଢ଼ ହୋଇ ଦିଶୁଥିଲା, କେଶରୀ ରଙ୍ଗର ଉପାଦାନଟି ତୁଳନାରେ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଥିଲା ।

ଯେତେବେଳେ ମୋତେ ଫେରି ଆସିବା ଲାଗି ଡାକ ଦିଆ ଯାଉଥିଲା ଏବଂ ମୁଁ "ବର୍ତ୍ତମାନ ନୁହେଁ" ବୋଲି କହୁଥିଲି, ସେତେବେଳେ ସବୁଥର ମୁଁ ନିଜ ଉପରେ ମଧ୍ୟ ଆଖି ବୁଲାଇ ଆଣୁଥିଲି, ଅର୍ଥାତ୍, ଅତିମାନସ ଜଗତରେ ମୁଁ ଧାରଣ କରିଥିବା ରୂପଟି ଉପରେ ଦୃଷ୍ଟିପାତ କରି ପାରୁଥିଲି । ମୋ'ର ଆକାରଟି ସତେଯେପରି ସେହି ଦୀର୍ଘକାୟ ସତ୍ତା ଏବଂ ଜାହାଜ ଉପରେ ଥିବା ଅନ୍ୟ ସତ୍ତାମାନଙ୍କ ଆକାରର ମଝିମଝିଆ ହୋଇ ରହିଥିଲା । ମୋ' ଶରୀରର ଉପରି ଭାଗଟି, ବିଶେଷ କରି ମୁଣ୍ଡଟି କେବଳ ଏକ ଛାୟାଚିତ୍ର ପରି ଦିଶୁଥିଲା, ଯାହାର ଭିତରଟା ଧଳାରଙ୍ଗର ଥିଲା ଏବଂ ଧାରରେ କେଶରୀରଙ୍ଗ ଝଟକି ଉଠୁଥିଲା । ଗୋଡ଼ ଆଡ଼କୁ ଅଗ୍ରସର ହେବା ସଙ୍ଗେ ସଙ୍ଗେ ସେହି ରଙ୍ଗଟି କେଶରୀ ହୋଇ ଯାଉଥିଲା, ଅର୍ଥାତ୍, ଜାହାଜ ଉପରେ ରହିଥିବା ଲୋକଙ୍କର

'oaob.nitrkl.ac.in' images reprocessed

ରଙ୍ଗ ପରି ହୋଇ ଯାଉଥିଲା । ଏବଂ, ଉପର ଆଡ଼କୁ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତାହା ଅଧିକ ଭାସ୍ୱର ଏବଂ ଶୁଭ୍ର ଦେଖା ଯାଉଥିଲା, ଲାଲରଙ୍ଗଟି କମି କମି ଆସୁଥିଲା । ମସ୍ତକଟି କେବଳ ଏକ ଛାୟାଚିତ୍ରର ଆଭା ହୋଇ ରହିଥିଲା ଓ ତା'ମଧ୍ୟରେ ଏକ ସୂର୍ଯ୍ୟ ଉଦ୍‌ଭାସିତ ହୋଇ ରହିଥିଲେ । ସେଥିରୁ କିରଣରେଖାମାନ ବିକୀର୍ଣ୍ଣ ହୋଇ ଆସୁଥିଲେ, ଯାହାକୁକି ଏକ ଇଚ୍ଛାଶକ୍ତିର କ୍ରିୟାଶୀଳତା ବୋଲି କୁହାଯାଇ ପାରିବ ।

ଜାହାଜଟି ଉପରେ ମୁଁ ଯେଉଁ ବ୍ୟକ୍ତିମାନଙ୍କୁ ଦେଖିବାକୁ ପାଉଥିଲି, ସେମାନଙ୍କୁ ସମସ୍ତଙ୍କୁ ଚିହ୍ନି ପାରୁଥିଲି । ସେମାନଙ୍କ ମଧ୍ୟରୁ କେତେଜଣ ଏଠାରୁ ଯାଇଥିଲେ, ଏହି ଆଶ୍ରମରୁ ଯାଇଥିଲେ, ଆଉକେତେକେ ଅନ୍ୟ ସ୍ଥାନମାନଙ୍କରୁ ଆସିଥିଲେ । କିନ୍ତୁ ସେମାନଙ୍କୁ ମଧ୍ୟ ମୁଁ ଜାଣିଥିଲି । ମୁଁ ସମସ୍ତଙ୍କୁ ବେଶ୍ ଦେଖି ପାରୁଥିଲି, ମାତ୍ର ଏହି ପୃଥିବୀକୁ ଫେରିଆସିବା ପରେ ମୁଁ ଯେ ସମସ୍ତଙ୍କୁ ସ୍ମରଣ କରି ପାରିବି ନାହିଁ, ସେହି କଥାଟିକୁ ଜାଣିଥିବାରୁ, ମୁଁ ସେମାନଙ୍କୁ ନାମ ଦେଇ ନ ଚିହ୍ନିବାକୁହିଁ ସ୍ଥିର କରିଥିଲି । ଏବଂ, ନାମ ଦେଇ ଚିହ୍ନିବାର କୌଣସି ଆବଶ୍ୟକତା ମଧ୍ୟ ନ ଥିଲା । ତିନି ଚାରୋଟି ମୁହଁ ମୋତେ ଭାରି ସ୍ପଷ୍ଟ ଭାବରେ ଦେଖା ଯାଉଥିଲେ ଏବଂ ମୁଁ ଯେମିତି ସେମାନଙ୍କୁ ଦେଖିଲି, ସେତେବେଳେ, ଏହି ପୃଥିବୀରେ ସେମାନଙ୍କର ଆଖି ଭିତରକୁ ଅନାଇ ଦେଖିବାବେଳେ ମୋର ହୋଇଥିବା ଭାବଟିକୁ ମୁଁ ବେଶ୍ ବୁଝିବାକୁ ଆରମ୍ଭ କଲି । ସେମାନଙ୍କର ମୁଖମଣ୍ଡଳ ଉପରେ ମୁଁ ପ୍ରକୃତରେ ଏକ ଅସାଧାରଣ ଆନନ୍ଦ ଦେଖିବାକୁ ପାଇଥିଲି ।...ସେମାନେ ଅଧିକାଂଶତଃ ଅଳ୍ପ ବୟସର ଥିଲେ, କେତେକ ସାନ ପିଲା ମଧ୍ୟ ଥିଲେ– ପ୍ରାୟ ଚଉଦ କି ପନ୍ଦର ବର୍ଷର, ନିଶ୍ଚିତ ଭାବରେ ଦଶ ବା ବାରରୁ ଆଦୌ କମ୍ ହେବ ନାହିଁ । ସବୁକିଛିକୁ ଟିକିନିଖି କରି ଦେଖି ପାରିବା ଲାଗି ମୁଁ ସେଠାରେ ଆଦୌ ବହୁତ ବେଳ ରହି ନ ଥିଲି । ସେଠାରେ ଖୁବ୍ ବୁଢ଼ା ହୋଇ ଯାଇଥିବା ବ୍ୟକ୍ତି କେହି ନ ଥିଲେ,– ଅତ୍ୟନ୍ତ ଅଳ୍ପ କେତେଜଣ ବ୍ୟତିକ୍ରମଙ୍କୁ ଛାଡ଼ିଦେଲେ କେହି ବୁଢ଼ା ନ ଥିଲେ । ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ, ଉପକୂଳକୁ ଓହ୍ଲାଇ ଯାଇଥିବା ବ୍ୟକ୍ତିମାନେ ଅଧିକାଂଶତଃ ମଧ୍ୟବୟଃ ଥିଲେ । ସେମାନେ ଅତିମାନସ ସୋପାନରେ ଆସି ପହଞ୍ଚି ପାରିଛନ୍ତି କି ନାହିଁ, ସେହି କଥାଟି ପରୀକ୍ଷା କରି ଦେଖା ଯାଉଥିବା ସ୍ଥାନଟିରେ କେତେଜଣ ବ୍ୟକ୍ତିଙ୍କର ଏକାଧିକ ବାର ପରୀକ୍ଷା ହୋଇ ସାରିଥିଲା । ମୁଁ ଅପ୍ରତ୍ୟାଶିତ ଭାବରେ ସେଠାରେ କେତେଜଣଙ୍କୁ ଦେଖିଲି ଓ ତାହା ଉଲ୍ଲେଖ କରି ରଖିଲି । ଏପରିକି, କେତେ ଲୋକଙ୍କୁ ବି ସେହି ବିଷୟରେ କହିଥିଲି । କିନ୍ତୁ ଯେଉଁମାନଙ୍କୁ ତଟ ଉପରେ ଭାରି ସ୍ପଷ୍ଟ ଭାବରେ ଦେଖିଲି, ସେମାନେ ସମସ୍ତେ ମଧ୍ୟବୟସ୍କ ଥିଲେ, ସାନ ପିଲା ନୁହେଁ କି ବୁଢ଼ା ବି ନୁହେଁ । ସେହି କ୍ଷେତ୍ରରେ ମଧ୍ୟ କେତେକ ବ୍ୟତିକ୍ରମ ଅବଶ୍ୟ ରହିଥିଲେ, ଏବଂ ସେମାନେ ମୋ' ପ୍ରତ୍ୟାଶାଟି ସହିତ ଅଳ୍ପବହୁତ ବେଶ୍ ଖାପ

'oaob.nitrkl.ac.in' images reprocessed

ଖାଇ ଯାଉଥିଲେ । ମୁଁ କିଛି କହିବି ନାହିଁ ଓ କାହାରି ନାମ ଉଚ୍ଚାରଣ କରିବି ନାହିଁ ବୋଲି ସ୍ଥିର କରିଥିଲି । ମୁଁ ସେଠାରେ ଶେଷ ପର୍ଯ୍ୟନ୍ତ ରହି ନ ଥିବାରୁ ତାହାର ଅବିକଳ ଛବିଟିଏ ପାଇବା ମୋ'ପକ୍ଷରେ ସମ୍ଭବ ହୋଇ ପାରିଲା ନାହିଁ । ମୁଁ କୌଣସି ସ୍ପଷ୍ଟ ବା ପୂର୍ଣ୍ଣ ଚିତ୍ର ପାଇ ପାରି ନ ଥିଲି । ମୁଁ ଯାହାକିଛି କହିବି, ତାହାକୁ ସମସ୍ତଙ୍କୁ ନ କହି କେବଳ କେତେଜଣଙ୍କୁ କହିବି, ମୋ'ର ଆଦୌ ଏପରି କୌଣସି ଇଚ୍ଛା ନାହିଁ ।

ଏଠାରେ ମୁଁ ଏତିକି କହି ପାରିବି ଯେ, ଲୋକମାନେ ଯେଉଁ ଉପାଦାନରେ ତିଆରି ହୋଇଛନ୍ତି, ଏହି କ୍ଷେତ୍ରରେ ଦୃଷ୍ଟିକୋଣଟି ଓ ବିଚାରଟି **ପୂର୍ଣ୍ଣତଃ** ତାହାରି ଉପରେହିଁ ନିର୍ଭର କରିବ । ଅର୍ଥାତ୍, ସେମାନେ ପ୍ରକୃତରେ ଅତିମାନସ ଜଗତ ମଧ୍ୟରେ ଅଛନ୍ତି ଅର୍ଥାତ୍ ସେମାନେ ସେହି ବିଶେଷ ଉପାଦାନଟିରେ ନିର୍ମିତ ହୋଇଛନ୍ତି, ତାହାରି ଉପରେହିଁ ବିଚାରଟି ନିର୍ଭର କରିବ । ଏଠାରେ ଆଦୌ କୌଣସି ନୈତିକ କିଂବା ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏକଥାଟି କୁହା ଯାଉ ନାହିଁ । ଏପରି ହୁଏତ ହୋଇପାରେ ଯେ, ସେମାନଙ୍କର ଶରୀର ଯେଉଁ ଉପାଦାନଟି ଦେଇ ତିଆରି ହୋଇଥିଲା, ତାହା ଏପରି ଏକ ଅନ୍ତର୍ଗତ ବିଧାନ ବା ଅନ୍ତର୍ଗତ କ୍ରିୟାତ୍ମକତା ଦ୍ୱାରା ସମ୍ଭବ ହୋଇଥିଲା, ଯେଉଁଟି ବିଷୟରେ କି ସେତେବେଳେ ଆଉ କୌଣସି ସଂଶୟ ହିଁ ନ ଥିଲା । ଅନ୍ତତଃ, ଏତିକି କଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ମୂଲ୍ୟଗୁଡ଼ିକ ଏକାନ୍ତ ଅନ୍ୟ ପ୍ରକାରର ହୋଇ ରହିଥିଲା ।

ଯେତେବେଳେ ମୁଁ ସେଠାରୁ ଫେରିଆସିଲି, ସେତେବେଳେ ମୁଁ ଯୁଗପତ୍ ଭାବରେ ମୋର ଏହି ଅନୁଭବଟିକୁ ସ୍ମରଣ କରି ପାରିଲି ଯେ ଅତିମାନସ ଜଗତ ପ୍ରକୃତରେ ଏକ ସ୍ଥାୟୀ ଜଗତ ଏବଂ ସେଠାରେ ମୋ'ର ଉପସ୍ଥିତି ମଧ୍ୟ ଏକ ସ୍ଥାୟୀ ଉପସ୍ଥିତି । ଏବଂ, ଚେତନା ଏବଂ ଉପାଦାନର କ୍ଷେତ୍ରରେ ସେଇଟି ସହିତ ଏକ ସଂଲଗ୍ନତା ସ୍ଥାପନ କରିବାଲାଗି କେବଳ ଏକ ସଂଯୋଜକରହିଁ ଅଭାବ ରହିଛି ଏବଂ ବର୍ତ୍ତମାନ ସେହି ସଂଯୋଜକଟିହିଁ ତିଆରି କରାଯାଉଛି । ସେତେବେଳେ ମୋ'ର ଐକାନ୍ତିକ ଭାବରେ ଏକ ଆପେକ୍ଷିକତାର ଧାରଣା ହୋଇଥିଲା,— ଏହି ଧାରଣାଟି ମୋ'ଭିତରେ ବେଶ୍ କିଛି ସମୟ ଲାଗି ରହିଥିଲା, ପ୍ରାୟ ଗୋଟିଏ ପୂରା ଦିନ ରହିଥିଲା । ନା— ତାହାକୁ ଠିକ୍ ସେହିପରି ବୋଲି କହି ହେବ ନାହିଁ । ମୋ'ର ଏପରି ଗୋଟିଏ ଧାରଣା ହେଲା ଯେ, ଏହି ପୃଥିବୀ ଓ ଅନ୍ୟ ପୃଥିବୀଟି ମଧ୍ୟରେ ଯେଉଁ ସମ୍ବନ୍ଧଟି ରହିଛି, ତାହାହିଁ ପ୍ରକୃତରେ ବସ୍ତୁଗୁଡ଼ିକର ମୂଲ୍ୟାୟନ ଏବଂ ସମୀକ୍ଷଣର ସମୁଦାୟ ଦୃଷ୍ଟିକୋଣଟିକୁ ଏକାବେଳେକେ ବଦଳାଇ ଦେଇ ପାରିବ । ଏହି ଦୃଷ୍ଟିକୋଣଟି ମଧ୍ୟରେ ମନୋଗତ ବୋଲି ଆଦୌ କିଛି ନାହିଁ ଏବଂ ଏହା ଆମକୁ ଏପରି ଏକ ଅଦ୍ଭୁତ ଅନ୍ତର୍ଗତ ଭାବ ଆଣି ଦେଇଯାଉଛି ଯେ, ଆମେ ଯେଉଁଗୁଡ଼ିକୁ ଭଲ ବା ମନ୍ଦ ବୋଲି ସାଧାରଣତଃ ବିଚାର କରିଥାଉ, ସେଗୁଡ଼ିକ

'oaob.nitrkl.ac.in' images reprocessed

ମଧ୍ୟରୁ ଅନେକ ବସ୍ତୁ ପ୍ରକୃତରେ ଆଦୌ ତାହା ନୁହନ୍ତି । ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଗଲା ଯେ ସବୁକିଛି ବସ୍ତୁଗୁଡ଼ିକର ସାମର୍ଥ୍ୟ ଉପରେହିଁ ନିର୍ଭର କରୁଛି; ଅତିମାନସ ଜଗତଟିକୁ ଅଭିବ୍ୟକ୍ତ କରିବା ସମ୍ବନ୍ଧରେ ସେମାନଙ୍କର ପ୍ରକୃତରେ ଯେଉଁଭଳି ଦୃଷ୍ଟି ରହିଛି ବା ସେଇଟି ସହିତ ସମ୍ବନ୍ଧ ସ୍ଥାପନ କରିବା ବିଷୟରେ ଯେଉଁ ଦୃଷ୍ଟି ରହିଛି, ସବୁକିଛି ତାହାରି ଉପରେ ନିର୍ଭର କରୁଛି । ଏହା ପ୍ରକୃତରେ ସମ୍ପୂର୍ଣ୍ଣ ଏକ ଅଲଗା ପ୍ରକାରର, ଏପରିକି ଆମର ସାଧାରଣ ସମୀକ୍ଷାଟି ସହିତ ତୁଳନା କରି ଦେଖିଲେ ତାହାର ଏକାବେଳେକେ ଓଲଟା । ଏଠାରେ ମୋ'ର ସାନ କଥାଟିଏ ମନେପଡୁଛି, ଯାହାକୁ କି ଆମେ ସାଧାରଣତଃ ଖରାପ ବୋଲି ବିଚାର କରିଥାଉ । ଏବଂ ସେଇଟି ଯେ ପ୍ରକୃତରେ ଏକ ଚମତ୍କାର କଥା, ତାହା ଦେଖି ମୋତେ ସେଠାରେ କେଡ଼େ ଅଦ୍ଭୁତ ନ ଲାଗିଲା ! ଏବଂ, ଅନ୍ୟ ଯେଉଁସବୁ ଅନେକ ବସ୍ତୁକୁ ଆମେ ସାଧାରଣତଃ ଭାରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେ କରିଥାଉ, ସେଠାରେ ସେଗୁଡ଼ିକର ବସ୍ତୁତଃ ଆଦୌ କୌଣସି ମହତ୍ତ୍ୱ ନାହିଁ । କୌଣସି ବସ୍ତୁ ଏପରି ବା ସେପରି ହୋଇ ରହିଛି, ତାହା ଆଦୌ ମହତ୍ତ୍ୱପୂର୍ଣ୍ଣ ନୁହେଁ । ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, କ'ଣ ଦିବ୍ୟ ଓ କ'ଣ ଅଦିବ୍ୟ, ଏ ବିଷୟରେ ଆମେ ଯେପରି ବିଚାର ଓ ମୀମାଂସା କରିଥାଉ, ତାହା ଆଦୌ ଠିକ୍ ନୁହେଁ । ଏପରିକି, କେତେକ ବସ୍ତୁକୁ ଦେଖି ସେଠାରେ ମୋତେ ପ୍ରକୃତରେ ହସ ବି ମାଡ଼ିଲା...। ଯାହାସବୁ ଦିବ୍ୟତାର ବିରୋଧୀ, ସେହି ବିଷୟରେ ଆମ ଭିତରେ ରହିଥିବା ଭାବଟି ଭାରି କୃତ୍ରିମ ବୋଲି ବୋଧ ହୋଇଥାଏ, ସତେଅବା ଅସତ୍ୟ ଏବଂ ଅଜୀବନ୍ତ କୌଣସି ଭିତ୍ତି ଉପରେ ଆଧାରିତ ରହିଥାଏ । ପୁନଶ୍ଚ, ଏଠାରେ ଆମେ ଯାହାକୁ ଜୀବନ ବୋଲି କହୁ, ସେହି ଅନ୍ୟ ଜଗତଟିର ତୁଳନାରେ ସେଇଟି ମଧ୍ୟ ମୋତେ ଆଦୌ ଜୀବନ୍ତ ବୋଲି ମନେ ହେଲା ନାହିଁ । ତେଣୁ ମୋଟ କଥା ହେଉଛି ଯେ, ଦୁଇଟି ଯାକ ଜଗତ ମଧ୍ୟରେ ଆମ ଦୃଷ୍ଟିରେ ଯେଉଁ ସମ୍ବନ୍ଧଟି ରହିଥିବ, ତାହା ଉପରେ ଏବଂ ବସ୍ତୁଗୁଡ଼ିକ ସେମାନଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଟିକୁ କିପରି ଅପେକ୍ଷାକୃତ ଅଧିକ ସହଜ ବା ଅଧିକ କଠିନ କରି ଦେଇଥା'ନ୍ତି, ସେହି ଧାରଣାଟି ଉପରେ ମଧ୍ୟ ଆମର ଏହି ଭାବଟି ଆଧାରିତ ହୋଇ ରହିବା ଉଚିତ । ସେପରି ହୋଇପାରିଲେ, କ'ଣ ଆମକୁ ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ କରାଇ ଆଣିବ ଏବଂ କ'ଣ ଆମକୁ ତାଙ୍କଠାରୁ ଛଡ଼ା କରି ରଖିଥିବ, ସେହି ବିଷୟରେ ଆମର ବିଚାରଟିର କ୍ଷେତ୍ରରେ ମଧ୍ୟ ଏକ ବୃହତ୍ ପାର୍ଥକ୍ୟ ଆସି ପହଞ୍ଚିଯିବ । ଲୋକମାନଙ୍କ ଭିତରେ ମୁଁ ଏକଥାଟି ମଧ୍ୟ ଦେଖିବାକୁ ପାଇଲି ଯେ, ଅତିମାନସ ହେବାଲାଗି ଯାହା ସେମାନଙ୍କୁ ସାହାଯ୍ୟ କରୁଛି ଓ ଯାହା ଏକ ଅନ୍ତରାୟ ରୂପେ କାର୍ଯ୍ୟ କରୁଛି, ତାହା ଆମର ଏହି ସାଧାରଣ ନୈତିକ ଧାରଣାଗୁଡ଼ିକର କଳ୍ପନାଠାରୁ ଅନେକ ଅଲଗା ପ୍ରକାରର । ଆମେ

'oaob.nitrkl.ac.in' images reprocessed

ଯେ ଏଠାରେ ପ୍ରକୃତରେ କେଡ଼େ ହାସ୍ୟାସ୍ପଦ ହୋଇ ରହିଛୁ, ମୁଁ ସେହି କଥାଟିକୁ ବେଶ୍ ଅନୁଭବ କରି ପାରିଲି ।

*(ଫେବ୍ରୁଆରି ୩ ତାରିଖର ଅନୁଭୂତି ଏହିଠାରେ ସରିଲା)*

(*ମାଆ ପିଲାମାନଙ୍କୁ ଲକ୍ଷ୍ୟ କରି କହିଲେ :*) ଫେବ୍ରୁଆରି ୩ ତାରିଖରେ ମୋ'ର ଯେଉଁ ଅଭିଜ୍ଞତା ହୋଇଥିଲା, ମୋ'ର ଚେତନାରେ ତାହାର ଏକ ଅବିଚ୍ଛିନ୍ନ ଅବଶେଷ ମଧ୍ୟ ରହିଯାଇଛି, ତାହାର ଗୋଟାଏ ପ୍ରକାରର ପରିଣାମ ରହିଯାଇଛି । ମାତ୍ର ତାହାକୁ ପଢ଼ି ଶୁଣିବା ଲାଗି ଉପଯୁକ୍ତ ସମୟ ଆହୁରି ଆସି ନାହିଁ ବୋଲି ମୁଁ ଭାବୁଛି । ଏହାର ପରବର୍ତ୍ତୀ ସଂଖ୍ୟାରେ (*ବୁଲେଟିନ୍, ଏପ୍ରିଲ ୧୯୫୮*) ତାହା ପରେ ପ୍ରକାଶ ପାଇବ ।

ଗୋଟିଏ କଥା ଉପରେ ମୁଁ ବାରବାର ଭାରି ଜୋର୍ ଦେଇ କହିବି ଏବଂ ତାହା ଆମର ଏହି ଜଗତ ଏବଂ ଅତିମାନସ ଜଗତ ମଧ୍ୟରେ ରହିଥିବା ସବୁଠାରୁ ଅଧିକ ପ୍ରକୃତ ପାର୍ଥକ୍ୟ ପରି ମୋତେ ବୋଧ ହେଉଛି । ଏବଂ, ସେହି ଜଗତଟିରେ ସଚେତନ ଭାବରେ ପ୍ରବେଶ କରିବା ପରେ, ଏଠାରେ ସାଧାରଣତଃ ଯେଉଁ ଚେତନାଟି କାର୍ଯ୍ୟ କରୁଥାଏ, ସେହି ଚେତନାଟିକୁ ବହନ କରି ସେଠାକୁ ଯିବା ପରେହିଁ ଏହି ପାର୍ଥକ୍ୟଟି ମୋ' ଆଗରେ ତାହାର ସମୁଦାୟ ବୃହତ୍ତାଟି ସହିତ ପ୍ରତିଭାତ ହୋଇଯାଇ ପାରିଛି ବୋଲି କୁହାଯାଇ ପାରିବ । ସେହି ପାର୍ଥକ୍ୟଟି ହେଉଛି ଯେ, କେବଳ ଯାହାକିଛି ଭିତରେ ଘଟୁଛି, ଯାହାକିଛି ଅତ୍ୟନ୍ତ ଗଭୀରରେ ଭିତରେ ଘଟୁଛି, ସେତିକି କଥାକୁ ଛାଡ଼ିଦେଲେ, ଏହି ଜଗତର ସବୁକିଛି ମୋତେ ଏକାବେଳକେ ଅତ୍ୟନ୍ତ କୃତ୍ରିମ ପରି ଲାଗିଲା । ଏହି ସାଧାରଣ ଭୌତିକ ଜୀବନର କୌଣସି ଗୋଟିଏ ହେଲେ ମୂଲ୍ୟ ବି ସତ୍ୟକୁ ଅବଲମ୍ବନ କରି ରହି ନାହିଁ । ଯେପରି ଆପଣାର ଶରୀରଟିକୁ ଆବୃତ କରି ରଖିବା ଲାଗି ଅମକୁ କିଛି ବସ୍ତ୍ର ଯୋଗାଡ଼ କରି ଆଣିବାକୁ ହେଉଛି ଏବଂ ଲୁଗା ପିନ୍ଧିବାକୁ ଇଚ୍ଛା କଲେ ଆମେ ଯେପରି ସେହି ବସ୍ତ୍ରରୁ କିଛି ପୋଷାକ ସିଲାଇ କରି ପିନ୍ଧୁଛୁ; ଠିକ୍ ସେହିପରି ଆମକୁ ଆହାର ଯୋଗାଇ ରଖିବା ଲାଗି ଆମକୁ ବାହାରୁ କେତେଟା ଦ୍ରବ୍ୟ ଗ୍ରହଣ କରିବାକୁ ଓ ଶରୀରର ପୁଷ୍ଟି ଲାଗି ଶରୀରର ଭିତରେ ନେଇ ସେଗୁଡ଼ାକୁ ଭରିଦେବାକୁ ପଡୁଛି । ପ୍ରତ୍ୟେକ କ୍ଷେତ୍ରରେହିଁ ଆମର ଏହି ଜୀବନ ଭାରି କୃତ୍ରିମ ହୋଇ ରହିଛି ।

ଅତିମାନସ ଜଗତରେ ଯେଉଁ ସତ୍ୟାନୁପ୍ରେରିତ, ନିଷ୍ଠାଯୁକ୍ତ ଏବଂ ସ୍ୱତଃଗତିଶୀଳ ଜୀବନ ରହିଛି, ସଚେତନ ଇଚ୍ଛାରେହିଁ ଯାବତୀୟ କ୍ରିୟାତ୍ମକତାରୁ ଯାବତୀୟ ବସ୍ତୁ ଅବାଧରେ ଉନ୍ମେଷିତ ହୋଇ ଆସିବା ଦ୍ୱାରାହିଁ ସେପରି ଏକ ଜୀବନ ସମ୍ଭବ ହେଉଛି । ସେହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଉପାଦାନଟି ଉପରେ ଏପରି ଏକ ଶକ୍ତି ଅଧିଷ୍ଠିତ ହୋଇ ରହିଛି, ଯାହାକି ସେହି ଉପାଦାନକୁ ଆମେ ଯାହା ହେବା ଲାଗି ନିଷ୍ପତ୍ତି କରୁଛୁ, ତାହାରି ସହିତ ସମଞ୍ଜସତାଯୁକ୍ତ କରି ରଖିପାରୁଛି । ଏବଂ ଯାହାର ସେହି ଉପଯୁକ୍ତ ଶକ୍ତି ଓ ଉପଯୁକ୍ତ ଜ୍ଞାନ ରହିଛି, ସିଏ ଯାହା ଇଚ୍ଛା କରିବ, ତାହାକୁ ନିଶ୍ଚୟ ଉପଲବ୍ଧି କରି ପାରିବ । ଏବଂ ଅନ୍ୟପକ୍ଷରେ ଯାହାଠାରେ ସେଗୁଡ଼ିକର ଅଭାବ ରହିଛି, ସିଏ ଇଚ୍ଛା କରୁଥିବା ବସ୍ତୁଗୁଡ଼ିକୁ ଲାଭ କରିବା ପାଇଁ କୌଣସି କୃତ୍ରିମ ସାଧନ ବା ଉପାୟ ତାକୁ ଆଦୌ କୌଣସି ସାହାଯ୍ୟ କରି ପାରିବ ନାହିଁ ।

ଏହି ସାଧାରଣ ଜୀବନରେ ସବୁକିଛି କୃତ୍ରିମ ହୋଇ ରହିଛି । ତୁମର ଜନ୍ମ ଏବଂ ପରିବେଶଗତ ଆକସ୍ମିକତାଟି ଅନୁସାରେ ତୁମର ହୁଏତ ଉଚ୍ଚତର ଅଥବା ନିମ୍ନତର ପଦଟିଏ ରହିଛି ବା ତୁମେ ଅପେକ୍ଷାକୃତ ଅଧିକ ବା ଅଳ୍ପ ଆରାମଦାୟକ ଏକ ଜୀବନ ଅତିବାହିତ କରିବାରେ ଲାଗିଛ । ତୁମ ସତ୍ତାର ଯଥାର୍ଥ ରୀତିଟି ବା ତୁମର ଅନ୍ତର୍ଗତ ପ୍ରୟୋଜନଟି ଆପଣାକୁ ସ୍ୱତଃସ୍ଫୂର୍ତ୍ତ, ସ୍ୱଭାବପ୍ରେରିତ ଏବଂ ନିଷ୍ଠାଯୁକ୍ତ ଭାବରେ ଠିକ୍ ସେହିପରି ଭାବରେ ଅଭିବ୍ୟକ୍ତ କରି ପାରୁଛି ବୋଲି ଯେ ତୁମ ଜୀବନରେ ଏପରି ଘଟିଛି, ସେକଥା ଆଦୌ ନୁହେଁ, ମାତ୍ର ଏସବୁ ଏପରି ଘଟିଛି, ଜୀବନରେ ହାବୁଡ଼ି ଯାଇଥିବା ନାନା ଆକସ୍ମିକ ପରିସ୍ଥିତି ଏଗୁଡ଼ିକ ସହିତ ତୁମର ଏକ ସଂସ୍ପର୍ଶ ଘଟାଇ ଦେଇଛି । ଏହା ଫଳରେ ଜଣେ ନିତାନ୍ତ ଅଯୋଗ୍ୟ ବ୍ୟକ୍ତି ହୁଏତ ଏକ ଅତ୍ୟନ୍ତ ଉଚ୍ଚ ପଦରେ ଯାଇ ପ୍ରତିଷ୍ଠିତ ହୋଇ ବସିପାରୁଛି ଏବଂ, ସୃଜନ ଏବଂ ସଂଗଠନର ଏକ ଅଦ୍ଭୁତ ସାମର୍ଥ୍ୟ ରହିଥିବା ଆଉଜଣେ ବ୍ୟକ୍ତିକୁ ହୁଏତ ଅତିମାତ୍ରାରେ ସୀମାବଦ୍ଧ ହୋଇ ରହିଥିବା ଏକ ନିମ୍ନସ୍ତରରେ ଯାଇ ହସ୍ତସନ୍ତ ହୋଇ ମିହନ୍ତ କରିବାକୁ ପଡୁଛି । ମାତ୍ର, ଯଦି ଆମର ପୃଥିବୀ ନିଷ୍ଠା ଦ୍ୱାରାହିଁ ପରିଚାଳିତ ହେଉଥା'ନ୍ତା, ତେବେ ସିଏ ହୁଏତ ଜଣେ ଅତ୍ୟନ୍ତ ଉପଯୋଗୀ ବ୍ୟକ୍ତିରୂପେ ଆପଣାର କୌଣସି ନା କୌଣସି ଭୂମିକା ନିଶ୍ଚୟ ଗ୍ରହଣ କରି ପାରିଥା'ନ୍ତା ।

ଏହି କୃତ୍ରିମତା, ଏହି ନିଷ୍ଠାହୀନତା ଏବଂ ସତ୍ୟାନୁଗତତାର ଏହି ଏକାନ୍ତ ଅଭାବ,— ଏଗୁଡ଼ାକ ଏଡ଼େ ବୀଭତ୍ସ ଭାବରେ ମୋ'ଆଖିକୁ ଏପରି ଜଳଜଳ ହୋଇ ଦେଖାଗଲା ଯେ,...ଏହିପରି ଏକ ମିଥ୍ୟାଗ୍ରସ୍ତ ଜଗତରେ ଆମେ କିପରି ଯେ କୌଣସି ଉପଯୁକ୍ତ ମୂଲ୍ୟାୟନ କରିପାରିବା, ମୋ'ର ସେହି ବିଷୟରେ ପ୍ରକୃତରେ ସନ୍ଦେହହିଁ ହେବାକୁ ଲାଗିଲା ।

ମାତ୍ର ମୋତେ କୌଣସି ପ୍ରକାରେ ଦୁଃଖିତ, ବିଷଣ୍ଣ, ବିଦ୍ରୋହୀ ବା ଅସନ୍ତୁଷ୍ଟ କରି ପକାଇବା ପରିବର୍ତ୍ତେ,— ଏହି କଥାଟିକୁହିଁ ମୁଁ ସବାଶେଷରେ କହିବାକୁ ଯାଉଥିଲି,—

'oaob.nitrkl.ac.in' images reprocessed

ଏହି କଥାଟି ମୋତେ ପ୍ରକୃତରେ ଏପରି ହାସ୍ୟାସ୍ପଦ ଭାବରେ କେବଳ ଉପହାସର ଯୋଗ୍ୟ ବୋଲି ବୋଧ ହେଲା ଯେ, ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ମୁଁ ଯେତେବେଳେ ବିଭିନ୍ନ ବସ୍ତୁକୁ ଓ ବିଭିନ୍ନ ଲୋକଙ୍କୁ ଦେଖୁଥିଲି, ସେତେବେଳେ ମୁଁ ଆଦୌ ହସ ସମ୍ଭାଳି ରହି ପାରୁ ନ ଥିଲି । ପ୍ରକୃତରେ ହସ ସମ୍ଭାଳି ରହି ପାରୁ ନ ଥିଲି; ଯାବତୀୟ ବସ୍ତୁ ଯେ ପ୍ରକୃତରେ କେତେବେଶୀ ହାସ୍ୟୋଦ୍ଦୀପକ ହୋଇ ରହିଛି, ସେହି କଥାଟିକୁ କେବଳ ନିଜ ବ୍ୟତୀତ ମୁଁ ଆଉ କାହାରିକୁ ହେଲେ ମୋଟେ ବୁଝାଇ କହି ପାରୁ ନ ଥିଲି ।

ମୁଁ ଯେତେବେଳେ ତୁମମାନଙ୍କୁ ଅଜ୍ଞାତ ମଧ୍ୟକୁ ଏହି ଯାତ୍ରାଟି ପାଇଁ, ଏହି ଦୁଃସାହସ-ଯାତ୍ରାଟି ପାଇଁ ଏଠାକୁ ନିମନ୍ତ୍ରଣ କଲି, ସେତେବେଳେ ମୁଁ ସତ୍ୟର ପ୍ରକୃତରେ ଏତେ ନିକଟବର୍ତ୍ତୀ ହୋଇ ରହିଛି ବୋଲି ଆଦୌ ଜାଣି ନ ଥିଲି । ଏବଂ, ଯେଉଁମାନେ ସେହି ଦୁଃସାହସଟି ଲାଗି ପ୍ରୟାସ୍ କରିବାକୁ ପ୍ରସ୍ତୁତ ଅଛନ୍ତି, ସେମାନଙ୍କୁ ମୁଁ ଏହି ପ୍ରତିଶ୍ରୁତିଟି ଅବଶ୍ୟ ଦେଇ ପାରିବି ଯେ ସେମାନେ ବି ଏହି ଯାତ୍ରାରେ କେତେକେତେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଆବିଷ୍କାର କରିବାକୁ ନିଶ୍ଚୟ ସମର୍ଥ ହେବେ ।

'oaob.nitrkl.ac.in' images reprocessed

# ପରିଶିଷ୍ଟ

ଫେବ୍ରୁଆରି ୩ ତାରିଖର ଅଭିଜ୍ଞତାଟି ଲାଭ କରିବାର ଅଳ୍ପ କେତେଦିନ ପରେ ମାଆଙ୍କର ଆହୁରି ଅନ୍ୟ ଅଭିଜ୍ଞତାମାନ ବି ହୋଇଥିଲା, ଯାହାକୁ କି ପ୍ରଥମ ଅଭିଜ୍ଞତାର ଗୋଟାଏ ପ୍ରକାରର ଏକ ଅବିଚ୍ଛିନ୍ନ ଅବଶେଷ ବୋଲି କୁହାଯାଇ ପାରିବ ।

ପ୍ରତ୍ୟେକ ବ୍ୟକ୍ତି ତା' ଜୀବନର ମଣ୍ଡଳଟି ଭିତରେ ଆପଣା ସହିତ ଏପରି କେତେକ ସାଧନଙ୍କୁ ବହନ କରି ରହିଥାଏ, ଯେଉଁମାନଙ୍କୁ କି ଶ୍ରୀଅରବିନ୍ଦ "ନିୟନ୍ତ୍ରକ" ବୋଲି କହିଛନ୍ତି । ଗୋଟାଏ ଦୃଷ୍ଟିରୁ ଦେଖିଲେ ଏମାନେ ସ୍ଥାୟୀ ଭାବରେହିଁ ପ୍ରତିକୂଳ ଶକ୍ତିଗୁଡ଼ିକର ପ୍ରତିନିଧି ହୋଇ ରହିଥା'ନ୍ତି । ନିଜର ଭୂମିକାରୂପେ ସେମାନେ ଚେତନାର ପ୍ରତ୍ୟେକ କାର୍ଯ୍ୟ, ଭାବନା ଏବଂ ଏତେଟିକିଏ ଗତିସ୍ପନ୍ଦନକୁ ମଧ୍ୟ ଅତ୍ୟନ୍ତ କଟୁଭାବରେ ସମାଲୋଚନା କରିବାରେ ଲାଗିଥା'ନ୍ତି । ଏପରି କରି ସେମାନେ ତୁମକୁ ତୁମ ଯାବତୀୟ କର୍ମର ପ୍ରଚ୍ଛନ୍ନତମ ଉତ୍ସଗୁଡ଼ିକ ସମ୍ମୁଖରେ ଆଣି ହାବୁଡ଼ାଇ ଦେଉଥା'ନ୍ତି; ତୁମକୁ ଯାହା ତୁମର ଶୁଦ୍ଧତମ ଏବଂ ଉଚ୍ଚତମ ଭାବନା ଏବଂ କ୍ରିୟା ବୋଲି ବୋଧ ହେଉଥା'ନ୍ତି, ତାହାରି ଅନୁଗାମୀ ହୋଇ ରହିଥିବା ଏକ ନିମ୍ନ ପ୍ରକାରର ଏତେ ଟିକିଏ ସ୍ପନ୍ଦନକୁ ମଧ୍ୟ ସେମାନେ ପୁରୋଭାଗସ୍ଥ ଆଲୋକଟି ମଧ୍ୟକୁ ବହନ କରି ନେଇ ଆସୁଥା'ନ୍ତି ।

କୌଣସି ନୈତିକତା ଉପରେ ଦୃଷ୍ଟି ରଖି ମୁଁ ଏହି କଥା କହୁ ନାହିଁ । ଏହି ଭଦ୍ରଲୋକମାନେ ନୈତିକତାକୁ କାମରେ ଲଗାଇ ଜାଣନ୍ତି ସତ, ସେମାନେ କଦାପି ନୈତିକତାର ପ୍ରଚାର କରୁଥିବାର ପ୍ରତିନିଧି ରୂପେ କାର୍ଯ୍ୟ କରନ୍ତି ନାହିଁ । ଏବଂ, ଏକ କର୍ତ୍ତବ୍ୟ ସଚେତ ବିବେକ ସହିତ କାରବାର କରୁଥିବା ସମୟରେ, କିପରି ନିର୍ଦ୍ଦୟ ଭାବରେ ତାହାକୁ ଉତ୍ପୀଡ଼ିତ କରିବାକୁ ହୁଏ, ସେହି କଥାଟିକୁ ସେମାନେ ଖୁବ୍ ଭଲ କରି ଜାଣିଥା'ନ୍ତି । ତା' କାନରେ ସେମାନେ ସର୍ବଦା ଫୁସ୍‌ଫୁସ୍ କରି କହିବାରେ ଲାଗିଥା'ନ୍ତି, "ତୋର ଏହି କଥାଟିକୁ ଆଦୌ କରିବା ଉଚିତ ନ ଥିଲା, ସେହି କଥାଟିକୁ ଆଦୌ କରିବା ଉଚିତ ନ ଥିଲା । ତା' ପରିବର୍ତ୍ତରେ ତୋ'ର ଏହି ଅନ୍ୟ କଥାଟି କରିବା ଉଚିତ ଥିଲା, ସେହି ଅନ୍ୟ କଥାଟିକୁ କହିବା ଉଚିତ ଥିଲା । ବର୍ତ୍ତମାନ ତ ତୁ ସବୁ ସତ୍ୟାନାଶ କରିଦେଲୁ, ଏକ ଅପୂରଣୀୟ ଭୁଲ କରିବସିଲୁ; ଦେଖିଲୁ, କିପରି ତୋ'ର ଏହି ଭୁଲଟି ସକାଶେ ସବୁକିଛି ପ୍ରତିକାରହୀନ ଭାବରେହିଁ ନଷ୍ଟ ହୋଇଗଲା ।" ସେମାନେ ଏପରିକି କେତେକ ବ୍ୟକ୍ତିଙ୍କର

'oaob.nitrkl.ac.in' images reprocessed

ଚେତନାକୁ ବି ଯାଇ ଅଧିକାର କରିବସନ୍ତି : ତୁମେ ସେହି ଭାବନାଟିକୁ ଘଉଡ଼ାଇ ବାହାର କରିଦିଅ, ମାତ୍ର ଦୁଇ ମିନିଟ ବି ନ ଯାଉଣୁ ତାହା ପୁନରାୟ ସେଠାରେ ଆସି ପହଞ୍ଚି ଯାଆନ୍ତି । ତୁମେ ପୁଣି ଘଉଡ଼ାଇ ବାହାର କରିଦିଅ, ମାତ୍ର ସେଇଠି ତଥାପି ସେହିଠାରେହିଁ ରହିଥାଏ ଏବଂ ଅନୁକ୍ଷଣ ତୁମକୁ ସତେଅବା ଗୋଟାଏ ହାତୁଡ଼ି ଧରି ପିଟିବାରେ ଲାଗିଥାଏ ।

ଏହି ଭଦ୍ରଲୋକମାନଙ୍କ ସହିତ ମୋ'ର ଯେତେଥର ସାକ୍ଷାତ ହୁଏ, ମୁଁ ସବୁଥର ସେମାନଙ୍କୁ ସ୍ୱାଗତ କରି ନେଇଆସେ, କାରଣ ସେମାନେ ତୁମକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବାକୁ ବାଧ କରିଥା'ନ୍ତି, ସୂକ୍ଷ୍ମରୁ ସୂକ୍ଷ୍ମତମ କପଟତାକୁ ମଧ୍ୟ ସେମାନେ ବେଶ୍ ଠଉରାଇ ନେଇ ପାରନ୍ତି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ତୁମକୁ ତୁମର ପ୍ରଚ୍ଛନ୍ନତମ ସ୍ପନ୍ଦନଗୁଡ଼ିକର ସମ୍ମୁଖରେ ଆଣି ହାବୁଡ଼ାଇ ଦେଇଥା'ନ୍ତି । ଏବଂ ସେମାନଙ୍କର ଅଦ୍ଭୁତ ବୁଦ୍ଧି ବି ରହିଥାଏ । ସେମାନଙ୍କର ବୁଦ୍ଧି ଆମର ବୁଦ୍ଧିକୁ ଅନନ୍ତ ଗୁଣରେ କୁଆଡ଼େ ଅତିକ୍ରମ କରି ଯାଇଥାଏ । ସେମାନଙ୍କୁ ସବୁକିଛି ଜଣାଥାଏ; ପ୍ରକୃତରେ ଏକ ଅଦ୍ଭୁତ ସୂକ୍ଷ୍ମତା ସହିତ କିପରି ଏତେଟିକିଏ ଭାବନା, ଏତେଟିକିଏ ଯୁକ୍ତି ଓ ଏତେଟିକିଏ କାର୍ଯ୍ୟକୁ ମଧ୍ୟ ତୁମ ବିରୋଧରେ ଲଗାଇ ଦେବାକୁ ହୁଏ, ସେମାନେ ସେହି କଥାଟିକୁ ଉତ୍ତମରୂପେ ଜାଣିଥା'ନ୍ତି । ସେମାନଙ୍କର ଦୃଷ୍ଟିରୁ ଆଦୌ କିଛିହେଲେ ଏଡ଼ିହୋଇ ରହି ଯାଏ ନାହିଁ । ମାତ୍ର ଏହି ସତ୍ତାଗୁଡ଼ିକୁ କେବଳ ଗୋଟିଏ କଥାରେହିଁ ସତେଅବା ଶତ୍ରୁ ପରି ମନେ ହୋଇଥାଏ । ସେହି କଥାଟି ହେଉଛି ଯେ ସେମାନେ ପ୍ରଧାନତଃ ଏବଂ ପ୍ରଥମତଃ ଗୋଟିଏ ଗୋଟିଏ ପରାଜୟବାଦୀ ହୋଇ ରହିଥା'ନ୍ତି । ସର୍ବଦା ସେମାନେ ଚିତ୍ରଟିକୁ ସବୁଠାରୁ କଳାରଙ୍ଗରେହିଁ ତୁମକୁ ଦେଖାଇବାରେ ଲାଗିଥା'ନ୍ତି । ଦରକାର ପଡ଼ିଲେ ସେମାନେ ତୁମର ନିଜ ଅଭିପ୍ରାୟଗୁଡ଼ିକୁ ମଧ୍ୟ ବିକୃତ କରି ଦିଅନ୍ତି । ସେମାନେ ଯଥାର୍ଥତଃ ନିଷ୍ଠା ଓ ଆନ୍ତରିକତାର ଯନ୍ତ୍ର ହୋଇ କାର୍ଯ୍ୟ କରୁଥା'ନ୍ତି । ମାତ୍ର ସେମାନେ ସର୍ବଦା ଗୋଟିଏ କଥାକୁ ପାସୋରି ପକାଇଥା'ନ୍ତି, ଜାଣିଜାଣି ପାସୋରି ପକାଇଥା'ନ୍ତି; ସତେଯେପରି ତାହାର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ସେହିପରି ସେଗୁଡ଼ିକୁ କେତେ ପଛରେ ପକାଇଦେଇ ଚାଲିଯାଆନ୍ତି । ସେଇଟି ହେଉଛି ଭଗବଦ୍-ପରମକରୁଣା । ସେମାନେ ପ୍ରାର୍ଥନାକୁ ପାସୋରି ପକାନ୍ତି; ଏକ ଅନ୍ତଃଗଭୀରର ଆବାହନ ପରି ଯେଉଁ ପ୍ରାର୍ଥନା ସତ୍ତାର ଗଭୀର ତଳରୁ ହଠାତ୍ ଉତ୍ସାରିତ ହୋଇ ଆସିଥାଏ, ସେହି ସ୍ୱତଃପ୍ରେରିତ ପ୍ରାର୍ଥନାକୁ ସେମାନେ ଏକାବେଳେକେ ଭୁଲି ଯାଇଥା'ନ୍ତି । ଯେଉଁ ପ୍ରାର୍ଥନା ପରମ କରୁଣାକୁ ଅବତୀର୍ଣ୍ଣ କରାଇ ଆଣେ ଏବଂ ଯାବତୀୟ ବସ୍ତୁର ଗତିପଥକୁ ବଦଳାଇ ଦେଇଥାଏ, ସେମାନେ ସେହି ପ୍ରାର୍ଥନାକୁ ପାସୋରି ପକାଇଥା'ନ୍ତି ।

ଏବଂ ଯେତେଥର ତୁମେ କିଞ୍ଚିତ୍ ଅଗ୍ରଗତି କରିବାକୁ ସମର୍ଥ ହୁଅ, ଏକ ଉଚ୍ଚତର

'oaob.nitrkl.ac.in' images reprocessed

ସୋପାନକୁ ଅତିକ୍ରମ କରି ଚାଲିଯାଇଥାଅ, ସେମାନେ ସେତେବେଳେ ତୁମକୁ ତୁମର ଅତୀତ ଜୀବନଟିର ଯାବତୀୟ କରଣିର ସମ୍ମୁଖୀନ ହେବାକୁ ବାଧ୍ୟ କରିଥା'ନ୍ତି; ଏବଂ ଅଳ୍ପ କେତେ ମାସ, ଅଳ୍ପ କେତେ ଦିନ ଅଥବା ଅଳ୍ପ କେତେ ମିନିଟ ଭିତରେ ସେମାନେ ଏକ ଉଚ୍ଚତର ସୋପାନରେ ତୁମକୁ ପୁନର୍ବାର ତୁମର ସବୁଯାକ ପରୀକ୍ଷା ମଧ୍ୟଦେଇ ନେଇଯାଆନ୍ତି । ଏବଂ, ସେତେବେଳେ ଯାବତୀୟ ଭାବନାକୁ ମନରୁ ପୋଛିଦେଇ, "ମୁଁ କିଛି ଜାଣି ନାହିଁ" ବୋଲି କହି ଆମେ ସେଗୁଡ଼ାକୁ ଦେଖି ପାରିବା ନାହିଁ ବୋଲି କୌଣସି ଏକ ଛୋଟ ବାହାନା ଦ୍ୱାରା ସେଇଟିକୁ ଘୋଡ଼ାଇ ପକାଇଲେ ମଧ୍ୟ ଆଦୌ ଯଥେଷ୍ଟ ହୁଏ ନାହିଁ । ତୁମକୁ ତାହାର ସମ୍ମୁଖୀନ ହେବାକୁ ହୁଏ ଓ ତାହା ଉପରେ ବିଜୟ ହାସଲ କରିବାକୁ ହୁଏ । ଆପଣାର ଚେତନାକୁ ଆଲୋକମୟ କରି ରଖିବାକୁ ହୁଏ, ଏତେ ଟିକିଏ ବି କମ୍ପିବାକୁ ପଡ଼େ ନାହିଁ ବା ଗୋଟିଏ ଶବ୍ଦ ବି ଉଚ୍ଚାରଣ କରିବାକୁ ପଡ଼େ ନାହିଁ, ଶରୀରର କୋଷଗୁଡ଼ିକରେ ଏତେ ଟିକିଏ ବି ସ୍ପନ୍ଦନ ହେବା ଲାଗି ଅବକାଶ ଦେବାକୁ ହୁଏ ନାହିଁ । ଏବଂ ତେବେ ଯାଇ ସେହି ଆକ୍ରମଣ ବ୍ୟର୍ଥ ହୋଇଯାଏ ।

ମାତ୍ର, ଭଲ ଓ ମନ୍ଦ ବିଷୟରେ ଆମର ଯେଉଁ ଧାରଣାମାନ ରହିଛି, ସେଗୁଡ଼ାକ ପ୍ରକୃତରେ କେଡ଼େ ହାସ୍ୟାସ୍ପଦ ! କ'ଣସବୁ ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ଏବଂ କ'ଣସବୁ ତାଙ୍କର ଦୂରବର୍ତ୍ତୀ, ସେହି ବିଷୟରେ ରହିଥିବା ଆମର ଧାରଣାଟି ପ୍ରକୃତରେ କେଡ଼େ ହାସ୍ୟାସ୍ପଦ ! ସେଦିନ ସେହି ଫେବ୍ରୁଆରି ୩ ତାରିଖ ଦିନ ମୁଁ ଯେଉଁ ଅଭିଜ୍ଞତାଟିକୁ ଲାଭ କରିଥିଲି, ତାହା ମୋ' ଆଗରେ ପ୍ରକୃତରେ କେତେ ନା କେତେ ସତ୍ୟର ଉଦ୍‌ଘାଟନ କରି ଦେଇଥିଲା । ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇହିଁ ମୁଁ ସେଇଟି ଭିତରୁ ବାହାରକୁ ଆସିଲି । ମୁଁ ଅତୀତର ଅନେକ କଥାକୁ ସହସା ବୁଝିବାକୁ ସମର୍ଥ ହେଲି, ମୋ' ଜୀବନରେ ଅବ୍ୟାଖ୍ୟାତ ହୋଇ ରହିଯାଇଥିବା ଅନେକ କାର୍ଯ୍ୟ ଏବଂ ଜୀବନର ଅନେକ ଅଂଶର ବ୍ୟାଖ୍ୟା ପାଇଗଲି । ପ୍ରକୃତରେ କହିବାକୁ ପଡ଼ିବ ଯେ ଗୋଟିଏ ବିନ୍ଦୁରୁ ଆଉଗୋଟିଏ ବିନ୍ଦୁକୁ ନିକଟତମ ଦୂରତା କହିଲେ କଦାପି ସେହି ଦୁଇ ବିନ୍ଦୁ ମଧ୍ୟରେ ରହିଥିବା ସରଳରେଖାକୁ ବୁଝାଇବ ନାହିଁ । ମାତ୍ର ଲୋକମାନେ ପ୍ରକୃତରେ ଠିକ୍ ସେହିପରି କଳ୍ପନା କରିଥା'ନ୍ତି !

ଏବଂ, ଯେଉଁ ଘଣ୍ଟାଏ ସମୟ ଲାଗି ମୁଁ ସେହି ଅନୁଭୂତିଟିକୁ ଲାଭ କରୁଥିଲି, ସେପରି ଅତିବାହିତ ହୋଇଥିବା ଏକଘଣ୍ଟା ସମୟ ପ୍ରକୃତରେ ଏକ ଦୀର୍ଘ ସମୟ,— ସେତେବେଳେ ମୁଁ ଅବିଚ୍ଛିନ୍ନ ଭାବରେ ଏକ ଅସାଧାରଣ ହର୍ଷମୟତାର ଅବସ୍ଥାରେ ରହିଥିଲି, ପ୍ରାୟ ଏକ ମାଦକିତ ଅବସ୍ଥାରେହିଁ ରହିଥିଲି ।... ଚେତନାର ଏହି ଦୁଇ ଅବସ୍ଥା ମଧ୍ୟରେ ପ୍ରକୃତରେ ଏତେବେଶୀ ପାର୍ଥକ୍ୟ ରହିଛି ଯେ ତୁମେ ଗୋଟିକ ମଧ୍ୟରେ ରହିଥିବା ସମୟରେ

'oaob.nitrkl.ac.in' images reprocessed

ଅନ୍ୟଟି ସମ୍ପୂର୍ଣ୍ଣ ଅବାସ୍ତବ ବୋଲି ବୋଧ ହେଉଥିବ, ସତେଯେପରି ସ୍ୱପ୍ନବତ୍ ମନେ ହେଉଥିବ । ସେହି ଅବସ୍ଥାରୁ ବାହାରି ଫେରିଆସିବା ପରେ ମୋତେ ସର୍ବପ୍ରଥମେ ଏହି ଜଗତର ଜୀବନଟି ପ୍ରକୃତରେ ନିତାନ୍ତ ନିରର୍ଥକ ବୋଲି ବୋଧ ହେଲା । ଏହି ସଂସାରଟି ଭିତରେ ଆମେ ଯେଉଁସବୁ କ୍ଷୁଦ୍ର କଳ୍ପନାମାନ କରିବାରେ ଲାଗିଥାଉ, ତାହା ପ୍ରକୃତରେ ଭାରି ହାସ୍ୟକର ଓ ଭାରି ପ୍ରହସନବତ୍ ବୋଲି ମନେ ହୋଇଥାଏ ।... ଅନେକ ଲୋକଙ୍କୁ ଆମେ ପାଗଳ ବୋଲି କହିଥାଉ, ମାତ୍ର ଅତିମାନସ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସେମାନଙ୍କର ତଥାକଥିତ ପାଗଳାମିକୁ ସମ୍ଭବତଃ ଏକ ମହାନ୍ ଜ୍ଞାନସମ୍ପନ୍ନତା ବୋଲି କୁହାଯାଇ ପାରିବ ଏବଂ ସେମାନଙ୍କର ଆଚରଣକୁ ସମ୍ଭବତଃ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟର ଅଧିକ ନିକଟବର୍ତ୍ତୀ ବୋଲି କୁହାଯାଇ ପାରିବ । ଯେଉଁମାନଙ୍କର ମସ୍ତିଷ୍କ କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହୋଇ ସେମାନେ ପାଗଳ ହୋଇ ରହିଥା'ନ୍ତି, ନିଜ ଆୟତ୍ତର ବାହାରେ ରହିଥା'ନ୍ତି, ଏଠାରେ ମୁଁ ସେମାନଙ୍କର କଥା କହୁ ନାହିଁ । ଏଠାରେ ମୁଁ ସେହି ଅନ୍ୟ ପ୍ରକାରର ସନ୍ଦୀପନଯୁକ୍ତ ବହୁସଂଖ୍ୟକ ପାଗଳ ବ୍ୟକ୍ତିଙ୍କ କଥା କହୁଛି, ଯେଉଁମାନଙ୍କୁ କି ଆମେ ଯଥାର୍ଥ ଭାବରେ ଆଦୌ ବୁଝିପାରି ନ ଥାଉ । ସେମାନେ ହୁଏତ ଟିକିଏ ଅଧିକ ଦ୍ରୁତ ଗତିରେ ସୀମାଟିକୁ ଡେଇଁ ଯିବାକୁ ଇଚ୍ଛା କରିଥା'ନ୍ତି, ଓ ତେଣୁ, ତା'ପରେ ଯାହା ଘଟିବା ଉଚିତ ଥିଲା, ସେମାନଙ୍କ ଜୀବନରେ ସେକଥା ଘଟି ନ ଥାଏ ।

ଆମେ ଯେତେବେଳେ ଅତିମାନସ ଚେତନାର ଭୂମିରୁ ପୃଥିବୀ ଆଡ଼କୁ ଦୃଷ୍ଟିପାତ କରିବା, ସେତେବେଳେ ସର୍ବପ୍ରଧାନ ଭାବରେ ଆମକୁ ସବୁ ଭାରି ବିଚିତ୍ର ଲାଗିବାକୁ ଆରମ୍ଭ କରିବ, ସବୁକିଛି ଭାରି କୃତ୍ରିମ ହୋଇ ରହିଥିବା ପରି ବୋଧ ହେବ । ଏବଂ କୃତ୍ରିମ ହୋଇ ରହିଥିବାରୁ ଏହି ପୃଥିବୀ ପ୍ରକୃତରେ ଏକ ଭାରି ଅସଙ୍ଗତିମୟ ପୃଥିବୀ ପରି ମନେ ହେବ । ଏହି ପୃଥିବୀ ହେଉଛି ଏକ ମିଥ୍ୟା ପୃଥିବୀ, କାରଣ, ସ୍ଥୂଳ ସ୍ତରରେ ତାହା ବାହାରକୁ ଯେପରି ହୋଇ ଦେଖାଯାଉଛି, ତାହା ବସ୍ତୁଗୁଡ଼ିକର ଗଭୀରତର ସତ୍ୟଟିକୁ ଆଦୌ ଅଭିବ୍ୟକ୍ତ କରିପାରୁ ନାହିଁ । ଯାହା ବାହାରକୁ ଦେଖାଯାଉଛି ଓ ଯାହା ଭିତରେ ରହିଛି, ଉଭୟ ମଧ୍ୟରେ ଗୋଟାଏ ପ୍ରକାରର ତୀବ୍ର ଅସଂଲଗ୍ନତା ରହିଛି । ଏବଂ ଏହିପରି ଭାବରେ, ଆପଣା ସତ୍ତାର ଗଭୀର ଭୂମିଗୁଡ଼ିକରେ ଏକ ଦିବ୍ୟ ଶକ୍ତିକୁ ବହନ କରି ରହିଥିବା ଜଣେ ବ୍ୟକ୍ତି ହୁଏତ ବାହ୍ୟ ଭୂମିରେ ଆପଣାକୁ ଜଣେ ଭୃତ୍ୟ କରି ରଖିବାକୁ ବାଧ୍ୟ ହେଉଛି । ଏହା ପ୍ରକୃତରେ ଭାରି ଅସଙ୍ଗତିପୂର୍ଣ୍ଣ କଥା ! ଅନ୍ୟ ପକ୍ଷରେ, ଅତିମାନସ ଜଗତଟି ମଧ୍ୟରେ ଇଚ୍ଛାଶକ୍ତିହିଁ ଉପାଦାନ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଛି ଏବଂ ଉପାଦାନଟି ଏହି ଇଚ୍ଛାଶକ୍ତିର ଅନୁଗତ ହୋଇ ରହିଛି । ତୁମେ ନିଜକୁ ଆବୃତ କରି ରଖିବାକୁ ଇଚ୍ଛା କରୁଛ : ଏବଂ, ସଙ୍ଗେସଙ୍ଗେ, ତୁମେ ଯେଉଁ ଉପାଦାନଟି ମଧ୍ୟରେ ବାସ

'oaob.nitrkl.ac.in' images reprocessed

କରୁଛ, ତାହା ତୁମକୁ ଆବୃତ କରି ରଖିବା ଲାଗି ଏକ ପରିଚ୍ଛଦର ଆକାର ଧାରଣ କରି ନେଉଛି । ତୁମେ ଗୋଟିଏ ସ୍ଥାନରୁ ଆଉଗୋଟିଏ ସ୍ଥାନକୁ ଯିବାକୁ ଇଚ୍ଛା କରୁଛ : ଏବଂ କୌଣସି ପ୍ରକାର ବାହନ ଅର୍ଥାତ୍ କୃତ୍ରିମ ଉପାୟ ନ ଥାଇ ମଧ୍ୟ ତୁମକୁ ସେଠାକୁ ନେଇଯିବା ପାଇଁ ତୁମର ଇଚ୍ଛାଶକ୍ତିହିଁ ଯଥେଷ୍ଟ ହୋଇ ପାରୁଛି । ତେଣୁ, ମୋ'ର ସେହି ଅନୁଭୂତି ମଧ୍ୟରେ ମୁଁ ଯେଉଁ ତରଣୀଟିକୁ ଦେଖିଥିଲି, ତାହାକୁ ଚଳାଇବା ପାଇଁ ଆଦୌ କୌଣସି ଯାନ୍ତ୍ରିକ ଉପଚାରର ଆବଶ୍ୟକତା ନ ଥିଲା । ଇଚ୍ଛାଶକ୍ତିହିଁ ଆପଣାର ଆବଶ୍ୟକତା ଅନୁସାରେ ଉପାଦାନଟିକୁ ଅନୁରୂପ ଭାବରେ ବଦଳାଇ ଦେଇ ପାରୁଥିଲା । ଯେତେବେଳେ ଘାଟରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେବାର ସମୟ ଆସିଲା, ସେତେବେଳେ ଘାଟଟି ମନକୁ ମନ ଆବିର୍ଭୂତ ହୋଇଆସିଲା । ମୁଁ ଯେତେବେଳେ ମନୁଷ୍ୟମାନଙ୍କର ବିଭିନ୍ନ ଦଳକୁ କୂଳ ଉପରକୁ ପଠାଇବାକୁ ଇଚ୍ଛା କଲି, ସେତେବେଳେ ମୋ' ପାଟିରୁ ସେହି ମର୍ମରେ ପଦେ କଥା ବାହାରିବାର କୌଣସି ପ୍ରୟୋଜନ ନ ହୋଇ ମଧ୍ୟ, ଯେଉଁମାନଙ୍କର ଓହ୍ଲାଇବାର ଥିଲା, ସେମାନେ ଆପଣାଛାଏଁ ସେହି କଥାଟିକୁ ଜାଣି ପାରିଥିଲେ । ଏବଂ ପାଳି ଅନୁସାରେ ପରସ୍ପରର ଅନୁବର୍ତ୍ତୀ ହୋଇ ଓହ୍ଲାଇବା ପାଇଁ ବାହାରି ପଡ଼ିଲେ । ସବୁକଥା ନୀରବରେ ସମ୍ପନ୍ନ ହୋଇ ଯାଉଥିଲା, ଆପଣାର କଥାକୁ ଅନ୍ୟମାନଙ୍କୁ ବୁଝାଇବା ଲାଗି ଆଦୌ କୌଣସି କଥା କହିବାର ଆବଶ୍ୟକତା ନ ଥିଲା । ମାତ୍ର, ଏହି ପୃଥିବୀରେ ନୀରବ ରହିବାଟା ଯେପରି ଅନେକ ସମୟରେ ଭାରି କୃତ୍ରିମ ବୋଲି ମନେ ହୋଇଥାଏ, ଜାହାଜଟି ଉପରେ ବିରାଜମାନ କରୁଥିବା ନୀରବତା ମଧ୍ୟରେ ସେପରି କୌଣସି କୃତ୍ରିମତା ରହିଛି ବୋଲି ମୋତେ ଅନୁଭବ ହେଉ ନ ଥିଲା । ଏହି ପୃଥିବୀରେ ଯେତେବେଳେ କେହି ନୀରବ ରହିବାକୁ ଇଚ୍ଛା କରୁଛି, ସେତେବେଳେ ତାକୁ ଆଗ କଥା କହିବା ବନ୍ଦ କରିବାକୁ ପଡୁଛି; ନୀରବତା ଶବ୍ଦାୟମାନତାରହିଁ ବିପରୀତ ହୋଇରହିଛି । ମାତ୍ର ସେଠାରେ ଯେଉଁ ନୀରବତା ରହିଥିଲା, ତାହା ପ୍ରକୃତରେ ସ୍ପନ୍ଦନମୟ ହୋଇ ରହିଥିଲା, ଜୀବନ୍ତ, ସକ୍ରିୟ ଏବଂ ବ୍ୟାପ୍ତିଯୁକ୍ତ ହୋଇ ରହିଥିଲା, ତା' ମଧ୍ୟରେ ଅବୋଧ ବୋଲି କିଛି ନ ଥିଲା ।

ଏଠାରେ ମଣିଷକୁ ଯେଉଁସବୁ କୃତ୍ରିମ ଉପାୟର ଅବଲମ୍ବନ କରିବାକୁ ପଡ଼ିଥାଏ, ତାହାହିଁ ସବୁକିଛିକୁ ଭାରି ଅସଙ୍ଗତିମୟ କରିପକାଏ । ଆବଶ୍ୟକ କୌଶଳଗୁଡ଼ିକୁ ଆୟତ୍ତ କରିବାର ଅଧିକ ସାଧନର ଅଧିକାରୀ ହୋଇଥିଲେ ଏଠି ଜଣେ ନିର୍ବୋଧ ବ୍ୟକ୍ତି ମଧ୍ୟ ବେଶ୍ ଅଧିକ ଶକ୍ତିଶାଳୀ ହୋଇପାରୁଛି । ମାତ୍ର, ଅତିମାନସ ଜଗତରେ, ଜଣେ ବ୍ୟକ୍ତି ଯେତେ ଅଧିକ ପରିମାଣରେ ସଚେତନ ହୋଇଥିବ ଏବଂ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟଟି ସହିତ ସେ ଯେତେ ଅଧିକ ପରିମାଣରେ ସଂସ୍ପର୍ଶରେ ରହିଥିବ, ତେବେ ଉପାଦାନଟି ଉପରେ ତାହାର ଇଚ୍ଛାଶକ୍ତିର ସେତେ ବେଶୀ କର୍ତ୍ତୃତ୍ୱ ସମ୍ଭବ ହୋଇପାରିବ । ସେହି

'oaob.nitrkl.ac.in' images reprocessed

କର୍ତ୍ତୃତ୍ୱହିଁ ଯଥାର୍ଥ କର୍ତ୍ତୃତ୍ୱ । ଯଦି ତୁମର ଏକ ପୋଷାକ ଦରକାର, ତେବେ ସେହି ପୋଷାକଟିକୁ ନିଜେ ତିଆରି କରିବା ଲାଗି ତୁମର ସାମର୍ଥ୍ୟ ରହିଥିବା ଦରକାର, ପ୍ରକୃତ ସାମର୍ଥ୍ୟ ରହିଥିବା ଦରକାର । ଯଦି ତୁମଠାରେ ସେହି ସାମର୍ଥ୍ୟ ନ ଥାଏ, ତେବେ ତୁମେ ବେଶ୍ ବସନହୀନ ହୋଇ ରହିପାର । ସାମର୍ଥ୍ୟର ଅଭାବଟିକୁ ପୂରଣ କରିବା ଲାଗି ସେଠାରେ ଆଦୌ କୌଣସି ବାହ୍ୟ କୌଶଳ ଉପଲବ୍ଧ ହୁଏ ନାହିଁ । ଏବଂ, ଏହି ପୃଥିବୀରେ, ଲକ୍ଷକରେ ଗୋଟିଏ କ୍ଷେତ୍ରରେ ମଧ୍ୟ କ୍ଷମତା ଆଦୌ ସତ୍ୟଯୁକ୍ତ କୌଣସି ଏକ ସମ୍ପଦର ଅଭିବ୍ୟକ୍ତି ହୋଇ ରହି ନ ଥାଏ । ଏଠାରେ ସବୁକିଛି ଅତ୍ୟନ୍ତ ଦୁର୍ଜ୍ଞେୟ ଭାବରେ ନିର୍ବୋଧତାପୂର୍ଣ୍ଣ ହୋଇ ରହିଥାଏ ।

ଯେତେବେଳେ ମୁଁ ପୁନର୍ବାର ନିମ୍ନକୁ ଓହ୍ଲାଇ ଆସିଲି, ହଁ, ''ନିମ୍ନକୁ ଓହ୍ଲାଇ ଆସିଲି'', ହଁ, ଇଏ ବି କଥାଟିକୁ ପ୍ରକାଶ କରିବାର ଏକ ଶୈଳୀ,– କାରଣ ସେହି କ୍ଷେତ୍ରରେ କୌଣସି ଉପର ନାହିଁ କିଂବା ତଳ ନାହିଁ । ଭିତର ନାହିଁ କିଂବା ବାହାର ନାହିଁ । ଏହା,– କୌଣସିଠାରେ,– ମୋତେ ପୁଣି ଏହି ଭୂମିରେ ଅନୁକୂଳିତ କରି ପାରିବା ସକାଶେ ବେଶ୍ କିଛି ସମୟ ଲାଗିଥିଲା । ଏପରିକି, ଜଣେ କାହାକୁ ଏହିପରି କହିଥିବାର ବି ବେଶ୍ ମନେପଡୁଛି, ''ବର୍ତ୍ତମାନ ଆମେ ଆମର ସେହି ନିତ୍ୟନୈମିତ୍ତିକ ନିର୍ବୋଧତା ମଧ୍ୟରେହିଁ ପୁନର୍ବାର ପତିତ ହୋଇ ରହିବାକୁ ଯାଉଛୁ ।'' ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ପ୍ରକୃତରେ ଅନେକ କିଛି ବୁଝିପାରିଛି ଏବଂ ଏକ ନିର୍ଦ୍ଦିଷ୍ଟ ଶକ୍ତିକୁ ବହନ କରି ସେଠାରୁ ଏଠାକୁ ଆସିପାରିଛି । ବର୍ତ୍ତମାନ ମୁଁ ଏହି କଥାଟିକୁ ଜାଣିବାକୁ ସମର୍ଥ ହୋଇଛି ଯେ, ଏଠାରେ ଏହି ପୃଥିବୀରେ ଆମେ ଯେପରି ଭାବରେ ଯାବତୀୟ ବସ୍ତୁର ମୂଲ୍ୟନିର୍ଦ୍ଧାରଣ କରିଥାଉ, ଏଠାରେ ଆମେ ଯେଉଁ କ୍ଷୁଦ୍ର ନୈତିକତାଟିକୁ ନେଇ ପଡ଼ିରହିଥାଉ, ଅତିମାନସ ପୃଥିବୀର ମୂଲ୍ୟଗୁଡ଼ିକ ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ନାହିଁ ।

***

ଏଠାରେ ଏହି ଉପରିଭାଗରେ ରହିଥିବା ବସ୍ତୁଗଡ଼ିକ ମଧ୍ୟରେ ପ୍ରଭାବଶାଳୀ ବୋଲି କହିବାକୁ ଆଦୌ କିଛି ନାହିଁ । ସେଗୁଡ଼ାକୁ ମୋତେ ଅଧିକରୁ ଅଧିକ ପରିମାଣରେ ସାବୁନର ଫେଣ ପରି ବୋଧ ହେଉଛନ୍ତି, ବିଶେଷ କରି ଫେବ୍ରୁଆରି ତିନି ତାରିଖ ପରେ ସବୁକିଛି ସେହିପରିହିଁ ବୋଧ ହେଉଛି ।

ଏପରି ଅନେକ ଲୋକ ମୋ'ପାଖକୁ ଆସନ୍ତି, ଯେଉଁମାନଙ୍କର ଆଖିରେ ଲୁହ ଢଳଢଳ ହେଉଥାଏ, ସେମାନେ ନିଜର ମନଃକ୍ଷେତ୍ରରେ ଅତ୍ୟନ୍ତ ଭୟଙ୍କର ଭାବରେ

'oaob.nitrkl.ac.in' images reprocessed

ଯନ୍ତ୍ରଣାପୀଡ଼ିତ ହୋଇ ରହିଛନ୍ତି ବୋଲି ମୋତେ ଆସି କହିଥାନ୍ତି । ସେମାନଙ୍କୁ ମୁଁ ଯେତେବେଳେ ଏହିପରି ଏକ ଅବସ୍ଥାରେ ଦେଖିବାକୁ ପାଏ, ସେତେବେଳେ ତୁମ ସମସ୍ତଙ୍କୁ ଧାରଣ କରି ରହିଥିବା ମୋ' ଚେତନାର କଣ୍ଟାଟିକୁ ମୁଁ ଟିକିଏ ଘୁଞ୍ଚାଇ ଦେଇଥାଏ ଏବଂ ସେମାନେ ମୋ' ପାଖରୁ ଚାଲିଗଲା ପରେ ସମ୍ପୂର୍ଣ୍ଣ ଭାବରେ ଆଶ୍ୱସ୍ତ ଅନୁଭବ କରିଥା'ନ୍ତି । ଏଇଟି ପ୍ରକୃତରେ ଯେକୌଣସି କମ୍ପାସ୍‌ର କଣ୍ଟାଟିଏ ପରି । ଚେତନାର ଭୂମିରେ ସେହି କଣ୍ଟାଟିକୁ ଏତେଟିକିଏ ମାତ୍ର ଘୁଞ୍ଚାଇ ଦେବାକୁ ପଡ଼େ ଏବଂ ତା'ପରେ ସବୁକିଛି କୁଆଡ଼େ ଅନ୍ତର୍ହିତ ହୋଇଯାଏ । ହଁ, ପରେ ତାହା ପୁନର୍ବାର ଫେରି ଆସିଥାଏ ସତ, କାରଣ ଅଭ୍ୟାସ ହେତୁ ତାହା ପୁଣି ଫେରି ଆସିଥାଏ । ସେମାନେ ପ୍ରକୃତରେ ସାବୁନ-ଫେଣ ବ୍ୟତୀତ ଆଉ କିଛିହେଲେ ନୁହନ୍ତି ।

ମୁଁ ନିଜେ ମଧ୍ୟ ଦୁଃଖ ସହିବା କ'ଣ ଜାଣିଛି, ମାତ୍ର ମୋ' ଭିତରେ ସର୍ବଦା ଏପରି ଏକ ଅଂଶଟିଏ ତଥାପି ରହିଛି, ଯାହାକି ପଛକୁ ଘୁଞ୍ଚିଯାଇ ଦୂରରେ ଠିଆହୋଇ ରହିଥାଏ, ଅଲଗା ହୋଇ ଠିଆ ହୋଇଥାଏ ।

ବର୍ତ୍ତମାନ ଏହି ପୃଥିବୀରେ ଯେଉଁ ଗୋଟିଏ କଥା ମୋତେ ଏବେ ମଧ୍ୟ ଅସହନୀୟ ବୋଲି ବୋଧ ହେଉଛି, ତାହା ହେଉଛି ଏହି ପୃଥିବୀରେ ରହିଥିବା ଯାବତୀୟ ଭୌତିକ ଅବନତି; ଚାରିଆଡ଼େ କେତେ ଭୌତିକ ଦୁଃଖଭୋଗ ମଣିଷକୁ ଆକ୍ରାନ୍ତ କରି ରଖିଛି, ସବୁକିଛି କେଡ଼େ ଅସୁନ୍ଦର ହୋଇ ରହିଛି, ପ୍ରତ୍ୟେକ ସତ୍ତା ମଧ୍ୟରେ ରହିଥିବା ସୌନ୍ଦର୍ଯ୍ୟଟିକୁ ପ୍ରକାଶ କରିବା ଲାଗି ସମସ୍ତେ ପ୍ରକୃତରେ କେଡ଼େ ଅସମର୍ଥ ହୋଇ ରହିଛନ୍ତି । ମାତ୍ର ଦିନ ଆସିବ, ଯେତେବେଳେ ସେଇଟି ଉପରେ ମଧ୍ୟ ବିଜୟ ହାସଲ କରିବା ସମ୍ଭବ ହୋଇଯିବ । ସେଠାରେ ମଧ୍ୟ ଉପଯୁକ୍ତ ଶକ୍ତିର ଅବତରଣ ଘଟିବ ଓ କଣ୍ଟାଟିକୁ ଟିକିଏ ଘୁଞ୍ଚାଇଦେଇ ଯିବ । ଏଥିପାଇଁ ଆମକୁ ଆମର ଚେତନାର ଭୂମିରେ କେବଳ ଏକ ଉଚ୍ଚତର ସୋପାନକୁ ଉଠିବାକୁ ପଡ଼ିବ । ଜଡ଼ ମଧ୍ୟକୁ ଆମେ ଯେତେ ଅଧିକ ଗଭୀରଯାଏ ଯିବା ଲାଗି ଇଚ୍ଛା କରୁଥିବା, ଚେତନାର କ୍ଷେତ୍ରରେ ସେତିକି ଉଚ୍ଚକୁ ଉଠିବା ଲାଗି ଏକ ଆବଶ୍ୟକତା ନିଶ୍ଚୟ ରହିଥିବ, ମାତ୍ର ସେଥିଲାଗି ସମୟ ଲାଗିବ । ଏଥିପାଇଁ ହୁଏତ କେତେ ଶତାବ୍ଦୀ ଲାଗିବ ବୋଲି ଶ୍ରୀଅରବିନ୍ଦ ଯେତେବେଳେ କହିଥିଲେ, ସେତେବେଳେ ସେ ଅବଶ୍ୟ ଯଥାର୍ଥ କଥାହିଁ କହିଥିଲେ ।

'oaob.nitrkl.ac.in' images reprocessed

## ୨୬ ଫେବ୍ରୁଆରି ୧୯୫୮

*ମାଆ, ଆପଣ ଅନେକ ସମୟରେ ସୂର୍ଯ୍ୟର ନାନା ଶକ୍ତି ବିଷୟରେ କହିଛନ୍ତି, ମାତ୍ର ଚନ୍ଦ୍ର ଏବଂ ତାରାମାନଙ୍କ ବିଷୟରେ ଆପଣ କେବେହେଲେ କିଛି କହି ନାହାନ୍ତି ।*

କେଉଁ ଦୃଷ୍ଟିରୁ ? ପ୍ରତୀକାତ୍ମକ ଦୃଷ୍ଟିରୁ ?

*ହଁ ।*

ସେହି କଥାଟି ଦାର୍ଶନିକ ବିଚାର । ବିଭିନ୍ନ ଯୁଗ ଏବଂ ବିଭିନ୍ନ ଦେଶ ଉପରେହିଁ ନିର୍ଭର କରୁଛି... ସାଧାରଣତଃ ଚନ୍ଦ୍ରକୁ ଆଧ୍ୟାତ୍ମିକ ଶକ୍ତି ସହିତ ସଂଯୁକ୍ତ କରି ବିଚାର କରାଯାଇଥାଏ, ତାହାକୁ ଆଧ୍ୟାତ୍ମିକ ଅଗ୍ରଗତି ଏବଂ ଆଧ୍ୟାତ୍ମିକ ଅଭୀପ୍ସା ସହିତ ବିଚାର କରି ଦେଖାଯାଇଥାଏ ।

ଶୁକ୍ଳପକ୍ଷର କ୍ରମବର୍ଦ୍ଧମାନ ଚନ୍ଦ୍ରକୁ ରୂପାନ୍ତର ଲାଗି ରହିଥିବା ଆଧ୍ୟାତ୍ମିକ ଅଭୀପ୍ସାର ପ୍ରତୀକ ରୂପେ ବିଚାର କରା ଯାଉଥିଲା ଏବଂ ପୂର୍ଣ୍ଣ ଚନ୍ଦ୍ରକୁ ଆଧ୍ୟାତ୍ମିକ ପରିପୂର୍ଣ୍ଣତାର ପ୍ରତୀକ ବୋଲି କଳ୍ପନା କରାଯାଉଥିଲା । ଆଧ୍ୟାତ୍ମିକ ନାନା ଦୃଷ୍ଟିର ପ୍ରତ୍ୟକ୍ଷ କରିବା, କାବ୍ୟିକ ପ୍ରେରଣା ଏବଂ ଅପାର୍ଥିବ ଯାବତୀୟ କରଣିଗୁଡ଼ିକର କ୍ଷେତ୍ରରେ ଚନ୍ଦ୍ରାଲୋକକୁ ସର୍ବଦା ଭାରି ଅନୁକୂଳ ବୋଲି ବିଚାର କରାଯାଇ ଆସିଛି । ତାରାମାନଙ୍କ ବିଷୟରେ ମଧ୍ୟ ଯାବତୀୟ ପ୍ରକାରର ଗଳ୍ପ ଓ ଗାଥା ରହିଆସିଛି,– କୌଣସି ଦିବ୍ୟସତ୍ତା ଜନ୍ମଗ୍ରହଣ କରିବା ଦିନ ବିଭିନ୍ନ ତାରାଙ୍କର ମଧ୍ୟ ଆବିର୍ଭାବ ହୋଇଥାଏ ବୋଲି ବି କୁହାଯାଇ ଆସିଛି । ମାତ୍ର ସେଗୁଡ଼ିକ ଅଧିକତର ପରିମାଣରେ ଏକ କାବ୍ୟିକ ଶ୍ରେଣୀର ପ୍ରତୀକାତ୍ମକତା ବୋଲି କୁହାଯାଇପାରିବ ।

ଏପରି ଏକ ବିଶ୍ୱାସ ମଧ୍ୟ ବେଶ୍ ବ୍ୟାପକ ଭାବରେ ପ୍ରଚଳିତ ରହିଆସିଛି ଯେ ମନୁଷ୍ୟମାନଙ୍କର ଅଦୃଷ୍ଟ ଉପରେ ତାରାମାନଙ୍କର ଏକ ପ୍ରଭାବ ରହିଛି । ଏହି ବିଶ୍ୱାସଟି ଏତେ ବ୍ୟାପକ ଭାବରେ ରହିଆସିଛି ଯେ ଜ୍ଞାନର ଏକ ସଂପୂର୍ଣ୍ଣ କ୍ଷେତ୍ର ଏହାକୁହିଁ ଭିତ୍ତି କରି ତିଆରି ହୋଇଛି, ଏବଂ ଆକାଶରେ ତାରାମାନଙ୍କର ବିଭିନ୍ନ ଅବସ୍ଥିତି ଅନୁସାରେ ସେହି ଜ୍ଞାନଟି ତୁମର ଜୀବନଯାକ କ'ଣସବୁ କେତେବେଳେ ଘଟିବ, ସେହି ବିଷୟରେ ବେଶ୍ ସଂପୂର୍ଣ୍ଣ ଭବିଷ୍ୟବାଣୀମାନ ବି କରିଥାଏ ।

'oaob.nitrkl.ac.in' images reprocessed

ଭାବନାର ଏକ ପ୍ରାରମ୍ଭିକ ସୋପାନରେ, ଆମ ଜୀବନ ଉପରେ ତାରାମାନଙ୍କର ଏକ ପ୍ରଭାବ ରହିଛି ବୋଲି କହି ସେହି କଥାଟିକୁ ପ୍ରକାଶ କରାଯାଇଥାଏ । ଏପରି ଭାବିବା ମଧ୍ୟ ବେଶ୍ ଅପେକ୍ଷାକୃତ ଅଧିକ ନ୍ୟାୟଯୁକ୍ତି-ଅନୁମୋଦିତ ଏବଂ ସତ ବୋଲି ବୋଧ ହୋଇଥାଏ ଯେ ଏହିପରି ଭାବରେ ଜଣେ ବ୍ୟକ୍ତିର ଅଦୃଷ୍ଟକୁ ସୂଚିତ ବା ଲିପିବଦ୍ଧ କରି ରଖାଯାଇପାରେ, କାରଣ, ଏହି ବିଶ୍ୱର ଏକସୂତ୍ରତାର ମଧ୍ୟରେ ସବୁକିଛି ଆଉ ସବୁକିଛି ସହିତ ଏକତ୍ର ଗଅଁଠାଇ ହୋଇ ରହିଛି, ଏବଂ ଯଦି ତୁମେ ବ୍ୟକ୍ତିଗତ ସହିତ ବିଶ୍ୱଗତର ରହିଥିବା ସମ୍ବନ୍ଧଟିର ବିଦ୍ୟାକୁ ହାସଲ କରିବାର ଉପାୟଟିକୁ ଲାଭ କରିପାରିବ, ତେବେ ତୁମେ ତାରାଗଣଙ୍କର ବିଶ୍ୱଗତ ସ୍ଥିତିଗୁଡ଼ିକ ମଧ୍ୟରେ ଏପରି ଏକ ପ୍ରକାରର ରେଖାଚିତ୍ର ବି ଦେଖିବାକୁ ପାଇବ, ଯାହାକି କୌଣସି ଜଣେ ବ୍ୟକ୍ତିର ଜୀବନ ବୃତ୍ତାନ୍ତକୁ ପ୍ରତୀକାତ୍ମକ ଭାବରେ ଅଭିବ୍ୟକ୍ତ କରିଦେଇ ପାରୁଥିବ ।

ଅଭିଜ୍ଞତାରୁ ମଧ୍ୟ ଏହି ପ୍ରମାଣଟି ବେଶ୍ ମିଳିଯାଉଛି ଯେ, ଏହି ଯେଉଁ ସୂଚିତ ଲିପିଟିକୁ, ଫଳିତ ଜ୍ୟୋତିଷ ଶାସ୍ତ୍ରରେ ଯାହାକୁ ଜନ୍ମପତ୍ର ବା ଜାତକ ବୋଲି କୁହାଯାଏ, ତାହା ଯେ ସବୁବେଳେ ନିର୍ଭୁଲ ହୋଇ ରହିଥିବ, ସେକଥା ଆଦୌ ଠିକ୍ ନୁହେଁ । ଏହି ଅଦୃଷ୍ଟ ଯେ ଆଦୌ ଅବଶ୍ୟମ୍ଭାବୀ ନୁହେଁ, ଆମର ଅଭିଜ୍ଞତା ଆମକୁ ସେହି ପ୍ରମାଣଟି ଦେଇ ଯାଇଥାଏ । କାରଣ ଯୋଗସାଧନାର ମାର୍ଗଟିକୁ ଗ୍ରହଣ କରିବା ଦ୍ୱାରା ଏବଂ ଆପଣାର ଆଧ୍ୟାତ୍ମିକ ବିକାଶ ସାଧନ କରି ଆମେ ଏହିସବୁ ଜନ୍ମପତ୍ରର ଅକାଟ୍ୟ ବିଧାନଗୁଡ଼ିକ ମଧ୍ୟରୁ ଅବଶ୍ୟ ବାହାରିଯାଇ ପାରିବା । ବିଶ୍ୱଗତ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ଯେଉଁ ସମ୍ବନ୍ଧଟି ରହିଛି, ଏହି ଜନ୍ମପତ୍ରକୁ ଜଡ଼ର ଭୂମି ଉପରେ ହୁଏତ ତାହାର ଏକ ଲିପିବଦ୍ଧ ସୂଚନା ବୋଲି କୁହାଯାଇପାରିବ, ଏବଂ ଚେତନାର ସ୍ଥୂଳ ଭୂମିଟି ମଧ୍ୟରେ ଚେତନାଗତ ଏକ ଉଚ୍ଚତର ଭୂମିର ପ୍ରବେଶ ଘଟାଇ ସେହିସବୁ ସମ୍ବନ୍ଧକୁ ନିଶ୍ଚୟ ବଦଳାଇ ଦିଆଯାଇପାରିବ ।

ଏସବୁକୁ ହୁଏତ ଏକ ଅର୍ଦ୍ଧଜ୍ଞାନ ବୋଲି କୁହାଯାଇପାରିବ, ବିଶ୍ୱଗତ ଏବଂ ବ୍ୟକ୍ତିଗତ ଜୀବନର ପରସ୍ପର-ନିର୍ଭରଶୀଳତାର ଖିଅଗୁଡ଼ିକୁ ବୁଝିବା ଲାଗି ଏହାକୁ ଏକ ଆଦିମସ୍ତରୀୟ ପ୍ରୟାସ ବୋଲି ମଧ୍ୟ କୁହାଯିବ । ଏବଂ, ଏଗୁଡ଼ିକ ସବୁଯାକକୁ ଆମେ ଏପରି ଗୋଟିଏ ବିଶେଷ ଭାଷା ବୋଲି ବି କଳ୍ପନା କରିପାରିବା, ଯାହାକି ଆମକୁ ଏକ ଅର୍ଦ୍ଧବ୍ୟାଖ୍ୟାତ ଜ୍ଞାନର ନିରୂପଣ କରିବା ଲାଗିହିଁ ସମର୍ଥ କରିଥାଏ ସତ, ମାତ୍ର କୌଣସି ଅକାଟ୍ୟ ନିୟମ ବା ଅବିବାଦ୍ୟ ତଥ୍ୟର ପ୍ରତିଷ୍ଠା କରିବା ଲାଗି କଦାପି କୌଣସି ସମର୍ଥତା ଆଣି ଦିଏ ନାହିଁ । ବସ୍ତୁଗୁଡ଼ିକ ଯେପରି ହୋଇ ରହିଛନ୍ତି, ସେଗୁଡ଼ିକୁ ବୁଝିବା ଲାଗି ତାହା ନାନାଭାବେ ପ୍ରୟାସ ଏବଂ ଉଦ୍ୟମ କରିଥାଏ ସତ, ମାତ୍ର ସେହି ପ୍ରୟାସମାନ ବଡ଼

'oaob.nitrkl.ac.in' images reprocessed

ଅସଂପୂର୍ଣ୍ଣ ହୋଇ ରହିଥାଏ । କେତେକ ଲୋକଙ୍କର ମନ ଲାଗି ତାହାର ଏକ ବିଶେଷ ଆକର୍ଷଣ ଅବଶ୍ୟ ରହିଥାଏ, ମାତ୍ର ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟଟି ବିଷୟରେ କେବଳ ମୋଟାମୋଟି ଭାବରେ ଏକ ପ୍ରାୟାନୁମାନ କରିବା ବ୍ୟତୀତ ତାହା ଆଉ କିଛିହେଲେ କରିପାରେ ନାହିଁ ।

ମନୁଷ୍ୟ-ମନର ଜ୍ଞାନ-ସ୍ତରରେ ଯଥେଷ୍ଟ ଗଭୀରକୁ ଯାଇପାରିଲେ ଆମେ ଉପଲବ୍ଧି କରିବାକୁ ଆରମ୍ଭ କରିବା ଯେ, ମାନସ ଚେତନା ମଧ୍ୟରେ ଆମେ ବାହ୍ୟତଃ ଯେଉଁସବୁ ଜ୍ଞାନର ଅଧିକାରୀ ହୋଇ ରହିଛୁ, ଏଗୁଡ଼ାକୁ ସବୁକିଛିକୁ କେବଳ ଏକ ନିର୍ଦ୍ଦିଷ୍ଟ ଭାଷା ଅପେକ୍ଷା କ୍ୱଚିତ୍ ଆଉ ଅଧିକ କୌଣସି ପଦାର୍ଥ ବୋଲି କୁହାଯାଇପାରିବ । ଏହି ଭାଷାଟି ବେଶ୍ ଏକ ଜଟିଳ ଭାଷା ଏବଂ ଏହା ଦ୍ୱାରା ପରସ୍ପରକୁ ବୁଝିବା ଲାଗି ଆମକୁ ଏକ ସମ୍ଭାବନା ପ୍ରାପ୍ତ ହୋଇଥାଏ ସତ, ମାତ୍ର ବସ୍ତୁଗୁଡ଼ିକର ଅସଲ ସତ୍ୟଟି ସହିତ ତାହାର ଅତ୍ୟନ୍ତ କମ୍ ତଦନୁରୂପତା ରହିଥାଏ ।

ଏକାତ୍ମତା ଦ୍ୱାରା ପ୍ରତ୍ୟକ୍ଷ ଭାବରେ ସତ୍ୟର ନିକଟବର୍ତ୍ତୀ ହୋଇପାରିବାର ଆଉ ଏକ ବାଟ ରହିଛି ଯାହାକି ସର୍ବଦା ଅନେକ ଅଧିକ ଫଳଦାୟକ ଭାବେ କାର୍ଯ୍ୟ କରିଥାଏ ଏବଂ ବସ୍ତୁଗତ ଯାବତୀୟ କ୍ରିୟାବିଧାନ ବିଷୟରେ ଆମକୁ ଜ୍ଞାନର ଏକ ମୂର୍ତ୍ତ ଦ୍ୱାର ପାଖରେ ଆଣି ପହଞ୍ଚାଇ ଦେଇ ଯାଇଥାଏ । ତାହା ଆମ ହାତରେ ଏପରି ଏକ ପ୍ରତ୍ୟକ୍ଷ ଚାବିକାଠି ଆଣି ଦେଇଯାଏ, ଯାହାକୁ କାର୍ଯ୍ୟକାରୀ କରିବା ଲାଗି ଆଦୌ କୌଣସି ଜଟିଳ ବିଜ୍ଞାନର ପ୍ରୟୋଜନ ହୁଏ ନାହିଁ । ଚେତନା ଏବଂ ଇଚ୍ଛାଶକ୍ତିର ଯାବତୀୟ ଗତିସ୍ପନ୍ଦନ ସହିତ ତାହାର ଏକ ନିର୍ଦ୍ଦିଷ୍ଟ ତଦନୁରୂପତା ରହିଥାଏ, ସେଗୁଡ଼ିକୁ ଅଭିବ୍ୟକ୍ତ କରିବା ଲାଗି ତାହାର ଏହି ଯାବତୀୟ ମାନସିକ ଜଟିଳତାର ଆଦୌ କୌଣସି ପ୍ରୟୋଜନ ଲାଗେ ନାହିଁ । ସେହି କ୍ଷେତ୍ରରେ ସମଗ୍ର ବିଶ୍ୱମୟ ସତ୍ୟଟିହିଁ ଏକ ପ୍ରତୀକରୂପେ ପ୍ରତିଭାତ ହୋଇଉଠେ ଏବଂ ତାହାକୁ ତାହାର ସତ୍ୟମର୍ମର ଭୂମିରେ ଅନୁଭବ କରିବା ମଧ୍ୟ ସମ୍ଭବ ହୋଇଥାଏ ।

'oaob.nitrkl.ac.in' images reprocessed

## ୫ ମାର୍ଚ୍ଚ ୧୯୫୮

*ମାଆ, ଆପଣ ଆମକୁ ଯେଉଁ "ଓଲଟିବା" ବିଷୟରେ ଏକାଧିକ ବାର କହିଛନ୍ତି, ସେ ବିଷୟରେ କ'ଣ ଆମକୁ କିଛି କହିବେ ନାହିଁ ? ଆପଣ କହିଥିଲେ ଯେ ଏକ ନୂତନ ଚେତନା ଲାଭ କରିବା ଲାଗି ଏହିପରି ଏକ ଓଲଟିବାର ପ୍ରୟୋଜନ ରହିଛି ।*

ଏକ ଓଲଟିବା ?

*ବର୍ତ୍ତମାନ ଆମ ଲାଗି କେଉଁ ପ୍ରକାର ଓଲଟିବାର ଆବଶ୍ୟକତା ରହିଛି ? ଆପଣ "ଚେତନାର ଏକ ଉଲଟପାଲଟ" ବୋଲି କହିଥିଲେ ।*

ସିଏ ହେଉଛି କହିବାର ଏକ ପ୍ରଣାଳୀ । ତାହାର ଅର୍ଥ ନୁହେଁ ଯେ ତୁମେ ଏଥର ମୁଣ୍ଡ ଉପରେ ବାଟ ଚାଲିବାକୁ ଆରମ୍ଭ କରିବ । ଏଇଟି ହେଉଛି ଏକ ପ୍ରତିରୂପ ।

*ହଁ, ଶ୍ରୀଅରବିନ୍ଦ ମଧ୍ୟ* ଏକଥା କହିଛନ୍ତି, ତେଣୁ...*

---

*"ସେହି କ୍ଷେତ୍ରରେ ସାଧାରଣ ପଶୁଜୀବନରୁ ମନୁଷ୍ୟର ସ୍ୱଭାବକୁ ରୂପାନ୍ତରିତ ହେବା ଲାଗି ଜଡ଼ ଶରୀରର ଏପରି ଏକ ଉତ୍କର୍ଷସାଧନ ଆବଶ୍ୟକ ହେବ, ଯାହା ଫଳରେ କି ସେ ଚେତନାର ଏକ ଦ୍ରୁତ ଊର୍ଦ୍ଧ୍ୱାୟନ ଲାଗି ବାହନରୂପେ କାର୍ଯ୍ୟ କରିପାରିବ, ଏବଂ ତାହାର ପରିଣାମ ସ୍ୱରୂପ ଚେତନାରେ ମଧ୍ୟ ଏକ ଉଲଟପାଲଟ ଘଟିବ ଅଥବା ତାହାର ଗତିରେ ଦିକ୍‌ପରିବର୍ତ୍ତନ ହେବ, ଏକ ଉଚ୍ଚତର ଭୂମିରେ ଆରୂଢ଼ ହୋଇ ତାହା ସେଇଠାରୁ ନିମ୍ନତର ସୋପାନଗୁଡ଼ିକ ଉପରେ ଦୃକ୍‌ପାତ କରିପାରିବ; ତାହାର ସାମର୍ଥ୍ୟ ମଧ୍ୟ ଏପରି ଭାବରେ ପ୍ରସାରିତ ଓ ବୃଦ୍ଧିପ୍ରାପ୍ତ ହୋଇଯିବ ଯେ ସତ୍ତା ଆପଣାର ପୂର୍ବତନ ପଶୁବୃତ୍ତିଗୁଡ଼ିକୁ ତାହାର ଅଧିକ ବୃହତ୍ ତଥା ଅଧିକ ନମନୀୟ ମାନୁଷୀ ସ୍ତରର ବୁଦ୍ଧି ଦ୍ୱାରା ଗ୍ରହଣ କରିପାରିବ । ଏବଂ, ତହିଁ ସଙ୍ଗେ ସଙ୍ଗେ ଅଥବା ଏକ ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଆପଣା ଭିତରେ ଆହୁରି ବୃହତ୍ତର ଓ ସୂକ୍ଷ୍ମତର କେତେ ସାମର୍ଥ୍ୟର ବିକାଶ କରିବ, ଯାହାକି ସତ୍ତାର ଏହି ନୂତନ ପ୍ରକାରଟିର ଅନୁରୂପ ଓ ଉପଯୁକ୍ତ ହୋଇଥିବ; ବିଚାର ବିବେକର ସାମର୍ଥ୍ୟ, ଗଭୀର ଭାବରେ ଚିନ୍ତା କରିବାର ସାମର୍ଥ୍ୟ ତଥା ଜଟିଳ ପର୍ଯ୍ୟବେକ୍ଷଣ, ସୁସଂଗଠିତ ଉଦ୍ଭାବନ ଓ ଆବିଷ୍କାର, ଏହିପରି କେତେ ସାମର୍ଥ୍ୟର ବିକାଶ କରିବ ।... ପ୍ରକୃତି-ବିବର୍ତ୍ତନର ଇତିହାସରେ ଯେତେବେଳେ କୌଣସି ମୌଳିକ ପରିବର୍ତ୍ତନ

'oaob.nitrkl.ac.in' images reprocessed

ତେଣୁ, ଯଦି କୌଣସି ପ୍ରତିରୂପ ତୁମକୁ କୌଣସି ଏକ ପ୍ରକାରର ବୋଧ ଆଡ଼କୁ ପରିଚାଳିତ କରିନିଏ, ତେବେ ତାହା ନିଶ୍ଚୟ ଭଲ କଥା, ମାତ୍ର ଏକଥା ମଧ୍ୟ ସତ ଯେ ତୁମେ ପ୍ରକୃତରେ ଏଇଟି ଦେଇ (*ମାଆ ମୁଣ୍ଡ ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଦେଲେ*) କଦାପି କିଛି ବୁଝିପାରିବ ନାହିଁ । ଯଦି ତାହା ତୁମ ଭିତରେ ଏପରି ଏକ ଧାରଣା ଦେଇଯାଏ, ଯାହାକି ତୁମକୁ ବିଭିନ୍ନ ବସ୍ତୁର ବ୍ୟାଖ୍ୟା କରି ଦେଉଥାଏ ଅଥବା ଯାହା ସାହାଯ୍ୟରେ ତୁମେ ସେଗୁଡ଼ିକୁ ଅଧିକ ଭଲ ଭାବରେ ବୁଝିବା ଲାଗି ସମର୍ଥ ହୁଅ, ତେବେ ତାହା ନିଶ୍ଚୟ ଭଲ କଥା, ମାତ୍ର ଏକଥା ମଧ୍ୟ ସତ ଯେ ବହୁ ସଂଖ୍ୟକ ଶବ୍ଦ ଦେଇ ଏବଂ ମସ୍ତିଷ୍କର ଗହନରେ ପଶି ତୁମେ ଆଦୌ ସେଗୁଡ଼ିକୁ ଅଧିକ ଭଲ ଭାବରେ ବୁଝିପାରିବ ନାହିଁ ।

ଏଠାରେ ଏପରି ଏକ ବୋଧର କଥା କୁହାଯାଇଛି, ଯେତେବେଳେ କି ଆମେ ଏକ ସଂପୂର୍ଣ୍ଣ ଅଲଗା ପ୍ରକାରେ ବସ୍ତୁଗୁଡ଼ିକୁ ଦେଖିବାକୁ ଆରମ୍ଭ କରୁ, ସେତିକିବେଳେ ତାହାକୁ ଓଲଟିବା ବୋଲି କୁହାଯାଏ । ଏହା ହେଉଛି... ଏହାକୁ ସର୍ବଦା ଗୋଟିଏ ପ୍ରିଜ୍‌ମ୍ ସହିତ ତୁଳନା କରାଯାଇଥାଏ : ଯଦି ତୁମେ ସେଇଟିକୁ ଗୋଟିଏ ଆଡ଼କୁ ଅନାଇ ଦେଖିବ, ତେବେ ଆଲୋକଟି ଧଳା ହୋଇ ଦେଖାଯିବ; ଏବଂ ଯଦି ସେଇଟିକୁ ଓଲଟାଇ ଦେଖିବ, ତେବେ ତାହା ଆପଣାର ଯାବତୀୟ ବହୁ ଉପାଦାନରେ ବିଚ୍ଛୁରିତ ହୋଇ ପଡ଼ିବ । ଆଲୋଚ୍ୟ କଥାଟି ମଧ୍ୟ ପ୍ରାୟ ସେହିପରି ଗୋଟିଏ କଥା ।

ଯଦି କୌଣସି ଏକ ବିଶେଷ ସାମର୍ଥ୍ୟ ବଳରେ ଶବ୍ଦଚୟ ତୁମକୁ ଅସଲ ବସ୍ତୁଟି ସହିତ ଗଅଁଠାଇ ଦେଇ ନ ପାରିଲେ, ତେବେ ସେଗୁଡ଼ିକୁ ଆଦୌ ଉତ୍ତମ ଏବଂ କାର୍ଯ୍ୟସାଧକ ବୋଲି କୁହାଯିବ ନାହିଁ । ଖାସ୍ ଶବ୍ଦଗୁଡ଼ିକରେହିଁ ଆଦୌ କୌଣସି ମୂଲ୍ୟ ନ ଥାଏ ।

---

ଘଟିଛି, ସେତେବେଳେ ଏହିପରି ଏକ ଓଲଟପାଲଟ ମଧ୍ୟ ଘଟିଛି । ଜଡ଼ ଭିତରୁ ଉନ୍ମେଷଲାଭ କରୁଥିବା ପ୍ରାଣଶକ୍ତି ଜଡ଼ ଉପରେହିଁ ଆପଣାର କ୍ରିୟାକୁ ଅନୁଭୂତ କରାଇଛି, ଆପଣାର ନୂତନ ଗତିସ୍ପନ୍ଦନ ଓ କ୍ରିୟାତ୍ମକତାଗୁଡ଼ିକର ବିକାଶ କରିବା ସଙ୍ଗେ ସଙ୍ଗେ ତାହା ଜଡ଼ଗତ ଶକ୍ତିର କ୍ରିୟା ମଧ୍ୟରେ ବି ଏକ ପ୍ରାଣଧର୍ମୀ ଉପାଦାନକୁ ନେଇ ଲଦି ଦେଇଛି । ପ୍ରାଣଶକ୍ତି ଓ ଜଡ଼କୁ ଆଧାର କରି ପ୍ରାଣଗତ ମନର ଉଦୟ ହୋଇଛି; ଏବଂ ଆପଣାର କ୍ରିୟା ଓ ବୃତ୍ତିଗୁଡ଼ିକର ବିକାଶସାଧନ କରିବା ସଙ୍ଗେ ସଙ୍ଗେ ତାହା ପ୍ରାଣ ଓ ଜଡ଼ର କ୍ରିୟାଭୂମି ଉପରେ ମଧ୍ୟ ଆପଣାର ଚେତନାରୂପୀ ଉପାଦାନଟିକୁ ନେଇ ଲଦି ଦେଇଛି । ମନୁଷ୍ୟର ଆବିର୍ଭାବ ସହିତ ଯେଉଁ ନୂତନ ବୃହତ୍ତର ଉତ୍‌କ୍ରମଣ ଓ ଓଲଟପାଲଟ ସଂଘଟିତ ହୋଇଛି, ସେଇଟି ମଧ୍ୟ ପ୍ରକୃତି ଭୂମିର ଏହିସବୁ ପୂର୍ବତନ ଦୃଷ୍ଟାନ୍ତଗୁଡ଼ିକର ବିଧାନ ମାନି ଆପଣାକୁ ପରିଚାଳିତ କରି ନେଉଛି; ଏଠାରେ ମଧ୍ୟ ପ୍ରକୃତିର ସେହି ସାଧାରଣ ସୂତ୍ରଟିର ଏକ ନୂତନ ପ୍ରୟୋଗ ମାତ୍ର ହେଉଛି ବୋଲି ବେଶ୍ କୁହାଯାଇପାରିବ ।''

ଦିବ୍ୟଜୀବନ (ଇଂ), ପୃଷ୍ଠା. ୮୩୮-୩୯

'oaob.nitrkl.ac.in' images reprocessed

ବସ୍ତୁତଃ, ଏହି କ୍ଷେତ୍ରରେ ସର୍ବୋତ୍ତମ ସ୍ଥିତିଟି— କେତେକ ବ୍ୟକ୍ତି ସେହି ସ୍ଥିତିଟିକୁ ଆଂଶିକ ଭାବରେ ଉପଲବ୍ଧି କରି ସାରିଛନ୍ତି,— ହେଉଛି ଯେ ଆମେ ଅସଲ ବିଚାରଟିକୁ ଏବଂ ଏପରିକି ବିଚାରଟିଠାରୁ ଆହୁରି ଉଚ୍ଚ ହୋଇ ରହିଥିବା କୌଣସି ସମ୍ପଦକୁ ସଞ୍ଚାରିତ କରିଦେଇ ପାରୁଥିବା, ଆମେ ଅପରୋକ୍ଷ ଭାବରେ ସ୍ପନ୍ଦନଟିର ମାଧ୍ୟମରେହିଁ ଚେତନା, ଜ୍ଞାନ ଏବଂ ବୋଧର ସ୍ଥିତିଟିକୁ ସଞ୍ଚାରିତ କରିଦେଇ ପାରୁଥିବା । ଯେତେବେଳେ ତୁମେ ଭାବିବାକୁ ଯାଅ, ସେତେବେଳେ, ତୁମର ଚେତନା ତୁମର ଭାବନାକୁ ଯେଉଁପରି ରୂପ ଦେଇ ରଖିଥାଏ, ତାହାରି ଅନୁସାରେହିଁ ତୁମର ମାନସିକ ଉପାଦାନଟି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସ୍ପନ୍ଦିତ ହେବାକୁ ଆରମ୍ଭ କରେ । ଏବଂ ଯଦି ସବୁକିଛି ସୁ-ଅନୁକୂଳିତ ହୋଇ ରହିଥାଏ, ତେବେ ଆଉ ଗୋଟିଏ ମନ ଲାଗି ମଧ୍ୟ ଏହି ସ୍ପନ୍ଦନଟି ଠିକ୍ ଭାବରେ ଅନୁଭୂତ ହୋଇପାରିବା ଉଚିତ ।

ବସ୍ତୁତଃ, ଅନ୍ୟ ଚେତନାଟିର ବା ଅନ୍ୟ ଚେତନା-କେନ୍ଦ୍ରଟିର ଦୃଷ୍ଟିକୁ ଆକୃଷ୍ଟ କରିବା ଲାଗିହିଁ ଶବ୍ଦମାନେ କିଞ୍ଚିତ୍ ସହାୟତା କରିଥା'ନ୍ତି, ଯାହା ଫଳରେ କି ତାହା ସେହି ସ୍ପନ୍ଦନଟି ବିଷୟରେ ମନୋଯୋଗୀ ହୋଇପାରେ ଓ ତାହାକୁ ଗ୍ରହଣ କରିପାରେ । ମାତ୍ର ଯଦି ତାହା ମନୋଯୋଗୀ ନ ଥାଏ ଏବଂ ଏକ ତୁଳନାତ୍ମକ ନୀରବତା ସହିତ ତାହାକୁ ଗ୍ରହଣ କରିବା ଲାଗି ସମର୍ଥ ନ ହୁଏ, ତେବେ ତୁମେ ତାହା ଉପରେ ଯୋଜନ ଯୋଜନ ଶବ୍ଦକୁ ନେଇ ଅଜାଡ଼ି ଦେଉଥିବ ପଛକେ, ମାତ୍ର ତଥାପି ତାହା ତୁମକୁ ଆଦୌ ଏତେଟିକିଏ ହେଲେ ବି ବୁଝିପାରିବ ନାହିଁ । ଏବଂ, ଏପରି ଗୋଟିଏ ସମୟ ଆସି ପହଞ୍ଚିବ, ଯେତେବେଳେ କି, କେତେକ ନିର୍ଦ୍ଦିଷ୍ଟ ସ୍ପନ୍ଦନକୁ ଉତ୍ପନ୍ନ କରିବାରେ ସକ୍ରିୟ ହୋଇ ରହିଥିବା ମସ୍ତିଷ୍କ କେବଳ ସ୍ପଷ୍ଟ ଏବଂ ଯଥାର୍ଥ ସ୍ପନ୍ଦନଗୁଡ଼ିକୁହିଁ ଗ୍ରହଣ କରିପାରିବ; ତାହା ନ ହେଲେ ଏହା ଏପରି ନାନା ବିଭ୍ରାନ୍ତ ଓ ଅଯଥାର୍ଥ ବିଷୟର ଗୋଟିଏ ଅତ୍ୟନ୍ତ ଅସ୍ପଷ୍ଟ ବିମିଶ୍ରଣ ହୋଇ ରହିଥିବ, ଯାହାକି କେବଳ ଏକ ମେଘାଚ୍ଛନ୍ନ ଓ ଅସ୍ପଷ୍ଟ ପୁଞ୍ଜ ହୋଇ ରହିଥିବ ସିନା, ମାତ୍ର ଆଦୌ କୌଣସି ବିଚାରକୁ ପ୍ରେରିତ କରି ଆଣିପାରୁ ନ ଥିବ । ତେଣୁ, ଅନେକ ସମୟରେ ଏପରି ହୁଏ ଯେ, ଜଣେ ହୁଏତ କଥା କହୁଥାଏ ଏବଂ ଶବ୍ଦଗୁଡ଼ିକ ପରିଷ୍କାର ଭାବରେ ଶୁଣାଯାଉଥାଏ ସତ, ମାତ୍ର ତଦ୍ଦ୍ୱାରା ଆଦୌ କୌଣସି ଅର୍ଥ ପ୍ରକାଶ ପାଉ ନ ଥାଏ । ତେଣୁ ଏଠାରେ ଶବ୍ଦ ବା ଧ୍ୱନିର ଆଦୌ କୌଣସି ପ୍ରଶ୍ନ ନାହିଁ, ସ୍ପନ୍ଦନଗୁଡ଼ିକରେ ଏକ ସ୍ପଷ୍ଟତା ଓ ଯଥାର୍ଥତା ରହିବା ହେଉଛି ଅସଲ କଥା ।

ଯଦି ତୁମେ ଆପଣାର ଭାବନାକୁ ଯଥାର୍ଥ ଭାବରେ ଉତ୍ପନ୍ନ କରି ଆଣିପାରୁଥିବ, ଯଦି ଜୀବନ୍ତ ଏବଂ ସଚେତନ କୌଣସି ଏକ ବସ୍ତୁରୂପେ ତାହା ତୁମର ଚେତନା ମଧ୍ୟରୁ ବାହାରି ଆସୁଥିବ ଏବଂ ଅନ୍ୟ ଚେତନାଟିକୁ ଭେଟିବା ଲାଗି ଚାଲି ଯାଉଥିବ, ଅର୍ଥାତ୍,

'oaob.nitrkl.ac.in' images reprocessed

ତୁମେ କ'ଣ କହିବାକୁ ଇଚ୍ଛା କରୁଛ, ଯଦି ତୁମେ ସେହି କଥାଟିକୁ ପ୍ରକୃତରେ ଭଲ କରି ଜାଣିଥିବ, ତେବେ ତାହା ଠିକ୍ ସେହି ଯଥାର୍ଥତା ସହିତ ବି ଉଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିପାରିବ, ଆପଣାର ଅନୁରୂପ ସ୍ପନ୍ଦନଟିକୁ ଜାଗ୍ରତ କରାଇ ଆଣିପାରିବ । ଏବଂ ଅନୁରୂପ ସ୍ପନ୍ଦନଗୁଡ଼ିକ ଜାଗ୍ରତ ହେବା ସହିତ ଅନୁରୂପ ଭାବନାଗୁଡ଼ିକ ବି ଜାଗ୍ରତ ହୋଇ ଆସିବ, ଅର୍ଥାତ୍, ସେହି ଅନୁରୂପ ବିଚାର ତଥା ଚେତନା ସ୍ଥିତିଟି ମଧ୍ୟ ଜାଗ୍ରତ ହୋଇ ଆସିବ ଏବଂ ତୁମେ ପରସ୍ପରକୁ ଖୁବ୍ ଭଲକରି ବୁଝିପାରିବ । ମାତ୍ର ଯାହାକିଛି ଉତ୍ପନ୍ନ ହେଉଥିବ, ଯଦି ତାହା ଅସ୍ପଷ୍ଟ ହୋଇ ରହିଥିବ, ଯଥାର୍ଥ ହୋଇପାରି ନ ଥିବ, ତୁମେ ପ୍ରକୃତରେ କ'ଣ କହିବାକୁ ଇଚ୍ଛା କରୁଛ, ଯଦି ସେହି କଥାଟିକୁ ଖୁବ୍ ଭଲକରି ଜାଣି ନ ଥିବ, ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ, ଯଦି ତୁମେ ନିଜେ ସେଇଟିକୁ ବୁଝିବାକୁ ଚେଷ୍ଟା କରୁଥିବ ଏବଂ ଯଦି, ଅନ୍ୟ ପକ୍ଷରେ, ଶୁଣୁଥିବା ବ୍ୟକ୍ତିର ଧ୍ୟାନଟି ଯଥେଷ୍ଟ ପରିମାଣରେ ଏକାଗ୍ର ହୋଇ ରହି ନ ଥିବ ବା ଯଦି ସେ ଅନ୍ୟ କୌଣସି ଏକ ସ୍ଥାନରେ ବ୍ୟସ୍ତ ଏବଂ ସକ୍ରିୟ ହୋଇ ରହିଥିବ, ତେବେ ତୁମେ ଦୁହେଁ ଆଦୌ ପରସ୍ପରକୁ ବୁଝିପାରିବ ନାହିଁ ।

ଏବଂ, ବସ୍ତୁତଃ, ଠିକ୍ ଏହି କଥାଟିହିଁ ଅଧିକାଂଶ ସମୟରେ ଘଟିଥାଏ । ତୁମେ ଅନ୍ୟ ବ୍ୟକ୍ତିମାନଙ୍କ ପାଖକୁ ଯେଉଁ ଭାବଟିର ସଞ୍ଚାର କରିବା ପାଇଁ ଚେଷ୍ଟା କରୁଥିଲ, ଅନ୍ୟମାନଙ୍କ ଚେତନା ମଧ୍ୟରେ ଯେତେବେଳେ ତୁମେ ତାହାରି ପରିଣାମଟିକୁ ଦେଖିବାକୁ ସମର୍ଥ ହୁଅ, ସେତେବେଳେ ତୁମର ଏପରି ଏକ ଅନୁଭୂତି... ବିକୃତକାରୀ ଦର୍ପଣ କହିଲେ କ'ଣ ବୁଝାଏ ତୁମେ ଜାଣିଛ ତ ? ତୁମେମାନେ କ'ଣ କେବେହେଲେ ଏକ ବିକୃତକାରୀ ଦର୍ପଣ ଦେଖି ନାହଁ ? ଏପରି ନାନାପ୍ରକାର ଦର୍ପଣ ରହିଛି, ଯାହା ଭିତରକୁ ଅନାଇଲେ ତୁମେ ଅଧିକ ଡେଙ୍ଗା ଅଥବା ଅଧିକ ମୋଟା ହୋଇ ଦେଖାଯାଅ; ତୁମ ଦେହର ପ୍ରତିଫଳନଟି ଗୋଟିଏ ପାଖରେ ଅଧିକ ବଡ଼ ହୋଇ ଯାଇଥାଏ ଓ ଆଉ ଗୋଟିଏ ପାଖରେ ଅଧିକ ଛୋଟ ହୋଇ ଯାଇଥାଏ, ତୁମ ସମ୍ମୁଖରେ ତୁମ ଚେହେରାର ଏକ ଅଦ୍ଭୁତ ବିଦ୍ରୂପହିଁ ଦେଖିବାକୁ ମିଳୁଥାଏ । ହଁ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ଏହିପରି ଘଟିଥାଏ । ତୁମେ ଆଉ ଜଣେ ବ୍ୟକ୍ତିକୁ ଯାହାକିଛି କହିଥାଅ, ତା'ର ଚେତନା ଭିତରେ ତାହାର ଏକ ଅଦ୍ଭୁତ ବିଦ୍ରୂପହିଁ ସଂଘଟିତ ହୋଇଥାଏ । ମାତ୍ର, ଲୋକେ ପରସ୍ପରକୁ ବେଶ୍ ଭଲ ଭାବରେ ବୁଝିପାରିଛନ୍ତି ବୋଲି ଭାବନ୍ତି, କାରଣ, ସେମାନେ କେବଳ ଶବ୍ଦଗୁଡ଼ିକର ଧ୍ୱନିଗୁଡ଼ିକୁହିଁ ଶୁଣିଥା'ନ୍ତି, ମାତ୍ର ଦୁହିଁଙ୍କ ଭିତରେ ଆଦୌ କୌଣସି ସଂଚାରଗତ ଯୋଗସୂତ୍ର ସମ୍ଭବ ହୋଇ ନ ଥାଏ ।

ତେଣୁ, ମନୋଗତ ଉପାଦାନଟି ଉପରେ ଯଦି ତୁମେ ଏତେ ଟିକିଏ ବି ଫଳଦାୟକତା ସମ୍ଭବ କରିବାକୁ ଇଚ୍ଛା କରୁଥାଅ, ତେବେ, କିପରି ନିର୍ମଳ ଭାବରେ ଚିନ୍ତା କରିବାକୁ ହୁଏ, ତୁମକୁ ସର୍ବପ୍ରଥମେ ସେହି କଥାଟିକୁ ଶିକ୍ଷା କରିବାକୁ ହେବ । କେବଳ

'oaob.nitrkl.ac.in' images reprocessed

ଶବ୍ଦଗୁଡ଼ାକ ଉପରେ ନିର୍ଭର କରୁଥିବା ଶାବ୍ଦିକ ଚିନ୍ତା ଦ୍ୱାରା ମୋଟେ କାମ ଚଳିବ ନାହିଁ, ମାତ୍ର ଏପରି ଏକ ଚିନ୍ତା ଲାଗି ସମର୍ଥ ହେବାକୁ ପଡ଼ିବ, ଯାହାକି ଶବ୍ଦ ଉପରେ ନିର୍ଭର ନ କରି ମଧ୍ୟ ସମ୍ଭବ ହୋଇପାରୁଥିବ, ଶବ୍ଦଗୁଡ଼ିକର ବିନା ସାହାଯ୍ୟରେ ମଧ୍ୟ ଯାହାକୁ ସ୍ୱତଃ ବୁଝି ହେଉଥିବ । ଯାହା ସହିତ ଏକ ପ୍ରକୃତ ସତ୍ୟର ତଦନୁରୂପତା ରହିଥିବ, କୌଣସି ଚେତନାସ୍ଥିତିର ସତ୍ୟ ଅଥବା ଜ୍ଞାନର ସତ୍ୟର ସଂଗତି ରହିଥିବ । ଶବ୍ଦଗୁଡ଼ିକର କୌଣସି ସାହାଯ୍ୟ ନ ନେଇ ତୁମେ ଚିନ୍ତା କରିବାକୁ ଚେଷ୍ଟା କର, ତେବେ ତୁମେ ପ୍ରକୃତରେ ଠିକ୍ କେଉଁ ସୋପାନରେ ଅଛ, ସେକଥାଟିକୁ ଜାଣିପାରିବ ।

ତୁମେ କେବେହେଲେ ଏଇଟିକୁ ଚେଷ୍ଟା କରି ଦେଖି ନାହଁ ? ତେବେ ଏଥର ଚେଷ୍ଟା କରି ଦେଖ ।

ଅନ୍ୟମାନଙ୍କ ପାଖରେ ତୁମେ ଯେଉଁ ଭାବଟିକୁ ପ୍ରକାଶ କରିବାକୁ ଇଚ୍ଛା କରୁଛ, ଯଦି ସେହି ବିଷୟରେ ତୁମର ସଂପୂର୍ଣ୍ଣ ଭାବରେ ଏକ ନିର୍ମଳ ଏବଂ ଯଥାର୍ଥ ବୋଧ ରହିଥାଏ,– ତାହାର ଏକ ବିଶେଷ ସ୍ପନ୍ଦନ ହୋଇଥାଏ, ମାନସିକ ଉପାଦାନଟିକୁ ଏକ ବିଶେଷ ରୂପ ଦେବା ଲାଗି ତାହାର ଆବଶ୍ୟକ ସାମର୍ଥ୍ୟଟି ରହିଥାଏ; ଏବଂ ତା'ପରେ, ମନୁଷ୍ୟସୁଲଭ ଅଭ୍ୟାସଗୁଡ଼ିକୁ ଏକ ସୁବିଧା ଦେଇ ତୁମେ ପରେ ତାହାର ଚତୁର୍ଦ୍ଦିଗରେ କେତୋଟି ଶବ୍ଦକୁ ନେଇ ସଂଗଠିତ କରି ରଖ ଏବଂ,– ଅପେକ୍ଷାକୃତ ଅନେକ ନିମ୍ନ ଗୋଟିଏ ସୋପାନରେ,– ଚେତନାର ସେହି ସ୍ପନ୍ଦନଟିକୁ ଏକ ଶାବ୍ଦିକ ରୂପ ଦେବାକୁ ଚେଷ୍ଟା କର । ମାତ୍ର, ସେହି ଶାବ୍ଦିକ ରୂପଟିକୁ ସଂପୂର୍ଣ୍ଣ ଭାବରେ ଗୌଣ ବୋଲିହିଁ କୁହାଯିବ । ତାହାକୁ ଏକ ପ୍ରକାରର ଆଚ୍ଛାଦନ ବୋଲି କୁହାଯିବ, ଭାବନାଟିର ଶକ୍ତିଟି ଉପରେ ରହିଥିବା ଏକ ଅଶୋଧିତ ଆଚ୍ଛାଦନ ବୋଲିହିଁ କୁହାଯିବ ।

*ଶବ୍ଦଗୁଡ଼ାକ କୁଆଡ଼େ ଆସେ ?*

କ'ଣ ହେଲା ? ନାଇଁ, ତୁମେ ଆହୁରି ସ୍ପଷ୍ଟ ଭାବରେ ଭାବିବା ଲାଗି ଚେଷ୍ଟା କର । ମୁଁ ତୁମ କଥାଟିକୁ ମୋଟେ ବୁଝିପାରୁ ନାହିଁ । ତୁମର ଭାବନାଗୁଡ଼ାକ ସତେଯେମିତି ଗୁଳା ଗୁଳା ତୁଳା ପରି ବାହାରି ଆସିବାରେ ଲାଗିଛି । ଏବଂ, ମୁଁ ତାହାର କୌଣସି ଅର୍ଥ ବୁଝିପାରୁ ନାହିଁ ।

*ହଁ, ବୁଝିଲି, ଭାବନାଟି ଏକ ନିର୍ଦ୍ଦିଷ୍ଟ ଆକାର ପାଇବା ପୂର୍ବରୁହିଁ ଶବ୍ଦଟି ବାହାରି ଆସୁଛି ।*

'oaob.nitrkl.ac.in' images reprocessed

ପ୍ରକୃତରେ ତାହାହିଁ ହେଉଛି ।

ଭାବନାର ଏହି କ୍ଷମତାଟିକୁ ଦୃଷ୍ଟାନ୍ତ ସ୍ୱରୂପ ଆଗେ ବାକ୍‌ଚାତୁରୀ ବୋଲି କୁହାଯାଉଥିଲା । ବସ୍ତୁତଃ, ଏହି କ୍ଷେତ୍ରରେ ଠିକ୍ ସେହି ଘଟଣାଟିହିଁ ଘଟୁଥିଲା ଏବଂ ବର୍ତ୍ତମାନ ମଧ୍ୟ ତାହାହିଁ ଘଟିପାରିବ । ତୁମେ କିଛି ଭାବୁଛ,— ଅର୍ଥାତ୍, ମୁଁ ଯାହାକୁ ଭାବନା ବୋଲି କହେ, ତୁମେ ସେହି କାର୍ଯ୍ୟଟିକୁ କରୁଛ,— ଶବ୍ଦଗୁଡ଼ିକର କୌଣସି ସାହାଯ୍ୟ ନେଉ ନାହଁ, ବସ୍ତୁଗୁଡ଼ିକ ବିଷୟରେ ତୁମର ନିର୍ଭୁଲ ଦୃଷ୍ଟି ରହିଛି ଏବଂ ଏହି ଦୃଷ୍ଟିଟିକୁ ସଞ୍ଚାରିତ କରିବାର ସାମର୍ଥ୍ୟ ମଧ୍ୟ ରହିଛି । ଚେତନାର ଏହି ବସ୍ତୁଟିକୁ ପ୍ରେରଣ କରିଦେଇ ପାରିବା ଲାଗି ତୁମର କ୍ଷମତା ରହିଛି । ତୁମ ସମକ୍ଷରେ ହୁଏତ ଅନେକ ଲୋକ ଅଛନ୍ତି, ଅଥବା ମାତ୍ର ଅଳ୍ପ କେତେଜଣ ଲୋକ ଅଛନ୍ତି, ସେମାନେ ବିଭିନ୍ନ ଭାଷାରେ କଥା କହନ୍ତି ସତ, ମାତ୍ର କେବଳ ଗୋଟିଏ ଭାଷାରେ ଚିନ୍ତା କରିବା ଲାଗିହିଁ ସେମାନେ ଅଭ୍ୟସ୍ତ ହୋଇ ରହିଛନ୍ତି, କାରଣ ସେମାନେ ସେହିପରି ଏକ ଶିକ୍ଷା ପାଇ ଆସିଛନ୍ତି । ତୁମେ ଆପଣା ଦୃଷ୍ଟିର, ଆପଣା ବୋଧ ଏବଂ ବସ୍ତୁଗୁଡ଼ିକ ବିଷୟରେ ଆପଣା ଅନୁଭୂତିର ସ୍ପନ୍ଦନଟିକୁ ସେମାନଙ୍କ ଉପରକୁ ପ୍ରକ୍ଷେପିତ କରିଦେଉଛ । ଶ୍ରୋତାମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଲାଗି ତୁମେ କେତେଗୁଡ଼ିଏ ଶବ୍ଦ ଉଚ୍ଚାରଣ କରୁଛ,— ତୁମେ ଯେକୌଣସି ଭାଷାରେ ତାହା କରିପାର; ଯେଉଁ ଭାଷାଟି ତୁମର ସବୁଠାରୁ ଅଧିକ ପରିଚିତ, ସେହି ଭାଷାରେ କରିପାର, ସେଥିରେ କିଛି ଯାଏ ଆସେ ନାହିଁ । ମାତ୍ର, ତୁମର ଦୃଷ୍ଟି ଏବଂ ତୁମର ଉଚ୍ଚାରିତ ଶବ୍ଦ ଏପରି ଯଥେଷ୍ଟ ଭାବରେ ଯଥାର୍ଥ ହୋଇଥିବ ଯେ ତାହା ଅନ୍ୟମାନଙ୍କର ମସ୍ତିଷ୍କ ଭିତରକୁ ସଞ୍ଚାରିତ ହୋଇଯାଇ ପାରୁଥିବ ଏବଂ ସେମାନଙ୍କର ମସ୍ତିଷ୍କରେ ପ୍ରବେଶ କରି ତାହା ସେମାନଙ୍କର ନିଜ ନିଜ ଭାଷାରେ ଅନୂଦିତ ହୋଇ ଯାଉଥିବ । ଅର୍ଥାତ୍, ବାହାରକୁ ଦେଖିବାକୁ ତୁମେ ହୁଏତ ଇଂରାଜୀ ବା ଫରାସୀ ଭାଷାରେ କଥା କହୁଥିବ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ତା' ନିଜ ଭାଷାରେ ତାହାକୁ ବୁଝି ପାରୁଥିବ । ଲୋକମାନେ ଏହାକୁ ମନଗଢ଼ା କଥା ବୋଲି ଭାବନ୍ତି ସତ, ମାତ୍ର ତାହା ଆଦୌ ମନଗଢ଼ା କଥା ନୁହେଁ । ଏହି କଥାଟି ଏକାନ୍ତ ବୋଧ; ମୁଁ ଯେଉଁ ରାଜ୍ୟଟିକୁ ଭାବନାର ରାଜ୍ୟ ବୋଲି କହିଥାଏ, ସେହି ରାଜ୍ୟଟିକୁ ଚାଲିଯାଇପାରିଲେ ଏହି କଥାଟି ପ୍ରାୟ ଏକ ପ୍ରାଥମିକ ସାମାନ୍ୟ କଥାରୂପେ ଘଟିଥାଏ । ମୁଁ ଏଠାରେ ଅତିମାନସ ବସ୍ତୁଗୁଡ଼ିକ ବିଷୟରେ ଆଦୌ କିଛି କହୁ ନାହିଁ, ମୁଁ କୌଣସି ଅତିମାନସ ସାମର୍ଥ୍ୟର କଥା କହୁ ନାହିଁ; ମୁଁ ଭାବନାର ଯଥାର୍ଥ ରାଜ୍ୟଟି ବିଷୟରେହିଁ କହୁଛି । ଅର୍ଥାତ୍, ତୁମେ ଏଥର ସେହିପରି ଭାବିବାକୁ ଆରମ୍ଭ କର ।

ଏବଂ, ଯଦି ତୁମ ଆଗରେ ଏପରି ଏକ ଶ୍ରୋତୃମଣ୍ଡଳୀ ରହିଛି, ଯାହା ସ୍ୱୟଂ ଚିନ୍ତା କରି ଜାଣିଛି, ତେବେ ସେହି କ୍ଷେତ୍ରରେ ପ୍ରକ୍ରିୟାଟି ପ୍ରାୟ ସ୍ୱତଃପ୍ରେରିତ ହୋଇ

'oaob.nitrkl.ac.in' images reprocessed

ଘଟିବାକୁ ଆରମ୍ଭ କରିବ । ମାତ୍ର ଏପରି ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ପ୍ରକୃତରେ କିଛି ଭାବନ୍ତି । ମାତ୍ର ସେମାନେ ଯେତେବେଳେ ଯଥେଷ୍ଟ ଶକ୍ତିଶାଳୀ ଭାବରେ ଭାବିବା ଲାଗି ସମର୍ଥ ହୁଅନ୍ତି, ସେତେବେଳେ ଏହି ଅଗଭୀର ଏବଂ ଏକାନ୍ତ ପାର୍ଥିବ ଇନ୍ଦ୍ରିୟବୋଧର ପ୍ରତିବନ୍ଧକଟି ଏକାବେଳେକେ ଭାଙ୍ଗି ଯାଇଥାଏ, ତାହା ଏହିପରି ଊର୍ଦ୍ଧ୍ୱକୁ ଉଠିବାକୁ ଆରମ୍ଭ କରେ (*ମାଆ ହାତର ଭଙ୍ଗୀ ଦ୍ୱାରା ଦେଖାଇଦେଲେ*), ତାହା ବୋଧର ଏକ ଉଚ୍ଚତର ରାଜ୍ୟରେ ଯାଇ ପ୍ରବିଷ୍ଟ ହୁଏ, ଏବଂ ତା'ପରେ, ଶୁଣୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ତାହା ସେମାନଙ୍କର ଆପଣା ଭାଷାର ରାଜ୍ୟଟିରେ ଯାଇ ଅବତରଣ କରେ । ଏବଂ, ଆପଣା ଅନୁଭବର ସକଳ ଆନ୍ତରିକତା ସହିତ ସେମାନେ ପ୍ରତ୍ୟେକେ କହିବାକୁ ଆରମ୍ଭ କରନ୍ତି, ‘‘ବକ୍ତା ଏହି ଭାଷାରେ କହୁଛନ୍ତି ।’’ ଏବଂ ଆଉଜଣେ କହନ୍ତି, ‘‘ନାଇଁ, ନାଇଁ, ସେ ସେହି ଭାଷାରେ କହୁଛନ୍ତି ।’’ ତୃତୀୟ ଆଉଜଣେ ବ୍ୟକ୍ତି କହିବାକୁ ବାହାରନ୍ତି, ‘‘ମୋଟେ ନୁହେଁ, ସିଏ ଏହି ଅନ୍ୟ ଭାଷାଟିରେହିଁ କହୁଛନ୍ତି ।’’... ବସ୍ତୁତଃ ଏମାନେ ସମସ୍ତେ ଠିକ୍ କହୁଥା'ନ୍ତି । ହୁଏତ ସେ ଏସବୁ କୌଣସି ଭାଷାରେ କହୁ ନାହାନ୍ତି, ନିଜର ପରିଚିତ ଏକ ଅନ୍ୟ ଭାଷାରେ କହୁଛନ୍ତି, ବା ଅନ୍ୟ କୌଣସି ଗୋଟିଏ ବା ଦୁଇଟି ଭାଷାରେ କହୁଛନ୍ତି । ମାତ୍ର ତାହା ଠିକ୍ ସେହିପରି କାର୍ଯ୍ୟ କରୁଛି, ଏହିପରି କାର୍ଯ୍ୟ କରୁଛି (*ମାଆ ହସ୍ତର ଭଙ୍ଗୀ କରି ଦେଖାଇଦେଲେ*) ଏବଂ ତା'ପରେ ବେତାରର ତରଙ୍ଗ ପରି ତଳକୁ ଅବତରଣ କରିଆସୁଛି ।

ହଁ, ବର୍ତ୍ତମାନ ଆମେ ଚେଷ୍ଟା କରିବା । ମୁଁ ବର୍ତ୍ତମାନ ତୁମମାନଙ୍କୁ କିଛି କହିବି, ତୁମେମାନେ ତାହା ବୁଝିବ କି ନାହିଁ ଦେଖିବା ।

(*ସମସ୍ତେ ଧ୍ୟାନରେ ବସିଲେ*)

'oaob.nitrkl.ac.in' images reprocessed

## ୧୨ ମାର୍ଚ୍ଚ ୧୯୫୮

''ଚେତନାର ଦିଗଟିରୁ ବିଚାର କରି ମନୁଷ୍ୟ ରୂପେ ଏହି ନୂତନ ଅଭିବ୍ୟକ୍ତିଟିକୁ ବିଶ୍ୱଗତ ପ୍ରକୃତି ମଧ୍ୟସ୍ଥ ସଂବୃତ୍ତି ମଧ୍ୟରୁ ପ୍ରଚ୍ଛନ୍ନ ହୋଇ ରହିଥିବା ଚେତନାର ଉଦ୍‌ସ୍ଫୁରଣ ବୋଲି କୁହାଯାଇପାରିବ । ମାତ୍ର, ସେପରି ସ୍ଥଳରେ, ଏହା ଲାଗି ପୂର୍ବରୁ ଅବସ୍ଥିତ ରହିଥିବା ଏକ ଜଡ଼ରୂପର ଅବଶ୍ୟ ଆବଶ୍ୟକତା ରହିବ, ଯାହାକି ସେହି ଉଦ୍‌ସ୍ଫୁରଣର ବାହନରୂପେ ବ୍ୟବହୃତ ହୋଇପାରିବ ଏବଂ ସ୍ୱୟଂ ଉଦ୍‌ସ୍ଫୁରଣର ଶକ୍ତିଟିହିଁ ଏକ ନୂତନ ଅନ୍ତର୍ଗତ ସୃଜନ ଅନୁସାରେ ସେହି ବାହନଟିକୁ ଅନୁକୂଳିତ କରିନେଇ ପାରୁଥିବ । ଯଦି ସେପରି ନ ହୁଏ, ତେବେ ହୁଏତ କୁହାଯାଇପାରିବ ଯେ ପୂର୍ବତନ ଯାବତୀୟ ଜୀବଜାତିରୁ ଅତି ଦ୍ରୁତ ଭାବରେ ଏକ ଅତି ପୃଥକ୍ ରୂପେ ଏକ ନୂତନ ଜୀବଜାତିରୂପେ ମନୁଷ୍ୟ ସୃଷ୍ଟ ହୋଇ ଆସିଛି । ମାତ୍ର ଦୁଇଟିରୁ ଆମେ ଯେକୌଣସି ଅନୁମାନଟିକୁ ଗ୍ରହଣ କଲେ ମଧ୍ୟ ତାହା ନିଶ୍ଚୟ ଏକ ବିବର୍ତ୍ତନାତ୍ମକ ପ୍ରକ୍ରିୟାକୁହିଁ ବୁଝାଇବ; ଖାଲି ରୂପାନ୍ତରଟି ଯେଉଁପରି ପଦ୍ଧତିରେ ବା ଯେଉଁସବୁ ସାଧନର ସାହାଯ୍ୟ ନେଇ ଘଟୁଛି, କେବଳ ସେଇଥିରେ ଯାହା ପାର୍ଥକ୍ୟ ରହିବ । କିଂବା, ଏକ ଅପର ଦିଗରୁ ବିଚାର କରି ଦେଖିଲେ, ହୁଏତ ଏହି କ୍ଷେତ୍ରରେ ଆଦୌ କୌଣସି ଉଦ୍‌ସ୍ଫୁରଣ ଘଟି ନାହିଁ, ମାତ୍ର ମନୋମୟ ଭୂମିରୁ ଆମ ଉପରେ ମନୋମୟତାର ଏକ ଅବତରଣହିଁ ଘଟିଛି, ଏହି ପାର୍ଥିବ ପ୍ରକୃତି ମଧ୍ୟକୁ ସମ୍ଭବତଃ ଏକ ଆତ୍ମା ବା ମନୋମୟ ସତ୍ତାର ଅବତରଣ ଘଟିଛି । ସେତେବେଳେ ମନୁଷ୍ୟ ଶରୀରଟିର ଆବିର୍ଭାବ ବିଷୟରେ ଏକ ଅସୁବିଧା ରହିଯିବ; ଏଭଳି ଜଟିଳ ଓ ଆୟାସନିର୍ମିତ ଏକ ଶରୀରର ଯେ ଏପରି ହଠାତ୍ ସୃଷ୍ଟି ବା ଅଭିବ୍ୟକ୍ତି ହୋଇପାରିଲା, ସେହି ବିଷୟରେ ସନ୍ଦେହ ରହିଯିବ । କାରଣ ଏହିଭଳି ଏକ ଅଲୌକିକ ପ୍ରକ୍ରିୟାଗତ ବେଗ ସତ୍ତାର ଏକ ଅତି ପ୍ରାକୃତ ସୋପାନରେ ହୁଏତ ବେଶ୍ ସମ୍ଭବ ହୋଇପାରିବ ସିନା, ମାତ୍ର ଜଡ଼ ଶକ୍ତିର ସାଧାରଣ ସମ୍ଭାବ୍ୟତା ବା ଶକ୍ତି ପରିସର ମଧ୍ୟରେ ଏହା ପ୍ରକୃତରେ ଘଟିପାରିବ ବୋଲି ଆଦୌ ହୃଦ୍‌ବୋଧ ହେବ ନାହିଁ । କେବଳ ଏକ ଅତିପ୍ରାକୃତ ଶକ୍ତି ବା ପ୍ରକୃତି ବିଧାନର ହସ୍ତକ୍ଷେପ ଦ୍ୱାରାହିଁ ତାହା ସମ୍ଭବ ହେବ ବା ପୂର୍ଣ୍ଣ ଶକ୍ତି ସହିତ ଜଡ଼ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା

'oaob.nitrkl.ac.in' images reprocessed

*ଏକ ସ୍ରଷ୍ଟାରୂପ ମନ ଦ୍ୱାରା ସେକଥା ହୋଇପାରିବ । ଜଡ଼ ମଧ୍ୟରେ ସଂଘଟିତ ହେଉଥିବା ପ୍ରତ୍ୟେକ ନୂତନ ଆବିର୍ଭାବ ସମୟରେ ତାହାର ମୂଳରେ ଯେ ଏକ ଅତିପ୍ରାକୃତ କ୍ରିୟା ବା ସ୍ରଷ୍ଟାର ଇଚ୍ଛା ଅବଶ୍ୟ ବିଦ୍ୟମାନ ରହିଥିବ, ସେକଥାଟି ମାନିନେବାକୁ ଆମର କୌଣସି ଆପତ୍ତି ନାହିଁ । ଏହି ପ୍ରତ୍ୟେକ ଆବିର୍ଭାବଟିକୁ ଆମେ ମୂଳତଃ ଏକ ଅଲୌକିକ ସଂଘଟନ ବୋଲି କହିପାରିବା, ଯାହାକି ପ୍ରାଣଶକ୍ତି ଓ ମନଃଶକ୍ତିକୁ ଅବଲମ୍ବନ କରି ଏକ ପ୍ରଚ୍ଛନ୍ନ ଚେତନା ଦ୍ୱାରାହିଁ କାର୍ଯ୍ୟକାରୀ ହେଉଥିବ । ମାତ୍ର ଏହି କ୍ରିୟାଟି କୌଣସି ସ୍ଥାନରେ ପ୍ରତ୍ୟକ୍ଷ, ପ୍ରକାଶ୍ୟ ଓ ସ୍ୱୟଂସଂପୂର୍ଣ୍ଣ ଭାବରେ ହେଲା ପରି ପରିଲକ୍ଷିତ ହୁଏ ନାହିଁ; ଏହାକୁ ସର୍ବଦା ସତେଅବା ଉପରୁ ଆଣି ପୂର୍ବରୁ ଉପଲବ୍ଧ ହୋଇଥିବା ଏକ ଜଡ଼ଗତ ଭୂମି ଉପରେ ଲଦି ଦିଆଯାଏ ଏବଂ ତାହା ପ୍ରକୃତିର କୌଣସି ଏକ ପ୍ରତିଷ୍ଠିତ ପ୍ରକ୍ରିୟାର ଏକ ପ୍ରସାରଣ ଦ୍ୱାରାହିଁ କାର୍ଯ୍ୟ କରେ । ବରଂ ଏଭଳି ଅନୁମାନ କରାଯାଇପାରେ ଯେ ପୂର୍ବରୁ ଅବସ୍ଥିତ ରହିଥିବା କୌଣସି ପାର୍ଥିବ ଦେହ ବା ଆଧାର ଜଡ଼ୋତ୍ତର ଭାବର ଗ୍ରହଣ ଲାଗି ଉନ୍ମୁକ୍ତ ହୋଇ ରହିଥିଲା ବୋଲିହିଁ ଜଡ଼ାତୀତ ଶକ୍ତିର ସଞ୍ଚରଣ ଫଳରେ ତାହା ଏକ ନୂତନ ଦେହରେ ରୂପାନ୍ତରିତ ହୋଇପାରିଲା । ମାତ୍ର ଜଡ଼ ପ୍ରକୃତିର ବିଗତ ଇତିହାସରେ ଏଭଳି କୌଣସି ଘଟନା ପ୍ରକୃତରେ ଘଟିଛି ବୋଲି ଆଦୌ ଏତେ ସହଜରେ ଗ୍ରହଣ କରାଯାଇପାରିବ ନାହିଁ । କାରଣ, ଘଟିବାକୁ ହେଲେ ତାହା ହୁଏତ ଆପଣାର ନିବାସରୂପେ ଗ୍ରହଣ କରିବା ଭଳି ଏକ ଦେହର ଗଠନ କରିବା ସକାଶେ ଏକ ଅଦୃଶ୍ୟ ମନର ସଚେତନ ହସ୍ତକ୍ଷେପ ଆବଶ୍ୟକ କରିବ; ଅଥବା ଆମକୁ କହିବାକୁ ପଡ଼ିବ ଯେ ଜଡ଼ ମଧ୍ୟରେ ଆଗରୁ ଅବସ୍ଥିତ ରହିଥିବା କୌଣସି ମନୋମୟ ସତ୍ତା ଆପଣାର ବିକାଶ ସାଧନ କରୁଥିଲା, ଏକ ଜଡ଼ାତୀତ ଶକ୍ତିକୁ ଆପଣା ମଧ୍ୟରେ ଗ୍ରହଣ କରିନେବାର ସାମର୍ଥ୍ୟ ଅର୍ଜନ କରି ସାରିଥିଲା ଏବଂ ଆପଣା ଜଡ଼ ଅସ୍ତିତ୍ୱର ଅନମନୀୟ ଓ ଅତିସଂକୀର୍ଣ୍ଣ ବିଧାନଗୁଡ଼ିକ ଉପରେ ସେହି ଶକ୍ତିକୁ ଆଣି ସଞ୍ଚାରିତ କରିଦେଇ ପାରିଲା । ନଚେତ୍ ଅନୁମାନ କରିବାକୁ ହେବ, ପୂର୍ବରୁ ବର୍ତ୍ତମାନ ଥିବା ଏକ ଶରୀର ଏତେଦୂର ବିକାଶ ଲାଭ କରି ସାରିଥିଲା ଯେ ତାହା ଏକ ବିପୁଳ ମନୋମୟ ଶକ୍ତି ସଞ୍ଚରଣକୁ ଆପଣା ମଧ୍ୟରେ ଗ୍ରହଣ କରିନେବାକୁ ଉପଯୁକ୍ତ ହୋଇ ସାରିଥିଲା ବା ଆପଣା ମଧ୍ୟକୁ ଅବତରଣ କରି ଆସୁଥିବା ଏକ ମନୋମୟ ସତ୍ତାକୁ ନିଜର ସହଜ ପ୍ରତିସ୍ପନ୍ଦନଟି*

'oaob.nitrkl.ac.in' images reprocessed

*ଜଣାଇବାର ସାମର୍ଥ୍ୟ ଲାଭ କରିଥିଲା । ମାତ୍ର ଏଥିଲାଗି ଆମକୁ ମାନିନେବାକୁ ହେବ ଯେ, ଏହିଭଳି ଏକ ଗ୍ରହଣ କରିନେବା ସମ୍ଭବ ହେବା ଲାଗି ଯେଉଁ ପର୍ଯ୍ୟନ୍ତ ବିକାଶ ହୋଇଥିବା ଆବଶ୍ୟକ, ଶରୀର ମଧ୍ୟରେ ପୂର୍ବରୁ ମନର ସେପର୍ଯ୍ୟନ୍ତ ବିକାଶ ହୋଇ ସାରିଥିଲା । ଏକଥା ମଧ୍ୟ ଅବଶ୍ୟ ବେଶ୍ କଳ୍ପନା କରାଯାଇପାରିବ ଯେ, ତଳଆଡୁ ସଂଘଟିତ ହୋଇଥିବା ଏଭଳି ଏକ ବିବର୍ତ୍ତନ ଏବଂ ଉପରୁ ସଂଘଟିତ ହେଉଥିବା ଏଭଳି ଏକ ଅବତରଣର ପରସ୍ପର ସହଯୋଗ ଫଳରେହିଁ ପାର୍ଥିବ ପ୍ରକୃତି ଉପରେ ମନୁଷ୍ୟର ଆବିର୍ଭାବ ହେଲା । ଇତରପ୍ରାଣୀ ମଧ୍ୟରେ ଆଗରୁ ଯେଉଁ ଚୈତ୍ୟ ଉପାଦାନଟି ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଥିଲା, ହୁଏତ ତାହାହିଁ ମନୋମୟ ପୁରୁଷକୁ ଅବତରଣ କରାଇ ଆଣିଲା; ଜଡ଼ର ଭୂମି ଉପରେ ଆଗରୁ କାର୍ଯ୍ୟକାରୀ ହୋଇ ରହିଥିବା ପ୍ରାଣମନୋଗତ ଶକ୍ତିଟିକୁ ଗ୍ରହଣ କରିନେଇ ତାହାକୁ ଏକ ଉଚ୍ଚତର ମନୋଭୂମିକୁ ଉତ୍ତୋଳିତ କରିନେବା ଉଦ୍ଦେଶ୍ୟରେ ସଜୀବ ଜଡ଼ର ଏହି ଭୂମିକୁ ସେ ମନୋମୟ ସତ୍ତାକୁ ଅବତରାଇ ନେଇ ଆସିଲା । ମାତ୍ର ଏହାକୁ ମଧ୍ୟ ତଥାପି ସେହି ବିବର୍ତ୍ତନର ଏକ ପ୍ରକ୍ରିୟା ବୋଲି କହିବାକୁ ପଡ଼ିବ; ପାର୍ଥିବ ପ୍ରକୃତିରେ କାର୍ଯ୍ୟ କରୁଥିବା ଆପଣାରହିଁ ଏକ ତତ୍ତ୍ୱର ଆବିର୍ଭାବ ଓ ପ୍ରସାରଣରେ ସହାୟକ ହେବା ଲାଗି ଉଚ୍ଚତର ଭୂମି କେବଳ ଏକ ହସ୍ତକ୍ଷେପ କରୁଛି ବା ଆପଣାର ପ୍ରଭାବ ପକାଉଛି ବୋଲି କହିବାକୁ ହେବ ।"*

ଦିବ୍ୟଜୀବନ (ଇଂ), ପୃଷ୍ଠା. ୮୩୯-୪୦

ଏହି ସମସ୍ୟାଟି ମଧ୍ୟରେ ଏହିଠାରେ ଏକ ଅସୁବିଧା ରହିଛି ଯେ, ରୂପାନ୍ତର ଏବଂ ସୃଜନର ଏହି ପ୍ରକ୍ରିୟାଟିରେ କେବଳ ଏକ ମାନସିକ ସତ୍ତାହିଁ ଆଗ୍ରହ ପ୍ରକାଶ କରିଥିବ ବା କୌଣସି ଅଂଶଗ୍ରହଣ କରିଥିବ, ଏବଂ ଇତର ପ୍ରାଣୀମାନଙ୍କର ସୋପାନରେ ଏହି ମନୋଗତ ଚେତନାଟି ଏହି ପ୍ରକ୍ରିୟାଟିରେ କୌଣସି ଆଗ୍ରହ ପ୍ରକାଶ କରିବା ଲାଗି କଦାପି ଯଥେଷ୍ଟ ବା ଉପଯୁକ୍ତ ହୋଇ ନ ଥିବ ।

କ'ଣସବୁ ଯେ ଘଟୁଥିଲା, ସେଗୁଡ଼ିକୁ ଜାଣିବାର, ବିଚାର କରିବାର ଏବଂ ମନେ ରଖିବାର କୌଣସି ସାଧନ ଇତରପ୍ରାଣୀମାନଙ୍କଠାରେ ଆଦୌ ମହଜୁଦ ନ ଥିଲା । ଏବଂ ସେହି କାରଣଟି ସକାଶେହିଁ ପୃଥ୍ୱୀ-ଇତିହାସର ସେହି ଅଂଶଟି ବର୍ତ୍ତମାନ ପ୍ରାୟ ଅନ୍ତର୍ହିତ ହୋଇରହିଛି । ଏହି କ୍ଷେତ୍ରରେ ମନୁଷ୍ୟର ମନୋମୟ ସାମର୍ଥ୍ୟ ପରି ଏକ ସାମର୍ଥ୍ୟର ଆବଶ୍ୟକତା ରହିଛି, ଯାହାକି ଏହି କ୍ଷେତ୍ରରେ କିଛି ଘଟାଇବା ଲାଗି ପ୍ରବିଷ୍ଟ

'oaob.nitrkl.ac.in' images reprocessed

ହୋଇପାରିବ, ଏହି ରୂପାନ୍ତରର ମାର୍ଗଟିକୁ ଅନୁସରଣ କରିବାକୁ ସମର୍ଥ ହେବ ଏବଂ ତାହାକୁ ନିଜର ସ୍ମୃତି ମଧ୍ୟରେ ଧାରଣ କରି ରଖିପାରିବ । ... ବସ୍ତୁତଃ, ଏହି କ୍ଷେତ୍ରରେ ଯେତିକି ସ୍ମରଣ କରିହୁଏ, ତା'ଠାରୁ ଅନେକ ଅଧିକରହିଁ କଳ୍ପନା କରାଯାଇଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ କେବଳ ଚୈତ୍ୟ ସତ୍ତାହିଁ ଏହିସବୁ ପ୍ରକ୍ରିୟା ମଧ୍ୟଦେଇ ଗତିକରିଯାଇଛି, ମାତ୍ର ତା' ମଧ୍ୟରେ ଏହି ଘଟଣାଟିର କୌଣସି ମାନସ ସ୍ମରଣ ସଞ୍ଚିତ ହୋଇ ରହି ନାହିଁ । ଚୈତ୍ୟ ସତ୍ତାର ସ୍ମରଣ ଅବଶ୍ୟ ଏକ ଚୈତ୍ୟ ସ୍ମରଣହିଁ ହେବ, ଯାହାକି ଏକାବେଳେକେ ଏକ ଅନ୍ୟ ପ୍ରକାରର ସ୍ମରଣ । ମାନସିକ ସ୍ମରଣ ପରି ତାହା କଦାପି ଏକ ଐତିହାସିକ ସ୍ମରଣ ହୋଇପାରିବ ନାହିଁ, ଯାହାକି ଘଟୁଥିବା ସକଳ ଘଟଣାର ଏକ ନିର୍ଭୁଲ ବିବରଣ ସଂରକ୍ଷିତ କରି ରଖିପାରିବ ।

ମାତ୍ର ଯେତେବେଳେ ବର୍ତ୍ତମାନ ଆମେ ଏକ ନୂତନ ରୂପାନ୍ତରର ଦ୍ୱାର ଦେଶରେ ଆସି ଦଣ୍ଡାୟମାନ ହୋଇଛୁ, ଯାହାକୁ ଏଠାରେ ଏକ ନୂତନ ଆବିର୍ଭାବ ବୋଲି କୁହାଯାଇଛି, ତାହାରି ଦ୍ୱାରଦେଶରେ ଆସି ଦଣ୍ଡାୟମାନ ହୋଇଛୁ, ମନୁଷ୍ୟସୋପାନର ମନୋମୟ ସତ୍ତା ଓ ଅତିମାନସ ସତ୍ତାର ଏହି ମଧ୍ୟବର୍ତ୍ତୀ ପର୍ବରେ ଯେଉଁ ରୂପାନ୍ତରର ପ୍ରକ୍ରିୟାଟି ଘଟିବାରେ ଲାଗିଛି, ଆମେ ଯେତେବେଳେ ବର୍ତ୍ତମାନ ସେହି ପ୍ରକ୍ରିୟାଟିକୁ ପ୍ରତ୍ୟକ୍ଷ କରିବାକୁ ଯାଉଛୁ, ସେତେବେଳେ ଆମେ ମନର ଏହି ଐତିହାସିକ ସାମର୍ଥ୍ୟଟିର ନିଶ୍ଚୟ ଏକ ସୁଯୋଗ ଗ୍ରହଣ କରିପାରିବା । ବର୍ତ୍ତମାନ ଯାହାକିଛି ଘଟିବ, ମନ ସେଇଟିର ଅବଧାରଣା କରିପାରିବ ଓ ତାହାକୁ ଲିପିବଦ୍ଧ କରି ରଖିପାରିବ । ତେଣୁ, ସେହି ଦୃଷ୍ଟିକୋଣଟିରୁ ବିଚାର କରି ଦେଖିଲେ ମଧ୍ୟ, ବର୍ତ୍ତମାନ ଯେଉଁ ବ୍ୟାପାରଟି ଘଟିବାକୁ ଯାଉଛି, ପୃଥିବୀର ଇତିହାସରେ ତାହା ହେଉଛି ଏକ ଅଭୂତପୂର୍ବ ବ୍ୟାପାର ଏବଂ ସମ୍ଭବତଃ,– ପ୍ରାୟ ନିଶ୍ଚିତ ଭାବରେ ବୋଲି କହିବାକୁ ହେବ,– ଯେତେବେଳେ ଆମେ ଏହି ରୂପାନ୍ତରର ପ୍ରକ୍ରିୟାଟିର ଶେଷ ପର୍ଯ୍ୟନ୍ତ ଅନୁସରଣ କରିପାରିବା, ସେତେବେଳେ ଘଟି ଯାଇଥିବା ପୂର୍ବତନ ଯାବତୀୟ ରୂପାନ୍ତରର ସନ୍ଧାନ ପାଇବା ଲାଗି ମଧ୍ୟ ଆମକୁ ଯଥାର୍ଥ ଚାବିକାଠିଟି ମିଳିଯାଇ ପାରିବ । ଅର୍ଥାତ୍, ବର୍ତ୍ତମାନ ଆମେ ଯାହାକିଛି ବୁଝିବା ଲାଗି ଉଦ୍ୟମ କରୁଛୁ, ପ୍ରକ୍ରିୟାର ପୁନରାବୃତ୍ତି ହେଲାବେଳେ,– ଏବଂ ଏଥର ମନୋମୟ ଏବଂ ଅତିମାନସ ସତ୍ତାର ମଧ୍ୟବର୍ତ୍ତୀ ସୋପାନରେ ତାହାର ପୁନରାବୃତ୍ତି ହେବ,– ଆମେ ନିଶ୍ଚିତ ଭାବରେ ସେଇଟିକୁ ଜାଣିନେଇପାରିବା ।

ତେଣୁ ବର୍ତ୍ତମାନ ଆପଣାର ପର୍ଯ୍ୟବେକ୍ଷଣ-ଶକ୍ତିରେ ତୁମମାନଙ୍କୁ ଏକ ବିଶେଷ ବିକାଶ ଘଟାଇ ପାରିବା ଲାଗି ଆହ୍ୱାନ ଦିଆଯାଉଛି, ଯେପରିକି ତୁମର ଏକ ଅର୍ଦ୍ଧସ୍ୱପ୍ନମଗ୍ନ ଅବସ୍ଥାରେ ଏହିସବୁ ଘଟଣା ଘଟି ଚାଲିଯିବ ନାହିଁ ଏବଂ ଏସବୁ ଘଟଣା ପ୍ରକୃତରେ

'oaob.nitrkl.ac.in' images reprocessed

କିପରି ଘଟିଲା, ସେ ବିଷୟ ଆଦୌ କିଛିହେଲେ ନ ଜାଣି ତୁମକୁ କଦାପି ଜାଗ୍ରତ ହେବାକୁ ପଡ଼ିବ ନାହିଁ ।

ତେଣୁ ଅତ୍ୟନ୍ତ ସଚେତ ହେବାକୁ ପଡ଼ିବ, ପୂର୍ଣ୍ଣଜାଗ୍ରତ ହୋଇ ରହିବାକୁ ପଡ଼ିବ, ଏବଂ ବର୍ତ୍ତମାନ ବେଶ୍ ପୁରୁଣାକାଳିଆ ହୋଇସାରିଥିବା କ୍ଷୁଦ୍ର ଅନ୍ତରସ୍ଥ ମନୋଭୂମିଗତ କେତେଟା ବ୍ୟାପାରରେ ଆଗ୍ରହୀ ହୋଇ ନ ରହି,– ସେଗୁଡ଼ାକୁ ଆମେ ମନୁଷ୍ୟ-ଇତିହାସର ଏପରି ଏକ ସଂପୂର୍ଣ୍ଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରି ରଖିପାରିବା, ଯାହା ମଧ୍ୟରେ କି ଆଉ ଆଦୌ କୌଣସି ନବୀନତା ନାହିଁ,– ଅଧିକ ବୃହତ୍ ଓ ସାଧାରଣ ମହତ୍ତ୍ୱ ରଖିଥିବା, ଅଧିକ ସୂକ୍ଷ୍ମ ଓ ଅଧିକ ନୈର୍ବ୍ୟକ୍ତିକ ବସ୍ତୁଗୁଡ଼ିକ ବିଷୟରେ ଅଧିକ ମନୋଯୋଗୀ ହେବା ଆମ ଲାଗି ଅନେକ ଅଧିକ ଭଲ ହେବ, ଏବଂ ସେହି ବସ୍ତୁଗୁଡ଼ିକ ତା'ହେଲେ ତୁମକୁ ଏକ ବିଶେଷ ଆଗ୍ରହ ରଖିଥିବା କେତେକେତେ ନୂତନ ଆବିଷ୍କାରର ମଧ୍ୟସ୍ଥଳରେହିଁ ଆଣି ସ୍ଥାପିତ କରି ଦେଇଯିବ ।

ତୁମେ ଆପଣାର ସେହି ସୂକ୍ଷ୍ମ ବୁଦ୍ଧିସାମର୍ଥ୍ୟଟିର ନୟନଟିକୁ ଖୋଲିଦିଅ, ଏବଂ ନିଜ ଭିତରେ କୌଣସି ପ୍ରକାର ପୂର୍ବାଗ୍ରହ ରଖ ନାହିଁ କିଂବା ଅଗ୍ରରୁଚି ବି ରଖ ନାହିଁ, ତୁମ ଭିତରେ କୌଣସି ଅହଂଭାବ ନ ରହୁ କିଂବା କୌଣସି ଆସକ୍ତି ମଧ୍ୟ ନ ରହୁ,– ଦିନ ପରେ ଦିନ ଯାହାକିଛି ଘଟିବାରେ ଲାଗିଛି, ତୁମେ ତାହାରି ଉପରେ ଦୃଷ୍ଟିପାତ କର ।

'oaob.nitrkl.ac.in' images reprocessed

## ୧୯ ମାର୍ଚ୍ଚ ୧୯୫୮

''ପୁଣି, ଏକଥାଟି ମଧ୍ୟ ଗ୍ରହଣ କରିନେଇ ହେବ ଯେ, ଦେହରେ ଚେତନା ଓ ସତ୍ତାର ପ୍ରତ୍ୟେକ ପ୍ରକାର ଓ ପ୍ରତ୍ୟେକ ପ୍ରରୂପ ଥରେ ପ୍ରତିଷ୍ଠିତ ହୋଇସାରିବା ପରେ ସେହି ପ୍ରକାରର ସତ୍ତାଗତ ବିଧାନପ୍ରତି ବିଶ୍ୱସ୍ତ ରହିବାକୁ ପଡ଼ିବ, ଆପଣା ପ୍ରକୃତିର ସ୍ୱକୀୟ ପରିଯୋଜନ ଏବଂ ନିୟମଟିକୁ ମାନି ଚଳିବାକୁ ପଡ଼ିବ । କିନ୍ତୁ ଏକଥା ମଧ୍ୟ ସମ୍ଭବ ଯେ ଏକ ଜାତି ବା ଜୀବପ୍ରକାର ହିସାବରେ ମନୁଷ୍ୟ ମଧ୍ୟରେ ଆପଣାକୁ ଅତିକ୍ରମ କରି ଚାଲିଯିବାର ଏକ ଆକୂତି ଓ ଆବେଗ ତାହାର ଜାତିଗତ ଧର୍ମ ବା ବିଧାନର ଏକ ଅଂଶରୂପେ ଅବସ୍ଥିତ ରହିଛି, ମନୁଷ୍ୟର ଆଧ୍ୟାତ୍ମିକ ଶକ୍ତି ମଧ୍ୟରେ ହୁଏତ ରୂପାନ୍ତର ଲାଭର ସାଧନଟି ମଧ୍ୟ ନିହିତ ହୋଇ ରହିଛି । ଯେଉଁ ଯୋଜନାଟିକୁ ସମ୍ମୁଖରେ ରଖି ସୃଜନାତ୍ମିକା ଶକ୍ତି ମନୁଷ୍ୟକୁ ତିଆରି କରିଛି, ହୁଏତ ତାହାରି ଗୋଟିଏ ଅଂଶରୂପେହିଁ ସିଏ ଏହିପରି ଏକ ସାମର୍ଥ୍ୟର ଅଧିକାରୀ ହୋଇପାରିଛି । ଏକଥା ମଧ୍ୟ ସ୍ୱୀକାର କରାଯାଇ ପାରିବ ଯେ ମନୁଷ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ମୁଖ୍ୟତଃ ଯାହାକିଛି କରିଛି, ତାହା କେବଳ ଆପଣା ପ୍ରକୃତିଟିର ବୃତ୍ତଟି ମଧ୍ୟରେ ରହି କାର୍ଯ୍ୟ କରିବା ଭିତରେ ସୀମିତ ରହିଛି, ପ୍ରକୃତିଗତ ଗତିସ୍ପନ୍ଦନର ଗୋଟିଏ କୁଣ୍ଡଳୀ ଭିତରେହିଁ ସୀମିତ ରହିଛି; ସେହି କୁଣ୍ଡଳୀଟି କେତେବେଳେ ଉପରକୁ ଉଠିଯାଇଛି ତ ପୁଣି କେତେବେଳେ ତଳକୁ ଖସି ଆସିଛି । ମୋଟ କଥା ହେଉଛି, ମନୁଷ୍ୟ ଏପର୍ଯ୍ୟନ୍ତ ପ୍ରଗତିର କୌଣସି ଅବ୍ୟାହତ ସରଳପଥ ଦେଇ ଗତି କରି ନାହିଁ, ଆପଣାର ଅତୀତ ପ୍ରକୃତିଟିକୁ ମୌଳିକ କିମ୍ବା ଅବିସମ୍ବାଦିତ ଭାବରେ କେବେହେଲେ ଅତିକ୍ରମ କରି ଯାଇ ନାହିଁ । ସେ ଆପଣାର ସାମର୍ଥ୍ୟକୁ କେବଳ ଅଧିକ ତୀକ୍ଷ୍ଣ କରିବାକୁ ପ୍ରୟାସ କରିଛି, ଅଧିକ ସୂକ୍ଷ୍ମ କରିଛି, ତାହାକୁ ଅଧିକରୁ ଅଧିକ ଜଟିଳ ତଥା ସ୍ଥିତିସ୍ଥାପକ ଭାବରେ କାମରେ ଲଗାଇ ଶିଖିଛି । ଅବଶ୍ୟ ଏକଥା ମଧ୍ୟ ପ୍ରକୃତରେ କଦାପି କୁହାଯାଇ ପାରିବ ନାହିଁ ଯେ ମନୁଷ୍ୟ ଏହି ପୃଥିବୀକୁ ଆସିବା ଦିନଠାରୁ ଏବଂ ଏପରିକି ତାହାର ଏ ଯୁଗର ଜ୍ଞାତ ଇତିହାସଟି ମଧ୍ୟରେ ମାନବୀୟ ପ୍ରଗତି ବୋଲି ଆଦୌ କେଉଁଠି କିଛି ହୋଇ ନାହିଁ; କାରଣ ଆମର ପ୍ରାଚୀନ ପୂର୍ବଜମାନେ ଯେତେ ବଡ଼ ହୋଇଥା'ନ୍ତୁ ପଛକେ, ସମ୍ପନ୍ନତା ଓ ସୃଷ୍ଟିର

'oaob.nitrkl.ac.in' images reprocessed

*କ୍ଷେତ୍ରରେ ସେମାନେ ଯେତେବେଶୀ ଯଶସ୍ୱୀ ହୋଇଥା'ନ୍ତୁ ପଛକେ ଏବଂ ସେମାନଙ୍କର ଆଧ୍ୟାତ୍ମିକଶକ୍ତି, ବୁଦ୍ଧିଶକ୍ତି ତଥା ଚରିତ୍ରଶକ୍ତି ଆମକୁ ଯେତେବେଶୀ ଚମତ୍କୃତ କରୁଥାଉ ପଛକେ, ମନୁଷ୍ୟର ଏ ଯୁଗର ବିକାଶକ୍ଷେତ୍ର ଗୁଡ଼ିକରେ ନିଃସନ୍ଦେହ ଭାବରେ ଅଧିକ ସୂକ୍ଷ୍ମତା ଓ ବହୁସମ୍ପନ୍ନିତତା ସମ୍ଭବ ହୋଇ ପାରିଛି, ତାହାର ଜ୍ଞାନରେ ବହୁବିଧ ବିକାଶ ହୋଇଛି, ତା' ଅର୍ଜନର ସମ୍ଭାବନା କ୍ଷେତ୍ରଟି ପ୍ରସାର ଲାଭ କରିଛି; ତା'ର ରାଜନୀତିରେ, ତା'ର ସମାଜରେ ଓ ଜୀବନକ୍ଷେତ୍ରରେ ତଥା ବିଜ୍ଞାନ ଓ ତତ୍ତ୍ୱଦର୍ଶନ ପ୍ରଭୃତି ଜ୍ଞାନର ସକଳ କ୍ଷେତ୍ରରେ, କଳା ଓ ସାହିତ୍ୟରେ କେତେକେତେ ନୂତନ ସମ୍ଭାବନା ଉନ୍ମୁକ୍ତ ହୋଇ ଯାଇଛି । ଏପରିକି ଆଧ୍ୟାତ୍ମିକ ପ୍ରୟାସର କ୍ଷେତ୍ରରେ ମଧ୍ୟ ପ୍ରାଚୀନମାନଙ୍କ ପରି ବିସ୍ମୟକର ଉତ୍ତୁଙ୍ଗତା ଓ ବିଶାଳ ଶକ୍ତିମତ୍ତା ହାସଲ କରି ନ ପାରିଥିଲେ ମଧ୍ୟ ଏଯୁଗର ମନୁଷ୍ୟ ଅଧିକରୁ ଅଧିକ ସୂକ୍ଷ୍ମତା, ସାବଲୀଳତା ଓ ଗଭୀରତା ଉପଲବ୍ଧି କରିବାକୁ ସମର୍ଥ ହୋଇଛି, ଆପଣାର ଅନ୍ୱେଷଣକୁ ବହୁପ୍ରସାରିତ କରିପାରିଛି । ଆଧୁନିକ ମନୁଷ୍ୟ ହୁଏତ କେତେଥର ସଂସ୍କୃତିର ଏକ ଉପଲବ୍ଧ ଉଚ୍ଚ ଶୀର୍ଷରୁ ତଳକୁ ଖସିପଡ଼ିଛି, ହୁଏତ କେତେକ କ୍ଷେତ୍ରରେ ସାମୟିକ ଭାବରେ ଜୀବନର ସକଳ ଆଲୋକ ଓ ଉନ୍ମୋଚନର ବିରୋଧୀ ହୋଇ ପଡ଼ିଥିଲା ପରି ବୋଧ ହେଉଛି, ତାହାର ଆଧ୍ୟାତ୍ମିକ ସକଳ ପ୍ରେରଣା ସତେଅବା ମରି ଯାଇଥିବା ପରି ଓ ସେ ଏକ ସଂସ୍କାରବର୍ଜିତ ବର୍ବର ଜଡ଼ାସକ୍ତତା ଭିତରେ ଛନ୍ଦି ହୋଇ ପଡ଼ି ଯାଇଥିବା ପରି ମନେ ହେଉଛି । ମାତ୍ର ଏଗୁଡ଼ାକ କେବଳ ସାମୟିକ ଘଟଣା, ଅଥବା ଖୁବ୍ ବେଶୀ ହେଲେ ପ୍ରଗତିର କୁଣ୍ଡଳୀରେ ଏକ ନିମ୍ନମୁଖୀ ବକ୍ର ଉପରେ ଗତି କରୁଥିବାର ଏକ ପର୍ଯ୍ୟାୟ ମାତ୍ର । ଅବଶ୍ୟ ଏହା ସତ୍ୟ ଯେ, ମନୁଷ୍ୟର ଏହି ପ୍ରଗତି ମନୁଷ୍ୟଜାତିକୁ ଏପର୍ଯ୍ୟନ୍ତ ତାହାର ସୀମାଟି ଭିତରୁ ଆଗକୁ ଡିଆଁଇ ନେଇ ପାରି ନାହିଁ, ଏହା ଦ୍ୱାରା ମନୁଷ୍ୟ ଆପଣାର ସୀମାଟିକୁ ଅତିକ୍ରମ କରିପାରି ନାହିଁ କିଂବା ତା'ର ମନୋମୟ ସତ୍ତାରେ ଏକ ରୂପାନ୍ତର ଘଟାଇ ନାହିଁ । ମାତ୍ର ସେଭଳି ଏକ ଆଶା ମଧ୍ୟ କାହିଁକି କରାଯାଇ ଥାଆନ୍ତା ?– କାରଣ ଜୀବସତ୍ତାର କୌଣସି ଏକ ପ୍ରକାର ମଧ୍ୟରେ କାର୍ଯ୍ୟ କରୁଥିବା ବେଳେ ବିବର୍ତ୍ତନଧର୍ମୀ ପ୍ରକୃତିର କ୍ରିୟା ପ୍ରଥମେ ଏହିପରି ଏକ ଦୃଢ଼ୀକରଣ ଓ କ୍ରମବର୍ଦ୍ଧମାନ ସମ୍ପନ୍ନ ଏବଂ ଜଟିଳତା ଦ୍ୱାରା ସେହି ପ୍ରକାରଟିକୁ ତାହାର ଆପଣା ସାମର୍ଥ୍ୟର ସମ୍ଭାବ୍ୟତମ ବିନ୍ଦୁରେ ପହଞ୍ଚିବା ପର୍ଯ୍ୟନ୍ତ ବିକଶିତ*

'oaob.nitrkl.ac.in' images reprocessed

*କରାଇନେବ; ଏବଂ ତା'ପରେ ତା'ର ଆବରଣଟି ଫାଟିବାଲାଗି ପ୍ରସ୍ତୁତ ହୋଇଯିବ, ପୂର୍ଣ୍ଣପରିପକ୍ୱ ହୋଇ ତା'ର ମୀମାଂସକ ମୁହୂର୍ତ୍ତଟିର ଆବିର୍ଭାବ ହେବ, ତାହା ରୂପାନ୍ତରିତ ହୋଇଯିବ; ସେତେବେଳେ ତାହାର ଚେତନା ତା' ଆପଣା ଉପରେହିଁ ପ୍ରତିଫଳିତ ହେବ ଓ ବିବର୍ତ୍ତନର କ୍ରମଟିରେ ଏକ ନୂତନ ପର୍ଯ୍ୟାୟ ଆସି ଦେଖାଦେବ । ଆଧ୍ୟାତ୍ମିକ ଓ ଅତିମାନସ ସତ୍ତାଟିର ଆବିର୍ଭାବ ଘଟାଇବାହିଁ ପ୍ରକୃତିର ପରବର୍ତ୍ତୀ ପଦକ୍ଷେପ ହେବାକୁ ଯାଉଛି ବୋଲି ଯଦି ଅନୁମାନ କରାଯାଏ, ତେବେ ମାନବଜାତି ମଧ୍ୟରେ ଆଧ୍ୟାତ୍ମିକତାର ଯେଉଁ ଚାପ ବା ପ୍ରବେଗ ଆସି ଦେଖାଦିଏ, ତାହାକୁହିଁ ପ୍ରକୃତି ମଧ୍ୟରେ ନିହିତ ଅଭିପ୍ରାୟଟିର ଏକ ଇଙ୍ଗିତ ବୋଲି ବୁଝିବାକୁ ପଡ଼ିବ । ସେହି ରୂପାନ୍ତରଟିକୁ ଆପଣାର ଜୀବନରେ କାର୍ଯ୍ୟକାରୀ କରାଇବା ଲାଗି ଅଥବା ତାହାକୁ କାର୍ଯ୍ୟକାରୀ କରିବାରେ ପ୍ରକୃତି ସହିତ ସହଯୋଗ କରିବାଲାଗି ମନୁଷ୍ୟ ମଧ୍ୟରେ ଯେ ଆବଶ୍ୟକ ସାମର୍ଥ୍ୟ ମଧ୍ୟ ଆସିଗଲାଣି, ତାହାରି ଏକ ଇଙ୍ଗିତ ବୋଲି ବୁଝିବାକୁ ହେବ । ମନୁଷ୍ୟ-ବିବର୍ତ୍ତନର ଆଚରିତ ପ୍ରଣାଳୀରୂପେ ଯଦି ଇତରପ୍ରାଣୀର ସତ୍ତା ଭିତରେ ବାନରଜାତି ସହିତ କେତେକାଂଶରେ ସାମଞ୍ଜସ୍ୟ ରଖିଥିବା ଅଥଚ ମୂଳରୁହିଁ ମନୁଷ୍ୟ ଅନୁରୂପ ଉପାଦାନଗୁଡ଼ିକୁ ବହନ କରୁଥିବା ଏକ ନୂତନ ମଧ୍ୟବର୍ତ୍ତୀ ପ୍ରକାରର ଆବିର୍ଭାବ ଘଟିଥିଲା, ତେବେ ବର୍ତ୍ତମାନ ସୋପାନରେ ମଧ୍ୟ ମାନବସତ୍ତା ମଧ୍ୟରେ ସେହିପରି ମନୋମୟ-ପଶୁତୁଲ୍ୟ ଏକ ମନୁଷ୍ୟସ୍ୱଭାବ ସହିତ ସାମଞ୍ଜସ୍ୟ ରଖିଥିବା ଅଥଚ ଆପଣା ଉପରେ ସେହି ଆଧ୍ୟାତ୍ମିକ ଅଭୀପ୍ସାଟିର ଛାପକୁ ବହନ କରୁଥିବା ଏକ ଆଧ୍ୟାତ୍ମିକ ମନୁଷ୍ୟ-ପ୍ରକାରର ଆବିର୍ଭାବ ଘଟିବ, ଏବଂ ବିବର୍ତ୍ତନର କ୍ରମାନୁସରଣରେ ଆଧ୍ୟାତ୍ମିକ ଓ ଅତିମାନସ ସତ୍ତାକୁ ସମ୍ଭବ କରିବା ପାଇଁ ପ୍ରକୃତିକୁ ସ୍ପଷ୍ଟତଃ ଠିକ୍ ଏହିପରି ଏକ ପ୍ରଣାଳୀରେ କାର୍ଯ୍ୟ କରିବାକୁ ପଡ଼ିବ ।''*

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୪୧-୪୨

ଗୋଟିଏ କଥା ଏକାବେଳକେ ସୁନିଶ୍ଚିତ ପରି ମନେ ହେଉଛି ଯେ ମନୁଷ୍ୟଜାତି ବର୍ତ୍ତମାନ ଏକ ସାଧାରଣ ସଂଘାତମୟତାର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଆସି ପହଞ୍ଚିଛି; ତା'ର ଉଦ୍ୟମ, କର୍ମ ଏବଂ ଏପରିକି ଦୈନନ୍ଦିନ ଜୀବନରେ ମଧ୍ୟ ଏକ ସଂଘାତମୟତା ଆସି ଦେଖା ଦେଇଛି । ତା'ର ଜୀବନରେ ଏକ ଅତିମାତ୍ରାର ଅତିକ୍ରିୟାଶୀଳତା ଏବଂ ଏପରି ଏକ

'oaob.nitrkl.ac.in' images reprocessed

ବ୍ୟାପକ ସଂତ୍ରସ୍ତତା ଆସି ଦେଖାଦେଇଛି ଯେ ସମଗ୍ରତଃ ମନୁଷ୍ୟଜାତି ଏପରି ଏକ ବିନ୍ଦୁରେ ଆସି ପହଞ୍ଚିଥିବା ପରି ମନେ ହେଉଛି, ଯେଉଁଠାରେ କି ତାକୁ ଯାବତୀୟ ପ୍ରତିରୋଧର ପ୍ରାଚୀରଟିକୁ ଭାଙ୍ଗି ଏକ ନୂତନ ଚେତନାମଧ୍ୟରେ ଜନ୍ମଗ୍ରହଣ କରିବାକୁ ହେବ ନଚେତ ଅନ୍ଧକାର ଏବଂ ଜଡ଼ତାର ଏକ ମହାଗର୍ତ୍ତ ମଧ୍ୟରେ ଯାଇ ପତିତ ହୋଇ ରହିବାକୁ ପଡ଼ିବ ।

ଏହି ସଂଘାତମୟତା ଏତେବେଶୀ ସମ୍ପୂର୍ଣ୍ଣ ଓ ଏତେବେଶୀ ବ୍ୟାପକ ହୋଇଗଲାଣି ଯେ କେଉଁଠି ନା କେଉଁଠି କୌଣସି ନା କୌଣସି ବସ୍ତୁକୁ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଭାଙ୍ଗିଯିବାକୁହିଁ ପଡ଼ିବ । ଏପରି ଭାବରେ ପରିସ୍ଥିତି କଦାପି ଦୀର୍ଘକାଳ ରହି ପାରିବ ନାହିଁ । ଜଡ଼ ଭିତରେ ଯେ ଏକ ନୂତନ ଶକ୍ତି, ନୂତନ ଚେତନା ଏବଂ ସାମର୍ଥ୍ୟ ଆସି ପ୍ରବେଶ କରିଛି ଏବଂ ଆପଣାର ଚାପଟି ଦ୍ୱାରା ଏହି ଉତ୍କଟ ଅବସ୍ଥାଟିକୁ ସୃଷ୍ଟି କରୁଛି, ବର୍ତ୍ତମାନର ପରିସ୍ଥିତିକୁ ଆମେ ତାହାରି ଏକ ସୁନିଶ୍ଚିତ ସଙ୍କେତରୂପେ ଗ୍ରହଣ କରିନେଇ ପାରିବା । କୌଣସି ଏକ ବୃହତ୍ ପରିବର୍ତ୍ତନ ଘଟାଇବାକୁ ଯାଉଥିବା ସମୟରେ ପ୍ରକୃତି ଯେଉଁସବୁ ପୁରାତନ ପ୍ରଣାଳୀକୁ ଆପଣା ସହିତ ବହନ କରି ଆଣିଥାଏ, ବାହ୍ୟ କ୍ଷେତ୍ରରେ ଆମେ ହୁଏତ ସେହିପରି କେତୋଟି ପ୍ରଣାଳୀର ଆଗମନ ଘଟିବ ବୋଲି ପ୍ରତ୍ୟାଶା କରିପାରିବା । ମାତ୍ର, ଏହି କ୍ଷେତ୍ରରେ ଏକ ନୂତନ ଲକ୍ଷଣ ବି ଦେଖିବାକୁ ମିଳୁଛି; ଅବଶ୍ୟ ଏକଥା ସତ ଯେ କେବଳ ଏକ **ବିଶିଷ୍ଟ** ବର୍ଗର ଆଖିରେ ତାହା ଦୃଷ୍ଟିଗୋଚର ହେଉଛି, ମାତ୍ର ଏହି **ବିଶିଷ୍ଟ** ବର୍ଗଟି ବେଶ୍ ବହୁବ୍ୟାପକ ହୋଇ ମଧ୍ୟ ରହିଛି । ପୃଥିବୀର କୌଣସି ଗୋଟିଏ ବିନ୍ଦୁ କିଂବା ଗୋଟିଏ ସ୍ଥାନରେ ତାହା ଆଦୌ ସୀମାବଦ୍ଧ ହୋଇ ରହି ନାହିଁ । ପ୍ରାୟ ସବୁ ଦେଶରେ ଆମେ ତାହାର ସଙ୍କେତମାନ ଦେଖିବାକୁ ପାଇଲୁଣି, ସମସ୍ତ ପୃଥିବୀରେ ତାହାର ସୂଚନାମାନ ଦେଖିବାକୁ ମିଳିଲାଣି । ଏକ ନୂତନ, ଉଚ୍ଚତର ଓ ସମ୍ମୁଖଦୃଷ୍ଟିସମ୍ପନ୍ନ ସମାଧାନ ଲାଗି ଏକ ଇଚ୍ଛା ଜନ୍ମଲାଭ କଲାଣି, ଏକ ଅଧିକ ପରିବ୍ୟାପ୍ତ ଏବଂ ଅଧିକ ସମଗ୍ର ପରିପୂର୍ଣ୍ଣତା ଆଡ଼କୁ ଉତ୍ତୋଳିତ ହୋଇଯିବା ଲାଗି ଏକ ପ୍ରୟାସ ଦୃଷ୍ଟିଗୋଚର ହେଲାଣି ।

ଏକ ଅଧିକ ସାଧାରଣ ସ୍ୱଭାବର, ଏକ ପ୍ରଶସ୍ତତର ଓ ସମ୍ଭବତଃ ଅଧିକ "ସାର୍ବଜନୀନ" ପ୍ରକୃତିର କେତେକ ନିର୍ଦ୍ଦିଷ୍ଟ ବିଚାରକୁ ଏବେ କାର୍ଯ୍ୟକାରୀ କରାଯାଉଛି ଏବଂ ସେଗୁଡ଼ିକ ଏହି ପୃଥିବୀରେ କାର୍ଯ୍ୟ କରିବାରେ ଲାଗିଛନ୍ତି । ଏବଂ ଦୁଇଟିଯାକ କଥା ଯୁଗପତ୍ ଭାବରେ ଚାଲିଛି : ଏକ ବୃହତ୍ତର ଏବଂ ସମଗ୍ରତର ଧ୍ୱଂସସାଧନର ସମ୍ଭାବନା ରହିଛି, ଏକ ଅଭୂତପୂର୍ବ ମହାବିପତ୍ତିର ଆଶଙ୍କାକୁ ବୃଦ୍ଧି କରିଦେବାରେ ଲାଗିଥିବା ଏକ ଦୁଃସାହସିକ ଉଦ୍‌ଭାବନଶାଳିତା କ୍ରମେ ଆଗକୁ ଆଗକୁ ଯିବାରେ ଲାଗିଛି; ଏବଂ ତେଣେ,

'oaob.nitrkl.ac.in' images reprocessed

ଯୁଗପଦ୍ ଭାବରେ, ଅନେକ ଅଧିକ ଉଚ୍ଚ ଏବଂ ଅଧିକ ସମ୍ପୂର୍ଣ୍ଣ କେତେ ବିଚାର ଏବଂ କର୍ମର ପ୍ରେରଣା ଜନ୍ମଲାଭ ବି କରୁଛନ୍ତି, ବା ଅଧିକ ଯଥାର୍ଥ ଭାବରେ କହିଲେ, ସେଗୁଡ଼ିକ କ୍ରମପ୍ରକାଶିତ ହେବାରେ ଲାଗିଛନ୍ତି । ଯେତେବେଳେ ସେହି ବିଚାର ଓ କର୍ମପ୍ରେରଣାମାନ ସମସ୍ତଙ୍କର କର୍ଣ୍ଣଗୋଚର ହେବ, ସେତେବେଳେ ତାହା ଏପରି ଏକ ଅଧିକ ପ୍ରଶସ୍ତ, ଅଧିକ ବ୍ୟାପକ, ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ଯଥାର୍ଥ ପ୍ରତିକାର-ବିଧାନକୁ ସମ୍ଭବ କରାଇ ଆଣିବ, ଯାହାକି ପୂର୍ବରୁ କେବେହେଲେ ସମ୍ଭବ ହୋଇ ନ ଥିଲା ।

ଏକ ଅଧିକରୁ ଅଧିକ ପରିପୂର୍ଣ୍ଣ ତଥା ଦିବ୍ୟ ଉପଲବ୍ଧିର ସେହି ଆରୋହଣକାରୀ ବିବର୍ତ୍ତନର ଗଠନାତ୍ମକ ଶକ୍ତି ଏବଂ ଅନ୍ୟ ପକ୍ଷରେ ଅଧିକରୁ ଅଧିକ ଧ୍ୱଂସମୂଳକ, ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଥିବା ଧ୍ୱଂସମୂଳକ ଶକ୍ତିଗୁଡ଼ିକ ମଧ୍ୟରେ,— ଏହି ଶକ୍ତିଗୁଡ଼ିକ ପ୍ରକୃତରେ ଉନ୍ମତ୍ତ ଭାବରେ ସକଳ ଆୟତ୍ତାଧୀନତାର ବାହାରକୁ ଚାଲି ଯାଇଛନ୍ତି,— ଲାଗିଥିବା ଏହି ସଂଘର୍ଷ ଏବଂ ଦ୍ୱନ୍ଦ୍ୱ କ୍ରମେ ଅଧିକରୁ ଅଧିକ ସୁନିଶ୍ଚିତ, ପ୍ରକାଶ୍ୟ ଓ ଦୃଶ୍ୟମାନ ହେବାକୁ ଲାଗିଛି ଏବଂ ଦୁହିଁଙ୍କ ମଧ୍ୟରୁ କିଏ ଆଗ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବ, ସେଥିଲାଗି ସେମାନଙ୍କ ଭିତରେ ଏକ ପ୍ରକାରର ଦଉଡ଼ ବି ଚାଲିଛି । ହୁଏତ ଏପରି ବି ବୋଧ ହେବ ଯେ, ଯାବତୀୟ ପ୍ରତିକୂଳ ତଥା ଅଦିବ୍ୟ ଶକ୍ତି ଓ ପ୍ରାଣିକ ଜଗତର ଯାବତୀୟ ଶକ୍ତି ସତେଯେପରି ବର୍ତ୍ତମାନ ଏହି ଧରାତଳକୁ ଓହ୍ଲାଇ ଆସିଛନ୍ତି, ଏହି ପୃଥିବୀକୁହିଁ ଆପଣାର କର୍ମକ୍ଷେତ୍ର ରୂପେ ବ୍ୟବହାର କରୁଛନ୍ତି; ଏବଂ ତେଣେ ଯୁଗପଦ୍ ଭାବରେ, ଏକ ନୂତନ, ଉଚ୍ଚତର ତଥା ଅଧିକ ଶକ୍ତିଶାଳୀ ଆଧ୍ୟାତ୍ମିକ ଶକ୍ତି ମଧ୍ୟ ଏହି ପୃଥିବୀକୁ ଏକ ନୂତନ ଜୀବନକୁ ବହନ କରି ଆଣିବାଲାଗି ଏଠାକୁ ଓହ୍ଲାଇ ଆସିଛି । ଏହାଦ୍ୱାରା ସେହି ସଂଘର୍ଷଟି ଅଧିକ ଉତ୍କଟ ହେଉଛି, ଅଧିକ ପ୍ରଚଣ୍ଡ ଏବଂ ଅଧିକ ଦୃଶ୍ୟମାନ ହେବାରେ ଲାଗିଛି; ମାତ୍ର ତେଣେ ତାହା ଅଧିକ ସୁନିର୍ଦ୍ଦିଷ୍ଟ ପରି ବି ବୋଧ ହେଉଛି ଏବଂ ତେଣୁ ଆମେ ଯେ ଖୁବ୍‌ଶୀଘ୍ର ଏକ ସମାଧାନରେ ଯାଇ ପହଞ୍ଚିଯିବା, ସେକଥାଟି ମଧ୍ୟ ଆଶା କରାଯାଇ ପାରୁଛି ।

ଏପରି ଏକ ସମୟ ଥିଲା,— ତାହା ଆଦୌ ବହୁଦିନ ପୂର୍ବର କଥା ନୁହେଁ,— ଯେତେବେଳେ କି ମନୁଷ୍ୟର ଆଧ୍ୟାତ୍ମିକ ଅଭୀପ୍ସା ଏକ ନିଶ୍ଚଳ ଏବଂ ନିଷ୍କ୍ରିୟ ଶାନ୍ତିପ୍ରାପ୍ତି ଆଡ଼କୁ ନିର୍ଦ୍ଦେଶିତ ହୋଇ ରହିଥିଲା ଏବଂ ପାର୍ଥିବ ଯାବତୀୟ ବସ୍ତୁରୁ ତାହା ଆପଣାକୁ ବିଲଗ କରି ରଖିଥିଲା । ତାହା ଜୀବନରୁ ପଳାଇଯିବାକୁ ଇଚ୍ଛା କରୁଥିଲା, ଖାସ୍ ଏହି ଯୁଦ୍ଧଟି ଯେପରି ଲଢ଼ିବାକୁ ନ ପଡ଼ିବ, ସେଇଥିଲାଗିହିଁ ଜୀବନରୁ ପଳାଇ ଯିବା ପାଇଁ ଇଚ୍ଛା କରୁଥିଲା, ଏହି ସଂଗ୍ରାମର ଉପରେ ରହିବାକୁ ଏବଂ ଯାବତୀୟ ଉଦ୍ୟମରୁ ନିଷ୍କୃତି ପାଇବାକୁ ତାହା ଏଠୁ ପଳାଇ ଯିବାକୁ ଇଚ୍ଛା କରୁଥିଲା । ଏହାକୁ ଏପରି ଏକ ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ଶାନ୍ତି ବୋଲି କୁହାଯାଇ ପାରିବ, ଯାହାର ପ୍ରାପ୍ତି ଦ୍ୱାରା ଯାବତୀୟ ସଂଘାତମୟତା, ସଂଘର୍ଷ ଓ ପ୍ରୟାସର ଅବସାନ ଘଟିବା ସଙ୍ଗେ ସଙ୍ଗେ ଯାବତୀୟ ପ୍ରକାରର ଦୁଃଖଭୋଗ ମଧ୍ୟ ଅନ୍ତ ହୋଇ ଯାଉଥିଲା ଏବଂ ତାହାକୁହିଁ ଏକ ଆଧ୍ୟାତ୍ମିକ ତଥା ଦିବ୍ୟ ଜୀବନର ଯଥାର୍ଥ ଏବଂ ଏକମାତ୍ର ଅଭିବ୍ୟକ୍ତି ବୋଲି ବିଚାର କରାଯାଉଥିଲା । ତାହାକୁହିଁ ଭଗବତ୍-କରୁଣା, ଭଗବତ୍-ସହାୟତା ଏବଂ ଭଗବତ୍-ହସ୍ତକ୍ଷେପ ବୋଲି ବିଚାର କରାଯାଉଥିଲା । ଏବଂ ଏପରିକି ବର୍ତ୍ତମାନ ମଧ୍ୟ, ଏହି ଦାରୁଣ ବେଦନା, ସଂଘାତମୟତା ଏବଂ ଅତିସଂଘାତମୟତାର ଯୁଗରେ ମଧ୍ୟ ଏହି ସର୍ବାନ୍ତିମ ଶାନ୍ତିକୁହିଁ ଉପଲବ୍ଧ ସର୍ବଶ୍ରେଷ୍ଠ ସହାୟତା ବୋଲି କୁହାଯାଉଛି, ଏକ ସାନ୍ତ୍ୱନା ଓ ସ୍ୱସ୍ତିଲାଭ ହିସାବରେ ଲୋକେ ସେଇଟିରହିଁ ସର୍ବାଧିକ ଯାଚ୍ଞା ଓ ପ୍ରତ୍ୟାଶା ରଖିଛନ୍ତି, ତାହାକୁହିଁ ସବୁଠାରୁ ଅଧିକ ସ୍ୱାଗତ କରୁଛନ୍ତି । ଅନେକ ବ୍ୟକ୍ତିଙ୍କ ଲାଗି ତାହା ବର୍ତ୍ତମାନ ମଧ୍ୟ ଏକ ଭଗବତ୍-ସହାୟତା ଏବଂ ଭଗବତ୍-ଅନୁଗ୍ରହପ୍ରାପ୍ତିର ଯଥାର୍ଥ ସଙ୍କେତ ହୋଇ ରହିଛି ।

ବସ୍ତୁତଃ, ଜଣେ ବ୍ୟକ୍ତି ଯାହାକିଛି ଉପଲବ୍ଧି କରିବାକୁ ଇଚ୍ଛା କରୁଥାଉ ପଛକେ, ତାକୁ ଏହି ପରିପୂର୍ଣ୍ଣ ଏବଂ ଅବିଚଳିତ ଶାନ୍ତିର ପ୍ରତିଷ୍ଠାରୁହିଁ ସବୁକିଛି ଆରମ୍ଭ କରିବାକୁ ପଡ଼ିବ । ତାକୁ ଏହାରି ଭିତ୍ତି ଉପରେହିଁ କାର୍ଯ୍ୟ କରିବାକୁ ପଡ଼ିବ । ମାତ୍ର, ଯଦି ସିଏ କେବଳ ଆପଣା ପାଇଁ ଏକ ବ୍ୟକ୍ତିଗତ ଏବଂ ଅହଂକେନ୍ଦ୍ରିତ ମୋକ୍ଷଲାଭର ସ୍ୱପ୍ନ ଦେଖୁ ନ ଥାଏ, ତେବେ ସେ କଦାପି ସେହିଠାରେହିଁ ଅଟକି ରହିପାରିବ ନାହିଁ । ଭଗବତ୍-ଅନୁଗ୍ରହଲାଭର ଆଉ ଏକ ଅନ୍ୟଦିଗ ମଧ୍ୟ ରହିଛି;— ଅଗ୍ରଗତିଶୀଳତାର ସେହି ଅନ୍ୟ ବିଭାବଟି ରହିଛି ଯାହାକି ଯାବତୀୟ ପ୍ରତିବନ୍ଧକ ଉପରେ ବିଜୟ ହାସଲ କରିବ, ସେହି ବିଭାବଟି ମନୁଷ୍ୟସମାଜକୁ ଏକ ନୂତନ ଉପଲବ୍ଧି ଆଡ଼କୁ ପ୍ରେରିତ ଓ ପରିଚାଳିତ କରି ନେଇଯିବ, ଏକ ନୂତନ ଜଗତର ଦ୍ୱାରଗୁଡ଼ିକୁ ଆସି ଉନ୍ମୋଚିତ କରିଦେବ; ଏବଂ ତଦ୍ୱାରା ନିର୍ବାଚିତ ମାତ୍ର କେତେକ ଅଳ୍ପସଂଖ୍ୟକ ବ୍ୟକ୍ତି ଯେ ସେହି ଦିବ୍ୟ ଉପଲବ୍ଧିଟି ଦ୍ୱାରା ଉପକୃତ ହେବେ ତା' ନୁହେଁ, ମାତ୍ର ସେମାନଙ୍କର ପ୍ରଭାବ ପଡ଼ି, ସେମାନଙ୍କର ଦୃଷ୍ଟାନ୍ତ ଦ୍ୱାରା ଓ ସେମାନଙ୍କର ସାମର୍ଥ୍ୟଟି ଦ୍ୱାରା ଅବଶିଷ୍ଟ ମାନବଜାତି ମଧ୍ୟ ଜୀବନର ନୂତନ ଏବଂ ଅଧିକ ଉତ୍ତମ କ୍ଷେତ୍ରଗୁଡ଼ିକୁ ଲାଭ କରି ପାରିବ ।

ଏହା ଦ୍ୱାରା ଭବିଷ୍ୟ ମଧ୍ୟକୁ ଉପଲବ୍ଧିର କେତେ କେତେ ଦ୍ୱାର ଉନ୍ମୋଚିତ ହୋଇଯାଉଛି,— ଏପରି କେତେକେତେ ସମ୍ଭାବନା ପୂର୍ବରୁ ମଧ୍ୟ ଦେଖାଯିବାକୁ ଆରମ୍ଭ କଲାଣି, ଯେତେବେଳେ କି ମନୁଷ୍ୟ ସମୂହର ଏକ ସଂପୂର୍ଣ୍ଣ ଅଂଶ,— ଯେଉଁ ଅଂଶଟି ସଚେତନ ଅଥବା ଅଚେତନ ଭାବରେ ସେହି ନୂତନ ଶକ୍ତିଗୁଡ଼ିକ ଲାଗି ଆପଣାକୁ ଉନ୍ମୁକ୍ତ କରି ଦେଇଥିବ,— ଏକ ଉଚ୍ଚତର, ଅଧିକ ସମଞ୍ଜସତାପୂର୍ଣ୍ଣ ଓ ଅଧିକ ପରିପୂର୍ଣ୍ଣତାଯୁକ୍ତ

'oaob.nitrkl.ac.in' images reprocessed

ଜୀବନ ମଧ୍ୟକୁ ସତେଅବା ଉନ୍ନୀତ କରି ନେଇଯିବ ।... ବ୍ୟକ୍ତିଗତ ରୂପାନ୍ତର ସର୍ବଦା ଅନୁମତିଯୋଗ୍ୟ ବା ସମ୍ଭବ ନ ହେଉଥିଲେ ମଧ୍ୟ, ସେତେବେଳେ ଏକ ପ୍ରକାରର ସାର୍ବଜନୀନ ଉନ୍ନୟନ ଅବଶ୍ୟ ସଂଘଟିତ ହେବ, ସମଗ୍ରର ସ୍ତରରେ ଏକ ସମଞ୍ଜସତା-ସ୍ଥାପନ ସମ୍ଭବ ହେବ, ଯାହାକି ଏକ ନୂତନ ବ୍ୟବସ୍ଥାକୁ ମଧ୍ୟ ସମ୍ଭବ କରି ଆଣିବ, ଏକ ନୂତନ ସମଞ୍ଜସତାର ପ୍ରତିଷ୍ଠା କରିବ। ସେତେବେଳେ ଉପସ୍ଥିତ ବିଶୃଙ୍ଖଳା ଏବଂ ସଂଘର୍ଷମୟତା ଜନିତ ଯାବତୀୟ ବେଦନା ଅନ୍ତର୍ହିତ ହୋଇଯିବ ଏବଂ ତାହାର ସ୍ଥାନାପନ୍ନ ଭାବରେ ଏପରି ଏକ ବ୍ୟବସ୍ଥାର ପ୍ରତିଷ୍ଠା ହେବ, ଯାହାଦ୍ୱାରା କି ସମଗ୍ର ସଂଗଠନଟିହିଁ ସମଞ୍ଜସତା ସହିତ କାର୍ଯ୍ୟ କରିପାରିବ ।

ଏହା ଦ୍ୱାରା ଅନ୍ୟାନ୍ୟ ବହୁ ପରିଣାମ ମଧ୍ୟ ଘଟିବ, ଯାହାକି ଜୀବନ କ୍ଷେତ୍ରରେ ମନର ଅନୁପ୍ରବେଶ ଘଟିବା ଦ୍ୱାରା ସୃଷ୍ଟ ହୋଇଥିବା ଯାବତୀୟ ବିକୃତି ଏବଂ ଅସୁନ୍ଦରତା ବିପରୀତ ପ୍ରକାରେହିଁ ବିଲୁପ୍ତି ଲଭିବ, ଦୁଃଖ ଓ କଷଣଭୋଗ, ନୈତିକ ଦୀନତା ଏବଂ ମନୁଷ୍ୟଜୀବନର ଏକ ସମ୍ପୂର୍ଣ୍ଣ ଅଂଶକୁ ଏପରି ଭୟାବହ କରି ରଖିଥିବା ଏହି ଘୃଣ୍ୟ ଏବଂ ବିକର୍ଷଣକାରୀ ଦୁଃଖମୟତାର ଏକ ସମ୍ପୂର୍ଣ୍ଣ କ୍ଷେତ୍ରକୁ ବହୁଗୁଣିତ କରି ରଖିଥିବା ଯାବତୀୟ ବିକୃତିର ମଧ୍ୟ ଅନ୍ତ ହୋଇଯିବ । ତାହାକୁ ଅନ୍ତର୍ହିତ ହୋଇଯିବାକୁହିଁ ପଡ଼ିବ । ଏହାହିଁ ମନୁଷ୍ୟଜାତିକୁ ଅନେକ ଦୃଷ୍ଟିରୁ ବିଚାର କରି ଦେଖିଲେ ଇତରପ୍ରାଣୀମାନଙ୍କଠାରୁ ଅନନ୍ତ ଗୁଣ ଅଧିକ ଦୁଃଖମୟ କରି ରଖିଛି । ଇତରପ୍ରାଣୀମାନଙ୍କ ଜୀବନରେ ତ ଅନ୍ତତଃ ଏକ ସରଳତା ରହିଛି, ଏକ ସ୍ୱାଭାବିକ ସ୍ୱତଃସ୍ଫୂର୍ତ୍ତତା ରହିଛି ଏବଂ ଏକ ସମଞ୍ଜସତା ବି ରହିଛି । ମନୁଷ୍ୟଜାତିର ଏକ ସମ୍ପୂର୍ଣ୍ଣ ଅଂଶରେ ଦୁଃଖ ଓ ଯାତନାଭୋଗ ଯେପରି ଶୋଚନୀୟ ଓ ଘୃଣ୍ୟ ଅବସ୍ଥାରେ ରହିଛି, ଇତରପ୍ରାଣୀମାନଙ୍କର ଜୀବନରେ ତାହା କଦାପି ଦେଖିବାକୁ ମିଳିବ ନାହିଁ । ମନୁଷ୍ୟର ଅହଂପ୍ରେରିତ ପ୍ରୟୋଜନଗୁଡ଼ିକର ପରିପୂରଣ କରିବାରେ ତା'ର ମନୋମୟତାକୁ କାମରେ ଲଗାଯାଉ ଥିବାରୁହିଁ ମନୁଷ୍ୟର ଜୀବନ ଏପରି ଦୟନୀୟ ହୋଇ ରହିଛି ।

ଆମେ ଏଗୁଡ଼ିକର ଊର୍ଦ୍ଧ୍ୱକୁ ଉଠିଯିବା, ଊର୍ଦ୍ଧ୍ୱସ୍ଥ ଆଲୋକ ଏବଂ ସମଞ୍ଜସତା ମଧ୍ୟକୁ ଉଠିଯିବା, ନଚେତ୍ ଏକ ସୁସ୍ଥ ଓ ଅବିକୃତ ପ୍ରାଣୀଜୀବନର ସରଳତା ଭିତରକୁ ଲେଉଟିଯାଇ ତାହାରି ମଧ୍ୟରେ ପତିତ ହୋଇ ରହିବା ।

'oaob.nitrkl.ac.in' images reprocessed

ଯେତେବେଳେ ୧୯୫୮ରେ ଏହି ପ୍ରବଚନଟି ପ୍ରଥମେ ପ୍ରକାଶିତ ହେଲା, ସେତେବେଳେ ମାଆ ନୂତନ ଶକ୍ତିଗୁଡ଼ିକର କ୍ରିୟା ଦ୍ୱାରା ମନୁଷ୍ୟଜାତିର ଏକ ସମ୍ପୂର୍ଣ୍ଣ ଭାଗକୁ "ଉନ୍ନୀତ କରି ନେବା" ବିଷୟରେ ଏହି ଟିପ୍ପଣୀଟିକୁ ଯୋଡ଼ି ଦେଇଥିଲେ :

ମାତ୍ର ଯେଉଁମାନଙ୍କୁ ଉପରକୁ ନେଇଯାଇ ହୁଏ ନାହିଁ, ଯେଉଁମାନେ ଅଗ୍ରଗତି ଲାଗି ଅସମ୍ମତ ହୋଇ ରହିଥା'ନ୍ତି, ସେମାନେ ମଧ୍ୟ ସେହି କାରଣରୁହିଁ ଆପଣାର ମାନସିକ ଚେତନାଟିକୁ ମଧ୍ୟ ହରାଇ ବସିବେ ଏବଂ ତଳକୁ ଖସି ଏକ ଅର୍ଦ୍ଧମାନୁଷିକ ସ୍ତରରେ ପତିତ ହୋଇ ରହିଥିବେ ।

ବର୍ତ୍ତମାନ ମୁଁ ତୁମମାନଙ୍କୁ ମୋ'ର ଏକ ଅନୁଭୂତି ବିଷୟରେ କହିବି ଓ ତଦ୍ଦ୍ୱାରା ତୁମେ କଥାଟିକୁ ଅଧିକ ଭଲ ଭାବରେ ବୁଝି ପାରିବ । ଫେବ୍ରୁଆରି ୩ ତାରିଖରେ ଅତିମାନସ ଅନୁଭୂତିଟିକୁ ଲାଭ କରିଥିବାର ଅଳ୍ପଦିନ ପରେ ଏହି କଥାଟି ଘଟିଥିଲା (*ଦ୍ରଷ୍ଟବ୍ୟ : ଫେବ୍ରୁଆରି ୧୯ ତାରିଖରେ ପ୍ରଦତ୍ତ ପ୍ରବଚନର ପରିଶିଷ୍ଟ*), ଏବଂ ମୁଁ ସେତେବେଳେ ମଧ୍ୟ ସେହିପରି ଏକ ଅବସ୍ଥାରେ ରହିଥିଲି, ଯେତେବେଳେ କି ସ୍ଥୂଳ ଜଗତର ବସ୍ତୁଗୁଡ଼ିକ ମୋ'ଠାରୁ ସତେଅବା କେତେ ଦୂରରେ ରହିଥିବା ପରି କେଡ଼େ ଅବାସ୍ତବ ବୋଲି ମନେ ହେଉଥିଲା । ଦଳେ ପରିଦର୍ଶକ ମୋ'ସହିତ ସାକ୍ଷାତ କରିବାଲାଗି ଅନୁମତି ମାଗିଥିଲେ ଏବଂ ଦିନେ ସେମାନେ ସନ୍ଧ୍ୟାବେଳେ କ୍ରୀଡ଼ାଙ୍ଗନରେ ଆସି ପହଞ୍ଚିଲେ । ସେମାନେ ଭାରି ଧନୀ ଥିଲେ; ଅର୍ଥାତ୍ ବଞ୍ଚିବା ଲାଗି ଯେତିକି ଆବଶ୍ୟକ, ସେମାନଙ୍କ ପାଖରେ ତା'ଠାରୁ ଅଧିକ ଅର୍ଥ ରହିଥିଲା । ସେମାନଙ୍କ ଭିତରେ ଶାଢ଼ି ପିନ୍ଧିଥିବା ଜଣେ ସ୍ତ୍ରୀଲୋକ ବି ଥିଲେ । ଦେଖିବାକୁ ଭାରି ମୋଟା,— ସେହି ମୋଟା ଦେହଟି ଯେପରି ବେଶ୍ ଘୋଡ଼ାଇ ହୋଇ ରହିଯିବ, ତାଙ୍କ ଶାଢ଼ିଟିକୁ ସେ ସେହିପରି ଭାବରେ ପିନ୍ଧିଥିଲେ । ମୋ'ର ଆଶୀର୍ବାଦ ଲାଭ କରିବାକୁ ସେ ଯେମିତି ନଇଁ ପଡ଼ିଲେ, ସେତେବେଳେ ଶାଢ଼ିର ଗୋଟାଏ କୋଣ ମେଲା ହୋଇଗଲା ଏବଂ ତାହା ଫଳରେ ତାଙ୍କ ଦେହର ଗୋଟିଏ ଅଂଶ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଉଠିଲା । ତାଙ୍କ ପେଟଟା ଅନାବୃତ ହୋଇପଡ଼ିଲା । ଏକ ବିରାଟ ପେଟ ଦୃଷ୍ଟିଗୋଚର ହୋଇଗଲା । ମୋତେ ସତେଯେପରି କ'ଣ ଗୋଟାଏ ଧକ୍କା ଆସି ବାଜିଗଲା ପରି ଲାଗିଲା ।... ଆହୁରି ଅନେକ ପୃଥୁଳକାୟ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ବପୁ ଆଖିରେ ପଡ଼ିଗଲେ ମୋତେ କୌଣସି ଅରୁଚିକରତା ଅନୁଭୂତ ହୁଏ ନାହିଁ । ମାତ୍ର ଏହି ଭଦ୍ରମହିଳାଙ୍କୁ ଦେଖିବା ମାତ୍ରକେ ମୁଁ ତତ୍କ୍ଷଣାତ୍ ତାଙ୍କର ଉଦରଟି ଲୁକ୍କାୟିତ କରି ରଖିଥିବା ବିକୃତି ଏବଂ ପୂତିମୟତାକୁ ଦେଖିବାକୁ ପାଇଲି । ସେହି ଉଦରଟା ମୋତେ ସତେଅବା ଗୋଟାଏ ଏଡ଼େବଡ଼ ଘାଆ ପରି ଦେଖାଗଲା, ଯାହାକି କେତେ ଲୋଭ, ପାପ, ହୀନ

'oaob.nitrkl.ac.in' images reprocessed

ରୁଚି, ମଳିନ ବାସନା ଓ ଆହୁରି କେତେ କ'ଣକୁ ପ୍ରକଟ କରି ଆଣୁଥିଲା । ସେହି ବାସନା ସତେ ଯେପରି ଏକ ସ୍ଥୂଳତା ଏବଂ ବିଶେଷ କରି ଏପରି ଏକ ବିକାରଗ୍ରସ୍ତତା ମଧ୍ୟରେ ଆପଣାର ପରିତୃପ୍ତି ଲୋଡ଼ି ବୁଲୁଥିଲା, ହୁଏତ କୌଣସି ଇତରଜୀବ ମଧ୍ୟ ଯାହାକୁ କଦାପି ମନ କରିବ ନାହିଁ । ଏକ ନଷ୍ଟଭ୍ରଷ୍ଟ ମନ କିପରି ନିମ୍ନତମ ନାନା କାମନା ଓ ବାସନାର ପରିଚର୍ଯ୍ୟା କରିବାରେ ଲାଗିଛି, ମୁଁ ସେଠାରେ ତାହାରି ବିକୃତିଟିକୁ ଦେଖିବାକୁ ପାଇଲି । ଏବଂ ତା'ପରେ, ହଠାତ୍ ମୋ'ଭିତରୁ କ'ଣ ଗୋଟାଏ ଯେପରି ବାହାରକୁ ବାହାରି ଆସିଲା, ଏକ ପ୍ରାର୍ଥନା, ଏକ ବେଦସଦୃଶ ପ୍ରାର୍ଥନା ଉଚ୍ଚାରିତ ହୋଇ ଆସିଲା : "ହେ ଭଗବାନ୍, ଏହି କଥାଟିକୁହିଁ ଅବଶ୍ୟ ଅନ୍ତର୍ହିତ ହୋଇ ଯିବାକୁ ପଡ଼ିବ !"

ବେଶ୍ ଭଲ କରି ବୁଝିହେଉଛି ଯେ, ସ୍ଥୂଳ ଜୀବନସ୍ତରର ନାନା ଦୁଃଖ, ଏହି ସଂସାରରେ ସମ୍ପଦଗୁଡ଼ିକର ବିଷମ ବିଭାଜନ,– ଏଗୁଡ଼ିକୁ ହୁଏତ ବଦଳାଇ ଦିଆଯାଇ ପାରିବ; ଏପରି ଅନେକ ଅର୍ଥନୈତିକ ଏବଂ ସାମାଜିକ ସମାଧାନର କଳ୍ପନା କରିହେଉଛି ଯାହାକି ଏହାର ଏକ ପ୍ରତିବିଧାନ ସମ୍ଭବ କରିପାରିବ; ମାତ୍ର ସେହି ଯେଉଁ ଅନ୍ୟ ଦୁର୍ଦ୍ଦଶାଟି, ସେହି ମନୋଗତ ଦୁର୍ଦ୍ଦଶା, ପ୍ରାଣସ୍ତରର ସେହି ବିକୃତି,– ତାହା କଦାପି ଏପରି ଭାବରେ ବଦଳିପାରିବ ନାହିଁ, ବଦଳିବାକୁ ଇଚ୍ଛା ବି କରିବ ନାହିଁ । ଏବଂ ମନୁଷ୍ୟସମାଜରେ ଯେଉଁମାନେ ଏହି ପ୍ରରୂପଟିର ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କର ଭାଗ୍ୟରେ ଆଗରୁହିଁ ବିଲୁପ୍ତି ଲେଖାହୋଇ ରହିଛି ।

ତାହାହିଁ ହେଉଛି ଜନ୍ମାଧିକାରପ୍ରାପ୍ତ ପାପର ଅସଲ ଅର୍ଥ : ଯେଉଁ ବିକୃତିଟି ମନର ସୋପାନରୁ ଆରମ୍ଭ ହୋଇଛି, ସେଇଟି ।

ମନୁଷ୍ୟସମୂହର ଯେଉଁ ଅଂଶଟି, ମନୁଷ୍ୟ-ଚେତନାର ଯେଉଁ ଅଂଶଟି ଅତିମାନସ ସହିତ ଯୁକ୍ତହୋଇ ଆପଣାକୁ ବିମୋଚିତ କରି ଆଣିପାରିବ, ସେହି ଅଂଶଟିର ପୂର୍ଣ୍ଣ ରୂପାନ୍ତର ସମ୍ଭବ ହେବ । ତାହା ପ୍ରକୃତରେ ଏପରି ଏକ ଭବିଷ୍ୟ ସତ୍ୟ ଆଡ଼କୁ ଅଗ୍ରଗତି କରିଯାଉଛି, ଯାହାକି ଏବେ ମଧ୍ୟ ବାହ୍ୟ ରୂପରେ ପ୍ରକଟ ହୋଇପାରି ନାହିଁ । ଏବଂ, ଯେଉଁ ଅଂଶଟି ପ୍ରକୃତିର ନିକଟତମ ହୋଇ ରହିଛି, ପ୍ରାଣୀସୁଲଭ ସେହି ସରଳତାର ନିକଟତମ ହୋଇ ରହିଛି, ତାହା ପୁନର୍ବାର ସେହି ପ୍ରକୃତି ମଧ୍ୟରେ ଲୀନ ହୋଇଯିବ ଏବଂ ସମ୍ପୂର୍ଣ୍ଣ ଭାବରେ ପରିପାଚିତ ହୋଇଯିବ । ମାତ୍ର, ମନର ଅସଦୁପଯୋଗ କରି ମନୁଷ୍ୟ-ଚେତନାର ଯେଉଁ ବିକାରଗ୍ରସ୍ତ ଅଂଶଟି ଯାବତୀୟ ବିକୃତିକୁ ପ୍ରଶ୍ରୟ ଦେଇ ରଖିଛି, ତାହା ବିଲୁପ୍ତ ହେବ ।

ଏହି ପ୍ରକାରର ମନୁଷ୍ୟଭାଗଟିକୁ ଆମେ ଏକ ଅଫଳପ୍ରସୂ ଉଦ୍ୟମର ଅଂଶ ବୋଲି ବେଶ୍ କହିପାରିବା,– ଏହାର ଅବଶ୍ୟ ବିଲୁପ୍ତି ଘଟିବା ଉଚିତ,– ଆଗରୁ ମଧ୍ୟ

'oaob.nitrkl.ac.in' images reprocessed

ଏହିପରି ଆଉ କେତେ ଜୀବଜାତି ନିଷ୍ଫଳ ବୋଲି ପ୍ରମାଣିତ ହୋଇଛନ୍ତି ଏବଂ ବିଶ୍ୱ-ଇତିହାସର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ଅସ୍ତିତ୍ୱହିଁ ଲୁପ୍ତ ହୋଇଯାଇଛି ।

କେତେକ ଧର୍ମଗୁରୁ ଅତୀତରେ ଏହି ମର୍ମରେ କେତେ ଭବିଷ୍ୟବାଣୀ କରି ଯାଇଛନ୍ତି ସତ, ମାତ୍ର, ସାଧାରଣତଃ ଯେପରି ଘଟିଥାଏ, ସେମାନଙ୍କର ଭବିଷ୍ୟଦୃଷ୍ଟି ବେଶ୍ ମିଶ୍ରିତ ହୋଇ ରହିଯାଇଛି । ଭବିଷ୍ୟତରେ କ'ଣସବୁ ଘଟିବାକୁ ଯାଉଛି, ସେହି ବିଷୟରେ ସେମାନଙ୍କର ଦୃଷ୍ଟିଟି ସହିତ ସେମାନେ ସେହି ଅତିମାନସ ଜଗତଟିକୁ ମଧ ଆଦୌ ଦେଖି ପାରି ନାହାନ୍ତି, ଯାହାକି ମାନବଜାତିର ସହଯୋଗୀ ଅଂଶଟିକୁ ଉପରକୁ ଉଠାଇ ନେବାକୁ ଏବଂ ଏହି ଭୌତିକ ଜଗତର ରୂପାନ୍ତର ସାଧନ କରିବାକୁ ଆବିର୍ଭୂତ ହେବ । ତେଣୁ, ଯେଉଁମାନେ ଏହି ଜଗତରେ ଜନ୍ମ ହୋଇଛନ୍ତି, ଯେଉଁମାନେ ମନୁଷ୍ୟ-ଚେତନାର ଏହି ବିକୃତ ଅଂଶଟିରେ ସମ୍ଭୂତ ହୋଇଛନ୍ତି, ସେମାନଙ୍କୁ ଆଶାର ବାଣୀ ଶୁଣାଇବା ଉଦ୍ଦେଶ୍ୟରେ ସେମାନେ ବିଶ୍ୱାସ ଦ୍ୱାରାହିଁ ମୁକ୍ତିଲାଭ କରିବାର ବାଟଟିକୁ ବତାଇ ଦେଇଛନ୍ତି । ସେମାନେ କହିଛନ୍ତି ଯେ, ଯେଉଁମାନେ ଜଡ଼ ମଧରେ ପରମ ଦିବ୍ୟସତ୍ତାର ଆତ୍ମଦାନ ଉପରେ ବିଶ୍ୱାସ ରଖିବେ, କେବଳ ସେହି ବିଶ୍ୱାସ ଦ୍ୱାରାହିଁ,— କୌଣସି ଯଥାର୍ଥ ବୋଧ ଓ ଯଥାର୍ଥ ବୁଦ୍ଧି ନ ଥାଇ ମଧ,— କେବଳ ବିଶ୍ୱାସ ଦ୍ୱାରାହିଁ ସେମାନଙ୍କର ପରିତ୍ରାଣ ସମ୍ଭବ ହୋଇଯିବ । ସେମାନେ ଅତିମାନସ ଜଗତଟିର କୌଣସି ଦର୍ଶନ ଲାଭ କରି ନାହାନ୍ତି । ସେମାନେ ଏ କଥାଟିକୁ ଦେଖି ନାହାନ୍ତି ଯେ, ଜଡ଼ର କ୍ଷେତ୍ରରେ ଦିବ୍ୟ ପରମସତ୍ତାଙ୍କର ସେହି ମହାନ୍ ଆତ୍ମଦାନକୁ କେବଳ ସଂବୃତିରୂପୀ ସେହି ଆତ୍ମଦାନ ବୋଲି ବୁଝିବାକୁ ହେବ, ଯାହାକି ଭବିଷ୍ୟତରେ ଦିନେ ସେହି ଜଡ଼ମଧରେ ଦିବ୍ୟ ପରମସତ୍ତାଙ୍କର ସମଗ୍ର ଉଦ୍‌ଘାଟନ ଦ୍ୱାରାହିଁ ଆପଣାର ପରିପୂର୍ଣ୍ଣତାକୁ ଅବଶ୍ୟ ଉପଲବ୍ଧି କରିବ ।

'oaob.nitrkl.ac.in' images reprocessed

## ୨୬ ମାର୍ଚ୍ଚ ୧୯୫୮

''ଏହି କଥା ଯଥାର୍ଥ ଭାବରେ କୁହାଯାଇଛି ଯେ ଯଦି ବିବର୍ତ୍ତନ-କ୍ରମର ଏହିଭଳି ଏକ ପରିପୂର୍ଣ୍ଣତା ଅଭିପ୍ରେତ ହୋଇ ରହିଥାଏ ଏବଂ ଯଦି ମନୁଷ୍ୟକୁହିଁ ସେହି ଅବସ୍ଥାରେ ଯାଇ ପହଞ୍ଚିବାରେ ମାଧ୍ୟମରୂପେ ବ୍ୟବହୃତ ହେବାକୁ ହୁଏ, ତେବେ କେବଳ କେତେକଣ ମୁଷ୍ଟିମେୟ ବିଶେଷ ମନୁଷ୍ୟ ବ୍ୟକ୍ତିକୁହିଁ ଏହି ନୂତନ ଶ୍ରେଣୀଟିର ଗଠନ କରିବାକୁ ପଡ଼ିବ ଓ ନୂତନ ଜୀବନ ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ଯଦି ପ୍ରକୃତରେ ସେହିଭଳି ହୁଏ, ତେବେ ମନୁଷ୍ୟସମାଜରେ ବାସ କରୁଥିବା ଅବଶିଷ୍ଟ ଅନ୍ୟମାନେ ଏକ ଆଧ୍ୟାତ୍ମିକ ଆକାଙ୍କ୍ଷାର ପଥରୁ ପଛକୁ ହଟିଆସିବେ, କାରଣ ପ୍ରକୃତିର ଉଦ୍ଦେଶ୍ୟସାଧନ ଲାଗି ସେମାନଙ୍କର ଆଉ ଆବଶ୍ୟକତା ନ ଥିବ ଏବଂ ସେହି କାରଣରୁ ସେମାନେ ଆପଣାର ଏହି ସାଧାରଣ ସୋପାନଟିରେ ଚୁପ୍ ହୋଇ ରହିଯିବେ । ପୁଣି, ଠିକ୍ ସମାନ ଯଥାର୍ଥତା ସହିତ ଏକଥା ବି କୁହାଯାଇ ପାରିବ ଯେ, ଯଦି ଜନ୍ମାନ୍ତର ଗ୍ରହଣର ପ୍ରକ୍ରିୟାଟି ଦ୍ୱାରା ବିବର୍ତ୍ତନର ନାନା ସୋପାନ ମଧ୍ୟଦେଇ ଆତ୍ମାକୁ ସେହି ଆଧ୍ୟାତ୍ମିକ ଶିଖରଟି ଆଡ଼କୁ ପ୍ରକୃତରେ ଆରୋହଣ କରିଯିବାକୁ ହେଉଥାଏ, ତେବେ ମନୁଷ୍ୟସତ୍ତାର ଏହି ସୋପାନଟିକୁ ଅବଶ୍ୟ ସଂରକ୍ଷିତ କରି ରଖିବାକୁ ପଡ଼ିବ; କାରଣ ତାହା ନ ହେଲେ ଅନ୍ତଃବର୍ତ୍ତୀ ପଥଟିର ସବୁଠାରୁ ଅତ୍ୟାବଶ୍ୟକ ସୋପାନଟି ଏହି କ୍ରମଭିତରୁ ବାଦ୍ ପଡ଼ିଯିବ । କୌଣସି ପ୍ରକାର କୁଣ୍ଠା ନ ରଖି ଏଠାରେ ସଙ୍ଗେସଙ୍ଗେ କୁହାଯିବ ଯେ, ସମୁଦାୟ ମାନବଜାତି ଯେ ଏକାଠି ଏକାମୁଥକେ ଅତିମାନସ ସ୍ତରଟିକୁ ଆରୋହଣ କରି ଚାଲିଯିବେ, ସେପରି କୌଣସି ସମ୍ଭାବନା ନାହିଁ ଓ ଏପରି କଦାପି ଘଟି ପାରିବ ନାହିଁ । ତେଣୁ ଏଠାରେ ସେପରି କୌଣସି ତୁମୁଳ ବିପ୍ଳବାତ୍ମକ ବା ବିସ୍ମୟକାରୀ କଥାର ଆଦୌ ପ୍ରସ୍ତାବ କରାଯାଉ ନାହିଁ; ଏଠାରେ କେବଳ ଏତିକି କୁହାଯାଉଛି ଯେ ବିବର୍ତ୍ତନଗତ ପ୍ରବେଗ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଆସି ପହଞ୍ଚିଲେ ବା ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ସ୍ପର୍ଶ କରିପାରିଲେ ମନୁଷ୍ୟର ମନୋଭୂମିଗତ ସାମର୍ଥ୍ୟଟି ଚେତନାର ଏକ ଉଚ୍ଚତର ଭୂମି ଅଭିମୁଖରେ ଧାବିତ ହେବ ଏବଂ ସତ୍ତା ମଧ୍ୟରେ ସେହି ଚେତନାର ରୂପାନ୍ତର ଘଟାଇବାର ପ୍ରୟାସ କରିବ । ଏହିପରି

'oaob.nitrkl.ac.in' images reprocessed

ଭାବରେ ଆପଣାର ଶରୀରରେ ନୂତନ ଚେତନାଟିକୁ ଧାରଣ କରିବା ଦ୍ୱାରା ସତ୍ତାର ସ୍ୱପ୍ରକୃତିଗତ ସ୍ୱାଭାବିକ ଓ ସାଧାରଣ ଧର୍ମଟି ମଧ୍ୟ ନିଶ୍ଚୟ ଏକ ପରିବର୍ତ୍ତନର ସମ୍ମୁଖୀନ ହେବ; ନିଃସନ୍ଦେହ ଭାବରେ ତାହାର ମନୋଗତ, ସଂବେଗଗତ ତଥା ଇନ୍ଦ୍ରିୟବୋଧଗତ ସଂରଚନରେ ଏକ ପରିବର୍ତ୍ତନ ଘଟିବ ଓ ଏପରିକି ଶରୀରଗତ ଚେତନା ଏବଂ ଆମର ପ୍ରାଣ ଓ ଶକ୍ତିଗୁଡ଼ିକର ଦୈହିକ ପ୍ରସୀମନରେ ମଧ୍ୟ ଅନେକ ପରିମାଣରେ ପରିବର୍ତ୍ତନ ହେବ । ମାତ୍ର ଚେତନାର ପରିବର୍ତ୍ତନଟିହିଁ ଏହି କ୍ଷେତ୍ରରେ ସବୁଠାରୁ ପ୍ରଧାନ କଥା ବା ପ୍ରାଥମିକ ଗତିସ୍ପନ୍ଦନ ହୋଇ ରହିବ; ଦେହଗତ ଯାହାକିଛି ପରିବର୍ତ୍ତନ ହେବ, ତାହା ଗୌଣ ହୋଇ ରହିବ, କେବଳ ପରିଣାମରୂପେହିଁ ରହିବ । ଯେତେବେଳେ ଆତ୍ମାର ଶିଖାଟି ପ୍ରଜ୍ୱଳିତ ହୋଇ ଉଠିବ, ଚୈତ୍ୟ ଆତ୍ମାନଟି ସନ୍ଦୀପିତ ହୋଇଯିବ ଓ ହୃଦୟ ତଥା ମନ ଭିତରେ ତାହାର ଶକ୍ତିମତ୍ତା ଅନୁଭୂତ ହେବାକୁ ଲାଗିବ ଏବଂ ଯେତେବେଳେ ପ୍ରକୃତି ମଧ୍ୟ ଅନୁରୂପ ଭାବରେ ପ୍ରସ୍ତୁତ ହୋଇଯିବ, ସେତେବେଳେ ମନୁଷ୍ୟ ପକ୍ଷରେ ଚେତନାର ଏହି ରୂପାନ୍ତରସାଧନ ସର୍ବଦା ସମ୍ଭବ ହୋଇ ରହିପାରିବ । ଆଧ୍ୟାତ୍ମିକ ଅଭୀପ୍ସା ମନୁଷ୍ୟ ମାତ୍ରକେ ସବୁରି ଭିତରେ ସହଜାତ ବା ଅନ୍ତର୍ନିହିତ ହୋଇ ରହିଛି; କାରଣ ପଶୁର ସ୍ତରଟିକୁ ଅତିକ୍ରମ କରି ସେ ଆପଣାର ଅପୂର୍ଣ୍ଣତା ଓ ସୀମାବଦ୍ଧତା ବିଷୟରେ ସ୍ୱୟଂ ସଚେତନ ହୋଇ ପାରୁଛି ଏବଂ ସ୍ପଷ୍ଟ ଅନୁଭବ କରି ପାରୁଛି ଯେ ସେ ବର୍ତ୍ତମାନ ଯେତିକି ଭିତରେ ରହିଛି, ତାହାର ପରିଧିଟିକୁ ଅତିକ୍ରମ କରି ମଧ୍ୟ ଆହୁରି ଅଧିକ କିଛି ହାସଲ କରିବାକୁ ଅବଶ୍ୟ ବାକି ରହିଛି । ଆପଣାର ସୀମାସେପାଖକୁ ଯାଇ ଅଧିକ କିଛିର ଆକାଂକ୍ଷା ରଖିବାର ଏହି ଉଚ୍ଚାଟନ ଯେ ମନୁଷ୍ୟଜାତିଠାରୁ କେବେହେଲେ ସମ୍ପୂର୍ଣ୍ଣ ଭାବରେ ନିର୍ବାପିତ ହୋଇଯିବ, ତାହା କଦାପି ସମ୍ଭବ ବୋଲି ଲାଗୁ ନାହିଁ । ମନୁଷ୍ୟର ଏହି ମନୋଗତ ଭୂମିଟି ସବୁବେଳେ ରହିଥିବ; ମାତ୍ର ଜନ୍ମାନ୍ତର ଗ୍ରହଣର ସୋପାନଶ୍ରେଣୀରେ ତାହା କେବଳ ଗୋଟିଏ ମାତ୍ରାସୂଚକ ସୋପାନ ହୋଇ କଦାପି ରହିବ ନାହିଁ । ମାତ୍ର ସର୍ବଦା ସେହି ଆଧ୍ୟାତ୍ମିକ ଓ ଅତିମାନସ ସ୍ଥିତି ଅଭିମୁଖରେ ବାଟ ଦେଖାଇନେଇ ଯାଉଥିବା ଏକ ଉନ୍ମୁକ୍ତ ସୋପାନ ପରି କାର୍ଯ୍ୟ କରୁଥିବ ।''

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୪୨-୪୩

ଆପଣାର ଯେଉଁ ମାନସିକ ସାମର୍ଥ୍ୟଟି ଦ୍ୱାରା ସିଏ ନିଜର ଜୀବନଟି ଉପରେ ଦୃଷ୍ଟିପାତ କରିପାରୁଛି, ତାହାହିଁ ହେଉଛି ସ୍ପଷ୍ଟତଃ ମନୁଷ୍ୟର ଏକ ବିଶେଷ ଓ ସ୍ୱତନ୍ତ୍ର ଲକ୍ଷଣ । ଇତରପ୍ରାଣୀ କେବଳ ଯନ୍ତ୍ର ପରି ଜୀବନ ବଞ୍ଚେ; ଏବଂ ଯଦି ତାହା ଆପଣାର ଜୀବନଟି ଉପରେ କେବେ ଦୃଷ୍ଟିପାତ କରୁଥିବ, ତେବେ ତାହାର କେବଳ ଅତି ସାମାନ୍ୟ ଏବଂ ତାତ୍ପର୍ଯ୍ୟହୀନ ଅଂଶରେହିଁ ତାହା କରି ପାରୁଥିବ । ଏବଂ ସେହି କାରଣରୁହିଁ ଇତରପ୍ରାଣୀ ସବୁବେଳେ ଭାରି ଶାନ୍ତିରେ ବାସ କରୁଥାଏ ଏବଂ କେବେହେଲେ କୌଣସି ପ୍ରକାର ଚିନ୍ତିତ ହୁଏ ନାହିଁ । କୌଣସି ଆକସ୍ମିକ ଦୁର୍ଘଟଣା ବା ଅସୁସ୍ଥତା ହେତୁ କୌଣସି ଇତର ଜନ୍ତୁ ଯେତେବେଳେ କଷ୍ଟ ପାଉଥାଏ, ସେତେବେଳେ ସେଇଟି ଉପରେ ସେ କୌଣସି ଦୃଷ୍ଟିପାତ କରି ପାରେ ନାହିଁ ବୋଲି ତା'ର ସେହି ଦୁଃଖ ଏକ ସର୍ବନିମ୍ନ ସ୍ତରକୁହିଁ ହ୍ରାସ ହୋଇ ଆସିଥାଏ । ଇତର ଜନ୍ତୁ ନିଜର ସେହି କଷ୍ଟକୁ ଆପଣାର ଚେତନା ଉପରେ କିଂବା ଭବିଷ୍ୟ ଉପରେ ପ୍ରକ୍ଷେପିତ କରିପାରେ ନାହିଁ, ଆପଣାର ଅସୁସ୍ଥତା ବା ଘଟିଥିବା ଦୁର୍ଘଟଣା ବିଷୟରେ ସେ କେବେହେଲେ କିଛି କଳ୍ପନା କରିପାରେ ନାହିଁ ।

ମନୁଷ୍ୟଠାରୁହିଁ ଭବିଷ୍ୟତରେ କ'ଣ ଘଟିବାକୁ ଯାଉଛି, ସେହି ବିଷୟରେ ସତତ ଚିନ୍ତା କରିବା ଆରମ୍ଭ ହୋଇ ଯାଉଛି । ଏବଂ କେବଳ ତାହାରି ଦ୍ୱାରା ନ ହେଲେ ମଧ୍ୟ ପ୍ରଧାନତଃ ସେହି କାରଣରୁହିଁ ସିଏ ଯାବତୀୟ ସନ୍ତାପ ଭୋଗ କରୁଛି । ଆପଣାର ଚେତନା ସାହାଯ୍ୟରେ ସବୁକିଛିକୁ ମୂର୍ତ୍ତିମନ୍ତ ଭାବରେ ଅନୁଭବ କରି ପାରୁଥିବାରୁହିଁ ମନୁଷ୍ୟର ଯାବତୀୟ ବ୍ୟସ୍ତ ଭାବନା, ଦୁଃଖଦାୟକ କଳ୍ପନା, ଚିନ୍ତା, ସନ୍ତପ୍ତତା, ଭବିଷ୍ୟରେ ଘଟିବାକୁ ଯାଉଥିବା ବିପର୍ଯ୍ୟୟଗୁଡ଼ିକ ବିଷୟରେ ଆଶଙ୍କା,— ଏହି ସବୁକିଛି ଆରମ୍ଭ ହୋଇଯାଉଛି ଏବଂ ଫଳରେ ଅଧିକାଂଶ ମନୁଷ୍ୟ,— କେବଳ ଅତି କମ୍ ସଚେତନ ଲୋକମାନେ ନୁହନ୍ତି, ସବୁଠାରୁ ଅଧିକ ସଚେତନ ଲୋକମାନେ ମଧ୍ୟ,— ସତତ ସନ୍ତାପ ଭିତରେ ବାସ କରୁଛନ୍ତି । ମନୁଷ୍ୟ ଏତେ ଯଥେଷ୍ଟ ପରିମାଣରେ ସଚେତନ ରହିଛି ଯେ ସେ ଆଦୌ କୌଣସି ପ୍ରକାରେ ଉଦାସୀନ ହୋଇ ରହିପାରୁ ନାହିଁ; ମାତ୍ର ଯାହା ଘଟିବାକୁ ଯାଉଛି, ତାହାକୁ ଜାଣିପାରିବା ଲାଗି ମନୁଷ୍ୟ ଯଥେଷ୍ଟ ପରିମାଣରେ ସଚେତନ ହୋଇପାରି ନାହିଁ । କୌଣସି ଭୁଲ୍ ହୋଇଯିବାର ଆଶଙ୍କା ନ ରଖି ଏହି କଥାଟି ଯଥାର୍ଥରେ କୁହାଯାଇ ପାରିବ ଯେ, ପୃଥିବୀର ଦେହଧାରୀ ସକଳ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟହିଁ ସବୁଠାରୁ ଅଧିକ ଦୁଃଖପୂର୍ଣ୍ଣ ଏବଂ ଶୋଚନୀୟ ଅବସ୍ଥାରେ ରହିଛି । ଏହିପରି ହୋଇ ରହିବାରେ ମନୁଷ୍ୟ ଅଭ୍ୟସ୍ତ ହୋଇ ରହିଛି, କାରଣ ଆପଣାର ପୂର୍ବପୁରୁଷମାନଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ସେ ଏପରି ଏକ ବଂଶାନୁଗତ ସ୍ଥିତିରେ ରହିଛି ଯେ, ତାହାର ଅବସ୍ଥା ପ୍ରକୃତରେ ଏକ ଭାରି ଯନ୍ତ୍ରଣାମୟ ଅବସ୍ଥା ହୋଇ ରହିଛି । ଏବଂ, ଏକ ଉଚ୍ଚତର ସୋପାନକୁ ଉଠିଯାଇ

'oaob.nitrkl.ac.in' images reprocessed

ପାରିବାର ଏବଂ ପ୍ରାଣୀ-ଚେତନାଟିର ଏକ ସ୍ଥାନାପନ୍ନ ଭାବରେ ଏକ ଆଧ୍ୟାତ୍ମିକ ଚେତନାର ପ୍ରତିଷ୍ଠା କରିବାର ଏହି ଅଧ୍ୟାତ୍ମ-ସାମର୍ଥ୍ୟ ଦ୍ୱାରାହିଁ ମନୁଷ୍ୟ ଯେ କେବଳ ଜୀବନର ଯଥାର୍ଥ ଲକ୍ଷ୍ୟଟିକୁ ଦେଖିବାକୁ ପାଇବ ଏବଂ ତା'ର ଉଦ୍ୟମଟିର ସର୍ବଶେଷ ପରିପୂର୍ଣ୍ଣ ପରିଣାମଟିକୁ ଆଗରୁ ଦେଖିବାକୁ ପାଇବ ତାହା ନୁହେଁ, ମାତ୍ର ତଦ୍ଦ୍ୱାରା ସେ ଏକ ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି ଉପରେ ଏକ ସ୍ୱଚ୍ଛଦୃଷ୍ଟି ଆସ୍ଥା ମଧ୍ୟ ସ୍ଥାପନ କରିପାରିବ । ସେହି ଶକ୍ତି ପାଖରେ ଆପଣାକୁ ସମର୍ପିତ କରିଦେଇ ପାରିବ, ଆପଣାକୁ ତାହାରି ଜିମାରେ ଛାଡ଼ିଦେଇ ପାରିବ, ଆପଣାର ଜୀବନ ତଥା ଭବିଷ୍ୟତ ବିଷୟରେ ଯାବତୀୟ ଦାୟିତ୍ୱକୁ ସେଇଠାରେ ନେଇ ଅର୍ପଣ କରିଦେବ ଓ ସକଳ ଚିନ୍ତା ଓ ତଜ୍ଜନିତ ତାପକୁ ପରିତ୍ୟାଗ କରିପାରିବ ।

ମଣିଷ ଯେ ସ୍ଖଳିତ ହୋଇ ପୁନର୍ବାର ସେହି ଇତରପ୍ରାଣୀର ସ୍ତରରେ ଯାଇ ପତିତ ହେବ ଏବଂ ଆପଣାର ଉପାର୍ଜିତ ଚେତନାଟିକୁ ହରାଇ ବସିବ, ଏହା କଦାପି ସମ୍ଭବ ନୁହେଁ । ତେଣୁ, ମନୁଷ୍ୟର ସମ୍ମୁଖରେ କେବଳ ଗୋଟିଏ ବାଟ ରହିଛି, ତା'ର ବର୍ତ୍ତମାନ ଶୋଚନୀୟ ସ୍ଥିତିରୁ ବାହାରି ଯାଇପାରିବା ଲାଗି କେବଳ ଗୋଟିଏ ଉପାୟ ରହିଛି । ସିଏ ପ୍ରକୃତରେ ଏପରି ଏକ ଉଚ୍ଚତର ସୋପାନ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବ, ଯେଉଁଠାରେ କି ସେ ବର୍ତ୍ତମାନର ସନ୍ତାପ ପରିବର୍ତ୍ତରେ ବିଶ୍ୱାସମୟ ସମର୍ପଣ ଏବଂ ଏକ ଆଲୋକମୟ ପରିପୂର୍ଣ୍ଣତାର ନିଶ୍ଚୟତାକୁ ଲାଭ କରିପାରିବ । ଏହି ବାଟଟି ହେଉଛି ଆପଣାର ଚେତନାଟିରେ ଏକ ପରିବର୍ତ୍ତନ ଆଣିବାର ବାଟ ।

ଯେଉଁ ଜୀବନର ରହସ୍ୟଭେଦ କରିପାରିବା ଲାଗି ଆମ ପାଖରେ ଆଦୌ କୌଣସି ଚାବିକାଠି ନାହିଁ, ସେହିପରି ଏକ ଜୀବନ ଲାଗି ଦାୟୀ ହୋଇ ରହିବାଠାରୁ ପ୍ରକୃତରେ ଅଧିକ ଶୋଚନୀୟ ଆଉ କି ସ୍ଥିତି ରହିଛି ? ଜୀବନର ସମସ୍ୟାଗୁଡ଼ିକର ସମାଧାନ କରି ପାରିବାଲାଗି ହାତରେ କୌଣସି ସୂତ୍ର ନ ଥାଇ ସେହି ଜୀବନଲାଗି ଦାୟୀ ହୋଇ ରହିବାଠାରୁ ପ୍ରକୃତରେ ଅଧିକ ଦୁଃଖପୂର୍ଣ୍ଣ ଆଉ କ'ଣ ରହିଛି ? ଏହି ଦୃଷ୍ଟିରୁ ଦେଖିଲେ, ଇତର ଜୀବର ଆଦୌ କୌଣସି ସମସ୍ୟା ନାହିଁ । ସିଏ କେବଳ ଜୀବନଟିକୁ ଧାରଣ କରି ରହିଛି । ତା'ର ସହଜାତ ପ୍ରବୃତ୍ତିଗୁଡ଼ିକ ତାକୁ ପରିଚାଳିତ କରି ନେଉଥା'ନ୍ତି, ତାହା ଏକ ସାମୂହିକ ସଚେତନତା ଉପରେ ନିର୍ଭର କରି ରହିଥାଏ, ଯାହାର କି ଏକ ସହଜାତ ଜ୍ଞାନ ରହିଥାଏ, ତା' ନିଜଠାରୁ ଉଚ୍ଚତର ହୋଇ ରହିଥାଏ, ମାତ୍ର ତାହା ଯନ୍ତ୍ରବତ୍ ହୋଇ ରହିଥାଏ । କୌଣସି ବସ୍ତୁଲାଗି ଇଚ୍ଛା କରିବା ଏବଂ ତାହାକୁ ହାସଲ କରିବାଲାଗି ଉଦ୍ୟମ କରିବା,— ଇତର ଜନ୍ତୁର ଏସବୁ ଲାଗି ଆଦୌ କୌଣସି ପ୍ରୟୋଜନ ନ ଥାଏ । ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେହିପରି ହୋଇ ରହିଥାଏ ଏବଂ ଆପଣାର ଜୀବନ ପ୍ରତି କୌଣସି ପ୍ରକାରେ ଦାୟୀ ହୋଇ ରହି ନ ଥିବାରୁ ସେ କେବେହେଲେ

'oaob.nitrkl.ac.in' images reprocessed

କୌଣସି ସନ୍ତାପ ଭୋଗ କରେ ନାହିଁ, କୌଣସି ପ୍ରକାରେ ଚିନ୍ତିତ ହୁଏ ନାହିଁ । ମନୁଷ୍ୟର ସୋପାନଟିରୁହିଁ ଆପଣା ଉପରେ ନିର୍ଭର କରିବାର ବୋଧଟି ଜନ୍ମଲାଭ କରିଥାଏ; ଏବଂ ତା'ପାଖରେ ଆବଶ୍ୟକ ଜ୍ଞାନଟି ମହଜୁଦ ହୋଇ ରହି ନ ଥିବାରୁ ତାହା ଫଳରେ ତାକୁ ଅନୁକ୍ଷଣ ଉତ୍ପୀଡ଼ିତ ହୋଇ ରହିବାକୁ ପଡ଼ିଥାଏ । ଆପଣାର ଚେତନାଠାରୁ ଅଧିକ ଉଚ୍ଚ ଏକ ଚେତନା ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ପାରିଲେ ଯାଇ ତାହାର ସେହି ସନ୍ତାପର ଅବସାନ ହୁଏ; ଏପରି ଏକ ଚେତନା ପାଖରେ ନିଜକୁ ସମର୍ପଣ କରିଦେବାକୁ ହୁଏ, ଯାହା ଉପରେ କି ସିଏ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିପାରିବ, ଆପଣାର ସକଳ ଚିନ୍ତା ଏବଂ ସନ୍ତାପକୁ ଯାହାପାଖରେ ନେଇ ଥୋଇଦେଇ ପାରିବ, ଯାହା ହାତରେ କି ସେ ତା' ଜୀବନଟିକୁ ପରିଚାଳିତ କରିନେବାର ଏବଂ ସବୁକିଛିକୁ ସଜାଡ଼ି ରଖିବାର ଦାୟିତ୍ୱଟିକୁ ଅର୍ପଣ କରିଦେଇ ପାରିବ ।

ଆମ ପାଖରେ ଆବଶ୍ୟକ ଜ୍ଞାନଟି ନ ଥିବା ପର୍ଯ୍ୟନ୍ତ ଆମେ କିପରି କୌଣସି ଏକ ସମାଧାନ କରି ପାରିବା ? ଏବଂ ଏହାହିଁ ଏକ ଦୁର୍ଭାଗ୍ୟର କଥା ଯେ, ମନୁଷ୍ୟ ବିଶ୍ୱାସ କରୁଛି ଯେ ତାକୁ ତା' ଜୀବନର ଯାବତୀୟ ସମସ୍ୟାର ସମାଧାନ କରିବାକୁହିଁ ପଡ଼ିବ, ମାତ୍ର ତେଣେ ସେହି ସମାଧାନ ଲାଗି ଯେଉଁ ଜ୍ଞାନଟି ଆବଶ୍ୟକ, ସେଇଟି ତା'ପାଖରେ ନାହିଁ । ତାହାହିଁ ହେଉଛି ତା'ର ଯାବତୀୟ ଦୁଃଖର ମୂଳ ଓ ଉତ୍ସ,– "ମୋ'ର କର୍ତ୍ତବ୍ୟ କ'ଣ ?"– ଏହି ଚିରନ୍ତନ ପ୍ରଶ୍ନଟି ସବୁ କଷ୍ଟର ମୂଳ । ଏବଂ, "ଏହାପରେ ପୁଣି କ'ଣ ଘଟିବ ?", ତା'ପରେ ପୁଣି ଏହି ଅଧିକ ଉତ୍କଟ ପ୍ରଶ୍ନଟି ମଧ୍ୟ ସବୁବେଳେ ରହିଛି । ଏବଂ ତହିଁ ସଙ୍ଗେ ସଙ୍ଗେ ଏଗୁଡ଼ିକର ଉତ୍ତର ଦେଇ ପାରିବାଲାଗି ତା'ର ଅସମର୍ଥତାଟି ମଧ୍ୟ ତାକୁ ଆହୁରି ଅସହାୟ କରି ରଖିଛି ।

ସମସ୍ତ ଦାୟିତ୍ୱକୁ ନେଇ ଏକ ଉଚ୍ଚତର ତତ୍ତ୍ୱ ପାଖରେ ସମର୍ପଣ କରିବାକୁ ହେବ ଏବଂ ତାହାରି ଉପରେହିଁ ଆସ୍ଥା ରଖିବାକୁ ହେବ ବୋଲି ସେଥିଲାଗି ଯାବତୀୟ ଆଧ୍ୟାତ୍ମିକ ସାଧନା ସର୍ବପ୍ରଥମେହିଁ ପରାମର୍ଶ ଦେଇଥାଏ । ତା' ନ ହେଲେ ଶାନ୍ତି ପାଇବା କଦାପି ସମ୍ଭବ ହେବ ନାହିଁ ।

ଏବଂ ତଥାପି, ମନୁଷ୍ୟକୁ ଏପରି ଗୋଟିଏ ଚେତନା ଆଣି ଦିଆଯାଇଛି, ଯାହାଦ୍ୱାରା କି ସେ ଆଗକୁ ଯାଇପାରିବ, ଯାହା ଜାଣି ନାହିଁ ତାହାକୁ ଆବିଷ୍କାର କରିପାରିବ, ସେ ଯାହା ହୋଇପାରି ନାହିଁ, ବିକାଶ ଲାଭ କରି ତାହା ହୋଇପାରିବ । ଏବଂ ଏକଥାଟି ବି ହୁଏତ କୁହାଯାଇ ପାରିବ ଯେ ଏକ ଚଳତ୍‌ଶକ୍ତିହୀନ ସ୍ଥିତିଶୀଳ ଶାନ୍ତ ଅବସ୍ଥା ଅପେକ୍ଷା ଆହୁରି ଗୋଟିଏ ଉଚ୍ଚତର ସ୍ଥିତି ମଧ୍ୟ ରହିଛି : ଏହା ହେଉଛି ଏପରି ଏକ ସମଗ୍ର ବିଶ୍ୱାସସ୍ଥାପନର ସ୍ଥିତି, ଯାହାକି ଆମ ଭିତରେ ଅଗ୍ରଗତି ଲାଗି ଏକ ଆକାଙ୍‌କ୍ଷାକୁ ଜୀବିତ

'oaob.nitrkl.ac.in' images reprocessed

କରି ରଖିପାରିବ, ଅଗ୍ରଗତି ଲାଗି ଏକ ପ୍ରୟାସକୁ ବଜାୟ ରଖି ପାରିବ, ଏବଂ ତେଣେ ଆମକୁ ସକଳ ଚିନ୍ତା ଓ ସନ୍ତାପରୁ ମୁକ୍ତ କରି ରଖିଥିବ, ଫଳ ତଥା ପରିଣାମ ବିଷୟରେ ଯାବତୀୟ ଚିନ୍ତାରୁ ଆମକୁ ମୁକ୍ତ କରି ରଖିଥିବ । ତେଣୁ, ଯେଉଁସବୁ ମାର୍ଗକୁ ହୁଏତ "ସ୍ଥିରତାକାମୀ" ମାର୍ଗ ବୋଲି କୁହାଯାଇ ପାରିବ, ଏଇଟି ହେଉଛି ସେଗୁଡ଼ିକ ଅପେକ୍ଷା ଗୋଟିଏ ପହୁଣ୍ଡ ଆଗକୁ । ଯେଉଁ ମାର୍ଗଗୁଡ଼ିକ ସକଳ କ୍ରିୟାଶୀଳତାକୁ ଛାଡ଼ି ଚାଲି ଆସିବାକୁ ଏବଂ ଏକ ନିଶ୍ଚଳତା ଓ ଅନ୍ତର୍ଗତ ନୀରବତା ମଧ୍ୟରେ ପ୍ରବେଶ କରିବାଲାଗି ପରାମର୍ଶ ଦେଇଥା'ନ୍ତି, ଶାନ୍ତି ନ ପାଇଲେ କୌଣସି ପ୍ରକାର ଅନ୍ତର୍ଗତ ଉପଲବ୍ଧି ସମ୍ଭବ ହେବ ନାହିଁ ବୋଲି ହଠାତ୍ ଅନୁଭବ କରି ଯେଉଁ ମାର୍ଗଗୁଡ଼ିକ ସମୁଦାୟ ଜୀବନଟିକୁ ଛାଡ଼ି ଚାଲି ଆସିଥା'ନ୍ତି, ଏହି ମାର୍ଗଟି ତା'ଠାରୁ ଗୋଟିଏ ପହୁଣ୍ଡ ଆଗକୁ । ସେହି ମାର୍ଗଗୁଡ଼ିକରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଭାବି ନିଆ ଯାଇଥିଲା ଯେ ଏହି ବାହ୍ୟ ଅବସ୍ଥାଗୁଡ଼ିକ ମଧ୍ୟରେ ଜୀବନଧାରଣ କରି ରହିଥିବା ପର୍ଯ୍ୟନ୍ତ, ସମସ୍ୟାଗୁଡ଼ିକ ମେଲାଇ ହୋଇ ରହିଥିବା, ମାତ୍ର, ଉପଯୁକ୍ତ ଜ୍ଞାନର ଅଭାବରୁ ସେଗୁଡ଼ିକର ଆଦୌ କୌଣସି ସମାଧାନ ମିଳୁ ନ ଥିବା ଏହି ପରମବ୍ୟସ୍ତତା ମଧ୍ୟରେ ପଡ଼ି ରହିଥିବା ପର୍ଯ୍ୟନ୍ତ, ଆଦୌ କୌଣସି ଶାନ୍ତି ସମ୍ଭବ ହୋଇପାରିବ ନାହିଁ ।

ସମସ୍ୟାଟିର ସମ୍ମୁଖୀନ ହେବାକୁ ଆମେ ସେହି ଅନ୍ୟ ପଦକ୍ଷେପଟି ବୋଲି କହିବା; ମାତ୍ର ଯେଉଁ ସର୍ବୋଚ୍ଚ ପରମଶକ୍ତିଙ୍କୁ ସବୁକିଛି ଜଣା ଅଛି ଏବଂ ଯିଏ ତୁମକୁ ଯଥାର୍ଥରେ କ୍ରିୟାଶୀଳ କରିଦେଇପାରିବେ, ତାଙ୍କରିଠାରେ ସମ୍ପୂର୍ଣ୍ଣ ଆସ୍ଥାସ୍ଥାପନ କରି ରହିବାର ସ୍ଥିରତା ଏବଂ ଦୃଢ଼ ନିଶ୍ଚୟଟି ସହିତହିଁ ଏହି ପଦକ୍ଷେପଟିକୁ ନେବାକୁ ପଡ଼ିବ । ଏବଂ, ସେପରି ହୋଇ ପାରିଲେ, ଆଉ କର୍ମକୁ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ ଏବଂ ଏକ ଦୃଢ଼ ଓ ଗତିଶୀଳ ଉଚ୍ଚତର ଶାନ୍ତ ଅବସ୍ଥା ମଧ୍ୟରେ ରହି ଆମେ ଆମର ଯାବତୀୟ କର୍ମ ଅବଶ୍ୟ କରିପାରିବା ।

ଏହାକୁହିଁ ଜୀବନର କ୍ଷେତ୍ରରେ ହେଉଥିବା ଭଗବତ୍-ହସ୍ତକ୍ଷେପର ଏକ ନୂତନ ବିଭାବ ବୋଲି କୁହାଯାଇ ପାରିବ, ଏହି ଅସ୍ତିତ୍ୱର ଭୂମିରେ ଦିବ୍ୟ ଶକ୍ତିଚୟର ଏକ ନୂତନ ଆକାରର ହସ୍ତକ୍ଷେପ ବୋଲି କୁହାଯାଇ ପାରିବ, ଆଧ୍ୟାତ୍ମିକ ଉପଲବ୍ଧିର ଏକ ନୂତନ ଦିଗ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

## ୨ ଏପ୍ରିଲ୍ ୧୯୫୮

*ମାଆ, ଆପଣ କହିଥିଲେ ଯେ, ଯେତେବେଳେ ଜଣେ ସଚେତନ ଭାବରେ କୌଣସି ଭୁଲ୍ କରୁଛି, ଅସଚେତ ଭାବରେ କୌଣସି ଭୁଲ୍ କରିବା ଅପେକ୍ଷା ତାହା ହେଉଛି ଅଧିକ ଗୁରୁତର ।*

ଭୁଲ୍‌ଟିକୁ ଭୁଲ୍ ବୋଲି ନ ଜାଣି ଅଜ୍ଞାନବଶତଃ ଯେତେବେଳେ ତୁମେ କୌଣସି ଭୁଲ୍ କରି ପକାଉଛ, ସେତେବେଳେ ଏଇଟା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯେତେବେଳେ ତୁମେ ସେଇଟିକୁ ଗୋଟିଏ ଭୁଲ୍ ବୋଲି ହୃଦୟଙ୍ଗମ କରୁଛ, ଯେତେବେଳେ ତୁମର ଅଜ୍ଞାନତା ଅପସରି ଯାଉଛି ଓ ତୁମ ଭିତରେ ସଦିଚ୍ଛା ସମ୍ଭବ ହୋଇପାରୁଛି, ସେତେବେଳେ ସେହି ଭୁଲ୍‌ଟିକୁ ତୁମେ ଆଉ କଦାପି କରିବାକୁ ଯିବ ନାହିଁ । ତେଣୁ, ଏହିପରି ଭାବରେ, ଯେଉଁ ସ୍ଥିତିଟି ମଧ୍ୟରେ ରହି ତୁମେ ଭୁଲ୍‌ଟିକୁ କରୁଥିଲ, ତୁମେ ସେହି ସ୍ଥିତିଟି ମଧ୍ୟରୁ ବାହାରି ଆସି ପାରିବ । ମାତ୍ର, ଯଦି ଭୁଲ୍‌ଟିକୁ ଭୁଲ୍ ବୋଲି ଜାଣି ମଧ୍ୟ ତୁମେ ସେଇଟିକୁ କରୁଥିବ, ତେବେ ନିଶ୍ଚିତ ଭାବରେ ଜାଣିବାକୁ ହେବ ଯେ ତୁମ ଭିତରେ କିଛି ନିଶ୍ଚୟ ବିକୃତ ହୋଇ ଅବସ୍ଥାନ କରିବାରେ ଲାଗିଛି ଏବଂ ସେହି ବିକୃତି ଜାଣିଶୁଣି ବିଭ୍ରାନ୍ତି, ଅସଦିଚ୍ଛା ବା ଏପରିକି ଦିବ୍ୟତା-ବିରୋଧୀ ଶକ୍ତିଗୁଡ଼ିକର ସହାୟକ ହୋଇ କାର୍ଯ୍ୟ କରିବ ବୋଲି ମନସ୍ଥ କରିନେଇଛି ।

ଏବଂ, ଏହି କଥାଟିରେ ମଧ୍ୟ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ ଦିବ୍ୟତାବିରୋଧୀ ଶକ୍ତିଗୁଡ଼ିକର ପକ୍ଷରେ ରହିବାକୁହିଁ ନିଷ୍ପତ୍ତି କରି ନେଇଥିବା, ଅଥବା, ଆମେ ଏପରି ଅଳ୍ପଶକ୍ତି ଏବଂ ଅସଂଗତିମୟ ହୋଇ ରହିଥିବା ଯେ ସେହି ଶକ୍ତିଗୁଡ଼ିକର ପକ୍ଷରେ ରହିବାର ପ୍ରଲୋଭନଟିକୁ ଆଦୌ ଏଡ଼ି ପାରୁ ନ ଥିବା, ତେବେ କେବଳ ମନୋଭୂମିଗତ ଦୃଷ୍ଟିଟି ଅପେକ୍ଷା ତାହାକୁ ନିଶ୍ଚୟ ଅନନ୍ତ ଗୁଣରେ ଅଧିକ ଗୁରୁତର ବୋଲି କୁହାଯିବ । ସେହି କ୍ଷେତ୍ରରେ ଏହାର ଅର୍ଥ ହେବ ଯେ ତୁମ ଭିତରେ କେଉଁଠି କ'ଣ ଗୋଟାଏ ଏକାବେଳେକେ ଦୂଷିତ ହୋଇ ରହିଛି : ତୁମ ଭିତରେ ହୁଏତ କୌଣସି ଏକ ପ୍ରତିକୂଳ ଶକ୍ତି ପ୍ରତିଷ୍ଠିତ ହୋଇ ରହିଗଲାଣି ବା, ତା' ନ ହେଲେ ଏହିସବୁ ଶକ୍ତି ପ୍ରତି ତୁମ ଭିତରେ ନିଶ୍ଚୟ ଏକ ସହାନୁଭୂତି କେଉଁଠି ରହିଛି । ଏବଂ କୌଣସି ଏକ ଅଜ୍ଞାନତାର ସଂଶୋଧନ କରିବା ଅପେକ୍ଷା ଏଇଟିର ସଂଶୋଧନ କରିବା ପ୍ରକୃତରେ ଅନେକ ଅଧିକ କଷ୍ଟସାଧ୍ୟ ହୋଇପଡ଼ିବ ।

'oaob.nitrkl.ac.in' images reprocessed

ଅଜ୍ଞାନତାର ସଂଶୋଧନକୁ ଆମେ ଅନ୍ଧକାରର ଦୂରୀକରଣ ପରି ବିଚାର କରିପାରିବା । ତୁମେ ଦୀପଟିଏ ଜାଳିଦେବା ମାତ୍ରକେ ସେଠାରେ ଥିବା ଅନ୍ଧକାର ଦୂର ହୋଇ ଯାଇଥାଏ । ମାତ୍ର, କୌଣସି ଭୁଲକୁ ଏକ ଭୁଲ ବୋଲି ଜାଣି ମଧ୍ୟ ଯେତେବେଳେ ତୁମେ ପୁନର୍ବାର ସେଇଟିକୁ କରି ବସ, ସେତେବେଳେ ତାହାକୁ ଏହିପରି ଭାବରେ ବୁଝିବାକୁ ହେବ ଯେ, ଯେପରି କେହିଜଣେ ଦୀପଟିଏ ଜାଳି କରି ରଖିଥିଲା ଏବଂ ତୁମେ ଯାଇ ଜାଣିକରି ସେହି ଦୀପଟିକୁ ନିଭାଇଦେଇ ଆସିଲ... । ଅର୍ଥାତ୍ ତୁମେ ପ୍ରକୃତରେ ଜାଣିଶୁଣି ଅନ୍ଧକାରକୁ ପୁଣି ଡାକିନେଇ ଆସିଲ । କାରଣ ଏଠାରେ ଦୁର୍ବଳତାର ଯୁକ୍ତିଟି ଆଦୌ ଲାଗୁ ହୋଇପାରିବ ନାହିଁ । ଯେଉଁମାନେ ନିଜର ସଂଶୋଧନ ବିଧାନ କରିବା ଲାଗି ପ୍ରକୃତରେ ଇଚ୍ଛା କରନ୍ତି, ସେମାନଙ୍କୁ ସାହାଯ୍ୟ କରିବା ଲାଗି ଭଗବତ୍-ପରମକରୁଣା ସବୁବେଳେ ମହଜୁଦ ହୋଇ ରହିଥାଏ । ତେଣୁ, "ମୁଁ ପ୍ରକୃତରେ ଏତେ ଶକ୍ତିହୀନ ଯେ ନିଜକୁ ମୋଟେ ସଂଶୋଧନ କରିପାରୁ ନାହିଁ" ବୋଲି ସେମାନେ କେବେହେଲେ କହିପାରିବେ ନାହିଁ । ସେମାନେ ଏତିକି କହିପାରିବେ ଯେ, ଆପଣାର ସଂଶୋଧନ କରିବା ଲାଗି ସେମାନେ ଏପର୍ଯ୍ୟନ୍ତ କୌଣସି ଦୃଢ଼ ସଂକଳ୍ପ ଗ୍ରହଣ କରି ନାହାନ୍ତି; ସେମାନେ ଏତିକି କହିପାରିବେ ଯେ, ସେମାନଙ୍କ ସତ୍ତା ମଧ୍ୟରେ ଏପରି ଏକ ଉପାଦାନ ରହିଛି, ଯାହାକି ଏବେ ମଧ୍ୟ ସଂଶୋଧନ ଲାଗି ନିଷ୍ପତ୍ତି ଗ୍ରହଣ କରି ନାହିଁ । ଏବଂ ସେହି କଥାଟି ପ୍ରକୃତରେ ଅତ୍ୟନ୍ତ ଗୁରୁତର ।

ଶକ୍ତିହୀନତା ବିଷୟରେ କରା ହେଉଥିବା ଯୁକ୍ତି ପ୍ରକୃତରେ ଗୋଟାଏ ବାହାନା । ଆମ ଭିତରୁ ଯିଏ ସେହି ସଂକଳ୍ପଟିକୁ ଗ୍ରହଣ କରିବ, ତାହାକୁ ସର୍ବୋଚ୍ଚ ବଳ ଆଣି ଦେଇଯିବା ଲାଗି ପରମ କରୁଣା ସର୍ବଦା ବିଦ୍ୟମାନ ରହିଛି ।

ତାହାର ପ୍ରକୃତ ଅର୍ଥ ହେଉଛି ଆନ୍ତରିକତାର ଅଭାବ,— ଏକ ଦୁର୍ବଳତା କଦାପି ନୁହେଁ । ଏବଂ ଆନ୍ତରିକତାର ଅଭାବ ରହିଥିଲେ ତୁମର ଦ୍ୱାରଗୁଡ଼ିକ ଶତ୍ରୁ ଲାଗି ସର୍ବଦା ମୁକ୍ତହିଁ ହୋଇ ରହିଥାଏ । ତାହାର ଅର୍ଥ ହେଉଛି, କୌଣସି ନା କୌଣସି ବିକୃତି ଲାଗି ପ୍ରଚ୍ଛନ୍ନ ହୋଇ ତୁମ ଭିତରେ ଏକ ସହାନୁଭୂତି ନିଶ୍ଚୟ ରହିଛି । ଏବଂ ତାହାହିଁ ପ୍ରକୃତରେ ଭାରି ଗୁରୁତର କଥା ।

ଏବଂ, ଯଦି କୌଣସି ଅଜ୍ଞାନତା ଉପରେ ଆଲୋକପାତ କରିବାରହିଁ ପ୍ରୟୋଜନ ରହିଥାଏ, ତେବେ, ମୁଁ ଯେପରି କହିଲି, ସେହି କ୍ଷେତ୍ରରେ ଦୀପଟିଏ ଜଳାଇଦେଲେହିଁ ତାହା ନିଶ୍ଚୟ ଯଥେଷ୍ଟ ହେବ । ମାତ୍ର ଯିଏ ଜାଣିଶୁଣି ପୁଣି ସେହି ପୁରୁଣାଟା ମଧ୍ୟକୁ ଫେରି ଯାଉଥିବ ଓ ସେହି ଭୁଲ୍‌ଗୁଡ଼ାକୁ କରୁଥିବ, ତା'ଲାଗି ପ୍ରକୃତରେ ଏକ ପ୍ରଦାହନରହିଁ ଆବଶ୍ୟକତା ରହିଛି ।

'oaob.nitrkl.ac.in' images reprocessed

## ୯ ଏପ୍ରିଲ୍ ୧୯୫୮

*ମାଆ, ମାନବର ମନ ଦେଇ ଆଉ ଜଣେ ବ୍ୟକ୍ତିର ଆତ୍ମାକୁ ଚିହ୍ନିପାରିବା ପ୍ରକୃତରେ ସମ୍ଭବ କି ?*

ସାଧାରଣତଃ କଥା କହିଲା ବେଳେ ସେଗୁଡ଼ିକ ଯେପରି ମନେ ହୋଇଥାନ୍ତି, ବସ୍ତୁଗୁଡ଼ିକ ପ୍ରକୃତରେ ଆଦୌ ସେପରି ଏକକ ଓ ଅସଂଲଗ୍ନ ହୋଇ ରହି ନ ଥାନ୍ତି । ଏବଂ ସେହି କାରଣରୁହିଁ ନିଜ ଭିତରେ ରହିଥିବା ସତ୍ତାର ବିଭିନ୍ନ ଅଂଶଗୁଡ଼ିକୁ ସ୍ପଷ୍ଟ ଏବଂ ପରିଷ୍କାର କରି ଦେଖିବା ସବୁବେଳେ ଏତେବେଶୀ କଷ୍ଟକର ହୋଇଥାଏ । ସେଥିଲାଗି ଏକ ଦୀର୍ଘ ତାଲିମର ପ୍ରୟୋଜନ ହୁଏ, ଅଧ୍ୟୟନ ଏବଂ ପର୍ଯ୍ୟବେକ୍ଷଣର ଏକ ଦୀର୍ଘ ସାଧନା ଆବଶ୍ୟକ ହୋଇଥାଏ । ଆତ୍ମା ଏବଂ ମନ ଭିତରେ ପ୍ରକୃତରେ ସେପରି କୌଣସି ପରସ୍ପରକୁ ଦୁଇଟା ସ୍ୱତନ୍ତ୍ର ଅଲଗା ଭାଗରେ ରଖି ଦେଇଥିବା ବାଡ଼ ବା ପ୍ରାଚୀର ଆଦୌ ନାହିଁ, ପ୍ରାଣିକ ଏବଂ ଭୌତିକ ଭିତରେ ବି ସେପରି କୌଣସି ବାଡ଼ ନାହିଁ । ଆତ୍ମା ମନଭିତରେ ପ୍ରବିଷ୍ଟ ହୋଇ ରହିଛି । ଅନେକ ବ୍ୟକ୍ତିଙ୍କର ଜୀବନରେ ପ୍ରଭୂତ ପରିମାଣରେ ଏହି ପ୍ରବେଶଟି ଘଟିଛି, ଏପରିକି ତାହା ପ୍ରାୟ ସ୍ପଷ୍ଟବୋଧ ହୋଇ ରହିଛି । ତେଣୁ ଯେଉଁ ମନର ଏହି ପ୍ରକାରର ଏକ ଗ୍ରହଣଶୀଳତା ରହିଛି, ଚୈତ୍ୟ ସତ୍ତା ସହିତ ଏକ ପ୍ରକାରର ସୂକ୍ଷ୍ମ ସଂଯୋଗ ରହିଛି, ତାହା ଅନ୍ୟମାନଙ୍କ ମଧ୍ୟରେ ଆତ୍ମାର ଅବସ୍ଥିତି ସମ୍ବନ୍ଧରେ ନିଶ୍ଚୟ ଅନୁଭବ କରିପାରିବ ।

ଯେଉଁମାନଙ୍କର ଅନ୍ୟମାନଙ୍କର ଚେତନା ମଧ୍ୟକୁ ପ୍ରବେଶ କରିବାର ଏତେ ଅଧିକ ସାମର୍ଥ୍ୟ ରହିଛି ଯେ ତଦ୍ଵାରା ସେମାନେ ସେହି ଅନ୍ୟ ବ୍ୟକ୍ତିମାନଙ୍କର ଭାବନା ଓ ମାନସିକ ଯାବତୀୟ କ୍ରିୟାଶୀଳତାକୁ ପ୍ରତ୍ୟକ୍ଷ ଭାବରେ ଦେଖି ପାରୁଛନ୍ତି ବା ଅନୁଭବ କରିପାରୁଛନ୍ତି, ଆପଣାକୁ ବୋଧଗମ୍ୟ କରାଇବା ଲାଗି କୌଣସି ଶବ୍ଦର ବ୍ୟବହାର ନ କରି ମଧ୍ୟ ଯେଉଁମାନେ ଅନ୍ୟମାନଙ୍କର ମନୋମଣ୍ଡଳଟି ମଧ୍ୟରେ ପ୍ରବେଶ କରିପାରୁଛନ୍ତି, ସେମାନେ ଅତ୍ୟନ୍ତ ସହଜରେ, କାହା ଭିତରେ ଆତ୍ମା ସକ୍ରିୟ ହୋଇରହିଛି ଓ କାହା ଭିତରେ ଆତ୍ମା ସୁପ୍ତ ଅବସ୍ଥାରେ ରହିଛି, ସେହି କଥାଟିକୁ ବାରି କରି କହିଦେଇ ପାରିବେ । ଆତ୍ମାର କ୍ରିୟାଶୀଳତା ମାନସିକ କ୍ରିୟାଶୀଳତାକୁ ଏକ ବିଶେଷ ରଙ୍ଗରେ ରଞ୍ଜିତ କରି ରଖିଥାଏ,– ତାହା ଅଧିକ ହାଲୁକା ହୋଇ ରହିଥାଏ, ଅଧିକ ବ୍ୟାପକତାଯୁକ୍ତ ଓ ସନ୍ଦୀପିତ ହୋଇ ରହିଥାଏ,– ତେଣୁ ସେଇଟିକୁ ବେଶ୍ ଅନୁଭବ କରାଯାଇପାରେ । ଉଦାହରଣ

'oaob.nitrkl.ac.in' images reprocessed

ସ୍ୱରୂପ, ଜଣେ ବ୍ୟକ୍ତିର ଆଖିଗୁଡ଼ିକ ଭିତରକୁ ଅନାଇ ତୁମେ ନିଶ୍ଚୟ କେତେ ପରିମାଣରେ ନିର୍ଭୁଲ୍ ଭାବରେ କହିଦେଇ ପାରିବ ଯେ ତାହାର ପ୍ରକୃତରେ ଏକ ଜୀବନ୍ତ ଆତ୍ମା ରହିଛି, ବା,. ତା'ର ଆଖିଗୁଡ଼ିକ ଭିତରେ ତୁମେ ତା'ର ଆତ୍ମାଟିକୁ ଆଦୌ ଦେଖିପାରୁ ନାହଁ ବୋଲି ବି କହିଦେଇ ପାରିବ । ଅନେକ ଲୋକ ଏକଥା ଅନୁଭବ କରିପାରିବେ,— ମୋ'ର କହିବାର ଅର୍ଥ ହେଉଛି, ଯଥେଷ୍ଟ ଭାବରେ ବିକଶିତ ହୋଇଥିବା ବ୍ୟକ୍ତିମାନଙ୍କ ଭିତରୁ "ଅନେକେ" ସେକଥାଟିକୁ କହିଦେଇ ପାରିବେ । ମାତ୍ର ଏକଥାଟି ମଧ୍ୟ ବେଶ୍ ସ୍ୱାଭାବିକ ଯେ, ଜଣେ ବ୍ୟକ୍ତିର ଆତ୍ମା ପ୍ରକୃତରେ କେତେ ପରିମାଣରେ ଜାଗ୍ରତ ଏବଂ ସକ୍ରିୟ ହୋଇ ରହିଛି, କେତେ ଦୂର ପର୍ଯ୍ୟନ୍ତ ତାହାର ସତ୍ତାଟି ଉପରେ ଶାସନ କରୁଛି ଓ ପ୍ରଭୁ ହୋଇପାରିଛି, ସେକଥା କହି ପାରିବାକୁ ହେଲେ ଆମ ନିଜ ଭିତରେ ମଧ୍ୟ ଚୈତ୍ୟ ଚେତନା ଅବସ୍ଥିତ ରହିଥିବା ଆବଶ୍ୟକ ହେବ । କାରଣ, ସେହି ଚୈତ୍ୟ ଚେତନାହିଁ ନିର୍ଭୁଲ ଭାବରେ ବିଚାର କରି କହିଦେଇ ପାରିବ । ମାତ୍ର, ଗୋଟାଏ ପ୍ରକାରର ଯେଉଁ ଅନ୍ତର୍ଗତ ସ୍ପନ୍ଦନ ବଳରେ "ହଁ, ଏହି ବ୍ୟକ୍ତିର ଗୋଟିଏ ଆତ୍ମା ଅଛି" ବୋଲି କହି ହୋଇଥାଏ, ସେହି ସ୍ପନ୍ଦନଟିର ଅଧିକାରୀ ହେବା ଆଦୌ ସଂପୂର୍ଣ୍ଣ ଅସମ୍ଭବ ନୁହେଁ ।

ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଅଧିକାଂଶ ସମୟରେ ଲୋକମାନେ,— ସେମାନେ ଯଦି ବିଧିବଦ୍ଧ ସାଧନା କରୁଥାନ୍ତି, ତେବେ ତାହା ଅଲଗା କଥା,— "ଆତ୍ମା" କହିଲେ ସାଧାରଣତଃ ଏକ ପ୍ରାଣସ୍ତରୀୟ କ୍ରିୟାଶୀଳତାକୁହିଁ ବୁଝିଥାନ୍ତି । ଯଦି ଜଣେ ବ୍ୟକ୍ତିର ଏକ ସବଳ, ସକ୍ରିୟ ଓ ଅନମନୀୟ ଏକ ପ୍ରାଣିକ ଅଂଶ ରହିଥାଏ ଯାହାକି ଶରୀରର ଯାବତୀୟ କ୍ରିୟାକୁ ଶାସନ କରୁଥାଏ, ଯାହାର ବିଭିନ୍ନ ବ୍ୟକ୍ତି, ବିଭିନ୍ନ ବସ୍ତୁ ଏବଂ ବିଭିନ୍ନ ଘଟାଣାବଳୀ ସହିତ ଏକ ଅତ୍ୟନ୍ତ ଜୀବନ୍ତ ଏବଂ ଘନିଷ୍ଠ ସଂପର୍କ ରହିଥାଏ, ଯଦି କଳା ଦିଗରେ ତାହାର ଏକ ଉଲ୍ଲେଖନୀୟ ରୁଚିଥାଏ, ସୌନ୍ଦର୍ଯ୍ୟର ଯାବତୀୟ ଅଭିବ୍ୟକ୍ତି ଲାଗି ଏକ ସୁସ୍ପଷ୍ଟ ରୁଚି ରହିଥାଏ, ତେବେ ଆମେ ସାଧାରଣତଃ "ତାହାର ଏକ ଜୀବନ୍ତ ଆତ୍ମା ରହିଛି" ବୋଲି କହିବାକୁ ଏବଂ ବିଶ୍ୱାସ କରିବାକୁ ପ୍ରଲୁବ୍ଧ ହୋଇ ପଡ଼ିଥାଉ । ମାତ୍ର ସେଇଟା ପ୍ରକୃତରେ ତା'ର ଆତ୍ମା ନୁହେଁ; ତା'ର ପ୍ରାଣିକ ସତ୍ତାଟାହିଁ ଏପରି ଜୀବନ୍ତ ହୋଇ ରହିଥାଏ ଏବଂ ତା' ଶରୀରର ଯାବତୀୟ କ୍ରିୟାଶୀଳତା ଉପରେ ଏତେବେଶୀ ପ୍ରଭାବ ବିସ୍ତାର କରିଥାଏ । ଯେଉଁମାନେ ବିକଶିତ ହେବାକୁ ଆରମ୍ଭ କରୁଛନ୍ତି ଏବଂ ଯେଉଁମାନେ ତଥାପି ଜଡ଼ଗତ ଜୀବନର ଶ୍ଳଥତା ଏବଂ ତାମସିକତା ମଧ୍ୟରେ ଅବସ୍ଥିତ ରହିଛନ୍ତି, ଏଇଟି ହେଉଛି ଏହି ଦୁଇପ୍ରକାର ବ୍ୟକ୍ତିଙ୍କ ମଧ୍ୟରେ ରହିଥିବା ପ୍ରଥମ ପାର୍ଥକ୍ୟ । ଏହାଦ୍ୱାରା, ପ୍ରଥମେ ବ୍ୟକ୍ତିର ଚେହେରାଟି ଉପରେ ଓ ତା'ପରେ ତା'ର ଯାବତୀୟ କ୍ରିୟାତ୍ମକତାରେ ଏକ ପ୍ରକାରର ସ୍ପନ୍ଦନ ସମ୍ଭବ ହୋଇଥାଏ, ସ୍ପନ୍ଦନର

'oaob.nitrkl.ac.in' images reprocessed

ଏକ ପ୍ରଗାଢ଼ତା ପ୍ରକଟ ହୋଇ ଆସେ ଏବଂ ସେଇଥିରୁହିଁ, ଏହି ବ୍ୟକ୍ତିର ଏକ ଜୀବନ୍ତ ଆତ୍ମା ରହିଛି ବୋଲି ଆମ ଭିତରେ ଏକ ଧାରଣାର ସୃଷ୍ଟି ହୋଇଥାଏ । ମାତ୍ର ତାହା ପ୍ରକୃତରେ ଆତ୍ମା ନୁହେଁ, ଏଇଟି ହେଉଛି ତା'ର ବିକାଶ ଲାଭ କରିଥିବା ପ୍ରାଣିକ ଅଂଶ, ଏପରି ଏକ ପ୍ରାଣିକ ଅଂଶ, ଯାହାର କି ଏକ ବିଶେଷ ସାମର୍ଥ୍ୟ ରହିଛି, ଯାହା ଭୌତିକ ସ୍ତରର ଜଡ଼ତାଠାରୁ ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ ହୋଇପାରିଛି ଏବଂ ଏପରି ଏକ ସ୍ପନ୍ଦନଗତ, ଜୀବନଗତ ତଥା କର୍ମଗତ ପ୍ରଗାଢ଼ତା ଆଣି ଦେଇପାରୁଛି, ଯାହାକି ପ୍ରାଣିକ ସତ୍ତା ଏତେଦୂର ବିକାଶ ଲାଭ ନ କରିଥିବା ଅନ୍ୟମାନଙ୍କ ମଧ୍ୟରେ ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ । ଜଗତରେ ଅନେକ ସମୟରେ ଭ୍ରମବଶତଃ ପ୍ରାଣିକ ସ୍ତରର ସକ୍ରିୟତାକୁହିଁ ଆତ୍ମା ବୋଲି ଧରି ନିଆ ଯାଇଥାଏ... । ଆତ୍ମାର ସ୍ପନ୍ଦନ ଅପେକ୍ଷା ପ୍ରାଣିକ ସ୍ତରର ସ୍ପନ୍ଦନଟାହିଁ ମନୁଷ୍ୟର ଚେତନା ଲାଗି ଅନେକ ଅଧିକ ସହଜରେ ବୋଧଗମ୍ୟ ହୋଇଥାଏ ।

ଆଉଜଣେ ବ୍ୟକ୍ତି ମଧ୍ୟରେ ଆତ୍ମାର ଉପସ୍ଥିତିକୁ ଅନୁଭବ କରି ପାରିବା ଲାଗି ମନକୁ ଅତ୍ୟନ୍ତ ସ୍ଥିର ହୋଇଯିବାକୁ ହେବ, ଭାରି ସ୍ଥିର ହୋଇଯିବାକୁ ହେବ; କାରଣ ଯଦି ମନ ସ୍ଥିର ନ ହୋଇ ସକ୍ରିୟ ରହିଥାଏ, ସେତେବେଳେ ସେହି ମନରହିଁ ସ୍ପନ୍ଦନଗୁଡ଼ାକ ଦୃଷ୍ଟିଗୋଚର ହେଉଥିବ, ଆତ୍ମାର ସ୍ପନ୍ଦନଗୁଡ଼ାକ ଆଦୌ ଦୃଷ୍ଟିଗୋଚର ହେବ ନାହିଁ ।

ଏବଂ ତା'ପରେ, ଯଦି ତୁମେ ଏପରି ଜଣେ ବ୍ୟକ୍ତିର ଭିତରକୁ ଅନାଇ ଦେଖିବ ଯିଏକି ଆପଣାର ଆତ୍ମା ବିଷୟରେ ସଚେତନ ହୋଇଥିବ ଓ ଆତ୍ମା ମଧ୍ୟରେହିଁ ଜୀବନ ବଞ୍ଚୁଥିବ, ଯଦି ତୁମେ ସେହିପରି ଭାବରେ ତା' ଭିତରକୁ ଅନାଇ ପାରିବ, ତେବେ ତୁମେ ସେହି ବ୍ୟକ୍ତି ମଧ୍ୟକୁ ଅବତରଣ କରି ଯାଉଥିବାର, ତା' ଭିତରେ ଆହୁରି, ଆହୁରି, ଆହୁରି ଗଭୀରକୁ ପ୍ରବେଶ କରୁଥିବ, ଅନେକ ଦୂରକୁ, ଦୂରକୁ, ଦୂରକୁ ପ୍ରବେଶ କରୁଥିବାର ଅନୁଭବ କରିବାକୁ ଲାଗିବ । ମାତ୍ର, ଯେତେବେଳେ ତୁମେ ସାଧାରଣତଃ କାହାର ଆଖି ଭିତରକୁ ଅନାଇ ଦେଖ, ସେତେବେଳେ ତୁମେ ଅଚିରେ ଏପରି ଏକ ଉପରିଭାଗରେ ଆସି ପହଞ୍ଚିଯାଅ, ଯାହାକି ସ୍ପନ୍ଦିତ ହେବାରେ ଲାଗିଥାଏ ଏବଂ ତୁମର ଅନାଇବାଟି ଉଦ୍ଦେଶ୍ୟରେ ଏକ ଅନୁସ୍ପନ୍ଦନ ଜଣାଇବାକୁ ଆରମ୍ଭ କରିଦିଏ । ମାତ୍ର, ସେତେବେଳେ ତୁମେ ତଳକୁ, ଆହୁରି ତଳକୁ ଚାଲି ଯାଉଥିବା ପରି ଆଦୌ ଅନୁଭବ କର ନାହିଁ, ସତେ ଯେପରି ଗୋଟିଏ ଗର୍ତ୍ତପଥ ଦେଇ ଆହୁରି, ଆହୁରି ଗଭୀରକୁ ଏବଂ ଅନେକ, ଅନେକ ଦୂରକୁ ପ୍ରବେଶ କରୁଥିବା ପରି ମୋଟେ ଅନୁଭବ କର ନାହିଁ । ତେଣୁ ସେହି କ୍ଷେତ୍ରରେ ତୁମେ ମଧ୍ୟ ଏକ କ୍ଷୁଦ୍ର ଅତ୍ୟନ୍ତ ନୀରବ ଏକ ଅନୁସ୍ପନ୍ଦନ ଜଣାଇବାକୁ ଆରମ୍ଭ କର । ତା' ନ ହେଲେ ତୁମେ ସାଧାରଣତଃ ସେଠାରେ ବେଶ୍ ପ୍ରବେଶ କରିପାର;— ହଁ, ଏପରି କେତେକ ଆଖି ରହିଛି, ଯାହା ଭିତରେ କି ଆଦୌ ପ୍ରବେଶ କରି ହୁଏ ନାହିଁ, ଯେଉଁଗୁଡ଼ାକୁ

'oaob.nitrkl.ac.in' images reprocessed

କି ସତେଅବା କିଳା ହୋଇ ରହିଥିବା କବାଟ ପରି ହୋଇ ରହିଥାଏ;— ତଥାପି ଏପରି ଆଖି ଅବଶ୍ୟ ଥାଏ, ଯେଉଁଗୁଡ଼ିକ କି ଖୋଲା ରହିଥାଏ;— ତୁମେ ଯାଇ ସେଗୁଡ଼ିକ ଭିତରେ ପ୍ରବେଶ କର, ଏବଂ ତା'ପରେ, ତାହାର ଅଳପ ଟିକିଏ ପଛକୁ, ତୁମେ ଏପରି ଏକ ବସ୍ତୁର ସଂପର୍କରେ ଆସ, ଯାହାକି ସେଠାରେ ସ୍ପନ୍ଦିତ ହେବାରେ ଲାଗିଥାଏ, ଠିକ୍ ଏହିପରି ସ୍ପନ୍ଦିତ ହେଉଥାଏ, ବେଳେ ବେଳେ ଆଲୋକ ବିକିରଣ କରୁଥାଏ, ସ୍ପନ୍ଦିତ ହେବାରେ ଲାଗିଥାଏ। ଏବଂ, ଠିକ୍ ସେହିଠାରେହିଁ ସେହି କଥାଟି ଘଟେ; ଠିକ୍ ସେହିଠାରେହିଁ ତୁମେ ଏକ ଭୁଲ୍ କରି ବସ "ହଁ, ଏହି ବ୍ୟକ୍ତିର ଏକ ଜୀବନ୍ତ ଆତ୍ମା ରହିଛି" ବୋଲି କହିବାକୁ ଲାଗ। ମାତ୍ର ସେଇଟା ତା'ର ଆତ୍ମା ନୁହେଁ, ସେଇଟା ତା'ର ପ୍ରାଣିକ ସତ୍ତା।

ଆତ୍ମାକୁ ଦେଖିବାକୁ ହେଲେ ତୁମକୁ ଏହିପରି ଯିବାକୁ ପଡ଼ିବ (*ମାଆ ହସ୍ତଭଙ୍ଗୀ ଦ୍ୱାରା ଗଭୀରକୁ ଯିବାର ସଙ୍କେତ ଦେଲେ*) ଉପର ଭାଗଟିକୁ ପାର ହୋଇ ଭିତରକୁ ଚାଲିଯିବାକୁ ପଡ଼ିବ, ଭିତରେ ଅନେକ ଗଭୀରକୁ ଅପସରି ଯିବାକୁ ହେବ, ଆହୁରି, ଆହୁରି ପ୍ରବେଶ କରିବାକୁ ହେବ, ଆହୁରି, ଆହୁରି ତଳକୁ ଯିବାକୁ ପଡ଼ିବ, ଗୋଟିଏ ଗଭୀର ଗର୍ତ୍ତ ମଧ୍ୟଦେଇ ଅନେକ ତଳକୁ ଯିବାକୁ ହେବ; ସେହିଠାରେ ନୀରବ ଓ ଅବିଚଳ ହୋଇ ଏକ ପ୍ରକାରର... ଏକ ଉଷ୍ମ, ନିଶ୍ଚଳ, ଆପଣାର ଉପାଦାନରେ ଐଶ୍ୱର୍ଯ୍ୟବନ୍ତ — ସତେଅବା ଏକ ମଧୁରତା ପରି ଅତ୍ୟନ୍ତ ନିଶ୍ଚଳ ଏବଂ ଅତ୍ୟନ୍ତ ପୂର୍ଣ୍ଣ ଏକ ସମ୍ପଦକୁ ଭେଟିବ;— ତାହାହିଁ ହେଉଛି ଆତ୍ମା।

ଏବଂ, ଯଦି ତୁମର ପ୍ରକୃତରେ ଆଗ୍ରହ ଥିବ ଏବଂ ଯଦି ତୁମେ ସ୍ୱୟଂ ସଚେତନ ହୋଇଥିବ, ତେବେ ସେହି କ୍ଷେତ୍ରରେ ଏପରି ଏକ ପ୍ରକାରର ବିପୁଳତାର ଉନ୍ମେଷ ହୋଇ ଆସିବ, ଯାହାକି ସତେଅବା କୌଣସି ପରିପୂର୍ଣ୍ଣ ସମ୍ପଦର ଅନୁଭୂତିକୁ ଆଣି ଦେଇଯିବ, ତାହାର ସେହି ପରିପୂର୍ଣ୍ଣତା ମଧ୍ୟରେ ଅଗାଧ କେତେ କେତେ ଗଭୀରତା ରହିଥିବ, ଏବଂ ସେଠାରେ ପ୍ରବେଶ କରି ତୁମେ ହୁଏତ କେତେକେତେ ରହସ୍ୟର ଉଦ୍‌ଘାଟନ କରିଦେଇ ପାରିବ। ଶାନ୍ତ ଜଳ ଉପରେ ସତେଅବା ଏକ ଶାଶ୍ୱତ ପ୍ରତିବିମ୍ବ ପଡ଼ି ରହିଥିବା ପରି ବୋଧ ହେବ। ଏବଂ ସେତେବେଳେ କାଳ ଦ୍ୱାରା ଆଦୌ ସୀମାବଦ୍ଧ ହୋଇ ରହିଥିବା ପରି ମନେ ହେଉ ନ ଥିବ।

ତୁମେ ଯେପରି ଶାଶ୍ୱତ କାଳରୁ ସର୍ବଦା ରହିଆସିଛ ଏବଂ ଶାଶ୍ୱତ କାଳ ପାଇଁହିଁ ଅବଶ୍ୟ ରହିଥିବ, ତୁମେ ଠିକ୍ ସେହିପରି ଅନୁଭବ କରିବ।

ଆତ୍ମାର ହୃଦୟକେନ୍ଦ୍ରକୁ ସ୍ପର୍ଶ କରିପାରିଲେ ତୁମେ ଠିକ୍ ଏହିପରି ଅନୁଭବ କରିବ।

'oaob.nitrkl.ac.in' images reprocessed

ଏବଂ ଯଦି ସେହି ସଂସ୍ପର୍ଶଟି ଯଥେଷ୍ଟ ପରିମାଣରେ ଏକ ସଚେତନ ଏବଂ ପୂର୍ଣ୍ଣ ସଂସ୍ପର୍ଶ ହୋଇଥିବ, ତେବେ ତାହା ତୁମକୁ ବାହ୍ୟ ରୂପଗଠନର ସକଳ ବନ୍ଧନ ମଧ୍ୟରୁ ମୁକ୍ତ କରି ଆଣିବ; ତୁମର କେବଳ ଗୋଟାଏ ଶରୀର ରହିଛି ବୋଲି ଯେ ତୁମେ ଜୀବନ ଧାରଣ କରି ରହିଛ, ତୁମେ ଆଉ ସେକଥା ମୋଟେ ଅନୁଭବ କରିବ ନାହିଁ। ସଭାର ସାଧାରଣ ବୋଧଟି କହିଲେ ପ୍ରକୃତରେ ସେତିକି ବୁଝାଇଥାଏ; ବ୍ୟକ୍ତି ବାହ୍ୟ ଗଠନ ଓ ବାହ୍ୟ ଆକାରଟି ସହିତ ଏତେବେଶୀ ବାନ୍ଧି ହୋଇ ରହିଥାଏ ଯେ "ମୁଁ" ବୋଲି ଭାବିଲା ବେଳକୁ ଶରୀରଟାହିଁ ସକଳ ଭାବନାକୁ ଅଧିକାର କରି ବସୁଥାଏ। ସେଇଟା ସାଧାରଣତଃ ଘଟିଥାଏ। ବ୍ୟକ୍ତିଗତ ସତ୍ୟ କହିଲେ ଶରୀରାସ୍ତିତ୍ୱର ସତ୍ୟଟିକୁହିଁ ବୁଝାଉଥାଏ। କେବଳ, ଅନ୍ତର୍ଗତ ବିକାଶ ଲାଗି ଏକ ପ୍ରୟାସ କରିଥିଲେ ଏବଂ ଆପଣାର ଦେହସତ୍ତାଠାରୁ କିଞ୍ଚିତ୍ ଅଧିକ ସ୍ଥାୟୀ ଆଉ କିଛିର ସନ୍ଧାନ କରିପାରିଥିଲେ ଯାଇ ଜଣେ ବ୍ୟକ୍ତି ଏହିପରି ଅନୁଭବ କରିବାକୁ ଆରମ୍ଭ କରିବ ଯେ, ଏହି ଯେଉଁ 'ବସ୍ତୁ'ଟି ଯୁଗଯୁଗ ଧରି ଏବଂ ଯାବତୀୟ ପରିବର୍ତ୍ତନର ମଧ୍ୟଦେଇ ତଥାପି ଚିରନ୍ତନ ଭାବରେ ସଚେତନ ରହିଆସିଛି, ସେଇଟିକୁହିଁ ପ୍ରକୃତରେ ଅସଲ "ମୁଁ" ବୋଲି କୁହାଯିବ। ମାତ୍ର ସେଥିଲାଗି ଏକ ଗଭୀର ଅଧ୍ୟୟନର ଆବଶ୍ୟକତା ରହିଛି। ତା' ନ ହେଲେ, ଯଦି ତୁମେ "ମୁଁ ଏହି କଥାଟିକୁ କରିବାକୁ ଯାଉଛି," "ମୋର ସେହି କଥାଟି ଦରକାର" ବୋଲି ଭାବୁଥିବ, ତେବେ ତଦ୍ଦ୍ୱାରା ସର୍ବଦା ନିଜ ଶରୀରଟିକୁ ଉଦ୍ଦେଶ୍ୟ କରିହିଁ ତାହା ଭାବୁଥିବ। ସେଠାରେ ସେହି ଅତିକ୍ଷୁଦ୍ର ଇଚ୍ଛାଟିହିଁ କାର୍ଯ୍ୟ କରୁଥିବ, ଯାହାକି ନାନା ବୋଧ, ଅଳ୍ପ ବା ବହୁତ ପରିମାଣରେ ବିଭ୍ରାନ୍ତ ହୋଇ ରହିଥିବା ନାନା ଭାବପ୍ରବଣତାଯୁକ୍ତ ପ୍ରତିକ୍ରିୟାର ଏକ ବିମିଶ୍ରଣ ହୋଇ ରହିଥିବ। ହୁଏତ ଆହୁରି ଅଧିକ ବିଭ୍ରାନ୍ତ କେତେକେତେ ଭାବନାର ଏକ ବିମିଶ୍ରଣ ହୋଇ ରହିଥିବ, ଯାହାକି ଏକ ପ୍ରବେଗ, ଏକ ଆକର୍ଷଣ, ଏକ ବାସନା ବା ଗୋଟାଏ ପ୍ରକାରର ଇଚ୍ଛା ଦ୍ୱାରା ଜୀବନ୍ତ ପରି ହୋଇ ରହିଥିବ; ଏବଂ ସବୁଯାକ ମିଶି ଅତ୍ୟନ୍ତ କ୍ଷଣସ୍ଥାୟୀ ଭାବରେ "ମୁଁ" ବୋଲି ପ୍ରତିଭାସିତ ହୋଇ ଉଠୁଥିବ। ମାତ୍ର ଏକଥା କଦାପି ପ୍ରତ୍ୟକ୍ଷ ଭାବରେ ହେଉ ନ ଥିବ; କାରଣ, ଏହି ବୋଧଟିକୁ ତୁମେ ନିଜର ମସ୍ତକ, ନିଜର ମେରୁଦଣ୍ଡ, ନିଜର ବାହୁ, ପାଦ ତଥା ସଞ୍ଚାଳିତ ହୋଇ ପାରୁଥିବା ଆଉ ସବୁକିଛିରୁ ସ୍ୱତନ୍ତ୍ର ଭାବରେ ଆଦୌ କଳ୍ପନା କରି ପାରୁ ନ ଥିବ। ଏହି ସବୁକିଛି ପରସ୍ପର ସହିତ ଭାରି ନିକଟବର୍ତ୍ତୀ ଭାବରେ ଗୁଡ଼େଇ ତୁଡ଼େଇ ହୋଇ ରହିଥିବ।

କେବଳ ବହୁତ ଭାବିସାରିଲେ, ବହୁତ ଦେଖି ସାରିଲେ, ବହୁତ ଅଧ୍ୟୟନ କରିସାରିଲେ ଏବଂ ବହୁତ ପର୍ଯ୍ୟବେକ୍ଷଣ କରି ସାରିଲେ ଯାଇ ତୁମେ ଏକଥା ଉପଲବ୍ଧି କରିବାକୁ ଆରମ୍ଭ କରିବ ଯେ ଗୋଟିଏ ପ୍ରକୃତରେ ଅନ୍ୟଟିଠାରୁ ଅଳ୍ପବହୁତ ସ୍ୱତନ୍ତ୍ର ହୋଇ

'oaob.nitrkl.ac.in' images reprocessed

ରହିଛି ଏବଂ ପଶ୍ଚାତରେ ରହିଥିବା ଇଚ୍ଛାଶକ୍ତିହିଁ ତାହାକୁ ସକ୍ରିୟ ଅଥବା ଅକ୍ରିୟ କରି ରଖିପାରୁଛି । ଏବଂ ତା'ପରେ ତୁମେ ଆଉ ନିଜକୁ କଦାପି ସେହି ଗତିସ୍ପନ୍ଦନ, କ୍ରିୟା ବା ବୋଧଟି ସହିତ, କ୍ଷଣସ୍ଥାୟୀ ଭାବରେ ଭାସି ଚାଲି ଯାଉଥିବା ସେଗୁଡ଼ିକ ସହିତ ସଂପୂର୍ଣ୍ଣ ଭାବରେ ଏକାତ୍ମକ କରି ନ ରଖିବାକୁ ଆରମ୍ଭ କରିବ । ମାତ୍ର, ସେଇଟିକୁ ଦେଖିବା ଲାଗି ସମର୍ଥ ହେବାକୁ ହେଲେ ତୁମକୁ ଅନେକ କିଛି ପର୍ଯ୍ୟବେକ୍ଷଣ କରି ଶିଖିବାକୁ ହେବ ।

ଏବଂ, ତା'ପରେ ଆହୁରି ଅଧିକ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ଦ୍ୱାରା ତୁମେ ଦେଖିବାକୁ ପାଇବ ଯେ, ସେହି କ୍ଷେତ୍ରରେ ରହିଥିବା ଦ୍ୱିତୀୟ ବସ୍ତୁଟି, ଏହି ସକ୍ରିୟ ସଚେତନ ଇଚ୍ଛାଟି ପ୍ରକୃତରେ ଆହୁରି ଏକ ଅନ୍ୟବସ୍ତୁ ଦ୍ୱାରା ସଞ୍ଚାଳିତ ହେବାରେ ଲାଗିଛି, ଯାହାକି ଲକ୍ଷ୍ୟ କରି ଦେଖୁଛି, ବିଚାର କରୁଛି, ନିଷ୍ପତ୍ତି ଗ୍ରହଣ କରୁଛି ଏବଂ ଜ୍ଞାନ ଉପରେହିଁ ଆପଣାର ଯାବତୀୟ ନିଷ୍ପତ୍ତିକୁ ଆଧାରିତ କରି ରଖିବା ଲାଗି ଚେଷ୍ଟା କରୁଛି । ସେହି କଥାଟି ଅନେକ ପରେ ଯାଇ ଘଟିବ । ଏବଂ ତେଣୁ, ଏହି "ଅନ୍ୟ ବସ୍ତୁ"ଟିକୁ ଦେଖିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ତୁମେ ଏକଥାଟି ମଧ୍ୟ ଦେଖିବାକୁ ପାଇବ ଯେ ଦ୍ୱିତୀୟ ବସ୍ତୁଟିକୁ ସଞ୍ଚାଳିତ କରିବାର ସାମର୍ଥ୍ୟଟି କେବଳ ଏହାରି ରହିଛି, ଏହା ଏକ ସକ୍ରିୟ ଇଚ୍ଛାରୂପେ ବିଦ୍ୟମାନ ହୋଇ ରହିଛି । ଏବଂ କେବଳ ସେତିକି ନୁହେଁ, ଯାବତୀୟ ପ୍ରତିକ୍ରିୟା, ଅନୁଭବ ଏବଂ ବୋଧ ଉପରେ ତାହାର ଏକ ଅତ୍ୟନ୍ତ ପ୍ରତ୍ୟକ୍ଷ ଏବଂ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କ୍ରିୟାଶୀଳତା ମଧ୍ୟ ବଳବତ୍ତର ରହିଛି; ଏବଂ ପରିଶେଷରେ ଏହାହିଁ ସତ୍ତାର ଯାବତୀୟ ଗତିସ୍ପନ୍ଦନ ଉପରେ ଏକ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିପାରିବ; ଏହି ଯେଉଁ ଅଂଶଟି ଲକ୍ଷ୍ୟ କରି ଦେଖୁଛି, ନିରୀକ୍ଷଣ କରୁଛି, ବିଚାର କରୁଛି ଓ ନିଷ୍ପତ୍ତି ଗ୍ରହଣ କରୁଛି, ତାହାହିଁ ଶେଷକୁ ସବୁକିଛିର ନିୟନ୍ତ୍ରଣ କରିବ ।

ଏହିଠାରୁହିଁ ଯଥାର୍ଥ ନିୟନ୍ତ୍ରଣର ଆରମ୍ଭ ହୁଏ ।

ଆମେ ସେହି ବିଷୟରେ ସଚେତନ ହୋଇଯାଇ ପାରିଲେ ଆମକୁ ପ୍ରକୃତରେ ଅସଲ ସୂତ୍ରଟି ବି ମିଳିଯାଏ; ଏବଂ ତା'ପରେ ଯେତେବେଳେ ଆମେ ନିୟନ୍ତ୍ରଣର କଥା କହୁ, ସେତେବେଳେ "କେବଳ ଏହାରିହିଁ ନିୟନ୍ତ୍ରଣ କରିବାର ଶକ୍ତିଟି ରହିଛି" ବୋଲି ଜାଣିବାକୁ ପାଉ ।

ଏହିପରି ଭାବରେହିଁ ଆମେ ଆପଣାକୁ ଅବଲୋକନ କରି ଶିଖୁ ।

'oaob.nitrkl.ac.in' images reprocessed

## ୧୬ ଏପ୍ରିଲ୍ ୧୯୫୮

"ବିବର୍ତ୍ତନର ପୂର୍ବତନ ପର୍ଯ୍ୟାୟଗୁଡ଼ିକରେ ପ୍ରଥମତଃ ଜଡ଼ଭୂମିଗତ ଗଠନରେ ପରିବର୍ତ୍ତନ ସଂଘଟିତ କରିବା ଦିଗରେହିଁ ପ୍ରକୃତିର ସବୁଠାରୁ ଅଧିକ ଯତ୍ନ ଓ ଅଧିକ ପ୍ରୟାସ ଉଦ୍ଦିଷ୍ଟ ହୋଇ ରହିଥିଲା । କାରଣ କେବଳ ସେହିପରି ଭାବରେହିଁ ଚେତନାର ଏକ ପରିବର୍ତ୍ତନ ସମ୍ଭବ ହୋଇପାରିଲା । ସେହି ସ୍ତରରେ ଯେତିକି ଚେତନଶକ୍ତି ରୂପାୟିତ ହୋଇ ପାରିଥିଲା, ଶରୀରରେ ଏକ ପରିବର୍ତ୍ତନ ଘଟାଇବାକୁ ତାହା ଅତ୍ୟନ୍ତ ଅଯଥେଷ୍ଟ ଥିବାରୁ ଏକ ଆବଶ୍ୟକତା ହିସାବରେହିଁ ପ୍ରକୃତିକୁ ଏପରି କରିବାକୁ ପଡ଼ିଲା । ମାତ୍ର ମଣିଷ ଭିତରେ କେବଳ ଏକ ପରିବର୍ତ୍ତନ ନୁହେଁ, ଏକ ପୂର୍ଣ୍ଣ ରୂପାନ୍ତର ମଧ୍ୟ ସମ୍ଭବ ହୋଇପାରିବ,— ସମ୍ଭବ ବୋଲି ନ କହି ଏହାକୁ ବରଂ ଅନିବାର୍ଯ୍ୟ ବା ଅବଶ୍ୟମ୍ଭାବୀ ବୋଲି କାହିବାକୁ ହେବ, କାରଣ ଏଠାରେ କେବଳ ଏକ ନୂତନ ଶରୀର ଦ୍ୱାରା କାମ ଚଳିବ ନାହିଁ; ବିବର୍ତ୍ତନର ପ୍ରଥମ ସାଧନ ହିସାବରେ ତା'ର ଚେତନାକୁ କାମରେ ଲଗାଇବାକୁ ହେବ ଏବଂ ସେହି ଚେତନାରେ ଏକ ଯଥାର୍ଥ ରୂପାନ୍ତର ଘଟାଇହିଁ ବିବର୍ତ୍ତନଟିକୁ କାର୍ଯ୍ୟକାରୀ କରାଯାଇପାରିବ, କାର୍ଯ୍ୟକାରୀ କରିବାକୁହିଁ ହେବ । ବସ୍ତୁଗୁଡ଼ିକର ଅନ୍ତର୍ଗତ ସତ୍ୟଭୂମିରୁ ବିଚାର କଲେ, ଚେତନାର ଏକ ପରିବର୍ତ୍ତନ ଆଣିବାହିଁ ବିବର୍ତ୍ତନର ସମଗ୍ର ଧାରାଟିରେ ସର୍ବପ୍ରଧାନ ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଘଟଣା ହୋଇ ରହିଥିଲା । ବିବର୍ତ୍ତନ ମଧ୍ୟରେ ଅନୁକ୍ଷଣ ପ୍ରଥମତଃ ଏକ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ନିହିତ ହୋଇ ରହିଆସିଛି ଏବଂ ଜଡ଼ ଅର୍ଥାତ୍ ଭୌତିକ ଭୂମିରେ ଯାହାକିଛି ପରିବର୍ତ୍ତନ ହୋଇଛି, ତାହା କେବଳ ନୈମିତ୍ତିକ ଭାବରେହିଁ ହୋଇଛି । ମାତ୍ର, ପ୍ରଥମ ଅବସ୍ଥାରେ ଏହି ଦୁଇଟି ମଧ୍ୟରେ ଏକ ଯଥାଯଥ ଭାରସାମ୍ୟ ରହିପାରି ନ ଥିବାରୁ ଦୁହିଁଙ୍କର ଯଥାର୍ଥ ସମ୍ବନ୍ଧଟି ସଂପୂର୍ଣ୍ଣ ଗୁପ୍ତ ହୋଇ ରହି ଆସିଥିଲା; ବାହ୍ୟ ନିଶ୍ଚେତନାର ଶରୀରଟା ସତେଅବା ଅତିପ୍ରାଧାନ୍ୟ ଜାହିର କରି ରହିଥିବା ପରି ଅନ୍ତର୍ଗତ ଆଧ୍ୟାତ୍ମିକ ଉପାଦାନଟିକୁ ଖର୍ବ ଓ ଅସ୍ପଷ୍ଟ କରି ରଖିଥିଲା, ଚେତନ ସତ୍ତାଟିକୁ ଆଡ଼ କରି ରଖିଥିଲା । ମାତ୍ର ସେହି ଭାରସାମ୍ୟଟି ଯେତେବେଳେ ଥରେ ତାହାର ସ୍ୱାଭାବିକ ସ୍ଥିତିକୁ ପ୍ରାପ୍ତ ହୋଇ ସାରିଲାଣି, ସେତେବେଳେ ଶରୀରର ପରିବର୍ତ୍ତନଟା

'oaob.nitrkl.ac.in' images reprocessed

ଘଟିସାରିବା ପରେ ଯେ ଯାଇ ଚେତନାରେ ପରିବର୍ତ୍ତନ ଘଟିବ, ଆଉ ସେଭଳି କୌଣସି ଆବଶ୍ୟକତା ନାହିଁ । ବରଂ ଏଥର ସ୍ୱୟଂ ଚେତନାହିଁ ଆପଣା ମଧ୍ୟରେ ଆବଶ୍ୟକ ରୂପାନ୍ତରଟି ଘଟାଇ ଶରୀର ମଧ୍ୟରେ ଆବଶ୍ୟକ ହେଉଥିବା ଯାବତୀୟ ରୂପାନ୍ତରକୁ ଅବଶ୍ୟମ୍ଭାବୀ କରିଦେବ ଓ ତାହାକୁ କାର୍ଯ୍ୟକାରୀ କରିବା ଲାଗି ଆପଣାକୁ ପ୍ରେରିତ କରିନେବ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଉଦ୍ଭିଦ ଓ ଇତର ପ୍ରାଣୀଙ୍କ ଜଗତରେ କେତେ ନୂଆ କିସମ ଓ ନୂଆ ଜାତିର ବିବର୍ତ୍ତନ କରାଇବାରେ ପ୍ରକୃତିକୁ ସାହାଯ୍ୟ କରିବା ଲାଗି ମନୁଷ୍ୟ-ମନର ଯେ ଏକ ସାମର୍ଥ୍ୟ ରହିଛି, ମନୁଷ୍ୟ ତାହା ଦେଖାଇ ଦେଲାଣି । ମନୁଷ୍ୟ ମନ ସାହାଯ୍ୟରେ ଆପଣା ପରିବେଶର ରୂପାୟଣରେ କେତେ କେତେ ଅଭିନବତା ଓ ନୂତନତା ସମ୍ଭବ କଲାଣି, ଜ୍ଞାନ ଓ ମନନ-ଶୃଙ୍ଖଳା ଦ୍ୱାରା ଆପଣାର ମନୋଭୂମିରେ ମଧ୍ୟ କେତେକେତେ ପରିବର୍ତ୍ତନ ସମ୍ଭାଳି ପାରିଲାଣି; ତେଣୁ ଆପଣାର ଆଧାତ୍ମିକ ତଥା ଦୈହିକ ବିବର୍ତ୍ତନ ଓ ରୂପାନ୍ତରରେ ମଧ୍ୟ ଯେ ସେ ପୂର୍ଣ୍ଣ ସଚେତନ ଭାବରେ ପ୍ରକୃତିକୁ ନିଶ୍ଚୟ ସାହାଯ୍ୟ କରିବ, ଏହାକୁ ଏକ ଅସମ୍ଭବ କଥା ବୋଲି ଆଉ କାହିଁକି କୁହାଯିବ ? ତଦନୁରୂପ ଓ ତଦନୁଗତ ଏକ ଆବେଗ ଓ ଆକୂତି ବର୍ତ୍ତମାନ ଦେଖାଦେବାକୁ ଆରମ୍ଭ କଲାଣି ଏବଂ ଆଂଶିକ ଭାବରେ କାର୍ଯ୍ୟ ମଧ୍ୟ କଲାଣି । ଅବଶ୍ୟ ଏହି ବହିଶ୍ଚର ମନୋଭୂମିରେ ଥାଇ ଆମେ ସେଇଟିକୁ ସଂପୂର୍ଣ୍ଣ ଭାବରେ ବୁଝିପାରୁ ନାହୁଁ ଏବଂ ଆପଣା ମଧ୍ୟରେ ସ୍ୱୀକାର କରି ନେଇପାରି ନାହୁଁ । ମାତ୍ର ତାହାକୁ ପୂର୍ଣ୍ଣ ରୂପେ ବୁଝିବାର ସମୟ ମଧ୍ୟ ଦିନେ ନିଶ୍ଚୟ ଆସିବ, ବହିଶ୍ଚର ମନ ଆପଣା ଅନ୍ତରଙ୍ଗ ଗଭୀରରେ ପ୍ରବେଶ କରିପାରିବ, ଏବଂ ଆମେ ଯାହାକୁ ଏଠାରେ ପ୍ରକୃତି ବୋଲି କହୁଛୁ, ତାହାରି ନିଗୂଢ଼ ସତ୍ୟଟିକୁ ଆପଣା ଭିତରେ ଧାରଣ କରି ରଖିଥିବା ଚୈତନ୍ୟଶକ୍ତିଟିର ଯାବତୀୟ ସାଧନ, ପ୍ରଚ୍ଛନ୍ନ ଶକ୍ତିମତ୍ତା ତଥା ଅଭିପ୍ରେତ କର୍ମଧାରାଟିକୁ ଆବିଷ୍କାର କରିବାକୁ ସମର୍ଥ ହୋଇଯିବ ।...

"ଏହି ପୃଥିବୀପୃଷ୍ଠରେ ଅଧ୍ୟାତ୍ମସତ୍ତାର ଆତ୍ମୋଦ୍‌ଘାଟନହିଁ ଯଦି ଆମର ଜଡ଼ଜଗତରେ ଜନ୍ମଗ୍ରହଣ କରିଥିବାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହୋଇଥାଏ, ଏହି ପ୍ରକୃତି ମଧ୍ୟରେ ଯଦି ମୂଳତଃ ଚେତନାର ଏକ ବିବର୍ତ୍ତନହିଁ ସଂଘଟିତ ହେଉଥାଏ, ତେବେ ମନୁଷ୍ୟ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ତାହାକୁହିଁ ସେହି ବିବର୍ତ୍ତନର ସର୍ବଶେଷ ସ୍ଥିତି ବା ପରିଣାମ ବୋଲି କଦାପି

'oaob.nitrkl.ac.in' images reprocessed

*କୁହାଯାଇ ପାରିବ ନାହିଁ । ବର୍ତ୍ତମାନର ଏହି ମନୁଷ୍ୟକୁ ଚିତ୍‌ସତ୍ତାର ଏକ ଅତି ଅପୂର୍ଣ୍ଣ ଅଭିବ୍ୟକ୍ତି ବୋଲି କହିବାକୁ ପଡ଼ିବ; ଆମର ଏହି ମନଟାକୁ ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ଏକ ରୂପାୟଣ ଓ ସାଧନ ବୋଲି କହିବାକୁ ପଡ଼ିବ । ଏହି ମନ ଚେତନାର କେବଳ ଏକ ମଧ୍ୟବର୍ତ୍ତୀ ସୋପାନ ମାତ୍ର, ମନୋମୟ ସତ୍ତା ହେଉଛି କେବଳ ମଧ୍ୟବର୍ତ୍ତୀକାଳୀନ ସତ୍ତା । ତାହାହେଲେ, ଏହି ମନୋଭୂମିର ଆୟତନସୀମାଟିକୁ ଡେଇଁଯିବାକୁ ଯଦି ମନୁଷ୍ୟ ଅସମର୍ଥ ହୁଏ, ତେବେ ଅବଶେଷରେ ତାହାକୁ ଡେଇଁଯାଇ ଅତିମାନସ ଓ ଅତିମାନବ ଆପଣାର ଅଭିବ୍ୟକ୍ତି ନିମିତ୍ତ କ୍ଷେତ୍ରଟିକୁ ଅଧିକାର କରିନେବ ଏବଂ ବିସୃଷ୍ଟିର ପ୍ରକ୍ରିୟାଟିରେ ନେତୃତ୍ୱ ଗ୍ରହଣ କରିବାକୁ ଆସିବ । ମାତ୍ର, ଆପଣାର ସୀମାତିକ୍ରାନ୍ତ ହୋଇ ରହିଥିବା ସମ୍ପଦଗୁଡ଼ିକ ଆଡ଼କୁ ଆପଣାକୁ ଉନ୍ମୋଚିତ କରିଦେବାର ଶକ୍ତି ଯେବେ ମନୁଷ୍ୟ ଭିତରେ ରହିଥାଏ, ତେବେ ସ୍ୱୟଂ ମନୁଷ୍ୟ ଯେ କାହିଁକି ଅତିମାନସରେ ଯାଇ ପହଞ୍ଚି ନ ପାରିବ ବା ଅତିମାନବତ୍ୱ ଲାଭ କରି ନ ପାରିବ, ଅଥବା ଅନ୍ତତଃ ପ୍ରକୃତି ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ପରମ ଚିଦ୍‌ଗତତାର ସେହି ଉଚ୍ଚତର ସୋପାନଟିର ବିବର୍ତ୍ତନ ସକାଶେ ସେ କାହିଁକି ଯେ ଆପଣାର ମନ, ପ୍ରାଣ ତଥା ଦେହଟିକୁ ସମର୍ପିତ କରିଦେଇ ନ ପାରିବ, ତାହାର ଆଦୌ କୌଣସି କାରଣ ନାହିଁ ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୪୩-୪୪; ୮୪୬-୪୭

ଏକଥା ଅବଶ୍ୟ କୁହାଯିବ ଯେ, ଆମେ ବର୍ତ୍ତମାନ ଏକ ସୁନିଶ୍ଚୟତାର ଅବସ୍ଥାରେ ଆସି ପହଞ୍ଚି ଗଲୁଣି, କାରଣ ସେହି ଉପଲବ୍ଧି ଆରମ୍ଭ ହୋଇଗଲାଣି । ଆମ ପାଖରେ ଏହି କଥାଟିର ପ୍ରମାଣ ରହିଛି ଯେ, କେତେକ ଅବସ୍ଥାରେ ମନୁଷ୍ୟସୀମାର ଏହି ସାଧାରଣ ସ୍ଥିତିଟିକୁ ପ୍ରକୃତରେ ଅତିକ୍ରମ କରାଯାଇ ପାରିବ ଏବଂ ଏପରି ଏକ ନୂତନ ଚେତନାକୁ କାର୍ଯ୍ୟକାରୀ କରାଯାଇ ପାରିବ, ଯାହାକି ମନୋମୟ ଏବଂ ଅତିମାନସିକ ମନୁଷ୍ୟ ମଧ୍ୟରେ ଅନ୍ତତଃ ଏକ ସଚେତନ ସମ୍ବନ୍ଧ ସ୍ଥାପନ ସମ୍ଭବ କରିଦେବ ।

ନିଶ୍ଚୟତାର ସହିତ ଏକଥାଟିକୁ ମଧ୍ୟ ଦାବି କରାଯାଇ ପାରିବ ଯେ, ମନୋମୟ ଏବଂ ଅତିମାନସିକ ସତ୍ତାର ମଝିରେ ଏକ ମଧ୍ୟବର୍ତ୍ତୀ ସତ୍ତାର ମଧ୍ୟ ଆବିର୍ଭାବ ଘଟିବ, ଏକ ପ୍ରକାରର ଅତିମାନବୀୟତାର ଆବିର୍ଭାବ ଘଟିବ ଯେଉଁମାନଙ୍କ ମଧ୍ୟରେ ମନୁଷ୍ୟର ଗୁଣଚୟ ଏବଂ କେତେକ ଅଂଶରେ ମନୁଷ୍ୟର ପ୍ରକୃତି ଅବଶ୍ୟ ରହିଥିବ ସତ, ଅର୍ଥାତ୍ ଆପଣାର ବାହ୍ୟତମ ରୂପ ଓ ଗଠନରେ ଯେଉଁମାନେ ଏକ ପ୍ରାଣୀଗତ ଉତ୍ସରୁ ଉତ୍ପନ୍ନ

'oaob.nitrkl.ac.in' images reprocessed

ହୋଇ ଆସିଥିବା ତଥାପି ସେହି ମନୁଷ୍ୟ ସତ୍ତାର ଅନ୍ତର୍ଗତ ହୋଇ ରହିଥିବେ ସତ, ମାତ୍ର ସେମାନେ ଆପଣାର ଚେତନାକୁ ଏତେ ଯଥେଷ୍ଟ ପରିମାଣରେ ଅବଶ୍ୟ ବଦଳାଇ ଦେଇଥିବେ ଯେ, ଆପଣାର ଉପଲବ୍ଧି ତଥା କ୍ରିୟାଶୀଳତାର କ୍ଷେତ୍ରରେ ସେମାନଙ୍କୁ ଏକ ନୂତନ ମାନବଜାତି, ଅତିମାନବମାନଙ୍କର ଏକ ଜାତି ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରିବ ।

ଏହି ସତ୍ତାକୁ ଏକ ମଧ୍ୟବର୍ତ୍ତୀ ଅସ୍ଥାୟୀ ସତ୍ତା ବୋଲି ବେଶ୍ ବିଚାର କରାଯାଇ ପାରିବ, କାରଣ ବର୍ତ୍ତମାନଠାରୁ ମଧ୍ୟ ଏ କଥାଟି ବେଶ୍ ଦେଖିହେଉଛି ଯେ, ପ୍ରାଣୀସ୍ତରୀୟ ପ୍ରଣାଳୀଟି ମଧ୍ୟଦେଇ ନ ଯାଇ ମଧ୍ୟ ସେହି ଜାତି ଆପଣାର ବଂଶଧରମାନଙ୍କୁ ଜନ୍ମ ଦେବାର ଉପାୟମାନ ବାହାର କରି ନେଇପାରିବ ଏବଂ ସେହିପରି ଜନ୍ମଲାଭ କରୁଥିବା ସତ୍ତାମାନେ, ଯେଉଁମାନଙ୍କର ଜନ୍ମକୁ ଯଥାର୍ଥରେ ଏକ ଆଧ୍ୟାତ୍ମିକ ଜନ୍ମଗ୍ରହଣ ବୋଲି କୁହାଯାଇ ପାରିବ, ସେହିମାନେହିଁ ନୂତନ ଜାତିଟିର ଉପାଦାନ ହୋଇ ରହିବେ, ସେହି ଅତିମାନସ ମନୁଷ୍ୟସମୂହର ଉପାଦାନ ହୋଇ ରହିବେ ।

ତେଣୁ, ଆମେ ସେହିଭଳି ସତ୍ତାମାନଙ୍କୁ ଅତିମାନବ ବୋଲି କହିପାରିବା, ଯେଉଁମାନେ କି ସେମାନଙ୍କର ଉତ୍ପତ୍ତିର କ୍ଷେତ୍ରରେ ତଥାପି ଜନ୍ମଗ୍ରହଣ କରିବାର ସେହି ପୁରାତନ ପଦ୍ଧତିଟିର ଅଧୀନ ହୋଇ ରହିଥିବେ, ମାତ୍ର ଆପଣାର ଉପଲବ୍ଧିଗୁଡ଼ିକର କ୍ଷେତ୍ରରେ ସେମାନେ ଅତିମାନସ ଉପଲବ୍ଧିର ନୂତନ ଜଗତଟି ସହିତ ସଚେତନ ଏବଂ ସକ୍ରିୟ ସଂପର୍କ ସ୍ଥାପନ କରି ରହିଥିବେ ।

ଏପରି ବୋଧ ହେଉଛି,— ଏହି କଥାଟିକୁ ଏପରିକି ନିଶ୍ଚିତ ବୋଲି ବି କୁହାଯାଇ ପାରିବ,— ବର୍ତ୍ତମାନ ନିର୍ମିତ ହେବାକୁ ଆରମ୍ଭ କରି ସାରିଥିବା ଏହି ମଧ୍ୟବର୍ତ୍ତୀ ଜଗତଟି ଯେଉଁ ଉପାଦାନଟି ଦ୍ୱାରା ତିଆରି ହେବ, ତାହା ଅପେକ୍ଷାକୃତ ଅଧିକ ସଂପନ୍ନ ଏବଂ ଶକ୍ତିଶାଳୀ ହେବ, ଅଧିକ ସନ୍ଦୀପିତ ଏବଂ ଅଧିକ ପ୍ରତିରୋଧସମର୍ଥ ହେବ, ଏବଂ ସେଥିରେ କେତେକ ନିର୍ଦ୍ଦିଷ୍ଟ ଅଧିକ ସୂକ୍ଷ୍ମ ଓ ଅଧିକ ଭିତରକୁ ଭେଦ କରିପାରୁଥିବା ନୂତନ ଗୁଣମାନ ବିଦ୍ୟମାନ ରହିଥିବ, ଏବଂ ବିଶ୍ୱଜନୀନତାର ଏକ ପ୍ରକାରର ସହଜାତ ସାମର୍ଥ୍ୟ ମଧ୍ୟ ରହିଥିବ, ଯେପରିକି ତାହାର ସୂକ୍ଷ୍ମତା ଏବଂ ବିଶୁଦ୍ଧତାର ସେହି ମାତ୍ରାଟି ଯାବତୀୟ ସ୍ପନ୍ଦନକୁ, ଏକାବେଳେକେ ସମଗ୍ର ଭାବରେ ନ ହେଲେ ମଧ୍ୟ ଅଧିକ ପ୍ରଶସ୍ତ ଓ ବ୍ୟାପକ ଭାବରେ ବୋଧଗମ୍ୟ କରାଇ ଆଣୁଥିବ; ଏବଂ ପୁରାତନ ଉପାଦାନଟି ମଧ୍ୟରେ ବର୍ତ୍ତମାନ ଯେଉଁ ବିଭାଜନର ବୋଧଟି ବିଦ୍ୟମାନ ରହିଛି, ଏହି ସାଧାରଣ ମନୋମୟ ଉପାଦାନର ସେହି ବୋଧଟିକୁ ତାହା ଅପସାରିତ କରି ନେଇଯିବ । ସ୍ପନ୍ଦନଗୁଡ଼ିକ ଏପରି ଏକ ସୂକ୍ଷ୍ମତାର ସ୍ତରକୁ ପ୍ରାପ୍ତ ହେବ, ଯାହାକି ସମଗ୍ର ଓ ବିଶ୍ୱାତ୍ମକ ଇନ୍ଦ୍ରିୟବୋଧକୁ ଏକ ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ବସ୍ତୁରେ ପରିଣତ କରିଦେବ । ସେହି ନୂତନ ଉପାଦାନଟିର ଆବିର୍ଭାବ

'oaob.nitrkl.ac.in' images reprocessed

ସଙ୍ଗେ ସଙ୍ଗେ ବିଭାଜନ ଏବଂ ବିଚ୍ଛିନ୍ନତାର ବୋଧ ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ୱତଃପ୍ରେରିତ ଭାବରେ ଅନ୍ତର୍ହିତ ହୋଇଯିବ । ଏବଂ ବର୍ତ୍ତମାନ ସେହି ଉପାଦାନଟି ଏହି ପୃଥିବୀର ବାୟୁମଣ୍ଡଳରେ ପ୍ରାୟ ଚତୁର୍ଦ୍ଦିଗରେ ବ୍ୟାପ୍ତ ଓ ବିଛୁରିତ ହୋଇ ରହିଛି । କିଞ୍ଚିତ୍ ଅଭିନିବେଶ ଦ୍ୱାରାହିଁ ତାହା ଆମର ଜାଗ୍ରତ ଅବସ୍ଥାରେ ମଧ୍ୟ ବୋଧଗମ୍ୟ ହୋଇପାରୁଛି; ଏବଂ ଆମ ଚେତନାଟିକୁ, ଅଧିକରୁ ଅଧିକ ପରିମାଣରେ କୃତ୍ରିମ ଏବଂ ମିଥ୍ୟାମୟ ବୋଲି ବୋଧ ହେବାରେ ଲାଗିଥିବା ଏହି ସାଧାରଣ ବାହ୍ୟରୂପାୟଣର ଭୂମିରୁ ଅପସାରିତ ଏବଂ ପଶ୍ଚାଦ୍-ଆକର୍ଷିତ କରିଆଣି ଆପଣାକୁ ଅଭିନିବେଶିତ କରି ରଖିପାରିଲେ ତାହା ବୋଧ ହୋଇ ଆସୁଛି । ବାହ୍ୟାଭିମୁଖୀ ଏହି ଯେଉଁ ଦୃଷ୍ଟି ଏବଂ ବୋଧ ଆଗରୁ ଏଡ଼େ ସ୍ୱାଭାବିକ ବୋଲି ଲାଗୁଥିଲା, ତାହା ବର୍ତ୍ତମାନ ମିଥ୍ୟାମୟ, ଅବାସ୍ତବ ଏବଂ ସଂପୂର୍ଣ୍ଣ ଭାବରେ କୃତ୍ରିମ ବୋଲିହିଁ ଅନୁଭୂତ ହେଉଛି । ବସ୍ତୁଗୁଡ଼ିକ ପ୍ରକୃତରେ ଯାହା, ସେଇଟି ସହିତ ଏଗୁଡ଼ିକର ଆଦୌ କୌଣସି ସାଦୃଶ୍ୟ ନାହିଁ ବା ସମଞ୍ଜସତା ନାହିଁ; ତାହା ଏପରି ଏକ ଗତିସ୍ପନ୍ଦନର ଅନ୍ତର୍ଭୁକ୍ତ ହୋଇ ରହିଛି, ଯାହାକି ସତ୍ୟ ଏବଂ ବାସ୍ତବ କୌଣସି ବସ୍ତୁରହିଁ ଅନୁରୂପ ହୋଇ ରହି ନାହିଁ ।

ଏହି ନୂତନ ବୋଧଟି ଆପଣାକୁ କ୍ରମେ ଅଧିକରୁ ଅଧିକ ପରିମାଣରେ ଅନୁଭୂତ କରାଇବାରେ ଲାଗିଛି, ଅଧିକରୁ ଅଧିକ ସ୍ୱାଭାବିକ ହେବାରେ ଲାଗିଛି, ଏବଂ ସତ୍ତାର ସେହି ପୁରାତନ ରୀତିଟିକୁ ପୁଣି ଅବଧାରଣା ମଧ୍ୟକୁ ଆଣିବା ବେଳେବେଳେ ବେଶ୍ କଷ୍ଟକର ହୋଇ ପଡ଼ିଲାଣି । ସତେଯେପରି ତାହା କୁଜ୍ଝଟିକାମୟ କୌଣସି ଏକ ଅତୀତର ଗର୍ଭ ମଧ୍ୟରେ ଅନ୍ତର୍ହିତ ହୋଇଯିବାରେ ଲଗିଛି ! ଯାହାର ଅସ୍ତିତ୍ୱଟି ବିଲୁପ୍ତ ହୋଇଯିବାକୁ ବସିଛି, ତାହା ସତେଯେପରି ସେହିପରି କୌଣସି ଏକ ବସ୍ତୁର ଗର୍ଭରେ ବିଲୀନ ହୋଇଯାଉଛି !

ଏଥିରୁ ଆମେ ହୁଏତ ଏପରି ଗୋଟିଏ ସିଦ୍ଧାନ୍ତ କରିନେଇ ପାରିବା ଯେ, ଯେଉଁ ମୁହୂର୍ତ୍ତରେ ଏହି ଶରୀର, ଏହି ଶରୀର ଅବଶ୍ୟ ସେହି ପୁରାତନ ପ୍ରାଣୀସ୍ତରୀୟ ପଦ୍ଧତିରେହିଁ ତିଆରି ହୋଇଥିଲା,— ଯେଉଁ ମୁହୂର୍ତ୍ତରେ ଏହି ଶରୀର ଉକ୍ତ ଚେତନାଟିକୁ ସ୍ୱାଭାବିକ ଭାବରେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ବଞ୍ଚିବା ଲାଗି ସମର୍ଥ ହୋଇଯିବ, ଯେତେବେଳେ ସେଥିଲାଗି ତାକୁ କୌଣସି ଆୟାସ କରିବାକୁ ପଡ଼ିବ ନାହିଁ ଏବଂ ଆପଣାଭିତରୁ ବାହାରକୁ ବାହାରି ଯିବାକୁ ମଧ୍ୟ ପଡ଼ିବ ନାହିଁ, ସେତେବେଳେ ତାହା ତଦ୍ୱାରା ପ୍ରମାଣିତ କରିଦେବ ଯେ ଏଇଟି ସତେଅବା ଏକ ବ୍ୟତିକ୍ରମ ପରି ଏହାର କେବଳ ଗୋଟିଏ ମାତ୍ର ଦୃଷ୍ଟାନ୍ତ ନୁହେଁ, ଏହା ହେଉଛି ପ୍ରକୃତରେ ଏପରି ଏକ ଉପଲବ୍ଧିର ପୂର୍ବସୂଚନା, ଯାହାକି, ସାଧାରଣ ସମସ୍ତଙ୍କ କ୍ଷେତ୍ରରେ ସମ୍ଭବ ନ ହେଲେ ମଧ୍ୟ, ଅନ୍ତତଃ

'oaob.nitrkl.ac.in' images reprocessed

କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତିଙ୍କ ଜୀବନରେ ଅବଶ୍ୟ ଅନୁଭୂତ ହୋଇପାରିବ । ଏବଂ ସେହି ବ୍ୟକ୍ତିମାନେ ଏହି ଅନୁଭୂତିଟିକୁ ଏକତ୍ର ଲାଭ କରିବା ସଙ୍ଗେ ସଙ୍ଗେ ଆପଣାକୁ ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଭାବିବାର ବୋଧଟିକୁ ହରାଇ ବସିବେ ଏବଂ ସମସ୍ତେ ମିଶି ଏକ ଜୀବନ୍ତ ସମୂହରେ ପରିଣତ ହୋଇଯିବେ ।

ଏହି ନୂତନ ଉପଲବ୍ଧିଟି ବର୍ତ୍ତମାନ ଯେଉଁ ବେଗରେ ଅଗ୍ରସର ହେବାରେ ଲାଗିଛି, ତାହାକୁ ଆମେ ହୁଏତ ଏକ ବିଜୁଳିର ବେଗ ବୋଲି କହିପାରିବା, ମାତ୍ର ଯଦି ସାଧାରଣ ଭାବରେ କାଳର କଳ୍ପନା କରାଯାଏ, ତେବେ ଏହା ଭିତରେ ମୋଟେ ଦୁଇଟି ବର୍ଷ ସମୟହିଁ ଅତିବାହିତ ହୋଇଛି, ଦୁଇବର୍ଷରୁ କିଞ୍ଚିତ୍ ଅଧିକ ସମୟ ଅତିବାହିତ ହୋଇଛି । ସେହି ଅତିମାନସ ଉପାଦାନ ପୃଥିବୀର ବାୟୁମଣ୍ଡଳ ଭିତରକୁ ଭେଦ କରିବାର ସମୟଠାରୁ ଆରମ୍ଭ କରି ଏହି ପୃଥିବୀର ବାୟୁମଣ୍ଡଳରେ ଏକ ଗୁଣାତ୍ମକ ପରିବର୍ତ୍ତନ ଆରମ୍ଭ ହେବା ମଧ୍ୟରେ ମୋଟେ ଏତିକି ସମୟ ଇତିମଧ୍ୟରେ ଯାଇଛି ।

ଯଦି ଏହି ବେଗରେ ବସ୍ତୁଗୁଡ଼ିକ ଅଗ୍ରସର ହୋଇପାରିବ, ତେବେ ଏହା କେବଳ ଏକ ସମ୍ଭାବନାଠାରୁ କିଛି ଅଧିକ ବୋଲି, ପ୍ରାୟ ନିଶ୍ଚିତ ବୋଲି ମନେ ହେଉଛି ଯେ, ଶ୍ରୀଅରବିନ୍ଦ ଗୋଟିଏ ପତ୍ରରେ ଯାହା ଲେଖିଥିଲେ, ତାହା ଏକ ଦିବ୍ୟଦୃଷ୍ଟିଗତ ସତ୍ୟଘୋଷଣା ବୋଲି ପ୍ରମାଣିତ ହୋଇଯାଉଛି । ସେ ଲେଖିଥିଲେ : ୧୯୬୭ ମସିହାରେ ଅତିମାନସ ଚେତନା ଉପଲବ୍ଧିକାରୀ ଏକ ଶକ୍ତିରେ ପରିଣତ ହେବାର ପର୍ଯ୍ୟାୟଟି ମଧ୍ୟରେ ଆସି ପ୍ରବେଶ କରିବ ।*

*"୪.୫.୬୭ ହେଉଛି ପୂର୍ଣ୍ଣ ଉପଲବ୍ଧିର ସମ୍ବତ୍ସର ।" [Letters on Yoga, ପୃଷ୍ଠା-୩୧୫]

'oaob.nitrkl.ac.in' images reprocessed

## ୨୩ ଏପ୍ରିଲ ୧୯୫୮

*ମାଆ, ଯେତେବେଳେ ଆମେ ଅଧିକ ଭଲ ହେବାକୁ ଚେଷ୍ଟା କରୁ ମାତ୍ର କୌଣସି ଅଗ୍ରଗତି କରୁଥିବା ପରି ଆଦୌ ଦେଖି ପାରୁ ନାହିଁ, ସେତେବେଳେ ଭାରି ନିରାଶ ହୋଇଗଲା ପରି ଲାଗେ । ସେତେବେଳେ କ'ଣ କରିବା ସବୁଠାରୁ ଭଲ ହେବ ?*

ନିରାଶ ନ ହେବାହିଁ ସବୁଠାରୁ ଭଲ ହେବ । ନୈରାଶ୍ୟ ଆମକୁ କେବେହେଲେ କୌଣସି ପ୍ରକାରେ ସାହାଯ୍ୟ କରେ ନାହିଁ ।

ପ୍ରଥମତଃ, ତୁମେ ନିଜକୁ ଏହି କଥାଟି କହିବ ଯେ, ତୁମେ ଆଦୌ କୌଣସି ଅଗ୍ରଗତି କରୁଛ କି ନାହିଁ, ସେହି କଥାଟିକୁ ଜାଣିବାଲାଗି ମଧ୍ୟ ତୁମ ଭିତରେ ପ୍ରାୟ ଆଦୌ କୌଣସି ସାମର୍ଥ୍ୟ ନାହିଁ । କାରଣ, ଆମକୁ ଅନେକ ସମୟରେ ଯେଉଁଟା ସତେଅବା ଏକାବେଳେକେ ଅଟକି ଯାଇଥିବାର ଏକ ଅବସ୍ଥା ପରି ମନେ ହେଉଥାଏ, ସେତେବେଳେ ପ୍ରକୃତରେ ସମ୍ମୁଖ ଉଦ୍ଦେଶ୍ୟରେ ଏକ ଲମ୍ଫ ପ୍ରଦାନ କରି ପାରିବାର ଏକ ଦୀର୍ଘ ପ୍ରସ୍ତୁତି ଚାଲିଥାଏ । ହଁ, ଏହି ପ୍ରସ୍ତୁତିଟି ବେଳେବେଳେ ଦୀର୍ଘ ହୋଇଥାଏ ସତ, ମାତ୍ର ତାହା ଯେ ଅନନ୍ତକାଳ ଯାବତ୍ ସେହିପରି ଚାଲିବ, ସେକଥା ଆଦୌ ନୁହେଁ । ବେଳେବେଳେ ଆମେ କେତେ ସପ୍ତାହ ଓ କେତେ ମାସ ଧରି ହୁଏତ ସମୟ ଗଣିବାରେ ଲାଗିଥାଉ ଏବଂ ସେତିକିବେଳେ ନୀରବରେ ପ୍ରସ୍ତୁତ ହୋଇ ଆସିଥିବା କୌଣସି ଏକ ବସ୍ତୁର ସହସା ଆବିର୍ଭାବ ହୁଏ ଏବଂ ଆମେ ସଙ୍ଗେସଙ୍ଗେ ଦେଖିବାକୁ ଆରମ୍ଭ କରୁ ଯେ ଆମ ଭିତରେ ପ୍ରକୃତରେ ପ୍ରଭୂତ ପରିବର୍ତ୍ତନ ସଂଘଟିତ ହୋଇଛି ଏବଂ ଏକାଧାରରେ ଏକାଧିକ ବିନ୍ଦୁରେ ସେହି ପରିବର୍ତ୍ତନ ଘଟିଛି ।

ଯୋଗ ସାଧନାର ସକଳ ବିଷୟର କ୍ଷେତ୍ରରେ ଯାହା ହୋଇଥାଏ, ଅଗ୍ରଗତି କରିବାଲାଗି ଏକ ପ୍ରୟାସ କରିବା ପଛରେ ଆମର ଯେଉଁ ଶ୍ରଦ୍ଧାଟି ରହିଥାଏ, ସେହି ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇହିଁ ଆମର ଅଗ୍ରଗତି ଲାଗି ଯାବତୀୟ ପ୍ରୟାସ କରିବା ଉଚିତ । ପ୍ରୟାସଟିକୁ କରିବାରେ ଯେଉଁ ଆନନ୍ଦ ଉପଲବ୍ଧ ହୁଏ, ଅଗ୍ରଗତି ଲାଗି ଅନ୍ତର ଭିତରେ ଯେଉଁ ଆକାଂକ୍ଷା ରହିଥାଏ, ସେହିଗୁଡ଼ିକହିଁ ଆମଲାଗି ସର୍ବଦା ଯଥେଷ୍ଟ ବୋଲି ଅନୁଭୂତ ହେବା ଉଚିତ ଏବଂ ଫଳ ଉପରେ ଆଦୌ କୌଣସି ଅପେକ୍ଷା ନ ରହିଥିବା ଉଚିତ । ଯୋଗର ପଥରେ ଆମେ ଯାହାକିଛି କରିବା, ତାହା କେବଳ ତାହାକୁ କରୁଥିବାର ଆନନ୍ଦଟି

'oaob.nitrkl.ac.in' images reprocessed

ଦ୍ୱାରାହିଁ ପ୍ରେରିତ ହୋଇ ରହିଥିବା ଉଚିତ; ଆମେ ସେଥିରୁ କ'ଣସବୁ ଫଳ ପାଇବାଲାଗି ଇଚ୍ଛା କରୁଛୁ, ସେହିଗୁଡ଼ିକୁ ଆଖି ଆଗରେ ରଖି ଆଦୌ କିଛି କରିବା ଉଚିତ ନୁହେଁ ।... ବସ୍ତୁତଃ, ଆମ ଜୀବନରେ, ସର୍ବଦା, ଯାବତୀୟ ବସ୍ତୁର କ୍ଷେତ୍ରରେ, ଫଳ ଉପରେ ପ୍ରକୃତରେ ଆମର ଆଦୌ କୌଣସି ଅଧିକାର ନ ଥାଏ । ଏବଂ, ଯଦି ଆମେ ସମୁଚିତ ଦୃଷ୍ଟିକୋଣଟି ସହିତ ସବୁକିଛି କରିବାକୁ ଇଚ୍ଛା କରୁଥାଉ, ତେବେ ଆମକୁ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ସବୁ କରିବାକୁ ହେବ, ସବୁ ଅନୁଭବ କରିବାକୁ ହେବ, ସବୁ ଭାବିବାକୁ ହେବ ଏବଂ ସବୁକିଛି ଉଦ୍ୟମ କରିବାକୁ ହେବ । କାରଣ ତାହାହିଁ କର୍ତ୍ତବ୍ୟ । ଯେଉଁ ଫଳଟି ଆମେ ପାଇବାଲାଗି ବାହାରିଛୁ ତାହାକୁ ଆଗରେ ରଖି ଆମର ଆଦୌ କିଛିହେଲେ କରିବା ଉଚିତ ନୁହେଁ ।

ଫଳଟି ବିଷୟରେ ଚିନ୍ତା କରିବା ସଙ୍ଗେସଙ୍ଗେ ଆମେ ପ୍ରକୃତରେ ମୂଲାଇବାକୁ ଓ ହିସାବ କରିବାକୁ ଆରମ୍ଭ କରିଦେଉ, ଏବଂ ତାହାହିଁ ଆମର ପ୍ରୟାସଟି ମଧ୍ୟରୁ ସକଳ ନିଷ୍ଠାକୁ ଅପହରଣ କରି ନେଇଥାଏ । ତୁମେ ଅଗ୍ରଗତି ଲାଗି ଏକ ପ୍ରୟାସ କରୁଛ, କାରଣ ତୁମ ଭିତରେ ତୁମେ ଏକ ପ୍ରୟାସ ଏବଂ ଏକ ଅଗ୍ରଗତି କରିବାଲାଗି ଅନୁରୂପ ପ୍ରୟୋଜନଟିକୁ, ସେହି ଅପ୍ରତିରୋଧ୍ୟ ପ୍ରୟୋଜନଟିକୁହିଁ ଅନୁଭବ କରୁଛ । ଏବଂ ତୁମର ସେହି ପ୍ରୟାସ ତୁମରି ଭିତରେ ବିଦ୍ୟମାନ ରହିଥିବା ସେହି ଦିବ୍ୟ ପରମଚେତନାଙ୍କ ଉଦ୍ଦେଶ୍ୟରେ ତୁମର ଏକ ଉତ୍ସର୍ଗ ବା ନିବେଦନ ବ୍ୟତୀତ ଆଉ କିଛି ନୁହେଁ । ସେହି ପରମଚେତନା ତୁମ ବାହାରେ ସମସ୍ତ ବିଶ୍ୱରେ ବି ବ୍ୟାପ୍ତ ହୋଇ ରହିଛନ୍ତି । ତୁମେ ଏହିପରି ଭାବରେହିଁ ତାଙ୍କ ପାଖରେ ନିଜର କୃତଜ୍ଞତାଟିକୁ ଜ୍ଞାପନ କରୁଛ, ତୁମେ ଏହିପରି ଭାବରେ ନିଜକୁ ତାଙ୍କ ପାଖରେ ନେଇ ଦେଇପାରୁଛ । ଏବଂ ଏହା ଦ୍ୱାରା ତୁମର କୌଣସି ଅଗ୍ରଗତି ପ୍ରକୃତରେ ହେଉଛି କି ନାହିଁ, ତାହାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଅଗ୍ରଗତିର ଉଚିତ ସମୟ ଆସି ପହଞ୍ଚିଲାଣି ବୋଲି ଯେତେବେଳେ ନିଷ୍ପତ୍ତି ହେବ, ତୁମେ ସେତିକିବେଳେ ଅଗ୍ରଗତି କରିବ; ତୁମେ ଅଗ୍ରଗତି କରିବାକୁ ମନ କରୁଛ ବୋଲି ଯେ ଅଗ୍ରଗତି କରିବ, ସେକଥା ମୋଟେ ନୁହେଁ ।

ଯଦି ତୁମେ ଅଗ୍ରଗତି କରିବାକୁ ଇଚ୍ଛା କରୁଛ, ଉଦାହରଣ ସ୍ୱରୂପ, ଯଦି ତୁମେ ଆପଣାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଛ, ନିଜ ଭିତରେ ଥିବା କେତେକ ଅଭାବ, ଦୁର୍ବଳତା ଏବଂ ଅପୂର୍ଣ୍ଣତାକୁ ଅତିକ୍ରମ କରିବାଲାଗି ଚେଷ୍ଟା କରୁଛ ଏବଂ ଯଦି ତୁମର ସେହି ଚେଷ୍ଟାରୁ ହଠାତ୍ କିଛି ଫଳ ମିଳିଯାଉ ବୋଲି ବ୍ୟସ୍ତ ହେଉଛ, ତେବେ ତୁମର ସେହି ଚେଷ୍ଟାରେ ଆଉ କୌଣସି ଆନ୍ତରିକତାହିଁ ରହିବ ନାହିଁ । ତା'ପରେ ତାହା ଏକ ସଉଦା ମୂଲାଇବାରେ ପରିଣତ ହୋଇଯିବ । ତୁମେ ହୁଏତ କହୁଛ, ''ଦେଖ, ମୁଁ

'oaob.nitrkl.ac.in' images reprocessed

ବର୍ତ୍ତମାନ ଏକ ପ୍ରୟାସ କରିବାକୁ ଯାଉଛି, ମାତ୍ର ସେହି ପ୍ରୟାସଟି ବଦଳରେ ମୋତେ ଏହି ଫଳଟି ମିଳିଯିବ ବୋଲିହିଁ ମୁଁ ସେହି ପ୍ରୟାସଟିକୁ କରିବାକୁ ଯାଉଛି ।'' ତେବେ ତୁମର ପ୍ରୟାସଟି ଆଉ କଦାପି ସ୍ୱତଃସ୍ଫୂର୍ତ୍ତ ହେବ ନାହିଁ, କଦାପି ସ୍ୱାଭାବିକ ହୋଇ ରହିବ ନାହିଁ ।

ତେଣୁ, ଦୁଇଟି କଥା ମନେ ରଖିବାକୁ ପଡ଼ିବ । ପ୍ରଥମ କଥାଟି ହେଉଛି, ଫଳଟି ପ୍ରକୃତରେ କ'ଣ ହେବା ଉଚିତ, ତାହା ବିଚାର କରି ପାରିବାକୁ ଆମର କୌଣସି ସାମର୍ଥ୍ୟ ନାହିଁ । ଯଦି ଆମେ ସେହି ଦିବ୍ୟ ପରମସତ୍ତାଙ୍କଠାରେ ଆସ୍ଥା ସ୍ଥାପନ କରିଥିବା, ଯଦି ଆମେ କହିବା, ଯଦି କହି ପାରୁଥିବା, ''ଯାହାକିଛି ଦେବାଲାଗି ମୋ'ର ସାମର୍ଥ୍ୟ ରହିଛି, ବର୍ତ୍ତମାନ ମୁଁ ତାଙ୍କୁ ସବୁକିଛି ଦେଇଦେବି, ମୋ'ର ସକଳ ପ୍ରୟାସ ଓ ଅଭିନିବେଶକୁ ମୁଁ ତାଙ୍କରିଠାରେ ଅର୍ପଣ କରିଦେବି; ଏବଂ, ତାହାର ପ୍ରତିବଦଳରେ ମୋତେ କ'ଣ ମିଳିବ, ଏବଂ ଏପରିକି, ତାହା ବଦଳରେ ମୋତେ ଆଦୌ କିଛିହେଲେ ମିଳିବ କି ନାହିଁ, ସେକଥାଟିକୁ କେବଳ ସେଇ ବିଚାର କରିବେ । ମୋତେ କୌଣସି ଫଳ ମିଳିବ କି ନାହିଁ, ମୁଁ ସେବିଷୟରେ ଆଦୌ କିଛି ଜାଣି ନାହିଁ ।'' ଆମ ଭିତରେ ଆମେ କୌଣସି ବସ୍ତୁରେ ଏକ ରୂପାନ୍ତର ସମ୍ଭବ କରିବା ପୂର୍ବରୁ, ଏହି ରୂପାନ୍ତରଟି ପ୍ରକୃତରେ କିପରି ଘଟିବା ଉଚିତ, ତାହାର ଦିଗ, ରୀତି ଏବଂ ଆକାର ବିଷୟରେ ଆମେ କୌଣସି ପ୍ରକାରେ ନିଶ୍ଚିତ ହୋଇପାରିବା କି ?— କେବେହେଲେ କରିପାରିବା ନାହିଁ । ତେଣୁ, ଏହି କ୍ଷେତ୍ରରେ ଆମର ନିଜ କଳ୍ପନାଟିହିଁ ଯାହାକିଛି କରିଥାଏ ଏବଂ ଏପରି କରି ଆମେ ସାଧାରଣତଃ ଲବ୍ଧ ହେବାକୁ ଯାଉଥିବା ଫଳଟିକୁ ଅତ୍ୟନ୍ତ ସୀମିତ କରି ପକାଇଥାଉ, ତାହାକୁ ସମ୍ପୂର୍ଣ୍ଣ କ୍ଷୁଦ୍ର, ହୀନ, କେବଳ ଉପରଠାଉରିଆ ଏବଂ ଆପେକ୍ଷିକ କରି ପକାଇଥାଉ । ଫଳଟି ଯଥାର୍ଥରେ କ'ଣ ହୋଇପାରିବ ଓ ତାହା ପ୍ରକୃତରେ କିପରି ହେବା ଉଚିତ, ଆମେ ସେ ବିଷୟରେ କିଛିହେଲେ ଜାଣି ନ ଥାଉ । ଆମେ ତାହାକୁ ପରେ ଜାଣୁ । ଯେତେବେଳେ ଫଳଟି ପ୍ରାପ୍ତ ହୁଏ, ଯେତେବେଳେ ପରିବର୍ତ୍ତନଟି ଘଟେ, ତେବେ ଆମେ ପଛକୁ ଦୃଷ୍ଟିପାତ କରି ହୁଏତ ''ହଁ, ଠିକ୍ ସେଇଟି, ଠିକ୍ ସେଇଟି ପାଇବାଲାଗିହିଁ ମୁଁ ଅଗ୍ରସର ହୋଇ ଆସୁଥିଲି'' ବୋଲି କହିବାକୁ ଆରମ୍ଭ କରୁ । ମାତ୍ର କେବଳ ପରେ ଯାଇ ଆମେ ଏ ବିଷୟରେ କିଛିହେଲେ ଜାଣିଥାଉ । ତା' ପୂର୍ବରୁ ଆମର କେବଳ କେତେଗୁଡ଼ାଏ ଭାରି ଅସ୍ପଷ୍ଟ କଳ୍ପନାହିଁ ରହିଥାଏ, ଯେଉଁଗୁଡ଼ିକର କି ଆଦୌ କୌଣସି ଗଭୀରତା ନ ଥାଏ ଏବଂ ଯଥାର୍ଥ ଅଗ୍ରଗତି ଏବଂ ଯଥାର୍ଥ ରୂପାନ୍ତରଟିର ତୁଳନାରେ ଯାହାକୁ କି କେବଳ କୌଣସି ପିଲାର କଳ୍ପନା ବୋଲି କୁହାଯାଇ ପାରିବ ।

ତେଣୁ ମୁଁ କହୁଛି, ସର୍ବ ପ୍ରଥମେ : ଆମର ଏକ ଆକାଙ୍କ୍ଷା ରହିଥାଏ ସତ,

'oaob.nitrkl.ac.in' images reprocessed

ମାତ୍ର ଆମର ଯଥାର୍ଥରେ କେଉଁ ଫଳଟିକୁ ପ୍ରାପ୍ତ କରିବା ଉଚିତ, ସେ ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନ ଥାଏ । କେବଳ ଦିବ୍ୟ ପରମସତ୍ତାଙ୍କରହିଁ ତାହାକୁ ଜାଣିବାର ସାମର୍ଥ୍ୟ ରହିଥାଏ ।

ଏବଂ ଦ୍ୱିତୀୟତଃ, ଯଦି ମୁଁ ଦିବ୍ୟ ପରମସତ୍ତାଙ୍କ ପାଖରେ ଯାଇ କହେ, "ମୁଁ ଆପଣଙ୍କୁ ମୋର ପ୍ରୟାସତକ ଦେଉଛି, ମାତ୍ର ତା'ବଦଳରେ ମୋତେ ଅବଶ୍ୟ କିଛି ଅଗ୍ରଗତି କରିବାକୁ ପଡ଼ିବ, ତା' ନ ହେଲେ ଆପଣଙ୍କୁ ମୁଁ କିଛିହେଲେ ଦେବି ନାହିଁ",– ଏଇଟା ହେଉଛି ସଉଦା ମୂଲାଇବା । ବାସ୍, ଏତିକି !

*(ମାଆ ନୀରବ ରହିଲେ)*

ଆମର କର୍ମ ଏକ ସ୍ୱତଃସ୍ଫୂର୍ତ୍ତ କର୍ମ ହୋଇଥିବ; ଆମେ ସେହି କର୍ମଟିକୁ କରୁଥିବା, କାରଣ ସେଇଟିକୁ ନ କରି ଆଦୌ ରହି ପାରୁ ନ ଥିବା । ସେହି କର୍ମଟିକୁ ଆମେ ସଦିଚ୍ଛାପୂର୍ଣ୍ଣ ଏକ ଉତ୍ସର୍ଗରୂପେ କରିବା । କେବଳ ସେହିଭଳି କର୍ମରହିଁ କୌଣସି ଯଥାର୍ଥ ମୂଲ୍ୟ ରହିଛି ।

'oaob.nitrkl.ac.in' images reprocessed

## ୩୦ ଏପ୍ରିଲ୍ ୧୯୫୮

ଆଗରୁ ମୁଁ ଠିକ୍ ଯେଉଁପରି ଭାବିଥିଲି, ଫେବ୍ରୁଆରି ୩ ତାରିଖରେ ମୋ'ର ହୋଇଥିବା ଅତିମାନସ ଅଭିଜ୍ଞତାଟିକୁ ଏକ ମାନସିକ ଭୂମିରେ ବୁଝାଇକରି କହିବାକୁ ଦାବିକରି ମୋତେ କେତେ ନା କେତେ ପ୍ରଶ୍ନ ପଚରା ଯାଇଛି ।

ଏକ ନୂତନ ବ୍ୟବସ୍ଥାର ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଏବଂ ସେତେବେଳେ ତୁମେମାନେ ବେଶ୍ ଆରାମଦାୟକ ଭାବରେ ଯେପରି ନିଜର ସେହି ନୂତନ ମାନସିକ ବିଚରଣ-ଭୂମିଟି ଉପରେ ବସିପାରିବ, ସେହି ସମୟଟି ଆସିବା ପର୍ଯ୍ୟନ୍ତ ତୁମେମାନେ ସେହି ଅଭିଜ୍ଞତାଟିକୁ ମାନସିକ ଭୂମିକୁ ଏହି ତଳକୁ ଆଣି ତୁମମାନଙ୍କୁ ସେହି ବିଷୟରେ ବର୍ଣ୍ଣନା କରି କହିବା ଲାଗି ଅନୁରୋଧ କରିଛି ।... ମୁଁ ଭାରି ଦୁଃଖିତ ଯେ ମୁଁ ତୁମମାନଙ୍କର ଇଚ୍ଛାଟିକୁ ପୂରଣ କରିପାରିବି ନାହିଁ, କାରଣ ତାହା କରିବା ଏକାବେଳେକେ ଅସମ୍ଭବ । ଏବଂ, ଏ ବିଷୟରେ ମୁଁ ଯାହା ଲେଖିଛି, ଯଦି ତୁମେମାନେ ତାହାକୁ ବୁଝିବାଲାଗି ଇଚ୍ଛା କରୁଥାଅ, ତେବେ ନିଜେ ଏକ ଅତିମାନସ ଚେତନା ଅର୍ଜନ କରିବାଲାଗି ତୁମମାନଙ୍କର ପ୍ରୟାସ କରିବା ଉଚିତ ।

ବାସ୍, ଏ ବିଷୟରେ ମୁଁ ତୁମମାନଙ୍କୁ କେବଳ ଏତିକି କହିବି ।

ଏବଂ, ଗୋଟିଏ ମତାନ୍ଧତାର ସ୍ଥାନରେ ଆଉ ଗୋଟିଏ ମତାନ୍ଧତାକୁ ଆଣି ରଖିବାଲାଗି ଯେଉଁ ପାଗଳାମି ରହିଛି, ସେହି ବିଷୟରେ ତୁମେମାନେ ସାବଧାନ ହୋଇ ରହିବ । "ହଁ, ସେଗୁଡ଼ାକ ସବୁକିଛି କେବଳ ମିଥ୍ୟାହିଁ ଥିଲା; ମାତ୍ର ବର୍ତ୍ତମାନ ଆମେ ଅଚରଣ-ବିଧିର ଏକ ଚମତ୍କାର ସଂଦର୍ଶିକା ତିଆରି କରି ଥୋଇଦେବାକୁ ଯାଉଛୁ, ଯାହାକୁ କି ପ୍ରକୃତ ବିଧି ଓ ପ୍ରକୃତ ମାର୍ଗ ବୋଲି କୁହାଯାଇ ପାରିବ ।"— ଏପରି କହିବା ବିଷୟରେ ତୁମେମାନେ ସର୍ବଦା ସାବଧାନ ହୋଇ ରହିଥିବ ।

ମାତ୍ର, ମନରୁ ରଚନା କରି ଯାହା କୁହାଯିବ, ତାହା କଦାପି ସତ୍ୟ ହେବ ନାହିଁ । ଏବଂ ତେଣୁ ମନରୁ ରଚନା କରି କିଛି କହିବା ଲାଗି ମୁଁ ସବୁବେଳେ ଅସମ୍ମତିହିଁ ପ୍ରକାଶ କରିବି । ମୁଁ ବାଧ ହୋଇ ମନୁଷ୍ୟମାନେ ବୁଝିବେ ବୋଲି କେତେକ ଶବ୍ଦର ସାହାଯ୍ୟ ନେଇଥିଲି, ମାତ୍ର ଯାବତୀୟ ଅତ୍ୟନ୍ତ ଅସଂଗତି ସହିତହିଁ ମୁଁ ସେହି କଥାଟିକୁ କରିପାରିଲି । କାରଣ, ମୁଁ ଯେପରି ଅତ୍ୟଧିକ ଭାବରେ ମାନସିକ ହୋଇ ନ ପଡ଼ିବି, ସେଥିପାଇଁହିଁ ସେପରି କରିଥିଲି । ଏବଂ, ଏକ ମାନସିକ ରୀତିରେ ସଂଗତ ହେଲାପରି ଦିଶିବି ବୋଲି ମୁଁ କଦାପି ସମ୍ମତ ହୋଇପାରୁ ନାହିଁ । ଯେଉଁ ପ୍ରଶ୍ନଗୁଡ଼ିକ ମୋତେ ଏଠାରେ

'oaob.nitrkl.ac.in' images reprocessed

ପଚରା ଯାଇଛି ବା ଚିଠିରେ ମୋ'ପାଖକୁ ଯେଉଁଗୁଡ଼ିକ ଆସିଛି, କେବଳ ସେହିଗୁଡ଼ିକ ଲାଗି ନୁହେଁ, ମାତ୍ର ସେହି ବିଷୟରେ ଭବିଷ୍ୟତରେ ମଧ୍ୟ ଯେଉଁ ପ୍ରଶ୍ନଗୁଡ଼ିକ ଆସିବ, ସେଗୁଡ଼ିକ ଲାଗି ମଧ୍ୟ ମୁଁ କଦାପି ଏପରି କରିବା ପାଇଁ ସମ୍ମତ ହେବି ନାହିଁ ।

ମୁଁ ସମସ୍ତଙ୍କୁ ସେହି ଗୋଟିଏ ପରାମର୍ଶହିଁ ଦେବି : ନିଜେ ଏକ ଉଦ୍ୟମ କର, ସେଥିଲାଗି କାର୍ଯ୍ୟ କର, ଆପଣାକୁ ଉନ୍ମୁକ୍ତ କରି ରଖ, ସେହି ନୂତନ ମହାନ୍‌ଶକ୍ତିଟି ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦିଅ; ତେବେ ସେପରି ଗୋଟିଏ ଦିନ ଅବଶ୍ୟ ଆସି ପହଞ୍ଚିବ, ଯେତେବେଳେ କି ତୁମେ ସେହି ଅଭିଜ୍ଞତାଟିକୁ ଲାଭ କରିବ ।

ତୁମର ଯେତେବେଳେ ସେହି ଅଭିଜ୍ଞତାଟି ହୋଇଯିବ, ଏହି ପ୍ରଶ୍ନଗୁଡ଼ିକ ଯେ କେଡ଼େ ନିରର୍ଥକ, ସେତେବେଳେ ତୁମେ ଯଥାର୍ଥ ଭାବରେ ସେହି କଥାଟିକୁ ବୁଝିପାରିବ ।

'oaob.nitrkl.ac.in' images reprocessed

## ୭ ମଇ ୧୯୫୮

''ବିବର୍ତ୍ତନଶୀଳ ପ୍ରକୃତିର ଆଦ୍ୟତମ ସୋପାନଗୁଡ଼ିକରେ ଆମେ ତାହାର ନିର୍ବାକ୍ ରହସ୍ୟମୟତାର ସମ୍ମୁଖୀନ ହୋଇଥାଉ । ସେତେବେଳେ ତାହାର କ୍ରିୟାଗୁଡ଼ିକରେ କୌଣସି ତାତ୍ପର୍ଯ୍ୟ କିଂବା ଉଦ୍ଦେଶ୍ୟ ରହିଛି ବୋଲି ଆଦୌ ଅନୁଭୂତ ହୁଏ ନାହିଁ, ତାହାର ସେହି ପ୍ରଥମ ରୂପାୟଣଟି ବ୍ୟତୀତ ସତ୍ତାଗତ କୌଣସି ତତ୍ତ୍ୱର ଆଉ କୌଣସି ସଙ୍କେତ ମିଳେ ନାହିଁ । ଆଦି ରୂପାୟଣର ତାତ୍କାଳିକ କାର୍ଯ୍ୟଟିକୁ ନେଇ ପ୍ରକୃତି ଏପରି ବାନ୍ଧି ହୋଇ ରହି ଯାଇଥାଏ ଯେ ହୁଏତ କୌଣସି କାଳରେ ମଧ୍ୟ ତାହାକୁ ସତେଯେପରି କେବଳ ସେତିକି ବ୍ୟତୀତ ଆଉ କିଛିହେଲେ କରିବାକୁ ନାହିଁ, ସେହିଭଳି ମନେହୁଏ । କାରଣ, ତାହାର ଏହି ଆଦି କ୍ରିୟାଭୂମିଟିରେ କେବଳ ଜଡ଼ରହିଁ ଆବିର୍ଭାବ ହୁଏ ଓ ସେହି ନିର୍ବାକ ଏବଂ କଠିନ ଜଡ଼ହିଁ ଏକମାତ୍ର ବିଶ୍ୱସତ୍ୟ ବୋଲି ପ୍ରତୀତ ହୁଏ । ପ୍ରକୃତିର ମର୍ମରହସ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଭାବରେ ଅବସ୍ଥିତ ରହି ଜଣେ ସଚେତନ ସାକ୍ଷୀ ଯଦି ସେହି ବିଶ୍ୱସୃଷ୍ଟିକୁ ଅବଲୋକନ କରିଥା'ନ୍ତେ, ତେବେ ସେ ଏକ ଆପାତ ଅସତ୍‌ର ଅତଳ ଗର୍ଭରୁ ଏକ ଶକ୍ତି ଆବିର୍ଭୂତ ହୋଇ ଆସୁଥିବାର ପ୍ରତ୍ୟକ୍ଷ କରିଥାଆନ୍ତେ ସେହି ଶକ୍ତି ଜଡ଼ରହିଁ ସୃଷ୍ଟି କରୁଥା'ନ୍ତା, ଜଡ଼ଜଗତ ଓ ଜଡ଼ବସ୍ତୁଗୁଡ଼ିକରହିଁ ସୃଷ୍ଟି କରୁଥା'ନ୍ତା, ନିଶ୍ଚେତନର ଅନନ୍ତତାକୁ ଏକ ଅନ୍ତହୀନ ବିଶ୍ୱଜଗତର ଯୋଜନାରୂପେ ଅଥବା ଅଗଣିତ ବିଶ୍ୱର ଏକ ବ୍ୟବସ୍ଥାରୂପେ ପୁନର୍ଗଠିତ କରୁଥା'ନ୍ତା । ସେହି ବିଶ୍ୱଗୁଡ଼ିକ ତା'ର ଚତୁର୍ଦ୍ଦିଗରେ କୌଣସି ନିର୍ଦ୍ଦିଷ୍ଟ ଅନ୍ତ ବା ସୀମା ନ ଥିବା ଦେଶ ମଧ୍ୟକୁ ବିସ୍ତାରିତ ହୋଇ ରହିଥା'ନ୍ତେ । ଅକ୍ଳାନ୍ତ ଭାବରେ କେତେକେତେ ଛାୟାପଥ, ତାରାମଣ୍ଡଳ, ସୂର୍ଯ୍ୟ ଓ ଗ୍ରହନକ୍ଷତ୍ର ଗଢ଼ାହେବାରେ ଲାଗିଥା'ନ୍ତା, ସମ୍ପୂର୍ଣ୍ଣ ଅର୍ଥହୀନ ଭାବରେ ସେଗୁଡ଼ିକ କେବଳ ଆପଣା ଆପଣା ଲାଗିହିଁ ବିଦ୍ୟମାନ ରହିଥା'ନ୍ତେ; ସେଗୁଡ଼ିକର କୌଣସି ହେତୁ ନ ଥା'ନ୍ତା ବା ଉଦ୍ଦେଶ୍ୟ ମଧ୍ୟ ନ ଥା'ନ୍ତା । ଏହି ସୃଷ୍ଟି ସେହି ସାକ୍ଷୀଙ୍କୁ ଆଦୌ କୌଣସି ବ୍ୟବହାରରେ ଲାଗୁ ନ ଥିବା ଏକ ବିରାଟ ଓ ବିସ୍ମୟୋଦ୍ଦୀପକ ଯନ୍ତ୍ରପରି ବୋଧ ହୋଇଥା'ନ୍ତା, ଏକ ଅତିଶକ୍ତିଶାଳୀ ଅଥଚ ଏକାନ୍ତ ଉଦ୍ଦେଶ୍ୟହୀନ ଗତିସ୍ପନ୍ଦନ ପରି ଲାଗିଥା'ନ୍ତା, ଯୁଗ ଯୁଗ ଧରି ଚାଲିଥିବା ଏକ ଦୃଶ୍ୟାଭିନୟ ପରି

'oaob.nitrkl.ac.in' images reprocessed

*ମନେ ହୋଇଥା'ନ୍ତା, ଯାହାକୁ ଦେଖିବାଲାଗି ଗୋଟିଏ ହେଲେ ଦର୍ଶକ ନ ଥା'ନ୍ତେ; ବିଶ୍ୱବ୍ୟାପୀ ଏକ ବିଶାଳ ଭବନ ପରି ମନେ ହୋଇଥା'ନ୍ତା, ଯେଉଁଥିରେ କି ଜଣେ ହେଲେ କେହି ବାସ କରୁ ନ ଥା'ନ୍ତେ । କାରଣ ସେ ଏଠାରେ ଅଧିଷ୍ଠିତ କୌଣସି ଚିତ୍‌ସତ୍ତାର ଆଦୌ କୌଣସି ଲକ୍ଷଣ ଦେଖି ନ ଥା'ନ୍ତେ; ଯାହାର ଆନନ୍ଦବିଧାନ ଲାଗି ଏସବୁ ତିଆରି ହୋଇ ରହିଛି, ସେହିଭଳି ଏକ ସତ୍ତାର ମଧ୍ୟ ଦର୍ଶନ ପାଇ ନ ଥା'ନ୍ତେ । ଏଭଳି ଏକ ବିସୃଷ୍ଟି କେବଳ ଏକ ନିଶ୍ଚେତନ ଶକ୍ତି ବା ଏକ ଭ୍ରାନ୍ତିକାରୀ ଛାୟାଛବି ବ୍ୟତୀତ ଆଉ କ'ଣ ବୋଲି ମନେ ହୋଇଥା'ନ୍ତା, ଏକ ଅତିଚେତନ ଓ ସଂପୂର୍ଣ୍ଣ ଉଦାସୀନ ନିର୍ବିଶେଷ ସତ୍ତା ଉପରେ ପ୍ରତିଫଳିତ ହୋଇ ରହିଥିବା ଏକ ଛାୟାଭିନୟ ବା ପୁତୁଳି ନୃତ୍ୟ ବ୍ୟତୀତ ଆଉ କ'ଣ ବୋଲି ମନେ ହୋଇଥା'ନ୍ତା ? ଏହି ଅମେୟ ଓ ଅନନ୍ତବିସ୍ତୃତ ଜଡ଼ଗତ ପ୍ରଦର୍ଶନ କ୍ଷେତ୍ରରେ କେଉଁଠି କୌଣସି ଆତ୍ମା, କୌଣସି ମନ କିଂବା ପ୍ରାଣ ରହିଛି ବୋଲି ସେ କୌଣସି ସୂଚନା ବି ପାଇ ନ ଥା'ନ୍ତେ । ସର୍ବକାଳ ଲାଗି ଜୀବନବର୍ଜିତ ଓ ବୋଧହୀନ ହୋଇ ରହିଥିବା ଏହି ମରୁଭୂମିତୁଲ୍ୟ ବିଶ୍ୱରେ ଯେ କେବେ ଜୀବନର ଉଲ୍ଲାସ ଆସି ଦେଖାଦେବ, ଉପରିଭାଗଟି ଆଡ଼କୁ ଆପଣାର ପଥ ଭଣି ଆସୁଥିବା ଏକ ରହସ୍ୟମୟ, ଅପରିମିତ, ସଜୀବ ଓ ସଚେତନ ପ୍ରଚ୍ଛନ୍ନ ସତ୍ତାର ଏକ ପ୍ରଥମ ସ୍ପନ୍ଦନ ଯେ କେବେ ଅନୁଭୂତ ହୋଇପାରିବା ସମ୍ଭବ ହେବ କିଂବା ତାହାର କଳ୍ପନା କରାଯାଇ ପାରିବ, ସେକଥା ସେତେବେଳେ ତାଙ୍କୁ ଏକାବେଳକେ ଅପ୍ରତୀତ୍ୟ ବୋଲି ଲାଗିଥା'ନ୍ତା ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୪୮-୪୯

*ମାଆ, ମୁଁ ଏହି ବାକ୍ୟଟିକୁ ବୁଝି ପାରିଲି ନାହିଁ : "ବିବର୍ତ୍ତନଶୀଳ ପ୍ରକୃତିର ଆଦ୍ୟତମ ସୋପାନଗୁଡ଼ିକରେ ଆମେ ତାହାର ନିର୍ବାକ୍ ରହସ୍ୟମୟତାର ସମ୍ମୁଖୀନ ହୋଇଥାଉ," ମାଆ, ଏହି ରହସ୍ୟମୟତା କହିଲେ ଏଠାରେ କ'ଣ ବୁଝାଉଛି ?*

ପ୍ରକୃତିର ଅଭିପ୍ରାୟ ?... ଶ୍ରୀ ଅରବିନ୍ଦ ଆରମ୍ଭରୁହିଁ ଠିକ୍ ଏହି କଥା କହିଛନ୍ତି । ସେ କହିଛନ୍ତି ଯେ, କେତେ ନା କେତେ ଗଭୀର ତଳରେ ପ୍ରଚ୍ଛନ୍ନ ରହି, ଜଡ଼ର ଅନ୍ତର ମଧ୍ୟରେ ଭଗବଦ୍ ପରମସତ୍ତା ଉପସ୍ଥିତ ରହିଛନ୍ତି । ଏବଂ, ଏହି ସୃଷ୍ଟି ଯେପରି ତା'ର ଅସଲ

'oaob.nitrkl.ac.in' images reprocessed

ଉତ୍ସଟିକୁ ଫେରିଯାଇ ପାରିବ, ପ୍ରତ୍ୟେକ ବସ୍ତୁର ହୃଦୟ ମଧ୍ୟରେ ଅବସ୍ଥିତ ରହିଥିବା ଏହି ଭଗବତ୍-ପରମ ଉପସ୍ଥିତିଟି ପାଖକୁ ଫେରିଯାଇ ପାରିବ, ସେଇଥିଲାଗି କ୍ଷେତ୍ର ପ୍ରସ୍ତୁତ କରିବାକୁହିଁ ଏହି ସମସ୍ତ ପାର୍ଥିବ ବିବର୍ତ୍ତନର ରଚନା କରାଯାଇଛି । ଏହାହିଁ ପ୍ରକୃତିର ଅଭିପ୍ରାୟ ।

ଏହି ବିଶ୍ୱକୁ ଆମେ ସେହି ସର୍ବୋଚ୍ଚ ପରମସତ୍ତାଙ୍କରହିଁ ମୂର୍ତ୍ତୀକରଣ ବୋଲି କହିବା; ଆପଣାକୁ ଅବଲୋକନ କରିବାଲାଗି, ଆପଣାକୁ ବଞ୍ଚିବାଲାଗି ଓ ଜାଣିବାଲାଗି ସତେଯେପରି ପରମସତ୍ତା ଆପଣାର ବାହାରେ ଆପଣାକୁ ମୂର୍ତ୍ତୀକୃତ କରି ରଖିଛନ୍ତି, ଆମେ ତାହାକୁ ସେହିପରିହିଁ ଜାଣିବା । ଯେପରି କି, ଏପରି ଏକ ଅସ୍ତିତ୍ୱ ଓ ଏକ ଚେତନା ସମ୍ଭବ ହୋଇଯିବ, ଯାହାକି ଆପଣାର ଉତ୍ସରୂପେ ତାହାଙ୍କୁହିଁ ଚିହ୍ନିନେଇ ପାରିବ ଏବଂ ତାଙ୍କରି  ସହିତ ସଚେତନ ଏକାତ୍ମକତା ଲାଭ କରି ତାଙ୍କୁ ଏହି ସମ୍ଭୂତି ମଧ୍ୟରେ ଆଣି ପ୍ରକଟ କରିଦେଇ ପାରିବ, ସେଇଥିଲାଗି ସର୍ବୋଚ୍ଚ ସତ୍ତା ଆପଣାକୁ ମୂର୍ତ୍ତୀକୃତ କରି ରଖିଛନ୍ତି । ଏହି ବିଶ୍ୱରଚନା ପଛରେ ଆଉ ଅନ୍ୟ କୌଣସି କାରଣ ନାହିଁ । ଆମର ଏହି ପୃଥିବୀ ବିଶ୍ୱଗତ ଜୀବନର ଗୋଟିଏ ପ୍ରକାରର ପ୍ରତୀକାତ୍ମକ ଠୁଳରୂପ ହୋଇ ଅବସ୍ଥିତ ରହିଛି, ତାହାରି ଏକ ନିଷ୍ପନ୍ନ ରୂପ ଏବଂ ଏକ ସଂକେନ୍ଦ୍ରଣ ହୋଇ ରହିଛି, ଯେପରିକି ବିବର୍ତ୍ତନର କ୍ରିୟାଟିକୁ ସହଜରେ ସମ୍ପାଦନ କରିହେବ ଏବଂ ବୁଝିହେବ । ଏବଂ, ଯଦି ଆମେ ଏହି ପୃଥିବୀର ଇତିହାସକୁ ଅବଲୋକନ କରିବା, ତେବେ ତାହା ଯେ କାହିଁକି ତିଆରି ହୋଇଛି, ସେହି କଥାଟିକୁ ବୁଝିବାଲାଗି ନିଶ୍ଚୟ ସମର୍ଥ ହୋଇଯିବା । ଏହି ବିବର୍ତ୍ତନର ପ୍ରକ୍ରିୟାଟି ମଧ୍ୟଦେଇ ଏକ ଶାଶ୍ୱତ ସମ୍ଭୂତିର ଭୂମି ଉପରେ ପରମ ସର୍ବୋଚ୍ଚ ସତ୍ତାହିଁ ଅଧିକରୁ ଅଧିକ ପରିମାଣରେ ଆତ୍ମସଜ୍ଞାନ ହେବାରେ ଲାଗିଛନ୍ତି । ଏବଂ ସେହି ପରମସ୍ରଷ୍ଟାଙ୍କ ସହିତ ସୃଷ୍ଟ ପୃଥିବୀର ଏକତ୍ୱଲାଭ,— ଏହାହିଁ ବିବର୍ତ୍ତନର ଲକ୍ଷ୍ୟ; ତାଙ୍କର ଏହି ପରମ ଅଭିବ୍ୟକ୍ତି ମଧ୍ୟରେହିଁ ସେହି ସଚେତନ, ଇଚ୍ଛାକୃତ ଏବଂ ମୁକ୍ତ ଏକତ୍ୱଟି ସଂଘଟିତ ହେବାକୁ ଯାଉଛି ।

ପ୍ରକୃତିର ରହସ୍ୟ କହିଲେ ତାହାକୁହିଁ ବୁଝାଇବ । ପ୍ରକୃତି ହେଉଛି କ୍ରିୟାତ୍ମିକା ଶକ୍ତି, ସେହି ପ୍ରକୃତିହିଁ ଯାବତୀୟ କାର୍ଯ୍ୟର ସମ୍ପାଦନ କରୁଛି ।

ଏହି ଯେଉଁ ସୃଷ୍ଟି ବାହାରକୁ ସମ୍ପୂର୍ଣ୍ଣ ଅଚେତନ ପରି ଦେଖାଯାଉଛି ମାତ୍ର ଯାହା ଭିତରେ ସେହି ସର୍ବୋଚ୍ଚ ପରମଚେତନା ଏବଂ ଏକମାତ୍ର ପରମସତ୍ୟ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ପ୍ରକୃତି ସେହି ସୃଷ୍ଟିକୁହିଁ ନିଜ ହାତରେ ଗ୍ରହଣ କରି ନେଉଛି; ଏବଂ, ଯେପରିକି ଏହି ସବୁକିଛି ବିକଶିତ ହୋଇ ଆସିବ, ଆତ୍ମସଜ୍ଞାନ ହୋଇ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧି କରିପାରିବ, ପ୍ରକୃତି ସେଇଥି ସକାଶେହିଁ କାର୍ଯ୍ୟ କରୁଛି । ମାତ୍ର ପ୍ରକୃତି ମୂଳରୁ

'oaob.nitrkl.ac.in' images reprocessed

ତାହାର ଆଦୌ କୌଣସି ସୂଚନା ଦେଉ ନାହିଁ । ତାହା ମନ୍ଥର ଗତିରେ ବିକଶିତ ହେବାରେ ଲାଗିଛି, ଏବଂ ତେଣୁ ଏହି ମୂଳରେ ତାହା ଏକ ରହସ୍ୟ ରୂପେ ଅବସ୍ଥିତ ରହିଛି ଏବଂ ଚୂଡ଼ାନ୍ତ ଲକ୍ଷ୍ୟଟିର ନିକଟବର୍ତ୍ତୀ ହୋଇ ଆସିବା ସଙ୍ଗେ ସଙ୍ଗେ ତାହା ଆପଣାକୁ ଅବଶ୍ୟ ଅନାବୃତ କରିଆଣିବ । ଏବଂ, ବିବର୍ତ୍ତନର ଏହି ପ୍ରକ୍ରିୟାରେ ମନୁଷ୍ୟ ଏପରି ଏକ ଉଚ୍ଚ ବିନ୍ଦୁରେ ଆସି ପହଞ୍ଚି ପାରିଛି, ଯେଉଁଠାରେ କି ସେହି ରହସ୍ୟର ଉଦ୍‌ଘାଟନ ସମ୍ଭବ ହୋଇପାରିବ । କାରଣ, ଯେଉଁ କାର୍ଯ୍ୟଟି ଆପାତତଃ ଏକ ଅଚେତନା ମଧ୍ୟରେ ଚାଲିଥିଲା, ତାହା ବର୍ତ୍ତମାନ ସଚେତନ ଏବଂ ଇଚ୍ଛାକୃତ ଭାବରେ ଚାଲିପାରିବ; ତେଣୁ ତାହା ଅନେକ ଅଧିକ ଦ୍ରୁତ ହୋଇ ଚାଲିପାରିବ, ଆପଣାକୁ ଉପଲବ୍ଧି କରିବାର ଆନନ୍ଦରେହିଁ ତାହା ଚାଲିବ ।

ମନୁଷ୍ୟ ଭିତରେ ଯେ ଆଧ୍ୟାତ୍ମିକ ସତ୍ୟଟି ବିକାଶଲାଭ କରି ଆସୁଛି ଏବଂ ତାହା ଯେ ଆପଣାକୁ ସମଗ୍ର ଏବଂ ମୁକ୍ତ ଭାବରେ ଅଭିବ୍ୟକ୍ତ କରି ଆଣିବାକୁ ଯାଉଛି, ଏକଥା କ୍ରମେ ଦୃଶ୍ୟ ହେବାକୁ ବି ଆରମ୍ଭ କଲାଣି । ପୂର୍ବରୁ, ଇତର ପ୍ରାଣୀ ଏବଂ ଉଦ୍ଭିଦ ଭିତରେ ତାହା... ବିକାଶର ସେହି ପ୍ରକ୍ରିୟାଟିକୁ ଦେଖିପାରିବା ଲାଗି ଅତ୍ୟନ୍ତ ସ୍ୱଚ୍ଛଦୃଷ୍ଟି ହେବାର ପ୍ରୟୋଜନ ରହିଥିଲା । ମାତ୍ର ମନୁଷ୍ୟ ସ୍ୱୟଂ ଏହି ଆଧ୍ୟାତ୍ମିକ ସତ୍ୟଟି ବିଷୟରେ ସଚେତନ ହୋଇପାରିଛି, ଅନ୍ତତଃ ତା'ର ମନୁଷ୍ୟ-ଅସ୍ତିତ୍ୱର ଉଚ୍ଚତର ଭାଗଗୁଡ଼ିକରେ ସେ ସେହି ବିଷୟରେ ସଚେତନ ହୋଇପାରିଛି । ସେହି ସର୍ବୋଚ୍ଚ ପରମ ଉତ୍ସ ଯେ ତାହାଠାରୁ ପ୍ରକୃତରେ କ'ଣ ଇଚ୍ଛା କରୁଛି, ମନୁଷ୍ୟ କ୍ରମେ ସେହି କଥାଟିକୁ ଜାଣିବାକୁ ଆରମ୍ଭ କରୁଛି ଓ ତାହାକୁ ସମ୍ପନ୍ନ କରିବାଲାଗି ସହଯୋଗ କରି ବାହାରୁଛି ।

ଏକ ମୂର୍ତ୍ତୀକରଣ ଭିତରେହିଁ ଏହି ସୃଷ୍ଟି ଆପଣାକୁ ସେହି ପରମସ୍ରଷ୍ଟା ବୋଲି ଜାଣିବାର ସଚେତନତା ଲାଭ କରୁ, ପ୍ରକୃତି ତାହାହିଁ ଇଚ୍ଛା କରୁଛି । ଅର୍ଥାତ୍, ପରମ ସ୍ରଷ୍ଟା ଏବଂ ତାଙ୍କର ସୃଷ୍ଟି ମଧ୍ୟରେ ଯେ ପ୍ରକୃତରେ କୌଣସି ପାର୍ଥକ୍ୟ ନାହିଁ, ଏକ ସଚେତନ ଏବଂ ଉପଲବ୍ଧ ଏକତ୍ୱଲାଭହିଁ ଯେ ତାହାର ପ୍ରକୃତ ଲକ୍ଷ୍ୟ, ସୃଷ୍ଟି ସେହି ବିଷୟରେ ସଚେତନ ହେଉ ବୋଲି ପ୍ରକୃତି ତା'ଠାରୁ ଆଶା ରଖିଛି ।

*ମାଆ, ଏଠାରେ ଶ୍ରୀଅରବିନ୍ଦ "ତା' ଅଚେତନତାର ନିର୍ବାକ୍ ରହସ୍ୟମୟତା" ବୋଲି ଲେଖିଛନ୍ତି । ଏହାକୁ ତା'ର "ଅଚେତନତା" ବୋଲି କାହିଁକି କୁହାଯାଇଛି ?*

କାହାର ଅଚେତନତା ?

'oaob.nitrkl.ac.in' images reprocessed

ପ୍ରକୃତିର ।

ନା,— ପ୍ରକୃତି କଦାପି ଅଚେତନ ନୁହେଁ, ତାହା ବାହାରକୁହିଁ ଅଚେତନ ପରି ଦେଖାଯାଉଛି । ଏହି ପ୍ରକ୍ରିୟାଟି ଅଚେତନତାରୁ ଆରମ୍ଭ ହୋଇଥିଲା ସତ, ମାତ୍ର ସେହି ଅଚେତନାର ଗର୍ଭଗଭୀରରେ ସେଠାରେ ଚେତନାହିଁ ଅବସ୍ଥିତ ରହିଥିଲା ଏବଂ ବର୍ତ୍ତମାନ ସେହି ଚେତନାହିଁ କ୍ରମଶଃ ବିକଶିତ କରି ଆସୁଛି ।* ଉଦାହରଣ ସ୍ୱରୂପ, ଧାତବ ପ୍ରକୃତି, ପ୍ରସ୍ତର, ମୃତ୍ତିକା, ଖଣିଜ ପଦାର୍ଥ, ଜଳ, ବାୟୁ,— ଏସବୁ ବେଶ୍ ଅଚେତନ ବୋଲି ବାହାରୁ ମନେହେଉଛି ସତ, ମାତ୍ର ଯଦି ଆମେ ଅଧିକ ନିକଟ ଭାବରେ ସେଗୁଡ଼ିକୁ ନିରୀକ୍ଷଣ କରି ଦେଖିବା,... ଏବଂ, ଏହା ପ୍ରକୃତରେ ଏକ ପ୍ରତିଭାସ ବୋଲି ବିଜ୍ଞାନ ମଧ ଆବିଷ୍କାର କରିବାକୁ ଆରମ୍ଭ କରୁଛି, ବିଜ୍ଞାନ ଏସବୁକୁ କେବଳ ସଂକେନ୍ଦ୍ରିତ ଶକ୍ତିପୁଞ୍ଜ ବୋଲି ଜାଣିବାକୁ ଆରମ୍ଭ କରୁଛି । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ସଚେତନ ଶକ୍ତିହିଁ ଏହି ସବୁକିଛିକୁ ନିଷ୍ପନ୍ନ କରି ଆଣିଛି । ମାତ୍ର ବାହ୍ୟ ଭୂମିରେ ଆମେ ଯେତେବେଳେ ଏକ ପ୍ରସ୍ତରଖଣ୍ଡ ଉପରେ ଦୃଷ୍ଟିପାତ କରୁ, ଆମେ ତାହାକୁ କଦାପି ଚେତନ ବୋଲି ଭାବୁ ନାହିଁ, ତାହା ପ୍ରକୃତରେ ଚେତନ ବୋଲି ଆମ ମନ ଭିତରେ ଆଦୌ କୌଣସି ଧାରଣା ଜନ୍ମାଏ ନାହିଁ, ଏକାବେଳେକେ ଅଚେତନ ବୋଲି ମନେ ହୋଇଥାଏ ।

ଖାଲି ବାହ୍ୟ ପ୍ରତିଭାସଟାହିଁ ଅଚେତନ । ଏବଂ ସେଇଟି ଅଧିକରୁ ଅଧିକ ଚେତନ ହେବାରେ ଲାଗିଛି । ଖଣିଜଗୁଡ଼ିକର ରାଜ୍ୟରେ ବି ଏପରି ଅନେକ ଉପାଦାନ ରହିଛି, ଯାହାକି ଏକ ପ୍ରଚ୍ଛନ୍ନ ଚେତନାର ସଙ୍କେତ ଆଣି ଦେଇଯାଉଛି । ଉଦାହରଣ ସ୍ୱରୂପ, ଏଠାରେ କେତେକ ନିର୍ଦ୍ଦିଷ୍ଟ ସ୍ଫଟିକର କଥା ବିଚାର କରାଯାଇ ପାରେ । ସେଗୁଡ଼ିକ ଯେ କେତେବେଶୀ ନିର୍ଭୁଲ ଅନୁପାତ, ନିର୍ଭୁଲ ହିସାବ ଏବଂ ସମଞ୍ଜସତା ସହିତ ତିଆରି ହୋଇଛନ୍ତି, ଯଦି ତୁମେ ସେହି କଥାଟିକୁ ଦେଖିବାକୁ ଆରମ୍ଭ କରିବ, ତୁମେ ଯଦି ଏତେଟିକିଏ ନିଜକୁ ଉନ୍ମୁକ୍ତ କରି ରଖିପାରିବ, ତେବେ ତୁମେ ନିଃସନ୍ଦେହ ଭାବରେ ଏହି କଥାଟିକୁ ଅନୁଭବ କରିପାରିବ ଯେ, ସେହି କ୍ଷେତ୍ରରେ ଏକ ଚେତନାହିଁ କାର୍ଯ୍ୟ କରୁଛି,— ଏସବୁ ଯେ କୌଣସି ଅଚେତନ ଆକସ୍ମିକତାର ଫଳ, ସେକଥା ଆଦୌ ଠିକ୍ ନୁହେଁ ।

ତୁମେ କେବେ ପ୍ରସ୍ତର-ସ୍ଫଟିକ ଦେଖିଛ ?... କେବେ ଦେଖି ନାହଁ ?

---

*ଏହି ପ୍ରବଚନଟି ପ୍ରଥମେ ପ୍ରକାଶିତ ହେବାକୁ ଗଲାବେଳେ ମାଆ ଏହିପରି ଏକ ସଂଶୋଧନ କରି ଦେଇଥିଲେ : "ପ୍ରକୃତରେ ଚେତନା ବିକାଶଲାଭ କରୁ ନାହିଁ, ଚେତନାର ଅଭିବ୍ୟକ୍ତି, ତାହାର ପ୍ରକାଶ ରୂପଟିହିଁ ବିକାଶ ଲାଭ କରୁଛି : ସେହି ଅଭିବ୍ୟକ୍ତିହିଁ ଅଧିକରୁ ଅଧିକ ପରିମାଣରେ ବିକାଶଲାଭ କରିବାରେ ଲାଗିଛି ।"

'oaob.nitrkl.ac.in' images reprocessed

*ହଁ, ଦେଖୁଛୁ ।*

ସେଗୁଡ଼ିକ ଦେଖିବାକୁ ଭାରି ସୁନ୍ଦର, ନୁହେଁ ? ସେଗୁଡ଼ିକ ଭାରି କଳାତ୍ମକ ଭାବରେ ତିଆରି ହୋଇଥାଏ ।

ଏବଂ ସମୁଦ୍ରର ଯାବତୀୟ ଗତିଶୀଳତା, ବାୟୁର ଗତିଶୀଳତା, ବହମାନ ପବନର ଗତି,– ଏଗୁଡ଼ାକ ଦେଖିଲେ ଆମର ନିଶ୍ଚୟ ଏକ ଅନୁଭୂତି ହେବାକୁ ଆରମ୍ଭ କରିବ ଯେ ଏସବୁ ପଛରେ ଏକ ଚେତନା ନିଶ୍ଚୟ ଅବସ୍ଥିତ ରହିଛି ଓ କାର୍ଯ୍ୟ କରୁଛି, ଏପରିକି ହୁଏତ ଅନେକ ଚେତନା ଅବସ୍ଥିତ ରହିଛନ୍ତି ଓ କାର୍ଯ୍ୟ କରୁଛନ୍ତି । ଏସବୁ ବସ୍ତୁତଃ ଠିକ୍ ସେହିପରି ହୋଇ ରହିଛି । କେବଳ ଏକାବେଳେକେ ବାହାରୁ ଦେଖିଲେ ସବୁ ଅଚେତନ ପରି ଦେଖାଯାଉଛି ।

(*ମାଆ ନୀରବ ରହିଲେ*)

ସରିଲା ?

ହଁ, ପ୍ରତ୍ୟେକ ସତ୍ତାର କ୍ଷେତ୍ରରେହିଁ ବିବର୍ତ୍ତନର ସମୁଦାୟ ପ୍ରକ୍ରିୟାଟିର ପୁନରାବୃତ୍ତି ହୋଇଥାଏ । ମନେହୁଏ, ସତେଯେପରି ଏକ ଘୂର୍ଣ୍ଣନ-ବେଗରେ ଆମେ ପ୍ରତ୍ୟେକେ ଅତୀତର ସବୁଗୁଡ଼ିକ ପର୍ଯ୍ୟାୟକୁ ଆଉ ଥରେ ଅଙ୍ଗେ ନିଭାଇ ଆସୁଛୁ, ଏବଂ ପରବର୍ତ୍ତୀ ପର୍ଯ୍ୟାୟଟିକୁ ଉଠିଯିବା ପୂର୍ବରୁହିଁ ଆମକୁ ସତେଅବା ଗୋଟାଏ ଝଲକରେହିଁ ସବୁକିଛିକୁ ପୁନର୍ବାର ବଞ୍ଚି ଆସିବା ଆବଶ୍ୟକ ହୋଇ ରହିଛି ।

(*ମାଆ ନୀରବ ରହିଲେ*)

ପ୍ରଥମ ଆରମ୍ଭ-କାଳରେ ସେହି ଅଚେତନା ମଧ୍ୟରେ ଯାତ୍ରା, ଅନ୍ଧକାର ମଧ୍ୟଦେଇ ଯାତ୍ରା, ଅସ୍ପଷ୍ଟତା ଓ ଚେତନାହୀନତା ମଧ୍ୟଦେଇ ଯାତ୍ରା, ତା'ପରେ ଜାଗରଣ... ଏବଂ ଆଲୋକ ମଧ୍ୟକୁ ପ୍ରତ୍ୟାବର୍ତ୍ତନ ।

'oaob.nitrkl.ac.in' images reprocessed

## ୧୪ ମଇ ୧୯୫୮

''ଉଦ୍ଭିଦର ପ୍ରାଣଭୂମିରେ ଯେପରି ଚେତନାବିଶିଷ୍ଟ ପ୍ରାଣୀର ଅସ୍ପଷ୍ଟ ସମ୍ଭାବନାଟି ଅନ୍ତର୍ଗତ ହୋଇ ରହିଥାଏ, ଇତରପ୍ରାଣୀର ମନ ଯେପରି ମନନସମର୍ଥ ମଣିଷର ପ୍ରଥମ ଜୀବନାଧାର ରୂପେ କାର୍ଯ୍ୟ କରୁଥିବା ଅନୁଭୂତି ଓ ବୋଧଶକ୍ତିର ଗତିସ୍ପନ୍ଦନ ତଥା ବସ୍ତୁଗତ ଅବଧାରଣାର ଆଭାସ ଦ୍ୱାରା ଉଦ୍‌ବେଳିତ ହେଉଥାଏ, ଠିକ୍ ସେହିପରି ମନୁଷ୍ୟରୂପୀ ମନୋମୟ ସତ୍ତା ଆପଣାର ବିବର୍ତ୍ତନଗତ ଶକ୍ତିର ପ୍ରୟାସଟି ଦ୍ୱାରା ନିଜ ମଧ୍ୟରୁ ଏକ ଆଧ୍ୟାତ୍ମିକ ମନୁଷ୍ୟକୁ ବିକାଶ କରାଇ ଆଣିବାର ଆକୂତି ଦ୍ୱାରା ଅନୁସିକ୍ତ ହୋଇ ରହିଛି; ମନୁଷ୍ୟ ଆପଣାର ଏହି ପ୍ରଥମ ଜଡ଼ସତ୍ତାଟିର ସୀମାୟତନଗୁଡ଼ିକୁ ଅତିକ୍ରମ କରିଗଲେ ଏକ ପରିପୂର୍ଣ୍ଣ ଚେତନ ସତ୍ତା ହିସାବରେ ଆପଣାର ଯଥାର୍ଥ ସତ୍ୟ ତଥା ଊର୍ଦ୍ଧ୍ୱତମ ପ୍ରକୃତିର ଯେଉଁ ଆବିଷ୍କାର କରିବାକୁ ସମର୍ଥ ହେବ, ସେ ତାହାରି ଆକୂତି ଦ୍ୱାରାହିଁ ଅନୁସିକ୍ତ ହୋଇ ରହିଛି ।

''ମାତ୍ର ଯଦି ଏହାକୁହିଁ ପ୍ରକୃତିରେ ନିହିତ ହୋଇ ରହିଥିବା ଅଭିପ୍ରାୟ ବୋଲି ଗ୍ରହଣ କରାଯାଏ, ତେବେ ଆମ ଆଗରେ ହଠାତ୍ ଦୁଇଟି ପ୍ରଶ୍ନର ଉତ୍ଥାପନ ହୁଏ ଓ ତାହାର ଏକ ନିର୍ଦ୍ଦିଷ୍ଟ ଉତ୍ତର ବାହାର କରିବା ମଧ୍ୟ ଅତ୍ୟାବଶ୍ୟକ ହୋଇପଡ଼େ । ପ୍ରଥମ ପ୍ରଶ୍ନଟି ହେଉଛି, ମନୋମୟ ସତ୍ତାରୁ ଆଧ୍ୟାତ୍ମିକ ବା ଚିନ୍ମୟ ସତ୍ତାକୁ ସଂଘଟିତ ହେଉଥିବା ଏହି ବିବର୍ତ୍ତନଟିର ପ୍ରକୃତ ସ୍ୱରୂପ କ'ଣ ?— ଏବଂ ଏହାର ଉତ୍ତରଟି ପାଇବା ପରେ ଦ୍ୱିତୀୟ ପ୍ରଶ୍ନଟି ହେଉଛି, ଠିକ୍ କେଉଁଭଳି ପ୍ରକ୍ରିୟା ଓ ପଦ୍ଧତିର ଅନୁସରଣ କରି ଏହି ବିବର୍ତ୍ତନଟି ସଂଘଟିତ ହେଉଛି ? ହଠାତ୍ ଭାବିଲାବେଳକୁ ଏକଥାଟି ହୁଏତ ଭାରି ସ୍ପଷ୍ଟ ବୋଲି ମନେହେବ ଯେ ପ୍ରତ୍ୟେକ ସୋପାନଟି ଯେପରି ତା'ର ପୂର୍ବବର୍ତ୍ତୀ ସୋପାନଟି ମଧ୍ୟରୁ ବିବର୍ତ୍ତିତ ହୋଇ ବାହାରି ଆସୁ ନାହିଁ, ମାତ୍ର ତାହା ଯେପରି ତାହାରି ଭିତରେହିଁ ବିବର୍ତ୍ତିତ ହେଉଛି; ଅର୍ଥାତ୍, ଯେପରି ଜଡ଼ ମଧ୍ୟରେହିଁ ପ୍ରାଣ ବିବର୍ତ୍ତିତ ଓ ଆବିର୍ଭୂତ ହେଉଛି ଏବଂ ଆପଣାର ଆତ୍ମ-ଅଭିବ୍ୟକ୍ତିରେ ତାହା ଯେପରି ଅନେକ ପରିମାଣରେ ଆପଣାର ଜଡ଼ଗତ ପରିବେଶଟି ଦ୍ୱାରାହିଁ ସୀମିତ ଓ ନିୟନ୍ତ୍ରିତ ହୋଇ ରହୁଛି; ଯେପରି ଜଡ଼ସ୍ଥ ପ୍ରାଣ ମଧ୍ୟରେହିଁ ମନର ଉନ୍ମେଷ ଘଟୁଛି ଓ ଆପଣାର ଆତ୍ମ-ଅଭିବ୍ୟକ୍ତିରେ

'oaob.nitrkl.ac.in' images reprocessed

*ତାହା ଠିକ୍ ସେହିପରି ଭାବରେ ଯେପରି ପ୍ରାଣଗତ ତଥା ଜଡ଼ଗତ ପରିବେଶଟି ଦ୍ୱାରା ସୀମିତ ଓ ନିୟନ୍ତ୍ରିତ ହୋଇ ରହୁଛି; ସେହିପରି, ଜଡ଼ସ୍ଥ ପ୍ରାଣରେ ଦେହ ଧାରଣ କରି ରହିଥିବା ଏକ ମନରେହିଁ ଚିତ୍‌ସତ୍ତା ମଧ୍ୟ ପ୍ରକାଶିତ ହୋଇ ଉଠିବ, ଏବଂ ସେହି ମନୋଗତ ପରିବେଶଗୁଡ଼ିକ ଦ୍ୱାରାହିଁ ଅନେକ ପରିମାଣରେ ସୀମିତ ଓ ନିୟନ୍ତ୍ରିତ ହୋଇ ରହିବାକୁ ବାଧ୍ୟ ହେବ, କାରଣ ସେହି ମନୋଗତ ପରିବେଶରେହିଁ ତାହାର ମୂଳଟି ନିହିତ ହୋଇ ରହିଛି । କେବଳ ମନୋଗତ ପରିବେଶଗୁଡ଼ିକ ଦ୍ୱାରା ନୁହେଁ, ଚିନ୍ମୟ ସତ୍ତାର ପ୍ରକାଶ ଏହି ଭୂମିଟିର ପ୍ରାଣଗତ ତଥା ଜଡ଼ଗତ ପରିବେଶଗୁଡ଼ିକ ଦ୍ୱାରା ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ଓ ନିରୂପିତ ହେବାକୁ ବାଧ୍ୟ ହେବ ।''...*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୮୫୧-୮୫୨

ଏହି ବିଶ୍ୱର କ୍ରମୋନ୍ମୋଚନର ପ୍ରକ୍ରିୟାଟିରେ ଯେଉଁ ଅତିମାନସ ଜୀବନହିଁ ପରବର୍ତ୍ତୀ ଉପଲବ୍ଧିଟି ରୂପେ ପ୍ରକାଶିତ ହେବାକୁ ଯାଉଛି, ତାହାର ଆରମ୍ଭକାଳଟି ସମ୍ଭବତଃ ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ନ ହେଲେ ମଧ୍ୟ ଅତ୍ୟନ୍ତ ନିଶ୍ଚିତ ଭାବରେ ବିକଶିତ ହେବାରେ ଲାଗିଛି; ଏବଂ ତେଣୁ ଏହା ଅଧିକରୁ ଅଧିକ ପରିମାଣରେ ସୁସ୍ପଷ୍ଟ ହୋଇଯିବାରେ ଲାଗିଛି ଯେ, କେବଳ ବୌଦ୍ଧିକ କ୍ରିୟାଶୀଳତା ଦ୍ୱାରା ଏହି ଅତିମାନସ ଜୀବନର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କଲେ ତାହା ନିଶ୍ଚୟ ସବୁଠାରୁ ଅଧିକ କଷ୍ଟକରହିଁ ହୋଇପଡ଼ିବ ।

ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ଚୈତ୍ୟ ସଂବେଗର ସ୍ତରରୁ,– ଜଡ଼ ମଧ୍ୟରେ ସେହି ଦିବ୍ୟ ପରମ ଉପସ୍ଥିତିର ଏକ ମନନ ବା ସନ୍ଦୀପିତ ପ୍ରସର୍ଜନ ପରି ଗୋଟାଏ କିଛି,– ଅତିମାନସ ଚେତନାର ସ୍ତରକୁ ଯିବା ଯେତିକି କଷ୍ଟକର ହେବ, ଏହି ମାନସିକ ସ୍ତରରୁ ଅତିମାନସ ଯାଏ ଯିବା ତା'ଠାରୁ ପ୍ରକୃତରେ ଅନେକ ଅଧିକହିଁ କଷ୍ଟକର ହେବ । ସେହି ସ୍ତରଟିରୁ ଅତିମାନସ ଚେତନାର ସ୍ତରକୁ ଯିବା ଯେତିକି ସହଜ ହେବ, ଉଚ୍ଚତମ ବୁଦ୍ଧିଗତ ଚିନ୍ତନର ସ୍ତରରୁ କୌଣସି ପ୍ରକାର ଅତିମାନସ ସ୍ପନ୍ଦନର ସ୍ତରଯାଏ ଯିବା ତା'ଠାରୁ ନିଶ୍ଚୟ କମ୍ ସହଜ ହେବ । ସମ୍ଭବତଃ, ଏହି କ୍ଷେତ୍ରରେ ଶବ୍ଦହିଁ ଆମକୁ ପଥ ଉପରୁ ବଣା କରି ନେଇଥାଏ ! ସମ୍ଭବତଃ, ଆମେ ଏହାକୁ ''ଅତିମାନସ'' ବୋଲି କହୁଥିବାରୁହିଁ ଆମେ ଆଉ କ'ଣ ଏକ ଉଚ୍ଚତର ବୁଦ୍ଧିଗତ ମାନସିକ କ୍ରିୟାଶୀଳତା ଦ୍ୱାରାହିଁ ସେଠାରେ ଯାଇ ପହଞ୍ଚିବାର ଆଶା କରିଥାଉ କି ? ମାତ୍ର ଅସଲ କଥାଟି ଏହାଠାରୁ ଏକାବେଳେକେ ଭିନ୍ନ । ଏହି ଅତ୍ୟନ୍ତ ଉଚ୍ଚ, ଅତ୍ୟନ୍ତ ନିର୍ମଳ ଓ ଅତ୍ୟନ୍ତ ଉଦାରଦୃଷ୍ଟି-ସମ୍ପନ୍ନ ବୁଦ୍ଧିଗତ କ୍ରିୟାଶୀଳତା ଦ୍ୱାରା ଆମେ ସତେଅବା

'oaob.nitrkl.ac.in' images reprocessed

ଗୋଟାଏ ପ୍ରକାରର ଏକ ଶୀତଳ ଏବଂ ଶକ୍ତିହୀନ ଅମୂର୍ତ୍ତତା ଆଡ଼କୁ ଗତି କରୁଥିବାର ମନେ କରିଥାଉ, ଏପରି ଏକ ଅବରୁଦ୍ଧ ଅତିଶୀତଳ ଆଲୋକ ଆଡ଼କୁ ଯାଉଥିବା ପରି ଅନୁଭବ କରିଥାଉ, ଯାହାକି ନିଶ୍ଚିତ ଭାବରେ ଜୀବନଠାରୁ ବହୁ ଦୂରବର୍ତ୍ତୀ ହୋଇ ରହିଥାଏ ଏବଂ ଅତିମାନସ ସତ୍ୟର ଅନୁଭୂତିଟିଠାରୁ ଆହୁରି ଅଧିକ ଦୂରବର୍ତ୍ତୀ ହୋଇ ରହିଥାଏ ।

ଏହି ଯେଉଁ ନୂତନ ଉପାଦାନଟି ବର୍ତ୍ତମାନ ଜଗତରେ ବ୍ୟାପ୍ତ ହେବାରେ ଓ କାର୍ଯ୍ୟ କରିବାରେ ଲାଗିଛି, ଏଥିରେ ଏପରି ଏକ ପ୍ରଗାଢ଼ ଉଷ୍ଣତା, ଶକ୍ତି ଏବଂ ଆନନ୍ଦ ନିହିତ ହୋଇ ରହିଛି ଯେ ତାହା ପାଖରେ ଯାବତୀୟ ବୁଦ୍ଧିସ୍ତରୀୟ କ୍ରିୟାଶୀଳତା ପ୍ରକୃତରେ ଭାରିଶୀତଳ ଏବଂ ଶୁଷ୍କ ପରି ବୋଧ ହେଉଛି । ଏବଂ ସେହି କାରଣରୁହିଁ, ଆମେ ଏ ବିଷୟରେ କଥାରେ ଯେତେ କମ୍ ଆଲୋଚନା କରିବା, ତଦ୍ୱାରା ସେତିକି ଅଧିକ ଭଲ ହେବ । ଗୋଟିଏ ମାତ୍ର ମୁହୂର୍ତ୍ତ, ଗଭୀର ଏବଂ ଯଥାର୍ଥ ପ୍ରେମର ଗୋଟିଏ ମାତ୍ର ଆବେଗ, ସେହି ଦିବ୍ୟ ପରମ-କରୁଣାର କ୍ଷେତ୍ରରେ ବିଦ୍ୟମାନ ରହିଥିବା ପରିପୂର୍ଣ୍ଣ ବୋଧର କେବଳ ଗୋଟିଏ ମାତ୍ର ମୁହୂର୍ତ୍ତ,— ସମ୍ଭାବ୍ୟ ଯାବତୀୟ ବ୍ୟାଖ୍ୟା ଏବଂ ଅନୁବ୍ୟାଖ୍ୟା ଅପେକ୍ଷା ତାହାହିଁ ଆମକୁ ଲକ୍ଷ୍ୟର ଅଧିକ ନିକଟ କରାଇ ଆଣିପାରିବ ।

ଏପରିକି, ଯଦି କେବଳ ଏକ ବିଶୁଦ୍ଧ ବୋଧହିଁ ରହିଥିବ, ସୂକ୍ଷ୍ମ, ସ୍ୱଚ୍ଛ, ଆଲୋକମୟ ଏବଂ ବଳଯୁକ୍ତ ବୋଧ ରହିଥିବ, ଯାହାକି ଗଭୀରକୁ ଭେଦ କରି ପାରୁଥିବ, ତେବେ ସୂକ୍ଷ୍ମାତିସୂକ୍ଷ୍ମ ଯାବତୀୟ ବ୍ୟାଖ୍ୟା ଅପେକ୍ଷା ତାହାହିଁ ଅଧିକ ସଫଳ ଭାବରେ ତୁମଲାଗି ଦ୍ୱାରଟିକୁ ଉନ୍ମୋଚିତ କରି ଦେଇଯାଇ ପାରିବ ।

ଏବଂ, ଏହି ଅଭିଜ୍ଞତାଟିକୁ ଆମେ ଆହୁରି ଅଧିକ ଅଗ୍ରସର କରାଇନେଇ ପାରିଲେ, ବେଶ୍ ମନେ ହେଉଛି ଯେ, ଯେତେବେଳେ ଆମେ ଶରୀରର ରୂପାନ୍ତର ଘଟାଇବାର କାର୍ଯ୍ୟଟିକୁ ଆରମ୍ଭ କରିବା, ଯେତେବେଳେ ଶରୀରସ୍ଥ କେତେକ କୋଷ ଅନ୍ୟଗୁଡ଼ିକ ତୁଳନାରେ ଅଧିକ ବିଶୋଧିତ, ଅଧିକ ସୂକ୍ଷ୍ମ ଓ ଅଧିକ ନମନୀୟ ହୋଇ ଅତ୍ୟନ୍ତ ମୂର୍ତ୍ତ ଭାବରେ ଦିବ୍ୟ ପରମ-କରୁଣା, ଦିବ୍ୟ ପରମ-ଇଚ୍ଛା, ଦିବ୍ୟ ପରମ-ସାମର୍ଥ୍ୟ ଏବଂ ବୁଦ୍ଧି ଦ୍ୱାରା ନୁହେଁ, ମାତ୍ର ଏକାତ୍ମକତା ଦ୍ୱାରା ଉପଲବ୍ଧ ଏହି ପରମଜ୍ଞାନର ଅନୁଭୂତି ଲାଭ କରିପାରିବେ, ଯେତେବେଳେ ଶରୀରର କୋଷଗୁଡ଼ିକରେହିଁ ଆମେ ତାହା ଅନୁଭବ କରିବାକୁ ଆରମ୍ଭ କରିବା, ସେତେବେଳେ ଆମର ଅଭିଜ୍ଞତାଟି ପ୍ରକୃତରେ ଏତେ ସମଗ୍ର, ଏତେ ଅନିବାର୍ଯ୍ୟ, ଜୀବନ୍ତ, ମୂର୍ତ୍ତ, ସାକାର ଓ ସତ୍ୟମୟ ହୋଇ ଉପଲବ୍ଧ ହେବ ଯେ, ତାହା ବ୍ୟତୀତ ଆଉ ସବୁକିଛି କେବଳ ଏକ ବୃଥା ସ୍ୱପ୍ନ ବୋଲିହିଁ ପ୍ରତୀତ ହେବାକୁ ଲାଗିବ ।

'oaob.nitrkl.ac.in' images reprocessed

ଏବଂ ତେଣୁ, ଆମେ ଏକଥା କହି ପାରିବା ଯେ ସେତିକିବେଳେ ଯାଇ ବୃତ୍ତଟି ଯଥାର୍ଥରେ ସମ୍ପୂର୍ଣ୍ଣ ହୋଇଯିବ, ଦୁଇଟିଯାକ ପ୍ରାନ୍ତ ଆସି ପରସ୍ପରକୁ ସ୍ପର୍ଶ କରି ପାରିବେ । ଯେତେବେଳେ ସର୍ବୋଚ୍ଚ ସତ୍ୟଟି ନିମ୍ନସ୍ଥ ଜଡ଼ତମ ମଧ୍ୟରେ ଆପଣାକୁ ପ୍ରକାଶିତ କରିଦେବ, ସେତିକିବେଳେ ଯାଇ ସେହି ଅଭିଜ୍ଞତାକୁ ବୃତ୍ତାନ୍ତ ବୋଲି କୁହାଯିବ, ମୀମାଂସାତ୍ମକ ବୋଲି କୁହାଯିବ ।

ଏପରି ବି ମନେ ହେଉଛି ଯେ, ଆପଣାର ଶରୀରଟି ଦେଇ ବୁଝି ନ ପାରିଥିବା ପର୍ଯ୍ୟନ୍ତ ଆମେ ଯେପରି ତାହାକୁ ଯଥାର୍ଥ ଭାବରେ କଦାପି ବୁଝି ପାରିବା ନାହିଁ ।

'oaob.nitrkl.ac.in' images reprocessed

## ୨୧ ମଇ ୧୯୫୮

*ମାଆ, "ମାନସିକ ସାଧୁତା" କହିଲେ ପ୍ରକୃତରେ କ'ଣ ବୁଝାଏ ?*

ଯେଉଁ ମନ ଆପଣାକୁ କଦାପି ପ୍ରତାରିତ କରିବାକୁ ଚେଷ୍ଟା କରେ ନାହିଁ । ଏବଂ ବସ୍ତୁତଃ, ଏଠାରେ "ଚେଷ୍ଟା" କରିବାର କୌଣସି ପ୍ରଶ୍ନ ଉଠୁ ନାହିଁ, କାରଣ ନିଜକୁ ପ୍ରତାରିତ କରିବାରେ ତାହା ଭାରି ଚମତ୍କାର ଭାବରେହିଁ ସଫଳ ହୁଏ ।

ଏପରି ମନେ ହେଉଛି ଯେ, ମଣିଷର ଏହି ସାଧାରଣ ମନୋଭୂମିଟି ଯେପରି ଭାବରେ ତିଆରି ହୋଇଛି, ସେଥିରେ ମନର ଏହାହିଁ ପ୍ରାୟ ଅନୁକ୍ଷଣ କାର୍ଯ୍ୟ ହୋଇ ରହିଥାଏ ଯେ, ଯାହାକିଛି "ବାସନା-ପୂରିତ ସତ୍ତା"ଟି ମଧ୍ୟରେ ଘଟିବାରେ ଲାଗିଥାଏ, ପ୍ରାଣିକ ସ୍ତରରେ, ମନର ଜଡ଼ତମ ଅଂଶଗୁଡ଼ିକରେ ଏବଂ ଶରୀରର ସୂକ୍ଷ୍ମତମ ଅଂଶଗୁଡ଼ିକରେ ଯାହାକିଛି ଘଟିଥାଏ, ମନ ଆମକୁ ତାହାରି ଏକ ଗ୍ରହଣଯୋଗ୍ୟ ବ୍ୟାଖ୍ୟା ଆଣି ଦେବାରେ ବ୍ୟସ୍ତ ରହିଥାଏ । ଯେକୌଣସି ପ୍ରକାରେ ଗୋଟିଏ ବ୍ୟାଖ୍ୟା ଆଣି ଯୋଗାଇ ଦେବାରେ ଏବଂ ଆମେ ଯାହାକିଛି କରୁଛୁ, ତାହାକୁ ଉଚିତ ବୋଲି ସାବ୍ୟସ୍ତ କରି ଦେଉଥିବା ଏକ ଆଶ୍ୱସ୍ତିକର ପ୍ରମାଣ ଆଣି ବାଢ଼ିଦେବାରେ ସତ୍ତାର ଯାବତୀୟ ଭାଗରେ ଏକ ପ୍ରକାରର ସାଧାରଣ ସହାପରାଧିତାର ଭାବ ଭର୍ତ୍ତି ହୋଇରହିଥାଏ; ଆମେ ଯେଉଁସବୁ ଭୁଲ୍ କରୁଛୁ ଏବଂ ଅବାଞ୍ଛନୀୟ ଯେତେ ଯାହା କ୍ରିୟାତ୍ମକତାରେ ଆପଣାକୁ ଜଡ଼ିତ କରି ପକାଉଛୁ, ସେଗୁଡ଼ିକର ଦୁଃଖମୟ ପ୍ରଭାବଗୁଡ଼ିକୁ ଯଥାସମ୍ଭବ ଏଡ଼ିଦେଇ ପାରିବାକୁ ସେହି ସହାପରାଧିତାର ଭାବ ଭାରି ସହାୟତା କରିଥାଏ । ଉଦାହରଣସ୍ୱରୂପ, ଯଦି ଆମେ ଅନ୍ୟପ୍ରକାର ପ୍ରତିକ୍ରିୟା ଦେଖାଇପାରିବା ଲାଗି ନିର୍ଦ୍ଦିଷ୍ଟ ପ୍ରକାରେ ଆପଣାକୁ ଆଗରୁ ତାଲିମ ଦେଇ ନ ଥାଉ, ତେବେ ଆମେ ଯେତେବେଳେ ଯାହାକିଛି କରୁ, ମନ ଆପଣା ପାଖରେ ତାହାକୁ ସମର୍ଥନ କଲାଭଳି ଏକ ଯଥେଷ୍ଟ ଅନୁକୂଳ ବ୍ୟାଖ୍ୟା ଆଣି ସଙ୍ଗେ ସଙ୍ଗେ ବାଢ଼ିଦିଏ ଏବଂ ତା' ଫଳରେ ଆମକୁ ଆଉ ସେଥିଲାଗି ଆଦୌ କୌଣସି ଅସ୍ୱସ୍ତି ବା ବିବ୍ରତ ବି ଲାଗେ ନାହିଁ । କେବଳ, ଅନ୍ୟ ବ୍ୟକ୍ତିମାନଙ୍କଠାରୁ ବାହାରୁ ଯେଉଁସବୁ ଗତିସ୍ପନ୍ଦନ ଆମ ପାଖକୁ ଆସେ, ବାହାରେ ଯେଉଁସବୁ ପ୍ରତିକ୍ରିୟା ଏବଂ ପରିସ୍ଥିତିର ସୃଷ୍ଟି ହୁଏ, ସେହିଗୁଡ଼ିକର ଚାପରେ ପଡ଼ିହିଁ ଆମେ, ଆମେ ଯାହା ଏବଂ ଆମେ ଯାହାସବୁ କରୁଛୁ, ସେଗୁଡ଼ିକ ଉପରେ ଅପେକ୍ଷାକୃତ କମ୍ ଅନୁକୂଳ ଭାବରେ ଦୃଷ୍ଟିପାତ କରିବା ଲାଗି କ୍ରମଶଃ ସମ୍ମତ ହୋଇଥାଉ, ଏବଂ ବସ୍ତୁଗୁଡ଼ିକ ଯେପରି ଅବସ୍ଥାରେ ଅଛନ୍ତି, ସେଗୁଡ଼ିକ

'oaob.nitrkl.ac.in' images reprocessed

ଆହୁରି କୌଣସି ଉନ୍ନତ ଅବସ୍ଥାକୁ ଆଣି ହେବ କି ନାହିଁ, ସେତେବେଳେ ଯାଇ ଆମେ ନିଜକୁ ସେସବୁ ପଚାରିବାକୁ ଆରମ୍ଭ କରୁ ।

ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଆମେ ସର୍ବପ୍ରଥମେ ଆପଣାକୁ ରକ୍ଷା କରିବାକୁହିଁ ଚେଷ୍ଟା କରୁ । ଆମେ ଆପଣାକୁ ସତର୍କ କରି ରଖିଥାଉ ଏବଂ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଏକ ଔଚିତ୍ୟ ଖୋଜିବାରେ ଲାଗିଯାଉ ।... ଏକାବେଳେକେ ଅତିକ୍ଷୁଦ୍ର କଥାମାନଙ୍କରେ, ଏକାବେଳେକେ ଅତି ତାତ୍ପର୍ଯ୍ୟହୀନ ନାନା କଥାରେ ଔଚିତ୍ୟ ଖୋଜି ବୁଲୁଥାଉ । ଆମ ଜୀବନରେ ତାହାହିଁ ସାଧାରଣ ଦୃଷ୍ଟିକୋଣ ହୋଇ ରହିଥାଏ ।

ଏବଂ ନିଜ ପାଖରେ ଆମେ କେତେକେତେ ବ୍ୟାଖ୍ୟା ଆଣି ବାଢ଼ିଦେବାରେ ଲାଗିଥାଉ । କେବଳ ପରିସ୍ଥିତିମାନଙ୍କର ଚାପରେ ପଡ଼ି ଆମେ ଅନ୍ୟମାନଙ୍କ ଆଗରେ ଅଥବା ଆଉ ଜଣକ ଆଗରେ ସେହି ବ୍ୟାଖ୍ୟାଟିକୁ ଯାଇ ଦେଉ; ମାତ୍ର ତା' ପୂର୍ବରୁ ଆପଣାକୁ ସେହି ବିଷୟରେ ଅତ୍ୟନ୍ତ ନିଶ୍ଚିନ୍ତ କରି ନେଇଥାଉ । ତେଣୁ, ପ୍ରଥମ କଥା ହେଉଛି; "ଏହା ସେହିପରି ହେବାକୁ ଥିଲା ବୋଲି ସେହିପରି ହେଲା, ଏହି କାରଣଟି ସକାଶେହିଁ ଏପରି ଘଟିଲା, ଏବଂ...", ଏବଂ ସବୁବେଳେ ଦୋଷଗୁଡ଼ାକ ଅବସ୍ଥାଚକ୍ରର କିଂବା ଅନ୍ୟ ବ୍ୟକ୍ତିମାନଙ୍କର ହୋଇ ରହିଥାଏ । ଏବଂ ଏଥିପାଇଁ ଯଥାର୍ଥରେ ଏକ ପ୍ରୟାସ ଆବଶ୍ୟକ ହୋଇଥାଏ,— ମୁଁ ଯେପରି କହୁଥିଲି, ଆମେ ଯଦି ନିଜକୁ କୌଣସି ଏକ ଶୃଙ୍ଖଳାରେ ପକାଇଥାଉ, ସେଇଟିକୁ ସ୍ୱତଃପ୍ରବୃତ୍ତ ହୋଇ କରିବାର ଅଭ୍ୟାସଟିକୁ ହାସଲ କରିଥାଉ, ସେତେବେଳେ ତାହା ଅବଶ୍ୟ ଅନ୍ୟପ୍ରକାର ହୋଇଥାଏ,— ଏହି କଥାଟିକୁ ବୁଝିବାଲାଗି ପ୍ରକୃତରେ ଏକ ପ୍ରୟାସ ଦରକାର ହୋଇଥାଏ ଯେ ସମ୍ଭବତଃ ବସ୍ତୁଗୁଡ଼ିକ ଆଦୌ ଏପରି ନୁହନ୍ତି, ଆମର କୌଣସି ଏକ କାର୍ଯ୍ୟକୁ ଯେପରି କରିବା ଉଚିତ ଥିଲା, ଆମେ ତାହାକୁ ସମ୍ଭବତଃ ଆଦୌ ଠିକ୍ ସେପରି କରି ନାହୁଁ, ବା ଯେପରି ପ୍ରତିକ୍ରିୟା ବ୍ୟକ୍ତ କରିବାର ଥିଲା, ଆଦୌ ଠିକ୍ ସେହିପରି ଏକ ପ୍ରତିକ୍ରିୟା ବ୍ୟକ୍ତ କରି ନାହୁଁ । ଏବଂ ଏପରିକି, ଯେତେବେଳେ ଆମେ ଉଚିତ ଭାବରେ ସବୁକଥା ଦେଖିବାକୁ ବି ଆରମ୍ଭ କରୁ, ସେତେବେଳେ ଔପଚାରିକ ଭାବରେ ସେଇଟିକୁ ସ୍ୱୀକାର କରିବାଲାଗି ମଧ୍ୟ ଆହୁରି ଅଧିକ ପ୍ରୟାସ ଆବଶ୍ୟକ ହୋଇଥାଏ ।

ଆମେ କୌଣସି ଏକ ଭୁଲ୍ କରି ପକାଇଲୁ ବୋଲି ଯେତେବେଳେ ଦେଖିବାକୁ ଆରମ୍ଭ କରୁ, ସେତେବେଳେ ସେହି ବିଷୟରେ ଆପଣାର ସର୍ବପ୍ରଥମ କ୍ରିୟାରୂପେ ମନ ତାହାକୁ ପଶ୍ଚାଦ୍‌ଭାଗକୁ ଅପସରାଇ ନେଇଯାଏ ଓ ତାହା ଆଗରେ ଗୋଟାଏ ପରଦା ଆଣି ଟାଙ୍ଗିଦିଏ । ଏକ ଭାରି ଚମତ୍କାର ସାନ ବ୍ୟାଖ୍ୟାଟିର ପରଦା ଆଣି ଟାଙ୍ଗିଦିଏ; ଏବଂ ବାହାରକୁ ଆଣି ଦେଖାଇବାକୁ ବାଧ୍ୟ ନ ହେବା ପର୍ଯ୍ୟନ୍ତ ଆମେ ତାହାକୁ ସେହିପରି

'oaob.nitrkl.ac.in' images reprocessed

ଭାବରେ ଲୁଚାଇ ରଖିଥାଉ । ଏବଂ ମୁଁ ଏହାକୁହିଁ "ମାନସିକ ସାଧୁତାର ଅଭାବ" ବୋଲି କହିବି ।

ପ୍ରଥମତଃ, ଆମେ ଅଭ୍ୟାସବଶତଃ ଆପଣାକୁ ପ୍ରତାରିତ କରୁ; ଏବଂ ଆପଣାକୁ ପ୍ରତାରିତ ନ କରିବାକୁ ଆରମ୍ଭ କଲା ପରେ ମଧ୍ୟ, ଭିତରେ ସ୍ୱସ୍ତ ଓ ନିଶ୍ଚିନ୍ତ ଅନୁଭବ କରିବା ଉଦ୍ଦେଶ୍ୟରେ ଆମେ ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଆପଣାକୁ ତଥାପି ପ୍ରତାରିତ କରିବାଲାଗି ବେଶ୍ ଚେଷ୍ଟା କରିବାରେ ଲାଗିଥାଉ । ତେଣୁ, ମୁଁ ଯେ ନିଜକୁ ପ୍ରତାରିତ କରୁଥିଲି, ସେହି କଥାଟିକୁ ଥରେ ବୁଝିପାରିବା ପରେ ତଥାପି ଆଉ ଗୋଟିଏ ବୃହତ୍ତର ପଦକ୍ଷେପ ନେବା ଆବଶ୍ୟକ ହୋଇଥାଏ ଓ ଅତ୍ୟନ୍ତ ସ୍ପଷ୍ଟବାଦୀ ହୋଇ ସ୍ୱୀକାର କରିବାକୁ ପଡ଼େ, "ହଁ, ମୁଁ ପ୍ରକୃତରେ ଆପଣାକୁ ପ୍ରତାରିତ କରୁଥିଲି ।"

ଏସବୁ କଥା ଏପରି ଅଭ୍ୟାସରେ ପଡ଼ିଯାଇଥାଏ ଓ ଏପରି ସତେଅବା ସ୍ୱୟଂଚାଳିତ ଭାବରେ ଘଟୁଥାଏ ଯେ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ବି ହୋଇପାର ନାହିଁ; ମାତ୍ର ଯେତେବେଳେ ନିଜ ଜୀବନରେ ତୁମେ କୌଣସି ଏକ ଶୃଙ୍ଖଳାକୁ ଆଣି ପ୍ରତିଷ୍ଠିତ କରିବାକୁ ଇଚ୍ଛା କର, ସେତେବେଳେ ତୁମେ ପ୍ରକୃତରେ ଅତ୍ୟନ୍ତ ବିସ୍ମୟକର ଭାବରେ କେତେକେତେ କୌତୂହଳୋଦ୍ଦୀପକ କଥାମାନ ଆବିଷ୍କାର କରିବାକୁ ଆରମ୍ଭ କର । ଏହିଟିକୁ ଆବିଷ୍କାର କରିବା ପରେ ତୁମେ ଏହି କଥାଟିକୁ ବେଶ୍ ଜାଣିପାର ଯେ ତୁମେ ସତତ ଏପରି ଏକ ସ୍ଥିତିରେ... ଏଠାରେ "ଆତ୍ମ-ପ୍ରତାରଣା"ହିଁ ସର୍ବୋତ୍ତମ ଶବ୍ଦ ବୋଲି ମନେହେଉଛି,– ଇଚ୍ଛାକୃତ ପ୍ରବଞ୍ଚନାର ସ୍ଥିତିରେ ଜୀବନ ବଞ୍ଚିବାରେ ଲାଗିଛ; ଅର୍ଥାତ୍, ତୁମେ ସ୍ୱତଃପ୍ରବୃତ୍ତ ଭାବରେହିଁ ଆପଣାକୁ ପ୍ରତାରିତ କରି ରଖିଛ । ତୁମକୁ ପ୍ରକୃତରେ ସେଥିଲାଗି ଆଦୌ କିଛିହେଲେ ଭାବିବାକୁ ପଡ଼ୁ ନାହିଁ : ତୁମେ ଯାହା କରିଛ, ତା'ଉପରେ କେଡ଼େ ସୁନ୍ଦର ପରଦାଟିଏ ନେଇ ପକାଇଦେଉଛ ଓ ତାକୁ ଘୋଡ଼ାଇ ରଖୁଛ ଯେପରିକି ତାହାର ପ୍ରକୃତ ରଙ୍ଗଟି ବାହାରକୁ ଆଦୌ ଦେଖା ଯିବ ନାହିଁ । ଏବଂ ଏହି ସବୁକିଛି ଶ୍ରମ ଏଇଥିଲାଗି କରା ହେଉଥାଏ, ଯେଉଁଗୁଡ଼ିକ କି ପ୍ରକୃତରେ କେଡ଼େ ତାତ୍ପର୍ଯ୍ୟହୀନ ଓ କେଡ଼େ କମ୍ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାନ୍ତି । ହଁ, ଯଦି ଆପଣାର ଭୁଲଗୁଡ଼ିକୁ ସ୍ୱୀକାର କରି ପକାଇଲେ ତଦ୍ଦ୍ୱାରା ତୁମ ଅସ୍ତିତ୍ୱ ଉପରେହିଁ ଭୟଙ୍କର କୌଣସି ବିପଦ ଆସି ପଡ଼ିବାର ଆଶଙ୍କା ରହିଥା'ନ୍ତା, ତେବେ ଅବା ସେକଥା ବୁଝି ହୁଅନ୍ତା, ନୁହେଁ ? ଆପଣାକୁ ରକ୍ଷା କରିବା ସକାଶେ ତୁମ ଭିତରେ ଯେଉଁ ସହଜାତ ପ୍ରବୃତ୍ତି ରହିଛି, ତାହାରିଦ୍ୱାରା ପ୍ରେରିତ ହୋଇ ତୁମେ ନିଜର ରକ୍ଷା ଲାଗି ହୁଏତ ତାହା କରୁଥା'ନ୍ତ । ମାତ୍ର ଏଠାରେ ଆଦୌ ସେପରି କୌଣସି ପ୍ରଶ୍ନ ଉଠୁ ନାହିଁ;– ଏସବୁ ଏପରି ବସ୍ତୁଗୁଡ଼ିକ ସହିତ ସମ୍ବନ୍ଧିତ ହୋଇ ରହିଛି, ଯାହାର କି ଆଦୌ କୌଣସି ମହତ୍ତ୍ୱ ନାହିଁ, "ମୁଁ ଗୋଟିଏ

'oaob.nitrkl.ac.in' images reprocessed

ଭୁଲ କରିଛି'', କେବଳ ଏତିକିମାତ୍ର ନିଜ ପାଖରେ କହିବା ବ୍ୟତୀତ ସେଥିରେ ଆଦୌ କୌଣସି ପରିଣାମ ନିହିତ ହୋଇ ରହି ନାହିଁ ।

ତାହାର ଅର୍ଥ ହେଉଛି ଯେ, ମାନସିକ ସାଧୁତା ହାସଲ କରି ପାରିବା ସକାଶେ ଏକ ପ୍ରୟାସର ପ୍ରୟୋଜନ ରହିଛି । ଏକ ପ୍ରୟାସ ଅବଶ୍ୟ କରିବାକୁ ହେବ, ଏକ ଶୃଙ୍ଖଳା ଅବଶ୍ୟ ରହିବ । ଅବଶ୍ୟ ଏକଥା ସତ ଯେ, ଯେଉଁମାନେ ଧରା ପଡ଼ିବେ ନାହିଁ ବୋଲି ମିଥ୍ୟା କହିଥା'ନ୍ତି, ଏଠାରେ ମୁଁ ଆଦୌ ସେମାନଙ୍କ କଥା କହୁ ନାହିଁ । କାରଣ ଏପରି କରିବା ଯେ ଏକାନ୍ତ ଅନୁଚିତ, ସେ କଥା ସମସ୍ତେ ଜାଣନ୍ତି । ପୁଣି, ସବୁଠାରୁ ଅଧିକ ନିର୍ବୋଧ ଭାବରେ କୁହା ହେଉଥିବା ମିଛକଥାଗୁଡ଼ାକ ସବୁଠାରୁ ଅଧିକ ଅନୁପଯୋଗୀ ବୋଲିହିଁ ପ୍ରମାଣିତ ହୋଇଥା'ନ୍ତି, କାରଣ ସେଗୁଡ଼ାକ ଆପଣାକୁ ଏତେ ଅଧିକ ସ୍ପଷ୍ଟ ଭାବରେ ପଦାରେ ପକାଇ ଦିଅନ୍ତି ଯେ ସେଗୁଡ଼ାକ ଦ୍ୱାରା କେହି କଦାପି ପ୍ରତାରିତ ହୁଏ ନାହିଁ । ଏହିପରି ଦୃଷ୍ଟାନ୍ତମାନ ସତତ ଘଟିଥାଏ; କେହି କୌଣସି ଭୁଲ୍ କରୁଥିବା ବେଳେ ତୁମ ପାଖରେ ଧରା ପଡ଼ିଯାଏ ଏବଂ ତୁମେ ତାକୁ ''ଆଚ୍ଛା, ଏପରି କାମ କରୁଥିଲ, ନା ?'' ବୋଲି କହ । ସିଏ ତାହାର ଉତ୍ତରରେ ଏପରି ଏକ କୈଫିୟତ୍ ଦିଏ, ଯାହାକୁ କି କେହି ବୁଝି ପାରନ୍ତି ନାହିଁ, କେହି ତାହାକୁ ସତ ବୋଲି ଗ୍ରହଣ କରନ୍ତି ନାହିଁ । କଥାଟା ଭାରି ନିର୍ବୋଧ ସତ, ମାତ୍ର ଆପଣାକୁ ଘୋଡ଼ାଇବାର ଆଶାରେ ସିଏ ସେହିପରି ଏକ କୈଫିୟତ୍ ଦେଇଥାଏ । ତାହା ଅତ୍ୟନ୍ତ ସ୍ୱତଃପ୍ରବୃତ୍ତ ହୋଇ ବାହାରି ଆସିଥାଏ ସତ, ମାତ୍ର ଏପରି ଯେ ଆଦୌ କେହିହେଲେ କରିବେ ନାହିଁ, ସେକଥାଟି ସିଏ ସର୍ବଦା ଜାଣିଥାଏ । ମାତ୍ର, ପ୍ରତାରଣାର ସେହି ଅନ୍ୟ ପ୍ରକାରଟି ଆହୁରି ଅଧିକ ସ୍ୱତଃପ୍ରବୃତ୍ତ ଭାବରେ ସଂଘଟିତ ହୋଇଥାଏ ଏବଂ ତାହା ଏପରି ଅତିରିକ୍ତ ଭାବରେ ଅଭ୍ୟାସରେ ପଡ଼ି ଯାଇଥାଏ ଯେ ସମ୍ପୃକ୍ତ ବ୍ୟକ୍ତି ସେ ବିଷୟରେ ଆଦୌ ସଜ୍ଞାନହିଁ ନ ଥାଏ । ତେଣୁ, ଆମେ ଯେତେବେଳେ ମାନସିକ ସାଧୁତାର କଥା କହିଥାଉ, ସେତେବେଳେ ଆମେ ଏପରି ଗୋଟିଏ ବସ୍ତୁର କଥା କହୁ, ଯାହାକୁ କି ଏକ ଅତ୍ୟନ୍ତ ସତତ ଏବଂ ଅବିରତ ପ୍ରୟାସ ଦ୍ୱାରା ହାସଲ କରିବାକୁ ପଡ଼ିଥାଏ ।

ଆପଣାର ମୁଣ୍ଡ ଭିତରେ କିଂବା ଏଠାରେ (*ମାଆ ହୃଦୟ ଆଡ଼କୁ ସୂଚିତ କରିଦେଲେ*)– ଏଠାରେ ତାହା ଅଧିକ ଗମ୍ଭୀର ହୋଇଥାଏ,... ଆପଣା ପାଖରେ ଏକ କ୍ଷୁଦ୍ର ଅନୁକୂଳ ବ୍ୟାଖ୍ୟାଟିଏ ଆଣି ଦେଉଥିବା ବେଳେ ତୁମେ ଆପଣାକୁ ହଠାତ୍ ଯାଇ ଧରିପକାଅ, ନୁହେଁ କି ? ଏବଂ ଯେତେବେଳେ ତୁମେ ଆପଣାକୁ ଆପଣାର କବଳକୁ ନେଇ ଆସିପାରିବ, ସେତିକିବେଳେ ତୁମେ ସେଇଠି ଆପଣାକୁ ଜାବୁଡ଼ି କରି ଧରିବ, ନିଜ ମୁହଁକୁ ସ୍ପଷ୍ଟ କରି ଅନାଇବ ଓ କହିବ, ''ଏପରି କରିବା ଉଚିତ ବୋଲି ତୁ କ'ଣ

'oaob.nitrkl.ac.in' images reprocessed

ପ୍ରକୃତରେ ଭାବୁଛୁ କି ?" ଏବଂ, ଯଦି ତୁମେ ଅତ୍ୟନ୍ତ ସାହସୀ ହୋଇଥିବ ଏବଂ ଆପଣା ଉପରେ ଏକ ପ୍ରବଳ ଚାପ ଆଣି ପକାଇ ପାରିବ, ତେବେ ପରିଶେଷରେ ତୁମେ ନିଜକୁ କହିପାରିବ, "ହଁ, ମୁଁ ଭାରି ଭଲ କରି ଜାଣିଛି ଯେ ଏପରି କରିବା ଆଦୌ ଉଚିତ ନୁହେଁ ।"

ଅନେକ ସମୟରେ ଏଥିଲାଗି ବର୍ଷ ବର୍ଷ ସମୟ ଲାଗିଯାଏ । ଅନେକ ସମୟ ଅତିବାହିତ ହୋଇଯାଏ, ଆପଣା ଭିତରେ ତୁମେ ମଧ୍ୟ ଅନେକ ପରିମାଣରେ ବଦଳି ଯାଇଥାଅ, ବସ୍ତୁଗୁଡ଼ିକ ସମ୍ବନ୍ଧରେ ତୁମର ଦୃଷ୍ଟିକୋଣଟି ମଧ୍ୟ ଅଲଗା ହୋଇ ଯାଇଥାଏ, ତୁମେ ଏକ ଭିନ୍ନ ସ୍ଥିତିକୁ ଆସିଯାଇଥାଅ, ପରିସ୍ଥିତିଗୁଡ଼ିକ ସହିତ ଏକ ଭିନ୍ନ ସମ୍ପର୍କ ସ୍ଥାପିତ ହୋଇ ଯାଇଥାଏ; ଯାହାଫଳରେ କି, ତୁମେ ଆପଣାକୁ କିପରି ପ୍ରତାରିତ କରି ଆସୁଥିଲ, ସେହି କଥାଟିକୁ ସମ୍ପୂର୍ଣ୍ଣ ଓ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହୁଅ; ଏବଂ ସେହି ପ୍ରତାରିତ କରୁଥିବାର ସମୟଟିରେ ବି ତୁମେ ଭାରି ନିଷ୍ଠାଯୁକ୍ତ ହୋଇ ରହିଥିଲ ବୋଲି କିପରି ଦୃଢ଼ ବିଶ୍ୱାସ କରି ରହିଥିଲ, ସେହି କଥାଟିକୁ ମଧ୍ୟ ବେଶ୍ ବୁଝିପାର ।

*(ମାଆ ନୀରବ ରହିଲେ)*

ଏହି ପୃଥିବୀରେ ଆମେ ଜୀବନକୁ ବର୍ତ୍ତମାନ ଯେପରି ବୋଲି ଜାଣିଛୁ, ସେହି ମାନସିକ ଜୀବନ ଏବଂ ଏପରିକି ଉଚ୍ଚତର ମନର ଜୀବନର ଏହି ମିଥ୍ୟାମଣ୍ଡଳଟିରୁ ଆହୁରି ଊର୍ଦ୍ଧ୍ୱକୁ ଉଠିଯାଇ ପାରିଲେ ଯାଇ ସମ୍ଭବତଃ ସମ୍ପୂର୍ଣ୍ଣ ନିଷ୍ଠା ସମ୍ଭବ ହୋଇ ପାରିବ ।

ଯେତେବେଳେ ଆମେ ସେହି ଉଚ୍ଚତର ମଣ୍ଡଳକୁ, ପରମସତ୍ୟର ସେହି ପୃଥିବୀଟି ମଧ୍ୟକୁ ଉଠିଯାଇ ପାରିବା, ସେତେବେଳେ ଆମେ ବସ୍ତୁଗୁଡ଼ିକର ପ୍ରକୃତ ସତ୍ୟକୁ ପ୍ରତ୍ୟକ୍ଷ କରିପାରିବା ଏବଂ ସେଗୁଡ଼ିକର ପ୍ରକୃତ ସତ୍ୟଟିକୁ ଦେଖିବାକୁ ସମର୍ଥ ହୋଇ ଆମେ ସେଗୁଡ଼ିକୁ ଯଥାର୍ଥରେ ବଞ୍ଚି ମଧ୍ୟ ପାରିବା । ତା'ପରେ ଯାବତୀୟ ମିଥ୍ୟା ସ୍ୱଭାବତଃ ଭୁଶୁଡ଼ି ପଡ଼ିବ । ଏବଂ ସେତେବେଳେ ପକ୍ଷସମର୍ଥନକାରୀ ବ୍ୟାଖ୍ୟାଗୁଡ଼ାକର ଯେହେତୁ ଆଉ କୌଣସି ପ୍ରୟୋଜନହିଁ ରହିବ ନାହିଁ, ସେମାନେ ସେହି କାରଣରୁହିଁ ଅନ୍ତର୍ହିତ ହୋଇଯିବେ; କାରଣ ସେତେବେଳେ କୈଫିୟତ୍ ଦେବାଲାଗି ମଧ୍ୟ ଆଉ କୌଣସି ଅବଶେଷ ରହି ନ ଥିବ ।

ବସ୍ତୁଗୁଡ଼ିକ ସେତେବେଳେ ସ୍ୱୟଂ-ସ୍ପଷ୍ଟ ହୋଇ ରହିବେ, ଯାବତୀୟ ରୂପାୟଣ ମଧ୍ୟଦେଇ ପରମସତ୍ୟହିଁ ଆଲୋକିତ ହୋଇ ଉଠୁଥିବ ଏବଂ ମିଥ୍ୟାର ସମ୍ଭାବନାଟି ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

## ୨୮ ମଇ ୧୯୫୮

*"ଏକଥା ସତ ଯେ କେବଳ ଉପର ପରସ୍ତଟାକୁ ଦେଖୁଥିବା ପର୍ଯ୍ୟନ୍ତ ପ୍ରାଣ କେବଳ ଜଡ଼ରହିଁ ଏକ କ୍ରିୟା ଓ କରାମତି ବୋଲି ମନେହୁଏ, ମନ ପ୍ରାଣର ଏକ କ୍ରିୟା ପରି ଲାଗେ, ଏବଂ ଏହିପରି ଆମେ ଏକଥାଟି ମଧ୍ୟ ମନେ କରିପାରିବା ଯେ ଯାହାକୁ ଆମେ ଆତ୍ମା ବା ଚିତ୍‌ସତ୍ତା ବୋଲି କହୁଛୁ, ତାହା କେବଳ ଆମ ମନୋଭୂମିର ଏକ ସାମର୍ଥ୍ୟ ବ୍ୟତୀତ ଆଉ କିଛି ନୁହେଁ । ଆମକୁ ହୁଏତ ବୋଧ ହୋଇପାରେ ଯେ ଆତ୍ମା ହେଉଛି ଏହି ମନର ଏକ ସୂକ୍ଷ୍ମ ରୂପ, ଏବଂ ଆଧ୍ୟାତ୍ମିକତା ହେଉଛି ଦେହସ୍ଥ ମାନସିକ ସତ୍ତାର ଏକ ଊର୍ଦ୍ଧ୍ୱସ୍ତରର କ୍ରିୟା । ମାତ୍ର ଯେତେବେଳେ ଆମର ସକଳ ଭାବନା କେବଳ ବାହ୍ୟ ପ୍ରକ୍ରିୟା ଓ ପ୍ରତିଭାସଟା ଉପରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖେ, ଏବଂ ପ୍ରକ୍ରିୟାଟିର ପଛରେ ଯାହା ଅନ୍ତର୍ନିହିତ ରହିଛି, ତାହାକୁ ଅନାଇବାକୁ ଇଚ୍ଛା କରେ ନାହିଁ, ସେତେବେଳେ ତାହାରି ଫଳରେହିଁ ଆମେ କେବଳ ଉପର ପରସ୍ତଟାକୁ ଦେଖି ବସ୍ତୁର ବିଚାର କରିଥାଉ । ଏହିପରି ଭାବରେ ଅଗ୍ରସର ହୋଇ ଜଣେ ହୁଏତ ଏପରି ଗୋଟିଏ ସିଦ୍ଧାନ୍ତରେ ଯାଇ ପହଞ୍ଚି ପାରିବ ଯେ ବିଦ୍ୟୁତ୍‌ଶକ୍ତି କେବଳ ଜଳ ଓ ମେଘର ଏକ କ୍ରିୟା ବା ପରିଣାମ ମାତ୍ର, କାରଣ ଠିକ୍ ଏହିପରି ଏକ କ୍ଷେତ୍ରରେହିଁ ବିଦ୍ୟୁତ୍‌ର ଆବିର୍ଭାବ ହେଉଛି । ମାତ୍ର ଟିକିଏ ଅଧିକ ଗଭୀର ଅନୁସନ୍ଧାନ ଦ୍ୱାରା ଆମେ ଜାଣିବାକୁ ସମର୍ଥ ହୋଇଛୁ ଯେ ବିଦ୍ୟୁତ୍‌ଶକ୍ତିହିଁ ଓଲଟି ମେଘ ଓ ଜଳର ଭିତ୍ତି ହୋଇ ରହିଛି, ସେହି ବିଦ୍ୟୁତ୍‌ଶକ୍ତିହିଁ ସେମାନଙ୍କର ଉପାଦାନଗତ ଶକ୍ତି ବା ବସ୍ତୁଗତ ସାମର୍ଥ୍ୟ । ଅର୍ଥାତ୍, ଯାହା ଆମ ଆଖିକୁ ଏକ ପରିଣାମ ବୋଲି ବୋଧ ହେଉଛି, ତାହା ବାହ୍ୟ ରୂପରେ ଯେତେ ବିପରୀତ ଭାବରେ ଦେଖା ଯାଉଥାଉ ପଛକେ, ବାସ୍ତବତଃ ତାହାହିଁ ମୂଳ; ଆପାତ ଦୃଷ୍ଟିରୁ ଯାହା କାରଣ ବୋଲି ମନେହେଉଛି, ପରିଣାମଟି ମର୍ମତଃ ତାହାର ପୂର୍ବରୁହିଁ ଅବସ୍ଥିତ ରହିଥିଲା, ବର୍ତ୍ତମାନ ଉନ୍ମେଷଲାଭ କରୁଥିବା କ୍ରିୟାଟି ତା' କ୍ରିୟାର ବର୍ତ୍ତମାନ କ୍ଷେତ୍ରଟିର ତୁଳନାରେ ପୂର୍ବରୁ ବିଦ୍ୟମାନ ଥିଲା । ବିବର୍ତ୍ତନଶୀଳ ପ୍ରକୃତିରେ ସବୁକଥା ଠିକ୍ ଏହି ରୀତିରେହିଁ ଚାଲୁଛି । ଯଦି ପ୍ରାଣର ତତ୍ତ୍ୱଟି ଜଡ଼ର ଉପାଦାନରୂପେ ଆଗରୁ ତାହାରି ଭିତରେ ବର୍ତ୍ତମାନ ନ ଥା'ନ୍ତା ଓ ତା'ଭିତରୁ ଜଡ଼ସ୍ଥ ପ୍ରାଣର*

'oaob.nitrkl.ac.in' images reprocessed

*ଏକ ଉପାଦାନରୂପେ ଉନ୍ମେଷଲାଭ କରୁ ନ ଥା'ନ୍ତା, ତେବେ ଜଡ଼ ମଧ୍ୟରେ କଦାପି ପ୍ରାଣର ଆବିର୍ଭାବ ହୋଇ ନ ଥା'ନ୍ତା । ପ୍ରାଣ ଓ ଜଡ଼ର ପଛରେ ଯଦି ମନର ତତ୍ତ୍ୱଟି ଅବସ୍ଥିତ ରହି ନ ଥା'ନ୍ତା, ସେଗୁଡ଼ିକୁ ଆପଣା କ୍ରିୟାର କ୍ଷେତ୍ରରୂପେ ଗ୍ରହଣ କରିନେଇ ଏକ ମନନସମର୍ଥ ପ୍ରାଣ ଓ ମନର ପ୍ରତିଭାସ ମଧ୍ୟରେ ଯଦି ଫୁଟି ଉଠି ନ ପାରନ୍ତା, ତେବେ ଜଡ଼ସ୍ଥ ପ୍ରାଣ କଦାପି ଅନୁଭବ ଓ ବୋଧର ଶକ୍ତି ଅର୍ଜନ କରିବାକୁ, ଚିନ୍ତା ଓ ବୁଦ୍ଧିକୁ କାମରେ ଲଗାଇବାକୁ ଆରମ୍ଭ କରି ନ ଥା'ନ୍ତା । ସେହିପରି, ମନର ଭୂମି ଉପରେ ଆଜି ଯେଉଁ ଆଧ୍ୟାତ୍ମିକତାର ଆବିର୍ଭାବ ହେବାକୁ ଯାଉଛି, ତାହା ଆମକୁ ଏଭଳି ଏକ ଶକ୍ତିର ସଙ୍କେତ ଦେଇଯାଉଛି, ଯାହାକି ସ୍ୱୟଂ ପ୍ରାଣ, ମନ ତଥା ଦେହର ମୂଳ ଉପାଦାନ ରୂପେ ଅବସ୍ଥିତ ରହିଛି ଓ ସେଗୁଡ଼ିକୁ ପ୍ରତିଷ୍ଠିତ କରି ରଖିଛି, ଏବଂ ବର୍ତ୍ତମାନ ଏକ ସଜୀବ ତଥା ମନନକ୍ଷମ ଶରୀର ମଧ୍ୟରେ ଏକ ଆଧ୍ୟାତ୍ମିକ ସତ୍ତାରୂପେ ଆବିର୍ଭୂତ ହେବାକୁ ଯାଉଛି । ଏହି ଆବିର୍ଭାବର କ୍ରମଟି କେତେଦୂର ଯାଏ ଚାଲିଥିବ, ଆପଣାର ସାଧନଟି ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରି ଏହା ତାହାକୁ ରୂପାନ୍ତରିତ କରି ଦେବ କି ନାହିଁ, ସେଇଟି ହେଉଛି ଏକ ପରବର୍ତ୍ତୀ ପ୍ରଶ୍ନ । ମାତ୍ର ଚିନ୍ମୟ ତତ୍ତ୍ୱଟି ଯେ ମନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ବୃହତ୍ତର ଏକ ତତ୍ତ୍ୱରୂପେ ଅବସ୍ଥିତ ରହିଛି, ଆଧ୍ୟାତ୍ମିକତା ଯେ ମନୋମୟତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ତତ୍ତ୍ୱରୂପେ ଅବସ୍ଥିତ ରହିଛି ଓ ତେଣୁ ଆଧ୍ୟାତ୍ମିକ ସତ୍ତା ମଧ୍ୟ ମନୋମୟ ସତ୍ତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରହିଛି, ପ୍ରଥମେ ଏହି କଥାଟିକୁ ସତ୍ୟ ବୋଲି ସ୍ୱୀକାର କରିନେବା ଦରକାର । ବିବର୍ତ୍ତନର କ୍ଷେତ୍ରରେ ଚିତ୍‌ସତ୍ତାର ଆବିର୍ଭାବ ସବା ଶେଷରେ ହୁଏ, କାରଣ ସଂବୃତିର କ୍ରମରେ ତାହାହିଁ ଆଦି ଉପାଦାନ ବା ସର୍ବପ୍ରଥମ ତତ୍ତ୍ୱ ହୋଇ ରହିଥିଲା । ବିବର୍ତ୍ତନ ହେଉଛି ସଂବୃତିର ଏକ ବିପରୀତମୁଖୀ କ୍ରିୟା; ସଂବୃତିର ସର୍ବଶେଷ ପର୍ଯ୍ୟାୟରେ ଯାହା ନିଷ୍ପନ୍ନ ହୁଏ, ବିବର୍ତ୍ତନରେ ସର୍ବପ୍ରଥମେ ତାହାରହିଁ ଆବିର୍ଭାବ ହୁଏ; ସଂବୃତିରେ ଯାହା ସବାମୂଳରେ ବା ସର୍ବପ୍ରଥମେ ରହିଥିଲା, ବିବର୍ତ୍ତନର ପର୍ଯ୍ୟାୟରେ ସେଇଟି ସବାଶେଷରେ ଓ ସର୍ବୋଚ୍ଚ ତତ୍ତ୍ୱରୂପେ ଆବିର୍ଭୂତ ହୁଏ ।"*

ଦିବ୍ୟ ଜୀବନ(ଇଂ), ପୃଷ୍ଠା ୮୫୨-୫୩

ଆଜି ମୋତେ ତୁମମାନଙ୍କୁ ଅବତାର ବିଷୟରେ କିଛି କହିବାଲାଗି କୁହାହୋଇଛି ।

'oaob.nitrkl.ac.in' images reprocessed

ଏହି ବିଷୟରେ ମୁଁ ସର୍ବପ୍ରଥମେ ଏହି କଥାଟି କହିବି ଯେ, ଶ୍ରୀଅରବିନ୍ଦ ଏହି ବିଷୟରେ ମଧ୍ୟ ଲେଖି ଯାଇଛନ୍ତି ଓ ଯିଏ ମୋତେ ଏହି ପ୍ରଶ୍ନଟିକୁ ପଚାରିଛନ୍ତି, ସେ ଶ୍ରୀଅରବିନ୍ଦ ଲେଖିଯାଇଥିବା କଥାଗୁଡ଼ିକୁ ପ୍ରଥମେ ପଢ଼ିଲେ ତାହା ନିଶ୍ଚୟ ଅଧିକ ଭଲ ହେବ ।

ତେଣୁ ସେହି ବିଷୟରେ ମୁଁ ତୁମକୁ କିଛି କହିବି ନାହିଁ, କାରଣ ତୁମେ ନିଜେ ସେହି କଥାଟିକୁ ପଢ଼ିଲେ ତାହା ଅଧିକ ଭଲ ହେବ ।

ମାତ୍ର ମୁଁ ତୁମକୁ ଗୋଟିଏ ଅତି ପୁରାତନ ପରମ୍ପରା ବିଷୟରେ କହିପାରିବି, ଆଧ୍ୟାତ୍ମିକ ପରମ୍ପରା ଏବଂ ଗୂଢ଼ବିଦ୍ୟାର ଦୁଇଟିଯାକ ଜ୍ଞାତ ପରମ୍ପରାଠାରୁ ତାହା ଆହୁରି ଅଧିକ ପ୍ରାଚୀନ । ଏଠାରେ ମୁଁ ବୈଦିକ ଏବଂ ଖାଲ୍‌ଦୀୟ ପରମ୍ପରା ଦ୍ୱୟର ଧାରା ବିଷୟରେ କହିବାକୁ ଯାଉଛି । ଏହି ପରମ୍ପରାଟି ଉକ୍ତ ଦୁଇଟି ଜ୍ଞାତ ପରମ୍ପରାର ମୂଳସ୍ୱରୂପ ହୋଇ ରହିଥିଲା ପରି ମନେହେଉଛି । ସେହି ପରମ୍ପରାଟିରେ ଏପରି କୁହାଯାଇଛି ଯେ, ପ୍ରତିକୂଳ ଶକ୍ତିଗୁଡ଼ିକର କ୍ରିୟାର ଫଳସ୍ୱରୂପ,– ହିନ୍ଦୁ ପରମ୍ପରାରେ ଏହି ଶକ୍ତିଗୁଡ଼ିକୁ ଅସୁର ବୋଲି କୁହାଯାଇଛି,– ଯେତେବେଳେ ଏହି ପୃଥିବୀ ପରମ ଆଲୋକ ଏବଂ ଅନ୍ତର୍ନିହିତ ଚେତନାର ତା'ର ନିଜସ୍ୱ ବିଧାନଟି ଅନୁସାରେ ବିକାଶଲାଭ ନ କରି, ଆମର ପରିଚିତ ଏହି ଅନ୍ଧକାର, ଅଚେତନା ଏବଂ ଅଜ୍ଞାନ ମଧ୍ୟରେ ଆସି ବୁଡ଼ିରହିଲା, ସେତେବେଳେ ପରମା ସୃଜନାତ୍ମିକା ଶକ୍ତି ସର୍ବୋଚ୍ଚ ପରମ ଆଦିମୂଳଙ୍କ ପାଖରେ ଯାଇ ପ୍ରାର୍ଥନା କରିବାକୁ ଲାଗିଲେ, ତାଙ୍କରି ପକ୍ଷରୁ ଏକ ବିଶେଷ ହସ୍ତକ୍ଷେପ ଘଟିଲେ ଯାଇ ଏହି ଅଧୋଗତ ବିଶ୍ୱର ରକ୍ଷା ସମ୍ଭବ ହେବ ବୋଲି ଅନୁନୟ କରି କହିଲେ । ଏବଂ ଏହି ପ୍ରାର୍ଥନାର ଉତ୍ତର ଜଣାଇ ପରମ ଆଦିମୂଳଙ୍କଠାରୁ ଏକ ବିଶେଷ ସତ୍ତାର ଉନ୍ମେଷ ଘଟିଲା, ପରମ ପ୍ରେମ ଏବଂ ପରମ ଚେତନାର ଏକ ସତ୍ତାର ଆବିର୍ଭାବ ହେଲା । ସେହି ସତ୍ତା ଆପଣାକୁ ପ୍ରତ୍ୟକ୍ଷ ଭାବରେ ଅଚେତନତମ ସତ୍ତା ମଧ୍ୟରେ ଆଣି ନିକ୍ଷିପ୍ତ କରିଦେଲେ ଏବଂ ତାହାକୁ ସେହି ମୂଳଭୂତ ପରମ ଚେତନା ଏବଂ ପ୍ରେମ ମଧ୍ୟକୁ ଜାଗ୍ରତ କରାଇ ଆଣିବାର କାର୍ଯ୍ୟଟିକୁ ଆରମ୍ଭ କରିଦେଲେ ।

ପୁରାତନ ବୃତ୍ତାନ୍ତଗୁଡ଼ିକରେ ଏହି ସତ୍ତା ଏକ ଅନ୍ଧକାରମୟ ଗୁହାର ତଳ ଭାଗରେ ଗଭୀର ନିଦ୍ରାରେ ନିମଗ୍ନ ହୋଇ ଶୟାନ ରହିଛନ୍ତି ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କର ସେହି ନିଦ୍ରାମଗ୍ନ ଅବସ୍ଥାରେ ତାଙ୍କ ଶରୀର ମଧ୍ୟରୁ ଆଲୋକର ସମପାର୍ଶ୍ୱୀୟ କିରଣରେଖାମାନ ନିର୍ଗତ ହୋଇ କ୍ରମଶଃ ଅଚେତନା ମଧ୍ୟକୁ ବ୍ୟାପ୍ତ ହୋଇଯିବାକୁ ଲାଗିଲା, ଏବଂ ସେଠାରେ ଜାଗରଣର କାର୍ଯ୍ୟଟିକୁ ଆରମ୍ଭ କରି ଦେବାଲାଗି ଏହି ଅଚେତନାର ସକଳ ଉପାଦାନଗୁଡ଼ିକରେ ନିଜକୁ ପ୍ରତିଷ୍ଠିତ କରି ରଖିଲା ।

'oaob.nitrkl.ac.in' images reprocessed

ଯଦି ଆମେ ସଚେତନ ଭାବରେ ଏହି ଅଚେତନା ମଧ୍ୟରେ ପ୍ରବେଶ କରି ପାରିବା, ଆମେ ସେହି ବିସ୍ମୟକାରୀ ସତ୍ତାଙ୍କୁ ତଥାପି ଦର୍ଶନ କରି ପାରିବା, ତାଙ୍କୁ ସେହିଠାରେ ଶୟାନ ହୋଇ ରହିଥିବାର ଦେଖିବାକୁ ପାଇବା । ସିଏ ଏବେ ମଧ୍ୟ ତାଙ୍କର ପ୍ରସର୍ଜନର କାର୍ଯ୍ୟଟିକୁ ଅବିଚ୍ଛିନ୍ନ ରଖିଛନ୍ତି, ଆପଣାର ଆଲୋକକୁ ବ୍ୟାପ୍ତ କରିଦେବାରେ ଲାଗିଛନ୍ତି, ଏବଂ ଅଚେତନର ଅଚେତନତା ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନ ଯାଇଥିବା ପର୍ଯ୍ୟନ୍ତ ସେ ସେହି କାର୍ଯ୍ୟଟିକୁ ଅବିରତ କରୁଥିବେ, ଧରାପୃଷ୍ଠରୁ ଅନ୍ଧକାର ଅପସାରିତ ହୋଇଯିବା ପର୍ଯ୍ୟନ୍ତ ସେ ତାହା କରିବାରେ ଲାଗିଥିବେ ଏବଂ ସେତେବେଳେ ସମୁଦାୟ ସୃଷ୍ଟିହିଁ ଅତିମାନସ ଚେତନା ମଧ୍ୟକୁ ଜାଗ୍ରତ ହୋଇ ଉଠିବ ।

ଏବଂ ଏହା ପ୍ରକୃତରେ ଏକ ଅଦ୍ଭୁତ କଥା ଯେ ମୁଁ ଦିନେ ଏକ ଦୃଷ୍ଟିରେ ଯେଉଁ ସତ୍ତାଟିକୁ ଦେଖିଥିଲି, ଏହି ବିସ୍ମୟକାରୀ ସତ୍ତାଙ୍କର ତାହା ସହିତ ଏକ ଅଦ୍ଭୁତ ସାଦୃଶ୍ୟ ରହିଛି । ସେହି ସତ୍ତା ପ୍ରକୃତରେ ଅନ୍ୟ ପ୍ରାନ୍ତଟିରେ ଯାଇ ଅବସ୍ଥିତ ରହିଛନ୍ତି, ଆକାର ଏବଂ ଆକରାତୀତର ସୀମା ପ୍ରାନ୍ତରେ ଅବସ୍ଥିତ ରହିଛନ୍ତି । ମାତ୍ର ମୁଁ ଯାହାଙ୍କୁ ଦେଖିଲି, ସିଏ ଏକ ସ୍ୱର୍ଣ୍ଣାଭ ରକ୍ତବର୍ଣ୍ଣର ମହିମାରେ ବିରାଜିତ ରହିଥିଲେ ଏବଂ, ଆପଣାର ଶୟାନ ଅବସ୍ଥାରେ ସେହି ଅନ୍ୟ ସତ୍ତାଟି ଏକ ଉଜ୍ଜ୍ୱଳ ହୀରକମୟ ଶୁଭ୍ରତାରେ ବିଦ୍ୟମାନ ଥିଲେ ଏବଂ ଦୁଗ୍ଧବର୍ଣ୍ଣ କିରଣରେଖାମାନ ନିର୍ଗତ କରିବାରେ ଲାଗିଥିଲେ ।

ବସ୍ତୁତଃ, ଏହାହିଁ ହେଉଛି ସବୁ ଅବତାରଙ୍କର ଉତ୍ପତ୍ତିସ୍ଥଳ । ଏହିପରି ଭାବରେ ଆମେ ତାଙ୍କୁ ସର୍ବପ୍ରଥମ ବିଶ୍ୱାବତାର ବୋଲି କହିପାରିବା, ଯିଏକି କ୍ରମଶଃ ଅଧିକରୁ ଅଧିକ ସଂଖ୍ୟାରେ ସଚେତନ ଶରୀରମାନ ଧାରଣ କରିଛନ୍ତି ଏବଂ ଶେଷରେ ଅନେକ ସଂଖ୍ୟକ ସତ୍ତାର ଏକ ପ୍ରକାରର ସ୍ୱୀକୃତ କ୍ରମରେ ଆପଣାକୁ ପ୍ରକଟ କରିଛନ୍ତି । ସେହି ସତ୍ତାମାନେ ଏହି ବିଶ୍ୱଜଗତକୁ ପ୍ରସ୍ତୁତ କରିବାର କାର୍ଯ୍ୟଟିକୁ ପରିପୂର୍ଣ୍ଣ କରିବାଲାଗି ସର୍ବୋଚ୍ଚ ପରମସତ୍ତାଙ୍କ ସୋପାନଟିରୁ ସିଧା ଏଠାକୁ ଅବତରଣ କରି ଆସିଛନ୍ତି । ଯେପରିକି, ଏକ ଅବିଚ୍ଛିନ୍ନ କ୍ରମୋତ୍ତର ବିକାଶର ଧାରା ମଧ୍ୟଦେଇ ଗତି କରି ଏହି ପୃଥିବୀ ସେହି ଅତିମାନସ ପରମ ଆଲୋକକୁ ତା'ର ସକଳ ସମ୍ପୂର୍ଣ୍ଣତାରେ ଗ୍ରହଣ କରିବାଲାଗି ଏବଂ ପ୍ରକଟ କରିଦେବାଲାଗି ପ୍ରସ୍ତୁତ ହୋଇ ଆସିପାରେ, ସେମାନେ ସେଇଥିଲାଗି ଅବତୀର୍ଣ୍ଣ ହୋଇଛନ୍ତି ।

ପ୍ରତ୍ୟେକ ଦେଶରେ ଓ ପ୍ରତ୍ୟେକ ପରମ୍ପରାରେ ଏହି ଘଟଣାଟିକୁ ଏକ ବିଶେଷ ରୀତିରେ ଉପସ୍ଥାପିତ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ତାହାର ଭିନ୍ନ ଭିନ୍ନ ସୀମା ରହିଛି, ଭିନ୍ନ ଭିନ୍ନ ପୁଙ୍ଖାନୁପୁଙ୍ଖତା ରହିଛି, ବିଶେଷ ନାନା ଲକ୍ଷଣଯୁକ୍ତତା ବି ରହିଛି । ମାତ୍ର, ଯଥାର୍ଥରେ କହିବାକୁ ଗଲେ, ଏହି ଯାବତୀୟ କାହାଣୀର ସେହି ଗୋଟିଏ ମୂଳହିଁ ରହିଛି ।

'oaob.nitrkl.ac.in' images reprocessed

ଏବଂ ସେହି ମୂଳ କଥାଟିକୁ ଆମେ ହୁଏତ ସର୍ବୋଚ୍ଚ ପରମସତ୍ତାଙ୍କର ଏକ ପ୍ରତ୍ୟକ୍ଷ ଓ ସଚେତନ ହସ୍ତକ୍ଷେପ ବୋଲି କହିପାରିବା । ଅନ୍ଧତମ ଜଡ଼ ଭିତରେ ସେ ଏହିପରି ହସ୍ତକ୍ଷେପ କରନ୍ତି, ଏବଂ, ଏହି ଜଡ଼କୁ ଦିବ୍ୟ ପରମ ସାମର୍ଥ୍ୟଗୁଡ଼ିକର ଗ୍ରହଣଶୀଳତାର ସୋପାନକୁ ଜାଗ୍ରତ କରି ଆଣିବା ଲାଗି ତାଙ୍କୁ ଆଦୌ ମଧ୍ୟବର୍ତ୍ତୀ ନିମିତ୍ତଗୁଡ଼ିକ ମଧ୍ୟଦେଇ ଗତି କରିବାକୁ ପଡ଼େ ନାହିଁ ।

ଏହି ଭିନ୍ନ ଭିନ୍ନ ଅବତାରମାନଙ୍କ ମଧ୍ୟରେ ରହିଥିବା ଅନ୍ତଃବର୍ତ୍ତୀ କାଳଟି କ୍ରମେ ଅଳ୍ପରୁ ଅଳ୍ପତର ହୋଇ ଆସୁଥିଲା ପରି ମନେ ହେଉଛି; ସତେ ଯେପରି, ଜଡ଼ ଯେଉଁ ଅନୁପାତରେ ଅଧିକରୁ ଅଧିକ ପରିମାଣରେ ପ୍ରସ୍ତୁତ ହୋଇ ଆସୁଛି, ସେହି ଅନୁପାତରେ ଏଣେ କ୍ରିୟାଟି ମଧ୍ୟ ସେହିପରି ବୃଦ୍ଧିପ୍ରାପ୍ତ ହେଉଛି, ତାହାର ଗତି ସେହିପରି ଦ୍ରୁତ ହେବାରେ ଲାଗିଛି, ଅଧିକରୁ ଅଧିକ ସଚେତନ, ଅଧିକରୁ ଅଧିକ ଫଳସମର୍ଥ ଏବଂ ମୀମାଂସକ ବି ହୋଇ ଚାଲିଛି ।

ଏହା ଆହୁରି ବହୁଗୁଣିତ ହେବ, ଆହୁରି ପ୍ରଗାଢ଼ ହୋଇ ଯାଉଥିବ ଏବଂ ପରିଶେଷରେ ସମଗ୍ର ବିଶ୍ୱହିଁ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଏକ ସମଗ୍ର ଅବତାରରେ ପରିଣତ ହୋଇଯିବ ।

'oaob.nitrkl.ac.in' images reprocessed

## ୪ ଜୁନ୍ ୧୯୫୮

*"ଚିନ୍ମୟତା ଓ ଚିନ୍ମୟଭାବାପନ୍ନତାର ଏହି ସତ୍ୟଟି ପ୍ରଥମ ଅବସ୍ଥାରେ ଆମର ମନ ସମକ୍ଷରେ ସ୍ୱତଃସିଦ୍ଧ ବୋଲି ଆଦୌ ପ୍ରତିଭାତ ହୁଏ ନାହିଁ । ଆପଣା ମନର ବିଚରଣ କ୍ଷେତ୍ରରେ ମନୁଷ୍ୟ ଆପଣାର ଆତ୍ମାକୁ ଅନୁଭବ କରେ ସତ୍ୟ, ମାତ୍ର ତା'ର ଦେହଠାରୁ ଭିନ୍ନ ଆଉକିଛି ପଦାର୍ଥ ବୋଲି ଅନୁଭବ କରେ । ତା'ର ସାଧାରଣ ଜୀବନସ୍ତରର ମନ ଓ ପ୍ରାଣଠାରୁ ଏକ ଊର୍ଦ୍ଧ୍ୱତର ସୋପାନରେ ରହିଥିବା କୌଣସି ପଦାର୍ଥ ବୋଲି ଜାଣେ । ମାତ୍ର ସେଇଟି ବିଷୟରେ ତାହାର କୌଣସି ସୁସ୍ପଷ୍ଟ ବୋଧ ନ ଥାଏ; ତା' ପ୍ରକୃତି ଉପରେ ସେଇଟିର ଯେଉଁସବୁ ପ୍ରଭାବ ପଡୁଥାଏ, କେବଳ ତାହାରି ବିଷୟରେ ଏକ ଅନୁଭୂତି ରହିଥାଏ । ଏହିସବୁ ପ୍ରଭାବ ଏକ ମନୋଗତ ଓ ପ୍ରାଣଗତ ରୂପ ଧାରଣ କରିବା ସଙ୍ଗେ ସଙ୍ଗେ ତା'ପରେ ଉଭୟ ମଧ୍ୟରେ ଅନୁଭୂତ ପାର୍ଥକ୍ୟଟି ସେପରି ଦୃଢ଼ଚିହ୍ନିତ ହୋଇ ରହେ ନାହିଁ, ଆତ୍ମାର ବୋଧ ସେତେବେଳେ ଆଉ ସଂପୂର୍ଣ୍ଣ ଓ ସୁଚିହ୍ନିତ ସ୍ୱତନ୍ତ୍ର ଏକ ବୋଧ ହୋଇ ରହେ ନାହିଁ । ବସ୍ତୁତଃ ଅନେକ ସମୟରେ ଆମର ମାନସିକ ଓ ପ୍ରାଣଗତ ଅଂଶଗୁଡ଼ିକ ଉପରେ ଆସି ପଡୁଥିବା ଚୈତ୍ୟ ଚାପର ଅର୍ଦ୍ଧପରିଣାମଗୁଡ଼ିକୁ ଅର୍ଥାତ୍ ମାନସିକ ଆକାଙ୍କ୍ଷା ତଥା ପ୍ରାଣଗତ ବାସନା ଦ୍ୱାରା ମିଶ୍ରିତ ଏକ ରୂପାୟଣକୁ ଆମେ ଭୁଲ କରି ଆତ୍ମା ବୋଲି ଭାବି ନେଇଥାଉ; ଆତ୍ମସତ୍ତା ତାହାର ଯଥାର୍ଥ ସତ୍ତାଗତ ସତ୍ୟଟି ଅନୁସାରେ ମର୍ମତଃ ଉଭୟ ବିଶ୍ୱାତ୍ମକ ତଥା ବ୍ୟକ୍ତିଭାବାତ୍ମକ ହୋଇଥିଲେ ମଧ୍ୟ ତଥାପି ଭେଦଧର୍ମୀ ଅହଂଟାକୁ ଆମେ ଯେପରି ଅନେକ ସମୟରେ ଆତ୍ମସତ୍ତା ବୋଲି ଭ୍ରମ କରିଥାଉ, ଠିକ୍ ସେହିପରି । ଅଥବା, ଯେପରି କୌଣସି ଏକ ପ୍ରକାରର ଉଚ୍ଚ ଆଦର୍ଶରେ ଦୃଢ଼ୀଭୂତ ବିଶ୍ୱାସ, ଆତ୍ମୋତ୍ସର୍ଗ କିଂବା ପରାର୍ଥପର ଅତ୍ୟାଗ୍ରହ ଦ୍ୱାରା ଉଦ୍ଦୀପ୍ତ ହୋଇଥିବା ମାନସିକ ଆକାଙ୍କ୍ଷା, ପ୍ରାଣଗତ ଉତ୍ସାହ ଓ ଆବେଗର ଏକ ପରସ୍ପର ମିଶ୍ରିତ ଭାବକୁ ଅନେକ ସମୟରେ ଆଧ୍ୟାତ୍ମିକତା ବା ଅଧ୍ୟାତ୍ମଭାବାପନ୍ନତା ବୋଲି ବିଚାର କରା ହୋଇଥାଏ, ସେହିପରି । ମାତ୍ର ବିବର୍ତ୍ତନର ଏକ ଅସ୍ଥାୟୀ ଅବସ୍ଥାରୂପେ ଏସବୁ ଅସ୍ପଷ୍ଟତା ଓ ଗୋଳିଆମିଶାସବୁ ଆସିବହିଁ ଆସିବ; କାରଣ ଅବିଦ୍ୟାହିଁ ଏହାର ଆଦ୍ୟ ଚରଣ ହୋଇଥିବାରୁ ଏବଂ ଆମର*

'oaob.nitrkl.ac.in' images reprocessed

ପ୍ରାଥମିକ ପ୍ରକୃତିଟି କେବଳ ତାହାରି ଛାପଟିକୁ ବହନ କରି ରହିଥିବାରୁ ସାଧନାଗତ ଅନୁଭୂତି ବା ସ୍ୱଚ୍ଛ ଜ୍ଞାନର ଅଭାବ ହେତୁ ଆମର ଏହି ବିବର୍ତ୍ତନଟି ଏକ ଅତି ଅପୂର୍ଣ୍ଣ ବୋଧଚେତନା, ଏକ ସହଜାତ ପ୍ରବୃତ୍ତିଧର୍ମୀ ଆବେଗ ଓ ଏଷଣା ଦ୍ୱାରାହିଁ ପରିଚାଳିତ ହେବାକୁ ବାଧ୍ୟ ହେବ । ଏପରିକି, ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରଥମ ସୂଚନାଗୁଡ଼ିକରେ, ଆଧ୍ୟାତ୍ମିକ ଅନୁଭବ ଓ ଆବେଗ ଫଳରେ ଯେଉଁସବୁ ରୂପାୟଣ ଦୃଷ୍ଟିଗୋଚର ହୁଏ ଅଥବା ଯେଉଁଗୁଡ଼ିକ ମଧ୍ୟରେ ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରଥମ ଚିହ୍ନଗୁଡ଼ିକ ଆସି ଦେଖାଦିଏ, ସେଗୁଡ଼ିକରେ ମଧ୍ୟ ଏହିଭଳି ଅପୂର୍ଣ୍ଣତା ଓ ଅସ୍ଥାୟିତା ଅବଶ୍ୟ ରହିବହିଁ ରହିବ । ମାତ୍ର ଏହିପରି ଭାବରେ ସୃଷ୍ଟ ହେଉଥିବା ଭୁଲଗୁଡ଼ାକ ଯଥାର୍ଥ ବୋଧ ଓ ଯଥାର୍ଥ ଜ୍ଞାନର ପଥରେ ଏକ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୁଏ; ତେଣୁ ଏଠାରେ ଅତ୍ୟନ୍ତ ଗୁରୁତ୍ୱର ସହିତ କହି ରଖିବାକୁ ହେବ ଯେ ଆଧ୍ୟାତ୍ମିକତା କହିଲେ କୌଣସି ବୁଦ୍ଧିଗତ ଉଚ୍ଚ ଉତ୍କର୍ଷକୁ ବୁଝାଇବ ନାହିଁ, କୌଣସି ଆଦର୍ଶବାଦକୁ ବୁଝାଇବ ନାହିଁ, ମନର କୌଣସି ନୀତିପରାୟଣତା, ନୀତିଗତ ଶୁଦ୍ଧତା କିଂବା କୃଚ୍ଛ୍ରସାଧନାକୁ ବୁଝାଇବ ନାହିଁ, ଧର୍ମବଶତଃ କିଂବା ଉଚ୍ଚ ଉଚ୍ଛ୍ୱସିତ ସଂବେଗଗତ ଉତ୍ସୁକତାକୁ ବୁଝାଇବ ନାହିଁ ଓ ଏପରିକି ଏହିସବୁ ଅତିଚମତ୍କାର ବୃତ୍ତି ଓ ବିବେକର ଏକ ଏକତ୍ର ସମାହାରକୁ ମଧ୍ୟ କଦାପି ବୁଝାଇବ ନାହିଁ । ମନ ଦ୍ୱାରା ପରିପୁଷ୍ଟ କୌଣସି ବିଶ୍ୱାସ, ଧର୍ମ ବା ଆଦର୍ଶବ୍ରତ, ସଂବେଗଗତ କୌଣସି ପ୍ରେରଣା, କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମମତ ଅଥବା ନୀତିମାର୍ଗ ଦ୍ୱାରା ସୂଚିତ କରି ଦିଆ ଯାଇଥିବା ସୂତ୍ରାବଳୀ ଅନୁସାରେ ଏକ ଚମତ୍କାର ଆଚରଣ-ସଂଯମ,– ଏଗୁଡ଼ାକୁ ଆଧ୍ୟାତ୍ମିକ ସିଦ୍ଧି କିଂବା ଅନୁଭୂତି ବୋଲି କୁହାଯିବ ନାହିଁ । ମନ ତଥା ପ୍ରାଣର ଜୀବନାୟତନରେ ଏସବୁର ନିଶ୍ଚୟ ଅନେକ ମୂଲ୍ୟ ଏବଂ ମହତ୍ତ୍ୱ ରହିଛି, ଆପଣାର ପ୍ରକୃତିକୁ ଶୃଙ୍ଖଳାବଦ୍ଧ କରିବା, ଶୁଦ୍ଧ କରିବା ଏବଂ ତାହାକୁ ସତ୍ୟଗ୍ରହଣର ଉପଯୋଗୀ ବା ଅନୁକୂଳ କରି ତିଆରି କରିବାର ପ୍ରସ୍ତୁତିମୂଳକ ସାଧନରୂପେ ଆଧ୍ୟାତ୍ମିକ ପରିଣତିର କ୍ଷେତ୍ରରେ ମଧ୍ୟ ସେଗୁଡ଼ିକର ଏକ ମହତ୍ତ୍ୱ ରହିଛି; ମାତ୍ର ତଥାପି ସେସବୁ କେବଳ ମାନସିକ କ୍ଷେତ୍ରର ବିଷୟ, ମାନସିକ ବିବର୍ତ୍ତନରହିଁ ବ୍ୟାପାର । ସେଠାରେ ଏକ ଆଧ୍ୟାତ୍ମିକ ଉପଲବ୍ଧି, ଅନୁଭୂତି ଓ ପରିବର୍ତ୍ତନର ଯଥାର୍ଥ ଆରମ୍ଭ ହେବାକୁ ତଥାପି ବାକି ରହିଛି । ଆପଣାର ମର୍ମଗତ ପ୍ରକୃତ ଅର୍ଥରେ ଆଧ୍ୟାତ୍ମିକତାକୁ ଆମେ ଆମ ସତ୍ତାର ଅନ୍ତର୍ଗତ ସତ୍ୟଟି ମଧ୍ୟକୁ

'oaob.nitrkl.ac.in' images reprocessed

*ଜାଗ୍ରତ ହୋଇ ଉଠିବା ବୋଲି କହିବା; ଏପରି ଏକ ଆତ୍ମା, ଆତ୍ମସତ୍ତା ଏବଂ ଚିତ୍‌ସତ୍ତା ମଧ୍ୟକୁ ଜାଗ୍ରତ ହୋଇ ଉଠିବା ବୋଲି କହିବା, ଯାହାକି ଆମର ଏହି ମନ, ପ୍ରାଣ ବା ଶରୀର କିଛି ନୁହେଁ, ଯାହା ହେଉଛି ଜାଣିବାର, ଅନୁଭବ କରିବାର ଓ ତାଦାତ୍ମ୍ୟ ଲାଭ କରିବାର ଏକ ଅନ୍ତର୍ଗତ ସ୍ୱଭାବପ୍ରେରଣା; ଆମ ସୀମାଟିକୁ ଅତିକ୍ରମ କରି ରହିଥିବା ଓ ଆମ ସତ୍ତାଟିକୁ ମଧ୍ୟ ଆପଣା ଭିତରେ ଧାରଣ କରି ରହିଥିବା ଏହି ବିଶ୍ୱମୟ ବ୍ୟାପ୍ତି ହୋଇ ରହିଥିବା ସେହି ବୃହତ୍ତର ପରମସତ୍ୟର ସଂସ୍ପର୍ଶଲାଭ କରିବାର ଏକ ଅନ୍ତର୍ଗତ ଆକାଙ୍‌କ୍ଷା, ତାହାରି ସହିତ ଯୋଗାଯୋଗ ସ୍ଥାପନ କରିବାର ଓ ସମ୍ମିଳିତ ହେବାର ଏକ ଆକୂତି; ଏବଂ ସେହି ଆକାଙ୍‌କ୍ଷା, ସଂସ୍ପର୍ଶଲାଭ ଓ ସମ୍ମିଳନର ପରିଣାମରୂପେ ଆମର ସମୁଦାୟ ସତ୍ତାଟିରେ ଏକ ସମଗ୍ର ଦିକ୍‌ପରିବର୍ତ୍ତନ ଘଟାଇବା, ତାହାକୁ ଏକ ନୂତନ ଦୀକ୍ଷାରେ ଦୀକ୍ଷିତ କରାଇବା ଓ ତାହାର ପରିପୂର୍ଣ୍ଣ ରୂପାନ୍ତର ସାଧନ କରିବା । ଆଧ୍ୟାତ୍ମିକତା ହେଉଛି ଆପଣାର ଅନୁରୂପ ଅଭିବୃଦ୍ଧି ସାଧନ କରି ଏକ ନୂତନ ସମ୍ଭୂତି ବା ନୂତନ ଜୀବନ, ଏକ ନୂତନ ଆତ୍ମା ବା ନୂତନ ପ୍ରକୃତି ମଧ୍ୟରେ ଜାଗ୍ରତ ହୋଇ ଉଠିବା ।"*

ଦିବ୍ୟଜୀବନ (ଇଂ), ପୃଷ୍ଠା ୮୫୬-୫୭

ବସ୍ତୁତଃ, ଯେତେବେଳ ଯାଏ ଭିତରେ କୌଣସି ସଂଶୟ ଅଥବା କୁଣ୍ଠା ରହିଛି, ମୁଁ ଆପଣା ଭିତରେ ଏହି ଶାଶ୍ୱତ ଆତ୍ମାର ଉପଲବ୍ଧି କଲିଣି କି ନାହିଁ, ଯେପର୍ଯ୍ୟନ୍ତ ଆମେ ଏହି ପ୍ରଶ୍ନଟିକୁ ନିଜକୁ ପଚାରିବାରେ ଲାଗିଛୁ, ତଦ୍ୱାରା ଅବଶ୍ୟ ପ୍ରମାଣିତ ହୋଇ ଯାଉଥିବ ଯେ ଅସଲ ସଂଯୋଗ ସ୍ଥାପନଟି ପ୍ରକୃତରେ ଘଟି ନାହିଁ । କାରଣ, ଯେତେବେଳେ ସେହି ଘଟଣାଟି ପ୍ରକୃତରେ ଘଟେ, ସେତେବେଳେ ତାହା ଆପଣା ସହିତ ଏପରି ଏକ ପ୍ରକାଶାତୀତ ସମ୍ପଦକୁ ବହନ କରି ନେଇ ଆସିଥାଏ ଯେ, ସେହି ନୂତନ ଏବଂ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ସେହି ସମ୍ପଦଟି ଆଗରେ ଆଉ କୌଣସି ସନ୍ଦେହ ଅଥବା କୌଣସି ପ୍ରଶ୍ନ-ଉତ୍ଥାପନ ଆଦୌ ସମ୍ଭବ ହୁଏ ନାହିଁ । ସେତେବେଳେ ପ୍ରକୃତରେ, ଏହି କଥାଟିର ସଂପୂର୍ଣ୍ଣ ତାତ୍ପର୍ଯ୍ୟର ସହିତହିଁ ଏକ ନୂତନ ଜନ୍ମ ସଂଘଟିତ ହୋଇଥାଏ ।

ସେତେବେଳେ ତୁମେ ଜଣେ ନୂତନ ବ୍ୟକ୍ତିରେ ପରିଣତ ହୁଅ, ଏବଂ ମାର୍ଗଟି ତଥା ମାର୍ଗସ୍ଥ ବାଧା ଓ ଅସୁବିଧାଗୁଡ଼ିକ ଯାହା ହେଉ ପଛକେ, ସେହି ଅନୁଭୂତିଟି ତୁମକୁ କଦାପି ଛାଡ଼ି ଚାଲିଯାଏ ନାହିଁ । ଅନ୍ୟାନ୍ୟ ଅନେକ ଅନୁଭୂତି ପରି ତାହା କଦାପି ନିଜକୁ ପ୍ରତ୍ୟାହୃତ କରି ନିଏ ନାହିଁ, ପଶ୍ଚାଦ୍‌ଭାଗକୁ ଅପସରି ଯାଏ ନାହିଁ, ଏବଂ ତୁମକୁ ବାହ୍ୟତଃ

'oaob.nitrkl.ac.in' images reprocessed

କେବଳ ଏକ ଅସ୍ପଷ୍ଟ ସ୍ମୃତି ମଧ୍ୟରେହିଁ ପକାଇଦେଇ ଯାଏ ନାହିଁ ଯାହାକୁ ସ୍ଥାୟୀରୂପେ ଧାରଣ କରି ରଖିବା ତୁମ ପକ୍ଷରେ ଭାରି କଷ୍ଟକର ହୋଇପଡ଼େ, ଯାହାର ସ୍ମୃତିଟି ପ୍ରକୃତରେ କ୍ରମଶଃ କ୍ଷୀଣ ହୋଇ ଆସୁଥାଏ, ମଳିନ ବି ହୋଇ ଆସୁଥାଏ । ତାହା କଦାପି ସେପରି ନୁହେଁ । କାରଣ, ଯାହାକିଛି ଘଟିଥାଉ ପଛକେ, ତୁମେ ଏକ ନୂତନ ବ୍ୟକ୍ତିରେ ପରିଣତ ହୋଇ ଯାଇଥାଅ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଜଣେ ନୂତନ ବ୍ୟକ୍ତିରେ ପରିଣତ ହୋଇ ଯାଇଥାଅ । ଏପରିକି, ମନର ଯାବତୀୟ ଅସମର୍ଥତା, ପ୍ରାଣିକ ସ୍ତରର ଯାବତୀୟ ଅସୁବିଧା ଏବଂ ଭୌତିକ ସୋପାନର ଯାବତୀୟ ଜଡ଼ତା ତୁମର ଏହି ନୂତନ ସ୍ଥିତିଟିକୁ କୌଣସି ପ୍ରକାରେ ବଦଳାଇ ଦେଇ ପାରନ୍ତି ନାହିଁ । କାରଣ ଏହି ନୂତନ ସ୍ଥିତି ତୁମର ଚେତନାଗତ ଜୀବନରେହିଁ ଏକ ମୀମାଂସକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ସଂଘଟିତ କରି ଦେଇଥାଏ । ତୁମର ଆଗରୁ ଯେଉଁ ସତ୍ତାଟି ଥିଲା ଏବଂ ପରେ ଯେଉଁ ସତ୍ତାଟି ସମ୍ଭବ ହେଲା,– ସେମାନେ ଆଉ କଦାପି ଗୋଟିଏ ହୋଇ ରହନ୍ତି ନାହିଁ । ବିଶ୍ୱଜଗତ ମଧ୍ୟରେ ଓ ସେଇଟି ସହିତ ଆପଣାର ସମ୍ବନ୍ଧରେ ତୁମେ ଯେପରି ଅଛ, ଜୀବନର ଭୂମିରେ ଓ ସେଇଟି ସହିତ ଆପଣାର ସମ୍ବନ୍ଧରେ ତୁମେ ଯେପରି ରହିଛ, ବିଭିନ୍ନ ବସ୍ତୁ ସହିତ ସ୍ଥାପିତ ହୋଇଥିବା ବୋଧର କ୍ଷେତ୍ରରେ ଓ ତଜ୍ଜନିତ ସମ୍ବନ୍ଧଭୂମିରେ ତୁମେ ଯେଉଁ ଅବସ୍ଥାରେ ଅଛ, ସେଇଟି ଆଉ କଦାପି ସେହି ଆଗପରି ହୋଇ ରହି ନ ଥାଏ । ଏହାକୁ ପ୍ରକୃତରେ ଏକ ଉତ୍କ୍ରମଣ ବୋଲି କୁହାଯିବ ଓ ତାହାକୁ ଆଉ କଦାପି ବ୍ୟର୍ଥ କରିଦେଇ ହେବ ନାହିଁ । ତେଣୁ, ଯେତେବେଳେ ଲୋକମାନେ ମୋ ପାଖକୁ ଆସି ମୋତେ "ମୋ ଆତ୍ମାର ସହିତ ମୋର କୌଣସି ଯୋଗସୂତ୍ର ରହିଛି କି ନାହିଁ, ଆପଣ ମୋତେ କହନ୍ତୁ" ବୋଲି ପଚାରନ୍ତି, ସେତେବେଳେ ମୁଁ ସେମାନଙ୍କୁ ଏହି ଉତ୍ତରଟି ଦେଇଥାଏ, "ଯଦି ତୁମେ ଏପରି ଗୋଟିଏ ପ୍ରଶ୍ନ ପଚାରି ପାରୁଛ, ସେଇଥିରୁହିଁ ପ୍ରମାଣିତ ହୋଇଯାଉଛି ଯେ ତୁମ ଭିତରେ ପ୍ରକୃତରେ ସେହି ଯୋଗସୂତ୍ରଟି ସ୍ଥାପିତ ହୋଇ ପାରି ନାହିଁ । ସେଥିପାଇଁ ବାହାରୁ କୌଣସି ଉତ୍ତର ଲୋଡ଼ା ହୁଏ ନାହିଁ, ତୁମେ ଅନୁକ୍ଷଣ ନିଜେହିଁ ନିଜକୁ ସେହି ଉତ୍ତରଟିକୁ ଦେବାରେ ଲାଗିଛ ।" ତେଣୁ ଯେତେବେଳେ ତାହା ଘଟେ, ତାହା ଯଥାର୍ଥରେହିଁ ଘଟେ; ତା'ପରେ ତାହା ସେହିପରି ହୋଇ ରହିଥାଏ, ଆଉ କଦାପି ଅନ୍ୟକିଛି ହୁଏ ନାହିଁ ।

ଏବଂ, ବର୍ତ୍ତମାନ ଯେତେବେଳେ ଆମର ସେହି ବିଷୟରେ ଆଲୋଚନା ହେଉଛି, ସେତେବେଳେ, ଶ୍ରୀଅରବିନ୍ଦ ଏହି ସଂକ୍ରାନ୍ତରେ ଯାହା କହିଛନ୍ତି, ବାରବାର କହିଛନ୍ତି, ଲେଖିଛନ୍ତି, ପ୍ରମାଣ କରି ଦେଖାଇ ଦେଇଛନ୍ତି ଏବଂ ଥରକୁ ଥର ଏକାଧିକ ଥର କହିଛନ୍ତି, ମୁଁ ତୁମମାନଙ୍କୁ ସେହି କଥାଟିର ସ୍ମରଣ କରାଇ ଦେଉଛି । ଶ୍ରୀଅରବିନ୍ଦ

'oaob.nitrkl.ac.in' images reprocessed

କହିଛନ୍ତି ଯେ ତାଙ୍କର ଯୋଗ, ପୂର୍ଣ୍ଣ ଯୋଗ କେବଳ ଅଭିଜ୍ଞତାଟି ଲାଭ କରିବା ପରେହିଁ ଆରମ୍ଭ ହୁଏ, ପୂର୍ବରୁ କଦାପି ନୁହେଁ ।

ତେଣୁ ଏ ବିଷୟରେ ଆମ ଭିତରେ ଆଦୌ କୌଣସି ଭ୍ରମ କିଂବା ଭ୍ରାନ୍ତି ରହିବା ଉଚିତ ନୁହେଁ ଯେ, ପ୍ରକୃତରେ ସେହି ଅଭିଜ୍ଞତାଟିକୁ ଲାଭ କରିବା ପୂର୍ବରୁହିଁ ଆମେ ଅତିମାନସ ଯେ କ'ଣ, ସେହି ବିଷୟରେ କିଛି ଜାଣିପାରିବା, ସେବିଷୟରେ କୌଣସି ଧାରଣା କରିପାରିବା ବା କୌଣସି ପ୍ରକାରେ ତାହାର ଏତେଟିକିଏ ମୂଲ୍ୟାୟନ ବି କରିପାରିବା ।

ତେଣୁ, ଯଦି ତୁମେ ଏହି ମାର୍ଗରେ ଆଗକୁ ଯିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସକଳ ବିନମ୍ରତା ସହିତ ଆପଣା ବାଟରେ ଏହି ନୂତନ ଜନ୍ମଟି ଦିଗରେହିଁ ଅଗ୍ରସର ହେବାକୁ ପଡ଼ିବ; ତୁମର ବି ଯେ ନାନା ଅତିମାନସ ଅନୁଭୂତି ହୋଇପାରିବ, ଏପରି କୌଣସି ଭ୍ରମ ପୋଷଣ କରିବା ପୂର୍ବରୁହିଁ ତୁମକୁ ସେହି ନୂତନ ଜନ୍ମଟିକୁ ଉପଲବ୍ଧି କରିବାକୁ ପଡ଼ିବ ।

ତୁମକୁ କିଞ୍ଚିତ୍ ସାନ୍ତ୍ୱନା ଦେବା ଲାଗି ମୁଁ ହୁଏତ ଏହି କଥାଟି କହିପାରିବି ଯେ, ତୁମେ ଯେ ଏହି ମୁହୂର୍ତ୍ତରେ ଏହି ପୃଥିବୀରେ ବାସ କରୁଛ, ସେହି ସୌଭାଗ୍ୟଟିକୁ ଲାଭ କରିଥିବା ହେତୁହିଁ,— ତୁମେ ଏବିଷୟରେ ସ୍ୱୟଂ ସଚେତନ ଥାଅ ବା ନ ଥାଅ, ଏପରିକି ତୁମେ ସେହି କଥାଟିକୁ ଇଚ୍ଛା କରୁଥାଅ ବା ନ କରୁଥାଅ,— ତୁମେ ନିଜ ନିଃଶ୍ୱାସରେ ଗ୍ରହଣ କରୁଥିବା ବାୟୁ ସହିତହିଁ ବର୍ତ୍ତମାନ ପୃଥ୍ୱୀ-ମଣ୍ଡଳରେ ପରିବ୍ୟାପ୍ତ ହୋଇ ଯାଉଥିବା ଏହି ନୂତନ ଅତିମାନସ ଉପାଦାନଟିକୁ ନିଜ ମଧ୍ୟରେ ଗ୍ରହଣ କରିନେବାରେ ଲାଗିଛ । ଏବଂ ସେହି ଉପାଦାନଟି ତୁମ ଭିତରେ ଏପରି ଅନେକ ବସ୍ତୁକୁ ପ୍ରସ୍ତୁତ କରି ଆଣିବାରେ ଲାଗିଛି, ଯାହାକି ଅତ୍ୟନ୍ତ ହଠାତ୍ ଭାବରେ ପ୍ରକାଶିତ ହୋଇଉଠିବ; ତୁମେ ସେହି ମୀମାଂସକ ପଦକ୍ଷେପଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେହିଁ ତାହା ପ୍ରକଟ ହୋଇଉଠିବ ।

(*ମାଆ ନୀରବ ହୋଇରହିଲେ*)

ଏହା ତୁମକୁ ପରବର୍ତ୍ତୀ ପଦକ୍ଷେପଟି ଗ୍ରହଣ କରିବାରେ ପ୍ରକୃତରେ ସାହାଯ୍ୟ କରିବ କି ନାହିଁ, ତାହା ଏକ ଅନ୍ୟ ପ୍ରଶ୍ନ ଏବଂ ସେଇଟିକୁ ମଧ୍ୟ ଅଧ୍ୟୟନ କରିବାକୁ ପଡ଼ିବ । କାରଣ, ବର୍ତ୍ତମାନ ଯେଉଁସବୁ ଅଭିଜ୍ଞତା ହେବାରେ ଲାଗିଛି ଓ କ୍ରମେ ଅଧିକରୁ ଅଧିକ ମୁହୁର୍ମୁହୁଃ ଭାବରେ ଘଟିବାକୁ ଯାଉଛି, ସେଗୁଡ଼ିକ ମୂଳତଃ ଏକ ନୂତନ ପ୍ରକାରରହିଁ ଅଭିଜ୍ଞତା ଏବଂ, ପ୍ରକୃତରେ କ'ଣ ସବୁ ଏହାପରେ ଘଟିବ, ଆମେ ସେବିଷୟରେ ଆଗରୁ

'oaob.nitrkl.ac.in' images reprocessed

ଆଦୌ କିଛିହେଲେ କହିପାରିବା ନାହିଁ । ଆମକୁ ଅଧ୍ୟୟନ କରିବାକୁ ପଡ଼ିବ, ଏବଂ ଏକ ପୂର୍ଣ୍ଣ ଅଧ୍ୟୟନ କରିସାରିବା ପରେ ଯାଇ ଆମେ, ଏହି ଅତିମାନସ ଉପାଦାନଟି ନୂତନ ଜନ୍ମଲାଭର କ୍ରିୟାଟିକୁ ପ୍ରକୃତରେ ଅପେକ୍ଷାକୃତ ଅଧିକ ସହଜ କରିଦେଉଛି କି ନାହିଁ, କୌଣସି ନିଶ୍ଚୟତା ସହିତ ସେହି କଥାଟିକୁ କହିବା ଲାଗି ସମର୍ଥ ହେବା... ମୁଁ ଏହି ବିଷୟରେ ତୁମମାନଙ୍କୁ ଟିକିଏ ପରେ କହିବି । ବର୍ତ୍ତମାନ ପାଇଁ ଏସବୁ ଉପରେ ନିର୍ଭର ନ କରିବାହିଁ ଅଧିକ ଭଲ କଥା ହେବ ଏବଂ ଏକ ଆଧ୍ୟାତ୍ମିକ ଜୀବନ ମଧ୍ୟକୁ ଜନ୍ମଲାଭ କରିବାର ତୁମର ଆପଣା ବାଟଟିରେ କେବଳ ଅଗ୍ରସର ହେବାକୁ ଆରମ୍ଭ କରିବାହିଁ ଅଧିକ ଶ୍ରେୟସ୍କର ହେବ ।

ଯେତେବେଳେ ତୁମ ଜୀବନରେ ଏହି କଥାଟି ପ୍ରକୃତରେ ଘଟିପାରିବ, ସେତେବେଳେ ତୁମେ ନିଜକୁ ତଥା ମୋତେ ବର୍ତ୍ତମାନ ପଚାରୁଥିବା ଯାବତୀୟ ପ୍ରଶ୍ନର ସମାଧାନ ହୋଇଯିବ ।

ଏବଂ, ଆଉ ଯାହାକିଛି ହେଉ ପଛକେ, ଜୀବନ ପ୍ରତି ରହିଥିବା ତୁମର ଦୃଷ୍ଟିକୋଣଟି ଏପରି ଅଲଗା ପ୍ରକାରର ହୋଇଯିବ ଯେ ଆଉକେହି ଆଧ୍ୟାତ୍ମିକ ଜୀବନ ବିଷୟରେ ତୁମ ଆଗରେ କହିଲେ ତୁମେ ସେହି କଥାଟିକୁ ଅତି ସହଜରେ ବୁଝିଯିବ । ଏବଂ, ସେହି ମୁହୂର୍ତ୍ତରେ ତୁମେ ଆଉରି ଗୋଟିଏ **ଅତ୍ୟନ୍ତ ବଡ଼ କଥା** ମଧ୍ୟ ବୁଝିପାରିବ; ହଁ, ଏକ ଅତ୍ୟନ୍ତ ବଡ଼ କଥା,– ଅହଂକୁ ଛାଡ଼ି କିପରି ବଞ୍ଚିବାକୁ ହୁଏ, ତୁମେ ସେକଥାଟିକୁ ମଧ୍ୟ ବୁଝିଯିବ ।

କିନ୍ତୁ ସେପର୍ଯ୍ୟନ୍ତ କିଛି ବୁଝିପାରିବ ନାହିଁ । ତୁମର ସମୁଦାୟ ଜୀବନଟି ଏତେ ଅଧିକ ପରିମାଣରେ ସେହି ଅହଂଟାକୁହିଁ ନିର୍ଭର କରି ରହିଛି ଯେ, ଅହଂକୁ ଛାଡ଼ି ଓ ଅହଂପ୍ରେରିତ ନ ହୋଇ ଆଦୌ ବଞ୍ଚିପାରିବା ମଧ୍ୟ ବର୍ତ୍ତମାନ ଗୋଟାସୁଦ୍ଧା ଅସମ୍ଭବ ପରି ବୋଧ ହେଉଛି । ମାତ୍ର, ତୁମର ଜୀବନରେ ଏହି ନୂତନ ଜନ୍ମଟି ସମ୍ଭବ ହୋଇଯିବା ପରେ, ତୁମେ ବେଶ୍ ମୁରୁକି ହସି ଆପଣାର ଅହଂଟି ଉପରେ ଦୃଷ୍ଟିପାତ କରିପାରିବ ଓ କହିପାରିବ, "ବନ୍ଧୁ, ଆଉ ତୁମଠାରେ ମୋର ଆଦୌ କୌଣସି ପ୍ରୟୋଜନ ନାହିଁ ।"

ଏହା ହେଉଛି ଏପରି ଗୋଟିଏ ପରିଣାମ, ଯାହାକି ତୁମ ଲାଗି ମୁକ୍ତ ହୋଇ ଆସିବାର ଏକ ସୁନିଶ୍ଚିତ ବୋଧକୁ ବହନ କରି ନେଇ ଆସିବ ।

'oaob.nitrkl.ac.in' images reprocessed

## ୧୧ ଜୁନ୍, ୧୯୫୮

*"ମାତ୍ର ଯେତେବେଳେ ସେହି ମୀମାଂସକ ଆବିର୍ଭାବଟିର ସମୟ ଆସେ, ସେତେବେଳେ ତାହାର ଗୋଟିଏ ସଙ୍କେତରୂପେ ଆମ ଭିତରେ ଏକ ଅନ୍ତର୍ନିହିତ, ପ୍ରକୃତିସିଦ୍ଧ ତଥା ଆପେ-ବର୍ତ୍ତମାନ ଚେତନାର ସ୍ଥିତି ବା କ୍ରିୟା ଅନୁଭୂତ ହୁଏ, ଯାହାକି କେବଳ ଏକ ସତ୍ତାରୂପେ ଅବସ୍ଥିତ ରହିବାରୁହିଁ ଆପଣାକୁ ଜାଣିବା ଲାଗି ସମର୍ଥ ହୁଏ, ଠିକ୍ ସେହି ରୀତିରେ ଆପଣା ମଧ୍ୟରେ ରହିଥିବା ସବୁକିଛିକୁ ଜାଣିପାରେ, ସେଗୁଡ଼ିକ ସହିତ ତାଦାତ୍ମ୍ୟ ଅର୍ଜନ କରି ସେଗୁଡ଼ିକୁ ଜାଣେ ଏବଂ ସେହି ଉପାୟରେ ଆମର ମନର ଆଖିକୁ କେବଳ ବହିଃଭୂମିଗତ ବୋଲି ଦେଖା ଯାଉଥିବା ସବୁକଥାକୁ ମଧ୍ୟ ଦେଖିବାକୁ ସମର୍ଥ ହୁଏ, ତାହା ତାଦାତ୍ମ୍ୟର ଏକ କ୍ରିୟାଶୀଳତା ଦ୍ୱାରା ବା ଏକ ଅନ୍ତର୍ଭୂତ ଅପରୋକ୍ଷ ଚେତନା ଦ୍ୱାରା ସେଗୁଡ଼ିକୁ ଦେଖେ, ଯେଉଁ ଚେତନା କି ଆପଣାର ଜ୍ଞେୟ ବସ୍ତୁକୁ ଆପଣା ଭିତରେ ସମାବୃତ କରି ରଖେ, ତାହାର ଉପରିଭାଗଟିକୁ ଭେଦ କରି ତାହାର ଅନ୍ତଃପ୍ରବେଶ କରେ, ଆପଣାକୁ ସେହି ବସ୍ତୁଟି ମଧ୍ୟରେ ଆବିଷ୍କାର କରେ ଏବଂ ଆପଣା ଭିତରେ ମନ, ପ୍ରାଣ ବା ଦେହଠାରୁ ସଂପୂର୍ଣ୍ଣ ଭିନ୍ନ ଧର୍ମୀ ଏକ ଅନ୍ୟ ସମ୍ପଦକୁ ସତତ ଅନୁଭବ କରୁଥାଏ । ତେଣୁ, ମନୋମୟ ଚେତନାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଧ୍ୟାତ୍ମଚେତନା ସ୍ପଷ୍ଟତଃ ଅବସ୍ଥିତ ରହିଛି ଏବଂ ସେଇଥିରୁ ପ୍ରମାଣ ମିଳୁଛି ଯେ ଆମର ଏହି ଉପରିଭାଗସ୍ଥ ମନୋମୟ ବ୍ୟକ୍ତିତ୍ୱଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଧ୍ୟାତ୍ମସତ୍ତା ମଧ୍ୟ ଆମ ଭିତରେ ଅବସ୍ଥିତ ହୋଇ ରହିଛି ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା-୮୫୫

*ମାଆ, ସବୁ ମଣିଷଙ୍କ ଭିତରେ ଏକ ଆଧ୍ୟାତ୍ମିକ ସତ୍ତା ପ୍ରକୃତରେ ରହିଛି କି ?*

ଆମେ "ସତ୍ତା" କହିଲେ ପ୍ରକୃତରେ କ'ଣ ବୁଝୁଛୁ, ସେକଥା ତାହାରି ଉପରେ ନିର୍ଭର କରୁଛି । ଯଦି "ସତ୍ତା"କୁ ଆମେ ଏକ "ଉପସ୍ଥିତି" ଅର୍ଥରେ ବୁଝୁଥିବା, ତେବେ ହଁ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏକ ଆଧ୍ୟାତ୍ମିକ ଉପସ୍ଥିତି ନିଶ୍ଚୟ ରହିଛି । "ସତ୍ତା" କହିଲେ

'oaob.nitrkl.ac.in' images reprocessed

ଯଦି ଆମେ ଏକ ସଂଗଠିତ ଅସ୍ତିତ୍ୱ ବୋଲି ବୁଝୁଥିବା, ଯିଏ କି ନିଜ ବିଷୟରେ ସଂପୂର୍ଣ୍ଣ ସଚେତନ ହୋଇଥିବ, ସ୍ୱତନ୍ତ୍ର ହୋଇଥିବ, ତା'ମଧ୍ୟରେ ଆପଣାକୁ ଅଧିଷ୍ଠିତ କରି ରଖିବାର କ୍ଷମତା ରହିଥିବ ଏବଂ ସିଏ ଅବଶିଷ୍ଟ ପ୍ରକୃତି ଉପରେ ରାଜତ୍ୱ କରୁଥିବ,— ତେବେ ଉତ୍ତରରେ ମୁଁ 'ନାହିଁ' ବୋଲି କହିବି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେହିଁ ଏହି ସ୍ୱତନ୍ତ୍ର ଏବଂ ସର୍ବଶକ୍ତିମାନ୍ ସତ୍ତାର ସମ୍ଭାବନାଟି ବିଦ୍ୟମାନ ରହିଛି, ମାତ୍ର ସେହି ସମ୍ଭାବନାଟିକୁ ଉପଲବ୍ଧି କରିବା ସକାଶେ ଦୀର୍ଘ କାଳର ପ୍ରୟାସ ଆବଶ୍ୟକ ହୋଇଥାଏ ଏବଂ ସମୟ ସମୟରେ ଏକାଧିକ ଜନ୍ମ ମଧ୍ୟ ଲାଗିଯାଏ ।

ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ, ଏପରିକି ଆରମ୍ଭ କାଳଟିରେ ମଧ୍ୟ, ଏହି ଆଧ୍ୟାତ୍ମିକ ଉପସ୍ଥିତି, ଏହି ଅନ୍ତର୍ଗତ ଆଲୋକଟି ବିଦ୍ୟମାନ ରହିଥାଏ... ବସ୍ତୁତଃ ତାହା ସର୍ବତ୍ର ବିଦ୍ୟମାନ ରହିଥାଏ । କେତେକ ଇତର ଜୀବଙ୍କ ଭିତରେ ମଧ୍ୟ ମୁଁ ଏକାଧିକ ବାର ତାହାର ସଙ୍କେତ ପାଇଛି । ତାହା ଆଲୋକ ବିକିରଣ କରୁଥିବା— ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ଏବଂ ସୁରକ୍ଷାର ଭିତ୍ତି ହୋଇ ରହିଥାଏ, ଯାହାକି ଏକ ବିନ୍ଦୁ ପରି ହୋଇ ରହିଥାଏ, ଯାହାକି, ଏକ ଅର୍ଦ୍ଧଚେତନ ଅବସ୍ଥାରେ ମଧ୍ୟ, ଅବଶିଷ୍ଟ ସୃଷ୍ଟିଟି ସହିତ ଏକ ନିର୍ଦ୍ଦିଷ୍ଟ ସମଞ୍ଜସତାକୁ ସମ୍ଭବ କରି ରଖିଥାଏ, ଯେପରିକି ପ୍ରତିକାରର ଅତୀତ ହୋଇ ରହିଥିବା ଦୁର୍ବିପାକଗୁଡ଼ିକ ସତତ ଏବଂ ସାଧାରଣ ହେବାରୁ ନିବୃତ୍ତ କରି ରଖାଯାଇ ପାରିବ । ଏହି ଉପସ୍ଥିତିଟି ରହି ନ ଥିଲେ ପ୍ରାଣିକ ଜଗତର ହିଂସାତ୍ମକତା ଏବଂ ପ୍ରବଳାବେଗଗୁଡ଼ିକ ଦ୍ୱାରା ସୃଷ୍ଟ ବିଶୃଙ୍ଖଳା ଏଡ଼େ ବୃହତ୍ ଆକାର ଧାରଣ କରୁଥାନ୍ତା ଯେ, ତଦ୍ୱାରା ଯେକୌଣସି ମୁହୂର୍ତ୍ତରେ ଏକ ବିପର୍ଯ୍ୟୟ ଆସି ଉପସ୍ଥିତ ହୋଇ ଯାଉଥାନ୍ତା, ଏପରି ଏକ ସମଗ୍ର ଧ୍ୱଂସାବହତା ଉପସ୍ଥିତ ହେଉଥାନ୍ତା, ଯାହାକି ପ୍ରକୃତିକୁ ଅଗ୍ରଗତି କରିବାକୁ ଆଦୌ ଦେଉ ନ ଥାନ୍ତା । ସେହି ଉପସ୍ଥିତି, ସେହି ଆଧ୍ୟାତ୍ମିକ ଆଲୋକଟି,— ତାହାକୁ ପ୍ରାୟ ଏକ ଆଧ୍ୟାତ୍ମିକ ଚେତନା ବୋଲି କୁହାଯାଇ ପାରିବ,— ପ୍ରତ୍ୟେକ ସତ୍ତା ମଧ୍ୟରେ ଅବସ୍ଥିତ ରହିଛି, ପ୍ରତ୍ୟେକ ବସ୍ତୁ ମଧ୍ୟରେ ଅବସ୍ଥିତ ରହିଛି ଏବଂ ସେହି କାରଣରୁହିଁ, ଯାବତୀୟ ଅସଂଗତି ଓ ଅତିପ୍ରବଳ ଆବେଗମୟତା ସତ୍ତ୍ୱେ ଜଗତରେ ଏକ ସର୍ବନିମ୍ନ ସମଞ୍ଜସତା ସମ୍ଭବ ହୋଇପାରୁଛି, ଯାହାକି ପ୍ରକୃତିର କାର୍ଯ୍ୟଟି ସମ୍ପାଦିତ ହେବା ଲାଗି ଏକ ଅନୁକୂଳ କ୍ଷେତ୍ର ଯୋଗାଇ ଦେଉଛି ।

ଏବଂ ସେହି ଉପସ୍ଥିତିଟି ମନୁଷ୍ୟ ସତ୍ତା ଭିତରେ ଅତ୍ୟନ୍ତ ସ୍ପଷ୍ଟ ହୋଇରହିଛି, ଅତ୍ୟନ୍ତ ଅଳ୍ପବିକଶିତ ଜଣେ ମନୁଷ୍ୟ ଭିତରେ ମଧ୍ୟ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଛି । ଏପରିକି ଏକାବେଳେକେ ଭୟଙ୍କର ଓ ରାକ୍ଷସତୁଲ୍ୟ ଜଣେ ମଣିଷ ଭିତରେ ମଧ୍ୟ, ଯିଏ କି ସତେଯେପରି ଏକ ଅସୁର ବା ରାକ୍ଷସର ଅବତାର ହୋଇ ଜନ୍ମ ହୋଇଥିଲା ପରି

'oaob.nitrkl.ac.in' images reprocessed

ବୋଧ ହେଉଛି, ତା' ଭିତରେ ମଧ୍ୟ ଏପରି ଏକ ଉପସ୍ଥିତି ତଥାପି ରହିଛି, ଯାହାକି ଏକ ପ୍ରକାରର ଏକ ଅପ୍ରତିରୋଧ୍ୟ ନିୟନ୍ତ୍ରଣଶକ୍ତିକୁ କାର୍ଯ୍ୟକାରୀ କରି ରଖିଛି; ଏପରିକି ସବୁଠାରୁ ଖରାପ ମଣିଷ ଭିତରେ ବି ଏପରି କେତେକ କଥା ରହିଛି, ଯାହାକି ଆଦୌ ସମ୍ଭବ ହେବ ନାହିଁ । ଏବଂ, ଏହି ଉପସ୍ଥିତିଟି ନ ଥିଲେ, ଯଦି ସତ୍ତାଟି ବାହାରୁ ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେଉଥାନ୍ତା, ଯଦି ତାହା ପ୍ରାଣିକ ଶକ୍ତିଗୁଡ଼ିକର ଆଧିପତ୍ୟରେ ରହିଥାଆନ୍ତା, ତେବେ ସେହି ଅସମ୍ଭବତା ମୋଟେ ସମ୍ଭବ ହୁଅନ୍ତା ନାହିଁ ।

ପ୍ରତ୍ୟେକ ଥର ଯେତେବେଳେ ଏହି ବିକରାଳ ପ୍ରତିକୂଳ ଶକ୍ତିଗୁଡ଼ିକର ଏକ ତରଙ୍ଗ ପୃଥିବୀକୁ ଗ୍ରାସ କରି ପକାଇବାକୁ ଆସେ, ସେତେବେଳେ ଏପରି ମନେହୁଏ ଯେପରି ଆଉ କୌଣସି ପ୍ରକାରେହିଁ ଏହି ବିଶୃଙ୍ଖଳା ଏବଂ ଆତଙ୍କକୁ ବ୍ୟାପ୍ତ ହୋଇଯିବାରୁ ଅଟକାଇ ରଖି ହେବ ନାହିଁ । ମାତ୍ର, ସବୁଥର, ଏପରି ଏକ ନିର୍ଦ୍ଦିଷ୍ଟ ବେଳ ଆସି ପହଞ୍ଚିଯାଏ, ଯେତେବେଳେ କି ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଏବଂ ଅବୋଧଗମ୍ୟ ଭାବରେ ଏକ ନିୟନ୍ତ୍ରଣଶକ୍ତି ଉପସ୍ଥିତ ହୁଏ ଏବଂ ସେହି ତରଙ୍ଗର ଗତିରୋଧ କରିଦିଏ । ବିପର୍ଯ୍ୟୟଟି ଆଦୌ ସଂପୂର୍ଣ୍ଣ ହୁଏ ନାହିଁ । ଏବଂ ସେହି ପରମ ଉପସ୍ଥିତିଟି ସକାଶେହିଁ ତାହା ହୁଏ, ଜଡ଼ ଭିତରେ ସେହି ସର୍ବୋଚ୍ଚ ପରମ ସତ୍ତା ବିଦ୍ୟମାନ ରହିଥିବାରୁ ତାହା ସମ୍ଭବ ହୁଏ ।

ମାତ୍ର, କେବଳ ଏକ ମୁଷ୍ଟିମେୟ ସଂଖ୍ୟକ ବିଶେଷ ସତ୍ତାଙ୍କ ମଧ୍ୟରେ ଏବଂ ଅନେକ ଅନେକ ଜନ୍ମବ୍ୟାପୀ ଦୀର୍ଘ କାଳର ଏକ ପ୍ରସ୍ତୁତି ଫଳରେ ସେହି ପରମ ଉପସ୍ଥିତି ଏକ ସଚେତନ, ସ୍ୱତନ୍ତ୍ର ଓ ପୂର୍ଣ୍ଣସଂଗଠିତ ସତ୍ତାରୂପେ ପରିବର୍ତ୍ତିତ ହୋଇ ଯାଇଥାଏ; ସେହି ସତ୍ତା ଆପଣାର ସଦନଟିରେ ସର୍ବଶକ୍ତିମାନ ପ୍ରଭୁରୂପେ ପ୍ରତିଷ୍ଠିତ ହୋଇ ରହିଥାନ୍ତି । କେବଳ ଏହି ସଦନଟି ଉପରେ ନିୟନ୍ତ୍ରଣ ରଖିବା ପାଇଁ ସମର୍ଥ ହେବା ଲାଗି ଯେ ସିଏ ଯଥେଷ୍ଟ ପରିମାଣରେ ସଚେତନ ଏବଂ ଶକ୍ତିଶାଳୀ ହୋଇଥାନ୍ତି ତା' ନୁହେଁ, ମାତ୍ର ସେହି ସଦନର ଚତୁଃପାର୍ଶ୍ୱ ଉପରେ ମଧ୍ୟ ନିୟନ୍ତ୍ରଣ ହାସଲ କରନ୍ତି ଏବଂ ବିକିରଣ ଏବଂ କ୍ରିୟାତ୍ମକତାର ଏପରି ଏକ କ୍ଷେତ୍ରରେ ନିୟନ୍ତ୍ରଣକାରୀ ପ୍ରଭୁ ରୂପେ ଅଧିଷ୍ଠିତ ହୋଇଥାନ୍ତି, ଯାହାକି ଅଧିକରୁ ଅଧିକ ପ୍ରସାରିତ ହୋଇ ଯାଉଥାଏ,... ଓ ଅଧିକରୁ ଅଧିକ ପ୍ରଭାବ ବିସ୍ତାର କରିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

## ୧୮ ଜୁନ୍ ୧୯୫୮

''ଅନ୍ତର୍ଗତ ସତ୍ତାଟିକୁ ଉନ୍ମୋଚିତ କରିଦେବାର ଆପଣାର ପ୍ରୟାସଟିରେ ପ୍ରକୃତି ପ୍ରଧାନତଃ ଚାରିପ୍ରକାର ମାର୍ଗ ବା ଧାରାରେ ଗତି କରିଛି । ସେଗୁଡ଼ିକ ହେଉଛି : ଧର୍ମର ମାର୍ଗ, ଗୁପ୍ତବିଦ୍ୟାର ମାର୍ଗ, ଆଧ୍ୟାତ୍ମିକ ଦର୍ଶନର ମାର୍ଗ ଓ ଏକ ଅନ୍ତର୍ଗତ ଅଧ୍ୟାତ୍ମୋପଲବ୍ଧି ତଥା ଅଧ୍ୟାତ୍ମ ଅନୁଭୂତିର ମାର୍ଗ । ପ୍ରଥମ ତିନୋଟି ଆମକୁ ମୂଳ ସତ୍ୟଟି ଆଡ଼କୁ କେବଳ ଅଗ୍ରସର କରାଇ ନେଇଥାଆନ୍ତି, ଏବଂ ଶେଷଟି ସେହି ସତ୍ୟରେ ଯାଇ ପ୍ରବେଶ କରିବା ଲାଗି ମୀମାଂସକ ତୋରଣମାର୍ଗର କାମ ଦିଏ । ଚାରୋଟିଯାକ ମାର୍ଗ ସର୍ବଦା ଯୁଗପଦ୍ ଭାବରେ ସକ୍ରିୟ ହୋଇଛନ୍ତି, ଏଗୁଡ଼ିକ ମଧ୍ୟରେ ସର୍ବଦା ଅଳ୍ପବହୁତ ସଂଯୋଗ ମଧ୍ୟ ରହିଛି; ଏମାନେ ଅଳ୍ପାଧିକ ପରିମାଣରେ ପରସ୍ପର ସହିତ ସହଯୋଗ କରିଛନ୍ତି, କେତେବେଳେ ବିବାଦରେ ପଶି ଯାଇଛନ୍ତି ଓ ପୁଣି କେତେବେଳେ ପରସ୍ପରଠାରୁ ପୃଥକ୍ ରହି ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିଛନ୍ତି । ଆପଣାର ସଂସ୍କାର, ଆଚାର ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଧର୍ମ ଗୁପ୍ତବିଦ୍ୟାର କେତେକ ଉପାଦାନକୁ ସ୍ୱୀକାର କରିଛି; ଆଧ୍ୟାତ୍ମିକ ଦର୍ଶନକୁ ଆଶ୍ରୟ କରି ବେଳେ ବେଳେ ତାହା ଭିତରୁ ଆପଣା ଲାଗି ଏକ ମତବାଦ ଓ ଈଶ୍ୱରସମ୍ବନ୍ଧୀ ଏକ ତତ୍ତ୍ୱ ଆହରଣ କରିନେଇଛି, ପୁଣି କେତେବେଳେ ଆପଣାକୁ ସମର୍ଥନ କଲାଭଳି ଏକ ଆଧ୍ୟାତ୍ମିକ ଦର୍ଶନମତ ବି ସାଉଁଟି ରଖିଛି । ପୂର୍ବତନ ମାର୍ଗଟି ସାଧାରଣତଃ ପାଶ୍ଚାତ୍ୟ ସଭ୍ୟତାରେ ଓ ପରବର୍ତ୍ତୀ ମାର୍ଗଟି ପ୍ରାଚ୍ୟ ସଭ୍ୟତାରେ ବିକାଶଲାଭ କରିଛି; ମାତ୍ର ଆଧ୍ୟାତ୍ମିକ ଅନୁଭୂତିହିଁ ସବୁଠାରେ ଧର୍ମ-ସାଧନାର ସର୍ବଶେଷ ଉଦ୍ଦେଶ୍ୟ ଓ ସିଦ୍ଧିରୂପେ ବିବେଚିତ ହୋଇ ରହିଆସିଛି, ତାହାର ଆକାଶ ତଥା ଶିଖରରୂପେ ଅଧିଷ୍ଠିତ ରହିଛି । ମାତ୍ର ଅନ୍ୟ ପକ୍ଷରେ ବି ଧର୍ମ ଅନେକ ସମୟରେ ଯାବତୀୟ ଗୁପ୍ତବିଦ୍ୟାକୁ ଆପଣା ମଧ୍ୟରୁ ବହିଷ୍କୃତ କରି ରଖିଛି, କିଂବା ଆପଣା ଭିତରେ ରହିଥିବା ଗୁପ୍ତବିଦ୍ୟାଗତ ଉପାଦାନଟିକୁ ଯଥାସମ୍ଭବ ହ୍ରାସ କରି ପକାଇଛି; ପୁଣି ଦାର୍ଶନିକ ମନନଶୀଳତାକୁ କେବଳ ଏକ ଶୁଷ୍କ ଓ ବୁଦ୍ଧିତପ୍ତ ବିଜାତୀୟତା ବୋଲି କହି ଦୂରକୁ ଠେଲି ଦେଇଛି । ଆପଣାର ସକଳ ଭାର ସହିତ କେବଳ ଧର୍ମାନୁଷ୍ଠାନ, ଧର୍ମମତ, ଧର୍ମସଂବେଗଗତ ଆସକ୍ତତା ତଥା ଅତ୍ୟୁତ୍ସାହ ଏବଂ ନୀତିଗତ ଆଚରଣ

'oaob.nitrkl.ac.in' images reprocessed

ଉପରେ ଯାଇ ଗୋଟାସୁଦ୍ଧା ଆଉଜି ପଡ଼ିଛି । ସେତେବେଳେ ତାହା ଆଧ୍ୟାତ୍ମିକ ଉପଲବ୍ଧି ଓ ଅନୁଭବକୁ ଯଥାସମ୍ଭବ ହ୍ରାସ କରି ପକାଇଛି ଅଥବା ତାକୁ ସଂପୂର୍ଣ୍ଣ ଭାବରେ ଛାଡ଼ି ଚାଲିଆସିଛି । ଗୁପ୍ତବିଦ୍ୟା ମଧ୍ୟ ଅନେକ ସମୟରେ ଏକ ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁହିଁ ଆପଣାର ଉଦ୍ଦେଶ୍ୟ ରୂପେ ସ୍ଥାପନା କରିଛି ଏବଂ ସେହି ଉଦ୍ଦେଶ୍ୟରେ ଯାଇ ଉପନୀତ ହେବାର ସାଧନ ରୂପେ ଗୁପ୍ତବିଦ୍ୟାଗତ ଜ୍ଞାନ ଓ ଅନୁଭବର ଅନୁଧାବନ କରିଛି; ଅର୍ଥାତ୍ ଆପଣାକୁ ନେଇ ଏକପ୍ରକାର ରହସ୍ୟଦର୍ଶନର ସୂତ୍ରପାତ କରିଛି । ମାତ୍ର ଅଧିକାଂଶତଃ ଏହା ଆପଣା ଆଗରେ କୌଣସି ପ୍ରକାର ଆଧ୍ୟାତ୍ମିକ ଦୃଷ୍ଟି ନ ରଖି କେବଳ ଗୁପ୍ତବିଦ୍ୟାଗତ ଜ୍ଞାନ ଓ ଅନୁଷ୍ଠାନ ଭିତରେ ଆପଣାକୁ ସୀମାବଦ୍ଧ କରି ରଖିଛି; ଅସାଧ ସାଧନ ବା କେବଳ ଯାଦୁବିଦ୍ୟା ଆଡ଼କୁ ମନ ଦେଇଛି କିଂବା ଏପରିକି ପିଶାଚବିଦ୍ୟା ଆଡ଼କୁ ମଧ୍ୟ ଗୋଡ଼ ଖସାଇ ନେଇଛି । ଅଧ୍ୟାତ୍ମଦର୍ଶନ ଅଧିକାଂଶ କ୍ଷେତ୍ରରେ ଧର୍ମକୁ ଆପଣାର ଆଶ୍ରୟ ବା ଅନୁଭୂତିସ୍ଥଳ ରୂପେ ଗ୍ରହଣ କରିଛି; ତାହା ସ୍ୱୟଂ ଅଧ୍ୟାତ୍ମ-ଉପଲବ୍ଧି ଏବଂ ଅଧ୍ୟାତ୍ମ ଅନୁଭବରୁହିଁ ଜାତ ହୋଇଛି ଅଥବା ସେହିଠାରେ ଉପନୀତ ହେବାର ଏକ ସାଧନରୂପେ ତାହା ଆପଣାର ଭୂମିଟିକୁ ତିଆରି କରି ରଖିଛି । ମାତ୍ର ଅନେକ ସମୟରେ ତାହା ଧର୍ମର ଯାବତୀୟ ସହାୟକୁ ପ୍ରତିବନ୍ଧକ ବୋଲି ମଣି ଆପଣା ମଧ୍ୟରୁ ବହିଷ୍କୃତ କରି ରଖିଛି ଏବଂ କେବଳ ଆପଣା ବଳ ଉପରେ ନିର୍ଭର କରି ଅଗ୍ରସର ହେବାକୁ ଇଚ୍ଛା କରିଛି; ହୁଏତ କେବଳ ମନୋଲବ୍ଧ ଜ୍ଞାନରେ ସନ୍ତୁଷ୍ଟ ରହିଛି ଅଥବା ଆପଣାର ସ୍ୱକୀୟ ଅନୁଭୂତିମାର୍ଗ ଓ କାର୍ଯ୍ୟସାଧକ ଶୃଙ୍ଖଳାଗୁଡ଼ିକୁ ଆପେ ଆବିଷ୍କାର କରିବାର ବିଶ୍ୱାସ ବାନ୍ଧିଛି । ଆଧ୍ୟାତ୍ମିକ ଅନୁଭବ ଆପଣା ଯାତ୍ରାର ଆରମ୍ଭବିନ୍ଦୁ ରୂପେ ଅନ୍ୟ ତିନୋଟିଯାକ ସାଧନକୁ କାମରେ ଲଗାଇଛି, ମାତ୍ର ସିଏ ମଧ୍ୟ ସେଗୁଡ଼ିକୁ ସମସ୍ତଙ୍କୁ ଛାଡ଼ିଦେଇ ଏକାକୀ ଅଗ୍ରସର ହୋଇଛି ଏବଂ କେବଳ ଆପଣାର ବଳଟି ଉପରେହିଁ ନିର୍ଭର କରିଛି । ଗୁପ୍ତବିଦ୍ୟାଗତ ଜ୍ଞାନ ଓ ସିଦ୍ଧିଗୁଡ଼ିକୁ ବିପଦପୂର୍ଣ୍ଣ ପ୍ରଲୋଭନ ଓ ଫାଶରେ ଆଣି ପକାଇ ଦେଉଥିବା ବିଘ୍ନ ବୋଲି କହି ତାହା ସେଗୁଡ଼ିକୁ କୌଣସି ପ୍ରୋତ୍ସାହନ ଦେଇ ନାହିଁ ଏବଂ ଚିଦ୍‌ବସ୍ତୁର ବିଶୁଦ୍ଧ ସତ୍ୟଟିରହିଁ ଅନୁଧାବନ କରିବାକୁ ମନ ବଳାଇଛି । ଦର୍ଶନର ମାର୍ଗକୁ ଛାଡ଼ି ହୃଦୟର ଅଧ୍ୟାତ୍ମ ଆଗ୍ରହ ଅଥବା ଏକ ତତ୍ତ୍ୱଦୃଷ୍ଟିମୟ ଅନ୍ତର୍ଗତ ଅଧ୍ୟାତ୍ମ-ଭାବାପନ୍ନତାର ବାଟରେ ଯାଇ ସେ ଆପଣାର ଲକ୍ଷ୍ୟସ୍ଥଳରେ ପହଞ୍ଚିଛି । ଧର୍ମଗତ ଯାବତୀୟ ମତାବଲମ୍ବନ,

'oaob.nitrkl.ac.in' images reprocessed

ଉପାସନ ଓ ଆଚାରବିଧିକୁ ପଛରେ ରଖି ଓ ସେଗୁଡ଼ିକୁ କେବଳ ଏକ ନିମ୍ନତର ଅବସ୍ଥାର ଉପଯୋଗୀ ଅଥବା ଏକ ପ୍ରାଥମିକ ସାଧନୋପାୟ ବୋଲି ଘୋଷଣା କରି ତାହା ଏହିସବୁ ସହାୟ ଓ ସାଧନକୁ ଉପେକ୍ଷା କରି ଅଗ୍ରସର ହୋଇଯାଇଛି ଏବଂ ପାଶମୁକ୍ତ ନିରାବରଣ ଭାବରେ ଆଧାତ୍ମିକ ପରମସତ୍ୟର ସଂସ୍ପର୍ଶ ଲାଭ କରିଛି । ସାଧନାପଦ୍ଧତିରେ ଏହିସବୁ ବୈଚିତ୍ର୍ୟ ରହିବାର ପ୍ରୟୋଜନ ଅବଶ୍ୟ ରହିଥିଲା; ଆପଣାର ଯଥାର୍ଥ ମାର୍ଗଟିକୁ ଚିହ୍ନିନେବାକୁ ଏବଂ ପରମ ଚେତନା ତଥା ସମଗ୍ର ଜ୍ଞାନର ଅଭିମୁଖରେ ଆପଣାର ସକଳାଙ୍ଗ ପଥଟିକୁ ଆବିଷ୍କାର କରି ପାରିବାକୁ ପ୍ରକୃତିର ବିବର୍ତ୍ତନଗତ ପ୍ରଚେଷ୍ଟାହିଁ ଏହି ଚାରୋଟିଯାକ ମାର୍ଗକୁ ନେଇ ଆପଣାର ପ୍ରୟୋଗ ଚଳାଇ ଆସିଛି, ଚାରୋଟିଯାକକୁ ପରୀକ୍ଷା କରି ଦେଖିଛି ।

"କାରଣ ଏହିସବୁ ସାଧନମାର୍ଗର ପ୍ରତ୍ୟେକଟି ସହିତ ଆମ ସମଗ୍ର ସତ୍ତାର କୌଣସି ନା କୌଣସି ଅଂଶର ଏକ ଅନୁରୂପତା ରହିଛି, ଏବଂ ସେଇଥିଲାଗି ଆମ ସମଗ୍ର ବିବର୍ତ୍ତନଟିର କ୍ଷେତ୍ରରେ ପ୍ରତ୍ୟେକଟିର ଆବଶ୍ୟକତା ମଧ୍ୟ ରହିଛି । ସତେଅବା ଅନ୍ଧାର ଭିତରେ ହାତ ବୁଲାଇବା ପରି ବସ୍ତୁଗତ ସତ୍ୟର ଅନୁସନ୍ଧାନ କରି ବାହାରିଥିବା ଏବଂ କେବଳ ଜ୍ଞାନର ଖଣ୍ଡ ବା ଅଂଶଗୁଡ଼ିକୁ ସାଉଁଟି ଆଣି ସେଗୁଡ଼ିକୁ ତଥ୍ୟରୂପେ ସଜାଇବାର ଚେଷ୍ଟା କରୁଥିବା ଏହି ଉପରିଭାଗସ୍ଥ ଅବିଦ୍ୟା ଭିତରେ ମନୁଷ୍ୟର ସତ୍ତା ଯେପରି ବୁଡ଼ିକରି ରହିଛି, ଯଦି ଚିରଦିନ ଲାଗି ତାହା ସେହିପରି ରହିବାକୁ ଇଚ୍ଛା ନ କରୁଥାଏ, ଆପଣାର ପ୍ରାତିଭାସିକ ପ୍ରକୃତିଟିର ଚଉବାଟ ଭିତରେ ଓ ବିଶ୍ୱଶକ୍ତି ମଧ୍ୟରେ ସେ ବର୍ତ୍ତମାନ ଯେପରି ଏକ କ୍ଷୁଦ୍ର, ଅତିସୀମାବଦ୍ଧ ଓ ଅର୍ଦ୍ଧକ୍ଷମ ପ୍ରାଣୀ ହୋଇ ବିଚରଣ କରୁଛି, ଯଦି ସେ ସବୁଦିନ ସେହିପରି ହୋଇ ରହିବାକୁ ନ ଚାହୁଁଥାଏ, ତେବେ ଆତ୍ମ-ପ୍ରସାରଣ ସକାଶେ ଚାରୋଟି ଆବଶ୍ୟକତା ରହିଛି । ସିଏ ଆପଣାକୁ ଜାଣିବ, ଆପଣାର ଅନ୍ତର୍ନିହିତ ସର୍ବବିଧ ସମ୍ଭାବନାକୁ ଆବିଷ୍କାର କରିବ ଓ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବ । ମାତ୍ର ଆପଣାକୁ ତଥା ଏହି ବିଶ୍ୱଜଗତକୁ ପୂର୍ଣ୍ଣ ଭାବରେ ଜାଣିବାକୁ ହେଲେ ତାକୁ ଆପଣାର ତଥା ଏହି ଜଗତର ଉପରପରସ୍ତଟାରୁ ଭିତରକୁ ଯିବାକୁ ପଡ଼ିବ, ଆପଣାର ମନୋମୟ ବହିର୍ଭୂମି ତଥା ପ୍ରକୃତିର ଜଡ଼ଭୂମିରୁ ତଳକୁ ଯାଇ ଅନେକ ଗଭୀରରେ ପ୍ରବେଶ କରିବାକୁ ପଡ଼ିବ । ଏଥିଲାଗି ତାକୁ ଆପଣାର ମନୋମୟ, ପ୍ରାଣମୟ, ଅନ୍ନମୟ ତଥା ଚୈତ୍ୟ ସତ୍ତାଟିକୁ

'oaob.nitrkl.ac.in' images reprocessed

ଜାଣିବାକୁ ହେବ, ତାହାର ସାମର୍ଥ୍ୟ ତଥା କ୍ରିୟାତ୍ମକତାଗୁଡ଼ିକୁ ଜାଣିବାକୁ ହେବ; ଏବଂ ଏହି ବିଶ୍ୱର ଜଡ଼ଗତ ସମ୍ମୁଖଭାଗଟିର ପଛରେ ରହିଥିବା ଅନ୍ତର୍ଗୁପ୍ତ ମନ ଓ ପ୍ରାଣର ବିଶ୍ୱାତ୍ମକ ବିଧାନ ଓ ପ୍ରକ୍ରିୟାଗୁଡ଼ିକୁ ମଧ୍ୟ ଜାଣିବାକୁ ପଡ଼ିବ । ଗୁପ୍ତବିଦ୍ୟାକୁ ତାହାର ବ୍ୟାପକତମ ଅର୍ଥରେ ଗ୍ରହଣ କଲେ ଏସବୁକୁ ଆମେ କେବଳ ତାହାରି କ୍ଷେତ୍ର ବୋଲି କହିପାରିବା । ଯେଉଁ ଲୁକ୍କାୟିତ ଗୁପ୍ତ ଶକ୍ତି ବା ଶକ୍ତିଗୁଡ଼ିକ ଏହି ଜଗତର ନିୟନ୍ତ୍ରଣ କରୁଛନ୍ତି, ସେ ସେଗୁଡ଼ିକୁ ମଧ୍ୟ ଜାଣିବ । ଯଦି ଏଠାରେ ବିଶ୍ୱାତ୍ମା, ବିଶ୍ୱଗତ ଚିଦ୍‌ସତ୍ତା ଅଥବା ବିଶ୍ୱସ୍ରଷ୍ଟା ବୋଲି କିଛି ରହିଥାଏ ବା ରହିଥାନ୍ତି, ତେବେ ତାକୁ ତାହା ସହିତ ବା ତାଙ୍କ ସହିତ ମଧ୍ୟ ସମ୍ବନ୍ଧ ସ୍ଥାପନ କରିବାକୁ ପଡ଼ିବ, ସେଇଟି ସହିତ ସମ୍ଭାବ୍ୟ ଯାବତୀୟ ସମ୍ବନ୍ଧ ଅଥବା ଯୁକ୍ତାବସ୍ଥାରେ ଅଧିଷ୍ଠିତ ରହିବାକୁ ପଡ଼ିବ, ବିଶ୍ୱର ସକଳ ଶ୍ରେଷ୍ଠ ସତ୍ତା ଅଥବା ବିଶ୍ୱସତ୍ତା ଏବଂ ତାହାର ବିଶ୍ୱଗତ ଇଚ୍ଛାଟି ସହିତ ବା ଏକ ପରମସତ୍ତା ଓ ତାଙ୍କର ପରମ ଇଚ୍ଛା ସହିତ କୌଣସି ନା କୌଣସି ପ୍ରକାରେ ଆପଣାର ସୁରଟିକୁ ମିଳାଇ କରି ରଖିବାକୁ ପଡ଼ିବ । ସେହି ପରମସତ୍ତା ଦ୍ୱାରା ପ୍ରଦତ୍ତ ବିଧାନଗୁଡ଼ିକୁ ଅନୁସରଣ କରି ଆପଣା ଜୀବନ ତଥା ଜୀବନାଚରଣର ନିର୍ଦ୍ଧାରିତ ଅଥବା ପ୍ରକାଶିତ ଲକ୍ଷ୍ୟଗୁଡ଼ିକର ଅନୁଧାବନ କରିବାକୁ ହେବ । ତା'ର ଏହି ଜୀବନରେ ହେଉ, ଅଥବା ଏହାପରେ ଅନ୍ୟ କୌଣସି ଜୀବନରେ ହେଉ, ସେ ସିଦ୍ଧିର ଯେଉଁ ଉଚ୍ଚତମ ଶିଖରରେ ଯାଇ ପହଞ୍ଚିବ ବୋଲି ପରମବିଧାତା ତା'ଠାରୁ ଦାବି କରୁଛନ୍ତି, ତାକୁ ସେହି ଶିଖରଟି ଯାଏ ଆପଣାକୁ ଉତ୍ତୋଳିତ କରି ନେବାକୁ ପଡ଼ିବ । ଏପରି କୌଣସି ବିଶ୍ୱାତ୍ମକ ଓ ପରମ ଚିଦ୍‌ସତ୍ତା ବା ପୁରୁଷ ରହିଛନ୍ତି ବୋଲି ଯଦି ସ୍ୱୀକାର କରା ନ ଯାଏ, ତେବେ ତା'ର ବିକଳ୍ପରୂପେ ପ୍ରକୃତରେ ଆଉ କ'ଣ ରହିଛି ଏବଂ ବର୍ତ୍ତମାନର ତା'ର ଏହି ଅପୂର୍ଣ୍ଣତା ଓ ଅଶକ୍ତତା ମଧ୍ୟରୁ ସେ ଆପଣାକୁ କିପରି ସେଯାଏ ଉଠାଇ ନେଇ ପାରିବ, ତାକୁ ସେକଥା ମଧ୍ୟ ଜାଣିବାକୁ ପଡ଼ିବ । ଏଇଟି ହେଉଛି ଧର୍ମସାଧନର ଉଦ୍ଦେଶ୍ୟ; ମନୁଷ୍ୟପ୍ରକୃତିକୁ ନେଇ ଦିବ୍ୟ ପ୍ରକୃତି ସହିତ ଯୁକ୍ତ କରିଦେବା ଓ ଆମର ଭାବନା, ପ୍ରାଣ ଓ ଆମର ଦେହଗତ ଜୀବନ ଯେପରି ଆତ୍ମା ଏବଂ ଚିଦ୍‌ବସ୍ତୁର ବିଧାନକୁ ଆପଣା ମଧ୍ୟକୁ ସ୍ୱୀକାର କରିନେଇ ପାରିବେ, ସେଥିଲାଗି ସେଗୁଡ଼ିକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରି ଧରିବା ହେଉଛି ଧର୍ମର ଉଦ୍ଦେଶ୍ୟ । ମାତ୍ର କେବଳ ଏକ ମତାବଲମ୍ବନ କିଂବା ଭାବାବେଶ ମଧ୍ୟରେ ଏକନିବିଷ୍ଟ

'oaob.nitrkl.ac.in' images reprocessed

*ହୋଇ ରହିଥିବା ସମୟର ଆପ୍ତଦର୍ଶନଠାରୁ ଏହି ଜ୍ଞାନ ଅନେକ ବେଶୀ ହେବା ଉଚିତ । ତା'ର ବିଚାରଶୀଳ ମନ ପାଇଁ ଏହା ଗ୍ରହଣୀୟ ହୋଇପାରିବା ଉଚିତ; ତା'ର ମନୋଗତ ବିଚାରଣା ସେଗୁଡ଼ିକୁ ଏହି ବିଶ୍ୱର ବସ୍ତୁତତ୍ତ୍ୱ ତଥା ପର୍ଯ୍ୟବେକ୍ଷିତ ସତ୍ୟଟି ସହିତ ସମ୍ବନ୍ଧୀକୃତ କରି ପାରୁଥିବା ଉଚିତ । ଏହାହିଁ ଦର୍ଶନର କାର୍ଯ୍ୟ, ଏବଂ ଚିନ୍ମୟ ସତ୍ୟ ଜିଜ୍ଞାସାର କ୍ଷେତ୍ରରେ ଏହି କାର୍ଯ୍ୟଟି କେବଳ ଏକ ଆଧ୍ୟାତ୍ମିକ ଦର୍ଶନ ଦ୍ୱାରାହିଁ ସମ୍ଭବ ହୋଇପାରିବ । ଏହି ଆଧ୍ୟାତ୍ମିକ ଦର୍ଶନଟିର ଅନୁସନ୍ଧାନ-ପ୍ରଣାଳୀ ବୁଦ୍ଧିଭିତ୍ତିକ ହୋଇପାରେ, ବୋଧିଲବ୍ଧ ସତ୍ୟ ଉପରେ ବି ନିର୍ଭର କରିପାରେ । ମାତ୍ର କେବଳ ଅନୁଭୂତି ଦ୍ୱାରା ଉପଲବ୍ଧ ହୋଇ ବା ଅନୁଭୂତିରେ ରୂପାନ୍ତରିତ ହୋଇହିଁ ଯାବତୀୟ ଜ୍ଞାନ ଓ ଜ୍ଞାନଗତ ପ୍ରୟାସ ପୂର୍ଣ୍ଣଫଳ ଲାଭ କରିପାରିବ, ଚେତନା ତଥା ଏହାର ପ୍ରତିଷ୍ଠିତ କ୍ରିୟାତ୍ମକତାଗୁଡ଼ିକର ଏକ ଅଙ୍ଗରୂପେ ପରିଣତ ହେଲେ ଯାଇ ସେଗୁଡ଼ିକ ସାର୍ଥକ ହୋଇପାରିବ । ଏବଂ ଅଧ୍ୟାତ୍ମଭୂମିରେ ସାର୍ଥକତା ଲାଭ କରିବାକୁ ହେଲେ ଧର୍ମ, ଗୁପ୍ତବିଦ୍ୟା ତଥା ଦର୍ଶନର ଏହିସବୁ ଜ୍ଞାନ ଓ ପ୍ରୟାସକୁ ଆଧ୍ୟାତ୍ମିକ ଚେତନାର ଉନ୍ମୋଚନରେହିଁ ପରିପୂର୍ଣ୍ଣ ହେବାକୁ ପଡ଼ିବ, ସେହି ଚେତନାଟିକୁ ଉପଯୁକ୍ତ ଭୂମିପ୍ରତିଷ୍ଠା ଦେଇ ତାହାକୁ ସତତ ଉଚ୍ଛ୍ୱଳିତ କରି ନେଉଥିବା, ସଂପ୍ରସାରିତ ଓ ସମୃଦ୍ଧ କରିବାରେ ଲାଗିଥିବା ଅନୁଭୂତିଗୁଡ଼ିକରେହିଁ ତାହା ପୂର୍ଣ୍ଣ ସାର୍ଥକତା ଲାଭ କରିବ, ତାହା ଜୀବନ ତଥା କର୍ମକୁ ଚିନ୍ମୟ ସତ୍ତାର ସତ୍ୟଟି ସହିତ ଗୋଟିଏ ସୂତ୍ରରେ ନେଇ ଗଅଁଠାଇ ଦେବ । ଏସବୁ ହେଉଛି ଆଧ୍ୟାତ୍ମିକ ଉପଲବ୍ଧିର କାର୍ଯ୍ୟ, ଆଧ୍ୟାତ୍ମିକ ଅନୁଭୂତିର କାର୍ଯ୍ୟ ।*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୫୬୦-୬୨

ଏହି କ୍ଷେତ୍ରରେ ଗୋଟିଏ ଭାରି ଚମତ୍କାର କଥା ରହିଛି,— ଶ୍ରୀଅରବିନ୍ଦ ପରବର୍ତ୍ତୀ ଅଂଶଗୁଡ଼ିକରେ ସେଇଟି ବିଷୟରେ କହିଛନ୍ତି କି ନାହିଁ, ମୁଁ ଠିକ୍ ମନେ କରିପାରୁ ନାହିଁ,— ମାତ୍ର, ସିଏ ଯେଉଁ ଚାରୋଟି କ୍ରିୟାତ୍ମକତା ବା ଉପଲବ୍ଧି ବିଷୟରେ ଉଲ୍ଲେଖ କରିଛନ୍ତି,— ଧର୍ମ, ଗୁପ୍ତବିଦ୍ୟା, ଆଧ୍ୟାତ୍ମିକ ଦର୍ଶନ ଓ ଆଧ୍ୟାତ୍ମିକ ଅନୁଭୂତି, ଏହି ଯେଉଁ ଚାରୋଟିର ଉଲ୍ଲେଖ କରିଛନ୍ତି, ସେଗୁଡ଼ିକ ମନୁଷ୍ୟର ବିକାଶ ଏବଂ ରୂପାନ୍ତର ଲାଗି ନିଶ୍ଚୟ ଆବଶ୍ୟକ ସତ, ମାତ୍ର ମନୁଷ୍ୟଜାତି ଲାଗି ସେଗୁଡ଼ିକ ସବୁଯାକ ଆଦୌ ସମାନ ଭାବରେ ଉପଲବ୍ଧ ହୋଇପାରନ୍ତି ନାହିଁ ।

'oaob.nitrkl.ac.in' images reprocessed

ଏଥିମଧ୍ୟରୁ ଯେଉଁ ଗୋଟିକୁ ଅଧିକସଂଖ୍ୟକ ମନୁଷ୍ୟ ଅଭ୍ୟାସ କରିପାରିବେ, ଏଠାରେ ହୁଏତ ''ବୁଝିପାରିବେ'' ବୋଲି ବି କୁହାଯାଇ ପାରିବ,– ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାକୁ ଆମେ ଏକ ଯଥାର୍ଥ ''ବୋଧ'' ର ଅର୍ଥରେ ଗ୍ରହଣ କରିପାରିବା,– ପ୍ରାୟ ଗୋଟାସୁଦ୍ଧା ସ୍ଥୂଳ ଚେତନା ମଧ୍ୟରେ ବାସ କରୁଥିବା ମଣିଷମାନେ ଯାହାକୁ ଅଭ୍ୟାସ କରିପାରିବେ, ସେଇଟି ହେଉଛି ସେହି ଧର୍ମର ବାଟ ଓ ଧର୍ମର ପଦ୍ଧତି । ଏହାର ସର୍ବପ୍ରଧାନ କାରଣ ହେଉଛି ଯେ ଧର୍ମ ନିର୍ଦ୍ଦିଷ୍ଟ କେତୋଟି ବିଶ୍ୱାସ ଏବଂ କେତୋଟି ଶୃଙ୍ଖଳାକୁ ଆଧାର କରି ରହିଥାଏ । କେବଳ ଏକ ବିଶ୍ୱାସ ବା ସାମୂହିକ ଆତ୍ମପ୍ରବର୍ତ୍ତନା ଦ୍ୱାରା,– ସର୍ବୋପରି ଏକ ସାମୂହିକ ଆତ୍ମପ୍ରବର୍ତ୍ତନା ଦ୍ୱାରାହିଁ ଅନ୍ତର୍ଗତ କ୍ଷେତ୍ରରେ ଯଥେଷ୍ଟ ବିକାଶ ସମ୍ଭବ କରିପାରି ନ ଥିବା ଅନେକ ବ୍ୟକ୍ତି ଧର୍ମର ପଥଟିକୁ ବେଶ୍ ଗ୍ରହଣ କରିନେଇ ପାରନ୍ତି ।

ଗୁପ୍ତବିଦ୍ୟାର ଅନୁଶୀଳନ କରିପାରିବା ଲାଗି ଆମକୁ ବିକାଶର ଏକ ଦ୍ୱିତୀୟ ସୋପାନରେ ଆସି ପହଞ୍ଚି ଥିବାକୁ ହୋଇଥାଏ ଏବଂ ପ୍ରାଣିକ ଜଗତର ଭୂମିରେ ଅପେକ୍ଷାକୃତ ଅଧିକ ସଚେତନତା ପ୍ରାପ୍ତ କରିବାକୁ ହୋଇଥାଏ । ତେବେଯାଇ ଆମେ ଶକ୍ତିଚୟର କ୍ରୀଡ଼ାକ୍ଷେତ୍ରଟି ସହିତ ଆଦୌ କୌଣସି ସଂପର୍କ ସ୍ଥାପନ କରିବା ଲାଗି ସମର୍ଥ ହେଉ ଏବଂ ସେହି ଶକ୍ତିଗୁଡ଼ିକ ଦ୍ୱାରା ଉପକୃତ ହୋଇ ପାରିବାକୁ ହେଲେ ସେହି ସଂପର୍କସ୍ଥାପନ ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥାଏ ।

ଆଧ୍ୟାତ୍ମିକ ଦର୍ଶନ ବିଷୟରେ ଏପରି କୁହାଯାଇ ପାରିବ ଯେ, ଯେଉଁ ମୁଷ୍ଟିମେୟ ବ୍ୟକ୍ତିଙ୍କର ପ୍ରାୟ ଏକ ସଂପୂର୍ଣ୍ଣ ମାନସିକ ବିକାଶ ହୋଇପାରିଥାଏ ଏବଂ ଯେଉଁମାନେ ବୁଦ୍ଧିଗତ ଭୂମି ଉପରେ ସଂପୂର୍ଣ୍ଣ ଭାବରେ ସଚେତନ ରହି ପାରିଥାନ୍ତି, ସେମାନେ ଏହି ମାର୍ଗଟିକୁ ଗ୍ରହଣ କରି ତଦ୍ଦ୍ୱାରା ନିଶ୍ଚୟ ଲାଭବାନ୍ ହୋଇପାରିବେ । ମାତ୍ର, ଯେଉଁମାନଙ୍କର ଏହି ମାନସିକ ବ୍ୟାୟାମାଭ୍ୟାସ ଲାଗି ଆଦୌ କୌଣସି ସାମର୍ଥ୍ୟ ନାହିଁ ଓ ଯେଉଁମାନେ ମନର ଏହିସବୁ କୌଶଳବିଦ୍ୟାକୁ ଆଦୌ ବୁଝିପାରନ୍ତି ନାହିଁ, ସେମାନଙ୍କ ଲାଗି ଏହି ମାର୍ଗଟିର ପ୍ରକୃତରେ ଆଦୌ କୌଣସି ତାତ୍ପର୍ଯ୍ୟ ନ ଥାଏ ।

ଏବଂ ପରିଶେଷରେ 'ଦିବ୍ୟ ଜୀବନ' ଗ୍ରନ୍ଥର କୌଣସି ସ୍ଥାନରେ ଶ୍ରୀଅରବିନ୍ଦ ଆମକୁ କହିଯାଇଛନ୍ତି ଯେ, ଆଧ୍ୟାତ୍ମିକ ଅନୁଭବର ମାର୍ଗଟିରେ ଯାଇ ପାରିବାକୁ ହେଲେ ଆମ ଭିତରେ ଏକ ''ଆଧ୍ୟାତ୍ମିକ ସତ୍ତା'' ରହିଥିବା ଦରକାର, ଆମେ ''ଦ୍ୱିଜ'' ହୋଇ ଜନ୍ମଲାଭ କରିଥିବା ଦରକାର; କାରଣ ଯଦି ଭିତରେ ଆଧ୍ୟାତ୍ମିକ ସତ୍ତା ବୋଲି ଆଦୌ କୌଣସି ବସ୍ତୁ ନ ଥାଏ, ଅତିକ୍ରମରେ ଆତ୍ମସଜ୍ଞାନ ହୋଇପାରିବା ଭଳି ଯଦି ସେହି ସତ୍ତାଟି ଆମ ଭିତରେ ନ ଥାଏ, ତେବେ ଆମେ ହୁଏତ ସେହିସବୁ ଅନୁଭବର ଚମତ୍କାର

'oaob.nitrkl.ac.in' images reprocessed

ଅନୁକରଣ କରୁଥିବା ସତ, ମାତ୍ର ତାହା କେବଳ ଏକ ଅତି ସ୍ଥୂଳ ସ୍ତରର ଅନୁକରଣ ହୋଇ ରହିଥିବ, ହୁଏତ ଏକ ଛଳନା ବି ହୋଇ ରହିଥିବ, କଦାପି ଏକ ସତ୍ୟରେ ପରିଣତ ହୋଇପାରିବ ନାହିଁ ।

ତେଣୁ, ଯୁଗପତ୍ ଭାବରେ ଏହି ଚାରୋଟିଯାକ ମାର୍ଗରେ ଗତି କରିପାରିବାକୁ ହେଲେ ଏବଂ ସେଥିରୁ ଯେପରି ସତ୍ତା ଲାଗି ସଂପୂର୍ଣ୍ଣ ଫଳ ଉପଲବ୍ଧ ହୋଇପାରିବ, ସେହିପରି ଭାବରେ ସେଗୁଡ଼ିକର ଅଭ୍ୟାସ କରିପାରିବାକୁ ହେଲେ, ଆମକୁ ପ୍ରକୃତରେ ଏକ ସଂପୂର୍ଣ୍ଣ ମନୁଷ୍ୟବ୍ୟକ୍ତି ହୋଇଥିବାକୁ ପଡ଼ିବ, ଏବଂ ମନୁଷ୍ୟ-ପ୍ରକୃତି ତଥା ଆଧ୍ୟାତ୍ମିକ ପ୍ରକୃତିର ଚାରୋଟିଯାକ ପ୍ରଧାନ ଉପାଦାନଗୁଡ଼ିକର କ୍ଷେତ୍ରରେ ଏକ ସଚେତନ ଜୀବନକୁ ବହନ କରି ରହିଥିବାକୁ ପଡ଼ିବ ।

ଅବଶ୍ୟ ଏକଥା ସତ ଯେ, ଏହି ଅନ୍ତର୍ଗତ ବିକାଶଟି ବାହାରୁ ସର୍ବଦା କଦାପି ଦୃଶ୍ୟମାନ ହୋଇ ନ ଥାଏ ଏବଂ ଆମର ହୁଏତ ଏପରି ଆଉ ଜଣେ ବ୍ୟକ୍ତିଙ୍କ ସହିତ ଭେଟ ହୋଇପାରେ ଯିଏକି ଆପଣା ମଧ୍ୟରେ ଏକ ସଚେତନ ଆଧ୍ୟାତ୍ମିକ ଅସ୍ତିତ୍ୱକୁ ବହନ କରି ରହିଥାନ୍ତି, ବାହାରୁ ଭାରି ସ୍ଥୂଳ ଓ ଅସଂପୂର୍ଣ୍ଣ ବୋଲି ଦେଖା ଯାଉଥିଲେ ମଧ୍ୟ ତାଙ୍କର ସେହି ଅସ୍ତିତ୍ୱ ଅତ୍ୟନ୍ତ ସୁନ୍ଦର କେତେକେତେ ଅଭିଜ୍ଞତା ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇ ରହିଥାଏ ।

ଏହି ଚାରୋଟିଯାକ ମାର୍ଗକୁ ଯେଉଁ କ୍ରମଟିରେ ରଖି ବର୍ଣ୍ଣନା କରାଯାଇଛି, ଆପଣାର ବିକାଶଟିକୁ ଯେ ଠିକ୍ ସେହି କ୍ରମଟି ଅନୁସାରେ ସାଧନ କରିବାକୁ ପଡ଼ିବ, ସେଥିରେ ଆଦୌ କୌଣସି କଥା ନାହିଁ । ମାତ୍ର, ଆମର ଉପଲବ୍ଧିଟି ଏକ ସଂପୂର୍ଣ୍ଣ ଉପଲବ୍ଧି ହୋଇ ରହୁ ବୋଲି ଯଦି ଆମେ ଇଚ୍ଛା କରୁଥିବା, ଯଦି ଆମେ ଆମ ସତ୍ତାର ଏକ ସମଗ୍ର ଉପଲବ୍ଧି ସାଧନ କରିବା ଲାଗି ଇଚ୍ଛା କରୁଥିବା, ତେବେ ଆମକୁ ଏହି ପ୍ରତ୍ୟେକ ମାର୍ଗ ଆଣି ଦେଉଥିବା ସାରସତ୍ୟଗୁଡ଼ିକୁ କାମରେ ଲଗାଇବା ପାଇଁ ସମର୍ଥ ହେବାକୁ ପଡ଼ିବ ।

ଚୈତ୍ୟ ବା ଆଧ୍ୟାତ୍ମିକ ଚେତନା ତୁମକୁ ସେହି ଗଭୀର ଆଧ୍ୟାତ୍ମିକ ଉପଲବ୍ଧିଟିକୁ ଆଣି ଦେଇଥାଏ, ଦିବ୍ୟ ପରମସତ୍ତାଙ୍କର ସଂସ୍ପର୍ଶ ଆଣି ଦେଇଥାଏ, ବାହ୍ୟ ଯାବତୀୟ ଶୃଙ୍ଖଳରୁ ତୁମକୁ ମୁକ୍ତି ଆଣି ଦେଇଥାଏ; ମାତ୍ର ଏହି ମୁକ୍ତିଲାଭକୁ ଯଥାର୍ଥରେ କାର୍ଯ୍ୟକାରୀ କରିବାକୁ ହେଲେ, ଏହା ଯେପରି ତୁମ ସତ୍ତାର ଅବଶିଷ୍ଟ ଅଂଶରେ ମଧ୍ୟ ସକ୍ରିୟ ହୋଇପାରିବ, ତାହା ସମ୍ଭବ କରିବାକୁ ହେଲେ ତୁମର ମନକୁ ମଧ୍ୟ ଯଥେଷ୍ଟ ଭାବରେ ଉନ୍ମୋଚିତ ହୋଇ ରହିବାକୁ ପଡ଼ିବ, ଯେପରିକି ତାହା ପରମଜ୍ଞାନର ଆଲୋକଟିକୁ ଧାରଣ କରି ରଖିପାରିବ; ପ୍ରାଣିକ ସ୍ତରଟିକୁ ମଧ୍ୟ ଏପରି ଯଥେଷ୍ଟ ଭାବରେ ଶକ୍ତିଶାଳୀ ହେବାକୁ ପଡ଼ିବ, ଯେପରିକି ତାହା ପ୍ରତିଭାସଗୁଡ଼ିକର ପଶ୍ଚାତରେ ରହିଥିବା ଶକ୍ତିଗୁଡ଼ିକର

'oaob.nitrkl.ac.in' images reprocessed

ସମ୍ମୁଖୀନ ହୋଇପାରିବ ଓ ସେଗୁଡ଼ିକ ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବ; ଏବଂ ସ୍ଥୂଳ ଶାରୀରିକ ସ୍ତରଟିକୁ ମଧ୍ୟ ସେହିପରି ଯଥେଷ୍ଟ ଭାବରେ ଶୃଙ୍ଖଳାବଦ୍ଧ ଏବଂ ସଂଗଠିତ ହେବାକୁ ପଡ଼ିବ, ଯେପରିକି ତାହା ଅନୁଭୂତିଟିକୁ ଅଭିବ୍ୟକ୍ତ କରି ଆଣିବାକୁ ସମର୍ଥ ହେବ, ପ୍ରତି ଦିନର ଏବଂ ପ୍ରତି ମୁହୂର୍ତ୍ତର କ୍ରିୟାଗୁଡ଼ିକ ମଧ୍ୟରେ ତାହାକୁ ଅଭିବ୍ୟକ୍ତ କରିପାରିବ, ଏବଂ ତାହାକୁ ସଂପୂର୍ଣ୍ଣ ରୂପେ ବଞ୍ଚିପାରିବ ।

ଯଦି, ଏଥିମଧ୍ୟରୁ କୌଣସି ଗୋଟିଏ କଥାର ଅଭାବ ରହି ଯାଇଥିବ, ତେବେ ଇଷ୍ଟ ଫଳଟି ମଧ୍ୟ କଦାପି ସଂପୂର୍ଣ୍ଣ ହେବ ନାହିଁ । ଏଇଟା ଆଦୌ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ନୁହେଁ ବା ଆଦୌ ଅସଲ କଥାଟି ନୁହେଁ ବୋଲି ବାହାନା ଦେଖାଇ ଜଣେ ହୁଏତ ଏଇଟିକୁ ବା ସେଇଟିକୁ ବେଶ୍ ହାଲୁକା ଭାବରେ ବିଚାର କରିପାରିବ । ହଁ, ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ଅବହେଳା ପ୍ରଦର୍ଶନ କରିବା ଦ୍ୱାରା ତୁମେ ଯେ ସର୍ବୋଚ୍ଚ ପରମ ସତ୍ତାଙ୍କ ସହିତ ଆଦୌ ନିଜର ଏକ ଆଧ୍ୟାତ୍ମିକ ସମ୍ମିଳନ ଘଟାଇ ପାରିବ ନାହିଁ, ସେକଥା ମୋଟେ ନୁହେଁ; ମାତ୍ର, ଜୀବନରୁ ପଳାଇ ଯିବାକୁ ଇଚ୍ଛା କରୁଥିଲେହିଁ ସେପରି କରି ନିଶ୍ଚୟ ଭଲ ଫଳ ମିଳିବ ।

ଯଦି ଆମେ ଏକ ସମଗ୍ର ଓ ସଂପୂର୍ଣ୍ଣ ସତ୍ତା ହେବାକୁ ଇଚ୍ଛା କରୁଥାଉ, ଆମର ଉପଲବ୍ଧି ପୂର୍ଣ୍ଣ ଉପଲବ୍ଧି ହେଉ ବୋଲି ଯଦି ଇଚ୍ଛା କରୁଥାଉ, ତେବେ ଆମକୁ ଆମର ଆଧ୍ୟାତ୍ମିକ ଅନୁଭୂତିଟିକୁ ମାନସିକ, ପ୍ରାଣିକ ଏବଂ ଭୌତିକ ସ୍ତରରେ ମଧ୍ୟ ଅଭିବ୍ୟକ୍ତ କରିବା ଲାଗି ସମର୍ଥ ହେବାକୁ ପଡ଼ିବ । ଏବଂ, ଆମର ଏହି ଅଭିବ୍ୟକ୍ତି ଯେତେ ଅଧିକ ପରିପୂର୍ଣ୍ଣତା ଲାଭ କରୁଥିବ, ଏକ ପୂର୍ଣ୍ଣ ଏବଂ ପରିପୂର୍ଣ୍ଣତାପ୍ରାପ୍ତ ସତ୍ତା ଦ୍ୱାରା ତାହା ଯେତିକି ଅଧିକ ପରିମାଣରେ କାର୍ଯ୍ୟାନ୍ୱିତ ହେଉଥିବ, ଆମର ଉପଲବ୍ଧିଟି ମଧ୍ୟ ସେତିକି ଅଧିକ ପୂର୍ଣ୍ଣ ଏବଂ ସକଳାଙ୍ଗ ହୋଇ ପାରୁଥିବ ।

ଯିଏ ପୂର୍ଣ୍ଣ ଯୋଗର ପଥରେ ଯାତ୍ରା କରିବାକୁ ଇଚ୍ଛା କରୁଛି, ତା'ଲାଗି କୌଣସି ଗୋଟିଏ କଥା ମଧ୍ୟ ନିଷ୍ପ୍ରୟୋଜନ ନୁହେଁ ଓ ସିଏ କୌଣସି ଗୋଟିକର ବି ଅବହେଳା କରିପାରିବ ନାହିଁ।... ଅସଲ କଥା ହେଉଛି ଯେ, ପ୍ରତ୍ୟେକ ବସ୍ତୁକୁ କିପରି ତା'ର ଯଥାର୍ଥ ସ୍ଥାନରେ ନେଇ ରଖିବାକୁ ହୁଏ, ଆମେ ସେହି କଥାଟିକୁ ଜାଣିବା ଏବଂ ଯିଏ ଯଥାର୍ଥ ଶାସନର ଅଧିକାରୀ, ଶାସନର ଭାରଟିକୁ ନେଇ ତାଙ୍କରି ହାତରେ ସମର୍ପଣ କରିଦେବା ।

'oaob.nitrkl.ac.in' images reprocessed

## ୨୫ ଜୁନ୍ ୧୯୫୮

"ଯାବତୀୟ ବିବର୍ତ୍ତନ ସ୍ୱଭାବତଃ ଏକ କ୍ରମୋନ୍ମୋଚନର ରୀତିରେହିଁ ଗତି କରିବାକୁ ବାଧ୍ୟ ହେବ । କାରଣ, ଆପଣାର ସାମର୍ଥ୍ୟଗୁଡ଼ିକୁ ବିବର୍ତ୍ତିତ କରି ଆଣୁଥିବା ପ୍ରତ୍ୟେକ ନୂତନ ତତ୍ତ୍ୱକୁ ନିଶ୍ଚେତନା ତଥା ଅବିଦ୍ୟାଗତ ଏକ ସଂବୃତି ମଧ୍ୟରୁହିଁ ଆପଣାର ବାଟ କାଢ଼ିନେବାକୁ ପଡ଼ିବ । ସଂବୃତିର ବେଢ଼ ମଧ୍ୟରୁ ଆପଣାକୁ ବାହାର କରିନେବାରେ, ମୂଳଭୂମିର ଏହି ମାଧ୍ୟମଟିର ଅସ୍ୱଚ୍ଛତା ହାତରୁ ଆପଣାକୁ ମୁକ୍ତ କରିବାରେ ସେହି ତତ୍ତ୍ୱଟିକୁ ବହୁ ଆୟାସ ସ୍ୱୀକାର କରିବାକୁ ପଡ଼େ; ନିଶ୍ଚେତନାର ସହଜାତ ଯାବତୀୟ ଆକର୍ଷଣ ତଥା ପ୍ରଭାବ, ତାହାର ସ୍ୱଭାବଗତ ବାଧା ଓ ବିରୋଧର ବିରୋଧରେ ସଂଗ୍ରାମ କରିବାକୁ ପଡ଼େ ଏବଂ ତେଣେ ଜ୍ଞାନ ଏବଂ ଅଜ୍ଞାନମିଶ୍ରିତ ହୋଇ ରହିଥିବା ଅନ୍ଧ ଓ ଅନମନୀୟ ଅବିଦ୍ୟା ମଧ୍ୟ ତାକୁ ପଛକୁ ଟାଣିବାରେ ଲାଗିଥାଏ । ବାଟ ଫିଟାଇ ଉପରକୁ ଆସିବାଲାଗି ଭିତରୁ ଧକ୍କା ଦେଉଥିବା ସେହି ସଂଗୁପ୍ତ, ଅଧିଚେତନ ଓ ନିମଜ୍ଜିତ ସତ୍ୟର ଏକ ସଂକେତରୂପେ ପ୍ରକୃତି ମଧ୍ୟରେ ପ୍ରଥମେ ଏକ ଅସ୍ପଷ୍ଟ ଆବେଗ ବା ପ୍ରବୃତ୍ତି ଦୃଷ୍ଟିଗୋଚର ହୁଏ; ଏବଂ ତା'ପରେ ଯେଉଁ ପଦାର୍ଥଟି ଜନ୍ମଗ୍ରହଣ କରିବାକୁ ଯାଉଛି, ତାହାର କ୍ଷୁଦ୍ର ଓ ଅର୍ଦ୍ଧ-ଅବଦମିତ ସୂଚନାମାନ ଅନୁଭୂତ ହେବାକୁ ଲାଗେ, ଅମାର୍ଜିତ ଓ ଅଶୋଧିତ ଉପାଦାନ ଗୁଡ଼ିକର ପ୍ରାଥମିକ ବିନ୍ୟାସରେ ତାହାର ଏକ ଅପୂର୍ଣ୍ଣ, କ୍ଷୁଦ୍ର ପ୍ରକାଶ ସଂଘଟିତ ହୁଏ ଯାହାକୁ କି କ୍ୱଚିତ୍ ଲକ୍ଷ୍ୟ କରି ହୁଏ । ତା'ପରେ ସାନବଡ଼ ରୂପାୟଣଗୁଡ଼ିକର ଆରମ୍ଭ ହୁଏ, କ୍ରମେ ଆପଣାର ବିଶିଷ୍ଟ ଲକ୍ଷଣ ଦ୍ୱାରା ଅଧିକତର ଭାବରେ ଚିହ୍ନି ହେଉଥିବା ଗୁଣର ଆବିର୍ଭାବ ହୁଏ; ପ୍ରଥମେ ଆଂଶିକ ଭାବରେ ହୁଏ, ଏଠାରେ ସେଠାରେ ଅଥବା ଅତି କ୍ଷୀଣ ଭାବରେ ଦେଖାଦିଏ । ତା'ପରେ ତାହା ଅଧିକ ସ୍ପଷ୍ଟ ହେବାକୁ ଆରମ୍ଭ କରେ, ଅଧିକ ସ୍ଥିତିସ୍ଥାପକ ହୁଏ; ଏବଂ ଶେଷରେ ତାହାର ବୃହତ୍ତର ଆବିର୍ଭାବ ହୁଏ, ଚେତନାଟିରେ ରୂପାନ୍ତର ଘଟେ, ସେଥିରେ ଏକ ମୌଳିକ ପରିବର୍ତ୍ତନର ସମ୍ଭାବନା ଦେଖାଦେବାକୁ ଆରମ୍ଭ କରେ । ମାତ୍ର ତଥାପି ପ୍ରତ୍ୟେକ ଦିଗରେ ଆହୁରି ଅନେକ କିଛି କରିବାକୁ ବାକି ରହିଥାଏ, ବିବର୍ତ୍ତନଗତ ପ୍ରୟାସଟିର ସମ୍ମୁଖରେ ପରିପୂର୍ଣ୍ଣତା ଲାଭ କରିବାର ଏକ ଅତିଦୀର୍ଘ ଓ ଆୟାସକର

'oaob.nitrkl.ac.in' images reprocessed

*ଅଭିବୃଦ୍ଧିପଥ ପଡ଼ିଥାଏ । ଯେଉଁଟିର ପ୍ରକାଶ ହେଲା, ସେଇଟି ଯେପରି ତଳର ଆକର୍ଷଣରେ ପୁଣିଥରେ ତା'ର ପୂର୍ବାବସ୍ଥାକୁ ଫେରି ନ ଯାଏ, ଯେପରି ତାହା ଅକୃତକାର୍ଯ୍ୟ ନ ହୁଏ କିଂବା ବିଲୁପ୍ତ ହୋଇ ନ ଯାଏ, ସେଥିଲାଗି ତାହାକୁ ଯେ କେବଳ ଦୃଢ଼ଭାବରେ ସୁସଂବଦ୍ଧ ଓ ପ୍ରତିଷ୍ଠିତ କରି ରଖିବାକୁ ହୁଏ ତାହା ନୁହେଁ, ତାହାର ସମ୍ଭାବନାର ସକଳ କ୍ଷେତ୍ରରେ ତାହାକୁ ଉନ୍ମୋଚିତ କରିଦେବାକୁ ହୁଏ; ତା'ର ପରିପୂର୍ଣ୍ଣ ଆତ୍ମସିଦ୍ଧିର ସମଗ୍ର ଭୂମିରେ ତଥା ତାହାର ସମ୍ଭାବ୍ୟତମ ଉଚ୍ଚତା, ସୂକ୍ଷ୍ମତା, ସମ୍ପନ୍ନତା ତଥା ପ୍ରସାର ମଧ୍ୟରେ ତାହାକୁ ବିକଶିତ କରାଇ ଆଣିବାକୁ ପଡ଼େ । ତାହାର ପ୍ରଭାବ ସମ୍ପନ୍ନତାଟିକୁ ପ୍ରତିଷ୍ଠିତ କରିବାକୁ ହୁଏ, ସର୍ବବ୍ୟାପୀ ଓ ସର୍ବଗ୍ରାହୀ କରିବାକୁ ହୁଏ । ସବୁ କ୍ଷେତ୍ରରେ ଏହାହିଁ ହେଉଛି ପ୍ରକୃତିର ଯଥାର୍ଥ ପ୍ରକ୍ରିୟା, ଏବଂ ଏଇଟି ଆଡ଼କୁ ଆଖି ବୁଜିଦେଇ ବସିଲେ ଆମେ ପ୍ରକୃତିର ଯାବତୀୟ ସୃଷ୍ଟି ମଧ୍ୟରେ ନିହିତ ଥିବା ଅଭିପ୍ରାୟଟିକୁ ବୁଝିବାଲାଗି ଆଉ ସମର୍ଥ ହୋଇପାରିବା ନାହିଁ ଏବଂ ତା'ର କ୍ରିୟାପଦ୍ଧତିର ଗୋଲକଧନ୍ଦା ଭିତରେ ପଡ଼ି କେବଳ ବାଟବଣାହିଁ ହୋଇଯିବା ।''*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୮୬୨-୮୬୩

ଏଇଟି ପ୍ରକୃତରେ ବ୍ୟକ୍ତିଗତ ବିକାଶର ଏକ ଯଥାର୍ଥ ବର୍ଣ୍ଣନା ବୋଲି ବୋଧ ହେଉଛି । ସେଇ ବିକାଶ ପ୍ରକୃତରେ ଠିକ୍ ସେହିପରି ହୋଇଥାଏ । ଏବଂ ତେଣୁ, ତୁମେ ନିଜର ଧୈର୍ଯ୍ୟ ହରାଇ ବସ ଅଥବା ସାହସ ବି ହରାଇ ବସ, କାରଣ ତୁମେ ଅନୁଭବ କରୁଥାଅ ଯେ ତୁମେ ପ୍ରକୃତରେ ଆଦୌ ଆଗକୁ ଯାଉ ନାହଁ । ମାତ୍ର, ଯେତେବେଳେ ତୁମେ ଶରୀରର ବିକାଶରେ ଆପଣାକୁ ତତ୍ପର କରି ରଖିଥାଅ, ନିଜର ଭୌତିକ ବା ଶାରୀରିକ ବିକାଶ ସାଧନ କରିବାରେ ଲାଗିଥାଅ, ଯେତେବେଳେ ତୁମେ ସାଧନା କରିବାଲାଗି ତଦନୁରୂପ ଏକ ଶରୀର ଲାଭ କରିବାକୁ ଇଚ୍ଛା କରୁଥାଅ, ସେତେବେଳେ ଠିକ୍ ଏହିପରି ଘଟିଥାଏ । କୌଣସି ପ୍ରକାର ଉଚିତ ବା ଯଥାର୍ଥ ରୀତିରେ ନ ଯାଇ ତୁମେ କେତେ ପ୍ରକାରର କେତେକ'ଣ କରିବାରେ ଲାଗିଥାଅ, ପ୍ରକୃତରେ କେଉଁ ପାଖଟିରୁ ଆରମ୍ଭ କରିବାକୁ ହେବ, ସେ ବିଷୟରେ ତୁମକୁ କିଛି ଜଣା ନ ଥାଏ । ଏବଂ, ସତେଯେପରି ତୁମେ କେବଳ ଉଣ୍ଡାଳି ହେଉଛ, କେବଳ ବାଟ ଖୋଜୁଛ, କେବଳ ଘେରା ବୁଲିବାରେ ଲାଗିଛ ଓ ଆଦୌ କେଉଁଠାକୁ ହେଲେ ଯାଇପାରୁ ନାହଁ, ଠିକ୍ ସେହିପରି ଅନୁଭବ କରୁଥାଅ । ଏବଂ ତା'ପରେ, କ୍ରମେ ଗୋଟିଏ କୌଣସି କଥାର ଆବିର୍ଭାବ ହୁଏ, ତା'ପରେ

'oaob.nitrkl.ac.in' images reprocessed

ଆଉଗୋଟିଏ ଆସେ, ଏବଂ କେବଳ ଅନେକ ପରେ ଯାଇ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ବୋଲି କିଛି କାର୍ଯ୍ୟକାରୀ କରିବା ସମ୍ଭବ ହୋଇଥାଏ । ଏବଂ ଶେଷ ଆଡ଼କୁ ଶ୍ରୀଅରବିନ୍ଦ ସେହି କଥାଟିକୁ ବର୍ଣ୍ଣନା କରିଛନ୍ତି; ଯେତେବେଳେ ବିବର୍ତ୍ତନର ଉଦ୍ଦେଶ୍ୟଟି ଆବିର୍ଭୂତ ହୁଏ, ଦୃଷ୍ଟିଗୋଚର ହେବାକୁ ଲାଗେ, ପୁନର୍ବାର ସେହି ଆଦିମ ଅଜ୍ଞାନଟି ଭିତରେ ଆସି ଛନ୍ଦି ହୋଇ ନ ପଡ଼ିବାକୁ ଯେ ସେତେବେଳେ କେତେ ବେଶୀ ଯତ୍ନଶୀଳ ହୋଇ ରହିବାକୁ ପଡ଼ିବ, ସିଏ ସେହି କଥାଟିର ବର୍ଣ୍ଣନା ଦେଇଛନ୍ତି ।

ଏବଂ ସେହି କାରଣରୁହିଁ, ଏହି କାର୍ଯ୍ୟଟିରେ ସତେଯେପରି ଆଦୌ କୌଣସି ଅନ୍ତ ନାହିଁ, ଠିକ୍ ସେହିପରି ମନେ ହୋଇଥାଏ । ଏବଂ ତଥାପି କେବଳ ଏହି ଗୋଟିଏ ପ୍ରଣାଳୀରେହିଁ ଏହି କାର୍ଯ୍ୟଟିକୁ କରିବା ସମ୍ଭବ ହୋଇଥାଏ । ଆମେ ଆମ ଶରୀରର ଏହି ସାଧାରଣ ସ୍ଥିତିଟିରେ ରହିଥାଉ, ଆମେ "ପ୍ରକୃତରେ ସେହିପରି" ବୋଲି ଭାବି ପ୍ରାୟ ସମଗ୍ର ହୋଇ ରହିଥିବା ସେହି ଅଜ୍ଞାନଟି ମଧ୍ୟରେ ଅଭ୍ୟସ୍ତ ହୋଇ ରହିଯାଇଥାଉ । ଏହି ବିନ୍ଦୁଟିଠାରୁ ଆରମ୍ଭ କରି, ଚେତନାର ପରିପୂର୍ଣ୍ଣ ଜାଗୃତି ଏବଂ ଆମର ପ୍ରତ୍ୟେକ କୋଷ, ଅଙ୍ଗପ୍ରତ୍ୟଙ୍ଗ ଏବଂ ଦୈହିକ ସକଳ କ୍ରିୟାତ୍ମକତାର କ୍ଷେତ୍ରରେ ଏକ ଅନୁସ୍ପନ୍ଦନ ସମ୍ଭବ କରିବା ପର୍ଯ୍ୟନ୍ତ ମଝିରେ ଯେଉଁ ପଥଟିକୁ ଅତିକ୍ରମ କରିବାକୁ ପଡ଼େ ସେଥିଲାଗି ହୁଏତ କେତେ କେତେ ଶତାବ୍ଦୀର ଉଦ୍ୟମ ଓ ଶ୍ରମ ନିହିତ ହୋଇ ରହିଥିବା ପରି ବୋଧ ହୋଇଥାଏ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଯଦି ଆମକୁ ଉନ୍ମୋଚିତ ହୋଇଯିବାର, ଅଭୀପ୍ସା ରଖିବାର ଓ ଆପଣାକୁ ସମର୍ପିତ କରିଦେବାର ବାଟଟି ଜଣାଥାଏ, ଏବଂ ଶରୀରସ୍ଥ ଠିକ୍ ଏହି ଗତ୍ୟାତ୍ମକତାଗୁଡ଼ିକୁ ଯଦି ଆମେ କାମରେ ଲଗାଇ ଜାଣିଥାଉ, ସେହି କାର୍ଯ୍ୟଟିକୁ କରିବା ଲାଗି ଯଦି ଆମେ ଆମର କୋଷଗୁଡ଼ିକୁ ଶିକ୍ଷା ଦେଇପାରୁ, ତେବେ ସବୁକଥା ବେଶ୍ ଅଧିକ ଦ୍ରୁତ ଗତିରେ ଚାଲିବା ସମ୍ଭବ ହୋଇଯାଏ । ମାତ୍ର, ଏଠାରେ ଅଧିକ ଦ୍ରୁତ କହିଲେ ଆଦୌ ଏକ ଯଥାର୍ଥରେ ଦ୍ରୁତ ଗତିକୁ ବୁଝାଇବ ନାହିଁ, କାରଣ କାର୍ଯ୍ୟଟି ତଥାପି ମନ୍ଥର ହୋଇ ରହିଥିବ ଓ ଦୀର୍ଘ ସମୟ ନେଉଥିବ । ଏବଂ, ରୂପାନ୍ତରର କ୍ରିୟାଟି ମଧ୍ୟରେ ପ୍ରବିଷ୍ଟ ହୋଇ ନ ଥିବା କୌଣସି ଏକ ଉପାଦାନ ଯେତେବେଳେ ସେଥିରେ ଆସି ପ୍ରବେଶ କରିବାଲାଗି ଜାଗ୍ରତ ହୋଇ ଉଠିବ, ସେତେବେଳେ ପ୍ରତ୍ୟେକଥରହିଁ ସବୁକିଛିକୁ ସତେଅବା ପୁନର୍ବାର ମୂଳରୁ ଆରମ୍ଭ କରିବାକୁ ପଡ଼ିବା ଭଳି ମନେ ହେଉଥିବ; ଯାହାସବୁ ହୋଇ ସାରିଲାଣି ବୋଲି ଆଗରୁ ବିଶ୍ୱାସ ହେଉଥିଲା, ସେସବୁକୁ ପୁନର୍ବାର କରିବାକୁ ପଡ଼ିବ ବୋଲି ମନେ ହେଉଥିବ । ମାତ୍ର ସେକଥା ମୋଟେ ସତ ନୁହେଁ, ତୁମକୁ କଦାପି ସେହି କଥାଟିକୁ ଆଉଥରେ କରିବାକୁ ପଡ଼ିବ ନାହିଁ, ପ୍ରକୃତରେ ନୂତନ ଉପାଦାନଟି ମଧ୍ୟରେ ରହିଥିବା କୌଣସି ଏକ ସଦୃଶ

'oaob.nitrkl.ac.in' images reprocessed

କଥାଟିକୁ ସେତେବେଳେ କରିବାକୁ ପଡୁଥିବ, ଯାହାକି ହୁଏତ ବିସ୍ମୃତ ହୋଇ ରହିଥିଲା ବା ସେଇଟି ପ୍ରସ୍ତୁତ ହୋଇ ନ ଥିଲା ବୋଲି ତୁମେ ସେଇଟିକୁ ଛାଡ଼ିଦେଇ ଆସିଥିଲ । ବର୍ତ୍ତମାନ ସେଇଟି ପ୍ରସ୍ତୁତ ହୋଇଗଲା, ଜାଗ୍ରତ ହୋଇ ଉଠିଲା ଏବଂ ଆପଣାର ଯଥାର୍ଥ ସ୍ଥାନଟିକୁ ଗ୍ରହଣ କରିବାଲାଗି ଇଚ୍ଛା ପ୍ରକାଶ କଲା । ଏଭଳି ଉପାଦାନ ଏକାଧିକ ସଂଖ୍ୟାରେ ରହିଥାଆନ୍ତି ।

ଶରୀରଟା ତୁମକୁ ସତେଅବା ଭାରି ସରଳ କୌଣସି ଏକ ବସ୍ତୁ ବୋଲି ପ୍ରତୀତ ହୋଇଥାଏ, ନୁହେଁ ? ଇଏ ଗୋଟିଏ ଶରୀର, ଇଏ "ମୋ" ଶରୀର, ଏବଂ ସର୍ବୋପରି ତାହାର ଏକ ଏକକ ଆକାର ମଧ୍ୟ ରହିଛି । ମାତ୍ର ପ୍ରକୃତ କଥା ଆଦୌ ସେପରି ନୁହେଁ ! ଏହି ଶରୀର ମଧ୍ୟରେ ଶହଶହ କେତେ ଅସ୍ତିତ୍ୱ ଏକତ୍ର ଯୁକ୍ତ ହୋଇ ରହିଛନ୍ତି, ସେମାନେ ପରସ୍ପର ବିଷୟରେ ମୋଟେ ସଜ୍ଞାନ ନାହାନ୍ତି, ସେମାନେ ସମସ୍ତେ ଏପରି ଗୋଟିଏ ଗଭୀରତର ବସ୍ତୁ ଦ୍ୱାରା ସମଞ୍ଜସତାବଦ୍ଧ ହୋଇ ରହିଛନ୍ତି, ଯେଉଁଟି ସହିତ ସେମାନଙ୍କର ଆଦୌ କୌଣସି ପରିଚୟ ନାହିଁ । ଉପାଦାନଗୁଡ଼ିକର ବିବିଧତା ଏବଂ ଭିନ୍ନତା ବିଷୟରେ ସେମାନଙ୍କର ଆଦୌ କୌଣସି ଚେତନା ନାହିଁ ବୋଲିହିଁ ସେମାନେ ସତେଅବା ଏକ ଏକତ୍ୱର ଅନୁଭବ କରୁଛନ୍ତି ।

ବସ୍ତୁତଃ, ଏହି ବିବିଧତା ଏବଂ ଭିନ୍ନତାହିଁ ଅଧିକାଂଶ ବିଶୃଙ୍ଖଳା ଏବଂ ଏପରିକି ଅସୁସ୍ଥତାର ବି କାରଣରୂପେ କାର୍ଯ୍ୟ କରିଥାଏ । କୌଣସି ଗୋଟିଏ କଥା ବେଶ୍ ସୁରୁଖୁରୁରେ ଚାଲିଛି, ତୁମେ ପ୍ରକୃତରେ ପରିଚାଳନକାରୀ ସୂତ୍ରଟିକୁ ପାଇଯାଇଛ ବୋଲି ଅନୁଭବ କରୁଛ, ଆପଣାର ମାର୍ଗରେ ବେଶ୍ ଗତି କରି ଚାଲିଛ, ନିଶ୍ଚୟ ଏକ ଫଳ ମିଳିବ ବୋଲି ଭାବିବାରେ ଲାଗିଛ, ଏବଂ ତା'ପରେ, ହଠାତ୍, ଅପ୍ରତ୍ୟାଶିତ ଭାବରେ ଗୋଟାଏ କ'ଣ ଘଟୁଛି,– ସେଇଟା ସେହିଠାରେ କେଉଁଠି ରହିଛି ବୋଲି ତୁମେ ଆଗରୁ ମୋଟେ ଜାଣି ନ ଥିଲ । ସେଇଟି ବି ହଠାତ୍ ଜାଗିଉଠୁଛି ଓ ତୁମ ସହିତ ଯାତ୍ରା କରିଯିବ ବୋଲି ବାହାରୁଛି । ମାତ୍ର ତଦ୍ୱାରା ଏକ ଭୟଙ୍କର ବିଶୃଙ୍ଖଳା ଆସି ସୃଷ୍ଟି ହେଉଛି ଏବଂ ତୁମକୁ ପୁନର୍ବାର ସବୁକିଛି ମୂଳରୁ ଆରମ୍ଭ କରିବାକୁହିଁ ପଡୁଛି ।

ଅନ୍ତର୍ଗତ ଯାବତୀୟ ସତ୍ତାଗୁଡ଼ିକର ଓ କ୍ଷେତ୍ରଗୁଡ଼ିକର ସାଧନା ଅନେକ ଲୋକ କରିଛନ୍ତି, ଅନେକ ଲୋକ ସେଗୁଡ଼ିକର ବିସ୍ତୃତ ବ୍ୟାଖ୍ୟା କରି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ସେଗୁଡ଼ିକୁ ସୂତ୍ରବଦ୍ଧ କରି ଯାଇଛନ୍ତି, ସେଗୁଡ଼ିକରେ ରହିଥିବା ବିଭିନ୍ନ ସୋପାନ ଓ ପଥର ନିରୂପଣ ବି ହୋଇଯାଇଛି । ତୁମେ ସେହି କ୍ରମ-ପ୍ରଣାଳୀଟିକୁ ଜାଣି ସୋପାନ ସୋପାନ ହୋଇ ଅଗ୍ରସର ହେଉଛ; ମାତ୍ର ନିମ୍ନକୁ ଆସି ତୁମେ ଯେମିତି ଶରୀର ଭିତରେ ଆସି ପ୍ରବେଶ କରୁଛ, ସେତେବେଳେ ତାହା ତୁମକୁ ସତେଅବା ଏକ

'oaob.nitrkl.ac.in' images reprocessed

ଅନାବିଷ୍କୃତ ଅରଣ୍ୟ ବୋଲିହିଁ ମନେ ହେଉଛି ।... ସେଠାରେ ସବୁକିଛି କରିବାକୁ ବାକି ରହିଛି, କାର୍ଯ୍ୟାନ୍ୱିତ କରିବାକୁ ବାକି ରହିଛି, ତିଆରି କରିବାକୁ ବାକି ରହିଛି । ସେତେବେଳେ ତୁମକୁ **ଅସୀମ** ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ, ପ୍ରକୃତରେ **ଅସୀମ** ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ । ଏସବୁଥିରେ ଏତେଗୁଡ଼ାଏ ସମୟ ଲାଗିଲା ବୋଲି ଭାବି ଯଦି ତୁମେ ଆପଣାକୁ ଅଯୋଗ୍ୟ ବା ଅପଦାର୍ଥ ବୋଲି ଭାବିବାକୁ ଆରମ୍ଭ କରିବ, ତେବେ ଆଦୌ ଚଳିବ ନାହିଁ । ତୁମେ କେବେହେଲେ ନିରାଶ ହୋଇ ପଡ଼ିବ ନାହିଁ, "ନା, ମୋ ଦେଇ ଏ କାମ କଦାପି ହେବ ନାହିଁ" ବୋଲି କେବେ କହିବ ନାହିଁ । ସେହି କ୍ଷେତ୍ରରେ ଯେଉଁ ସମୟ, ଯେଉଁ ସାହସ, ସହିଷ୍ଣୁତା ଏବଂ ଅଧ୍ୟବସାୟର ଆବଶ୍ୟକତା ରହିଛି, ସେଇଟିକୁ କାମରେ ଲଗାଇ ପାରିଲେ ପ୍ରତ୍ୟେକ ବ୍ୟକ୍ତି ତାହା କରିପାରିବ । ଏବଂ, ସର୍ବୋପରି, ସର୍ବୋପରି, ତୁମେ କଦାପି ନିରୁତ୍ସାହିତ ହୋଇ ପଡ଼ିବ ନାହିଁ, ଦରକାର ପଡ଼ିଲେ ଥର ଥର କରି ଦଶଥର ଲାଗି ମଧ୍ୟ ସେହି କଥାଟିକୁ ମୂଳରୁ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇ ରହିବ, କୋଡ଼ିଏଥର ଓ ଶହେଥର କରିବା ପାଇଁ ପ୍ରସ୍ତୁତ ହୋଇ ରହିବ । କାର୍ଯ୍ୟଟି ପ୍ରକୃତରେ ସମ୍ପନ୍ନ ହୋଇସାରିବା ପର୍ଯ୍ୟନ୍ତ ତାହାକୁ କରିବା ପାଇଁ ପ୍ରସ୍ତୁତ ହୋଇ ରହିବ ।

ଏବଂ, ଅନେକ ସମୟରେ ଏପରି ଅନୁଭବ ହୋଇଥାଏ ଯେ, ଯେପର୍ଯ୍ୟନ୍ତ ସବୁକିଛି ସମ୍ପନ୍ନ ନ ହୋଇଛି, ଯେପର୍ଯ୍ୟନ୍ତ କାମଟି ପ୍ରକୃତରେ ସମ୍ପୂର୍ଣ୍ଣ ନ ହୋଇଛି, ସେ ପର୍ଯ୍ୟନ୍ତ ସତେଯେପରି ମୁଁ ଆଦୌ କିଛିହେଲେ ବି କରି ନାହିଁ ।

'oaob.nitrkl.ac.in' images reprocessed

## ୯ ଜୁଲାଇ ୧୯୫୮

''ଧର୍ମକୁ ଯେ ଅସ୍ୱୀକାର କରା ଯାଇଥାଏ, ସେଥିଲାଗି ସେ ନିଜେହିଁ ଅନୁରୂପ ଅବକାଶମାନ ସୃଷ୍ଟି କରେ; କାରଣ ଧର୍ମ ଦାବି କରି ବାହାରେ ଯେ ତାହାର ସତ୍ୟଟିର ପ୍ରାମାଣିକତା ଦିବ୍ୟ ଅନୁଭବ ଓ ଦିବ୍ୟ ପ୍ରେରଣା ଉପରେ ପ୍ରତିଷ୍ଠିତ ରହିଛି, ଉପରୁ ଏକ ଲୋକୋତ୍ତର ଭୂମିରୁହିଁ ସେ ତା'ର ଅତିପବିତ୍ର ଓ ଅଭ୍ରାନ୍ତ ସତ୍ୟଗୁଡ଼ିକୁ ପ୍ରାପ୍ତ ହୋଇଛି । ତେଣୁ କୌଣସି ପ୍ରକାର ପ୍ରଶ୍ନ ଅଥବା ତର୍କ ପ୍ରତିଷ୍ଠାନର ସମ୍ମୁଖୀନ ନ ହୋଇ ଧର୍ମ ଆପଣାକୁ ମନୁଷ୍ୟର ଭାବନା, ଅନୁଭୂତି ତଥା ଆଚରଣ ଉପରେ ଆଣି ଲଦିଦେବାକୁ ଇଚ୍ଛା କରିଛି । ଧର୍ମର ଏହି ଦାବିଟା ଏକ ଅତିରିକ୍ତ ଓ ଅପରିପକ୍ୱ ଦାବି; ଲୋକୋତ୍ତର ଭୂମିରୁ ଯେଉଁ ଦିବ୍ୟ ପ୍ରେରଣା ଓ ଦିବ୍ୟ ଆଲୋକ ଆସିଥାଏ, ଧର୍ମର ସମର୍ଥକ ପ୍ରମାଣ ହିସାବରେ ସେଥିରେ କୌଣସି ସଂଶୟ କଦାପି ରହିବା ଉଚିତ ନୁହେଁ ଓ ତାହାକୁ ସମ୍ପୂର୍ଣ୍ଣ ଦ୍ୱିଧାହୀନ ଭାବରେ ସ୍ୱୀକାର କରିନେବା ଉଚିତ ବୋଲି ଧର୍ମର ସାଧକମାନେ ବିଚାର କରିଥାନ୍ତି; ଏବଂ ମନୁଷ୍ୟମନର ଅଜ୍ଞାନ, ସଂଶୟ, ଦୁର୍ବଳତା ଏବଂ ଅନିଶ୍ଚିତତା ମଧ୍ୟରେ ଅନ୍ତରାତ୍ମାର ଗୋପନ ନିବାସଟିରୁ ଆଗତ ଯେଉଁ ଆଲୋକ ତଥା ଶକ୍ତି ଧର୍ମବିଶ୍ୱାସ ରୂପେ ଆବିର୍ଭୂତ ହୋଇଛି, ତାହାର ଯେ ଏକ ଅବିସମ୍ବାଦିତ ପ୍ରୟୋଜନ ଅବଶ୍ୟ ରହିଛି, ଧର୍ମ ଆପଣାର ବିଚରଣକ୍ଷେତ୍ରରେ ଏହିଗୁଡ଼ିକ ଉପରେ ନିର୍ଭର କରି ରହିବାକୁ ଇଚ୍ଛା କରୁଥିଲେ ମଧ୍ୟ ଆମେ ତଥାପି ତା'ର ଦାବିଗୁଡ଼ିକୁ ଅପରିପକ୍ୱ ବୋଲି କହିବା । ବିଶ୍ୱାସ ଯେ ମନୁଷ୍ୟଲାଗି ଅପରିହାର୍ଯ୍ୟ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; କାରଣ ବିଶ୍ୱାସ ବିନା ପରମ ଅଜ୍ଞାତ ମଧ୍ୟଦେଇ ଆପଣାର ଏହି ଯାତ୍ରାରେ ସେ ଆଦୌ ଅଗ୍ରସର ହୋଇ ପାରି ନ ଥା'ନ୍ତା । ମାତ୍ର ତଥାପି ସେହି ବିଶ୍ୱାସକୁ ଲଦିଦେବା ଉଚିତ ନୁହେଁ, ଅନ୍ତର୍ଗତ ଚିଦ୍‌ବସ୍ତୁ ମଧ୍ୟରୁହିଁ ଏକ ବିମୁକ୍ତ ବୋଧ ଏବଂ ଅଲଂଘ୍ୟ ନିର୍ଦ୍ଦେଶନରୂପେହିଁ ବିଶ୍ୱାସର ଉଦ୍ଭବ ହେବା ଉଚିତ । ଯେତେବେଳେ ଆପଣାର ଆଧ୍ୟାତ୍ମିକ ସାଧନାରେ ମନୁଷ୍ୟ ଅଜ୍ଞାନମୟ ଯାବତୀୟ ମନୋଗତ ଓ ପ୍ରାଣଗତ ବିମିଶ୍ରିତତା ମଧ୍ୟରୁ ମୁକ୍ତ ହୋଇ ସେହି ସମଗ୍ର ଓ ଅଖଣ୍ଡ ପରମ ଋତଚିତ୍‌ରେ ଯାଇ ଉପନୀତ ହୋଇ ସାରିଥାଏ, କେବଳ ସେତିକିବେଳେ ଯାଇ କୌଣସି ପ୍ରଶ୍ନ ନ କରି

'oaob.nitrkl.ac.in' images reprocessed

*ବିଶ୍ୱାସକୁ ଗ୍ରହଣ କରିନେବାର ଦାବିଟିକୁ ସ୍ୱୀକାର କରା ଯାଇପାରେ । ଏଇଟି ହେଲା ଆମ ଆଗରେ ରହିଥିବା ଚରମ ଲକ୍ଷ୍ୟ, ମାତ୍ର ଆମେ ଏପର୍ଯ୍ୟନ୍ତ ସେଇଟିକୁ ଆୟତ୍ତ କରିପାରି ନାହୁଁ, ଏବଂ ତାହା ପୂର୍ବରୁ ବିଶ୍ୱାସକୁ ବିନାପ୍ରଶ୍ନରେ ଗ୍ରହଣ କରିନେବାର ଦାବି କରିବା ଦ୍ୱାରା ମଣିଷ ଭିତରେ ରହିଥିବା ଧର୍ମଗତ ପ୍ରବୃତ୍ତିଟିର ପ୍ରକୃତ କ୍ରିୟାଟି ବଡ଼ ଛାୟାଚ୍ଛନ୍ନ ହୋଇପଡ଼ିଛି । ମଣିଷର ଧର୍ମପ୍ରବୃତ୍ତି ତାକୁ ଦିବ୍ୟ ପରମସତ୍ୟ ଆଡ଼କୁ ବାଟ କଢ଼ାଇ ନେଇଯିବା ଉଚିତ, ଏପର୍ଯ୍ୟନ୍ତ ଉପଲବ୍ଧ ହୋଇଥିବା ତା'ର ଯାବତୀୟ ସମ୍ପଦକୁ ସେହି ଦିଗରେହିଁ ମୁହାଁଇ ଦେଇପାରିବା ଉଚିତ; ଏବଂ ପ୍ରତ୍ୟେକ ମନୁଷ୍ୟକୁ ଆଧ୍ୟାତ୍ମିକ ଶୃଙ୍ଖଳାର ଏକ ବିଶିଷ୍ଟ ଧାରା ଆଣିଦେବା ଉଚିତ, ଦିବ୍ୟ ପରମସତ୍ୟର ଅନ୍ୱେଷଣ, ସଂସ୍ପର୍ଶଲାଭ ଓ ସାମୀପ୍ୟ ସାକାଶେ ତାହାରି ପ୍ରକୃତିର ବିଶିଷ୍ଟ ଶକ୍ତି ସମ୍ଭାବନାଟି ଅନୁସାରେ ତାକୁ ଏକ ଯଥୋଚିତ ମାର୍ଗ ବତାଇ ଦେଇପାରିବା ଉଚିତ ।"*

ଦିବ୍ୟ ଜୀବନ (ଙ୍), ପୃଷ୍ଠା. ୮୬୩-୬୪

*ମାଆ, ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା କ'ଣ ବିଶ୍ୱାସରେ ବୃଦ୍ଧି କରାଯାଇ ପାରିବ ?*

ବିଶ୍ୱାସ ଯେ ଭଗବଦ୍-ପରମକରୁଣାର ଆମଲାଗି ଏକ ଦାନ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ବିଶ୍ୱାସକୁ ଆମେ ଏକ ଦ୍ୱାର ବୋଲି ଜାଣିବା, ଯାହାକି ଏକ ଶାଶ୍ୱତ ସତ୍ୟ ଅଭିମୁଖରେ ହଠାତ୍ ଉନ୍ମୋଚିତ ହୋଇଯାଏ; ସେହି ଦ୍ୱାରଟି ମଧ୍ୟଦେଇ ଆମେ ସତ୍ୟଟିକୁ ଦେଖିବାକୁ ପାଉ, ପ୍ରାୟ ସ୍ପର୍ଶ ବି କରିବାକୁ ସମର୍ଥ ହୋଇଯାଉ ।

ମନୁଷ୍ୟଜାତିର ଆରୋହଣଯାତ୍ରାରେ ଅନ୍ୟ ସବୁଯାକ କ୍ଷେତ୍ରରେ ଯାହା ହୋଇଥାଏ,— ବିଶେଷତଃ ଆରମ୍ଭବେଳେ,— ବ୍ୟକ୍ତିଗତ ଉଦ୍ୟମର ଏକ ପ୍ରୟୋଜନ ଅବଶ୍ୟ ରହିଥାଏ । ହୁଏତ ଏକଥା ସମ୍ଭବ ହୋଇଥାଏ ଯେ, କେତେକ ବିଶେଷ ପରିସ୍ଥିତିରେ, ଆମ ବୁଦ୍ଧିକୁ ଆଦୌ ଧରା ପଡୁ ନ ଥିବା ନାନା କାରଣ ହେତୁ, ବିଶ୍ୱାସ ହୁଏତ ଅତି ଆକସ୍ମିକ ଭାବରେ, ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ, ଆମକୁ ତାହାର ଆଦୌ କୌଣସି ପୂର୍ବସୂଚନା ନ ଦେଇ ଆସି ପହଞ୍ଚି ଯାଇପାରେ । ମାତ୍ର, ସେତେବେଳେ ତାହା ଅଧିକାଂଶ ସମୟରେ ଏକ ଆକାଙ୍କ୍ଷା ଓ ଏକ ପ୍ରୟୋଜନ ବା ଏକ ଅଭୀପ୍ସାର ଉତ୍ତରସ୍ୱରୂପ ହୋଇହିଁ ଆସିଥାଏ, ଅନ୍ୱେଷଣ କରୁଥିବା ଏବଂ ଅପେକ୍ଷା କରି ବସିଥିବା ସତ୍ତାର କୌଣସି ଏକ ଉପାଦାନର ଡାକରେ ଅନୁସନ୍ଦନ ଜଣାଇ ଆସିଥାଏ । ଅବଶ୍ୟ ଏକଥା ସତ ଯେ

'oaob.nitrkl.ac.in' images reprocessed

ତାହା ସେତେବେଳେ ଆଦୌ ଖୁବ୍‌ବେଶୀ ସଚେତନ ଅଥବା ଖୁବ୍‌ବେଶୀ ବିଧିବଦ୍ଧ ଭାବରେ ଆମପାଖକୁ ଆସି ନ ଥାଏ । ମାତ୍ର, ସେ କଥା ଯାହା ହୋଇଥାଉ ପଛକେ, ଯେତେବେଳେ ଏହି ବିଶ୍ୱାସର ଅନୁଗ୍ରହଟି ପ୍ରାପ୍ତ ହୋଇଯାଏ, ଯେତେବେଳେ ଆମଭିତରେ ହଠାତ୍ ଏହି ସନ୍ଦୀପନଟି ସମ୍ଭବ ହୁଏ, ସେତେବେଳେ ଆମର ସକ୍ରିୟ ଚେତନା ମଧ୍ୟରେ ତାହାକୁ ସ୍ଥାୟୀରୂପେ ସଞ୍ଚିତ କରି ରଖିବାଲାଗି ବ୍ୟକ୍ତିଗତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥାଏ । ଆମକୁ ଆମର ବିଶ୍ୱାସରେ ଦୃଢ଼ ରହିବାକୁ ହୁଏ, ଆପଣାର ବିଶ୍ୱାସଟି ଲାଗି ଇଚ୍ଛା କରିବାକୁ ହୁଏ; ତାହାର ଅନ୍ୱେଷଣ କରିବାକୁ ହୁଏ, ଅନୁଶୀଳନ କରିବାକୁ ହୁଏ, ସେଇଟିକୁ ନିଜ ଭିତରେ ସାଇତି ରଖିବାକୁ ହୁଏ ।

ମନୁଷ୍ୟର ମନ ଭିତରେ ସନ୍ଦେହ ପ୍ରକାଶ କରିବାର, ଯୁକ୍ତି କରିବାର ଓ ସଂଶୟବାଦୀ ହୋଇ ରହିବାର ଏକ ବ୍ୟାଧିଗ୍ରସ୍ତ ଏବଂ ଶୋଚନୀୟ ଅଭ୍ୟାସ ରହିଛି । ଠିକ୍ ସେହି କ୍ଷେତ୍ରଟିରେହିଁ ମନୁଷ୍ୟର ଚେଷ୍ଟାଟିକୁ ପ୍ରୟୋଗ କରିବାକୁ ହେବ । ସେଗୁଡ଼ାକୁ ସ୍ୱୀକାର କରିବାଲାଗି ମନା କରିଦେବାକୁ ପଡ଼ିବ, ସେଗୁଡ଼ାକର କଥା ଶୁଣିବାଲାଗି ମନା କରିଦେବାକୁ ପଡ଼ିବ ଏବଂ ସର୍ବୋପରି, ସେଗୁଡ଼ିକର ଅନୁସରଣ କରିବାଲାଗି ମଧ୍ୟ ମନା କରିଦେବାକୁ ପଡ଼ିବ । ମାନସିକ ଭୂମିରେ ନିଜର ସନ୍ଦେହ ଓ ସଂଶୟ ଗୁଡ଼ାକୁ ନେଇ ଖେଳିବା ଅପେକ୍ଷା ଅଧିକ ବିପଜ୍ଜନକ କୌଣସି ଖେଳ ସଂସାରରେ ନାହିଁ । ସେଗୁଡ଼ିକ କେବଳ ଯେ ଶତ୍ରୁ ହୋଇ ରହିଥାନ୍ତି ତା'ନୁହେଁ, ସେଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ଭୟଙ୍କର ଗର୍ତ୍ତ ପରି ହୋଇ ରହିଥା'ନ୍ତି, ଏବଂ ସେଗୁଡ଼ିକ ଭିତରେ ଥରେ ଯାଇ ପଡ଼ିଗଲେ ଆଉ ନିଜକୁ ସେଥିମଧ୍ୟରୁ ବାହାର କରି ଆଣିବା ଅତ୍ୟନ୍ତ କଠିନ ହୋଇପଡ଼େ ।

ଅନେକ ଲୋକ ବିଭିନ୍ନ ବିଚାରକୁ ନେଇ ଖେଳିବା, ସେଗୁଡ଼ାକର ଆଲୋଚନା କରିବା ଏବଂ ନିଜର ବିଶ୍ୱାସ ବିରୋଧରେ କେତେକେତେ ଯୁକ୍ତି ଆଣି ବାଢ଼ିଦେବାକୁ ଏକ ଭାରି ବଡ଼ ମାନସିକ ଗୌରବ ବୋଲି ଭାବିଥା'ନ୍ତି । ସେମାନେ ଭାବନ୍ତି ଯେ ଏହାଦ୍ୱାରା ସେମାନେ ଏକ ଭାରି ଉଚ୍ଚ ଦୃଷ୍ଟିକୋଣ ଲାଭ କରିଥା'ନ୍ତି, ଏହିପରି ଭାବରେ ସେମାନେ "ଅନ୍ଧବିଶ୍ୱାସ" ଏବଂ "ଅଜ୍ଞାନ"ର ଉପରକୁ ଉଠିଯାଇ ପାରନ୍ତି । ମାତ୍ର ଯଦି ତୁମେ ଏହିପରି ନାନା ସନ୍ଦେହ ଓ ସଂଶୟକୁ କାନ ଦେଇ ଶୁଣୁଥିବ, ତେବେ ତୁମେ ତାହାରି ଫଳରେହିଁ ଘନତମ ଅଜ୍ଞାନ ଭିତରେ ଆସି ପଡ଼ିଯିବ ଏବଂ ଯଥାର୍ଥ ପଥରୁ ବିଚ୍ୟୁତ ହୋଇଯିବ । ତୁମେ ତା'ପରେ କେତେ ଭ୍ରାନ୍ତି ଏବଂ ପ୍ରମାଦ ଭିତରେ ଆସି ପଶିଯିବ, କେତେକେତେ ବିରୋଧର ଜାଲ ଭିତରେ ଆସି ଛନ୍ଦି ହୋଇଯିବ । ସେହି ଜାଲରୁ ଯେ ତୁମେ ବାହାରି ବି ଆସିପାରିବ, ସେ ବିଷୟରେ କଦାପି ନିଶ୍ଚିତ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ଅନ୍ତର୍ଗତ ସତ୍ୟଟିରୁ ତୁମେ ଏତେ ଦୂରବର୍ତ୍ତୀ ହୋଇ ଅନ୍ୟଆଡ଼େ ଚାଲିଯିବ ଯେ, ତୁମେ ତା'ପରେ ସେଇଟିକୁ ଆଉ ଆଦୌ ଦେଖି ପାରିବ ନାହିଁ ଏବଂ ବେଳେବେଳେ ଆପଣାର ଆତ୍ମାଟି ସହିତ ମଧ୍ୟ ସମସ୍ତ ସମ୍ପର୍କ ହରାଇ ବସିବ ।

ଆପଣାର ବିଶ୍ୱାସକୁ ସୁରକ୍ଷିତ ରଖିବା ପାଇଁ, ନିଜ ଭିତରେ ତାହାର ଅଭିବୃଦ୍ଧି ସାଧନ ପାଇଁ ସୁନିଶ୍ଚିତ ଭାବରେ ଏକ ବ୍ୟକ୍ତିଗତ ପ୍ରୟାସର ଆବଶ୍ୟକତା ରହିଛି । ତା'ପରେ— ଅନେକ ପରେ— ଏପରି ଗୋଟିଏ ଦିନ ଆସି ପହଞ୍ଚିବ, ଯେତେବେଳେ କି ଆମେ ପଛକୁ ଅନାଇ ନିଶ୍ଚୟ ଦେଖିପାରିବା ଯେ, ଆମ ଜୀବନରେ ଯାହାକିଛି ଘଟିଗଲା, ଏପରିକି ଆମକୁ ସବୁଠାରୁ ଅଧିକ ଦୁର୍ଭାଗ୍ୟଜନକ ବୋଲି ମନେ ହେଉଥିବା ଯାହାକିଛି ଘଟିଗଲା, ତାହା ପ୍ରକୃତରେ ଆମକୁ ଆମ ବାଟରେ ଆହୁରି ଅଗ୍ରସର କରାଇ ଦେବାଲାଗି ଦିବ୍ୟ ପରମସତ୍ତାଙ୍କର କରୁଣା ରୂପେହିଁ ତାହା ଘଟିଲା । ଏବଂ, ସେତେବେଳେ ଆମେ ଅତ୍ୟନ୍ତ ସ୍ପଷ୍ଟଭାବରେ ଏକଥା ମଧ୍ୟ ଜାଣିବା ଯେ, ଆମେ ବ୍ୟକ୍ତିଗତ ଭାବରେ ଯେଉଁ ଚେଷ୍ଟାଟି କରିଥିଲୁ, ସେଇଟି ମଧ୍ୟ ସେଇ କରୁଣା ବ୍ୟତୀତ ପ୍ରକୃତରେ ଆଉକିଛି ନ ଥିଲା । ମାତ୍ର ଯଥେଷ୍ଟ ଅଗ୍ରସର ହୋଇ ସେହି ବିନ୍ଦୁରେ ଯାଇ ପହଞ୍ଚିଲା ପର୍ଯ୍ୟନ୍ତ ଆମକୁ ପ୍ରକୃତରେ ଅନେକ ବାଟ ଯିବାକୁ ପଡ଼ିବ, ଅନେକ ସଂଘର୍ଷ ଓ ସଂଗ୍ରାମ କରିବାକୁ ପଡ଼ିବ, ଏପରିକି ଅନେକ ସମୟରେ ଅନେକ ଦୁଃଖଭୋଗ ବି କରିବାକୁ ପଡ଼ିବ ।

ତୁଚ୍ଛା ନିଷ୍କ୍ରିୟ ହୋଇ ବସି, ''ଯଦି ମୋ'ର ବିଶ୍ୱାସ ଲାଭ କରିବା କଥା, ତେବେ ମୁଁ ତାହା ଅବଶ୍ୟ ଲାଭ କରିବି, ଭଗବଦ୍-ପରମ-କରୁଣା ମୋତେ ସେହି ବିଶ୍ୱାସକୁ ନିଶ୍ଚୟ ଆଣି ଦେଇଯିବ'' ବୋଲି ଯଦି ଆମେ କହିବାରେ ଲାଗିଥିବା, ତେବେ ତାହା ଆମର ଏକ ଆଳସ୍ୟବାଦୀ ଦୃଷ୍ଟିକୋଣରହିଁ ପରିଚୟ ଦେବ, ଏକ ଅଚେତନାର ପରିଚୟ ଦେବ, ଏବଂ ପ୍ରାୟ ଏକ ଅସଦିଚ୍ଛାରହିଁ ପରିଚୟ ଦେଇ ଯାଉଥିବ ।

ଅନ୍ତର୍ଗତ ଶିଖାଟି ଯେପରି ପ୍ରଜ୍ୱଳିତ ହୋଇ ରହିଥିବ, ସେଥିଲାଗି ଆମକୁ ଇନ୍ଧନ ଯୋଗାଇ ଦେବାକୁ ପଡ଼ିବ । ଆମକୁ ସେହି ଅଗ୍ନିଟିକୁ ଜଗି ରହିବାକୁ ପଡ଼ିବ; ଆମେ ଆମର ଯେତେ ଯାହା ଦୋଷ ଏବଂ ଭୁଲକୁ ପରିତ୍ୟାଗ କରିବାକୁ ଇଚ୍ଛା କରୁଛୁ, ସେଗୁଡ଼ିକୁ ଇନ୍ଧନ କରି ସେହି ଅଗ୍ନିଟି ମଧ୍ୟରେ ନିକ୍ଷେପ କରିଦେବାକୁ ପଡ଼ିବ । ଯାହାକିଛି ଆମର ଅଗ୍ରଗତିକୁ ବିଳମ୍ବିତ କରି ପକାଉଛି, ଯାହାକିଛି ଆମର ପଥକୁ ଅନ୍ଧାର କରି ରଖିଛି, ସେଗୁଡ଼ିକୁ ଇନ୍ଧନ କରି ସେଥିରେ ନିକ୍ଷେପ କରିଦେବାକୁ ହେବ । ଯଦି ଇନ୍ଧନ ଯୋଗାଇ ଆମେ ଅଗ୍ନିଟିକୁ ପ୍ରଜ୍ୱଳିତ କରି ରଖି ନ ପାରିବା, ତେବେ ତାହା ଆମର ଅଚେତନା ଏବଂ ଜଡ଼ତାର ପାଉଁଶ ଗୁଡ଼ାକ ତଳେ ଜୁହୁଳିବାରେ ଲାଗିଥିବ, ଏବଂ ତେଣୁ, ଖାଲି ବର୍ଷେ ବର୍ଷେ ନୁହେଁ, ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବା ପାଇଁ ଜନ୍ମ ଜନ୍ମ ବି ବିତିଯିବ ।

'oaob.nitrkl.ac.in' images reprocessed

ଅତ୍ୟନ୍ତ ଓ ଅଶେଷ ଗୁଣରେ ମୂଲ୍ୟବାନ କୌଣସି ଗୋଟିଏ ବସ୍ତୁର ଜନ୍ମଗ୍ରହଣକୁ ଲକ୍ଷ୍ୟ କରୁଥିବା ପରି ଆମକୁ ଆମର ବିଶ୍ୱାସକୁ ଜଗି ରହିବାକୁ ପଡ଼ିବ । ତାହାପ୍ରତି କୌଣସି ବିପଦର କାରଣ ହେଉଥିବା ଯାବତୀୟ ବିଷୟରୁ ତାହାକୁ ଅତ୍ୟନ୍ତ ଯତ୍ନ ସହକାରେ ରକ୍ଷା କରିବାକୁ ପଡ଼ିବ ।

ଆରମ୍ଭ ସମୟର ସେହି ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ ବିଶ୍ୱାସକୁହିଁ ଯୁଦ୍ଧ ଯୁଝି ବିଜୟ ହାସଲ କରିବାକୁ ଆସୁଥିବା ସେହି ଦିବ୍ୟ ପରମ ଶକ୍ତିମାତାର ସର୍ବୁଠାରୁ ଅଧିକ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

## ୧୬ ଜୁଲାଇ ୧୯୫୮

''କାରଣ, ଆଧ୍ୟାତ୍ମିକ ଚେତନା ଯେପରି ମନୁଷ୍ୟର ମନୋଗତ, ପ୍ରାଣଗତ ଓ ଦେହଗତ ଜୀବନକୁ ଗ୍ରହଣ କରିନେଇ ପାରିବ, ସେଥିଲାଗି ସେଗୁଡ଼ିକୁ ଯଥୋପଯୁକ୍ତ କରି ତିଆରି କରିବା ହେଉଛି ଧର୍ମର ପ୍ରକୃତ କାର୍ଯ୍ୟ; ଧର୍ମ ମନୁଷ୍ୟକୁ ତା' ଜୀବନର ସେହି ସ୍ଥଳଟି ପର୍ଯ୍ୟନ୍ତ ବାଟ ଦେଖାଇ ନେଇଯିବ, ଯେଉଁଠାରେ କି ଅନ୍ତର୍ଗତ ଆଧ୍ୟାତ୍ମିକ ଆଲୋକଟିର ପୂର୍ଣ୍ଣ ଆବିର୍ଭାବ ଆରମ୍ଭ ହୋଇ ପାରିବ । ଏବଂ ମନୁଷ୍ୟ ଏହି ସ୍ଥଳଟିରେ ଆସି ପହଞ୍ଚିଗଲେହିଁ ଧର୍ମ ଆପଣାକୁ ଅଧୀନ କରି ରଖି ଶିଖିବ, ଆପଣାର ବାହ୍ୟ ପ୍ରକୃତି ଓ ବାହ୍ୟାଚାର ଗୁଡ଼ାକ ଉପରେ ଆଉ ଜୋର୍ ଦେବ ନାହିଁ, ମାତ୍ର ଆପଣାର ସ୍ୱକୀୟ ସତ୍ୟ ଓ ସ୍ୱରୂପଟିର ବିକାଶ କରିବା ସକାଶେ ତାହା ସ୍ୱୟଂ ସେହି ଅନ୍ତର୍ଗତ ଚିତ୍‌ସତ୍ତାଟିକୁ ପରିପୂର୍ଣ୍ଣ କ୍ଷେତ୍ର ଓ ଅବସର ଦେଇ ଶିଖିବ । ସେହି ମୁହୂର୍ତ୍ତଟି ଆସିବା ପୂର୍ବରୁ ଧର୍ମ ମନୁଷ୍ୟର ମନୋଭୂମି, ପ୍ରାଣଭୂମି ତଥା ଦେହଭୂମିକୁ ଯେତେଦୂର ପାରିବ ଗ୍ରହଣ କରିନେବ ଏବଂ ତା'ର ଯାବତୀୟ କ୍ରିୟାକୁ ସେହି ଆଧ୍ୟାତ୍ମିକ ଦିଗଟି ଆଡ଼କୁ ମୁହାଁଇ ରଖିବ, ତାହାରି ମଧ୍ୟରେ ଏକ ଆଧ୍ୟାତ୍ମିକ ଅର୍ଥମୟତାକୁ ଅନାବୃତ କରିଦେବ, ସେଗୁଡ଼ିକୁ ଏକ ଆଧ୍ୟାତ୍ମିକ ବିଶୋଧନ ଆଣିଦେବ ଏବଂ ସେଥିରେ ଏକ ଆଧ୍ୟାତ୍ମିକ ପ୍ରକୃତିର ଉନ୍ମେଷ ଘଟାଇବ । ଏବଂ ଏହିସବୁ ସାଧନାଚେଷ୍ଟାର ପର୍ଯ୍ୟାୟରେହିଁ ଧର୍ମଗତ ପ୍ରମାଦଗୁଡ଼ିକ ସମୁପସ୍ଥିତ ହୋଇଥାଏ; କାରଣ ଏହି କ୍ଷେତ୍ରରେ ଧର୍ମ ଯେଉଁ ସାମିଗ୍ରୀଟିକୁ ନେଇ କାର୍ଯ୍ୟ କରୁଥାଏ, ତାହାର ପ୍ରକୃତିରୁହିଁ ପ୍ରମାଦଗୁଡ଼ିକ ଜନ୍ମଲାଭ କରେ । ଏକ ଦିଗରେ ଅଧ୍ୟାତ୍ମଚେତନା ଓ ଅନ୍ୟ ଦିଗରେ ମନୋମୟ, ପ୍ରାଣମୟ ଓ ଦେହଗତ ଚେତନା, ଏହି ଉଭୟଙ୍କୁ ଏକାଠି ଆଣି ଯୁକ୍ତ କରିବାର ମଧ୍ୟବର୍ତ୍ତୀ ସେତୁରୂପେ ଯେଉଁସବୁ ସାଧନାଗତ ଆଚାର ଗ୍ରହଣ କରାଯାଏ, ସେହିସବୁ ନିମ୍ନସ୍ତରୀୟ ଉପାଦାନ ଦ୍ୱାରାହିଁ ସେଗୁଡ଼ିକ ସଂକ୍ରାମିତ ହୋଇପଡ଼େ; ଏବଂ ଫଳତଃ ଅନେକ ସମୟରେ ସେଗୁଡ଼ିକ କ୍ଷୀଣ ହୋଇଯିବାକୁ ଲାଗେ, ସେଗୁଡ଼ିକରେ ସ୍ଖଳନ ଓ ବିକାରଗ୍ରସ୍ତତା ଆସି ପହଞ୍ଚେ । ମାତ୍ର ଠିକ୍ ଏହି ପ୍ରଚେଷ୍ଟାଟିର କ୍ଷେତ୍ରରେହିଁ ଚିତ୍‌ସତ୍ତା ତଥା ପ୍ରାକୃତ ସତ୍ତା ମଧ୍ୟରେହିଁ ଏକ ସଂଯୋଗକାରୀ ମଧ୍ୟସୂତ୍ର ହିସାବରେ ଧର୍ମର ସର୍ବୋତ୍ତମ

'oaob.nitrkl.ac.in' images reprocessed

*ପ୍ରୟୋଜନ ରହିଛି । ମନୁଷ୍ୟର ବିବର୍ତ୍ତନ-କ୍ଷେତ୍ରରେ ସତ୍ୟ ଓ ଅସତ୍ୟ ସର୍ବଦା ଏକତ୍ର ହୋଇ ବାସ କରୁଥା'ନ୍ତି; ଏବଂ ସତ୍ୟ ଆପଣା ସହିତ କେତେକ ଅସତ୍ୟ ଓ ପ୍ରମାଦକୁ ବାନ୍ଧିକରି ରଖିଛି ବୋଲି ଯେ ଆମେ ସେଇଟିକୁ ବର୍ଜନ କରି ରଖିବା, ସେକଥା ଆଦୌ ଉଚିତ ହେବ ନାହିଁ । ଅବଶ୍ୟ ଏକଥା ମଧ୍ୟ ସର୍ବଦା ସତ୍ୟ ଯେ ସେହି ପ୍ରମାଦଗୁଡ଼ିକୁ ସତ୍ୟର କ୍ଷେତ୍ରରୁ ନିରାକୃତ କରିଦେବାକୁ ପଡ଼ିବ । ଏଇଟି କରିପାରିବା ଲାଗି ଅନେକ ଆୟାସ ଲୋଡ଼ା, ଏବଂ ଅନିପୁଣ ଓ ଅଶୋଧିତ ଭାବରେ ଏହା କରି ବସିଲେ ଅସତ୍ୟ ଉପରେ ଅସ୍ତ୍ରୋପଚାର କରୁକରୁ ଅନେକ ସମୟରେ ଧର୍ମର ମଧ୍ୟ ଅଙ୍ଗହାନି ଘଟିବାର ଆଶଙ୍କା ରହିଥିବ । କାରଣ, ଆମକୁ ଯାହା ଅସତ୍ୟ ବା ପ୍ରମାଦ୍ ବୋଲି ଦେଖାଦିଏ, ତାହା ଅଧିକାଂଶ ସମୟରେ କୌଣସି ଏକ ସତ୍ୟର ପ୍ରତୀକ, ଛଦ୍ମରୂପ ଅଥବା ବିକୃତ କିଂବା ବିକଳାଙ୍ଗ ରୂପକୁହିଁ ପ୍ରକାଶ କରୁଥାଏ, ଏବଂ ଏକ ନିର୍ମମ ଅଧୀରତା ସହିତ ଅସ୍ତ୍ରୋପଚାର କରିବାକୁ ଯାଇ ଆମେ ଆଉ ସେହି ସତ୍ୟଟିକୁ ଦେଖି ପାରୁ ନାହିଁ ଏବଂ ମିଥ୍ୟାଟି ସହିତ ସେଇଟିକୁ ମଧ୍ୟ କାଟି ପୋପାଡ଼ି ଦେଇଥାଉ । ସ୍ୱୟଂ ପ୍ରକୃତି ମଧ୍ୟ ସୁଶସ୍ୟ ଏବଂ ଅନାବନାକୁ ଏକତ୍ର ଅନେକ କାଳ ଯାଏ ବଢ଼ିବାଲାଗି ସମ୍ମତି ଦେଇଥାଏ, କାରଣ କେବଳ ଏହିପରି ଭାବରେହିଁ ତା'ର ଆପଣା ଅଭିବୃଦ୍ଧି ଓ ମୁକ୍ତ ବିବର୍ତ୍ତନଟି ସମ୍ଭବ ହୁଏ ।''*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୮୬୪-୬୫

*ମାଆ, ସାଧାରଣ ମନୁଷ୍ୟର ଜୀବନରେ ଧର୍ମର ଏକ ପ୍ରୟୋଜନ ରହିଛି କି ?*

ବିଭିନ୍ନ ସମାଜର ଜୀବନରେ ଧର୍ମର ପ୍ରକୃତରେ ଏକ ପ୍ରୟୋଜନ ରହିଛି, କାରଣ ସମୂହଗତ ଅହଂବାଦୀତାର କ୍ଷେତ୍ରରେ ଧର୍ମ ଏକ ପ୍ରତିବିଧାୟକ ଭାବରେ କାମ କରିଥାଏ । ଏହିପରି ଏକ ନିୟନ୍ତ୍ରଣ ରହୁ ନ ଥିଲେ ତାହା ହୁଏତ ଅତିରିକ୍ତ ଭାବରେ ଅନୁପାତର ବାହାରକୁ ଚାଲି ଯାଉଥା'ନ୍ତା ।

ସମୂହଗତ ଚେତନାର ସ୍ତରଟି ସର୍ବଦା ବ୍ୟକ୍ତିଗତ ଚେତନାର ସ୍ତରଟିଠାରୁ ନିମ୍ନରେ ରହିଥାଏ । ଉଦାହରଣ ସ୍ୱରୂପ, ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥାଏ ଯେ, ଯେତେବେଳେ ଅନେକ ଲୋକ ଗୋଟିଏ ଗୋଷ୍ଠୀରେ ଏକତ୍ରିତ ହୁଅନ୍ତି

'oaob.nitrkl.ac.in' images reprocessed

ବା ଅତ୍ୟଧିକ ସଂଖ୍ୟାରେ କୌଣସି ସ୍ଥାନରେ ଆସି ରୁଣ୍ଡ ହୁଅନ୍ତି, ସେତେବେଳେ ଚେତନାର ସ୍ତରଟି ଅନେକ ପରିମାଣରେ ତଳକୁ ଖସି ଯାଇଥାଏ । କୌଣସି ମନୁଷ୍ୟ ସମଷ୍ଟିର ଚେତନା ବ୍ୟକ୍ତିଗତ ଚେତନାଠାରୁ ଅନେକ ନିମ୍ନରେ ରହିଥାଏ; ଏବଂ ଯେକୌଣସି ସମାଜର ସମୂହଗତ ଚେତନା ସେହି ସମାଜରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଚେତନା ତୁଳନାରେ ନିଶ୍ଚିତ ଭାବରେ ଅନେକ ନିମ୍ନରେ ଅବସ୍ଥିତ ଥାଏ ।

ସେଠାରେ ଏହାର ଏକ ପ୍ରୟୋଜନ ରହିଥାଏ । ସାଧାରଣ ଜୀବନରେ ପ୍ରତ୍ୟେକ ବ୍ୟକ୍ତିର, ତା'ର ଜାଣତରେ ହେଉ ଅଥବା ଅଜାଣତରେ ହେଉ, ସର୍ବଦା ଏକ ଧର୍ମ ରହିଥାଏ; ମାତ୍ର ସେହି ଧର୍ମର ଲକ୍ଷ୍ୟଟି ଅନେକ ସମୟରେ ବଡ଼ ନିମ୍ନତର ପ୍ରକାରର ହୋଇ ରହିଥାଏ ।... ସିଏ ଯେଉଁ ଭଗବାନଟିର ଉପାସନା କରୁଥାଏ, ସିଏ ହୁଏତ ସଫଳତାର ଭଗବାନ୍ ହୋଇପାରନ୍ତି, ଧନ ଏବଂ ଅର୍ଥର ଭଗବାନ ହୋଇପାରନ୍ତି ବା କ୍ଷମତାର ଭଗବାନ ବି ହୋଇ ପାରନ୍ତି । ଅଥବା, ତାଙ୍କୁ ସେ କେବଳ ତା' ପରିବାରରହିଁ ଏକ ଭଗବାନ ବୋଲି ପୂଜା କରୁ ଥାଇପାରେ । ସେହି ଭଗବାନ ତା' ପିଲାଙ୍କ ଭଗବାନ ହୋଇ ପାରନ୍ତି, ତା' କୁଟୁମ୍ବର ଭଗବାନ ହୋଇ ପାରନ୍ତି, ତା' ପୂର୍ବପୁରୁଷମାନଙ୍କର ଭଗବାନ ବି ହୋଇପାରନ୍ତି । କିନ୍ତୁ ସର୍ବଦା କୌଣସି ନା କୌଣସି ଧର୍ମ ଅବଶ୍ୟ ଥାଏ । ବ୍ୟକ୍ତି ଅନୁସାରେ ସେହି ଧର୍ମର ଗୁଣାତ୍ମକ ସ୍ତରଟି ଭାରି ଭିନ୍ନଭିନ୍ନ ହୋଇ ରହିଥାଏ । ମାତ୍ର, ଯଦି ଜୀବନରେ ଆଦର୍ଶ ବୋଲି ଏତେଟିକିଏ ହୋଇ କିଛି ନ ଥାଏ, ଯାହାକି ତା' ଅସ୍ତିତ୍ୱର କେନ୍ଦ୍ର ରୂପେ କାର୍ଯ୍ୟ କରୁଥିବ, ତେବେ ନିଜର ଜୀବନଟିକୁ ବଞ୍ଚିବା, ଅବ୍ୟାହତ ହୋଇ ବଞ୍ଚିବା ଏବଂ ଜୀବନରେ ତିଷ୍ଠି ରହିବା ମଧ୍ୟ ମଣିଷ ଲାଗି ପ୍ରକୃତରେ ଭାରି କଷ୍ଟକର ହୋଇପଡ଼େ । ଅଧିକାଂଶ ସମୟରେ ସିଏ ଏଇଟି ବିଷୟରେ ମଧ୍ୟ ଆଦୌ ସଜ୍ଞାନ ନ ଥାଏ, ଏବଂ ତା' ଜୀବନରେ ସେ କେଉଁ ଆଦର୍ଶଟିକୁ ଗ୍ରହଣ କରିଛି ବୋଲି ଯଦି ତାକୁ କେହି ପଚାରି ବସନ୍ତା, ତେବେ ସିଏ ବିଧିବଦ୍ଧ ଭାବରେ ତାହାର କୌଣସି ଉତ୍ତର ବି ହୁଏତ ଦେଇ ପାରନ୍ତା ନାହିଁ । ମାତ୍ର, ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ, ଏକ ଆଦର୍ଶ ଅବଶ୍ୟ ରହିଥାଏ, ଯାହାକି ତାକୁ ତା' ଜୀବନରେ ସବୁଠାରୁ ଅଧିକ ମୂଲ୍ୟବାନ୍ ବସ୍ତୁ ବୋଲି ମନେ ହେଉଥାଏ ।

ଉଦାହରଣ ସ୍ୱରୂପ, ଅଧିକାଂଶ ଲୋକଙ୍କ ପାଇଁ ନିରାପତ୍ତାହିଁ ଆଦର୍ଶ ହୋଇ ରହିଥାଏ । ସମ୍ପୂର୍ଣ୍ଣ ନିରାପତ୍ତା ମଧ୍ୟରେ ବାସ କରିବା, ଏପରି ଏକ ସ୍ଥିତିରେ ବାସ କରୁଥିବା, ଯେଉଁଠାରେ କି ଜୀବନ ଏମିତି ସୁରୁଖୁରୁରେ ଚାଲି ଯାଉଥିବ ବୋଲି ଜଣେ ନିଶ୍ଚିତ ହୋଇ ରହିପାରିବ । ଏପରି ହୁଏତ କୁହାଯାଇ ପାରିବ ଯେ, ସେଇଟି ଗୋଟିଏ ବୃହତ୍ "ଲକ୍ଷ୍ୟ" ହୋଇ ରହିଥାଏ, ଯାବତୀୟ ମନୁଷ୍ୟ-ପ୍ରୟାସର ଏକ ଅତିବଡ଼ ଲକ୍ଷ୍ୟ ଓ

'oaob.nitrkl.ac.in' images reprocessed

ଅଭୀଷ୍ଟ ହୋଇ ରହିଥାଏ । ଆହୁରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଆରାମକୁହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ବୋଲି ଭାବୁଥା'ନ୍ତି । ଆଉ କିଏ ସୁଖକୁ ସର୍ବାଗ୍ର ସ୍ଥାନରେ ରଖିଥାଏ, କିଏ ମନୋରଞ୍ଜନକୁ ସର୍ବୋଚ୍ଚ ଆସନ ଦେଇଥାଏ ।

ଏଗୁଡ଼ାକ ସବୁକିଛି ଭାରି ନିମ୍ନ ସ୍ତରରେ ଯାଇ ରହିଥା'ନ୍ତି ଏବଂ ଏଗୁଡ଼ିକୁ ଗୋଟିଏ ଗୋଟିଏ ଆଦର୍ଶ ବୋଲି କହିବାକୁ କଦାପି କାହାରି ମନ ହେବ ନାହିଁ । ମାତ୍ର ତାହାକୁ ଯଥାର୍ଥରେ ଏକ ଧର୍ମ ବୋଲି କୁହାଯାଇ ପାରିବ, ଏପରି ଗୋଟିଏ ବସ୍ତୁ ବୋଲି କୁହାଯାଇ ପାରିବ, ଯାହାଲାଗି କି ମଣିଷ ଆପଣାର ଜୀବନକୁ ଉତ୍ସର୍ଗ କରି ଦେଇଥାଏ ।... ତାହାକୁହିଁ ଏକ ଭିତ୍ତିରୂପେ ବ୍ୟବହାର କରି ଆହୁରି ଏକାଧିକ ପ୍ରଭାବ ମଣିଷମାନଙ୍କ ଉପରେ ଆପଣାକୁ ଆଣି ଲଦି ଦେଇଥା'ନ୍ତି । ନିରାପତ୍ତାର ଅଭାବ, ଅନିଶ୍ଚିତତା ପ୍ରଭୃତିକୁ ସତେଅବା ଗୋଟାଏ ଅସ୍ତ୍ର ପରି ବ୍ୟବହାର କରି ରାଜନୀତିକ ଏବଂ ଧାର୍ମିକ ଗୋଷ୍ଠୀମାନେ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିଥା'ନ୍ତି । ସେମାନେ ଏହିସବୁ ଧାରଣାକୁ ନେଇ ଖେଳ ଖେଳିବାରେ ଲାଗିଥା'ନ୍ତି ।

ଆଦର୍ଶକୁ ଯଦି ପ୍ରାରମ୍ଭିକ ସ୍ତରର ଏକ ଧର୍ମ ବୋଲି କୁହାଯିବ, ତେବେ ରାଜନୀତିକ ଅଥବା ସାମାଜିକ ପ୍ରତ୍ୟେକ ବିଚାରକୁ ସେହି ଆଦର୍ଶର ଗୋଟିଏ ପ୍ରକାରର ନିମ୍ନତର ଅଭିବ୍ୟକ୍ତି ବୋଲି ବି କୁହାଯିବ । ଭାବନାର ସାମର୍ଥ୍ୟଟି ଉପଲବ୍ଧ ହେବା ସଙ୍ଗେସଙ୍ଗେ ସତେଅବା ଅନିବାର୍ଯ୍ୟ ଭାବରେ ଏହି ନିର୍ମମତମ ଦୈନନ୍ଦିନ ମୁହୂର୍ତ୍ତ ମୁହୂର୍ତ୍ତର ଜୀବନଠାରୁ ଅଧିକ ଉଚ୍ଚ କୌଣସି ଏକ ବସ୍ତୁ ଲାଗି ଏକ ଆକାଙ୍‌କ୍ଷାର ମଧ୍ୟ ଆବିର୍ଭାବ ହୋଇଥାଏ ଏବଂ ତାହାହିଁ ଜୀବନଲାଗି ଶକ୍ତି ଆଣିଦିଏ, ଜୀବନ ବଞ୍ଚିବାଲାଗି ସମ୍ଭାବନା ଆଣିଦିଏ ।

ଅବଶ୍ୟ ହୁଏତ ଏପରି ବି କୁହାଯାଇ ପାରିବ ଯେ ସମୂହର କ୍ଷେତ୍ରରେ ଯାହା ହୋଇଥାଏ, ବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଅର୍ଥାତ୍, ସେମାନଙ୍କର ଆଦର୍ଶର ଓ ଧର୍ମର ମୂଲ୍ୟଟି ଅନୁସାରେ ସେମାନଙ୍କର ନିଜର ମୂଲ୍ୟ ମଧ୍ୟ ସର୍ବଦା ସମାନୁପାତିକ ହୋଇ ରହିଥାଏ; ଅର୍ଥାତ୍, ସେମାନେ ଯେଉଁ ବସ୍ତୁଟିକୁ ଜୀବନର ଶୀର୍ଷ ସ୍ଥାନରେ ନେଇ ରଖିଥା'ନ୍ତି, ତାହାରି ମୂଲ୍ୟଟି ଅନୁସାରେ ସର୍ବଦା ସମାନୁପାତିକ ହୋଇ ରହିଥାଏ ।

ଅବଶ୍ୟ ଆମେ ଯେତେବେଳେ ଧର୍ମ ବିଷୟରେ କିଛି କହିଥାଉ,— ଯଦି ଏଠାରେ ସ୍ୱୀକୃତ ଧର୍ମଗୁଡ଼ିକୁ ବିଚାରକୁ ନିଆଯାଏ,— ତେବେ କୁହାଯାଇ ପାରିବ ଯେ ପ୍ରତ୍ୟେକ ବ୍ୟକ୍ତିର ଆପଣାର ନିଜର ଏକ ଧର୍ମ ରହିଛି; ସେ ନିଜେ ସେକଥା ଜାଣିଥାଉ ବା ନ ଜାଣିଥାଉ, ଏକ ପ୍ରସିଦ୍ଧି ଏବଂ ଇତିହାସ ରହିଥିବା କୌଣସି ବୃହତ୍ ଧର୍ମର ସେ

'oaob.nitrkl.ac.in' images reprocessed

ଅନ୍ତର୍ଭୁକ୍ତ ହୋଇ ରହିଥିଲେ ମଧ୍ୟ, ତା'ର ତଥାପି ଏକ ନିଜର ଧର୍ମ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଜଣେ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ଧର୍ମର ବିଶ୍ୱାସସୂତ୍ରଗୁଡ଼ିକୁ କଣ୍ଠସ୍ଥ କରି ରଖିବ ଏବଂ ଅନୁମୋଦିତ କୋଡ଼ୋଟି ବିଧିକୁ ପାଳନ କରୁଥିବ, ତଥାପି ପ୍ରତ୍ୟେକ ବ୍ୟକ୍ତି କେବଳ ତା' ନିଜର ରୀତିରେହିଁ ସେଗୁଡ଼ିକୁ ବୁଝୁଥିବ ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରୁଥିବ । କେବଳ ଧର୍ମର ନାମଟାହିଁ ଗୋଟିଏ ହୋଇ ରହିଥିବ, ମାତ୍ର, ସେଇଟିର ଯଥାର୍ଥ ପାଳନ କରୁଛନ୍ତି ବୋଲି ବିଚାରୁଥିବା ବ୍ୟକ୍ତିମାନଙ୍କ ଲାଗି ସେହି ଧର୍ମଟି କଦାପି ସେହି ଗୋଟିଏ ହୋଇ ରହି ନ ଥିବ ।

ଆମେ ଏକଥା ଅବଶ୍ୟ କହିପାରିବା ଯେ, ପରମ ଅଜ୍ଞାତ ଏବଂ ସର୍ବୋଚ୍ଚ ସତ୍ୟଲାଗି ରହିଥିବା ଏହି ଆକାଙ୍‌କ୍ଷାର ଆଦୌ କୌଣସି ଅଭିବ୍ୟକ୍ତି ବ୍ୟତୀତ ମନୁଷ୍ୟର ଜୀବନ ବଞ୍ଚିବା ପ୍ରକୃତରେ ବଡ଼ କଷ୍ଟକର ହୋଇ ପଡ଼ିବ । ଯଦି ପ୍ରତ୍ୟେକ ସତ୍ତାର ହୃଦୟରେ ଆଉକିଛି ଅଧିକ ଭଲ ଓ ଅଧିକ ମହତ୍ ଲାଗି ଏକ ଆକାଙ୍‌କ୍ଷା ନିହିତ ହୋଇ ରହି ନ ଥା'ନ୍ତା,— ତାହା ଯେ କୌଣସି ପ୍ରକାରର ହୋଇଥାଉ ପଛକେ,— ତେବେ, ଜୀବନଧାରଣ କରି ରହିବା ପାଇଁ ଯେଉଁ ଶକ୍ତିଟିର ପ୍ରୟୋଜନ ରହିଛି, ସେହି ଶକ୍ତିଟିକୁ ଖୋଜି ପାଇବା ତା'ପକ୍ଷରେ ପ୍ରକୃତରେ ଭାରି କଷ୍ଟକର ହୋଇ ପଡ଼ନ୍ତା ।

*(ମାଆ ନୀରବ ରହିଲେ)*

ମାତ୍ର, ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟକ୍ତିହିଁ ସ୍ୱାଧୀନ ଭାବରେ କିଛି ଭାବିବାଲାଗି ସମର୍ଥ ହେଉଥିବାରୁ, କୌଣସି ଏକ ଧର୍ମଭିତରେ ଯାଇ ସାମିଲ ହୋଇଯିବା ସର୍ବଦା ଅପେକ୍ଷାକୃତ ଅନେକ ଅଧିକ ସହଜ; ସେହି ଧର୍ମକୁ ଗ୍ରହଣ କରି, ନିଜର କରିନେଇ ସେହି ଧର୍ମଗତ ସାମୂହିକତାର ଗୋଟିଏ ଅଂଶ ହୋଇ ରହିବା ଅନେକ ଅଧିକ ସହଜ । ନିଜଲାଗି ନିଜର ଧର୍ମପଥଟିକୁ ତିଆରି କରିବା ଅପେକ୍ଷା ତାହା ପ୍ରକୃତରେ ଅନେକ ଅଧିକ ସହଜ । ତେଣୁ, ବାହାରକୁ ଦେଖିବାକୁ, ଆମେ ନିଜକୁ ଅମୁକ ବା ସମୁକ ବୋଲି କହୁଥାଉ ସିନା, ମାତ୍ର ବସ୍ତୁତଃ ତାହା କେବଳ ଏକ ପ୍ରତିଭାସହିଁ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

## ୨୩ ଜୁଲାଇ ୧୯୫୮

*ମାଆ, ଅନ୍ତଃବୋଧର ସାମର୍ଥ୍ୟଟିକୁ କିପରି ବିକଶିତ କରାଯାଇ ପାରିବ ?*

ଏହି ଅନ୍ତଃବୋଧ ବିଭିନ୍ନ ପ୍ରକାରର ରହିଛି ଏବଂ ଏହି ଯାବତୀୟଗୁଡ଼ିକୁ ଆମେ ସମସ୍ତେ ନିଜ ଭିତରେ ବହନ କରୁଛୁ । ସେଗୁଡ଼ିକ ସର୍ବଦା କିଛି ନା କିଛି ପରିମାଣରେ ସକ୍ରିୟ ବି ହୋଇ ରହିଛନ୍ତି; ମାତ୍ର ସେଗୁଡ଼ିକ ଉପରେ ଆମର ଦୃଷ୍ଟି ପଡ଼ିପାରୁ ନାହିଁ, କାରଣ ଆମ ଭିତରେ କେତେବେଳେ କ'ଣସବୁ ଘଟୁଛି, ଆମର ସେବିଷୟରେ ଯଥେଷ୍ଟ ଧ୍ୟାନ ବି ନାହିଁ ।

ଏହି ସଂବେଗଗୁଡ଼ିକର ଅନେକ ପଛରେ, ସତ୍ତାଭିତରେ ଅନେକ ଗଭୀରରେ, ସୌର-ଚକ୍ରର ସୋପାନଟିର ନିକଟବର୍ତ୍ତୀ ହୋଇ ରହିଥିବା ଏକ ଚେତନାର ଭୂମିରେ ଏକ ପ୍ରକାରର ପୂର୍ବବୋଧ ଅବସ୍ଥିତ ରହିଛି, ଏକ ଦୂରଦୃଷ୍ଟିର ସାମର୍ଥ୍ୟ ରହିଛି । ମାତ୍ର ତାହା କୌଣସି ପ୍ରକାରର ଧାରଣାର ଆକାରରେ ସେଠାରେ ରହି ନାହିଁ, ବରଂ କହିବାକୁ ହେବ ଯେ କେତୋଟି ଅନୁଭୂତିର ଆକାରରେ ରହିଛି, ପ୍ରାୟ କେତୋଟି ଅନୁଭବର ଏକ ବୋଧରୂପେ ଅବସ୍ଥିତ ରହିଛି । ଉଦାହରଣ ସ୍ୱରୂପ, ତୁମେ ଯେତେବେଳେ କୌଣସି ବିଷୟରେ କିଛି ନିଷ୍ପତ୍ତି କରିବାକୁ ଯାଉଛ, ସେତେବେଳେ ଭିତରୁ ସତେଅବା ଗୋଟାଏ ପ୍ରକାରର ଅସ୍ୱସ୍ତି ବା ଅସମ୍ମତିର ସଙ୍କେତ ପାଉଥିଲା ପରି ଅନୁଭବ କରୁଛ । ଏବଂ, ସାଧାରଣତଃ ଏହିପରି ଘଟିଥାଏ ଯେ, ଯଦି ତୁମେ ଭିତରୁ ଆସୁଥିବା ଏହି ସଙ୍କେତଟିକୁ ପ୍ରକୃତରେ କାନ ଦେଇ ଶୁଣିବ, ତେବେ ନିଶ୍ଚୟ ବୁଝିପାରିବ ଯେ ସେହି ସଙ୍କେତ ତୁମକୁ ଉଚିତ କଥାଟିକୁହିଁ କହୁଛି ।

ଅର୍ଥାତ୍, ସେଠାରେ ଏପରି ଗୋଟିଏ ବସ୍ତୁ ରହିଛି, ଯାହାକି ଦୃଢ଼ ଭାବରେ କିଛି କହୁଛି, ସଙ୍କେତ ଦେଉଛି, ବାର ବାର କିଛି କହିବାକୁ ଚାହୁଁଛି;— ତୁମେମାନେ ଭାରି ଭଲ କରି ବୁଝୁଥିବ ଯେ ଏଠାରେ ମୁଁ ତୁମ ଆବେଗଗୁଡ଼ିକର କଥା ଆଦୌ କହୁ ନାହିଁ, ପ୍ରାଣିକ ଏବଂ ତାହାଠାରୁ ଆହୁରି ଅଧିକ ନିମ୍ନ ସ୍ତରରୁ ଆସୁଥିବା ଯାହାକିଛି ଗତିସ୍ପନ୍ଦନ ରହିଛି, ମୁଁ ସେସବୁ ବିଷୟରେ କହୁ ନାହିଁ;— ମୁଁ ଏପରି ସଙ୍କେତଗୁଡ଼ିକ ବିଷୟରେ କହୁଛି, ଯାହାକି ତୁମର ଅନୁଭବଗୁଡ଼ିକର ପଶ୍ଚାତରେ ରହିଥାଏ, ଯେଉଁଗୁଡ଼ିକ ତୁମ ସତ୍ତାର ଭାବଗତ ଅଂଶଗୁଡ଼ିକରୁହିଁ ଉଦ୍‌ଗତ ହୋଇ ଆସିଥାଏ । ସେହି ସ୍ତରରେ ମଧ୍ୟ, ତୁମର ପ୍ରକୃତରେ ଯାହା କରିବା ଉଚିତ, ତୁମକୁ ତାହାର ଏକ ବେଶ୍ ସୁନିଶ୍ଚିତ ସଙ୍କେତ

'oaob.nitrkl.ac.in' images reprocessed

ମିଳି ଯାଉଥିବ । ଏହିଗୁଡ଼ିକୁହିଁ ବିଭିନ୍ନ ପ୍ରକାରର ଅନ୍ତଃବୋଧ ବୋଲି କୁହାଯିବ, ଏକ ଉଚ୍ଚତର ଅନ୍ତଃପ୍ରବୃତ୍ତି ବୋଲି ବି କୁହାଯିବ, ଏବଂ ଏକାଗ୍ର ନିରୀକ୍ଷଣ ତଥା ପରିଣାମଗୁଡ଼ିକର ଅଧ୍ୟୟନ ଦ୍ୱାରା ଆମେ ସେଗୁଡ଼ିକର ନିଶ୍ଚୟ ଅନୁଶୀଳନ କରିପାରିବା । ମାତ୍ର ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ତାହାକୁ ଅତ୍ୟନ୍ତ ଆନ୍ତରିକତା ସହକାରେ, ଅତ୍ୟନ୍ତ ମୋହମୁକ୍ତ ଏବଂ ବସ୍ତୁନିଷ୍ଠ ଭାବରେ କରିବାକୁ ପଡ଼ିବ । ଯଦି ତୁମେ ବସ୍ତୁଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖିବାକୁ ଇଚ୍ଛା କରୁଥିବ ଓ ତେଣେ ଏହି ନିରୀକ୍ଷଣ ଏବଂ ଅଧ୍ୟୟନର ଅଭ୍ୟାସ କରୁଥିବ, ତେବେ ତାହାର ଆଦୌ କୌଣସି ଫଳ ହେବ ନାହିଁ । ଆମକୁ ସତେଅବା ନିଜ ବାହାରକୁ ବାହାରି ଯିବାକୁ ପଡ଼ିବ ଏବଂ ବାହାରୁ ଥାଇ, ଭିତରେ କ'ଣସବୁ ଘଟୁଛି, ତାହା ଉପରେ ଦୃଷ୍ଟିପାତ କରିବାକୁ ହେବ; ସତେଅବା ଆଉଜଣେ କାହା ଉପରେ ଦୃଷ୍ଟିପାତ କରୁଥିବା ପରି ଦୃଷ୍ଟିପାତ କରିବାକୁ ହେବ ।

ଏଇଟି ବି ଗୋଟିଏ ପ୍ରକାରର ଅନ୍ତଃବୋଧ ଏବଂ ସମ୍ଭବତଃ ଏଇଟିହିଁ ସର୍ବପ୍ରଥମେ ଆପଣାକୁ ପ୍ରକାଶିତ କରିଥାଏ ।

ଅନ୍ତଃବୋଧର ଆଉଗୋଟିଏ ପ୍ରକାର ବି ରହିଛି, ମାତ୍ର ସେଇଟିର ନିରୀକ୍ଷଣ କରିପାରିବା ଅନେକ ଅଧିକ କଷ୍ଟକର; କାରଣ ଯେଉଁ ବ୍ୟକ୍ତିମାନେ ବୁଦ୍ଧିଯୁକ୍ତିର ସାହାଯ୍ୟ ନେଇ ଭାବନ୍ତି ଓ ଯାବତୀୟ କାର୍ଯ୍ୟ କରନ୍ତି,– ଆବେଗ ଦ୍ୱାରା ନୁହେଁ, ମାତ୍ର ବୁଦ୍ଧିର ସାହାଯ୍ୟ ନେଇ ଭାବନ୍ତି ଓ କାର୍ଯ୍ୟ କରନ୍ତି,– କିଛି କରିବା ପୂର୍ବରୁ ଯେଉଁମାନେ ଆଗ ଚିନ୍ତା କରନ୍ତି, ସେମାନଙ୍କର ସେହି ଅର୍ଦ୍ଧଚେତନ ଭାବନାଟି ମଧ୍ୟରେ କାରଣରୁ ପରିଣାମଟି ପର୍ଯ୍ୟନ୍ତ ଏପରି ଏକ ଅତ୍ୟନ୍ତ ଦ୍ରୁତ ପ୍ରକ୍ରିୟା ସଂଘଟିତ ହୋଇଥାଏ, ଯାହାଫଳରେ କି ତୁମେ ମୋଟେ ସମଗ୍ର ରେଖାଟିକୁ ଦେଖିପାର ନାହିଁ, ବିବେଚନାର ସମଗ୍ର ଧାରାଟିକୁ ମୋଟେ ଦେଖିପାର ନାହିଁ, ଏବଂ, ବିବେଚନାର ଯେ ପ୍ରକୃତରେ ଗୋଟିଏ ପରସ୍ପର ସଂଲଗ୍ନ ଅବିଚ୍ଛିନ୍ନତା ରହିଛି, ତୁମେ ସେଇଟିକୁ ହୃଦୟଙ୍ଗମ କରିପାର ନାହିଁ ଏବଂ ତେଣୁ ବେଶ୍ ପ୍ରତାରିତ ହୋଇ ରହିଯାଅ । ତୁମ ଭିତରେ ସେତେବେଳେ ଅନ୍ତଃବୋଧର ଏକ ଧାରଣା ହୋଇଥାଏ ସତ, ମାତ୍ର ତାହା ପ୍ରକୃତରେ ଆଦୌ ଅନ୍ତଃବୋଧ ନୁହେଁ; ତାହାକୁ ଅତ୍ୟନ୍ତ ଦ୍ରୁତଗତିବିଶିଷ୍ଟ ଅବଚେତନ ସ୍ତରର ଏପରି ଏକ ବୁଦ୍ଧିଯୁକ୍ତି ବୋଲିହିଁ କୁହାଯାଇ ପାରିବ, ଯାହାକି କୌଣସି ଏକ ସମସ୍ୟାକୁ ହାତକୁ ନେବାମାତ୍ରକେ ସିଧା ସିଦ୍ଧାନ୍ତଗୁଡ଼ିକୁ ବାହାର କରିବା ଲାଗି ଦଉଡ଼ିଯାଏ । ଭ୍ରମରେ ପଡ଼ି ଆମେ ଏଇଟାକୁ କଦାପି ଅନ୍ତଃବୋଧ ବୋଲି କହିବା ନାହିଁ ।

ମସ୍ତିଷ୍କର ସାଧାରଣ ପ୍ରକ୍ରିୟାଭୂମି ଉପରେ ବିଚାର କରି ଦେଖିଲେ, ଅନ୍ତଃବୋଧକୁ ଆମେ ଏପରି ଗୋଟିଏ ବସ୍ତୁ ବୋଲି କହିବା ଯାହାକି ସତେଅବା ଏକ

'oaob.nitrkl.ac.in' images reprocessed

ଆଲୋକପିଣ୍ଡ ପରି ଆସି ଏହା ଉପରେ ହଠାତ୍ ପ୍ରପତିତ ହୋଇଥାଏ । ଯଦି ତୁମ ପାଖରେ ସେହି ସାମର୍ଥ୍ୟଟି ରହିଥାଏ, ମାନସିକ ଦୃଷ୍ଟିସାମର୍ଥ୍ୟର ସେହି ଗୁଣଟି ଯଦି ତୁମ ଭିତରେ ଉନ୍ମେଷିତ ହୋଇ ସାରିଥାଏ, ତେବେ ତାହା ଆସିଲାବେଳେ ସତେଅବା ବାହାରୁ ଅଥବା ଊର୍ଦ୍ଧ୍ୱରୁ କିଛି ଆସିବା ପରି ଧାରଣା ହୋଇଥାଏ, ସତେଯେପରି ଆଲୋକର ଗୋଟାଏ ଗୁଳା ଆସି ତୁମ ମସ୍ତିଷ୍କ ଉପରେ ପଡ଼ିବାକୁ ଯାଉଥାଏ । ଏବଂ ତୁମର ଯାବତୀୟ ବୁଦ୍ଧିଯୁକ୍ତିଠାରୁ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇ ତାହା ଘଟିଥାଏ ।

ଯେତେବେଳେ ଆମେ ଆମର ମନଟିକୁ ସଂପୂର୍ଣ୍ଣ ଭାବରେ ନୀରବ କରିଆଣି ଜାଣିଥିବା, ମନଟିକୁ ନିଶ୍ଚଳ ଓ ଏକାଗ୍ର ରଖି ଜାଣିଥିବା, ଆମର ମନ ଯଦି ତାହାର ଚିରାଚରିତ କ୍ରିୟାଗୁଡ଼ିକୁ ବନ୍ଦ କରିଦେଇ ଏକ ସ୍ଥାୟୀ ଏବଂ ନୀରବ ଏକାଗ୍ରତା ସହିତ କୌଣସି ଏକ ଉଚ୍ଚତର ସାମର୍ଥ୍ୟ ଆଡ଼କୁ ସତେଅବା ଗୋଟିଏ ଦର୍ପଣ ପରି ନିଜକୁ ମୁହାଁଇ କରି ରଖିଥିବ, ତେବେ ଏହି ବୋଧଟି ଅପେକ୍ଷାକୃତ ଅଧିକ ସହଜରେ ସମ୍ଭବ ହେବ । ସେଇଟି କରିବାକୁ ମଧ୍ୟ ଆମେ ବେଶ୍ ଶିକ୍ଷା କରିପାରିବା । ଆମକୁ ଏହି ଶିକ୍ଷାଟି କରିବାକୁହିଁ ପଡ଼ିବ । ଏହା ହେଉଛି ଏକ ଆବଶ୍ୟକ ଶୃଙ୍ଖଳା ।

ଯେତେବେଳେ ତୁମ ଆଗରେ କୌଣସି ପ୍ରଶ୍ନର ସମାଧାନ କରିବାକୁ ଥିବ,– ସେହି ପ୍ରଶ୍ନଟି ଯାହା ହୋଇଥାଉ ପଛକେ,– ସେତେବେଳେ ତୁମେ ସାଧାରଣତଃ ନିଜର ଧ୍ୟାନକୁ ଆଣି ଏହିଠାରେ (*ମାଆ ଦୁଇ ଭୁଲତାର ମଝିସ୍ଥଳକୁ ଦେଖାଇଦେଲେ*) ନିବିଷ୍ଟ କରି ରଖିଥାଅ । ଦୁଇ ଆଖିର ମଝିରେ ଥିବା ସ୍ଥାନଟିରେ, ସଚେତନ ଇଚ୍ଛାର କେନ୍ଦ୍ରଟିରେ ଧ୍ୟାନକୁ ନେଇ ନିବେଶିତ କରି ରଖ । ମାତ୍ର ସେପରି କଲେ ତୁମେ କଦାପି ଅନ୍ତଃବୋଧର ସମ୍ପର୍କରେ ଆସି ପାରିବ ନାହିଁ । ତଦ୍ୱାରା ତୁମେ ଇଚ୍ଛାଶକ୍ତିର, ପ୍ରୟାସର ଓ ଏପରିକି ଏକ ପ୍ରକାରର ଜ୍ଞାନର ଉତ୍ସକେନ୍ଦ୍ରଟି ସହିତ ସମ୍ପର୍କରେ ଆସିପାରିବ ସତ, ମାତ୍ର ସେହି ସମ୍ପର୍କଟି କେବଳ ବାହ୍ୟ କ୍ଷେତ୍ରଟିରେ, ପ୍ରାୟ ଏକ ଭୌତିକ କ୍ଷେତ୍ରଟିରେହିଁ ସୀମାବଦ୍ଧ ହୋଇ ରହିଥିବ । ଅନ୍ୟପକ୍ଷରେ, ଯଦି ତୁମେ ଅନ୍ତଃବୋଧର ସଂସ୍ପର୍ଶ ଲାଭ କରିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଏଇଟିକୁ (*ମାଆ କପାଳ ଆଡ଼କୁ ସଙ୍କେତ ଦେଲେ*) ସଂପୂର୍ଣ୍ଣ ଭାବରେ ନିଶ୍ଚଳ କରି ଆଣିବାକୁ ପଡ଼ିବ । ଯାବତୀୟ ସକ୍ରିୟ ଭାବନାକୁ ଯଥାସମ୍ଭବ ବନ୍ଦ କରିଦେବାକୁ ପଡ଼ିବ ଏବଂ, ଠିକ୍ ମସ୍ତକର ଉପରିଭାଗରେ ଅଥବା ସମ୍ଭବ ହେଲେ ଆହୁରି ଉପରକୁ,– ସଂପୂର୍ଣ୍ଣ ମାନସିକ ସାମର୍ଥ୍ୟଟି ସତେଅବା ଏକ ଦର୍ପଣରେ ପରିଣତ ହୋଇରହିବ । ସେଇଟି ଭାରି ନିଶ୍ଚଳ, ଭାରି ନୀରବ ହୋଇ ରହିଥିବ, ଉପରପଟକୁ ମୁହଁ କରି ରହିଥିବ, ନୀରବ ଓ ଏକାଗ୍ର ଅଭିନିବେଶ ସହିତ ରହିଥିବ । ଯଦି ତୁମେ ସଫଳ ଭାବରେ ତାହା କରିପାରିବ, ତେବେ, ସମ୍ଭବତଃ ସଙ୍ଗେ ସଙ୍ଗେ ଆଦୌ ନୁହେଁ,–

'oaob.nitrkl.ac.in' images reprocessed

ମାତ୍ର ତୁମେ ଆଲୋକର ବିନ୍ଦୁଗୁଡ଼ିକ ଆସି ସେହି ଦର୍ପଣ ଉପରେ ପଡୁଥିବାର ଅନୁଭବ କରିପାରିବ । ତଥାପି ଅଜ୍ଞାତ ହୋଇ ରହିଥିବା ଏକ ରାଜ୍ୟରୁ ସେହି ବିନ୍ଦୁଗୁଡ଼ିକ ଆସି ପତିତ ହେବାରେ ଲାଗିଥିବେ, ଏବଂ ଆପଣାକୁ ଏପରି ଏକ ସଚେତନ ଭାବନାରୂପେ ଅଭିବ୍ୟକ୍ତ କରି ଦେଉଥିବେ, ଯାହାରକି ତୁମର ଅବଶିଷ୍ଟ ଭାବନାଟି ସହିତ ଆଦୌ କୌଣସି ସମ୍ପର୍କ ନ ଥିବ । କାରଣ ତୁମେ ସେହି ଭାବନାଟିକୁ ଆଗରୁ ନୀରବ କରିଦେଇ ପାରିଥିବ । ଏହାକୁହିଁ ବୁଦ୍ଧିଗତ ଅନ୍ତଃବୋଧର ପ୍ରକୃତ ଏକ ଆରମ୍ଭ ବୋଲି କୁହାଯାଇ ପାରିବ ।

ଏହି ଶୃଙ୍ଖଳାଟିକୁ ପାଳନ କଲେ ଯାଇ ତାହା ଘଟିବ । ହୁଏତ ଦୀର୍ଘ କାଳ ଚେଷ୍ଟା କରୁଥିଲେ ମଧ୍ୟ କୌଣସି ଫଳ ମିଳିବ ନାହିଁ; ମାତ୍ର ସେହି ନିଶ୍ଚଳ ଏବଂ ଏକାଗ୍ରତାଯୁକ୍ତ "ଦର୍ପଣଟିକୁ" ସମ୍ଭବ କରିପାରିବା ପରେ ତାହାର ସର୍ବଦାହିଁ ଏକ ଫଳ ମିଳିଥାଏ; ସେହି ଫଳଟି ଭାବନାର କୌଣସି ଏକ ନିର୍ଦ୍ଦିଷ୍ଟ ଆକାରରେ ଯେ ଉପଲବ୍ଧ ହୋଇଯିବ, ସେକଥା ଆଦୌ ନୁହେଁ, ମାତ୍ର ସର୍ବଦା ଊର୍ଦ୍ଧ୍ୱରୁ ଆସୁଥିବା ଏକ ଆଲୋକର ବୋଧ ଅବଶ୍ୟ ବିଦ୍ୟମାନ ରହିଥିବ । ଏବଂ, ସଙ୍ଗେ ସଙ୍ଗେ ନାନା କ୍ରିୟାତ୍ମକତାର ଘୂର୍ଣ୍ଣି ଭିତରେ ପଶି ନ ଯାଇ ଊର୍ଦ୍ଧ୍ୱରୁ ଆସୁଥିବା ଏହି ଆଲୋକଟିକୁ ଯଦି ତୁମେ ଗ୍ରହଣ କରିପାରୁଥିବ, ସ୍ଥିର ନିଶ୍ଚଳତା ସହିତ ଯଦି ସେଇଟିକୁ ଗ୍ରହଣ କରିପାରୁଥିବ ଏବଂ ତାହାକୁ ତୁମେ ସତ୍ତାର ଗଭୀରରେ ଯାଇ ପ୍ରବେଶ କରିବା ଲାଗି ବାଟ ଛାଡ଼ିଦେବ, ତେବେ କିଛି ସମୟ ପରେ ତାହା ଆପଣାକୁ ଏକ ସନ୍ଦୀପିତ ଭାବନାରୂପେ ଅଭିବ୍ୟକ୍ତ କରି ଆଣିବ, ଅଥବା ଏଠାରେ (*ମାଆ ହୃଦୟ ଆଡ଼କୁ ସୂଚିତ କରିଦେଲେ*) ଏହି ଅନ୍ୟ କେନ୍ଦ୍ରଟିରେ ଏକ ସୁସ୍ପଷ୍ଟ ସଙ୍କେତ ରୂପେ ପ୍ରକାଶିତ କରିଦେବ ।

ଏହି ଦୁଇ ସାମର୍ଥ୍ୟକୁ ଯେ ପ୍ରଥମେ ବିକଶିତ କରାଇ ଆଣିବାକୁ ହେବ, ସେଥିରେ କୌଣସି ସନ୍ଦେହ ନାହିଁ । ତା'ପରେ, ତାହାର କୌଣସି ଏକ ପରିଣାମ ସୂଚିତ ହୋଇ ଆସିଲା ପରେ, ମୁଁ ଯେପରି କହିଲି, ତୁମକୁ ସେହି ପରିଣାମଟିକୁ ଅବଶ୍ୟ ନିରୀକ୍ଷଣ କରିବାକୁ ହେବ ଏବଂ ଯାହାସବୁ ଘଟୁଛି, ସେହି ପରିଣାମଗୁଡ଼ିକ ସହିତ ତାହାର ରହିଥିବା ସମ୍ପର୍କଟିକୁ ମିଳାଇ ଦେଖିବାକୁ ପଡ଼ିବ । ତୁମେ ସେଇଟିକୁ ନିଶ୍ଚୟ ଦେଖିବ, ଯାହା ଆସି ତୁମ ଭିତରେ ପ୍ରବେଶ କରିଛି, ଯାହାକି ତୁମ ଭିତରେ ହୁଏତ ଏକ ବିକୃତି ଘଟାଇଛି, ଏକ ସଚେତନ ବୁଦ୍ଧିଗତ ଯୁକ୍ତି ବା ଅଳ୍ପବହୁତ ସଚେତନ ରହିଥିବା କୌଣସି ଏକ ନିମ୍ନତର ଇଚ୍ଛାର ହସ୍ତକ୍ଷେପ ଲାଗି ବାଟ ଛାଡ଼ିଦେଇ ତୁମେ ସେଇଟି ସହିତ ଯାହାକିଛି ଅଧିକା ଉପାଦାନ ଆଣି ଯୋଡ଼ି ଦେଇଛ, ଭାରି ଏକାଗ୍ରତା ସହିତ ତୁମକୁ ତାହା ଦେଖିବାକୁ ପଡ଼ିବ । ଏବଂ, ଏହିପରି ଏକ ଅତ୍ୟନ୍ତ ଗଭୀର ଅଧ୍ୟୟନ ଦ୍ୱାରାହିଁ,– ବସ୍ତୁତଃ ପ୍ରତ୍ୟେକ

'oaob.nitrkl.ac.in' images reprocessed

ମୁହୂର୍ତ୍ତର ଅଧ୍ୟୟନ, ବା ଅନ୍ତତଃ ପ୍ରତ୍ୟହ ଏବଂ ବାରବାର,— ତୁମେ ସଫଳ ଭାବରେ ନିଜର ଅନ୍ତଃବୋଧର କ୍ଷେତ୍ରରେ ଏକ ବିକାଶ ସମ୍ଭବ କରାଇ ପାରିବ । ଏଥିପାଇଁ ପ୍ରକୃତରେ ଅନେକ ସମୟ ଲାଗିଥାଏ । ହଁ, ଅନେକ ସମୟ ଲାଗେ ଓ ସେଥିରେ ପୁଣି କେତେ ଆଘାତ ମଧ୍ୟ ସହିବାକୁ ପଡ଼ିଥାଏ । ତୁମେ ନିଜେ ନିଜକୁ ଧୋକା ଦେଇପାର, ପ୍ରକଟ ହେବା ଲାଗି ଚେଷ୍ଟା କରୁଥିବା ଅବଚେତନାର ନାନା ଇଚ୍ଛାକୁ, ବାହାରେ ସ୍ୱୀକାର କରିବା ଲାଗି ତୁମେ ଅସମ୍ମତି ପ୍ରକାଶ କରିଥିବା କେତେକେତେ ଆବେଗର ସଙ୍କେତକୁ ମଧ୍ୟ ତୁମେ ଅନ୍ତଃବୋଧ ବୋଲି ଭ୍ରମ ବି କରିପାର;— ଏହିପରି ଯାବତୀୟ ପ୍ରକାରର ପ୍ରମାଦ ଆସି ପହଞ୍ଚଥାଏ । ଏବଂ, ସେସବୁ ସକାଶେ ତୁମକୁ ପ୍ରସ୍ତୁତ ବି ରହିଥିବାକୁ ପଡ଼ିବ । ଏବଂ ଯଦି ଅବିରତ ଉଦ୍ୟମ କରାଯାଏ, ତେବେ ସେଥିରେ ନିଶ୍ଚୟ ସଫଳ ହୋଇପାରିବ ।

ଏହିପରି ଭାବରେ ଏପରି ଗୋଟିଏ ସମୟ ଆସି ପହଞ୍ଚେ, ଯେତେବେଳେ କି ତୁମେ ସତେଯେପରି ତୁମକୁ ଭିତରୁ କିଏ ପରିଚାଳିତ କରିନେଉଥିବା ପରି ଅନୁଭବ କରିବାକୁ ଆରମ୍ଭ କର; ତୁମର ସକଳ କାର୍ଯ୍ୟରେ ଅତ୍ୟନ୍ତ ସ୍ପଷ୍ଟଗୋଚର ଭାବରେ ତୁମକୁ କେହି ବାଟ ଦେଖାଇ ନେଇ ଯାଉଥିବା ପରି ଅନୁଭବ କର । ମାତ୍ର ତା'ପରେ, ଯେପରି ଯଥାସମ୍ଭବ ଅଧିକ ଶକ୍ତିର ସହିତ ସେଇଟି ତୁମକୁ ପରିଚାଳିତ କରିନେଇ ପାରିବ, ତୁମକୁ ସେଥିଲାଗି ତା' ସହିତ ଏକ ସଚେତନ ସମର୍ପଣକୁ ଆଣି ଯୋଡ଼ିଦେବାକୁ ପଡ଼ିବ । ଉଚ୍ଚତର ଶକ୍ତି ଯେଉଁ ସଙ୍କେତଟି ଦେବାରେ ଲାଗିଛି, ତାହାରି ମାର୍ଗରେ ଚାଲିବା ସକାଶେ ତୁମ ଭିତରେ ଏକ ନିଷ୍ଠାପର ସଂକଳ୍ପ ଅବଶ୍ୟ ରହିବା ଉଚିତ । ଯଦି ତୁମେ ସେହି କଥାଟିକୁ କରିପାରିବ, ତେବେ... ତୁମର ଅଧ୍ୟୟନର ପର୍ଯ୍ୟାୟଟି ଅନେକ ବର୍ଷ ସଂକ୍ଷିପ୍ତ ହୋଇଯିବ, ଅତ୍ୟନ୍ତ ଦ୍ରୁତଭାବରେ ତୁମେ ପରିଣାମଟିକୁ ଲାଭ କରିପାରିବ । ଯଦି ତୁମେ ସେଇଟିକୁ ମଧ୍ୟ କରିପାରିବ, ତେବେ ପରିଣାମଟି ଅତିଶୀଘ୍ର ଉପଲବ୍ଧ ହୋଇଯିବ । ମାତ୍ର ସେଥିଲାଗି ଏହି କଥାଟିକୁ ଆନ୍ତରିକତା ସହିତ କରିବାକୁ ପଡ଼ିବ,... ଗୋଟାଏ ପ୍ରକାରର ଅନ୍ତର୍ଗତ ସ୍ୱତଃସ୍ଫୂର୍ତ୍ତତା ସହିତ କରିବାକୁ ପଡ଼ିବ । ମୁଁ ଯେଉଁ ସମର୍ପଣର କଥା କହିଲି, ସେଇଟିକୁ ନ କରି ମଧ୍ୟ ଯଦି ତୁମେ ଚେଷ୍ଟା କରିବାକୁ ଇଚ୍ଛା କରୁଥିବ, ତେବେ ତୁମେ ସମ୍ଭବତଃ ସଫଳ ବି ହୋଇପାରିବ,— ନିଜର ବ୍ୟକ୍ତିଗତ ଇଚ୍ଛାଟିକୁ ମଧ୍ୟ ଯେପରି ଅନେକ ପରିମାଣରେ ବିକଶିତ କରିହୁଏ ଏବଂ ଯେପରି ତାହାକୁ ଏକ ଅତ୍ୟନ୍ତ ପ୍ରଭୂତ ଶକ୍ତିରେ ପରିଣତ କରିହୁଏ, ଠିକ୍ ସେହିପରି;— ମାତ୍ର ସେଥିଲାଗି ଦୀର୍ଘ ସମୟ ଲାଗିବ, ବାଟରେ ଅନେକ ବାଧା ଆସି ପହଞ୍ଚିବ, ଏବଂ ପରିଣାମଟି ମଧ୍ୟ ଭାରି ଅନିଶ୍ଚିତ ହୋଇ ରହିଥିବ । ତେଣୁ ତୁମକୁ ଅବିଚଳ ଓ ଅବିରତ ହୋଇ ରହିବାକୁ ପଡ଼ିବ, ବାରବାର ଉଦ୍ୟମ କରୁଥିବ,

'oaob.nitrkl.ac.in' images reprocessed

ଏବଂ ତେବେ ଯାଇ ତୁମେ ସୁନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବ । ମାତ୍ର କେବଳ ଏକ ମହାନ୍ ପ୍ରୟାସ ଦ୍ୱାରାହିଁ ତାହା ସମ୍ଭବ ହେବ ।

ଏକ ନିଷ୍ଠାଯୁକ୍ତ ଓ ପରିପୂର୍ଣ୍ଣ ଆତ୍ମଦାନ ଦ୍ୱାରା ତୁମେ ନିଜକୁ ସମର୍ପିତ କରିଦିଅ, ଏବଂ ତା'ହେଲେ ତୁମେ ପୂର୍ଣ୍ଣ ବେଗର ସହିତ ଅଗ୍ରସର ହୋଇ ଯାଇପାରିବ, ତୁମେ ଅନେକ ଅଧିକ ତ୍ୱରାର ସହିତ ଯାଇପାରିବ;– ମାତ୍ର କୌଣସି ପ୍ରକାର ଗଣନା ବା ହିସାବ କରି ଏଗୁଡ଼ାକ କଲେ ମୋଟେ କିଛି ହେବ ନାହିଁ, କାରଣ ତାହା ସବୁକିଛିକୁ କେବଳ ନଷ୍ଟହିଁ କରିଦେବ ।

(*ମାଆ ନୀରବ ରହିଲେ*)

ପୁନଶ୍ଚ, ଜୀବନରେ ତୁମେ ଯାହାକିଛି କରିବାକୁ ଇଚ୍ଛା କରୁଥାଅ ପଛକେ, ଗୋଟିଏ କଥା ହେଉଛି ଏକାନ୍ତ ଅପରିହାର୍ଯ୍ୟ ଓ ତାହା ଆଉ ସବୁକିଛିର ମୂଳରେ ରହିଛି । ସେହି କଥାଟି ହେଉଛି ନିଜର ଧ୍ୟାନଟିକୁ ଅଭିନିବେଶିତ କରି ରଖିବା ! ଯଦି ତୁମେ ଆପଣା ଧ୍ୟାନ ଓ ଚେତନାର କିରଣରେଖାଗୁଡ଼ିକୁ ଗୋଟିଏ ବିନ୍ଦୁ ଉପରକୁ ସଂକେନ୍ଦ୍ରିତ କରି ଆଣି ପାରିବ ଏବଂ ଏକ ଅବିଚଳ ଇଚ୍ଛାଶକ୍ତି ସହିତ ଯଦି ସେହି ଅଭିନିବେଶଟିକୁ ସ୍ଥାୟୀ କରି ରଖିପାରିବ, ତେବେ କୌଣସି କଥା ବି ତାହାର ପ୍ରତିରୋଧ କରିବାକୁ ସମର୍ଥ ହେବ ନାହିଁ । ତୁମର ଏହି କାର୍ଯ୍ୟଟି ଯାହା ହୋଇଥାଉ ପଛକେ, ଅତ୍ୟନ୍ତ ଜଡ଼ସ୍ତରର ଭୌତିକ ବିକାଶଠାରୁ ଆରମ୍ଭ କରି ଉଚ୍ଚତମ ଆଧ୍ୟାତ୍ମିକ ବିକାଶ ପର୍ଯ୍ୟନ୍ତ ଯାହା ହୋଇଥାଉ ପଛକେ, କିଛିହେଲେ ଏହାର ପ୍ରତିରୋଧ କରି ପାରିବ ନାହିଁ । ମାତ୍ର ତୁମକୁ ଅତ୍ୟନ୍ତ ସତତ ଏବଂ ଅବିଚଳିତ ଭାବରେ ଏହି ସାଧନାଟିକୁ କରିବାକୁ ପଡ଼ିବ । ତା'ର ଅର୍ଥ ନୁହେଁ ଯେ ତୁମେ ସବୁବେଳେ ସେହି ଗୋଟିଏ ବିଷୟ ଉପରେ ସଂକେନ୍ଦ୍ରିତ ହୋଇ ରହିଥିବ,– ମୁଁ ସେକଥା ମୋଟେ କହୁ ନାହିଁ,– କିପରି ନିଜକୁ ସଂକେନ୍ଦ୍ରିତ କରି ରଖିବାକୁ ହୁଏ, ତୁମେ ସେହି କଥାଟିକୁ ଶିକ୍ଷା କରିବ,– ମୁଁ କେବଳ ଏତିକି କହୁଛି ।

ଏବଂ ସ୍ଥୂଳ କ୍ଷେତ୍ରର କଥାଗୁଡ଼ିକ ବିଷୟରେ କହିବାକୁ ଗଲେ, ପାଠପଢ଼ାରେ, ଖେଳରେ, ଶାରୀରିକ ବା ମାନସିକ ଯାବତୀୟ ବିକାଶରେ ଏଇଟି ହେଉଛି ଏକାନ୍ତ ଅପରିହାର୍ଯ୍ୟ । ଏବଂ, ଜଣେ ବ୍ୟକ୍ତିର ଏକାଗ୍ରତା-ଶକ୍ତିର ଯେତିକି ମୂଲ୍ୟ ରହିଛି, ତା' ଜୀବନର ଯଥାର୍ଥ ମୂଲ୍ୟଟି ମଧ୍ୟ ତାହାରି ସମାନୁପାତିକ ହୋଇ ରହିଥାଏ ।

ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହାକୁ ତ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ପଡ଼ିବ । ଏପରି କୌଣସି ଆଧ୍ୟାତ୍ମିକ ପ୍ରତିବନ୍ଧକ

'oaob.nitrkl.ac.in' images reprocessed

ନାହିଁ, ଯାହାକି ଏକ ଗଭୀରଭେଦୀ ଏକାଗ୍ରତା-ଶକ୍ତିର ପ୍ରତିରୋଧ କରିପାରିବ । ଉଦାହରଣ ସ୍ୱରୂପ, ଚୈତ୍ୟ ସତ୍ତାର ଆବିଷ୍କାର, ଅନ୍ତରରେ ବିରାଜିତ ରହିଥିବା ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା, ଉଚ୍ଚତର ମଣ୍ଡଳଗୁଡ଼ିକ ଲାଗି ଆପଣାକୁ ଉନ୍ମୋଚିତ କରିଦେବା,— ପ୍ରଗାଢ଼ ଏବଂ ଅବିଚଳ ଏକାଗ୍ରତା-ଶକ୍ତି ଦ୍ୱାରା ଏହି ସବୁକିଛିକୁ ଲାଭ କରାଯାଇ ପାରିବ । ମାତ୍ର ଏହି କଥାଟିକୁ କିପରି କରିବାକୁ ହୁଏ, ଆଗ ସେଇଟିକୁ ଶିକ୍ଷା କରିବାକୁ ପଡ଼ିବ ।

ମନୁଷ୍ୟର ଆୟତନ ଏବଂ ମନୁଷ୍ୟାତୀତ ଆୟତନ ମଧ୍ୟରେ ଏପରି କୌଣସି ବସ୍ତୁ ନାହିଁ, ଯାହା ସକାଶେ କି ଏହି ସଂକେନ୍ଦ୍ରଣ-ଶକ୍ତିକୁ ଅସଲ ଚାବିକାଠିଟି ବୋଲି କୁହାଯାଇ ନ ପାରିବ ।

ଏହାଦ୍ୱାରା ତୁମେ ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ହୋଇପାରିବ, ସର୍ବୋତ୍ତମ ବିଦ୍ୟାର୍ଥୀ ହୋଇପାରିବ, କଳା, ସାହିତ୍ୟ ତଥା ବିଜ୍ଞାନର କ୍ଷେତ୍ରରେ ମଧ୍ୟ ଆପଣାକୁ ଏକ ସର୍ବୋତ୍ତମ ପ୍ରତିଭା ରୂପେ ବିକଶିତ କରାଇ ଆଣିପାରିବ । ସେହି ସାମର୍ଥ୍ୟଟି ଦ୍ୱାରା ତୁମେ ସର୍ବଶ୍ରେଷ୍ଠ ସନ୍ଥ ଓ ସାଧକ ବି ହୋଇପାରିବ । ଏବଂ ସବୁମଣିଷଙ୍କ ଭିତରେ ତାହାରି ଏକ କ୍ଷୁଦ୍ର, ଅତିକ୍ଷୁଦ୍ର ବୀଜ ସଂଗୁପ୍ତ ହୋଇରହିଛି । ଏହା ପ୍ରତ୍ୟେକଙ୍କଠାରେ ରହିଛି, ମାତ୍ର ଲୋକମାନେ କେବେହେଲେ ତାହାର ଅନୁଶୀଳନ କରନ୍ତି ନାହିଁ ।

'oaob.nitrkl.ac.in' images reprocessed

## ୩୦ ଜୁଲାଇ ୧୯୫୮

*ମାଆ, ପ୍ଲାଁଶେଟ୍ ସାହାଯ୍ୟରେ କେଉଁ ପ୍ରକାରର ଶକ୍ତିଗୁଡ଼ିକୁ ଆବାହନ କରି ଅଣା ଯାଇପାରେ ? ଏବଂ ଏହା କିପରି କରାଯାଇ ପାରିବ ?*

ଆଚ୍ଛା, ତୁମେ ସ୍ୱୟଂକ୍ରିୟ ଲିଖନ କଥା ପଚାରୁଛ କି ?

*ହଁ ।*

ଯେଉଁ ଲୋକମାନେ ତାହା କରନ୍ତି, ସେକଥା ସେହିମାନଙ୍କ ଉପରେ ନିର୍ଭର କରିବ । ବେଳେବେଳେ ଆଦୌ କୌଣସି ଶକ୍ତିଙ୍କୁ ମଧ ଆବାହନ କରାଯାଏ ନାହିଁ । ପ୍ଲାଁଶେଟ୍‌କୁ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କର ମାନସିକ ଓ ପ୍ରାଣିକ ସ୍ପନ୍ଦନଗୁଡ଼ିକହିଁ ସେହି କ୍ଷେତ୍ରରେ ଯାହାକିଛି କରିଥା'ନ୍ତି । ସେମାନେ ସେମାନଙ୍କର ନିଜ ଅବଚେତନ ଧାରଣାଗୁଡ଼ିକୁହିଁ ଆବାହନ କରି ଆଣିଥା'ନ୍ତି । ଶହେରେ, ଅଠାନବେ କ୍ଷେତ୍ରରେ* ତାହାହିଁ ହୋଇଥାଏ । ଯଦି ପ୍ରକୃତରେ ସେମାନେ କୌଣସି ଅଦୃଶ୍ୟ ଶକ୍ତିଗୁଡ଼ିକର ସମ୍ପର୍କରେ ଆସିଥା'ନ୍ତି, ତେବେ ତାହା ଆଉ କେତେ ପ୍ରକାରର ହୁଏତ କ'ଣସବୁ ହୋଇପାରେ ପଛକେ, ମାତ୍ର ସେଗୁଡ଼ିକ ମଧରେ ଉଚିତ ବୋଲି ଖୁବ୍ ବେଶୀକିଛି ଆଦୌ ନ ଥାଏ !

ପ୍ରାୟ ସୁନିଶ୍ଚିତ ଭାବରେ ଏପରି କୁହାଯାଇ ପାରିବ ଯେ, ଲୋକେ ଏହି ବିଷୟରେ ସାଧାରଣତଃ ଯାହା କହିଥା'ନ୍ତି, ଏଇଟି ମୋଟେ ସେପରି ନୁହେଁ; ଅର୍ଥାତ୍, ଅନେକ ସମୟରେ ସେମାନେ କୌଣସି ମୃତ ବ୍ୟକ୍ତିର ''ପ୍ରେତ''କୁ ଡାକି ଆଣନ୍ତି ବୋଲି କହନ୍ତି, ସେମାନଙ୍କର କୌଣସି ଆତ୍ମୀୟ, ବନ୍ଧୁ ବା ସେମାନେ ଭଲ ପାଉଥିବା ଓ ସମ୍ପର୍କରେ ଆସିବାକୁ ଇଚ୍ଛା କରୁଥିବା କୌଣସି ମୃତ ବ୍ୟକ୍ତିର ପ୍ରେତକୁ ଡାକି ଆଣନ୍ତି ବୋଲି କହିଥା'ନ୍ତି ।

---

*ମାଆ ପରେ ଏଥିରେ ଏହି ମନ୍ତବ୍ୟଟିକୁ ଯୋଡ଼ି ଦେଇଥିଲେ : ''ମୁଁ ଶହେରେ ନବେ କ୍ଷେତ୍ରରେ ବୋଲି କହିବି, କାରଣ ଏଥିରେ ବ୍ୟତିକ୍ରମମାନ ବି ଘଟିଥାଏ,— ଏପରି କେତୋଟି ବ୍ୟତିକ୍ରମ ମୋତେ ଜଣାଅଛି— ମାତ୍ର ସେସବୁ ଏତେ କ୍ୱଚିତ୍ ଘଟିଥାଏ ଯେ ସେସବୁ ବିଷୟରେ ବରଂ କିଛି ନ କହିବାହିଁ ଉଚିତ ।''

'oaob.nitrkl.ac.in' images reprocessed

ଏବଂ, ସେମାନେ ସେହି ପ୍ରେତକୁ ପୁଣି ଯାବତୀୟ ପ୍ରକାରର ନିର୍ବୋଧ ପ୍ରଶ୍ନମାନ ବି ପଚାରିଥା'ନ୍ତି । ସୌଭାଗ୍ୟର କଥା ଯେ ସେମାନେ ସେହି ପ୍ରେତମାନଙ୍କର କୌଣସି ଶାନ୍ତିଭଙ୍ଗ କରିପାରନ୍ତି ନାହିଁ ।...

ଏହି ଦୃଷ୍ଟିକୋଣରୁ ବିଚାର କରି ବେଶ୍ କୁହାଯାଇ ପାରିବ ଯେ ଯଦି କୌଣସି ମୃତ ବ୍ୟକ୍ତି ବଞ୍ଚିଥିବା ସମୟରେ ତୁମର ତାଙ୍କ ସହିତ ଏକ ଗଭୀର ଏବଂ ଆନ୍ତରିକ ଶ୍ରଦ୍ଧାର ସଂପର୍କ ରହିଥାଏ, ଏବଂ ଯଦି ତୁମେ ନିଜେ ଯଥେଷ୍ଟ ପରିମାଣରେ ସ୍ଥିର ଏବଂ ସବଳ ହୋଇଥାଅ, ତେବେ ପ୍ରାଣିକ ସ୍ତରରେ ହୁଏତ ସେହି ବ୍ୟକ୍ତି ତୁମରି ବାତାବରଣଟି ମଧ୍ୟରେହିଁ ଆଶ୍ରୟ ଗ୍ରହଣ କରିବାକୁ ମନ କରିବେ,— ସିଏ ଯେଉଁ ବାତାବରଣକୁ ଭଲ ପାଇବେ, ସେଇଟି ମଧ୍ୟରେ,— ଅଳ୍ପବହୁତ ଏକ ଦୀର୍ଘ ଅବଧି ଲାଗି ସିଏ ତାହାରି ମଧ୍ୟରେ ରହିବାକୁହିଁ ଭଲ ପାଇବେ । ଏହି କ୍ଷେତ୍ରରେ ତାହାର ଅର୍ଥ ହେବ ଯେ, ସମ୍ବନ୍ଧଟି ପ୍ରକୃତରେ ଭାରି ଘନିଷ୍ଠ ଓ ଅନ୍ତରଙ୍ଗ ହୋଇ ରହିଥିଲା, ଏବଂ ଯଦି ତୁମେ କେବେହେଲେ ଏତେବେଶୀ ବସ୍ତୁସର୍ବସ୍ୱ ହୋଇ ରହି ନ ଥିଲ ଯେ ଯେପରିକି ତୁମର ଏହି ବିଷୟରେ ଆଦୌ କୌଣସି ପ୍ରତ୍ୟକ୍ଷ ମାନସିକ ବୋଧ ବି ହୋଇ ନ ଥିଲା, ତେବେ ତୁମେ ସେହି ବ୍ୟକ୍ତିଟି ସହିତ ନିଶ୍ଚୟ ଏକ ମାନସିକ ସଂପର୍କରେ ରହିପାରିବ, ତାଙ୍କ ସହିତ ନିଶ୍ଚୟ ଏକ ଯୋଗସୂତ୍ର ରଖିପାରିବ । ଏହା ପ୍ରକୃତରେ ଏକ ବ୍ୟତିକ୍ରମ ରୂପେହିଁ ଘଟିଥାଏ, କାରଣ ଯଦି ତୁମର ବାତାବରଣଟି ଏତେ ଅଧିକ ପରିମାଣରେ ଶାନ୍ତ ଓ ଶକ୍ତିଶାଳୀ ହୋଇ ରହିଥାଏ ଯେ ତାହା ଯଥାର୍ଥରେ ଏକ ସୁରକ୍ଷା ଯୋଗାଇ ଦେଇ ପାରୁଥାଏ, ତେବେ ଶରୀର ତ୍ୟାଗ କରିଥିବା ବ୍ୟକ୍ତି ସେଠାରେ ହୁଏତ ଏକ ଗଭୀର ବିଶ୍ରାମ ଭିତରେ ପ୍ରବିଷ୍ଟ ହୋଇ ରହିଯିବେ ଏବଂ ତେଣୁ ତାଙ୍କର ଶାନ୍ତିଭଙ୍ଗ କରାଇବା ଆଦୌ ଉଚିତ ହେବ ନାହିଁ । ଏହି କ୍ଷେତ୍ରରେ ଏହାହିଁ ସର୍ବୋତ୍ତମ ହେବ ଯେ, ତୁମେ ଆପଣାର ଶ୍ରଦ୍ଧା ଦ୍ୱାରା ତାଙ୍କୁ ଆବୋରି ରଖିବ ଏବଂ କଦାପି ତାଙ୍କର ଶାନ୍ତିଭଙ୍ଗ କରିବ ନାହିଁ ।

ତେଣୁ, ଏହିଭଳି ଗୋଟିଏ ଉପାୟରେ ସେହି ବ୍ୟକ୍ତିଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବା ସମ୍ଭବ ହେଉଥିଲେ ମଧ୍ୟ,— ମୁଁ ଏହି ଉପାୟଟିକୁ ଭାରି ସ୍ଥୂଳ ଏବଂ ଅଶୋଧିତ ବୋଲି କହିବି,— ସେପରି କରିବା ତଥାପି ଏକ ଗର୍ହିତ କାର୍ଯ୍ୟ ହୋଇରହିବ । ମାତ୍ର ସାଧାରଣତଃ ଏହିପରି ଘଟିଥାଏ ଯେ, ଯେଉଁମାନଙ୍କ ପାଖରେ ଏହି ସାମର୍ଥ୍ୟ ଥାଏ, କେତେ କାଳ ଲାଗି ଏକ ଆଶ୍ରୟରୂପେ ବ୍ୟବହୃତ ହେବା ଲାଗି ଏକ ଆବଶ୍ୟକ ସାମର୍ଥ୍ୟ ରହିଥାଏ, ଯେଉଁମାନେ ମୃତ ବ୍ୟକ୍ତିମାନଙ୍କ ଲାଗି ଏକ ଅସ୍ଥାୟୀ ଆଶ୍ରୟସ୍ଥଳ ହୋଇ ରହିବାର ଯୋଗ୍ୟତା ରଖିଥାଆନ୍ତି, ସେମାନେ ଯେଉଁ ବ୍ୟକ୍ତିଙ୍କୁ ଏତେବେଶୀ ଶ୍ରଦ୍ଧା କରନ୍ତି, ପ୍ଲାଁଶେଟ୍ ସାହାଯ୍ୟରେ ସେମାନଙ୍କର ବିଶ୍ରାମକାଳର ଶାନ୍ତିଭଙ୍ଗ କରିବା ଲାଗି

'oaob.nitrkl.ac.in' images reprocessed

ସୌଭାଗ୍ୟବଶତଃ ସେମାନଙ୍କର କୌଣସି ଇଚ୍ଛା ନ ଥାଏ, ସେପରି ଏକ ହାସ୍ୟାସ୍ପଦ କାର୍ଯ୍ୟରେ ସେମାନେ ଆଦୌ ହାତ ଦେବାକୁ ମନ କରନ୍ତି ନାହିଁ ।

ମାତ୍ର ତଥାପି ଯେଉଁମାନେ ଏସବୁରେ ଆଗ୍ରହ ରଖିଥା'ନ୍ତି ଓ ଏକଥା କରନ୍ତି, ଯେଉଁମାନେ ଏପରି ଏକ ଅସୁସ୍ଥ ଉତ୍କଣ୍ଠା ପ୍ରକାଶ କରିଥା'ନ୍ତି, ସେମାନେ ଯାହା ଇଚ୍ଛା କରୁଥା'ନ୍ତି, ତାହା ଅବଶ୍ୟ ପାଆନ୍ତି । କାରଣ ଆମେ ଯେପରି ଏକ ବାତାବରଣ ଭିତରେ ବାସ କରୁଛୁ, ତାହା ଏପରି ବହୁସଂଖ୍ୟକ ନାନା କ୍ଷୁଦ୍ର ପ୍ରାଣିକ ଅସ୍ତିତ୍ୱ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥା'ନ୍ତି, ଯେଉଁମାନେ କି ନାନା ଅତୃପ୍ତ ବାସନା, ଅତ୍ୟନ୍ତ ନିମ୍ନ ପ୍ରକାରର ନାନା ପ୍ରାଣିକ ଗତିସ୍ପନ୍ଦନ ତଥା ପ୍ରାଣିକ ଜଗତର କେତେ କେତେ ବୃହତ୍ତର ଅସ୍ତିତ୍ୱର ଅପଘଟନରୁହିଁ ଜନ୍ମଗ୍ରହଣ କରିଥା'ନ୍ତି । ପ୍ରକୃତରେ କହିବାକୁ ଗଲେ ଆମର ବାତାବରଣ ମଧ୍ୟରେ ଏହିସବୁ ଅସ୍ତିତ୍ୱ ମାଛି ମାଛି ହୋଇ ବୁଲୁଥା'ନ୍ତି । ଏହି ପ୍ରାଣିକ ବାତାବରଣଟି ମଧ୍ୟରେ ପ୍ରକୃତରେ କ'ଣ ସବୁ ଲାଗି ରହିଥାଏ, ଅଧିକାଂଶ ବ୍ୟକ୍ତି ଯେ ତାହାକୁ ଆଦୌ ଦେଖିବାକୁ ପାଆନ୍ତି ନାହିଁ, ତାହାକୁ ଯଥାର୍ଥତଃ ଏକ ସୁରକ୍ଷା ବୋଲିହିଁ କୁହାଯିବ, କାରଣ ତା' ମଧ୍ୟରେ ବିଶେଷ ଭାବରେ ପ୍ରୀତିକର ବୋଲି ଆଦୌ କିଛି ନ ଥାଏ । ମାତ୍ର, ସେହି ଜଗତଟିର ସଂପର୍କରେ ଆସିବା ଲାଗି ସେମାନେ ଯଦି ଏକ ଦୁଃସାହସ କରିବାକୁ ମନ କରନ୍ତି ଏବଂ ସେଥିଲାଗି ସ୍ୱୟଂକ୍ରିୟ ଲିଖନ ବା ପ୍ଲାଁଶେଟ୍ ଟେବୁଲ୍‌ର ସଞ୍ଚାଳନ ବା ସେହିପରି କିଛି ଆରମ୍ଭ କରିଦିଅନ୍ତି, କେବଳ ଏକ ଅସୁସ୍ଥ ଉତ୍କଣ୍ଠାର ବଶବର୍ତ୍ତୀ ହୋଇ ସେମାନେ ସେକଥା କରିବାକୁ ବାହାରନ୍ତି, ସେତେବେଳେ ଏହାହିଁ ଘଟିଥାଏ ଯେ, ଏହିସବୁ କ୍ଷୁଦ୍ର ଅସ୍ତିତ୍ୱଗୁଡ଼ିକ ମଧ୍ୟରୁ ଗୋଟିଏ ଅଥବା ଏକାଧିକ କେତୋଟି ସେମାନଙ୍କୁ ନେଇ ଖେଳ ଖେଳିବାକୁ ଆସନ୍ତି, ସେମାନଙ୍କର ଅବଚେତନ ମନ ଭିତରୁ ଯାବତୀୟ ପ୍ରକାରର ଆବଶ୍ୟକ ସଙ୍କେତଗୁଡ଼ିକୁ ଏକତ୍ର ଆହରଣ କରିଆଣନ୍ତି ଏବଂ ତା'ପରେ ସେମାନଙ୍କ ଆଗରେ ଏହିସବୁ ବସ୍ତୁକୁ ଉପସ୍ଥାପିତ କରି ଗୋଟାସୁଦ୍ଧା ପ୍ରମାଣ କରିଦେବାକୁ ଚାହାନ୍ତି ଯେ ଏମାନେ ଯେଉଁ ବ୍ୟକ୍ତିଙ୍କୁ ଡାକୁଥିଲେ, ସେମାନେ ହେଉଛନ୍ତି ପ୍ରକୃତରେ ସେହି ବ୍ୟକ୍ତି ।

ଏହିସବୁ କାହାଣୀ ବିଷୟରେ ମୁଁ ଯେତେ ଯାହା ଜାଣିଛି, ସେହି ଦୃଷ୍ଟାନ୍ତଗୁଡ଼ିକୁ ଏକାଠି କରି ମୁଁ ତୁମ ଲାଗି ବେଶ୍ ଗୋଟାଏ ବହି ଲେଖିଦେଇ ପାରନ୍ତି । କାରଣ, ଏସବୁ କରୁଥିବାରୁ ଲୋକେ ଏତେବେଶୀ ଗର୍ବ ଅନୁଭବ କରୁଥା'ନ୍ତି ଯେ ସେମାନେ ସେଗୁଡ଼ାକୁ ସାଙ୍ଗେ ସାଙ୍ଗେ ଲେଖି ପକାନ୍ତି,– ସେମାନଙ୍କର ଅନୁଭୂତ ସତ୍ୟଟି ବିଷୟରେ ଏଗୁଡ଼ିକୁ "ପ୍ରମାଣ" ରୂପେ ବ୍ୟବହାର କରନ୍ତି । ସେହି ପ୍ରମାଣଗୁଡ଼ିକ ପ୍ରକୃତରେ ଏତେ ହାସ୍ୟାସ୍ପଦ ହୋଇ ରହିଥାଏ ଯେ, ସେମାନଙ୍କୁ ନେଇ ଯେ କେହି ଗୋଟାଏ ଖେଳ ଖେଳୁଛି,

'oaob.nitrkl.ac.in' images reprocessed

ସେହିଗୁଡ଼ିକରୁହିଁ ସେକଥାଟି ସ୍ପଷ୍ଟ ହୋଇଯିବା ଉଚିତ । ଏବେ ଏହିପରି ଆଉ ଗୋଟିଏ ଦୃଷ୍ଟାନ୍ତ ମୋ'ପାଖରେ ଆସି ପହଞ୍ଚିଥିଲା ଯେ ଜଣେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ସହିତ ଏକ ସଂପର୍କ ସ୍ଥାପନ କରିପାରିଛନ୍ତି ଓ ତାଙ୍କଠାରୁ ବିସ୍ମୟକର ନାନା ସତ୍ୟୋଦ୍‌ଘାଟନ ପ୍ରକୃତରେ ଲାଭ କରିପାରୁଛନ୍ତି ବୋଲି ମନେମନେ କଳ୍ପନା କରୁଛନ୍ତି । ସେଇଟା ପ୍ରକୃତରେ ସୀମାତୀତ ଭାବରେହିଁ ଏକ ହାସ୍ୟାସ୍ପଦ କଥା ।

ମାତ୍ର, ସେସବୁ କଥା ଯାହା ହୋଇଥାଉ ପଛକେ, ସାଧାରଣତଃ, ହଁ, ଅଧିକାଂଶ ସମୟରେ ତୁମେ କେବଳ ନିଜର ଶକ୍ତିଗୁଡ଼ିକୁ, ତୁମ ମନ ଏବଂ ପ୍ରାଣିକ ସ୍ତରର ଅବଚେତନ ଶକ୍ତିଗୁଡ଼ିକୁହିଁ ତୁମେ ପ୍ଲାଁଶେଟ୍ ଭିତରକୁ ଡାକି ଆଣିଥାଅ, ଏବଂ ତା'ପରେ ତୁମେ କେତେ କେତେ ଚମତ୍କାର ସତ୍ୟାବିଷ୍କାର କରିବାକୁ ଆରମ୍ଭ କରିଦିଅ । ଏହିପରି ଭାବରେ ଜଣେ ଇଚ୍ଛା କଲେ କେତେ କ'ଣ କହିପାରିବ । ସେମାନେ ଯାହାକୁ ଡାକି ଆଣୁଛନ୍ତି, ତାହା କେବଳ ସେହିମାନଙ୍କ ବ୍ୟତୀତ ଆଉ କିଛି ନୁହେଁ ବୋଲି କେତେଜଣଙ୍କୁ ମୁଁ ପ୍ରମାଣ କରିଦେବାକୁ ଇଚ୍ଛା କଲି । ତେଣୁ ମୁଁ ମଧ୍ୟ ଟିକିଏ ମଜା କରି ବାହାରିଲି ! ଆପଣାକୁ କେବଳ ଅଭିନିବେଶିତ କରି ଆଣିଲି, ଆଙ୍ଗୁଠିରେ ଗୋଟିଏ ଆସବାବକୁ ଠକ୍ ଠକ୍ କରି ଆଘାତ କରିବାକୁ ଲାଗିଲି, ଟେବୁଲଗୁଡ଼ିକୁ ସଞ୍ଚାଳିତ କରିନେଲି, ଇତ୍ୟାଦି, ଇତ୍ୟାଦି । ଏବଂ, ସ୍ୱୟଂକ୍ରିୟ ଲିଖନର କ୍ଷେତ୍ରରେ ମଧ୍ୟ, ତୁମକୁ ଆପଣାର ସଚେତନ ଇଚ୍ଛାଟିକୁ କେବଳ ନିଜ ଭିତରକୁ ପ୍ରତ୍ୟାହୃତ କରି ନେବାକୁ ହେବ, ତା'ପରେ ହାତଟିକୁ ମୁକ୍ତ ଭାବରେ ଚାଳିତ କରିନେବାକୁ ପଡ଼ିବ, ଏହିପରି (*ମାଆ ଅଙ୍ଗଭଙ୍ଗୀ ଦ୍ୱାରା ଦେଖାଇଲେ*) ଚାଳିତ କରି ନେବାକୁ ପଡ଼ିବ;– ତାହାକୁ ମୁକ୍ତ ଭାବରେ ଛାଡ଼ିଦେବାକୁ ପଡ଼ିବ, ତା'ପରେ ତୁମର ହାତ ଚାଲିବାକୁ ଆରମ୍ଭ କରିବ । ମାତ୍ର ତୁମ ଭିତରେ ଏପରି ଗୋଟିଏ କ୍ଷୁଦ୍ର ଅଂଶ ଅବସ୍ଥିତ ରହିଥିବ, ଯାହାକି ଏହି ହସ୍ତଚାଳନାରୁ କୌଣସି ନା କୌଣସି ଅର୍ଥ ବାହାରୁ ବୋଲି ଇଚ୍ଛା କରୁଥିବ ଏବଂ ତେଣୁ ତାହା ତୁମର ଅବଚେତନ ମନ ପାଖରେ ଯାଇ ସେହି ବିଷୟରେ ନିବେଦନ କରିବସିବ ଏବଂ ସେହି ଅବଚେତନ ମନହିଁ ବିସ୍ମୟକାରୀ ନାନା ପ୍ରସଙ୍ଗର ଉଦ୍‌ଘାଟନ କରିବାକୁ ଆରମ୍ଭ କରିଦେବ । ଏହି କାର୍ଯ୍ୟଟିକୁ ଏକ ବୈଜ୍ଞାନିକ ପ୍ରଣାଳୀରେ କଲେ ତାହା ଏକ ଅଲଗା କଥା, ତା' ନ ହେଲେ ତାହା କେବଳ ଗୋଟାସୁଦ୍ଧା ଗୋଟାଏ ଗୋଲକ ଧନ୍ଦା । ମାତ୍ର, ବୈଜ୍ଞାନିକ ପ୍ରଣାଳୀରେ ତାହାକୁ କରିବସିଲେ ଆମେ ନିଶ୍ଚୟ ହୃଦୟଙ୍ଗମ କରିପାରିବା ଯେ ଏଥିରେ ପ୍ରକୃତରେ କୌଣସି ଲାଭ ହୁଏ ନାହିଁ, ଆଦୌ କୌଣସି ଲାଭ ହୁଏ ନାହିଁ; ତୁମେ ଯାହାକୁ ଗୋଟାଏ ଭାରି ଆଗ୍ରହୋଦ୍ଦୀପକ କାର୍ଯ୍ୟ ବୋଲି ଭାବୁଛ, କେବଳ ସେହିପରି ଏକ କାର୍ଯ୍ୟରେ କିଛି ସମୟ ଅତିବାହିତ କରିବା ଲାଗି ତୁମକୁ ଯାହା ଏକ ସୁଯୋଗହିଁ ମିଳିଥାଏ ।

'oaob.nitrkl.ac.in' images reprocessed

କେତେକ କ୍ଷେତ୍ରରେ ପ୍ରାଣିକ ଅସ୍ତିତ୍ୱଗୁଡ଼ିକ ତୁମକୁ ପ୍ରକୃତରେ କବଳଗତ କରିନିଅନ୍ତି, ଏବଂ ସେତେବେଳେ ତାହା ଭାରି ବିପଜ୍ଜନକ ହୋଇପଡ଼େ । ମାତ୍ର ସୌଭାଗ୍ୟବଶତଃ ଏକଥା ଆଦୌ ଅଧିକାଂଶ ସମୟରେ ଘଟି ନ ଥାଏ । ମାତ୍ର ଯେତେବେଳେ ଘଟେ, ସେତେବେଳେ ତାହା ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼େ ।

ବହୁକାଳ ପୂର୍ବେ, ଯେତେବେଳେ ମୁଁ ଫ୍ରାନ୍ସରେ ଥିଲି, ସେତେବେଳେ ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ଏହିସବୁ ଅଭ୍ୟାସ କରୁଥିବା ହେତୁ ଏକ ପ୍ରାଣିକ ଅସ୍ତିତ୍ୱ ସହିତ ନିଜର ସଂପର୍କ ସ୍ଥାପନ କରି ପାରିଥିଲେ । ସେହି ବ୍ୟକ୍ତିଙ୍କର ଜୁଆ ଖେଳିବାର ବି ଅଭ୍ୟାସ ଥିଲା ଏବଂ ସେହି ବିଷୟରେ ଗୁଡ଼ାଏ ଚିନ୍ତା କରି ଏବଂ ସାର ପକାଇ ପକାଇ ସେ ସମୟ କଟାଇ ଦେଉଥିଲେ । ବର୍ଷର ଗୋଟାଏ ଭାଗ ସେ ମନ୍ତେ କାର୍ଲୋଠାରେ ସାର ପକାଇ ଜୁଆ ଖେଳି କଟାଉଥିଲେ ଓ ଅବଶିଷ୍ଟ ଭାଗଟି ଆସି ଦକ୍ଷିଣ ଫ୍ରାନ୍ସରେ ବାସ କରୁଥିଲେ ଏବଂ ଷ୍ଟକ୍ ଏକ୍ସ୍‌ଚେଞ୍ଜ ବିଷୟରେ ନାନା କଳ୍ପନାଜଳ୍ପନା କରୁଥିଲେ । ଏବଂ ଏହି ସମୟରେ ସେ ଗୋଟିଏ ସତ୍ତା ଦ୍ୱାରାହିଁ ଚାଳିତ ହେଉଥିଲେ,– ସ୍ୱୟଂକ୍ରିୟ ଲିଖନର ମାଧ୍ୟମରେ ତାହା ହେଉଥିଲା,– ସେହି ସତ୍ତାଟି ତାଙ୍କୁ ନାନାଭାବେ ବ୍ୟବହାର କରୁଥିଲା, ଏବଂ ବେଶ୍ କେତେବର୍ଷ ଧରି ତାଙ୍କୁ ଜୁଆଖେଳ ବିଷୟରେ ସଂପୂର୍ଣ୍ଣ ନିର୍ଭୁଲ୍ ସୂଚନାମାନ ଆଣି ଦେଇ ବି ଯାଉଥିଲା । ଯେତେବେଳେ ସେ ସାର ପକାଇ ଜୁଆ ଖେଳୁଥିଲେ, ସେତେବେଳେ ସତ୍ତାଟି "ଏଥର ତୁମେ ଏହି ସଂଖ୍ୟାଟି ବା ଏହି ସ୍ଥାନଟି ଉପରେ ବାଜି ପକାଅ" ବୋଲି କହି ଦେଉଥିଲା ଏବଂ ତେଣୁ ସେ ଖେଳରେ ଜୟଲାଭ କରୁଥିଲେ । ତେଣୁ, ସ୍ପଷ୍ଟ ଭାବରେ ବୁଝି ହେଉଥିବ ଯେ ସେହି ସତ୍ତାଟିକୁ ସେ ପ୍ରାୟ ପୂଜାହିଁ କରୁଥିଲେ ଏବଂ ସତ୍ତାଟି ତାଙ୍କ ଆଗରେ କେତେକେତେ ବିସ୍ମୟକାରୀ ସତ୍ୟର ଉଦ୍‌ଘାଟନ କରିଦେଉଥିଲା । ଏକ୍ସ୍‌ଚେଞ୍ଜରେ ମଧ୍ୟ ସତ୍ତା ତାଙ୍କୁ "ତୁମେ ବର୍ତ୍ତମାନ ଏଇଟି ବା ସେଇଟି ବିଷୟରେ ବାଜି ରଖ" ବୋଲି କହୁଥିଲା ଏବଂ ତାଙ୍କୁ ଯାବତୀୟ ସୂଚନା ଆଣି ଦେଇ ଯାଉଥିଲା । ଫଳରେ ସେହି ବ୍ୟକ୍ତି କ୍ରମେ ଜଣେ ବିରାଟ ଧନୀରେ ପରିଣତ ହୋଇଗଲେ । ଯେଉଁ ଉପାୟରେ ସେ ଏପରି ଧନୀ ହୋଇପାରିଛନ୍ତି, ସେ ସେକଥା ଭାରି ଗର୍ବ କରି ଆପଣାର ବନ୍ଧୁମାନଙ୍କୁ କହିବାରେ ଲାଗିଥିଲେ ।

ଆଉଜଣେ ବ୍ୟକ୍ତି ତାଙ୍କୁ ଥରେ ସତର୍କ କରାଇଦେଇ କହିଲେ, "ଆପଣ ସାବଧାନ ରହନ୍ତୁ, ଏଇଟାରେ ଖୁବ୍‌ବେଶୀ ସାଧୁତା ରହିଛି ବୋଲି ମୋତେ ମନେ ହେଉ ନାହିଁ, ଆପଣଙ୍କର ଏହି ସତ୍ତାଟି ଉପରେ ଆଦୌ ବିଶ୍ୱାସ ସ୍ଥାପନ କରିବା ଉଚିତ ନୁହେଁ ।" ସିଏ ଏକଥାରେ ତାଙ୍କ ସହିତ ଝଗଡ଼ା କରିବାକୁ ଲାଗିଲେ । କିଛିଦିନ ପରେ ସେ ମନ୍ତେକାର୍ଲୋ ଚାଲି ଯାଇଥିଲେ ଏବଂ... ସେ ସର୍ବଦା ବଡ଼ ବଡ଼ ଅର୍ଥ ପରିମାଣର ବାଜି

'oaob.nitrkl.ac.in' images reprocessed

ରଖୁଥିଲେ; ନିଜେ ଅବଶ୍ୟ ଜିତିବେ ବୋଲି ସେ ଯେତେବେଳେ ନିଶ୍ଚିତ ହୋଇ ରହିଥିଲେ, ସେତେବେଳେ ତାଙ୍କ ପକ୍ଷରେ ଏପରି କରିବା ଅତ୍ୟନ୍ତ ସ୍ୱାଭାବିକ । ଏହିପରି ସବୁ ଜିତି ସେ ହୁଏତ ବ୍ୟାଙ୍କ୍‌ଟାକୁହିଁ ଦେବାଳିଆ କରିଦେବେ ବୋଲି ତାଙ୍କୁ ସମସ୍ତେ ଭାରି ଭୟ କରୁଥିଲେ । ଏମିତି ଦିନେ ତାଙ୍କ ସତ୍ତାଟି ତାଙ୍କୁ ଆସି କହିଲା, "ଏଥର ତୁମେ ସବୁଯାକ ଥୋଇ ବାଜିରଖ; ତୁମର ଯାହାକିଛି ଅଛି, ସବୁଯାକ ଥୋଇଦିଅ ।" ସିଏ ଠିକ୍ ସେହି କଥା କଲେ ଓ ଗୋଟିଏ ଚାଲ୍‌ରେ ସବୁ ହରାଇ ବସିଲେ ! ତଥାପି ଷ୍ଟକ୍ ଏକ୍‌ସ୍‌ଚେଞ୍ଜର ଖେଳ ବାବତରୁ ତାଙ୍କ ପାଖରେ କିଛି ଅର୍ଥ ଅବଶେଷ ରହିଥିଲା । ସିଏ ମନେ ମନେ "ଏଥର ଭାଗ୍ୟ ଖରାପ ପଡ଼ିଲା" ବୋଲି କହିଲେ । ତା'ପରେ, ସବୁଥର ପରି, "ଏଇଟାକୁ ନେଇ ବାଜି ରଖ" ବୋଲି ସେହି ଏକ ନିର୍ଦ୍ଦିଷ୍ଟ ସୂଚନା ପାଇଲେ । ସିଏ ସେହିପରି କଲେ ଏବଂ ଗୋଟାସୁଦ୍ଧା ସଫା ହୋଇଗଲେ । ଏବଂ କାର୍ଯ୍ୟଟିକୁ ସଂପୂର୍ଣ୍ଣ ଭାବରେ ଶେଷ କରିଦେବା ଉଦ୍ଦେଶ୍ୟରେ, କେବଳ ମଜା ଦେଖିବାକୁହିଁ, ସତ୍ତାଟି ତାଙ୍କୁ ପୁଣି ଆସି କହିଲା, "ବର୍ତ୍ତମାନ ତୁମେ ନିଜ ହାତରେ ନିଜର ପ୍ରାଣ ନେବାକୁ ମନ କରିବ । ବାସ୍, ମୁଣ୍ଡ ପାଖରେ ବନ୍ଧୁକ ରଖି ଗୋଟିଏ ଗୁଳି ଫୁଟାଇ ଦିଅ, ସେକଥାଟି ବି ହୋଇଯିବ ।" ଏବଂ, ସେ ଏତେଦୂର ତା' ପ୍ରଭାବର ବଶବର୍ତ୍ତୀ ହୋଇ ରହିଥିଲେ ଯେ, ସିଏ ଠିକ୍ ସେହିପରି କଲେ । କାହାଣୀଟି ଏଇଠି ଶେଷ ହୋଇଗଲା । ଏବଂ ଏଇଟି ଏକ ସଂପୂର୍ଣ୍ଣ ପ୍ରାମାଣିକ କାହାଣୀ । ତେଣୁ, ଅତି କମ୍‌ରେ ଏତିକି କୁହାଯାଇ ପାରିବ ଯେ ଏହା ଅତ୍ୟନ୍ତ ବିପଜ୍ଜନକ; ତେଣୁ ଏପରି କାର୍ଯ୍ୟଗୁଡ଼ିକରେ କୌଣସି ସମୟ ନଷ୍ଟ ନ କରିବା ହେଉଛି ଅନେକ ଅଧିକ ଭଲ ।

ନା !— ସେଗୁଡ଼ିକୁ ଆମେ ହୁଏତ ନିରର୍ଥକ କେତେକ ମନୋରଞ୍ଜନ ବୋଲି କହିବା ନଚେତ୍ ଅହିତକର କେତେକ ଧନ୍ଦା ବୋଲି କହିବା ।

*ମାଆ, ଶ୍ରୀଅରବିନ୍ଦ କୁଆଡ଼େ ତାଙ୍କର "ଯୋଗସାଧନା" ପୁସ୍ତକଟିକୁ ଏହିପରି ଭାବରେ ଲେଖିଥିଲେ...*

ନା— ନା । ସେକଥା ଆଦୌ ସତ ନୁହେଁ । ତୁମେ ବିଭିନ୍ନ କଥାକୁ ମୋଟେ ଗୋଳିଆମିଶା କରି ପକାଅ ନାହିଁ । ତାହା ଏକ ସଂପୂର୍ଣ୍ଣ ଅନ୍ୟ କଥା । ଶ୍ରୀଅରବିନ୍ଦ କାହା ସହିତ ସମ୍ପର୍କ ସ୍ଥାପନ କରିଛନ୍ତି, ସିଏ ସେହି କଥାଟିକୁ ଜାଣିଥିଲେ । ସିଏ ଇଚ୍ଛାକୃତ ଭାବରେ ତାହା କରୁଥିଲେ ଏବଂ ଯେଉଁ ବ୍ୟକ୍ତିଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ, ତାଙ୍କୁ ସ୍ୱୟଂ ନିର୍ବାଚନ କରିଥିଲେ । ବର୍ତ୍ତମାନ ମୁଁ ଯେଉଁ କ୍ଷୁଦ୍ର ଅସ୍ତିତ୍ୱଗୁଡ଼ିକର କଥା କହୁଥିଲି, ସେଗୁଡ଼ିକ ସହିତ

'oaob.nitrkl.ac.in' images reprocessed

ତାଙ୍କର ଆଦୌ କୌଣସି ସମ୍ବନ୍ଧ ନ ଥିଲା, ଆଦୌ, ଆଦୌ କୌଣସି ସମ୍ବନ୍ଧ ନ ଥିଲା । ସିଏ ଯାହା କରୁଥିଲେ, ତାହା ପ୍ରତ୍ୟକ୍ଷ ଭାବରେ ମାନସିକ ଜଗତରେହିଁ ସଂଘଟିତ ହେଉଥିଲା । ତେଣୁ ତୁମେ ଦୁଇ କଥାକୁ ମୋଟେ ଗୋଳିଆମିଶା କରି ପକାଅ ନାହିଁ । ଦୁଇଟି ମଧ୍ୟରେ ଆଦୌ କୌଣସି ସମ୍ବନ୍ଧ ନାହିଁ, ଆଦୌ ସମ୍ବନ୍ଧ ନାହିଁ ।

*(ମାଆ ନୀରବ ରହିଲେ)*

ଯଦି ନିଷ୍କ୍ରିୟତାର ଏକ ନିର୍ଦ୍ଦିଷ୍ଟ ଅବସ୍ଥା ଭିତରକୁ ପ୍ରବେଶ କରିବା ଲାଗି କାହା ପାଖରେ ଆବଶ୍ୟକ ଜ୍ଞାନ, ନିୟନ୍ତ୍ରଣ, କ୍ଷମତା ଏବଂ ସମାର୍ଥ୍ୟଟି ରହିଥିବ, ତେବେ ସିଏ ନିଶ୍ଚୟ ନିଜର ହାତଟିକୁ ନେଇ ଆହୁରି କାହାର ଅଧୀନ କରି ରଖିପାରିବ, ଇଚ୍ଛାକୃତ ଭାବରେ ତାହା କରିପାରିବ । ସିଏ ଯେ କିଏ ଏବଂ ସିଏ ଯେ ଏକ ଉଚ୍ଚତର ସ୍ତରରେ ନିଜକୁ କାର୍ଯ୍ୟକାରୀ କରି ରଖିଛନ୍ତି, ସେ ଏକଥାଟିକୁ ଭଲ କରି ଜାଣିଥିବ । ମାତ୍ର ସେଥିପାଇଁ ଏକ ବୃହତ୍ ଚେତନା ଦରକାର, ଆପଣା ଉପରେ ପ୍ରଭୂତ ନିୟନ୍ତ୍ରଣ-ଶକ୍ତି ରହିଥିବା ଦରକାର ଏବଂ ସେହି ସାମର୍ଥ୍ୟଟି କଦାପି ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ସମ୍ଭବ ହୁଏ ନାହିଁ । ଏକ ନିର୍ଦ୍ଦିଷ୍ଟ ଭୂମିରେ ମୁଁ ପ୍ରକୃତରେ କାହା ସହିତ ଯାଇ କାରବାର କରୁଛି, ସେହି କଥାଟିକୁ ଦେଖିପାରିବା ଭଳି ମୋ'ର ସେହିପରି ଯଥେଷ୍ଟ ପରିମାଣରେ ଏକ ଅନ୍ତର୍ଗତ ବିକାଶ ହୋଇଥିବା ଏକାନ୍ତ ଆବଶ୍ୟକ । ମୁଁ ପ୍ରକୃତରେ କ'ଣ କରିବାକୁ ଯାଉଛି, ସେହି କଥାଟିକୁ ସଂପୂର୍ଣ୍ଣ ଭାବରେ ଜାଣି ଏବଂ ଆପଣାର ନିୟନ୍ତ୍ରଣ-ଶକ୍ତିଟିକୁ କୌଣସି ପ୍ରକାରେ ହରାଇ ନ ବସି ମୁଁ ଯେପରି ଇଚ୍ଛାକୃତ ଭାବରେ ପ୍ରୟୋଗଟି ଲାଗି ଆଗଭର ହୋଇଯାଇ ପାରିବି, ମୋ' ଭିତରେ ସେହି ସାମର୍ଥ୍ୟଟି ଅବଶ୍ୟ ରହିଥିବା ଆବଶ୍ୟକ । ସେହି ବସ୍ତୁଟିକୁ ନେଇ ସବୁ ମଣିଷ କଦାପି ଖେଳ ଖେଳି ପାରିବେ ନାହିଁ । ମାତ୍ର, ପ୍ଲାଁଶେଟ୍ ସହିତ କାର୍ଯ୍ୟ କରିବାକୁ ହେଲେ, ଆମକୁ ନିଜକୁ କେବଳ ଯଥେଷ୍ଟ ପରିମାଣରେ ଏକ ଭ୍ରମ ଭିତରେହିଁ ପକାଇ ରଖିବାକୁ ହେବ, ଏବଂ ସେତିକି ହୋଇପାରିଲେହିଁ ପ୍ଲାଁଶେଟ୍ କାମ କରିବାକୁ ଆରମ୍ଭ କରିବ ।

*ମାଆ, ଆପଣ ବର୍ତ୍ତମାନ ଆମକୁ ଯେଉଁସବୁ କଥା କହୁଛନ୍ତି, ସେଗୁଡ଼ିକ କ'ଣ ଗୂଢ଼ବିଦ୍ୟାର ଗୋଟିଏ ଅଂଶ ?*

ମୁଁ କେବଳ ଏକ ପ୍ରୟୋଗ କରି ଦେଖିବା ବିଷୟରେ ଯାହାକିଛି କହୁଥିଲି । ବାସ୍ ସେତିକି ।

'oaob.nitrkl.ac.in' images reprocessed

(ମାଆ ନୀରବ ରହିଲେ)

ଗୁହ୍ୟବିଦ୍ୟାର ନିକଟବର୍ତ୍ତୀ ହେବା ଲାଗି ଏହା ଆଦୌ ଏକ ଉତ୍ତମ ମାର୍ଗ ନୁହେଁ, କାରଣ, ଏକ ସାଧାରଣ ନିୟମ ହିସାବରେ ବିଚାର କରି ଦେଖିଲେ, ଅନ୍ତର୍ଗତ କ୍ଷେତ୍ରରେ, ଅର୍ଥାତ୍ ଅନ୍ତର୍ଗତ ବିକାଶର ରାଜ୍ୟରେ ଏଇ କଥାଟିକୁ ଆମେ ଉପନ୍ୟାସ ପଢ଼ିବାର ଆବଶ୍ୟକତା ସହିତ ସମତୁଲ କରି ବିଚାର କରିପାରିବା । ଯେଉଁ ଲୋକମାନଙ୍କର ମନ ଯଥେଷ୍ଟ ପରିମାଣରେ ବିକାଶଲାଭ କରି ନ ଥାଏ, ଯେଉଁମାନଙ୍କର ମନ ତଥାପି ଏକ ତାମସିକ ସ୍ତରରେ ରହିଥାଏ ଓ ଅର୍ଦ୍ଧ-ଜୀବନହୀନ ହୋଇ ଯାଇଥାଏ, ସେଇମାନେହିଁ ଟିକିଏ ଜାଗ୍ରତ ହୋଇ ଉଠିବା ଲାଗି ଉପନ୍ୟାସ ପଢ଼ିବାକୁ ଆବଶ୍ୟକ ବୋଲି ଭାବିଥା'ନ୍ତି । ସେମାନେ ଏହାଦ୍ୱାରା ଆପଣା ମନର ଏକ ପ୍ରଶଂସାଯୋଗ୍ୟ ସ୍ତର ରହିଛି ବୋଲି ଆଦୌ ସୂଚନା ଦିଅନ୍ତି ନାହିଁ ବା ସେମାନଙ୍କର ଏହି ସ୍ତରଟି ଖୁବ୍ ଉଚ୍ଚକୁ ଯାଇଛି ବୋଲି ମଧ୍ୟ ଆଦୌ ପ୍ରମାଣ ଦିଅନ୍ତି ନାହିଁ । ଏବଂ, ଅନ୍ତର୍ଗତ ବିକାଶର କ୍ଷେତ୍ରରେ ମଧ୍ୟ ଆମେ ଠିକ୍ ସେହିପରି ବିଚାର କରି ପାରିବା । ଯେତେବେଳେ ଜଣେ ବ୍ୟକ୍ତି ବିକାଶର ଏକ ଅତ୍ୟନ୍ତ ପ୍ରାରମ୍ଭିକ ଅବସ୍ଥାରେ ରହିଥାଏ, ଯେତେବେଳେ ସେ ଆପଣାର ଅନ୍ତର୍ଗତ ଜୀବନ ବୋଲି ପ୍ରଗାଢ଼ତାର ସହିତ ଆଦୌ କିଛି ବସ୍ତୁ ନ ଥାଏ, ସେତେବେଳେ ତା'ର ଜୀବନରେ ଉପନ୍ୟାସ ପଢ଼ିବାର ଏକ ଆବଶ୍ୟକତା ରହିଥାଏ, ବା ନିଜ ଲାଗି କେତୋଟି ଉପନ୍ୟାସ ସୃଷ୍ଟି କରିବାର ଆବଶ୍ୟକତା ରହିଥାଏ । ଏବଂ ସେତିକିବେଳେ ସିଏ ଏହିପରି ପ୍ରୟୋଗମାନଙ୍କରେ ଆଗ୍ରହ ଦେଖାଇବାକୁ ବାହାରେ ଏବଂ ଏସବୁ କରି ସେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କିଛି କରୁଛି ବୋଲି ବିଶ୍ୱାସ କରିବାରେ ଲାଗିଥାଏ ।... ଉପନ୍ୟାସ ପଢ଼ିବାର ଆଗ୍ରହ ଯାହା, ଏହି ଆଗ୍ରହଟି ମଧ୍ୟ ଠିକ୍ ସେଇଆ । ଏଠାରେ ମୁଁ ସାହିତ୍ୟ ଗୋଷ୍ଠୀରେ ଗଣା ହେଉଥିବା ଉପନ୍ୟାସଗୁଡ଼ିକର କଥା କହୁ ନାହିଁ, ମୁଁ ଶସ୍ତା ଉପନ୍ୟାସଗୁଡ଼ିକର କଥା କହୁଛି; ଖବରକାଗଜମାନଙ୍କର ପଛପୃଷ୍ଠାରେ ଯେଉଁ ଉପନ୍ୟାସ ସବୁ ଛାପାହୁଏ, ସେହିଗୁଡ଼ିକର କଥା କହୁଛି ।

ଶ୍ରୀଅରବିନ୍ଦ ଥରେ ମୋତେ କହୁଥିଲେ ଯେ କେତେକ ଲୋକ ଏହିଗୁଡ଼ିକୁହିଁ ଆବଶ୍ୟକ ବୋଲି ଭାବନ୍ତି, କାରଣ ସେମାନଙ୍କର ମନ ଏପରି ନିର୍ଜୀବ ହୋଇ ରହିଥାଏ ଯେ, ଏଗୁଡ଼ିକ ପଢ଼ି ସେମାନେ ଟିକିଏ ସଚଳ ହୋଇଗଲା ପରି ଲାଗନ୍ତି, ଟିକିଏ ଚେଇଁ ଉଠିଲା ପରି ଅନୁଭବ କରିଥା'ନ୍ତି । ଏଠାରେ ମଧ୍ୟ ଠିକ୍ ସେହିପରି କଥା । ଆପଣାର ପ୍ରାଣିକ ସତ୍ତାଟିକୁ କିଞ୍ଚିତ୍ ପରିମାଣରେ ଜାଗ୍ରତ କରି ଆଣିବା ଲାଗି କେତେକ ଲୋକଙ୍କ ଲାଗି ହୁଏତ ଏହି ପ୍ରକାର କସରତ୍‌ମାନ କରିବାର ଏକ ପ୍ରୟୋଜନ ରହିଥାଏ । କାରଣ

'oaob.nitrkl.ac.in' images reprocessed

ସେମାନଙ୍କର ସେହି ସତ୍ତାଟି ଶୋଇ ରହିଥାଏ, ନିର୍ଜୀବ ହୋଇ ପଡ଼ିଥାଏ ଏବଂ... ଏହାଦ୍ୱାରା ସେମାନେ ଜୀବନରେ କିଞ୍ଚିତ୍ ଆଗ୍ରହ ପ୍ରକାଶ କରିଥା'ନ୍ତି । ମାତ୍ର ତଥାପି, ଏଗୁଡ଼ିକୁ ଏକ ମୂଲ୍ୟବାନ୍ କାର୍ଯ୍ୟ ବୋଲି ଆଦୌ କୁହାଯାଇ ପାରିବ ନାହିଁ । କେବଳ ଖେଳ ବୋଲି କୁହାଯିବ, ମନୋରଞ୍ଜନ ବୋଲି କୁହାଯିବ ।

ଏବଂ ଏହାଦ୍ୱାରା କୌଣସି ବ୍ୟକ୍ତି ଲାଗି ଆଦୌ କୌଣସି ସତ୍ୟର ପ୍ରମାଣ ଦେବା କେବେ ସମ୍ଭବ ହୋଇ ନାହିଁ । ଜଣେ ହୁଏତ କହିପାରିବ, ''ହଁ, ଏକ ଅନ୍ତର୍ଗତ ଜୀବନ ଯେ ରହିଛି, ଏକ ଅଦୃଶ୍ୟ ଜୀବନ ଯେ ରହିଛି, ତୁମକୁ ସେହି କଥାଟିକୁ ବୁଝାଇ ଦେବା ପାଇଁ ତାହାର ନିଶ୍ଚୟ ଏକ ପ୍ରୟୋଜନ ରହିଛି । ଏବଂ ଏହା ତୁମକୁ ଏପରି ଅନେକ ବସ୍ତୁର ସଂପର୍କରେ ଆଣି ରଖିପାରୁଛି, ଯାହାକି ତୁମର ଦୃଷ୍ଟିଗୋଚର ହେଉ ନାହିଁ; ଏବଂ ସେଗୁଡ଼ିକ ପ୍ରକୃତରେ ରହିଛି ବୋଲି ତୁମକୁ ଏକ ପ୍ରମାଣ ଯୋଗାଇ ଦେଇ ପାରୁଛି ।'' ସେକଥା ଆଦୌ ଠିକ୍ ନୁହେଁ ।

ଯଦି ତୁମ ଭିତରେ ଏକ ଆଧ୍ୟାତ୍ମିକ ସତ୍ତା ନ ଥାଏ, ଯଦି ତାହା ଜାଗରଣର ସମର୍ଥ ହୋଇ ରହି ନ ଥାଏ ଏବଂ ଆପଣାର ଜୀବନଟିକୁ ବଞ୍ଚିବା ଲାଗି ବି ସମର୍ଥ ହୋଇ ନ ଥାଏ, ତେବେ ଏସବୁ କଥା ତୁମକୁ ଆଦୌ କିଛିହେଲେ ଶିକ୍ଷା ଦେଇ ପାରିବେ ନାହିଁ । ମୁଁ ଏପରି କେତେକ ଲୋକଙ୍କୁ ଜାଣିଥିଲି,– ସେମାନଙ୍କ ମଧ୍ୟରେ ବିଶେଷ ଭାବରେ ଜଣଙ୍କୁ ଜାଣିଥିଲି, ଯିଏ ଜଣେ ବୈଜ୍ଞାନିକ ଥିଲେ, ଭାରି ବୁଦ୍ଧିମାନ୍ ଥିଲେ, ଯାହାଙ୍କର ପ୍ରକୃତରେ ଅନେକ ସାମର୍ଥ୍ୟ ରହିଥିଲା । ସିଏ ଉଚ୍ଚତର ବିଜ୍ଞାନର ଅଧ୍ୟୟନ କରିଥିଲେ, ଜଣେ ଇଞ୍ଜିନିୟର ହୋଇ କୌଣସି ଏକ ଉଚ୍ଚ ପଦରେ ରହିଥିଲେ । ''ସ୍ପିରିଚୁଆଲିଷ୍ଟ'' ବୋଲି ଅଭିହିତ ଗୋଟିଏ ଗୋଷ୍ଠୀରେ ସିଏ ଜଣେ ସଦସ୍ୟ ଥିଲେ । ସେହି ଗୋଷ୍ଠୀ 'ମିଡିଅମ୍' ହିସାବରେ ଏପରି ଜଣେ ବ୍ୟକ୍ତିଙ୍କୁ ପାଇଥିଲା, ଯାହାଙ୍କର ପ୍ରକୃତରେ ଅନେକ ଅଲୌକିକ ସାମର୍ଥ୍ୟ ରହିଥିଲା । ଉକ୍ତ ବୈଜ୍ଞାନିକ ଗୋଷ୍ଠୀର ସବୁଯାକ ବୈଠକରେ ଯାଇ ଯୋଗ ଦେଉଥିଲେ; କିଛି ଶିଖିବା ଉଦ୍ଦେଶ୍ୟରେ, ଆପଣା ମଧ୍ୟରେ ବିଶ୍ୱାସ ଜନ୍ମାଇବା ଉଦ୍ଦେଶ୍ୟରେ ଏବଂ ଗୋଟିଏ ଅଦୃଶ୍ୟ ଜଗତ ଯେ ଅବଶ୍ୟ ରହିଛି, ସେହି ବିଷୟରେ ପ୍ରତ୍ୟକ୍ଷ ପ୍ରମାଣମାନ ପାଇବା ଉଦ୍ଦେଶ୍ୟରେ ସେ ସେଠାକୁ ଯାଉଥିଲେ । ଏକ ଅଦୃଶ୍ୟ ଜଗତ ଯେ ପ୍ରକୃତରେ ଓ ମୂର୍ତ୍ତ ଭାବରେ ରହିଛି, ସେ ତାହାରି ପ୍ରମାଣ ପାଇବାକୁ ଯାଉଥିଲେ । ସବୁପ୍ରକାର ନିର୍ଭୁଲ ନିୟନ୍ତ୍ରଣ ମଧ୍ୟରେ, ଯଥାସମ୍ଭବ ଅଧିକ ଏକ ବୈଜ୍ଞାନିକ ପ୍ରଣାଳୀରେ ଯାହାକିଛି ଦେଖିବା ସମ୍ଭବ ହେଲା, ସେଠାରେ ସେ ସବୁକିଛି ଦେଖିଥିଲେ । ସବୁ ପ୍ରୟୋଗଗୁଡ଼ିକୁ ବିଲକୁଲ ଯାବତୀୟ ଟିକିନିଖି ସହିତ ତାଙ୍କ ଆଗରେ ପ୍ରଦର୍ଶିତ କରାଯାଇଥିଲା । ସେଠାରେ ସେ ଯେଉଁସବୁ ଅତ୍ୟନ୍ତ ଅସାଧାରଣ ବିଷୟମାନ ଦେଖିଥିଲେ,

'oaob.nitrkl.ac.in' images reprocessed

ମୋ’ ଆଗରେ ସେଗୁଡ଼ିକୁ ଆସି ବର୍ଣ୍ଣନା କରିଥିଲେ । ବର୍ତ୍ତମାନ ଯେଉଁ ପ୍ଲାଷ୍ଟିକ୍ କପଡ଼ା ତିଆରି ହେଲାଣି, ମୁଁ ସେହିପରି ଗୋଟାଏ କିଛିର ଖଣ୍ଡେ ମୋ ହାତ ଭିତରେ ଧରିଲି । ସେହି କପଡ଼ା ବୁଣାଯାଏ ନାହିଁ, ସେହିପରି ଖଣ୍ଡେ ପ୍ଲାଷ୍ଟିକ୍ ହୋଇହିଁ ରହିଥାଏ । ମାତ୍ର ସେକାଳରେ ତ ପ୍ଲାଷ୍ଟିକ୍ ନ ଥିଲା, ସେତେବେଳେ ପ୍ଲାଷ୍ଟିକ୍‌ର ଆବିଷ୍କାର ହୋଇ ନ ଥିଲା, ଏହା ଅନେକ ଦିନ ତଳର କଥା । ମୁଁ ସେହିପରି ଛୋଟିଆ ଖଣ୍ଡେ ମୋ’ ହାତରେ ଧରିଲି, ଏହିପରି ସେଥିରୁ ଚିରା ଖଣ୍ଡେ ମୋ’ ହାତରେ ଧରିଲି । ସେଥିରେ ଗୋଟିଏ ଭାରି ସୁନ୍ଦର ଡିଜାଇନ୍ ଅଙ୍କା ହୋଇ ରହିଥାଏ । କଥାଟି କିପରି ଘଟିଥିଲା, ସେ ମୋତେ ଏହିପରି ଭାବରେ ସେହି କଥାଟିକୁ କହୁଥିଲେ । ତା’ପରେ ମିଡିଅମ୍‌କୁ ଭାବାବିଷ୍ଟ ଅବସ୍ଥାରେ ରଖି ଦିଆଗଲା, ସେହି ଉପାଦାନରେ ତିଆରି ଏକ ପୋଷାକ ପିନ୍ଧି ଜଣେ ବ୍ୟକ୍ତିର ଆବିର୍ଭାବ ହେଲା– ପ୍ରକୃତରେ ଜଣେ ଲୋକ ଏହିପରି ସାକାର ହୋଇ ଆବିର୍ଭୂତ ହୋଇଥିଲା । ଏହି ବ୍ୟକ୍ତିଟି ତା’ ଆଗ ଦେଇ ସେବାଟେ ଚାଲିଗଲା, ଏବଂ ସେହି ଜୀବଟି ଯେତିକି ଛୋଟ ଥିଲା, ପ୍ରମାଣ ଦେବାଲାଗି ସେ ଠିକ୍ ସେହିପରି ଛୋଟିଆ ଖଣ୍ଡେ ସେହି ପୋଷାକରୁ ଚିରି ଆଣିଲା ଏବଂ ସେ ସେହି ଖଣ୍ଡଟିକୁ ପାଖରେ ରଖିଲେ । ମିଡିଅମ୍ ହଠାତ୍ ଚିତ୍କାର କରି ଉଠିଲା,– ଏବଂ ସଙ୍ଗେ ସଙ୍ଗେ ସବୁକିଛି କୁଆଡ଼େ ଅନ୍ତର୍ହିତ ହୋଇଗଲା ।... ମାତ୍ର ଚିରା ହୋଇଥିବା ସେହି ଖଣ୍ଡଟି ତାଙ୍କ ହାତରେ ରହିଥିଲା ଓ ସେ ସେହି ଖଣ୍ଡଟିକୁ ମୋ’ ହାତରେ ଦେଲେ । ମୁଁ ତାଙ୍କୁ ପୁଣି ସେଇଟିକୁ ଫେରାଇଦେଲି । ସିଏ ସେଇଟିକୁ ମୋତେ ଖାଲି ଦେଖାଇ ଦେଇଥିଲେ । ସେଇଟି ମୋ’ ହାତରେ ଥିଲା ।

ତେଣୁ ତୁମେ ବୁଝି ପାରୁଥିବ, ଏଇଟି ପ୍ରକୃତରେ ଏକ ସାକାର ବସ୍ତୁ, କାରଣ ସେଥିରୁ ଖଣ୍ଡେ ତାଙ୍କ ହାତରେ ତଥାପି ରହି ଯାଇଥିଲା । ଏଇଟା ଯେ କେବଳ ଏକ ଭ୍ରମ ମାତ୍ର, ସେ ନିଜକୁ ଏକଥା ଆଦୌ କହି ପାରୁ ନ ଥିଲେ । ମାତ୍ର, ଏହି ସବୁକିଛି ସତ୍ତ୍ୱେ ବେଶ୍ ଗୋଟାଏ ପୂରା ବହି ତିଆରି କରି ଥୋଇଦେଇ ପାରୁଥିବା ଅତ୍ୟନ୍ତ ଅସାଧାରଣ ଏହି ସବୁଯାକ କାହାଣୀ ସତ୍ତ୍ୱେ, ସିଏ ତଥାପି କିଛି ବିଶ୍ୱାସ କରି ପାରୁ ନ ଥିଲେ । ସିଏ କୌଣସିଟିର କାରଣଟିକୁ ଦର୍ଶାଇ ପାରୁ ନ ଥିଲେ । ସିଏ ନିଜେ ପାଗଳ ନା ସେହି ଅନ୍ୟ ଲୋକମାନେ ପାଗଳ, ସିଏ ଏହି କଥାଟିର ଆଦୌ କୌଣସି ଉତ୍ତର ପାଉ ନ ଥିଲେ ।... ଏହି ସବୁକିଛି ତାଙ୍କର ଜ୍ଞାନକୁ ଅଧଖୋଜେ ଆଗକୁ ଯିବା ଲାଗି ମଧ୍ୟ ଆଦୌ ସାହାଯ୍ୟ କରିପାରି ନ ଥିଲା ।

ସେହି ଉପାଦାନଗୁଡ଼ିକୁ ନିଜ ଭିତରେ ବହନ କରୁ ନ ଥିଲେ ସେଗୁଡ଼ିକରେ ବିଶ୍ୱାସ କରିବା କଦାପି ସମ୍ଭବ ହେବ ନାହିଁ ।

ତୁମ ପାଖରେ ଯେତେ ବାହ୍ୟ ପ୍ରମାଣ ଗଦା ହୋଇ ରହିଥାଉ ପଛକେ, ତୁମେ

'oaob.nitrkl.ac.in' images reprocessed

ତଦ୍ଦ୍ୱାରା ଆଦୌ କୌଣସି ଜ୍ଞାନଲାଭ କରିପାରିବ ନାହିଁ । ଯେତେବେଳେ ତୁମେ ନିଜେହିଁ ତୁମର ଅନ୍ତର୍ଗତ କ୍ଷେତ୍ରରେ ବିକାଶଲାଭ କରିବ, ଏହିସବୁ ବସ୍ତୁ ସହିତ ତୁମେ ଯେତେବେଳେ ଏକ ପ୍ରତ୍ୟକ୍ଷ ଏବଂ ଅନ୍ତର୍ଗତ ସଂପର୍କ ସ୍ଥାପନ କରିବାକୁ ସମର୍ଥ ହୋଇଯିବ, ସେତେବେଳେ ଯାଇ ତୁମେ ସେଗୁଡ଼ିର ପ୍ରକୃତ ପରିଚୟ ପାଇବ । ମାତ୍ର ସ୍ଥୂଳ ଭୌତିକ ସ୍ତରର କୌଣସି ପ୍ରମାଣ,– ଭୌତିକ ପ୍ରମାଣ ଓ ଏହି ପ୍ରକାରର ଯାବତୀୟ ପ୍ରମାଣ,– ତୁମକୁ ଆଦୌ କୌଣସି ଜ୍ଞାନ ଆଣି ଦେଇ ପାରିବେ ନାହିଁ । ଯଦି ତୁମ ନିଜ ଭିତରେ ଏହି ଜ୍ଞାନକୁ ଲାଭ କରିବାର ସାମର୍ଥ୍ୟ ରଖିଥିବା ଉପଯୁକ୍ତ ସତ୍ତାଟି ନ ଥିବ, ତେବେ କୌଣସି ପ୍ରମାଣ ତୁମକୁ କୌଣସି ଜ୍ଞାନ ଆଣି ଦେଇପାରିବେ ନାହିଁ ।

ତେଣୁ, ବର୍ତ୍ତମାନ ଆମେ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚୁଥିବା ଯେ ଏଭଳି ଯାବତୀୟ ପ୍ରୟୋଗ ଦ୍ୱାରା ଆମର ଆଦୌ କୌଣସି ଲାଭ ହେବ ନାହିଁ । କାରଣ ଯେଉଁମାନଙ୍କ ଭିତରେ ଅନ୍ତର୍ଗତ ସତ୍ତା ବୋଲି କିଛି ରହିଛି, ଦିନେ ନା ଦିନେ ଜୀବନ ସେମାନଙ୍କ ଲାଗି ଅବଶ୍ୟ ଏପରି ଏକ ଅବସର ଆଣି ପହଞ୍ଚାଇ ଦେବ, ଯେତେବେଳେ କି ସେମାନେ ଜାଗ୍ରତ ହୋଇ ଉଠିବେ ଏବଂ ଜାଣିବା ଲାଗି ସେମାନଙ୍କର ଯାହାକିଛି ପ୍ରୟୋଜନ, ସେସବୁ ସହିତ ଯୋଗସୂତ୍ର ସ୍ଥାପନ କରି ପାରିବେ ।

ତେଣୁ ଏସବୁ ବ୍ୟାପାରକୁ ମୁଁ କେବଳ ଏକ ଅସୁସ୍ଥ କୌତୂହଳ ବୋଲି ବିଚାର କରିଥାଏ । ବାସ୍, ଏତିକି ।

'oaob.nitrkl.ac.in' images reprocessed

## ୬ ଅଗଷ୍ଟ ୧୯୫୮

*ମାଆ, ସାମୂହିକ ପ୍ରାର୍ଥନା ଦ୍ୱାରା ପ୍ରକୃତରେ କି ଫଳ ହୁଏ, ତାହାର ପ୍ରକୃତ ମୂଲ୍ୟଟି କ'ଣ ?*

ସାମୂହିକ ପ୍ରାର୍ଥନା ବିଷୟରେ ଆମେ ଆଗରୁ ଆଲୋଚନା କରିଛୁ; ତାହାକୁ ଯେଉଁ କାର୍ଯ୍ୟରେ ଲଗାଯାଇଛି, ସେହି କଥାଟିର ବି ଆଲୋଚନା କରିସାରିଛୁ । ମୁଁ ଭାବୁଛି, ତାହା ବୁଲେଟିନ୍‌ରେ ଛାପା ମଧ୍ୟ ହୋଇସାରିଛି ।

ପୁନଶ୍ଚ, ସାମୂହିକ ପ୍ରାର୍ଥନାର ମଧ୍ୟ ବିବିଧ ପ୍ରକାର ରହିଛି; ଯେପରି ବିବିଧ ପ୍ରକାରର ସାମୂହିକତା ରହିଛି, ଠିକ୍ ସେହିପରି । ଆଦୌ କୌଣସି ନାମ ନ ଥିବା ନାନା ମନୁଷ୍ୟସମଷ୍ଟି ରହିଛି, ମନୁଷ୍ୟଭିଡ଼ ସବୁ ରହିଛି, ଯେଉଁଗୁଡ଼ିକ କି ଆକସ୍ମିକ ନାନା ସ୍ଥିତିରୁ ଗଠିତ ହୋଇଥା'ନ୍ତି । ସେମାନଙ୍କ ମଧ୍ୟରେ, ଆଦୌ କୌଣସି ଅନ୍ତର୍ଗତ ପରସ୍ପର-ସମ୍ବନ୍ଧ ନ ଥାଏ, କେବଳ ପରିସ୍ଥିତିର ଚାପରେ ବାଧ୍ୟ ହୋଇ ସେଗୁଡ଼ିକ ଗଠିତ ହୋଇଥା'ନ୍ତି । ଉଦାହରଣସ୍ୱରୂପ, ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଥିବା କୌଣସି ରାଜା ବା କୌଣସି ବ୍ୟକ୍ତି ଯେତେବେଳେ ଏକ ସଙ୍କଟଜନକ ଅବସ୍ଥାରେ ପଡ଼ିଥାଆନ୍ତି, ମନେ କରାଯାଉ, ଯେତେବେଳେ ସେ ଅସୁସ୍ଥ ଥାଆନ୍ତି କିଂବା କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇଥାଆନ୍ତି, ସେତେବେଳେ ସମ୍ବାଦ ଜାଣିବା ଲାଗି ଏବଂ ଆପଣାର ସମବେଦନା ଜଣାଇବା ଲାଗି ମଧ୍ୟ ଲୋକମାନେ ବହୁସଂଖ୍ୟାରେ ଆସି ଠୁଳ ହୋଇଥା'ନ୍ତି । କେବଳ ଏକ ଆକସ୍ମିକ ସ୍ଥିତି ହେତୁ ଲୋକମାନେ ଆସି ଏକତ୍ର ହୋଇଥା'ନ୍ତି, ଅର୍ଥାତ୍, କେବଳ ସେହି ଗୋଟିଏ ଅନୁଭବ ବା ଆଗ୍ରହକୁ ଛାଡ଼ିଦେଲେ ସେମାନଙ୍କ ଭିତରେ ଆଉ ଅନ୍ତର୍ଗତ କୌଣସି ସମ୍ବନ୍ଧ ନ ଥାଏ । ଏପରି କେତେକେତେ ମନୁଷ୍ୟ ସମୂହଙ୍କର ଦୃଷ୍ଟାନ୍ତ ରହିଛି, ଯେତେବେଳେ କି ସେମାନେ ଯେଉଁ ବ୍ୟକ୍ତିଙ୍କ ବିଷୟରେ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରିଥିଲେ, ତାଙ୍କରି ଆରୋଗ୍ୟ ସକାଶେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେମାନେ ପ୍ରାର୍ଥନା କରିବାକୁ ବି ଆରମ୍ଭ କରିଛନ୍ତି । ଅବଶ୍ୟ ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଠିକ୍ ଏହି ସମୂହଗୁଡ଼ିକ ସଂପୂର୍ଣ୍ଣ ଅନ୍ୟ କୌଣସି ଉଦ୍ଦେଶ୍ୟରେ ମଧ୍ୟ ବେଶ୍ ଏକତ୍ର ରୁଣ୍ଡ ହୋଇପାରିବେ । ସେମାନେ ହୁଏତ ଘୃଣା ଦ୍ୱାରା ପ୍ରେରିତ ହୋଇ ରୁଣ୍ଡ ହୋଇପାରିବେ, ଏବଂ ସେମାନଙ୍କର ଚିତ୍କାରଗୁଡ଼ାକ ମଧ୍ୟ ଏକ ପ୍ରକାରର ପ୍ରାର୍ଥନା ପରି ବେଶ୍ ବ୍ୟକ୍ତ ହୋଇପାରୁଥିବ; ପ୍ରତିକୂଳ ଏବଂ ବିନାଶକାରୀ ଶକ୍ତିମାନଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନାରୂପେ ବ୍ୟକ୍ତ ହୋଇ ଆସୁଥିବ ।

'oaob.nitrkl.ac.in' images reprocessed

ସେସବୁ ଭାରି ସ୍ୱତଃସ୍ଫୂର୍ତ୍ତ ଭାବରେ ଘଟେ, ଅସଂଗଠିତ ଏବଂ ଅପ୍ରତ୍ୟାଶିତ ଭାବରେହିଁ ଘଟିଥାଏ ।

ଆଉ ଗୋଟିଏ ପ୍ରକାରର ସମୂହ ମଧ୍ୟ ରହିଛି, ଯେଉଁଠାରେ କି ଏକ ଆଦର୍ଶକୁ ବା ଏକ ଧର୍ମଶିକ୍ଷାକୁ କେନ୍ଦ୍ର କରି ଅନେକ ବ୍ୟକ୍ତି ଏକତ୍ର ହୋଇ ସେହି ସମୂହଟିକୁ ଗଠନ କରିଥା'ନ୍ତି; ହୁଏତ ଏକତ୍ର କୌଣସି କାର୍ଯ୍ୟ କରିବା ଲାଗି ଏକତ୍ର ହୋଇଥା'ନ୍ତି । ସେମାନଙ୍କ ପରସ୍ପର ମଧ୍ୟରେ ଏକ ସଂଗଠନ-ବିଧାୟକ ସମ୍ବନ୍ଧସୂତ୍ର ରହିଥାଏ; ଏକ ସମାନ ଲକ୍ଷ୍ୟ, ସମାନ କ୍ରିୟା ଏବଂ ସମାନ ବିଶ୍ୱାସ ସେହି ସୂତ୍ରଟିକୁ ତିଆରି କରି ରଖିଥାଏ । ଏହି ଲୋକମାନେ ବିଧିବଦ୍ଧ ଭାବରେ ଏକତ୍ର ହୋଇ ନିଶ୍ଚୟ ଏକ ସାମୂହିକ ପ୍ରାର୍ଥନା ବା ସାମୂହିକ ଧ୍ୟାନର ଅଭ୍ୟାସ କରିପାରିବେ; ଏବଂ ଯଦି ସେମାନଙ୍କର ଲକ୍ଷ୍ୟଟି ଯଥେଷ୍ଟ ପରିମାଣରେ ଉଚ୍ଚ ବି ହୋଇଥିବ, ଯଦି ସେମାନଙ୍କର ସଂଗଠନ ଉତ୍ତମ ହୋଇଥିବ ଏବଂ ଆଦର୍ଶଟି ମଧ୍ୟ ଶକ୍ତିଶାଳୀ ହୋଇଥିବ, ତେବେ ଆପଣାର ପ୍ରାର୍ଥନା ବା ଧ୍ୟାନ ମାଧ୍ୟମରେ ଏହି ଗୋଷ୍ଠୀମାନେ ପୃଥିବୀର ଘଟଣାବଳୀ ଉପରେ ବା ସେମାନଙ୍କର ନିଜର ଅନ୍ତର୍ଗତ ବିକାଶର କ୍ଷେତ୍ରରେ ଓ ସାମୂହିକ ଅଗ୍ରଗତିର କ୍ଷେତ୍ରରେ ନିଶ୍ଚୟ ଏକ ପ୍ରଭୂତ ପ୍ରଭାବ ପକାଇପାରିବେ । ଏହି ଗୋଷ୍ଠୀଗୁଡ଼ିକୁ ଅନ୍ୟ ଗୋଷ୍ଠୀଗୁଡ଼ିକ ତୁଳନାରେ ଅନେକ ଉଚ୍ଚତର ସ୍ତରର ବୋଲି କୁହାଯାଇପାରିବ । ମାତ୍ର ଏକଥାଟି ମଧ୍ୟ ମନେ ରଖିବାକୁ ପଡ଼ିବ ଯେ ସମୂହ ଓ ଭିଡ଼ଗୁଡ଼ିକ ଭିତରେ ଯେଉଁ ଅନ୍ଧ ଶକ୍ତିସମ୍ପନ୍ନତା ଓ ସାମୂହିକ କାର୍ଯ୍ୟଦକ୍ଷତା ରହିଥାଏ, ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରେ ତାହା ନ ଥାଏ । ଏହି ଓଜସ୍ୱିତା ଏବଂ ପ୍ରଗାଢ଼ତା ସ୍ଥାନରେ ସେମାନେ, ଏକ ଇଚ୍ଛାପ୍ରେରିତ ଏବଂ ସଚେତନ ସଂଗଠନରେ ଯେଉଁ ବଳ ରହିଥାଏ, ତାହାରି ପରିଚୟ ଦେଇଥା'ନ୍ତି ।

ଏହିପରି ଭାବରେ ସଂଗଠିତ ହୋଇଥିବା ଗୋଷ୍ଠୀମାନେ ଏହି ପୃଥିବୀରେ ସବୁ ଯୁଗରେ ରହି ଆସିଛନ୍ତି । ସେଗୁଡ଼ିକ ମଧ୍ୟରୁ କେତେକ ଗୋଷ୍ଠୀର ପୃଥିବୀରେ ଏକ ଐତିହାସିକ ଜୀବନ ରହିଆସିଛି, ଏକ ଐତିହାସିକ କାର୍ଯ୍ୟ ମଧ୍ୟ ରହିଆସିଛି । ମାତ୍ର, ଅଧିକାଂଶ ସ୍ଥଳରେ ସେଗୁଡ଼ିକ ଗୋଟିଏ ପଲ, ଗୋଟିଏ ଭିଡ଼ ବା ଅସାଧାରଣ ବିଶେଷଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିମାନଙ୍କ ତୁଳନାରେ ଆଦୌ ଅଧିକ ସଫଳତା ଲାଭ କରି ନାହାନ୍ତି । ସେମାନଙ୍କୁ ସର୍ବଦା ସନ୍ଦେହ କରାଯାଇଛି, ସେମାନଙ୍କୁ ନାନା ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିଛି, ସେମାନେ ଅତ୍ୟାଚାରିତ ହୋଇଛନ୍ତି, ଏବଂ ଅନେକ ସମୟରେ ଅତ୍ୟନ୍ତ ନିର୍ମମ, ଗୋପନୀୟ ଏବଂ ଅଜ୍ଞାନପୂର୍ଣ୍ଣ ଭାବରେ ସେଗୁଡ଼ିକ ଭାଙ୍ଗି ମଧ୍ୟ ଦିଆଯାଇଛି । ଏପରି ଅନେକ ଅର୍ଦ୍ଧଧାର୍ମିକ ଏବଂ ଅର୍ଦ୍ଧ-ଶୌର୍ଯ୍ୟଶୀଳ ଗୋଷ୍ଠୀମାନ ରହିଆସିଛି, ଯେଉଁଗୁଡ଼ିକ କୌଣସି ଏକ ବିଶ୍ୱାସ ଅଥବା ଧର୍ମମତକୁ କେନ୍ଦ୍ରକରି ସଂଗଠିତ

'oaob.nitrkl.ac.in' images reprocessed

ହେଉଛି, ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ନେଇ ସଂଗଠିତ ହୋଇଛି; ଏବଂ ସେମାନଙ୍କର ଏହି ପୃଥିବୀରେ ଏକ ଭାରି ଆଗ୍ରହୋଦ୍ଦୀପକ ଇତିହାସ ମଧ୍ୟ ରହିଛି । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେମାନେ ଆପଣାର ବ୍ୟକ୍ତିଗତ ଚେଷ୍ଟା ବଳରେ ସମୂହର ଅଗ୍ରଗତି ଲାଗି ଅନେକ କାର୍ଯ୍ୟ କରିଛନ୍ତି ।

ଯଦି କୌଣସି ସଂଗଠନ ଆପଣାକୁ ସଂପୂର୍ଣ୍ଣ ଭାବରେ ଉପଲବ୍ଧି କରି ଏକ ଅତ୍ୟନ୍ତ ଶକ୍ତିଶାଳୀ ଏକତାବଦ୍ଧତାର ସ୍ଥାପନା କରିପାରିବ, ଯଦି ସେଥିମଧ୍ୟରେ ରହିଥିବା ଯାବତୀୟ ଉପାଦାନଗୁଡ଼ିକର ସମାନ ଲକ୍ଷ୍ୟ ରହିଥିବ, ସମାନ ଇଚ୍ଛା ରହିଥିବ ଏବଂ ଲକ୍ଷ୍ୟ, ଉଦ୍ଦେଶ୍ୟ, ଆକାଙ୍କ୍ଷା ତଥା କର୍ମର ଏହି ଅନ୍ତର୍ଗତ ଏକତ୍ୱଟିକୁ ଏକ ଅତ୍ୟନ୍ତ ସଂଗତିପୂର୍ଣ୍ଣ ମୂର୍ତ୍ତ ରୂପ ଦେଇପାରିବା ଲାଗି ସେହି ସଂଗଠନରେ ଯଥେଷ୍ଟ ପରିମାଣରେ ଏକ ଅନ୍ତର୍ଗତ ବିଶ୍ୱାସ ମଧ୍ୟ ସମ୍ଭବ ହୋଇପାରିଥିବ, ତେବେ ତାହାକୁହିଁ ଆମେ ଏକ ଆଦର୍ଶ ସଂଗଠନ ବୋଲି ନିଶ୍ଚୟ କହିବା ।

ଯୁଗେ ଯୁଗେ ଦୀକ୍ଷାଦାନର କେନ୍ଦ୍ରଗୁଡ଼ିକ ଏହି ଚେଷ୍ଟା କରି ଆସିଛନ୍ତି ଓ ସେଥିରେ ଅଳ୍ପବହୁତ ସଫଳତା ବି ଲାଭ କରିଛନ୍ତି; ଏବଂ ଗୂଢ଼ବିଦ୍ୟାଗତ ଯାବତୀୟ ପରମ୍ପରାରେ ଏହାକୁହିଁ କର୍ମର ଏକ ଅତ୍ୟନ୍ତ ଶକ୍ତିଶାଳୀ ସାଧନ ବୋଲି ସର୍ବଦା ଉଲ୍ଲେଖ କରାଯାଇ ଆସିଛି ।

ବ୍ୟକ୍ତିର କ୍ଷେତ୍ରରେ ଯେଉଁ ସଂବଦ୍ଧତା ରହିଥାଏ, ଯଦି କୌଣସି ସମୂହ ପ୍ରକୃତରେ ସେହି ସଂବଦ୍ଧତା ଅର୍ଜନ କରିପାରିବ, ତେବେ ତାହା ବ୍ୟକ୍ତିର ବଳ ଓ ବ୍ୟକ୍ତିର କ୍ରିୟାକୁ ଯଥାର୍ଥରେ ବହୁଗୁଣିତ କରିଦେଇପାରିବ ।

ସାଧାରଣତଃ ଏହିପରି ଘଟିଥାଏ ଯେ, ଯଦି ଏକାଧିକ ବ୍ୟକ୍ତିକୁ ଗୋଟିଏ ଗୋଷ୍ଠୀ ମଧ୍ୟରେ ଏକତ୍ର କରି ଆଣାଯାଏ, ତେବେ ସେହି ଗୋଷ୍ଠୀର ସାମୂହିକ ଗୁଣାତ୍ମକତା ସେହି ଗୋଷ୍ଠୀ ଭିତରେ ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ବ୍ୟକ୍ତିଗତ ସ୍ୱତନ୍ତ୍ର ମୂଲ୍ୟ-ସମ୍ପନ୍ନତା ତୁଳନାରେ ଅନେକ ନିମ୍ନରେ ଯାଇ ରହିଥାଏ । ମାତ୍ର, ଯଦି ସେହି ଗୋଷ୍ଠୀଟି ମଧ୍ୟରେ ଯଥେଷ୍ଟ ପରିମାଣରେ ଏକ ସଚେତନ ଏବଂ ପରସ୍ପର ସମ୍ବନ୍ଧଯୁକ୍ତ ସଂଗଠନ ସମ୍ଭବ କରାଯାଇପାରିବ, ତେବେ, ଅନ୍ୟ ପକ୍ଷରେ, ଆମେ ସେହି କ୍ଷେତ୍ରରେ ବ୍ୟକ୍ତିମାନଙ୍କର କ୍ରିୟା ପରିମାଣଟିକୁ ମଧ୍ୟ ପ୍ରକୃତରେ ବହୁଗୁଣିତ କରିଦେଇ ପାରିବା ।

'oaob.nitrkl.ac.in' images reprocessed

## ୧୩ ଅଗଷ୍ଟ ୧୯୫୮

*ମାଆ, ୧୯୫୩ ମସିହା ଜୁଲାଇ ମାସରେ ଆପଣ କହିଥିଲେ ଯେ, ପାଞ୍ଚବର୍ଷ ପରେ ଆପଣ ଆଧ୍ୟାତ୍ମିକ ଜୀବନ ବିଷୟରେ କ୍ଲାସ୍ ନେଇ ବିଭିନ୍ନ ବିଷୟ କହିବେ । (ପ୍ରଶ୍ନ ଓ ଉତ୍ତର, ୧୯୫୩, ୧୫ ଜୁଲାଇ) ମାଆ, ଆପଣ ସେତେବେଳେ ଯାହା କହିଥିଲେ, ସେଇଟିକୁ ମୁଁ ବର୍ତ୍ତମାନ ମୋ' ସାଙ୍ଗରେ ନେଇକରି ଆସିଛି ।*

ଆଚ୍ଛା ? ଭାରି ମଜା କଥା ତ !

(*ପିଲାଟି ଲେଖାଟିକୁ ଦେଲା, ମାଆ ସେଇଟିକୁ ପଢ଼ିଲେ ।*) ଏକଥାଟି ଛାପା ହୋଇଛି ?

*ନା ।*

ମୋତେ ଶେଷ ବାକ୍ୟଟି ଭାରି ଭଲ ଲାଗୁଛି !

(*କିଛି ସମୟ ଚୁପ୍ ରହି*) ତେବେ ତୁମେ ମୋତେ କ'ଣ କରିବାକୁ ଚାହୁଁଛ ?... ଆରମ୍ଭ କରିବାକୁ ?

*ହଁ ।*

କିନ୍ତୁ, ମୁଁ ତ ସେଇଟିକୁ ଆଗରୁହିଁ ଆରମ୍ଭ କରିଦେଇ ସାରିଛି । ନୁହେଁ ? ପାଞ୍ଚବର୍ଷ ସରିବା ଆଗରୁହିଁ ମୁଁ ଆରମ୍ଭ କରିଦେଇଛି । ମନେ ହେଉଛି ସେଦିନ ମୁଁ... ମୁଁ ଏହିଠାରେ ଲେଖୁଥିଲି – ହଁ, ମୁଁ କିଛି ଲେଖୁଥିଲି...

*ମାଆ, ତାହା "କଥୋପକଥନ"* ରେ ଲେଖାହୋଇ ରହିଛି ।*

---

*ବର୍ତ୍ତମାନ ତାହା ପ୍ରଶ୍ନ ଓ ଉତ୍ତର ୧୯୨୯ ନାମରେ ପ୍ରକାଶିତ ହୋଇଛି ।

'oaob.nitrkl.ac.in' images reprocessed

ବୈରାଗ୍ୟ ଏବଂ ଆଧାତ୍ମିକ ଜୀବନକୁ ବୁଝିବା ସମୟରେ ଲୋକେ ଯେଉଁ ଗୋଳମାଳିଆ କରି ଦେଇଥା'ନ୍ତି, ସେଠାରେ ମୁଁ ସେହି କଥା ବିଷୟରେ ଲେଖିଥିଲି । ଏବଂ, ତା'ପରେ ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ, ଲୋକମାନେ ଯାହାକୁ ଭଗବାନ ବୋଲି କହନ୍ତି ଓ ମୁଁ ଯାହାକୁ ଦିବ୍ୟ ପରମ ସତ୍ତା ବୋଲି କହେ, ଲୋକେ ସାଧାରଣତଃ ଦୁଇଟିଯାକ କଥା ମଧ୍ୟରେ ଗୋଳମାଳ କରି ଦେଇଥା'ନ୍ତି, ଦିନେ ତୁମମାନଙ୍କୁ ସେହି ବିଷୟରେ କହିବି ।

ମାତ୍ର ସେ ବିଷୟରେ ତ ମୁଁ ଏକାଧିକ ବାର ତୁମମାନଙ୍କୁ କହି ସାରିଲାଣି । ନୁହେଁ କି ?

ମୁଁ ମୋର ପ୍ରତିଶ୍ରୁତିଟିକୁ ମନେ ରଖି ନ ଥିଲି ସତ, ମାତ୍ର ମନେ ରଖି ନ ଥିଲେ ମଧ୍ୟ ମୁଁ ତାହାକୁ ପାଳନ କରିଛି ଓ ଏପରିକି ଉଚିତ ଦିନଟି ଆସି ପହଞ୍ଚିବା ପୂର୍ବରୁହିଁ ପାଳନ କରିଛି ।

ବର୍ତ୍ତମାନ, ଯଦି ସେହି ବିଷୟରେ ତୁମେ ମୋତେ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରିବ, ତେବେ ମୁଁ କିଛି କହିବାକୁ ଚେଷ୍ଟା କରିବି । ତୁମେ ଆଧାତ୍ମିକ ଜୀବନ ବିଷୟରେ କ'ଣ ଜାଣିବାକୁ ଚାହୁଁଛ ?... ତୁମର କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରିବାକୁ ରହିଛି କି ?

*ଅର୍ଥାତ୍, ଆପଣ ଧ୍ୟାନର କାର୍ଯ୍ୟକ୍ରମଗୁଡ଼ିକୁ ଆରମ୍ଭ କରି ଦେଇଛନ୍ତି ବୋଲି କହୁଛନ୍ତି, ନୁହେଁ ?*

ହଁ,... ଏବଂ, ମୁଁ ଯାହାକିଛି ପଢୁଛି, ତାହାର ବ୍ୟାଖ୍ୟା ମଧ୍ୟ କରି ଦେଉଛି । ଏକ ଆଧାତ୍ମିକ ଜୀବନଯାପନ କରିବା ଲାଗି ଯେଉଁସବୁ ସାଧନା ଦରକାର, ସାନ କ୍ଲାସ୍‌ଟିରେ ଆମେ ସେଗୁଡ଼ିକ ଉପରେ ଧ୍ୟାନ କରିବାକୁ ବି ଆରମ୍ଭ କରିଦେଇଛୁ । ଏବଂ, ଯେତେବେଳେ ମୁଁ ଧମ୍ମପଦ ଗ୍ରନ୍ଥରୁ ଅଂଶମାନ ପାଠକରି ଶୁଣାଉଥିଲି, ସେତେବେଳେ ଆଧାତ୍ମିକ ଜୀବନ ବିଷୟରେ ଅନେକ ଜ୍ଞାନର ସମ୍ପାତ କରି ଦେଉଥିବା ଆମେ ଅନେକ ବିଷୟ ପାଠ ବି କରୁଥିଲୁ । ମାତ୍ର, ଯଦି ତୁମର ନିର୍ଦ୍ଦିଷ୍ଟ କୌଣସି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନଟିଏ ରହିଛି, ତେବେ ତୁମେ ସେଇଟିକୁ ପଚାର, ମୁଁ ଉତ୍ତର ଦେବି ।

*ମାଆ, ଏହି ଆଶ୍ରମରେ ବାସ କରୁଥିବା ଦ୍ୱାରା ଆମର ଯେତେବେଶୀ ଲାଭ ହେବା ଉଚିତ, ଆମର ପ୍ରକୃତରେ ସେତେ ଲାଭ ହେଉ ନାହିଁ କାହିଁକି ?*

'oaob.nitrkl.ac.in' images reprocessed

ବୁଝିଲି । ଉତ୍ତରଟି ଭାରି ସରଳ, କାରଣ ଏହି କଥାଟି ଏଠାରେ ଭାରି ସହଜ ହୋଇ ରହିଛି ।... ଯେତେବେଳେ ଜଣେ ଗୁରୁଙ୍କ ସନ୍ଧାନରେ ତୁମକୁ ଭୁବନଯାକ ବୁଲିବାକୁ ହୋଇଥାଏ, ଶିକ୍ଷାର ସର୍ବପ୍ରଥମ କଥାଗୁଡ଼ିକୁ ଲାଭ କରିବା ଲାଗି ଯେତେବେଳେ ତୁମକୁ ସର୍ବସ୍ୱ ତ୍ୟାଗ କରିବାକୁ ପଡ଼ିଥାଏ, ସେତେବେଳେ ଏହି ଶିକ୍ଷାଟି, ଏହି ଆଧ୍ୟାତ୍ମିକ ସହାୟତା ପ୍ରକୃତରେ ଭାରି ମୂଲ୍ୟବାନ୍ ବୋଲି ଅନୁଭୂତ ହୁଏ । ଯାହା ଲାଭ କରିବା ଭାରି କଷ୍ଟକର ହୋଇଥାଏ, ଏବଂ ଯାହାକୁ ଲାଭ କରିବା ଲାଗି ତୁମକୁ କଠିନ ପ୍ରୟାସ କରିବାକୁ ପଡ଼ିଥାଏ, ସେସବୁ କ୍ଷେତ୍ରରେ ଯାହା ଅନୁଭୂତ ହୁଏ, ଏଠାରେ ମଧ୍ୟ ଠିକ୍ ସେହିପରି ହୁଏ ।

ତୁମ ଭିତରୁ ଅଧିକାଂଶ ଯେତେବେଳେ ଏଠାକୁ ଆସିଥିଲ, ସେତେବେଳେ ତୁମେମାନେ ଭାରି ସାନ ଥିଲ; ତୁମମାନଙ୍କର ବୟସ ସେତେବେଳେ ଏପରି ଅଳ୍ପ ଥିଲା, ଯେତେବେଳେ କି ଆଧ୍ୟାତ୍ମିକ ଜୀବନ ବା ଆଧ୍ୟାତ୍ମିକ ଶିକ୍ଷାର ଆଦୌ କୌଣସି ପ୍ରଶ୍ନହିଁ ନ ଥିଲା । ସେତେବେଳେ ସେସବୁର ଉଚିତ ସମୟ ଆସି ନ ଥିଲା । ତୁମେମାନେ ବସ୍ତୁତଃ ଏହି ବାତାବରଣରେ ବାସ କରିଛ ସତ, ମାତ୍ର, ଏପରି ବାତାବରଣ ମଧ୍ୟରେ ବାସ କରୁଛ ବୋଲି ତୁମେମାନେ କେବେ ସଜ୍ଞାନ ମଧ୍ୟ ହୋଇପାରି ନାହଁ । ମୋତେ ଦେଖିବାରେ ଓ ମୋ' କଥାକୁ ଶୁଣିବାରେ ତୁମେମାନେ ଅଭ୍ୟସ୍ତ ହୋଇ ରହିଛ; ସବୁଠାରେ ପିଲାମାନଙ୍କୁ ଯେପରି ଭାବରେ କଥା କୁହାଯାଏ, ମୁଁ ଏଠାରେ ତୁମମାନଙ୍କ ସହିତ ଠିକ୍ ସେହିପରି ଭାବରେ କଥାବାର୍ତ୍ତା କରୁଛି; ସବୁଠାରେ ସମସ୍ତେ ପିଲାମାନଙ୍କ ସହିତ ଯେପରି ଖେଳନ୍ତି, ଏଠାରେ ମୁଁ ମଧ୍ୟ ତୁମମାନଙ୍କ ସହିତ ଠିକ୍ ସେହିପରି ଭାବରେ ଖେଳିଛି । ତୁମେ କେବଳ ଏଠାକୁ ଆସୁଛ, ଏଠି ଆସି ବସୁଛ ଏବଂ ମୋର କଥାସବୁ ଶୁଣିପାରୁଛ । ତୁମେ କୌଣସି ପ୍ରଶ୍ନ ପଚାରିଲେ ମୁଁ ତୁମମାନଙ୍କୁ ତାହାର ଉତ୍ତର ଦେଉଛି । ମୁଁ କେବେହେଲେ କାହାରିକୁ କୌଣସି କଥା କହିବାକୁ ଆଦୌ ମନା କରି ନାହିଁ । ତେଣୁ ସବୁକିଛି କେଡ଼େ ସହଜରେ ଘଟିଯାଇପାରୁଛି । ଏଠାରେ ରହିବା,— ଶୋଇବା, ଖାଇବା, ବ୍ୟାୟାମ କରିବା ଏବଂ ସ୍କୁଲରେ ପାଠ ପଢ଼ିବା, — ଏତିକି ବେଶ୍ ଯଥେଷ୍ଟ ବୋଲି ଲାଗୁଛି । ଅନ୍ୟ ଯେକୌଣସି ସ୍ଥାନରେ ତୁମେମାନେ ଯେପରି ରହିଥା'ନ୍ତ, ଏଠାରେ ମଧ୍ୟ ଠିକ୍ ସେହିପରି ରହିଛ । ଏବଂ ତେଣୁ, ତୁମେ ଏସବୁ ସହିତ ଭାରି ଅଭ୍ୟସ୍ତ ହୋଇଯାଇଛ ।

ଯଦି ମୁଁ ଏଠାରେ କଠୋର କେତେ ନିୟମ କରି ରଖିଥା'ନ୍ତି, ଯଦି ମୁଁ "ତୁମେମାନେ ଜାଣିବା ଲାଗି ପ୍ରକୃତରେ ଏକ ଚେଷ୍ଟା ନ କରିବା ପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ ମୋଟେ କିଛି କହିବି ନାହିଁ" ବୋଲି କହିଥା'ନ୍ତି, ତେବେ ହୁଏତ ତୁମେମାନେ କିଛି ଚେଷ୍ଟା କରିଥା'ନ୍ତ । ମାତ୍ର ତାହା କଦାପି ମୋ'ର ଧାରଣା ଅନୁସାରେ ହୋଇ ନ ଥା'ନ୍ତା । କଠୋର ଭାବରେ କିଛି ଶିକ୍ଷା ଦେବା ଅପେକ୍ଷା ମୁଁ ବାତାବରଣ ଏବଂ ଦୃଷ୍ଟାନ୍ତର ଶକ୍ତି

'oaob.nitrkl.ac.in' images reprocessed

ଉପରେ ଅଧିକ ବିଶ୍ୱାସ କରେ । ପ୍ରଣାଳୀ ଓ ଶୃଙ୍ଖଳାବଦ୍ଧ ଚେଷ୍ଟା ଦ୍ୱାରା ନୁହେଁ, ମାତ୍ର ସଂକ୍ରମଣ ଦ୍ୱାରା ତୁମମାନଙ୍କ ସତ୍ତାରେ କିଛି ଆପେ ଆପେ ଜାଗ୍ରତ ହୋଇ ଆସିବ, ମୁଁ ଏହାରି ଉପରେହିଁ ଅଧିକ ଗୁରୁତ୍ୱ ଦେଇଥାଏ ।

ସେକଥା ଯାହାହେଉ ପଛକେ, ସମ୍ଭବତଃ କିଛି ଅବଶ୍ୟ ପ୍ରସ୍ତୁତ ହୋଇ ଆସିବାରେ ଲାଗିଛି ଏବଂ, ଦିନେ ନା ଦିନେ ତାହା ପ୍ରାୟ ଲମ୍ଫପ୍ରଦାନ କରି ଉପରିଭାଗକୁ ବି ଚାଲି ଆସିବ ।

ମୁଁ ଠିକ୍ ତାହାହିଁ ଆଶା କରୁଛି ।

ଦିନେ ତୁମେ ନିଜକୁ ନିଜେ କହିବ, "ମୁଁ ଟିକିଏ ଭାବେ ତ ! ମୁଁ ଏଠାରେ ଏତେ ଦୀର୍ଘ କାଳ ରହିଲିଣି । ଏହି ସମୟଟି ମଧ୍ୟରେ ମୁଁ କେତେ କ'ଣ ଶିଖି ପାରିଥା'ନ୍ତି, କେତେ କ'ଣ ଉପଲବ୍ଧି କରି ପାରିଥା'ନ୍ତି । ମାତ୍ର ମୁଁ ସେହି ବିଷୟରେ କେବେ କିଛି ଚିନ୍ତା ବି କଲି ନାହିଁ ! ହଁ, କେବଳ ମଝିରେ ମଝିରେ କେବେ କେବେହିଁ ଚିନ୍ତା କରୁଥିଲି ।" ଏବଂ ତା'ପରେ, ଠିକ୍ ସେହିଦିନ,... ହଁ, ଠିକ୍ ସେହିଦିନ, ତୁମେ ଥରେ କଳ୍ପନା କର ତ, ସେଦିନ ତୁମେ ହଠାତ୍ ଏପରି ଏକ ସମ୍ପଦ ମଧ୍ୟକୁ ଜାଗ୍ରତ ହୋଇଉଠିବ, ଯାହାକୁ କି ତୁମେ ଆଗରୁ କେବେହେଲେ ପ୍ରତ୍ୟକ୍ଷ କରି ନ ଥିଲ, ମାତ୍ର ଯାହାକି ତୁମ ଭିତରେ କେତେ ଗଭୀରରେ ବିଦ୍ୟମାନ ରହିଛି ଏବଂ ସତ୍ୟ ଲାଗି ପିପାସିତ ହୋଇ ରହିଛି, ରୂପାନ୍ତର ଲାଗି ପିପାସିତ ହୋଇ ରହିଛି, ଏବଂ ତାହାକୁ ଉପଲବ୍ଧି କରିବା ସକାଶେ ଆବଶ୍ୟକ ପ୍ରୟାସଟି କରିବା ଲାଗି ପ୍ରସ୍ତୁତ ହୋଇ ରହିଛି । ସେଦିନ ତୁମେ ଅତ୍ୟନ୍ତ ଦ୍ରୁତଗତିରେ ଯିବାକୁ ଆରମ୍ଭ କରିବ, ଅସୁର ପରି ଏଡ଼େ ଏଡ଼େ ପାଦ ଆଗକୁ ପକାଇ ଅଗ୍ରସର ହେବାକୁ ଲାଗିବ... ମୁଁ ଯେପରି କହୁଥିଲି, ପାଞ୍ଚବର୍ଷ ପରେ ସେହି ଦିନଟି ଆସି ସମ୍ଭବତଃ ଏବେ ପହଞ୍ଚି ଯାଇଛି କି ? "ମୁଁ ତୁମମାନଙ୍କୁ ପାଞ୍ଚବର୍ଷ ଦେଉଛି" ବୋଲି ମୁଁ କହିଥିଲି । ବର୍ତ୍ତମାନ ସେହି ପାଞ୍ଚ ବର୍ଷ ଅନ୍ତ ହୋଇଯାଇଛି ଏବଂ ତେଣୁ ସମ୍ଭବତଃ ସେହି ଦିନଟି ଆସି ବି ପହଞ୍ଚିଛି । ସମ୍ଭବତଃ ବର୍ତ୍ତମାନ ଏପରି ହେବ ଯେ, ଅଚେତନା, ଅଜ୍ଞାନ ମଧ୍ୟରେ ଆଉ ପଡ଼ି ନ ରହିବାକୁ ତୁମେ ହଠାତ୍ ନିଜ ଭିତରେ ଏକ ଅପ୍ରତିରୋଧ୍ୟ ଆବଶ୍ୟକତା ଅନୁଭବ କରିବାକୁ ଆରମ୍ଭ କରିବ । ଯେଉଁ ସ୍ଥିତିରେ ରହିଥିଲେ ତୁମେ ଯାହାସବୁ କରୁଛ, ତାହାକୁ କାହିଁକି କରୁଛ ବୋଲି ମୋଟେ ଜାଣି ନ ଥାଅ, ଯାହାସବୁ ଅନୁଭବ କରୁଛ, ତାହାକୁ କାହିଁକି ଅନୁଭବ କରୁଛ ବୋଲି ମୋଟେ ବୁଝି ନ ଥାଅ, ଯେତେବେଳେ ତୁମ ଭିତରେ ଏକାବେଳେକେ କେତେକେତେ ପରସ୍ପରବିରୁଦ୍ଧ ଇଚ୍ଛା ଅବସ୍ଥାନ କରୁଥାଏ, ଯେତେବେଳେ ତୁମେ କିଛିହେଲେ ବୁଝୁ ନ ଥାଅ, କେବଳ ଅଭ୍ୟାସ, କେତେଟା ଧରାବନ୍ଧା ନିୟମ ଓ ପ୍ରତିକ୍ରିୟା ଦ୍ୱାରା ବଞ୍ଚିବାରେ ଲାଗିଥାଅ, ଆଉ ସେପରି

'oaob.nitrkl.ac.in' images reprocessed

ଏକ ସ୍ଥିତିରେ ପଡ଼ି ନ ରହିବାକୁ ତୁମେ ଏକ ପ୍ରୟୋଜନ ଅନୁଭବ କରିବାକୁ ଆରମ୍ଭ କରିବ । ଜୀବନକୁ ଆଉ ଆଦୌ ଏତେ ସହଜ ଭାବରେ ଗ୍ରହଣ ନ କରିବାକୁ ଏକ ପ୍ରୟୋଜନ ଅନୁଭବ କରିବ । ଏପରି ଏକ ଦିନ ଆସିବ, ଯେତେବେଳେ କି ତୁମେ ସେଗୁଡ଼ାକରେ ଆଦୌ ସନ୍ତୁଷ୍ଟ ହୋଇ ରହିପାରିବ ନାହିଁ ।

ଏକଥାଟି ତୁମ ପ୍ରତ୍ୟେକଙ୍କ ଉପରେ ନିର୍ଭର କରୁଛି, କାରଣ ତୁମେ ପ୍ରତ୍ୟେକେ ଭିନ୍ନ ଭିନ୍ନ ଭାବରେ ତିଆରି ହୋଇଛ । ଅନେକଙ୍କ ପାଇଁ ତାହା ଜାଣିବା ଏବଂ ଅନୁଭବ କରିବାର ଏକ ପ୍ରୟୋଜନରୂପେ ଅନୁଭୂତ ହେବ; ଯାହା ଯେପରି ଭାବରେ ଅବଶ୍ୟ କରିବାକୁ ହେବ, ତାହାକୁ ସେହିପରି କରିବାର ଏକ ପ୍ରୟୋଜନ ରୂପେ ତାହାକୁ ଆଉ କେହି ଅନୁଭବ କରିବେ । ଆଉ କେହି ତାହାକୁ ଏପରି ଏକ ଅତ୍ୟନ୍ତ ଅସ୍ପଷ୍ଟ ଅନୁଭୂତିରୂପେ ଗ୍ରହଣ କରିବେ ଯେ ଏହି ଅଚେତନ, ବୃଥା ଏବଂ ତାତ୍ପର୍ଯ୍ୟଶୂନ୍ୟ ଜୀବନ ପଛରେ ଆହୁରି ଏପରି କିଛି ବସ୍ତୁ ରହିଛି, ଯାହାର ଅନ୍ୱେଷଣ କରିବା ଓ ଯାହାର ସନ୍ଧାନ ପାଇବାକୁହିଁ ଯଥାର୍ଥ ଜୀବନ ବୋଲି କୁହାଯାଇପାରିବ । ଏହି ଯାବତୀୟ ମିଥ୍ୟା ଏବଂ ଭ୍ରମ ପଛରେ ଏକ ଯଥାର୍ଥ ବାସ୍ତବତା ଏବଂ ଯଥାର୍ଥ ସତ୍ୟ ରହିଛି ବୋଲି ତୁମେ ଅନୁଭବ କରିବ ।

ହଠାତ୍ ଏପରି ଏକ ଅନୁଭୂତି ହେବାକୁ ଲାଗିବ ଯେ, ଆମେ ଯାହାକିଛି କରୁଛୁ, ଯାହାକିଛି ଦେଖୁଛୁ, ସେଗୁଡ଼ାକର ପ୍ରକୃତରେ ଆଦୌ କୌଣସି ଅର୍ଥ ନାହିଁ, କୌଣସି ଉଦ୍ଦେଶ୍ୟ ନାହିଁ; ମାତ୍ର ତଥାପି ଏପରି ଏକ ସମ୍ପଦ ରହିଛି, ଯାହାର ଅବଶ୍ୟ ଏକ ଅର୍ଥ ରହିଛି, ଆମେ ସାରତଃ କୌଣସି ଏକ ସମ୍ପଦର ଉପଲବ୍ଧି ନିମିତ୍ତହିଁ ଏହି ଜଗତରେ ରହିଛୁ । ଏହି ସବୁକିଛି, — ଏହି ଯାବତୀୟ ଗତି ଓ ସ୍ପନ୍ଦନ, ଏହି ଉତ୍ତେଜନା, ବଳ ଓ ଶକ୍ତିର ଏହି ଯାବତୀୟ ଅପଚୟ, — ଏଗୁଡ଼ାକ ପଶ୍ଚାତରେ ଅବଶ୍ୟ ଏକ ଲକ୍ଷ୍ୟ ରହିଛି, ଏକ ଉଦ୍ଦେଶ୍ୟ ରହିଛି; ଏବଂ ଆମ ଭିତରେ ଆମେ ଏହି ଯେଉଁ ଅସ୍ୱସ୍ତି ଅନୁଭବ କରୁଛୁ, ସନ୍ତୋଷହୀନତା ଅନୁଭବ କରୁଛୁ, ଆମକୁ ସେଗୁଡ଼ିକ ମଧ୍ୟରୁ ବାହାରକରି ଏହି ପ୍ରୟୋଜନ, ଆଉ କିଛିଲାଗି ଏହି ପିପାସାହିଁ ଆମକୁ ଆଉ ଅନ୍ୟତ୍ର କେଉଁଠାକୁ ପରିଚାଳିତ କରି ନେଇଯିବ ।

ଏବଂ, ତୁମେ ଦିନେ ନିଜକୁ ଏହି ପ୍ରଶ୍ନଟିକୁ ମଧ୍ୟ ପଚାରିବ, "ତେବେ, ଆମେସବୁ କାହିଁକି ଏହି ପୃଥିବୀରେ ଜନ୍ମ ହୋଇଛୁ ? ଆମେ ମରୁଛୁ ବା କାହିଁକି ? ଏହି ଦୁଃଖ କାହିଁକି ପାଉଛୁ ? ଏହି ଯାବତୀୟ କାର୍ଯ୍ୟ କରୁଛୁ ବା କାହିଁକି ?"

ତା'ପରେ ତୁମେ ଆଉ କଦାପି ଏକ କ୍ଷୁଦ୍ର ଯନ୍ତ୍ର ପରି ହୋଇ ବାସ କରିବ ନାହିଁ, କ୍ୱଚିତ୍ ଅର୍ଦ୍ଧଚେତନ ଏକ ମେସିନ୍ ପରି କଦାପି ହୋଇ ରହିବ ନାହିଁ । ତୁମେ ସେତେବେଳେ ଯଥାର୍ଥରେ ଅନୁଭବ କରିବାକୁ ଇଚ୍ଛା କରିବ, ଯଥାର୍ଥରେ କାର୍ଯ୍ୟ କରିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରିବ, ଯଥାର୍ଥରେ ଜାଣିବାକୁ ମଧ୍ୟ ଇଚ୍ଛା କରିବ । ତା'ପରେ, ଏହି ସାଧାରଣ ଜୀବନରେ ଆମେ ପୁସ୍ତକର ସନ୍ଧାନ କରି ବାହାରୁ, ଆମ ନିଜଠାରୁ କିଞ୍ଚିତ୍ ଅଧିକ ଜାଣିଥିବା ମନୁଷ୍ୟମାନଙ୍କର ସନ୍ଧାନ କରି ବାହାରୁ; ଯିଏ ଏହିସବୁ ପ୍ରଶ୍ନର ସମାଧାନ କରିପାରିବ ଏବଂ ଅଜ୍ଞାନର ପରଦାଟିକୁ ଅପସାରିତ କରିଦେଇପାରିବ, ଆମେ ସେହିପରି ଜଣେ ବ୍ୟକ୍ତିର ସନ୍ଧାନରେ ବାହାରୁ । ଏଠାରେ ଏହା ଅତ୍ୟନ୍ତ ସରଳ ହୋଇ ରହିଛି । ଜଣେ ବ୍ୟକ୍ତି ପ୍ରତ୍ୟହ ଯାହାକିଛି କରେ, ଏଠାରେ ତୁମକୁ କେବଳ ତାହାହିଁ କରିବାକୁ ପଡ଼ିବ, ମାତ୍ର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସେସବୁ କରିବାକୁ ପଡ଼ିବ ।

ତୁମେ ଶ୍ରୀଅରବିନ୍ଦଙ୍କ ସମାଧି ପାଖକୁ ଯାଉଛ, ଶ୍ରୀଅରବିନ୍ଦଙ୍କର ଫଟୋ ଉପରେ ଦୃଷ୍ଟିପାତ କରୁଛ, ମୋ' ପାଖରୁ ଫୁଲଟିଏ ନେବ ବୋଲି ଆସୁଛ, ପାଠ ପଢ଼ିବ ବୋଲି କ୍ଲାସ୍‌ରେ ଯାଇ ବସୁଛ; ଏସବୁ ଯାହାକିଛି କରୁଛ, ସେତେବେଳେ ମଧ୍ୟ ତାହାହିଁ କରିବ, ମାତ୍ର ସବୁବେଳେ ନିଜ ଭିତରେ "କାହିଁକି" ? ବୋଲି ପ୍ରଶ୍ନଟିଏ ରହିଥିବ ।

ଏବଂ ସେତେବେଳେ ଏହି ପ୍ରଶ୍ନଟି ପଚାରିଲେ ତୁମେ ନିଶ୍ଚୟ ତାହାର ଉତ୍ତର ପାଇବ ।

କାହିଁକି ?

କାରଣ, ବର୍ତ୍ତମାନ ଜୀବନ ଯେଉଁପରି ହୋଇ ରହିଛି, ତାହା ଆଉ ସେହିପରି ହୋଇ ରହିଥାଉ ବୋଲି ଆମେ ମୋଟେ ଇଚ୍ଛା କରୁ ନାହୁଁ, ଏହି ମିଥ୍ୟା ଓ ଅଜ୍ଞାନ ଆଉ ଅଧିକ କାଳ ସ୍ଥାୟୀ ହୋଇ ରହୁ ବୋଲି ଆମେ ଆଦୌ ଇଚ୍ଛା କରୁ ନାହୁଁ, ଆମେ ଆଉ ଏହି ଦୁଃଖଭୋଗ ଏବଂ ଅଚେତନାକୁ ଇଚ୍ଛା କରୁ ନାହୁଁ, ଏହି ବିଶୃଙ୍ଖଳା ଏବଂ ଅସତ-ଇଚ୍ଛାକୁ ଆଦୌ ଇଚ୍ଛା କରୁ ନାହୁଁ । କାରଣ, ଆମକୁ ଏହି କଥାଟିକୁ କହିବା ଲାଗି ଶ୍ରୀଅରବିନ୍ଦ ଏଠାକୁ ଆସିଛନ୍ତି : ପରମସତ୍ୟକୁ ଲାଭ କରିବା ଲାଗି ସଂସାରକୁ ଛାଡ଼ି ଚାଲିଯିବାର ଆଦୌ କୌଣସି ପ୍ରୟୋଜନ ନାହିଁ, ନିଜ ଆତ୍ମାଟିକୁ ଲାଭ କରିବା ଲାଗି ଜୀବନକୁ ଛାଡ଼ି ଚାଲିଯିବାର ମଧ୍ୟ ଆଦୌ କୌଣସି ପ୍ରୟୋଜନ ନାହିଁ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବା ଲାଗି ପୃଥିବୀକୁ ପରିତ୍ୟାଗ କରିବାର କିଂବା ସୀମିତ କେତେକ ବିଶ୍ୱାସ ଭିତରେ ବନ୍ଦୀ ହୋଇ ରହିବାର ଆଦୌ କୌଣସି ପ୍ରୟୋଜନ ନାହିଁ । ଦିବ୍ୟ ପରମସତ୍ତା ସର୍ବତ୍ର ରହିଛନ୍ତି, ସବୁ ବସ୍ତୁରେ ଅଛନ୍ତି; ଏବଂ, ଆମେ ତାଙ୍କୁ ଆବିଷ୍କାର କରିବା ଲାଗି ଆଦୌ କୌଣସି ପ୍ରୟାସ କରୁ ନାହୁଁ ବୋଲି ସେ ଲୁକ୍କାୟିତ ହୋଇ ରହିଛନ୍ତି ।

କେବଳ ଏକ ନିଷ୍ଠାଯୁକ୍ତ ଆକାଂକ୍ଷା ଦ୍ୱାରାହିଁ ଆମେ ନିଜ ଭିତରେ କିଳି ହୋଇ ରହିଥିବା ଏକ ଦ୍ୱାରର ଉନ୍ମୋଚନ କରି ଦେଇପାରିବା ଏବଂ ସେହି ପରମ ବସ୍ତୁଙ୍କର ଉଦ୍‌ଘାଟନ କରିଦେବା, ଯିଏକି ଜୀବନର ସମୁଦାୟ ତାତ୍ପର୍ଯ୍ୟଟିକୁ ବଦଳାଇ ଦେଇପାରିବେ, ଆମର ଯାବତୀୟ ପ୍ରଶ୍ନର ଉତ୍ତର ଦେଇପାରିବେ, ଆମର ସବୁକିଛି

'oaob.nitrkl.ac.in' images reprocessed

ସମସ୍ୟାର ସମାଧାନ କରିଦେବେ ଏବଂ, ଆମେ ଯେଉଁ ପରିପୂର୍ଣ୍ଣତାଟିକୁ ହାସଲ କରିବା ଲାଗି ଆକାଙ୍କ୍ଷା କରୁଛୁ, ସିଏ ଆମର ଅଜାଣତରେ ମଧ୍ୟ ଆମକୁ ସେହି ପରିପୂର୍ଣ୍ଣତା ମଧ୍ୟକୁ ପରିଚାଳିତ କରି ନେଇଯିବେ ।

କେବଳ ଯେଉଁ ପରମସତ୍ୟହିଁ ଆମର ସକଳ ସନ୍ତୋଷର ବିଧାନ କରିପାରିବ ଏବଂ ଆମକୁ ସ୍ଥାୟୀ ଆନନ୍ଦ, ସ୍ଥାୟୀ ସମତା, ବଳ ଏବଂ ଜୀବନ ଆଣିଦେଇ ପାରିବ, ଆମେ ସେହି ପରମ ବସ୍ତୁଙ୍କର ଉଦ୍‌ଘାଟନ ସମ୍ଭବ କରିପାରିବା ।

ଏହିସବୁ କଥା ତୁମେମାନେ ଅନେକ ଥର ଶୁଣିଥିବ ।

ତୁମେମାନେ ଏସବୁ କଥା ଶୁଣିଛ, — ଆଉ, ଏଠାରେ ଏପରି କେତେଲୋକ ବି ରହିଥିବେ, ଯେଉଁମାନେ କି ସେସବୁ ଶୁଣିବାରେ ଏଭଳି ଅଭ୍ୟସ୍ତ ହୋଇ ଯାଇଥିବେ ଯେ ଏସବୁ ସେମାନଙ୍କୁ ଗିଲାସେ ପାଣି ପିଇଲା ପରି ବା ଘରେ ଖରା ପଡ଼ିବ ବୋଲି ଗୋଟାଏ ଝରକା ଖୋଲିଦେବା ପରି ଗୋଟାଏ ସାଧାରଣ କଥା ଭଳି ମନେ ହେଉଥିବ ।

ମାତ୍ର ତୁମମାନଙ୍କୁ ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ, ପାଞ୍ଚବର୍ଷ ପରେ ତୁମେମାନେ ଏହି ବିଷୟଗୁଡ଼ିକୁ **ବଞ୍ଚିବା ଲାଗି** ସମର୍ଥ ହେବ, ସେଗୁଡ଼ିକ ବିଷୟରେ ଏକ ମୂର୍ତ୍ତ, ପ୍ରକୃତ ଏବଂ ହୃଦ୍‌ବୋଧକାରୀ ଅନୁଭୂତି ବି ଲାଭ କରିବ । ତେଣୁ, ତାହାର ଏହାହିଁ ଅର୍ଥ ହେବ ଯେ ତୁମକୁ ସେଥିଲାଗି ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ବର୍ତ୍ତମାନ ଆମେ ସେହି ଅନୁସାରେହିଁ ଆରମ୍ଭ କରିବା ।

ଆମେ ଅଳ୍ପକିଛି ଚେଷ୍ଟା ନିଶ୍ଚୟ କରିଛୁ, ମାତ୍ର ବର୍ତ୍ତମାନ ଗମ୍ଭୀର ଭାବରେ ସେହି ଚେଷ୍ଟାଟିକୁ କରିବାକୁ ଯିବା !

ଚେଷ୍ଟାଟି ଏଇଥିରୁ ଆରମ୍ଭ ହେବ : ଆମେ ତାହାକୁ ଚାହିଁବା, ଯଥାର୍ଥ ଭାବରେ ଚାହିଁବା, ତାହାର ପ୍ରୟୋଜନକୁ ଅନୁଭବ କରିବା । ପରବର୍ତ୍ତୀ ପଦକ୍ଷେପଟି ହେଉଛି : **ସର୍ବୋପରି** ଆମେ ସେଇଟି ବିଷୟରେ ଚିନ୍ତା କରିବା । ଏବଂ, ଅତି ଶୀଘ୍ର, ଏପରି ଦିନଟିଏ ଆସି ପହଞ୍ଚିଯିବ, ଯେତେବେଳେ କି ଆମେ ସେଇଟି ବ୍ୟତୀତ ଆଉ କିଛିହେଲେହିଁ ଚିନ୍ତାକରି ପାରିବା ନାହିଁ ।

କେବଳ ତାହାରି ଦ୍ୱାରାହିଁ କାର୍ଯ୍ୟସାଧନ ହେବ । ଏବଂ ତା'ପରେ...

ଆମେ ଆପଣାର ଆକାଙ୍କ୍ଷାଟିକୁ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଅବଧାରଣ କରି ରଖିବା, ଆମର ଯଥାର୍ଥ ପ୍ରାର୍ଥନାଟିକୁ ଆମ ହୃଦୟ ଭିତରୁ ଉସରି ଆସିବା ଲାଗି ବାଟ ଛାଡ଼ିଦେବା, ପ୍ରୟୋଜନଟିର ଆନ୍ତରିକତାକୁ ବ୍ୟକ୍ତ କରି ଦେଉଥିବା ସେହି ପ୍ରାର୍ଥନାଟି ଲାଗି ଆମେ ବାଟ ଛାଡ଼ିଦେବା । ଏବଂ ତା'ପରେ... ତା'ପରେ, କ'ଣସବୁ ଘଟୁଛି, ଆମେ ତାହା ନିଶ୍ଚୟ ଦେଖିବାକୁ ପାଇବା ।

'oaob.nitrkl.ac.in' images reprocessed

ନିଶ୍ଚୟ କିଛି ଘଟିବ । ସୁନିଶ୍ଚିତ ଭାବରେହିଁ କିଛି ଘଟିବ । ଏବଂ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା ଭିନ୍ନ ଭିନ୍ନ ପ୍ରକାରର ହେବ, ଭିନ୍ନ ଭିନ୍ନ ଆକାର ହେବ ।

ବାସ୍ ସେତିକି । ମୋତେ ଭାରି ଖୁସୀ ଲାଗୁଛି ଯେ ତୁମେ ମୋତେ ଏଇଟିକୁ ଦେଇଥିଲ ।

'oaob.nitrkl.ac.in' images reprocessed

## ୧୫ ଅଗଷ୍ଟ ୧୯୫୮

ଗୋଟିଏ ଶୁକ୍ରବାର ଦିନ ମାଆ ଏହି ସଂକ୍ଷିପ୍ତ ପ୍ରବଚନଟିକୁ ଦେଇଥିଲେ । ସେତେବେଳେ ସାଧାରଣତଃ ପ୍ରତି ଶୁକ୍ରବାର ଦିନ 'ଧମ୍ମପଦ' ପୁସ୍ତକ ପଢ଼ା ହେଉଥିଲା ।

ଆଜି ଶ୍ରୀଅରବିନ୍ଦଙ୍କର ଜନ୍ମଦିନ । ତେଣୁ ମୁଁ ଭାବିଲି ଯେ ଆଜି ଧମ୍ମପଦରୁ କିଛି ନ ପଢ଼ି ତୁମମାନଙ୍କ ଲାଗି ଏପରି କିଛି ପଢ଼ିବି, ଯାହାକି ତୁମକୁ ଆଗ୍ରହୋଦ୍ଦୀପକ ଲାଗିବ, ଏବଂ ଦେବତାମାନଙ୍କ ସହିତ ଆମର ସମ୍ବନ୍ଧ ବିଷୟରେ ଶ୍ରୀଅରବିନ୍ଦ କିପରି ଦୃଷ୍ଟି ରଖିଥିଲେ, ତାହା ସେହି କଥାଟିକୁ ମଧ୍ୟ ତୁମମାନଙ୍କୁ ଦର୍ଶାଇଦେଇ ପାରିବ ।

ତୁମେମାନେ ନିଶ୍ଚୟ ଜାଣିଛ, ନୁହେଁ କି ?– ବିଶେଷତଃ ଭାରତବର୍ଷରେ ଅଗଣିତ ନାନା ଶ୍ରେଣୀର ଦେବତାମାନେ ରହିଛନ୍ତି,– ସେମାନେ ସମସ୍ତେ ବିଭିନ୍ନ ଭୂମିରେ ରହିଛନ୍ତି । କେତେକ ଦେବତା ମନୁଷ୍ୟମାନଙ୍କର ଅନେକ ନିକଟରେ ଅଛନ୍ତି, ଆହୁରି କେତେକ ସର୍ବୋଚ୍ଚ ପରମସତ୍ତାଙ୍କର ଭାରି ନିକଟବର୍ତ୍ତୀ ହୋଇ ରହିଛନ୍ତି । ଏବଂ ଏହି ଉଭୟଙ୍କ ମଧ୍ୟରେ ଆହୁରି କେତେ ଦେବତା କେତେ ଶ୍ରେଣୀ ହୋଇ ରହିଛନ୍ତି ।

ଯଦି ମୁଁ ଏଠାରେ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଥିବା ଦେବତାମାନଙ୍କର ଉଲ୍ଲେଖ କରେ, ତେବେ ମୁଁ ତୁମମାନଙ୍କୁ ଯାହା କହିବାକୁ ଇଚ୍ଛା କରୁଛି, ତୁମେମାନେ ସେଇଟିକୁ ଅଧିକ ଭଲ ଭାବରେ ବୁଝିପାରିବ । ସେଦିନ ଫିଲ୍ମରେ ଆମେ ସେହିପରି କେତେଗୁଡ଼ିଏ ଦେବତାଙ୍କୁ ଦେଖିଥିଲୁ । ମୋତେ ଅବଶ୍ୟ କହିବାକୁ ପଡ଼ିବ ଯେ, ଅନେକ ଦୃଷ୍ଟିରୁ ବିଚାର କରି ଦେଖିଲେ ସେମାନେ ମଣିଷଠାରୁ ମଧ୍ୟ ଆହୁରି ନିମ୍ନ ସ୍ତରରେ ଯାଇ ରହିଛନ୍ତି (!), ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ମନୁଷ୍ୟ ତୁଳନାରେ ସେମାନଙ୍କର ଅନନ୍ତ ଗୁଣରେ ଅଧିକ ଶକ୍ତି ରହିଛି ।

ଅଧିମାନସ ସୋପାନରେ ଏପରି ଅନେକ ଦେବତା ରହିଛନ୍ତି, ଯେଉଁମାନେ କି ଆଜିପର୍ଯ୍ୟନ୍ତ ଏହି ପୃଥିବୀର ଜଣେ ଜଣେ ମହାନ୍ ସ୍ରଷ୍ଟାରୂପେ କାର୍ଯ୍ୟ କରି ଆସିଛନ୍ତି । ବେଦୋକ୍ତ ଏପରି ଅନେକ ଦେବତା ଅଛନ୍ତି, ଯେଉଁମାନଙ୍କୁ ଋଷିମାନଙ୍କ ଦ୍ୱାରା ରଚିତ ଯାବତୀୟ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଏବଂ, ଅତିମାନସ ସ୍ତରର ଦେବତାମାନେ ବି ରହିଛନ୍ତି, ଯେଉଁମାନେ କି ଏହି ପୃଥିବୀରେ ଭବିଷ୍ୟତରେ ପ୍ରକାଶିତ ହେବାକୁ ଯାଉଛନ୍ତି ।

'oaob.nitrkl.ac.in' images reprocessed

ଅବଶ୍ୟ ଏକଥା ସତ ଯେ, ସେମାନେ ସେମାନଙ୍କର ଆପଣା ଆପଣା ଭୂମିରେ ଶାଶ୍ୱତ କାଳରୁହିଁ ଅବସ୍ଥିତ ରହିଛନ୍ତି ।

ଏଠାରେ ଶ୍ରୀଅରବିନ୍ଦ ଅଧିକାଂଶତଃ ବେଦୋକ୍ତ ଦେବତାମାନଙ୍କ ବିଷୟରେ କହିଛନ୍ତି; ମାତ୍ର କେବଳ ସେହିମାନଙ୍କ ବିଷୟରେ ବା କେବଳ ସେହିମାନଙ୍କୁ ନିର୍ଦ୍ଦିଷ୍ଟ କରିହିଁ ସେ ଆଦୌ ସେସବୁ କଥା କହି ନାହାନ୍ତି । ସେକଥା ଯାହା ହୋଇଥାଉ ପଛକେ, ଏହି ଦେବତାମାନେ ପୁରାଣବର୍ଣ୍ଣିତ ଦେବତାମାନଙ୍କଠାରୁ ଏକ ଉଚ୍ଚତର ଭୂମିରେ ରହିଛନ୍ତି ।

ଶ୍ରୀଅରବିନ୍ଦ ଆମକୁ ଏହିପରି କହିଛନ୍ତି ।

ବସ୍ତୁତଃ, ଏଇଟି ହେଉଛି ଗୋଟିଏ ପ୍ରାର୍ଥନା :

ହେ ବରୁଣ, ମୋ' ଭିତରେ ପ୍ରଶସ୍ତ ହୁଅ;<br>
ହେ ଇନ୍ଦ୍ର, ମୋ' ଭିତରେ ଶକ୍ତିଶାଳୀ ହୁଅ;<br>
ହେ ସୂର୍ଯ୍ୟ, ତୁମେ ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ସନ୍ଦୀପ୍ତ ହୁଅ;<br>
ହେ ଚନ୍ଦ୍ରମା, ଆକର୍ଷଣମୟ ହୁଅ, ମଧୁର ହୁଅ;<br>
ହେ ରୁଦ୍ର, ତୁମେ ଭୀମ ହୁଅ, ଭୟଙ୍କର ହୁଅ;<br>
ହେ ମରୁତ, ତୁମେ ପ୍ରଚଣ୍ଡ ଓ ବେଗଶାଳୀ ହୁଅ;<br>
ହେ ଅର୍ଯ୍ୟମା, ତୁମେ ବଳଶାଳୀ ହୁଅ, ସାହସଯୁକ୍ତ ହୁଅ;<br>
ହେ ଭଗ, ତୁମେ ବିଳାସୀ ହୁଅ, ସୁଖଦାୟକ ହୁଅ;<br>
ହେ ଉଷା, ଉଜ୍ଜ୍ୱଳା ହୁଅ, ଉଦ୍‌ଘାଟନମୟୀ ହୁଅ;<br>
ହେ ରାତ୍ରି, ଗମ୍ଭୀରା ହୁଅ, ଗର୍ଭବତୀ ଜନନୀ ହୁଅ;<br>
ହେ ପ୍ରାଣ, ତୁମେ ପୂର୍ଣ୍ଣ ହୁଅ, ପ୍ରସ୍ତୁତ ହୁଅ, ଉଲ୍ଲସିତ ହୁଅ;<br>
ହେ ମୃତ୍ୟୁ, ମୋ'ର ଚରଣଗୁଡ଼ିକୁ ତୁମେ ସଦନରୁ<br>
ସଦନକୁ ପରିଚାଳିତ କରି ନେଇଯାଅ;<br>
ହେ ବୃହସ୍ପତି, ତୁମେ ଏହି ସବୁକିଛିକୁ ସମଞ୍ଜସତାପୂର୍ଣ୍ଣ କରି ରଖ ।<br>
ହେ କାଳୀ, ତୁମେ ମୋତେ ଏହି ଦେବତାମାନଙ୍କର<br>
ଆଦୌ ଅଧୀନ ହୋଇ ରହିବାକୁ ଦିଅ ନାହିଁ ।*

ତେଣୁ, ଏହାଦ୍ୱାରା ଶ୍ରୀଅରବିନ୍ଦ କାଳୀଙ୍କୁହିଁ ସେହି ମହତୀ ବିମୋଚନକାରିଣୀ ଶକ୍ତିରୂପେ ବର୍ଣ୍ଣନା କରିଛନ୍ତି, ଯିଏ କି ସଦାଦୀପ୍ତ ଭାବରେ ତୁମକୁ ଅଧିକରୁ ଅଧିକ

*Thoughts and Aphorism, (ବିଚାର ଓ ଚିନ୍ତାଭାସ) Cent. Vol. 17, P. 85

'oaob.nitrkl.ac.in' images reprocessed

ଅଗ୍ରଗତି ଆଡ଼କୁ ପ୍ରେରିତ କରି ନେଇଯାଆନ୍ତି ଏବଂ ତୁମ ଭିତରେ ଏପରି କୌଣସି ଗୋଟିଏ ଗଣ୍ଠିକୁ ବି ଛାଡ଼ି ଯାଆନ୍ତି ନାହିଁ, ଯାହାକି ସେହି ଅଗ୍ରଗତି କରିବାରୁ ତୁମକୁ ବ୍ୟାହତ କରି ରଖିବ ।

ମୁଁ ଭାବୁଛି, ଏହା ଆଜି ଆମର ଧ୍ୟାନ ଲାଗି ଏକ ଉପଯୁକ୍ତ ବିଷୟ ହେବ ।

*(ସମସ୍ତେ ଧ୍ୟାନରେ ବସିଲେ)*

'oaob.nitrkl.ac.in' images reprocessed

## ୨୭ ଅଗଷ୍ଟ ୧୯୫୮

*ମାଆ, ଆପଣ ଯେତେବେଳେ ଆମକୁ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଧ୍ୟାନରେ ବସିବା ଲାଗି କହୁଛନ୍ତି, ସେତେବେଳେ ଆମେ, ଉଦାହରଣ ସ୍ୱରୂପ, ଆଲୋକ ଆଡ଼କୁ ଉନ୍ମୋଚିତ ହୋଇଯାଉଛୁ, ଏଇଟି ବିଷୟରେ ଧ୍ୟାନ କରୁଛୁ । ସେତେବେଳେ ଆମେ ଯାବତୀୟ ପ୍ରକାର ବିଚିତ୍ର କଥାର କଳ୍ପନା କରିବାରେ ଲାଗିଯାଉଛୁ, ସତେଅବା କେଉଁଠି କବାଟଟିଏ ଖୋଲିଯାଉଛି ଏହିପରି କେତେ କ'ଣସବୁ କଳ୍ପନା କରୁଛୁ । ମାତ୍ର ସେଗୁଡ଼ାକ ସର୍ବଦା ଏକ ମାନସିକ ରୂପହିଁ ଧାରଣ କରି ରହିଛି ।*

ଏହି କଥାଟି ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରିବ । ପ୍ରତ୍ୟେକ ବ୍ୟକ୍ତିର ତା' ନିଜର ସ୍ୱତନ୍ତ୍ର ପ୍ରକ୍ରିୟାଟି ଅବଶ୍ୟ ରହିଛି । ଏକଥାଟି ସଂପୂର୍ଣ୍ଣ ଭାବରେହିଁ ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ । କେତେକ ବ୍ୟକ୍ତି ହୁଏତ ଏପରି କିଛିର କଳ୍ପନା କରିବେ, ଯାହାକି ସେମାନଙ୍କୁ ସାହାଯ୍ୟ କରୁଥିବ । ଅନ୍ୟ ପକ୍ଷରେ, ଯେଉଁମାନଙ୍କର ଏକ ଅପେକ୍ଷାକୃତ ଅଧିକ ଅମୂର୍ତ୍ତାଗ୍ରହୀ ମନ ରହିଥିବ, ସେମାନେ ହୁଏତ କେବଳ ବିଚାର ଓ ଧାରଣାଗୁଡ଼ିକର ପ୍ରତ୍ୟକ୍ଷ କରୁଥିବେ । ଏବଂ ଆହୁରି ଅନ୍ୟମାନେ, ଯେଉଁମାନେ କି ଇନ୍ଦ୍ରିୟବୋଧ କିଂବା ସଂବେଗଗୁଡ଼ିକ ମଧ୍ୟରେ ଅଧିକ ପରିମାଣରେ ବାସ କରୁଥା'ନ୍ତି, ସେମାନଙ୍କର ଅଧିକତର ପରିମାଣରେ ମନୋଭୂମିଗତ ନାନା ଗତି ଓ ସ୍ପନ୍ଦନ ହେବାରେ ଲାଗିଥିବ, ଅନ୍ତର୍ଗତ ନାନା ସଂବେଗ ତଥା ବୋଧରହିଁ କେତେ ଗତିସ୍ପନ୍ଦନ ହେବାରେ ଲାଗିଥିବ । ଏବଂ, ଆଉ ଯେଉଁମାନଙ୍କର ଏକ ସକ୍ରିୟ ଏବଂ ବିଶେଷଭାବରେ ରଚନାପ୍ରବଣ ଭୌତିକ ମନଟିଏ ରହିଛି, ସେମାନେ କେତେଗୁଡ଼ିଏ ପ୍ରତିରୂପହିଁ ଦେଖିବାକୁ ପାଉଥିବେ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ସେହି ଗୋଟିଏ ବସ୍ତୁକୁହିଁ କଦାପି ଦେଖୁ ନ ଥିବେ । ତାହା ଭିନ୍ନ ଭିନ୍ନ ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ । ଉଦାହରଣ ସ୍ୱରୂପ, ଯଦି ତୁମେ ତୁମ ପରେ ସେଠି ବସିଥିବା ବ୍ୟକ୍ତିଟିକୁ ପଚାରିବାକୁ ଯିବ,... (*ତା'ର ପରବର୍ତ୍ତୀ ହୋଇ ବସିଥିବା ପିଲାଟିକୁ ଉଦ୍ଦେଶ୍ୟ କରି*) ଯେତେବେଳେ ମୁଁ ତୁମକୁ କୌଣସି ଗୋଟିଏ ବିଷୟ ଦିଏ, ସେତେବେଳେ ତୁମେ ସେହିପରି ପ୍ରତିରୂପମାନ ଦେଖିଥାଅ କି ?

*ବେଳେବେଳେ ଦେଖିଥାଏ ।*

'oaob.nitrkl.ac.in' images reprocessed

ବେଳେବେଳେ ?

*ଅଧିକାଂଶ ସମୟରେ ମୁଁ କିଛି ନା କିଛି ଅନୁଭବହିଁ କରୁଥାଏ ।*

ଅଧିକାଂଶ ସମୟରେ କ'ଣ ଅନୁଭବ କରୁଥାଅ ?

*ଏକ ଇନ୍ଦ୍ରିୟବୋଧ ।*

ଏକ ଇନ୍ଦ୍ରିୟବୋଧ, ଆଚ୍ଛା । ଅଧିକାଂଶ ସମୟରେ, ମୋ'ର କହିବାର ଅର୍ଥ ହେଉଛି, ସାଧାରଣତଃ ଏହା ଏକ ଇନ୍ଦ୍ରିୟବୋଧ ବା ଏକ ଅନୁଭୂତି ହୋଇ ରହିଥାଏ, ଏକ ପ୍ରତିରୂପ ହୋଇ ରହି ନ ଥାଏ । ଯେଉଁମାନଙ୍କର ଏକ ରଚନାପ୍ରବଣ ମାନସିକ ଶକ୍ତି ରହିଛି, ଏକ ସକ୍ରିୟ ଭୌତିକ ମନ ରହିଛି, ସେମାନଙ୍କ ପାଖକୁ ଏହା ସର୍ବଦା ପ୍ରତିରୂପ ଆକାରରେ ଆସିଥାଏ । ସେହି ବ୍ୟକ୍ତି ଯେ ଆପଣାର ମାନସିକ ଚେତନାର ଭୂମିରେ ସକ୍ରିୟ ହୋଇ ରହିଛି, ସେଥିରୁ ସେହି ସୂଚନାଟି ମିଳିଥାଏ ।

*(ଯେଉଁ ପିଲାଟି ପ୍ରଥମ ପ୍ରଶ୍ନଟି ପଚାରିଥିଲା) ମାତ୍ର ଏଇଟା କ'ଣ ଠିକ୍ ?*

ମାତ୍ର ଯଦି ସେଥିରୁ ଉପଯୁକ୍ତ ଫଳଲାଭ ହୋଇପାରୁଛି, ତେବେ ପ୍ରତ୍ୟେକ କଥାହିଁ ଠିକ୍ । ଯେକୌଣସି ଉପାୟକୁ ଉତ୍ତମ ବୋଲି କୁହାଯାଇ ପାରିବ । ଏବଂ ତାହା କାହିଁକି ଠିକ୍ ନ ହେବ ?... ସେପରି ପ୍ରତିରୂପମାନ ଯେ ଅବଶ୍ୟ ହାସ୍ୟାସ୍ପଦ ହେବ, ତାହାର ଆଦୌ କୌଣସି କାରଣ ନାହିଁ । ସେସବୁ ଆଦୌ ହାସ୍ୟାସ୍ପଦ ନୁହନ୍ତି, ସେଗୁଡ଼ିକ ଗୋଟିଏ ଗୋଟିଏ ମାନସିକ ପ୍ରତିରୂପ । ଯଦି ସେଗୁଡ଼ିକ ତୁମକୁ କିଛି ବି ଫଳ ଆଣି ଦେଉଥା'ନ୍ତି, ତେବେ ସେଗୁଡ଼ିକୁ ବେଶ୍ ଉପଯୁକ୍ତ ବୋଲି କୁହାଯିବ । ସେଗୁଡ଼ିକ ଯଦି ତୁମକୁ ଏକ ଅନୁଭୂତି ଆଣି ଦେଉଥା'ନ୍ତି, ତେବେ ସେଗୁଡ଼ିକୁ ଉପଯୁକ୍ତ ବୋଲି କୁହାଯିବ ।

ଉଦାହରଣ ସ୍ୱରୂପ, ଯେତେବେଳେ ମୁଁ ତୁମମାନଙ୍କୁ ଆପଣା ଭିତରେ ଅନେକ ଗଭୀରକୁ ଯିବା ଲାଗି କହୁଛି, ସେତେବେଳେ ତୁମମାନଙ୍କ ଭିତରୁ କେତେଜଣ ଏକ ଇନ୍ଦ୍ରିୟବୋଧ ଉପରେ ନିଜକୁ ଅଭିନିବେଶିତ କରି ରଖୁଛ; ମାତ୍ର ଅନ୍ୟମାନେ ହୁଏତ ଏପରି ବୋଧ କରିପାରନ୍ତି, ସତେଯେପରି ସେମାନେ କୌଣସି ଏକ ଗଭୀର କୂପ ଭିତରେ ଯାଇ ପ୍ରବେଶ କରୁଛନ୍ତି ଏବଂ ଏକ ଅନ୍ଧକାରମୟ ଗଭୀର କୂପ ଭିତରେ ତଳକୁ

'oaob.nitrkl.ac.in' images reprocessed

ତଳକୁ ଯାଉଥିବା ପାହାଚଗୁଡ଼ିକର ଚିତ୍ରଟିକୁ ମଧ୍ୟ ସେମାନେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଉଛନ୍ତି । ସେମାନେ ସେହି ପାହାଚଗୁଡ଼ିକ ଦେଇ ତଳକୁ ତଳକୁ ଯାଉଛନ୍ତି, ଗଭୀରକୁ ଗଭୀରକୁ ଅଧିକ ଦୂରକୁ ଯାଉଛନ୍ତି । ଏବଂ, ବେଳେବେଳେ ସେମାନେ ଅତ୍ୟନ୍ତ ନିର୍ଭୁଲ୍ ଭାବରେ ଗୋଟିଏ ଦୁଆର ପାଖରେ ଯାଇ ପହଞ୍ଚୁଛନ୍ତି । ଦ୍ୱାରଟିରେ ପ୍ରବେଶ କରିବାର ଇଚ୍ଛାଟିକୁ ବହନ କରି ସେମାନେ ସେଠାରେ ବସି ରହୁଛନ୍ତି । ବେଳେବେଳେ ଦ୍ୱାରଟି ଖୋଲି ଯାଉଛି; ତା'ପରେ ସେମାନେ ଭିତରକୁ ଯାଉଛନ୍ତି, ସେଠି କୌଣସି ଏକ ପ୍ରକାରର କକ୍ଷ, କୋଠରି, ଗୁହା ବା ସେହିପରି ଆଉ କିଛି ଦେଖିବାକୁ ପାଉଛନ୍ତି । ଏବଂ ସେଠାରୁ, ଯଦି ସେମାନେ ଆହୁରି ଆଗକୁ ଯାଆନ୍ତି, ସେମାନେ ହୁଏତ ଆଉ ଗୋଟିଏ ଦୁଆର ପାଖରେ ଆସି ପହଞ୍ଚୁଛନ୍ତି ଓ ସେଇଠି ପୁଣି ଅଟକି ଯାଉଛନ୍ତି । ଏକ ପ୍ରୟାସ କରିବା ପରେ ଦୁଆରଟି ଖୋଲିଯାଉଛି ଏବଂ ସେମାନେ ପୁନର୍ବାର ଯିବାକୁ ଆରମ୍ଭ କରୁଛନ୍ତି । ଏବଂ, ଯଦି ଯଥେଷ୍ଟ ଅବିରତ ଏବଂ ଅନିରସ୍ତ ଭାବରେ ଏହିପରି କରାଯାଏ ଏବଂ ଯଦି ସେହି ଅନୁଭୂତିଟିକୁ ଅବିଚ୍ଛିନ୍ନ କରି ରଖାଯାଏ, ତେବେ ଶେଷକୁ ତୁମେ ଏପରି ଏକ ଦ୍ୱାର ସମ୍ମୁଖରେ ଆସି ପହଞ୍ଚିଯାଇ ପାରିବ ଯାହାରକି... ଏକ ବିଶେଷ ପ୍ରକାରର ଦୃଢ଼ତା ବା ମହତ୍ତ୍ୱ ରହିଥିବ, ଏବଂ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର ଏକ ବୃହତ୍ ପ୍ରଚେଷ୍ଟା ବଳରେ ତୁମ ଲାଗି ସେହି ଦ୍ୱାରଟି ମଧ୍ୟ ଉନ୍ମୁକ୍ତ ହୋଇଯିବ ଏବଂ ସହସା ତୁମେ ଆପଣାକୁ ଏକ ଆଲୋକମୟ କକ୍ଷ ମଧ୍ୟରେ ଦେଖିବାକୁ ପାଇବ, ଯେଉଁଠାରେ କି ସବୁକିଛି ଅତ୍ୟନ୍ତ ପରିଷ୍କାର ହୋଇ ରହିଥିବ । ଏବଂ ତା'ପରେ, ତୁମକୁ ତୁମ ଆତ୍ମାର ସଂସ୍ପର୍ଶଟି ମିଳିଯିବାର ତୁମେ ଅନୁଭବ କରିବାକୁ ଲାଗିବ... କିନ୍ତୁ ଏହିସବୁ ପ୍ରତିରୂପ ଦେଖିବା ଦ୍ୱାରା କ'ଣ ଖରାପ ହୁଏ, ମୁଁ ସେକଥାଟିକୁ ବୁଝି ପାରୁ ନାହିଁ ।

*ମାଆ, କିନ୍ତୁ ସେଇଟା ତ କେବଳ ଗୋଟାଏ କଳ୍ପନା, ନୁହେଁ କି ?*

ଗୋଟାଏ କଳ୍ପନା ? ମାତ୍ର କଳ୍ପନା କହିଲେ ତୁମେ କ'ଣ ବୁଝୁଛ ? ... ବିଶ୍ୱଭୁବନରେ କେଉଁଠି ହେଲେ ନ ଥିବା କୌଣସି ବସ୍ତୁର ତୁମେ ଆଦୌ କଳ୍ପନା କରିପାରିବ ନାହିଁ । ଯାହା କୌଣସି ନା କୌଣସି ସ୍ଥାନରେ ଅବଶ୍ୟ ରହି ନାହିଁ, ସେପରି ଏକ ବସ୍ତୁର କଳ୍ପନା କରିବା ଏକାନ୍ତ ଅସମ୍ଭବ । ହଁ, କେବଳ ଏକଥାଟି ବେଶ୍ ସମ୍ଭବ ହୋଇପାରେ ଯେ ଆମେ ଆମର ପ୍ରତିରୂପଟିକୁ ତା'ର ଯଥାର୍ଥ ସ୍ଥାନରେ ନେଇ ରଖିବା ଲାଗି ସମର୍ଥ ହେଉ ନାହିଁ । ଆମେ ହୁଏତ ସେଇଟି ସହିତ ଏପରି ଅନେକ ଗୁଣ ଏବଂ ଧର୍ମ ଆଣି ଯୋଡ଼ିଦେଉ, ଯାହାକି ସେଇଟି ଭିତରେ ପ୍ରକୃତରେ ନ ଥାଏ; ବା, ଯେଉଁଟି ତାହାର ଉଚିତ ବ୍ୟାଖ୍ୟା

'oaob.nitrkl.ac.in' images reprocessed

ହୁଅନ୍ତା, ସେଇଟିକୁ ଛାଡ଼ି ଆଉ ଅନ୍ୟ କୌଣସି ବ୍ୟାଖ୍ୟା ଦେଇ ଆମେ ତାହାକୁ ବୁଝିବାକୁ ଚେଷ୍ଟା କରୁଥାଉ । ମାତ୍ର, ଆମେ ଯାହାକିଛିର କଳ୍ପନା କରୁ, ତାହା କୌଣସି ନା କୌଣସି ସ୍ଥାନରେ ଅବଶ୍ୟ ରହିଥାଏ । କିନ୍ତୁ, ସେଇଟି ଯେ ପ୍ରକୃତରେ କେଉଁଠାରେ ରହିଛି, ସେହି କଥାଟିକୁ ଜାଣିବା ଏବଂ ତାହାକୁ ତା'ର ଉପଯୁକ୍ତ ସ୍ଥାନଟିରେ ନେଇ ରଖିବା ହେଉଛି ସର୍ବପ୍ରଧାନ କଥା ।

ଅବଶ୍ୟ ଏକଥା ମଧ୍ୟ ସତ ଯେ, କ୍ରମଶଃ ଖୋଲି ଯାଉଥିବା ଦ୍ୱାର ସମ୍ମୁଖରେ ତୁମେ ଠିଆ ହୋଇ ରହିଛ ବୋଲି କଳ୍ପନା କରିବା ପରେ, ଯଦି ତୁମେ ସେଇଟିକୁ ତୁମ ଶରୀର ଭିତରେ ରହିଥିବା ପ୍ରକୃତରେ ଏକ ସ୍ଥୂଳ କବାଟ ବୋଲି ଭାବିବ, ତେବେ ତାହା ଅବଶ୍ୟ ଏକ ଭୁଲ୍ ହେବ । ମାତ୍ର ଯଦି ତୁମେ ସେଇଟିକୁ ଅଭିନିବେଶିତ ହୋଇ ରହିବାର ତୁମ ପ୍ରୟାସଟିର ଏକ ମାନସିକ ରୂପ ବୋଲି ହୃଦୟଙ୍ଗମ କରୁଥିବ, ତେବେ ତାହା ନିଶ୍ଚୟ ଠିକ୍ ହେବ । ଯଦି ତୁମେ ମାନସିକ ଜଗତଟି ମଧ୍ୟରେ ଏହିପରି ବିଚରଣ କରୁଥିବ, ତେବେ ତୁମକୁ ସେହିପରି ବହୁସଂଖ୍ୟକ ରୂପାୟଣ ଦୃଷ୍ଟିଗୋଚର ହେବ, ଯାବତୀୟ ପ୍ରକାରର ରୂପାୟଣ ଦୃଷ୍ଟିଗୋଚର ହେବାରେ ଲାଗିଥିବ; ସେଗୁଡ଼ିକ ସୁନିଶ୍ଚିତ ଭାବରେ ଆଦୌ କୌଣସି ବାସ୍ତବ ସତ୍ୟ ହୋଇ ନ ଥିବେ ସତ, ମାତ୍ର ସେଗୁଡ଼ିକ ମନୋରାଜ୍ୟରେ ପ୍ରକୃତରେହିଁ ଅବସ୍ଥିତ ରହିଥିବେ ।

ତୁମର ଭାବନା ଏକ ନିର୍ଦ୍ଦିଷ୍ଟ ଭାବରେ ରୂପାୟିତ ହୋଇପାରୁ ନ ଥିଲା ପର୍ଯ୍ୟନ୍ତ ତୁମେ କଦାପି କୌଣସି କଥାକୁ ଶକ୍ତିଶାଳୀ ଭାବରେ ଚିନ୍ତା କରିପାରିବ ନାହିଁ । ମାତ୍ର, ଯଦି ତୁମେ ସେହି ରୂପାୟଣଟିକୁ ଏକ ସ୍ଥୂଳ ରୂପାୟଣ ବୋଲି ଭାବୁଥିବ, ତେବେ ତାହା ବସ୍ତୁତଃ ଏକ ଭୁଲ୍‌ହିଁ ହେବ; ମାତ୍ର ତଥାପି ସେଇଟି ମନୋରାଜ୍ୟରେ ଅବଶ୍ୟ ଅବସ୍ଥିତ ରହିଥିବ ।

କଳ୍ପନାଶକ୍ତି ହେଉଛି ରୂପାୟିତ କରିବାର ଏକ ଶକ୍ତି । ବସ୍ତୁତଃ, ଯେଉଁ ବ୍ୟକ୍ତିମାନଙ୍କଠାରେ ଆଦୌ କୌଣସି କଳ୍ପନାଶକ୍ତି ନ ଥାଏ, ସେମାନେ ମାନସିକ ଦୃଷ୍ଟିରୁ ମୋଟେ ରଚନାପ୍ରବଣ ହୋଇ ରହି ନ ଥା'ନ୍ତି, ଆପଣାର ଭାବନାକୁ ସେମାନେ କେବେହେଲେ ଏକ ସାକାର ଶକ୍ତିମତ୍ତା ଆଣି ଦେଇପାରନ୍ତି ନାହିଁ । କଳ୍ପନାଶକ୍ତି ହେଉଛି କ୍ରିୟାଶୀଳ ହେବାର ଏକ ଅତ୍ୟନ୍ତ ଶକ୍ତିଶାଳୀ ସାଧନ । ଉଦାହରଣ ସ୍ୱରୂପ, ଯଦି ତୁମେ କୌଣସିଠାରେ ଯନ୍ତ୍ରଣା ଅନୁଭବ କରୁଛ ଏବଂ ଯଦି ତୁମେ ସେହି ଯନ୍ତ୍ରଣାଟିକୁ ଅନ୍ତର୍ହିତ କରାଇ ନେଉଛ, ଅପସାରିତ କରି ନେଉଛ ବା ସେଇଟିକୁ ନଷ୍ଟ କରିଦେଉଛ ବୋଲି କହିବ,— ଯଦି ସେହି ପ୍ରକାରର ଯାବତୀୟ ପ୍ରତିରୂପ ମଧ୍ୟରୁ କୌଣସିଟିର ସାହାଯ୍ୟ ନେବ,— ତେବେ ଦେଖିବ, ତୁମେ ସେଥିରେ ଅବଶ୍ୟ ସଂପୂର୍ଣ୍ଣ ସଫଳତା ଲାଭ କରିବ ।

'oaob.nitrkl.ac.in' images reprocessed

ଜଣେ ମହିଳାଙ୍କ ବିଷୟରେ ଏପରି ଗୋଟିଏ କାହାଣୀ ରହିଛି ଯେ ତାଙ୍କର ବାଳଗୁଡ଼ାକ ଅତ୍ୟନ୍ତ ଦ୍ରୁତଗତିରେ ଉପୁଡ଼ି ଯିବାରେ ଲାଗିଥିଲା; ତାଙ୍କ ମୁଣ୍ଡରୁ ମୋଟେ କେତୋଟି ସପ୍ତାହ ମଧ୍ୟରେ ଯେ ସବୁଯାକ ବାଳ ଉପୁଡ଼ିଯିବ, ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିଲା । ଏବଂ ଦିନକର ତାଙ୍କୁ କେହିଜଣେ ଯାଇ କହିଲେ, ''ତୁମେ ସବୁଦିନ ମୁଣ୍ଡ କୁଣ୍ଡାଉଥିବା ସମୟରେ ଭାବିବ ଯେ ତୁମର ବାଳଗୁଡ଼ିକ ପ୍ରକୃତରେ ବୃଦ୍ଧି ପାଇବାରେ ଲାଗିଛି ଓ ତାହା ପ୍ରକୃତରେ ଅତ୍ୟନ୍ତ ଦ୍ରୁତ ବେଗରେ ବୃଦ୍ଧି ପାଇବ ।'' ଏବଂ, ତା'ପରେ ସବୁବେଳେ, ସେହି ମହିଳା ବାଳ କୁଣ୍ଡାଉଥିବା ସମୟରେ ''ମୋ' ବାଳ ଏଥର ବଢ଼ିବାକୁ ଆରମ୍ଭ କଲାଣି, ଏଥର ଭାରି ବେଗରେ ବଢ଼ିବାକୁ ଆରମ୍ଭ କରିବ'' ବୋଲି କହିଲେ । ଏବଂ, ସତକୁ ସତ ତାହାହିଁ ଘଟିଲା । ମାତ୍ର ସାଧାରଣତଃ ଲୋକମାନେ ''ଆରେ, ପୁଣି ମୋ' ବାଳ ଉପୁଡ଼ିବାକୁ ଆରମ୍ଭ କଲାଣି ଏବଂ କ୍ରମେ ସବୁ ବାଳ ଯେ ଏହିପରି ଉପୁଡ଼ିଯିବ, ସେଥିରେ କୌଣସି ସନ୍ଦେହ ନାହିଁ, ଏ ବାଳ ନିଶ୍ଚୟ ଉପୁଡ଼ିଯିବ !'' ବୋଲି କହିବାରେ ଲାଗିଥା'ନ୍ତି ।

ଏବଂ ନିଃସନ୍ଦେହ ଭାବରେ ଠିକ୍ ତାହାହିଁ ଘଟିଥାଏ ।

*ମାଆ, ଶୁକ୍ରବାରର କ୍ଲାସ୍‌ଗୁଡ଼ିକରେ ଆପଣ ଆମ ଆଗରେ ଗୋଟିଏ ବାକ୍ୟ (ସେତେବେଳେ 'ଧମ୍ମପଦ' ପୁସ୍ତକରୁ ପଢ଼ା ହେଉଥିଲା) ପଢ଼ିଦିଅନ୍ତି ଓ ତାହାରି ଉପରେ ଆମକୁ ଧ୍ୟାନସ୍ଥ ହୋଇ ବସିବା ପାଇଁ କହନ୍ତି । ମାତ୍ର ଗୋଟିଏ ବାକ୍ୟ ଉପରେ ଆମେ ପ୍ରକୃତରେ କିପରି ଧ୍ୟାନସ୍ଥ ହୋଇ ରହିପାରିବା ? ଅର୍ଥାତ୍, ଆମେ ସେହି ବିଚାରଟି ବିଷୟରେ ଭାବିବା, ଧ୍ୟାନ କରିବା ନା... ଆମର ପ୍ରକୃତରେ କ'ଣ କରିବା ଉଚିତ ?*

ଗୋଟିଏ ବାକ୍ୟ ଉପରେ ଧ୍ୟାନସ୍ଥ ରହିବ ?

*ହଁ ।*

ଏକଥା ସ୍ପଷ୍ଟ ହୋଇଯାଉଛି ଯେ ତୁମେ ତାହାର ଅର୍ଥଟି ଉପରେ ଧ୍ୟାନ କରିବ ।

*ଅର୍ଥାତ୍, ଆମେ ଭାବିବା ଯେ...*

'oaob.nitrkl.ac.in' images reprocessed

ହଁ, ତା'ପରେ ?

*କାରଣ, ତାହା ଏକ ମାନସିକ ସଂଯୋଗ ସ୍ଥଳ ରୂପେ କାର୍ଯ୍ୟ କରେ ବୋଲି ନା କ'ଣ ?*

ବାକ୍ୟଟିକୁ ମଧ୍ୟ ଏକ ମାନସିକ ରଚନା ବୋଲି କୁହାଯିବ । ସେହି ମାନସିକ ରଚନାଟିକୁ ପ୍ରକୃତରେ ରଚନା କରାଯାଇଥାଏ । ବାକ୍ୟଟି ସେହି ମାନସିକ ରଚନାଟିକୁ ବ୍ୟକ୍ତ କରି ଦେଉଥାଏ । ତେଣୁ, ଗୋଟିଏ ବାକ୍ୟ ଉପରେ ଧ୍ୟାନ କରିବାର ଦୁଇଟି ପ୍ରଣାଳୀ ରହିଛି । ମନନ ଦ୍ୱାରା ଏହିସବୁ ଶବ୍ଦର ପ୍ରକୃତ ଅର୍ଥ କ'ଣ, ତାହାକୁ ବୁଝିବାର ଏକ ସକ୍ରିୟ ଅର୍ଥାତ୍ ସାଧାରଣ ବାହ୍ୟ ପ୍ରଣାଳୀ ରହିଛି; ଏହି ବାକ୍ୟଟିର ପ୍ରକୃତ ଅର୍ଥ କ'ଣ, ବୁଦ୍ଧି ଦ୍ୱାରା ତାହାକୁ ବୁଝିବାର ଏକ ପ୍ରଣାଳୀ ରହିଛି । ସେଇଟି ହେଉଛି ସକ୍ରିୟ ଧ୍ୟାନ । ତୁମେ ଏହି କେତୋଟି ଶବ୍ଦ ଉପରେ ନିଜକୁ ଅଭିନିବେଶିତ କରି ରଖୁଛ, ସେମାନେ ଯେଉଁ ଭାବନାଟିକୁ ବ୍ୟକ୍ତ କରୁଛନ୍ତି, ସେଇଟିକୁ ଗ୍ରହଣ କରୁଛ ଏବଂ ଯୁକ୍ତି, ଅନୁମିତି ତଥା ବିଶ୍ଳେଷଣ ଦ୍ୱାରା ଭାବନାର ଅର୍ଥଟିକୁ ବୁଝିବା ଲାଗି ଚେଷ୍ଟା କରୁଛ ।

ଏହା ସହିତ ଆଉ ଗୋଟିଏ ଅପେକ୍ଷାକୃତ ଅଧିକ ପ୍ରତ୍ୟକ୍ଷ ଏବଂ ଅଧିକ ଗଭୀର ପ୍ରଣାଳୀ ରହିଛି; ଏହାଦ୍ୱାରା ତୁମେ ମନୋଗତ ଏହି ରଚନାଟିକୁ, ଶବ୍ଦଗୁଡ଼ିକର ଏହି ସଂଗଠନଟିକୁ,— ସେଗୁଡ଼ିକ ପ୍ରତିନିଧିତ୍ୱ କରୁଥିବା ଭାବନାଟି ସହିତ,— ଆପଣାର ସମ୍ମୁଖରେ ରଖୁଛ, ସେଇଟି ଉପରେ ଆପଣା ଅଭିନିବେଶର ସମୁଦାୟ ଶକ୍ତିଟିକୁ ଆଣି ଏକତ୍ର କରି ରଖୁଛ ଏବଂ ସେହି ରଚନାଟି ଉପରେ ଆପଣାର ସମସ୍ତ ଶକ୍ତିକୁ ସଂକେନ୍ଦ୍ରିତ କରି ରଖିବା ଲାଗି ତୁମେ ଆପଣାକୁ ବାଧ୍ୟ କରୁଛ । ଉଦାହରଣ ସ୍ୱରୂପ, ସ୍ଥୂଳ ଭାବରେ ଦେଖୁଥିବା କୌଣସି ବସ୍ତୁ ଉପରେ ନିଜର ସମସ୍ତ ଶକ୍ତିକୁ ସଂକେନ୍ଦ୍ରିତ କରି ନ ରଖି, ତୁମେ ସେହି ଭାବନାଟିକୁ ସମ୍ମୁଖରେ ଆଣି ରଖୁଛ ଏବଂ ତାହାରି ଉପରେହିଁ ଆପଣାର ସମୁଦାୟ ଶକ୍ତିଟିକୁ ସଂକେନ୍ଦ୍ରିତ କରି ରଖୁଛ । ଅବଶ୍ୟ, ଏହି କଥାଟିକୁ ତୁମେ ନିଜ ମନର ଭୂମିଟି ଉପରେହିଁ କରୁଛ ।

ଏବଂ ତା'ପରେ, ଯଦି ତୁମେ ଯଥେଷ୍ଟ ପରିମାଣରେ ଭାବନାଟିକୁ ସଂକେନ୍ଦ୍ରିତ କରି ରଖିପାରିବ ଏବଂ ଏପାଖ ସେପାଖ ଆନ୍ଦୋଳିତ ହେବାରୁ ତାହାକୁ ନିବୃତ୍ତ କରି ରଖିପାରିବ, ତେବେ ତୁମେ ଭାରି ସ୍ୱାଭାବିକ ଭାବରେ ଶବ୍ଦଗୁଡ଼ିକ ଦ୍ୱାରା ବ୍ୟକ୍ତ ହେଉଥିବା ଭାବନାରୁ ତା'ପଛରେ ରହିଥିବା ବିଚାର ବା **ଧାରଣାଟି** ମଧ୍ୟକୁ ଅତିକ୍ରମ କରିଯାଇ ପାରିବ । ଏବଂ, ସେହି ଧାରଣାଟି ଅନ୍ୟ ଶବ୍ଦ ଦେଇ ଓ ଅନ୍ୟ ନାନାବିଧ ଆକାରରେ

'oaob.nitrkl.ac.in' images reprocessed

ମଧ୍ୟ ବ୍ୟକ୍ତ କରାଯାଇ ପାରିବ । ଯେକୌଣସି ଧାରଣାର ଏକ ସ୍ୱାଭାବିକ ଲକ୍ଷଣ ହିସାବରେ ଏହି ଶକ୍ତିଟି ରହିଛି ଯେ ତାହା ଭିନ୍ନ ଭିନ୍ନ ଏକାଧିକ ଭାବନାର ମାଧ୍ୟମରେ ଆପଣାକୁ ଅର୍ଥ-ପରିହିତ କରି ରଖିପାରିବ । ଏବଂ, ଯେତେବେଳେ ତୁମେ ଏହି କଥାଟିକୁ କରିପାରିବ, ସେତେବେଳେ, କେବଳ ଶବ୍ଦଗୁଡ଼ିକର ଅର୍ଥ ବୁଝି ତୁମେ ଯେତିକି ଦୂର ଯାଇ ପାରିଥା'ନ୍ତ, ବର୍ତ୍ତମାନ ତା'ଠାରୁ ଅନେକ ଅଧିକ ଗଭୀରକୁ ଯିବା ଲାଗି ସମର୍ଥ ହୋଇଛ ବୋଲି ନିଶ୍ଚୟ କୁହାଯାଇ ପାରିବ । ଏବଂ, ଯଦି ତୁମେ ଏହିପରି ଅବିଚ୍ଛିନ୍ନ ଭାବରେ ସଂକେନ୍ଦ୍ରିତ ହୋଇ ରହିପାରିବ ଏବଂ ଏଇଟିକୁ କରିବାର ଉପାୟ ତୁମକୁ ଜଣାଥିବ, ତେବେ ତୁମେ ଧାରଣାଟିକୁ ବି ଅତିକ୍ରମ କରି ତା'ପଛରେ ରହିଥିବା ଆଲୋକମୟ ଶକ୍ତିଟି ପାଖକୁ ଚାଲିଯାଇ ପାରିବ । ସେତେବେଳେ ତୁମେ ଅପେକ୍ଷାକୃତ ଏକ ଅଧିକ ପରିବ୍ୟାପ୍ତ ଏବଂ ଅଧିକ ଗଭୀର ରାଜ୍ୟରେ ଯାଇ ପ୍ରବେଶ କରିବ । ମାତ୍ର ସେଥିଲାଗି ତୁମର କିଛି ତାଲିମ ରହିଥିବା ଦରକାର । ମାତ୍ର ଆମେ ତଥାପି ତାହାକୁହିଁ ଧ୍ୟାନର ପ୍ରକୃତ ପ୍ରକ୍ରିୟାଟି ବୋଲି କହିବା ।

ଯଦି ତୁମେ ଯଥେଷ୍ଟ ଗଭୀରକୁ ଯାଇପାରିବ, ତେବେ ତୁମେ ବିଚାରଟିର ପଶ୍ଚାତରେ ରହିଥିବା ପରମ ତତ୍ତ୍ୱ ଏବଂ ପରମ ଶକ୍ତିଟିକୁ ମଧ୍ୟ ଦେଖିପାରିବ ଏବଂ ତାହାହିଁ ତୁମକୁ ଉପଲବ୍ଧିର ଶକ୍ତିଟିକୁ ଆଣି ଦେଇଯିବ । ଯେଉଁମାନେ ଧ୍ୟାନକୁ ଆଧ୍ୟାତ୍ମିକ ବିକାଶର ଏକ ସାଧନରୂପେ ଗ୍ରହଣ କରନ୍ତି, ସେମାନେ ଏହିପରି ଭାବରେହିଁ ବସ୍ତୁଗୁଡ଼ିକର ପଶ୍ଚାତରେ ଥିବା ପରମ ତତ୍ତ୍ୱଟି ସହିତ ଏକତ୍ୱବଦ୍ଧ ହୋଇ ପାରିଥା'ନ୍ତି ଏବଂ ଊର୍ଦ୍ଧ୍ୱରେ ଥାଇ ଏହିସବୁ ବସ୍ତୁ ଉପରେ କାର୍ଯ୍ୟ କରିବାର ଶକ୍ତିଟିକୁ ଲାଭ କରନ୍ତି ।

ମାତ୍ର, ଏପରିକି, ଏତେ ଦୂରକୁ ନ ଯାଇ ମଧ୍ୟ,– ସେଥିପାଇଁ ଏକ କଠୋର ସାଧନା ଆବଶ୍ୟକ, ନୁହେଁ ? ଏକ ଦୀର୍ଘକାଳର ଅଭ୍ୟାସ ବି ଦରକାର,– ତୁମେ ଭାରି ସହଜରେ ଭାବନାର ସ୍ତରଟିରୁ ବିଚାରର ସ୍ତରଟିକୁ ଅତିକ୍ରମ କରିଯାଇ ପାରିବ । ଏବଂ ତଦ୍ୱାରା ତୁମକୁ ମନର କ୍ଷେତ୍ରରେ ଏପରି ଏକ ଆଲୋକ ଏବଂ ବୋଧ ପ୍ରାପ୍ତ ହୋଇଯିବ, ଯାହା ଦ୍ୱାରା କି ତୁମେ ତୁମ ଵେଳକୁ ସେହି ବିଚାରଟିକୁ ଯେକୌଣସି ରୂପ ଦେଇ ବ୍ୟକ୍ତ କରିପାରିବ । ଯେକୌଣସି ବିଚାରକୁ ଭିନ୍ନ ଭିନ୍ନ ନାନା ଆକାରରେ ଓ ନାନା ଭାବନା ସାହାଯ୍ୟରେ ବ୍ୟକ୍ତ କରାଯାଇ ପାରିବ । ଯେପରି, ତୁମେ ଅପେକ୍ଷାକୃତ ଏକ ଅଧିକ ସ୍ଥୂଳ ସ୍ତରକୁ ଚାଲିଆସି ପାରିଲେ, ଯେକୌଣସି ଭାବନାକୁ ଭିନ୍ନ ଭିନ୍ନ ନାନା ଶବ୍ଦରେ ବ୍ୟକ୍ତ କରିବା ସମ୍ଭବ ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହେବ । ତଳ ଆଡ଼କୁ, ଅର୍ଥାତ୍ କଥିତ ଅଥବା ଲିଖିତ ଅଭିବ୍ୟକ୍ତି ଆଡ଼କୁ ଗଲେ, ଆମେ ଏପରି ଭିନ୍ନ ଭିନ୍ନ ନାନା ଶବ୍ଦ ତଥା ସୂତ୍ରରେ ଯାଇ ପହଞ୍ଚିବା, ଯାହାକି ଏକ ଭାବନାକୁ ବ୍ୟକ୍ତ କରିବା ଲାଗି

'oaob.nitrkl.ac.in' images reprocessed

ଅବଶ୍ୟ ସହାୟକ ହେବ । ମାତ୍ର, ପଶ୍ଚାତରେ ଥିବା ବିଚାରଟିକୁ ବ୍ୟକ୍ତ କରୁଥିବାର କ୍ଷେତ୍ରରେ ଆମେ ଏହି ଭାବନାଟିକୁ ଭାବନାର ନାନା ରୂପାୟଣ ମଧ୍ୟରୁ କେବଳ ଗୋଟିଏ ରୂପାୟଣ ବୋଲିହିଁ କହିପାରିବା । ଏବଂ ଯଦି ଆମେ ଏହି ବିଚାରଟିକୁ ଗଭୀର ଭାବରେ ଅନୁଧାବନ କରିପାରିବା, ତେବେ ତା'ପଛରେ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତିର ଏକ ତତ୍ତ୍ୱ ନିହିତ ଥିବାର ମଧ୍ୟ ଦେଖିବାକୁ ପାଇବା, ଯାହାକି ତା'ପରେ ଅଭିବ୍ୟକ୍ତିଟି ଉପରକୁ ବ୍ୟାପ୍ତ ହୋଇ ଯାଇପାରିବ ଓ ସେଇଟି ଉପରେ କାର୍ଯ୍ୟ କରିପାରିବ ।

ଯେତେବେଳେ ତୁମ ଭିତରେ କୌଣସି ଭାବନାର ଉଦୟ ହୁଏ, ସେତେବେଳେ ତୁମେ ସେଥିପାଇଁ ଶବ୍ଦ ଖୋଜିବାରେ ଲାଗିଯାଅ, ନୁହେଁ କି ? ଏବଂ ତା'ପରେ ନିଜର ଭାବନାଟିକୁ ବ୍ୟକ୍ତ କରିବା ଲାଗି ତୁମେ ଏହି ଶବ୍ଦଗୁଡ଼ିକୁ ସଜାଇ ରଖିବା ପାଇଁ ଚେଷ୍ଟା କର । ଗୋଟିଏ ଭାବନାକୁ ବ୍ୟକ୍ତ କରିବା ଲାଗି ତୁମେ ସର୍ବଦା ଅନେକ ଶବ୍ଦର ବେଶ୍ ବ୍ୟବହାର କରିପାରିବ । ତୁମେ ନିଜକୁ କହୁଥିବ, "ନା,– ଯଦି ସେଇଟି ପରିବର୍ତ୍ତେ ମୁଁ ଏହି ଶବ୍ଦଟିକୁ ଏଠାରେ ରଖେ, ତେବେ ମୁଁ ଯାହା ଭାବୁଛି, ଏହା ତାହାକୁ ଅଧିକ ଭଲ ଭାବରେ ବ୍ୟକ୍ତ କରିଦେଇପାରିବ ।" ଲେଖିବାର ଶୈଳୀ ବିଷୟରେ ଶିକ୍ଷା କରୁଥିବା ସମୟରେ ତୁମେ ପ୍ରକୃତରେ ତାହାହିଁ ଶିକ୍ଷା କରିଥାଅ ।

ମାତ୍ର ଯେତେବେଳେ ମୁଁ ତୁମମାନଙ୍କୁ କୌଣସି ଏକ ଭାବନାକୁ ବ୍ୟକ୍ତ କରିବାର ସାମର୍ଥ୍ୟ ରଖିଥିବା ଏକ ଲିଖିତ ବାକ୍ୟ ଆଣିଦିଏ ଏବଂ ତାର୍ହାରି ଉପରେ ନିଜକୁ ସଂକେନ୍ଦ୍ରିତ କରି ରଖିବା ଲାଗି ତୁମକୁ କହେ, ତେବେ ଭାବନାର ଏହି ରୂପଟି ମଧ୍ୟଦେଇ ତୁମେ ପଛରେ ଥିବା ବିଚାରଟି ପାଖକୁ ଫେରିଯାଇ ପାରିବ, ଯାହାକି ଭିନ୍ନ ଭିନ୍ନ ନାନା ଭାବନାରେ ବ୍ୟକ୍ତ ହୋଇ ପାରୁଥିବ । ଏହାକୁ ଏକ ବୃହତ୍ ସୋପାନକ୍ରମ ପରି କଳ୍ପନା କରାଯାଇ ପାରିବ : ସବାଉପରେ ଅସଲ ତତ୍ତ୍ୱଟି ରହିଥିବ; ଏହାକୁ ଆମେ ଅବସ୍ଥିତ ଏକମାତ୍ର ତତ୍ତ୍ୱ ବୋଲି କଦାପି କହି ପାରିବା ନାହିଁ, କାରଣ ତୁମେ ଏହାଠାରୁ ଆହୁରି ଉପରକୁ ମଧ୍ୟ ଯାଇପାରିବ । ମାତ୍ର, ଏହି ତତ୍ତ୍ୱଟିକୁ ନାନା ବିଚାର ଦ୍ୱାରା ବ୍ୟକ୍ତ କରାଯାଇ ପାରିବ, ଏବଂ ଏହି ବିଚାରଗୁଡ଼ିକୁ ମଧ୍ୟ ବହୁସଂଖ୍ୟକ ଭାବନା ଦ୍ୱାରା ବ୍ୟକ୍ତ କରାଯାଇ ପାରିବ ଏବଂ ଏହି ବହୁସଂଖ୍ୟକ ଭାବନା ଅନେକ ଭାଷା ସାହାଯ୍ୟରେ ଓ ତା'ଠାରୁ ଆହୁରି ଅନେକ ଶବ୍ଦ ସାହାର୍ଯ୍ୟରେ ଆପଣାକୁ ବ୍ୟକ୍ତ କରି ପାରୁଥିବେ ।

ଯେତେବେଳେ ମୁଁ ତୁମକୁ କୌଣସି ଏକ ଭାବନା ଆଣି ଦେଇଥାଏ, ସେତେବେଳେ ତୁମର ସଂକେନ୍ଦ୍ରଣ ଶକ୍ତିରେ ତୁମକୁ ସାହାଯ୍ୟ କରିବା ଲାଗିହିଁ ତାହାକୁ ଆଣି ଦେଇଥାଏ ।... ଏପରି ଅନେକ ସାଧନାମାର୍ଗ ରହିଛି, ଯେଉଁଟି ଅନୁସାରେ କି କୌଣସି ଗୋଟିଏ ବସ୍ତୁକୁ, ଗୋଟିଏ ଫୁଲ, ଖଣ୍ଡେ ପଥର ଅଥବା ଆଉ କୌଣସି ବସ୍ତୁ

'oaob.nitrkl.ac.in' images reprocessed

ତୁମ ସମ୍ମୁଖରେ ଆଣି ରଖି ଦିଆଯାଏ ଏବଂ ତୁମକୁ ସେଇଟିର ଚାରିପାଖରେ ବସି ନିଜକୁ ତାହାରି ଉପରେ ସଂକେନ୍ଦ୍ରିତ କରି ରଖିବା ଲାଗି କୁହାଯାଏ । ତୁମେ ନିଜର ଆଖିକୁ ଏହିପରି କରିଆଣ (*ମାଆ ଆଖିକୁ ତିର୍ଯ୍ୟକ୍ କରି ଆଣିଲେ*) ଏବଂ ଶେଷରେ ସେହି ବସ୍ତୁଟିରେହିଁ ପରିଣତ ହୋଇଯାଅ । ସେଇଟି ମଧ୍ୟ ନିଜକୁ ସଂକେନ୍ଦ୍ରିତ କରି ରଖିବାର ଗୋଟିଏ ପ୍ରଣାଳୀ । ତୁମେ ଅବିଚଳ ଭାବରେ ଅନାଇ ରହିଥାଅ, ଆଖିକୁ ଏତେ ଟିକିଏ ବି ହଲ୍‌ଚଲ କର ନାହିଁ ଏବଂ ତୁମେ ଯେଉଁ ବସ୍ତୁଟିକୁ ଅନାଇ ରହିଛ, ଶେଷରେ ତୁମେ ସେଇଟି ମଧ୍ୟରେହିଁ ପ୍ରବିଷ୍ଟ ହୋଇଯାଅ । ମାତ୍ର ତା'ବୋଲି ତୁମେ ଯାବତୀୟ ପ୍ରକାରର ବସ୍ତୁକୁ ଅନାଇ ଯେ ଏହିପରି ଆରମ୍ଭ କରିବ, ସେକଥା ଆଦୌ ନୁହେଁ । କେବଳ ଅବିଚଳ ଭାବରେହିଁ ଅନାଇ ରହିଥିବ । ତଦ୍ୱାରା ତୁମକୁ ଏକ ଦୃଷ୍ଟି ମିଳିଯିବ, ତୁମେ ତିର୍ଯ୍ୟକ୍ ଭାବରେ ଅନାଇବାକୁ ଆରମ୍ଭ କରିବ ।

ସଂକେନ୍ଦ୍ରଣର ଶିକ୍ଷା କରିବାକୁହିଁ ଏସବୁ କଥା କରିବାକୁ ହେବ । ବାସ୍, ଏତିକି ।

ବେଳେବେଳେ ଏହି ବାକ୍ୟଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ବାକ୍ୟ ଏକ ଅତ୍ୟନ୍ତ ଗଭୀର ସତ୍ୟକୁ ବ୍ୟକ୍ତ କରି ଦେଉଥାଏ । ଆମେ ଏହାକୁ ସେହି ଅତ୍ୟନ୍ତ ଅଭିବ୍ୟକ୍ତି-ସମର୍ଥ ସୂକ୍ଷ୍ମସମାବିଷ୍ଟ ବାକ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିପାରିବା । ତେଣୁ, ତୁମେ ତଦ୍ୱାରା ପଶ୍ଚାତରେ ନିହିତ ହୋଇ ରହିଥିବା ସତ୍ୟଟିକୁ ଦେଖିବା ଲାଗି ସମର୍ଥ ହୋଇଥାଅ ।

'ଧମ୍ମପଦ' ପୁସ୍ତକଟିର ପାଠ ଶେଷ କରିବା ପରେ ମୁଁ ସେହି କଥାଟିକୁ କରିବି ବୋଲି ଇଚ୍ଛା କରିଛି । ବର୍ତ୍ତମାନ ମୁଁ ଆମେ ପ୍ରକାଶିତ କରିଥିବା ଶ୍ରୀଅରବିନ୍ଦଙ୍କର ସର୍ବଶେଷ ଗ୍ରନ୍ଥ 'ବିଚାର ଓ ଚିନ୍ତାଭାସ'ର ଅନୁବାଦ କରୁଛି । ଏବଂ ମୁଁ ଇଚ୍ଛା କରିଛି ଯେ ପ୍ରତ୍ୟେକ ଶୁକ୍ରବାର ଦିନ ତୁମମାନଙ୍କୁ ସେଥିରୁ ଗୋଟିଏ ବାକ୍ୟ ବା ଗୋଟିଏ ସୂତ୍ର ଆଣିଦେବି । ଦରକାର ହେବ ତ ତାହାର ଏକ ଟିପ୍ପଣୀ ବି ଦେବି । ଏବଂ ତାହାହିଁ ତୁମମାନଙ୍କ ଲାଗି ଧ୍ୟାନର ବିଷୟ ହୋଇ ରହିବ । ଆମେ ଏହି ବିଷୟରେ ପ୍ରକୃତରେ କିପରି ଅଗ୍ରସର ହେବା, ଆମେ ସେଇଟିକୁ ଭଲ କରି ଭାବି ଠିକ୍ କରିବା । ହୁଏତ ଦୁଇଟି ଭିନ୍ନ ଭିନ୍ନ ପ୍ରକାରେ ଅଗ୍ରସର ହୋଇପାରିବା । ମୁଁ ତ ସେଗୁଡ଼ିକୁ କ୍ରମାନ୍ୱୟରେ ନେବାକୁ ଯାଉଛି; ତେଣୁ, ପର ସପ୍ତାହରେ ତୁମକୁ କେଉଁଟି ଦିଆଯିବ, ତୁମେ ସର୍ବଦା ସେହି କଥାଟିକୁ ଜାଣି ପାରିବ ଏବଂ ସେହି ଅନୁସାରେ ଆଗରୁ ପ୍ରଶ୍ନମାନ ତିଆରି କରି ରଖିବ । ବା, ଯଦି ପ୍ରଶ୍ନଗୁଡ଼ିକୁ ଆଗରୁ ତିଆରି କରି ନ ରଖ, ତେବେ, ଗୋଟିଏ ଗୋଟିଏ ବାକ୍ୟ ନେଇ ତାହାରି ଉପରେ ଧ୍ୟାନସ୍ଥ ହେବା ଅପେକ୍ଷାକୃତ ଅଧିକ ଆଗ୍ରହୋଦ୍ଦୀପକ ହେବ । ଏବଂ ତା' ଆର ଥରକୁ ତୁମେମାନେ ମୋତେ ପୂର୍ବ ସପ୍ତାହର ବାକ୍ୟଟି ବିଷୟରେ ପ୍ରଶ୍ନମାନ ପଚାରି ପାରିବ । ଏବଂ ତା'ପରେ, ମୋତେ ଯେଉଁ ପ୍ରଶ୍ନଗୁଡ଼ିକ ପଚରାଯିବ, ଯେଉଁଗୁଡ଼ିକ

'oaob.nitrkl.ac.in' images reprocessed

ଭିତରେ ସବୁଠାରୁ ଅଧିକ ବୁଦ୍ଧିମତ୍ତା ରହିଛି ବୋଲି ମୋତେ ଲାଗିବ, ମୁଁ ସେହି ପ୍ରଶ୍ନଗୁଡ଼ିକୁ ବାଛି ସେଗୁଡ଼ିକର ଉତ୍ତର ଦେବି । ପ୍ରଶ୍ନୋତ୍ତର ପରେ ଆମେ ଗୋଟିଏ ନୂତନ ବାକ୍ୟ ନେଇ ସେଦିନ ତାହାରି ଉପରେ ଧ୍ୟାନ କରି ବସିବା ଏବଂ ପର ସପ୍ତାହରେ ସେଇଟି ଉପରେହିଁ ପ୍ରଶ୍ନ ପଚରାଯିବ । ଏବଂ ମୁଁ ଏହି କଥାଟିକୁ ଏକ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଏବଂ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ କରିବାକୁ ଯାଉଛି; ଏହାଦ୍ୱାରା ମୁଁ ତୁମମାନଙ୍କୁ ତୁମମାନଙ୍କର ମାନସିକ ନିଦ୍ରାଳୁତା ମଧ୍ୟରୁ ବାହାରକୁ ବାହାର କରି ଆଣିବାକୁ ଇଚ୍ଛା କରୁଛି; ମୁଁ ତୁମକୁ ଯେଉଁସବୁ କଥା କହୁଛି, ତୁମମାନଙ୍କୁ ତାହାରି ଉପରେ ଚିନ୍ତା କରିବା ଲାଗି ଏବଂ ତାହାକୁ ବୁଝିବା ପାଇଁ ଚେଷ୍ଟା କରିବା ଲାଗି ବାଧ୍ୟ କରିବାକୁହିଁ ମୁଁ ତାହା କରିବାକୁ ଯାଉଛି ।... କାରଣ, ଏହା ତୁମର କାନ ଭିତରେ ଗୋଟିଏ କ୍ଷୁଦ୍ର କୋଳାହଳ ସୃଷ୍ଟି କରୁଛି, ତୁମ ମୁଣ୍ଡ ଭିତରେ ତା'ଠାରୁ ଆହୁରି ଅଧିକ କୋମଳ ଶବ୍ଦଟିଏ ସୃଷ୍ଟି କରୁଛି, ଏବଂ ତା'ପରେ ଅନ୍ୟ ପାଖ ଦେଇ ବାହାରକୁ ବାହାରି ଯାଉଛି, ଏବଂ ତା'ପରେ କୁଆଡ଼େ ହଜି ଯାଉଛି । ବେଳେବେଳେ, ଅତ୍ୟନ୍ତ ବିରଳ ଭାବରେ, ଏକ ବିଶେଷ କରୁଣା ବଳରେ ଏଠାରେ ଅତ୍ୟନ୍ତ ସ୍ୱଚ୍ଛ ହୋଇ ପ୍ରଭାବଟିଏ ପଡୁଛି, ଏହିପରି (*ମାଆ ଇଙ୍ଗିତଦ୍ୱାରା ଦେଖାଇଦେଲେ*) କ୍ଷୁଦ୍ର ପ୍ରଭାବଟିଏ ପଡୁଛି ଏବଂ ଦପଦପ ହେଉଥିବା ସାନ ଶିଖାଟିଏ ଯେତିକି ସମୟ ରହେ, ତାହା ପ୍ରାୟ ସେତିକି ସମୟହିଁ ରହୁଛି । ତାହା ଟିକିଏ ବେଳ ଜଳୁଛି ଓ ତା'ପରେ ନିଭିଯାଉଛି ।... ତା'ଉପରେ କ'ଣ ଗୋଟାଏ ବୋହି ଚାଲିଯାଉଛି, ଯାହାଫଳରେ କି ସେଇଟି ନିଭିଯାଉଛି ଓ ତା'ପରେ ସବୁଶେଷ ହୋଇଯାଉଛି ।

*ଆପଣ ଆମକୁ କିଛି ପଢ଼ାନ୍ତୁ ।*

ମୁଁ ତୁମମାନଙ୍କୁ କିଛି ''ପଢ଼ାଇବି'' ବୋଲି ପ୍ରତିଶ୍ରୁତି ଦେଇଥିବା ବିଷୟରେ ତୁମେ ସେଦିନ ଯେତେବେଳେ ମୋତେ କହିଲ, ସେତେବେଳେ ମୁଁ ତାକୁ ଭାରି ଗମ୍ଭୀର ଭାବରେ ଗ୍ରହଣ କରିଥିଲି । ମୁଁ ମୋ'ର ପ୍ରତିଶ୍ରୁତି ନିଶ୍ଚୟ ରକ୍ଷା କରିବି । ହେଲା ?

'oaob.nitrkl.ac.in' images reprocessed

## ୩ ସେପ୍ଟେମ୍ବର ୧୯୫୮

*ମାଆ, ସେଦିନ ଆପଣ ମୋତେ କହିଥିଲେ ଯେ, ନିଜର କଳ୍ପନାଶକ୍ତିକୁ କିପରି ଶୃଙ୍ଖଳା ମଧ୍ୟରେ ରଖିବାକୁ ହୁଏ, ତାହା ଶିକ୍ଷା କରିବାର ପ୍ରୟୋଜନ ରହିଛି ।*

ହଁ ।

*ଏହି କଥାଟିକୁ କିପରି କରିବାକୁ ହେବ ?*

ଯାହାକୁ ଉପରଠାଉରିଆ ଭାବରେ "କଳ୍ପନାଶକ୍ତି" ବୋଲି କୁହାଯାଇଥାଏ, ତାହା ହେଉଛି ଏକ ଅତ୍ୟନ୍ତ ସମ୍ମିଶ୍ରିତ ଏବଂ ବହୁବିଧ ବସ୍ତୁ ।

କଳ୍ପନାଶକ୍ତିକୁ ଦେଖିବାର ଓ ଲିପିବଦ୍ଧ କରି ରଖିବାର ଏକ ସାମର୍ଥ୍ୟ ବୋଲି କୁହାଯାଇପାରେ ଯାହାକି କୌଣସି ମନୋମୟ କିଂବା ଅନ୍ୟ କ୍ଷେତ୍ରରେ ରୂପାୟଣଗୁଡ଼ିକୁ ଉଲ୍ଲେଖ କରି ରଖୁଥାଏ । ସେହି ମନର ରାଜ୍ୟରେ କେତେକେତେ କ୍ଷେତ୍ର ରହିଛି; କଳା, ସାହିତ୍ୟ, କାବ୍ୟ, କ୍ରିୟାଶୀଳତା ତଥା ବିଜ୍ଞାନର ବିଭିନ୍ନ କ୍ଷେତ୍ରମାନ ରହିଛି । ସେହି ମନକୁ ଏକ ଖୁବ୍‌ବେଶୀ ଉଚ୍ଚ ଓ ଅମୂର୍ତ୍ତ ସ୍ତରର ମନ ବୋଲି କୁହାଯିବ ନାହିଁ । ସେହି ମନ ଭୌତିକ ମନର ଉଚ୍ଚରେ ରହି ଆମର ଅଜାଣତରେ ଆପଣାକୁ ବ୍ୟକ୍ତିଗତ ଏବଂ ସାମୂହିକ ମନର ମଧ୍ୟଦେଇ ଅଜାଡ଼ି ଦେବାରେ ଲାଗିଥାଏ ଏବଂ ସକ୍ରିୟ ଭାବରେ ଆପଣାକୁ ଅଭିବ୍ୟକ୍ତ କରି ଦେଉଥାଏ ।

ଏକ ବିଶେଷ ସାମର୍ଥ୍ୟ ରହିଥିବା ବଳରେ କେତେକ ବ୍ୟକ୍ତି ଏହିସବୁ କ୍ଷେତ୍ରର ସଂସ୍ପର୍ଶରେ ରହିଥା'ନ୍ତି, ସେଠାରେ ଥିବା କୌଣସି ଗୋଟିଏ ରଚନାକୁ ଗ୍ରହଣ କରି ନିଅନ୍ତି, ସେଇଟିକୁ ନିଜ ଭିତରକୁ ଆହରଣ କରିଆଣି ବ୍ୟକ୍ତ କରିବାରେ ଲାଗିଥା'ନ୍ତି । ଅଭିବ୍ୟକ୍ତିର ଏହି ଶକ୍ତି ବିଭିନ୍ନ ବ୍ୟକ୍ତିଙ୍କର କ୍ଷେତ୍ରରେ ବିଭିନ୍ନ ପ୍ରକାରର ହୋଇ ରହିଥାଏ; ମାତ୍ର ଯେଉଁ ବ୍ୟକ୍ତିମାନେ ଏହିସବୁ କ୍ଷେତ୍ରରେ ନିଜକୁ ଉନ୍ମୋଚିତ କରିଦେଇ ପାରନ୍ତି, ସେହି କ୍ଷେତ୍ରରେ ରହିଥିବା ବସ୍ତୁଗୁଡ଼ିକୁ ଦେଖିପାରିବା ପାଇଁ,– ସାହିତ୍ୟରେ ହେଉ, ଚିତ୍ରବିଦ୍ୟା ଅଥବା ସଂଗୀତରେ ହେଉ କିଂବା କୌଣସି କ୍ରିୟାଶୀଳତା ଏବଂ ବିଜ୍ଞାନରେ ହେଉ ପଛକେ, ଏହି ରୂପାୟଣଗୁଡ଼ିକୁ ନିଜ ଭିତରକୁ ଆହରଣ କରିଆଣି ସେଗୁଡ଼ିକୁ

'oaob.nitrkl.ac.in' images reprocessed

ବ୍ୟକ୍ତ କରିବା ପାଇଁ ଯେଉଁମାନେ ନିଜକୁ ଉନ୍ମୋଚିତ କରି ରଖିଥା'ନ୍ତି, ସେମାନେ, ସେମାନଙ୍କର ଅଭିବ୍ୟକ୍ତି-ସାମର୍ଥ୍ୟର ମାତ୍ରାଟି ଅନୁସାରେ, ଅତ୍ୟନ୍ତ ବିଚକ୍ଷଣ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ହୋଇ ରହିଥା'ନ୍ତି ବା ଜଣେ ଜଣେ ପ୍ରତିଭାଶୀଳ ବ୍ୟକ୍ତିରେ ପରିଣତ ହୁଅନ୍ତି ।

ସେମାନଙ୍କଠାରୁ ଆହୁରି ଉଚ୍ଚତର ପ୍ରତିଭାଶୀଳ ବ୍ୟକ୍ତି ମଧ୍ୟ ଅଛନ୍ତି । ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ଆପଣାକୁ ଏକ ଉଚ୍ଚତର କ୍ଷେତ୍ରରେ ଏକ ଉଚ୍ଚତର ଶକ୍ତିଲାଗି ଉନ୍ମୋଚିତ କରିଦେଇ ପାରନ୍ତି; ସେହି ଶକ୍ତି ମାନସିକ ନାନା ସ୍ତର ଦେଇ ଗତି କରୁଥିବା ସମୟରେ ମନୁଷ୍ୟର ମନ ଭିତରକୁ ଆସି ସେଠାରେ ଏକ ରୂପ ଗ୍ରହଣ କରିଥାଏ ଏବଂ ପୃଥିବୀରେ ନିଜକୁ ନାନା ନୂତନ ସତ୍ୟ, ନୂତନ ଦାର୍ଶନିକ ବିଚାର ଓ ନୂତନ ଆଧ୍ୟାତ୍ମିକ ନାନା ଶିକ୍ଷାରୂପେ ଉଦ୍‌ଘାଟିତ କରିଦେଇଥାଏ । ଯେଉଁ ମହାନ୍ ସତ୍ତାମାନେ ଏହି ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରିବାକୁ ଆସିଥା'ନ୍ତି, ଏସବୁ ସେହିମାନଙ୍କରହିଁ ରଚନା ଏବଂ କାର୍ଯ୍ୟ ହୋଇ ରହିଥାଏ । ଏହି ପ୍ରକାରର କଳ୍ପନାଶକ୍ତିକୁ ଆମେ "ସତ୍ୟ ସ୍ତରର କଳ୍ପନାଶକ୍ତି" ବୋଲି କହିପାରିବା ।

ଏହି ଉଚ୍ଚତର ଶକ୍ତିଚୟ ଯେତେବେଳେ ପୃଥିବୀର ମଣ୍ଡଳଟି ମଧ୍ୟକୁ ଅବତରଣ କରି ଆସନ୍ତି, ସେତେବେଳେ ସେମାନେ ନାନାପ୍ରକାର ଜୀବନ୍ତ, କ୍ରିୟାଶୀଳ ଏବଂ ଶକ୍ତିଶାଳୀ ରୂପମାନ ଗ୍ରହଣ କରିଥା'ନ୍ତି, ପୃଥିବୀ ସାରା ବ୍ୟାପ୍ତ ହୋଇଯା'ନ୍ତି ଏବଂ ଏକ ନୂତନ ଯୁଗର ପ୍ରସ୍ତୁତି କରାଇ ଆଣନ୍ତି ।

ଏହି ଦୁଇ ପ୍ରକାରର କଳ୍ପନାଶକ୍ତିକୁ ଆମେ ଉଚ୍ଚତର କଳ୍ପନାଶକ୍ତି ବୋଲି କହିପାରିବା ।

ଏବଂ ତା'ପରେ, ଅପେକ୍ଷାକୃତ ଏକ ଅଧିକ ସାଧାରଣ ସ୍ତରକୁ ଆସି ଆଲୋଚନା କଲେ, ଆମେ ଦେଖିବା ଯେ ଅଳପ କିଂବା ଅଧିକ ଯେଉଁ ମାତ୍ରାରେ ହେଉ ପଛକେ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆପଣାର ମାନସିକ କ୍ରିୟାଶୀଳତାକୁ କୌଣସି ନା କୌଣସି ରୂପ ଦେବା ଲାଗି ଏକ ସାମର୍ଥ୍ୟ ଅବଶ୍ୟ ରହିଛି; ସେହି ରୂପାୟଣଟିକୁ ସିଏ ତା'ର ସାଧାରଣ କ୍ରିୟାତ୍ମକ କ୍ଷେତ୍ରଟିରେ ବ୍ୟବହାର କରିଥାଏ ଅଥବା କିଛି ସୃଷ୍ଟି କିଂବା ଉପଲବ୍ଧି କରିବାରେ ମଧ୍ୟ ତାହାକୁ କାମରେ ଲଗାଇଥାଏ । ଆମେ ସବୁ ସମୟରେ, ସର୍ବଦା, କେତେକେତେ ପ୍ରତିରୂପ ସୃଷ୍ଟି କରୁଛୁ, କେତେକେତେ ରୂପାୟଣର ସୃଷ୍ଟି କରିବାରେ ଲାଗିଛୁ । ଆମେ ପ୍ରକୃତରେ ଏପରି କିଛି କରୁଛୁ ବୋଲି ନ ଜାଣି ମଧ୍ୟ ସେଗୁଡ଼ିକୁ ବାତାବରଣଟି ଭିତରକୁ ପ୍ରେରଣ କରିବାରେ ଲାଗିଛୁ । ସେଗୁଡ଼ିକ ବାତାବରଣରେ ଚତୁର୍ଦ୍ଦିଗରେ ଆପଣାକୁ ସଞ୍ଚାଳିତ କରି ନେଉଛନ୍ତି, ଜଣେ ବ୍ୟକ୍ତିଠାରୁ

'oaob.nitrkl.ac.in' images reprocessed

ଆଉଜଣେ ବ୍ୟକ୍ତି ମଧ୍ୟକୁ ଯିବାରେ ଲାଗିଛନ୍ତି, ସଙ୍ଗୀମାନଙ୍କୁ ଭେଟୁଛନ୍ତି, ବେଳେବେଳେ ସେମାନଙ୍କ ସହିତ ମିଶି ବେଶ୍ ସୁଖରେ ବାସ କରୁଛନ୍ତି । ବେଳେବେଳେ ସେମାନଙ୍କ ସହିତ ସଂଘାତ ବି ସୃଷ୍ଟି କରୁଛନ୍ତି, ଏବଂ ସେତେବେଳେ କେତେ ଯୁଦ୍ଧ ବି ଲାଗିଯାଉଛି । କାରଣ, ବେଳେବେଳେ, ପ୍ରକୃତରେ ଅନେକ ସମୟରେ ମନ ଭିତରୁ ଜନ୍ମଲାଭ କରୁଥିବା ଏହିସବୁ କଳ୍ପନା ଭିତରେ ଇଚ୍ଛାଶକ୍ତିର କ୍ଷୁଦ୍ର ଉପାଦାନଟିଏ ମଧ୍ୟ ଅବସ୍ଥାନ କରୁଛି, ଯାହାକି ନିଜକୁ ଉପଲବ୍ଧି କରିବା ଲାଗି ଚେଷ୍ଟା କରୁଛି । ଏବଂ ଏହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ଆପଣାର ରୂପାୟଣଟିକୁ ବାହାରକୁ ପ୍ରେରଣ କରିଦେବାକୁ ଇଚ୍ଛା କରୁଛି, ଯେପରିକି ସେଇଟି ଆପଣାକୁ କାର୍ଯ୍ୟକାରୀ କରିପାରିବ, ଯେପରିକି ତା'ର ଇଚ୍ଛାନୁରୂପ ହୋଇ ଘଟଣାସବୁ ଘଟିପାରିବ । ଏବଂ, ପ୍ରତ୍ୟେକ ବ୍ୟକ୍ତି ଏହି କଥାଟିକୁ କରୁଥିବାରୁ, ତାହା ଫଳରେ ଏକ ସାଧାରଣ ଅସ୍ତବ୍ୟସ୍ତତାଁ ମଧ୍ୟ ବେଶ୍ ସୃଷ୍ଟି ହୋଇଯାଉଛି । ବାତାବରଣ ମଧ୍ୟରେ ରହିଥିବା ଏହି ଯାବତୀୟ ରୂପାୟଣକୁ ଦେଖିପାରିବା ଲାଗି ଯଦି ଆମର ଆଖିଗୁଡ଼ାକ ଖୋଲା ହୋଇ ରହିଥା'ନ୍ତା, ତେବେ ଆମେ ସେଠାରେ କେତେ କ'ଣ ବିସ୍ମୟକାରୀ କଥା ଅବଶ୍ୟ ଦେଖିବାକୁ ପାଇପାରନ୍ତେ । ଆମେ କେତେ ଯୁଦ୍ଧ ଲାଗି ରହିଥିବାର ଦେଖନ୍ତେ, କେତେ ତରଙ୍ଗ ଓ କେତେ ଆକ୍ରମଣର ପ୍ରତ୍ୟକ୍ଷ କରନ୍ତେ, କ୍ଷୁଦ୍ର କ୍ଷୁଦ୍ର କେତେକେତେ ମନୋଗତ ଅସ୍ତିତ୍ୱ ଭିଡ଼କରି ପଛଘୁଞ୍ଚା ଦେଉଥା'ନ୍ତେ,— ସେଗୁଡ଼ିକ ସତତ ବାତାବରଣ ମଧ୍ୟକୁ ନିକ୍ଷିପ୍ତ ହେବାରେ ଲାଗିଥା'ନ୍ତେ ଏବଂ ଆପଣାକୁ ଚରିତାର୍ଥ କରିବା ଲାଗି ପ୍ରୟାସ କରୁଥା'ନ୍ତେ । ଏହି ଯାବତୀୟ ରୂପାୟଣ ମଧ୍ୟରେ ଏପରି ଏକ ସାଧାରଣ ପ୍ରବୃତ୍ତି ରହିଛି ଯେ ସେଗୁଡ଼ିକ ମୂର୍ତ୍ତ ଏବଂ ସାକାର ହୋଇ ସ୍ଥୂଳ ସ୍ତରରେ ଆପଣାକୁ ଚରିତାର୍ଥ କରିବାରେ ଲାଗିଥା'ନ୍ତି । ଏବଂ, ସେଗୁଡ଼ିକର ସଂଖ୍ୟା ଅଗଣିତ ହୋଇଥିବାରୁ,— ସେଗୁଡ଼ିକ ପ୍ରକୃତରେ ଏତେ ବହୁସଂଖ୍ୟକ ହୋଇ ରହିଥା'ନ୍ତି ଯେ, ସବୁଗୁଡ଼ିକର ଅଭିବ୍ୟକ୍ତି ଲାଗି ଏହି ପୃଥିବୀରେ ଆଦୌ ଯଥେଷ୍ଟ ସ୍ଥାନ ନ ଥାଏ,— ସେଗୁଡ଼ିକ ଭିଡ଼ ଲଗାଇ ରହିଥା'ନ୍ତି, ପରସ୍ପରକୁ ଠେଲିପେଲି ଆଗକୁ ଯିବାରେ ଲାଗିଥା'ନ୍ତି, ସେଗୁଡ଼ିକ ସହିତ ସମ୍ମତି ପ୍ରକାଶ ନ କରୁଥିବା ଅବଶିଷ୍ଟ ଆଉ ସମସ୍ତଙ୍କୁ ସେମାନେ ପଛକୁ ପକାଇଦେଇ ଆଗକୁ ଯିବାକୁ ଇଚ୍ଛା କରୁଥା'ନ୍ତି । ଅନେକ ସମୟରେ ସେଗୁଡ଼ିକ ସୁସଜ୍ଜିତ ସୈନ୍ୟବାହିନୀ ପରି ଅଗ୍ରସର ହେଉଥା'ନ୍ତି, ଦେଶ ଓ କାଳ ମଧ୍ୟରେ ଉପଲବ୍ଧ ସବୁଯାକ ସ୍ଥାନକୁ ଆତ୍ମସାତ୍ କରିନେବାକୁ ଇଚ୍ଛା କରୁଥା'ନ୍ତି । ମାତ୍ର, ଯେଉଁ ଅଗଣିତ ସଂଖ୍ୟାରେ ଏହି ବିସୃଷ୍ଟିଗୁଡ଼ିକ ବର୍ତ୍ତମାନ ରହିଥା'ନ୍ତି, ସେହି ତୁଳନାରେ ସେମାନଙ୍କ ଲାଗି ସେହି କ୍ଷେତ୍ରରେ ଅତ୍ୟନ୍ତ କମ୍ ଜାଗା ରହିଥାଏ ।

ଅର୍ଥାତ୍, ବ୍ୟକ୍ତିଗତ କ୍ଷେତ୍ରରେ ଏହାହିଁ ଘଟିଥାଏ । କେତେକ ବ୍ୟକ୍ତି ଏହି

'oaob.nitrkl.ac.in' images reprocessed

ବିଷୟରେ ସଂପୂର୍ଣ୍ଣ ଅବିଦିତ ରହିହିଁ ତାହାସବୁ କରିବାରେ ଲାଗିଥା'ନ୍ତି,– ସମ୍ଭବତଃ ପ୍ରତ୍ୟେକ ବ୍ୟକ୍ତିହିଁ ତାହା କରୁଥାଏ,– ଏବଂ ସେମାନେ ସତତ ଗୋଟିଏ ବସ୍ତୁରୁ ଆଉ ଗୋଟିଏ ବସ୍ତୁକୁ ଆନ୍ଦୋଳିତ ହେଉଥା'ନ୍ତି । କେତେ ଆଶା କରୁଥା'ନ୍ତି, କେତେ ଇଚ୍ଛା କରୁଥା'ନ୍ତି; ବାସନା କରିବାରେ ଲାଗିଥା'ନ୍ତି, ବିଫଳମନୋରଥ ହେଉଥା'ନ୍ତି । କେତେବେଳେ ସୁଖୀ ହେଉଥା'ନ୍ତି, ପୁଣି କେତେବେଳେ ନିରାଶ ହୋଇ ପଡୁଥା'ନ୍ତି; କାରଣ ଏହିସବୁ ବସ୍ତୁ ଉପରେ ସେମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ଅଥବା ପ୍ରଭୁତ୍ୱ ନ ଥାଏ । ମାତ୍ର, ଯଦି ଆମେ ଆମର ଭାବନାଗୁଡ଼ିକୁ ଅବଲୋକନ କରିବା ଏବଂ ଏହି ବ୍ୟାପାରଟିକୁ ଦେଖିବା, ନିଜକୁ ରୂପାୟିତ କରିବା ଲାଗି ଚେଷ୍ଟା କରୁଥିବା କ୍ଷୁଦ୍ର ଜୀବନ୍ତ ଅସ୍ତିତ୍ୱଗୁଡ଼ିକ ଆପଣାକୁ କିପରି ସତତ ବାତାବରଣଟି ମଧ୍ୟକୁ ପ୍ରକ୍ଷେପିତ କରିଦେବାରେ ଲାଗିଛନ୍ତି, ଯଦି ଆମେ ସେଇଟି ବିଷୟରେ କେବେ ସଜ୍ଞାନ ହୋଇପାରିବା, ତେବେ ତାହାକୁହିଁ ଆମ ଭିତରେ ବିଜ୍ଞତାର ଏକ ପ୍ରଥମ ଉଦୟ ହେଲା ବୋଲି କୁହାଯାଇପାରିବ । ଯେଉଁ ମାନସିକ ବାତାବରଣଟିକୁ ଆମେ ଆମ ଭିତରେ ବହନ କରି ରହିଥାଉ, ଏହି ସବୁକିଛି ତାହାରି ମଧ୍ୟରୁହିଁ ଜନ୍ମଲାଭ କରିଥାଏ । ଆମେ ଯେତେବେଳେ ଥରେ ଦେଖିବାକୁ ଏବଂ ନିରୀକ୍ଷଣ କରିବାକୁ ଆରମ୍ଭ କରିବା, ସେତେବେଳେ ସେଗୁଡ଼ିକୁ ଆମେ ଅଲଗା ଅଲଗା ଶ୍ରେଣୀରେ ବାଛି ରଖିଦେଇ ପାରିବା, ଅର୍ଥାତ୍, ଆମର ଉଚ୍ଚତମ ଇଚ୍ଛା ତଥା ଆକାଙ୍‌କ୍ଷାଟି ସହିତ ଯେଉଁଗୁଡ଼ିକର କୌଣସି ସଂଗତି ବା ସଂହତି ନ ଥିବ, ଆମେ ସେଗୁଡ଼ିକୁ ବାହାର କରି ପଛକୁ ଠେଲିଦେଇ ପାରିବା; ଯେଉଁଗୁଡ଼ିକ ସାଧାରଣତଃ ଆମକୁ ଅଗ୍ରଗତି ଏବଂ ବିକାଶ ଲାଗି ସାହାଯ୍ୟ କରିପାରିବେ, କେବଳ ସେହି ରୂପାୟଣଗୁଡ଼ିକୁହିଁ ଆମେ ଅଭିବ୍ୟକ୍ତି ଆଡ଼କୁ ଅଗ୍ରସର ହୋଇଯିବା ଲାଗି ବାଟ ଛାଡ଼ିଦେଇ ପାରିବା ।

ଏହାକୁହିଁ ସକ୍ରିୟ ଭାବନାର ନିୟନ୍ତ୍ରଣ ବୋଲି କୁହାଯାଏ, ଏବଂ ସେଦିନ ମୁଁ ସେହି କଥାଟିକୁ ବୁଝାଇ ଦେବାକୁ ଚାହୁଁଥିଲି ।

ତୁମର ଭାବନା ଯେ ଆପେ ଆପେ କେତେ ପ୍ରତିରୂପମାନ ସୃଷ୍ଟି କରିବାକୁ ଆରମ୍ଭ କରୁଛି, ଆପଣାକୁ ଏକ କାହାଣୀ କହିବାକୁ ଆରମ୍ଭ କରୁଛି, ତୁମେ ପ୍ରକୃତରେ କେତେଥର ନୀରବ ହୋଇ ବସି ସେହି ବିଷୟରେ ସଜ୍ଞାନ ହୋଇ ନ ଥିବ ! ଏବଂ ଏହିପରି ଭାବରେ, ଯେତେବେଳେ ତୁମେ ଏହି କାର୍ଯ୍ୟଟିକୁ କରିବାରେ କିଞ୍ଚିତ୍ କୁଶଳତା ହାସଲ କରିପାରିବ, ସେତେବେଳେ, ଜୀବନରେ, ତୁମର ନିଜ ଜୀବନରେ ଯାହାସବୁ ଘଟୁ ବୋଲି ତୁମେ ଇଚ୍ଛା କରୁଛ, ତାହାରି ଇତିହାସଟି ତୁମ ଆଗରେ ଉନ୍ମୋଚିତ ହୋଇ ଯାଉଥିବାର ତୁମେ କେବଳ ଯେ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବ ତା' ନୁହେଁ, ମାତ୍ର ତୁମେ ସେଥିରୁ କେତେକଥା ବାହାର ବି କରି ନେଇପାରିବ, କେଉଁଠି କିଛି ଟିକିନିଖିକୁ

'oaob.nitrkl.ac.in' images reprocessed

ଆଣି ଯୋଡ଼ି ବି ଦେଇପାରିବ, ଆପଣାର କାର୍ଯ୍ୟଟିକୁ ଦୋଷମୁକ୍ତ ଓ ପରିପୂର୍ଣ୍ଣ କରିପାରିବ, ପ୍ରକୃତରେ ଏକ ସୁନ୍ଦର କାହାଣୀ ସମ୍ଭବ କରିପାରିବ, ଯେଉଁଥିରେ କି ସବୁକିଛି ତୁମ ସର୍ବୋଚ୍ଚ ଆକାଙ୍‌କ୍ଷାଟିର ପରିପୋଷକ ଏବଂ ପରିପୂରକ ହୋଇ ରହିଥିବ । ଏବଂ, ଏହିପରି ଭାବରେ, ଯଥାଶକ୍ତି ଅଧିକ ସଂପୂର୍ଣ୍ଣ ଭାବରେ ଏକ ପରିପୂର୍ଣ୍ଣ ଓ ସମଞ୍ଜସତାଯୁକ୍ତ ସଂଗଠନ ଥରେ ସମ୍ଭବ କରିନେଇ ପାରିଲେ ତୁମେ ପ୍ରକୃତରେ ହାତ ମେଲା କରିଦେଇ ପାରିବ ଓ ଚଢ଼େଇଟିକୁ ଉଡ଼ିବା ପାଇଁ ବି ଛାଡ଼ିଦେଇ ପାରିବ ।

ଯଦି ଏହି କାର୍ଯ୍ୟଟିକୁ ଉତ୍ତମରୂପେ କରାଯାଏ, ତେବେ ତାହା ପରିଶେଷରେ ଆପଣାକୁ ନିଶ୍ଚୟ ଚରିତାର୍ଥ କରିପାରିବ । ଏବଂ ଆମେ ପ୍ରକୃତରେ ସେହି କଥାଟି ବିଷୟରେହିଁ ଅବହିତ ରହି ନ ଥାଉ ।

ମାତ୍ର ତୁମେ କାଳକ୍ରମେହିଁ, ଦୀର୍ଘ ଅନେକ କାଳ ପରେ ସେହି ବସ୍ତୁଟିର ଉପଲବ୍ଧି କରିଥାଅ । ସେତେବେଳେ ତୁମେ କାହାଣୀଟିକୁ ବି ଭୁଲି ଯାଇଥାଅ, ଏହି କଥାଟିକୁ ତୁମେ କେବେ ନିଜ ପାଖରେ କହିଥିଲ ବୋଲି ତୁମର ମୋଟେ ମନେ ନ ଥାଏ । ତୁମେ ଅନେକ ପରିମାଣରେ ବଦଳି ଯାଇଥାଅ, ଅନ୍ୟ ବସ୍ତୁଗୁଡ଼ିକ ବିଷୟରେ ଭାବୁଥାଅ, ଅନ୍ୟ ନାନା କାହାଣୀମାନ ତିଆରି କରୁଥାଅ ଏବଂ ସେହି ପ୍ରଥମ କାହାଣୀଟି ବିଷୟରେ ତୁମ ଭିତରେ ଆଉ କୌଣସି ଆଗ୍ରହ ନ ଥାଏ । ଏବଂ, ଯଦି ତୁମେ ଅତ୍ୟନ୍ତ ମନୋଯୋଗୀ ହୋଇ ରହି ନ ଥାଅ, ତେବେ, ପ୍ରଥମ କାହାଣୀର ଫଳଟି ଯେତେବେଳେ ତୁମ ପାଖରେ ଆସି ପହଞ୍ଚିଯାଏ, ସେତେବେଳେ ତୁମେ ହୁଏତ ସେଇଟିଠାରୁ କେତେ ନା କେତେ ଦୂରକୁ ଚାଲି ଯାଇଥାଅ ଏବଂ, ଏହା ଯେ ପ୍ରକୃତରେ ତୁମରି କାହାଣୀଟିର ଫଳ, ସେକଥା ଆଉ ତୁମର ମନେ ବି ନ ଥାଏ ।... ତେଣୁ ଆପଣାକୁ ନିୟନ୍ତ୍ରଣରେ ରଖିବାର ପ୍ରକୃତରେ ଏତେବେଶୀ ମହତ୍ତ୍ୱ ରହିଛି; କାରଣ ଯଦି ତୁମ ଭିତରେ ଏକାବେଳେକେ ବହୁସଂଖ୍ୟକ ଇଚ୍ଛା ପରସ୍ପରର ବିରୋଧୀ ହୋଇ କାର୍ଯ୍ୟ କରୁଥା'ନ୍ତି,— କେବଳ ବହୁସଂଖ୍ୟକ ଇଚ୍ଛା ନୁହନ୍ତି, ବହୁସଂଖ୍ୟକ ପ୍ରବୃତ୍ତି, ଆଭିମୁଖ୍ୟ ଓ ବହୁସଂଖ୍ୟକ ଜୀବନ-ସ୍ତର,— ତେବେ ଏହି ସବୁକିଛି ମିଶି ତୁମ ଭିତରେ କେତେକେତେ ଯୁଦ୍ଧର ସୃଷ୍ଟି କରାଇ ଦିଅନ୍ତି । ଉଦାହରଣସ୍ୱରୂପ, ଆପଣାର ସର୍ବୋଚ୍ଚ ସ୍ତରଟିରେ ତୁମେ ଗୋଟିଏ ସୁନ୍ଦର କାହାଣୀର ରଚନା କରିଥାଅ ଏବଂ ତାହାକୁ ପୃଥିବୀ ମଧ୍ୟକୁ ପ୍ରେରଣ କରି ଦେଇଥାଅ । ମାତ୍ର ତା'ପରେ, ସମ୍ଭବତଃ ତା'ର ପରଦିନ, ବା ସମ୍ଭବତଃ ଠିକ୍ ସେଇଦିନହିଁ, ବା କିଛିଦିନ ପରେ, ତୁମେ ଅପେକ୍ଷାକୃତ ଅନେକ ଅଧିକ ଏକ ସ୍ଥୂଳ ସ୍ତରକୁ ଚାଲି ଆସିଥାଅ; ଏବଂ ଊର୍ଦ୍ଧ୍ୱସ୍ଥ ଏହିସବୁ ବସ୍ତୁ ତୁମକୁ କିଛିତ୍ ଅବାସ୍ତବ ବୋଲି ମନେ ହୁଅନ୍ତି, କିଛିତ୍ ଏକ ପରୀକଥା ପରି ମନେ ହୁଅନ୍ତି । ଏବଂ ତା'ପରେ ତୁମେ ଅତ୍ୟନ୍ତ ମୂର୍ତ୍ତ ଓ ପ୍ରୟୋଜନସାପେକ୍ଷ ଆକୁରି

'oaob.nitrkl.ac.in' images reprocessed

ନାନା ରୂପାୟଣମାନ ଗଢ଼ି ରଖିବାକୁ ଆରମ୍ଭ କର, ଯେଉଁଗୁଡ଼ାକ କି ସର୍ବଦା ଆଦୌ ସୁନ୍ଦର ହୋଇ ରହି ନ ଥା'ନ୍ତି,... ଏବଂ ଦିନେ ସେଗୁଡ଼ାକ ମଧ୍ୟ ତୁମକୁ ଛାଡ଼ି ଚାଲିଯାଆନ୍ତି ।

ଏହିଭଳି ବିପରୀତ ପାର୍ଶ୍ୱମାନ ରହିଥିବା, ପରସ୍ପର-ବିରୋଧୀ ନାନା ଉପାଦାନରେ ପୂର୍ଣ୍ଣ ହୋଇ ରହିଥିବା ଏହିପରି ପ୍ରକୃତିର କେତେକେତେ ମଣିଷଙ୍କର ସଂପର୍କରେ ମୁଁ ଆସିଛି । ଗୋଟାଏ ଦିନ ସେମାନେ ନିଜର ଉପଲବ୍ଧି ସକାଶେ ଏକ ମହାନ୍, ସନ୍ଦୀପିତ ଏବଂ ଶକ୍ତିଶାଳୀ କୌଣସି ରୂପାୟଣ କରି ରଖିଥା'ନ୍ତି, ଏବଂ ଠିକ୍ ତହିଁ ଆରଦିନ ଏକ ପରାଜୟବାଦୀ, ଅନ୍ଧକାରାଚ୍ଛନ୍ନ ଓ କୃଷ୍ଣବର୍ଣ୍ଣ ରୂପାୟଣ ରଚନା କରିବାକୁ ଆରମ୍ଭ କରନ୍ତି, ଏକ ନୈରାଶ୍ୟର ଅଟ୍ଟାଳିକା ଗଢ଼ି ଥୋଇଦିଅନ୍ତି । ଏବଂ ତେଣୁ ଦୁଇଟିଯାକହିଁ ଅପସରି ଯାଆନ୍ତି । ଏବଂ, ପରିସ୍ଥିତିଟିର ଅନୁଧାବନ କରୁଥିବା ସମୟରେ ମୁଁ ବେଶ୍ ଦେଖିପାରୁଥିଲି, କିପରି ସେହି ସୁନ୍ଦର ପ୍ରଥମ ରୂପାୟଣଟିର ଯେତେବେଳେ ଉପଲବ୍ଧି ହେବାରେ ଲାଗିଥିଲା, ଅନ୍ଧକାରମୟ ରୂପାୟଣଟି ସେତେବେଳେ ଆସି ପ୍ରଥମଟିର ଯାବତୀୟ କାର୍ଯ୍ୟକୁ ଭାଙ୍ଗି ଚୂରିଦେଇ ଯାଉଥିଲା । ଏବଂ, ଜୀବନର କ୍ଷୁଦ୍ର ଟିକିନିଖିର ସ୍ତରରେ ଯାହା ଘଟିଥାଏ, ତାହାର ବୃହତ୍ତର ଆୟତନଗୁଡ଼ିକରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଆମେ ଆମର ଭାବନାଗୁଡ଼ିକୁ ନିରୀକ୍ଷଣ କରିପାରୁ ନାହିଁ ବୋଲିହିଁ ସେସବୁ ଘଟିଥାଏ; ଏହି ପରସ୍ପର ବିରୋଧୀ ଗତି ଓ ସ୍ପନ୍ଦନଗୁଡ଼ିକ ଲାଗି ଆମେ ସତେଅବା ଗୋଟିଏ ଭୃତ୍ୟ ହୋଇ ରହିଥିବା ପରି ବିଶ୍ୱାସ କରୁଥାଉ ବୋଲି ସେକଥା ଘଟିଥାଏ । କାରଣ, ଆମେ କହୁଥାଉ, "ନା– ଆଜି ମୋତେ ମୋଟେ ଭଲ ଲାଗୁ ନାହିଁ, ଆଜି ସବୁକିଛି ମୋତେ ଭାରି ବିଷାଦମୟ ବୋଧ ହେଉଛି !"– ଏବଂ ଏହାକୁ ସତେଅବା ଏକ ଅଲଂଘ୍ୟ ଅଦୃଷ୍ଟ ପରି ମନେ କରିହିଁ ଆମେ ସେପରି କହିବାରେ ଲାଗିଥାଉ, ସତେଯେପରି ସେହି ଅଦୃଷ୍ଟଟିକୁ ବଦଳାଇବାକୁ ଆମେ ମୋଟେ କିଛିହେଲେ କରିପାରିବା ନାହିଁ, ଆମେ ସେହିପରି ଏକ ବିଶ୍ୱାସ କରିହିଁ ତାହା କହୁଥାଉ । ମାତ୍ର, ଯଦି ସେପରି ନ କରି ଆମେ ଟିକିଏ ଅଟକି ଠିଆ ହୋଇଯିବା ବା ଗୋଟିଏ ପାହାଚ ଉପରକୁ ଉଠିଯାଇ ପାରିବା, ତେବେ ଏହି ବସ୍ତୁଗୁଡ଼ିକୁ ଆମେ ଅବଲୋକନ କରିପାରିବା, ସେଗୁଡ଼ିକୁ ସେଗୁଡ଼ିକର ଯଥାସ୍ଥାନରେ ନେଇ ରଖିବାକୁ ଚେଷ୍ଟା କରିବା, ସେଗୁଡ଼ିକ ମଧ୍ୟରୁ କେତୋଟି ରଖିବା ଏବଂ ଆମେ ଇଚ୍ଛା କରୁ ନ ଥିବା ଅନ୍ୟାଗୁଡ଼ିକୁ ନଷ୍ଟ କରିଦେବା ଅଥବା ନିକାଳି ଦେବା, ଯେଉଁଗୁଡ଼ିକୁ ଆମେ ପ୍ରକୃତରେ ଇଚ୍ଛା କରୁଛୁ ଏବଂ ଆମର ସର୍ବୋଚ୍ଚ ଆକାଙ୍କ୍ଷାଟି ସହିତ ଯେଉଁଗୁଡ଼ିକର ସଂଗତି ରହିଛି, ଯଦି କେବଳ ସେହିଗୁଡ଼ିକ ଉପରେହିଁ ଆମେ ଆମର ସକଳ କଳ୍ପନାପ୍ରବଣ ଶକ୍ତିକୁ,– ଯାହାକୁ କଳ୍ପନାପ୍ରବଣ ବୋଲି କୁହାଯାଏ,–

'oaob.nitrkl.ac.in' images reprocessed

ଅଭିନିବେଶିତ କରି ରଖିପାରିବା । ଆମେ ଆମର କଳ୍ପନାଶକ୍ତିକୁ ନିୟନ୍ତ୍ରଣରେ ରଖିବା ବୋଲି କହିବା ସମୟରେହିଁ ଏହି କଥାଟିକୁହିଁ ବୁଝିଥାଏ ।

ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ଯେତେବେଳେ ଆମେ ଏହି କଥାଟିକୁ କରିବାର ଉପାୟଟିକୁ ଶିଖିଯାଉ ଏବଂ ନିୟମିତ ଭାବରେ କରିବାକୁ ଲାଗୁ, ସେତେବେଳେ ବିରକ୍ତି ଅନୁଭବ କରିବା ଲାଗି ଆମଠ ଆଉ ଆଦୌ କୌଣସି ସମୟ ରହିବ ନାହିଁ ।

ସମୁଦ୍ରର ଢେଉ ଉପରେ ଭାସି ବଡ଼ ଅସହାୟ ଭାବରେ ପ୍ରତ୍ୟେକଟି ତରଙ୍ଗ ଦ୍ୱାରା ଖାଲି ଏପାଖ ସେପାଖ ହେଉଥିବା ଖଣ୍ଡେ ସୋଲ ପରି ହୋଇ ରହିବା ପରିବର୍ତ୍ତେ ଆମେ ସେତେବେଳେ ନିଜକୁ ଏକ ଚଢ଼େଇରେ ପରିଣତ କରିଦେଇ ପାରିବା, ଯିଏକି ଆପଣାର ଡେଣାକୁ ମେଲାଇଦେଇ ଢେଉଗୁଡ଼ିକ ଉପରେ ଉଡ଼ିଯାଇ ପାରିବ ଏବଂ ଯେଉଁଠାକୁ ଇଚ୍ଛା କରିବ, ସେଠାକୁ ବି ଯାଇପାରିବ । ବାସ୍, ସେତିକି ।

'oaob.nitrkl.ac.in' images reprocessed

## ୧୦ ସେପ୍ଟେମ୍ବର ୧୯୫୮

*"ଆଧୁନିକ ଯୁଗରେ ଭୌତିକ ବିଜ୍ଞାନଗତ ଆବିଷ୍କାରଗୁଡ଼ିକର ପରିସର ବୃଦ୍ଧି ପାଇ ଜଡ଼ପ୍ରକୃତିରେ ନିହିତ ରହିଥିବା ସାମର୍ଥ୍ୟଗୁଡ଼ିକୁ ଆପଣାର ଜ୍ଞାନ ବଳରେ ମନୁଷ୍ୟ ନିୟନ୍ତ୍ରଣ କରିବା ଏବଂ ସେଗୁଡ଼ିକୁ ଆପଣାର କାର୍ଯ୍ୟରେ ଲଗାଇବା ସଙ୍ଗେ ସଙ୍ଗେ ପ୍ରାଚୀନ ଗୁପ୍ତବିଦ୍ୟା କ୍ରମେ ପଛକୁ ହଟିଗଲା ଏବଂ ଅବଶେଷରେ, ଭୌତିକ ସତ୍ତାହିଁ ଏକମାତ୍ର ସତ୍ତା ଏବଂ ମନ ଓ ପ୍ରାଣ ସେହି ଜଡ଼ର କେବଳ ଗୋଟିଏ ଗୋଟିଏ ଅଂଶଗତ କ୍ରିୟାମାତ୍ର ବୋଲି ଯୁକ୍ତି ଦର୍ଶାଯାଇ ଗୁପ୍ତବିଦ୍ୟାର ଅନୁଶୀଳନକୁ ସଂପୂର୍ଣ୍ଣରୂପେ ଛାଡ଼ି ଦିଆଗଲା । ଜଡ଼ ଶକ୍ତିକୁହିଁ ସକଳ ବସ୍ତୁର ଏକମାତ୍ର ସମାଧାନ ବୋଲି ମାନିନେଇ ସେହି ଭିତ୍ତିରେ ବିଜ୍ଞାନ ଆମର ସ୍ୱାଭାବିକ ତଥା ଅସ୍ୱାଭାବିକ ମନୋଭୂମି ଓ ପ୍ରାଣଭୂମିରେ ସଂଘଟିତ ଯାବତୀୟ ବୃତ୍ତି ଓ କ୍ରିୟାର କେବଳ ଜଡ଼ଗତ ନୈମିତ୍ତିକତା ଏବଂ ପ୍ରକ୍ରିୟାଟିର ଜ୍ଞାନ ହାସଲ କରି ମନ ଓ ପ୍ରାଣଗତ ସକଳ ପ୍ରକ୍ରିୟାକୁ ଆପଣା ନିୟନ୍ତ୍ରଣକୁ ଆଣିବାର ଚେଷ୍ଟା କରିଛି; ଆଧ୍ୟାତ୍ମିକତାକୁ କେବଳ ମାନସିକତାରହିଁ ଗୋଟାଏ ଅନ୍ୟତମ ରୂପ ବୋଲି କହି ଉପେକ୍ଷା କରିଛି । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଯଦି ଜଡ଼ସର୍ବସ୍ୱ ବିଜ୍ଞାନର ଏହି ଚେଷ୍ଟାଟି ସଫଳ ହୁଅନ୍ତା, ତେବେ ତଦ୍ୱାରା ମନୁଷ୍ୟ ଜାତିର ଇହ-ଅସ୍ତିତ୍ୱ ଲାଗି ହୁଏତ ଅନେକ ବିପଦକୁ ଆମନ୍ତ୍ରଣ କରି ଅଣାଯାଆନ୍ତା; ଏପରି ଅତି ବୃହତ୍ ଓ ଭୀଷଣ ଶକ୍ତିଗୁଡ଼ିକର ଯଥାର୍ଥ ବ୍ୟବହାର କରିବା ଲାଗି ମାନସିକ ଏବଂ ନୈତିକ ଦୃଷ୍ଟିରୁ ପ୍ରସ୍ତୁତ ହୋଇ ନ ଥିବା ଏକ ମାନବଜାତି ବିଜ୍ଞାନର ଆଜି କେତେକେତେ ଆବିଷ୍କାରର ଅସତ୍ ବ୍ୟବହାର କିଂବା ଅଯୋଗ୍ୟ ପରି ବ୍ୟବହାର କରି ଯେଉଁଭଳି କେତେକେତେ ବିପଦକୁ ଡାକିଆଣିଛି, ଠିକ୍ ସେହିଭଳି । କାରଣ, ତଦ୍ୱାରା ଆମର ଏହି ଅସ୍ତିତ୍ୱର ଭିତ୍ତିରୂପେ ଅବସ୍ଥିତ ରହି ଯେଉଁସବୁ ଗୋପନ ଶକ୍ତି ତାହାକୁ ଧାରଣ କରି ରଖିଛି, ସେଗୁଡ଼ିକର କୌଣସି ଜ୍ଞାନ ନ ଥାଇ କେବଳ ଅତି କୃତ୍ରିମ ଭାବରେହିଁ ସେହି ନିୟନ୍ତ୍ରଣର ପ୍ରୟୋଗ କରାଯାଆନ୍ତା । ଏହିପରି ଭାବରେ ପାଶ୍ଚାତ୍ୟ ସଭ୍ୟତାରେ ଗୁପ୍ତବିଦ୍ୟାର ପରମ୍ପରାଟିକୁ ବଡ଼ ସହଜରେ ଛାଡ଼ି ଦିଆଯାଇପାରିଲା, କାରଣ ସେଠାରେ ତାହା ଅଧିକାଂଶ ଲୋକଙ୍କର*

'oaob.nitrkl.ac.in' images reprocessed

ଜୀବନକୁ ସ୍ପର୍ଶ କରି ନ ଥିଲା, ଏଥିରେ କେବେହେଲେ ପରିପକ୍ୱତା ଆସି ନ ଥିଲା କିଂବା ଏକ ଦାର୍ଶନିକ ଦୃଢ଼ ପ୍ରଣାଳୀବଦ୍ଧ ଭିତ୍ତି ଉପରେ ତାହା ଆଦୌ ପ୍ରତିଷ୍ଠିତ ହୋଇ ନ ଥିଲା । ସେଠାରେ ତାହା ବିଲକୁଲ ଲଗାମ ଛାଡ଼ିଦେଇ କେବଳ ଅତିପ୍ରାକୃତର ରୋମାଞ୍ଚ ମଧ୍ୟରେ ବିଚରଣ କରୁଥିଲା ଏବଂ ଅତିପ୍ରାକୃତ ସାମର୍ଥ୍ୟଗୁଡ଼ିକୁ କାମରେ ଲଗାଇ ପାରିବା ଲାଗି କେବଳ ସୂତ୍ର ଓ କାର୍ଯ୍ୟ- ସିଦ୍ଧିକର ମାର୍ଗଗୁଡ଼ିକର ଆବିଷ୍କାର କରିବାରେହିଁ ତାହା ଆପଣାର ସର୍ବପ୍ରଧାନ ପ୍ରୟାସଟିକୁ କେନ୍ଦ୍ରୀଭୂତ କରି ରଖିଥିଲା । ଅସଲ ବାଟରୁ ଗୋଡ଼ ଖସାଇ ତାହା ଶ୍ୱେତ-ଯାଦୁବିଦ୍ୟା ଅଥବା ପ୍ରେତ ସମ୍ବନ୍ଧିତ କୃଷ୍ଣ- ଯାଦୁବିଦ୍ୟା ଆଡ଼କୁ ପ୍ରବୃତ୍ତ ହୋଇଥିଲା, ଗୁପ୍ତବିଦ୍ୟାର ରହସ୍ୟଭଣ୍ଡାର ମଧ୍ୟରେ ରହିଥିବା ଅସାଧ ସାଧନର ନାନା ଉପଚାରବହୁଳତା ଭିତରେ ପଶିଗଲା; ଏବଂ ଯାହା କେବଳମାତ୍ର ଏକ ଅତି ସୀମାବଦ୍ଧ ଓ ଅଳ୍ପପରିମିତ ଜ୍ଞାନ ହୋଇ ରହିଥିଲା, ତାହାକୁ ଅତିରଞ୍ଜିତ କରି ପକାଇଲା । ଏହିସବୁ ପ୍ରବୃତ୍ତି ଓ ମାନସିକ ଭିତ୍ତିର ଏହି ଅଦୃଢ଼ତା ହେତୁ ତାହାପକ୍ଷରେ ଆପଣାକୁ ରକ୍ଷା କରିବା କ୍ରମେ କଷ୍ଟକର ଓ ଆପଣାର ସମ୍ମାନହାନି କରି ବସିବା କ୍ରମେ ବଡ଼ ସହଜ ହୋଇଗଲା, ଅତି ସହଜରେ ଏକ ସହଜଭେଦ୍ୟ ଶରବ୍ୟରେ ପରିଣତ ହେଲା । ପ୍ରାଚୀନ ମିଶର ଏବଂ ପ୍ରାଚ୍ୟ ଭୂଖଣ୍ଡରେ ଜ୍ଞାନର ଏହି ଧାରାଟି ଏକ ବୃହତ୍ତର ଓ ବ୍ୟାପକତର ପ୍ରୟାସସ୍ତରରେ ଉପନୀତ ହୋଇ ପାରିଥିଲା, ତନ୍ତ୍ରଶାସ୍ତ୍ରର ଅତିବିଶିଷ୍ଟ ଜ୍ଞାନଧାରାଟିରେ ମଧ୍ୟ ସେହି ବିପୁଳ ପରିପକ୍ୱତା ବର୍ତ୍ତମାନ ସୁଦ୍ଧା ଅକ୍ଷୁଣ୍ଣ ରହିଛି । ଏହି ତନ୍ତ୍ର ଯେ କେବଳ ଏକ ଅତିପ୍ରାକୃତ ବହୁଶାଖାଯୁକ୍ତ ବିଜ୍ଞାନରୂପେ ଆବିର୍ଭୂତ ହୋଇଥିଲା ତାହା ନୁହେଁ, ମାତ୍ର ତାହା ଧର୍ମର ଯାବତୀୟ ଗୁପ୍ତବିଦ୍ୟାଗତ ଉପାଦାନ ସକାଶେ ମଧ୍ୟ ଏକ ଭିତ୍ତି ଆଣି ଯୋଗାଇ ଦେଇଥିଲା ଏବଂ ଆଧ୍ୟାତ୍ମିକ ସାଧନା ଓ ଆତ୍ମୋପଲବ୍ଧିର ଏକ ବୃହତ୍ ଓ ଶକ୍ତିଶାଳୀ ମାର୍ଗର ମଧ୍ୟ ବିକାଶ ସାଧନ କରାଇଥିଲା । କାରଣ, ଯେଉଁ ଗୁପ୍ତବିଦ୍ୟା ମନ, ପ୍ରାଣ ତଥା ଚିତ୍‌ସତ୍ତାର ପ୍ରଚ୍ଛନ୍ନ ଗତିକ୍ରିୟାଗୁଡ଼ିକର ଓ ଗତିଶୀଳ ଅତିପ୍ରାକୃତ ସମ୍ଭାବନାଗୁଡ଼ିକର ଆବିଷ୍କାର କରିପାରେ ଓ ଆମର ମନୋମୟ, ପ୍ରାଣମୟ ତଥା ଚିଦ୍‌ଗତ ସତ୍ତାର ବୃହତ୍ତର ସାର୍ଥକତା ସାଧନ କରିବା ଲାଗିହିଁ ସେଗୁଡ଼ିକର ସ୍ୱାଭାବିକ ଶକ୍ତିରେ କିଂବା ପ୍ରୟୋଗାତ୍ମକ ଭାବରେ ସେଗୁଡ଼ିକୁ ବ୍ୟବହାର କରିପାରେ, ତାହାକୁହିଁ ଆମେ ସର୍ବୋଚ୍ଚ ସ୍ତରର ଗୁପ୍ତବିଦ୍ୟା ବୋଲି କହିବା ।

'oaob.nitrkl.ac.in' images reprocessed

*"ଲୋକାୟତ ଧାରଣା ଅନୁସାରେ ଗୁପ୍ତବିଦ୍ୟାକୁ ଯାଦୁବିଦ୍ୟା ଓ ଯାଦୁମନ୍ତ୍ର ସହିତ ନେଇ ଯୋଡ଼ି ଦିଆଯାଇଥାଏ, ଅତିପ୍ରାକୃତରେ ଏକ କଳ୍ପିତ ସାଧନାକୌଶଳ ସହିତ ସମ୍ବନ୍ଧିତ ବୋଲି ତାହାକୁ ବିଚାର କରାଯାଏ, ମାତ୍ର ଏଇଟି ହେଉଛି ଏହାର କେବଳ ଗୋଟିଏ ଦିଗ; ଏବଂ ଯେଉଁମାନେ ସଂଗୁପ୍ତ ପ୍ରକୃତି ଶକ୍ତିର ଏହି ପ୍ରଚ୍ଛନ୍ନ ଦିଗଟି ଉପରେ ଗଭୀର ଭାବରେ ଅଥବା ଆଦୌ କୌଣସି ଦୃକ୍‌ପାତ କରି ନାହାନ୍ତି କିମ୍ବା ଏହାର ସମ୍ଭାବନାଗୁଡ଼ିକୁ ନେଇ କୌଣସି ପ୍ରକାର ପରୀକ୍ଷା କରି ନାହାନ୍ତି, ସେମାନେ ଯେପରି ଦାମ୍ଭିକତା ସହିତ କଳ୍ପନା କରନ୍ତି, ଗୁପ୍ତବିଦ୍ୟା ଏକାବେଳେକେ ସେହିଭଳି ଗୋଟାଏ ଅନ୍ଧବିଶ୍ୱାସ ମଧ୍ୟ ନୁହେଁ । ଭୌତିକ ବିଜ୍ଞାନରେ ଆମେ ଯେଉଁ ଅଦ୍ଭୁତ ସଫଳତା ଲାଭ କରିଛୁ, ଠିକ୍ ସେହିପରି ସୂତ୍ର ଓ ମନ୍ତ୍ରତନ୍ତ୍ରର ଯଥାଯଥ ପ୍ରୟୋଗ କରି ପ୍ରକୃତିର ସୁପ୍ତ ଶକ୍ତିକୁ ଉଦ୍‌ବୋଧିତ ଏବଂ ଯନ୍ତ୍ରପରି ନିୟନ୍ତ୍ରିତ ଓ ପରିଚାଳିତ କରି ପ୍ରାଣ ଓ ମନର ଶକ୍ତିକୁ ଅଦ୍ଭୁତ ସଫଳତା ସହିତ କେତେକେତେ ଅପ୍ରାକୃତ ସିଦ୍ଧିରେ କାର୍ଯ୍ୟରେ ଲଗାଯାଇପାରେ । ମାତ୍ର ରହସ୍ୟବିଦ୍ୟାର ଏହି ପ୍ରୟୋଗକ୍ଷେତ୍ରଟି ହେଉଛି ଏହାର ଏକ ଅତି ସୀମାବଦ୍ଧ ଦିଗ ଓ ତାହାର ଏକ ଗୌଣ ପଦ୍ଧତିମାତ୍ର । କାରଣ ଆପଣାର କ୍ରିୟାକ୍ଷେତ୍ରରେ ମନ ତଥା ପ୍ରାଣର ଶକ୍ତିଗୁଡ଼ିକ ହେଉଛି ବଡ଼ ସ୍ଥିତିସ୍ଥାପକ, ବଡ଼ ସୂକ୍ଷ୍ମ ଓ ବିଚିତ୍ର; ଏବଂ ସେଗୁଡ଼ିକ ମଧ୍ୟରେ ଜଡ଼ର କାଠିନ୍ୟ ମଧ୍ୟ ନାହିଁ । ସେଗୁଡ଼ିକର କ୍ରିୟା, କ୍ରିୟାର ରୀତି ଏବଂ ପ୍ରୟୋଗର ରହସ୍ୟକୁ ଜାଣିବାକୁ ହେଲେ, ଏପରିକି ସେଗୁଡ଼ିକର ପ୍ରତିଷ୍ଠିତ ସୂତ୍ରଗୁଡ଼ିକର କ୍ରିୟା ଓ ପ୍ରକ୍ରିୟାକୁ ବୁଝିବାକୁ ହେଲେ ଏକ ସୂକ୍ଷ୍ମ ତଥା ସ୍ଥିତିସ୍ଥାପକ ବୋଧିଶକ୍ତି ଆବଶ୍ୟକ ହୋଇଥାଏ । ଯଦି ଯାନ୍ତ୍ରିକତା ଏବଂ ଅନମନୀୟ ସୂତ୍ରବଦ୍ଧତା ଉପରେ ଅତିରିକ୍ତ ଜୋର୍ ଦିଆଯାଏ, ତେବେ ତଦ୍ୱାରା ହୁଏତ ଜ୍ଞାନକୁ କେବଳ ଅଫଳପ୍ରଦ ଓ କେତେଟା ନିୟମସୂତ୍ର ମଧ୍ୟରେ ସୀମାବଦ୍ଧ କରି ରଖିବାର ଆଶଙ୍କାହିଁ ଆସି ଉପୁଜେ, ଏବଂ ବ୍ୟାବହାରିକ କ୍ଷେତ୍ରରେ ଅନେକ ପ୍ରମାଦ ଆସି ପହଞ୍ଚେ, ମୂଢ଼ ଗତାନୁଗତିକତା ମଧ୍ୟରେ ପଡ଼ିଯିବାକୁ ହୁଏ, ଜ୍ଞାନର ଅସଦ୍‌ବ୍ୟବହାର ହୁଏ, ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ । ମାତ୍ର ଆମେ ବର୍ତ୍ତମାନ ଜଡ଼କୁହିଁ ଏକମାତ୍ର ସତ୍ୟ ବୋଲି ମାନିନେବାର ଅନ୍ଧବିଶ୍ୱାସରୁ କ୍ରମେ ମୁକ୍ତ ହେବାକୁ ବସିଲୁଣି; ଏବଂ ତେଣୁ ପ୍ରାଚୀନ ଗୁପ୍ତବିଦ୍ୟା ଆଡ଼କୁ ପୁଣି ଦୃଷ୍ଟି ଫେରାଇବାର ଏବଂ ତାହାକୁ ଏକ ନୂତନ ରୂପ ଦେବାର, ଏବଂ ମନ ଭିତରେ ଯେଉଁସବୁ ଗୁପ୍ତ ରହସ୍ୟ ତଥା*

'oaob.nitrkl.ac.in' images reprocessed

*ସାମର୍ଥ୍ୟ ଲୁକ୍କାୟିତ ହୋଇ ରହିଛି, ଏକ ବୈଜ୍ଞାନିକ ଦୃଷ୍ଟିରୁ ତାହାର ଆଲୋଚନା କରିବାର ଓ ଅସ୍ୱାଭାବିକ କିଂବା ଅତିପ୍ରାକୃତ ମନସ୍ତତ୍ତ୍ୱଗତ ତଥା ଚୈତ୍ୟ ବ୍ୟାପାରଗୁଡ଼ିକୁ ଅଧିକ ନିକଟବର୍ତ୍ତୀ ହୋଇ ଅଧ୍ୟୟନ କରିବାର ଏକ ସମ୍ଭାବନା ଆସି ପହଞ୍ଚିଛି, ଏବଂ କୌଣସି କୌଣସି କ୍ଷେତ୍ରରେ ତାହାର ଲକ୍ଷଣ ମଧ୍ୟ ପ୍ରକାଶ ପାଇଲାଣି । ମାତ୍ର ଏହି ସାଧନାରେ ସଂପୂର୍ଣ୍ଣ ଭାବେ ସଫଳ ହେବାକୁ ହେଲେ ଅନୁସନ୍ଧାନର ଏହି ଧାରାଟିର ପ୍ରକୃତ ଭିତ୍ତି କ'ଣ, ଏହାର ଲକ୍ଷ୍ୟ ବା ଉଦ୍ଦେଶ୍ୟ ମଧ୍ୟ କ'ଣ, ଏଥିରେ କେଉଁସବୁ ସୀମା ବା ସତର୍କତାକୁ ମାନି ଅଗ୍ରସର ହେବା ଉଚିତ, ସେଗୁଡ଼ିକୁ ପୁନର୍ବାର ଆବିଷ୍କାର କରିବାକୁ ପଡ଼ିବ । ମନଃଶକ୍ତି ଓ ପ୍ରାଣଶକ୍ତିର ପ୍ରଚ୍ଛନ୍ନ ସତ୍ୟ ତଥା ସାମର୍ଥ୍ୟଗୁଡ଼ିକର ଏବଂ ଲୁକ୍କାୟିତ ଭାବରେ ରହିଥିବା ଚିତ୍‌ସତ୍ତାର ବୃହତ୍ତର ସାମର୍ଥ୍ୟଗୁଡ଼ିକର ଆବିଷ୍କାର କରିପାରିବାହିଁ ଏହି ଅନୁସନ୍ଧାନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହୋଇ ରହିବା ଉଚିତ । ଗୁପ୍ତବିଦ୍ୟାର ବିଜ୍ଞାନ ହେଉଛି ମୂଳତଃ ଅବଚେତନର ଏକ ବିଜ୍ଞାନ; ଆମ ଭିତରେ ଅବସ୍ଥିତ ଅବଚେତନ ତଥା ବିଶ୍ୱପ୍ରକୃତିରେ ରହିଥିବା ଅବଚେତନର ବିଜ୍ଞାନ, ଏବଂ ଅଧଃଚେତନ ଓ ଅତିଚେତନ ସମେତ ଯାହା କିଛି ଅବଚେତନ ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି, ତାହାର ବିଜ୍ଞାନ । ଏବଂ ସେଥିଲାଗି ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନର ଅଂଶରୂପେ ଏବଂ ସେହି ଜ୍ଞାନକୁ ଯଥାର୍ଥ ଭାବରେ ଗତିଶୀଳ କରିବା ନିମନ୍ତେ ଗୁପ୍ତବିଦ୍ୟାର ପ୍ରକୃତ ପ୍ରୟୋଜନୀୟତା ବିଦ୍ୟମାନ ରହିଛି ।''*

ଦିବ୍ୟଜୀବନ (ଇଂ), ପୃଷ୍ଠା. ୮୭୫-୭୭

*ମାଆ, ଶ୍ୱେତ ଯାଦୁବିଦ୍ୟା କହିଲେ କ'ଣ ବୁଝାଏ ?*

ଆମେ ଯାହାକୁ ''ଶ୍ୱେତ ଯାଦୁବିଦ୍ୟା'' ବୋଲି କହୁ, ସେଇଟି ହେଉଛି ଆମର କୌଣସି ଉପକାର କରୁଥିବା ଯାଦୁବିଦ୍ୟା, ଏବଂ ''କୃଷ୍ଣ ଯାଦୁବିଦ୍ୟା' ହେଉଛି ଆମର କୌଣସି ଅନିଷ୍ଟ ବା କ୍ଷତି କରୁଥିବା ଯାଦୁବିଦ୍ୟା । ମାତ୍ର ବସ୍ତୁତଃ ଏଗୁଡ଼ାକ ହେଉଛନ୍ତି କେବଳ ଗୋଟାଏ ଗୋଟାଏ ଶବ୍ଦ, ସେଗୁଡ଼ାକର କୌଣସି ଅର୍ଥ ନାହିଁ ।

ଯାଦୁବିଦ୍ୟା ?... ଶୁଦ୍ଧ ଭାବରେ କେତୋଟି ସୂକ୍ଷ୍ମ ସୂତ୍ରମଧ୍ୟକୁ ନିରୂପିତ କରି ଦିଆଯାଇଥିବା ଏକ ଜ୍ଞାନକୁ ଯାଦୁବିଦ୍ୟା ବୋଲି କୁହାଯିବ । ସେଥିରେ କୌଣସି ଏକ ପ୍ରକାରର କେତୋଟି ଶବ୍ଦ ଓ ସଂଖ୍ୟା ଥାଏ ଅଥବା ଶବ୍ଦ ଓ ସଂଖ୍ୟାଗୁଡ଼ିକୁ ଏକାଠି ମିଶାଇ

'oaob.nitrkl.ac.in' images reprocessed

କରି ରଖା ହୋଇଥାଏ; ଏବଂ ସେଗୁଡ଼ିକୁ କେବଳ ଉଚ୍ଚାରଣ କଲେ କିଂବା ଲେଖିଦେଇ ପାରିଲେ, ଏପରି କି ଅନ୍ତର୍ଗତ କୌଣସି ଶକ୍ତି ନ ଥିବା ଜଣେ ବ୍ୟକ୍ତି ସେଗୁଡ଼ିକୁ ଉଚ୍ଚାରଣ କଲେ କିଂବା ଲେଖିଦେଲେ, ସେଗୁଡ଼ିକ ଅବଶ୍ୟ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି । ଗୁପ୍ତବିଦ୍ୟାର କ୍ଷେତ୍ରରେ ଏଗୁଡ଼ିକୁ ଆମେ ବିଜ୍ଞାନର ରାସାୟନିକ ସୂତ୍ରଗୁଡ଼ିକ ସହିତ ସମତୁଲ କରି ବିଚାର କରିପାରିବା । ତୁମେ ଜାଣିଥିବ, ବିଜ୍ଞାନରେ ରସାୟନଶାସ୍ତ୍ରର ଏପରି ସୂତ୍ରମାନ ରହିଛି, ଯାହା ଦ୍ୱାରା କି କେତେକ ନିର୍ଦ୍ଦିଷ୍ଟ ଉପାଦାନକୁ ଏକାଠି କରାଯାଇଥାଏ ଓ ସେହିପରି ଭାବରେ ସେଥିରୁ ଅନ୍ୟ ଉପାଦାନଗୁଡ଼ିକର ସୃଷ୍ଟି କରା ଯାଇଥାଏ । ତୁମ ଭିତରେ ମନୋଗତ, ପ୍ରାଣିକ ଓ ଏପରିକି ଭୌତିକ କୌଣସି ଶକ୍ତି ନ ଥିଲେ ମଧ୍ୟ, ତୁମେ ଯଦି କେବଳ ଆକ୍ଷରିକ ଭାବରେ ତୁମ ପାଖରେ ରହିଥିବା ସୂତ୍ରଟିର ଅନୁସରଣ କରିବ, ତେବେ ତୁମକୁ ଆବଶ୍ୟକ ଫଳଟି ନିଶ୍ଚୟ ମିଳିଯାଇ ପାରିବ; ଏଥିଲାଗି ତୁମର କେବଳ ଯଥେଷ୍ଟ ସ୍ମରଣଶକ୍ତି ରହିଥିଲେ ହେଲା । ଏବଂ, ଗୁପ୍ତବିଦ୍ୟାରେ ମଧ୍ୟ ଠିକ୍ ସେହି କଥାଟିର ପରୀକ୍ଷା କରି ଦେଖାଯାଇଛି; ସେଥିରେ ନାନା ଧ୍ୱନି, ଅକ୍ଷର, ସଂଖ୍ୟା ଏବଂ ଶବ୍ଦକୁ ବିଭିନ୍ନ ସଂଯୋଜନ ମଧ୍ୟରେ ଆଣି ରଖାଯାଇଛି ଏବଂ ସେହି ସଂଯୋଜନ ଗୁଡ଼ିକ ନିଜର ଅନ୍ତର୍ନିହିତ ସାମର୍ଥ୍ୟଗୁଡ଼ିକ ବଳରେ ଏକ ନିର୍ଦ୍ଦିଷ୍ଟ ପରିଣାମ ଲାଭ କରିବାକୁ ବି ସମର୍ଥ ହୋଇ ପାରୁଛନ୍ତି । ଏହିପରି ଭାବରେ, ଜଣେ ଯେତେ ନିର୍ବୋଧ ହୋଇଥିଲେ ମଧ୍ୟ, ଯଦି ସେ ଏଇଟିକୁ ଶିକ୍ଷା କରିପାରିବ ଏବଂ ତାକୁ ଯେପରି କରିବାକୁ କୁହାଯାଇଛି, ଠିକ୍ ସେହିପରି କରିବ, ସିଏ ମଧ୍ୟ ତା'ର ଈପ୍ସିତ ଫଳଟିକୁ ପାଇପାରିବ ବା ସେହି ଫଳଟିକୁ ସେ ନିଶ୍ଚୟ ଲାଭ କରିବ ବୋଲି ବିଶ୍ୱାସ କରିପାରିବ । ମାତ୍ର... ଉଦାହରଣ ସ୍ୱରୂପ, ଆମେ ଏଠାରେ ଏକ ପ୍ରକାର ଗୁପ୍ତବିଦ୍ୟା ପରି କାର୍ଯ୍ୟ କରୁଥିବା ମନ୍ତ୍ର ବିଷୟରେ ବିଚାର କରିବା,— ଯଦି ଗୁରୁ ସେହି ମନ୍ତ୍ରଟିକୁ ଦେଇ ନ ଥା'ନ୍ତି ଓ ମନ୍ତ୍ରଟି ସହିତ ଯଦି ସେ ତୁମ ଭିତରକୁ ତାଙ୍କର ଗୁପ୍ତବିଦ୍ୟାଗତ ବା ଆଧ୍ୟାତ୍ମିକ ଶକ୍ତିଟିକୁ ସଞ୍ଚାରିତ କରି ଆଣି ନ ଥା'ନ୍ତି, ତେବେ ହୁଏତ ତୁମେ ସହସ୍ରବାର ବି ମନ୍ତ୍ରଟିର ଆବୃତ୍ତି କରୁଥିବ ପଛକେ, ମାତ୍ର ତାହାର ଆଦୌ କୌଣସି ଫଳ ଫଳିବ ନାହିଁ ।

ଅର୍ଥାତ୍, ଯଥାର୍ଥ ଗୁପ୍ତବିଦ୍ୟାରେ, କୌଣସି କିଛିର ବ୍ୟବହାର କରି ପାରିବା ସକାଶେ ଆମ ଭିତରେ ସେହି ଗୁଣ, ସେହି ସାମର୍ଥ୍ୟ ଓ ସେହି ଅନ୍ତର୍ଗତ ଯୋଗ୍ୟତାଟି ଅବଶ୍ୟ ରହିଥିବା ଉଚିତ; ଏବଂ ତାହାହିଁ ଏହି କ୍ଷେତ୍ରରେ ଏକ ସୁରକ୍ଷା ପରି କାର୍ଯ୍ୟ କରେ । ଯେକୌଣସି ନିର୍ବୋଧ ବ୍ୟକ୍ତି କଦାପି ଯଥାର୍ଥ ବିଦ୍ୟାର ଅନୁଶୀଳନ କରିପାରିବ ନାହିଁ । ଏବଂ ଗୁପ୍ତବିଦ୍ୟାକୁ ଆମେ ଆଉ ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ, ଶ୍ୱେତ, କୃଷ୍ଣ ଅଥବା ସୁନେଲି କୌଣସି ପ୍ରକାରର ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ । ଏହା

'oaob.nitrkl.ac.in' images reprocessed

ମୋଟେ ଏକ ଯାଦୁବିଦ୍ୟା ନୁହେଁ, ଏହା ହେଉଛି ଏକ ଆଧ୍ୟାତ୍ମିକ ଶକ୍ତି ଏବଂ ଦୀର୍ଘ ସାଧନା ଦ୍ୱାରା ସେହି ଶକ୍ତିଟିକୁ ଅର୍ଜନ କରିବାକୁ ପଡ଼ିବ । ଏବଂ ପରିଶେଷରେ ଏକଥା ମଧ୍ୟ କୁହାଯିବ ଯେ, କେବଳ କୌଣସି ଦିବ୍ୟ କରୁଣା ବଳରେହିଁ ତାହା ତୁମକୁ ପ୍ରଦତ୍ତ ହୋଇ ପାରିବ ।

ଏହାର ଅର୍ଥ ହେଉଛି ଯେ, ତୁମେ ଯେମିତି ପରମସତ୍ୟର ନିକଟବର୍ତ୍ତୀ ହୋଇ ଆସୁଥିବ, ତୁମେ ଯାବତୀୟ ଶଠତା, ଛଳନା ଓ ମିଥ୍ୟାରୁ ସେତିକି ଅଧିକ ପରିମାଣରେ ନିରାପଦ ବି ହୋଇ ରହୁଥିବ । ଏହି କଥାଟିର ମୁଁ କେତେକେତେ ପ୍ରମାଣ ପାଇଛି, ଏକାନ୍ତ ମୀମାଂସାତ୍ମକ ନାନା ପ୍ରମାଣ ପାଇଛି । ତେଣୁ ଯେଉଁ ବ୍ୟକ୍ତିଠାରେ ଯଥାର୍ଥ ଗୁପ୍ତବିଦ୍ୟାଗତ ଶକ୍ତି ମହଜୁଦ ରହିଛି, ସେହି ଅନ୍ତର୍ଗତ ସତ୍ୟଟିର ଶକ୍ତି ବଳରେହିଁ ତା'ଭିତରେ ଯୁଗପତ୍ ଭାବରେ ଶ୍ୱେତ, କୃଷ୍ଣ ଅଥବା ଅନ୍ୟ ଯେକୌଣସି ବର୍ଣ୍ଣର ଯାଦୁବିଦ୍ୟାକୁ ନିଷ୍ଫଳ କରିଦେବାର ଶକ୍ତିଟି ମଧ୍ୟ ଅବଶ୍ୟ ମହଜୁଦ୍ ରହିଛି । ସେହି ସତ୍ୟଟିର ମାତ୍ର ଗୋଟିଏ ବିନ୍ଦୁକୁ ପ୍ରୟୋଗ କରି ତାହାକୁ ନିଷ୍ଫଳ କରିଦେବାର ଶକ୍ତି ତା'ଠାରେ ରହିଛି । କୌଣସି ବସ୍ତୁହିଁ ସେହି ଶକ୍ତିଟିର ଆଦୌ କୌଣସି ପ୍ରତିରୋଧ କରି ପାରିବ ନାହିଁ । ଏବଂ, ଯେଉଁ ବ୍ୟକ୍ତିମାନେ ଯାଦୁବିଦ୍ୟାର ପ୍ରୟୋଗ କରୁଥା'ନ୍ତି, ସେମାନେ ଏହି କଥାଟିକୁ ଭାରି ଭଲ ଭାବରେ ଜାଣିଥା'ନ୍ତି, କାରଣ, ସକଳ ଦେଶରେ ଓ ବିଶେଷତଃ ଭାରତବର୍ଷରେ , ଯୋଗୀ ବା ସନ୍ଥମାନଙ୍କ ବିରୋଧରେ ସେମାନଙ୍କର ଆଦୌ କୌଣସି ସୂତ୍ରର ପ୍ରୟୋଗ କେବେହେଲେ ନ କରିବାକୁହିଁ ସେମାନେ ସବୁବେଳେ ଭାରି ସତର୍କ ହୋଇ ରହିଥା'ନ୍ତି । କାରଣ, ସେମାନେ ଭଲ କରି ଜାଣିଥା'ନ୍ତି ଯେ, ଆପଣାର ଏହି ଯନ୍ତ୍ରବତ୍ ଓ ପଲ୍ଲବଗ୍ରାହୀ ସ୍ୱଳ୍ପ ଶକ୍ତିକୁ କାର୍ଯ୍ୟରେ ଲଗାଇ ସେମାନେ ଯେଉଁସବୁ ସୂତ୍ରକୁ ବାହାରକୁ ପ୍ରେରଣ କରିଥା'ନ୍ତି, ତାହା ଯାଇ ଠିକ୍ କୌଣସି କାନ୍ଥରେ ବଲ୍‌ଟିଏ ଯାଇ ବାଜିଲା ପରି ଏକ ଆଧ୍ୟାତ୍ମିକ ଜୀବନ ଯାପନ କରୁଥିବା ଜଣେ ବ୍ୟକ୍ତିକୁ ସୁରକ୍ଷିତ କରି ରଖୁଥିବା ଯଥାର୍ଥ ଶକ୍ତିଟି ଉପରେ ଯାଇ ବାଜିବ ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନଙ୍କର ସେହି ସୂତ୍ରଟି ସେଠାରୁ ଲେଉଟି ଆସିବ ଏବଂ ସେମାନଙ୍କ ନିଜ ଉପରେହିଁ ଆସି ବାଜିବ ।

ମାତ୍ର ସେଥିଲାଗି ସେହି ଯୋଗୀ ଅଥବା ସନ୍ଥଙ୍କୁ ଆଦୌ କିଛିହେଲେ କରିବାକୁ ପଡ଼ିବ ନାହିଁ, ଏପରିକି ତାଙ୍କୁ ସୁରକ୍ଷିତ ହୋଇ ରହିବାଲାଗି କୌଣସି ଇଚ୍ଛା କରିବାକୁ ବି ପଡ଼ିବ ନାହିଁ । ଯାହା ଘଟିବ, ତାହା ମନକୁ ଘଟିବ । ସିଏ ଏପରି ଏକ ଚେତନା ଏବଂ ଅନ୍ତର୍ଗତ ଶକ୍ତିର ସ୍ଥିତିରେ ରହିଥିବେ, ଯାହାକି ନିମ୍ନତର ସ୍ତରର ଯାବତୀୟ ସବୁକିଛିଠାରୁ ତାଙ୍କୁ ସ୍ୱତଃ ରକ୍ଷା କରିବାରେ ଲାଗିଥିବ । ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସିଏ

'oaob.nitrkl.ac.in' images reprocessed

ଆପଣାର ଶକ୍ତିଟିକୁ ସ୍ୱେଚ୍ଛାରେ ଅନ୍ୟମାନଙ୍କର ସୁରକ୍ଷା ଲାଗି ବ୍ୟବହାର କରି ପାରୁଥିବେ । ଯାବତୀୟ ଅନିଷ୍ଟ-ଇଚ୍ଛାକାରୀ ବିରଚନା ତାଙ୍କର ବାତାବରଣଟି ଉପରେ ଆଘାତ ପାଇ ଲେଉଟି ଯାଉଥିବାରୁହିଁ ସେ ସୁରକ୍ଷିତ ହୋଇ ରହିଥିବେ । ମାତ୍ର, ସେହି ଅନିଷ୍ଟ-ଇଚ୍ଛାକାରୀ ବିରଚନାଟିକୁ ଯଦି ସିଏ ରକ୍ଷା କରୁଥିବା କୌଣସି ଆଉଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରା ଯାଉଥିବ ଅଥବା ତାଙ୍କର ସାହାଯ୍ୟ ଲୋଡ଼ୁଥିବା ଆଉ କାହା ବିରୋଧରେ ପ୍ରେରଣ କରା ଯାଉଥିବ, ତେବେ ସେ, ଆପଣାର ବାତାବରଣରେ ଏକ ସଞ୍ଚାଳନ ଘଟାଇ ବା ଆପଣାର ପ୍ରଭାମଣ୍ଡଳଟିକୁ ଟିକିଏ ଘୁଞ୍ଚାଇଦେଇ ଯାଦୁବିଦ୍ୟାର କୁପ୍ରଭାବଗୁଡ଼ିକ ଲାଗି ଉନ୍ମୁକ୍ତ ହୋଇ ରହିଥିବା ସେହି ବ୍ୟକ୍ତିଙ୍କର ଚତୁର୍ଦ୍ଦିଗଟିକୁ ଘେରାଇ ରଖିଦେଇ ପାରିବେ, ଏବଂ ଆଘାତଟି ଲେଉଟି ଯିବାର ପ୍ରକ୍ରିୟାଟି ଏଠାରେ ମଧ୍ୟ ଠିକ୍ ସେହି ପୂର୍ବପରିହିଁ କାର୍ଯ୍ୟ କରିବ । ତାହା ଫଳରେ ଅନିଷ୍ଟର ଇଚ୍ଛା କରି ପ୍ରୟୋଗ କରା ଯାଇଥିବା ସେହି ରଚନାଟି ସ୍ୱଭାବତଃ ତାହାକୁ ପ୍ରୟୋଗ କରିଥିବା ବ୍ୟକ୍ତିଟି ଉପରେ ଯାଇ ପଡ଼ିବ । ମାତ୍ର ଏହି କ୍ଷେତ୍ରରେ, ସେହି ଯୋଗୀ, ସନ୍ଥ ଅଥବା ଋଷିଙ୍କର ସଚେତନ ଇଚ୍ଛାଟିର ଅବଶ୍ୟ ଆବଶ୍ୟକତା ରହିଥିବ । ଯାହାକିଛି ଘଟିଛି, ସେକଥାଟି ତାଙ୍କୁ ଯାଇ କହିବାକୁ ପଡ଼ିବ ଏବଂ ସେଥିରେ ହସ୍ତକ୍ଷେପ କରିବା ଲାଗି ତାଙ୍କୁ ଏକ ନିଷ୍ପତ୍ତି ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ।

ଯଥାର୍ଥ ଜ୍ଞାନ ଓ ଯାଦୁବିଦ୍ୟା ମଧ୍ୟରେ ଏଇଠି ପାର୍ଥକ୍ୟ ।

ଆଉ କିଛି ପଚାରିବାକୁ ଅଛି ?... ନା ସେତିକି ?

*ମାଆ, ଆପଣାର ଅଗ୍ରଗତି ଦ୍ୱାରା ଜଡ଼ବିଜ୍ଞାନ ଗୁପ୍ତବିଦ୍ୟାବାଦ ଲାଗି କୌଣସି ପଥର ଉନ୍ମୋଚନ କରିଦେଇପାରିବ କି ?*

ତେବେ ତାହା ଆଉ ଆପଣାକୁ "ଗୁପ୍ତବିଦ୍ୟାବାଦ" ବୋଲି ଅଭିହିତ କରିବ ନାହିଁ,— ତୁମେ ଏହି କଥାଟିକୁ ମନେ ରଖିବ । ଏହା ହେଉଛି କେବଳ ଏକ ଶବ୍ଦଗତ ପ୍ରଶ୍ନ ।... ସେମାନେ ଏବେ ଏପରି ଅନେକ ବିସ୍ମୟକାରୀ ଆବିଷ୍କାରମାନ କରୁଛନ୍ତି, ଗୁହ୍ୟବିଦ୍ୟାରେ ବିଶାରଦ ବ୍ୟକ୍ତିମାନେ ଯାହାକୁ କି ହଜାର ହଜାର ବର୍ଷ ପୂର୍ବରୁ ଜାଣିଥିଲେ ! ସେମାନଙ୍କୁ ପ୍ରକୃତରେ ଦୀର୍ଘ ମୁଣ୍ଡଳାଟିଏ ବୁଲି ବର୍ତ୍ତମାନ ପୁଣି ସେହି ଏକା ବସ୍ତୁପାଖକୁ ଫେରି ଆସିବାକୁ ପଡୁଛି ।

ଉଦାହରଣସ୍ୱରୂପ, ଭେଷଜ-ବିଜ୍ଞାନରେ ବା ପ୍ରାୟୋଗିକ ବିଜ୍ଞାନଗୁଡ଼ିକର କ୍ଷେତ୍ରରେ ଅଦ୍ୟତମ ଯେଉଁ ଆବିଷ୍କାରମାନ ହୋଇଛି, ଏକ ବିସ୍ମୟାଭିଭୂତ ପରମ ଆଗ୍ରହ ସହିତ ତଦ୍ୱାରା ସେମାନେ ଏପରି ଅନେକ ବସ୍ତୁର ପରିଚୟ ଲାଭ କରୁଛନ୍ତି, ଯାହାକି

'oaob.nitrkl.ac.in' images reprocessed

ଅନେକ ଅନେକ ବର୍ଷ ପୂର୍ବେ କେତେକ ଋଷିଙ୍କୁ ଜ୍ଞାତ ହୋଇ ରହିଥିଲା । ଏବଂ, ଏମାନେ ଏଗୁଡ଼ିକୁ ତୁମ ଆଗରେ ଆଣି ନୂତନ ନାନା ବିସ୍ମୟ ବୋଲି ଉପସ୍ଥାପିତ ବି କରୁଛନ୍ତି;— ମାତ୍ର ସେମାନଙ୍କର ଏହି ତଥାକଥିତ ବିସ୍ମୟଗୁଡ଼ାକୁ ବହୁ ପ୍ରାଚୀନ କାଳରୁ ଆବିଷ୍କୃତ ନାନା ସତ୍ୟ ବୋଲି ବେଶ୍ କୁହାଯାଇପାରିବ ।

ସେମାନେ ପରିଶେଷରେ ହୁଏତ ଗୁପ୍ତବିଦ୍ୟାର ପ୍ରୟୋଗକ୍ଷେତ୍ରରେ ଆସି ପହଞ୍ଚିବେ ସତ, ମାତ୍ର ସେମାନେ ପ୍ରକୃତରେ ଏଠାରେ ଆସି ପହଞ୍ଚିଛନ୍ତି ବୋଲି ମୋଟେ ଜାଣି ନ ଥିବେ । କାରଣ, ଯେତେ ଅଳ୍ପ ପରିମାଣରେ ହେଉ ପଛକେ ଆମେ ଯେମିତି ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟର ନିକଟବର୍ତ୍ତୀ ହୋଇ ଆସୁଥାଉ, ଯେତେବେଳେ ଆମର ଏହି ଅନୁସନ୍ଧାନରେ ପ୍ରକୃତ ଆନ୍ତରିକତା ରହିଥାଏ, ଯେତେବେଳେ କେବଳ ପ୍ରତିଭାସ ଗୁଡ଼ାକରେ ଆମର ଆଦୌ କୌଣସି ସନ୍ତୋଷ ହୁଏ ନାହିଁ, ଯେତେବେଳେ ଆମେ ପ୍ରକୃତରେ କିଛି ଆବିଷ୍କାର କରିବାକୁ ଇଚ୍ଛା କରୁଥାଉ ଏବଂ ଗଭୀରକୁ ଯାଉଥାଉ, ପ୍ରତିଭାସଗୁଡ଼ିକର ପଶ୍ଚାତକୁ ଭେଦ କରୁ, ସେତେବେଳେ ଆମେ ପ୍ରକୃତରେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟଟି ଆଡ଼କୁହିଁ ଅଗ୍ରସର ହୋଇଯିବାକୁ ଆରମ୍ଭ କରୁ; ଏବଂ, ଆମେ ଯେତିକି ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥାଉ, ସେତେବେଳେ ଆମେ ଠିକ୍ ସେହି ସତ୍ୟଟିରହିଁ ଆବିଷ୍କାର କରୁ, ଯାହାକୁ କି ଆପଣା ମଧ୍ୟରେ ପ୍ରବେଶ କରିବାରୁହିଁ ଆପଣାର ସାଧନା ଆରମ୍ଭ କରିଥିବା ଅନ୍ୟମାନେ ଆପଣାର ସେହି ଅନ୍ତର୍ଗତ ଆବିଷ୍କାର ଗୁଡ଼ିକର ଭଣ୍ଡାରରୁହିଁ ପୁନର୍ବାର ଆହରଣ କରି ଆଣିଛନ୍ତି ।

ଏହି କ୍ଷେତ୍ରରେ କେବଳ ପଦ୍ଧତିଟି ଭିନ୍ନ ହେବ, ପଥଟି ମଧ୍ୟ ଭିନ୍ନ ହେବ; ମାତ୍ର ଦୁହେଁଯାକ ସେହି ଗୋଟିଏ ବସ୍ତୁରହିଁ ଆବିଷ୍କାର କରିବେ । କାରଣ, ଆବିଷ୍କୃତ ହେବାଲାଗି ସେଠାରେ ଆଦୌ ଦୁଇଟି ପଦାର୍ଥ ନାହିଁ, କେବଳ ଗୋଟିଏ ପଦାର୍ଥହିଁ ଅଛି । ତାହା ଅନିବାର୍ଯ୍ୟତଃ ସେହି ଗୋଟିଏ ପଦାର୍ଥ, ଆଦୌ ଭିନ୍ନ ନୁହେଁ । ତେଣୁ, ତୁମେ କେଉଁ ମାର୍ଗରେ ଅଗ୍ରସର ହେବ, ସବୁକିଛି ତାହାରି ଉପରେହିଁ ନିର୍ଭର କରିବ; କେତେକ ଭାରି ଶୀଘ୍ର ଯାଆନ୍ତି, ଆଉ ଅନ୍ୟମାନେ ମନ୍ଥର ଗତିରେ ଯାଆନ୍ତି; କେତେକ ଲୋକ ସିଧା ଯାଆନ୍ତି, ଏବଂ ମୁଁ ଯେପରି କହୁଥିଲି, ଅନ୍ୟ କେତେଲୋକ ବୁଲାଣି ବାଟରେ ଦୀର୍ଘ ମୁଣ୍ଡଳାଟିଏ ବୁଲିକରି ଯାଆନ୍ତି । ଏବଂ, ସେଥିଲାଗି ସେମାନଙ୍କୁ କେତେ ପରିଶ୍ରମ କରିବାକୁ ନ ହୁଏ ! ସେମାନେ ପ୍ରକୃତରେ କେତେ ପରିଶ୍ରମ ନ କରିଛନ୍ତି !... ଅବଶ୍ୟ ଏକଥା ସତ ଯେ ଏହି ବାଟଟିକୁ ଏକ ସମ୍ମାନାସ୍ପଦ ବାଟ ବୋଲି କୁହାଯାଉଛି ।

*(ମାଆ ନୀରବ ରହିଲେ)*

'oaob.nitrkl.ac.in' images reprocessed

ନିଷ୍ଚେତନ-ବିଦ୍ୟା ସ୍ଥାନରେ ଯେ ସମ୍ମୋହନ ଦ୍ୱାରା ସମାନ କାମ ନିଆଯାଇ ପାରିବ ଏବଂ ସେଥିରୁ ଅନେକ ଗୁଣରେ ଅଧିକ ଭଲ ଫଳ ପାଇହେବ, ସେମାନେ ଏବେ ସେହି କଥା ଆବିଷ୍କାର କରୁଛନ୍ତି । ଏବଂ, ସମ୍ମୋହନ-ବିଦ୍ୟାକୁ ଆମେ ଗୋଟାଏ ପ୍ରକାରର ଗୁପ୍ତବିଦ୍ୟା ବୋଲି କହିପାରିବା, ଆପଣାର ଅଭିବ୍ୟକ୍ତିରେ ଏହାର ଯାହା କିଞ୍ଚିତ୍ ଆଧୁନିକୀକରଣ କରାଯାଇଛି । ଗୁପ୍ତବିଦ୍ୟାର ଶକ୍ତି ତୁଳନାରେ ଆମେ ସମ୍ମୋହନ-ବିଦ୍ୟାକୁ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ଶକ୍ତିର ଏକ ଅତ୍ୟନ୍ତ ସୀମାବଦ୍ଧ ଓ କ୍ଷୁଦ୍ର ରୂପାୟଣ ବୋଲି କହିପାରିବା । ତଥାପି, ଏହା ସେହି ଗୁପ୍ତବିଦ୍ୟାରହିଁ ଏକ ରୂପାୟଣ ଏବଂ ତାହାକୁ ଆଧୁନିକ କରିବାକୁ ଯାଇ ଯାହା ସେଥିରେ ବିଭିନ୍ନ ବିଷୟକୁ ଆଧୁନିକ ଶବ୍ଦ ଦ୍ୱାରା ବ୍ୟକ୍ତ କରାଯାଇଛି । ତୁମେମାନେ ଏସବୁ ବିଷୟରେ ଶୁଣିଛ କି ନାହିଁ ମୁଁ ଜାଣି ନାହିଁ, ମାତ୍ର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ଉଦାହରଣ ସ୍ୱରୂପ, ଗୋଟିଏ ଘାଆ ଉପରେ ନୂଆ ଚମ ଆଣି ଲଗାଇବାର କ୍ଷେତ୍ରରେ ଜଣେ ବ୍ୟକ୍ତି ଉପରେ ସମ୍ମୋହନର ଏହି ପ୍ରକ୍ରିୟାଟିକୁ ପ୍ରୟୋଗ କରାଯାଇଛି । ବର୍ତ୍ତମାନ ସେହି ବିଷୟରେ ମୋର ଟିକିନିଖି ସବୁ କଥା ମନେ ନାହିଁ ସତ, ମାତ୍ର ଏତିକି ମନେ ଅଛି ଯେ ସେଥିରେ ପନ୍ଦରଦିନ କାଳ ବାହୁଟିକୁ ଗୋଡ଼ ସହିତ ଲଗାଇ ରଖି ଦିଆଯାଇଥିଲା । ଯଦି ସେହି ବ୍ୟକ୍ତିଟିକୁ ପ୍ଲାଷ୍ଟର୍, ପଟି ଓ ଯାବତୀୟ ପ୍ରକାରର ବସ୍ତୁ ଦ୍ୱାରା ଅଚଳ କରି ରଖି ଦିଆଯାଇ ଥାଆନ୍ତା, ତେବେ ପନ୍ଦର ଦିନ ପରେ ସେ ଚଳତ୍‌ଶକ୍ତିରହିତ ହୋଇ ଯାଇଥା'ନ୍ତା । ତା'ର ସବୁକିଛି ଅଚଳ ହୋଇ ପଡ଼ିଥା'ନ୍ତା ଏବଂ ପୁନର୍ବାର ବାହୁଟିକୁ ମୁକ୍ତ ଭାବରେ ବ୍ୟବହାର କରିବାଲାଗି ତା'ଲାଗି ଆହୁରି ଅନେକ ସପ୍ତାହର ଚିକିତ୍ସା ଲୋଡ଼ା ହୋଇଥା'ନ୍ତା । ମାତ୍ର, ଏହି କ୍ଷେତ୍ରଟିରେ କିଛି ବାନ୍ଧି କରି ରଖାହୋଇ ନ ଥିଲା, ଶାରୀରିକ ଦୃଷ୍ଟିରୁ କୌଣସିଟି ଅଚଳ ହୋଇ ରହି ନ ଥିଲା; ପ୍ଲାଷ୍ଟର୍, ପଟି କିଂବା ଆଉ କିଛିହେଲେ ଦିଆ ଯାଇ ନ ଥିଲା । ଲୋକଟିକୁ ଖାଲି ସମ୍ମୋହିତ କରି ରଖା ଯାଇଥିଲା ଓ ଆପଣାର ବାହୁକୁ ସେହି ସ୍ଥିତିରେ ରଖିବାଲାଗି ତାକୁ କହିଦିଆ ଯାଇଥିଲା । କୌଣସି ପ୍ରକାର ଆୟାସ ଅଥବା କଷ୍ଟ ନ କରି ସିଏ ଏହିଟିକୁ ପନ୍ଦର ଦିନ ପାଇଁ ସେହିପରି ରଖିଲା, ତା'ର ଇଚ୍ଛାଶକ୍ତିରୁ ସେଥିଲାଗି କୌଣସି ହସ୍ତକ୍ଷେପ କରିବାକୁ ପଡ଼ି ନ ଥିଲା । କେବଳ ସମ୍ମୋହନକାରୀର ଇଚ୍ଛାହିଁ ଯାହାକିଛି ହସ୍ତକ୍ଷେପ କରିଥିଲା । ଏହା ସମ୍ପୂର୍ଣ୍ଣ ଭାବରେ ସଫଳ ହେଲା, ବାହୁଟି ଆବଶ୍ୟକ ସ୍ଥାନରେ ରହି ପାରିଲା; ଏବଂ ଯେତେବେଳେ ପନ୍ଦର ଦିନ ପୂରିଗଲା ଏବଂ ସମ୍ମୋହନର ପ୍ରଭାବଟିକୁ ଅପସରାଇ ନିଆଗଲା, ସେତେବେଳେ ବ୍ୟକ୍ତିଟିକୁ "ବର୍ତ୍ତମାନ ତୁମେ ଚଲାବୁଲା କରିପାର" ବୋଲି କୁହାଗଲା । ଏବଂ ସେ ସଙ୍ଗେ ସଙ୍ଗେ ଚାଲିବୁଲି ପାରିଲା । ଏହାକୁ ନିଶ୍ଚୟ ଆଗକୁ-ଏକ ପଦକ୍ଷେପ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ସେମାନେ ବର୍ତ୍ତମାନ ଏକ ସମ୍ମିଳନୀରେ ଏକତ୍ର ହେବାକୁ ଯାଉଛନ୍ତି,— ଶବ୍ଦ ପ୍ରୟୋଗର ଏକ ପ୍ରଶ୍ନ ବ୍ୟତୀତ ଏହା ପ୍ରକୃତରେ ଆଉ କିଛି ହେବାକୁ ଯାଉ ନାହିଁ । ଏବଂ, ଯଦି ସେମାନେ ଅତିବେଶୀ ଗ୍ରହଣକାତର ନ ହୁଅନ୍ତି, ତେବେ ଶବ୍ଦଗୁଡ଼ିକୁ ଦିଆଯାଇ ଥିବା ମୂଲ୍ୟ ବିଷୟରେ ସେମାନଙ୍କର କଦାପି ଅସହମତି ହେବ ନାହିଁ ।

*ମାଆ, କୁହା ଯାଇଥାଏ ଯେ, ଯେଉଁ ବ୍ୟକ୍ତି ଉପରେ ସମ୍ମୋହନର ପ୍ରୟୋଗ କରାଯାଏ, ପରେ ତା'ଉପରେ ସେହି ସମ୍ମୋହନର ଏକ ଖରାପ ପ୍ରଭାବ ପଡ଼ିଥାଏ ।*

ନାଇଁ, ନାଇଁ । ଯଦି ଆପଣାର ଇଚ୍ଛାଟିକୁ ନେଇ ଆଉଜଣକ ଉପରେ ଲଦି ଦେବା ପାଇଁ କେହି ସମ୍ମୋହନ-ବିଦ୍ୟାର ପ୍ରୟୋଗ କରେ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ଅନ୍ୟ ବ୍ୟକ୍ତିଟି ଲାଗି ତାହା ଅତ୍ୟନ୍ତ କ୍ଷତିକାରକ ହୋଇଥାଏ । ମାତ୍ର, ମାନବହିତକର କାର୍ଯ୍ୟରେ ଓ ନିର୍ଦ୍ଦିଷ୍ଟ କାରଣଗୁଡ଼ିକ ହେତୁ ଯେଉଁ ସମ୍ମୋହନ-ବିଦ୍ୟାର ପ୍ରୟୋଗ କରାଯାଏ, ଏଠାରେ ଆମେ ତାହାରି ଆଲୋଚନା କରୁଛୁ ।

ସମ୍ମୋହନକାରୀର ମନରେ ଯଦି କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥାଏ, ତେବେ ଯାବତୀୟ ମନ୍ଦ ପରିଣାମକୁ ମଧ୍ୟ ନିଶ୍ଚୟ ବାଦ୍ ଦିଆଯାଇ ପାରିବ ।

ଯଦି ତୁମେ ଅଜ୍ଞାନ ଭାବରେ ରାସାୟନିକ ସୂତ୍ରଗୁଡ଼ିକୁ ବ୍ୟବହାର କରିବ, ତେବେ ସେଥିରୁ ହୁଏତ ଏକ ବିସ୍ଫୋରଣ ବି ଘଟି ପାରିବ । (*ସମସ୍ତେ ହସି ଉଠିଲେ*) ଏବଂ ତାହା ପ୍ରକୃତରେ ଭାରି ବିପଜ୍ଜନକ ହେବ । ଠିକ୍ ସେହିପରି, ଯଦି ଅଜ୍ଞାନର ବଶବର୍ତ୍ତୀ ହୋଇ ତୁମେ ଗୁପ୍ତବିଦ୍ୟାର ସୂତ୍ରଗୁଡ଼ିକୁ ବ୍ୟବହାର କରିବ, ବା ଅହଂକାରପ୍ରଣୋଦିତ ହୋଇ ସେଗୁଡ଼ିକର ବ୍ୟବହାର କରିବ,— ଅଜ୍ଞାନର ବଶବର୍ତ୍ତୀ ହୋଇ ସେଗୁଡ଼ିକ ବ୍ୟବହାର କରିବାଠାରୁ ଏହା ଆହୁରି ଖରାପ,— ତେବେ ତଦ୍ଦ୍ୱାରା ନିଶ୍ଚୟ ଅନିଷ୍ଟକାରୀ ପରିଣାମମାନ ଘଟିବାର ସମ୍ଭାବନା ରହିଥିବ । ମାତ୍ର ସେଥିଲାଗି ଆମେ ଏପରି କଦାପି ବୁଝିବା ନାହିଁ ଯେ ଗୁପ୍ତବିଦ୍ୟା ହେଉଛି ଖରାପ, ସମ୍ମୋହନ-ବିଦ୍ୟା ଖରାପ କିଂବା ରସାୟନ-ବିଦ୍ୟା ବି ଖରାପ । ବିସ୍ଫୋରଣ ଘଟାଉଥିବା ଲୋକ ଏହି ପୃଥିବୀରେ ଅଛନ୍ତି ବୋଲି ତୁମେ କ'ଣ ରସାୟନ-ଶାସ୍ତ୍ରକୁ ନିଷିଦ୍ଧ କରି ରଖିବ କି ? (*ସମସ୍ତେ ହସି ଉଠିଲେ*)

*ଗୁପ୍ତବିଦ୍ୟା ଶିକ୍ଷା କରିବା ପାଇଁ ବିଶେଷ ଗୁଣମାନ ରହିଥିବା ଆବଶ୍ୟକ, ମାତ୍ର ବିଜ୍ଞାନଶିକ୍ଷା କରିବା ପାଇଁ...*

'oaob.nitrkl.ac.in' images reprocessed

ମାତ୍ର ପ୍ରତ୍ୟେକ ଜିନିଷ ପାଇଁ ବିଶେଷ ଗୁଣମାନ ରହିଥିବା ଆବଶ୍ୟକ ।

*ବୈଜ୍ଞାନିକ ଜ୍ଞାନ ତ ସମସ୍ତେ ଅର୍ଜନ କରିପାରିବେ ।*

ଶୁଣ, ଯଦି ତୁମେ କଳାବିତ୍ ହୋଇ ନ ଥିବ, ତେବେ ତୂଳୀ, ରଙ୍ଗ, କାନଭାସ୍ ନେଇ ତୁମେ ହୁଏତ ବର୍ଷ ବର୍ଷ କାମ କରିବ, ହୁଏତ ଅଜସ୍ର ପଇସା ଖର୍ଚ୍ଚ କରିବ ଓ ସେଥିଲାଗି ଅଜସ୍ର ସମୟ ଦେବ ପଛକେ, ତଥାପି କେବଳ ଭୟଙ୍କର ଛବିମାନ ଆଙ୍କିବାରେ ଲାଗିଥିବ । ଯଦି ତୁମେ ସଙ୍ଗୀତକାର ହୋଇ ନ ଥିବ, ତେବେ କେତେ ଶ୍ରମ କରି ତୁମେ ଘଣ୍ଟା ଘଣ୍ଟା ଧରି ପିଆନୋ ବଜାଉଥିବ ପଛକେ, ମାତ୍ର ତୁମ ଦ୍ୱାରା ଉଲ୍ଲେଖଯୋଗ୍ୟ କିଛିହେଲେ ସୃଷ୍ଟି ହୋଇପାରିବ ନାହିଁ । ତେଣୁ ସବୁକ୍ଷେତ୍ରରେହିଁ ବିଶେଷ ଗୁଣଗୁଡ଼ିକର ଆବଶ୍ୟକତା ରହିଥାଏ... କାହିଁକି, ଏପରିକି ଜଣେ ଖେଳାଳିର କ୍ଷେତ୍ରରେ ମଧ୍ୟ,— ଯଦି ତୁମେ ଜଣେ ଖେଳାଳି ହେବାକୁ ଜନ୍ମ ହୋଇ ନ ଥାଅ, ତେବେ ତୁମେ ହୁଏତ କଠିନ କେତେ ଉଦ୍ୟମ କରିପାର, ତଥାପି ତୁମେ କେବଳ ଅତ୍ୟନ୍ତ ମଧ୍ୟମ ଓ ସାଧାରଣ ସ୍ତରରହିଁ କିଛି କରିବାକୁ ସମର୍ଥ ହେବ । ଯିଏ ସେଦିଗରେ ଆଦୌ କିଛି ଚେଷ୍ଟା କରୁ ନାହିଁ, ତୁମର ଖେଳ ତାହା ଅପେକ୍ଷା ହୁଏତ କିଞ୍ଚିତ୍ ଭଲ ହେବ ସତ, ମାତ୍ର ତା'ର ଆଦୌ ଅର୍ଥ ନୁହେଁ ଯେ ତୁମେ ତାହାରି ଫଳରେହିଁ ଛାଏଁ ଛାଏଁ ସଫଳତା ଲାଭ କରିବ । ପୁନଶ୍ଚ, ଆହୁରି ପାଦେ ଆଗକୁ ଯାଇ କହିଲେ, ପ୍ରତ୍ୟେକ ବ୍ୟକ୍ତି ଭିତରେ ଅଗଣିତ କେତେକେତେ ସମ୍ଭାବନା ରହିଛି, ସିଏ ସେହି ବିଷୟରେ ସଂପୂର୍ଣ୍ଣ ଅସଂଜ୍ଞାନ ହୋଇ ରହିଛି, ଏବଂ କୌଣସି ବିଷୟର ଅନୁଶୀଳନ ଯେପରି ହେବା ଉଚିତ, ସିଏ ସେହିପରି କଲେ ଯାଇ ତା' ଜୀବନରେ ସେଗୁଡ଼ିକର ବିକାଶ ହୋଇପାରୁଛି । ମାତ୍ର ଅଗ୍ରଗତି କହିଲେ କେବଳ ଗୋଟିଏ ପ୍ରକାରର ନୁହେଁ, ଦୁଇ ପ୍ରକାରର ଅଗ୍ରଗତି ରହିଛି । ଗୋଟିଏ 'ଅଗ୍ରଗତିରେ ତୁମ ଭିତରେ ରହିଥିବା ସାମର୍ଥ୍ୟ, ସମ୍ଭାବନା, ଶକ୍ତି ଓ ଗୁଣଗୁଡ଼ିକ ଅଧିକରୁ ଅଧିକ ପରିପୂର୍ଣ୍ଣତା ଲାଭ କରିଥା'ନ୍ତି । ସାଧାରଣତଃ ଶିକ୍ଷାଦ୍ୱାରାହିଁ ଏହି ଅଗ୍ରଗତି ସମ୍ଭବ ହୋଇଥାଏ । ମାତ୍ର, ଯଦି ତୁମେ ଏକ ଗଭୀରତର ସତ୍ୟର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ କିଞ୍ଚିତ୍ ଅଧିକ ସଂପୂର୍ଣ୍ଣ ବିକାଶ ଲାଗି ଅଭିଳାଷ ରଖ ଓ ସେହି ଅନୁସାରେ କାର୍ଯ୍ୟ କର, ତେବେ, ତୁମଠାରେ ଆଗରୁ ଯେତେଯେତେ ଗୁଣ ରହିଥିବ, ସେଗୁଡ଼ିକ ସହିତ ତୁମେ ଏପରି ଅନେକ ଅନ୍ୟ ନୂତନ ଗୁଣର ଅର୍ଜନ ମଧ୍ୟ କରିପାରିବ, ଯାହାକି ତୁମର ସତ୍ତା ମଧ୍ୟରେ ସୁପ୍ତ ହୋଇ ରହିଥିବା ପରି ମନେ ହେଉଥିବ ।

ତୁମେ ନିଜର ସମ୍ଭାବନାଗୁଡ଼ିକୁ ବହୁଗୁଣିତ କରିଦେଇପାରିବ, ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଅନେକ ବୃହତ୍ କରିପାରିବ ଓ ସେଗୁଡ଼ିକରେ ବୃଦ୍ଧି ମଧ୍ୟ ଘଟାଇପାରିବ । ତୁମେ ନିଜ ଭିତରେ ହଠାତ୍ ଏପରି ଏକ ସାମର୍ଥ୍ୟର ବିକାଶ କରି ଆଣିପାରିବ, ଯାହାକି ତୁମ ଭିତରେ ପ୍ରକୃତରେ ଥିଲା ବୋଲି ତୁମେ ଆଗରୁ କେବେହେଲେ ଭାବି ନ ଥିଲ । ଏହି କଥାଟିକୁ ମୁଁ ତୁମମାନଙ୍କୁ କେତେଥର ବୁଝାଇକରି କହିଛି । ଯେତେବେଳେ ତୁମେ ଭିତରେ ରହିଥିବା ନିଜର ଚୈତ୍ୟ ସତ୍ତାଟିର ଆବିଷ୍କାର କରିପାରିବ, ସେତେବେଳେ, ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ, ସେହି ସଙ୍ଗେ ସଙ୍ଗେ ଏପରି ଅନେକ ବସ୍ତୁର ବିକାଶ ଏବଂ ଅଭିବ୍ୟକ୍ତି ହେବାକୁ ଆରମ୍ଭ କରିବ, ଯାହାକି ତୁମେ ଆଗରୁ କେବେହେଲେ କରିପାରୁ ନ ଥିଲ ଏବଂ ତୁମ ପ୍ରକୃତି ଭିତରେ ସେଇଟି ପ୍ରକୃତରେ ରହିଛି ବୋଲି ତୁମେ ହୁଏତ ଚିନ୍ତାହିଁ କରି ନ ଥିଲ । ଏହାର କେତେ କେତେ ଦୃଷ୍ଟାନ୍ତ ମୋ'ପାଖରେ ରହିଛି । ନିମ୍ନଲିଖିତ ଦୃଷ୍ଟାନ୍ତଟି ମୁଁ ଆଗରୁ ମଧ୍ୟ ଦେଇଛି, ମାତ୍ର ମୋ' କଥାଟିକୁ ତୁମେମାନେ ଭଲ କରି ବୁଝିପାରିବ ବୋଲି ମୁଁ ବର୍ତ୍ତମାନ ସେଇଟିର ପୁନରାବୃତ୍ତି କରୁଛି ।

ମୁଁ ଜଣେ ଅଳ୍ପବୟସ୍କା ଝିଅକୁ ଜାଣିଥିଲି, ଯିଏ କି ଏକ ଅତି ସାଧାରଣ ପରିବେଶରେ ଜନ୍ମଗ୍ରହଣ କରିଥିଲା । ସିଏ ପିଲାଦିନେ କୌଣସି ଉତ୍ତମ ଶିକ୍ଷା ଲାଭ କରି ନ ଥିଲା ଏବଂ ଭାରି ଅସନା କରି ଫରାସୀ ଲେଖିପାରୁଥିଲା । ଝିଅଟିର କଳ୍ପନାଶକ୍ତିରେ ଯଥେଷ୍ଟ ବିକାଶ ହୋଇ ନ ଥିଲା ଏବଂ ତା'ଠାରେ ସାହିତ୍ୟିକ ବୋଧ ବୋଲି ଆଦୌ କିଛିହେଲେ ନ ଥିଲା । ଏହିସବୁ କୌଣସି ସମ୍ଭାବନାହିଁ ତା'ପାଖରେ ନାହିଁ ବୋଲି ବୋଧ ହେଉଥିଲା । ଏବଂ, ତା'ପରେ ନିଜ ଚୈତ୍ୟ ସତ୍ତାର ସଂସ୍ପର୍ଶ ଲାଭ କରିବାର ତା'ର ଏକ ଅନ୍ତର୍ଗତ ଅନୁଭୂତି ହେଲା, ଏବଂ ସେହି ସଂସ୍ପର୍ଶଟି ଜୀବନ୍ତ ଓ ସ୍ପଷ୍ଟ ଭାବରେ ବିଦ୍ୟମାନ ରହିଥିବା ପର୍ଯ୍ୟନ୍ତ ସିଏ ପ୍ରକୃତରେ ଅଦ୍ଭୁତ ଚମତ୍କାରିତା ସହିତ କେତେ କ'ଣ ଲେଖିପାରିଲା । ସେହି ଅବସ୍ଥାଟିରୁ ସେ ପୁଣି ଯେତେବେଳେ ସାଧାରଣ ଅବସ୍ଥାକୁ ଫେରି ଆସିଲା, ସେତେବେଳେ ସେ ନିର୍ଭୁଲ ଭାବରେ ଦୁଇଟି ବାକ୍ୟକୁ ମଧ୍ୟ ଏକାଠି ଲେଖିପାରିଲା ନାହିଁ । ଏବଂ, ତା' ଲେଖାରେ ମୁଁ ଦୁଇଟିଯାକ ପ୍ରକାରର ନମୁନା ପାଇ ଯାଇଥିଲି ।

ଆମ ସମସ୍ତଙ୍କ ଭିତରେ ପ୍ରତିଭା ରହିଛି, ଏକ ପ୍ରତିଭାଶାଳୀ ବ୍ୟକ୍ତି ଲୁକ୍କାୟିତ ହୋଇ ରହିଛି । ଆମେ ସେବିଷୟରେ କିଛି ଜାଣିପାରୁ ନାହୁଁ । ସେହି ପ୍ରତିଭାର ଯେପରି ବିକାଶ ହୋଇପାରିବ, ଆମକୁ ତାହାର ବାଟ ଖୋଜି ବାହାର କରିବାକୁ ହେବ । ମାତ୍ର ସେହି ପ୍ରତିଭା ପ୍ରକୃତରେ ସେଠାରେ ସୁପ୍ତ ହୋଇ ରହିଛି । ସିଏ ସର୍ବୋପରି ଅଭିବ୍ୟକ୍ତ ହେବା ଲାଗିହିଁ ଅଭିଳାଷ ପୋଷଣ କରିରହିଛି । ଆମକୁ ତାହାରି ଲାଗି ଦୁଆରଟିକୁ ଖୋଲିଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ୧୭ ସେପ୍ଟେମ୍ବର ୧୯୫୮

"ପ୍ରକୃତି ମନୁଷ୍ୟ ମଧ୍ୟରେ ଏହି ଯେଉଁ ଉଚ୍ଚତମ ଜ୍ଞାନର ପ୍ରକାଶ ଘଟାଇବାକୁ ଚାହୁଁଛି, ବୁଦ୍ଧି ଦ୍ୱାରା ତାହା ଆଡ଼କୁ ଅଗ୍ରସର ହେବା ଏବଂ ମନରେ ତାହାକୁ ଧାରଣ କରି ରଖିବା ଦ୍ୱାରା ତାହା ସେଥିଲାଗି ଏକ ଅପରିହାର୍ଯ୍ୟ ସହାୟକ ରୂପେ କାର୍ଯ୍ୟ କରିବ । ସାଧାରଣତଃ ଆମ ଅସ୍ତିତ୍ୱର ଏହି ଉପରିସ୍ଥ ଭୂମିଟିରେ ବୁଦ୍ଧିଗତ ବୋଧ ଅର୍ଥାତ୍ ପର୍ଯ୍ୟବେକ୍ଷଣ କରୁଥିବା, ବୁଝିବାକୁ ଚେଷ୍ଟା କରୁଥିବା ଓ ବ୍ୟବସ୍ଥାବଦ୍ଧ କରି ରଖୁଥିବା ବୁଦ୍ଧିହିଁ ମନୁଷ୍ୟର ଭାବନା ତଥା କ୍ରିୟାର ସର୍ବମୁଖୀ ସାଧନରୂପେ କାର୍ଯ୍ୟ କରିଥାଏ । ଚିତ୍‌ସତ୍ତାର ଯେକୌଣସି ସମଗ୍ର ଅଗ୍ରଗତି ବା ପରିଣତିରେ କେବଳ ଯେ ବୋଧି, ଅନ୍ତଃଦୃଷ୍ଟି, ଅନ୍ତର୍ଗତ ବୋଧ, ହୃଦୟନିଷ୍ଠା ତଥା ବସ୍ତୁଗୁଡ଼ିକ ବିଷୟରେ ଏକ ଗଭୀର ଓ ଅପରୋକ୍ଷ ଜୀବନାନୁଭୂତିର ବିକାଶ ସାଧନ କରାଇବାକୁ ହେବ, ତା' ନୁହେଁ, ଆମର ବୁଦ୍ଧିକୁ ମଧ୍ୟ ଆଲୋକିତ କରିବାକୁ ପଡ଼ିବ, ବୁଦ୍ଧିର ତୃପ୍ତିବିଧାନ କରିବାକୁ ହେବ । ଆମ ପ୍ରକୃତି ଓ ତା' ପଛରେ ଯେଉଁ ଗୋପନ ସତ୍ୟ ଅନ୍ତର୍ନିହିତ ରହିଛି, ତାହାର ସର୍ବୋଚ୍ଚ ପରିଣତି ତଥା କ୍ରିୟାର ଉଦ୍ଦେଶ୍ୟ, ପ୍ରଣାଳୀ ଓ ତତ୍ତ୍ୱଗୁଡ଼ିକୁ ବୁଝିବାରେ ଏବଂ ସେଗୁଡ଼ିକ ସମ୍ବନ୍ଧରେ ଏକ ଯୁକ୍ତିଯୁକ୍ତ ଓ ସୁସମ୍ବଦ୍ଧ ଧାରଣା କରି ପାରିବାରେ ଭାବନା ଓ ବିଚାରଶୀଳ ମନକୁ ସବୁପ୍ରକାରେ ସାହାଯ୍ୟ କରିବାକୁ ପଡ଼ିବ । ଆଧ୍ୟାତ୍ମିକ ଉପଲବ୍ଧି ଆଧ୍ୟାତ୍ମିକ ଅନୁଭୂତି, ଏକ ବୋଧିସମ୍ଭୂତ ଅପରୋକ୍ଷ ଜ୍ଞାନ, ଅନ୍ତର୍ଗତ ଚେତନାର ଅଭିବୃଦ୍ଧି, ଆତ୍ମାର ଅଭିବୃଦ୍ଧି ଏବଂ ଏକ ଅନ୍ତରଙ୍ଗ ଆତ୍ମବୋଧର ଅଭିବୃଦ୍ଧି,– ଏଗୁଡ଼ିକ ଯେ ବାସ୍ତବିକ ଏହି ବିକାଶମାର୍ଗର ସର୍ବୋପଯୁକ୍ତ ସାଧନ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ବିଚାର ଓ ସମୀକ୍ଷାର ସାମର୍ଥ୍ୟ ରଖିଥିବା ବୁଦ୍ଧିର ସମର୍ଥନ ମଧ୍ୟ ଏହି କ୍ଷେତ୍ରରେ ଆଦୌ କମ୍ ମୂଲ୍ୟବାନ୍ ନୁହେଁ । ଅନ୍ତର୍ଗତ ସତ୍ୟଗୁଡ଼ିକ ସହିତ ସୁସ୍ପଷ୍ଟ ଓ ପ୍ରତ୍ୟକ୍ଷ ସଂପର୍କ ରଖି ପାରିଛନ୍ତି ବୋଲି ଓ କେବଳ ଅନୁଭୂତି ଓ ଅନ୍ତଃଦୃଷ୍ଟି ନେଇ ସନ୍ତୁଷ୍ଟ ରହିପାରୁଛନ୍ତି ବୋଲି ଯଦି ଅନେକେ ବୁଦ୍ଧିର କୌଣସି ସାହାଯ୍ୟ ନ ନେଇ ବେଶ୍ ଅଗ୍ରସର ହୋଇ ପାରିଥାନ୍ତି, ତଥାପି ସମଗ୍ର ପରିଣାମଧାରାଟି ମଧ୍ୟରେ ବୁଦ୍ଧିକୁ ଅପରିହାର୍ଯ୍ୟ ବୋଲି ମାନିବାକୁ ପଡ଼ିବ । ଯଦି ସର୍ବୋଚ୍ଚ ପରମସତ୍ୟଟି ଏକ ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

*ସତ୍ୟ ହୋଇଥାଏ, ତେବେ ସେହି ସର୍ବମୂଳ ସତ୍ୟଟିର ଯଥାର୍ଥ ସ୍ୱଭାବ କ'ଣ, ଅବଶିଷ୍ଟ ଅସ୍ତିତ୍ୱଟି ସହିତ, ଆମ ସହିତ ତଥା ବିଶ୍ୱଜଗତ ସହିତ ତାହାର କେଉଁଭଳି ସମ୍ବନ୍ଧମାନ ରହିଛି, ମନୁଷ୍ୟର ବୁଦ୍ଧି ଲାଗି ସେସବୁ ଜାଣିବାର ଆବଶ୍ୟକତା ସବୁବେଳେ ରହିଛି । ଏକଥା ସତ ଯେ କେବଳ ଆପଣା ଗୋଡ଼ରେ ଠିଆ ହୋଇ ବୁଦ୍ଧି ଆମକୁ କଦାପି ଆଧ୍ୟାତ୍ମିକ ପରମସତ୍ୟର ସାକ୍ଷାତ ସଂସ୍ପର୍ଶରେ ଆଣିପାରିବ ନାହିଁ, ମାତ୍ର ତଥାପି ପରମ ଚିତ୍‌ସତ୍ତାର ସତ୍ୟକୁ ଏକ ମନୋଗତ ରୂପାୟଣ ଦେଇ ମନର ଭୂମିରେ ତାହାର ଏକ ତାତ୍ପର୍ଯ୍ୟ ଫୁଟାଇଦେଇ ବୁଦ୍ଧି ସାଧନାର ସହାୟକ ହୋଇପାରେ; ଏପରିକି ଅଧିକତର ପ୍ରତ୍ୟକ୍ଷ ସାଧନାର କ୍ଷେତ୍ରରେ ମଧ୍ୟ ବୁଦ୍ଧିର ପ୍ରୟୋଗ କରାଯାଇପାରେ । ଏବଂ ଏହିଭଳି ସହାୟକ ହେବାରେ ଯେ ଏକ ବିଶେଷ ମୂଲ୍ୟ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।''*

ଦିବ୍ୟ ଜୀବନ,(ଇଂ) ପୃଷ୍ଠା ୮୭୭-୭୮

*ମାଆ, ଶ୍ରୀଅରବିନ୍ଦ ଏଠାରେ ''ଉଚ୍ଚତମ ଜ୍ଞାନ ଆଡ଼କୁ ବୁଦ୍ଧି ଦ୍ୱାରା ଅଗ୍ରସର ହେବା ଏବଂ ମନରେ ତାହାକୁ ଧାରଣ କରିବା'' ବୋଲି ଲେଖିଛନ୍ତି । ଏକଥା କିପରି ସମ୍ଭବ ହେବ ?*

ଆଧ୍ୟାତ୍ମିକ ଜଗତରେ ଆମ ଜୀବନରେ ଯାହାକିଛି ଘଟେ ତାହାକୁ ମନର ଭୂମି ଉପରେ ଉକୁଟାଇ ଆଣିବାକୁ ଆମ ଭିତରେ ସର୍ବଦା ଏକ ପ୍ରବୃତ୍ତି ରହିଥାଏ । ଆମେ ତାହାର ନିଜ ପାଖରେ ବ୍ୟାଖ୍ୟା କରିଦେବାକୁ ଇଚ୍ଛା କରୁ, ସେଥିରୁ ସିଦ୍ଧାନ୍ତଗୁଡ଼ିକର ନିରୂପଣ କରୁ, ଅନୁଭୂତିଟିକୁ ଏକ କର୍ମବିଧାନରେ ପରିଣତ କରି ରଖୁ ଏବଂ ଯେଉଁ ଘଟଣାଟି ଘଟିଛି, ମନୋଭୂମିରେ ସେଥିରୁ ଉପକୃତ ହୋଇଥାଉ । ଆମର ଅନୁଭୂତିଟିକୁ ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ଏକ ଉପଯୋଗୀ ବସ୍ତୁରୂପେ ରୂପାନ୍ତରିତ କରିଦେଇ ପାରିବା ଉଦ୍ଦେଶ୍ୟରେ ଆମେ ସେହିସବୁ କରିଥାଉ । ''ମନରେ ତାହାକୁ ଧାରଣ କିରବା'' ବୋଲି କହି ଶ୍ରୀଅରବିନ୍ଦ ତାହାହିଁ କହିଛନ୍ତି । ଏପରି କୁହାଯାଇ ପାରିବ ଯେ ଏଇଟିକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ କରାଯାଇଥାଏ । ଅବଶ୍ୟ ଏକଥା ଭାରି ଦୁର୍ଭାଗ୍ୟଜନକ ଯେ ଅଭିଜ୍ଞତାର ସର୍ବୋତ୍ତମ ଭାଗଟିହିଁ ଆମଠାରୁ ଏଡିହୋଇ ଚାଲି ଯାଇଥାଏ; ଏବଂ ତା'ପରେ, ଯଦି ଆମେ ତାହାକୁ ଅକ୍ଷୁଣ୍ଣ ରଖିବାକୁ ଇଚ୍ଛା କରୁଥାଉ, ତେବେ ଆମକୁ ସର୍ବଦା ଏପରି ଏକ ସ୍ଥିତିରେ ରହିଥିବାକୁ ହେବ, ଯେଉଁଥିରେ କି ଅଭିଜ୍ଞତାଟି ମନର ଭୂମିଟି ଭିତରକୁ କଦାପି ସ୍ଖଳିତ ହୋଇ

'oaob.nitrkl.ac.in' images reprocessed

ଆସିବ ନାହିଁ । ଏବଂ, ଯଦି ଆମେ ବାହ୍ୟ ପୃଥିବୀଟିରେ ବାସ କରୁଥିବା, ତେବେ ଏକଥା ବସ୍ତୁତଃ ଅସମ୍ଭବହିଁ ହୋଇ ପଡ଼ିବ । ସେହି କାରଣରୁହିଁ, ଯେଉଁମାନେ ମନର ଯାବତୀୟ ହସ୍ତକ୍ଷେପରୁ ଦୂରରେ ରହି ଆପଣାର ଆଧ୍ୟାତ୍ମିକ ଅନୁଭୂତିଗୁଡ଼ିକୁ ନେଇ ସମାହିତ ହୋଇ ରହିବାକୁ ଇଚ୍ଛା କରୁଥିଲେ, ସେମାନେ ଭାବାବିଷ୍ଟ ଅବସ୍ଥାରେ ରହୁଥିଲେ ଏବଂ କ୍ରିୟାଶୀଳତାର ସ୍ତରକୁ ଓହ୍ଲାଇ ନ ଆସିବାକୁ ଭାରି ସାବଧାନ ହୋଇ ରହୁଥିଲେ । ମାତ୍ର, ଯଦି ଆମେ ଜୀବନର ରୂପାନ୍ତର ଘଟୁ ବୋଲି ଇଚ୍ଛା କରୁଥିବା, ଆଧ୍ୟାତ୍ମିକ ଅନୁଭୂତିଟିର ମନ, ପ୍ରାଣ ଓ ଦେହର ଭୂମି ଉପରେ ମଧ୍ୟ କିଛି ପ୍ରଭାବ ପଡୁ ବୋଲି ଯଦି ଆମେ ଚାହୁଁଥିବା, ଆମର ଦୈନନ୍ଦିନ ଯାବତୀୟ କାର୍ଯ୍ୟକୁ ମଧ୍ୟ ତାହା ପ୍ରଭାବିତ କରୁ ବୋଲି ଯଦି ଆମେ ଇଚ୍ଛା କରୁଥିବା, ତେବେ ଏକଥା ଅପରିହାର୍ଯ୍ୟ ଯେ ଆମେ ତାହାକୁ ମନୋଭୂମିରେ ମଧ୍ୟ ଅଭିବ୍ୟକ୍ତ କରିଦେବା ଲାଗି ଚେଷ୍ଟା କରିବା ଏବଂ ଏହି ଅନିବାର୍ଯ୍ୟ ହ୍ରାସଟିକୁ ସ୍ୱୀକାର ମଧ୍ୟ କରିନେବା । ମନ ସ୍ୱୟଂ ରୂପାନ୍ତରିତ ହୋଇଯିବା ପର୍ଯ୍ୟନ୍ତ ଏବଂ ଆଧ୍ୟାତ୍ମିକ ଅନୁଭୂତିଟିକୁ କୌଣସି ପ୍ରକାରେ ବିକୃତ କରି ନ ଦେଇ ସେଥିରେ ଅଂଶଗ୍ରହଣ କରିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ଆମକୁ ସେହି କଥାଟିକୁ କରିବାକୁ ପଡ଼ିବ ।

ଆମେ ଯେଉଁ କାର୍ଯ୍ୟଟିକୁ ସାଧନ କରିବାକୁ ଇଚ୍ଛା କରୁଛୁ, ତାହା ଆହୁରି ଅଧିକ କଷ୍ଟକର; କାରଣ ଆମେ ପ୍ରାଣିକ ସ୍ତରଟିର ରୂପାନ୍ତରଟି ମଧ୍ୟ ଇଚ୍ଛା କରୁଛୁ ଏବଂ ପ୍ରାଣିକ ଭୂମି ଅନୁଭୂତିଟିକୁ କୌଣସି ପ୍ରକାରେ ବିକୃତ କରି ନ ଦେଇ ଯେପରି ସେଥିରେ ଅଂଶଗ୍ରହଣ କରିପାରିବ, ଆମେ ସେହି କଥାହିଁ ଚାହୁଁଛୁ । ଏବଂ, ଆମେ ପରିଶେଷରେ ଭୌତିକ ସତ୍ତାଟି ଅର୍ଥାତ୍ ଏହି ଶରୀରଟି ମଧ୍ୟ ଏହି ଆଧ୍ୟାତ୍ମିକ କ୍ରିୟାଟି ଫଳରେ ରୂପାନ୍ତରିତ ହୋଇଯାଉ ଓ ଅନୁଭୂତିଟି ଲାଗି କୌଣସି ପ୍ରକାରେ ଏକ ପ୍ରତିବନ୍ଧକ ହୋଇ ନ ରହୁ ବୋଲି ଇଚ୍ଛା କରୁଛୁ ।

ଠିକ୍ ଏହି ରୂପାନ୍ତରଟିକୁ ସ୍ୱୀକାର କରିବାହିଁ ସାଧାରଣ ଭାବନା ପକ୍ଷରେ ସବୁଠାରୁ ଅଧିକ କଷ୍ଟକର ହୋଇ ରହିଛି, କାରଣ ଏଥିଲାଗି ସ୍ୱୟଂ ସେହି ଭାବନା-ସାମର୍ଥ୍ୟଟିରହିଁ ଏକ ରୂପାନ୍ତର ଆବଶ୍ୟକ ରହିଛି । ଏହି ରୂପାନ୍ତରଟିକୁ ସମ୍ଭବ କରିବାକୁ ହେଲେ ସେହି ଭାବନାର ସମୁଦାୟ କ୍ରିୟାତ୍ମକତାଟିରେହିଁ ଏକ ପରିବର୍ତ୍ତନ ଘଟାଇବାକୁ ପଡ଼ିବ । ଏବଂ, ଆମେ ସେହି ସାମର୍ଥ୍ୟଟିକୁ ତାହାର କ୍ରିୟାତ୍ମକତା ସହିତ ଅଭିନ୍ନ ବୋଲି ଭାବିବାରେ ଏତେଦୂର ଅଭ୍ୟସ୍ତ ହୋଇ ରହିଛୁ ଯେ, ଆମେ ସାଧାରଣତଃ ଏହି କ୍ଷେତ୍ରରେ ଯେପରି ଚିନ୍ତା କରିଥାଉ, ତାହା ବ୍ୟତୀତ ଆଉ ଅନ୍ୟ କୌଣସି ପ୍ରକାରେ ଚିନ୍ତା କରାଯାଇ ପାରିବ କି ନାହିଁ, ସେଥିରେ ଅନେକ ସମୟରେ ଆମର ଏକ ସଂଶୟ ବି ଆସିଥାଏ ।

ଯେତେବେଳେ ମାନସିକ କ୍ଷେତ୍ରରେ ସଂପୂର୍ଣ୍ଣ ନୀରବତା ଅନୁଭୂତ ହୋଇପାରିବ ଏବଂ ଯେତେବେଳେ ଆମ ମନଟିର ମଧ୍ୟଦେଇ ଆପଣାର ଆଲୋକ ଏବଂ ଶକ୍ତିକୁ

'oaob.nitrkl.ac.in' images reprocessed

ବହନ କରି ଆଧ୍ୟାତ୍ମିକ ସାମର୍ଥ୍ୟଟି ଅବତରଣ କରି ଆସିବ ଏବଂ ମନକୁ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକାରୀ କରାଇଦେଇ ପାରିବ, ଯେତେବେଳେ ମନ ବିଶ୍ଳେଷଣ, ଅନୁମିତି ଏବଂ ଯୁକ୍ତିର ଆପଣାର ଚିରାଚରିତ ରୀତିକୁ ଛାଡ଼ି ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରିବ, କେବଳ ସେତିକିବେଳେ ଯାଇ ତାହା ସମ୍ଭବ ହେବ । ଏହି ଯାବତୀୟ ଯେଉଁ ସାମର୍ଥ୍ୟଗୁଡ଼ିକୁ ଆମେ ସାଧାରଣତଃ ମନର ସାଧାରଣ କ୍ରିୟାତ୍ମକତା ବୋଲି ବିଚାର କରିଥାଉ, ସେଗୁଡ଼ିକୁ ବନ୍ଦ କରିଦେବାକୁ ପଡ଼ିବ, ଏବଂ ଆଧ୍ୟାତ୍ମିକ ପରମ ଆଲୋକ, ପରମ ଜ୍ଞାନ ଓ ଶକ୍ତି ସେଗୁଡ଼ିକୁ ପ୍ରତ୍ୟକ୍ଷ ଅଭିବ୍ୟକ୍ତିର ଏକ ମାର୍ଗରୂପେ ରୂପାନ୍ତରିତ କରିଦେବା ଲାଗି ତଥାପି ଅବଶ୍ୟ ସମର୍ଥ ହେବେ; ସେଗୁଡ଼ିକ ଯେପରି ସେମାନଙ୍କର ପୂର୍ବର ସେହି ଚିରାଚରିତ ସାମର୍ଥ୍ୟଗୁଡ଼ିକୁ ବ୍ୟବହାର ନ କରି ତଥାପି ଆପଣାକୁ ଅଭିବ୍ୟକ୍ତ କରିଆଣି ପାରିବେ, ସେଥିଲାଗି ସେଗୁଡ଼ିକୁ ରୂପାନ୍ତରିତ କରିଦେବା ଲାଗି ସମର୍ଥ ହେବେ ।

ଆପଣାର ବାହ୍ୟତମ ଆକାରରେ ମନ କ୍ରିୟାର ଏକ ମାଧ୍ୟମ ହୋଇ ରହିଥାଏ, ସଂଗଠନ ଏବଂ କର୍ମ ସମ୍ପାଦନର ଏକ ସାଧନ ହୋଇ ରହିଥାଏ । ମନ ଭାବନାଗୁଡ଼ିକୁ ପ୍ରଣାଳୀବଦ୍ଧ କରି ରଖେ, ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧଯୁକ୍ତ କରି ରଖେ, ନିଜେ କ୍ରିୟାଶୀଳ ହୋଇ ପାରିବା ଲାଗି ସେଗୁଡ଼ିକରୁ ନାନା ସିଦ୍ଧାନ୍ତ ବାହାର କରିନିଏ ଏବଂ ସେହି କ୍ରିୟାଶୀଳତାକୁ ଏକ ପ୍ରେରଣା ବି ଯୋଗାଇ ଦେଇଥାଏ । ମାନସିକ ଚେତନାକୁ ଅଧିକାର କରି ନେଉଥିବା ଆଧ୍ୟାତ୍ମିକ ଶକ୍ତିଟି ସଂଗଠନ ଏବଂ କର୍ମପ୍ରେରଣାର ଏହି ଶକ୍ତିଟିକୁ ପ୍ରତ୍ୟକ୍ଷ ଭାବରେ ସମ୍ଭବ କରିଦେଇ ପାରିବ ଏବଂ ସେଥିଲାଗି ବିଶ୍ଳେଷଣ, ଅନୁମିତି ଏବଂ ଯୁକ୍ତିର ଏହି ପ୍ରକ୍ରିୟାଗୁଡ଼ିକର ଆଉ କୌଣସି ପ୍ରୟୋଜନ ରହିବ ନାହିଁ । ସଂବୋଧିର କ୍ଷେତ୍ରରେ ସକଳ ଘଟଣା ପ୍ରାୟ ଠିକ୍ ଏହିପରିହିଁ ଘଟିଥାଏ, ମାତ୍ର ଆଧ୍ୟାତ୍ମିକ ହସ୍ତକ୍ଷେପକୁ ଆମେ ସତେଯେପରି ଏକ ବୃହତ୍ତର ସଂବୋଧି ବୋଲି କହିପାରିବା, ତାହାକୁ ଆମେ ଏକାତ୍ମକତା ଦ୍ୱାରା ଉପଲବ୍ଧ ହେଉଥିବା ସେହି ଦୃଷ୍ଟି, ଅନୁଭବ ଏବଂ ଜ୍ଞାନର ଏକ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ବୋଲିହିଁ କହିପାରିବା ।

*(ମାଆ ନୀରବ ରହିଲେ)*

ଏହି ରୂପାନ୍ତରଟି ମଧ୍ୟରେ ପ୍ରକୃତରେ ଅନେକ ପର୍ଯ୍ୟାୟ ରହିଛି ଏବଂ ପ୍ରଥମ କେତୋଟି ପର୍ଯ୍ୟାୟରେ ଗତିସ୍ପନ୍ଦନଟିର ଏକ ମନୋଗତ ଅନୁକରଣ ପରି ଏକ ଘଟଣା ଘଟିଥାଏ । ଏକ ମାନସିକ ପୃଷ୍ଠଭୂମି ଉପରେ ବିଶ୍ଳେଷଣ, ବିବେଚନା, ଅନୁମିତି ଏବଂ ସିଦ୍ଧାନ୍ତ-ନିରୂପଣର ସମୁଦାୟ ପ୍ରକ୍ରିୟାଟି ପ୍ରାୟ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂଘଟିତ ହୁଏ ଏବଂ ଆମ ଲାଗି ଏପରି ଏକ ପରିଣାମ ଆଣିଦିଏ, ଯାହାକି ଆମକୁ ସତେଅବା ଏକ ସଂବୋଧି

'oaob.nitrkl.ac.in' images reprocessed

ପରି ବୋଧ ହେଉଥାଏ, ମାତ୍ର ତଥାପି ସେହି ସମସ୍ତ କ୍ରିୟାରହିଁ ଏକ ପରିଣାମ ହୋଇ ରହିଥାଏ । ମାତ୍ର, ସେହି କ୍ରିୟାଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଗତିରେ ଘଟୁଥାଏ ଏବଂ, ମୁଁ ଯେପରି କହିଲି, ଏପରି ଏକ ପୃଷ୍ଠଭୂମିରେ ଘଟୁଥାଏ, ଯାହା ବିଷୟରେ କି ଆମେ ସଂପୂର୍ଣ୍ଣ ସଚେତନ ହୋଇ ରହି ନ ଥାଉ । ତେଣୁ ଆମେ ତାହାର ଆରମ୍ଭଟି ଦେଖୁ, ପରିଣାମଟିକୁ ବି ଦେଖୁ, ମାତ୍ର ସମୁଦାୟ ପ୍ରକ୍ରିୟାଟିକୁ ଆଦୌ ଟିକିନିଖି ଭାବରେ ଅନୁଧାବନ କରିପାରୁ ନାହିଁ, ମନୋଗତ କ୍ରିୟାଶୀଳତାର ସମଗ୍ର ବିକାଶ ଧାରାଟିକୁ ଆଦୌ ଦେଖିପାରୁ ନାହିଁ । ଯେଉଁ ବ୍ୟକ୍ତିମାନଙ୍କର ଅତି ଦ୍ରୁତ ଭାବରେ କାର୍ଯ୍ୟ କରୁଥିବା ଏକ ମନ ରହିଛି ଓ ଯେଉଁମାନେ ଅତିଶୀଘ୍ର ବିଭିନ୍ନ ବସ୍ତୁକୁ ବୁଝିବା ଲାଗି ସମର୍ଥ ହୁଅନ୍ତି, ଯେଉଁମାନଙ୍କର ମନୋଗତ କ୍ରିୟାଶୀଳତା ଅତ୍ୟନ୍ତ ପ୍ରଖର ଓ ଅପରୋକ୍ଷ ହୋଇ ରହିଥାଏ ସେମାନଙ୍କ ସଂପର୍କରେ ଆସିଲେ ସାଧାରଣତଃ ଏହିପରି ଏକ ଧାରଣା ହେଇଥାଏ ଯେ ସେମାନେ ପ୍ରକୃତରେ ସଂବୋଧି ଦ୍ୱାରା ପରିଚାଳିତ ହୋଇ ସବୁକିଛି କରୁଛନ୍ତି, ମାତ୍ର ଏଇଟିକୁ ଆମେ କେବଳ ଏକ ବାହ୍ୟ ରୂପ ବୋଲିହିଁ ଜାଣିବା ଏବଂ ପ୍ରକୃତ ସଂବୋଧିର କେବଳ ପ୍ରାୟ ଏକ ଅନୁକରଣ ବୋଲି ଜାଣିବା । ସଂବୋଧି ହେଉଛି ବସ୍ତୁତଃ ଏକ ପ୍ରତ୍ୟକ୍ଷ ଦୃଷ୍ଟି ଏବଂ ତାହା ଯୁକ୍ତିବିବେଚନା ଏବଂ ଅନୁମିତିର ଆଦୌ କୌଣସି ସାହାଯ୍ୟ ଗ୍ରହଣ କରେ ନାହିଁ । ସଂବୋଧିର ମାଧ୍ୟମରେ ପ୍ରକୃତରେ ଏକ ଅପରୋକ୍ଷ ଜ୍ଞାନହିଁ ପ୍ରକାଶ ଲାଭ କରିଥାଏ ।

ମାତ୍ର ଏହି ସୋପାନରେ ଆସି ପହଞ୍ଚିବା ପୂର୍ବରୁ, ଆମର ଯେତେ ଯାହା ଅନୁଭୂତି ରହିଥିବ, ସେଗୁଡ଼ିକୁ ବାହ୍ୟ ଚେତନାରେ ଆସି ପହଞ୍ଚି ପାରିବା ସକାଶେ ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ ଏବଂ ଅନୁମିତିର ସେହି ସାଧାରଣ ମାନସିକ ପଦ୍ଧତିଟିର ମଧ୍ୟଦେଇ ଗତି କରିବାକୁହିଁ ପଡ଼ିବ । ତା'ଫଳରେ ଅନୁଭୂତିଟିର ଅସଲ ସାରବସ୍ତୁଟି କୁଆଡ଼େ ମ୍ଳାନ ହୋଇ ଅନ୍ତର୍ହିତ ହୋଇଯିବ, ଏବଂ କେବଳ ଗୋଟାଏ ପ୍ରକାରର ଶୁଖିଲା ଚୋପାଟାହିଁ ଅବଶିଷ୍ଟ ରହିବ, ଏବଂ ସେଥିରୁ ଉପଲବ୍ଧି କରିବାର ଶକ୍ତିଟି ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ଯାଇଥିବ; ପ୍ରାୟ, ପ୍ରାୟ ବିଲୁପ୍ତ ହୋଇ ଯାଇଥିବ ।

ମାତ୍ର, ଯେଉଁମାନଙ୍କର ବୁଦ୍ଧିଗତ କ୍ରିୟାଶୀଳତା ଅତ୍ୟନ୍ତ ପ୍ରାଧାନ୍ୟଯୁକ୍ତ ହୋଇ ରହିଥାଏ, ସେମାନେ ସବୁକିଛିକୁ, ଏପରିକି ଯାବତୀୟ ଅନ୍ତର୍ଗତ ଅନୁଭବକୁ ଆପଣାର ହସ୍ତଗତ କରି ଆଣିବାକୁ ପ୍ରାୟ ଏକାନ୍ତ ଆବଶ୍ୟକ ବୋଲି ଉପଲବ୍ଧି କରିଥାନ୍ତି ଏବଂ ସେଗୁଡ଼ିକୁ ସୂତ୍ରମାନଙ୍କରେ ଆବଦ୍ଧ କରି ରଖିବାକୁ ଆରମ୍ଭ କରିଦିଅନ୍ତି । ଏବଂ ତା'ସାଙ୍ଗକୁ ଯଦି ସେମାନଙ୍କଠାରେ ପ୍ରକାଶ କରିବାର ଶକ୍ତିଟି ମଧ୍ୟ ରହିଥାଏ, ତେବେ ସେମାନେ ତାହାକୁ କେତୋଟି ଶବ୍ଦ ଏବଂ କେତୋଟି ବାକ୍ୟରେ ଆଣି ପ୍ରକାଶିତ କରିଦେବା ପାଇଁ ଚେଷ୍ଟା କରିଥାନ୍ତି । ଏବଂ, ଯେତେବେଳେ ତୁମେ ଏହି ଅନୁଭୂତିଟିକୁ ପ୍ରକୃତରେ ଅଙ୍ଗେ

'oaob.nitrkl.ac.in' images reprocessed

ନିଭାଇଥିବ ଏବଂ କ୍ରମଶଃ ତଳକୁ ଖସି ଆସୁଥିବା ଏହି ବକ୍ରଟି ବିଷୟରେ ସଜ୍ଞାନ ହେବାରେ ଲାଗିଥିବ, ସେତେବେଳେ ତୁମେ ତାହାର ପ୍ରତ୍ୟେକ ପର୍ଯ୍ୟାୟରେହିଁ ବାସ୍ତବ ଅନୁଭୂତିଟି ଅପସାରିତ ହୋଇ ଯାଉଥିବା ପରି ଓ ପୁରୋଭାଗକୁ ଆସି ସମୁଦାୟ ସତ୍ତାଟିର ଅନୁମନ୍ତା ହୋଇ ରହିବା ପରିବର୍ତ୍ତେ ପଛକୁ କ୍ରମମ୍ଳାନ ହୋଇ ଯାଉଥିବା ପରି ଅନୁଭବ କରିବାକୁ ଲାଗିବ । ସେହି ଅନୁଭୂତିଟି ଏହିପରି ଭାବରେ (ମାଆ ଭଙ୍ଗୀ କରି ଦେଖାଇଦେଲେ) କ୍ରମଶଃ ପଛକୁ ଚାଲି ଯାଉଥିବ; ଏବଂ ଶେଷକୁ ବାହାରେ ଯାହାକିଛି ରହିଥିବ, ତାହା ଏକ ପ୍ରକାରର ଶୁଷ୍କ ଏବଂ ଶୀତଳ ଏକ ଅନୁକରଣ ହୋଇହିଁ ରହିଥିବ । ଭାରି ଉତ୍ସାହପୂର୍ଣ୍ଣ ଶବ୍ଦ ଦେଇ ଆମେ ହୁଏତ ତାହାକୁ ପ୍ରକାଶ କରି ପାରୁଥିବା, ମାତ୍ର, ପ୍ରକୃତ ଅନୁଭୂତିଟି ଯେପରି ହୋଇ ରହିଥିଲା, ଆପଣାର ଗଭୀର ସତ୍ୟଟିର ଭୂମିରେ ତାହା ଯେପରି ଭାବରେ ଥିଲା, ତାହାର ତୁଳନାରେ ସେଇଟି ବର୍ତ୍ତମାନ ଭାରି ନିସ୍ତେଜ ଓ କ୍ଷୀଣ ହୋଇ ଯାଇଥିବ ।... ସେଥିରେ ଥିବା ଯାବତୀୟ ଯଥାର୍ଥ ଆନନ୍ଦ, ଯଥାର୍ଥ ସୌନ୍ଦର୍ଯ୍ୟ, ଯାବତୀୟ ଅନ୍ତର୍ଗତ ଉତ୍ସାହ ଏବଂ ଅନୁଭୂତିଟିର ସେହି ଅଦ୍ଭୁତ ଉଷ୍ଣତା— ସବୁକିଛି କୁଆଡ଼େ କେତେ ଦୂରକୁ ପଛକୁ ହଟିଯିବ । ତୁମେ ତାହାକୁ ଧରି ରଖିବାକୁ ଚେଷ୍ଟା କରୁଥିବ, ମାତ୍ର ତାହା ତୁମ ହାତରୁ ଖସି ଚାଲିଯିବାରେ ଲାଗିଥିବ । ଏବଂ, ଏହିପରି ସୂତ୍ର ବଦ୍ଧ କରି ରଖିବାର ଚେଷ୍ଟା କରୁଥିବା ହେତୁ ତୁମକୁ ପ୍ରକୃତରେ ଅନେକ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିବ ।

*ମାଆ, ଏଠାରେ ଆମ ଜୀବନକ୍ଷେତ୍ରରେ "ମନର ବିକାଶ" କହିଲେ ଆମେ ପ୍ରକୃତରେ କ'ଣ ବୁଝିବା ? ଏବଂ ଏହା ଉପଯୋଗୀ ହୋଇପାରିବ ବା କିପରି ?*

ମୋ'ର ବିଶ୍ୱାସ, ମୁଁ ତୁମକୁ ଆଗରୁ ଥରେ ଏହି କଥାଟିକୁ ବୁଝାଇ ଦେଇ ସାରିଛି । ଶିକ୍ଷା ବିଷୟରେ ଲେଖିଥିବା ଲେଖାଗୁଡ଼ିକରେ ସେଗୁଡ଼ିକୁ ମୁଁ ପୁଙ୍ଖାନୁପୁଙ୍ଖ ଭାବରେ ମଧ୍ୟ ବୁଝାଇ ଦେଇଛି ବୋଲି ଭାବୁଛି । ଶାରୀରିକ ଶିକ୍ଷା ଦ୍ୱାରା ଶରୀର ଲାଗି ହେଉଥିବା ଉପକାରଗୁଡ଼ିକ ଯେପରି, ଏଇଟି ମଧ୍ୟ ଠିକ୍ ସେହିପରି ।

ଆମ ଶରୀରରେ ଅଙ୍ଗପ୍ରତ୍ୟଙ୍ଗ ଅଛି, ମାଂସପେଶୀଗୁଡ଼ିକ ଅଛି, ସ୍ନାୟୁମାନେ ଅଛନ୍ତି; ବସ୍ତୁତଃ ଶରୀରର ଗଠନକାରୀ ଯାବତୀୟ ବସ୍ତୁ ରହିଛି । ଆମେ ଆଦୌ ସ୍ୱତନ୍ତ୍ର ଭାବରେ ସେଗୁଡ଼ିକର ପ୍ରତ୍ୟେକର ବିକାଶ କରାଉ ନାହିଁ, ସେଗୁଡ଼ିକୁ ଅଲଗା ଅଲଗା ଶିକ୍ଷା ବି ଦେଉ ନାହିଁ । ଶରୀରର ଯଥାର୍ଥ ଶକ୍ତିଟିକୁ ବ୍ୟକ୍ତ କରି ଆଣିବାକୁ ଏମାନେ ସମସ୍ତେ ଯଥାଶକ୍ତି କାର୍ଯ୍ୟ କରୁଥାନ୍ତି, ମାତ୍ର ତାହାକୁ ପ୍ରକୃତରେ ଭାରି ଅକୁଶଳ ଏବଂ ଅସଂପୂର୍ଣ୍ଣ ଭାବରେହିଁ ବ୍ୟକ୍ତ କରିଥାନ୍ତି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ,

'oaob.nitrkl.ac.in' images reprocessed

ଶରୀର-କୃଷ୍ଟିର ପୂର୍ଣତମ ଓ ବୁଦ୍ଧିଯୁକ୍ତ ପ୍ରଣାଳୀଗୁଡ଼ିକ ଦ୍ୱାରା ଯେଉଁ ସ୍ଥୂଳ ଶରୀର ଏକ ପ୍ରଶିକ୍ଷଣ ଲାଭ କରିପାରିଛି, ତାହା ଏପରି ଅନେକ କାର୍ଯ୍ୟ କରିବାକୁ ସମର୍ଥ ହେବ, ଯାହାକୁ କି ତାହା ପ୍ରଶିକ୍ଷଣଟି ବ୍ୟତୀତ ଆଦୌ କରିପାରି ନ ଥାନ୍ତା । ମୁଁ ଭାବୁଛି, ଏହି କଥାଟିକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଏବଂ, ମନର କ୍ଷେତ୍ରରେ ମଧ୍ୟ ଠିକ୍ ସେହି ରୀତିଟି କାର୍ଯ୍ୟ କରୁଛି । ତୁମ ପାଖରେ ଗୋଟିଏ ମାନସିକ ସାଧନ ରହିଛି, ତାହାର କେତେ ସମ୍ଭାବନା ରହିଛି, କେତେ ସାମର୍ଥ୍ୟ ରହିଛି ମାତ୍ର ସେଗୁଡ଼ିକ ସୁପ୍ତ ଓ ଅନ୍ତର୍ନିହିତ ହୋଇ ରହିଛନ୍ତି ଏବଂ ଏକ ବିଶେଷ ଶିକ୍ଷା ଓ ପ୍ରଶିକ୍ଷଣ ଆବଶ୍ୟକ କରୁଛନ୍ତି, ଯାହାଦ୍ୱାରା କି ସେଗୁଡ଼ିକ ସେହି ପରମ ଆଲୋକଟିକୁ ଅଭିବ୍ୟକ୍ତ କରି ଆଣିବା ଲାଗି ସମର୍ଥ ହେବେ । ଏହା ଅତ୍ୟନ୍ତ ନିଶ୍ଚିତ କଥା ଯେ ଆମ ସାଧାରଣ ଜୀବନରେ ଆମ ମସ୍ତିଷ୍କହିଁ ମାନସ ଚେତନାର ବାହ୍ୟ ଅଭିବ୍ୟକ୍ତି ଲାଗି ଆଧାରରୂପେ କାର୍ଯ୍ୟ କରୁଥାଏ; ଏବଂ, ଯଦି ଏହି ମସ୍ତିଷ୍କଟିର ବିକାଶ ନ ହୁଏ, ଯଦି ତାହା ଅଶୋଧିତ ହୋଇ ରହିଥାଏ, ତେବେ ଏପରି ଅନେକ ଅଗଣିତ ବିଷୟ ରହିଯିବ, ଯାହାର କି ଆଦୌ କୌଣସି ଅଭିବ୍ୟକ୍ତି ସମ୍ଭବ ହୋଇ ପାରିବ ନାହିଁ, କାରଣ ଆପଣାକୁ ଅଭିବ୍ୟକ୍ତ କରି ଆଣିବା ସକାଶେ ଆବଶ୍ୟକ ହେଉଥିବା ଯନ୍ତ୍ରଟିହିଁ ସେମାନଙ୍କ ପାଖରେ ନ ଥିବ । ଏହା ଏପରି ଏକ ବାଦ୍ୟଯନ୍ତ୍ର ପରି ହୋଇ ରହିଥିବ, ଯେଉଁଥିରେ କି ଅଧିକାଂଶ ସ୍ୱରଗୁଡ଼ିକ ବାଜିପାରୁ ନ ଥିବ ଏବଂ ତେଣୁ ଯାହା ବାଜୁଥିବ, ତାହା କେବଳ ମୋଟାମୋଟି କୌଣସି ସୁରର ଧାରଣା ଦେଇଯାଉଥିବ ସତ, ମାତ୍ର ନିର୍ଦ୍ଦିଷ୍ଟ ଓ ପ୍ରାଞ୍ଜଳ ଭାବରେ କୌଣସି ସୁରଟିକୁ ବଜାଇପାରୁ ନ ଥିବ ।

ମାନସିକ କୃଷ୍ଟି, ବୌଦ୍ଧିକ ଶିକ୍ଷା,— ଏସବୁ ତୁମ ମସ୍ତିଷ୍କର ଗଠନଟିକୁ ବଦଳାଇ ଦେଇପାରିବ, ତାହାକୁ ପ୍ରଭୂତ ପରିମାଣରେ ଅଭିବୃଦ୍ଧ କରିବ ଏବଂ ତାହା ଫଳରେ ତାହାର ଅଭିବ୍ୟକ୍ତିଟି ମଧ୍ୟ ଅଧିକ ସଂପୂର୍ଣ୍ଣ ଏବଂ ଅଧିକ ଯଥାର୍ଥ ହୋଇପାରିବ ।

ମାତ୍ର ଯଦି ତୁମେ ଜୀବନ ମଧ୍ୟରୁ ପଳାଇଯାଇ ଅଭିବ୍ୟକ୍ତିର ଅତୀତ ଉଚ୍ଚତାଗୁଡ଼ିକ ଆଡ଼କୁ ଚାଲିଯିବାକୁ ଇଚ୍ଛା କରୁଥିବ, ତେବେ ଏଥିଲାଗି ତୁମର କୌଣସି ଆବଶ୍ୟକତା ରହିବ ନାହିଁ; ମାତ୍ର ନିଜର ଅନୁଭୂତିଟିକୁ ତୁମେ ଯଦି ବାହ୍ୟ ଜୀବନର କ୍ଷେତ୍ରରେ ଅଭିବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବ, ତେବେ ତୁମ ଲାଗି ତାହା ପ୍ରକୃତରେ ଅପରିହାର୍ଯ୍ୟ ହୋଇ ରହିବ ।

*ମାଆ, ଆପଣ କହୁଥିଲେ ଯେ ଯଦି ବିଶ୍ଳେଷଣ, ଅନୁମିତି ଓ ସେଗୁଡ଼ିକ ଭଳି ଅନ୍ୟ ସାମର୍ଥ୍ୟଗୁଡ଼ିକର ଅତିରିକ୍ତ ବିକାଶ କରାଯାଏ, ତେବେ ସେଗୁଡ଼ିକ ଆଧ୍ୟାତ୍ମିକ ଅନୁଭୂତିର ପଥରେ ପ୍ରତିବନ୍ଧକ ପରି କାର୍ଯ୍ୟ କରିବେ, ନୁହେଁ ?*

'oaob.nitrkl.ac.in' images reprocessed

ଯଦି ସେଗୁଡ଼ିକ ଉପରେ ନିୟନ୍ତ୍ରଣ ଓ ପ୍ରଭୁତ୍ୱ ନ ରହିବ, ତେବେ ସେଗୁଡ଼ିକ ପ୍ରତିବନ୍ଧକ ପରି କାର୍ଯ୍ୟ କରିବେ । ମାତ୍ର ଯେକୌଣସି ପରିସ୍ଥିତିରେ ଯେ ପ୍ରତିବନ୍ଧକ ପରି କାର୍ଯ୍ୟ କରିବେ, ସେକଥା ଆଦୌ ନୁହେଁ । ସେକଥା ଆଦୌ ନୁହେଁ । ଏହାଦ୍ୱାରା ନିୟନ୍ତ୍ରଣଟି ହୁଏତ ଟିକିଏ ଅଧିକ ଆୟାସସାଧ୍ୟ ବି ହୋଇପାରେ, କାରଣ, ଏକ ଅଶୋଧିତ ସତ୍ତାକୁ ନିୟନ୍ତ୍ରଣରେ ରଖିବା ଅପେକ୍ଷା କୌଣସି ବ୍ୟକ୍ତିତ୍ୱ ଅର୍ଜନ କରିଥିବା ଏକ ସତ୍ତାକୁ ନିୟନ୍ତ୍ରଣରେ ରଖିବା ସବୁବେଳେ ଅଧିକ କଷ୍ଟକରହିଁ ହୋଇଥାଏ । ଆମ ଭିତରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ଅର୍ଜନ କରିବାର ପ୍ରକ୍ରିୟାଟି ଯେତିକି ଅଧିକ ସଂପୂର୍ଣ୍ଣ ହେଉଥାଏ, ଆମର ଅହଂସତ୍ତା ମଧ୍ୟ ସେତିକି ଅଧିକ ପରିମାଣରେ ଦାନା ବାନ୍ଧି ଆସୁଥାଏ, ସେତିକି ଅଧିକ ସ୍ୱୟଂସନ୍ତୁଷ୍ଟ ବି ଅନୁଭବ କରୁଥାଏ, ନୁହେଁ କି ?... ମାତ୍ର, ଯଦି ଏହି ଅସୁବିଧାଟି ଉପରେ ବିଜୟ ହାସଲ କରିବା ସମ୍ଭବ ହୋଇଯାଏ, ସେହିପରି ଏକ ଉଚ୍ଚବିକଶିତ ବ୍ୟକ୍ତିତ୍ୱର କ୍ଷେତ୍ରରେ ଯେଉଁ ପରିଣାମଟି ଘଟିଥାଏ, ତାହା ଏକ ଅଶୋଧିତ ଏବଂ ଅଶିକ୍ଷାପ୍ରାପ୍ତ ପ୍ରକୃତି ଲାଗି ଉପଲବ୍ଧ ହେଉଥିବା ପରିଣାମଟି ଅପେକ୍ଷା ନିଶ୍ଚୟ ଅନନ୍ତଗୁଣରେ ଅଧିକ ଉଚ୍ଚ ସ୍ତରର ହେବହିଁ ହେବ । ତା' ବୋଲି ମୁଁ ରୂପାନ୍ତରର କିଂବା ଏପରିକି ସମର୍ପଣର ପ୍ରକ୍ରିୟାଟିକୁ ଆଦୌ ଅଧିକ ଆୟାସକର ନୁହେଁ ବୋଲି ମୋଟେ କହୁ ନାହିଁ; ମାତ୍ର ସେଇଟି ହାସଲ ହୋଇଗଲେ ଯେଉଁ ପରିଣାମଟି ଉପଲବ୍ଧ ହୁଏ, ତାହା ଅନେକ ଉଚ୍ଚତର ସ୍ତରର ହୋଇଥାଏ ।

ଏହି କଥାଟିକୁ ଆମେ ବେଶ୍ ଦୁଇଟି ବାଦ୍ୟଯନ୍ତ୍ର ସହିତ ତୁଳନା କରିପାରିବା । ଗୋଟିକରେ କେତେକ ନିର୍ଦ୍ଦିଷ୍ଟ ସ୍ୱର ବାଜି ପାରୁଥାଏ, ମାତ୍ର ଅନ୍ୟଟିରେ ତା'ର ଦଶଗୁଣ ଅଧିକସଂଖ୍ୟକ ସ୍ୱର ବଜାଇ ହେଉଥାଏ । ହଁ, ଏକଥା ସମ୍ଭବ ଯେ, ମୋଟେ ଚାରି ପାଞ୍ଚୋଟି ସ୍ୱର ରହିଥିବା କୌଣସି ଯନ୍ତ୍ରକୁ ବଜାଇବା ଅପେକ୍ଷାକୃତ ଅଧିକ ସହଜ ହୋଇଥାଏ; ମାତ୍ର ସବୁଯାକ ସ୍ୱର ବାଜି ପାରୁଥିବା ଯନ୍ତ୍ରଟିରୁ ଯେଉଁ ସଂଗୀତ ସମ୍ଭବ ହୁଏ, ତାହା ଯେ ଏକ ଉଚ୍ଚତର ସ୍ତରର ହୋଇ ରହିଥାଏ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଏକ ମାମୁଲି ବାଦ୍ୟଯନ୍ତ୍ର ଅପେକ୍ଷା ହୁଏତ ଏକ ବାଦ୍ୟବୃନ୍ଦ ସହିତହିଁ ଏଇଟିକୁ ଅଧିକ ଯୁକ୍ତିଯୁକ୍ତ ଭାବରେ ତୁଳନା କରାଯାଇ ପାରିବ । ଏକ ମନୁଷ୍ୟ ସତ୍ତାକୁ, ଜଣେ ପୂର୍ଣ୍ଣବିକଶିତ ମନୁଷ୍ୟବ୍ୟକ୍ତିକୁ ଆମେ ସେହିପରି ଏକ ଅତିବିଶାଳ ବାଦ୍ୟବୃନ୍ଦର ଏକାନ୍ତ ସଦୃଶ ବୋଲି ଭାବିବା, ଯେଉଁଥିରେ କି ଶହଶହ ବାଦକ ଏକତ୍ର ସମ୍ମିଳିତ ହୋଇ ରହିଥାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନଙ୍କୁ ନିୟନ୍ତ୍ରିତ ଓ ପରିଚାଳିତ କରିବା ଅତ୍ୟନ୍ତ କଷ୍ଟକର ହେବ, ମାତ୍ର ସେଥିରୁ ଯେଉଁ ସଂଗୀତର ସୃଷ୍ଟି ହେବ, ତାହାକୁ ହୁଏତ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

## ୨୪ ସେପ୍ଟେମ୍ବର ୧୯୫୮

"ସାଧାରଣ ଚିତ୍‌ଗତ ସତ୍ୟଟିର ସ୍ୱରୂପ କ'ଣ, ସେହି ସତ୍ୟର ସମ୍ବନ୍ଧ ନିରପେକ୍ଷ ତଥା ଆପେକ୍ଷିକ ତତ୍ତ୍ୱଗୁଡ଼ିକର ନ୍ୟାୟସଙ୍ଗତି କ'ଣ, ସେଗୁଡ଼ିକର ପରସ୍ପର ସହିତ କେଉଁଭଳି ସମ୍ବନ୍ଧ ରହିଛି ବା ସେଗୁଡ଼ିକ ମଧ୍ୟରୁ କିଭଳି ଗୋଟିଏ ଆଉ ଗୋଟିକ ପାଖକୁ ବାଟ ଦେଖାଇ ନେଇଯାଉଛି ଏବଂ ଚିତ୍‌ଗତ ସତ୍ୟଟିକୁ ଅସ୍ତିତ୍ୱର ମୂଳ ବୋଲି ଏକ ଉପପାଦ୍ୟ ରୂପେ ସ୍ୱୀକାର କରିନେଲେ ମନୋଗତ ଦୃଷ୍ଟିକୋଣରୁ ସେଥିରୁ କ'ଣସବୁ ସିଦ୍ଧାନ୍ତ ନିଷ୍ପନ୍ନ ହେଉଛି, ପ୍ରଧାନତଃ ଏହିସବୁ ବିଷୟରେ ଗୋଟିଏ ଗୋଟିଏ ବ୍ୟାଖ୍ୟା ଗଠନ କରି ରଖିବା ହେଉଛି ଆମ ଭାବନାଶୀଳ ମନର କାର୍ଯ୍ୟ ।...

"ଯେଉଁ ସାଧନଟି ଦ୍ୱାରା ଏହି ଆବଶ୍ୟକତାଟିର (ବୁଦ୍ଧିଗତ ବୋଧର) ତୃପ୍ତିସାଧନ ହୋଇପାରିବ ଏବଂ ଆମର ମନୋମୟ ପ୍ରକୃତି ଆମକୁ ଏଥିଲାଗି ଯେଉଁ ସାଧନଟି ଯୋଗାଇ ଦେଇଛି, ତାହା ହେଉଛି ଦର୍ଶନ । ଏବଂ ଏହି କ୍ଷେତ୍ରରେ ଏହା ଆଧ୍ୟାତ୍ମିକ ଦର୍ଶନ ହେବାକୁହିଁ ବାଧ୍ୟ ହେବ । ପ୍ରାଚ୍ୟ ଜଗତରେ ଏହିପରି ଅଗଣିତ ଦର୍ଶନମାର୍ଗର ଉଦୟ ହୋଇଛି; କାରଣ ପ୍ରାୟ ପ୍ରତ୍ୟେକ ଯୁଗରେ, ଯେତେବେଳେ କୌଣସି ଉଲ୍ଲେଖଯୋଗ୍ୟ ଭାବରେ ଆଧ୍ୟାତ୍ମିକତାର ବିକାଶ ସମ୍ଭବ ହୋଇଛି, ସେତେବେଳେ ତାହାରି ମଧ୍ୟରୁ ଏକ ଦର୍ଶନମାର୍ଗ ଜନ୍ମଲାଭ କରିଛି, ଯାହାକି ବୁଦ୍ଧି ପାଇଁ ସେହି ବିକାଶଟିର ଔଚିତ୍ୟକୁ ପ୍ରମାଣିତ କରିବାର ଚେଷ୍ଟା କରିଛି । ପ୍ରଥମେ ଏକ ବୋଧିଦୃଷ୍ଟି ତଥା ବୋଧିଗତ ଅଭିବ୍ୟକ୍ତିହିଁ ଦର୍ଶନର ପଦ୍ଧତି ହୋଇ ରହିଥିଲା, ଉପନିଷଦର ଅତିଗଭୀର ବିଚାର ଏବଂ ଗଭୀର ଭାଷାଭିବ୍ୟକ୍ତିରେ ଆମେ ତାହାର ନିଦର୍ଶନ ପାଇଥାଉ । ମାତ୍ର ପରବର୍ତ୍ତୀ ଯୁଗରେ ଏକ ସମୀକ୍ଷାମୂଳକ ପଦ୍ଧତି ବିକାଶଲାଭ କଲା, ତର୍କ ପ୍ରତିଷ୍ଠା ଓ ନ୍ୟାୟ ସଂବଦ୍ଧତାର ଆବିର୍ଭାବ ହେଲା । ଆନ୍ତର ଉପଲବ୍ଧି ଦ୍ୱାରା ଯାହା ପ୍ରାପ୍ତ ହୋଇଥିଲା, ପରବର୍ତ୍ତୀ ନାନା ଦର୍ଶନରେ ତାହାରି ଏକ ବୁଦ୍ଧିସମର୍ଥିତ ବିବରଣ (ଉଦାହରଣ ସ୍ୱରୂପ, ଗୀତା) ଦିଆଗଲା ଅଥବା ତା'ର ନ୍ୟାୟମୂଳ ଔଚିତ୍ୟଟିକୁ ପ୍ରମାଣ କରାଗଲା । ଅଥବା, ଆଧ୍ୟାତ୍ମିକ ଅନୁଭବ ତଥା ତତ୍ତ୍ୱ ସାକ୍ଷାତ୍‌କାର ଲାଗି ଚିତ୍ତଭୂମିକୁ ପ୍ରସ୍ତୁତ କରି ସାଧନପଦ୍ଧତିର ନିର୍ଣ୍ଣୟ କରିଦେବାଲାଗି ଚେଷ୍ଟା କରାଗଲା (ଉଦାହରଣ ସ୍ୱରୂପ, ପତଞ୍ଜଳିଙ୍କର

'oaob.nitrkl.ac.in' images reprocessed

ଯୋଗଦର୍ଶନରେ) । ମାତ୍ର, ପାଶ୍ଚାତ୍ୟ ଜଗତରେ, ଯେଉଁଠାରେ କି ଚେତନାର ସମନ୍ୱୟାତ୍ମକ ପ୍ରବୃତ୍ତିଟିକୁ ସ୍ଥାନଚ୍ୟୁତ କରି ବିଶ୍ଳେଷଣାତ୍ମକ ଏବଂ ଭେଦମୂଳକ ପ୍ରବୃତ୍ତି ତାହାର ସ୍ଥାନ ଅଧିକାର କରିଥିଲା, ଆଧ୍ୟାତ୍ମିକ ଅନ୍ତଃପ୍ରେରଣା ଏବଂ ବୁଦ୍ଧିଗତ ଯୁକ୍ତିବିବେକ ପ୍ରାୟ ପ୍ରଥମରୁହିଁ ପରସ୍ପରର ସାଙ୍ଗ ଛାଡ଼ି ଅଲଗା ହୋଇଗଲେ; ସେଠାରେ ଆଦ୍ୟ ସୋପାନରୁହିଁ ଦର୍ଶନଶାସ୍ତ୍ର ବସ୍ତୁଗୁଡ଼ିକର କେବଳ ଏକ ବିଶୁଦ୍ଧ ବୁଦ୍ଧି ଓ ତର୍କାୟତ୍ତ ବିଶ୍ଳେଷଣର ପନ୍ଥା ଧରିନେଲା । ତଥାପି ସେଠାରେ ପିଥାଗୋରାସୀୟ, ଷ୍ଟଇକ୍ ତଥା ଏପିକ୍ୟୁରସୀୟ ଦର୍ଶନମାର୍ଗଗୁଡ଼ିକର ବି ଆବିର୍ଭାବ ହୋଇଥିଲା, ଯେଉଁଗୁଡ଼ିକ କି କେବଳ ବିଚାରର ଆଖିରେ ଯେ ଆପଣାକୁ ସଂଗଠିତ ଓ ସୂତ୍ରବଦ୍ଧ କରିଥିଲେ ତାହା ନୁହେଁ, ମାତ୍ର ଜୀବନର ଯଥାର୍ଥ ଆଚରଣ ଉପରେ ମଧ୍ୟ ଆଖି ରଖିଥିଲେ ଓ ସତ୍ତାର ଅନ୍ତର୍ଗତ ପରିପୂର୍ଣ୍ଣତା ଅର୍ଜନ କରିବା ଦିଗରେ ଏକ ପ୍ରୟାସ ଓ ସାଧନାର ଧାରାର ବିକାଶ ମଧ୍ୟ କରିଥିଲେ । ପରବର୍ତ୍ତୀ ଖ୍ରୀଷ୍ଟିଆନ୍ ଓ ନବ-ପାଗାନ୍ ବିଚାରରେ ଏହି ପ୍ରବୃତ୍ତି ଜ୍ଞାନର ଏକ ଉଚ୍ଚତର ଭୂମିକୁ ଉଠିପାରିଥିଲା ଏବଂ ସେଇଥିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଏକ ମିଳନ ବି ଘଟିଥିଲା । ମାତ୍ର ପୁଣି ଆଗକୁ ଯାଇ ବୁଦ୍ଧିର ଅତିପ୍ରାଧାନ୍ୟହିଁ ସମଗ୍ର ଭୂମିଟିକୁ ପୂରାପୂରି ଚରି ଯାଇଥିଲା ଏବଂ ଜୀବନ, ଜୀବନଗତ ଶକ୍ତି ବା ଚିଦ୍‌ଗତତା ତଥା ଏହାର ଯାବତୀୟ ଗତିଶୀଳତା ଦର୍ଶନଠାରୁ ହୁଏତ ଏକାବେଳେକେ ବିଚ୍ଛିନ୍ନ ହୋଇପଡ଼ିଲା, ଅଥବା କେବଳ ବୁଦ୍ଧିଗତ ଆଲୋଚନାରୁ ଜାତ ହେଉଥିବା ତତ୍ତ୍ୱବିଜ୍ଞାନ ଜୀବନ ଓ ଜୀବନଭୂମିଗତ କ୍ରିୟାଟି ଉପରେ ଅତି ଭୂମିଚ୍ଛିନ୍ନ ଓ ଗୌଣ ଭାବରେ ଅତି ଅଳ୍ପ ପ୍ରଭାବ ପକାଇ ପାରିବାକୁହିଁ ସମର୍ଥ ହେଲା । ପାଶ୍ଚାତ୍ୟ ଜଗତରେ ଧର୍ମ ଦର୍ଶନକୁ ଆଶ୍ରୟ କରି ରହି ନାହିଁ, ମାତ୍ର ଏକ ନିର୍ଦ୍ଦିଷ୍ଟ ଆଚାର ଓ ମତର ଅନୁଗତ ହୋଇ ରହିଥିବା ଈଶ୍ୱର-ବ୍ୟାଖ୍ୟା ଉପରେ ଭରା ଦେଇ ଠିଆ ହୋଇଛି । ହୁଏତ ବେଳେବେଳେ ସଂପୂର୍ଣ୍ଣ କୌଣସି ବ୍ୟକ୍ତିଗତ ପ୍ରତିଭା ବଳରେ ଏକ ଆଧ୍ୟାତ୍ମିକ ଦର୍ଶନର ଅବଶ୍ୟ ଆବିର୍ଭାବ ହୋଇଛି, ମାତ୍ର ପ୍ରାଚ୍ୟଜଗତ ପରି ତାହା ସେଠାରେ ଆଧ୍ୟାତ୍ମିକ ଅନୁଭୂତି ଏବଂ ଆଧ୍ୟାତ୍ମିକ ସାଧନାର ସମ୍ଭାବ୍ୟ ସକଳ ଧାରାର ଏକ ଆବଶ୍ୟକ ଅଙ୍ଗ ବା ସହଚର ରୂପେ କଦାପି ଗୃହୀତ ହୋଇ ନାହିଁ । ଏକଥା ଅବଶ୍ୟ ସତ ଯେ, ଆଧ୍ୟାତ୍ମିକ ବିଚାରର ଏକ ଦର୍ଶନମାର୍ଗୀ ବିବର୍ତ୍ତନ କଦାପି ସଂପୂର୍ଣ୍ଣ ଅପରିହାର୍ଯ୍ୟ ନୁହେଁ; କାରଣ ବୋଧି ଦ୍ୱାରା ଅଥବା ଏକ ନିର୍ଦ୍ଦିଷ୍ଟ ଅନ୍ତର୍ଗତ ସଂପର୍କ ଦ୍ୱାରା ମଧ୍ୟ ଅଧିକ ପ୍ରତ୍ୟକ୍ଷ

'oaob.nitrkl.ac.in' images reprocessed

ଓ ଅଧିକ ସଂପୂର୍ଣ୍ଣ ଭାବରେ ଚିଦ୍‌ବସ୍ତୁର ସତ୍ୟଗୁଡ଼ିକରେ ଯାଇ ଉପନୀତ ହେବା ସବୁବେଳେ ସମ୍ଭବ ହୋଇପାରେ । ଏଠାରେ ଏକଥାଟି ମଧ୍ୟ ନିଶ୍ଚୟ କହି ରଖିବାକୁ ହେବ ଯେ ବୁଦ୍ଧିର ସମୀକ୍ଷା ଦ୍ୱାରା ଆଧ୍ୟାତ୍ମିକ ଅନୁଭବକୁ ନିୟନ୍ତ୍ରିତ କରିବାକୁ ବସିଲେ ତାହାଦ୍ୱାରା ଅନେକ ସମୟରେ ସାଧନା ବ୍ୟାହତ ହୋଇପଡ଼ିବାର ଆଶଙ୍କା ରହିଛି, ସାଧନା ଭିତରେ ନାନା ଅନିଶ୍ଚୟତା ଆସି ପହଞ୍ଚିବାର ବି ଆଶଙ୍କା ରହିଛି । କାରଣ, ସେଠାରେ ଭାସ୍ୱରତର ଆଲୋକର ଏକ ସମ୍ପାଦନ-କ୍ଷେତ୍ରରେ ବୁଦ୍ଧିର ନିମ୍ନତର ଓ ଅଳ୍ପପ୍ରଭ ଆଲୋକଟି ଆପଣାକୁ ନେଇ ପକାଇବାର ଅଭିଳାଷ କରିବାକୁ ଯାଇଥାଏ । ଏକ ଅନ୍ତର୍ଗତ ବିଲୋକନ ତଥା ବିଚାର ହେଉଛି ଏହି କ୍ଷେତ୍ରରେ ପ୍ରକୃତ ନିୟାମକ ଶକ୍ତି; ଏକ ଚୈତ୍ୟବୋଧ ଓ କୌଶଳବୁଦ୍ଧି, ଊର୍ଦ୍ଧ୍ୱରୁ ଏକ ଉଚ୍ଚତର ଶକ୍ତିର ହସ୍ତକ୍ଷେପ ତଥା ପରିଚାଳନ କିଂବା ଏକ ଅନ୍ତର୍ଗତ ଓ ଜ୍ୟୋତିର୍ମୟ ଅନ୍ତର୍ପରିଚାଳନ ହେଉଛି ପ୍ରକୃତ ନିୟନ୍ତ୍ରଣକାରୀ । ମାତ୍ର ତଥାପି ବିକାଶର ଏହି ବୁଦ୍ଧିଗତ ଧାରାଟିର ମଧ୍ୟ ନିତାନ୍ତ ଆବଶ୍ୟକତା ରହିଛି, କାରଣ ଚିଦ୍‌ବସ୍ତୁ ଏବଂ ବୁଦ୍ଧିଗତ ବିଚାର ମଧ୍ୟରେ ଏକ ସେତୁ ରହିବାର ଏକାନ୍ତ ଆବଶ୍ୟକତା ବି ସର୍ବଦା ଅବଶ୍ୟ ରହିଛି । ଆମର ସମଗ୍ର ଅନ୍ତର୍ବିବର୍ତ୍ତନଟିକୁ ପରିପୂର୍ଣ୍ଣତା ଆଣି ଦେବାକୁ ହେଲେ ଏକ ଆଧ୍ୟାତ୍ମିକ ଅଥବା ଅନ୍ତତଃ ଆଧ୍ୟାତ୍ମିକ ଆବେଶସଂପନ୍ନ ଏକ ବୁଦ୍ଧିଗତ ଆଲୋକର ବି ଆବଶ୍ୟକତା ରହିଛି; ଏବଂ ସେଇଟି ନ ଥିଲେ ଓ ତାହାର ସ୍ଥାନାପନ୍ନ ଭାବରେ ସେହିପରି ଆଉକୌଣସି ଗଭୀରସ୍ତରୀୟ ପରିଚାଳନାର ଅଭାବ ରହିଥିଲେ, ଅନ୍ତର୍ଗତ ଗତିକ୍ରିୟାଟି ପ୍ରମାଦଗ୍ରସ୍ତ, ଶୃଙ୍ଖଳାହୀନ, ଆବିଳ ଓ ନାନା ଅନାଧ୍ୟାତ୍ମିକ ଉପାଦାନ ଦ୍ୱାରା ମିଶ୍ରିତ ହୋଇ ରହିବାର ଆଶଙ୍କା ମଧ୍ୟ ରହିଥିବ ଅଥବା ତାହାର ପ୍ରଶସ୍ତ ଅଭିକ୍ରମଗତ ଦୃଷ୍ଟିରେ ଏକଦେଶୀୟତା ଓ ଅପୂର୍ଣ୍ଣତା ଆସି ପଶିଯିବାର ଭୟ ରହିଥିବ । ଆମର ଅବିଦ୍ୟାକୁ ସେହି ସମଗ୍ର ଜ୍ଞାନମୟତାରେ ରୂପାନ୍ତରିତ କରିବାକୁ ହେଲେ ଆମ ଭିତରେ ଏଭଳି ଏକ ଅଧ୍ୟାତ୍ମବୁଦ୍ଧିର ଅଭିବୃଦ୍ଧି କରାଇବାକୁ ପଡ଼ିବ, ଯାହାକି ଊର୍ଦ୍ଧ୍ୱତର ସୋପାନର ଆଲୋକଟିକୁ ଗ୍ରହଣ କରି ନେବା ପାଇଁ ପ୍ରସ୍ତୁତ ହୋଇ ରହିବ, ଏବଂ ଆମ ପ୍ରକୃତିର ସକଳ କ୍ଷେତ୍ରକୁ ତାହାରି ଆଡ଼କୁ ମୁହାଁଇ ଦେଇ ପାରିବ । ଏହାହିଁ ମଧ୍ୟବର୍ତ୍ତୀ ସୋପାନଟିର ଏକ ଅତ୍ୟାବଶ୍ୟକତା, ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ।"

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୭୮-୮୦

'oaob.nitrkl.ac.in' images reprocessed

ଏଠାରେ ଏତେବେଶୀ ସାମଗ୍ରୀ ଭର୍ତ୍ତି ହୋଇରହିଛି ଯେ, ମୋତେ ଅନ୍ତତଃ ଡଜନେ ପ୍ରଶ୍ନ ପଚରାଯାଇ ପାରିବ । (*ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି*) ତେବେ ସେହି ବାରୋଟି ମଧ୍ୟରୁ ତୁମେ ସର୍ବପ୍ରଥମଟିକୁ ପଚାର ।

(*ମାଆ ନୀରବ ରହିଲେ*)

ଏଠାରେ ବି ଗୋଟିଏ ପ୍ରଶ୍ନ ଅଛି, ମାତ୍ର ଏଇଟି ହେଉଛି ଏକ ମୌଖିକ ପ୍ରଶ୍ନ । ଅର୍ଥାତ୍, ଏଇଟି ଖୁବ୍‌ବେଶୀ ଆଗ୍ରହୋଦ୍ଦୀପକ ନୁହେଁ । ଯେଉଁ ପାରାଟି ପଢ଼ାଗଲା, ସେଇଥିରେ ଥିବା ଗୋଟିଏ ବାକ୍ୟାଂଶ ବିଷୟରେ ପ୍ରଶ୍ନଟି ପଚରାଯାଇଛି : "ଚିଦ୍‌ଗତ ସତ୍ୟଟିକୁ ଅସ୍ତିତ୍ୱର ମୂଳ ବୋଲି ଏକ ଉପପାଦ୍ୟ ରୂପେ ସ୍ୱୀକାର କରିନେଲେ ମନୋଗତ ଦୃଷ୍ଟିକୋଣରୁ ସେଥିରୁ କ'ଣସବୁ ସିଦ୍ଧାନ୍ତ ନିଷ୍ପନ୍ନ ହେଉଛି ?"– ଏହି କଥାଟିର ଅର୍ଥ କ'ଣ ?

ଏହି ପ୍ରଶ୍ନଟିକୁ ସମ୍ଭବତଃ ଏପରି ଜଣେ ବ୍ୟକ୍ତି ପଚାରିଛନ୍ତି, ଯିଏ କି "ଉପପାଦ୍ୟ"ର ଅର୍ଥ ଜାଣି ନାହାନ୍ତି ।

ଯୁକ୍ତି ଦ୍ୱାରା ଆମେ ଯେଉଁ ସତ୍ୟରେ ଆସି ଉପନୀତ ହୋଇଛୁ, ଏକ ଉପପାଦ୍ୟ ହେଉଛି ସେହି ସତ୍ୟର ବିବୃତି । ଗଣିତ ଶାସ୍ତ୍ରରେ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ଏହି ଶବ୍ଦଟିକୁ ବ୍ୟବହାର କରାଯାଇଥାଏ, ବାହ୍ୟ ସ୍ତରର ଯାବତୀୟ ବିଜ୍ଞାନରେ ମଧ୍ୟ ବ୍ୟବହାର କରାଯାଇଥାଏ । ଦାର୍ଶନିକ ଦୃଷ୍ଟିକୋଣରୁ ମଧ୍ୟ ଏହା ତାହାହିଁ ବୁଝାଏ । ଉପସ୍ଥିତ ଉଦାହରଣଟିରେ, ଅସ୍ତିତ୍ୱ ସମ୍ବନ୍ଧରେ ରହିଥିବା ଉପପାଦ୍ୟଟିକୁ ଏହିପରି ଭାବରେ କୁହାଯାଇ ପାରିବ : ଏହାକୁ ଯାବତୀୟ ଆପେକ୍ଷିକତା ମଧ୍ୟରେ ପରମ ନିର୍ବିଶେଷ ସତ୍ତା ଏବଂ ବହୁବିଧତା ମଧ୍ୟରେ ପରମ ଏକତ୍ୱ ବୋଲି କୁହାଯାଇ ପାରିବ । ମାତ୍ର "ମାନସିକ ଦୃଷ୍ଟିକୋଣରୁ ସେଥିରୁ ନିଷ୍ପନ୍ନ ହେଉଥିବା ସିଦ୍ଧାନ୍ତଗୁଡ଼ିକ" ବିଷୟରେ ବୁଝାଇ କହିବାକୁ ହେଲେ ଆମକୁ ଦର୍ଶନ-ଶାସ୍ତ୍ର ଭିତରକୁ ଯିବାକୁ ପଡ଼ିବ ଏବଂ ମୁଁ ଭାବୁଛି ଯେ ତୁମେ ବର୍ତ୍ତମାନ ସେଥିଲାଗି ପ୍ରକୃତରେ ପ୍ରସ୍ତୁତ ହୋଇପାରି ନାହଁ । ଏବଂ, ଏହାର ଅର୍ଥଟିକୁ ଯଥାର୍ଥ ଭାବରେ ବୁଝିବାକୁ ହେଲେ, ଆମର ଅନେକ ସମୟରେ ଏହିପରି ଅନୁଭୂତି ହୋଇଥାଏ, ସତେଯେପରି ଦର୍ଶନଶାସ୍ତ୍ର ସବୁବେଳେ ଏକ ସ୍ପର୍ଶକ ପରି ସତ୍ୟର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରୁଛି, ବୃତ୍ତଟିର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଛି ସତ, ମାତ୍ର ତଥାପି ତାହାକୁ ସ୍ପର୍ଶ କରିପାରୁ ନାହିଁ;– ସବୁବେଳେ କିଛି ନା କିଛି ଆମର ଦୃଷ୍ଟିକୁ ଏଡ଼ି ରହିଯାଉଛି । ଏବଂ ଏହି କିଛି ନା କିଛି ହେଉଛି ପ୍ରକୃତରେ ସବୁକିଛି ।

ଏହି ବିଷୟଗୁଡ଼ିକୁ ବୁଝିବାକୁ ହେଲେ... ଏଥିପାଇଁ କେବଳ ଅନୁଭୂତିହିଁ ରହିଛି,–

'oaob.nitrkl.ac.in' images reprocessed

ଆମକୁ ଏହି ସତ୍ୟଟିକୁ ବଞ୍ଚିବାକୁ ହେବ, ସାଧାରଣ ଇନ୍ଦ୍ରିୟଗୁଡ଼ିକ ଯେପରି ଅନୁଭବ କରିଥାନ୍ତି, ସେପରି ନୁହେଁ, ମାତ୍ର ନିଜ ଭିତରେହିଁ ସେହି ସତ୍ୟଟିକୁ ଅନୁଭବ କରିବାକୁ ହେବ; ଯୁଗପଦ୍ ଭାବରେ ସେହି ଦୁଇଟିଯାକ ସ୍ଥିତିକୁ ମୂର୍ତ୍ତରୂପେ ଅନୁଭବ କରିବାକୁ ପଡ଼ିବ, ପରସ୍ପରର ବିପରୀତ ହୋଇ ରହିଥିଲେହେଁ ସେଗୁଡ଼ିକ ତଥାପି ଏକାଠି ରହିଛନ୍ତି ବୋଲି ଅନୁଭବ କରିବାକୁ ହେବ । ଏହି କ୍ଷେତ୍ରରେ ଯାବତୀୟ ଶବ୍ଦ କେବଳ ଭ୍ରମରେ ନେଇ ପକାଇ ଦେଉଥିବ; କେବଳ ଅନୁଭୂତିହିଁ ଆମକୁ ବସ୍ତୁଟିର ଏକ ସାକାର ସତ୍ୟର ବୋଧ ଆଣି ଦେଇପିବ । ପରମ ନିର୍ବିଶେଷ ସତ୍ତା ଏବଂ ଯାବତୀୟ ଆପେକ୍ଷିକତା, ପରମ ଏକତ୍ୱ ଏବଂ ବହୁବିଧତା କିପରି ଯୁଗପଦ୍ ଭାବରେ ଅବସ୍ଥାନ କରୁଛି, ଗୋଟିଏ ପରେ ଗୋଟିଏ ହୋଇ ସେମାନେ ଦୁଇଟି ସ୍ଥିତିରୂପେ ରହି ନାହାନ୍ତି, ଗୋଟିଏ ମଧ୍ୟରୁ ଆଉ ଗୋଟିଏ ନିଷ୍ପନ୍ନ ହେଉଥିବା ପରି ରହି ନାହିଁ, ମାତ୍ର ଦୁଇ ବିପରୀତ ଭାବରେ ଗୋଚର ହେଉଥିବା ସେହି ଗୋଟିଏ ସ୍ଥିତିରୂପେ ଅବସ୍ଥିତ ରହିଛି, ପରମ ସତ୍ୟକୁ ଆମେ ଯେପରି ଏକ ଦୃଷ୍ଟିକୋଣରୁ ଦେଖିବା, ତାହାର ସେହି ଦୁଇଟି ସ୍ଥିତି ତାହାରି ଉପରେ ନିର୍ଭର କରି ରହିଛି ।

ଶବ୍ଦଗୁଡ଼ାକ କେବଳ ଅସଲ ଅନୁଭୂତିଟି ମଧ୍ୟରେ ଭ୍ରମ ଆଣି ପୂରାଇ ଦେଇଥା'ନ୍ତି । ଶବ୍ଦ ଦ୍ୱାରା ବ୍ୟକ୍ତ କରିବାକୁ ହେଲେ ଆମେ ପ୍ରକୃତରେ ପଛକୁ ପାଦେ ହଟିଯାଉ ନାହିଁ, ମାତ୍ର ତଳକୁହିଁ ଗୋଟିଏ ପାଦ ଖସି ଯାଇଥାଉ । ଏବଂ ସେହି କାରଣରୁ ଅସଲ ସତ୍ୟଟି ଆମଠାରୁ ଏଡ଼ି ହୋଇ ଚାଲିଯାଏ । ଅସଲ ବସ୍ତୁଟିକୁ କଦାପି ସୂତ୍ର ଦେଇ ପ୍ରକାଶ କରି ହେବ ନାହିଁ, ତେଣୁ ସେହି ବସ୍ତୁର ନିକଟବର୍ତ୍ତୀ ହେବା ଲାଗି ଅଳ୍ପବହୁତ ପରିମାଣରେ ଅଭିଗମ୍ୟ ହୋଇ ରହିଥିବା ଏକ ମାର୍ଗ ରୂପେହିଁ କେବଳ ଶବ୍ଦଗୁଡ଼ିକର ବ୍ୟବହାର କରାଯାଇ ପାରିବ । ଏବଂ, ଏହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ କୌଣସି ଗୋଟିଏ ସୂତ୍ରକୁ ଅନ୍ୟଗୋଟିଏ ସୂତ୍ରଠାରୁ ଅଧିକ ଭଲ ବୋଲି ବି କୁହାଯାଇପାରିବ ନାହିଁ । ପରମ କରୁଣାର ହସ୍ତକ୍ଷେପ ଯେଉଁ ପ୍ରକାରେ ଭାବନାଟି ମଧ୍ୟରେ ସାକାର ଓ ମୂର୍ତ୍ତିମନ୍ତ ହୋଇ ରହିଛି, ସେଇଟିକୁ ସ୍ମରଣ ରଖିବା ଲାଗି ଆମକୁ ଯେଉଁ ସୂତ୍ରଟି ପ୍ରକୃତରେ ସାହାଯ୍ୟ କରେ, ତାହାହିଁ ସର୍ବୋତ୍କୃଷ୍ଟ ସୂତ୍ର ।

ସମ୍ଭବତଃ କୌଣସି ଦୁଇଟି ପଥ ବି ଅବିକଳ ଏକା ନୁହନ୍ତି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ବାଟଟିକୁ ଖୋଜି ବାହାର କରିବାକୁ ହେବ । ମାତ୍ର ଗୋଟିଏ କଥାରେ ଯେପରି ଆଦୌ କୌଣସି ଭୁଲ୍ ନ ହୁଏ, ଆମେ ଯୁକ୍ତି ଓ ବିବେଚନା ଦ୍ୱାରା ତାହାକୁ କଦାପି "ଖୋଜି ପାଇପାରିବା" ନାହିଁ, ତାହାକୁ ଅଭୀପ୍ସା ଦ୍ୱାରାହିଁ "ଖୋଜି ପାଇବାକୁ" ହେବ । ଅଧ୍ୟୟନ ଏବଂ ବିଶ୍ଳେଷଣ ଦ୍ୱାରା ଆମେ ତାହାକୁ କଦାପି ଖୋଜି ପାଇବା ନାହିଁ; ଆମ ଅଭୀପ୍ସାରେ ଯେତିକି ପ୍ରଗାଢ଼ତା ରହିଥିବ ଓ ଅନ୍ତର୍ଗତ ଉନ୍ମୋଚନରେ ଯେତିକି ନିଷ୍ଠା ରହିଥିବ, ଆମେ ତାହାରି ଦ୍ୱାରାହିଁ ତାକୁ ଖୋଜି ପାଇବା ।

'oaob.nitrkl.ac.in' images reprocessed

ଆମେ ଯେତେବେଳେ ଯଥାର୍ଥ ଏବଂ ଐକାନ୍ତିକ ଭାବରେ ସେହି ଆଧ୍ୟାତ୍ମିକ ପରମସତ୍ୟର ଅଭିମୁଖ ହୋଇ ରହିଥିବା,– ତାହାକୁ ଆମେ ଯେଉଁ ନାମ ଦେଲେ ବି କିଛି ଯାଏ ଆସେ ନାହିଁ,– ଯେତେବେଳେ ଆଉ ସବୁକିଛି କେବଳ ଗୌଣ ହୋଇ ରହିଥିବ, ଯେତେବେଳେ କେବଳ ସେଇ ଅବଶ୍ୟମ୍ଭାବୀ ଏବଂ ଅନିବାର୍ଯ୍ୟ ହୋଇ ରହିଥିବେ, ସେତେବେଳେ, ଯଥାର୍ଥ ଉତ୍ତରଟିକୁ ଲାଭ କରିବା ପାଇଁ ପ୍ରଗାଢ଼, ଐକାନ୍ତିକ ଓ ସମଗ୍ର ଅଭିନିବେଶର ମାତ୍ର ଗୋଟିଏ ମୁହୂର୍ତ୍ତହିଁ ନିଶ୍ଚୟ ଯଥେଷ୍ଟ ହୋଇଯିବ ।

ଏହି କ୍ଷେତ୍ରରେ ଅନୁଭୂତିହିଁ ସର୍ବପ୍ରଥମେ ଆସିବ, ଏବଂ କେବଳ ତା'ପରେ ଯାଇ, ଏକ ପରିଣାମ ଏବଂ ଏକ ସ୍ମୃତି ରୂପେହିଁ ସୂତ୍ରବଦ୍ଧ ରୂପଟି ସ୍ପଷ୍ଟ ହୋଇଯିବ । ଏହିପରି ଭାବରେ ଅଗ୍ରସର ହେଲେ ଆଉ ଭୁଲ କରିବାର କୌଣସି ଆଶଙ୍କା ନ ଥିବ । ତାହାକୁ ପ୍ରକାଶ କରୁଥିବା ସୂତ୍ରଟି ହୁଏତ ଅଳ୍ପ କିଂବା ବହୁତ ନିର୍ଭୁଲ ହୋଇପାରେ, ମାତ୍ର ଯେପର୍ଯ୍ୟନ୍ତ ଆମେ ତାହାକୁ ନେଇ ଗୋଟାଏ ଅନ୍ଧ ବିଶ୍ୱାସରେ ପରିଣତ କରି ନ ଦେଉଛୁ, ସେପର୍ଯ୍ୟନ୍ତ ତାହାର ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ ।

ଏହା ତୁମ ଲାଗି ହିତକାରୀ ହୋଇଥିବ,– ଏହି କ୍ଷେତ୍ରରେ କେବଳ ଏତିକିରହିଁ ପ୍ରୟୋଜନ ରହିଛି । ସେଇଟି ଯାହା ହୋଇଥାଉ ପଛକେ ଓ ତାହା ପ୍ରକୃତରେ ସଂପୂର୍ଣ୍ଣ ଦୋଷମୁକ୍ତ ହୋଇଥାଉ ପଛକେ, ଯଦି ତୁମେ ତାହାକୁ ନେଇ ଅନ୍ୟମାନଙ୍କ ଉପରେ ଲଦି ଦେବାକୁ ମନ କରିବ, ତେବେ ତାହାରି ଦ୍ୱାରାହିଁ ତାହା ଏକ ମିଥ୍ୟାରେ ପରିଣତ ହୋଇଯିବ ।

ସେଇଥିପାଇଁ ଧର୍ମଗୁଡ଼ିକ ସବୁବେଳେ, ସବୁବେଳେ ଭୁଲ କରି ପକାଇଥା'ନ୍ତି, କାରଣ ସେମାନେ ଏକ ଅନୁଭବକୁ ଏକ ସାଧାରଣ ମାନ ଦେଇ ପ୍ରକାଶ କରିବାକୁ ଇଚ୍ଛା କରୁଥା'ନ୍ତି ଏବଂ ତାହାକୁ ଏକ ଅଖଣ୍ଡନୀୟ ସତ୍ୟରୂପେ ପ୍ରତ୍ୟେକଙ୍କ ଉପରେ ଲଦି ଦେବାକୁ ମନ କରୁଥା'ନ୍ତି । ଅନୁଭବଟି ନିଶ୍ଚୟ ଏକ ସତ୍ୟ ଅନୁଭବ ଥିଲା, ଏକ ସଂପୂର୍ଣ୍ଣ ଓ ପ୍ରତ୍ୟୟଦାୟକ ଅନୁଭବ ଥିଲା,– ଯିଏ ଅନୁଭବ କରିଥିଲେ, ତାଙ୍କ ଲାଗି ସେଇଟି ନିଶ୍ଚୟ ସେହିପରି ହୋଇ ରହିଥିଲା । ସିଏ ସେଇଟିକୁ ଅତି ଚମତ୍କାର ଭାବରେ ନିଜ ଲାଗି ସୂତ୍ରବଦ୍ଧ କରି ରଖିଥିଲେ । ମାତ୍ର ଆମେ ସେଇଟିକୁ ନେଇ ଯେତେବେଳେ ଅନ୍ୟମାନଙ୍କ ଉପରେ ଲଦିଦେବାକୁ ବାହାରିବା, ସେତେବେଳେ ଆମେ ପ୍ରକୃତରେ ଏକ ମୌଳିକ ଭୁଲ କରି ବସିବା । ତାହାର ପରିଣାମ ସଂପୂର୍ଣ୍ଣ ବିନାଶକାରକହିଁ ହେବ, ସବୁବେଳେହିଁ ସେହିପରି ହେବ ଏବଂ ଆମକୁ ଅସଲ ସତ୍ୟଟିଠାରୁ ଦୂରକୁ ଦୂରକୁ ନେଇ ଯାଉଥିବ ।

ସେହି କାରଣରୁହିଁ ଯାବତୀୟ ଧର୍ମ, ସେଗୁଡ଼ିକ ହୁଏତ ଯେଡ଼େ ସୁନ୍ଦର ହୋଇଥାଆନ୍ତୁ ପଛକେ, ମଣିଷକୁ ସର୍ବଦା ନାନାବିଧ ଗର୍ହିତତମ ଅତିରିକ୍ତତା ମଧ୍ୟକୁ ପଥଚ୍ୟୁତ କରି ନେଇ ଯାଇଛନ୍ତି । ଧର୍ମ ନାମରେ ଯେଉଁସବୁ ଅପରାଧ ଏବଂ ଭୟାବହତା ସଂଘଟିତ

'oaob.nitrkl.ac.in' images reprocessed

ହୋଇ ଆସିଛି, ସେଗୁଡ଼ିକ ମନୁଷ୍ୟ ଜାତିର ଇତିହାସରେ କୃଷ୍ଣତମ କଳଙ୍କରୂପେ ଚିହ୍ନିତ ହୋଇ ରହିଛି । ଏବଂ, ଆରମ୍ଭରୁ କେବଳ ସେଇ ଗୋଟିକ ଭୁଲ ସକାଶେହିଁ ସେସବୁ ହୋଇଛି । ଯାହା ଜଣେ ବ୍ୟକ୍ତି ଲାଗି ସତ୍ୟ ବୋଲି ପ୍ରମାଣିତ ହୋଇଛି, ତାହା ସମୂହସ୍ଥ ସମସ୍ତଙ୍କ ଲାଗି ଅବଶ୍ୟ ସତ୍ୟ ହେବ ବୋଲି ଦାବି କରି ସେହିସବୁ ଭୟାବହତାର ଆଚରଣ କରାଯାଇଛି ।

*(ମାଆ ନୀରବ ରହିଲେ)*

ମାର୍ଗଟିକୁ ଅବଶ୍ୟ ଦେଖାଇ ଦିଆଯିବ, ଦୁଆରଗୁଡ଼ିକୁ ଅବଶ୍ୟ ଖୋଲି ଦିଆଯିବ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତିକୁ ସେହି ମାର୍ଗରେ ଯିବାକୁହିଁ ପଡ଼ିବ, ସେହିସବୁ ଦୁଆର ଦେଇ ଅଗ୍ରସର ହେବାକୁ ପଡ଼ିବ ଏବଂ ଆପଣାର ବ୍ୟକ୍ତିଗତ ଉପଲବ୍ଧି ହାସଲ କରିବାକୁ ପଡ଼ିବ ।

ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯେଉଁ ପରମକରୁଣା ଆପଣାକୁ ପ୍ରତିପାଦିତ କରିଦେଉଛି, ଆମେ କେବଳ ତାହାରି ସହାୟତାହିଁ ଲାଭ କରିପାରିବା, କେବଳ ତାହାରି ସହାୟତାକୁହିଁ ଲାଭ କରିବା ଉଚିତ ।

'oaob.nitrkl.ac.in' images reprocessed

## ୧ ଅକ୍ଟୋବର ୧୯୫୮

*ମାଆ, ନୈତିକ ପରାକାଷ୍ଠାର ଆଦର୍ଶ କହିଲେ ପ୍ରକୃତରେ କ'ଣ ବୁଝାଇବ ?*

ହଜାର ହଜାର ପ୍ରକାରର ନୈତିକ ପରାକାଷ୍ଠା ରହିଛି । ନୈତିକ ପରାକାଷ୍ଠା ବିଷୟରେ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଭିନ୍ନ ଭିନ୍ନ ଆଦର୍ଶ ରହିଛି ।

ନୈତିକ ବୋଲି ବିଚାର କରାଯାଉଥିବା ଯାବତୀୟ ଗୁଣ ଦ୍ୱାରା ସଂପନ୍ନ ହୋଇ ରହିବାକୁ ସାଧାରଣତଃ ନୈତିକ ପରାକାଷ୍ଠା ବୋଲି କୁହାଯାଏ । ଅର୍ଥାତ୍ ନିଜର ଆଦୌ କୌଣସି ଦୋଷ ନ ଥିବ, ନିଜେ କୌଣସି ଭୁଲ୍ କରୁ ନ ଥିବ, ସବୁବେଳେ ଠିକ୍ କରୁଥିବ, ନିଜେ ଯାହା ହେବାକୁ ସବୁଠାରୁ ଭଲ ବୋଲି କଳ୍ପନା କରୁଛ, ସବୁବେଳେ ତାହାହିଁ ହୋଇ ରହିଥିବ, ସବୁଯାକ ଗୁଣରେ ସଂପନ୍ନ ହୋଇ ରହିଥିବ; ଅର୍ଥାତ୍, ସବୁଯାକ ଗୁଣ,– ଏହି ଗୁଣ ଅନେକ ସଂଖ୍ୟକ ରହିଛି, ନୁହେଁ ? – ସବୁଯାକ ଭଲ ଗୁଣ, ମଣିଷ ଯେଉଁସବୁ ଗୁଣକୁ ସବୁଠାରୁ ସୁନ୍ଦର, ସବୁଠାରୁ ଉଦାର ଓ ସବୁଠାରୁ ଅଧିକ ସତ୍ୟ ବୋଲି କଳ୍ପନା କରିଛି, ସେହି ଗୁଣଗୁଡ଼ିକୁ ପୂର୍ଣ୍ଣ ଭାବରେ ବଞ୍ଚିବା, ଆପଣାର ଯାବତୀୟ କର୍ମକୁ ତାହାରି ଦ୍ୱାରାହିଁ ପରିଚାଳିତ କରିବା, ତୁମ ଜୀବନର ଯାବତୀୟ ଗତିସ୍ପନ୍ଦନ, ଯାବତୀୟ ପ୍ରତିକ୍ରିୟା ଏବଂ ଅନୁଭୂତିକୁ ତାହାରି ଦ୍ୱାରାହିଁ ପରିଚାଳିତ କରିବା... ଏହାକୁହିଁ ନୈତିକ ପରାକାଷ୍ଠାର ଆଦର୍ଶ ଜୀବନ ବୋଲି କୁହାଯାଏ । ଏହାକୁ ଆମେ ମନୁଷ୍ୟର ମାନସିକ ବିବର୍ତ୍ତନର ସର୍ବୋଚ୍ଚ ସୋପାନ ବୋଲି କହିପାରିବା ।

ଖୁବ୍ ବେଶୀସଂଖ୍ୟକ ଲୋକ ଏକଥା କରନ୍ତି ନାହିଁ... ମାତ୍ର ତଥାପି ... କେତେକ ଲୋକ ନିଶ୍ଚୟ କରନ୍ତି ଏବଂ ଏବେ ମଧ୍ୟ କରୁଛନ୍ତି । ଏବଂ ଏହାକୁ ଲୋକେ ଆଧ୍ୟାତ୍ମିକ ଜୀବନ ବୋଲି ଭ୍ରମ କରନ୍ତି । ଯେତେବେଳେ ଏହିପରି ଜଣେ ବ୍ୟକ୍ତି ସହିତ ସେମାନଙ୍କର ଭେଟ ହୁଏ, ସେତେବେଳେ ସେମାନେ କହିବାକୁ ଲାଗନ୍ତି, "ସିଏ ପ୍ରକୃତରେ ଜଣେ ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତି ।" ସିଏ ଜଣେ ମହାନ୍ ସନ୍ଥପୁରୁଷ ହୋଇପାରନ୍ତି, ଜଣେ ବଡ଼ ମୁନିଋଷି ବି ହୋଇପାରନ୍ତି, ମାତ୍ର କଦାପି ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ନୁହନ୍ତି ।

ଏବଂ ତଥାପି ଏହାକୁ ଉପଲବ୍ଧି କରିବା ମଧ୍ୟ ଭାରି ଭଲ କଥା ଓ ଭାରି କଷ୍ଟକର କଥା । ଏବଂ ଆମ ଅନ୍ତର୍ଗତ ବିବର୍ତ୍ତନର ଧାରାରେ ଏପରି ଏକ ବେଳ ଆସି ପହଞ୍ଚେ, ଯେତେବେଳେ ତାହାକୁ ଉପଲବ୍ଧି କରିବା ଲାଗି ପ୍ରୟାସ କରିବା ଅତ୍ୟନ୍ତ ଆବଶ୍ୟକ ହୁଏ । ଆପଣାର ଯାବତୀୟ ବାସନାବେଗ ଏବଂ ଅଜ୍ଞାନଗ୍ରସ୍ତ ବାହ୍ୟ ପ୍ରତିକ୍ରିୟାଗୁଡ଼ାକ ଦ୍ୱାରା ତଥାପି

'oaob.nitrkl.ac.in' images reprocessed

ପରିଚାଳିତ ହେବାରେ ଲାଗିଥିବା ଅପେକ୍ଷା ଅବଶ୍ୟ ଏହାକୁ ଅନେକ ଗୁଣରେ ଅଧିକ ଉଚ୍ଚ ସ୍ତରର ଜୀବନ ବୋଲି କୁହାଯାଇ ପାରିବ । ଏହାକୁ ତଥାପି ନିଜ ପ୍ରକୃତି ଉପରେ ନିଜେ ନିୟନ୍ତ୍ରଣକାରୀ ହୋଇ ରହିବାର ଏକ ମାର୍ଗ ବୋଲି କୁହାଯାଇ ପାରିବ । ଏହାକୁ ଏପରି ଏକ ପର୍ଯ୍ୟାୟ ବୋଲି କୁହାଯିବ, ଯାହା ମଧ୍ୟଦେଇ ଯିବାକୁହିଁ ପଡ଼ିବ, କାରଣ ଏହି ପର୍ଯ୍ୟାୟଟିରେହିଁ ଜଣେ ବ୍ୟକ୍ତି ଆପଣାର ଅହଂଟି ଉପରେ ପ୍ରଭୁତ୍ୱ ଅର୍ଜନ କରିବାକୁ ଆରମ୍ଭ କରିଥାଏ । ଏହି ପର୍ଯ୍ୟାୟଟିକୁ ଆସି ସେ ଅହଂକୁ ପକାଇଦେଇ ଚାଲିଯିବାକୁ ପ୍ରସ୍ତୁତ ହୁଏ;– ଅହଂ ତଥାପି ତା'ଭିତରେ ରହିଥାଏ, ମାତ୍ର କ୍ରମେ ଏତେ ଅଧିକରୁ ଅଧିକ କ୍ଷୀଣଶକ୍ତି ହୋଇ ଆସେ ଯେ ତା'ର ଶେଷ ବେଳ ଆସି ଉପସ୍ଥିତ ହୋଇଯାଏ । ଅନ୍ୟ ପାଖଟିକୁ ଅତିକ୍ରମ କରିଯିବା ପୂର୍ବରୁ ଏଇଟିକୁ ଆମେ ଶେଷ ପର୍ଯ୍ୟାୟଟି ବୋଲି କହିପାରିବା; ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହି ପର୍ଯ୍ୟାୟଟି ମଧ୍ୟଦେଇ ନ ଯାଇ ଅନ୍ୟ ପାଖକୁ ଚାଲି ଯାଇପାରିବ ବୋଲି ଯଦି କେହି ପ୍ରକୃତରେ କଳ୍ପନା କରୁଥାଏ, ତେବେ ସେ ନିଶ୍ଚୟ ଏକ ମସ୍ତବଡ଼ ଭୁଲ କରି ବସିବ । ଆପଣାର ନିମ୍ନତର ପ୍ରକୃତି ବିଷୟରେ ତା'ର ଗୋଟିଏ ସଂପୂର୍ଣ୍ଣ ଦୁର୍ବଳତାକୁ ସେ ଏକ ସଂପୂର୍ଣ୍ଣ ସ୍ୱାଧୀନତା ବୋଲି ଭ୍ରମ କରିବାର ପ୍ରମାଦରେ ପଡ଼ିଯିବ ।

ଜୀବନର ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି, ଏହି ଅବଧିଟି ଯେତେ ଅଳ୍ପକ୍ଷଣ ସ୍ଥାୟୀ ହୋଇଥାଉ ପଛକେ, ନୈତିକ ପରାକାଷ୍ଠାର ଏହି ଆଦର୍ଶଟିକୁ ଉପଲବ୍ଧି ନ କରି ମାନସିକ ସତ୍ତାର ସ୍ତରରୁ ଯାଇ ଯଥାର୍ଥ ଆଧ୍ୟାତ୍ମିକ ସ୍ତରରେ ପହଞ୍ଚି ପାରିବାକୁ ପ୍ରାୟ ଅସମ୍ଭବ ବୋଲିହିଁ କୁହାଯିବ । ଅନେକ ବ୍ୟକ୍ତି ଏହି ପର୍ଯ୍ୟାୟଟିକୁ ଶୀଘ୍ର ସାରିଦେବେ ବୋଲି ଚେଷ୍ଟା କରୁଥା'ନ୍ତି ଏବଂ ବହିଃସ୍ଥ ପ୍ରକୃତିର ଯାବତୀୟ ଦୁର୍ବଳତାକୁ ଜୟ କରିସାରିବା ପୂର୍ବରୁ ଆପଣାର ଅନ୍ତର୍ଗତ ସ୍ୱାଧୀନତାକୁ ଦାବି କରିବାରେ ଲାଗିଥା'ନ୍ତି । ସେମାନେ ଆପଣାକୁ ଭ୍ରାନ୍ତିଗ୍ରସ୍ତ କରି ରଖିବାର ମହାପ୍ରମାଦରେହିଁ ପଡ଼ିଥା'ନ୍ତି । ଯଥାର୍ଥ ଆଧ୍ୟାତ୍ମିକ ଜୀବନ ଓ ପୂର୍ଣ୍ଣସ୍ୱାଧୀନତା,– ସର୍ବୋଚ୍ଚ ନୈତିକ ଯାବତୀୟ ଉପଲବ୍ଧିଠାରୁ ଏଗୁଡ଼ିକ ହେଉଛନ୍ତି ଅନେକ ଅଧିକ ଉଚ୍ଚ; ମାତ୍ର ଆମକୁ ସର୍ବଦା ସତର୍କ ରହିବାକୁ ପଡ଼ିବ ଯେ ଏହି ତଥାକଥିତ ସ୍ୱାଧୀନତା ଯେପରି କେବଳ ଏକ ଶିଥିଳତା ଏବଂ ଯାବତୀୟ ନିୟମ ପ୍ରତି ଏକ ଅବଜ୍ଞାରେହିଁ ପରିଣତ ହୋଇ ନ ରହେ ।

ଆମକୁ ଆହୁରି ଉଚ୍ଚକୁ ଯିବାକୁ ହେବ, ସର୍ବଦା ଆହୁରି ଉଚ୍ଚକୁ ଓ ଆହୁରି ଉଚ୍ଚକୁ ଯିବାକୁ ପଡ଼ିବ; ମନୁଷ୍ୟସମାଜ ଯେଉଁ ସର୍ବୋଚ୍ଚ ସ୍ତରରେଯାଇ ଉପନୀତ ହୋଇ ସାରିଛି, ତା'ଠାରୁ କମ୍ ହାସଲ କରି ଆମେ କଦାପି ସନ୍ତୁଷ୍ଟ ହୋଇ ରହିଯିବା ନାହିଁ ।

ଯାହାକିଛିକୁ ମନୁଷ୍ୟସମାଜ ସବୁଠାରୁ ଅଧିକ ଉଚ୍ଚ, ସବୁଠାରୁ ଅଧିକ ସୁନ୍ଦର, ସବୁଠାରୁ ଅଧିକ ପରିପୂର୍ଣ୍ଣତାଯୁକ୍ତ, ସବୁଠାରୁ ଅଧିକ ଆସକ୍ତିମୁକ୍ତ ଓ ବ୍ୟାପକ ତଥା ସର୍ବୋତ୍ତମ

'oaob.nitrkl.ac.in' images reprocessed

ବୋଲିଇ କଳ୍ପନା କରି ଆସିଛି, ଆଉ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେଗୁଡ଼ିକ ହୋଇ ସାରିବା ପରେ ଯାଇ ଆମେ ଆମର ଆଧ୍ୟାତ୍ମିକ ଚେତନାଗୁଡ଼ିକୁ ଯଥାର୍ଥ ଭାବରେ ମେଲିଦେଇ ପାରିବା, ତା'ପରେ ଯାଇ ଊର୍ଦ୍ଧ୍ୱରୁ ଥାଇ ତଥାପି ବ୍ୟକ୍ତି-ଆତ୍ମାର ଏକ ସମ୍ପଦ ପରି ହୋଇ ରହିଥିବା ସେହିଗୁଡ଼ିକ ଉପରେ ଅବଲୋକନ କରିପାରିବା । ତେବେ ଯାଇ ଆମେ ପ୍ରକୃତରେ ସେହି ଯଥାର୍ଥ ଆଧ୍ୟାତ୍ମିକତା ମଧ୍ୟରେ ପ୍ରବେଶ କରି ପାରିବା, ଯାହାର କି ଆଦୌ କୌଣସି ସୀମା ନାହିଁ, ଯାହାକି ଏକ ପୂର୍ଣ୍ଣ ରୀତିରେ ଅନନ୍ତତା ଏବଂ ଶାଶ୍ୱତତାକୁ ବଞ୍ଚିବାରେ ଲାଗିଛି ।

'oaob.nitrkl.ac.in' images reprocessed

## ୮ ଅକ୍ଟୋବର ୧୯୫୮

*ମାଆ, ମାନବ ଏବଂ ଅତିମାନବ ମଧ୍ୟରେ କ'ଣ କୌଣସି ଅନ୍ତଃବର୍ତ୍ତୀ ସ୍ଥିତିର ଆବିର୍ଭାବ ହେବ ନାହିଁ ?*

ସମ୍ଭବତଃ ଅନେକ ସ୍ଥିତିର ଆବିର୍ଭାବ ହେବ ।

ମାନବ ଆଉ ଅତିମାନବ ? ତୁମେ ନିଶ୍ଚୟ ଆବିର୍ଭୂତ ହେବାକୁ ଯାଉଥିବା ସେହି ନୂତନ ଅତିମାନସ ମନୁଷ୍ୟଜାତିର କଥା କହୁ ନାହଁ, କହୁଛ କି ? ଆମେ ଯାହାକୁ ଅତିମାନବ ବୋଲି କହୁଛୁ, ଅର୍ଥାତ୍ ସାଧାରଣ ମନୁଷ୍ୟର ରୀତିରେ ଜନ୍ମଗ୍ରହଣ କରିଥିବା ଏବଂ ଏହି ସାଧାରଣ ଜନ୍ମଗ୍ରହଣଟି ଦ୍ୱାରା ସେ ଯେଉଁ ଭୌତିକ ସତ୍ତାଟି ଲାଭ କରିଛି, ତାହାକୁ ରୂପାନ୍ତରିତ କରିବା ଲାଗି ପ୍ରୟାସ କରୁଥିବା ସେହି ମନୁଷ୍ୟ ବିଷୟରେ କ'ଣ ତୁମେ ପ୍ରକୃତରେ କହୁଛ ? ପ୍ରକୃତରେ କ'ଣ ଅନେକ ଅବସ୍ଥା ରହିଛି ?– ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି କ୍ଷେତ୍ରରେ ଅଗଣିତ ଆଂଶିକ ଉପଲବ୍ଧି ହେବାକୁ ଯାଉଛି । ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ରୂପାନ୍ତରର ମାତ୍ରା ମଧ୍ୟ ନିଶ୍ଚୟ ଭିନ୍ନ ଭିନ୍ନ ହେବ । ଏକଥା ସଂପୂର୍ଣ୍ଣ ସତ୍ୟ ଯେ ଆମେ ଅତିମାନବ ପରି କୌଣସି ଏକ ସୋପାନକୁ ଆସିବା ପୂର୍ବରୁ ଅଳ୍ପବହୁତ ଫଳପ୍ରଦ ଅଥବା ଅଫଳପ୍ରଦ ଭାବରେ ଏହି ଦିଗରେ ପ୍ରଭୂତ ସଂଖ୍ୟାରେହିଁ ନାନା ଉଦ୍ୟମ ହେବ । ଏବଂ, ସେଗୁଡ଼ିକ ମଧ୍ୟ ନିଶ୍ଚୟ ଅଳ୍ପବହୁତ ସଫଳତା ହାସଲ କରିବେ ।

ଯେଉଁମାନେ ଆଜି ଆପଣାର ସାଧାରଣ ପ୍ରକୃତିଟିକୁ ଅତିକ୍ରମ କରିଯିବାକୁ ଉଦ୍ୟମ କରୁଛନ୍ତି, ଦିବ୍ୟ ପରମସତ୍ୟ ସହିତ ସେମାନଙ୍କର ଏକ ସଂସ୍ପର୍ଶ ସମ୍ଭବ କରି ଦେଇଥିବା ଗଭୀରତର ଅନୁଭୂତିଟିକୁ ଯେଉଁମାନେ ଏହି ପାର୍ଥିବ ଭୂମିରେ ମଧ୍ୟ ଉପଲବ୍ଧି କରିବା' ଲାଗି ଚେଷ୍ଟା କରୁଛନ୍ତି, ପରମ ବିଶ୍ୱାତୀତ ବା ପରମ ସର୍ବୋଚ୍ଚ ମଧ୍ୟରେ ଆଶ୍ରୟ ନେବାକୁ ନ ଯାଇ ଯେଉଁମାନେ ଆପଣା ଭିତରେ ଉପଲବ୍ଧି କରିଥିବା ଚେତନାଗତ ପରିବର୍ତ୍ତନଟିକୁ ପାର୍ଥିବ ବାହ୍ୟ ଭୂମିରେ ମଧ୍ୟ ଉପଲବ୍ଧି କରିବାକୁ ଉଦ୍ୟମ କରୁଛନ୍ତି, ଏମାନଙ୍କୁ ସମସ୍ତଙ୍କୁହିଁ ଅତିମାନବରେ ପରିଣତ ହେବାର ମାର୍ଗରେ ଶିକ୍ଷାର୍ଥୀ ମାର୍ଗଚାରୀ ବୋଲି କୁହାଯାଇ ପାରିବ । ଏବଂ, ସେମାନଙ୍କର ଏହିସବୁ ଉଦ୍ୟମର ସଫଳତାରେ ଅଗଣିତ ପାର୍ଥକ୍ୟମାନ ଦେଖିବାକୁ ମିଳିବ । ଆମେ ପ୍ରତ୍ୟେକ ଥର ଯେତେବେଳେ ଏକ ସାଧାରଣ ମନୁଷ୍ୟଠାରୁ କିଛି ଅଧିକ ହେବାକୁ ଚେଷ୍ଟା କରୁଛୁ, ସାଧାରଣ ଜୀବନସ୍ତରରେ ଅଟକି ନ ଯିବାକୁହିଁ ଚେଷ୍ଟା କରୁଛୁ, ଆମର ଗତିସ୍ପନ୍ଦନ, କ୍ରିୟା ତଥା ପ୍ରତିକ୍ରିୟାଗୁଡ଼ିକରେ ଆମେ

'oaob.nitrkl.ac.in' images reprocessed

ଯେତେବେଳେ ସେହି ଦିବ୍ୟ ପରମସତ୍ୟକୁ ପ୍ରକାଶିତ କରି ଆଣିବାକୁ ଚେଷ୍ଟା କରୁଛୁ, ଏହି ସାଧାରଣ ସ୍ତରରେ ବ୍ୟାପ୍ତ ହୋଇ ରହିଥିବା ଅଜ୍ଞାନ ପରିବର୍ତ୍ତେ ଆମେ ଯେତେବେଳେ ସେହି ପରମସତ୍ୟଟି ଦ୍ୱାରାହିଁ ପରିଚାଳିତ ହେଉଛୁ, ସେତେବେଳେ ଆମେ ସମସ୍ତେ ସେହିପରି ଜଣେ ଶିକ୍ଷାର୍ଥୀର ଭୂମିକା ଗ୍ରହଣ କରୁଛୁ । ଏବଂ, ଆମର ସେହି ଉଦ୍ୟମଲବ୍ଧ ସଫଳତାଟି ଅନୁସାରେ ଆମେ କମ୍ ବା ଅଧିକ ସମର୍ଥ ଶିକ୍ଷାର୍ଥୀ ରୂପେ ଗଣ୍ୟ ହୋଇପାରୁଛୁ, ପ୍ରକୃତ ମାର୍ଗରେ ଅଧିକ ବା ଅଳ୍ପ ଗତି କରି ଯାଉଥିବାର ପ୍ରମାଣ ପାଇଯାଉଛୁ ।

ଏଗୁଡ଼ିକ ସବୁଯାକ ହେଉଛି ଗୋଟିଏ ଗୋଟିଏ ପର୍ଯ୍ୟାୟ, ତେଣୁ... । ପରମ ରୂପାନ୍ତର ଦିଗରେ ଏହି ପ୍ରତିଯୋଗିତାରେ କିଏ ଆଗ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ, ସେଇଟିକୁ ଜାଣିବା ହେଉଛି ଅସଲ ପ୍ରଶ୍ନ । ଦିବ୍ୟ ପରମସତ୍ୟର ପ୍ରତିରୂପଟି ଅନୁସାରେ ଯେଉଁ ବ୍ୟକ୍ତି ନିଜ ଶରୀରର ରୂପାନ୍ତର କରିବାକୁ ଇଚ୍ଛା କରୁଛି, ସିଏ ଜିତିବ, ନା କ୍ରମଶଃ କ୍ଷୟପ୍ରାପ୍ତ ହୋଇ ଯେଉଁ ଶରୀରଟି ଏପରି ଭାବରେ ବିକୃତ ହୋଇପଡୁଛି ଯେ ତାହା ଆଉ ଆପଣାର ବାହ୍ୟ ସଂପୂର୍ଣ୍ଣତାଟି ମଧ୍ୟରେ ବି ତିଷ୍ଠି ରହିପାରୁ ନାହିଁ, ସେହି ଶରୀରର ପୁରାତନ ଅଭ୍ୟାସଟାହିଁ ବଞ୍ଚିବ ? ଏହି ପ୍ରତିଯୋଗିତା ହେଉଛି ରୂପାନ୍ତର ଏବଂ କ୍ଷୟପ୍ରାପ୍ତି ମଧ୍ୟରେ ଏକ ପ୍ରତିଯୋଗିତା । କାରଣ ଏଥିରେ କେବଳ ଦୁଇଟି ସ୍ଥାନ ରହିଛି ଯେଉଁଠାରେ କି ଆମେ ଯାଇ ଅଟକି ପାରିବା । ଆମେ କେତେଦୂର ସଫଳତା ଲାଭ କରୁଛୁ ବା ନ କରୁଛୁ, ତାହା ସୂଚାଇ ଦେବା ପାଇଁ କେବଳ ଦୁଇଟି ବସ୍ତୁ ରହିଛି : ପ୍ରଥମଟି ହେଉଛି ସଫଳତା, ଅର୍ଥାତ୍ ଅତିମାନବତ୍ୱର ଉପଲବ୍ଧି; "ମୁଁ ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚି ଯାଇଛି" ବୋଲି ଆମେ ସେତେବେଳେ ନିଶ୍ଚୟ କହିପାରିବା । ଦ୍ୱିତୀୟ ସ୍ଥାନ ବା ଅବସ୍ଥାଟି ହେଉଛି ମୃତ୍ୟୁ । ସେହି ଦୁଇଟି ସ୍ଥାନରୁ ଗୋଟିକରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ଆମେ ସାଧାରଣତଃ "ଅଧା ବାଟରେ"ହିଁ ରହିଛୁ ।

ଏହି ଦୁଇଟି ମଧ୍ୟରୁ ଗୋଟିଏ କଥା,— ଲକ୍ଷ୍ୟର ସାଧନ ଅଥବା ଏକ ହଠାତ୍ ଜୀବନାବସାନ,— ତାହାହିଁ ସାମୟିକ ଭାବରେ ଆମର ଅଗ୍ରଗତିରେ ଏକ ପୂର୍ଣ୍ଣଚ୍ଛେଦ ପକାଇ ଦେଉଛି । ଏବଂ ଏହି ମାର୍ଗରେ ଜଣେ ହୁଏତ ଅନେକ ଦୂର ଆଗକୁ ଚାଲି ଯାଇଥିବ ପଛକେ, ମାତ୍ର ଶେଷ ସ୍ଥାନଟି ଆସି ନ ପହଞ୍ଚିବା ପର୍ଯ୍ୟନ୍ତ, ସେ ପ୍ରକୃତରେ କେଉଁ ଅବସ୍ଥାଟିରେ ରହିଛି, ସେକଥା ଆଦୌ କହି ପାରିବ ନାହିଁ । ତେଣୁ ସର୍ବଶେଷ ଅବସ୍ଥାଟିହିଁ ପ୍ରକୃତ ମୀମାଂସା କରିଦେବ । ତେଣୁ, ଯେଉଁ ବ୍ୟକ୍ତି ବର୍ତ୍ତମାନଠାରୁ କେତେ ଶହ ବା କେତେ ହଜାର ବର୍ଷ ପରେ ଆସିବ ଓ ପଛକୁ ଅନାଇ ଦେଖିବ, ସିଏ ନିଶ୍ଚୟ କହିପାରିବ, "ହଁ, ସେତେବେଳେ ମୋ'ର ଅମୁକ ବା ସମୁକ ଅବସ୍ଥାଟି ଥିଲା, ସେତେବେଳେ ମୁଁ ଅମୁକଟିର ବା ସମୁକଟିର ଉପଲବ୍ଧି କରିଥିଲି ।" ଏହାକୁ ଇତିହାସ ବୋଲି କୁହାଯିବ, ଘଟଣାଟି ଉପରେ ଏକ

'oaob.nitrkl.ac.in' images reprocessed

ଐତିହାସିକ ଦୃଷ୍ଟିପାତ ବୋଲି କୁହାଯିବ । ସେପର୍ଯ୍ୟନ୍ତ ଆମେ ସମସ୍ତେ କେବଳ ଗତିଶୀଳ ହୋଇ ରହିଥିବା ଏବଂ ଆପଣାର କ୍ରିୟା କରି ଯାଉଥିବା ।

ଆମେ ପ୍ରକୃତରେ କେତେ ବାଟ ଗଲୁଣି, ଓ ପ୍ରକୃତରେ ଆହୁରି କେତେ ବାଟ ଯିବାକୁ ଅଛି ? ସେ ବିଷୟରେ ଅନେକବେଶୀ ନ ଭାବିବାହିଁ ଭଲ, ତଦ୍ୱାରା ତୁମେ ପ୍ରକୃତରେ ଖଞ୍ଜା ହୋଇ ପଡ଼ିବ ଓ ତା'ପରେ ଆଉ ଦଉଡ଼ି ପାରିବା ଲାଗି ତୁମର ଯଥେଷ୍ଟ ଶକ୍ତି ରହିବ ନାହିଁ । ତେଣୁ ଆମେ କେବଳ ଦଉଡ଼ି କରି ଆଗକୁ ଚାଲିଯିବା କଥାଟିକୁହିଁ ଭାବିବା ଏବଂ ଆଉ କିଛିହେଲେ ଭାବିବା ନାହିଁ । ଉତ୍ତମରୂପେ ଦଉଡ଼ି ପାରିବାକୁ ହେଲେ କେବଳ ସେହି ଗୋଟିଏ ଉପାୟ ରହିଛି । ତୁମକୁ ଯେଉଁଠାରେ ଯାଇ ପହଞ୍ଚିବାକୁ ହେବ, ତୁମେ କେବଳ ତାହାରି ଉପରେ ଦୃଷ୍ଟି ରଖିଥିବ ଏବଂ ଆଗକୁ ଓ ଆହୁରି ଆଗକୁ ଯିବା ପାଇଁ ଆପଣାର ଗତିରେ ସଂପୂର୍ଣ୍ଣ ଶକ୍ତିକୁ ଆଣି ଲଗାଉଥିବ । ତୁମେ କେତେ ବାଟ ଗଲ ବା ନ ଗଲ, ସେଇଟା ତୁମର ଭାବିବା କଥା ନୁହେଁ । ମୁଁ କହିବି, ''ଏହା ହେଉଛି ଇତିହାସ'' ଓ ଏହା ପରେ ଆସିବ । ଆମର ଏହି ପ୍ରଚେଷ୍ଟାର ଇତିହାସ ଲେଖିବା ଲୋକମାନେ ଆମକୁ ସେକଥା କହିବେ,— କାରଣ, ସେତେବେଳେ ଆମେ ବି ସମ୍ଭବତଃ ସେଠାରେ ରହିଥିବା;— ଆମେ କ'ଣ କଲୁ ଓ କିପରି ଭାବରେ ତାହାକୁ କଲୁ, ସେମାନେ ଆମକୁ ସବୁ କହିବେ । ବର୍ତ୍ତମାନ ପାଇଁ କେବଳ ସେଇଟି ସାଧନ କରି ଦେଖାଇବା ଲାଗିହିଁ ପ୍ରୟୋଜନ ରହିଛି । ବର୍ତ୍ତମାନ କେବଳ ଏହି କଥାଟିରହିଁ ମହତ୍ତ୍ୱ ରହିଛି ।

'oaob.nitrkl.ac.in' images reprocessed

## ୨୨ ଅକ୍ଟୋବର ୧୯୫୮

''ମାତ୍ର ଆପଣାକୁ ଏହିପରି ଏକ ଦୃଷ୍ଟିକୋଣରୁ ପ୍ରେରିତ କରି ଆମେ ମନୁଷ୍ୟ ଭିତରେ ସଂଘଟିତ ହେଉଥିବା ଆଧ୍ୟାତ୍ମିକ ବିକାଶଧାରା ଅଥବା ଆଧ୍ୟାତ୍ମିକ ମୂଲ୍ୟଟିର ଯଥାର୍ଥ ବିଚାର କିଂବା ଅବଧାରଣ ଆଦୌ କରି ପାରିବା ନାହିଁ । କାରଣ ସେହି ପୁରୁଣା କିଂବା ବର୍ତ୍ତମାନର ମାନସିକ ଭିତ୍ତିଟା ଉପରେହିଁ ମନୁଷ୍ୟର ସମସ୍ୟାଗୁଡ଼ାକୁ ସମାଧାନ କରିଦେବା ଏହି ବିକାଶଟିର ଅସଲ କାର୍ଯ୍ୟ ନୁହେଁ; ଏହାର ପ୍ରକୃତ କାର୍ଯ୍ୟ ହେଉଛି ଆମର ସତ୍ତା, ଆମର ଜୀବନ ତଥା ଆମର ଜ୍ଞାନ ଲାଗି ଏକ ନୂତନ ଭିତ୍ତି ବା ଭୂମିର ନିର୍ମାଣ କରିବା । ତତ୍ତ୍ୱଦ୍ରଷ୍ଟା ମଧ୍ୟରେ ବୈରାଗ୍ୟ କିଂବା ଇହ-ଅଶ୍ରଦ୍ଧାର ଯେଉଁ ପ୍ରବୃତ୍ତିଟି ଦୃଷ୍ଟିଗୋଚର ହୋଇଥାଏ, ଜଡ଼ାଶ୍ରୟୀ ପ୍ରକୃତିର ସୀମା ଓ ବାଡ଼ଗୁଡ଼ାକୁ ମାନିନେବା ଲାଗି ଅସମ୍ମତି ପ୍ରକାଶ କରିବାର ଏକ ଚରମ ନିଦର୍ଶନ ବ୍ୟତୀତ ତାହା ଆଉ କିଛି ନୁହେଁ । କାରଣ ଏହି ସୀମାଗୁଡ଼ିକୁ ପାର ହୋଇ ଚାଲିଯିବାକୁହିଁ ସେ ଆପଣା ସତ୍ତାର ପରମ ଔଚିତ୍ୟ ବୋଲି ଗ୍ରହଣ କରି ନେଇଥାଏ । ତେଣୁ ସେହି ପ୍ରକୃତିକୁ ଯଦି ସେ ବଦଳାଇ ନ ପାରେ, ତେବେ ତାହାକୁ ବର୍ଜନ କରିବାକୁହିଁ ସେ ଆପଣାର ଅବଶ୍ୟ କର୍ତ୍ତବ୍ୟ ବୋଲି ଜାଣେ । ପୁଣି ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ଆଧ୍ୟାତ୍ମିକ ମନୁଷ୍ୟ କଦାପି ସମ୍ପୂର୍ଣ୍ଣ ଭାବରେ ଆପଣାକୁ ସାଧାରଣ ମନୁଷ୍ୟଜୀବନଠାରୁ ଦୂରବର୍ତ୍ତୀ କରି ରଖି ନାହିଁ । କାରଣ ସର୍ବଜୀବ ସହିତ ଏକାତ୍ମତାର ବୋଧ, ବିଶ୍ୱଜନୀନ ଶ୍ରଦ୍ଧା ତଥା କରୁଣା ଉପରେ ଗୁରୁତ୍ୱ ଏବଂ ପ୍ରାଣୀମାତ୍ରେ ସମସ୍ତଙ୍କର କଲ୍ୟାଣ ଲାଗି ଆପଣାର ଶକ୍ତିକୁ ନିୟୋଜିତ କରିବାର ଇଚ୍ଛା,– ଯେତେବେଳେ ଆଧ୍ୟାତ୍ମିକତା ଗତିଶୀଳ ଭାବରେ କୁସୁମିତ ହୋଇଉଠେ, ସେତେବେଳେ ଏହିଗୁଡ଼ିକହିଁ ତାହାର ମୂଳଗତ ଭାବ ହୋଇ ରହିଥାଏ । ଏହି କାରଣରୁହିଁ ଆଧ୍ୟାତ୍ମିକ ସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କର ସହାୟକ ହେବା ଲାଗି ନାନାଭାବେ ଅଗ୍ରସର ହୋଇ ଯାଇଛନ୍ତି । ସେମାନେ ଅନ୍ୟମାନଙ୍କର ପରିଚାଳନା କରି ନେଇଛନ୍ତି । ପ୍ରାଚୀନ ଋଷି ଓ ପୟଗମ୍ବରମାନେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ପୁଣି କେତେବେଳେ ସୃଷ୍ଟି ଲାଗି ପ୍ରବୃତ୍ତ ହୋଇ ସେମାନେ ତଳକୁ ଓହ୍ଲାଇ ଆସିଛନ୍ତି; ଏବଂ ଯେଉଁଠି ସେମାନେ

'oaob.nitrkl.ac.in' images reprocessed

ପରମ ଚିଦ୍‌ବସ୍ତୁର କୌଣସି ପ୍ରତ୍ୟକ୍ଷ ଶକ୍ତିମତ୍ତା ଦ୍ୱାରା ପ୍ରବୃତ୍ତ ହୋଇ ଏପରି କରିଛନ୍ତି, ସେଠାରେ ଅପାର ଓ ମହତ୍ ଫଳ ଫଳିଛି । ମାତ୍ର ଆଧ୍ୟାତ୍ମିକତାଠାରୁ ଆମେ ସମସ୍ୟାର ଯେଉଁ ସମାଧାନଟି ପାଉ, ତାହା ବାହ୍ୟ ସାଧନବଳରେ କଦାପି ଉପଲବ୍ଧ ହୁଏ ନାହିଁ । ଅବଶ୍ୟ ଏହି କ୍ଷେତ୍ରରେ ବାହ୍ୟ ସାଧନକୁ କାର୍ଯ୍ୟରେ ଲଗାଇବାକୁ ପଡୁଥିଲେହେଁ କେବଳ ଏକ ଅନ୍ତର୍ଗତ ପରିବର୍ତ୍ତନ ଦ୍ୱାରାହିଁ ଅସଲ ସମାଧାନ ହୋଇଥାଏ, ଚେତନା ଓ ପ୍ରକୃତିର ରୂପାନ୍ତର ଦ୍ୱାରାହିଁ ତାହା ଘଟିଥାଏ ।

"ଆଧ୍ୟାତ୍ମିକ ସାଧନା ଦ୍ୱାରା ଜନସାଧାରଣଙ୍କର ଜୀବନରେ କୌଣସି ମୀମାଂସକ ଫଳ ପ୍ରାପ୍ତ ହୋଇ ନାହିଁ, ଜୀବନରେ କୌଣସି ଯଥାର୍ଥ ରୂପାନ୍ତର ଘଟି ନାହିଁ, କେବଳ କିଛି ଆଂଶିକ ଫଳହିଁ ମିଳିଛି, ଚେତନାର ଭଣ୍ଡାରରେ କେବଳ କିଛି କିଛି ସୂକ୍ଷ୍ମ ଓ ନୂତନ ଉପାଦାନ ମାତ୍ର ସଂଗୃହୀତ ହୋଇଛି; ମାତ୍ର ଏହାର କାରଣ ହେଉଛି ଯେ ସମଷ୍ଟିଗତ ଭାବରେ ମନୁଷ୍ୟ କେବେହେଲେ ଆଧ୍ୟାତ୍ମିକ ଆବେଗଟି ଦ୍ୱାରା ଯଥାର୍ଥଭାବରେ ଉଦ୍‌ବୋଧିତ ହୋଇ ନାହିଁ । ଅଧ୍ୟାତ୍ମ ଆକୂତିର ପଥରୁ ସେ ବାରବାର ଦୂରଛଡ଼ା ହୋଇ ରହିଛି, ଆଧ୍ୟାତ୍ମିକ ଆଦର୍ଶକୁ ବର୍ଜିତ କରି ରଖିଛି; ଅଥବା ଏହି ଆଦର୍ଶର କେବଳ ବହିରଙ୍ଗଟାକୁ ଗ୍ରହଣ କରି ଅନ୍ତର୍ଗତ ପରିବର୍ତ୍ତନର ଆହ୍ୱାନଟିକୁ ପରିତ୍ୟାଗ କରି ପକାଇଛି । ଏକ ଅନାଧ୍ୟାତ୍ମିକ ପଦ୍ଧତିର ଅନୁସରଣ କରି ଆମେ ଆଧ୍ୟାତ୍ମିକତାକୁ ଜୀବନର କୌଣସି ଉଦ୍ଦେଶ୍ୟ-ସାଧନରେ କଦାପି ନିୟୋଜିତ କରିପାରିବା ନାହିଁ; କିଂବା ରାଜନୀତିକ, ସାମାଜିକ ଅଥବା ଅନ୍ୟକୌଣସି ଯାନ୍ତ୍ରିକ, ଅନ୍ୟ କୌଣସି ଅମୋଘ ଓ ହଠାତ୍ ସମାଧାନ ଦେଇ ଆଧ୍ୟାତ୍ମିକତା ଜୀବନର ବ୍ୟାଧିଗୁଡ଼ିକୁ ଭଲ କରି ଦେଉ ବୋଲି ଆମେ କଦାପି ଆଶା କରି ପାରିବା ନାହିଁ । ଆମର ମନଟାହିଁ ଅବିରାମ ଭାବରେ ଏହିସବୁ ସମାଧାନର ଉଦ୍ଭାବନ କରିବାରେ ଲାଗିଥାଏ, ଏବଂ ଏହି ସମାଧାନମାନ ଆଗରୁ ଯେମିତି କେବଳ ବିଫଳକାମ ହୋଇଛନ୍ତି, ଠିକ୍ ସେହିପରି ସବୁଦିନେ ମଧ୍ୟ ବିଫଳକାମ ହେଉଥିବେ ଏବଂ କେବେହେଲେ କୌଣସି ସମସ୍ୟାର ସମାଧାନ କରି ପାରିବେ ନାହିଁ । ଏହିସବୁ ସାଧନ ଦ୍ୱାରା ଅତି କଠୋର ଭାବରେ କରାଯାଉଥିବା ପରିବର୍ତ୍ତନଗୁଡ଼ିକ ଦ୍ୱାରା ମଧ୍ୟ ଯଥାର୍ଥରେ କୌଣସି ପରିବର୍ତ୍ତନ ସାଧିତ ହୁଏ ନାହିଁ । କାରଣ ସେହି ପୁରୁଣା ବ୍ୟାଧିଗୁଡ଼ାକ କେବଳ ନୂତନ ଆକାର ଧରି ରହିଯିବାହିଁ ସାର ହୁଏ । କେବଳ ବାହ୍ୟ ପରିବେଶଗତ ଦିଗଟିରେ ଯାହା ପରିବର୍ତ୍ତନ ହୁଏ; ମାତ୍ର

'oaob.nitrkl.ac.in' images reprocessed

*ମନୁଷ୍ୟ ଯାହା ଥିଲା, ଠିକ୍ ତାହାହିଁ ରହିଯାଏ । ସେ ଠିକ୍ ଆଗ ଭଳି ସେହି ମନୋଗତ ଜୀବନସୀମାର ଏକ ଅଜ୍ଞାନାଚ୍ଛନ୍ନ ପ୍ରାଣୀ ହୋଇ ପଡ଼ି ରହିଥାଏ, ଆପଣାର ଅର୍ଜିତ ଜ୍ଞାନର ଅସଦୁପଯୋଗ କରୁଥାଏ ଅଥବା ଯଥାର୍ଥ ଉପଯୋଗ କରୁ ନ ଥାଏ; ସେ ଆପଣାର ଅହଂ ଦ୍ୱାରାହିଁ ପରିଚାଳିତ ହେଉଥାଏ ଏବଂ ଆପଣାର ପ୍ରାଣଗତ ଅଭିଳାଷ ତଥା ଉତ୍ସୁକତା ଏବଂ ଶରୀରର ଆବଶ୍ୟକତାଗୁଡ଼ାକ ଦ୍ୱାରାହିଁ ନିୟନ୍ତ୍ରିତ ହେବାରେ ଲାଗିଥାଏ । ତା'ର ଜୀବନ ଦୃଷ୍ଟି ବଡ଼ ଉପରସ୍ତରୀୟ ହୋଇ ରହିଥାଏ, ଆଧ୍ୟାତ୍ମିକତାଠାରୁ ଯୋଜନ ଦୂରରେ ରହିଥାଏ । ଆପଣାର ସତ୍ତାଟି ସହିତ ତାହାର କୌଣସି ସଚେତନ ପରିଚୟ ନ ଥାଏ; ଏବଂ ଯେଉଁ ଅଗଣିତ ଶକ୍ତି ତାକୁ ପରିଚାଳିତ କରୁଥା'ନ୍ତି ଓ ତାକୁ କାର୍ଯ୍ୟରେ ଲଗାଉଥା'ନ୍ତି, ସେଗୁଡ଼ିକ ବିଷୟରେ ମଧ୍ୟ ସେ ସମ୍ପୂର୍ଣ୍ଣ ଅଜ୍ଞ ରହିଥାଏ ।... କେବଳ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଦ୍ୱାରା, ଏହି ବାହ୍ୟସ୍ତରୀୟ ମନୋଗତ ଭୂମିଟିରୁ ତା'ର ସତ୍ତା ସେହି ଗଭୀରତର ଅଧ୍ୟାତ୍ମଚେତନା ଆଡ଼କୁ ବିକଶିତ ହୋଇ ଉଠିବା ଦ୍ୱାରାହିଁ ତାହାର ଜୀବନରେ ଏକ ଯଥାର୍ଥ ଓ ଫଳପ୍ରଦ ନୂତନତ୍ୱ ସମ୍ଭବ ହୋଇପାରିବ । ଆପଣା ଭିତରେ ସେହି ଆଧ୍ୟାତ୍ମିକ ସତ୍ତାଟିର ଆବିଷ୍କାର କରିବା ହେଉଛି ଆଧ୍ୟାତ୍ମିକ ମନୁଷ୍ୟର ସର୍ବପ୍ରଧାନ କାର୍ଯ୍ୟ, ଏବଂ ସେହି ବିବର୍ତ୍ତନଟି ଲାଗି ଅଗ୍ରସର ହେବାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ହେଉଛି ମନୁଷ୍ୟସମାଜ ଲାଗି ତା'ର ପ୍ରକୃତ ସେବା । ସେକଥାଟି ସମ୍ଭବ ନ ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ବାହ୍ୟ ସାହାଯ୍ୟ ହୁଏତ ଭୋକେ ପିଆଇ ଦଣ୍ଡେ ଜିଆଇ ପାରିବ ସତ, ମାତ୍ର ତାହାଠାରୁ ଆଉ ଅଧିକ କିଛିହେଲେ କରିପାରିବ ନାହିଁ; କିମ୍ବା ଯାହାକିଛି କରିବ, ତାହା କେବଳ ନାହିଁ ସମାନହିଁ ହେବ ।"*

ଦିବ୍ୟଜୀବନ (ଇଂ), ପୃଷ୍ଠା. ୮୮୩-୮୫

*ମାଆ, ଖୁବ୍ ବେଶୀ ପରିମାଣରେ ଆଧ୍ୟାତ୍ମିକ ସାମର୍ଥ୍ୟ ନ ଥିବା ଜଣେ ବ୍ୟକ୍ତି ଏହି କାର୍ଯ୍ୟରେ ସର୍ବୋତ୍ତମ ସାହାଯ୍ୟ କିପରି କରିପାରିବ ?*

କୌଣସି ଲୋକର ପ୍ରକୃତରେ ଅଧିକ ଆଧ୍ୟାତ୍ମିକ ସାମର୍ଥ୍ୟ ରହିଛି ବା କମ୍ ଆଧ୍ୟାତ୍ମିକ ସାମର୍ଥ୍ୟ ରହିଛି, ସେକଥା ଜଣେ କହିଦେଇ ପାରିବ କି ନାହିଁ, ମୁଁ ସେକଥା ଜାଣେ ନାହିଁ । କାରଣ ପ୍ରକୃତ କ୍ଷେତ୍ରରେ ସେପରି ହୁଏ ନାହିଁ ।

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ହେଲେ ଚେତନାର ଏକ ଉତ୍‌କ୍ରମଣ ଦରକାର ହୋଇଥାଏ । ଏଇଟିକୁ ମାନସିକ କ୍ଷେତ୍ରରେ ଜଣକର ରହିଥିବା ବିଭିନ୍ନ ସାମର୍ଥ୍ୟ କିଂବା ସମ୍ଭାବନାଗୁଡ଼ିକ ସହିତ କଦାପି ତୁଳନା କରାଯାଇପାରିବ ନାହିଁ । ଜଣେ ବ୍ୟକ୍ତିର ଖୁବ୍‌ବେଶୀ ମାନସିକ, ପ୍ରାଣିକ ବା ଶାରୀରିକ ସାମର୍ଥ୍ୟ ନାହିଁ ବା ତା'ର ସେହି ସାମର୍ଥ୍ୟଗୁଡ଼ିକ ଭାରି ସୀମାବଦ୍ଧ ହୋଇରହିଛି ବୋଲି ହୁଏତ କୁହାଯାଇପାରିବ; ଏହିସବୁ ସାମର୍ଥ୍ୟକୁ କିପରି ବିକଶିତ କରି ଆଣିହେବ, ଅର୍ଥାତ୍— ଏହିସବୁ କ୍ଷେତ୍ରରେ କିପରି ନୂତନ ସାମର୍ଥ୍ୟମାନ ଅର୍ଜନ କରିହେବ,— ଅବଶ୍ୟ ଏକଥା ପ୍ରକୃତରେ କଷ୍ଟକର,— ସେହିସବୁ କ୍ଷେତ୍ରରେ ହୁଏତ ସେପରି ପଚରା ବି ଯାଇପାରିବ । ମାତ୍ର, ଆଧ୍ୟାତ୍ମିକ ଜୀବନଟିକୁ ବଞ୍ଚିବାକୁ ହେଲେ ଆପଣା ଭିତରେ ଆମକୁ ଆଉ ଏକ ଅନ୍ୟ ପୃଥିବୀ ମଧ୍ୟକୁ ଉନ୍ମୋଚିତ ହୋଇଯିବାକୁ ପଡ଼ିବ । ଆପଣାର ଚେତନାର କ୍ଷେତ୍ରରେ ସତେଅବା ଏକ ଉତ୍‌କ୍ରମଣ ଘଟାଇବାକୁ ପଡ଼ିବ । ସାଧାରଣ ମଣିଷର ଚେତନାରେ, ଏପରିକି ଯେଉଁମାନେ ସର୍ବାଧିକ ବିକାଶ ଲାଭ କରିଛନ୍ତି, ଯେଉଁମାନଙ୍କର ମହାନ୍ ପ୍ରତିଭା ରହିଛି ଓ ମହାନ୍ ଉପଲବ୍ଧି ମଧ୍ୟ ରହିଛି, ସେମାନଙ୍କ ଚେତନାରେ ଗତିଟି ତଳୁ ଉପର ଆଡ଼କୁ ହୋଇ ରହିଥାଏ; ସେଠାରେ ଯାବତୀୟ ଶକ୍ତି ବାହାର ଆଡ଼କୁ ଅଭିମୁଖୀ ହୋଇ ରହିଥାଏ, ସମୁଦାୟ ଚେତନାଟି ବାହାର ଆଡ଼କୁ ବ୍ୟାପ୍ତ ହୋଇ ରହିଥାଏ; ଏବଂ ଯଦି କିଛିହେଲେ ବି ଅନ୍ତରଭିମୁଖୀ ହୋଇ ରହିଥାଏ, ତେବେ ତାହା ଅତ୍ୟନ୍ତ ଅଳ୍ପ ପରିମାଣରେ, ଅତ୍ୟନ୍ତ କ୍ୱଚିତ୍ ଏବଂ ଅତ୍ୟନ୍ତ ଖଣ୍ଡିତ ଭାବରେ ରହିଥାଏ । ଅତ୍ୟନ୍ତ ବିଶେଷ ବିଶେଷ କେତେକ ପରିସ୍ଥିତିର ଚାପ ପଡ଼ିହିଁ ହୁଏତ ସେପରି ଘଟିଥାଏ; କୌଣସି ପ୍ରଚଣ୍ଡ ଆଘାତ ଆସି ପହଞ୍ଚିଲେ, ଆମର ଚେତନାଟା ଯେ ସର୍ବଦା ବହିର୍ମୁଖୀ ହୋଇ ରହିଛି, ତାହାର ଗତିଟିକୁ କିଞ୍ଚିତ୍ ପରିମାଣରେ ବିପରୀତମୁଖୀ କରାଇ ଦେବାର ମତଲବରେହିଁ ଜୀବନ ପ୍ରକୃତରେ ଯେଉଁସବୁ ଆଘାତ ଆଣି ଦେଇଥାଏ, ତାହାର ଚାପ ପଡ଼ିହିଁ ପ୍ରକୃତରେ ବେଳେବେଳେ ସେପରି ହୋଇଥାଏ ।

ମାତ୍ର, ଯେଉଁମାନେ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିଛନ୍ତି, ସେମାନଙ୍କର ସମସ୍ତଙ୍କର ଏହି ଗୋଟିଏ ଅଭିଜ୍ଞତା ହୋଇଛି : ସେମାନଙ୍କ ସତ୍ତା ମଧ୍ୟରେ କ'ଣ ଗୋଟିଏ ହଠାତ୍ ବିପରୀତଗତି ହୋଇଯାଇଛି, ଅର୍ଥାତ୍, ତାହାର ପ୍ରବାହଟି ହଠାତ୍ ଓଲଟି ଯାଇଛି, ବେଳେବେଳେ ସଂପୂର୍ଣ୍ଣ ଭାବରେ ଭିତର ଆଡ଼କୁ ହୋଇଯାଇଛି ଏବଂ ଯୁଗପତ୍ ଭାବରେ ଊର୍ଦ୍ଧ୍ୱଆଡ଼କୁ, ଭିତରୁ ଊର୍ଦ୍ଧ୍ୱଆଡ଼କୁ ହୋଇ ରହିଥିବା ପରି ମଧ୍ୟ ଅନୁଭୂତ ହୋଇଛି । ମାତ୍ର କୌଣସି ବାହ୍ୟ ଅର୍ଥରେ ଏହାକୁ ଏଠାରେ "ଊର୍ଦ୍ଧ୍ୱ" ବୋଲି କୁହାଯିବ ନାହିଁ । କାରଣ, ସେହି ଊର୍ଦ୍ଧ୍ୱଟି ମଧ୍ୟ ଭିତରେ ରହିଛି, ଆପଣାର ଗଭୀରରେ ରହିଛି; ସ୍ଥୂଳ ସ୍ତରରେ

'oaob.nitrkl.ac.in' images reprocessed

ସାଧାରଣତଃ ଯେଉଁ ଉଚ୍ଚତାଗୁଡ଼ିକର କଳ୍ପନା କରାଯାଇଥାଏ, ଏଠାରେ ଊର୍ଦ୍ଧ୍ୱ କହିଲେ ତାହାଠାରୁ ଭିନ୍ନ କିଛିହିଁ ବୁଝାଇବ । ଆକ୍ଷରିକ ଭାବରେ କିଛି ନା କିଛି ପ୍ରକୃତରେ ଓଲଟି ଯାଇଛି । ନିଶ୍ଚୟ କୌଣସି ଏକ ମୀମାଂସକ ଅନୁଭୂତି ଉପଲବ୍ଧ ହୋଇଛି, ଏବଂ, ଜୀବନରେ ରହି ଆସିଥିବା ଦୃଷ୍ଟିକୋଣ, ଜୀବନ ଉପରେ ଦୃଷ୍ଟିପାତ କରିବାର ଭଙ୍ଗୀଟି, ଜୀବନ ପ୍ରତି ଆମେ ଯେଉଁ ଦୃଷ୍ଟିକୋଣଟି ଗ୍ରହଣ କରିଥାଉ,– ଏଗୁଡ଼ିକରେ ହଠାତ୍ ଏକ ପରିବର୍ତ୍ତନ ଘଟିଛି; କେତେକ କ୍ଷେତ୍ରରେ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଓ ଅଟଳ ଭାବରେହିଁ ସେହି ପରିବର୍ତ୍ତନଟି ଘଟିଛି ।

ଏବଂ, ଏକ ଆଧ୍ୟାତ୍ମିକ ଜୀବନ ଏବଂ ସତ୍ୟ ଆଡ଼କୁ ଆମେ ଯେମିତି ନିଜକୁ ମୁହାଁଇ ଦେଇଥାଉ, ସେମିତି ଆମେ ଯାଇ ପରମ ଅନନ୍ତ ଏବଂ ପରମ ଶାଶ୍ୱତଙ୍କୁ ସ୍ପର୍ଶ କରିଥାଉ, ଏବଂ ତା'ପରେ, ଅଧିକ ସଂଖ୍ୟକ ତଥା ଅଳ୍ପ ସଂଖ୍ୟକ ସାମର୍ଥ୍ୟ ଏବଂ ସମ୍ଭାବନାଗୁଡ଼ିକ ବିଷୟରେ ଆଉ କୌଣସି ପ୍ରଶ୍ନହିଁ ଉତ୍ଥାପନ କରାଯାଇ ପାରିବ ନାହିଁ । ଆଧ୍ୟାତ୍ମିକ ଜୀବନର ମନୋଗତ କଳ୍ପନା ଭିତରେ ରହିଥିବା ପର୍ଯ୍ୟନ୍ତ ଆମେ ହୁଏତ ଆଧ୍ୟାତ୍ମିକ ଭାବରେ ଜୀବନଯାପନ କରିବା ଲାଗି ଜଣେ ବ୍ୟକ୍ତିର ଅଧିକ ବା ଅଳ୍ପ ସାମର୍ଥ୍ୟ ରହିଛି ବୋଲି କହିବାରେ ଲାଗିଥିବା, ମାତ୍ର ଏହାକୁ ଏକ ଉପଯୁକ୍ତ କଥା ବୋଲି କଦାପି କୁହାଯିବ ନାହିଁ । ଆମେ ସେତେବେଳେ ହୁଏତ ଏତିକିମାତ୍ର କହିପାରିବା ଯେ ଜଣେ ବ୍ୟକ୍ତି ଏକ ମୀମାଂସକ ଏବଂ ସମଗ୍ର ଉତ୍‌କ୍ରମଣ ସକାଶେ ଅଧିକ ପରିମାଣରେ ଅଥବା ଅଳ୍ପ ପରିମାଣରେ ପ୍ରସ୍ତୁତ ହୋଇରହିଛି । ବସ୍ତୁତଃ, ସାଧାରଣ ଯାବତୀୟ କ୍ରିୟାତ୍ମକତା ମଧ୍ୟରୁ ଅପସରି ଯାଇ ଆଧ୍ୟାତ୍ମିକ ଜୀବନର ଅନ୍ୱେଷଣରେ ବାହାରିବାର ମାନସିକ ସାମର୍ଥ୍ୟଟିକୁହିଁ ମପାଯାଇପାରିବ ।

ଯେପର୍ଯ୍ୟନ୍ତ ଆମେ ମାନସିକ କ୍ଷେତ୍ରରେ ରହିଥିବା, ସତେଅବା ଏହି ସ୍ଥିତିରେ ଅର୍ଥାତ୍ ଚେତନାର ଏହି ସ୍ଥିତିଟିରେ ଅବସ୍ଥିତ ରହିଥିବା, ସେପର୍ଯ୍ୟନ୍ତ ଆମେ ଅନ୍ୟମାନଙ୍କ ସକାଶେ ଆଦୌ ଖୁବ୍‌ବେଶୀ କିଛି କରିପାରିବା ନାହିଁ; ସାଧାରଣ ଭାବରେ ଜୀବନ ଲାଗି କିଛି କରିପାରିବା ନାହିଁ ଅଥବା ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ଲାଗି ମଧ୍ୟ କିଛି କରିପାରିବା ନାହିଁ । କାରଣ ସେତେବେଳେ ଆମ ନିଜ ଭିତରେ ମଧ୍ୟ କୌଣସି ନିଶ୍ଚୟତା ନ ଥିବ, ସୁନିର୍ଦ୍ଦିଷ୍ଟ ଅଭିଜ୍ଞତାଟି ନ ଥିବ, ଆମର ଚେତନାଟି ମଧ୍ୟ ସେତେବେଳ ଯାଏ ଆଧ୍ୟାତ୍ମିକ ଜଗତରେ ଯାଇ ପ୍ରତିଷ୍ଠିତ ହୋଇ ନ ଥିବ । ଏବଂ, ସେତେବେଳେ ଏତିକି କୁହାଯାଇପାରିବ ଯେ, କେବଳ ମନୋଗତ ହୋଇ ରହିଥିବା ସେହି କ୍ରିୟାତ୍ମକତାଗୁଡ଼ିକର ସ୍ୱକୀୟ ଭଲ ଓ ମନ୍ଦ ଦିଗମାନ ରହିଛି, ମାତ୍ର ତଥାପି ଆଦୌ ଖୁବ୍ ବେଶୀ ଶକ୍ତି ନାହିଁ ଏବଂ, ନିଃସନ୍ଦେହ ଭାବରେ ସେଥିରେ ଆଧ୍ୟାତ୍ମିକ ସଂକ୍ରମଣର ଏହି ଶକ୍ତିଟି ଆଦୌ ନାହିଁ, ଯାହାକୁହିଁ କି ଆମେ ଯଥାର୍ଥରେ ଫଳପ୍ରଦ ହୋଇପାରୁଥିବା ଶକ୍ତି ବୋଲି କହିପାରିବା ।

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ନିଜେ ଚେତନାରେ ଯେଉଁ ସ୍ଥିତିରେ ବାସ କରୁଛି, ସେହି ସ୍ଥିତିଟିକୁ ଅନ୍ୟମାନଙ୍କ ମଧ୍ୟକୁ ସଂପ୍ରସାରିତ କରିପାରିବାର ଯେତିକି ସମ୍ଭାବନା ରହିଥିବ, କେବଳ ତାହାହିଁ ଯଥାର୍ଥ ଭାବରେ ଫଳପ୍ରଦ ହୋଇପାରିବ । ଏହି ଶକ୍ତିଟିକୁ କଦାପି ଉଦ୍ଭାବିତ କରାଯାଇପାରିବ ନାହିଁ । ଆମେ ଏହି ଶକ୍ତିଟିର ଅନୁକରଣ ବି କରିପାରିବା ନାହିଁ, ଏହା ଆମର ସଚେଅବା ଗୋଟାଏ ସମ୍ପତ୍ତି ହୋଇ ରହିଥିବା ପରି ବି ମନେ କରିପାରିବା ନାହିଁ; ଆମେ ନିଜେ ଯେତେବେଳେ ଯାଇ ସେହି ଅବସ୍ଥାଟି ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଥିବା, ଯେତେବେଳେ ଆମେ ତାହାରି ମଧ୍ୟରେହିଁ ବାସ କରୁଥିବା, କେବଳ ସେତିକିବେଳେ ଯାଇ ସେହି ଶକ୍ତିଟି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମ ପାଖକୁ ଆସି ପାରୁଥିବ । ଆମେ ଯେତେବେଳେ ସେହିଠାରେହିଁ ଥିବା କେବଳ ସେତିକିବେଳେହିଁ ତାହା ଆମ ଭିତରେ ରହିଥିବ । ଏବଂ, ସେହି କାରଣରୁହିଁ, ଯେଉଁମାନେ ଯଥାର୍ଥରେ ଏକ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଅବସ୍ଥାନ କରୁଥା'ନ୍ତି, ସେମାନଙ୍କୁ କଦାପି ପ୍ରତାରିତ କରାଯାଇପାରିବ ନାହିଁ ।

ଯେଉଁ ବ୍ୟକ୍ତିମାନେ ତଥାପି ମନର ସ୍ତରରେହିଁ ବାସ କରୁଥିବେ, ଆଧ୍ୟାତ୍ମିକ ଜୀବନର ଏକ ଅନୁକରଣ ସେମାନଙ୍କୁ ହୁଏତ ଧୋକାରେ ପକାଇହିଁ ରଖିଥିବ; ମାତ୍ର, ଯେଉଁମାନେ ଚେତନାର ଏହି ଉତ୍‌କ୍ରମଣଟିକୁ ଆପଣା ଭିତରେ ଉପଲବ୍ଧି କରିଥିବେ, ବାହ୍ୟ ସତ୍ତାଟି ସହିତ ଯେଉଁମାନଙ୍କର ସମ୍ବନ୍ଧ ଏକାବେଳେକେ ଏକ ଭିନ୍ନ ପ୍ରକାରର ହୋଇଥିବ, ସେମାନଙ୍କୁ ପ୍ରତାରିତ କରାଯାଇପାରିବ ନାହିଁ ଏବଂ ସେମାନେ କଦାପି କୌଣସି ଭୁଲ୍ କରିବେ ନାହିଁ ।

ମନୋମୟ ସତ୍ତା ଠିକ୍ ଏହିଭଳି ବ୍ୟକ୍ତିମାନଙ୍କୁହିଁ ମୋଟେ ବୁଝିପାରେ ନାହିଁ । ଉଚ୍ଚରୁ ଉଚ୍ଚତମ ହେଲେ ମଧ୍ୟ ଯେପର୍ଯ୍ୟନ୍ତ ଆମେ ସେହି ମନୋମୟ ଚେତନାର ଅବସ୍ଥାଟିରେ ରହିଥାଉ ଏବଂ ଆଧ୍ୟାତ୍ମିକ ଜୀବନଟିକୁ କେବଳ ବାହାରୁ ଥାଇ ଦେଖିବାରେ ଲାଗିଥାଉ, ସେପର୍ଯ୍ୟନ୍ତ ଆମେ କେବଳ ସେହି ମନଟା ଦେଇହିଁ ବିଚାର କରୁଥାଉ; ଖୋଜିବା, ଭୁଲ୍ କରିବା, ସୁଧାରିବା, ଆଗକୁ ଯିବା ଓ ପୁଣି ଖୋଜିବାର ଯେଉଁ ଅଭ୍ୟାସଟି ରହିଥାଏ, ଆମେ ଠିକ୍ ସେହି ଅଭ୍ୟାସଟି ଦ୍ୱାରାହିଁ ସବୁକିଛିର ବିଚାର କରୁଥାଉ । ଏବଂ, ତେଣୁ, ଆମେ ଭାବିବାରେ ଲାଗିଥାଉ ଯେ, ଯେଉଁମାନେ ଆଧ୍ୟାତ୍ମିକ ଜୀବନରେ ଅବସ୍ଥିତ ରହିଛନ୍ତି, ସେମାନେ ମଧ୍ୟ ସେହି ଅସମର୍ଥତାଟିର ଦୁଃଖ ଭୋଗ କରିବାରେ ଲାଗିଛନ୍ତି । ମାତ୍ର, ସେପରି କରି ଆମେ ପ୍ରକୃତରେ ଏକ ମସ୍ତବଡ଼ ଭୁଲ୍ କରିଥାଉ ।

ଯେତେବେଳେ ସତ୍ତାର ଏହି ଉତ୍‌କ୍ରମଣ ସମ୍ଭବ ହୋଇଯାଏ, ସେତେବେଳେ ସେସବୁର ଅନ୍ତ ହୋଇଯାଏ । ସେତେବେଳେ ଆଉ ଖୋଜିବାକୁ ପଡ଼େ ନାହିଁ, ସେତେବେଳେ ଦେଖି ହୁଏ । ସେତେବେଳେ ଅନୁମାନ କରିବାକୁ ପଡ଼େ ନାହିଁ,

'oaob.nitrkl.ac.in' images reprocessed

ସେତେବେଳେ ଅବଗତି ହୋଇଯାଏ । ଅନ୍ଧାରରେ ଅଣ୍ଡାଳି ହେବାକୁ ପଡ଼େ ନାହିଁ, ସେତେବେଳେ ସିଧା ବାଟରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ସମ୍ଭବ ହୋଇଯାଏ । ଏବଂ, ତା'ପରେ ଆହୁରି ଆଗକୁ ଚାଲିଯାଇ ପାରିଲେ, କିଞ୍ଚିତ୍ ଆଗକୁ ଚାଲିଗଲେ, ସେତେବେଳେ ଏହି ମହାନ୍ ସତ୍ୟଟିକୁ ଜାଣିହୁଏ, ଅନୁଭବ କରିହୁଏ ଏବଂ ବଞ୍ଚି ହୁଏ ଯେ, କେବଳ ସେହି ସର୍ବୋଚ୍ଚ ପରମସତ୍ୟହିଁ ସକଳ କ୍ରିୟା କରୁଛି, କେବଳ ସେଇ ଇଚ୍ଛା କରୁଛି, ଜାଣୁଛି, ମନୁଷ୍ୟମାନଙ୍କୁ ନିମିତ୍ତରୂପେ ଗ୍ରହଣ କରି ଯାବତୀୟ କାର୍ଯ୍ୟ କରିବାରେ ଲାଗିଛି । ତେବେ ସେହି କ୍ଷେତ୍ରରେ ଆଉ ପ୍ରମାଦର ଅବକାଶହିଁ କେଉଁଠାରେ ରହିଲା ? ସିଏ ଯାହାକିଛି କରୁଛି, ସେଇଟିକୁ କରିବା ଲାଗି ଇଚ୍ଛା କରୁଛି ବୋଲିହିଁ ସେ ତାହା କରୁଛି ।

ଆମର ପ୍ରମାଦଗ୍ରସ୍ତ ଦୃଷ୍ଟିରେ ହୁଏତ ଅନେକ କାର୍ଯ୍ୟ ଅବୋଧ ହୋଇ ରହିଯାଉଛି, ମାତ୍ର ସେଗୁଡ଼ିକ ପଛରେ ଅବଶ୍ୟ ଏକ ଲକ୍ଷ୍ୟ ଏବଂ ଏକ ଉଦ୍ଦେଶ୍ୟ ରହିଛି; ଏବଂ ସେଗୁଡ଼ିକ ଆମକୁ ଯେଉଁଆଡ଼କୁ ପରିଚାଳିତ କରିନେବା କଥା, ସେହି ଆଡ଼କୁହିଁ ପରିଚାଳିତ କରି ନେଉଛନ୍ତି ।

(*ମାଆ ନୀରବ ରହିଲେ*)

ଯଦି ଆମେ ଆନ୍ତରିକତା ସହକାରେ ଅନ୍ୟମାନଙ୍କୁ ଓ ଜଗତକୁ ସାହାଯ୍ୟ କରିବାକୁ ଇଚ୍ଛା କରୁଥିବା, ତେବେ ସେହି କ୍ଷେତ୍ରରେ ଏହାହିଁ ସର୍ବୋତ୍ତମ କଥା ହେବ ଯେ, ଅନ୍ୟମାନେ ଯେପରି ହୁଅନ୍ତୁ ବୋଲି ଆମେ ଇଚ୍ଛା କରୁଛୁ, ଆମେ ନିଜେ ମଧ୍ୟ ସେହିପରି ହେଉଥିବା । ସେମାନଙ୍କ ଲାଗି ଆମେ କେବଳ ଏକ ଦୃଷ୍ଟାନ୍ତ ହୋଇ ରହିବା ନାହିଁ; ମାତ୍ର, ଆମେ ଶକ୍ତିର ବିକିରଣ କରି ଦେଉଥିବାର ଏକ କେନ୍ଦ୍ର ହୋଇ ରହିଥିବାରୁ, ସେହି କେନ୍ଦ୍ରଟିର ଉପସ୍ଥିତି ବଳରେହିଁ ଆମେ ଅବଶିଷ୍ଟ ଜଗତଟିକୁ ମଧ୍ୟ ରୂପାନ୍ତରିତ ହେବା ପାଇଁ ବାଧ କରି ଆଣୁଥିବା ।

'oaob.nitrkl.ac.in' images reprocessed

## ୨୯ ଅକ୍ଟୋବର ୧୯୫୮

*"ଏ କଥାଟି ନିଶ୍ଚୟ ସତ୍ୟ ଯେ ମନୁଷ୍ୟର ଆଧ୍ୟାତ୍ମିକ ସାଧନା ଇହଜୀବନର କ୍ଷେତ୍ରଟି ବିଷୟରେ ଯେତେ ଆଗ୍ରହ ଦେଖାଇଛି, ଇହାତୀତ ଜୀବନ ପ୍ରତି ତା'ଠାରୁ ଅଧିକ ଆଗ୍ରହ ଦେଖାଇଛି । ଏକଥା ମଧ୍ୟ ସତ ଯେ, ଏପର୍ଯ୍ୟନ୍ତ ଯାହାକିଛି ଆଧ୍ୟାତ୍ମିକ ପରିବର୍ତ୍ତନ ହୋଇଛି, ତାହା ମନୁଷ୍ୟର ବ୍ୟକ୍ତିଗତ କ୍ଷେତ୍ରରେ ହୋଇଛି, ତା'ର ସାମୂହିକ ଜୀବନର କ୍ଷେତ୍ରରେ ହୋଇ ନାହିଁ । ବ୍ୟକ୍ତି-ମନୁଷ୍ୟର ଜୀବନରେ ତାହାର ପରିଣାମ ସଫଳ ହୋଇଛି, ମାତ୍ର ମନୁଷ୍ୟ-ସମାଜରେ ଅସଫଳ ହୋଇଛି, ଅଥବା କେବଳ ପରୋକ୍ଷ ଭାବରେହିଁ ତାହାର ପ୍ରଭାବ କାର୍ଯ୍ୟକାରୀ ହୋଇଛି । ପ୍ରକୃତିର ଆଧ୍ୟାତ୍ମିକ ବିବର୍ତ୍ତନ ଆଜି ମଧ୍ୟ ଚାଲିଛି ଓ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ନାହିଁ; ହୁଏତ କୁହାଯାଇ ପାରିବ ଯେ ଏହା କେବଳ ଆରମ୍ଭ ମାତ୍ର ହେଉଛି, ଏବଂ ଆଧ୍ୟାତ୍ମିକ ଚେତନା ଏବଂ ଆଧ୍ୟାତ୍ମିକ ଜ୍ଞାନର ଏକ ଭିତ୍ତିର ପ୍ରତିଷ୍ଠା ଓ ବିକାଶ କରିବାରେହିଁ ତାହା ପ୍ରଧାନତଃ ଆପଣାକୁ ତତ୍ପର ରଖିଆସିଛି; ଚିଦ୍‌ଗତ ସତ୍ୟ ମଧ୍ୟରେ ତାହା ଆପଣାର ଦିବ୍ୟଦୃଷ୍ଟିରେ ଆପଣାକୁ ଶାଶ୍ୱତ ବୋଲି ଅନୁଭବ କରୁଛି, ଅଧିକରୁ ଅଧିକତର ଭାବରେ ତାହାରି ଏକ ମୂଳଭିତ୍ତି ବା ରୂପାୟଣ ଗଢ଼ିବା ଲାଗି ଚେଷ୍ଟା କରିଆସିଛି । ବ୍ୟକ୍ତିଜୀବନର ମାଧ୍ୟମରେ ଯେତେବେଳେ ପ୍ରକୃତି ଏହି ସଘନ ବିବର୍ତ୍ତନ ଓ ରୂପାୟଣଟିର ପୂର୍ଣ୍ଣପ୍ରତିଷ୍ଠା କରିଦେଇ ପାରିବ, କେବଳ ସେତିକିବେଳେ ଯାଇ ଶକ୍ତିର ପ୍ରସାରଣ ଓ ବିଚ୍ଛୁରଣ ଦ୍ୱାରା ସମଷ୍ଟି ଜୀବନରେ ମଧ୍ୟ ବିପ୍ଳବାତ୍ମକ ସେପରି କିଛି ଘଟିବ ବୋଲି ଆଶା କରାଯାଇପାରେ ଏବଂ ସାମୂହିକ ଆଧ୍ୟାତ୍ମିକ ଜୀବନ ଦିଗରେ ଯେକୌଣସି ପ୍ରୟାସ ଏକ ସଫଳ ସ୍ଥାୟିତ୍ୱ ଅର୍ଜନ କରିପାରେ । ଏଭଳି ପ୍ରୟାସମାନ ଆଗରୁ ନିଶ୍ଚୟ ହୋଇଛି, ମାତ୍ର ପ୍ରଧାନତଃ ବ୍ୟକ୍ତିର ଆଧ୍ୟାତ୍ମିକ ଜୀବନକୁ ପରିପୁଷ୍ଟ ଏବଂ ସୁରକ୍ଷିତ କରିରଖିବା ଲାଗିହିଁ ତାହା ହୋଇଛି । କାରଣ, ସାମୂହିକ ରୂପାନ୍ତରର ପ୍ରକୃତି ପୂର୍ଣ୍ଣ ହୋଇପାରିବା ପର୍ଯ୍ୟନ୍ତ ଆପଣାର ଅନ୍ତର୍ଗତ ସତ୍ତା ଓ ଜ୍ଞାନର ଭୂମିରେ ବ୍ୟକ୍ତି ଚିଦ୍‌ବସ୍ତୁର ଯେଉଁ ସତ୍ୟଟିକୁ ଲାଭ କରିବାକୁ ଯାଉଛି କିଂବା ଲାଭ କରିସାରିଛି, ତାହାରି ସହିତ ସଂଗତି ରଖି ଆପଣାର ମନ ତଥା ପ୍ରାଣକୁ ଅନୁରୂପ ଭାବରେ ପୂରାପୂରି ବଦଳାଇ ଦେବାର ଆପଣା*

'oaob.nitrkl.ac.in' images reprocessed

ସମସ୍ୟାଟି ସହିତ ତାକୁ ବ୍ୟସ୍ତ କରିବାକୁ ପଡ଼ିବ । ସେହି ଉପଯୁକ୍ତ ସମୟଟି ଆସିବା ପୂର୍ବରୁ ବ୍ୟାପକରୂପେ ଓ ସମଷ୍ଟିଗତ ଭାବରେ ଅଧ୍ୟାତ୍ମଜୀବନର ପ୍ରତିଷ୍ଠା ଲାଗି ଚେଷ୍ଟା କରି ବସିଲେ ତାହା ବ୍ୟର୍ଥ ହୋଇଯିବାର ଆଶଙ୍କା ସବୁବେଳେ ରହିଥିବ, କାରଣ ସେତେବେଳେ ଆଧ୍ୟାତ୍ମିକ ଜ୍ଞାନର ଗତିଶୀଳ ଦିଗଟି ତଥାପି କେତେକ ଦୃଷ୍ଟିରୁ ଅପୂର୍ଣ୍ଣ ରହିଥିବ ଓ ବ୍ୟକ୍ତି-ସାଧକମାନଙ୍କ ଭିତରେ ମଧ୍ୟ ସାଧନା ପୂର୍ଣ୍ଣତ୍ୱ ଲାଭ କରି ନ ଥିବ । ଏହାଛଡ଼ା ସେତେବେଳେ ଏହି ସାଧାରଣ ଓ ନିତ୍ୟନୈମିତ୍ତିକ ମନ ତଥା ପ୍ରାଣଗତ ଓ ଜଡ଼ଗତ ଚେତନା ମଧ୍ୟ ସେହି ସାଧନା ଉପରେ ନାନା ପ୍ରାଦୁର୍ଭାବ ବିସ୍ତାର କରୁଥିବେ, ସତ୍ୟର ଭୂମିଟିକୁ ଆତ୍ମସାତ୍ କରି ନେଉଥିବେ ଏବଂ ସେଇଟିକୁ ଏକ ଯାନ୍ତ୍ରିକ ବିଧାନର କବଳ ଭିତରେ ନେଇ ପକାଇ ଦେଉଥିବେ, ତାହାକୁ ଛାୟାଚ୍ଛନ୍ନ କରି ରଖୁଥିବେ ଓ ଦୂଷିତ କରି ଦେଉଥିବେ । ମନୋଗତ ବୁଦ୍ଧି ଓ ବୁଦ୍ଧିଗତ ବିବେକରୂପେ ତାହାର ପ୍ରଧାନ ସାମର୍ଥ୍ୟଟି ମନୁଷ୍ୟ ଜୀବନର ନିହିତ ତତ୍ତ୍ୱ ଓ ସ୍ଥାୟୀ ଧର୍ମଗୁଡ଼ିକୁ କଦାପି ବଦଳାଇ ପାରିବ ନାହିଁ; ତାହା ସେଥିରେ ହୁଏତ କେତୋଟି ଯାନ୍ତ୍ରିକ ବିଧାନର ପ୍ରବର୍ତ୍ତନ କରାଇପାରିବ, ସେଥିରେ କେତେଟା କୌଶଳପୂର୍ଣ୍ଣ ବ୍ୟବସ୍ଥାର ପ୍ରଣୟନ କରିଦେବ, କେତେଟା ବିକାଶ ବା ରୂପାୟଣ ଘଟାଇପାରିବ । ମାତ୍ର ସମଗ୍ରତଃ ମନ ଓ ଏପରିକି ଆଧ୍ୟାତ୍ମିକ ଭାବାପନ୍ନ ମନ ତାହାକୁ କଦାପି ବଦଳାଇ ପାରିବ ନାହିଁ । ଆଧ୍ୟାତ୍ମିକତା ଆମର ଅନ୍ତର୍ଗତ ସତ୍ତାଟିକୁ ବିମୋଚିତ ଓ ଆଲୋକିତ କରେ, ତାହା ମନକୁ ମନର ଅତୀତ ହୋଇ ରହିଥିବା ଭୂମିଟି ସହିତ ଖିଅ ଯୋଡ଼ିବାରେ ସାହାଯ୍ୟ କରେ, ଏପରିକି ଆପଣାର ଆୟତନଟିକୁ ଛାଡ଼ି ବାହାରି ଯିବାକୁ ମଧ୍ୟ ମନକୁ ସାହାଯ୍ୟ କରେ; ଆପଣାର ଅନ୍ତର୍ଗତ ପ୍ରଭାବସମ୍ପନ୍ନତା ଦ୍ୱାରା ତାହା ମନୁଷ୍ୟ ବ୍ୟକ୍ତିର ବାହ୍ୟ ପ୍ରକୃତିଟିକୁ ଶୁଦ୍ଧ ଓ ଉତ୍ତୋଳିତ କରି ଦେଇପାରେ । ମାତ୍ର ସେହି ମନଟାକୁହିଁ ସାଧନରୂପେ ବ୍ୟବହାର କରି ତାହାକୁ ଯେପର୍ଯ୍ୟନ୍ତ ମନୁଷ୍ୟସମାଜର କାର୍ଯ୍ୟ କରିବାକୁ ପଡୁଥାଏ, ସେପର୍ଯ୍ୟନ୍ତ ତାହା ପାର୍ଥିବ ଜୀବନ ଉପରେ ନିଶ୍ଚୟ ଆପଣାର ପ୍ରଭାବ ପକାଇପାରେ, ମାତ୍ର ସେହି ଜୀବନର କଦାପି ଏକ ରୂପାନ୍ତର ସମ୍ଭବ କରାଇପାରେ ନାହିଁ । ସେହି କାରଣରୁହିଁ ଆଧ୍ୟାତ୍ମିକ ମନ ଭିତରେ କେବଳ ଏହିପରି ଏକ ପ୍ରଭାବରେହିଁ ସନ୍ତୁଷ୍ଟ ହୋଇ ରହିଯିବାର ଏକ ପ୍ରବୃତ୍ତି ସର୍ବଦା ରହିଆସିଛି, ଏବଂ ମୋଟ ଉପରେ ଆଉ କେଉଁଠି ଏକ ଅନ୍ୟ ଜୀବନରେହିଁ ପୂର୍ଣ୍ଣ ଚରିତାର୍ଥତାର ସନ୍ଧାନ

'oaob.nitrkl.ac.in' images reprocessed

*କରି ଯାବତୀୟ ପ୍ରକାରର ବହିର୍ମୁଖୀ ଚେଷ୍ଟା ସଂପୂର୍ଣ୍ଣରୂପେ ପରିହାର କରି କେବଳ ଏକ ବ୍ୟକ୍ତିଗତ ଆଧ୍ୟାତ୍ମିକ ମୁକ୍ତି ଓ ପୂର୍ଣ୍ଣତା ଉପରେହିଁ ଅଭିନିବିଷ୍ଟ ହୋଇ ରହିବାର ଏକ ପ୍ରବୃତ୍ତି ରହିଆସିଛି । ଆମର ଏହି ଯେଉଁ ପ୍ରକୃତିଟି ଅବିଦ୍ୟା ଦ୍ୱାରା ସୃଷ୍ଟ ହୋଇ ରହିଛି, ତାହାର ପୂର୍ଣ୍ଣ ରୂପାନ୍ତର ଘଟାଇ ପାରିବା ଲାଗି ମନଠାରୁ ଅଧିକ ଊର୍ଦ୍ଧ୍ୱ ଏକ ଗତିଶୀଳତାକୁ ସାଧନରୂପେ ବ୍ୟବହାର କରିବାକୁ ପଡ଼ିବ ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୮୮୫-୮୬

*ମାଆ, "ଆଧ୍ୟାତ୍ମିକତା... ମନକୁ... ତା' ଆପଣା ପାଖରୁ ପଳାଇ ଯିବା ଲାଗି... ସାହାଯ୍ୟ କରିଥାଏ"ର ଅର୍ଥ କ'ଣ ?*

ମନ ଯେତେବେଳଯାଏ ଦୃଢ଼ ବିଶ୍ୱାସ କରିବାରେ ଲାଗିଥାଏ ଯେ ସିଏ ନିଜେହିଁ ମନୁଷ୍ୟ-ଚେତନାର ସର୍ବୋଚ୍ଚ ଶିଖରରେ ଯାଇ ଅବସ୍ଥିତ ରହିଛି ଏବଂ ତା' ସେପାଖକୁ ଓ ତାହାର ଊର୍ଦ୍ଧ୍ୱକୁ ଆଉ ମୋଟେ କେଉଁଠିହେଲେ ବି କିଛି ନାହିଁ, ସେତେବେଳଯାଏ ତାହା ଆପଣାର କ୍ରିୟାଶୀଳତାକୁହିଁ ସର୍ବଶ୍ରେଷ୍ଠ ବୋଲି ମନେ କରୁଥାଏ ଏବଂ ସେହି କ୍ରିୟାଶୀଳତାର ସୀମାଗୁଡ଼ିକ ମଧ୍ୟରେ ସିଏ ଯେତିକି ଅଗ୍ରଗତି କରିପାରୁଥାଏ, ସେଇଥିରେହିଁ ସଂପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିଥାଏ । ତା'ର ସ୍ୱଚ୍ଛତା, ଯଥାର୍ଥତା, ବହୁମୁଖିତା, ସ୍ଥିତିସ୍ଥାପକତା ଓ ଗତିସ୍ପନ୍ଦନଗତ ନମନୀୟତାରେ ଏକ ବୃଦ୍ଧି ସାଧନ ହେଉଥିଲେ ସିଏ ସେଇଥିରେ ସନ୍ତୁଷ୍ଟ ହୋଇ ରହିଥାଏ ।

ନିଜ ଉପରେ ଏବଂ ନିଜର ଯାବତୀୟ କାର୍ଯ୍ୟ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ରହିବା ଲାଗି ମନର ସବୁବେଳେ ଏକ ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ରହିଥାଏ; ଏବଂ, ଯଦି ସେହି ମନର ନିଜ ଶକ୍ତିଟିଠାରୁ ଆଉ କୌଣସି ବୃହତ୍ତର ଶକ୍ତି ନ ଥା'ନ୍ତା, ମନକୁ ଅତ୍ୟନ୍ତ ଅକାଟ୍ୟ ଭାବରେ ତାହାର ସୀମାବଦ୍ଧତାଗୁଡ଼ିକୁ ଦେଖାଇ ଦେବା ଲାଗି ଓ ତାହାର ଦାରିଦ୍ର୍ୟଟିକୁ ଦେଖାଇଦେବା ଲାଗି ଆଉ ଗୋଟିଏ ଉଚ୍ଚତର ଶକ୍ତି ପ୍ରକୃତରେ ନ ଥା'ନ୍ତା, ତେବେ ଉଚିତ ଦ୍ୱାରଟିରେ ଆଗକୁ ଯାଇ ସେସବୁଥିରୁ ବାହାରକୁ ବାହାରିଯିବା ସକାଶେ ମନ ଆଉ କଦାପି କୌଣସି ଚେଷ୍ଟାହିଁ କରୁ ନ ଥା'ନ୍ତା : ଜୀବନ ବଞ୍ଚିବାର ଏକ ଯଥାର୍ଥତର ଏବଂ ଉଚ୍ଚତର ବିଧାନଟି ମଧ୍ୟକୁ ବିମୁକ୍ତ ହୋଇଯିବା ଲାଗି ମନ ପ୍ରକୃତରେ ଆଉ କଦାପି ଚେଷ୍ଟା କରୁ ନ ଥା'ନ୍ତା ।

ଯେତେବେଳେ ଅଧ୍ୟାତ୍ମ ଶକ୍ତି କ୍ରିୟା କରିବା ଲାଗି ସମର୍ଥ ହୁଏ, ଯେତେବେଳେ

'oaob.nitrkl.ac.in' images reprocessed

ତାହାର ଏକ ପ୍ରଭାବ ପଡ଼ିବାକୁ ଆରମ୍ଭ କରେ, ସେତେବେଳେ ତାହା ମନର ସେଇ ଆତ୍ମ-ସନ୍ତୋଷର ଅବସ୍ଥାଟିକୁ ଏକାବେଳେକେ ଦୋହଲାଇ ଦେଇଥାଏ ଏବଂ ଆପଣାର ଅବିଚ୍ଛିନ୍ନ ଚାପ ପକାଇ ତାହାକୁ ଏହି କଥାଟି ଅନୁଭବ କରାଇବା ଲାଗି ସମର୍ଥ କରିଆଣେ ଯେ ତା'ର ଆହୁରି ସେପାଖକୁ ମଧ୍ୟ ଅଧିକ ଉଚ୍ଚ ଓ ଅଧିକ ଯଥାର୍ଥ ଆଉକିଛି ରହିଛି; ସେତେବେଳେ ଏହି ପ୍ରଭାବଟି ବଳରେ ମନର ସେହି ସ୍ୱାଭାବିକ ଦାମ୍ଭିକତାର କିଞ୍ଚିତ୍ ଅଂଶ ବାଟ ଛାଡ଼ିଦେବା ଲାଗି ଆରମ୍ଭ କରିଥାଏ, ଏବଂ ଆପଣାକୁ ସୀମାବଦ୍ଧ, ଅଜ୍ଞାନଗ୍ରସ୍ତ ଓ ସତ୍ୟରେ ଉପନୀତ ହେବା ଲାଗି ଅସମର୍ଥ ବୋଲି ଅନୁଭବ କରିବା ସଙ୍ଗେ ସଙ୍ଗେ ସୀମାତୀତ ହୋଇ ରହିଥିବା ଆଉକିଛି ଲାଗି ଉନ୍ମୋଚିତ ହୋଇଯିବାର ସମ୍ଭାବନାଟି ଆସି ପହଞ୍ଚିବା ସଙ୍ଗେ ସଙ୍ଗେ ବିମୋଚନର କ୍ରିୟାଟି ଆରମ୍ଭ ହୋଇଯାଏ । ମାତ୍ର, ଯଥାର୍ଥ ସମର୍ପଣର ଯୋଗ୍ୟ ହେବାକୁ ହେଲେ ତାହାକୁ ସେହି ସୀମାତୀତ ହୋଇ ରହିଥିବା ଆଉକିଛିର ସାମର୍ଥ୍ୟ, ସୌନ୍ଦର୍ଯ୍ୟ ତଥା ଶକ୍ତିକୁ ଅବଶ୍ୟ ଅନୁଭବ କରିବାକୁ ପଡ଼ିବ । ଆପଣାଠାରୁ ଉଚ୍ଚତର ଆଉ କିଛିର ସମ୍ମୁଖକୁ ଆସି ତାହାକୁ ନିଜର ଅସମର୍ଥତା ଓ ସୀମାବଦ୍ଧତାଗୁଡ଼ିକୁ ସ୍ପଷ୍ଟ ଭାବରେ ଅନୁଭବ କରିବାକୁ ହେବ, ତା' ନ ହେଲେ ତାହା ଆପଣାର ଦୁର୍ବଳତାଟିକୁ ଆଦୌ ଅନୁଭବ କରିପାରିବ ବା କିପରି ?

ବେଳେବେଳେ କେବଳ ଗୋଟିଏ ମାତ୍ର ସଂସ୍ପର୍ଶହିଁ ଏହି କ୍ଷେତ୍ରରେ ଯଥେଷ୍ଟ ହୋଇଥାଏ, ସେହି ଆତ୍ମ-ସନ୍ତୋଷର ଅବସ୍ଥାଟି ମଧ୍ୟରେ ଏକ ଫାଟ ସୃଷ୍ଟି କରିଦେଲା ଭଳି ଗୋଟାଏ ସଂସ୍ପର୍ଶହିଁ ଯଥେଷ୍ଟ ହୁଏ । ତା'ପରେ ସୀମା ଡେଇଁ ଆହୁରି ଆଗକୁ ଯିବା ଲାଗି ଏକ ବାସନା ଜାଗ୍ରତ ହୁଏ, ଏକ ଶୁଦ୍ଧତର ଆଲୋକ ଲାଗି ଆବଶ୍ୟକତା ଜାଗ୍ରତ ହୋଇଆସେ ଏବଂ ଏହି ଜାଗରଣ ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଜୟ କରିବା ସକାଶେ ଏକ ଅଭୀପ୍ସା ଜାତ ହୁଏ ଏବଂ ସେହି ଅଭୀପ୍ସାଟି ସହିତହିଁ ବିମୋଚନ ଆରମ୍ଭ ହୋଇଯାଏ । ଏବଂ ଦିନେ, ସବୁକିଛି ସୀମାକୁ ଭାଙ୍ଗି ଆମେ ସେହି ଅନନ୍ତ ପରମାଲୋକ ମଧ୍ୟରେ ପ୍ରସ୍ଫୁଟିତ ହୋଇ ବାହାରି ପଡୁ ।

ଯଦି ସେହି ପରମ ଚାପଟି ଅବିରତ ଭାବରେ ପଡୁ ନ ଥା'ନ୍ତା, ଭିତରୁ ଓ ବାହାରୁ ଯୁଗପଦ୍ ଭାବରେ ଉଭୟ ଆଡୁହିଁ ପଡୁ ନ ଥା'ନ୍ତା, ଊର୍ଦ୍ଧ୍ୱରୁ ଏବଂ ପ୍ରଗାଢ଼ତମ ଗଭୀରତାଗୁଡ଼ିକ ମଧ୍ୟରୁ ପଡୁ ନ ଥା'ନ୍ତା, ତେବେ କେଉଁଠି କିଛିହେଲେ କେବେ ବଦଳନ୍ତା ନାହିଁ ।

ଏବଂ, ସେକଥାଟି ହୋଇ କରି ମଧ୍ୟ, ବସ୍ତୁଗୁଡ଼ିକର ବଦଳି ପାରିବା ଲାଗି ପ୍ରକୃତରେ କେତେ ଦୀର୍ଘ ସମୟ ନ ଲାଗୁଛି ! ଏହି ନିମ୍ନତର ପ୍ରକୃତିରେ ପ୍ରକୃତରେ ଅନମନୀୟ ଭାବରେ କେତେ ପ୍ରତିରୋଧ ଲାଗି ନ ରହିଛି, ଜୀବନର ସେହି କେବଳ—

'oaob.nitrkl.ac.in' images reprocessed

ପ୍ରାଣୀସ୍ତରୀୟ ପ୍ରଣାଳୀଗୁଡ଼ିକ ଲାଗି ପ୍ରକୃତରେ କି ଅନ୍ଧ ଏବଂ ନିର୍ବୋଧ ଏକ ଆସକ୍ତି ନ ରହିଛି ! ଆପଣାକୁ ମୁକ୍ତ କରି ଆଣିବା ଲାଗି ଆମେ କେତେ ନାହିଁ କରିବାରେ ନ ଲାଗିଛୁ !

*(ମାଆ ନୀରବ ରହିଲେ)*

ବର୍ତ୍ତମାନର ପୃଥିବୀ ଯେଉଁ ଦୁଃଖଭୋଗ, ଯେଉଁ ଅନ୍ଧକାର ଏବଂ ଯେଉଁ ନିର୍ବୋଧତା ମଧ୍ୟରେ ନିମଗ୍ନ ହୋଇରହିଛି, ତାହାରି ମଧ୍ୟରୁ ତାକୁ ବାହାର କରି ଆଣିବା ଲାଗି ଏକ ଅନନ୍ତ ପରମକରୁଣା ଏହି ସମୁଦାୟ ରୂପାୟଣଟି ମଧ୍ୟରେ ସତତ କ୍ରିୟାଶୀଳ ହୋଇ ରହିଛି । ଆବହମାନ କାଳରୁ ସେହି ପରମ କରୁଣା ନିଜକୁ କ୍ରିୟାଶୀଳ କରି ରଖିଛି, ଆପଣାର ପ୍ରୟାସକୁ କଦାପି ବିଚ୍ଛିନ୍ନ କରିଦେଇ ନାହିଁ । ଏବଂ, ବୃହତ୍ତର, ଅଧିକ ଯଥାର୍ଥ ଏବଂ ଅଧିକ ସୁନ୍ଦର ଏକ ବସ୍ତୁର ଆବଶ୍ୟକତା ମଧ୍ୟକୁ ଜାଗ୍ରତ ହୋଇ ଉଠିବା ଲାଗି ଏହି ପୃଥିବୀକୁ ପ୍ରକୃତରେ କେତେ ନା କେତେ ହଜାର ବର୍ଷ ନ ଲାଗିଛି ?

ପ୍ରତ୍ୟେକ ବ୍ୟକ୍ତି ଆପଣା ଭିତରେ ଯେଉଁ ପ୍ରତିରୋଧର ସାମନା କରୁଛି, ସେଇଟିରୁହିଁ ସିଏ, ପରମ-କରୁଣାର କାର୍ଯ୍ୟଟି ବିରୋଧରେ ପୃଥିବୀ ଯେ କେଡ଼େ ପ୍ରଚଣ୍ଡ ଭାବରେ ପ୍ରତିରୋଧ କରିବାରେ ଲାଗିଛି, ତାହାର ଏକ କଳନା ନିଶ୍ଚୟ କରିନେଇପାରିବ ।

ବାହ୍ୟ ସବୁକିଛି ପଦାର୍ଥ, ମନର ଯାବତୀୟ ବିରଚନା ଓ ଜଡ଼ସ୍ତରର ଯାବତୀୟ ଚେଷ୍ଟାର ଯେ ଆଦୌ କୌଣସି ସାର୍ଥକତା ବା ମୂଲ୍ୟ କିଛି ନାହିଁ, ଊର୍ଦ୍ଧ୍ୱସ୍ଥ ଏହି ପରମ ଆଲୋକ ଏବଂ ପରମ ଶକ୍ତି ଉଦ୍ଦେଶ୍ୟରେ, ଆପଣାକୁ ଅଭିବ୍ୟକ୍ତ କରିଆଣିବା ସକାଶେ ଚେଷ୍ଟା କରୁଥିବା ଏହି ପରମ ସତ୍ୟଟି ଉଦ୍ଦେଶ୍ୟରେ ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ନ ଦେବା ପର୍ଯ୍ୟନ୍ତ ଏ ସବୁର ଆଦୌ କୌଣସି ମୂଲ୍ୟ ନାହିଁ ବୋଲି ଯେତେବେଳେ ଆମେ ବୁଝିବାକୁ ଆରମ୍ଭ କରିବା, କେବଳ ସେତିକିବେଳେ ଯାଇ ଆମେ ମୀମାଂସକ ଭାବରେ କୌଣସି ଅଗ୍ରଗତି କରିବା ଲାଗି ପ୍ରସ୍ତୁତ ହୋଇପାରିବା । ତେଣୁ, ଯେଉଁ ପରମ ତତ୍ ଆମ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛନ୍ତି ଏବଂ କେବଳ ଯାହାଙ୍କରହିଁ ଯାବତୀୟ ସବୁକିଛିକୁ ବଦଳାଇ ଦେବାର ସାମର୍ଥ୍ୟ ରହିଛି, ଆମର ସତ୍ତାଟିକୁ ପରିପୂର୍ଣ୍ଣ, ସମଗ୍ର ଏବଂ ଉତ୍ସାହଯୁକ୍ତ ଭାବରେ କେବଳ ତାଙ୍କରି ପାଖରେ ଉତ୍ସର୍ଗ କରିଦେବାକୁହିଁ ଯଥାର୍ଥରେ ଫଳପ୍ରଦ ହେଉଥିବା ଦୃଷ୍ଟିକୋଣଟି ବୋଲି କୁହାଯାଇପାରିବ ।

ଯେତେବେଳେ ତୁମେ ସେହି ପରମ ଚିଦ୍‌ଗତତାଙ୍କ ଆଡ଼କୁ ଉନ୍ମୋଚିତ ହୋଇ ରହିଥାଅ, ସେତେବେଳେ ଯଥାର୍ଥ ଜୀବନଯାପନସ୍ୱରୂପ ସେହି ଉଚ୍ଚତର ଜୀବନର ଏକ

'oaob.nitrkl.ac.in' images reprocessed

ପ୍ରଥମ ପୂର୍ବସ୍ୱାଦକୁ ତାହା ତୁମ ଲାଗି ବହନ କରି ଆଣିଥାଏ । ତା'ପରେ ତାହାରି ମଧ୍ୟକୁ ଉତ୍ତୋଳିତ ହୋଇଯିବାର ଇଚ୍ଛାଟି ଉଦ୍‌ଭୂତ ହୋଇଆସେ, ସେଠାରେ ଯାଇ ଉପନୀତ ହେବାର ଆଶାଟି ଅଙ୍କୁରିତ ହୋଇଆସେ; ଏହା ଯେ ସମ୍ଭବ, ଏପରି ଏକ ନିଶ୍ଚୟତା ଜନ୍ମଲାଭ କରେ । ଏବଂ ପରିଶେଷରେ ଆବଶ୍ୟକ ପ୍ରୟାସଟିକୁ କରିବାର ବଳ ଆସେ, ଏବଂ ସବାଶେଷ ପର୍ଯ୍ୟନ୍ତ ଯିବା ଲାଗି ଆବଶ୍ୟକ ସଂକଳ୍ପଟି ମଧ୍ୟ ଆସିଯାଏ ।

ପ୍ରଥମେ ନିଦ ଭାଙ୍ଗି ଉଠିବାକୁ ହୁଏ, ତା'ପରେ ଯାଇ ତୁମେ ବିଜୟ ଲାଭ କରିବାକୁ ସମର୍ଥ ହୁଅ ।

'oaob.nitrkl.ac.in' images reprocessed

## ୫ ନଭେମ୍ବର ୧୯୫୮

*"ଆଧ୍ୟାତ୍ମିକ ସତ୍ୟ ହେଉଛି ଏକ ଚିଦ୍‌ଗତ ବା ଆଧ୍ୟାତ୍ମିକ ଭୂମିର ସତ୍ୟ; ଏହି ସତ୍ୟ ବୁଦ୍ଧିର ସତ୍ୟ ନୁହେଁ, ଏକ ଗାଣିତିକ ଉପପାଦ୍ୟ ନୁହେଁ କି ନ୍ୟାୟଶାସ୍ତ୍ରର ସୂତ୍ର ବି ନୁହେଁ; ଏହି ସତ୍ୟ ପରମ ଅନନ୍ତଙ୍କର ଏକ ସତ୍ୟ, ଅନନ୍ତ ବୈଚିତ୍ର୍ୟମୟ ସେହି ଅଖଣ୍ଡ ସତ୍ତାରହିଁ ଏକ ସତ୍ୟ ଏବଂ ଏହି ସତ୍ୟ କେତେ ବିଭାବ ଓ କେତେ ରୂପାୟଣର ଅନନ୍ତ ବହୁବିଧତା ଧାରଣ କରିପାରେ । ଆଧ୍ୟାତ୍ମିକ ବିବର୍ତ୍ତନ ମଧ୍ୟରେ ଏକଥାଟି ଅତ୍ୟନ୍ତ ଅନିବାର୍ଯ୍ୟ ଯେ ସେହି ଏକମାତ୍ର ପରମ ସତ୍ୟରେ ଯାଇ ପହଞ୍ଚିବା ଲାଗି ଅନେକମୁଖୀ ମାର୍ଗ ନିଶ୍ଚୟ ରହିବ, ଅନେକ ଦିଗରୁ ଆସି ମଧ୍ୟ ସେହି ସତ୍ୟକୁ ଲାଭ କରାଯାଇପାରିବ; ଆତ୍ମା ଯେ ଏକ ଜୀବନ୍ତ ସତ୍ୟର ସମ୍ମୁଖୀନ ହେବାକୁ ଅଗ୍ରସର ହେଉଛି, ଏହି ବହୁମୁଖିନତା ହେଉଛି ତାହାର ଏକ ନିଦର୍ଶନ; ବସ୍ତୁଗୁଡ଼ିକୁ କୌଣସି ଏକ ଜୀବନହୀନ ବା ପଥର ପରି ମୃତ ସୂତ୍ର ମଧ୍ୟରେ ଜଡ଼ କରି ରଖି ଦିଆଯାଇପାରୁଥିବା ଏକ ମନୋରଚନା କିମ୍ବା କେବଳ କଳ୍ପନାମୟ ଅବାସ୍ତବତାର ନିଦର୍ଶନ ନୁହେଁ । ନ୍ୟାୟ ଓ ବୁଦ୍ଧିର ଅବଧାରଣା ଦ୍ୱାରା ସତ୍ୟର ଯେଉଁ କଳ୍ପନା କରାଯାଏ ଏବଂ ସତ୍ୟରୂପୀ ସେହି ଗୋଟିଏ କଳ୍ପନାକୁହିଁ ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଦାବି କରାଯାଇଥାଏ, ସତ୍ୟରୂପେ ଘୋଷିତ ହେଉଥିବା ଯେଉଁ ଗୋଟିଏ କଳ୍ପନା ବା ଗୋଟିଏ ସୂତ୍ରବିଧି ଅନ୍ୟ ସକଳ କଳ୍ପନା ବା ସୂତ୍ରବିଧିକୁ ପରାଭୂତ କରି ରଖିଥାଏ ଏବଂ ଗୋଟିଏ ଅତିସୀମିତ ତଥ୍ୟ ଅଥବା ନାନା ତଥ୍ୟକୁ ନେଇ ଗଢ଼ା ଯାଇଥିବା ଗୋଟିଏ ସୂତ୍ରକୁ ସମସ୍ତେ ଅବଶ୍ୟ ସତ୍ୟ ବୋଲି ଜାଣିବେ ବୋଲି ଯେତେବେଳେ ବାଧ୍ୟ କରାଯାଏ, ସେତେବେଳେ ଜଡ଼ଗତ କ୍ଷେତ୍ରର ସୀମାବଦ୍ଧ ସତ୍ୟଟିକୁ ବଡ଼ ଅନ୍ୟାୟ ଭାବରେ ପ୍ରାଣ, ମନ ଓ ଚିଦ୍‌ଗତତାର ଆହୁରି ଅନେକ ଜଟିଳ ଓ ଅଧିକ ସ୍ଥିତିସ୍ଥାପକ କ୍ଷେତ୍ରଟିରେ ନେଇ ଆରୋପିତ କରି ଦିଆଯାଇଥାଏ ।...*

*ମନୁଷ୍ୟର ଆଧ୍ୟାତ୍ମିକ ଆରୋହକ୍ରମରେ ଭିନ୍ନ ଭିନ୍ନ ଅନେକ ସୋପାନ ରହିବହିଁ ରହିବ, ଏବଂ ପ୍ରତ୍ୟେକ ସୋପାନରେ ସତ୍ତା, ଚେତନା, ପ୍ରାଣ, ଆନ୍ତର ରୁଚି, ମନୋଗତ ଧାରଣା ତଥା ସ୍ୱଭାବରେ ବ୍ୟକ୍ତିବିଶେଷରେ*

'oaob.nitrkl.ac.in' images reprocessed

*ଅନେକ ପ୍ରକାର ବିବିଧତା ଅବଶ୍ୟ ରହିବ । ନିମିତ୍ତରୂପେ ବ୍ୟବହୃତ ହେଉଥିବା ମନର ସ୍ୱଭାବ ହେତୁ ଓ ଜୀବନ ସହିତ ତାହାର ସମ୍ବନ୍ଧିତ ହୋଇ ରହିବାର ଆବଶ୍ୟକତା ହେତୁ ସାଧକର ବିକାଶ ଏବଂ ବ୍ୟକ୍ତିତ୍ୱର ବିଶେଷ ପ୍ରକୃତି ଅନୁସାରେ ଅଗଣିତ ବୈଚିତ୍ର୍ୟର ସୃଷ୍ଟି ହେବ । ମାତ୍ର ଏସବୁକୁ ବାଦ୍ ଦେଲେ ମଧ ବିଶୁଦ୍ଧ ଆଧ୍ୟାତ୍ମିକ ଆତ୍ମୋପଲବ୍ଧି ତଥା ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ମଧ ଯେ କେବଳ ମାତ୍ର ଗୋଟିଏ ବର୍ଣ୍ଣହୀନ ବୈଚିତ୍ର୍ୟମୁକ୍ତତା ବିରାଜ କରୁଥିବ, ସେପରି ଭାବିବାର କୌଣସି କାରଣ ନାହିଁ । ସେଠାରେ ମଧ ମୂଳଗତ ଏକତ୍ୱର କ୍ଷେତ୍ରରେ ବହୁବିଚିତ୍ରତାର ସମ୍ଭାବନା ବଜାୟ ରହିଥିବ । ପରମ ଆତ୍ମା ଅଖଣ୍ଡ ଓ ଅଦ୍ୱୟ ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ସେହି ପରମାତ୍ମା ଅନେକ ଆତ୍ମାରୂପେ ଆପଣାକୁ ପ୍ରକଟ କରନ୍ତି । ଏବଂ ପ୍ରତ୍ୟେକ ଆତ୍ମାର ସ୍ୱପ୍ରକୃତିଗତ ରୂପାୟଣ ଓ ରଚନା ଭଳି ତାହାର ଆଧ୍ୟାତ୍ମିକ ଆତ୍ମ-ଅଭିବ୍ୟକ୍ତି ମଧ ବିଚିତ୍ର ଓ ବହୁବିଧ ହୋଇପାରିବ । ପରମ ଏକତ୍ୱ ମଧରେ ଅଶେଷ ବୈଚିତ୍ର୍ୟ;— ଏହାହିଁ ହେଉଛି ଅଭିବ୍ୟକ୍ତିର ବିଧାନ । ଅତିମାନସ ଚେତନାର ଏକତ୍ୱ ଓ ସମାହାର ମଧରେହିଁ ଏହିସବୁ ବୈଚିତ୍ର୍ୟର ସମାବେଶ ଓ ସୌଷମ୍ୟ ସାଧିତ ହେବ; ମାତ୍ର ସେଗୁଡ଼ିକର ବିଲୋପ ସାଧନ କରିଦେବା ଲାଗି ପ୍ରକୃତି ମଧରେ ଆପଣାକୁ ଲୀଳାୟିତ କରି ରଖିଥିବା ପରମ ଚିଦ୍‌ବସ୍ତୁର ଆଦୌ କୌଣସି ଅଭିପ୍ରାୟ ନାହିଁ ।"*

ଦିବ୍ୟଜୀବନ (ଇଂ), ପୃଷ୍ଠା. ୮୮୬-୮୮

ବ୍ୟକ୍ତିଗତ ବିକାଶର ଦୃଷ୍ଟିକୋଣରୁ, ଏବଂ ଯେଉଁମାନେ ଏପର୍ଯ୍ୟନ୍ତ ମାର୍ଗଟିର ପ୍ରଥମ ପର୍ଯ୍ୟାୟରେ ରହିଛନ୍ତି, ସେମାନଙ୍କ ବିଷୟରେ କହିବାକୁ ଗଲେ, ଆମେ ଯାହାକୁ ବୁଝିପାରୁ ନାହୁଁ, ଆମେ ତା' ଆଗରେ ନୀରବ ହୋଇ ରହିବା, ଏହି କଥାଟିକୁ ଜାଣିବା ଦ୍ୱାରାହିଁ ସେମାନଙ୍କର ଅଗ୍ରଗତିରେ ସବୁଠାରୁ ଅଧିକ ଉପକାର ସାଧିତ ହେବ । କେବଳ ବାହ୍ୟ ଅର୍ଥରେ ନୁହେଁ, କେବଳ କୌଣସି କଥା ନ କହି ନୁହେଁ, ମାତ୍ର ଭିତରେ ମଧ କିପରି ନୀରବ ହୋଇ ରହିବାକୁ ପଡ଼ିବ, ଯେପରିକି ଆପଣାର ସେହି ଚିରାଚରିତ ଧୃଷ୍ଟତା ସହିତ ମନ ଯେପରି ଆପଣାର ଅଜ୍ଞାନତାଗୁଡ଼ାକୁ ଆମ ଉପରେ ଆଦୌ ଲଦିଦେବାକୁ ଆସିବ ନାହିଁ, ଯଥାର୍ଥ ବୋଧ ଲାଗି ଅସମର୍ଥ ହୋଇ ରହିଥିବା ଏକ ସାଧନ ଦ୍ୱାରା ମନ ଯେପରି କିଛି ହେଲେ ବୁଝିବାକୁ ମୋଟେ କୌଣସି ଚେଷ୍ଟା କରିବ ନାହିଁ, ମନ ଯେପରି ଆପଣାର ଅପୂର୍ଣ୍ଣତାଗୁଡ଼ିକୁ ଜାଣି ପାରୁଥିବ ଏବଂ ସହଜ ଏବଂ ଶାନ୍ତ ଭାବରେ ଖୋଲିଯାଇ

'oaob.nitrkl.ac.in' images reprocessed

ପାରୁଥିବ, ଆଲୋକଟିକୁ ଗ୍ରହଣ କରିପାରିବା ଲାଗି ଉପଯୁକ୍ତ ସମୟଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ଯେପରି ସେ ଅପେକ୍ଷା କରିପାରୁଥିବ, ସେଇଥିପାଇଁ ନୀରବ ହୋଇ ଯିବାକୁ ପଡ଼ିବ । କାରଣ ସେହି ଆଲୋକ, ସେହି ଯଥାର୍ଥ ପରମ ଆଲୋକହିଁ ମନକୁ ତା'ର ବୋଧଶକ୍ତିଟିକୁ ଆଣି ପ୍ରଦାନ କରିପାରିବ । ମନ ଯାହାକିଛି ଶିଖିଛି, ଯାହାକିଛି ଦେଖିଛି ଓ ଜୀବନରେ ତଥାକଥିତ ଅଭିଜ୍ଞତା ବୋଲି ଯାହାକିଛି ଲାଭ କରିଛି, ଯଥାର୍ଥ ବୋଧ କହିଲେ କଦାପି ସେସବୁକୁ ବୁଝାଇବ ନାହିଁ । ଯଥାର୍ଥ ବୋଧ ସର୍ବଦାହିଁ ତା'ର ସୀମାତୀତ ହୋଇ ରହିଥିବ । ଏବଂ, ପରମ କରୁଣାର ପ୍ରକାଶସ୍ୱରୂପ ସେହି ଅନ୍ୟ ସମ୍ପଦଟି ମନ ଭିତରେ ଆସି ଅଭିବ୍ୟକ୍ତ ହୋଇ ନ ପାରିବା ପର୍ଯ୍ୟନ୍ତ, ଯଦି ମନ ଅତ୍ୟନ୍ତ ସ୍ଥିର ଓ ବିନୀତ ଭାବରେ ନୀରବ ହୋଇ ରହିବ ଓ ସ୍ୱୟଂ ବୁଝିବା ଲାଗି ଆଦୌ କୌଣସି ଚେଷ୍ଟା ନ କରିବ, ଯଦି, ସର୍ବୋପରି, ସେ କୌଣସି କଥାର ବିଚାର କରିବାକୁ ବାହାରି ପଡ଼ିବ ନାହିଁ, ତେବେ ସବୁକିଛି ଅନେକ ଅଧିକ ଦ୍ରୁତ ଗତିରେ ଅଗ୍ରସର ହେବା ସମ୍ଭବ ହେବ ।

ମୁଣ୍ଡରେ ଭର୍ତ୍ତି ହୋଇ ରହିଥିବା ଶବ୍ଦ ଓ ଧାରଣାଗୁଡ଼ାକ ସତତ କରୁଥିବା କୋଳାହଳଟି ପ୍ରକୃତରେ ଏତେବେଶୀ ବଧିର କରି ପକାଏ ଯେ ଆପଣାକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରୁଥିବା ସତ୍ୟଟିର କଥା ଶୁଣିବାରୁ ତାହା ତୁମକୁ ବଞ୍ଚିତ କରି ରଖିଥାଏ ।

ତେଣୁ ସ୍ଥିର ଓ ନୀରବ ହୋଇ ଶିଖିବାକୁ ହେବ... । ଯେତେବେଳେ ତୁମର କୌଣସି ସମସ୍ୟା ସମାଧାନ କରିବାକୁ ରହିଥିବ, ସେତେବେଳେ ନିଜର ମୁଣ୍ଡ ଭିତରେ ଯାବତୀୟ ସମ୍ଭାବନାକୁ, ସମ୍ଭାବ୍ୟ ଯାବତୀୟ ପରିଣାମ ଓ ଯାବତୀୟ ବସ୍ତୁକୁ ଓଲଟପାଲଟ କରିବାରେ ତତ୍ପର ନ ରହି ଯଦି ତୁମେ ସଦିଚ୍ଛାଯୁକ୍ତ ଏକ ଅଭୀପ୍ସା ସହିତ ନୀରବ ହୋଇ ରହିପାରିବ, ସମ୍ଭବ ହେଲେ ଯଦି ସଦିଚ୍ଛାର ଏକ ପ୍ରୟୋଜନ କାମନା କରୁଥିବା ଏକ ଅଭୀପ୍ସା ସହିତ ନୀରବ ହୋଇ ରହିପାରିବ, ତେବେ ସମାଧାନଟି ଅଚିରେ ଉପଲବ୍ଧ ହୋଇଯିବ । ଏବଂ, ତୁମେ ନୀରବ ହୋଇ ରହିଥିବାରୁ, ତାହାର କଥାଟିକୁ ମଧ୍ୟ ବେଶ୍ ଶୁଣିପାରିବ ।

ତୁମେ ଯେତେବେଳେ କୌଣସି ଅସୁବିଧାରେ ପଡ଼ିଯାଇଥିବ, ସେତେବେଳେ ଏହି ପଦ୍ଧତିଟିକୁ ପରୀକ୍ଷା କରି ଦେଖିବ : କୌଣସି ପ୍ରକାରେ ଉତ୍ତେଜିତ ନ ହୋଇ, ଯାବତୀୟ ବିଚାର ଓ ଧାରଣାଗୁଡ଼ିକୁ ଓଲଟପାଲଟ କରି ଅତ୍ୟନ୍ତ ସକ୍ରିୟ ଭାବରେ ସମାଧାନଗୁଡ଼ାକୁ ଖୋଜି ବାହାର କରିବାରେ ବ୍ୟସ୍ତ ନ ରହି, କୌଣସି ପ୍ରକାର ଉଦ୍‌ବେଗ କିମ୍ବା ବିରକ୍ତି ପ୍ରକାଶ ନ କରି, ନିଜର ମୁଣ୍ଡ ଭିତରେ ବିକଳ ହୋଇ ଏଣେତେଣେ ନ ଦଉଡ଼ି,— ଏଠାରେ ମୁଁ ବାହ୍ୟ ଜଗତର କଥା କିଛିହେଲେ କହୁ ନାହିଁ, କାରଣ, ତୁମର ହୁଏତ ଏତିକି ସାଧାରଣ ବୁଦ୍ଧି ବେଶ୍ ରହିଥିବ ଯେ ତୁମେ ବାହାରେ ସେଗୁଡ଼ାକୁ ଆଦୌ

'oaob.nitrkl.ac.in' images reprocessed

କରୁ ନ ଥିବ !— ମାତ୍ର, ଭିତରେ, ନିଜର ମୁଣ୍ଡ ଭିତରେ ତୁମେ ସ୍ଥିର ଓ ନୀରବ ହୋଇ ରହିଥିବ । ଏବଂ, ଆପଣାର ପ୍ରକୃତିଟି ଅନୁସାରେ, ଉତ୍ସାହର ସହିତ ହେଉ ଅଥବା ଶାନ୍ତ ଭାବରେ ହେଉ, ସଘନ, ପ୍ରଗାଢ଼ ଭାବରେ ହେଉ ଅଥବା ଆପଣାକୁ ପ୍ରସାରିତ କରିଦେଇ ହେଉ, ବା ଏହି ସବୁକିଛିକୁ ଏକତ୍ର କରି ହେଉ, ତୁମେ ସେହି ପରମ ଆଲୋକଟିକୁ ଆବାହନ କରିବାକୁ ଲାଗିବ ଏବଂ ସେଇଟି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବ ।

ଏହିପରି ଭାବରେ ବାଟ ଅନେକ କଟିଯିବ, ମାର୍ଗଟି ପ୍ରକୃତରେ ଅନେକ ପରିମାଣରେ ସଂକ୍ଷିପ୍ତ ହୋଇଯିବ ।

'oaob.nitrkl.ac.in' images reprocessed

## ୧୨ ନଭେମ୍ବର ୧୯୫୮

''ଆଧ୍ୟାତ୍ମିକ ମନୁଷ୍ୟର ବିବର୍ତ୍ତନ-କ୍ରମରେ ତାକୁ ପରମ ସତ୍ୟର ଭୂମି ଉପରେ ଜାଗ୍ରତ କରିଦେବା ଓ ଆପଣାର ସୀମାବେଷ୍ଟନଗୁଡ଼ିକ ମଧ୍ୟରୁ ମୁକ୍ତ କରିଦେବାହିଁ ଯଦି ପ୍ରକୃତିର ଏକମାତ୍ର ଅଭିପ୍ରାୟ ହୋଇଥାଏ, ଅଥବା ଶାଶ୍ୱତଙ୍କର ଶକ୍ତିରୂପେ ପ୍ରକୃତି ଯେଉଁ ଅବିଦ୍ୟାଟି ଦ୍ୱାରା ଆପଣାକୁ ସମାବୃତ କରି ରଖିଛି, ଅନ୍ୟ କେଉଁଠି ଅବସ୍ଥିତ ଏକ ଉଚ୍ଚତର ସତ୍ତାଭୂମିକୁ ଉନ୍ନୀତ ହୋଇ ମନୁଷ୍ୟକୁ ସେହି ଅବିଦ୍ୟା ଭିତରୁ ମୁକ୍ତ କରିଦେବା ଯଦି ପ୍ରକୃତିର ଅଭିଳାଷ ହୋଇଥାଏ, ପ୍ରକୃତି-ବିବର୍ତ୍ତନର ଏହି ସୋପାନଟି ଯଦି ଏପାଖର ଦୁଆରଟି ବନ୍ଦ ହୋଇଯିବାର ଏବଂ ସେପାଖକୁ ମୁକୁଳି ବାହାରି ଯିବାରହିଁ ଏକ ସୋପାନମାତ୍ର ହୋଇଥାଏ, ତେବେ କହିବାକୁ ପଡ଼ିବ ଯେ ପ୍ରକୃତିର କାର୍ଯ୍ୟଟି ମର୍ମତଃ ସିଦ୍ଧ ହୋଇ ସାରିଲାଣି ଏବଂ ଏହି ଦିଗରେ ଆଉ ଅଧିକ କିଛିହେଲେ କରିବାର ନାହିଁ କିମ୍ବା ଆଗକୁ ଯିବାର ମଧ୍ୟ ନାହିଁ । ଯେଉଁ ରାସ୍ତାଗୁଡ଼ିକ ତିଆରି ହେବାର ଥିଲା, ସେଗୁଡ଼ିକ ତିଆରି ହୋଇ ସାରିଲାଣି, ସେହି ରାସ୍ତାରେ ଅଗ୍ରସର ହେବାର ସାମର୍ଥ୍ୟଟି ମଧ୍ୟ ବିକଶିତ ହୋଇ ସାରିଛି, ଏହି ସୃଷ୍ଟିର ଚରମ ଲକ୍ଷ୍ୟ ଓ ସର୍ବୋଚ୍ଚ ଶିଖରଟି ପ୍ରକଟ ହୋଇ ସାରିଛି । ଏଥରକ ପ୍ରତ୍ୟେକ ଆତ୍ମା ଲାଗି କେବଳ ବ୍ୟକ୍ତିଗତ ଭାବରେ ଆପଣା ବିକାଶର ଉପଯୁକ୍ତ ସୋପାନଟିରେ ଯାଇ ପହଞ୍ଚିବାହିଁ ଯାହା ବାକି ରହିଛି, ଆଧ୍ୟାତ୍ମିକ ପଥଗୁଡ଼ିକରେ ପ୍ରବେଶ କରି ଆପଣାର ସ୍ୱନିର୍ବାଚିତ ବାଟରେ ଏହି ନିମ୍ନତର ଅସ୍ତିତ୍ୱଟିର ବାଡ଼କୁ କାଟି କେବଳ ବାହାରିଯିବାହିଁ ବାକି ରହିଛି । ମାତ୍ର ଆମେ ଆଗରୁ ସ୍ୱୀକାର କରି ନେଇଛୁ ଯେ ଏତିକିରୁ ଆହୁରି ଆଗକୁ ମଧ୍ୟ ପ୍ରକୃତିର ଏକ ଅଭିପ୍ରାୟ ରହିଛି; କେବଳ ପରମ ଚିଦ୍‌ବସ୍ତୁର ଆତ୍ମ-ଉନ୍ମୋଚନ ନୁହେଁ, ମାତ୍ର ପ୍ରକୃତିର ଏକ ଆମୂଳ ତଥା ସମଗ୍ର ରୂପାନ୍ତର ସାଧନ ମଧ୍ୟ ହେବାକୁ ରହିଛି । ଜଡ଼ଜୀବନ ମଧ୍ୟରେ ଚିଦ୍‌ବସ୍ତୁର ଯଥାର୍ଥ ପ୍ରକାଶ ଘଟାଇବା ଲାଗି ପ୍ରକୃତିର ଏକ ସଂକଳ୍ପ ରହିଛି; ସେ ଯେଉଁ କାର୍ଯ୍ୟଟିକୁ ଆରମ୍ଭ କରିଛି, ଅବିଦ୍ୟା ମଧ୍ୟରୁ ବିଦ୍ୟା ମଧ୍ୟରେ ପ୍ରବେଶ କରି ପ୍ରକୃତି ସେହି କାର୍ଯ୍ୟଟିକୁ ଅବଶ୍ୟ ସଂପୂର୍ଣ୍ଣ କରିବ, ଆପଣାର ମୁଖାଟାକୁ କାଢ଼ି ଫିଙ୍ଗିଦେବ ଏବଂ ଆପଣାକୁ ସେହି ଶାଶ୍ୱତ ସତ୍ତା ତଥା ବିଶ୍ୱଗତ ଆନନ୍ଦକୁ ବହନ କରୁଥିବା ଜ୍ୟୋତିର୍ମୟ ପରମ

'oaob.nitrkl.ac.in' images reprocessed

*ଚୈତନ୍ୟଶକ୍ତି ରୂପେ ଉଦ୍ଭାସିତ କରାଇଦେବ । ଏଥିରୁ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ବର୍ତ୍ତମାନ ଆହୁରି ଏପରି କିଛି ରହିଛି, ଯାହାକି ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ, ଆହୁରି ଅନେକ କିଛି କରିବାର ବାକି ରହିଛି : ଭୂରି ଅସ୍ପଷ୍ଟ କର୍ଦ୍ଦମ୍ । ଆରୋହଣ କରିବା ଲାଗି ତଥାପି ଗୋଟିଏ ଶିଖର ରହିଛି; ଆହୁରି ଏକ ଅନାବିଷ୍କୃତ ପ୍ରସାର ରହିଛି, ଯେଉଁଠାରେ କି ଦୃଷ୍ଟି ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ । ସଂକଳ୍ପର ଡେଣା ଲାଗି ଆହୁରି ଉଡ଼ି ଯିବାକୁ ବାକି ରହିଛି, ଏହି ଜଡ଼ମୟ ଜଗତରେ ଚିନ୍ମୟ ସତ୍ତାର ଆତ୍ମପ୍ରତିଷ୍ଠା ହେବାକୁ ବାକି ରହିଛି । ବିବର୍ତ୍ତନାତ୍ମିକା ଶକ୍ତି କେବଳ ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ଆତ୍ମପରିଚୟ ଲାଗି ସମର୍ଥ କରିଛି, ଆପଣାର ଆତ୍ମସତ୍ତା ବିଷୟରେ ସେମାନଙ୍କୁ ସଚେତନ କରିଛି, ଆପଣାର ଯଥାର୍ଥ ସ୍ୱରୂପ ସେହି ଶାଶ୍ୱତ ସତ୍ତାଟି ବିଷୟରେ ସଂବିତ୍‌ସମ୍ପନ୍ନ କରିଛି । ଆପଣାର ପ୍ରତିଭାସଗୁଡ଼ିକ ପଛରେ ଯେଉଁ ପରମ ଦିବ୍ୟତା ବା ପରମ ସତ୍ୟଟି ପ୍ରଚ୍ଛନ୍ନ ହୋଇ ରହିଛି, ପ୍ରକୃତି ତାହାରି ସହିତ ସେମାନଙ୍କର ଏକ ଖିଅ ଲଗାଇଦେଇ ପାରିଛି । ଏହି ଉଦ୍ଭାସ ବଳରେ ଏକ ଉଦ୍‌ଯୋଗପର୍ବ ରୂପେ ପ୍ରକୃତି ମଧ୍ୟରେ ଏକ ପରିବର୍ତ୍ତନ ଆସି ଦେଖାଦେଇଛି; ମାତ୍ର ଏହି ପରିବର୍ତ୍ତନକୁ ଆମେ କୌଣସି ପ୍ରକାରେ ପୂର୍ଣ୍ଣ କିଂବା ମୌଳିକ ବୋଲି କହିପାରିବା ନାହିଁ । ଏହାଦ୍ୱାରା ପାର୍ଥିବ ପ୍ରକୃତିର ଏହି କ୍ଷେତ୍ରରେ କୌଣସି ନିଶ୍ଚିତ ନୂତନ ତତ୍ତ୍ୱ, ନୂତନ ସୃଷ୍ଟି ଏବଂ ଜୀବନର ଏକ ସ୍ଥାୟୀ ଓ ନୂତନ ବ୍ୟବସ୍ଥା ଆଦୌ ପ୍ରତିଷ୍ଠିତ ହୋଇପାରିବ ନାହିଁ । ଆଧ୍ୟାତ୍ମିକ ମନୁଷ୍ୟର ଆବିର୍ଭାବ ହୋଇଛି ସତ, ମାତ୍ର ସେହି ସୋପାନଟିଠାରୁ ଯିଏ ସେହି ପ୍ରକୃତିର ନେତୃତ୍ୱ ଗ୍ରହଣ କରିବ, ସେହି ଅତିମାନସିକ ସତ୍ତାର ଆବିର୍ଭାବ ହୋଇ ନାହିଁ ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା. ୮୮୯-୯୦

*ମାଆ, ଆମେ ନିଜେ ପ୍ରକୃତରେ କେଉଁ ପର୍ଯ୍ୟାୟ ଓ କେଉଁ ପର୍ବରେ ଆସି ପହଞ୍ଚିଛୁ, ସେକଥାଟିକୁ ଜାଣିପାରିବା କିପରି ?*

ତୁମେ ସେଇଟିକୁ ଜାଣିପାରିବ କିପରି ?... ତୁମକୁ ଖୋଜି ବାହାର କରିବାକୁ ପଡ଼ିବ । ତାହାକୁ ଅବିଚଳ ଭାବରେ ଇଚ୍ଛା କରିବାକୁ ପଡ଼ିବ । ତାହାହିଁ ତୁମଲାଗି ସବୁଠାରୁ ଅଧିକ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହୋଇ ରହିଥିବ ।

*(ମାଆ ନୀରବ ରହିଲେ)*

'oaob.nitrkl.ac.in' images reprocessed

ଆପଣାର ଆତ୍ମାକୁ ଆବିଷ୍କାର କରିବାକୁ, ସେଇଟି ସହିତ ସମ୍ମିଳିତ ହୋଇ ରହିବାକୁ ଏବଂ ତାହାକୁହିଁ ଆପଣାର ଜୀବନର ପରିଚାଳନା କରିବା ଲାଗି ବାଟ ଛାଡ଼ିଦେବାକୁ ଯେଉଁ ଅନ୍ତର୍ଗତ ଉଦ୍ୟମଟିର ଆବଶ୍ୟକତା ରହିଛି, ସେହି ଉଦ୍ୟମଟିକୁ ପ୍ରକୃତରେ କରିବାକୁ ଗଲାବେଳେ ସାଧାରଣତଃ ଏହି ଆବିଷ୍କାରଟି କରିବା ସଙ୍ଗେ ସଙ୍ଗେ ଏକ ପ୍ରକାରର ଅଦ୍ଭୁତ ସମ୍ମୋହନର ଅନୁଭୂତି ଉପଲବ୍ଧ ହୋଇଥାଏ; ଏବଂ ତାହାରି ଫଳରେ ଅତ୍ୟନ୍ତ ସ୍ୱତଃପ୍ରବୃତ୍ତ ଭାବରେ ସର୍ବପ୍ରଥମେ ଏହିପରି କହିବାକୁ ମନ ହୋଇଥାଏ, ‘‘ମୋର ଯାହା ଦରକାର, ମୋତେ ବର୍ତ୍ତମାନ ସେଇଟି ମିଳିଗଲା । ମୁଁ ପ୍ରକୃତରେ ଅନନ୍ତ ଆନନ୍ଦ ଲାଭ କରିପାରିଛି !’’ ଏବଂ, ତା’ପରେ ଆଉ ଅନ୍ୟକିଛି ବି ନେଇ ମୁଣ୍ଡ ଖେଳାଇବାକୁ ଇଚ୍ଛା ହୁଏ ନାହିଁ ।

ବସ୍ତୁତଃ, ଯେତେ ବ୍ୟକ୍ତି ଏହି ଆବିଷ୍କାରଟିକୁ କରିଛନ୍ତି, ସେମାନେ ପ୍ରାୟ ସମସ୍ତେ ଏହିପରି ଏକ ଅନୁଭୂତିର ବଶବର୍ତ୍ତୀ ହୋଇଛନ୍ତି; ଏବଂ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଏପରିକି ଏହି ଅନୁଭୂତିଟିକୁ ଉପଲବ୍ଧିର ଏକ ତତ୍ତ୍ୱରୂପେ ଥୋଇଦେଇ କହିବାକୁ ଯାଇଛନ୍ତି, ‘‘ତୁମେ ଯେତେବେଳେ ସେଇଟିକୁ କରିପାରିଲ, ସେତେବେଳେ ପ୍ରକୃତରେ ସବୁକିଛିହିଁ ସାଧିତ ହୋଇଗଲା । ଏହାପରେ ଆଉ ଅଧିକ କିଛି କରିବାକୁହିଁ ରହିଲା ନାହିଁ; ତୁମେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିଲ ଏବଂ ତୁମ ରାସ୍ତାଟି ମଧ୍ୟ ଶେଷ ହୋଇଗଲା ।’’

ବସ୍ତୁତଃ, ତଥାପି ଆହୁରି ଆଗକୁ ଯିବାକୁ ହେଲେ ଅନେକ ସାହସର ପ୍ରୟୋଜନ । ଆମେ ଯେଉଁ ଆତ୍ମାଟିର ଆବିଷ୍କାର କରିବା, ତାହା ପ୍ରକୃତରେ ଏକ ନିର୍ଭୀକ ଯୋଦ୍ଧା ହୋଇପାରିବା ଉଚିତ, ଯିଏ କି ଆପଣାର ଅନ୍ତର୍ଗତ ଆନନ୍ଦଟିକୁ ନେଇ କଦାପି ସନ୍ତୁଷ୍ଟ ହୋଇ ବସି ଯାଏ ନାହିଁ; ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ସେହି ଅବସ୍ଥାରେ ଯାଇ ପହଞ୍ଚିବେ, ଏବଂ ତେଣୁ, ମୁଁ ଯେଉଁ ଉଦ୍ୟମଟିକୁ କଲି, ଅନ୍ୟମାନେ ମଧ୍ୟ ଠିକ୍ ସେହି ଉଦ୍ୟମଟିକୁ କଲେ ନିଶ୍ଚୟ ସେମାନଙ୍କ ଲାଭ ହେବ ବୋଲି କହି ସିଏ କଦାପି ଅନ୍ୟମାନଙ୍କର ଦୁଃଖ ଓ ଯାତନା ସମ୍ମୁଖରେ ନିଜକୁ ଏହିପରି ସାନ୍ତ୍ୱନା ଦେବାରେ ଲାଗି ଯାଏ ନାହିଁ । ବା, ଖୁବ୍ ବେଶୀ ହେଲେ, ଆପଣା ଅନ୍ତଃପ୍ରଜ୍ଞାର ସେହି ସ୍ଥିତିଟିରେ ରହି ‘‘ମହାନ୍ ଉଦାରତା’’ ଏବଂ ‘‘ଗଭୀର ସଦ୍‌ଭାବନା’’ ଦ୍ୱାରା ଆମେ ଅନ୍ୟମାନଙ୍କୁ ସାହାଯ୍ୟ କରି ସେମାନଙ୍କୁ ସେଠାରେ ନେଇ ପହଞ୍ଚାଇ ଦେଇପାରିବା, ଏବଂ, ଯେତେବେଳେ ସମସ୍ତେ ସେହି ଅବସ୍ଥାଟିକୁ ଆସି ପ୍ରାପ୍ତ ହୋଇଯିବେ, ସେତେବେଳେ ଏହି ଜଗତର ଅବସାନ ଘଟିବ, ଏବଂ ଯେଉଁମାନଙ୍କୁ ଏହି ଜଗତର ଦୁଃଖଭୋଗ ଭଲ ଲାଗୁ ନାହିଁ, ସେମାନଙ୍କ ଲାଗି ତାହାହିଁ ଅନେକ ଅଧିକ ଉପକାରୀ ବୋଲି ସାବ୍ୟସ୍ତ ହେବ,— ଏପରି କହି ସିଏ କଦାପି ନିଜକୁ ସାନ୍ତ୍ୱନା ଦେବାକୁ ଯିବ ନାହିଁ ।

'oaob.nitrkl.ac.in' images reprocessed

କିନ୍ତୁ,... ଏହି କ୍ଷେତ୍ରରେ ଗୋଟିଏ "କିନ୍ତୁ" ଅବଶ୍ୟ ରହିଛି । ଯେତେବେଳେ ସର୍ବୋଚ୍ଚ ପରମସତ୍ତା ଆପଣାକୁ ରୂପାୟିତ କରି ଆଣିଲେ, ସେତେବେଳେ ତାହାହିଁ ତାଙ୍କର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ହୋଇ ରହିଥିଲା ବୋଲି ତୁମେ ନିଶ୍ଚିତ ଭାବରେ କହିପାରିବ କି ?

*(ମାଆ ନୀରବ ରହିଲେ)*

ଯଦି, ଏସବୁ କେବଳ ଏଇଥିପାଇଁହିଁ ହେଉଥାଏ, ତେବେ ଏହି ସମସ୍ତ ସୃଷ୍ଟି, ବିଶ୍ୱରୂପୀ ଏହି ସମଗ୍ର ରୂପାୟଣଟି ଖୁବ୍ ବେଶୀ ହେଲେ କେବଳ ଏକ ନିକୃଷ୍ଟ ପରିହାସ ପରିହିଁ ପ୍ରତୀତ ହେବାକୁ ଲାଗିବ । ଯଦି ଏଥିରୁ ବାହାରକୁ ବାହାରି ଯିବାକୁହିଁ ଚରମ ନିୟତି ହୋଇ ରହିଥାଏ, ତେବେ ଏହାକୁ ଆରମ୍ଭ କରାଯାଇଥିଲା ବା କାହିଁକି ? ଅନ୍ତତଃ ଆପଣାର ବାହ୍ୟ ପ୍ରତିଭାସଟିର ଭୂମିରେ ତାହା ପ୍ରକୃତରେ ଯଦି ଏତେ ବିଷାଦାନ୍ତକ ଏବଂ ନାଟକୀୟ ହୋଇ ରହିଥାଏ, ଏଇଟି ଭିତରୁ ବାହାରି ଚାଲିଯିବାର ଉପାୟଟିକୁ ତୁମକୁ ଶିଖାଇବାହିଁ ଯଦି ଏହାର ଉଦ୍ଦେଶ୍ୟ ହୋଇଥାଏ, ତେବେ ଏତେ ସଂଘର୍ଷ ଓ ସଂଗ୍ରାମରେ ପ୍ରକୃତରେ ଆଉ କି ପ୍ରୟୋଜନ ରହିଥିଲା, ଏତେ ଦୁଃଖ ବରଣ କରିବାର ବା କ'ଣ ଥିଲା, ଜଗତ ବୋଲି ଏହାକୁ ସୃଷ୍ଟି କରିବାର ବା କେଉଁ ପ୍ରୟୋଜନ ରହିଥିଲା ? ତେଣୁ, ଆଦୌ କିଛିହେଲେ ଆରମ୍ଭ ନ କରିଥିଲେହିଁ ହୁଏତ ଅଧିକ ଭଲ ହୋଇଥା'ନ୍ତା ।

ମାତ୍ର, ଯଦି ଆମେ ବସ୍ତୁଗୁଡ଼ିକର ଗଭୀରକୁ ଯାଇପାରିବା, ଖାଲି ଆମର ସମସ୍ତ ଅହଂଭାବକୁ ନୁହେଁ, ଯଦି ଆପଣାର ଅହଂକୁ ମଧ୍ୟ ବିସର୍ଜନ କରି ଯଦି ନିଃଶେଷିତ ଭାବରେ ଆମେ ଆପଣାକୁ ସମର୍ପିତ କରିଦେଇ ପାରିବା, ଯଦି ଆମେ ଏପରି ସଂପୂର୍ଣ୍ଣ ଏବଂ ସ୍ୱାର୍ଥମୁକ୍ତ ଭାବରେ ଆପଣାକୁ ସମର୍ପିତ କରିଦେଇ ପାରିବା, ଯେପରିକି ପରମ ଜଗତକର୍ତ୍ତାଙ୍କର ଯୋଜନାଟିକୁ ବୁଝିବା ସକାଶେ ବି ସମର୍ଥ ହେବା, ତେବେ ଆମେ ଅବଶ୍ୟ ଏକଥାଟିକୁ ମଧ୍ୟ ଜାଣିବା ଯେ ଏହା କଦାପି ଏକ ନିକୃଷ୍ଟ ପରିହାସ ନୁହେଁ, ଏହା ଆଦୌ ଏପରି ଏକ କ୍ଳେଶପୂର୍ଣ୍ଣ ପଥ ନୁହେଁ, ଯାହାର ଅନୁସରଣ କରି ଆମ୍ଭମାନଙ୍କୁ କିଞ୍ଚିତ୍ କ୍ଷତବିକ୍ଷତ ହୋଇ ପୁନର୍ବାର ସେହି ଆରମ୍ଭ ବିନ୍ଦୁଟିକୁ ବାହୁଡ଼ି ଆସିବାକୁ ପଡ଼ିଥାଏ । ସେତେବେଳେ ଆମେ ଓଲଟି ଏକଥା ଜାଣିବାକୁ ପାଇବା ଯେ, ସମୁଦାୟ ସୃଷ୍ଟିଟିକୁ ଜୀବନର ଆନନ୍ଦଟିକୁ ଶିଖାଇଦେବା ଲାଗିହିଁ ଏହି ଜଗତର ସୃଜନ କରାହୋଇଛି, ଜୀବନର ସୌନ୍ଦର୍ଯ୍ୟ, ଜୀବନର ବୃହତ୍ତା, ଏକ ଉଦାତ୍ତ ଜୀବନର ମହାନତା ଏବଂ ସେହି ଆନନ୍ଦ, ସୌନ୍ଦର୍ଯ୍ୟ ଏବଂ ମହତ୍ତ୍ୱର ଚିରନ୍ତନ ଭାବରେ ଅଧିକରୁ ଅଧିକ ହେବାରେ ଲାଗିଥିବା ଅଭିବୃଦ୍ଧିଟି ବିଷୟରେ ଶିଖାଇଦେବା ଲାଗିହିଁ ଏହି ଜଗତର ସୃଷ୍ଟି ହୋଇଛି । ତା'ପରେ, ସବୁକିଛିରହିଁ ଏକ ଅର୍ଥ ରହିଛି ବୋଲି

'oaob.nitrkl.ac.in' images reprocessed

ଅବଜ୍ଞାତ ହୋଇଯିବ, ସେତେବେଳେ ଏତେଗୁଡ଼ାଏ ସଂଘର୍ଷ କରିବାକୁ ପଡ଼ିଲା ଅଥବା କଷ୍ଟ ସହିବାକୁ ପଡ଼ିଲା ବୋଲି ଆଉ ଦୁଃଖ କରିବାକୁ ପଡ଼ିବ ନାହିଁ । ସେତେବେଳେ ସେହି ଦିବ୍ୟ ଲକ୍ଷ୍ୟଟିକୁ ଉପଲବ୍ଧି କରିବା ଲାଗିହିଁ କେବଳ ଏକ ଉତ୍ସାହ ଅନୁଭୂତ ହେବ ଏବଂ ଲକ୍ଷ୍ୟ ତଥା ବିଜୟ ସମ୍ବନ୍ଧରେ ଏକ ପୂର୍ଣ୍ଣ ନିଶ୍ଚୟତା ସହିତହିଁ ଆମେ ସିଧା ସେହି ଉପଲବ୍ଧି ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇଯିବା ।

ମାତ୍ର ସେଇଟିକୁ ଜାଣିବାକୁ ହେଲେ ଆପଣାର ଅହଂବାଦିତାକୁ ତ୍ୟାଗ କରିବାକୁ ପଡ଼ିବ, କେବଳ ଆପଣାକୁହିଁ ଆବୋରି ରହିଥିବା ଏବଂ ସର୍ବୋଚ୍ଚ ଅସଲ ଉତ୍ସଟିରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ହୋଇ ନ ରହି ଆମକୁ ଅନ୍ୟପ୍ରକାରେ ଗତି କରିବାକୁ ପଡ଼ିବ । ତେବେଯାଇ ଆମେ ଅସଲ ଲକ୍ଷ୍ୟଟିକୁ ଜାଣି ପାରିବା,– ଏବଂ ଏଥିଲାଗି ଏହାହିଁ ଏକମାତ୍ର ବାଟ ।

ଆମେ ଆମର ଅହଂଟିକୁ କାଢ଼ି ଫୋପାଡ଼ିଦେବା, ଏକ ଅନାବଶ୍ୟକ ପରିଚ୍ଛଦ ପରି ଆମେ ଏଇଟିକୁ ଆପଣା ଉପରୁ କାଢ଼ି ଫୋପାଡ଼ିଦେବା ।

ଏହା ଫଳରେ ଆମକୁ ଯେଉଁ ଫଳଟି ମିଳିବ, ତାହାହିଁ ଆମେ କରିଥିବା ଯାବତୀୟ ଉଦ୍ୟମକୁ ସାର୍ଥକ କରିଦେବ । ଏବଂ ତା'ପରେ ଆମେ ଆଉ କଦାପି ଆମ ମାର୍ଗରେ ଏକାକୀ ହୋଇ ରହିଯିବା ନାହିଁ । ଯଦି ଆମ ଭିତରେ ବିଶ୍ୱାସ ରହିଥାଏ, ତେବେ ଆମକୁ ସର୍ବଦାହିଁ ସହାୟତା ମିଳୁଥିବ ।

ସେହି ପରମକରୁଣା ସହିତ କ୍ଷଣକଲାଗି ମଧ୍ୟ ତୁମର ଏକ ସଂସ୍ପର୍ଶ ଘଟି ପାରିଲେ, ଯେଉଁ ପରମକରୁଣା ତୁମକୁ ପରିଚାଳନା କରି ନେଇଯାଏ, ତୁମର ମାର୍ଗ ଚାରଣାରେ ବେଗ ଆଣିଦିଏ, ଏପରିକି, ତୁମକୁ ଯେ ଶୀଘ୍ର ଯିବାକୁ ହେବ, ସେହି କଥାଟିକୁ ତୁମର ମନେ ପଡ଼ିବାକୁ ବି ଦିଏ ନାହିଁ, ଯଦି ତାହାରି ସହିତ ତୁମର କ୍ଷଣକ ଲାଗି ମଧ୍ୟ ସଂସ୍ପର୍ଶ ଘଟିପାରେ, ତେବେ ତାହାକୁ କଦାପି ଭୁଲି ନ ଯିବାହିଁ ତୁମର ସତତ ଉଦ୍ୟମ ହୋଇ ରହିପାରିବ । ତା'ପରେ, ସତେଅବା ଏକ ଶିଶୁର ନିଷ୍କପଟତା ସହିତ, କେଉଁଠି ହେଲେ କୌଣସି ଜଟିଳତା ଅନୁଭବ କରୁ ନ ଥିବା ଜଣେ ଶିଶୁର ସହଜତା ସହିତ ତୁମେ ଆପଣାକୁ ସେହି ପରମ କରୁଣାର ହାତରେ ନେଇ ସମର୍ପଣ କରିଦେଇ ପାରିବ ଏବଂ ସେଇ ତୁମ ଲାଗି ସବୁକିଛି କରିବେ ବୋଲି ବାଟ ଛାଡ଼ିଦେବ ।

ତୁମ ଭିତରେ କିଏ ପ୍ରତିରୋଧ କରୁଛି, ତାହାକୁ ଶୁଣିବା, କିଏ ବିରୋଧ କରୁଛି, ତା' ଉପରେ ଆସ୍ଥା ରଖିବା,– ଏଗୁଡ଼ାକର ଆଦୌ କୌଣସି ଆବଶ୍ୟକତା ନାହିଁ । ଏକମାତ୍ର ଆବଶ୍ୟକତା ହେଉଛି ଯେ ତୁମ ଭିତରେ ବିଶ୍ୱାସ ରହିଥିବ, ପ୍ରକୃତ ବିଶ୍ୱାସ ରହିଥିବ, ଯେଉଁ ବିଶ୍ୱାସ କି କୌଣସି ପ୍ରକାର ହିସାବ, ମୂଲଚାଲ ଅଥବା ଗଣନା ନ କରି ଆପଣାକୁ ସଂପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ଦେଇଦେବାଲାଗି ତୁମକୁ ପ୍ରେରିତ କରି ଆଣୁଥିବ । ହଁ, ତୁମେ ସେହି ବିଶ୍ୱାସଟିକୁହିଁ ରଖିବ ! ଏପରି ଏକ ବିଶ୍ୱାସ ରଖିବ, ଯାହାକି ସତତ କହି ପାରୁଥିବ, ''ଆପଣ ଏହି କଥାଟିକୁ କରନ୍ତୁ, ମୋ'ଲାଗି ଆପଣ ଏହାହିଁ କରନ୍ତୁ, ମୁଁ ଆପଣଙ୍କ ହାତରେହିଁ ସବୁ ଛାଡ଼ିଦେଲି ।''

ତାହାହିଁ ସର୍ବୋତ୍ତମ ବାଟ ।

'oaob.nitrkl.ac.in' images reprocessed

## ୨୬ ନଭେମ୍ବର ୧୯୫୮

*"ଜ୍ଞାନ ଲାଗି ଆକାଙ୍‌କ୍ଷିତ ହୋଇ ରହିଥିବା ଏବଂ ଜ୍ଞାନ ମଧ୍ୟକୁ ବିକଶିତ ହୋଇ ଉଠୁଥିବା ଏକ ଅଜ୍ଞାନ ବା ଅବିଦ୍ୟାକୁ ଭିତ୍ତି କରି ଯେପରି ଏଠାରେ ମନର ପ୍ରତିଷ୍ଠା ହୋଇଛି, ଠିକ୍ ସେହିପରି ଆପଣାର ଏକ ବୃହତ୍ତର ଜ୍ୟୋତିର୍ମୟ ଆତ୍ମଜ୍ଞାନ ମଧ୍ୟକୁ ବିକଶିତ ହୋଇ ଉଠୁଥିବା ଜ୍ଞାନ ବା ବିଦ୍ୟାର ଭିତ୍ତି ଉପରେହିଁ ଏଠାରେ ଅତିମାନସକୁ ପ୍ରତିଷ୍ଠିତ ହେବାକୁ ପଡ଼ିବ । ମାତ୍ର, ଯେପର୍ଯ୍ୟନ୍ତ ଆମର ଆଧ୍ୟାତ୍ମିକ-ମାନସିକ ସତ୍ତାଟି ପୂର୍ଣ୍ଣ ଭାବରେ ସେହି ଅତିମାନସିକ ସୋପାନକୁ ଉତ୍ତୋଳିତ ହୋଇ ନ ପାରିଛି ଓ ତାହାର ଯାବତୀୟ ସାମର୍ଥ୍ୟକୁ ଏହି ପାର୍ଥିବ ଅସ୍ତିତ୍ୱର ଭୂମି ଉପରକୁ ଅବତୀର୍ଣ୍ଣ କରାଇ ନ ଆଣିଛି, ସେପର୍ଯ୍ୟନ୍ତ ତାହା ଆଦୌ ସମ୍ଭବ ହେବ ନାହିଁ । କାରଣ ମନ ଓ ଅତିମାନସ ମଧ୍ୟରେ ରହିଥିବା ଏହି ବ୍ୟବଧାନଟି ଉପରେ ସେତୁ ବାନ୍ଧିବାକୁ ପଡ଼ିବ, ଅବରୁଦ୍ଧ ନାନା ପଥକୁ ଫିଟାଇ ଦେବାକୁ ପଡ଼ିବ; ଏବଂ ବର୍ତ୍ତମାନ ଯେଉଁଠି କେବଳ ସବୁ ଶୂନ୍ୟ ଓ ନିଶ୍ଚଳ ହୋଇ ରହିଛି, ସେଠାରେ ଆରୋହଣ ତଥା ଅବରୋହଣର କେତେକେତେ ସରଣୀ ପକାଇବାକୁ ପଡ଼ିବ । କେବଳ ଏକ ତ୍ରିଧାରା ରୂପାନ୍ତର ଦ୍ୱାରାହିଁ ତାହା  ସମ୍ଭବ ହେବ । ଏହି ବିଷୟରେ ଆଗରୁ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇ ସାରିଛି । ପ୍ରଥମେ ଆମ ଚୈତ୍ୟସତ୍ତାରେ ପରିବର୍ତ୍ତନ ଘଟିବ, ଆମର ବର୍ତ୍ତମାନ ସମୁଦାୟ ପ୍ରକୃତିଟିକୁ ଅନ୍ତରାତ୍ମାର ଏକ ସାଧନ କରି ଗଢ଼ିବାକୁ ପଡ଼ିବ; ତାହା ସଙ୍ଗେ ସଙ୍ଗେ ବା ତାହାକୁ ଭିତ୍ତି କରି ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଘଟାଇବାକୁ ପଡ଼ିବ, ଅର୍ଥାତ୍ ଆମ ସତ୍ତାର ଏହି ସମଗ୍ର ଭୂମିଟି ଉପରେ ଏକ ଉଚ୍ଚତର ଆଲୋକ, ଉଚ୍ଚତର ଜ୍ଞାନ, ଉଚ୍ଚତର ସାମର୍ଥ୍ୟ ଓ ଶକ୍ତି ତଥା ଉଚ୍ଚତର ଆନନ୍ଦ ଓ ଶୁଦ୍ଧତାକୁ ଅବତୀର୍ଣ୍ଣ କରାଇ ଆଣିବାକୁ ପଡ଼ିବ, ଏପରିକି ପ୍ରାଣ ଓ ଦେହର ଏହି ସର୍ବନିମ୍ନସ୍ଥ ଗମ୍ଭୀରି ଭିତରକୁ ଓ ଆମ ଅବଚେତନର ଅନ୍ଧକାର ଭିତରକୁ ମଧ୍ୟ ତାହାକୁ ଓହ୍ଲାଇ ଆଣିବାକୁ ହେବ । ଏବଂ ତା'ପରେ, ସେହି ଅତିମାନସ ରୂପାନ୍ତର ଏଠାକୁ ଓହ୍ଲାଇ ଆସି ଏଠାରେ ଆପଣାର ପ୍ରଭାବକୁ ସଞ୍ଚାରିତ କରିବ । ସେତେବେଳେ ଆମ ଆରୋହପଥର ସର୍ବଶ୍ରେଷ୍ଠ ଫଳ ପ୍ରାପ୍ତ ହେବ; ଆମେ ସେତେବେଳେ ଅତିମାନସକୁ ଆରୋହଣ କରିଯାଇପାରିବା ଏବଂ ସେହି ଅତିମାନସ ବିପୁଳ ଚେତନା ଆମର ଏଠାକୁ*

'oaob.nitrkl.ac.in' images reprocessed

*ଅବତରଣ କରି ଆସିବ, ଆମର ସମଗ୍ର ସତ୍ତା ଓ ପ୍ରକୃତିଟିକୁ ଏକାବେଳେକେ ରୂପାନ୍ତରିତ କରିଦେବ ।"*

ଦିବ୍ୟ ଜୀବନ (ଇଂ), ପୃଷ୍ଠା ୮୯୦-୯୧

*ଏଠାରେ ଚିଦ୍‌ଗତତାର ଭୂମିକା କ'ଣ ହେବ ?*

ଏପରି ହୁଏତ କୁହାଯାଇ ପାରିବ ଯେ ଏହି କ୍ଷେତ୍ରରେ ଚିଦ୍‌ଗତତା ପରମ ସର୍ବୋଚ୍ଚ ସତ୍ତା ଏବଂ ରୂପାୟିତ ପୃଥିବୀଟି ମଧ୍ୟରେ ସଚେତନ ଅନ୍ତର୍ବର୍ତ୍ତୀ ତତ୍ତ୍ୱରୂପେ କାର୍ଯ୍ୟ କରିବ ଏବଂ ତାହା ସଙ୍ଗେ ସଙ୍ଗେ ରୂପାୟିତ ପୃଥିବୀ ଏବଂ ପରମ ସର୍ବୋଚ୍ଚ ସତ୍ତା ମଧ୍ୟରେ ମିଳନସ୍ଥାନ ହୋଇ ମଧ୍ୟ ରହିଥିବ ।

ପରମେଶ୍ୱରଙ୍କ ସହିତ ଚିଦ୍‌ଗତତା ସଂପର୍କ ସ୍ଥାପନ କରିପାରିବ, ତାଙ୍କୁ ବୁଝିବା ଲାଗି ବି ସମର୍ଥ ହେବ; ଏବଂ ଯୁଗପତ୍ ଭାବରେ, ତାହା ବାହ୍ୟତମ ଜଗଦ୍ ରୂପାୟଣ ମଧ୍ୟରେ ସେହି ପରମେଶ୍ୱରଙ୍କର ଶୁଦ୍ଧତମ ଏବଂ, ଏପରି ବି କୁହାଯାଇ ପାରିବ, ସବୁଠାରୁ କମ୍ ପରିମାଣରେ ବିକୃତ ଅନ୍ତଃବର୍ତ୍ତୀ ତତ୍ତ୍ୱରୂପେ ମଧ୍ୟ କାର୍ଯ୍ୟ କରୁଥିବ । ଆତ୍ମାର ସାହାଯ୍ୟରେ ଚିଦ୍‌ଗତତାହିଁ ଚେତନାକୁ ଦିବ୍ୟ ସର୍ବୋଚ୍ଚ ସତ୍ତାଙ୍କ ଆଡ଼କୁ ଉଦ୍ଦିଷ୍ଟ କରି ରଖିଥାଏ ଏବଂ ଏହି ଚିଦ୍‌ଗତତାର ଭୂମିରେହିଁ ଚେତନା ଦିବ୍ୟ ପରମସତ୍ତାଙ୍କର ଯଥାର୍ଥବୋଧ ଲାଭ କରିବାକୁ ଆରମ୍ଭ ମଧ୍ୟ କରିବ ।

ହୁଏତ ଏପରି କୁହାଯାଇ ପାରିବ ଯେ, ଯାହାକୁ ଆମେ "ଚିଦ୍‌ଗତତା" ବୋଲି କହିଥାଉ, ସେଇଟି ହେଉଛି ଏପରି ଏକ ପରିବେଶ, ଯାହାକୁ କି ପରମ କରୁଣା ଏହି ଜଡ଼ ଜଗତଟି ମଧ୍ୟକୁ ବହନ କରି ଆଣିଥା'ନ୍ତି; ଜଡ଼ ଜଗତ ଯେପରି ଆପଣାର ଅସଲ ଉତ୍ସଟିର ଚେତନା ମଧ୍ୟକୁ ଜାଗୃତ ହୋଇ ଉଠିବ ଏବଂ ତାହାରି ମଧ୍ୟକୁ ବାହୁଡ଼ି ଆସିବା ଲାଗି ଆକାଂକ୍ଷା କରିପାରିବ, ସେଇଥି ଲାଗି ପରମ କରୁଣା ତାହାକୁ ଏହି ଜଗତ ମଧ୍ୟକୁ ବହନ କରିଆଣନ୍ତି । ବସ୍ତୁତଃ ତାହା ଏପରି ଏକ ପରିବେଶ, ଯାହାକି ବିମୋଚିତ କରିଆଣେ, ଦ୍ୱାରଗୁଡ଼ିକୁ ଉନ୍ମୁକ୍ତ କରିଦିଏ ଏବଂ ଚେତନାର ବନ୍ଧନକୁ ଛିନ୍ନ କରିଦିଏ । ଏହାରି ଦ୍ୱାରାହିଁ ସତ୍ୟର ଉପଲବ୍ଧି ସମ୍ଭବ ହୁଏ ଏବଂ ଆମର ଆକାଂକ୍ଷା ମଧ୍ୟ ସେହି ଉପଲବ୍ଧିଟି ସକାଶେ ପୂର୍ଣ୍ଣଶକ୍ତିଯୁକ୍ତ ହୋଇଉଠେ ।

ଏକ ଉଚ୍ଚତର ଦୃଷ୍ଟିକୋଣରୁ ଏହି କଥାଟିକୁ ହୁଏତ ଆଉ ଗୋଟିଏ ପ୍ରକାରେ ପ୍ରକାଶ କରାଯାଇ ପାରିବ : ଏହି କ୍ରିୟାଟିକୁ, ଏହି ସନ୍ଦୀପନକାରୀ ଓ ବିମୋଚକ ପ୍ରଭାବଟିକୁହିଁ ଆମେ "ଚିଦ୍‌ଗତତା" ବୋଲି ଜାଣିବା । ଯାହାକିଛି ଆମ ଲାଗି ସେହି ସର୍ବୋଚ୍ଚ ସତ୍ୟଗୁଡ଼ିକ ଆଡ଼କୁ ପଥଟିକୁ ଖୋଲିଦେଇ ଯାଏ, ଆମେ ଏଠାରେ ଲାଖି ରହିଥିବା ଅଜ୍ଞାନର କର୍ଦ୍ଦମ

'oaob.nitrkl.ac.in' images reprocessed

ମଧ୍ୟରୁ ଯାହା ଆମକୁ ଟାଣି ବାହାରକୁ ବାହାର କରିଆଣେ, ଆମ ଲାଗି ଦ୍ୱାରଗୁଡ଼ିକୁ ଖୋଲି ଦେଇଯାଏ, ବାଟଟିକୁ ଦେଖାଇଦିଏ ଏବଂ ଆମର ଗନ୍ତବ୍ୟସ୍ଥଳଟିକୁ ଆମକୁ ପରିଚାଳିତ କରି ନେଇଯାଏ,– ଏହାକୁହିଁ "ଚିଦ୍‌ଗତତା" ବୋଲି କୁହାଯାଇଛି । ବିଶ୍ୱଭୁବନ ଯେଉଁ ଅନ୍ଧକାର ମଧ୍ୟରେ ପ୍ରପତିତ ହୋଇ ରହିଛି, ସେଥିରୁ ତାହାକୁ ମୁକ୍ତ କରି ନେବା ଲାଗି ଦିବ୍ୟ ପରମକରୁଣା ଯେଉଁ ପରିବେଶଟିକୁ ସୃଷ୍ଟି କରି ରଖନ୍ତି, ତାହାହିଁ ଚିଦ୍‌ଗତତା ।

ଆତ୍ମାକୁ ଆମେ ସେହି ପରମକରୁଣାର ଏକପ୍ରକାରର ବ୍ୟକ୍ତିଗତ ସଂକେନ୍ଦ୍ରଣ ବୋଲି ଜାଣିବା, ମନୁଷ୍ୟ ଭିତରେ ରହିଥିବା ତା'ର ବ୍ୟକ୍ତିସତ୍ତାଗତ ପ୍ରତିନିଧି ବୋଲି ଜାଣିବା । ଆତ୍ମା ହେଉଛି କେବଳ ମନୁଷ୍ୟସ୍ତରରହିଁ ଏକ ସ୍ୱତନ୍ତ୍ର ସଂପଦ, କେବଳ ମନୁଷ୍ୟରହିଁ ଆତ୍ମା ରହିଛି । ଏହି କଥାଟିକୁ ଆମେ ମନୁଷ୍ୟ ଭିତରେ ଚିଦ୍‌ଗତତାର ଏକ ନିର୍ଦ୍ଦିଷ୍ଟ ଅଭିବ୍ୟକ୍ତି ସଦୃଶ ବୋଲି କହିପାରିବା । ଅନ୍ୟାନ୍ୟ ଜଗତର ସତ୍ତାମାନଙ୍କର କୌଣସି ଆତ୍ମା ନାହିଁ, ମାତ୍ର ସେମାନେ ତଥାପି ଚିଦ୍‌ଗତତା ମଧ୍ୟରେ ନିଶ୍ଚୟ ବାସ କରିପାରିବେ । ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ, ଆତ୍ମା ମନୁଷ୍ୟ ଭିତରେ ସେହି ଚିଦ୍‌ଗତତାରହିଁ ପ୍ରତିନିଧି ହୋଇ ରହିଛି, ତାହାକୁ ଅଧିକ ଦ୍ରୁତ ଭାବରେ ପରିଚାଳିତ କରି ନେବା ଲାଗି ଏକ ବିଶେଷ ସହାୟତା ରୂପେ ବିଦ୍ୟମାନ ରହିଛି । ଆତ୍ମା ଦ୍ୱାରାହିଁ ବ୍ୟକ୍ତିଗତ ଅଗ୍ରଗତି ସମ୍ଭବ ହେଉଛି । ଆପଣାର ଆଧାରଭୂତ ରୂପଟିର ଭୂମିରେ ଚିଦ୍‌ଗତତାର ଏକ ଅଧିକ ସାଧାରଣ ଓ ଅଧିକ ସମଷ୍ଟିଗତ କ୍ରିୟାତ୍ମକତା ରହିଛି ।

ବର୍ତ୍ତମାନ ପାଇଁ ଚିଦ୍‌ଗତତା ଏକ ସହାୟକ ଏବଂ ଏକ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରୁଛି, ମାତ୍ର ତଥାପି ତାହାକୁ କଦାପି ପାର୍ଥିବ ପରିପ୍ରକାଶର ସର୍ବଶକ୍ତିଶାଳୀ ଅନୁମନ୍ତା ବୋଲି କୁହାଯାଇ ପାରିବ ନାହିଁ । ଯେତେବେଳେ ପରମ ଅତିମାନସ ଆପଣାକୁ ଏକ ନୂତନ ପୃଥିବୀରୂପେ ସଂଗଠିତ କରିଆଣିବ, ସେତେବେଳେ ଯାଇ ଚିଦ୍‌ଗତତା ପ୍ରଭୁରୂପେ ପ୍ରତିଷ୍ଠିତ ହେବ ଏବଂ ଏକ ସ୍ପଷ୍ଟ ଏବଂ ଦୃଶ୍ୟମାନ ରୀତିରେ ପ୍ରକୃତିର ପରିଚାଳନା କରିବ ।

"ନୂତନ ହୋଇ ଜନ୍ମଗ୍ରହଣ କରିବା" କହିଲେ ଆଧ୍ୟାତ୍ମିକ ଜୀବନ ଏବଂ ଚେତନା ମଧ୍ୟକୁହିଁ ଜନ୍ମଗ୍ରହଣ କରିବା ବୋଲି ବୁଝାଇବ; ଆପଣା ମଧ୍ୟରେ ସେହି ଚିଦ୍‌ଗତତାର କୌଣସି ସମ୍ପଦକୁ ବହନ କରିବା ବୋଲି ବୁଝାଇବ, ଯାହାକି, ବ୍ୟକ୍ତିର ଭୂମିରେ, ଆତ୍ମାର ମାଧ୍ୟମରେ ଜୀବନର ପରିଚାଳନା କରିବାକୁ ଆରମ୍ଭ କରିବ ଏବଂ ତାହାର ପ୍ରଭୁ ହୋଇ ରହିପାରିବ । ମାତ୍ର ଅତିମାନସ ଜଗତରେ ସେହି ଚିଦ୍‌ଗତତାହିଁ ଏହି ସମୁଦାୟ ଜଗତର ପ୍ରଭୁ ହୋଇ ରହିବ, ଏହି ଜଗତର ଯାବତୀୟ ରୂପାୟଣ, ଯାବତୀୟ ଅଭିବ୍ୟକ୍ତିର ପ୍ରଭୁ ହୋଇ ରହିବ; ଅତ୍ୟନ୍ତ ସଚେତନ ଭାବରେ, ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ଭାବରେ ତାହାର ପ୍ରଭୁ ହୋଇ ରହିବ ।

'oaob.nitrkl.ac.in' images reprocessed

ବ୍ୟକ୍ତିର ଜୀବନଭୂମିରେ ତାହାହିଁ ଯାବତୀୟ ପାର୍ଥକ୍ୟର କାରଣ ରୂପେ କାର୍ଯ୍ୟ କରିଥାଏ; ଯେପର୍ଯ୍ୟନ୍ତ ଆମେ ଚିଦ୍‌ଗତତା ବିଷୟରେ କେବଳ କଥା କହୁଥାଉ, ଯେତେବେଳେ ସେଇଟି ବିଷୟରେ ଆମେ କେବଳ କିଛି ପାଠହିଁ କରିଥାଉ, ଯାହାର ଅସ୍ତିତ୍ୱ ବିଷୟରେ ଆମେ କେବଳ ଅତ୍ୟନ୍ତ ଅସ୍ପଷ୍ଟ ଭାବରେହିଁ କିଛି ଜାଣିଥାଉ, ମାତ୍ର ଆମର ଚେତନା ମଧ୍ୟରେ ତାହା ଆଦୌ ଏକ ମୂର୍ତ୍ତ ସତ୍ୟରେ ପରିଣତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ଆମେ ପ୍ରକୃତରେ ଚିଦ୍‌ଗତତା ମଧ୍ୟରେ ଜନ୍ମଲାଭ କରି ନ ଥାଉ । ଏବଂ ଯେତେବେଳେ ଆମ ଜୀବନରେ ସେହି ଜନ୍ମଲାଭଟି ପ୍ରକୃତରେ ସଂଘଟିତ ହୁଏ, ସେତେବେଳେ ତାହା ଆମଲାଗି ଏହି ସମଗ୍ର ଜଡ଼ଜଗତଟି ଅପେକ୍ଷା ଅନେକ ଅଧିକ ମୂର୍ତ୍ତ, ଅଧିକ ଜୀବନ୍ତ, ବାସ୍ତବ ଏବଂ ସାକାରରୂପେ ପ୍ରତିଭାତ ହୋଇଉଠେ । ଏବଂ ଏହାହିଁ ବସ୍ତୁଗୁଡ଼ିକ ମଧ୍ୟରେ ଅସଲ ପାର୍ଥକ୍ୟଟିକୁ ଆଣି ଘଟାଇଥାଏ । ଯେତେବେଳେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ତାହାହିଁ ବାସ୍ତବ ହୋଇଯାଏ, ତାହାହିଁ ସତ୍ୟ ଓ ମୂର୍ତ୍ତ ଅସ୍ତିତ୍ୱରୂପେ, ଆମେ ଯେଉଁ ପରିବେଶଟି ମଧ୍ୟରେ ମୁକ୍ତ ଭାବରେ ନିଃଶ୍ୱାସ ଗ୍ରହଣ କରୁ, ସେହିପରି ଏକ ପରିବେଶରେ ପରିଣତ ହୋଇଯାଏ; ସେତିକିବେଳେ ଯାଇ ଆମେ ପଥଟିକୁ ଅତିକ୍ରମ କରି ଅନ୍ୟ ପାଖକୁ ଚାଲିଯାଇ ପାରିଛୁ ବୋଲି ଅନୁଭବ କରିଥାଉ । ମାତ୍ର ଯେପର୍ଯ୍ୟନ୍ତ ତାହା କେବଳ ଅସ୍ପଷ୍ଟ ଓ ଝାପ୍‌ସା ହୋଇ ରହିଥାଏ,– ତୁମେ ତାହା ବିଷୟରେ ଶୁଣିଥାଅ, ତାହା ରହିଛି ବୋଲି ଜାଣିଥାଅ, ମାତ୍ର ତୁମ ଲାଗି ତାହାର ଆଦୌ କୌଣସି ବାସ୍ତବ ଅସ୍ତିତ୍ୱ ନ ଥାଏ;– ତେବେ ତାହାର ଅର୍ଥ ହେଉଛି ଯେ ନୂତନ ଜନ୍ମଟି ସେପର୍ଯ୍ୟନ୍ତ ବି ସମ୍ଭବ ହୋଇ ନ ଥାଏ । ଯେପର୍ଯ୍ୟନ୍ତ ତୁମେ ନିଜକୁ କେବଳ ଏହିପରି କହିବାରେ ଲାଗିଥାଅ, "ହଁ, ମୁଁ ଏହାକୁ ଦେଖିପାରୁଛି, ଛୁଇଁ ପାରୁଛି; ଯେଉଁ ଯନ୍ତ୍ରଣାରୁ ମୁଁ କଷ୍ଟ ପାଉଛି, ଯେଉଁ କ୍ଷୁଧା ମୋତେ ପୀଡ଼ିତ କରୁଛି, ଯେଉଁ ନିଦ୍ରା ମୋତେ ଜଡ଼ତାର ଅନୁଭୂତି ଆଣି ଦେଉଛି,– ଏଗୁଡ଼ାକ ପ୍ରକୃତରେ ବାସ୍ତବ, ପ୍ରକୃତରେ ସାକାର...." (*ମାଆ ହସିଲେ*), ତେବେ ତାହାର ଅର୍ଥ ହେଉଛି ଯେ ତୁମେ ସେପର୍ଯ୍ୟନ୍ତ ବି ସେପାଖକୁ ମୋଟେ ଯାଇ ନାହଁ, ଚିଦ୍‌ଗତତା ମଧ୍ୟରେ ତୁମର ଜନ୍ମଲାଭ ତଥାପି ସମ୍ଭବ ହୋଇ ନାହିଁ ।

(*ମାଆ ନୀରବ ରହିଲେ*)

ବସ୍ତୁତଃ ଅଧିକ ସଂଖ୍ୟକ ମନୁଷ୍ୟ ସତେଅବା ଜଣେ ଜଣେ ବନ୍ଦୀ ପରି ହୋଇ ରହିଥା'ନ୍ତି, ସେମାନଙ୍କର ସବୁଯାକ କବାଟ ଓ ଝରକା ବନ୍ଦ ହୋଇ ରହିଥାଏ । ତେଣୁ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ସେମାନେ ଯେଉଁଠି ରହିଥା'ନ୍ତି, ସେଠାରେ ଅଣନିଃଶ୍ୱାସୀ

'oaob.nitrkl.ac.in' images reprocessed

ହୋଇ ରହିଥା'ନ୍ତି । ମାତ୍ର, ସବୁ କବାଟ ଓ ଝରକାକୁ ଖୋଲିଦେବାର ଚାବିଟି ସେମାନଙ୍କ ନିଜ ପାଖରେହିଁ ରହିଥାଏ । ସେମାନେ ସେଇଟିକୁ କଦାପି କାମରେ ଲଗାନ୍ତି ନାହିଁ ।.... ନିଶ୍ଚିତ ଭାବରେ ଏପରି ଏକ ସମୟ ବି ଥାଏ ଯେ ସେମାନେ ସେମାନଙ୍କ ନିଜ ପାଖରେ ଚାବିକାଠିଟି ରହିଛି ବୋଲି ମୋଟେ ଜାଣି ନ ଥା'ନ୍ତି; ମାତ୍ର ସେମାନେ ସେଇ କଥାଟିକୁ ଜାଣିବାକୁ ପାଇବାର ଅନେକ ପରେ ମଧ୍ୟ, ସେମାନଙ୍କୁ ସେହି କଥାଟିକୁ କହିଦେବାର ଦୀର୍ଘ ସମୟ ପରେ ମଧ୍ୟ ସେମାନେ ସେଇଟିକୁ କାମରେ ଲଗାଇବାକୁ ତଥାପି କୁଣ୍ଠିତ ହେଉଥା'ନ୍ତି, ଏବଂ ସେହି ଚାବିଟି ଦ୍ୱାରା ପ୍ରକୃତରେ କବାଟ ଓ ଝରକା ଗୁଡ଼ିକ ଖୋଲି ପାରିବ କି ନାହିଁ ବା ଏପରିକି ସେଗୁଡ଼ିକୁ ଖୋଲିଦେବା ଦ୍ୱାରା ପ୍ରକୃତରେ ଭଲ ହେବ କି ନାହିଁ, ସେ ବିଷୟରେ ନାନା ସନ୍ଦେହ କରିବାରେ ଲାଗିଥା'ନ୍ତି ! ''ହୁଏତ ଏହାଦ୍ୱାରା ମୋର ଲାଭ ହେବ'' ବୋଲି ସେମାନେ ଅନୁଭବ କରିବାକୁ ଆରମ୍ଭ କରିବା ପରେ ମଧ୍ୟ ସେମାନଙ୍କ ଭିତରେ ଏହିଭଳି ଏକ ଭୟ ବି ରହି ଯାଇଥାଏ : ''କବାଟ ଓ ଝରକାଗୁଡ଼ିକ ଖୋଲିଗଲେ ପ୍ରକୃତରେ କ'ଣ ଘଟିବ ?'' ଏବଂ ସେମାନେ ପ୍ରକୃତରେ ଭୟ କରୁଥା'ନ୍ତି । ସେହି ଆଲୋକ ଏବଂ ସେହି ମୁକ୍ତି ମଧ୍ୟରେ ନିଜକୁ ଆଉ ବଶ ହୋଇଯିବେ ବୋଲି ସେମାନେ ଡରିବାରେ ଲାଗିଥା'ନ୍ତି । ସେମାନେ ନିଜକୁ, ଯାହାକୁ ସେମାନେ ''କେବଳ ନିଜ ଜୀବନ''ଟି ବୋଲି କହୁଥା'ନ୍ତି, ତାହାରି ଭିତରେ ଆବଦ୍ଧ ହୋଇ ରହିବାକୁ ଇଚ୍ଛା କରୁଥା'ନ୍ତି । ଆପଣାର ମିଥ୍ୟା ଏବଂ ବନ୍ଧନଟିକୁ ସେମାନେ ପ୍ରକୃତରେ ଭଲ ପାଉଥା'ନ୍ତି । ସେମାନଙ୍କ ଭିତରେ ଥିବା କୌଣସି ଏକ ଉପାଦାନ ତାହାକୁ ଭଲ ପାଉଥାଏ ଓ ସେଇଟିକୁହିଁ କାମୁଡ଼ି ପଡ଼ି ରହିଥାଏ । ଆପଣାର ସୀମାବଦ୍ଧତାଗୁଡ଼ିକୁ ଛାଡ଼ିଦେଲେ ସେମାନେ ଯେ କଦାପି ବଞ୍ଚି ପାରିବେ ନାହିଁ, ସେହି ଧାରଣାଟି ସେମାନଙ୍କୁ ତଥାପି ଉଗାଳି ବସିଥାଏ ।

ଏବଂ ସେହି କାରଣରୁହିଁ ଯାତ୍ରାଟି ଏଡ଼େ ଦୀର୍ଘ ହୋଇଯାଏ, ଏବଂ ଏଡ଼େ କଷ୍ଟକର ହୁଏ । କାରଣ, ମନୁଷ୍ୟ ଯଦି ଥରେ ଆଉ ଏହି ଅସ୍ତିତ୍ୱଟିକୁ ଧାରଣ କରିବ ନାହିଁ ବୋଲି ସମ୍ମତ ହୋଇ ଯାଆନ୍ତା, ତେବେ ସବୁକିଛି ଭାରି ସହଜ ହୋଇଯାଆନ୍ତା, ଭାରି ଦ୍ରୁତ, ଭାରି ସନ୍ଦୀପିତ ଏବଂ ଭାରି ସୁଖକର ହୋଇଯାଆନ୍ତା । ମାତ୍ର ସୁଖ ଏବଂ ସ୍ୱସ୍ତି କହିଲେ ମନୁଷ୍ୟମାନେ ସାଧାରଣତଃ ଯାହା ବୁଝିଥା'ନ୍ତି, ହୁଏତ ସେହି ଅର୍ଥରେ ତାହାକୁ ସୁଖକର ବା ସ୍ୱସ୍ତିଦାୟକ ବୋଲି କୁହାଯାଇ ପାରନ୍ତା ନାହିଁ । ପ୍ରକୃତରେ ଏପରି ଅତ୍ୟନ୍ତ କମ୍‌ସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନଙ୍କୁ କି ଯୁଦ୍ଧ ଆଦୌ ଭଲ ଲାଗେ ନାହିଁ । ଏପରି ଅତ୍ୟନ୍ତ କମ୍‌ସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ କି ରାତ୍ରିର ଅନବସ୍ଥିତିକୁ ନିଜର ଜୀବନରେ ସ୍ୱୀକାର କରି ନେଇପାରିବେ; ଆଲୋକକୁ ଅନ୍ଧକାରର ବିପରୀତ ବୋଲି ଜାଣିବା ବ୍ୟତୀତ ତାହାର ଅନ୍ୟ କୌଣସି କଳ୍ପନା କରି ପାରିବାର ବ୍ୟକ୍ତି ଅତ୍ୟନ୍ତ କମ୍ ସଂଖ୍ୟାରେ ଅଛନ୍ତି :

'oaob.nitrkl.ac.in' images reprocessed

"ଛାଇ ନ ଥିଲେ ଆଦୌ କୌଣସି ଛବି ସମ୍ଭବ ହେବ ନାହିଁ । ଯୁଦ୍ଧ ନ ହେଲେ ବିଜୟ ବି ସମ୍ଭବ ହେବ କିପରି ? ଦୁଃଖ ନ ଭୋଗିଲେ ଆନନ୍ଦ ମଧ୍ୟ କୁଆଡ଼ୁ ଆସିବ ?"– ସେମାନେ ଏହିପରି କହିଥା'ନ୍ତି । ସେମାନେ ଠିକ୍ ସେହିପରି ଭାବନ୍ତି; ଏବଂ ଏହିପରି ଭାବୁଥିବା ପର୍ଯ୍ୟନ୍ତ ଚିଦ୍‌ଗତତା ମଧ୍ୟରେ ଜନ୍ମଗ୍ରହଣ କରିବା ଆଦୌ ସମ୍ଭବ ହୁଏ ନାହିଁ ।

*(ପ୍ଲେ-ଗ୍ରାଉଣ୍ଡରେ ପ୍ରଦତ୍ତ ପ୍ରବଚନଗୁଡ଼ିକ ମଧ୍ୟରେ*
*ଏଇଟି ହେଉଛି ସର୍ବଶେଷ ପ୍ରବଚନ ।)*

'oaob.nitrkl.ac.in' images reprocessed

Rs. 200/-

'oaob.nitrkl.ac.in' images reprocessed